Visit **Dwarkadheeshvastu.com** For

FREE Vastu Consultancy, Music, Epics, Devotional Videos
Educational Books, Educational Videos, Wallpapers

****

All Music is also available in **CD** format. **CD Cover** can also be print with your Firm Name

****

We also provide this whole Music and Data in **PENDRIVE** and **EXTERNAL HARD DISK.**

Contact : Ankit Mishra (+91-8010381364, dwarkadheeshvastu@gmail.com)

Geeta-Darpan-Oria

ବିଷୟ ପୃଷ୍ଠା

୭୬. ଗୀତାରେ ଭଗବାନ ଓ ମହାପୁରୁଷଙ୍କର ସାଧର୍ମ୍ୟ ୧୯୧
୭୭. ଗୀତାର ତାତ୍ପର୍ଯ୍ୟ ୧୯୩
୭୮. ଗୀତାରେ ସଂବାଦ ୧୯୪
୭୯. ଗୀତାରେ ଅର୍ଜୁନଙ୍କ ଦ୍ୱାରା ସ୍ତୁତି, ପ୍ରାର୍ଥନା ଓ ପ୍ରଶ୍ନ ୧୯୪
୮୦. ଗୀତାରେ ଅର୍ଜୁନଙ୍କର ଯୁକ୍ତି ଓ ସେଗୁଡ଼ିକର ସମାଧାନ ୧୯୬
୮୧. ଗୀତାରେ ଭଗବାନଙ୍କ ବିବେଚନାର ବିଶେଷତ୍ୱ ... ୧୯୭
୮୨. ଗୀତାରେ ଭଗବାନଙ୍କ ବିଷୟପ୍ରତିପାଦନ ଶୈଳୀ ୧୯୯
୮୩. ଗୀତାରେ ଭଗବାନଙ୍କ ବର୍ଣ୍ଣନଶୈଳୀ ୨୦୪
୮୪. ଗୀତୋକ୍ତ ଅନ୍ୱୟ ଓ ବ୍ୟତିରେକ ବାକ୍ୟଗୁଡ଼ିକର ତାତ୍ପର୍ଯ୍ୟ ୨୦୪
୮୫. ଗୀତାରେ ବ୍ୟବହୃତ ପରସ୍ପରବିରୋଧୀ ପଦଗୁଡ଼ିକର ତାତ୍ପର୍ଯ୍ୟ ୨୦୮
୮୬. ଗୀତାରେ ଥିବା ସମାନ ଚରଣଗୁଡ଼ିକର ତାତ୍ପର୍ଯ୍ୟ ୨୧୪
୮୭. ଗୀତାରେ ବ୍ୟବହୃତ ସମାନାର୍ଥକ ପଦଗୁଡ଼ିକର ତାତ୍ପର୍ଯ୍ୟ ୨୨୩
୮୮. ଗୀତାରେ ବ୍ୟବହୃତ ପୁନରୁକ୍ତ ସମାନାର୍ଥକ ବାକ୍ୟଗୁଡ଼ିକର ତାତ୍ପର୍ଯ୍ୟ ୨୩୦
୮୯. ଗୀତାରେ ଥିବା ବିପରୀତ କ୍ରମର ତାତ୍ପର୍ଯ୍ୟ ୨୩୨
୯୦. ଗୀତାରେ ବ୍ୟବହୃତ 'ମତ୍ତଃ' ପଦର ତାତ୍ପର୍ଯ୍ୟ ୨୩୫
୯୧. ଗୀତାରେ ବ୍ୟବହୃତ 'ଅବଶଃ' ପଦର ତାତ୍ପର୍ଯ୍ୟ ୨୩୬
୯୨. ଗୀତାରେ ବ୍ୟବହୃତ 'ତତ୍ତ୍ୱତଃ' ପଦର ତାତ୍ପର୍ଯ୍ୟ ୨୩୭
୯୩. ଗୀତାରେ 'ଯତ୍' ଶବ୍ଦର ଦୁଇଥର ପ୍ରୟୋଗର ତାତ୍ପର୍ଯ୍ୟ ୨୩୯
୯୪. ଗୀତାରେ ବ୍ୟବହୃତ 'କୃତ୍ୱା', 'ଜ୍ଞାତ୍ୱା' ଓ 'ମତ୍ୱା' ପଦର ତାତ୍ପର୍ଯ୍ୟ ୨୪୧
୯୫. ଗୀତାରେ 'ତତ୍' ଓ 'ଅସ୍ମଦ୍' ପଦରେ ଭଗବାନଙ୍କ ବର୍ଣ୍ଣନା ୨୪୨
୯୬. ଗୀତା ଉପରେ ବିହଙ୍ଗମ ଦୃଷ୍ଟି ୨୪୩
୯୭. ଗୀତାପାଠର ବିଧି ୨୪୫
୯୮. ଗୀତୋକ୍ତ ଶ୍ଳୋକଗୁଡ଼ିକର ଅନୁଷ୍ଠାନବିଧି ୨୪୯

* ଉତ୍ତରାର୍ଦ୍ଧ *

୯୯. ଗୀତାରେ ଈଶ୍ୱର, ଜୀବାତ୍ମା ଓ ପ୍ରକୃତିର ଅଭିନ୍ନତା ୨୫୩

ବିଷୟ ପୃଷ୍ଠା

୧୦୦. ଗୀତାର ଅନୁବନ୍ଧଚତୁଷ୍ଟୟ ୨୫୩
୧୦୧. ଗୀତାର ଷଡ଼ଲିଙ୍ଗ ୨୫୪
୧୦୨. ଗୀତାରେ କାବ୍ୟଗତ ବିଶେଷତ୍ୱ ୨୫୬
୧୦୩. ଗୀତାରେ ଅଳଙ୍କାର ୨୫୮
୧୦୪. ଗୀତାରେ ଅଭିଧା ଆଦି ଶକ୍ତିଗୁଡ଼ିକର ବର୍ଣ୍ଣନା ୨୬୦
୧୦୫. ଗୀତାସମ୍ବନ୍ଧୀୟ ବ୍ୟାକରଣର କେତୋଟି ବିଷୟ ୨୬୧
୧୦୬. ଗୀତାର ଛନ୍ଦ ୨୮୯
୧୦୭. ଗୀତାରେ ଆର୍ଷ-ପ୍ରୟୋଗ ୩୦୧
୧୦୮. ଗୀତାର ପରିମାଣ ଓ ପୂର୍ଣ୍ଣ ଶରଣାଗତି ୩୦୩
୧୦୯. ଗୀତାର ପ୍ରଧାନ ଓ ସୂକ୍ଷ୍ମ ବିଷୟ ୩୧୬

* ପରିଶିଷ୍ଟ *

୧. ଗୀତୋକ୍ତ ସଂକ୍ଷିପ୍ତ ସୂକ୍ତିସଂଗ୍ରହ ୩୩୧
୨. ଗୀତାର ଅନେକାର୍ଥ-ଶବ୍ଦକୋଷ ୩୩୪

ଅକର୍ମ	୩୩୪	ଗୁଣ	୩୪୨	ମନ	୩୫୨
ଅକ୍ଷର	୩୩୪	ଜଗତ୍	୩୪୨	ମହାତ୍ମା	୩୫୨
ଅଚଳ	୩୩୪	ଜ୍ଞାନ	୩୪୩	ମୌନ	୩୫୨
ଅବିଦ୍ୟା	୩୩୪	ଜ୍ଞାନୀ	୩୪୪	ଯଜ୍ଞ	୩୫୨
ଅଧ୍ୟାତ୍ମ	୩୩୪	ଜ୍ଞେୟ	୩୪୪	ଯୁକ୍ତ	୩୫୩
ଅପର	୩୩୫	ତୁଷ୍ଟ	୩୪୪	ଯୋଗ	୩୫୪
ଅପ୍ରମେୟ	୩୩୫	ଦେବ	୩୪୪	ଯୋଗୀ	୩୫୫
ଅମୃତ	୩୩୫	ଧର୍ମ	୩୪୫	ଲୋକ	୩୫୫
ଅବଶ	୩୩୫	ପର	୩୪୫	ଶାନ୍ତି	୩୫୬
ଅବ୍ୟକ୍ତ	୩୩୫	ପରମାତ୍ମା	୩୪୬	ଶୌଚ	୩୫୬
ଅବ୍ୟୟ	୩୩୬	ପୁଣ୍ୟ	୩୪୬	ଶ୍ରେୟ	୩୫୬
ଅଶୁଭ	୩୩୬	ପୁରା	୩୪୬	ସତ୍	୩୫୭
ଅସତ୍	୩୩୬	ପୁରୁଷ	୩୪୬	ସତ୍ତ୍ୱ	୩୫୭
ଅହଂକାର	୩୩୬	ପ୍ରକୃତି	୩୪୭	ସମ	୩୫୭
ଆତ୍ମା	୩୩୬	ପ୍ରସାଦ	୩୪୭	ସର୍ଗ	୩୫୮
ଇଷ୍ଟ	୩୩୮	ପ୍ରିୟ	୩୪୮	ସର୍ବଗତ	୩୫୮
ଈଶ୍ୱର	୩୩୮	ବଳ	୩୪୮	ସିଦ୍ଧ	୩୫୮
ଏକ	୩୩୮	ବୀଜ	୩୪୮	ସିଦ୍ଧି	୩୫୮
କର୍ମ	୩୩୯	ବୁଦ୍ଧି	୩୪୮	ସୁଖ	୩୫୮
କାମ	୩୪୧	ବ୍ରହ୍ମ	୩୪୯	ସନ୍ନ୍ୟାସ	୩୫୯
କାଳ	୩୪୧	ବ୍ରାହ୍ମଣ	୩୫୦	ସନ୍ନ୍ୟାସୀ	୩୫୯
କୂଟସ୍ଥ	୩୪୨	ଭାବ	୩୫୦	ସ୍ଥାନ	୩୫୯
ଗତି	୩୪୨	ଭୂତ	୩୫୦	ସ୍ୱଭାବ	୩୫୯

ପୂର୍ବାର୍ଦ୍ଧ

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ॥



योगक्षेम-वहन

Sustaining Yoga and Kshema



नटवर

The Cosmic Dancer

मधुसूदन सरस्वतीको परमतत्त्वके दर्शन

Vision of Supreme Reality to Madhusudan Saraswati



नवधा भक्ति

Ninefold Devotion

ଓଁ ଶ୍ରୀଗଣେଶାୟ ନମଃ

।। ଓଁ ଶ୍ରୀପରମାତ୍ମନେ ନମଃ ।।

ଗୀତାଦର୍ପଣ

ସ୍ୱାତ୍ମୀୟପ୍ରିୟଭକ୍ତପାର୍ଥଗତୟେ ଗୁହ୍ୟଂ ହି ଗୁହ୍ୟାତ୍ପରଂ
ଯେନ ସ୍ୱଂ ପ୍ରକଟୀକୃତଂ ଚ ହୃଦୟଂ ଗୀତାଭିଧେୟାତ୍ମକମ୍ ।
ଯସ୍ୟାଂ ପ୍ରାପ୍ତପରିସ୍ଥିତୌ ତୁ ମନୁଜଃ ପ୍ରାପ୍ନୋତି ମୁକ୍ତିଂ ସ୍ଥିତ
ଏଷା ଯେନ କଳା ନବା ନିଗଦିତା କୃଷ୍ଣାୟ ତସ୍ମୈ ନମଃ ।।*
ଯେ ବାଞ୍ଛନ୍ତି ନିଜଂ 'ମତଂ' ତୁ ଘଟିତୁଂ ପଶ୍ୟନ୍ତି ଗୀତାମିମାଂ
ତେଷାଂ ଦର୍ଶୟିତୁଂ ସ୍ୱପକ୍ଷବଦନଂ ଗୀତା ସ୍ୱୟଂ ଦର୍ପଣଃ ।
ଯେ ନିଷ୍ପକ୍ଷନିରାଗ୍ରହାସ୍ତୁ ମନୁଜା ଇଚ୍ଛନ୍ତି ଗୀତାମତଂ
ଗୀତାଦର୍ପଣ ଏଷ ବେତ୍ତୁମଥ ମେ ତେଭ୍ୟଃ କୃତୋ ବାଙ୍ମୟଃ ।।Ψ

---

* ଯେ ତାଙ୍କ ପ୍ରିୟ ଭକ୍ତ ଅର୍ଜୁନଙ୍କର କଲ୍ୟାଣ ପାଇଁ ଅତ୍ୟନ୍ତ ଗୋପନୀୟ ନିଜର 'ଗୀତା' ନାମକ ହୃଦୟକୁ ଉନ୍ମୁକ୍ତ କରି ଦେଇଛନ୍ତି ତଥା 'ମନୁଷ୍ୟ ଯେକୌଣସି ପରିସ୍ଥିତିରେ ରହି ମଧ୍ୟ ନିଜର ଉଦ୍ଧାର କରିପାରେ'—ଏହି ନୂତନ କଳା ଶିଖାଇଛନ୍ତି, ସେହି ଭଗବାନ ଶ୍ରୀକୃଷ୍ଣଙ୍କୁ ନମସ୍କାର ।

Ψ ଯେଉଁମାନେ ନିଜର ସିଦ୍ଧାନ୍ତକୁ ଗୀତାରେ ପ୍ରତିବିମ୍ବିତ କରାଇବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ସେମାନଙ୍କର ପକ୍ଷ (ସିଦ୍ଧାନ୍ତ)ରୂପକ ବଦନ ଦେଖାଇବା ପାଇଁ ଗୀତା ସ୍ୱୟଂ ଦର୍ପଣ ସଦୃଶ; କିନ୍ତୁ ଯେଉଁମାନେ ପକ୍ଷପାତଶୂନ୍ୟ ଏବଂ ଆଗ୍ରହରହିତ ହୋଇ ଗୀତାର ମତକୁ ଜାଣିବାକୁ ଚାହାନ୍ତି, ସେମାନଙ୍କ ପାଇଁ ମୁଁ ଏହି ଅଦ୍ଭୁତ ଗୀତାଦର୍ପଣ ଲେଖିଅଛି ।

॥ ଶ୍ରୀହରିଃ ॥

୧. ଗୀତାର ପ୍ରତ୍ୟେକ ଅଧ୍ୟାୟର ତାତ୍ପର୍ଯ୍ୟ

ଗୀତାଧ୍ୟାୟସ୍ୟ ନିଷ୍କର୍ଷଂ ଜ୍ଞାତୁମିଚ୍ଛନ୍ତି ଯେ ଜନାଃ ।
ତୈଃ ସୁଖପୂର୍ବକଂ ଗ୍ରାହ୍ୟସ୍ତତଃ ସାରୋଽତ୍ର ଲିଖ୍ୟତେ ॥

ପ୍ରଥମ ଅଧ୍ୟାୟ

ମୋହ ହେତୁ ହିଁ ମନୁଷ୍ୟ "ମୁଁ କ'ଣ କରିବି, କ'ଣ ନ କରିବି"—ଏହି ଦ୍ୱିଧା ଭିତରେ ପଡ଼ି କର୍ତ୍ତବ୍ୟଚ୍ୟୁତ ହୋଇଯାଏ । ଯଦି ସେ ମୋହର ବଶୀଭୂତ ନ ହୁଏ, ତେବେ କର୍ତ୍ତବ୍ୟଚ୍ୟୁତ ହେବ ନାହିଁ ।

ଭଗବାନ, ଧର୍ମ, ପରଲୋକ ପ୍ରଭୃତିରେ ଶ୍ରଦ୍ଧା ରଖୁଥିବା ଲୋକମାନଙ୍କ ମନରେ ପ୍ରାୟଃ ଏହି କଥାଟିକୁ ନେଇ ଆନ୍ଦୋଳନ ଓ ଦ୍ୱିଧାଭାବ ଥାଏ ଯେ, ଯଦି ଆମେ କର୍ତ୍ତବ୍ୟ ମନେକରି ପ୍ରାପ୍ତ କର୍ମ କରିବା ନାହିଁ, ତେବେ ଆମର ପତନ ହେବ; ଯଦି ଆମେ କେବଳ ସାଂସାରିକ କାର୍ଯ୍ୟରେ ଲିପ୍ତ ରହିବା, ତେବେ ଆମର ଆଧ୍ୟାତ୍ମିକ ଉନ୍ନତି ହେବ ନାହିଁ; ଲୌକିକ ବ୍ୟବହାରରେ ଲାଗି ରହିଲେ ପରମାର୍ଥ ଠିକ୍ ହୋଇ ପାରିବ ନାହିଁ ଏବଂ ପରମାର୍ଥରେ ଲାଗିଲେ ଲୌକିକ ବ୍ୟବହାର ଠିକ୍ ହୋଇ ପାରିବ ନାହିଁ; ଯଦି ଆମେ କୁଟୁମ୍ବକୁ ଛାଡ଼ି ଦେଉ, ତେବେ ଆମକୁ ପାପ ଲାଗିବ ଏବଂ କୁଟୁମ୍ବ ଭିତରେ ଆବଦ୍ଧ ରହିଲେ ଆମର ଆଧ୍ୟାତ୍ମିକ ଉନ୍ନତି ହେବ ନାହିଁ; ଇତ୍ୟାଦି । ତାତ୍ପର୍ଯ୍ୟ ହେଲା, ଆମେ ନିଜର କଲ୍ୟାଣ ଇଚ୍ଛା କରୁଛୁ, କିନ୍ତୁ ମୋହ, ସୁଖାସକ୍ତି ହେତୁ ସଂସାର ଆମକୁ ଛାଡୁ ନାହିଁ । ଏହିପରି ଆଲୋଡ଼ନ ଅର୍ଜୁନଙ୍କ ମନରେ ମଧ୍ୟ ହୁଏ ଯେ, ଯଦି ମୁଁ ଯୁଦ୍ଧ କରେ, ତେବେ କୁଳନାଶ ହେବା ଯୋଗୁଁ ମୋର କଲ୍ୟାଣସାଧନରେ ବାଧା ଉପୁଜିବ ଏବଂ ଯଦି ମୁଁ ଯୁଦ୍ଧ ନ କରେ, ତେବେ କର୍ତ୍ତବ୍ୟଚ୍ୟୁତ ହେବାରୁ ମୋର କଲ୍ୟାଣ ସାଧିତ ହେବ ନାହିଁ ।

ଦ୍ୱିତୀୟ ଅଧ୍ୟାୟ

ନିଜର ବିବେକକୁ ମହତ୍ତ୍ୱ ଦେବା ଏବଂ ନିଜର କର୍ତ୍ତବ୍ୟ ପାଳନ କରିବା—ଏ ଦୁଇଟି ଉପାୟ ମଧ୍ୟରୁ କୌଣସି ଗୋଟିଏକୁ ମଧ୍ୟ ମନୁଷ୍ୟ ଦୃଢ଼ଭାବରେ କାର୍ଯ୍ୟରେ ପରିଣତ କଲେ ତା'ର ଶୋକ ଓ ଚିନ୍ତା ଦୂରେଇଯାଏ ।

ଯେତେ ସବୁ ଶରୀର ଦୃଷ୍ଟିଗୋଚର ହୁଅନ୍ତି, ସେସବୁ ନଷ୍ଟ ହୋଇଯିବେ, ମରିଯିବେ, କିନ୍ତୁ ସେଗୁଡ଼ିକରେ ନିବାସକାରୀ କେବେ ମରେ ନାହିଁ । ଯେପରି ଦେହ ବାଲ୍ୟାବସ୍ଥା ଛାଡ଼ି ଯୁବାବସ୍ଥାକୁ ଏବଂ ଯୁବାବସ୍ଥା ଛାଡ଼ି ବୃଦ୍ଧାବସ୍ଥାକୁ ଧାରଣ କରିଥାଏ, ସେହିପରି ଦେହ ଭିତରେ ନିବାସକାରୀ ଜଣକ ମଧ୍ୟ ଗୋଟିଏ ଦେହ ଛାଡ଼ି ଅନ୍ୟ ଦେହ ଧାରଣ କରିଥାଏ । ଯେପରି ମନୁଷ୍ୟ ପୁରାତନ ବସ୍ତ୍ର ତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରିଥାଏ, ସେହିପରି ଦେହ ମଧ୍ୟରେ ନିବାସକାରୀ ଜଣକ ଶରୀରରୂପୀ ଗୋଟିଏ ଆବରଣ ଛାଡ଼ି ଆଉ ଗୋଟିଏକୁ ଧାରଣ କରିନିଏ । ଯେଉଁ ସବୁ ଅନୁକୂଳ ବା ପ୍ରତିକୂଳ ପରିସ୍ଥିତି ଆସେ, ସେସବୁ ଆଗରୁ ନ ଥାଏ କିଂବା ପରେ ମଧ୍ୟ ରହେ ନାହିଁ ଏବଂ ମଝିରେ ମଧ୍ୟ ସେଗୁଡ଼ିକର ପ୍ରତିକ୍ଷଣ ବିୟୋଗ ଘଟୁଥାଏ ଅର୍ଥାତ୍ ପରିସ୍ଥିତି ଆତଯାତ ହେଉଥାଏ, ସର୍ବଦା ରହେ ନାହିଁ । ଏଭଳି ସ୍ପଷ୍ଟ ବିବେକ ହୋଇଗଲେ ଶୃଙ୍ଖଳ୍ୟ, ଶୋକ ଓ ଚିନ୍ତା ରହି ପାରିବ ନାହିଁ । ଶାସ୍ତ୍ରର ଆଦେଶ ମୁତାବକ ଯେଉଁ କର୍ତ୍ତବ୍ୟକର୍ମ ପ୍ରାପ୍ତ ହୁଏ, ତାହାକୁ ଯଦି କାର୍ଯ୍ୟର ପୂର୍ତ୍ତି-ଅପୂର୍ତ୍ତି ଏବଂ ଫଳର ପ୍ରାପ୍ତି-ଅପ୍ରାପ୍ତିରେ ସମ (ନିର୍ବିକାର) ରହି ପାଳନ କରିବା, ତେବେ ମଧ୍ୟ କୌଣସି ଶୃଙ୍ଖଳ୍ୟ ରହି ପାରିବ ନାହିଁ ।

ତୃତୀୟ ଅଧ୍ୟାୟ

କୌଣସି ମନୁଷ୍ୟ ଜ୍ଞାନୀ ହୋଇଥାଉ ବା ଅଜ୍ଞାନୀ ହୋଇଥାଉ, ଏପରି କି ଭଗବାନଙ୍କର ଅବତାର ମଧ୍ୟ ହୋଇଥାଉ ନା କାହିଁକି, ଏହି ମନୁଷ୍ୟଲୋକରେ ସେ ନିଜ କର୍ତ୍ତବ୍ୟକୁ ନିଷ୍କାମଭାବରେ ତତ୍ପରତାପୂର୍ବକ ପାଳନ କରିବା ଉଚିତ । କାରଣ ସୃଷ୍ଟିଚକ୍ର ନିଜ ନିଜର କର୍ତ୍ତବ୍ୟ ପାଳନ କଲେ ହିଁ ଚାଲିଥାଏ ।

ମନୁଷ୍ୟ କର୍ମ ଆରମ୍ଭ ନ କରି ସିଦ୍ଧି ଲାଭ କରେ ନାହିଁ କିମ୍ବା କର୍ମତ୍ୟାଗ କରି ମଧ୍ୟ ସିଦ୍ଧି ଲାଭ କରେ ନାହିଁ । ବ୍ରହ୍ମା ସୃଷ୍ଟିରଚନା କଲାବେଳେ ପ୍ରଜାମାନଙ୍କୁ କହିଛନ୍ତି ଯେ, ତୁମେମାନେ ନିଜ ନିଜର କର୍ତ୍ତବ୍ୟକର୍ମ ଦ୍ୱାରା ପରସ୍ପରକୁ ସାହାଯ୍ୟ କର, ଜଣେ ଅନ୍ୟଜଣକୁ ଉନ୍ନତ କର, ତେବେ ତୁମେମାନେ ପରମଶ୍ରେୟକୁ ପ୍ରାପ୍ତ କରି ପାରିବ । ଯିଏ ସୃଷ୍ଟିଚକ୍ରର ମର୍ଯ୍ୟାଦା ଅନୁସାରେ ନିଜର କର୍ତ୍ତବ୍ୟ ପାଳନ କରେ ନାହିଁ, ତା'ର ଏହି ସଂସାରରେ ଜୀବିତ ରହିବା ବୃଥା । ଯଦ୍ୟପି ମନୁଷ୍ୟରୂପ

ଧାରଣ କରି ଅବତାର ଗ୍ରହଣ କରିଥିବା ଭଗବାନଙ୍କ ନିମନ୍ତେ ଏହି ତ୍ରିଲୋକ୍ୟରେ କୌଣସି କର୍ତ୍ତବ୍ୟ ନ ଥାଏ, ତଥାପି ସେ ମଧ୍ୟ ଲୋକସଂଗ୍ରହ ନିମିତ୍ତ ନିଜର କର୍ତ୍ତବ୍ୟକୁ ତତ୍ପର ହୋଇ ପାଳନ କରିଥାଆନ୍ତି । ଜ୍ଞାନୀ ମହାପୁରୁଷ ମଧ୍ୟ ଲୋକସଂଗ୍ରହ ନିମିତ୍ତ ନିଜର କର୍ତ୍ତବ୍ୟକୁ ତତ୍ପର ହୋଇ ପାଳନ କରିବା ଉଚିତ । ନିଜର କର୍ତ୍ତବ୍ୟକୁ ନିଷ୍କାମଭାବରେ ପାଳନ କରୁ କରୁ ମନୁଷ୍ୟ ମୃତ୍ୟୁବରଣ କଲେ ମଧ୍ୟ ତା'ର କଲ୍ୟାଣ ହୋଇଥାଏ ।

ଚତୁର୍ଥ ଅଧ୍ୟାୟ

ସମସ୍ତ କର୍ମକୁ ଲୀନ କରିବା ପାଇଁ ଏବଂ ସମସ୍ତ କର୍ମର ବନ୍ଧନରୁ ମୁକ୍ତ ହେବା ପାଇଁ ଦୁଇଟି ଉପାୟ ଅଛି—କର୍ମର ତତ୍ତ୍ୱ ଜାଣିବା ଏବଂ ତତ୍ତ୍ୱଜ୍ଞାନ ଲାଭ କରିବା ।

ଭଗବାନ ସୃଷ୍ଟି ସର୍ଜନା କରନ୍ତି ସତ, କିନ୍ତୁ ସେହି କର୍ମରେ ଏବଂ ତାହାର ଫଳରେ କର୍ତ୍ତୃତ୍ୱାଭିମାନ ଓ ଆସକ୍ତି ନ ଥିବାରୁ ସେଥିରେ ବାନ୍ଧି ହୁଅନ୍ତି ନାହିଁ । କର୍ମ କରି ମଧ୍ୟ ଯେଉଁ ମନୁଷ୍ୟ କର୍ମଫଳରେ ଆସକ୍ତି, କାମନା, ମମତା ଇତ୍ୟାଦି ରଖନ୍ତି ନାହିଁ ଅର୍ଥାତ୍ କର୍ମଫଳରୁ ସର୍ବଥା ନିର୍ଲିପ୍ତ ରହନ୍ତି ଏବଂ ନିର୍ଲିପ୍ତ ରହି କର୍ମ କରନ୍ତି, ସେମାନେ ସମସ୍ତ କର୍ମକୁ ଛିନ୍ନ କରି ଦିଅନ୍ତି । ଯାହାର ସମସ୍ତ କର୍ମ ସଙ୍କଳ୍ପରହିତ ଓ କାମନାରହିତ, ତାହାର ସମସ୍ତ କର୍ମ ଭସ୍ମୀଭୂତ ହୋଇଯାଏ । ଯିଏ କର୍ମ ଓ କର୍ମଫଳ ପ୍ରତି ଆସକ୍ତି ରଖେ ନାହିଁ, ସେ କର୍ମରେ ଉତ୍ତମରୂପେ ପ୍ରବୃତ୍ତ ହୋଇ ମଧ୍ୟ କର୍ମ ଦ୍ୱାରା ଆବଦ୍ଧ ହୁଏ ନାହିଁ । ଯେ କେବଳ ଶରୀରନିର୍ବାହ ପାଇଁ କର୍ମ କରେ ଏବଂ ଯେ କର୍ମର ସିଦ୍ଧି-ଅସିଦ୍ଧିରେ ସମ ରହେ, ସେ କର୍ମ କରି ମଧ୍ୟ ବାନ୍ଧି ହୁଏ ନାହିଁ । ଯିଏ କେବଳ କର୍ତ୍ତବ୍ୟପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ କର୍ମ କରେ, ତା'ର ସମସ୍ତ କର୍ମ ବିଲୀନ ହୋଇଯାଏ । ଏହିପରି କର୍ମର ତତ୍ତ୍ୱକୁ ଠିକ୍‌ଭାବେ ଜାଣିଗଲେ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇଯାଏ ।

ଜଡ଼ତାରୁ ସର୍ବଥା ସମ୍ବନ୍ଧ ଛିନ୍ନ ହେବା ହିଁ ତତ୍ତ୍ୱଜ୍ଞାନ । ଏହି ତତ୍ତ୍ୱଜ୍ଞାନ ପଦାର୍ଥପ୍ରଧାନ ଯଜ୍ଞଠାରୁ ଶ୍ରେଷ୍ଠ । ତତ୍ତ୍ୱଜ୍ଞାନ ହେଲେ ସମସ୍ତ କର୍ମ ସମାପ୍ତ ହୋଇଯାଏ । ତତ୍ତ୍ୱଜ୍ଞାନ ହୋଇଗଲେ କଦାପି ମୋହ ହୁଏ ନାହିଁ । ଅତ୍ୟନ୍ତ ପାପୀ ମଧ୍ୟ ଜ୍ଞାନ ଦ୍ୱାରା ସମସ୍ତ ପାପକୁ ଅତିକ୍ରମ କରିଯାଏ । ଅଗ୍ନି ଯେପରି ସମସ୍ତ ଇନ୍ଧନକୁ ଭସ୍ମୀଭୂତ କରିଦିଏ, ଜ୍ଞାନରୂପୀ ଅଗ୍ନି ସେହିପରି ସମସ୍ତ କର୍ମକୁ ଭସ୍ମ କରିଦିଏ ।

ପଞ୍ଚମ ଅଧ୍ୟାୟ

ମନୁଷ୍ୟ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତି ଆସିଲେ ସୁଖୀ-ଦୁଃଖୀ ଓ ସମ୍ମତ-ଅସମ୍ମତ ହେବା ଉଚିତ ନୁହେଁ, କାରଣ ସୁଖ-ଦୁଃଖରୂପକ ଦ୍ୱନ୍ଦ୍ୱରେ ପଡ଼ିଥିବା ମନୁଷ୍ୟ ସଂସାରର ଊର୍ଦ୍ଧ୍ୱକୁ ଉଠିପାରେ ନାହିଁ ।

ସ୍ତ୍ରୀ, ପୁତ୍ର, ପରିବାର, ଧନ ଓ ସମ୍ପତ୍ତିକୁ ସ୍ୱରୂପତଃ ତ୍ୟାଗ କରିଥିବା ବ୍ୟକ୍ତି ସନ୍ନ୍ୟାସୀ ନୁହେଁ, ବରଂ ଯିଏ ନିଜର କର୍ତ୍ତବ୍ୟ ପାଳନ କରୁଥାଏ ଏବଂ ରାଗ-ଦ୍ୱେଷ କରେ ନାହିଁ, ସେ ହିଁ ପ୍ରକୃତ ସନ୍ନ୍ୟାସୀ । ଯେ ଅନୁକୂଳ ପରିସ୍ଥିତିରେ ହୃଷ୍ଟ ହୁଏ ନାହିଁ ଏବଂ ପ୍ରତିକୂଳ ପରିସ୍ଥିତି ଦେଖି ଉଦ୍‌ବିଗ୍ନ ହୁଏ ନାହିଁ, ସେହିପରି ଦ୍ୱନ୍ଦ୍ୱରହିତ ମନୁଷ୍ୟ ପରମାତ୍ମାଙ୍କ ଠାରେ ଅବସ୍ଥାନ କରେ । ସାଂସାରିକ ସୁଖ-ଦୁଃଖ, ଅନୁକୂଳ-ପ୍ରତିକୂଳ ପରିସ୍ଥିତି ଇତ୍ୟାଦିର ଦ୍ୱନ୍ଦ୍ୱ ହିଁ ଦୁଃଖର କାରଣ । ଅତଏବ ବୁଦ୍ଧିମାନ୍ ମନୁଷ୍ୟ ସେଥିରେ ବାନ୍ଧି ହେବା ଅନୁଚିତ ।

ଷଷ୍ଠ ଅଧ୍ୟାୟ

ଯେକୌଣସି ସାଧନା ଦ୍ୱାରା ଅନ୍ତଃକରଣରେ ସମତା ଆସିବା ଦରକାର; କାରଣ ସମତା ନ ଆସିଲେ ମନୁଷ୍ୟ ଅନୁକୂଳ-ପ୍ରତିକୂଳ ପରିସ୍ଥିତିରେ ଓ ମାନ-ଅପମାନରେ ସମ (ନିର୍ବିକାର) ରହିପାରେ ନାହିଁ ଏବଂ ସେ ପରମାତ୍ମାଙ୍କ ଧ୍ୟାନ କରିବାକୁ ଇଚ୍ଛା କଲେ ତାହା ମଧ୍ୟ କରିପାରେ ନାହିଁ । ତାତ୍ପର୍ଯ୍ୟ ହେଲା, ଅନ୍ତଃକରଣରେ ସମତା ନ ଆସିବା ପର୍ଯ୍ୟନ୍ତ ସୁଖ-ଦୁଃଖ ଇତ୍ୟାଦି ଦ୍ୱନ୍ଦ୍ୱଗୁଡ଼ିକର ପ୍ରଭାବ ନଷ୍ଟ ହେବ ନାହିଁ ଏବଂ ମନ ମଧ୍ୟ ଧ୍ୟାନରେ ଲାଗିବ ନାହିଁ । ଯେଉଁ ମନୁଷ୍ୟ ପ୍ରାରବ୍ଧ ଅନୁସାରେ ପ୍ରାପ୍ତ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ, ସମ୍ପ୍ରତି କରାଯାଉଥିବା କର୍ମର ପୂର୍ତ୍ତି-ଅପୂର୍ତ୍ତି ଓ ସିଦ୍ଧି-ଅସିଦ୍ଧିରେ, ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ମାନ-ଅପମାନରେ, ଧନସମ୍ପତ୍ତି ଆଦିରେ, ଭଲ ଓ ମନ୍ଦ ମନୁଷ୍ୟମାନଙ୍କ ମଧ୍ୟରେ ସମ ରହେ, ସେ ହିଁ ଶ୍ରେଷ୍ଠ । ଯେ ସାଧ୍ୟରୂପକ ସମତା ଲାଭ କରିବାର ଉଦ୍ଦେଶ୍ୟ ରଖି ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରି ପରମାତ୍ମାଙ୍କର ଧ୍ୟାନ କରେ, ତାହାର ସକଳ ପ୍ରାଣୀଙ୍କ ଠାରେ ଏବଂ ସେମାନଙ୍କର ସୁଖ-ଦୁଃଖରେ ସମବୁଦ୍ଧି ହୋଇଯାଏ । ସମତା ଲାଭ କରିବାକୁ ଇଚ୍ଛୁକ ମନୁଷ୍ୟ ବେଦରେ କଥିତ ସକାମ କର୍ମକୁ ଅତିକ୍ରମ କରିଯାଏ । ସମତାପ୍ରାପ୍ତ ମନୁଷ୍ୟ ସକାମଭାବଯୁକ୍ତ ତପସ୍ୱୀ, ଜ୍ଞାନୀ ଓ କର୍ମୀଙ୍କ ଠାରୁ ଶ୍ରେଷ୍ଠ ।

ସପ୍ତମ ଅଧ୍ୟାୟ

ସବୁକିଛି କେବଳ ବାସୁଦେବ ବା ଭଗବତ୍-ସ୍ୱରୂପ—ଏ କଥା ମନୁଷ୍ୟ ଅନୁଭବ କରିବା ଉଚିତ । ସୂତାରେ ନିର୍ମିତ ମାଳିଦାନାଗୁଡ଼ିକୁ ନେଇ ତିଆରି ହୋଇଥିବା ମାଳାରେ ସୂତା ଥିବା ପରି ଭଗବାନ ହିଁ ସମଗ୍ର ସଂସାରରେ ଓତପ୍ରୋତ ହୋଇ ରହିଛନ୍ତି । ପୃଥିବୀ,

ଜଳ, ତେଜ ଇତ୍ୟାଦି ତତ୍ତ୍ୱମାନଙ୍କରେ; ସୂର୍ଯ୍ୟ, ଚନ୍ଦ୍ର ଆଦି ରୂପରେ; ସାତ୍ତ୍ୱିକ, ରାଜସ ଓ ତାମସ ଭାବ, କ୍ରିୟା ପ୍ରଭୃତିରେ ଭଗବାନ ହିଁ ପରିପୂର୍ଣ୍ଣ। ବ୍ରହ୍ମ, ଜୀବ, କ୍ରିୟା, ସଂସାର, ବ୍ରହ୍ମା ଓ ବିଷ୍ଣୁ ରୂପରେ ଭଗବାନ ହିଁ ବିଦ୍ୟମାନ। ଏହିରୂପେ ତତ୍ତ୍ୱତଃ ସବୁକିଛି ଭଗବାନ।

ଅଷ୍ଟମ ଅଧ୍ୟାୟ

ଅନ୍ତକାଳୀନ ଚିନ୍ତନ ଅନୁସାରେ ହିଁ ଜୀବର ଗତି ହୋଇଥାଏ। ତେଣୁ ମନୁଷ୍ୟ ସର୍ବଦା ସାବଧାନ ରହିବା ଆବଶ୍ୟକ, ଯଦ୍ଦ୍ୱାରା ଅନ୍ତକାଳରେ ଭଗବତ୍ସ୍ମୃତି ଜାଗ୍ରତ ରହି ପାରିବ।

ଅନ୍ତକାଳରେ ଶରୀର ଛାଡ଼ିବାବେଳେ ମନୁଷ୍ୟ ଯେଉଁ ବସ୍ତୁ, ବ୍ୟକ୍ତି ଆଦିର ଚିନ୍ତନ କରୁଥାଏ, ସେହି ଅନୁସାରେ ତାକୁ ପରବର୍ତ୍ତୀ ଶରୀର ପ୍ରାପ୍ତ ହୁଏ। ଯେ ଅନ୍ତକାଳରେ ଭଗବାନଙ୍କର ଚିନ୍ତନ କରି ପ୍ରାଣ ତ୍ୟାଗ କରେ, ସେ ଭଗବାନଙ୍କୁ ହିଁ ପ୍ରାପ୍ତ ହୁଏ। ତା'ର ଆଉ ଜନ୍ମମରଣ ହୁଏ ନାହିଁ। ଅତଏବ ମନୁଷ୍ୟ ସବୁବେଳେ, ସବୁ ଅବସ୍ଥାରେ ଏବଂ ଶାସ୍ତ୍ରବିହିତ ସମସ୍ତ କର୍ମ କରିବା ସମୟରେ ଭଗବାନଙ୍କୁ ମନେ ରଖିବା ଉଚିତ, ଯଦ୍ଦ୍ୱାରା ଶେଷମୁହୂର୍ତ୍ତରେ ଭଗବାନ ମନେ ପଡ଼ିବେ। ଜୀବନଯାକ ଅନୁରାଗପୂର୍ବକ ଯାହା କରାଯାଇଥାଏ, ପ୍ରାୟ ତାହା ହିଁ ଶେଷବେଳକୁ ମନେପଡ଼େ।

ନବମ ଅଧ୍ୟାୟ

ମନୁଷ୍ୟ ଯେକୌଣସି ବର୍ଣ୍ଣ, ସମ୍ପ୍ରଦାୟ, ଆଶ୍ରମ, ଦେଶ ଓ ବେଶ ଇତ୍ୟାଦିର ହୋଇଥାଉ ନା କାହିଁକି, ସେ ଭଗବତ୍ପ୍ରାପ୍ତିର ଅଧିକାରୀ। ସମସ୍ତେ ଭଗବଦ୍ ଅଭିମୁଖୀ ହୋଇ ପାରିବେ, ଭଗବାନଙ୍କର ଆଶ୍ରୟ ଗ୍ରହଣ କରି ଭଗବାନଙ୍କୁ ପାଇ ପାରିବେ।

ଭଗବାନ ଏଥିନେଇ ଦୁଃଖ ଓ ପଶ୍ଚାତ୍ତାପ କରନ୍ତି ଯେ, ଏ ଜୀବମାନେ ମନୁଷ୍ୟଶରୀର ଲାଭ କରି ମଧ୍ୟ, ମୋତେ ପାଇବାର ଅଧିକାରୀ ହୋଇ ମଧ୍ୟ, ମୋ ପାଖକୁ ନ ଆସି ମୃତ୍ୟୁମୁଖକୁ (ଜନ୍ମ-ମରଣକୁ) ଗମନ କରୁଛନ୍ତି। ମୋ'ଠାରୁ ବିମୁଖ ହୋଇ, କେତେକ ମୋର ଅବହେଳନା କରି, କେତେକ ଆସୁରୀସମ୍ପତ୍ତିର ଆଶ୍ରୟ ନେଇ ଏବଂ ଅନ୍ୟ କେତେକ ସକାମଭାବରେ ଯଜ୍ଞାଦି ଅନୁଷ୍ଠାନ କରି ଜନ୍ମମରଣ ଚକ୍ରରେ ପ୍ରବେଶ କରୁଛନ୍ତି। ସେମାନେ ଯେତେ ବଡ଼ ପାପୀ ହୋଇଥାଆନ୍ତୁ, ଯେକୌଣସି ନୀଚ ଯୋନିରେ ଜନ୍ମଲାଭ କରିଥାଆନ୍ତୁ ଏବଂ ଯେକୌଣସି ବର୍ଣ୍ଣ, ଆଶ୍ରମ, ଦେଶ ବା ବେଶ ଇତ୍ୟାଦିର ହୋଇଥାଆନ୍ତୁ ପଛେ, ସମସ୍ତେ ମୋର ଆଶ୍ରୟ ନେଇ ମୋତେ ପାଇ ପାରିବେ। ତେଣୁ ମନୁଷ୍ୟଶରୀର ଲାଭ କରି ଜୀବ ମୋର ଭଜନ କରିବା ଉଚିତ।

ଦଶମ ଅଧ୍ୟାୟ

ମନୁଷ୍ୟ ପାଖରେ ଯେଉଁ ଚିନ୍ତନଶକ୍ତି ଅଛି, ତାହାକୁ ସେ ଭଗବଦ୍ଚିନ୍ତନରେ ହିଁ ବିନିଯୋଗ କରିବା ଉଚିତ।

ସଂସାରରେ ଯାହା ପାଖରେ ଓ ଯେଉଁ ସ୍ଥାନରେ ବିଲକ୍ଷଣତା, ଅଲୌକିକତା, ବିଶେଷତ୍ୱ, ମହତ୍ତ୍ୱ, ସୌନ୍ଦର୍ଯ୍ୟ ଇତ୍ୟାଦି ଦେଖାଯାଏ ଓ ସେଥିପ୍ରତି ମନ ଆକୃଷ୍ଟ ହୁଏ, ସେହି ସବୁ ବୈଶିଷ୍ଟ୍ୟ ପ୍ରକୃତରେ ଭଗବାନଙ୍କର। ଅତଏବ ସେଠାରେ ସମ୍ପୃକ୍ତ ବସ୍ତୁ, ବ୍ୟକ୍ତି ଇତ୍ୟାଦିର ଚିନ୍ତନ ନ ହୋଇ କେବଳ ଭଗବାନଙ୍କର ଚିନ୍ତନ ହେବା ଉଚିତ। ଏହା ହିଁ ବିଭୂତିବର୍ଣ୍ଣନାର ତାତ୍ପର୍ଯ୍ୟ।

ଏକାଦଶ ଅଧ୍ୟାୟ

ଭଗବାନଙ୍କ କୃପାରୁ ଅର୍ଜୁନ ଯେଉଁ ଦିବ୍ୟ ବିଶ୍ୱରୂପ ଦର୍ଶନ କରିଥିଲେ, ତାହାକୁ ତ ପ୍ରତ୍ୟେକ ମନୁଷ୍ୟ ଦେଖି ପାରିବ ନାହିଁ, କିନ୍ତୁ ଆଦିଅବତାର ରୂପରେ ପ୍ରକଟିତ ଏହି ସଂସାରକୁ ଶ୍ରଦ୍ଧାପୂର୍ବକ ଭଗବାନଙ୍କର ରୂପ ମନେକରି ପ୍ରତ୍ୟେକ ମନୁଷ୍ୟ ବିଶ୍ୱରୂପର ଦର୍ଶନ କରିପାରେ।

ଅର୍ଜୁନ ବିଶ୍ୱରୂପ ଦେଖାଇବା ନିମିତ୍ତ ଭଗବାନଙ୍କୁ ବିନମ୍ରଭାବରେ ପ୍ରାର୍ଥନା କରିବାରୁ ଭଗବାନ ଅର୍ଜୁନଙ୍କୁ ଦିବ୍ୟନେତ୍ର ପ୍ରଦାନ କରି ନିଜର ଦିବ୍ୟ ବିଶ୍ୱରୂପ ଦେଖାଇଲେ। ସେହି ରୂପରେ ଅର୍ଜୁନ ଭଗବାନଙ୍କର ଅନେକ ମୁଖ, ନେତ୍ର, ହସ୍ତ ଇତ୍ୟାଦି ଦେଖିଲେ; ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ଦେଖିଲେ ଏବଂ ଦେବତା, ଗନ୍ଧର୍ବ, ସିଦ୍ଧ ଓ ସର୍ପମାନଙ୍କୁ ମଧ୍ୟ ଦେଖିଲେ। ସେ ବିଶ୍ୱରୂପର ସୌମ୍ୟ, ଉଗ୍ର ଓ ଅତ୍ୟୁଗ୍ର ଆଦି ଅନେକ ସ୍ତର ଦେଖିଲେ। ଏହି ଦିବ୍ୟ ବିଶ୍ୱରୂପକୁ ଆମେ ସମସ୍ତେ ଦେଖି ପାରିବା ନାହିଁ, କିନ୍ତୁ ଚକ୍ଷୁ ଦ୍ୱାରା ଦେଖାଯାଉଥିବା ଏହି ସଂସାରକୁ ଭଗବାନଙ୍କର ସ୍ୱରୂପ ବୋଲି ସ୍ୱୀକାର କରି ଆମେ ନିଜକୁ ନିଶ୍ଚିତରୂପେ ଉଦ୍ଧାର କରି ପାରିବା। କାରଣ ଏହି ସଂସାର ଭଗବାନଙ୍କ ଠାରୁ ପ୍ରକଟିତ ହୋଇଛି ଏବଂ ଭଗବାନ ହିଁ ସବୁ ରୂପରେ ଆବିର୍ଭୂତ ହୋଇଛନ୍ତି।

ଦ୍ୱାଦଶ ଅଧ୍ୟାୟ

ଭକ୍ତ ଭଗବାନଙ୍କର ଅତି ପ୍ରିୟ। କାରଣ ସେ ନିଜର ଶରୀର-ଇନ୍ଦ୍ରିୟ-ମନ-ବୁଦ୍ଧି ସମେତ ନିଜକୁ ଭଗବାନଙ୍କ ନିକଟରେ ଅର୍ପଣ କରିଦିଏ।

ଯେଉଁମାନେ ପରମ ଶ୍ରଦ୍ଧାର ସହିତ ନିଜର ମନକୁ ଭଗବାନଙ୍କ ଠାରେ ସଂଲଗ୍ନ କରି ଦିଅନ୍ତି, ସେହି ଭକ୍ତ ସର୍ବଶ୍ରେଷ୍ଠ। ଭଗବଦ୍ପରାୟଣ ହୋଇ ଯେଉଁ ଭକ୍ତ

ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ କରି ଅନନ୍ୟଭାବରେ ଭଗବାନଙ୍କ ଉପାସନା କରନ୍ତି, ସେମାନଙ୍କ ପାଇଁ ସ୍ୱୟଂ ଭଗବାନ ସଂସାରସାଗରରୁ ଉଦ୍ଧାରକର୍ତ୍ତା ହୋଇଯାଆନ୍ତି । ଯେଉଁମାନେ ନିଜର ମନ ଓ ବୁଦ୍ଧିକୁ ଭଗବାନଙ୍କ ଠାରେ ଯୁକ୍ତ କରି ଦିଅନ୍ତି, ସେମାନେ ଭଗବାନଙ୍କ ଠାରେ ହିଁ ନିବାସ କରନ୍ତି । ଯିଏ ପ୍ରତ୍ୟେକ ପ୍ରାଣୀଙ୍କ ସହିତ ମିତ୍ରତା ଓ କରୁଣାପୂର୍ଣ୍ଣ ବ୍ୟବହାର କରେ, ଯେ ଅହଂକାର ଓ ମମତା ରହିତ, ଯାହାଦ୍ୱାରା ଅନ୍ୟ କୌଣସି ପ୍ରାଣୀ ଉଦ୍‌ବିଗ୍ନ ହୁଏ ନାହିଁ ଏବଂ ଯେ ନିଜେ କୌଣସି ପ୍ରାଣୀ ଦ୍ୱାରା ଉଦ୍‌ବିଗ୍ନ ହୁଏ ନାହିଁ, ଯେ ନୂତନ କର୍ମାରମ୍ଭର ତ୍ୟାଗୀ, ଯେ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ହୃଷ୍ଟ ଓ ଉଦ୍‌ବିଗ୍ନ ହୁଏ ନାହିଁ, ଯେ ମାନ ଓ ଅପମାନରେ ସମଭାବସମ୍ପନ୍ନ, ଯେ ସମସ୍ତ ପରିସ୍ଥିତିରେ ସନ୍ତୁଷ୍ଟ ରହେ, ସେହି ଭକ୍ତ ଭଗବାନଙ୍କର ପ୍ରିୟ । ଯଦି ମନୁଷ୍ୟମାନେ ଭଗବାନଙ୍କର ହୋଇ ରହିବେ, ଭଗବାନଙ୍କ ପ୍ରତି ଆତ୍ମୀୟତା ରଖିବେ, ତେବେ ସମସ୍ତେ ଭଗବାନଙ୍କର ପ୍ରିୟ ହୋଇ ପାରିବେ ।

ତ୍ରୟୋଦଶ ଅଧ୍ୟାୟ

ସଂସାରରେ ଏକମାତ୍ର ପରମାତ୍ମତତ୍ତ୍ୱ ହିଁ ଜାଣିବାର ଯୋଗ୍ୟ । ତାହାକୁ ଅବଶ୍ୟ ଜାଣିବା ଉଚିତ । ତାହାକୁ ତତ୍ତ୍ୱତଃ ଜାଣିଗଲେ ଜାଣିଥିବା ଲୋକର ପରମାତ୍ମତତ୍ତ୍ୱ ସହିତ ଅଭିନ୍ନତା ହୋଇଯାଏ ।

ଯେଉଁ ପରମାତ୍ମାଙ୍କୁ ଜାଣିଗଲେ ଅମରତ୍ୱ ଲାଭ ହୁଏ, ସେହି ପରମାତ୍ମାଙ୍କର ହସ୍ତ, ପାଦ, ଶିର, ଚକ୍ଷୁ ଓ କର୍ଣ୍ଣ ସର୍ବତ୍ର ପରିବ୍ୟାପ୍ତ । ସେ ସମସ୍ତ ଇନ୍ଦ୍ରିୟବର୍ଜିତ ହୋଇଥିଲେ ମଧ୍ୟ ସମସ୍ତ ବିଷୟକୁ ପ୍ରକାଶିତ କରିଥାନ୍ତି । ସମସ୍ତ ଗୁଣରହିତ ହୋଇଥିଲେ ମଧ୍ୟ ସମସ୍ତ ଗୁଣର ଭୋକ୍ତା ଏବଂ ଆସକ୍ତିଶୂନ୍ୟ ହୋଇଥିଲେ ମଧ୍ୟ ସମସ୍ତଙ୍କର ଭରଣପୋଷଣ କରିଥାନ୍ତି । ସେ ସମସ୍ତ ପ୍ରାଣୀଙ୍କର ବାହାରେ ମଧ୍ୟ ଅଛନ୍ତି, ଭିତରେ ମଧ୍ୟ ଅଛନ୍ତି ଏବଂ ସମସ୍ତ ଚରାଚର ପ୍ରାଣୀ ରୂପରେ ମଧ୍ୟ ସେ ହିଁ ବିଦ୍ୟମାନ । ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବିଭକ୍ତ ହୋଇ ମଧ୍ୟ ସେ ବିଭାଗରହିତ । ସେ ସମସ୍ତ ଜ୍ଞାନର ପ୍ରକାଶକ । ସେ ସମସ୍ତ ବିଷମ ପ୍ରାଣୀଙ୍କ ମଧ୍ୟରେ ସମ ରହନ୍ତି । ଗତିଶୀଳ ପ୍ରାଣୀମାନଙ୍କ ମଧ୍ୟରେ ସେ ଗତିରହିତ ଅଟନ୍ତି । ନଷ୍ଟ ହେଉଥିବା ପ୍ରାଣୀମାନଙ୍କ ମଧ୍ୟରେ ସେ ଅବିନାଶୀ ଅଟନ୍ତି । ଏହିପରି ପରମାତ୍ମାଙ୍କୁ ଯଥାର୍ଥଭାବେ ଜାଣିଗଲେ ତାଙ୍କୁ ଲାଭ କରାଯାଇପାରେ ।

ଚତୁର୍ଦ୍ଦଶ ଅଧ୍ୟାୟ

ସମଗ୍ର ସଂସାର ତ୍ରିଗୁଣାତ୍ମକ । ଏଥିରୁ ଅତୀତ ହେବା ପାଇଁ ଗୁଣ ଓ ସେଗୁଡ଼ିକର ବୃତ୍ତିଗୁଡ଼ିକୁ ଜାଣିବା ଦରକାର ।

ସତ୍ତ୍ୱ, ରଜ ଓ ତମ—ଏହି ତିନି ପ୍ରକୃତିଜ ଗୁଣ ଶରୀର ଓ ସଂସାର ପ୍ରତି ଆସକ୍ତି, ମମତା ଇତ୍ୟାଦି ଉତ୍ପନ୍ନ କରି ଜୀବାତ୍ମାକୁ ବାନ୍ଧି ଦିଅନ୍ତି । ସତ୍ତ୍ୱଗୁଣ ସୁଖ ଓ ଜ୍ଞାନର ଆସକ୍ତି ଦ୍ୱାରା, ରଜୋଗୁଣ କର୍ମର ଆସକ୍ତି ଦ୍ୱାରା ଏବଂ ତମୋଗୁଣ ପ୍ରମାଦ, ଆଳସ୍ୟ ଓ ନିଦ୍ରା ଦ୍ୱାରା ମନୁଷ୍ୟକୁ ବନ୍ଧନରେ ପକାଇଥାଏ । ରଜୋଗୁଣ ଓ ତମୋଗୁଣକୁ ଦମନ କରି ଯେତେବେଳେ ସତ୍ତ୍ୱଗୁଣ ବୃଦ୍ଧି ପାଏ, ସେତେବେଳେ ଅନ୍ତଃକରଣରେ ରଜୋଗୁଣ ଓ ତମୋଗୁଣ ବିରୁଦ୍ଧରେ ପ୍ରକାଶ ଜାଗିଉଠେ । ସତ୍ତ୍ୱଗୁଣ ଓ ତମୋଗୁଣକୁ ଦମନ କରି ଯେତେବେଳେ ରଜୋଗୁଣ ବୃଦ୍ଧି ପାଏ, ସେତେବେଳେ ଅନ୍ତଃକରଣରେ ସତ୍ତ୍ୱଗୁଣ ଓ ତମୋଗୁଣର ବିରୋଧୀ ଲୋଭ, କ୍ରିୟାଶୀଳତା ଇତ୍ୟାଦି ବୃତ୍ତିଗୁଡ଼ିକ ବୃଦ୍ଧି ପ୍ରାପ୍ତ ହୁଅନ୍ତି । ଯେତେବେଳେ ସତ୍ତ୍ୱଗୁଣ ଓ ରଜୋଗୁଣକୁ ଦମନ କରି ତମୋଗୁଣ ବୃଦ୍ଧି ପାଏ, ସେତେବେଳେ ଅନ୍ତଃକରଣରେ ସତ୍ତ୍ୱଗୁଣ ଓ ରଜୋଗୁଣର ବିରୋଧୀ ଅବିବେକ, କର୍ମ କରିବାରେ ଅରୁଚି, ପ୍ରମାଦ, ମୋହ ଇତ୍ୟାଦି ବୃତ୍ତିଗୁଡ଼ିକ ବୃଦ୍ଧିପ୍ରାପ୍ତ ହୁଅନ୍ତି । ଏହି ଗୁଣମାନଙ୍କର ବୃତ୍ତିଗୁଡ଼ିକ ବୃଦ୍ଧି ପାଇଥିବା ବେଳେ ମରୁଥିବା ପ୍ରାଣୀ କ୍ରମଶଃ ଉଚ୍ଚ, ମଧ୍ୟ ଓ ନୀଚ ଲୋକକୁ ଗମନ କରେ । କିନ୍ତୁ ଯିଏ ଏହି ଗୁଣଗୁଡ଼ିକ ବ୍ୟତୀତ ଅନ୍ୟ କାହାକୁ କର୍ତ୍ତା ବୋଲି ସ୍ୱୀକାର କରେ ନାହିଁ ଅର୍ଥାତ୍ 'ସମସ୍ତ କ୍ରିୟା ଗୁଣଗୁଡ଼ିକରେ ହେଉଛି, ସ୍ୱୟଂରେ କୌଣସି କ୍ରିୟା ହେଉ ନାହିଁ' ବୋଲି ଅନୁଭବ କରେ, ସେ ଗୁଣଗୁଡ଼ିକରୁ ଅତୀତ ହୋଇ ଭଗବଦ୍‌ଭାବକୁ ପ୍ରାପ୍ତ ହୁଏ । ଅନନ୍ୟଭକ୍ତି ଦ୍ୱାରା ମଧ୍ୟ ମନୁଷ୍ୟ ଗୁଣଗୁଡ଼ିକରୁ ଅତୀତ ହୋଇଯାଏ ।

ପଞ୍ଚଦଶ ଅଧ୍ୟାୟ

ଏକମାତ୍ର ପରମାତ୍ମା ହିଁ ଏହି ସଂସାରର ମୂଳ ଆଧାର ଓ ଏହି ସଂସାରରେ ସର୍ବଶ୍ରେଷ୍ଠ ପରମ ପୁରୁଷ— ଏ କଥା ଦୃଢ଼ଭାବରେ ମାନିନେଲେ ମନୁଷ୍ୟ ସର୍ବବିଦ୍ ହୋଇଯାଏ, କୃତକୃତ୍ୟ ହୋଇଯାଏ ।

ଏହି ସଂସାର ଯାହାଦ୍ୱାରା ଅନାଦିକାଳରୁ ପରିଚାଳିତ ହୋଇ ଆସୁଛି ଏବଂ ଯାହାକୁ ପାଇଲା ପରେ ଏ ଜୀବ ପୁଣି ସଂସାରକୁ ଫେରି ଆସେ ନାହିଁ, ସେହି ପରମାତ୍ମାଙ୍କୁ ଅନ୍ୱେଷଣ କରିବା ଉଚିତ । ଜ୍ଞାନନେତ୍ରସମ୍ପନ୍ନ ସାଧକ ନିଜ ଭିତରେ ହିଁ ସେହି ପରମାତ୍ମାଙ୍କୁ ଅନୁଭବ କରନ୍ତି । ସେହି ପରମାତ୍ମା ହିଁ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିରେ ତେଜରୂପରେ ବିଦ୍ୟମାନ ହୋଇ ସମଗ୍ର ସଂସାରକୁ ଆଲୋକିତ କରନ୍ତି । ସେ ହିଁ ପୃଥିବୀରେ ପ୍ରବିଷ୍ଟ ହୋଇ ପୃଥିବୀକୁ ଧାରଣ

କରନ୍ତି। ସେ ହିଁ ରସମୟ ଚନ୍ଦ୍ରମା ହୋଇ ବୃକ୍ଷଲତା ଆଦିକୁ ପୁଷ୍ଟ କରନ୍ତି। ସେ ହିଁ ଜଠରାଗ୍ନି ରୂପରେ ପ୍ରାଣୀମାନଙ୍କ ଦ୍ୱାରା ଭୁକ୍ତ ଅନ୍ନକୁ ପାଚନ କରନ୍ତି। ସେ ସମସ୍ତଙ୍କ ହୃଦୟରେ ଅଛନ୍ତି। ସେ ବେଦମାନଙ୍କୁ ଜାଣନ୍ତି ଏବଂ ନିର୍ମାଣ କରନ୍ତି। ସେ ହିଁ ବେଦମାନଙ୍କ ଦ୍ୱାରା ଜାଣିବା ଯୋଗ୍ୟ। ସେ ସମଗ୍ର ସଂସାରର ପାଳନପୋଷଣ କରନ୍ତି। ସେ ନାଶବାନ୍ ସଂସାରରୁ ଊର୍ଦ୍ଧ୍ୱରେ ଏବଂ ଅବିନାଶୀ ଜୀବାତ୍ମାଠାରୁ ମଧ୍ୟ ଶ୍ରେଷ୍ଠ। ସେ ହିଁ ଲୋକ ଓ ବେଦରେ ପୁରୁଷୋତ୍ତମ ନାମରେ ଖ୍ୟାତ। ତାଙ୍କୁ ସର୍ବଶ୍ରେଷ୍ଠ ବୋଲି ଜାଣି ଅନନ୍ୟଭାବରେ ତାଙ୍କର ଭଜନ କରିବା ଉଚିତ।

ଷୋଡ଼ଶ ଅଧ୍ୟାୟ

ଦୁର୍ଗୁଣ ଓ ଦୁରାଚାର ଯୋଗୁଁ ହିଁ ମନୁଷ୍ୟ ଚଉରାଶୀ ଲକ୍ଷ ଯୋନିରେ ଓ ନରକରେ ଭ୍ରମଣ କରେ। ଅତଏବ ସଦ୍‌ଗୁଣ ଓ ସଦାଚାର ଧାରଣ କରି ମନୁଷ୍ୟ ସାଂସାରିକ ବନ୍ଧନରୁ ଓ ଜନ୍ମମରଣ ଚକ୍ରରୁ ମୁକ୍ତ ହେବା ଉଚିତ।

ଯେଉଁମାନେ ଦମ୍ଭ, ଦର୍ପ, ଅଭିମାନ, କାମ, କ୍ରୋଧ, ଲୋଭ ଇତ୍ୟାଦି ଆସୁରୀସମ୍ପତ୍ତିର ଗୁଣଗୁଡ଼ିକୁ ତ୍ୟାଗ କରି ଅଭୟ, ଅହିଂସା, ସତ୍ୟ, ଅକ୍ରୋଧ, ଦୟା, ଯଜ୍ଞ, ଦାନ, ତପସ୍ୟା ଇତ୍ୟାଦି ଦୈବୀସମ୍ପତ୍ତିର ଗୁଣଗୁଡ଼ିକୁ ଧାରଣ କରନ୍ତି, ସେମାନେ ସଂସାରବନ୍ଧନରୁ ମୁକ୍ତ ହୋଇଯାଆନ୍ତି। କିନ୍ତୁ ଯେଉଁମାନେ କେବଳ ଦୁର୍ଗୁଣ, ଦୁରାଚାର, କାମ, କ୍ରୋଧ, ଲୋଭ, ଚିନ୍ତା, ଅହଂକାର ଆଦିର ଆଶ୍ରୟ ଗ୍ରହଣ କରି ସେଥିରେ ବୁଡ଼ି ରହିଥାନ୍ତି, ସେହି ଆସୁରୀସମ୍ପତ୍ତିସମ୍ପନ୍ନ ମନୁଷ୍ୟ ଚଉରାଶୀ ଲକ୍ଷ ଯୋନିକୁ ଓ ନରକକୁ ଯାଆନ୍ତି।

ସପ୍ତଦଶ ଅଧ୍ୟାୟ

ଶାସ୍ତ୍ରବିଧିକୁ ଜାଣିଥିବା ଅଥବା ନ ଜାଣିଥିବା ମନୁଷ୍ୟମାନେ ଶ୍ରଦ୍ଧାପୂର୍ବକ ଯେଉଁ ସବୁ ଶୁଭକାର୍ଯ୍ୟ କରୁଛନ୍ତି, ସେଗୁଡ଼ିକୁ ଭଗବତ୍‌ସ୍ମରଣପୂର୍ବକ, ଭଗବାନଙ୍କର ନାମ ଉଚ୍ଚାରଣ କରି ଆରମ୍ଭ କରିବା ଉଚିତ।

ଯେଉଁମାନେ ଶାସ୍ତ୍ରବିଧି ଜାଣନ୍ତି ନାହିଁ, ଅଥଚ ଶ୍ରଦ୍ଧାପୂର୍ବକ ଯଜ୍ଞ, ପୂଜା ଇତ୍ୟାଦି କରନ୍ତି, ସେମାନଙ୍କର ଶ୍ରଦ୍ଧା (ନିଷ୍ଠା, ସ୍ଥିତି) ତିନି ପ୍ରକାରର ହୋଇଥାଏ—ସାତ୍ତ୍ୱିକୀ, ରାଜସୀ ଓ ତାମସୀ। ଶ୍ରଦ୍ଧା ଅନୁସାରେ ହିଁ ସେମାନଙ୍କ ଦ୍ୱାରା ପୂଜିତ ଦେବତା ତିନି ପ୍ରକାରର ହୋଇଥାନ୍ତି। ଯେଉଁମାନେ ଯଜ୍ଞ, ପୂଜା ଇତ୍ୟାଦି କରନ୍ତି ନାହିଁ, ସେମାନଙ୍କ ଶ୍ରଦ୍ଧାର ପରିଚୟ ସେମାନଙ୍କର ଆହାରରୁ ମିଳିଥାଏ; କାରଣ ଆହାର ସମସ୍ତେ କରିଥାଆନ୍ତି।

ଅଷ୍ଟାଦଶ ଅଧ୍ୟାୟ

ପ୍ରତ୍ୟେକ ମନୁଷ୍ୟର ଉଦ୍ଧାର ପାଇଁ ତା'ର ରୁଚି, ଯୋଗ୍ୟତା ଓ ଶ୍ରଦ୍ଧା ଅନୁସାରେ ତିନି ପ୍ରକାର ସାଧନା ପ୍ରଦର୍ଶିତ ହୋଇଛି—କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ (ଶରଣାଗତି)। ଏଥିମଧ୍ୟରୁ ଯେକୌଣସି ଗୋଟିଏ ସାଧନାରେ ମନୁଷ୍ୟ ସଂଲଗ୍ନ ହୋଇଗଲେ ତା'ର ଉଦ୍ଧାର ହୋଇଯାଏ।

ଯେଉଁ ମନୁଷ୍ୟ ଯଜ୍ଞ, ତପସ୍ୟା ଓ ଦାନ ତଥା ନିୟତ କର୍ତ୍ତବ୍ୟକୁ ଆସକ୍ତି ଓ ଫଳେଚ୍ଛା ତ୍ୟାଗପୂର୍ବକ କରିଥାଏ ଏବଂ ଯେ କୁଶଳ ଓ ଅକୁଶଳ କର୍ମରେ ରାଗ-ଦ୍ୱେଷ କରେ ନାହିଁ, ସେ ହିଁ ପ୍ରକୃତରେ ତ୍ୟାଗୀ। ସମସ୍ତ ନିୟତ କର୍ମ କରି ମଧ୍ୟ ତାକୁ ପାପ ଲାଗେ ନାହିଁ ଏବଂ ତାକୁ କଦାପି କର୍ମଫଳ ମିଳେ ନାହିଁ। ତାହାର ସମସ୍ତ ସଂଶୟ ଓ ସନ୍ଦେହ ଦୂର ହୋଇଯାଏ ଏବଂ ସେ ନିଜ ସ୍ୱରୂପରେ ସ୍ଥିତ ହୋଇଯାଏ। ଏହା ହିଁ କର୍ମଯୋଗ।

ଯେଉଁ ମନୁଷ୍ୟ ସାତ୍ତ୍ୱିକ ଜ୍ଞାନ, କର୍ମ, ବୁଦ୍ଧି, ଧୃତି ଓ ସୁଖକୁ ଧାରଣ କରି କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱରୁ ରହିତ ହୋଇଯାଏ, ସେ ଯଦି ସମ୍ପୂର୍ଣ୍ଣ ପ୍ରାଣୀଜଗତକୁ ମାରିଦିଏ, ତଥାପି ତାକୁ ପାପ ଲାଗେ ନାହିଁ। ନିଜ ସ୍ୱରୂପରେ ସ୍ଥିତ ହୋଇଗଲେ ତାକୁ ପରାଭକ୍ତି ପ୍ରାପ୍ତ ହୁଏ ଏବଂ ତଦ୍ୱାରା ସେ ପରମାତ୍ମତତ୍ତ୍ୱକୁ ଯଥାର୍ଥଭାବେ ଜାଣି ସେଥିରେ ପ୍ରବିଷ୍ଟ ହୋଇଯାଏ। ଏହା ହିଁ ଜ୍ଞାନଯୋଗ।

ମନୁଷ୍ୟ ଭଗବାନଙ୍କର ଆଶ୍ରୟ ନେଇ ସମସ୍ତ କର୍ତ୍ତବ୍ୟକର୍ମ ସର୍ବଦା ସୁଚାରୁରୂପେ କରି ମଧ୍ୟ ଭଗବଦ୍‌କୃପାରୁ ଅବିନାଶୀ ପଦ ପ୍ରାପ୍ତ ହୁଏ। ଯେଉଁ ମନୁଷ୍ୟ ଭଗବତ୍‌ପରାୟଣ ହୋଇ ସମସ୍ତ କର୍ମ ଭଗବାନଙ୍କ ନିକଟରେ ଅର୍ପଣ କରିଦିଏ, ସେ ଭଗବଦ୍‌କୃପାରୁ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିଯାଏ। ଯେ ନିଜ ସମେତ ଶରୀର, ମନ ଓ ଇନ୍ଦ୍ରିୟମାନଙ୍କୁ ଭଗବାନଙ୍କ ସହ ସଂଲଗ୍ନ କରିଦିଏ, ସେ ଭଗବାନଙ୍କୁ ପାଇଯାଏ। ଯିଏ ସମସ୍ତ ଧର୍ମର ଆଶ୍ରୟ ତ୍ୟାଗ କରି ଅନନ୍ୟଭାବରେ କେବଳ ଭଗବାନଙ୍କର ଶରଣାପନ୍ନ ହୁଏ, ଭଗବାନ ତାକୁ ସମସ୍ତ ପାପରୁ ମୁକ୍ତ କରି ଦିଅନ୍ତି। ଏହା ହିଁ ଭକ୍ତିଯୋଗ।

୨. ଗୀତାବିଷୟକ ପ୍ରଶ୍ନୋତ୍ତର

ଗୀତାଭ୍ୟାସେନ ଯେ ଜାତାଃ ସାଧକେଷ୍ୱପି ସଂଶୟାଃ ।
ଅତ୍ର ତେଷାଂ ସମାଧାନଂ କ୍ରିୟତେ ହି ସମାସତଃ ॥

ପ୍ରଶ୍ନ—କୌରବସେନାର ତ ଶଙ୍ଖ, ଭେରୀ, ଢୋଲ ଇତ୍ୟାଦି ଅନେକ ବାଜା ବାଜିଲା (୧ । ୧୩), କିନ୍ତୁ ପାଣ୍ଡବସେନାର କେବଳ ଶଙ୍ଖ ବାଜିଲା (୨ । ୧୫—୧୯), ଏପରି କାହିଁକି ହେଲା?

ଉତ୍ତର—ଯୁଦ୍ଧରେ ବିପକ୍ଷର ସୈନ୍ୟବାହିନୀ ଉପରେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କର ହିଁ ପ୍ରଭାବ ପଡ଼ିଥାଏ, ସାଧାରଣ ଲୋକଙ୍କର ପ୍ରଭାବ ପଡ଼େ ନାହିଁ। କୌରବସେନାର ମୁଖ୍ୟ ଭୀଷ୍ମଙ୍କର ଶଙ୍ଖ ବାଜିବା ପରେ ସମସ୍ତ ସୈନିକ ନିଜ ନିଜର (ଅନେକ ପ୍ରକାରର) ବାଜା ବଜାଇଲେ, ଯାହା କି ପାଣ୍ଡବସେନା ଉପରେ କୌଣସି ପ୍ରଭାବ ପକାଇ ପାରିଲା ନାହିଁ। କିନ୍ତୁ ଯେତେବେଳେ ପାଣ୍ଡବସେନାର ମୁଖ୍ୟ ନାୟକମାନେ ନିଜ ନିଜର ଶଙ୍ଖ ବଜାଇଲେ, ସେତେବେଳେ ସେଥିରୁ ଉତ୍ପନ୍ନ ତୁମୁଳ ଧ୍ୱନି କୌରବମାନଙ୍କର ହୃଦୟକୁ ବିଦୀର୍ଣ୍ଣ କରିଦେଲା।

ପ୍ରଶ୍ନ—ଭଗବାନ ତ ଜାଣିଥିଲେ ଯେ ଭୀଷ୍ମ ଦୁର୍ଯ୍ୟୋଧନକୁ ଖୁସି କରିବା ପାଇଁ ହିଁ ଶଙ୍ଖ ବଜାଇଛନ୍ତି (୧ । ୧୨), ଏହା ଯୁଦ୍ଧାରମ୍ଭର ଘୋଷଣା ନୁହେଁ; ତଥାପି ଭଗବାନ ଶଙ୍ଖ ବଜାଇଲେ କାହିଁକି (୧ । ୧୪)?

ଉତ୍ତର—ଭୀଷ୍ମ ଶଙ୍ଖ ବଜାଇବା ମାତ୍ରେ କୌରବ-ସେନାର ସମସ୍ତ ବାଜା ଏକସଙ୍ଗେ ବାଜି ଉଠିଲା, ତେଣୁ ଏ ସମୟରେ ପାଣ୍ଡବସେନାର ବାଜା ନ ବାଜିଥିଲେ ଖରାପ ଲାଗିଥାନ୍ତା, ପାଣ୍ଡବସେନାର ପରାଜୟ ସୂଚିତ ହୋଇଥାନ୍ତା ଏବଂ ବ୍ୟବହାର ଦୃଷ୍ଟିରୁ ମଧ୍ୟ ଠିକ୍ ଲାଗି ନ ଥାଆନ୍ତା। ସେଥିପାଇଁ ଭକ୍ତପକ୍ଷପାତୀ ଭଗବାନ ପାଣ୍ଡବସେନାର ସେନାପତି ଧୃଷ୍ଟଦ୍ୟୁମ୍ନଙ୍କ କଥା ଚିନ୍ତା ନ କରି ସର୍ବପ୍ରଥମେ ଶଙ୍ଖ ବଜାଇଲେ।

ପ୍ରଶ୍ନ—ଅର୍ଜୁନ ପ୍ରଥମ ଅଧ୍ୟାୟରେ ଧର୍ମବିଷୟକ ଅନେକ କଥା କହିଛନ୍ତି। ସେ ଯଦି ଧର୍ମ ସମ୍ବନ୍ଧରେ ଏତେଗୁଡ଼ିଏ କଥା ଜାଣିଥିଲେ, ତେବେ ତାଙ୍କର ମୋହ ଜାତ ହେଲା କାହିଁକି?

ଉତ୍ତର—କୌଟୁମ୍ବିକ ମମତା ବିବେକକୁ ଦବାଇ ଦିଏ, ତାହାର ମୁଖ୍ୟତାକୁ ସ୍ୱୀକାର କରେ ନାହିଁ ଏବଂ ମନୁଷ୍ୟକୁ ମୋହ-ମମତାରେ ଆବିଷ୍ଟ କରିଦିଏ। ଅର୍ଜୁନଙ୍କର ମଧ୍ୟ କୌଟୁମ୍ବିକ ମମତା ଯୋଗୁଁ ମୋହ ହେଲା।

ପ୍ରଶ୍ନ—ଯଦି ଅର୍ଜୁନ ଲୋଭକୁ ପାପର କାରଣ ମାନୁଥିଲେ (୧ । ୩୮, ୪୫), ତେବେ ସେ 'ମନୁଷ୍ୟ ନ ଚାହୁଁଥିଲେ ମଧ୍ୟ ପାପ କରେ କାହିଁକି' (୩ । ୩୬) ଏଭଳି ପ୍ରଶ୍ନ କାହିଁକି କଲେ?

ଉତ୍ତର—କୌଟୁମ୍ବିକ ମୋହ ଯୋଗୁଁ ଅର୍ଜୁନ (ପ୍ରଥମ ଅଧ୍ୟାୟରେ) ଯୁଦ୍ଧରୁ ନିବୃତ୍ତ ରହିବାକୁ ଧର୍ମ ଏବଂ ଯୁଦ୍ଧରେ ପ୍ରବୃତ୍ତ ହେବାକୁ ଅଧର୍ମ ମନେ କରୁଥିଲେ ଅର୍ଥାତ୍ ଶରୀର ଇତ୍ୟାଦି ବିଷୟରେ ତାଙ୍କର ଦୃଷ୍ଟିକୋଣ କେବଳ ଭୌତିକ ଥିଲା। ସେଥିପାଇଁ ଯୁଦ୍ଧରେ ସ୍ୱଜନମାନଙ୍କୁ ମାରିବାର କାରଣ ଲୋଭ ବୋଲି ସେ ଭାବୁଥିଲେ। କିନ୍ତୁ ପରେ ଗୀତାର ଉପଦେଶ ଶୁଣି ଶୁଣି ତାଙ୍କ ମନରେ ଆତ୍ମକଲ୍ୟାଣର ଇଚ୍ଛା ଜାଗ୍ରତ ହେଲା (୩ । ୨), ତେଣୁ ସେ ପଚାରିଲେ ଯେ ମନୁଷ୍ୟ ଅନିଚ୍ଛା ସତ୍ତ୍ୱେ ଅକରଣୀୟ କାର୍ଯ୍ୟରେ ପ୍ରବୃତ୍ତ ହୁଏ କାହିଁକି? ତାତ୍ପର୍ଯ୍ୟ ହେଲା, ପ୍ରଥମ ଅଧ୍ୟାୟରେ ତ ଅର୍ଜୁନ ମୋହାବିଷ୍ଟ ହୋଇ କହିଥିଲେ, କିନ୍ତୁ ତୃତୀୟ ଅଧ୍ୟାୟରେ ସାଧକଭାବରେ ପ୍ରଶ୍ନ କଲେ।

ପ୍ରଶ୍ନ—ଶରୀରୀ (ଜୀବାତ୍ମା) ତ ଅବିନାଶୀ, ଏହାର ବିନାଶ କେହି କରି ପାରିବ ନାହିଁ (୨ । ୧୭), ଏହା ମାରେ ନାହିଁ କି ମରେ ନାହିଁ (୨ । ୧୯), ତେବେ ମନୁଷ୍ୟକୁ ତ ପ୍ରାଣୀହତ୍ୟାର ପାପ ଲାଗିବା କଥା ନୁହେଁ?

ଉତ୍ତର—ଯଦି କେହି ପିଣ୍ଡ ଓ ପ୍ରାଣର ବିୟୋଗ ଘଟାଏ, ତାକୁ ପାପ ଲାଗେ; କାରଣ ପ୍ରତ୍ୟେକ ପ୍ରାଣୀ ପିଣ୍ଡ ଓ ପ୍ରାଣରେ ରହିବାକୁ ଚାହେଁ, ବଞ୍ଚିବାକୁ ଚାହେଁ। ଯଦ୍ୟପି ମହାତ୍ମାମାନେ ବଞ୍ଚିବାକୁ ଚାହାନ୍ତି ନାହିଁ, ତଥାପି ସେମାନଙ୍କୁ ମାରିବାରେ ବହୁତ ବଡ଼ ପାପ ହୁଏ, କାରଣ ସେମାନଙ୍କର ବଞ୍ଚି ରହିବା ସାରା ସଂସାର ଚାହେଁ। ସେମାନଙ୍କର ବଞ୍ଚିବା ଦ୍ୱାରା ପ୍ରତ୍ୟେକ ପ୍ରାଣୀର ପରମ ହିତ ସାଧିତ ହୁଏ, ପ୍ରତ୍ୟେକ ପ୍ରାଣୀକୁ ଚିରଶାନ୍ତି ମିଳିଥାଏ। ଯେଉଁ ବସ୍ତୁଗୁଡ଼ିକ ପ୍ରାଣୀମାନଙ୍କ ନିମିତ୍ତ ଯେତେ ଅଧିକ

ଆବଶ୍ୟକ, ସେଗୁଡ଼ିକୁ ନଷ୍ଟ କରିବାରେ ସେତେ ଅଧିକ ପାପ ଲାଗେ।

ପ୍ରଶ୍ନ—ଆତ୍ମା ନିତ୍ୟ, ସର୍ବତ୍ର ପରିପୂର୍ଣ୍ଣ, ସ୍ଥିର ସ୍ୱଭାବର (୨।୨୪); ତା'ହେଲେ ଏହା ଦ୍ୱାରା ପୁରାତନ ଶରୀରଗୁଡ଼ିକୁ ତ୍ୟାଗ କରି ନୂତନ ନୂତନ ଶରୀରକୁ ଚାଲିଯିବା ସମ୍ଭବ ହୁଏ କିପରି (୨।୨୨)?

ଉତ୍ତର—ଯେତେବେଳେ ଜୀବ ପ୍ରକୃତିର ଅଂଶଭୂତ ଶରୀରକୁ ନିଜର ବୋଲି ସ୍ୱୀକାର କରିନିଏ, ତା' ସହିତ ତାଦାତ୍ମ୍ୟ କରିନିଏ, ସେତେବେଳେ ପ୍ରକୃତିର ଅଂଶଗୁଡ଼ିକର ଯିବା-ଆସିବାକୁ ବା ଜନ୍ମମରଣକୁ ଜୀବ ନିଜର ଯିବା-ଆସିବା ବା ଜନ୍ମମରଣ ମାନିନିଏ। ସେହି ଦୃଷ୍ଟିରୁ ଜୀବ ଅନ୍ୟ ଶରୀରକୁ ଯାଉଛି ବୋଲି କୁହାଯାଉଛି। ପ୍ରକୃତରେ ତତ୍ତ୍ୱଦୃଷ୍ଟିରୁ ଦେଖିଲେ ଏହାର ଯିବା-ଆସିବା ବା ଜନ୍ମମରଣ ଆଦୌ ନାହିଁ।

ପ୍ରଶ୍ନ—ଭଗବାନ କହିଛନ୍ତି ଯେ କ୍ଷତ୍ରିୟ ପାଇଁ ଯୁଦ୍ଧ ବ୍ୟତୀତ କଲ୍ୟାଣର ଅନ୍ୟ କୌଣସି ସାଧନ ନାହିଁ (୨।୩୧), ତେବେ ଯୁଦ୍ଧ କରିବାରେ ହିଁ ଜଣେ କ୍ଷତ୍ରିୟର କଲ୍ୟାଣ ହେବ, ଅନ୍ୟ କୌଣସି ଉପାୟରେ ତା'ର କଲ୍ୟାଣ ହେବ ନାହିଁ?

ଉତ୍ତର—ଏ କଥା ନୁହେଁ। ଯେତେବେଳେ ଯୁଦ୍ଧର ପ୍ରସଙ୍ଗ ଚାଲିଥିଲା ଏବଂ ଅର୍ଜୁନ ଯୁଦ୍ଧକୁ ତ୍ୟାଗ କରି ଭିକ୍ଷା ମାଗିବାକୁ ଶ୍ରେଷ୍ଠ ମନେ କରୁଥିଲେ; ତେଣୁ ଭଗବାନ କହିଲେ ଯେ ଏଭଳି ସ୍ୱତଃପ୍ରାପ୍ତ ଧର୍ମଯୁଦ୍ଧ ଶୂରବୀର କ୍ଷତ୍ରିୟ ପାଇଁ କଲ୍ୟାଣର ଅତି ଉତ୍ତମ ସାଧନ। ଯଦି ଏଭଳି ସୁଯୋଗରେ ଶୂରବୀର କ୍ଷତ୍ରିୟ ଯୁଦ୍ଧ ନ କରେ, ତେବେ ତା'ର ଅପକୀର୍ତ୍ତି ହୁଏ, ସେ ଆଦରଣୀୟ ଓ ପୂଜନୀୟ ଲୋକମାନଙ୍କ ଦୃଷ୍ଟିରେ ହୀନ ଏବଂ ଲଘୁ ଜଣାପଡ଼େ। ଶତ୍ରୁମାନେ ତାକୁ ନ କହିବା କଥା କହନ୍ତି (୨।୩୪—୩୬)। ଅର୍ଥ ହେଲା, ଅର୍ଜୁନଙ୍କ ସମ୍ମୁଖରେ ଯୁଦ୍ଧର ପ୍ରସଙ୍ଗ ଥିଲା, ତେଣୁ ଭଗବାନ ଯୁଦ୍ଧକୁ ଶ୍ରେଷ୍ଠ ସାଧନ ବୋଲି କହିଲେ। ଯୁଦ୍ଧ ବ୍ୟତୀତ ଅନ୍ୟ କୌଣସି ସାଧନ ଦ୍ୱାରା କ୍ଷତ୍ରିୟ ଯେ ଆତ୍ମକଲ୍ୟାଣ କରି ପାରିବ ନାହିଁ, ଏ କଥା ନୁହେଁ। କାରଣ ଆଗରୁ ମଧ୍ୟ ଅନେକ ରାଜା ଚତୁର୍ଥ ଆଶ୍ରମରେ ବଣକୁ ଯାଇ ସାଧନ, ଭଜନ ଇତ୍ୟାଦି ଦ୍ୱାରା ନିଜର କଲ୍ୟାଣସାଧନ କରିଯାଇଛନ୍ତି।

ପ୍ରଶ୍ନ—କର୍ମ ଆରମ୍ଭ ନ କରିବା ଏବଂ ସମସ୍ତ କର୍ମ ତ୍ୟାଗ କରିଦେବା—ଏ ଦୁଇଟି କଥା ତ ଏକାପରି; କାରଣ ଉଭୟରେ କର୍ମସମ୍ପାଦନ ହୁଏ ନାହିଁ। ତେଣୁ ଭଗବାନଙ୍କ ପକ୍ଷେ କହିବା ଉଚିତ ଥିଲା ଯେ 'କର୍ମ ନ କଲେ ସିଦ୍ଧି ପ୍ରାପ୍ତ ହୁଏ ନାହିଁ', କିନ୍ତୁ ଭଗବାନ (୩।୪ ରେ) ଉପରୋକ୍ତ ଦୁଇଟିଯାକ କଥା ଏକସଙ୍ଗରେ କାହିଁକି କହିଲେ?

ଉତ୍ତର—ଭଗବାନ ଏ ଦୁଇଟି କଥା କର୍ମଯୋଗ ଓ ଜ୍ଞାନଯୋଗ ଦୃଷ୍ଟିରୁ ଭିନ୍ନ ଭିନ୍ନ ରୂପରେ କହିଛନ୍ତି। କର୍ମଯୋଗରେ ନିଷ୍କାମଭାବରେ କର୍ମ କରିବା ଦ୍ୱାରା ହିଁ ସମତାର ଅନୁଭବ ହୁଏ; କାରଣ ଯଦି ମନୁଷ୍ୟ କର୍ମ ନ କରେ, ତେବେ ସେ ସିଦ୍ଧି ଓ ଅସିଦ୍ଧିରେ ସମ ରହିଲା କି ନାହିଁ—ଏ କଥା ଜାଣି ହେବ କିପରି? ସେଥିପାଇଁ ଭଗବାନ କହିଛନ୍ତି ଯେ କର୍ମ ଆରମ୍ଭ ନ କଲେ ସିଦ୍ଧିପ୍ରାପ୍ତି ହୁଏ ନାହିଁ। ଜ୍ଞାନଯୋଗରେ କିନ୍ତୁ ବିବେକ ଦ୍ୱାରା ସମତା ପ୍ରାପ୍ତ ହୁଏ, କେବଳ କର୍ମତ୍ୟାଗ ଦ୍ୱାରା ନୁହେଁ। ତେଣୁ ଭଗବାନ କହୁଛନ୍ତି ଯେ କେବଳ କର୍ମ ତ୍ୟାଗ କରିଦେଲେ ସିଦ୍ଧିପ୍ରାପ୍ତି ହୁଏ ନାହିଁ। ନିର୍ଯାସ ହେଲା, କର୍ମଯୋଗ ଓ ଜ୍ଞାନଯୋଗ ଉଭୟ ମାର୍ଗରେ କର୍ମ କରିବା ବାଧକ ନୁହେଁ।

ପ୍ରଶ୍ନ—କେହି ସବୁବେଳେ କର୍ମ କରେ ନାହିଁ ଏବଂ ଶୋଇବା, ଶ୍ୱାସପ୍ରଶ୍ୱାସ ଚାଲିବା, ଆଖି ପିଛୁଳା ପଡ଼ିବା ଇତ୍ୟାଦିକୁ ମଧ୍ୟ ସେ 'ମୁଁ କରୁଛି' ବୋଲି ଭାବେ ନାହିଁ। ତା'ହେଲେ ତୃତୀୟ ଅଧ୍ୟାୟର ପଞ୍ଚମ ଶ୍ଲୋକରେ କିପରି କୁହାଯାଇଛି ଯେ କୌଣସି ମନୁଷ୍ୟ କୌଣସି ଅବସ୍ଥାରେ କ୍ଷଣେମାତ୍ର କର୍ମ ନ କରି ରହିପାରେ ନାହିଁ?

ଉତ୍ତର—ସ୍ୱୟଂ ପ୍ରକୃତି ସହିତ ନିଜର ସମ୍ବନ୍ଧ ସ୍ୱୀକାର କରୁଥିବା ପର୍ଯ୍ୟନ୍ତ ସେ କୌଣସି କ୍ରିୟା କରୁ ବା ନ କରୁ, ତା'ଠାରେ କ୍ରିୟାଶୀଳତା ଅବଶ୍ୟ ରହିଥାଏ। ସେହି କ୍ରିୟା ଦୁଇ ପ୍ରକାରର ହୋଇଥାଏ—କ୍ରିୟା କରିବା ଓ କ୍ରିୟା ହେବା। ଏହି ଦୁଇ ବିଭାଜନ ପ୍ରକୃତିର ସମ୍ବନ୍ଧରୁ ହିଁ ହୁଏ। କିନ୍ତୁ ଯେତେବେଳେ ପ୍ରକୃତିର ସମ୍ବନ୍ଧ ନ ରହେ, ସେତେବେଳେ 'କରିବା' ବା 'ହେବା' ରହେ ନାହିଁ, ବରଂ ସ୍ୱତଃ ବିଦ୍ୟମାନ 'ସତ୍ତା' ହିଁ ରହେ। କରିବାରେ କର୍ତ୍ତା, ହେବାରେ କ୍ରିୟା ଓ 'ସତ୍ତା'ରେ ତତ୍ତ୍ୱ ରହିଥାଏ। ପ୍ରକୃତରେ କର୍ତ୍ତୃତ୍ୱ ଥିଲେ ମଧ୍ୟ 'ସତ୍ତା' ରହିଥାଏ ଏବଂ କ୍ରିୟା ଥିଲେ ମଧ୍ୟ 'ସତ୍ତା' ରହିଥାଏ ଅର୍ଥାତ୍ କର୍ତ୍ତା ଓ କ୍ରିୟାରେ ତ 'ସତ୍ତା'ର ଅଭାବ ନ ଥାଏ, କିନ୍ତୁ 'ସତ୍ତା'ରେ କର୍ତ୍ତା ଓ କ୍ରିୟାର ଅଭାବ ରହିଥାଏ।

ପ୍ରଶ୍ନ—ବର୍ଷା ସହିତ ତ ହବନରୂପୀ ଯଜ୍ଞର ସମ୍ବନ୍ଧ ରହିଥାଏ ଅର୍ଥାତ୍ ବିଧିବିଧାନ ସହିତ ହବନରୂପୀ ଯଜ୍ଞ କଲେ ବର୍ଷା ହୁଏ; ତଥାପି ତୃତୀୟ ଅଧ୍ୟାୟର ୧୪ଶ ଶ୍ଲୋକରେ **'ଯଜ୍ଞାଦ୍ଭବତି ପର୍ଜନ୍ୟଃ'** ପଦରେ 'ଯଜ୍ଞ' ଶବ୍ଦର ଅର୍ଥ ହବନରୂପୀ ଯଜ୍ଞ ବୋଲି ଗ୍ରହଣ କରା ନ ଯାଇ କର୍ତ୍ତବ୍ୟକର୍ମରୂପୀ ଯଜ୍ଞ ବୋଲି କାହିଁକି ଗ୍ରହଣ କରାଗଲା?

ଉତ୍ତର—ପ୍ରକୃତରେ ଦେଖିଲେ କର୍ତ୍ତବ୍ୟଚ୍ୟୁତ ହେଲେ କିମ୍ବା ଅକର୍ତ୍ତବ୍ୟ କଲେ ହିଁ ବର୍ଷା ନ ହୋଇ ମରୁଡ଼ି ହୁଏ। କର୍ତ୍ତବ୍ୟକର୍ମ କରୁଥିଲେ ସୃଷ୍ଟିଚକ୍ର ସୁଚାରୁରୂପେ ପରିଚାଳିତ ହୁଏ ଏବଂ କର୍ତ୍ତବ୍ୟକର୍ମ ନ କଲେ ସୃଷ୍ଟିଚକ୍ର ପରିଚାଳିତ ହେବାରେ ବାଧା ସୃଷ୍ଟି ହୁଏ। ଯେପରି ଶଗଡ଼ର ଚକଗୁଡ଼ିକ ଠିକ୍ ଥିଲେ ଗାଡ଼ି ଠିକ୍ ଚାଲିଥାଏ, କିନ୍ତୁ ଯଦି ଗୋଟିଏ ଚକର କୌଣସି ଛୋଟ ଅଂଶ ଭାଙ୍ଗିଯାଏ, ତା'ହେଲେ ପୂରା ଗାଡ଼ିକୁ ଆଘାତ ଲାଗେ, ସେହିପରି କେହି ଜଣେ କର୍ତ୍ତବ୍ୟଚ୍ୟୁତ ହେଲେ ମଧ୍ୟ ସମଗ୍ର ସୃଷ୍ଟିଚକ୍ରକୁ ଆଘାତ ଲାଗେ। ବର୍ତ୍ତମାନ ଯୁଗରେ ମନୁଷ୍ୟମାନେ ନିଜ ନିଜର କର୍ତ୍ତବ୍ୟ ପାଳନ କରୁ ନାହାନ୍ତି, ବରଂ ଅକର୍ତ୍ତବ୍ୟ କରୁଛନ୍ତି, ସେଥିପାଇଁ ଦୁର୍ଭିକ୍ଷ ପଡୁଛି, କଳହ ଓ ଅଶାନ୍ତି ବଢୁଛି। ଯଦି ମନୁଷ୍ୟମାନେ ନିଜ ନିଜର କର୍ତ୍ତବ୍ୟକର୍ମ କରନ୍ତି, ତେବେ ଦେବତାମାନେ ମଧ୍ୟ ନିଜ ନିଜର କର୍ତ୍ତବ୍ୟକର୍ମ କରିବେ ଏବଂ ବର୍ଷା ମଧ୍ୟ ହେବ।

ଦ୍ୱିତୀୟତଃ, ଅର୍ଜୁନଙ୍କର ପ୍ରଶ୍ନ (୩।୧-୨), ଭଗବାନଙ୍କର ଉତ୍ତର (୩।୭—୯) ଏବଂ ପ୍ରକରଣକୁ ଦେଖିଲେ ଜଣାପଡୁଛି ଯେ କର୍ତ୍ତବ୍ୟକର୍ମର ହିଁ ପ୍ରସଙ୍ଗ ଚାଲିଛି ଏବଂ ପରବର୍ତ୍ତୀ ଶ୍ଲୋକଗୁଡ଼ିକ (୩।୧୪—୧୬)ରେ ମଧ୍ୟ କର୍ତ୍ତବ୍ୟକର୍ମ ବିଷୟରେ କୁହାଯାଇଛି। ସୁତରାଂ ଏଠାରେ କର୍ତ୍ତବ୍ୟକର୍ମରୂପକ ଯଜ୍ଞ ବୋଲି ଗ୍ରହଣ କରିବା ଠିକ୍ ମନେହେଉଛି।

ପ୍ରଶ୍ନ—ପରମାତ୍ମା ତ ସର୍ବବ୍ୟାପୀ, ତେବେ ତାଙ୍କୁ (୩।୧୫ରେ) କେବଳ ଯଜ୍ଞରେ ହିଁ ନିତ୍ୟ ପ୍ରତିଷ୍ଠିତ ବୋଲି କାହିଁକି କୁହାଯାଇଛି? ସେ କଣ ଅନ୍ୟ କୌଣସି ସ୍ଥାନରେ ନିତ୍ୟ ପ୍ରତିଷ୍ଠିତ ନୁହନ୍ତି?

ଉତ୍ତର—ସର୍ବବ୍ୟାପୀ ଭଗବାନଙ୍କୁ ଯଜ୍ଞ ଅର୍ଥାତ୍ କର୍ତ୍ତବ୍ୟକର୍ମରେ ନିତ୍ୟ ପ୍ରତିଷ୍ଠିତ କହିବାର ଉଦ୍ଦେଶ୍ୟ ହେଲା, ଯଜ୍ଞ ତାଙ୍କୁ ଉପଲବ୍ଧି କରିବାର ସ୍ଥାନ। ମାଟିତଳେ ସବୁଆଡ଼େ ପାଣି ଥିଲେ ସୁଦ୍ଧା ଯେପରି ତାହା କୂଅରୁ ମିଳିଥାଏ, ସେହିପରି ପରମାତ୍ମା ସର୍ବତ୍ର ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ନିଜର କର୍ତ୍ତବ୍ୟକର୍ମକୁ ନିଷ୍କାମଭାବରେ ପାଳନ କଲେ ହିଁ ସେ ପ୍ରାପ୍ତ ହୁଅନ୍ତି। ତାତ୍ପର୍ଯ୍ୟ ହେଲା, ନିଜର କର୍ତ୍ତବ୍ୟକର୍ମ ପାଳନ କରିବା ଦ୍ୱାରା ସର୍ବବ୍ୟାପୀ ପରମାତ୍ମାଙ୍କୁ ଅନୁଭବ କରିହୁଏ।

ପ୍ରଶ୍ନ—ଭଗବାନ କହୁଛନ୍ତି, "ମୁଁ କର୍ତ୍ତବ୍ୟ ପାଳନ କରୁଛି; କାରଣ ଯଦି ମୁଁ ସାବଧାନ ହୋଇ କର୍ତ୍ତବ୍ୟ ପାଳନ ନ କରେ, ତେବେ ଲୋକେ ମଧ୍ୟ କର୍ତ୍ତବ୍ୟଚ୍ୟୁତ ହୋଇଯିବେ" (୩।୨୨—୨୪), ତା'ହେଲେ ଆଜିକାଲି ଲୋକେ କର୍ତ୍ତବ୍ୟଚ୍ୟୁତ ହେଉଛନ୍ତି କାହିଁକି?

ଉତ୍ତର—ଯେଉଁମାନେ ଆସ୍ତିକ ତଥା ଭଗବାନଙ୍କ ଉପରେ ଶ୍ରଦ୍ଧା ଓ ବିଶ୍ୱାସ ରଖନ୍ତି, ସେହି ଲୋକମାନଙ୍କ ଉପରେ ହିଁ ଭଗବାନଙ୍କର ବାଣୀ ଓ ଆଚରଣର ପ୍ରଭାବ ପଡ଼ିଥାଏ। ଯେଉଁମାନେ ଭଗବାନଙ୍କ ଉପରେ ଶ୍ରଦ୍ଧା-ବିଶ୍ୱାସ ରଖନ୍ତି ନାହିଁ, ସେମାନଙ୍କ ଉପରେ ଭଗବାନଙ୍କ ବଚନ ଓ ଆଚରଣର ପ୍ରଭାବ ପଡ଼େ ନାହିଁ।

ପ୍ରଶ୍ନ—ଜ୍ଞାନବାନ୍ ମନୁଷ୍ୟ ନିଜର ପ୍ରକୃତି (ସ୍ୱଭାବ) ଅନୁସାରେ ଚେଷ୍ଟା କରୁଥିଲେ ମଧ୍ୟ ସେ ବାନ୍ଧି ହୁଏ ନାହିଁ (୩।୩୩)। କିନ୍ତୁ ଅନ୍ୟ ପ୍ରାଣୀ ନିଜର ପ୍ରକୃତି ଅନୁସାରେ କର୍ମ କରି ବାନ୍ଧି ହୋଇଯାଆନ୍ତି। ଏପରି କାହିଁକି ହୁଏ?

ଉତ୍ତର—ଜ୍ଞାନୀ ମହାପୁରୁଷଙ୍କର ପ୍ରକୃତି ରାଗ-ଦ୍ୱେଷବର୍ଜିତ ଓ ଶୁଦ୍ଧ ହୋଇଥାଏ ଏବଂ ସେ ପ୍ରକୃତିକୁ ନିଜର ଅଧୀନ କରି ସମସ୍ତ ଚେଷ୍ଟା କରିଥାଆନ୍ତି, ତେଣୁ ସେ କର୍ମରେ ବାନ୍ଧି ହୁଅନ୍ତି ନାହିଁ। କିନ୍ତୁ ଅନ୍ୟ ପ୍ରାଣୀମାନଙ୍କର ପ୍ରକୃତିରେ ରାଗ-ଦ୍ୱେଷ ରହିଥାଏ ଏବଂ ସେମାନେ ପ୍ରକୃତିର ଅଧୀନ ହୋଇ ରାଗ-ଦ୍ୱେଷପୂର୍ବକ କର୍ମ କରନ୍ତି, ତେଣୁ ସେମାନେ କର୍ମରେ ବାନ୍ଧି ହୋଇଯାଆନ୍ତି। ଅତଏବ ମନୁଷ୍ୟ ନିଜର ପ୍ରକୃତି ଓ ସ୍ୱଭାବକୁ ଶୁଦ୍ଧ ଓ ନିର୍ମଳ କରିବା ଉଚିତ ଏବଂ ଅଶୁଦ୍ଧ ସ୍ୱଭାବର ବଶବର୍ତ୍ତୀ ହୋଇ କୌଣସି କର୍ମ କରିବା ଉଚିତ ନୁହେଁ।

ପ୍ରଶ୍ନ—ଚତୁର୍ଥ ଅଧ୍ୟାୟର ୭ମ ଶ୍ଲୋକରେ ଭଗବାନ କହିଲେ, "ମୁଁ ନିଜେ ନିଜକୁ ସାକାର ରୂପରେ ପ୍ରକଟିତ କରେ" ଏବଂ ପୁଣି ସେ ନବମ ଅଧ୍ୟାୟର ୪ର୍ଥ ଶ୍ଲୋକରେ କହିଲେ, "ମୁଁ ଅବ୍ୟକ୍ତରୂପରେ ସମଗ୍ର ସଂସାରରେ ପରିବ୍ୟାପ୍ତ"। ତା'ହେଲେ ଯିଏ ଏକ ସ୍ଥାନରେ ପ୍ରକଟିତ ହୁଅନ୍ତି, ସେ ସବୁ ସ୍ଥାନରେ ବ୍ୟାପ୍ତ ହୋଇ

ରହିବେ କିପରି ଏବଂ ଯିଏ ସର୍ବବ୍ୟାପକ, ସେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରକଟିତ ହୁଅନ୍ତି କିପରି?

ଉତ୍ତର—ଯଦି ପ୍ରାକୃତ ଅଗ୍ନି ବି ସର୍ବତ୍ର ବ୍ୟାପ୍ତ ରହି ମଧ୍ୟ ଏକ ସ୍ଥାନରେ ପ୍ରକଟ ହୋଇପାରେ ଏବଂ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରକଟ ହୋଇଥିଲେ ମଧ୍ୟ ଅଗ୍ନିର ଅନ୍ୟ ସ୍ଥାନରେ ଅଭାବ ହୁଏ ନାହିଁ, ତେବେ ଭଗବାନ ଯେ କି ପ୍ରକୃତିର ଊର୍ଦ୍ଧ୍ୱରେ ଏବଂ ଅଲୌକିକ, ସବୁକିଛି କରିବାରେ ସମର୍ଥ, ସେ ଯଦି ସର୍ବତ୍ର ବ୍ୟାପ୍ତ ରହି ମଧ୍ୟ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରକଟ ହୁଅନ୍ତି, ତେବେ ଏଥିରେ ବିସ୍ମୟ କ'ଣ? ତାତ୍ପର୍ଯ୍ୟ ହେଲା, ଭଗବାନ ଅବତାର ଗ୍ରହଣ କଲେ ମଧ୍ୟ ତାଙ୍କର ସର୍ବବ୍ୟାପକତା ଯଥାବତ୍ ରହିଥାଏ।

ପ୍ରଶ୍ନ—'ମନୁଷ୍ୟଲୋକରେ କର୍ମଜନିତ ସିଦ୍ଧି ଶୀଘ୍ର ମିଳିଥାଏ' (୪।୧୨)। କିନ୍ତୁ ଏହା ପରିଲକ୍ଷିତ ହେଉ ନାହିଁ କାହିଁକି?

ଉତ୍ତର—କର୍ମଜନିତ ସିଦ୍ଧି ଓ କର୍ମଗୁଡ଼ିକର ଫଳ ଦୁଇ ପ୍ରକାରର—ତାତ୍କାଳିକ ଓ କାଳାନ୍ତରିକ। ତାତ୍କାଳିକ ଫଳ ଶୀଘ୍ର ମିଳିଥାଏ, ଅଥଚ କାଳାନ୍ତରିକ ଫଳ ସମୟ ଆସିଲେ ହିଁ ମିଳେ, ଶୀଘ୍ର ମିଳି ନ ଥାଏ। ଭୋଜନ କଲାମାତ୍ରେ ଭୋକ ମେଣ୍ଟିଯାଏ, ପାଣି ପିଇଲାମାତ୍ରେ ଶୋଷ ମେଣ୍ଟିଯାଏ, ଶୀତପୋଷାକ ପିନ୍ଧିଲେ ଶୀତ ଛାଡ଼ିଯାଏ—ଏସବୁ ତାତ୍କାଳିକ ଫଳ। ଆହୁରି ମଧ୍ୟ କାହାରିକୁ ପ୍ରସନ୍ନ କରିବା ପାଇଁ ତା'ର ସ୍ତୁତିପ୍ରାର୍ଥନା କଲେ, ସେବା ଶୁଶ୍ରୂଷା କଲେ ସେ ଖୁସି ହୋଇଯାଏ, ଗ୍ରହମାନଙ୍କୁ ସୁଗୁରୁରୂପେ ବିଧିପୂର୍ବକ ପୂଜା କଲେ ଗ୍ରହମାନେ ଶାନ୍ତ ହୋଇଯାଆନ୍ତି, ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କଲେ ରୋଗ ଦୂର ହୁଏ, ଗୟାରେ ବିଧିପୂର୍ବକ ଶ୍ରାଦ୍ଧ କଲେ ଜୀବ ପ୍ରେତଯୋନିରୁ ମୁକ୍ତ ହୁଏ ଏବଂ ତା'ର ସଦ୍‌ଗତି ହୁଏ—ଏସବୁ ହେଲା କର୍ମଗୁଡ଼ିକର ତାତ୍କାଳିକ ଫଳ। ଏହି ତାତ୍କାଳିକ ଫଳକୁ ଲକ୍ଷ୍ୟରେ ରଖି ହିଁ ଲୋକମାନେ ଦେବତାମାନଙ୍କର ଉପାସନା କରନ୍ତି। ସେଥିପାଇଁ 'ମନୁଷ୍ୟଲୋକରେ କର୍ମଜନିତ ସିଦ୍ଧି ଶୀଘ୍ର ମିଳିଥାଏ' ବୋଲି କୁହାଯାଇଛି।

ପ୍ରଶ୍ନ—ଜ୍ଞାନୀଜନ ବ୍ରାହ୍ମଣ, ଚଣ୍ଡାଳ, ଗାଈ, ହାତୀ, କୁକୁର ଆଦିଙ୍କ ପ୍ରତି ସମଦର୍ଶୀ ହୋଇଥାନ୍ତି (୫।୧୮), ତେବେ ବର୍ଣ୍ଣ, ଆଶ୍ରମ ଇତ୍ୟାଦିର ଏତେ ଝାମେଲା ରଖାଯାଇଛି କାହିଁକି?

ଉତ୍ତର—ଜ୍ଞାନୀ ମହାପୁରୁଷଙ୍କର ବ୍ୟବହାର ବ୍ରାହ୍ମଣ, ଚଣ୍ଡାଳ, ଗାଈ, ହାତୀ ପ୍ରଭୃତିଙ୍କର ଶରୀର ଅନୁସାରେ ଯଥାଯୋଗ୍ୟ ହୋଇଥାଏ। ଶରୀର ନିତ୍ୟ-ନିରନ୍ତର ବଦଳୁଥାଏ, ତେଣୁ ଏଭଳି ପରିବର୍ତ୍ତନଶୀଳ ଶରୀର ପ୍ରତି ସେମାନଙ୍କର ବୈଷମ୍ୟ ରହେ ଏବଂ ରହିବା ଉଚିତ ମଧ୍ୟ। କାରଣ ସମସ୍ତ ପ୍ରାଣୀଙ୍କ ସହିତ କେହି ଖାଇବା, ପିଇବା ଇତ୍ୟାଦି ବ୍ୟବହାରରେ ଏକତା ଓ ସମାନତା ଆଦୌ କରି ପାରିବ ନାହିଁ ଅର୍ଥାତ୍ ସମସ୍ତଙ୍କ ସହିତ ବ୍ୟବହାରରେ ବିଷମତା ରହିବା ସ୍ୱାଭାବିକ। ଏପରି ବୈଷମ୍ୟ ରହୁଥିଲେ ମଧ୍ୟ ତତ୍ତ୍ୱଦର୍ଶୀ ମହାପୁରୁଷ ସମସ୍ତଙ୍କ ଠାରେ ଏକମାତ୍ର ପରମାତ୍ମାଙ୍କୁ ହିଁ ସମାନଭାବରେ ଦେଖିଥାଆନ୍ତି। ତେଣୁ ଭଗବାନ ତତ୍ତ୍ୱଜ୍ଞ ମହାପୁରୁଷମାନଙ୍କୁ **'ସମଦର୍ଶିନଃ'** କହିଛନ୍ତି, କିନ୍ତୁ **'ସମବର୍ତ୍ତିନଃ'** କହି ନାହାନ୍ତି। ସମବର୍ତ୍ତୀ (ସମ ବ୍ୟବହାରକାରୀ) ତ ଯମରାଜଙ୍କର ବା ମୃତ୍ୟୁର ଅନ୍ୟ ନାମ*। ମୃତ୍ୟୁ ସମସ୍ତଙ୍କୁ ସମାନଭାବରେ ସଂହାର କରେ।

ପ୍ରଶ୍ନ—ଭଗବାନ ତ ପ୍ରତ୍ୟେକ ପ୍ରାଣୀଙ୍କର ସୁହୃଦ୍ (୫।୨୯) ଓ ଅକାରଣେ ସମସ୍ତଙ୍କର ମଙ୍ଗଳକାମୀ, ତେବେ ସେ ପ୍ରାଣୀମାନଙ୍କୁ ଉଚ୍ଚ-ନୀଚ ଗତି ପ୍ରଦାନ କରନ୍ତି କାହିଁକି?

ଉତ୍ତର—ସମସ୍ତଙ୍କର ସୁହୃଦ୍ ହୋଇଥିବାରୁ ହିଁ ଭଗବାନ ପ୍ରାଣୀମାନଙ୍କୁ ସେମାନଙ୍କର କର୍ମ ଅନୁସାରେ ଉଚ୍ଚ-ନୀଚ ଗତି ପ୍ରଦାନ କରି ସେମାନଙ୍କୁ ପାପ ଓ ପୁଣ୍ୟରୁ ମୁକ୍ତ କରି ଶୁଦ୍ଧ କରନ୍ତି, ପାପପୁଣ୍ୟରୂପକ ବନ୍ଧନରୁ ଊର୍ଦ୍ଧ୍ୱକୁ ଉଠାନ୍ତି (୯।୨୦-୨୧; ୧୬।୧୯-୨୦)।

ପ୍ରଶ୍ନ—ଗୀତାରେ କେଉଁଠି ସାତ୍ତ୍ୱିକ, ରାଜସ ଓ ତାମସ ଗୁଣଗୁଡ଼ିକୁ ଭଗବାନଙ୍କ ଠାରୁ ଉତ୍ପନ୍ନ ବୋଲି କୁହାଯାଇଛି (୭।୧୨) ତ ଅନ୍ୟ କେଉଁଠି ପ୍ରକୃତିଠାରୁ ଉତ୍ପନ୍ନ ବୋଲି କୁହାଯାଇଛି (୧୩।୧୯; ୧୪।୫) ଏବଂ ଆଉ କେଉଁଠି ସ୍ୱଭାବରୁ ଉତ୍ପନ୍ନ ବୋଲି କୁହାଯାଇଛି ୧୮।୪୧), ତା'ହେଲେ ଗୁଣଗୁଡ଼ିକ ଭଗବାନଙ୍କ ଠାରୁ ଉତ୍ପନ୍ନ ହୁଅନ୍ତି କି ପ୍ରକୃତିରୁ ଅଥବା ସ୍ୱଭାବରୁ ଉତ୍ପନ୍ନ ହୁଅନ୍ତି?

ଉତ୍ତର—ଭକ୍ତି ପ୍ରକରଣରେ ଗୁଣଗୁଡ଼ିକୁ ଭଗବାନଙ୍କ ଠାରୁ ଉତ୍ପନ୍ନ ବୋଲି କୁହାଯାଇଛି, ଜ୍ଞାନ ପ୍ରକରଣରେ ଗୁଣଗୁଡ଼ିକୁ ପ୍ରକୃତିରୁ ଉତ୍ପନ୍ନ ବୋଲି କୁହାଯାଇଛି ଏବଂ କର୍ମ-ବିଭାଗର ବର୍ଣ୍ଣନାରେ ଗୁଣଗୁଡ଼ିକୁ

* 'ସମବର୍ତ୍ତୀ ପରେତରାଟ୍ (ଅମରକୋଶ ୧।୧।୫୮)

ସ୍ୱଭାବରୁ ଉତ୍ପନ୍ନ ବୋଲି କୁହାଯାଇଛି।

ଭଗବାନ ସମସ୍ତଙ୍କର ମାଲିକ। ଅତଏବ ମାଲିକ ଦୃଷ୍ଟିରୁ ଦେଖିଲେ ଗୁଣଗୁଡ଼ିକ ଭଗବାନଙ୍କ ଠାରୁ ଉତ୍ପନ୍ନ। ସମସ୍ତଙ୍କର ଉତ୍ପତ୍ତିର କାରଣ ହେଉଛି ପ୍ରକୃତି। ଅତଏବ କାରଣ ଦୃଷ୍ଟିରୁ ଦେଖିଲେ ଗୁଣଗୁଡ଼ିକ ପ୍ରକୃତିରୁ ଉତ୍ପନ୍ନ ହୁଅନ୍ତି। ବ୍ୟବହାରିକ ଦୃଷ୍ଟିରୁ ଦେଖିଲେ ଗୁଣଗୁଡ଼ିକ ପ୍ରାଣୀମାନଙ୍କର ସ୍ୱଭାବରୁ ଉତ୍ପନ୍ନ ହୁଅନ୍ତି। ନିର୍ଯାସ ହେଲା, ଏହି ଗୁଣଗୁଡ଼ିକ ମାଲିକ ଦୃଷ୍ଟିରୁ ଭଗବାନଙ୍କର, କାରଣ ଦୃଷ୍ଟିରୁ ପ୍ରକୃତିର ଏବଂ ସଂସାରରେ ଅଭିବ୍ୟକ୍ତି ଦୃଷ୍ଟିରୁ ବ୍ୟକ୍ତିମାନଙ୍କର। ସୁତରାଂ ତିନୋଟିଯାକ କଥା ଠିକ୍।

ପ୍ରଶ୍ନ—ଯେ ଅନେକ ଜନ୍ମ ଦ୍ୱାରା ସିଦ୍ଧ ହୋଇଛି, ଅନେକ ଜନ୍ମରୁ ସାଧନା କରି ଆସିଛି, ସେ ହିଁ ପରମଗତିକୁ ପ୍ରାପ୍ତ ହୁଏ (୬।୪୫), ତେବେ ସମସ୍ତେ ଅନେକ ଜନ୍ମସଂସିଦ୍ଧ ନ ହୋଇ ଏହି ଜନ୍ମରେ ହିଁ ନିଜର ଉଦ୍ଧାର କରି ପାରିବେ କିପରି?

ଉତ୍ତର—ଏହି ଶ୍ଳୋକଟି ଯୋଗଭ୍ରଷ୍ଟ ପ୍ରକରଣରେ କୁହାଯାଇଛି। ପ୍ରଥମେ ମନୁଷ୍ୟଜନ୍ମରେ ସଂସାରରୁ ଉପରତ ହୋଇ ସାଧନା କରିବାରୁ ଶୁଦ୍ଧତା ଆସିଲା, ତା'ପରେ ଶେଷସମୟରେ ସାଧନାରୁ ବିଚଳିତ ହେବାରୁ ସେ ସ୍ୱର୍ଗାଦି ଲୋକକୁ ଗଲା, ସେଠାରେ ଭୋଗରୁ ଅରୁଚି ହେବାରୁ ଶୁଦ୍ଧ ହେଲା ଏବଂ ତା'ପରେ ଶୁଦ୍ଧ ଶ୍ରୀମାନଙ୍କ ଗୃହରେ ଜନ୍ମ ଲାଭ କରି ପରମାତ୍ମପ୍ରାପ୍ତି ନିମିତ୍ତ ଯତ୍ନ କରିବାରୁ ଶୁଦ୍ଧ ହେଲା। ଏହିପରି ତା'ର ତିନି ଜନ୍ମରେ ଶୁଦ୍ଧ ହେବାର ଅର୍ଥ ଅନେକଜନ୍ମସଂସିଦ୍ଧ ହେବା। କିନ୍ତୁ ପ୍ରକୃତରେ ଦେଖିଲେ ମନୁଷ୍ୟମାତ୍ରେ ଅନେକଜନ୍ମସଂସିଦ୍ଧ ଅଟେ। ଯଦି ସେ ଏହି ମନୁଷ୍ୟଜନ୍ମ ପୂର୍ବରୁ ସ୍ୱର୍ଗାଦି ଲୋକକୁ ଯାଇଥାଏ, ତେବେ ସେଠାରେ ସ୍ୱର୍ଗପ୍ରାପକ ପୁଣ୍ୟର ଫଳ ଭୋଗ କରି ଶୁଦ୍ଧ ହୋଇଛି। ଯଦି ସେ ନରକକୁ ଯାଇଥାଏ, ତେବେ ନରକପ୍ରାପକ ପାପର ଫଳ ଭୋଗ କରି ଶୁଦ୍ଧ ହୋଇଛି। ଯଦି ସେ ଚଉରାଶୀ ଲକ୍ଷ ଯୋନିରେ ଭ୍ରମଣ କରିଥାଏ, ତେବେ ସେଠାରେ ସେହି ଯୋନିମାନଙ୍କର ପ୍ରାପକ ପାପର ଫଳ ଭୋଗ କରି ଶୁଦ୍ଧ ହୋଇଛି। ଏହିପରି ଭାବରେ ଶୁଦ୍ଧ ହେବା ହିଁ ମନୁଷ୍ୟର ଅନେକଜନ୍ମସଂସିଦ୍ଧ ହେବା। ଅତଏବ ପ୍ରତ୍ୟେକ ମନୁଷ୍ୟ ନିଜର ଉଦ୍ଧାର ଓ କଲ୍ୟାଣ କରିପାରେ। ପ୍ରତ୍ୟେକ ମନୁଷ୍ୟ ଭଗବତ୍‌ପ୍ରାପ୍ତିର ଅଧିକାରୀ। ଯଦି ସେ ଅଧିକାରୀ ହୋଇ ନ ଥାଆନ୍ତା, ତେବେ ଭଗବାନ ତାକୁ ମନୁଷ୍ୟଶରୀର ଦେଇଥାଆନ୍ତେ ବା କାହିଁକି?

ପ୍ରଶ୍ନ—ଅନେକ ଜନ୍ମ ଶେଷରେ 'ସବୁ କିଛି ବାସୁଦେବ'—ଏଭଳି ଜ୍ଞାନ ହୁଏ (୭।୧୯), ତେବେ ଏହି ଜନ୍ମରେ ମନୁଷ୍ୟ ଭଗବତ୍‌ପ୍ରାପ୍ତି କରି ପାରିବ କିପରି?

ଉତ୍ତର—ଏହି ଶ୍ଳୋକରେ ବ୍ୟବହୃତ **'ବହୂନାଂ ଜନ୍ମନାମନ୍ତେ'** ପଦର ଅର୍ଥ 'ଅନେକ ଜନ୍ମ ଶେଷରେ' ନୁହେଁ, ବରଂ ଏହାର ଅର୍ଥ ହେଲା 'ବହୁତ ଜନ୍ମର ଅନ୍ତିମ ଜନ୍ମ ଏହି ମନୁଷ୍ୟଶରୀରରେ'। କାରଣ ଏହି ମନୁଷ୍ୟଜନ୍ମ ସମସ୍ତ ଜନ୍ମର ଅନ୍ତିମ ଜନ୍ମ। ଭଗବାନ ମନୁଷ୍ୟର କଲ୍ୟାଣ ପାଇଁ ତାକୁ ନିଜଆଡ଼ୁ ଶେଷ ଜନ୍ମ ଦେଇଛନ୍ତି ଅର୍ଥାତ୍ ମନୁଷ୍ୟକୁ ତା'ର କଲ୍ୟାଣ କରିବା ପାଇଁ ପୂର୍ଣ୍ଣ ଅଧିକାର ଦେଇଛନ୍ତି। ଏଣିକି ସେ ପରବର୍ତ୍ତୀ ଜନ୍ମ ପାଇଁ ପ୍ରସ୍ତୁତି କରୁ ବା ଏହି ଜନ୍ମରେ ନିଜର ଉଦ୍ଧାର କରୁ—ଏଥିରେ ସେ ପୂର୍ଣ୍ଣ ସ୍ୱତନ୍ତ୍ର।

ଗୀତାରେ ଭଗବାନ କହିଛନ୍ତି, "ମନୁଷ୍ୟ ଅନ୍ତକାଳରେ ଯେଉଁ ଯେଉଁ ଭାବର ସ୍ମରଣ କରିଥାଏ, ଶରୀର ଛାଡ଼ି ଯିବାପରେ ସେ ସେହି ସେହି ଭାବକୁ ହିଁ ପ୍ରାପ୍ତ ହୁଏ" (୮।୬), "ମନୁଷ୍ୟମାନେ ନିଜର ଯେଉଁ ଯେଉଁ ଉପାସ୍ୟ ଦେବତାମାନଙ୍କର ଉପାସନା କରିବାକୁ ଚାହାନ୍ତି, ସେହି ସେହି ଦେବତାଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧାକୁ ମୁଁ ଦୃଢ଼ କରିଥାଏ" (୭।୨୧)—ଏହି ଭଗବଦ୍ ବଚନରୁ ମନୁଷ୍ୟର ସ୍ୱାତନ୍ତ୍ର୍ୟ ପ୍ରମାଣିତ ହେଉଛି। ମନୁଷ୍ୟ ସକାମଭାବରେ ଶୁଭକର୍ମ କରି ସ୍ୱର୍ଗାଦି ଲୋକକୁ ଯାଇପାରେ; ପାପକର୍ମ କରି ପଶୁ, ପକ୍ଷୀ, ଭୂତ, ପିଶାଚ ଆଦି ଯୋନିକୁ କିମ୍ବା ନରକକୁ ଯାଇପାରେ; ଏବଂ ପାପପୁଣ୍ୟରୁ ମୁକ୍ତ ହୋଇ ଭଗବାନଙ୍କୁ ମଧ୍ୟ ପ୍ରାପ୍ତ କରିପାରେ। ଏହି ଅନ୍ତିମ ମନୁଷ୍ୟଜନ୍ମରେ ସେ ଯାହା ଚାହେଁ ତାହା କରିପାରେ।

ଯେପରି ଏହି ମନୁଷ୍ୟଜନ୍ମ ସମସ୍ତ ଜନ୍ମର ଅନ୍ତିମ ଜନ୍ମ, ସେହିପରି ଏହା ସମସ୍ତ ଜନ୍ମର ଆଦି ଜନ୍ମ ମଧ୍ୟ। କାରଣ ଏହି ମନୁଷ୍ୟଜନ୍ମରେ କରିଥିବା କର୍ମମାନଙ୍କର ଫଳ ହିଁ ତାକୁ ସ୍ୱର୍ଗ, ନରକ ଓ ଚଉରାଶୀ ଲକ୍ଷ ଯୋନିରେ ଭୋଗିବାକୁ ପଡ଼େ। ଏହି ମନୁଷ୍ୟଜନ୍ମରେ ସମସ୍ତ ଜନ୍ମ ପାଇଁ ବୀଜ ବପନ କରାଯାଏ।

ପ୍ରଶ୍ନ—ଭଗବାନ ଭୂତ, ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ପ୍ରାଣୀଙ୍କୁ ଜାଣନ୍ତି (୭।୨୬); ତେଣୁ କେଉଁ ପ୍ରାଣୀ କେଉଁ ଗତିରେ ଯିବ, ତାହା ମଧ୍ୟ ଭଗବାନ ଜାଣନ୍ତି ଅର୍ଥାତ୍ ଭଗବାନ ଯାହାର ଯେଉଁ ଗତି ହେବ

ବୋଲି ଜାଣନ୍ତି, ତା'ର ସେହି ଗତି ହିଁ ହେବ । ତେବେ ମନୁଷ୍ୟର ନିଜକୁ ଉଦ୍ଧାର କରିବାର ସ୍ୱାଧୀନତା କେଉଁଠି ରହିଲା?

ଉତ୍ତର—ଭଗବାନ ଭୂତ, ବର୍ତ୍ତମାନ ଓ ଭବିଷ୍ୟତର ପ୍ରାଣୀମାନଙ୍କୁ ଜାଣନ୍ତି ବୋଲି କହିବାର ଅର୍ଥ ନୁହେଁ ଯେ ସେ ପ୍ରାଣୀମାନଙ୍କର ଗତି ନିର୍ଦ୍ଧାରଣ କରନ୍ତି ଯେ ଅମୁକ ପ୍ରାଣୀ ଅମୁକ ଗତିରେ ଯିବ । ଭଗବାନ ତାଙ୍କର ଅଂଶସ୍ୱରୂପ ସମସ୍ତ ପ୍ରାଣୀଙ୍କୁ ସ୍ୱତଃ ଜାଣନ୍ତି ଏବଂ ସମସ୍ତ ପ୍ରାଣୀ ସ୍ୱତଃ ଭଗବାନଙ୍କର ଜ୍ଞାତସାରରେ ଅଛନ୍ତି—ଏହା ହେଉଛି ଉପର୍ଯ୍ୟୁକ୍ତ କଥନର ତାତ୍ପର୍ଯ୍ୟ । ଯଦି ଭଗବାନଙ୍କର ଜାଣିବା ପ୍ରାଣୀମାନଙ୍କର ଗତିକୁ ନିର୍ଦ୍ଧାରିତ କରିବା ପାଇଁ ଅଭିପ୍ରେତ ହୋଇଥାନ୍ତା, ତେବେ ଭଗବାନ 'ଏହି ମନୁଷ୍ୟମାନେ ମୋତେ ନ ପାଇ ମୃତ୍ୟୁମାର୍ଗର ଯାତ୍ରୀ ହେଲେ' (୯ । ୩), 'ମୋତେ ନ ପାଇ ଅଧୋଗତିକୁ ଗ୍ଭଲିଗଲେ' (୧୬ । ୨୦)—ଏପରି ପଶ୍ଚାତ୍ତାପ କରି ନ ଥାଆନ୍ତେ । କାରଣ ଯଦି ସେ ସେମାନଙ୍କର ଗତିକୁ ନିର୍ଦ୍ଧାରିତ କରିଛନ୍ତି, ତେବେ ପଶ୍ଚାତ୍ତାପ କ'ଣ ପାଇଁ? ଏତଦ୍‌ବ୍ୟତୀତ ଶ୍ରୁତି ଓ ସ୍ମୃତି ହେଉଛି ଭଗବାନଙ୍କର ଆଦେଶ—'**ଶ୍ରୁତିସ୍ମୃତୀ ମମୈବାଜ୍ଞେ**' । ଶ୍ରୁତି ଓ ସ୍ମୃତିରେ ବିଧି ଓ ନିଷେଧ ଅଛି ଯେ ଶୁଭକର୍ମ କର, ନିଷିଦ୍ଧ କର୍ମ କର ନାହିଁ; ଶୁଭକର୍ମ କଲେ ତୁମମାନଙ୍କର ସଦ୍‌ଗତି ହେବ, ନିଷିଦ୍ଧ କର୍ମ କଲେ ତୁମମାନଙ୍କର ଦୁର୍ଗତି ହେବ । ଯଦି ଭଗବାନ ପ୍ରାଣୀମାନଙ୍କର ଗତିକୁ ଆଗରୁ ନିଶ୍ଚିତ କରି ରଖିବେ, ତେବେ ଶ୍ରୁତି ଓ ସ୍ମୃତିର ବିଧି-ନିଷେଧ କାହା ପ୍ରତି ପ୍ରଯୁଜ୍ୟ ହେବ? ତାତ୍ପର୍ଯ୍ୟ ହେଲା, ମନୁଷ୍ୟ ନିଜର ଉଦ୍ଧାର କରିବାରେ ସ୍ୱତନ୍ତ୍ର ।

ପ୍ରଶ୍ନ—ନବମ ଅଧ୍ୟାୟର ୬ଷ୍ଠ ଶ୍ଳୋକରେ ଭଗବାନ କହିଛନ୍ତି ଯେ ସମସ୍ତ ପ୍ରାଣୀ ତାଙ୍କ ମଧ୍ୟରେ ସ୍ଥିତ ଏବଂ ତ୍ରୟୋଦଶ ଅଧ୍ୟାୟର ୩୦ଶ ଶ୍ଳୋକରେ କହିଛନ୍ତି ଯେ ସମସ୍ତ ଭାବ, ପ୍ରାଣୀ ଇତ୍ୟାଦି ପ୍ରକୃତିରେ ହିଁ ସ୍ଥିତ, ତେବେ ପ୍ରକୃତରେ ପ୍ରାଣୀମାନେ ଭଗବାନଙ୍କ ଠାରେ ସ୍ଥିତ, ନା ପ୍ରକୃତିରେ ସ୍ଥିତ?

ଉତ୍ତର—ଭଗବାନଙ୍କର ଅଂଶ ହୋଇଥିବାରୁ ସମସ୍ତ ପ୍ରାଣୀ ତତ୍ତ୍ୱତଃ ଭଗବାନଙ୍କ ଠାରେ ସ୍ଥିତ ଏବଂ ସେମାନେ ଭଗବାନଙ୍କ ଠାରୁ କଦାପି ପୃଥକ୍ ହୋଇ ପାରିବେ ନାହିଁ । କିନ୍ତୁ ସେହି ପ୍ରାଣୀମାନଙ୍କର ଶରୀର ପ୍ରକୃତିରୁ ଉତ୍ପନ୍ନ ହୋଇଥିବାରୁ ଓ ପ୍ରକୃତିର ଅଂଶ ହୋଇଥିବାରୁ ପ୍ରକୃତିରେ ହିଁ ସ୍ଥିତ ।

ପ୍ରଶ୍ନ—ଭଗବାନ କହିଛନ୍ତି, "ମୁଁ ସମସ୍ତ ପ୍ରାଣୀଙ୍କ ଠାରେ ସମାନ, କିନ୍ତୁ ଯେଉଁମାନେ ମୋର ଭଜନ କରନ୍ତି, ସେମାନେ ମୋ'ଠାରେ ଓ ମୁଁ ସେମାନଙ୍କ ଠାରେ ସ୍ଥିତ"(୯ । ୨୯)—ଭଗବାନଙ୍କର ଏପରି ପକ୍ଷପାତ କାହିଁକି? ଯଦି ପକ୍ଷପାତ ରହିଛି, ତେବେ 'ମୁଁ ସମସ୍ତ ପ୍ରାଣୀଙ୍କ ଠାରେ ସମାନ' ବୋଲି କିପରି କୁହାଗଲା?

ଉତ୍ତର—ଏହି ପକ୍ଷପାତ ହିଁ ସମତା । ଯଦି ଭଗବାନ ତାଙ୍କର ଭଜନ କରୁଥିବା ଲୋକ ଓ ଭଜନ ନ କରୁଥିବା ଲୋକ ଉଭୟଙ୍କ ପ୍ରତି ସମାନ ଭାବ ରଖନ୍ତି, ତେବେ ଏହା ସମତା ହେବ କିପରି? ତା'ଛଡ଼ା ଭଜନ କରିବାର ମାହାତ୍ମ୍ୟ ବା କ'ଣ ରହିଲା? ଅତଏବ ଭଜନ କରିବା ଲୋକ ଓ ଭଜନ ନ କରିବା ଲୋକଙ୍କ ପ୍ରତି ଯଥାଯୋଗ୍ୟ ବ୍ୟବହାର କରିବା ହିଁ ଭଗବାନଙ୍କର ସମତା । ଯଦି ଭଗବାନ ଏପରି ନ କରିବେ, ତାହା ତାଙ୍କର ବିଷମତା ହେବ । ପ୍ରକୃତରେ ଦେଖିଲେ ଭଗବାନଙ୍କ ଠାରେ ଆଦୌ ବିଷମତା ନାହିଁ । ଭଜନ କରୁଥିବା ଲୋକଙ୍କର ଭାବ ହିଁ ଭଗବାନଙ୍କ ଠାରେ ବିଷମତା ଉତ୍ପନ୍ନ କରିଛି ଅର୍ଥାତ୍ ଯେଉଁମାନେ ସଂସାରରୁ ସମ୍ବନ୍ଧ ଛିନ୍ନ କରି କେବଳ ଭଗବାନଙ୍କ ଠାରେ ଯୁକ୍ତ ରହନ୍ତି, ସେମାନଙ୍କର ଅନନ୍ୟଭାବ ହେତୁ ଭଗବାନଙ୍କ ଠାରେ ଏଭଳି ବିଷମତା ଜାତ ହୋଇଯାଏ, ଭଗବାନ ଏପରି କରନ୍ତି ନାହିଁ ।

ପ୍ରଶ୍ନ—ଭଗବଦ୍ଦର୍ଶନ ହେବା ପରେ ମୋହ ରହେ ନାହିଁ । ଅର୍ଜୁନ ତ ଭଗବାନଙ୍କର ବିରାଟରୂପ, ଚତୁର୍ଭୁଜରୂପ ଓ ଦ୍ୱିଭୁଜରୂପ ଦର୍ଶନ କରି ସାରିଥିଲେ, ତଥାପି ତାଙ୍କର ମୋହ ଦୂର ହେଲା ନାହିଁ କାହିଁକି?

ଉତ୍ତର—ଭଗବଦ୍ଦର୍ଶନ ହେବା ପରେ ଭକ୍ତର ମୋହ ଦୂର କରିବା ଓ ତାକୁ ତତ୍ତ୍ୱଜ୍ଞାନ ପ୍ରାପ୍ତ କରାଇବାର ଦାୟିତ୍ୱ ଭଗବାନଙ୍କର । ଅର୍ଜୁନଙ୍କର ମୋହ ପରବର୍ତ୍ତୀ ସମୟରେ ନଷ୍ଟ ହୋଇଗଲା (୧୮ । ୭୩) । ଏଥିରୁ ପ୍ରମାଣିତ ହୁଏ ଯେ ଭଗବଦ୍ଦର୍ଶନ ହେବା ପରେ ମୋହ ନିଶ୍ଚୟ ନଷ୍ଟ ହୋଇଯାଏ । ଅର୍ଜୁନ ଗୀତୋପଦେଶକୁ ଓ ଭଗବଦ୍ଦର୍ଶନକୁ ନିଜର ମୋହ ନଷ୍ଟ ହେବାର କାରଣ ମାନି ନାହାନ୍ତି, ବରଂ ଭଗବତ୍‌କୃପାକୁ ହିଁ କାରଣ ମନେ କରିଛନ୍ତି—'**ତ୍ୱତ୍ପ୍ରସାଦାତ୍**' (୧୮ । ୭୩) ।

ପ୍ରଶ୍ନ—ତ୍ରୟୋଦଶ ଅଧ୍ୟାୟର ୧୨ଶ ଶ୍ଳୋକରେ

ପରମାତ୍ମାଙ୍କୁ ଜ୍ଞେୟ କୁହାଯାଇଛି ଏବଂ ଅଷ୍ଟାଦଶ ଅଧ୍ୟାୟର ୧୮ଶ ଶ୍ଳୋକରେ ସଂସାରକୁ ଜ୍ଞେୟ କୁହାଯାଇଛି । ଏହାର ଉଦ୍ଦେଶ୍ୟ କ'ଣ?

ଉତ୍ତର—ଏ ଦୁଇଟି ବିଷୟ ଭିନ୍ନ ଭିନ୍ନ । ତ୍ରୟୋଦଶ ଅଧ୍ୟାୟର ୧୨ଶ ଶ୍ଳୋକରେ କୁହାଯାଇଛି ଯେ ପରମାତ୍ମାଙ୍କୁ ନିଶ୍ଚୟ ଜାଣିବା ଉଚିତ, କାରଣ ପରମାତ୍ମାଙ୍କୁ ଯଥାର୍ଥଭାବରେ ଜାଣିଗଲା ପରେ କଲ୍ୟାଣ ହୋଇଯାଏ; ଏବଂ ଅଷ୍ଟାଦଶ ଅଧ୍ୟାୟର ୧୮ଶ ଶ୍ଳୋକରେ କୁହାଯାଇଛି ଯେ ଜାଣି ହେଉଥିବା ଦୃଶ୍ୟମାତ୍ରକେ ସଂସାର ଅଟେ, ଏହାଦ୍ୱାରା କେବଳ ବ୍ୟବହାର ସମ୍ପାଦନ ହୁଏ ।

ପ୍ରଶ୍ନ—ଭଗବାନ ସମସ୍ତଙ୍କ ହୃଦୟରେ ନିବାସ କରନ୍ତି (୧୩ । ୧୭; ୧୫ । ୧୫; ୧୮ । ୬୧); କିନ୍ତୁ ଆଜିକାଲି ଡାକ୍ତରମାନେ ତ ହୃଦୟର ପ୍ରତ୍ୟାରୋପଣ କରି ଦେଉଛନ୍ତି, ତେବେ ଭଗବାନ କେଉଁଠି ରହନ୍ତି?

ଉତ୍ତର—ଭଗବାନ ସର୍ବତ୍ର ନିବାସ କରନ୍ତି । କିନ୍ତୁ ହୃଦୟ ତାଙ୍କୁ ଉପଲବ୍ଧି କରିବାର ସ୍ଥାନ ଅଟେ; କାରଣ ହୃଦୟ ହେଉଛି ଶରୀରର ପ୍ରଧାନ ଅଙ୍ଗ ଏବଂ ସମସ୍ତ ଉତ୍ତମ ଭାବ ହୃଦୟରେ ହିଁ ଉଦୟ ହୁଏ । ଯେପରି ଗାଈର ସାରା ଶରୀରରେ ଦୁଗ୍ଧ ବ୍ୟାପ୍ତ ହୋଇ ରହିଥିଲେ ମଧ୍ୟ ତାହା ତା'ର ପହ୍ନାରୁ ହିଁ ପ୍ରାପ୍ତ ହୋଇଥାଏ, ଅଥବା ମାଟିରେ ସର୍ବତ୍ର ଜଳ ରହିଥିଲେ ମଧ୍ୟ ତାହା କୂଅ ଇତ୍ୟାଦିରୁ ହିଁ ପ୍ରାପ୍ତ ହୋଇଥାଏ, ସେହିପରି ଭଗବାନ ସର୍ବତ୍ର ସମାନଭାବରେ ପରିପୂର୍ଣ୍ଣ ରହିଥିଲେ ମଧ୍ୟ ହୃଦୟରେ ହିଁ ପ୍ରାପ୍ତ ହୁଅନ୍ତି ।

ଡାକ୍ତରମାନେ ଯେଉଁ ହୃଦୟର ପ୍ରତ୍ୟାରୋପଣ କରନ୍ତି, ତାହାକୁ ହୃତ୍‌ପିଣ୍ଡ କୁହାଯାଏ । ସେହି ହୃତ୍‌ପିଣ୍ଡରେ ଯେଉଁ ହୃଦୟ ଶକ୍ତି ରହିଥାଏ, ସେଥିରେ ଭଗବାନ ନିବାସ କରନ୍ତି । ହୃତ୍‌ପିଣ୍ଡର ପ୍ରତ୍ୟାରୋପଣ ହୁଏ, ତା'ର ଶକ୍ତିର ପ୍ରତ୍ୟାରୋପଣ ହୁଏ ନାହିଁ । ଶକ୍ତି ତ ନିଜ ସ୍ଥାନରେ ଯଥାବତ୍ ରହିଥାଏ । ଯେପରି ଚକ୍ଷୁ ଦେଖାଯାଏ, କିନ୍ତୁ ଦେଖିବାର ଶକ୍ତି (ନେତ୍ରେନ୍ଦ୍ରିୟ) ସୂକ୍ଷ୍ମଶରୀରରେ ଥିବା ହେତୁ ଦେଖାଯାଏ ନାହିଁ, ସେହିପରି ହୃତ୍‌ପିଣ୍ଡ ଦେଖାଯାଏ ସିନା, ସେଥିରେ ନିହିତ ଶକ୍ତି ଦେଖାଯାଏ ନାହିଁ ।

ପ୍ରଶ୍ନ—ନିଜକୁ ଶରୀରରେ ସ୍ଥିତ ମନେ କରିବାରୁ ହିଁ ପୁରୁଷ (ଚେତନ) ଭୋକ୍ତା ହୁଏ; କିନ୍ତୁ ତ୍ରୟୋଦଶ ଅଧ୍ୟାୟର ୨୧ଶ ଶ୍ଳୋକରେ ଭଗବାନ ପ୍ରକୃତିସ୍ଥ ପୁରୁଷକୁ ଭୋକ୍ତା କହିଲେ । ଏପରି କହିବାର କାରଣ କ'ଣ?

ଉତ୍ତର—ପୁରୁଷ(ଚେତନ)କୁ ପ୍ରକୃତିରେ ସ୍ଥିତ କହିବାର ଉଦ୍ଦେଶ୍ୟ ହେଲା, ଯେପରି ବିବାହ ହେବା ପରେ ସ୍ତ୍ରୀର ସମସ୍ତ ସମ୍ପର୍କୀୟ ଲୋକଙ୍କ ସହିତ ପୁରୁଷର ସମ୍ବନ୍ଧ ସ୍ଥାପିତ ହୋଇଯାଏ, ସେହିପରି ଗୋଟିଏ ଶରୀରରେ ନିଜର ସ୍ଥିତି ମନେ କରିବାରୁ ଅର୍ଥାତ୍ ଗୋଟିଏ ଶରୀର ସହିତ ନିଜର ସମ୍ପର୍କ ମନେ କରିବାରୁ ସମସ୍ତ ପ୍ରକୃତି ଓ ସମସ୍ତ ଶରୀର ସହିତ ଚେତନର ସମ୍ପର୍କ ସ୍ଥାପିତ ହୋଇଯାଏ ।

ପ୍ରଶ୍ନ—ନିଜକୁ ଶରୀରରେ ସ୍ଥିତ ମନେ କରିବାରୁ ପୁରୁଷ କର୍ତ୍ତା ଓ ଭୋକ୍ତା ହୁଏ; ଏଣେ ତ୍ରୟୋଦଶ ଅଧ୍ୟାୟର ୩୧ଶ ଶ୍ଳୋକରେ ଭଗବାନ କହିଲେ ଯେ ଏହି ପୁରୁଷ ଶରୀରରେ ସ୍ଥିତ ହୋଇଥିଲେ ମଧ୍ୟ କର୍ତ୍ତା ଓ ଭୋକ୍ତା ନୁହେଁ; ଏ ଦୁଇଟି କଥାର ସାମଞ୍ଜସ୍ୟ କିପରି?

ଉତ୍ତର—ଏଠାରେ ଭଗବାନ ପ୍ରତ୍ୟେକ ପ୍ରାଣୀର ପ୍ରକୃତ ସ୍ୱରୂପ ବିଷୟରେ କହୁଛନ୍ତି ଯେ ପ୍ରକୃତରେ ସବୁଠୁ ଅଜ୍ଞାନୀ ମଧ୍ୟ ସ୍ୱରୂପତଃ କର୍ତ୍ତା ବା ଭୋକ୍ତା ହୁଏ ନାହିଁ ଅର୍ଥାତ୍ ତା'ର ସ୍ୱରୂପରେ କଦାପି କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଆସେ ନାହିଁ । କିନ୍ତୁ ଅଜ୍ଞାନ ହେତୁ ମନୁଷ୍ୟ ନିଜକୁ କର୍ତ୍ତା ଓ ଭୋକ୍ତା ମନେକରେ (୩ । ୨୭; ୫ । ୧୫) ଏବଂ ସେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱରେ ଆବଦ୍ଧ ହୋଇଯାଏ । ଯଦି ତା'ଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନ ଥାଏ, ତେବେ ସେ ସମସ୍ତ ପ୍ରାଣୀଙ୍କୁ ମାରିଦେଲେ ମଧ୍ୟ ମାରେ ନାହିଁ କିଂବା ବାନ୍ଧି ହୁଏ ନାହିଁ (୧୮ । ୧୭) ।

ପ୍ରଶ୍ନ—ରଜୋଗୁଣର ବୃତ୍ତି ତାତ୍କାଳିକଭାବେ ବୃଦ୍ଧି ହେବାବେଳେ ଏବଂ ରଜୋଗୁଣର ପ୍ରାଧାନ୍ୟରେ ମରୁଥିବା ପ୍ରାଣୀ ମନୁଷ୍ୟଲୋକରେ ଜନ୍ମନିଏ (୧୪ । ୧୫,୧୮) —ଏ ଦୁଇଟି କଥାରୁ ପ୍ରମାଣିତ ହୁଏ ଯେ ଏହି ମନୁଷ୍ୟଲୋକରେ ସମସ୍ତ ମନୁଷ୍ୟ ରଜୋଗୁଣସମ୍ପନ୍ନ ଅଟନ୍ତି, ସତ୍ତ୍ୱଗୁଣ ବା ତମୋଗୁଣସମ୍ପନ୍ନ ନୁହନ୍ତି । କିନ୍ତୁ ଗୀତାରେ ଅନେକ ସ୍ଥାନରେ ତିନି ଗୁଣ କଥା କୁହାଯାଇଛି (୭ । ୧୩; ୧୪ । ୬—୧୮; ୧୮ । ୨୦—୪୦ ଇତ୍ୟାଦି) । ଏପରି କହିବାର ଉଦ୍ଦେଶ୍ୟ କ'ଣ?

ଉତ୍ତର—ଊର୍ଦ୍ଧ୍ୱଗତି, ମଧ୍ୟଗତି ଓ ଅଧୋଗତି— ପ୍ରତ୍ୟେକ ଗତିରେ ତିନୋଟିଯାକ ଗୁଣ ରହିଥାଏ । କିନ୍ତୁ ଊର୍ଦ୍ଧ୍ୱଗତିରେ ସତ୍ତ୍ୱଗୁଣର, ମଧ୍ୟଗତିରେ (ମନୁଷ୍ୟଲୋକରେ) ରଜୋଗୁଣର ଏବଂ ଅଧୋଗତିରେ ତମୋଗୁଣର ପ୍ରାଧାନ୍ୟ ଥାଏ । ଏଇଥିପାଇଁ ତ ପ୍ରତ୍ୟେକ

ଗତିକୁ ପ୍ରାପ୍ତ ହେଉଥିବା ପ୍ରାଣୀମାନଙ୍କର ସାତ୍ତ୍ୱିକ, ରାଜସ ଓ ତାମସ ସ୍ୱଭାବ ରହିଥାଏ ।*

ପ୍ରଶ୍ନ—ଚତୁର୍ଦଶ ଅଧ୍ୟାୟର ୧୭ଶ ଶ୍ଳୋକରେ ତମୋଗୁଣରୁ ଅଜ୍ଞାନ ଜାତ ହେବା କଥା କୁହାଯାଇଛି ଏବଂ ୮ମ ଶ୍ଳୋକରେ ଅଜ୍ଞାନରୁ ତମୋଗୁଣ ଜାତ ହେବା କଥା କୁହାଯାଇଛି । ଏପରି କହିବାର ଉଦ୍ଦେଶ୍ୟ କ'ଣ?

ଉତ୍ତର—ଯେପରି ବୃକ୍ଷରୁ ବୀଜ ଉତ୍ପନ୍ନ ହୁଏ ଏବଂ ସେହି ବୀଜରୁ ପୁଣି ଅନେକ ବୃକ୍ଷ ଉତ୍ପନ୍ନ ହୁଅନ୍ତି, ସେହିପରି ତମୋଗୁଣରୁ ଅଜ୍ଞାନ ଜାତ ହୁଏ ଏବଂ ସେହି ଅଜ୍ଞାନରୁ ତମୋଗୁଣ ବୃଦ୍ଧିପ୍ରାପ୍ତ ହୁଏ ଓ ପୁଷ୍ଟ ହୁଏ ।

ପ୍ରଶ୍ନ—ଅଶ୍ୱତ୍ଥ ବୃକ୍ଷ ପୂଜନୀୟ ବୋଲି କୁହାଯାଇଛି, ପୁଣି ଭଗବାନ ପଞ୍ଚଦଶ ଅଧ୍ୟାୟର ୩ୟ ଶ୍ଳୋକରେ ସଂସାରରୂପକ ଅଶ୍ୱତ୍ଥ ବୃକ୍ଷକୁ ଛେଦନ କରିବା ପାଇଁ କାହିଁକି କହିଛନ୍ତି?

ଉତ୍ତର—ଅଶ୍ୱତ୍ଥ ବୃକ୍ଷ ସମସ୍ତ ବୃକ୍ଷ ମଧ୍ୟରେ ଶ୍ରେଷ୍ଠ । ଭଗବାନ ଏହାକୁ ନିଜର ସ୍ୱରୂପ ବୋଲି କହିଛନ୍ତି (ଗୀତା ୧୦ । ୨୬) । ଔଷଧ ଭାବରେ ମଧ୍ୟ ଏହାର ମହିମା ଯଥେଷ୍ଟ । ଏହାର ଜଟା(ମଲାଙ୍ଗ)କୁ ବାଟି ପିଇଲେ ବନ୍ଧ୍ୟାର ମଧ୍ୟ ପୁତ୍ର ଜାତ ହୋଇପାରେ । ଅଶ୍ୱତ୍ଥ ସମସ୍ତଙ୍କୁ ଆଶ୍ରୟ ଦିଏ । ଅଶ୍ୱତ୍ଥ ଗଛ ତଳେ ସମସ୍ତ ପ୍ରକାର ଗଛଲତା ବଢ଼ି ପାରନ୍ତି । ଅଶ୍ୱତ୍ଥ କାହାରିକୁ ବାଧା ଦିଏ ନାହିଁ, ତେଣୁ ଅଶ୍ୱତ୍ଥକୁ କେହି ବାଧା ଦିଏ ନାହିଁ । ସେଥିପାଇଁ ଏହା ଘରର କାନ୍ଥରେ, ଛାତ ଉପରେ ଓ କୂଅ ଆଦି ସବୁ ଜାଗାରେ ଉଠିଥାଏ । ଓଡ଼, ବର ଓ ପଳାଶ ଆଦି ବୃକ୍ଷ ଯଜ୍ଞ ଉପଯୋଗୀ ଅର୍ଥାତ୍ ଏଗୁଡ଼ିକର କାଠ ଯଜ୍ଞକାର୍ଯ୍ୟରେ ଲାଗେ । ସେଥିପାଇଁ ଭଗବାନ ଅଶ୍ୱତ୍ଥକୁ ସଂସାରର ରୂପକଭାବେ ବର୍ଣ୍ଣନା କରିଛନ୍ତି, କାରଣ ସଂସାର ମଧ୍ୟ ନିଜେ କାହାରିକୁ ବାଧା ଦିଏ ନାହିଁ । ସଂସାର ହେଉଛି ଭଗବଦ୍‌ସ୍ୱରୂପ । ପ୍ରକୃତରେ ନିଜର ରାଗ-ଦ୍ୱେଷ, କାମନା, ମମତା, ଆସକ୍ତି ଇତ୍ୟାଦି ହିଁ ବାଧା ଦିଅନ୍ତି । ଅତଏବ ଭଗବାନ ସଂସାରରୂପୀ ଅଶ୍ୱତ୍ଥ ବୃକ୍ଷକୁ ଛେଦନ କରିବା କଥା କହି ନାହାନ୍ତି, ବରଂ ସେଥିପ୍ରତି ଯେଉଁ କାମନା, ମମତା, ଆସକ୍ତି ଇତ୍ୟାଦି ରହିଛି, ଯେଉଁଗୁଡ଼ିକ ଯୋଗୁଁ ମନୁଷ୍ୟ ଜନ୍ମମରଣ ପ୍ରାପ୍ତ ହେଉଛି, ସେଗୁଡ଼ିକୁ ବୈରାଗ୍ୟରୂପୀ ଶସ୍ତ୍ର ଦ୍ୱାରା ଛେଦନ କରିବାକୁ କହିଛନ୍ତି ।

ପ୍ରଶ୍ନ—ପଞ୍ଚଦଶ ଅଧ୍ୟାୟର ୪ର୍ଥ ଶ୍ଳୋକରେ ଭଗବାନ କହିଛନ୍ତି ଯେ 'ସେହି ଆଦିପୁରୁଷ ପରମାତ୍ମାଙ୍କ ଠାରେ ମୁଁ ଶରଣାପନ୍ନ'—**'ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ'** । ତେବେ କଣ ଭଗବାନ ମଧ୍ୟ କାହାରି ନିକଟରେ ଶରଣ ଯାଆନ୍ତି?

ଉତ୍ତର—ଭଗବାନ କାହାରି ଶରଣାପନ୍ନ ହୁଅନ୍ତି ନାହିଁ, କାରଣ ସେ ହେଉଛନ୍ତି ସର୍ବୋପରି ସ୍ୱାମୀ । କେବଳ ଲୋକଶିକ୍ଷା ନିମନ୍ତେ ଭଗବାନ ସାଧକର ଭାଷାରେ ସାଧକକୁ ବୁଝାଇବାକୁ ଚାହାନ୍ତି ଯେ ସେ 'ଆଦିପୁରୁଷ ପରମାତ୍ମାଙ୍କ ଠାରେ ହିଁ ମୁଁ ଶରଣାପନ୍ନ'—ଏପରି ଭାବନା କରୁ ।

ପ୍ରଶ୍ନ—ଜୀବ ପରମାତ୍ମାଙ୍କର ଅଂଶ (୧୫ । ୭), ତେବେ କଣ ଏହି ଜୀବ ପରମାତ୍ମାଙ୍କ ଠାରୁ ଉତ୍ପନ୍ନ ହୋଇଛି? ଏ ଜୀବ କଣ ପରମାତ୍ମାଙ୍କର ଭଗ୍ନାଂଶ?

ଉତ୍ତର—ସେପରି ନୁହେଁ । ଏ ଜୀବ ହେଉଛି ଅନାଦି ଓ ସନାତନ ଏବଂ ପରମାତ୍ମା ହେଉଛନ୍ତି ପୂର୍ଣ୍ଣ । ଅତଏବ ଜୀବ ପରମାତ୍ମାଙ୍କର ଭଗ୍ନାଂଶ ହେବ କିପରି? ପ୍ରକୃତରେ ଜୀବ ପରମାତ୍ମାଙ୍କର ସ୍ୱରୂପ ଅଟେ । କିନ୍ତୁ ଯେତେବେଳେ ଇଏ ପ୍ରକୃତିର ଅଂଶକୁ ଅର୍ଥାତ୍ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି ଇତ୍ୟାଦିକୁ 'ମୁଁ ଓ ମୋର' ମାନିନିଏ, ସେତେବେଳେ ଅଂଶ ହୋଇଯାଏ । ପ୍ରକୃତିର ଅଂଶକୁ ଛାଡ଼ିଦେଲେ ଏ ପୂର୍ଣ୍ଣ ହିଁ ଅଟେ ।

ପ୍ରଶ୍ନ—ସାତ୍ତ୍ୱିକ ଆହାରରେ ପ୍ରଥମେ ଫଳ (ପରିଣାମ)ର ବର୍ଣ୍ଣନା କରି ତା'ପରେ ଆହାର୍ଯ୍ୟ ପଦାର୍ଥଗୁଡ଼ିକର ବର୍ଣ୍ଣନା କରାଗଲା ଏବଂ ରାଜସ ଆହାରରେ ପ୍ରଥମେ ଆହାର୍ଯ୍ୟ ପଦାର୍ଥଗୁଡ଼ିକର ବର୍ଣ୍ଣନା କରି ତା'ପରେ ଫଳର ବର୍ଣ୍ଣନା କରାଗଲା, କିନ୍ତୁ ତାମସ ଆହାରର ଫଳ ଆଦୌ ବର୍ଣ୍ଣନା କରାଯାଇ ନାହିଁ (୧୭ । ୮—୧୦) । ଏପରି କାହିଁକି?

ଉତ୍ତର—ସାତ୍ତ୍ୱିକ ମନୁଷ୍ୟ ପ୍ରଥମେ ଫଳ (ପରିଣାମ) ଆଡ଼କୁ ଦୃଷ୍ଟି ରଖନ୍ତି ଏବଂ ତା'ପରେ ଆହାର ଇତ୍ୟାଦିରେ ପ୍ରବୃତ୍ତ ହୁଅନ୍ତି, ତେଣୁ ପ୍ରଥମେ ପରିଣାମର ଏବଂ ପରେ ଖାଦ୍ୟପଦାର୍ଥଗୁଡ଼ିକର ବର୍ଣ୍ଣନା କରାଯାଇଛି । ରାଜସ ମନୁଷ୍ୟର ଦୃଷ୍ଟି ପ୍ରଥମେ ପରିଣାମ ଆଡ଼କୁ ନ ଯାଇ ଖାଦ୍ୟପଦାର୍ଥ ଓ ବିଷୟେନ୍ଦ୍ରିୟର ସମ୍ବନ୍ଧ ଆଡ଼କୁ ଯାଏ । ଯଦି ରାଜସ ମନୁଷ୍ୟଙ୍କର ଦୃଷ୍ଟି

* ଏ ବିଷୟକୁ ପରିଷ୍କାରଭାବେ ବୁଝିବା ପାଇଁ ଗୀତାର 'ସାଧକ-ସଂଜୀବନୀ' ଟୀକା ଚତୁର୍ଦଶ ଅଧ୍ୟାୟର ୧୮ଶ ଶ୍ଳୋକର ବ୍ୟାଖ୍ୟା ଦ୍ରଷ୍ଟବ୍ୟ ।

ପ୍ରଥମେ ପରିଣାମ ଆଡ଼କୁ ଯିବ, ତେବେ ସେମାନେ ରାଜସ ଆହାର କରିବାରେ କଦାପି ପ୍ରବୃତ୍ତ ହେବେ ନାହିଁ, ତେଣୁ ରାଜସ ଆହାରରେ ପ୍ରଥମେ ଖାଦ୍ୟପଦାର୍ଥର ଓ ପରେ ପରିଣାମର ବର୍ଣ୍ଣନା କରାଯାଇଛି। ତାମସ ଲୋକେ ସର୍ବଦା ମୂଢ଼ତାରେ ଆଚ୍ଛାଦିତ ହୋଇଥାଆନ୍ତି, ତେଣୁ ସେମାନେ ଆହାର ଓ ତାହାର ପରିଣାମ ଇତ୍ୟାଦି ବିଷୟରେ ଆଦୌ ବିଚାର କରନ୍ତି ନାହିଁ। ଆହାର ନ୍ୟାୟଯୁକ୍ତ କି ନୁହେଁ, ସେଥିରେ ସେମାନଙ୍କର ଅଧିକାର ଅଛି କି ନାହିଁ, ଶାସ୍ତ୍ରର ଆଜ୍ଞା ଅଛି କି ନାହିଁ ଏବଂ ତାହାର ପରିଣାମ ସେମାନଙ୍କ ପାଇଁ ହିତକର ହେବ କି ନାହିଁ—ଏସବୁ ବିଷୟରେ ତାମସ ମନୁଷ୍ୟ ଆଦୌ ବିଚାର କରନ୍ତି ନାହିଁ, ତେଣୁ ତାମସ ଆହାରର ପରିଣାମ ବିଷୟରେ ବର୍ଣ୍ଣନା କରାଯାଇ ନାହିଁ।

ପ୍ରଶ୍ନ—ଈଶ୍ୱର ନିଜ ମାୟା ଦ୍ୱାରା ସମସ୍ତ ପ୍ରାଣୀଙ୍କୁ ଭ୍ରମଣ କରାନ୍ତି (୧୮।୬୧), ତେବେ କଣ ଈଶ୍ୱର ପ୍ରାଣୀମାନଙ୍କ ଦ୍ୱାରା ପାପପୁଣ୍ୟ କରାନ୍ତି?

ଉତ୍ତର—ଯେପରି କୌଣସି ମନୁଷ୍ୟ ରେଳଗାଡ଼ିରେ ବସିଗଲେ ତାଙ୍କୁ ବାଧ୍ୟ ହୋଇ ରେଳ ଅନୁସାରେ ଯିବାକୁ ପଡ଼େ, ସେହିପରି ଯେଉଁ ପ୍ରାଣୀମାନେ ଶରୀରରୂପକ ଯନ୍ତ୍ରରେ ଆରୂଢ଼ ହୋଇଥାଆନ୍ତି ଅର୍ଥାତ୍ ଯେଉଁମାନେ ଶରୀରରୂପକ ଯନ୍ତ୍ର ସହିତ 'ମୁଁ ଓ ମୋର' ସମ୍ପର୍କ ସ୍ଥାପନ କରିଥାନ୍ତି, ସେମାନଙ୍କୁ ଈଶ୍ୱର ସେମାନଙ୍କର ସ୍ୱଭାବ ଓ କର୍ମ ଅନୁସାରେ ଭ୍ରମଣ କରାନ୍ତି ବା କର୍ମଫଳ ଭୋଗ କରାନ୍ତି, କିନ୍ତୁ ସେମାନଙ୍କ ଦ୍ୱାରା ପାପପୁଣ୍ୟ କରାନ୍ତି ନାହିଁ।

ପ୍ରଶ୍ନ—ଭଗବାନ ଅର୍ଜୁନଙ୍କୁ ପ୍ରଥମେ **'ତମେବ ଶରଣଂ ଗଚ୍ଛ'** ପଦରେ ଅନ୍ତର୍ଯାମୀ ପରମାତ୍ମାଙ୍କର ଶରଣାପନ୍ନ ହେବାକୁ କହିଲେ (୧୮।୬୨) ଏବଂ ତା'ପରେ **'ମାମେକଂ ଶରଣଂ ବ୍ରଜ'** ପଦରେ ତାଙ୍କ ନିଜଠରେ ଶରଣାପନ୍ନ ହେବାକୁ କହିଲେ (୧୮।୬୬)। ଯଦି ଅର୍ଜୁନଙ୍କୁ ଭଗବାନ ତାଙ୍କ ନିଜର ଶରଣାଗତ କରିବାର ଥିଲା, ତେବେ ସେ ଅର୍ଜୁନଙ୍କୁ ଅନ୍ତର୍ଯାମୀ ପରମାତ୍ମାଙ୍କ ଠାରେ ଶରଣ ଯିବାକୁ କାହିଁକି କହିଲେ?

ଉତ୍ତର—ଭଗବାନ ପ୍ରଥମେ କହିଲେ ଯେ, ମୋର ଶରଣାଗତ ଭକ୍ତ ମୋ କୃପାରୁ ଶାଶ୍ୱତ ପଦ ପ୍ରାପ୍ତ ହୁଏ (୧୮।୫୬), ପୁଣି କହିଲେ ଯେ ମୋର ପରାୟଣ ହୋଇ ବା ମୋ'ଠାରେ ଚିତ୍ତ ସଂଲଗ୍ନ କରି ତୁମେ ସମସ୍ତ ବିଘ୍ନରୁ ଉଦ୍ଧାର ପାଇଯିବ (୧୮।୫୭-୫୮)। ଭଗବାନଙ୍କର ଏ କଥା ଶୁଣି ମଧ୍ୟ ଅର୍ଜୁନ କିଛି କହିଲେ ନାହିଁ କି କୌଣସିଟିକୁ ସ୍ୱୀକାର କଲେ ନାହିଁ। ତା'ପରେ ଭଗବାନ କହିଲେ ଯେ, ଯଦି ତୁମେ ମୋର ଶରଣକୁ ଆସିବାକୁ ଚାହୁଁ ନାହଁ, ତେବେ ସେହି ଅନ୍ତର୍ଯାମୀ ପରମାତ୍ମାଙ୍କ ଠାରେ ଶରଣ ଯାଅ। ମୁଁ ଏହି ଅତ୍ୟନ୍ତ ଗୋପନୀୟ ଜ୍ଞାନ ତୁମକୁ କହିଲି, ଏଣିକି ତୁମର ଯାହା ଇଚ୍ଛା ତାହା କର (୧୮।୬୩)। ଏ କଥା ଶୁଣି ଅର୍ଜୁନ, ଭଗବାନ ତାଙ୍କୁ ପରିତ୍ୟାଗ କରି ଦେଉଛନ୍ତି ଭାବି ଡରିଗଲେ! ତା'ପରେ ଭଗବାନ ଅର୍ଜୁନଙ୍କୁ ସର୍ବଗୁହ୍ୟତମ ବଚନ କହୁଛନ୍ତି ଯେ, ତୁମେ କେବଳ ମୋର ଶରଣକୁ ଆସିଯାଅ।

ପ୍ରଶ୍ନ—ଭଗବାନ ଗୀତାରେ ତିନୋଟି ସ୍ଥାନରେ (୩।୩; ୧୪।୬ ଓ ୧୫।୨୦ରେ) ଅର୍ଜୁନଙ୍କୁ **'ଅନଘ'** ବୋଲି ସମ୍ବୋଧନ କରିଛନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ ଭଗବାନ ଅର୍ଜୁନଙ୍କୁ ପାପମୁକ୍ତ ମନେ କରନ୍ତି। ତେବେ 'ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି' ବୋଲି ଭଗବାନ କାହିଁକି କହିଲେ (୧୮।୬୬)?

ଉତ୍ତର—ଯେ ଭଗବାନଙ୍କର ସମ୍ମୁଖ ହୋଇଯାଏ, ତା'ର ସମସ୍ତ ପାପ ନଷ୍ଟ ହୋଇଯାଏ। ଅର୍ଜୁନ (୨।୭ରେ) ଭଗବାନଙ୍କର ସମ୍ମୁଖ ହୋଇଥିଲେ, ତେଣୁ ସେ ପାପମୁକ୍ତ ହୋଇଯାଇଥିଲେ। ମାତ୍ର ଯୁଦ୍ଧରେ କୁଟୁମ୍ବଲୋକଙ୍କୁ ମାରିଲେ ପାପ ହେବ ବୋଲି ଅର୍ଜୁନ ଭାବୁଥିଲେ (୧।୩୬, ୩୯, ୪୫)। ଅର୍ଜୁନଙ୍କର ଏହି ଭାବନାକୁ ଦେଖି ଭଗବାନ କହୁଛନ୍ତି, "ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି"।

ପ୍ରଶ୍ନ—ଯଦି ଅର୍ଜୁନ ପ୍ରଥମରୁ ହିଁ ତାଙ୍କର ମୋହ ଦୂର ହୋଇଯିବା କଥା କହି ଦେଇଥିଲେ—**'ମୋହୋଽୟଂ ବିଗତୋ ମମ'** (୧୧।୧), ତେବେ ଆଉ ଥରେ "ମୋର ମୋହ ନଷ୍ଟ ହୋଇଗଲା"—**'ନଷ୍ଟୋ ମୋହଃ'** (୧୮।୭୩) କହିବାର କି ଆବଶ୍ୟକତା ଥିଲା?

ଉତ୍ତର—ସାଧନା କରୁ କରୁ ସାଧକକୁ ଯେତେବେଳେ ପାରମାର୍ଥିକ ବୈଶିଷ୍ଟ୍ୟ ଅନୁଭବ ହୁଏ, ତାକୁ ସେତେବେଳେ ଜଣାପଡ଼େ ଯେ ସେ ସେହି ତତ୍ତ୍ୱକୁ ଠିକ୍‌ଭାବରେ ଜାଣିଗଲା, କିନ୍ତୁ ପ୍ରକୃତରେ ପୂର୍ଣ୍ଣତ୍ୱପ୍ରାପ୍ତିରେ ଆହୁରି ବାକି ଥାଏ। ଠିକ୍ ଏହିପରି ଅର୍ଜୁନ ଯେତେବେଳେ ଦ୍ୱିତୀୟ ଅଧ୍ୟାୟରୁ ଦଶମ ଅଧ୍ୟାୟ ପର୍ଯ୍ୟନ୍ତ ଭଗବାନଙ୍କର

ଅଲୌକିକ ପ୍ରଭାବ ଇତ୍ୟାଦି ଶୁଣିଲେ, ସେତେବେଳେ ସେ ଅତ୍ୟନ୍ତ ପ୍ରସନ୍ନ ହେଲେ। ତାଙ୍କୁ ତାଙ୍କର ମୋହ ଦୂର ହୋଇଯିବା ପରି ଜଣାପଡ଼ିଲା। ସେଥିପାଇଁ ସେ ନିଜ ଦୃଷ୍ଟିରୁ **'ମୋହୋଽୟଂ ବିଗତୋ ମମ'** କହିଦେଲେ; କିନ୍ତୁ ଭଗବାନ ଏ କଥା ସ୍ୱୀକାର କଲେ ନାହିଁ। ପରେ ଭଗବାନଙ୍କର ବିଶ୍ୱରୂପ ଦର୍ଶନ କରି ଯେତେବେଳେ ଅର୍ଜୁନ ଭୟଭୀତ ହୋଇଗଲେ, ସେତେବେଳେ ଭଗବାନ କହିଲେ ଯେ ଏହା ତୁମର 'ମୂଢ଼ଭାବ' (ମୋହ)। ତୁମେ ମୋହିତ ହେବା ଉଚିତ ନୁହେଁ **'ମା ଚ ବିମୂଢଭାବଃ'** (୧୧।୪୯)। ଭଗବାନଙ୍କର ଏହି ବଚନରୁ ପ୍ରମାଣିତ ହେଉଛି ଯେ ଅର୍ଜୁନଙ୍କର ମୋହ ପୂର୍ଣ୍ଣରୂପେ ଦୂର ହୋଇ ନ ଥିଲା। ପରେ ଯେତେବେଳେ ଅର୍ଜୁନ ସର୍ବଗୁହ୍ୟତମ ବଚନ ଶୁଣି କହିଲେ ଯେ ଆପଣଙ୍କ କୃପାରୁ ମୋର ମୋହ ନଷ୍ଟ ହୋଇଗଲା ଏବଂ ମୋତେ ସ୍ମୃତି ମଧ୍ୟ ପ୍ରାପ୍ତ ହେଲା—**'ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ'** (୧୮।୭୩), ସେତେବେଳେ ଭଗବାନ ଆଉ କିଛି ନ କହି ଚୁପ୍ ରହିଲେ ଏବଂ ଉପଦେଶ ଦେବା ମଧ୍ୟ ବନ୍ଦ କରିଦେଲେ। ଏଥିରୁ ପ୍ରମାଣିତ ହେଉଛି ଯେ ଅର୍ଜୁନଙ୍କ ମୋହନାଶ କଥା ଭଗବାନ ସ୍ୱୀକାର କଲେ।

ପ୍ରଶ୍ନ—ଗୀତାର ଶେଷରେ ସଞ୍ଜୟ କେବଳ ବିରାଟରୂପକୁ ସ୍ମରଣ କଲେ କାହିଁକି (୧୮।୭୭)? ଚତୁର୍ଭୁଜରୂପକୁ ସ୍ମରଣ କଲେ ନାହିଁ କାହିଁକି?

ଉତ୍ତର—ଭଗବାନଙ୍କର ଚତୁର୍ଭୁଜରୂପ ତ ପ୍ରସିଦ୍ଧ, କିନ୍ତୁ ବିରାଟରୂପ ସେତେ ପ୍ରସିଦ୍ଧ ନୁହେଁ। ବିରାଟରୂପ ଯେତେ ଦୁର୍ଲଭ, ଚତୁର୍ଭୁଜରୂପ ସେତେ ଦୁର୍ଲଭ ମଧ୍ୟ ନୁହେଁ; କାରଣ ଭଗବାନ ଚତୁର୍ଭୁଜରୂପ ଦର୍ଶନର ଉପାୟ ବତାଇ ଦେଇଛନ୍ତି (୧୧।୫୪), କିନ୍ତୁ ବିରାଟରୂପ ଦର୍ଶନର ଉପାୟ ବତାଇ ନାହାନ୍ତି। ତେଣୁ ସଞ୍ଜୟ ଅତ୍ୟନ୍ତ ଅଦ୍ଭୁତ ବିରାଟରୂପକୁ ହିଁ ସ୍ମରଣ କରିଛନ୍ତି।

ପ୍ରଶ୍ନ—ଅର୍ଜୁନଙ୍କର ମୋହ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା ଏବଂ ମୋହ ଥରେ ନଷ୍ଟ ହେବା ପରେ ପୁନର୍ବାର ମୋହ ହୁଏ ନାହିଁ—**'ଯଜ୍ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି'** (୪।୩୫)। ତେବେ ଅଭିମନ୍ୟୁଙ୍କୁ ଯେତେବେଳେ ମାରି ଦିଆଗଲା, ସେତେବେଳେ ଅର୍ଜୁନଙ୍କର କୌଟୁମ୍ବିକ ମୋହ ଜାତ ହେଲା କାହିଁକି?

ଉତ୍ତର—ତାହା ମୋହ ନୁହେଁ, ବରଂ ଶିକ୍ଷା। ମୋହ ନଷ୍ଟ ହେବା ପରେ ମହାପୁରୁଷମାନେ ଯାହା ଆଚରଣ କରନ୍ତି, ତାହା ସଂସାର ପାଇଁ ଶିକ୍ଷା ଓ ଆଦର୍ଶ ହୋଇଥାଏ। ଅଭିମନ୍ୟୁଙ୍କୁ ମାରି ଦିଆଯିବାରୁ କୁନ୍ତୀ, ସୁଭଦ୍ରା, ଉତ୍ତରା ପ୍ରଭୃତି ବହୁତ ଦୁଃଖିତ ହେଉଥିଲେ, ତେଣୁ ସେମାନଙ୍କର ଦୁଃଖ ଦୂର କରିବା ପାଇଁ ଅର୍ଜୁନଙ୍କ ଦ୍ୱାରା ମୋହ ଓ ଶୋକର ଅଭିନୟ କରାଯାଇଥିଲା। ଏହାର ପ୍ରମାଣ ହେଉଛି, ଅଭିମନ୍ୟୁ ମରିବା ପରେ ଜୟଦ୍ରଥକୁ ମାରିବା ପାଇଁ ଅର୍ଜୁନ ଯେଉଁ ସବୁ ପ୍ରତିଜ୍ଞା କରିଥିଲେ, ସେଗୁଡ଼ିକ ଶାସ୍ତ୍ର ଓ ସ୍ମୃତିର ଉପଦେଶକୁ ନେଇ କରିଥିଲେ (ମହାଭାରତ, ଦ୍ରୋଣ. ୭୩।୨୫-୪୫)। ଯଦି ଅର୍ଜୁନଙ୍କୁ ମୋହ, ଶୋକ ଇତ୍ୟାଦି ଆଚ୍ଛାଦିତ କରି ଥାଆନ୍ତା, ତେବେ ଶାସ୍ତ୍ର ଓ ସ୍ମୃତିର ଉପଦେଶଗୁଡ଼ିକ ତାଙ୍କର ମନେ ରହିଥାନ୍ତା କିପରି? ସେ ଏତେ ସାବଧାନ ରହିଥାନ୍ତେ କିପରି? ମୋହ ଜାତ ହେଲେ ମନୁଷ୍ୟର ପୂର୍ବ କଥା ମନେ ରହେ ନାହିଁ ଏବଂ ଆଗକୁ ନୂଆ କଥା ମଧ୍ୟ ମୁଣ୍ଡରେ ଢୁକେ ନାହିଁ (୨।୬୩)। କିନ୍ତୁ ଅର୍ଜୁନଙ୍କର ସବୁ କଥା ମନେ ଥିଲା, ତେଣୁ ସେ ଶୋକରେ ଭାସିଯାଇ ନ ଥିଲେ। ଏଥିରୁ ପ୍ରମାଣିତ ହେଉଛି ଯେ ଅର୍ଜୁନଙ୍କର ଶୋକ କରିବା ଅଭିନୟ ହିଁ ଥିଲା।

ପ୍ରଶ୍ନ—ମୋହ ନଷ୍ଟ ହେବା ପରେ ଏବଂ ସ୍ମୃତି ପ୍ରାପ୍ତ ହେବା ପରେ ପୁଣି ତାହାର ବିସ୍ମୃତି ହୁଏ ନାହିଁ, ତେବେ ଅର୍ଜୁନ 'ଅନୁଗୀତା'ରେ କିପରି କହିଲେ ଯେ 'ମୁଁ ସେହି ଜ୍ଞାନକୁ ଭୁଲିଯାଇଛି' (ମହାଭାରତ, ଆଶ୍ୱମେଧିକ. ୧୬।୬)?

ଉତ୍ତର—ଭଗବାନ ଗୀତୋପଦେଶ ଦେବା ସମୟରେ ଅର୍ଜୁନଙ୍କୁ ଭକ୍ତିଯୋଗ ଓ କର୍ମଯୋଗର ଅଧିକାରୀ ମନେ କରିଥିଲେ ଏବଂ ମଧ୍ୟମପୁରୁଷ ପ୍ରୟୋଗ କରି ପ୍ରାୟତଃ ଭକ୍ତିଯୋଗ ଓ କର୍ମଯୋଗର ହିଁ ଉପଦେଶ ଦେଇଥିଲେ। ତେଣୁ ଅର୍ଜୁନ ଭକ୍ତିଯୋଗ ଓ କର୍ମଯୋଗ କଥା ଭୁଲି ନ ଥିଲେ, କିନ୍ତୁ ଜ୍ଞାନଯୋଗର କଥା ସବୁ ଭୁଲି ଯାଇଥିଲେ। ତେଣୁ ଭଗବାନ 'ଅନୁଗୀତା'ରେ କେବଳ ଜ୍ଞାନବିଷୟକ ଉପଦେଶ ଦେଇଛନ୍ତି।

ପ୍ରଶ୍ନ—ଅନୁଗୀତାରେ ଭଗବାନ କହିଛନ୍ତି, "ସେତେବେଳେ ମୁଁ ଯୋଗରେ ସ୍ଥିତ ହୋଇ ଗୀତା କହିଥିଲି, କିନ୍ତୁ ଏବେ ମୁଁ ସେପରି କହି ପାରିବି ନାହିଁ" (ମହାଭାରତ, ଆଶ୍ୱମେଧିକ. ୧୬।୧୨-୧୩), ତେବେ କଣ ଭଗବାନ ମଧ୍ୟ ସମୟ ବିଶେଷରେ ଯୋଗରେ ସ୍ଥିତ ହୁଅନ୍ତି ଏବଂ ଅନ୍ୟ ସମୟରେ

ଯୋଗରେ ସ୍ଥିତ ରହନ୍ତି ନାହିଁ? କଣ ଭଗବାନଙ୍କର ଜ୍ଞାନ ମଧ୍ୟ ଆଗନ୍ତୁକ?

ଉତ୍ତର—ଯେପରି ବାଛୁରୀ କ୍ଷୀର ପିଇବା ଆରମ୍ଭ କଲେ ଗାଈ ଦେହରେ ଥିବା ସବୁ କ୍ଷୀର ତା'ର ପହ୍ନା ଦେଇ ଝରି ଆସେ, ସେହିପରି ଶ୍ରୋତା ଯେତେବେଳେ ଉତ୍କଣ୍ଠିତ ହୋଇ କୌଣସି କଥା ପଚାରେ, ସେତେବେଳେ ବକ୍ତା ହୃଦୟରେ ବିଶେଷଭାବେ ତାହାର ଉତ୍ତର ସ୍ଫୁରିତ ହେବାକୁ ଲାଗେ । ଗୀତାରେ ଅର୍ଜୁନ ଉତ୍କଣ୍ଠିତ ଓ ବ୍ୟାକୁଳ ହୋଇ ନିଜର ଆତ୍ମକଲ୍ୟାଣ ବିଷୟରେ ପଚାରିଲେ, ଯଦ୍ଦ୍ୱାରା ଭଗବାନଙ୍କ ହୃଦୟରେ ବିଶେଷ ବିଶେଷ ଭାବମାନ ଜାଗ୍ରତ ହୋଇଥିଲା । କିନ୍ତୁ ଅନୁଗୀତାରେ ଅର୍ଜୁନଙ୍କର ସେତେ ଉତ୍କଣ୍ଠା ଓ ବ୍ୟାକୁଳତା ନ ଥିଲା । ସେଥିପାଇଁ ଗୀତାରେ ଯେପରି ରସାଳ ବର୍ଣ୍ଣନା ହୋଇଛି, ଅନୁଗୀତାରେ ସେପରି ହୋଇ ନାହିଁ ।

ପ୍ରଶ୍ନ—ଗୀତା (ଦଶମ ଅଧ୍ୟାୟ)ରେ ଯେପରି ଭଗବାନ ଅର୍ଜୁନଙ୍କୁ ନିଜର ବିଭୂତିଗୁଡ଼ିକ ବିଷୟରେ କହିଛନ୍ତି, ସେହିପରି ଶ୍ରୀମଦ୍‌ଭାଗବତରେ (ଏକାଦଶ ସ୍କନ୍ଧର ୧୬ଶ ଅଧ୍ୟାୟରେ) ଭଗବାନ ଉଦ୍ଧବଙ୍କୁ ନିଜର ବିଭୂତି କଥା କହିଛନ୍ତି । ଯଦି ଗୀତା ଓ ଭାଗବତ ଉଭୟର ବକ୍ତା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ, ତା'ହେଲେ ଦୁଇ ଜାଗାରେ କୁହାଯାଇଥିବା ବିଭୂତିଗୁଡ଼ିକରେ ପାର୍ଥକ୍ୟ ରହିଛି କାହିଁକି?

ଉତ୍ତର—ପ୍ରକୃତରେ ବିଭୂତିବର୍ଣ୍ଣନାରେ କୌଣସି ବସ୍ତୁ, ବ୍ୟକ୍ତି ଆଦିଙ୍କର ମହତ୍ତ୍ୱ ପ୍ରତିପାଦନ କରିବା ଭଗବାନଙ୍କର ଅଭିପ୍ରାୟ ନୁହେଁ, ବରଂ ଭଗବଦ୍ ଚିନ୍ତନ କରାଇବା ତାଙ୍କର ଅଭିପ୍ରାୟ । ସେଥିପାଇଁ ଗୀତା ଓ ଭାଗବତ ଉଭୟ ସ୍ଥାନରେ ବିଭୂତିବିଷୟକ ବର୍ଣ୍ଣନାରେ ଭଗବଦ୍ ଚିନ୍ତନ କରିବା ହେଉଛି ମୁଖ୍ୟ କଥା । ଅତଏବ ଯେଉଁ ଯେଉଁ ସ୍ଥାନରେ କିଛି ବିଶେଷତ୍ୱ ଦୃଷ୍ଟିଗୋଚର ହେଉଛି, ସେହି ସବୁ ସ୍ଥାନରେ ବସ୍ତୁ, ବ୍ୟକ୍ତି ଆଦିଙ୍କର ବିଶେଷତ୍ୱ ନ ଦେଖି କେବଳ ଭଗବାନଙ୍କର ବିଶେଷତ୍ୱ ଦେଖିବା ଉଚିତ ଏବଂ କେବଳ ଭଗବାନଙ୍କ ଆଡ଼କୁ ଚିତ୍ତବୃତ୍ତି ଯିବା ଉଚିତ । କହିବାର ଉଦ୍ଦେଶ୍ୟ ହେଲା, ମନ ଯେଉଁଆଡ଼େ ଯାଉ ନା କାହିଁକି, ସେଠାରେ କେବଳ ଭଗବାନଙ୍କର ଚିନ୍ତନ ହେବା ଉଚିତ । ଏଇଥିପାଇଁ ଭଗବାନ ବିଭୂତିଗୁଡ଼ିକର ବର୍ଣ୍ଣନା କରିଛନ୍ତି (୧୦ । ୪୧) ।

ପ୍ରଶ୍ନ—ଭାଗବତରେ ଭଗବାନ ଉଦ୍ଧବଙ୍କୁ ଉପଦେଶ ଦେଇଥିବାରୁ ତାହାର ନାମ ଯେପରି 'ଉଦ୍ଧବଗୀତା' ହେଲା, ସେହିପରି ଗୀତାର ନାମ ମଧ୍ୟ 'ଅର୍ଜୁନଗୀତା' ହେବା ଉଚିତ ଥିଲା । କିନ୍ତୁ ଏହାର ନାମ 'ଭଗବଦ୍‌ଗୀତା' ହେଲା କାହିଁକି?

ଉତ୍ତର—ଭାଗବତରେ ଉଦ୍ଧବ ନିଜେ ଭଗବାନଙ୍କୁ ଜିଜ୍ଞାସାପୂର୍ବକ ପ୍ରଶ୍ନ କରିଥିଲେ, ତେଣୁ ତାଙ୍କ ସଂବାଦର ନାମ 'ଉଦ୍ଧବଗୀତା' ରଖିବା ଠିକ୍ ହୋଇଛି । ମାତ୍ର ଗୀତା କହିବାର ପ୍ରେରଣା ତ ସ୍ୱୟଂ ଭଗବାନଙ୍କ ମନକୁ ଆସିଛି । ଅର୍ଜୁନ ତ କେବଳ ଯୁଦ୍ଧ କରିବାକୁ ଆସିଥିଲେ, ଉପଦେଶ ଶୁଣିବା ପାଇଁ ନୁହେଁ । ଗୀତା କହିବା ପାଇଁ ମନ ହେବାରୁ ହିଁ ଭଗବାନ ଅର୍ଜୁନଙ୍କ ରଥକୁ ପିତାମହ ଭୀଷ୍ମ ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଆଗରେ ଛିଡ଼ା କରାଇ ଅର୍ଜୁନଙ୍କୁ କହିଲେ, ''ହେ ପାର୍ଥ! ଏହି କୁରୁବଂଶୀମାନଙ୍କୁ ଦେଖ''—'**କୁରୂନ୍ ପଶ୍ୟ**'(୧ । ୨୫) । ଯଦି ଭଗବାନ ଏପରି ନ କହି ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ ଦେଖ—'**ଧାର୍ତ୍ତରାଷ୍ଟ୍ରାନ୍ ପଶ୍ୟ**' ବୋଲି କହିଥାନ୍ତେ, ତେବେ ଅର୍ଜୁନଙ୍କ ମନରେ ମୋହ ଜାତ ନ ହୋଇ ଯୁଦ୍ଧ କରିବାର ଉତ୍ତେଜନା ହିଁ ଆସିଥାଆନ୍ତା, ଯଦ୍ଦ୍ୱାରା ଗୀତା କହିବାର ସୁଯୋଗ ଉପସ୍ଥିତ ହୋଇ ନ ଆଆନ୍ତା । ଗୀତା କହିବାର ସୁଯୋଗ ତ 'କୁରୁବଂଶୀମାନଙ୍କୁ ଦେଖ' କହିବାରୁ ହିଁ ଉପସ୍ଥିତ ହେଲା । କାରଣ ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ଓ ପାଣ୍ଡବମାନେ ଉଭୟେ କୁରୁବଂଶର ଥିଲେ । ତେଣୁ ନିଜର ସମ୍ପର୍କୀୟମାନଙ୍କୁ ଦେଖି ଅର୍ଜୁନଙ୍କର ପ୍ରସୁପ୍ତ ମୋହ ଜାଗ୍ରତ ହେଲା ଏବଂ ସେ କର୍ତ୍ତବ୍ୟାକର୍ତ୍ତବ୍ୟର ନିର୍ଣ୍ଣୟ କରି ପାରିଲେ ନାହିଁ । ତେଣୁ ଭଗବାନଙ୍କର ଶରଣାପନ୍ନ ହୋଇ ସେ ନିଜର କଲ୍ୟାଣ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ । ସୁତରାଂ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶର ନାମ 'ଭଗବଦ୍‌ଗୀତା' ରଖିବା ଯୁକ୍ତିଯୁକ୍ତ ଓ ଯଥାର୍ଥ ହୋଇଛି ।

ପ୍ରଶ୍ନ—ଯଦି ଯୁଦ୍ଧ ପାଇଁ ସବୁ ପ୍ରସ୍ତୁତି ସରିଥିଲା, ତେବେ ଏତେ କମ୍ ସମୟରେ ଭଗବାନ ଏତେ ବିସ୍ତୃତ ଗୀତୋପଦେଶ ଦେଲେ କିପରି?

ଉତ୍ତର—ଯଦି ଭଗବାନଙ୍କ ମାୟାରେ ଅସମ୍ଭବ ବି ସମ୍ଭବ ହୋଇପାରେ, ତେବେ ସ୍ୱୟଂ ଭଗବାନ ଯେ କମ୍ ସମୟରେ ବହୁତ କିଛି କହିଦେଇ ପାରନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି?

ମହାଭାରତକୁ ଦେଖିଲେ ଜଣାଯାଏ ଯେ ସମୟ ଅଳ୍ପ ନ ଥିଲା । ଅର୍ଜୁନ ଭଗବାନଙ୍କୁ ଦୁଇ ସେନାର ମଧ୍ୟଭାଗରେ ରଥ ରଖିବାକୁ କହିବାରୁ ଭଗବାନ ରଥକୁ ଦୁଇ ସେନାର ମଧ୍ୟଭାଗରେ ଠିଆ କରିଦେଲେ । ଯେତେବେଳେ ଦୁଇ ସେନାର ମଧ୍ୟଭାଗରେ ରଥ ଛିଡ଼ା ହୋଇଛି ଏବଂ ସେଠାରେ ଦୁଇ ମିତ୍ର ପରସ୍ପର

କଥାବାର୍ତ୍ତା ହେଉଛନ୍ତି, ସେତେବେଳେ ଦୁଇ ସେନା ମଧ୍ୟରେ ଯୁଦ୍ଧ ହେବ କିପରି? ଅତଏବ ଦୁଇ ସେନା ଖୁବ୍ ଶାନ୍ତିରେ ଛିଡ଼ା ହୋଇଥିଲେ।

ଗୀତାର ଉପଦେଶ ପୂର୍ଣ୍ଣ ହେବା ପରେ ଯୁଧିଷ୍ଠିର ନିଃଶସ୍ତ୍ର ହୋଇ କୌରବସେନା ନିକଟକୁ ଗଲେ। ତାଙ୍କ ସହିତ ଭୀମ, ଅର୍ଜୁନ, ନକୁଳ, ସହଦେବ ଓ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଥିଲେ। କୌରବସେନା ଭିତରକୁ ଯାଇ ସେ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ପ୍ରଭୃତିଙ୍କୁ ସାକ୍ଷାତ କଲେ ଏବଂ ସେମାନଙ୍କ ସହିତ କଥାବାର୍ତ୍ତା ମଧ୍ୟ କଲେ। ସେଠାରୁ ଫେରିବାବେଳେ ଯୁଧିଷ୍ଠିର ଘୋଷଣା କଲେ ଯେ, ଏ ସମସ୍ତ କୌରବସେନା ଅବଶ୍ୟ ମରିବେ ଏବଂ ଯଦି କେହି ବଞ୍ଚିବାକୁ ଇଚ୍ଛା କରେ, ସେ ଆମ ପକ୍ଷକୁ ଆସିପାରେ। ଯୁଧିଷ୍ଠିରଙ୍କର ଏପରି ଘୋଷଣା ଶୁଣି ଦୁର୍ଯ୍ୟୋଧନର ଭାଇ ଯୁଯୁତ୍ସୁ ନାଗରା ବଜାଇ ବଜାଇ ପାଣ୍ଡବସେନାକୁ ଚାଲି ଆସିଲେ। ତା'ପରେ ଯାଇ ଯୁଦ୍ଧ ଆରମ୍ଭ ହେଲା। ଏଥିରୁ ଜଣାପଡୁଛି ଯେ ଗୀତାର ଉପଦେଶ ପାଇଁ ଯଥେଷ୍ଟ ସମୟ ଥିଲା।

ପ୍ରଶ୍ନ—ଭଗବାନ ଗୀତାକୁ ଗଦ୍ୟରେ କହିଥିଲେ, ନା ପଦ୍ୟରେ?

ଉତ୍ତର—ସେତେବେଳେ ଯେଉଁ ଭାଷା ସ୍ୱାଭାବିକଭାବେ ପ୍ରଚଳିତ ଥିଲା, ସେହି ଭାଷାରେ ଅର୍ଜୁନ ପ୍ରଶ୍ନ କଲେ ଏବଂ ସେହି ଭାଷାରେ ଭଗବାନ ଉତ୍ତର ତଥା ଉପଦେଶ ଦେଲେ। ପ୍ରକୃତରେ ଯେଉଁଠି ଜିଜ୍ଞାସାପୂର୍ତ୍ତି ନିମିତ୍ତ ଅସଲ ବ୍ୟାକୁଳତା ହୁଏ, ସେଠାରେ ଭାଷା ଆଡ଼କୁ ବକ୍ତା ଓ ଶ୍ରୋତାର ଧ୍ୟାନ ଯାଏ ନାହିଁ, ବରଂ ଭାବ ଆଡ଼କୁ ସେମାନଙ୍କର ଦୃଷ୍ଟି ରହିଥାଏ। କହିବା ସମୟରେ ବକ୍ତାର ଯଦି କୌଣସି ପ୍ରମାଣ ମନେ ପଡ଼ିଯାଏ, ତେବେ ପ୍ରମାଣଟି ଯେଉଁ ଭାଷାରେ ଥାଏ, ବକ୍ତା ତାହାକୁ ସେହି ଭାଷାରେ ଉଦ୍ଧାର କରିଥାଏ। ଏହିପରି ଭାବରେ ଭଗବାନ ଅର୍ଜୁନଙ୍କୁ ଗଦ୍ୟରେ ଉପଦେଶ ଦେଲେ ଏବଂ ସେଥିରେ ପ୍ରମାଣସ୍ୱରୂପ ଯେଉଁ ଶ୍ରୁତିବାକ୍ୟ କହିଲେ, ତାହାକୁ ଯଥାବତ୍ ପଦ୍ୟରେ କହିଲେ; ଯଥା—'**ଯଦକ୍ଷରଂ ବେଦବିଦୋ ବଦନ୍ତି....**' (୮।୧୧) ଇତ୍ୟାଦି। ତାତ୍ପର୍ଯ୍ୟ ହେଲା, ଭଗବାନ ଗୀତାର ଉପଦେଶ ଓ ଉତ୍ତର ଗଦ୍ୟ ଓ ପଦ୍ୟ ଉଭୟରେ ଦେଇଥିଲେ। ଗଦ୍ୟାତ୍ମକ ଉପଦେଶକୁ ବ୍ୟାସଦେବ ଶ୍ଲୋକବଦ୍ଧ କରିଥିଲେ।

ପ୍ରଶ୍ନ—ଯଦି ଗୀତା ବ୍ୟାସଦେବଙ୍କ ଦ୍ୱାରା ଶ୍ଲୋକବଦ୍ଧ କରାଯାଇଛି, ତେବେ ଏହାକୁ ଭଗବାନଙ୍କର ବାଣୀ ବୋଲି କିପରି କୁହାଯିବ?

ଉତ୍ତର—ବେଦବ୍ୟାସଙ୍କର କୃତି ଏତେ ବିଚିତ୍ର ଯେ ଯେଉଁଠି ଯେଉଁ ବକ୍ତା ଯାହା କୁହେ, ସେଇଠି ସେ ସେହିଭଳି ଭାଷା ପ୍ରୟୋଗ କରିଥାନ୍ତି। ଭାଗବତରେ ଗୋପବାଳକମାନଙ୍କର, ଗୋପୀମାନଙ୍କର ଓ ଭଗବାନଙ୍କର ବଚନଗୁଡ଼ିକୁ ଦେଖିଲେ ଭିନ୍ନତାର ଅନୁଭବ ହୁଏ। ବ୍ରହ୍ମାଙ୍କ ବଚନ ଅନ୍ୟ ପ୍ରକାରର ଲାଗେ, ଗୋପବାଳକଙ୍କ ବଚନ ଗ୍ରାମ୍ୟ ଭଳି ଲାଗେ, ଗୋପୀମାନଙ୍କର ବଚନ ସ୍ତ୍ରୀଜନୋଚିତ ଲାଗେ ଏବଂ ଭଗବାନଙ୍କର ବଚନ ଅନ୍ୟ ପ୍ରକାରର ଲାଗେ। ସେହିପରି ଗୀତାରେ ଭଗବାନଙ୍କର ବାଣୀକୁ ମଧ୍ୟ ବେଦବ୍ୟାସ ଶ୍ଲୋକ ରୂପ ପ୍ରଦାନ କରିଛନ୍ତି। ଅତଏବ ଗୀତା ଯେ ଭଗବାନଙ୍କର ବାଣୀ, ଏଥିରେ କୌଣସି ସନ୍ଦେହ ନାହିଁ।

ପ୍ରଶ୍ନ—ଗୀତା ଅନୁସାରେ କର୍ମଯୋଗ ଜ୍ଞାନଯୋଗର ସାଧନ ଅଟେ, ନା ତାହା ସ୍ୱତନ୍ତ୍ର?

ଉତ୍ତର—ଗୀତାରେ କର୍ମଯୋଗକୁ ଜ୍ଞାନଯୋଗର ସାଧନ ବୋଲି ମଧ୍ୟ କୁହାଯାଇଛି ଏବଂ ସ୍ୱତନ୍ତ୍ର ବୋଲି ମଧ୍ୟ କୁହାଯାଇଛି; ଯଥା—'କର୍ମଯୋଗ ବିନା ଜ୍ଞାନଯୋଗର ପ୍ରାପ୍ତି କଠିନ' (୫।୬), 'ଯେଉଁମାନେ କର୍ମଯୋଗ ଦ୍ୱାରା ନିଜର ଅନ୍ତଃକରଣକୁ ଶୁଦ୍ଧ କରି ନାହାନ୍ତି, ସେମାନେ ନିଜଠାରେ ସ୍ଥିତ ପରମାତ୍ମତତ୍ତ୍ୱକୁ ଜାଣନ୍ତି ନାହିଁ' (୧୫।୧୧)—ଏ କ୍ଷେତ୍ରରେ ଭଗବାନ କର୍ମଯୋଗକୁ ଜ୍ଞାନଯୋଗର ସାଧନ ବୋଲି କହିଛନ୍ତି।

'ଜ୍ଞାନଯୋଗ ଓ କର୍ମଯୋଗ ଉଭୟ ସାଧନା ପରମାତ୍ମାଙ୍କୁ ପ୍ରାପ୍ତ କରାଇବାରେ ସମକକ୍ଷ' (୫।୫), 'କର୍ମଯୋଗ ଦ୍ୱାରା ମନୁଷ୍ୟ ନିଜଠାରେ ସ୍ଥିତ ପରମାତ୍ମତତ୍ତ୍ୱର ଅନୁଭବ କରିଥାଏ' (୧୩।୨୪)—ଏ କ୍ଷେତ୍ରରେ ଭଗବାନ କର୍ମଯୋଗକୁ ସ୍ୱତନ୍ତ୍ର ବୋଲି କହିଛନ୍ତି। ତାତ୍ପର୍ଯ୍ୟ ହେଲା, କର୍ମଯୋଗ ଜ୍ଞାନଯୋଗର ସାଧନ ମଧ୍ୟ ହୋଇପାରେ ଏବଂ ସ୍ୱତନ୍ତ୍ରଭାବରେ ମଧ୍ୟ କଲ୍ୟାଣ କରିପାରେ।

ପ୍ରଶ୍ନ—କର୍ମଯୋଗ ସାଧନାରେ ସେବା ମୁଖ୍ୟ, ତେବେ ଗୀତାରେ କର୍ମଯୋଗ ପ୍ରକରଣରେ ସେବା କଥା କୁହାଯାଇ ନାହିଁ କାହିଁକି?

ଉତ୍ତର—ଗୀତାରେ ବର୍ଣ୍ଣିତ 'ଯଜ୍ଞାର୍ଥ କର୍ମ', 'ଲୋକସଂଗ୍ରହ' ଇତ୍ୟାଦି ଶବ୍ଦଗୁଡ଼ିକୁ ସେବାର ବାଚକ

ବୋଲି ବୁଝିବା ଉଚିତ । କାରଣ ଲୋକମର୍ଯ୍ୟାଦା ସୁରକ୍ଷିତ ରଖିବା ପାଇଁ ତଥା କେବଳ ଦୁନିଆର ମଙ୍ଗଳସାଧନ ପାଇଁ ନିଜର ସ୍ୱାର୍ଥ ଓ ଅଭିମାନ ତ୍ୟାଗ କରି ଯେଉଁ ସବୁ କର୍ମ କରାଯାଏ, ସେଗୁଡ଼ିକ 'ସେବା' ପଦବାଚ୍ୟ ।

୩. ଗୀତାରେ ଈଶ୍ୱରବାଦ

ଷଟ୍‌ସ୍ୱେବ ଦର୍ଶନେଷ୍ୱୀଶୋ ନ ତଥାପେକ୍ଷିତୋ ମତଃ ।
କଲ୍ୟାଣାର୍ଥଂ ତୁ ଜୀବାନାଂ ଗୀୟତେ ଗୀତୟେଶ୍ୱରଃ ॥

ଅନ୍ୟ ଦର୍ଶନମାନଙ୍କ ଅପେକ୍ଷା ଗୀତାରେ ଈଶ୍ୱରବାଦ ବିଶେଷଭାବେ ପରିଲକ୍ଷିତ ହୁଏ । ନ୍ୟାୟ, ବୈଶେଷିକ, ଯୋଗ, ସାଂଖ୍ୟ, ପୂର୍ବମୀମାଂସା ଓ ଉତ୍ତରମୀମାଂସା—ଏହି ଛଅଟି ଦର୍ଶନ କେବଳ ଜୀବର କଲ୍ୟାଣ ପାଇଁ ଉଦ୍ଦିଷ୍ଟ, କିନ୍ତୁ ଏଗୁଡ଼ିକରେ ଈଶ୍ୱରଙ୍କର ବର୍ଣ୍ଣନା ମୁଖ୍ୟଭାବରେ କରାଯାଇ ନାହିଁ । ଏଥିମଧ୍ୟରୁ 'ନ୍ୟାୟଦର୍ଶନ'ରେ 'ଯାହା କିଛି ହୁଏ, ତାହା ଈଶ୍ୱରଙ୍କ ଇଚ୍ଛାରେ ହୁଏ' ବୋଲି କହି ଈଶ୍ୱରଙ୍କୁ ଆଦର ଦିଆଯାଇଛି ସତ, କିନ୍ତୁ ମୁକ୍ତି ନିମିତ୍ତ ଏହା ଈଶ୍ୱରଙ୍କର ଆବଶ୍ୟକତା ସ୍ୱୀକାର କରେ ନାହିଁ । ଏହା ଏକୋଇଶ ପ୍ରକାର ଦୁଃଖର ଧ୍ୱଂସକୁ ମୁକ୍ତି ବୋଲି କହେ । 'ବୈଶେଷିକଦର୍ଶନ'ରେ ମଧ୍ୟ ଜୀବର କଲ୍ୟାଣ ନିମନ୍ତେ ଈଶ୍ୱରଙ୍କର ଆବଶ୍ୟକତା ଅଛି ବୋଲି କୁହା ନ ଯାଇ ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ନାମକ ତାପତ୍ରୟକୁ ବିନଷ୍ଟ କରିବାକୁ କୁହାଯାଇଛି । 'ଯୋଗଦର୍ଶନ'ରେ ମୁଖ୍ୟତଃ ଚିତ୍ତବୃତ୍ତିଗୁଡ଼ିକୁ ନିରୋଧ କରିବାକୁ କୁହାଯାଇଛି । ଚିତ୍ତବୃତ୍ତିଗୁଡ଼ିକ ନିରୁଦ୍ଧ ହେଲେ ସ୍ୱରୂପରେ ସ୍ଥିତି ହୋଇଯାଏ । ଅବଶ୍ୟ ଚିତ୍ତବୃତ୍ତିନିରୋଧରେ ଈଶ୍ୱରପ୍ରଣିଧାନ (ଶରଣାଗତି)କୁ ମଧ୍ୟ ଏକ ଉପାୟ ଭାବରେ ଗଣନା କରାଯାଇଛି, କିନ୍ତୁ ଉକ୍ତ ଉପାୟର ପ୍ରାଧାନ୍ୟ ନାହିଁ । 'ସାଂଖ୍ୟଦର୍ଶନ' ଓ 'ପୂର୍ବମୀମାଂସାଦର୍ଶନ' ତ ଜୀବର କଲ୍ୟାଣ ନିମନ୍ତେ ଈଶ୍ୱରଙ୍କର କୌଣସି ଆବଶ୍ୟକତା ଥିବାର ସ୍ୱୀକାର କରନ୍ତି ନାହିଁ । 'ଉତ୍ତରମୀମାଂସା' (ବେଦାନ୍ତଦର୍ଶନ)ରେ ଈଶ୍ୱରଙ୍କ କଥା ମୁଖ୍ୟଭାବରେ କୁହା ନ ଯାଇ ଜୀବ ଓ ବ୍ରହ୍ମର ଐକ୍ୟ କଥା ହିଁ ମୁଖ୍ୟଭାବରେ କୁହାଯାଇଛି । ବୈଷ୍ଣବାଚାର୍ଯ୍ୟମାନେ ଈଶ୍ୱରଙ୍କ ବିଶେଷତ୍ୱ ବିଷୟରେ କହିଥିଲେ ମଧ୍ୟ ଗୀତାରେ ଯେଉଁଭଳି ଭାବରେ କୁହାଯାଇଛି, ସେପରି କେହି କହି ନାହାନ୍ତି ।

ଗୀତାରେ ଈଶ୍ୱରଭକ୍ତି କଥା ମୁଖ୍ୟଭାବରେ କୁହାଯାଇଛି । ଅର୍ଜୁନ ଯେପର୍ଯ୍ୟନ୍ତ ଭଗବାନଙ୍କର ଶରଣାପନ୍ନ ହୋଇ ନାହାନ୍ତି, ସେପର୍ଯ୍ୟନ୍ତ ଭଗବାନ ଉପଦେଶ ଦେଇ ନାହାନ୍ତି । ଯେତେବେଳେ ଅର୍ଜୁନ ଭଗବାନଙ୍କର ଶରଣାପନ୍ନ ହୋଇ ନିଜର କଲ୍ୟାଣ ବିଷୟରେ ପ୍ରଶ୍ନ କଲେ, ସେତେବେଳେ ଯାଇ ଭଗବାନ ଗୀତାର ଉପଦେଶ ଆରମ୍ଭ କଲେ । ଉପଦେଶ ଶେଷରେ ମଧ୍ୟ ଭଗବାନ **'ମାମେକଂ ଶରଣଂ ବ୍ରଜ'** (୧୮ । ୬୬) କହି ତାଙ୍କର ଶରଣାପନ୍ନ ହେବାକୁ ଅତ୍ୟନ୍ତ ଗୋପନୀୟ ଓ ଶ୍ରେଷ୍ଠ ରହସ୍ୟ ବୋଲି କହିଲେ ଏବଂ ଅର୍ଜୁନ ମଧ୍ୟ **'କରିଷ୍ୟେ ବଚନଂ ତବ'** (୧୮ । ୭୩) କହି ପୂର୍ଣ୍ଣରୂପେ ଶରଣାଗତ ହେଲେ ।

ଗୀତୋକ୍ତ କର୍ମଯୋଗରେ ମଧ୍ୟ ଈଶ୍ୱରଙ୍କ ଆଦେଶରୂପେ ଈଶ୍ୱରଙ୍କର ପ୍ରାଧାନ୍ୟ ରହିଛି; ଯଥା— **'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ'** (୨ । ୪୭), **'ଯୋଗସ୍ଥଃ କୁରୁ କର୍ମାଣି'** (୨ । ୪୮), **'ନିୟତଂ କୁରୁ କର୍ମ ତ୍ୱମ୍'** (୩ । ୮), **'କୁରୁ କର୍ମୈବ ତସ୍ମାତ୍ତ୍ୱମ୍'** (୪ । ୧୫) ଇତ୍ୟାଦି । ସେହିପରି ଗୀତୋକ୍ତ ଜ୍ଞାନଯୋଗରେ ମଧ୍ୟ ଈଶ୍ୱରଙ୍କ ପ୍ରତି ଅବ୍ୟଭିଚାରିଣୀ ଭକ୍ତିକୁ ଜ୍ଞାନପ୍ରାପ୍ତିର ଉପାୟ ବୋଲି କୁହାଯାଇଛି (୧୩ । ୧୦; ୧୪ । ୨୬) ।

ଗୀତାର ଶ୍ଳୋକଗୁଡ଼ିକୁ ଅଧ୍ୟୟନ କଲେ ଜଣାପଡ଼େ ଯେ ଜୀବର କଲ୍ୟାଣ ନିମନ୍ତେ ଈଶ୍ୱରଙ୍କର ଆବଶ୍ୟକତା ଯଥେଷ୍ଟ ଅଧିକ ।

ଜ୍ଞାତବ୍ୟ

ପ୍ରଶ୍ନ—ଈଶ୍ୱରଙ୍କୁ ଆମେ କାହିଁକି ମାନିବା?

ଉତ୍ତର—ଈଶ୍ୱର ଅଛନ୍ତି, ତେଣୁ ତାଙ୍କୁ ମାନିବା ।

ପ୍ରଶ୍ନ—ଈଶ୍ୱର ଅଛନ୍ତି କି ନାହିଁ—ଏ କଥା କେମିତି ଜାଣିବା?

ଉତ୍ତର—ସଂସାରରେ ଯେକୌଣସି ଜିନିଷ ଦେଖାଯାଏ, ତାହାର କେହି ନା କେହି ନିର୍ମାତା ଅବଶ୍ୟ ଥାଆନ୍ତି; କାରଣ ନିର୍ମାତା ବିନା କୌଣସି ଜିନିଷ ନିର୍ମିତ

ହେବା ସମ୍ଭବ ନୁହେଁ। ସମୁଦ୍ର, ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ, ବାୟୁ, ତାରାଗଣ ଇତ୍ୟାଦି ଯାହା ସବୁ ଆମକୁ ଦେଖାଯାଆନ୍ତି, ଏମାନଙ୍କର ମଧ୍ୟ କେହି ଜଣେ ସୃଷ୍ଟିକର୍ତ୍ତା ଅବଶ୍ୟ ଥିବେ। ଏମାନଙ୍କର ସୃଷ୍ଟିକର୍ତ୍ତା ଆମଭଳି ଜଣେ କେହି ସାଧାରଣ ମନୁଷ୍ୟ ହୋଇ ନ ପାରେ। ଏମାନଙ୍କର ନିର୍ମାତା, ରଚୟିତା ସର୍ବଶକ୍ତିମାନ୍ ଈଶ୍ୱର ହିଁ ହୋଇ ପାରନ୍ତି। ତା'ଛଡ଼ା ସମୁଦ୍ର ନିଜର ମର୍ଯ୍ୟାଦାରେ ରହିଛି, ଚନ୍ଦ୍ର ଓ ସୂର୍ଯ୍ୟ ନିୟମିତ ସମୟରେ ଉଦୟ ଓ ଅସ୍ତ ହେଉଛନ୍ତି, ଇତ୍ୟାଦି। ତେବେ ଏମାନଙ୍କର ନିୟମନ ଓ ସଂଚାଳନ କରିବା ପାଇଁ କେହି ଜଣେ ନିଶ୍ଚୟ ଥିବେ। ଏମାନଙ୍କର ନିୟାମକ ସର୍ବସମର୍ଥ ଈଶ୍ୱର ହିଁ ହୋଇ ପାରନ୍ତି।

ପ୍ରଶ୍ନ—ସମୁଦ୍ର, ପୃଥିବୀ, ଚନ୍ଦ୍ର ଆଦିଙ୍କର ସୃଷ୍ଟି ଓ ନିୟନ୍ତ୍ରଣ ତ ପ୍ରକୃତି କରେ। ସବୁକିଛି ପ୍ରକୃତିରୁ ହିଁ ହୁଏ। ଅତଏବ ଈଶ୍ୱରଙ୍କୁ ରଚୟିତା ଓ ନିୟାମକ କାହିଁକି ମାନିବା?

ଉତ୍ତର—ପ୍ରଥମେ ମୁଁ ଆପଣଙ୍କୁ ପଚାରୁଛି ଯେ ପ୍ରକୃତି ଜଡ଼ କି ଚେତନ ଅର୍ଥାତ୍ ତାହାର ଜ୍ଞାନ ଅଛି କି ନାହିଁ? ଯଦି ଆପଣ ପ୍ରକୃତିକୁ ଜ୍ଞାନସମ୍ପନ୍ନ ମାନୁଥାନ୍ତି, ତେବେ ତାକୁ ହିଁ ମୁଁ ଈଶ୍ୱର ବୋଲି କହୁଛି। ଆମ ଶାସ୍ତ୍ରରେ ଈଶ୍ୱରରୂପରେ ଶକ୍ତିଙ୍କର ମଧ୍ୟ ବର୍ଣ୍ଣନା ରହିଛି। ଅତଏବ ଆପଣଙ୍କ ଓ ମୋ ଧାରଣାରେ କେବଳ ଶବ୍ଦଗତ ଭିନ୍ନତା ରହୁଛି, କୌଣସି ତତ୍ତ୍ୱଗତ ଭିନ୍ନତା ବା ଭେଦ ନାହିଁ। ଯଦି ଆପଣ ପ୍ରକୃତିକୁ ଜଡ଼ ମନେ କରନ୍ତି, ତେବେ ଜଡ଼ ପ୍ରକୃତି ଦ୍ୱାରା ଜ୍ଞାନପୂର୍ବକ କ୍ରିୟା ସମ୍ପାଦନ ହୋଇ ପାରିବ ନାହିଁ। ଜୀବଜନ୍ତୁଙ୍କୁ ସୃଷ୍ଟି କରିବା, ସେମାନଙ୍କୁ ଶୁଭାଶୁଭ କର୍ମର ଫଳ ପ୍ରଦାନ କରିବା ଇତ୍ୟାଦି କ୍ରିୟାଗୁଡ଼ିକ ଜଡ଼ ପ୍ରକୃତି ଦ୍ୱାରା ହେବା ସମ୍ଭବ ନୁହେଁ। କାରଣ୍ ଜ୍ଞାନପୂର୍ବକ କ୍ରିୟା ନ ହେଲେ ସଂସାରର ପ୍ରାଣୀମାନଙ୍କ ପାଇଁ ବ୍ୟବସ୍ଥା ହୋଇ ପାରିବ ନାହିଁ। ଜଡ଼ ପ୍ରକୃତିରେ ପରିବର୍ତ୍ତନ ଅବଶ୍ୟ ହୋଇଥାଏ, କିନ୍ତୁ ସେଥିରେ ଜ୍ଞାନପୂର୍ବକ କ୍ରିୟା କରିବାର ଶକ୍ତି ନ ଥାଏ। ଅତଏବ 'ଈଶ୍ୱର ଅଛନ୍ତି' ଏହା ଆମକୁ ମାନିବାକୁ ହିଁ ପଡ଼ିବ।

ଗୋଟିଏ ପକ୍ଷ କହେ ଯେ ଈଶ୍ୱର ନାହାନ୍ତି ଏବଂ ଅପରପକ୍ଷ କହେ ଯେ ଈଶ୍ୱର ଅଛନ୍ତି। ଯଦି 'ଈଶ୍ୱର ନାହାନ୍ତି' ଏ କଥା ସତ୍ୟ ହୁଏ, ତେବେ ଈଶ୍ୱରଙ୍କୁ ନ ମାନିବା ଲୋକ ଓ ମାନିବା ଲୋକଙ୍କ ମଧ୍ୟରେ ତଫାତ୍ ରହିବ ନାହିଁ ଅର୍ଥାତ୍ ଈଶ୍ୱରଙ୍କୁ ମାନୁଥିବା ଲୋକଙ୍କର କିଛି କ୍ଷତି ହେବ ନାହିଁ। କିନ୍ତୁ ଯଦି 'ଈଶ୍ୱର ଅଛନ୍ତି' ଏ କଥାଟି ସତ୍ୟ ହୁଏ, ତେବେ ଈଶ୍ୱରଙ୍କୁ ମାନୁଥିବା ଲୋକଙ୍କୁ ତ ଈଶ୍ୱରପ୍ରାପ୍ତି ହେବ, ଅଥଚ ଈଶ୍ୱରଙ୍କୁ ନ ମାନୁଥିବା ଲୋକେ ସର୍ବଥା ରିକ୍ତ ରହିଯିବେ। ତେଣୁ 'ଈଶ୍ୱର ଅଛନ୍ତି' ବୋଲି ମାନିବା ସମସ୍ତଙ୍କ ପାଇଁ ଉପଯୁକ୍ତ ଓ ଶ୍ରେୟସ୍କର। କିନ୍ତୁ କେବଳ ଈଶ୍ୱରଙ୍କୁ ମାନିନେଇ ସନ୍ତୁଷ୍ଟ ହୋଇଯିବା ଉଚିତ ନୁହେଁ, ବରଂ ତାଙ୍କୁ ପ୍ରାପ୍ତ କରିବା ଉଚିତ; କାରଣ ଈଶ୍ୱରଙ୍କୁ ପ୍ରାପ୍ତ କରିବାର ସାମର୍ଥ୍ୟ ପ୍ରତ୍ୟେକ ମନୁଷ୍ୟର ରହିଛି।

କୌଣସି ଜିନିଷ ପ୍ରାପ୍ତ ହେଉଥିଲେ ହିଁ ତାହାର ନିଷେଧ କରାଯାଇ ପାରେ—**'ପ୍ରାପ୍ତୌ ସତ୍ୟାଂ ନିଷେଧଃ'**। 'ଘୋଡ଼ାର ଡିମ୍ବ ନାହିଁ' ବୋଲି କେହି କଦାପି କହେ ନାହିଁ; କାରଣ ଯାହା ନାହିଁ, ତାକୁ ନାହିଁ ବୋଲି କହିବାର କୌଣସି ଅର୍ଥ ନ ଥାଏ। ଯଦି ଈଶ୍ୱର ନାହାନ୍ତି, ତେବେ 'ଈଶ୍ୱର ନାହାନ୍ତି' ଏପରି କହିବାର କିଛି ଅର୍ଥ ନାହିଁ। ଏପରି କେବଳ ସେତିକିବେଳେ ହିଁ କହିବା ସମ୍ଭବ ହେବ, ଯେତେବେଳେ ଈଶ୍ୱର ଥିବେ। ସୁତରାଂ 'ଈଶ୍ୱର ନାହାନ୍ତି' କହିବା ଦ୍ୱାରା ମଧ୍ୟ ଈଶ୍ୱରଙ୍କ ଥିବା କଥା ପ୍ରମାଣିତ ହୁଏ।

ଯେଉଁ ଲୋକ ଇଂରାଜୀ ଭାଷାକୁ ଭାଷାର ସ୍ୱୀକୃତି ଦିଏ, ସେ ହିଁ ତାହାକୁ ଶିଖିବା ପାଇଁ ଅଭ୍ୟାସ କରିବ ଓ ପଢ଼ିବ, ଫଳରେ ତାକୁ ଇଂରାଜୀ ଭାଷା ଆସିବ। କିନ୍ତୁ ଯେଉଁ ଲୋକ ଇଂରାଜୀ ଭାଷାକୁ ମହତ୍ତ୍ୱ ଦିଏ ନାହିଁ, ସେ ତାହା ଶିଖିବାକୁ ଅଭ୍ୟାସ କରିବ ବା କାହିଁକି? ଧରାଯାଉ କାହାରି ପାଖକୁ ଇଂରାଜୀ ଭାଷାରେ ତାରବାର୍ତ୍ତା ଆସିଲା। ଇଂରାଜୀ ଭାଷା ଜାଣିଥିବା ଲୋକ ସେହି ତାରବାର୍ତ୍ତାକୁ ପଢ଼ି ଜାଣି ପାରିଲା ଯେ ଅମୁକ ଲୋକ ବେମାର ଅଛି। ସେଠାକୁ ଯାଇ ଦେଖିଲା ବେଳକୁ କଥାଟି ସତ୍ୟ ହେଲା। ଲୋକଟି ଖୁବ୍ ବେମାର ଥିଲା। ତେଣୁ ଏହା ମାନିବାକୁ ପଡ଼ିବ ଯେ ଇଂରାଜୀ ବୋଲି ଗୋଟିଏ ଭାଷା ଅଛି। ସେଥିପାଇଁ ସିନା ତାରବାର୍ତ୍ତାର ଠିକ୍ ଅର୍ଥ ବାହାରିଲା। ସେହିପରି ଯେଉଁମାନେ ଈଶ୍ୱରପ୍ରାପ୍ତି ନିମନ୍ତେ ମନପ୍ରାଣ ଦେଇ ପ୍ରଯତ୍ନ କରୁଛନ୍ତି, ସେମାନଙ୍କ ଠାରେ ସାଧାରଣ ମନୁଷ୍ୟଙ୍କ (ଯେଉଁମାନେ ଈଶ୍ୱରପ୍ରାପ୍ତି ପାଇଁ ପ୍ରଯତ୍ନଶୀଳ ନୁହନ୍ତି) ତୁଳନାରେ ବିଶେଷତ୍ୱ ରହିଛି। ସେମାନଙ୍କ ସାନ୍ନିଧ୍ୟରେ ଓ ସେମାନଙ୍କ ସହିତ ସମ୍ଭାଷଣରେ ଶାନ୍ତି ମିଳେ।

କେବଳ ମନୁଷ୍ୟମାନଙ୍କୁ ନୁହେଁ, ପଶୁପକ୍ଷୀ ପ୍ରଭୃତିଙ୍କୁ ମଧ୍ୟ ସେମାନଙ୍କ ସାନିଧ୍ୟରୁ ଶାନ୍ତି ମିଳେ। ଯେଉଁମାନଙ୍କୁ ଈଶ୍ୱରପ୍ରାପ୍ତି ହୋଇ ସାରିଛି, ସେମାନଙ୍କ ଠାରେ ଅନେକ ବିଶେଷତ୍ୱ ଆସିଯାଏ, ଯାହା କି ସାଧାରଣ ମନୁଷ୍ୟଙ୍କ ପାଖରେ ନ ଥାଏ। ଯଦି ଈଶ୍ୱର ନାହାନ୍ତି, ତେବେ ସେମାନଙ୍କ ଠାରେ ବିଶେଷତ୍ୱ ଆସିଲା କେଉଁଠୁ? ଅତଏବ ଈଶ୍ୱର ଅଛନ୍ତି ବୋଲି ମାନିବାକୁ ପଡ଼ିବ।

ପ୍ରତ୍ୟେକ ମନୁଷ୍ୟ ନିଜଠାରେ ଏକପ୍ରକାର ଦୁର୍ବଳତା ଓ ଅପୂର୍ଣ୍ଣତାର ଅନୁଭବ କରିଥାଏ। ଯଦି ଏହି ଅପୂର୍ଣ୍ଣତାକୁ ପୂର୍ଣ୍ଣ କରିବା ପାଇଁ କିଛି ନ ଥାଆନ୍ତା, ତେବେ ମନୁଷ୍ୟକୁ ଅପୂର୍ଣ୍ଣତାର ଅନୁଭବ ହୁଅନ୍ତା ନାହିଁ। ମନୁଷ୍ୟକୁ ଭୋକ ଲାଗୁଥିବାରୁ ପ୍ରମାଣିତ ହୁଏ ଯେ ନିଶ୍ଚୟ କୌଣସି ଖାଦ୍ୟପଦାର୍ଥ ଅଛି। ଖାଦ୍ୟପଦାର୍ଥ ନ ଥିଲେ ମନୁଷ୍ୟକୁ ଭୋକ ଲାଗନ୍ତା ନାହିଁ। ଶୋଷ ଲାଗୁଥିବାରୁ ଜଣାପଡୁଛି ଯେ ପିଇବା ଉପଯୋଗୀ କୌଣସି ପଦାର୍ଥ ନିଶ୍ଚୟ ଅଛି। ପିଇବା ଉପଯୋଗୀ ପଦାର୍ଥ ନ ଥିଲେ ମନୁଷ୍ୟକୁ ଶୋଷ ଲାଗନ୍ତା ନାହିଁ। ସେହିପରି ମନୁଷ୍ୟକୁ ଅପୂର୍ଣ୍ଣତାର ଅନୁଭବ ହେଉଥିବାରୁ ପ୍ରମାଣିତ ହେଉଛି ଯେ ନିଶ୍ଚୟ କୌଣସି ପୂର୍ଣ୍ଣତତ୍ତ୍ୱ ଅଛି। ଯଦି ପୂର୍ଣ୍ଣତତ୍ତ୍ୱ ନ ଥାଆନ୍ତା, ତେବେ ମନୁଷ୍ୟକୁ ଅପୂର୍ଣ୍ଣତାର ଅନୁଭବ ହୁଅନ୍ତା ନାହିଁ। ସେହି ପୂର୍ଣ୍ଣତତ୍ତ୍ୱକୁ ହିଁ ଈଶ୍ୱର କୁହାଯାଏ।

ଯେଉଁ ପଦାର୍ଥ ସୃଷ୍ଟିରେ ଅଛି, ତାକୁ ପାଇବାକୁ ଇଚ୍ଛା ହୁଏ। ଯାହା ନାହିଁ, ତାକୁ ପାଇବାକୁ ଆଦୌ ଇଚ୍ଛା ହୁଏ ନାହିଁ। ଉଦାହରଣାର୍ଥ—ମୁଁ ଆକାଶର ଫଳ ଖାଆନ୍ତି କି, ମୁଁ ଆକାଶର ଫୁଲ ଶୁଙ୍ଘନ୍ତି କି, ଏଭଳି ଇଚ୍ଛା କାହାରି ହୁଏ ନାହିଁ; କାରଣ ଆକାଶରେ ଫଳ ଓ ଫୁଲ ହୁଏ ନାହିଁ। ପ୍ରତ୍ୟେକ ମନୁଷ୍ୟର ଏପରି ଇଚ୍ଛା ଥାଏ ଯେ, ମୁଁ ସର୍ବଦା ବଞ୍ଚି ରହେ (କଦାପି ନ ମରେ), ମୁଁ ସବୁ କଥା ଜାଣିଯାଏ (ଅଜ୍ଞାନୀ ହୋଇ କଦାପି ନ ରହେ) ଏବଂ ମୁଁ ସର୍ବଦା ସୁଖୀ ରହେ (ଆଦୌ ଦୁଃଖୀ ନ ହୁଏ)। ମୁଁ ସର୍ବଦା ବଞ୍ଚି ରହେ—ଏହା 'ସତ୍'ର ଇଚ୍ଛା; ମୁଁ ସବୁ କଥା ଜାଣିଯାଏ—ଏହା 'ଚିତ୍'ର ଇଚ୍ଛା; ଏବଂ ମୁଁ ସର୍ବଦା ସୁଖୀ ରହେ—ଏହା 'ଆନନ୍ଦ'ର ଇଚ୍ଛା। ଏଥିରୁ ପ୍ରମାଣିତ ହେଲା ଯେ ଏପରି କୌଣସି ସଚ୍ଚିଦାନନ୍ଦସ୍ୱରୂପ ତତ୍ତ୍ୱ ଅବଶ୍ୟ ଅଛି, ଯାହାକୁ ପାଇବାର ଇଚ୍ଛା ପ୍ରତ୍ୟେକ ମନୁଷ୍ୟ ଭିତରେ ରହିଛି। ସେହି ତତ୍ତ୍ୱକୁ ଈଶ୍ୱର କହନ୍ତି।

ଯଦି କେହି ନିଜଠାରୁ ଅନ୍ୟ କାହାରିକୁ ବଡ଼ ବୋଲି ସ୍ୱୀକାର କରୁଥାଏ, ତେବେ ପ୍ରକୃତରେ ସେ ଈଶ୍ୱରବାଦକୁ ସ୍ୱୀକାର କରିଛି; କାରଣ ବଡ଼ପଣିଆର ପରମ୍ପରା ଯାହା ନିକଟରେ ଶେଷ ହୁଏ, ସେ ହିଁ ଈଶ୍ୱର—**'ପୂର୍ବେଷାମପି ଗୁରୁଃ କାଳେନାନବଚ୍ଛେଦାତ୍'**। (ପାତଞ୍ଜଳଯୋଗଦର୍ଶନ ୧।୨୬)। କୌଣସି ବ୍ୟକ୍ତିର କେହିହେଲେ ପିତା ଥାଏ ଏବଂ ତା'ର ପିତାର ମଧ୍ୟ କେହି ପିତା ଥାଏ। ଏହି ପରମ୍ପରା ଯାହା ନିକଟରେ ଶେଷ ହୁଏ, ତା'ର ନାମ ଈଶ୍ୱର—**'ପିତାସି ଲୋକସ୍ୟ ଚରାଚରସ୍ୟ'** (୧୧।୪୩)। କେହି ବଳବାନ୍ ହୋଇଥିଲେ ତା'ଠାରୁ ମଧ୍ୟ ଅଧିକ ବଳବାନ୍ କେହି ଥାଏ। ଏହି ବଳବତ୍ତାର ଅବଧି ଯାହାଠାରେ ଶେଷ ହୁଏ, ତାହାର ନାମ 'ଈଶ୍ୱର'। କାରଣ ତା'ପରି ବଳବାନ୍ କେହି ନାହାନ୍ତି। କେହି ବିଦ୍ୱାନ୍ ହୋଇଥିଲେ, ତା'ଠାରୁ ମଧ୍ୟ ଅନ୍ୟ କେହି ଅଧିକ ବିଦ୍ୱାନ୍ ଥାଏ। ଏହି ବିଦ୍ୱତ୍ତାର ଅବଧି ଯାହାଠାରେ ସମାପ୍ତ ହୁଏ, ସେ ହିଁ ଈଶ୍ୱର। କାରଣ ତାଙ୍କ ଭଳି ବିଦ୍ୱାନ୍ କେହି ନାହିଁ—**'ଗୁରୁର୍ଗରୀୟାନ୍'** (୧୧।୪୩)। ତାତ୍ପର୍ଯ୍ୟ ହେଲା, ବଳ, ବୁଦ୍ଧି, ବିଦ୍ୟା, ଯୋଗ୍ୟତା, ଐଶ୍ୱର୍ଯ୍ୟ, ଶୋଭା ଇତ୍ୟାଦି ଗୁଣଗୁଡ଼ିକର ଅବଧି ଯାହାଙ୍କ ଠାରେ ସମାପ୍ତ ହୁଏ, ସେ ହିଁ ଈଶ୍ୱର। କାରଣ ତାଙ୍କ ସମକକ୍ଷ କେହି ନାହିଁ—**'ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟଃ'** (୧୧।୪୩)।

ପ୍ରକୃତରେ ଈଶ୍ୱରଙ୍କୁ ମାନିନେବା ଉଚିତ। ସେ ବିଚାରର ବିଷୟ ନୁହନ୍ତି। ଯେଉଁ ବିଷୟରେ ଜିଜ୍ଞାସା ହୁଏ, ତାହା ହିଁ ବିଚାର(ତର୍କ)ର ବିଷୟ ହୋଇଥାଏ। ଯାହା ବିଷୟରେ ଆମେ କିଛି ଜାଣିଥାଉ ଓ କିଛି ଜାଣି ନ ଥାଉ, ସେ ବିଷୟରେ ହିଁ ଜିଜ୍ଞାସା ହୋଇଥାଏ। କିନ୍ତୁ ଯାହା ବିଷୟରେ ଆମେ ଆଦୌ କିଛି ଜାଣି ନ ଥାଉ, ସେ ବିଷୟରେ ଜିଜ୍ଞାସା ହୋଇ ନ ଥାଏ। ସେ ବିଷୟରେ ବିଚାର କରି ହୁଏ ନାହିଁ। ତାହାକୁ ଆମେ ମାନି ପାରୁ ବା ନ ମାନି ପାରୁ—ଏଥିରେ ଆମେ ସ୍ୱତନ୍ତ୍ର। ଜଗତ ଆମର ଦୃଷ୍ଟିଗୋଚର ହୁଏ, କିନ୍ତୁ ଜଗତ ତତ୍ତ୍ୱତଃ କ'ଣ, ତାହା ଆମେ ଜାଣି ନାହୁଁ; ଅତଏବ ଜଗତ ବିଚାରର ବିଷୟ। ସେହିପରି ଜୀବାତ୍ମା ସ୍ଥାବର ଓ ଜଙ୍ଗମ ରୂପରେ ଶରୀରଧାରୀ ପରି ଦେଖାଯାଏ, କିନ୍ତୁ ଜୀବାତ୍ମା ତତ୍ତ୍ୱତଃ କ'ଣ, ତାହା ଆମେ ଜାଣି ନାହୁଁ; ଅତଏବ ଜୀବାତ୍ମା ବିଚାରର

ବିଷୟ । ମାତ୍ର ଈଶ୍ୱରଙ୍କ ବିଷୟରେ ଆମେ କିଛିହେଲେ ଜାଣି ନାହୁଁ; ଅତଏବ ଈଶ୍ୱର ବିଗ୍ରହର (ତର୍କର) ବିଷୟ ନୁହନ୍ତି, ବରଂ ସେ ମାନିବାର (ଶ୍ରଦ୍ଧାର) ବିଷୟ । ଶାସ୍ତ୍ରମାନଙ୍କରୁ ଜାଣି ଓ ଈଶ୍ୱରଙ୍କୁ ପାଇଥିବା ତଥା ତାଙ୍କ ସହିତ ସାକ୍ଷାତ୍କାର କରିଥିବା ସନ୍ଥମହାପୁରୁଷମାନଙ୍କ ଠାରୁ ଶୁଣି ହିଁ ଈଶ୍ୱରଙ୍କୁ ମାନିବାକୁ ପଡ଼େ । ଶାସ୍ତ୍ର ଓ ସନ୍ଥମହାପୁରୁଷ ମଧ୍ୟ ମାନିବାର ବିଷୟ । ଯେପରି ବେଦ, ପୁରାଣ ଆଦିକୁ ହିନ୍ଦୁମାନେ ମାନନ୍ତି, ଅଥଚ ମୁସଲମାନମାନେ ମାନନ୍ତି ନାହିଁ, ସେହିପରି ସନ୍ଥମହାପୁରୁଷମାନଙ୍କୁ ମଧ୍ୟ କେତେକ ଲୋକ ମାନନ୍ତି ତ ଆଉ କେତେକ ମାନନ୍ତି ନାହିଁ । ସେମାନେ ସନ୍ଥମହାପୁରୁଷମାନଙ୍କୁ ସାଧାରଣ ମନୁଷ୍ୟ ବୋଲି ଭାବନ୍ତି ।

ପ୍ରଶ୍ନ—ଈଶ୍ୱରଙ୍କୁ ନ ମାନି ମଧ୍ୟ କଣ ମନୁଷ୍ୟ ନିଜର ଉଦ୍ଧାର କରି ପାରିବ, ସଂସାରର ବନ୍ଧନରୁ ମୁକ୍ତ ହୋଇ ପାରିବ?

ଉତ୍ତର—ହଁ, ହୋଇ ପାରିବ । ଏପରି କେତେକ ସମ୍ପ୍ରଦାୟ ଅଛନ୍ତି, ଯେଉଁମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ । ସେହି ସମ୍ପ୍ରଦାୟରେ ନିର୍ଦ୍ଦେଶିତ ସାଧନାରେ ତତ୍ପରତାର ସହ ମନୋନିବେଶ କରିଥିବା ଲୋକେ ସଂସାରରୁ ମୁକ୍ତ ହୋଇ ପାରନ୍ତି । ସାଂସାରିକ ଦୁଃଖରୁ ମୁକ୍ତି ପାଇ ପାରନ୍ତି, କିନ୍ତୁ ସେମାନଙ୍କୁ ପ୍ରତିକ୍ଷଣ ବର୍ଦ୍ଧମାନ ପରମ ଆନନ୍ଦ (ଭଗବଦ୍‌ପ୍ରେମ) ମିଳେ ନାହିଁ । ହଁ, ଈଶ୍ୱରଙ୍କ ପ୍ରତି ବିରୋଧ, ଦ୍ୱେଷ ଏବଂ ନିଜ ମତ ପ୍ରତି ଆଗ୍ରହ ନ ଥିଲେ ସେମାନେ ଈଶ୍ୱରଙ୍କୁ ମାନନ୍ତୁ ବା ନ ମାନନ୍ତୁ, ସେମାନଙ୍କୁ ମଧ୍ୟ ଭଗବଦ୍‌ପ୍ରେମପ୍ରାପ୍ତି ହୋଇପାରେ । କହିବାର ଉଦ୍ଦେଶ୍ୟ ହେଲା, ଯାହାର ନିଜ ସିଦ୍ଧାନ୍ତ ପ୍ରତି ପ୍ରେମ ରହିଛି, ଅଥଚ ସେ ଅନ୍ୟର ସିଦ୍ଧାନ୍ତ ପ୍ରତି ଦ୍ୱେଷପୋଷଣ ନ କରି ତଟସ୍ଥ ରହୁଛି, ମୁକ୍ତ ହେବାପରେ ତାକୁ ଭଗବତ୍‌ପ୍ରାପ୍ତି ଓ ଭଗବଦ୍‌ପ୍ରେମପ୍ରାପ୍ତି ହୋଇପାରେ । ଭଗବାନଙ୍କୁ ମାନିଲେ ଯେ ସେ ମିଳିବେ ଏବଂ ନ ମାନିଲେ ଯେ ମିଳିବେ ନାହିଁ, ଏହା ଭଗବାନଙ୍କ ପକ୍ଷେ ସମ୍ଭବ ନୁହେଁ ।

ପ୍ରକୃତରେ ଉତ୍ପତ୍ତି-ବିନାଶଶୀଳ ପଦାର୍ଥଗୁଡ଼ିକ ପ୍ରତି ଥିବା ଆକର୍ଷଣ ହିଁ ମୁକ୍ତି ପାଇଁ ମୁଖ୍ୟ ବିଘ୍ନ । ଯଦି ମନୁଷ୍ୟ ସେହି ପଦାର୍ଥଗୁଡ଼ିକରୁ ସର୍ବଥା ଅସଙ୍ଗ ଓ ରାଗରହିତ ହୋଇଯାଏ, ତେବେ ସେ ମୁକ୍ତ ହୋଇ ପାରିବ ଅର୍ଥାତ୍ ତାହାର ପରତନ୍ତ୍ରତା ଦୂର ହୋଇଯିବ ।

ପ୍ରଶ୍ନ—ଗୀତାରେ ଈଶ୍ୱରଙ୍କୁ କେତୋଟି ରୂପରେ ବର୍ଣ୍ଣନା କରାଯାଇଛି?

ଉତ୍ତର—ଗୀତାରେ ଈଶ୍ୱରଙ୍କୁ ତିନୋଟି ରୂପରେ ବର୍ଣ୍ଣନା କରାଯାଇଛି—ସଗୁଣସାକାର, ସଗୁଣନିରାକାର ଓ ନିର୍ଗୁଣନିରାକାର । ତାତ୍ପର୍ଯ୍ୟ ଏହି ଯେ, ଯଦି ଈଶ୍ୱରଙ୍କୁ 'ସଗୁଣ ଓ ନିର୍ଗୁଣ' ମାନିବା, ତେବେ ସଗୁଣର ଦୁଇଟି ଭେଦ ହେବ—ସଗୁଣସାକାର ଓ ସଗୁଣନିରାକାର ଏବଂ ନିର୍ଗୁଣର ଗୋଟିଏ ଭେଦ ହେବ—ନିର୍ଗୁଣନିରାକାର । ଯଦି ଈଶ୍ୱରଙ୍କୁ 'ସାକାର ଓ ନିରାକାର' ମାନିବା, ତେବେ ସାକାରର ସଗୁଣସାକାର ନାମକ ଗୋଟିଏ ଭେଦ ହେବ ଏବଂ ନିରାକାରର ସଗୁଣନିରାକାର ଓ ନିର୍ଗୁଣନିରାକାର ନାମକ ଦୁଇଟି ଭେଦ ହେବ । ଗୀତାରେ ସପ୍ତମ ଅଧ୍ୟାୟର ୨୯ଶ ଓ ୩୦ଶ ଶ୍ଳୋକରେ, ଅଷ୍ଟମ ଅଧ୍ୟାୟର ୮ମ ରୁ ୧୬ଶ ଶ୍ଳୋକ ପର୍ଯ୍ୟନ୍ତ ଏବଂ ଏକାଦଶ ଅଧ୍ୟାୟର ୧୮ଶ ଶ୍ଳୋକରେ ଈଶ୍ୱରଙ୍କର ସଗୁଣସାକାର, ସଗୁଣନିରାକାର ଓ ନିର୍ଗୁଣନିରାକାର ରୂପର ବର୍ଣ୍ଣନା ଅଛି ।

ପ୍ରଶ୍ନ—କେତେକ ଲୋକ ଈଶ୍ୱରଙ୍କୁ ମାୟାମୟ ମନେ କରନ୍ତି । ସେମାନେ ଭାବନ୍ତି ଏକମାତ୍ର ନିର୍ଗୁଣ-ନିରାକାର ବ୍ରହ୍ମ ହିଁ ମାୟାରହିତ ଏବଂ ଈଶ୍ୱର ହେଉଛନ୍ତି ମାୟାଯୁକ୍ତ । ଏଭଳି ଧାରଣା କେତେଦୂର ଠିକ୍?

ଉତ୍ତର—ଗୀତା ଏପରି ମାନେ ନାହିଁ । ଗୀତା ଈଶ୍ୱରଙ୍କୁ ମାୟାର ଅଧିପତି ବୋଲି ମାନେ । ମାୟା ଈଶ୍ୱରଙ୍କ ଅଧୀନ । ଭଗବାନ ନିଜେ ପ୍ରକୃତିକୁ ନିୟନ୍ତ୍ରଣ କରି ନିଜର ଯୋଗମାୟା ଦ୍ୱାରା ଆବିର୍ଭୂତ ହୁଅନ୍ତି ବୋଲି କହିଛନ୍ତି (୪ । ୬) । କହିବାର ଉଦ୍ଦେଶ୍ୟ ହେଲା, ଯେଉଁ ଜୀବମାନେ ମାୟାରେ ପଡ଼ିଛନ୍ତି, ସେମାନଙ୍କୁ ଶିକ୍ଷା ଦେବା ପାଇଁ ଈଶ୍ୱର ମାୟାକୁ ସ୍ୱୀକାର କରି ନିଜ ଇଚ୍ଛାରେ ଅବତାର ଧାରଣ କରନ୍ତି । ଯଦି କୌଣସି ଇଂରେଜ ହିନ୍ଦୀ ଜାଣି ନ ଥାନ୍ତି, ତେବେ ଇଂରାଜୀ ଓ ହିନ୍ଦୀ ଉଭୟ ଭାଷା ଜାଣିଥିବା ଲୋକ ତାଙ୍କୁ ହିନ୍ଦୀରେ ଲେଖା ଯାଇଥିବା ବିଷୟକୁ ଇଂରାଜୀରେ ବୁଝାଇ ଦିଏ । ଏ କ୍ଷେତ୍ରରେ ବୁଝାଉଥିବା ସେହି ଲୋକଟି ଇଂରାଜୀର ଅଧୀନ (ଆଶ୍ରିତ) ହେଲା ନାହିଁ; କାରଣ ସେ ଅନ୍ୟମାନଙ୍କୁ ବୁଝାଇବା ପାଇଁ ଇଂରାଜୀକୁ କାମରେ ଲଗାଇଲା । ତା' ନିଜ ପାଇଁ ଇଂରାଜୀ ଆବଶ୍ୟକ ନୁହେଁ । ଠିକ୍ ସେହିପରି ମାୟାରେ ପଡ଼ିଥିବା ଜୀବମାନଙ୍କୁ ଶିକ୍ଷା ଦେବା ନିମିତ୍ତ ଈଶ୍ୱର ପ୍ରକୃତିକୁ ଅଧୀନ କରି

ଅବତାର ଧାରଣ କରନ୍ତି ଓ ଜୀବମାନଙ୍କର ସମ୍ମୁଖକୁ ଆସନ୍ତି।

ଈଶ୍ୱର ମାୟାର ଅଧିପତି (ସ୍ୱାମୀ)—ଏହି କଥାଟି ଗୀତାରେ ବାରମ୍ବାର ସ୍ପଷ୍ଟଭାବରେ କୁହାଯାଇଛି। ଯଥା—ଈଶ୍ୱର ଜୀବମାନଙ୍କର ମାଲିକ ଆଉ ମଧ୍ୟ ଅବତାର ଧାରଣ କରନ୍ତି (୪।୬); ଈଶ୍ୱର ଗୁଣ ଓ କର୍ମ ଅନୁସାରେ ଚାରି ବର୍ଣ୍ଣ ସୃଷ୍ଟି କରନ୍ତି (୪।୧୩); ଯେଉଁ ମନୁଷ୍ୟ ସକାମଭାବରେ ଦେବତାମାନଙ୍କର ଉପାସନା କରନ୍ତି, ସେମାନଙ୍କୁ ଫଳ ଦେବାର ବ୍ୟବସ୍ଥା ଈଶ୍ୱର ହିଁ କରନ୍ତି (୭।୨୨); ମହାପ୍ରଳୟରେ ସମସ୍ତ ଜୀବ ପ୍ରକୃତିରେ ଲୀନ ହୋଇଯାଆନ୍ତି ଏବଂ ପୁଣି ମହାସର୍ଗର ଆରମ୍ଭରେ ଈଶ୍ୱର ସେମାନଙ୍କୁ ସୃଷ୍ଟି କରନ୍ତି (୯।୭-୮); ସମସ୍ତ ଯୋନିରେ ଯେତେଗୁଡ଼ିଏ ଶରୀର ଉତ୍ପନ୍ନ ହୁଅନ୍ତି, ସେଥିରେ ପ୍ରକୃତି ହେଉଛି ମାତା ପରି ଏବଂ ଈଶ୍ୱର ହେଉଛନ୍ତି ପିତା ପରି (୧୪।୩-୪); ଈଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ରହନ୍ତି ଏବଂ ଜୀବମାନଙ୍କୁ ସେମାନଙ୍କ ସ୍ୱଭାବ ଅନୁସାରେ ଭ୍ରମଣ କରାନ୍ତି (୧୮।୬୧)। ଯେପରି ବଣିଆ ଅଳଙ୍କାର ତିଆରି କରିବା ପାଇଁ ବିଭିନ୍ନ ପ୍ରକାରର ଯନ୍ତ୍ରପାତି ବ୍ୟବହାର କରୁଥିଲେ ମଧ୍ୟ ଯନ୍ତ୍ରପାତିର ଅଧୀନ ହୁଏ ନାହିଁ, କାରଣ ସେ ଅଳଙ୍କାର ତିଆରି କରିବା ପାଇଁ ହିଁ ଯନ୍ତ୍ରପାତିଗୁଡ଼ିକୁ ବ୍ୟବହାର କରିଥାଏ, ସେହିପରି ଈଶ୍ୱର ସଂସାର ସୃଷ୍ଟି କରିବା ପାଇଁ ହିଁ ପ୍ରକୃତିକୁ ସ୍ୱୀକାର କରନ୍ତି।

ଯିଏ ନିଜେ ବନ୍ଧନରେ ପଡ଼ିଛି, ସେ ଅନ୍ୟମାନଙ୍କୁ ବନ୍ଧନରୁ ମୁକ୍ତ କରି ପାରିବ କିପରି? କେବେହେଲେ କରି ପାରିବ ନାହିଁ। ଜୀବ ନିଜେ ବନ୍ଧନରେ ପଡ଼ିଛି; ତେଣୁ ସେ ଅନ୍ୟମାନଙ୍କୁ ବନ୍ଧନରୁ ମୁକ୍ତ କରି ପାରିବ ନାହିଁ। କିନ୍ତୁ ଈଶ୍ୱର ବନ୍ଧନର ଉର୍ଦ୍ଧ୍ୱରେ, ତେଣୁ ସେ ବନ୍ଧନରେ ପଡ଼ିଥିବା ଜୀବମାନଙ୍କୁ (ଯେଦି ସେମାନେ ଇଚ୍ଛା କରୁଥାନ୍ତି) ବନ୍ଧନ ଓ ପାପରୁ ମୁକ୍ତ କରି ପାରିବେ (୧୮।୬୬)। ମାୟାରେ ଆବଦ୍ଧ ଜୀବର ଉପାସନା କଲେ ଉପାସକକୁ ବନ୍ଧନରୁ ମୁକ୍ତି ମିଳେ ନାହିଁ, କିନ୍ତୁ ଈଶ୍ୱରଙ୍କର ଉପାସନା କଲେ ଜୀବ ବନ୍ଧନରୁ ମୁକ୍ତ ହୋଇଯାଏ। ତାତ୍ପର୍ଯ୍ୟ ଏହି ଯେ ଈଶ୍ୱର ଜୀବ ହୋଇ ପାରିବେ ନାହିଁ କି ଜୀବ ଈଶ୍ୱର ହୋଇ ପାରିବ ନାହିଁ। ଅବଶ୍ୟ ଜୀବ ଅନନ୍ୟଭକ୍ତି ଦ୍ୱାରା ଈଶ୍ୱରଙ୍କ ସହ ଅଭିନ୍ନ ହୋଇ ପାରିବ, ଈଶ୍ୱରଙ୍କ ସହିତ ମିଶିଯାଇ ପାରିବ, କିନ୍ତୁ ଈଶ୍ୱର ହୋଇ ପାରିବ ନାହିଁ।

ପ୍ରଶ୍ନ—ଈଶ୍ୱରଙ୍କର ନମୁନା କ'ଣ?

ଉତ୍ତର—ଈଶ୍ୱରଙ୍କର ନମୁନା ହେଉଛି ଜୀବାତ୍ମା। କାରଣ ଈଶ୍ୱର ନିତ୍ୟ ତଥା ନିର୍ବିକାର ଏବଂ ଜୀବାତ୍ମା ମଧ୍ୟ ନିତ୍ୟ ତଥା ନିର୍ବିକାର। ମାତ୍ର ଜୀବାତ୍ମା ପ୍ରକୃତିର ଅଧୀନ ହୋଇଯାଏ, କିନ୍ତୁ ଈଶ୍ୱର କେବେହେଲେ ପ୍ରକୃତିର ଅଧୀନ ହୋଇ ନାହାନ୍ତି, ହେଉ ନାହାନ୍ତି କି ହେବେ ନାହିଁ ମଧ୍ୟ।

ସମସ୍ତଙ୍କୁ ନିଜ ସତ୍ତାର ଅନୁଭବ ହେଉଥାଏ ଯେ 'ମୁଁ ଅଛି'। 'ମୁଁ ଅଛି କି ନାହିଁ'—ଏପରି ସନ୍ଦେହ କଦାପି ହୋଇ ନ ଥାଏ। ଆମେ ଆମ ସତ୍ତାକୁ କେବେହେଲେ ପରୀକ୍ଷା କରି ନ ଥାଉ କିମ୍ବା ନିଜ ସତ୍ତାର କେବେହେଲେ ଅଭାବ ଅନୁଭବ କରି ନ ଥାଉ। ଏହି ଶରୀର ପୂର୍ବରୁ ନ ଥିଲା କି ପରେ ମଧ୍ୟ ରହିବ ନାହିଁ, କିନ୍ତୁ ନିଜ ସତ୍ତା ବିଷୟରେ ବିଚାର କଲେ କେବେହେଲେ ଏପରି ଅନୁଭବ ହୁଏ ନାହିଁ ଯେ, ମୁଁ ନ ଥିଲି। ଏ ବିଷୟରେ 'ମୋତେ ଜଣା ନାହିଁ' ଏହା ସିନା କହିହେବ, କିନ୍ତୁ 'ମୁଁ ନ ଥିଲି' ଏହା କହି ହେବ ନାହିଁ। କାରଣ ନିଜ ସତ୍ତାର ଅଭାବ କାହାରିକୁ ଅନୁଭୂତ ହୁଏ ନାହିଁ। ବର୍ତ୍ତମାନ ମଧ୍ୟ ଶରୀର ପ୍ରତିକ୍ଷଣ ଅଭାବ ଆଡ଼କୁ ଗତି କରୁଛି, ନଷ୍ଟ ହେଉଛି, ଆମଠାରୁ ପୃଥକ୍ ହେଉଛି। କିନ୍ତୁ ମୁଁ 'ଅଭାବ ଆଡ଼କୁ ଗତି କରୁଛି'—ଏପରି ଅନୁଭବ କାହାରିକୁ ହୁଏ ନାହିଁ, ବରଂ ଶରୀର ଅଭାବ ଆଡ଼କୁ ଗତି କରୁଥିବାର ଅନୁଭବ ସମସ୍ତଙ୍କୁ ହୋଇଥାଏ। ଯେ ନିଜେ ଭାବସ୍ୱରୂପ, ସେ ହିଁ ଶରୀରର ଅଭାବକୁ ଅନୁଭବ କରିପାରେ। ଭାବସ୍ୱରୂପ ହିଁ ଅଭାବକୁ ଜାଣିପାରେ। ଏଥିରୁ ପ୍ରମାଣିତ ହେଲା ଯେ ଶରୀରର ଅଭାବକୁ ଜାଣୁଥିବା ସ୍ୱୟଂ (ଜୀବାତ୍ମା) ହିଁ ଭାବସ୍ୱରୂପ ଓ ସତ୍‌ସ୍ୱରୂପ ଅଟେ।

ଆମେ ଯେଉଁ ସଂସାରକୁ ଦେଖୁଛୁ, ଶୁଣୁଛୁ ଓ ବୁଝୁଛୁ, ତାହା ପୂର୍ବରୁ ନ ଥିଲା, ପରେ ରହିବ ନାହିଁ ଓ ବର୍ତ୍ତମାନ ମଧ୍ୟ ନିରନ୍ତର ଅଭାବ ଆଡ଼କୁ ଗତି କରୁଛି। ଏହି ସଂସାର ଗତକାଲି ଯେପରି ଥିଲା, ସେପରି ଆଜି ନାହିଁ ଏବଂ ଆଜି ମଧ୍ୟ ଘଣ୍ଟାଏ ପୂର୍ବରୁ ଯେପରି ଥିଲା, ସେପରି ବର୍ତ୍ତମାନ ନାହିଁ। ଅତଏବ ସଂସାର ପ୍ରତିକ୍ଷଣ ଅଭାବ ଓ ବିନାଶ ଆଡ଼କୁ ଗତି କରୁଛି। କିନ୍ତୁ ଯାହାକୁ ଆଧାର କରି ଏହି ପରିବର୍ତ୍ତନଶୀଳ ସଂସାର ତିଷ୍ଠି ରହିଛି, ସେପରି କୌଣସି ପ୍ରକାଶକ, ଆଧାର, ରଚୟିତା, ସର୍ବସମର୍ଥ ତତ୍ତ୍ୱ

ନିଶ୍ଚୟ ଅଛି, ଯେଉଁଥିରେ କଦାପି କୌଣସି ପରିବର୍ତ୍ତନ ହୁଏ ନାହିଁ। ସଂସାରରେ ଦେଶ, କାଳ, ବସ୍ତୁ, ବ୍ୟକ୍ତି, ପରିସ୍ଥିତି ପ୍ରଭୃତିରେ ଯାହା କିଛି ପରିବର୍ତ୍ତନ ହେଉଛି, ତାହା ସେହି ପରିବର୍ତ୍ତନରହିତ ତତ୍ତ୍ୱର ହିଁ ଅନ୍ତର୍ଭୁକ୍ତ। ଯେପରି ନିର୍ମଳ ଆକାଶରେ ମେଘ ସୃଷ୍ଟି ହୁଏ, ପୁଞ୍ଜୀଭୂତ ହୁଏ, ଗର୍ଜନ କରେ, ବିଜୁଳି ମାରେ, ବର୍ଷା ହୁଏ, ବେଳେ ବେଳେ କୁଆପଥର ମଧ୍ୟ ପଡ଼େ, କିନ୍ତୁ ଏପରି ହେଉଥିଲେ ମଧ୍ୟ ଆକାଶ ଯଥାବତ୍ ରହିଥାଏ, ଆକାଶର କୌଣସି ପରିବର୍ତ୍ତନ ହୁଏ ନାହିଁ। ଈଶ୍ୱର ମଧ୍ୟ ଏହି ଆକାଶ ପରି। ତାଙ୍କଠାରେ ସଂସାରର ଉତ୍ପତ୍ତି ଓ ପ୍ରଳୟ ହେବା, ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା, ପରିସ୍ଥିତି ପ୍ରଭୃତିରେ ପରିବର୍ତ୍ତନ ହେବା ଭଳି ବିଭିନ୍ନ କ୍ରିୟା ହୋଇଥାଏ, କିନ୍ତୁ ସେ (ଈଶ୍ୱର) ଯଥାବତ୍ ନିର୍ବିକାର ଓ ପରିବର୍ତ୍ତନରହିତ ହୋଇଥାନ୍ତି।

୪. ଗୀତାରେ ଶ୍ରୀକୃଷ୍ଣଙ୍କ ଭଗବତ୍ତା

ନରୋ ନ ଯୋଗୀ ନ ତୁ କାରକଶ୍ଚ ନାଂଶାବତାରୋ ନ ନୟପ୍ରବୀଣଃ।
ଭବାଶ୍ରୟତ୍ୱାଚ୍ଚ ଗୁଣାଶ୍ରୟତ୍ୱାଦ୍ କୃଷ୍ଣସ୍ତୁ ସାକ୍ଷାଦ୍ ଭଗବାନ୍ ସ୍ୱୟଂ ହି॥

ଶାସ୍ତ୍ରରେ ଭଗବତ୍ତାର ଲକ୍ଷଣ ନିମ୍ନ ପ୍ରକାରେ କଥିତ ଅଛି—

ଉତ୍ପତ୍ତିଂ ପ୍ରଳୟଂ ଚୈବ ଭୂତାନାମାଗତିଂ ଗତିମ୍।
ବେତ୍ତି ବିଦ୍ୟାମବିଦ୍ୟାଂ ଚ ସ ବାଚ୍ୟୋ ଭଗବାନିତି॥

(ବିଷ୍ଣୁପୁରାଣ ୬।୫।୭୮)

"ଯେ ସକଳ ପ୍ରାଣୀଙ୍କର ଉତ୍ପତ୍ତି-ପ୍ରଳୟ, ଗତି-ଆଗତି ଓ ବିଦ୍ୟା-ଅବିଦ୍ୟାକୁ ଜାଣନ୍ତି, ତାଙ୍କର ନାମ ଭଗବାନ।"

ଗୀତାବଲୋକନ ଦ୍ୱାରା ଜଣାପଡ଼େ ଯେ ଏ ସମସ୍ତ ଲକ୍ଷଣ ଭଗବାନ ଶ୍ରୀକୃଷ୍ଣଙ୍କ ଠାରେ ବିଦ୍ୟମାନ। ଯଥା—

ଭଗବାନ ଗୀତାରେ କହିଛନ୍ତି—ମହାସର୍ଗର ଆରମ୍ଭରେ ମୁଁ ନିଜ ପ୍ରକୃତିକୁ ଅଧୀନ କରି ସମସ୍ତ ପ୍ରାଣୀଙ୍କୁ ଉତ୍ପନ୍ନ କରେ ଏବଂ ମହାପ୍ରଳୟ ସମୟରେ ସମସ୍ତ ପ୍ରାଣୀ ମୋ ପ୍ରକୃତିକୁ ପ୍ରାପ୍ତ ହୁଅନ୍ତି (୯।୭-୮); ବ୍ରହ୍ମାଙ୍କ ଦିବସ ଆରମ୍ଭରେ (ସର୍ଗର ଆରମ୍ଭରେ) ସମସ୍ତ ପ୍ରାଣୀ ବ୍ରହ୍ମାଙ୍କ ସୂକ୍ଷ୍ମଶରୀରରୁ ସୃଷ୍ଟି ହୁଅନ୍ତି ଏବଂ ବ୍ରହ୍ମାଙ୍କର ରାତ୍ରି ହେଲେ (ପ୍ରଳୟ ସମୟରେ) ସମସ୍ତ ପ୍ରାଣୀ ବ୍ରହ୍ମାଙ୍କ ସୂକ୍ଷ୍ମଶରୀରରେ ଲୀନ ହୋଇଯାଆନ୍ତି (୮।୧୮-୧୯)। ଏହିରୂପେ ଭଗବାନ ଶ୍ରୀକୃଷ୍ଣ ସକଳ ପ୍ରାଣୀଙ୍କର ଉତ୍ପତ୍ତି ଓ ପ୍ରଳୟକୁ ଜାଣନ୍ତି।

ଭଗବାନ କହିଛନ୍ତି—ମୁଁ ଭୂତକାଳର, ବର୍ତ୍ତମାନର ଓ ଭବିଷ୍ୟତର ସମସ୍ତ ପ୍ରାଣୀଙ୍କୁ ଜାଣେ (୭।୨୬)। ଯେଉଁମାନେ ସ୍ୱର୍ଗପ୍ରାପ୍ତି ଇଚ୍ଛାରେ ଯଜ୍ଞ, ଦାନ ଇତ୍ୟାଦି ଶୁଭକର୍ମ କରି ସ୍ୱର୍ଗାଦି ଲୋକକୁ ଯାଆନ୍ତି, ସେମାନେ ସେହି ସବୁ ଲୋକରେ ସେମାନଙ୍କ ପୁଣ୍ୟର ଫଳ ଭୋଗ କରି ପୁନର୍ବାର ମୃତ୍ୟୁଲୋକକୁ ଫେରି ଆସନ୍ତି (୯।୨୦-୨୧)। ଗତି (ମାର୍ଗ) ହେଉଛି ଦୁଇ ପ୍ରକାରର—ଶୁକ୍ଳ ଓ କୃଷ୍ଣ। ଏଥିମଧ୍ୟରୁ ଶୁକ୍ଳଗତିରେ ଯାଇଥିବା ପ୍ରାଣୀ ଫେରି ଆସେ ନାହିଁ, କିନ୍ତୁ କୃଷ୍ଣଗତିରେ ଯାଇଥିବା ପ୍ରାଣୀ ଫେରି ଆସେ (୮।୨୬)। ଆସୁର ସ୍ୱଭାବର ପ୍ରାଣୀ ବାରମ୍ବାର ଆସୁରୀଯୋନି ଲାଭ କରନ୍ତି ଏବଂ ପୁନଃ ସେମାନେ ସେଠାରୁ ଆହୁରି ଅଧମ ଗତିକୁ ଅର୍ଥାତ୍ ଘୋର ନରକକୁ ଚାଲିଯାଆନ୍ତି (୧୬।୧୯-୨୦)। ଏହିରୂପେ ଭଗବାନ ଶ୍ରୀକୃଷ୍ଣ ସମସ୍ତ ପ୍ରାଣୀଙ୍କର ଗତି ଓ ଆଗତିକୁ ଜାଣନ୍ତି।

ଅର୍ଜୁନ ଭଗବାନଙ୍କୁ କହିଛନ୍ତି ଯେ ଗତି ବିଷୟରେ ଆପଣଙ୍କ ବ୍ୟତୀତ ଅନ୍ୟ କେହି କହି ପାରିବ ନାହିଁ। ଆପଣ ହିଁ ମୋର ଗତିବିଷୟକ ସନ୍ଦେହ ମୋଚନ କରିବାରେ ସମର୍ଥ (୬।୩୯)। ଅର୍ଜୁନଙ୍କର ଏହି କଥନରୁ ମଧ୍ୟ ପ୍ରମାଣିତ ହେଉଛି ଯେ ପ୍ରାଣୀମାନଙ୍କର ନାନା ଗତିକୁ ବା ଗମନାଗମନକୁ ଭଗବାନ ଶ୍ରୀକୃଷ୍ଣ ପୂର୍ଣ୍ଣରୂପେ ଜାଣନ୍ତି।

ଭଗବାନ କହିଛନ୍ତି, ମୁଁ ସମସ୍ତ ପ୍ରାଣୀଙ୍କ ଠାରେ ବ୍ୟାପ୍ତ ଓ ସମସ୍ତ ପ୍ରାଣୀ ମୋ'ଠାରେ ସ୍ଥିତ; ଏବଂ ମୁଁ ସମସ୍ତ ପ୍ରାଣୀଙ୍କ ଠାରେ ନାହିଁ ଓ ସମସ୍ତ ପ୍ରାଣୀ ମୋ'ଠାରେ ନାହାନ୍ତି ଅର୍ଥାତ୍ ସବୁକିଛି ମୁଁ (୯।୪-୫)—ଏହା ବିଦ୍ୟା (ରାଜବିଦ୍ୟା) ଅଟେ। ଆସୁରଭାବସମ୍ପନ୍ନ ମୂଢ଼ ମନୁଷ୍ୟ ମୋର ଶରଣାଗତ ହୁଅନ୍ତି ନାହିଁ (୭।୧୫)—ଏହା ଅବିଦ୍ୟା ଅଟେ। ଏହିରୂପେ ଭଗବାନ ଶ୍ରୀକୃଷ୍ଣ ବିଦ୍ୟା ଓ ଅବିଦ୍ୟାକୁ ଜାଣନ୍ତି।

ଉପରୋକ୍ତ ଆଲୋଚନାରୁ ପ୍ରମାଣିତ ହୁଏ ଯେ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି-ପ୍ରଳୟ, ଗତି-ଆଗତି ଓ ବିଦ୍ୟା-ଅବିଦ୍ୟାକୁ ଜାଣିଥିବାରୁ ଶ୍ରୀକୃଷ୍ଣ ସାକ୍ଷାଦ୍ ଭଗବାନ ଅଟନ୍ତି।

ମନୁଷ୍ୟ ଭଲକର୍ମ କରି ଓ ସାଧନା କରି ଉଚ୍ଚ ସ୍ଥିତି ଲାଭ କଲେ, ଲୋକେ ତାକୁ ମହାପୁରୁଷ କହନ୍ତି। ଯେଉଁମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ମଧ୍ୟ ଜଣେ ମହାପୁରୁଷ ବୋଲି ଭାବନ୍ତି, ସେମାନଙ୍କର ଏହି ଭାବନା ପୂର୍ଣ୍ଣତଃ ଭ୍ରମାତ୍ମକ। ଭଗବାନ ଶ୍ରୀକୃଷ୍ଣ ଅବତାର ଥିଲେ। କେହି ସାଧନା କରି ଉଚ୍ଚକୁ ଉଠିଲେ ତାକୁ 'ଅବତାର' କୁହାଯାଏ ନାହିଁ, 'ଉତାର' କୁହାଯାଏ। ଯେ ନିଜ ସ୍ଥିତିରେ ସ୍ଥିତ ରହି ମଧ୍ୟ କୌଣସି ବିଶେଷ କାର୍ଯ୍ୟ ସମ୍ପାଦନ ପାଇଁ ତଳ ସ୍ତରକୁ ଅବତରଣ କରନ୍ତି ଅର୍ଥାତ୍ ମନୁଷ୍ୟ ପ୍ରଭୃତି ରୂପରେ ପ୍ରକଟିତ ହୁଅନ୍ତି, ତାଙ୍କୁ ହିଁ 'ଅବତାର' କୁହାଯାଏ। କୌଣସି ଶିକ୍ଷକ ପିଲାକୁ ବର୍ଣ୍ଣମାଳା ଶିଖାଇଲାବେଳେ ନିଜେ 'ଅ, ଆ, ଇ, ଈ' ଆଦି ସ୍ୱରବର୍ଣ୍ଣ ଓ 'କ, ଖ, ଗ, ଘ' ଆଦି ବ୍ୟଞ୍ଜନ ବର୍ଣ୍ଣ ଉଚ୍ଚାରଣ କରିଥାଏ ଏବଂ ପିଲା ଦ୍ୱାରା ମଧ୍ୟ ସେହିପରି ଉଚ୍ଚାରଣ କରାଏ ଓ ତା'ର ହାତଧରି ଲେଖାଏ। ପିଲାଟିକୁ ବର୍ଣ୍ଣମାଳା ଶିଖାଇବା ପାଇଁ ଶିକ୍ଷକ ନିଜେ ବାରମ୍ବାର ବର୍ଣ୍ଣମାଳାର ଉଚ୍ଚାରଣ କରିବା ଓ ଲେଖିବା ହିଁ ଶିକ୍ଷକର ପିଲାଟିର ଶ୍ରେଣୀରେ ଅବତାର ନେବା ଅର୍ଥାତ୍ ପିଲାଟିର ଶ୍ରେଣୀକୁ ଆସିବା। ପିଲାର ସ୍ତରକୁ ଖସିଲେ ମଧ୍ୟ ଶିକ୍ଷକର ବିଦ୍ୱତ୍ତା ଯଥାବତ୍ ରହିଥାଏ। ସେହିପରି ସାଧୁସନ୍ଥଙ୍କର ରକ୍ଷା, ଦୁଷ୍ଟମାନଙ୍କର ବିନାଶ ଓ ଧର୍ମର ସ୍ଥାପନା ନିମିତ୍ତ ଭଗବାନ ଅଜତ୍ୱରେ ସ୍ଥିତ ରହି ମଧ୍ୟ ଜନ୍ମ ନିଅନ୍ତି, ଅବିନାଶିତ୍ୱରେ ସ୍ଥିତ ରହି ମଧ୍ୟ ଅନ୍ତର୍ଦ୍ଧାନ ହୋଇଯାଆନ୍ତି ଏବଂ ସମସ୍ତ ପ୍ରାଣୀଙ୍କର ଈଶ୍ୱର ହୋଇ ରହି ମଧ୍ୟ ପିତାମାତାଙ୍କର ଆଜ୍ଞାବହ ହୋଇଥାଆନ୍ତି (୪।୬)। ଅବତାର ଗ୍ରହଣ କଲେ ମଧ୍ୟ ତାଙ୍କର ଅଜତ୍ୱ, ଅବିନାଶିତ୍ୱ ଓ ଈଶ୍ୱରତ୍ୱରେ ଲେଶମାତ୍ର ଊଣା ହୁଏ ନାହିଁ। ସେ ପୂର୍ବବତ୍ ରହିଥାଆନ୍ତି।

ଯେଉଁମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଭଗବାନ ନ ମାନି ଜଣେ ଯୋଗୀ ମାନନ୍ତି, ସେମାନଙ୍କର ଧାରଣା ଭୁଲ୍। ଯୋଗର ଅଧିକାରୀକୁ ଯୋଗୀ କୁହାଯାଏ। ଯୋଗର ଆଠଟି ଅଙ୍ଗ ଅଛି। ପ୍ରଥମଟି ହେଲା 'ଯମ'। ଯମ ପାଞ୍ଚ ପ୍ରକାରର—ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ। ଅତଏବ ଯିଏ ଯୋଗୀ ହୋଇଥିବ, ସେ ନିଶ୍ଚିତରୂପେ ସତ୍ୟ କହିବ। ଯଦି ସେ ଅସତ୍ୟ କହୁଥାଏ, ତେବେ ସେ ଯୋଗୀ ନୁହେଁ। କାରଣ ସେ ଯୋଗର ପ୍ରଥମ ଅଙ୍ଗ (ଯମ) ମଧ୍ୟ ପାଳନ କରି ନାହିଁ। ସୁତରାଂ ଭଗବାନ ଶ୍ରୀକୃଷ୍ଣଙ୍କୁ ଯୋଗୀ ବୋଲି ମାନିଲେ ତାଙ୍କୁ ଭଗବାନ ବୋଲି ମଧ୍ୟ ମାନିବାକୁ ପଡ଼ିବ, କାରଣ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅନେକ ସ୍ଥାନରେ ନିଜକୁ ଭଗବାନ ବୋଲି କହିଛନ୍ତି; ଯଥା—

ମୁଁ ସମସ୍ତ ପ୍ରାଣୀଙ୍କର ଈଶ୍ୱର ହୋଇ ମଧ୍ୟ ଅବତାର ଗ୍ରହଣ କରେ (୪।୬); ମୁଁ ସମସ୍ତ ପ୍ରାଣୀଙ୍କ ହୃଦୟରେ ଉତ୍ତମରୂପେ ଅବସ୍ଥିତ (୧୫।୧୫); ଯେଉଁ ଲୋକେ ନିଜର ଏବଂ ଅନ୍ୟମାନଙ୍କର ଶରୀରରେ ସ୍ଥିତ ଅନ୍ତର୍ଯାମୀ ଈଶ୍ୱରଙ୍କ ସହିତ ଅର୍ଥାତ୍ ମୋ ସହିତ ଦ୍ୱେଷ କରନ୍ତି, ମୁଁ ସେମାନଙ୍କୁ ଆସୁରୀଯୋନିରେ ପକାଏ (୧୬।୧୮-୧୯); ଯେଉଁ ଅଶ୍ରଦ୍ଧାଳୁ ମନୁଷ୍ୟ ଦମ୍ଭ, ଅହଂକାର, କାମନା, ଆସକ୍ତି ଓ ହଠର ବଶବର୍ତ୍ତୀ ହୋଇ ଶାସ୍ତ୍ରବିଧିକୁ ଉପେକ୍ଷା କରି ଘୋର ତପସ୍ୟା କରନ୍ତି, ସେମାନେ ନିଜର ପାଞ୍ଚଭୌତିକ ଶରୀରକୁ ତଥା ଅନ୍ତଃକରଣରେ ସ୍ଥିତ ମୋତେ ମଧ୍ୟ କଷ୍ଟ ଦିଅନ୍ତି (୧୭।୫-୬)।

ଅନ୍ୱୟ ଓ ବ୍ୟତିରେକ ପ୍ରଣାଳୀରେ ମଧ୍ୟ ନିଜର ଈଶ୍ୱରତ୍ୱର ବର୍ଣ୍ଣନା କରିବାକୁ ଯାଇ ଭଗବାନ କହିଛନ୍ତି—ଯେଉଁମାନେ ମୋତେ ସମସ୍ତ ଲୋକର ମହାନ୍ ଈଶ୍ୱର ବୋଲି ମାନନ୍ତି, ସେମାନେ ଶାନ୍ତି ଲାଭ କରନ୍ତି (୫।୨୯) ଏବଂ ଯେଉଁମାନେ ମୋତେ ଅଜ, ଅବିନାଶୀ ଓ ମହାନ୍ ଈଶ୍ୱର ବୋଲି ମାନନ୍ତି, ସେମାନେ ମୋହ ଓ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି (୧୦।୩)। କିନ୍ତୁ ଯେଉଁମାନେ ମୋର ଈଶ୍ୱରଭାବକୁ ନ ଜାଣି ମୋତେ ମନୁଷ୍ୟ ଭାବି ବେଖାତିର କରନ୍ତି, ସେମାନେ ହେଉଛନ୍ତି ମୂଢ଼ (ମୂର୍ଖ) (୯।୧୧)। ଯେଉଁମାନେ ମୋତେ ସମସ୍ତ ଯଜ୍ଞର ଭୋକ୍ତା ଓ ସମଗ୍ର ସଂସାରର ଈଶ୍ୱର ବୋଲି ମାନନ୍ତି ନାହିଁ, ସେମାନଙ୍କର ପତନ ହୁଏ (୯।୨୪)।

ଯେଉଁ ଜ୍ଞେୟ ତତ୍ତ୍ୱକୁ ଜାଣିଗଲେ ଅମରତ୍ୱପ୍ରାପ୍ତି ହୁଏ (୧୩।୧୨), ସେହି ଜ୍ଞେୟ ତତ୍ତ୍ୱ ହେଉଛି ମୁଁ; କାରଣ ସମସ୍ତ ବେଦମାନଙ୍କ ଦ୍ୱାରା ଜାଣିବାଯୋଗ୍ୟ ତତ୍ତ୍ୱ ମୁଁ ହିଁ ଅଟେ (୧୫।୧୫)। ମୁଁ ସମଗ୍ର ଜଗତକୁ ଉତ୍ପନ୍ନ କରେ। ମୋ ବ୍ୟତୀତ ଏହି ଜଗତର ସୃଷ୍ଟିକର୍ତ୍ତା ଅନ୍ୟ କେହି ନାହିଁ। ମୁଁ ହିଁ ସମଗ୍ର ଜଗତରେ ଓତପ୍ରୋତଭାବେ ବିଦ୍ୟମାନ (୭।୬-୭)। ସାତ୍ତ୍ୱିକ, ରାଜସ ଓ ତାମସ ଭାବ (କ୍ରିୟା, ପଦାର୍ଥ ଇତ୍ୟାଦି)

ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି (୭ । ୧୨) । ପ୍ରାଣୀମାନଙ୍କର ବୁଦ୍ଧି, ଜ୍ଞାନ, ଅସମ୍ମୋହ ଆଦି ଭାବ ମୋ'ଠାରୁ ହିଁ ଜାତ ହୁଅନ୍ତି (୧୦ । ୪-୫) । ଚର, ଅଚର, ସ୍ଥାବର, ଜଙ୍ଗମ ଇତ୍ୟାଦି କୌଣସି ବସ୍ତୁ ଓ ପ୍ରାଣୀ ମୋ'ଠାରୁ ଭିନ୍ନ ନୁହେଁ (୧୦ । ୩୯) । ସମଗ୍ର ଜଗତ ମୋର କୌଣସି ଏକ ଅଂଶରେ ଅବସ୍ଥିତ (୧୦ । ୪୨) ।

ମୁଁ ହିଁ ନିଜର ପ୍ରକୃତିକୁ ଅଧୀନ କରି ସଂସାରର ସର୍ଜନା କରେ (୯ । ୮) ଅଥବା ମୋ ଅଧ୍ୟକ୍ଷତାରେ ଅର୍ଥାତ୍ ମୋ'ଠାରୁ ସତ୍ତା ଓ ସ୍ଫୂର୍ତ୍ତି ପାଇ ପ୍ରକୃତି ସଂସାରର ସର୍ଜନା କରିଥାଏ (୯ । ୧୦) ।

ଦଶମ ଅଧ୍ୟାୟର ୨୦ଶ ରୁ ୩୮ଶ ଶ୍ଳୋକ ପର୍ଯ୍ୟନ୍ତ କଥିତ ବିଭୂତିଗୁଡ଼ିକରେ ଭଗବାନ ନିଜକୁ ଅଭିବ୍ୟକ୍ତ କରିଛନ୍ତି । ପୁଣି ଏକାଦଶ ଅଧ୍ୟାୟରେ ଭଗବାନ ଅର୍ଜୁନଙ୍କୁ ଦିବ୍ୟ ଦୃଷ୍ଟି ପ୍ରଦାନ କରି ନିଜର ଅବ୍ୟୟ, ଅବିନାଶୀ, ଦିବ୍ୟ ବିରାଟରୂପକୁ ଦେଖାଉଛନ୍ତି । ଭଗବାନଙ୍କର ଅତ୍ୟୁଗ୍ର ବିରାଟରୂପ ଦର୍ଶନ କରି ଅର୍ଜୁନ ଯେତେବେଳେ ଭୟଭୀତ ହୋଇଗଲେ, ଭଗବାନ ସେତେବେଳେ ନିଜର ଚତୁର୍ଭୁଜରୂପ ଦେଖାଇ ତାଙ୍କୁ ସାନ୍ତ୍ୱନା ଦେଲେ ଓ ପୁନଶ୍ଚ ସେ ଦ୍ୱିଭୁଜରୂପ ଧାରଣ କଲେ, ଇତ୍ୟାଦି ଇତ୍ୟାଦି । କହିବାର ଉଦ୍ଦେଶ୍ୟ ହେଲା, ଯଦି ଶ୍ରୀକୃଷ୍ଣ ଯୋଗୀ ଅଟନ୍ତି, ତେବେ ସେ ସତ୍ୟ କୁହନ୍ତି ଏବଂ ଯଦି ସେ ସତ୍ୟ କୁହନ୍ତି, ତେବେ ସେ ଈଶ୍ୱର ଅଟନ୍ତି; କାରଣ ସ୍ୱୟଂ ଶ୍ରୀକୃଷ୍ଣ ନିଜକୁ ଈଶ୍ୱର ବୋଲି କହିଛନ୍ତି । ଅତଏବ ଯେଉଁମାନେ ଶ୍ରୀକୃଷ୍ଣଙ୍କୁ ଯୋଗୀ ବୋଲି ମାନନ୍ତି, ସେମାନଙ୍କୁ ଏହା ନିଶ୍ଚିତରୂପେ ମାନିବାକୁ ପଡ଼ିବ ଯେ ଶ୍ରୀକୃଷ୍ଣ ହେଉଛନ୍ତି ଈଶ୍ୱର ।

୫. ଗୀତାରେ ଅବତାରବାଦ

ସର୍ବାଗମେଷୁ ଯେ ପ୍ରୋକ୍ତା ଅବତାରା ଜଗତ୍ପ୍ରଭୋଃ ।
ତଦ୍ରହସ୍ୟଂ ହି ଗୀତାୟାଂ କୃଷ୍ଣେନ କଥିତଂ ସ୍ୱୟମ୍ ॥

କେହି ନିଜର ସ୍ଥିତିରୁ ତଳକୁ ଓହ୍ଲାଇଲେ ତାହାକୁ 'ଅବତାର' କୁହାଯାଏ । ଯେପରି କୌଣସି ଶିକ୍ଷକ ବାଳକକୁ ପଢ଼ାଇବାବେଳେ ସେ ବାଳକର ସ୍ଥିତିକୁ ଆସି ତାକୁ ପଢ଼ାଏ ଅର୍ଥାତ୍ ସେ ନିଜେ 'କ, ଖ, ଗ' ଇତ୍ୟାଦି ଅକ୍ଷର ଉଚ୍ଚାରଣ କରେ ଓ ସେହି ବାଳକ ଦ୍ୱାରା ସେହିପରି ଉଚ୍ଚାରଣ କରାଏ । ପୁଣି ବାଳକର ହାତ ଧରି ସେ ଉକ୍ତ ଅକ୍ଷରଗୁଡ଼ିକୁ ଲେଖାଏ । ଏହା ବାଳକ ଆଗରେ ଶିକ୍ଷକର ଅବତାର । ଗୁରୁ ମଧ୍ୟ ଶିଷ୍ୟର ସ୍ଥିତିକୁ ଆସି ଅର୍ଥାତ୍ ଶିଷ୍ୟ ଯେପରି ବୁଝି ପାରିବ, ସେଭଳି ସ୍ଥିତିକୁ ଆସି ତାକୁ ତା'ର ବୁଦ୍ଧି ଅନୁସାରେ ବୁଝାନ୍ତି, ସେହିପରି ମନୁଷ୍ୟଙ୍କୁ ବ୍ୟବହାର ଓ ପରମାର୍ଥର ଶିକ୍ଷା ଦେବା ନିମିତ୍ତ ଭଗବାନ ମନୁଷ୍ୟର ସ୍ଥିତିକୁ ଆସନ୍ତି ବା ଅବତାର ଗ୍ରହଣ କରନ୍ତି ।

ଭଗବାନ ମନୁଷ୍ୟଙ୍କ ଭଳି ଜନ୍ମ ଲାଭ କରନ୍ତି ନାହିଁ । ଜନ୍ମ ଲାଭ ନ କଲେ ମଧ୍ୟ ଜନ୍ମର ଲୀଳା କରନ୍ତି ଅର୍ଥାତ୍ ମନୁଷ୍ୟଙ୍କ ଭଳି ମାଆର ଗର୍ଭକୁ ଆସନ୍ତି, କିନ୍ତୁ ମନୁଷ୍ୟ ଭଳି ଗର୍ଭାଧାନ ହୁଏ ନାହିଁ । ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ମାତା ଦେବକୀଙ୍କ ଗର୍ଭକୁ ଆସନ୍ତି, ସେତେବେଳେ ସେ ପ୍ରଥମେ ବସୁଦେବଙ୍କ ମନ ମଧ୍ୟରେ ପ୍ରବେଶ କରନ୍ତି ଏବଂ ନେତ୍ର ଦ୍ୱାରା ଦେବକୀଙ୍କ ଭିତରେ ପ୍ରବେଶ କରନ୍ତି । ଦେବକୀ ମନରେ ହିଁ ଭଗବାନଙ୍କୁ ଧାରଣ କରନ୍ତି* ।

ଗୀତାରେ ଭଗବାନ କହିଛନ୍ତି—ମୁଁ ଅଜ (ଅଜନ୍ମା) ରହି ମଧ୍ୟ ଜନ୍ମ ନିଏ ଅର୍ଥାତ୍ ମୋର ଅଜତ୍ୱ ଯଥାବତ୍ ରହିଥାଏ । ମୁଁ ଅବ୍ୟୟାତ୍ମା (ସ୍ୱରୂପତଃ ନିତ୍ୟ) ରହି ମଧ୍ୟ ଅନ୍ତର୍ଦ୍ଧାନ ହୋଇଯାଏ ଅର୍ଥାତ୍ ମୋ ଅବ୍ୟୟତ୍ୱରେ କଦାପି ନ୍ୟୂନତା ଆସେ ନାହିଁ । ମୁଁ ସମସ୍ତ ପ୍ରାଣୀଙ୍କର ଓ ସମସ୍ତ ଲୋକର ଈଶ୍ୱର ରହି ମଧ୍ୟ ପିତାମାତାଙ୍କର ଆଦେଶ

---

* ତତୋ ଜଗନ୍ମଙ୍ଗଳମଚ୍ୟୁତାଂଶଂ ସମାହିତଂ ଶୂରସୁତେନ ଦେବୀ ।
ଦଧାର ସର୍ବାତ୍ମକମାତ୍ମଭୂତଂ କାଷ୍ଠା ଯଥାଽଽନନ୍ଦକରଂ ମନସ୍ତଃ ॥ (ଶ୍ରୀମଦ୍ଭା. ୧୦ । ୨ । ୧୮)

"........ଯଥା ଦୀକ୍ଷାକାଳେ ଗୁରୁଃ ଶିଷ୍ୟାୟ ଧ୍ୟାନମୁପଦିଶତି ଶିଷ୍ୟଶ୍ଚ ଧ୍ୟାନୋକ୍ତାଂ ମୂର୍ତ୍ତିଂ ହୃଦି ନିବେଶୟତି ତଥା ବସୁଦେବୋ ଦେବକୀଦୃଷ୍ଟୌ ସ୍ୱଦୃଷ୍ଟିଂ ନିଦଧୌ । ଦୃଷ୍ଟିଦ୍ୱାରା ଚ ହରିଃ ସଂକ୍ରାମନ୍ ଦେବକୀଗର୍ଭେ ଆବିର୍ବଭୂବ । ଏତେନ ରେତୋରୂପେଣାଧାନଂ ନିରସ୍ତମ୍ ॥" (ଅନ୍ୱିତାର୍ଥପ୍ରକାଶିକା)

ପାଳନ କରେ ଅର୍ଥାତ୍ ମୋର ଈଶ୍ୱରତ୍ୱ ଓ ଐଶ୍ୱର୍ଯ୍ୟରେ ଆଦୌ ନ୍ୟୁନତା ଆସେ ନାହିଁ। ମନୁଷ୍ୟ ତ ନିଜ ନିଜର ପ୍ରକୃତି (ସ୍ୱଭାବ)ର ବଶୀଭୂତ ହୋଇ ଜନ୍ମ ଗ୍ରହଣ କରନ୍ତି, କିନ୍ତୁ ମୁଁ ନିଜର ପ୍ରକୃତିକୁ ନିଜର ଅଧୀନ କରି ସ୍ୱତନ୍ତ୍ରତାପୂର୍ବକ ନିଜ ଇଚ୍ଛା ଅନୁସାରେ ଅବତାର ଧାରଣ କରେ (୪ । ୬)।

ଭଗବାନ ତାଙ୍କ ଅବତାର ଗ୍ରହଣର ସମୟ ବିଷୟରେ କହିଛନ୍ତି ଯେ, ଯେଉଁ ଯେଉଁ ସମୟରେ ଧର୍ମର ହ୍ରାସ ଓ ଅଧର୍ମ ବୃଦ୍ଧି ହୁଏ, ସେହି ସେହି ସମୟରେ ମୁଁ ଅବତାର ଧାରଣ କରେ ବା ପ୍ରକଟ ହୁଏ (୪ । ୭)। ନିଜ ଅବତାରର ପ୍ରୟୋଜନୀୟତା ବିଷୟରେ ଭଗବାନ କହିଛନ୍ତି ଯେ, ଭକ୍ତଜନଙ୍କର ରକ୍ଷା ପାଇଁ ଓ ସେମାନଙ୍କ ଭାବର ରକ୍ଷା ପାଇଁ; ଅନ୍ୟାୟ ଓ ଅତ୍ୟାଚାର କରୁଥିବା ଦୁଷ୍ଟଲୋକମାନଙ୍କୁ ବିନାଶ କରିବା ପାଇଁ ଏବଂ ଉତ୍ତମରୂପେ ଧର୍ମର ସ୍ଥାପନା ଓ ପୁନରୁତ୍‌ଥାନ କରିବା ପାଇଁ ମୁଁ ଯୁଗେ ଯୁଗେ ଅବତାର ଗ୍ରହଣ କରେ (୪ । ୮)। ଏଣୁ ଅଜ, ଅବିନାଶୀ ଓ ଈଶ୍ୱର ହୋଇ ମଧ୍ୟ ଅବତାର ଧାରଣ କରିଥିବା ମୋ ପରି ମହେଶ୍ୱରଙ୍କର ପରମଭାବକୁ ନ ଜାଣି ଯେଉଁମାନେ ମୋତେ ମନୁଷ୍ୟ ବୋଲି ଭାବି ଅବହେଳା ଓ ତିରସ୍କାର କରନ୍ତି, ସେମାନେ ମୂଢ଼ (ମୂର୍ଖ)। ମୂଢ଼ଲୋକେ ଆସୁରୀ, ରାକ୍ଷସୀ ଓ ମୋହିନୀ ପ୍ରକୃତିର ଆଶ୍ରୟ ନେଇ ଯାହା ବି ଆଶା କରନ୍ତି, ଯାହା ବି ଶୁଭକର୍ମ କରନ୍ତି, ଯେଉଁ ସବୁ ବିଦ୍ୟା ପ୍ରାପ୍ତ କରନ୍ତି, ସେସବୁ ବ୍ୟର୍ଥ ହୁଏ ଅର୍ଥାତ୍ ସତ୍‌ଫଳ ପ୍ରଦାୟକ ହୁଏ ନାହିଁ (୯ । ୧୧-୧୨)। ଯେଉଁମାନେ ମୋର ସର୍ବଶ୍ରେଷ୍ଠ ଅବିନାଶୀ ପରମଭାବକୁ ନ ଜାଣି ମୋ'ଭଳି ଅବ୍ୟକ୍ତ ପରମାତ୍ମାଙ୍କୁ ଜନ୍ମମରଣଶୀଳ ମନେ କରନ୍ତି, ସେମାନେ ବୁଦ୍ଧିହୀନ ଅଟନ୍ତି। ସେମାନଙ୍କ ସମ୍ମୁଖରେ ମୁଁ ନିଜର ପ୍ରକୃତ ରୂପରେ ଆବିର୍ଭୂତ ହୁଏ ନାହିଁ (୭ । ୨୪-୨୫)।

ଅଭିନୟ ବା ସୁଆଙ୍ଗରେ ଅଭିନେତା ସମସ୍ତଙ୍କୁ ନିଜର ବାସ୍ତବିକ ପରିଚୟ ଦିଏ ନାହିଁ; ଯଦି ସେ ତା'ର ପ୍ରକୃତ ପରିଚୟ ଦେଇଦେବ, ତେବେ ଅଭିନୟ ବିଗିଡ଼ିଯିବ। ସେହିପରି ଭଗବାନ ଯେତେବେଳେ ଅବତାର ଗ୍ରହଣ କରନ୍ତି, ସେତେବେଳେ ସେ ନିଜକୁ ସମସ୍ତଙ୍କ ସମ୍ମୁଖରେ ପ୍ରକଟ କରନ୍ତି ନାହିଁ ଏବଂ ସମସ୍ତଙ୍କୁ ନିଜର ପ୍ରକୃତ ପରିଚୟ ଦିଅନ୍ତି ନାହିଁ—**'ନାହଂ ପ୍ରକାଶଃ ସର୍ବସ୍ୟ'** (୭ । ୨୫)। ଯଦି ସେ ନିଜର ପ୍ରକୃତ ପରିଚୟ ଦେଇଦେବେ, ତା'ହେଲେ ସେ ଲୀଳା କରି ପାରିବେ ନାହିଁ। ଅଭିନୟ କରୁଥିବା ଲୋକର ସୁଆଙ୍ଗ ଦେଖି ଯଦି ତା'ର ଆତ୍ମୀୟ ମିତ୍ର ଡରିଯାଏ, ତେବେ ସେହି ଅଭିନେତା ତା' ମିତ୍ରକୁ ସଂକେତରେ ନିଜର ଅସଲ ପରିଚୟ ଦେଇ କହେ—''ଆରେ ଡର ନା, ମୁଁ ତ ସେଇ''। ସେହିପରି ଯଦି ଭଗବାନଙ୍କର ଅବତାରୀ ଶରୀରକୁ ଦେଖି କୌଣସି ଭକ୍ତ ଡରିଯାଏ, ତେବେ ଭଗବାନ ତାକୁ ନିଜର ପ୍ରକୃତ ପରିଚୟ ଦେଇ କହନ୍ତି— ''ଆରେ ବାବୁ ଡର ନା, ମୁଁ ତ ସେଇ ଅଟେ।''

ଦୁଇଜଣ ସାଙ୍ଗ ଥିଲେ। ଜଣେ ବଜାରରେ ଦୋକାନ କରିଥିଲା। ଅନ୍ୟ ଜଣକ ମଜାରେ ରାଜାଙ୍କ ସିପାହି ପରି ବେଶ ଧାରଣ କରି ତା' ପାଖକୁ ଯାଇ ତାକୁ ଖୁବ୍ ଧମକଚମକ ଦେଇ କହିଲା—''ଆରେ ହେ! ତୁ ଏଠି ରାସ୍ତା କଡ଼ରେ କଣ ଦୋକାନ ଖୋଲି ବସିଗଲୁ? ଶୀଘ୍ର ଉଠ, ନ ହେଲେ ଏଇନେ ରାଜାଙ୍କ ପାଖକୁ ଖବର ଦେବି।'' ଏହା ଶୁଣି ତା'ର ଦୋକାନୀ ସାଙ୍ଗ ଜଣକ ବହୁତ ଡରିଗଲା ଏବଂ ଦୋକାନ ବନ୍ଦ କରିବାକୁ ଲାଗିଲା। ତାକୁ ଭୟଭୀତ ହେବାର ଦେଖି ସିପାହି ସାଜିଥିବା ମିତ୍ର ତାକୁ କହିଲା—''ଆରେ, ତୁ ଡରିଗଲୁ କି? ମୁଁ ପରା ତୋର ସେଇ ସାଙ୍ଗ!'' ସେହିପରି ଅର୍ଜୁନଙ୍କ ସମ୍ମୁଖରେ ଭଗବାନ ବିଶ୍ୱରୂପରେ ପ୍ରକଟ ହୋଇଯିବାରୁ ଅର୍ଜୁନ ଡରିଗଲେ। ସେତେବେଳେ ଭଗବାନ ନିଜର ପ୍ରକୃତ ପରିଚୟ ଦେଇ ଅର୍ଜୁନଙ୍କୁ ସାନ୍ତ୍ୱନା ଦେଇଥିଲେ।

ଏଠାରେ ସନ୍ଦେହ ହୋଇପାରେ ଯେ ବର୍ତ୍ତମାନ ସମୟରେ ଧର୍ମର ହ୍ରାସ ହେଉଛି ଏବଂ ଅଧର୍ମ ବୃଦ୍ଧି ପାଉଛି, ଭଲ ଲୋକମାନେ ଦୁଃଖୀ ପାଉଛନ୍ତି, ତଥାପି ଭଗବାନ ଅବତାର ଗ୍ରହଣ କରୁ ନାହାନ୍ତି କାହିଁକି? ଏହାର ସମାଧାନ ହେଲା, ଏବେ ଭଗବାନଙ୍କ ପାଇଁ ଅବତାର ଗ୍ରହଣ କରିବାର ସମୟ ଆସି ନାହିଁ। ଶାସ୍ତ୍ରମାନଙ୍କରେ କଳିଯୁଗରେ ଯେଉଁଭଳି ଆଚରଣ ହେବ ବୋଲି ବର୍ଣ୍ଣନା ଅଛି, ତା'ଠାରୁ ଅଧିକ ଖରାପ ଅବସ୍ଥା ହେଲେ ଭଗବାନ ଅବତାର ନିଅନ୍ତି। ବର୍ତ୍ତମାନ ସେପରି ହୋଇ ନାହିଁ। ତ୍ରେତାଯୁଗରେ ତ ରାକ୍ଷସମାନେ ଋଷିମୁନିମାନଙ୍କୁ ଖାଇ ହାଡ଼ ଗଦା କରି ଦେଇଥିଲେ, ତା'ପରେ ଭଗବାନ ଅବତାର ଧାରଣ କଲେ। ଏବେ କଳିଯୁଗରେ ସେପରି ଅନ୍ୟାୟ ଓ ଅତ୍ୟାଚାର ହେଉ ନାହିଁ। ଧର୍ମ ସାମାନ୍ୟଭାବେ ହ୍ରାସ ପାଇଲେ ଭଗବାନ କାରକପୁରୁଷମାନଙ୍କୁ ପଠାଇ ତାହାକୁ ଠିକ୍ କରି ଦେଉଛନ୍ତି, କିମ୍ବା ବିଭିନ୍ନ ସ୍ଥାନରେ ସାଧୁସନ୍ଥମାନେ ଆବିର୍ଭୂତ ହୋଇ

ସେମାନଙ୍କ ଆଚରଣ ଓ ବଚନ ଦ୍ୱାରା ମନୁଷ୍ୟମାନଙ୍କୁ ସନ୍ମାର୍ଗକୁ ନେଇ ଆସୁଛନ୍ତି ।

ଗୋଟିଏ ଦୃଷ୍ଟିରୁ ଭଗବାନଙ୍କର ଅବତାର ନିତ୍ୟ । ଏହି ସଂସାର ରୂପରେ ଭଗବାନ ହିଁ ଅବତାର ଗ୍ରହଣ କରିଛନ୍ତି । ସାଧକମାନଙ୍କ ପାଇଁ ସାଧ୍ୟ ଓ ସାଧନରୂପରେ, ଭକ୍ତମାନଙ୍କ ପାଇଁ ଭକ୍ତିରୂପରେ, ଜ୍ଞାନୀମାନଙ୍କ ପାଇଁ ଜ୍ଞେୟରୂପରେ ଏବଂ କର୍ମଯୋଗୀ-ମାନଙ୍କ ପାଇଁ କର୍ତ୍ତବ୍ୟରୂପରେ ଭଗବାନଙ୍କ ଅବତାର ବିଦ୍ୟମାନ । କ୍ଷୁଧାର୍ତ୍ତମାନଙ୍କ ପାଇଁ ଅନ୍ନରୂପରେ, ତୃଷାର୍ତ୍ତମାନଙ୍କ ପାଇଁ ଜଳରୂପରେ, ବିବସ୍ତ୍ରମାନଙ୍କ ପାଇଁ ବସ୍ତ୍ରରୂପରେ ଓ ରୋଗୀମାନଙ୍କ ପାଇଁ ଔଷଧରୂପରେ ଭଗବାନଙ୍କର ଅବତାର ବିଦ୍ୟମାନ । ଭୋଗୀମାନଙ୍କ ପାଇଁ ଭୋଗରୂପରେ ଓ ଲୋଭୀମାନଙ୍କ ପାଇଁ ଟଙ୍କାପଇସା, ଜିନିଷପତ୍ର ପ୍ରଭୃତି ରୂପରେ ଭଗବାନଙ୍କ ଅବତାର ବିଦ୍ୟମାନ । ଗରମ ଦିନରେ ଛାୟାରୂପରେ, ଥଣ୍ଡା ଦିନରେ ବସ୍ତ୍ରରୂପରେ ଭଗବାନଙ୍କର ଅବତାର ବିଦ୍ୟମାନ । ତାତ୍ପର୍ଯ୍ୟ ଏହି କି ଜଡ଼, ଚେତନ, ସ୍ଥାବର, ଜଙ୍ଗମ ଇତ୍ୟାଦି ରୂପରେ ଭଗବାନଙ୍କର ଅବତାର ହିଁ ବିଦ୍ୟମାନ; କାରଣ ପ୍ରକୃତରେ ଭଗବାନଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ—**'ବାସୁଦେବଃ ସର୍ବମ୍'** (୭ । ୧୯); **'ସଦସଚ୍ଚାହମ୍'** (୯ । ୧୯) । କିନ୍ତୁ ଯିଏ ସଂସାରରୂପରେ ପ୍ରକଟିତ ଭଗବାନଙ୍କୁ ଭୋଗ୍ୟ ବୋଲି ଭାବି ନିଜକୁ ସଂସାରର ମାଲିକ ମନେକରେ, ତା'ର ପତନ ହୁଏ, ସେ ଜନ୍ମ ନେଉଥାଏ ଓ ମରୁଥାଏ ।

ଯେଉଁମାନେ ଭଗବାନଙ୍କୁ ନିରାକାର ମାନନ୍ତି ଓ ସାକାର ହେବା କଥାକୁ ଅସ୍ୱୀକାର କରନ୍ତି, ସେମାନଙ୍କର ଧାରଣା ସମ୍ପୂର୍ଣ୍ଣ ଭୁଲ୍; କାରଣ ପ୍ରାଣୀମାତ୍ରକେ ଅବ୍ୟକ୍ତ (ନିରାକାର) ଓ ବ୍ୟକ୍ତ (ସାକାର) ହେଉଥାନ୍ତି । ତାତ୍ପର୍ଯ୍ୟ ହେଲା, ସମସ୍ତ ପ୍ରାଣୀ ପ୍ରଥମରୁ ଅବ୍ୟକ୍ତ ଥାଆନ୍ତି, ମଝିରେ ବ୍ୟକ୍ତ ହୁଅନ୍ତି ଏବଂ ପୁଣି ସେମାନେ ଅବ୍ୟକ୍ତ ହୋଇଯାଆନ୍ତି (୨ । ୨୮) । ପୃଥିବୀର ମଧ୍ୟ ଦୁଇଟି ରୂପ ଅଛି—ନିରାକାର ଓ ସାକାର । ପୃଥିବୀ ତନ୍ମାତ୍ରାରୂପରେ ନିରାକାର ଓ ସ୍ଥୂଳରୂପରେ ସାକାର । ଜଳ ମଧ୍ୟ ପରମାଣୁରୂପରେ ନିରାକାର ଓ ବାଷ୍ପ, ମେଘ, କୁଆପଥର ପ୍ରଭୃତି ରୂପରେ ସାକାର । ବାୟୁ ନିଃସ୍ପନ୍ଦରୂପରେ ନିରାକାର ଏବଂ ସ୍ପନ୍ଦନରୂପରେ ସାକାର । ଅଗ୍ନି ଦିଆଶିଲି, କାଠ, ପଥର ଇତ୍ୟାଦିରେ ନିରାକାରରୂପରେ ଥାଏ ଏବଂ ଘର୍ଷଣ ଇତ୍ୟାଦି ଉପାୟ ଦ୍ୱାରା ସାକାର ହୋଇଉଠେ । ଏହିପରି ସମସ୍ତ ସୃଷ୍ଟି ନିରାକାର ଓ ସାକାର ହେଉଥାଏ । ସୃଷ୍ଟି ପ୍ରଳୟ ଓ ମହାପ୍ରଳୟ ସମୟରେ ନିରାକାରରୂପରେ ଥାଏ ଏବଂ ସର୍ଗ ଓ ମହାସର୍ଗ ସମୟରେ ସାକାର ହୋଇଯାଏ । ଯଦି ପ୍ରାଣୀମାନେ ମଧ୍ୟ ନିରାକାର ଓ ସାକାର ହୋଇ ପାରନ୍ତି; ପୃଥିବୀ, ଜଳ ଇତ୍ୟାଦି ମହାଭୂତ ମଧ୍ୟ ନିରାକାର ଓ ସାକାର ହୋଇ ପାରନ୍ତି; ସୃଷ୍ଟି ମଧ୍ୟ ନିରାକାର ଓ ସାକାର ହୋଇପାରେ, ତେବେ ଭଗବାନ କାହିଁକି ନିରାକାର ଓ ସାକାର ହୋଇ ପାରିବେ ନାହିଁ? ତାଙ୍କର ନିରାକାର ଓ ସାକାର ହେବାରେ ଅସୁବିଧା କ'ଣ? ସେଥିପାଇଁ ଗୀତାରେ ଭଗବାନ କହିଛନ୍ତି—ଏହି ସମଗ୍ର ସଂସାର ମୋର ଅବ୍ୟକ୍ତ ସ୍ୱରୂପ ଦ୍ୱାରା ପରିବ୍ୟାପ୍ତ—**'ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା'** (୯ । ୪) । ଏଠାରେ ଭଗବାନ ନିଜକୁ **'ମୟା'** ପଦରେ ବ୍ୟକ୍ତ (ସାକାର) ଏବଂ **'ଅବ୍ୟକ୍ତମୂର୍ତ୍ତିନା'** ପଦରେ ଅବ୍ୟକ୍ତ (ନିରାକାର) ବୋଲି କହିଛନ୍ତି । ସପ୍ତମ ଅଧ୍ୟାୟର ୨୪ଶ ଶ୍ଳୋକରେ ଭଗବାନ କହନ୍ତି—ଯେଉଁମାନେ ମୋତେ କେବଳ ଅବ୍ୟକ୍ତ (ନିରାକାର) ମନେ କରନ୍ତି, ବ୍ୟକ୍ତ (ସାକାର) ମାନନ୍ତି ନାହିଁ, ସେମାନେ ହେଉଛନ୍ତି ବୁଦ୍ଧିହୀନ ଏବଂ ଯେଉଁମାନେ ମୋତେ କେବଳ ବ୍ୟକ୍ତ (ସାକାର) ମାନନ୍ତି, ଅବ୍ୟକ୍ତ ମାନନ୍ତି ନାହିଁ, ସେମାନେ ମଧ୍ୟ ବୁଦ୍ଧିହୀନ । କାରଣ ଉଭୟେ ମୋର ପରମଭାବକୁ ଜାଣନ୍ତି ନାହିଁ ।

ପ୍ରଶ୍ନ—ଭଗବାନଙ୍କର ଅବତାରୀ ଶରୀର କିପରି ହୋଇଥାଏ?

ଉତ୍ତର—ଆମମାନଙ୍କର ଜନ୍ମ କର୍ମଜନ୍ୟ, କିନ୍ତୁ ଭଗବାନଙ୍କର ଜନ୍ମ (ଅବତାର) କର୍ମଜନ୍ୟ ନୁହେଁ । ଅତଏବ ଆମମାନଙ୍କର ଶରୀର ଯେପରି ପିତାମାତାଙ୍କର ରଜବୀର୍ଯ୍ୟରୁ ଗଠିତ ହୋଇଥାଏ, ଭଗବାନଙ୍କର ଶରୀର ସେପରି ଗଠିତ ହୁଏ ନାହିଁ । ସେ ଆମମାନଙ୍କ ଭଳି ଜନ୍ମର ଲୀଳା କରନ୍ତି ସତ, କିନ୍ତୁ ପ୍ରକୃତରେ ସେ ଜନ୍ମ ହୁଅନ୍ତି ନାହିଁ, ବରଂ ପ୍ରକଟ ହୁଅନ୍ତି—**'ସମ୍ଭବାମ୍ୟାତ୍ମମାୟୟା'** (୪ । ୬) । ଆମର ଆୟୁଷ କର୍ମ ଅନୁସାରେ ସୀମିତ ହୋଇଥାଏ, କିନ୍ତୁ ଭଗବାନଙ୍କ ଆୟୁଷ ସୀମିତ ନୁହେଁ । ସେ ନିଜ ଇଚ୍ଛାନୁସାରେ ଯେତେ ଦିନ ଚାହିଁବେ ପ୍ରକଟିତ ରହି ପାରନ୍ତି । ଆମମାନଙ୍କୁ ତ ଅଜ୍ଞାନ ହେତୁ କର୍ମଫଳ ରୂପରେ ମିଳିଥିବା ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତି ଭୋଗ କରିବାକୁ ପଡ଼ିଥାଏ, କିନ୍ତୁ ଭଗବାନଙ୍କୁ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତି ଭୋଗ କରିବାକୁ ପଡ଼ି ନ ଥାଏ । ସେ ସୁଖୀ ବା ଦୁଃଖୀ ହୁଅନ୍ତି ନାହିଁ ।

ଆମମାନଙ୍କ ଶରୀର ପାଞ୍ଚଭୌତିକ, କିନ୍ତୁ

ଭଗବାନଙ୍କର ଅବତାରୀ ଶରୀର ପାଞ୍ଚଭୌତିକ ନୁହେଁ, ବରଂ ତାହା ସଚ୍ଚିଦାନନ୍ଦମୟ ହୋଇଥାଏ—**'ସଚ୍ଚିତ୍ସୁଖୈକ-ବପୁଷଃ ପୁରୁଷୋତ୍ତମସ୍ୟ'**, ***'ଚିଦାନନ୍ଦମୟ ଦେହ ତୁମ୍ହାରୀ'*** (ମାନସ ୨।୧୨୭।୩)। 'ସତ୍'ରୁ ଭଗବାନଙ୍କର ଅବତାରୀ ଶରୀର ନିର୍ମିତ ହୋଇଥାଏ, 'ଚିଦ୍'ରୁ ତାଙ୍କ ଶରୀର ପ୍ରକାଶମୟ ହୁଏ ଏବଂ 'ଆନନ୍ଦ'ରୁ ତାଙ୍କ ଶରୀର ଆକର୍ଷଣୀୟ ହୁଏ। ସେହି ଶରୀର ଭଗବାନଙ୍କୁ ମାନୁଥିବା ଓ ନ ମାନୁଥିବା ସବୁ ପ୍ରକାର ଲୋକଙ୍କୁ ସ୍ୱାଭାବିକଭାବେ ପ୍ରିୟ ଲାଗେ। ଅତଏବ ଭଗବାନଙ୍କ ଶରୀର ଆମମାନଙ୍କର ଶରୀର ଭଳି ହାଡ଼, ମାଂସ, ରୁଧିର ଆଦିର ପୁଞ୍ଜ ନୁହେଁ। ମାତ୍ର ଅବତାରଲୀଳା କରୁଥିବା ସମୟରେ ସେ ନିଜର ଚିନ୍ମୟ ଶରୀରକୁ ପାଞ୍ଚଭୌତିକ ଶରୀର ଭଳି ଦେଖାଇ ଥାଆନ୍ତି। ଭକ୍ତମାନଙ୍କର ଭାବ ଅନୁସାରେ ଭଗବାନଙ୍କୁ ଭୋକ ମଧ୍ୟ ଲାଗେ, ଶୋଷ ମଧ୍ୟ ଲାଗେ, ନିଦ ମଧ୍ୟ ଆସେ, ଥଣ୍ଡା ଓ ଗରମ ମଧ୍ୟ ଲାଗେ ଏବଂ ଭୟ ମଧ୍ୟ ହୁଏ।

ଯଦ୍ୟପି ଦେବତାମାନଙ୍କ ଶରୀରକୁ ଦିବ୍ୟ କୁହାଯାଏ, ତଥାପି ତାହା ମଧ୍ୟ ପାଞ୍ଚଭୌତିକ ଅଟେ। ସ୍ୱର୍ଗର ଦେବତାମାନଙ୍କ ଶରୀର ତେଜସ୍ତତ୍ତ୍ୱପ୍ରଧାନ, ବାୟୁଦେବତାଙ୍କ ଶରୀର ବାୟୁତତ୍ତ୍ୱପ୍ରଧାନ, ବରୁଣ ଦେବତାଙ୍କ ଶରୀର ଜଳତତ୍ତ୍ୱପ୍ରଧାନ ଏବଂ ମନୁଷ୍ୟମାନଙ୍କ ଶରୀର ପୃଥିବୀତତ୍ତ୍ୱ-ପ୍ରଧାନ। ଦେବତାମାନଙ୍କ ଶରୀର ଦିବ୍ୟ ହୋଇଥିଲେ ସୁଦ୍ଧା ନିତ୍ୟ ନୁହେଁ, ଜନ୍ମମରଣଶୀଳ। ଯେଉଁମାନେ ଆଜାନ ଦେବତା, ସେମାନେ ମହାପ୍ରଳୟ ସମୟରେ ଭଗବାନଙ୍କ ଠାରେ ଲୀନ ହୋଇଯାଆନ୍ତି ଏବଂ ଯେଉଁମାନେ ପୁଣ୍ୟକର୍ମସମୂହର ଫଳସ୍ୱରୂପ ସ୍ୱର୍ଗାଦି ଲୋକକୁ ଯାଇ ଦେବତା ହୋଇଥାଆନ୍ତି, ସେମାନେ ପୁଣ୍ୟକର୍ମ କ୍ଷୀଣ ହେବାପରେ ପୁନର୍ବାର ମୃତ୍ୟୁଲୋକକୁ ଆସି ଜନ୍ମ ନିଅନ୍ତି ଓ ମୃତ୍ୟୁମୁଖରେ ପଡନ୍ତି। [ଭଗବାନଙ୍କୁ ପାପପୁଣ୍ୟ ଲାଗେ ନାହିଁ। ତାଙ୍କ ଉପରେ କାହାରି ଅଭିଶାପ ମଧ୍ୟ ପଡ଼େ ନାହିଁ। କିନ୍ତୁ ଅଭିଶାପର ମର୍ଯ୍ୟାଦା ରକ୍ଷା କରିବା ନିମନ୍ତେ ସେ ତାହାକୁ ଅଙ୍ଗୀକାର କରି ନିଅନ୍ତି।]

ପ୍ରଶ୍ନ—ଯୋଗୀ ମଧ୍ୟ ସବୁକିଛି ଜାଣିପାରେ ଓ ଭଗବାନ ମଧ୍ୟ ସବୁକିଛି ଜାଣି ପାରନ୍ତି, ତେବେ ଯୋଗୀର ଓ ଭଗବାନଙ୍କର ସର୍ବଜ୍ଞତାରେ ପ୍ରଭେଦ କ'ଣ?

ଉତ୍ତର—ଯେଉଁମାନେ ସାଧନା କରି ଶକ୍ତି ପ୍ରାପ୍ତ କରନ୍ତି, ସେମାନଙ୍କର ଶକ୍ତି ଓ ସର୍ବଜ୍ଞତା ସୀମିତ। ସେମାନେ କୌଣସି ବିଷୟକୁ ବା କାହାରି ମନର ଭାବକୁ ଜାଣିବାକୁ ଚାହିଁଲେ ଜାଣି ପାରିବେ; କିନ୍ତୁ ତାହାକୁ ଜାଣିବାକୁ ହେଲେ ସେମାନଙ୍କୁ ନିଜର ମନୋବୃତ୍ତି ଲଗାଇବାକୁ ପଡ଼େ। ଭଗବାନଙ୍କର ସାମର୍ଥ୍ୟ ଓ ସର୍ବଜ୍ଞତା ଅସୀମ। ଭଗବାନଙ୍କୁ ଭୂତ, ଭବିଷ୍ୟତ ଓ ବର୍ତ୍ତମାନର କୌଣସି ବିଷୟ ଜାଣିବା ପାଇଁ ନିଜର ମନୋବୃତ୍ତି ଲଗାଇବାକୁ ପଡ଼େ ନାହିଁ, ବରଂ ସେ ସେଗୁଡ଼ିକୁ ସ୍ୱାଭାବିକଭାବେ ଜାଣନ୍ତି। ତାଙ୍କର ସର୍ବଜ୍ଞତା ସ୍ୱତଃସିଦ୍ଧ।

ପ୍ରଶ୍ନ—ଯୋଗୀ ମଧ୍ୟ ନିଜ ଇଚ୍ଛା ମୁତାବକ ଯେତେ ଦିନ ଚାହେଁ ତା'ର ଶରୀରକୁ ରଖିପାରେ ଏବଂ ଭଗବାନ ମଧ୍ୟ ନିଜ ଶରୀରକୁ ରଖି ପାରନ୍ତି, ତେବେ ଦୁହିଙ୍କ ମଧ୍ୟରେ କି ପାର୍ଥକ୍ୟ ରହିଲା?

ଉତ୍ତର—ଯୋଗୀ ପ୍ରାଣାୟାମ ଦ୍ୱାରା ନିଜର ଶରୀରକୁ ଅନେକ ଦିନ ପର୍ଯ୍ୟନ୍ତ ରଖିପାରେ। କିନ୍ତୁ ଏପରି କରିବା ପାଇଁ ତାକୁ ପ୍ରାଣାୟାମର ଅଧୀନ ହେବାକୁ ପଡ଼େ। ଭଗବାନଙ୍କୁ ମନୁଷ୍ୟ ରୂପରେ ପ୍ରକଟ ହେବା ପାଇଁ କାହାରି ଅଧୀନ ହେବାକୁ ପଡ଼େ ନାହିଁ। ସେ ସର୍ବଦା ସ୍ୱାଧୀନ ରହନ୍ତି। ତାତ୍ପର୍ଯ୍ୟ ଏହି ଯେ, ଯୋଗୀର ଶକ୍ତି ସାଧନଜନ୍ୟ ହୋଇଥିବାରୁ ସୀମିତ, କିନ୍ତୁ ଭଗବାନଙ୍କ ଶକ୍ତି ସ୍ୱତଃସିଦ୍ଧ ହୋଇଥିବା ଯୋଗୁଁ ଅସୀମ।

ପ୍ରଶ୍ନ—ଯୋଗୀକୁ ମଧ୍ୟ ଭଗବାନ କୁହାଯାଏ ଏବଂ ଅବତାରୀ ଈଶ୍ୱରଙ୍କୁ ମଧ୍ୟ ଭଗବାନ କୁହାଯାଏ, ତେବେ ଦୁହିଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ?

ଉତ୍ତର—ଷଡୈଶ୍ୱର୍ଯ୍ୟସମ୍ପନ୍ନ ହୋଇଥିବାରୁ ତଥା ଅଣିମା, ମହିମା, ଗରିମା ଆଦି ସିଦ୍ଧି ଲାଭ କରିଥିବାରୁ ଯୋଗୀକୁ ମଧ୍ୟ ଲୋକେ ଭଗବାନ କହି ଦିଅନ୍ତି, କିନ୍ତୁ ପ୍ରକୃତରେ ସେ ଭଗବାନ ହୋଇଯାଏ ନାହିଁ। କାରଣ ସେ ଭଗବାନଙ୍କ ଭଳି ସ୍ୱତନ୍ତ୍ରତାପୂର୍ବକ ସୃଷ୍ଟିରଚନା ଇତ୍ୟାଦି କାର୍ଯ୍ୟ କରିପାରେ ନାହିଁ। ବିଶେଷ ତପସ୍ୟା ବଳରେ ସେ ବିଶ୍ୱାମିତ୍ରଙ୍କ ପରି ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ସୃଷ୍ଟିରଚନା ମଧ୍ୟ କରିପାରେ, କିନ୍ତୁ ତା'ର ସେହି ଶକ୍ତି ସୀମିତ ହୋଇଥାଏ ଏବଂ ସେଥିରେ ତପୋବଳର ପରାଧୀନତା ଥାଏ।

ଭଗବତ୍ତା ଦୁଇ ପ୍ରକାରର—ସାଧନସାଧ୍ୟ ଓ ସ୍ୱତଃସିଦ୍ଧ। ଯୋଗାଦି ସାଧନ ଦ୍ୱାରା ଯେଉଁ ଭଗବତ୍ତା (ଅଲୌକିକ ଐଶ୍ୱର୍ଯ୍ୟ ଆଦି) ଆସେ, ତାହା ସୀମିତ ଅଟେ, ଅସୀମ ନୁହେଁ। କାରଣ ତାହା ଆଗରୁ ନ ଥିଲା, ବରଂ ସାଧନ କରିବା ପରେ ଆସିଛି। ମାତ୍ର ଭଗବାନଙ୍କର

ଭଗବତ୍ତା ଅସୀମ ଓ ଅନନ୍ତ; କାରଣ ତାହା କୌଣସି କାରଣରୁ ଭଗବାନଙ୍କ ନିକଟକୁ ଆସି ନାହିଁ, ବରଂ ତାହା ସ୍ୱତଃସିଦ୍ଧ।

ପ୍ରଶ୍ନ—ବେଦବ୍ୟାସ ଆଦି କାରକପୁରୁଷମାନଙ୍କୁ ମଧ୍ୟ ଭଗବାନ କୁହାଯାଏ ଏବଂ ଅବତାରୀ ଈଶ୍ୱରଙ୍କୁ ମଧ୍ୟ ଭଗବାନ କୁହାଯାଏ। ଅତଏବ ଦୁହିଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ?

ଉତ୍ତର—ବେଦବ୍ୟାସାଦି କାରକପୁରୁଷ ଭଗବାନଙ୍କର କଳାବତାର ଓ ଅଂଶାବତାର ବୋଲି କଥିତ ହୁଅନ୍ତି। ସେମାନେ ଭଗବାନଙ୍କ ଇଚ୍ଛାରେ ହିଁ ଏଠାରେ ଅବତାର ଧାରଣ କରନ୍ତି। ଅବତାର ଧାରଣ କରି ସେମାନେ ଧର୍ମର ସ୍ଥାପନା ଓ ସାଧୁପୁରୁଷମାନଙ୍କର ରକ୍ଷା ତ କରନ୍ତି, କିନ୍ତୁ ଦୁଷ୍ଟମାନଙ୍କର ବିନାଶ କରନ୍ତି ନାହିଁ। ଦୁଷ୍ଟମାନଙ୍କୁ ବିନାଶ କରିବାର କାମ କେବଳ ଭଗବାନଙ୍କର, ଏ କାମ କାରକପୁରୁଷଙ୍କର ନୁହେଁ।

ଆଜିକାଲି ନିଜଠାରେ କିଛି ବିଶେଷତ୍ୱ ଦେଖି ଲୋକେ ନିଜକୁ ଭଗବାନ ପ୍ରମାଣିତ କରିବା ପାଇଁ ଚେଷ୍ଟା କରନ୍ତି ଏବଂ ନାମ ସହିତ ଭଗବାନ ଶବ୍ଦ ମଧ୍ୟ ଲଗାନ୍ତି—ଏହା କେବଳ ଭଣ୍ଡାମି। ନିଜକୁ ଭଗବାନ କୁହାଇ ସେମାନେ ନିଜକୁ ପୂଜିତ କରାଇବାକୁ ଚାହାନ୍ତି, ନିଜର ସ୍ୱାର୍ଥସିଦ୍ଧି ପାଇଁ ଲୋକମାନଙ୍କୁ ଠକିବାକୁ ଚାହାନ୍ତି। ଲୋକେ ଏଭଳି ନକଲି ଭଗବାନଙ୍କ ଫାନ୍ଦରେ ପଡ଼ି ନିଜର ପତନ କରିବା ଉଚିତ ନୁହେଁ, ବରଂ ଏଭଳି ଭଗବାନଙ୍କ ଠାରୁ ସର୍ବଦା ଦୂରେଇ ରହିବା ଆବଶ୍ୟକ।

କୌଣସି ସମ୍ପ୍ରଦାୟକୁ ମାନୁଥିବା ଲୋକେ ନିଜର ଶ୍ରଦ୍ଧାଭକ୍ତି ହେତୁ ସମ୍ପ୍ରଦାୟର ମୂଳ-ପୁରୁଷଙ୍କୁ (ଆଚାର୍ଯ୍ୟଙ୍କୁ) ମଧ୍ୟ ଅବତାରୀ ଭଗବାନ କହି ଦିଅନ୍ତି, କିନ୍ତୁ ପ୍ରକୃତରେ ସେ ଭଗବାନ ନୁହନ୍ତି। ସେହି ଆଚାର୍ଯ୍ୟ ଲୋକମାନଙ୍କୁ ଭଗବଦ୍ ଅଭିମୁଖୀ କରାନ୍ତି। ଅସତ୍‌ମାର୍ଗରୁ ନିବୃତ୍ତ କରାଇ ସତ୍‌ମାର୍ଗରେ ପ୍ରବୃତ୍ତ କରାନ୍ତି, ତେଣୁ ସେ ସେହି ସମ୍ପ୍ରଦାୟ ପାଇଁ ଭଗବାନଙ୍କ ଠାରୁ ମଧ୍ୟ ଅଧିକ ପୂଜନୀୟ ହୋଇ ପାରନ୍ତି*; କିନ୍ତୁ ଭଗବାନ ହୋଇ ପାରିବେ ନାହିଁ।

୬. ଗୀତାରେ ମୂର୍ତ୍ତିପୂଜା

ଯେ ସନାତନଧର୍ମସ୍ଥାଃ ଶ୍ରଦ୍ଧାପ୍ରେମସମନ୍ୱିତାଃ।
ମୂର୍ତ୍ତିପୂଜାଂ ନ କୁର୍ବନ୍ତି ମୂର୍ତ୍ତୌ ତୁ ପ୍ରଭୁପୂଜନମ୍॥

ଆମର ସନାତନ ବୈଦିକ ସିଦ୍ଧାନ୍ତରେ ଭକ୍ତମାନେ ଯେ ମୂର୍ତ୍ତିର ପୂଜା କରନ୍ତି, ତା' ନୁହେଁ, ବରଂ ପରମାତ୍ମାଙ୍କର ପୂଜା କରନ୍ତି। ତାତ୍ପର୍ଯ୍ୟ ଏହି ଯେ, ଯେଉଁ ପରମାତ୍ମା ସର୍ବତ୍ର ବିଦ୍ୟମାନ, ତାଙ୍କର ବିଶେଷଭାବେ ଚିନ୍ତନ କରିବାକୁ ମୂର୍ତ୍ତି ତିଆରି କରି ସେହି ମୂର୍ତ୍ତିରେ ପରମାତ୍ମାଙ୍କ ପୂଜନ କରନ୍ତି, ଯଦ୍ଦ୍ୱାରା ପରମାତ୍ମାଙ୍କର ଧ୍ୟାନ ଓ ଚିନ୍ତନ ସହଜରେ ସମ୍ଭବ ହୋଇଥାଏ।

ଯଦି ମୂର୍ତ୍ତିର ପୂଜା କରାଯାଉଥାନ୍ତା, ତେବେ ପୂଜକ ମନରେ ପଥରମୂର୍ତ୍ତିର ଭାବ ରହିଥାନ୍ତା ଯେ 'ତୁମେ ଅମୁକ ପର୍ବତରୁ ଆସିଛ, ଅମୁକ ବ୍ୟକ୍ତି ତୁମକୁ ତିଆରି କରିଛି, ଅମୁକ ଲୋକ ତୁମକୁ ଆଣି ଏଠାରେ ରଖିଛି, ତେଣୁ ହେ ପଥରଦେବତା! ତୁମେ ମୋର କଲ୍ୟାଣ କର।' କିନ୍ତୁ ଏପରି କେହି ଭାବେ ନାହିଁ କି କହେ ନାହିଁ। ତେବେ ଏହା ମୂର୍ତ୍ତିର ପୂଜା ହେଲା କିପରି? ଅତଏବ ଭକ୍ତଗଣ ମୂର୍ତ୍ତିର ପୂଜା କରନ୍ତି ନାହିଁ, ବରଂ ମୂର୍ତ୍ତିରେ ଭଗବାନଙ୍କୁ ପୂଜା କରନ୍ତି ଅର୍ଥାତ୍ ମୂର୍ତ୍ତିଭାବ ଦୂର କରି ଭଗବଦ୍‌ଭାବ ରଖନ୍ତି। ଏହିପରି ମୂର୍ତ୍ତିରେ ଭଗବାନଙ୍କର ପୂଜନ କରିବା ଦ୍ୱାରା ସର୍ବତ୍ର ଭଗବଦ୍‌ଭାବ ହୋଇଥାଏ। ଭଗବଦ୍‌ପୂଜନ ଦ୍ୱାରା ଭଗବଦ୍‌ଭକ୍ତିର ସୂତ୍ରପାତ ହୁଏ। ଭକ୍ତ ସିଦ୍ଧିଲାଭ କଲା ପରେ ମଧ୍ୟ ଭଗବତ୍‌ପୂଜନ ଚାଲୁଥାଏ।

ମୂର୍ତ୍ତି ଦ୍ୱାରା ନିଜର ପୂଜା ବିଷୟରେ ଭଗବାନ ଗୀତାରେ କହିଛନ୍ତି—''ଭକ୍ତମାନେ ଭକ୍ତିପୂର୍ବକ ମୋତେ ନମସ୍କାର କରି ମୋର ଉପାସନା କରନ୍ତି'' (୯।୧୪); ''ଯେଉଁ ଭକ୍ତ ଶ୍ରଦ୍ଧା ଓ ପ୍ରେମପୂର୍ବକ ପତ୍ର, ପୁଷ୍ପ, ଫଳ, ଜଳ ଇତ୍ୟାଦି ମୋତେ ଅର୍ପଣ କରେ, ମୁଁ ତା' ଦ୍ୱାରା

* ମୋରେଁ ମନ ପ୍ରଭୁ ଅସ ବିସ୍ୱାସା। ରାମ ତେ ଅଧିକ ରାମ କର ଦାସା॥
ରାମ ସିଂଧୁ ଘନ ସଜ୍ଜନ ଧୀରା। ଚଂଦନ ତରୁ ହରି ସଂତ ସମୀରା॥ (ରାମଚରିତମାନସ ୭।୧୨୦।୮-୯)

ପ୍ରଦତ୍ତ ଉପହାରକୁ ଖାଇଦିଏ" (୯ । ୨୬) । ଦେବତା (ବିଷ୍ଣୁ, ଶିବ, ଶକ୍ତି, ଗଣେଶ ଓ ସୂର୍ଯ୍ୟ—ଏହି ଈଶ୍ୱର ଶ୍ରେଣୀର ପଞ୍ଚଦେବତା), ବ୍ରାହ୍ମଣ, ଆଚାର୍ଯ୍ୟ, ପିତାମାତା ପ୍ରଭୃତି ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଜ୍ଞାନୀ ଜୀବନ୍ମୁକ୍ତ ମହାତ୍ମାମାନଙ୍କର ପୂଜନ କରିବା ଶାରୀରିକ ତପସ୍ୟା ଅଟେ (୧୭ । ୧୪) । ଯଦି ସମ୍ମୁଖରେ ମୂର୍ତ୍ତି ନ ଥିବ, ତେବେ କାହାକୁ ନମସ୍କାର କରାଯିବ? କାହାକୁ ପତ୍ର, ପୁଷ୍ପ, ଫଳ, ଜଳ ଆଦି ଅର୍ପଣ କରାଯିବ? ଏଥିରୁ ପ୍ରମାଣିତ ହେଉଛି ଯେ ଗୀତାରେ ମୂର୍ତ୍ତିପୂଜା କଥା ମଧ୍ୟ ରହିଛି ।

ସେହିପରି ଗାଈ, ତୁଳସୀ, ଅଶ୍ୱତ୍ଥ, ବ୍ରାହ୍ମଣ, ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ, ଗିରିରାଜ ଗୋବର୍ଦ୍ଧନ, ଗଙ୍ଗା, ଯମୁନା ଆଦିଙ୍କର ପୂଜନ ମଧ୍ୟ ଭଗବତ୍‌ପୂଜନ । ଏମାନଙ୍କୁ ପୂଜା କରିବା ଦ୍ୱାରା 'ସର୍ବତ୍ର ପରମାତ୍ମା ବିଦ୍ୟମାନ' ଏହି କଥାଟି ସହଜରେ ଅନୁଭୂତ ହୁଏ । ଅତଏବ ସର୍ବତ୍ର ପରମାତ୍ମାଙ୍କୁ ଅନୁଭବ କରିବା ପାଇଁ ଗାଈ ଇତ୍ୟାଦିଙ୍କର ପୂଜା ବହୁତ ସହାୟକ । କାରଣ ପୂଜା କରୁଥିବା ବ୍ୟକ୍ତି 'ସର୍ବତ୍ର ପରମାତ୍ମା ବିଦ୍ୟମାନ' ଏହି କଥା ମାନିବା ଆରମ୍ଭ କରି ଦେଇଛି । କିନ୍ତୁ ଯିଏ କାହାରିକୁ ପୂଜା କରେ ନାହିଁ, କେବଳ କଥା ଗପେ, ତାକୁ 'ସର୍ବତ୍ର ପରମାତ୍ମା ବିଦ୍ୟମାନ' ଏହି ଅନୁଭବ ହେବ ନାହିଁ । ତାତ୍ପର୍ଯ୍ୟ ଏହି ଯେ, ମୂର୍ତ୍ତିରେ ଭଗବାନଙ୍କର ପୂଜନ କରିବା କଲ୍ୟାଣ ଓ ଶ୍ରେୟର ସାଧନ ଅଟେ ।

ଭଗବତ୍‌ପୂଜନ ଛାଡ଼ି ହାଡ଼ମାଂସର ପୂଜା କରିବା ଅର୍ଥାତ୍ ନିଜର ଶରୀରକୁ ସୁନ୍ଦର ସୁନ୍ଦର ଗହଣା, କପଡ଼ା ଇତ୍ୟାଦିରେ ସଜାଇବା ଓ ବେଶ କରିବା, ଘରକୁ ଭଲ କରି ତିଆରି କରିବା ଏବଂ ସୁନ୍ଦର ସୁନ୍ଦର ସାମଗ୍ରୀ ଦ୍ୱାରା ସଜାଇବା ଇତ୍ୟାଦି ମୂର୍ତ୍ତିପୂଜା ଅଟେ, ଯାହା ପତନ ଆଡ଼କୁ ଟାଣିନିଏ ।

ଜ୍ଞାତବ୍ୟ

ଭଗବାନ ସର୍ବତ୍ର ପରିପୂର୍ଣ୍ଣ—ଏହା ତ ପ୍ରାୟ ସମସ୍ତ ଆସ୍ତିକ ଲୋକେ ମାନନ୍ତି; କିନ୍ତୁ ଯେଉଁମାନେ ମୂର୍ତ୍ତି, ବେଦ, ସୂର୍ଯ୍ୟ, ଅଶ୍ୱତ୍ଥ, ତୁଳସୀ, ଗାଈ ପ୍ରଭୃତିଙ୍କ ଠାରେ ଭଗବଦ୍‌ବୁଦ୍ଧି କରି ସେମାନଙ୍କୁ ପୂଜା କରିବା ଆରମ୍ଭ କରି ଦେଇଛନ୍ତି, ସେହିମାନେ ହିଁ ପ୍ରକୃତରେ ଏପରି ମାନନ୍ତି । କାରଣ ଯେଉଁମାନେ ମୂର୍ତ୍ତି, ବେଦ, ସୂର୍ଯ୍ୟ ଆଦିଙ୍କ ଠାରେ ଭଗବାନଙ୍କୁ ମାନନ୍ତି, ସେମାନେ ସ୍ୱତଃ ସବୁ ସ୍ଥାନରେ, ସବୁ ପ୍ରାଣୀଙ୍କ ଠାରେ ଭଗବାନ ଅଛନ୍ତି ବୋଲି ମାନିବେ । ଯେଉଁମାନେ କେବଳ ମୂର୍ତ୍ତି ଆଦିରେ ଭଗବାନଙ୍କୁ ମାନନ୍ତି, ସେମାନଙ୍କୁ 'ପ୍ରାକୃତ' (ପ୍ରାରମ୍ଭିକ) ଭକ୍ତ କୁହାଯାଇଛି ।* କାରଣ ସେମାନେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଭଗବାନଙ୍କର ପୂଜା ଆରମ୍ଭ କରି ଦେଇଥିବାରୁ ଭଗବାନଙ୍କର ସମ୍ମୁଖୀ ହୋଇଗଲେ । କିନ୍ତୁ ଯେଉଁମାନେ କେବଳ 'ଭଗବାନ ସବୁଠାରେ ଅଛନ୍ତି' ବୋଲି କହନ୍ତି, ଅଥଚ କୌଣସିଠାରେ ତାଙ୍କର ଆଦରଭାବ, ପୂଜ୍ୟଭାବ, ଶ୍ରେଷ୍ଠଭାବ ନ ଆଏ, ସେମାନଙ୍କୁ ଭକ୍ତ କୁହାଯାଇ ନାହିଁ; କାରଣ ସେମାନେ 'ଭଗବାନ ସବୁଠାରେ ଅଛନ୍ତି' ବୋଲି କେବଳ କହନ୍ତି, ମାନନ୍ତି ନାହିଁ । ସେମାନେ ପ୍ରକୃତରେ ଭଗବାନଙ୍କର ସମ୍ମୁଖୀ ହୋଇ ନାହାନ୍ତି ।

ମୂର୍ତ୍ତିରେ ଭଗବାନଙ୍କୁ ପୂଜା କରିବା ଶ୍ରଦ୍ଧାର ବିଷୟ, ତର୍କର ବିଷୟ ନୁହେଁ । ଯେଉଁମାନଙ୍କର ଶ୍ରଦ୍ଧା ଅଛି, ସେମାନଙ୍କ ସମ୍ମୁଖରେ ଭଗବାନଙ୍କର ମହତ୍ତ୍ୱ ପ୍ରକଟ ହୋଇଯାଏ । ସେମାନଙ୍କ ଦ୍ୱାରା କରାଯାଉଥିବା ପୂଜା ଭଗବାନ ଗ୍ରହଣ କରନ୍ତି । ସେମାନଙ୍କ ହାତରୁ ଭଗବାନ ପ୍ରସାଦ ଗ୍ରହଣ କରନ୍ତି; ଯଥା—କରମାବାଈ ହାତରୁ ଭଗବାନ ଖେଚୁଡ଼ି ଖାଇଲେ, ଧନା ଭକ୍ତଠାରୁ ଭଗବାନ ଚିକ୍କଡ଼ ପିଠା ଖାଇଲେ, ମୀରାବାଈଙ୍କ ହାତରୁ ଭଗବାନ କ୍ଷୀର ପିଇଲେ, ଇତ୍ୟାଦି ଇତ୍ୟାଦି । ତାତ୍ପର୍ଯ୍ୟ ହେଲା, ଶ୍ରଦ୍ଧାଭକ୍ତି ହେତୁ ଭଗବାନ ମୂର୍ତ୍ତିରେ ପ୍ରକଟ ହୁଅନ୍ତି ।

ପ୍ରଶ୍ନ—ଭକ୍ତମାନେ ଭଗବାନଙ୍କୁ ଭୋଗ ଲଗାଇଲେ ଭଗବାନ ତାହାକୁ ଗ୍ରହଣ କରନ୍ତି ବୋଲି କିପରି ଜାଣିବା?

ଉତ୍ତର—ଭଗବାନଙ୍କ ଦୃଷ୍ଟିରେ ପଦାର୍ଥର ପ୍ରାଧାନ୍ୟ ନାହିଁ । ସେ ଭାବକୁ ପ୍ରାଧାନ୍ୟ ଦିଅନ୍ତି । ଭାବର ପ୍ରାଧାନ୍ୟ ଯୋଗୁଁ ହିଁ ଭଗବାନ ଭକ୍ତ ଦ୍ୱାରା ଅର୍ପିତ ପଦାର୍ଥ ଓ କ୍ରିୟାଗୁଡ଼ିକୁ ଗ୍ରହଣ କରନ୍ତି । ଭକ୍ତ ମନରେ ଭଗବାନଙ୍କୁ ଖୁଆଇବାର ଭାବ ଜାତ ହେଲେ ଭଗବାନଙ୍କୁ ଭୋକ ଲାଗେ ଏବଂ ସେ ପ୍ରକଟ ହୋଇ ଭୋଜନ କରନ୍ତି । ଭକ୍ତର ଭାବ ହେତୁ ଭଗବାନ ଯେଉଁ ଜିନିଷକୁ ଗ୍ରହଣ କରନ୍ତି, ତାହା ନାଶବାନ୍ ହୋଇ ରହେ ନାହିଁ, ବରଂ ଦିବ୍ୟ ଓ ଚିନ୍ମୟ ହୋଇଯାଏ । ଯଦି ସେପରି

* ଅର୍ଚ୍ଚାୟାମେବ ହରୟେ ପୂଜାଂ ଯଃ ଶ୍ରଦ୍ଧୟେହତେ ।
ନ ତଦ୍ଭକ୍ତେଷୁ ଚାନ୍ୟେଷୁ ସ ଭକ୍ତଃ ପ୍ରାକୃତଃ ସ୍ମୃତଃ ॥ (ଶ୍ରୀମଦ୍ଭାଗବତ ୧୧ । ୨ । ୪୭)

ପ୍ରଗାଢ଼ ଭାବ ନ ଥାଇ ଭାବରେ ନ୍ୟୂନତା ଥାଏ, ତେବେ ସୁଦ୍ଧା ଭଗବାନ ଭକ୍ତ ଦ୍ୱାରା ଭୋଜନ ଅର୍ପଣମାତ୍ରକେ ସନ୍ତୁଷ୍ଟ ହୋଇଯାଆନ୍ତି । ଭଗବାନଙ୍କର ସନ୍ତୁଷ୍ଟ ହେବାରେ ବସ୍ତୁ ଓ କ୍ରିୟାର ପ୍ରାଧାନ୍ୟ ନାହିଁ, ବରଂ ଭାବ ହେଉଛି ପ୍ରଧାନ । ସନ୍ତଜନ କହିଛନ୍ତି—

ଭାୱ ଭଗତ କୀ ରାବଡ଼ୀ, ମୀଠୀ ଲାଗେ 'ୱୀର' ।
ବିନା ଭାୱ 'କାଲୂ' କହେ, କଡ଼ୱୀ ଲାଗେ ଖୀର ॥

ଥରେ ଜଣେ ଭଦ୍ରଲୋକ ମୋତେ ଭେଟିଲେ । ତାଙ୍କର କୌଣସି ସନ୍ତଙ୍କ ପ୍ରତି ଅତି ଶ୍ରଦ୍ଧା ଥିଲା ଏବଂ ସେ ତାଙ୍କର ସେବା କରୁଥିଲେ । ସେ କହୁଥିଲେ ଯେ ଯେତେବେଳେ ବାବାଙ୍କୁ ଶୋଷ ଲାଗେ, ସେତେବେଳେ ମୋତେ ଜଣାପଡ଼େ ଯେ ତାଙ୍କୁ ଶୋଷ ଲାଗୁଛି । ତା'ପରେ ମୁଁ ପାଣି ନେଇ ଆସେ ଓ ସେ ପିଇଦିଅନ୍ତି । ସେହିପରି ପରମ ପତିବ୍ରତାକୁ ସ୍ୱାମୀଙ୍କର ଭୋକଶୋଷ କଥା ଜଣାପଡ଼ିଯାଏ ଏବଂ ସ୍ୱାମୀଙ୍କର କେଉଁ ଖାଦ୍ୟରେ ରୁଚି ଅଛି, ତାହା ମଧ୍ୟ ଜଣାପଡ଼ିଯାଏ । ଖାଦ୍ୟ ବଢ଼ା ହେବାପରେ ସ୍ୱାମୀ ମଧ୍ୟ କହନ୍ତି ଯେ, ଆଜି ଏହି ଖାଦ୍ୟ ଖାଇବା ପାଇଁ ମୋର ଇଚ୍ଛା ଥିଲା । ସେହିପରି ଯାହାଙ୍କ ମନରେ ଭଗବାନଙ୍କୁ ଭୋଗ ଲଗାଇବାର ଇଚ୍ଛା ଥାଏ, ତାକୁ ଭଗବାନଙ୍କର ରୁଚି ଓ ଭୋକଶୋଷ କଥା ମଧ୍ୟ ଜଣା ପଡ଼ିଯାଏ ।

କୌଣସି ମନ୍ଦିରରେ ଜଣେ ପୂଜାରୀ ଥିଲେ । ଭଗବାନ ବାଳଗୋପାଳ ଥିଲେ ତାଙ୍କର ଇଷ୍ଟ । ସେ ପ୍ରତିଦିନ ଛୋଟ ଛୋଟ ଲଡୁ ତିଆରି କରନ୍ତି ଓ ରାତିରେ ବାଳଗୋପାଳଙ୍କୁ ଶୁଆଇଲା ବେଳେ ତାଙ୍କ ମୁଣ୍ଡ ପାଖରେ ସେହି ଲଡୁ ରଖି ଦିଅନ୍ତି; କାରଣ ଛୋଟ ପିଲାଙ୍କୁ ରାତିରେ ଭୋକ ଲାଗେ । ଦିନେ ସେ ଲଡୁ ରଖିବା ଭୁଲିଗଲେ । ରାତିରେ ବାଳଗୋପାଳ ପୂଜାରୀଙ୍କୁ ସ୍ୱପ୍ନରେ କହିଲେ ଯେ ମୋତେ ଭୋକ ଲାଗୁଛି । ଏପରି ଆହୁରି ଗୋଟିଏ ଘଟଣା ମଧ୍ୟ ଶୁଣିବାକୁ ମିଳେ । ଜଣେ ସାଧୁ ଥିଲେ । ସେ ପ୍ରତିବର୍ଷ ଦୀପାବଳୀ ପରଠାରୁ (ଶୀତଦିନେ) ଭଗବାନଙ୍କୁ କାଜୁ, ବାଦାମ, ପେସ୍ତା, ଅଖରୋଟ ଇତ୍ୟାଦି ଭୋଗ ଲଗାଉଥିଲେ । ବର୍ଷେ ଏହି ଜିନିଷଗୁଡ଼ିକ ଖୁବ୍ ମହଙ୍ଗ ହୋଇଗଲା । ତେଣୁ ସେ ଚିନାବାଦାମ ଭୋଗ ଲଗାଇଲେ । ଦିନେ ରାତିରେ ଭଗବାନ ତାଙ୍କୁ ସ୍ୱପ୍ନରେ କହିଲେ—'ଆରେ ତୁ କଣ ଖାଲି ଚିନାବାଦାମ ଖୁଆଉଥିବୁ?' ସେହି ଦିନଠାରୁ ସେ ପୁଣି କାଜୁ ଇତ୍ୟାଦି ଭୋଗ ଲଗାଇଲେ । ଭଗବାନ ଭୋଗ ଗ୍ରହଣ କରୁଛନ୍ତି କି ନାହିଁ, ଏ ବିଷୟରେ ତାଙ୍କର ପୂର୍ବରୁ ସନ୍ଦେହ ଥିଲା । ଭଗବାନ ଯେତେବେଳେ ସ୍ୱପ୍ନରେ ଏପରି କହିଲେ, ତା'ପରେ ତାଙ୍କର ସନ୍ଦେହ ଦୂର ହୋଇଗଲା । ତାତ୍ପର୍ଯ୍ୟ ଏହି ଯେ, ଯଦି କେହି ଭାବର ସହିତ ଭଗବାନଙ୍କୁ ଭୋଗ ଲଗାଏ, ତେବେ ଭଗବାନଙ୍କୁ ଭୋକ ଲାଗେ ଏବଂ ସେ ତାହାକୁ ଗ୍ରହଣ କରନ୍ତି । ଜଣେ ସାଧୁ ଥିଲେ । ତାଙ୍କର ଖୋରାକ ଟିକେ ବେଶୀ । ଥରେ ତାଙ୍କୁ ରୋଗ ହେଲା । ତାଙ୍କୁ କେହି ଜଣେ କହିଲେ—ମହାରାଜ! ଆପଣ ଗାଈକ୍ଷୀର ପିଅନ୍ତୁ, ହେଲେ ସେତିକି ପିଇବେ, ଯେତିକି କ୍ଷୀର ବାଛୁରୀ ପିଇଲା ପରେ ବଳିଥିବ । ସେ ସେହିପରି କଲେ । ବାଛୁରୀ ଗାଈଠାରୁ ପେଟପୂରା କ୍ଷୀର ପିଇସାରିଲା ପରେ ସେ ଗାଈକୁ ଦୁହନ୍ତି । ପାଏ ଦେଢ଼ ପା' କ୍ଷୀର ବାହାରେ, କିନ୍ତୁ ସେତିକି ପିଇ ତାଙ୍କୁ ତୃପ୍ତି ମିଳେ । ଅଳ୍ପ ଦିନ ମଧ୍ୟରେ ତାଙ୍କର ରୋଗ ଭଲ ହୋଇଗଲା । ଯଦି ନ୍ୟାୟଯୁକ୍ତ ବସ୍ତୁର ଏତେ ସାମର୍ଥ୍ୟ ଅଛି ଯେ ଅଳ୍ପମାତ୍ରାରେ ଗ୍ରହଣ କଲେ ମଧ୍ୟ ତାହା ତୃପ୍ତି ଦେଇପାରେ ଓ ସେଥିରେ ରୋଗ ଭଲ ହୋଇଯାଇପାରେ, ତେବେ ଯେଉଁ ଜିନିଷ ଭାବ ସହକାରେ ଦିଆଯିବ, ସେ ବିଷୟରେ କ'ଣ ବା କହିବା!

ଏ କଥା ସମସ୍ତେ ଅନୁଭବ କରନ୍ତି ଯେ କେହି ଭାବ ଓ ସ୍ନେହରେ ଭୋଜନ କରାଇଲେ ସେହି ଭୋଜନରେ ବିଚିତ୍ର ସ୍ୱାଦ ମିଳେ ଏବଂ ସେହି ଭୋଜନ ଦ୍ୱାରା ଚିତ୍ତବୃତ୍ତି ମଧ୍ୟ ଭଲ ରହେ । କେବଳ ମନୁଷ୍ୟ ଉପରେ ନୁହେଁ, ପଶୁମାନଙ୍କ ଉପରେ ମଧ୍ୟ ଭାବର ପ୍ରଭାବ ପଡ଼ିଥାଏ । ଯେଉଁ ବାଛୁରୀର ମାଆ ମରିଯାଏ, ତାକୁ ଅନ୍ୟ ଗାଈଠାରୁ କ୍ଷୀର ପିଆନ୍ତି । ଏଥିରେ ବାଛୁରୀଟି ବଞ୍ଚିଯାଏ ସିନା, କିନ୍ତୁ ହୃଷ୍ଟପୁଷ୍ଟ ହୋଇପାରେ ନାହିଁ । ସେହି ବାଛୁରୀ ଯଦି ନିଜ ମାଆଠାରୁ କ୍ଷୀର ପିଇଥାଆନ୍ତା, ତେବେ ମାଆ ତାକୁ ସ୍ନେହରେ ଚାଟିଥାଆନ୍ତା ଓ କ୍ଷୀର ପିଆଇ ଥାଆନ୍ତା, ଫଳରେ ବାଛୁରୀ ଅଳ୍ପ କ୍ଷୀରରେ ମଧ୍ୟ ସୁସ୍ଥସବଳ ହୋଇଥାଆନ୍ତା । ମନୁଷ୍ୟ ଓ ପଶୁମାନଙ୍କ ଉପରେ ଯଦି ଭାବର ପ୍ରଭାବ ପଡ଼ିପାରେ, ତା'ହେଲେ ଅନ୍ତର୍ଯ୍ୟାମୀ ଭଗବାନଙ୍କ ଉପରେ ଭାବର କେତେ ଯେ ଅଧିକ ପ୍ରଭାବ ପଡ଼ିବ, ତାହା କହି ହେବ ନାହିଁ । ବିଦୁରପତ୍ନୀଙ୍କ ହାତରୁ ଭଗବାନ କଦଳୀଚୋପା ଖାଇଗଲେ । ଗୋପୀମାନଙ୍କ ଭାବ ହେତୁ ଭଗବାନ ସେମାନଙ୍କ ହାତରୁ ଦହି, ଲହୁଣି ଛଡ଼ାଇ ଖାଇଲେ । ଭଗବାନ

ବ୍ରହ୍ମାଙ୍କୁ କହିଛନ୍ତି—

ନୈବେଦ୍ୟଂ ପୁରତୋ ନ୍ୟସ୍ତଂ ଚକ୍ଷୁଷା ଗୃହ୍ୟତେ ମୟା ।
ରସଂ ଚ ଦାସଜିହ୍ୱାୟାମଶ୍ନାମି କମଳୋଦ୍ଭବ ॥

"ହେ କମଳୋଦ୍ଭବ! ମୋ ଆଗରେ ରଖାଯାଇଥିବା ଭୋଗକୁ ମୁଁ ନେତ୍ର ଦ୍ୱାରା ଗ୍ରହଣ କରେ, କିନ୍ତୁ ସେହି ଭୋଗର ରସକୁ ମୁଁ ଭକ୍ତର ଜିହ୍ୱା ଦ୍ୱାରା ହିଁ ଗ୍ରହଣ କରିଥାଏ ।"

ଏଭଳି କଥା ସନ୍ତମାନଙ୍କ ଠାରୁ ମଧ୍ୟ ମୁଁ ଶୁଣିଛି ଯେ ଭାବ ସହକାରେ ସମର୍ପିତ ଭୋଗକୁ ଭଗବାନ କେବେ ଦେଖନ୍ତି, କେବେ ସ୍ପର୍ଶ କରନ୍ତି ତ ଆଉ କେବେ କେବେ ଗ୍ରହଣ ମଧ୍ୟ କରନ୍ତି ।

ଯେପରି ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିବା ଶିଶୁଟି ତଳୁ କିଛି ଜିନିଷ ଉଠାଇ ବାପାଙ୍କୁ ଧରାଇ ଦେଲେ ବାପା ଖୁସି ହୋଇଯାଆନ୍ତି ଏବଂ ହାତକୁ ଉପରକୁ ଉଠାଇ କହନ୍ତି—'ପୁଅ ତୁ ଆହୁରି ବଡ଼ ହୋଇଯା', ମୋ'ଠାରୁ ବି ବଡ଼ ହୋଇଯା' । ତେବେ କଣ ସେହି ବସ୍ତୁଟି ବାପାଙ୍କ ପାଇଁ ଅଲଭ୍ୟ ଥିଲା? କଣ ପିଲାଟି ଦେବାରୁ ତାଙ୍କୁ କୌଣସି ବଡ଼ ଜିନିଷଟାଏ ମିଳିଗଲା? ନା, ସେ କଥା ନୁହେଁ । କେବଳ ବାଳକର ଦେବାଭାବକୁ ଦେଖି ବାପା ଖୁସି ହୋଇଗଲେ । ସେହିପରି ଭଗବାନଙ୍କ ପାଇଁ କୌଣସି ଜିନିଷର ଅଭାବ ନ ଥିଲେ ମଧ୍ୟ ଓ ତାଙ୍କର କୌଣସି ଇଚ୍ଛା ନ ଥିଲେ ମଧ୍ୟ ସେ ଭକ୍ତର ଦେବାଭାବକୁ ଦେଖି ଖୁସି ହୋଇଯାଆନ୍ତି । କିନ୍ତୁ ଯେଉଁମାନେ କେବଳ ଲୋକମାନଙ୍କୁ ଦେଖାଇବା ଉଦ୍ଦେଶ୍ୟରେ, ଲୋକମାନଙ୍କୁ ଠକିବା ପାଇଁ ମନ୍ଦିରକୁ ସଜାନ୍ତି, ଠାକୁରଙ୍କୁ (ଭଗବାନଙ୍କର ବିଗ୍ରହକୁ) ଭଲ ଭଲ ବେଶ କରାନ୍ତି, ତାଙ୍କୁ ଖୁବ୍ ଭଲ ଭଲ ଜିନିଷ ଭୋଗ ଲଗାନ୍ତି, ସେସବୁକୁ ଭଗବାନ ଗ୍ରହଣ କରନ୍ତି ନାହିଁ; କାରଣ ତାହା ଭଗବାନଙ୍କର ପୂଜା ନୁହେଁ, ବରଂ ପଇସାର ହିଁ ପୂଜା, ବ୍ୟକ୍ତିଗତ ସ୍ୱାର୍ଥର ହିଁ ପୂଜା ।

ଯେକୌଣସି ପ୍ରକାରେ ହେଉ ପଛେ, ଠାକୁରଙ୍କୁ ଭୋଗ ଲଗାଉଥିବା ଲୋକଙ୍କୁ ଓ ପୂଜା କରୁଥିବା ଲୋକଙ୍କୁ ଯେଉଁମାନେ ଭଣ୍ଡ କହନ୍ତି ଏବଂ ନିଜେ ଅଭିମାନ କରନ୍ତି ଯେ ଆମେ ସେମାନଙ୍କ ଠାରୁ ଭଲ, ଆମେ ଭଣ୍ଡାମି କରୁ ନାହୁଁ ଇତ୍ୟାଦି, ସେହି ଲୋକମାନଙ୍କର ମଙ୍ଗଳ ହୁଏ ନାହିଁ । ଯେଉଁମାନେ ଯେକୌଣସି ପ୍ରକାରେ ହେଉ ପଛେ ଭଲ କର୍ମରେ ଲାଗିଛନ୍ତି, ସେମାନଙ୍କର ସେତିକି ଅଂଶ ତ ଭଲ, ସେମାନଙ୍କର ଆଚରଣରେ, ଚାଲିଚଳନରେ ସେତିକି ଭଲ ଗୁଣ ତ ଅବଶ୍ୟ ରହିଛି; କିନ୍ତୁ ଯିଏ ଅଭିମାନପୂର୍ବକ ଭଲ କର୍ମ ଛାଡ଼ିଦିଏ, ତାହାର ପରିଣାମରେ ମନ୍ଦ ହିଁ ହେବ ।

ପ୍ରଶ୍ନ—ଦୁଷ୍ଟ ଲୋକେ ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ପକାନ୍ତି, ତେବେ ଭଗବାନ ସେମାନଙ୍କୁ ନିଜର ପ୍ରଭାବ ବା ଚମତ୍କାରିତା ଦେଖାନ୍ତି ନାହିଁ କାହିଁକି?

ଉତ୍ତର—ଯେଉଁମାନଙ୍କର ମୂର୍ତ୍ତିରେ ବିଶ୍ୱାସ ନାହିଁ, ମୂର୍ତ୍ତିରେ ଭଗବତ୍‌ପୂଜନ କରୁଥିବା ଲୋକମାନଙ୍କ ପ୍ରତି ଯେଉଁମାନଙ୍କର ଦ୍ୱେଷଭାବ ରହିଛି ଏବଂ ଯେଉଁମାନେ ଦ୍ୱେଷଭାବରେ ହିଁ ମୂର୍ତ୍ତିକୁ ଭାଙ୍ଗି ପକାନ୍ତି, ସେମାନଙ୍କ ଆଗରେ ଭଗବାନଙ୍କର ପ୍ରଭାବ ଓ ମହତ୍ତ୍ୱ ପ୍ରକଟିତ ହେବ ବା କାହିଁକି? ଭଗବାନଙ୍କର ମହତ୍ତ୍ୱ ତ ଶ୍ରଦ୍ଧାଭାବରେ ହିଁ ପ୍ରକଟିତ ହୋଇଥାଏ!

ମୂର୍ତ୍ତିପୂଜା କରୁଥିବା ଲୋକଙ୍କ ମନରେ 'ମୂର୍ତ୍ତିରେ ଭଗବାନ ଅଛନ୍ତି'—ଏହି ଭାବ କମ୍ ଥିବାରୁ ହିଁ ଦୁଷ୍ଟ ଲୋକମାନଙ୍କ ଦ୍ୱାରା ମୂର୍ତ୍ତି ଭଙ୍ଗାଗଲେ ମଧ୍ୟ ଭଗବାନ ନିଜର ପ୍ରଭାବ ପ୍ରକଟ କରନ୍ତି ନାହିଁ । କିନ୍ତୁ ଯେଉଁ ଭକ୍ତମାନଙ୍କର ମୂର୍ତ୍ତିରେ ଭଗବାନ ଅଛନ୍ତି ବୋଲି ଦୃଢ଼ ଶ୍ରଦ୍ଧା ଓ ବିଶ୍ୱାସ ରହିଥାଏ, ସେଠାରେ ଭଗବାନ ନିଜର ପ୍ରଭାବ ପ୍ରକଟ କରି ଦିଅନ୍ତି । ଗୁଜୁରାଟର ସୁରତ ପାଖରେ ଗୋଟିଏ ଶିବ ମନ୍ଦିର ଅଛି । ସେଥିରେ ସ୍ଥାପିତ ଶିବଲିଙ୍ଗରେ ଅନେକ ଛିଦ୍ର ଥିବାର ଦେଖାଯାଏ । ଏହାର କାରଣ ଯେତେବେଳେ ମୁସଲମାନମାନେ ସେହି ଶିବଲିଙ୍ଗକୁ ଭାଙ୍ଗିବାକୁ ଆସିଲେ, ସେତେବେଳେ ଶିବଲିଙ୍ଗରୁ ଅସଂଖ୍ୟ ଭଅଁର ବାହାରି ମୁସଲମାନମାନଙ୍କୁ ଘଉଡ଼ାଇ ଦେଲେ ।

ଯେଉଁମାନେ ପରୀକ୍ଷାରେ ପାସ୍ କରିବାକୁ ଚାହାନ୍ତି, ସେମାନେ ହିଁ ପରୀକ୍ଷକମାନଙ୍କୁ ସମ୍ମାନ କରନ୍ତି, ପରୀକ୍ଷକଙ୍କର ଅଧୀନ ହୁଅନ୍ତି; କାରଣ ପରୀକ୍ଷକ ଯାହାକୁ ପାସ୍ କରାଇଦିଏ ସେ ପାସ୍ ହୋଇଯାଏ ଏବଂ ଯାହାକୁ ଫେଲ୍ କରାଇଦିଏ ସେ ଫେଲ୍ ହୋଇଯାଏ । କିନ୍ତୁ ଭଗବାନଙ୍କୁ କୌଣସି ପରୀକ୍ଷାରେ ପାସ୍ ହେବା ଦରକାର ନାହିଁ; କାରଣ ପରୀକ୍ଷାରେ ପାସ୍ ହେଲେ ଭଗବାନଙ୍କର ମହତ୍ତ୍ୱ ବଢ଼ିଯିବ ନାହିଁ କିଂବା ଫେଲ୍ ହେଲେ ଭଗବାନଙ୍କର ମହତ୍ତ୍ୱ କମିଯିବ ନାହିଁ । ଯଥା—ରାବଣ ଭଗବାନ ରାମଚନ୍ଦ୍ରଙ୍କୁ ପରୀକ୍ଷା କରିବା ପାଇଁ ମାରୀଚକୁ ମାୟାମୟ ସ୍ୱର୍ଣ୍ଣମୃଗ କରି ପଠାଇଲା । ତାକୁ ଦେଖି ଭଗବାନ ତା' ପଛରେ ଧାଇଁଲେ ଅର୍ଥାତ୍ ରାବଣର ପରୀକ୍ଷାରେ ଭଗବାନ

ଫେଲ୍ ହୋଇଗଲେ । ଭଗବାନଙ୍କୁ ପାସ୍ ହୋଇ ଦୁଷ୍ଟ ରାବଣଠାରୁ କେଉଁ ସାର୍ଟିଫିକେଟ ଅବା ନେବାର ଥିଲା! ଠିକ୍ ଏହିପରି ଦୁଷ୍ଟ ଲୋକମାନେ ଭଗବାନଙ୍କର ପରୀକ୍ଷା ନେବାକୁ ମନ୍ଦିରଗୁଡ଼ିକୁ ଭାଙ୍ଗି ପକାଇଲେ ଭଗବାନ ତାଙ୍କର ପରୀକ୍ଷାରେ ଫେଲ୍ ହୋଇଯାଆନ୍ତି, ସେମାନଙ୍କ ଆଗରେ ନିଜର ପ୍ରଭାବ ପ୍ରକଟ କରନ୍ତି ନାହିଁ; କାରଣ ସେମାନେ ମନ୍ଦ ଉଦ୍ଦେଶ୍ୟରେ ଭଗବାନଙ୍କର ସମ୍ମୁଖକୁ ଆସିଥାଆନ୍ତି ।

ଗୋଟିଏ ହେଉଛି ବସ୍ତୁଗୁଣ ଏବଂ ଆଉ ଗୋଟିଏ ହେଉଛି ଭାବଗୁଣ । ଏହି ଦୁଇଟି ଗୁଣ ଅଲଗା ଅଲଗା । ଯଥା—ପତ୍ନୀ, ମାଆ ଓ ଭଉଣୀଙ୍କର ଶରୀର ଏକ ପ୍ରକାରର ଅର୍ଥାତ୍ ପତ୍ନୀର ଶରୀର ଯେପରି, ମାଆ ଓ ଭଉଣୀଙ୍କର ଶରୀର ମଧ୍ୟ ସେହିପରି । ଅତଏବ ତିନିଙ୍କର 'ବସ୍ତୁଗୁଣ' ଏକ ପ୍ରକାରର । କିନ୍ତୁ ପତ୍ନୀ ସହିତ ଭେଟ ହେଲେ ଏକ ପ୍ରକାର ଭାବ ଜାତ ହେଉଥିବା ସ୍ଥଳେ ମାଆ ସହିତ ଭେଟ ହେଲେ ଅନ୍ୟ ଏକ ପ୍ରକାରର ଭାବ ଜାତ ହୁଏ ଏବଂ ଭଉଣୀ ସହିତ ଭେଟ ହେଲେ ଆଉ ଏକ ପ୍ରକାରର ଭାବ ଜାତ ହୁଏ । ଅତଏବ ବସ୍ତୁ ଏକ ହୋଇଥିଲେ ମଧ୍ୟ 'ଭାବଗୁଣ' ଭିନ୍ନ ଭିନ୍ନ ହେଲା । ସଂସାରରେ ଭିନ୍ନ ଭିନ୍ନ ସ୍ୱଭାବର ବ୍ୟକ୍ତି, ବସ୍ତୁ ଇତ୍ୟାଦି ଅଛନ୍ତି । ତନ୍ମଧ୍ୟରେ ବସ୍ତୁଗୁଣ ତ ଭିନ୍ନ ଭିନ୍ନ ହୋଇଥାଏ, କିନ୍ତୁ ସମସ୍ତଙ୍କ ଠାରେ ଭଗବାନ ପରିପୂର୍ଣ୍ଣ—ଏହି ଭାବଗୁଣ ସମାନ । ସେହିପରି ଯାହାର ମୂର୍ତ୍ତି ପ୍ରତି ଶ୍ରଦ୍ଧା ଅଛି, ତା' ମନରେ 'ମୂର୍ତ୍ତିରେ ଭଗବାନ ଅଛନ୍ତି'—ଏଭଳି ଭାବଗୁଣ ରହିଥାଏ । କିନ୍ତୁ ଯାହାର ମୂର୍ତ୍ତି ପ୍ରତି ଶ୍ରଦ୍ଧା ନାହିଁ, ତା' ମନରେ ଏଭଳି ବସ୍ତୁଗୁଣର ଧାରଣା ରହିଥାଏ ଯେ ମୂର୍ତ୍ତି ହେଉଛି ପଥରର, ପିତଳର, ରୁପାର୍ ବା ଅନ୍ୟ କୌଣସି ଧାତୁର । ତାତ୍ପର୍ଯ୍ୟ ହେଲା, ଯଦି ପୂଜକର ଭାବ ଥାଏ ଯେ ମୂର୍ତ୍ତିରେ ଭଗବାନ ଅଛନ୍ତି, ତେବେ ତା' ପାଇଁ ସେ ସାକ୍ଷାତ୍ ଭଗବାନ । ଯଦି ମୂର୍ତ୍ତିରେ ପୂଜକର ପଥର, ପିତଳ, ରୁପା ଇତ୍ୟାଦିର ଭାବ ରହିଥାଏ, ତେବେ ତା' ପାଇଁ ସେ ସାକ୍ଷାତ୍ ପଥର ଇତ୍ୟାଦିର ମୂର୍ତ୍ତି । କାରଣ ଭାବରେ ହିଁ ଭଗବାନ ବିଦ୍ୟମାନ—

ନ କାଷ୍ଠେ ବିଦ୍ୟତେ ଦେବୋ ନ ଶିଳାୟାଂ ନ ମୃତ୍ସୁ ଚ ।
ଭାବେ ହି ବିଦ୍ୟତେ ଦେବସ୍ତସ୍ମାଦ୍ ଭାବଂ ସମାଚରେତ୍ ॥

(ଗରୁଡ଼. ଉତ୍ତର. ୩ । ୧୦)

"ଦେବତା କାଠରେ, ପଥରରେ ଅଥବା ମାଟିରେ ନ ଥାଆନ୍ତି । ଭାବରେ ହିଁ ଦେବତାଙ୍କର ନିବାସ । ତେଣୁ ଭାବକୁ ହିଁ ମୁଖ୍ୟ ମନେ କରିବା ଉଚିତ୍ ।"

ଜଣେ ବୈରାଗୀ ବାବା ଥିଲେ । ତାଙ୍କ ପାଖରେ ଦୁଇଟି ସୁନାର ମୂର୍ତ୍ତି ଥିଲା—ଗୋଟିଏ ଗଣେଶଙ୍କର ଏବଂ ଅନ୍ୟଟି ମୂଷାର । ଦୁଇଟିଯାକ ମୂର୍ତ୍ତିର ଓଜନ ସମାନ ଥିଲା । ବାବାଙ୍କର ରାମେଶ୍ୱର ଯିବାର ଥିଲା । ତେଣୁ ସେ ବଣିଆ ପାଖକୁ ଯାଇ କହିଲେ—ବାବୁ, ଏହି ମୂର୍ତ୍ତି ଦୁଇଟି ବଦଳରେ କେତେ ପଇସା ଦେବ? ବଣିଆ ମୂର୍ତ୍ତି ଦୁଇଟିକୁ ତଉଲି ଗୋଟିକୁ ପାଞ୍ଚ ଶହ ଟଙ୍କା ଲେଖାଏଁ କହିଲା ଅର୍ଥାତ୍ ଦୁଇଟିର ଦାମ୍ ସମାନ କହିଲା । ବାବା କହିଲେ—ଆରେ, ତୋତେ ଦେଖାଯାଉନି, ଜଣେ ମାଲିକ ଆଉ ଜଣେ ତାଙ୍କର ବାହନ । ଯେତେ ଦାମ୍ ମାଲିକ (ଗଣେଶ) ପାଇଁ, ସେତିକି ତାଙ୍କର ବାହନ (ମୂଷା) ପାଇଁ? ଏ କି କଥା? ବଣିଆ କହିଲା—ବାବା! ମୁଁ ଗଣେଶ ଓ ମୂଷାର ଦାମ୍ କହୁ ନାହିଁ, ମୁଁ ତ ସୁନାର ଦାମ୍ କହୁଛି । ତାତ୍ପର୍ଯ୍ୟ ଏହି ଯେ ବାବାଙ୍କର ଦୃଷ୍ଟି ଗଣେଶ ଓ ମୂଷା ଉପରେ ଥିବାବେଳେ ବଣିଆର ଦୃଷ୍ଟି ସୁନା ଉପରେ ରହିଛି ଅର୍ଥାତ୍ ବାବାଙ୍କୁ ଭାବଗୁଣ ଦେଖାଯାଉଥିବା ବେଳେ ବଣିଆକୁ ବସ୍ତୁଗୁଣ ଦେଖାଯାଉଛି । ସେହିପରି ଯେଉଁମାନେ ମୂର୍ତ୍ତିଗୁଡ଼ିକୁ ଭାଙ୍ଗିପକାନ୍ତି, ସେମାନଙ୍କୁ ବସ୍ତୁଗୁଣ ଦେଖାଯାଏ ଅର୍ଥାତ୍ ସେମାନଙ୍କୁ ପଥର, ପିତଳ ଇତ୍ୟାଦି ଦେଖାଯାଏ । ତେଣୁ ଭଗବାନ ସେମାନଙ୍କର ଭାବନା ଅନୁସାରେ ପଥର ଇତ୍ୟାଦି ଭାବରେ ରହନ୍ତି ।

ପ୍ରକୃତରେ ଦେଖିବାକୁ ଗଲେ ସ୍ଥାବର ଜଙ୍ଗମ ସବୁକିଛି ହେଉଛି ଭଗବତ୍‌ସ୍ୱରୂପ । ଯେଉଁମାନଙ୍କର ଭାବଗୁଣର ଧାରଣା ଅର୍ଥାତ୍ ଭଗବଦ୍‌ଭାବନା ଥାଏ, ସେମାନଙ୍କୁ ସବୁକିଛି ଭଗବଦ୍‌ସ୍ୱରୂପ ହିଁ ଦେଖାଯାଏ, କିନ୍ତୁ ଯେଉଁମାନଙ୍କ ମନରେ ବସ୍ତୁଗୁଣ ଅର୍ଥାତ୍ ଭୌତିକ ଭାବନା ଥାଏ, ସେମାନଙ୍କୁ ସ୍ଥାବର ଜଙ୍ଗମ ଆଦି ସବୁକିଛି ଅଲଗା ଅଲଗା ଦେଖାଯାଏ । ଏହି କଥା ମୂର୍ତ୍ତି ବିଷୟରେ ମଧ୍ୟ ପ୍ରଯୁଜ୍ୟ ।

ଲୋକେ ଶ୍ରଦ୍ଧାରେ ମୂର୍ତ୍ତିକୁ ପୂଜା କରନ୍ତି, ସ୍ତୁତି ଓ ପ୍ରାର୍ଥନା କରନ୍ତି; କାରଣ ସେମାନଙ୍କୁ ମୂର୍ତ୍ତିରେ ବିଶେଷତ୍ୱ ଦେଖାଯାଏ । ଯେଉଁମାନେ ମୂର୍ତ୍ତିକୁ ଭାଙ୍ଗିପକାନ୍ତି, ସେମାନଙ୍କୁ ମଧ୍ୟ ମୂର୍ତ୍ତିରେ ବିଶେଷତ୍ୱ ଦେଖାଯାଉଥାଏ । ଯଦି ବିଶେଷତ୍ୱ ଦେଖାଯାଉ ନ ଥାଆନ୍ତା, ତେବେ ସେମାନେ ମୂର୍ତ୍ତିକୁ କାହିଁକି ବା ଭାଙ୍ଗନ୍ତେ? ଅନ୍ୟ ପଥରକୁ କାହିଁକି ଭାଙ୍ଗନ୍ତେ ନାହିଁ? ଅତଏବ ସେମାନେ ମଧ୍ୟ ମୂର୍ତ୍ତିରେ ବିଶେଷତ୍ୱ ଦେଖନ୍ତି । କେବଳ ମୂର୍ତ୍ତିରେ

ଶ୍ରଦ୍ଧା ଓ ବିଶ୍ୱାସ ରଖିଥିବା ଲୋକମାନଙ୍କ ପ୍ରତି ଦ୍ୱେଷଭାବ ଥିବାରୁ ସେମାନଙ୍କୁ କେବଳ ଦୁଃଖ ଦେବା ଉଦ୍ଦେଶ୍ୟରେ ସେମାନେ ମୂର୍ତ୍ତି ଭାଙ୍ଗନ୍ତି ।

ଯେଉଁମାନେ ଶାସ୍ତ୍ରମର୍ଯ୍ୟାଦା ଅନୁସାରେ ନିର୍ମିତ ମନ୍ଦିରକୁ ଓ ସେଥିରେ ପ୍ରାଣପ୍ରତିଷ୍ଠିତ ହୋଇ ପୂଜିତ ମୂର୍ତ୍ତିମାନଙ୍କୁ ଭାଙ୍ଗନ୍ତି, ସେମାନେ କେବଳ ନିଜର ସ୍ୱାର୍ଥସିଦ୍ଧି ପାଇଁ, ହିନ୍ଦୁମାନଙ୍କର ମର୍ଯ୍ୟାଦାକୁ ଭଙ୍ଗ କରିବା ପାଇଁ, ନିଜର ଅହଙ୍କାର ଏବଂ ନାମକୁ ସ୍ଥାୟୀ କରିବା ପାଇଁ, ଭଗ୍ନାବଶେଷ ମୂର୍ତ୍ତିଗୁଡ଼ିକୁ ଦେଖାଇ ପୁରୁଷାନୁକ୍ରମେ ହିନ୍ଦୁମାନଙ୍କ ହୃଦୟରେ ଜ୍ୱାଳା ଉତ୍ପନ୍ନ କରିବା ପାଇଁ ଦ୍ୱେଷଭାବ ରଖି ମୂର୍ତ୍ତିଗୁଡ଼ିକୁ ଭାଙ୍ଗନ୍ତି । ସେପରି ଲୋକଙ୍କର ବଡ଼ ଭୟଙ୍କର ଦୁର୍ଗତି ହୋଇଥାଏ, ସେମାନେ ଘୋର ନରକରେ ପଡ଼ନ୍ତି; କାରଣ ଅନ୍ୟମାନଙ୍କୁ ଦୁଃଖ ଦେବା ଓ ଅନ୍ୟମାନଙ୍କର ବିନାଶ କରିବା ହିଁ ସେମାନଙ୍କର ଉଦ୍ଦେଶ୍ୟ । ମନ୍ଦ ଉଦ୍ଦେଶ୍ୟର ଫଳ ମଧ୍ୟ ମନ୍ଦ ହୁଏ । କିନ୍ତୁ ଯେଉଁମାନେ ମନ୍ଦିରଗୁଡ଼ିକରେ ପ୍ରତିଷ୍ଠିତ ମୂର୍ତ୍ତିମାନଙ୍କର ସୁରକ୍ଷା ପାଇଁ ନିଜର ସମସ୍ତ ଶକ୍ତି ଲଗାଇ ଦିଅନ୍ତି, ନିଜର ଜୀବନକୁ ବାଜି ଲଗାଇ ଦିଅନ୍ତି, ସେମାନଙ୍କର ଉଦ୍ଦେଶ୍ୟ ମହତ୍ ହୋଇଥିବାରୁ ସେମାନଙ୍କର ସଦ୍‌ଗତି ହୁଏ ।

ଆମେ ଯଦି କୌଣସି ବିଦ୍ୱାନ୍‌ଙ୍କୁ ଆଦର କରୁ, ତେବେ ପ୍ରକୃତରେ ଆମ ଦ୍ୱାରା ବିଦ୍ୟାର ଆଦର ହୁଏ, ହାଡ଼ମାଂସମୟ ଶରୀରର ନୁହେଁ । ସେହିପରି ଯିଏ ମୂର୍ତ୍ତିରେ ଭଗବାନଙ୍କୁ ମାନେ, ତା' ଦ୍ୱାରା ଭଗବାନଙ୍କର ଆଦର ହୁଏ, ମୂର୍ତ୍ତିର ନୁହେଁ । ଅତଏବ ଯିଏ ମୂର୍ତ୍ତିରେ ଭଗବାନଙ୍କୁ ମାନେ ନାହିଁ, ତା' ସମ୍ମୁଖରେ ଭଗବାନଙ୍କର ପ୍ରଭାବ ପ୍ରକଟିତ ହୁଏ ନାହିଁ । କିନ୍ତୁ ଯିଏ ମୂର୍ତ୍ତିରେ ଭଗବାନଙ୍କୁ ମାନେ, ତା' ସମ୍ମୁଖରେ ଭଗବାନଙ୍କର ପ୍ରଭାବ ପ୍ରକଟ ହୋଇଯାଏ ।

ପ୍ରଶ୍ନ—ଆମେ ମୂର୍ତ୍ତିପୂଜା କାହିଁକି କରିବା? ମୂର୍ତ୍ତିପୂଜା କରିବାର ଆବଶ୍ୟକତା କ'ଣ?

ଉତ୍ତର—ନିଜର ଭଗବଦ୍‌ଭାବ ବୃଦ୍ଧି କରିବା ପାଇଁ, ଭଗବଦ୍‌ଭାବ ଜାଗ୍ରତ କରିବା ପାଇଁ ଓ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ମୂର୍ତ୍ତିପୂଜା କରିବା ଉଚିତ । ଆମ ଅନ୍ତଃକରଣରେ ସାଂସାରିକ ପଦାର୍ଥଗୁଡ଼ିକର ଯେଉଁ ମହତ୍ତ୍ୱ ଅଙ୍କିତ ହୋଇ ରହିଛି, ସେଗୁଡ଼ିକ ପ୍ରତି ଆମର ଯେଉଁ ମମତା ଓ ଆସକ୍ତି ରହିଛି, ତାହାକୁ ଦୂର କରିବା ପାଇଁ ଠାକୁରଙ୍କୁ ପୂଜା କରିବା, ଫୁଲମାଳ ପିନ୍ଧାଇବା, ଭଲ ଭଲ ବସ୍ତ୍ର ପିନ୍ଧାଇବା, ଆଳତି କରିବା, ଭୋଗ ଲଗାଇବା ଆଦି ବହୁତ ଜରୁରୀ । ତାତ୍ପର୍ଯ୍ୟ ଏହି ଯେ ମୂର୍ତ୍ତିପୂଜା କଲେ ଆମକୁ ଦୁଇ ପ୍ରକାରର ଲାଭ ମିଳେ— ଭଗବଦ୍‌ଭାବ ଜାଗ୍ରତ ଓ ବୃଦ୍ଧିପ୍ରାପ୍ତ ହୁଏ ଏବଂ ସାଂସାରିକ ବସ୍ତୁ ପ୍ରତି ମମତା ଓ ଆସକ୍ତି ନଷ୍ଟ ହୁଏ ।

ପ୍ରତ୍ୟେକ ମନୁଷ୍ୟର ଜୀବନରେ ଅନ୍ତତଃ ଏପରି କେହି ଜଣେ ଥିବା ଦରକାର, ଯାହାଙ୍କ ପାଇଁ ମନୁଷ୍ୟ ନିଜର ସବୁକିଛି ତ୍ୟାଗ କରି ପାରିବ । ସେ ଭଗବାନ ହୁଅନ୍ତୁ କି ସନ୍ତମହାତ୍ମା ହୁଅନ୍ତୁ କି ପିତାମାତା ହୁଅନ୍ତୁ କି ଗୁରୁ ହୁଅନ୍ତୁ । ଏହାଦ୍ୱାରା ମନୁଷ୍ୟର ଭୌତିକ ଭାବନା କମ୍ ହୁଏ ଏବଂ ଧାର୍ମିକ ଓ ଆଧ୍ୟାତ୍ମିକ ଭାବନା ବୃଦ୍ଧିପାଏ ।

ଥରେ କେତେଜଣ ତୀର୍ଥଯାତ୍ରୀ କାଶୀ ପରିକ୍ରମା କରୁଥିଲେ । ସେଠାକାର ଜଣେ ପଣ୍ଡା ସେହି ଯାତ୍ରୀମାନଙ୍କୁ ମନ୍ଦିରମାନଙ୍କର ପରିଚୟ କରାଇ ଦେଉଥାଏ, ଶିବଲିଙ୍ଗଙ୍କୁ ପ୍ରଣାମ କରାଉଥାଏ ଓ ପୂଜା କରାଉଥାଏ । ସେହି ଯାତ୍ରୀମାନଙ୍କ ମଧ୍ୟରେ କେତେଜଣ ଆଧୁନିକ ବିଚାରଧାରାର ଯୁବକ ଥିଲେ । ସେମାନଙ୍କୁ ଅନେକ ଜାଗାରେ ପ୍ରଣାମ କରିବାକୁ ଭଲ ଲାଗିଲା ନାହିଁ, ତେଣୁ ସେମାନେ ପଣ୍ଡାଙ୍କୁ କହିଲେ—ସବୁଠି ପଥର ଉପରେ ମୁଣ୍ଡ ଘଷିଲେ ଲାଭ କ'ଣ? ସେଠାରେ ଜଣେ ସାଧୁ ଛିଡ଼ା ହୋଇଥିଲେ । ସେ ସେମାନଙ୍କୁ କହିଲେ— ବାବୁ! ଯେପରି ଏହି ହାଡ଼ମାଂସର ଶରୀରରେ ତୁମେ ରହିଛ, ସେହିପରି ଏହି ମୂର୍ତ୍ତିରେ ଭଗବାନ ଅଛନ୍ତି । ତୁମର ବୟସ ତ ବହୁତ କମ୍, କିନ୍ତୁ ଏହି ଶିବଲିଙ୍ଗ ଅନେକ ବର୍ଷର ପୁରୁଣା । ଅତଏବ ଆୟୁ ଦୃଷ୍ଟିରୁ ଶିବଲିଙ୍ଗ ତୁମଠାରୁ ବଡ଼ । ଶୁଦ୍ଧତା ଦୃଷ୍ଟିରୁ ଦେଖିଲେ ହାଡ଼ମାଂସ ଅଶୁଦ୍ଧ ଏବଂ ପଥର ଶୁଦ୍ଧ । ମଜବୁତ ଦୃଷ୍ଟିରୁ ଦେଖିଲେ ହାଡ଼ଠାରୁ ପଥର ବେଶୀ ମଜବୁତ । ଯଦି ପରୀକ୍ଷା କରିବାକୁ ଚାହଁ, ତେବେ ତୁମର ମୁଣ୍ଡକୁ ମୂର୍ତ୍ତି ଦେହରେ ବାଡ଼େଇ ଦେଖିପାର ଯେ ତୁମର ମୁଣ୍ଡ ଫାଟୁଛି କି ମୂର୍ତ୍ତି ଭାଙ୍ଗୁଛି । ତୁମଠାରେ ଦୁର୍ଗୁଣ-ଦୁରାଗ୍ରହ ରହିଛି, କିନ୍ତୁ ମୂର୍ତ୍ତିରେ କୌଣସି ଦୁର୍ଗୁଣ ନାହିଁ । ମୋଟ ଉପରେ କହିଲେ ମୂର୍ତ୍ତି ସବୁ ଦୃଷ୍ଟିରୁ ଶ୍ରେଷ୍ଠ । ଅତଏବ ମୂର୍ତ୍ତି ପୂଜନୀୟ । ତୁମେମାନେ ତୁମ ନାଆଁର ନିନ୍ଦାକୁ ନିଜର ନିନ୍ଦା ଏବଂ ନାଆଁର ପ୍ରଶଂସାକୁ ନିଜର ପ୍ରଶଂସା ବୋଲି ଭାବୁଛ, ଶରୀରର ଅସମ୍ମାନକୁ ନିଜର ଅସମ୍ମାନ ଏବଂ ଶରୀରର ସମ୍ମାନକୁ ନିଜର ସମ୍ମାନ ବୋଲି ଭାବୁଛ, ତେବେ କଣ ମୂର୍ତ୍ତିରେ ଭଗବାନଙ୍କୁ ପୂଜା କଲେ ଓ

ସ୍ତୁତି-ପ୍ରାର୍ଥନା ଇତ୍ୟାଦି କଲେ ତାହାକୁ ଭଗବାନ ନିଜର ପୂଜା ଓ ସ୍ତୁତି-ପ୍ରାର୍ଥନା ବୋଲି ସ୍ୱୀକାର କରିବେ ନାହିଁ? ଭାଇମାନେ! ଲୋକେ ତୁମର ଯେଉଁ ନାମ ଓ ରୂପର ଆଦର କରନ୍ତି, ତାହା ପ୍ରକୃତରେ ତୁମର ସ୍ୱରୂପ ନୁହେଁ, ତଥାପି ତୁମେ ଖୁସି ହେଉଛ। ଭଗବାନଙ୍କର ସ୍ୱରୂପ ତ ସର୍ବବ୍ୟାପକ, ତେଣୁ ଏହି ମୂର୍ତ୍ତିମାନଙ୍କରେ ମଧ୍ୟ ଭଗବାନଙ୍କର ସ୍ୱରୂପ ବିଦ୍ୟମାନ। ଆମେ ଏହି ମୂର୍ତ୍ତିମାନଙ୍କରେ ଭଗବାନଙ୍କୁ ପୂଜା କଲେ ଭଗବାନ କଣ ପ୍ରସନ୍ନ ହେବେ ନାହିଁ? ଆମେ ଯେତେ ଅଧିକ ଭାବ ସହକାରେ ଭଗବାନଙ୍କର ପୂଜା କରିବା, ଭଗବାନ ସେତେ ଅଧିକ ପ୍ରସନ୍ନ ହେବେ।

ଯେକୌଣସି ଆସ୍ତିକ ମନୁଷ୍ୟ ମୂର୍ତ୍ତିପୂଜା ନ କଲେ ମଧ୍ୟ ତା' ଦ୍ୱାରା ମୂର୍ତ୍ତିପୂଜା ହିଁ ହୋଇଥାଏ। କାରଣ ସେ ବେଦ ଇତ୍ୟାଦି ଗ୍ରନ୍ଥକୁ ମାନେ, ସେମାନଙ୍କ କହିବା ଅନୁସାରେ ଚଳେ; ଅତଏବ ଏହା ହିଁ ମୂର୍ତ୍ତିପୂଜା। ବେଦ ମଧ୍ୟ (ଲେଖା ପୁସ୍ତକ ହୋଇଥିବା ଯୋଗୁଁ) ମୂର୍ତ୍ତି ଅଟନ୍ତି। ବେଦ ଇତ୍ୟାଦିକୁ ସମ୍ମାନ ଦେବା ହେଉଛି ମୂର୍ତ୍ତିପୂଜା। ଏପରି ଲୋକେ ଗୁରୁଙ୍କର, ପିତାମାତାଙ୍କର, ଅତିଥିଙ୍କର ଆଦରସତ୍କାର କରନ୍ତି, ଅନ୍ନ, ଜଳ, ବସ୍ତ୍ର ଆଦି ଦ୍ୱାରା ସେମାନଙ୍କର ସେବା କରନ୍ତି, ସୁତରାଂ ଏସବୁ ମଧ୍ୟ ମୂର୍ତ୍ତିପୂଜା। ଗୁରୁ ଓ ପିତାମାତାଙ୍କର ଶରୀର ତ ଜଡ଼, କିନ୍ତୁ ଶରୀରକୁ ସମ୍ମାନ ଦେଲେ ସେମାନେ ମଧ୍ୟ ସମ୍ମାନିତ ହୁଅନ୍ତି, ପ୍ରସନ୍ନ ହୁଅନ୍ତି। ତାତ୍ପର୍ଯ୍ୟ ଏହି ଯେ, ମନୁଷ୍ୟ ଯେକୌଣସି ଠାରେ, ଯେକୌଣସି ପ୍ରକାରେ, ଯେକୌଣସି ବ୍ୟକ୍ତିର ସମ୍ମାନ ଓ ସତ୍କାର କରେ, ସେସବୁ ହେଉଛି ମୂର୍ତ୍ତିପୂଜା। ଯଦି ମନୁଷ୍ୟ ଭାବପୂର୍ବକ ମୂର୍ତ୍ତିରେ ଭଗବାନଙ୍କୁ ପୂଜା କରେ, ତେବେ ତାହା ଭଗବାନଙ୍କର ହିଁ ପୂଜା ଅଟେ।

ଜଣେ ବୈରାଗୀ ବାବା ଥିଲେ। ସେ ଗୋଟିଏ ସ୍ଥାନରେ ରହୁଥିଲେ ଏବଂ ସେଠାରେ ଶାଳଗ୍ରାମଙ୍କୁ ପୂଜା କରୁଥିଲେ। ମୂର୍ତ୍ତିପୂଜାକୁ ନ ମାନୁଥିବା ଲୋକମାନଙ୍କୁ ବାବାଜୀଙ୍କର ଏହି କାମ (ମୂର୍ତ୍ତିପୂଜା) ଭଲ ଲାଗୁ ନ ଥାଏ। ସେହି ସମୟରେ ସେଠାକୁ ହୁକ୍ ସାହେବ ନାମକ ଜଣେ ଇଂରେଜ ଅଫିସର ଆସିଥିଲେ। ସେହି ଅଫିସରଙ୍କ ଆଗରେ ଲୋକେ ଆପତ୍ତି କଲେ ଯେ ଏ ସାଧୁବାବା ମୂର୍ତ୍ତିକୁ ପୂଜା କରି ସର୍ବବ୍ୟାପକ ପରମାତ୍ମାଙ୍କର ତିରସ୍କାର କରୁଛି, ଇତ୍ୟାଦି ଇତ୍ୟାଦି। ହୁକ୍ ସାହେବ ରାଗିଯାଇ ବାବାଙ୍କୁ ଡକାଇ ପଠାଇଲେ ଏବଂ ସେହି ସ୍ଥାନ ଛାଡ଼ି ଚାଲିଯିବାକୁ ଆଦେଶ ଦେଲେ। ପରଦିନ ବାବା ହୁକ୍ ସାହେବଙ୍କର ଗୋଟିଏ ପୁତଳିକା ତିଆରି କରି ତାକୁ ଜୋତାରେ ବାଡ଼େଇ ବାଡ଼େଇ ସହର ସାରା କହିବୁଲିଲେ ଯେ ହୁକ୍ ସାହେବଙ୍କର ମୋଟେ ଅକଲ ନାହିଁ, ସେ କିଛି ବୁଝନ୍ତି ନାହିଁ, ଇତ୍ୟାଦି। ଲୋକେ ପୁଣି ହୁକ୍ ସାହେବଙ୍କ ପାଖରେ ଅଭିଯୋଗ କଲେ ଯେ ଏ ବାବା ଆପଣଙ୍କୁ ଅପମାନିତ କରୁଛି, ଆପଣଙ୍କର ପୁତଳିକା ତିଆରି କରି ତାକୁ ଜୋତାରେ ପିଟୁଛି। ହୁକ୍ ସାହେବ ବାବାଙ୍କୁ ଡକାଇ ପଚାରିଲେ—ତୁମେ ମୋତେ ଅପମାନିତ କାହିଁକି କରୁଛ? ବାବାଜୀ କହିଲେ—ମୁଁ ତ ବିଲକୁଲ ଆପଣଙ୍କୁ ଅପମାନିତ କରୁ ନାହିଁ। ମୁଁ ତ ଏହି ପୁତଳିକାଟିକୁ ଅପମାନିତ କରୁଛି; କାରଣ ଇଏ ଗୋଟାଏ ଗଣ୍ଡମୂର୍ଖ। ଏପରି କହି ବାବାଜୀ ପୁତଳିକାଟିକୁ ଜୋତାରେ ପିଟିଲେ। ହୁକ୍ ସାହେବ କହିଲେ—ମୋ ପୁତଳିକାକୁ ଅପମାନିତ କରିବା ହିଁ ମୋତେ ଅପମାନିତ କରିବା ସଙ୍ଗେ ସମାନ। ବାବା କହିଲେ—ଆପଣ ତ ଏହି ପୁତଳିକାରେ ଅର୍ଥାତ୍ ମୂର୍ତ୍ତିରେ ନାହାନ୍ତି, ତଥାପି କେବଳ ନାମ ଯୋଗୁଁ ଆପଣଙ୍କ ଉପରେ ଏତେ ପ୍ରଭାବ ପଡୁଛି! ଆମର ଭଗବାନ ତ ସବୁ ଦେଶ, କାଳ ଓ ବସ୍ତୁରେ ବିଦ୍ୟମାନ; ଅତଏବ ଯିଏ ଶ୍ରଦ୍ଧାପୂର୍ବକ ମୂର୍ତ୍ତିରେ ଭଗବାନଙ୍କର ପୂଜା କରେ, ତା' ଦ୍ୱାରା କଣ ଭଗବାନ ପ୍ରସନ୍ନ ହେବେ ନାହିଁ? ମୁଁ ମୂର୍ତ୍ତିରେ ଭଗବାନଙ୍କୁ ପୂଜା କରୁଛି, ଏହା ଭଗବାନଙ୍କର ସମ୍ମାନ ହେଲା କି ଅପମାନ? ଏହାପରେ ହୁକ୍ ସାହେବ କହିଲେ—ଯାଅ, ଏଣିକି ତୁମେ ସ୍ୱାଧୀନଭାବରେ ମୂର୍ତ୍ତିପୂଜା କରିପାର। ବାବା ନିଜ ସ୍ଥାନକୁ ଚାଲିଗଲେ।

ପ୍ରଶ୍ନ—କେତେକ ଲୋକ ମନ୍ଦିରରେ କିମ୍ବା ମନ୍ଦିର ପାଖରେ ବସି ମଦ, ମାଂସ ଆଦି ନିଷିଦ୍ଧ ପଦାର୍ଥ ସେବନ କରନ୍ତି, ତଥାପି ଭଗବାନ ସେମାନଙ୍କୁ ମନା କରନ୍ତି ନାହିଁ କାହିଁକି?

ଉତ୍ତର—ବାପମାଆଙ୍କ ଆଗରେ ପିଲା ଦୁଷ୍ଟାମି କଲେ ବାପମାଆ ସେମାନଙ୍କୁ ଦଣ୍ଡ ଦିଅନ୍ତି ନାହିଁ; କାରଣ ସେମାନେ ଭାବନ୍ତି ଯେ ଏମାନେ ତ ଆମରି ପିଲା, ବୁଦ୍ଧି ହୋଇ ନାହିଁ, କିଛି ବୁଝି ନାହାନ୍ତି। ସେହିପରି ଭଗବାନ ମଧ୍ୟ ଭାବନ୍ତି ଯେ ଏମାନେ ସବୁ ଅବୋଧ ପିଲା। ତେଣୁ ଭଗବାନଙ୍କର ଦୃଷ୍ଟି ସେମାନଙ୍କର ଦୁରାଚରଣ ଆଡ଼କୁ ଯାଏ ନାହିଁ। କିନ୍ତୁ ଯେଉଁମାନେ ମନ୍ଦିରରେ ନିଷିଦ୍ଧ ପଦାର୍ଥ ସେବନ କରନ୍ତି ଓ ନିଷିଦ୍ଧ ଆଚରଣ

କରନ୍ତି, ସେମାନଙ୍କୁ ଏହି ଅପରାଧର ଦଣ୍ଡ ନିଶ୍ଚୟ ଭୋଗିବାକୁ ପଡ଼ିବ।

ପ୍ରଶ୍ନ—ପୂର୍ବେ କବୀର ପ୍ରଭୃତି କେତେକ ସନ୍ଥ ମୂର୍ତ୍ତିପୂଜାର ଖଣ୍ଡନ କରିଥିଲେ କାହିଁକି?

ଉତ୍ତର—ଯେଉଁ ସମୟରେ ଯାହା ଆବଶ୍ୟକ ପଡ଼େ, ସେହି ସମୟରେ ସନ୍ଥମହାପୁରୁଷମାନେ ସଂସାରରେ ଆବିର୍ଭୂତ ହୋଇ ସେଇଭଳି କାର୍ଯ୍ୟ କରିଥାଆନ୍ତି। ଉଦାହରଣସ୍ୱରୂପ—ପୂର୍ବେ ଯେତେବେଳେ ଶୈବ ଏବଂ ବୈଷ୍ଣବମାନଙ୍କ ମଧ୍ୟରେ ବହୁତ ଝଗଡ଼ା ଲାଗିଲା, ସେତେବେଳେ ଗୋସ୍ୱାମୀ ତୁଳସୀଦାସ ରାମଚରିତମାନସ ଲେଖିଲେ, ଫଳରେ ଉଭୟଙ୍କର ଝଗଡ଼ା ମେଣ୍ଟିଗଲା। ଗୀତା ଉପରେ ଅନେକ ଟୀକା ଲେଖାଯାଇଛି। କାରଣ ସମୟାନୁସାରେ ଯେପରି ଆବଶ୍ୟକତା ପଡ଼ିଲା, ମହାପୁରୁଷମାନଙ୍କ ମନରେ ସେହିପରି ପ୍ରେରଣା ଜାତ ହେଲା ଏବଂ ସେମାନେ ଗୀତା ଉପରେ ସେହିଭଳି ଟୀକା ଲେଖିଲେ। ଯେତେବେଳେ ବୌଦ୍ଧମତ ବହୁତ ବଢ଼ିଗଲା, ସେତେବେଳେ ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ ହେଲା। ସେ ସନାତନ ଧର୍ମର ପ୍ରଚାର କଲେ। ସେହିପରି ଯେତେବେଳେ ମୁସଲମାନମାନଙ୍କର ରାଜତ୍ୱ ଥିଲା, ସେତେବେଳେ ସେମାନେ ମନ୍ଦିରଗୁଡ଼ିକୁ ଭାଙ୍ଗି ପକାଉଥିଲେ, ମୂର୍ତ୍ତିଗୁଡ଼ିକୁ ଖଣ୍ଡିତ କରୁଥିଲେ। ଏହି କାରଣରୁ କବୀର ପ୍ରଭୃତି ସନ୍ଥକବିମାନେ କହିଲେ ଯେ ଆମର ମନ୍ଦିର ଦରକାର ନାହିଁ କି ମୂର୍ତ୍ତିପୂଜା ଦରକାର ନାହିଁ। କାରଣ ଆମର ପରମାତ୍ମା କେବଳ ମନ୍ଦିରରେ ବା ମୂର୍ତ୍ତିରେ ନାହାନ୍ତି, ସେ ସର୍ବବ୍ୟାପୀ, ସବୁଠାରେ ଅଛନ୍ତି। ପ୍ରକୃତରେ ମୂର୍ତ୍ତିପୂଜାକୁ ଖଣ୍ଡନ କରିବା ସେହି ସନ୍ଥମାନଙ୍କର ଉଦ୍ଦେଶ୍ୟ ନ ଥିଲା, ବରଂ ଲୋକମାନଙ୍କୁ ପରମାତ୍ମାଙ୍କ ଆଡ଼କୁ ଅଭିମୁଖୀ କରାଇବା ଥିଲା ସେମାନଙ୍କର ଉଦ୍ଦେଶ୍ୟ।

ପ୍ରଶ୍ନ—ଏବେ ତ ସେଭଳି ସମୟ ନାହିଁ, ମୁସଲମାନମାନେ ମୂର୍ତ୍ତି ଭାଙ୍ଗୁ ନାହାନ୍ତି, ତଥାପି ସେହି ସମ୍ପ୍ରଦାୟର ସନ୍ଥମାନେ ମୂର୍ତ୍ତିପୂଜାକୁ ଓ ସାକାର ଭଗବାନଙ୍କର ଉପାସନାକୁ ଖଣ୍ଡନ କରୁଛନ୍ତି କାହିଁକି?

ଉତ୍ତର—କାହାରି ଖଣ୍ଡନ କରିବା ଅର୍ଥ ନିଜ ମତ ପ୍ରତି ଆଗ୍ରହ ରହିଛି। ଅନ୍ୟର ମତକୁ ଖଣ୍ଡନ କରୁଥିବା ଲୋକେ ନିଜ ମତର ପ୍ରଚାର ଚାହାନ୍ତି, ନିଜର ପ୍ରତିଷ୍ଠା ଚାହାନ୍ତି। ଏବେ ଯେଉଁମାନେ ମନ୍ଦିର ଭାଙ୍ଗୁଛନ୍ତି, ମୂର୍ତ୍ତିପୂଜାକୁ ଓ ଅନ୍ୟମାନଙ୍କ ମତକୁ ଖଣ୍ଡନ କରୁଛନ୍ତି, ସେହି ମତାବଲମ୍ବୀମାନେ ପ୍ରକୃତରେ ପରମାତ୍ମତତ୍ତ୍ୱକୁ ପାଇବାକୁ ଚାହାନ୍ତି ନାହିଁ, ନିଜ ସମ୍ପ୍ରଦାୟର ପ୍ରଚାର ଚାହାନ୍ତି। ଏଭଳି ମତବାଦୀମାନଙ୍କୁ ପରମାତ୍ମପ୍ରାପ୍ତି ହୁଏ ନାହିଁ। ଯେଉଁମାନେ ନିଜର ମତରେ ଆଗ୍ରହ ରଖନ୍ତି, ସେମାନେ ମତବାଦୀ ଅଟନ୍ତି। ମତବାଦୀ ଲୋକର କଥା ଗ୍ରହଣଯୋଗ୍ୟ ହୋଇ ନ ଥାଏ—***'ବାତୁଲ ଭୂତ ବିବସ ମତବାରେ। ତେ ନହିଁ ବୋଲହିଁ ବଚନ ବିଚାରେ॥'*** (ମାନସ ୧।୧୧୫।୪)। ଏଭଳି ମତବାଦୀ ବ୍ୟକ୍ତି ତତ୍ତ୍ୱକୁ ଜାଣି ପାରନ୍ତି ନାହିଁ—

ହରିୟା ରତା ତତ୍ତ୍ୱକା, ମତକା ରତା ନାହିଁ।
ମତ କା ରତା ସେ ଫିରେ, ତାଁହ ତତ୍ତ୍ୱ ପାୟା ନାହିଁ॥
ହରିୟା ତତ୍ତ୍ୱ ବିଚାରିୟେ, କ୍ୟା ମତ ସେତୀ କାମ।
ତତ୍ତ୍ୱ ବସାୟା ଅମରପୁର, ମତ କା ଜମପୁର ଧାମ॥

ନିରାକାରକୁ ମାନୁଥିବା ଲୋକେ ସାକାର ମୂର୍ତ୍ତିପୂଜାର ଖଣ୍ଡନ କରିବା ଦ୍ୱାରା ପ୍ରକୃତରେ ନିଜର ନିରାକାର ଇଷ୍ଟଙ୍କୁ ହିଁ ଛୋଟ କରି ଦିଅନ୍ତି; କାରଣ ସେମାନଙ୍କର ଧାରଣାରୁ ଏହା ପ୍ରମାଣିତ ହୁଏ ଯେ ସାକାର ସ୍ଥାନରେ ସେମାନଙ୍କର ନିରାକାର ନାହିଁ ଅର୍ଥାତ୍ ସେମାନଙ୍କ ନିରାକାର ଏକଦେଶୀୟ ଅଟେ। ଯଦି ସେମାନେ ସାକାର ମୂର୍ତ୍ତିରେ ମଧ୍ୟ ନିରାକାରକୁ ମାନନ୍ତେ, ତେବେ ସେମାନେ ସାକାରର ଖଣ୍ଡନ କାହିଁକି ବା କରନ୍ତେ? ତା'ଛଡ଼ା ନିରାକାର-ଉପାସକମାନେ 'ପରମାତ୍ମା ସାକାର ନୁହନ୍ତି, ତାଙ୍କର ଅବତାର ହୁଏ ନାହିଁ, ତାଙ୍କର ମୂର୍ତ୍ତି ମଧ୍ୟ ନାହିଁ'—ଏପରି ବିଶ୍ୱାସ କରନ୍ତି। ଅତଏବ ତାଙ୍କର ସର୍ବସମର୍ଥ ପରମାତ୍ମା ଅବତାର ଗ୍ରହଣ କରିବାରେ ଓ ସାକାର ହେବାରେ ଅସମର୍ଥ (ଦୁର୍ବଳ) ବୋଲି ପ୍ରମାଣିତ ହେଲେ ଅର୍ଥାତ୍ ତାଙ୍କର ପରମାତ୍ମା ସର୍ବସମର୍ଥ ହୋଇ ରହିଲେ ନାହିଁ। ପ୍ରକୃତରେ ପରମାତ୍ମା ଏପରି ନୁହନ୍ତି। ସେ ସାକାର ଓ ନିରାକାର ଆଦି ସବୁକିଛି—**'ସଦସଚ୍ଚାହମ୍'** (୯।୧୯)। ତେଣୁ ବିଚାର କରିବା କଥା ଯେ, ଆମେ ନିଜର କଲ୍ୟାଣ କରିବା କି ସାକାର-ନିରାକାରକୁ ନେଇ ଝଗଡ଼ା କରିବା? ଆମେ ଯଦି ନିଜର ରୁଚି ଅନୁସାରେ ସାକାର କିମ୍ବା ନିରାକାରର ଉପାସନା କରୁ, ତେବେ ଆମର କଲ୍ୟାଣ ହୋଇଯିବ—

ତେରେ ଭାବୈ ଜୋ କରୌ, ଭଲୌ ବୁରୌ ସଂସାର।
'ନାରାୟନ' ତୂ ବୈଠିକେ, ଆପନୌ ଭୁବନ ବୁହାର॥

ଯଦି ଝଗଡ଼ା କରିବା କଥା, ତେବେ ସଂସାରରେ ଏଥିପାଇଁ ବହୁତ ସ୍ଥାନ ରହିଛି। ଧନ, ଜମି, ଘରବାଡ଼ି

ଆଦିକୁ ନେଇ ଲୋକେ ଝଗଡ଼ା କରନ୍ତି । କିନ୍ତୁ ପାରମାର୍ଥିକ ମାର୍ଗରେ ଆସି ଝଗଡ଼ା କରିବା କାହିଁକି? ଆମେ ଯଦି ସାକାର କିମ୍ବା ନିରାକାରର ଉପାସନା କରୁଛୁ, ତେବେ ଅନ୍ୟର ମତ ଖଣ୍ଡନ କରିବା ପାଇଁ ଆମକୁ ସମୟ ମିଳିଲା କେମିତି? ଅନ୍ୟମାନଙ୍କର ମତକୁ ଖଣ୍ଡନ କରିବାରେ ଆମେ ଯେତେ ସମୟ ଲଗାଇଲେ, ସେତିକି ସମୟ ନିଜ ଇଷ୍ଟଦେବଙ୍କର ଉପାସନାରେ ଲଗାଇଥିଲେ ଆମର ବହୁତ ଉପକାର ହୋଇଥାଆନ୍ତା ।

ଅନ୍ୟମାନଙ୍କର ଖଣ୍ଡନ କରିବା ଦ୍ୱାରା ଆମର ଏହି କ୍ଷତି ହେଲା ଯେ ଆମେ ନିଜ ଇଷ୍ଟଙ୍କର ଖଣ୍ଡନ କରିବା ପାଇଁ ଅନ୍ୟମାନଙ୍କୁ ନିମନ୍ତ୍ରଣ ଦେଲୁ । ଆମେ ଯଦି ନିରାକାରର ଖଣ୍ଡନ କଲୁ, ତେବେ ଆମେ ନିଜ ଇଷ୍ଟ(ସାକାର)ଙ୍କର ଖଣ୍ଡନ କରିବା ପାଇଁ ଅନ୍ୟମାନଙ୍କୁ ନିମନ୍ତ୍ରଣ ଦେଲୁ ଓ ସୁବିଧା ଦେଲୁ ଯେ ତୁମେମାନେ ମଧ୍ୟ ଆମ ଇଷ୍ଟଙ୍କର ଖଣ୍ଡନ କର । ଅତଏବ ଖଣ୍ଡନ ଦ୍ୱାରା ଆମର କିଛି ଲାଭ ହେଲା ନାହିଁ କି ଅନ୍ୟମାନଙ୍କର ମଧ୍ୟ କିଛି ଲାଭ ହେଲା ନାହିଁ । ଦ୍ୱିତୀୟ କଥା, ଅନ୍ୟର ମତ ଖଣ୍ଡନ କଲେ ଯେ କଲ୍ୟାଣ ସାଧିତ ହୁଏ, ଏ କଥା କେହି କହି ନାହାନ୍ତି । ଯେଉଁମାନେ ଅନ୍ୟର ମତକୁ ଖଣ୍ଡନ କରିଛନ୍ତି, ସେମାନେ ମଧ୍ୟ କହି ନାହାନ୍ତି ଯେ ଅନ୍ୟମାନଙ୍କର ଖଣ୍ଡନ କଲେ ତୁମର ଲାଭ ହେବ ଓ କଲ୍ୟାଣ ହେବ । ଯଦି ଆମେ କାହାରି ମତକୁ ବା ଇଷ୍ଟଙ୍କୁ ଖଣ୍ଡନ କରୁ, ତେବେ ତଦ୍ୱାରା ଆମରି ଅନ୍ତଃକରଣ ଦୂଷିତ ହେବ, ଖଣ୍ଡନ ଅନୁସାରେ ହିଁ ଦ୍ୱେଷବୃତ୍ତି ବଢ଼ିବ; ଯାହାଫଳରେ ଆମ ଉପାସନାରେ ବାଧା ଉପୁଜିବ ଓ ଆମେ ନିଜ ଇଷ୍ଟଙ୍କ ଠାରୁ ବିମୁଖୀ ହୋଇଯିବା । ଅତଏବ ଅନ୍ୟର ମତ ବା ଇଷ୍ଟଙ୍କର ଖଣ୍ଡନ କରିବା ଅନୁଚିତ, କାହାରିକୁ ନୀଚ ବା ଛୋଟ ଭାବିବା ଅନୁଚିତ, କାହାରି ଅପମାନ ଓ ତିରସ୍କାର କରିବା ଅନୁଚିତ; କାରଣ ସମସ୍ତେ ନିଜ ନିଜର ରୁଚି ଅନୁସାରେ ଭାବ, ଶ୍ରଦ୍ଧା ଓ ବିଶ୍ୱାସ ସହିତ ନିଜ ଇଷ୍ଟଙ୍କର ଉପାସନା କରନ୍ତି । ପରମାତ୍ମା ସାଧକର ଭାବ, ଶ୍ରଦ୍ଧା, ବିଶ୍ୱାସ ଓ ପ୍ରେମ ଦ୍ୱାରା ମିଳନ୍ତି । ଅତଏବ ନିଜର ମତ ଉପରେ ଓ ଇଷ୍ଟଙ୍କ ଉପରେ ଶ୍ରଦ୍ଧା-ବିଶ୍ୱାସ ରଖି ତଦନୁସାରେ ସାଧନାରେ ଲାଗି ରହିବା ଉଚିତ । ଏହା ହିଁ ପରମାତ୍ମାଙ୍କୁ ପାଇବାର ମାର୍ଗ । ଅନ୍ୟର ଖଣ୍ଡନ କରିବା, ତିରସ୍କାର କରିବା ପରମାତ୍ମପ୍ରାପ୍ତିର ଉପାୟ ନୁହେଁ, ବରଂ ପତନର ଉପାୟ ।

ଯେଉଁ ସନ୍ତମାନେ ମୂର୍ତ୍ତିପୂଜାର ଖଣ୍ଡନ କରିଛନ୍ତି, ସେମାନେ (ମୂର୍ତ୍ତିପୂଜା ପରିବର୍ତ୍ତେ) ନାମଜପ, ସତ୍‌ସଙ୍ଗ, ଗୁରୁବାଣୀ, ଭଗବଚ୍ଚିନ୍ତନ, ଧ୍ୟାନ ଇତ୍ୟାଦି ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଅତଏବ ଯେଉଁମାନେ ମୂର୍ତ୍ତିପୂଜା ତ୍ୟାଗ କରି ଦେଉଛନ୍ତି, ଅଥଚ ନିଜ ମତାନୁସାରେ ନାମଜପ ଆଦିରେ ତତ୍ପର ହେଉ ନାହାନ୍ତି, ସେମାନେ ଉଭୟ ଆଡୁ ରିକ୍ତ ରହିଗଲେ । ସେମାନଙ୍କ ଠାରୁ ମୂର୍ତ୍ତିପୂଜା କରୁଥିବା ଲୋକେ ଶ୍ରେଷ୍ଠ, କାରଣ ଏମାନେ ଅନ୍ତତଃ ନିଜ ମତ ଅନୁସାରେ ସାଧନାରେ ତ ଲାଗିଛନ୍ତି!

ଯଦି କେହି କହେ ଯେ ଅନ୍ୟର ମତକୁ ଖଣ୍ଡନ କରିବା ଆମର ଉଦ୍ଦେଶ୍ୟ ନୁହେଁ, ଆମେ ନିଜର ଉପାସନାକୁ ଦୃଢ଼ କରୁଛୁ ଓ ନିଜର ଅନନ୍ୟଭାବକୁ ଦୃଢ଼ କରୁଛୁ, ତେବେ ଏହାର ଉତ୍ତର ହେଲା ଯେ ଅନ୍ୟମାନଙ୍କର ଖଣ୍ଡନ କରିବା ଦ୍ୱାରା ଅନନ୍ୟଭାବ ପରିପୁଷ୍ଟ ହୁଏ ନାହିଁ । ଅନନ୍ୟଭାବର ଅର୍ଥ ଆମର ଇଷ୍ଟଙ୍କ ବ୍ୟତୀତ କୌଣସି ଦ୍ୱିତୀୟ ତତ୍ତ୍ୱ ନାହିଁ । ଆମର ପ୍ରଭୁ ସଗୁଣ ଅଟନ୍ତି ଓ ନିର୍ଗୁଣ ମଧ୍ୟ ଅଟନ୍ତି । ସବୁ ଆମ ପ୍ରଭୁଙ୍କର ହିଁ ରୂପ । ଅନ୍ୟମାନେ ଆମ ପ୍ରଭୁଙ୍କର ଅନ୍ୟ ନାମ ରଖିଥାନ୍ତୁ ପଛେ, କିନ୍ତୁ ସେ ହିଁ ଆମର ପ୍ରଭୁ । ଆମ ପ୍ରଭୁଙ୍କର ଅନେକ ରୂପରେ ଓ ଅନେକ ପ୍ରକାରେ ଉପାସନା ହେଉଛି । ଅତଏବ ଯିଏ ନିର୍ଗୁଣକୁ ମାନନ୍ତି, ସେମାନେ ଆମ ସଗୁଣ ପ୍ରଭୁଙ୍କର ମହିମାକୁ ବଢ଼ାଉଛନ୍ତି । କାରଣ ଆମର ସଗୁଣ ହିଁ ସେଠାରେ ନିର୍ଗୁଣ ହୋଇଛନ୍ତି । ତେଣୁ ନିର୍ଗୁଣର ଉପାସନା କରୁଥିବା ଲୋକେ ଆମର ଆଦରଣୀୟ । ଏପରି କଲେ ହିଁ ଅନନ୍ୟଭାବ ହେବ । କାହାରି ଖଣ୍ଡନ କରିବା ଦ୍ୱାରା ଅନନ୍ୟଭାବ ଆସେ ନାହିଁ । ଯେଉଁମାନେ ଶ୍ରଦ୍ଧାବିଶ୍ୱାସପୂର୍ବକ ଓ ସିଧାସରଳ ଭାବରେ ନିଜ ଇଷ୍ଟଙ୍କ ଉପାସନାରେ ମଗ୍ନ, ସେମାନଙ୍କର ଇଷ୍ଟଙ୍କୁ ଓ ଉପାସନାକୁ ଖଣ୍ଡନ କରିବା ଦ୍ୱାରା ସେମାନଙ୍କର ହୃଦୟକୁ ଆଘାତ ଲାଗିବ, ସେମାନଙ୍କୁ ଦୁଃଖ ହେବ; ତେଣୁ ଖଣ୍ଡନ କରୁଥିବା ଲୋକକୁ ବଡ଼ ପାପ ଲାଗିବ, ଯଦ୍ଦ୍ୱାରା ତା'ର ଉପାସନା ସଫଳ ହେବ ନାହିଁ ।

ଭଲର ଆବରଣରେ ମନ୍ଦ ଲୁକ୍କାୟିତ ହୋଇ ରହିବା ଯାହା, ଅନନ୍ୟତା ନାଆଁରେ ଅନ୍ୟମାନଙ୍କର ଖଣ୍ଡନ କରିବା ମଧ୍ୟ ସେଇଆ । ମନ୍ଦକୁ ମନ୍ଦ ବୋଲି ଜାଣି ପାରିଲେ ତ ବ୍ୟକ୍ତି ତା'ଠାରୁ ରକ୍ଷା ପାଇ ପାରିବ, କିନ୍ତୁ ଭଲରୂପ ଧରି ଯଦି ମନ୍ଦ ଆସିବ, ତେବେ

ତା'ଠାରୁ ରକ୍ଷା ପାଇବା ବଡ଼ କଠିନ। ଯଥା—ସୀତାଙ୍କ ଆଗରେ ରାବଣ ଓ ହନୁମାନଙ୍କ ଆଗରେ କାଳନେମି ସାଧୁବେଶରେ ଆସିବାରୁ ସୀତା ଓ ହନୁମାନ ମଧ୍ୟ ଠକାମିରେ ପଡ଼ିଗଲେ। ଅର୍ଜୁନ ମଧ୍ୟ ହିଂସାର ବାହାନାରେ ନିଜ କର୍ତ୍ତବ୍ୟରୁ ଚ୍ୟୁତ ହେବାର ନିଶ୍ଚୟ କରି ବସିଲେ ଯେ 'ଦୁର୍ଯ୍ୟୋଧନାଦି ଧର୍ମକୁ ଜାଣନ୍ତି ନାହିଁ, ସେମାନଙ୍କୁ ଲୋଭ ଗ୍ରାସିଛି, ମୁଁ କିନ୍ତୁ ଧର୍ମକୁ ଜାଣେ, ମୋ ମନରେ ଲୋଭ ନାହିଁ, ମୁଁ ଅହିଂସକ' ଇତ୍ୟାଦି। ଏଭଳିଭାବରେ ଅର୍ଜୁନଙ୍କ ଭିତରେ ଭଲର ଆବରଣରେ ମନ୍ଦ ଆସିଗଲା। ସେହି ମନ୍ଦକୁ ଦୂର କରିବା ପାଇଁ ଭଗବାନଙ୍କୁ ମଧ୍ୟ ଖୁବ୍ ପରିଶ୍ରମ କରିବାକୁ ପଡ଼ିଲା, ଲମ୍ବା ଉପଦେଶ ଦେବାକୁ ପଡ଼ିଲା। ଯଦି ଅର୍ଜୁନଙ୍କ ଭିତରେ ମନ୍ଦ ରୂପରେ ମନ୍ଦ ଆସିଥାଆନ୍ତା, ତେବେ ତାହାକୁ ଦୂର କରିବାକୁ ବେଶୀ ସମୟ ଲାଗି ନ ଥାନ୍ତା। ସେହିପରି ଅନନ୍ୟଭାବର ରୂପ ଧରି ଖଣ୍ଡନରୂପୀ ମନ୍ଦ ଆସିଲା ଏବଂ ଆମେ ନିଜର ଅମୂଲ୍ୟ ସମୟ, ସାମର୍ଥ୍ୟ, ବୁଦ୍ଧି ଇତ୍ୟାଦିକୁ ଅନ୍ୟମାନଙ୍କର ଖଣ୍ଡନ କରିବାରେ ଲଗାଇଦେଲେ। ଏହାଦ୍ୱାରା ଆମର ପତନ ହିଁ ଘଟିଲା। ଅତଏବ ସାଧକ ଖୁବ୍ ସାବଧାନ ହୋଇ ନିଜର ସମୟ, ଯୋଗ୍ୟତା, ସାମର୍ଥ୍ୟ ଆଦିକୁ ନିଜ ଇଷ୍ଟଙ୍କ ଉପାସନାରେ ହିଁ ବିନିଯୋଗ କରିବା ଉଚିତ।

ପ୍ରଶ୍ନ—ଭଗବାନଙ୍କର ସ୍ୱୟମ୍ଭୂ ମୂର୍ତ୍ତି କିପରି ତିଆରି ହୁଏ?

ଉତ୍ତର—ଯଦି ସ୍ୱୟମ୍ଭୂ ମୂର୍ତ୍ତି ତିଆରି ହେଉଥାନ୍ତା, ତେବେ ଏପରି ପ୍ରଶ୍ନ ଉଠନ୍ତା। ସ୍ୱୟମ୍ଭୂ ମୂର୍ତ୍ତି ତିଆରି ହୁଏ ନାହିଁ, ତାହା ସ୍ୱୟଂ ପ୍ରକଟ ହୁଏ ବୋଲି ତା'ର ନାମ ସ୍ୱୟମ୍ଭୂ ହୋଇଛି, ନଚେତ୍ ତାହା ସ୍ୱୟମ୍ଭୂ ହେବ କିପରି?

ପ୍ରଶ୍ନ—କୌଣସି ମୂର୍ତ୍ତି ସ୍ୱୟମ୍ଭୂ କିଂବା କାହାଦ୍ୱାରା ନିର୍ମିତ, ଏହା ଚିହ୍ନିବାର ଉପାୟ କ'ଣ?

ଉତ୍ତର—ତାହାକୁ ପ୍ରତ୍ୟେକ ବ୍ୟକ୍ତି ଚିହ୍ନି ପାରିବ ନାହିଁ। ଯେପରି ପୂର୍ବରୁ ଦେଖିଥିବା କୌଣସି ବ୍ୟକ୍ତିକୁ ପୁନର୍ବାର ଦେଖିଲେ ଚିହ୍ନି ହୁଏ, ସେହିପରି ଯିଏ ଭଗବାନଙ୍କର ସାକ୍ଷାତ୍ ଦର୍ଶନ ପାଇଛି, ସେ ହିଁ ସ୍ୱୟମ୍ଭୂ ମୂର୍ତ୍ତିକୁ ଚିହ୍ନି ପାରିବ।

ପ୍ରଶ୍ନ—ସ୍ୱୟମ୍ଭୂ ମୂର୍ତ୍ତି ଓ ତିଆରି କରାଯାଇଥିବା ମୂର୍ତ୍ତିଙ୍କର ଦର୍ଶନ, ପୂଜନ ଇତ୍ୟାଦିର ମହିମା କ'ଣ?

ଉତ୍ତର—ଶ୍ରଦ୍ଧାବିଶ୍ୱାସ ଥିଲେ ଋଷିମାନଙ୍କୁ କୁଶରେ ଏବଂ ଗଣେଶଙ୍କୁ ଗୁଆରେ ପୂଜା କଲେ ମଧ୍ୟ ଲାଭ ମିଳିଥାଏ। ତେଣୁ ଶ୍ରଦ୍ଧାବିଶ୍ୱାସ ଥିଲେ ଓ ଭଗବଦ୍‌ଭାବ ଥିଲେ ତିଆରି କରାଯାଇଥିବା ମୂର୍ତ୍ତିର ଦର୍ଶନ, ପୂଜା ଆଦିରୁ ମଧ୍ୟ ଲାଭ ମିଳେ। କିନ୍ତୁ ସ୍ୱୟମ୍ଭୂ ମୂର୍ତ୍ତିରେ ଶ୍ରଦ୍ଧାବିଶ୍ୱାସ ଥିଲେ ବିଶେଷଭାବେ ଓ ଅତି ଶୀଘ୍ର ଲାଭ ମିଳେ। ଯେପରି କି କୌଣସି ସନ୍ଥଙ୍କ ଦ୍ୱାରା ଲିଖିତ ପୁସ୍ତକ ପଢ଼ିବା ଅପେକ୍ଷା ସେହି ସନ୍ଥଙ୍କ ମୁଖରୁ ଶୁଣିବାରେ ଅଧିକ ଲାଭ ମିଳିଥାଏ। ସଞ୍ଜୟ ମଧ୍ୟ ଗୀତାଗ୍ରନ୍ଥ ବିଷୟରେ କହିଛନ୍ତି—ମୁଁ ଏହାକୁ ସାକ୍ଷାତ୍ ଭଗବାନ କହୁଥିବାର ଶୁଣିଛି (୧୮।୭୫)।

ପ୍ରଶ୍ନ—ସଂସାର ସହିତ ଯେପରି ସହଜ, ସରଳ ଓ ଅନାୟାସରେ ସମ୍ବନ୍ଧ ହୋଇଯାଏ, ଭଗବାନଙ୍କ ସହିତ ସେପରି ସମ୍ବନ୍ଧ ହୋଇପାରେ ନାହିଁ—ଏହାର କାରଣ କ'ଣ?

ଉତ୍ତର—ଏହାର କାରଣ ହେଲା, ମନୁଷ୍ୟ ନିଜକୁ ଶରୀର ମନେକରେ। ନିଜକୁ ଶରୀର ମନେ କରିବାରୁ ତା'ର ସଂସାର ସହିତ ସହଜରେ ସମ୍ପର୍କ ସ୍ଥାପିତ ହୋଇଯାଏ; କାରଣ ଶରୀରର ସଂସାର ସହିତ ଏକତ୍ୱ ରହିଛି। ଯାହା ସହିତ ଏକତ୍ୱ (ସଜାତୀୟତା) ଥାଏ, ତା' ସହିତ ଅନାୟାସରେ ସମ୍ବନ୍ଧ ସ୍ଥାପିତ ହୋଇଯାଏ। ଯେ ନିଜକୁ ବ୍ରାହ୍ମଣ, କ୍ଷତ୍ରିୟ ଇତ୍ୟାଦି ମନେକରେ, ତା'ର ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତିଙ୍କ ସହିତ ଏବଂ ଯେ ନିଜକୁ ବିଦ୍ୱାନ୍, ବ୍ୟବସାୟୀ ପ୍ରଭୃତି ମନେକରେ, ତା'ର ବିଦ୍ୱାନ୍, ବ୍ୟବସାୟୀ ପ୍ରଭୃତିଙ୍କ ସହିତ ସହଜରେ ସମ୍ପର୍କ ଯୋଡ଼ି ହୋଇଯାଏ—**'ସମାନଶୀଳବ୍ୟସନେଷୁ ସଖ୍ୟମ୍'**। ଭଗବାନ ତ ପ୍ରତ୍ୟକ୍ଷଭାବେ ଦେଖାଯାଆନ୍ତି ନାହିଁ ଏବଂ ମନୁଷ୍ୟ ନିଜକୁ ମୂର୍ତ୍ତି (ଶରୀର) ବୋଲି ଭାବେ, ତେଣୁ ତା' ପାଇଁ ମୂର୍ତ୍ତିରେ ଭଗବାନଙ୍କୁ ସ୍ୱୀକାର କରିବା ସହଜ। ଅତଏବ ଯେପର୍ଯ୍ୟନ୍ତ ଶରୀରରେ ଅହଂତ୍ୱ ଓ ମମତ୍ୱ ରହିଛି, ସେପର୍ଯ୍ୟନ୍ତ ମୂର୍ତ୍ତିପୂଜା ନିଶ୍ଚୟ କରିବା ଉଚିତ। ଭଗବଦ୍‌ପ୍ରାପ୍ତି ହେବା ପରେ ମଧ୍ୟ ମୂର୍ତ୍ତିପୂଜା ଛାଡ଼ିବା ଉଚିତ ନୁହେଁ; କାରଣ ଯେଉଁ ସାଧନା ଦ୍ୱାରା ଉନ୍ନତି ହୋଇଛି, ତାହା ପ୍ରତି କୃତଜ୍ଞ ରହିବା ଉଚିତ, ତାହାକୁ ଛାଡ଼ିବା ଉଚିତ ନୁହେଁ।

୭. ଗୀତାରେ ଭଗବନ୍ନାମ

କୃଷ୍ଣେତି ନାମାନି ଚ ନିଃସରନ୍ତି ରାତ୍ରନ୍ଦିବଂ ବୈ ପ୍ରତିରୋମକୂପାତ୍ ।
ଯସ୍ୟାର୍ଜୁନସ୍ୟ ପ୍ରତି ତଂ ସୁଗୀତଗୀତେ ନ ନାମ୍ନୋ ମହିମା ଭବେତ୍ କିମ୍ ॥

ନାମ ଓ ନାମୀ ଅର୍ଥାତ୍ ଭଗବନ୍ନାମ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କ ଅଭେଦ, ତେଣୁ ଉଭୟଙ୍କ ସ୍ମରଣର ମାହାତ୍ମ୍ୟ ସମାନ । ଭଗବନ୍ନାମ ତିନି ପ୍ରକାରେ ନିଆଯାଏ—

(୧) ମନ ଦ୍ୱାରା—ମନ ଦ୍ୱାରା ନାମ ସ୍ମରଣ କରାଯାଏ, ଏହାର ବର୍ଣ୍ଣନା ଭଗବାନ **'ଯୋ ମାଂ ସ୍ମରତି ନିତ୍ୟଶଃ'** (୮ । ୧୪) ପଦଗୁଡ଼ିକରେ କରିଛନ୍ତି ।

(୨) ବାଣୀ ଦ୍ୱାରା—ବାଣୀ ଦ୍ୱାରା ନାମଜପ କରାଯାଏ । ଏହାକୁ ଭଗବାନ **'ଯଜ୍ଞାନାଂ ଜପଯଜ୍ଞୋଽସ୍ମି'** (୧୦ । ୨୫) ପଦଗୁଡ଼ିକରେ ନିଜର ସ୍ୱରୂପ ବୋଲି କହିଛନ୍ତି ।

(୩) କଣ୍ଠ ଦ୍ୱାରା—କଣ୍ଠରେ ଜୋର୍‌ରେ ଉଚ୍ଚାରଣ କରି କୀର୍ତ୍ତନ କରାଯାଏ । ଏହାର ବର୍ଣ୍ଣନା ଭଗବାନ **'କୀର୍ତ୍ତୟନ୍ତଃ'** (୯ । ୧୪) ପଦରେ କରିଛନ୍ତି ।

ଗୀତାରେ ଭଗବାନ **'ଓଁ, ତତ୍ ଓ ସତ୍'**—ଏହି ତିନୋଟି ନାମକୁ ପରମାତ୍ମାଙ୍କର ନାମ ବୋଲି କହିଛନ୍ତି— **'ଓଁ ତତ୍ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ'** (୧୭ । ୨୩) । ପ୍ରଣବ(ଓଁକାର)କୁ ଭଗବାନ ନିଜର ସ୍ୱରୂପ ବୋଲି କହିଛନ୍ତି—**'ପ୍ରଣବଃ ସର୍ବବେଦେଷୁ'** (୭ । ୮), **'ଗିରାମସ୍ମ୍ୟେକମକ୍ଷରମ୍'** (୧୦ । ୨୫) । ଭଗବାନ କହିଛନ୍ତି ଯେ ଯେଉଁ ମନୁଷ୍ୟ 'ଓଁ' ନାମକ ଏକାକ୍ଷର ପ୍ରଣବର ଉଚ୍ଚାରଣପୂର୍ବକ ମୋତେ ସ୍ମରଣ କରି ଶରୀର ତ୍ୟାଗ କରେ, ସେ ପରମଗତି ଲାଭ କରେ (୮ । ୧୩) ।

ଅର୍ଜୁନ ମଧ୍ୟ ଭଗବାନଙ୍କ ବିରାଟରୂପର ସ୍ତୁତି କରିବା ସମୟରେ ନାମର ମହିମା କହିଛନ୍ତି । ଯଥା— "ହେ ପ୍ରଭୁ! କେତେକ ଦେବତା ଭୟଭୀତ ହୋଇ ହାତଯୋଡ଼ି ଆପଣଙ୍କର ନାମ ଆଦିର କୀର୍ତ୍ତନ କରୁଛନ୍ତି" (୧୧ । ୨୧); "ହେ ଅନ୍ତର୍ଯାମୀ ଭଗବନ୍! ଆପଣଙ୍କ ନାମ ଆଦିର କୀର୍ତ୍ତନ କରିବା ଦ୍ୱାରା ଏହି ସମଗ୍ର ଜଗତ ହର୍ଷିତ ହୋଇ ଅନୁରାଗ(ପ୍ରେମ)ରେ ମଗ୍ନ ହେଉଛି । ଆପଣଙ୍କ ନାମ ଆଦିର କୀର୍ତ୍ତନ ପ୍ରଭାବରୁ ରାକ୍ଷସମାନେ ଭୟଭୀତ ହୋଇ ଦଶଦିଗକୁ ପଳାୟନ କରୁଛନ୍ତି ଏବଂ ସମସ୍ତ ସିଦ୍ଧଗଣ ଆପଣଙ୍କୁ ନମସ୍କାର କରୁଛନ୍ତି । ଏସବୁ ହେବା ମଧ୍ୟ ଯଥାର୍ଥ" (୧୧ । ୩୬) ।

ଜ୍ଞାତବ୍ୟ

ସୁଷୁପ୍ତି (ଗାଢ଼ ନିଦ୍ରା) ସମୟରେ ସମସ୍ତ ଇନ୍ଦ୍ରିୟ ମନରେ, ମନ ବୁଦ୍ଧିରେ, ବୁଦ୍ଧି ଅହମ୍‌ରେ ଏବଂ ଅହମ୍ ଅବିଦ୍ୟାରେ ଲୀନ ହୋଇଯାଏ ଅର୍ଥାତ୍ ସୁଷୁପ୍ତିରେ ଅହଂଭାବର ବୋଧ ହୁଏ ନାହିଁ । ଗାଢ଼ ନିଦ୍ରାରୁ ଉଠିଲେ ହିଁ ପ୍ରଥମେ ଅହଂଭାବର ବୋଧ ହୁଏ, ତା'ପରେ ଦେଶ, କାଳ, ଅବସ୍ଥା ଇତ୍ୟାଦିର ବୋଧ ହୁଏ । କିନ୍ତୁ ଗାଢ଼ ନିଦ୍ରାରେ ଶୋଇଥିବା ବ୍ୟକ୍ତିର ନାଆଁ ଧରି ଡାକିଲେ ସେ ଚେଇଁଉଠେ ଅର୍ଥାତ୍ ଗାଢ଼ ନିଦ୍ରାରେ ଶୋଇଥିବା ଅଥବା ଅବିଦ୍ୟାରେ ଲୀନ ହୋଇଥିବା ବ୍ୟକ୍ତି ପର୍ଯ୍ୟନ୍ତ ଶବ୍ଦ ପହଞ୍ଚିଯାଏ । ତାତ୍ପର୍ଯ୍ୟ ଏହି ଯେ ଶବ୍ଦରେ ଅଚିନ୍ତ୍ୟ ଶକ୍ତି ନିହିତ, ଯଦ୍ଦ୍ୱାରା ତାହା ଅବିଦ୍ୟାକୁ ଭେଦକରି ଅହଂ ନିକଟରେ ପହଞ୍ଚିଯାଏ । ଅନାଦିକାଳରୁ ଅବିଦ୍ୟାରେ ବୁଡ଼ି ରହିଥିବା ଓ ମୂର୍ଚ୍ଛିତ ବ୍ୟକ୍ତି ପରି ସଂସାରରେ ମୋହିତ ହୋଇଥିବା ମନୁଷ୍ୟକୁ ଗୁରୁଙ୍କ ମୁଖରୁ ବାଣୀ ଶ୍ରବଣ କରିବା ଦ୍ୱାରା ନିଜ ସ୍ୱରୂପର ବୋଧ ହୋଇଯାଏ ଅର୍ଥାତ୍ ଅବିଦ୍ୟାରେ ବୁଡ଼ି ରହିଥିବା ମନୁଷ୍ୟକୁ ମଧ୍ୟ ଶବ୍ଦ ତତ୍ତ୍ୱଜ୍ଞାନ କରାଇଦିଏ ।* ସେହିପରି ଯିଏ ଯତ୍ନ ସହକାରେ ଭଗବନ୍ନାମ ଜପ କରେ, ତାକୁ ସେହି ନାମ ସ୍ୱରୂପବୋଧ କରାଇଦିଏ ଓ ଭଗବାନଙ୍କର ଦର୍ଶନ କରାଇଦିଏ ।

ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ ମହାପୁରୁଷଙ୍କ ମୁଖନିଃସୃତ ଶବ୍ଦ(ଉପଦେଶ)କୁ ଯଦି କେହି ଆଦର ସହକାରେ ଶ୍ରବଣ କରେ, ତେବେ ତା'ର ଆଚରଣ ଓ ଭାବ ମାର୍ଜିତ ହୁଏ ଏବଂ ଅଜ୍ଞାନ ଦୂର ହୋଇ ବୋଧପ୍ରାପ୍ତି ହୋଇଯାଏ । କିନ୍ତୁ ଯାହାର ବାଣୀରେ ଅସତ୍ୟ, କଟୁତା, ବୃଥା ବାକ୍ୟାଳାପ, ନିନ୍ଦା, ପରଚର୍ଚ୍ଚା ଇତ୍ୟାଦି ଦୋଷ ଥାଏ, ତା' ଶବ୍ଦର ପ୍ରଭାବ ଅନ୍ୟମାନଙ୍କ ଉପରେ ପଡ଼େ ନାହିଁ; କାରଣ ତା'ର ଏପରି ଆଚରଣ କାରଣରୁ

* ଶବ୍ଦରେ ଏପରି ବିଚିତ୍ର ଶକ୍ତି ଅଛି ଯେ ତାହା ଇନ୍ଦ୍ରିୟ ସମକ୍ଷରେ ନ ଥିବା ପରୋକ୍ଷ ବିଷୟର ମଧ୍ୟ ଜ୍ଞାନ କରାଇଦିଏ ।

ଶବ୍ଦର ଶକ୍ତି ଅବରୁଦ୍ଧ ହୋଇଯାଏ। ଏହିପରି ସ୍ୱୟଂ ବକ୍ତାଠାରେ ମଧ୍ୟ ଭ୍ରମ, ପ୍ରମାଦ, ଲିପ୍ସା ଓ କରଣାପାଟବ ନାମକ ଚାରି ପ୍ରକାର ଦୋଷ ଥାଏ। ବକ୍ତା ଯେଉଁ ବିଷୟର ବିବେଚନା କରେ, ସେ ତାକୁ ଠିକ୍‌ଭାବେ ଜାଣେ ନାହିଁ ଅର୍ଥାତ୍ କିଛି ଜାଣେ ଓ କିଛି ଜାଣେ ନାହିଁ—ଏହା ହେଉଛି **'ଭ୍ରମ'**। ସେ ଉପଦେଶ ଦେବା ସମୟରେ ସାବଧାନ ନ ରହି, ମନଇଚ୍ଛା କହିଗଲେ ଏବଂ ଶ୍ରୋତା କେଉଁ ଶ୍ରେଣୀର, କେତେ ବୁଝି ପାରିବେ ଇତ୍ୟାଦି ବିଷୟକୁ ଉପେକ୍ଷା ହେତୁ ଜାଣେ ନାହିଁ—ଏହା ହେଉଛି **'ପ୍ରମାଦ'**। କୌଣସିମତେ ମୋର ପୂଜା ହେଉ, ଆଦର ହେଉ, ଶ୍ରୋତାମାନଙ୍କ ଠାରୁ ପଇସାପତ୍ର ମିଳୁ, ମୋର ସ୍ୱାର୍ଥସିଦ୍ଧି ହେଉ, ଶୁଣିବା ଲୋକେ କୌଣସିମତେ ମୋ ଫାନ୍ଦରେ ପଡ଼ିଯାଆନ୍ତୁ, ମୋର ଅନୁକୂଳ ହୁଅନ୍ତୁ ଇତ୍ୟାଦି ଇଚ୍ଛା କରିବା ହେଉଛି **'ଲିପ୍ସା'**। କହିବା ଶୈଳୀରେ କୌଶଳ ନାହିଁ, ବକ୍ତା ଶ୍ରୋତାଙ୍କର ଭାଷା ଜାଣେ ନାହିଁ, ଶ୍ରୋତା ଯେପରି ବିଷୟକୁ ସହଜରେ ବୁଝି ପାରିବେ, ସେପରି ଯୁକ୍ତି ବକ୍ତାକୁ ଆସେ ନାହିଁ—ଏହା ହେଉଛି **'କରଣାପାଟବ'**। ଏହି ଚାରୋଟି ଦୋଷ ବକ୍ତା ପାଖରେ ଥିଲେ ବକ୍ତାର ଶବ୍ଦ ଦ୍ୱାରା ଶ୍ରୋତାର ଜ୍ଞାନୋଦୟ ହୁଏ ନାହିଁ। ଉପରୋକ୍ତ ଦୋଷବିବର୍ଜିତ ଶବ୍ଦ ଶ୍ରୋତାକୁ ଜ୍ଞାନ କରାଇଦିଏ। ଶ୍ରୋତା ମଧ୍ୟ ଶ୍ରଦ୍ଧା, ବିଶ୍ୱାସ, ଜିଜ୍ଞାସା, ତତ୍ପରତା, ସଂଯତେନ୍ଦ୍ରିୟତା ଇତ୍ୟାଦିରେ ଯୁକ୍ତ ହୋଇଥିଲେ ଏବଂ ତା'ର ପରମାତ୍ମପ୍ରାପ୍ତିର ଲକ୍ଷ୍ୟ ଥିଲେ ତାହାକୁ ବକ୍ତାର ଶବ୍ଦ ଦ୍ୱାରା ଜ୍ଞାନ ହୁଏ। ତାତ୍ପର୍ଯ୍ୟ ଏହି ଯେ ବକ୍ତାଠାରେ ଯୋଗ୍ୟତା ନ ଥିଲେ ଶ୍ରୋତା ଉପରେ ତା' ବଚନର ପ୍ରଭାବ ପଡ଼େ ନାହିଁ ଏବଂ ଶ୍ରୋତାଠାରେ ଯୋଗ୍ୟତା ନ ଥିଲେ ମଧ୍ୟ ତା' ଉପରେ ବକ୍ତାର ବଚନର ପ୍ରଭାବ ପଡ଼େ ନାହିଁ। ଦୁହିଁଙ୍କର ଯୋଗ୍ୟତା ଥିଲେ ହିଁ ବକ୍ତାର ଶବ୍ଦର ପ୍ରଭାବ ଶ୍ରୋତା ଉପରେ ପଡ଼ିଥାଏ। ମାତ୍ର ଭଗବାନଙ୍କ ନାମରେ ଏପରି ଅଦ୍ଭୁତ ଶକ୍ତି ରହିଛି ଯେ, କୌଣସି ମନୁଷ୍ୟ ଯେକୌଣସି ଭାବରେ ନାମ ଜପ କଲେ ମଧ୍ୟ ତା'ର ମଙ୍ଗଳ ହିଁ ହୋଇଥାଏ—

ଭାର୍ଯ କୁଭାର୍ଯ ଅନଖ ଆଲସହୁଁ। ନାମ ଜପତ ମଙ୍ଗଲ ଦିସି ଦସହୁଁ॥

(ମାନସ ୧।୨୮।୧)

ଭଗବାନଙ୍କର ନାମ ଅବହେଳା, ସଂକେତ, ପରିହାସ ଇତ୍ୟାଦି ଯେକୌଣସି ପ୍ରକାରେ ସ୍ମରଣ କଲେ ମଧ୍ୟ ତାହା ପାପ ନାଶ କରେ—

ସାଂକେତ୍ୟଂ ପାରିହାସ୍ୟଂ ବା ସ୍ତୋଭଂ ହେଲନମେବ ବା।
ବୈକୁଣ୍ଠନାମଗ୍ରହଣମଶେଷାଘହରଂ ବିଦୁଃ॥

(ଶ୍ରୀମଦ୍ଭାଗବତ ୬।୨।୧୪)

ଭଗବାନ ନିଜ ନାମ ବିଷୟରେ ସ୍ୱୟଂ କହିଛନ୍ତି ଯେ ଯେଉଁ ଜୀବ ଶ୍ରଦ୍ଧାପୂର୍ବକ ଅଥବା ଅବହେଳାପୂର୍ବକ ମଧ୍ୟ ମୋର ନାମ ସ୍ମରଣ କରନ୍ତି, ସେମାନଙ୍କର ନାମ ସର୍ବଦା ମୋ ହୃଦୟରେ ନିବାସ କରେ—

ଶ୍ରଦ୍ଧୟା ହେଲୟା ନାମ ରଟନ୍ତି ମମ ଜନ୍ତବଃ।
ତେଷାଂ ନାମ ସଦା ପାର୍ଥ ବର୍ତ୍ତତେ ହୃଦୟେ ମମ॥

ସନ୍ଦେହ—କେବଳ ଗୁଡ଼ର ନାଆଁ ଧରିଲେ ତ ପାଟି ମିଠା ହୁଏ ନାହିଁ, ପୁଣି ଭଗବାନଙ୍କର ନାମ ଜପିଲେ କ'ଣ ହେବ?

ସମାଧାନ—ଯେଉଁ ବସ୍ତୁର ନାଆଁ ଗୁଡ଼, ତାହାର ନାଆଁରେ ଗୁଡ଼ ନାମକ ବସ୍ତୁର ଅଭାବ ରହିଛି ଅର୍ଥାତ୍ ଗୁଡ଼ର ନାଆଁରେ ଗୁଡ଼ ନାହିଁ; ତା'ଛଡ଼ା ଗୁଡ଼ର ରସନେନ୍ଦ୍ରିୟ (ଜିଭ) ସହିତ ସମ୍ବନ୍ଧ ନ ହେବା ପର୍ଯ୍ୟନ୍ତ ପାଟି ମିଠା ହୁଏ ନାହିଁ; କାରଣ ଜିଭରେ ଗୁଡ଼ ନାହିଁ। ସେହିପରି ଧନୀର ନାଆଁ ଧରିଲେ ଧନ ମିଳେ ନାହିଁ; କାରଣ ଧନୀର ନାଆଁରେ ଧନ ନାହିଁ। କିନ୍ତୁ ଭଗବାନଙ୍କ ନାଆଁରେ ଭଗବାନ ଅଛନ୍ତି। ନାମୀ(ଭଗବାନଙ୍କ) ଠାରୁ ନାମ ଅଲଗା ନୁହେଁ କି ନାମଠାରୁ ନାମୀ ଅଲଗା ନୁହେଁ। ନାମୀରେ ନାମ ବିଦ୍ୟମାନ ଏବଂ ନାମରେ ନାମୀ ବିଦ୍ୟମାନ। ଅତଏବ ନାମର ବା ଭଗବାନଙ୍କର ନାମ ନେଲେ ଭଗବାନ ମିଳିଯାଆନ୍ତି, ନାମୀ ପ୍ରକଟ ହୋଇଯାଆନ୍ତି।

ସନ୍ଦେହ—ନାମ ତ କେବଳ ଏକ ଶବ୍ଦମାତ୍ର, ତାହାଦ୍ୱାରା କାର୍ଯ୍ୟ ସିଦ୍ଧ ହେବ କି?

ସମାଧାନ—ଏପରି ଦେଖିଲେ ତ ପ୍ରତ୍ୟେକ ଶବ୍ଦରେ ଅଚିନ୍ତ୍ୟ ଶକ୍ତି ରହିଛି, କିନ୍ତୁ ଭଗବାନଙ୍କ ନାମରେ ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିବା ପାଇଁ ଏକ ବିଶେଷ ସାମର୍ଥ୍ୟ ରହିଛି। ଅତଏବ ନାମ ଯେକୌଣସି ପ୍ରକାରେ ସ୍ମରଣ କଲେ ମଧ୍ୟ ତାହା ମଙ୍ଗଳ କରେ। ନାମଜପ କରୁଥିବା ଲୋକର ବିଶେଷ ଭାବ ଥିଲେ, ତାହା ଖୁବ୍ ଶୀଘ୍ର ଲାଭପ୍ରଦ ହୋଇଥାଏ—

ସାଦର ସୁମିରନ ଯେ ନର କରହୀଁ। ଭବ ବାରିଧି ଗୋପଦ ଇବ ତରହୀଁ॥

(ମାନସ ୧।୧୧୯।୨)

ନାମଜପରେ ଭାବ କମ୍ ଥିଲେ ମଧ୍ୟ ସେଥିରୁ ଲାଭ ନିଶ୍ଚୟ ମିଳିବ, କିନ୍ତୁ କେବେ ମିଳିବ, ତାହା

କୁହାଯାଇ ନ ପାରେ । ଅଧିକ ସଂଖ୍ୟାରେ ନାମଜପ କଲେ ମଧ୍ୟ ଭାବ ଉଦୟ ହୁଏ; କାରଣ ନାମ ଜପ କରୁଥିବା ମନୁଷ୍ୟର ହୃଦୟରେ ସୂକ୍ଷ୍ମ ଭାବ ଅବଶ୍ୟ ରହିଥାଏ, ସେହି ଭାବ ଅଧିକ ସଂଖ୍ୟାରେ ନାମଜପ କରିବା ଦ୍ୱାରା ପ୍ରକଟିତ ହୋଇଯାଏ ।

ନାମଜପ କ୍ରିୟା (କର୍ମ) ନୁହେଁ, ତାହା ଉପାସନା । କାରଣ ନାମଜପ ସମୟରେ ଜପ କରୁଥିବା ଲୋକର ଭଗବାନ ହିଁ ଲକ୍ଷ୍ୟ ହୋଇଥାଆନ୍ତି ଓ ତାଙ୍କ ସହିତ ତା'ର ସମ୍ବନ୍ଧ ରହେ । କର୍ମ ଦ୍ୱାରା କଲ୍ୟାଣ ସାଧିତ ହୁଏ ନାହିଁ, କର୍ମ ତାହାର ଫଳ ପ୍ରଦାନ କରି ନଷ୍ଟ ହୋଇଯାଏ, କିନ୍ତୁ କର୍ମରେ ନିଷ୍କାମଭାବର ପ୍ରାଧାନ୍ୟ ଥିଲେ ସେହି କର୍ମ କଲ୍ୟାଣକାରୀ ହୋଇଯାଏ । ଠିକ୍ ସେହିପରି ନାମଜପ ସହିତ ଭଗବାନଙ୍କ ଆଡ଼କୁ ମୁଖ୍ୟଭାବେ ଲକ୍ଷ୍ୟ ଥିଲେ ନାମଜପ ଭଗବତ୍ ସାକ୍ଷାତ୍କାର କରାଇଦିଏ । ଭଗବାନଙ୍କ ଆଡ଼କୁ ମୁଖ୍ୟଭାବେ ଲକ୍ଷ୍ୟ ରହିଲେ ନାମ ଚିନ୍ମୟ ହୋଇଯାଏ । କେବଳ ସେତିକି ନୁହେଁ, ସେଥିରେ ଆଉ କ୍ରିୟା ରହେ ନାହିଁ । ଜାପକଠାରେ ମଧ୍ୟ ଚିନ୍ମୟତା ଅବତରିତ ହୋଇଆସେ ଅର୍ଥାତ୍ ନାମଜପ କରୁଥିବା ଲୋକର ଶରୀର ମଧ୍ୟ ଚିନ୍ମୟ ହୋଇଯାଏ । ତା'ର ଶରୀରର ଜଡ଼ତ୍ୱ ଦୂର ହୋଇଯାଏ । ଯଥା—ସନ୍ଥ ତୁକାରାମ ସଶରୀରେ ବୈକୁଣ୍ଠକୁ ଚାଲିଗଲେ । ମୀରାବାଈଙ୍କ ଶରୀର ଭଗବାନଙ୍କ ବିଗ୍ରହରେ ଲୀନ ହୋଇଗଲା । ଚୈତନ୍ୟ ମହାପ୍ରଭୁଙ୍କ ଶରୀର ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ଲୀନ ହୋଇଗଲା । କବୀରଙ୍କର ଶରୀର ଅଦୃଶ୍ୟ ହୋଇଗଲା ଏବଂ ସେହି ସ୍ଥାନରେ ଲୋକମାନଙ୍କୁ ପୁଷ୍ପଗୁଚ୍ଛ ମିଳିଲା । ଜ୍ଞେଖାମେଳାଙ୍କ ଅସ୍ଥିସମୂହରୁ 'ବିଟ୍‌ଠଲ' ନାମର ଧ୍ୱନି ଶୁଭିଲା ।

ପ୍ରଶ୍ନ—ଶାସ୍ତ୍ର ଓ ସନ୍ଥମାନେ ନାମର ଯେଉଁ ମହିମା ଗାନ କରିଛନ୍ତି, ତାହା କେତେଦୂର ସତ୍ୟ?

ଉତ୍ତର—ଶାସ୍ତ୍ର ଓ ସନ୍ଥମାନେ ନାମର ଯେଉଁ ମହିମା ଗାନ କରିଛନ୍ତି, ତାହା ସମ୍ପୂର୍ଣ୍ଣ ସତ୍ୟ । କେବଳ ସେତିକି ନୁହେଁ, ଆଜିପର୍ଯ୍ୟନ୍ତ ନାମର ମହିମା ଯେତେ ଗାନ କରାଯାଇଛି, ସେଥିରେ ନାମର ମହିମା ପୂର୍ଣ୍ଣ ହୋଇ ନାହିଁ, ଆହୁରି ବାକି ରହିଛି । କାରଣ ଭଗବାନ ଅନନ୍ତ, ତେଣୁ ତାଙ୍କ ନାମର ମହିମା ମଧ୍ୟ ଅନନ୍ତ—*'ହରି ଅନଂତ ହରି କଥା ଅନଂତା'* (ମାନସ ୧ । ୧୪୦ । ୩) । ନାମର ସମ୍ପୂର୍ଣ୍ଣ ମହିମା ସ୍ୱୟଂ ଭଗବାନ ମଧ୍ୟ କହି ପାରିବେ ନାହିଁ—*'ରାମୁ ନ ସକହିଁ ନାମ ଗୁନ ଗାଈ'* (୧ । ୨୬ । ୪) ।

ପ୍ରଶ୍ନ—ନାମର ଯେଉଁ ମହିମା ଗାନ କରାଯାଇଛି, ତାହା ନାମଜପ କରୁଥିବା ଲୋକମାନଙ୍କ ଠାରେ ଦେଖା ନ ଯିବାର କାରଣ କ'ଣ?

ଉତ୍ତର—ନାମର ମାହାତ୍ମ୍ୟକୁ ସ୍ୱୀକାର ନ କଲେ ନାମର ତିରସ୍କାର ଓ ଅପମାନ ହୋଇଥାଏ, ତେଣୁ ସେହି ନାମ ସେତେ ପ୍ରଭାବଶାଳୀ ହୁଏ ନାହିଁ । ନାମଜପରେ ମନ ନ ଲଗାଇଲେ, ଧ୍ୟାନପୂର୍ବକ ଇଷ୍ଟଙ୍କର ନାମଜପ ନ କଲେ, ହୃଦୟର ସହିତ ନାମକୁ ମହତ୍ତ୍ୱ ନ ଦେଲେ ନାମର ମାହାତ୍ମ୍ୟ ଶୀଘ୍ର ଦେଖାଯାଏ ନାହିଁ । ଅବଶ୍ୟ କୌଣସିମତେ ନାମଜପ ମୁଖରେ ଚାଲିଥିଲେ ମଧ୍ୟ ସେଥିରୁ ଲାଭ ମିଳିଥାଏ, କିନ୍ତୁ ସେଥିରେ ସମୟ ଲାଗେ । ମନ ଲାଗୁ ବା ନ ଲାଗୁ, ଯଦି ନାମଜପ ନିରନ୍ତର ଚାଲିଥାଏ, କେବେ ଛିନ୍ନ ହୁଏ ନାହିଁ, ତେବେ ନାମ ମହାପ୍ରଭୁଙ୍କ କୃପାରୁ ସବୁ କାମ ହୋଇଯିବ ଅର୍ଥାତ୍ ମନ ଲାଗିଯିବ, ନାମ ଉପରେ ଶ୍ରଦ୍ଧା ଓ ବିଶ୍ୱାସ ମଧ୍ୟ ହୋଇଯିବ, ଇତ୍ୟାଦି ।

ଯଦି ଭଗବନ୍ନାମ ପ୍ରତି ଅନନ୍ୟଭାବ ଥିବ ଏବଂ ନାମଜପ ନିରନ୍ତର ଚାଲିଥିବ, ତେବେ ସେଥିରୁ ପ୍ରକୃତ ଲାଭ ନିଶ୍ଚୟ ମିଳିବ; କାରଣ ଭଗବାନଙ୍କର ନାମ ସାଂସାରିକ ନାମ ଭଳି ନୁହେଁ । ଭଗବାନ ହେଉଛନ୍ତି ଚିନ୍ମୟ, ତେଣୁ ତାଙ୍କର ନାମ ମଧ୍ୟ ଚିନ୍ମୟ (ଚେତନ) । ରାଜସ୍ଥାନରେ ବୁଧାରାମ ନାମକ ଜଣେ ସନ୍ଥ ଥିଲେ । ସେ ଯେତେବେଳେ ପ୍ରଥମେ ନାମଜପ ଆରମ୍ଭ କଲେ, ସେତେବେଳେ ତାଙ୍କୁ ନାମଜପ ବିନା କ୍ଷଣେମାତ୍ର ଅତିବାହିତ ହେବା ଭଲ ଲାଗିଲା ନାହିଁ । ଭୋଜନ ପ୍ରସ୍ତୁତ ହେଲା ପରେ ମାଆ ତାଙ୍କୁ ଖାଇବାକୁ ଡାକିଲେ ସେ ଖାଇଦେଇ ଆସି ପୁଣି ନାମଜପରେ ଲାଗିଯାଆନ୍ତି । ଦିନେ ସେ ମାଆକୁ କହିଲେ—ମାଆ! ରୁଟି ଖାଇବାରେ ବହୁତ ସମୟ ଲାଗୁଛି, ତେଣୁ କେବଳ ଦଲିଯା (ଗହମରେ ପ୍ରସ୍ତୁତ ଖିରି) ତିଆରି କରି ଥାଳିରେ ବାଢ଼ିଦେ' ଏବଂ ତାହା ଟିକିଏ ଥଣ୍ଡା ହୋଇଗଲା ପରେ ମୋତେ ଖାଇବାକୁ ଡାକିବୁ । ମାଆ ମଧ୍ୟ ସେହିପରି କଲେ । ଦିନେ ପୁଣି ସେ ମାଆକୁ କହିଲେ—ମାଆ! ଦଲିଯା ଖାଇବାରେ ମଧ୍ୟ ବହୁତ ସମୟ ଲାଗୁଛି, ତେଣୁ କେବଳ ଯାଉମଣ୍ଡ ତିଆରି କରି ଥଣ୍ଡା କରିସାରି ମୋତେ ଖାଇବାକୁ ଡାକିବୁ । ଏହିରୂପେ ମନ ଲଗାଇ ନାମଜପ କଲେ ସେଥିରୁ ପ୍ରକୃତ ଲାଭ ମିଳେ ।

ସନ୍ଦେହ—ଯଦି ଶ୍ରଦ୍ଧା ଓ ବିଶ୍ୱାସପୂର୍ବକ ନାମଜପ କଲେ ହିଁ ଲାଭ ହୁଏ, ତେବେ ନାମର ମହିମା କ'ଣ ରହିଲା? ଏହା ତ ଶ୍ରଦ୍ଧା ଓ ବିଶ୍ୱାସର ମହିମା!

ସମାଧାନ—ରାଜାକୁ ରାଜା ବୋଲି ନ ମାନିଲେ ରାଜାଠାରୁ ମିଳୁଥିବା ଲାଭ ମିଳେ ନାହିଁ, ପଣ୍ଡିତକୁ ପଣ୍ଡିତ ବୋଲି ନ ମାନିଲେ ତା'ଠାରୁ ମିଳୁଥିବା ଲାଭ ମିଳେ ନାହିଁ, ସନ୍ଥମହାତ୍ମାମାନଙ୍କୁ ସନ୍ଥମହାତ୍ମା ବୋଲି ନ ମାନିଲେ ସେମାନଙ୍କ ଠାରୁ ମିଳୁଥିବା ଲାଭ ମିଳେ ନାହିଁ, ଭଗବାନ ଅବତାର ନେଲାବେଳେ ତାଙ୍କର ଅବତାରକୁ ନ ମାନିଲେ ତାଙ୍କଠାରୁ ମିଳିବାକୁ ଥିବା ଲାଭ ମିଳେ ନାହିଁ। କିନ୍ତୁ ରାଜା ପ୍ରଭୃତିଙ୍କୁ ନ ମାନିଲେ ରାଜା ପ୍ରଭୃତିଙ୍କର କ'ଣ ଊଣା ହେଲା? ବରଂ ଯିଏ ମାନିଲା ନାହିଁ, ତା'ର ହିଁ କ୍ଷତି ହେଲା। ଠିକ୍ ସେହିପରି ଯିଏ ନାମରେ ଶ୍ରଦ୍ଧା ଓ ବିଶ୍ୱାସ କରେ ନାହିଁ, ତାକୁ ନାମରୁ ମିଳିବାକୁ ଥିବା ଲାଭ ମିଳେ ନାହିଁ, କିନ୍ତୁ ତଦ୍ଦ୍ୱାରା ନାମର ମହିମାରେ କିଛି ଊଣା ହୁଏ ନାହିଁ। ନାମରେ ଶ୍ରଦ୍ଧା ଓ ବିଶ୍ୱାସ ନ ରଖିବା ଲୋକର ହିଁ କ୍ଷତି ହୁଏ।

ନାମରେ ଅନନ୍ତ ଶକ୍ତି ନିହିତ। ସେହି ଶକ୍ତି ନାମ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ କରିବା ଦ୍ୱାରା ଯେ ବଢ଼ିଯିବ ଏବଂ ଶ୍ରଦ୍ଧା ଓ ବିଶ୍ୱାସ ନ କଲେ ଯେ କମିଯିବ, ଏ କଥା ନୁହେଁ। ଅବଶ୍ୟ ଯିଏ ନାମରେ ଶ୍ରଦ୍ଧା ଓ ବିଶ୍ୱାସ ରଖିବ, ସେ ନାମରୁ ଲାଭ ପାଇଯିବ, କିନ୍ତୁ ଯିଏ ଶ୍ରଦ୍ଧା ଓ ବିଶ୍ୱାସ ରଖିବ ନାହିଁ, ତା'ଦ୍ୱାରା ନାମ ପ୍ରତି ଅପରାଧ ହେବ। ସେହି ଅପରାଧ ହେତୁ ସେ ନାମରୁ ମିଳୁଥିବା ଲାଭ ପାଇ ପାରିବ ନାହିଁ।

ପ୍ରଶ୍ନ—ଶ୍ରଦ୍ଧା ଓ ବିଶ୍ୱାସ ନ ଥାଇ ମଧ୍ୟ ଅଗ୍ନିକୁ ଛୁଇଁଲେ ହାତ ପୋଡ଼ିଯିବ, ତେବେ ଶ୍ରଦ୍ଧାବିଶ୍ୱାସ ବିନା ନାମଜପ କଲେ ତାହାର ମହିମା ତତ୍କାଳ ପ୍ରକଟ ହୁଏ ନାହିଁ କାହିଁକି?

ଉତ୍ତର—ଅଗ୍ନି ହେଉଛି ଭୌତିକ ବସ୍ତୁ ଏବଂ ତାହା ଭୌତିକ ବସ୍ତୁଗୁଡ଼ିକୁ ଜଳାଏ, କିନ୍ତୁ ଭଗବାନଙ୍କର ନାମ ହେଉଛି ଅଲୌକିକ ଓ ଦିବ୍ୟ। ନାମଜପ କରିବା ଲୋକର ନାମ ପ୍ରତି ଯେତେ ମାତ୍ରାରେ ଭାବ ବଢ଼ିଯିବ, ତା' ଆଗରେ ସେତିକି ଅଧିକ ନାମର ମହିମା ପ୍ରକଟ ହୁଏ, ତାକୁ ନାମର ମହିମା, ଅଲୌକିକତା ଓ ବିଚିତ୍ରତା ସେତିକି ଅଧିକ ଅନୁଭୂତ ହେବାକୁ ଲାଗେ। ନାମର ଏକ ବୈଚିତ୍ର୍ୟ ହେଲା, ଯଦି ମନୁଷ୍ୟ ଭାବ ଓ ଶ୍ରଦ୍ଧା ନ ଥାଇ ମଧ୍ୟ ସଦାସର୍ବଦା ନାମ ଜପ କରୁଥାଏ, ତଥାପି ତା' ଆଗରେ ନାମର ଶକ୍ତି ପ୍ରକଟିତ ହୁଏ, କିନ୍ତୁ ଏଥିରେ ସମୟ ଲାଗିପାରେ।

ପ୍ରଶ୍ନ—କଣ ଥରେମାତ୍ର ନାମ ଉଚ୍ଚାରଣ କଲେ ସବୁ ପାପ ନଷ୍ଟ ହୋଇଯାଏ?

ଉତ୍ତର—ହଁ, ଆର୍ତ୍ତଭାବରେ ଥରେ ମଧ୍ୟ ନାମ ଉଚ୍ଚାରଣ କଲେ ସମସ୍ତ ପାପ ନଷ୍ଟ ହୋଇଯାଏ। ମନୁଷ୍ୟକୁ ଶେଷସମୟରେ ମୃତ୍ୟୁରୁ ରକ୍ଷା କରିବାକୁ କେହି ଦେଖାଯାଏ ନାହିଁ, ସେ ସବୁଆଡୁ ନିରାଶ ହୋଇଯାଏ, ସେତେବେଳେ ଆର୍ତ୍ତଭାବରେ ତା' ମୁହଁରୁ ଯଦି ଥରଟିଏ ବି ନାମ ବାହାରି ଆସେ, ତେବେ ସେହି ନାମଟି ତା'ର ସମସ୍ତ ପାପକୁ ନଷ୍ଟ କରିଦିଏ। ଉଦାହରଣସ୍ୱରୂପ—ଗଜେନ୍ଦ୍ରକୁ କୁମ୍ଭୀର ପାଣି ଭିତରକୁ ଟାଣି ନେଇ ଯାଉଥିବାବେଳେ ସେ ଦେଖିଲା ଯେ ଏବେ ତା'ର ରକ୍ଷାକର୍ତ୍ତା କେହି ନାହିଁ। ନିଶ୍ଚୟ ମରଣ ହେବ। ତେଣୁ ସେ ଆର୍ତ୍ତଭାବରେ ଥରେମାତ୍ର ନାମ ଧରିଥିଲା। ନାମ ଗ୍ରହଣମାତ୍ରକେ ଭଗବାନ ଆସି ପହଞ୍ଚିଗଲେ ଏବଂ କୁମ୍ଭୀରକୁ ମାରି ଗଜେନ୍ଦ୍ରକୁ ମୁକ୍ତ କଲେ।

ଯାହାର ଭଗବାନଙ୍କ ନାମରେ ଅବିଚଳ ଶ୍ରଦ୍ଧା ଓ ବିଶ୍ୱାସ ରହିଛି, ଅନନ୍ୟଭାବ ରହିଛି, ଥରେମାତ୍ର ଭଗବାନଙ୍କ ନାମ ଉଚ୍ଚାରଣ କଲେ ମଧ୍ୟ ତା'ର ଉଦ୍ଧାର ହୋଇଥାଏ।

ପ୍ରଶ୍ନ—ଯଦି ଥରେମାତ୍ର ନାମ ଧରିଲେ ସମସ୍ତ ପାପ ନଷ୍ଟ ହୋଇଯାଏ, ତେବେ ବାରମ୍ବାର ନାମ ଜପିବାର ଆବଶ୍ୟକତା କ'ଣ?

ଉତ୍ତର—ବାରମ୍ବାର ନାମ ଜପିବାର ଅଭ୍ୟାସ କଲେ କୌଣସି ସମୟରେ ସେହି ଆର୍ତ୍ତଭାବଯୁକ୍ତ ଗୋଟିଏ ନାମ ବାହାରିପଡ଼େ। ଯେପରି ଗାଡ଼ି ଇଞ୍ଜିନ୍‌କୁ ଷ୍ଟାର୍ଟ କରିବା ପାଇଁ ବାରମ୍ବାର କିକ୍ ମାରିବାକୁ ପଡ଼େ। ଥରେ କିକ୍ ମାରିଲେ ଇଞ୍ଜିନ୍ ଷ୍ଟାର୍ଟ ହେବ କି ପାଞ୍ଚଥର, ଦଶଥର ଅଥବା ପନ୍ଦରଥର କିକ୍ ମାରିଲେ ଇଞ୍ଜିନ୍ ଷ୍ଟାର୍ଟ ହେବ, ଏ କଥା କୁହାଯାଇ ନ ପାରେ। କିନ୍ତୁ କିକ୍ ବାରମ୍ବାର ମାରୁଥିଲେ କୌଣସି ନା କୌଣସି ଥର କିକ୍ ମାରିବାବେଳେ ଇଞ୍ଜିନ୍ ଷ୍ଟାର୍ଟ ହୋଇଯିବ। ସେହିପରି ବାରମ୍ବାର ଭଗବନ୍ନାମ ଜପ କରୁଥିଲେ କେବେ ନା କେବେ ସେହି ଆର୍ତ୍ତଭାବଯୁକ୍ତ ନାମଟି ବାହାରି ଆସିବ। ତେଣୁ ବାରମ୍ବାର ନାମ ଜପ କରିବା ବହୁତ ଜରୁରୀ।

ପ୍ରଶ୍ନ—ଯେଉଁ ଲୋକ ନାମ ଜପ କରୁଥିଲେ ମଧ୍ୟ କେବେ କେବେ ତା'ଦ୍ୱାରା ନିଷିଦ୍ଧ କର୍ମ ବି

ହୋଇଯାଏ, ତା'ର ଉଦ୍ଧାର ହେବ କି ନାହିଁ?

ଉତ୍ତର—ସମୟ ଆସିଲେ ନିଶ୍ଚୟ ହେବ, କାରଣ ଭଗବାନଙ୍କର ନାମ ଯେକୌଣସି ପ୍ରକାରେ ନେଲେ ମଧ୍ୟ ନିଷ୍ଫଳ ହେବ ନାହିଁ। କିନ୍ତୁ ନାମଜପର ପ୍ରତ୍ୟକ୍ଷ ପ୍ରଭାବ ଦେଖାଯିବ ନାହିଁ। ପ୍ରକୃତରେ ଦେଖିବାକୁ ଗଲେ ଯାହାର ପରମାତ୍ମାଙ୍କୁ ପ୍ରାପ୍ତ କରିବାର ଏକମାତ୍ର ଉଦ୍ଦେଶ୍ୟ ନ ଥାଏ, ତାହାରି ଦ୍ୱାରା ନିଷିଦ୍ଧ କର୍ମ ହେଉଥାଏ। କିନ୍ତୁ ଯାହାର ଧ୍ୟେୟ ପରମାତ୍ମପ୍ରାପ୍ତି, ତା'ଦ୍ୱାରା ନିଷିଦ୍ଧ କର୍ମ ହୋଇ ପାରିବ ନାହିଁ। କୌଣସି ବ୍ୟକ୍ତିର ଯଦି କେବଳ ଅର୍ଥ ଉପାର୍ଜନ କରିବା ଲକ୍ଷ୍ୟ ହୋଇଥାଏ, ସେ ଏପରି କୌଣସି କାମ କରେ ନାହିଁ, ଯଦ୍ୱାରା କ୍ଷତି ହେବ। ସେ ପଇସାର କ୍ଷତି ସହିପାରେ ନାହିଁ ଏବଂ ଯଦି କେତେବେଳେ କୌଣସି କାରଣରୁ ପଇସା ନଷ୍ଟ ହେଲା, ତେବେ ସେ ଅସ୍ଥିର ହୋଇପଡ଼େ। ସେହିପରି ପରମାତ୍ମାଙ୍କୁ ପ୍ରାପ୍ତ କରିବା ଯାହାର ଧ୍ୟେୟ ହୋଇଯାଏ, ସେ ସାଧନାର ବିପରୀତ କୌଣସି କାର୍ଯ୍ୟ କରି ପାରିବ ନାହିଁ। ଯଦି ତା'ଦ୍ୱାରା ସାଧନାର ବିପରୀତ କୌଣସି କାର୍ଯ୍ୟ ହେଉଥାଏ, ତେବେ ଏଥିରୁ ପ୍ରମାଣିତ ହେଉଛି ଯେ ତାହାର ଏପର୍ଯ୍ୟନ୍ତ ପରମାତ୍ମାଙ୍କୁ ପ୍ରାପ୍ତ କରିବା ଏକମାତ୍ର ଲକ୍ଷ୍ୟ ହୋଇ ନାହିଁ।

ସାଧକ ସର୍ବଦା ପରମାତ୍ମପ୍ରାପ୍ତି ନିମନ୍ତେ ନିଜର ଧ୍ୟେୟକୁ ଦୃଢ଼ ରଖି ନାମଜପ କରିବା ଉଚିତ। ତା'ହେଲେ ତା'ଦ୍ୱାରା ନିଷିଦ୍ଧ କର୍ମ ହୋଇ ପାରିବ ନାହିଁ। ଯଦି କେବେ ହୋଇଯାଏ, ତେବେ ସେଥିପାଇଁ ବହୁତ ପଶ୍ଚାତ୍ତାପ ହେବ, ଯଦ୍ୱାରା ସେ ପୁନର୍ବାର ସେଭଳି କର୍ମ କରିବ ନାହିଁ।

ପ୍ରଶ୍ନ—ଯାହାର ପାପ ବହୁତ ଅଧିକ, ସେ ତ ଭଗବାନଙ୍କର ନାମ ନେଇ ପାରିବ ନାହିଁ। ଏପରି ସ୍ଥିତିରେ ସେ କ'ଣ କରିବ?

ଉତ୍ତର—କଥାଟି ସତ। ଯାହାର ପାପ ଅଧିକ, ସେ ଭଗବାନଙ୍କର ନାମ ନେଇପାରେ ନାହିଁ—

ବୈଷ୍ଣବେ ଭଗବଦ୍ଭକ୍ତୌ ପ୍ରସାଦେ ହରିନାମ୍ନି ଚ।
ଅଳ୍ପପୁଣ୍ୟବତାଂ ଶ୍ରଦ୍ଧା ଯଥାବନ୍ନୈବ ଜାୟତେ॥

ଅର୍ଥାତ୍ ଯାହାର ପୁଣ୍ୟ ଅଳ୍ପ, ତା'ର ଭକ୍ତମାନଙ୍କ ପ୍ରତି, ଭକ୍ତି ପ୍ରତି, ଭଗବତ୍‌ପ୍ରସାଦ ପ୍ରତି ଏବଂ ଭଗବନ୍ନାମ ପ୍ରତି ଶ୍ରଦ୍ଧା ହୁଏ ନାହିଁ।

ପିତ୍ତ ଅଧିକ ହେଲେ ରୋଗୀକୁ ମିଶ୍ରି ମଧ୍ୟ ପିତା ଲାଗେ। କିନ୍ତୁ ସେ ଯଦି ବାରମ୍ବାର ମିଶ୍ରି ସେବନ କରେ, ତେବେ ପିତ୍ତ ଶାନ୍ତ ହୋଇଯାଏ ଏବଂ ମିଶ୍ରି ମିଠା ଲାଗେ। ସେହିପରି ପାପ ବେଶୀ ହୋଇଗଲେ ନାମ ଭଲ ଲାଗେ ନାହିଁ, କିନ୍ତୁ ନାମଜପ କରିବା ଆରମ୍ଭ କରିଦେଲେ ପାପ ନଷ୍ଟ ହୋଇଯାଏ, ନାମ ଭଲ ଲାଗେ, ମଧୁର ଲାଗେ ଏବଂ ନାମଜପର ପ୍ରତ୍ୟକ୍ଷ ଲାଭ ମଧ୍ୟ ଦେଖାଯାଏ।

ପ୍ରଶ୍ନ—ଯାହାର ଭାଗ୍ୟରେ ଭଗବାନଙ୍କର ନାମ ନେବା କଥା ଲେଖାଅଛି, ସେ ନାମ ନେଇପାରେ, ତା' ମୁଖରୁ ନାମ ବାହାରି ପାରେ, କିନ୍ତୁ ଯାହାର ଭାଗ୍ୟରେ ଲେଖା ନାହିଁ, ସେ କେମିତି ନାମ ନେଇ ପାରିବ?

ଉତ୍ତର—'ହେବା' ଓ 'କରିବା' ମଧ୍ୟରେ ପାର୍ଥକ୍ୟ ରହିଛି। ଭାଗ୍ୟ ଅର୍ଥାତ୍ ପୁରାତନ କର୍ମର ଫଳ 'ହୁଏ'; କିନ୍ତୁ ନୂତନ କର୍ମ 'ହୁଏ' ନାହିଁ, ବରଂ 'କରାଯାଏ'। ବ୍ୟବସାୟ କରାଯାଏ, କିନ୍ତୁ ଲାଭକ୍ଷତି ହୁଏ। ଯୁଦ୍ଧ କରାଯାଏ, କିନ୍ତୁ ଲାଭହାନି ହୁଏ। ସକାମଭାବରେ ମନ୍ତ୍ରର ଜପ (ଅନୁଷ୍ଠାନ) କରାଯାଏ ଏବଂ ତାହାର ନୀରୋଗତା ଆଦି ଫଳ ହୁଏ। ବଦ୍ରୀନାରାୟଣ ଯିବା 'କରିବା' ଅଟେ ଏବଂ ଯାଇ ଯାଇ ବଦ୍ରୀନାରାୟଣରେ ପହଞ୍ଚିଯିବା 'ହେବା' ଅଟେ। ଔଷଧ ଖାଇବା 'କରିବା' ଅଟେ ଏବଂ ଦେହ ସୁସ୍ଥ କିମ୍ବା ଅସୁସ୍ଥ ହେବା 'ହେବା' ଅଟେ। ହାନି-ଲାଭ, ଜୀବନ-ମରଣ, ଯଶ-ଅପଯଶ—ଏସବୁ 'ହେବା'ର ଅନ୍ତର୍ଗତ; କାରଣ ଏସବୁ ପୂର୍ବଜନ୍ମରେ କରାଯାଇଥିବା କର୍ମର ଫଳ*। କିନ୍ତୁ ନାମ ଜପ କରିବା ହେଲା ନୂତନ କର୍ମ। ଏହା 'କରିବା'ର ଅନ୍ତର୍ଗତ, 'ହେବା'ର ଅନ୍ତର୍ଗତ ନୁହେଁ। ଏହାକୁ କରିବାରେ ସମସ୍ତେ ସ୍ୱତନ୍ତ୍ର। ଅବଶ୍ୟ ଏଥିରେ ଏତିକି କଥା ହୁଏ ଯେ, ଯଦି କେହି ଆଗରୁ ନାମଜପ କରିଥାଏ, ତେବେ ଭଗବାନଙ୍କର ମହିମା ଶୁଣିବାମାତ୍ରେ ତା'ର ନାମଜପରେ ଆଗ୍ରହ ଜାଗିଉଠେ ଏବଂ ନାମଜପ ସହଜରେ ହେବାକୁ ଲାଗେ। କିନ୍ତୁ ଆଗରୁ ଯିଏ ନାମଜପ କରି ନ ଥାଏ, ସେ ଯଦି ନାମର ମହିମା ଶୁଣେ, ତା'ର ନାମଜପରେ ଶୀଘ୍ର ରୁଚି ହୁଏ ନାହିଁ। ଯଦି ନାମଜପର ମହିମା କହୁଥିବା ଲୋକ ଅନୁଭବୀ ହୋଇଥାଆନ୍ତି, ତେବେ ଶୁଣିବା ଲୋକର ମଧ୍ୟ ନାମ ପ୍ରତି ଆଗ୍ରହ ଜାତ

* ସୁନହୁ ଭରତ ଭାବୀ ପ୍ରବଲ ବିଲଖି କହେଉ ମୁନିନାଥ।
ହାନି ଲାଭୁ ଜୀବନୁ ମରନୁ ଜସୁ ଅପଜସୁ ବିଧି ହାଥ॥ (ମାନସ ୨। ୧୭୧)

ହେବ ଏବଂ ଅନୁଭବୀଙ୍କ ସଙ୍ଗରେ ରହିଲେ ତା'ପକ୍ଷେ ନାମଜପ କରିବା ମଧ୍ୟ ସହଜ ହୋଇଯିବ।

ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ଫଳ ଅଟେ, ନୂତନ କର୍ମ ନୁହେଁ। ନାମଜପ କରିବା ଆରମ୍ଭ କରିଦେଲେ ତାହା ହେବାକୁ ଲାଗେ; କାରଣ ନାମଜପ କରିବା ହେଉଛି ନୂତନ କର୍ମ, ନୂତନ ଉପାସନା। ଅତଏବ 'ଆମ ଭାଗ୍ୟରେ ନାମଜପ କରିବା, ସତ୍‌ସଙ୍ଗ କରିବା ଓ ଶୁଭକର୍ମ କରିବା ପାଇଁ ଲେଖା ହୋଇ ନାହିଁ' ଏପରି କହିବା କେବଳ ବାହାନା। 'ନାମଜପ, ସତ୍‌ସଙ୍ଗ ଆଦି ଆମ ଭାଗ୍ୟରେ ନାହିଁ'—ଏପରି ମନୋଭାବ ରଖିବା କୁସଙ୍ଗ ଅଟେ, ଯାହା କି ନାମଜପ ଆଦି କରିବାର ମନୋଭାବକୁ ନଷ୍ଟ କରିଦିଏ।

ପ୍ରଶ୍ନ—ନାମଜପ ଦ୍ୱାରା ଭାଗ୍ୟ (ପ୍ରାରବ୍ଧ) ବଦଳିଯାଏ କି?

ଉତ୍ତର—ହଁ, ଭଗବନ୍ନାମର ଜପ ଓ କୀର୍ତ୍ତନ ଦ୍ୱାରା ପ୍ରାରବ୍ଧ ବଦଳିଯାଏ ଏବଂ ନୂତନ ପ୍ରାରବ୍ଧ ଗଠିତ ହୁଏ। ଯେଉଁ ଜିନିଷ ମିଳିବା ପ୍ରାରବ୍ଧରେ ଲେଖା ନ ଥାଏ, ତାହା ମିଳିଯାଏ ଏବଂ ଅସମ୍ଭବ ମଧ୍ୟ ସମ୍ଭବ ହୋଇଯାଏ—ଏହା ସନ୍ଥ ଓ ମହାପୁରୁଷମାନଙ୍କର ଅନୁଭବ। ଯିଏ କର୍ମଫଳର ବିଧାନ କରିଛି, ତାକୁ କେହି ଡାକିଲେ, ତା'ର ନାମ ସ୍ମରଣ କଲେ ନାମ ସ୍ମରଣ କରୁଥିବା ବ୍ୟକ୍ତିର ପ୍ରାରବ୍ଧ ଯେ ବଦଳିଯିବ, ଏଥିରେ ଆଶ୍ଚର୍ଯ୍ୟ କ'ଣ? ଯେଉଁ ଲୋକେ ଭିକ ମାଗି ବୁଲନ୍ତି, ଯେଉଁମାନଙ୍କୁ ପେଟପୂରା ଖାଇବାକୁ ବି ମିଳେ ନାହିଁ, ସେମାନେ ଯଦି ହୃଦୟର ସହିତ ନାମଜପରେ ଲାଗିପଡ଼ିବେ, ତେବେ ସେମାନଙ୍କ ପାଖରେ ଖାଦ୍ୟ ଓ ବସ୍ତ୍ର ଗଦା ହୋଇଯିବ; ସେମାନଙ୍କର କୌଣସି ଅଭାବ ରହିବ ନାହିଁ। କିନ୍ତୁ ନାମଜପକୁ ପ୍ରାରବ୍ଧ ବଦଳାଇବାରେ ଓ ପାପ ନଷ୍ଟ କରିବାରେ ଲଗାଇବା ଠିକ୍ ନୁହେଁ। ଅମୂଲ୍ୟ ରତ୍ନ ବଦଳରେ କୋଇଲା କିଣିବା ଯେପରି ବୁଦ୍ଧିମତ୍ତା ନୁହେଁ, ଅମୂଲ୍ୟ ଭଗବନ୍ନାମକୁ ତୁଚ୍ଛ କାମନା ପୂରଣରେ ଲଗାଇବା ସେହିପରି ବୁଦ୍ଧିମତ୍ତା ନୁହେଁ।

ପ୍ରଶ୍ନ—ଯଦି କେବଳ ନାମଜପ ଦ୍ୱାରା ହିଁ ସବୁ ପାପ ନଷ୍ଟ ହୋଇଯାଏ, ତେବେ ଶାସ୍ତ୍ରମାନଙ୍କରେ ପାପ ନଷ୍ଟ କରିବା ପାଇଁ ନାନାପ୍ରକାର ପ୍ରାୟଶ୍ଚିତ୍ତର ବିଧାନ କାହିଁକି କରାଯାଇଛି?

ଉତ୍ତର—ନାମଜପ ଦ୍ୱାରା ଜ୍ଞାତ ଓ ଅଜ୍ଞାତ ସମସ୍ତ ପାପର ପ୍ରାୟଶ୍ଚିତ୍ତ ହୋଇଯାଏ, ସବୁ ପାପ ନଷ୍ଟ ହୋଇଯାଏ; କିନ୍ତୁ ନାମ ଉପରେ ଶ୍ରଦ୍ଧା ଓ ବିଶ୍ୱାସ ନ ଥିବାରୁ ଶାସ୍ତ୍ରମାନଙ୍କରେ ନାନାପ୍ରକାର ପ୍ରାୟଶ୍ଚିତ୍ତର ବିଧାନ ରହିଛି। ଯଦି ନାମ ଉପରେ ଶ୍ରଦ୍ଧାବିଶ୍ୱାସ ହୋଇଯାଏ, ତେବେ ଅନ୍ୟ କୌଣସି ପ୍ରାୟଶ୍ଚିତ୍ତ କରିବା ଦରକାର ନାହିଁ। ନାମଜପ କରୁଥିବା ଭକ୍ତ ଦ୍ୱାରା ଯଦି କିଛି ପାପ ବା ତ୍ରୁଟି ହୋଇଯାଏ, ତେବେ ତାହାକୁ ଦୂର କରିବା ପାଇଁ ଅନ୍ୟ କୌଣସି ପ୍ରାୟଶ୍ଚିତ୍ତ କରିବା ଦରକାର ନାହିଁ। ସେ ତତ୍ପର ହୋଇ ନାମଜପ କରୁଥିଲେ ସବୁ ଠିକ୍ ହୋଇଯିବ।

ପ୍ରଶ୍ନ—ଯଦି କେହି ସକାମଭାବରେ ନାମଜପ କରେ, ତେବେ କଣ ସେହି ନାମଜପ ଫଳ ପ୍ରଦାନ କରି ନଷ୍ଟ ହୋଇଯିବ?

ଉତ୍ତର—ଯଦିବା ସାଂସାରିକ ତୁଚ୍ଛ କାମନାଗୁଡ଼ିକୁ ପୂରଣ କରିବା ପାଇଁ ନାମକୁ ଖର୍ଚ୍ଚ କରିବା ବୁଦ୍ଧିମତ୍ତା ନୁହେଁ, ତଥାପି ସକାମଭାବରେ ନାମଜପ କରାଗଲେ ମଧ୍ୟ ନାମର ମାହାତ୍ମ୍ୟ ନଷ୍ଟ ହୁଏ ନାହିଁ। ନାମଜପ କରୁଥିବା ବ୍ୟକ୍ତିକୁ ପାରମାର୍ଥିକ ଲାଭ ନିଶ୍ଚୟ ମିଳିବ। କାରଣ ନାମର ଭଗବାନଙ୍କ ସହିତ ସାକ୍ଷାତ୍ ସମ୍ପର୍କ ରହିଛି। ଅବଶ୍ୟ ନାମକୁ ସାଂସାରିକ କାମନାପୂର୍ତ୍ତି ପାଇଁ ଲଗାଇ ସେ ନାମର ଯେଉଁ ତିରସ୍କାର କରିଛି, ସେଥିପାଇଁ ତାକୁ ପାରମାର୍ଥିକ ଲାଭ କମ୍ ମିଳିବ। ମାତ୍ର ସେ ତତ୍ପର ହୋଇ ନାମଜପରେ ଲାଗି ରହିଲେ, ନାମପରାୟଣ ହୋଇ ରହିଲେ ନାମ ମହାପ୍ରଭୁଙ୍କ କୃପାରୁ ତା'ର ସକାମଭାବ ଦୂରୀଭୂତ ହୋଇଯିବ। ଯଥା—ଧ୍ରୁବ ସକାମଭାବରେ, ରାଜ୍ୟପ୍ରାପ୍ତିର ଇଚ୍ଛା ରଖି ନାମଜପ କରିଥିଲେ। କିନ୍ତୁ ଯେତେବେଳେ ତାଙ୍କୁ ଭଗବାନଙ୍କ ଦର୍ଶନ ମିଳିଲା, ସେତେବେଳେ ସେ ରାଜ୍ୟ ଓ ପଦ ମିଳିବା ସତ୍ତ୍ୱେ ଖୁସି ହେଲେ ନାହିଁ, ବରଂ ତାଙ୍କୁ ନିଜର ସକାମଭାବ ପାଇଁ ଦୁଃଖ ହେଲା ଅର୍ଥାତ୍ ତାଙ୍କର ସକାମଭାବ ଦୂର ହୋଇଗଲା।

ଯେଉଁମାନେ ସକାମଭାବରେ ନାମଜପ କରନ୍ତି, ସେମାନଙ୍କୁ ମଧ୍ୟ ନାମ ମହାପ୍ରଭୁଙ୍କ କୃପାରୁ ଶେଷ ସମୟରେ ନାମର ସ୍ମରଣ ହୋଇପାରେ ଏବଂ ସେମାନଙ୍କର କଲ୍ୟାଣ ହୋଇପାରେ।

ପ୍ରଶ୍ନ—ଶାସ୍ତ୍ର ଓ ସନ୍ଥମାନେ କହନ୍ତି ଯେ ଏତେ ସଂଖ୍ୟକ ନାମ ଜପ କଲେ ଭଗବାନଙ୍କର ଦର୍ଶନ ମିଳେ। ପ୍ରକୃତରେ ଏପରି ହୁଏ କି?

ଉତ୍ତର—ହଁ, 'ହରେ ରାମ ହରେ ରାମ ରାମ

ରାମ ହରେ ହରେ। ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।।' ଏହି ମନ୍ତ୍ରକୁ ସାଢ଼େ ତିନି କୋଟି ଜପ କଲେ ଭଗବାନଙ୍କର ଦର୍ଶନ ମିଳିଯାଏ ବୋଲି 'କଳିସନ୍ତରଣୋପନିଷଦ୍'ରେ ଲେଖାଅଛି। 'ରାମ' ନାମ ତେର କୋଟି ଜପ କଲେ ଭଗବାନଙ୍କର ଦର୍ଶନ ମିଳିଯାଏ ବୋଲି ସମର୍ଥ ରାମଦାସ 'ଦାସବୋଧ'ରେ ଲେଖିଛନ୍ତି। କିନ୍ତୁ ନାମ ପ୍ରତି ଓ ଭଗବାନଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ ଓ ପ୍ରେମ ପ୍ରଗାଢ଼ ହେଲେ ଉପର୍ଯ୍ୟୁକ୍ତ ସଂଖ୍ୟକ ନାମଜପ ପୂର୍ଣ୍ଣ ହେବା ପୂର୍ବରୁ ମଧ୍ୟ ଭଗବାନଙ୍କର ଦର୍ଶନ ମିଳିପାରେ।

ପ୍ରଶ୍ନ— *'ନହିଁ କଲି କରମ ନ ଭଗତି ବିବେକୂ। ରାମ ନାମ ଅବଲଂବନ ଏକୂ ।।'* [କଳିକାଳରେ କର୍ମ, ଭକ୍ତି ଓ ବିବେକ ନୁହେଁ, ବରଂ 'ରାମ' ନାମ ହିଁ ଏକମାତ୍ର ଅବଲମ୍ବନ] (ମାନସ ୧।୨୭।୪)—ଏପରି କହିବାର ଅର୍ଥ କ'ଣ?

ଉତ୍ତର—କଳିଯୁଗରେ ଯଜ୍ଞାଦି ଶୁଭକର୍ମଗୁଡ଼ିକ ବିଧିବଦ୍ଧ ପୂର୍ଣ୍ଣାଙ୍ଗ ହେବା ବଡ଼ କଠିନ ଏବଂ ସେସବୁର ବିଧିବିଧାନଗୁଡ଼ିକୁ ଠିକ୍‌ଭାବରେ ଜାଣିଥିବା ଲୋକ ମଧ୍ୟ ବିରଳ। ଏତଦ୍‌ବ୍ୟତୀତ ଶୁଦ୍ଧ ଗୁଆଘିଅ ଆଦି ସାମଗ୍ରୀ ମିଳିବା ମଧ୍ୟ କଠିନ ହୋଇଗଲାଣି। ଅତଏବ କଳିଯୁଗରେ ଶୁଭକର୍ମଗୁଡ଼ିକର ଅନୁଷ୍ଠାନ ଯଥାବିଧି ପୂର୍ଣ୍ଣାଙ୍ଗ ନ ହେଲେ ଓ ସେଥିରେ ବିଧିବିଧାନର ଊଣା ରହିଗଲେ କର୍ତ୍ତାକୁ ଦୋଷ ଲାଗେ।

ବୈଧୀଭକ୍ତି ବିଧିବିଧାନରେ କରାଯାଏ। ସେଥିରେ କେଉଁ ଇଷ୍ଟଦେବଙ୍କୁ କେଉଁ ବିଧିରେ ପୂଜା କରାଯିବା କଥା, ତାହା ଜାଣିବା ଲୋକ ବହୁତ କମ୍। ଅତଏବ କଳିଯୁଗରେ ବୈଧୀଭକ୍ତି କରିବା ମଧ୍ୟ ବଡ଼ କଠିନ।

ଜ୍ଞାନମାର୍ଗ ତ ସହଜେ କଠିନ ଏବଂ ଜ୍ଞାନମାର୍ଗର ସାଧନା ଶିଖାଇବା ପାଇଁ ଅନୁଭବୀ ପୁରୁଷ ମିଳିବା ମଧ୍ୟ ବିରଳ। ଅତଏବ ବିବେକମାର୍ଗରେ ସାଧନା କରିବା କଳିଯୁଗରେ ଅତ୍ୟନ୍ତ ଦୁରୂହ ବ୍ୟାପାର। କଳିଯୁଗରେ କର୍ମ, ଭକ୍ତି ଓ ଜ୍ଞାନ—ଏ ତିନୋଟିର ଆଚରଣ କରିବା ଅତୀବ ଦୁଷ୍କର, କିନ୍ତୁ ଭଗବାନଙ୍କର ନାମ ନେବା ଦୁଷ୍କର ନୁହେଁ। ଭଗବାନଙ୍କର ନାମ ସମସ୍ତେ ନେଇ ପାରିବେ, କାରଣ ସେଥିରେ ବିଧିବିଧାନ କିଛି ନାହିଁ। ବାଳକ, ସ୍ତ୍ରୀ, ପୁରୁଷ, ବୃଦ୍ଧ, ରୋଗୀ ଆଦି ସମସ୍ତେ ନାମ ଜପି ପାରିବେ ଏବଂ ସବୁବେଳେ, ସବୁ ସମୟରେ, ସବୁ ଅବସ୍ଥାରେ ନାମଜପ କରାଯାଇ ପାରିବ।

ନାମ ହେଉଛି ଏକ ସମ୍ବୋଧନ, ଏକ ଡାକ। ସେଥିରେ ଆର୍ତ୍ତଭାବର ପ୍ରାଧାନ୍ୟ ଥାଏ, ବିଧିର ପ୍ରାଧାନ୍ୟ ନ ଥାଏ। ସେଥିପାଇଁ ଭଗବାନଙ୍କର ନାମ ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ଆର୍ତ୍ତଭାବରେ ଭଗବାନଙ୍କୁ ଡାକିପାରେ।

ସନ୍ଦେହ—ନାମଜପରେ ମନ ଲାଗେ ନାହିଁ ଏବଂ ମନ ନ ଲାଗିଲେ ନାମଜପ କରିବାର କିଛି ମୂଲ୍ୟ ନାହିଁ। କୁହାଯାଇଛି—

ମାଲା ତୋ କର ମେଁ ଫିରୈ, ଜୀଭ ଫିରୈ ମୁଖ ମାହିଁ।
ମନୁଆଁ ତୋ ଚହୁଁ ଦିସି ଫିରୈ, ଯହ ତୋ ସୁମିରନ ନାହିଁ॥

ସମାଧାନ—ମନ ନ ଲାଗିଲେ 'ସୁମିରନ' (ସ୍ମରଣ) ହେବ ନାହିଁ ସିନା, କିନ୍ତୁ ନାମଜପ ଯେ ହେବ ନାହିଁ, ଏ କଥା ଉକ୍ତ ଦୋହାରେ କୁହାଯାଇ ନାହିଁ। ମନ ନ ଲାଗିଲେ 'ସ୍ମରଣ' ହେବ ନାହିଁ, ଏ କଥା ଠିକ୍; କିନ୍ତୁ ନାମଜପ ତ ନିଶ୍ଚୟ ହେବ। ନାମଜପ କଦାପି ବ୍ୟର୍ଥ ହେବ ନାହିଁ। ତେଣୁ ମନ ଲାଗୁ ବା ନ ଲାଗୁ, ନାମଜପ କରି ଚାଲିବା ଦରକାର।

ମନ ଲାଗିଲେ ଯାଇ ନାମଜପ କରିବା—ଏପରି ଭାବିଲେ ନାମଜପ ହେବା ସମ୍ଭବ ହେବ ନାହିଁ। ଅବଶ୍ୟ ଆମେ ଯଦି ନାମଜପ କରିବାରେ ଲାଗି ରହୁ, ତେବେ ମନ ମଧ୍ୟ ଲାଗିଯିବ; କାରଣ ମନ ଲାଗିବା ନାମଜପ କରିବାର ପରିଣାମ ଅଟେ।

ପ୍ରଶ୍ନ—ଶାସ୍ତ୍ରରେ କୁହାଯାଇଛି ଯେ, ଯିଏ ନାମ ନେବାକୁ ଚାହେଁନା ଓ ଯାହାର ନାମ ପ୍ରତି ଶ୍ରଦ୍ଧା ନାହିଁ, ତାକୁ ନାମ ଶୁଣାଇବା ଉଚିତ ନୁହେଁ; କାରଣ ଏହା ନାମାପରାଧ। ତଥାପି ଗୌରାଙ୍ଗ ମହାପ୍ରଭୁ ପ୍ରଭୃତି ନାମ ପ୍ରତି ଶ୍ରଦ୍ଧା ନ ଥିବା ଲୋକଙ୍କୁ ମଧ୍ୟ ନାମ ଶୁଣାଇଲେ କାହିଁକି?

ଉତ୍ତର—ଯିଏ ନାମ ଶୁଣିବାକୁ ଚାହେଁନା, ତୁଣ୍ଡରେ ଧରିବାକୁ ଚାହେଁନା, ନାମର ତିରସ୍କାର କରେ, ତାକୁ ନାମ ଶୁଣାଇବା ଉଚିତ ନୁହେଁ—ଏହା ହେଉଛି ବିଧି ଓ ଶାସ୍ତ୍ରର ଆଦେଶ। ତଥାପି ସନ୍ତମହାପୁରୁଷମାନେ ଦୟା କରି ତାକୁ ନାମ ଶୁଣାଇ ଦିଅନ୍ତି। ସେମାନଙ୍କର ଦୟାରେ ବିଧି ଓ ନିଷେଧ ଲାଗୁ ହୁଏ ନାହିଁ। ବିଧି-ନିଷେଧ କର୍ମ ଉପରେ ଲାଗୁ ହୁଏ, ମାତ୍ର 'ଦୟା' କର୍ମରୁ ଅତୀତ। ଦୟା ଅହୈତୁକୀ ଅଟେ। ବିନା କାରଣରେ ଦୟା କରାଯାଏ। ଯଦି କୌଣସି ଭଗବତ୍‌ପ୍ରାପ୍ତ ସନ୍ତମହାପୁରୁଷ ନିଜର ସାମର୍ଥ୍ୟ ଦ୍ୱାରା ଅନ୍ୟକୁ କୌଣସି ଜିନିଷ ଦିଅନ୍ତି, ତେବେ ସେହି ଜିନିଷକୁ ନେବା ଲୋକ ପାଇଁ ଏହା

ପୂର୍ବକର୍ମର ଫଳ ନୁହେଁ। ଏହା ହେଉଛି ସେହି ସନ୍ତମହାପୁରୁଷଙ୍କର ଦୟା। ସେହିପରି ଗୌରାଙ୍ଗ ମହାପ୍ରଭୁ ପ୍ରଭୃତି ସନ୍ତମାନେ ଦୟାପରବଶ ହୋଇ ଦୁଷ୍ଟ ଓ ପାପୀମାନଙ୍କୁ ମଧ୍ୟ ଭଗବନ୍ନାମ ଶୁଣାଇଥିଲେ।

ପ୍ରଶ୍ନ—ଯଦି ମରଣାସନ୍ନ ପଶୁ, ପକ୍ଷୀ ଆଦିଙ୍କୁ ଭଗବାନଙ୍କର ନାମ ଶୁଣାଇ ଦିଆଯାଏ, ତେବେ କଣ ସେମାନଙ୍କର ଉଦ୍ଧାର ହୋଇ ପାରିବ?

ଉତ୍ତର—ପଶୁପକ୍ଷୀ ପ୍ରଭୃତି ଭଗବାନଙ୍କ ନାମର ପ୍ରଭାବକୁ ବୁଝନ୍ତି ନାହିଁ ଏବଂ ଆପେ ଆପେ ପ୍ରଭାବ ଆସିଗଲେ ସେମାନେ ତାହାକୁ ବିରୋଧ ମଧ୍ୟ କରନ୍ତି ନାହିଁ। ସେମାନେ ନାମର ନିନ୍ଦା ଓ ତିରସ୍କାର କରନ୍ତି ନାହିଁ, ନାମ ପ୍ରତି ଘୃଣା କରନ୍ତି ନାହିଁ। ଅତଏବ ଯଦି ମରଣାସନ୍ନ ଅବସ୍ଥାରେ ନାମ ଶୁଣାଇ ଦିଆଯାଏ, ତେବେ ସେମାନଙ୍କ ଉପରେ ନାମର ପ୍ରଭାବ କାମ କରେ ଅର୍ଥାତ୍ ନାମର ପ୍ରଭାବରେ ସେମାନଙ୍କର ଉଦ୍ଧାର ହୋଇଯାଏ।

ପ୍ରଶ୍ନ—ଅନ୍ତସମୟରେ ଯଦି କେହି ନିଜର ପୁଅ ପ୍ରଭୃତିଙ୍କ ନାମ ଭାବରେ 'ନାରାୟଣ', 'ବାସୁଦେବ' ଇତ୍ୟାଦି ଉଚ୍ଚାରଣ କରେ, ତେବେ ଭଗବାନ ତାହାକୁ ନିଜର ନାମ ବୋଲି ମାନି ନିଅନ୍ତି। ଏପରି କାହିଁକି ହୁଏ?

ଉତ୍ତର—ଭଗବାନ ବଡ଼ ଦୟାଳୁ। ସେ ଏହି ବିଶେଷ ରିହାତି ଦେଇଛନ୍ତି ଯେ ଯଦି ମନୁଷ୍ୟ ଶେଷ ସମୟରେ ମଧ୍ୟ ଯେକୌଣସି ଆଳରେ ଭଗବାନଙ୍କର ନାମ ନିଏ, ତାଙ୍କୁ ସ୍ମରଣ କରେ, ତେବେ ତା'ର କଲ୍ୟାଣ ହୋଇଯିବ। କାରଣ ଭଗବାନ ଜୀବର କଲ୍ୟାଣ କରିବା ପାଇଁ ହିଁ ତାକୁ ମନୁଷ୍ୟଶରୀର ଦେଇଛନ୍ତି ଏବଂ ଜୀବ ମନୁଷ୍ୟଶରୀରକୁ ସ୍ୱୀକାର କରିଛି। ଅତଏବ ଜୀବର କଲ୍ୟାଣ ହେଲେ ଯାଇ ଏହି ଜୀବକୁ ମନୁଷ୍ୟଶରୀର ଦେବା ଏବଂ ଜୀବର ମନୁଷ୍ୟଶରୀର ଗ୍ରହଣ କରିବା ସାର୍ଥକ ହେବ। କିନ୍ତୁ ସେ ନିଜର କଲ୍ୟାଣ ନ କରି ମନୁଷ୍ୟଶରୀର ଛାଡ଼ି ଚାଲିଯାଉଛି, ତେଣୁ ଭଗବାନ ତାକୁ ସୁଯୋଗ ଦିଅନ୍ତି ଯେ ଏବେ ଯାଉ ଯାଉ ଅନ୍ତତଃ ତୁ କୌଣସି ଆଳରେ ମଧ୍ୟ ଯଦି ମୋର ନାମ ଧରୁ ଓ ମୋତେ ସ୍ମରଣ କରୁ, ତେବେ ତୋର କଲ୍ୟାଣ ହୋଇଯିବ। ଯଥା— ଶେଷସମୟରେ ଭୟଙ୍କର ଯମଦୂତଙ୍କୁ ଦେଖି ଅଜାମିଳ ତା'ର ପୁଅ ନାରାୟଣକୁ ଡାକିଲା ଏବଂ ଭଗବାନ ସେହି ନାମକୁ ନିଜର ନାମ ବୋଲି ମାନିନେଇ ନିଜର ଚାରିଜଣ ପାର୍ଷଦଙ୍କୁ ଅଜାମିଳ ପାଖକୁ ପଠାଇଦେଲେ।

ତାତ୍ପର୍ଯ୍ୟ ଏହି ଯେ ମନୁଷ୍ୟ ଦିନରାତି ଖାଇବା-ପିଇବା, ଶୋଇବା-ଉଠିବା, ଚାଲବୁଲ ଇତ୍ୟାଦି କରୁଥିବା ସମୟରେ ଭଗବାନଙ୍କର ନାମ ସ୍ମରଣ କରିବା ଉଚିତ।

୮. ଗୀତାରେ ଫଳସହିତ ବିବିଧ ଉପାସନାର ବର୍ଣ୍ଣନା

ଗୋବିନ୍ଦାଚାର୍ଯ୍ୟଦେବାନାଂ ପିତୃଣାଂ ଯକ୍ଷରକ୍ଷସାମ୍।
ଉପାସନା ଚ ଭୂତାନାଂ ଫଳଂ ପ୍ରୋକ୍ତଂ ତୁ ଭାବତଃ॥

ଗୀତାରେ ଭଗବାନ, ଆଚାର୍ଯ୍ୟ, ଦେବତା, ପିତୃପୁରୁଷ, ଯକ୍ଷ, ରାକ୍ଷସ, ଭୂତ, ପ୍ରେତ ପ୍ରଭୃତିଙ୍କର ଉପାସନା (ବିସ୍ତାରପୂର୍ବକ କିଂବା ସଂକ୍ଷିପ୍ତଭାବେ) ଫଳସହିତ ବର୍ଣ୍ଣିତ ହୋଇଛି। ଯଥା—

(୧) ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ (ପ୍ରେମୀ)— ଏହି ଚାରି ପ୍ରକାରର ଭକ୍ତ ଭଗବାନଙ୍କର ଭଜନ କରନ୍ତି ଅର୍ଥାତ୍ ତାଙ୍କର ଶରଣାପନ୍ନ ହୁଅନ୍ତି (୭।୧୬)। ଭଗବାନଙ୍କର ଭଜନ ଓ ପୂଜନ କରୁଥିବା ଭକ୍ତ ଭଗବାନଙ୍କୁ ପ୍ରାପ୍ତ ହୁଅନ୍ତି—'**ମଦ୍ଭକ୍ତା ଯାନ୍ତି ମାମପି**' (୭।୨୩), '**ଯାନ୍ତି ମଦ୍‌ଯାଜିନୋଽପି ମାମ୍**' (୯।୨୫)।*

(୨) ଯେଉଁମାନେ ପ୍ରକୃତରେ ଜୀବନ୍ମୁକ୍ତ, ତତ୍ତ୍ୱଜ୍ଞ, ଭଗବଦ୍‌ପ୍ରେମୀ ମହାପୁରୁଷ, ଯେଉଁମାନେ ଶାସ୍ତ୍ରାନୁସାରେ ଜୀବନଯାପନ କରନ୍ତି, ସେମାନେ ହେଲେ 'ଆଚାର୍ଯ୍ୟ'। ଏଭଳି ଆଚାର୍ଯ୍ୟଙ୍କର ଆଦେଶ ପାଳନ କରିବା, ସେମାନଙ୍କର ସିଦ୍ଧାନ୍ତ ଅନୁସାରେ ନିଜର ଜୀବନକୁ ଗଢ଼ିବା ହିଁ ସେମାନଙ୍କର ଉପାସନା (୪।୩୪; ୧୩।୭)। ଏଭଳି ଆଚାର୍ଯ୍ୟଙ୍କର

---

* ଗୀତାରେ ଭଗବାନଙ୍କର ଉପାସନା ହିଁ ମୁଖ୍ୟଭାବେ ବର୍ଣ୍ଣିତ ହୋଇଛି। ଏହି 'ଗୀତାଦର୍ପଣ'ରେ ମଧ୍ୟ ଅନେକ ଶୀର୍ଷକରେ ଭଗବାନଙ୍କର ଉପାସନାକୁ ନାନାପ୍ରକାରରେ ବର୍ଣ୍ଣନା କରାଯାଇଛି। ଏଣୁ ଏଠାରେ ଭଗବାନଙ୍କ ଉପାସନାର ବର୍ଣ୍ଣନା ଅତି ସଂକ୍ଷିପ୍ତଭାବେ କରାଗଲା।

ଉପାସନା କରୁଥିବା ମନୁଷ୍ୟ ମୃତ୍ୟୁକୁ ଅତିକ୍ରମ କରିଯାଆନ୍ତି (୪ । ୩୫; ୧୩ । ୨୫) ।

(୩) ଯେଉଁମାନେ କାମନାରେ ତନ୍ମୟ ହୋଇଥାନ୍ତି ଓ ଭୋଗ ଉପଭୋଗ କରିବା ତଥା ଧନ ସଂଗ୍ରହ କରିବା ବ୍ୟତୀତ ଆଉ କିଛି ନାହିଁ ବୋଲି ନିର୍ଣ୍ଣୟ କରିଥାନ୍ତି, ସେମାନେ ଭୋଗପ୍ରାପ୍ତି ପାଇଁ ବେଦୋକ୍ତ ଶୁଭକର୍ମ କରିଥାନ୍ତି (୨ । ୪୨-୪୩) । କର୍ମଗୁଡ଼ିକର ସିଦ୍ଧି (ଫଳ) ଆଶା କରୁଥିବା ଲୋକେ ଦେବତାମାନଙ୍କର ଉପାସନା କରିଥାନ୍ତି; କାରଣ ମନୁଷ୍ୟଲୋକରେ କର୍ମଜନିତ ସିଦ୍ଧି ବହୁତ ଶୀଘ୍ର ମିଳିଯାଏ (୪ । ୧୨) । ସୁଖଭୋଗର କାମନାଗୁଡ଼ିକ ଦ୍ୱାରା ଯେଉଁମାନଙ୍କର ବିବେକ ଆଚ୍ଛାଦିତ ହୋଇଯାଇଛି, ସେମାନେ ଭଗବାନଙ୍କୁ ଛାଡ଼ି ଦେବତାମାନଙ୍କ ଠାରେ ଶରଣ ପଶନ୍ତି ଏବଂ ନିଜ ନିଜ ସ୍ୱଭାବର ବଶବର୍ତ୍ତୀ ହୋଇ କାମନାପୂର୍ତ୍ତି ପାଇଁ ଅନେକ ନିୟମ ଓ ଉପାୟ ଅବଲମ୍ବନ କରନ୍ତି (୭ । ୨୦) । ଭଗବାନ କହୁଛନ୍ତି ଯେ, ଯେଉଁ ଯେଉଁ ଭକ୍ତ ଯେଉଁ ଯେଉଁ ଦେବତାମାନଙ୍କର ପୂଜା କରିବାକୁ ଚାହାନ୍ତି, ସେହି ସବୁ ଦେବତାମାନଙ୍କ ପ୍ରତି ମୁଁ ସେମାନଙ୍କର ଶ୍ରଦ୍ଧାକୁ ଦୃଢ଼ କରିଦିଏ । ତେଣୁ ସେମାନେ ସେହି ସେହି ଶ୍ରଦ୍ଧାରେ ଯୁକ୍ତ ହୋଇ ସେହି ସେହି ଦେବତାମାନଙ୍କର ଉପାସନା କରନ୍ତି । କିନ୍ତୁ ସେମାନଙ୍କର ସେହି ସବୁ ଉପାସନାର ଫଳ ମୋ ଦ୍ୱାରା ବିଧାନ କରାଯାଇଥିବା ନିୟମ ଅନୁସାରେ ହିଁ ମିଳିଥାଏ (୭ । ୨୧-୨୨) । ତିନି ବେଦରେ ନିର୍ଦ୍ଦେଶିତ ସକାମ କର୍ମଗୁଡ଼ିକୁ କରୁଥିବା ଓ ସୋମରସ ପାନ କରୁଥିବା ପାପରହିତ ମନୁଷ୍ୟ ଯଜ୍ଞ ଦ୍ୱାରା ଇନ୍ଦ୍ରଙ୍କୁ ପୂଜା କରି ସ୍ୱର୍ଗକୁ ଯାଆନ୍ତି (୯ । ୨୦) । କାମନାଯୁକ୍ତ ମନୁଷ୍ୟ ଶ୍ରଦ୍ଧାପୂର୍ବକ ଅନ୍ୟ ଦେବତାମାନଙ୍କର ପୂଜା କରନ୍ତି, ସେମାନେ ମଧ୍ୟ ପ୍ରକୃତରେ ମୋର (ଭଗବାନଙ୍କର) ହିଁ ପୂଜା କରନ୍ତି, କିନ୍ତୁ ସେମାନଙ୍କର ସେହି ପୂଜା ଅବିଧିପୂର୍ବକ (୯ । ୨୩) ।

ଦେବତାମାନଙ୍କର ଉପାସନା କରୁଥିବା ଲୋକେ ସ୍ୱର୍ଗଲୋକକୁ ଯାଆନ୍ତି ଏବଂ ସେଠାରେ ନିଜର ପୁଣ୍ୟଫଳ ଭୋଗ କରିସାରି ପୁନଶ୍ଚ ମୃତ୍ୟୁଲୋକକୁ ଫେରି ଆସନ୍ତି (୯ । ୨୦-୨୧) । ଦେବତାମାନଙ୍କୁ ପୂଜା କରୁଥିବା ଲୋକେ ଦେବତାମାନଙ୍କୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ସେମାନଙ୍କର ଲୋକକୁ ଯାଆନ୍ତି—**'ଦେବାନ୍ ଦେବଯଜଃ'** (୭ । ୨୩), **'ଯାନ୍ତି ଦେବବ୍ରତା ଦେବାନ୍'** (୯ । ୨୫) ।

(୪) ପିତୃପୁରୁଷଙ୍କ ଭକ୍ତ ପିତୃପୁରୁଷଙ୍କୁ ପୂଜା କରନ୍ତି ଏବଂ ଏହାର ଫଳସ୍ୱରୂପ ସେମାନେ ପିତୃପୁରୁଷଙ୍କୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ପିତୃଲୋକକୁ ଯାଆନ୍ତି—**'ପିତୃନ୍ ଯାନ୍ତି ପିତୃବ୍ରତାଃ'** (୯ । ୨୫) । (କିନ୍ତୁ ଯଦି ସେମାନେ ନିଷ୍କାମଭାବରେ କର୍ତ୍ତବ୍ୟ ମନେକରି ପିତୃପୁରୁଷଙ୍କୁ ପୂଜା କରନ୍ତି, ତେବେ ସେମାନେ ମୁକ୍ତ ହୋଇଯାଆନ୍ତି ।)

(୫) ରାଜସ ମନୁଷ୍ୟ ଯକ୍ଷ-ରାକ୍ଷସମାନଙ୍କୁ ପୂଜା କରନ୍ତି (୧୭ । ୪) ଏବଂ ଫଳସ୍ୱରୂପ ସେମାନେ ଯକ୍ଷ-ରାକ୍ଷସମାନଙ୍କୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ସେମାନଙ୍କର ଯୋନିକୁ ଚାଲିଯାଆନ୍ତି* ।

(୬) ତାମସ ମନୁଷ୍ୟ ଭୂତପ୍ରେତମାନଙ୍କୁ ପୂଜା କରନ୍ତି (୧୭ । ୪) । ଭୂତପ୍ରେତମାନଙ୍କୁ ପୂଜା କରୁଥିବା ଲୋକେ ଭୂତପ୍ରେତମାନଙ୍କୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ସେମାନଙ୍କର ଯୋନିକୁ ଚାଲିଯାଆନ୍ତି—**'ଭୂତାନି ଯାନ୍ତି ଭୂତେଜ୍ୟାଃ'** (୯ । ୨୫) ।†

ଗୀତାରେ ନିଷ୍କାମଭାବରେ ମନୁଷ୍ୟ, ଦେବତା, ପିତୃପୁରୁଷ, ଯକ୍ଷ, ରାକ୍ଷସ ଆଦିଙ୍କର ସେବାପୂଜାକୁ ନିଷେଧ କରାଯାଇ ନାହିଁ, ବରଂ ନିଷ୍କାମଭାବରେ ସମସ୍ତଙ୍କର ସେବା ଓ ହିତ କରିବାର ମହିମା ଗାନ କରାଯାଇଛି (୫ । ୨୫; ୬ । ୩୨; ୧୨ । ୪) । ତାତ୍ପର୍ଯ୍ୟ ଏହି ଯେ, ନିଷ୍କାମଭାବପୂର୍ବକ ଓ ଶାସ୍ତ୍ରାଜ୍ଞାନୁସାରେ କେବଳ ଦେବତାମାନଙ୍କର ପୁଷ୍ଟି ନିମନ୍ତେ, ସେମାନଙ୍କର ଉନ୍ନତି ପାଇଁ ହିଁ କର୍ତ୍ତବ୍ୟକର୍ମ, ପୂଜା ଇତ୍ୟାଦି କରାଗଲେ

---

* ଗୀତାରେ ଭଗବାନ ଯକ୍ଷ-ରାକ୍ଷସମାନଙ୍କର ପୂଜନ କଥା ତ ବର୍ଣ୍ଣନା କରିଦେଲେ—'ଯକ୍ଷରକ୍ଷାଂସି ରାଜସାଃ' (୧୭ । ୪), କିନ୍ତୁ ସେମାନଙ୍କ ପୂଜନର ଫଳ ବିଷୟରେ ବର୍ଣ୍ଣନା କଲେ ନାହିଁ । ସେଥିପାଇଁ ଏଠାରେ ବୁଝିବା ଉଚିତ ଯେ, ଯେପରି ଦେବତାମାନଙ୍କୁ ପୂଜା କରୁଥିବା ଲୋକେ ଦେବଗଣଙ୍କୁ ହିଁ ପ୍ରାପ୍ତ ହୁଅନ୍ତି (୯ । ୨୫), ସେହିପରି ଯକ୍ଷ-ରାକ୍ଷସମାନଙ୍କୁ ପୂଜା କରୁଥିବା ଲୋକେ ଯକ୍ଷ-ରାକ୍ଷସମାନଙ୍କୁ ପ୍ରାପ୍ତ ହୁଅନ୍ତି । କାରଣ ଯକ୍ଷ-ରାକ୍ଷସ ମଧ୍ୟ ଦେବଯୋନି ହୋଇଥିବାରୁ ଦେବତାମାନଙ୍କର ଅନ୍ତର୍ଗତ ।

† ସପ୍ତଦଶ ଅଧ୍ୟାୟର ୧୪ଶ ଶ୍ଳୋକରେ 'ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନମ୍' ପଦରେ ଦେବତା, ବ୍ରାହ୍ମଣ, ଗୁରୁଜନ ଓ ଜ୍ଞାନୀମାନଙ୍କୁ ପୂଜା କରିବା ସମ୍ବନ୍ଧରେ ଯାହା କୁହାଯାଇଛି, ତାହାକୁ ଏଠାରେ ଉପାସନାରୂପେ ଗ୍ରହଣ କରାଯାଇ ନାହିଁ; କାରଣ ସେଠାରେ 'ଶାରୀରିକ ତପସ୍ୟା' (କେବଳ ଶରୀର ସମ୍ବନ୍ଧୀୟ ପୂଜନ, ଆଦର-ସତ୍କାର ଆଦିର) ପ୍ରସଙ୍ଗ ରହିଛି, ଯାହା କି ପରମାତ୍ମାରୁ ମୁକ୍ତ ହେବାରେ ସହାୟକ ଅଟେ । ଦ୍ୱିତୀୟତଃ—ସେହି ଦେବତା, ବ୍ରାହ୍ମଣ ପ୍ରଭୃତିଙ୍କର ପୂଜନକୁ କେବଳ ଶାସ୍ତ୍ରର ଆଜ୍ଞା ମନେକରି କର୍ତ୍ତବ୍ୟଭାବରେ କରାଯାଏ, ସେମାନଙ୍କୁ ଇଷ୍ଟ ମନେ କରାଯାଏ ନାହିଁ ।

ତାହାଦ୍ୱାରା ମନୁଷ୍ୟ ବନ୍ଧନରେ ପଡ଼େ ନାହିଁ, ବରଂ ପରମାତ୍ମାଙ୍କୁ ପ୍ରାପ୍ତ ହୁଏ (୩।୧୧)। ସେହିପରି ନିଷ୍କାମଭାବରେ ଓ ଶାସ୍ତ୍ରାଜ୍ଞାନୁସାରେ କର୍ତ୍ତବ୍ୟ ମନେକରି ଯଦି ପିତୃପୁରୁଷଙ୍କ ତୃପ୍ତି ପାଇଁ ଶ୍ରାଦ୍ଧତର୍ପଣ କରାଯାଏ, ତେବେ ତାହାଦ୍ୱାରା ପରମାତ୍ମପ୍ରାପ୍ତି ହୁଏ। ଯକ୍ଷ, ରାକ୍ଷସ, ଭୂତ, ପ୍ରେତ ଆଦିଙ୍କର ଉଦ୍ଧାର ନିମିତ୍ତ, ସେମାନଙ୍କୁ ସୁଖଶାନ୍ତି ଦେବା ପାଇଁ ନିଷ୍କାମଭାବରେ ଓ ଶାସ୍ତ୍ରାଜ୍ଞାନୁସାରେ ସେମାନଙ୍କ ନାମରେ ଗୟାଶ୍ରାଦ୍ଧ କରିବା, ଭାଗବତସପ୍ତାହ କରିବା, ଦାନ କରିବା, ଭଗବନ୍ନାମର ଜପ ଓ କୀର୍ତ୍ତନ କରିବା, ଗୀତା, ରାମାୟଣ ଇତ୍ୟାଦି ପାଠ କରିବା ଦ୍ୱାରା ସେମାନଙ୍କର ଉଦ୍ଧାର ହୋଇଯାଏ, ସେମାନଙ୍କୁ ସୁଖଶାନ୍ତି ମିଳେ ଏବଂ ସାଧକକୁ ପରମାତ୍ମପ୍ରାପ୍ତି ହୋଇଯାଏ। ଦେବତା, ପିତୃପୁରୁଷ, ଯକ୍ଷ, ରାକ୍ଷସ, ଭୂତ, ପ୍ରେତ ଇତ୍ୟାଦିଙ୍କୁ ନିଜର ଇଷ୍ଟ ମନେକରି ସକାମଭାବରେ ସେମାନଙ୍କର ଉପାସନା କରିବା ହିଁ ବନ୍ଧନର ତଥା ଜନ୍ମମରଣ ଓ ଅଧୋଗତିର ମୁଖ୍ୟ କାରଣ।

ମନୁଷ୍ୟ, ଦେବତା, ପିତୃପୁରୁଷ, ଯକ୍ଷ, ରାକ୍ଷସ, ଭୂତ, ପ୍ରେତ, ପଶୁ, ପକ୍ଷୀ ଇତ୍ୟାଦି ସମସ୍ତ ପ୍ରାଣୀଙ୍କ ଠାରେ ଆମର ପ୍ରଭୁ ହିଁ ବିଦ୍ୟମାନ। ଏହି ପ୍ରାଣୀମାନଙ୍କ ରୂପରେ ଆମର ପ୍ରଭୁ ହିଁ ବିଦ୍ୟମାନ—ଏପରି ଭାବି (ଭଗବଦ୍‌ବୁଦ୍ଧିରେ) ନିଷ୍କାମଭାବରେ ସମସ୍ତଙ୍କର ସେବା କରାଗଲେ ପରମାତ୍ମପ୍ରାପ୍ତି ହୋଇଥାଏ।

ଉପର୍ଯ୍ୟୁକ୍ତ ଦୁଇଟି କଥାର ନିର୍ଯ୍ୟାସ ଏହି ଯେ, ଅନ୍ତରରେ ସକାମଭାବ ରହିବା ଏବଂ ଯାହାର ସେବା କରାଯାଏ, ତା' ପ୍ରତି ଭଗବଦ୍‌ବୁଦ୍ଧି ନ ହେବା ହିଁ ଜନ୍ମମରଣର କାରଣ। ଯଦି ଅନ୍ତରରେ ନିଷ୍କାମଭାବ ଥାଏ ଏବଂ ଯାହାର ପୂଜା କରାଯାଏ, ତା' ପ୍ରତି ଭଗବଦ୍‌ବୁଦ୍ଧି (ଭଗବଦ୍‌ଭାବ) ଥାଏ, ତେବେ ସେହି ସେବା ପରମାତ୍ମପ୍ରାପ୍ତି କରାଇ ପାରିବ।

ଏକ ବିଚିତ୍ର କଥା ହେଲା, ଭଗବାନଙ୍କ ଉପାସନାରେ ସକାମଭାବ ରହିଗଲେ ମଧ୍ୟ ସେହି ଉପାସନା ଉଦ୍ଧାର କରିଥାଏ, କିନ୍ତୁ ଭଗବାନଙ୍କ ପ୍ରତି ଅନନ୍ୟଭାବ ଥିବା ଆବଶ୍ୟକ। ଭଗବାନ ଗୀତାରେ ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ—ଏହି ଚାରି ପ୍ରକାର ଭକ୍ତଙ୍କୁ ଉଦାର କହିଛନ୍ତି (୭।୧୮) ଏବଂ ତାଙ୍କର ପୂଜନକାରୀ ତାଙ୍କୁ ପ୍ରାପ୍ତ ହୁଅନ୍ତି ବୋଲି କହିଛନ୍ତି (୭।୨୩; ୯।୨୫)। ମନୁଷ୍ୟ ଯେକୌଣସି ଭାବରେ ଭଗବାନଙ୍କ ସହ ସଂଯୁକ୍ତ ରହିଲେ ବି ତା'ର ଉଦ୍ଧାର ହେବା ସୁନିଶ୍ଚିତ।

ଦେବତା ଆଦିଙ୍କ ଉପାସନାର ଫଳ ନାଶବାନ୍ ହୋଇଥାଏ (୭।୨୩); କାରଣ ଦେବତାମାନଙ୍କର ଉପାସକ ପୁଣ୍ୟ ବଳରେ ସ୍ୱର୍ଗାଦି ଉଚ୍ଚଲୋକକୁ ଯାଆନ୍ତି ଏବଂ ପୁଣ୍ୟ ସମାପ୍ତ ହେବାପରେ ପୁଣି ଫେରି ଆସନ୍ତି। କିନ୍ତୁ ପରମାତ୍ମପ୍ରାପ୍ତି ନାଶବାନ୍ ନୁହେଁ (୮।୧୬); କାରଣ ଏହି ଜୀବ ପରମାତ୍ମାଙ୍କର ଅଂଶ (୧୫।୭)। ଅତଏବ ଏହି ଜୀବ ନିଜର ଅଂଶୀ ପରମାତ୍ମାଙ୍କ କୃପା ଦ୍ୱାରା ତାଙ୍କୁ ପ୍ରାପ୍ତ ହୁଏ, ତା'ପରେ ସେ ଆଉ ସେଠାରୁ ଫେରେ ନାହିଁ (୮।୨୧, ୧୫।୬)। ପରମାତ୍ମାଙ୍କର କୃପା ହେଉଛି ନିତ୍ୟ ଓ ସ୍ୱର୍ଗାଦି ଲୋକକୁ ଯାଉଥିବା ଲୋକମାନଙ୍କର ପୁଣ୍ୟ ହେଉଛି ଅନିତ୍ୟ।

ଜ୍ଞାତବ୍ୟ

ପ୍ରଶ୍ନ—ଭଗବାନ କହିଛନ୍ତି ଯେ ଭୂତପ୍ରେତମାନଙ୍କର ଉପାସନା କରୁଥିବା ଲୋକେ ଭୂତପ୍ରେତ* ହିଁ ହୋଇଥାନ୍ତି (୯।୨୫); ଏପରି କାହିଁକି ହୁଏ?

ଉତ୍ତର—ଭୂତପ୍ରେତମାନଙ୍କର ଉପାସନା କରୁଥିବା ଲୋକମାନଙ୍କ ଅନ୍ତଃକରଣରେ ଭୂତପ୍ରେତମାନଙ୍କର ମହତ୍ତ୍ୱ ସ୍ଥାନ ପାଇଥାଏ ଏବଂ ଭୂତପ୍ରେତମାନେ ହିଁ ସେମାନଙ୍କର ଇଷ୍ଟ ହୋଇଥାନ୍ତି। ସେଥିପାଇଁ ଅନ୍ତିମ ସମୟରେ ସେମାନେ ଭୂତପ୍ରେତମାନଙ୍କର ହିଁ ଚିନ୍ତନ କରିଥାନ୍ତି ଏବଂ ସେହି ଚିନ୍ତନ ଅନୁସାରେ ସେମାନେ ଭୂତପ୍ରେତ ହୋଇଯାଆନ୍ତି (୮।୬)।

ଯଦି କେହି ଭାବିବ ଯେ ଏବେ ମୁଁ ପାପ, ବ୍ୟଭିଚାର ଓ ଅତ୍ୟାଚାର ସବୁକିଛି କରିବି, ପରେ ମରିବା ସମୟ ଆସିଲେ ଭଗବାନଙ୍କର ନାମ ନେବି ଓ ଭଗବାନଙ୍କର ସ୍ମରଣ କରିବି, ତେବେ ତା'ର ଏଭଳି ଚିନ୍ତାଧାରା ସମ୍ପୂର୍ଣ୍ଣ ଭୁଲ୍। ମନୁଷ୍ୟ ଜୀବନସାରା ଯେପରି କର୍ମ କରେ ଓ ମନରେ ଯେପରି ଚିନ୍ତା କରୁଥାଏ, ଶେଷ ସମୟରେ ପ୍ରାୟ ସେହି ସବୁ ତା'ର ସମ୍ମୁଖକୁ ଆସେ। ଏଣୁ ଦୁରାଗ୍ରହୀ

* ଯିଏ ଇହଲୋକରୁ ଚାଲିଯାଏ ବା ମରିଯାଏ, ତାଙ୍କୁ 'ପ୍ରେତ' କହନ୍ତି ଏବଂ ତା' ପାଇଁ ଯେଉଁ ମୃତକ କର୍ମ କରାଯାଏ, ଶାସ୍ତ୍ରୀୟଭାଷାରେ ତାହାକୁ 'ପ୍ରେତକର୍ମ' କହନ୍ତି। ଅପରପକ୍ଷରେ ଯେଉଁମାନେ ପାପକର୍ମର ଫଳସ୍ୱରୂପ ଭୂତ, ପିଶାଚ ଇତ୍ୟାଦି ଯୋନିକୁ ଚାଲିଯାଆନ୍ତି, ସେମାନଙ୍କୁ ମଧ୍ୟ 'ପ୍ରେତ' କୁହାଯାଏ। ଅତଏବ ଏଠାରେ ପାପ କାରଣରୁ ନୀଚ ଯୋନିକୁ ଯାଉଥିବା ପ୍ରାଣୀମାନଙ୍କ ପାଇଁ 'ପ୍ରେତ' ଶବ୍ଦ ବ୍ୟବହୃତ ହୋଇଛି।

ମନୁଷ୍ୟକୁ ଶେଷସମୟରେ ତା' ଦୁରାଚାରଗୁଡ଼ିକର ଚିନ୍ତା ଘାରେ ଏବଂ ସେ ନିଜ ପାପକର୍ମର ଫଳସ୍ୱରୂପ ନୀଚ ଯୋନିକୁ ହିଁ ଯାଇଥାଏ ଏବଂ ଭୂତପ୍ରେତ ହୋଇଥାଏ ।

ଯଦି କେହି କାଶୀ, ମଥୁରା, ବୃନ୍ଦାବନ, ଅଯୋଧ୍ୟା ଆଦି ଧାମରେ ରହି ଏପରି ଭାବେ ଯେ ଧାମରେ ରହିଥିବାରୁ ମୃତ୍ୟୁପରେ ମୋର ସଦ୍‌ଗତି ସୁନିଶ୍ଚିତ ଓ ଦୁର୍ଗତି ଅସମ୍ଭବ ଏବଂ ଏପରି ଭାବି ସେ ପାପ, ଦୁରାଚାର, ବ୍ୟଭିଚାର, ମିଥ୍ୟା, କପଟ, ଚୋରି, ଡକାୟତି ଆଦି କାର୍ଯ୍ୟରେ ଲିପ୍ତ ରହେ, ତେବେ ମରିବା ପରେ ତା'ର ଭୟଙ୍କର ଦୁର୍ଗତି ହେବ । ଶେଷସମୟରେ ସେ କୌଣସି ନା କୌଣସି କାରଣରୁ ଧାମ ବାହାରକୁ ଚାଲିଯିବ ଏବଂ ସେଠାରେ ମରି ଭୂତ ବା ପ୍ରେତ ହେବ ।

ପ୍ରଶ୍ନ—ଭୂତ ପ୍ରଭୃତି ଯୋନିରେ ନ ପଡ଼ିବା ପାଇଁ ମନୁଷ୍ୟ କ'ଣ କରିବା ଉଚିତ?

ଉତ୍ତର—ମନୁଷ୍ୟଶରୀର କେବଳ ପରମାତ୍ମପ୍ରାପ୍ତି ନିମନ୍ତେ ମିଳିଛି । ଏଣୁ ମନୁଷ୍ୟ ସାଂସାରିକ ଭୋଗ ଓ ସଂଗ୍ରହର ଆସକ୍ତିରେ ନ ପଡ଼ି ପରମାତ୍ମାଙ୍କର ଶରଣାପନ୍ନ ହେବା ଉଚିତ । ଏପରି କଲେ ସେ ଅଧୋଗତିରୁ ଓ ଭୂତପ୍ରେତ ଯୋନିରୁ ରକ୍ଷା ପାଇ ପାରିବ ।

ପ୍ରଶ୍ନ—ଭୂତପ୍ରେତ ଓ ପିତୃପୁରୁଷଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ?

ଉତ୍ତର—ସାଧାରଣତଃ ଭୂତ, ପ୍ରେତ, ପିଶାଚ, ପିତୃପୁରୁଷ ପ୍ରଭୃତି ସମସ୍ତେ ଦେବଯୋନି* ରୂପେ ପରିଚିତ, କିନ୍ତୁ ଏମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଭୂତପ୍ରେତମାନଙ୍କ ଶରୀର ବାୟୁପ୍ରଧାନ ହୋଇଥାଏ, ତେଣୁ ସେମାନେ ସମସ୍ତଙ୍କୁ ଦେଖାଯାଆନ୍ତି ନାହିଁ । ଅବଶ୍ୟ ସେମାନେ ନିଜେ ଯଦି କାହାରିକୁ ନିଜର ରୂପ ଦେଖାଇବାକୁ ଚାହାନ୍ତି, ତେବେ ଦେଖାଇ ପାରନ୍ତି । ସେମାନଙ୍କୁ ମଳମୂତ୍ରାଦି ଅଶୁଦ୍ଧ ଜିନିଷ ଖାଇବାକୁ ପଡ଼େ । ସେମାନେ ଶୁଦ୍ଧ ଅନ୍ନଜଳ ଖାଇ ପାରନ୍ତି ନାହିଁ; କିନ୍ତୁ କେହି ଯଦି ସେମାନଙ୍କ ନାଆଁରେ ଶୁଦ୍ଧ ଜିନିଷ ଦିଏ, ତେବେ ସେମାନେ ଖାଇ ପାରନ୍ତି । ଭୂତପ୍ରେତଙ୍କ ଦେହରୁ ଦୁର୍ଗନ୍ଧ ବାହାରେ ।

ପିତୃପୁରୁଷଙ୍କୁ ଭୂତପ୍ରେତଙ୍କ ଅପେକ୍ଷା ଉଚ୍ଚକୋଟିର ମନେ କରାଯାଏ । ପିତୃପୁରୁଷମାନେ ପ୍ରାୟ ନିଜର କୁଟୁମ୍ବ ସହିତ ହିଁ ସମ୍ପର୍କ ରଖନ୍ତି ଏବଂ ସେମାନଙ୍କର ରକ୍ଷା ତଥା ସାହାଯ୍ୟ କରନ୍ତି । ସେମାନେ କୁଟୁମ୍ବଲୋକଙ୍କୁ ବୃତ୍ତି ବା ବ୍ୟବସାୟର ସୂଚନା ଦିଅନ୍ତି, ସେମାନଙ୍କୁ ଭଲ ବୁଦ୍ଧି ବତାଇ ଦିଅନ୍ତି । ଯଦି ପରିବାରର ଲୋକେ ଭାଗବଣ୍ଟଆରା କରିବାକୁ ଚାହାନ୍ତି, ତେବେ ସେମାନେ ତାହା କରି ଦିଅନ୍ତି । ପିତୃପୁରୁଷ ଗାଈ ଦୁଧରେ ତିଆରି ଗରମ ଗରମ ଖିରି ଖାଆନ୍ତି, ଗଙ୍ଗାଜଳ ଭଳି ଥଣ୍ଡା ଥଣ୍ଡା ଜଳ ପିଅନ୍ତି, ଶୁଦ୍ଧ ପଦାର୍ଥ ଗ୍ରହଣ କରନ୍ତି । କେତେକ ପିତୃପୁରୁଷ ପରିବାରର ଲୋକଙ୍କୁ କଷ୍ଟ ମଧ୍ୟ ଦିଅନ୍ତି, ହଇରାଣ ମଧ୍ୟ କରନ୍ତି । ଏହା ସେମାନଙ୍କର ସ୍ୱଭାବଗତ ପାର୍ଥକ୍ୟ ।

ଯେପରି ମନୁଷ୍ୟମାନଙ୍କ ମଧ୍ୟରେ ବର୍ଣ୍ଣଗତ (ଚାରିବର୍ଣ୍ଣ), ଶ୍ରେଣୀଗତ (ଉଚ୍ଚନୀଚ) ଓ ସ୍ୱଭାବଗତ ପାର୍ଥକ୍ୟ ଥାଏ, ସେହିପରି ପିତୃପୁରୁଷ, ଭୂତ, ପ୍ରେତ, ପିଶାଚ ପ୍ରଭୃତିଙ୍କ ମଧ୍ୟରେ ବି ବର୍ଣ୍ଣ, ଜାତି ଓ ସ୍ୱଭାବର ପାର୍ଥକ୍ୟ ଥାଏ ।

ପ୍ରଶ୍ନ—କେଉଁ ଲୋକମାନେ ମରିବା ପରେ ଭୂତପ୍ରେତ ହୁଅନ୍ତି?

ଉତ୍ତର—ଯେଉଁମାନଙ୍କର ଖାଦ୍ୟପେୟ ଅଶୁଦ୍ଧ, ଆଚରଣ ଖରାପ, ଯେଉଁମାନେ ଦୁର୍ଗୁଣ ଓ ଦୁରାଚାରରେ ଲିପ୍ତ, ଯେଉଁମାନଙ୍କର ସ୍ୱଭାବ ଅନ୍ୟମାନଙ୍କୁ ଦୁଃଖ ଦେବା, ଯେଉଁମାନେ କେବଳ ନିଜ ଜିଦ୍‌ରେ ଅଟଳ ରହନ୍ତି, ସେହିପରି ମନୁଷ୍ୟ ମରିବା ପରେ କ୍ରୂର ସ୍ୱଭାବଯୁକ୍ତ ଭୂତପ୍ରେତ ହୁଅନ୍ତି । ଏମାନେ ଯେଉଁମାନଙ୍କ ଠାରେ ପ୍ରବେଶ କରନ୍ତି, ସେମାନଙ୍କୁ ଖୁବ୍ କଷ୍ଟ ଦିଅନ୍ତି ଏବଂ ମନ୍ତ୍ର ଇତ୍ୟାଦି ଦ୍ୱାରା ମଧ୍ୟ ଶୀଘ୍ର ଛାଡ଼ି ଯାଆନ୍ତି ନାହିଁ ।

ଯେଉଁମାନେ ସୌମ୍ୟ ସ୍ୱଭାବଯୁକ୍ତ ଓ ଅନ୍ୟମାନଙ୍କୁ କଷ୍ଟ ଦେବାକୁ ଚାହାନ୍ତି ନାହିଁ, ମାତ୍ର ସାଂସାରିକ ବସ୍ତୁ, ସ୍ତ୍ରୀ, ପୁତ୍ର, ଧନ, ଜମିବାଡ଼ି ଇତ୍ୟାଦିରେ ମମତା ଓ ଆସକ୍ତି ରଖିଥାଆନ୍ତି, ସେପରି ମନୁଷ୍ୟ ମରିବାପରେ ସୌମ୍ୟ ସ୍ୱଭାବଯୁକ୍ତ ଭୂତପ୍ରେତ ହୁଅନ୍ତି । ଏମାନେ କାହାରିଠାରେ ପ୍ରବେଶ କଲେ ମଧ୍ୟ ତାକୁ କଷ୍ଟ ଦିଅନ୍ତି ନାହିଁ ଏବଂ ନିଜ ସଦ୍‌ଗତିର ଉପାୟ ମଧ୍ୟ କହି ଦିଅନ୍ତି ।

ଯେଉଁମାନଙ୍କର ବିଦ୍ୟା ଇତ୍ୟାଦି ପାଇଁ ବହୁତ ଅଭିମାନ ଓ ଅହଂକାର ଥାଏ, ସେହି ଅଭିମାନ ହେତୁ ଯେଉଁମାନେ ଅନ୍ୟମାନଙ୍କୁ ନୀଚ ବୋଲି ପ୍ରମାଣିତ କରିବାକୁ ଚାହାନ୍ତି, ଅପମାନିତ ଓ ତିରସ୍କୃତ କରନ୍ତି, ଅନ୍ୟମାନଙ୍କୁ ହେୟଜ୍ଞାନ କରନ୍ତି, ସେପରି ମନୁଷ୍ୟ

* ବିଦ୍ୟାଧରୋଽପ୍ସରୋଯକ୍ଷରକ୍ଷୋଗନ୍ଧର୍ବକିନ୍ନରାଃ । ପିଶାଚୋ ଗୁହ୍ୟକଃ ସିଦ୍ଧୋ ଭୂତୋଽମୀ ଦେବଯୋନୟଃ ॥ (ଅମରକୋଷ ୧ । ୧ । ୧୧)

ମରିବା ପରେ 'ବ୍ରହ୍ମରାକ୍ଷସ' ହୁଅନ୍ତି। ସେମାନେ କାହାଠାରେ ପ୍ରବିଷ୍ଟ ହେଲେ ସେମାନଙ୍କର ଇଚ୍ଛା ପୂରଣ ନ ହେବା ପର୍ଯ୍ୟନ୍ତ ଛାଡ଼ି ଯାଆନ୍ତି ନାହିଁ। ସେମାନଙ୍କ ଉପରେ ତନ୍ତ୍ରମନ୍ତ୍ରର ପ୍ରଭାବ ପଡ଼େ ନାହିଁ। ଅନ୍ୟ କେହି ସେମାନଙ୍କ ଉପରେ ମନ୍ତ୍ରାଦି ପ୍ରୟୋଗ କରିବା ପୂର୍ବରୁ ସେମାନେ ନିଜେ ସେହି ମନ୍ତ୍ର କହି ଦିଅନ୍ତି।

ଗୋଟିଏ ସତ୍ୟ ଘଟଣା। ଦକ୍ଷିଣାଞ୍ଚଳରେ ମୋରୋଜୀ ପନ୍ତ ନାମକ ଜଣେ ପ୍ରକାଣ୍ଡ ବିଦ୍ୱାନ୍ ଥିଲେ। ତାଙ୍କ ମନରେ ବିଦ୍ୟା ପାଇଁ ବଡ଼ ଅଭିମାନ ଥାଏ। ସେ ନିଜର ସମକକ୍ଷ ବିଦ୍ୱାନ୍ ଭାବେ ଅନ୍ୟ କାହାକୁ ସ୍ୱୀକାର କରୁ ନ ଥିଲେ ଏବଂ ସମସ୍ତଙ୍କୁ ହେୟ ଦୃଷ୍ଟିରେ ଦେଖୁଥିଲେ। ଦିନକର ଘଟଣା, ଖରାବେଳେ ସେ ନଦୀକୁ ସ୍ନାନ କରିବାକୁ ଯାଉଥିଲେ। ବାଟରେ ଗୋଟିଏ ଗଛ ଉପରେ ଦୁଇଟି ବ୍ରହ୍ମରାକ୍ଷସ ବସି ପରସ୍ପର କଥାବାର୍ତ୍ତା ହେଉଥିଲେ। ଗୋଟିଏ ବ୍ରହ୍ମରାକ୍ଷସ କହିଲା—ଆମେ ଦୁହେଁ ତ ଏ ଗଛର ଦୁଇଟି ଡାଳରେ ବସିଛେ, କିନ୍ତୁ ଏ ତୃତୀୟ ଡାଳ ଖଣ୍ଡିକ ଖାଲି ଅଛି। ଏହା ଉପରେ ବସିବା ପାଇଁ କିଏ ଆସିବ? ଅନ୍ୟ ଜଣକ କହିଲା—ଏ ଯେଉଁ ଲୋକଟି ଏବେ ଗଛ ତଳ ଦେଇ ଯାଉଛି, ସେ ଆସି ଏଇଠି ବସିବ; କାରଣ ଏହାର ବିଦ୍ୱତା ପାଇଁ ଅଭିମାନ ଖୁବ୍ ବେଶୀ। ମୋରୋଜୀ ପନ୍ତ ସେ ଦୁହିଙ୍କର ବାର୍ତ୍ତାଳାପ ଶୁଣି ଭାବିଲେ "ଆରେ, ବିଦ୍ୟାର ଅଭିମାନ ଯୋଗୁଁ ମୋତେ ବ୍ରହ୍ମରାକ୍ଷସ ହେବାକୁ ପଡ଼ିବ, ପ୍ରେତଯୋନିରେ ଯିବାକୁ ପଡ଼ିବ?" ନିଜର ଦୁର୍ଗତି କଥା ଭାବି ସେ ଖୁବ୍ ଡରିଗଲେ ଏବଂ ମନେ ମନେ ସନ୍ତ ଜ୍ଞାନେଶ୍ୱରଙ୍କର ଶରଣାପନ୍ନ ହୋଇଗଲେ। କହିଲେ, ମୁଁ ଆପଣଙ୍କ ଠାରେ ଶରଣ ପଶୁଛି, ଆପଣଙ୍କ ବ୍ୟତୀତ ମୋତେ ଏହି ଦୁର୍ଗତିରୁ ଅନ୍ୟ କେହି ରକ୍ଷା କରି ପାରିବ ନାହିଁ। ଏପରି ଚିନ୍ତା କରି ସେ ସେଠାରୁ ସନ୍ତ ଜ୍ଞାନେଶ୍ୱର ଜୀବିତାବସ୍ଥାରେ ନେଇଥିବା ସମାଧିସ୍ଥଳ ଆଳନ୍ଦୀ ଅଭିମୁଖେ ଚାଲିଲେ। ତା'ପରେ ସେ ଜୀବନସାରା ସେଠାରେ ରହିଲେ, ଆଉ ଘରକୁ ଫେରିଲେ ନାହିଁ। ସନ୍ତଙ୍କ ଶରଣାପନ୍ନ ହେବାରୁ ତାଙ୍କ ମନରୁ ବିଦ୍ୟାବିଷୟକ ଅଭିମାନ ଦୂର ହୋଇଗଲା ଏବଂ ସନ୍ତକୃପା ଯୋଗୁଁ ସେ ମଧ୍ୟ ସନ୍ତ ହୋଇଗଲେ।

ଯେଉଁ ସ୍ତ୍ରୀ ପରପୁରୁଷ ବିଷୟରେ ଚିନ୍ତା କରୁଥାଏ ଏବଂ ଯାହାର ପୁରୁଷ ପ୍ରତି ଅଧିକ ଆସକ୍ତି ଥାଏ, ସେ ମରିବା ପରେ 'ଡାହାଣୀ' ହୋଇଥାଏ। ଭୂତପ୍ରେତମାନଙ୍କର ପ୍ରାୟ ଏଭଳି ନିୟମ ଅଛି ଯେ, ପୁରୁଷ ଭୂତପ୍ରେତ ପୁରୁଷମାନଙ୍କୁ ଓ ସ୍ତ୍ରୀ ଭୂତପ୍ରେତ ସ୍ତ୍ରୀମାନଙ୍କୁ ଧରନ୍ତି। କିନ୍ତୁ ଡାହାଣୀ କେବଳ ପୁରୁଷମାନଙ୍କୁ ଧରେ। ଦୁଇ ପ୍ରକାରର ଡାହାଣୀ ଅଛନ୍ତି—ଏକ ପ୍ରକାରର ଡାହାଣୀ ପୁରୁଷକୁ ଶୋଷଣ କରେ ଅର୍ଥାତ୍ ତା'ର ରକ୍ତ ଶୋଷିନିଏ, ତା'ର ଶକ୍ତି କ୍ଷୀଣ କରିଦିଏ ଏବଂ ଦ୍ୱିତୀୟ ପ୍ରକାରର ଡାହାଣୀ ପୁରୁଷକୁ ପୋଷଣ କରେ, ତାକୁ ସୁଖ ଓ ଆରାମ ଦିଏ। ଏହି ଦୁଇ ପ୍ରକାରର ଡାହାଣୀ ପୁରୁଷକୁ ନିଜ ଅଧୀନରେ ରଖନ୍ତି।

ଜଣେ ସିପାହି ଥିଲା। ସେ ଦିନେ ରାତିରେ କୌଣସି ସ୍ଥାନରୁ ତା' ଘରକୁ ଯାଉଥାଏ। ହଠାତ୍ ସେ ଜହ୍ନଆଲୁଅରେ କୌଣସି ଗଛତଳେ ଗୋଟିଏ ସୁନ୍ଦରୀ ସ୍ତ୍ରୀକୁ ଦେଖି ପାରିଲା। ତା'ସହିତ କଥାବାର୍ତ୍ତା କରିବାରୁ ସ୍ତ୍ରୀଲୋକଟି କହିଲା—ମୁଁ ତୁମ ସାଥିରେ ଯାଇପାରେ କି? ସିପାହି କହିଲା—ହଁ, ଆସ। ସିପାହି କଥା ଶୁଣି ସେହି ସ୍ତ୍ରୀରୂପଧାରୀ ଡାହାଣୀ ତା'ପଛେ ପଛେ ତା' ଘରକୁ ଆସିଲା। ଏମିତି ସେ ସବୁଦିନ ସିପାହି ନିକଟକୁ ଆସେ, ତା' ପାଖରେ ଶୁଏ, ତା' ସହିତ ସହବାସ କରେ ଓ ସକାଳ ହେଲେ ଚାଲିଯାଏ। ଏହିରୂପେ ସେ ସିପାହିର ରକ୍ତ ଶୋଷଣ କରି ଧୀରେ ଧୀରେ ତା'ର ଶକ୍ତି କ୍ଷୀଣ କରିବାକୁ ଲାଗିଲା। ଦିନେ ରାତିରେ ସେ ଦୁହେଁ ଶୋଇଗଲେ, ଅଥଚ ବିଜୁଳିବତି ସେମିତି ଜଳୁଥାଏ। ସିପାହି କହିଲା—ଏ ବିଜୁଳିବତିଟା ଟିକେ ଲିଭାଇ ଦେଲ। ସେ ସେମିତି ଶୋଇ ରହି ହାତ ଲମ୍ବାଇ ବତି ଲିଭାଇ ଦେଲା। ଏହା ଦେଖି ସିପାହି ଜାଣି ପାରିଲା ଯେ ବାସ୍ତବରେ ଇଏ ସାଧାରଣ ସ୍ତ୍ରୀ ନୁହେଁ, ଇଏ ନିଶ୍ଚୟ ଡାହାଣୀ! ସେ ବହୁତ ଡରିଗଲା। ଡାହାଣୀ ତାକୁ ଧମକ ଦେଖାଇ କହିଲା—ଦେଖ୍, ଯଦି ତୁ କାହାକୁ ମୋ କଥା କହିବୁ, ତୋତେ ମାରିଦେବି। ଏହିପରି ସେହି ଡାହାଣୀ ସବୁଦିନ ରାତିରେ ଆସେ ଓ ସକାଳୁ ଚାଲିଯାଏ। ସିପାହିର ଦେହ ଦିନକୁ ଦିନ ଶୁଖିବାକୁ ଲାଗିଲା। ଗାଁଆ ଲୋକେ ପଚାରିଲେ—ଆରେ ଭାଇ! ତୁମେ ଏତେ ଶୁଖିଯାଉଛ କାହିଁକି, ତୁମର କ'ଣ ହୋଇଛି? କିନ୍ତୁ ଡାହାଣୀ ଡରରେ ସେ କାହାକୁ କିଛି କହୁ ନ ଥାଏ। ଦିନେ ସେ ଦୋକାନକୁ କୌଣସି ଔଷଧ ଆଣିବାକୁ ଯାଇଥିଲା। ଦୋକାନୀ ପୁଡ଼ିଆରେ ଔଷଧ ବାନ୍ଧି ତାକୁ ଦେଲା। ସେ ପକେଟରେ

ସେହି ପୁଡ଼ିଆଟି ରଖି ଘରକୁ ଫେରିଲା। ସବୁଦିନ ଭଳି ସେଦିନ ରାତିରେ ମଧ୍ୟ ଡାହାଣୀ ଆସିଲା। କିନ୍ତୁ ସେ ତା' ପାଖକୁ ନ ଆସି ଦୂରରେ ଠିଆ ହୋଇ ତାକୁ କହିଲା—ତୁ ତୋ ପକେଟରେ ଥିବା ପୁଡ଼ିଆଟିକୁ ଫୋପାଡ଼ି ଦେ। ସିପାହି ଜାଣିପାରିଲା ଯେ ପୁଡ଼ିଆରେ ନିଶ୍ଚିତଭାବେ କୌଣସି କରାମତି ଅଛି, ନ ହେଲେ ଡାହାଣୀ ଆଜି ମୋ ପାଖକୁ ନ ଆସି ବାହାରେ ଠିଆ ହୋଇଥାନ୍ତା କାହିଁକି! ସିପାହି ପୁଡ଼ିଆଟିକୁ ଫୋପାଡ଼ିବାକୁ ମନା କଲା। ଡାହାଣୀ ଯେତେ କହିଲେ ବି ସେ ତା' କଥା ଶୁଣିଲା ନାହିଁ। ଡାହାଣୀ ତା' ଉଦ୍ୟମ ସଫଳ ନ ହେବା ଜାଣି ସେଠାରୁ ପଳାଇଗଲା। ସିପାହି ପକେଟରୁ ପୁଡ଼ିଆଟିକୁ କାଢ଼ି ଦେଖିଲାବେଳକୁ ଗୀତାର ଶ୍ଳୋକ ଲେଖାଯାଇଥିବା ଚିରାକାଗଜ ଖଣ୍ଡିକରେ ଔଷଧ ବନ୍ଧା ହୋଇଛି! ଏହିପରି ଗୀତାର ପ୍ରଭାବ ଦେଖି ସିପାହି ସବୁବେଳେ ତା' ପକେଟରେ ଗୀତା ବହି ରଖିଲା। ତା'ପରେ ଡାହାଣୀ ଆଉ ତା' ପାଖ ମାଡ଼ିଲା ନାହିଁ।

ଯେଉଁ ଲୋକମାନେ ଭଗବାନଙ୍କ ମନ୍ଦିର ପରିବେଶରେ ରହନ୍ତି, ଗୀତା, ରାମାୟଣ, ଭାଗବତ ଇତ୍ୟାଦି ପାଠ କରନ୍ତି, ଭଗବାନଙ୍କର ଆଳତି, ସ୍ତୁତି, ପ୍ରାର୍ଥନା ଆଦି କରନ୍ତି, ଭଗବନ୍ନାମ ଜପ କରନ୍ତି; କିନ୍ତୁ ତା' ସହିତ ଅନ୍ୟମାନଙ୍କୁ ଠକନ୍ତି, ଭଗବାନଙ୍କର ଭୋଗ, ଜିନିଷ, ବସ୍ତ୍ର ଇତ୍ୟାଦି ଚୋରି କରନ୍ତି, ଠାକୁରଙ୍କୁ ଅର୍ଥ ଉପାର୍ଜନର ମାଧ୍ୟମ ବୋଲି ଭାବନ୍ତି, ସେମାନେ ମଧ୍ୟ ମରିବା ପରେ ଭଗବଦପରାଧ ହେତୁ ଭୂତପ୍ରେତ ପ୍ରଭୃତି ହୋଇପାରନ୍ତି। ସେମାନେ କାହାରିଠାରେ ପ୍ରବିଷ୍ଟ ହେଲେ ତାକୁ କଷ୍ଟ ଦିଅନ୍ତି ନାହିଁ। ପୂର୍ବଜନ୍ମରେ ଭଗବଦ୍‌ପୂଜା, ଆଳତି, ପ୍ରାର୍ଥନା ଆଦି କରିବାର ସ୍ୱଭାବ ଥିବାରୁ ଏଭଳି ଭୂତପ୍ରେତ ଭଗବନ୍ନାମ ଜପ କରନ୍ତି, ହାତରେ ଗୋମୁଖୀ ଧରି ମନ୍ଦିରକୁ ଯାଆନ୍ତି, ପରିକ୍ରମା କରନ୍ତି, ଭଗବାନଙ୍କର ସ୍ତୁତି ଇତ୍ୟାଦି ମଧ୍ୟ କରନ୍ତି। କିନ୍ତୁ କୌଣସି ମନୁଷ୍ୟଠାରେ ପ୍ରବିଷ୍ଟ ନ ହୋଇ ଏମାନେ ସ୍ତୁତି, ପ୍ରାର୍ଥନା ଇତ୍ୟାଦି କରିପାରନ୍ତି ନାହିଁ। ବୃନ୍ଦାବନରେ ବାଙ୍କେବିହାରୀଙ୍କ ମନ୍ଦିରକୁ ଗୋଟିଏ ଛୋଟ ପିଲା ଆସୁଥିଲା। ସେ ସଂସ୍କୃତ ଜାଣି ନ ଥିଲା, କିନ୍ତୁ ଠାକୁରଙ୍କ ସମ୍ମୁଖରେ ଛିଡ଼ାହୋଇ ସେ ବଡ଼ପାଟିରେ ଭଗବାନଙ୍କର ସଂସ୍କୃତ ସ୍ତୋତ୍ରଗୁଡ଼ିକୁ ପାଠ କରୁଥିଲା। ପାଠ କଲାବେଳେ ତା'ର କଣ୍ଠସ୍ୱର ମଧ୍ୟ ଛୋଟ ପିଲାର ସ୍ୱର ଭଳି ଜଣାପଡୁ ନ ଥିଲା, ବରଂ ବଡ଼ ଲୋକର କଣ୍ଠ ସ୍ୱର ପରି ଜଣାପଡୁଥିଲା। ଗୋଟିଏ ପ୍ରେତ ତା ଭିତରେ ପ୍ରବେଶ କରି ଭଗବାନଙ୍କର ସ୍ତୁତି କରୁଥିବା ହେତୁ ଏପରି ହେଉଥିଲା। କିନ୍ତୁ ସେହି ପ୍ରେତଟି ପିଲାଟିକୁ କୌଣସି କଷ୍ଟ ଦେଉ ନ ଥିଲା। ଭଗବଦପରାଧର ଫଳ ଭୋଗିବା ପରେ ଭଗବଦ୍‌କୃପା ଯୋଗୁଁ ଏଭଳି ଭୂତପ୍ରେତଙ୍କର ସଦ୍‌ଗତି ହୋଇଥାଏ ଓ ପ୍ରେତଯୋନିରୁ ମୁକ୍ତି ମିଳିଥାଏ।

ମନୁଷ୍ୟଙ୍କ ମଧ୍ୟରେ ଯେଉଁମାନେ ଅଧିକ ପାପୀ, ଦୁର୍ଗୁଣୀ, ଦୁରାଗ୍ରହୀ ଓ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ, ସେମାନେ ଭଗବାନଙ୍କର କଥା, କୀର୍ତ୍ତନ, ସତ୍ସଙ୍ଗ ଇତ୍ୟାଦିରେ ମନ ଲଗାଇ ପାରନ୍ତି ନାହିଁ କି ସେଠାରେ ରହିପାରନ୍ତି ନାହିଁ। ଠିକ୍ ସେହିପରି ଭୟଙ୍କର ପାପ ହେତୁ ଯେଉଁ ଭୂତପ୍ରେତ ନୀଚ ଯୋନିରେ ଜନ୍ମ ହୁଅନ୍ତି, ସେମାନେ ମଧ୍ୟ ଭଗବାନଙ୍କର ନାମଜପ, କଥା, କୀର୍ତ୍ତନ ଓ ସତ୍ସଙ୍ଗ ହେଉଥିବା ସ୍ଥାନକୁ ଆସିପାରନ୍ତି ନାହିଁ। ଯେଉଁ ଲୋକେ ଭଗବାନଙ୍କର ନାମଜପ, କଥା, କୀର୍ତ୍ତନ, ସତ୍ସଙ୍ଗ ଇତ୍ୟାଦିକୁ ବିରୋଧ କରନ୍ତି ତଥା ନିନ୍ଦା ଓ ତିରସ୍କାର କରନ୍ତି, ସେମାନେ ମଧ୍ୟ ଭୂତପ୍ରେତ ହେବାପରେ କଥା, କୀର୍ତ୍ତନ, ସତ୍ସଙ୍ଗ ଇତ୍ୟାଦି ହେଉଥିବା ସ୍ଥାନକୁ ଆସିପାରନ୍ତି ନାହିଁ। ଯଦି ସେମାନେ ସେହି ସ୍ଥାନକୁ କଦାଚିତ୍ ଆସିଯାଆନ୍ତି, ତେବେ ସେମାନଙ୍କ ଶରୀରରେ ଜ୍ୱଳନାତ୍ମକ ପୀଡ଼ା ହୁଏ।

ଯଦି ପୂଜାରୀମାନେ ସାଂସାରିକ ବସ୍ତୁଗୁଡ଼ିକୁ ମହତ୍ତ୍ୱ ନ ଦେଇ କେବଳ ଭଗବାନଙ୍କୁ ମହତ୍ତ୍ୱ ଦେଉଥିବେ, ଠାକୁରଙ୍କୁ ଅର୍ପିତ ଦ୍ରବ୍ୟକୁ ପ୍ରସାଦ ବୋଲି ଭାବୁଥିବେ, ଠାକୁରଙ୍କୁ ଲାଗି ହୋଇଥିବା ଦ୍ରବ୍ୟ ପ୍ରସାଦରୂପେ ମିଳିଗଲେ ଗଦ୍‌ଗଦ ହୋଇ ଉଠୁଥିବେ ଓ ପ୍ରସାଦରୂପେ ଦ୍ରବ୍ୟାଦି ପାଇ ନିଜକୁ ଖୁବ୍ ଭାଗ୍ୟଶାଳୀ ମନେ କରୁଥିବେ ତଥା ଭଗବାନଙ୍କ ସମ୍ବନ୍ଧୀୟ ପ୍ରତ୍ୟେକ ବସ୍ତୁରେ ମହତ୍ତ୍ୱବୁଦ୍ଧି ରଖୁଥିବେ, ତେବେ ଭଗବାନଙ୍କୁ ଅର୍ପିତ ହୋଇଥିବା ଜିନିଷଗୁଡ଼ିକୁ ବ୍ୟବହାର କଲେ ମଧ୍ୟ ସେମାନଙ୍କୁ ଦୋଷ ଲାଗେ ନାହିଁ, ଭଗବଦପରାଧ ହୁଏ ନାହିଁ। ଅନ୍ତଃକରଣରେ ଭଗବାନଙ୍କୁ ମହତ୍ତ୍ୱ ଦେଉଥିବା ହେତୁ ସେମାନେ କଦାପି ଭୂତପ୍ରେତ ହୁଅନ୍ତି ନାହିଁ। କିନ୍ତୁ ଯାହାର ଅନ୍ତଃକରଣରେ ବସ୍ତୁଗୁଡ଼ିକ ପ୍ରତି ମହତ୍ତ୍ୱ, କାମନା, ମମତା ଓ ବାସନା ଥାଏ, ସେମାନେ ତୀର୍ଥସ୍ଥାନରେ ଓ ମନ୍ଦିରରେ ରହୁଥିଲେ ମଧ୍ୟ ମରିବା ପରେ ବାସନା ଇତ୍ୟାଦି କାରଣରୁ ଭୂତପ୍ରେତ ହୋଇଯାଆନ୍ତି। ସେମାନେ କ୍ରିୟାତ୍ମକଭାବରେ ଭଗବାନଙ୍କର ପୂଜା, ଆଳତି ଇତ୍ୟାଦି କରିଥିବାରୁ ସେହି ତୀର୍ଥସ୍ଥାନରେ ହିଁ ରହନ୍ତି। ଏହିପରି

ଭଗବଦପରାଧର ଫଳ (ଭୂତପ୍ରେତଯୋନି) ମିଳିଥାଏ ଏବଂ ଭଗବଦ୍-ସମ୍ବନ୍ଧୀୟ କ୍ରିୟାଗୁଡ଼ିକର ଫଳ (ତୀର୍ଥସ୍ଥାନବାସ) ମଧ୍ୟ ମିଳିଥାଏ।

ପ୍ରଶ୍ନ—ଯେଉଁମାନେ ଭଗବନ୍ନାମ ଜପ, ସ୍ୱାଧ୍ୟାୟ ଇତ୍ୟାଦି କରନ୍ତି, ସେମାନେ ମଧ୍ୟ ମରିବା ପରେ ଭୂତ, ପ୍ରେତ ଆଦି ହୋଇ ପାରନ୍ତି କି?

ଉତ୍ତର—ପ୍ରାୟ ଏପରି ଲୋକେ ଭୂତପ୍ରେତ ହୁଅନ୍ତି ନାହିଁ। କିନ୍ତୁ ନାମଜପରେ ରୁଚି ଅପେକ୍ଷା ଯେଉଁମାନଙ୍କର ସାଂସାରିକ ପଦାର୍ଥ ପ୍ରତି, ନିଜର ସେବା କରୁଥିବା ଲୋକମାନଙ୍କ ପ୍ରତି, ନିଜର ଅନୁକୂଳ ଆଚରଣ କରୁଥିବା ଲୋକମାନଙ୍କ ପ୍ରତି ଅଧିକ ରୁଚି (ଆସକ୍ତି) ଥାଏ ଏବଂ ଯେଉଁମାନଙ୍କର ଅନ୍ତକାଳରେ ସାଧନାରେ ସ୍ଥିତି ନ ରହି ସାଂସାରିକ ପଦାର୍ଥ ଓ ନିଜର ସେବାକାରୀମାନଙ୍କ କଥା ମନେପଡ଼େ, ସେମାନେ ମରିବା ପରେ ଭୂତପ୍ରେତ ହୋଇ ପାରନ୍ତି। ଏଭଳି ଭୂତପ୍ରେତ କାହାରିକୁ କଷ୍ଟ ଦିଅନ୍ତି ନାହିଁ କି ହଇରାଣ କରନ୍ତି ନାହିଁ।

କର୍ମର ଗତି ବଡ଼ ଗହନ–**'ଗହନା କର୍ମଣୋ ଗତିଃ'** (୪ । ୧୭)। ଅତଏବ ଅନ୍ତରର ଭାବ, ପାପପୁଣ୍ୟ ଇତ୍ୟାଦିରେ ତାରତମ୍ୟ ରହିବା ଫଳରେ ଭୂତପ୍ରେତ ଇତ୍ୟାଦି ଯୋନି ମିଳେ। ଭଗବାନ ନିଜେ କହିଛନ୍ତି ଯେ କର୍ମ ଓ ଅକର୍ମକୁ ଜାଣିବା ବିଷୟରେ ବଡ଼ ବଡ଼ ବିଦ୍ୱାନ୍ ମଧ୍ୟ ମୋହିତ ହୋଇଯାଆନ୍ତି (୪ । ୧୬)।

ପ୍ରଶ୍ନ—ଦୁର୍ଘଟଣାରେ ମରିଥିବା ଓ ଆତ୍ମହତ୍ୟା କରିଥିବା ଲୋକେ ପ୍ରାୟ ଭୂତପ୍ରେତ ହୁଅନ୍ତି କାହିଁକି?

ଉତ୍ତର—ରୋଗଗ୍ରସ୍ତ ହୋଇଥିଲେ ରୋଗୀର ଧାରଣା ଥାଏ ଯେ 'ମୋତେ ମରିବାକୁ ହେବ'। ଏ ଅବସ୍ଥାରେ ରୋଗୀ ସଂସାରରୁ ବିମୁଖ ହୋଇ ଭଗବାନଙ୍କ ଠାରେ ମନୋନିବେଶ କରିପାରେ। କିନ୍ତୁ ଦୁର୍ଘଟଣା ବେଳେ ମନରେ କିଛି ନା କିଛି ମନୋରଥ ଅଥବା ଚିନ୍ତନ ରହିଥାଏ ଏବଂ ସେସବୁ ଥାଇ ମନୁଷ୍ୟ ହଠାତ୍ ମରିଯାଏ। ଯଦି ସେତେବେଳେ ଭଗବାନଙ୍କର ଚିନ୍ତନ ନ ହୋଇ କୌଣସି ଖରାପ ଚିନ୍ତନ ହୁଏ, ତେବେ ସେହି ଲୋକ ଭୂତ ବା ପ୍ରେତ ହୋଇଯାଏ। ଦୁର୍ଘଟଣା ସମୟରେ ମରିବା ଲୋକର ମରିବାର କାରଣ ଆଡ଼କୁ ମନୋବୃତ୍ତି ରହିଥିବା ହେତୁ ସେହି ବିଷୟକ ଚିନ୍ତନ ହେଉଥାଏ, ତେଣୁ ଦୁର୍ଘଟଣାରେ ମରିବା ବ୍ୟକ୍ତି ଭୂତ ବା ପ୍ରେତ ହୋଇଯାଏ। କିନ୍ତୁ ଯିଏ ସଂସାରରୁ ଉପରତ ହୋଇ ପାରମାର୍ଥିକ ମାର୍ଗରେ ଲାଗିଥାଏ, ସେ ଦୁର୍ଘଟଣା ଇତ୍ୟାଦିରେ ମରିଗଲେ ମଧ୍ୟ ଭୂତପ୍ରେତ ହୁଏ ନାହିଁ। ତାତ୍ପର୍ଯ୍ୟ ଏହି ଯେ ଅନ୍ତଃକରଣରେ ସଂସାର ପ୍ରତି ଅନୁରାଗ, ଆସକ୍ତି, କାମନା, ମମତା ଆଦି ରହିବା ଯୋଗୁଁ ହିଁ ମନୁଷ୍ୟର ଅଧୋଗତି ହୋଇଥାଏ। ଯାହାର ଅନ୍ତଃକରଣରେ ସାଂସାରିକ ଅନୁରାଗ ଆଦି ନାହିଁ, ସେ ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ ଓ ଯେକୌଣସି ଅବସ୍ଥାରେ ଶରୀର ଛାଡ଼ିଲେ ମଧ୍ୟ ଭୂତପ୍ରେତ ହୁଏ ନାହିଁ। ତାହାର ଭୂତପ୍ରେତ ଯୋନିକୁ ଯିବାର କୌଣସି କାରଣ ନାହିଁ।

ଯିଏ କ୍ରୋଧ ହେତୁ କିମ୍ବା ଅନ୍ୟ କୌଣସି କାରଣରୁ ଦୁଃଖୀ ହୋଇ ଆତ୍ମହତ୍ୟା କରେ, ତା'ର ଦୁର୍ଗତି ହୁଏ ଅର୍ଥାତ୍ ସେ ଭୂତ, ପ୍ରେତ ବା ପିଶାଚ ହୋଇଯାଏ। ଆତ୍ମହତ୍ୟାକାରୀ ମହାପାପୀ ଅଟେ। ଭଗବତ୍ପ୍ରାପ୍ତି ପାଇଁ ମିଳିଥିବା ମନୁଷ୍ୟଶରୀର ମାଧ୍ୟମରେ ଭଗବତ୍ପ୍ରାପ୍ତି ନ କରି ନିଜ ହାତରେ ତାହାକୁ ନଷ୍ଟ କରିଦେବା ଭୟଙ୍କର ପାପ, ଘୋର ଅପରାଧ ଓ ଅତିଶୟ ଦୁର୍ଭାଗ୍ୟର ଅଟେ। ଦୁର୍ଭାଗ୍ୟରୀର କଦାପି ସଦ୍ଗତି ହୁଏ ନାହିଁ। ଅତଏବ ମନୁଷ୍ୟ କେବେହେଲେ ଆତ୍ମହତ୍ୟା କରିବାର ଭାବନାକୁ ମନ ଭିତରେ ସ୍ଥାନ ଦେବା ଉଚିତ ନୁହେଁ।

ମନୁଷ୍ୟ ଉପରକୁ କୌଣସି ବଡ଼ ବିପଦ ଆସିଲେ, ତାକୁ କୌଣସି ଭୟଙ୍କର ରୋଗ ହେଲେ ସେ ଭାବେ, ମୁଁ ମରିଗଲେ ଏଥିରୁ ମୁକ୍ତି ପାଇଯାଆନ୍ତି। କିନ୍ତୁ ପ୍ରକୃତରେ ଆତ୍ମହତ୍ୟା କଲେ କର୍ମର ଭୋଗ (କଷ୍ଟ) ସମାପ୍ତ ହୁଏ ନାହିଁ, ତାହାକୁ ଯେକୌଣସି ଯୋନିରେ ଭୋଗିବାକୁ ହିଁ ପଡ଼ିବ। ଆତ୍ମହତ୍ୟା କରି ସେ ଆଉ ଗୋଟିଏ ନୂଆ ପାପ କରିବସେ, ଫଳରେ ତାକୁ ନୀଚ ଯୋନିକୁ ଯିବାକୁ ପଡ଼େ, ଭୂତପ୍ରେତ ହେବାକୁ ପଡ଼େ ଏବଂ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଦୁଃଖକଷ୍ଟ ଭୋଗ କରିବାକୁ ପଡ଼େ।

ପ୍ରଶ୍ନ—ଭୂତପ୍ରେତ କେଉଁଠି ରହନ୍ତି?

ଉତ୍ତର—ଭୂତପ୍ରେତମାନେ ପ୍ରାୟ ଶ୍ମଶାନରେ ଓ ଶ୍ମଶାନର ଗଛମାନଙ୍କରେ ରହନ୍ତି। ସେମାନେ ଜଳାଶୟର କୂଳରେ ରହନ୍ତି। ସେମାନେ ଜଳାଶୟର ପାଣି ପିଇ ପାରନ୍ତି ନାହିଁ, କିନ୍ତୁ ସେଠାକାର ଥଣ୍ଡା ପବନ ସେମାନଙ୍କୁ ଭଲ ଲାଗେ ଓ ସେମାନଙ୍କୁ ଆରାମ ମିଳେ। ସମସ୍ତଙ୍କୁ ଆଶ୍ରୟ ଦେବା ଓସ୍ତଗଛର ସ୍ୱଭାବ ହୋଇଥିବାରୁ ପ୍ରାୟ ସେହି ଗଛର ଛାଇରେ ମଧ୍ୟ ଭୂତପ୍ରେତ ରହନ୍ତି। ଯଦି କେହି ସେମାନଙ୍କ ନାଁରେ ଛାଉଣି ତିଆରି କରିଦିଏ, ତେବେ ସେମାନେ ସେଠାରେ ରହନ୍ତି। କୌଣସି ଘର

ବେଶୀ ଦିନ ଖାଲି ରହିଲେ ମଧ୍ୟ ସେଠାରେ ଭୂତପ୍ରେତ ରହିବାକୁ ପସନ୍ଦ କରନ୍ତି ।

ପ୍ରଶ୍ନ—କୌଣସି ଲୋକକୁ ଭୂତପ୍ରେତ ଲାଗିବାବେଳେ କେଉଁ ଦ୍ୱାର ଦେଇ ତା'ର ଶରୀର ମଧ୍ୟରେ ପ୍ରବେଶ କରନ୍ତି?

ଉତ୍ତର—ଭୂତପ୍ରେତଙ୍କର ଶରୀର ବାୟୁପ୍ରଧାନ ହୋଇଥାଏ । ଅତଏବ ସେମାନେ ମନୁଷ୍ୟଶରୀରରେ ଯେକୌଣସି ଦ୍ୱାର ଦେଇ ପ୍ରବେଶ କରିପାରନ୍ତି । ସେମାନେ ଆଖି, କାନ, ଚର୍ମ ଇତ୍ୟାଦି ଯେକୌଣସି ଇନ୍ଦ୍ରିୟ ବାଟେ ଶରୀର ଭିତରେ ପ୍ରବେଶ କରିପାରନ୍ତି । କିନ୍ତୁ ପ୍ରାୟ ସେମାନେ ମଳିନ ଦ୍ୱାର ଅର୍ଥାତ୍ ମଳମୂତ୍ର ଦ୍ୱାର ଦେଇ ଅଥବା ପ୍ରାଣବାୟୁ ମାଧ୍ୟମରେ ମନୁଷ୍ୟଶରୀରରେ ପ୍ରବେଶ କରନ୍ତି ।

ପ୍ରଶ୍ନ—ଶରୀରରେ ପ୍ରବେଶ କଲାପରେ ଭୂତପ୍ରେତ କେଉଁଠି ରହନ୍ତି?

ଉତ୍ତର—ଶରୀରରେ ପ୍ରବେଶ କଲାପରେ ଭୂତପ୍ରେତ ଅହଂବୃତ୍ତିରେ ଅର୍ଥାତ୍ ଅନ୍ତଃକରଣରେ ରହନ୍ତି । ଅହମ୍ ଦୁଇ ପ୍ରକାରର-(୧) ଅହଂକାର ଓ (୨) ଅହଂବୃତ୍ତି । ଅହଙ୍କାର ଜୀବାତ୍ମାଠାରେ ଥାଏ ଏବଂ ଅହଂବୃତ୍ତି ଅନ୍ତଃକରଣରେ ଥାଏ । ଭୂତପ୍ରେତ ଶ୍ୱାସ ଆଦି ଦ୍ୱାରା ମନୁଷ୍ୟର ଶରୀରରେ ପ୍ରବିଷ୍ଟ ହୋଇ ଅହଂବୃତ୍ତିରେ ରହି ଇନ୍ଦ୍ରିୟମାନଙ୍କୁ କାମରେ ଲଗାନ୍ତି ।

ପ୍ରଶ୍ନ—ଗୋଟିଏ ଶରୀରରେ ଏକାଧିକ ଭୂତପ୍ରେତ ମଧ୍ୟ ରହିପାରନ୍ତି କି?

ଉତ୍ତର—ହଁ, ରହି ପାରନ୍ତି । କେତେକଙ୍କ ଶରୀରରେ ଏକାଧିକ ଭୂତପ୍ରେତ ମଧ୍ୟ ପ୍ରବେଶ କରିଯାଆନ୍ତି । ସେମାନେ ଯେତେବେଳେ ତା'ର ପାଟିରେ କଥା କହନ୍ତି, ସେତେବେଳେ ପ୍ରତ୍ୟେକର ଅଲଗା ଅଲଗା ସ୍ୱର ଶୁଣାଯାଏ ।

ପ୍ରଶ୍ନ—ମନୁଷ୍ୟଦେହରେ ପ୍ରବେଶ କଲାପରେ ଭୂତପ୍ରେତ କଣ ସର୍ବଦା ସେହିଠାରେ ରହିଥାନ୍ତି?

ଉତ୍ତର—ଭୂତପ୍ରେତ ପ୍ରାୟ ସେଠାକୁ ଯା'ଆସ କରୁଥାନ୍ତି । ସେମାନେ ତା'ର ଆଖପାଖରେ ବୁଲାବୁଲି କରନ୍ତି ଏବଂ ସେମାନଙ୍କର ବାୟୁସମାନ ତୀବ୍ର ଗତି ହୋଇଥିବାରୁ ଖୁବ୍ ଦୂରକୁ ମଧ୍ୟ ଯାଇପାରନ୍ତି । କେତେକ ଭୂତପ୍ରେତ ସର୍ବଦା ଶରୀର ମଧ୍ୟରେ ବି ରହିଥାଆନ୍ତି ।

ଭୂତପ୍ରେତ ପ୍ରତ୍ୟେକକୁ କଷ୍ଟ ଦେବାରେ ଓ ପ୍ରତ୍ୟେକ ଶରୀରରେ ପ୍ରବିଷ୍ଟ ହେବାରେ ସ୍ୱାଧୀନ ନୁହନ୍ତି । ସେମାନେ ସ୍ୱେଚ୍ଛାଚାର କରି ପାରନ୍ତି ନାହିଁ । ସେମାନେ ଯାହାର ଶାସନରେ ରହନ୍ତି, ତା' ଆଦେଶ ଅନୁସାରେ ହିଁ କାର୍ଯ୍ୟ କରିଥାଆନ୍ତି । ଅର୍ଥାତ୍ ଶାସକର ଆଦେଶାନୁସାରେ ହିଁ ସେମାନେ କାହାରି ଶରୀରରେ ପ୍ରବେଶ କରନ୍ତି ଓ କାହାରିକୁ କଷ୍ଟ ଦିଅନ୍ତି । ଶାସକର ଆଦେଶ ବିନା ସେମାନେ ପ୍ରତ୍ୟେକ ଲୋକର ଶରୀରରେ ସବୁ ସମୟରେ ମନଇଚ୍ଛା ପ୍ରବେଶ କରି ପାରନ୍ତି ନାହିଁ । ଉଦାହରଣାର୍ଥ—ଶୁଭକର୍ମର ଫଳସ୍ୱରୂପ ଯେଉଁମାନେ ସ୍ୱର୍ଗାଦି ଲୋକକୁ ଯାଆନ୍ତି, ସେମାନେ ଯଦି ମୃତ୍ୟୁଲୋକରେ କାହାରି ସହିତ ସମ୍ପର୍କ ରକ୍ଷା କରନ୍ତି, ତେବେ ସେହି ଲୋକଗୁଡ଼ିକର ଶାସକମାନଙ୍କର ଅନୁମତି ନେଇ ସେପରି କରନ୍ତି । ସ୍ୱାଧୀନଭାବେ ସେମାନେ ମୃତ୍ୟୁଲୋକର କାହା ସହିତ କଥାବାର୍ତ୍ତା ସୁଦ୍ଧା କରିପାରନ୍ତି ନାହିଁ । ସେହିପରି ଭୂତପ୍ରେତ ଯୋନିରେ ମଧ୍ୟ ଶାସକ ଅଛନ୍ତି । ସେମାନଙ୍କର ଆଦେଶ ଅନୁସାରେ ହିଁ ଭୂତପ୍ରେତମାନେ କାର୍ଯ୍ୟ କରନ୍ତି ।

ପାପକର୍ମ କରି ନରକକୁ ଯାଇଥିବା ପ୍ରାଣୀମାନଙ୍କର କର୍ମଫଳ ଭୋଗ ନ ସରିବା ପର୍ଯ୍ୟନ୍ତ, ସେମାନଙ୍କୁ ଫୁଟନ୍ତା ତେଲରେ ପକାଇ ଦେଲେ ଅଥବା ସେମାନଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରିଦେଲେ ମଧ୍ୟ ସେମାନେ ମରନ୍ତି ନାହିଁ । ଠିକ୍ ସେହିପରି ଯଦି ମନୁଷ୍ୟର କୌଣସି ମନ୍ଦକର୍ମ ଭୋଗିବାର ସମୟ ଆସିଯାଏ, ତେବେ ସେମାନଙ୍କ ଭିତରେ ଭୂତପ୍ରେତ ପ୍ରବେଶ କରନ୍ତି । କର୍ମଗୁଡ଼ିକର ଭୋଗ ବାକି ଥିବାପର୍ଯ୍ୟନ୍ତ ଯେତେ ଉପାୟ କଲେ ମଧ୍ୟ, ଯେତେ ମନ୍ତ୍ର-ଯନ୍ତ୍ର ଇତ୍ୟାଦିର ପ୍ରୟୋଗ କଲେ ମଧ୍ୟ ଭୂତପ୍ରେତ ବାହାରି ଯାଆନ୍ତି ନାହିଁ । ଯେତେବେଳେ ସମସ୍ତ କର୍ମର ଭୋଗ ସମାପ୍ତ ହୋଇଯାଏ, ସେତେବେଳେ ସେମାନେ କୌଣସି ଉପାୟରେ ଛାଡ଼ି ଚାଲିଯାଆନ୍ତି । ତାତ୍ପର୍ଯ୍ୟ ଏହି ଯେ ଯେଉଁମାନଙ୍କୁ ପ୍ରାରବ୍ଧ ଅନୁସାରେ କଷ୍ଟ ଭୋଗିବାର ଅଛି, ସେମାନଙ୍କ ଭିତରେ ପ୍ରବେଶ କରି ଭୂତପ୍ରେତମାନେ ସେମାନଙ୍କୁ କଷ୍ଟ ଦେଇଥାଆନ୍ତି ।

ଏଭଳି ମଧ୍ୟ ଦେଖାଯାଏ ଯେ କୁଟୁମ୍ବର କୌଣସି ବ୍ୟକ୍ତି ମରିଗଲାପରେ ସେ ପିତୃପୁରୁଷ ହୋଇଯାଆନ୍ତି । ସେ ଯଦି ଆସନ୍ତି, ତେବେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ଦେହରେ ହିଁ ପ୍ରବିଷ୍ଟ ହୁଅନ୍ତି, ସମସ୍ତଙ୍କ ଦେହରେ ନୁହେଁ । ଏଥିରୁ ଜଣାଯାଏ ଯେ ଯାହା ସହିତ ପୁରାତନ ଋଣାନୁବନ୍ଧ ଥାଏ, ତା'ଠାରେ ହିଁ ପିତୃପୁରୁଷ ପ୍ରବିଷ୍ଟ ହୁଅନ୍ତି । ସେହିପରି ଭୂତପ୍ରେତ ମଧ୍ୟ ପୁରାତନ ଋଣାନୁବନ୍ଧ ଥିବା ବ୍ୟକ୍ତି ଦେହରେ ପ୍ରବିଷ୍ଟ ହୁଅନ୍ତି ।

ମଣିଷର ଆୟୁ ଥିଲେ ଭୂତପ୍ରେତ ତାକୁ ମାରିପାରନ୍ତି ନାହିଁ। ତା'ର ଆୟୁ ପୂରିବା ପରେ ହିଁ ସେମାନେ ତାକୁ ମାରିପାରନ୍ତି। ଏ ବିଷୟରେ ରାଜସ୍ଥାନର ଗୋଟିଏ ଘଟଣା—ପ୍ରାୟ ଶହେ ବର୍ଷ ତଳର କଥା। କେତେଜଣ ମୁସଲମାନ ଗାଈମାନଙ୍କୁ କଂସେଇଖାନାକୁ ନେଇଯାଉଥିଲେ। ସେଠିକାର ରାଜାଙ୍କୁ ଏହି ଖବର ମିଳିଗଲା। ସେ ତାଙ୍କର କେତେଜଣ ସିପାହିଙ୍କୁ ପଠାଇଲେ। ସିପାହିମାନେ ସେହି ମୁସଲମାନମାନଙ୍କୁ ମାରି ଗାଈମାନଙ୍କୁ ଛଡ଼ାଇ ନେଲେ। ସେହି ମୁସଲମାନମାନଙ୍କ ମଧ୍ୟରୁ ଜଣେ ମରିବାପରେ ଜିନ (ବ୍ରହ୍ମରାକ୍ଷସ) ହେଲା ଓ ରାଜାଙ୍କ ଦେହରେ ପ୍ରବିଷ୍ଟ ହେଲା। ରାଜା ଯେତେ ଉପାୟ କଲେ ମଧ୍ୟ ସେ ଛାଡ଼ିଲା ନାହିଁ। ଜିନ କହିଲା, ମୁଁ ଗୋଟିଏ ଲୋକର ବଳି ନେଲେ ଯାଇ ଛାଡ଼ିବି। ଶେଷରେ ଜଣେ କ୍ଷତ୍ରିୟ ନିଜକୁ ବଳି ଦେବା ପାଇଁ ପ୍ରସ୍ତୁତ ହେଲା। ଜିନ ରାଜାଙ୍କୁ ଛାଡ଼ିଦେଲା ଏବଂ ସଙ୍ଗେ ସଙ୍ଗେ କ୍ଷତ୍ରିୟକୁ ମାରିଦେଲା। କ୍ଷତ୍ରିୟର ଇଚ୍ଛାନୁସାରେ ତା'ର ଶବକୁ (ଶ୍ମଶାନକୁ ନେବା ପୂର୍ବରୁ) ତା' ଗୁରୁଙ୍କ ପାଖକୁ ନିଆଗଲା। ଲୋକେ କ୍ଷତ୍ରିୟର ଶବକୁ ଗୁରୁଙ୍କ ଚାରିପଟେ ପରିକ୍ରମା କରାଇସାରି ନେବାକୁ ବାହାରିଲାବେଳେ ଗୁରୁଙ୍କ ପାଖରେ ବସିଥିବା ଆଉ ଜଣେ ସନ୍ଥ କହିଲେ, ଶବଟା ଖାଲି ଖାଲି ଯାଉଛି, ତାକୁ କିଛି ଦେବା ଉଚିତ। ଗୁରୁ କହିଲେ—କିଛି କରି ହେବ ନାହିଁ। ଏହାର ଆୟୁ ପୂରିଯାଇଛି। ତା'ପରେ ଚିନ୍ତା କରି ଉଭୟ ସାଧୁ, ସେମାନଙ୍କ ଆୟୁରୁ ବାର ବାର ବର୍ଷ ଦେଇ କ୍ଷତ୍ରିୟକୁ ବଞ୍ଚାଇଦେଲେ। ତାତ୍ପର୍ଯ୍ୟ ଏହି ଯେ ରାଜାଙ୍କର ଆୟୁ ପୂରି ନ ଥିଲା, ସେଥିପାଇଁ ଜିନ ତାଙ୍କୁ ମାରି ପାରିଲା ନାହିଁ। କିନ୍ତୁ କ୍ଷତ୍ରିୟର ଆୟୁ ପୂରି ଯାଇଥିବାରୁ ଜିନ ତାକୁ ମାରି ଦେଇଥିଲା।

ପ୍ରଶ୍ନ—ଅପସ୍ମାର ରୋଗୀ ଓ ପ୍ରେତବାଧାଗ୍ରସ୍ତ ଲୋକମାନଙ୍କର ଲକ୍ଷଣ ପ୍ରାୟ ଏକା ପରି ଜଣାପଡ଼େ; ତେବେ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିବା କିପରି?

ଉତ୍ତର—ଅପସ୍ମାର ରୋଗୀ ମୂର୍ଚ୍ଛା ଯାଏ, କିନ୍ତୁ ପ୍ରେତବାଧାଗ୍ରସ୍ତ ଲୋକ ପ୍ରାୟ ମୂର୍ଚ୍ଛା ଯାଏ ନାହିଁ। ସେ କିଛି ନା କିଛି ବାଉଳି ହେଉଥାଏ। ଅପସ୍ମାର ରୋଗୀଠାରେ ଗୋଟିଏ ମାତ୍ର ଜୀବାତ୍ମା ଥାଏ, ଅଥଚ ପ୍ରେତବାଧାଗ୍ରସ୍ତ ବ୍ୟକ୍ତି ଦେହରେ ଜୀବାତ୍ମା ସହିତ ଗୋଟିଏ ପ୍ରେତାତ୍ମା ମଧ୍ୟ ରହିଥାଏ, ଯେ କି ସେହି ବ୍ୟକ୍ତିକୁ ଅନେକ ପ୍ରକାର କଷ୍ଟ ଦେଉଥାଏ ଓ ହଇରାଣ କରୁଥାଏ। ଅପସ୍ମାର ରୋଗୀ ତ ଔଷଧ ଖାଇଲେ ଭଲ ହୋଇଯାଏ, କିନ୍ତୁ ପ୍ରେତବାଧାଗ୍ରସ୍ତ ବ୍ୟକ୍ତି ଔଷଧରେ ଭଲ ହୁଏ ନାହିଁ।

ପ୍ରଶ୍ନ—ଭୂତପ୍ରେତବାଧା ଦୂର କରୁଥିବା ତାନ୍ତ୍ରିକମାନଙ୍କର ମୃତ୍ୟୁପରେ କି ଗତି ହୁଏ?

ଉତ୍ତର—ଭୂତପ୍ରେତବାଧା ଦୂର କରୁଥିବା ବ୍ୟକ୍ତିମାନେ ମଧ୍ୟ ମୃତ୍ୟୁପରେ ଭୂତପ୍ରେତ ହିଁ ହୋଇଥାନ୍ତି। ଏହାର ଅନେକ କାରଣ ଅଛି; ଯଥା—

(୧) ଭୂତପ୍ରେତ ଛଡ଼ାଉଥିବା ତାନ୍ତ୍ରିକମାନଙ୍କର ବିଦ୍ୟା ପ୍ରାୟ ଅପବିତ୍ର ହୋଇଥାଏ। ସେମାନଙ୍କର ଖାଦ୍ୟପେୟ ଓ ଚିନ୍ତନ ମଧ୍ୟ ଅପବିତ୍ର ହୋଇଥାଏ। ସେହି ଅପବିତ୍ରତା ହେତୁ ସେମାନଙ୍କର ଦୁର୍ଗତି ହୋଇଥାଏ ଅର୍ଥାତ୍ ମରିବାପରେ ସେମାନେ ଭୂତପ୍ରେତ ହୁଅନ୍ତି।

(୨) ଭୂତପ୍ରେତ ଯଦି କାହା ଶରୀରରେ ପ୍ରବେଶ କରନ୍ତି, ତେବେ ସେମାନଙ୍କୁ ସୁଖ ମିଳିଥାଏ, ଖାଇବା-ପିଇବାକୁ ଭଲ ଭଲ ଜିନିଷ ମିଳେ। ତେଣୁ ସେମାନେ ଯିବାକୁ ଚାହାନ୍ତି ନାହିଁ। କିନ୍ତୁ ତାନ୍ତ୍ରିକମାନେ ମନ୍ତ୍ର ଦ୍ୱାରା ସେମାନଙ୍କୁ ବଳପୂର୍ବକ ତଡ଼ି ଦିଅନ୍ତି ଏବଂ ମଦବୋତଲରେ ବନ୍ଦ କରି ମାଟିତଳେ ପୋତି ପକାନ୍ତି କିମ୍ବା କୌଣସି ବୃକ୍ଷରେ କିଳି ଦିଅନ୍ତି, ଯେଉଁଠି ସେମାନେ ଶହ ଶହ ବର୍ଷ ଭୋକଶୋଷରେ ରହି ବହୁତ କଷ୍ଟ ପାଆନ୍ତି। ସେମାନଙ୍କୁ ଏପରି କଷ୍ଟ ଦେବା ବଡ଼ ପାପ। କାରଣ କୌଣସି ଜୀବକୁ କଷ୍ଟ ଦେବା ହିଁ ପାପ। ସେହି ପାପ ହେତୁ ତାନ୍ତ୍ରିକମାନେ ମୃତ୍ୟୁପରେ ପ୍ରେତଯୋନିକୁ ଚାଲିଯାଆନ୍ତି।

(୩) ଭୂତପ୍ରେତ ଛଡ଼ାଉଥିବା ତାନ୍ତ୍ରିକମାନଙ୍କ ମନରେ ପ୍ରାୟ ଅନ୍ୟମାନଙ୍କ ପାଇଁ ହିତକାମନା ନ ଥାଏ। ସେମାନେ ଠକନ୍ତି ଓ ବ୍ଲାକ୍‌ମେଲ୍ ମଧ୍ୟ କରନ୍ତି। ଏହି କାରଣରୁ ମଧ୍ୟ ସେମାନଙ୍କୁ ମରିବାପରେ ଭୂତପ୍ରେତ ହେବାକୁ ପଡ଼େ।

ଯଦି ତାନ୍ତ୍ରିକମାନଙ୍କ ମନରେ ବିନା ସ୍ୱାର୍ଥରେ ସମସ୍ତଙ୍କର ହିତ ଓ ଉପକାର କରିବାର ଇଚ୍ଛା ଥାଏ ଅର୍ଥାତ୍ ଯେଉଁ ଲୋକକୁ ଭୂତପ୍ରେତ ଲାଗିଥାଆନ୍ତି, ତାକୁ ସୁଖ ଦେବା ପାଇଁ ଏବଂ ଭୂତପ୍ରେତଙ୍କୁ ବିତାଡ଼ିତ କରି ତାଙ୍କର (ଗୟାଶ୍ରାଦ୍ଧ ଇତ୍ୟାଦି ଦ୍ୱାରା) ସଦ୍‌ଗତି କରାଇବା ପାଇଁ ଯଦି ସେମାନେ ଇଚ୍ଛା ଓ ଚେଷ୍ଟା କରୁଥାନ୍ତି, ତେବେ ସେମାନେ ଭୂତପ୍ରେତ ହୋଇ ନ ପାରନ୍ତି। ଯେଉଁମାନଙ୍କ ମନରେ ସମସ୍ତଙ୍କର ମଙ୍ଗଳ କାମନା ଥାଏ, ତାଙ୍କର କଦାପି ଦୁର୍ଗତି ହୁଏ ନାହିଁ। ଭଗବାନ କହିଛନ୍ତି—ଯେଉଁମାନେ ସମସ୍ତ ପ୍ରାଣୀଙ୍କ ହିତରେ ରତ,

ସେମାନେ ମୋତେ ପ୍ରାପ୍ତ ହୁଅନ୍ତି—'ତେ **ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ**'(୧୨।୪)।

ପ୍ରଶ୍ନ—ଭୂତପ୍ରେତଙ୍କୁ ବୋତଲରେ ବନ୍ଦ କରି ରଖିବା ଓ କୀଳିତ କରିବାରେ ସେହି ଭୂତପ୍ରେତଙ୍କ ନିଜ ନିଜର କର୍ମ ଦାୟୀ, ନା ଯେଉଁମାନେ ବନ୍ଦ କରନ୍ତି ସେମାନେ ଦାୟୀ?

ଉତ୍ତର—ମୁଖ୍ୟଭାବରେ ସେମାନଙ୍କର କର୍ମ ହିଁ ଦାୟୀ। ସେମାନଙ୍କର ଏମିତି କିଛି ପାପ କର୍ମ ଥାଏ, ଯଦ୍ଦ୍ୱାରା ସେମାନେ ଧରାପଡ଼ି ଯାଆନ୍ତି। ଯଦି ସେମାନଙ୍କର ସେପରି କିଛି ପାପ କର୍ମ ନ ଥାନ୍ତା, ତେବେ ସେମାନେ କାହାରି ଦ୍ୱାରା ଧରା ପଡ଼ନ୍ତେ ନାହିଁ। କିନ୍ତୁ ଯେଉଁମାନେ ସେମାନଙ୍କୁ କୀଳିତ ଇତ୍ୟାଦି କରିବାରେ ନିମିତ୍ତ ହୋଇଥାନ୍ତି, ସେମାନେ ବହୁତ ବଡ଼ ପାପ କରନ୍ତି। ଅତଏବ ମନୁଷ୍ୟ ଭୂତପ୍ରେତମାନଙ୍କର ବନ୍ଧନ, କୀଳନ ଇତ୍ୟାଦିରେ ନିମିତ୍ତ ହୋଇ ପାପର ଭାଗୀ ହେବା ଠିକ୍ ନୁହେଁ। ହଁ, ସେମାନଙ୍କର ଉଦ୍ଧାର ପାଇଁ ସେମାନଙ୍କ ନାମରେ ଭାଗବତସପ୍ତାହ, ଗୟାଶ୍ରାଦ୍ଧ, ଭଗବନ୍ନାମ-ଜପ ଇତ୍ୟାଦି କରିବା ଉଚିତ ଅଥବା ସେହି ଭୂତପ୍ରେତ ନିଜର ମୁକ୍ତି ନିମନ୍ତେ ଯାହା ଉପାୟ କହନ୍ତି, ତାହା କରିବା ଉଚିତ। ଯିଏ ଏହି ପ୍ରକାରର ପ୍ରେତାତ୍ମାମାନଙ୍କର ସଦ୍‌ଗତି କରେ ବା କରାଏ, ତା'ର ବହୁତ ପୁଣ୍ୟ ହୁଏ ଏବଂ ସେହି ଦୁଃଖୀ ପ୍ରେତାତ୍ମାମାନେ ମଧ୍ୟ ପ୍ରେତଯୋନିରୁ ମୁକ୍ତ ହୋଇ ତାକୁ ଆଶୀର୍ବାଦ ଦିଅନ୍ତି।

ପ୍ରଶ୍ନ—ଭୂତପ୍ରେତମାନଙ୍କୁ କୀଳିତ କରୁଥିବା ତାନ୍ତ୍ରିକ ତ ପ୍ରେତାତ୍ମାମାନଙ୍କର କର୍ମର ଫଳ ଭୋଗ କରାଇବାରେ ସହାୟକ ହୁଅନ୍ତି, ତେବେ ସେମାନଙ୍କୁ ପାପ ଲାଗେ କାହିଁକି?

ଉତ୍ତର—ସେମାନେ ଯେଉଁ ଭୂତପ୍ରେତଙ୍କୁ କୀଳିତ କରି ଦିଅନ୍ତି, ମାଟି ଭିତରେ ପୋତି ପକାନ୍ତି, ସେହି ଭୂତପ୍ରେତମାନଙ୍କ ପାଇଁ ତ ଏହା କର୍ମଫଳର ଭୋଗ, କିନ୍ତୁ ସେମାନଙ୍କୁ କୀଳିତ କରିଥିବା ଲୋକମାନଙ୍କ ପାଇଁ ଏହା ନୂତନ ପାପକର୍ମ, ଯାହାର ଦଣ୍ଡ ସେମାନଙ୍କୁ ପରେ ମିଳିବ। ଉଦାହରଣସ୍ୱରୂପ—ଯଦି କେହି ପଶୁକୁ ହତ୍ୟା କରେ, ତେବେ ସେହି ପଶୁ ତ ନିଜର ମୃତ୍ୟୁ ଆସିବା ହେତୁ ମରିଥାଏ। ତା'ର ମୃତ୍ୟୁ ସମୟ ନ ଆସିବାଯାଏ ତାକୁ କେହି ମାରି ପାରିବ ନାହିଁ, କିନ୍ତୁ ତାକୁ ମାରିଥିବା ଲୋକ ନୂତନ ପାପକର୍ମ କରେ। କାରଣ ସେ ଲୋଭ, କାମନା, ସ୍ୱାର୍ଥ ଆଦି କାରଣରୁ ହିଁ ତାକୁ ମାରେ। ଯଦି କାମନା ଆଦି ହେତୁ କରାଯାଇଥିବା ଶୁଭକର୍ମ ମଧ୍ୟ ବନ୍ଧନର କାରଣ ହୋଇଥାଏ, ତେବେ ଯିଏ କାମନା ଆଦି ଯୋଗୁଁ ଅଶୁଭକର୍ମ କରେ, ସେ ତ ପାପ ଯୋଗୁଁ ନିଶ୍ଚିତ ବନ୍ଧନରେ ପଡ଼ିବ।

ତାତ୍ପର୍ଯ୍ୟ ଏହି ଯେ କାହାରିକୁ କଷ୍ଟ ଦେବା, ହଇରାଣ କରିବା, ମାରିବା ଇତ୍ୟାଦି ମନୁଷ୍ୟର କର୍ତ୍ତବ୍ୟ ନୁହେଁ, ବରଂ ତାହା ଅକର୍ତ୍ତବ୍ୟ। ଅକର୍ତ୍ତବ୍ୟରେ ମନୁଷ୍ୟ କାମନା ହେତୁ ହିଁ ପ୍ରବୃତ୍ତ ହୁଏ (୩।୩୭)। ଅତଏବ କାମନା, ସ୍ୱାର୍ଥ ଇତ୍ୟାଦିକୁ ତ୍ୟାଗ କରି ସମସ୍ତଙ୍କ ହିତସାଧନ ପାଇଁ ମନୁଷ୍ୟ ଉଦ୍ୟମ କରିବା ଉଚିତ।

ପ୍ରଶ୍ନ—ଯେଉଁ ଭୂତପ୍ରେତମାନଙ୍କୁ ବୋତଲରେ ବନ୍ଦ କରିଦିଆଗଲା, କୀଳିତ କରାଗଲା, ସେମାନେ ସେଠାରେ କେତେ ସମୟ ଆବଦ୍ଧ ହୋଇ ରହନ୍ତି?

ଉତ୍ତର—ମନ୍ତ୍ରଶକ୍ତିର ମଧ୍ୟ ଏକ ସମୟସୀମା ରହିଛି। ସମୟସୀମା ଅତିକ୍ରମ କରିଯିବା ପରେ ଯେତେବେଳେ ମନ୍ତ୍ରଗୁଡ଼ିକର ଶକ୍ତି ସମାପ୍ତ ହୋଇଯାଏ ଅଥବା ପ୍ରେତଯୋନିର ଅବଧି ପୂର୍ଣ୍ଣ ହୋଇଯାଏ, ସେତେବେଳେ ସେହି ଭୂତପ୍ରେତ ସେଠାରୁ ଚାଲିଯାଆନ୍ତି। ସେମାନଙ୍କର ବନ୍ଧନର ଅବଧି ବାକି ଥିବା ଅବସ୍ଥାରେ ଯଦି କେହି ଅଜାଣତରେ ସେମାନଙ୍କର କୀଳନ ଖୋଲିଦିଏ, ମାଟି ଖୋଳିବା ବେଳେ ଅଥବା ଗଛ ପଡ଼ି ଯଦି ବୋତଲ ଭାଙ୍ଗିଯାଏ, ତେବେ ସେହି ଭୂତପ୍ରେତ ସେଠାରୁ ବାହାରି ଚାଲିଯାଆନ୍ତି ଏବଂ ନିଜ ସ୍ୱଭାବ ଅନୁସାରେ ପୁଣି ଅନ୍ୟ ଲୋକମାନଙ୍କୁ କଷ୍ଟ ଦେବାରେ ଲାଗିପଡ଼ନ୍ତି।

ପ୍ରଶ୍ନ—ଯଦି କେହି ଗଛରେ ବାଡ଼ା ହୋଇଥିବା କୀଳକକୁ ଉପାଡ଼ି ଦିଏ, ଭୂଇଁରେ ପୋତା ହୋଇଥିବା ବୋତଲକୁ ଭାଙ୍ଗିଦିଏ, ତେବେ ସେଥିରେ ବନ୍ଧା ହୋଇଥିବା ଭୂତପ୍ରେତ ତାକୁ ଧରିବେ ନାହିଁ ତ?

ଉତ୍ତର—ସେଠାରୁ ମୁକ୍ତ ହେବା ପରେ ଭୂତପ୍ରେତ ତାକୁ ଧରି ପାରନ୍ତି, ଏଣୁ ସମସ୍ତେ ସେପରି କାମ କରିବା ଅନୁଚିତ। ଯେଉଁମାନେ ଭଗବଦ୍‌ପରାୟଣ, ଭଗବାନଙ୍କର ବା ହନୁମାନଙ୍କର ଆଶ୍ରିତ, ସେମାନେ ଯଦି ଭୂତପ୍ରେତମାନଙ୍କୁ ସେଠାରୁ ମୁକ୍ତ କରି ଦିଅନ୍ତି, ତେବେ ଭୂତପ୍ରେତମାନେ ସେମାନଙ୍କର କିଛି କ୍ଷତି କରି ପାରନ୍ତି ନାହିଁ, ବରଂ ସେମାନଙ୍କର ଦର୍ଶନ ପାଇ ସେହି ଭୂତପ୍ରେତଙ୍କର ଉଦ୍ଧାର ହୋଇଯାଏ। ସନ୍ତମହାପୁରୁଷମାନେ ଅନେକ ଭୂତପ୍ରେତଙ୍କର ଉଦ୍ଧାର କରିଛନ୍ତି।

ପ୍ରଶ୍ନ—କେତେକ ତାନ୍ତ୍ରିକ ଭୂତପ୍ରେତମାନଙ୍କୁ ଅଧୀନ କରି ସେମାନଙ୍କ ଦ୍ୱାରା ନିଜର ଘରକାମ ଓ ବିଲବାଡ଼ିର

କାମ କରାନ୍ତି। ଏଭଳି କରବା ଉଚିତ କି ଅନୁଚିତ?

ଉତ୍ତର—କୌଣସି ଜୀବକୁ ପରବଶ କରିବା ମନୁଷ୍ୟ ପକ୍ଷେ ଉଚିତ ନୁହେଁ। ହଁ, ଯେପରି କାହାକୁ ମଜୁରି ଦେଇ ତା'ଠାରୁ କାମ ଆଦାୟ କରାଯାଏ, ସେହିପରି ଭୂତପ୍ରେତମାନଙ୍କୁ ଖାଇବାକୁ ଦେଇ, ଖୁସି କରାଇ ସେମାନଙ୍କ ଦ୍ୱାରା କାମ କରାଇବାରେ କିଛି ଦୋଷ ନାହିଁ। କିନ୍ତୁ ପାରମାର୍ଥିକ ସାଧନାରେ ଲାଗିଥିବା ସାଧକ ପକ୍ଷେ ଏପରି କରିବା ଉଚିତ ନୁହେଁ। ଯେଉଁମାନେ ସଂସାର ଭିତରେ ମଜ୍ଜି ରହିବାକୁ ଇଚ୍ଛା କରନ୍ତି, ସେହିମାନଙ୍କ ଦ୍ୱାରା ହିଁ ଏପରି କାମ ହେବା ସମ୍ଭବ।

ପ୍ରଶ୍ନ—ଭୂତପ୍ରେତମାନଙ୍କୁ ଆହାର ମିଳେ କେମିତି? ସେମାନେ କେମିତି ତୃପ୍ତ ହୁଅନ୍ତି?

ଉତ୍ତର—ଭୂତପ୍ରେତମାନଙ୍କ ଶରୀର ବାୟୁପ୍ରଧାନ ହୋଇଥାଏ, ତେଣୁ ଅତର ଆଦି ସୁଗନ୍ଧ ଦ୍ରବ୍ୟକୁ ଶୁଙ୍ଘିବା ଦ୍ୱାରା ସେମାନଙ୍କୁ ଆହାର ମିଳେ ଏବଂ ସେମାନେ ଖୁସି ହୁଅନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ କୌଣସି ବ୍ରାହ୍ମଣଙ୍କୁ କିମ୍ବା ନିଜର ଭଉଣୀ, ଝିଅ, ଭାଣିଜୀ ପ୍ରଭୃତିଙ୍କୁ ଭଲ ଭଲ ମିଠା ଜିନିଷ ଖୁଆଇଲେ ସେମାନଙ୍କୁ ଆହାର ମିଳିଥାଏ।

ଦଶ-ବାର ବର୍ଷର ଗୋଟିଏ ବାଳକ ପାଣିରେ ବୁଡ଼ିଯାଇ ମରିଗଲା ଏବଂ ପରେ ପ୍ରେତ ହେଲା। ସେ ତା' ଭଉଣୀ ଦେହରେ ପ୍ରବିଷ୍ଟ ହୋଇ ନିଜର ଦୁଃଖ କଥା କହେ। ଦିନେ ତା' ଭଉଣୀଠାରେ ପ୍ରବିଷ୍ଟ ହୋଇ କହିଲା, ମୁଁ ଭାରି ଭୋକିଲା। ତା'ପରେ ଘରଲୋକେ ତା' ନାମରେ ଜଣେ ବ୍ରାହ୍ମଣଙ୍କୁ ଭୋଜନ କରାଇଦେଲେ। ଯେତେବେଳେ ବ୍ରାହ୍ମଣ ଜଣକ ଭୋଜନ କଲେ, ସେତେବେଳେ ଅଲଗା କୋଠରୀରେ ବସିଥିବା ଭଉଣୀର ପାଟି ମଧ୍ୟ ଭୋଜନ କଲା ପରି ହଲିବାକୁ ଲାଗିଲା। ବ୍ରାହ୍ମଣ ଭୋଜନ କରି ସାରିବା ପରେ ପ୍ରେତ ଭଉଣୀ ତୁଣ୍ଡରେ ତୃପ୍ତ ହେବା କଥା ସ୍ୱୀକାର କଲା। ଅତଏବ ପ୍ରେତାତ୍ମା ନାଆଁରେ ଶୁଦ୍ଧ ଓ ସଦାଚାରୀ ବ୍ରାହ୍ମଣଙ୍କୁ ଭୋଜନ କରାଇଲେ ସେହି ଭୋଜନ ପ୍ରେତକୁ ମିଳିଥାଏ।

ପାଖରେ ଜଳାଶୟ ଅଛି, ନଦୀ ବହିଯାଉଛି, ତଥାପି ସେହି ଜଳକୁ ତୃଷିତ ପ୍ରେତମାନେ କେବଳ ଦେଖନ୍ତି, ପାନ କରିପାରନ୍ତି ନାହିଁ। ସ୍ନାନସାରି ପ୍ରେତର ନାଆଁରେ ଅଥବା 'ଅଜ୍ଞାତ ନାମର ପ୍ରେତାତ୍ମାମାନଙ୍କୁ ଜଳ ମିଳୁ'—ଏଇ ଭାବନାରେ ଓଦା ଧୋତିକୁ କୌଣସି ସ୍ଥାନରେ ଚିପୁଡ଼ି ଦେଲେ ପ୍ରେତମାନେ ସେହି ପାଣିକୁ ପିଇଯାଆନ୍ତି। ପାଣିସାରିବା ପରେ ଅବଶିଷ୍ଟ ପାଣିକୁ କଣ୍ଟା ଗଛ କିମ୍ବା ଅରଖ ବୁଦାରେ ଢାଳି ଦେଲେ ମଧ୍ୟ ସେହି ପାଣିକୁ ପ୍ରେତମାନେ ପିଇ ତୃପ୍ତ ହୁଅନ୍ତି। ଗୋସ୍ୱାମୀ ତୁଳସୀଦାସ ପାଣିସାରିବା ପରେ ଅବଶିଷ୍ଟ ଜଳକୁ ଗୋଟିଏ କଣ୍ଟାଗଛ ଉପରେ ଢାଳି ଦେଉଥିଲେ। ସେହି ଗଛରେ ଗୋଟିଏ ପ୍ରେତ ରହୁଥିଲା, ଯେ କି ସେହି ଅଶୁଦ୍ଧ ଜଳକୁ ପିଇଯାଉଥିଲା। ଦିନେ ସେହି ପ୍ରେତ ତୁଳସୀଦାସଙ୍କ ଆଗରେ ପ୍ରକଟ ହୋଇ କହିଲା—ମୁଁ ଖୁବ୍ ତୃଷିତ ଥିଲି, ଏବେ ତୁମେ ଦେଇଥିବା ଜଳ ପିଇ ତୃପ୍ତ ହେଲି। ତୁମେ ମୋ'ଠାରୁ ଯାହା ଇଚ୍ଛା ମାଗିନିଅ। ତୁଳସୀଦାସଙ୍କର ଭଗବଦ୍ଦର୍ଶନ ପାଇଁ ତୀବ୍ର ଇଚ୍ଛା ଥିଲା, ତେଣୁ ସେ କହିଲେ—ମୋତେ ଭଗବାନ ରାମଙ୍କ ଦର୍ଶନ କରାଇଦିଅ। ପ୍ରେତ କହିଲା—ମୁଁ ତ ଦର୍ଶନ କରାଇ ପାରିବି ନାହିଁ, କିନ୍ତୁ ଦର୍ଶନର ଉପାୟ କହିଦେଇ ପାରିବି। ତୁଳସୀଦାସ କହିଲେ—ତେବେ ସେହି ଉପାୟଟି କହିଦିଅ। ସେ କହିଲା—ଅମୁକ ସ୍ଥାନରେ ରାମାୟଣକଥା ଚାଲିଛି। ସେଠାକୁ କଥା ଶୁଣିବାକୁ ହନୁମାନ ଆସୁଛନ୍ତି, ତୁମେ ଯାଇ ତାଙ୍କର ପାଦ ଧର, ସେ ତୁମକୁ ଭଗବାନଙ୍କ ଦର୍ଶନ କରାଇ ଦେବେ। ତୁଳସୀଦାସ କହିଲେ—ସେଠାକୁ ତ ବହୁତ ଲୋକ ଆସୁଥିବେ, ସେମାନଙ୍କ ଭିତରେ ମୁଁ ହନୁମାନଙ୍କୁ ଚିହ୍ନିବି କିପରି? ପ୍ରେତ କହିଲା—ହନୁମାନ କୁଷ୍ଠରୋଗୀର ବେଶ ଧରି ଓ ମଇଳା କପଡ଼ା ପିନ୍ଧି ଆସୁଛନ୍ତି ଏବଂ କଥା ସରିବା ପରେ ସମସ୍ତେ ଚାଲିଗଲା ପରେ ଯାଉଛନ୍ତି। ତୁଳସୀଦାସ ସେହିପରି କରିବାରୁ ତାଙ୍କୁ ହନୁମାନଙ୍କର ଦର୍ଶନ ମିଳିଗଲା ଏବଂ ହନୁମାନ ତାଙ୍କୁ ଭଗବାନ ରାମଙ୍କର ଦର୍ଶନ କରାଇଦେଲେ।

ତୁଲସୀ ନଫା ପିଛାନିୟେ, ଭଲା ବୁରା କ୍ୟା କାମ।
ପ୍ରେତସେ ହନୁମତ ମିଲେ, ହନୁମତ ସେ ଶ୍ରୀ ରାମ॥

[ଅର୍ଥ—ଭଲ ଓ ମନ୍ଦ କିଛି ନ ଭାବି ଉପକାର କେଉଁଥିରେ ହେବ ଦେଖିବା କଥା। ତୁଳସୀଦାସ ପ୍ରେତ ମାଧ୍ୟମରେ ହନୁମାନଙ୍କୁ ପାଇଲେ ଓ ହନୁମାନଙ୍କ ସାହାଯ୍ୟରେ ଶ୍ରୀରାମଙ୍କୁ ଦର୍ଶନ କଲେ।]

ପ୍ରେତମାନଙ୍କ ନାଆଁରେ ପିଣ୍ଡ-ପାଣି ଦେଲେ, ବ୍ରାହ୍ମଣଙ୍କୁ ଛତା ଇତ୍ୟାଦି ଦେଲେ, ସେହି ଜିନିଷ ପ୍ରେତମାନଙ୍କୁ ମିଳିଥାଏ। କିନ୍ତୁ ଯାହା ନାଆଁରେ ଛତା ଇତ୍ୟାଦି ଦିଆଯାଏ, ତା'ର ସାଥୀ ପ୍ରେତମାନେ ବଳବାନ୍ ହୋଇଥିଲେ ସେମାନେ ମଝିରୁ ସେହି ଜିନିଷକୁ ଛଡ଼ାଇ ନେଇଯାଆନ୍ତି, ଉକ୍ତ ପ୍ରେତକୁ ଜିନିଷ ଦିଅନ୍ତି ନାହିଁ। ଅତଏବ ଖୁବ୍ ସାବଧାନ ହୋଇ ତାହାରି ନାଆଁରେ ହିଁ ତା' ନିମିତ୍ତ ପିଣ୍ଡ-ପାଣି ଇତ୍ୟାଦି ଦିଆଗଲେ, ସେହି

ଜିନିଷ ପ୍ରେତକୁ ମିଳିଥାଏ ।

ପ୍ରଶ୍ନ—ପ୍ରେତବାଧା ଦୂର କରିବାର ଉପାୟ କ'ଣ?

ଉତ୍ତର—ପ୍ରେତବାଧା ଦୂର କରିବା ପାଇଁ ଅନେକ ଉପାୟ ଅଛି । ଯଥା—

(୧) ଶୁଦ୍ଧପୂତ ହୋଇ ଆଗରେ ଧୂପ ଜଳାଇ ପବିତ୍ର ଆସନରେ ବସି ହାତରେ ପାଣିଲୋଟା ଧରି 'ନାରାୟଣ କବଚ' (ଶ୍ରୀମଦ୍‌ଭାଗବତ ୬ଷ୍ଠ ସ୍କନ୍ଧ ୮ମ ଅଧ୍ୟାୟ) ସଂପୂର୍ଣ୍ଣ ପାଠ କରିସାରି ପାଣିଲୋଟାକୁ ଫୁଙ୍କି ଦିଅନ୍ତୁ । ଏମିତି ଅତିକମ୍‌ରେ ଏକୋଇଶ ଥର ପାଠ କରନ୍ତୁ ଏବଂ ପ୍ରତ୍ୟେକ ପାଠ ସରିବା ପରେ ପାଣିଲୋଟାକୁ ଫୁଙ୍କି ଦିଅନ୍ତୁ । ତା'ପରେ ସେହି ପାଣିକୁ ପ୍ରେତବାଧାଗ୍ରସ୍ତ ଲୋକକୁ ପିଆଇ ଦିଅନ୍ତୁ ଏବଂ କିଛି ପାଣି ତା' ଦେହରେ ଛିଞ୍ଚି ଦିଅନ୍ତୁ ।

(୨) ଗୀତାପ୍ରେସ୍ ଦ୍ୱାରା ପ୍ରକାଶିତ 'ରାମରକ୍ଷାସ୍ତୋତ୍ର'କୁ ସେଥିରେ ଉଲ୍ଲିଖିତ ବିଧି ଅନୁଯାୟୀ ସିଦ୍ଧ କରି ନିଅନ୍ତୁ । ତା'ପରେ ସେହି ସ୍ତୋତ୍ର ପାଠ କରି କରି ପ୍ରେତବାଧାପ୍ରାପ୍ତ ବ୍ୟକ୍ତିକୁ ମୟୂରଚନ୍ଦ୍ରିକା ଦ୍ୱାରା ଝାଡ଼ି ଦିଅନ୍ତୁ ।

(୩) ଶୁଦ୍ଧ ଓ ପବିତ୍ର ହୋଇ 'ହନୁମାନଚାଳିଶା'କୁ ସାତଥର, ଏକୋଇଶଥର, କିମ୍ବା ଶହେଆଠଥର ପାଠ କରି ଜଳକୁ ଅଭିମନ୍ତ୍ରିତ କରନ୍ତୁ । ତା'ପରେ ସେହି ଜଳକୁ ପ୍ରେତବାଧାଗ୍ରସ୍ତ ବ୍ୟକ୍ତିକୁ ପିଆଇ ଦିଅନ୍ତୁ ।

(୪) ଗୀତାର **'ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା......'** (୧୧ । ୩୬)—ଏହି ଶ୍ଳୋକର ଶହେ-ଆଠଥର ପାଠ ଦ୍ୱାରା ଅଭିମନ୍ତ୍ରିତ ଜଳକୁ ଭୂତବାଧାଗ୍ରସ୍ତ ବ୍ୟକ୍ତିକୁ ପିଆଇ ଦିଅନ୍ତୁ ।

(୫) ପ୍ରେତବାଧାଗ୍ରସ୍ତ ବ୍ୟକ୍ତିକୁ ଭାଗବତ-ସପ୍ତାହ-ପାରାୟଣ ଶୁଣାଇବା ଉଚିତ ।

(୬) ପ୍ରେତଠାରୁ ତା'ର ନାମ ଇତ୍ୟାଦି ପଚାରି କୌଣସି ଶୁଚିମନ୍ତ ଓ ପବିତ୍ର ବ୍ରାହ୍ମଣ ଦ୍ୱାରା ସମ୍ପୂର୍ଣ୍ଣ ବିଧିବିଧାନ ସହିତ ଗୟାଶ୍ରାଦ୍ଧ କରାଇବା ଉଚିତ ।

(୭) ପ୍ରେତବାଧାଗ୍ରସ୍ତ ବ୍ୟକ୍ତି ପାଖରେ ଗୀତା, ରାମାୟଣ, ଭାଗବତ ରଖି ଦିଅନ୍ତୁ ଏବଂ ତାକୁ 'ବିଷ୍ଣୁସହସ୍ରନାମ' ପାଠ କରି ଶୁଣାନ୍ତୁ ।

(୮) ଯେଉଁ ସ୍ଥାନରେ ଶ୍ରଦ୍ଧାପୂର୍ବକ ସମ୍ପୂର୍ଣ୍ଣ ବିଧିବିଧାନ ସହିତ ଗାୟତ୍ରୀ ମନ୍ତ୍ରର ପୁରଶ୍ଚରଣ, ବେଦର ସସ୍ୱର ପାଠ ଓ ପୁରାଣଚର୍ଚ୍ଚା କରାଯାଇଛି, ସେଠାକୁ ପ୍ରେତବାଧାଗ୍ରସ୍ତ ବ୍ୟକ୍ତିକୁ ନେଇଯିବା ଉଚିତ । ସେଠାରେ ପହଞ୍ଚିବା ମାତ୍ରେ ପ୍ରେତ ଶରୀରରୁ ବାହାରକୁ ଚାଲିଯାଏ । କାରଣ ଭୂତପ୍ରେତ ପବିତ୍ର ସ୍ଥାନକୁ ଯାଇ ପାରନ୍ତି ନାହିଁ । ପ୍ରେତବାଧାଗ୍ରସ୍ତ ବ୍ୟକ୍ତି ସେଠାରେ କିଛି ଦିନ ରହି ଭଗବାନଙ୍କର ନାମଜପ, ହନୁମାନଚାଳିଶା ପାଠ, ସୁନ୍ଦରକାଣ୍ଡ ପାଠ ଇତ୍ୟାଦି କରିବା ଦରକାର, ଯାହା ଫଳରେ ସେହି ପ୍ରେତ ପୁନଃ ପ୍ରବିଷ୍ଟ ହୋଇ ନ ପାରିବ । ଏମିତି ନ କଲେ ସେହି ପ୍ରେତ ବାହାରେ ବୁଲୁଥିବ ଏବଂ ସେ ଲୋକ ବାହାରକୁ ଆସିବାମାତ୍ରେ ପୁଣି ତାକୁ ଧରିବ ।

(୯) ଷୋହଳ କୋଷ୍ଠକଯୁକ୍ତ 'ଚଉତିଶା ଯନ୍ତ୍ର'କୁ ସିଦ୍ଧ କରିନିଅନ୍ତୁ* । ତା'ପରେ ମଙ୍ଗଳବାର କିମ୍ବା

* ଚଉତିଶା ଯନ୍ତ୍ର ଏବଂ ତାକୁ ଲେଖିବା ତଥା ସିଦ୍ଧ କରିବାର ପ୍ରଣାଳୀ ନିମ୍ନରେ ଦିଆଗଲା–

୯	୧୬	୫	୪
୭	୨	୧୧	୧୪
୧୨	୧୩	୮	୧
୬	୩	୧୦	୧୫

ଏହି ଯନ୍ତ୍ରକୁ ଧଳା କାଗଜ ବା ଭୂର୍ଜପତ୍ର ଉପରେ ଡାଳିମ୍ବ କାଠନିର୍ମିତ କଲମରେ ଅଷ୍ଟଗନ୍ଧ (ଶ୍ୱେତଚନ୍ଦନ, ରକ୍ତଚନ୍ଦନ, କେଶର, କୁଙ୍କୁମ, କର୍ପୂର, କସ୍ତୁରୀ, ଅଗରୁ ଏବଂ ତଗର) ଦ୍ୱାରା ଲେଖିବା ଉଚିତ । ଏହି ଯନ୍ତ୍ରରେ ୧ ଠାରୁ ୧୬ ପର୍ଯ୍ୟନ୍ତ ଅଙ୍କ ରହିଛି, କୌଣସି ଅଙ୍କ ଛଡ଼ାଯାଇ ନାହିଁ କିମ୍ବା କୌଣସି ଅଙ୍କ ଦୁଇଥର ବ୍ୟବହୃତ ହୋଇ ନାହିଁ । ଯନ୍ତ୍ର ଲେଖିବା ବେଳେ ମଧ୍ୟ କ୍ରମ ଅନୁସାରେ ଅଙ୍କ ଲେଖିବା ଉଚିତ; ଯଥା—ପ୍ରଥମେ ୧, ତାହାପରେ ୨, ତାହାପରେ ୩ ଇତ୍ୟାଦି ।

ଏହି ଚଉତିଶା ଯନ୍ତ୍ରକୁ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ ବା ଦୀପାବଳି ରାତିରେ ୧୦୮ ଥର ଲେଖିଲେ ଏହା ସିଦ୍ଧ ହୁଏ । ଶୀଘ୍ର ସିଦ୍ଧ କରିବାକୁ ଇଚ୍ଛା କଲେ ଶନିବାର ଦିନ ଧୋବାଘାଟରେ ବସି ଉପରୋକ୍ତ ବିଧିରେ ଗୋଟିଏ ଗୋଟିଏ ଯନ୍ତ୍ର ଲେଖି ଧୋବାର ପାଣିକୁଣ୍ଡରେ ବୁଡ଼ାଇ ଦିଅନ୍ତୁ । ଏପରି ଶହେଆଠଟି ଯନ୍ତ୍ର କୁଣ୍ଡରେ ପକାଇବା ପରେ ସେସବୁକୁ କୁଣ୍ଡରୁ ବାହାର କରି ଜଳ ସ୍ରୋତରେ ଭସାଇ ଦିଅନ୍ତୁ । ଏପରି କଲେ ଯନ୍ତ୍ର ସିଦ୍ଧ ହୁଏ । ଯନ୍ତ୍ରକୁ ସିଦ୍ଧ କରିବା ପରେ ମଧ୍ୟ ପ୍ରତ୍ୟେକ ଗ୍ରହଣ ସମୟରେ ଓ ଦୀପାବଳି ବା ହୋଲି ରାତିରେ ଏହି ଯନ୍ତ୍ର ଶହେଆଠ କିମ୍ବା ଚଉତିରିଶ ଥର ଲେଖି ନଦୀରେ ଭସାଇ ଦେବା ଉଚିତ । (ଏହି ଯନ୍ତ୍ରକୁ 'ଚଉତିଶା ଯନ୍ତ୍ର' କହିବାର କାରଣ ଏହାକୁ ୬୪ ପ୍ରକାରରେ ଗଣିଲେ ମୋଟ ସଂଖ୍ୟା ୩୪ ହୁଏ । ଏଠାରେ ଚଉତିଶା ଯନ୍ତ୍ରର ଗୋଟିଏ ପ୍ରକାର ଉଲ୍ଲେଖ କରାଗଲା । ଏହାକୁ ୩୮୪ ପ୍ରକାରରେ ତିଆରି କରାଯାଇ ପାରେ ।)

ଶନିବାର ଦିନ ନଡ଼ିଆ, ଘିଅ, ଯବ, ତିଳ ଓ ସୁଗନ୍ଧିତ ଦ୍ରବ୍ୟର ୧୦୮ ଆହୁତି ଦିଅନ୍ତୁ। ପ୍ରତ୍ୟେକ ଥର **'ସ୍ଥାନେ ହୃଷୀକେଶ.....'**(୧୧।୩୬) ଶ୍ଳୋକ ପାଠ କରି ଆହୁତି ଦିଅନ୍ତୁ ଏବଂ ପ୍ରତ୍ୟେକ ଆହୁତି ପରେ ଚଉତିଶା ଯନ୍ତ୍ରକୁ ଅଗ୍ନି ଉପରେ ବୁଲାନ୍ତୁ। ତା'ପରେ ସେହି ଯନ୍ତ୍ରକୁ ତାବିଜରେ ପୁରାଇ ପ୍ରେତବାଧାଗ୍ରସ୍ତ ବ୍ୟକ୍ତିର ଗଳାରେ ଲାଲ ବା କଳା ସୂତା ଦ୍ୱାରା ବାନ୍ଧିଦିଅନ୍ତୁ।

—ଶ୍ରଦ୍ଧାବିଶ୍ୱାସପୂର୍ବକ ଉପରୋକ୍ତ ଯେକୌଣସି ଗୋଟିଏ ଉପାୟ ଅବଲମ୍ବନ କଲେ ପ୍ରେତବାଧା ଦୂର ହୋଇପାରେ। ଏହି କାର୍ଯ୍ୟ(ଅନୁଷ୍ଠାନ)ରେ ପ୍ରାରବ୍ଧର ବଳାବଳର ମଧ୍ୟ ପ୍ରଭାବ ପଡ଼େ। ଯଦି ପ୍ରାରବ୍ଧ ଅପେକ୍ଷା ଅନୁଷ୍ଠାନର ବଳ ଅଧିକ ହୁଏ, ତେବେ ପୂରାପୂରି ଲାଭ ମଳିଥାଏ ଅର୍ଥାତ୍ କାର୍ଯ୍ୟସିଦ୍ଧି ହୋଇଥାଏ। କିନ୍ତୁ ଯଦି ଅନୁଷ୍ଠାନ ଅପେକ୍ଷା ପ୍ରାରବ୍ଧର ବଳ ବେଶୀ ହୁଏ, ତେବେ ଅଳ୍ପ ଲାଭ ମିଳିଥାଏ, ପୂର୍ଣ୍ଣ ଲାଭ ମିଳେ ନାହିଁ।

ପ୍ରଶ୍ନ—ବ୍ରହ୍ମରାକ୍ଷସ(ଜିନ୍)ଠାରୁ ମୁକ୍ତି ପାଇବାର ଉପାୟ କ'ଣ?

ଉତ୍ତର—(କ) ଯେଉଁମାନେ ଭଗବାନଙ୍କ ଭଜନରେ ତତ୍ପରତାର ସହିତ ମନୋନିବେଶ କରିଛନ୍ତି, ସାଧନାରେ ଯେଉଁମାନଙ୍କର ସ୍ଥିତି ଉତ୍ତମ, ଯେଉଁମାନଙ୍କର ଭଜନ-ସ୍ମରଣର ସାମର୍ଥ୍ୟ ଅଛି, ସେହି ସାଧକମାନଙ୍କ ସଂସ୍ପର୍ଶରେ ଆସିଲେ ବ୍ରହ୍ମରାକ୍ଷସମାନେ ପଳାଇ ଯାଆନ୍ତି। କାରଣ ଭଗବଦ୍‌ଶକ୍ତି ସମ୍ମୁଖରେ ସେମାନଙ୍କର ଶକ୍ତି କାମ କରେ ନାହିଁ।

(ଖ) ଯଦି ବ୍ରହ୍ମରାକ୍ଷସଗ୍ରସ୍ତ ବ୍ୟକ୍ତି କୌଣସି ମହାପୁରୁଷଙ୍କର ସାନ୍ନିଧ୍ୟ ଲାଭ କରେ, ତେବେ ସେହି ବ୍ୟକ୍ତି ବ୍ରହ୍ମରାକ୍ଷସଠାରୁ ମୁକୁଳିଯାଏ ଏବଂ ସେହି ବ୍ରହ୍ମରାକ୍ଷସର ମଧ୍ୟ ଉଦ୍ଧାର ହୋଇଯାଏ।

(ଗ) ଯଦି ବ୍ରହ୍ମରାକ୍ଷସ ଗୟାଶ୍ରାଦ୍ଧ କରାଇବାକୁ ଇଚ୍ଛା କରୁଥାଏ, ତେବେ ତା' ନାଆଁରେ ଗୟାଶ୍ରାଦ୍ଧ କରାଇଦେବା ଉଚିତ। ଏହାଦ୍ୱାରା ତାହାର ସଦ୍‌ଗତି ହେବ।

ପ୍ରଶ୍ନ—ଭୂତପ୍ରେତମାନେ କେଉଁ ଲୋକମାନଙ୍କ ପାଖକୁ ଯାଆନ୍ତି ନାହିଁ?

ଉତ୍ତର—ଭୂତପ୍ରେତମାନଙ୍କ ସହିତ ଯେଉଁମାନଙ୍କର ପୂର୍ବଜନ୍ମର କିଛି ଦିଆନିଆ ସମ୍ବନ୍ଧ ଥାଏ କିଂବା ଯେଉଁମାନଙ୍କ ପ୍ରାରବ୍ଧର ଖରାପ ଫଳ ଭୋଗିବାର ସମୟ ଆସିଯାଇଛି ଅଥବା ଯେଉଁମାନେ ଭଗବାନଙ୍କ (ପାରମାର୍ଥିକ) ମାର୍ଗରେ ଲାଗି ନାହାନ୍ତି କିଂବା ଯେଉଁମାନଙ୍କର ଖାଦ୍ୟପେୟ ଅପବିତ୍ର ଏବଂ ଶୌଚସ୍ନାନ ଇତ୍ୟାଦିରେ ଶୁଦ୍ଧତା ନାହିଁ ଅଥବା ଆଚରଣ ଖରାପ, ସେମାନଙ୍କ ଉପରେ ଭୂତପ୍ରେତଙ୍କର ବଳ କାମ କରେ। ଯେଉଁମାନେ ଭଗବାନଙ୍କର ଶରଣାପନ୍ନ ତଥା ଭଗବନ୍ନାମର ଜପ ଓ କୀର୍ତ୍ତନ କରନ୍ତି, ଭଗବତ୍‌କଥା ଶୁଣନ୍ତି, ଖିଆପିଆ, ଶୌଚସ୍ନାନ ଆଦିରେ ଶୁଦ୍ଧତା ରଖନ୍ତି, ଯେଉଁମାନଙ୍କର ଆଚରଣ ପବିତ୍ର, ସେମାନଙ୍କ ନିକଟକୁ ଭୂତପ୍ରେତ ପ୍ରାୟ ଯାଇପାରନ୍ତି ନାହିଁ।

ଯେଉଁମାନେ ପ୍ରତିଦିନ ଶ୍ରଦ୍ଧାପୂର୍ବକ ଗୀତା, ଭାଗବତ, ରାମାୟଣ ଇତ୍ୟାଦି ସଦ୍‌ଗ୍ରନ୍ଥଗୁଡ଼ିକୁ ପାଠ କରନ୍ତି, ସେମାନଙ୍କ ପାଖକୁ ମଧ୍ୟ ଭୂତପ୍ରେତ ଯାଆନ୍ତି ନାହିଁ। କିନ୍ତୁ କେତେକ ଭୂତପ୍ରେତ ଏମିତି ମଧ୍ୟ ଅଛନ୍ତି, ଯେଉଁମାନେ କି ସ୍ୱୟଂ ଗୀତା, ରାମାୟଣ ଆଦି ପାଠ କରନ୍ତି। ଏପରି ଭୂତପ୍ରେତ ସଦ୍‌ଗ୍ରନ୍ଥଗୁଡ଼ିକୁ ପାଠ କରୁଥିବା ଲୋକ ପାଖକୁ ଯାଇପାରନ୍ତି; କିନ୍ତୁ ସେମାନଙ୍କୁ କଷ୍ଟ ଦେଇପାରନ୍ତି ନାହିଁ। ଯଦି ଏପରି ଭୂତପ୍ରେତ ଗୀତା ଆଦି ପାଠ କରୁଥିବା ଲୋକ ପାଖକୁ ଚାଲିଯାଆନ୍ତି, ତେବେ ସେମାନଙ୍କୁ ଅନାଦର କରିବା ଉଚିତ ନୁହେଁ; କାରଣ ଅନାଦର କଲେ ସେମାନେ ଚିଡ଼ିଯାଆନ୍ତି।

ଯିଏ ପ୍ରତିଦିନ ଗଙ୍ଗାଜଳରୂପୀ ଚରଣାମୃତ ପାଏ, ତା' ପାଖକୁ ମଧ୍ୟ ଭୂତପ୍ରେତ ଆସନ୍ତି ନାହିଁ। ହନୁମାନଚାଳିଶା ଅଥବା ବିଷ୍ଣୁସହସ୍ରନାମ ପାଠ କରୁଥିବା ଲୋକ ନିକଟକୁ ମଧ୍ୟ ଭୂତପ୍ରେତ ଆସନ୍ତି ନାହିଁ। ଥରେ ଦୁଇ ଜଣ ଭଦ୍ରବ୍ୟକ୍ତି ବଳଦଗାଡ଼ିରେ ଯାଉଥିଲେ। ବାଟରେ ଗାଡ଼ି ପଛରେ ଗୋଟିଏ ପିଶାଚ (ପ୍ରେତ) ଅନୁଗମନ କଲା। ତାକୁ ଦେଖି ସେ ଦୁଇ ଜଣ ଡରିଗଲେ। ତନ୍ମଧ୍ୟରୁ ଜଣେ ବିଷ୍ଣୁସହସ୍ରନାମ ପାଠ କରିବା ଆରମ୍ଭ କରିଦେଲା। ଯେତେବେଳ ପର୍ଯ୍ୟନ୍ତ ଅନ୍ୟ ଗ୍ରାମର ସୀମା ଆସି ନ ଥାଏ, ସେତେବେଳ ପର୍ଯ୍ୟନ୍ତ ସେହି ପିଶାଚ ଗାଡ଼ି ପଛେ ପଛେ ଚାଲିଥାଏ। ସୀମା ଆସିବାମାତ୍ରେ ସେ ଅଦୃଶ୍ୟ ହୋଇଗଲା। ବିଷ୍ଣୁସହସ୍ରନାମ ପ୍ରଭାବରେ ସେ ଗାଡ଼ି ଉପରେ ଆକ୍ରମଣ କରିପାରିଲା ନାହିଁ।

ଯାହାର ଗଳାରେ ତୁଳସୀ, ରୁଦ୍ରାକ୍ଷ କିମ୍ବା ବଣ୍ଡ-ପାଉଡର ମାଳା ଥାଏ, ତାକୁ ଭୂତପ୍ରେତ ସ୍ପର୍ଶ କରିପାରନ୍ତି ନାହିଁ। ଜଣେ ଭଦ୍ରବ୍ୟକ୍ତି ଭୋର୍ ଚାରିଟା ବେଳେ ଘୋଡ଼ା

ଉପରେ ବସି କୌଣସି ଜରୁରୀ କାମରେ ଆଉ ଗୋଟିଏ ଗାଁକୁ ଯାଉଥିଲେ । ସୂର୍ଯ୍ୟୋଦୟ ହେବାକୁ ଆହୁରି ଦେଢ଼ ଘଣ୍ଟା ବାକି ଥାଏ । ଯାଉ ଯାଉ ସେ ଭୂତପ୍ରେତଙ୍କ ପାଇଁ ପ୍ରସିଦ୍ଧ ଗୋଟିଏ ସ୍ଥାନରେ ପହଞ୍ଚିଲେ । ସେଠାରେ ପହଞ୍ଚିବାମାତ୍ରେ ତାଙ୍କ ଆଗରେ ଗୋଟିଏ ପ୍ରେତ ଗଛଭଳି ଲମ୍ବାରୂପ ଧାରଣ କରି ରାସ୍ତାରେ ଛିଡ଼ା ହୋଇଗଲା । ଘୋଡ଼ା ଚମକି ପଡ଼ିବାରୁ ସେ ବ୍ୟକ୍ତି ଜଣକ ତଳେ ପଡ଼ିଗଲେ । ତାଙ୍କର ଦୁଇ ହାତ ମୋଡ଼ି ହୋଇଗଲା । କିନ୍ତୁ ଭଦ୍ରବ୍ୟକ୍ତି ଜଣକ ଖୁବ୍ ନିର୍ଭୟ ଥିଲେ, ତେଣୁ ପିଶାଚକୁ ଡରିଲେ ନାହିଁ । ସୂର୍ଯ୍ୟୋଦୟ ହେବାପର୍ଯ୍ୟନ୍ତ ପିଶାଚଟି ତାଙ୍କ ଆଗରେ ଛିଡ଼ା ହୋଇ ରହିଲା, କିନ୍ତୁ ତାଙ୍କୁ ଆକ୍ରମଣ କରି ପାରିଲା ନାହିଁ, ଛୁଇଁ ପାରିଲା ନାହିଁ; କାରଣ ତାଙ୍କ ବେକରେ ତୁଳସୀମାଳ ଥିଲା । ସୂର୍ଯ୍ୟୋଦୟ ହେବାପରେ ପିଶାଚ ଅଦୃଶ୍ୟ ହୋଇଗଲା ଏବଂ ଭଦ୍ରବ୍ୟକ୍ତି ଜଣକ ପୁନର୍ବାର ଘୋଡ଼ାରେ ଚଢ଼ି ନିଜ ଘରକୁ ଫେରି ଆସିଲେ ।

ସୂର୍ଯ୍ୟାସ୍ତଠାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ତଥା ମଧ୍ୟାହ୍ନ ବେଳେ ଭୂତପ୍ରେତମାନଙ୍କର ବହୁତ ବଳ ଥାଏ, ସେମାନଙ୍କର ବଳ ସେହି ସମୟରେ ଅଧିକ କାମ କରେ । ଏହା ସମସ୍ତଙ୍କର ଅନୁଭବ କଥା ଯେ ରାତ୍ରି ଓ ମଧ୍ୟାହ୍ନ ସମୟରେ ଶ୍ମଶାନ ଆଦି ସ୍ଥାନମାନଙ୍କରେ ଯିବାକୁ ଯେତେ ଭୟ ଲାଗେ, ସେତେ ଭୟ ସକାଳୁ କିମ୍ବା ସଂଧ୍ୟାବେଳେ ଲାଗେ ନାହିଁ । ଯଦି ରାତ୍ରି କିମ୍ବା ମଧ୍ୟାହ୍ନ ସମୟରେ କୌଣସି ନିର୍ଜନ ସ୍ଥାନକୁ ଯିବାକୁ ହୁଏ ଏବଂ ସେଠାରେ କେହି (ଭୂତ) ପଛରୁ ଡାକେ, କିମ୍ବା କହେ ଯେ 'ମୁଁ ତୁମ ସାଥିରେ ଯିବି କି?', ତେବେ ତାକୁ କୌଣସି ଉତ୍ତର ଦେବା ଉଚିତ ନୁହେଁ । ବରଂ ଚାଲୁଥିବା ସମୟରେ ଭଗବନ୍ନାମର ଜପ, କୀର୍ତ୍ତନ, ତଥା ବିଷ୍ଣୁସହସ୍ରନାମ, ହନୁମାନଚାଳିଶା, ଗୀତା ଆଦି ପାଠ ଆରମ୍ଭ କରିଦେବା ଉଚିତ । ଉତ୍ତର ନ ପାଇ ପ୍ରେତ ସେଇଠି ରହିଯିବ । ଯଦି ଆମେ ଉତ୍ତର ଦେବା 'ହଁ, ଆସ', ତେବେ ସେହି ପ୍ରେତ ଆମ ପଛରେ ଗୋଡ଼ାଇବ ।

ଯେଉଁଠି ପ୍ରେତ ରହନ୍ତି, ସେଠାରେ ପରିସ୍ରା ଆଦି କରିବା ଦ୍ୱାରା ମଧ୍ୟ ସେମାନେ ଆକ୍ରମଣ କରନ୍ତି; କାରଣ ସେମାନଙ୍କ ସ୍ଥାନରେ ପରିସ୍ରା କରିବା ସେମାନଙ୍କ ପ୍ରତି ଅପରାଧ । ତେଣୁ ଯେକୌଣସି ସ୍ଥାନରେ ପରିସ୍ରା କରିବା ଠିକ୍ ନୁହେଁ ।

ଆମକୁ ଦୁର୍ଗତିରେ ଅଥବା ପ୍ରେତଯୋନିରେ ଯିବାକୁ ନ ପଡୁ—ଏଥିନେଇ ସାବଧାନ ହେବା ପାଇଁ ଏବଂ ଗୟାଶ୍ରାଦ୍ଧ ଇତ୍ୟାଦି କରି, ପିଣ୍ଡ-ପାଣି ଦେଇ ପ୍ରେତାତ୍ମାମାନଙ୍କୁ ଉଦ୍ଧାର କରିବାର ପ୍ରେରଣା ପ୍ରଦାନ କରିବା ଉଦ୍ଦେଶ୍ୟରେ ହିଁ ଏଠାରେ ଏହି ପ୍ରେତବିଷୟକ ଚର୍ଚ୍ଚା କରାଗଲା ।

୯. ଗୀତାରେ ଆହାରୀର ବର୍ଣ୍ଣନା

ରସ୍ୟସ୍ନିଗ୍ଧାଦିଷୁ ପ୍ରୀତିଃ ସାତ୍ତ୍ୱିକାନାଂ ସ୍ୱଭାବତଃ । ତୀକ୍ଷ୍ଣରୂକ୍ଷାଦିଷୁ ପ୍ରୀତୀ ରାଜସାନାଂ ସୁଦୁଃଖଦା ॥
ଯାତଯାମାଦିଷୁ ପ୍ରୀତିସ୍ତାମସାନାଂ ସ୍ୱଭାବଜା । ଆହାରିଣଃ ପରୀକ୍ଷାର୍ଥମାହାରା ବର୍ଣ୍ଣିତାସ୍ତତଃ ॥

ମନୁଷ୍ୟମାନଙ୍କର ଯେଉଁ ସ୍ୱାଭାବିକ ବୃତ୍ତି, ସ୍ଥିତି, ଭାବ ଇତ୍ୟାଦି ଥାଏ, ସେଗୁଡ଼ିକ ଗଠିତ ହେବାରେ କେତେଗୁଡ଼ିଏ କାରଣ ସହାୟକ ହୁଏ । ତନ୍ମଧ୍ୟରୁ ଆହାର ମଧ୍ୟ ଏକ କାରଣ । କଥାରେ ଅଛି—'ଯେମିତି ଖାଇବ ଅନ୍ନ, ସେମିତି ହୋଇବ ମନ' । ଅତଏବ ଆହାର ଯେତେ ସାତ୍ତ୍ୱିକ ହେବ, ମନୁଷ୍ୟର ବୃତ୍ତି ମଧ୍ୟ ସେତେ ସାତ୍ତ୍ୱିକ ହେବ ଅର୍ଥାତ୍ ସାତ୍ତ୍ୱିକ ବୃତ୍ତି ହେବା ପାଇଁ ଆହାର ସହାୟକ ହୁଏ ।

ଗୀତାରେ ଆହାର ବିଷୟରେ ସ୍ୱତନ୍ତ୍ର ବର୍ଣ୍ଣନା ନାହିଁ, ବରଂ ଆହାରୀ(ବ୍ୟକ୍ତି)ର ବର୍ଣ୍ଣନା ହେଲାବେଳେ ଆହାରର ବର୍ଣ୍ଣନା ହୋଇଛି । ଯଥା—ସାତ୍ତ୍ୱିକ ବ୍ୟକ୍ତି ପାଇଁ ପ୍ରିୟ ହୋଇଥିବା ହେତୁ ସାତ୍ତ୍ୱିକ ଆହାରର, ରାଜସ ବ୍ୟକ୍ତି ପାଇଁ ପ୍ରିୟ ହୋଇଥିବା ହେତୁ ରାଜସ ଆହାରର ଏବଂ ତାମସ ବ୍ୟକ୍ତି ପାଇଁ ପ୍ରିୟ ହୋଇଥିବା ହେତୁ ତାମସ ଆହାରର ବର୍ଣ୍ଣନା ହୋଇଛି (୧୭ । ୮–୧୦) । ଅତଏବ ଗୀତାରେ ଯେଉଁ ଯେଉଁ ସ୍ଥାନରେ ଆହାର ବିଷୟ ରହିଛି, ସେହି ସେହି ସ୍ଥାନରେ ଭଗବାନ ଆହାରୀର ବର୍ଣ୍ଣନା କରିଛନ୍ତି; ଯଥା—**'ନିୟତାହାରାଃ'** (୪ । ୩୦) ପଦରେ ନିୟମିତ ଆହାର କରୁଥିବା ଲୋକର, **'ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ'** (୬ । ୧୬) ପଦରେ ଅଧିକ ଖାଉଥିବା ଓ ଆଦୌ ଖାଉ ନ ଥିବା ଲୋକର, **'ଯୁକ୍ତାହାରବିହାରସ୍ୟ'** (୬ । ୧୭)

ପଦରେ ନିୟମିତ ଖାଉଥିବା ଲୋକର, 'ଯଦଶ୍ନାସି' (୯ । ୨୭) ପଦରେ ଖାଦ୍ୟପଦାର୍ଥକୁ ଭଗବାନଙ୍କୁ ଅର୍ପିତ କରୁଥିବା ଲୋକର ଏବଂ 'ଲଘ୍ୱାଶୀ'(୧୮ । ୫୨) ପଦରେ ଅଳ୍ପ ଭୋଜନ କରୁଥିବା ଲୋକର ବର୍ଣ୍ଣନା ହୋଇଛି ।

ଗୀତାରେ ଯେଉଁ ତିନି (ସତ୍ତ୍ୱ, ରଜ, ତମ) ଗୁଣର ବର୍ଣ୍ଣନା ହୋଇଛି, ସେଥିରେ ମଧ୍ୟ ତାରତମ୍ୟ ରହିଛି । ସାତ୍ତ୍ୱିକ ମନୁଷ୍ୟଠାରେ ସତ୍ତ୍ୱଗୁଣର ପ୍ରାଧାନ୍ୟ ଥିଲେ ବି ତତ୍‌ସହିତ ରାଜସ ଓ ତାମସ ଭାବ ମଧ୍ୟ ରହିଥାଏ । ରାଜସ ମନୁଷ୍ୟଠାରେ ରଜୋଗୁଣର ପ୍ରାଧାନ୍ୟ ଥିଲେ ବି ତତ୍‌ସହିତ ସାତ୍ତ୍ୱିକ ଓ ତାମସ ଭାବ ମଧ୍ୟ ରହିଥାଏ । ତାମସ ମନୁଷ୍ୟଠାରେ ତମୋଗୁଣର ପ୍ରାଧାନ୍ୟ ଥିଲେ ବି ତତ୍‌ସହିତ ସାତ୍ତ୍ୱିକ ଓ ରାଜସ ଭାବ ମଧ୍ୟ ରହିଥାଏ । ଏହାର କାରଣ ହେଲା, ସମଗ୍ର ସୃଷ୍ଟି ହେଉଛି ତ୍ରିଗୁଣାତ୍ମକ (୧୮ । ୪୦) । ଦୁଇଟି ଗୁଣକୁ ଦବାଇ ଦେଇ ଗୋଟିଏ ଗୁଣ ପ୍ରଧାନ ହୋଇଉଠେ (୧୪ । ୧୦) । ଅତଏବ ସାତ୍ତ୍ୱିକ ମନୁଷ୍ୟକୁ ସାତ୍ତ୍ୱିକ ପଦାର୍ଥ ସ୍ୱଭାବତଃ ଭଲ ଲାଗୁଥିଲେ ମଧ୍ୟ ତିନି ଗୁଣର ମିଶ୍ରଣ ରହିଥିବା ଯୋଗୁଁ ଅଥବା ପୂର୍ବରୁ ରାଜସ ଓ ତାମସ ପଦାର୍ଥଗୁଡ଼ିକୁ ସେବନ କରିବାର ଅଭ୍ୟାସ ଥିବା ଯୋଗୁଁ ଅଥବା ଶରୀରରେ କୌଣସି ଖାଦ୍ୟାଂଶର ଅଭାବ ରହିଥିଲେ ଅଥବା ଶରୀର ରୋଗଗ୍ରସ୍ତ ହୋଇଯିବା ହେତୁ ବେଳେ ବେଳେ ରାଜସ ଓ ତାମସ ଭୋଜନ ସକାଶେ ଇଚ୍ଛା ହୋଇଥାଏ । ଯଥା—ବେଶୀ ଲୁଣ କିମ୍ବା ଲୁଣିଆ ଦ୍ରବ୍ୟ ଖାଇବାକୁ ଇଚ୍ଛା ହୁଏ କିମ୍ବା ଦରସିଝା ଶାଗ ଆଦି ଜିନିଷ ଖାଇବାକୁ ଇଚ୍ଛା ହୁଏ ।

ରାଜସ ମନୁଷ୍ୟକୁ ରାଜସ ପଦାର୍ଥ ସ୍ୱଭାବତଃ ଭଲ ଲାଗୁଥିଲେ ମଧ୍ୟ ତିନି ଗୁଣର ମିଶ୍ରଣ ଥିବା ହେତୁ କିମ୍ବା ପ୍ରଥମରୁ ସାତ୍ତ୍ୱିକ ଓ ତାମସ ପଦାର୍ଥଗୁଡ଼ିକ ସେବନ କରିବାର ଅଭ୍ୟାସ ଥିବା ହେତୁ ଅଥବା ଅନ୍ୟ କୌଣସି କାରଣରୁ କେବେ କେବେ ସାତ୍ତ୍ୱିକ ଓ ତାମସ ପଦାର୍ଥ ଖାଇବା ପାଇଁ ଇଚ୍ଛା ହୁଏ । ଯଥା—ପୂର୍ବରୁ ଦୁଗ୍ଧ, କାଜୁ, ପେସ୍ତା, ବାଦାମ ଇତ୍ୟାଦି ସେବନ କରିଥିବାରୁ କିମ୍ବା ରୋଗ ହେତୁ ଦେହ ଦୁର୍ବଳ ହୋଇଯାଇଥିବାରୁ ଶକ୍ତି ବଢ଼ାଇବା ନିମିତ୍ତ ସେହି ସାତ୍ତ୍ୱିକ ପଦାର୍ଥ ଖାଇବା ପାଇଁ ଇଚ୍ଛା ହୁଏ । ସେହିପରି କେତେବେଳେ ରସୁଣ, ପିଆଜ ଇତ୍ୟାଦି ତାମସ ପଦାର୍ଥ ଖାଇବାକୁ ମଧ୍ୟ ଇଚ୍ଛା ହୁଏ ।

ତାମସ ମନୁଷ୍ୟକୁ ତାମସ ଜିନିଷ ସ୍ୱାଭାବିକଭାବେ ପ୍ରିୟ ଲାଗୁଥିଲେ ମଧ୍ୟ ଦେହରେ ଦୁର୍ବଳତା ଆସିଯିବା କାରଣରୁ ଦୁଧ, ଘିଅ ଆଦି ସାତ୍ତ୍ୱିକ ଏବଂ ଖଟା, ଲୁଣିଆ ଇତ୍ୟାଦି ରାଜସ ପଦାର୍ଥ ଖାଇବା ପାଇଁ ମଧ୍ୟ ଇଚ୍ଛା ହୋଇଥାଏ ।

ସାତ୍ତ୍ୱିକ ମନୁଷ୍ୟର ପୂର୍ବସଂସ୍କାର ଆଦି କାରଣରୁ ରାଜସ ଓ ତାମସ ଭୋଜନ ନିମିତ୍ତ ଇଚ୍ଛା ହେଲେ ମଧ୍ୟ ସେହି ଇଚ୍ଛା ରାଜସ ଓ ତାମସ ପଦାର୍ଥ ସେବନ କରିବା ପାଇଁ ବାଧ୍ୟ କରେ ନାହିଁ । କାରଣ ସତ୍ତ୍ୱଗୁଣର ପ୍ରାଧାନ୍ୟ ହେତୁ ତା'ର ବିବେକ ଜାଗ୍ରତ ରହିଥାଏ । କେବଳ ସେତିକି ନୁହେଁ, ସାତ୍ତ୍ୱିକ ପଦାର୍ଥ ସ୍ୱାଭାବିକଭାବେ ପ୍ରିୟ ହୋଇଥିଲେ ମଧ୍ୟ ତା'ଠାରେ ସାତ୍ତ୍ୱିକ ପଦାର୍ଥଗୁଡ଼ିକ ପାଇଁ ପ୍ରବଳ ଇଚ୍ଛା ନ ଥାଏ । ତୀବ୍ର ବୈରାଗ୍ୟ ହେଲେ ତ ସାତ୍ତ୍ୱିକ ପଦାର୍ଥଗୁଡ଼ିକ ପ୍ରତି ମଧ୍ୟ ଉପେକ୍ଷାଭାବ ହୁଏ । ଯେଉଁ ସାତ୍ତ୍ୱିକ ଓ ତାମସିକ ପଦାର୍ଥ ଶରୀରକୁ ସୁସ୍ଥ ରଖେ, ସେହି ପଦାର୍ଥଗୁଡ଼ିକୁ ସେବନ କରିବା ପାଇଁ ରାଜସ ମନୁଷ୍ୟର ଇଚ୍ଛା ହୁଏ । ଆସକ୍ତିର ପ୍ରାଧାନ୍ୟ ହେତୁ ଏହି ଇଚ୍ଛା ସେହି ପଦାର୍ଥଗୁଡ଼ିକୁ ସେବନ କରିବା ପାଇଁ ବ୍ୟକ୍ତିକୁ ବାଧ୍ୟ କରିଥାଏ । ତାମସ ମନୁଷ୍ୟଠାରେ ମଧ୍ୟ ସାତ୍ତ୍ୱିକ ଓ ରାଜସିକ ମନୁଷ୍ୟମାନଙ୍କ ସାନିଧ୍ୟରୁ ସାତ୍ତ୍ୱିକ ଓ ରାଜସିକ ପଦାର୍ଥଗୁଡ଼ିକୁ ସେବନ କରିବାର ଇଚ୍ଛା (ରୁଚି) ଉତ୍ପନ୍ନ ହୁଏ, କିନ୍ତୁ ମୋହ ଓ ମୂଢ଼ତାର ପ୍ରାଧାନ୍ୟ ଯୋଗୁଁ ଏହି ଇଚ୍ଛାର ବିଶେଷ ପ୍ରଭାବ ତା' ଉପରେ ପଡ଼େ ନାହିଁ ।

ସାତ୍ତ୍ୱିକ ମନୁଷ୍ୟ ମଧ୍ୟ ଯଦି ସାତ୍ତ୍ୱିକ ଖାଦ୍ୟପଦାର୍ଥକୁ ଆସକ୍ତିପୂର୍ବକ ଅଧିକ ମାତ୍ରାରେ ସେବନ କରେ, ତେବେ ସେହି ଭୋଜନ ରାଜସ ହୋଇଯିବ, ଯାହା କି ପରିଣାମରେ ରୋଗ, ଶୋକ ଓ ଦୁଃଖ ପ୍ରଦାୟକ ହେବ । ଯଦି ସେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ମାତ୍ରାରେ ସେବନ କରିବ, ତା'ହେଲେ ସେହି ସାତ୍ତ୍ୱିକ ଭୋଜନ ମଧ୍ୟ ତାମସ ହୋଇଯିବ, ଯାହା କି ଅଧିକ ନିଦ୍ରା ଓ ଆଳସ୍ୟରେ ପ୍ରବୃତ୍ତ କରାଇବ ।

ରାଜସ ମନୁଷ୍ୟ ମଧ୍ୟ ଯଦି ରାଜସ ଭୋଜନକୁ ଆସକ୍ତିପୂର୍ବକ ସେବନ କରିବ, ତେବେ ପରିଣାମସ୍ୱରୂପ ପେଟରେ ଜ୍ୱାଳା, ରୋଗ ଆଦି ହେବ । ଯଦି ସେ ଏଭଳି ପଦାର୍ଥଗୁଡ଼ିକୁ ଅଧିକ ମାତ୍ରାରେ ସେବନ କରିବ, ତେବେ ଜ୍ୱାଳା, ଦୁଃଖ ଆଦି ସହିତ ନିଦ୍ରା, ଆଳସ୍ୟ ଇତ୍ୟାଦି ମଧ୍ୟ ବୃଦ୍ଧି ପାଇବ । ଯଦି ସେ ବିବେକପୂର୍ବକ ଉକ୍ତ ଭୋଜନକୁ ଅଳ୍ପ ମାତ୍ରାରେ ସେବନ କରିବ, ତେବେ

ତାହାର ପରିଣାମ ରାଜସ (ଦୁଃଖ, ଶୋକ ଇତ୍ୟାଦି) ନ ହୋଇ ସାତ୍ତ୍ୱିକ ହେବ ଅର୍ଥାତ୍ ସେ ଅନ୍ତଃକରଣରେ ନିର୍ମଳତା ଅନୁଭବ କରିବ ଏବଂ ତା' ଦେହ ସନ୍ଦେହ ଓ ହାଲୁକା ଲାଗିବ। ନିଦ୍ରା ମଧ୍ୟ କମ୍ ଲାଗିବ, ଆଳସ୍ୟ ଆସିବ ନାହିଁ; କାରଣ ସେ ଯୁକ୍ତାହାରୀ।

ତାମସ ମନୁଷ୍ୟ ମୋହପୂର୍ବକ ତାମସ ଭୋଜନ ଗ୍ରହଣ କଲେ ତାମସୀ ବୃତ୍ତି ଅଧିକ ଉତ୍ପନ୍ନ ହେବ। ଯଦି ସେହି ଭୋଜନ ସେ ଅଳ୍ପମାତ୍ରାରେ ଗ୍ରହଣ କରିବ, ତେବେ ସେଭଳି ବୃତ୍ତି ଉତ୍ପନ୍ନ ହେବ ନାହିଁ, ସାଧାରଣ ବୃତ୍ତି ରହିବ ଅର୍ଥାତ୍ ଅଧିକ ମୋହିତ କରୁଥିବା ବୃତ୍ତି ଉତ୍ପନ୍ନ ହେବ ନାହିଁ।

ଖାଦ୍ୟପଦାର୍ଥ ସାତ୍ତ୍ୱିକ ହୋଇଥିଲେ ମଧ୍ୟ ଯଦି ତାହା ନ୍ୟାୟଯୁକ୍ତ ଓ ସତ୍‌ଉପାୟରେ ଉପାର୍ଜିତ ନ ହୋଇ ନିଷିଦ୍ଧ ରୀତିରେ ଉପାର୍ଜିତ ହୋଇଥିବ, ତେବେ ତାହାର ପରିଣାମ ଭଲ ହେବ ନାହିଁ। ତାହା ନିଶ୍ଚୟ କିଛି ନା କିଛି ରାଜସୀ ଓ ତାମସୀ ବୃତ୍ତି ଉତ୍ପନ୍ନ କରିବ। ଫଳତଃ ପଦାର୍ଥଗୁଡ଼ିକ ପ୍ରତି ଅନୁରାଗ ବଢ଼ିବ ଏବଂ ନିଦ୍ରା ଓ ଆଳସ୍ୟ ମଧ୍ୟ ବଢ଼ିବ। ଅତଏବ ଖାଦ୍ୟପଦାର୍ଥ ଯଦି ସାତ୍ତ୍ୱିକ ହୋଇଥିବ, ସତ୍ ଉପାର୍ଜନରୁ ମିଳିଥିବ, ପବିତ୍ରତାପୂର୍ବକ ପ୍ରସ୍ତୁତ ହୋଇଥିବ ଏବଂ ଭଗବାନଙ୍କୁ ଭୋଗ ଲଗାଇ ଶାନ୍ତିପୂର୍ବକ ଅଳ୍ପ ମାତ୍ରାରେ ସେବନ କରାଯିବ, ତେବେ ତାହାର ପରିଣାମ ଖୁବ୍ ଭଲ ହେବ।

ରାଜସ ଭୋଜନ ନ୍ୟାୟଯୁକ୍ତ ଓ ସତ୍ ଉପାୟରେ ଉପାର୍ଜିତ ହୋଇଥିଲେ ମଧ୍ୟ ତାତ୍କାଳିକଭାବେ ଭୋଜନର ପ୍ରଭାବ ପଡ଼ିବ ଅର୍ଥାତ୍ ପେଟରେ ଜ୍ୱାଳା ଆଦି ହେବ; କାରଣ ଭୋଜ୍ୟପଦାର୍ଥର ଶରୀର ସହିତ ବିଶେଷ ସମ୍ବନ୍ଧ ରହିଛି। କିନ୍ତୁ ଭୋଜନ ସତ୍ ଉପାୟରେ ଉପାର୍ଜିତ ହୋଇଥିବାରୁ ପରିଣାମସ୍ୱରୂପ ବୃତ୍ତି ଭଲ ରହିବ ଏବଂ ରାଜସୀ ବୃତ୍ତି ବେଶୀ ସମୟ ତିଷ୍ଠି ରହି ପାରିବ ନାହିଁ। ବୃତ୍ତିରେ ଶୋକ, ଚିନ୍ତା ଆଦିର ତୀବ୍ରତା ନ ରହି ଶାନ୍ତି ବିରାଜମାନ କରିବ।

ତାମସ ଭୋଜନ ସତ୍ ଉପାୟରେ ଉପାର୍ଜିତ ହୋଇଥିଲେ ମଧ୍ୟ ତାମସୀ ବୃତ୍ତି ନିଶ୍ଚୟ ଉତ୍ପନ୍ନ ହେବ। ହଁ, ସତ୍ ଉପାୟରେ ଉପାର୍ଜିତ ହୋଇଥିବାରୁ ତାମସୀ ବୃତ୍ତିଗୁଡ଼ିକର ସ୍ଥାୟିତ୍ୱ ରହିବ ନାହିଁ। ବେଳେ ବେଳେ ସାତ୍ତ୍ୱିକ ବୃତ୍ତି ମଧ୍ୟ ଆସିଯିବ।

ସାତ୍ତ୍ୱିକ ମନୁଷ୍ୟଠାରେ ବିବେକ ଜାଗ୍ରତ ରହିଥାଏ। ଅତଏବ ସେ ପ୍ରଥମେ ଭୋଜନର ପରିଣାମକୁ ଲକ୍ଷ୍ୟ କରେ ଅର୍ଥାତ୍ ତା'ର ଦୃଷ୍ଟି ପ୍ରଥମେ ପରିଣାମ ଆଡ଼କୁ ଯାଏ। ସେଥିପାଇଁ ସାତ୍ତ୍ୱିକ ଆହାରରେ ପ୍ରଥମେ ଫଳ (ପରିଣାମ)ର ଏବଂ ପରେ ଖାଦ୍ୟପଦାର୍ଥଗୁଡ଼ିକର ବର୍ଣ୍ଣନା କରାଯାଇଛି (୧୭।୮)। ରାଜସ ମନୁଷ୍ୟ ଆସକ୍ତିପ୍ରବଣ ହୋଇଥାଏ, ଖାଦ୍ୟପଦାର୍ଥ ପ୍ରତି ତା'ର ଆସକ୍ତି ରହିଥାଏ, ତେଣୁ ତାହାର ଦୃଷ୍ଟି ପ୍ରଥମେ ଖାଦ୍ୟପଦାର୍ଥ ଆଡ଼କୁ ଯାଏ, ସେଥିପାଇଁ ରାଜସ ଆହାରରେ ପ୍ରଥମେ ଖାଦ୍ୟପଦାର୍ଥଗୁଡ଼ିକର ଓ ପରେ ପରିଣାମର ବର୍ଣ୍ଣନା କରାଯାଇଛି (୧୭।୯)। ତାମସ ମନୁଷ୍ୟଠାରେ ମୋହ ବା ମୂଢ଼ତା ଥାଏ, ତେଣୁ ସେ ମୋହପୂର୍ବକ ହିଁ ଭୋଜନ କରିଥାଏ। ସୁତରାଂ ତାମସ ଆହାରରେ କେବଳ ତାମସ ପଦାର୍ଥଗୁଡ଼ିକର ବର୍ଣ୍ଣନା କରାଯାଇଛି, ଫଳ (ପରିଣାମ)ର ବର୍ଣ୍ଣନା ଆଦୌ କରାଯାଇ ନାହିଁ (୧୭।୧୦)।

ମନୁଷ୍ୟ ଯେକୌଣସି ବର୍ଣ୍ଣ, ଆଶ୍ରମ ଓ ସମ୍ପ୍ରଦାୟର ହେଉ ପଛକେ, ଯଦି ସେ ପାରମାର୍ଥିକ ମାର୍ଗରେ ଯୁକ୍ତ ହୋଇଯାଏ, ସାଧନା କରେ, ତେବେ ସ୍ୱାଭାବିକଭାବେ ସାତ୍ତ୍ୱିକ ଆହାର ପ୍ରତି ତା'ର ରୁଚି (ପ୍ରିୟତ୍ୱ) ହେବ, ରାଜସ ବା ତାମସ ଆହାର ପ୍ରତି ରୁଚି ହେବ ନାହିଁ। ସାତ୍ତ୍ୱିକ ଆହାର ଦ୍ୱାରା ବୃତ୍ତି ସାତ୍ତ୍ୱିକ ହୋଇଯିବ ଏବଂ ସାତ୍ତ୍ୱିକ ବୃତ୍ତି କାରଣରୁ ସାତ୍ତ୍ୱିକ ଆହାର ଭଲ ଲାଗିବ।

କର୍ମଯୋଗୀଠାରେ ନିଷ୍କାମଭାବର, ଜ୍ଞାନଯୋଗୀଠାରେ ବିବେକପୂର୍ବକ ତ୍ୟାଗ କରିବାର ଏବଂ ଭକ୍ତିଯୋଗୀଠାରେ ଭଗବଦ୍‌ଭାବର ମୁଖ୍ୟତା ଥାଏ। ଖାଦ୍ୟପଦାର୍ଥ ଦେଖିଲେ ମଧ୍ୟ ସେମାନଙ୍କ ମନରେ ଖାଦ୍ୟପଦାର୍ଥ ପାଇଁ ଆକର୍ଷଣ ଓ ପ୍ରିୟତ୍ୱ ଉତ୍ପନ୍ନ ହୁଏ ନାହିଁ। ଯଥା— କର୍ମଯୋଗୀ ସମ୍ମୁଖରେ ଭୋଜନ ରଖାଗଲେ ମଧ୍ୟ ସେଥିପ୍ରତି ସୁଖବୁଦ୍ଧି ଏବଂ ଭୋଗବୁଦ୍ଧି ନ ଥିବାରୁ ସେ ଆସକ୍ତିପୂର୍ବକ ଭୋଜନ କରେ ନାହିଁ। ଅତଏବ ଭୋଜନରେ ସାତ୍ତ୍ୱିକତା କମ୍ ଥିଲେ ମଧ୍ୟ ନିଷ୍କାମ ଭାବ ହେତୁ ଭୋଜନରେ ସାଙ୍ଗୋପାଙ୍ଗ ଭାବେ ସାତ୍ତ୍ୱିକତା ଆସିଯାଏ। ଜ୍ଞାନଯୋଗୀ ସମସ୍ତ ପଦାର୍ଥଠାରୁ ବିବେକପୂର୍ବକ ସମ୍ବନ୍ଧ ଛିନ୍ନ କରିଥାଏ, ଅତଏବ ଖାଦ୍ୟପଦାର୍ଥରେ ସମ୍ବନ୍ଧ ନ ରହିବା ହେତୁ ସେ ଯେଉଁ ଭୋଜନ କରେ ତାହା ସାତ୍ତ୍ୱିକ ହୋଇଯାଏ। ଭକ୍ତିଯୋଗୀ ଖାଦ୍ୟପଦାର୍ଥକୁ ପ୍ରଥମେ ଭଗବାନଙ୍କୁ ଅର୍ପଣ କରି ପରେ ପ୍ରସାଦ ଭାବରେ

ଗ୍ରହଣ କରିଥାଏ, ତେଣୁ ସେହି ଭୋଜନ ସାତ୍ତ୍ୱିକ ହୋଇଯାଏ ।

ଜ୍ଞାତବ୍ୟ

ପ୍ରଶ୍ନ—ଆୟୁର୍ବେଦ ଓ ଧର୍ମଶାସ୍ତ୍ର ମଧ୍ୟରେ ବିରୋଧ ଦେଖାଯାଏ କାହିଁକି? ଯଥା—ଆୟୁର୍ବେଦ ଅରିଷ୍ଟ, ଆସବ, ମଦିରା, ମାଂସ ଇତ୍ୟାଦିର ବିଧାନ କରେ ଓ ଧର୍ମଶାସ୍ତ୍ର ସେଗୁଡ଼ିକୁ ନିଷେଧ କରେ । ଏପରି କାହିଁକି ହୁଏ?

ଉତ୍ତର—ଶାସ୍ତ୍ର ଚାରି ପ୍ରକାରର—ନୀତିଶାସ୍ତ୍ର, ଆୟୁର୍ବେଦଶାସ୍ତ୍ର, ଧର୍ମଶାସ୍ତ୍ର ଓ ମୋକ୍ଷଶାସ୍ତ୍ର । **'ନୀତିଶାସ୍ତ୍ର'**ରେ ଧନସମ୍ପତ୍ତି, ଜମିବାଡ଼ି, ବୈଭବ ଇତ୍ୟାଦି ପାଇବାର ଏବଂ ରଖିବାର ଉଦ୍ଦେଶ୍ୟ ହିଁ ମୁଖ୍ୟ ଅଟେ । ଏହି ଶାସ୍ତ୍ରରେ କୂଟନୀତିର ବର୍ଣ୍ଣନା ମଧ୍ୟ ଅଛି । କୂଟନୀତିରେ ଅନ୍ୟମାନଙ୍କ ସହିତ ଛଳ, କପଟ, ବିଶ୍ୱାସଘାତକତା ଆଦି କରିବାକୁ ପଡ଼ିଥାଏ, ଯାହା କି ଗ୍ରାହ୍ୟ ନୁହେଁ । **'ଆୟୁର୍ବେଦଶାସ୍ତ୍ର'** ଶରୀରପ୍ରଧାନ ଅଟେ; ଅତଏବ ସେଥିରେ ଏପରି ଅନେକ କଥା ଅଛି, ଯଦ୍ଦ୍ୱାରା ଶରୀର ସୁସ୍ଥ ରହିବ । ସେଥିରେ କୁହାଯାଇଥିବା ବିଷୟ ବେଳେ ବେଳେ ଧର୍ମଶାସ୍ତ୍ରର ବିରୋଧୀ ମଧ୍ୟ ହୋଇଥାଏ । **'ଧର୍ମଶାସ୍ତ୍ର'**ରେ ସୁଖଭୋଗର ପ୍ରାଧାନ୍ୟ ରହିଛି । ତେଣୁ ସେଥିରେ ଏପରି ଅନେକ କଥା ବର୍ଣ୍ଣିତ ହୋଇଛି, ଯଦ୍ଦ୍ୱାରା ଇହଲୋକରେ ସୁଖ ମିଳିବ ଏବଂ ପରଲୋକରେ (ସ୍ୱର୍ଗାଦି ଲୋକଗୁଡ଼ିକରେ) ମଧ୍ୟ ସୁଖ ମିଳିବ । **'ମୋକ୍ଷଶାସ୍ତ୍ର'**ରେ ଜୀବର କଲ୍ୟାଣ ପ୍ରମୁଖ ଅଟେ । ଅତଏବ ସେଥିରେ ଜୀବର କଲ୍ୟାଣ (ଉଦ୍ଧାର) କରିବା ଉପଯୋଗୀ ବିଷୟମାନ ରହିଛି । ମୋକ୍ଷଶାସ୍ତ୍ରରେ ଧର୍ମବିରୁଦ୍ଧ କଥା ନ ଥାଏ । ସେଥିରେ ସକାମଭାବର ବର୍ଣ୍ଣନା ମଧ୍ୟ ରହିଛି, କିନ୍ତୁ ସେଠି ତାହାର ମହିମା କୁହାଯାଇ ନାହିଁ, ବରଂ ନିନ୍ଦା କରାଯାଇଛି । କାରଣ ସାଧକଠାରେ ଯେପର୍ଯ୍ୟନ୍ତ ସକାମଭାବ ଥାଏ, ସେପର୍ଯ୍ୟନ୍ତ ପରମାତ୍ମପ୍ରାପ୍ତିରେ ବିଳମ୍ବ ହୁଏ । ଇହଲୋକ ଓ ପରଲୋକର ସୁଖକାମନାକୁ ତ୍ୟାଗ କଲାପରେ ଧର୍ମଶାସ୍ତ୍ର ମଧ୍ୟ ମୋକ୍ଷରେ ସହାୟକ ହୋଇଯାଏ ।

ଆୟୁର୍ବେଦରେ ଶରୀରକୁ ପ୍ରାଧାନ୍ୟ ଦିଆଯାଇଛି । ଅତଏବ ଯେକୌଣସି ପ୍ରକାରେ ଶରୀରକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଆୟୁର୍ବେଦରେ ଜଡ଼ିବୁଟି ଇତ୍ୟାଦି ଦ୍ୱାରା ପ୍ରସ୍ତୁତ ଔଷଧଗୁଡ଼ିକ ସହିତ ମାଂସ, ମଦ୍ୟ, ଆସବ ଆଦି ସେବନ କରିବାର ବିଧାନ ରହିଛି । ଧର୍ମଶାସ୍ତ୍ରରେ ସୁଖଭୋଗ ମୁଖ୍ୟ ଅଟେ, ଏଣୁ ସେଥିରେ ମଧ୍ୟ ସ୍ୱର୍ଗାଦି ଲାଭ କରିବା ପାଇଁ କରାଯାଉଥିବା ଅଶ୍ୱମେଧ ଆଦି ଯଜ୍ଞମାନଙ୍କରେ ପଶୁବଳି, ହିଂସା ଇତ୍ୟାଦି କରାଯିବା ବିଷୟ ବର୍ଣ୍ଣିତ ହୋଇଛି । ବୈଦିକ ମନ୍ତ୍ର ଦ୍ୱାରା ବିଧିବିଧାନ ସହିତ କରାଯାଇଥିବା (ବୈଦିକୀ) ହିଂସାକୁ ହିଂସା ଧରାଯାଏ ନାହିଁ । ହିଂସା ନ ଧରା ନ ଗଲେ ମଧ୍ୟ ହିଂସାର ପାପ ତ ନିଶ୍ଚୟ ଲାଗେ* । ତା'ଛଡ଼ା ମାଂସ ସେବନ କରି କରି ମନୁଷ୍ୟର ସ୍ୱଭାବ ବିଗିଡ଼ିଯାଏ । କ୍ରମେ କ୍ରମେ ତା' ମନରେ ପରଲୋକର ପ୍ରାଧାନ୍ୟ ନ ରହି ସ୍ଥୂଳଶରୀରର ପ୍ରାଧାନ୍ୟ ସ୍ଥାନ ପାଏ ଓ ସେ ଶାସ୍ତ୍ରୀୟ ବିଧାନ ବିନା ମଧ୍ୟ ମାଂସାହାର କରିବାକୁ ଲାଗେ ।

ଆୟୁର୍ବେଦରେ ହିଂସାର ସୀମା ନାହିଁ, କାରଣ ସେଥିରେ ସ୍ଥୂଳଶରୀରକୁ ସୁସ୍ଥ ରଖିବା ହିଁ ପ୍ରଧାନ କଥା । ଅତଏବ ସେଥିରେ ପରଲୋକ ଖରାପ ହେବା ଦିଗକୁ ଦୃଷ୍ଟି ନ ଥାଏ । ଧର୍ମଶାସ୍ତ୍ରର ହିଂସା ସୀମିତ । ପରଲୋକ ନଷ୍ଟ ହେଲା ଭଳି ହିଂସା ଏଥିରେ ଅନୁମୋଦିତ ନୁହେଁ, କିନ୍ତୁ ଧର୍ମଶାସ୍ତ୍ରରେ ମନୁଷ୍ୟର କଲ୍ୟାଣ (ମୋକ୍ଷ) କଥା ଚିନ୍ତା କରାଯାଇ ନ ଥାଏ । ତାତ୍ପର୍ଯ୍ୟ ଏହି ଯେ ଆୟୁର୍ବେଦ ଓ ଧର୍ମଶାସ୍ତ୍ର—ଉଭୟେ ପ୍ରକୃତି ରାଜ୍ୟର ଅନ୍ତର୍ଗତ । ଯେପର୍ଯ୍ୟନ୍ତ ଅନ୍ତଃକରଣରେ ନାଶବାନ୍ ପଦାର୍ଥଗୁଡ଼ିକର ମହତ୍ତ୍ୱ ରହିଥାଏ, ସେପର୍ଯ୍ୟନ୍ତ ମନୁଷ୍ୟ ପାପ ଓ ହିଂସାରୁ ରକ୍ଷା ପାଇପାରେ ନାହିଁ । ସେ ନିଜ ପ୍ରତି ମଧ୍ୟ ହିଂସା (ପତନ) କରେ ଏବଂ ଅନ୍ୟ ପ୍ରତି ମଧ୍ୟ ହିଂସା କରେ । କିନ୍ତୁ ଯାହାଠାରେ ସକାମଭାବ ନାହିଁ, ତା'ଦ୍ୱାରା ହିଂସା ହୁଏ ନାହିଁ । ଯଦି କେବେ ତା'ଦ୍ୱାରା ହିଂସା ହୋଇଯାଏ, ତେବେ ମଧ୍ୟ ତାକୁ ପାପ ଲାଗେ ନାହିଁ; କାରଣ କାମନା(ଆସକ୍ତି)ରେ ହିଁ ପାପ ଥାଏ, କ୍ରିୟାରେ ନ ଥାଏ ।

ପ୍ରାୟ ଲୋକଙ୍କର ଧାରଣା ଯେ ଔଷଧରୂପେ ମାଂସ ଇତ୍ୟାଦି ଅଶୁଦ୍ଧ ଜିନିଷ ଖାଇବା ଖରାପ ନୁହେଁ । କିନ୍ତୁ ଏଭଳି ସେହିମାନେ ଭାବନ୍ତି, ଯେଉଁମାନେ କେବଳ ଶରୀରକୁ ସୁସ୍ଥ ରଖିବାକୁ ଏବଂ ସୁଖ ଓ ଆରାମ ପାଇବାକୁ ଲକ୍ଷ୍ୟ ରଖିଥାନ୍ତି ଅଥବା ଯେଉଁମାନେ ଧର୍ମ ଓ କଲ୍ୟାଣ ବିଷୟରେ ଚିନ୍ତା କରନ୍ତି ନାହିଁ । ଔଷଧରୂପେ ମଧ୍ୟ ଅଭକ୍ଷ୍ୟଭକ୍ଷଣ କଲେ ହିଂସା ଓ ଅପବିତ୍ରତା

* ଶତକ୍ରତୁ (ଶହେ ଯଜ୍ଞ କରିଥିବା) ଇନ୍ଦ୍ର ମଧ୍ୟ ଦୁଃଖୀ ହୁଏ, ତା' ଉପରେ ମଧ୍ୟ ବିପତ୍ତି ଆସେ । ତା' ମନରେ ମଧ୍ୟ ଈର୍ଷା, ଭୟ, ଅଶାନ୍ତି ଆଦି ଉପୁଜେ ହୁଏ ଯେ, ମୋର ପଦ କେହି ଯେମିତି ଛଡ଼ାଇ ନ ନେଉ ଇତ୍ୟାଦି । ଏହା ବୈଦିକୀ ହିଂସାଜନିତ ପାପର ଫଳ ।

ଆସିବା ସୁନିଶ୍ଚିତ । ଅତଏବ ଔଷଧରୂପେ ମଧ୍ୟ ଅଭକ୍ଷ୍ୟ-ଭକ୍ଷଣ କରିବା ଉଚିତ ନୁହେଁ ।

ପ୍ରଶ୍ନ—ଶରୀର ରହିଲେ ସିନା ମନୁଷ୍ୟ ସାଧନଭଜନ କରିବ! ଯଦି ଅଭକ୍ଷ୍ୟଭକ୍ଷଣ ଦ୍ୱାରା ଶରୀରର ରକ୍ଷା ହୁଏ, ତେବେ ଏଥିରେ କ୍ଷତି କ'ଣ?

ଉତ୍ତର—ଅଭକ୍ଷ୍ୟଭକ୍ଷଣ କରିବା ଦ୍ୱାରା ଯେ ଶରୀର ବଞ୍ଚିଯିବ ଏବଂ ମରଣକୁ ଟାଳି ଦେଇ ହେବ, ଏହା କୌଣସି ନିୟମ ନୁହେଁ । ଯଦି ଆୟୁ ଶେଷ ହୋଇ ନ ଥିବ, ତେବେ ଶରୀର ବଞ୍ଚିଯିବ ଏବଂ ଯଦି ଆୟୁ ନ ଥିବ, ତେବେ ଶରୀରକୁ ବଞ୍ଚାଇ ହେବ ନାହିଁ; କାରଣ ଶରୀରର ବଞ୍ଚିବା କିମ୍ବା ମରିବା ପ୍ରାରବ୍ଧର ଅଧୀନ, ବର୍ତ୍ତମାନ କରାଯାଉଥିବା କର୍ମର ଅଧୀନ ନୁହେଁ । ଅଭକ୍ଷ୍ୟଭକ୍ଷଣ ଦ୍ୱାରା ଶରୀର ବଞ୍ଚି ପାରିବ ନାହିଁ, କେବଳ ଶରୀରର କିଞ୍ଚିତ୍ ପୁଷ୍ଟିସାଧନ ହୋଇପାରେ । କିନ୍ତୁ ଅଭକ୍ଷ୍ୟଭକ୍ଷଣ ଦ୍ୱାରା ଯେଉଁ ପାପ ହେବ, ତାହାର ଦଣ୍ଡ ନିଶ୍ଚିତ ଭୋଗ କରିବାକୁ ପଡ଼ିବ ।

ମନୁଷ୍ୟ ସାଧନଭଜନର କେବଳ ବାହାନା କରିଥାଏ, ପ୍ରକୃତରେ ଶରୀର ପ୍ରତି ଅନୁରାଗ ଓ ଆସକ୍ତି ରହିଥିବାରୁ ହିଁ ସେ ଅଶୁଦ୍ଧ ଔଷଧଗୁଡ଼ିକୁ ସେବନ କରିଥାଏ । ଯାହାର ଶରୀର ପ୍ରତି ଆସକ୍ତି ନାହିଁ, ଯାହାର ଉଦ୍ଦେଶ୍ୟ ନିଜର କଲ୍ୟାଣସାଧନ କରିବା, ସେ ପ୍ରତିକ୍ଷଣ ନଷ୍ଟ ହେଉଥିବା ଶରୀର ପାଇଁ ଅଶୁଦ୍ଧ ଜିନିଷ ସେବନ କରି ପାପ ଅର୍ଜନ କରିବ କାହିଁକି?

ପ୍ରଶ୍ନ—ଆଜିକାଲି କେତେକ ଲୋକ ଜୀବବିହୀନ ଅଣ୍ଡା ଖାଇବାକୁ ଦୋଷ ମାନନ୍ତି ନାହିଁ, ଏହା କେତେଦୂର ଠିକ୍?

ଉତ୍ତର—ଜୀବବିହୀନ ହୋଇଥିଲେ ମଧ୍ୟ ତାହା ପନିପରିବା ଭଳି ପବିତ୍ର ନୁହେଁ । ତାହା ବହୁତ ଅପବିତ୍ର, କାରଣ ସେହି ଅଣ୍ଡା ଅତି ଅପବିତ୍ର ରଜ (ରକ୍ତ) ଓ ମାଂସରୁ ହିଁ ତିଆରି ହୋଇଥାଏ ।

ମାଆ ଭଉଣୀମାନେ ରଜସ୍ୱଳା ହୋଇଥିବା ବେଳେ ଆମେ ତାଙ୍କୁ ନ ଛୁଇଁ ଦୂରରୁ ହିଁ ନମସ୍କାର କରୁ । କାରଣ ସେମାନଙ୍କୁ ଛୁଇଁଲେ ଅପବିତ୍ରତା ଆସିଥାଏ । ରଜସ୍ୱଳା ସ୍ତ୍ରୀର ଛାୟା ପଡ଼ିଲେ ସାପ ଅନ୍ଧ ହୋଇଯାଏ, ଏବଂ ପାମ୍ପଡ଼ ଜଳା ପଡ଼ିଯାଏ । ଜଳାଶୟକୁ ଛୁଇଁଲେ ସେଥିରେ ଜୀବଜନ୍ତୁ ଉତ୍ପନ୍ନ ହୋଇଯାଆନ୍ତି । ଅନ୍ନ, ବସ୍ତ୍ର ଆଦି ଛୁଇଁଲେ ସେଗୁଡ଼ିକ ଅପବିତ୍ର ହୋଇଯାଏ । କାରଣ ରଜସ୍ୱଳା ସ୍ତ୍ରୀର ଶରୀରରୁ ବିଷ ବାହାରୁଥାଏ । ତାହା ବାହାରିଗଲେ ସେ ଶୁଦ୍ଧ ହୁଏ । ଯେଉଁ ରଜକୁ ଏତେ ଅପବିତ୍ର କୁହାଯାଇଛି, ସେଥିରୁ ଅଣ୍ଡା ଉତ୍ପନ୍ନ ହୋଇଥାଏ । ଅତଏବ ଅଣ୍ଡା ଖାଇବା ଲୋକ ପାଖକୁ ସେହି ଅପବିତ୍ରତା ତ ନିଶ୍ଚୟ ଆସିବ ।

ଯେଉଁ ବ୍ୟକ୍ତି ଜୀବବିହୀନ ଅଣ୍ଡା ଖାଇବା ଅଭ୍ୟାସ କରିବ, ସେ ପରବର୍ତ୍ତୀ ସମୟରେ ସଜୀବ ଅଣ୍ଡା ମଧ୍ୟ ଖାଇବ । ତାହାଛଡ଼ା ଜୀବବିହୀନ ଅଣ୍ଡା ସହିତ ସଜୀବ ଅଣ୍ଡା ମିଶି ନ ଥିବ ବୋଲି କ'ଣ ପ୍ରମାଣ ଅଛି? ଅତଏବ ସବୁ ଦୃଷ୍ଟିରୁ ଅଣ୍ଡା ଖାଇବା ନିଷିଦ୍ଧ ଓ ପାପ ।

ପ୍ରଶ୍ନ—ଚେରମୂଳ ଉପାଡ଼ିବାରେ ମଧ୍ୟ ହିଂସା ହୁଏ, ତେବେ ସେଥିରୁ ତିଆରି ଔଷଧ ଖାଇବା ଉଚିତ କି ଅନୁଚିତ?

ଉତ୍ତର—ଚତୁର୍ଥାଶ୍ରମୀ ସନ୍ନ୍ୟାସୀ ଓ ତ୍ୟାଗୀପୁରୁଷ ଚେରମୂଳରେ ତିଆରି ଶୁଦ୍ଧ ଔଷଧ ମଧ୍ୟ ନ ଖାଇବା ଭଲ, କାରଣ ତ୍ୟାଗ ହେଲା ସେମାନଙ୍କ ପାଇଁ ମୁଖ୍ୟ । ଅବଶ୍ୟ ତ୍ୟାଗ ସମସ୍ତଙ୍କ ପାଇଁ ଭଲ । କିନ୍ତୁ ଗୃହସ୍ଥ ପ୍ରଭୃତି ଯଦି ଚେରମୂଳରେ ତିଆରି ଔଷଧ ଖାଆନ୍ତି, ତେବେ ସେମାନଙ୍କୁ ସେତେ ବେଶୀ ଦୋଷ ଲାଗେ ନାହିଁ । ଯଥା—ଯେଉଁମାନେ କୃଷି କରନ୍ତି ସେମାନଙ୍କ ଦ୍ୱାରା ଅନେକ ଜୀବଜନ୍ତୁଙ୍କର ହିଂସା ହୁଏ । କିନ୍ତୁ ସେହି ହିଂସାର ସେତେ ବେଶୀ ଦୋଷ ଲାଗେ ନାହିଁ, କାରଣ କୃଷିରୁ ଉତ୍ପନ୍ନ ଅନ୍ନ ଆଦି ଦ୍ୱାରା ପ୍ରାଣୀମାନଙ୍କର ଜୀବନରକ୍ଷା ହୁଏ । ସେହିପରି ଯେଉଁମାନେ ଚେରମୂଳ ଉପାଡ଼ି ଆଣନ୍ତି, ସେମାନଙ୍କ ଦ୍ୱାରା ହିଂସା ତ ହୁଏ, କିନ୍ତୁ ସେଥିପାଇଁ ସେମାନଙ୍କୁ ବେଶୀ ଦୋଷ ଲାଗେ ନାହିଁ; କାରଣ ସେହି ଔଷଧ ଦ୍ୱାରା ଲୋକମାନେ ରୋଗମୁକ୍ତ ହୁଅନ୍ତି ।

ପଦ୍ମପୁରାଣରେ ବର୍ଣ୍ଣନା ଅଛି ଯେ ମନୁଷ୍ୟ କୌଣସି ଜଳାଶୟର ପାଣି ବ୍ୟବହାର କଲେ ସେହି ଜଳାଶୟରୁ କିଛି ମାଟି ଖୋଳି ଆଣି କୂଳରେ ପକାଇ ଦେବା ଉଚିତ । ଏହାର ତାତ୍ପର୍ଯ୍ୟ ହେଲା, ସେହି ଜଳାଶୟ ଅନ୍ୟ କେହି ଜଣେ ଖୋଳାଇଛି, ଅତଏବ ସେଠାରୁ କିଛି ମାଟି ବାହାର କରିଦେବାରୁ ଉକ୍ତ କାର୍ଯ୍ୟରେ ଆମର ମଧ୍ୟ କିଛି ସାହାଯ୍ୟ ରହିଲା, ଯଦ୍ୱାରା ସେହି ଜଳାଶୟର ପାଣି ପିଇବାରେ (ପରର ସ୍ୱତ୍ୱ ନେବାରେ) ଆମକୁ କିଛି ଦୋଷ ଲାଗିବ ନାହିଁ । ସେହିପରି ଯେଉଁ ଚେରମୂଳ ଦ୍ୱାରା ଔଷଧ ତିଆରି ହୁଏ, ସେହି ଓଷଧି ଉଦ୍ଭିଦଗୁଡ଼ିକୁ ଜଳ ଇତ୍ୟାଦି ଦ୍ୱାରା ପୁଷ୍ଟ କରିବା ଉଚିତ, ସେଗୁଡ଼ିକୁ ରକ୍ଷା କରିବା ଉଚିତ, ଅଯଥା

ସେଗୁଡ଼ିକୁ ଉପାଡ଼ିଦେବା ଠିକ୍ ନୁହେଁ।

ପ୍ରଶ୍ନ—ରୋଗ କାହିଁକି ସୃଷ୍ଟି ହୁଏ?

ଉତ୍ତର—ରୋଗ ଦୁଇଟି କାରଣରୁ ସୃଷ୍ଟି ହୁଏ–ପ୍ରାରବ୍ଧରୁ ଓ କୁପଥ୍ୟରୁ। ପୁରୁଣା ପାପର ଫଳ ଭୋଗିବା ନିମିତ୍ତ ଶରୀରରେ ଯେଉଁ ରୋଗ ସୃଷ୍ଟି ହୁଏ, ତାହା ହେଲା 'ପ୍ରାରବ୍ଧଜନ୍ୟ' ରୋଗ। ଯେଉଁ ରୋଗ ନିଷିଦ୍ଧ ଖିଆପିଆ, ଆହାରବିହାର ଯୋଗୁଁ ଉତ୍ପନ୍ନ ହୁଏ, ତାହା ହେଲା 'କୁପଥ୍ୟଜନ୍ୟ' ରୋଗ।

ପ୍ରଶ୍ନ—ଆମେ କିପରି ଚିହ୍ନିବା ଯେ ରୋଗ ପ୍ରାରବ୍ଧଜନ୍ୟ ବା କୁପଥ୍ୟଜନ୍ୟ?

ଉତ୍ତର—ପଥ୍ୟ ସେବନ କଲେ, ସଂଯମତା ରକ୍ଷା କଲେ ଓ ଔଷଧ ବ୍ୟବହାର କଲେ ମଧ୍ୟ ଯେଉଁ ରୋଗ ଛାଡ଼େ ନାହିଁ, ତାହାକୁ 'ପ୍ରାରବ୍ଧଜନ୍ୟ' ରୋଗ ବୋଲି ଜାଣିବା ଉଚିତ। ଔଷଧ ଏବଂ ପଥ୍ୟ ସେବନ କଲେ ଯେଉଁ ରୋଗ ଭଲ ହୋଇଯାଏ, ତାହା 'କୁପଥ୍ୟଜନ୍ୟ' ରୋଗ।

'କୁପଥ୍ୟଜନ୍ୟ' ରୋଗ ଚାରି ପ୍ରକାରର—ସାଧ୍ୟ, କୃଚ୍ଛ୍ରସାଧ୍ୟ, ଯାପ୍ୟ ଓ ଅସାଧ୍ୟ। ଯେଉଁ ରୋଗ ଔଷଧ ଖାଇଲେ ଭଲ ହୋଇଯାଏ, ତାହା 'ସାଧ୍ୟ' ରୋଗ। ଯେଉଁ ରୋଗ ଅନେକ ଦିନ ଧରି ଔଷଧ ଓ ପଥ୍ୟ ଇତ୍ୟାଦି ଅତ୍ୟଧିକ ସେବନ କଲାପରେ ଭଲ ହୁଏ, ତାହା ହେଲା 'କୃଚ୍ଛ୍ରସାଧ୍ୟ'। ଯେଉଁ ରୋଗ ପଥ୍ୟ ଆଦି ସେବନ କରିବା ଦ୍ୱାରା ଦବି ରହିଯାଏ, କିନ୍ତୁ ସଂପୂର୍ଣ୍ଣ ଭଲ ହୁଏ ନାହିଁ, ତାହା ହେଲା 'ଯାପ୍ୟ' ରୋଗ। ଯେଉଁ ରୋଗ ଔଷଧ ସେବନ ପରେ ମଧ୍ୟ ଭଲ ହୁଏ ନାହିଁ, ତାହା 'ଅସାଧ୍ୟ' ରୋଗ।

ପ୍ରାରବ୍ଧରୁ ଜାତ ରୋଗ ତ ନିଶ୍ଚୟ ଅସାଧ୍ୟ, ଏପରି କି କୁପଥ୍ୟରୁ ହେଉଥିବା ରୋଗ ମଧ୍ୟ ବେଳେ ବେଳେ ଅସାଧ୍ୟ ହୋଇଥାଏ। ଏଭଳି ଅସାଧ୍ୟ ରୋଗ ପ୍ରାୟ ଔଷଧ ଦ୍ୱାରା ଭଲ ହୁଏ ନାହିଁ। କୌଣସି ସନ୍ଥଙ୍କର ଆଶୀର୍ବାଦ ଦ୍ୱାରା, ମନ୍ତ୍ରର ପ୍ରବଳ ଅନୁଷ୍ଠାନ ଦ୍ୱାରା, ଭଗବତ୍କୃପା ଦ୍ୱାରା ଏପରି ରୋଗ ଭଲ ହୋଇପାରେ।

ପ୍ରଶ୍ନ—କୁପଥ୍ୟଜନ୍ୟ ରୋଗ ଅସାଧ୍ୟ ହେବାର କାରଣ କ'ଣ?

ଉତ୍ତର—ଏହାର ଅନେକ କାରଣ ହୋଇପାରେ; **ଯଥା**—(୧) ରୋଗ ବହୁତ ଦିନର (ପୁରୁଣା) ହୋଇଗଲେ, (୨) ତାତ୍କାଳିକ ରୁଚି ହେତୁ ରୋଗୀ କୁପଥ୍ୟ ସେବନ କଲେ, (୩) ଔଷଧ ତିଆରି କଲାବେଳେ ମାତ୍ରା ଇତ୍ୟାଦି କମ୍ ହୋଇଥିଲେ, (୪) ଯେଉଁ ଚେରମୂଳରୁ ଔଷଧ ତିଆରି ହୁଏ, ସେଗୁଡ଼ିକ ଅଧିକ ପୁରୁଣା ହୋଇଯାଇଥିଲେ, (୫) ରୋଗୀର ବୈଦ୍ୟ ଓ ଔଷଧ ଉପରେ ବିଶ୍ୱାସ ନ ଥିଲେ, (୬) ରୋଗୀ ଖିଆପିଆ ଇତ୍ୟାଦିରେ ସଂଯତ ନ ରହିଲେ, (୭) ରୋଗୀ ବ୍ରହ୍ମଚର୍ଯ୍ୟ ପାଳନ ନ କଲେ, ଇତ୍ୟାଦି। ଏହିପରି ଅନେକ କାରଣରୁ କୁପଥ୍ୟଜନ୍ୟ ରୋଗ ମଧ୍ୟ ଶୀଘ୍ର ଭଲ ହୁଏ ନାହିଁ।

ଯେଉଁ ରୋଗୀ ବାରମ୍ବାର ନାନାପ୍ରକାର ଔଷଧ ଖାଉଥାଏ, ଔଷଧକୁ ବେଶୀ ମାତ୍ରାରେ ସେବନ କରେ, ତାକୁ ଔଷଧରୁ ବିଶେଷ ଲାଭ ମିଳେ ନାହିଁ; କାରଣ ଔଷଧ ତା' ପାଇଁ ଆହାର ଭଳି ହୋଇଯାଏ। ଗାଆଁରେ ରହୁଥିବା ଲୋକେ ପ୍ରାୟ ଔଷଧ ଖାଆନ୍ତି ନାହିଁ। କିନ୍ତୁ ସେମାନେ ଯଦି ଥରେଅଧେ ମଧ୍ୟ ଔଷଧ ଖାଆନ୍ତି, ତେବେ ସେମାନଙ୍କ ଦେହରେ ଔଷଧ ଶୀଘ୍ର କାମ କରେ। ଯେଉଁମାନେ ମଦ, ଗୁଣ୍ଡି ଆଦି ନିଶାଦ୍ରବ୍ୟ ସେବନ କରନ୍ତି, ସେମାନଙ୍କର ଅନ୍ତନାଡ଼ି ଖରାପ ହୋଇଯାଏ, ଫଳରେ ସେମାନଙ୍କ ଦେହରେ ଔଷଧ କାମ କରେ ନାହିଁ। ଯେଉଁମାନେ ଧର୍ମଶାସ୍ତ୍ର ଓ ଆୟୁର୍ବେଦଶାସ୍ତ୍ରର ବିରୁଦ୍ଧ ଖିଆପିଆ, ଆହାରବିହାର କରନ୍ତି, ସେମାନଙ୍କର କୁପଥ୍ୟଜନ୍ୟ ରୋଗ ଔଷଧ ସେବନ କଲେ ମଧ୍ୟ ଦୂର ହୁଏ ନାହିଁ।

କୁପଥ୍ୟତ୍ୟାଗ, ପଥ୍ୟସେବନ ଓ ଚିକିତ୍ସାରେ ରହିବା—ଏହି ତିନୋଟି କାର୍ଯ୍ୟ ଔଷଧ ଅପେକ୍ଷା ରୋଗ ଦୂର କରିବାରେ ଅଧିକ ସହାୟକ ହୋଇଥାଏ।

ରୋଗୀ ସହିତ ଖିଆପିଆ କଲେ, ରୋଗୀ ଖାଇଥିବା ପାତ୍ରରେ ଖାଇଲେ, ରୋଗୀର ଆସନରେ ବସିଲେ, ରୋଗୀର ବସ୍ତ୍ର ଇତ୍ୟାଦି ବ୍ୟବହାର କଲେ ଏପରି ସଂକର (ମିଶ୍ରିତ) ରୋଗ ହୋଇଯାଏ, ଯାହାକୁ ଚିହ୍ନିବା ମଧ୍ୟ କଷ୍ଟସାଧ୍ୟ ହୋଇପଡ଼େ। ରୋଗ ଚିହ୍ନି ନ ହେଲେ ତା' ଦେହରେ ଔଷଧ କିପରି କାମ କରିବ?

ଯୁଗର ପ୍ରଭାବ ହେତୁ ଚେରମୂଳର ପ୍ରଭାବ ମଧ୍ୟ କମିଗଲାଣି। ଅନେକ ଦିବ୍ୟ ଚେରମୂଳ ଲୁପ୍ତ ହୋଇଗଲାଣି। ଔଷଧ ତିଆରି କରିବା ଲୋକେ ମଧ୍ୟ ଠିକ୍‌ଭାବରେ ଔଷଧ ତିଆରି କରୁ ନାହାନ୍ତି ଏବଂ ପଇସା ଲୋଭରେ ଯେଉଁ ଔଷଧରେ ଯାହା ମିଶିବା କଥା, ତାହା ନ ମିଶାଇ ଅନ୍ୟ ଜିନିଷ ମିଶାଇ ଦେଉଛନ୍ତି। ଏହି ସବୁ କାରଣରୁ ସେହି ଔଷଧର ସେଭଳି ଗୁଣ ରହୁ ନାହିଁ।

ଗାଆଁରେ ରହୁଥିବା ଲୋକେ ଶ୍ରମ ଓ ପରିଶ୍ରମ

ହେଉଥିବା କାର୍ଯ୍ୟ କରନ୍ତି ଏବଂ ମାଆଭଉଣୀମାନେ ଘରେ ବଟା, ପେଷା ଇତ୍ୟାଦି ଶ୍ରମସାଧ୍ୟ କାର୍ଯ୍ୟ କରନ୍ତି। ସେମାନଙ୍କୁ ବିଶୁଦ୍ଧ ଅନ୍ନ, ଜଳ, ବାୟୁ ମଧ୍ୟ ମିଳିଥାଏ, ତେଣୁ ସେମାନଙ୍କୁ କୁପଥ୍ୟଜନ୍ୟ ରୋଗ ହୁଏ ନାହିଁ। କିନ୍ତୁ ଯେଉଁମାନେ ସହରରେ ରହିନ୍ତି, ସେମାନେ ଶାରୀରିକ ପରିଶ୍ରମ କରନ୍ତି ନାହିଁ ଏବଂ ସେମାନଙ୍କୁ ବିଶୁଦ୍ଧ ଅନ୍ନ, ଜଳ, ବାୟୁ ଆଦି ମଧ୍ୟ ମିଳେ ନାହିଁ, ତେଣୁ ସେମାନଙ୍କର କୁପଥ୍ୟଜନ୍ୟ ରୋଗ ହୁଏ। ଅବଶ୍ୟ ପ୍ରାରବ୍ଧଜନ୍ୟ ରୋଗ ସମସ୍ତଙ୍କୁ ହୋଇଥାଏ, ସେ ଗାଆଁ ଲୋକ ହେଉ ବା ସହର ଲୋକ ହେଉ।

ମନୁଷ୍ୟ ଶାସ୍ତ୍ରର ଆଜ୍ଞା ଅନୁସାରେ ବିଶୁଦ୍ଧ ଔଷଧ ସେବନ କରିବା ଉଚିତ। ରୋଗ ହୋଇଥିଲେ ମଧ୍ୟ ଯଦି କୌଣସି ସାଧୁ, ସନ୍ୟାସୀ ବା ଗୃହସ୍ଥ ଔଷଧ ନ ଖାଏ, ତେବେ ବି ରୋଗ ଭଲ ହୋଇପାରେ; କାରଣ ଔଷଧ ନ ଖାଇବା ମଧ୍ୟ ଏକ ତପସ୍ୟା। ଏହାଦ୍ୱାରା ରୋଗ ଭଲ ହୋଇଥାଏ। ଯିଏ ରୋଗ ହେତୁ ଦୁଃଖୀ ଓ ଅପ୍ରସନ୍ନ ରହେ, ତା' ଉପରେ ରୋଗ ବେଶୀ ଜୋର୍ ଦେଖାଏ। କିନ୍ତୁ ଯିଏ ଭଜନସ୍ମରଣ କରେ, ସଂଯମତା ରକ୍ଷା କରେ ଓ ପ୍ରସନ୍ନ ରହେ, ତା' ଉପରେ ରୋଗର ପ୍ରଭାବ ବେଶୀ ପଡ଼େ ନାହିଁ। ଚିତ୍ତର ପ୍ରସନ୍ନତା ଯୋଗୁଁ ତାହାର ରୋଗ ଭଲ ହୋଇଯାଏ।

ପ୍ରାରବ୍ଧଜନ୍ୟ ରୋଗ ଭଲ ହେବାରେ ଔଷଧ କେବଳ ନିମିତ୍ତ ହୋଇଥାଏ। ମୂଳତଃ ପ୍ରାରବ୍ଧକର୍ମ ସମାପ୍ତ ହେଲେ ଯାଇ ରୋଗ ଭଲ ହୁଏ। ଯେଉଁ କର୍ମ ହେତୁ ରୋଗ ହୋଇଥାଏ, ସେହି କର୍ମଠାରୁ ଅଧିକ ମାତ୍ରାରେ ପୁଣ୍ୟକର୍ମ, ପ୍ରାୟଶ୍ଚିତ୍ତ, ମନ୍ତ୍ର ଇତ୍ୟାଦି ଅନୁଷ୍ଠାନ କରାଗଲେ ପ୍ରାରବ୍ଧଜନ୍ୟ ରୋଗ ଭଲ ହୋଇଯାଏ। ମାତ୍ର ଏଥିରେ ପ୍ରାରବ୍ଧର ବଳାବଳର ପ୍ରଭାବ ପଡ଼େ ଅର୍ଥାତ୍ ପ୍ରାରବ୍ଧ ଅପେକ୍ଷା ଅନୁଷ୍ଠାନ ଅଧିକ ବଳବାନ୍ ହେଲେ ରୋଗ ଦୂର ହୁଏ ଏବଂ ଅନୁଷ୍ଠାନ ଅପେକ୍ଷା ପ୍ରାରବ୍ଧର ବଳ ଅଧିକ ହେଲେ ରୋଗ ଦୂର ହୁଏ ନାହିଁ ଅଥବା କମ୍ ଲାଭ ହୁଏ।

ପ୍ରଶ୍ନ—ଗଳିତକୁଷ୍ଠ, ପ୍ଲେଗ୍ ଆଦି ଦ୍ୱାରା ପୀଡ଼ିତ ରୋଗୀମାନଙ୍କ ସଂସ୍ପର୍ଶରେ ଆସିବା ଫଳରେ କାହାରିକୁ ଏହି ରୋଗ ହୋଇଗଲେ ସେଥିରେ ତା'ର ପ୍ରାରବ୍ଧ ଦାୟୀ, ନା ଅନ୍ୟ କିଛି?

ଉତ୍ତର—ଯାହାର ପ୍ରାରବ୍ଧ ଖରାପ ଅର୍ଥାତ୍ ପ୍ରାରବ୍ଧର କର୍ମ ଅନୁସାରେ ଯାହାକୁ ରୋଗ ହେବା କଥା, ସେମାନଙ୍କୁ ହିଁ ଏପରି ରୋଗ ହୋଇଥାଏ, ସମସ୍ତଙ୍କୁ ହୁଏ ନାହିଁ। ପ୍ରାରବ୍ଧ ଯୋଗୁଁ ହେଉଥିବା ରୋଗରେ ରୋଗୀମାନଙ୍କର ସଂସର୍ଗ କେବଳ ନିମିତ୍ତ ହୋଇଥାଏ।

ପ୍ରଶ୍ନ—ରୋଗ ଭଲ କରିବା ପାଇଁ କେଉଁ ପ୍ରକାରର ଚିକିତ୍ସା କରିବା ଉଚିତ?

ଉତ୍ତର—ଚିକିତ୍ସା ପାଞ୍ଚ ପ୍ରକାରର—ମାନବୀୟ, ପ୍ରାକୃତିକ, ଯୌଗିକ, ଦୈବୀ ଓ ରାକ୍ଷସୀ। ଚେରମୂଳ ଆଦିରେ ତିଆରି ଔଷଧ ଦ୍ୱାରା ଯେଉଁ ଚିକିତ୍ସା କରାଯାଏ, ତାହା **'ମାନବୀୟ ଚିକିତ୍ସା'**। ଅନ୍ନ, ଜଳ, ବାୟୁ, ଖରା, ମାଟି ଆଦି ଦ୍ୱାରା ଯେଉଁ ଚିକିତ୍ସା କରାଯାଏ, ତାହା ହେଲା **'ପ୍ରାକୃତିକ ଚିକିତ୍ସା'**। ବ୍ୟାୟାମ, ଆସନ, ପ୍ରାଣାୟାମ, ସଂଯମ, ବ୍ରହ୍ମଚର୍ଯ୍ୟ ଆଦି ଦ୍ୱାରା କରାଯାଉଥିବା ଚିକିତ୍ସାକୁ **'ଯୌଗିକ ଚିକିତ୍ସା'** କୁହାଯାଏ। ମନ୍ତ୍ର, ତନ୍ତ୍ର ଇତ୍ୟାଦି ଦ୍ୱାରା ତଥା ଆଶୀର୍ବାଦ ଦ୍ୱାରା ରୋଗ ଦୂର କରିବା ହେଲା **'ଦୈବୀ ଚିକିତ୍ସା'**। କଟାକଟି (ଅସ୍ତ୍ରୋପଚାର) ଆଦି ଦ୍ୱାରା ଯେଉଁ ଚିକିତ୍ସା କରାଯାଏ, ତାହା **'ରାକ୍ଷସୀ ଚିକିତ୍ସା'**। ଉକ୍ତ ସମସ୍ତ ଚିକିତ୍ସା ମଧ୍ୟରୁ ଶରୀର ପାଇଁ ଓ ରୋଗ ଦୂର କରିବା ପାଇଁ 'ଯୌଗିକ ଚିକିତ୍ସା' ସର୍ବୋତ୍ତମ; କାରଣ ଏଥିରେ କୌଣସି ଖର୍ଚ୍ଚ ନାହିଁ, ପରାଧୀନତା ମଧ୍ୟ ନାହିଁ ଏବଂ ଆସନ, ପ୍ରାଣାୟାମ, ସଂଯମ ଇତ୍ୟାଦି ଦ୍ୱାରା ଶରୀରରେ ରୋଗ ମଧ୍ୟ ହୁଏ ନାହିଁ।

ପ୍ରଶ୍ନ—ବ୍ୟାୟାମ, ଆସନ, ପ୍ରାଣାୟାମ ଆଦି କଲେ କେଉଁ ରୋଗ ହୁଏ ନାହିଁ—କୁପଥ୍ୟଜନ୍ୟ, ନା ପ୍ରାରବ୍ଧଜନ୍ୟ?

ଉତ୍ତର—ଆସନ, ପ୍ରାଣାୟାମ, ସଂଯମ, ବ୍ରହ୍ମଚର୍ଯ୍ୟ ପାଳନ ଆଦି ଦ୍ୱାରା କୁପଥ୍ୟଜନ୍ୟ ରୋଗ ତ ହୁଏ ନାହିଁ ଏବଂ ପ୍ରାରବ୍ଧଜନ୍ୟ ରୋଗଗୁଡ଼ିକର ଉଗ୍ରତା ମଧ୍ୟ ରହେ ନାହିଁ। ଶରୀର ଉପରେ ପ୍ରାରବ୍ଧଜନ୍ୟ ରୋଗର କମ୍ ପ୍ରଭାବ ପଡ଼େ। କାରଣ ଆସନ, ପ୍ରାଣାୟାମ ଆଦି ମଧ୍ୟ କର୍ମ; ଅତଏବ ସେଗୁଡ଼ିକର ମଧ୍ୟ ଫଳ ଅଛି।

ପ୍ରଶ୍ନ—ବ୍ୟାୟାମ ଓ ଆସନ ମଧ୍ୟରେ ପାର୍ଥକ୍ୟ କ'ଣ?

ଉତ୍ତର—ଏହା ବ୍ୟାୟାମର ହିଁ ଦୁଇଟି ରୂପ—(୧) କୁସ୍ତିରୂପୀ ବ୍ୟାୟାମ, ଯଥା—ଦଣ୍ଡବୈଠକ ଇତ୍ୟାଦି; ଏବଂ (୨) ଆସନରୂପୀ (ଯୌଗିକ) ବ୍ୟାୟାମ, ଯଥା—ଶୀର୍ଷାସନ, ସର୍ବାଙ୍ଗାସନ, ମତ୍ସ୍ୟାସନ ଇତ୍ୟାଦି।

ଯେଉଁମାନେ କୁସ୍ତିରୂପୀ ବ୍ୟାୟାମ କରନ୍ତି, ସେମାନଙ୍କର ମାଂସପେଶୀଗୁଡ଼ିକ ମଜବୁତ ଓ ଟାଣ ହୋଇଯାଏ ଏବଂ ଯେଉଁମାନେ ଆସନରୂପୀ ବ୍ୟାୟାମ କରନ୍ତି, ସେମାନଙ୍କର ମାଂସପେଶୀଗୁଡ଼ିକ ନମନୀୟ ଓ ନରମ ହୋଇଯାଏ । ଦ୍ୱିତୀୟ କଥା, ଯେଉଁମାନେ କୁସ୍ତିରୂପୀ ବ୍ୟାୟାମ କରନ୍ତି, ସେମାନଙ୍କର ଶରୀର ଯୌବନରେ ତ ଖୁବ୍ ଭଲ ରହେ, କିନ୍ତୁ ବୃଦ୍ଧାବସ୍ଥାରେ ବ୍ୟାୟାମ ନ କରିବାରୁ ଶରୀରରେ ଓ ଗଣ୍ଠିମାନଙ୍କରେ କଷ୍ଟ ହୁଏ । କିନ୍ତୁ ଯେଉଁମାନେ ଆସନରୂପୀ ବ୍ୟାୟାମ କରନ୍ତି, ସେମାନଙ୍କ ଶରୀର ଯୌବନରେ ଠିକ୍ ରହେ ଏବଂ ବୃଦ୍ଧାବସ୍ଥାରେ ସେମାନେ ଆସନ ନ କଲେ ମଧ୍ୟ ଶରୀରରେ କଷ୍ଟ ହୁଏ ନାହିଁ । * ତା'ଛଡ଼ା ଆସନରୂପୀ ବ୍ୟାୟାମ କରିବା ଦ୍ୱାରା ନାଡ଼ୀମାନଙ୍କରେ ଭଲଭାବରେ ରକ୍ତପ୍ରବାହ ହୁଏ, ଯାହାଫଳରେ ଶରୀର ନୀରୋଗ ରହେ । ଧ୍ୟାନ ଆଦି କରିବାରେ ମଧ୍ୟ ଆସନରୂପୀ ବ୍ୟାୟାମ ଖୁବ୍ ସହାୟକ ହୁଏ । ଅତଏବ ଆସନରୂପୀ ବ୍ୟାୟାମ କରିବା ହିଁ ଠିକ୍ ମନେହୁଏ ।

ପ୍ରଶ୍ନ—ଲୋକମାନେ କହନ୍ତି ଯେ ଆସନ କଲେ ଶରୀର କୃଶ ହୋଇଯାଏ, ଏହା କେତେଦୂର ଠିକ୍?

ଉତ୍ତର—ହଁ, ଠିକ୍ କଥା । କିନ୍ତୁ ଆସନ ଦ୍ୱାରା ଶରୀର କୃଶ ହେଲେ ମଧ୍ୟ ଦୁର୍ବଳ ଲାଗେ ନାହିଁ । ଆସନ କଲେ ଶରୀର ନୀରୋଗ ରହେ, ଶରୀରରେ ସ୍ଫୂର୍ତ୍ତି ଆସେ, ଶରୀର ହାଲୁକା ଲାଗେ । ଆସନ ନ କଲେ ଶରୀର ସ୍ଥୂଳ ହୋଇଯାଏ, ଫଳରେ ଦେହ ଓଜନିଆ ଲାଗେ, ଶିଥିଳତା ଆସେ, କାମ କରିବାକୁ ଉତ୍ସାହ ରହେ ନାହିଁ । ଗ୍ଭଲବୁଲ କରିବାରେ ମଧ୍ୟ ପରିଶ୍ରମ ହୁଏ, ଉଠାବସା କରିବାରେ କଷ୍ଟ ହୁଏ, ବିଛଣାରେ ପଡ଼ିରହିବାକୁ ଇଚ୍ଛା ହୁଏ, ଶରୀରରେ ରୋଗ ମଧ୍ୟ ବେଶୀ ହୁଏ । ଅତଏବ ଶରୀରର କୃଶତା ଅପେକ୍ଷା ସ୍ଥୂଳତା ସେତେ ଉତ୍ତମ ନୁହେଁ । ଜଣକର ଶରୀର କୃଶ, ଅଥଚ ସେ ନୀରୋଗ ଏବଂ ଅନ୍ୟ ଜଣକର ଶରୀର ସ୍ଥୂଳ, ଅଥଚ ସେ ରୋଗୀ । ଅତଏବ ଉଭୟଙ୍କ ମଧ୍ୟରେ କୃଶ ଶରୀରଧାରୀ ହିଁ ଭଲ ।

ପ୍ରଶ୍ନ—ଆସନରୂପୀ ବ୍ୟାୟାମ କେଉଁମାନଙ୍କ ପାଇଁ ବେଶୀ ଉପଯୋଗୀ?

ଉତ୍ତର—ଯେଉଁମାନେ ଘରକାମ କରନ୍ତି, ଶ୍ରମସାଧ୍ୟ କାମ କରନ୍ତି, ସେମାନଙ୍କର ତ ସ୍ୱାଭାବିକଭାବେ ବ୍ୟାୟାମ ହେଉଥାଏ ଏବଂ ସେମାନଙ୍କୁ ବିଶୁଦ୍ଧ ବାୟୁ ମଧ୍ୟ ମିଳିଥାଏ । ତେଣୁ ସେମାନଙ୍କ ପାଇଁ ବ୍ୟାୟାମର ଆବଶ୍ୟକତା ନାହିଁ । କିନ୍ତୁ ଯେଉଁମାନେ ବୌଦ୍ଧିକ କାମ କରନ୍ତି, ଦୋକାନ, ଅଫିସ ଆଦିରେ ବସିରହିବା କାମ କରନ୍ତି, ସେମାନଙ୍କ ପାଇଁ ଆସନରୂପୀ ବ୍ୟାୟାମ ବହୁତ ଉପଯୋଗୀ ।

ପ୍ରଶ୍ନ—ବ୍ୟାୟାମ କେତେ ସମୟ କରିବା ଉଚିତ?

ଉତ୍ତର—ଦଣ୍ଡବୈଠକ କରି କରି ଯେତେବେଳେ ଶରୀର ନିସ୍ତେଜ ହୋଇଯିବ, ଥକିଯିବ, ସେତେବେଳେ କୁସ୍ତିରୂପୀ ବ୍ୟାୟାମ ଭଲ ହେଲା ବୋଲି କୁହାଯିବ । କିନ୍ତୁ ଆସନରୂପୀ ବ୍ୟାୟାମ ଅଧିକ ମାତ୍ରାରେ କରିବା ଉଚିତ ନୁହେଁ । ଶରୀରକୁ କିଛି ପରିଶ୍ରମ ହେଲାଭଳି ଜଣାଗଲେ ବ୍ୟାୟାମ ବନ୍ଦ କରିଦେବା ଉଚିତ । ଆସନରୂପୀ ବ୍ୟାୟାମ କଲାବେଳେ ମଝିରେ ମଝିରେ ଶବାସନ କରିବା ଦରକାର ।

ପ୍ରଶ୍ନ—ବ୍ୟାୟାମ କେଉଁ ସ୍ଥାନରେ କରିବା ଉଚିତ?

ଉତ୍ତର—ଯେଉଁଠି ବିଶୁଦ୍ଧ ବାୟୁ ମିଳୁଥିବ, ଜଙ୍ଗଲ ପ୍ରଭୃତି ସ୍ଥାନ ହୋଇଥିବ, ସେଠାରେ ବ୍ୟାୟାମ କଲେ ଅଧିକ ଉପକାର ମିଳେ । କୁସ୍ତିରୂପୀ ବ୍ୟାୟାମରେ ବିଶୁଦ୍ଧ ବାୟୁ ନ ମିଳିଲେ ବି ଚଳିବ, କିନ୍ତୁ ଆସନରୂପୀ ବ୍ୟାୟାମରେ ବିଶୁଦ୍ଧ ବାୟୁ ନିହାତି ଜରୁରୀ । ଯେଉଁମାନେ ସହରରେ ରହନ୍ତି, ସେମାନେ ଛାତ ଉପରେ କିଂବା କୋଠରି ଭିତରେ ଧୀରେ ଧୀରେ ପଙ୍ଖା ଚଳାଇ ଆସନ କରି ପାରନ୍ତି ।

ପ୍ରଶ୍ନ—ବ୍ୟାୟାମ କରୁଥିବା ଲୋକ କି କି ଜିନିଷ ଖାଇବା ଦରକାର?

ଉତ୍ତର—କୁସ୍ତିରୂପୀ ବ୍ୟାୟାମ କରୁଥିବା ଲୋକ ଦୁଧ, ଘିଅ ଆଦି ଯଥେଷ୍ଟ ଖାଇବା ଉଚିତ । ଦୁଧ, ଘିଅ ଆଦି ଖାଇବା ଦ୍ୱାରା ଯଦି ବାନ୍ତି ହୋଇଯାଏ, ତେବେ ମଧ୍ୟ ଚିନ୍ତା କରିବା ଉଚିତ ନୁହେଁ । ଯାହା ହେଲେ ବି ହଜମ କରିବାର ଶକ୍ତି ଅନୁସାରେ ଖାଇବା ନିହାତି ଜରୁରୀ । କିନ୍ତୁ ଆସନରୂପୀ ବ୍ୟାୟାମରେ ଶୁଦ୍ଧ, ସାତ୍ତ୍ୱିକ ତଥା ଅଳ୍ପ ପରିମାଣରେ ଆହାର କରିବା ଉଚିତ (୬ । ୧୭) ।

ପ୍ରଶ୍ନ—ଦେହରେ ଶକ୍ତି କମିଗଲେ ବେଶୀ ରୋଗ ହୁଏ—ଏ କଥା କେତେଦୂର ଠିକ୍?

* ବୃଦ୍ଧାବସ୍ଥାରେ ମଧ୍ୟ ଆସନରୂପୀ ସୂକ୍ଷ୍ମ (ସହଜ) ବ୍ୟାୟାମ କରିବା ଉଚିତ । ଏହାଦ୍ୱାରା ଶରୀର ହାଲୁକା ରହିବ ଓ ଫୁର୍ତ୍ତି ଲାଗିବ ।

ଉତ୍ତର—ଏ ବିଷୟରେ ଦୁଇଟି ମତ ଅଛି—ଆୟୁର୍ବେଦର ମତ ଓ ଧର୍ମଶାସ୍ତ୍ରର ମତ। ଆୟୁର୍ବେଦର ଦୃଷ୍ଟି ଶରୀର ଉପରେ ଥାଏ, ତେଣୁ ତାହା ମତରେ ଶରୀରରେ ଶକ୍ତି କମ୍ ହେଲେ ରୋଗ ବେଶୀ ହୁଏ। କିନ୍ତୁ ଧର୍ମଶାସ୍ତ୍ରର ଦୃଷ୍ଟି ଶୁଭ ଓ ଅଶୁଭ କର୍ମ ଉପରେ ରହେ, ତେଣୁ ତାହା ପାପକର୍ମକୁ ରୋଗ ହେବାର କାରଣ ମନେକରେ।

ଯେତେବେଳେ ମନୁଷ୍ୟର କ୍ରିୟମାଣ (କୁପଥ୍ୟଜନ୍ୟ) କର୍ମ ଅଥବା ପ୍ରାରବ୍ଧ (ପାପ) କର୍ମ ଫଳ ଦେବା ପାଇଁ ପ୍ରସ୍ତୁତ ହୁଏ, ସେତେବେଳେ କଫ, ବାତ ଓ ପିତ୍ତ ବିକୃତ ହୋଇ ନାନାପ୍ରକାର ରୋଗ ଜାତ କରିବାରେ କାରଣ ହୋଇଯାଆନ୍ତି ଏବଂ ସେତେବେଳେ ଭୂତପ୍ରେତ ମଧ୍ୟ ଶରୀର ଭିତରେ ପ୍ରବିଷ୍ଟ ହୋଇ ରୋଗ ଉତ୍ପନ୍ନ କରିପାରନ୍ତି। କୁହାଯାଇଛି—

ବୈଦ୍ୟା ବଦନ୍ତି କଫପିତ୍ତମରୁଦ୍‌ବିକାରାତ୍
ଜ୍ୟୋତିର୍ବିଦୋ ଗ୍ରହଗତିଂ ପରିବର୍ତ୍ତୟନ୍ତି।
ଭୂତା ବିଶନ୍ତୀତି ଭୂତବିଦୋ ବଦନ୍ତି
ପ୍ରାରବ୍ଧକର୍ମ ବଳବନ୍ମୁନୟୋ ବଦନ୍ତି॥

"ରୋଗ ଜାତ ହେବାରେ ବୈଦ୍ୟମାନେ କଫ, ପିତ୍ତ ଓ ବାତକୁ କାରଣ ମନେକରନ୍ତି, ଜ୍ୟୋତିଷୀମାନେ ଗ୍ରହମାନଙ୍କର ଗତିକୁ କାରଣ ବୋଲି କହନ୍ତି, ପ୍ରେତବିଦ୍ୟା ଜାଣିଥିବା ଲୋକେ ଭୂତପ୍ରେତ ପ୍ରବିଷ୍ଟ ହେବାକୁ କାରଣ ବୋଲି କହନ୍ତି, କିନ୍ତୁ ମୁନିମାନେ ପ୍ରାରବ୍ଧ କର୍ମକୁ ହିଁ ବଳବାନ୍ (କାରଣ) ମନେକରନ୍ତି।"

୧୦. ଗୀତାରେ ଭଗବାନଙ୍କ ଉଦାରତା

ଉଦାରା ଯେ ସ୍ୱସ୍ମୈ ସହିତମମତାପାଶନିହତା
ଅତସ୍ତେ ସଂଯାତା ଜନିମରଣଦୁଃଖେଷୁ ସତତମ୍।
ବିନା ସ୍ୱାର୍ଥଂ କାମଂ ସ୍ୱସକଳଜନାନାଂ ହିତକରୋ
ଭବାନେକଃ କୃଷ୍ଣସ୍ତ୍ରିଭୁବନୟ୍ୟୁଦାରୋ ବରତମଃ॥

ଅର୍ଜୁନ ଭଗବାନଙ୍କର ଐଶ୍ୱର୍ଯ୍ୟକୁ (ସଶସ୍ତ୍ର ଏକ ଅକ୍ଷୌହିଣୀ ନାରାୟଣୀ ସେନାକୁ) ଛାଡ଼ି ଭଗବାନଙ୍କୁ ଆଦରିନେଲେ, ତେଣୁ ତାଙ୍କୁ ଭଗବାନ ମଧ୍ୟ ମିଳିଲେ ଏବଂ ତତ୍‌ସହିତ ଐଶ୍ୱର୍ଯ୍ୟ ମଧ୍ୟ ମିଳିଲା। ଭଗବାନ ଅର୍ଜୁନଙ୍କ ପାଇଁ ସବୁଠୁ ଛୋଟ କାମ କଲେ ଅର୍ଥାତ୍ ପାଣ୍ଡବଙ୍କ ସାତ ଅକ୍ଷୌହିଣୀ ସେନାରେ ଭଗବାନ ଅର୍ଜୁନଙ୍କର ସାରଥି ହେଲେ (୧। ୨୧)। ଏହା ଭଗବାନଙ୍କର କେତେ ଉଦାରତା! ଯିଏ ଅନନ୍ତ ସୃଷ୍ଟିର ଧାରଣକର୍ତ୍ତା, ସମସ୍ତଙ୍କର ପାଳନପୋଷଣକର୍ତ୍ତା, ସେ ମଧ୍ୟ ଭକ୍ତଗଣଙ୍କ ପାଇଁ ମନୁଷ୍ୟରୂପ ଧାରଣ କରନ୍ତି (୪। ୬)—ଏହା ତାଙ୍କର କେତେ ଉଦାରତା!

ଯିଏ ସମତାର ଜିଜ୍ଞାସୁ ଅର୍ଥାତ୍ ସମତା ପ୍ରାପ୍ତ କରିବାକୁ ଚାହେଁ, ସେ ମଧ୍ୟ ବେଦରେ କୁହାଯାଇଥିବା ସକାମ ଅନୁଷ୍ଠାନଗୁଡ଼ିକୁ ଓ ବଡ଼ ବଡ଼ ଆକର୍ଷକ ଭୋଗକୁ ଅତିକ୍ରମ କରିଯାଏ (୬। ୪୪)। ବେଦାଧ୍ୟୟନ, ଯଜ୍ଞ, ତପସ୍ୟା ଏବଂ ଦାନ କରିବା ଦ୍ୱାରା ଯେତେ ପୁଣ୍ୟ ଫଳ ମିଳେ ବୋଲି କୁହାଯାଇଛି, ସେସବୁକୁ ସମତାପ୍ରାପ୍ତ ଯୋଗୀ ଅତିକ୍ରମ କରିଯାଏ (୮। ୨୮)। ଏଥିରୁ ଜଣାପଡୁଛି ଯେ ସମତାପ୍ରାପ୍ତି ଉଦ୍ଦେଶ୍ୟ ହେବାମାତ୍ରେ ଭଗବାନ କେତେ ଉଚ୍ଚ ପଦ ପ୍ରଦାନ କରନ୍ତି! ଭଗବାନଙ୍କ ବିଧାନ କେତେ ଉଦାର!

ପ୍ରକୃତରେ ଆର୍ତ୍ତ ଓ ଅର୍ଥାର୍ଥୀ ଭକ୍ତ ଉଦାର ନୁହନ୍ତି; କିନ୍ତୁ ଭଗବାନଙ୍କର ଏହା ବିଶେଷ ଉଦାରତା ଯେ, ଯିଏ ଯେକୌଣସି ଭାବରେ ବି ତାଙ୍କ ସହିତ ଯୁକ୍ତ ହୁଏ, ତାଙ୍କର ସମ୍ମୁଖ ହୁଏ, ତାକୁ ଭଗବାନ ଉଦାର ମନେ କରନ୍ତି—'ଉଦାରାଃ ସର୍ବ ଏବୈତେ' (୭। ୧୮)।

ପ୍ରାୟ ଲୋକେ ନିଜ ପ୍ରତି ଅନ୍ୟମାନଙ୍କର ଶ୍ରଦ୍ଧା ଉତ୍ପନ୍ନ କରାଇବା ପାଇଁ ଅନେକ ପ୍ରକାରର ନାଟକ କରନ୍ତି, ଅନ୍ୟମାନଙ୍କୁ ନିଜର ଦାସ ଓ ଶିଷ୍ୟ କରିବା ପାଇଁ ନାନା ପ୍ରପଞ୍ଚ କରନ୍ତି, କିନ୍ତୁ ଭଗବାନଙ୍କର ଉଦାରତା ଏପରି ବିଚିତ୍ର ଯେ, ଯିଏ କାମନାପୂରଣ ପାଇଁ ଯେଉଁ ଦେବତାଙ୍କୁ ଶ୍ରଦ୍ଧାପୂର୍ବକ ଉପାସନା କରିବାକୁ ଚାହେଁ, ଭଗବାନ ତା'ର ଶ୍ରଦ୍ଧାକୁ ସେହି ଦେବତାଙ୍କ ପ୍ରତି ଦୃଢ଼ କରି ଦିଅନ୍ତି ଏବଂ ତାକୁ ତା'ର ଉପାସନାର ଫଳ ମଧ୍ୟ ପ୍ରଦାନ କରନ୍ତି (୭। ୨୧-୨୨)।

ଶେଷସମୟରେ ମନୁଷ୍ୟ ଯାହା ଚିନ୍ତା କରିଥାଏ, ଶରୀର ତ୍ୟାଗ କରିବା ପରେ ସେ ତାହାକୁ ପ୍ରାପ୍ତ ହୁଏ (୮ । ୬)। ଏହି ବିଧାନରେ ଭଗବାନଙ୍କର କେତେ ଉଦାରତା ପୂରି ରହିଛି! ଶେଷସମୟରେ ହରିଣର ଚିନ୍ତନ କରିଥିବାରୁ ଭରତମୁନିଙ୍କୁ ଯେପରି ହରିଣ-ଯୋନି ମିଳିଲା, ସେହିପରି ଭଗବାନଙ୍କର ଚିନ୍ତନ କଲେ ଭଗବାନ ମିଳିଯାଆନ୍ତି। ତାତ୍ପର୍ଯ୍ୟ ଏହି ଯେ ଯେଉଁ ଅନ୍ତିମ ଚିନ୍ତନ ଦ୍ୱାରା ହରିଣ ଆଦି ଯୋନି ମିଳେ, ସେହି ଚିନ୍ତନ ଦ୍ୱାରା ଭଗବାନ ମଧ୍ୟ ମିଳିଯାଆନ୍ତି। ଭଗବାନଙ୍କର ଏହି ଉଦାରତାର କୌଣସି ସୀମା ନାହିଁ।

ବ୍ରହ୍ମଲୋକଯାଏ ଯେତେ ସବୁ ଲୋକ ଅଛି, ସେଠାକୁ ଯିବାପରେ ପୁଣି ଫେରିବାକୁ ପଡ଼େ, ଜନ୍ମ-ମରଣ ଚକ୍ରରେ ଘୂରିବାକୁ ପଡ଼େ, କିନ୍ତୁ ଭଗବାନଙ୍କୁ ପାଇଯିବା ପରେ ପୁଣି ସଂସାରକୁ ଫେରି ଆସିବାକୁ ପଡ଼େ ନାହିଁ (୮ । ୧୬)—ଏହା ଭଗବାନଙ୍କର କେତେ ମହତୀ ଉଦାରତା!

ଯେଉଁମାନେ ଅନନ୍ୟଭାବରେ ଭଗବାନଙ୍କର ଉପାସନା କରନ୍ତି, ସେମାନଙ୍କୁ ଭଗବାନ ଅପ୍ରାପ୍ତର ପ୍ରାପ୍ତି କରାଇ ଦିଅନ୍ତି (୯ । ୨୨), ତାହା ଲୌକିକ ପ୍ରାପ୍ତି ହେଉ ବା ପାରଲୌକିକ। ଲୌକିକ ପ୍ରାପ୍ତିରେ ଭଗବାନ ସେମାନଙ୍କ ଶରୀର, କୁଟୁମ୍ବ ଓ ପରିବାରର ନିର୍ବାହ ନିମିତ୍ତ ବ୍ୟବସ୍ଥା କରାଇ ଦିଅନ୍ତି ଏବଂ ସେମାନଙ୍କର ତଥା ସେମାନଙ୍କ କୁଟୁମ୍ବର ରକ୍ଷା କରନ୍ତି। କିନ୍ତୁ ଏଥିରେ ଏକ ବିଚିତ୍ର କଥା ହେଲା, ଯେଉଁ ଜିନିଷ ମିଳିଲେ ସେମାନଙ୍କର ହିତ ସାଧିତ ହୁଏ, ସେମାନେ ସଂସାରରେ ବାନ୍ଧି ହୁଅନ୍ତି ନାହିଁ, ସେସବୁ ଜିନିଷ ତ ଭଗବାନ ଦେଇ ଦିଅନ୍ତି, କିନ୍ତୁ ଯେଉଁ ଜିନିଷ ମିଳିଲେ ସେମାନଙ୍କର ହିତ ସାଧିତ ହୁଏ ନାହିଁ, ସେମାନେ ସଂସାରରେ ବାନ୍ଧି ହୋଇଯାଆନ୍ତି, ସେହି ଜିନିଷ ଭଗବାନ ଦିଅନ୍ତି ନାହିଁ। ଯଥା—ନାରଦଙ୍କ ମନରେ ବିବାହ କରିବାକୁ ଇଚ୍ଛା ହେଲା, କିନ୍ତୁ ଭଗବାନ ତାଙ୍କର ବିବାହ କରାଇ ଦେଲେ ନାହିଁ; କାରଣ ସେଥିରେ ନାରଦଙ୍କର ହିତ ସାଧିତ ହୋଇ ନ ଥାନ୍ତା। ଯଦି ଲୌକିକ ପଦାର୍ଥ ଦେଲେ ଭକ୍ତର ପତନ ହେଉ ନ ଥାଏ, ତେବେ ଲୌକିକ ଇଚ୍ଛା ନ ଥିଲେ ମଧ୍ୟ ଭଗବାନ ସେହି ଲୌକିକ ଜିନିଷ ଦେଇ ଦିଅନ୍ତି। ଯଥା—ଧ୍ରୁବ ପ୍ରଥମେ ସକାମଭାବରେ ଭଗବାନଙ୍କର ଉପାସନା କଲେ। ସେହି ଉପାସନା ଦ୍ୱାରା ତାଙ୍କ ମନରୁ ସକାମଭାବ ଦୂର ହୋଇଗଲା, ତଥାପି ଭଗବାନ ତାଙ୍କୁ ଛତିଶ ହଜାର ବର୍ଷ ପାଇଁ ରାଜ୍ୟ ଦେଲେ ଏବଂ ଧ୍ରୁବଲୋକ ସୃଷ୍ଟି କରିଦେଲେ। ତାତ୍ପର୍ଯ୍ୟ ଏହି କି, ସେମାନଙ୍କୁ ଅଲୌକିକ (ପାରଲୌକିକ) ବସ୍ତୁ ତ ଭଗବାନ ନିଶ୍ଚୟ ଦିଅନ୍ତି, ତା'ଛଡ଼ା ଯଦି ଲୌକିକ ବସ୍ତୁ ଦ୍ୱାରା ସେମାନଙ୍କର ମଙ୍ଗଳ ହୁଏ, ଭଗବାନ ତାହା ମଧ୍ୟ ଦେଇଥାଆନ୍ତି।

ଯେଉଁ ଭକ୍ତ ଭକ୍ତିଭାବରେ ପତ୍ର, ପୁଷ୍ପ, ଫଳ, ଜଳ ଇତ୍ୟାଦି ଭଗବାନଙ୍କୁ ସମର୍ପଣ କରେ, ସେସବୁକୁ ଭଗବାନ ଖାଇ ଦିଅନ୍ତି। ସେ ଏ କଥା ଭାବନ୍ତି ନାହିଁ ଯେ, ଏହା ଫୁଲ କି ପତ୍ର କି କ'ଣ (୯ । ୨୬)। କେବଳ ସେତିକି ନୁହେଁ, ଭକ୍ତର ଭାବରେ ଭାସିଯାଇ ଭଗବାନ ନିଜକୁ ମଧ୍ୟ ବିକି ଦିଅନ୍ତି—

ତୁଳସୀଦଳମାତ୍ରେଣ ଜଳସ୍ୟ ଚୁଳୁକେନ ବା।
ବିକ୍ରୀଣୀତେ ସ୍ୱମାତ୍ମାନଂ ଭକ୍ତେଭ୍ୟୋ ଭକ୍ତବତ୍ସଳଃ॥

ଏହା ତ ଭଗବାନଙ୍କ ଉଦାରତାର ଚରମସୀମା!

ସଂସାରର ପଦ, ଅଧିକାର ଇତ୍ୟାଦି ସମସ୍ତଙ୍କୁ ସମାନଭାବରେ ମିଳେ ନାହିଁ, ବରଂ ଯୋଗ୍ୟତା ଆଦି ଅନୁସାରେ ତାହା ମିଳିଥାଏ। କିନ୍ତୁ ଭଗବାନ ନିଜକୁ ସୁଲଭ କରାଇବାରେ ଏତେ ଅଧିକ ଉଦାର ନିୟମ ରଖିଛନ୍ତି ଯେ ଅତ୍ୟନ୍ତ ପାପୀ ଓ ଦୁରାଚାରୀ ମନୁଷ୍ୟ ମଧ୍ୟ ଭଗବାନଙ୍କର ଭଜନ କରିପାରେ, ଭଗବାନଙ୍କୁ ନିଜର ମାନିପାରେ, ଭଗବାନଙ୍କ ଆଡ଼କୁ ଯାଇପାରେ ଓ ତାଙ୍କୁ ପାଇପାରେ (୯ । ୩୦-୩୧)।

ଯେଉଁମାନେ କେବଳ ଭଗବାନଙ୍କ ଭଜନରେ ମଗ୍ନ ରହନ୍ତି ଓ ଭଗବାନଙ୍କ ଲୀଳା ଇତ୍ୟାଦିରେ ବୁଡ଼ି ରହନ୍ତି, ସେମାନଙ୍କର କୌଣସି ଇଚ୍ଛା ନ ଥିଲେ ମଧ୍ୟ ଭଗବାନ ନିଜ ତରଫରୁ ସେମାନଙ୍କୁ ସେହି ସ୍ତରର ଜ୍ଞାନ ପ୍ରଦାନ କରନ୍ତି, ଯାହା ଜିଜ୍ଞାସୁମାନଙ୍କୁ ମଧ୍ୟ ବଡ଼ କଷ୍ଟରେ ମିଳିଥାଏ (୧୦ । ୧୧)। ଏହା ଭଗବାନଙ୍କର କେଡ଼େ ଉଦାରତା!

ଗୀତାରେ ଅର୍ଜୁନ ଭଗବାନଙ୍କୁ ଅଳ୍ପ କିଛି ପଚ୍ଚରନ୍ତି, କିନ୍ତୁ ଭଗବାନ ତାହାର ଉତ୍ତର ବିସ୍ତାରପୂର୍ବକ ଦିଅନ୍ତି ଅର୍ଥାତ୍ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ତ ନିଶ୍ଚିତ ଦିଅନ୍ତି, ତା'ଛଡ଼ା ନିଜଆଡ଼ୁ ଆହୁରି ଅନେକ କଥା ମଧ୍ୟ କହନ୍ତି। ଅର୍ଜୁନ ଭଗବାନଙ୍କୁ ପ୍ରାର୍ଥନା କଲେ, 'ହେ ଭଗବନ୍! ମୁଁ ଆପଣଙ୍କର ଅବିନାଶୀ ରୂପ ଦେଖିବାକୁ ଚାହେଁ' (୧୧ । ୩), କିନ୍ତୁ ଭଗବାନ ତାଙ୍କୁ ଦେବରୂପ, ଉଗ୍ରରୂପ, ଅତ୍ୟୁଗ୍ରରୂପ ଆଦି ଅନେକ ସ୍ତରରେ ନିଜର ଅକ୍ଷୟ ଓ

ଅବିନାଶୀ ରୂପ ଦେଖାଇଲେ । ଯଦି ଅର୍ଜୁନ ଭଗବାନଙ୍କର ବିଶ୍ୱରୂପ ଦର୍ଶନ କରି ଭୟଭୀତ ହୋଇ ନ ଥାନ୍ତେ, ତେବେ ଭଗବାନ ନିଜର କେତେ ଯେ ରୂପ ଦେଖାଇ ଚାଲିଥାନ୍ତେ, ତାହା କ'ଣ କଣା? ଏହା ଭଗବାନଙ୍କର କେତେ ଉଦାରତା!

ନିର୍ଗୁଣ ଉପାସକମାନେ ତ ପରାଭକ୍ତି ଦ୍ୱାରା ତତ୍ତ୍ୱତଃ ଭଗବାନଙ୍କୁ ଜାଣି ତାଙ୍କ ଠାରେ ପ୍ରବିଷ୍ଟ ହୁଅନ୍ତି (୧୮ । ୫୫), କିନ୍ତୁ ଯେଉଁମାନେ ସଗୁଣ ଉପାସନା କରନ୍ତି, ସେହି ଭକ୍ତମାନଙ୍କୁ ଭଗବାନ ଜ୍ଞାନ ମଧ୍ୟ ପ୍ରଦାନ କରନ୍ତି, ଦର୍ଶନ ମଧ୍ୟ ଦିଅନ୍ତି ଏବଂ ନିଜେ ମଧ୍ୟ ମିଳିଯାଆନ୍ତି (୧୧ । ୫୪) । ଭଗବାନଙ୍କ ଠାରେ ଆବିଷ୍ଟଚିତ୍ତ ଭକ୍ତମାନଙ୍କୁ ଭଗବାନ ସ୍ୱୟଂ ସଂସାରସାଗରରୁ ଶୀଘ୍ର ଉଦ୍ଧାର କରନ୍ତି (୧୨ । ୭) । ଏହା ଭକ୍ତଙ୍କ ପ୍ରତି ଭଗବାନଙ୍କର କେତେ ବଡ଼ ଉଦାରତା ନୁହେଁ ସତେ!

ଦୀର୍ଘ ସମୟ ଧରି ଏକାନ୍ତରେ ରହି ଧାରଣା, ଧ୍ୟାନ, ସମାଧି କରିବା ପରେ ଯେଉଁ ଅବିନାଶୀ ଶାଶ୍ୱତ ପଦ ପ୍ରାପ୍ତ ହୋଇଥାଏ, ସେହି ପଦକୁ ଭକ୍ତ ସାଂସାରିକ ସମସ୍ତ କାର୍ଯ୍ୟ କରି ମଧ୍ୟ ଭଗବାନଙ୍କ କୃପାରୁ ଅନାୟାସରେ ପ୍ରାପ୍ତ କରିଥାଏ (୧୮ । ୫୧–୫୬) । ଯେ କେବଳ ଭଗବାନଙ୍କର ଶରଣାପନ୍ନ ହୋଇଯାଏ, ତାକୁ ଭଗବାନ ସମସ୍ତ ପାପରୁ ମୁକ୍ତ କରି ଦିଅନ୍ତି (୧୮ । ୬୬) । ଏହା ଭଗବାନଙ୍କର କେତେ ବଡ଼ ଉଦାରତା!

ଯିଏ ଭଗବଦ୍‌ଭକ୍ତମାନଙ୍କ ମଧ୍ୟରେ ଗୀତାର ପ୍ରଚାର କରେ, ସେ ଭଗବାନଙ୍କୁ ପ୍ରାପ୍ତ ହୁଏ । ତା'ଭଳି ପ୍ରିୟ ଭଗବାନଙ୍କର ଅନ୍ୟ କେହି ନାହିଁ । ଯଦି କେହି ପ୍ରଚାର କରିପାରେ ନାହିଁ, କିନ୍ତୁ ଗୀତାର ଅଧ୍ୟୟନ, ପଠନପାଠନ ଆଦି କରେ, ତା'ଦ୍ୱାରା ଭଗବାନ ଜ୍ଞାନଯଜ୍ଞରେ ପୂଜିତ ହୁଅନ୍ତି । ଯିଏ ଗୀତା ଅଧ୍ୟୟନ ମଧ୍ୟ କରିପାରେ ନାହିଁ, କେବଳ ଦୋଷଦୃଷ୍ଟିଶୂନ୍ୟ ହୋଇ ଶ୍ରଦ୍ଧାର ସହ ଗୀତା ଶୁଣେ, ସେ ମଧ୍ୟ ଶରୀର ଛାଡ଼ିବା ପରେ ଭଗବଦ୍ଧାମକୁ ଯାଏ (୧୮ । ୬୮–୭୧) । ଭଗବାନଙ୍କର ଏହି ଉଦାରତା ବିଷୟରେ କ'ଣ ବା କୁହାଯାଇ ପାରିବ!

କେହି ଭଗବାନଙ୍କୁ ମାନୁ ବା ନ ମାନୁ, ଭଗବାନଙ୍କର ଖଣ୍ଡନ କରୁ ବା ମଣ୍ଡନ କରୁ, ଭଗବାନଙ୍କ ଅସ୍ତିତ୍ୱକୁ ତ୍ରୈଲୋକ୍ୟରୁ ଉଠାଇ ଦେବାକୁ ମଧ୍ୟ ଚାହୁଁଥାଉ, ତଥାପି ଭଗବାନଙ୍କ ଦ୍ୱାରା ସୃଷ୍ଟ ଏହି ପୃଥିବୀ ସମସ୍ତଙ୍କୁ ସମାନଭାବରେ ଆଶ୍ରୟ ଦିଏ । ପୃଥିବୀ ଉପରେ ସମସ୍ତେ ବସନ୍ତି, ଚାଲନ୍ତି, ଝାଡ଼ାପରିଶ୍ରା କରନ୍ତି, ଗୋଇଠା ମାରନ୍ତି, ତଥାପି ପୃଥିବୀ ସେମାନଙ୍କର ଦୋଷ ଧରେ ନାହିଁ । ଭଗବାନଙ୍କ ଦ୍ୱାରା ସୃଷ୍ଟ ଜଳରେ କେହି ସ୍ନାନ କରୁ, ଲୁଗା ଧୋଉ, ଆଚମନ କରୁ ଅଥବା କୁଳି କରୁ, ତଥାପି ଜଳ ସମାନ ଭାବେ ସମସ୍ତଙ୍କର ତୃଷା ମେଣ୍ଟାଏ । ଭଗବାନଙ୍କ ଦ୍ୱାରା ସୃଷ୍ଟ ଅଗ୍ନି ସମସ୍ତଙ୍କୁ ସମାନଭାବରେ ଆଲୋକ ଦିଏ, ପ୍ରାଣୀମାନେ ଖାଉଥିବା ଚାରିପ୍ରକାରର ଅନ୍ନକୁ ହଜମ କରେ, ଆଲୋକ ଦେଇ ସମସ୍ତଙ୍କର ଭୟ ଦୂର କରେ । ଭଗବାନଙ୍କ ଦ୍ୱାରା ସୃଷ୍ଟ ବାୟୁ ସମସ୍ତଙ୍କୁ ସମାନଭାବରେ ଶ୍ୱାସ ନେବାକୁ ସୁଯୋଗ ଦିଏ, ବଞ୍ଚିବାକୁ ସୁଯୋଗ ଦିଏ, ସମସ୍ତଙ୍କୁ ସମାନଭାବରେ ବଳ ପ୍ରଦାନ କରେ । ଭଗବାନଙ୍କ ଦ୍ୱାରା ସୃଷ୍ଟ ଆକାଶ ସମସ୍ତଙ୍କୁ ସମାନଭାବରେ ଅବକାଶ ଦିଏ, ଦଶ ଦିଗରେ ସମସ୍ତଙ୍କୁ ସମାନଭାବରେ ପରିପୁଷ୍ଟ ହେବାକୁ ଓ ବଢ଼ିବାକୁ ଅବସର ଦିଏ । ଅତଏବ ଯାହାଦ୍ୱାରା ସୃଷ୍ଟ ବସ୍ତୁଗୁଡ଼ିକ ମଧ୍ୟ ଏତେ ଉଦାର, ସେହି ସୃଷ୍ଟିକର୍ତ୍ତା କେତେ ଉଦାର ହୋଇ ନ ଥିବେ!

ଯଦି କେହି ନିଜ ଘରେ ନଗରପାଳିକାର ପାଣିକଳଟିଏ ଲଗାଏ, ତେବେ ତାକୁ ଟ୍ୟାକ୍ସ ଦେବାକୁ ପଡ଼େ, କିନ୍ତୁ ଭଗବାନ ଆମ ପାଇଁ ଅନେକ ନଦୀ ବୁହାଇ ଦେଇଛନ୍ତି, ଅଥଚ ଏଥିପାଇଁ ଆମକୁ କୌଣସି ଟ୍ୟାକ୍ସ ଦେବାକୁ ପଡୁ ନାହିଁ । ଯଦି କେହି ନିଜ ଘରେ ବିଜୁଳିବତୀଟିଏ ଲଗାଏ, ତେବେ ତାକୁ ଟ୍ୟାକ୍ସ ଦେବାକୁ ପଡ଼େ, କିନ୍ତୁ ଭଗବାନ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଇତ୍ୟାଦି ସୃଷ୍ଟି କରିଥିଲେ ବି ଏଥିପାଇଁ କୌଣସି ଟ୍ୟାକ୍ସ ଦେବାକୁ ପଡୁ ନାହିଁ । ସମସ୍ତେ ବିନାମୂଲ୍ୟରେ ଆଲୁଅ ପାଆନ୍ତି । ଏହା ଭଗବାନଙ୍କର ଅସୀମ ଉଦାରତା ନୁହେଁ ତ ଆଉ କ'ଣ?

ଭଗବାନ ମନୁଷ୍ୟକୁ ଶରୀର ଇତ୍ୟାଦି ବସ୍ତୁ ଏତେ ଉଦାରତାର ସହ ଏପରି ଭାବରେ ଦେଇଛନ୍ତି ଯେ ମନୁଷ୍ୟ ଏସବୁକୁ ନିଜର ବୋଲି ଜ୍ଞାନ କରେ । ଏସବୁକୁ ନିଜର ବୋଲି ଭାବିବା ଭଗବାନଙ୍କ ଉଦାରତାର ଦୁରୁପଯୋଗ ।

ଭଗବାନ ଏମିତି ନିୟମ କରି ନାହାନ୍ତି ଯେ, ମନୁଷ୍ୟ ମୋତେ ମାନିଲେ ଯାଇ ତା'ର ଉଦ୍ଧାର ହେବ । ଏହା ଭଗବାନଙ୍କର ବହୁତ ଉଦାରତା! ମନୁଷ୍ୟ ଭଗବାନଙ୍କୁ ମାନୁ ବା ନ ମାନୁ, ସେଥିରେ ଭଗବାନଙ୍କର କୌଣସି ସ୍ପୃହା ବା ଆଗ୍ରହ ନାହିଁ, କିନ୍ତୁ ସେ ଭଗବାନଙ୍କର ବିଧାନକୁ ପାଳନ କରୁ, ଏଥିରେ ତାଙ୍କର ଆଗ୍ରହ ନିଶ୍ଚୟ ରହିଛି;

କାରଣ ଯଦି ସେ ଭଗବାନଙ୍କର ବିଧାନ ପାଳନ ନ କରେ, ତେବେ ତା'ର ପତନ ହେବ (୩।୩୨)। ଅତଏବ ମନୁଷ୍ୟ ଯଦି ବିଧାତା(ଭଗବାନ)ଙ୍କୁ ନ ମାନି କେବଳ ତାଙ୍କ ବିଧାନକୁ ମାନେ, ତେବେ ମଧ୍ୟ ତା'ର କଲ୍ୟାଣ ହୋଇଯିବ। ହଁ, ଯଦି ମନୁଷ୍ୟ ବିଧାତାଙ୍କୁ ମାନିବା ସଙ୍ଗେ ସଙ୍ଗେ ତାଙ୍କର ବିଧାନକୁ ମଧ୍ୟ ମାନିବ, ତେବେ ଭଗବାନ ନିଜକୁ ମଧ୍ୟ ତା' ନିକଟରେ ସମର୍ପିତ କରିଦେବେ। ଯଦି ସେ ବିଧାତାଙ୍କୁ ନ ମାନି କେବଳ ତାଙ୍କର ବିଧାନକୁ ମାନିବ, ତେବେ ଭଗବାନ ତାହାର ଉଦ୍ଧାର କରିଦେବେ। ତାତ୍ପର୍ଯ୍ୟ ଏହି ଯେ ବିଧାତାଙ୍କୁ ମାନୁଥିବା ଲୋକକୁ ପ୍ରେମପ୍ରାପ୍ତି ହେବ ଏବଂ କେବଳ ବିଧାନକୁ ମାନୁଥିବା ଲୋକକୁ ମୁକ୍ତି ମିଳିଯିବ।

ପ୍ରକୃତରେ ଦେଖିବାକୁ ଗଲେ କେବଳ ବିଧାନକୁ ମାନି ବିଧାତା(ଭଗବାନ)ଙ୍କୁ ନ ମାନିବା କୃତଘ୍ନତା ଅଟେ; କାରଣ ମନୁଷ୍ୟ ଯାହାକିଛି ସାଧନା କରେ, ତାହାର ସିଦ୍ଧି ଭଗବତ୍‌କୃପାରୁ ହିଁ ହୋଇଥାଏ। ଯିଏ ଯାହାକିଛି ସାଧନା କରେ, ସେଥିରେ ଭଗବାନଙ୍କର ସମ୍ବନ୍ଧ ନିଶ୍ଚୟ ରହିଥାଏ। ସଂସାର ଭଗବାନଙ୍କର, ଜୀବ ଭଗବାନଙ୍କର, ଶାସ୍ତ୍ର ଭଗବାନଙ୍କର, ବିଧାନ ଭଗବାନଙ୍କର—ସବୁଠି ଭଗବାନଙ୍କର ସମ୍ବନ୍ଧ ରହିଛି।

୧୧. ଗୀତାରେ ଭଗବାନଙ୍କର ନ୍ୟାୟପରାୟଣତା ଓ ଦୟାଳୁତା

ସଂସାରେ ଯୋ ଦୟାଳୁଶ୍ଚ ନ୍ୟାୟକାରୀ ଭବେନ୍ନ ସଃ।
କୃଷ୍ଣେ ଦୟାଳୁତା ଚୈବ ବର୍ତ୍ତେତେ ନ୍ୟାୟକାରିତା॥

ଯେଉଁଠି ନ୍ୟାୟ କରାଯାଏ ସେଠାରେ ଦୟା କରାଯାଇ ପାରେ ନାହିଁ ଏବଂ ଯେଉଁଠି ଦୟା କରାଯାଏ ସେଠାରେ ନ୍ୟାୟ କରାଯାଇ ପାରେ ନାହିଁ। କାରଣ ଯେଉଁଠି ନ୍ୟାୟ କରାଯାଏ ସେଠାରେ ଶୁଭ ଓ ଅଶୁଭ କର୍ମ ଅନୁସାରେ ପୁରସ୍କାର କିମ୍ବା ଦଣ୍ଡ ଦିଆଯାଏ; ଏବଂ ଯେଉଁଠାରେ ଦୟା କରାଯାଏ ସେଠାରେ ଦୋଷୀର ଅପରାଧକୁ କ୍ଷମା କରି ଦିଆଯାଏ, ତାକୁ ଦଣ୍ଡ ଦିଆଯାଏ ନାହିଁ। ତାତ୍ପର୍ଯ୍ୟ ହେଲା ଯେ ଦୟା କରିବା ଏବଂ ନ୍ୟାୟ କରିବା ପରସ୍ପରର ବିରୋଧୀ। ଉଭୟେ ଗୋଟିଏ ସ୍ଥାନରେ ରହିବା ଅସମ୍ଭବ। ଏପରି ସ୍ଥଳେ ଭଗବାନଙ୍କ ଠାରେ ନ୍ୟାୟପରାୟଣତା ଓ ଦୟାଳୁତା—ଉଭୟ ଏକାଠି ରହିଛି କିପରି? କିନ୍ତୁ ଏହି ଅସୁବିଧାଟି ସେତେବେଳେ ହୁଏ, ଯେତେବେଳେ ଆଇନ୍ (ବିଧାନ) ତିଆରି କରିବା ବ୍ୟକ୍ତି ନିର୍ଦ୍ଦୟୀ ହୋଇଥାଏ। ଯିଏ ଦୟାଳୁ ତା'ଦ୍ୱାରା ତିଆରି ଆଇନ୍‌ରେ ନ୍ୟାୟ ଓ ଦୟା—ଉଭୟ ରହିଥାଏ। ତା'ଦ୍ୱାରା କରାଯିବା ନ୍ୟାୟରେ ଦୟାଳୁତା ମଧ୍ୟ ଥାଏ ଏବଂ ତାହାଦ୍ୱାରା କରାଯିବା ଦୟାରେ ନ୍ୟାୟପରାୟଣତା ମଧ୍ୟ ଥାଏ। ଭଗବାନ ସମସ୍ତ ପ୍ରାଣୀଙ୍କର ସୁହୃଦ୍ ଅଟନ୍ତି—**'ସୁହୃଦଂ ସର୍ବଭୂତାନାମ୍'** (୫।୨୯); ଅତଏବ ତାଙ୍କ ବିଧାନରେ ଦୟାଳୁତା ଓ ନ୍ୟାୟପରାୟଣତା ଉଭୟ ଥାଏ।

ଭଗବାନ ଗୀତାରେ କହିଛନ୍ତି ଯେ ମନୁଷ୍ୟ ଶେଷସମୟରେ ଯେଉଁ ଯେଉଁ ଭାବର ସ୍ମରଣ କରି ଶରୀର ତ୍ୟାଗ କରେ, ସେ ସେହି ଭାବକୁ ପ୍ରାପ୍ତ ହୁଏ, ଅର୍ଥାତ୍ ଅନ୍ତିମ ସ୍ମରଣ ଅନୁସାରେ ହିଁ ତା'ର ଗତି ହୋଇଥାଏ (୮।୬)। ଏହା ହେଲା ଭଗବାନଙ୍କର ନ୍ୟାୟ। ଏଥିରେ କିଛି ପକ୍ଷପାତିତା ନାହିଁ। ଏହି ନ୍ୟାୟରେ ମଧ୍ୟ ଭଗବାନଙ୍କର ଦୟା ପୂରି ରହିଛି। ଯଥା—ଶେଷସମୟରେ ଯଦି କେହି କୁକୁରର ସ୍ମରଣ କରି ଶରୀର ଛାଡ଼େ, ତେବେ ସେ କୁକୁରଯୋନିକୁ ଯାଏ। ଯଦି କେହି ଭଗବାନଙ୍କର ସ୍ମରଣ କରି ମରିଯାଏ, ତେବେ ସେ ଭଗବାନଙ୍କୁ ପ୍ରାପ୍ତ ହୁଏ। ତାତ୍ପର୍ଯ୍ୟ ଏହି କି ଯେତିକି ମୂଲ୍ୟରେ କୁକୁରଯୋନି ମିଳେ, ସେତିକି ମୂଲ୍ୟରେ ଭଗବାନ ମଧ୍ୟ ମିଳିଯାଆନ୍ତି। ଏହିପରି ଭଗବାନଙ୍କର ଆଇନ୍‌ରେ ନ୍ୟାୟପରାୟଣତା ଆଉ ମଧ୍ୟ ଅତ୍ୟନ୍ତ ଦୟାଭାବ ପୂରି ରହିଥାଏ।

ଅତ୍ୟନ୍ତ ସଦାଗ୍ରହୀ ସାଧନାରତ ମନୁଷ୍ୟ ଅନ୍ତିମ ସମୟରେ ଭଗବାନଙ୍କର ଚିନ୍ତନ କରି ଶରୀର ଛାଡ଼ିଲେ ତାକୁ ଭଗବତ୍‌ପ୍ରାପ୍ତି ହୋଇଥାଏ, ସେହିପରି ଅତ୍ୟନ୍ତ ଦୁରାଗ୍ରହୀ ମନୁଷ୍ୟ ମଧ୍ୟ ଶେଷସମୟରେ କୌଣସି ବିଶେଷ କାରଣରୁ ଭଗବାନଙ୍କର ସ୍ମରଣ କରି ଶରୀର ଛାଡ଼ିଲେ ତାକୁ ମଧ୍ୟ ଭଗବତ୍‌ପ୍ରାପ୍ତି ହୋଇଥାଏ (୮।୫)। ଏହା ଭଗବାନଙ୍କର କେତେ ଦୟାଳୁତା ଓ ନ୍ୟାୟପରାୟଣତା!

ଭଗବାନ କହିଛନ୍ତି ଯେ ଅତ୍ୟନ୍ତ ଦୁରାଗ୍ରହୀ ମନୁଷ୍ୟ ମଧ୍ୟ ଯଦି ମୋ ଆଡ଼କୁ ଅଗ୍ରସର ହେବାପାଇଁ ଦୃଢ଼ସଂକଳ୍ପ କରି ଅନନ୍ୟଭାବରେ ମୋତେ ସ୍ମରଣ କରୁଥାଏ, ତେବେ ତାକୁ ମଧ୍ୟ ସାଧୁ ମାନିନେବା ଉଚିତ। ସେ ଖୁବ୍ ଶୀଘ୍ର ଧର୍ମାତ୍ମା ହୋଇଯାଏ ଓ ଶାଶ୍ୱତଶାନ୍ତି ପ୍ରାପ୍ତ କରେ (୯।୩୦-୩୧)। ହୁଏତ କେହି ଭାବିପାରେ ଯେ ଯଦି ଅତ୍ୟନ୍ତ ଦୁରାଗ୍ରହୀ ବ୍ୟକ୍ତି ମଧ୍ୟ ଭଗବଦ୍ଭକ୍ତ ହୋଇପାରେ ଏବଂ ଶାଶ୍ୱତଶାନ୍ତି ପ୍ରାପ୍ତ କରିପାରେ, ତା'ହେଲେ ଭଗବଦ୍ଭକ୍ତ ମଧ୍ୟ ଦୁରାଗ୍ରହୀ ଓ ପାପାତ୍ମା ହୋଇ ପାରିବ ଏବଂ ତା'ର ମଧ୍ୟ ପତନ ହୋଇ ପାରିବ। କିନ୍ତୁ ଭଗବାନଙ୍କର ନିୟମ ଏପରି ନୁହେଁ। ଭଗବାନଙ୍କର ନିୟମରେ ଏତେ ପରିମାଣରେ ଦୟା ପୂରି ରହିଛି ଯେ ଦୁରାଗ୍ରହୀର ତ ମଙ୍ଗଳ ହୁଏ, କିନ୍ତୁ ଭକ୍ତର କଦାପି ପତନ ହୁଏ ନାହିଁ—'**ନ ମେ ଭକ୍ତଃ ପ୍ରଣଶ୍ୟତି**' (୯।୩୧)। ଏଥିରେ ଭଗବାନଙ୍କର ନ୍ୟାୟପରାୟଣତା ଏବଂ ଦୟାଳୁତା ଉଭୟ ବିଦ୍ୟମାନ।

ଏଠାରେ ସନ୍ଦେହ ହୋଇପାରେ ଯେ ଯଦି ଭକ୍ତର କଦାପି ପତନ ହୁଏ ନାହିଁ, ତେବେ ଭଗବାନ ଅର୍ଜୁନଙ୍କୁ ନିଜର ଭକ୍ତରୂପେ ସ୍ୱୀକାର କରି ମଧ୍ୟ କାହିଁକି କହିଲେ ଯେ "ଯଦି ତୁମେ ଅହଙ୍କାର ଯୋଗୁଁ ମୋ କଥା ନ ମାନିବ, ତୁମର ପତନ ହୋଇଯିବ" (୧୮।୫୮)? ଏହାର ସମାଧାନ ହେଲା, ଯେତେବେଳେ ଭକ୍ତ ଅଭିମାନ ହେତୁ ଭଗବାନଙ୍କର କଥା ମାନିବ ନାହିଁ, ସେତେବେଳେ ସେ ଆଉ ଭକ୍ତ ହୋଇ ରହିବ ନାହିଁ ଏବଂ ତା'ର ପତନ ହେବ। କିନ୍ତୁ ଭକ୍ତ ଯେ ଭଗବାନଙ୍କର କଥା ମାନିବ ନାହିଁ, ଏହା ଅସମ୍ଭବ। ଅର୍ଜୁନଙ୍କୁ ଭଗବାନ କେବଳ ଏପରି ଧମକ ଦେଇ ଡରାଇଛନ୍ତି। ପ୍ରକୃତରେ ଅର୍ଜୁନ ଭଗବାନଙ୍କର କଥା ମାନିଛନ୍ତି ଏବଂ ତାଙ୍କର ପତନ ହୋଇ ନାହିଁ (୧୮।୭୩)।

ଯିଏ ସକାମଭାବରେ ଶୁଭକର୍ମ କରେ, ତାକୁ ଶୁଭକର୍ମ ଅନୁସାରେ ସ୍ୱର୍ଗ ଆଦିକୁ ପଠାଇବା ହେଲା ଭଗବାନଙ୍କର ନ୍ୟାୟ ଏବଂ ସେଠାରେ ପୁଣ୍ୟକର୍ମର ଫଳ ଭୋଗ କରାଇ ତାକୁ ଶୁଦ୍ଧ କରିବା ହେଲା ତାଙ୍କର ଦୟା। ସେହିପରି ଯିଏ ଅଶୁଭକର୍ମ କରେ, ତାକୁ ବିଭିନ୍ନ ନରକକୁ ଓ ଚଉରାଶୀ ଲକ୍ଷ ଯୋନିକୁ ପଠାଇବା ହେଲା ନ୍ୟାୟ ଏବଂ ସେଠାରେ ପାପକର୍ମର ଫଳ ଭୋଗ କରାଇ ତାକୁ ଶୁଦ୍ଧ କରିବା ଓ ନିଜ ଆଡ଼କୁ ଆକର୍ଷିତ କରିବା ହେଲା ଦୟା। ଧରାଯାଉ କାହାରିକୁ ଦୀର୍ଘକାଳ ହେଲା କୌଣସି କଷ୍ଟଦାୟକ ରୋଗ ହୋଇଛି। ଯେତେବେଳେ ସେ ଭଲ ହୋଇଯିବ, ସେତେବେଳେ ସେହି ବ୍ୟକ୍ତିକୁ ଭଗବାନଙ୍କର କଥା, ଭଗବନ୍ନାମ ଆଦି ଭଲ ଲାଗିବ। ଏ କ୍ଷେତ୍ରରେ କର୍ମ ଅନୁସାରେ ରୋଗ ହେବା ଭଗବାନଙ୍କର ନ୍ୟାୟପରାୟଣତା ଏବଂ ତାହା ଫଳରେ ଭଗବାନଙ୍କ ପ୍ରତି ରୁଚି ବଢ଼ିବା ହେଲା ଭଗବାନଙ୍କର ଦୟାଳୁତା।

ମନୁଷ୍ୟମାନେ ପାପ, ଅନ୍ୟାୟ ଇତ୍ୟାଦି ସ୍ୱ ଇଚ୍ଛାରେ କରନ୍ତି ଏବଂ ଫଳସ୍ୱରୂପ ଜେଲ୍, ଜୋରିମାନା, ଦଣ୍ଡ ଇତ୍ୟାଦି ପର ଇଚ୍ଛା ଅନୁସାରେ ଭୋଗ କରନ୍ତି। ଏଥିରେ କର୍ମ ଅନୁସାରେ ଦଣ୍ଡ ଇତ୍ୟାଦି ଭୋଗ କରାଇବା ଭଗବାନଙ୍କର ନ୍ୟାୟପରାୟଣତା ଏବଂ ସମୟ ସମୟରେ 'ମୁଁ ଦୋଷ କରିଥିବାରୁ ମୋତେ ଦଣ୍ଡ ଭୋଗିବାକୁ ପଡୁଛି; ଦୋଷ କରି ନ ଥିଲେ ମୋତେ ଦଣ୍ଡ ଭୋଗ କରିବାକୁ ପଡ଼ି ନ ଥାନ୍ତା!' ଏଭଳି ଅନୁତାପ ଓ ଚେତନା ଜାଗ୍ରତ କରାଇବା ତାଙ୍କର ଦୟାଳୁତା!

କର୍ମଗୁଡ଼ିକ ଅନୁସାରେ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତି ପ୍ରେରଣ କରିବା ଭଗବାନଙ୍କର ନ୍ୟାୟ-ପରାୟଣତା ଏବଂ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ସୁଖୀଦୁଃଖୀ ନ ହେବା ଦ୍ୱାରା ମନୁଷ୍ୟର କଲ୍ୟାଣ ସାଧିତ ହେବା ଭଗବାନଙ୍କର ଦୟାଳୁତା।

ସନ୍ଦେହ—ଶ୍ରୁତିରେ ଉଲ୍ଲେଖ ଅଛି ଯେ ଈଶ୍ୱର ଯାହାକୁ ଊର୍ଦ୍ଧ୍ୱଗତି ପ୍ରଦାନ କରିବାକୁ ଚାହାନ୍ତି, ତା'ଦ୍ୱାରା ଶୁଭକର୍ମ କରାନ୍ତି ଏବଂ ଯାହାକୁ ଅଧୋଗତିରେ ପକାଇବାକୁ ଚାହାନ୍ତି, ତା'ଦ୍ୱାରା ଅଶୁଭକର୍ମ କରାନ୍ତି—'**ଏଷ ହ୍ୟେବ ସାଧୁ କର୍ମ କାରୟତି ତଂ ଯମେଭ୍ୟୋ ଲୋକେଭ୍ୟ ଉନ୍ନିନୀଷତେ ଏଷ ହ୍ୟେବାସାଧୁ କର୍ମ କାରୟତି ତଂ ଯମଧୋ ନିନୀଷତେ**'—(କୌଷୀତକି. ୩।୮)। ଅତଏବ ଏଥିରେ ଭଗବାନଙ୍କର ନ୍ୟାୟପରାୟଣତା ଓ ଦୟାଳୁତା କ'ଣ ବା ରହିଲା? ଏହା ତ କେବଳ ପକ୍ଷପାତ ଓ ବିଷମତା।

ସମାଧାନ—ଶୁଭକର୍ମ କରାଇ ଊର୍ଦ୍ଧ୍ୱଗତିକୁ ଓ ଅଶୁଭକର୍ମ କରାଇ ଅଧୋଗତିକୁ ପ୍ରେରଣ କରିବା ଉକ୍ତ ଶ୍ରୁତି ବଚନର ତାତ୍ପର୍ଯ୍ୟ ନୁହେଁ, ବରଂ ପ୍ରାରବ୍ଧ ଅନୁସାରେ କର୍ମଫଳ ଭୋଗ କରାଇ ତାକୁ ଶୁଦ୍ଧ କରିବା ଏହାର ତାତ୍ପର୍ଯ୍ୟ। ଅର୍ଥାତ୍ ଜୀବ ନିଜର ଶୁଭାଶୁଭ କର୍ମଗୁଡ଼ିକର ଫଳ ଯେଉଁ ପ୍ରକାରେ ଭୋଗ କରିପାରିବ,

ଭଗବାନ ସେହି ପ୍ରକାର ପରିସ୍ଥିତି ଉତ୍ପନ୍ନ କରନ୍ତି ଓ ବୁଦ୍ଧିକୁ ତଦନୁରୂପ କରି ଦିଅନ୍ତି। ଧରାଯାଉ, ଶୁଭକର୍ମ ଅନୁସାରେ କୌଣସି ବେପାରୀକୁ ଲାଭ ମିଳିବାର ଅଛି। ସେତେବେଳେ ଭଗବାନ ବୁଦ୍ଧି ଓ ପରିସ୍ଥିତିକୁ ଏପରି କରିଦିଅନ୍ତି, ଯଦ୍ଦ୍ୱାରା ସେ ଶସ୍ତା ଦାମ୍‌ରେ ଜିନିଷ କିଣିବ ଏବଂ ମହଙ୍ଗା ଦାମ୍‌ରେ ବିକିବ, ଫଳରେ ତାକୁ କିଣିବା ଓ ବିକିବା ଉଭୟରେ ଲାଭ ମିଳିବ। ଯଦି ଅଶୁଭ କର୍ମ ଅନୁସାରେ କୌଣସି ବେପାରୀର କ୍ଷତି ହେବାର ଥାଏ, ତେବେ ଭଗବାନ ପରିସ୍ଥିତି ଓ ବୁଦ୍ଧିକୁ ଏପରି କରିଦେବେ, ଯଦ୍ଦ୍ୱାରା ସେ ମହଙ୍ଗା ଦାମ୍‌ରେ ଜନିଷ କିଣିବ ଓ ଶସ୍ତା ଦାମ୍‌ରେ ସେଗୁଡ଼ିକୁ ବିକିବ, ଫଳରେ ତା'ର କିଣିବା ଓ ବିକିବା ଉଭୟରେ କ୍ଷତି ହେବ। ଏହିରୂପେ କର୍ମ ଅନୁସାରେ ଲାଭ ଓ କ୍ଷତି ହେବା ଭଗବାନଙ୍କର ନ୍ୟାୟପରାୟଣତା; ଏବଂ ପରିସ୍ଥିତି ଓ ବୁଦ୍ଧିକୁ ଲାଭ ଓ କ୍ଷତି ହୋଇ ପାରିବାଭଳି କରିଦେବା ଭଗବାନଙ୍କର ଦୟାଳୁତା ଅଟେ। ଏହିପରି ଭାବରେ ଶୁଭାଶୁଭ କର୍ମର ଫଳ କଟିଯାଏ।

ଯଦି ଶ୍ରୁତି ବାକ୍ୟକୁ ଶୁଭ ଓ ଅଶୁଭ କର୍ମ କରାଇ ମନୁଷ୍ୟକୁ ଊର୍ଦ୍ଧ୍ୱଗତି ବା ଅଧୋଗତି ଦେବା ଅର୍ଥରେ ଗ୍ରହଣ କରାଯାଏ, ତେବେ 'ଭଗବାନ ନ୍ୟାୟପରାୟଣ ଓ ଦୟାଳୁ ଅଟନ୍ତି'—ଏକଥା ସିଦ୍ଧ ହେବ ନାହିଁ। 'ଭଗବାନ ସମସ୍ତ ପ୍ରାଣୀଙ୍କ ପ୍ରତି ସମ ଅଟନ୍ତି, ତାଙ୍କର କୌଣସି ପ୍ରାଣୀ ପ୍ରତି ରାଗ-ଦ୍ୱେଷ ନାହିଁ' ଏ କଥା ମଧ୍ୟ ସିଦ୍ଧ ହେବ ନାହିଁ। 'ଏପରି କାମ କର, ଏପରି କାମ କର ନାହିଁ'—ଶାସ୍ତ୍ରମାନଙ୍କର ଏହି ବିଧି ଓ ନିଷେଧ ମଧ୍ୟ ମନୁଷ୍ୟମାନଙ୍କ ପ୍ରତି ପ୍ରଯୁଜ୍ୟ ହେବ ନାହିଁ। ଗୁରୁଙ୍କ ଶିକ୍ଷା, ସନ୍ଥ-ମହାପୁରୁଷମାନଙ୍କର ଉପଦେଶ ଆଦି ସବୁକିଛି ବ୍ୟର୍ଥ ହୋଇଯିବ। ଯାହାଦ୍ୱାରା ମନୁଷ୍ୟ କର୍ତ୍ତବ୍ୟ-ଅକର୍ତ୍ତବ୍ୟର ବିଚାର କରେ, ସେହି ବିବେକ ବ୍ୟର୍ଥ ହୋଇଯିବ। ମନୁଷ୍ୟଜନ୍ମର ବିଶେଷତ୍ୱ, ସ୍ୱାତନ୍ତ୍ର୍ୟ ମଧ୍ୟ ସମାପ୍ତ ହୋଇଯିବ ଏବଂ ମନୁଷ୍ୟ ପଶୁପକ୍ଷୀମାନଙ୍କ ପରି ହୋଇଯିବ ଅର୍ଥାତ୍ ସେ ନିଜ ତରଫରୁ କୌଣସି ନୂଆ କାମ କରି ପାରିବ ନାହିଁ, ନିଜର ଉନ୍ନତି ଓ ଉଦ୍ଧାର ମଧ୍ୟ କରି ପାରିବ ନାହିଁ।

୧୨. ଗୀତାରେ ଭଗବାନଙ୍କର ବିବିଧ ରୂପରେ ପ୍ରାକଟ୍ୟ

ସ୍ୱଭକ୍ତଭାବେନ ପରିପ୍ଲୁତେନ ଭକ୍ତସ୍ୟ ଶ୍ରଦ୍ଧାପରିପାଳକେନ।
ସ୍ୱକଂ ହି କୃଷ୍ଣେନ ରଥସ୍ଥିତେନ ବିଭିନ୍ନରୂପଂ ପ୍ରକଟୀକୃତଂ ଚ॥

ଅବତାର ଗ୍ରହଣ କରିଥିବା ସମୟରେ ଭଗବାନ ଗୁପ୍ତଭାବରେ ରହିଥାନ୍ତି ଏବଂ ସମସ୍ତଙ୍କ ସମ୍ମୁଖରେ ନିଜକୁ ଭଗବଦ୍‌ରୂପରେ ପ୍ରକଟ କରନ୍ତି ନାହିଁ (୭।୨୫)। କିନ୍ତୁ ଗୀତାରେ ଅର୍ଜୁନଙ୍କର ଭାବକୁ ଦେଖି ତାଙ୍କ ଆଗରେ ଭଗବାନ କୃପାକରି ଅନେକ ରୂପରେ ପ୍ରକଟ ହୋଇଛନ୍ତି। ଯଥା—

ଭକ୍ତ ମୋ'ଦ୍ୱାରା ଯେଉଁ କାମ କରାଇବାକୁ ଚାହେଁ ଓ ମୋତେ ଯେଉଁ ରୂପରେ ଦେଖିବାକୁ ଚାହେଁ, ମୁଁ ସେହି କାମ କରେ ଏବଂ ତା'ର ଭାବ ଅନୁସାରେ ସେହିପରି ରୂପ ଧାରଣ କରେ—ଏହିପରି ନିଜକୁ ଭକ୍ତମାନର ଅଧୀନ ବୋଲି ଜଣାଇବା ପାଇଁ ଭଗବାନ ପ୍ରଥମ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ **'ସାରଥି'**ରୂପରେ ପ୍ରକଟ ହୋଇଛନ୍ତି (୧।୨୧-୨୪)।

ଯେଉଁ ମନୁଷ୍ୟ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଓ ସତ୍-ଅସତ୍ ବିଷୟରେ ଦ୍ୱନ୍ଦ୍ୱରେ ପଡ଼ିଛି, ନିଜେ କୌଣସି ନିର୍ଣ୍ଣୟ କରିପାରୁ ନାହିଁ, ସେ ମୋର ଶରଣାପନ୍ନ ହୋଇ ମୋତେ ଡାକିଲେ ମୁଁ ତାକୁ ସବୁ କହିଦିଏ, ତା'ର ଚିନ୍ତାକୁ ଦୂର କରିଦିଏ—ଏହି କଥାଟିକୁ ବୁଝାଇବା ପାଇଁ ଭଗବାନ ଦ୍ୱିତୀୟ ଅଧ୍ୟାୟରେ କିଂକର୍ତ୍ତବ୍ୟବିମୂଢ଼ ତଥା ଶରଣାପନ୍ନ ଅର୍ଜୁନଙ୍କ ଆଗରେ **'ଗୁରୁ'**ରୂପେ ପ୍ରକଟ ହୋଇଛନ୍ତି (୨।୭)।

ପରିସ୍ଥିତି ଅନୁସାରେ ମୁଁ ଯେଉଁ ବର୍ଣ୍ଣରେ ପ୍ରକଟ ହୁଏ ଏବଂ ଯେଉଁ ଆଶ୍ରମ (ବ୍ରହ୍ମଚର୍ଯ୍ୟ, ଗୃହସ୍ଥ ପ୍ରଭୃତି)ରେ ରହେ, ସେହି ଅନୁସାରେ କର୍ତ୍ତବ୍ୟପାଳନ କରିଥାଏ—ଏହା ଜଣାଇବା ପାଇଁ ଭଗବାନ ତୃତୀୟ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ **'ଆଦର୍ଶ'**ରୂପରେ ପ୍ରକଟ ହୋଇଛନ୍ତି (୩।୨୨-୨୪)।

ମୁଁ ଗୁଣ ଓ କର୍ମ ଅନୁସାରେ ପ୍ରାଣୀମାନଙ୍କୁ ସୃଷ୍ଟି କରେ ବା ସୂର୍ଯ୍ୟ ଆଦିଙ୍କର ଉପଦେଶକ ହୋଇଥାଏ ବା ଅବତାର ଧାରଣ କରି ଧର୍ମର ସ୍ଥାପନା, ଦୁଷ୍ଟମାନଙ୍କର

ବିନାଶ ଏବଂ ଭକ୍ତମାନଙ୍କୁ ରକ୍ଷା କରୁଥାଏ ବା ପୁତ୍ର ଭାବରେ ମାତାପିତାଙ୍କର ଆଦେଶ ପାଳନ କରୁଥାଏ ଅଥବା ପ୍ରାଣୀମାନଙ୍କର ମାଲିକ ହୋଇଥାଏ, କିନ୍ତୁ ମୋର ଈଶ୍ୱରତ୍ୱରେ କିଛି ପରିବର୍ତ୍ତନ ହୁଏ ନାହିଁ—ଏହି କଥା ଜଣାଇବା ପାଇଁ ଭଗବାନ ଚତୁର୍ଥ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ '**ଈଶ୍ୱର**'ରୂପେ ପ୍ରକଟ ହୋଇଛନ୍ତି (୪ । ୬)।

ମୁଁ ହିଁ ସମସ୍ତ ଯଜ୍ଞ ଓ ତପସ୍ୟାର ଭୋକ୍ତା, ସମସ୍ତ ଲୋକର ସ୍ୱାମୀ ଏବଂ ପ୍ରାଣୀମାନଙ୍କର ଅହୈତୁକୀ ମଙ୍ଗଳବିଧାନକାରୀ—ଏହିପରି ନିଜର ମହତ୍ତ୍ୱ କଥା କହି ଅର୍ଜୁନଙ୍କର ତଥା ମନୁଷ୍ୟମାନଙ୍କର ମଙ୍ଗଳ କରିବା ପାଇଁ ଭଗବାନ ପଞ୍ଚମ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ '**ସର୍ବଲୋକମହେଶ୍ୱର**'ରୂପେ ପ୍ରକଟ ହୋଇଛନ୍ତି (୫ । ୨୯)।

ଧ୍ୟାନ କରୁଥିବା ସାଧକମାନଙ୍କ ପାଇଁ ସମସ୍ତଙ୍କ ଠାରେ ମୋତେ ଏବଂ ମୋ'ଠାରେ ସମସ୍ତଙ୍କୁ ଦେଖିବା ଅତି ଜରୁରୀ ଅର୍ଥାତ୍ ଯେଉଁ ଆଡ଼େ ମନ ଯାଏ, ସେହିଠାରେ (ସବୁଠାରେ)ମୋତେ ଦେଖିବା ଆବଶ୍ୟକ। କାରଣ ଏପରି ହେଲେ ଯାଇ ମନ ମୋ'ଠାରେ ତଲ୍ଲୀନ ହୁଏ—ଏହି କଥା ବୁଝାଇବା ପାଇଁ ଭଗବାନ ଷଷ୍ଠ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ '**ବ୍ୟାପକ**'ରୂପେ ପ୍ରକଟ ହୋଇଛନ୍ତି (୬ । ୩୦)।

ସୂତାନିର୍ମିତ ମାଳିଦାନା ସୂତାଖିଅରେ ଗୁନ୍ଥା ହେଲାପରି ଏହି ସମଗ୍ର ସଂସାର ମୋ ଦ୍ୱାରା ଓତପ୍ରୋତ ଅଟେ; ସମସ୍ତ ପ୍ରାଣୀଙ୍କର ସନାତନ ବୀଜ କେବଳ ମୁଁ ଅଟେ; ବ୍ରହ୍ମ, ଅଧ୍ୟାତ୍ମ, କର୍ମ, ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ ରୂପରେ ମଧ୍ୟ ମୁଁ ହିଁ ବିଦ୍ୟମାନ—ଏହିରୂପେ '**ବାସୁଦେବଃ ସର୍ବମ୍**' ଭାବର ବୋଧ କରାଇବା ପାଇଁ ଭଗବାନ ସପ୍ତମ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ '**ସମଗ୍ର**' ରୂପରେ ପ୍ରକଟ ହୋଇଛନ୍ତି (୭ । ୨୯—୩୦)।

ସଗୁଣନିରାକାର ଏବଂ ନିର୍ଗୁଣନିରାକାରଙ୍କ ଧ୍ୟାନରେ ଯୋଗବଳର ଆବଶ୍ୟକତା ଥିବା ହେତୁ ସେହି ଦୁହିଁଙ୍କୁ ଧ୍ୟାନ କରିବା କଠିନ ବ୍ୟାପାର, କିନ୍ତୁ ମୁଁ ନିଜର ଅନନ୍ୟ ଭକ୍ତମାନଙ୍କୁ ସୁଲଭରେ ପ୍ରାପ୍ତ ହୁଏ—ଏହି କଥା ଜଣାଇବା ପାଇଁ ଭଗବାନ ଅଷ୍ଟମ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ '**ସୁଲଭ**'ରୂପେ ପ୍ରକଟ ହୋଇଛନ୍ତି (୮ । ୧୪)।

ଏହି ସଂସାରର ମାତା, ପିତା, ଧାତା, ପିତାମହ, ଗତି, ଭର୍ତ୍ତା, ନିବାସ, ବୀଜ ଆଦି ମୁଁ ହିଁ ଅଟେ ଅର୍ଥାତ୍ କାର୍ଯ୍ୟ-କାରଣ, ସତ୍-ଅସତ୍, ନିତ୍ୟ-ଅନିତ୍ୟ ଇତ୍ୟାଦି ସବୁକିଛି ମୁଁ ହିଁ ଅଟେ—ଏହି ବିଷୟ ବୁଝାଇବା ପାଇଁ ଭଗବାନ ନବମ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ '**ସତ୍-ଅସତ୍**' ରୂପରେ ପ୍ରକଟ ହୋଇଛନ୍ତି (୯ । ୧୯)।

ସମସ୍ତ ପ୍ରାଣୀଙ୍କର ଆଦି, ମଧ୍ୟ ଓ ଅନ୍ତରେ ମୁଁ ହିଁ ବିଦ୍ୟମାନ; ସର୍ଗମାନଙ୍କର ଆଦି, ମଧ୍ୟ ଓ ଅନ୍ତରେ ମୁଁ ହିଁ ବିଦ୍ୟମାନ; ସମସ୍ତ ପ୍ରାଣୀଙ୍କର ବୀଜ ମୁଁ ହିଁ ଅଟେ; ସାଧକକୁ ଯେଉଁଠି ବି କିଛି ସୌନ୍ଦର୍ଯ୍ୟ, ମହତ୍ତ୍ୱ, ଅଲୌକିକତା ଦେଖାଯାଏ, ସେସବୁ ପ୍ରକୃତରେ ମୋର—ଏହି କଥା ଜଣାଇବା ପାଇଁ ଦଶମ ଅଧ୍ୟାୟରେ ଭଗବାନ ଅର୍ଜୁନଙ୍କ ସମ୍ମୁଖରେ '**ସର୍ବୈଶ୍ୱର୍ଯ୍ୟ**'ରୂପରେ ପ୍ରକଟ ହୋଇଛନ୍ତି (୧୦ । ୪୧-୪୨)।

ମୁଁ ନିଜର କୌଣସି ଏକ ଅଂଶରେ ସଂପୂର୍ଣ୍ଣ ସଂସାରକୁ ବ୍ୟାପ୍ତ କରି ସ୍ଥିତ—ଏହା ଦର୍ଶାଇବା ପାଇଁ ଭଗବାନ ଏକାଦଶ ଅଧ୍ୟାୟରେ ଅର୍ଜୁନଙ୍କୁ ଦିବ୍ୟଚକ୍ଷୁ ଦେଇ ତାଙ୍କ ଆଗରେ '**ବିଶ୍ୱରୂପ**'ରେ ପ୍ରକଟ ହୋଇଛନ୍ତି (୧୧ । ୫—୮)।

ଯେଉଁ ଭକ୍ତଜନ ମତ୍ପରାୟଣ ହୋଇ, ସମସ୍ତ କର୍ମକୁ ମୋତେ ଅର୍ପଣ କରି ଅନନ୍ୟ ଭକ୍ତିଯୋଗ ଦ୍ୱାରା ମୋର ଅର୍ଥାତ୍ ସଗୁଣସାକାର ପରମେଶ୍ୱର ରୂପର ଧ୍ୟାନ କରି ଉପାସନା କରନ୍ତି, ମୁଁ ସେମାନଙ୍କୁ ମୃତ୍ୟୁରୂପୀ ସଂସାରସାଗରରୁ ଶୀଘ୍ର ଉଦ୍ଧାର କରେ—ଏହା ବୁଝାଇବା ପାଇଁ ଭଗବାନ ଦ୍ୱାଦଶ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ '**ସମୁଦ୍ଧର୍ତ୍ତା**'ରୂପେ ପ୍ରକଟ ହୋଇଛନ୍ତି (୧୨ । ୭)।

ଜାଣିବାର ସମସ୍ତ ବିଷୟ ମଧ୍ୟରୁ ଏକମାତ୍ର ପରମାତ୍ମତତ୍ତ୍ୱ ହିଁ ଅବଶ୍ୟ ଜାଣିବାଯୋଗ୍ୟ। ପରମାତ୍ମତତ୍ତ୍ୱ ବ୍ୟତୀତ ଅନ୍ୟ ଯେତେସବୁ ଜାଣିବାଯୋଗ୍ୟ ବିଷୟ ଅଛି, ସେସବୁକୁ ମଣିଷ ଯେତେ ଜାଣିଲେ ମଧ୍ୟ ତାହାଦ୍ୱାରା ପୂର୍ଣ୍ଣତ୍ୱ ଲାଭ ହେବ ନାହିଁ। ଯଦି ସେ ପରମାତ୍ମତତ୍ତ୍ୱକୁ ଜାଣିଯାଏ, ତେବେ ଅପୂର୍ଣ୍ଣତା ରହିବ ନାହିଁ—ଏହି କଥା ଜଣାଇବା ପାଇଁ ଭଗବାନ ତ୍ରୟୋଦଶ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ '**ଜ୍ଞେୟତତ୍ତ୍ୱ**' ରୂପରେ ପ୍ରକଟ ହୋଇଛନ୍ତି (୧୩ । ୧୨—୧୮)।

ଯେଉଁ ପ୍ରକୃତିରୁ ସତ୍ତ୍ୱ, ରଜ ଓ ତମ—ଏହି ତିନି ଗୁଣ ଉତ୍ପନ୍ନ ହୁଅନ୍ତି, ତାହାର ଅଧିଷ୍ଠାତା (ସ୍ୱାମୀ) ହେଉଛି ମୁଁ। ମହାସର୍ଗର ଆରମ୍ଭରେ ମୁଁ ହିଁ ସଂସାରରଚନା କରେ; ବ୍ରହ୍ମ, ଅବିନାଶୀ ଅମୃତ, ସନାତନଧର୍ମ ଓ ଐକାନ୍ତିକ ସୁଖର ପ୍ରତିଷ୍ଠା (ଆଶ୍ରୟ) ମୁଁ ହିଁ ଅଟେ—

ଏହା ବୁଝାଇବା ପାଇଁ ଭଗବାନ ଚତୁର୍ଦ୍ଦଶ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ **'ଆଦିପୁରୁଷ'**ରୂପେ ପ୍ରକଟ ହୋଇଛନ୍ତି (୧୪ । ୨୭) ।

ମୁଁ ହେଉଛି ଏହି ସଂସାରର ମୂଳ; ସୂର୍ଯ୍ୟ, ଚନ୍ଦ୍ର ଆଦିଙ୍କଠାରେ ମୋର ତେଜ ବିଦ୍ୟମାନ; ମୁଁ ହିଁ ନିଜ ଓଜ ଦ୍ୱାରା ପୃଥିବୀକୁ ଧାରଣ କରେ; ମୁଁ ହିଁ ବେଦସମୂହର ଜ୍ଞାତା, ବେଦତତ୍ତ୍ୱର ନିର୍ଣ୍ଣାୟକ ଏବଂ ବେଦ ଦ୍ୱାରା ଜାଣିବାଯୋଗ୍ୟ; ମୁଁ କ୍ଷର(ସଂସାର)ରୁ ଅତୀତ ଏବଂ ଅକ୍ଷର(ଜୀବାତ୍ମା)ଠାରୁ ଶ୍ରେଷ୍ଠ ଅଟେ; ବେଦ ଓ ଶାସ୍ତ୍ରମାନଙ୍କରେ ମୁଁ ହିଁ ଶ୍ରେଷ୍ଠ ପୁରୁଷ ନାମରେ ପ୍ରସିଦ୍ଧ— ନିଜର ଏହି ସର୍ବଶ୍ରେଷ୍ଠତ୍ୱ ଦର୍ଶାଇବା ପାଇଁ ଭଗବାନ ପଞ୍ଚଦଶ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ **'ପୁରୁଷୋତ୍ତମ'** ରୂପରେ ପ୍ରକଟ ହୋଇଛନ୍ତି (୧୫ । ୧୭–୧୯) ।

ଦମ୍ଭ, ଦର୍ପ, ଅଭିମାନ ଆଦି ସମସ୍ତ ଦୁର୍ଗୁଣ ମନୁଷ୍ୟକୃତ ଅର୍ଥାତ୍ ସେସବୁ ମୋର ନୁହେଁ, ମାତ୍ର ଅଭୟ, ଅହିଂସା, ସତ୍ୟ, ଦୟା, କ୍ଷମା ଆଦି ସମସ୍ତ ଉତ୍ତମ ଗୁଣ ମୋର ଏବଂ ଏଗୁଡ଼ିକ ଦ୍ୱାରା ମୋତେ ପାଇ ହୁଏ— ଏହି କଥା ଜଣାଇବା ପାଇଁ ଭଗବାନ ଷୋଡ଼ଶ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ **'ଦୈବୀସମ୍ପତ୍ତି'**ରୂପେ ପ୍ରକଟ ହୋଇଛନ୍ତି (୧୬ । ୧–୩) ।

ଯଦି କେହି ପରମାତ୍ମପ୍ରାପ୍ତି ଉଦ୍ଦେଶ୍ୟରେ ଯଜ୍ଞ, ତପସ୍ୟା, ଦାନ ଇତ୍ୟାଦି ଶୁଭକର୍ମ କରେ ଏବଂ ସେଥିରେ କିଛି ଅଙ୍ଗବୈଗୁଣ୍ୟ (ନ୍ୟୁନତା) ରହିଯାଏ, ତେବେ ଯେଉଁ ଭଗବାନଙ୍କ ପାଇଁ ଯଜ୍ଞାଦି ଅନୁଷ୍ଠାନ କରାଯାଉଥାଏ, ତାଙ୍କର ନାମ ଗ୍ରହଣ କଲେ ସେହି ନ୍ୟୁନତାର ଭରଣା ହୋଇଯାଏ—ଏହି କଥା ବୁଝାଇବା ପାଇଁ ଭଗବାନ ସପ୍ତଦଶ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ **'ଓଁ ତତ୍ ସତ୍'** ନାମରୂପେ ପ୍ରକଟ ହୋଇଛନ୍ତି (୧୭ । ୨୩) ।

ସମ୍ପୂର୍ଣ୍ଣ ଗୀତୋପଦେଶର ସାର ଅର୍ଥାତ୍ କର୍ମଯୋଗ, ଜ୍ଞାନଯୋଗ, ଧ୍ୟାନଯୋଗ ଆଦି ସମସ୍ତ ସାଧନଗୁଡ଼ିକର ସାର ହେଉଛି ଭଗବଦ୍‌ଶରଣାଗତି—ଏହା ବୁଝାଇବା ପାଇଁ ଭଗବାନ ଅଷ୍ଟାଦଶ ଅଧ୍ୟାୟରେ ଅର୍ଜୁନଙ୍କ ଆଗରେ **'ସର୍ବଶରଣ୍ୟ'**ରୂପରେ ପ୍ରକଟ ହୋଇଛନ୍ତି (୧୮ । ୬୬) ।

ତାତ୍ପର୍ଯ୍ୟ ଏହି ଯେ ସାଧକର ଭଗବାନଙ୍କ ପ୍ରତି ଭାବ ଯେତେ ମାତ୍ରାରେ ବଢ଼ି ଚାଲେ, ଭଗବାନ ତା' ଭାବ ଅନୁସାରେ ସେହି ଅନୁପାତରେ ନିଜକୁ ପ୍ରକଟ କରି ଚାଲନ୍ତି । ଏହାଦ୍ୱାରା ସାଧକଭକ୍ତର ଭାବ, ଶ୍ରଦ୍ଧା, ବିଶ୍ୱାସ ପ୍ରଭୃତି ବଢ଼ି ବଢ଼ି ଚାଲେ । ଏସବୁ ବଢ଼ି ବଢ଼ି ଶେଷରେ ଭଗବଦ୍‌ପ୍ରାପ୍ତି ହୋଇଯାଏ । ସାଧକ ଏଥିନିମିତ୍ତ ସର୍ବଦା ସାବଧାନ ରହିବା ଉଚିତ ଯେ ତା'ର ଅନନ୍ୟଭାବ କଦାପି ଟଳି ନ ଯାଉ ଓ ସେ ଅନନ୍ୟଭାବରୁ କେବେହେଲେ ବିଚଳିତ ନ ହେଉ ।

୧୩. ଗୀତାରେ ଧର୍ମ

ବର୍ଣ୍ଣେ ତୁ ଯସ୍ମିନ୍ ମନୁଜଃ ପ୍ରଜାତସ୍ତତ୍ରତ୍ୟକାର୍ଯ୍ୟଂ କଥିତଃ ସ୍ୱଧର୍ମଃ ।
ଶାସ୍ତ୍ରେଣ ତସ୍ମାନ୍ନିୟତଂ ହି କର୍ମ କର୍ତ୍ତବ୍ୟମିତ୍ୟତ୍ର ବିଧାନମସ୍ତି ॥

ଗୀତାରେ ଧର୍ମର ବର୍ଣ୍ଣନା ହେଉଛି ମୁଖ୍ୟ । ଯଦି ଗୀତାର ଆରମ୍ଭ ଓ ଶେଷ ଅକ୍ଷରଗୁଡ଼ିକର ପ୍ରତ୍ୟାହାର କରାଯାଏ ଅର୍ଥାତ୍ ଆରମ୍ଭର **'ଧର୍ମକ୍ଷେତ୍ରେ'**(୧ । ୧) ପଦରୁ **'ଧର୍'** ଓ ଶେଷ 'ମତିର୍ମମ' (୧୮ । ୭୮) ପଦରୁ 'ମ' ନିଆଯାଏ, ତେବେ **'ଧର୍ମ'** ଶବ୍ଦ ଗଠିତ ହୋଇଯାଏ । ଅତଏବ ସଂପୂର୍ଣ୍ଣ ଗୀତା ଧର୍ମର ଅନ୍ତର୍ଗତ ।

ଗୀତାରେ **'କୁଳଧର୍ମାଃ ସନାତନାଃ'** (୧ । ୪୦), **'ଜାତିଧର୍ମାଃ'** (୧ । ୪୩) ପଦମାନଙ୍କରେ ସଦାକାଳରୁ ଚଳି ଆସୁଥିବା କୁଳର ମର୍ଯ୍ୟାଦା, ରୀତି, ପରମ୍ପରା ଓ ଜାତିଗତ ପ୍ରଥା ଇତ୍ୟାଦିକୁ ମଧ୍ୟ 'ଧର୍ମ' କୁହାଯାଇଛି । **'ଧର୍ମସମ୍ମୂଢ଼ ଚେତାଃ'** (୨ । ୭) **'ସ୍ୱଧର୍ମମ୍'**, **'ଧର୍ମ୍ୟାତ୍'** (୨ । ୩୧), **'ଧର୍ମ୍ୟମ୍'**, **'ସ୍ୱଧର୍ମମ୍'** (୨ । ୩୩), **'ସ୍ୱଧର୍ମଃ'** (୩ । ୩୫; ୧୮ । ୪୭) ଆଦି ପଦମାନଙ୍କରେ ନିଜ ନିଜ ବର୍ଣ୍ଣର ଅନୁରୂପ ଶାସ୍ତ୍ରବିହିତ କର୍ତ୍ତବ୍ୟ-କର୍ମକୁ ମଧ୍ୟ 'ଧର୍ମ' ଅଥବା 'ସ୍ୱଧର୍ମ' କୁହାଯାଇଛି ଏବଂ **'ତ୍ରୟୀଧର୍ମମ୍'** (୯ । ୨୧) ପଦରେ ବୈଦିକ ଅନୁଷ୍ଠାନଗୁଡ଼ିକୁ ମଧ୍ୟ 'ଧର୍ମ' କୁହାଯାଇଛି । ଏହିସବୁ ଧର୍ମକୁ କର୍ତ୍ତବ୍ୟ ବୋଲି ଭାବି ନିଷ୍କାମଭାବରେ ତତ୍ପରତାର ସହିତ କରାଗଲେ ପରମାତ୍ମପ୍ରାପ୍ତି ହୋଇଯାଏ (୧୮ । ୪୫) ।

ଯେଉଁ ମନୁଷ୍ୟ ଯେଉଁ ବର୍ଣ୍ଣରେ ଜନ୍ମ ନେଇଛି, ସେହି ବର୍ଣ୍ଣ ଅନୁସାରେ ଶାସ୍ତ୍ର ତା'ପାଇଁ କର୍ତ୍ତବ୍ୟରୂପେ ଯେଉଁ କର୍ମ ନିୟତ କରି ଦେଇଛନ୍ତି, ତାହା ତା'ପାଇଁ 'ସ୍ୱଧର୍ମ' ଅଟେ। କିନ୍ତୁ ଶାସ୍ତ୍ର ଯାହା ପାଇଁ ଯେଉଁ କର୍ମକୁ ନିଷେଧ କରିଛନ୍ତି, ତାହା ଅନ୍ୟ ବର୍ଣ୍ଣ ପାଇଁ ବିହିତ ହେଲେ ମଧ୍ୟ ଯାହା ପାଇଁ ନିଷେଧ କରାଯାଇଛି, ତା' ପାଇଁ 'ପରଧର୍ମ' ଅଟେ। ଭଲଭାବରେ ଅନୁଷ୍ଠାନ କରାଯାଉଥିବା ପରଧର୍ମ ଅପେକ୍ଷା ଗୁଣରେ ଊଣା ଥିବା ସ୍ୱଧର୍ମ ଶ୍ରେଷ୍ଠ। ସ୍ୱଧର୍ମ ପାଳନ କରି ମୃତ୍ୟୁ ହୋଇଯିବା ମଧ୍ୟ କଲ୍ୟାଣକର, କିନ୍ତୁ ପରଧର୍ମ ଆଚରଣ କରିବା ଭୟପ୍ରଦ (୩।୩୫)।

ବର୍ଣ୍ଣ ଓ ଆଶ୍ରମ ଅନୁସାରେ ନିର୍ଦ୍ଦିଷ୍ଟ ବିହିତ କର୍ମ ଛଡ଼ା ମନୁଷ୍ୟକୁ ପରିସ୍ଥିତି ରୂପେ ଯେଉଁ କର୍ତ୍ତବ୍ୟ ପ୍ରାପ୍ତ ହୁଏ, ସେହି କର୍ତ୍ତବ୍ୟ ପାଳନ କରିବା ମଧ୍ୟ ମନୁଷ୍ୟର ସ୍ୱଧର୍ମ। ଯଥା—କୌଣସି ଛାତ୍ର ନିମିତ୍ତ ତତ୍ପରତାପୂର୍ବକ ବିଦ୍ୟା ଅଧ୍ୟୟନ କରିବା ସ୍ୱଧର୍ମ, କେହି ଶିକ୍ଷକ ହୋଇଥିଲେ ଛାତ୍ରମାନଙ୍କୁ ବିଦ୍ୟା ପଢ଼ାଇବା ତା'ର ସ୍ୱଧର୍ମ, କେହି ଗୃହୀ ହୋଇଥିଲେ ନିଜର କର୍ତ୍ତବ୍ୟ କର୍ମ କରିବା ତା'ର ସ୍ୱଧର୍ମ, ଇତ୍ୟାଦି ଇତ୍ୟାଦି। ଯିଏ ସ୍ୱୀକାର କରିଥିବା କର୍ମ(ସ୍ୱଧର୍ମ)କୁ ନିଷ୍କାମଭାବରେ ପାଳନ କରେ, ତାକୁ ପରମାତ୍ମା ମିଳନ୍ତି (୧୮।୪୫)।

ଶମ, ଦମ, ତପ, କ୍ଷମା ଆଦି ବ୍ରାହ୍ମଣର ସ୍ୱଧର୍ମ ଅଟେ (୧୮।୪୨)। ଏହାଛଡ଼ା ପଢ଼ିବା ଓ ପଢ଼ାଇବା, ଦାନ ଦେବା ଓ ଦାନ ନେବା ଆଦି ମଧ୍ୟ ବ୍ରାହ୍ମଣର ସ୍ୱଧର୍ମ ଅଟେ। ଶୌର୍ଯ୍ୟ, ତେଜ ଇତ୍ୟାଦି କ୍ଷତ୍ରିୟର ସ୍ୱଧର୍ମ (୧୮।୪୩)। ଏହାଛଡ଼ା ପରିସ୍ଥିତି ଅନୁସାରେ ପ୍ରାପ୍ତ କର୍ତ୍ତବ୍ୟର ଯଥାଯଥ ପାଳନ ମଧ୍ୟ କ୍ଷତ୍ରିୟର 'ସ୍ୱଧର୍ମ' ଅଟେ। କୃଷି କରିବା, ଗୋ-ପାଳନ କରିବା ଓ ବାଣିଜ୍ୟ କରିବା ବୈଶ୍ୟର 'ସ୍ୱଧର୍ମ' (୧୮।୪୪)। ଏହାଛଡ଼ା ପରିସ୍ଥିତି ଅନୁସାରେ ଆସୁଥିବା ଅନ୍ୟ ଆବଶ୍ୟକ କର୍ମଗୁଡ଼ିକୁ ଯଥାରୀତି ପାଳନ କରିବା ମଧ୍ୟ ବୈଶ୍ୟର 'ସ୍ୱଧର୍ମ' ଅଟେ। ସମସ୍ତଙ୍କର ସେବା କରିବା ଶୂଦ୍ରର 'ସ୍ୱଧର୍ମ' (୧୮।୪୪)। ଏହାଛଡ଼ା ପରିସ୍ଥିତି ଅନୁସାରେ ପ୍ରାପ୍ତ ଅନ୍ୟାନ୍ୟ କର୍ମକୁ ମଧ୍ୟ ପୂର୍ଣ୍ଣରୂପେ ପାଳନ କରିବା ଶୂଦ୍ରର 'ସ୍ୱଧର୍ମ'।

ଭଗବାନ କୃପାପରବଶ ହୋଇ ଅର୍ଜୁନଙ୍କ ମାଧ୍ୟମରେ ସମସ୍ତ ମନୁଷ୍ୟଙ୍କ ପାଇଁ ଗୋଟିଏ ବିଶେଷ କଥା କହିଛନ୍ତି ଯେ ତୁମେ (ଉପର୍ଯ୍ୟୁକ୍ତ) ସମ୍ପୂର୍ଣ୍ଣ ଧର୍ମର ଆଶ୍ରୟ ଛାଡ଼ି କେବଳ ମୋର ଶରଣକୁ ଆସ, ତାହାହେଲେ ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଚିନ୍ତା କର ନାହିଁ (୧୮।୬୬)। ତାତ୍ପର୍ଯ୍ୟ ଏହି ଯେ ନିଜର ବର୍ଣ୍ଣ ଓ ଆଶ୍ରମର ମର୍ଯ୍ୟାଦା ଭିତରେ ରହିବା ପାଇଁ, ନିଜ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ଉପର୍ଯ୍ୟୁକ୍ତ ସମସ୍ତ ଧର୍ମକୁ ପାଳନ କରିବା ଆବଶ୍ୟକ ଏବଂ ସଂସାରଚକ୍ରକୁ ଦୃଷ୍ଟିରେ ରଖି ଏଗୁଡ଼ିକୁ ପାଳନ କରିବା ମଧ୍ୟ ଜରୁରୀ (୩।୧୪-୧୬), କିନ୍ତୁ ଏଗୁଡ଼ିକର ଆଶ୍ରୟ ନେବା ଉଚିତ ନୁହେଁ। ଆଶ୍ରୟ କେବଳ ଭଗବାନଙ୍କର ନେବା ଉଚିତ। କାରଣ ଏଗୁଡ଼ିକ ପ୍ରକୃତରେ ସ୍ୱୟଂ(ନିଜ)ର ଧର୍ମ ନୁହେଁ, ବରଂ ଶରୀର ସହିତ ସମ୍ବନ୍ଧିତ ହୋଇଥିବା ହେତୁ ପରଧର୍ମ ଅଟେ।

ଭଗବାନ **'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ'** (୨।୪୦) ପଦରେ ସମତାକୁ, **'ଧର୍ମସ୍ୟାସ୍ୟ'** (୯।୩) ପଦରେ ଜ୍ଞାନ-ବିଜ୍ଞାନକୁ ଏବଂ **'ଧର୍ମ୍ୟାମୃତମ୍'** (୧୨।୨୦) ପଦରେ ସିଦ୍ଧ ଭକ୍ତମାନଙ୍କର ଲକ୍ଷଣଗୁଡ଼ିକୁ ମଧ୍ୟ 'ଧର୍ମ' କହିଛନ୍ତି। ଏଗୁଡ଼ିକୁ ଧର୍ମ କହିବାର ତାତ୍ପର୍ଯ୍ୟ ହେଲା, ପରମାତ୍ମାଙ୍କ ସ୍ୱରୂପ ହୋଇଥିବା ଯୋଗୁଁ ସମତା ସବୁ ପ୍ରାଣୀଙ୍କର ସ୍ୱଧର୍ମ (ସ୍ୱୟଂର ଧର୍ମ) ଅଟେ। ପରମାତ୍ମାଙ୍କୁ ପ୍ରାପ୍ତ କରାଉଥିବା ହେତୁ ଜ୍ଞାନ-ବିଜ୍ଞାନ ମଧ୍ୟ ସାଧକର ସ୍ୱଧର୍ମ ଏବଂ ସ୍ୱତଃସିଦ୍ଧ ହୋଇଥିବାରୁ ସିଦ୍ଧ ଭକ୍ତମାନଙ୍କର ଲକ୍ଷଣଗୁଡ଼ିକ ମଧ୍ୟ ସମସ୍ତଙ୍କର ସ୍ୱଧର୍ମ।

୧୪. ଗୀତାରେ ସନାତନଧର୍ମ

ଚରିଷ୍ୟୋଽଖିଳଧର୍ମେଷୁ ଧର୍ମ ଏବ ସନାତନଃ।
ଜାୟନ୍ତେ ସର୍ବଧର୍ମାସ୍ତୁ ଶାଶ୍ୱତୋ ହି ସନାତନଃ॥

ସମାଜରେ ମୁଖ୍ୟତଃ ଚାରୋଟି ଧର୍ମ ପ୍ରଚଳିତ— ସନାତନଧର୍ମ, ମୁସଲିମ୍‌ଧର୍ମ, ବୌଦ୍ଧଧର୍ମ ଓ ଖ୍ରୀଷ୍ଟଧର୍ମ। ଏହି ଚାରି ଧର୍ମ ଭିତରୁ ଗୋଟିଏ ଗୋଟିଏ ଧର୍ମର ଅନୁଗାମୀମାନଙ୍କର ସଂଖ୍ୟା କୋଟି କୋଟି। ଏହି ଚାରି

ଧର୍ମ ମଧ୍ୟରେ କେତୋଟି ଗୌଣ ଧର୍ମ ମଧ୍ୟ ଅଛି । ସନାତନଧର୍ମ ଛଡ଼ା ଅନ୍ୟ ତିନି ଧର୍ମର ମୂଳରେ ସେହି ଧର୍ମକୁ ଆରମ୍ଭ କରିଥିବା କେହି ଜଣେ ଜଣେ ବ୍ୟକ୍ତି ଅଛନ୍ତି । ଯଥା—ମୁସଲିମ୍‌ଧର୍ମର ମୂଳରେ ମୋହମ୍ମଦ ସାହେବ, ବୌଦ୍ଧ ଧର୍ମର ମୂଳରେ ଗୌତମବୁଦ୍ଧ ଓ ଖ୍ରୀଷ୍ଟଧର୍ମର ମୂଳରେ **ଯୀଶୁଖ୍ରୀଷ୍ଟ** । କିନ୍ତୁ ସନାତନଧର୍ମର ମୂଳରେ କୌଣସି ବ୍ୟକ୍ତି ନାହିଁ । କାରଣ ସନାତନଧର୍ମ କୌଣସି ବ୍ୟକ୍ତି ଦ୍ୱାରା ପରିଚାଳିତ ଧର୍ମ ନୁହେଁ । ଏହା ତ ଅନାଦିକାଳରୁ ଚାଲିଆସୁଛି । ଭଗବାନ ଯେପରି ଶାଶ୍ୱତ (ସନାତନ), ସନାତନଧର୍ମ ମଧ୍ୟ ସେହିପରି ଶାଶ୍ୱତ । ଭଗବାନ ସନାତନଧର୍ମକୁ ନିଜର ସ୍ୱରୂପ ବୋଲି କହିଛନ୍ତି—**'ବ୍ରହ୍ମଣୋ ହି ପ୍ରତିଷ୍ଠାହଂ'.......ଶାଶ୍ୱତସ୍ୟ ଚ ଧର୍ମସ୍ୟ'** (୧୪ । ୨୭) । ଯେଉଁ ଯେଉଁ ଯୁଗରେ ଯେବେ ଯେବେ ଏଇ ସନାତନ ଧର୍ମର ହ୍ରାସ ଘଟେ, ହାନି ହୁଏ, ସେହି ସେହି ସମୟରେ ଭଗବାନ ଅବତାର ଗ୍ରହଣ କରି ଏହାକୁ ସଂସ୍ଥାପିତ କରନ୍ତି (୪ । ୭–୮) । ତାତ୍ପର୍ଯ୍ୟ ଏହି ଯେ ସ୍ୱୟଂ ଭଗବାନ ମଧ୍ୟ ଏହାର ସଂସ୍ଥାପନ ଓ ରକ୍ଷା ନିମିତ୍ତ ଅବତାର ନିଅନ୍ତି, ଏହାକୁ ସୃଷ୍ଟି କରିବା ବା ଉତ୍ପନ୍ନ କରିବାକୁ ନୁହେଁ । ଅର୍ଜୁନ ମଧ୍ୟ ଭଗବାନଙ୍କୁ ସନାତନଧର୍ମର ରକ୍ଷକ ବୋଲି କହିଛନ୍ତି—**'ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା'** (୧୧ । ୧୮)

'ଉତ୍ପନ୍ନ' ଓ 'ଅନ୍ୱେଷଣ' ମଧ୍ୟରେ ପ୍ରଭେଦ ରହିଛି । ଯାହା ପ୍ରଥମରୁ ବିଦ୍ୟମାନ ନ ଥାଏ, ତାହା ଉତ୍ପନ୍ନ ହୁଏ ଏବଂ ଯାହା ପ୍ରଥମରୁ ଅଛି, ତାକୁ ଅନ୍ୱେଷଣ କରାଯାଏ । ମୁସଲିମ୍, ବୌଦ୍ଧ ଓ ଖ୍ରୀଷ୍ଟ—ଏହି ତିନି ଧର୍ମ ବ୍ୟକ୍ତି-ବିଶେଷଙ୍କ ମସ୍ତିଷ୍କରୁ ଉତ୍ପନ୍ନ । କିନ୍ତୁ ସନାତନଧର୍ମ କୌଣସି ବ୍ୟକ୍ତିର ମସ୍ତିଷ୍କରୁ ଉତ୍ପନ୍ନ ନୁହେଁ, ବରଂ ତାହା ବିଭିନ୍ନ ଋଷିମାନଙ୍କ ଦ୍ୱାରା କରାଯାଇଥିବା ଅନ୍ୱେଷଣ ଅଟେ—**'ଋଷୟୋ ମନ୍ତ୍ରଦ୍ରଷ୍ଟାରଃ'** । ସନାତନ ଧର୍ମର ମୂଳ ଖୋଜିଲେ କୌଣସି ବ୍ୟକ୍ତିବିଶେଷର ନାଆଁ ମିଳେ ନାହିଁ । ଏହା ହେଉଛି ଅନାଦି, ଅନନ୍ତ ଓ ଶାଶ୍ୱତ । ଅନ୍ୟ ସମସ୍ତ ଧର୍ମ ତଥା ମତ-ମତାନ୍ତର ମଧ୍ୟ ଏହି ସନାତନଧର୍ମରୁ ଉତ୍ପନ୍ନ ହୋଇଛି । ତେଣୁ ସେହି ସବୁ ଧର୍ମରେ ମନୁଷ୍ୟମାନଙ୍କର କଲ୍ୟାଣ ନିମିତ୍ତ ଯେଉଁ ସବୁ ଉପାୟ ନିର୍ଦ୍ଦେଶିତ, ସେଗୁଡ଼ିକୁ ମଧ୍ୟ ସନାତନଧର୍ମର ଅବଦାନ ମାନିବା ଉଚିତ । ଅତଏବ ସେହି ଧର୍ମମାନଙ୍କରେ କୁହାଯାଇଥିବା ଅନୁଷ୍ଠାନଗୁଡ଼ିକୁ ମଧ୍ୟ ନିଷ୍କାମଭାବେ କର୍ତ୍ତବ୍ୟ ମନେକରି ପାଳନ କରାଗଲେ ଯେ କଲ୍ୟାଣ ସାଧିତ ହେବ, ଏଥିରେ ସନ୍ଦେହ କରିବା ଉଚିତ ନୁହେଁ ।* ପ୍ରାଣୀର କଲ୍ୟାଣ ନିମନ୍ତେ ଯେତେ ଗଭୀର ବିବେଚନା ସନାତନଧର୍ମରେ କରାଯାଇଛି, ସେତିକି ଅନ୍ୟ ଧର୍ମମାନଙ୍କରେ ଦେଖିବାକୁ ମିଳେ ନାହିଁ । ସନାତନଧର୍ମର ସମସ୍ତ ସିଦ୍ଧାନ୍ତ ପୂର୍ଣ୍ଣତଃ ବୈଜ୍ଞାନିକ ଓ କଲ୍ୟାଣକର ।

ସନାତନଧର୍ମରେ ଯେତେଗୁଡ଼ିଏ ସାଧନ ଓ ନିୟମ ପ୍ରଦର୍ଶିତ ହୋଇଛି, ସେସବୁ ସନାତନ ଅଟେ । ସେଗୁଡ଼ିକ ଅନାଦିକାଳରୁ ପ୍ରଚଳିତ । ଯଥା—ଭଗବାନ କର୍ମଯୋଗକୁ ଅବ୍ୟୟ କହିଛନ୍ତି—**'ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍'** (୪ । ୧) ଏବଂ ଶୁକ୍ଳ ଓ କୃଷ୍ଣ ଗତି(ମାର୍ଗ)କୁ ମଧ୍ୟ ସନାତନ କହିଛନ୍ତି—**'ଶୁକ୍ଳକୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ'** (୮ । ୨୬) । ଗୀତା ପରମାତ୍ମାଙ୍କୁ ବି ସନାତନ କହେ—**'ସନାତନସ୍ତ୍ୱମ୍'** (୧୧ । ୧୮), ଜୀବାତ୍ମାକୁ ବି ସନାତନ କହେ—**'ଜୀବଭୂତଃ ସନାତନଃ'** (୧୫ । ୭), ଧର୍ମକୁ ବି ସନାତନ କହେ—**'ଶାଶ୍ୱତସ୍ୟ ଚ ଧର୍ମସ୍ୟ'** (୧୪ । ୨୭) ଏବଂ ପରମାତ୍ମାଙ୍କ ପଦକୁ ମଧ୍ୟ ସନାତନ କହେ—**'ଶାଶ୍ୱତ ପଦମବ୍ୟୟମ୍'** (୧୮ । ୫୬) । ତାତ୍ପର୍ଯ୍ୟ ଏହି ଯେ ସନାତନ ଧର୍ମରେ ସବୁକିଛି ସନାତନ ଅଟେ । ସେସବୁ ଅନାଦିକାଳରୁ ବିଦ୍ୟମାନ । ସମସ୍ତ ଧର୍ମ ମଧ୍ୟରେ ଏବଂ ସେଗୁଡ଼ିକର ନିୟମ ମଧ୍ୟରେ ଏକତା ଅସମ୍ଭବ, ବାହ୍ୟଭାବେ ଭିନ୍ନତା ଅବଶ୍ୟ ରହିବ; କିନ୍ତୁ ସକଳ ଧର୍ମ ଦ୍ୱାରା ପ୍ରାପ୍ତ କରାଯାଉଥିବା ତତ୍ତ୍ୱରେ କୌଣସି ଭିନ୍ନତା ନାହିଁ—

ପହୁଁଚେ ପହୁଁଚେ ଏକମତ, ଅନପହୁଁଚେ ମତ ଔର ।
ସଂତଦାସ ଘଡ଼ୀ ଅରଠକୀ, ଢୁରେ ଏକ ହି ଠୌର ॥
ଜବ ଲଗି କାଚୀ ଖିଚଡ଼ୀ, ତବ ଲଗି ଖଦବଦ ହୋୟ ।
ସନ୍ତଦାସ ସାକ୍ୟାଁ ପଛେ, ଖଦବଦ କରୈ ନ କୋୟ ॥

ଯେପର୍ଯ୍ୟନ୍ତ ସାଧକର ସଂସାର ସହିତ ସମ୍ବନ୍ଧ ଥାଏ, ସେପର୍ଯ୍ୟନ୍ତ ମତଭେଦ ଓ ବାଦବିବାଦ ରହେ, କିନ୍ତୁ ତତ୍ତ୍ୱପ୍ରାପ୍ତି ହୋଇଗଲେ ତତ୍ତ୍ୱଭେଦ ରହେ ନାହିଁ ।

---

* ପ୍ରତ୍ୟେକ ଧର୍ମରେ କୁଧର୍ମ, ଅଧର୍ମ ଓ ପରଧର୍ମ ରହିଥାଏ । ଅନ୍ୟର ଅନିଷ୍ଟ ଭାବ, କୁଟନୀତି ଆଦି 'ଧର୍ମରେ କୁଧର୍ମ', ଯଜ୍ଞରେ ପଶୁବଳି ଦେବା ଆଦି 'ଧର୍ମରେ ଅଧର୍ମ' ଏବଂ ଯାହା ନିଜ ପାଇଁ ନିଷିଦ୍ଧ, ସେପରି ଅନ୍ୟ ବର୍ଣ୍ଣ ଇତ୍ୟାଦିର ଧର୍ମ 'ଧର୍ମରେ ପରଧର୍ମ' ଅଟେ । କୁଧର୍ମ, ଅଧର୍ମ, ପରଧର୍ମ ଦ୍ୱାରା କଲ୍ୟାଣ ହୁଏ ନାହିଁ । କଲ୍ୟାଣ ସେହି ଧର୍ମ ଦ୍ୱାରା ହୁଏ, ଯେଉଁଠି ନିଜର ସ୍ୱାର୍ଥ ଓ ଅଭିମାନ ନ ଥାଏ ଓ ଅନ୍ୟମାନଙ୍କର ବର୍ତ୍ତମାନ ତଥା ଭବିଷ୍ୟତରେ ହିତ ସାଧିତ ହୁଏ ।

ଯେଉଁ ମତବାଦୀମାନେ କେବଳ ନିଜର ଗୋଷ୍ଠୀଗଠନ ଓ ତାହାର ବିସ୍ତାରରେ ବ୍ୟସ୍ତ, ସେମାନଙ୍କର ପ୍ରକୃତ ଜିଜ୍ଞାସା ନ ଥାଏ। ଗୋଷ୍ଠୀ ଗଠିତ ହେଲେ ମଧ୍ୟ ସେମାନଙ୍କର ମହତ୍ତ୍ୱ ବଢ଼େ ନାହିଁ। ଗୋଷ୍ଠୀ ଗଢ଼ିବା ବ୍ୟକ୍ତି ସବୁ ଧର୍ମରେ ଅଛନ୍ତି। ସେମାନେ ଧର୍ମ ନାଆଁରେ ନିଜ ବ୍ୟକ୍ତିତ୍ୱର ହିଁ ପୂଜା କରନ୍ତି ଓ କରାନ୍ତି। କିନ୍ତୁ ଯାହାଙ୍କ ହୃଦୟରେ ତତ୍ତ୍ୱପ୍ରାପ୍ତି ପାଇଁ ପ୍ରକୃତ ଜିଜ୍ଞାସା ଥାଏ, ସେମାନେ ଗୋଷ୍ଠୀ ଗଢ଼ନ୍ତି ନାହିଁ। ସେମାନେ ତତ୍ତ୍ୱର ଅନ୍ୱେଷଣ କରନ୍ତି। ଗୀତା ମଧ୍ୟ ଗୋଷ୍ଠୀଗଠନକୁ ପ୍ରାଧାନ୍ୟ ଦେଇ ନାହିଁ, ବରଂ ଜୀବର କଲ୍ୟାଣକୁ ପ୍ରାଧାନ୍ୟ ଦେଇଛି। ଗୀତା ଅନୁସାରେ ଯେକୌଣସି ଧର୍ମରେ ବିଶ୍ୱାସ କରୁଥିବା ବ୍ୟକ୍ତି ନିଷ୍କାମଭାବରେ ନିଜର କର୍ତ୍ତବ୍ୟ ପାଳନ କରି ଆତ୍ମକଲ୍ୟାଣ କରିପାରେ। ଗୀତା ସନାତନଧର୍ମକୁ ସମ୍ମାନ ଦେଇ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ଆଗ୍ରହ ରଖେ ନାହିଁ ଏବଂ କୌଣସି ଧର୍ମକୁ ବିରୋଧ ମଧ୍ୟ କରେ ନାହିଁ। ଅତଏବ ଗୀତା ହେଉଛି ଏକ ସାର୍ବଭୌମ ଗ୍ରନ୍ଥ।

୧୪. ଗୀତାରେ ଜ୍ୟୋତିଷ

ମହାପ୍ରଳୟପର୍ଯ୍ୟନ୍ତଂ କାଳଚକ୍ରଂ ପ୍ରକୀର୍ତ୍ତିତମ୍।
କାଳଚକ୍ରବିମୋକ୍ଷାର୍ଥଂ ଶ୍ରୀକୃଷ୍ଣଂ ଶରଣଂ ବ୍ରଜ॥

ଜ୍ୟୋତିଷରେ କାଳ ମୁଖ୍ୟ ଅଟେ ଅର୍ଥାତ୍ କାଳକୁ ଆଧାର କରି ହିଁ ଜ୍ୟୋତିଷ ଚାଲେ। ସେହି କାଳକୁ ଭଗବାନ ନିଜର ସ୍ୱରୂପ ବୋଲି ପ୍ରତିପାଦିତ କରିବାକୁ ଯାଇ କହିଛନ୍ତି ଯେ 'ଗଣନାକାରୀମାନଙ୍କ ଭିତରେ ମୁଁ ହେଉଛି କାଳ—**'କାଳଃ କଳୟତାମହମ୍'** (୧୦।୩୦)। ସେହି କାଳର ଗଣନା ସୂର୍ଯ୍ୟଙ୍କୁ ଆଧାର କରି ହୁଏ। ସୂର୍ଯ୍ୟଙ୍କୁ ଭଗବାନ **'ଜ୍ୟୋତିଷାଂ ରବିରଂଶୁମାନ୍'** (୧୦।୨୧) କହି ନିଜର ସ୍ୱରୂପ ବୋଲି କହିଛନ୍ତି।

ସତେଇଶଟି ନକ୍ଷତ୍ର ଅଛନ୍ତି। ନକ୍ଷତ୍ରମାନଙ୍କର ବର୍ଣ୍ଣନା ଭଗବାନ **'ନକ୍ଷତ୍ରାଣାମହଂ ଶଶୀ'**(୧୦।୨୧) ପଦରେ କରିଛନ୍ତି। ଗୋଟିଏ ରାଶିରେ ୨$\frac{୧}{୪}$ଟି ନକ୍ଷତ୍ର ଭୋଗ ହୁଏ। ଏହିରୂପେ ବାରଟି ରାଶିରେ ୨୭ଟି ନକ୍ଷତ୍ର ଭୋଗ ହୁଏ। ସେହି ବାରଟି ରାଶିରେ ସୂର୍ଯ୍ୟ ଭ୍ରମଣ କରନ୍ତି ଅର୍ଥାତ୍ ଗୋଟିଏ ରାଶିରେ ସୂର୍ଯ୍ୟ ମାସେ ରହନ୍ତି। ମାସମାନଙ୍କର ବର୍ଣ୍ଣନା ଭଗବାନ **'ମାସାନାଂ ମାର୍ଗଶୀର୍ଷୋଽହମ୍'** (୧୦।୩୫) ପଦରେ କରିଛନ୍ତି। ଦୁଇ ମାସରେ ଏକ ଋତୁ ହୁଏ। ଏହାର ବର୍ଣ୍ଣନା **'ଋତୂନାଂ କୁସୁମାକରଃ'** ପଦରେ କରାଯାଇଛି। ତିନି ଋତୁରେ ଏକ ଅୟନ ହୁଏ। ଅୟନ ଦୁଇଟି—ଉତ୍ତରାୟଣ ଓ ଦକ୍ଷିଣାୟନ। ଏହାର ବର୍ଣ୍ଣନା ଅଷ୍ଟମ ଅଧ୍ୟାୟର ୨୪ଶ ଓ ୨୫ଶ ଶ୍ଳୋକରେ ହୋଇଛି। ଦୁଇ ଅୟନକୁ ମିଶାଇଲେ ଗୋଟିଏ ବର୍ଷ ହୁଏ। ଲକ୍ଷ ଲକ୍ଷ ବର୍ଷରେ ଗୋଟିଏ ଯୁଗ ହୁଏ।* ଏହାର ବର୍ଣ୍ଣନା ଭଗବାନ **'ସମ୍ଭବାମି ଯୁଗେ ଯୁଗେ'** (୪।୮) ପଦରେ କରିଛନ୍ତି। ଏମିତି ଚାରିଯୁଗ (ସତ୍ୟ, ତ୍ରେତା, ଦ୍ୱାପର, କଳି)ରେ ଏକ ଚତୁର୍ଯ୍ୟୁଗୀ ହୁଏ। ଏକ ହଜାର ଚତୁର୍ଯ୍ୟୁଗୀରେ ବ୍ରହ୍ମାଙ୍କର ଗୋଟିଏ ଦିନ (ସର୍ଗ) ଓ ଏକ ହଜାର ଚତୁର୍ଯ୍ୟୁଗୀରେ ବ୍ରହ୍ମାଙ୍କର ଗୋଟିଏ ରାତି (ପ୍ରଳୟ) ହୁଏ। ଏହାର ବର୍ଣ୍ଣନା ଅଷ୍ଟମ ଅଧ୍ୟାୟର ୧୭ଶ ଶ୍ଳୋକରୁ ୧୯ଶ ଶ୍ଳୋକ ମଧ୍ୟରେ କରାଯାଇଛି। ଏହିରୂପେ ବ୍ରହ୍ମାଙ୍କର ଆୟୁ ଶହେ ବର୍ଷ। ବ୍ରହ୍ମାଙ୍କର ଆୟୁ ପୂର୍ଣ୍ଣ ହେବାପରେ ମହାପ୍ରଳୟ ହୁଏ। ସେତେବେଳେ ସବୁକିଛି ପରମାତ୍ମାଙ୍କ ଠାରେ ଲୀନ ହୋଇଯାଏ। ଏହାର ବର୍ଣ୍ଣନା ଭଗବାନ **'କଳ୍ପକ୍ଷୟେ'** (୯।୭) ପଦରେ କରିଛନ୍ତି। ଏହି ମହାପ୍ରଳୟରେ କେବଳ **'ଅକ୍ଷୟକାଳ'**ରୂପୀ ପରମାତ୍ମା ହିଁ ରହନ୍ତି। ଏହାର ବର୍ଣ୍ଣନା ଭଗବାନ **'ଅହମେବାକ୍ଷୟଃ କାଳଃ'** (୧୦।୩୩) ପଦରେ କରିଛନ୍ତି।

ତାତ୍ପର୍ଯ୍ୟ ଏହି ଯେ ମହାପ୍ରଳୟ ପର୍ଯ୍ୟନ୍ତ ହିଁ ଜ୍ୟୋତିଷର ଗଣନା ଚାଲେ ଅର୍ଥାତ୍ ପ୍ରକୃତିରାଜ୍ୟରେ ହିଁ ଜ୍ୟୋତିଷର ଗଣନା ହୋଇଥାଏ, ପ୍ରକୃତିରୁ ଅତୀତ ପରମାତ୍ମାଙ୍କ ଠାରେ ଜ୍ୟୋତିଷ କାମ କରେ ନାହିଁ। ଅତଏବ ମନୁଷ୍ୟ ଏହି ପ୍ରାକୃତ କାଳଚକ୍ରରୁ ମୁକ୍ତି ପାଇବା ପାଇଁ, ଏହାଠାରୁ ଅତୀତ ହେବା ନିମିତ୍ତ, ଅକ୍ଷୟକାଳରୂପୀ ପରମାତ୍ମାଙ୍କର ଶରଣ ନେବା ଉଚିତ।

* ୧୭,୨୮,୦୦୦ ବର୍ଷରେ ଗୋଟିଏ ସତ୍ୟଯୁଗ, ୧୨,୯୬,୦୦୦ ବର୍ଷରେ ଗୋଟିଏ ତ୍ରେତାଯୁଗ, ୮,୬୪,୦୦୦ ବର୍ଷରେ ଗୋଟିଏ ଦ୍ୱାପର ଯୁଗ ଓ ୪,୩୨,୦୦୦ ବର୍ଷରେ ଗୋଟିଏ କଳିଯୁଗ ହୋଇଥାଏ।

୧୬. ଗୀତା ଓ ଗୁରୁତତ୍ତ୍ୱ

ଗ୍ରନ୍ଥସ୍ୟ କୃଷ୍ଣସ୍ୟ କୃପା ସତାଂ ଚ ସର୍ବତ୍ର ସର୍ବେଷୁ ଚ ବିଦ୍ୟମାନା ।
ଯାବନ୍ନ ତାଂଶ୍ଚ୍ଛ୍ରଦ୍ଦଧତେ ମନୁଷ୍ୟସ୍ତାବନ୍ନ ସାକ୍ଷାତ୍ କୁରୁତେ ସ୍ୱବୋଧମ୍ ॥

ଅର୍ଜୁନ ସର୍ବଦା ଭଗବାନଙ୍କ ସହିତ ରହୁଥିଲେ; ତାଙ୍କ ସହିତ ଖିଆପିଆ, ବସାଉଠା, ବୁଲାବୁଲି କରୁଥିଲେ; କିନ୍ତୁ ଯେତେବେଳେ ଅର୍ଜୁନଙ୍କ ହୃଦୟରେ ନିଜର ଶ୍ରେୟ, କଲ୍ୟାଣ ବା ଉଦ୍ଧାର ନିମନ୍ତେ ଇଚ୍ଛା ଜାଗ୍ରତ ହେଲା, ସେତେବେଳେ ଯାଇ ଭଗବାନ ତାଙ୍କୁ ଗୀତାର ଉପଦେଶ ଦେଲେ—**'ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ'**(୨ । ୭) । ଏହିଭଳି ଇଚ୍ଛା ଜାଗ୍ରତ ହେବାପରେ ସେ ନିଜକୁ ଭଗବାନଙ୍କ ଶିଷ୍ୟ ବୋଲି ଭାବିଲେ ଓ ତାଙ୍କ ନିକଟରେ ଶରଣ ଯାଇ ଶିକ୍ଷା ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ—**'ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍'** (୨ । ୭) । ଅତଏବ କଲ୍ୟାଣର ଇଚ୍ଛା ଜାଗ୍ରତ ହେଲାପରେ ଅର୍ଜୁନ ନିଜକୁ ଭଗବାନଙ୍କର ଶିଷ୍ୟ ବୋଲି ମାନି ଶିକ୍ଷା ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ, ଗୁରୁ-ଶିଷ୍ୟ ପରମ୍ପରାର ରୀତି ଅନୁସାରେ ଭଗବାନଙ୍କୁ ଗୁରୁ ବୋଲି ମାନି ନ ଥିଲେ। ଭଗବାନ ମଧ୍ୟ ଶାସ୍ତ୍ରପଦ୍ଧତି ଅନୁସାରେ ଅର୍ଜୁନଙ୍କୁ ଶିଷ୍ୟ କରିବାପରେ ଅଥବା ଗୁରୁମନ୍ତ୍ର ଦେବାପରେ ତାଙ୍କ ମୁଣ୍ଡ ଉପରେ ହାତ ରଖି ଉପଦେଶ ଦେଇ ନ ଥିଲେ। ଏଥିରୁ ପ୍ରମାଣିତ ହେଉଛି ଯେ ପାରମାର୍ଥିକ ଉନ୍ନତିରେ ଗୁରୁ-ଶିଷ୍ୟ ସମ୍ବନ୍ଧ ଯୋଡ଼ିବା ଆବଶ୍ୟକ ନୁହେଁ, ବରଂ ନିଜର ତୀବ୍ର ଜିଜ୍ଞାସା ଓ ଆତ୍ମକଲ୍ୟାଣ ପାଇଁ ତୀବ୍ର ଇଚ୍ଛା ଅତ୍ୟନ୍ତ ଆବଶ୍ୟକ। ନିଜର ଉଦ୍ଧାର ପାଇଁ ତୀବ୍ର ଅଭିଳାଷ ଜାଗ୍ରତ ହେଲେ ସାଧକକୁ ଭଗବଦ୍-କୃପାରୁ, ସନ୍ତମହାତ୍ମାଙ୍କ ବଚନରୁ, ଶାସ୍ତ୍ରମାନଙ୍କରୁ, ଗ୍ରନ୍ଥମାନଙ୍କରୁ, କୌଣସି ଘଟଣା ଓ ପରିସ୍ଥିତିରୁ, କୌଣସି ପରିବେଶରୁ ଆପେ ଆପେ ପାରମାର୍ଥିକ ଉନ୍ନତିର ମାର୍ଗ ଓ ସାଧନସାମଗ୍ରୀ ମିଳିଯାଏ ଏବଂ ସେ ତାକୁ ଗ୍ରହଣ କରିନିଏ।

ଗୀତା ବାହ୍ୟ-ବିଧିବିଧାନକୁ ଓ ବାହ୍ୟ ପରିବର୍ତ୍ତନକୁ ସେତେ ଆଦର ଦିଏ ନାହିଁ, ଯେତେ ଆଦର ଅନ୍ତରର ଭାବଗୁଡ଼ିକୁ, ବିବେକକୁ, ବୋଧଶକ୍ତିକୁ, ଜିଜ୍ଞାସାକୁ ଓ ତ୍ୟାଗକୁ ଦେଇଥାଏ। ଯଦି ଗୀତା ବାହ୍ୟ ବିଧିଗୁଡ଼ିକୁ, ପରିବର୍ତ୍ତନକୁ ଓ ଗୁରୁ-ଶିଷ୍ୟ ସମ୍ବନ୍ଧକୁ ହିଁ ଆଦର ଦେଇଥାନ୍ତା, ତେବେ ତାହା ସବୁ ସମ୍ପ୍ରଦାୟ ପାଇଁ ଉପଯୋଗୀ ଓ ଆଦରଣୀୟ ହୋଇ ପାରି ନ ଥାନ୍ତା ଅର୍ଥାତ୍ ଗୀତା ଯେଉଁ ସମ୍ପ୍ରଦାୟର ବିଧିବିଧାନର ବର୍ଣ୍ଣନା କରିଥାନ୍ତା, ତାହା ସେହି ସମ୍ପ୍ରଦାୟର ବୋଲି ସ୍ୱୀକାର କରାଯାଇଥାନ୍ତା। ଫଳରେ ଗୀତା ପ୍ରତ୍ୟେକ ସମ୍ପ୍ରଦାୟ ପାଇଁ ଉପଯୋଗୀ ହୋଇ ପାରି ନ ଥାନ୍ତା ଏବଂ ଏହାର ପଠନ-ପାଠନ, ମନନ-ଚିନ୍ତନ ଆଦିରେ ସବୁ ସମ୍ପ୍ରଦାୟ ଲୋକଙ୍କର ରୁଚି ରହି ନ ଥାନ୍ତା। କିନ୍ତୁ ଗୀତାର ଉପଦେଶ ସାର୍ବଭୌମ ଅଟେ। ତାହା କୌଣସି ସମ୍ପ୍ରଦାୟ-ବିଶେଷ ବା ବ୍ୟକ୍ତିବିଶେଷ ପାଇଁ ନୁହେଁ, ବରଂ ପ୍ରତ୍ୟେକ ମାନବ ପାଇଁ ଉଦ୍ଦିଷ୍ଟ।

ଗୀତାର ଜ୍ଞାନ ପ୍ରକରଣରେ **'ପ୍ରଣିପାତେନ ପରିପ୍ରଶ୍ନେନ'**(୪ । ୩୪) ଏବଂ **'ଆଚାର୍ଯ୍ୟୋପାସନମ୍'** (୧୩ । ୭) ପଦମାନଙ୍କରେ ଆଚାର୍ଯ୍ୟମାନଙ୍କର ସେବା ଓ ଉପାସନା ବିଷୟରେ କୁହାଯାଇଛି। ଏହାର ତାତ୍ପର୍ଯ୍ୟ ହେଲା ଜ୍ଞାନମାର୍ଗୀ ସାଧକଠାରେ 'ମୁଁ ବ୍ରହ୍ମ ଅଟେ' ଏଭଳି ଅଭିମାନ ରହିବାର ସମ୍ଭାବନା ଅଧିକ, ତେଣୁ ସାଧକକୁ ଚେତାଇଦେବା ପାଇଁ ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ ଆଚାର୍ଯ୍ୟ ବା ଗୁରୁଙ୍କର ବିଶେଷ ଆବଶ୍ୟକତା ରହିଥାଏ। କିନ୍ତୁ ଗୁରୁ ମଧ୍ୟ ସେତେବେଳେ ଆବଶ୍ୟକ, ଯେତେବେଳେ ସାଧକଠାରେ ତୀବ୍ର ଜିଜ୍ଞାସା ନ ଥାଏ ଅଥବା ତା' ମନରେ ଏଭଳି ଭାବନା ଥାଏ ଯେ ଗୁରୁ ଉପଦେଶ ଦେବାପରେ ହିଁ ଜ୍ଞାନ ହୁଏ। ତୀବ୍ର ଜିଜ୍ଞାସା ହେଲେ ସାଧକ ତତ୍ତ୍ୱର ଅନୁଭବ ନ କରିବା ପର୍ଯ୍ୟନ୍ତ ଅନ୍ୟ କୌଣସି ଅବସ୍ଥାରେ ସନ୍ତୁଷ୍ଟ ହୁଏ ନାହିଁ, କୌଣସି ସମ୍ପ୍ରଦାୟ ଭିତରେ ଅଟକି ରହିପାରେ ନାହିଁ ଏବଂ କୌଣସି ବିଶେଷତ୍ୱକୁ ନେଇ ନିଜ ଭିତରେ ଅଭିମାନକୁ ସ୍ଥାନ ଦିଏ ନାହିଁ। ଏଭଳି ସାଧକର ଜିଜ୍ଞାସା ଭଗବତ୍‌କୃପାରୁ ପୂର୍ଣ୍ଣ ହୋଇଥାଏ।

କେବଳ ଗୁରୁ-ଶିଷ୍ୟ ସମ୍ବନ୍ଧରୁ ଯେ ଜ୍ଞାନ ହୁଏ, ସେ କଥା ନୁହେଁ। କାରଣ ଯେଉଁମାନେ ଗୁରୁ କରିଛନ୍ତି ଓ ଗୁରୁ-ଶିଷ୍ୟର ସମ୍ବନ୍ଧ ସ୍ୱୀକାର କରିଛନ୍ତି, ସେ ସମସ୍ତଙ୍କର ଯେ ଜ୍ଞାନ ହୋଇଯାଇଛି, ଏପରି ପରିଲକ୍ଷିତ ହୁଏ

ନାହିଁ। କିନ୍ତୁ ତୀବ୍ର ଜିଜ୍ଞାସା ହେବା ପରେ ଜ୍ଞାନ ହେବା କଥା ଦେଖିବାକୁ ଓ ଶୁଣିବାକୁ ମିଳେ। ତୀବ୍ର ଜିଜ୍ଞାସୁ ପାଇଁ ଗୁରୁ-ଶିଷ୍ୟ ସମ୍ବନ୍ଧ ସ୍ୱୀକାର କରିବା ଅନିବାର୍ଯ୍ୟ ନୁହେଁ। ତାତ୍ପର୍ଯ୍ୟ ଏହି କି ଯେପର୍ଯ୍ୟନ୍ତ ନିଜର ତୀବ୍ର ଜିଜ୍ଞାସା ହୋଇ ନାହିଁ, ସେପର୍ଯ୍ୟନ୍ତ ଗୁରୁ-ଶିଷ୍ୟ ସମ୍ବନ୍ଧ ସ୍ୱୀକାର କଲେ ମଧ୍ୟ ଜ୍ଞାନ ହୁଏ ନାହିଁ; ମାତ୍ର ତୀବ୍ର ଜିଜ୍ଞାସା ହେବାପରେ ଗୁରୁ-ଶିଷ୍ୟ ସମ୍ବନ୍ଧ ନ ଥିଲେ ମଧ୍ୟ ସାଧକ ଅନ୍ୟ କାହାରିଠାରୁ ବି ଜ୍ଞାନ ଲାଭ କରିପାରେ। ତୀବ୍ର ଜିଜ୍ଞାସୁ ସାଧକଙ୍କୁ ଭଗବାନ ସ୍ୱପ୍ନରେ ମଧ୍ୟ ଶୁକଦେବ ପ୍ରଭୃତି (ପୂର୍ବକାଳର) ସନ୍ଥମାନଙ୍କ ଦ୍ୱାରା ମନ୍ତ୍ର ପ୍ରଦାନ କରାଇ ଦିଅନ୍ତି।

ଶିଷ୍ୟ ହୋଇଗଲା ପରେ ଗୁରୁଙ୍କ ଉପଦେଶ ଦ୍ୱାରା ଯେ ନିଶ୍ଚୟ ଜ୍ଞାନ ହେବ, ଏପରି କିଛି ନିୟମ ନାହିଁ। କାରଣ ଉପଦେଶ ମିଳିବାପରେ ମଧ୍ୟ ଯଦି ଶିଷ୍ୟର ଜିଜ୍ଞାସା ଓ ତତ୍ପରତା ନ ଥିବ, ତେବେ ସେ ସେହି ଉପଦେଶକୁ ଧାରଣ କରି ପାରିବ ନାହିଁ। କିନ୍ତୁ ତୀବ୍ର ଜିଜ୍ଞାସା, ଶ୍ରଦ୍ଧା ଓ ବିଶ୍ୱାସ ଥିଲେ ମନୁଷ୍ୟ କୌଣସି ସମ୍ବନ୍ଧ ବିନା ମଧ୍ୟ ଉପଦେଶକୁ ଧାରଣ କରିନିଏ— **'ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନମ୍'** (୪।୩୯)। ତାତ୍ପର୍ଯ୍ୟ ଏହି ଯେ ଜ୍ଞାନ ନିଜର ଜିଜ୍ଞାସା ଓ ତତ୍ପରତା ଦ୍ୱାରା ହିଁ ହୋଇଥାଏ, କେବଳ ଗୁରୁ କରିଦେଲେ ନୁହେଁ।

କାହାରିକୁ ପ୍ରକୃତ ଗୁରୁ ମିଳିଗଲେ ମଧ୍ୟ ଯଦି ସେ ନିଜେ ତାଙ୍କୁ ଗୁରୁ ଓ ମହାତ୍ମା ବୋଲି ମାନିବ, ନିଜେ ତାଙ୍କ ଉପରେ ଶ୍ରଦ୍ଧା ଓ ବିଶ୍ୱାସ କରିବ, ତେବେ ଯାଇ ତାଙ୍କଠାରୁ ଉପକାର ପାଇପାରିବ। ସେ ନିଜେ ଶ୍ରଦ୍ଧା ଓ ବିଶ୍ୱାସ ନ କଲେ ସାକ୍ଷାତ୍ ଭଗବାନ ମିଳିଗଲେ ମଧ୍ୟ ତାହାର କଲ୍ୟାଣ ସାଧିତ ହେବ ନାହିଁ। ଦୁର୍ଯ୍ୟୋଧନଙ୍କୁ ଭଗବାନ ଉପଦେଶ ଦେଲେ ଓ ପାଣ୍ଡବମାନଙ୍କ ସହିତ ସନ୍ଧି କରିବା ପାଇଁ ବହୁତ ବୁଝାଇଲେ, ତଥାପି ତା' ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ। ସେ ନ ମାନିବା ହେତୁ ଭଗବାନ ମଧ୍ୟ କିଛି କରିପାରିଲେ ନାହିଁ। ତାତ୍ପର୍ଯ୍ୟ ଏହି ଯେ ନିଜେ ମାନିଲେ ଓ ସ୍ୱୀକାର କଲେ ଯାଇ କଲ୍ୟାଣ ହୁଏ। ଏଣୁ ନିଜେ ନିଜର ଉଦ୍ଧାର କରିବା ପାଇଁ ଗୀତା ପ୍ରେରଣା ଦିଏ— **'ଉଦ୍ଧରେଦାତ୍ମନାଽଽତ୍ମାନମ୍'** (୬।୫)।

ଜ୍ଞାନମାର୍ଗରେ ଗୀତା ଆଚାର୍ଯ୍ୟ ଆଦିଙ୍କର ଉପାସନା କରିବାକୁ କହିଛି, କିନ୍ତୁ କର୍ମଯୋଗ ଓ ଭକ୍ତିମାର୍ଗରେ ଗୁରୁ ଆଦି ଆବଶ୍ୟକ ବୋଲି କହି ନାହିଁ। କାରଣ କୌଣସି ଘଟଣା, ପରିସ୍ଥିତି ଆଦିରୁ ଯଦି ଏଭଳି ଭାବନା ଜାଗ୍ରତ ହୋଇଯାଏ ଯେ 'ସ୍ୱାର୍ଥଭାବରେ କର୍ମ କଲେ ଅଭାବର ପୂରଣ ହୁଏ ନାହିଁ, ସ୍ୱାର୍ଥଭାବ ରଖିବା ପଶୁତ୍ୱ, ମନୁଷ୍ୟତ୍ୱ ନୁହେଁ', ତେବେ ମନୁଷ୍ୟ ସ୍ୱାର୍ଥଭାବ ଓ କାମନା ଛାଡ଼ି ସେବାପରାୟଣ ହୋଇଯାଏ। ସେବାପରାୟଣ ହେବାପରେ ସେହି କର୍ମଯୋଗୀକୁ ଆପେ ଆପେ ତତ୍ତ୍ୱଜ୍ଞାନ ହୋଇଯାଏ—**'ତତ୍ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି'** (୪।୩୮)।

ଏମିତି ଏକ ବିଲକ୍ଷଣ ଶକ୍ତି ଅଛି, ଯଦ୍ୱାରା ସଂପୂର୍ଣ୍ଣ ସଂସାର ସଂଚାଳିତ ହେଉଛି। ଯେତେବେଳେ ମନୁଷ୍ୟର ସେହି ଶକ୍ତି ଉପରେ ବିଶ୍ୱାସ ହୋଇଯାଏ, ସେତେବେଳେ ସେ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଏ। ଏଭଳି ଭଗବଦଭିମୁଖୀ ଭକ୍ତର ଅଜ୍ଞାନ ଓ ଅନ୍ଧକାରକୁ ଭଗବାନ ସ୍ୱୟଂ ନଷ୍ଟ କରି ଦିଅନ୍ତି (୧୦।୧୧); ଏବଂ ଭଗବାନ ନିଜେ ତାକୁ ମୃତ୍ୟୁରୂପୀ ସଂସାର-ସାଗରରୁ ଉଦ୍ଧାର କରନ୍ତି (୧୨।୭)।

ଭଗବାନଙ୍କର ଏହା ଏକ ବିଲକ୍ଷଣ ଉଦାରତା ଓ ଦୟାଳୁତା ଯେ, ଯିଏ ତାଙ୍କୁ ମାନେ ନାହିଁ, ତାଙ୍କର ଖଣ୍ଡନ କରେ ଅର୍ଥାତ୍ ଯିଏ ନାସ୍ତିକ, ତା' ଅନ୍ତରରେ ମଧ୍ୟ ଯଦି ତତ୍ତ୍ୱକୁ ବା ନିଜ ସ୍ୱରୂପକୁ ଜାଣିବାର ତୀବ୍ର ଜିଜ୍ଞାସା ଉଦୟ ହୁଏ, ତେବେ ତାକୁ ମଧ୍ୟ ଭଗବତ୍କୃପା ହେତୁ ଜ୍ଞାନ ମିଳିଯାଏ।

ଯେଉଁଥିରୁ ଆଲୋକ ମିଳେ, ଜ୍ଞାନ ମିଳେ, ଠିକ୍ ମାର୍ଗଦର୍ଶନ ମିଳେ, ନିଜର କର୍ତ୍ତବ୍ୟଜ୍ଞାନ ହୁଏ, ନିଜର ଉଦ୍ଦେଶ୍ୟ ଜଣାପଡ଼େ, ତାହା ଗୁରୁତତ୍ତ୍ୱ ଅଟେ। ସେହି ଗୁରୁତତ୍ତ୍ୱ ସମସ୍ତଙ୍କ ଭିତରେ ବିରାଜମାନ। ସେହି ଗୁରୁତତ୍ତ୍ୱ ଯେଉଁ ବ୍ୟକ୍ତି, ଶାସ୍ତ୍ର ଆଦିଠାରୁ ପ୍ରକଟ ହୁଏ, ତାହାକୁ ନିଜର ଗୁରୁ ମାନିବା ଉଚିତ।

ପ୍ରକୃତରେ ଭଗବାନ ହିଁ ସମସ୍ତଙ୍କର ଗୁରୁ; କାରଣ ସଂସାର ଭିତରେ ଯାହାକୁ ବି ଜ୍ଞାନ ଓ ଆଲୋକ ମିଳେ, ତାହା ଭଗବାନଙ୍କ ଠାରୁ ହିଁ ମିଳେ। ସେହି ଜ୍ଞାନ ଯେଉଁଠୁ ଓ ଯାହାଙ୍କ ଠାରୁ ପ୍ରକଟ ହୁଏ ଅର୍ଥାତ୍ ଯେଉଁ ବ୍ୟକ୍ତି, ଶାସ୍ତ୍ର ଆଦିଙ୍କ ଠାରୁ ପ୍ରକଟ ହୁଏ, ତାଙ୍କୁ ଗୁରୁ କୁହାଯାଏ। କିନ୍ତୁ ମୂଳତଃ ଭଗବାନ ହିଁ ସମସ୍ତଙ୍କର ଗୁରୁ ଅଟନ୍ତି। ଭଗବାନ ଗୀତାରେ କହିଛନ୍ତି, 'ମୁଁ ହିଁ ସବୁ ପ୍ରକାରେ ଦେବଗଣଙ୍କର ଓ ମହର୍ଷିମାନଙ୍କର ଆଦି ଅର୍ଥାତ୍ ଉତ୍ପାଦକ, ସଂରକ୍ଷକ ଓ ଶିକ୍ଷକ ଅଟେ'—**'ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ'** (୧୦।୨)। ଅର୍ଜୁନ ମଧ୍ୟ ବିରାଟରୂପ

ଭଗବାନଙ୍କର ସ୍ତୁତି କରି କହିଲେ, 'ଭଗବନ୍! ଆପଣ ହିଁ ସମସ୍ତଙ୍କର ଗୁରୁ'—'**ଗରୀୟସେ**' (୧୧।୩୭), '**ଗୁରୁର୍ଗରୀୟାନ୍**' (୧୧।୪୩)। ଅତଏବ ସାଧକ ଗୁରୁଙ୍କୁ ଖୋଜିବା ଦରକାର ନାହିଁ। ସେ '**କୃଷ୍ଣଂ ବନ୍ଦେ ଜଗଦ୍‌ଗୁରୁମ୍**' ଅନୁସାରେ ଭଗବାନ ଶ୍ରୀକୃଷ୍ଣଙ୍କୁ ହିଁ ଗୁରୁ ଓ ତାଙ୍କର ବାଣୀ ଗୀତାକୁ ତାଙ୍କର ମନ୍ତ୍ର ଓ ଉପଦେଶ ମାନି ତାଙ୍କରି ଆଜ୍ଞା ଅନୁସାରେ ସାଧନାରେ ଲାଗି ପଡ଼ିବା ଉଚିତ। ଯଦି ସାଧକକୁ ଲୌକିକ ଦୃଷ୍ଟିରୁ ଗୁରୁଙ୍କ ଆବଶ୍ୟକତା ପଡ଼େ, ତେବେ ସେହି ଜଗଦ୍‌ଗୁରୁ ଆପେ ଆପେ ଗୁରୁଙ୍କ ସହିତ ସାକ୍ଷାତ୍ କରାଇ ଦିଅନ୍ତି; କାରଣ ସେ ଭକ୍ତମାନଙ୍କର ଯୋଗକ୍ଷେମ ବହନ କରନ୍ତି—'**ଯୋଗକ୍ଷେମଂ ବହାମ୍ୟହମ୍**' (୯।୨୨)।

୧୭. ଗୀତା ଓ ବେଦ

ଯସ୍ୟ ନିଃଶ୍ୱସିତା ବେଦା ଯସ୍ୟ ବୈ ମାର୍ଗଦର୍ଶକାଃ।
ସ କୃଷ୍ଣଃ ସ୍ୱସ୍ୱରୂପାତ୍ସ୍ୱାତ୍ ସ୍ୱୟଂ ଖଣ୍ଡ୍ୟତେ କଥମ୍॥

ଜ୍ଞାନର ନାମ ବେଦ*। ଜ୍ଞାନ ସାହାଯ୍ୟରେ ହିଁ ସମସ୍ତେ ବ୍ୟବହାରିକ କାର୍ଯ୍ୟ କରନ୍ତି, ତାହାରି ଦ୍ୱାରା ସମସ୍ତଙ୍କର ହିତ ସାଧିତ ହୁଏ ଅର୍ଥାତ୍ ସାଧାରଣ ବ୍ୟବହାରଠାରୁ ମୋକ୍ଷ ପର୍ଯ୍ୟନ୍ତ ସବୁ ସେହି ଜ୍ଞାନ ଦ୍ୱାରା ହିଁ ସିଦ୍ଧ ହୋଇଥାଏ। ସେହି ଜ୍ଞାନ ସଂସାରରେ ଋଗ୍‌ବେଦ, ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦ ରୂପେ ପ୍ରସିଦ୍ଧ। ପୁରାଣ, ସ୍ମୃତି, ଇତିହାସ (ମହାଭାରତ ଓ ରାମାୟଣ ଗ୍ରନ୍ଥ) ଇତ୍ୟାଦିରେ ଏବଂ ଅଲଗା ଅଲଗା ସମ୍ପ୍ରଦାୟମାନଙ୍କ ମଧ୍ୟରେ ଅନେକ ରୂପରେ ଯାହା କିଛି ଜ୍ଞାନ ମିଳେ, ସେହି ସମସ୍ତ ଜ୍ଞାନ ମଧ୍ୟ ମୂଳତଃ ବେଦର ହିଁ ଅଟେ। ଅତଏବ ସେହି ଜ୍ଞାନକୁ କେହି କେବେହେଲେ ଖଣ୍ଡନ (ନିରାଦର) କରି ପାରିବ ନାହିଁ। ଯଦି କେହି ତାକୁ ଖଣ୍ଡନ କରେ, ତେବେ ସେ ପ୍ରକୃତରେ ନିଜର ହିଁ ଖଣ୍ଡନ (ନିରାଦର) କରିଥାଏ।

ଭଗବାନ ଗୀତାରେ ବେଦମାନଙ୍କୁ ବହୁତ ଆଦର ଦେଇଛନ୍ତି। ଭଗବାନ କହିଛନ୍ତି ଯେ ଯାହାଦ୍ୱାରା ଲୌକିକ ଓ ପାରମାର୍ଥିକ ସିଦ୍ଧି ମିଳିଥାଏ, ସେହି ସମସ୍ତ କର୍ମର ବିଧି ସମ୍ବନ୍ଧୀୟ ଜ୍ଞାନ ବେଦମାନଙ୍କରୁ ହିଁ ପ୍ରାପ୍ତ ହୁଏ—'**କର୍ମବ୍ରହ୍ମୋଦ୍ଭବମ୍**' (୩।୧୫); ଅନେକ ପ୍ରକାରର ଯଜ୍ଞ ବିଷୟରେ ଅର୍ଥାତ୍ ପରମାତ୍ମପ୍ରାପ୍ତିର ସାଧନ ବିଷୟରେ ବେଦର ବାଣୀରେ ବିସ୍ତାରପୂର୍ବକ କୁହାଯାଇଛି—'**ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋମୁଖେ**' (୪।୩୨)। ଭଗବାନ ନିଜ ପାଇଁ ମଧ୍ୟ କହିଛନ୍ତି ଯେ ଋକ୍, ସାମ, ଯଜୁଃ ମୁଁ ହିଁ ଅଟେ—'**ଋକ୍‌ସାମ ଯଜୁରେବ ଚ**' (୯।୧୭); ବେଦମାନଙ୍କ ମଧ୍ୟରେ ସାମବେଦ ହେଉଛି ମୋର ସ୍ୱରୂପ—'**ବେଦାନାଂ ସାମବେଦୋଽସ୍ମି**' (୧୦।୨୨); ବେଦମାନଙ୍କର ମାତା ଗାୟତ୍ରୀ ମୋର ସ୍ୱରୂପ—'**ଗାୟତ୍ରୀ ଛନ୍ଦସାମହମ୍**' (୧୦।୩୫); ସମସ୍ତ ବେଦମାନଙ୍କ ମାଧ୍ୟମରେ ମୁଁ ହିଁ ଜାଣିବାଯୋଗ୍ୟ ଅର୍ଥାତ୍ ସବୁରି ବେଦ ମଧ୍ୟରେ ମୋର ସ୍ୱରୂପ ହିଁ ପ୍ରତିପାଦିତ ହୋଇଛି ଏବଂ ବେଦମାନଙ୍କର ତତ୍ତ୍ୱ ନିର୍ଣ୍ଣୟକାରୀ ତଥା ବେଦସମୂହର ଜ୍ଞାତା ମଧ୍ୟ କେବଳ ମୁଁ ଅଟେ—'**ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ ବେଦାନ୍ତକୃଦ୍ ବେଦବିଦେବ ଚାହମ୍**' (୧୫।୧୫); ଶାସ୍ତ୍ରମାନଙ୍କରେ ଏବଂ ବେଦମାନଙ୍କରେ ପୁରୁଷୋତ୍ତମ ନାମରେ ମୁଁ ହିଁ ପ୍ରସିଦ୍ଧ—'**ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ**' (୧୫।୧୮)।

'**ଯାମିମାଂ ପୁଷ୍ପିତାଂ ବାଚମ୍**' (୨।୪୨) 'ବାହ୍ୟ ଶୋଭାଯୁକ୍ତ ବାଣୀ'; '**ବେଦବାଦରତାଃ**' (୨।୪୨) 'ବେଦବାଦରେ ରତ ବ୍ୟକ୍ତି'; '**କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି**' (୨।୪୩) 'ଭୋଗ ତଥା ଐଶ୍ୱର୍ଯ୍ୟ ପ୍ରାପ୍ତି ପାଇଁ ନାନାପ୍ରକାର କ୍ରିୟାର ବର୍ଣ୍ଣନା କରୁଥିବା ବାଣୀ; '**ତ୍ରୈଗୁଣ୍ୟବିଷୟା ବେଦାଃ**' (୨।୪୫) 'ବେଦମାନେ ତିନିଗୁଣର କାର୍ଯ୍ୟରୂପ ସଂସାରର ପ୍ରତିପାଦନ କରନ୍ତି'; '**ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତତେ**' (୬।୪୪) 'ସମତାର ଜିଜ୍ଞାସୁ ମଧ୍ୟ ବେଦରେ କଥିତ ସକାମ ଅନୁଷ୍ଠାନଗୁଡ଼ିକୁ ଅତିକ୍ରମ କରିଯାଏ'; '**ବେଦେଷୁ....ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟମ୍। ଅତ୍ୟେତି ତତ୍‌ସର୍ବମିଦଂ.....**' (୮।୨୮) 'ବେଦ ଆଦିରେ ଯେଉଁ ଯେଉଁ ପୁଣ୍ୟଫଳ ବିଷୟରେ କୁହାଯାଇଛି, ଯୋଗୀ

* 'ବେଦ' ଶବ୍ଦ 'ବିଦ ଜ୍ଞାନେ' ଧାତୁରୁ ନିଷ୍ପନ୍ନ।

ସେସବୁକୁ ଅତିକ୍ରମ କରିଯାଏ'; **'ଏବଂ ତ୍ରୟୀଧର୍ମମନୁପ୍ରପନ୍ନା ଗତାଗତଂ କାମକାମା ଲଭନ୍ତେ'** (୯ । ୨୧) 'ଏହିପରି ତିନି ବେଦରେ କଥିତ ସକାମ ଧର୍ମର ଆଶ୍ରୟ ନେଇଥିବା ଓ ଭୋଗର କାମନା କରୁଥିବା ବ୍ୟକ୍ତି ଜନ୍ମମରଣ ଚକ୍ରରେ ପଡ଼ନ୍ତି' ଇତ୍ୟାଦି ପଦମାନଙ୍କରେ ଗୀତାରେ ବେଦର ଯେଉଁ ନିରାଦର (ନିନ୍ଦା) ଜଣାପଡ଼େ, ତାହା ପ୍ରକୃତରେ ବେଦମାନଙ୍କର ନିନ୍ଦା ନୁହେଁ, ବରଂ ସକାମଭାବର ନିନ୍ଦା ଅଟେ। କାରଣ ସକାମଭାବ ହିଁ ବାରମ୍ବାର ଜନ୍ମମରଣଚକ୍ରରେ ଓ ବନ୍ଧନରେ ପକାଇଥାଏ। ଅତଏବ ଭଗବାନ ସକାମଭାବର ହିଁ ନିନ୍ଦା କରିଛନ୍ତି, ବେଦମାନଙ୍କର ନୁହେଁ।

ଗୀତାରେ ବେଦପାଠ, ବେଦାଧ୍ୟୟନ ଆଦି ଦ୍ୱାରା ଭଗବାନଙ୍କର ବିଶ୍ୱରୂପ ଓ ଚତୁର୍ଭୁଜରୂପର ଦର୍ଶନ ନ ମିଳିବା କଥା କୁହାଯାଇଛି (୧୧ । ୪୮ – ୫୩)। ଏହାର ତାତ୍ପର୍ଯ୍ୟ ହେଲା ଯେ ବେଦର ପାଠ ଓ ଅଧ୍ୟୟନ ବଳରେ ଭଗବାନଙ୍କର ଦର୍ଶନ ମିଳେ ନାହିଁ, ବରଂ ଭଗବାନଙ୍କର ଦର୍ଶନ ଅନନ୍ୟ ପ୍ରେମ ଯୋଗୁଁ ହିଁ ମିଳିଥାଏ। ଯଦି ବେଦଗୁଡ଼ିକର ପାଠ, ଅଧ୍ୟୟନ ଆଦି ଭଗବାନଙ୍କର ଆଜ୍ଞା ବୋଲି ଭାବି ନିଷ୍କାମଭାବରେ କେବଳ ଭଗବାନଙ୍କର ପ୍ରସନ୍ନତା ନିମିତ୍ତ କରାଯାଏ, ତେବେ ଭଗବାନଙ୍କ କୃପାରୁ ତାଙ୍କର ଦର୍ଶନ ମିଳିପାରେ। କାରଣ ଭଗବାନ ହେଉଛନ୍ତି ଭାବଗ୍ରାହୀ, ସେ କ୍ରିୟାଗ୍ରାହୀ ନୁହନ୍ତି।

ବେଦ ହେଉଛନ୍ତି ଶ୍ରୁତିମାତା। ମାତା ନିଜର ସନ୍ତାନମାନଙ୍କୁ ସମାନ ଦୃଷ୍ଟିରେ ଦେଖେ। ଅତଏବ ବେଦମାତା ନିଜ ସନ୍ତାନମାନଙ୍କର ଭିନ୍ନ ଭିନ୍ନ ରୁଚି ଅନୁସାରେ ଲୌକିକ ଓ ପାରମାର୍ଥିକ ସମସ୍ତ ପ୍ରକାର ସିଦ୍ଧିଗୁଡ଼ିକର ଉପାୟ (ସାଧନ) କହି ଦେଇଛନ୍ତି। ନିଜ ମାତାର ନିରାଦର ଓ ନିନ୍ଦା କେଉଁ ସନ୍ତାନ ବା କରିପାରିବ ଏବଂ କାହିଁକି ବା କରିବ? ଭଗବାନ ଗୀତାରେ ବେଦମାନଙ୍କୁ ନିଜର ସ୍ୱରୂପ ବୋଲି କହିଛନ୍ତି। ଅତଏବ ଭଗବାନ ନିଜ ସ୍ୱରୂପର ନିନ୍ଦା କରିବେ ବା କିପରି ଏବଂ ଭଗବାନଙ୍କ ଦ୍ୱାରା ନିଜ ସ୍ୱରୂପର ନିନ୍ଦା ସମ୍ଭବ ହେବ ବା କିପରି?

୧୮. ଗୀତାରେ ଜାତିର ବର୍ଣ୍ଣନା

ଜନ୍ମନା ମନ୍ୟତେ ଜାତିଃ କର୍ମଣା ମନ୍ୟତେ କୃତିଃ ।
ତସ୍ମାତ୍ ସ୍ୱକୀୟକର୍ତ୍ତବ୍ୟଂ ପାଳନୀୟଂ ପ୍ରଯତ୍ନତଃ ॥

ଉଚ୍ଚ ଓ ନୀଚ ଯୋନିମାନଙ୍କରେ ଯେତେ ସବୁ ଶରୀର ସୃଷ୍ଟି ହୁଅନ୍ତି, ସେସବୁ ଗୁଣ ଓ କର୍ମ ଅନୁସାରେ ହିଁ ସୃଷ୍ଟି ହୁଅନ୍ତି (୧୩ । ୨୧; ୧୪ । ୧୬, ୧୮)। ଗୁଣ ଓ କର୍ମ ଅନୁସାରେ ହିଁ ମନୁଷ୍ୟ ଜନ୍ମ ନେଇଥାଏ ଅର୍ଥାତ୍ ପୂର୍ବଜନ୍ମରେ ମନୁଷ୍ୟର ଯେମିତି ଗୁଣ ଥାଏ ଏବଂ ସେ ଯେମିତି କର୍ମ କରିଥାଏ, ସେହି ଅନୁସାରେ ତା'ର ଜନ୍ମ ହୋଇଥାଏ। ଭଗବାନ ଗୀତାରେ କହିଛନ୍ତି, ଗୁଣ ଓ କର୍ମ ଅନୁସାରେ ହିଁ ମୁଁ ଚାରି ବର୍ଣ୍ଣ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର) ସୃଷ୍ଟି କରିଛି—**'ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ'** (୪ । ୧୩)। ଅତଏବ ଗୀତା ଜନ୍ମ (ଉତ୍ପତ୍ତି) ଅନୁସାରେ ହିଁ ଜାତି ସ୍ୱୀକାର କରେ ଅର୍ଥାତ୍ ଯେଉଁ ମନୁଷ୍ୟ ଯେଉଁ ବର୍ଣ୍ଣରେ ଓ ଯେଉଁ ଜାତିର ମାତାପିତାଙ୍କ ଠାରୁ ଜନ୍ମ ହୋଇଥାଏ, ତଦନୁସାରେ ତା'ର ଜାତି ହୋଇଥାଏ।

'ଜାତି' ଶବ୍ଦ **'ଜନୀ ପ୍ରାଦୁର୍ଭାବେ'** ଧାତୁରୁ ନିଷ୍ପନ୍ନ। ତେଣୁ ଜନ୍ମରୁ ହିଁ ଜାତି ସ୍ୱୀକାର କରାଯାଏ, କର୍ମରୁ ନୁହେଁ। କର୍ମରୁ 'କୃତି' ହୁଏ, ଯାହା 'କୃ' ଧାତୁରୁ ନିଷ୍ପନ୍ନ। କିନ୍ତୁ ଜାତିର ପୂର୍ଣ୍ଣ ରକ୍ଷା ସେହି ଜାତି ଅନୁସାରେ କର୍ତ୍ତବ୍ୟକର୍ମ କଲେ ହିଁ ହୋଇଥାଏ।

ଭଗବାନ (୧୮ । ୪୧ ରେ) ଜନ୍ମ ଅନୁସାରେ ହିଁ କର୍ମର ବିଭାଗ କରି ଅଛନ୍ତି। ମନୁଷ୍ୟ ଯେଉଁ ବର୍ଣ୍ଣ (ଜାତି)ରେ ଜନ୍ମିଛି ଏବଂ ଶାସ୍ତ୍ରମାନଙ୍କରେ ସେହି ବର୍ଣ୍ଣ ନିମିତ୍ତ ଯେଉଁ ସବୁ କର୍ମର ବିଧାନ କରାଯାଇଛି, ସେସବୁ କର୍ମ ସେହି ବର୍ଣ୍ଣ ପାଇଁ 'ସ୍ୱଧର୍ମ' ଅଟେ ଏବଂ ଯେଉଁ କର୍ମଗୁଡ଼ିକୁ କରିବା ଯେଉଁ ବର୍ଣ୍ଣ ପାଇଁ ବାରଣ କରାଯାଇଛି, ସେହି ବର୍ଣ୍ଣ ପାଇଁ ସେହି ସବୁ କର୍ମ 'ପରଧର୍ମ' ଅଟେ। ଯଥା—ଯଜ୍ଞ କରିବା, ଦାନ ନେବା ଆଦି କର୍ମ ବ୍ରାହ୍ମଣ ପାଇଁ ଶାସ୍ତ୍ରାଜ୍ଞା ହୋଇଥିବାରୁ 'ସ୍ୱଧର୍ମ' ହୋଇଥିବାସ୍ଥଳେ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କ ପାଇଁ ଶାସ୍ତ୍ରନିଷିଦ୍ଧ ହୋଇଥିବାରୁ 'ପରଧର୍ମ' ଅଟେ। ସ୍ୱଧର୍ମ

ପାଳନ କରୁ କରୁ ଯଦି ମନୁଷ୍ୟ ମରିଯାଏ, ତେବେ ମଧ୍ୟ ତା'ର କଲ୍ୟାଣ ସାଧିତ ହୋଇଥାଏ; କିନ୍ତୁ ପରଧର୍ମ (ଅନ୍ୟମାନଙ୍କର କର୍ତ୍ତବ୍ୟକର୍ମ) ଜନ୍ମମୃତ୍ୟୁରୂପୀ ଭୟ ପ୍ରଦାନ କରିଥାଏ (୩।୩୫)। ଅର୍ଜୁନ ଜଣେ କ୍ଷତ୍ରିୟ, ଅତଏବ ଯୁଦ୍ଧ କରିବା ତାଙ୍କର ସ୍ୱଧର୍ମ। ତେଣୁ ଭଗବାନ ତାଙ୍କ ପାଇଁ ଅତି ସ୍ପଷ୍ଟଭାବରେ କହିଛନ୍ତି ଯେ କ୍ଷତ୍ରିୟ ନିମିତ୍ତ ଯୁଦ୍ଧ ଛଡ଼ା ଅନ୍ୟ କୌଣସି କଲ୍ୟାଣକାରକ କାମ ନାହିଁ (୨।୩୧); ଯଦି ତୁମେ ଏହି ଧର୍ମମୟ ଯୁଦ୍ଧ ନ କରିବ, ତେବେ ସ୍ୱଧର୍ମ ଓ କୀର୍ତ୍ତି ତ୍ୟାଗ କରି ପାପଭାଗୀ ହେବ (୨।୩୩)।

ଭଗବାନ ଗୀତାରେ ନିଜ ନିଜ ବର୍ଣ୍ଣ ଅନୁସାରେ କର୍ତ୍ତବ୍ୟକର୍ମ କରିବା ଉପରେ ବହୁତ ଗୁରୁତ୍ୱ ଦେଇ କହିଛନ୍ତି ଯେ ନିଷ୍କାମଭାବରେ ନିଜ ନିଜର କର୍ତ୍ତବ୍ୟକର୍ମରେ ତତ୍ପରତାପୂର୍ବକ ନିୟୋଜିତ ମନୁଷ୍ୟ ପରମାତ୍ମାଙ୍କୁ ପ୍ରାପ୍ତ କରେ (୩।୧୯; ୧୮।୪୫); ନିଜର କର୍ମ ଦ୍ୱାରା ପରମାତ୍ମାଙ୍କୁ ପୂଜା କରି ମନୁଷ୍ୟ ସିଦ୍ଧି ପ୍ରାପ୍ତ କରିଥାଏ (୧୮।୪୬)। ପରମାତ୍ମାଙ୍କର ପୂଜନ ପବିତ୍ର ବସ୍ତୁ ଦ୍ୱାରା ହୋଇଥାଏ, ଅପବିତ୍ର ବସ୍ତୁ ଦ୍ୱାରା ନୁହେଁ। ନିଜର କର୍ମ ହିଁ ପବିତ୍ର ଏବଂ ଅନ୍ୟମାନଙ୍କର କର୍ମ ନିଜପାଇଁ (ନିଷିଦ୍ଧ ହୋଇଥିବା ହେତୁ) ଅପବିତ୍ର ଅଟେ। ଅତଏବ ନିଜ କର୍ମ ଦ୍ୱାରା ପରମାତ୍ମାଙ୍କୁ ପୂଜା କରିବାରେ କଲ୍ୟାଣ ସାଧିତ ହୁଏ ଏବଂ ଅନ୍ୟର କର୍ମ ଦ୍ୱାରା ପତନ ହୋଇଥାଏ। ନିଜର କର୍ମ(ସ୍ୱକର୍ମ)କୁ ଭଗବାନ 'ସହଜ କର୍ମ' ବୋଲି କହିଛନ୍ତି। ସହଜ କର୍ମର ଅର୍ଥ ହେଲା—ସହଜାତ କର୍ମ। ଯଥା—କେହି କ୍ଷତ୍ରିୟ ଘରେ ଜନ୍ମ ନେଇଥିଲେ କ୍ଷତ୍ରିୟର କର୍ମଗୁଡ଼ିକ ମଧ୍ୟ ତାହା ସହିତ ଜାତ ହୋଇଥାନ୍ତି। ଅତଏବ ସେହି କର୍ମଗୁଡ଼ିକ ତାହା ପାଇଁ ସହଜ କର୍ମ। ଭଗବାନ ମଧ୍ୟ ଚାରି ବର୍ଣ୍ଣର ସହଜ ଓ ସ୍ୱଭାବଜ କର୍ମଗୁଡ଼ିକର ବିଧାନ କରିଛନ୍ତି (୧୮।୪୨–୪୪)। ଏହି ସ୍ୱଭାବଜ କର୍ମଗୁଡ଼ିକୁ କରୁଥିବା ମନୁଷ୍ୟ ପାପରେ ଭାଗୀ ହୁଏ ନାହିଁ (୧୮।୪୭)। ଯଥା—ସ୍ୱତଃପ୍ରାପ୍ତ ନ୍ୟାୟଯୁକ୍ତ ଯୁଦ୍ଧରେ ନରହତ୍ୟା ହେଉଥିଲେ ମଧ୍ୟ ଶାସ୍ତ୍ର ବିହିତ ସହଜ କର୍ମ ହୋଇଥିବାରୁ ତାହାଦ୍ୱାରା କ୍ଷତ୍ରିୟକୁ ପାପ ଲାଗେ ନାହିଁ।

ମନୁଷ୍ୟ ଯେଉଁ ଜାତିରେ ଜନ୍ମ ନେଇଛି, ସେହି ଅନୁସାରେ ଶାସ୍ତ୍ରବିହିତ କର୍ତ୍ତବ୍ୟକର୍ମ କରିବା ଦ୍ୱାରା ସେହି ଜାତିର ରକ୍ଷା ହୋଇଥାଏ ଏବଂ ବିପରୀତ କର୍ମ କରିବା ଦ୍ୱାରା ସେହି ଜାତିର କର୍ମ ସଙ୍କର ହୋଇଯିବାରୁ ବର୍ଣ୍ଣସଙ୍କର ଉତ୍ପନ୍ନ ହୋଇଥାଆନ୍ତି। ଭଗବାନ ନିଜ ପାଇଁ ମଧ୍ୟ କହିଛନ୍ତି, ଯଦି ମୁଁ ନିଜ ବର୍ଣ୍ଣ ଅନୁସାରେ କର୍ତ୍ତବ୍ୟ ପାଳନ ନ କରେ, ତେବେ ମୁଁ ବର୍ଣ୍ଣସଙ୍କର ଉତ୍ପନ୍ନକାରୀ ଓ ସମସ୍ତ ପ୍ରଜାଙ୍କର ବିନଷ୍ଟକାରୀ ହୋଇଯିବି (୩।୨୩–୨୪)। ଅତଏବ ଯେଉଁ ମନୁଷ୍ୟ ନିଜ ବର୍ଣ୍ଣ ଅନୁସାରେ ପ୍ରାପ୍ତ କର୍ତ୍ତବ୍ୟ ପାଳନ କରେ ନାହିଁ, ଇନ୍ଦ୍ରିୟମାନଙ୍କ ଦ୍ୱାରା ଭୋଗରେ ରମଣ କରୁଥିବା ଓ ପାପମୟ ଜୀବନ ବିତାଉଥିବା ସେହି ମନୁଷ୍ୟ ସଂସାରରେ ବ୍ୟର୍ଥ ଜୀବନ ଧାରଣ କରେ (୩।୧୬)।

ସମସ୍ତେ ନିଜ ନିଜର କର୍ତ୍ତବ୍ୟକର୍ମ ଦ୍ୱାରା ନିଜ ନିଜ ଜାତିର ରକ୍ଷା କରିବା ଉଚିତ। ଏଥିପାଇଁ ପାଞ୍ଚୋଟି କଥା ମନେରଖିବାକୁ ପଡ଼ିବ–

(୧) ବିବାହ—କନ୍ୟାଗ୍ରହଣ ଓ କନ୍ୟାସଂପ୍ରଦାନ ନିଜ ଜାତି ମଧ୍ୟରେ ହିଁ ହେବା ଉଚିତ; କାରଣ ଅନ୍ୟ ଜାତିର କନ୍ୟା ଗ୍ରହଣ କଲେ ରଜବୀର୍ଯ୍ୟର ବିକୃତି ହେତୁ ସେମାନଙ୍କର ସନ୍ତାନମାନଙ୍କ ଠାରେ ବିକୃତି (ବର୍ଣ୍ଣସଙ୍କରତା) ଆସିଯିବ। ବିକୃତ ସନ୍ତାନମାନଙ୍କର ନିଜର ପୂର୍ବଜମାନଙ୍କ ପ୍ରତି ଶ୍ରଦ୍ଧା ରହିବ ନାହିଁ। ଶ୍ରଦ୍ଧା ନ ରହିଲେ ସେମାନେ ସେହି ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ-ତର୍ପଣ କରିବେ ନାହିଁ, ସେମାନଙ୍କୁ ପିଣ୍ଡ-ପାଣି ଦେବେ ନାହିଁ। ଯଦି କେବେ ଲୋକଲଜ୍ଜାବଶତଃ ଦେବେ, ତେବେ ମଧ୍ୟ ସେହି ଶ୍ରାଦ୍ଧ-ତର୍ପଣ ବା ପିଣ୍ଡ-ପାଣି ପିତୃପୁରୁଷମାନଙ୍କୁ ମିଳିବ ନାହିଁ। ଏହା ଫଳରେ ପିତୃଲୋକମାନେ ନିଜ ସ୍ଥାନରୁ ପତିତ ହେବେ (୧।୪୨)। ଗୀତା କହେ ଯେ, ଯିଏ ଶାସ୍ତ୍ରବିଧିକୁ ଛାଡ଼ି ମନଇଚ୍ଛା କର୍ମ କରେ, ତାକୁ ଅନ୍ତଃକରଣର ଶୁଦ୍ଧତାରୂପକ ସିଦ୍ଧି ମିଳେ ନାହିଁ କି ସୁଖ ଓ ପରମଗତି ମଧ୍ୟ ମିଳେ ନାହିଁ (୧୬।୨୩)। ଅତଏବ ମନୁଷ୍ୟ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ବିଷୟରେ ଶାସ୍ତ୍ରକୁ ହିଁ ଆଖି ଆଗରେ ରଖିବା ଉଚିତ (୧୬।୨୪)।

(୨) ଭୋଜନ—ଭୋଜନ ମଧ୍ୟ ନିଜ ଜାତି ଅନୁସାରେ ହିଁ ହେବା ଉଚିତ। ଯଥା—ବ୍ରାହ୍ମଣ ପାଇଁ ରସୁଣ, ପିଆଜ ଖାଇବା ଦୋଷାବହ, କିନ୍ତୁ ଶୂଦ୍ର ପାଇଁ ରସୁଣ, ପିଆଜ ଖାଇବା ଦୋଷାବହ ନୁହେଁ। ଯଦି ଆମେ ଅନ୍ୟ ଜାତିର ଲୋକଙ୍କ ସହିତ ଭୋଜନ କରିବା, ତେବେ ନିଜର ପବିତ୍ରତା ତ ତାଙ୍କ ନିକଟକୁ ଚାଲିଯିବ ନାହିଁ, କିନ୍ତୁ ସେମାନଙ୍କର ଅପବିତ୍ରତା ଆମ ପାଖକୁ ନିଶ୍ଚୟ ଆସିଯିବ। ଅତଏବ ମନୁଷ୍ୟକୁ ନିଜ

ଜାତି ଅନୁସାରେ ହିଁ ଭୋଜନ କରିବା ଉଚିତ।

(୩) **ବେଶଭୂଷା**—ପାଶ୍ଚାତ୍ୟ ଦେଶର ଅନୁକରଣ କରିବା ଫଳରେ ଆଜି ନିଜ ନିଜ ଜାତିର ବେଶଭୂଷା ପ୍ରାୟ ଭ୍ରଷ୍ଟ ହୋଇସାରିଛି। ପ୍ରାୟ ସମସ୍ତ ଜାତିର ଲୋକମାନଙ୍କର ବେଶଭୂଷାରେ ଦୋଷ ଦେଖାଦେଇଛି। ଫଳସ୍ୱରୂପ 'କିଏ କେଉଁ ଜାତିର' ଏହା ଜାଣିବା ସମ୍ଭବ ହେଉ ନାହିଁ। ଅତଏବ ମନୁଷ୍ୟଙ୍କୁ ନିଜ ଜାତି ଅନୁସାରେ ହିଁ ବେଶଭୂଷା ଧାରଣ କରିବା ଉଚିତ।

(୪) **ଭାଷା**—ଅନ୍ୟ ଭାଷା ବା ଲିପି ଶିଖିବାରେ ଦୋଷ ନାହିଁ, କିନ୍ତୁ ସେଗୁଡ଼ିକର ଅନୁସରଣରେ ନିଜେ ମଧ୍ୟ ସେହିପରି ହୋଇଯିବା ବହୁତ ବଡ଼ ଦୋଷ। ଯଥା—ଇଂରାଜୀ ଶିଖି ନିଜର ବେଶଭୂଷା, ଖିଆପିଆ, ଚାଲିଚଳନ ଇଂରେଜମାନଙ୍କ ପରି କରିନେବା ଅର୍ଥ ସେହି ଭାଷାକୁ ଶିଖିବା ନୁହେଁ, ବରଂ ନିଜକୁ ହଜାଇ ଦେବା। ନିଜର ବେଶଭୂଷା, ଖାଦ୍ୟପେୟ, ଚାଲିଚଳନ ଇତ୍ୟାଦିକୁ ଯଥାବତ୍ ରଖି ଇଂରାଜୀ ଶିଖିବାର ଅର୍ଥ ସେହି ଭାଷା ଓ ଲିପିକୁ ଗ୍ରହଣ କରିବା। ଅତଏବ ଅନ୍ୟ ଭାଷାଗୁଡ଼ିକର ଜ୍ଞାନ ଥିଲେ ମଧ୍ୟ ନିଜ ଭାଷାରେ ହିଁ କଥାବାର୍ତ୍ତା କରିବା ଉଚିତ।

(୫) **ବ୍ୟବସାୟ**—ବ୍ୟବସାୟ (କାମଧନ୍ଦା) ମଧ୍ୟ ନିଜ ଜାତି ଅନୁସାରେ ହିଁ କରିବା ଉଚିତ। ଗୀତାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରମାନଙ୍କ ପାଇଁ ଅଲଗା ଅଲଗା କର୍ମର ବିଧାନ କରାଯାଇଛି (୧୮।୪୨-୪୪)।

୧୯. ଗୀତାରେ ଚାରି ଆଶ୍ରମ

ଯଥା ସର୍ବେଷୁ ଶାସ୍ତ୍ରେଷୁ ପ୍ରୋକ୍ତାଶ୍ଚତ୍ୱାର ଆଶ୍ରମାଃ।
ଗୀତୟା ନ ତଥା ପ୍ରୋକ୍ତାଃ ସଂକେତେନୈବ ଦର୍ଶିତାଃ॥

ଗୀତାରେ ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ର—ଏହି ଚାରି ବର୍ଣ୍ଣର ବର୍ଣ୍ଣନା ସ୍ପଷ୍ଟଭାବେ କରାଯାଇଛି; ଯଥା—**'ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟମ୍'** (୪।୧୩), **'ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ'** (୧୮।୪୧) ଇତ୍ୟାଦି; ମାତ୍ର ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ ଆଶ୍ରମର ବର୍ଣ୍ଣନା ସ୍ପଷ୍ଟଭାବେ କରାଯାଇ ନାହିଁ। ଏହି ଚାରି ଆଶ୍ରମର ବର୍ଣ୍ଣନା ଗୀତାରେ ଗୌଣଭାବରେ ଓ ସଂକେତରେ କରାଯାଇଛି ବୋଲି ମାନିବାକୁ ହେବ। ଯଥା—

(୧) ଯେଉଁ ପରମାତ୍ମତତ୍ତ୍ୱକୁ ପାଇବା ଇଚ୍ଛାରେ ବ୍ରହ୍ମଚାରୀମାନେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି—**'ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି'** (୮।୧୧) ପଦଗୁଡ଼ିକରେ ବ୍ରହ୍ମଚର୍ଯ୍ୟ ଆଶ୍ରମକୁ ସଂକେତ କରାଯାଇଛି ବୋଲି ମାନି ପାରିବା।

(୨) ଯେଉଁ ଲୋକ ଅନ୍ୟମାନଙ୍କୁ ସେମାନଙ୍କର ଭାଗ ନ ଦେଇ ଏକାକୀ ସବୁ ଭୋଗ କରେ, ସେ ହେଉଛି ଚୋର—**'ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ'** (୩।୧୨); ଯେଉଁମାନେ କେବଳ ନିଜର ଶରୀରପୋଷଣ ନିମିତ୍ତ ରାନ୍ଧନ୍ତି, ସେହି ପାପୀ ଲୋକମାନେ ପାପକୁ ହିଁ ଭକ୍ଷଣ କରନ୍ତି—**'ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍'** (୩।୧୩) ଇତ୍ୟାଦି ପଦମାନଙ୍କରେ ଗୃହସ୍ଥାଶ୍ରମକୁ ସଂକେତ କରାଯାଇଛି ବୋଲି ଗ୍ରହଣ କରିପାରିବା।

(୩) କେତେକ ଲୋକ ତପସ୍ୟାରୂପକ ଯଜ୍ଞ କରନ୍ତି—**'ତପୋଯଜ୍ଞାଃ'** ଏହି ପଦରେ ବାନପ୍ରସ୍ଥ ଆଶ୍ରମକୁ ସଂକେତ କରାଯାଇଛି ବୋଲି ମାନିପାରିବା।

(୪) ଯିଏ ସବୁ ପ୍ରକାର ସଂଗ୍ରହକୁ ସର୍ବଥା ତ୍ୟାଗ କରିଦେଇଛି—**'ତ୍ୟକ୍ତସର୍ବପରିଗ୍ରହଃ'** (୪।୨୧) ଏହି ପଦରେ ସନ୍ନ୍ୟାସ ଆଶ୍ରମକୁ ସଂକେତ କରାଯାଇଛି ବୋଲି ଧରାଯାଇପାରେ।

ଗୀତାରେ ବର୍ଣ୍ଣଗୁଡ଼ିକୁ ସ୍ପଷ୍ଟଭାବରେ ଓ ଆଶ୍ରମଗୁଡ଼ିକୁ ସଂକେତରୂପରେ ବର୍ଣ୍ଣନା କରିବାର କାରଣ ହେଲା, ସେହି ସମୟରେ ପ୍ରାପ୍ତ କର୍ତ୍ତବ୍ୟକର୍ମରୂପେ ଯୁଦ୍ଧ ହିଁ ଉପନୀତ ହୋଇଥିଲା, ତାହା ଆଶ୍ରମର ପ୍ରସଙ୍ଗ ନ ଥିଲା। ସେଥିପାଇଁ ଭଗବାନ ଗୀତାରେ ବର୍ଣ୍ଣଗତ କର୍ତ୍ତବ୍ୟକର୍ମର ବର୍ଣ୍ଣନା ଅଧିକ କରିଛନ୍ତି। ଏଥିରେ ବି କ୍ଷତ୍ରିୟଙ୍କ କର୍ତ୍ତବ୍ୟକର୍ମର ଯେତେ ବର୍ଣ୍ଣନା ହୋଇଛି, ସେତେ ବ୍ରାହ୍ମଣ, ବୈଶ୍ୟ ଓ ଶୂଦ୍ରଙ୍କ କର୍ତ୍ତବ୍ୟକର୍ମ ବିଷୟରେ ବର୍ଣ୍ଣନା ହୋଇ ନାହିଁ।

ଆଶ୍ରମଗୁଡ଼ିକ ସମ୍ପର୍କରେ ସ୍ପଷ୍ଟଭାବେ ବର୍ଣ୍ଣନା ନ

କରିବାର ଅନ୍ୟ କାରଣ ହେଉଛି, ଅନ୍ୟ ଶାସ୍ତ୍ରମାନଙ୍କରେ ଯେଉଁଠି ଆଶ୍ରମଗୁଡ଼ିକର ବର୍ଣ୍ଣନା ହୋଇଛି, ସେଠାରେ କ୍ରମଶଃ ଆଶ୍ରମ ବଦଳିବା କଥା କୁହାଯାଇଛି। ଆଶ୍ରମ ବଦଳିବା କଥା ମଧ୍ୟ ମନୁଷ୍ୟମାନଙ୍କର କଲ୍ୟାଣ ସାଧନ ନିମିତ୍ତ ଉଦ୍ଦିଷ୍ଟ। କିନ୍ତୁ ଗୀତା ଅନୁସାରେ ନିଜର କଲ୍ୟାଣ କରିବା ପାଇଁ ଆଶ୍ରମ ବଦଳାଇବାର ଆବଶ୍ୟକତା ନାହିଁ, ବରଂ ଯିଏ ଯେଉଁ ପରିସ୍ଥିତିରେ, ଯେଉଁ ବର୍ଣ୍ଣ ଓ ଆଶ୍ରମ ଆଦିରେ ରହିଛି, ସେଥିରେ ରହି ସେ ନିଜର କର୍ତ୍ତବ୍ୟ ପାଳନ କରି ଆତ୍ମକଲ୍ୟାଣ କରିପାରିବ। କେବଳ ଏତିକି ନୁହେଁ, ଯୁଦ୍ଧ ଭଳି ଭୟଙ୍କର କର୍ମରେ ଲାଗିଥିବା ବ୍ୟକ୍ତି ମଧ୍ୟ ନିଜର କଲ୍ୟାଣ ସାଧନ କରିପାରେ। ଅଭିପ୍ରାୟ ହେଲା, ଆଶ୍ରମଗୁଡ଼ିକର ଭିନ୍ନତା ଥିଲେ ମଧ୍ୟ ଜୀବର କଲ୍ୟାଣରେ କୌଣସି ଭିନ୍ନତା ନ ଥାଏ। ବର୍ଣ୍ଣମାନଙ୍କର ଭିନ୍ନତା ମଧ୍ୟ କର୍ତ୍ତବ୍ୟକର୍ମ ଦୃଷ୍ଟିରୁ ହିଁ ରହିଛି ଅର୍ଥାତ୍ ଯେଉଁ କର୍ତ୍ତବ୍ୟକର୍ମ କରାଯାଏ, ତାହା ବର୍ଣ୍ଣ ଦୃଷ୍ଟିରୁ ହିଁ କରାଯାଏ। ତେଣୁ ଭଗବାନ ଚାରି ବର୍ଣ୍ଣ ସମ୍ପର୍କରେ ସ୍ପଷ୍ଟ ବର୍ଣ୍ଣନା କଲେ। ବର୍ଣ୍ଣଗୁଡ଼ିକର ବର୍ଣ୍ଣନା କରିବା ଦ୍ୱାରା ଚାରି ଆଶ୍ରମର ବର୍ଣ୍ଣନା ମଧ୍ୟ ତାହାର ଅନ୍ତର୍ଗତ ହୋଇଗଲା। ଏହି ଦୃଷ୍ଟିରୁ ମଧ୍ୟ ସ୍ୱତନ୍ତ୍ରଭାବରେ ଆଶ୍ରମଗୁଡ଼ିକର ବର୍ଣ୍ଣନା କରିବାର ଆବଶ୍ୟକତା ନ ଥିଲା।

୨୦. ଗୀତାରେ ସୈନିକମାନଙ୍କ ପାଇଁ ଶିକ୍ଷା

ପାଳନୀୟଂ ସ୍ୱକର୍ତ୍ତବ୍ୟଂ ଧୃତ୍ୟୁତ୍ସାହସମନ୍ୱିତୈଃ।
ନିତ୍ୟତ୍ୱାଦାତ୍ମନୋ ମୃତ୍ୟୋର୍ଭେତବ୍ୟଂ ନୈବ ସୈନିକୈଃ॥

ଭାରତୀୟ ଶିକ୍ଷା କହେ ଯେ, କୌଣସି ସମୟରେ, କୌଣସି ପରିସ୍ଥିତିରେ ମନୁଷ୍ୟଠାରେ କାପୁରୁଷତା, ଭୀରୁତା, କର୍ତ୍ତବ୍ୟବିମୁଖତା ଆଦି କିଞ୍ଚିନ୍ମାତ୍ରାରେ ମଧ୍ୟ ରହିବା ଉଚିତ ନୁହେଁ, ବରଂ ମନୁଷ୍ୟ ପ୍ରତ୍ୟେକ ପରିସ୍ଥିତିରେ ଉତ୍ସାହିତ ରହିବା ଉଚିତ। ଅଷ୍ଟାଦଶ ଅଧ୍ୟାୟର ୨୬ଶ ଶ୍ଳୋକରେ 'ସାତ୍ତ୍ୱିକ କର୍ତ୍ତା'ର ଲକ୍ଷଣ ବର୍ଣ୍ଣନା କଲାବେଳେ ଭଗବାନ ଛଅଟି କଥା କହିଛନ୍ତି– ଆସକ୍ତି ଓ ଅହଂକାର ତ୍ୟାଗ କରିବା, ଧୈର୍ଯ୍ୟ ଓ ଉତ୍ସାହ ଧାରଣ କରିବା ଏବଂ ସିଦ୍ଧି ଓ ଅସିଦ୍ଧି ଅବସ୍ଥାରେ ନିର୍ବିକାର ରହିବା। ଏହି ଛଅଟି ମଧ୍ୟରୁ ପ୍ରତ୍ୟେକ ମନୁଷ୍ୟ ପାଇଁ ଦୁଇଟି କଥା ମୁଖ୍ୟ–ଧୈର୍ଯ୍ୟ ଓ ଉତ୍ସାହ। କର୍ତ୍ତବ୍ୟଭାବେ ଯେଉଁ କାର୍ଯ୍ୟକୁ ସ୍ୱୀକାର କରାଯାଇଛି, ସେଥିରେ ଅଟଳ ରହିବା ହେଲା 'ଧୈର୍ଯ୍ୟ' ଏବଂ ସେହି ସ୍ୱୀକୃତି ଅନୁସାରେ କାର୍ଯ୍ୟ ପ୍ରତି ଅନୁକୂଳଭାବ ରଖିବା ଓ ସେଥିରେ ତତ୍ପର ରହିବା ହେଲା 'ଉତ୍ସାହ'।

ପର୍ବତ ଯେପରି ଅଚଳ ରହେ, ସୈନିକ ମଧ୍ୟ ନିଜର କର୍ତ୍ତବ୍ୟକର୍ମରେ ସେହିପରି ଅଚଳ ରହିବା ଉଚିତ। କୌଣସି ବିପରୀତ ଅବସ୍ଥା, ପରିସ୍ଥିତି ଇତ୍ୟାଦିରେ ଆଦୌ ବିଚଳିତ ହେବା ଉଚିତ ନୁହେଁ। କାରଣ ଶରୀର ତ ପ୍ରତିକ୍ଷଣ ମରି ଚାଲିଛି, ମୃତ୍ୟୁମୁଖକୁ ଯାଉଛି ଏବଂ ସ୍ୱୟଂ ହେଉଛି ଅମର, ତାହା କଦାପି ମରେ ନାହିଁ (୨।୨୩–୨୫)। ଅତଏବ ମରିବାକୁ କେବେହେଲେ ଡରିବା ଉଚିତ ନୁହେଁ। ଦ୍ୱିତୀୟ କଥା ହେଲା, ନିଜର କର୍ତ୍ତବ୍ୟପାଳନ କରୁ କରୁ ମରିଯିବା ମଧ୍ୟ ଶ୍ରେୟସ୍କର–**'ସ୍ୱଧର୍ମେ ନିଧନଂ ଶ୍ରେୟଃ'** (୩।୩୫)। କିନ୍ତୁ ନିଜ କର୍ତ୍ତବ୍ୟରୁ ଚ୍ୟୁତ ହେବା ଭୟାବହ ଅର୍ଥାତ୍ ଏହାଦ୍ୱାରା ଇହଲୋକରେ ମଧ୍ୟ ଅପମାନ, ତିରସ୍କାର ଓ କ୍ଷତି ହୁଏ ଏବଂ ପରଲୋକରେ ମଧ୍ୟ ଦୁର୍ଗତି ହୁଏ–**'ପରଧର୍ମୋ ଭୟାବହଃ'** (୩।୩୫)। ଅତଏବ ଯେଉଁ ଯୁଦ୍ଧ କର୍ତ୍ତବ୍ୟଭାବେ ସ୍ୱତଃ ମିଳିଯାଏ, ତାହାକୁ କରିବାରେ ବିଶେଷ ଉତ୍ସାହ ରଖିବା ଉଚିତ। ସୈନିକମାନଙ୍କ ପାଇଁ ଯୁଦ୍ଧଭଳି କଲ୍ୟାଣକାରୀ ଅନ୍ୟ କୌଣସି ଧର୍ମ ନାହିଁ, ଅତଏବ ଯାହାକୁ ଅନାୟାସରେ ଧର୍ମଯୁକ୍ତ ଯୁଦ୍ଧ ପ୍ରାପ୍ତ ହୁଏ, ସେହି ସୈନିକ ବଡ଼ ଭାଗ୍ୟଶାଳୀ (୨।୩୧-୩୨)।

ନିଜର କର୍ତ୍ତବ୍ୟପାଳନରେ ବିଶେଷ ଉତ୍ସାହିତ ରହିବା ଉଚିତ। କୌଣସି କାର୍ଯ୍ୟରେ ପ୍ରତିଦିନ ସଫଳତା ପରେ ସଫଳତା ମିଳୁଥିଲେ ଯେପରି ଉତ୍ସାହ ରହେ, ବିଫଳତା ହେଲେ ମଧ୍ୟ କର୍ତ୍ତବ୍ୟକର୍ମ ପାଳନରେ ସେହିପରି ଉତ୍ସାହିତ ରହିବା ଉଚିତ। ନିଜର କର୍ତ୍ତବ୍ୟପାଳନ ସମ୍ମୁଖରେ କାର୍ଯ୍ୟର ସିଦ୍ଧି ବା ଅସିଦ୍ଧି, ସଫଳତା ବା ବିଫଳତା ଆଦିର କୌଣସି ମୂଲ୍ୟ ନାହିଁ; କାରଣ ପ୍ରକୃତରେ ଲୌକିକ ସଫଳତା ମଧ୍ୟ ବିଫଳତା ଏବଂ ଲୌକିକ ବିଫଳତା ମଧ୍ୟ ସଫଳତା। କିନ୍ତୁ ନିଜର

କର୍ତ୍ତବ୍ୟ କରିବାବେଳେ ସଫଳତା ମିଳିଲେ ମଧ୍ୟ ତାହା ସଫଳତା ଏବଂ ବିଫଳତା ମିଳିଲେ ମଧ୍ୟ ତାହା ସଫଳତା (୨।୩୭)। କ୍ଷୁଦିରାମ ବୋସଙ୍କୁ ଯେତେବେଳେ ଫାଶୀ ଆଦେଶ ହେଲା, ସେତେବେଳେ ତାଙ୍କ ଶରୀରର ଓଜନ ବଢ଼ି ଯାଇଥିଲା; କାରଣ ତାଙ୍କ ମନରେ ନିଜର କର୍ତ୍ତବ୍ୟ ହିଁ ବିଚାରଣୀୟ ବିଷୟ ହୋଇ ରହିଥିଲା, ସଫଳତା କିଂବା ବିଫଳତାର ବିଚାର ଆଦୌ ନ ଥିଲା।

ଆମ ଭାରତବର୍ଷର ସୈନିକମାନଙ୍କର ଯୁଦ୍ଧବେଳେ ଏତେ ଅଧିକ ଉତ୍ସାହ ରହୁଥିଲା ଯେ ମୁଣ୍ଡ ଗଣ୍ଡିରୁ ଅଲଗା ହୋଇଗଲେ ସୁଦ୍ଧା ସେମାନେ ଶତ୍ରୁକୁ ମାରି ଚାଲୁଥିଲେ। ବୀର ସୈନିକମାନଙ୍କର ଶରୀରରେ ଆଘାତ ହେଲେ ସେମାନଙ୍କର ଉତ୍ସାହ ବଢ଼ିଯାଏ, ପୀଡ଼ା ହେଲେ ମଧ୍ୟ ସେମାନଙ୍କୁ ଦୁଃଖ ହୁଏ ନାହିଁ, ବରଂ ନିଜର କର୍ତ୍ତବ୍ୟକୁ ପାଳନ କରୁଥିବାରୁ ସେମାନଙ୍କୁ ଏକପ୍ରକାର ସୁଖ ମିଳିଥାଏ, ଯାହା କି ସେମାନଙ୍କର ଉତ୍ସାହକୁ ବଢ଼ାଇ ଦେଇଥାଏ। ଏଭଳି ଶୂରବୀରମାନଙ୍କର ଉତ୍ସାହର ପ୍ରଭାବ ଅନ୍ୟ ସୈନିକମାନଙ୍କ ଉପରେ ମଧ୍ୟ ପଡ଼ିଥାଏ। ସେହି ଉତ୍ସାହୀ ସୈନିକମାନଙ୍କର ବଚନ ଶୁଣି କାପୁରୁଷ ମଧ୍ୟ ଉତ୍ସାହିତ ହୋଇଉଠେ।

୨୧. ଗୀତାରେ ଭଗବାନଙ୍କର ଶକ୍ତି

ଆଦ୍ୟା ଗୁଣମୟୀ ଦୈବୀ ତଥାନ୍ୟା ଦିବ୍ୟଚିନ୍ମୟୀ।
ଯୋଗମାୟେତି ଚ ପ୍ରୋକ୍ତା ଗୀତାୟାଂ ପଞ୍ଚ ଶକ୍ତୟଃ॥

ଗୀତାରେ ଭଗବାନଙ୍କର ପାଞ୍ଚୋଟି ଶକ୍ତିର ବର୍ଣ୍ଣନା ଦେଖିବାକୁ ମିଳେ; ଯଥା—

(୧) **ମୂଳ ପ୍ରକୃତି**—ମହାପ୍ରଳୟ ସମୟରେ ସମସ୍ତ ପ୍ରାଣୀ ଏହି ମୂଳ ପ୍ରକୃତିକୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ମୂଳ ପ୍ରକୃତିରେ ଲୀନ ହୋଇଯାଆନ୍ତି—**'ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍। କଳ୍ପକ୍ଷୟେ......'** (୯।୭)। ମହାସର୍ଗ ସମୟରେ ଭଗବାନ ଏହି ମୂଳ ପ୍ରକୃତିକୁ ଅଧୀନ କରି ନିଜ ନିଜ ସ୍ୱଭାବର ବଶୀଭୂତ ପ୍ରାଣୀମାନଙ୍କୁ ସର୍ଜନା କରନ୍ତି—**'ପ୍ରକୃତିଂ ସ୍ୱାମବଷ୍ଟଭ୍ୟ......'** (୯।୮); ଏବଂ ଏହି ପ୍ରକୃତି ଭଗବାନଙ୍କ ଅଧ୍ୟକ୍ଷତାରେ ସମଗ୍ର ସଂସାରକୁ ସୃଷ୍ଟି କରିଥାଏ (୯।୧୦)। ଏହି ମୂଳ ପ୍ରକୃତିକୁ ଭଗବାନ **'ମମ ଯୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍'** (୧୪।୩) ଓ **'ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା'** (୧୪।୪) ପ୍ରଭୃତି ପଦମାନଙ୍କ ଦ୍ୱାରା ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତିସ୍ଥାନ ଏବଂ ନିଜକୁ ବୀଜପ୍ରଦାନକାରୀ ପିତା ବୋଲି କହିଛନ୍ତି।

(୨) **ଦିବ୍ୟ ଚିନ୍ମୟଶକ୍ତି**—ଭଗବାନ ସ୍ୱୟଂ ଯେତେବେଳେ ଅବତାର ଧାରଣ କରନ୍ତି, ସେତେବେଳେ ଏହି ଦିବ୍ୟ ଚିନ୍ମୟଶକ୍ତିର ଆଶ୍ରୟ ନେଇ ଧାରଣ କରନ୍ତି। ଏହି ଶକ୍ତି ଦ୍ୱାରା ଭଗବାନ ଭକ୍ତମାନଙ୍କୁ ଆନନ୍ଦ ପ୍ରଦାନ କରୁଥିବା ପ୍ରେମର ଲୀଳା କରିଥାନ୍ତି। ଏହି ଶକ୍ତି ଦିବ୍ୟ ତଥା ଚିନ୍ମୟ ଗୁଣଯୁକ୍ତ। ଅତଏବ ଭଗବାନଙ୍କର ଅବତାରୀ ଶରୀର ମଧ୍ୟ ଦିବ୍ୟ ଓ ଚିନ୍ମୟ ହୋଇଥାଏ। ଏହି ଦିବ୍ୟ ଚିନ୍ମୟଶକ୍ତି କଥା ଭଗବାନ **'ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମି'** (୪।୬) ପଦଗୁଡ଼ିକରେ କହିଛନ୍ତି।

(୩) **ଯୋଗମାୟାଶକ୍ତି**—ଏହି ଶକ୍ତି ଦ୍ୱାରା ମୋହିତ ହୋଇ ସାଧାରଣ ପ୍ରାଣୀ ଭଗବାନଙ୍କୁ ମନୁଷ୍ୟ ମନେକରି ଦେଖାଡ଼ିର କରିଥାଏ। ଏହି ଶକ୍ତି ଦ୍ୱାରା ବ୍ରହ୍ମା ମଧ୍ୟ ମୋହିତ ହୋଇଯାଆନ୍ତି। ଏହି ଯୋଗମାୟାଶକ୍ତିକୁ ଭଗବାନ **'ଆତ୍ମମାୟୟା'** (୪।୬) ଓ **'ଯୋଗମାୟାସମାବୃତଃ'** (୭।୨୫) ପଦମାନଙ୍କରେ ସୂଚିତ କରିଛନ୍ତି।

(୪) **ଦୈବୀ ପ୍ରକୃତି**—ଭଗବାନଙ୍କୁ 'ଦେବ' କୁହାଯାଏ। ଭଗବାନଙ୍କର ପ୍ରକୃତି (ସ୍ୱଭାବ) ହୋଇଥିବା ହେତୁ ଏହାକୁ 'ଦୈବୀ ପ୍ରକୃତି' କହନ୍ତି। ଏଥିରେ ଦୟା, କ୍ଷମା, ଅହିଂସା ଆଦି ଦୈବୀଗୁଣ ରହିଥାଏ। ସାଧକଭକ୍ତ ଏହି ଦୈବୀ ପ୍ରକୃତିର ଆଶ୍ରୟ ନେଇ ଭଗବଦ୍ ଅଭିମୁଖୀ ହୁଏ-**'ମହାତ୍ମାନସ୍ତୁ ମାଂ ପାର୍ଥ.......ଭୂତାଦିମବ୍ୟୟମ୍'** (୯।୧୩)। ଏହା 'ଦୈବୀସମ୍ପଦ' ନାମରେ ଅଭିହିତ (୧୬।୩, ୫)। ସାକ୍ଷାତ୍ ଭଗବାନଙ୍କର ଅଂଶ ହୋଇଥିବାରୁ ଜୀବଠାରେ ଏହି ଦୈବୀସମ୍ପଦର ଗୁଣ ସ୍ୱତଃ ଓ ସ୍ୱାଭାବିକଭାବରେ ରହିଥାଏ। କିନ୍ତୁ **ଯେପର୍ଯ୍ୟନ୍ତ** ଜୀବ ଭଗବାନଙ୍କ ଠାରୁ ବିମୁଖ ରହିଥାଏ, ସେପର୍ଯ୍ୟନ୍ତ ଏହି ଗୁଣଗୁଡ଼ିକ ତା'ଠାରେ ପ୍ରକଟିତ ଓ ବିକଶିତ

ହୁଅନ୍ତି ନାହିଁ, ବରଂ ଦବି ରହିଥାନ୍ତି। ଯେତେବେଳେ ସେ ଭଗବାନଙ୍କର ସମ୍ମୁଖ ହୋଇଯାଏ, ସେତେବେଳେ ତା'ଠାରେ ଏହି ଗୁଣଗୁଡ଼ିକ ସ୍ୱତଃ ଓ ସ୍ୱାଭାବିକଭାବେ ପ୍ରକଟିତ ଓ ବିକଶିତ ହେବାକୁ ଲାଗନ୍ତି।

(୫) **ଗୁଣମୟୀ ମାୟା**—ଏହି ମାୟା 'ସତ୍ତ୍ୱ, ରଜ ଓ ତମ'—ଏହି ତିନି ଲୌକିକ ଗୁଣରେ ଯୁକ୍ତ ହୋଇଥାଏ। ଏହି ମାୟା ସହିତ ଜୀବ ଯେତେ ଘନିଷ୍ଠ ସମ୍ବନ୍ଧ ଯୋଡ଼େ, ନିଜକୁ ତାହାର ଅଧିପତି ବୋଲି ଭାବେ ଏବଂ ତା'ଠାରୁ ସୁଖ ପାଇବାକୁ ଇଚ୍ଛା କରେ, ସେ ସେଥିରେ ସେତିକି ମୋହିତ ହୋଇଯାଏ, ତା'ର ଅଧୀନସ୍ଥ ହୋଇଯାଏ ଏବଂ ସେଥିରେ ବାନ୍ଧି ହୋଇଯାଏ। ଏହି ଗୁଣମୟୀ ମାୟାକୁ ଭଗବାନ 'ପ୍ରକୃତି' (୩।୨୭, ୨୯; ୧୩।୧୯—୨୧, ୨୩, ୨୯, ୩୪; ୧୪।୫), 'ଅପରା ପ୍ରକୃତି' (୭।୪-୫), 'ଦୈବୀ ଗୁଣମୟୀ ମାୟା' (୭।୧୪-୧୫), 'ମାୟା' (୧୮।୬୧) ଓ 'ଅବ୍ୟକ୍ତ' (୧୩।୫) ନାମରେ ନାମିତ କରିଛନ୍ତି। ଏହି ଗୁଣମୟୀ ମାୟା ସହିତ ଅଧିକ ତାଦାତ୍ମ୍ୟ, ମମତା ଓ ଆସକ୍ତି ହେଲେ ଏହା ଆସୁରୀ, ରାକ୍ଷସୀ ଓ ମୋହିନୀ ରୂପ ଧାରଣ କରିଥାଏ (୯।୧୨)।

ପ୍ରକୃତରେ ଭଗବାନଙ୍କର ଶକ୍ତି ଏକ ଅଟେ, ଯାହା କି ଭଗବଦ୍‌ସ୍ୱରୂପା। ସେହି ଶକ୍ତିକୁ ଅଧୀନ କରି ଭଗବାନ ସୃଷ୍ଟିସର୍ଜନା ଆଦି ଭିନ୍ନ ଭିନ୍ନ କାର୍ଯ୍ୟ କରନ୍ତି ଓ ଅନେକ ପ୍ରକାର ଲୀଳା କରନ୍ତି। ଅତଏବ ସେହି ଗୋଟିଏ ଶକ୍ତି ହିଁ କାର୍ଯ୍ୟ ବା ଲୀଳା ଅନୁସାରେ ଉପରୋକ୍ତ ପାଞ୍ଚ ପ୍ରକାରର ହୋଇଥାଏ।

୨୨. ଗୀତାରେ ବିଭୂତିବର୍ଣ୍ଣନା

ପ୍ରୋକ୍ତାଃ କାରଣରୂପାଶ୍ଚ ସପ୍ତମେ ତୁ ବିଭୂତୟଃ।
କାର୍ଯ୍ୟକାରଣରୂପାଶ୍ଚ କୃତ୍ସ୍ନେନ ନବମେ ସ୍ୱୟମ୍॥
ଦଶମେ ବ୍ୟକ୍ତିଭାବାଭ୍ୟାଂ ସାରମୁଖ୍ୟାଦିଭିଶ୍ଚ ବୈ।
ସ୍ୱୀୟାଃ ପ୍ରଭାବରୂପେଣ ପ୍ରୋକ୍ତାଃ ପଞ୍ଚଦଶେ ତଥା॥

ଭଗବାନ ସାଧକର ଅନ୍ୟଭାବ (ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ଅଛି—ଏହି ଧାରଣା) ଦୂର କରିବା ପାଇଁ ଗୀତାର ସପ୍ତମ, ନବମ, ଦଶମ ଓ ପଞ୍ଚଦଶ ଅଧ୍ୟାୟରେ ନିଜ ବିଭୂତିଗୁଡ଼ିକର ବର୍ଣ୍ଣନା କରିଛନ୍ତି।

ସପ୍ତମ ଅଧ୍ୟାୟର ୭ମ ଶ୍ଳୋକରେ ଭଗବାନ **'ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି'** ଅର୍ଥାତ୍ ମୋ'ଠାରୁ ବଳି ଏହି ଜଗତର ଅନ୍ୟ କୌଣସି କିଞ୍ଚିନ୍ମାତ୍ର କାରଣ ନାହିଁ ବୋଲି କହିଛନ୍ତି। ତା'ପରେ ୮ମ ଶ୍ଳୋକରୁ ୧୨ଶ ଶ୍ଳୋକ ପର୍ଯ୍ୟନ୍ତ କାରଣରୂପେ ନିଜର ସତରଟି ବିଭୂତିର ବର୍ଣ୍ଣନା କରିଛନ୍ତି। କାରଣରୂପେ ବିଭୂତିଗୁଡ଼ିକର ବର୍ଣ୍ଣନାର ତାତ୍ପର୍ଯ୍ୟ ହେଲା, କାର୍ଯ୍ୟରେ ତ ଗୁଣମାନଙ୍କର ଭିନ୍ନତା ଥାଏ, କିନ୍ତୁ କାରଣରେ ଗୁଣମାନଙ୍କର ଭିନ୍ନତା ନ ଥାଏ। ଉଦାହରଣାର୍ଥ—ଆକାଶର କାର୍ଯ୍ୟ ହେଉଛି ଶବ୍ଦ ଏବଂ ଶବ୍ଦ ବର୍ଣ୍ଣାତ୍ମକ ଓ ଧ୍ୱନ୍ୟାତ୍ମକ ଦୃଷ୍ଟିରୁ ଅନେକ ପ୍ରକାରର ହୋଇଥାଏ, କିନ୍ତୁ କାରଣରୂପେ ଆକାଶ ଏକ ଅଟେ। ସେହିପରି ପରମାତ୍ମାଙ୍କର କାର୍ଯ୍ୟ ହେଲା ସଂସାର ଏବଂ ପରମାତ୍ମା ହେଲେ କାରଣ। ଗୁଣର ଭିନ୍ନତା ଯୋଗୁଁ ସଂସାର ଅନେକ ପ୍ରକାରର ହୋଇଥାଏ, କିନ୍ତୁ ସବୁଥିରେ କାରଣରୂପରେ ପରମାତ୍ମା ଏକ ଅଟନ୍ତି। ଯେଉଁମାନେ କାର୍ଯ୍ୟ (ସଂସାର) ପ୍ରତି ଆସକ୍ତ ହୋଇଯାଆନ୍ତି, ସେମାନେ ସେଥିରେ ବାନ୍ଧି ହୋଇଯାଆନ୍ତି, କିନ୍ତୁ ଯେଉଁମାନେ କାରଣରୂପେ ଏକମାତ୍ର ପରମାତ୍ମାଙ୍କୁ ହିଁ ଦେଖନ୍ତି, ସେମାନେ ବାନ୍ଧି ହୁଅନ୍ତି ନାହିଁ, ବରଂ କାର୍ଯ୍ୟଠାରୁ ସର୍ବଥା ଅସଙ୍ଗ ହୋଇ **'ବାସୁଦେବଃ ସର୍ବମ୍'** 'ସବୁ କିଛି ପରମାତ୍ମା'—ଏପରି ଅନୁଭବ କରନ୍ତି।

ନବମ ଅଧ୍ୟାୟର ୧୬ଶ ଶ୍ଳୋକରୁ ୧୯ଶ ଶ୍ଳୋକ ପର୍ଯ୍ୟନ୍ତ ଭଗବାନ କାର୍ଯ୍ୟ-କାରଣରୂପେ ନିଜର ସତିରିଶଟି ବିଭୂତିର ବର୍ଣ୍ଣନା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଲା, କାର୍ଯ୍ୟ-କାରଣ, ଅସତ୍-ସତ୍, ଅନିତ୍ୟ-ନିତ୍ୟ, ଅସାର-ସାର ପ୍ରଭୃତି ଯାହା କିଛି ଅଛି, ସବୁକିଛି ସେଇ ପରମାତ୍ମା। ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ।

ଦଶମ ଅଧ୍ୟାୟର ୪ର୍ଥ ଓ ୫ମ ଶ୍ଳୋକରେ ଭଗବାନ ପ୍ରାଣୀମାନଙ୍କର ଭାବରୂପରେ ନିଜର କୋଡ଼ିଏଟି

ବିଭୂତିର ଏବଂ ୬ଷ୍ଠ ଶ୍ଳୋକରେ ବ୍ୟକ୍ତିମାନଙ୍କ ରୂପରେ ନିଜର ପଚିଶଟି ବିଭୂତିର ବର୍ଣ୍ଣନା କରିଛନ୍ତି । ତା'ପରେ 'ମୁଁ ଆପଣଙ୍କୁ କେଉଁ କେଉଁଠାରେ ଚିନ୍ତନ କରିବି?' ଅର୍ଜୁନଙ୍କର ଏହି ପ୍ରଶ୍ନର ଉତ୍ତରରେ ଭଗବାନ ୨୦ଶ ଶ୍ଳୋକରୁ ୩୮ଶ ଶ୍ଳୋକ ପର୍ଯ୍ୟନ୍ତ ମୁଖ୍ୟ ଓ ଅଧିପତି ଭାବରେ ନିଜର ଏକାଅଶୀଟି ବିଭୂତିର ବର୍ଣ୍ଣନା କରିଛନ୍ତି । ତା'ପରେ ୩୯ଶ ଶ୍ଳୋକରେ ସାରାଂଶରୂପେ ନିଜର ଗୋଟିଏ ବିଭୂତିର ବର୍ଣ୍ଣନା କରିଛନ୍ତି । ଏସବୁର ଅଭିପ୍ରାୟ ହେଲା, ସଂସାରରେ ଭାବ, ବ୍ୟକ୍ତି, ମୁଖ୍ୟ, ଅଧିପତି ଓ ସାରରୂପେ ଯାହା କିଛି ରହିଛି, ସେସବୁ ହେଉଛନ୍ତି ଭଗବାନ ।

ଏହିପରି ଭଗବାନ ଉକ୍ତ ଚାରି ଅଧ୍ୟାୟରେ ସର୍ବମୋଟ ନିଜର ଏକଶହ ଚଉରାନବେଟି ବିଭୂତିର ବର୍ଣ୍ଣନା କରିଛନ୍ତି । ଏହି ସବୁ ବିଭୂତିର ତାତ୍ପର୍ଯ୍ୟ ହେଲା, ପ୍ରକୃତରେ ସବୁକିଛି ଏକମାତ୍ର ଭଗବାନ । ଅତଏବ ସାଧକର ଯେଉଁ ବସ୍ତୁ, ବ୍ୟକ୍ତି ଆଦି ପ୍ରତି ଅଧିକ ଭାବ ଓ ଆକର୍ଷଣ ରହିଛି, ସେଠାରେ ସେ ଭଗବାନଙ୍କୁ ହିଁ ଚିନ୍ତନ କରୁ ।

ବିଭୂତିବର୍ଣ୍ଣନାର ଉଦ୍ଦେଶ୍ୟ

ମନୁଷ୍ୟମାନଙ୍କର ଏହା ଏକ ସାଧାରଣ ସ୍ୱଭାବ ଯେ ସେମାନେ କୌଣସି ବସ୍ତୁ, ବ୍ୟକ୍ତି, ପରିସ୍ଥିତି, ଘଟଣା ଆଦିରେ ବିଶେଷତ୍ୱ, ମହତ୍ତ୍ୱ, ପ୍ରଭାବ, ସୌନ୍ଦର୍ଯ୍ୟ ଇତ୍ୟାଦିକୁ ଦେଖିଲେ ତାହା ପ୍ରତି ଆକୃଷ୍ଟ ହୋଇଯାଆନ୍ତି । ପ୍ରକୃତରେ ସଂସାରରେ ଯାହା କିଛି ବିଶେଷତ୍ୱ ଇତ୍ୟାଦି ଦେଖାଯାଏ, ତାହା ସଂସାରର ଆଦୌ ନୁହେଁ । କାରଣ ଯେଉଁ ସଂସାର କ୍ଷଣକ ପାଇଁ ମଧ୍ୟ ସ୍ଥିର ରହେ ନାହିଁ, ଏଭଳି କ୍ଷଣଭଙ୍ଗୁର ସଂସାରର ବା କି ବିଶେଷତ୍ୱ ହୋଇପାରେ? ସେଥିରେ ଯାହା କିଛି ବିଶେଷତ୍ୱ ଦେଖାଯାଏ, ତାହା ମୂଳତଃ ସଂସାରର ଆଶ୍ରୟ, ଆଧାର ଓ ପ୍ରକାଶକ ଭଗବାନଙ୍କର ହିଁ ଅଟେ । କିନ୍ତୁ ଭଗବାନଙ୍କ ଆଡ଼କୁ ଦୃଷ୍ଟି ନ ରହିବାରୁ ମନୁଷ୍ୟ ସଂସାରରେ ବାହ୍ୟ ବିଶେଷତ୍ୱ ଦେଖି ତା' ପ୍ରତି ଆକୃଷ୍ଟ ହୋଇଯାଏ । କେବଳ ବାହ୍ୟ ବିଶେଷତ୍ୱ ଦେଖି ଆକୃଷ୍ଟ ହୋଇଯିବା ଏବଂ ତାହାର ମୂଳ କାରଣକୁ ନ ଦେଖିବା ମାନବିକତା ନୁହେଁ, ବରଂ ତାହା ପଶୁପ୍ରବୃତ୍ତି । ମନୁଷ୍ୟ ବିବେକପ୍ରଧାନ ଅଟେ । ତେଣୁ ସେ ତତ୍କାଳ ଦେଖାଯାଉଥିବା ସଂସାରର ବିଶେଷତ୍ୱକୁ ମହତ୍ତ୍ୱ ଦେଇ ତା' ପ୍ରତି ଆକୃଷ୍ଟ ହେବା ଉଚିତ ନୁହେଁ । ଯଦି ବିଚାର ନ କରି ତା' ପ୍ରତି ଆକୃଷ୍ଟ ହୋଇଯାଏ, ତେବେ ତା'ର ବିବେକ ଓ ବିଚାରର ପ୍ରାଧାନ୍ୟ ରହିଲା କେଉଁଠି? ସେଥିପାଇଁ ମନୁଷ୍ୟ ସଂସାରର ସ୍ୱୀକୃତ ମହତ୍ତ୍ୱରୁ ନିଜ ମନକୁ ହଟାଇ ବାସ୍ତବିକ ମହତ୍ତ୍ୱ ପ୍ରତି ଲଗାଇବା ଉଚିତ । ଭଗବାନ ପ୍ରତ୍ୟେକ ମନୁଷ୍ୟର ମନକୁ ତାଙ୍କ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ହିଁ ନିଜର ବିଭୂତିଗୁଡ଼ିକର ବର୍ଣ୍ଣନା କରିଛନ୍ତି ।

ଗୀତାରେ ଭଗବାନ ନିଜର ଯେଉଁ ମୁଖ୍ୟ ମୁଖ୍ୟ ବିଭୂତିଗୁଡ଼ିକର ବର୍ଣ୍ଣନା କରିଛନ୍ତି, ସେଗୁଡ଼ିକରେ ଯାହା କିଛି ବିଶେଷତ୍ୱ ଦେଖାଯାଏ, ସେସବୁ ଭଗବାନଙ୍କ କାରଣରୁ ଆସିଥାଏ । ଅତଏବ ସଂସାରରେ କୌଣସି ସ୍ଥାନରେ ତିଳେମାତ୍ର ବିଶେଷତ୍ୱ ଦେଖାଦେଲେ, ସାଧକ ସେହି ବିଶେଷତ୍ୱକୁ ଭଗବାନଙ୍କର ବୋଲି ଭାବିବା ଉଚିତ । ସଂସାରର ବିଶେଷତ୍ୱ ମାନିଲେ ସଂସାରର ଚିନ୍ତନ ହୁଏ, ଅଥଚ ସେହି ବିଶେଷତ୍ୱକୁ ଭଗବାନଙ୍କର ମାନିନେଲେ ତାହା ଭଗବତ୍ ଚିନ୍ତନରେ ପରିଣତ ହୋଇଯାଏ ଅର୍ଥାତ୍ ସେଠାରେ ଭଗବାନଙ୍କର ଚିନ୍ତନ ହେବାକୁ ଲାଗେ ।

ଗୀତାରେ ବର୍ଣ୍ଣିତ ବିଭୂତିଗୁଡ଼ିକ କେଉଁ କାରଣରୁ ମୁଖ୍ୟ, ସେ କଥା ସାଧକ ଭାବିବା ଉଚିତ । ଏଗୁଡ଼ିକରେ କି କି ବିଶେଷତ୍ୱ ଅଛି, ଏସବୁ ବିଷୟରେ କେଉଁ କେଉଁ ଗ୍ରନ୍ଥରେ କ'ଣ ସବୁ ଲେଖାଯାଇଛି—ଏସବୁ କଥା ନ ଭାବି ସେ ଚିନ୍ତା କରିବା ଉଚିତ ଯେ ଏଗୁଡ଼ିକର ମୂଳ କ'ଣ? ଏସବୁ କେଉଁଠାରୁ ପ୍ରକଟିତ ହୋଇଛନ୍ତି? ଏଭଳି ଭାବରେ ନିଜର ବୃତ୍ତିଗୁଡ଼ିକର ପ୍ରବାହ ଏହି ବିଭୂତିଗୁଡ଼ିକ ଆଡ଼କୁ ନ ରହି ସେଗୁଡ଼ିକର ମୂଳ ତତ୍ତ୍ୱ ଭଗବାନଙ୍କ ଆଡ଼କୁ ହିଁ ରହିବା ଉଚିତ । ଭଗବାନ ମନୁଷ୍ୟର ବୃତ୍ତିଗୁଡ଼ିକର ପ୍ରବାହ ତାଙ୍କ ନିଜ ଆଡ଼କୁ କରିବା ପାଇଁ ହିଁ ନିଜ ବିଭୂତିଗୁଡ଼ିକର ବର୍ଣ୍ଣନା କରିଛନ୍ତି (୧୦।୪୧); କାରଣ ଅର୍ଜୁନଙ୍କର ଏହା ହିଁ ଜିଜ୍ଞାସା ଥିଲା (୧୦।୧୭) । ଅତଏବ ଏସବୁ ବିଭୂତି ଭଗବାନଙ୍କର ଚିନ୍ତନ କରିବା ପାଇଁ ହିଁ ଉଦ୍ଦିଷ୍ଟ । ଏହି ବିଭୂତିମାନଙ୍କରେ ବିଲକ୍ଷଣତା ଦେଖାଯାଉ ବା ନ ଯାଉ, ଏଗୁଡ଼ିକୁ ଜାଣି ହେଉ ବା ନ ହେଉ, ତଥାପି ଏଗୁଡ଼ିକରେ ଭଗବାନଙ୍କର ଚିନ୍ତନ ହେବା ଉଚିତ । ତାତ୍ପର୍ଯ୍ୟ ହେଲା, ବିଭୂତିଗୁଡ଼ିକର ବର୍ଣ୍ଣନା କରିବା ଭଗବାନଙ୍କର ଉଦ୍ଦେଶ୍ୟ ନୁହେଁ, ବରଂ ଭଗବତ୍ ଚିନ୍ତନ କରାଇବା ଭଗବାନଙ୍କର ଉଦ୍ଦେଶ୍ୟ । ଚିନ୍ତନ କରାଇବାର

ଉଦ୍ଦେଶ୍ୟ ହେଲା–ସାଧକ ତାଙ୍କୁ ତତ୍ତ୍ୱତଃ ଜାଣିଯାଉ ଏବଂ ତା'ର ତାଙ୍କ ପ୍ରତି ଦୃଢ଼ ଭକ୍ତି ହୋଇଯାଉ–

ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ।
ସୋଽବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ॥
(୧୦।୭)

ବିଭୂତିଗୁଡ଼ିକର ଦିବ୍ୟତା

ଦଶମ ଅଧ୍ୟାୟରେ ଅର୍ଜୁନ ୧୬ଶ ଶ୍ଳୋକରେ ଏବଂ ଭଗବାନ ୧୯ଶ ତଥା ୪୦ଶ ଶ୍ଳୋକରେ ନିଜର ବିଭୂତିଗୁଡ଼ିକୁ 'ଦିବ୍ୟ' ବୋଲି କହିଛନ୍ତି। ଏହାର କାରଣ ହେଲା, ଭଗବାନ ହେଉଛନ୍ତି ଦିବ୍ୟାତିଦିବ୍ୟ; ତେଣୁ ସମସ୍ତ ବିଭୂତି ତତ୍ତ୍ୱଦୃଷ୍ଟିରୁ ଦିବ୍ୟ ଅଟନ୍ତି। କିନ୍ତୁ ସାଧକ ଆଗରେ ସେହି ବିଭୂତିଗୁଡ଼ିକର ଦିବ୍ୟତା ସେତେବେଳେ ଯାଇ ପ୍ରକଟ ହୁଏ, ଯେତେବେଳେ ସେ ଭୋଗବୁଦ୍ଧିକୁ ସର୍ବଥା ତ୍ୟାଗ କରି ସେହି ବିଭୂତିଗୁଡ଼ିକରେ କେବଳ ଭଗବାନଙ୍କର ଚିନ୍ତନ କରେ।

୨୩. ଗୀତାରେ ବିଶ୍ୱରୂପଦର୍ଶନ

ବିଶ୍ୱରୂପଂ ପ୍ରଭୋର୍ଦ୍ରଷ୍ଟୁଂ କୃପାପାତ୍ରୈର୍ହି ଶକ୍ୟତେ।
ଯଜ୍ଞାଦିସାଧନୈଃ କୋଽପି ଦ୍ରଷ୍ଟୁଂ ଶକ୍ତୋ ନ ତଦ୍ କ୍ୱଚିଦ୍॥

ଭଗବାନ ଅର୍ଜୁନଙ୍କୁ ନିଜର ଯେଉଁ ବିଶ୍ୱରୂପ (ବିରାଟରୂପ) ଦେଖାଇଲେ, ତାହା କୌଣସି ସାଧନାର ଫଳ ନୁହେଁ। ଭଗବାନ ନିଜେ କହିଛନ୍ତି ଯେ—''ଏ ପ୍ରକାର ବିଶ୍ୱରୂପରେ ମୋତେ ବେଦାଧ୍ୟୟନ, ଯଜ୍ଞାନୁଷ୍ଠାନ, ଦାନ, ଉଗ୍ର ତପସ୍ୟା, ତୀର୍ଥ, ବ୍ରତ ଇତ୍ୟାଦି କ୍ରିୟା ଦ୍ୱାରା ଦେଖି ହୁଏ ନାହିଁ'' (୧୧।୪୮)। ଭଗବାନ ହିଁ କୃପା କରି ନିଜର ସାମର୍ଥ୍ୟ ଦ୍ୱାରା ଦିବ୍ୟଦୃଷ୍ଟି ପ୍ରଦାନ କରି ଏହି ବିଶ୍ୱରୂପ ଦେଖାଇ ପାରନ୍ତି—'**ମୟା ପ୍ରସନ୍ନେନ....... ଆତ୍ମଯୋଗାତ୍**' (୧୧।୪୭)। ଭଗବାନ ନିଜର ଚତୁର୍ଭୁଜ ବିଷ୍ଣୁରୂପର ଦର୍ଶନ ପାଇଁ ତ ଅନନ୍ୟ ଭକ୍ତିକୁ ସାଧନ ବୋଲି କହିଲେ (୧୧।୫୪), କିନ୍ତୁ ବିଶ୍ୱରୂପର ଦର୍ଶନ ପାଇଁ କୌଣସି ସାଧନ କଥା କହି ନାହାନ୍ତି, କେବଳ ନିଜର କୃପାକୁ ହିଁ ସାଧନ ବୋଲି କହିଛନ୍ତି। ଅର୍ଜୁନ ମଧ୍ୟ ନମ୍ରତାପୂର୍ବକ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ, ''ହେ ଭଗବନ୍! ଯଦି ଆପଣଙ୍କର ବିଶ୍ୱରୂପ ମୋ ଦ୍ୱାରା ଦେଖାଯାଇ ପାରିବ, ତେବେ ମୋତେ ଆପଣ ସେହି ରୂପକୁ ଦେଖାଇ ଦିଅନ୍ତୁ'' (୧୧।୪)। ଏହିପରି ଅର୍ଜୁନଙ୍କର ଇଚ୍ଛା ଥିବା ହେତୁ ଭଗବାନ କୃପା କରି ତାଙ୍କୁ ନିଜର ବିଶ୍ୱରୂପ ଦେଖାଇଦେଲେ; କାରଣ ଭଗବାନ ହେଉଛନ୍ତି ଭକ୍ତବାଞ୍ଛାକଳ୍ପତରୁ।

ଭଗବାନ ପୂର୍ବରୁ ମାତା କୌଶଲ୍ୟା, ମାତା ଯଶୋଦା, ଉତଙ୍କ, ଭୀଷ୍ମ ପ୍ରଭୃତିଙ୍କୁ ଅନୁଗ୍ରହ କରି ଯେଉଁ ବିଶ୍ୱରୂପ ଦେଖାଇଥିଲେ, ତାହା ଏତେ ଭୟଙ୍କର ନ ଥିଲା। କାରଣ ଏହାକୁ ଦେଖି ତ ବୀର ଅର୍ଜୁନ ମଧ୍ୟ ଭୟଭୀତ ହୋଇଗଲେ ଏବଂ ଭଗବାନ ମଧ୍ୟ ଏହି କଥାକୁ ସ୍ୱୀକାର କରି କହିଛନ୍ତି ''ହେ ଅର୍ଜୁନ! ମୁଁ ତୁମକୁ ଏ ଯେଉଁ ବିଶ୍ୱରୂପ ଦେଖାଇଲି, ସେଭଳି ରୂପ ଆଗରୁ କେହି ଦେଖି ନ ଥିଲେ'' (୧୧।୪୭)। ଭଗବାନ ଅର୍ଜୁନଙ୍କୁ ଯେଉଁ ବିଶ୍ୱରୂପ ଦେଖାଇଲେ, ତାହା ଏହି ଦୃଶ୍ୟମାନ ସଂସାର ନୁହେଁ। ଏ ସଂସାର ତ ସେହି ବିଶ୍ୱରୂପର ଆଭାସମାତ୍ର, ଝଲକମାତ୍ର; କାରଣ ଏ ସଂସାର ଦିବ୍ୟ ନୁହେଁ, ଏହା ନାଶବାନ୍ ଓ ଜଡ଼। କିନ୍ତୁ ସେହି ବିଶ୍ୱରୂପ ହେଉଛି ଦିବ୍ୟ, ଅବିନାଶୀ ଓ ଅନନ୍ତ। ଭଗବାନ ତ ଅର୍ଜୁନଙ୍କୁ ବିଶ୍ୱରୂପ ଦେଖାଇ ଚାଲିଥିଲେ, କିନ୍ତୁ ଅର୍ଜୁନ ତାହା ଦେଖି ଦେଖି ଭୟଭୀତ ହୋଇପଡ଼ିଲେ ଏବଂ ପ୍ରାର୍ଥନା କରିବାକୁ ଲାଗିଲେ– ''ହେ ଭଗବନ୍! ଆଗରୁ କେବେ ନ ଦେଖିଥିବା ଆପଣଙ୍କର ଏହି ବିଶ୍ୱରୂପକୁ ଦେଖି ମୁଁ ଅତ୍ୟନ୍ତ ହର୍ଷିତ ହେଉଛି, କିନ୍ତୁ ଆପଣଙ୍କର ଅତ୍ୟନ୍ତ ଉଗ୍ର ଓ ଭୟଙ୍କର ରୂପକୁ ଦେଖି ମୋର ମନ ବ୍ୟଥିତ ହେଉଛି ଅର୍ଥାତ୍ ମୁଁ ଭୟଭୀତ ହୋଇପଡୁଛି। ଏଣୁ ଆପଣ ଚତୁର୍ଭୁଜରୂପ ହୋଇଯାଆନ୍ତୁ'' (୧୧।୪୫-୪୬)। ଯଦି ଅର୍ଜୁନ ଭୟଭୀତ ହୋଇ ଭଗବାନଙ୍କୁ ଚତୁର୍ଭୁଜରୂପ ଦେଖାଇବାକୁ ପ୍ରାର୍ଥନା କରି ନ ଥାନ୍ତେ, ତେବେ ଭଗବାନ କେଜାଣି କଣ କଣ ଦେଖାଇଥାନ୍ତେ, କି କି ରୂପ ଦେଖାଇଥାନ୍ତେ ଓ କେତେ ପ୍ରକାରରୂପରେ ଯେ ଅର୍ଜୁନଙ୍କ ଆଗରେ ପ୍ରକଟିତ ହୋଇଥାନ୍ତେ, ତାହାର କୌଣସି ସୀମା ନ ଥାନ୍ତା!

ସଞ୍ଜୟ ମଧ୍ୟ ସେହି ବିଶ୍ୱରୂପର ପ୍ରଭାବରେ

ପ୍ରଭାବିତ ହୋଇ କହିଲେ, ''ହେ ରାଜନ୍! ଭଗବାନ ଶ୍ରୀକୃଷ୍ଣଙ୍କର ସେହି ଅତ୍ୟନ୍ତ ଅଦ୍ଭୁତ ବିଶ୍ୱରୂପକୁ ସ୍ମରଣ କରି କରି ମୁଁ ବାରମ୍ବାର ଆନନ୍ଦିତ ହେଉଛି ଏବଂ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଉଛି'' (୧୮ । ୭୭)।

ଭଗବାନଙ୍କର ବିଶ୍ୱରୂପ ଜ୍ଞାନଦୃଷ୍ଟିର ବିଷୟ ନୁହେଁ, ତାହା ଦିବ୍ୟଦୃଷ୍ଟିର ବିଷୟ। ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ ମହାପୁରୁଷ ମଧ୍ୟ ସାଧକକୁ ଜ୍ଞାନଦୃଷ୍ଟି ଦେଇ ଏହି ସଂସାରକୁ **'ବାସୁଦେବଃ ସର୍ବମ୍'** ରୂପରେ ଦେଖାଇ ପାରନ୍ତି ଓ ଅନୁଭବ କରାଇ ପାରନ୍ତି, କିନ୍ତୁ ଭଗବାନଙ୍କର ବିଶ୍ୱରୂପକୁ ଦେଖିବା ଓ ଦେଖାଇବାକୁ ସମର୍ଥ ନୁହନ୍ତି। ସେହି ବିଶ୍ୱରୂପକୁ କେବଳ ଭଗବାନ ଓ ଭଗବାନଙ୍କ ଦ୍ୱାରା ଅଧିକାର ପ୍ରାପ୍ତ ଭଗବତ୍‌କୃପାପାତ୍ର କାରକପୁରୁଷ ହିଁ ଦିବ୍ୟଦୃଷ୍ଟି ପ୍ରଦାନ କରି ଦେଖାଇ ପାରନ୍ତି। ଭଗବାନ ଅର୍ଜୁନଙ୍କୁ ଜ୍ଞାନଦୃଷ୍ଟି ପ୍ରଦାନ କରି ଏହି ସଂସାରକୁ ଯେ ବିଶ୍ୱରୂପଭାବରେ ଦେଖାଇଥିଲେ, ତା' ନୁହେଁ, ବରଂ ଅର୍ଜୁନଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କରି ନେତ୍ର ଦ୍ୱାରା ସାକ୍ଷାତ୍ ଦେଖାଇଛନ୍ତି। ଅର୍ଜୁନ ବିଶ୍ୱରୂପ ଦେଖାଇବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲାପରେ ଭଗବାନ ତାଙ୍କର ବିଶ୍ୱରୂପକୁ ଦେଖିବା ପାଇଁ ଅର୍ଜୁନଙ୍କୁ ଆଦେଶ ଦେଲେ (୧୧ । ୫—୭)। କିନ୍ତୁ ଯେତେବେଳେ ଅର୍ଜୁନଙ୍କୁ କିଛି ଦେଖାଗଲା ନାହିଁ, ସେତେବେଳେ ଭଗବାନ କହିଲେ ''ଆରେ ବାବୁ! ତୁମେ ନିଜର ଏହି ନେତ୍ର (ଚର୍ମଚକ୍ଷୁ) ଦ୍ୱାରା ମୋର ବିଶ୍ୱରୂପକୁ ଦେଖି ପାରିବ ନାହିଁ। ତେଣୁ ମୁଁ ତୁମକୁ ଦିବ୍ୟଦୃଷ୍ଟି ଦେଉଛି, ଏହାଦ୍ୱାରା ତୁମେ ମୋର ବିଶ୍ୱରୂପକୁ ଦେଖ'' (୧୧ । ୮)। ଦିବ୍ୟଦୃଷ୍ଟି ପ୍ରାପ୍ତ ହେବାମାତ୍ରେ ଅର୍ଜୁନଙ୍କୁ ବିଶ୍ୱରୂପର ଦର୍ଶନ ହେବାକୁ ଲାଗିଲା। ଅର୍ଜୁନ ମଧ୍ୟ କହିଲେ, ''ହେ ଭଗବନ୍! ମୁଁ ଆପଣଙ୍କ ଶରୀରରେ ସମସ୍ତ ଦେବତା ପ୍ରଭୃତିଙ୍କୁ ଦେଖି ପାରୁଛି''—**'ପଶ୍ୟାମି ଦେବାଂସ୍ତବ ଦେବ ଦେହେ......'** (୧୧ । ୧୫)[*]। ସଞ୍ଜୟ ମଧ୍ୟ କହିଲେ ଯେ ଅର୍ଜୁନ ଦେବଦେବ ଭଗବାନଙ୍କ ଶରୀରରେ ବିଶ୍ୱରୂପକୁ ଦେଖିଲେ—**'ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା'** (୧୧ । ୧୩)। ଭଗବାନ ମଧ୍ୟ ତାଙ୍କ ଶରୀରରେ ବିଶ୍ୱରୂପ ଦେଖିବାକୁ ଆଦେଶ ଦେଇଥିଲେ (୧୧ । ୭)।

କହିବାର ଉଦ୍ଦେଶ୍ୟ ହେଲା, ଏଭଳି ଐଶ୍ୱର୍ଯ୍ୟମୟ ଦିବ୍ୟ ବିଶ୍ୱରୂପକୁ କୌଣସି ସାଧନା ବଳରେ ଦେଖାଯାଇ ପାରେ ନାହିଁ କିଂବା ମନୁଷ୍ୟ ନିଜ ସାମର୍ଥ୍ୟ ଦ୍ୱାରା ଦେଖିପାରେ ନାହିଁ ଅଥବା ତତ୍ତ୍ୱଜ୍ଞ ଓ ଜୀବନ୍ମୁକ୍ତ ମହାପୁରୁଷ ମଧ୍ୟ ଜ୍ଞାନଦୃଷ୍ଟି ପ୍ରଦାନ କରି ତାହା ଦେଖାଇ ପାରନ୍ତି ନାହିଁ। ତାହାର ଦର୍ଶନ କେବଳ ଭଗବତ୍‌କୃପାରୁ ହିଁ ହୋଇଥାଏ।

୨୪. ଗୀତାରେ ସୃଷ୍ଟିରଚନା

ସୃଷ୍ଟିଶ୍ଚତୁର୍ବିଧା ପ୍ରୋକ୍ତା ତ୍ୱାଦିସଂକଳ୍ପଜା ପ୍ରଭୋଃ।
ବ୍ରହ୍ମଜା ସ୍ୱନଜା ତୁର୍ଯ୍ୟା କ୍ଷେତ୍ରକ୍ଷେତ୍ରଜ୍ଞଯୋଗଜା ॥

ଗୀତାରେ ସୃଷ୍ଟିରଚନାର ବର୍ଣ୍ଣନା ଚାରି ପ୍ରକାରେ ହୋଇଛି; ଯଥା—

(୧) ମହାସର୍ଗ—ବ୍ରହ୍ମାଙ୍କର ଓ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ମହାସର୍ଗରେ ହୁଏ। ଏହି ମହାସର୍ଗ ଭଗବାନଙ୍କର ସଙ୍କଳ୍ପ ଦ୍ୱାରା ହୁଏ। ଭଗବାନଙ୍କର ସଙ୍କଳ୍ପ କାହିଁକି ହୁଏ? ମହାପ୍ରଳୟରେ ସମସ୍ତ ଜୀବ ନିଜ ନିଜର କର୍ମମାନଙ୍କର ସଂସ୍କାରଗୁଡ଼ିକ ସହିତ ଓ କାରଣଶରୀର ସମେତ ପ୍ରକୃତିରେ ଲୀନ ହୋଇଯାଇଥାଆନ୍ତି ଏବଂ ପ୍ରକୃତିରେ ଲୀନ ହୋଇଥିବା ସେହି ପ୍ରାଣୀମାନଙ୍କର କର୍ମ ଯେତେବେଳେ ପରିପକ୍ୱ ହୋଇ ଫଳ ଦେବାକୁ ଉନ୍ମୁଖ ହୋଇଯାଏ, ସେତେବେଳେ ଭଗବାନଙ୍କ ମନରେ **'ବହୁ ସ୍ୟାଂ ପ୍ରଜାୟେୟ'** (ତୈତ୍ତିରୀୟ. ୨ । ୬) 'ମୁଁ ଜଣେ ହିଁ ଅନେକ ରୂପରେ ହୋଇଯାଏଁ'—ଏଭଳି ସଙ୍କଳ୍ପ ହୁଏ। ଏହି ସଙ୍କଳ୍ପ ହେବାମାତ୍ରେ ଭଗବାନ ନିଜର ପ୍ରକୃତିକୁ ସ୍ୱୀକାର କରି ବ୍ରହ୍ମାଙ୍କୁ[¥], ସମସ୍ତ ଜୀବଙ୍କର ଶରୀରଗୁଡ଼ିକୁ ଏବଂ ସମସ୍ତ ଲୋକଗୁଡ଼ିକୁ

[*] ଅର୍ଜୁନ ଅନ୍ୟ ସ୍ଥାନରେ ମଧ୍ୟ ବିଶ୍ୱରୂପକୁ ନେତ୍ର ଦ୍ୱାରା ଦେଖିବା ବିଷୟରେ କହିଛନ୍ତି; ଯଥା—'ପଶ୍ୟାମି' (୧୧ । ୧୬, ୧୭, ୧୯); 'ଦୃଷ୍ଟ୍ୱା' (୧୧ । ୨୦, ୨୩, ୨୪, ୪୫); 'ଦୃଷ୍ଟ୍ୱୈବ' (୧୧ । ୨୫); 'ସଂଦୃଶ୍ୟନ୍ତେ' (୧୧ । ୨୭) ଇତ୍ୟାଦି।

[¥] କେତେବେଳେ ଭଗବାନ ନିଜେ ବ୍ରହ୍ମାରୂପରେ ପ୍ରକଟ ହୁଅନ୍ତି ତ ଆଉ କେତେବେଳେ ଜୀବ ନିଜର ପୁଣ୍ୟକର୍ମଗୁଡ଼ିକର ପ୍ରଭାବରେ ବ୍ରହ୍ମା ହୋଇଯାଏ।

ସର୍ଜନା କରନ୍ତି। କିନ୍ତୁ ଏହି ସର୍ଜନାରୂପକ ପରିଣତି ପ୍ରକୃତିରେ ହିଁ ହୁଏ ଅର୍ଥାତ୍ ସମସ୍ତ ଜୀବଙ୍କର ଶରୀର ପ୍ରକୃତି ଦ୍ୱାରା ହିଁ ନିର୍ମିତ ହୋଇଥାଏ। ସେଥିପାଇଁ ଭଗବାନ ଗୀତାରେ ଦୁଇଟି କଥା କହିଛନ୍ତି—ମୁଁ ମହାସର୍ଗରେ ପ୍ରାଣୀମାନଙ୍କର ଶରୀରଗୁଡ଼ିକୁ ନିର୍ମାଣ କଲାବେଳେ ପ୍ରକୃତିକୁ ସ୍ୱୀକାର କରି ହିଁ କରିଥାଏ (୯। ୭-୮); ଏବଂ ପ୍ରକୃତି ପ୍ରାଣୀମାନଙ୍କର ଶରୀରଗୁଡ଼ିକୁ ନିର୍ମାଣ କଲାବେଳେ ମୋ ଅଧ୍ୟକ୍ଷତାରେ ଅର୍ଥାତ୍ ମୋ'ଠାରୁ ସତ୍ତା ଓ ସ୍ଫୂର୍ତ୍ତି ପାଇ ହିଁ କରିଥାଏ (୯। ୧୦)।

ମହାସର୍ଗର ବର୍ଣ୍ଣନା ଗୀତାରେ ଅନ୍ୟ ସ୍ଥାନରେ ନିମ୍ନପ୍ରକାରେ କରାଯାଇଛି—

ଚତୁର୍ଥ ଅଧ୍ୟାୟର ୧ମ ଶ୍ଳୋକରେ ''ଏହି ଅବିନାଶୀ ଯୋଗ ପ୍ରଥମେ (ମହାସର୍ଗର ଆରମ୍ଭରେ) ମୁଁ ସୂର୍ଯ୍ୟଙ୍କୁ କହିଥିଲି'' ଏବଂ ୩ୟ ଶ୍ଳୋକରେ ''ସେହି ପୁରାତନ (ମହାସର୍ଗର ଆରମ୍ଭରେ କୁହାଯାଇଥିବା) ଯୋଗ ମୁଁ ଆଜି ତୁମକୁ କହିଲି'' ଏହିରୂପେ ଭଗବାନ ମହାସର୍ଗର ବର୍ଣ୍ଣନା କରିଛନ୍ତି।

ଚତୁର୍ଥ ଅଧ୍ୟାୟର ୧୩ଶ ଶ୍ଳୋକରେ ଭଗବାନଙ୍କ ଦ୍ୱାରା ଗୁଣ ଓ କର୍ମ ଅନୁସାରେ ଚାରି ବର୍ଣ୍ଣର ସର୍ଜନା ହେବା କଥା କୁହାଯାଇଛି, ଯାହା କି ମହାସର୍ଗର ସମୟ ଅଟେ।

ଅଷ୍ଟମ ଅଧ୍ୟାୟର ୩ୟ ଶ୍ଳୋକରେ '**ବିସର୍ଗଃ କର୍ମସଂଜ୍ଞିତଃ**' ପଦରେ ଭଗବାନଙ୍କ ଦ୍ୱାରା ସୃଷ୍ଟିସର୍ଜନା ନିମିତ୍ତ କରାଯିବା ସଙ୍କଳ୍ପକୁ 'ବିସର୍ଗ' କୁହାଯାଇଛି, ଯାହା କି ମହାସର୍ଗର ସମୟ ଅଟେ।

ଦଶମ ଅଧ୍ୟାୟର ୬ଷ୍ଠ ଶ୍ଳୋକରେ ''ଚାରି ସନକାଦି, ସାତ ମହର୍ଷି ଓ ଚଉଦ ମନୁ ମୋ'ଠାରୁ ଉତ୍ପନ୍ନ ହୁଅନ୍ତି, ଯାହାଙ୍କ ଠାରୁ ସଂସାରର ଏହି ପ୍ରଜାମାନେ ସୃଷ୍ଟ''—ଏଭଳି କହି ମହାସର୍ଗର ବର୍ଣ୍ଣନା କରାଯାଇଛି।

ଚତୁର୍ଦ୍ଦଶ ଅଧ୍ୟାୟର ୩ୟ ଓ ୪ର୍ଥ ଶ୍ଳୋକରେ ପ୍ରକୃତିକୁ ବୀଜ ଧାରଣ କରିବାର ସ୍ଥାନ ଓ ନିଜକୁ ବୀଜ ପ୍ରଦାୟକ ପିତା ବୋଲି କହି ଭଗବାନ ମହାସର୍ଗର ବର୍ଣ୍ଣନା କରିଛନ୍ତି।

ସପ୍ତଦଶ ଅଧ୍ୟାୟର ୨୩ଶ ଶ୍ଳୋକରେ ''ଯେଉଁ ପରମାତ୍ମା 'ଓଁ, ତତ୍, ସତ୍' ନାମରେ ଅଭିହିତ, ସେ ସୃଷ୍ଟି ଆରମ୍ଭରେ ବେଦ, ବ୍ରାହ୍ମଣ ଓ ଯଜ୍ଞମାନଙ୍କର ସର୍ଜନା କରିଛନ୍ତି''—ଏଭଳି କୁହାଯାଇ ମହାସର୍ଗର ବର୍ଣ୍ଣନା କରାଯାଇଛି।

ଅଷ୍ଟାଦଶ ଅଧ୍ୟାୟର ୪୧ଶ ଶ୍ଳୋକରେ ''ସ୍ୱଭାବଜ ଗୁଣଗୁଡ଼ିକ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରମାନଙ୍କର କର୍ମଗୁଡ଼ିକୁ ବିଭାଜିତ କରାଯାଇଛି''—ଏଭଳି କହି ଭଗବାନ ମହାସର୍ଗର ବର୍ଣ୍ଣନା କରିଛନ୍ତି।

(୨) ସର୍ଗ—ବ୍ରହ୍ମା ଶୋଇଗଲେ ପ୍ରଳୟ ହୁଏ ଏବଂ ଉଠିଲେ ସର୍ଗ ହୁଏ। ସର୍ଗସମୟରେ ବ୍ରହ୍ମାଙ୍କର ସୂକ୍ଷ୍ମଶରୀରରୁ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୁଏ। ତାତ୍ପର୍ଯ୍ୟ ହେଲା, ପ୍ରଳୟ ସମୟରେ ସମସ୍ତ ପ୍ରାଣୀ ନିଜ ନିଜର ସୂକ୍ଷ୍ମ ଓ କାରଣ ଶରୀରଗୁଡ଼ିକ ସହିତ ବ୍ରହ୍ମାଙ୍କର ସୂକ୍ଷ୍ମଶରୀରରେ ଲୀନ ହୋଇଯାଆନ୍ତି ଏବଂ ସର୍ଗ ସମୟରେ ପୁନର୍ବାର ସେହି ସୂକ୍ଷ୍ମ ଓ କାରଣ ଶରୀରଗୁଡ଼ିକ ସହିତ ବ୍ରହ୍ମାଙ୍କର ସୂକ୍ଷ୍ମଶରୀରରୁ ପ୍ରକଟ ହୁଅନ୍ତି (୮। ୧୮-୧୯)।

ତୃତୀୟ ଅଧ୍ୟାୟର ୧୦ମ ଶ୍ଳୋକରେ ''ପ୍ରଜାପତି ବ୍ରହ୍ମା ସୃଷ୍ଟି ଆରମ୍ଭରେ ଯଜ୍ଞ (କର୍ତ୍ତବ୍ୟକର୍ମ) ସହିତ ପ୍ରଜାମାନଙ୍କର ସର୍ଜନା କରନ୍ତି''—ଏପରି କୁହାଯାଇ ସର୍ଗର ବର୍ଣ୍ଣନା କରାଯାଇଛି।

[ମହାସର୍ଗରେ ଭଗବାନ ଜୀବମାନଙ୍କର କାରଣ-ଶରୀର ସହିତ ବିଶେଷ ସମ୍ବନ୍ଧ କରାଇ ଦିଅନ୍ତି—ଏହା ହେଉଛି ଭଗବାନଙ୍କ ଦ୍ୱାରା ପ୍ରାଣୀମାନଙ୍କର ସର୍ଜନା ଏବଂ ସର୍ଗରେ ବ୍ରହ୍ମା ଜୀବମାନଙ୍କର ସୂକ୍ଷ୍ମଶରୀର ସହିତ ବିଶେଷ ସମ୍ବନ୍ଧ କରାଇ ଦିଅନ୍ତି—ଏହା ହେଉଛି ବ୍ରହ୍ମାଙ୍କ ଦ୍ୱାରା ପ୍ରାଣୀମାନଙ୍କର ସର୍ଜନା।]

(୩) ସୃଷ୍ଟିଚକ୍ର—ପ୍ରଥମେ ବ୍ରହ୍ମା ମାନସିକ ଭାବରେ ସୃଷ୍ଟିସର୍ଜନା କରନ୍ତି। ଏହାପରେ ବ୍ରହ୍ମାଙ୍କ ଠାରୁ ସ୍ଥୂଳରୂପରେ ସ୍ତ୍ରୀ ଏବଂ ପୁରୁଷଙ୍କର ଶରୀର ଉତ୍ପନ୍ନ ହୁଏ। ତା'ପରେ ସ୍ତ୍ରୀ ଓ ପୁରୁଷଙ୍କର ସଂଯୋଗରୁ ଏହି ସୃଷ୍ଟି ଚାଲିବାକୁ ଲାଗେ; ଏହାର ନାମ ସୃଷ୍ଟିଚକ୍ର। ଏହି କଥାକୁ ଗୀତାରେ କୁହାଯାଇଛି ଯେ ଅନ୍ନରୁ ଅର୍ଥାତ୍ ସ୍ତ୍ରୀ ଓ ପୁରୁଷଙ୍କର ରଜବୀର୍ଯ୍ୟରୁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୁଅନ୍ତି; ଅନ୍ନ ବର୍ଷାରୁ ଉତ୍ପନ୍ନ ହୁଏ; ବର୍ଷା କର୍ତ୍ତବ୍ୟକର୍ମରୂପକ ଯଜ୍ଞରୁ ହୁଏ; ସେହି କର୍ତ୍ତବ୍ୟକର୍ମରୂପକ ଯଜ୍ଞର ବିଧି ବେଦ ଓ ବେଦାନୁକୂଳ ଶାସ୍ତ୍ରମାନଙ୍କ ଅନୁସାରେ ବିଧାନ କରାଯାଏ; ବେଦମାନେ ପରମାତ୍ମାଙ୍କ ଠାରୁ ପ୍ରକଟ ହୋଇଥାନ୍ତି; ଅତଏବ ପରମାତ୍ମା ହିଁ ସର୍ବଗତ ଅଟନ୍ତି ଅର୍ଥାତ୍ ସମସ୍ତଙ୍କର ମୂଳରେ ପରମାତ୍ମା ହିଁ ବିଦ୍ୟମାନ (୩। ୧୪-୧୫)। ସୃଷ୍ଟି ଭଗବାନଙ୍କ ଠାରୁ ସୃଷ୍ଟ ହୋଇଥାଉ, ବ୍ରହ୍ମାଙ୍କ ଠାରୁ ସୃଷ୍ଟ ହୋଇଥାଉ

କିଂବା ଅନ୍ନ (ରଜବୀର୍ଯ୍ୟ)ରୁ ସୃଷ୍ଟ ହୋଇଥାଉ, ଅର୍ଥାତ୍ ମହାସର୍ଗ ହୋଇଥାଉ ବା ସର୍ଗ ହୋଇଥାଉ ଅଥବା ସୃଷ୍ଟିଚକ୍ର ହୋଇଥାଉ, ସବୁରି ମୂଳରେ ଏକମାତ୍ର ପରମାତ୍ମା ହିଁ ବିଦ୍ୟମାନ। ଅତଏବ ଏହି ତିନି ପ୍ରକାର ସୃଷ୍ଟିର ତାତ୍ପର୍ଯ୍ୟ ହେଉଛି ସମସ୍ତଙ୍କର ମୂଳ ଆଧାର ପରମାତ୍ମାଙ୍କର ସମ୍ମୁଖ ହେବା।

(୪) କ୍ଷେତ୍ର ଓ କ୍ଷେତ୍ରଜ୍ଞଙ୍କର ସଂଯୋଗ— ଜୀବମାନଙ୍କର ନିଜ ନିଜ ଶରୀର ସହିତ ଯେଉଁ ତାଦାତ୍ମ୍ୟ ରହିଛି, ତାହାକୁ 'କ୍ଷେତ୍ର-କ୍ଷେତ୍ରଜ୍ଞଙ୍କର ସଂଯୋଗ' କହନ୍ତି। ଏହାକୁ 'ପ୍ରକୃତି-ପୁରୁଷର ସଂଯୋଗ', 'ଜଡ଼-ଚେତନର ସଂଯୋଗ' ଓ 'ଅପରା-ପରା ପ୍ରକୃତିର ସଂଯୋଗ' ମଧ୍ୟ କୁହାଯାଏ। ଜୀବମାନଙ୍କର ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀର ସହିତ ଥିବା 'ରାଗ' (ଆସକ୍ତି)କୁ ହିଁ ସଂଯୋଗ କହନ୍ତି। ଏହି ସଂଯୋଗ ଯୋଗୁଁ ଜୀବମାନଙ୍କର ଉତ୍ପତ୍ତି ବା ଜନ୍ମମରଣ ହୁଏ (୧୩।୨୧)। ତାତ୍ପର୍ଯ୍ୟ ହେଲା, ଏହି ସଂଯୋଗ (ଆସକ୍ତି) ଯୋଗୁଁ ହିଁ ଜୀବମାନଙ୍କର ମହାସର୍ଗରେ କାରଣଶରୀର ସହିତ, ସର୍ଗ ସମୟରେ ସୂକ୍ଷ୍ମଶରୀର ସହିତ ଓ ସୃଷ୍ଟିଚକ୍ରରେ ମାତାପିତାଙ୍କର ରଜବୀର୍ଯ୍ୟ ସହିତ ସମ୍ବନ୍ଧ ହୋଇଥାଏ।

ଜୀବମାନଙ୍କର ଶରୀର ସହିତ ଯେଉଁ ତାଦାତ୍ମ୍ୟ, ଆସକ୍ତି ଓ ସମ୍ବନ୍ଧ ରହିଛି, ତାହାର ବର୍ଣ୍ଣନା ଗୀତାର ସପ୍ତମ ଅଧ୍ୟାୟର ୬ଷ୍ଠ ଶ୍ଳୋକରେ ଓ ତ୍ରୟୋଦଶ ଅଧ୍ୟାୟର ୨୧ଶ ଓ ୨୬ଶ ଶ୍ଳୋକରେ କରାଯାଇଛି।

ଉପରୋକ୍ତ ମହାସର୍ଗ, ସର୍ଗ, ସୃଷ୍ଟିଚକ୍ର ଓ କ୍ଷେତ୍ର-କ୍ଷେତ୍ରଜ୍ଞ-ସଂଯୋଗର ଅଭିପ୍ରାୟ ଏହି ଯେ ମହାସର୍ଗ ହେଉ, ସର୍ଗ ହେଉ, ସୃଷ୍ଟିଚକ୍ର ହେଉ ଅଥବା କ୍ଷେତ୍ର-କ୍ଷେତ୍ରଜ୍ଞ-ସଂଯୋଗ ହେଉ, ସବୁଥିରେ ପରମାତ୍ମାଙ୍କର ଜୀବମାନଙ୍କ ସହିତ ଏବଂ ଜୀବମାନଙ୍କର ପରମାତ୍ମାଙ୍କ ସହିତ ଅବିଚ୍ଛେଦ୍ୟ ସମ୍ବନ୍ଧ ରହିଥାଏ। କେବଳ ଶରୀରର ପରବଶତା ହେତୁ ଜୀବ ବାରମ୍ବାର ଜନ୍ମ ନିଏ ଓ ମରେ। ଏହି ପରବଶତା ମଧ୍ୟ ସେ ନିଜେ ସୃଷ୍ଟି କରିଛି। ଯଦି ଏହି ପରବଶତାକୁ ଛାଡ଼ି ଜୀବ ପରମାତ୍ମାଙ୍କର ସମ୍ମୁଖ ହୋଇଯାଏ, ତେବେ ପ୍ରତ୍ୟେକ ପରିସ୍ଥିତିରେ ସେ ଭଗବାନଙ୍କୁ ଲାଭ କରିପାରିବ।

୨୫. ଗୀତାରେ ଜୀବର ଗତି

ଜୀବାନାଂ ଗତୟୋ ବଦ୍ଧ୍ୟା ଗୀତାୟା ତୁ ତ୍ରିଧା ମତା।
ଦ୍ୱିଧୋର୍ଦ୍ଧ୍ୱା ହି ଦ୍ୱିଧା ଗୃଧୋ ମଧ୍ୟମୈକେତି ପଞ୍ଚଧା॥

ଭଗବାନ ମୁଖ୍ୟଭାବେ ଗୀତାରେ ଜୀବର ତିନି ଗତିର ବର୍ଣ୍ଣନା କରିଛନ୍ତି—ଊର୍ଦ୍ଧ୍ୱଗତି, ଅଧୋଗତି ଓ ମଧ୍ୟଗତି। ଯଥା—ସତ୍ତ୍ୱଗୁଣର ବୃତ୍ତି ତାତ୍କାଳିକଭାବେ ବଢ଼ିଥିବାବେଳେ ମରୁଥିବା ଏବଂ ସତ୍ତ୍ୱଗୁଣରେ ସ୍ଥିତ ମନୁଷ୍ୟ ଊର୍ଦ୍ଧ୍ୱଗତିକୁ ଯାଏ (୧୪।୧୪, ୧୮)। ତମୋଗୁଣର ବୃତ୍ତି ତାତ୍କାଳିକଭାବେ ବଢ଼ିଥିବାବେଳେ ମରୁଥିବା ଓ ତମୋଗୁଣରେ ସ୍ଥିତ ମନୁଷ୍ୟ ଅଧୋଗତିକୁ ଯାଏ (୧୪।୧୫, ୧୮)। ରଜୋଗୁଣର ବୃତ୍ତି ତାତ୍କାଳିକଭାବେ ବଢ଼ିଥିବାବେଳେ ମରୁଥିବା ଓ ରଜୋଗୁଣରେ ସ୍ଥିତ ମନୁଷ୍ୟ ମଧ୍ୟଗତିକୁ ଯାଏ (୧୪।୧୫, ୧୮)। ଏହି ତିନି ଗତିର ବିସ୍ତାରପୂର୍ବକ ବର୍ଣ୍ଣନା ନିମ୍ନରେ କରାଯାଉଛି–

ଊର୍ଦ୍ଧ୍ୱଗତି

ଊର୍ଦ୍ଧ୍ୱଗତିକୁ ଦୁଇ ପ୍ରକାରର ଜୀବ ଯାଆନ୍ତି—

(୧) ଫେରି ନ ଆସୁଥିବା ଜୀବ—

(କ) ଯେଉଁ ଜୀବ ଶୁକ୍ଳମାର୍ଗରେ ବ୍ରହ୍ମାଙ୍କ ଲୋକକୁ ଯାଆନ୍ତି, ସେମାନେ ସେଠାରେ ରହି ମହାପ୍ରଳୟ ସମୟରେ ବ୍ରହ୍ମାଙ୍କ ସହିତ ହିଁ ଭଗବାନଙ୍କ ଠାରେ ଲୀନ ହୋଇଯାଆନ୍ତି ଅର୍ଥାତ୍ ମୁକ୍ତ ହୋଇଯାଆନ୍ତି (୮।୨୪)।

(ଖ) ଯେଉଁମାନେ ତତ୍ତ୍ୱଜ୍ଞ, ଜୀବନ୍ମୁକ୍ତ ହୋଇଯାଆନ୍ତି, ସେମାନେ ଏହିଠାରେ ହିଁ ତତ୍ତ୍ୱରେ ଲୀନ ହୋଇଯାଆନ୍ତି, ସେମାନଙ୍କ ପ୍ରାଣର ଉତ୍କ୍ରମଣ ହୁଏ ନାହିଁ (୫।୧୯, ୨୪–୨୬)।

(ଗ) ଯେଉଁମାନେ ଭଗବାନଙ୍କର ଭକ୍ତ, ସେମାନେ ଭଗବାନଙ୍କର ପରମଧାମକୁ ଚାଲିଯାଆନ୍ତି (୮।୨୧; ୧୫।୬)।

(ଘ) ଭଗବାନ ଦୁଷ୍ଟମାନଙ୍କର ବିନାଶ ପାଇଁ ଅବତାର ଧାରଣ କରନ୍ତି (୪।୮)। ଦୁଷ୍ଟମାନେ ଯେତେବେଳେ ଭଗବାନଙ୍କ ହାତରେ ନିହତ ହୁଅନ୍ତି,

ସେତେବେଳେ ସେମାନେ ଏହିଠାରେ ହିଁ ଭଗବାନଙ୍କ ଶ୍ରୀବିଗ୍ରହରେ ଲୀନ ହୋଇଯାଆନ୍ତି; କାରଣ ସେମାନଙ୍କ ମରିବା ସମୟରେ ସମ୍ମୁଖରେ ଭଗବାନଙ୍କର ଶ୍ରୀବିଗ୍ରହ ବିଦ୍ୟମାନ ଥାଏ ଏବଂ ତାହାରି ଚିନ୍ତନ କରୁ କରୁ ହିଁ ସେମାନେ ମରିଥାନ୍ତି। ଭଗବାନଙ୍କର ନିୟମ ଯେ, ଯେଉଁ ଜୀବ ଅନ୍ତକାଳରେ ତାଙ୍କୁ ସ୍ମରଣ କରି ଶରୀର ତ୍ୟାଗ କରେ, ସେ ନିଃସନ୍ଦେହରେ ତାଙ୍କୁ ପାଇଯାଏ (୮।୫)।

(୨) ଫେରି ଆସୁଥିବା ଜୀବ—

(କ) ଯେଉଁମାନେ ସ୍ୱର୍ଗାଦିର ସୁଖ ଉପଭୋଗ କରିବା ପାଇଁ ସକାମକର୍ମ କରନ୍ତି, ସେମାନେ ନିଜର ପୁଣ୍ୟକର୍ମଗୁଡ଼ିକର ଫଳସ୍ୱରୂପ କୃଷ୍ଣମାର୍ଗରେ ସ୍ୱର୍ଗାଦି ଲୋକଗୁଡ଼ିକରେ ପ୍ରବେଶ କରନ୍ତି ଏବଂ ସେଠାରେ ନିଜ ନିଜର ପୁଣ୍ୟ ଅନୁସାରେ ସୁଖ ଉପଭୋଗ କରନ୍ତି। ପୁଣ୍ୟ ଶେଷ ହେବାପରେ ସେମାନେ ପୁଣି ମୃତ୍ୟୁଲୋକକୁ ଫେରି ଆସନ୍ତି (୮।୨୫; ୯।୨୧)।

(ଖ) ଯେଉଁମାନେ ପରମାତ୍ମପ୍ରାପ୍ତିର ସାଧନାରେ ଲାଗି ରହିଛନ୍ତି, ହେଲେ ସାଂସାରିକ ବାସନା ଏବେ ସୁଦ୍ଧା ଦୂର କରି ପାରି ନାହାନ୍ତି, ସେମାନେ ଅନ୍ତସମୟରେ କୌଣସି ବାସନା ହେତୁ ନିଜର ସାଧନାରୁ ବିଚଳିତ ହୋଇଗଲେ ସ୍ୱର୍ଗାଦି ଉଚ୍ଚଲୋକକୁ ଯାଆନ୍ତି। ଏଭଳି ଯୋଗଭ୍ରଷ୍ଟ ମନୁଷ୍ୟ ଦୀର୍ଘକାଳ ପର୍ଯ୍ୟନ୍ତ ସ୍ୱର୍ଗାଦି ଲୋକରେ ରହନ୍ତି। ଯେତେବେଳେ ସେଠାକାର ଭୋଗରୁ ସେମାନଙ୍କର ଅରୁଚି ହୋଇଯାଏ, ସେତେବେଳେ ସେମାନେ ମୃତ୍ୟୁଲୋକକୁ ଫେରି ଆସନ୍ତି ଏବଂ ଶୁଚିବନ୍ତ ଶ୍ରୀମାନ୍‌ଙ୍କର ଘରେ ଜନ୍ମ ଗ୍ରହଣ କରନ୍ତି (୬।୪୧)।

ଅଧୋଗତି

ଅଧୋଗତିକୁ ଦୁଇ ପ୍ରକାରର ଜୀବ ଯାଆନ୍ତି–

(୧) ଚଉରାଶୀ ଲକ୍ଷ ଯୋନିକୁ ଯାଉଥିବା ଜୀବ—ଜୀବମାନେ ନିଜ ନିଜର ପାପକର୍ମଗୁଡ଼ିକ ଅନୁସାରେ ପଶୁ, ପକ୍ଷୀ, କୀଟ, ପତଙ୍ଗ ଆଦି ନୀଚ ଯୋନିମାନଙ୍କରେ ଉତ୍ପନ୍ନ ହୁଅନ୍ତି ଏବଂ ସେଠାରେ ନିରନ୍ତର ସେହି ଯୋନିଯନ୍ତ୍ରଣା ଭୋଗ କରନ୍ତି (୧୬।୧୯)*।

(୨) ନରକକୁ ଯାଉଥିବା ଜୀବ—ଜୀବମାନେ ନିଜ ନିଜର ପାପକର୍ମଗୁଡ଼ିକ ଅନୁସାରେ ରୌରବ, କୁମ୍ଭୀପାକ ଆଦି ଭୟଙ୍କର ନରକମାନଙ୍କରେ ପଡ଼ନ୍ତି ଏବଂ ସେଠାରେ ସେହି ନରକମାନଙ୍କର ଭୟଙ୍କର ଯନ୍ତ୍ରଣା ଭୋଗ କରନ୍ତି (୧୬।୧୬)।

ମଧ୍ୟଗତି¥

ମଧ୍ୟଗତିକୁ ଛଅ ପ୍ରକାରର ଜୀବ ଆସନ୍ତି–

(୧) ସ୍ୱର୍ଗାଦି ଲୋକରୁ ଆସିଥିବା ପ୍ରାଣୀ— ଯେଉଁ ଜୀବମାନେ ସୁଖଭୋଗ ଉଦ୍ଦେଶ୍ୟରେ ସ୍ୱର୍ଗାଦି ଲୋକକୁ ଯାଇଥାଆନ୍ତି, ସେମାନେ ସ୍ୱର୍ଗପ୍ରାପକ ପୁଣ୍ୟ କ୍ଷୀଣ ହେବାପରେ ଏହି ମଧ୍ୟଲୋକ (ମନୁଷ୍ୟଲୋକ)କୁ ଆସି ଜନ୍ମ ନିଅନ୍ତି। ଏଭଳି ଲୋକମାନଙ୍କର ପ୍ରବୃତ୍ତି (ଆଚରଣ) ପ୍ରାୟ ଶୁଦ୍ଧ ଥାଏ, ତେଣୁ ସେମାନେ ପୁଣି ଶୁଭକର୍ମ କରି ସ୍ୱର୍ଗାଦି ଲୋକକୁ ଯାଆନ୍ତି ଏବଂ ପୁଣି ତଳ(ମର୍ତ୍ତ୍ୟ)କୁ ଆସନ୍ତି। ଏହିଭଳି ସେମାନେ ବାରମ୍ବାର ଯିବା-ଆସିବା କରୁଥାନ୍ତି (୯।୨୧)।

ଏପରି ଲୋକମାନଙ୍କ ମଧ୍ୟରୁ କେତେକଙ୍କୁ ସଂସାରରୁ ବୈରାଗ୍ୟ ହୋଇଯାଏ, ସେମାନେ ତତ୍ତ୍ୱଜ୍ଞାନ ଲାଭ କରି ମୁକ୍ତ ହୋଇଯାଆନ୍ତି। କେତେକ ଲୋକଙ୍କର ଭଗବାନଙ୍କ ପ୍ରତି ଅଭିରୁଚି (ପ୍ରିୟତ୍ୱ) ହୋଇଯାଏ, ସେମାନେ ସଂସାରବନ୍ଧନରୁ ମୁକ୍ତ ହୋଇ ଭଗବଦ୍ଧାମକୁ ଚାଲିଯାଆନ୍ତି।

(୨) ଯୋଗଭ୍ରଷ୍ଟ—ଯେଉଁ ଯୋଗଭ୍ରଷ୍ଟ ମନୁଷ୍ୟଙ୍କର ସାଂସାରିକ ବାସନା ରହିଯାଇଥାଏ, ସେମାନେ ସ୍ୱର୍ଗାଦି ଲୋକକୁ ଯାଇ ପୁଣି ଏହି ସଂସାରକୁ ଫେରି ଶୁଚିବନ୍ତ ଶ୍ରୀମାନ୍‌ଙ୍କ ଘରେ ଜନ୍ମ ନିଅନ୍ତି। କିନ୍ତୁ ଯେଉଁ ଯୋଗଭ୍ରଷ୍ଟ ମନୁଷ୍ୟଙ୍କର ସାଂସାରିକ ବାସନା ନାହିଁ, ସେମାନେ

---

* ଭଗବାନ ଯୋଗଭ୍ରଷ୍ଟ ପାଇଁ କହିଛନ୍ତି ଯେ, ସେମାନେ ସ୍ୱର୍ଗରେ ଦୀର୍ଘ ସମୟ ଧରି ରହନ୍ତି–'ଶାଶ୍ୱତୀଃ ସମାଃ' (୬।୪୧) ଏବଂ ପାପକର୍ମ କରୁଥିବା ଲୋକମାନଙ୍କ ପାଇଁ କହିଛନ୍ତି ଯେ, ମୁଁ ସେମାନଙ୍କୁ ନିରନ୍ତର ନୀଚ (ଆସୁରୀ) ଯୋନିମାନଙ୍କରେ ପକାଇଦିଏ ଅର୍ଥାତ୍ ସେମାନେ ନୀଚ ଯୋନିମାନଙ୍କରେ ନିରନ୍ତର ରହିଥାନ୍ତି—'ଅଜସ୍ରମ୍' (୧୬।୧୯)। ଏହାର ତାତ୍ପର୍ଯ୍ୟ ହେଲା, ଯୋଗଭ୍ରଷ୍ଟ ତ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହନ୍ତି, କିନ୍ତୁ ପାପକର୍ମରତ ମନୁଷ୍ୟଙ୍କର ନୀଚ ଯୋନି ବାରମ୍ବାର ବଦଳୁଥାଏ।

¥ ଏଠାରେ ମଧ୍ୟଗତିକୁ ଶେଷରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ସବୁ ଗତିର କାରଣ ହେଉଛି ମଧ୍ୟଗତି। ଊର୍ଦ୍ଧ୍ୱଗତି ଓ ଅଧୋଗତିକୁ ଯାଇଥିବା ଜୀବ ମଧ୍ୟଗତିକୁ ହିଁ ଆସନ୍ତି ଏବଂ ଏହିଠାରୁ ଊର୍ଦ୍ଧ୍ୱଗତି ଅଥବା ଅଧୋଗତିକୁ ଯାଆନ୍ତି। ତେଣୁ ଯଦି ପ୍ରଥମେ ମଧ୍ୟଗତି କଥା କୁହାଯାଇଥାନ୍ତା, ତେବେ ଊର୍ଦ୍ଧ୍ୱଗତି ଓ ଅଧୋଗତିର ବର୍ଣ୍ଣନା ବିନା ତାହା ଅସ୍ପଷ୍ଟ ହୋଇଥାନ୍ତା।

ସ୍ୱର୍ଗାଦିକୁ ନ ଯାଇ ସିଧାସଳଖ ଏଠାରେ ଯୋଗୀମାନଙ୍କ କୁଳରେ ଜନ୍ମ ଗ୍ରହଣ କରନ୍ତି। ଯେଉଁ ଯୋଗଭ୍ରଷ୍ଟ ମନୁଷ୍ୟ ଶ୍ରୀମାନ୍‌ମାନଙ୍କ ଘରେ ଜନ୍ମ ନିଅନ୍ତି, ସେମାନେ ଭୋଗ ଉପଭୋଗ କରିବା ପାଇଁ ସୂକ୍ଷ୍ମ ବାସନା ଥିବା କାରଣରୁ ଓ ଶ୍ରୀମାନ୍‌ମାନଙ୍କ ଘରେ ଭୋଗର ପ୍ରାଚୁର୍ଯ୍ୟ ହେତୁ ଭୋଗରେ ଆସକ୍ତ ହୋଇଯାଆନ୍ତି। ଆସକ୍ତ ହେଲେ ମଧ୍ୟ ସେମାନେ ପୂର୍ବର ମନୁଷ୍ୟଜନ୍ମରେ କରିଥିବା ଅଭ୍ୟାସ (ସାଧନା) ଯୋଗୁଁ ପୁନଶ୍ଚ ପାରମାର୍ଥିକ ମାର୍ଗକୁ ଟାଣି ହୋଇଯାଆନ୍ତି। ସେମାନେ ପୁଣି ତତ୍ପରତାର ସହିତ ଯତ୍ନ କରି ପରମଗତିକୁ ପ୍ରାପ୍ତ ହୁଅନ୍ତି (୬। ୪୪-୪୫)। ଯେଉଁ ଯୋଗଭ୍ରଷ୍ଟ ମନୁଷ୍ୟ ଯୋଗୀମାନଙ୍କ (ତତ୍ତ୍ୱଜ୍ଞ ଜୀବନ୍ମୁକ୍ତଙ୍କ) ଘରେ ଜନ୍ମ ନିଅନ୍ତି, ସେମାନଙ୍କୁ ସେଠାରେ ପାରମାର୍ଥିକ ପରିବେଶ, ଶିକ୍ଷା ଇତ୍ୟାଦି ମିଳୁଥିବାରୁ ସେମାନେ ପିଲାଦିନରୁ ହିଁ ସାଧନାରେ ଲାଗିପଡ଼ନ୍ତି ଏବଂ ସେମାନଙ୍କୁ ପୂର୍ବର ମନୁଷ୍ୟଜନ୍ମରେ କରିଥିବା ସାଧନସାମଗ୍ରୀ ମଧ୍ୟ ସ୍ୱାଭାବିକଭାବରେ ମିଳିଯାଏ। ତେଣୁ ସେମାନେ ପୁଣି ତତ୍ପରତାର ସହ ଯତ୍ନ କରି ପରମାତ୍ମାଙ୍କୁ ଲାଭ କରନ୍ତି (୬। ୪୩)।

(୩) **ପଶୁପକ୍ଷୀ ଆଦି ଯୋନିରୁ ଆସିଥିବା ପ୍ରାଣୀ; ଓ (୪) ନରକମାନଙ୍କରୁ ଆସିଥିବା ପ୍ରାଣୀ**— ପଶୁପକ୍ଷୀ ଆଦି ଯୋନିକୁ ଯାଇଥିବା ପ୍ରାଣୀ ଓ ନରକକୁ ଯାଇଥିବା ପ୍ରାଣୀ କେବେ କେବେ ଭଗବାନଙ୍କର ଅହେତୁକୀ କୃପାରୁ ପୁଣି ମନୁଷ୍ୟଲୋକକୁ ଆସିଥାନ୍ତି। ସେମାନଙ୍କୁ ଭଗବାନ ସମସ୍ତ ଜନ୍ମର ଅନ୍ତକାରୀ ମନୁଷ୍ୟଶରୀର ପ୍ରଦାନ କରି ପୂର୍ଣ୍ଣ ସ୍ୱାଧୀନତା ଦିଅନ୍ତି ଯେ ସେମାନେ ଯାହା ଇଚ୍ଛା ତାହା କରି ପାରିବେ ଓ ଯେଉଁଠାକୁ ଇଚ୍ଛା ସେଠାକୁ ଯାଇ ପାରିବେ। ତାତ୍ପର୍ଯ୍ୟ ହେଲା, ସେମାନେ ସକାମଭାବରେ ଶୁଭକର୍ମ କରି ସ୍ୱର୍ଗାଦି ଲୋକକୁ ଯାଇ ପାରିବେ (୨। ୪୨-୪୩; ୭। ୨୦-୨୨; ୯। ୨୦) ଅଥବା ଅଶୁଭ (ପାପ) କର୍ମ କରି ଚଉରାଶୀ ଲକ୍ଷ ଯୋନିକୁ ଓ ନରକକୁ ଯାଇ ପାରିବେ (୧୬। ୧୬, ୧୯, ୨୦) ଅଥବା ବିବେକ ଓ ବିଚାର ଦ୍ୱାରା ଜଡ଼ତାରୁ ସମ୍ବନ୍ଧ ତୁଟାଇ ମୁକ୍ତ ହୋଇ ପାରିବେ (୧୩। ୩୪) ଅଥବା ନିଷ୍କାମଭାବରେ ନିଜର କର୍ତ୍ତବ୍ୟ ପାଳନ କରି ପରମାତ୍ମତତ୍ତ୍ୱକୁ ପ୍ରାପ୍ତ କରି ପାରିବେ (୨। ୫୧; ୫। ୧୨) ଅଥବା ଭଗବାନଙ୍କର ଶରଣାପନ୍ନ ହୋଇ ଭଗବାନଙ୍କୁ ଲାଭ କରି ପାରିବେ (୧୮। ୫୬)। କେବଳ ଏତିକି ନୁହେଁ, ଭଗବାନ ସ୍ୱୟଂ ସଂସାରସାଗରରୁ ସେମାନଙ୍କର ଉଦ୍ଧାରକ ହୋଇଯାଆନ୍ତି (୧୨। ୭)*। ତାତ୍ପର୍ଯ୍ୟ ହେଲା, ମନୁଷ୍ୟଯୋନିକୁ ଯେତେ ଜୀବ ଆସନ୍ତି, ସେମାନେ ସମସ୍ତେ ନିଜର ଉଦ୍ଧାର ଅଥବା ପତନ କରିବାରେ ସ୍ୱାଧୀନ, କେହି ପରାଧୀନ ନୁହନ୍ତି।

(୫) **ଭଗବତ୍‌ପ୍ରାପ୍ତ ମହାପୁରୁଷ**—ଯେଉଁ ଜୀବମାନେ ଭଗବାନଙ୍କୁ ପ୍ରାପ୍ତ ହୋଇ ସାରିଛନ୍ତି ଓ ଭଗବଦ୍‌ଧାମକୁ ଚାଲିଯାଇଛନ୍ତି, ସେମାନେ ମଧ୍ୟ ଭଗବାନ ଇଚ୍ଛାରେ ଅନ୍ୟ ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ କାରକପୁରୁଷ ରୂପେ ମନୁଷ୍ୟଲୋକକୁ ଆସନ୍ତି। ସେମାନଙ୍କର ମନୁଷ୍ୟଲୋକରେ ଜନ୍ମ ନେବା କର୍ମର ଅଧୀନ ନୁହେଁ। ସେମାନେ ସ୍ୱୟଂ ଉତ୍ତମ ଆଚରଣ କରି ଲୋକମାନଙ୍କୁ ଉତ୍ତମ କର୍ମରେ ନିୟୋଜିତ କରାନ୍ତି ଅଥବା ନିଜର ବଚନ ଦ୍ୱାରା ଲୋକମାନଙ୍କୁ ପ୍ରକୃତ

---

* (କ) ଭଗବାନ କୃପା କରି ଜୀବକୁ ଶୁଭକର୍ମଗୁଡ଼ିକର ଫଳ ଭୋଗ କରାଇ, ଶୁଦ୍ଧ କରି ତାଙ୍କ କୋଳକୁ ନେବା ପାଇଁ ସ୍ୱର୍ଗାଦି ଲୋକଗୁଡ଼ିକର ରଚନା କରିଛନ୍ତି। ଅଶୁଭକର୍ମଗୁଡ଼ିକର ଫଳ ଭୋଗ କରାଇ, ଶୁଦ୍ଧ କରି ତାଙ୍କ କୋଳକୁ ନେବା ପାଇଁ ଚଉରାଶୀ ଲକ୍ଷ ଯୋନି ଓ ନରକଗୁଡ଼ିକର ରଚନା କରିଛନ୍ତି; ଏବଂ ଅନୁକୂଳତା ଓ ପ୍ରତିକୂଳତା ଦ୍ୱାରା ଶୁଭାଶୁଭ କର୍ମଗୁଡ଼ିକୁ ସମାପ୍ତ କରି ତାଙ୍କ କୋଳକୁ ନେବା ପାଇଁ ମନୁଷ୍ୟଯୋନି ସୃଷ୍ଟି କରିଛନ୍ତି। ମନୁଷ୍ୟଯୋନିରେ ଭଗବାନ ଜୀବକୁ ଭଗବତ୍‌ପ୍ରାପ୍ତି ନିମିତ୍ତ ଓ ଜନ୍ମମରଣରୁ ମୁକ୍ତି ପାଇବା ନିମିତ୍ତ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ମନୁଷ୍ୟଯୋନିରେ ଏହି ଜୀବ ଜୀବିତାବସ୍ଥାରେ ଭଗବାନଙ୍କୁ ପାଇପାରେ ଓ ଜୀବିତାବସ୍ଥାରେ ଚେତନା ନ ଆସିଲେ ଶେଷସମୟରେ ମଧ୍ୟ ଭଗବାନଙ୍କୁ ସ୍ମରଣ କରି ତାଙ୍କୁ ପାଇପାରେ (୮। ୫)।

(ଖ) ମନୁଷ୍ୟଲୋକରେ ଜୀବମାନଙ୍କର ଯେଉଁ ସ୍ଥାନରେ ଓ ଯେଉଁ ଯୋନିରେ ଜନ୍ମ ହୁଏ, ତାହା ପ୍ରାୟ ଋଣାନୁବନ୍ଧ (ଦିଆନିଆ ସମ୍ବନ୍ଧ) ଦ୍ୱାରା ହୋଇଥାଏ। ତାତ୍ପର୍ଯ୍ୟ ଏହି ଯେ କାହାରିଠାରୁ ନେବା ପାଇଁ ଓ କାହାରିକୁ ଦେବା ପାଇଁ ଥିଲେ ପାରସ୍ପରିକ ସମ୍ବନ୍ଧକୁ ନେଇ ହିଁ ସମସ୍ତ ଜୀବଙ୍କର ଜନ୍ମ ହୋଇଥାଏ। ମନୁଷ୍ୟ କେବଳ ଅନ୍ୟମାନଙ୍କ ହିତ ପାଇଁ କର୍ତ୍ତବ୍ୟକର୍ମ କରି ଶୁଭାଶୁଭ କର୍ମମାନଙ୍କରୁ ଅର୍ଥାତ୍ ଋଣାନୁବନ୍ଧରୁ ମୁକ୍ତ ହୋଇପାରେ (୪। ୨୩) ଅଥବା ସତ୍-ଅସତ୍ ବିବେକ ଦ୍ୱାରା ନିଜ ସ୍ୱରୂପରେ ସ୍ଥିତ ହୋଇ ସମସ୍ତ ପାପରୁ ଅର୍ଥାତ୍ ଋଣାନୁବନ୍ଧରୁ ମୁକ୍ତ ହୋଇପାରେ (୪। ୩୬) ଅଥବା ଭଗବାନଙ୍କର ଶରଣାପନ୍ନ ହୋଇ ସମସ୍ତ ପାପରୁ ଅର୍ଥାତ୍ ଋଣାନୁବନ୍ଧରୁ ମୁକ୍ତ ହୋଇପାରେ (୧୮। ୬୬)। ଏହି ଋଣାନୁବନ୍ଧରୁ ମୁକ୍ତ ହେବାରେ ମନୁଷ୍ୟ ବ୍ୟତୀତ ଅନ୍ୟ ପ୍ରାଣୀମାନେ ଅସମର୍ଥ; କାରଣ ସେମାନଙ୍କର ଏହି ଯୋଗ୍ୟତା ଓ ଅଧିକାର ନାହିଁ। କିନ୍ତୁ ମନୁଷ୍ୟ ଏ ବିଷୟରେ ସର୍ବଥା ସ୍ୱାଧୀନ ଓ ସମର୍ଥ।

ମାର୍ଗ ଦେଖାନ୍ତି (୩। ୨୧)। ଏହିରୂପେ ନିଜର କାର୍ଯ୍ୟ ପୂରଣ କରି ସେମାନେ ପୁନଶ୍ଚ ଭଗବାନଙ୍କ ପାଖକୁ ଗ୍ଭଲିଯାଆନ୍ତି।

(୬) **ଭଗବାନଙ୍କର ନିତ୍ୟପରିକର—** ଯେତେବେଳେ ଭଗବାନ ସାଧୁମାନଙ୍କର ରକ୍ଷା, ଦୁଷ୍ଟମାନଙ୍କର ବିନାଶ ଓ ଧର୍ମର ସ୍ଥାପନା କରିବା ପାଇଁ ମନୁଷ୍ୟଲୋକକୁ ଆସନ୍ତି (୪।୮), ସେତେବେଳେ ଭଗବଦ୍‌ଧାମବାସୀ ଭଗବାନଙ୍କର ନିତ୍ୟପରିକର (ପାର୍ଷଦ) ମଧ୍ୟ ଭଗବାନଙ୍କ ସହିତ ସଖା ଆଦି ରୂପରେ ମନୁଷ୍ୟଲୋକକୁ ଆସନ୍ତି। ସେମାନେ ଏଠାରେ ଭଗବାନଙ୍କ ସହିତ ହିଁ ରହନ୍ତି, ଖିଆପିଆ କରନ୍ତି, ଖେଳନ୍ତି ଏବଂ ତାଙ୍କୁ ସୁଖ ଦିଅନ୍ତି। ଯେତେବେଳେ ଭଗବାନ ତାଙ୍କ ଅବତାରଲୀଳା ସମ୍ବରଣ କରି ଅନ୍ତର୍ଦ୍ଧାନ ହୋଇଯାଆନ୍ତି, ସେତେବେଳେ ସେହି ପାର୍ଷଦମାନେ ମଧ୍ୟ ଶରୀର ତ୍ୟାଗ କରି ତାଙ୍କ ସହିତ ଭଗବଦ୍‌ଧାମକୁ ଗ୍ଭଲିଯାଆନ୍ତି।

୨୬. ଗୀତାରେ ମନୁଷ୍ୟମାନଙ୍କର ଶ୍ରେଣୀବିଭାଗ

ସ୍ଥିତିଭାବାନୁସାରେଣ ବିଭିନ୍ନାଃ ସନ୍ତି ମାନବାଃ।
ତେଷୁ ଭବନ୍ତି ତେ ଧନ୍ୟାଃ ପ୍ରାପ୍ତିଂ କୁର୍ବନ୍ତି ଯେ ହରେଃ॥

ଶ୍ରୀମଦ୍‌ଭଗବଦ୍‌ଗୀତା ଅଧ୍ୟୟନ ଓ ମନନ କଲେ ଜଣାପଡ଼େ ଯେ ମନୁଷ୍ୟମାନଙ୍କର ସ୍ଥିତି, ଭାବ, ଧାରଣା ଓ ଆଚରଣ ଯେପରି, ସେହି ଅନୁସାରେ ହିଁ ମନୁଷ୍ୟମାନଙ୍କର ଶ୍ରେଣୀ ଭିନ୍ନ ଭିନ୍ନ ହୋଇଥାଏ ଅର୍ଥାତ୍ ମନୁଷ୍ୟଜାତି ଏକ ହୋଇଥିଲେ ମଧ୍ୟ ସ୍ଥିତି, ଭାବ, ସାଧନପଦ୍ଧତି ଆଦି ଅନୁସାରେ ସେଥିରେ ଅନେକ ପ୍ରଭେଦ ହୋଇଯାଏ। ଯଥା—

ଭଗବାନ ପୂର୍ବଜନ୍ମର ଗୁଣ ଓ କର୍ମ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଏହି ଗ୍ଭରି ବର୍ଣ୍ଣ ସୃଷ୍ଟି କରି ଏହି ଗ୍ଭରି ବର୍ଣ୍ଣ ମଧ୍ୟରେ ହିଁ ସମସ୍ତ ମନୁଷ୍ୟଙ୍କୁ ସମାହିତ କରିଛନ୍ତି (୪। ୧୩) ଏବଂ ସ୍ୱଭାବଜ ଗୁଣ ଅନୁସାରେ ଗ୍ଭରି ବର୍ଣ୍ଣର ମନୁଷ୍ୟମାନଙ୍କ ପାଇଁ ନିୟତ କର୍ମଗୁଡ଼ିକର ବିଧାନ କରିଛନ୍ତି (୧୮। ୪୧-୪୪)। ସେହି ମନୁଷ୍ୟମାନଙ୍କ ମଧ୍ୟରୁ ଯେଉଁମାନେ ନିଜର କଲ୍ୟାଣ ପାଇଁ ଭଗବାନଙ୍କର ଆଶ୍ରୟ ନିଅନ୍ତି, ସେମାନଙ୍କୁ ଆଚରଣ ଅନୁସାରେ ଭଗବାନ ସାତ ଭାଗରେ ବିଭକ୍ତ କରି ଭଗବଦ୍‌ଭକ୍ତିର ଅଧିକାରୀ ବୋଲି କହିଛନ୍ତି। ସେମାନେ ହେଲେ—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ନାରୀ, ପାପଯୋନି ଓ ଦୁରାଗ୍ଭରୀ (୯। ୩୦—୩୩)। ଏହି ସାତ ଜଣ ଅଧିକାରୀ ଯେଉଁ ଯେଉଁ ଭାବରେ ଭଗବାନଙ୍କର ଭଜନ କରନ୍ତି, ସେହି ଭାବଗୁଡ଼ିକର ଗ୍ଭରି ଭେଦ ଅନୁସାରେ ଭଗବାନ ଭକ୍ତମାନଙ୍କୁ ଗ୍ଭରୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି—ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ (ପ୍ରେମୀ) (୭। ୧୬)। ଧନ, ସମ୍ପତ୍ତି, ପଦ, ଅଧିକାର, ଜମିବାଡ଼ି ଇତ୍ୟାଦି ସାଂସାରିକ ବୈଭବ ପାଇଁ ଯେଉଁମାନେ ଭଗବାନଙ୍କର ଭଜନ କରନ୍ତି, ସେମାନେ ହେଲେ 'ଅର୍ଥାର୍ଥୀ' ଭକ୍ତ। ସାଂସାରିକ ଦୁଃଖ ଦୂର କରିବା ପାଇଁ ଯେଉଁମାନେ ଆର୍ତ୍ତଭାବରେ ଭଗବାନଙ୍କୁ ଡାକନ୍ତି, ସେମାନେ ହେଲେ 'ଆର୍ତ୍ତ' ଭକ୍ତ। ଭଗବାନଙ୍କ ଠାରୁ ହିଁ ନିଜର ସ୍ୱରୂପକୁ ଓ ପରମାତ୍ମତତ୍ତ୍ୱକୁ ଜାଣିବା ପାଇଁ ଯେଉଁମାନେ ଭଗବାନଙ୍କର ଭଜନ କରନ୍ତି, ସେମାନେ ହେଲେ 'ଜିଜ୍ଞାସୁ' ଭକ୍ତ। ଯେଉଁମାନେ କେବଳ ଭଗବାନଙ୍କୁ ପ୍ରେମ କରିବାକୁ ଗ୍ଭହାନ୍ତି, ଭଗବାନଙ୍କୁ ସୁଖ ଦେବାକୁ ଗ୍ଭହାନ୍ତି, ଭଗବାନଙ୍କର ସେବା କରିବାକୁ ଗ୍ଭହାନ୍ତି, ସେମାନେ ହେଲେ 'ଜ୍ଞାନୀ' (ପ୍ରେମୀ) ଭକ୍ତ। ଏହି ଗ୍ଭରି ପ୍ରକାର ଭକ୍ତଙ୍କୁ ଭଗବାନ ଉଦାର କହିଛନ୍ତି; କାରଣ ଏମାନେ ଯାହାକିଛି ଗ୍ଭହାନ୍ତି, ତାହା ସଂସାରରୁ ନ ଗ୍ଭହିଁ ଭଗବାନଙ୍କ ଠାରୁ ହିଁ ଗ୍ଭହାନ୍ତି। ଜ୍ଞାନୀ (ପ୍ରେମୀ) ଭକ୍ତକୁ ଭଗବାନ ନିଜର ଆତ୍ମା (ସ୍ୱରୂପ) ବୋଲି କହିଛନ୍ତି; କାରଣ ତା'ର ଭଗବାନଙ୍କ ଠାରେ କିଛି ମାଗୁଣି ନ ଥାଏ (୭। ୧୮)। ଏଭଳି ପ୍ରେମୀ ଭକ୍ତ ଦୁର୍ଲଭ ବୋଲି ଭଗବାନ କହିଛନ୍ତି—**'ସ ମହାତ୍ମା ସୁଦୁର୍ଲଭଃ'** (୭। ୧୯) ଏବଂ ତାକୁ ସର୍ବଶ୍ରେଷ୍ଠ ବୋଲି କହିଛନ୍ତି—**'ସ ମେ ଯୁକ୍ତତମୋ ମତଃ'** (୬। ୪୭)। ଏଭଳି ସିଦ୍ଧ ଭକ୍ତ ରାଗ-ଦ୍ୱେଷ, ହର୍ଷ-ଶୋକ ଆଦି ବିକାରରୁ ତଥା ଅହଂଭାବ ଓ ମମତାରୁ ମୁକ୍ତ ହୋଇଥାନ୍ତି ଏବଂ ଶତ୍ରୁ-ମିତ୍ର, ମାନ-ଅପମାନ, ସୁଖ-ଦୁଃଖ ଇତ୍ୟାଦିରେ ସମ ରହିଥାନ୍ତି (୧୨। ୧୩—୧୯)।

ଜ୍ଞାନଯୋଗୀ ସାଧକ ସତ୍-ଅସତ୍‌ର ଜ୍ଞାନ (ବିବେକ)

ଦ୍ୱାରା ନିଜ ସ୍ୱରୂପକୁ ଚିହ୍ନିବାକୁ ଚାହେଁ (୨।୧୧–୩୦; ୧୩।୧୯–୩୪) ଏବଂ ଏହାକୁ ନିଜର ପୁରୁଷାର୍ଥ ମନେକରେ।

ସିଦ୍ଧ ଜ୍ଞାନଯୋଗୀ ସତ୍ତ୍ୱ, ରଜ ଓ ତମୋଗୁଣର ବୃତ୍ତିଗୁଡ଼ିକ ଆସିଲେ ମଧ୍ୟ ସେଥିପ୍ରତି ରାଗ-ଦ୍ୱେଷ କରେ ନାହିଁ। ଗୁଣଗୁଡ଼ିକ ଗୁଣରେ ହିଁ ପ୍ରବର୍ତ୍ତିତ ହେଉଛନ୍ତି ଅର୍ଥାତ୍ ସମସ୍ତ କ୍ରିୟା ଗୁଣମାନଙ୍କ ମଧ୍ୟରେ ହେଉଛି–ଏପରି ଭାବି ସେ ନିଜ ସ୍ୱରୂପରେ ସ୍ଥିତ ରହେ। ସେ ସର୍ବଦା ସୁଖ ଓ ଦୁଃଖରେ ସମ ରହେ ଏବଂ ତା' ଉପରେ ନିନ୍ଦା ଓ ସ୍ତୁତି, ମାନ ଓ ଅପମାନ ଇତ୍ୟାଦିର କୌଣସି ପ୍ରଭାବ ପଡ଼େ ନାହିଁ (୧୪।୨୨–୨୫)।

କର୍ମଯୋଗୀ ସାଧକ କେବଳ ଲୋକସଂଗ୍ରହ ନିମିତ୍ତ, କର୍ତ୍ତବ୍ୟପରମ୍ପରାକୁ ସୁରକ୍ଷିତ ରଖିବା ନିମିତ୍ତ ନିଷ୍କାମଭାବରେ ନିଜର କର୍ତ୍ତବ୍ୟ ତତ୍ପରତାର ସହିତ ପାଳନ କରିଥାଏ। ସେ ନିଜ ପାଇଁ କର୍ମ ନ କରି କେବଳ ଅନ୍ୟମାନଙ୍କର ହିତ ସାଧନ ନିମିତ୍ତ କର୍ମ କରେ (୩।୯)।

ସିଦ୍ଧ କର୍ମଯୋଗୀର ନିଜ ସ୍ୱରୂପରେ ହିଁ ରତି, ତୃପ୍ତି ଓ ସନ୍ତୁଷ୍ଟି ହୋଇଥାଏ। ତା'ର କର୍ମ କରିବା ସହିତ କିଛି ପ୍ରୟୋଜନ ନ ଥାଏ କିଂବା କର୍ମ ନ କରିବା ସହିତ ମଧ୍ୟ କିଛି ପ୍ରୟୋଜନ ନ ଥାଏ। ତା'ର କୌଣସି ପ୍ରାଣୀ ସହିତ ସ୍ୱାର୍ଥଗତ ସମ୍ବନ୍ଧ ନ ଥାଏ (୩।୧୭-୧୮)। ସମସ୍ତ ପଦାର୍ଥ, ପ୍ରାଣୀ ଇତ୍ୟାଦିରେ ତା'ର ସମବୁଦ୍ଧି ଥାଏ (୬।୮-୯)।

ଧ୍ୟାନଯୋଗୀ ସାଧକ ସମସ୍ତ ଇନ୍ଦ୍ରିୟମାନଙ୍କୁ ସଂଯମିତ କରି ଓ ଏକାନ୍ତରେ ରହି ସଗୁଣସାକାରର, ନିଜ ସ୍ୱରୂପର ଅଥବା ନିର୍ଗୁଣନିରାକାରର ଧ୍ୟାନ କରେ (୬।୧୦–୨୮)।

ସଗୁଣସାକାରର ଧ୍ୟାନ କରୁଥିବାରୁ ପ୍ରମାଣିତ ହେଲା ଯେ ଧ୍ୟାନଯୋଗୀ 'ସବୁଠାରେ ଭଗବାନ ଅଛନ୍ତି ଏବଂ ସମସ୍ତେ ଭଗବାନଙ୍କ ଠାରେ ଅଛନ୍ତି'–ଏଭଳି ଅନୁଭବ କରେ। ଏତଦ୍‌ବ୍ୟତୀତ ସେ ସମସ୍ତ କାର୍ଯ୍ୟ କରୁଥିଲେ ମଧ୍ୟ ଭଗବାନଙ୍କ ଠାରେ ହିଁ ସ୍ଥିତ ରହେ (୬।୩୦-୩୧)। ନିଜ ସ୍ୱରୂପର ଧ୍ୟାନ କରୁଥିବାରୁ ପ୍ରମାଣିତ ହେଲା ଯେ ଧ୍ୟାନଯୋଗୀ ନିଜକୁ ସମସ୍ତ ପ୍ରାଣୀଙ୍କ ଭିତରେ ଓ ସମସ୍ତ ପ୍ରାଣୀଙ୍କୁ ନିଜ ଭିତରେ ଦେଖେ। ଅତଏବ ସେ ସର୍ବତ୍ର ସମବୁଦ୍ଧିଯୁକ୍ତ ଅଟେ (୬।୨୯)। ନିର୍ଗୁଣନିରାକାରର ଧ୍ୟାନ କରୁଥିବାରୁ ପ୍ରମାଣିତ ହେଲା ଯେ ଧ୍ୟାନଯୋଗୀ ନିଜ ଶରୀରର ସାଦୃଶ୍ୟ ଥିବା ଦୃଷ୍ଟିରୁ ସମସ୍ତ ପ୍ରାଣୀଙ୍କ ଠାରେ ଓ ସେମାନଙ୍କର ସୁଖଦୁଃଖରେ ନିଜକୁ ସମାନ ଦେଖେ (୬।୩୨)। ତାତ୍ପର୍ଯ୍ୟ ହେଲା, ଯେପରି ସାଧାରଣ ମନୁଷ୍ୟ ଦ୍ୱାରା ନିଜ ଶରୀରର ପୀଡ଼ା ଦୂର କରିବା ପାଇଁ ଏବଂ ଶରୀରକୁ ସୁଖ ଦେବା ପାଇଁ ସ୍ୱାଭାବିକ ଚେଷ୍ଟା ହୁଏ, ସେହିପରି ଜ୍ଞାନୀ ମହାପୁରୁଷଙ୍କ ଦ୍ୱାରା ମଧ୍ୟ ଅନ୍ୟର ଦୁଃଖ ଦୂର କରି ତାକୁ ସୁଖ ଦେବା ପାଇଁ ଚେଷ୍ଟା ହୁଏ।

ଜ୍ଞାନଯୋଗୀ, କର୍ମଯୋଗୀ, ଧ୍ୟାନଯୋଗୀ ପ୍ରଭୃତି ସାଧକମାନଙ୍କର ଅନ୍ତକାଳରେ କୌଣସି କାରଣରୁ ଯଦି ନିଜ ସାଧନାରେ ସ୍ଥିତି ନ ରହେ, ଯଦି ସେମାନେ ନିଜ ସାଧନାରୁ ବିଚଳିତ ହୋଇଯାଆନ୍ତି, ତେବେ ସେମାନେ ଯୋଗଭ୍ରଷ୍ଟ ହୁଅନ୍ତି। ଏଭଳି ଯୋଗଭ୍ରଷ୍ଟ ଦୁଇ ପ୍ରକାରର– ସାଂସାରିକ ବାସନାରହିତ ଓ ସାଂସାରିକ ବାସନାଯୁକ୍ତ। ସାଧନା କରି କରି ଯାହାର ସାଂସାରିକ ବାସନା ନଷ୍ଟ ହୋଇଯାଇଛି, ସେହି ସାଧକ ଅନ୍ତକାଳରେ କୌଣସି ବିଶେଷ କାରଣରୁ ନିଜ ସାଧନାରୁ ଯଦି ବିଚଳିତ ହୋଇଯାଏ, ତେବେ ସେ ସ୍ୱର୍ଗାଦି ଉଚ୍ଚ ଲୋକମାନଙ୍କୁ ନ ଯାଇ ସିଧା ଜ୍ଞାନବାନ୍ ଯୋଗୀଙ୍କ କୁଳରେ ଜନ୍ମ ଗ୍ରହଣ କରେ ଏବଂ ସେଠାରେ ପୁନଶ୍ଚ ସାଧନାରେ ତତ୍ପରତାର ସହିତ ମନୋନିବେଶ କରି ସିଦ୍ଧି ପ୍ରାପ୍ତ କରେ (୬।୪୨-୪୩)। କିନ୍ତୁ ସାଧନା କରି କରି ମଧ୍ୟ ଯାହାର ସାଂସାରିକ ଭୋଗବାସନା ସମ୍ପୂର୍ଣ୍ଣ ଦୂର ହୋଇ ନାହିଁ, ସେହି ସାଧକ ଅନ୍ତକାଳରେ କୌଣସି ବାସନା ଇତ୍ୟାଦି କାରଣରୁ ନିଜ ସାଧନାରୁ ବିଚଳିତ ହୋଇଗଲେ ସେ ସ୍ୱର୍ଗାଦି ଉଚ୍ଚ ଲୋକକୁ ଯାଏ। ସେଠାରେ ଅନେକ ବର୍ଷ ରହି ପୁଣି ସେ ଶୁଚିବନ୍ତ ଶ୍ରୀମାନ୍‌ଙ୍କ ଘରେ ଜନ୍ମ ନିଏ। ସେଠାରେ ଭୋଗର ପ୍ରାଚୁର୍ଯ୍ୟ ହେତୁ ଭୋଗର ଅଧୀନ ହୋଇଗଲେ ମଧ୍ୟ ପୂର୍ବ ମନୁଷ୍ୟଜନ୍ମରେ କରିଥିବା ସାଧନା ତାକୁ ପାରମାର୍ଥିକ ମାର୍ଗକୁ ଟାଣିନିଏ ଏବଂ ସେ ମନୋଯୋଗପୂର୍ବକ ସାଧନା କରି ପରମଗତି ପ୍ରାପ୍ତ ହୁଏ (୬।୪୧, ୪୪, ୪୫)।

ଯେଉଁମାନଙ୍କର ଭଗବାନଙ୍କ ପ୍ରତି ଏବଂ ପାରମାର୍ଥିକ ସାଧନା ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ନାହିଁ, କେବଳ ଶାସ୍ତ୍ରୋକ୍ତ ଓ ବେଦୋକ୍ତ ସକାମ ଅନୁଷ୍ଠାନ ଇତ୍ୟାଦିରେ ଶ୍ରଦ୍ଧା ଓ ବିଶ୍ୱାସ ଅଛି, ସେମାନେ ଦେବତାମାନଙ୍କର ଉପାସନା କରନ୍ତି ଓ ମୃତ୍ୟୁ ପରେ ନିଜ ନିଜର ଶୁଭକର୍ମ ଅନୁସାରେ

ସ୍ୱର୍ଗାଦି ଲୋକକୁ ଯାଇ ସେଠାରେ ସୁଖଭୋଗ କରନ୍ତି। ପୁଣ୍ୟ ସମାପ୍ତ ହେବାପରେ ସେମାନେ ପୁଣି ମୃତ୍ୟୁଲୋକକୁ ଫେରି ଆସନ୍ତି (୮।୨୫; ୯।୨୦-୨୧)।

ଯେଉଁମାନେ କେବଳ ସଂସାରର କାମଧନ୍ଦାରେ ଲାଗିଥାଆନ୍ତି, ପଶୁମାନଙ୍କ ଭଳି ଖାଇବା, ପିଇବା, ଶୋଇବା ଇତ୍ୟାଦିରେ ଲିପ୍ତ ଥାଆନ୍ତି, ସେଭଳି ସାଧାରଣ ମନୁଷ୍ୟଙ୍କୁ ଭଗବାନ 'ଜନ୍ତୁ' କହିଛନ୍ତି (୫।୧୫)।

ଯେଉଁମାନଙ୍କର ଭଗବାନଙ୍କ ପ୍ରତି, ଶାସ୍ତ୍ର ପ୍ରତି, ଧର୍ମ ପ୍ରତି କିଂବା ସକାମ ଅନୁଷ୍ଠାନ ପ୍ରତି ଅଥବା ପରଲୋକ ପ୍ରତି ଶ୍ରଦ୍ଧା ନାହିଁ, ସେଭଳି ମନୁଷ୍ୟ କେବଳ ଶରୀରପୋଷଣରେ ଲାଗିଥାନ୍ତି। ସେମାନେ ମିଛ, କପଟ, ଚୋରି, ଡକାୟତି, ଅନ୍ୟାୟ, ଅତ୍ୟାଚାର ଆଦି ଦ୍ୱାରା ନିଜ ଶରୀରର ଓ ପ୍ରାଣର ପୋଷଣ କରନ୍ତି, ଫଳସ୍ୱରୂପ ସେମାନେ ଚଉରାଶୀ ଲକ୍ଷ ଯୋନିରେ ଓ ନରକରେ ପଡନ୍ତି (୧୬।୭–୨୦)। ସ୍ୱଭାବ ଭେଦରୁ ଏଭଳି ମନୁଷ୍ୟଙ୍କର ଶ୍ରେଣୀ ତିନି ପ୍ରକାର— ଆସୁରୀ, ରାକ୍ଷସୀ ଓ ମୋହିନୀ (୯।୧୨)। ଯେଉଁମାନେ କେବଳ ସ୍ୱାଦ, ସଉକ, ସୁଖ, ଆରାମ, ଖେଳ, ତାମସା, ଧନ ସଂଗ୍ରହ କରିବା, ଭୋଗ ଉପଭୋଗ କରିବା ଆଦି କାର୍ଯ୍ୟରେ ଲାଗି ରହିଥାନ୍ତି, ସେମାନେ 'ଆସୁରୀ' ଶ୍ରେଣୀର। ଯେଉଁମାନେ ନିଜର ସ୍ୱାର୍ଥ ପାଇଁ କ୍ରୋଧର ବଶବର୍ତ୍ତୀ ହୋଇ ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି, ଅନ୍ୟମାନଙ୍କୁ ମାରିଦିଅନ୍ତି, ପଶୁପକ୍ଷୀମାନଙ୍କୁ ମାରି ଖାଇଯାଆନ୍ତି, ସେମାନେ 'ରାକ୍ଷସୀ' ଶ୍ରେଣୀର। ଯେଉଁମାନେ ବିନା କାରଣରେ ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି, ଶୋଇଥିବା କୁକୁରକୁ ଟେକା ମାରନ୍ତି କିଂବା ବାଡ଼ିରେ ବାଡ଼େଇ ଖୁସି ହୁଅନ୍ତି, ନଦୀ ଇତ୍ୟାଦିକୁ ଢେଲା ମାରି ଖୁସି ହୁଅନ୍ତି, ପଶୁମାନଙ୍କ ଭଳି ରଡ଼ି ଛାଡ଼ନ୍ତି, ସେମାନେ 'ମୋହିନୀ' ଶ୍ରେଣୀର। ଏହି ତିନି ଶ୍ରେଣୀରେ ଗୋଟିଏ ଲେଖାଏଁ ଲକ୍ଷଣ ମୁଖ୍ୟ। ଯଥା–ଆସୁରୀ ଶ୍ରେଣୀରେ ସ୍ୱାର୍ଥର ପ୍ରାଧାନ୍ୟ ଥାଏ, କିନ୍ତୁ ତାହା ସହିତ କ୍ରୋଧ ଓ ମୂଢ଼ତା ମଧ୍ୟ ଥାଏ। ରାକ୍ଷସୀ ଶ୍ରେଣୀରେ କ୍ରୋଧର ପ୍ରାଧାନ୍ୟ ଥାଏ, କିନ୍ତୁ ତାହା ସହିତ ସ୍ୱାର୍ଥ ଓ ମୂଢ଼ତା ମଧ୍ୟ ଥାଏ। ମୋହିନୀ ଶ୍ରେଣୀରେ ମୂଢ଼ତାର ପ୍ରାଧାନ୍ୟ ଥାଏ, କିନ୍ତୁ ତାହା ସହିତ ସ୍ୱାର୍ଥ ଓ କ୍ରୋଧ ମଧ୍ୟ ଥାଏ। ଏହିପରି ପ୍ରତ୍ୟେକ ଶ୍ରେଣୀରେ ତିନୋଟି ଲକ୍ଷଣ ଥିଲେ ମଧ୍ୟ ପ୍ରତ୍ୟେକରେ ଗୋଟିକର ପ୍ରାଧାନ୍ୟ ଥାଏ। ଉଦାହରଣସ୍ୱରୂପ—

ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଲୋଭପରବଶ ହୋଇ ରାଜକୀୟ କର୍ମଚାରୀ ଦେଶର, ଚାକର ମାଲିକର, ବ୍ୟକ୍ତି ସମାଜର ବହୁତ କ୍ଷତି କରିଥାଏ—ଏହା 'ଆସୁରୀରେ ରାକ୍ଷସୀ' ସ୍ୱଭାବ; ଏବଂ ସ୍ୱାର୍ଥ ହେତୁ ଅନ୍ଧ ହେବାରୁ ଦେଶ, ସମାଜ, କୁଟୁମ୍ବ ଇତ୍ୟାଦିର କେତେ ଯେ ଅମଙ୍ଗଳ ହେଉଛି, ସେଆଡ଼କୁ ମନୁଷ୍ୟର ଦୃଷ୍ଟି ଯାଏ ନାହିଁ—ଏହା ହେଉଛି 'ଆସୁରୀରେ ମୋହିନୀ' ସ୍ୱଭାବ।

ଭୋଗ ଉପଭୋଗ କରିବା ଓ ପଇସା ସଂଗ୍ରହ କରିବା 'ରାକ୍ଷସୀରେ ଆସୁରୀ' ସ୍ୱଭାବ; ଏବଂ ଭୋଗରେ, ସଂଗ୍ରହରେ, ସୁଖ ଓ ଆରାମରେ ମନୁଷ୍ୟ ଏତେ ତନ୍ମୟ ହୋଇଯାଏ ଯେ ଦେଶର କି ଦଶା ହେବ, ମରିବା ପରେ ତା'ର କି ଅବସ୍ଥା ହେବ, ସେଆଡ଼କୁ ତା'ର ଧ୍ୟାନ ଯାଏ ନାହିଁ—ଏହା ହେଉଛି 'ରାକ୍ଷସୀରେ ମୋହିନୀ' ସ୍ୱଭାବ।

ବିଳାସବ୍ୟସନ, ଭୋଗ ଓ ସଂଗ୍ରହ କରିବାକୁ ଇଚ୍ଛା କରିବା 'ମୋହିନୀରେ ଆସୁରୀ' ସ୍ୱଭାବ; ଏବଂ କ୍ରୂରତାପୂର୍ବକ ଅନ୍ୟମାନଙ୍କର କ୍ଷତି କରିବା 'ମୋହିନୀରେ ରାକ୍ଷସୀ' ସ୍ୱଭାବ।

ଭଗବାନ ମନୁଷ୍ୟକୁ ଏତେ ଅଧିକାର ଓ ବିଚିତ୍ର ବିବେକ ଦେଇଛନ୍ତି, ଯଦ୍ଦ୍ୱାରା ସେ ପ୍ରତ୍ୟେକ ପ୍ରାଣୀର ସେବା କରିପାରିବ, ନିଜର ଓ ଅନ୍ୟର କଲ୍ୟାଣ କରିପାରିବ, ସମସ୍ତଙ୍କୁ ଶାନ୍ତି ପ୍ରଦାନ କରିପାରିବ, ସମସ୍ତଙ୍କର ପୂଜନୀୟ ହୋଇପାରିବ ଓ ଭଗବାନଙ୍କୁ ମଧ୍ୟ ନିଜର ଦାସ କରିଦେଇ ପାରିବ। କିନ୍ତୁ କାମନାର ବଶୀଭୂତ ହୋଇ ସେ ନିଜେ ଜନ୍ମମରଣ ଚକ୍ରରେ ଘୂରିବୁଲେ। ମିଛ, କପଟ, ଅନ୍ୟାୟ, ପ୍ରତାରଣା ଇତ୍ୟାଦି କରି ସେ ପଶୁପକ୍ଷୀ ଆଦି ନୀଚ ଯୋନିକୁ ଓ ବିଭିନ୍ନ ନରକକୁ ଚାଲିଯାଏ—ଏହା କେତେ ଦୁଃଖର କଥା! ଅତଏବ ମନୁଷ୍ୟଶରୀର ପାଇ ପରମାତ୍ମତତ୍ତ୍ୱର ଅନୁଭବ କରିବା ଉଚିତ, ଭଗବତ୍ପ୍ରେମର ପ୍ରାପ୍ତି ଓ ଭଗବଦ୍ଦର୍ଶନ କରିବା ଉଚିତ। ଏହା ହିଁ ମନୁଷ୍ୟଜନ୍ମର ସାଫଲ୍ୟ।

୨୭. ଗୀତାରେ ଶ୍ରଦ୍ଧା

ଶ୍ରଦ୍ଧା ଦ୍ୱିଧା ଶ୍ରୀହରିଗୀତଗୀତେ ଦୈବୀ ପ୍ରସଙ୍ଗେନ ମତାଽଽସୁରୀ ଚ ।
ଦୈବୀ ସଦା ସତ୍ତ୍ୱଗୁଣେନ ଯୁକ୍ତା ରଜସ୍ତମୋଭ୍ୟାମପରା ନିବୋଧ୍ୟା ॥

ଭଗବାନ ଗୀତାରେ ଶ୍ରଦ୍ଧାକୁ ପ୍ରତ୍ୟେକ ମନୁଷ୍ୟର ସାକ୍ଷାତ୍ ସ୍ୱରୂପ ବୋଲି ମାନିଛନ୍ତି—**'ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ'** (୧୭।୩) ଅର୍ଥାତ୍ ଯିଏ ଯେଉଁଭଳି ଶ୍ରଦ୍ଧାଯୁକ୍ତ, ତା'ର ସ୍ୱରୂପ ମଧ୍ୟ ସେହିଭଳି ହୋଇଥାଏ ।

ଇନ୍ଦ୍ରିୟମାନଙ୍କ ଦ୍ୱାରା ଓ ଅନ୍ତଃକରଣ ଦ୍ୱାରା ଯେଉଁ ବିଷୟଗୁଡ଼ିକର ଜ୍ଞାନ ହୋଇପାରେ ନାହିଁ, ସେହି ବିଷୟ ପ୍ରତି ଆଦରଭାବ ସହିତ ଯେଉଁ ଦୃଢ଼ ବିଶ୍ୱାସ ଥାଏ, ତାହାକୁ 'ଶ୍ରଦ୍ଧା' କହନ୍ତି । ଏହି ଶ୍ରଦ୍ଧା ଦୁଇ ପ୍ରକାରର—ଦୈବୀ ଓ ଆସୁରୀ । ଯେଉଁ ଶ୍ରଦ୍ଧା ଦ୍ୱାରା ଅର୍ଥାତ୍ ଯାହା ପ୍ରତି ଶ୍ରଦ୍ଧା କଲେ ମନୁଷ୍ୟର କଲ୍ୟାଣ ସାଧିତ ହୁଏ, ତତ୍ତ୍ୱପ୍ରାପ୍ତି ହୁଏ ଓ ଭଗବଦ୍ଦର୍ଶନ ହୁଏ, ସେହି ପ୍ରକାର ଶ୍ରଦ୍ଧା 'ଦୈବୀ' ଅଟେ । ଯେଉଁ ଶ୍ରଦ୍ଧା ଦ୍ୱାରା ଅର୍ଥାତ୍ ଯାହା ପ୍ରତି ଶ୍ରଦ୍ଧା କଲେ ବନ୍ଧନ ହୁଏ ଓ ଅଧୋଗତି ହୁଏ, ସେହି ଶ୍ରଦ୍ଧା 'ଆସୁରୀ' ଅଟେ । ଏହି ଦୁଇ ଭେଦକୁ 'ସାତ୍ତ୍ୱିକୀ' ଓ 'ରାଜସୀ-ତାସମୀ' ରୂପରେ ମଧ୍ୟ କୁହାଯାଇଛି ଅର୍ଥାତ୍ ଦୈବୀ ଶ୍ରଦ୍ଧା 'ସାତ୍ତ୍ୱିକୀ' ଏବଂ ଆସୁରୀ ଶ୍ରଦ୍ଧା 'ରାଜସୀ ଓ ତାମସୀ' ଅଟେ ।

ଭଗବାନଙ୍କ ପ୍ରତି ଓ ତାଙ୍କର ମତ ପ୍ରତି, ମହାପୁରୁଷଙ୍କ ପ୍ରତି ଓ ତାଙ୍କର ବାଣୀ ପ୍ରତି, ଗ୍ରନ୍ଥ ପ୍ରତି ଓ ଶାସ୍ତ୍ରୀୟ ଶୁଭକର୍ମ ପ୍ରତି ତଥା ସାତ୍ତ୍ୱିକ ତପସ୍ୟା ପ୍ରତି ଶ୍ରଦ୍ଧା କରିବା ଦୈବୀ (ସାତ୍ତ୍ୱିକୀ) ଶ୍ରଦ୍ଧା ଅଟେ । ଦେବତାମାନଙ୍କ ପ୍ରତି ଓ ସକାମ ଅନୁଷ୍ଠାନ ପ୍ରତି; ଯକ୍ଷରାକ୍ଷସମାନଙ୍କ ପ୍ରତି ଓ ଭୂତପ୍ରେତାଦିଙ୍କ ପ୍ରତି ଶ୍ରଦ୍ଧା କରିବା ଆସୁରୀ (ରାଜସୀ ଓ ତାମସୀ) ଶ୍ରଦ୍ଧା ଅଟେ । ଗୀତାରେ ଏଗୁଡ଼ିକର ବର୍ଣ୍ଣନା ନିମ୍ନ ପ୍ରକାରେ କରାଯାଇଛି—

ଦୈବୀ ଶ୍ରଦ୍ଧା

(୧) ଭଗବାନଙ୍କ ପ୍ରତି ଓ ତାଙ୍କର ମତ ପ୍ରତି ଶ୍ରଦ୍ଧା—ସମସ୍ତ ଯୋଗୀମାନଙ୍କ ମଧ୍ୟରେ ବି ଯେଉଁ ଶ୍ରଦ୍ଧାବାନ୍ ଭକ୍ତ ମୋ'ଠାରେ ତଲ୍ଲୀନମନା ହୋଇ ମୋର ଭଜନ କରେ, ସେ ମୋ ମତରେ ସର୍ବଶ୍ରେଷ୍ଠ ଯୋଗୀ (୬।୪୭) । ନିତ୍ୟ ଓ ନିରନ୍ତର ମୋ'ଠାରେ ସଂଲଗ୍ନ ରହୁଥିବା ଯେଉଁ ଭକ୍ତଜନ ପରମ ଶ୍ରଦ୍ଧାଯୁକ୍ତ ହୋଇ ଏବଂ ମୋ'ଠାରେ ମନୋନିବେଶ କରି ମୋର ଉପାସନା କରନ୍ତି, ସେମାନେ ମୋ ମତରେ ସର୍ବଶ୍ରେଷ୍ଠ (୧୨।୨) । ମୋ ପ୍ରତି ଶ୍ରଦ୍ଧା ରଖି ଓ ମତ୍ପରାୟଣ ହୋଇ ଯେଉଁ ଭକ୍ତମାନେ ଏହି ଧର୍ମମୟ ଅମୃତକୁ ରୁଚିପୂର୍ବକ ସେବନ କରନ୍ତି, ସେମାନେ ମୋର ଅତ୍ୟନ୍ତ ପ୍ରିୟ (୧୨।୨୦) । ଯେଉଁ ମନୁଷ୍ୟ ଦୋଷଦୃଷ୍ଟିଶୂନ୍ୟ ହୋଇ ଶ୍ରଦ୍ଧାର ସହ ମୋର ଏହି ମତର ସର୍ବଦା ଅନୁଷ୍ଠାନ କରନ୍ତି, ସେମାନେ ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇଯାଆନ୍ତି (୩।୩୧) ।

(୨) ମହାପୁରୁଷଙ୍କ ପ୍ରତି ଓ ସେମାନଙ୍କ ବାଣୀ ପ୍ରତି ଶ୍ରଦ୍ଧା—ମହାପୁରୁଷ ଯେଉଁ ଯେଉଁ ଆଚରଣ କରନ୍ତି, ଅନ୍ୟମାନେ ମଧ୍ୟ ସେହିପରି ଆଚରଣ କରନ୍ତି ଏବଂ ମହାପୁରୁଷ ତାଙ୍କର ବାଣୀ ଦ୍ୱାରା ଯାହା ବିଧାନ କରନ୍ତି, ଅନ୍ୟମାନେ ତାହାର ଅନୁବର୍ତ୍ତନ କରନ୍ତି (୩।୨୧) । ଯେଉଁମାନେ କର୍ମଯୋଗ, ସାଂଖ୍ୟଯୋଗ, ଧ୍ୟାନଯୋଗ ଆଦି ସାଧନାକୁ ଜାଣନ୍ତି ନାହିଁ, କେବଳ ମହାପୁରୁଷଙ୍କ ବଚନ ଅନୁସାରେ ଚଳନ୍ତି, ସେମାନେ ମଧ୍ୟ ମୃତ୍ୟୁକୁ ଅତିକ୍ରମ କରିଯାଆନ୍ତି (୧୩।୨୫) ।

(୩) ଗ୍ରନ୍ଥ ପ୍ରତି ଓ ଶାସ୍ତ୍ରୀୟ ଶୁଭକର୍ମ ପ୍ରତି ଶ୍ରଦ୍ଧା—ଯେଉଁ ମନୁଷ୍ୟ ଦୋଷଦୃଷ୍ଟିଶୂନ୍ୟ ହୋଇ ଶ୍ରଦ୍ଧାର ସହିତ ଏହି ଗୀତାଗ୍ରନ୍ଥକୁ କେବଳ ଶୁଣିନେବ, ସେ ମଧ୍ୟ ସମସ୍ତ ପାପରୁ ମୁକ୍ତ ହୋଇ ପୁଣ୍ୟକର୍ମୀମାନଙ୍କର ଉଚ୍ଚ ଲୋକଗୁଡ଼ିକୁ ଯିବ (୧୮।୭୧) । କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ବିଷୟରେ ଶାସ୍ତ୍ର ହିଁ ପ୍ରମାଣ; ତେଣୁ ଶାସ୍ତ୍ର ପ୍ରତି ଦୃଷ୍ଟି ରଖି ସମସ୍ତ କର୍ତ୍ତବ୍ୟକର୍ମ କରିବା ଉଚିତ (୧୬।୨୪) । ଯେଉଁମାନେ ଶାସ୍ତ୍ରବିଧିକୁ ଅର୍ଥାତ୍ କେଉଁ କାର୍ଯ୍ୟ କେଉଁ ବିଧିରେ କରିବା କଥା ଜାଣନ୍ତି ନାହିଁ, ତଥାପି ଶାସ୍ତ୍ରୀୟ ଶୁଭକର୍ମରେ ଶ୍ରଦ୍ଧା ରଖନ୍ତି ଓ ଶ୍ରଦ୍ଧାର ସହିତ ଯଜନପୂଜନ ମଧ୍ୟ କରନ୍ତି (୧୭।୧), ସେମାନେ ସାତ୍ତ୍ୱିକ (ଦୈବୀସମ୍ପତ୍ତିଯୁକ୍ତ) ମନୁଷ୍ୟ ଅଟନ୍ତି—**'ଯଜନ୍ତେ ସାତ୍ତ୍ୱିକା ଦେବାନ୍'** (୧୭।୪) ।

(୪) ସାତ୍ତ୍ୱିକ ତପସ୍ୟା ପ୍ରତି ଶ୍ରଦ୍ଧା—ପରମ ଶ୍ରଦ୍ଧାଯୁକ୍ତ ତଥା ଫଳେଚ୍ଛାରହିତ ମନୁଷ୍ୟଙ୍କ ଦ୍ୱାରା

କାୟମନୋବାକ୍ୟରେ ଯେଉଁ ତପସ୍ୟା କରାଯାଏ, ତାହାକୁ ସାତ୍ତ୍ୱିକ ତପସ୍ୟା କହନ୍ତି (୧୭।୧୭)।

—ଏସବୁ 'ଦୈବୀ' ଶ୍ରଦ୍ଧା ଅଟେ।

ଆସୁରୀ ଶ୍ରଦ୍ଧା

(୧) ଦେବତାମାନଙ୍କ ପ୍ରତି ଓ ସକାମ ଅନୁଷ୍ଠାନ ପ୍ରତି ଶ୍ରଦ୍ଧା—ଯେଉଁ ଯେଉଁ ମନୁଷ୍ୟ ଯେଉଁ ଯେଉଁ ଦେବତାମାନଙ୍କର ଶ୍ରଦ୍ଧାପୂର୍ବକ ଯଜନ-ପୂଜନ କରିବାକୁ ଚାହାନ୍ତି, ସେହି ସେହି ଦେବତାମାନଙ୍କ ପ୍ରତି ମୁଁ ସେହି ସେହି ମନୁଷ୍ୟମାନଙ୍କ ଶ୍ରଦ୍ଧାକୁ ଦୃଢ଼ କରିଦିଏ (୭।୨୧)। ଯେଉଁମାନେ ଶ୍ରଦ୍ଧା ସହକାରେ ଅନ୍ୟ ଦେବତାମାନଙ୍କୁ ପୂଜା କରନ୍ତି, ସେମାନେ ମଧ୍ୟ ପ୍ରକୃତରେ ମୋତେ ହିଁ ପୂଜା କରିଥାନ୍ତି, କିନ୍ତୁ କରିଥାନ୍ତି ଅବିଧିପୂର୍ବକ (୯।୨୩)।

(୨) ଯକ୍ଷରାକ୍ଷସମାନଙ୍କ ପ୍ରତି ଓ ଭୂତପ୍ରେତାଦିଙ୍କ ପ୍ରତି ଶ୍ରଦ୍ଧା—ରାଜସ ମନୁଷ୍ୟ ଯକ୍ଷରାକ୍ଷସମାନଙ୍କୁ ପୂଜା କରନ୍ତି ଏବଂ ତାମସ ମନୁଷ୍ୟ ଭୂତପ୍ରେତାଦିଙ୍କୁ ପୂଜା କରନ୍ତି—**'ଯକ୍ଷରକ୍ଷାଂସି ରାଜସାଃ', 'ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ'** (୧୭।୪)।

—ଏସବୁ 'ଆସୁରୀ' ଶ୍ରଦ୍ଧା ଅଟେ।

ଶ୍ରଦ୍ଧା ସହିତ ଯେପର୍ଯ୍ୟନ୍ତ ଦୋଷଦୃଷ୍ଟି ମିଶି ରହିଥାଏ, ସେପର୍ଯ୍ୟନ୍ତ ଶ୍ରଦ୍ଧା ପୂର୍ଣ୍ଣତଃ ଫଳୀଭୂତ ହୁଏ ନାହିଁ। ସେଥିପାଇଁ ଭଗବାନ ଶ୍ରଦ୍ଧା ସହିତ **'ଅନସୂୟନ୍ତଃ'** ଓ **'ଅନସୂୟଃ'** ପଦ ମଧ୍ୟ ଯୋଡ଼ିଛନ୍ତି—**'ଶ୍ରଦ୍ଧାବନ୍ତଃ ଅନସୂୟନ୍ତଃ'** (୩।୩୧) ଓ **'ଶ୍ରଦ୍ଧାବାନ୍ ଅନସୂୟଃ'** (୧୮।୭୧)। ତାତ୍ପର୍ଯ୍ୟ ହେଲା, ଶ୍ରଦ୍ଧା ତ ରହିଛି, ତା' ସହିତ ଦୋଷଦୃଷ୍ଟିଶୂନ୍ୟ ହେବା ମଧ୍ୟ ଆବଶ୍ୟକ।

ଗୀତାରେ ଦୈବୀଶ୍ରଦ୍ଧାର ପ୍ରୟୋଗ ସାଧକମାନଙ୍କ ପାଇଁ କରାଯାଇଛି, ସିଦ୍ଧମାନଙ୍କ ପାଇଁ ନୁହେଁ। ଏହାର କାରଣ ହେଲା, ସାଧକମାନଙ୍କୁ ସିଦ୍ଧି ପ୍ରାପ୍ତ କରିବାର ଅଛି, ତେଣୁ ସେମାନଙ୍କ ପାଇଁ ଦୈବୀଶ୍ରଦ୍ଧାର ଆବଶ୍ୟକତା ରହିଛି; କିନ୍ତୁ ସିଦ୍ଧମାନେ ତ ସିଦ୍ଧି ପ୍ରାପ୍ତ କରିସାରିଛନ୍ତି ଅର୍ଥାତ୍ ସେମାନଙ୍କୁ ପରମାତ୍ମତତ୍ତ୍ୱର ପ୍ରତ୍ୟକ୍ଷ ଅନୁଭବ ହୋଇ ସାରିଛି, ତେଣୁ ସେମାନଙ୍କ ପାଇଁ ଦୈବୀଶ୍ରଦ୍ଧାର ଆବଶ୍ୟକତା ନାହିଁ। ଗୀତାରେ ଦୈବୀଶ୍ରଦ୍ଧାକୁ ଏତେ ପ୍ରାଧାନ୍ୟ ଦିଆଯାଇଛି ଯେ ବିନା ଶ୍ରଦ୍ଧାରେ ଯଜ୍ଞ, ଦାନ, ତପସ୍ୟା ଇତ୍ୟାଦି ଶୁଭକର୍ମ କରାଗଲେ ସେସବୁ ଅସତ୍ ହୋଇଯାଏ ବୋଲି କୁହାଯାଇଛି (୧୭।୨୮)।

ନିଷ୍କାମଭାବରେ ଭଗବାନ, ମହାପୁରୁଷ ପ୍ରଭୃତିଙ୍କ ପ୍ରତି ଶ୍ରଦ୍ଧା କଲେ ମୁକ୍ତି ମିଳେ ଏବଂ ମନୁଷ୍ୟ ସଂସାରବନ୍ଧନରୁ ମୁକ୍ତି ପାଏ। ଅନ୍ୟପକ୍ଷରେ ସକାମଭାବରେ ଦେବତା ଆଦିଙ୍କ ପ୍ରତି ଶ୍ରଦ୍ଧା କଲେ ମନୁଷ୍ୟ ବନ୍ଧନରେ ପଡ଼ିଥାଏ। ନିଷ୍କାମଭାବରେ ଶ୍ରଦ୍ଧାପୂର୍ବକ ଦେବତା ପ୍ରଭୃତିଙ୍କୁ ପୂଜା କରିବା ଦୋଷାବହ ନୁହେଁ କି ବନ୍ଧନକାରକ ନୁହେଁ, ବରଂ କଲ୍ୟାଣକର। କିନ୍ତୁ ଭୂତପ୍ରେତ ଆଦିଙ୍କ ପ୍ରତି ଶ୍ରଦ୍ଧା କଲେ ଅଧୋଗତି ହିଁ ହୋଇଥାଏ (୯।୨୫; ୧୪।୧୮); କାରଣ ଭୂତପ୍ରେତମାନଙ୍କର ଉପାସନା ନିଷ୍କାମଭାବରେ ଆଦୌ ହୋଇ ପାରିବ ନାହିଁ। ଭୂତପ୍ରେତମାନଙ୍କୁ ନିଜର ଇଷ୍ଟ ବୋଲି ମାନି ସେମାନଙ୍କର ଉପାସନା କଲେ ପତନ ହୁଏ। ଅବଶ୍ୟ ସେମାନଙ୍କର ଉଦ୍ଧାର ଓ ତୃପ୍ତି ପାଇଁ ନିଷ୍କାମଭାବରେ ଯଦି ଜଳ ଇତ୍ୟାଦି ଦିଆଯାଏ, ଗୟାଶ୍ରାଦ୍ଧ ପ୍ରଭୃତି କରାଯାଏ, ତେବେ ତାହା ଦୋଷାବହ ନୁହେଁ। କାରଣ ଏଥିରେ ସେମାନଙ୍କୁ ଉଦ୍ଧାର କରିବାର ଉଦ୍ଦେଶ୍ୟ ରହିଥାଏ।

୨୮. ଗୀତାରେ ଦେବତାମାନଙ୍କର ଉପାସନା

ଯେ ନରାଃ କାମନାଯୁକ୍ତା ଯଜନ୍ତ ଇହ ଦେବତାଃ।
ଦୁଃଖଂ ହି ଯାନ୍ତି ତେ ସର୍ବେ ଜନ୍ମମୃତ୍ୟୁଜରାତ୍ମକମ୍॥

ଦେବତା ଦୁଇ ପ୍ରକାରର—'ଆଜାନଦେବତା' ଓ 'ମର୍ତ୍ତ୍ୟଦେବତା'। ଯେଉଁମାନେ କଳ୍ପର ଆରମ୍ଭରୁ କଳ୍ପର ଶେଷଯାଏ ରହନ୍ତି, ସେମାନେ 'ଆଜାନଦେବତା'। ଯେଉଁମାନେ ମନୁଷ୍ୟଜନ୍ମରେ ପୁଣ୍ୟକର୍ମ କରି ସ୍ୱର୍ଗ ଆଦି ଲୋକମାନଙ୍କରେ ପ୍ରବେଶ କରନ୍ତି ଏବଂ ପୁଣ୍ୟକର୍ମ ଅନୁସାରେ ନ୍ୟୂନାଧିକ କାଳ ସ୍ୱର୍ଗରେ ରହନ୍ତି, ସେମାନେ 'ମର୍ତ୍ତ୍ୟଦେବତା'।

ମନୁଷ୍ୟଯୋନି ଅପେକ୍ଷା ଦେବଯୋନିକୁ ଉଚ୍ଚ

ମନେକରାଯାଏ । ମନୁଷ୍ୟଲୋକ ଅପେକ୍ଷା ଦେବଲୋକକୁ ଉଚ୍ଚ ମନେକରାଯାଏ । ଦେବତାମାନଙ୍କର ଭୋଗ, ଶରୀର, ସୁଖସାମଗ୍ରୀକୁ ମନୁଷ୍ୟମାନଙ୍କ ଭୋଗ ପ୍ରଭୃତି ଅପେକ୍ଷା ଉଚ୍ଚ ମନେକରାଯାଏ । ସେମାନଙ୍କ ଲୋକ ଅପେକ୍ଷା ମନୁଷ୍ୟଲୋକକୁ ଓ ମନୁଷ୍ୟଲୋକର ଭୋଗ, ଶରୀର, ସୁଖସାମଗ୍ରୀ ଇତ୍ୟାଦିକୁ ନୀଚ ମନେକରାଯାଏ । ଦେବତାମାନଙ୍କର ଲୋକ, ଭୋଗ, ଶରୀର ପ୍ରଭୃତି ଦିବ୍ୟ ଅଟେ—**'ଦିବ୍ୟାନ୍ଦିବି ଦେବଭୋଗାନ୍'** (୯ । ୨୦); ଏବଂ ସେମାନଙ୍କର ଲୋକ, ଭୋଗ, ଇନ୍ଦ୍ରିୟମାନଙ୍କର ଶକ୍ତି, ଆୟୁ ଇତ୍ୟାଦି ବିଶାଳ—**'ସ୍ୱର୍ଗଲୋକଂ ବିଶାଳମ୍'** (୯ । ୨୧); ମାତ୍ର ସେମାନଙ୍କର ଶରୀର, ଲୋକ, ଭୋଗ, ଇନ୍ଦ୍ରିୟ ଇତ୍ୟାଦିରେ ଯାହା କିଛି ଦିବ୍ୟତା,* ବିଲକ୍ଷଣତା, ବିଶାଳତା ଆଦି ପରିଲକ୍ଷିତ ହୁଏ, ସେଗୁଡ଼ିକ ପୁଣ୍ୟକର୍ମଗୁଡ଼ିକର ଫଳ ।

ଯେଉଁ ଲୋକେ ସଂସାରରେ ମଜ୍ଜି ରହିଥାନ୍ତି ଓ ଉଚ୍ଛୃଙ୍ଖଳ ଆଚରଣ କରନ୍ତି, ସେମାନଙ୍କ ଅପେକ୍ଷା ଶ୍ରଦ୍ଧା ଓ ଭକ୍ତିରେ ଦେବତାମାନଙ୍କର ଉପାସନା କରୁଥିବା ଲୋକେ ଶ୍ରେଷ୍ଠ । କାରଣ ସେମାନେ ବେଦ ଓ ଶାସ୍ତ୍ରମାନଙ୍କ ପ୍ରତି ତଥା ବୈଦିକ ମନ୍ତ୍ର ଓ ଯଜ୍ଞଙ୍କ ଆଦି ଅନୁଷ୍ଠାନ ପ୍ରତି ଶ୍ରଦ୍ଧା ରଖନ୍ତି ଏବଂ ସକାମଭାବରେ ତତ୍ପରତାପୂର୍ବକ ପୂର୍ଣ୍ଣାଙ୍ଗରୂପେ ଯଜ୍ଞାଦି ଶୁଭ କର୍ମଗୁଡ଼ିକର ଅନୁଷ୍ଠାନ କରନ୍ତି । ସେମାନେ ସାଂସାରିକ ଭୋଗରେ କିଛି ମାତ୍ରାରେ ସଂଯମତା ଅବଲମ୍ବନ କରନ୍ତି ଏବଂ ସେମାନଙ୍କର ଅନ୍ତଃକରଣ ମଧ୍ୟ କିଛି ମାତ୍ରାରେ ଶୁଦ୍ଧ ହୋଇଥାଏ । ଏପରି ଲୋକେ ଶୁଭକର୍ମ ପ୍ରଭାବରୁ ଦେବତାମାନଙ୍କର ଲୋକକୁ ଯାଇ ସେଠାରେ ଦିବ୍ୟଭୋଗମାନ ଉପଭୋଗ କରନ୍ତି ଏବଂ ସ୍ୱର୍ଗପ୍ରାପକ ପୁଣ୍ୟ ଶେଷ ହେବାପରେ ପୁଣି ମୃତ୍ୟୁଲୋକକୁ ଆସି ଜନ୍ମ ନିଅନ୍ତି । ଏଭଳି ସ୍ୱର୍ଗରୁ ଫେରି ଆସିଥିବା ମନୁଷ୍ୟମାନଙ୍କର ସ୍ୱଭାବରେ ସ୍ୱାଭାବିକଭାବେ ପବିତ୍ରତା ରହିଥାଏ । ସେମାନଙ୍କ ଠାରେ ସ୍ୱାଭାବିକଭାବେ ଦାନାଦି କରିବାର ପ୍ରବୃତ୍ତି ରହିଥାଏ । କିନ୍ତୁ ନିଷ୍କାମଭାବରେ ନିଜର କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ଏବଂ ଭଗବଦ୍‌ବୁଦ୍ଧିରେ ଦେବତାମାନଙ୍କୁ ପୂଜା କରିବା ଦ୍ୱାରା ମନୁଷ୍ୟଠାରେ ଯେଉଁଭଳି ପବିତ୍ରତା ଆସେ, ସେଭଳି ପବିତ୍ରତା ସକାମଭାବରେ ଦେବତାମାନଙ୍କୁ ପୂଜା ଓ ଆରାଧନା କରୁଥିବା ଲୋକମାନଙ୍କ ଠାରେ ଆସେ ନାହିଁ; କାରଣ ଏମାନଙ୍କ ମନରେ ସ୍ୱର୍ଗାଦି ଲୋକ ପ୍ରତି ଏବଂ ସେଠାକାର ଭୋଗଗୁଡ଼ିକ ପ୍ରତି ପ୍ରବଳ କାମନା ଥାଏ ।

ଯଦ୍ୟପି ଏହି ମନୁଷ୍ୟଲୋକରେ (ମର୍ତ୍ତ୍ୟରେ) କର୍ମର ସିଦ୍ଧି ଆଶା କରି ଦେବତାମାନଙ୍କର ଉପାସନା କରୁଥିବା ଲୋକମାନଙ୍କୁ କର୍ମଜନ୍ୟ ସିଦ୍ଧି ଖୁବ୍ ଶୀଘ୍ର ମିଳିଥାଏ (୪ । ୧୨), ତଥାପି ସେହି ଉପାସନାର ଫଳ ଅନ୍ତଯୁକ୍ତ ହୋଇଥାଏ, ଅବିନାଶୀ ହୋଇ ନ ଥାଏ (୭ । ୨୩) । କାରଣ ଦେବତାମାନେ ସେମାନଙ୍କର ଉପାସକମାନଙ୍କ ଉପରେ ପ୍ରସନ୍ନ ହୋଇଗଲେ ସେମାନଙ୍କୁ ଅତି ବେଶୀରେ ନିଜ ନିଜର ଲୋକକୁ ନେଇଯାଇ ପାରନ୍ତି, କିନ୍ତୁ ସେମାନଙ୍କର କଲ୍ୟାଣ କରି ପାରନ୍ତି ନାହିଁ । ସେହି ବ୍ୟକ୍ତିମାନଙ୍କର ପୁଣ୍ୟ ଥିବାପର୍ଯ୍ୟନ୍ତ ଦେବତାମାନେ ସେମାନଙ୍କୁ ନିଜ ଲୋକରେ ରହିବାକୁ ସୁଯୋଗ ଦିଅନ୍ତି । ପୁଣ୍ୟ ସମାପ୍ତ ହେବାପରେ ଦେବତାମାନେ ସେମାନଙ୍କୁ ତଡ଼ି ଦିଅନ୍ତି । ରେଳଗାଡ଼ିରେ ଯେପରି ଯେତେ ଦୂର ପାଇଁ ଟିକେଟ ହୋଇଥାଏ, ସେତିକି ଦୂରପର୍ଯ୍ୟନ୍ତ ବସି ହୁଏ, ସେହିପରି ଯେତିକି ପୁଣ୍ୟ ଥାଏ, ସେତିକି କାଳ ପର୍ଯ୍ୟନ୍ତ ସେମାନେ ସ୍ୱର୍ଗରେ ରହି ପାରନ୍ତି । ପୁଣ୍ୟ ଶେଷ ହୋଇଗଲେ ସେମାନଙ୍କୁ ସେଠାରୁ ତଳକୁ (ମର୍ତ୍ତ୍ୟଲୋକକୁ) ଆସିବାକୁ ପଡ଼େ (୯ । ୨୧) ।

ପ୍ରକୃତି ଓ ଗୁଣମାନଙ୍କ ସହିତ ସମ୍ବନ୍ଧିତ ଯେତେ ସବୁ ସୁଖ, ଭୋଗ, ଉଚ୍ଚାଦିଉଚ୍ଚ ଲୋକ ଅଛି, ସେସବୁ ନାଶବାନ୍, ସୀମିତ ଓ ଜନ୍ମମରଣ ପ୍ରଦାୟକ ଅଟେ । ଯେଉଁମାନେ ପ୍ରକୃତି ସହିତ ସମ୍ପର୍କ ରଖିବାକୁ ଚାହାନ୍ତି ନାହିଁ, କେବଳ ନିଜର କଲ୍ୟାଣ ଚାହାନ୍ତି ଏବଂ ପାରମାର୍ଥିକ ମାର୍ଗରେ ଲାଗିଥାଆନ୍ତି, ସେଭଳି ମନୁଷ୍ୟ କୌଣସି କାରଣରୁ ଅନ୍ତକାଳରେ ସାଧନାରୁ ବିଚ୍ୟୁତ ହେବା ଯୋଗୁଁ ସ୍ୱର୍ଗାଦି ଲୋକକୁ ବାଧ୍ୟ ହୋଇ ଗଲେ ମଧ୍ୟ ସେଠାକାର ଭୋଗରେ ଆବଦ୍ଧ ହୁଅନ୍ତି ନାହିଁ; କାରଣ ଭୋଗ ଉପଭୋଗ କରିବା ସେମାନଙ୍କର ଉଦ୍ଦେଶ୍ୟ ନୁହେଁ । ସେଠାକାର ଭୋଗ ତ ସେମାନଙ୍କ ପାଇଁ ବିଘ୍ନସ୍ୱରୂପ । ସେଠାରେ ଅନେକ ଦିନ ରହିବା ପରେ ସେମାନେ ଶୁଚିବନ୍ତ ଶ୍ରୀମାନ୍‌ଙ୍କ ଗୃହରେ ଜନ୍ମ ଲାଭ କରନ୍ତି ଏବଂ ପୁନଶ୍ଚ ସାଧନାରେ ମନ ଦିଅନ୍ତି (୬ । ୪୧, ୪୪) ।

* ଦେବତାମାନଙ୍କର ଦିବ୍ୟତା ଭଗବାନଙ୍କର ଦିବ୍ୟତା ସହିତ ସମାନ ନୁହେଁ । ଭଗବାନଙ୍କର ଦିବ୍ୟତା ଅଲୌକିକ ଓ ଚିନ୍ମୟ ହୋଇଥିବା ସ୍ଥଳେ ଦେବତାମାନଙ୍କର ଦିବ୍ୟତା ଲୌକିକ, ପ୍ରାକୃତ ଓ ନାଶବାନ୍ ଅଟେ ।

ଦେବତାମାନଙ୍କର ଉପାସନା କରୁଥିବା ଲୋକମାନଙ୍କର ପତନ ନିଶ୍ଚିତ। ସେମାନଙ୍କୁ ବାରମ୍ବାର ଜନ୍ମମରଣର ଦୁଃଖ ଭୋଗ କରିବାକୁ ପଡ଼ିଥାଏ। କିନ୍ତୁ ଯେଉଁମାନେ କୌଣସି ପ୍ରକାରେ ନିଜର କଲ୍ୟାଣ ସାଧନରେ ଲାଗିଥାଆନ୍ତି, ସେମାନଙ୍କର କେବେହେଲେ ପତନ ହୁଏ ନାହିଁ (୬।୪୦)। କାରଣ କଲ୍ୟାଣ ହିଁ ସେମାନଙ୍କର ଉଦ୍ଦେଶ୍ୟ ହୋଇଥିବା ହେତୁ ଭଗବାନ ସେମାନଙ୍କୁ ଶୁଚିବନ୍ତ ଶ୍ରୀମାନ୍‌ଙ୍କ ଗୃହରେ ପୁନର୍ବାର ସାଧନା କରିବାକୁ ସୁଯୋଗ ଦେଇଥାଆନ୍ତି।

ପ୍ରକୃତରେ ଦେଖିବାକୁ ଗଲେ ସ୍ୱର୍ଗାଦିର ସୁଖ ଆଦୌ ଉଚ୍ଚ ନୁହେଁ। ସେହି ସୁଖ ମର୍ତ୍ତ୍ୟଲୋକର ଧନୀମାନଙ୍କର ସୁଖ ଭଳି ହୋଇଥାଏ। ତାହା ଏଠାକାର ସୁଖ ସଦୃଶ ହୋଇଥାଏ। କାରଣ ସେହି ସୁଖ ମଧ୍ୟ ସମ୍ବନ୍ଧଜନିତ, ପଞ୍ଚେନ୍ଦ୍ରିୟର ବିଷୟ, ଆଦିଅନ୍ତଯୁକ୍ତ ଏବଂ ଦୁଃଖର ହିଁ କାରଣ (୫।୨୨)। ମାତ୍ର ପାରମାର୍ଥିକ ସୁଖ ନିର୍ବିକାର ଓ ଅକ୍ଷୟ, ତାହା କେବେ ନଷ୍ଟ ହୁଏ ନାହିଁ; କାରଣ ତାହା ସ୍ୱୟଂର ସୁଖ। ତାହା ପ୍ରତ୍ୟେକ ପ୍ରାଣୀର ସ୍ୱଧର୍ମ, ସମ୍ବନ୍ଧଜନିତ ନୁହେଁ (୫।୨୧)।

ତାତ୍ପର୍ଯ୍ୟ ଏହି ଯେ ଦେବତାମାନଙ୍କର ଉପାସନା କରୁଥିବା ଲୋକେ ଉଚ୍ଚାତିଉଚ୍ଚ ଲୋକକୁ ଚାଲିଗଲେ ମଧ୍ୟ କାମନା ହେତୁ ସେମାନଙ୍କୁ ଜନ୍ମମରଣ ଚକ୍ରରେ ଆସିବାକୁ ପଡ଼ିଥାଏ, ସେମାନଙ୍କର କଲ୍ୟାଣ ହୁଏ ନାହିଁ (୯।୨୧)। କିନ୍ତୁ ଯେଉଁମାନେ ଯେକୌଣସି ପ୍ରକାରେ ହେଲେ ମଧ୍ୟ ଭଗବାନଙ୍କ ଠାରେ ସଂଲଗ୍ନ ରହିଥାନ୍ତି, ସେମାନଙ୍କର ଉଦ୍ଧାର ହୋଇଯାଏ*, କଦାପି ପତନ ହୁଏ ନାହିଁ (୬।୪୦)। ଭଗବାନ ତାଙ୍କର ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ (ପ୍ରେମୀ) ଭକ୍ତଙ୍କୁ ସୁକୃତୀ କହିଛନ୍ତି (୭।୧୬), ଉଦାର କହିଛନ୍ତି (୭।୧୮); କାରଣ ସେମାନେ ଭଗବାନଙ୍କ ଠାରେ ସଂଲଗ୍ନ ରହିଥାଆନ୍ତି। ଭଗବାନଙ୍କ ସହିତ ସଂଲଗ୍ନ ଥିବାରୁ ସେମାନେ ଭଗବାନଙ୍କୁ ହିଁ ପାଆନ୍ତି। ଅତଏବ ମନୁଷ୍ୟ କାମନା ବା ସୁଖେଚ୍ଛାର ବଶୀଭୂତ ହୋଇ ମାନବଜନ୍ମର ଅମୂଲ୍ୟ ସମୟକୁ ପୁନଃ ପୁନଃ ଜନ୍ମମରଣରେ ବ୍ୟୟ କରିବା ଉଚିତ ନୁହେଁ, ବରଂ ଭଗବାନଙ୍କ ଭଜନରେ ଲଗାଇବା ଉଚିତ।

୨୯. ଗୀତାରେ ପ୍ରତ୍ୟେକ ପ୍ରାଣୀ ପ୍ରତି ହିତଭାବନା

ଜଗତି ଯୋଽଖିଳଜୀବହିତେ ରତୋ ବ୍ରଜତି ସ ସୁଖଦୁଃଖବିନାଶତାମ୍।
ନିଜହିତଂ ଚ ଯ ଇଚ୍ଛତି କେବଲଂ ଝଟିତି ନଶ୍ୟତି ନୋ ଅବିବେକତା॥

ଜୀବ ଅନାଦିକାଳରୁ ନିଜର ବ୍ୟକ୍ତିଗତ ସୁଖ ଓ ହିତ ପାଇଁ ତତ୍ପର ରହିଆସିଛି। ତେଣୁ 'ମୋତେ ସୁଖ ମିଳୁ, ମୋତେ ଆଦର ଓ ସମ୍ମାନ ମିଳୁ, ମୋର ନାମ ବିଖ୍ୟାତ ହେଉ, ମୋ ମନସ୍କାମନା ପୂର୍ଣ୍ଣ ହେଉ, ମୋର ହିତ ସାଧନ ହେଉ, ମୋର କଲ୍ୟାଣ ହେଉ, ମୋର ମୁକ୍ତି ହେଉ'—ଏହିଭଳି ଭାବରେ ତା'ର ସଂସାରକୁ ନିଜ ଆଡ଼କୁ ଆକର୍ଷିତ କରିବାର ଅଭ୍ୟାସ ରହି ଆସିଛି। ଏହି ସ୍ୱଭାବ ହେତୁ ତା'ଠାରେ କାମନା, ମମତା, ଆସକ୍ତି ଇତ୍ୟାଦି ବଢ଼ିଚାଲେ ଏବଂ ଦୃଢ଼ ହୁଏ। କିନ୍ତୁ କାମନା, ମମତା ଇତ୍ୟାଦିରୁ ମୁକ୍ତ ହେଲେ ଯାଇ କଲ୍ୟାଣ ହୁଏ (୨।୭୧)। ଅତଏବ ସଂସାରକୁ ନିଜ ଆଡ଼କୁ ଆକୃଷ୍ଟ କରିବାର ସ୍ୱଭାବକୁ ଛାଡ଼ିବା ପାଇଁ ମନୁଷ୍ୟର ସମସ୍ତ ପ୍ରାଣୀଙ୍କ ହିତସାଧନରେ ରତି ଓ ପ୍ରୀତି ହେବା ନିହାତି ଆବଶ୍ୟକ ଅର୍ଥାତ୍ 'ପ୍ରତ୍ୟେକ ପ୍ରାଣୀକୁ ସୁଖ ମିଳୁ, କେହି ଦୁଃଖୀ ନ ରହୁ, ସମସ୍ତଙ୍କର ଆଦର-ସତ୍କାର ହେଉ, ସମସ୍ତଙ୍କୁ ମାନସମ୍ମାନ ମିଳୁ, ସମସ୍ତଙ୍କର କଲ୍ୟାଣ ହେଉ, ସମସ୍ତଙ୍କୁ ପରମାତ୍ମା ମିଳନ୍ତୁ'— ଏଭଳି ଭାବ ହେବା ନିତାନ୍ତ ଆବଶ୍ୟକ। ଏଭଳି ସର୍ବହିତକାରୀ ଭାବ ଜାଗ୍ରତ ହେଲେ ସଂସାରକୁ ନିଜ ଆଡ଼କୁ ଆକର୍ଷିତ କରିବାର ଭାବନା ଦୂର ହୋଇଯାଏ ଏବଂ ନିଜ ପାଖରେ ଧନ, ସମ୍ପଦ, ବୈଭବ, ସ୍ଥୂଳ-ସୂକ୍ଷ୍ମ-କାରଣରୂପୀ ଶରୀର ଇତ୍ୟାଦି ଯେତେ ବି ସାମଗ୍ରୀ ରହିଛି, ଯାହା କି ସଂସାରରୁ ପ୍ରାପ୍ତ, ସଂସାରରୁ ଅଭିନ୍ନ, ସେସବୁକୁ ପ୍ରାଣୀମାନଙ୍କ ହିତରେ ବିନିଯୋଗ କରିବାର

* ଭଗବାନଙ୍କର ମହିମା ଏତେ ଯେ, କୌଣସି ବ୍ୟକ୍ତି ଯେକୌଣସି ଭାବରେ ତାଙ୍କଠାରେ ସଂଯୁକ୍ତ ହୋଇଗଲେ ତା'ର ନିଷ୍କାମଭାବ ଜାଗ୍ରତ ହୋଇଯାଏ ଓ ଉଦ୍ଧାର ହୋଇଯାଏ। ତେଣୁ ସକାମଭାବ କେବଳ ଭଗବାନଙ୍କ ଠାରେ ସଂଲଗ୍ନ କରାଇବା ପାଇଁ ଉଦ୍ଦିଷ୍ଟ, କେବଳ ସକାମଭାବ ପାଇଁ ନୁହେଁ।

ଭାବନା ଜାଗ୍ରତ ହୁଏ । ତା'ପରେ ପ୍ରାଣୀମାନଙ୍କର ସେବା କରିବାରେ, ସେମାନଙ୍କର ଆଦର-ସତ୍କାର କରିବାରେ, ସେମାନଙ୍କୁ ସୁଖ ଓ ଆରାମ ଦେବାରେ, ସେମାନଙ୍କ ହିତସାଧନ କରିବାରେ ସେହି ସାମଗ୍ରୀର ସ୍ୱତଃ ସଦ୍‌ବ୍ୟୟ ହେବାକୁ ଲାଗେ । ଫଳରେ ନାଶବାନ୍ ପ୍ରତି ଥିବା କାମନା, ମମତା, ଆସକ୍ତି ଇତ୍ୟାଦି ଦୂର ହୋଇଯାଏ ଏବଂ ନିଜର ପରିଚ୍ଛିନ୍ନତା (ସଂକୀର୍ଣ୍ଣତା) ନଷ୍ଟ ହୋଇଯାଏ । ପରିଚ୍ଛିନ୍ନତା ସର୍ବଥା ନଷ୍ଟ ହେଲେ ହିଁ ପରମାତ୍ମା ମିଳନ୍ତି— **'ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ'** (୧୨ । ୪) ।

ସ୍ୱୟଂ (ଜୀବାତ୍ମା) ଯେପରି ପରମାତ୍ମାଙ୍କ ଠାରୁ ଅଭିନ୍ନ, ଶରୀର ଇତ୍ୟାଦି ସାମଗ୍ରୀ ସେହିପରି ସଂସାରଠାରୁ ଅଭିନ୍ନ । କିନ୍ତୁ ଯେପର୍ଯ୍ୟନ୍ତ ସମସ୍ତଙ୍କ ହିତଭାବନା ଦୃଢ଼ୀଭୂତ ହୋଇ ନାହିଁ, ସେପର୍ଯ୍ୟନ୍ତ ନିଜର ତଥାକଥିତ ସାମଗ୍ରୀ ସଂସାରର ବୋଲି ଜଣାପଡ଼େ ନାହିଁ । ଫଳରେ ନିଜର ସୁଖ ଓ ଆରାମର କାମନା ବୃଦ୍ଧି ପାଏ ଓ ଦୃଢ଼ ହୁଏ । କାମନା, ମମତା ଇତ୍ୟାଦି ଥିବାପର୍ଯ୍ୟନ୍ତ ଜଡ଼ତା ସହିତ ତାଦାତ୍ମ୍ୟ ରହିଥାଏ, ଯାହା କି ଜନ୍ମମରଣ ପାଇଁ ବିଶେଷଭାବେ ଦାୟୀ (୧୩ । ୨୧) । କିନ୍ତୁ ସମସ୍ତ ପ୍ରାଣୀର ହିତସାଧନରେ ରତି ବା ପ୍ରୀତି ହେଲେ ଏହି ତାଦାତ୍ମ୍ୟ ସହଜରେ ତୁଟିଯାଏ; କାରଣ ପ୍ରତ୍ୟେକ ପ୍ରାଣୀଙ୍କ ହିତସାଧନରେ ରତି ହେଲେ ସାଂସାରିକ ପଦାର୍ଥ ଆଦିର ପ୍ରବାହ ନିଜ ଆଡ଼କୁ ନ ଆସି ପ୍ରାଣୀମାନଙ୍କର ହିତ ଆଡ଼କୁ ମୁହାଁଇଯାଏ ।

ଭଗବାନ ଗୀତାରେ ଦୁଇଥର **'ସର୍ବଭୂତହିତେ ରତାଃ'** (୫ । ୨୫; ୧୨ । ୪) କହିଛନ୍ତି । ପଞ୍ଚମ ଅଧ୍ୟାୟର ୨୫ଶ ଶ୍ଳୋକରେ ଭଗବାନ ଏହି ପଦଗୁଡ଼ିକରେ କହିଛନ୍ତି ଯେ ସମସ୍ତ ପ୍ରାଣୀଙ୍କ ହିତରେ ରତି ହେଲେ ସାଧକ ନିର୍ଗୁଣ ବ୍ରହ୍ମକୁ ପ୍ରାପ୍ତ ହୁଏ ଏବଂ ଦ୍ୱାଦଶ ଅଧ୍ୟାୟର ୪ର୍ଥ ଶ୍ଳୋକରେ ଏହି ପଦ ଦ୍ୱାରା କହିଛନ୍ତି ଯେ ସମସ୍ତ ପ୍ରାଣୀଙ୍କ ହିତସାଧନରେ ରତି ହେଲେ ସାଧକ ମୋତେ (ସଗୁଣକୁ) ପ୍ରାପ୍ତ ହୁଏ । ଏହାର ତାତ୍ପର୍ଯ୍ୟ ହେଲା, ଅନ୍ୟମାନଙ୍କ ହିତରେ ପ୍ରୀତି ହେଲେ ଜଡ଼ତା, ସ୍ୱସୁଖ ଓ ଆରାମ ଇତ୍ୟାଦି ସହଜରେ ଦୂର ହୋଇଯାଏ । ଜଡ଼ତା ଚାଲିଯିବା ପରେ ସାଧକ ନିର୍ଗୁଣକୁ ପାଇବାକୁ ଚାହିଁଲେ ନିର୍ଗୁଣ ମିଳିଯିବେ ଏବଂ ସଗୁଣକୁ ପାଇବାକୁ ଚାହିଁଲେ ସଗୁଣ ମିଳିଯିବେ ଅର୍ଥାତ୍ ପ୍ରଭୁଙ୍କ ସହିତ ଯେଉଁ ସ୍ୱାଭାବିକ ପ୍ରେମ ରହିଛି, ତାହା ପ୍ରକଟିତ ହୋଇଯିବ ।

'ସର୍ବଭୂତହିତେ ରତାଃ' ପଦ ଦୁଇଥର ଯାକ ଜ୍ଞାନଯୋଗର ପ୍ରକରଣରେ ବ୍ୟବହାର କରିବାର ଏକ ବିଶେଷ ଉଦ୍ଦେଶ୍ୟ ଅଛି । ଜ୍ଞାନଯୋଗୀ ସାଧକ **'ଅହଂ ବ୍ରହ୍ମାସ୍ମି'**ର ଉପାସନାକୁ ମୁଖ୍ୟ ମନେକରେ । ଯେଉଁ ଅହମ୍‌ର ଅନାଦିକାଳରୁ ଶରୀର ସହିତ ସମ୍ବନ୍ଧ ରହି ଆସିଛି, ତାହାକୁ ତ୍ୟାଗ କରିବା ନିମିତ୍ତ ପ୍ରାଣୀମାନଙ୍କ ହିତରେ ରତି ହେବା ନିତାନ୍ତ ଆବଶ୍ୟକ । ପ୍ରାଣୀମାନଙ୍କ ହିତରେ ରତି ହେଲେ ଅହମ୍ ସହଜରେ ଦୂର ହୋଇଯାଏ । ଅହମ୍ ଦୂର ହୋଇଗଲେ ନିଜ ସ୍ୱରୂପର ଅନୁଭବ ହୋଇଯାଏ । ତା'ପରେ ବନ୍ଧନର କୌଣସି କାରଣ ରହେ ନାହିଁ ।

ସାଧକ ପ୍ରାଣୀମାନଙ୍କ ପାଇଁ କେତେ କାର୍ଯ୍ୟ କରୁଛି ଓ କେତେ ପଦାର୍ଥ ଦାନ କରୁଛି, ଏହା ପ୍ରତ୍ୟେକ ପ୍ରାଣୀର ହିତରେ ରତିକୁ ମାପିବାର ମାପକାଠି ନୁହେଁ । କାରଣ କ୍ରିୟା ଓ ପଦାର୍ଥ ସୀମିତ ଅଟେ । କ୍ରିୟାଗୁଡ଼ିକର ମଧ୍ୟ ଆରମ୍ଭ ଓ ଶେଷ ଅଛି ଏବଂ ପଦାର୍ଥଗୁଡ଼ିକର ମଧ୍ୟ ସଂଯୋଗ ଓ ବିୟୋଗ ଅଛି । କିନ୍ତୁ ସମସ୍ତ ପ୍ରାଣୀଙ୍କ ପ୍ରତି ହିତଭାବନା ହେଉଛି ଅସୀମ । ଅସୀମ ଭାବ ଦ୍ୱାରା ହିଁ ଅସୀମ ତତ୍ତ୍ୱକୁ (ପରମାତ୍ମାଙ୍କୁ) ପାଇ ହୁଏ ।

ସାଧକ ଯାହାକିଛି ସାଧନ ଓ ଭଜନ କରିଥାଏ, ତାହାଦ୍ୱାରା ମଧ୍ୟ ଲୋକମାନଙ୍କର ସ୍ୱାଭାବିକ ହିତ ସାଧିତ ହୋଇଥାଏ । ଯଦି ସେଥିରେ 'ମୋର କଲ୍ୟାଣ ହେଉ'—ଏପରି ବ୍ୟକ୍ତିଗତ ହିତ ଭାବ ରହିଥାଏ, ତେବେ ମଧ୍ୟ ତଦ୍ଦ୍ୱାରା ଲୋକମାନଙ୍କର ମଙ୍ଗଳ ହୋଇଥାଏ । ଭଗବତ୍‌ପ୍ରାପ୍ତ ମହାପୁରୁଷଙ୍କ ଠାରେ ନିଜର କୌଣସି ବ୍ୟକ୍ତିଗତ ହିତଭାବନା ନ ଥାଏ, ସେଥିପାଇଁ ତାଙ୍କ ଦ୍ୱାରା ଯାହାକିଛି ହୋଇଥାଏ, ତାହା ସ୍ୱତଃ ଲୋକମାନଙ୍କର ହିତ ପାଇଁ ହୋଇଥାଏ । ତାଙ୍କୁ ଦର୍ଶନ କରିବା ଦ୍ୱାରା, ତାଙ୍କ ଶରୀରକୁ ସ୍ପର୍ଶ କରି ବହୁଥିବା ବାୟୁ ଦ୍ୱାରା, ତାଙ୍କ ସଙ୍ଗ ଓ ବଚନ ଦ୍ୱାରା ଅନ୍ୟମାନଙ୍କ ଉପରେ ପ୍ରଭାବ ପଡ଼େ । ଫଳରେ ସେହି ଲୋକମାନଙ୍କ ମନରେ ସାଧନ ଓ ଭଜନ କରିବା ପାଇଁ ରୁଚି ଜାଗ୍ରତ ହୁଏ ଏବଂ ସେମାନେ ମଧ୍ୟ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଅନ୍ତି ।

ଯେପରି ବିଡ଼ି, ସିଗାରେଟ ପିଉଥିବା ଲୋକମାନଙ୍କ ଦ୍ୱାରା ଆପେ ଆପେ ବିଡ଼ି ଓ ସିଗାରେଟର ପ୍ରଚାର ହୋଇଥାଏ, ସେହିଭଳି ସାଧକ ଦ୍ୱାରା ମଧ୍ୟ ଆପେ ଆପେ ସାଧନ ଓ ଭଜନର ପ୍ରଚାର ହୋଇଥାଏ ।

ହୃଦୟର ସହିତ ସାଧନା କରୁଥିବା ସାଧକମାନେ ଯେଉଁଠି ରହନ୍ତି, ସେହି ସ୍ଥାନରେ ମଧ୍ୟ ବିଲକ୍ଷଣତା ଆସିଯାଏ । ଯେପରି ଭୋଗୀମାନଙ୍କର ଭୋଗ ଓ ସଂଗ୍ରହର ପ୍ରଭାବ ଲୋକମାନଙ୍କ ଉପରେ ସ୍ୱତଃ ପଡ଼େ, ସେହିପରି ସାଧକମାନଙ୍କର ତ୍ୟାଗ, ସାଧନ ଓ ଭଜନର ପ୍ରଭାବ କେବଳ ମନୁଷ୍ୟଙ୍କ ଉପରେ ନୁହେଁ, ଏପରି କି ପଶୁପକ୍ଷୀ ଆଦି ଜୀବମାନଙ୍କ ଉପରେ ଓ ବାଲବାଡ଼ ଇତ୍ୟାଦି ଜଡ଼ ବସ୍ତୁ ଉପରେ ମଧ୍ୟ ପଡ଼େ ।

ଯେଉଁ ସିଦ୍ଧ ମହାପୁରୁଷ ଏକାନ୍ତରେ ରହନ୍ତି, ଜନସମୁଦାୟର ସମ୍ପର୍କରେ ଆସନ୍ତି ନାହିଁ, ସେମାନଙ୍କ ଦ୍ୱାରା ମଧ୍ୟ ଅଦୃଶ୍ୟଭାବେ ସ୍ୱତଃ ଚିନ୍ମୟତତ୍ତ୍ୱର ଓ ଜଡ଼ତ୍ୱତ୍ୟାଗର ପ୍ରଚାର ହୁଏ ଏବଂ ସାଧକମାନଙ୍କୁ ଜଡ଼ତ୍ୱ ତ୍ୟାଗ କରି ଚିନ୍ମୟତତ୍ତ୍ୱରେ ସ୍ଥିତ ହେବାରେ ଅଦୃଶ୍ୟଭାବେ ସାହାଯ୍ୟ ମିଳେ । ବରଫରୁ ଆପେ ଆପେ ଥଣ୍ଡା ବାହାରିବା ପରି ସେହି ମହାପୁରୁଷମାନଙ୍କ ଦ୍ୱାରା ଆପେ ଆପେ ଲୋକମାନଙ୍କର ହିତ ସାଧିତ ହୋଇଥାଏ ଓ ଲୋକମାନଙ୍କୁ ଶାନ୍ତି ମିଳିଥାଏ । ଅତଏବ ସଂସାରରେ ଯେତେ ଶାନ୍ତି, ସୁଖ ଓ ଆନନ୍ଦ ରହିଛି, ତାହା ସିଦ୍ଧ ମହାପୁରୁଷଙ୍କ କୃପାର ହିଁ ଫଳ ।

ଅନ୍ୟମାନଙ୍କର ହିତରେ ପ୍ରୀତି ରଖିବା ଓ ନିଜର କଲ୍ୟାଣ କରିବା—ଏ ଦୁଇଟି ଭିନ୍ନ ଭିନ୍ନ ଦେଖାଯାଉଥିଲେ ମଧ୍ୟ ପ୍ରକୃତରେ ଗୋଟିଏ କଥା । କାରଣ ଯେଉଁମାନଙ୍କ ମନରେ ପ୍ରାଣୀମାନଙ୍କର ମଙ୍ଗଳ କରିବାର ଭାବନା ରହିଛି, ସେମାନେ ଜଡ଼ତା ତ୍ୟାଗ କରି କଲ୍ୟାଣପ୍ରାପ୍ତି କରନ୍ତି; ଏବଂ ଯେଉଁମାନେ ନିଜର କଲ୍ୟାଣ କରିବାରେ ଲାଗିଛନ୍ତି, ସେମାନଙ୍କ ଦ୍ୱାରା ଜଡ଼ତାର ତ୍ୟାଗ ସ୍ୱତଃ ହୁଏ, ଫଳରେ ସେମାନଙ୍କ ଦ୍ୱାରା ଆପେ ଆପେ ପ୍ରାଣୀମାନଙ୍କର ହିତ ସାଧିତ ହୁଏ ।

ଲୋଭୀ ବ୍ୟକ୍ତି ଦ୍ୱାରା ଲୋଭର ଓ ଉଦାର ବ୍ୟକ୍ତି ଦ୍ୱାରା ଉଦାରତାର ପ୍ରଚାର ଛାଏଁ ଛାଏଁ ହୋଇଥାଏ । ଯେଉଁମାନଙ୍କ ହୃଦୟରେ ଟଙ୍କାପଇସା ଓ ମାନବଡ଼ିମାର ଲୋଭ ଥାଏ, ସେମାନଙ୍କ ଦ୍ୱାରା ସ୍ୱତଃ ଟଙ୍କାପଇସାର ମହତ୍ତ୍ୱ ଇତ୍ୟାଦିର ପ୍ରଚାର ହୋଇଥାଏ । ଯେଉଁମାନଙ୍କ ହୃଦୟରେ ଟଙ୍କାପଇସା ପ୍ରତି ମହତ୍ତ୍ୱ ନାହିଁ, ସେମାନଙ୍କ ଦ୍ୱାରା ସ୍ୱତଃ ତ୍ୟାଗର ପ୍ରଚାର ହୋଇଥାଏ । ଯେଉଁମାନେ ଭଗବାନଙ୍କର ଗୁଣ, ଲୀଳା, ପ୍ରଭାବ, ମହତ୍ତ୍ୱ ଇତ୍ୟାଦି ଚର୍ଚ୍ଚା କରନ୍ତି, ଅନ୍ୟଙ୍କୁ ଶୁଣାନ୍ତି, ସେମାନେ ସଂସାରକୁ ବହୁତ କିଛି ଦେଉଥିବାରୁ ମହାଦାନୀ ଅଟନ୍ତି—'ଭୂରିଦା ଜନାଃ' (ଶ୍ରୀମଭା. ୧୦ । ୩୧ । ୯) । ଯେଉଁମାନେ ଟଙ୍କାପଇସା, ଅନ୍ନଜଳ ଆଦି ଦିଅନ୍ତି, ସେମାନେ 'ଭୂରିଦା' (ବହୁତ ଦେବା ଲୋକ) ନୁହନ୍ତି, ବରଂ 'ଅଳ୍ପଦା' (କମ୍ ଦେବା ଲୋକ) । କାରଣ ପ୍ରାକୃତ ଜିନିଷ କେବଳ ପ୍ରାଣୀମାନଙ୍କର ଶରୀର ନିକଟରେ ପହଞ୍ଚିପାରେ, କିନ୍ତୁ ଯିଏ ପ୍ରେମର ସହିତ ଭଗବାନଙ୍କର କଥା ଶୁଣାନ୍ତି, ଭଗବଦ୍‌ଗୁଣାନୁବାଦ କରନ୍ତି, ସେମାନେ ଲୋକମାନଙ୍କୁ ଜଡ଼ତାରୁ ଉପରକୁ ଉଠାଇ ଚିନ୍ମୟତତ୍ତ୍ୱ ଆଡ଼କୁ ନେଇଯାଆନ୍ତି ।

ସମଗ୍ର ସଂସାର ମିଶି ଜଣେ ପ୍ରାଣୀକୁ ମଧ୍ୟ ସୁଖୀ କରିପାରେ ନାହିଁ, ତେବେ ଜଣେ ମନୁଷ୍ୟ ସମସ୍ତ ପ୍ରାଣୀଙ୍କୁ ସୁଖୀ କରିପାରିବ ବା କିପରି? ଅତଏବ ସକଳ ପ୍ରାଣୀଙ୍କ ପ୍ରତି ହିତଭାବନାର ଅର୍ଥ ସମସ୍ତଙ୍କ ହିତ ପ୍ରତି ରୁଚି ଓ ପ୍ରୀତି ହେଉ, ସମସ୍ତଙ୍କୁ ସୁଖ ପ୍ରଦାନ କରିବାର ଭାବନା ରହୁ । ସକଳ ପ୍ରାଣୀଙ୍କ ହିତରେ ପ୍ରୀତି ହେଲେ ନିଜେ ସୁଖୀ ହେବାର ତଥା ଭୋଗ ଓ ସଂଗ୍ରହ କରିବାର ଭାବନା ଏବଂ ସ୍ୱାର୍ଥବୁଦ୍ଧି ସ୍ୱାଭାବିକଭାବେ ଦୂରୀଭୂତ ହୋଇଯାଏ ଏବଂ ପରମାତ୍ମତତ୍ତ୍ୱ ମିଳିଯାଏ; କାରଣ ସ୍ୱସୁଖବୁଦ୍ଧି ପ୍ରଭୃତି ହିଁ ପରମାତ୍ମତତ୍ତ୍ୱପ୍ରାପ୍ତିରେ ପ୍ରତିବନ୍ଧକ ।

୩୦. ଗୀତାରେ ଏକନିଶ୍ଚୟର ମହିମା

ସାଧକାନାଂ ଭବତ୍ୟେବ ବୁଦ୍ଧିଶ୍ଚ ନିଶ୍ଚୟାତ୍ମିକା ।
ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ବୁଦ୍ଧୟୋଽନିଶ୍ଚୟାତ୍ମିକାଃ ॥

ଜୀବାତ୍ମା ମଧ୍ୟରେ ଗୋଟିଏ ଅଂଶ ହେଉଛି ପରମାତ୍ମାଙ୍କର ଏବଂ ଅନ୍ୟ ଅଂଶଟି ପ୍ରକୃତିର । ଯେତେବେଳେ ଜୀବାତ୍ମା ପରମାତ୍ମାଙ୍କୁ ଆଧାର କରି ଚଳେ, ସେତେବେଳେ ଏହାଠାରେ ବ୍ୟବସାୟାତ୍ମିକା (ଏକନିଶ୍ଚୟାତ୍ମିକା) ବୁଦ୍ଧି ଏକ ହୋଇଥାଏ ଏବଂ ଯେତେବେଳେ ଏହା ପ୍ରକୃତିର ଅଂଶ ଶରୀର ଓ

ସଂସାରକୁ ଆଧାର କରି ଚଳେ, ସେତେବେଳେ ଏହାଠାରେ ଅବ୍ୟବସାୟାତ୍ମିକା ବୁଦ୍ଧିମାନେ ଅନନ୍ତ ହୋଇଯାଆନ୍ତି (୨।୪୧)। ତାତ୍ପର୍ଯ୍ୟ ହେଲା—ପାରମାର୍ଥିକ ସାଧକର ଏପରି ଏକମାତ୍ର ନିଶ୍ଚୟ ହୋଇଥାଏ ଯେ 'ଯାହାକିଛି ହେଉ ନା କାହିଁକି, ମୋତେ ପରମାତ୍ମାଙ୍କୁ ଲାଭ କରିବାକୁ ହେବ'। କିନ୍ତୁ ଯେଉଁମାନେ ସାଂସାରିକ ଧନସଂପତ୍ତି ସଂଗ୍ରହ କରିବାକୁ ଓ ସେଗୁଡ଼ିକୁ ଭୋଗ କରିବାକୁ ଚାହାନ୍ତି, ସେଭଳି ମନୁଷ୍ୟମାନଙ୍କର ପରମାତ୍ମପ୍ରାପ୍ତି ନିମିତ୍ତ ଏକନିଶ୍ଚୟ ଆଦୌ ହୁଏ ନାହିଁ, ବରଂ ସାଂସାରିକ ଭୋଗଗୁଡ଼ିକୁ ପାଇବା ପାଇଁ ଅନନ୍ତ ପ୍ରକାର ଭାବନା ଉତ୍ପନ୍ନ ହୁଏ। ଏହାର କାରଣ ହେଲା, ପ୍ରାପଣୀୟ ପରମାତ୍ମା ଏକ ହୋଇଥିବାରୁ ତାଙ୍କୁ ପାଇବାର ନିଶ୍ଚୟ ମଧ୍ୟ ଏକ ହୋଇଥାଏ। ସାଂସାରିକ ଭୋଗ ଅନେକ ଏବଂ ସେଗୁଡ଼ିକୁ ଭୋଗ କରିବାର ସାଧନ (ଧନ ସମ୍ପତ୍ତି ଇତ୍ୟାଦି)ମଧ୍ୟ ଅନେକ। ଅତଏବ ସେଗୁଡ଼ିକୁ ପାଇବାର ନିଶ୍ଚୟ ମଧ୍ୟ ଏକ ହୋଇ ନ ଥାଏ।

ପରମାତ୍ମାଙ୍କର ସଗୁଣ, ନିର୍ଗୁଣ ଇତ୍ୟାଦି ସ୍ୱରୂପରେ ପ୍ରଭେଦ ଥିଲେ ମଧ୍ୟ ସବୁ ସ୍ୱରୂପ ତତ୍ତ୍ୱତଃ ଏକ ତଥା ନିତ୍ୟ। ଅତଏବ ସେଥିମଧ୍ୟରୁ କୌଣସି ଗୋଟିଏ ସ୍ୱରୂପର ପ୍ରାପ୍ତି ନିମିତ୍ତ ଯେଉଁ ନିଶ୍ଚୟ ହୁଏ, ତାହା ମଧ୍ୟ ଏକ ହୁଏ। ପରମାତ୍ମାଙ୍କୁ ପାଇବା ପାଇଁ ଏକନିଶ୍ଚୟ ହେବାପରେ ସମସ୍ତ ସାଧନ ସୁଗମ ଓ ସରଳ ହୋଇଯାଏ ତଥା ଉଦ୍ଦେଶ୍ୟର ସିଦ୍ଧି ପାଇଁ ତତ୍ପରତା ମଧ୍ୟ ସ୍ୱତଃ ଜାଗ୍ରତ ହୋଇଥାଏ। ଯଥା—କେହି ଯଦି ନିଜକୁ ଈଶ୍ୱରଙ୍କ ଭକ୍ତ ବୋଲି ସ୍ୱୀକାର କରେ, ତେବେ ଈଶ୍ୱରଙ୍କୁ ଭକ୍ତି କରିବା ତାହା ପାଇଁ ସ୍ୱାଭାବିକ ହୋଇଯାଏ ଅର୍ଥାତ୍ ଭକ୍ତିର କଥାକୁ ସେ ସଙ୍ଗେ ସଙ୍ଗେ ଗ୍ରହଣ କରିନିଏ ଏବଂ ଭକ୍ତିବିରୁଦ୍ଧ କଥାକୁ ତତ୍‌କ୍ଷଣାତ୍ ଛାଡ଼ିଦିଏ। କାରଣ ସେ ଭାବେ 'ମୁଁ ଭକ୍ତ, ତେଣୁ ଭକ୍ତିବିରୁଦ୍ଧ କାର୍ଯ୍ୟ କରିବି ନାହିଁ'। କିନ୍ତୁ ସଂସାର ଯାହାର ଲକ୍ଷ୍ୟ, ତା' ମନରେ ନାନାପ୍ରକାର ନୂଆ ନୂଆ ଇଚ୍ଛା ନାନା ସମୟରେ ଉତ୍ପନ୍ନ ହେଉଥାଏ। ଏହି ଇଚ୍ଛାଗୁଡ଼ିକର ପରିସମାପ୍ତି ନ ଥାଏ; କାରଣ ଯେତିକି ଇଚ୍ଛା ପୂରଣ ହେଉଥାଏ, ସେତିକି ନୂଆ ନୂଆ ଇଚ୍ଛା ଉତ୍ପନ୍ନ ହୋଇ ଚାଲିଥାଏ।

ଏହି ବ୍ୟବସାୟାତ୍ମିକା (ଏକନିଶ୍ଚୟାତ୍ମିକା) ବୁଦ୍ଧିର ମହିମା ଏତେ ଯେ ଅତ୍ୟନ୍ତ ଦୁରାଚାରୀ ଓ ପାପୀ ମନୁଷ୍ୟ ମଧ୍ୟ 'ମୋତେ କେବଳ ପରମାତ୍ମାଙ୍କୁ ପ୍ରାପ୍ତ କରିବାକୁ ହେବ'—ଏପରି ଏକନିଶ୍ଚୟ କରିନେଲେ ଖୁବ୍ ଶୀଘ୍ର ଧର୍ମାତ୍ମା ହୋଇଯାଏ। କେବଳ ଧର୍ମାତ୍ମା ହୋଇଯାଏ ନାହିଁ, ତାକୁ ସଦାସ୍ଥାୟୀ ଶାନ୍ତି ମଧ୍ୟ ମିଳିଯାଏ ଅର୍ଥାତ୍ ତା'ର ଉଦ୍ଦେଶ୍ୟ ସଫଳ ହୋଇଯାଏ (୯।୩୦-୩୧)।

ଅବ୍ୟବସାୟାତ୍ମିକା ବୁଦ୍ଧିଯୁକ୍ତ ମନୁଷ୍ୟ ଯେତେ ଜନ୍ମ ପାଇଲେ ମଧ୍ୟ ଏବଂ ପ୍ରତ୍ୟେକ ଜନ୍ମରେ ଯେତେ ଚେଷ୍ଟା ଓ ପରିଶ୍ରମ କଲେ ମଧ୍ୟ ତା'ର ସମସ୍ତ ଇଚ୍ଛା କେବେହେଲେ ପୂରଣ ହୁଏ ନାହିଁ, ବରଂ ନୂଆ ନୂଆ ଇଚ୍ଛା ଉତ୍ପନ୍ନ ହୋଇ ଚାଲିଥାଏ। ଏହି ଇଚ୍ଛାଗୁଡ଼ିକର ଅନ୍ତ ନ ଥାଏ। କେବେ କୌଣସି ଇଚ୍ଛା ପୂରଣ ହୋଇଗଲେ ମଧ୍ୟ ତାହା ଆଗକୁ ଆହୁରି ନୂଆ ନୂଆ ଇଚ୍ଛା ଉତ୍ପନ୍ନ କରିବାର କାରଣ ହୋଇଯାଏ।

ସାରାଂଶ ହେଲା, ବୁଦ୍ଧି ବ୍ୟବସାୟାତ୍ମିକା ହୋଇଗଲେ ଅବ୍ୟବସାୟାତ୍ମିକା ବୁଦ୍ଧି ନଷ୍ଟ ହୋଇଯାଏ, କିନ୍ତୁ ଅବ୍ୟବସାୟାତ୍ମିକା ବୁଦ୍ଧି ଥିଲେ କଦାପି ବ୍ୟବସାୟାତ୍ମିକା ବୁଦ୍ଧି ହୁଏ ନାହିଁ। ଅତଏବ ମନୁଷ୍ୟ ଅତି ଶୀଘ୍ର ପରମାତ୍ମାଙ୍କୁ ଲାଭ କରିବାର ଦୃଢ଼ ନିଶ୍ଚୟ କରିନେବା ଉଚିତ, କାରଣ କେବଳ ପରମାତ୍ମପ୍ରାପ୍ତି ପାଇଁ ମିଳିଥିବା ଏହି ମନୁଷ୍ୟଶରୀର କେତେବେଳେ ଯେ ନଷ୍ଟ ହୋଇଯିବ ତାହାର ଠିକଣା ନାହିଁ। ଶରୀର ନଷ୍ଟ ହୋଇଗଲେ ଆମେ ପରମାତ୍ମାଙ୍କୁ ଲାଭ କରିବାରୁ ବଞ୍ଚିତ ରହିଯିବା।

୩୧. ଗୀତାରେ ଦ୍ୱିବିଧ ସତ୍ତାର ବର୍ଣ୍ଣନା

ଦ୍ୱିବିଧା ଦୃଶ୍ୟତେ ସତ୍ତା ବିକାରିଣ୍ୟବିକାରିଣୀ।
ଭୂତ୍ୱାଽସତୋ ଭବିତ୍ରୀ ଚ ସତୋ ନିତ୍ୟା ସନାତନୀ॥

ସତ୍ତା ଦୁଇପ୍ରକାରର—ବିକାରୀ ଓ ଅବିକାରୀ। ଉତ୍ପନ୍ନ ହେବା ପରେ ଯେଉଁ ସତ୍ତା ଦେଖାଯାଏ, ତାହାକୁ 'ବିକାରୀ ସତ୍ତା' କୁହାଯାଏ; କାରଣ ସେଥିରେ ନିରନ୍ତର ପରିବର୍ତ୍ତନ ହେଉଥାଏ। ଯେଉଁ ସତ୍ତା ସ୍ୱତଃସିଦ୍ଧ, ତାହାକୁ

'ଅବିକାରୀ ସତ୍ତା' କୁହାଯାଏ; କାରଣ ସେଥିରେ କେବେ ରତିଏ ହେଲେ ପରିବର୍ତ୍ତନ ହୁଏ ନାହିଁ। ଅତଏବ ଗୀତାରେ ଦ୍ୱିତୀୟ ଅଧ୍ୟାୟର ୧୬ଶ ଶ୍ଳୋକରେ ଭଗବାନ କହିଛନ୍ତି, ଯାହାର କେବେ ଭାବ (ସତ୍ତା) ନ ଥାଏ, ତାହା ଅସତ୍ ବା ବିକାରୀ ସତ୍ତା ଅଟେ। ଯାହାର କେବେ ଅଭାବ ନ ଥାଏ, ତାହା ସତ୍ ବା ଅବିକାରୀ ସତ୍ତା ଅଟେ—**'ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ।'**

ଉତ୍ପନ୍ନ ହେବା, ଉତ୍ପନ୍ନ ହେବାପରେ ସତ୍ତାବାନ୍ ଦେଖାଯିବା, ବଢ଼ିବା, ଅବସ୍ଥାନ୍ତର ହେବା (ବଦଳିବା), କ୍ଷୀଣ ହେବା ଓ ନଷ୍ଟ ହେବା—ଏହି ଛଅଟି ବିକାର କେବଳ ସଂସାର କ୍ଷେତ୍ରରେ ହୋଇଥାଏ। ଯଥା—ପିଲା ଜନ୍ମ ହୁଏ, ଜନ୍ମ ହେବାପରେ 'ପିଲାଟିଏ ଅଛି' ଏଭଳି ସତ୍ତା ଦେଖାଯାଏ, ସେ ବଢ଼େ, ତା'ର ଅବସ୍ଥାଗୁଡ଼ିକରେ ପରିବର୍ତ୍ତନ ଆସେ, ସେ କ୍ଷୀଣ ହୁଏ ଏବଂ ଶେଷରେ ମରିଯାଏ। ଏହି ଛଅ ବିକାର ଶରୀର ଓ ସଂସାରରେ ହିଁ ହୋଇଥାଏ, ଆତ୍ମାରେ ନୁହେଁ। ଆତ୍ମା ଜନ୍ମ ହୁଏ ନାହିଁ, ଜନ୍ମ ହେବାପରେ ସତ୍ତାବାନ୍ ହୁଏ ନାହିଁ, ବଢ଼େ ନାହିଁ, ବଦଳେ ନାହିଁ, କ୍ଷୀଣ ହୁଏ ନାହିଁ କିଂବା ମରେ ନାହିଁ (୨।୨୦)।

ଗୀତାରେ ଯେଉଁ ଯେଉଁ ସ୍ଥାନରେ ଶରୀର ଓ ସଂସାରର ବର୍ଣ୍ଣନା ହୋଇଛି, ସେସବୁ 'ବିକାରୀ ସତ୍ତା'ର ବର୍ଣ୍ଣନା ଅଟେ ଏବଂ ଯେଉଁ ଯେଉଁ ସ୍ଥାନରେ ପରମାତ୍ମା ଓ ଆତ୍ମାର ବର୍ଣ୍ଣନା ହୋଇଛି, ସେସବୁ 'ଅବିକାରୀ ସତ୍ତା'ର ବର୍ଣ୍ଣନା ଅଟେ।

ଜ୍ଞାତବ୍ୟ

ଉତ୍ପନ୍ନ ହେଉଥିବା ବିକାରୀ ସତ୍ତା ଅନୁତ୍ପନ୍ନ ଅବିକାରୀ ସତ୍ତାର ଅଧୀନରେ ରହେ, କାରଣ ବିକାରୀ ସତ୍ତାର ଆଦୌ ସ୍ୱତନ୍ତ୍ର ସତ୍ତା ନ ଥାଏ। ବିକାରୀ ସତ୍ତା ଯେତେ ସତ୍ୟ ଭଳି ପ୍ରତୀତ ହେଲେ ମଧ୍ୟ ତାହା ଅବିକାରୀ ସତ୍ତାର ଅନ୍ତର୍ଗତ। କିନ୍ତୁ ଅବିକାରୀ ସତ୍ତା ବିକାରୀ ସତ୍ତାର ଅଧୀନ ନୁହେଁ, କାରଣ ତାହା ସ୍ୱତଃସିଦ୍ଧ। ଯେଉଁଠି ବିକାରୀ ସତ୍ତା ନାହିଁ ଅର୍ଥାତ୍ ଯେଉଁଠି ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା, ପରିସ୍ଥିତି ଓ କ୍ରିୟା ନାହିଁ, ସେଠାରେ ମଧ୍ୟ ଅବିକାରୀ ସତ୍ତା ଯଥାବତ୍ ପରିପୂର୍ଣ୍ଣ ରହିଥାଏ। ଏହି ଅବିକାରୀ ସତ୍ତା ଦେଶ, କାଳ, ବସ୍ତୁ, ପ୍ରଭୃତିର ଭିତରେ ଓ ବାହାରେ ସର୍ବତ୍ର ପରିପୂର୍ଣ୍ଣ। ଅବିକାରୀ ସତ୍ତାକୁ ଜାଣୁଥିବା ଓ ନ ଜାଣୁଥିବା, ମାନୁଥିବା ଓ ନ ମାନୁଥିବା ବ୍ୟକ୍ତି ମଧ୍ୟରେ ବି ଏହି ଅବିକାରୀ ସତ୍ତା ସମାନଭାବେ ପରିପୂର୍ଣ୍ଣ। ଅବିକାରୀ ସତ୍ତାକୁ ଆମେ ଜାଣୁ ବା ନ ଜାଣୁ, ମାନୁ ବା ନ ମାନୁ, ସ୍ୱୀକାର କରୁ ବା ନ କରୁ, ଆମର ଅନୁଭବ ହେଉ ବା ନ ହେଉ, ତଥାପି ତାହା ସର୍ବଦା ବିଦ୍ୟମାନ। ତାହା ଆମ ଜାଣିବା, ମାନିବା ଅଥବା ସ୍ୱୀକାର କରିବାର ଅଧୀନ ନୁହେଁ। ଅବିକାରୀ ସତ୍ତା ବିକାରୀ ସତ୍ତା ବିନା ମଧ୍ୟ ଯଥାବତ୍ ବିଦ୍ୟମାନ ରହେ, କିନ୍ତୁ ବିକାରୀ ସତ୍ତା ଅବିକାରୀ ସତ୍ତା ବିନା ରହିପାରେ ନାହିଁ; କାରଣ ଅବିକାରୀ ସତ୍ତା ହିଁ ତାହାର ଆଧାର ଓ ଆଶ୍ରୟ।

ସନ୍ଦେହ—ବିକାରୀ ସତ୍ତାଯୁକ୍ତ ଶରୀର, ଇନ୍ଦ୍ରିୟ ଆଦି ଦ୍ୱାରା ହିଁ ତ ଅବିକାରୀ ସତ୍ତାର ଜ୍ଞାନ ଓ ଅନୁଭୂତି ହୁଏ; ଅତଏବ ଅବିକାରୀ ସତ୍ତା ବିକାରୀ ସତ୍ତାର ଅଧୀନ ହେଲା ନାହିଁ କି?

ସମାଧାନ—ନା, ସେ କଥା ନୁହେଁ। ବିକାରୀ ସତ୍ତା ଦ୍ୱାରା ଅବିକାରୀ ସତ୍ତାର ଅନୁଭୂତି ହୁଏ ନାହିଁ, ବରଂ ବିକାରୀ ସତ୍ତାକୁ ଛାଡ଼ିବା ଦ୍ୱାରା ହିଁ ଅବିକାରୀ ସତ୍ତାର ଅନୁଭୂତି ହୋଇଥାଏ। ଯେପର୍ଯ୍ୟନ୍ତ 'ବିକାରୀ ସତ୍ତା ଦ୍ୱାରା ହିଁ ଅବିକାରୀ ସତ୍ତାର ଅନୁଭୂତି ହୁଏ'—ଏଭଳି ଧାରଣା ରହିବ, ସେପର୍ଯ୍ୟନ୍ତ ବିକାରୀ ସତ୍ତାର ମହତ୍ତ୍ୱ ରହିବ। ବିକାରୀ ସତ୍ତାର ମହତ୍ତ୍ୱ ଥିବା ପର୍ଯ୍ୟନ୍ତ ମନୁଷ୍ୟ ଅବିକାରୀ ସତ୍ତା ବିଷୟରେ ଶିଖିପାରିବ, ପଢ଼ିପାରିବ, ବ୍ୟାଖ୍ୟାନ ଦେଇପାରିବ, ବହି ଲେଖିପାରିବ, କିନ୍ତୁ ଅନୁଭବ କରିପାରିବ ନାହିଁ। ତାତ୍ପର୍ଯ୍ୟ ଏହି ଯେ ଅନ୍ତଃକରଣରେ ଯେପର୍ଯ୍ୟନ୍ତ ଉତ୍ପନ୍ନ ସତ୍ତାର ମହତ୍ତ୍ୱ ଅଛି, ସେପର୍ଯ୍ୟନ୍ତ ସର୍ବତ୍ର ପରିପୂର୍ଣ୍ଣ ରହିଥିଲେ ମଧ୍ୟ ଅନୁତ୍ପନ୍ନ ସତ୍ତାର ଅନୁଭବ ହୋଇ ପାରିବ ନାହିଁ।

ସନ୍ଦେହ—ଚରମ (ଅନ୍ତିମ) ବୃତ୍ତି ତ ଅନୁତ୍ପନ୍ନ ସତ୍ତାର ବୋଧ ହେବାରେ କାରଣ ହୋଇଥାଏ; ତେବେ ଉତ୍ପନ୍ନ ସତ୍ତା ଦ୍ୱାରା ହିଁ ତ ଅନୁତ୍ପନ୍ନ ସତ୍ତାର ବୋଧ ହେଲା?

ସମାଧାନ—ନା! ଚରମ ବୃତ୍ତିଠାରୁ ସମ୍ବନ୍ଧ ଛିନ୍ନ ହେବାପରେ ହିଁ ଅନୁତ୍ପନ୍ନ ସତ୍ତାର ବା ଶୁଦ୍ଧ ସ୍ୱରୂପର ଯଥାର୍ଥ ଅନୁଭବ ହୁଏ। ଉତ୍ପନ୍ନ ସତ୍ତା ସହିତ ସମ୍ବନ୍ଧ ରହିଥିବାଯାଏ ଶୁଦ୍ଧ ସ୍ୱରୂପର ବୋଧ ହୁଏ ନାହିଁ, ବରଂ ବୃତ୍ତିସହିତ ତତ୍ତ୍ୱର ହିଁ ବୋଧ ହୋଇଥାଏ। ବୃତ୍ତି ରହିଥିଲେ ସମାଧି ଓ ବ୍ୟୁତ୍ଥାନ—ଏହି ଦୁଇ ଅବସ୍ଥା ହୁଏ, କିନ୍ତୁ ବାସ୍ତବିକ ବୋଧରେ ଏହି ଦୁଇଟି ଅବସ୍ଥା

ନ ଥାଏ। ବାସ୍ତବିକ ବୋଧ ତ ବୃତ୍ତିଠାରୁ ରହିତ ହେଲେ ହିଁ ହୋଇଥାଏ। କାରଣ ବୃତ୍ତି ଉପନ୍ନ ଓ ନଷ୍ଟ ହେଉଥିବା ସ୍ଥଳେ ସ୍ୱରୂପ ଉତ୍ପନ୍ନ ଓ ନଷ୍ଟ ହୁଏ ନାହିଁ। ସାରାଂଶ ହେଲା, ବୃତ୍ତି ଦ୍ୱାରା ବୋଧ ହୁଏ ନାହିଁ, ବରଂ ବୃତ୍ତିଠାରୁ ସମ୍ବନ୍ଧ ଛିନ୍ନ ହେବାପରେ ହିଁ ବୋଧ ହୋଇଥାଏ।

ଯେଉଁମାନେ କ୍ରମାନୁସାରେ ସାଧନା କରନ୍ତି ଅର୍ଥାତ୍ ଶ୍ରବଣ, ମନନ, ନିଦିଧ୍ୟାସନ, ଧ୍ୟାନ, ସମାଧି, ସବୀଜ, ନିର୍ବୀଜ—ଏହି କ୍ରମରେ ସାଧନା କରନ୍ତି, ସେମାନଙ୍କ ଲାଗି ବୃତ୍ତି କିଛି ସମୟ ପାଇଁ ଉପଯୋଗୀ ହୋଇପାରେ, କିନ୍ତୁ ବାସ୍ତବିକ ବୋଧ ତ ବୃତ୍ତିରହିତ ହେଲେ ହିଁ ହେବ। ସାଧାରଣତଃ ସ୍ଥୂଳ ଶରୀର, ସ୍ଥୂଳ ପଦାର୍ଥ ଓ ସ୍ଥୂଳ କ୍ରିୟା ଦ୍ୱାରା ମଧ୍ୟ ସଂସାରର ସେବା ହୁଏ, ଯଦ୍ୱାରା ଅନ୍ତଃକରଣ ଶୁଦ୍ଧ ହୁଏ। ଶୁଦ୍ଧ ଅନ୍ତଃକରଣ ପରମାତ୍ମାଙ୍କର ସମ୍ମୁଖ ହେବାରେ ସହାୟକ ହୁଏ। ଶୁଦ୍ଧ ଅନ୍ତଃକରଣ କରଣସାପେକ୍ଷ ସାଧନାରେ ଅର୍ଥାତ୍ କ୍ରମାନୁସାରେ କରାଯାଉଥିବା ସାଧନାରେ ହିଁ ସହାୟକ ହୋଇଥାଏ। କିନ୍ତୁ ସେହି ସାଧନାରେ ଅନ୍ତଃକରଣର ଯେଉଁ ମହତ୍ତ୍ୱ ଥାଏ, ତାହା ତତ୍ତ୍ୱପ୍ରାପ୍ତିରେ ବାଧକ ହୋଇଥାଏ। କରଣନିରପେକ୍ଷ ସାଧନାରେ ଶରୀର, ଇନ୍ଦ୍ରିୟ ଓ ଅନ୍ତଃକରଣ ଠାରୁ ସମ୍ବନ୍ଧ ଛିନ୍ନ କରାଯାଏ। କାରଣ ସ୍ୱତଃସିଦ୍ଧ ସତ୍ତା କରଣସାପେକ୍ଷ ନୁହେଁ ଅର୍ଥାତ୍ ତାହା କୌଣସି କରଣ ଉପରେ ନିର୍ଭରଶୀଳ ନୁହେଁ। କିଛି ଚିନ୍ତନ ନ କରି, ସମାଧିର ଭାବନା ମଧ୍ୟ ନ କରି ଚୁପ୍ ହୋଇଗଲେ ଚୁପରେ ସ୍ୱତଃ ସ୍ଥିତି ହୋଇଥାଏ; କାରଣ ତାହା ତ ପୂର୍ବରୁ ହିଁ ରହିଛି।

ବିକାରୀ ସତ୍ତାକୁ ଉପଭୋଗ କରୁଥିବା ପର୍ଯ୍ୟନ୍ତ ଓ ତା'ଠାରୁ ସୁଖ ନେଉଥିବା ପର୍ଯ୍ୟନ୍ତ, ସାଧକ ସମାଧି ଅବସ୍ଥାରେ ଥିଲେ ମଧ୍ୟ ବିକାରୀ ସତ୍ତାର ମହତ୍ତ୍ୱ ଦୂର ହେବ ନାହିଁ; ଏବଂ ମହତ୍ତ୍ୱ ଦୂର ନ ହେବାଯାଏ ସ୍ୱତଃସିଦ୍ଧ ଅବିକାରୀ ସତ୍ତାର ପ୍ରାପ୍ତି ହେବ ନାହିଁ। ମନୁଷ୍ୟଶରୀର ବିକାରୀ ସତ୍ତାର ମହତ୍ତ୍ୱକୁ ଦୂର କରିବାରେ କାରଣ ହୋଇଥାଏ, ଅବିକାରୀ ସତ୍ତାକୁ ପ୍ରାପ୍ତ କରିବାରେ ନୁହେଁ। ଅତଏବ ବିକାରୀ ସତ୍ତା ଅବିକାରୀ ସତ୍ତାର ପ୍ରାପ୍ତିରେ କାରଣ ହୋଇ ନ ପାରେ ଏବଂ ଅବିକାରୀ ସତ୍ତା ବିକାରୀ ସତ୍ତାର କାର୍ଯ୍ୟ ହୋଇ ନ ପାରେ—**'ନାସତଃ ସଜ୍ଜାୟେତ'**।

ମନୁଷ୍ୟ କେବଳ ଅବିକାରୀ ସତ୍ତା (ପରମାତ୍ମା)କୁ ହିଁ ପ୍ରାପ୍ତ କରିପାରିବ ବିକାରୀ ସତ୍ତା (ସାଂସାରିକ ପଦାର୍ଥ)କୁ କଦାପି ପ୍ରାପ୍ତ କରିପାରିବ ନାହିଁ, କାରଣ ମନୁଷ୍ୟ ବିକାରୀ ସତ୍ତାକୁ ବା ସଂସାରିକ ପଦାର୍ଥଗୁଡ଼ିକୁ ଯେତେ ଇଚ୍ଛା ସେତେ ସଂଗ୍ରହ କରିଥିଲେ ମଧ୍ୟ ସେଗୁଡ଼ିକ ତାହା ସହିତ ଚିରକାଳ ରହି ପାରିବେ ନାହିଁ। ହୁଏତ ମନୁଷ୍ୟ ରହିଥିବା ବେଳେ ସେସବୁ ପଦାର୍ଥ ଚ୍ଲିଯିବେ, ନଚେତ୍ ସେସବୁ ପଦାର୍ଥ ଥିବାବେଳେ ମନୁଷ୍ୟ ଚ୍ଲିଯିବ, ମରିଯିବ। ମନୁଷ୍ୟ ସାଂସାରିକ ପଦାର୍ଥଗୁଡ଼ିକୁ ନିଜ ସହିତ ରଖି ପାରିବ ନାହିଁ ଓ ନିଜେ ସେଗୁଡ଼ିକ ସହିତ ରହି ପାରିବ ନାହିଁ, ତାହାହେଲେ ସେଗୁଡ଼ିକର ପ୍ରାପ୍ତି ତ ଅପ୍ରାପ୍ତି ହିଁ ହେଲା!

ଅବିକାରୀ ସତ୍ତାକୁ ଆଜିଯାଏ ବିକାରୀ ସତ୍ତାଠାରୁ କିଛି ମିଳି ନାହିଁ କି ମିଳିବା ସମ୍ଭବ ମଧ୍ୟ ନୁହେଁ। ତାତ୍ପର୍ଯ୍ୟ ହେଲା ଯେ ଶରୀର, ଇନ୍ଦ୍ରିୟଗଣ, ମନ, ବୁଦ୍ଧି ଆଦି ଦ୍ୱାରା ସ୍ୱୟଂକୁ କିଛି ମିଳି ନାହିଁ, ମିଳିବ ନାହିଁ କି ମିଳି ପାରିବ ନାହିଁ। ବିକାରୀ ସତ୍ତା ତ ଅଭାବରୂପ ଅଟେ—**'ନାସତୋ ବିଦ୍ୟତେ ଭାବଃ'** (୨।୧୬)। ଅତଏବ ବିକାରୀ ସତ୍ତା (ସଂସାର) ପ୍ରାପ୍ତ ପରି ଦେଖାଯାଉଥିଲେ ମଧ୍ୟ ତାହା ଅପ୍ରାପ୍ତ ଏବଂ ଅବିକାରୀ ସତ୍ତା (ପରମାତ୍ମା) ଅପ୍ରାପ୍ତ ଦେଖାଯାଉଥିଲେ ମଧ୍ୟ ତାହା ପ୍ରାପ୍ତ। ଅବିକାରୀ ସତ୍ତାକୁ ପ୍ରାପ୍ତ କରିବାରେ ମନୁଷ୍ୟ ସମର୍ଥ ଏବଂ ତାହାକୁ ପ୍ରାପ୍ତ କରିବାର ସମସ୍ତ ସାମଗ୍ରୀ ମଧ୍ୟ ମନୁଷ୍ୟକୁ ମିଳିଛି।

ପ୍ରଶ୍ନ—ବିକାରୀ ସତ୍ତା ଠାରୁ ଅବିକାରୀ ସତ୍ତାକୁ କିଛି ମିଳେ ନାହିଁ—ଏ କଥା ନିରାଟ ସତ୍ୟ, ତଥାପି 'ବିକାରୀ ସତ୍ତାଠାରୁ କିଛି ମିଳିବ'—ଏହି ଭ୍ରମ ରହିଥାଏ। ଏହା କିପରି ଦୂର ହେବ?

ଉତ୍ତର—ସାଧକ ଯେତେ ମାତ୍ରାରେ ନିଜର ବିବେକକୁ ଆଦର କରିବ, ସେତେ ମାତ୍ରାରେ ସେହି ଭ୍ରମ ଦୂର ହୋଇଚ୍ଲିବ। ଶେଷରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ଏବଂ ବିବେକ ଅବିକାରୀ ସତ୍ତାକୁ ପ୍ରାପ୍ତ କରାଇ ନିଜେ ଶାନ୍ତ ହୋଇଯିବ।

୩୨. ଗୀତାରେ ଦ୍ୱିବିଧ ଇଚ୍ଛା

ଇଚ୍ଛା ତୁ ଦ୍ୱିବିଧା ପ୍ରୋକ୍ତା ଜଗତଃ ପରମାତ୍ମନଃ ।
ଅପୂର୍ତିର୍ଜଗଦିଚ୍ଛାୟାଃ ପୂର୍ତିଶ୍ଚ ପରମାତ୍ମନଃ ॥

ଗୀତାରେ ସଦ୍ ଓ ଅସଦ୍—ଏହି ଦୁଇଟିର ବର୍ଣ୍ଣନା ଅଛି । ଇଚ୍ଛା ମଧ୍ୟ ଏହିଭଳି ଦୁଇ ପ୍ରକାରର । ଗୋଟିଏ ଇଚ୍ଛା 'ସଦ୍'କୁ ପାଇବା ପାଇଁ ଏବଂ ଅପରଟି 'ଅସଦ୍'(ସାଂସାରିକ ଭୋଗ)କୁ ପାଇବା ପାଇଁ ହୁଏ । ସଦ୍‌ର ଇଚ୍ଛା ଭାବରୂପ ଅଟେ ଅର୍ଥାତ୍ ସର୍ବଦା ରହିଥାଏ, କଦାପି ନଷ୍ଟ ହୁଏ ନାହିଁ ଏବଂ ପୂର୍ଣ୍ଣ ହୋଇଥାଏ । କିନ୍ତୁ ଅସଦ୍‌ର ଇଚ୍ଛା ଅଭାବରୂପ ଅଟେ ଅର୍ଥାତ୍ ନଷ୍ଟ ହୁଏ, କଦାପି ପୂର୍ଣ୍ଣ ହୁଏ ନାହିଁ (୨ । ୧୬) । ଅତଏବ ସଦ୍‌ର ଇଚ୍ଛା ପୂରଣ ହୁଏ ଓ ଅସଦ୍‌ର ଇଚ୍ଛା ନିବୃତ୍ତ ହୁଏ, ନଷ୍ଟ ହୁଏ ।

ପ୍ରକୃତରେ ଦେଖିବାକୁ ଗଲେ ଏହି ଜୀବ ସାକ୍ଷାତ୍ ପରମାତ୍ମାଙ୍କ(ସଦ୍)ର ଅଂଶ । କିନ୍ତୁ ଏହା ପ୍ରକୃତିର ଅଂଶ(ଅସଦ୍)କୁ ଧରି ରଖିଛି ଓ ତାହା ସହିତ ତାଦାତ୍ମ୍ୟ କରିଛି (୧୫ । ୭) । ସେହି ହେତୁ ଏହାଠାରେ ଦୁଇଟି ଇଚ୍ଛା ଉତ୍ପନ୍ନ ହୋଇଯାଇଛି । ଯଦି ଇଏ ପ୍ରକୃତିର ଅଂଶକୁ ନ ଧରିବ, ତେବେ ଅସଦ୍‌ର ଇଚ୍ଛା ନିବୃତ୍ତ ହୋଇଯିବ ଓ ସଦ୍‌ର ଇଚ୍ଛା ପୂର୍ଣ୍ଣ ହୋଇଯିବ । କାରଣ ପରମାତ୍ମାଙ୍କ ଅଂଶ ହୋଇଥିବା ହେତୁ ପରମାତ୍ମପ୍ରାପ୍ତି ତ ସ୍ୱତଃସିଦ୍ଧ, କେବଳ ଅସଦ୍‌କୁ ଧରିଥିବା ହେତୁ ଅପୂର୍ତି ଓ ଅଭାବ ଅନୁଭୂତ ହୋଇଥାଏ ।

କର୍ମଯୋଗ ପ୍ରକରଣରେ ଏହି ଦୁଇ ଇଚ୍ଛାକୁ ବ୍ୟବସାୟାତ୍ମିକା ଓ ଅବ୍ୟବସାୟାତ୍ମିକା ବୁଦ୍ଧି ବୋଲି କୁହାଯାଇଛି (୨ । ୪୧) । ପରମାତ୍ମପ୍ରାପ୍ତିର ଇଚ୍ଛାକୁ 'ବ୍ୟବସାୟାତ୍ମିକା ବୁଦ୍ଧି' ଓ ଭୋଗର ଇଚ୍ଛାକୁ 'ଅବ୍ୟବସାୟାତ୍ମିକା ବୁଦ୍ଧି' କୁହାଯାଇଛି । ବ୍ୟବସାୟାତ୍ମିକା ବୁଦ୍ଧି ଏକ ହୋଇଥାଏ, କାରଣ ପରମାତ୍ମତତ୍ତ୍ୱ ହେଉଛି ଏକ । ମାର୍ଗଭେଦରେ, ପଦ୍ଧତିଭେଦରେ, ରୁଚି ଭେଦରେ ଓ ଶ୍ରଦ୍ଧାବିଶ୍ୱାସ ଭେଦରେ ଏହି ପରମାତ୍ମତତ୍ତ୍ୱର ଇଚ୍ଛାକୁ ହିଁ ମୁମୁକ୍ଷା, ପ୍ରେମପିପାସା, ଭଗବଦ୍ ଦିଦୃକ୍ଷା ଆଦି ନାମରେ ନାମିତ କରାଯାଇଥାଏ । ମାତ୍ର ଅବ୍ୟବସାୟାତ୍ମିକା ବୁଦ୍ଧି ଅନେକ ହୋଇଥାଏ, କାରଣ ସାଂସାରିକ ଭୋଗ ଓ ପଦାର୍ଥ ଅନେକ ପ୍ରକାରର । ସାଂସାରିକ ଭୋଗ ଓ ସଂଗ୍ରହର ଇଚ୍ଛା କେବେ ପରିସମାପ୍ତ ହୁଏ ନାହିଁ । ଅତଏବ ସେଗୁଡ଼ିକ ପୂରଣ ହେବା ସମ୍ଭବ ନୁହେଁ । ସେଗୁଡ଼ିକୁ କେବଳ ତ୍ୟାଗ ହିଁ କରାଯାଇ ପାରେ । ସେଥିପାଇଁ ଭଗବାନ ଗୀତାରେ ଅସଦ୍‌ର ଇଚ୍ଛାକୁ ତ୍ୟାଗ କରିବା ଉପରେ ବହୁତ ଗୁରୁତ୍ୱ ଦେଇଛନ୍ତି (୨ । ୪୭, ୫୫, ୭୧; ୩ । ୪୩; ୫ । ୧୧-୧୨; ୬ । ୨୪; ୧୬ । ୨୧-୨୨ ଇତ୍ୟାଦି) ।

ଗୋଟିଏ ହେଲା ଆବଶ୍ୟକତା ଆଉ ଗୋଟିଏ ହେଲା ଇଚ୍ଛା । ଆବଶ୍ୟକତା 'ସଦ୍'କୁ ପାଇବା ପାଇଁ ହୁଏ ଏବଂ ଇଚ୍ଛା 'ଅସଦ୍'କୁ ପାଇବା ପାଇଁ ହୁଏ । ମନୁଷ୍ୟର କେବଳ ସଦ୍‌କୁ (ପରମାତ୍ମାଙ୍କୁ) ପାଇବା ପାଇଁ ହିଁ ଇଚ୍ଛା ହେବା ଉଚିତ, ଯାହା କି ଆବଶ୍ୟକତା । ମନୁଷ୍ୟଜନ୍ମ ଅସଦ୍‌ର ଇଚ୍ଛା କରିବା ପାଇଁ ମିଳି ନାହିଁ । କାରଣ ଅସଦ୍ ନିଜର ନୁହେଁ ଓ କଦାପି ସାଙ୍ଗରେ ରହେ ନାହିଁ, କିନ୍ତୁ ସଦ୍ ହେଉଛି ନିଜର ଓ ତାହା ସର୍ବଦା ସାଙ୍ଗରେ ରହିଥାଏ, କଦାପି ଅଲଗା ହୋଇପାରେ ନାହିଁ ।

ଜ୍ଞାତବ୍ୟ

ସାଂସାରିକ ବସ୍ତୁଗୁଡ଼ିକ ପାଇଁ 'ଆବଶ୍ୟକତା' ଅନୁଭୂତ ହୁଏ ଏବଂ ସେଗୁଡ଼ିକୁ ପାଇବାକୁ 'ଇଚ୍ଛା' ମଧ୍ୟ ହୁଏ । ଆବଶ୍ୟକତା ପୂରଣ ହୁଏ, କିନ୍ତୁ ଇଚ୍ଛା କେବେହେଲେ ପୂରଣ ହୁଏ ନାହିଁ । ଯଥା—ଭୋକ ଲାଗିଲେ ଏକ ପ୍ରକାର ଇଚ୍ଛା ହୁଏ ଉଦର ପୂରଣ କରିବାକୁ ଏବଂ ଅନ୍ୟ ଏକ ଇଚ୍ଛା ହୁଏ ସ୍ୱାଦ ଗ୍ରହଣ କରିବାକୁ । ଉଦରପୂରଣର ଇଚ୍ଛା ହେଉଛି ଶରୀରର ଆବଶ୍ୟକତା (ଭୋକ), ଯାହା ଭୋଜନ କରିବା ଦ୍ୱାରା ପୂର୍ଣ୍ଣ କରାଯାଇ ପାରେ । କିନ୍ତୁ ସ୍ୱାଦ ଗ୍ରହଣ କରିବାର ଇଚ୍ଛାକୁ ଭୋଜନ କରି ପୂରଣ କରାଯାଇ ପାରେ ନାହିଁ । ତାତ୍ପର୍ଯ୍ୟ ହେଲା ଯେ ଶରୀରର ଆବଶ୍ୟକତା(ଭୋକ)କୁ ପୂରଣ ତ କରାଯାଇ ପାରିବ, କିନ୍ତୁ ବିଗ୍ରହପୂର୍ବକ ତ୍ୟାଗ କରାଯାଇ ପାରିବ ନାହିଁ । ମାତ୍ର ସ୍ୱାଦ ଗ୍ରହଣ କରିବାର ଇଚ୍ଛାକୁ ପୂରଣ କରି ହୁଏ ନାହିଁ, ତାହାକୁ କେବଳ ତ୍ୟାଗ କରିବାକୁ ହୁଏ ।

ଉଦରପୂରଣର ଇଚ୍ଛା (ଭୋକ) ଗୋଟିଏ ପ୍ରକାରର ହୋଇଥାଏ ଓ ତାହାକୁ ପୂରଣ କରିବାର ବ୍ୟବସ୍ଥା ଭଗବାନଙ୍କ ତରଫରୁ ପ୍ରାରବ୍ଧ ଅନୁସାରେ କରାଯାଇଛି। କିନ୍ତୁ ସ୍ୱାଦ ଗ୍ରହଣ କରିବାର ଇଚ୍ଛା ଅନେକ ପ୍ରକାରର ହୋଇଥାଏ ଓ ତାହାକୁ ପୂରଣ କରିବାର ବ୍ୟବସ୍ଥା ଭଗବାନଙ୍କ ଦ୍ୱାରା ପ୍ରାରବ୍ଧ ଅନୁସାରେ କରାଯାଇ ନାହିଁ। କାରଣ ଉଦରପୂର୍ତ୍ତିର ଇଚ୍ଛା ଶରୀରର ସ୍ୱାଭାବିକ ଆବଶ୍ୟକତା, କିନ୍ତୁ ସ୍ୱାଦ ଗ୍ରହଣ କରିବାର ଇଚ୍ଛା ନିଜ ଦ୍ୱାରା ସୃଷ୍ଟ, ସ୍ୱାଭାବିକ ନୁହେଁ। ଅତଏବ ଏହାକୁ ତ୍ୟାଗ କରିବାର ଦାୟିତ୍ୱ ଆମମାନଙ୍କ ଉପରେ ନ୍ୟସ୍ତ।

ପାରମାର୍ଥିକ ଇଚ୍ଛା ସ୍ୱୟଂର ଆବଶ୍ୟକତା ଅଟେ। ସେହି ଇଚ୍ଛା ଭଗବାନଙ୍କ ଦର୍ଶନ ପାଇଁ ହେଉ କି ଭଗବଦ୍‌ପ୍ରେମର ପ୍ରାପ୍ତି ପାଇଁ ହେଉ କି ମୁକ୍ତି ପାଇଁ ହେଉ, ତାହା ଆବଶ୍ୟକତା ହିଁ ଅଟେ। ସେହି ଆବଶ୍ୟକତାର ପୂର୍ତ୍ତି କ୍ରିୟା, ପଦାର୍ଥ, ପରିସ୍ଥିତି, ଶରୀର, ଇନ୍ଦ୍ରିୟଗଣ, ମନ, ବୁଦ୍ଧି ଆଦିର ଅଧୀନ ନୁହେଁ। ଅର୍ଥାତ୍ କ୍ରିୟା, ପଦାର୍ଥ ଆଦି ସାହାଯ୍ୟରେ ଭଗବଦ୍‌ପ୍ରେମ, ମୁକ୍ତି ଆଦି ମିଳି ନ ପାରେ। କାରଣ ସଦ୍‌ର ପ୍ରାପ୍ତି ଅସତ୍ ଦ୍ୱାରା ହୁଏ ନାହିଁ, ବରଂ ଅସତ୍‌କୁ ତ୍ୟାଗ କରିବା ଦ୍ୱାରା ହିଁ ହୋଇଥାଏ।

ପ୍ରକୃତରେ ଅସତ୍‌ର ଇଚ୍ଛା ରହିଥିବାରୁ ହିଁ ସତ୍‌ର ଇଚ୍ଛା ହୁଏ। ଯଦି ଅସତ୍‌ର ଇଚ୍ଛାକୁ ପୂରାପୂରି ତ୍ୟାଗ କରି ଦିଆଯାଏ, ତେବେ ସତ୍‌ର ଇଚ୍ଛା ସ୍ୱତଃ ପୂର୍ଣ୍ଣ ହୋଇଯିବ। କାରଣ ସତ୍ ସବୁଠାରେ, ସବୁ ସମୟରେ, ସମସ୍ତ ପରିସ୍ଥିତି ଆଦିରେ ସମାନ ଭାବରେ ପରିପୂର୍ଣ୍ଣ; କିନ୍ତୁ ଅସତ୍‌ର ଇଚ୍ଛା ରଖିବାରୁ ତାହା ଜଣାପଡୁ ନାହିଁ।

ସାଂସାରିକ ଓ ପାରମାର୍ଥିକ–ଉଭୟ (ଅସତ୍ ଓ ସତ୍‌ର) ଇଚ୍ଛା ପ୍ରକୃତରେ ସାଂସାରିକ ଇଚ୍ଛା ଉପରେ ନିର୍ଭରଶୀଳ। ଯଦି ମନୁଷ୍ୟ ନାଶବାନ୍ ସଂସାରକୁ ମହତ୍ତ୍ୱ ନ ଦିଏ, ତା'ର ଆଶ୍ରୟ ନ ନିଏ, ତାହାକୁ ପାଇବାର ଇଚ୍ଛା ନ କରେ, ନିଜକୁ ତା'ର ଅଧୀନ ବୋଲି ନ ଭାବେ, ତେବେ ପାରମାର୍ଥିକ ଇଚ୍ଛା ଆପେ ଆପେ ପୂର୍ଣ୍ଣ ହୋଇଯିବ। କାରଣ ପାରମାର୍ଥିକ (ସତ୍‌ର) ଇଚ୍ଛା ଆବଶ୍ୟକତା ଅଟେ ଏବଂ ଆବଶ୍ୟକତାର ପୂର୍ତ୍ତି ଅବଶ୍ୟ ହୁଏ। ଶାରୀରିକ ଆବଶ୍ୟକତାର ପୂର୍ତ୍ତି ପ୍ରାରବ୍ଧର ଅଧୀନ, ତେଣୁ ତାହାର ପୂର୍ତ୍ତି କେବେ କେବେ ହୁଏ ତ କେବେ କେବେ ହୁଏ ନାହିଁ, କାରଣ ତାହାର ବିଷୟ ଅସତ୍। କିନ୍ତୁ ଅସତ୍‌ର ଇଚ୍ଛା ସର୍ବଥା ଛାଡ଼ିଦେଲେ ସତ୍‌ର ଆବଶ୍ୟକତା ଆପେ ଆପେ ପୂରଣ ହୋଇଯାଏ; କାରଣ ସତ୍ ଆଗରୁ ବିଦ୍ୟମାନ। ସତ୍‌ର ଆବଶ୍ୟକତା ପୂରଣ ହୋଇଗଲେ କିଛି କରିବା, ଜାଣିବା ଓ ପାଇବା ବାକି ରହେ ନାହିଁ। ସଂସାରର କାର୍ଯ୍ୟ ଯେତେ କଲେ ମଧ୍ୟ ବାକି ରହେ, ସାଂସାରିକ ଜ୍ଞାନ ଯେତେ ହାସଲ କଲେ ମଧ୍ୟ ଆହୁରି ଜାଣିବା ବାକି ରହେ, ସାଂସାରିକ ପଦାର୍ଥ ଯେତେ ପାଇଗଲେ ମଧ୍ୟ ପାଇବା ବାକି ରହେ। ସଂସାର ସମ୍ବନ୍ଧୀୟ କରିବା, ଜାଣିବା ଓ ପାଇବା କେବେହେଲେ ପୂରା ହୁଏ ନାହିଁ।

୩୩. ଗୀତାରେ ତ୍ରିବିଧ ଚକ୍ଷୁ

ଚକ୍ଷୁସ୍ତ୍ରିଧାଽମନ୍ୟତ କୃଷ୍ଣଗୀତା ଦିବ୍ୟଂ ତୁ ଚକ୍ଷୁଃ ପ୍ରଭୁଣା ଚ ଦତ୍ତମ୍।
ବିବେକିନାଂ ଜ୍ଞାନମୟଂ ହି ଚକ୍ଷୁରଜ୍ଞାନିନାଂ ଚର୍ମମୟଂ ଚ ଚକ୍ଷୁଃ॥

ଗୀତାରେ ଭଗବାନ ତିନି ପ୍ରକାର ଚକ୍ଷୁର ଅର୍ଥାତ୍ ତିନୋଟି ଦର୍ଶନଶକ୍ତିର ବର୍ଣ୍ଣନା କରିଛନ୍ତି—ସ୍ୱଚକ୍ଷୁ (ଚର୍ମଚକ୍ଷୁ), ଦିବ୍ୟଚକ୍ଷୁ ଓ ଜ୍ଞାନଚକ୍ଷୁ। ପ୍ରାଣୀମାନଙ୍କର ନିଜ ନିଜ ଚକ୍ଷୁରେ ଯେଉଁ ଦେଖିବାର ଶକ୍ତି ଅଛି, ତାହା ହେଉଛି ସେମାନଙ୍କର '**ସ୍ୱଚକ୍ଷୁ**'। ଏହା ବିଷୟରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି ଯେ ତୁମେ ଏହି ସ୍ୱଚକ୍ଷୁ ଦ୍ୱାରା ମୋର ଦିବ୍ୟ ବିଶ୍ୱରୂପକୁ ଦେଖି ପାରିବ ନାହିଁ—'ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା' (୧୧ । ୮)। ତାତ୍ପର୍ଯ୍ୟ ଏହି ଯେ ସ୍ୱଚକ୍ଷୁ ଦ୍ୱାରା ସାଂସାରିକ ବସ୍ତୁଗୁଡ଼ିକୁ ହିଁ ଦେଖି ହୁଏ। ଭଗବାନଙ୍କର ବିରାଟରୂପକୁ ଏବଂ ଶରୀର ଓ ସଂସାରରୁ ନିଜର ପାର୍ଥକ୍ୟକୁ ଏହି ଚକ୍ଷୁ ଦ୍ୱାରା ଦେଖାଯାଇ ପାରେ ନାହିଁ।

ଯେଉଁଥିରେ ଭଗବାନଙ୍କର ଅଲୌକିକ, ଦିବ୍ୟ, ଐଶ୍ୱର୍ଯ୍ୟଯୁକ୍ତ ବିରାଟରୂପକୁ ଦେଖିବାର ଶକ୍ତି ଥାଏ ଏବଂ ଯେଉଁଥିରେ ଭୂତ, ବର୍ତ୍ତମାନ ଓ ଭବିଷ୍ୟତର ବିଷୟଗୁଡ଼ିକୁ ଜାଣିବାର ଓ ପ୍ରାଣୀମାନଙ୍କ ମନରେ

ଉତ୍ପନ୍ନ ହେଉଥିବା ଭାବଗୁଡ଼ିକୁ ଦେଖିବାର ସାମର୍ଥ୍ୟ ଥାଏ, ତାହାକୁ **'ଦିବ୍ୟଚକ୍ଷୁ'** କୁହାଯାଏ। ଗୀତାରେ ଅର୍ଜୁନ ଭଗବାନଙ୍କର କୌଣସି ଏକ ଅଂଶରେ ସ୍ଥିତ ବିଶ୍ୱରୂପକୁ ଦେଖିବାକୁ ଇଚ୍ଛା ପ୍ରକାଶ କଲେ, ତେଣୁ ଭଗବାନ ନିଜର ବିଶ୍ୱରୂପ ଦେଖାଇ ଚାରି ଥର କହିଲେ 'ଦେଖ! ଦେଖ! 'ଦେଖ! ଦେଖ!' କିନ୍ତୁ ଅର୍ଜୁନଙ୍କୁ ବିଶ୍ୱରୂପର ଦର୍ଶନ ହେଲା ନାହିଁ। ତା'ପରେ ଭଗବାନ ଅର୍ଜୁନଙ୍କୁ କହିଲେ ଯେ 'ତୁମେ ସ୍ୱଚକ୍ଷୁ ଦ୍ୱାରା ମୋର ବିଶ୍ୱରୂପକୁ ଦେଖି ପାରିବ ନାହିଁ, ତେଣୁ ମୁଁ ତୁମକୁ ଦିବ୍ୟଚକ୍ଷୁ ଦେଉଛି, ଏହାଦ୍ୱାରା ତୁମେ ମୋର ବିରାଟ ରୂପକୁ ଦେଖ—**'ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍'** (୧୧।୮)। ଏହା କହି ଭଗବାନ ଅର୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କଲେ। ଦିବ୍ୟଚକ୍ଷୁ ସାହାଯ୍ୟରେ ଅର୍ଜୁନ ଭଗବାନଙ୍କର ଅଲୌକିକ ଓ ଦିବ୍ୟ ବିଶ୍ୱରୂପର ଦର୍ଶନ କରି ପାରିଲେ, ଯାହା କି ସାଧାରଣ ମନୁଷ୍ୟଙ୍କ ପାଇଁ ଅତ୍ୟନ୍ତ ଦୁର୍ଲଭ। ତାହାର ମହିମା ବଖାଣି ଭଗବାନ କହିଲେ "ମୁଁ କୃପାକରି ଏହି ତେଜୋମୟ ଦିବ୍ୟରୂପ ଦେଖାଇଲି, ଏହାକୁ ତୁମ ପୂର୍ବରୁ ଅନ୍ୟ କେହି ଦେଖି ନାହାନ୍ତି" (୧୧।୪୭)। ତାତ୍ପର୍ଯ୍ୟ ହେଲା, ବିଶ୍ୱରୂପର ଦର୍ଶନ ଦିବ୍ୟଚକ୍ଷୁ ଦ୍ୱାରା ହିଁ ସମ୍ଭବ, ଚର୍ମଚକ୍ଷୁ ଓ ଜ୍ଞାନଚକ୍ଷୁ ଦ୍ୱାରା ନୁହେଁ।

ସ୍ୱୟଂ ଭଗବାନ ଓ ଭଗବାନଙ୍କ ଦ୍ୱାରା ଅଧିକାର ପ୍ରାପ୍ତ ଭଗବଦ୍‌ସ୍ୱରୂପ କାରକ ମହାପୁରୁଷ ହିଁ କୃପା କରି କୌଣସି କୃପାପାତ୍ରକୁ ଦିବ୍ୟଚକ୍ଷୁ ଦେଇପାରନ୍ତି। ଦିବ୍ୟଚକ୍ଷୁ ଦେବାର ସାମର୍ଥ୍ୟ ପ୍ରତ୍ୟେକ ସନ୍ଥ ମହାତ୍ମାଙ୍କର ନ ଥାଏ। ବେଦବ୍ୟାସ ମହାଭାରତ ଯୁଦ୍ଧ ଆରମ୍ଭରେ ତାଙ୍କର କୃପାପାତ୍ର ସଞ୍ଜୟଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କରିଥିଲେ (୧୮।୭୭)।

ଯାହାଦ୍ୱାରା ନିତ୍ୟ-ଅନିତ୍ୟ, ସଦ୍-ଅସଦ୍, ଜଡ଼-ଚେତନ ସମ୍ବନ୍ଧରେ ଠିକ୍‌ଭାବେ ଜ୍ଞାନ ହୋଇଯାଏ ଏବଂ ଯାହାଦ୍ୱାରା ନିଜ ସ୍ୱରୂପର ଅନୁଭବ ହୋଇଯାଏ, ତାହାକୁ **'ଜ୍ଞାନଚକ୍ଷୁ'** (ବିବେକ ଦୃଷ୍ଟି) କହନ୍ତି। ଗୀତାରେ ଭଗବାନ ଦୁଇଟି ସ୍ଥାନରେ ଜ୍ଞାନଚକ୍ଷୁର ବର୍ଣ୍ଣନା କରିଛନ୍ତି–(୧) ଯେଉଁମାନେ ଜ୍ଞାନଚକ୍ଷୁ ଦ୍ୱାରା କ୍ଷେତ୍ର ଓ କ୍ଷେତ୍ରଜ୍ଞର ଭେଦକୁ ଠିକ୍‌ଭାବେ ଦେଖିପାରନ୍ତି ଏବଂ କାର୍ଯ୍ୟ କାରଣ ସହିତ ସମ୍ପୂର୍ଣ୍ଣ ପ୍ରକୃତିଠାରୁ ନିଜକୁ ଅଲଗା ଅନୁଭବ କରିପାରନ୍ତି, ସେମାନେ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି (୧୩।୩୪); ଏବଂ (୨) ଜନ୍ମିବା, ମରିବା ଓ ଭୋଗ ଉପଭୋଗ କରିବାବେଳେ ମଧ୍ୟ ଏହି ଜୀବାତ୍ମା ସ୍ୱରୂପତଃ ନିର୍ଲିପ୍ତ ହିଁ ରହିଥାଏ—ଏହି କଥାକୁ ଅନୁରାଗପୂର୍ବକ ବିଷୟସେବନ କରୁଥିବା ମୂଢ଼ ଲୋକେ ଜାଣନ୍ତି ନାହିଁ, ବରଂ ଜ୍ଞାନଚକ୍ଷୁସମ୍ପନ୍ନ ଜ୍ଞାନୀ ମନୁଷ୍ୟ ହିଁ ଜାଣି ପାରନ୍ତି (୧୫।୧୦)। ଅତଏବ ଜାଣିବା ଜ୍ଞାନଚକ୍ଷୁ ଦ୍ୱାରା ହିଁ ସମ୍ଭବ, ସ୍ୱଚକ୍ଷୁ ଦ୍ୱାରା ସମ୍ଭବ ନୁହେଁ।

ଭଗବାନ ଓ ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ ମହାପୁରୁଷ ହିଁ ଜ୍ଞାନଚକ୍ଷୁ ଦେଇ ପାରନ୍ତି, ସାଧାରଣ ମନୁଷ୍ୟ ଦେଇ ପାରେ ନାହିଁ। କାରଣ ସାଧାରଣ ମନୁଷ୍ୟ ନିଜେ ତ ଏଭଳି ଜ୍ଞାନଚକ୍ଷୁ ପ୍ରାପ୍ତ ହୋଇ ନ ଥାନ୍ତି, ସେମାନେ ପୁଣି ଅନ୍ୟକୁ ଦେବେ କିପରି? ଶାସ୍ତ୍ରଜ୍ଞ ପଣ୍ଡିତ ମଧ୍ୟ ସଦ୍-ଅସଦ୍‌ର ବିବେଚନା ତ କରିପାରେ, କିନ୍ତୁ କାହାରିକୁ ଜ୍ଞାନଚକ୍ଷୁ ଦେଇପାରେ ନାହିଁ, କାରଣ ସେ ନିଜେ ଏହି ଅନୁଭବ କରିପାରି ନ ଥାଏ। ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ମନୁଷ୍ୟ ଏଭଳି ଜ୍ଞାନଚକ୍ଷୁ ପାଇ ପାରିବ ନାହିଁ। ପ୍ରତ୍ୟେକ ମନୁଷ୍ୟ ଏହି ଜ୍ଞାନଚକ୍ଷୁକୁ ପାଇବାର ଅଧିକାରୀ। କେବଳ ସେତିକି ନୁହେଁ, ଅତ୍ୟନ୍ତ ପାପୀ ମନୁଷ୍ୟ ମଧ୍ୟ ଏହାକୁ ପାଇବାର ଅଧିକାରୀ (୪।୩୬)। କାରଣ ମନୁଷ୍ୟଶରୀର କେବଳ ନିଜର ଉଦ୍ଧାର ନିମିତ୍ତ ମିଳିଅଛି। ଅତଏବ ମନୁଷ୍ୟ ଭକ୍ତି କରି ଏହି ଜ୍ଞାନଚକ୍ଷୁ ଭଗବାନଙ୍କ ଠାରୁ ପାଇପାରେ (୧୦।୧୧) ଅଥବା ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ ମହାପୁରୁଷଙ୍କର ଅନୁକୂଳ ହୋଇ ତାଙ୍କ ଠାରୁ ପାଇପାରେ (୪।୩୪) ଅଥବା ନିଷ୍ଠାପୂର୍ବକ ଶ୍ରଦ୍ଧାଯୁକ୍ତ ହୋଇ ସାଧନା କରି ମଧ୍ୟ ପାଇପାରେ (୪।୩୯)। ଏହି ଜ୍ଞାନଚକ୍ଷୁ ମିଳିଗଲା ପରେ ମୋହ (ଅଜ୍ଞାନାନ୍ଧକାର) ସଦାକାଳ ପାଇଁ ଦୂର ହୋଇଯାଏ (୪।୩୫)।

୩୪. ଗୀତାରେ ତ୍ରିବିଧ ରତି

ସାଧ୍ୟସାଧନରୂପାଭ୍ୟାଂ ପ୍ରସିଦ୍ଧା ରତୟସ୍ତ୍ରିଧା ।
ଆଦୌ ସାଧନରୂପାସ୍ତା ଅନ୍ତତୋ ଯାନ୍ତି ସାଧ୍ୟତାମ୍ ॥

ଗୋଟିଏ ହେଲା 'ଆସକ୍ତି', ଆଉ ଗୋଟିଏ ହେଲା 'ରତି' (ପ୍ରୀତି) । ଏହି ଦୁଇଟି ସମ୍ପୂର୍ଣ୍ଣ ଅଲଗା ଅଲଗା । ଆସକ୍ତିରେ ନିଜର ସୁଖ ପାଇଁ ଇଚ୍ଛା ଥାଏ ଏବଂ ରତିରେ ନିଜ ସୁଖ(ସ୍ୱାର୍ଥ)ର ତ୍ୟାଗ ଓ ଅନ୍ୟମାନଙ୍କର ହିତ ପାଇଁ ଇଚ୍ଛା ରହିଥାଏ । ଆସକ୍ତି ଜଡ଼ତା ପାଇଁ ହୋଇଥାଏ ଏବଂ ରତି ଚିନ୍ମୟ ତତ୍ତ୍ୱ ପାଇଁ ହୋଇଥାଏ । ଆସକ୍ତି ହେତୁ ପତନ ହୋଇଥାଏ ଏବଂ ରତି ଦ୍ୱାରା କଲ୍ୟାଣ ହୋଇଥାଏ । ଆସକ୍ତିରେ ବିନାଶୀ ବସ୍ତୁମାନଙ୍କର ମହତ୍ତ୍ୱ ଥାଏ ଏବଂ ରତିରେ ଅବିନାଶୀ ତତ୍ତ୍ୱର ମହତ୍ତ୍ୱ ରହିଥାଏ । ଆସକ୍ତିରୁ ଅବନତି ହୁଏ ଏବଂ ରତିରୁ ଉନ୍ନତି ହୁଏ । ଆସକ୍ତିରେ ଅନୁରାଗର ସୁଖ ଥାଏ ଏବଂ ରତିରେ ତ୍ୟାଗର ସୁଖ ଥାଏ । ଯଦି ସାତ୍ତ୍ୱିକ ସୁଖରେ ଆସକ୍ତି ହୋଇଯାଏ, ତେବେ ତାହା ମଧ୍ୟ ବନ୍ଧନକାରକ ହୁଏ । ଅତଏବ ମନୁଷ୍ୟ ଭିତରେ କଦାପି ଆସକ୍ତି ନ ରହି ରତି ସ୍ଥାନ ପାଇବା ଉଚିତ । ଗୀତାରେ କର୍ମଯୋଗ, ଜ୍ଞାନଯୋଗ, ଓ ଭକ୍ତିଯୋଗ—ତିନି ଯୋଗରେ ଆସକ୍ତିକୁ ତ୍ୟାଗ କରିବାକୁ କୁହାଯାଇଛି । ଯଥା—କର୍ମଯୋଗରେ **'ମା ତେ ସଙ୍ଗୋଽସ୍ତ୍ୱକର୍ମଣି'** (୨ । ୪୭), **'ସଙ୍ଗଂ ତ୍ୟକ୍ତ୍ୱାଽଽତ୍ମଶୁଦ୍ଧୟେ'** (୫ । ୧୧) ଇତ୍ୟାଦି; ଜ୍ଞାନଯୋଗରେ **'ଅସକ୍ତିରନଭିଷ୍ୱଙ୍ଗଃ'** (୧୩ । ୯), **'ଅସକ୍ତବୁଦ୍ଧିଃ ସର୍ବତ୍ର'** (୧୮ । ୪୯) ଇତ୍ୟାଦି; ଏବଂ ଭକ୍ତିଯୋଗରେ **'ସଙ୍ଗଂ ତ୍ୟକ୍ତ୍ୱା'** (୫ । ୧୦), **'ସଙ୍ଗବର୍ଜିତଃ'** (୧୧ । ୫୫), **'ସଙ୍ଗବିବର୍ଜିତଃ'** (୧୨ । ୧୮) ଇତ୍ୟାଦି ।

ତିନି ଯୋଗରେ ପ୍ରଥମେ ସାଧନାରେ ରତି ହୁଏ, ପୁଣି ସେହି ରତି ନିଜର ଲକ୍ଷ୍ୟ ବା ଧ୍ୟେୟରେ ପରିଣତ ହୋଇଯାଏ; ଯଥା—

କର୍ମଯୋଗୀର ନିଜ କର୍ତ୍ତବ୍ୟକର୍ମରେ ରତି ହୁଏ—**'ସ୍ୱେ ସ୍ୱେ କର୍ମଣ୍ୟଭିରତଃ'** (୧୮ । ୪୫), ତା'ପରେ ସେହି ରତି ନିଜର ସ୍ୱରୂପ ପ୍ରତି ହୋଇଯାଏ—**'ଯସ୍ତ୍ୱାତ୍ମରତିଃ'**(୩ । ୧୭) ।

ଜ୍ଞାନଯୋଗୀ ସମସ୍ତଙ୍କୁ ନିଜର ସ୍ୱରୂପ ମନେକରେ । ତେଣୁ ପ୍ରଥମେ ତା'ର ସମସ୍ତ ପ୍ରାଣୀଙ୍କ ହିତରେ ରତି ହୁଏ—**'ସର୍ବଭୂତହିତେ ରତାଃ'** (୫ । ୨୫; ୧୨ । ୪), ପରେ ସେହି ରତି ନିଜର ସ୍ୱରୂପ ପ୍ରତି ହୋଇଯାଏ—**'ଯୋଽନ୍ତଃସୁଖୋଽନ୍ତରାରାମଃ'** (୫ । ୨୪) ।

ଭକ୍ତିଯୋଗୀର ପ୍ରଥମେ ଭଗବାନଙ୍କ ନାମଜପ, ଯଶକୀର୍ତ୍ତନ, ଗୁଣଗାନ ଇତ୍ୟାଦିରେ ରତି ହୁଏ—**'ରମନ୍ତି'** (୧୦ । ୯), ପରେ ସେହି ରତି ଭଗବାନଙ୍କ ପ୍ରତି ହୋଇଯାଏ—**'ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ'** (୭ । ୧୭) ।

ଆକର୍ଷଣ ଦୁଇ ପ୍ରକାରର—ଗୋଟିଏ ଆକର୍ଷଣ ପରମାତ୍ମାଙ୍କ ଆଡ଼କୁ ହୋଇଥାଏ ଏବଂ ଅନ୍ୟ ଏକ ଆକର୍ଷଣ ସଂସାର ଆଡ଼କୁ ହୋଇଥାଏ । ପରମାତ୍ମାଙ୍କ ଆଡ଼କୁ ଯେଉଁ ଆକର୍ଷଣ ହୁଏ, ସେଥିରେ ସ୍ୱୟଂ (ଚେତନ)ର ପ୍ରାଧାନ୍ୟ ଥାଏ ଏବଂ ସଂସାର ପ୍ରତି ଯେଉଁ ଆକର୍ଷଣ ହୁଏ, ସେଥିରେ ଇନ୍ଦ୍ରିୟମାନେ ଓ ଅନ୍ତଃକରଣ ମୁଖ୍ୟ ହୋଇଥାନ୍ତି । ପ୍ରକୃତରେ ଏହି ଦୁଇ ଆଡ଼କୁ ସ୍ୱୟଂର ହିଁ ଆକର୍ଷଣ ହୋଇଥାଏ, କିନ୍ତୁ ଶରୀର ସହିତ ନିଜର ସମ୍ବନ୍ଧ ମାନିଥିବା ଯୋଗୁଁ ମନୁଷ୍ୟ ଏହି ଦୁଇ ଆକର୍ଷଣର ବିଶ୍ଳେଷଣ କରିପାରେ ନାହିଁ । ଜଡ଼ ଓ ଚେତନର ପାର୍ଥକ୍ୟଗତ ଜ୍ଞାନ ହୋଇଗଲେ ଦୁଇଟିଯାକ ଆକର୍ଷଣର ବିଶ୍ଳେଷଣ ସମ୍ଭବ ହୁଏ ଅର୍ଥାତ୍ ସଂସାରର ଆକର୍ଷଣ ସଂପୂର୍ଣ୍ଣ ଲୋପ ପାଇଯାଏ ଓ ସ୍ୱୟଂ ଯଥାବତ୍ ରହିଯାଏ ।

ଯେଉଁ ଆକର୍ଷଣ ପରମାତ୍ମାଙ୍କ ଆଡ଼କୁ ହୁଏ, ତାହା ରତି, ପ୍ରେମ ଓ ଆତ୍ମୀୟତା ଅଟେ । ଯେଉଁ ଆକର୍ଷଣ ସଂସାର ଆଡ଼କୁ ହୁଏ, ତାହା ଆସକ୍ତି, କାମ ଓ ମମତା ଅଟେ ।

ସପ୍ତମ ଅଧ୍ୟାୟର ୧ମ ଶ୍ଳୋକରେ **'ମଯ୍ୟାସକ୍ତମନାଃ'** ପଦରେ ଭଗବାନଙ୍କ ଠାରେ ମନ ଆସକ୍ତ ହେବା କଥା କୁହାଯାଇଛି । ମନର ଏହି ଆସକ୍ତି ପ୍ରକୃତରେ ରତି (ପ୍ରେମ) ହିଁ ଅଟେ; କାରଣ ସଂସାର ପ୍ରତି ଆସକ୍ତ ହେଲେ ତ ମନ ସଂସାରରେ ଲିପ୍ତ ହୋଇଯାଏ, କିନ୍ତୁ ଭଗବାନଙ୍କ ଠାରେ ଆସକ୍ତ ହେବାପରେ ମନ ଭଗବାନଙ୍କ ଠାରେ ଲୀନ ହୋଇଯାଏ ଅର୍ଥାତ୍ ମନର ସ୍ୱତନ୍ତ୍ର ସତ୍ତା ରହେ ନାହିଁ—

ବିଷୟାନ୍ ଧ୍ୟାୟତଶ୍ଚିତ୍ତଂ ବିଷୟେଷୁ ବିଷଜ୍ଜତେ ।
ମାମନୁସ୍ମରତଶ୍ଚିତ୍ତଂ ମୟ୍ୟେବ ପ୍ରବିଲୀୟତେ ॥

(ଶ୍ରୀମଦ୍ଭା. ୧୧ । ୧୪ । ୨୭)

୩୫. ଗୀତାରେ ବିବିଧ ବିଦ୍ୟା

ବାସୁଦେବେନ ଗୀତାୟାଂ ମନୁଷ୍ୟାଣାଂ ହିତାୟ ହି ।
କଥିତା ବିବିଧା ବିଦ୍ୟା ଦର୍ପଣେ ତୁ ପ୍ରଧାନତଃ ॥

(୧) ଶୋକନିବୃତ୍ତିର ବିଦ୍ୟା—ସାଂସାରିକ ଶୋକ ଦୁଇ ପ୍ରକାରର—ଯେଉଁମାନେ ମରି ଯାଇଛନ୍ତି ସେମାନଙ୍କ ପାଇଁ ଶୋକ ହୁଏ ଏବଂ ଯେଉଁମାନେ ବଞ୍ଚିଛନ୍ତି ସେମାନଙ୍କ ପାଇଁ ମଧ୍ୟ ଶୋକ ହୁଏ । ଶୋକକୁ ଦୂର କରିବା ପାଇଁ ଭଗବାନ ସତ୍ ଓ ଅସତ୍‌ର, ଶରୀରୀ ଓ ଶରୀରର ବିବେକ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ଯାହା ସତ୍, ଅବିନାଶୀ ଓ ଅପରିବର୍ତ୍ତନଶୀଳ, ତାହାର କେବେହେଲେ ଅଭାବ ନ ଥାଏ । ଯାହା ଅସତ୍, ବିନାଶୀ ଓ ପରିବର୍ତ୍ତନଶୀଳ, ତାହାର ଭାବ ନ ଥାଏ ଅର୍ଥାତ୍ ତାହାର ଅଭାବ ହିଁ ହୋଇଥାଏ । ତାତ୍ପର୍ଯ୍ୟ ହେଲା ଯେ ଏହି ଶରୀରରେ ରହିଥିବା ଶରୀରୀ (ଜୀବାତ୍ମା)ର କଦାପି ଅଭାବ ହୁଏ ନାହିଁ । ଯେପରି ଏହି ଶରୀରର କୁମାର, ଯୁବକ ଓ ବୃଦ୍ଧ ଅବସ୍ଥା ହେଉଥିଲେ ମଧ୍ୟ ସେଥିରେ ରହିଥିବା ଜୀବାତ୍ମା ଅପରିବର୍ତ୍ତିତ ରହିଥାଏ, ସେହିପରି ଗୋଟିଏ ଶରୀର ଛାଡ଼ି ଆଉ ଗୋଟିଏ ଶରୀରକୁ ଗ୍ରହଣ କଲେ ମଧ୍ୟ ଜୀବାତ୍ମା ଯଥାବତ୍ ରହିଥାଏ, ତାହାର କିଛି ପରିବର୍ତ୍ତନ ହୁଏ ନାହିଁ । ଏ ସମସ୍ତ ଶରୀର ଉତ୍ପନ୍ନ ଓ ନଷ୍ଟ ହୁଅନ୍ତି, କିନ୍ତୁ ଏହି ଶରୀରମାନଙ୍କରେ ରହିଥିବା ଜୀବାତ୍ମାକୁ କେହି କେବେ ନଷ୍ଟ କରିପାରିବ ନାହିଁ । ଅସତ୍ ଶରୀର ଇତ୍ୟାଦିକୁ ନେଇ ଶୋକ ହୋଇ ନ ପାରେ; କାରଣ ଏସବୁ କଦାପି ସ୍ଥିର ରହନ୍ତି ନାହିଁ । ଶରୀରରେ ରହିଥିବା ସତ୍‌କୁ ନେଇ ମଧ୍ୟ ଶୋକ କରାଯାଇ ପାରେ ନା; କାରଣ ତାହା କଦାପି ନଷ୍ଟ ହୁଏ (ମରେ) ନାହିଁ (୨ । ୧୧—୩୦) ଏହିପରି କହି ଭଗବାନ ଶୋକନିବୃତ୍ତିର ବିଦ୍ୟା ଶିଖାଇଛନ୍ତି ।

ଯେଉଁ ସାଧକ କେବଳ ପରମାତ୍ମାଙ୍କ ସମ୍ମୁଖ ହୋଇଥାଏ, କେବଳ ପରମାତ୍ମାଙ୍କୁ ପାଇବାକୁ ଚାହେଁ, ତାହାଠାରେ ପରମାତ୍ମାଙ୍କ କୃପାରୁ ତାଙ୍କର ସମ୍ପତ୍ତି (ଦୈବୀସମ୍ପତ୍ତି) ଅର୍ଥାତ୍ ସଦ୍‌ଗୁଣ ଓ ସଦାଚାର ସ୍ୱାଭାବିକଭାବେ ଆସିଯାଏ । କିନ୍ତୁ ନିଜଠାରେ ଦୈବୀସମ୍ପତ୍ତିକୁ ଊଣା ଦେଖି ସାଧକ ମନେ ମନେ ଶୋକ ଓ ଚିନ୍ତା କରେ । ତେଣୁ ଭଗବାନ କହିଛନ୍ତି ଯେ ସାଧକ ନିଜ ଭିତରେ ଦୈବୀଗୁଣର ଅଭାବ ଦେଖି ଶୋକ ଓ ଚିନ୍ତା କରିବା ଉଚିତ ନୁହେଁ (୧୬ । ୫) । ତାତ୍ପର୍ଯ୍ୟ ହେଲା ଯେ ସାଧକ ଭଗବାନଙ୍କର ଆଶ୍ରୟ ନେଇ ଦୁର୍ଗୁଣ ଓ ଦୁରାଚାର ତ୍ୟାଗ କରିବା ଉଚିତ ଓ ଭଗବାନଙ୍କୁ ଡାକିବା ଉଚିତ, କିନ୍ତୁ ଶୋକ ଓ ଚିନ୍ତା କଦାପି କରିବା ଉଚିତ ନୁହେଁ ।

ଭଗବାନଙ୍କ ଛଡ଼ା ଅନ୍ୟର ଆଶ୍ରୟ ନେଲେ ହିଁ ଶୋକ ହୋଇଥାଏ । କାରଣ ଅନ୍ୟ ସ୍ଥାୟୀ ନୁହେଁ, କିନ୍ତୁ ମନୁଷ୍ୟ ତାକୁ ରଖିବାକୁ ଚାହେଁ, ସେଥିପାଇଁ ଅନ୍ୟର ବିନାଶରେ ବା ବିନାଶର ଆଶଙ୍କାରେ ମନୁଷ୍ୟକୁ ଶୋକ ହୁଏ । ତେଣୁ ଭଗବାନ କହିଛନ୍ତି, ତୁମେ ସମସ୍ତ ଆଶ୍ରୟ ଛାଡ଼ି କେବଳ ମୋର ଶରଣାପନ୍ନ ହୋଇଯାଅ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଚିନ୍ତା ଓ ଶୋକ କର ନାହିଁ (୧୮ । ୬୬) ।

(୨) କର୍ତ୍ତବ୍ୟକର୍ମ କରିବାର ବିଦ୍ୟା—ମନୁଷ୍ୟର କର୍ତ୍ତବ୍ୟକର୍ମ କରିବାରେ ହିଁ ଅଧିକାର ଅଛି, ଫଳପ୍ରାପ୍ତିରେ ନୁହେଁ (୨ । ୪୭) । କାରଣ ଫଳ ପ୍ରାପ୍ତ କରିବା ମନୁଷ୍ୟର ଅଧୀନ ନୁହେଁ, ତାହା ଭଗବାନଙ୍କ ବିଧାନର ଅଧୀନ । କିନ୍ତୁ ଫଳ ତ୍ୟାଗ କରିବାରେ ମନୁଷ୍ୟ ସର୍ବଥା ସ୍ୱତନ୍ତ୍ର ଓ ସମର୍ଥ । ଭଗବାନ କହିଛନ୍ତି ଯେ ସାଧକ କର୍ମଫଳକୁ ତ୍ୟାଗ କରି ନୈଷ୍ଠିକୀ ଶାନ୍ତି ପ୍ରାପ୍ତ ହୁଏ (୫ । ୧୨) । ତେଣୁ ମନୁଷ୍ୟକୁ ଫଳାସକ୍ତି ତ୍ୟାଗ କରି ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ; କାରଣ ଫଳାସକ୍ତିରହିତ ହୋଇ ନିଜର କର୍ତ୍ତବ୍ୟ ପାଳନ କଲେ ହିଁ ପରମାତ୍ମାଙ୍କୁ ଲାଭ କରି ହୁଏ (୩ । ୧୯) ।

(୩) ତ୍ୟାଗର ବିଦ୍ୟା—ପ୍ରତ୍ୟେକ କର୍ମର ଆରମ୍ଭ ଓ ଶେଷ ଅଛି ଏବଂ ତାହାର ଫଳର ମଧ୍ୟ ସଂଯୋଗ ଓ ବିୟୋଗ ଅଛି । ଅତଏବ ଯେଉଁ କର୍ମ ଓ କର୍ମଫଳ ଆମ ସହିତ ରହିବ ନାହିଁ ଓ ଆମେ ତା'ସହିତ ରହିପାରିବା ନାହିଁ, ସେଭଳି କର୍ମକୁ ନିଜ ସହିତ ରଖିବାର ଇଚ୍ଛା ଓ ତାହାର ଫଳ ପାଇବାର ଇଚ୍ଛା ତ୍ୟାଗ କରି ତତ୍ପରତାପୂର୍ବକ ଶାସ୍ତ୍ରବିହିତ କର୍ତ୍ତବ୍ୟକର୍ମ କରିବା ଉଚିତ (୧୮ । ୯) ।

(୪) **ପାପ ନ ଲାଗିବାର ବିଦ୍ୟା**—ଜୟ-ପରାଜୟ, ଲାଭ-କ୍ଷତି, ସୁଖ-ଦୁଃଖ ଇତ୍ୟାଦିରେ ସମଭାବ ରଖି ନିଜ କର୍ତ୍ତବ୍ୟ ପାଳନ କଲେ ପାପ ଲାଗେ ନାହିଁ (୨।୩୮)। ତାତ୍ପର୍ଯ୍ୟ ଏହି ଯେ ସମତା ଆସିଗଲେ ପୁରୁଣା ପାପ ନଷ୍ଟ ହୋଇଯାଏ ଏବଂ ନୂଆ ପାପ ଲାଗେ ନାହିଁ (୪।୨୩)। ଯେଉଁ ମନୁଷ୍ୟ ସବୁ ପ୍ରକାର ଆଶା ତ୍ୟାଗ କରି କେବଳ ଶରୀରନିର୍ବାହ ବିଷୟକ କାର୍ଯ୍ୟ କରେ, ତାକୁ ମଧ୍ୟ ପାପ ଲାଗେ ନାହିଁ (୪।୨୧)। କାରଣ ତା' ଅନ୍ତରରେ ସୁଖବୁଦ୍ଧି ଓ ଭୋଗବୁଦ୍ଧି ନାହିଁ। ସ୍ୱଭାବନିୟତ ଅର୍ଥାତ୍ ଶାସ୍ତ୍ରନିୟତ କାର୍ଯ୍ୟ କରିବା ଲୋକକୁ ପାପ ଲାଗେ ନାହିଁ (୧୮।୪୭)। ଯାହାର 'ମୁଁ କର୍ମ କରୁଛି' ଏଭଳି ଅହଂକାର ନାହିଁ ଏବଂ ଯାହାର 'ମୋତେ କର୍ମଫଳ ମିଳୁ' ଏପରି ଫଳେଚ୍ଛା ନାହିଁ, ସେହି ମନୁଷ୍ୟ ସମସ୍ତ ପ୍ରାଣୀଙ୍କୁ ମାରି ମଧ୍ୟ ମାରେ ନାହିଁ କି ପାପରେ ବାନ୍ଧି ହୁଏ ନାହିଁ (୧୮।୧୭)।

(୫) **ଭୋଜନ କରିବାର ବିଦ୍ୟା**—ଭୋଜନ କରିସାରିବା ପରେ ପେଟ କଥା ମନେ ପଡ଼ିବା ଉଚିତ ନୁହେଁ। ପେଟ କଥା ଦୁଇଟି କାରଣରୁ ମନେପଡ଼େ—ବେଶୀ ଖାଇଦେଲେ କିମ୍ବା କମ୍ ଖାଇଲେ। ଅତଏବ ଭୋଜନ ବେଶୀ ନ ହେଉ କି କମ୍ ନ ହେଉ, ବରଂ ନିୟମିତ ହେଉ (୬।୧୬-୧୭)। ଭୋଜ୍ୟପଦାର୍ଥ ମଧ୍ୟ ସାତ୍ତ୍ୱିକ ହେବା ଉଚିତ (୧୭।୮)।

ଚତୁର୍ଥ ଅଧ୍ୟାୟର ୨୪ଶ ଶ୍ଲୋକଟିକୁ ଶିଷ୍ଟଜନ ଭୋଜନ ସମୟରେ ବୋଲିଥାନ୍ତି, ଯଦ୍ଦ୍ୱାରା ଭୋଜନରୂପକ କର୍ମ ମଧ୍ୟ ଯଜ୍ଞ ହୋଇଯାଏ।

(୬) **ବିଷୟସେବନର ବିଦ୍ୟା**—ଅନୁରାଗପୂର୍ବକ ବିଷୟଗୁଡ଼ିକର ଚିନ୍ତନ କରିବା ମାତ୍ରେ ମନୁଷ୍ୟର ପତନ ହୋଇଯାଏ (୨।୬୨—୬୩)। କିନ୍ତୁ ନିଜର ବଶୀଭୂତ ହୋଇଥିବା ରାଗଦ୍ୱେଷବିବର୍ଜିତ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟ ସେବନ କଲେ ପ୍ରସନ୍ନତା ପ୍ରାପ୍ତ ହୁଏ ଅର୍ଥାତ୍ ଅନ୍ତଃକରଣ ସ୍ୱଚ୍ଛ ଓ ନିର୍ମଳ ହୋଇଥାଏ ଏବଂ ସମସ୍ତ ଦୁଃଖର ବିନାଶ ଘଟିଥାଏ। ସ୍ୱଚ୍ଛ ଅନ୍ତଃକରଣଯୁକ୍ତ ପୁରୁଷର ବୁଦ୍ଧି ଅତି ଶୀଘ୍ର ପରମାତ୍ମାଙ୍କ ଠାରେ ସ୍ଥିର ହୋଇଯାଏ (୨।୬୪—୬୫)।

(୭) **ଭଗବାନଙ୍କୁ ଅର୍ପଣ କରିବାର ବିଦ୍ୟା**—ଅର୍ପଣ ଦୁଇ ପ୍ରକାରର—ପଦାର୍ଥ ଅର୍ପଣ କରିବା ଓ କ୍ରିୟା ଅର୍ପଣ କରିବା। ଯେଉଁ ମନୁଷ୍ୟ ଶ୍ରଦ୍ଧା ଓ ପ୍ରେମପୂର୍ବକ ପତ୍ର, ପୁଷ୍ପ, ଫଳ, ଜଳ ଆଦି ପଦାର୍ଥ ଭଗବାନଙ୍କୁ ଅର୍ପଣ କରେ, ତାହାଦ୍ୱାରା ଭକ୍ତିପୂର୍ବକ ଦିଆଯାଇଥିବା ସେହି ଉପହାରକୁ ଭଗବାନ ଖାଇଦିଅନ୍ତି (୯।୨୬)। ଯଦି କାହା ପାଖରେ ଭଗବାନଙ୍କୁ ଅର୍ପଣ କରିବା ପାଇଁ ପତ୍ର, ପୁଷ୍ପ ଇତ୍ୟାଦି ମଧ୍ୟ ନାହିଁ, ତେବେ ସେ ଯାହା କିଛି କରେ, ଯାହା କିଛି ଖାଏ, ଯାହା କିଛି ଯଜ୍ଞ କରେ, ଯାହା କିଛି ଦାନ ଦେବାକୁ ଯାହେଁ ଏବଂ ଯାହା କିଛି ତପସ୍ୟା କରେ, ସେ ସମସ୍ତ ଭଗବାନଙ୍କୁ ଅର୍ପଣ କରିଦେବା ଉଚିତ। ଏପରି କଲେ ସେ ସମସ୍ତ ଶୁଭାଶୁଭ କର୍ମମାନଙ୍କରୁ ଓ ବନ୍ଧନଗୁଡ଼ିକରୁ ମୁକ୍ତ ହୋଇଯାଏ (୯।୨୭—୨୮)।

(୮) **ଦାନ କରିବାର ବିଦ୍ୟା**—ପ୍ରାୟ ସମସ୍ତେ କିଛି ନା କିଛି ଦାନ କରନ୍ତି, କିନ୍ତୁ ବିଧିପୂର୍ବକ କରନ୍ତି ନାହିଁ। ଭଗବାନ ଦାନ କରିବାର ବିଦ୍ୟା ଶିଖାଇ କହିଛନ୍ତି ଯେ ଦେଶ, କାଳ ଓ ପାତ୍ର ଉପସ୍ଥିତ ହେଲେ 'ଦେବା ହେଉଛି କର୍ତ୍ତବ୍ୟ'ଏପରି ଭାବି ପ୍ରତ୍ୟୁପକାର ଭାବନା ନ ରଖି ଦାନ କରିବା ଉଚିତ। ଏଭଳି ଦାନ ସାତ୍ତ୍ୱିକ ହୋଇଥାଏ ଓ ଏହି ଦାନ ବନ୍ଧନରୁ ମୁକ୍ତ କରିବା ପାଇଁ ସହାୟକ ହୋଇଥାଏ (୧୭।୨୦)।

(୯) **ଯଜ୍ଞ କରିବାର ବିଦ୍ୟା**—ଯେକୌଣସି ଯଜ୍ଞ କରାଯାଏ, ତାହା ଫଳପ୍ରାପ୍ତିର ଇଚ୍ଛା ତ୍ୟାଗ କରି କରାଗଲେ ଏବଂ 'ଯଜ୍ଞ କରିବା କର୍ତ୍ତବ୍ୟ ଅଟେ' ଏପରି ଭାବନା ରଖି କରାଗଲେ ସେହି ଯଜ୍ଞ ସାତ୍ତ୍ୱିକ ହୁଏ ଏବଂ ଗୁଣାତୀତ କରିବା ପାଇଁ ସମର୍ଥ ହୋଇଥାଏ (୧୭।୧୧)।

(୧୦) **କର୍ମକୁ ସଦ୍‌ରେ ରୂପାନ୍ତର କରିବାର ବିଦ୍ୟା**—ଯଦି କର୍ମକୁ ଭଗବାନଙ୍କ ନିକଟରେ ଅର୍ପଣ କରି ଦିଆଯାଏ, ତେବେ ସବୁକର୍ମ ସଦ୍ ଓ ନିର୍ଗୁଣ ହୋଇଯାଏ (୧୭।୨୭)।

(୧୧) **ପୂଜା କରିବାର ବିଦ୍ୟା**—ମନୁଷ୍ୟ ନିଜର ବର୍ଣ୍ଣ ଓ ଆଶ୍ରମ ଅନୁସାରେ ଯେଉଁ ଶାସ୍ତ୍ରନିୟତ କର୍ମ କରେ, ସେହି କର୍ମଗୁଡ଼ିକୁ ସେ ପରମାତ୍ମାଙ୍କ ପୂଜା ସାମଗ୍ରୀରେ ପରିଣତ କରୁ ଅର୍ଥାତ୍ ନିଜ କର୍ମଗୁଡ଼ିକ ଦ୍ୱାରା ସର୍ବବ୍ୟାପୀ ପରମାତ୍ମାଙ୍କୁ ପୂଜା କରୁ, ସେହି କର୍ମଗୁଡ଼ିକୁ ପରମାତ୍ମାଙ୍କର ପ୍ରୀତ୍ୟର୍ଥ କରୁ ଓ ସେଗୁଡ଼ିକୁ କରିବାରେ ନିଜର କୌଣସି ସ୍ୱାର୍ଥ ନ ରଖୁ (୧୮।୪୬)।

(୧୨) **ସମତା ଆଣିବାର ବିଦ୍ୟା**—ରାଗ ଓ ଦ୍ୱେଷର ବଶବର୍ତ୍ତୀ ହୋଇ କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ (୩।୩୪)। ମନୁଷ୍ୟ ଯେକୌଣସି

କାର୍ଯ୍ୟ କରୁଛି, ଶାସ୍ତ୍ରକୁ ଦୃଷ୍ଟିରେ ରଖି କରୁ, କାରଣ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟର ନିର୍ଣ୍ଣୟ କରିବାରେ ଶାସ୍ତ୍ର ହିଁ ପ୍ରମାଣ (୧୬।୨୪)। ମହାପୁରୁଷଙ୍କର ଆଚରଣ ଓ ବଚନ ଅନୁସାରେ ହିଁ ସମସ୍ତ କ୍ରିୟା କରିବା ଉଚିତ (୩।୨୧)। କର୍ମଗୁଡ଼ିକର ସିଦ୍ଧି ଓ ଅସିଦ୍ଧିରେ ସମ ରହିବା ଉଚିତ (୨।୩୮, ୪୮)। ଏପରି କଲେ ନିଜ ଭିତରେ ସମତା ଆସିଯିବ। ତାତ୍ପର୍ଯ୍ୟ ଏହି ଯେ 'କରିବା'ରେ ରାଗ ଓ ଦ୍ୱେଷ କରିବା ଉଚିତ ନୁହେଁ କିଂବା 'ହେବା'ରେ ହର୍ଷ ଓ ଶୋକ କରିବା ଉଚିତ ନୁହେଁ। ଏପରି 'କରିବା'ରେ ପ୍ରତ୍ୟେକ ମନୁଷ୍ୟ ସ୍ୱତନ୍ତ୍ର ଓ ସମର୍ଥ।

୩୬. ଗୀତା ଓ ସଂସାରରେ ରହିବାର ବିଦ୍ୟା

ପରିସ୍ଥିତିଷୁ ସର୍ବାସୁ ସ୍ଥିତା ମୁଚ୍ୟନ୍ତୁ ବନ୍ଧନାତ୍।
ଏଷା ବିଦ୍ୟା ନବା ପ୍ରୋକ୍ତା ଗୀତାୟାଂ ହରିଣା ସ୍ୱୟମ୍॥

ଭଗବଦ୍‌ଗୀତା ଏକ ଅତ୍ୟନ୍ତ ବିଲକ୍ଷଣ ଗ୍ରନ୍ଥ। ଏହାକୁ ଗଭୀରଭାବେ ଅନୁଧ୍ୟାନ କରି ବୁଝିଲେ ଜଣାପଡ଼େ ଯେ ଯାହାକୁ ତତ୍ତ୍ୱଜ୍ଞାନ, ଭଗବଦ୍ଦର୍ଶନ, ଭଗବତ୍ପ୍ରେମ, କଲ୍ୟାଣ, ମୁକ୍ତି ଓ ଉଦ୍ଧାର କହନ୍ତି, ତାହା ଗୀତା ଅନୁସାରେ ସାଂସାରିକ ଛୋଟବଡ଼ ସବୁ ପ୍ରକାର କାମ କରି ମଧ୍ୟ ମିଳିଯାଏ (୨।୩୮; ୩।୧୯; ୪।୨୦; ୧୮।୫୬)। ବ୍ରହ୍ମଚର୍ଯ୍ୟାଦି ଆଶ୍ରମଗୁଡ଼ିକୁ ପରିବର୍ତ୍ତନ କରିବାର ଏବଂ ଭଜନ, ଧ୍ୟାନ, ଜପ, କୀର୍ତ୍ତନ ଇତ୍ୟାଦି କର୍ମକୁ ପରିବର୍ତ୍ତନ କରିବାର ଯେଉଁ ବିଧି ରହିଛି, ଗୀତା ଅନୁସାରେ ତାହାର ଆବଶ୍ୟକତା ନାହିଁ। ମନୁଷ୍ୟ ଯେଉଁ ବର୍ଣ୍ଣରେ, ଯେଉଁ ଆଶ୍ରମରେ ଓ ଯେଉଁ ସ୍ଥାନରେ ଅଛି, ସେହିଠାରେ ରହି ସେ ନିଷ୍କାମଭାବରେ ତତ୍ପରତାପୂର୍ବକ ନିଜର କର୍ତ୍ତବ୍ୟ ପାଳନ କରି ପରମାତ୍ମପ୍ରାପ୍ତି କରିପାରେ (୧୮।୪୫)। ଏଥିପାଇଁ ଆଶ୍ରମ ଇତ୍ୟାଦିର ନୂତନ ପରିବର୍ତ୍ତନର ଆବଶ୍ୟକତା ନାହିଁ। ତାତ୍ପର୍ଯ୍ୟ ହେଲା ଯେ ଗୀତା ପ୍ରାପ୍ତ ପରିସ୍ଥିତିର ସଦୁପଯୋଗ ଦ୍ୱାରା କଲ୍ୟାଣ ହେବା କଥା କହିଛି ଅର୍ଥାତ୍ ବ୍ୟବହାରିକ କ୍ଷେତ୍ରରେ ପରମାର୍ଥସିଦ୍ଧିର କଳା ଓ ବିଦ୍ୟା ଶିଖାଇଛି। ଏହି ବିଦ୍ୟାରେ ଦୁଇଟି କଥା ମୁଖ୍ୟ—ନିଜର କର୍ତ୍ତବ୍ୟ ପାଳନ କରିବା ଓ ଅନ୍ୟମାନଙ୍କର ଅଧିକାର ରକ୍ଷା କରିବା (୨।୪୭; ୩।୧୦-୧୨)।

ସମ୍ପର୍କୀୟ ଓ କୁଟୁମ୍ବ ଲୋକଙ୍କର ଆମ ଉପରେ ଯେଉଁ ଅଧିକାର ଅଛି, ତାହାକୁ କୌଣସି ପ୍ରତ୍ୟୁପକାର ଭାବନା ଓ ଲୋଭ ନ ରଖି, କୌଣସି ଗ୍ରହର ବଶବର୍ତ୍ତୀ ନ ହୋଇ ରକ୍ଷା କରିବା ଉଚିତ। ଯେଉଁ ପ୍ରକାରେ ସେମାନେ ଖୁସି ହେବେ, ସୁଖୀ ରହିବେ, ସେମାନଙ୍କର କଲ୍ୟାଣ ଓ ହିତ ହେବ, ସେଭଳି କାମ କରିବାବେଳେ ନିଜର ବୁଦ୍ଧି, ବଳ, ଯୋଗ୍ୟତା ଇତ୍ୟାଦି ବିନିଯୋଗ କରିବାରେ କାର୍ପଣ୍ୟ ନ କରିବା ଉଚିତ। ଭଗବାନଙ୍କର ଆଦେଶ ମନେକରି ତତ୍ପରତାପୂର୍ବକ ସେମାନଙ୍କର ସେବା କରିବା ବିଧେୟ। ମାତାପିତାଙ୍କର ଯାହା ଆବଶ୍ୟକତା, ଯାହା ଦାବି, ତାହା ନ୍ୟାୟଯୁକ୍ତ ହୋଇଥିଲେ ଏବଂ ନିଜ ପାଖରେ ତାହାକୁ ପୂର୍ଣ୍ଣ କରିବାର ସାମର୍ଥ୍ୟ ଥିଲେ ପୂର୍ଣ୍ଣ କରିଦେବା ଉଚିତ। କିନ୍ତୁ 'ସେମାନେ ଆମର ଅନୁକୂଳ ହୁଅନ୍ତୁ' ଏଭଳି ଇଚ୍ଛା ଆଦୌ ରଖିବା ଉଚିତ ନୁହେଁ। ସେହିପରି ଭାଇ, ଭାତୃଜ, ସ୍ତ୍ରୀ, ପୁତ୍ର, ଚାକର, ପଡ଼ୋଶୀ ଆଦି ସମସ୍ତଙ୍କର ହିତସାଧନ କରିବା ଆବଶ୍ୟକ। ନିଜ ଘରର ଗାଈ, ବଳଦ, ଓଟ, ମେଣ୍ଢା, ଛେଳି ଇତ୍ୟାଦିଙ୍କର ମଧ୍ୟ ହିତସାଧନ କରିବା ଆବଶ୍ୟକ। ନିଜ ଘରେ ରହୁଥିବା ମୂଷା, ମଶା, ଓଡ଼ଣ ଇତ୍ୟାଦି ଆମକୁ ହଇରାଣ କଲେ ସେମାନଙ୍କ ହାତରୁ ନିଜକୁ ରକ୍ଷା କରିବାର ଅଧିକାର ତ ଆମର ଅଛି, କିନ୍ତୁ ସେମାନଙ୍କୁ ମାରିଦେବାର ଅଧିକାର ଆମର ନାହିଁ। ସେହିପରି ସାପ, ବିଛା ଇତ୍ୟାଦି ବିଷାକ୍ତ ଜୀବ ଆସିଗଲେ ସେମାନଙ୍କୁ ଧରି ନେଇ କୌଣସି ନିରାପଦ ସ୍ଥାନରେ ପହଞ୍ଚାଇ ଦେବାରେ କିଛି ଦୋଷ ନାହିଁ, କିନ୍ତୁ ସେମାନଙ୍କୁ ମାରିଦେବାର ଅଧିକାର ଆମର ନାହିଁ। ଘର ପ୍ରଭୃତି ଉପଯୋଗୀ ବସ୍ତୁଗୁଡ଼ିକର ସଦୁପଯୋଗ କରି ସେଗୁଡ଼ିକର ଉନ୍ନତି ସାଧନ କରିବା ଉଚିତ, କିନ୍ତୁ ଭାବ ଏମିତି ରଖିବା ଉଚିତ ଯେ 'ଆମେ ତ ଏଠିକୁ ଆସିଛୁ, ପୁଣି ଚାଲିଯିବୁ, କିନ୍ତୁ ଏଠାରେ ଆମର ପୁଅନାତି ପ୍ରଭୃତି ରହିବେ। ସେମାନଙ୍କର ସୁବିଧା ପାଇଁ ଘର ଇତ୍ୟାଦିର ଭଲଭାବେ ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ'। ଯଦ୍ୟପି ପୁଅନାତି ମଧ୍ୟ ଏଠାକୁ ଆସିଛନ୍ତି, ପୁଣି ଚାଲିଯିବେ,

ତଥାପି ସେମାନଙ୍କୁ ଆରାମ ଦେବାକୁ ହେବ, ସେମାନଙ୍କର ସେବା ଓ ହିତ କରିବାକୁ ହେବ। ଏହିପରି ନିଜର ସାହି, ଗ୍ରାମ, ପ୍ରଦେଶ ଓ ଦେଶ ଇତ୍ୟାଦିର ମଧ୍ୟ ସେବା କରିବା ଉଚିତ।

ପରମାତ୍ମାଙ୍କ ଅଂଶ ହୋଇଥିବା ହେତୁ 'ସ୍ୱୟଂ' ନିତ୍ୟ ଅଟେ, କିନ୍ତୁ ଯଦି ସେ ଅନିତ୍ୟ ଶରୀର ଇତ୍ୟାଦିକୁ 'ମୁଁ ଓ 'ମୋର' ମାନି ସେମାନଙ୍କର ଅଧୀନ ହୋଇଯାଉଛି, (୧୫।୭) ତେବେ ତାକୁ ସଂସାର ମଧ୍ୟରେ ରହିବାର କୌଶଳ ଠିକ୍‌ରୂପେ ଜଣା ନାହିଁ। ତାକୁ ସଂସାର ମଧ୍ୟରେ ରହିବାର କୌଶଳ ଜଣାଥିଲେ ସେ ଶରୀର ଆଦିରେ ଲିପ୍ତ ହୋଇ ନ ଥାନ୍ତା କି ପରାଧୀନ ହୋଇ ନ ଥାନ୍ତା।

ସଂସାରରେ ହଜାର ହଜାର, ଲକ୍ଷ ଲକ୍ଷ ଘର ରହିଛି, କିନ୍ତୁ ସେଗୁଡ଼ିକ ଭାଙ୍ଗି ପଡ଼ିଲେ ମଧ୍ୟ ଆମ ମନରେ ଦୁଃଖ ହୁଏ ନାହିଁ। ଅତଏବ ଆମେ ସେଗୁଡ଼ିକଠାରୁ ମୁକ୍ତ। କିନ୍ତୁ ଯେଉଁ ଘରଟିକୁ ଆମେ ନିଜର ବୋଲି ଭାବୁ, ସେଥିରେ ବାନ୍ଧି ହୋଇଯାଉ। ଅତଏବ ଘର ଇତ୍ୟାଦିକୁ କେବଳ ବ୍ୟବହାର ନିମିତ୍ତ ନିଜର ବୋଲି ଭାବିବା ଉଚିତ। କୌଣସି ଅଫିସର୍ ତାଙ୍କ ଅଫିସକୁ ଗଲେ ଚଉକି, ଟେବୁଲ ଇତ୍ୟାଦିକୁ ବ୍ୟବହାର କରିବା ପାଇଁ ହିଁ ନିଜର ବୋଲି ଭାବନ୍ତି, ପ୍ରକୃତରେ ସେଗୁଡ଼ିକୁ କେବେ ନିଜର ବୋଲି ଭାବନ୍ତି ନାହିଁ। ସେହିପରି ସଂସାରର ବସ୍ତୁଗୁଡ଼ିକୁ ବ୍ୟବହାର କରିବା ପାଇଁ ହିଁ ଆମେ ନିଜର ବୋଲି ଭାବିବା ଉଚିତ, ଆନ୍ତରିକଭାବେ କଦାପି ସେଗୁଡ଼ିକୁ ନିଜର ଓ ନିଜ ପାଇଁ ଭାବିବା ଉଚିତ ନୁହେଁ। ସେହିପରି କେବଳ ସେବା କରିବା ପାଇଁ ପିତାମାତା ପ୍ରଭୃତିଙ୍କୁ ନିଜର ବୋଲି ଭାବିବାକୁ ହେବ। କେବଳ ସେବା ନିମିତ୍ତ ନିଜର ବୋଲି ଭାବିଲେ ସ୍ୱୟଂ (ସ୍ୱରୂପ) ଲିପ୍ତ ହୁଏ ନାହିଁ।

ଯେପରି କୌଣସି ପଥିକ ରାତିରେ କୌଣସି ଲୋକର ଘରେ ରହିଲେ ସେ ବିବେକ ଦୃଷ୍ଟିରୁ ଭାବେ ଯେ ମୋ ପାଇଁ ଏ ଘରର ଲୋକମାନଙ୍କୁ କୌଣସି କଷ୍ଟ ନ ହେଉ, ତାଙ୍କର ବଳକା ଅନ୍ନରେ ମୁଁ ମୋ କାମ ଚଳାଇ ଦେବି, ରାତିରେ କୌଣସି ଚୋର ବା ଡାକୁ ଆସିଲେ କିମ୍ବା ଏମାନଙ୍କ ଉପରେ କିଛି ବିପତ୍ତି ପଡ଼ିଲେ ମୁଁ ପ୍ରାଣପଣେ ଏମାନଙ୍କର ସାହାଯ୍ୟ କରିବି; ମୁଁ ତ ଆଗନ୍ତୁକ ମାତ୍ର, ଏମାନେ ହେଉଛନ୍ତି ଘରର ମାଲିକ। ସେହିପରି ଆମ୍ଭେମାନେ ଏହି ସଂସାରକୁ ପଥିକ ପରି ଆସିଅଛୁ। ଅତଏବ ନିଜର ନିର୍ବାହ ପାଇଁ ଆମେ କାହାରିକୁ ଟିକିଏ ହେଲେ କଷ୍ଟ ଦେବା ନାହିଁ, ବରଂ ତନ, ମନ, ଧନ, ବିଦ୍ୟା, ବୁଦ୍ଧି, 'ଯୋଗ୍ୟତା, ପଦବୀ, ଅଧିକାର ଇତ୍ୟାଦିକୁ ଅନ୍ୟମାନଙ୍କର ସେବାରେ ବିନିଯୋଗ କରିବା; କାରଣ ଏସବୁ ଜିନିଷ ଆମକୁ ଏଠାରୁ, ଏହି ସଂସାରରୁ ହିଁ ମିଳିଛି। ମିଳିଥିବା ଜିନିଷ ନିଜର ବା ନିଜ ପାଇଁ ନୁହେଁ, ବରଂ ତାହା ଅନ୍ୟମାନଙ୍କ ସେବାରେ ଲଗାଇବା ପାଇଁ ଉଦ୍ଦିଷ୍ଟ। ଅତଏବ ତାହାକୁ ଅନ୍ୟମାନଙ୍କ ସେବାରେ ହିଁ ଖର୍ଚ୍ଚ କରିବା ଉଚିତ।

ତାତ୍ପର୍ଯ୍ୟ ହେଲା ଯେ ସଂସାର ଭିତରେ ନିଜ ପାଇଁ ନ ରହି ସଂସାର ପାଇଁ ରହିବା ଉଚିତ। ଏହା ହେଉଛି ସଂସାରରେ ରହିବାର ବିଦ୍ୟା।

୩୭. ଗୀତାରେ ବିବିଧ ଆଦେଶ

ଦୁର୍ଯ୍ୟୋଧନେନ କୃଷ୍ଣେନ ବ୍ରହ୍ମଣା ଫାଲ୍‌ଗୁନେନ ଚ।
ଯା ଯା ଆଜ୍ଞାଶ୍ଚ ସଂଦତ୍ତାସ୍ତତାତ୍ପର୍ଯ୍ୟଂ ଚ କଥ୍ୟତେ ॥

ଗୀତାରେ ଦୁର୍ଯ୍ୟୋଧନ ଦ୍ରୋଣାଚାର୍ଯ୍ୟଙ୍କୁ ଭଲଭାବରେ ଯୁଦ୍ଧ କରିବା ପାଇଁ ଓ ସେନାନାୟକମାନଙ୍କୁ ଭୀଷ୍ମଙ୍କୁ ରକ୍ଷା କରିବା ପାଇଁ ଆଦେଶ ଦେଇଛନ୍ତି। ଅର୍ଜୁନ ରଥୀଭାବରେ ସାରଥିରୂପକ ଭଗବାନଙ୍କୁ ଆଦେଶ ଦେଇଛନ୍ତି। ବ୍ରହ୍ମା ସର୍ଗର ଆରମ୍ଭରେ ଦେବତା ଓ ମନୁଷ୍ୟମାନଙ୍କୁ ନିଜ ନିଜର କର୍ତ୍ତବ୍ୟକର୍ମରୂପକ ଯଜ୍ଞ ପାଳନ କରିବା ପାଇଁ ଆଦେଶ ଦେଇଛନ୍ତି। ଭଗବାନ ଜ୍ଞାନୀମାନଙ୍କୁ କର୍ତ୍ତବ୍ୟକର୍ମର ଉପେକ୍ଷା ନ କରିବାକୁ ଆଦେଶ ଦେଇଛନ୍ତି। ଅର୍ଜୁନ ଯୁଦ୍ଧ କରିବାକୁ ମନା କରିବାରୁ ଭଗବାନ ଅର୍ଜୁନଙ୍କୁ ଆଶ୍ୱାସନାପୂର୍ବକ ଅନେକ ଥର ଆଦେଶ ଦେଇଛନ୍ତି।

ଦୁର୍ଯ୍ୟୋଧନ ଦ୍ରୋଣାଚାର୍ଯ୍ୟଙ୍କୁ ପାଣ୍ଡବମାନଙ୍କର ବିଶାଳ ସୈନ୍ୟବାହିନୀକୁ ଦେଖିବାକୁ କହିଲେ—'ପଶ୍ୟ' (୧।୩)। ଉଦ୍ଦେଶ୍ୟ ଯେ ଆପଣ ସୈନ୍ୟବାହିନୀକୁ ଭଲଭାବରେ

ଦେଖନ୍ତୁ। ଆପଣ ଏହାକୁ ସାମାନ୍ୟ ବୋଲି ଭାବି ବେଖାତିର କରନ୍ତୁ ନାହିଁ, କାରଣ ଏହା ଯୁଦ୍ଧର ବିଷୟ। ଏହି ସୈନ୍ୟବାହିନୀରେ ବଡ଼ ବଡ଼ ଶୂରବୀର ଅଛନ୍ତି। ତେଣୁ ଆପଣ ସାବଧାନ ରହନ୍ତୁ।

ପାଣ୍ଡବମାନଙ୍କର ସୈନ୍ୟବାହିନୀ ସମ୍ମୁଖଭାଗରେ ଉପସ୍ଥିତ ଥିଲା, ତେଣୁ ଦୁର୍ଯ୍ୟୋଧନ **'ପଶ୍ୟ'** ବୋଲି କହିଲେ। କିନ୍ତୁ ନିଜର ସୈନ୍ୟବାହିନୀ ଦ୍ରୋଣାଚାର୍ଯ୍ୟଙ୍କର ପଛପଟରେ ଥିବାରୁ ଦୁର୍ଯ୍ୟୋଧନ **'ନିବୋଧ'** (୧।୭) କ୍ରିୟା ପ୍ରୟୋଗ କରି କହିଲେ ଯେ ଆପଣ ଆମ ସୈନ୍ୟବାହିନୀକୁ ମଧ୍ୟ ବୁଝିନିଅନ୍ତୁ (ଧ୍ୟାନ ଦିଅନ୍ତୁ)। ଟିକେ ଭାବିନିଅନ୍ତୁ ଯେ ଆମର ସୈନ୍ୟବାହିନୀ ମଧ୍ୟ ବଳ ଇତ୍ୟାଦିରେ କିଛି କମ୍ ନୁହେଁ। ତା'ପରେ ଦୁର୍ଯ୍ୟୋଧନ ନିଜ ନିଜ ସ୍ଥାନରେ ଛିଡ଼ା ହୋଇଥିବା ସମସ୍ତ ସେନାନାୟକମାନଙ୍କୁ ପିତାମହ ଭୀଷ୍ମଙ୍କର ସୁରକ୍ଷା ପାଇଁ ଆଦେଶ ଦେଲେ—**'ଅଭିରକ୍ଷନ୍ତୁ'** (୧।୧୧)। ସେ ଭାବିଲେ, ଭୀଷ୍ମଙ୍କର ସୁରକ୍ଷା ହେଲେ ଆମ ସମସ୍ତଙ୍କର ରକ୍ଷା ହୋଇଯିବ ଏବଂ ସେ ସେନାପତି ହୋଇଥିବାରୁ ଆମର ବିଜୟ ମଧ୍ୟ ହୋଇଯିବ। ଏହିପରି ଦୁର୍ଯ୍ୟୋଧନ ଦ୍ରୋଣାଚାର୍ଯ୍ୟଙ୍କୁ **'ପଶ୍ୟ'** ଓ **'ନିବୋଧ'** ପଦ ଦ୍ୱାରା ଯେଉଁ ଆଦେଶ ଦେଇଛନ୍ତି, ତାହା ସମ୍ମାନର ସହିତ ଦେଇଛନ୍ତି; ଏହାର ପ୍ରମାଣ ହେଲା, ଦୁର୍ଯ୍ୟୋଧନ ନିଜେ ରାଜା ହୋଇଥିଲେ ମଧ୍ୟ ଦ୍ରୋଣାଚାର୍ଯ୍ୟଙ୍କ ପାଖକୁ ଯାଇଛନ୍ତି ଓ **'ଆଚାର୍ଯ୍ୟ'** ସମ୍ବୋଧନ କରି ସମ୍ମାନପୂର୍ବକ କହିଛନ୍ତି। ଅତଏବ ଏହି ଆଦେଶ ଏକପ୍ରକାର ପ୍ରାର୍ଥନା ହିଁ ଅଟେ।

ଅର୍ଜୁନ **'ରଥଂ ସ୍ଥାପୟ'** (୧।୨୧) ପଦରେ ଭଗବାନଙ୍କୁ ଦୁଇ ସେନା ମଧ୍ୟରେ ରଥ ଛିଡ଼ା କରିବାକୁ ଆଦେଶ ଦେଇଛନ୍ତି। ଯଦ୍ୟପି ଅର୍ଜୁନଙ୍କ ମନରେ ଭଗବାନଙ୍କ ପ୍ରତି ବିଶେଷ ସମ୍ମାନ ଅଛି, ତଥାପି ଭଗବାନ ସାରଥି ହୋଇଥିବାରୁ ଅର୍ଜୁନ ରଥୀର କର୍ତ୍ତବ୍ୟ ନିର୍ବାହ କରି ତାଙ୍କୁ ଆଦେଶ ଦେଇଛନ୍ତି। ସେହିପରି **'ବ୍ରୂହି'** (୨।୭; ୫।୧), **'ଶାଧି'** (୨।୭), **'ବଦ'** (୩।୨), **'କଥୟ'** (୧୦।୧୮), **'ଦର୍ଶୟ'** (୧୧।୪,୪୫), **'ପ୍ରସୀଦ'** (୧୧।୨୫,୩୧,୪୫), ଓ **'ଭବ'** (୧୧।୪୬) ପଦଗୁଡ଼ିକରୁ ମଧ୍ୟ ଅର୍ଜୁନ ଭଗବାନଙ୍କୁ ଆଦେଶ ଦେଇଥିବା ପରି ଜଣାପଡୁଛି, କିନ୍ତୁ ପ୍ରକୃତରେ ଏହା ଆଦେଶ ନୁହେଁ, ବରଂ ପ୍ରାର୍ଥନା; କାରଣ ବ୍ୟାକରଣରେ **'ଲୋଟ୍'** ଲକାର 'ପ୍ରାର୍ଥନା' ଅର୍ଥରେ ମଧ୍ୟ ପ୍ରଯୁକ୍ତ ହୁଏ।

ବ୍ରହ୍ମା ସୃଷ୍ଟିର ରଚୟିତା ଅଟନ୍ତି। ଅତଏବ ସେ ଚାହାନ୍ତି ଯେ ସୃଷ୍ଟିର ସଂଚାଳନ ସୁଚାରୁରୂପେ ହେଉ, ଯାହା କି ମନୁଷ୍ୟ ଓ ଦେବତାମାନଙ୍କ ଭିତରେ ପାରସ୍ପରିକ ସ୍ନେହଭାବ ରହିଲେ ହିଁ ସମ୍ଭବ ହେବ। ତେଣୁ ବ୍ରହ୍ମା **'ପ୍ରସବିଷ୍ୟଧ୍ୱମ୍'** ଓ **'ଭାବୟତ'** (୩।୧୦—୧୧) ପଦରେ ମନୁଷ୍ୟଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ କର୍ତ୍ତବ୍ୟକର୍ମରୂପକ ଯଜ୍ଞ ଦ୍ୱାରା ନିଜର ବୃଦ୍ଧି କର ଓ ଏହି ଯଜ୍ଞ ଦ୍ୱାରା ତୁମେମାନେ ଦେବତାମାନଙ୍କୁ ମଧ୍ୟ ଉନ୍ନତ କର। ପୁଣି **'ଭାବୟନ୍ତୁ'** (୩।୧୧) ପଦରେ ଦେବତାମାନଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ ନିଜ ନିଜର ଅଧିକାର ଅନୁସାରେ ମନୁଷ୍ୟମାନଙ୍କୁ ଉନ୍ନତ କର। ଏହିପରି ପରସ୍ପରକୁ ଉନ୍ନତ କରି ତୁମେମାନେ ପରମ ଶ୍ରେୟକୁ ପ୍ରାପ୍ତ ହେବ।

ଜ୍ଞାନୀ ମହାପୁରୁଷ ପାଇଁ ଭଗବାନ ଆଜ୍ଞା ଦେଇଛନ୍ତି ଯେ, ମୁଁ ଯେପରି କର୍ତ୍ତବ୍ୟକର୍ମକୁ ଉପେକ୍ଷା କରୁ ନାହିଁ (୩।୨୨।୨୪), ଜ୍ଞାନୀ ମଧ୍ୟ ସେହିପରି କର୍ମକୁ ଉପେକ୍ଷା ନ କରୁ; ବରଂ କର୍ମରେ ଆସକ୍ତ ଅଜ୍ଞାନୀ ପୁରୁଷ ଯେପରି ତତ୍ପରତାପୂର୍ବକ କର୍ମ କରନ୍ତି, ସେ ସେହିପରି ତତ୍ପରତାପୂର୍ବକ ଲୋକସଂଗ୍ରହକୁ ଧ୍ୟାନରେ ରଖି ଓ ଆସକ୍ତିରହିତ ହୋଇ କର୍ତ୍ତବ୍ୟକର୍ମ କରୁ—**'କୁର୍ଯ୍ୟାତ୍'** (୩।୨୫)। ଜ୍ଞାନୀ ପୁରୁଷ କର୍ମାସକ୍ତ ମନୁଷ୍ୟମାନଙ୍କ ଅନ୍ତରରେ 'ଜ୍ଞାନ ତୁଳନାରେ କର୍ମ ତୁଚ୍ଛ, କର୍ମ କରିବା ଲୋକ ଅଯୋଗ୍ୟ, ତଳ ସ୍ତରର ଓ ଜ୍ଞାନର ଅଧିକାରୀ ହେଉଛି ବଡ଼' ଇତ୍ୟାଦି ଭେଦବୁଦ୍ଧି ଉତ୍ପନ୍ନ କରିବା ଉଚିତ ନୁହେଁ—**'ନ ବୁଦ୍ଧିଭେଦଂ ଜନୟେତ୍'** (୩।୨୬), ବରଂ ସେମାନଙ୍କ ଦ୍ୱାରା ମଧ୍ୟ ସେହିଭଳି ଅନାସକ୍ତ ଭାବରେ କର୍ମ କରାଇବା ଉଚିତ—**'ଜୋଷୟେତ୍'** (୩।୨୬)। ଜ୍ଞାନୀ କର୍ମ ନ କଲେ ମଧ୍ୟ କିଛି କଥା ନାହିଁ, କିନ୍ତୁ ଅତି କମ୍‌ରେ ସେ ନିଜ ବଚନ ଓ ଭାବ ଦ୍ୱାରା ଅଜ୍ଞାନୀ ମନୁଷ୍ୟମାନଙ୍କୁ କର୍ତ୍ତବ୍ୟକର୍ମରୁ ବିଚଳିତ କରାଇବା ଉଚିତ ନୁହେଁ—**'ନ ବିଚାଳୟେତ୍'** (୩।୨୯)। ତାତ୍ପର୍ଯ୍ୟ ହେଲା, କର୍ମରେ ଆସକ୍ତ ମନୁଷ୍ୟ କର୍ତ୍ତବ୍ୟକର୍ମରୁ ବିଚଳିତ ଯେପରି ହୋଇ ନ ଯାଏ, ସେ ବିଷୟରେ ଜ୍ଞାନୀପୁରୁଷମାନଙ୍କୁ ବିଶେଷ ଯତ୍ନଶୀଳ ଓ ସାବଧାନ ରହିବା ଉଚିତ।

ଗୀତାରେ ଭଗବାନ ଅର୍ଜୁନଙ୍କୁ ଅନେକ ଆଦେଶ ଦେଇଛନ୍ତି; ଯଥା—ଅର୍ଜୁନ ଯୁଦ୍ଧ କରିବାକୁ ଚାହୁଁ ନ ଥିଲାବେଳେ ଭଗବାନ **'ଉତ୍ତିଷ୍ଠ'** (୨।୩୭; ୪।୪୨), **'ଯୁଦ୍ଧାୟ ଯୁଜ୍ୟସ୍ୱ'** (୨।୩୮), **'ଯୁଧ୍ୟସ୍ୱ'** (୩।୩୦; ୧୧।୩୪) ଓ **'ଯୁଧ୍ୟ'** (୮।୭) ପଦମାନଙ୍କରେ ଅର୍ଜୁନଙ୍କୁ ଯୁଦ୍ଧ

କରିବାକୁ ଆଦେଶ ଦେଇଛନ୍ତି । ଅର୍ଜୁନ ଆଜ୍ଞାପାଳକ ଥିଲେ । ଅର୍ଜୁନଙ୍କୁ ଯେଉଁଠି ଭଗବାନଙ୍କ କଥା ପସନ୍ଦ ଲାଗେ ନାହିଁ, ସେଠାରେ ସେ କହିଦିଅନ୍ତି 'ଭଗବନ୍! ଆପଣ ମୋତେ ଘୋର କର୍ମରେ ଲଗାଉଛନ୍ତି କାହିଁକି?' (୩ । ୧) । ଏଥିରୁ ପ୍ରମାଣିତ ହୁଏ ଯେ ଭଗବାନଙ୍କ ନିର୍ଦ୍ଦେଶକ୍ରମେ ଅର୍ଜୁନ ନିଜର କଲ୍ୟାଣ ନିମିତ୍ତ ଯୁଦ୍ଧ ପରି ଘୋର କର୍ମରେ ମଧ୍ୟ ପ୍ରବୃତ୍ତ ହୋଇ ପାରନ୍ତି ଅର୍ଥାତ୍ ଭଗବାନ ଆଦେଶ ଦେଲେ ସେ ତାକୁ ଟାଳିବେ ନାହିଁ, ବରଂ ସେହିପରି କରିବେ ।

ଭଗବାନ ଅର୍ଜୁନଙ୍କୁ କର୍ମଯୋଗ ବିଷୟରେ ନିମ୍ନୋକ୍ତ ଆଦେଶମାନ ଦେଇଛନ୍ତି—**'ବିଦ୍ଧି'** (୩ । ୩୭; ୪ । ୧୩, ୩୨; ୬ । ୨), **'ମା କର୍ମଫଳହେତୁର୍ଭୂଃ'** (୨ । ୪୭), **'ଯୋଗସ୍ଥଃ କୁରୁ କର୍ମାଣି'** (୨ । ୪୮), **'ଯୋଗାୟ ଯୁଜ୍ୟସ୍ୱ'** (୨ । ୫୦), **'ନିୟତଂ କୁରୁ କର୍ମ'** (୩ । ୮), **'ସମାଚର'** (୩ । ୯, ୧୯), **'କୁରୁ କର୍ମୈବ'** (୪ । ୧୫) ଇତ୍ୟାଦି । ଜ୍ଞାନଯୋଗ ବିଷୟରେ ନିମ୍ନୋକ୍ତ ଆଦେଶମାନ ଦେଇଛନ୍ତି—**'ବିଦ୍ଧି'** (୨ । ୧୭; ୪ । ୩୪; ୧୩ । ୨, ୧୯, ୨୬), **'ଶୃଣୁ'** (୧୩ । ୩) ଇତ୍ୟାଦି । ଭକ୍ତିଯୋଗ ବିଷୟରେ ନିମ୍ନୋକ୍ତ ଆଦେଶମାନ ଦେଇଛନ୍ତି—**'ବିଦ୍ଧି'** (୭ । ୫, ୧୦, ୧୨; ୧୦ । ୨୪, ୨୭), **'ଶୃଣୁ'** (୭ । ୧; ୧୦ । ୧), **'ମାମନୁସ୍ମର'** (୮ । ୭), **'ପଶ୍ୟ ମେ ଯୋଗମୈଶ୍ୱରମ୍'** (୯ । ୫; ୧୧ । ୮), **'ଉପଧାରୟ'** (୭ । ୬; ୯ । ୬), **'କୁରୁଷ୍ୱ'** (୯ । ୨୭), **'ପ୍ରତିଜାନୀହି'** (୯ । ୩୧), **'ଭଜସ୍ୱ ମାମ୍'** (୯ । ୩୩), **'ନିବେଶୟ'** (୧୨ । ୮), **'ଇଚ୍ଛ'** (୧୨ । ୯), **'ମା ଶୁଚଃ'** (୧୬ । ୫; ୧୮ । ୬୬) ଇତ୍ୟାଦି । ସମତାରେ ସ୍ଥିତ ହେବା ପାଇଁ ନିମ୍ନୋକ୍ତ ଆଦେଶମାନ ଦେଇଛନ୍ତି—**'ତସ୍ମାଦ୍‌ଯୋଗୀ ଭବାର୍ଜୁନ'** (୬ । ୪୬), **'ଯୋଗଯୁକ୍ତୋ ଭବାର୍ଜୁନ'** (୮ । ୨୭) । ଏହାଛଡ଼ା ଅନ୍ୟ ବିଷୟମାନଙ୍କରେ ମଧ୍ୟ ଭଗବାନ କେତେକ ଆଦେଶ ଦେଇଛନ୍ତି; ଯଥା—**'କୁରୂନ୍ ପଶ୍ୟ'** (୧ । ୨୫), **'କ୍ଲୈବ୍ୟଂ ମା ସ୍ମ ଗମଃ'** (୨ । ୩), **'ତିତିକ୍ଷସ୍ୱ'** (୨ । ୧୪), **'ଯଶୋ ଲଭସ୍ୱ'** (୧୧ । ୩୩) ଇତ୍ୟାଦି ।

ଉପର୍ଯ୍ୟୁକ୍ତ ଆଦେଶଗୁଡ଼ିକ ବିଷୟରେ କେତୋଟି କଥା ବୁଝିବା ଆବଶ୍ୟକ । ଯେଉଁଠି ଅର୍ଜୁନ ପ୍ରଶ୍ନ କରିଛନ୍ତି, ସେଠାରେ ଭଗବାନ ସେହି ପ୍ରଶ୍ନର ଉତ୍ତର ଦେଇ ସେହି ଅନୁସାରେ ଆଦେଶ ଦେଇଛନ୍ତି । କିନ୍ତୁ ଯେଉଁଠି ଭଗବାନ ନିଜ ତରଫରୁ ଆଦେଶ ଦେଇଛନ୍ତି, ସେଠାରେ ଅର୍ଜୁନଙ୍କ ପାଇଁ ଭକ୍ତିଯୋଗର ହିଁ ଆଦେଶ ଦେଇଛନ୍ତି ।

ଭଗବାନ ଯେଉଁଠି ଆଦେଶ ଦେଇଛନ୍ତି, ସେଠାରେ ସେ ତାଙ୍କ ସହିତ ଯୁକ୍ତ ରହିବାକୁ କହିଛନ୍ତି ଓ ସଂସାର ପ୍ରତି ଅନୁରାଗକୁ ଦୂର କରିବା ପାଇଁ ମଧ୍ୟ କହିଛନ୍ତି । ଯେଉଁଠି ଭଗବାନ କେବଳ ସାଂସାରିକ ଅନୁରାଗକୁ ଦୂର କରିବା ପାଇଁ ଆଦେଶ ଦେଇଛନ୍ତି, ସେଠାରେ ମଧ୍ୟ ଭଗବାନଙ୍କ ଉଦ୍ଦେଶ୍ୟ ସାଂସାରିକ ଅନୁରାଗକୁ ଦୂର କରି ତାଙ୍କଠାରେ ସଂଯୁକ୍ତ କରାଇବା । ଅନ୍ୟ ଦୃଷ୍ଟିରେ ଦେଖିଲେ ଭଗବାନ ଯେଉଁଠି ଭକ୍ତିର (ତାଙ୍କଠାରେ ସଂଯୁକ୍ତ ହେବାର) ଆଦେଶ ଦେଇଛନ୍ତି, ସେଠାରେ ତ ଭକ୍ତି ନିଶ୍ଚୟ ରହିଛି, ଏପରି କି ଯେଉଁଠି କର୍ମଯୋଗର (ସାଂସାରିକ ଅନୁରାଗ ଦୂର କରିବାକୁ) ଆଦେଶ ଦେଇଛନ୍ତି, ସେଠାରେ ମଧ୍ୟ ଭଗବାନଙ୍କ ଆଦେଶ ଥିବା ହେତୁ ଭକ୍ତି ହିଁ ରହିଛି ।

ଭଗବାନ ଯେଉଁଠି ଜ୍ଞାନର ଆଦେଶ ଦେଇଛନ୍ତି, ସେଠାରେ ମଧ୍ୟ ସଂସାରରୁ ଅନୁରାଗ ଦୂର କରିବାର ଓ ନିଜଠାରେ ଯୁକ୍ତ କରାଇବାର ଭାବ ନିହିତ । ଏହି ଭାବ ଗୀତାରେ କେଉଁଠି ଆଦେଶ ରୂପରେ, କେଉଁଠି ବିବେକ ରୂପରେ ଓ କେଉଁଠି ଭାବ ରୂପରେ ଦେଖିବାକୁ ମିଳେ ।

୩୮. ଗୀତାରେ ବିଭିନ୍ନ ମତ

କୃଷ୍ଣସ୍ୟ ଫାଲ୍‌ଗୁନସ୍ୟାପି ସିଦ୍ଧସ୍ୟ ସଂଜୟସ୍ୟ ଚ ।
ଭକ୍ତସାଧକୟୋଶ୍ଚୈବାଭକ୍ତାସାଧକୟୋର୍ମତମ୍ ॥

୧. ଭଗବାନଙ୍କର ମତ

ଭଗବାନଙ୍କ ମତରେ ଭକ୍ତିର ମହତ୍ତ୍ୱ ଅଧିକ ଅର୍ଥାତ୍ ଭଗବାନ ତାଙ୍କ ପ୍ରତି ଭକ୍ତିକୁ ବେଶୀ ଗୁରୁତ୍ୱ ଦିଅନ୍ତି ଏବଂ ତାହାକୁ ସର୍ବଶ୍ରେଷ୍ଠ ମନେକରନ୍ତି । ଅବଶ୍ୟ ଭଗବାନ ଜ୍ଞାନଯୋଗ, ଧ୍ୟାନଯୋଗ, ଗୀତାଧ୍ୟୟନ ଇତ୍ୟାଦି ପ୍ରସଙ୍ଗରେ ମଧ୍ୟ ପ୍ରତ୍ୟେକର ଶ୍ରେଷ୍ଠତ୍ୱ ବ୍ୟକ୍ତ କରିଛନ୍ତି, କିନ୍ତୁ ଭକ୍ତି ଭଳି ନୁହେଁ ।

ତୃତୀୟ ଅଧ୍ୟାୟର ୩୦ ଶ ଶ୍ଳୋକରେ ଭଗବାନ

ଭଗବଦ୍‌ଭକ୍ତି କଥା କହିଲେ ଏବଂ ସେହି କଥାକୁ ସେ ୩୧ଶ ଓ ୩୨ଶ ଶ୍ଳୋକରେ ଅନ୍ୱୟ ଓ ବ୍ୟତିରେକ ଶୈଳୀରେ ପୁଷ୍ଟ କରି କହିଲେ ଯେ ଯେଉଁମାନେ ଦୋଷଦୃଷ୍ଟିଶୂନ୍ୟ ହୋଇ ଶ୍ରଦ୍ଧାପୂର୍ବକ ମୋର ଏହି ମତ ଅନୁସାରେ ଆଚରଣ କରନ୍ତି, ସେମାନେ କର୍ମବନ୍ଧନରୁ ମୁକ୍ତ ହୋଇଯାଆନ୍ତି; ମାତ୍ର ଦୋଷଦୃଷ୍ଟି ଓ ଅଶ୍ରଦ୍ଧା କରୁଥିବା ଯେଉଁ ମନୁଷ୍ୟମାନେ ମୋର ଏହି ମତ ଅନୁସାରେ ଆଚରଣ କରନ୍ତି ନାହିଁ, ସେମାନଙ୍କର ପତନ ହୋଇଥାଏ।

ଧ୍ୟାନଯୋଗୀର ଦୃଷ୍ଟି ବିଷୟରେ ବର୍ଣ୍ଣନା କରି ଭଗବାନ କହିଲେ ଯେ ଯେଉଁ ଧ୍ୟାନଯୋଗୀ ନିଜ ଶରୀର ଭଳି ସମସ୍ତଙ୍କୁ ସମାନ ଦେଖେ ଏବଂ ସୁଖଦୁଃଖକୁ ମଧ୍ୟ ସମାନ ଦେଖେ, ସେହି ଯୋଗୀ ଶ୍ରେଷ୍ଠ ବିବେଚିତ ହୁଏ (୬।୩୨)।

ଧ୍ୟାନଯୋଗର ବର୍ଣ୍ଣନା ଶୁଣି ଯେତେବେଳେ ଅର୍ଜୁନ ମନର ଚଞ୍ଚଳତା ଦୂର କରିବାକୁ ବଡ଼ କଠିନ କାର୍ଯ୍ୟ ବୋଲି କହିଛନ୍ତି, ସେତେବେଳେ ଭଗବାନ ଅଭ୍ୟାସ ଓ ବୈରାଗ୍ୟକୁ ମନର ଚଞ୍ଚଳତା ଦୂର କରିବାର ଦୁଇଟି ଉପାୟ ବୋଲି କହିବା ସଙ୍ଗେ ସଙ୍ଗେ ଏ ବିଷୟରେ ନିଜର ମତ ବ୍ୟକ୍ତ କରିଛନ୍ତି ଯେ "ଯାହାର ମନ ବଶୀଭୂତ (ସଂଯତ) ନୁହେଁ, ତାହାଦ୍ୱାରା ଧ୍ୟାନଯୋଗ ସିଦ୍ଧ ହେବା କଠିନ କାର୍ଯ୍ୟ ଏବଂ ଯାହାର ମନ ବଶୀଭୂତ, ତାହାଦ୍ୱାରା ଧ୍ୟାନଯୋଗ ସିଦ୍ଧ ହୋଇଯାଏ—ଏହା ମୋର ମତ" (୬।୩୬)।

ଯୋଗଭ୍ରଷ୍ଟ ବିଷୟରେ ଅର୍ଜୁନଙ୍କ ସନ୍ଦେହର ସମାଧାନ କରିସାରି ଭଗବାନ କହୁଛନ୍ତି, ମୋ'ଠାରେ ନିବିଷ୍ଟଚିତ୍ତ ହୋଇ ଯେଉଁ ଭକ୍ତ ଶ୍ରଦ୍ଧା ଓ ପ୍ରେମର ସହିତ ମୋର ଭଜନ କରେ, ମୋ ମତରେ ସେ ଜ୍ଞାନଯୋଗୀ, କର୍ମଯୋଗୀ ପ୍ରଭୃତି ସମସ୍ତ ଯୋଗୀଙ୍କ ଠାରୁ ଶ୍ରେଷ୍ଠ (୬।୪୭)।

ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ (ପ୍ରେମୀ)—ଏହି ଚାରିପ୍ରକାର ଭକ୍ତଙ୍କୁ ସୁକୃତୀ ଓ ଉଦାର ବୋଲି କହି ଭଗବାନ ପୁଣି କହିଛନ୍ତି ଯେ, ଜ୍ଞାନୀ (ପ୍ରେମୀ) ଭକ୍ତ ତ ମୋର ଆତ୍ମା (ସ୍ୱରୂପ) ଅଟେ—ଏହା ମୋର ମତ; କାରଣ ତା'ର ଅନ୍ୟ କାମନା ନ ଥାଏ, ସେ କେବଳ ମୋ'ଠାରେ ହିଁ ଯୁକ୍ତ ରହିଥାଏ (୭।୧୮)।

ଦ୍ୱାଦଶ ଅଧ୍ୟାୟର ଆରମ୍ଭରେ ଅର୍ଜୁନ ପଚାରିଲେ, ଭକ୍ତିଯୋଗ ଓ ଜ୍ଞାନଯୋଗର ଉପାସକଙ୍କ ମଧ୍ୟରେ କିଏ ଶ୍ରେଷ୍ଠ? ତାହାର ଉତ୍ତରରେ ଭଗବାନ କହିଛନ୍ତି ଯେ, ମୋ'ଠାରେ ମନ ଲଗାଇଥିବା ଓ ପରମଶ୍ରଦ୍ଧାଯୁକ୍ତ ହୋଇ ମୋର ଉପାସନା କରୁଥିବା ଭକ୍ତ ସର୍ବଶ୍ରେଷ୍ଠ—ଏହା ମୋର ମତ (୧୨।୨)। ଯେତେ ସାଂସାରିକ ଜ୍ଞାନ ଅଛି, ତନ୍ମଧ୍ୟରେ କ୍ଷେତ୍ର-କ୍ଷେତ୍ରଜ୍ଞ, ଦେହ-ଦେହୀ, ଶରୀର-ଶରୀରୀ, ଅନିତ୍ୟ-ନିତ୍ୟ, ଅସତ୍-ସତ୍‌ର ପାର୍ଥକ୍ୟଗତ ଜ୍ଞାନ (ବିବେକ) ଶ୍ରେଷ୍ଠ। ଏହି ଜ୍ଞାନ ସମସ୍ତ ସାଧନାର ଆଧାର ଓ ମୂଳ; କାରଣ ସାଧକ ଯେକୌଣସି, ସାଧନା କଲେ ବି ତା'ଠାରେ ଏହି ବିବେକ ନିଶ୍ଚୟ ରହିବ। ଅତଏବ ଭଗବାନ କହୁଛନ୍ତି ଯେ, କ୍ଷେତ୍ର ଓ କ୍ଷେତ୍ରଜ୍ଞ ସମ୍ବନ୍ଧୀୟ ଜ୍ଞାନ ହିଁ ମୋ ମତରେ ଯଥାର୍ଥ ଜ୍ଞାନ ଅଟେ (୧୩।୨)।

ଅଷ୍ଟାଦଶ ଅଧ୍ୟାୟର ଆରମ୍ଭରେ ଭଗବାନ ସାଂଖ୍ୟଯୋଗ ଓ କର୍ମଯୋଗ ବିଷୟରେ ଅନ୍ୟ ଦାର୍ଶନିକମାନଙ୍କର ଚାରୋଟି ମତ ଉଲ୍ଲେଖ କରିଛନ୍ତି। ସେହି ଚାରୋଟି ମତ ତୁଳନାରେ ଭଗବାନ କହନ୍ତି ଯେ, କର୍ମ ଓ ତାହାର ଫଳର ଆସକ୍ତିକୁ ତ୍ୟାଗ କରି କର୍ତ୍ତବ୍ୟକର୍ମ କରିବା ଉଚିତ—ଏହା ମୋର ନିଶ୍ଚିତ ଓ ଉତ୍ତମ ମତ (୧୮।୬)।

ଗୀତା ଅଧ୍ୟୟନ ଓ ତାହାର ପଠନ-ପାଠନର ମହିମା ବର୍ଣ୍ଣନା କରି ଭଗବାନ କହନ୍ତି, ଯିଏ ଏହି ଗୀତାଗ୍ରନ୍ଥକୁ କେବଳ ଅଧ୍ୟୟନ କରିବ ବା ପାଠ କରିବ, ତାହାଦ୍ୱାରା ମୁଁ ଜ୍ଞାନଯଜ୍ଞରେ ପୂଜିତ ହେବି—ଏହା ମୋର ମତ (୧୮।୭୦)।

—ଏହିରୂପେ ଭକ୍ତି ବିଷୟରେ ଚାରୋଟି, ଧ୍ୟାନଯୋଗ ବିଷୟରେ ଦୁଇଟି, ଜ୍ଞାନଯୋଗ ବିଷୟରେ ଗୋଟିଏ, କର୍ମଯୋଗ ବିଷୟରେ ଗୋଟିଏ ଓ ଗୀତାଧ୍ୟୟନ ବିଷୟରେ ଗୋଟିଏ ମତ ବ୍ୟକ୍ତ କରିଛନ୍ତି। ଏହି ସମସ୍ତ ମତର ନିଷ୍କର୍ଷ ହେଲା ଯେ ଭଗବାନ ଭକ୍ତିକୁ ହିଁ ବେଶୀ ଗୁରୁତ୍ୱ ଓ ମହତ୍ତ୍ୱ ଦେଉଛନ୍ତି।

୨. ଅର୍ଜୁନଙ୍କର ମତ

ଅର୍ଜୁନ ଧ୍ୟାନଯୋଗରେ ସିଦ୍ଧି ନ ମିଳିବା ପଛରେ ଚିତ୍ତର ଚଞ୍ଚଳତାକୁ କାରଣ ମନେକରି କହିଛନ୍ତି ଯେ ମନ ବଡ଼ ଚଞ୍ଚଳ, ପ୍ରମଥନଶୀଳ, ବଳବାନ୍ ଓ ଜିଦ୍‌ଖୋର। ବାୟୁକୁ ରୋକିବା ପରି ଏହି ମନକୁ ରୋକିବା ଅତି ଦୁଷ୍କର ବୋଲି ମୁଁ ଭାବୁଛି (୬।୩୪)।

ଭଗବାନଙ୍କର ପ୍ରଭାବ ବିଷୟରେ ଶୁଣି ଓ ସେଥିରେ ପ୍ରଭାବିତ ହୋଇ ଅର୍ଜୁନ ଭଗବାନଙ୍କୁ କହିଛନ୍ତି, ହେ ଭଗବନ୍! ଆପଣ ମୋତେ ଯାହାକିଛି କହୁଛନ୍ତି, ମୁଁ ସେସବୁକୁ ସତ ମଣୁଛି (୧୦।୧୪)।

ଭଗବାନଙ୍କ ବିଶ୍ୱରୂପକୁ ଦେଖି ଅର୍ଜୁନଙ୍କୁ ଭଗବାନଙ୍କ ନିର୍ଗୁଣନିରାକାର, ସଗୁଣନିରାକାର ଓ ସଗୁଣସାକାର ରୂପ ବିଷୟରେ ବିଶେଷ ବୋଧ ହେଲା। ଅତଏବ ଅର୍ଜୁନ ନିଜର ମତ ବ୍ୟକ୍ତ କରିବାକୁ ଯାଇ କହିଛନ୍ତି ଯେ ଆପଣ ହିଁ ଜାଣିବାଯୋଗ୍ୟ ଅକ୍ଷରବ୍ରହ୍ମ, ଆପଣ ହିଁ ଏହି ବିଶ୍ୱର ପରମ ଆଧାର, ଆପଣ ହିଁ ସନାତନ ଧର୍ମର ରକ୍ଷକ ଏବଂ ଆପଣ ହିଁ ସନାତନ ପୁରୁଷ—ଏହା ମୋର ମତ (୧୧।୧୮)।

ବିଶ୍ୱରୂପକୁ ଦେଖି ଅର୍ଜୁନଙ୍କୁ ଭଗବାନଙ୍କ ପ୍ରଭାବ ଓ ମହିମା ସମ୍ପର୍କରେ ଜ୍ଞାନ ହେଲା ଏବଂ ସେ ଭାବିଲେ 'ସତରେ ଭଗବାନ କେତେ ପ୍ରଭାବଶାଳୀ!' ତାଙ୍କର ନିଜ ପୂର୍ବକୃତ ଭୁଲ୍‌ଗୁଡ଼ିକ ମନେପଡ଼ିଲା ଏବଂ ସେ କହିଲେ ଯେ, ମୁଁ ଆପଣଙ୍କୁ ସଖା ଭାବି ଧୃଷ୍ଟତାରେ 'ହେ କୃଷ୍ଣ! ହେ ଯାଦବ! ହେ ସଖା! ଏଭଳି କହିଦେଇଛି, ସେଥିପାଇଁ ମୁଁ ଆପଣଙ୍କ ଠାରୁ କ୍ଷମା ଚାହେଁ (୧୧।୪୧)।

ଅର୍ଜୁନଙ୍କ ଉକ୍ତିଗୁଡ଼ିକରୁ ଜଣାପଡୁଛି ଯେ ତାଙ୍କୁ ପ୍ରଥମତଃ ନିଜର ଦୁର୍ବଳତା ଜଣାପଡ଼ିଲା ଏବଂ ଦ୍ୱିତୀୟତଃ ଭଗବାନଙ୍କର ମାହାତ୍ମ୍ୟ ଜଣାପଡ଼ିଗଲା। ଯଦି ଏ ଦୁଇଟି କଥା ସାଧକ ଜାଣିଯାଏ, ତା'ହେଲେ ସେ ଭବସାଗରରୁ ତରିଯିବ।

୩. ସଞ୍ଜୟଙ୍କର ମତ

ସଞ୍ଜୟ ଭଗବାନଙ୍କ ପ୍ରଭାବ ବିଷୟରେ ପ୍ରଥମରୁ ହିଁ ଜାଣିଥିଲେ, କିନ୍ତୁ ଅର୍ଜୁନଙ୍କ ଉପରେ ଭଗବାନଙ୍କର ଅସୀମ କୃପା ଦେଖି ସେ ବିଶେଷଭାବରେ ପ୍ରଭାବିତ ହେଲେ। ତେଣୁ ସେ ନିଜର ନିଷ୍ପତ୍ତି ଶୁଣାଇ ଦେଇଛନ୍ତି ଯେ ଯେଉଁଠାରେ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ ଓ ଗାଣ୍ଡୀବଧାରୀ ଅର୍ଜୁନ ଅଛନ୍ତି, ସେଠାରେ ଶ୍ରୀ, ବିଜୟ, ବିଭୂତି ଓ ଅଚଳ ନୀତି ନିଶ୍ଚିତରୂପେ ରହିଛନ୍ତି—ଏହା ମୋର ମତ (୧୮।୭୮)।

ସଞ୍ଜୟଙ୍କ ମତର ଅଭିପ୍ରାୟ ହେଲା ଯେ ଯୁଦ୍ଧର ପରିଣାମରେ ପାଣ୍ଡୁପୁତ୍ରମାନଙ୍କର ହିଁ ବିଜୟ ହେବ, ଏଥିରେ ଆଦୌ ସନ୍ଦେହ ନାହିଁ।

୪. ସିଦ୍ଧଙ୍କର ମତ

ଭଗବାନ ଧ୍ୟାନଯୋଗର ଫଳ ବର୍ଣ୍ଣନା କରି କହିଛନ୍ତି ଯେ ଆତ୍ୟନ୍ତିକ ସୁଖ ଓ ଲାଭ ପ୍ରାପ୍ତ କଲା ପରେ ତା'ଠାରୁ ବଳି ଅନ୍ୟ କିଛି ଲାଭ ଅଛି ବୋଲି ସିଦ୍ଧ ମହାପୁରୁଷ ମନେ କରନ୍ତି ନାହିଁ (୬।୨୨)।

ଯେଉଁମାନେ ତତ୍ତ୍ୱବିଦ୍, ସେମାନଙ୍କର ଯଥାର୍ଥ ମତ ଯେ 'ଗୁଣଗୁଡ଼ିକ ହିଁ ଗୁଣଗୁଡ଼ିକରେ ପ୍ରବର୍ତ୍ତିତ ହେଉଛନ୍ତି' ଅର୍ଥାତ୍ ପ୍ରକୃତିଜନ୍ୟ ଗୁଣଗୁଡ଼ିକ ମଧ୍ୟରେ ହିଁ ସମସ୍ତ କ୍ରିୟା ହେଉଛି। ଏପରି ଭାବି ସେମାନେ କ୍ରିୟା ଓ ପଦାର୍ଥଗୁଡ଼ିକରେ ଆସକ୍ତ ହୁଅନ୍ତି ନାହିଁ (୩।୨୮)। ସିଦ୍ଧଙ୍କ ମତର ତାତ୍ପର୍ଯ୍ୟ ହେଲା ଯେ ତାଙ୍କ ସ୍ୱରୂପରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନ ଥାଏ।

୫. ସାଧକ ଓ ଅସାଧକଙ୍କର ମତ

ସାଂଖ୍ୟଯୋଗୀ ସାଧକର ମତ ଯେ 'ଇନ୍ଦ୍ରିୟମାନେ ହିଁ ଇନ୍ଦ୍ରିୟମାନଙ୍କ ବିଷୟଗୁଡ଼ିକରେ ପ୍ରବର୍ତ୍ତିତ ହେଉଛନ୍ତି, ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ମଧ୍ୟରେ ହିଁ ସମସ୍ତ କ୍ରିୟା ହେଉଛି, ମୁଁ କିଛି କରୁ ନାହିଁ' (୫।୮–୯)। ତାତ୍ପର୍ଯ୍ୟ ହେଲା ଯେ, ସେ ନିଜଠାରେ କର୍ତ୍ତୃତ୍ୱ ଅଛି ବୋଲି ମାନେ ନାହିଁ।

ଯେଉଁମାନେ ସଂସାର ଭିତରେ ମଜ୍ଜି ରହନ୍ତି, ତତ୍ତ୍ୱକୁ ଜାଣନ୍ତି ନାହିଁ ଓ ଅହଙ୍କାର ଦ୍ୱାରା ମୋହିତ ଅନ୍ତଃକରଣଯୁକ୍ତ, ସେପରି ମନୁଷ୍ୟମାନଙ୍କର ମତ ହେଲା 'ମୁଁ କର୍ତ୍ତା ଅଟେ' (୩।୨୭)। ନିଜକୁ କର୍ତ୍ତା ମାନୁଥିବା ବ୍ୟକ୍ତିକୁ ଅବଶ୍ୟ ଭୋକ୍ତା ହେବାକୁ ପଡ଼େ ଏବଂ ଭୋଗ ଭୋଗିବା ନିମିତ୍ତ ପୁଣି ଜନ୍ମ ନେବାକୁ ପଡ଼େ। ଅସାଧକ ମତର ତାତ୍ପର୍ଯ୍ୟ ହେଲା, ସେ ନିଜକୁ କର୍ତ୍ତା ଭାବେ ଏବଂ କର୍ମଗୁଡ଼ିକର ଫଳସ୍ୱରୂପ ସୁଖ ଓ ଭୋଗ ଉପଭୋଗ କରିବାକୁ ଚାହେଁ।

୬. ଭକ୍ତ ଓ ଅଭକ୍ତଙ୍କର ମତ

ଭଗବାନ ହେଉଛନ୍ତି ସମସ୍ତଙ୍କର ମୂଳ କାରଣ ଏବଂ ଭଗବାନଙ୍କ ଠାରୁ ହିଁ ସତ୍ତା ଓ ସ୍ଫୂର୍ତ୍ତି ପାଇ ସଂସାରରେ ସମସ୍ତ କ୍ରିୟା ସଂଘଟିତ ହୁଏ। ଏଭଳି ଭାବି ଭକ୍ତଗଣ ଶ୍ରଦ୍ଧା ଓ ପ୍ରେମର ସହିତ ଭଗବାନଙ୍କର ଭଜନ କରନ୍ତି (୧୦।୮)। କିନ୍ତୁ ଯେଉଁମାନେ ଅଭକ୍ତ, ସେମାନେ ଭଗବାନଙ୍କୁ ସାଧାରଣ ମନୁଷ୍ୟମାନଙ୍କ ଭଳି ଶରୀରଧାରୀ ଓ ଜନ୍ମମରଣଶୀଳ ବ୍ୟକ୍ତି ମନେକରନ୍ତି (୭।୨୪)।

୭. ଦୈବୀ ଓ ଆସୁରୀ ପ୍ରକୃତିଯୁକ୍ତ ଲୋକଙ୍କର ମତ

ଦୈବୀପ୍ରକୃତିର ମନୁଷ୍ୟ ଭଗବାନଙ୍କୁ ସମସ୍ତ ପ୍ରାଣୀଙ୍କର ଆଦିକାରଣ ଓ ଅବିନାଶୀ ବୋଲି ମାନି ଅନନ୍ୟ ମନରେ (ଇହଲୋକର ଓ ପରଲୋକର ସମସ୍ତ ଭୋଗକୁ ତ୍ୟାଗ କରି) ଭଗବାନଙ୍କର ଭଜନ କରନ୍ତି (୯।୧୩)।

ଆସୁରୀପ୍ରକୃତିର ମନୁଷ୍ୟ ଭାବନ୍ତି ଯେ ସୁଖ ଭୋଗିବା ଓ ସଂଗ୍ରହ କରିବା ଛଡ଼ା ଆଉ କିଛି ସଂସାରରେ ନାହିଁ (୧୬।୧୧)।

ତାତ୍ପର୍ଯ୍ୟ ହେଲା, ଯେଉଁମାନେ ସଂସାରର ଭୋଗ ଓ ସଂଗ୍ରହରେ ବୁଡ଼ି ରହିଥାଆନ୍ତି, ସେମାନଙ୍କ ମନରେ ସଂସାରର ମହତ୍ତ୍ୱ ବା ଅସ୍ତିତ୍ୱ ସ୍ଥାନ ପାଏ; ମାତ୍ର ଯେଉଁମାନେ ଭଗବାନଙ୍କ ଠାରେ ସଂଯୁକ୍ତ ହୋଇଥାନ୍ତି, ସେମାନଙ୍କ ମନରେ ସଂସାରର ଅସ୍ତିତ୍ୱ ଦୂର ହୋଇଯାଇ ଭଗବାନଙ୍କର ଅସ୍ତିତ୍ୱ ସ୍ଥାନ ପାଏ। ସଂସାରକୁ ମାନିବା ପରଧର୍ମ ଅଟେ, କାରଣ ସଂସାର ଆପଣାର ନୁହେଁ। ଭଗବାନଙ୍କୁ ମାନିବା ସ୍ୱଧର୍ମ, କାରଣ ଭଗବାନ ହେଉଛନ୍ତି ଆପଣାର।

[ଦ୍ୱିତୀୟ ଅଧ୍ୟାୟର ୨୬ଶ ଶ୍ଳୋକରେ ଓ ଅଷ୍ଟାଦଶ ଅଧ୍ୟାୟର ୫୯ତମ ଶ୍ଳୋକରେ ବ୍ୟବହୃତ 'ମନ୍ୟସେ' ପଦକୁ ଭଗବାନ ମାନିବାର ଆରୋପଣ ଅର୍ଥରେ ବ୍ୟବହାର କରିଛନ୍ତି, ମାନିବା ଅର୍ଥରେ ନୁହେଁ। ତୃତୀୟ ଅଧ୍ୟାୟର ୧ମ ଶ୍ଳୋକରେ ବ୍ୟବହୃତ 'ମତା' ପଦଟିକୁ ମଧ୍ୟ ଅର୍ଜୁନ ମାନିବାର ଆରୋପଣ ଅର୍ଥରେ କହିଛନ୍ତି, ମାନିବା ଅର୍ଥରେ ନୁହେଁ। ଏହାଛଡ଼ା ଦ୍ୱିତୀୟ ଅଧ୍ୟାୟର ୩୫ଶ ଶ୍ଳୋକରେ ବ୍ୟବହୃତ 'ମଂସ୍ୟନ୍ତେ' ପଦ ଭଗବାନଙ୍କ ଦ୍ୱାରା ଓ ଏକାଦଶ ଅଧ୍ୟାୟର ୪ର୍ଥ ଶ୍ଳୋକରେ ବ୍ୟବହୃତ 'ମନ୍ୟସେ' ପଦ ଅର୍ଜୁନଙ୍କ ଦ୍ୱାରା ସମ୍ଭାବନା ଅର୍ଥରେ କୁହାଯାଇଛି, ମାନିବା ଅର୍ଥରେ ନୁହେଁ।]

୩୯. ଗୀତାରେ ସ୍ୱାଭାବିକ ଓ ନୂତନ ପରିବର୍ତ୍ତନର ବର୍ଣ୍ଣନା

ପ୍ରକୃତୌ ଜାୟତେ ଯତ୍ତ୍ ସହଜଂ ପରିବର୍ତ୍ତନମ୍।
ମନୁଷ୍ୟଃ କୁରୁତେ ଯତ୍ତନ୍ନୂତନଂ ପରିବର୍ତ୍ତନମ୍॥

ପ୍ରକୃତି ଓ ପ୍ରକୃତିର କାର୍ଯ୍ୟ (ସଂସାର)ରେ ହ୍ରାସବୃଦ୍ଧି ଇତ୍ୟାଦି ଯାହା କିଛି ପରିବର୍ତ୍ତନ ଘଟୁଅଛି, ତାହା ହେଉଛି 'ସ୍ୱାଭାବିକ ପରିବର୍ତ୍ତନ' ଏବଂ ମନୁଷ୍ୟ ଯେଉଁ ନୂତନ କର୍ମ କରୁଛି, ତାହା ହେଉଛି 'ନୂତନ ପରିବର୍ତ୍ତନ'।

ସ୍ୱାଭାବିକ ପରିବର୍ତ୍ତନ ନିରନ୍ତର ହୋଇଚାଲିଛି। ଏହି ପରିବର୍ତ୍ତନ ମନୁଷ୍ୟ, ଦେବତା, ଭୂତ, ପ୍ରେତ, ଗନ୍ଧର୍ବ, ଯକ୍ଷ ପ୍ରଭୃତିଙ୍କ ଶରୀରରେ ତଥା ସୂର୍ଯ୍ୟ, ଚନ୍ଦ୍ର, ତାରା, ନକ୍ଷତ୍ର, ବୃକ୍ଷଲତା, ଜୀବଜନ୍ତୁ ପ୍ରଭୃତିଙ୍କ ଠାରେ ଏବଂ ପୃଥିବୀ, ସମୁଦ୍ର, ପାହାଡ଼ ଇତ୍ୟାଦିରେ ମଧ୍ୟ ହୋଇ ଚାଲିଛି। ଏହି ସ୍ୱାଭାବିକ ପରିବର୍ତ୍ତନକୁ କେଉଁଠି ପ୍ରକୃତି ଭିତରେ ହେଉଥିବାର କୁହାଯାଇଛି (୧୩।୨୯) ତ ଆଉ କେଉଁଠି ଗୁଣମାନଙ୍କରେ ହେଉଥିବାର କୁହାଯାଇଛି (୩।୨୭)। ତାତ୍ପର୍ଯ୍ୟ ହେଲା ଯେ ତିନିଲୋକରେ ସ୍ଥାବର-ଜଙ୍ଗମ ପ୍ରାଣୀମାନଙ୍କ ଶରୀରରେ ଏବଂ ଜଡ଼ ପଦାର୍ଥମାନଙ୍କରେ ଯାହା କିଛି ପରିବର୍ତ୍ତନ ହେଉଅଛି, ତାହା ହେଲା ସ୍ୱାଭାବିକ ପରିବର୍ତ୍ତନ।

ମନୁଷ୍ୟର ଶରୀର ଜନ୍ମ ହୁଏ, ବାଳକରୁ ଯୁବକ ହୁଏ, ଯୁବକରୁ ବୃଦ୍ଧ ହୁଏ ଓ ଶେଷରେ ମରିଯାଏ (୨।୧୩)। ଏପରି ସ୍ୱାଭାବିକ ପରିବର୍ତ୍ତନ ବ୍ୟତୀତ ମନୁଷ୍ୟଠାରେ ନୂତନ ପରିବର୍ତ୍ତନ ମଧ୍ୟ ହେଉଥାଏ। ଯଥା—ମନୁଷ୍ୟ ସାତ୍ତ୍ୱିକ ସଙ୍ଗ, ସ୍ୱାଧ୍ୟାୟ, ଜପ, ଧ୍ୟାନ ଆଦି କଲେ ତାହାର ଗତି ସାତ୍ତ୍ୱିକତା ଆଡ଼କୁ; ରାଜସ ସଙ୍ଗ ସ୍ୱାଧ୍ୟାୟ ଆଦି କଲେ ତାହାର ଗତି ରାଜସିକତା ଆଡ଼କୁ ଏବଂ ତାମସ ସଙ୍ଗ, ସ୍ୱାଧ୍ୟାୟ ଆଦି କଲେ ତାହାର ଗତି ତାମସିକତା ଆଡ଼କୁ ହୁଏ। ମରିବା ପରେ ସାତ୍ତ୍ୱିକ ମନୁଷ୍ୟ ଊର୍ଦ୍ଧ୍ୱଗତିକୁ, ରାଜସ ମନୁଷ୍ୟ ମଧ୍ୟଗତିକୁ ଓ ତାମସ ମନୁଷ୍ୟ ଅଧୋଗତିକୁ ପ୍ରାପ୍ତ ହୁଏ (୧୪।୧୮)।

ନୂତନ ପରିବର୍ତ୍ତନ ପଶୁପକ୍ଷୀ ଆଦିଙ୍କ ଠାରେ ମଧ୍ୟ ଦେଖିବାକୁ ମିଳେ। ଯଥା—ଶିକ୍ଷା ଦେଲେ ମାଙ୍କଡ଼ ମଧ୍ୟ ସୈନିକର କାମ କରେ, ସାଇକେଲ ଚଳାଇପାରେ ଇତ୍ୟାଦି। କିନ୍ତୁ ଯେଉଁ ପ୍ରକାର ପରିବର୍ତ୍ତନ ଦ୍ୱାରା କଲ୍ୟାଣ ସାଧିତ ହୁଏ, ସେଭଳି ପାରମାର୍ଥିକ ପରିବର୍ତ୍ତନ ସେମାନଙ୍କ ଠାରେ ହୁଏ ନାହିଁ; କାରଣ ସେମାନେ ହେଉଛନ୍ତି ଭୋଗଯୋନି। ସେମାନଙ୍କ ଠାରେ ଯାହା କିଛି ହୁଏ, ତାହା ଭୋଗ ପାଇଁ ହିଁ ହୋଇଥାଏ। ଯଥା—ସିଂହ କୌଣସି ପଶୁକୁ ମାରି ଖାଇଦେଲେ ତାକୁ ପାପ ଲାଗେ ନାହିଁ, କାରଣ ତା' ଜୀବନ ଭୋଗପ୍ରଧାନ। ଅତଏବ ପଶୁପକ୍ଷୀ ଆଦି ଯୋନିମାନଙ୍କରେ ନୂତନ କର୍ମ ହୋଇପାରେ ନାହିଁ। ମନୁଷ୍ୟଯୋନି କର୍ମଯୋନି ଅଟେ, ଅତଏବ ମନୁଷ୍ୟ ହିଁ ନୂତନ କର୍ମ (ନୂତନ ପରିବର୍ତ୍ତନ) କରିପାରେ।

ମନୁଷ୍ୟର ଜନ୍ମାରମ୍ଭକ କର୍ମ (ଯେଉଁ କର୍ମଗୁଡ଼ିକ

ମନୁଷ୍ୟ ପାଇଁ ଜନ୍ମର କାରଣ ହୁଏ) ହେଉଛି ପୁରୁଣା କର୍ମ । ସେହି କର୍ମଗୁଡ଼ିକ ଦ୍ୱାରା ଯେଉଁ ପରିବର୍ତ୍ତନ ହୁଏ, ତାହାଠାରୁ ମଧ୍ୟ ଅଧିକ ପରିବର୍ତ୍ତନ ନୂତନ କର୍ମଗୁଡ଼ିକ ଦ୍ୱାରା ହୋଇଥାଏ । ଏପରି ମଧ୍ୟ ଦେଖିବାକୁ ମିଳେ ଯେ ଉତ୍ତମ ଜାତିରେ ଜନ୍ମ ନେଇଥିଲେ ମଧ୍ୟ ଉତ୍ତମ ସଙ୍ଗ, ଶିକ୍ଷା ଆଦିର ଅଭାବରୁ ମନୁଷ୍ୟ ଦୁରାଚାରୀ ହୋଇଯାଏ । ଅତଏବ ଜନ୍ମାରମ୍ଭକ (ପୁରୁଣା) କର୍ମ ଭଲ ହୋଇଥିଲେ ମଧ୍ୟ ନୂତନ କର୍ମ ଉତ୍ତମ ନ ହେଲେ ମନୁଷ୍ୟର ପତନ ହୋଇଥାଏ । ବିପରୀତରେ ଏହା ମଧ୍ୟ ଦେଖାଯାଏ ଯେ ନୀଚ ଜାତିରେ ଜନ୍ମ ନେଇ ସୁଦ୍ଧା ଉତ୍ତମ ସଙ୍ଗତି ଓ ଶିକ୍ଷା ମିଳିଲେ ମନୁଷ୍ୟ ସଦାଚାରୀ ହୋଇଯାଏ, ସନ୍ତମହାତ୍ମା ହୋଇଯାଏ ଏବଂ ଅନ୍ୟମାନଙ୍କ ପାଇଁ ଆଦର୍ଶସ୍ଥାନୀୟ ହୋଇଯାଏ । ଅତଏବ ଜନ୍ମାରମ୍ଭକ କର୍ମ ଭଲ ନ ହୋଇଥିଲେ ମଧ୍ୟ ନୂତନ କର୍ମ ଉତ୍ତମ ହେଲେ ମନୁଷ୍ୟ ଠାରେ ଅନେକ ବିଲକ୍ଷଣତା ଆସିଯାଏ ।

ଗୀତାରେ ସ୍ଥିତପ୍ରଜ୍ଞ, ଗୁଣାତୀତ ଓ ଭକ୍ତମାନଙ୍କର ଲକ୍ଷଣରୂପେ ନୂତନ ପରିବର୍ତ୍ତନ ହିଁ ବର୍ଣ୍ଣିତ । ମନୁଷ୍ୟ ଏତେ ମାତ୍ରାରେ ନୂତନ ପରିବର୍ତ୍ତନ କରିପାରେ, ଯାହାର କି ସୀମା ନାହିଁ । ନୂତନ ପରିବର୍ତ୍ତନ ଦ୍ୱାରା ମନୁଷ୍ୟ ଭଗବାନଙ୍କର ମଧ୍ୟ ସମ୍ମାନାସ୍ପଦ ହୋଇପାରେ । ଏତାଦୃଶ ନୂତନ ପରିବର୍ତ୍ତନ ଦ୍ୱାରା ଭକ୍ତମାନଙ୍କର ଶରୀର ଚିନ୍ମୟ ହୋଇଯାଏ । ଯଥା—ତୁକାରାମ ସଶରୀରେ ବୈକୁଣ୍ଠକୁ ଚାଲିଗଲେ, କବୀରଙ୍କ ଶରୀର ପୁଷ୍ପଗୁଚ୍ଛରେ ପରିଣତ ହୋଇଗଲା, ମୀରାବାଈଙ୍କ ଶରୀର ଭଗବାନଙ୍କ ଶ୍ରୀବିଗ୍ରହରେ ବିଲୀନ ହୋଇଗଲା । ଜନାବାଈ ଓ ଫୁଲାବାଈଙ୍କ ଦ୍ୱାରା ତିଆରି ଘଷିରୁ ନାମର ଧ୍ୱନି ବାହାରୁଥିଲା । ତୁକାରାମଙ୍କର ଚରଣଚିହ୍ନରୁ ବିଟ୍ଠଲ ନାମର ଧ୍ୱନି ବାହାରୁଥିଲା । ମରିବା ପରେ ମଧ୍ୟ ଚୋଖାମେଳାଙ୍କ ହାଡ଼ରୁ ବିଟ୍ଠଲ ନାମର ଧ୍ୱନି ଶୁଣାଯାଉଥିଲା ।

ଭଗବାନ ଗୀତାରେ ଭକ୍ତ ଚାରିପ୍ରକାର ବୋଲି କହିଛନ୍ତି—ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ପ୍ରେମୀ (୭ । ୧୬) । ଏହି ବିଭାଜନ ଜନ୍ମ ଉପରେ ଆଧାରିତ ନୁହେଁ, ବରଂ କର୍ମ ଉପରେ ଆଧାରିତ । ଏହି କର୍ମ ପୁରୁଣା ନୁହେଁ, ବରଂ ନୂଆ । ଏହା ନୂତନ ପରିବର୍ତ୍ତନ । ନୂତନ ପରିବର୍ତ୍ତନର ସୁଯୋଗ ଏହି ମନୁଷ୍ୟଶରୀରରେ ହିଁ ମିଳେ, ଅନ୍ୟ ଶରୀରରେ ମିଳେ ନାହିଁ । କଦବା କେଉଁଠି କେତେକ ବିଶେଷକ୍ଷେତ୍ରରେ ପଶୁପକ୍ଷୀ ଆଦିଙ୍କ ଠାରେ ମଧ୍ୟ ନୂତନ ପରିବର୍ତ୍ତନ ଦେଖିବାକୁ ମିଳିଥାଏ ।

ବାଳକର ପାଳନପୋଷଣ ଓ ରକ୍ଷଣାବେକ୍ଷଣ କରିବା—ଏହା ମାଆ ଦ୍ୱାରା କରାଯାଉଥିବା ନୂତନ ପରିବର୍ତ୍ତନ (କର୍ମ) ଅଟେ, କିନ୍ତୁ ବାଳକର ଅଭିବୃଦ୍ଧି ନୂତନ ପରିବର୍ତ୍ତନ ନୁହେଁ । କାରଣ ମାଆ ବାଳକକୁ ବଡ଼ କରି ନାହିଁ, ସେ ସ୍ୱାଭାବିକଭାବେ ବଡ଼ ହୋଇଛି । ଭୋଜନ କରିବା ନୂତନ ପରିବର୍ତ୍ତନ, କିନ୍ତୁ ଖାଦ୍ୟ ହଜମ ହେବା ସ୍ୱାଭାବିକ ପରିବର୍ତ୍ତନ । ଔଷଧ ଖାଇବା ନୂତନ ପରିବର୍ତ୍ତନ, କିନ୍ତୁ ଔଷଧ ଦ୍ୱାରା ରୋଗ ଭଲ ହେବା ସ୍ୱାଭାବିକ ପରିବର୍ତ୍ତନ । ସେହିପରି ଶରୀରର ଜନ୍ମ, ବୃଦ୍ଧି ଆଦି ତ ସ୍ୱତଃ-ସ୍ୱାଭାବିକ ହୋଇଥାଏ, କିନ୍ତୁ ମାନବଶରୀରରେ ଶୁଭାଶୁଭ କର୍ମ କରି ସ୍ୱର୍ଗ, ନରକ ଅଥବା ଚଉରାଶୀ ଲକ୍ଷ ଯୋନିରେ ଜନ୍ମ ନେବା, ଭଗବଦ୍ଭଜନ କରିବା, ପ୍ରାଣୀମାନଙ୍କର ସେବା କରିବା, ନିଜର କର୍ତ୍ତବ୍ୟ ପାଳନ କରିବା, ନିଜର ବିବେକକୁ ମହତ୍ତ୍ୱ ଦେବା ପ୍ରଭୃତି ନୂତନ ପରିବର୍ତ୍ତନ (କର୍ମ) ଅଟେ । ନୂତନ ପରିବର୍ତ୍ତନ ମାଧ୍ୟମରେ ଅତି ବଡ଼ ପାପୀ, ଅତି ବଡ଼ ଦୁରାଚାରୀ ମଧ୍ୟ ଜ୍ଞାନ ପ୍ରାପ୍ତ କରି ନିଜର ଉଦ୍ଧାର କରିପାରେ (୪ । ୩୬), ଭଗବାନଙ୍କୁ ପାଇବା ପାଇଁ ଦୃଢ଼ ନିଶ୍ଚୟ କରି ଅନନ୍ୟଭକ୍ତ ହୋଇପାରେ, ସର୍ବଦା ବିରାଜମାନ ଶାନ୍ତି ପ୍ରାପ୍ତ କରିପାରେ (୯ । ୩୦–୩୧), ଏବଂ କେବଳ ଲୋକସଂଗ୍ରହ ପାଇଁ, କର୍ତ୍ତବ୍ୟପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ, ଅନ୍ୟମାନଙ୍କର ହିତ ପାଇଁ କର୍ତ୍ତବ୍ୟକର୍ମ କରି ସମସ୍ତ ପାପକୁ ନଷ୍ଟ କରିପାରେ (୪ । ୨୩) ।

୪୦. ଗୀତାରେ ସ୍ୱଭାବର ବର୍ଣ୍ଣନା

ଚତୁର୍ବିଧଃ ସ୍ୱଭାବଶ୍ଚ ପ୍ରାକୃତୋ ବର୍ଣ୍ଣଗସ୍ତଥା ।
ଉତ୍ପାଦିତଶ୍ଚ ସଙ୍ଗେନ ଶୁଦ୍ଧଶ୍ଚ ଜ୍ଞାନିନାଂ ସ୍ମୃତଃ ॥

ଗୀତାରେ ଚାରିପ୍ରକାର ସ୍ୱଭାବର ବର୍ଣ୍ଣନା ରହିଛି, ଯଥା—

(୧) ସମଷ୍ଟିପ୍ରକୃତିଗତ ସ୍ୱଭାବ—ଗଛଲତା ଉତ୍ପନ୍ନ ହେବା, ବଡ଼ ହେବା, ଫୁଲଫଳ ଧରିବା; ମନୁଷ୍ୟ, ପଶୁ, ପକ୍ଷୀ ଆଦିଙ୍କ ଶରୀର ସବୁ ଉତ୍ପନ୍ନ ହେବା; ବାଳକରୁ ଯୁବକ ହେବା, ଯୁବକରୁ ବୃଦ୍ଧ ହେବା ତଥା ଶରୀରରେ ବଳର ହ୍ରାସବୃଦ୍ଧି ଘଟିବା ଇତ୍ୟାଦି ଯାହା କିଛି ପରିବର୍ତ୍ତନ ସଂସାରରେ ଘଟୁଛି, ସେସବୁ ସମଷ୍ଟିପ୍ରକୃତିର ସ୍ୱଭାବ ଅଟେ ।

ସମଷ୍ଟିପ୍ରକୃତିଗତ ସ୍ୱଭାବ କାହାରି ପାଇଁ ଦୋଷାବହ ଓ ଅହିତକର ହୋଇ ନ ଥାଏ, ବରଂ ତାହା ଶୁଦ୍ଧ ଓ ପବିତ୍ର କରେ । ବାଳକରୁ ଯୁବକ ଓ ଯୁବକରୁ ବୃଦ୍ଧ ହେବା, ରୋଗୀରୁ ନୀରୋଗ ହେବା ଓ ନୀରୋଗରୁ ରୋଗୀ ହେବା* କ'ଣ ଦୋଷ? ନା, ଏହା ତ ପାପପୁଣ୍ୟର ଫଳ ଭୋଗ କରାଇ ଶୁଦ୍ଧ କରିଥାଏ । କିନ୍ତୁ ପ୍ରକୃତିର ଏହି ସ୍ୱଭାବ (ସ୍ୱଭାବଗତ ପରିବର୍ତ୍ତନ)ରେ ମନୁଷ୍ୟ ମନଇଚ୍ଛା ହସ୍ତକ୍ଷେପ କରେ ଅର୍ଥାତ୍ ରାଗଦ୍ୱେଷ-ପୂର୍ବକ ଶାସ୍ତ୍ରବିରୁଦ୍ଧ ମନଇଚ୍ଛା କର୍ମ କରିବାକୁ ଲାଗେ, ଫଳରେ ବନ୍ଧନରେ ପଡ଼ିଯାଏ ।

ଏହି ସ୍ୱଭାବର ବର୍ଣ୍ଣନା ଗୀତାରେ ଅନେକ ସ୍ଥାନରେ କରାଯାଇଛି; ଯଥା—ପ୍ରକୃତିର ଗୁଣମାନଙ୍କ ଦ୍ୱାରା ହିଁ ସମସ୍ତ କ୍ରିୟା ହୁଏ (୩ । ୨୭); ଗୁଣମାନେ ହିଁ ଗୁଣମାନଙ୍କରେ ପ୍ରବର୍ତ୍ତିତ ହେଉଛନ୍ତି (୩ । ୨୮; ୧୪ । ୨୩); ଇନ୍ଦ୍ରିୟମାନେ ହିଁ ଇନ୍ଦ୍ରିୟମାନଙ୍କ ବିଷୟରେ ପ୍ରବର୍ତ୍ତିତ ହେଉଛନ୍ତି (୫ । ୮-୯); ପ୍ରକୃତି ଦ୍ୱାରା ହିଁ ସମସ୍ତ କର୍ମ ହୁଏ (୧୩ । ୨୯) । ତାତ୍ପର୍ଯ୍ୟ ହେଲା, ସମଷ୍ଟିପ୍ରକୃତି ଦ୍ୱାରା ହେଉଥିବା କାର୍ଯ୍ୟଗୁଡ଼ିକରେ ମନୁଷ୍ୟ ମନଇଚ୍ଛା ବ୍ୟବହାର କରିବା ଅନୁଚିତ କିଂବା ତାହାଦ୍ୱାରା ସୁଖୀଦୁଃଖୀ ହେବା ମଧ୍ୟ ଅନୁଚିତ ।

(୨) ବର୍ଣ୍ଣଗତ ସ୍ୱଭାବ—ଏହି ସ୍ୱଭାବ ବ୍ୟକ୍ତିଗତ ହୋଇଥାଏ; କାରଣ ଏହା ପୂର୍ବକର୍ମଗୁଡ଼ିକ ଅନୁସାରେ ଏବଂ ଏହି ଜନ୍ମରେ ମାତାପିତାଙ୍କର ରଜବୀର୍ଯ୍ୟ ଅନୁସାରେ ଗଠିତ ହୋଇଥାଏ । ଅତଏବ ଏହି ସ୍ୱଭାବ ମଧ୍ୟ କୌଣସି ବ୍ୟକ୍ତି ପାଇଁ ଦୋଷାବହ ଓ ପାପଜନକ ନୁହେଁ । ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଏହି ଚାରିବର୍ଣ୍ଣର ଯେଉଁ ଭିନ୍ନ ଭିନ୍ନ କର୍ମ ରହିଛି, ସେହି କର୍ମମାନଙ୍କର ଭିନ୍ନତାରେ ବର୍ଣ୍ଣଗତ ସ୍ୱଭାବ ହିଁ କାରଣ ଅଟେ । ବ୍ରାହ୍ମଣର ଖାଦ୍ୟପେୟ ଆଦି କର୍ମରେ ସ୍ୱାଭାବିକଭାବେ ପବିତ୍ରତା ରହିଥାଏ; କ୍ଷତ୍ରିୟର ଯୁଦ୍ଧ କରିବା, ଦାନ କରିବା ଆଦି କର୍ମରେ ସ୍ୱାଭାବିକଭାବେ ନିର୍ଭୟତା, ବୀରତ୍ୱ, ଔଦାର୍ଯ୍ୟ ଥାଏ; ବୈଶ୍ୟର ଚାଷ କରିବା, ଗାଈ ପାଳିବା, ବେପାର କରିବା ଆଦି କର୍ମରେ ଏବଂ ଶୂଦ୍ରର ସମସ୍ତ ବର୍ଣ୍ଣର ସେବା କରିବାରେ ସ୍ୱାଭାବିକଭାବେ ପ୍ରବୃତ୍ତି ହୁଏ । ଆଜିକାଲି ଯଦି ଉକ୍ତ ଚାରିବର୍ଣ୍ଣର ଏଭଳି ସ୍ୱଭାବ ଦେଖିବାକୁ ମିଳୁ ନ ଥାଏ, ତା'ହେଲେ ସଙ୍ଗଦୋଷ ହିଁ ଏହାର କାରଣ । ତେଣୁ ମନୁଷ୍ୟ ଉତ୍ତମ ସଙ୍ଗ କରିବା ସହିତ କୁସଙ୍ଗ ପରିତ୍ୟାଗ କରିବା ଉଚିତ ।

ଏହି ବର୍ଣ୍ଣଗତ (ଜାତିଗତ) ସ୍ୱଭାବର ବର୍ଣ୍ଣନା ଗୀତାର ଅଷ୍ଟାଦଶ ଅଧ୍ୟାୟରେ ବିସ୍ତାରପୂର୍ବକ କରାଯାଇଛି (୧୮ । ୪୨–୪୮, ୫୯, ୬୦) । ତାତ୍ପର୍ଯ୍ୟ ଏହି ଯେ ମନୁଷ୍ୟକୁ ନିଜର ବର୍ଣ୍ଣଗତ ସ୍ୱଭାବ ଅନୁସାରେ ନିଜ ନିଜର ଶାସ୍ତ୍ରବିହିତ କର୍ତ୍ତବ୍ୟକୁ ତତ୍ପରତାପୂର୍ବକ ଓ ନିଷ୍କାମଭାବରେ ପାଳନ କରିବା ଉଚିତ ଏବଂ କୁସଙ୍ଗ ସର୍ବଥା ତ୍ୟାଗ କରିଦେବା ଉଚିତ । ଏଭଳି କଲେ ମନୁଷ୍ୟର ଆପେ ଆପେ କଲ୍ୟାଣ ହୋଇପାରେ ।¥

(୩) ଉତ୍ପାଦିତ ସ୍ୱଭାବ—ଏହି ସ୍ୱଭାବ ମନୁଷ୍ୟ ନିଜେ ସୃଷ୍ଟି କରିଛି । ଏହା ପ୍ରତ୍ୟେକ ବ୍ୟକ୍ତିର ଅଲଗା ଅଲଗା ହୋଇଥାଏ । ମନୁଷ୍ୟ ଯେଉଁଭଳି ଶାସ୍ତ୍ର ପଢ଼େ,

* ରୋଗ ଦୁଇପ୍ରକାରର—ପ୍ରାରବ୍ଧଜନିତ ଓ କୁପଥ୍ୟଜନିତ । ପ୍ରାରବ୍ଧଜନିତ ରୋଗ ଔଷଧ ଦ୍ୱାରା ଭଲ ହୁଏ ନାହିଁ । ପ୍ରାରବ୍ଧର ଫଳଭୋଗ ବାକି ଥିବା ପର୍ଯ୍ୟନ୍ତ ତାହା ରହିବା ସୁନିଶ୍ଚିତ । କୁପଥ୍ୟଜନିତ ରୋଗ ପଥ୍ୟସେବନ କଲେ ଓ ଔଷଧ ଗ୍ରହଣ କଲେ ଭଲ ହୋଇଯାଏ । ଏଠାରେ (ସମଷ୍ଟିପ୍ରକୃତିଗତ ସ୍ୱଭାବରେ) ପ୍ରାରବ୍ଧଜନିତ ରୋଗକୁ ହିଁ ଗ୍ରହଣ କରାଯାଇଛି ।

¥ କଲ୍ୟାଣାକାଂକ୍ଷୀ ମନୁଷ୍ୟ ପକ୍ଷେ ଶାସ୍ତ୍ରବିହିତ ଭୋଗଗୁଡ଼ିକୁ ମଧ୍ୟ ପରିତ୍ୟାଗ କରିଦେବା ଉଚିତ ଏବଂ ପରମ୍ପରାଗତ ସ୍ୱଭାବର ଦୋଷଯୁକ୍ତ ଆଚରଣଗୁଡ଼ିକୁ ମଧ୍ୟ ପରିତ୍ୟାଗ କରି ଶୁଦ୍ଧ ଓ ପବିତ୍ର ଆଚରଣ କରିବା ଉଚିତ ।

ଯେଉଁଭଳି ଲୋକଙ୍କ ସଙ୍ଗ କରେ, ଯେଉଁଭଳି ପରିବେଶରେ ରହେ, ତା'ର ସ୍ୱଭାବ ସେହିପରି ହୋଇଯାଏ। ତାତ୍ପର୍ଯ୍ୟ ହେଲା ଯେ ବିହିତକର୍ମ, ସତ୍ସଙ୍ଗ ଓ ପବିତ୍ର ଆଚରଣ ଦ୍ୱାରା ସ୍ୱଭାବ ସୁଧୁରିଯାଏ (୧୬।୧-୧୮)। ଏହି ସ୍ୱଭାବକୁ ସୁଧାରିବା ପାଇଁ ଭଗବାନ ଗୀତାର ଅନେକ ସ୍ଥାନରେ ଆଦେଶ ଦେଇଛନ୍ତି (୩।୩୦, ୩୪; ୧୬।୨୧,୨୪ ଇତ୍ୟାଦି)। ତାତ୍ପର୍ଯ୍ୟ ହେଲା ଯେ ନିଜର ସ୍ୱଭାବକୁ ଶୁଦ୍ଧ ଓ ପବିତ୍ର କରିବାରେ ଅଥବା ଖରାପ କରିବାରେ ମନୁଷ୍ୟ ସ୍ୱାଧୀନ ଓ ସମର୍ଥ ଅଟେ, ଏଥିରେ କେହି ପରାଧୀନ ବା ଅସମର୍ଥ ନୁହେଁ। ଅତଏବ ମନୁଷ୍ୟ ଅତି ସାବଧାନ ହୋଇ ନିଜ ସ୍ୱଭାବକୁ ଶୁଦ୍ଧ କରିବା ଉଚିତ, ନିଜ ସ୍ୱଭାବକୁ କଦାପି ଖରାପ କରିବାକୁ ଅବସର ଦେବା ଉଚିତ ନୁହେଁ। ଏଇଥିରେ ହିଁ ମନୁଷ୍ୟଜନ୍ମର ସଫଳତା ନିହିତ।

(୪) ଜ୍ଞାନୀର ସ୍ୱଭାବ—ଜ୍ଞାନୀର ସ୍ୱଭାବ ଖୁବ୍ ଶୁଦ୍ଧ ହୋଇଥାଏ। ସମସ୍ତ ଜ୍ଞାନୀ (ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ) ମହାପୁରୁଷଙ୍କର ସ୍ୱଭାବରେ ଶୁଦ୍ଧତା, ନିର୍ମଳତା, ତ୍ୟାଗ, ବୈରାଗ୍ୟ ଇତ୍ୟାଦି ତ ସମାନ, କିନ୍ତୁ ବର୍ଣ୍ଣ, ଆଶ୍ରମ, ସାଧନାପଦ୍ଧତି ଆଦିକୁ ନେଇ ସେମାନଙ୍କର ସ୍ୱଭାବ ଓ ଆଚରଣ ଏକାପ୍ରକାରର ନ ହୋଇ ଭିନ୍ନ ଭିନ୍ନ ହୋଇଥାଏ (୩।୩୩)। ସେମାନଙ୍କର ଏହି ଭିନ୍ନତା ଦୋଷାବହ ନୁହେଁ। କାରଣ ସେମାନଙ୍କ ଠାରେ ରାଗ, ଦ୍ୱେଷ, ଅଭିମାନ ଇତ୍ୟାଦି ଦୋଷଗୁଡ଼ିକ ନ ଥାନ୍ତି। ତାତ୍ପର୍ଯ୍ୟ ହେଲା ଯେ ତତ୍ତ୍ୱଜ୍ଞାନ ହେବାପରେ ମଧ୍ୟ ଜ୍ଞାନୀ ମହାତ୍ମା ନିଜର ବର୍ଣ୍ଣ, ଆଶ୍ରମ, ସାଧନାପଦ୍ଧତି ଇତ୍ୟାଦି ଅନୁସାରେ ହିଁ ଆଚରଣ ଓ କର୍ତ୍ତବ୍ୟକର୍ମ କରିଥାନ୍ତି।

ଉପର୍ଯ୍ୟୁକ୍ତ ସ୍ୱଭାବଗୁଡ଼ିକୁ ବର୍ଣ୍ଣନା କରିବାର ଅଭିପ୍ରାୟ ଏହି ଯେ ମନୁଷ୍ୟ ନିଜ ସ୍ୱଭାବକୁ ମାର୍ଜିତ କରୁ, ତାହାକୁ ଖରାପ ନ କରୁ ଏବଂ ସ୍ୱଭାବକୁ ନେଇ କାହାରି ପ୍ରତି ଦୋଷଦୃଷ୍ଟି ନ ରଖୁ। ସେ ସାବଧାନ ହୋଇ ଦୁଷ୍କର୍ମଗୁଡ଼ିକୁ ପରିତ୍ୟାଗ କରି ସତ୍କର୍ମଗୁଡ଼ିକୁ ଗ୍ରହଣ କରୁ। ଏପରି କରିବାରେ ସେ ସର୍ବଥା ସ୍ୱାଧୀନ। ସତ୍‌ଶାସ୍ତ୍ର, ସତ୍‌ପୁରୁଷମାନଙ୍କର ସଙ୍ଗ, ନିଜର ଉତ୍ସାହ ଓ ଧୈର୍ଯ୍ୟ ଏଥିରେ ସହାୟକ ହୋଇଥାଏ।

ଜ୍ଞାତବ୍ୟ

ମନୁଷ୍ୟଲୋକରେ ସ୍ୱଭାବକୁ ପ୍ରାଧାନ୍ୟ ଦିଆଯାଏ। ଇଏ ଭଦ୍ରଲୋକ, ଇଏ ଖୁବ୍ ଭଲ, ଇଏ ଦୁଷ୍ଟ, ଇଏ ଦ୍ରୋହୀ, ଇଏ ବଡ଼ ଖରାପ, ଇଏ ଚୋର, ଇଏ ଡାକୁ, ଇଏ ବଡ଼ ଠକ, ଇଏ ବଡ଼ ଚାତୁର ଇତ୍ୟାଦି ଯେତେପ୍ରକାର ସଂଜ୍ଞା ରହିଛି, ସେସବୁ ସ୍ୱଭାବ ଉପରେ ଆଧାରିତ। ପରଲୋକରେ ମଧ୍ୟ ସ୍ୱଭାବ ଅନୁସାରେ ଗତି ହୁଏ। ମନୁଷ୍ୟ ନିଜର ସ୍ୱଭାବକୁ ଯେଉଁଭଳି ଗଠନ କରିବ, ଭଗବାନ ସେହି ଅନୁସାରେ ହିଁ ତାକୁ ଜନ୍ମ ଦେବେ।

ମନୁଷ୍ୟଜନ୍ମ କେବଳ ସ୍ୱଭାବକୁ ଶୁଦ୍ଧ କରିବା ପାଇଁ ମିଳିଛି। ଅତଏବ ଖରାପ ସ୍ୱଭାବକୁ ବଦଳାଇ ଭଲ ହେବା ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ। ନିଜ ସ୍ୱଭାବକୁ ବଦଳାଇବାରେ ପ୍ରତ୍ୟେକ ମନୁଷ୍ୟ ସ୍ୱାଧୀନ। ନିଜ ସ୍ୱଭାବକୁ ଶୁଦ୍ଧ କରିବାରେ ମନୁଷ୍ୟ ଯେତେ ସ୍ୱାଧୀନ, ଧନୀ ହେବା, ଉଚ୍ଚ ପଦବୀ ପାଇବା ଇତ୍ୟାଦିରେ ସେତେ ସ୍ୱାଧୀନ ନୁହେଁ। ଯଦି ମନୁଷ୍ୟ ଉତ୍ତମ ସଙ୍ଗ କରେ, ଉତ୍ତମ ପୁସ୍ତକ ପଢ଼େ, ସ୍ୱଭାବ ସୁଧାରିବା ପାଇଁ ଚେଷ୍ଟା କରେ, ତେବେ ସେ ନିଜର ସ୍ୱଭାବକୁ ଅତି ଶୀଘ୍ର ଓ ସହଜରେ ଶୁଦ୍ଧ କରିପାରିବ। କୁସଙ୍ଗ କଲେ, ଖରାପ ପୁସ୍ତକ ପଢ଼ିଲେ, ଖରାପ ବିଷୟରକୁ ଉତ୍ସାହିତ କଲେ ସେ ଖରାପ ସ୍ୱଭାବର ବଶବର୍ତ୍ତୀ ହୋଇଯିବ।

ମନୁଷ୍ୟଜନ୍ମ ପାଇ ମଧ୍ୟ ନିଜ ସ୍ୱଭାବକୁ ଶୁଦ୍ଧ ନ କରିପାରିବା ବହୁତ ବଡ଼ କ୍ଷତି। କାରଣ ଏହା ଏକମାତ୍ର ଅବସର, ଯେଉଁଥିରେ ମନୁଷ୍ୟ ନିଜର ସ୍ୱଭାବକୁ ଶୁଦ୍ଧ କରି ଉଚ୍ଚକୁ ଉଠିପାରେ, ଜୀବନ୍ମୁକ୍ତ ହୋଇପାରେ, ତତ୍ତ୍ୱଜ୍ଞ ହୋଇପାରେ ଓ ଭଗବଦ୍ଭକ୍ତ ହୋଇପାରେ। ଅନ୍ୟ ଜନ୍ମରେ ଏଭଳି ସୁଯୋଗ ମିଳିବା କଷ୍ଟସାଧ୍ୟ। କାରଣ ସେହି ଜନ୍ମରେ ଏଭଳି ବୁଦ୍ଧି ନ ଥାଏ, ଏଭଳି ସାମଗ୍ରୀ ନ ଥାଏ, ଏଭଳି ସାମର୍ଥ୍ୟ ନ ଥାଏ, ଯାହାର ବିନିଯୋଗ କରି ଜୀବ ନିଜର ସ୍ୱଭାବକୁ ଶୁଦ୍ଧ କରି ନିଜର ଉଦ୍ଧାର କରିପାରିବ।

ମନୁଷ୍ୟର ଯାହା କିଛି ସମ୍ମାନ ଓ ପ୍ରତିଷ୍ଠା ଅଛି, ସେସବୁ ତାହାର ସ୍ୱଭାବ କାରଣରୁ ହିଁ ଅଛି। ଯଦି କୌଣସି ଖରାପ ସ୍ୱଭାବର ବ୍ୟକ୍ତି ବର୍ଣ୍ଣ, ଆଶ୍ରମ ଆଦିରେ ଉଚ୍ଚ ହୋଇଥାଏ ଓ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥାଏ, ତେବେ ଲୋକେ ନିଜ ନିଜର କାମ ହାସଲ କରିବା ପାଇଁ ହୁଏତ ତା' ଆଗରେ ଚୁପ୍ ରହି ପାରନ୍ତି, ଭୟରେ ତାହାର ପ୍ରଶଂସା କରିପାରନ୍ତି, ତାକୁ ସମ୍ମାନ ଦେଇ ପାରନ୍ତି, କିନ୍ତୁ ହୃଦୟର ସହିତ ସେମାନେ ତାକୁ ସମ୍ମାନ ଦିଅନ୍ତି ନାହିଁ। ସେମାନଙ୍କ ମନରେ ଏକ

ଭାବନା ଥାଏ ଯେ 'ଜଣ କରିବା ଲୋକଟା ତ ଭାରି ଦୁଷ୍ଟ, କିନ୍ତୁ କାମ ହାସଲ ପାଇଁ ଏହାର ଗୋଲାମି କରିବାକୁ ପଡୁଛି।' ଲୋକଙ୍କ ମନରେ ଯୁଧିଷ୍ଠିରଙ୍କ ପ୍ରତି ବହୁତ ସମ୍ମାନ ଥିଲା ଏବଂ ଦୁର୍ଯ୍ୟୋଧନ ପ୍ରତି ବଡ଼ ଘୃଣାଭାବ ରହିଥିଲା। ଏଥିରେ ସେ ଦୁହିଙ୍କର ସ୍ୱଭାବ ହିଁ ଦାୟୀ।

ସ୍ୱାର୍ଥ ଓ ଅଭିମାନ ଛାଡ଼ି ଅନ୍ୟମାନଙ୍କର ସେବା କଲେ, ଅନ୍ୟର ମଙ୍ଗଳ ଇଚ୍ଛା କଲେ ମନୁଷ୍ୟର ସ୍ୱଭାବ ଅତି ଶୀଘ୍ର ସୁଧୁରି ଯାଇପାରେ। ସ୍ୱଭାବ ସୁଧୁରିଗଲେ ସେ ନିଜର ଏବଂ ଦୁନିଆର ଉଦ୍ଧାର କରିପାରେ। ଯେମିତି ଓସ୍ତ ଇତ୍ୟାଦି ବୃକ୍ଷ ଖୁବ୍ ଶୀଘ୍ର ଆକାଶକୁ (ଉପରକୁ) ବଢ଼ିଯାଆନ୍ତି ଏବଂ ଦୁବ ଛୋଟ ହୋଇ ରହିଯାଏ, କିନ୍ତୁ ଆକାଶ ତରଫରୁ କାହାରିକୁ କିଛି ମନା ନାହିଁ, ସେହିଭଳି ମନୁଷ୍ୟ ନିଜର ସ୍ୱଭାବକୁ ସୁଧାରି ଉଚ୍ଚକୁ ଉଠିପାରେ, ଏଥିପାଇଁ ଭଗବାନଙ୍କ ତରଫରୁ କାହାରିକୁ କିଛି ମନା ନାହିଁ। ତାତ୍ପର୍ଯ୍ୟ ଏହି ଯେ ବୃକ୍ଷ ଆଦି ପାଇଁ ଯେପରି ଆକାଶରେ ବଢ଼ିବାକୁ କୌଣସି ସୀମା ନାହିଁ, ସେହିପରି ମନୁଷ୍ୟ ପାଇଁ ମଧ୍ୟ ଉନ୍ନତିର କୌଣସି ସୀମା ନାହିଁ।

ସ୍ୱଭାବ ମୁଖ୍ୟତଃ ଦୁଇ ପ୍ରକାରର—ସମଷ୍ଟିସ୍ୱଭାବ ଓ ବ୍ୟଷ୍ଟିସ୍ୱଭାବ। ଯେଉଁଥିରେ କୌଣସି ପ୍ରକାରର ଉଦ୍ୟମ ବା ପରିଶ୍ରମ କରିବାକୁ ପଡ଼େ ନାହିଁ ଏବଂ ଯେଉଁଥିରେ ସ୍ୱତଃ ପରିବର୍ତ୍ତନରୂପକ କ୍ରିୟା ହେଉଥାଏ, ତାହା ସମଷ୍ଟି (ପ୍ରାକୃତ) ସ୍ୱଭାବ ଅଟେ। ଯଥା—ଗରମଦିନରେ କେବେ ବେଶୀ ଗରମ ପଡ଼େ ତ କେବେ କମ୍ ଗରମ ପଡ଼େ, କେବେ ପବନ ବହେ ତ କେବେ ବହେ ନାହିଁ। ଥଣ୍ଡାଦିନରେ କେତେବେଳେ କମ୍ ଥଣ୍ଡା ପଡ଼େ ତ କେତେବେଳେ ବେଶୀ ଥଣ୍ଡା ପଡ଼େ, କେବେ ବର୍ଷା ହୁଏ ତ କେବେ ପବନ ବହେ। ବର୍ଷାଦିନରେ କେବେ ବେଶୀ ବର୍ଷା ହୁଏ ତ କେବେ କମ୍ ବର୍ଷା ହୁଏ ଆଉ କେବେ କେବେ ସମ୍ପୂର୍ଣ୍ଣ ଶୁଖିଲା ପାଗ ରହେ। ବାଳକ ଜନ୍ମ ହୁଏ, ବଡ଼ ହୁଏ, ଯୁବକ ହୁଏ, ବୁଢ଼ା ହୁଏ ଓ ମରିଯାଏ। ବୃକ୍ଷଲତାଦି ଜନ୍ମ ହୁଅନ୍ତି, ବଢ଼ନ୍ତି, ଉପୁଡ଼ି ପଡ଼ନ୍ତି ଓ ଶୁଖିଯାଆନ୍ତି। ନୂଆ ଘର ପୁରୁଣା ହୋଇଯାଏ। ଏସବୁ ସମଷ୍ଟିପ୍ରକୃତିର ସ୍ୱଭାବ ଅଟେ। ଏହି ପ୍ରାକୃତ ସ୍ୱଭାବରେ ପରିବର୍ତ୍ତନ ଅଣାଯାଇପାରେ। ଯଥା—ପରମାଣୁ ବୋମା ଆଦି ବିସ୍ଫୋଟ ଦ୍ୱାରା ସମଷ୍ଟି-ପ୍ରକୃତିରେ ବିକୃତି ଆସିଯାଏ।

କୌଣସି ବ୍ୟକ୍ତିର ବ୍ୟଷ୍ଟିସ୍ୱଭାବ ଅନ୍ୟ ସହିତ ସମାନ ନୁହେଁ। କାହାର ସ୍ୱଭାବ ଶାନ୍ତ ତ କାହାର ଭୟଙ୍କର ଏବଂ ଆଉ କାହାର ମୂଢ଼ (ତମୋଗୁଣୀ) ହୋଇଥାଏ। ଯାହାର ସ୍ୱଭାବ ଶାନ୍ତ, ସେ ସତ୍ସଙ୍ଗ, ସଦ୍‌ଶାସ୍ତ୍ର, ସଦ୍‌ବିଚାର ଇତ୍ୟାଦି ଦ୍ୱାରା ନିଜର ଶାନ୍ତ ସ୍ୱଭାବକୁ ବିଶେଷଭାବେ ବଢ଼ାଇପାରେ। ଯାହାର ସ୍ୱଭାବ ଭୟଙ୍କର, ସେ ନିଜର ସ୍ୱଭାବକୁ ସୁଧାରିବାକୁ ଚାହିଁଲେ ସତ୍ସଙ୍ଗ, ସଦ୍‌ବିଚାର ଆଦି ଦ୍ୱାରା ସ୍ୱଭାବକୁ ଶାନ୍ତ ଓ ସୌମ୍ୟ କରିପାରିବ। ଯାହାର ସ୍ୱଭାବ ମୂଢ଼, ସେ ଯଦି ଉତ୍ତମ ସଙ୍ଗ କରେ, ସଦ୍‌ଶାସ୍ତ୍ର ପଢ଼େ, ଭଲ ଅଭ୍ୟାସ କରେ, ତେବେ ସେ ମଧ୍ୟ ନିଜର ସ୍ୱଭାବକୁ ଭଲ କରିପାରିବ। କିନ୍ତୁ ଏହା ବଡ଼ କଠିନ କାର୍ଯ୍ୟ। କଠିନ ହେଲେ ମଧ୍ୟ ନିଜର ସ୍ୱଭାବକୁ ବଦଳାଇବାରେ ସେ ସର୍ବଥା ସ୍ୱତନ୍ତ୍ର।

୪୧. ଗୀତାରେ ଦୈବୀ ଓ ଆସୁରୀ ସମ୍ପତ୍ତି

ଅଭୟାଦିଗୁଣୈର୍ଯୁକ୍ତା ସମ୍ପଦ୍ ଦୈବୀତି କଥ୍ୟତେ।
ଦମ୍ଭଦର୍ପାଭିମାନାଦିରାସୁରୀ ସମ୍ପଦା ମତା॥

ଦୈବୀ ଓ ଆସୁରୀ—ଏହି ଶବ୍ଦ ଦୁଇଟି ମଧ୍ୟରୁ **'ଦେବ'** ନାମ ଦେବତାଙ୍କର ନୁହେଁ, ବରଂ ପରମାତ୍ମାଙ୍କର ଏବଂ **'ଅସୁର'** ନାମ ରାକ୍ଷସମାନଙ୍କର ନୁହେଁ, ବରଂ ପ୍ରାଣସମୂହରେ ରମଣ କରୁଥିବା ବ୍ୟକ୍ତିମାନଙ୍କର। ଗୀତାରେ **'ଦେବଦେବ'** (୧୦।୧୫), **'ଦେବମ୍'** (୧୧।୧୧,୧୪), **'ଦେବଦେବସ୍ୟ'** (୧୧।୧୩), **'ଦେବ'** (୧୧।୧୫) ଆଦି ପଦମାନଙ୍କରେ ପରମାତ୍ମାଙ୍କ ପାଇଁ 'ଦେବ' ଶବ୍ଦ ବ୍ୟବହୃତ ହୋଇଛି। **'ଆସୁରଂ ଭାବମ୍'** (୭।୧୫), **'ଆସୁରଃ'** (୧୬।୬), **'ଆସୁରନିଶ୍ଚୟାନ୍'** (୧୭।୬) ଆଦି ପଦମାନଙ୍କରେ ପ୍ରାଣସମୂହରେ ଆସକ୍ତି ରଖିଥିବା ବ୍ୟକ୍ତିମାନଙ୍କ ପାଇଁ 'ଅସୁର' ଶବ୍ଦ ବ୍ୟବହୃତ ହୋଇଛି।

'ଦେବ' ବା ପରମାତ୍ମାଙ୍କର ଯେତେ ଗୁଣ ଅଛି, ସେସବୁକୁ 'ଦୈବୀଗୁଣ' କୁହାଯାଏ। ଏହି ଦୈବୀଗୁଣ ପରମାତ୍ମପ୍ରାପ୍ତି କରାଇବା ପାଇଁ ମୂଳଧନ ହୋଇଥିବା ହେତୁ **'ଦୈବୀ ସମ୍ପତ୍ତି'** ବୋଲାଏ—**'ଦୈବୀ ସମ୍ପଦ୍ ବିମୋକ୍ଷାୟ'** (୧୬।୫)। ସାଧକମାନେ ଏହି ଦୈବୀ ସମ୍ପତ୍ତିର ଆଶ୍ରୟ ନେଇ ଭଗବାନଙ୍କର ଭଜନ କରନ୍ତି (୯।୧୩)।

'ଅସୁ' ଅର୍ଥ ପ୍ରାଣ। ଯେଉଁମାନେ ପ୍ରାଣସମୂହରେ ରମଣ କରନ୍ତି, ପ୍ରାଣସମୂହର ଭରଣ-ପୋଷଣ-ରକ୍ଷଣ କରିବାକୁ ଚାହାନ୍ତି, ସେମାନଙ୍କୁ ଅସୁର କୁହାଯାଏ। ସେହି ଅସୁରମାନଙ୍କର ଯାହା ସ୍ୱଭାବ ଓ ଗୁଣ, ସେସବୁକୁ 'ଆସୁରୀଗୁଣ' କୁହାଯାଏ। ଏହି ଆସୁରୀଗୁଣ ବାରମ୍ବାର ଜନ୍ମମରଣ ପ୍ରଦାନ କରିବାର, ଚଉରାଶୀ ଲକ୍ଷ ଯୋନିକୁ ଓ ନରକକୁ ନେଇଯିବାର ମୂଳଧନ ହୋଇଥିବା ହେତୁ ଏହାକୁ **'ଆସୁରୀ ସମ୍ପତ୍ତି'** କୁହାଯାଏ—**'ନିବନ୍ଧାୟାସୁରୀ ମତା'** (୧୬।୫)। ମୂଢ଼ ଲୋକେ ଆସୁରୀ ସମ୍ପତ୍ତିର ଆଶ୍ରୟ ନିଅନ୍ତି (୯।୧୨)।

ସଂସାରରୁ ବିମୁଖ ହୋଇ ଦୈବୀ ସମ୍ପତ୍ତିକୁ ଆଶ୍ରୟ କରି ପରମାତ୍ମାଙ୍କୁ ପାଇବାକୁ ଚାହୁଁଥିବା ଲୋକେ ଦୁଇ ଭାଗରେ ବିଭକ୍ତ—

(୧) ସଗୁଣୋପାସକ (ଭକ୍ତ)—ସଗୁଣ-ଉପାସକଠାରେ ଶ୍ରଦ୍ଧାବିଶ୍ୱାସର ଓ ଭାବର ପ୍ରାଧାନ୍ୟ ଥାଏ, ତେଣୁ ସେ **'ଅଭୟଂ ସତ୍ତ୍ୱସଂଶୁଦ୍ଧିଃ........ ନାତିମାନିତା'** (୧୬।୧—୩)—ଏହି ଛବିଶଟି ଗୁଣକୁ ଧାରଣ କରିଥାଏ। ଏହି ସାଧକ ଭଗବାନଙ୍କୁ ସବୁଠାରେ ଦେଖି ସର୍ବପ୍ରଥମେ ଅଭୟ ହୋଇଯାଏ ଏବଂ କ୍ରମେ କ୍ରମେ ତାହାଠାରେ ଅମାନିତ୍ୱ ଆପେ ଆପେ ଆସିଯାଏ।

(୨) ନିର୍ଗୁଣୋପାସକ (ଜ୍ଞାନୀ)—ନିର୍ଗୁଣ-ଉପାସକଠାରେ ଶରୀର-ଶରୀରୀ ସମ୍ବନ୍ଧୀୟ ବିବେକର ପ୍ରାଧାନ୍ୟ ଥାଏ, ତେଣୁ ସେ **'ଅମାନିତ୍ୱମଦମ୍ଭିତ୍ୱ......... ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍'** (୧୩।୭—୧୧)—ଏହି କୋଡ଼ିଏଟି ଗୁଣକୁ ଧାରଣ କରିଥାଏ। ଏହି ସାଧକଠାରେ ସର୍ବପ୍ରଥମେ ଅମାନିତ୍ୱ ଆସିଥାଏ ଏବଂ କ୍ରମେ କ୍ରମେ ସବୁଠାରେ ପରମାତ୍ମାଙ୍କୁ ଅନୁଭବ କରି ସେ ଅଭୟ ହୋଇଯାଏ।

ଉପର୍ଯ୍ୟୁକ୍ତ ଦୁଇ ପ୍ରକାର ସାଧକଙ୍କ ଠାରେ ଦୈବୀ ସମ୍ପତ୍ତି ସାଧନାରୂପରେ ରହିଥାଏ। ସିଦ୍ଧ ମହାପୁରୁଷମାନଙ୍କ ଠାରେ ଏହି ଦୈବୀ ସମ୍ପତ୍ତି ସ୍ୱତଃ ଓ ସ୍ୱାଭାବିକରୂପେ ଥାଏ। ପ୍ରକୃତରେ ସିଦ୍ଧ ମହାପୁରୁଷ ଗୁଣରୁ ଅତୀତ ହୋଇଥାଆନ୍ତି; କିନ୍ତୁ ସେମାନେ ପ୍ରଥମେ ସାଧନାବସ୍ଥାରେ ଦୈବୀ ସମ୍ପତ୍ତିକୁ ନେଇ ସାଧନା କରିଥିବାରୁ ସିଦ୍ଧାବସ୍ଥାରେ ମଧ୍ୟ ସେମାନଙ୍କ ଠାରେ ଦୈବୀ ସମ୍ପତ୍ତିର ସ୍ୱଭାବ ରହିଯାଇଥାଏ। ସେହି ସିଦ୍ଧମାନଙ୍କ ମଧ୍ୟରୁ ସିଦ୍ଧ ଭକ୍ତମାନଙ୍କର ସ୍ୱାଭାବିକ ଦୈବୀ ସମ୍ପତ୍ତିର ଗୁଣଗୁଡ଼ିକୁ ଦ୍ୱାଦଶ ଅଧ୍ୟାୟର ୧୩ଶ ରୁ ୧୯ଶ ଶ୍ଳୋକ ମଧ୍ୟରେ ବର୍ଣ୍ଣନା କରାଯାଇଛି ଓ ସିଦ୍ଧ ଜ୍ଞାନୀମାନଙ୍କର ସ୍ୱାଭାବିକ ଦୈବୀ ସମ୍ପତ୍ତିର ଗୁଣଗୁଡ଼ିକୁ ଚତୁର୍ଦ୍ଦଶ ଅଧ୍ୟାୟର ୨୨ଶ ରୁ ୨୫ଶ ଶ୍ଳୋକଯାଏ ବର୍ଣ୍ଣନା କରାଯାଇଛି।

ଆସୁରୀ ସମ୍ପତ୍ତିକୁ ଧାରଣ କରିଥିବା ଲୋକେ ମଧ୍ୟ ଦୁଇଭାଗରେ ବିଭକ୍ତ—

(୧) ସକାମଭାବରେ ଦେବତାମାନଙ୍କର ଉପାସନା କରୁଥିବା ଲୋକେ—ସକାମଭାବରେ ଦେବତା ଆଦିଙ୍କ ଉପାସନା କରି ବ୍ରହ୍ମଲୋକ ପର୍ଯ୍ୟନ୍ତ ଯାଉଥିବା ଲୋକେ ଆସୁରୀ ସମ୍ପତ୍ତିଯୁକ୍ତ ଅଟନ୍ତି। କାରଣ ଭୋଗ ଉପଭୋଗ କରିବା ସେମାନଙ୍କର ଉଦ୍ଦେଶ୍ୟ। ସେମାନେ ଭୋଗରେ ହିଁ ଆସକ୍ତ ଓ ତନ୍ମୟ ରହନ୍ତି (୨।୪୨—୪୪; ୭।୨୦—୨୩; ୯।୨୦-୨୧)। ଏପରି ମନୁଷ୍ୟମାନଙ୍କୁ ନାଶବାନ୍ ଫଳ ମିଳେ—**'ଅନ୍ତବତ୍ତୁ ଫଳଂ ତେଷାମ୍'** (୭।୨୩) ଓ ସେମାନେ ବାରମ୍ବାର ଜନ୍ମମରଣ ଚକ୍ରରେ ଘୂରନ୍ତି—**'ଗତାଗତଂ କାମକାମା ଲଭନ୍ତେ'**(୯।୨୧)।

ତାତ୍ପର୍ଯ୍ୟ ହେଲା ଯେ ଯେଉଁମାନଙ୍କର ସୁଖ, ଆରାମ ପ୍ରଭୃତି ଉପଭୋଗ କରିବା ଓ ନାଶବାନ୍ ପଦାର୍ଥଗୁଡ଼ିକୁ ପ୍ରାପ୍ତ କରିବାର ଉଦ୍ଦେଶ୍ୟ ରହିଥାଏ, ସେମାନେ ଆସୁରୀ ସମ୍ପତ୍ତିଯୁକ୍ତ ଅଟନ୍ତି। ଅପରପକ୍ଷେ ଯେଉଁମାନଙ୍କର ଭଗବାନଙ୍କର ପ୍ରସନ୍ନତା ପାଇଁ ଓ ଲୋକସଂଗ୍ରହ ପାଇଁ, ସଂସାରର ହିତସାଧନ ପାଇଁ କର୍ମ କରିବାର ଉଦ୍ଦେଶ୍ୟ ରହିଥାଏ, ସେମାନେ ଦୈବୀ ସମ୍ପତ୍ତିଯୁକ୍ତ ଅଟନ୍ତି।

(୨) କାମ-କ୍ରୋଧାଦିର ଆଶ୍ରୟ ନେଇ ଦୁର୍ଗୁଣ ଓ ଦୁରାଚାରରେ ପ୍ରବୃତ୍ତ ହେଉଥିବା ଲୋକେ—ଯେଉଁମାନେ କାମ, କ୍ରୋଧ, ଅହଂକାର ଇତ୍ୟାଦିର ଆଶ୍ରୟ ନିଅନ୍ତି, ସେମାନେ ମିଛ, କପଟ, ଜାଲିଆତି, ବେଇମାନି, ପ୍ରତାରଣା, ହିଂସା ଆଦି ଦ୍ୱାରା ଅନ୍ୟମାନଙ୍କୁ ଦୁଃଖ ଦିଅନ୍ତି। ସେପରି ଲୋକେ ପାପର ତାରତମ୍ୟ ଅନୁସାରେ ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷ, ଲତା ଇତ୍ୟାଦି ଆସୁରୀ ଯୋନିକୁ (୧୬।୧୯) ଓ କୁମ୍ଭୀପାକ,

ରୌରବ ଆଦି ନରକଗୁଡ଼ିକୁ (୧୬।୧୬) ଯାଆନ୍ତି।

ତାତ୍ପର୍ଯ୍ୟ ହେଲା ଯେ ଭଗବତ୍‌ପରାୟଣ ହେଲେ ମୁକ୍ତି ପ୍ରଦାନକାରୀ ଦୈବୀ ସମ୍ପତ୍ତି ପ୍ରକଟ ହୁଏ। ପିଣ୍ଡପୋଷଣ-ପରାୟଣ ଓ ଭୋଗପରାୟଣ ହେଲେ ଏବଂ 'ନୂଆ ନୂଆ ଜିନିଷ ମିଳୁଥାଉ ଓ ମିଳିଥିବା ଜିନିଷ ସର୍ବଦା ରହିଥାଉ' ଏଭଳି ଭାବ ରହିଲେ ବନ୍ଧନକାରୀ ଓ ପତନକାରୀ ଆସୁରୀ ସମ୍ପତ୍ତି ଆସିଯାଏ। ଅତଏବ ସାଧକ ଦୈବୀ ସମ୍ପତ୍ତିକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଆସୁରୀ ସମ୍ପତ୍ତିକୁ ଛାଡ଼ିଦେଇଲିବା ଉଚିତ। ଏପରି କଲେ ପରିଶେଷରେ ନିଶ୍ଚିତରୂପେ ସଫଳତା ମିଳିବ।

୪୨. ଗୀତାର ଯୋଗ

ଯୋଗଶବ୍ଦସ୍ୟ ଗୀତାୟାମର୍ଥସ୍ତୁ ତ୍ରିବିଧୋ ମତଃ।
ସାମର୍ଥ୍ୟେ ଚୈବ ସମ୍ବନ୍ଧେ ସମାଧୌ ହରିଣା ସ୍ୱୟମ୍‌॥

ଯୋଗର ଅର୍ଥ ମିଳନ। ଦୁଇଟି ସଜାତୀୟ ତତ୍ତ୍ୱର ମିଳନକୁ 'ଯୋଗ' କହନ୍ତି। ଆୟୁର୍ବେଦରେ ଦୁଇଟି ଔଷଧିର ପରସ୍ପର ମିଳନକୁ 'ଯୋଗ' କୁହାଯାଇଛି। ବ୍ୟାକରଣରେ ଶବ୍ଦଗୁଡ଼ିକର ସନ୍ଧିକୁ 'ଯୋଗ' କୁହାଯାଏ। ପାତଞ୍ଜଳଯୋଗଦର୍ଶନରେ ଚିତ୍ତବୃତ୍ତି ନିରୋଧକୁ 'ଯୋଗ' କୁହାଯାଇଛି। ଏହିପରି 'ଯୋଗ' ଶବ୍ଦର ଅନେକ ଅର୍ଥ ଅଛି, କିନ୍ତୁ ଗୀତାର 'ଯୋଗ' ସବୁଥିରୁ ସ୍ୱତନ୍ତ୍ର।

ଗୀତାରେ 'ଯୋଗ' ଶବ୍ଦର ବଡ଼ ବିଚିତ୍ର ବିଚିତ୍ର ଅର୍ଥ ଅଛି। ସେଗୁଡ଼ିକୁ ନିମ୍ନୋକ୍ତ ତିନୋଟି ବିଭାଗରେ ବିଭକ୍ତ କରାଯାଇପାରେ—

(୧) 'ଯୁଜିର୍ ଯୋଗେ' ଧାତୁରୁ ନିଷ୍ପନ୍ନ 'ଯୋଗ' ଶବ୍ଦ। ଏହାର ଅର୍ଥ ହେଲା—ସମରୂପ ପରମାତ୍ମାଙ୍କ ସହିତ ନିତ୍ୟ ସମ୍ବନ୍ଧ; ଯଥା—**'ସମତ୍ୱଂ ଯୋଗ ଉଚ୍ୟତେ'** (୨।୪୮) ଇତ୍ୟାଦି। ଗୀତାରେ ଯୋଗ ଶବ୍ଦ ମୁଖ୍ୟତଃ ଏହି ଅର୍ଥରେ ବ୍ୟବହୃତ ହୋଇଛି।

(୨) 'ଯୁଜ୍ ସମାଧୌ' ଧାତୁରୁ ନିଷ୍ପନ୍ନ 'ଯୋଗ' ଶବ୍ଦ। ଏହାର ଅର୍ଥ ହେଲା—ଚିତ୍ତର ସ୍ଥିରତା ଅର୍ଥାତ୍ ସମାଧିରେ ସ୍ଥିତି; ଯଥା—**'ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା'** (୬।୨୦) ଇତ୍ୟାଦି।

(୩) 'ଯୁଜ୍ ସଂଯମନେ' ଧାତୁରୁ ନିଷ୍ପନ୍ନ 'ଯୋଗ' ଶବ୍ଦ। ଏହାର ଅର୍ଥ ହେଲା—ସାମର୍ଥ୍ୟ ଓ ପ୍ରଭାବ; ଯଥା—**'ପଶ୍ୟ ମେ ଯୋଗମୈଶ୍ୱରମ୍'** (୯।୫) ଇତ୍ୟାଦି।

ପାତଞ୍ଜଳଯୋଗଦର୍ଶନରେ ଚିତ୍ତବୃତ୍ତିଗୁଡ଼ିକର ନିରୋଧକୁ 'ଯୋଗ' କୁହାଯାଇଛି—**'ଯୋଗଶ୍ଚିତ୍ତବୃତ୍ତିନିରୋଧଃ'** (୧।୧୨) ଏବଂ ସେହି ଯୋଗର ପରିଣାମ କୁହାଯାଇଛି—ଦ୍ରଷ୍ଟାର ସ୍ୱରୂପରେ ସ୍ଥିତି ହେବା—**'ତଦା ଦ୍ରଷ୍ଟୁଃ ସ୍ୱରୂପେଽବସ୍ଥାନମ୍ ବୃତ୍ତିସାରୂପ୍ୟମିତରତ୍ର'** (୧।୩-୪)। ପାତଞ୍ଜଳଯୋଗଦର୍ଶନରେ ଯୋଗର ଏପରି ଯେଉଁ ପରିଣାମ କଥିତ ହୋଇଛି, ତାହାକୁ ଗୀତାରେ 'ଯୋଗ' କୁହାଯାଇଛି (୨।୪୮; ୬।୨୩)। ତାତ୍ପର୍ଯ୍ୟ ଏହି ଯେ ଗୀତା ଚିତ୍ତବୃତ୍ତିମାନଙ୍କ ଠାରୁ ସର୍ବଥା ସମ୍ବନ୍ଧ-ବିଚ୍ଛେଦପୂର୍ବକ ସ୍ୱତଃସିଦ୍ଧ ସମସ୍ୱରୂପରେ ସ୍ୱାଭାବିକ ସ୍ଥିତିକୁ 'ଯୋଗ' କହେ। ସେହି ସମତାରେ ସ୍ଥିତ (ନିତ୍ୟଯୋଗୀ) ହୋଇଗଲେ ପୁଣି କେବେ ସେଥିରୁ ବିଯୁକ୍ତ ହେବାକୁ ପଡ଼େ ନାହିଁ; କଦାପି ବୃତ୍ତିରୂପତା ହୁଏ ନାହିଁ କି ବ୍ୟୁତ୍‌ଥାନ ହୁଏ ନାହିଁ। ବୃତ୍ତିଗୁଡ଼ିକ ନିରୁଦ୍ଧ ହେଲେ 'ନିର୍ବିକଳ୍ପ ଅବସ୍ଥା' ହୋଇଥାଏ, ମାତ୍ର ସମତାରେ ସ୍ଥିତ ହେଲେ 'ନିର୍ବିକଳ୍ପ ବୋଧ' ହୁଏ। 'ନିର୍ବିକଳ୍ପ ବୋଧ' ଅବସ୍ଥାତୀତ ଓ ସମସ୍ତ ଅବସ୍ଥାଗୁଡ଼ିକର ପ୍ରକାଶକ ତଥା ସମସ୍ତ ଯୋଗର ଫଳ।

ଜୀବର ପରମାତ୍ମାଙ୍କ ସହିତ ସମ୍ବନ୍ଧ (ଯୋଗ) ନିତ୍ୟ ଏବଂ ତାହା କୌଣସି ଅବସ୍ଥାରେ, କୌଣସି ପରିସ୍ଥିତିରେ ଛିନ୍ନ ହୁଏ ନାହିଁ। କାରଣ ପରମାତ୍ମାଙ୍କ ଅଂଶ ହୋଇଥିବା ହେତୁ ଜୀବର ପରମାତ୍ମାଙ୍କ ସହିତ ସମ୍ବନ୍ଧ ନିତ୍ୟ ଓ ନିରନ୍ତର ଯଥାବତ୍ ରହିଥାଏ। ଶରୀର ଓ ସଂସାର ସହିତ ସଂଯୋଗ ହେବା ହେତୁ ଅର୍ଥାତ୍ ସମ୍ବନ୍ଧ ମାନିନେବା ହେତୁ ସେହି ଶାଶ୍ୱତ ସମ୍ବନ୍ଧ (ନିତ୍ୟଯୋଗ) ଅନୁଭୂତ ହୁଏ ନାହିଁ। ଶରୀର ଓ ସଂସାର ସହିତ ମାନିଥିବା ସଂଯୋଗର ବିୟୋଗ (ବିମୁଖତା, ସମ୍ବନ୍ଧବିଚ୍ଛେଦ) ହେବାମାତ୍ରେ ସେହି ନିତ୍ୟଯୋଗ ଅନୁଭୂତ ହୁଏ—**'ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍'** (୬।୨୩) ଅର୍ଥାତ୍ ଦୁଃଖ ସହିତ ହୋଇଥିବା ସଂଯୋଗର ବିୟୋଗ ଘଟିବାକୁ ହିଁ 'ଯୋଗ'

କହନ୍ତି।* ତାତ୍ପର୍ଯ୍ୟ ହେଲା ଯେ ଭୁଲ୍‌ବଶତଃ ସଂସାର ସହିତ ମାନିନେଇଥିବା ସଂଯୋଗର ବିୟୋଗ ଘଟିବା ଏବଂ ସମରୂପ ପରମାତ୍ମାଙ୍କ ସହିତ ସମ୍ବନ୍ଧ କରିବାର ଉଦ୍ଦେଶ୍ୟ ହୋଇଯିବା ଓ ସେହି ସମ୍ବନ୍ଧର ଅନୁଭବ ହେବାର ନାମ 'ଯୋଗ'। ଏହି ଯୋଗ ସବୁ ସମୟରେ ଅଛି, ସବୁ ସ୍ଥାନରେ ଅଛି, ସମସ୍ତ ବସ୍ତୁରେ ଅଛି, ସମସ୍ତ ଶରୀରରେ ଅଛି, ସବୁ ଘଟଣାରେ ଅଛି, ସବୁ କ୍ରିୟାରେ ଅଛି। ଅଧିକ କ'ଣ ବା କହିବା, ଏହି ନିତ୍ୟଯୋଗର ବିୟୋଗ ନାହିଁ, କେବେ ହୋଇ ନାହିଁ, କେବେ ହେବ ନାହିଁ କି କେବେ ହୋଇ ପାରିବ ନାହିଁ। ଏହା ହିଁ ଗୀତାର ମୁଖ୍ୟ ଯୋଗ। ଏହି ଯୋଗକୁ ପ୍ରାପ୍ତ କରିବା ନିମିତ୍ତ ଗୀତାରେ କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ, ଧ୍ୟାନଯୋଗ, ଅଷ୍ଟାଙ୍ଗଯୋଗ, ପ୍ରାଣାୟାମ, ହଠଯୋଗ ଆଦି ସାଧନାଗୁଡ଼ିକର ବର୍ଣ୍ଣନା କରାଯାଇଛି। କିନ୍ତୁ ଏସବୁ ସାଧନାକୁ ସେତେବେଳେ ଯୋଗ କୁହାଯିବ, ଯେତେବେଳେ ଅସତ୍ ଠାରୁ ସମ୍ବନ୍ଧ ଛିନ୍ନ ହେବ ଓ ପରମାତ୍ମାଙ୍କ ସହିତ ନିତ୍ୟସମ୍ବନ୍ଧ ଅନୁଭୂତ ହେବ।

ଏହି ନିତ୍ୟଯୋଗକୁ ଅନୁଭବ କରିବାରେ ଅସତ୍‌ର ସଙ୍ଗ ହିଁ ବାଧକ ଅଟେ। କାରଣ ଅସତ୍‌ର ସଙ୍ଗରୁ ହିଁ ରାଗ-ଦ୍ୱେଷ, ଅନୁକୂଳତା-ପ୍ରତିକୂଳତା, ଭଲ-ମନ୍ଦ ଆଦିର ଦ୍ୱନ୍ଦ୍ୱ ଉତ୍ପନ୍ନ ହୋଇଥାଏ। ଅସତ୍‌ରୁ ଅସଙ୍ଗ ହେବାମାତ୍ରେ, ଅସତ୍‌ର ସମ୍ବନ୍ଧ ଛିନ୍ନ ହେବାମାତ୍ରେ ଯୋଗପ୍ରାପ୍ତି ହୋଇଯାଏ।

ଯୋଗର ପ୍ରାପ୍ତି ପାଇଁ ଭଗବାନ ମୁଖ୍ୟଭାବରେ ଦୁଇଟି ନିଷ୍ଠା କଥା କହିଛନ୍ତି—କର୍ମଯୋଗ ଓ ସାଂଖ୍ୟଯୋଗ (୩।୩)। ଅସତ୍‌ଠାରୁ ସମ୍ବନ୍ଧ ଛିନ୍ନ କରିବା ହେଲା 'କର୍ମଯୋଗ' ଓ ସତ୍ ସହିତ ସଂଯୁକ୍ତ ହେବା ହେଲା 'ସାଂଖ୍ୟଯୋଗ'। ମାତ୍ର ଏହି ଦୁଇ ନିଷ୍ଠା ସାଧକମାନଙ୍କର ନିଜର। 'ଭକ୍ତିଯୋଗ' ସାଧକର ନିଜର ନିଷ୍ଠା ନୁହେଁ, ତାହା ଭଗବନ୍ନିଷ୍ଠା ଅଟେ।** ଭକ୍ତ କେବଳ ଭଗବାନଙ୍କ ସମ୍ମୁଖ ହୋଇଗଲେ ତାହା ଉପରେ ସାଂସାରିକ ସିଦ୍ଧି-ଅସିଦ୍ଧିର କୌଣସି ପ୍ରଭାବ ପଡ଼େ ନାହିଁ। ତାହାଠାରେ ସମତା ଆପେ ଆପେ ଆସିଯାଏ।

ତିନି ଯୋଗଦ୍ୱାରା କର୍ମ(ପାପ)ଗୁଡ଼ିକର ନାଶ

କର୍ମଜ୍ଞାନଭକ୍ତିଯୋଗାଃ§ ସର୍ବେଽପି କର୍ମନାଶକାଃ।
ତସ୍ମାଦ୍ କେନାପି ଯୁକ୍ତଃ ସ୍ୟାନ୍ନିଷ୍କର୍ମା ମନୁଜୋ ଭବେତ୍॥

ଗୀତାରେ ଭଗବାନ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ଯୋଗ ଦ୍ୱାରା ସର୍ବଥା କର୍ମ(ପାପ)ଗୁଡ଼ିକର ନାଶ ହେବା କଥା କହିଛନ୍ତି; ଯଥା—

(୧) **କର୍ମଯୋଗ**—ଯେଉଁ ସାଧକ କେବଳ ଯଜ୍ଞ (କର୍ତ୍ତବ୍ୟକର୍ମ)ର ପରମ୍ପରା ସୁରକ୍ଷିତ ରଖିବା ପାଇଁ, ଲୋକସଂଗ୍ରହ ନିମିତ୍ତ, ସୃଷ୍ଟିଚକ୍ରର ପରମ୍ପରା ଚଳାଇ ରଖିବା ଲାଗି ହିଁ କର୍ତ୍ତବ୍ୟକର୍ମର ପାଳନ କରେ ଅର୍ଥାତ୍ କର୍ମଗୁଡ଼ିକୁ ନିଜ ପାଇଁ ନ କରି କେବଳ ଅନ୍ୟମାନଙ୍କ ପାଇଁ କରେ, ସେ ସମସ୍ତ ପାପରୁ ମୁକ୍ତ ହୋଇଯାଏ (୩।୧୩)।

(୨) **ଜ୍ଞାନଯୋଗ**—ଯେଉଁ ଦୃଶ୍ୟସମୂହ ଦେଖିବା, ଶୁଣିବା ଓ ବୁଝିବାର ଅନ୍ତର୍ଗତ, ତାହା ଅଦୃଶ୍ୟତାରେ ପରିଣତ ହେଉଅଛି। ଇନ୍ଦ୍ରିୟମାନଙ୍କର ଓ ଅନ୍ତଃକରଣର ଯେତେ ବିଷୟ ଅଛନ୍ତି, ସେସବୁ ଆଗରୁ ନ ଥିଲେ, ପରେ ରହିବେ ନାହିଁ ଏବଂ ବର୍ତ୍ତମାନ ମଧ୍ୟ ପ୍ରତିକ୍ଷଣ 'ନାହିଁ'ରେ ପ୍ରବିଷ୍ଟ ହେଉଛନ୍ତି। କିନ୍ତୁ ବିଷୟ ଓ ସେମାନଙ୍କର ଅଭାବକୁ ଜାଣୁଥିବା ତତ୍ତ୍ୱ ସର୍ବଦା ଯଥାବତ୍ ବିଦ୍ୟମାନ ରହିଛି। ସେହି ତତ୍ତ୍ୱର କଦାପି ଅଭାବ ହୋଇ ନାହିଁ,

---

* ଗୀତାରେ 'ଯୋଗଃ କର୍ମସୁ କୌଶଳମ୍' (୨।୫୦)—ଏଭଳି ବାକ୍ୟ ମଧ୍ୟ ଅଛି, କିନ୍ତୁ ଏହି ବାକ୍ୟ ଯୋଗର ପରିଭାଷା ନୁହେଁ, ବରଂ ଏଥିରେ ଯୋଗର ମହିମା କୁହାଯାଇଛି ଯେ କର୍ମରେ ଯୋଗ ହିଁ କୁଶଳତା। କର୍ମରେ ଯୋଗ ବ୍ୟତୀତ ଅନ୍ୟ କୌଣସି ମହତ୍ତ୍ୱ ନାହିଁ।

** ଗୀତାରେ ଯେଉଁଠି କର୍ମଯୋଗ ଓ ସାଂଖ୍ୟଯୋଗ ନାମରେ ଦୁଇଟି ମାତ୍ର ନିଷ୍ଠା ସ୍ୱୀକୃତ ହୋଇଛି, ସେଠାରେ ଭକ୍ତିଯୋଗକୁ ସ୍ୱତନ୍ତ୍ର ବୋଲି ସ୍ୱୀକାର କରା ନ ଯାଇ ଉପର୍ଯ୍ୟୁକ୍ତ ଦୁଇ ନିଷ୍ଠାର ଅନ୍ତର୍ଗତ ବୋଲି ମାନିନିଆଯାଇଛି। ତେଣୁ ସେଠାରେ ସାଂଖ୍ୟଯୋଗର ଦୁଇଟି ପ୍ରଭେଦ ହୋଇଛି—ବିବେକପ୍ରଧାନ ସାଂଖ୍ୟଯୋଗ (୧୩।୧୯—୩୪) ଓ ଭକ୍ତିମିଶ୍ରିତ ସାଂଖ୍ୟଯୋଗ (୧୩।୧—୧୮)। ସେହିପରି କର୍ମଯୋଗର ମଧ୍ୟ ତିନୋଟି ପ୍ରଭେଦ ହୋଇଛି—କର୍ମପ୍ରଧାନ କର୍ମଯୋଗ (୧୮।୪—୧୨), ଭକ୍ତିମିଶ୍ରିତ କର୍ମଯୋଗ (୧୮।୪୧—୪୮) ଓ ଭକ୍ତିପ୍ରଧାନ କର୍ମଯୋଗ (୧୮।୫୬—୬୬)। କିନ୍ତୁ ଯେଉଁଠି ଭକ୍ତିଯୋଗକୁ ଉକ୍ତ ଦୁଇଟି ନିଷ୍ଠାର ଅନ୍ତର୍ଗତ ନ ମାନି ସ୍ୱତନ୍ତ୍ର ବୋଲି ମାନି ନିଆଯାଇଛି, ସେଠାରେ ସାଂଖ୍ୟଯୋଗ ଓ କର୍ମଯୋଗ—ଏହି ଦୁଇଟି ନିଷ୍ଠା ସାଧକମାନଙ୍କର ନିଜର ଅଟେ ଏବଂ ଭକ୍ତିଯୋଗ ଭଗବନ୍ନିଷ୍ଠା ଅଟେ। ଏତଦ୍‌ବ୍ୟତୀତ ତିନୋଟିଯାକ ଯୋଗକୁ ସ୍ୱତନ୍ତ୍ର ମଧ୍ୟ ମାନିନିଆଯାଇଛି, ସେଥିରେ କାହାରି ମିଶ୍ରଣ ନ ଥାଏ।

§ ଏଠାରେ (ଏହି ଶ୍ଳୋକରେ) 'ର-ବିପୁଲା'ର ପ୍ରୟୋଗ ହୋଇଛି। ପ୍ରତ୍ୟେକ ଲେଖାର ଆରମ୍ଭରେ ଦିଆଯାଇଥିବା ଅନ୍ୟ ଶ୍ଳୋକଗୁଡ଼ିକରେ କେଉଁଠି କେଉଁଠି 'ର-ବିପୁଲା'ର ପ୍ରୟୋଗ ହୋଇଛି। ଏପରି ପ୍ରୟୋଗକୁ 'ପିଙ୍ଗଳଛନ୍ଦଃସୂତ୍ରମ୍' ଗ୍ରନ୍ଥ ଅନୁସାରେ 'ପଥ୍ୟାବକ୍ତ୍ର' ନାମକ ଛନ୍ଦର ଅନ୍ତର୍ଗତ ବୋଲି ମାନିନିଆଯାଇଛି।

ହୁଏ ନାହିଁ, ହେବ ନାହିଁ, କି ହୋଇ ମଧ୍ୟ ପାରିବ ନାହିଁ। ସେହି ତତ୍ତ୍ୱରୁ ମୁଁ-ମୋର, ତୁ-ତୋର, ଇଏ-ଏହାର ଏବଂ ସେ-ତାହାର—ଏହି ଗ୍ରୁପ୍‌ଟି ପ୍ରକାଶିତ ହୁଅନ୍ତି। ସେହି ତତ୍ତ୍ୱ (ପ୍ରକାଶ) ଏ ସମସ୍ତ ଭେଦରେ ଯଥାବତ୍ ପରିପୂର୍ଣ୍ଣ। ଯେପରି ପ୍ରଜ୍ୱଳିତ ଅଗ୍ନି କାଠକୁ ଭସ୍ମ କରିଦିଏ, ସେହିପରି ଜ୍ଞାନରୂପକ ଅଗ୍ନି ସମସ୍ତ କର୍ମକୁ ଓ ପାପକୁ ଭସ୍ମ କରିଦିଏ। (୪।୩୭)। ତାତ୍ପର୍ଯ୍ୟ ଏହି ଯେ ସେହି ଜ୍ଞାନରୂପକ ଅଗ୍ନିରେ ମୁଁ-ମୋର, ତୁ-ତୋର, ଇଏ-ଏହାର ଓ ସେ-ତାହାର—ସବୁକିଛି ଲୀନ ହୋଇଯାଏ।

(୩) ଭକ୍ତିଯୋଗ—ଯିଏ ସଂସାରରୁ ବିମୁଖ ହୋଇ କେବଳ ଭଗବାନଙ୍କ ଶରଣାପନ୍ନ ହୁଏ, ତାହାକୁ ଭଗବାନ ସମସ୍ତ ପାପରୁ ମୁକ୍ତ କରି ଦିଅନ୍ତି। ଭଗବାନ ଅର୍ଜୁନଙ୍କୁ କହିଛନ୍ତି—ତୁମେ ସମସ୍ତ ଧର୍ମର ଆଶ୍ରୟ ଛାଡ଼ି ଏକମାତ୍ର ମୋର ଶରଣକୁ ଆସିଯାଅ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଆଦୌ ଚିନ୍ତା କର ନାହିଁ (୧୮।୬୬)।

ତିନି ଯୋଗଦ୍ୱାରା ନିର୍ବାଣପଦର ପ୍ରାପ୍ତି

କର୍ମଜ୍ଞାନଭକ୍ତିଯୋଗୈର୍ନିର୍ବାଣବ୍ରହ୍ମ ଗମ୍ୟତେ।
ଉକ୍ତମେତଲ୍ଲକ୍ଷ୍ୟସାମ୍ୟଂ ସାଧକାନାଂ ତୁ ଗୀତୟା॥

ସମସ୍ତ ସାଧକଙ୍କର ପ୍ରାପଣୀୟ ତତ୍ତ୍ୱ ଏକ ଅଟେ। କେବଳ ସାଧକର ଶ୍ରଦ୍ଧା, ବିଶ୍ୱାସ, ଯୋଗ୍ୟତା, ସ୍ୱଭାବ, ରୁଚି ଇତ୍ୟାଦି ଭିନ୍ନ ଭିନ୍ନ ହୋଇଥିବା ହେତୁ ସେମାନଙ୍କର ଉପାସନା ଓ ସାଧନାପଦ୍ଧତିରେ ଭିନ୍ନତା ଥାଏ। ମନୁଷ୍ୟମାନଙ୍କ ମଧ୍ୟରେ ଭାଷାଭେଦ, ବେଶଭେଦ, ସଂପ୍ରଦାୟଭେଦ ଇତ୍ୟାଦି ଅନେକ ପ୍ରକାରର ଭେଦ ଥିଲେ ମଧ୍ୟ ସୁଖଦୁଃଖର ଅନୁଭବ ସମସ୍ତଙ୍କ ପାଇଁ ସମାନ ଅର୍ଥାତ୍ ଅନୁକୂଳତା ଆସିଲେ ସୁଖୀ ହେବା ଓ ପ୍ରତିକୂଳତା ଆସିଲେ ଦୁଃଖୀ ହେବାରେ ସମସ୍ତେ ସମାନ ଅଟନ୍ତି। ସେହିପରି ସଂସାରରୁ ବିମୁଖ ହୋଇ ପରମାତ୍ମାଙ୍କର ସମ୍ମୁଖ ହେବାର ସାଧନା ଅଲଗା ଅଲଗା ହୋଇଥିଲେ ମଧ୍ୟ ପରମାତ୍ମପ୍ରାପ୍ତି ହେଲେ ସମସ୍ତେ ଏକ ହୋଇଯାଆନ୍ତି ଅର୍ଥାତ୍ ପରମାତ୍ମାଙ୍କୁ ଓ ସୁଖଶାନ୍ତିକୁ ପ୍ରାପ୍ତ କରିବାରେ ସମସ୍ତେ ସମାନ।

ଭଗବାନ ଗୀତାରେ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ—ତିନି ଯୋଗ ଦ୍ୱାରା ନିର୍ବାଣପଦପ୍ରାପ୍ତି ହୁଏ ବୋଲି କହିଛନ୍ତି; ଯଥା—

(୧) କର୍ମଯୋଗ—ଯେଉଁ ମନୁଷ୍ୟ କାମନା, ସ୍ପୃହା, ମମତା ଓ ଅହଂଭାବରୁ ମୁକ୍ତ ହୋଇଥାଏ, ତାକୁ ଶାନ୍ତି ମିଳେ। ଏହାକୁ ବ୍ରାହ୍ମୀସ୍ଥିତି କହନ୍ତି। ଅନ୍ତକାଳରେ ମଧ୍ୟ ଯଦି କେହି ଏହି ବ୍ରାହ୍ମୀସ୍ଥିତିରେ ସ୍ଥିତ ହୋଇଯାଏ, ତେବେ ତାକୁ ନିର୍ବାଣବ୍ରହ୍ମର ପ୍ରାପ୍ତି ହୁଏ (୨।୭୧-୭୨)।

(୨) ଜ୍ଞାନଯୋଗ—ଯାହାର ବାହ୍ୟ ପଦାର୍ଥଗୁଡ଼ିକର ସମ୍ବନ୍ଧଜନିତ ସୁଖଲାଳସା ଦୂର ହୋଇଯାଇଛି, ଯାହାକୁ କେବଳ ପରମାତ୍ମତତ୍ତ୍ୱରୁ ହିଁ ସୁଖ ମିଳୁଛି, ଯିଏ ପରମାତ୍ମତତ୍ତ୍ୱରେ ହିଁ ରମଣ କରୁଛି, ସେପରି ବ୍ରହ୍ମଭୂତ ସାଧକକୁ ନିର୍ବାଣବ୍ରହ୍ମ ପ୍ରାପ୍ତ ହୋଇଥାନ୍ତି। ଯେଉଁମାନଙ୍କର ସବୁ ପାପ ନଷ୍ଟ ହୋଇଯାଇଛି ଓ ଦ୍ୱିଧାଭାବ ଦୂର ହୋଇଯାଇଛି ଏବଂ ଯେଉଁମାନେ ସବୁ ପ୍ରାଣୀଙ୍କର ହିତସାଧନରେ ରତ, ସେମାନଙ୍କୁ ନିର୍ବାଣବ୍ରହ୍ମ ପ୍ରାପ୍ତ ହୋଇଥାଆନ୍ତି। ଯେଉଁମାନେ କାମ ଓ କ୍ରୋଧରୁ ମୁକ୍ତ, ଯେଉଁମାନଙ୍କର ମନ ନିଜର ଅଧୀନ ଏବଂ ଯେଉଁମାନେ ତତ୍ତ୍ୱକୁ ଜାଣିସାରିଛନ୍ତି, ସେଭଳି ସାଧକମାନଙ୍କୁ ଜୀବିତାବସ୍ଥାରେ ଅଥବା ମୃତ୍ୟୁପରେ ନିର୍ବାଣବ୍ରହ୍ମ ପ୍ରାପ୍ତ ହୋଇଥାନ୍ତି (୫।୨୪-୨୬)।

(୩) ଭକ୍ତିଯୋଗ—ଶାନ୍ତ ଅନ୍ତଃକରଣଯୁକ୍ତ, ଭୟରହିତ ଓ ବ୍ରହ୍ମଚର୍ଯ୍ୟବ୍ରତରେ ସ୍ଥିତ ସାଧକ ମନକୁ ସଂଯମିତ କରି, ଚିତ୍ତକୁ ମୋ'ଠାରେ ଲଗାଇ ମତ୍ପରାୟଣ ହେଲେ ତାକୁ ମୋ ମଧ୍ୟରେ ବିଦ୍ୟମାନ ନିର୍ବାଣପରମା ଶାନ୍ତି ପ୍ରାପ୍ତ ହୋଇଥାଏ (୬।୧୪-୧୫)।

ତିନି ଯୋଗର ଏକତ୍ୱ

ବସ୍ତୁତସ୍ତୁ ତ୍ରୟୋ ଯୋଗା ଅଭିନ୍ନାସ୍ତେ ପରସ୍ପରମ୍।
ସାଧକାନାଂ ରୁଚେର୍ଭେଦାଦ୍ ତ୍ରିବିଧା ଯୋଗସଂଜ୍ଞିତାଃ॥

ଗୀତାରେ ତିନି ଯୋଗ ମଧ୍ୟରେ ତିନୋଟିଯାକ ଯୋଗର କଥା କୁହାଯାଇଛି; ଯଥା—

(୧) କର୍ମଯୋଗ—ଏଥିରେ **'ଯୁକ୍ତ ଆସୀତ ମତ୍ପରଃ'** (୨।୬୧), **'ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା'** (୩।୩୦), **'ବ୍ରହ୍ମଣ୍ୟାଧାୟ କର୍ମାଣି'** (୫।୧୦)—ଏହି ଭକ୍ତିଯୋଗର କଥା ରହିଛି। **'ସର୍ବଭୂତାତ୍ମଭୂତାତ୍ମା'** (୫।୭)—ଏହି ଜ୍ଞାନଯୋଗର କଥା ମଧ୍ୟ ଏଥିରେ ସନ୍ନିବେଶିତ ହୋଇଛି; କାରଣ ଜ୍ଞାନଯୋଗରେ ପରମାତ୍ମତତ୍ତ୍ୱ ସହିତ ଅଭିନ୍ନତା ମୁଖ୍ୟ ଅଟେ।

(୨) ଜ୍ଞାନଯୋଗ—ଏଥିରେ **'ସର୍ବଭୂତହିତେ ରତାଃ'** (୫।୨୫; ୧୨।୪)—ଏହି କର୍ମଯୋଗର କଥା ରହିଛି; କାରଣ ସମସ୍ତ ପ୍ରାଣୀଙ୍କର ହିତସାଧନରେ ରତି କର୍ମଯୋଗର ମୁଖ୍ୟ ବିଷୟ। **'ମୟି ଚାନନ୍ୟ-**

ଯୋଗେନ ଭକ୍ତିରବ୍ୟଭିଚାରିଣୀ' (୧୩।୧୦), **'ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ'** (୧୪।୨୬)—ଏହି ଭକ୍ତିଯୋଗର କଥା ମଧ୍ୟ ଏଥିରେ ସନ୍ନିବେଶିତ ହୋଇଛି; କାରଣ ଭକ୍ତିଯୋଗରେ ଭଗବାନଙ୍କ ପ୍ରତି ଅନନ୍ୟତା ମୁଖ୍ୟ।

(୩) **ଭକ୍ତିଯୋଗ**—ଏଥିରେ **'ସର୍ବକର୍ମଫଳତ୍ୟାଗମ୍'** (୧୨।୧୧) ଓ **'ସ୍ୱକର୍ମଣା ତମଭ୍ୟର୍ଚ୍ୟ'** (୧୮।୪୬)—ଏହି କର୍ମଯୋଗର କଥା ରହିଛି; କାରଣ କର୍ମଯୋଗରେ କର୍ମଫଳର ତ୍ୟାଗ ଓ ନିଜ କର୍ମଗୁଡ଼ିକ ଦ୍ୱାରା ଜନତା-ଜନାର୍ଦ୍ଦନଙ୍କର ପୂଜା (ସେବା) କରିବା ମୁଖ୍ୟ ଅଟେ। **'ଅଧ୍ୟାତ୍ମନିତ୍ୟାଃ'** (୧୫।୫)—ଏହି ଜ୍ଞାନଯୋଗର କଥା ମଧ୍ୟ ସନ୍ନିହିତ ହୋଇଛି; କାରଣ ଜ୍ଞାନଯୋଗରେ ଚିନ୍ମୟ ତତ୍ତ୍ୱରେ ସ୍ଥିତ ରହିବା ମୁଖ୍ୟ। **'ତେ ବ୍ରହ୍ମ ତଦ୍‌ବିଦୁଃ'** (୭।୨୯)—ଏହା ମଧ୍ୟ ଜ୍ଞାନଯୋଗର ବିଷୟ, କାରଣ ଜ୍ଞାନଯୋଗରେ ଜାଣିବା ହେଲା ମୁଖ୍ୟ।

ଏହିରୂପେ ପ୍ରତ୍ୟେକ ଯୋଗ ପ୍ରତ୍ୟେକ ଯୋଗ ମଧ୍ୟରେ ସନ୍ନିହିତ ହୋଇଥିବାର ଅଭିପ୍ରାୟ ହେଲା, କୌଣସି ବ୍ୟକ୍ତି ଏହି ତିନି ଯୋଗକୁ ପରସ୍ପରଠାରୁ ସର୍ବଥା ଭିନ୍ନ ବୋଲି ନ ଭାବୁ। ଏହି ତିନି ଯୋଗ ପ୍ରକୃତରେ ଭିନ୍ନ ଭିନ୍ନ ନୁହନ୍ତି, ବରଂ ଏକ। ଏଗୁଡ଼ିକ ମଧ୍ୟରେ କେବଳ ପ୍ରଣାଳୀଗତ ପ୍ରଭେଦ ରହିଛି।

ଗୋଟିଏ ଦୃଷ୍ଟିରୁ କର୍ମଯୋଗ ଓ ଭକ୍ତିଯୋଗ ପରସ୍ପରର ନିକଟବର୍ତ୍ତୀ; କାରଣ କର୍ମଯୋଗୀ ସବୁକିଛି (ପଦାର୍ଥ ଓ କ୍ରିୟା) ସଂସାରକୁ ଦେବାକୁ ଚାହେଁ ଏବଂ ଭକ୍ତିଯୋଗୀ ସବୁକିଛି ଭଗବାନଙ୍କୁ ଦେବାକୁ ଚାହେଁ (୯।୨୬-୨୭)।

ଅନ୍ୟ ଏକ ଦୃଷ୍ଟିରୁ କର୍ମଯୋଗ ଓ ଜ୍ଞାନଯୋଗ ପରସ୍ପରର ନିକଟବର୍ତ୍ତୀ; କାରଣ କର୍ମଯୋଗୀ ପଦାର୍ଥ ଓ କ୍ରିୟାର ଆସକ୍ତି ଛାଡ଼ି ସଂସାରଠାରୁ ଅଲଗା ହୋଇଯାଏ (୬।୪) ଏବଂ ଜ୍ଞାନଯୋଗୀ ପଦାର୍ଥ ଓ କ୍ରିୟାକୁ ପ୍ରକୃତିର ଭାବି ତଥା ନିଜଠାରେ ଅସଙ୍ଗତା ଅନୁଭବ କରି ସଂସାରଠାରୁ ଅଲଗା ହୁଏ। ତାତ୍ପର୍ଯ୍ୟ ହେଲା ଯେ କର୍ମଯୋଗୀ 'କ୍ରିୟା' ଦ୍ୱାରା ସଂସାରଠାରୁ ଅଲଗା ହୁଏ ଏବଂ ଜ୍ଞାନଯୋଗୀ 'ବିଚାର' ଦ୍ୱାରା ସଂସାରଠାରୁ ଅଲଗା ହୁଏ।

ଆଉ ଗୋଟିଏ ଦୃଷ୍ଟିରୁ ଦେଖିଲେ ଭକ୍ତିଯୋଗ ଓ ଜ୍ଞାନଯୋଗ ପରସ୍ପରର ନିକଟବର୍ତ୍ତୀ; କାରଣ ଭକ୍ତିଯୋଗୀ ସବୁକିଛି ଭଗବାନଙ୍କ ଠାରୁ ଉତ୍ପନ୍ନ ବୋଲି ସ୍ୱୀକାର କରେ (୭।୧୨; ୧୦।୫, ୬, ୮, ୩୯) ଓ ସବୁକିଛି ଭଗବାନଙ୍କ ଠାରେ ସ୍ଥିତ ବୋଲି ମାନେ (୬।୩୦; ୭।୭; ୮।୨୨) ଏବଂ ଜ୍ଞାନଯୋଗୀ ସବୁକିଛି ପ୍ରକୃତିରୁ ଉତ୍ପନ୍ନ ବୋଲି ସ୍ୱୀକାର କରିଥାଏ (୧୪।୧୯; ୧୮।୪୦) ଓ ସବୁକିଛି ପ୍ରକୃତିରେ ସ୍ଥିତ ବୋଲି ମାନେ (୧୩।୩୦)।

ତିନି ଯୋଗରେ କର୍ମର ହେତୁ ନ ହେବା ପାଇଁ ନିର୍ଦ୍ଦେଶ

ହେତୋଃକଥନତାତ୍ପର୍ଯ୍ୟଂ ସମ୍ବନ୍ଧଃ ସ୍ୟାନ୍ନ କୁତ୍ରଚିତ୍।
ତସ୍ମାନ୍ନିମିତ୍ତମାତ୍ରଂ ବୈ ଭବେୟୁଃ ସାଧକାଃ ସଦା॥

ଗୀତାରେ ଭଗବାନ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗରେ 'ହେତୁ'ଗୁଡ଼ିକର ବର୍ଣ୍ଣନା କରିଛନ୍ତି; ଯଥା—

(୧) **କର୍ମଯୋଗ**—ଯେତେବେଳେ ମନୁଷ୍ୟ କର୍ମଫଳ ସହିତ, କର୍ମ କରିବାର କରଣଗୁଡ଼ିକ ସହିତ ଓ କର୍ମ କରିବାର ସାମଗ୍ରୀ ସହିତ ନିଜର ସମ୍ବନ୍ଧ ସ୍ଥାପନ କରେ, ସେତେବେଳେ ସେ କର୍ମର ହେତୁ (କାରଣ) ହୋଇଯାଏ। ସଂସାର ମଧ୍ୟରେ ଅନେକ କର୍ମ ହେଉଛି, କିନ୍ତୁ ଆମେ ସେଗୁଡ଼ିକର ହେତୁ ହୋଇ ନ ଥାଉ, ସେହି କର୍ମର ଫଳ ଆମକୁ ମିଳେ ନାହିଁ; କାରଣ ସେହି କର୍ମ ସହିତ ଆମେ ନିଜର ସମ୍ବନ୍ଧ ଯୋଡ଼ି ନ ଥାଉ। ଯେଉଁମାନେ କର୍ମଫଳ ସହିତ ସମ୍ବନ୍ଧ ଯୋଡ଼ି ନିଅନ୍ତି, ସେମାନଙ୍କୁ କର୍ମର ଫଳ ମିଳେ। ଅତଏବ କର୍ମଯୋଗ ପ୍ରକରଣରେ ଭଗବାନ ମନୁଷ୍ୟଙ୍କ ପ୍ରତିନିଧିରୂପୀ ଅର୍ଜ୍ଜୁନଙ୍କୁ କହିଛନ୍ତି ଯେ—'ତୁମେ କର୍ମଫଳର ହେତୁ ହୁଅ ନାହିଁ'—**'ମା କର୍ମଫଳହେତୁର୍ଭୂଃ'** (୨।୪୭); ଅର୍ଥାତ୍ ନିଜ କର୍ତ୍ତବ୍ୟ ତତ୍ପର ହୋଇ ପାଳନ କର, କିନ୍ତୁ କର୍ମଫଳ, କରଣ ପ୍ରଭୃତି ସହିତ ନିଜର ସମ୍ବନ୍ଧ ଯୋଡ଼ ନାହିଁ। ତାତ୍ପର୍ଯ୍ୟ ଏହି ଯେ କର୍ମଯୋଗୀ ସାଧକ କର୍ମ, କର୍ମଫଳ, ଶରୀର ଇତ୍ୟାଦି କରଣମାନଙ୍କ ସହିତ ନିଜର ସମ୍ବନ୍ଧ ମାନେ ନାହିଁ, ତେଣୁ ସେ କର୍ମର ହେତୁ ହୁଏ ନାହିଁ।

(୨) **ଜ୍ଞାନଯୋଗ**—ପ୍ରକୃତିରାଜ୍ୟରେ, ସଂସାରରେ ଓ ଶରୀରରେ ଯେତେ କ୍ରିୟା ହେଉଛି, ସାଂଖ୍ୟଯୋଗୀ ସେସବୁକୁ ପ୍ରକୃତିରେ, ଗୁଣମାନଙ୍କରେ ଓ ଇନ୍ଦ୍ରିୟଗଣଙ୍କ ମଧ୍ୟରେ ହେଉଛି ବୋଲି ମାନିଥାଏ, ନିଜଠାରେ ହେଉଛି ବୋଲି ମାନେ ନାହିଁ। ଭଗବାନ କହୁଛନ୍ତି ଯେ ପ୍ରକୃତି ଦ୍ୱାରା ହିଁ ସବୁ କର୍ମ କରାଯାଉଛି ବୋଲି ଯିଏ ଅନୁଭବ କରେ, ସେ ନିଜଠାରେ ଅକର୍ତ୍ତୃତ୍ୱର ଅନୁଭବ କରେ

(୧୩ । ୨୯) । ଗୁଣମାନେ ହିଁ ଗୁଣମାନଙ୍କ ମଧ୍ୟରେ ପ୍ରବର୍ତ୍ତିତ ହେଉଛନ୍ତି ଅର୍ଥାତ୍ ପ୍ରତ୍ୟେକ କ୍ରିୟା ଗୁଣମାନଙ୍କ ମଧ୍ୟରେ ହିଁ ହେଉଛି—ଏପରି ଭାବି ତତ୍ତ୍ୱବିତ୍ ପୁରୁଷ ସେଥିରେ ଆସକ୍ତ ହୁଏ ନାହିଁ (୩ । ୨୮) । ସେ ଭାବେ ଯେ ଦେଖିବା, ଶୁଣିବା, ସ୍ପର୍ଶ କରିବା ଆଦି ସମସ୍ତ କ୍ରିୟା ଇନ୍ଦ୍ରିୟମାନଙ୍କରେ ହିଁ ହେଉଛି, ସ୍ୱରୂପଭୂତ ମୁଁ କିଛି କରୁ ନାହିଁ (୫ । ୮-୯) । ଅତଏବ ସାଂଖ୍ୟଯୋଗ ପ୍ରକରଣରେ ଭଗବାନ କାର୍ଯ୍ୟ ଓ କରଣ ଦ୍ୱାରା ହେଉଥିବା କ୍ରିୟାଗୁଡ଼ିକୁ ଉତ୍ପନ୍ନ କରିବାରେ ପ୍ରକୃତିକୁ ହିଁ ହେତୁ ବୋଲି କହିଛନ୍ତି—**'କାର୍ଯ୍ୟକରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ'** (୧୩ । ୨୦) । ସମସ୍ତ କର୍ମ ହେବାରେ ଶରୀର, କର୍ତ୍ତା, କରଣ, ଚେଷ୍ଟା ଓ ସଂସ୍କାର—ଏହି ପାଞ୍ଚୋଟିକୁ ହେତୁ କୁହାଯାଇଛି (୧୮ । ୧୪) ।

ତ୍ରୟୋଦଶ ଅଧ୍ୟାୟର ୨୦ ଶ ଶ୍ଳୋକର ଉତ୍ତରାର୍ଦ୍ଧରେ ସୁଖ-ଦୁଃଖର ଭୋକ୍ତୃତ୍ୱରେ ପୁରୁଷ ହେତୁ ବୋଲି ଯେଉଁ କଥା କୁହାଯାଇଛି, ସେଠାରେ ମଧ୍ୟ ପୁରୁଷ ପ୍ରକୃତରେ ସୁଖୀ-ଦୁଃଖୀ ହେବାରେ ହିଁ ହେତୁ ଅଟେ, ଭୋକ୍ତୃତ୍ୱରେ ନୁହେଁ । କାରଣ ଭୋଗ ମଧ୍ୟ କ୍ରିୟାଜନିତ । କ୍ରିୟାଜନିତ ଭୋଗରେ ପ୍ରକୃତି ହିଁ ହେତୁ ଅଟେ । ଯିଏ ନିଜକୁ ପ୍ରକୃତି ମଧ୍ୟରେ ସ୍ଥିତ ମନେକରେ, ସେହି ପୁରୁଷ ସୁଖୀ-ଦୁଃଖୀ ହୋଇଥାଏ (୧୩ । ୨୧) । ଯେଉଁମାନେ ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ, ସେମାନେ ସୁଖୀ ଓ ଦୁଃଖୀ ହୁଅନ୍ତି ନାହିଁ । ତାତ୍ପର୍ଯ୍ୟ ଏହି ଯେ ସାଂଖ୍ୟଯୋଗୀ ସାଧକ ସମସ୍ତ କ୍ରିୟାକୁ ପ୍ରକୃତି ମଧ୍ୟରେ ହେଉଥିବାର ସ୍ୱୀକାର କରେ (୫ । ୧୩), ତେଣୁ ସେ କୌଣସି କର୍ମ, କର୍ମଫଳ ଇତ୍ୟାଦିର ହେତୁ ହୁଏ ନାହିଁ ।

(୩) ଭକ୍ତିଯୋଗ—ଯେତେବେଳେ ଭକ୍ତ ଭଗବାନଙ୍କ ଠାରେ ସର୍ବଥା ସମର୍ପିତ ହୋଇଯାଏ ଓ ନିଜକୁ ଭଗବାନଙ୍କୁ ଦେଇଦିଏ, ସେତେବେଳେ କରିବା, କରାଇବା ଇତ୍ୟାଦି ଭଗବାନଙ୍କ ଦ୍ୱାରା ହିଁ ହୋଇଥାଏ । ଭକ୍ତ ତ କେବଳ ନିମିତ୍ତମାତ୍ର ହୁଏ । ଏଇଥିପାଇଁ ଭକ୍ତିଯୋଗ ପ୍ରକରଣରେ ଭଗବାନ ନିଜର ପ୍ରିୟ ଭକ୍ତ ଅର୍ଜୁନଙ୍କୁ କହିଛନ୍ତି ଯେ ଏଠି ସୈନ୍ୟବାହିନୀରେ ଯେଉଁସବୁ ଯୋଦ୍ଧାମାନେ ଛିଡ଼ା ହୋଇଛନ୍ତି, ଏମାନେ ସମସ୍ତେ ଆଗରୁ ମୋ ଦ୍ୱାରା ନିହତ ହୋଇସାରିଛନ୍ତି । ଏମାନଙ୍କୁ ମାରିବାରେ ତୁମେ ନିମିତ୍ତମାତ୍ର ହୋଇଯାଅ—**'ନିମିତ୍ତମାତ୍ରଂ ଭବ'** (୧୧ । ୩୩) ।

—ଏହିରୂପେ ତିନୋଟି ଯୋଗରେ ତିନୋଟି ହେତୁ ଦର୍ଶାଇବାର ତାତ୍ପର୍ଯ୍ୟ ହେଲା, ତିନୋଟିଯାକ ଯୋଗର ସାଧକ କର୍ମ କରିବାରେ ନିଜକୁ ହେତୁ କରନ୍ତି ନାହିଁ, ବରଂ ନିମିତ୍ତମାତ୍ର ହୋଇଥାଆନ୍ତି । ଅବଶ୍ୟ, ଲୋକମାନଙ୍କୁ ସେମାନେ ହେତୁ ପରି ଦେଖାଯାଇ ପାରନ୍ତି, କିନ୍ତୁ ପ୍ରକୃତରେ ସେମାନେ ହେତୁ ନୁହନ୍ତି ।

୪୩. ଗୀତୋକ୍ତ ଯୋଗରେ ସମସ୍ତେ ଅଧିକାରୀ

ସର୍ବେ ମାନବଦେହତ୍ୱାତ୍ ପ୍ରଭୁପ୍ରାପ୍ତ୍ୟଧିକାରିଣଃ ।
ତସ୍ମାତ୍ କେନାପି ମାର୍ଗେଣ ହରିଂ ପ୍ରାପ୍ନୋତି ମାନବଃ ॥

ଅନ୍ୟ ଶାସ୍ତ୍ରମାନଙ୍କରେ ଜ୍ଞାନ, ଯୋଗ ଆଦି ମାର୍ଗଗୁଡ଼ିକର ଅଧିକାରୀ ଭିନ୍ନ ଭିନ୍ନ ହୋଇଥାଆନ୍ତି ବୋଲି କୁହାଯାଇଛି; ଯଥା—ଯିଏ ସାଧନଚତୁଷ୍ଟୟସମ୍ପନ୍ନ, ସେ ଜ୍ଞାନର ଅଧିକାରୀ; ଯାହାର ବୃତ୍ତି ମୂଢ଼ ଓ କ୍ଷିପ୍ତ ନୁହେଁ, ବରଂ ବିକ୍ଷିପ୍ତ, ସେ ପାତଞ୍ଜଳଯୋଗର ଅଧିକାରୀ; ଇତ୍ୟାଦି । କିନ୍ତୁ ଭଗବାନଙ୍କର ଏହା ବିଚିତ୍ର ଉଦାରତା ଓ ଦୟାଳୁତା ଯେ ସେ ଗୀତାରେ ପ୍ରତ୍ୟେକ ମନୁଷ୍ୟଙ୍କୁ ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗର ଅଧିକାରୀ ବୋଲି କହିଛନ୍ତି । ତାତ୍ପର୍ଯ୍ୟ ଏହି ଯେ ଭଗବାନଙ୍କୁ ପାଇବାକୁ ଚାହୁଁଥିବା ପ୍ରତ୍ୟେକ ମନୁଷ୍ୟ ଗୀତୋକ୍ତ ଯୋଗର ଅଧିକାରୀ ଅଟେ ।

ଭକ୍ତିଯୋଗର ଅଧିକାରୀ

ସପ୍ତାଧିକାରିଣୋ ଭକ୍ତେର୍ବ୍ରାହ୍ମଣାଃ କ୍ଷତ୍ରିୟାଃ ସ୍ତ୍ରିୟଃ ।
ବୈଶ୍ୟାଃ ଶୂଦ୍ରା ଦୁରାଚାରା ଯେଽପି ସ୍ୟୁଃ ପାପଯୋନୟଃ ॥

ଭଗବାନ ଭକ୍ତିର ଅଧିକାରୀମାନଙ୍କ କଥା ବର୍ଣ୍ଣନା କଲାବେଳେ ସର୍ବପ୍ରଥମେ ଦୁରାଚାରୀର ନାମୋଲ୍ଲେଖ କରି କହିଛନ୍ତି—ଯଦି ଅତ୍ୟନ୍ତ ଦୁରାଚାରୀ ମନୁଷ୍ୟ ମଧ୍ୟ ଅନନ୍ୟଭାବରେ ମୋର ଭଜନ କରେ, ତେବେ ତାକୁ ସାଧୁ ବୋଲି ମାନିବା ଉଚିତ; କାରଣ ସେ ମୋ ଆଡ଼କୁ ଅଗ୍ରସର ହେବାର ନିଶ୍ଚୟ କରିନେଇଛି । ସେ ଖୁବ୍ ଶୀଘ୍ର ଧର୍ମାତ୍ମା ହୋଇଯାଏ ଏବଂ ସଦାସ୍ଥାୟୀ ଶାନ୍ତିକୁ

ପ୍ରାପ୍ତ କରେ (୯ । ୩୦-୩୧) ।

ଦ୍ୱିତୀୟରେ ଭଗବାନ ପାପଯୋନିର ନାମୋଲ୍ଲେଖ କରିଛନ୍ତି । ପୂର୍ବକୃତ ପାପ ହେତୁ ଯେଉଁମାନଙ୍କର ଜନ୍ମ ଚଣ୍ଡାଳ ଆଦି ଯୋନିରେ ହୋଇଛି, ସେମାନେ ପାପଯୋନିର ଅନ୍ତର୍ଗତ ।

ତୃତୀୟରେ ଭଗବାନ ଚାରିବର୍ଣ୍ଣର ସ୍ତ୍ରୀମାନଙ୍କର ତଥା ବୈଶ୍ୟ ଓ ଶୂଦ୍ରମାନଙ୍କର ନାମୋଲ୍ଲେଖ କରିଛନ୍ତି । ଏମାନେ ମଧ୍ୟମ ଶ୍ରେଣୀର (୯ । ୩୨) ।

ଚତୁର୍ଥରେ ଭଗବାନ ପବିତ୍ର ବ୍ରାହ୍ମଣ ଓ ରାଜର୍ଷି କ୍ଷତ୍ରିୟମାନଙ୍କର ନାମୋଲ୍ଲେଖ କରିଛନ୍ତି । ଜନ୍ମ ଓ ଆଚରଣ ଦୃଷ୍ଟିରୁ ଏମାନେ ଉତ୍ତମ ଅଟନ୍ତି (୯ । ୩୩) ।

ଏଭଳି ଭାବରେ ଦୁରାଚାରୀ, ପାପଯୋନି, ସ୍ତ୍ରୀ, ବୈଶ୍ୟ, ଶୂଦ୍ର, ବ୍ରାହ୍ମଣ ଓ କ୍ଷତ୍ରିୟ—ଭକ୍ତିର ଏ ସାତ ଅଧିକାରୀଙ୍କ ମଧ୍ୟରେ ସମସ୍ତ ପ୍ରାଣୀ ଅନ୍ତର୍ଭୁକ୍ତ ହୋଇଯାଉଛନ୍ତି । ଏଥିରୁ ପ୍ରମାଣିତ ହେଲା ଯେ ପ୍ରାଣୀମାତ୍ରକେ ଭକ୍ତିର ଅଧିକାରୀ । କାରଣ ଭଗବାନଙ୍କର ଅଂଶ ହୋଇଥିବା ହେତୁ ପ୍ରତ୍ୟେକ ପ୍ରାଣୀର ଭଗବାନଙ୍କ ସହିତ ଅଖଣ୍ଡ, ଅବିଭକ୍ତ ଓ ନିତ୍ୟ ସମ୍ବନ୍ଧ ରହିଛି । ସେମାନଙ୍କର ଭୁଲ୍ ଏତିକି ହୋଇଯାଇଛି ଯେ ଯାହା ନିଜର ନୁହେଁ, ସେମାନେ ତାହାକୁ ନିଜର ମାନିନେଲେ ଏବଂ ଯିଏ ଅତି ଆପଣାର, ତାକୁ ନିଜର ମାନିବା ଛାଡ଼ିଦେଲେ ।

ଭକ୍ତିର ଅଧିକାରୀ ତ ସାତ ପ୍ରକାରର, କିନ୍ତୁ ଭାବ ଅନୁସାରେ ସେମାନେ ଚାରି ଭାଗରେ ବିଭକ୍ତ—ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ (୭ । ୧୬) । ଯେଉଁମାନେ ଧନପ୍ରାପ୍ତି ନିମିତ୍ତ ଭଗବାନଙ୍କର ଭଜନ କରନ୍ତି ଓ କେବଳ ଭଗବାନଙ୍କ ଠାରୁ ହିଁ ଧନ ଚାହାନ୍ତି, ଧନପ୍ରାପ୍ତି ପାଇଁ ଅନ୍ୟର ସାହାଯ୍ୟ ନିଅନ୍ତି ନାହିଁ, ସେମାନେ (ସାଂସାରିକ ପଦାର୍ଥର କାମନା କରୁଥିବା ହେତୁ) 'ଅର୍ଥାର୍ଥୀ ଭକ୍ତ' ନାମରେ ଅଭିହିତ ହୁଅନ୍ତି । ଯେଉଁମାନଙ୍କର ଅର୍ଥାର୍ଥୀ ଭକ୍ତମାନଙ୍କ ଭଳି ସାଂସାରିକ କାମନା ନ ଥିଲେ ମଧ୍ୟ ଦୁଃଖ ପଡ଼ିଲେ ତାହାକୁ ସହି ନ ପାରି ଭଗବାନଙ୍କୁ ଡାକ ପକାନ୍ତି ଅର୍ଥାତ୍ ନିଜର ଦୁଃଖ ଦୂର କରିବା ପାଇଁ ଭଗବାନଙ୍କ ଛଡ଼ା ଅନ୍ୟ କାହାରି ଆଶ୍ରୟ ନିଅନ୍ତି ନାହିଁ, ସେମାନେ (ଦୁଃଖ ଦୂର କରିବାର କାମନା ଥିବା ହେତୁ) 'ଆର୍ତ୍ତ ଭକ୍ତ' ନାମରେ ଅଭିହିତ ହୁଅନ୍ତି । ଯେଉଁମାନଙ୍କର ସାଂସାରିକ ପଦାର୍ଥ ପାଇବାର କିମ୍ବା ଦୁଃଖ ଦୂର କରାଇବାର କାମନା ନାହିଁ, କେବଳ ଭଗବତ୍‌ତତ୍ତ୍ୱକୁ ଜାଣିବା ପାଇଁ ଯେଉଁମାନେ ଭଗବାନଙ୍କର ଭଜନ କରନ୍ତି ଏବଂ ତାହା ମଧ୍ୟ କେବଳ ଭଗବାନଙ୍କ ଠାରୁ ହିଁ ଜାଣିବାକୁ ଚାହାନ୍ତି, ସେମାନେ (ତତ୍ତ୍ୱକୁ ଜାଣିବାର କାମନା ଥିବା ହେତୁ) 'ଜିଜ୍ଞାସୁ ଭକ୍ତ' ନାମରେ ଅଭିହିତ । ଯେଉଁମାନେ ଭଗବାନଙ୍କ ଠାରୁ କିଛି ହେଲେ ଚାହାନ୍ତି ନାହିଁ, କେବଳ ଭଗବାନଙ୍କୁ ହିଁ ଚାହାନ୍ତି ଏବଂ ନିତ୍ୟନିରନ୍ତର ଭଗବାନଙ୍କ ଠାରେ ହିଁ ସଂଲଗ୍ନ ରହନ୍ତି, ସେମାନେ (ନିଜର କୌଣସି କାମନା ନ ଥିବା ହେତୁ) 'ଜ୍ଞାନୀ ଭକ୍ତ' ଅର୍ଥାତ୍ ପ୍ରେମୀ ଭକ୍ତ ନାମରେ ଅଭିହିତ ହୁଅନ୍ତି । ଏହି ପ୍ରେମୀ ଭକ୍ତମାନେ ଭଗବାନଙ୍କର ଅତି ପ୍ରିୟ ଏବଂ ଭଗବାନ ଏହି ପ୍ରେମୀ ଭକ୍ତମାନଙ୍କର ଅତ୍ୟନ୍ତ ପ୍ରିୟ (୭ । ୧୭) । ପ୍ରେମୀ ଭକ୍ତମାନଙ୍କୁ ଭଗବାନ ନିଜର ଆତ୍ମା (ସ୍ୱରୂପ) ବୋଲି କହିଛନ୍ତି (୭ । ୧୮) । ଏମାନଙ୍କୁ ଭଗବାନ ପଞ୍ଚଦଶ ଅଧ୍ୟାୟର ୧୯ଶ ଶ୍ଳୋକରେ 'ସର୍ବବିତ୍' କହିଛନ୍ତି । ତାତ୍ପର୍ଯ୍ୟ ହେଲା, ଯେଉଁମାନଙ୍କର ଉଦ୍ଦେଶ୍ୟ କେବଳ ଭଗବାନ, ସେମାନଙ୍କ ଠାରେ ଲୌକିକ କାମନା ଥାଉ କି ପାରମାର୍ଥିକ କାମନା ଥାଉ କିମ୍ବା ଯେକୌଣସି କାମନା ଥାଉ, ସେମାନେ ସମସ୍ତେ ଭକ୍ତିର ଅଧିକାରୀ ଅଟନ୍ତି । ଶ୍ରୀମଦ୍ଭାଗବତରେ ମଧ୍ୟ କୁହାଯାଇଛି—

ଅକାମଃ ସର୍ବକାମୋ ବା ମୋକ୍ଷକାମ ଉଦାରଧୀଃ ।
ତୀବ୍ରେଣ ଭକ୍ତିଯୋଗେନ ଯଜେତ ପୁରୁଷଂ ପରମ୍ ॥

(୨ । ୩ । ୧୦)

"ଯେ ବୁଦ୍ଧିମାନ୍ ମନୁଷ୍ୟ, ସେ ସମସ୍ତ କାମନାରୁ ମୁକ୍ତ ହୋଇଥାଉ ବା ସମସ୍ତ କାମନାରେ ଯୁକ୍ତ ହୋଇଥାଉ ଅଥବା ମୋକ୍ଷ କାମନା କରୁଥାଉ, ତା'ର କେବଳ ତୀବ୍ର ଭକ୍ତିଯୋଗ ଦ୍ୱାରା ପରମପୁରୁଷ ଭଗବାନଙ୍କର ହିଁ ଭଜନ କରିବା ଉଚିତ ।"

ଜ୍ଞାନଯୋଗର ଅଧିକାରୀ

ଯେ ନରା ଜ୍ଞାତୁମିଚ୍ଛନ୍ତି ସ୍ୱରୂପଂ ସଂଶୟାତ୍ମକାଃ ।
ସର୍ବେ ତେ ଜ୍ଞାନଯୋଗସ୍ୟ ଭବେୟୁରଧିକାରିଣଃ ॥

ଯେପରି ସମସ୍ତେ ଭକ୍ତିର ଅଧିକାରୀ, ସେହିପରି ସମସ୍ତେ ଜ୍ଞାନର ମଧ୍ୟ ଅଧିକାରୀ । ଭଗବାନ ଗୀତାରେ କହିଛନ୍ତି ଯେ, ଯେଉଁ ଜ୍ଞାନକୁ ମନୁଷ୍ୟ ଶ୍ରୋତ୍ରିୟ ଓ ବ୍ରହ୍ମନିଷ୍ଠ ଗୁରୁଙ୍କର ସେବା କରି, ତାଙ୍କର ଅନୁକୂଳ ହୋଇ ଜିଜ୍ଞାସାପୂର୍ବକ ପ୍ରଶ୍ନ କରି ପାଇଥାଏ ଏବଂ ଯେଉଁ ଜ୍ଞାନକୁ ପ୍ରାପ୍ତ କରିବା ପରେ ଆଉ କେବେ ମୋହ ହୁଏ ନାହିଁ ଓ ଯେଉଁ ଜ୍ଞାନ ଦ୍ୱାରା ସାଧକ ପ୍ରଥମେ ସମସ୍ତ ପ୍ରାଣୀଙ୍କୁ

ନିଜ ମଧ୍ୟରେ ଓ ପରେ ପରମାତ୍ମାଙ୍କ ଠାରେ ଦେଖେ, ସେହି ଜ୍ଞାନ (ତୀବ୍ର ଜିଜ୍ଞାସା ଥିଲେ) ଅତ୍ୟନ୍ତ ପାପୀକୁ ମଧ୍ୟ ପ୍ରାପ୍ତ ହୋଇପାରେ (୪ । ୩୪–୩୬) ।

ଭଗବାନ କହୁଛନ୍ତି ଯେ ସଂସାରର ସବୁଠୁ ବଡ଼ ପାପୀ ଯଦି ଜ୍ଞାନ ପ୍ରାପ୍ତ କରିବାକୁ ଚାହେଁ, ତେବେ ସେ ମଧ୍ୟ ଜ୍ଞାନ ପ୍ରାପ୍ତ କରି ଜ୍ଞାନରୂପୀ ନୌକା ଦ୍ୱାରା ସମ୍ପୂର୍ଣ୍ଣ ପାପସମୁଦ୍ରକୁ ତରିଯାଏ । ଯେପରି ପ୍ରଦୀପ୍ତ ଅଗ୍ନି କାଠଗଦାକୁ ପୋଡ଼ି ପାଉଁଶ କରିଦିଏ, ସେହିପରି ଜ୍ଞାନରୂପୀ ଅଗ୍ନି ସମସ୍ତ ପାପକୁ ସର୍ବଥା ଭସ୍ମ କରିଦିଏ (୪ । ୩୬–୩୭) ।

ଯଦି ଅତ୍ୟନ୍ତ ପାପୀକୁ ମଧ୍ୟ ଜ୍ଞାନ ମିଳିପାରେ, ତେବେ ଯିଏ ଶ୍ରଦ୍ଧାବାନ୍, ନିଜ ସାଧନାରେ ତତ୍ପର ଓ ଜିତେନ୍ଦ୍ରିୟ, ତାକୁ ଜ୍ଞାନ ମିଳିବାରେ ସନ୍ଦେହ କ'ଣ? (୪ । ୩୯) ।

କେତେକ ଲୋକ ଧ୍ୟାନଯୋଗ ଦ୍ୱାରା, କେତେକ ସାଂଖ୍ୟଯୋଗ ଦ୍ୱାରା ଓ ଅନ୍ୟ କେତେକ କର୍ମଯୋଗ ଦ୍ୱାରା ନିଜ ମଧ୍ୟରେ ସେହି ପରମାତ୍ମତତ୍ତ୍ୱର ଅନୁଭବ କରନ୍ତି (୧୩ । ୨୪) । କିନ୍ତୁ ଯେଉଁମାନେ ଏହି ସାଧନାଗୁଡ଼ିକୁ ଜାଣନ୍ତି ନାହିଁ, ସେମାନେ କେବଳ ତତ୍ତ୍ୱଜ୍ଞ ମହାପୁରୁଷମାନଙ୍କ ଠାରୁ ଶୁଣି ଓ ସେମାନଙ୍କ ଆଦେଶାନୁସାରେ ଆଚରଣ କରି ହିଁ ଜ୍ଞାନ ପ୍ରାପ୍ତ କରନ୍ତି (୧୩ । ୨୫) ।

ତାତ୍ପର୍ଯ୍ୟ ଏହି ଯେ ମନୁଷ୍ୟ ଶ୍ରଦ୍ଧାବାନ୍ ସାଧକ ହେଉ କି ମହାପାପୀ ହେଉ କିଂବା ଅତ୍ୟନ୍ତ ଅଜ୍ଞାନୀ ହେଉ, ସେ ଚାହିଁଲେ ତାକୁ ଜ୍ଞାନ ମିଳିପାରିବ ।

କର୍ମଯୋଗର ଅଧିକାରୀ

ଯେ ନିର୍ମମାସ୍ତୁ ନିଷ୍କାମା ଇଚ୍ଛନ୍ତି ଭବିତୁଂ ନରାଃ ।
ସର୍ବେ ତେ କର୍ମଯୋଗସ୍ୟ ଭବେୟୁରଧିକାରିଣଃ ॥

ଯେପରି ସମସ୍ତେ ଭକ୍ତିଯୋଗ ଓ ଜ୍ଞାନଯୋଗର ଅଧିକାରୀ, ସେହିପରି ସମସ୍ତେ କର୍ମଯୋଗର ମଧ୍ୟ ଅଧିକାରୀ । ଯିଏ ସାଂସାରିକ କାମନାରୁ ମୁକ୍ତ ହେବାକୁ ଚାହେଁ ଅର୍ଥାତ୍ ନିଜର ଉଦ୍ଧାର ଇଚ୍ଛା କରେ, ସେ ଯେକୌଣସି ବର୍ଣ୍ଣର ହୋଇଥାଉ ନା କାହିଁକି, ଯେକୌଣସି ଆଶ୍ରମ, ସମ୍ପ୍ରଦାୟ ଇତ୍ୟାଦିର ହୋଇଥାଉ ନା କାହିଁକି, ଯେକୌଣସି ସ୍ଥାନରେ ରହୁଥାଉ ନା କାହିଁକି, ଯଦି ନିଷ୍କାମଭାବରେ ଓ ତତ୍ପରତାପୂର୍ବକ ନିଜର କର୍ତ୍ତବ୍ୟ ପାଳନ କରେ, ତେବେ ତାକୁ ପରମାତ୍ମପ୍ରାପ୍ତି ହୋଇଯାଏ (୧୮ । ୪୫) । ଯେଉଁମାନେ ଫଳାସକ୍ତି ତ୍ୟାଗ କରି ମମତାରହିତ ଶରୀର-ଇନ୍ଦ୍ରିୟ-ମନ-ବୁଦ୍ଧି ଦ୍ୱାରା ଅନ୍ତଃକରଣର ଶୁଦ୍ଧି ପାଇଁ କର୍ମ କରନ୍ତି, ସେମାନେ ହେଲେ କର୍ମଯୋଗୀ (୫ । ୧୧) । ଏଭଳି କର୍ମଯୋଗୀମାନଙ୍କର ସମସ୍ତ (କ୍ରିୟମାଣ, ସଞ୍ଚିତ ଓ ପ୍ରାରବ୍ଧ) କର୍ମ ବିଲୀନ ହୋଇଯାଏ (୪ । ୨୩) ।

ତାତ୍ପର୍ଯ୍ୟ ହେଲା, ଫଳାସକ୍ତି ତ୍ୟାଗ କରି ଅନ୍ୟମାନଙ୍କର ହିତସାଧନ ପାଇଁ ନିଜର କର୍ତ୍ତବ୍ୟ ପାଳନ କରୁଥିବା ସମସ୍ତ ପ୍ରାଣୀ କର୍ମଯୋଗର ଅଧିକାରୀ ।

୪୪. ଗୀତାରେ ଯୋଗତ୍ରୟର ସମାନତା

କର୍ମଯୋଗେ ଜ୍ଞାନଯୋଗେ ଭକ୍ତିଯୋଗେ ତଥୈବ ଚ ।
ଅସ୍ତି ସାଧନସିଦ୍ଧୌ ଚ ଗୀତାୟାଂ ତୁ ସମାନତା ॥

ଗୀତାରେ ଭଗବାନ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗରେ ଏକାଭଳି କଥା କହିଛନ୍ତି; ଯଥା— କର୍ମଯୋଗରେ—

କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ । (୪ । ୧୮)

"ଯେଉଁ ମନୁଷ୍ୟ କର୍ମରେ ଅକର୍ମ ଓ ଅକର୍ମରେ କର୍ମ ଦେଖେ ।"

ଜ୍ଞାନଯୋଗରେ—

ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି । (୬ । ୨୯)

"ଯିଏ ଆତ୍ମାକୁ ସମସ୍ତ ପ୍ରାଣୀଙ୍କ ଠାରେ ଓ ସମସ୍ତ ପ୍ରାଣୀଙ୍କୁ ଆତ୍ମାରେ ଦେଖେ ।"

ଏବଂ ଭକ୍ତିଯୋଗରେ—

'ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।' (୬ । ୩୦)

"ଯିଏ ସବୁଠାରେ ମୋତେ ଦେଖେ ଓ ମୋ'ଠାରେ ସବୁକିଛି ଦେଖେ ।"

ଏହିରୂପେ ତିନୋଟିଯାକ ଯୋଗରେ ଏକପ୍ରକାର କଥା କହିବାର ତାତ୍ପର୍ଯ୍ୟ ହେଲା ଯେ ସାଧକ ଯେଉଁ

ଯୋଗର ଅଧିକାରୀ ହୋଇଥାଉ ପଛେ, ସେହି ଯୋଗର ତତ୍ତ୍ୱକୁ ସେ ଅସନ୍ଦିଗ୍ଧ ରୂପେ ବୁଝିନେବା ଉଚିତ। କର୍ମଯୋଗରେ 'ଅକର୍ମ', ଜ୍ଞାନଯୋଗରେ 'ଆତ୍ମା' ଓ ଭକ୍ତିଯୋଗରେ 'ଭଗବାନ' ହେଉଛନ୍ତି ମୁଖ୍ୟ। ସାର କଥା ଏହି ଯେ ଅକର୍ମ, ଆତ୍ମା ଓ ଭଗବାନ—ତିନିହେଁ ତତ୍ତ୍ୱତଃ ଏକ।

କର୍ମଯୋଗରେ 'କର୍ମ'ର ଅଭାବ ଓ 'ଅକର୍ମ'ର ଭାବ ରହିଛି। ଉଦାହରଣାର୍ଥ—ପ୍ରତ୍ୟେକ କର୍ମର ଆରମ୍ଭ ଓ ସମାପ୍ତି ହୁଏ, କିନ୍ତୁ କର୍ମ ଆରମ୍ଭ ହେବା ପୂର୍ବରୁ ମଧ୍ୟ ଅକର୍ମ ଥିଲା ଓ କର୍ମ ସମାପ୍ତ ହେବା ପରେ ମଧ୍ୟ ଅକର୍ମ ରହିବ। ସିଦ୍ଧାନ୍ତ ଦୃଷ୍ଟିରୁ ଯାହା ଆଦି ଏବଂ ଅନ୍ତରେ ଥାଏ, ତାହା ମଧ୍ୟରେ ବି ଥାଏ। ତେଣୁ କର୍ମ କଲାବେଳେ ମଧ୍ୟ 'ଅକର୍ମ' ଯଥାବତ୍ ରହିଥାଏ।

ଜ୍ଞାନଯୋଗରେ 'ସର୍ବଭୂତ'ର ଅଭାବ ଓ 'ଆତ୍ମା'ର ଭାବ ଅଛି। ଉଦାହରଣାର୍ଥ—ସମସ୍ତ ଶରୀରର ଜନ୍ମ ଓ ମରଣ ହୁଏ; କିନ୍ତୁ ଶରୀରର ଜନ୍ମ ପୂର୍ବରୁ ମଧ୍ୟ ଆତ୍ମା ଥିଲା ଓ ଶରୀର ମରିବା ପରେ ମଧ୍ୟ ଆତ୍ମା ରହିବ। ତେଣୁ ଶରୀର ରହିଥିବା ବେଳେ ମଧ୍ୟ ଆତ୍ମା ଯଥାବତ୍ ରହିଛି।

ଭକ୍ତିଯୋଗରେ 'ସର୍ବ'ର ଅଭାବ ଓ 'ଭଗବାନ'ଙ୍କର ଭାବ ଥାଏ। ଉଦାହରଣାର୍ଥ—ସଂସାର ଉତ୍ପନ୍ନ ଓ ନଷ୍ଟ ହୁଏ; କିନ୍ତୁ ସଂସାର ଉତ୍ପନ୍ନ ହେବା ପୂର୍ବରୁ ଭଗବାନ ଥିଲେ ଓ ସଂସାର ନଷ୍ଟ ହେବା ପରେ ମଧ୍ୟ ଭଗବାନ ରହିବେ। ତେଣୁ ସଂସାର ରହିଥିବା ବେଳେ ମଧ୍ୟ ଭଗବାନ ଯଥାବତ୍ ରହିଛନ୍ତି।

ଅକର୍ମ (ନିର୍ଲିପ୍ତତା), ଆତ୍ମା ଓ ଭଗବାନ—ତିନିହେଁ ସ୍ୱତଃସିଦ୍ଧ। ଯାହା ସ୍ୱତଃସିଦ୍ଧ, ତାହା ସର୍ବଦା ଥାଏ, ସମସ୍ତଙ୍କ ପାଇଁ ଥାଏ ଓ ସବୁଠାରେ ଥାଏ। କିନ୍ତୁ ପୂର୍ବୋକ୍ତ କର୍ମ, ସର୍ବଭୂତ ଓ ସର୍ବ (ବସ୍ତୁ, ବ୍ୟକ୍ତି, ଯୋଗ୍ୟତା, ପରିସ୍ଥିତି, ଅବସ୍ଥା ଇତ୍ୟାଦି) ସ୍ୱତଃସିଦ୍ଧ ନୁହନ୍ତି। ତେଣୁ ଏସବୁ ସର୍ବଦା, ସମସ୍ତଙ୍କ ପାଇଁ ଓ ସବୁଠାରେ ନ ଥାନ୍ତି।

ଯେଉଁ ବସ୍ତୁ କେତେବେଳେ ଅଛି ଓ କେତେବେଳେ ନାହିଁ, କାହାକୁ ମିଳେ ଓ କାହାକୁ ମିଳେ ନାହିଁ, କେଉଁଠି ଥାଏ ଓ କେଉଁଠି ନ ଥାଏ, ତାହାକୁ ପାଇବା କ୍ରିୟା ଓ ପଦାର୍ଥର ଅଧୀନ। ଏଣୁ କର୍ମ, ସର୍ବଭୂତ ଓ ସର୍ବର ପ୍ରାପ୍ତି କ୍ରିୟା ଓ ପଦାର୍ଥର ଆଶ୍ରିତ ଅର୍ଥାତ୍ ଏଗୁଡ଼ିକର ପ୍ରାପ୍ତି ଅଭ୍ୟାସସାଧ୍ୟ। କିନ୍ତୁ ଅକର୍ମ, ଆତ୍ମା ଓ ଭଗବାନଙ୍କର ପ୍ରାପ୍ତି ଅଭ୍ୟାସସାଧ୍ୟ ନୁହେଁ, ବରଂ ନିଷ୍କାମଭାବ, ବିବେକ ଓ ବିଶ୍ୱାସ ଦ୍ୱାରା ସାଧ୍ୟ। ଯଦି ଏମାନେ ଅଭ୍ୟାସ ଦ୍ୱାରା ମିଳୁଥାନ୍ତେ, ତେବେ ସର୍ବଦା, ସମସ୍ତଙ୍କୁ ଓ ସବୁଠାରେ ମିଳୁ ନ ଥାନ୍ତେ।

କର୍ମ, ସର୍ବଭୂତ ଓ ସର୍ବ କେବେ ଥାଆନ୍ତି ତ କେବେ ନ ଥାନ୍ତି, କାହାକୁ ମିଳନ୍ତି ତ କାହାକୁ ମିଳନ୍ତି ନାହିଁ, କେଉଁଠି ଥାଆନ୍ତି ତ କେଉଁଠି ନ ଥାନ୍ତି; ତେଣୁ ସ୍ୱୟଂ ପାଇଁ ଏଗୁଡ଼ିକର ଟିକିଏ ହେଲେ ଆବଶ୍ୟକତା ନାହିଁ। ଏଗୁଡ଼ିକୁ ଆବଶ୍ୟକ ଅନୁଭବ କରିବା ଅର୍ଥ ଅକର୍ମ, ଆତ୍ମା ଓ ଭଗବାନଙ୍କ ଠାରୁ ବିମୁଖ ହେବା। ଅକର୍ମ, ଆତ୍ମା ଓ ଭଗବାନଙ୍କୁ ଅନୁଭବ କରିବାକୁ ହେଲେ ଉତ୍ପତ୍ତି-ବିନାଶଶୀଳ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି, ଯୋଗ୍ୟତା, ପରିସ୍ଥିତି ଇତ୍ୟାଦିର ତିଳେମାତ୍ର ଆବଶ୍ୟକତା ନାହିଁ। ମାତ୍ର ଏ କଥାଟିକୁ ମନୁଷ୍ୟ ବୁଝି ପାରେ ନାହିଁ; କାରଣ ସେ ଏହି ବାସ୍ତବିକତାକୁ ନିଜେ ଅନୁଭବ ନ କରି ଇନ୍ଦ୍ରିୟମାନଙ୍କ ଦ୍ୱାରା ଓ ଅନ୍ତଃକରଣ ଦ୍ୱାରା ଅନୁଭବ କରିବାକୁ ଚେଷ୍ଟା କରେ। କାରଣ ତାହାର ଏପରି କରିବାର ଅଭ୍ୟାସ ଆଗରୁ ରହିଆସିଛି।

ଅକର୍ମ, ଆତ୍ମା ଓ ଭଗବାନ—ତିନିହେଁ ତତ୍ତ୍ୱତଃ ଏକ ଓ ଏମାନଙ୍କ ସହିତ ଆମର ସମ୍ବନ୍ଧ ନିତ୍ୟ। କିନ୍ତୁ କର୍ମ, ସର୍ବଭୂତ ଓ ସର୍ବ—ଏ ତିନୋଟି ସହିତ ଆମର ସମ୍ବନ୍ଧବିଚ୍ଛେଦ ନିତ୍ୟ। କର୍ମ ସହ ସମ୍ବନ୍ଧ ନାହିଁ ବୋଲି ଅନୁଭବ ହେଲେ 'ଅକର୍ମ' ହିଁ ଅବଶେଷ ରହିଯାଏ। ଅକର୍ମରେ ଆତ୍ମା ମଧ୍ୟ ଅଛି ଓ ଭଗବାନ ମଧ୍ୟ ଅଛନ୍ତି। ସର୍ବଭୂତ ସହ ସମ୍ବନ୍ଧ ନାହିଁ ବୋଲି ଅନୁଭବ ହେଲେ 'ଆତ୍ମା' ହିଁ ଅବଶେଷ ରହିଯାଏ। ଆତ୍ମାରେ ଅକର୍ମ ମଧ୍ୟ ଅଛି ଓ ଭଗବାନ ମଧ୍ୟ ଅଛନ୍ତି। ସର୍ବ ସହ ସମ୍ବନ୍ଧ ନାହିଁ ବୋଲି ଅନୁଭବ ହେଲେ 'ଭଗବାନ' ଅବଶେଷ ରହନ୍ତି। ଭଗବାନଙ୍କ ଠାରେ ଆତ୍ମା ମଧ୍ୟ ଅଛି ଓ ଅକର୍ମ ମଧ୍ୟ ଅଛି।

କର୍ମରେ ଅକର୍ମର ଅନୁଭବ କରୁଥିବା ବ୍ୟକ୍ତି 'କୃତକୃତ୍ୟ' ହୋଇଯାଏ—'**ସ ବୁଦ୍ଧିମାନ୍ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍**' (୪।୧୮)। ସର୍ବଭୂତରେ ଆତ୍ମାର ଅନୁଭବ କରୁଥିବା ବ୍ୟକ୍ତି 'ଜ୍ଞାତଜ୍ଞାତବ୍ୟ' ହୋଇଯାଏ—'**ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ**' (୬।୨୯)। ସର୍ବରେ ଭଗବାନଙ୍କୁ ଅନୁଭବ କରୁଥିବା ବ୍ୟକ୍ତି 'ପ୍ରାପ୍ତପ୍ରାପ୍ତବ୍ୟ' ହୋଇଯାଏ—'**ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି**'(୬।୩୦)।

କୃତକୃତ୍ୟତା, ଜ୍ଞାତଜ୍ଞାତବ୍ୟତା ଓ ପ୍ରାପ୍ତପ୍ରାପ୍ତବ୍ୟତା—

ଏ ତିନୋଟି ମଧ୍ୟରୁ କୌଣସି ଗୋଟିକର ପ୍ରାପ୍ତି ହୋଇଗଲେ ବାକି ଦୁଇଟି ସ୍ୱତଃ ଆସିଯାଆନ୍ତି ଅର୍ଥାତ୍ କୃତକୃତ୍ୟ ହୋଇଗଲେ କର୍ମଯୋଗୀ ଜ୍ଞାତଜ୍ଞାତବ୍ୟ ଓ ପ୍ରାପ୍ତପ୍ରାପ୍ତବ୍ୟ ମଧ୍ୟ ହୋଇଯାଏ, ଜ୍ଞାତଜ୍ଞାତବ୍ୟ ହୋଇଗଲେ ଜ୍ଞାନଯୋଗୀ କୃତକୃତ୍ୟ ଓ ପ୍ରାପ୍ତପ୍ରାପ୍ତବ୍ୟ ମଧ୍ୟ ହୋଇଯାଏ ଏବଂ ପ୍ରାପ୍ତପ୍ରାପ୍ତବ୍ୟ ହୋଇଗଲେ ଭକ୍ତିଯୋଗୀ କୃତକୃତ୍ୟ ଓ ଜ୍ଞାତଜ୍ଞାତବ୍ୟ ମଧ୍ୟ ହୋଇଯାଏ।

କୃତକୃତ୍ୟତା (କିଛି କରିବା ବାକି ନ ରହିବା), ଜ୍ଞାତଜ୍ଞାତବ୍ୟତା (କିଛି ଜାଣିବା ବାକି ନ ରହିବା) ଏବଂ ପ୍ରାପ୍ତପ୍ରାପ୍ତବ୍ୟତା (କିଛି ପାଇବା ବାକି ନ ରହିବା) ହେଲେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୋଇଯାଏ ଅର୍ଥାତ୍ ମନୁଷ୍ୟଜନ୍ମ ସମ୍ପୂର୍ଣ୍ଣ ସାର୍ଥକ ହୋଇଯାଏ।

ମନୁଷ୍ୟ ଯେପର୍ଯ୍ୟନ୍ତ ନିଜପାଇଁ କିଛି କରୁଥାଏ, ସେପର୍ଯ୍ୟନ୍ତ ସେ କୃତକୃତ୍ୟ ହୋଇପାରେ ନାହିଁ। କିନ୍ତୁ ଯେତେବେଳେ ସେ ନିଜ ପାଇଁ କିଛି ନ କରି କେବଳ ଅନ୍ୟମାନଙ୍କ ପାଇଁ ସବୁ କର୍ମ କରେ, ସେତେବେଳେ ସେ କୃତକୃତ୍ୟ ହୋଇଯାଏ। ଯେତେବେଳେ ସାଧକ ନିଜ ସ୍ୱରୂପକୁ ଯଥାର୍ଥଭାବେ ଜାଣିଯାଏ ବା ଅନୁଭବ କରେ, ସେତେବେଳେ ସେ ଜ୍ଞାତଜ୍ଞାତବ୍ୟ ହୋଇଯାଏ। ଅନ୍ୟ କାହାରିକୁ ନିଜର ନ ମାନି କେବଳ ଭଗବାନଙ୍କୁ ନିଜର ମାନିଲେ ସାଧକ ପ୍ରାପ୍ତପ୍ରାପ୍ତବ୍ୟ ହୋଇଯାଏ। ତାତ୍ପର୍ଯ୍ୟ ଏହି ଯେ ସେବା ହିଁ କରିବା ଉଚିତ, ନିଜର ସ୍ୱରୂପକୁ ହିଁ ଜାଣିବା ଉଚିତ ଏବଂ ଭଗବାନଙ୍କୁ ହିଁ ପାଇବା ଉଚିତ।

୪୫. ଗୀତାରେ ଯୋଗତ୍ରୟର ମହତ୍ତ୍ୱ

ତ୍ରୟୋ ହି ଯୋଗାଃ ସୁଗମା ବରିଷ୍ଠାଃ ସିଦ୍ଧିପ୍ରଦାଃ ପାପନିବାରକାଶ୍ଚ।
ତୁଷ୍ଟିପ୍ରଶାନ୍ତିପ୍ରଦସାମ୍ୟଦାଶ୍ଚ ଜ୍ଞାନାଢ୍ୟଦାତାର ଉଦୀରିତାଶ୍ଚ॥

ଭଗବାନ ଗୀତାରେ ତିନୋଟିଯାକ ଯୋଗକୁ ସ୍ୱତନ୍ତ୍ର ସାଧନା ବୋଲି କହିଛନ୍ତି ଏବଂ ପ୍ରତ୍ୟେକର ନଅଟି ଲେଖାଏଁ ବୈଶିଷ୍ଟ୍ୟ ଦର୍ଶାଇ ସେଗୁଡ଼ିକର ମହତ୍ତ୍ୱ ପ୍ରତିପାଦିତ କରିଛନ୍ତି।

କର୍ମଯୋଗ

(୧) **ଶ୍ରେଷ୍ଠ**—କର୍ମଯୋଗ ଜ୍ଞାନଯୋଗଠାରୁ ଶ୍ରେଷ୍ଠ ଅଟେ—**'ତୟୋସ୍ତୁ କର୍ମସନ୍ନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ'** (୫।୨)। କାରଣ କର୍ମଯୋଗରେ ସମସ୍ତ କର୍ମ କର୍ତ୍ତବ୍ୟ-ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଅର୍ଥାତ୍ ଅନ୍ୟମାନଙ୍କ ପାଇଁ କରାଯାଏ। ତେଣୁ ନିଜର ସୁଖ, ଆରାମ, ସମ୍ମାନ, ମହିମାକୁ ତଥା ବିଦ୍ୟା ଓ ବୁଦ୍ଧିର ଅଭିମାନ, ଭୋଗ ଓ ସଂଗ୍ରହର ଇଚ୍ଛା ଇତ୍ୟାଦିକୁ ସହଜରେ ଛାଡ଼ି ହୁଏ। ମାତ୍ର ଜ୍ଞାନଯୋଗରେ ବିବେକ-ବିଚାର ଦ୍ୱାରା ନିଜର ସୁଖ ଓ ଆରାମକୁ ଛାଡ଼ିବାରେ ଅଧିକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ।

କର୍ମଯୋଗ ଧ୍ୟାନଯୋଗଠାରୁ ମଧ୍ୟ ଶ୍ରେଷ୍ଠ—**'ଧ୍ୟାନାତ୍ କର୍ମଫଲତ୍ୟାଗଃ'** (୧୨।୧୨)। କାରଣ ସମସ୍ତ କର୍ମର ଫଳ ଅର୍ଥାତ୍ ଫଳେଚ୍ଛାକୁ ତ୍ୟାଗ କରିବା କର୍ମଯୋଗର ହିଁ ବିଷୟ, ଧ୍ୟାନଯୋଗରେ କର୍ମଫଳର ତ୍ୟାଗ ନାହିଁ।

କର୍ମଗୁଡ଼ିକୁ ତ୍ୟାଗ କରିବା ଅପେକ୍ଷା ଅନାସକ୍ତ ହୋଇ କର୍ମ କରୁଥିବା କର୍ମଯୋଗୀ ଶ୍ରେଷ୍ଠ—**'କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ'** (୩।୭)। କାରଣ ଅନାସକ୍ତ ହୋଇ କର୍ମ କରିବା ଯୋଗ(ସମତା)ରେ ଆରୂଢ଼ ହେବାର ହେତୁ (୬।୩), କିନ୍ତୁ କର୍ମଗୁଡ଼ିକୁ ତ୍ୟାଗ କରିଦେଲେ ସିଦ୍ଧିପ୍ରାପ୍ତି ହୋଇଯାଏ ନାହିଁ (୩।୪)।

(୨) **ସୁଗମ**—କର୍ମଯୋଗୀ ସୁଖପୂର୍ବକ ବନ୍ଧନରୁ ମୁକ୍ତ ହୋଇଯାଏ—**'ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ'** (୫।୩)। କାରଣ ତାହାଠାରେ ରାଗ ଓ ଦ୍ୱେଷ ନ ଥାଏ, ବରଂ ସମତା ଥାଏ। କର୍ମ ତ ସମସ୍ତେ କରନ୍ତି, କିନ୍ତୁ ରାଗ-ଦ୍ୱେଷ ଥିବାରୁ ଏବଂ ସିଦ୍ଧି-ଅସିଦ୍ଧିରେ ସୁଖୀ-ଦୁଃଖୀ ହେଉଥିବାରୁ ସେମାନେ ବନ୍ଧନରୁ ମୁକ୍ତ ହୋଇପାରନ୍ତି ନାହିଁ।

(୩) **ଶୀଘ୍ର ସିଦ୍ଧି**—ସମତାଯୁକ୍ତ କର୍ମଯୋଗୀ ଅତି ଶୀଘ୍ର ପରମାତ୍ମତତ୍ତ୍ୱକୁ ପ୍ରାପ୍ତ ହୋଇଥାଏ—**'ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନଚିରେଣାଧିଗଚ୍ଛତି'** (୫।୬)। କାରଣ ତା'ଠାରେ କର୍ମ ଓ କର୍ମଫଳର ଆସକ୍ତି ନ ଥାଏ କିଂବା ସଂସାରର ଆଶ୍ରୟ ନ ଥାଏ (୪।୨୦)।

(୪) **ପାପନାଶ**—ଯେଉଁମାନେ କେବଳ ଯଜ୍ଞ ନିମିତ୍ତ ଅର୍ଥାତ୍ କର୍ତ୍ତବ୍ୟ-ପରମ୍ପରାକୁ ସୁରକ୍ଷିତ ରଖିବା

ଉଦ୍ଦେଶ୍ୟରେ ହିଁ କର୍ମ କରନ୍ତି, ସେମାନଙ୍କର ସମସ୍ତ କର୍ମ ଓ ପାପ ବିଲୀନ ହୋଇଯାଏ—**'ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ'** (୪ । ୨୩) । କାରଣ ଯଜ୍ଞାର୍ଥକର୍ମ କରିବା ହେତୁ ନିଜଠାରେ କର୍ମଫଳର ଆସକ୍ତି, କାମନା ଇତ୍ୟାଦି ରହେ ନାହିଁ ।

କର୍ମ କ'ଣ ଓ ଅକର୍ମ କ'ଣ—ଏହାକୁ ଠିକ୍‌ଭାବେ ଜାଣି କର୍ମ କଲେ କର୍ମଯୋଗୀର ସମସ୍ତ କର୍ମ ଭସ୍ମୀଭୂତ ହୋଇଯାଏ—**'ଜ୍ଞାନାଗ୍ନିଦଗ୍ଧକର୍ମାଣମ୍'** (୪ । ୧୯) । କାରଣ ତା'ର ସମସ୍ତ କର୍ମ କାମନାଶୂନ୍ୟ ଓ ସଂକଳ୍ପଶୂନ୍ୟ ହୋଇଥାଏ । ତେଣୁ ସେହି କର୍ମଗୁଡ଼ିକର ବାନ୍ଧିବା ଶକ୍ତି ନଷ୍ଟ ହୋଇଯାଇଥାଏ ।

(୫) ସନ୍ତୁଷ୍ଟି—କର୍ମଯୋଗୀ ନିଜେ ନିଜଠାରେ ସନ୍ତୁଷ୍ଟ ହୋଇଯାଏ—**'ଆତ୍ମନ୍ୟେବାତ୍ମନାତୁଷ୍ଟଃ'** (୨ । ୫୫), **'ଆତ୍ମନ୍ୟେବ ଚ ସନ୍ତୁଷ୍ଟଃ'** (୩ । ୧୭) । ସେ ସମସ୍ତ କାମନାକୁ ସର୍ବଥା ତ୍ୟାଗ କରିଥାଏ । ତେଣୁ ତା'ର ସନ୍ତୁଷ୍ଟି ପରାଧୀନ ନୁହେଁ ।

(୬) ଶାନ୍ତିପ୍ରାପ୍ତି—କର୍ମଯୋଗୀକୁ ଶାନ୍ତି ଲାଭ ହୋଇଥାଏ—**'ସ ଶାନ୍ତିମଧିଗଚ୍ଛତି'** (୨ । ୭୧), **'ଶାନ୍ତିମାପ୍ନୋତି ନୈଷ୍ଠିକୀମ୍'** (୫ । ୧୨) । କାରଣ ତା'ଠାରେ କାମନା, ମମତା ଇତ୍ୟାଦି ରହେ ନାହିଁ ଅର୍ଥାତ୍ ତା'ର ସଂସାର ସହିତ ସମ୍ବନ୍ଧ ନ ଥାଏ ।

(୭) ସମତାପ୍ରାପ୍ତି—କର୍ମଯୋଗୀ ସିଦ୍ଧି ଓ ଅସିଦ୍ଧିରେ ସମ ହୋଇଯାଏ । **'ସମଃ ସିଦ୍ଧାବସିଦ୍ଧୌ ଚ'** (୪ । ୨୨) । କାରଣ କର୍ମର ସିଦ୍ଧି-ଅସିଦ୍ଧି ଓ ପୂର୍ତ୍ତି-ଅପୂର୍ତ୍ତିରେ ତା'ର ହର୍ଷ-ଶୋକ ଓ ରାଗ-ଦ୍ୱେଷ ହୁଏ ନାହିଁ ।

(୮) ଜ୍ଞାନପ୍ରାପ୍ତି—କର୍ମଯୋଗରେ ସିଦ୍ଧି ଲାଭ କରିଥିବା ମନୁଷ୍ୟକୁ ନିଜ ସ୍ୱରୂପର ଜ୍ଞାନ (ବୋଧ) ଆପେ ଆପେ ହୋଇଯାଏ—**'ତତ୍ସ୍ୱୟଂ ଯୋଗସଂସିଦ୍ଧଃ କାଲେନାତ୍ମନି ବିନ୍ଦତି'** (୪ । ୩୮) । କାରଣ ତା'ଠାରେ ସାଂସାରିକ ଆକର୍ଷଣ ଓ ଜଡ଼ତା ନ ଥାଏ । ଜଡ଼ତା ନ ଥିବାରୁ ସ୍ୱତଃସିଦ୍ଧ ସ୍ୱରୂପ ଅବଶେଷ ରହିଯାଏ ।

(୯) ପ୍ରସନ୍ନତା (ସ୍ୱଚ୍ଛତା) ପ୍ରାପ୍ତି—କର୍ମଯୋଗୀ ଅନ୍ତଃକରଣର ପ୍ରସନ୍ନତାକୁ ପ୍ରାପ୍ତ କରେ—**'ପ୍ରସାଦମଧିଗଚ୍ଛତି'** (୨ । ୬୪) । କାରଣ ରାଗ-ଦ୍ୱେଷପୂର୍ବକ ବିଷୟଗୁଡ଼ିକ ସେବନ କଲେ ହିଁ ଅନ୍ତଃକରଣରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହୋଇଥାଏ । ମାତ୍ର କର୍ମଯୋଗୀ ସାଧକ ରାଗ-ଦ୍ୱେଷରହିତ ହୋଇ ବିଷୟଗୁଡ଼ିକ ସେବନ କରୁଥାଏ, ତେଣୁ ତା'ର ଅନ୍ତଃକରଣ ସ୍ୱଚ୍ଛ ଓ ନିର୍ମଳ ହୋଇଯାଏ ।

ଜ୍ଞାନଯୋଗ

(୧) ଶ୍ରେଷ୍ଠ—ଦ୍ରବ୍ୟମୟ (ଆହୁତି ଦେଇ କରାଯାଉଥିବା) ଯଜ୍ଞଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ—**'ଶ୍ରେୟାନ୍ ଦ୍ରବ୍ୟମୟାଦ୍ ଯଜ୍ଞାଜ୍ ଜ୍ଞାନଯଜ୍ଞଃ'** (୪ । ୩୩) । କାରଣ ଦ୍ରବ୍ୟମୟ ଯଜ୍ଞରେ ପଦାର୍ଥ ଓ କ୍ରିୟାର ମୁଖ୍ୟତା ରହିଥାଏ, ଅଥଚ ଜ୍ଞାନଯଜ୍ଞରେ ବିବେକ ଓ ବିଚାରର ମୁଖ୍ୟତା ଥାଏ । ବିବେକ ଓ ବିଚାରରେ ମନୁଷ୍ୟ ଯେତେ ସ୍ୱାଧୀନ, ପଦାର୍ଥ ଓ କ୍ରିୟାରେ ସେତେ ସ୍ୱାଧୀନ ନୁହେଁ ।

(୨) ସୁଗମ—ଜ୍ଞାନଯୋଗୀ ସାଧକ ନିର୍ଗୁଣ-ନିରାକାରର ଧ୍ୟାନ କରି କରି ସମସ୍ତ ପାପରୁ ମୁକ୍ତ ହୋଇ ସୁଖପୂର୍ବକ ପରମାତ୍ମାଙ୍କୁ ପ୍ରାପ୍ତ ହୁଏ—**'ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ'** (୬ । ୨୮) । କାରଣ ତା'ର ଦେହାଭିମାନ ରହେ ନାହିଁ ।

(୩) ଶୀଘ୍ର ସିଦ୍ଧି—ଶ୍ରଦ୍ଧାବାନ୍ ସାଂଖ୍ୟଯୋଗୀ ଜ୍ଞାନ ଲାଭ କରି ଅବିଳମ୍ବେ ପରମଗତିକୁ ପ୍ରାପ୍ତ ହୁଏ—**'ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି'** (୪ । ୩୯) । କାରଣ ସେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିଥାଏ ।

(୪) ପାପନାଶ—ଅତ୍ୟନ୍ତ ପାପୀ ମଧ୍ୟ ଜ୍ଞାନରୂପୀ ନୌକା ଦ୍ୱାରା ସମସ୍ତ ପାପକୁ ତରିଯାଏ—**'ସର୍ବଂ ଜ୍ଞାନପ୍ଳବେନୈବ ବୃଜିନଂ ସନ୍ତରିଷ୍ୟସି'** (୪ । ୩୬) । ଜ୍ଞାନରୂପୀ ଅଗ୍ନି ସମସ୍ତ ପାପକୁ ଭସ୍ମ କରିଦିଏ—**'ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ'** (୪ । ୩୭) । କାରଣ ସ୍ୱରୂପର ବୋଧ ହୋଇଯିବା ଦ୍ୱାରା ଶରୀର ଓ ସଂସାରଠାରୁ ସମ୍ବନ୍ଧ ଛିନ୍ନ ହୋଇଯାଏ ।

(୫) ସନ୍ତୁଷ୍ଟି—ଆତ୍ମସ୍ୱରୂପର ଧ୍ୟାନ କରୁଥିବା ସାଂଖ୍ୟଯୋଗୀ ନିଜ ମଧ୍ୟରେ ସନ୍ତୁଷ୍ଟ ହୋଇଯାଏ—**'ପଶ୍ୟନ୍ନାତ୍ମନି ତୁଷ୍ୟତି'** (୬ । ୨୦) । କାରଣ ତାହାର ଜଡ଼ତ୍ୱ ସହିତ ଅର୍ଥାତ୍ ଶରୀର, ମନ, ବୁଦ୍ଧି ପ୍ରଭୃତି ସହିତ ସମ୍ବନ୍ଧ ନ ଥାଏ ।

(୬) ଶାନ୍ତିପ୍ରାପ୍ତି—ଜ୍ଞାନଯୋଗୀ ପରମଶାନ୍ତିକୁ ପ୍ରାପ୍ତ ହୁଏ—**'ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି'** (୪ । ୩୯) । କାରଣ ସେ ତତ୍ତ୍ୱକୁ ଜାଣିଯାଏ । ତା'ପାଇଁ ଆଉ କିଛି ଜାଣିବାକୁ ବାକି ରହେ ନାହିଁ ।

(୭) ସମତାପ୍ରାପ୍ତି—ଯିଏ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ନିଜକୁ ଓ ନିଜ ମଧ୍ୟରେ ସମସ୍ତ ପ୍ରାଣୀଙ୍କୁ ଦେଖେ, ସେ ସମଦର୍ଶୀ ହୋଇଯାଏ ଅର୍ଥାତ୍ ତାକୁ ସମତା

ପ୍ରାପ୍ତ ହୋଇଯାଏ—'**ସର୍ବତ୍ର ସମଦର୍ଶନଃ**' (୬।୨୯)। ସେ ସୁଖଦୁଃଖରେ ସମ ରହେ—'**ସମଦୁଃଖସୁଖଃ**' (୧୪।୨୪)। କାରଣ ତାହାର ତତ୍ତ୍ୱ ସହିତ ଅଭିନ୍ନତା ହୋଇଯାଏ।

(୮) **ଜ୍ଞାନପ୍ରାପ୍ତି**—କ୍ଷେତ୍ର ଅଲଗା ଓ କ୍ଷେତ୍ରଜ୍ଞ ଅଲଗା—ଏଭଳି ବିବେକ ହେବାପରେ ସାଂଖ୍ୟଯୋଗୀକୁ ସ୍ୱରୂପବୋଧ ଅର୍ଥାତ୍ ପରମ ତତ୍ତ୍ୱର ପ୍ରାପ୍ତି ହୋଇଯାଏ—'**ଯାନ୍ତି ତେ ପରମ୍**' (୧୩।୩୪)। କାରଣ ପ୍ରକୃତି ଓ ପ୍ରକୃତିର କାର୍ଯ୍ୟଠାରୁ ତା'ର ସମ୍ବନ୍ଧ ଛିନ୍ନ ହୋଇଯାଏ।

(୯) **ପ୍ରସନ୍ନତା (ସ୍ୱଚ୍ଛତା) ପ୍ରାପ୍ତି**—ସାଂଖ୍ୟଯୋଗୀ ଅନ୍ତଃକରଣର ପ୍ରସନ୍ନତା ପ୍ରାପ୍ତ କରେ—'**ବ୍ରହ୍ମଭୂତଃ ପ୍ରସନ୍ନାତ୍ମା**' (୧୮।୫୪)। କାରଣ ସେ ଅହଂକାର, କାମନା ଇତ୍ୟାଦିରୁ ମୁକ୍ତ ହୋଇଥାଏ।

ଭକ୍ତିଯୋଗ

(୧) **ଶ୍ରେଷ୍ଠ**—ଭଗବାନଙ୍କ ଠାରେ ତଲ୍ଲୀନ ଅନ୍ତଃକରଣଯୁକ୍ତ ଶ୍ରଦ୍ଧାବାନ୍ ଭକ୍ତ ସମସ୍ତ ଯୋଗୀଙ୍କ ମଧ୍ୟରେ ଶ୍ରେଷ୍ଠ—'**ସ ମେ ଯୁକ୍ତତମୋ ମତଃ**' (୬।୪୭)। କାରଣ ତା'ର ଶ୍ରଦ୍ଧା ଓ ବିଶ୍ୱାସ ଭଗବାନଙ୍କ ଉପରେ ହିଁ ହୋଇଥାଏ, ତାହାର ଆଶ୍ରୟ କେବଳ ଭଗବାନ ହିଁ ହୋଇଥାନ୍ତି। ସାଂଖ୍ୟଯୋଗୀ ଓ ଭକ୍ତିଯୋଗୀଙ୍କ ମଧ୍ୟରେ ଭକ୍ତିଯୋଗୀ ଶ୍ରେଷ୍ଠ—'**ତେ ମେ ଯୁକ୍ତତମା ମତାଃ**' (୧୨।୨)। କାରଣ ସେ ନିତ୍ୟ-ନିରନ୍ତର ଭଗବାନଙ୍କ ଠାରେ ହିଁ ଯୁକ୍ତ ରହିଥାଏ।

(୨) **ସୁଗମ**—ଭକ୍ତ ଶ୍ରଦ୍ଧା ଓ ଭକ୍ତି ସହିତ ଯେଉଁ ପତ୍ର, ପୁଷ୍ପ, ଫଳ, ଜଳ ଇତ୍ୟାଦି ଭଗବାନଙ୍କୁ ଅର୍ପଣ କରେ, ତାହାକୁ ଭଗବାନ ଖାଇଦିଅନ୍ତି। କେବଳ ସେତିକି ନୁହେଁ, ଯଦି କାହା ପାଖରେ ପତ୍ର, ପୁଷ୍ପ ଇତ୍ୟାଦି ମଧ୍ୟ ନ ଥାଏ, ତେବେ ସେ ଯାହା କିଛି କରେ ତାହାକୁ ଭଗବାନଙ୍କ ନିକଟରେ ଅର୍ପଣ କରିଦେଲେ ସେ ସମସ୍ତ ବନ୍ଧନରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ କରେ—'**ପତ୍ରଂ ପୁଷ୍ପଂ ଫଳଂ ତୋୟଂ.......ମାମୁପୈଷ୍ୟସି**' (୯।୨୬-୨୮)। କାରଣ ଭକ୍ତ ମନରେ ଭଗବାନଙ୍କୁ ଅର୍ପଣ କରିବାର ଭାବ ଥାଏ, ଏବଂ ଭଗବାନ ମଧ୍ୟ ଭାବଗ୍ରାହୀ।

(୩) **ଶୀଘ୍ର ସିଦ୍ଧି**—ଯେଉଁ ଭକ୍ତର ଚିତ୍ତ ଭଗବାନଙ୍କ ଠାରେ ଯୁକ୍ତ ରହିଥାଏ, ତାହାକୁ ଭଗବାନ ଖୁବ୍ ଶୀଘ୍ର ଉଦ୍ଧାର କରନ୍ତି—'**ତେଷାମହଂ ସମୁଦ୍ଧର୍ତ୍ତା.......ନଚିରାତ୍ ପାର୍ଥ ମୟ୍ୟାବେଶିତଚେତସାମ୍**' (୧୨।୭)। କାରଣ ସେ କେବଳ ଭଗବତ୍ ପରାୟଣ ହୋଇଥାଏ, ତେଣୁ ତା'ର ଉଦ୍ଧାର କରିବା ଦାୟିତ୍ୱ ଭଗବାନଙ୍କର।

(୪) **ପାପନାଶ**—ଭଗବାନ ନିଜର ଶରଣାଗତ ଭକ୍ତକୁ ସମସ୍ତ ପାପରୁ ମୁକ୍ତ କରି ଦିଅନ୍ତି—'**ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି**' (୧୮।୬୬)। କାରଣ ସର୍ବତୋଭାବରେ ଶରଣାଗତ ଭକ୍ତର ସମ୍ପୂର୍ଣ୍ଣ ଦାୟିତ୍ୱ ଭଗବାନଙ୍କର।

(୫) **ସନ୍ତୁଷ୍ଟି**—ଭଗବାନଙ୍କ ଠାରେ ମନ ଲାଗିଗଲେ ଭକ୍ତ ସନ୍ତୁଷ୍ଟ ହୋଇଯାଏ—'**ତୁଷ୍ୟନ୍ତି**' (୧୦।୯)। କାରଣ ଭଗବାନଙ୍କ ଠାରେ ମନ ଯେତେ ଅଧିକ ଲାଗେ, ତାକୁ ସେତେ ଅଧିକ ସନ୍ତୋଷ ମିଳେ ଯେ ଯାହାହେଉ ମୋର ସମୟ ଭଗବାନଙ୍କ ଚିନ୍ତନରେ ହିଁ ଲାଗୁଛି। ସିଦ୍ଧାବସ୍ଥାରେ ସେହି ସନ୍ତୋଷ ଭକ୍ତଠାରେ ସ୍ୱତଃ ରହିଥାଏ—'**ସନ୍ତୁଷ୍ଟଃ ସତତଂ ଯୋଗୀ**' (୧୨।୧୪)। କାରଣ ତାକୁ ଭଗବଦ୍‌ପ୍ରାପ୍ତି ହୋଇସାରିଥାଏ।

(୬) **ଶାନ୍ତିପ୍ରାପ୍ତି**—ଭକ୍ତ ପରମଶାନ୍ତି ପାଏ—'**ଶାନ୍ତିଂ ନିର୍ବାଣପରମାମ୍**' (୬।୧୫); '**ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି**' (୯।୩୧)। କାରଣ ତା'ର ଆଶ୍ରୟ ହେଉଛନ୍ତି କେବଳ ଭଗବାନ।

(୭) **ସମତାପ୍ରାପ୍ତି**—ଭଗବାନ ତାଙ୍କ ଭକ୍ତକୁ ସେହି ସମତା ଦିଅନ୍ତି, ଯଦ୍ଦ୍ୱାରା ସେ ଭଗବାନଙ୍କୁ ପାଇଯାଏ—'**ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ**' (୧୦।୧୦)। କାରଣ ସେ କେବଳ ଭଗବାନଙ୍କ ଠାରେ ହିଁ ଯୁକ୍ତ ରହିଥାଏ ଓ ଭଗବାନଙ୍କ ଛଡ଼ା ଅନ୍ୟ କିଛି ଇଚ୍ଛା କରେ ନାହିଁ।

(୮) **ଜ୍ଞାନପ୍ରାପ୍ତି**—ସ୍ୱୟଂ ଭଗବାନ ଭକ୍ତର ଅଜ୍ଞାନକୁ ନଷ୍ଟ କରିଦିଅନ୍ତି—'**ତେଷାମେବାନୁକମ୍ପାର୍ଥଂ.... ଜ୍ଞାନଦୀପେନ ଭାସ୍ୱତା**' (୧୦।୧୧)। କାରଣ ଭକ୍ତ କେବଳ ଭଗବାନଙ୍କ ଠାରେ ହିଁ ଯୁକ୍ତ ଥାଏ, ଭଗବାନଙ୍କ ଛଡ଼ା ଆଉ କିଛି ଇଚ୍ଛା କରେ ନାହିଁ, ତେଣୁ ଭଗବାନ ନିଜ ପକ୍ଷରୁ ହିଁ ତାହାର ଅଜ୍ଞାନକୁ ନଷ୍ଟ କରି ଭଗବତ୍‌ତତ୍ତ୍ୱର ଜ୍ଞାନ କରାଇ ଦିଅନ୍ତି।

(୯) **ପ୍ରସନ୍ନତା (ସ୍ୱଚ୍ଛତା) ପ୍ରାପ୍ତି**—ଭକ୍ତର ଅନ୍ତଃକରଣ ପ୍ରସନ୍ନ ଓ ସ୍ୱଚ୍ଛ ହୋଇଯାଏ—'**ପ୍ରଶାନ୍ତାତ୍ମା**' (୬।୧୪)। କାରଣ ସେ ଭଗବାନଙ୍କର ଧ୍ୟାନ କରୁଥାଏ।

୪୬. ଗୀତାରେ ଯୋଗ ଓ ଭୋଗ

ପ୍ରଭୁଣା ସହ ସମ୍ବନ୍ଧୋ ଜୀବାନାଂ ଯୋଗ ଉଚ୍ୟତେ ।
ପ୍ରକୃତ୍ୟା କୃତସମ୍ବନ୍ଧଃ ପ୍ରାଣିନାଂ ଭୋଗ ଉଚ୍ୟତେ ॥

ଜୀବର ପରମାତ୍ମାଙ୍କ ସହିତ ଯେଉଁ ସ୍ୱତଃସିଦ୍ଧ ସମ୍ବନ୍ଧ ଅଛି, ତାହା ହେଲା 'ଯୋଗ' ଏବଂ ବସ୍ତୁ, ବ୍ୟକ୍ତି, କ୍ରିୟା, ପଦାର୍ଥ, ଘଟଣା, ପରସ୍ଥିତି ଇତ୍ୟାଦି ପ୍ରାକୃତ ବସ୍ତୁମାନଙ୍କ ସହିତ ଯେଉଁ ସ୍ୱୀକୃତ ସମ୍ବନ୍ଧ ଅଛି, ତାହା ହେଲା 'ଭୋଗ'। ସଂସାରର ଆସକ୍ତି ତ୍ୟାଗ କଲେ 'ଯୋଗ' ହୁଏ ଏବଂ ସଂସାର ପ୍ରତି ଆସକ୍ତି କଲେ 'ଭୋଗ' ହୁଏ। ଯୋଗ ନିତ୍ୟ ଓ ଭୋଗ ଅନିତ୍ୟ।

ଭୋଜନ କେବଳ ନିର୍ବାହ ଉଦ୍ଦେଶ୍ୟରେ କରାଗଲେ, ଖାଦ୍ୟପଦାର୍ଥଗୁଡ଼ିକ ପ୍ରତି ଆସକ୍ତି ଓ ଆକର୍ଷଣ ନ ଥିଲେ, ସେହି ଭୋଜନ ମଧ୍ୟ 'ଯୋଗ'ରେ ପରିଣତ ହୋଇଯାଏ। କିନ୍ତୁ ଶରୀର ପୁଷ୍ଟ ହେଉ, ବଳ ଅଧିକ ହେଉ—ଏହି ଦୃଷ୍ଟିରୁ ତଥା ସ୍ୱାଦ ଦୃଷ୍ଟିରୁ ଭୋଜନ କଲେ, ସେଥିରୁ ରସ ଗ୍ରହଣ କରିବାର ଭାବନା ଥିଲେ ସେହି ଭୋଜନ 'ଭୋଗ' ଅଟେ। କହିବାର ଅଭିପ୍ରାୟ ହେଲା, ଆସକ୍ତିଶୂନ୍ୟ ହୋଇ ନିର୍ଲିପ୍ତଭାବରେ ଭୋଜନ କଲେ ପୁରାତନ ଆସକ୍ତି ନଷ୍ଟ ହୋଇଯାଏ ଏବଂ ସ୍ୱାଦବୁଦ୍ଧି ଓ ସୁଖବୁଦ୍ଧି ନ ରହିଲେ ନୂତନ ଆସକ୍ତି ଉତ୍ପନ୍ନ ହୁଏ ନାହିଁ, ଫଳତଃ ତାହା 'ଯୋଗ' ହୋଇଯାଏ। ଆସକ୍ତିପୂର୍ବକ ଭୋଜନ କଲେ ପୁରୁଣା ଆସକ୍ତି ପୁଷ୍ଟ ହୋଇଗଲେ ଏବଂ ସ୍ୱାଦବୁଦ୍ଧି ଓ ସୁଖବୁଦ୍ଧି ରହିଲେ ନୂଆ ନୂଆ ଆସକ୍ତି ଉତ୍ପନ୍ନ ହୋଇଗଲେ। ଏହା ହିଁ 'ଭୋଗ'।

ସାଂସାରିକ ବସ୍ତୁ, ପଦାର୍ଥ ଆଦିରେ ଆସକ୍ତି ତ୍ୟାଗ କଲେ ଯେଉଁ ସୁଖ ମିଳେ, ତଦ୍ୱାରା ଯୋଗ ହୁଏ (୧୨।୧୨) ଏବଂ ଭୋଗରେ ଯେଉଁ ତାତ୍କାଳିକ ସୁଖ ମିଳେ, ତଦ୍ୱାରା ବନ୍ଧନ ହୁଏ (୧୮।୩୮)।

ଗୋଟିଏ ଜନଶ୍ରୁତି ଅଛି—'ଏକ ଗୁଣ ଦାନ, ସହସ୍ର ଗୁଣ ପୁଣ୍ୟ'। ଫଳେଚ୍ଛାପୂର୍ବକ ଗୋଟିଏ ଟଙ୍କା ଦାନ କରାଗଲେ ହଜାରେ ଗୁଣ ପୁଣ୍ୟ ହୁଏ ଅର୍ଥାତ୍ ହଜାରେ ଟଙ୍କା ସହିତ ସମ୍ବନ୍ଧ ଯୋଡ଼ି ହୋଇଯାଏ। ଏଣୁ ଏଭଳି ଦାନ ସମ୍ବନ୍ଧଜନିତ ଭୋଗ ଉତ୍ପନ୍ନ କରେ। ତାତ୍ପର୍ଯ୍ୟ ହେଲା, ସକାମଭାବରେ ପ୍ରଦତ୍ତ ଦାନ ଦ୍ୱାରା ବର୍ତ୍ତମାନ କାଳରେ ବସ୍ତୁ ଆଦିରୁ ସମ୍ବନ୍ଧ ବିଚ୍ଛେଦ ହେଉଥିବା ପରି ଦେଖାଗଲେ ମଧ୍ୟ ପରିଣାମରେ ବସ୍ତୁ ଆଦି ସହିତ ସମ୍ବନ୍ଧ ରହିଯାଏ (୨।୪୨—୪୪)। ଦାନ ଦେବାକୁ କର୍ତ୍ତବ୍ୟ ମନେକରି, ପ୍ରତ୍ୟୁପକାର ଭାବନା ନ ରଖି ଦାନ ଦେଲେ ଅର୍ଥାତ୍ ନିଷ୍କାମଭାବରେ ଦାନ ଦିଆଗଲେ ବସ୍ତୁ ଇତ୍ୟାଦିରୁ ସମ୍ବନ୍ଧ ଛିନ୍ନ ହୋଇଯାଏ (୧୭।୨୦); କାରଣ ଏହା ତ୍ୟାଗ ଅଟେ। ତ୍ୟାଗରୁ ଅନନ୍ତଗୁଣ ପୁଣ୍ୟ ହୁଏ। ତ୍ୟାଗରୁ ଅତ୍ୟନ୍ତ ପବିତ୍ରତା ଆସେ। ତ୍ୟାଗ ଦ୍ୱାରା ତତ୍କ୍ଷଣାତ୍ 'ଯୋଗ' ହୁଏ (୬।୨୩)। ଯୋଗରେ ସଂସାରର ବିୟୋଗ ଘଟିଥାଏ (୬।୨୩) ଏବଂ ଭୋଗରେ ସଂସାର ସହ ସଂଯୋଗ ହୁଏ (୫।୨୨)।

ନିଷ୍କାମଭାବରେ ଅନ୍ୟମାନଙ୍କୁ ସୁଖ ଦେବା ପାଇଁ ଓ ସେମାନଙ୍କର ହିତସାଧନ କରିବା ପାଇଁ ସେମାନଙ୍କ ସହିତ ଯେଉଁ ସମ୍ବନ୍ଧ ସ୍ଥାପନ କରାଯାଏ, ତଦ୍ୱାରା 'ଯୋଗ' ହୁଏ; କାରଣ ତଦ୍ୱାରା ନିଜର ଆସକ୍ତି, ସୁଖ, ଆରାମ ଇତ୍ୟାଦି ଦୂରୀଭୂତ ହୁଏ। କିନ୍ତୁ କୌଣସି ବସ୍ତୁ ଓ ବ୍ୟକ୍ତିଠାରୁ ସୁଖ ପାଇବା ଆଶାରେ ତା' ସହିତ ଯେଉଁ ସମ୍ବନ୍ଧ ସ୍ଥାପନ କରାଯାଏ, ତଦ୍ୱାରା 'ଭୋଗ' ହୁଏ। ବସ୍ତୁ ଓ ବ୍ୟକ୍ତି ସହିତ ଆସକ୍ତିପୂର୍ବକ ସମ୍ବନ୍ଧ ସ୍ଥାପନ କଲେ ପରମାତ୍ମାଙ୍କ ସହିତ ଥିବା ନିତ୍ୟସମ୍ବନ୍ଧର ଅନୁଭବ ହୁଏ ନାହିଁ।

ବସ୍ତୁ ଓ ବ୍ୟକ୍ତିଠାରୁ ସମ୍ବନ୍ଧ ଛିନ୍ନ ହେବାପରେ ଏକପ୍ରକାର ସୁଖ ମିଳେ। ସାଧକ ସେହି ସୁଖକୁ ଭୋଗ ନ କଲେ 'ଯୋଗ' ହେବ। ଯଦି ସାଧକ ସେହି ସୁଖକୁ ଭୋଗ କରିବ ଓ ସେହି ସୁଖରେ ଖୁସି ହୋଇଯିବ, ତେବେ 'ଯୋଗ' ହେବ ନାହିଁ, ବରଂ 'ଭୋଗ' ହୋଇଯିବ।

ସାଧକ ଭୋଗବୁଦ୍ଧିକୁ ସମ୍ପୂର୍ଣ୍ଣ ଛାଡ଼ିଦେଲେ ସମସ୍ତ ସାଧନା ଦ୍ୱାରା 'ଯୋଗ' (ପରମାତ୍ମାଙ୍କ ସହିତ ଥିବା ନିତ୍ୟସମ୍ବନ୍ଧର ଅନୁଭବ) ହୋଇଯାଏ। ଯେପରି—କର୍ମଯୋଗରେ କେବଳ ସୃଷ୍ଟିଚକ୍ରର ମର୍ଯ୍ୟାଦାକୁ ସୁରକ୍ଷିତ ରଖିବା ପାଇଁ, କେବଳ କର୍ତ୍ତବ୍ୟପରମ୍ପରାକୁ ରକ୍ଷା କରିବା ପାଇଁ ହିଁ ନିଷ୍କାମଭାବରେ କର୍ତ୍ତବ୍ୟକର୍ମ କଲେ କର୍ମଗୁଡ଼ିକର ପ୍ରବାହ କେବଳ ସଂସାର ଆଡ଼କୁ ହୋଇଯାଏ ଏବଂ ସ୍ୱୟଂର କର୍ମଠାରୁ ସମ୍ବନ୍ଧ ଛିନ୍ନ ହେବା

ଓ ଭୋଗ ପରିତ୍ୟକ୍ତ ହେବା ଫଳରେ ପରମାତ୍ମାଙ୍କ ସହିତ ଯୋଗ ହୋଇଯାଏ (୪ । ୨୩) ।

ଜ୍ଞାନଯୋଗରେ ସତ୍-ଅସତ୍ ସମ୍ବନ୍ଧୀୟ ବିବେକବିଚାର ଦ୍ୱାରା ବସ୍ତୁ, ବ୍ୟକ୍ତି, କ୍ରିୟା ଇତ୍ୟାଦି ପରିବର୍ତ୍ତନଶୀଳତାରୁ ସମ୍ବନ୍ଧ ତୁଟିଯାଏ, ଫଳରେ ପରମାତ୍ମାଙ୍କ ସହିତ ଯୋଗ ହୋଇଯାଏ ଅର୍ଥାତ୍ ପରମାତ୍ମାଙ୍କ ସହିତ ନିଜର ସ୍ୱତଃସିଦ୍ଧ ଅଭିନ୍ନତାର ଅନୁଭବ ହୋଇଯାଏ (୧୩ । ୨୩, ୨୪) ।

ଭକ୍ତିଯୋଗରେ ସମସ୍ତ କ୍ରିୟା, ପଦାର୍ଥ ଇତ୍ୟାଦିକୁ ଭଗବାନଙ୍କର ମନେକରି ଭଗବାନଙ୍କୁ ସମର୍ପିତ କରାଯାଏ । ଏହାଦ୍ୱାରା ସେହି କ୍ରିୟା ଓ ପଦାର୍ଥ ଇତ୍ୟାଦିରୁ ସମ୍ବନ୍ଧ ତୁଟିଯାଇ ଭଗବାନଙ୍କ ସହିତ ଯୋଗ ହୋଇଯାଏ ଅର୍ଥାତ୍ ଭଗବାନଙ୍କ ପ୍ରତି ଆତ୍ମୀୟତା ଜାଗ୍ରତ ହୁଏ (୯ । ୨୭-୨୮) ।

ଧ୍ୟାନଯୋଗରେ ନିରନ୍ତର ପରମାତ୍ମାଙ୍କ ଠାରେ ମନୋନିବେଶ କରିବା ଦ୍ୱାରା ଯେତେବେଳେ ମନ ସଂସାରରୁ ସର୍ବଥା ଉପରତ ହୋଇଯାଏ, କେବଳ ଧ୍ୟେୟତତ୍ତ୍ୱ ହିଁ ରହିଯାଏ, ସେତେବେଳେ ପରମାତ୍ମାଙ୍କ ସହିତ ଯୋଗ ହୋଇଯାଏ ଓ ନିଜ ସ୍ୱରୂପର ଅନୁଭବ ହୋଇଯାଏ (୬ । ୨୦, ୨୮) ।

ଅଷ୍ଟାଙ୍ଗଯୋଗରେ କ୍ରମଶଃ ଯମ, ନିୟମ ଆଦି ଆଠଟି ଅଙ୍ଗକୁ ନିଷ୍କାମଭାବରେ ସମ୍ପନ୍ନ କରାଗଲେ ସଂସାର ଉପେକ୍ଷିତ ହେବା ଯୋଗୁଁ ପରମାତ୍ମାଙ୍କ ସହିତ ଯୋଗ ହୋଇଯାଏ (୫ । ୨୭-୨୮) । ମାତ୍ର ଯୋଗର ସିଦ୍ଧିଗୁଡ଼ିକରେ ସାଧକ ଆବଦ୍ଧ ହୋଇ ନ ଯିବା ପାଇଁ ସାବଧାନ ରହିବା ଆବଶ୍ୟକ । ଯଦି ସେ ସିଦ୍ଧିଗୁଡ଼ିକରେ ବାନ୍ଧି ହୋଇଯିବ, ତେବେ ଭୋଗ ହେବ, ଯୋଗ ହେବ ନାହିଁ ।

ତାତ୍ପର୍ଯ୍ୟ ହେଲା, ଯେକୌଣସି ମାର୍ଗରେ ସାଧନା କରୁଥିବା ସାଧକକୁ ବ୍ୟବହାରିକ ଅବସ୍ଥାରେ ଅଥବା ସାଧନା ଅବସ୍ଥାରେ ସର୍ବଦା ସାବଧାନ ରହିବା ଉଚିତ । ତା' ପକ୍ଷରେ କୌଣସି ଅବସ୍ଥାରେ ବସ୍ତୁ, ବ୍ୟକ୍ତି, କ୍ରିୟା, ପଦାର୍ଥ, ଯୋଗ୍ୟତା, ସ୍ଥିରତା ଇତ୍ୟାଦିରୁ ସୁଖ ଗ୍ରହଣ କରିବା ଉଚିତ ନୁହେଁ; କାରଣ ସୁଖ ଗ୍ରହଣ କଲେ ଭୋଗ ହୋଇଯିବ, ଯୋଗ ହେବ ନାହିଁ (୧୪ । ୬) ।

ସାତ୍ତ୍ୱିକ ସୁଖ ସଙ୍ଗ ଦ୍ୱାରା, ରାଜସ ସୁଖ କର୍ମାସକ୍ତି ଦ୍ୱାରା ଓ ତାମସ ସୁଖ ନିଦ୍ରା, ଆଳସ୍ୟ ଓ ପ୍ରମାଦ ଦ୍ୱାରା ବନ୍ଧନରେ ପକାଏ (୧୪ । ୬—୮) । ଅତଏବ ସାଧକ ସାତ୍ତ୍ୱିକ, ରାଜସ ଓ ତାମସ ସୁଖ ଦ୍ୱାରା ବାନ୍ଧି ନ ହେବା ପାଇଁ ସାବଧାନ ରହିବା ଉଚିତ ଓ ଏଗୁଡ଼ିକର ସଙ୍ଗ ନ କରିବା ଉଚିତ, ତେବେ ଯାଇ ତା'ର ପରମାତ୍ମାଙ୍କ ସହିତ ଯୋଗ ହେବ ।

୪୭. ଗୀତାରେ ବନ୍ଧନ ଓ ମୋକ୍ଷର ସ୍ୱରୂପ

ଗୁଣସଙ୍ଗୋ ହି ଜୀବାନାଂ ବନ୍ଧନଂ କଥ୍ୟତେ ମହତ୍ ।
ଗୁଣସଙ୍ଗପରିତ୍ୟାଗୋ ଜୀବାନାଂ ମୋକ୍ଷ ଉଚ୍ୟତେ ॥

ରୋଷେଇ କରିବା ପାଇଁ ହାଣ୍ଡିକୁ ସଫା କରି ଚୁଲି ଉପରେ ବସାଇଲେ ହାଣ୍ଡିର ବାହାର ପଟରେ ଧୂଆଁ ଏବଂ ଭିତର ପଟରେ ଅନ୍ନ ଲାଗିଯିବା ଦ୍ୱାରା ହାଣ୍ଡି ସହିତ ବିଜାତୀୟ ଦ୍ରବ୍ୟର (ଧୂଆଁ ଓ ଅନ୍ନର) ସମ୍ବନ୍ଧ ହୋଇଯାଏ । କପଡ଼ାରେ ମଳି ଲାଗିଯାଏ, ଦର୍ପଣ ଉପରେ ଧୂଳି ବସିଯାଏ, ଘର ଭିତରକୁ ଅଳିଆ ଆସିଯାଏ—ଏହିରୂପେ କପଡ଼ା, ଦର୍ପଣ ଓ ଘର ସହିତ ବିଜାତୀୟ ଦ୍ରବ୍ୟର ସମ୍ବନ୍ଧ ହୋଇଯାଏ । କିନ୍ତୁ ହାଣ୍ଡିକୁ ମାଜି ସଫା କରିଦେଲେ ତାହା ସ୍ୱଚ୍ଛ (ପରିଷ୍କାର) ହୋଇଯାଏ ଅର୍ଥାତ୍ ତା'ଉପରେ ଲାଗିଥିବା ଧୂଆଁ ଓ ଅନ୍ନ ଛାଡ଼ିଗଲେ ତାହା ନିଜ ସ୍ୱରୂପକୁ ଆସିଯାଏ । କପଡ଼ାକୁ ସାବୁନ ଓ ପାଣି ଦେଇ ଧୋଇଦେଲେ ମଳି ଛାଡ଼ିଯାଏ ଏବଂ ସ୍ୱଚ୍ଛ ହୋଇଯିବା ଦ୍ୱାରା ତାହା ନିଜ ସ୍ୱରୂପକୁ ଆସିଯାଏ । ଦର୍ପଣକୁ କନାରେ ପୋଛିଦେଲେ ଧୂଳିମଳି ସଫା ହୋଇଯିବା ଦ୍ୱାରା ତାହା ସ୍ୱଚ୍ଛ ହୋଇଯାଏ । ଘରେ ଝାଡ଼ୁଣୀ ମାରିଦେବା ଦ୍ୱାରା ଅଳିଆ ସଫା ହୋଇ ଘର ପରିଷ୍କାର ହୋଇଯାଏ । ସେହିପରି ଏହି ଜୀବାତ୍ମା (ସ୍ୱୟଂ) ପ୍ରକୃତି ଓ ତାହାର କାର୍ଯ୍ୟ ଶରୀର ଆଦି ସହିତ ନିଜର ସମ୍ବନ୍ଧ ମାନି ସେଗୁଡ଼ିକର ଅଧୀନ ହୋଇଗଲେ ତା'ଠାରେ ଅଶୁଦ୍ଧି ଆସିଯାଏ । ଏହା ହେଲା ବନ୍ଧନ । କିନ୍ତୁ ଯେତେବେଳେ ସେ ଏହି ପ୍ରକୃତି ଓ ତାହାର କାର୍ଯ୍ୟ ସହିତ ମାନିଥିବା ସମ୍ବନ୍ଧକୁ ଛାଡ଼ିଦିଏ, ସେତେବେଳେ ସ୍ୱଚ୍ଛ (ନିର୍ମଳ)

ହୋଇଯାଏ। ତାହାକୁ ନିଜ ସ୍ୱରୂପର ବୋଧ ହୋଇଯାଏ। ଏହା ହିଁ ମୋକ୍ଷ।

ହାଣ୍ଡିରେ ଧୂଆଁ ଓ ଅଙ୍ଗାର ନ ଲାଗିବା ପର୍ଯ୍ୟନ୍ତ ହାଣ୍ଡି ସଫା ରହିଥାଏ, ମଇଳା ନ ଲାଗିବା ପର୍ଯ୍ୟନ୍ତ କପଡ଼ା ସଫା ଥାଏ, ଧୂଳି ନ ପଡ଼ିଲେ ଦର୍ପଣ ସଫା ରହେ, ଘରେ ଅଳିଆ ନ ପଶିଲେ ଘର ପରିଷ୍କାର ରହେ। ଠିକ୍ ସେହିପରି ପ୍ରକୃତିର କାର୍ଯ୍ୟ (ସ୍ଥୂଳଶରୀର, ସୂକ୍ଷ୍ମଶରୀର ଓ କାରଣଶରୀର)କୁ ନ ଧରିଲେ, ସେମାନଙ୍କ ସହିତ ଆତ୍ମୀୟତା ନ କଲେ, ସେମାନଙ୍କୁ ନିଜର ନ ମାନିଲେ, ଏହି ଜୀବାତ୍ମା ସ୍ୱାଭାବିକଭାବେ ମୁକ୍ତ। ହାଣ୍ଡି, କପଡ଼ା, ଦର୍ପଣ ଇତ୍ୟାଦି ତୁଳନାରେ ଜୀବାତ୍ମାର ଏତିକି ବିଶେଷତ୍ୱ ରହିଛି ଯେ ହାଣ୍ଡି ଇତ୍ୟାଦି ନିଜେ ମଳିକୁ ଧରନ୍ତି ନାହିଁ, ବରଂ ମଳିଧୂଳି ଆସି ଏଗୁଡ଼ିକ ଉପରେ ଲାଗିଯାଏ। କିନ୍ତୁ ଜୀବାତ୍ମା ପ୍ରକୃତିର କାର୍ଯ୍ୟ (ଶରୀର, ଇନ୍ଦ୍ରିୟ ପ୍ରଭୃତି) ସହିତ ସମ୍ବନ୍ଧ ଯୋଡ଼େ, ସେମାନଙ୍କୁ ଆପଣାର ବୋଲି ଭାବେ, ଫଳରେ ବାନ୍ଧି ହୋଇଯାଏ। ଗୁଣସଙ୍ଗ ହିଁ ସତ୍ ଓ ଅସତ୍, ଶୁଭ ଓ ଅଶୁଭ ଯୋନିମାନଙ୍କରେ ଜନ୍ମ ମିଳିବାର କାରଣ (୧୩।୨୧)। ସମସ୍ତ ପ୍ରାଣୀ କ୍ଷେତ୍ର ଓ କ୍ଷେତ୍ରଜ୍ଞର ସଂଯୋଗରୁ ହିଁ ଉତ୍ପନ୍ନ ହୁଅନ୍ତି (୧୩।୨୬)। କିନ୍ତୁ ଏହି ସଂଯୋଗ (ସମ୍ବନ୍ଧ) କ୍ଷେତ୍ର କରେ ନାହିଁ, କ୍ଷେତ୍ରଜ୍ଞ ହିଁ କରେ। କ୍ଷେତ୍ର ସହିତ ସମ୍ବନ୍ଧ ଯୋଡ଼ିବା ହିଁ ବନ୍ଧନ ଏବଂ ସମ୍ବନ୍ଧ ନ ଯୋଡ଼ିବା ହିଁ ମୋକ୍ଷ।

ଭଗବାନ କହିଛନ୍ତି ଯେ ପୃଥିବୀ, ଜଳ, ତେଜ ଆଦି ମୋର ଆଠ ପ୍ରକାରର 'ଅପରା ପ୍ରକୃତି' ଠାରୁ ଜୀବରୂପ ହୋଇଥିବା ମୋର 'ପରା ପ୍ରକୃତି' ଭିନ୍ନ। ଏହି ପରା ପ୍ରକୃତି (ଜୀବାତ୍ମା) ହିଁ ଅହଂଭାବ, ମମତା, କାମନା, ଆସକ୍ତି ଇତ୍ୟାଦି କରି ଏ ଜଗତକୁ ଧାରଣ (ସତ୍ତା ପ୍ରଦାନ) କରିଛି (୭।୪-୫)। ଜୀବଲୋକରେ ଜୀବ ହୋଇଥିବା ଏହି ଆତ୍ମା ମୋର ହିଁ ସନାତନ ଅଂଶ, କିନ୍ତୁ ଇଏ ଭୁଲ୍‌ରେ ପ୍ରକୃତି ମଧ୍ୟରେ ସ୍ଥିତ ମନ ଓ ଇନ୍ଦ୍ରିୟଗୁଡ଼ିକୁ ଆକର୍ଷିତ କରେ, ସେଗୁଡ଼ିକୁ ଆପଣାର ମନେକରେ (୧୫।୭)।

ତାତ୍ପର୍ଯ୍ୟ ହେଲା ଯେ ଜୀବାତ୍ମା ସ୍ୱରୂପ ଦୃଷ୍ଟିରୁ ସ୍ୱତଃ ଅସଙ୍ଗ, କିନ୍ତୁ ଇଏ ପ୍ରକୃତିର କାର୍ଯ୍ୟଗୁଡ଼ିକୁ (ଗୁଣ, ଇନ୍ଦ୍ରିୟ, ଶରୀର ଆଦିକୁ) ସ୍ୱୀକାର କରିନିଏ ଓ ସେମାନଙ୍କ ସହିତ ଆତ୍ମୀୟତା କରେ, ତେଣୁ ବନ୍ଧନରେ ପଡ଼ିଯାଏ। ଇଏ ସ୍ତ୍ରୀ, ପୁତ୍ର, ଧନ ଆଦିକୁ ଯେତେ ବେଶୀ ନିଜର ବୋଲି ଭାବେ, ସେତେ ବେଶୀ ବନ୍ଧନରେ ବାନ୍ଧି ହୋଇଯାଏ ଓ ପରବଶ ହୋଇଯାଏ। ସେମାନଙ୍କ ସହିତ ମାନିଥିବା ସମ୍ବନ୍ଧକୁ ଇଏ ଯେତେ ପରିମାଣରେ ତ୍ୟାଗ କରିବ, ସେମାନଙ୍କ ଠାରୁ ସେତିକି ମୁକ୍ତ ହେବ।

ଜୀବାତ୍ମା ପ୍ରକୃତିର ସମ୍ବନ୍ଧ ବିନା କିଛିହେଲେ ସାଂସାରିକ କାମ କରିପାରେ ନାହିଁ। ଯଦି କିଛି ବି କରିପାରେ ନାହିଁ, ତା'ହେଲେ (ପ୍ରକୃତିର ସମ୍ବନ୍ଧ ବିନା) ବନ୍ଧନରେ ପଡ଼ିବାର କୌଣସି କାରଣ ନାହିଁ। ପ୍ରକୃତିର ସମ୍ବନ୍ଧ ବିନା କିଛି କରି ପାରୁ ନ ଥିବାରୁ ଏହା ଉପରେ କରିବାର ଦାୟିତ୍ୱ ମଧ୍ୟ ନାହିଁ ଓ ଏହାଠାରେ କର୍ତ୍ତୃତ୍ୱ ମଧ୍ୟ ନାହିଁ। ତେଣୁ ଗୀତାରେ ଏହାକୁ ସ୍ଥାନେ ସ୍ଥାନେ ଅକର୍ତ୍ତା ବୋଲି କୁହାଯାଇଛି (୧୩।୨୯,୩୧, ୩୩ ଇତ୍ୟାଦି)।

ପ୍ରକୃତି ସହିତ ସ୍ୱୀକାର କରିଥିବା ସମ୍ବନ୍ଧକୁ ତୁଟାଇବା ପାଇଁ ତିନୋଟି ଉପାୟ ଅଛି–

(୧) **କର୍ମଯୋଗ**—କର୍ମଯୋଗ ଦ୍ୱାରା ବନ୍ଧନରୁ ମୁକ୍ତ ହେବାର ଉପାୟ ଏହି ଯେ ମନୁଷ୍ୟ ସ୍ଥୂଳଶରୀର, ସୂକ୍ଷ୍ମଶରୀର ଓ କାରଣଶରୀର ଦ୍ୱାରା ଯାହା କିଛି କରୁଛି, ତାହା କେବଳ ଲୋକସଂଗ୍ରହ ପାଇଁ, କର୍ତ୍ତବ୍ୟପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ, ମନୁଷ୍ୟମାନଙ୍କୁ ଅସତ୍‌ମାର୍ଗରୁ ନିବୃତ୍ତ କରାଇ ସତ୍‌ମାର୍ଗରେ ଲଗାଇବା ପାଇଁ ଓ ପ୍ରାଣୀମାନଙ୍କର ହିତ ପାଇଁ କରୁ, ନିଜ ପାଇଁ ନ କରୁ (୩।୯, ୨୦)। ଏପରି କଲେ ତାକୁ ନିଜ ଅସଙ୍ଗତାର ଓ ନିଜ ସ୍ୱରୂପର ବୋଧ ହୋଇଯିବ।

(୨) **ଜ୍ଞାନଯୋଗ**—ଜ୍ଞାନଯୋଗ ଦ୍ୱାରା ବନ୍ଧନରୁ ମୁକ୍ତି ପାଇବାର ଉପାୟ ହେଲା ଯେ ମନୁଷ୍ୟ ସତ୍-ଅସତ୍, ନିତ୍ୟ-ଅନିତ୍ୟର ବିବେକ ଦ୍ୱାରା ଅସତ୍ (ଶରୀର ଆଦି) ଠାରୁ ନିଜକୁ ପୃଥକ୍ ଅନୁଭବ କରୁ। ଏପରି କଲେ ସେ ମୋକ୍ଷ ଲାଭ କରିବ, ବନ୍ଧନରୁ ମୁକ୍ତ ହୋଇଯିବ (୧୩।୨୩, ୩୪)।

(୩) **ଭକ୍ତିଯୋଗ**—ଭକ୍ତିଯୋଗ ଦ୍ୱାରା ବନ୍ଧନରୁ ମୁକ୍ତ ହେବାର ଉପାୟ ହେଲା ଯେ ମନୁଷ୍ୟ ନିଜ ସହିତ ସମଗ୍ର ସଂସାରକୁ ଭଗବାନଙ୍କର ମାନି କେବଳ ଭଗବାନଙ୍କ ପ୍ରସନ୍ନତା ପାଇଁ ହିଁ ସବୁ କାର୍ଯ୍ୟ କରୁ ଓ ସବୁକିଛି ଭଗବାନଙ୍କୁ ଅର୍ପଣ କରୁ। ଏପରି କଲେ ସେ ସାଂସାରିକ ବନ୍ଧନରୁ ମୁକ୍ତ ହୋଇଯିବ (୯।୨୬-୨୮)।

ପ୍ରକୃତରେ ବନ୍ଧନ ବୋଲି କିଛି ନାହିଁ। ଯଦି ପ୍ରକୃତରେ ବନ୍ଧନ ଥାଆନ୍ତା, ତେବେ କଦାପି ନଷ୍ଟ

ହୁଅନ୍ତା ନାହିଁ—'ନାଭାବୋ ବିଦ୍ୟତେ ସତଃ' (୨ । ୧୬) ଏବଂ ଜୀବ କେବେହେଲେ ବନ୍ଧନରୁ ମୁକ୍ତ ହୁଅନ୍ତା ନାହିଁ। କିନ୍ତୁ ଏହି ବନ୍ଧନ ପ୍ରକୃତରେ ନିଜ ଦ୍ୱାରା କୃତ ଓ ସ୍ୱୀକୃତ। ଅତଏବ ଜୀବ ଯେତେବେଳେ ଇଚ୍ଛା କରିବ ଏହି ବନ୍ଧନକୁ ଛାଡ଼ିଦେଇ ପାରିବ। ବନ୍ଧନକୁ ଛାଡ଼ିବାରେ ଜୀବ ସ୍ୱାଧୀନ, ସବଳ, ସମର୍ଥ, ଯୋଗ୍ୟ ଓ ଅଧିକାରୀ। ଏହି ଦୃଷ୍ଟିରୁ ଗୀତା କହିଛି ଯେ ସବୁଠାରୁ ବଡ଼ ପାପୀ ମଧ୍ୟ ଜ୍ଞାନ ପ୍ରାପ୍ତ କରିପାରେ (୪ । ୩୬) ଏବଂ ଅତ୍ୟନ୍ତ ଦୁରାଚାରୀ ମନୁଷ୍ୟ ମଧ୍ୟ ଅନନ୍ୟଭାବରେ ଭଗବାନଙ୍କ ଭଜନ କରିପାରେ (୯ । ୩୦)। ଅତଏବ କୌଣସି ଦେଶର, କୌଣସି ବେଶର, କୌଣସି ବର୍ଣ୍ଣର, କୌଣସି ସମ୍ପ୍ରଦାୟର ଯେକୌଣସି ବ୍ୟକ୍ତି (ସ୍ତ୍ରୀ ବା ପୁରୁଷ) ହେଉ ନା କାହିଁକି, ସେ ସଂସାରବନ୍ଧନରୁ ମୁକ୍ତ ହୋଇପାରିବ ଓ ମୋକ୍ଷ ପାଇପାରିବ।

ପ୍ରତ୍ୟେକ ସାଧକ ନିଜ ନିଜ ସମ୍ପ୍ରଦାୟ ଅନୁସାରେ ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଅଚିନ୍ତ୍ୟଭେଦାଭେଦ, ଦ୍ୱୈତାଦ୍ୱୈତ ଆଦି ଯେକୌଣସି ଗୋଟିଏ ଧାରଣାକୁ ଧରି ପାରମାର୍ଥିକ ମାର୍ଗରେ ଚାଲନ୍ତି ଏବଂ ସେହି ଧାରଣା ଅନୁସାରେ ହିଁ ସେମାନେ ପରମାତ୍ମତତ୍ତ୍ୱର ବା ନିଜ ସ୍ୱରୂପର ଅନୁଭବ କରନ୍ତି। ସେମାନଙ୍କର ପରିବର୍ତ୍ତନଶୀଳ ସଂସାରରୁ ସମ୍ବନ୍ଧ ଛିନ୍ନ ହୋଇଯାଏ। ସମ୍ବନ୍ଧ ଛିନ୍ନ ହେବାପରେ ସେମାନଙ୍କ ପାଇଁ ସଂସାରର ସ୍ୱତନ୍ତ୍ର ସତ୍ତା ରହେ ନାହିଁ, କାରଣ ପ୍ରକୃତରେ ସଂସାରର ସ୍ୱତନ୍ତ୍ର ସତ୍ତା ନାହିଁ।

ଭଗବାନ ଅପରା (ଜଡ଼) ଓ ପରା (ଚେତନ)— ଉଭୟକୁ ନିଜର ପ୍ରକୃତି ବୋଲି କହିଛନ୍ତି। ଅପରା ପ୍ରକୃତିରେ ନିରନ୍ତର ପରିବର୍ତ୍ତନ ହେଉଥାଏ, ସେ କେବେ ଏକରୂପେ ରହେ ନାହିଁ। କିନ୍ତୁ ପରା ପ୍ରକୃତି ପରିବର୍ତ୍ତନରହିତ। ପରା ପ୍ରକୃତି ପରମାତ୍ମାଙ୍କ ସହ ଅଭିନ୍ନ; ତେଣୁ ସେ ଭିନ୍ନ ହୋଇ ଲୀଳା କରୁ ବା ଅଭିନ୍ନ ରହୁ, ପରମାତ୍ମାଙ୍କ ବ୍ୟତୀତ ତା'ର କୌଣସି ସ୍ୱତନ୍ତ୍ର ସତ୍ତା ନାହିଁ। ଲୀଳା ହେତୁ ତା'ଠାରେ ଦ୍ୱୈତଭାବ ଦେଖାଯାଏ, କିନ୍ତୁ ପ୍ରକୃତରେ ସେ ଅଦ୍ୱୈତ ହିଁ ରହିଥାଏ। ତାହାର ପରମାତ୍ମାଙ୍କ ସହିତ ଯୋଗ ନିତ୍ୟ। ତାତ୍ପର୍ଯ୍ୟ ହେଲା, ପ୍ରେମରସର ଅନୁଭୂତି ପାଇଁ ପରା ପ୍ରକୃତି ପରମାତ୍ମାଙ୍କ ଠାରୁ ଭିନ୍ନ ହୋଇ ଲୀଳା କରେ, କିନ୍ତୁ ପ୍ରକୃତରେ ଭିନ୍ନ ନୁହେଁ। ଏହି ବିଷୟରେ ଆଚାର୍ଯ୍ୟମାନଙ୍କ ମଧ୍ୟରେ ମତଭେଦ ରହିଛି। କେତେକ ଆଚାର୍ଯ୍ୟ ଅଦ୍ୱୈତକୁ ମାନନ୍ତି, କେତେକ ଦ୍ୱୈତକୁ ମାନନ୍ତି, କେତେକ ଦ୍ୱୈତାଦ୍ୱୈତକୁ ମାନନ୍ତି, କେତେକ ବିଶିଷ୍ଟାଦ୍ୱୈତକୁ ମାନନ୍ତି, ଇତ୍ୟାଦି ଇତ୍ୟାଦି। ସେହି ଆଚାର୍ଯ୍ୟମାନଙ୍କର ମତ ଓ ସମ୍ପ୍ରଦାୟ ଅନୁସାରେ ସାଧକମାନେ ସାଧନାପଥରେ ଅଗ୍ରସର ହୁଅନ୍ତି ଅର୍ଥାତ୍ କେତେକ ସାଧକ ଦ୍ୱୈତକୁ ମାନନ୍ତି ତ ଆଉ କେତେକ ସାଧକ ଅଦ୍ୱୈତକୁ ମାନନ୍ତି, ମାତ୍ର ବାସ୍ତବିକ ଅନୁଭବ ହେବାପରେ ପୂର୍ବର ଧାରଣା (ମାନିବା) ଆଉ ରହେ ନାହିଁ, ସାଧକକୁ ସେହି ଧାରଣାଠାରୁ ଅଧିକ ବିଲକ୍ଷଣ ତତ୍ତ୍ୱ ମିଳିଯାଏ। ଉଦାହରଣସ୍ୱରୂପ—କେହି ବଦ୍ରୀନାରାୟଣ ଯିବାକୁ ମନସ୍ଥ କଲାପରେ ତା'ମନରେ ବଦ୍ରୀନାରାୟଣଙ୍କ ବିଷୟରେ (ଶୁଣିଥିବା ଅନୁସାରେ) ନାନାପ୍ରକାର କଳ୍ପନା ଉଠେ ଯେ ସେଠାରେ ଏମିତି ମନ୍ଦିର ଥିବ, ମନ୍ଦିର ପାଖରେ ଅଳକନନ୍ଦା ପ୍ରବାହିତ ହେଉଥିବ, ବରଫର ପାହାଡ଼ମାନ ଥିବ ଇତ୍ୟାଦି। କିନ୍ତୁ ଯେତେବେଳେ ସେ ସେଠାକୁ ଯାଇ ଦେଖେ, ସେତେବେଳେ ତାକୁ ଯେ କେବଳ ପୂର୍ବ କଳ୍ପନାର ଅନୁରୂପ ଦୃଶ୍ୟ ଦେଖିବାକୁ ମିଳେ, ତା' ନୁହେଁ, ବରଂ ତା'ଠାରୁ ଆହୁରି ବିଲକ୍ଷଣ ଦୃଶ୍ୟ ଦେଖିବାକୁ ମିଳେ। ଯେତେବେଳେ ଆମେ କୌଣସି ମହାତ୍ମାଙ୍କ ବିଷୟରେ, ତାଙ୍କ ମହିମା ଓ ଗୁଣ ବିଷୟରେ ଶୁଣୁ ଓ ଜାଣୁ ଯେ ତାଙ୍କ ଦେହର ଆକୃତି ଏଇଭଳି, ତାଙ୍କର ବାଳ ପାଚିଯାଇଛି ଇତ୍ୟାଦି, ସେତେବେଳେ ମନରେ ସେହିପରି ରୂପର ଧାରଣା କରିନେଉଥାଉ। କିନ୍ତୁ ପ୍ରତ୍ୟକ୍ଷଭାବେ ତାଙ୍କୁ ସାକ୍ଷାତ କଲାପରେ ଦେଖୁ ଯେ ମହାତ୍ମା ଜଣକ ସେହି ଧାରଣାଠାରୁ ବିଲକ୍ଷଣ ଅଟନ୍ତି। ଠିକ୍ ସେହିପରି ପ୍ରଥମେ ସାଧକ ନିଜ ସମ୍ପ୍ରଦାୟ ଅନୁସାରେ ଓ ନିଜର ଧାରଣା ଅନୁସାରେ ସାଧନା କରେ, କିନ୍ତୁ ବାସ୍ତବିକତାର ଅନୁଭବ ସେହି ଧାରଣାଠାରୁ ବିଲକ୍ଷଣ ହୋଇଥାଏ। ଯଦି ଆମେ ବାସ୍ତବିକତାର ଅନୁଭବକୁ ନିଜର ପୂର୍ବଧାରଣାଠାରୁ ପୃଥକ୍ ସ୍ୱୀକାର ନ କରି ସାଧକ ଅବସ୍ଥାରେ ଯେପରି ଅନୁଭବ କରିଥିଲୁ ସେହିପରି ସ୍ୱୀକାର କରୁ, ତେବେ ସାଧକ ଓ ସିଦ୍ଧ ମଧ୍ୟରେ ପାର୍ଥକ୍ୟ ରହିବ ନାହିଁ। ସାଧକ ଓ ସିଦ୍ଧ ମଧ୍ୟରେ ପାର୍ଥକ୍ୟରୁ ପ୍ରମାଣିତ ହୁଏ ଯେ ତତ୍ତ୍ୱ ସାଧକର ଧାରଣାର ଅନୁରୂପ ନୁହେଁ। ସେହି ତତ୍ତ୍ୱ ବର୍ଣ୍ଣନାତୀତ; ତାହାର ବର୍ଣ୍ଣନା ହୋଇ ନ ପାରେ, ବରଂ ତାକୁ ଅନୁଭବ କରାଯାଇପାରେ। ଅତଏବ ସେହି ତତ୍ତ୍ୱର ବର୍ଣ୍ଣନା ଓ ବିବେଚନା କଲାବେଳେ ଯେଉଁଭଳି ଧାରଣା ଥାଏ, ସେଭଳି ଧାରଣା ଅନୁଭବ ହେଲାପରେ ରହେ

ନାହିଁ। ଧରାଯାଉ କୌଣସି ସାଧକ ବିବେକକୁ (ପ୍ରକୃତି-ପୁରୁଷର ଭିନ୍ନତାକୁ) ପ୍ରାଧାନ୍ୟ ଦେଇ ସାଧନା କରୁଛି। ଯେତେବେଳେ ତାକୁ ବାସ୍ତବିକ ତତ୍ତ୍ୱର ଅନୁଭବ ହୋଇଯାଏ, ସେତେବେଳେ ତା' ପାଇଁ ପ୍ରକୃତିର ସ୍ୱତନ୍ତ୍ର ସତ୍ତା ରହେ ନାହିଁ ଏବଂ ବିବେକ ବାସ୍ତବିକ ତତ୍ତ୍ୱରେ ପରିଣତ ହୋଇଯାଏ। ସେତେବେଳେ ବିବେକର ନାମ 'ବିବେକ' ହୋଇ ରହେ ନାହିଁ, ବରଂ 'ବୋଧ'ରେ ପରିବର୍ତ୍ତିତ ହୋଇଯାଏ। ସେହି ବୋଧ ହିଁ ବାସ୍ତବିକ ଅନୁଭବ। ତାତ୍ପର୍ଯ୍ୟ ହେଲା ଯେ ସାଧନାବସ୍ଥାରେ ସାଧକର ଯେଉଁ ଧାରଣା ଥାଏ, ତାହା ବାସ୍ତବିକ ତତ୍ତ୍ୱର ଅନୁଭବ ହେଲାପରେ ରହେ ନାହିଁ। କାରଣ ସାଧକ ପାଖରେ ବିଚାର କରିବାର ଯେଉଁ ସାମଗ୍ରୀ—ଇନ୍ଦ୍ରିୟ, ମନ, ବୁଦ୍ଧି, ଅନ୍ତଃକରଣ ଇତ୍ୟାଦି ଅଛନ୍ତି, ସେସବୁ ଅପରା ପ୍ରକୃତିର ଅଂଶ। ଏସବୁ ମିଶି ମଧ୍ୟ ପ୍ରକୃତିଠାରୁ ଅତୀତ ତତ୍ତ୍ୱକୁ ଜାଣି ପାରନ୍ତି ନାହିଁ।

ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଇତ୍ୟାଦି ଭାବକୁ ପ୍ରାଧାନ୍ୟ ଦେଇ ସାଧନା କରୁଥିବା ସାଧକକୁ ଅନୁଭବ ହୋଇଯିବା ପରେ ତା'ର ଆଉ ସେଭଳି ଭାବ (ପାର୍ଥକ୍ୟ) ରହେ ନାହିଁ। ତାହାର ଭଗବାନଙ୍କ ସହିତ ନିତ୍ୟଯୋଗ ହୋଇଯାଏ। ଯଥା—ଶ୍ରୀରାମ ବଣକୁ ଗଲାପରେ ମାତା କୌଶଲ୍ୟା ସୁମିତ୍ରାଙ୍କୁ ପଚାରିଲେ, "ଭଉଣୀ! ତୁମେ ସତ କଥା କୁହ, ମୋର ରାମଚନ୍ଦ୍ର ବଣକୁ ଚାଲିଗଲାଣି ନା ଏଇଠି ଅଛି? ଯଦି ସେ ବଣକୁ ଚାଲିଗଲାଣି, ତା'ହେଲେ ମୋ ଆଖି ଆଗରେ ଦେଖାଯାଉଛି କିପରି? ଆଉ ଯଦି ସେ ବଣକୁ ଯାଇ ନାହିଁ, ତେବେ ମୋ ହୃଦୟରେ ଏତେ ବ୍ୟାକୁଳତା କାହିଁକି ଜାତ ହେଉଛି?" ଏହା ମାତା କୌଶଲ୍ୟାଙ୍କର ରାମଙ୍କ ସହିତ ନିତ୍ୟଯୋଗର ଅବସ୍ଥା। ଏହି ନିତ୍ୟଯୋଗ କେତେବେଳେ ସ୍ମୃତିରୂପରେ ହୁଏ ତ ଆଉ କେତେବେଳେ ସ୍ୱରୂପତଃ ହୁଏ। 'ବିୟୋଗ ହୋଇଯିବ'—ଏଭଳି ଭାବ ରହିବା ହେଲା 'ଯୋଗରେ ବିୟୋଗ'; ଏବଂ ବିୟୋଗରେ ପ୍ରେମାସ୍ପଦ ସର୍ବଦା ଆଖି ଆଗରେ ଦେଖାଯିବା ହେଲା 'ବିୟୋଗରେ ଯୋଗ'। ଏହିପରି ଭାବରେ ଯୋଗରେ ବିୟୋଗ ଓ ବିୟୋଗରେ ଯୋଗ ପରିପୁଷ୍ଟ ହେଉଥାଏ। ଯୋଗ ଓ ବିୟୋଗର ରସ ଦ୍ୱାରା ପ୍ରେମ ପ୍ରତିକ୍ଷଣ ବର୍ଦ୍ଧମାନ ହୋଇ ଚାଲିଥାଏ। ଏଥିରେ କେତେକ ଆଚାର୍ଯ୍ୟ ବିୟୋଗକୁ ଓ କେତେକ ଆଚାର୍ଯ୍ୟ ଯୋଗକୁ ପ୍ରାଧାନ୍ୟ ଦେଇଛନ୍ତି।

ଅଦ୍ୱୈତମତରେ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କୁ ଯେଉଁ ଆନନ୍ଦ ମିଳିଥାଏ, ତାହା ଅଖଣ୍ଡ (ଶାନ୍ତ) ହୋଇଥାଏ; ମାତ୍ର ଯେଉଁମାନେ ଦ୍ୱୈତମତକୁ ଓ ପ୍ରେମକୁ ମାନନ୍ତି, ସେମାନଙ୍କୁ ଯେଉଁ ଆନନ୍ଦ ମିଳେ, ତାହା ଅନନ୍ତ (ପ୍ରତିକ୍ଷଣ ବର୍ଦ୍ଧମାନ) ହୋଇଥାଏ। ସେହି ପ୍ରେମର ଆନନ୍ଦରେ ହିଁ ଯୋଗରେ ବିୟୋଗ ଓ ବିୟୋଗରେ ଯୋଗ—ଏହି ପ୍ରବାହ ଚାଲିଥାଏ। ଏହା କେବେହେଲେ ସମାପ୍ତ ହୁଏ ନାହିଁ।

ପ୍ରଶ୍ନ—ପାଞ୍ଚ ପ୍ରକାରର ମୁକ୍ତି କ'ଣ?

ଉତ୍ତର—ସାଲୋକ୍ୟ, ସାର୍ଷ୍ଟି, ସାମୀପ୍ୟ, ସାରୂପ୍ୟ ଓ ସାଯୁଜ୍ୟ (ଏକତ୍ୱ)—ମୁକ୍ତି ଏହିପରି ପାଞ୍ଚ ପ୍ରକାରର। ଭଗବଦ୍ଧାମକୁ ଯାଇ ନିବାସ କରିବା ହେଲା **'ସାଲୋକ୍ୟ'** ମୁକ୍ତି। ଭଗବଦ୍ଧାମରେ ଏକ ବିଶେଷ ପ୍ରକାରର ଆନନ୍ଦ ମିଳେ। ସେଠାରେ ଏଠାକାର ସୁଖଦୁଃଖଯୁକ୍ତ ସୁଖ ନ ଥାଏ, ବରଂ ସୁଖଦୁଃଖରୁ ଅତୀତ ଆନନ୍ଦ ବିଦ୍ୟମାନ। ସାଲୋକ୍ୟର ପରବର୍ତ୍ତୀ ମୁକ୍ତି ହେଲା **'ସାର୍ଷ୍ଟି'**। ଏହି ମୁକ୍ତିରେ ଭକ୍ତକୁ ଭଗବଦ୍ଧାମରେ ଭଗବାନଙ୍କ ଭଳି ଐଶ୍ୱର୍ଯ୍ୟ ମିଳିଥାଏ ଅର୍ଥାତ୍ ଭଗବାନଙ୍କର ଐଶ୍ୱର୍ଯ୍ୟ ଯେପରି, ଭକ୍ତକୁ ମଧ୍ୟ ସେହିପରି ଐଶ୍ୱର୍ଯ୍ୟ ମିଳେ। ସଂସାରକୁ ଉତ୍ପନ୍ନ କରିବା, ସଂହାର କରିବା ଇତ୍ୟାଦି ଐଶ୍ୱର୍ଯ୍ୟକୁ ଛାଡ଼ି ଅନ୍ୟ ସମସ୍ତ ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ ଭଗବାନଙ୍କ ଭଳି ଭକ୍ତକୁ ମଧ୍ୟ ମିଳିଥାଏ। ସାର୍ଷ୍ଟିର ପରବର୍ତ୍ତୀ ମୁକ୍ତି ହେଲା **'ସାମୀପ୍ୟ'**। ଏହି ମୁକ୍ତି ଲାଭ କଲେ ଭକ୍ତ ଭଗବଦ୍ଧାମରେ ରହି ମଧ୍ୟ ଭଗବାନଙ୍କ ସମୀପରେ ଭଗବାନଙ୍କର ମାଆ, ବାପା, ସଖା, ପୁତ୍ର, ସ୍ତ୍ରୀ ପ୍ରଭୃତି ସମ୍ବନ୍ଧୀ ହୋଇ ରହେ। ସାମୀପ୍ୟର ଆଗକୁ ଯେଉଁ ମୁକ୍ତି କଥା କୁହାଯାଉଛି, ତାହା ହେଲା **'ସାରୂପ୍ୟ'**। ଏହି ମୁକ୍ତିରେ ଭକ୍ତର ରୂପ ଭଗବାନଙ୍କ ପରି ହୋଇଯାଏ। ଭଗବାନଙ୍କ ବକ୍ଷଃସ୍ଥଳରେ ଶୋଭା ପାଉଥିବା ଶ୍ରୀବତ୍ସ (ଲକ୍ଷ୍ମୀଙ୍କ ନିବାସ), ଭୃଗୁଲତା (ଭୃଗୁଙ୍କ ଚରଣଚିହ୍ନ) ଓ କୌସ୍ତୁଭ ମଣି—ଏହି ତିନି ଚିହ୍ନକୁ ଛାଡ଼ି ଅବଶିଷ୍ଟ ଶଙ୍ଖ, ଚକ୍ର, ଗଦା, ପଦ୍ମ ଆଦି ସମସ୍ତ ଚିହ୍ନ ଭକ୍ତର ମଧ୍ୟ ହୋଇଯାଏ। ସାରୂପ୍ୟର ପରବର୍ତ୍ତୀ ମୁକ୍ତି ହେଲା—**'ସାଯୁଜ୍ୟ'** ଅର୍ଥାତ୍ ଏକତ୍ୱ। ଏହି ମୁକ୍ତିରେ ଭକ୍ତ ଭଗବାନଙ୍କ ସହ ଅଭିନ୍ନ ହୋଇଯାଏ ଅର୍ଥାତ୍ ସେ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ୱୀକାର କରେ ନାହିଁ।

ଉପର୍ଯ୍ୟୁକ୍ତ ପାଞ୍ଚପ୍ରକାର ମୁକ୍ତି ସଗୁଣସାକାରକୁ ମାନୁଥିବା ଭକ୍ତଙ୍କର ହୋଇଥାଏ। ଏହି ପାଞ୍ଚୋଟି ମୁକ୍ତି ମଧ୍ୟରୁ 'ସାଯୁଜ୍ୟ' (ଏକତ୍ୱ) ମୁକ୍ତି ନିର୍ଗୁଣ-ନିରାକାରକୁ

ଓ ଅଦ୍ୱୈତସିଦ୍ଧାନ୍ତକୁ ମାନୁଥିବା ବ୍ୟକ୍ତିମାନଙ୍କର ବୋଲି ମଧ୍ୟ ମାନିନିଆଯାଇ ପାରେ ।

ପ୍ରେମୀଭକ୍ତକୁ ଭଗବାନଙ୍କ ସେବା ଛଡ଼ା ଏହି ପାଞ୍ଚ ପ୍ରକାରର ମୁକ୍ତି ଭଗବାନଙ୍କ ଦ୍ୱାରା ଦିଆଗଲେ ମଧ୍ୟ ସେ ତାହାକୁ ଗ୍ରହଣ କରେ ନାହିଁ—

ସାଲୋକ୍ୟସାର୍ଷ୍ଟିସାମୀପ୍ୟସାରୂପ୍ୟୈକତ୍ୱମପ୍ୟୁତ ।
ଦୀୟମାନଂ ନ ଗୃହ୍ଣନ୍ତି ବିନା ମତ୍ସେବନଂ ଜନାଃ ॥

(ଶ୍ରୀମଦ୍ଭାଗବତ ୩ । ୨୯ । ୧୩)

କାରଣ ସେ କେବଳ ଭଗବାନଙ୍କୁ ସୁଖ ଦେବାକୁ ଇଚ୍ଛା କରେ । ସଂସାରରେ ପଛକେ ଜନ୍ମମରଣ ହେଉଥାଉ, ସଂସାରବନ୍ଧନରୁ ମୁକ୍ତି ନ ମିଳୁ, ତଥାପି ସେ ଏସବୁ କଥାକୁ ଖାତିରି କରେ ନାହିଁ । ବନ୍ଧନରେ ନିଜକୁ ଦୁଃଖ ଓ ମୁକ୍ତିରେ ନିଜକୁ ସୁଖ ମିଳେ, କିନ୍ତୁ ଭଗବାନଙ୍କ ସେବାରେ ଭକ୍ତକୁ ନିଜ ସୁଖଦୁଃଖର ଚିନ୍ତା ନ ଥାଏ, ବରଂ କେବଳ ଭଗବାନଙ୍କ ପ୍ରସନ୍ନତା ପ୍ରତି ତା'ର ଦୃଷ୍ଟି ରହିଥାଏ ।

ବଦ୍ଧ ଅବସ୍ଥାରେ ଆମେ ବ୍ରହ୍ମ, ଜୀବ ଆଦିଙ୍କୁ ବିଲକ୍ଷଣ ଭାବରେ ଦେଖୁ ଏବଂ ପ୍ରକୃତିକୁ ମଧ୍ୟ କାର୍ଯ୍ୟ ଓ କାରଣରୂପରେ ବିଲକ୍ଷଣ ରୀତିରେ ଦେଖୁ । କିନ୍ତୁ ସାଧନା କରି ମୁକ୍ତିଲେ ସାଧକକୁ ବ୍ରହ୍ମ, ଜୀବ ଆଦି ସମ୍ବନ୍ଧରେ ବିଲକ୍ଷଣ ଅନୁଭବ ହିଁ ହୋଇଥାଏ । ସିଦ୍ଧ ଅବସ୍ଥାରେ ତା'ଠାରୁ ମଧ୍ୟ ଅଧିକ ବିଲକ୍ଷଣ ଅନୁଭବ ହୋଇଥାଏ । ଅଦ୍ୱୈତସିଦ୍ଧାନ୍ତ ଦ୍ୱାରା ଯେଉଁ ମୋକ୍ଷ ମିଳେ, ସେଥିରେ ଜଡ଼ତାର ସମ୍ବନ୍ଧ ନ ରହିବା ମୁଖ୍ୟ ଏବଂ ଭକ୍ତି ଦ୍ୱାରା ଯେଉଁ ମୋକ୍ଷ ମିଳେ, ସେଥିରେ ଚିନ୍ମୟତତ୍ତ୍ୱ ସହିତ ଏକତ୍ୱ ମୁଖ୍ୟ ।

୪୮. ଗୀତାରେ ସମତା

ସିଦ୍ଧସାଧକୟୋଃ ପ୍ରୋକ୍ତା ଗୀତାୟାଂ ସମତା ଦ୍ୱିଧା ।
ମାନସୀ ସାଧକାନାଂ ଚ ସିଦ୍ଧାନାଂ ସହଜା ସ୍ମୃତା ॥

ଗୀତାରେ ଯଦି କିଛି ପ୍ରଭାବଶାଳୀ ଲକ୍ଷଣ ଥାଏ, ତାହା ହେଲା—ସମତା । ସେହି ସମତା ଯେକୌଣସି ସାଧନା ଦ୍ୱାରା ଆସିଗଲେ ବି ଲକ୍ଷ୍ୟ ସାଧିତ ହୋଇଯିବ । କେବଳ 'ସମତା' ଆସିଗଲେ ସାଧକର ଅନ୍ୟାନ୍ୟ ଲକ୍ଷଣଗୁଡ଼ିକୁ ଗୀତା ମହତ୍ତ୍ୱ ଦିଏ ନାହିଁ, କାରଣ ସମତା ହେଉଛି ସାକ୍ଷାତ୍ ପରମାତ୍ମାଙ୍କ ସ୍ୱରୂପ—**'ନିର୍ଦୋଷଂ ହି ସମଂ ବ୍ରହ୍ମ'** (୫ । ୧୯), **'ସମୋଽହଂ ସର୍ବଭୂତେଷୁ'** (୯ । ୨୯); ଏବଂ ସମତାରେ ହିଁ ସାଧନାର ପୂର୍ଣ୍ଣତା ନିହିତ । ଅତଏବ ସମତା ଆସିଗଲେ ଅନ୍ୟ ଲକ୍ଷଣଗୁଡ଼ିକ ଆପେ ଆପେ ଆସିଯାଏ । ଯଦି କୌଣସି ମନୁଷ୍ୟଠାରେ ସମତା ନାହିଁ, କିନ୍ତୁ ଅନ୍ୟାନ୍ୟ ଲକ୍ଷଣ ବହୁତ ଅଛି, ତଥାପି ସେ ଅପୂର୍ଣ୍ଣ, ତା'ଠାରେ ପୂର୍ଣ୍ଣତା ନାହିଁ । ସମତା ବିନା ଅନ୍ୟ ସବୁ ଲକ୍ଷଣ—ବିଦ୍ୟା, ଯୋଗ୍ୟତା, ସମ୍ମାନ, ନୀରୋଗତା, ଧନ-ସମ୍ପତ୍ତି ଆଦି କିଛି ନୁହେଁ । ଏସବୁ ବିଷମତା ଅଟେ । ସମତା ପ୍ରତ୍ୟେକ ମନୁଷ୍ୟକୁ ସ୍ୱତଃପ୍ରାପ୍ତ । ବିଷମତା ତ ମନୁଷ୍ୟ ନିଜେ ସୃଷ୍ଟି କରିଛି । ଅତଏବ ବିଷମତା ହେଲା କୃତ୍ରିମ, ପ୍ରାକୃତ ଓ ଅସ୍ଥାୟୀ; କାରଣ ଏହା ଅସତ୍ (ଶରୀର ଆଦିର) ସଙ୍ଗରୁ ଉତ୍ପନ୍ନ ହୁଏ ।

ପ୍ରତ୍ୟେକ କ୍ରିୟାର ଆରମ୍ଭ ଓ ଶେଷ ଥାଏ । କର୍ମଫଳର ମଧ୍ୟ ସଂଯୋଗ ଓ ବିୟୋଗ ହୁଏ । କିନ୍ତୁ 'ସ୍ୱୟଂ' ଯଥାବତ୍ ରହିଥାଏ । ଏହା ସମସ୍ତଙ୍କ ଅନୁଭବର କଥା ଯେ ବ୍ୟକ୍ତି, କ୍ରିୟା ଓ ପଦାର୍ଥଗୁଡ଼ିକର ତ ସଂଯୋଗ ଓ ବିୟୋଗ ହୋଇଛି, କିନ୍ତୁ ସ୍ୱୟଂର କୌଣସି ସଂଯୋଗ ବିୟୋଗ ହୋଇ ନାହିଁ, ସେ ଯଥାବତ୍ ରହିଛି । ସଂଯୋଗର ବିୟୋଗ ହେବା ଅବଶ୍ୟମ୍ଭାବୀ ଅର୍ଥାତ୍ ଯାହା ସହିତ ସଂଯୋଗ ହୋଇଛି, ତାହାର ବିୟୋଗ ନିଶ୍ଚୟ ହେବ । କିନ୍ତୁ ଯାହାଠାରୁ ବିୟୋଗ ହୋଇଛି, ତାହାର ସଂଯୋଗ ଯେ ହେବ, ଏପରି କିଛି ନିୟମ ନାହିଁ । ଅତଏବ ସଂଯୋଗ ଅନିତ୍ୟ ଓ ବିୟୋଗ ନିତ୍ୟ । ଯଦି ଏହି ବିୟୋଗ ଉପରେ ସର୍ବଦା ମନୁଷ୍ୟର ଦୃଷ୍ଟି ରହେ, ତେବେ ମନୁଷ୍ୟଠାରେ କଦାପି ବିଷମତା ଆସି ପାରିବ ନାହିଁ । କାରଣ ବିଷମତା ତ ତା'ଠାରେ ଆସିଛି, କିନ୍ତୁ ସମତା ତା'ଠାରେ ସ୍ୱତଃ ବିଦ୍ୟମାନ । ଏହି ସମତାର ନାମ 'ଯୋଗ' (୨ । ୪୮) ।

ପରମାତ୍ମା ସମ ଅଟନ୍ତି । ତାଙ୍କଠାରେ ବିଷମତା ପାଇଁ କୌଣସି ଅବକାଶ ନାହିଁ । କିନ୍ତୁ ପ୍ରକୃତି ହେଲା ବିଷମ । ଅତଏବ ପରମାତ୍ମାଙ୍କ ଆଡ଼କୁ ଥିବା ଦୃଷ୍ଟି

ହେଉଛି ସମଦୃଷ୍ଟି । ତାତ୍ପର୍ଯ୍ୟ ଏହି ଯେ ସବୁଠାରେ ସମରୂପ ପରମାତ୍ମାଙ୍କୁ ଦେଖିବା ହେଉଛି ସମଦୃଷ୍ଟି ଏବଂ ପ୍ରକୃତି ତଥା ତାହାର କାର୍ଯ୍ୟ (ଶରୀର ଓ ସଂସାର)କୁ ଦେଖିବା ହେଉଛି ବିଷମଦୃଷ୍ଟି । ପ୍ରକୃତି ଓ ତାହାର କାର୍ଯ୍ୟ ପ୍ରତି କଦାପି ସମଦୃଷ୍ଟି ହୋଇପାରିବ ନାହିଁ । ଅତଏବ ପ୍ରକୃତି ଆଡ଼କୁ ଦୃଷ୍ଟି ରଖିଥିବା ଲୋକେ କଦାପି ସମଦର୍ଶୀ ହୋଇପାରିବେ ନାହିଁ ଏବଂ ପରମାତ୍ମାଙ୍କ ଆଡ଼କୁ ଦୃଷ୍ଟି ରଖିଥିବା ଲୋକେ କଦାପି ବିଷମଦର୍ଶୀ ହୋଇପାରିବେ ନାହିଁ । ସେଥିପାଇଁ ଗୀତା ପରମାତ୍ମାଙ୍କ ଆଡ଼କୁ ଦୃଷ୍ଟି ରଖିଥିବା ଲୋକଙ୍କୁ **'ସମଦର୍ଶିନଃ'** (୫ । ୧୮), **'ସର୍ବତ୍ର ସମବୁଦ୍ଧୟଃ'** (୧୨ । ୪) ଇତ୍ୟାଦି କହିଛି ।

ପରମାତ୍ମାଙ୍କ ସହିତ ସ୍ୱୟଂର ଯୋଗ ନିତ୍ୟ ଏବଂ ମନ, ବୁଦ୍ଧି ଆଦି ସହିତ ସ୍ୱୟଂର ବିୟୋଗ ନିତ୍ୟ (୬ । ୨୩) । ପରମାତ୍ମାଙ୍କ ସହିତ ନିତ୍ୟଯୋଗ ଥିଲେ ମଧ୍ୟ ଯେପର୍ଯ୍ୟନ୍ତ ସ୍ୱୟଂ ସଂସାର ସହିତ ସଂଯୋଗ ସ୍ୱୀକାର କରିଥାଏ, ସେପର୍ଯ୍ୟନ୍ତ ତାକୁ ସେହି ନିତ୍ୟଯୋଗର ଅନୁଭୂତି ହୁଏ ନାହିଁ । କିନ୍ତୁ ଯେତେବେଳେ ନିତ୍ୟଯୋଗର ଅନୁଭୂତି ହୋଇଯାଏ ଅର୍ଥାତ୍ ପରମାତ୍ମାଙ୍କ ସହିତ ଯୋଗ ହୋଇଯାଏ, ସେତେବେଳେ ସେହି ଯୋଗ ଅର୍ଥାତ୍ ସମତା ତା'ର ମନ, ବୁଦ୍ଧି ଓ ଅନ୍ତଃକରଣରେ ମଧ୍ୟ ଆସିଯାଏ (୫ । ୧୯) । ତା'ପରେ ସେ ସୁଖ-ଦୁଃଖ ଆଦିରେ ସମ ହୋଇଯାଏ (୧୪ । ୨୪-୨୫) । ତା'ପରେ ତାହାର ପୁଣ୍ୟାତ୍ମା, ପାପାତ୍ମା ଆଦି ବ୍ୟକ୍ତିମାନଙ୍କ ପ୍ରତି ମଧ୍ୟ ସମତା ହୋଇଯାଏ (୬ । ୯) । ତା'ପରେ ସେହି ସମତା ଆଚରଣରେ ମଧ୍ୟ ଦେଖାଯାଏ ଅର୍ଥାତ୍ ତାହାର ଆଚରଣରେ ରାଗ-ଦ୍ୱେଷ ରହେ ନାହିଁ (୫ । ୧୮) । ତା'ପରେ ପଦାର୍ଥଗୁଡ଼ିକ ପ୍ରତି ମଧ୍ୟ ତା'ର ସମତା ହୋଇଯାଏ, ଅର୍ଥାତ୍ ପଦାର୍ଥଗୁଡ଼ିକ ପ୍ରତି ତା'ର ପ୍ରିୟତା ଓ ଅପ୍ରିୟତା ରହେ ନାହିଁ (୬ । ୮) । ତାତ୍ପର୍ଯ୍ୟ ହେଲା ଯେ ପରମାତ୍ମତତ୍ତ୍ୱକୁ ନେଇ ତା'ର ସବୁଠାରେ ସମତା ହୋଇଯାଏ ଅର୍ଥାତ୍ ବର୍ଣ୍ଣ, ଆଶ୍ରମ, ପରିସ୍ଥିତି, ସାଧନା ଇତ୍ୟାଦି ଦୃଷ୍ଟିରୁ ତା'ର ବ୍ୟବହାର ତ ଯଥାଯୋଗ୍ୟ ଅବଶ୍ୟ ହୋଇଥାଏ, କିନ୍ତୁ ହୃଦୟରେ ରାଗ-ଦ୍ୱେଷ, ହର୍ଷ-ଶୋକ ଇତ୍ୟାଦି ହୁଏ ନାହିଁ।*

ସମତା ଦୁଇ ପ୍ରକାରର—ସାଧନରୂପା ଓ ସାଧ୍ୟରୂପା । ସାଧନରୂପା ସମତା ଅନ୍ତଃକରଣର ସମତା ଅଟେ ଏବଂ ସାଧ୍ୟରୂପା ସମତା ପରମାତ୍ମତତ୍ତ୍ୱର ସମତା ଅଟେ । ଏହାକୁ ଯଥାକ୍ରମେ ସାଧକର ସମତା ଓ ସିଦ୍ଧର ସମତା ମଧ୍ୟ କୁହାଯାଇପାରେ ।

(୧) ସାଧକର ସମତା—କର୍ମଯୋଗୀ ସାଧକ ସିଦ୍ଧି ଓ ଅସିଦ୍ଧିରେ ସମ ରହି କର୍ମ କରେ (୨ । ୪୮) । ଜ୍ଞାନଯୋଗୀ ସାଧକଠାରେ ସତ୍ ଓ ଅସତ୍ ବିବେକ ମୁଖ୍ୟ ହୋଇଥାଏ । ସତ୍‌ର କଦାପି ବିୟୋଗ ହୁଏ ନାହିଁ ଏବଂ ଅସତ୍ କଦାପି ନିତ୍ୟ ହୋଇ ରହେ ନାହିଁ । ଅତଏବ ଜ୍ଞାନଯୋଗୀଠାରେ ସର୍ବଦା ସତ୍‌ସ୍ୱରୂପରେ ସମତା ବିଦ୍ୟମାନ ରହେ (୨ । ୧୫) । ଭକ୍ତିଯୋଗୀ ସାଧକ ଭଗବନ୍ନିଷ୍ଠ ହୋଇଥାଏ । ସେ ଭଗବାନଙ୍କ ଇଚ୍ଛାରେ ସର୍ବଦା ପ୍ରସନ୍ନ ରହିଥାଏ । ତେଣୁ ତାହାର ସାଂସାରିକ ପଦାର୍ଥ, ବସ୍ତୁ, ପରିସ୍ଥିତି ଆଦିର ସଂଯୋଗ ଓ ବିୟୋଗ ସହିତ କୌଣସି ପ୍ରୟୋଜନ ରହେ ନାହିଁ । ତା'ର କେବଳ ଭଗବାନଙ୍କ ଠାରେ ପ୍ରୟୋଜନ ଥାଏ । ଏଭଳି ଭକ୍ତମାନଙ୍କୁ ଭଗବାନ ସ୍ୱୟଂ ସମତା ପ୍ରଦାନ କରନ୍ତି (୧୦ । ୧୦) ।

ଯଦି କର୍ମଯୋଗୀଠାରେ ସମତା ଆସୁ ନାହିଁ, ତେବେ ଜାଣିବାକୁ ହେବ ଯେ ସିଦ୍ଧି ଓ ଅସିଦ୍ଧିରେ ତା'ର ମହତ୍ତ୍ୱବୁଦ୍ଧି ଅଛି । ଯଦି ଜ୍ଞାନଯୋଗୀଠାରେ ସମତା ଆସୁ ନାହିଁ, ତେବେ ଜାଣିବାକୁ ହେବ ଯେ ତା'ର ଅସତ୍ ପଦାର୍ଥଗୁଡ଼ିକରେ ମହତ୍ତ୍ୱବୁଦ୍ଧି ଅଛି । ଯଦି ଭକ୍ତିଯୋଗୀଠାରେ ସମତା ଆସୁ ନାହିଁ, ତେବେ ଜାଣିବାକୁ ହେବ ଯେ ଭଗବାନଙ୍କ କୃପା ଆଡ଼କୁ ତା'ର ଦୃଷ୍ଟି ନାହିଁ । ନିଷ୍କର୍ଷ ହେଲା ଯେ ଅନ୍ତଃକରଣରେ ବିନାଶୀ ପଦାର୍ଥଗୁଡ଼ିକର ମହତ୍ତ୍ୱ ରହିଥିଲେ ସ୍ୱତଃସିଦ୍ଧ ସମତାର ଅନୁଭବ ହୁଏ ନାହିଁ । ସେହି ମହତ୍ତ୍ୱ ନଷ୍ଟ ହେବାମାତ୍ରେ ସମତା ଆସିଯାଏ ।

ତାତ୍ପର୍ଯ୍ୟ ହେଲା, ସମତା ସହିତ ମନୁଷ୍ୟର ନିତ୍ୟଯୋଗ ରହିଛି । କେବଳ ଅସତ୍‌କୁ ମହତ୍ତ୍ୱ ଦେବା ଦ୍ୱାରା ହିଁ ତା'ଠାରେ ବିଷମତା ଆସେ । ଅତଏବ ମନୁଷ୍ୟ ଅସତ୍‌କୁ ମହତ୍ତ୍ୱ ଦେବା ଅନୁଚିତ ।

(୨) ସିଦ୍ଧର ସମତା—ସିଦ୍ଧ କର୍ମଯୋଗୀ (୬ । ୮-୯), ସିଦ୍ଧ ଜ୍ଞାନଯୋଗୀ (୧୪ । ୨୪) ଓ ସିଦ୍ଧ ଭକ୍ତିଯୋଗୀ (୧୨ । ୧୮-୧୯)—ତିନିଙ୍କ ଠାରେ ସମତା ସ୍ୱତଃ ରହିଥାଏ ।

* ଏହାକୁ ବିସ୍ତାରପୂର୍ବକ ବୁଝିବା ପାଇଁ ଗୀତାପ୍ରେସ୍‌ରୁ ପ୍ରକାଶିତ ଗୀତାର 'ସାଧକ-ସଂଜୀବନୀ' ନାମକ ଓଡ଼ିଆ ଟୀକାରେ ପଞ୍ଚମ ଅଧ୍ୟାୟର ୧୮ଶ ଶ୍ଳୋକର ବ୍ୟାଖ୍ୟା ଦ୍ରଷ୍ଟବ୍ୟ ।

ସାରାଂଶ ହେଲା, ଯେକୌଣସି ମାର୍ଗର ସାଧକ ହେଉ ପଛେ, ଯେପର୍ଯ୍ୟନ୍ତ ତା' ଉପରେ ଅନୁକୂଳତା ଓ ପ୍ରତିକୂଳତା, ସୁଖ ଓ ଦୁଃଖ ଇତ୍ୟାଦିର ତିଳେମାତ୍ର ପ୍ରଭାବ ପଡ଼େ ଏବଂ ସେଥିରେ ସେ ବିଚଳିତ ହୁଏ, ସେପର୍ଯ୍ୟନ୍ତ ତାହାର ସମତା ସାଧନରୂପା ଅଟେ । ଯେତେବେଳେ ସାଧକକୁ ଅନୁକୂଳତା ଓ ପ୍ରତିକୂଳତା ଆଦିର ଜ୍ଞାନ ତ ହୁଏ, କିନ୍ତୁ ତା'ଉପରେ ସେଗୁଡ଼ିକର କିଞ୍ଚିନ୍ମାତ୍ର ପ୍ରଭାବ ପଡ଼େ ନାହିଁ, ସେତେବେଳେ ସାଧକଠାରେ ସାଧ୍ୟରୂପା ସମତା ଅଟଳଭାବରେ ରହେ । ସେହି ସାଧ୍ୟରୂପା ସମତାକୁ ପାଇବା ପରେ ଅନ୍ତଃକରଣରେ ସମତା ସ୍ୱତଃ ଆସିଯାଏ ଏବଂ ଅନ୍ତଃକରଣର ସମତାରୁ ଏହା ଜଣାପଡ଼େ ଯେ ସାଧ୍ୟରୂପା ସମତା ମିଳିଯାଉଛି (୫ । ୧୯) ।

୪୯. ଗୀତାରେ କ୍ରିୟା, କର୍ମ ଓ ଭାବ

କର୍ତ୍ତୃତ୍ୱଭାବେନ ସକାମଭାବାତ୍ ସର୍ବାଃ କ୍ରିୟା ବନ୍ଧନକାରିକାଶ୍ଚ ।
କର୍ତ୍ତୃତ୍ୱହୀନା ଅପି କାମହୀନାଃ ସର୍ବାଃ କ୍ରିୟା ନିଷ୍ଫଳତାଂ ପ୍ରୟାନ୍ତି ॥

ଜଡ଼(ପ୍ରକୃତି)ରେ କେବଳ ପରିବର୍ତ୍ତନରୂପକ କ୍ରିୟା ହୁଏ, କର୍ମ ହୁଏ ନାହିଁ ଏବଂ ଚେତନ ଅକ୍ରିୟ ଅଟେ ଅର୍ଥାତ୍ ସେଥିରେ କ୍ରିୟା ବା କର୍ମ କିଛି ହୁଏ ନାହିଁ । କିନ୍ତୁ ଚେତନ ଯେତେବେଳେ କ୍ରିୟାଶୀଳ ପ୍ରକୃତି ସହିତ ନିଜର ସମ୍ବନ୍ଧ ଯୋଡ଼ି ତାହାର କ୍ରିୟାକୁ ନିଜଠାରେ ଆରୋପିତ କରିନିଏ ଅର୍ଥାତ୍ 'ମୁଁ କରୁଛି'—ଏଭଳି ଅହଂକୃତଭାବ କରିନିଏ (୩ । ୨୭), ସେତେବେଳେ ପ୍ରକୃତିର କ୍ରିୟା ଚେତନ ପାଇଁ କର୍ମ ହୋଇଯାଏ, ଯାହା କି ଶୁଭ ଓ ଅଶୁଭ ଫଳ ଦେଇଥାଏ । କ୍ରିୟା କଦାପି ବନ୍ଧନକାରକ ନୁହେଁ, ବରଂ ଅହଂକୃତଭାବପୂର୍ବକ କରାଯାଉଥିବା କର୍ମ ହିଁ ବନ୍ଧନକାରକ । ସେଥିପାଇଁ ଗୀତାରେ କୁହାଯାଇଛି ଯେ ଯାହାଠାରେ ଅହଂକୃତଭାବ ଓ ଫଳେଚ୍ଛା ନାହିଁ, ସେ ଯଦି ସମସ୍ତ ପ୍ରାଣୀମାନଙ୍କୁ ମାରିଦିଏ, ତେବେ ମଧ୍ୟ ସେ ମାରେ ନାହିଁ କି ବାନ୍ଧି ହୁଏ ନାହିଁ (୧୮ । ୧୭); କାରଣ ତାହାଦ୍ୱାରା କେବଳ କ୍ରିୟା ହୁଏ । ଯଥା, ଗଙ୍ଗାନଦୀ ଦ୍ୱାରା ଅନେକଙ୍କର ପାଳନପୋଷଣ ହୋଇଥାଏ; ବ୍ରାହ୍ମଣ, ଗାଈ ଆଦି ସମସ୍ତେ ତା'ର ଜଳ ପିଅନ୍ତି, କିନ୍ତୁ ଏହାଦ୍ୱାରା ଗଙ୍ଗାଙ୍କର କିଛି ପୁଣ୍ୟ ହୁଏ ନାହିଁ; ଅପରପକ୍ଷରେ ଗଙ୍ଗାଙ୍କ ପ୍ରବାହରେ ଅନେକ ଜୀବ ଭାସିଯାଆନ୍ତି, ମରିଯାଆନ୍ତି, କିନ୍ତୁ ଏହାଦ୍ୱାରା ଗଙ୍ଗାଙ୍କୁ କିଛି ପାପ ଲାଗେ ନାହିଁ । କାରଣ ଗଙ୍ଗାଙ୍କର 'ମୁଁ ସମସ୍ତଙ୍କର ପାଳନପୋଷଣ କରୁଛି' ଆଦି ଅହଂକୃତଭାବ ନାହିଁ । ଅତଏବ ତାଙ୍କଦ୍ୱାରା କ୍ରିୟାମାତ୍ର ହୋଇଥାଏ, କର୍ମ ହୁଏ ନାହିଁ । ସୂର୍ଯ୍ୟାଲୋକରେ ବେଦପାଠ ହୁଏ ଓ ଯଜ୍ଞାଦି ଅନୁଷ୍ଠାନ ହୁଏ, କିନ୍ତୁ ସୂର୍ଯ୍ୟ ଏହି ପୁଣ୍ୟରେ ଭାଗୀ ହୁଅନ୍ତି ନାହିଁ; ଅପରପକ୍ଷରେ ସୂର୍ଯ୍ୟଙ୍କର ଆଲୋକରେ କୌଣସି ଶିକାରୀ ପଶୁ-ପକ୍ଷୀମାନଙ୍କୁ ମାରିଲେ ସୂର୍ଯ୍ୟଙ୍କୁ ପାପ ଲାଗେ ନାହିଁ । ସୂର୍ଯ୍ୟଙ୍କର 'ମୁଁ ଆଲୋକ ପ୍ରଦାନ କରୁଛି' ଏଭଳି ଅହଂକୃତଭାବ ନ ଥିବାରୁ ତାଙ୍କ ଦ୍ୱାରା କେବଳ କ୍ରିୟା ହୁଏ, କର୍ମ ହୁଏ ନାହିଁ । ସେହିପରି ସଂସାର ଭିତରେ କେତେ ଚୋରି, ଡକାୟତି ହୁଏ, ହତ୍ୟାକାଣ୍ଡ ହୁଏ, କିନ୍ତୁ ସେଥିରେ ଆମର ଅନୁମୋଦନ ନ ଥିବା ହେତୁ ଓ ଚୋରି ଆଦି କରୁଥିବା ଲୋକମାନଙ୍କ ସହିତ ଆମର ସମ୍ବନ୍ଧ ନ ଥିବା ହେତୁ ସେମାନଙ୍କ ଦ୍ୱାରା କରାଯାଉଥିବା କର୍ମ ଆମ ପାଇଁ କ୍ରିୟାମାତ୍ର ଅଟେ । ତାହା ଆମକୁ ବାନ୍ଧି ପାରେ ନାହିଁ । ଠିକ୍ ସେହିପରି ଆମର ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି ଇତ୍ୟାଦି ଦ୍ୱାରା ଯେଉଁ କ୍ରିୟା ହୁଏ, ସେଥିରେ ଯଦି ଆମର କର୍ତ୍ତୃତ୍ୱଭାବ ଓ ଫଳାସକ୍ତି ନାହିଁ, ତେବେ ସେହି କ୍ରିୟା କର୍ମ ହୁଏ ନାହିଁ, ଫଳଜନକ ବା ଜନ୍ମମରଣ ପ୍ରଦାୟକ ହୁଏ ନାହିଁ । କିନ୍ତୁ ସେହି କ୍ରିୟାରେ ଯଦି ଆମର କର୍ତ୍ତୃତ୍ୱଭାବ ଓ ଫଳାସକ୍ତି ଆସିଯାଏ, ତେବେ ସେହି କ୍ରିୟା କର୍ମ ବା ବନ୍ଧନକାରକ ହୋଇଯାଏ (୫ । ୧୨) ।

ମନୁଷ୍ୟ ବାଳକରୁ ଯୁବକ ହେଲେ ତାକୁ କିଛି ପାପପୁଣ୍ୟ ଲାଗେ ନାହିଁ, ଏହା କେବଳ କ୍ରିୟାମାତ୍ର ଅଟେ । ଶରୀରରେ ପ୍ରାଣ, ଅପାନ ବାୟୁ ଇତ୍ୟାଦି ଦ୍ୱାରା ଯେଉଁ ସବୁ କ୍ରିୟା ହୁଏ, ତଦ୍ୱାରା କିଛି ପାପପୁଣ୍ୟ ହୁଏ ନାହିଁ । ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେଉଁ ସ୍ୱତଃ-ସ୍ୱାଭାବିକ କ୍ରିୟାମାନ ହୋଇଥାଏ, ତଦ୍ୱାରା ମଧ୍ୟ ଆମକୁ କୌଣସି ପାପପୁଣ୍ୟ ଲାଗେ ନାହିଁ । କିନ୍ତୁ ଯେତେବେଳେ ଆମେ ନିଜକୁ ସେହି କ୍ରିୟାଗୁଡ଼ିକର କର୍ତ୍ତା ମାନିନେଉ, ସେତେବେଳେ ସେହି କ୍ରିୟାଗୁଡ଼ିକ ଆମ ପାଇଁ କର୍ମ ହୋଇଯାଏ । ଯଥା—ଶ୍ୱାସ ନେବା କ୍ରିୟା ଅଟେ, କିନ୍ତୁ ଯଦି କେହି ପ୍ରାଣାୟାମ କରେ, ତେବେ ତାହା ପାଇଁ

ସେହି କ୍ରିୟା କର୍ମରେ ପରିଣତ ହୋଇଯାଏ ଓ ଫଳଜନକ ହୁଏ (୪।୩୦)।

ପ୍ରକୃତରେ ସମସ୍ତ କ୍ରିୟା ପ୍ରକୃତି ଦ୍ୱାରା ହିଁ ହୁଏ ଅର୍ଥାତ୍ ପ୍ରକୃତିରେ ହିଁ ହୋଇଥାଏ (୧୩।୨୯); ସମସ୍ତ କ୍ରିୟା ପ୍ରକୃତିର ଗୁଣ ଦ୍ୱାରା ହିଁ ହୋଇଥାଏ (୩।୨୭-୨୮); ଏବଂ ସମସ୍ତ କ୍ରିୟା ଇନ୍ଦ୍ରିୟମାନଙ୍କ ଦ୍ୱାରା ହିଁ ହୋଇଥାଏ (୫।୯)। ତାତ୍ପର୍ଯ୍ୟ ହେଲା ଯେ ପ୍ରକୃତି, ପ୍ରକୃତିର କାର୍ଯ୍ୟ ଗୁଣ ଏବଂ ଗୁଣର କାର୍ଯ୍ୟ ଇନ୍ଦ୍ରିୟମାନଙ୍କ ଦ୍ୱାରା କ୍ରିୟାମାତ୍ର ହୁଏ, କର୍ମ ହୁଏ ନାହିଁ।

ଅଷ୍ଟାଦଶ ଅଧ୍ୟାୟର ୧୪ଶ ଶ୍ଳୋକରେ କର୍ମଗୁଡ଼ିକର ସିଦ୍ଧି ହେବାରେ ଅଧିଷ୍ଠାନ, କର୍ତ୍ତା ଆଦି ପାଞ୍ଚୋଟିକୁ ହେତୁ କୁହାଯାଇଛି। ତନ୍ମଧ୍ୟରୁ କର୍ତ୍ତାର ଅନ୍ତଃକରଣ ଅହଂକାର ଦ୍ୱାରା ମୋହିତ ହୋଇଥାଏ। ଏହିପରି କର୍ତ୍ତା କର୍ମସଂଗ୍ରହ କରେ ଅର୍ଥାତ୍ ବନ୍ଧନକାରକ କର୍ମ ହିଁ କରିଥାଏ। କିନ୍ତୁ ମନୁଷ୍ୟ ଯେଉଁଠି ନିଜକୁ ଅକର୍ତ୍ତା ମନେକରେ, ସେଠାରେ କ୍ରିୟାମାତ୍ର ହୁଏ, କର୍ମ ହୁଏ ନାହିଁ (୧୩।୨୯)।

କର୍ତ୍ତାର ଭାବ ଅନୁସାରେ ହିଁ କ୍ରିୟା ସାତ୍ତ୍ୱିକକର୍ମ ରାଜସକର୍ମ ବା ତାମସକର୍ମରେ ପରିଣତ ହୋଇଥାଏ। କର୍ତ୍ତା ସାତ୍ତ୍ୱିକ ହୋଇଥିଲେ କର୍ମ ସାତ୍ତ୍ୱିକ ହୋଇଯାଏ, କର୍ତ୍ତା ରାଜସ ହେଲେ କର୍ମ ରାଜସ ହୋଇଯାଏ ଏବଂ କର୍ତ୍ତା ତାମସ ହେଲେ କର୍ମ ତାମସ ହୋଇଯାଏ (୧୮।୨୩—୨୫)। କିନ୍ତୁ ଯେତେବେଳେ ମନୁଷ୍ୟ ତିନି ଗୁଣର ଊର୍ଦ୍ଧ୍ୱକୁ ଚାଲିଯାଏ, ସେତେବେଳେ ତା'ଦ୍ୱାରା କେବଳ କ୍ରିୟା ହୁଏ, କର୍ମ ହୁଏ ନାହିଁ।

ଆମେ ଯାହା କିଛି ଦେଖୁ ଓ ଶୁଣୁ, ସେଥିରେ ଯଦି ଆମେ ନିର୍ଲିପ୍ତ ରହିଥାଉ, ତେବେ ସେହି ଦେଖିବା ଓ ଶୁଣିବା ଆମ ପାଇଁ କ୍ରିୟା ହୋଇଥାଏ, ଯାହା କି ବନ୍ଧନକାରକ ନୁହେଁ। କିନ୍ତୁ ଯଦି ଆମେ ଆସକ୍ତିପୂର୍ବକ ଦେଖୁ ଓ ଶୁଣୁ, ତେବେ ସେହି ଦେଖିବା ଓ ଶୁଣିବା ଆମ ପାଇଁ କର୍ମ ହୋଇଯାଏ। ଏହି କଥା ସମସ୍ତ ଇନ୍ଦ୍ରିୟମାନଙ୍କର କ୍ରିୟାଗୁଡ଼ିକ ବିଷୟରେ ମଧ୍ୟ ବୁଝିବା ଉଚିତ।

କର୍ମଯୋଗୀ ସାଧକ କେବଳ ଲୋକସଂଗ୍ରହାର୍ଥେ କର୍ମ କରେ। ନିଜ ପାଇଁ ସେ କିଛି କରେ ନାହିଁ; ତେଣୁ ତା'ଦ୍ୱାରା କ୍ରିୟାମାତ୍ର ହିଁ ହୋଇଥାଏ, ଯାହା କି ବନ୍ଧନରୁ ମୁକ୍ତ କରାଇଥାଏ (୩।୨୦)।

ଜ୍ଞାନଯୋଗୀ ସାଧକ ନିଜକୁ ଅକର୍ତ୍ତା ବୋଲି ଅନୁଭବ କରିଥାଏ, ଅତଏବ ତା'ଦ୍ୱାରା କ୍ରିୟାମାତ୍ର ହିଁ ହୁଏ (୧୩।୨୯)।

ଭକ୍ତିଯୋଗୀ ସାଧକ କେବଳ ଭଗବାନଙ୍କ ପ୍ରସନ୍ନତା ପାଇଁ କର୍ମ କରିଥାଏ (୧୧।୫୫; ୧୨।୧୦)। ଅତଏବ ଭଗବାନଙ୍କ ସହିତ ସମ୍ବନ୍ଧ ଥିବାରୁ ସେହି କ୍ରିୟାଗୁଡ଼ିକ କର୍ମରେ ପରିଣତ ହୁଏ ନାହିଁ। ତା'ଛଡ଼ା ସେହି କ୍ରିୟାଗୁଡ଼ିକରେ ଦିବ୍ୟତା ଆସିଯାଏ। ସେହି କ୍ରିୟାଗୁଡ଼ିକ ଦୁନିଆ ପାଇଁ ହିତକର ହୋଇଯାଏ।

ଧ୍ୟାନଯୋଗୀ, ଲୟଯୋଗୀ, ହଠଯୋଗୀ ପ୍ରଭୃତି ଯେକୌଣସି ସାଧକ ଯଦି ପ୍ରକୃତିର କ୍ରିୟାଗୁଡ଼ିକ ସହିତ ନିଜର ସମ୍ପର୍କ ନ ଯୋଡ଼େ, ତେବେ ତାହାଦ୍ୱାରା କେବଳ କ୍ରିୟା ହିଁ ହୋଇଥାଏ, କର୍ମ ହୁଏ ନାହିଁ।

ତାତ୍ପର୍ଯ୍ୟ ହେଲା ଯେ କର୍ମଯୋଗୀଠାରେ ନିଷ୍କାମଭାବ ଥିବା ହେତୁ, ଜ୍ଞାନଯୋଗୀଠାରେ ପ୍ରକୃତି ଓ ତାହାର କାର୍ଯ୍ୟର କ୍ରିୟାଗୁଡ଼ିକଠାରୁ ନିଜର ପାର୍ଥକ୍ୟଭାବ ଥିବା ହେତୁ ଏବଂ ଭକ୍ତିଯୋଗୀଠାରେ ଭଗବାନଙ୍କୁ ପ୍ରସନ୍ନ କରିବାର ଭାବ ରହିଥିବା ହେତୁ ସେମାନଙ୍କ ଦ୍ୱାରା କେବଳ କ୍ରିୟା ହିଁ ହୋଇଥାଏ, କର୍ମ ହୁଏ ନାହିଁ। ଜ୍ଞାନୀ ମହାପୁରୁଷ ମଧ୍ୟ ଯାହା କିଛି କରନ୍ତି, ତାହା ନିଜର ଶୁଦ୍ଧ (ରାଗଦ୍ୱେଷରହିତ) ସ୍ୱଭାବ ଅନୁସାରେ ହିଁ କରିଥାନ୍ତି, ଅତଏବ ତାଙ୍କ ଦ୍ୱାରା କର୍ମ ହୁଏ ନାହିଁ, କେବଳ ଚେଷ୍ଟାମାତ୍ର (କ୍ରିୟାମାତ୍ର) ହୋଇଥାଏ (୩।୩୩)।

୫୦. ଗୀତାରେ କର୍ମର ବ୍ୟାପକତା

କାୟେନ ମନସା ବାଚା ଯତ୍କିଞ୍ଚିତ୍ କୁରୁତେ ନରଃ।
ଶୁଭାଶୁଭଂ ଚ ତତ୍ସର୍ବଂ କର୍ମ ବୈ ଗୀତୟା ମତମ୍॥

ପରମାତ୍ମା ଓ ପରମାତ୍ମାଙ୍କର ଶକ୍ତି ପ୍ରକୃତି—ଏ ଦୁହିଁଙ୍କ ମଧ୍ୟରୁ ପରମାତ୍ମା ସର୍ବଦା ଏକରୂପ ଓ ଏକରସ ରହନ୍ତି। ତାଙ୍କଠାରେ କେବେହେଲେ ପରିବର୍ତ୍ତନ ହୁଏ ନାହିଁ। ମାତ୍ର ପ୍ରକୃତି ସର୍ବଦା ପରିବର୍ତ୍ତନଶୀଳ, ସେ

କଦାପି ପରିବର୍ତ୍ତନରହିତ ହୋଇପାରେ ନାହିଁ।*

ପ୍ରକୃତିରେ ଯାହା କିଛି ପରିବର୍ତ୍ତନ ହୁଏ, ତାହା ହେଲା 'କ୍ରିୟା' ଏବଂ କ୍ରିୟାଗୁଡ଼ିକର ପୁଞ୍ଜ ହେଲା 'ପଦାର୍ଥ'। ପ୍ରକୃତିରେ ସ୍ୱାଭାବିକଭାବେ ହେଉଥିବା କ୍ରିୟାଗୁଡ଼ିକ ସହିତ ଯେତେବେଳେ ଅହଙ୍କାର ମିଶିଯାଏ, ସେତେବେଳେ ତା'ର ସଂଜ୍ଞା 'କର୍ମ' ହୋଇଯାଏ। ସେହି କର୍ମ (କାୟିକ ହେଉ, ବାଚିକ ହେଉ ବା ମାନସିକ ହେଉ) ଇଷ୍ଟ, ଅନିଷ୍ଟ ଓ ମିଶ୍ରିତ ଫଳ ପ୍ରଦାୟକ ଅଟେ (୧୮।୧୨)। କର୍ମଗୁଡ଼ିକୁ କରିବାର ଭାବ କର୍ତ୍ତାଠାରେ ହିଁ ଥାଏ। 'କର୍ମ' ଓ 'ଭାବ' ଦୁଇ ପ୍ରକାରର—ଶୁଭ ଓ ଅଶୁଭ। 'ଶୁଭ' କର୍ମ ଓ ଭାବ ମୁକ୍ତିପ୍ରଦାୟକ ଏବଂ 'ଅଶୁଭ' କର୍ମ ଓ ଭାବ ପତନକାରକ। ଏହି କର୍ମ ଓ ଭାବକୁ ଭଗବାନ ଚତୁର୍ଥ ଅଧ୍ୟାୟର ୧୩ଶ ଶ୍ଲୋକରେ 'କର୍ମ' ଓ 'ଗୁଣ' ବୋଲି କହିଛନ୍ତି ଏବଂ ଏହାଦ୍ୱାରା ଚାରିବର୍ଣ୍ଣ ରଚନା କରିଥିବା କଥା କହିଛନ୍ତି। ତାତ୍ପର୍ଯ୍ୟ ହେଲା ଯେ ଶୁଭ ଓ ଅଶୁଭ କ୍ରିୟାର ନାମ 'କର୍ମ' ଏବଂ ଶୁଭ ଓ ଅଶୁଭ ଭାବର ନାମ 'ଗୁଣ'। ଏହି କ୍ରିୟା ଓ ଭାବକୁ ନେଇ ହିଁ ଚାରିବର୍ଣ୍ଣର ଉତ୍ପତ୍ତି ହୋଇଛି।

ଭଗବାନ ଚାରିବର୍ଣ୍ଣର ଯେଉଁ ସବୁ ଲକ୍ଷଣ କହିଛନ୍ତି, ସେସବୁକୁ 'ସ୍ୱଭାବଜ କର୍ମ' ନାମ ଦେଇଛନ୍ତି। ସେଥିରୁ ବ୍ରାହ୍ମଣର ଶମ, ଦମ, ତପ, ଶୌଚ ଇତ୍ୟାଦି ନଅଟି ଗୁଣକୁ ଏବଂ କ୍ଷତ୍ରିୟର ଶୌର୍ଯ୍ୟ, ତେଜ, ଧୃତି ଆଦି ସାତୋଟି ଗୁଣକୁ ମଧ୍ୟ କର୍ମ କହିଛନ୍ତି। ବୈଶ୍ୟର କୃଷି, ଗୌରକ୍ଷ୍ୟ ଓ ବାଣିଜ୍ୟ—ଏହି ତିନି କର୍ମକୁ ଓ ଶୂଦ୍ରର ପରିଚର୍ଯ୍ୟାତ୍ମକ କର୍ମକୁ ମଧ୍ୟ କର୍ମ ବୋଲି କହିଛନ୍ତି। ବୈଶ୍ୟ ଓ ଶୂଦ୍ରର କର୍ମକୁ ତ କର୍ମ କହିବା ଯଥାର୍ଥ, କାରଣ ସେଗୁଡ଼ିକ କର୍ମ ହିଁ ଅଟେ, କିନ୍ତୁ ଭଗବାନ ବ୍ରାହ୍ମଣ ଓ କ୍ଷତ୍ରିୟର ଗୁଣଗୁଡ଼ିକୁ ମଧ୍ୟ କର୍ମ ବୋଲି କହିଦେଇଛନ୍ତି। ଗୁଣକୁ କର୍ମ କହିବାର ତାତ୍ପର୍ଯ୍ୟ ହେଲା ଯେ ପ୍ରକୃତି ସହିତ ସମ୍ବନ୍ଧ ରଖି ମନୁଷ୍ୟ ଦ୍ୱାରା ଯାହା କିଛି ହୋଇଥାଏ, ସେସବୁ କର୍ମ ହିଁ ଅଟେ ଅର୍ଥାତ୍ ପ୍ରକୃତି ସହିତ ସମ୍ବନ୍ଧ ଯୋଡ଼ିବା ହେତୁ ଭାବ, କ୍ରିୟା ଇତ୍ୟାଦିକୁ ମଧ୍ୟ କର୍ମ ବୋଲି କୁହାଯାଇଛି। ଏପରି କର୍ମ ପୁନର୍ଜନ୍ମ ଓ ଅନୁକୂଳ-ପ୍ରତିକୂଳ ପରିସ୍ଥିତି ପ୍ରଦାନକାରୀ ହୋଇଥାଏ। କିନ୍ତୁ ଯେଉଁ ମନୁଷ୍ୟ ପ୍ରକୃତିଠାରୁ ସର୍ବଥା ସମ୍ବନ୍ଧ ଛିନ୍ନ କରି ପରମାତ୍ମତତ୍ତ୍ୱକୁ ପାଇଯାଏ, ତା'ର ଶରୀର ଦ୍ୱାରା କର୍ମ ହେଲେ ମଧ୍ୟ ସେହି କର୍ମକୁ 'ଅକର୍ମ' କୁହାଯାଏ। ନିଜ ସ୍ୱରୂପରେ ସ୍ଥିତ ରହିବା ହେଲା 'ଅକର୍ମ' ଏବଂ ଅକର୍ମରେ ସ୍ଥିତ ରହି ଶରୀର, ମନ, ବୁଦ୍ଧି ଆଦି ଦ୍ୱାରା ଯେଉଁ କର୍ମ ହୁଏ, ସେସବୁ କର୍ମ ମଧ୍ୟ 'ଅକର୍ମ'। ଏହାର ବର୍ଣ୍ଣନା ଭଗବାନ ଚତୁର୍ଥ ଅଧ୍ୟାୟର ୧୮ଶ ଶ୍ଲୋକରେ କହିଛନ୍ତି ଯେ, ଯିଏ କର୍ମରେ ଅକର୍ମ ଓ ଅକର୍ମରେ କର୍ମ ଦେଖେ, ସେ ହେଉଛି ଯୋଗୀ ଓ ବୁଦ୍ଧିମାନ୍, ତା'ପାଇଁ କିଛି କରିବାକୁ ବାକି ନାହିଁ।

ଏହି ଆଲୋଚନାରୁ ପ୍ରମାଣିତ ହେଲା ଯେ ପ୍ରକୃତି ସହିତ ସମ୍ବନ୍ଧ ରଖି ମନୁଷ୍ୟ ଯାହା କିଛି କରେ, ସେସବୁ କର୍ମ ହିଁ ଅଟେ। ସେ ସ୍ଥୂଳଶରୀର ସହିତ ସମ୍ବନ୍ଧ ରଖି ସ୍ଥୂଳ କ୍ରିୟାମାନ କରେ, ସୂକ୍ଷ୍ମଶରୀର ସହିତ ସମ୍ବନ୍ଧ ରଖି ଚିନ୍ତନ, ଧ୍ୟାନ ଆଦି କରେ ଏବଂ କାରଣଶରୀର ସହିତ ସମ୍ବନ୍ଧ ରଖି ସମାଧିରେ ସ୍ଥିତ ହୁଏ। ଗୀତା ଅନୁସାରେ ଏସବୁ କର୍ମ; କାରଣ ଏଥିରେ ପ୍ରକୃତି ସହିତ ସମ୍ବନ୍ଧ ରହିଛି। ଭଗବାନ ଅଷ୍ଟାଦଶ ଅଧ୍ୟାୟର ୧୫ଶ ଶ୍ଲୋକରେ କହିଛନ୍ତି ଯେ ମନୁଷ୍ୟ ନିଜ ଶରୀର, ବାଣୀ ଓ ମନ ଦ୍ୱାରା ଯାହାକିଛି କରିଥାଏ, ସେସବୁ କର୍ମ ହିଁ ଅଟେ। ଚତୁର୍ଥ ଅଧ୍ୟାୟର ୨୪ଶ ରୁ ୩୦ଶ ଶ୍ଲୋକ ପର୍ଯ୍ୟନ୍ତ ଯେଉଁସବୁ ଯଜ୍ଞର ବର୍ଣ୍ଣନା ହୋଇଛି, ସେଗୁଡ଼ିକୁ ଭଗବାନ କର୍ମଜନ୍ୟ ବୋଲି କହିଛନ୍ତି—**'କର୍ମଜାନ୍ ବିଦ୍ଧି ତାନ୍ ସର୍ବାନ୍'** (୪।୩୨)।

ପ୍ରତ୍ୟେକ ଯୋଗରେ କର୍ମଠାରୁ ମୁକ୍ତି ପାଇବାର ଉପାୟ ରହିଛି। ଫଳାସକ୍ତି ତ୍ୟାଗ କରି ଯଜ୍ଞ ପାଇଁ ଅର୍ଥାତ୍ କର୍ତ୍ତବ୍ୟପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ କର୍ମ କଲେ 'କର୍ମଯୋଗ' ହୋଇଯାଏ (୩।୯; ୧୮।୯); ବିବେକ ଦ୍ୱାରା କର୍ମଗୁଡ଼ିକଠାରୁ ସମ୍ବନ୍ଧ ଛିନ୍ନ କଲେ 'ଜ୍ଞାନଯୋଗ' ହୋଇଯାଏ (୧୩।୨୩, ୩୪); ଏବଂ କର୍ମଗୁଡ଼ିକୁ ଭଗବାନଙ୍କ ନିକଟରେ ଅର୍ପଣ କଲେ 'ଭକ୍ତିଯୋଗ' ହୋଇଯାଏ (୯।୨୭; ୧୨।୬)।

---

* ଯଦ୍ୟପି ପ୍ରକୃତିକୁ ସର୍ଗ ଓ ମହାସର୍ଗ ଅବସ୍ଥାରେ ସକ୍ରିୟ ଏବଂ ପ୍ରଳୟ ଓ ମହାପ୍ରଳୟ ଅବସ୍ଥାରେ ଅକ୍ରିୟ ବୋଲି କୁହାଯାଇଛି, ତଥାପି ସେହି ଅକ୍ରିୟ ଅବସ୍ଥା ସକ୍ରିୟ ଅବସ୍ଥାର ସାପେକ୍ଷ। ବସ୍ତୁତଃ ପ୍ରକୃତି କଦାପି ଅକ୍ରିୟ ରହେ ନାହିଁ। ଏଥିରେ ସତତ ସୂକ୍ଷ୍ମ ପରିବର୍ତ୍ତନ ହେଉଥିବାରୁ ଯିବା ପ୍ରଳୟ ଓ ମହାପ୍ରଳୟ ପରେ ସର୍ଗ ଓ ମହାସର୍ଗ ହୁଏ। ପ୍ରଳୟ ଓ ମହାପ୍ରଳୟ ହେଲେ ପ୍ରଳୟ ଓ ମହାପ୍ରଳୟର ଅର୍ଦ୍ଧକାଳ ପର୍ଯ୍ୟନ୍ତ ପ୍ରକୃତି ପ୍ରଳୟ ଓ ମହାପ୍ରଳୟର ଅଭିମୁଖୀ ହୁଏ ଏବଂ ପ୍ରଳୟ ଓ ମହାପ୍ରଳୟର ଅର୍ଦ୍ଧକାଳ ପରେ ପ୍ରକୃତି ସର୍ଗ ଓ ମହାସର୍ଗର ଅଭିମୁଖୀ ହୁଏ।

୫୧. ଗୀତାରେ 'ଯଜ୍ଞ' ଶବ୍ଦର ବ୍ୟାପକତା

ଗୀତାୟାଂ ଯଜ୍ଞଶବ୍ଦସ୍ତୁ କର୍ତ୍ତବ୍ୟକର୍ମବାଚକଃ ।
ପାଳନୀୟସ୍ତତୋ ଯଜ୍ଞୋ ନିଷ୍କାମୈର୍ମାନବୈଃ ସଦା ॥

ଗୀତାର ଶ୍ଲୋକଗୁଡ଼ିକ ଉପରେ ବିଚାର କଲେ ପ୍ରମାଣିତ ହୁଏ ଯେ ନିଷ୍କାମଭାବରେ କରାଯାଉଥିବା ଶାସ୍ତ୍ରବିହିତ ସମସ୍ତ ଶୁଭକର୍ମର ନାମ ହିଁ 'ଯଜ୍ଞ'। ଚତୁର୍ଥ ଅଧ୍ୟାୟରେ ଯଜ୍ଞଗୁଡ଼ିକର ବିଶେଷ ବର୍ଣ୍ଣନା ରହିଛି। ସେଠାରେ ଭଗବାନ କହିଛନ୍ତି ଯେ କେବଳ ଯଜ୍ଞ ପାଇଁ କର୍ମ କରୁଥିବା ମନୁଷ୍ୟର ସମସ୍ତ କର୍ମ ବିଲୀନ ହୋଇଯାଏ ଅର୍ଥାତ୍ ବନ୍ଧନକାରକ ହୁଏ ନାହିଁ—**'ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ'** (୪।୨୩)। ଏହି କଥାକୁ ଭଗବାନ ତୃତୀୟ ଅଧ୍ୟାୟର ୯ମ ଶ୍ଲୋକରେ ଅନ୍ୟ ପ୍ରକାରରେ କହିଛନ୍ତି ଯେ 'ଯଜ୍ଞ' ନିମିତ୍ତ କରାଯାଉଥିବା କର୍ମଗୁଡ଼ିକ ବ୍ୟତୀତ ଅନ୍ୟ ସମସ୍ତ କର୍ମ ବନ୍ଧନକାରକ—**'ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ'** ଚତୁର୍ଥ ଅଧ୍ୟାୟର ୨୪ଶ ରୁ ୩୦ଶ ଶ୍ଲୋକ ପର୍ଯ୍ୟନ୍ତ ଭଗବାନ ବାର ପ୍ରକାରର ଯଜ୍ଞ କଥା ବର୍ଣ୍ଣନା କରିଛନ୍ତି—(୧) ବ୍ରହ୍ମଯଜ୍ଞ, (୨) ଭଗବଦର୍ପଣରୂପକ ଯଜ୍ଞ, (୩) ଅଭିନ୍ନତାରୂପକ ଯଜ୍ଞ, (୪) ସଂଯମରୂପକ ଯଜ୍ଞ, (୫) ବିଷୟହବନରୂପକ ଯଜ୍ଞ, (୬) ସମାଧିରୂପକ ଯଜ୍ଞ, (୭) ଦ୍ରବ୍ୟଯଜ୍ଞ, (୮) ତପୋଯଜ୍ଞ, (୯) ଯୋଗଯଜ୍ଞ, (୧୦) ସ୍ୱାଧ୍ୟାୟରୂପକ ଜ୍ଞାନଯଜ୍ଞ, (୧୧) ପ୍ରାଣାୟାମରୂପକ ଯଜ୍ଞ ଏବଂ (୧୨) ସ୍ତମ୍ଭବୃତ୍ତି ପ୍ରାଣାୟାମରୂପକ ଯଜ୍ଞ। ତା'ପରେ ୩୧ଶ ଶ୍ଲୋକରେ ଭଗବାନ କହିଛନ୍ତି ଯେ ଯଜ୍ଞରୁ ଅବଶିଷ୍ଟ ଥିବା ଅମୃତର ଅନୁଭବ କରିଥିବା ଲୋକେ ସନାତନ ପରବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି—**'ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍'** (୪।୩୧)। ଏହି କଥାଟିକୁ ଭଗବାନ ତୃତୀୟ ଅଧ୍ୟାୟର ୧୩ଶ ଶ୍ଲୋକରେ **'ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍‌ବିଷୈଃ'** ପଦମାନଙ୍କରେ କହିଛନ୍ତି ଯେ "ଯଜ୍ଞାବଶେଷର ଅନୁଭବ କରୁଥିବା ଶ୍ରେଷ୍ଠ ମନୁଷ୍ୟ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି।" ସେହିପରି, ତୃତୀୟ ଅଧ୍ୟାୟର ୯ମ ଓ ୧୩ଶ ଶ୍ଲୋକରେ ଏବଂ ଚତୁର୍ଥ ଅଧ୍ୟାୟର ୨୩ଶ ଓ ୩୧ଶ ଶ୍ଲୋକରେ ଯଜ୍ଞର ଫଳ ବର୍ଣ୍ଣନା କରି କୁହାଯାଇଛି ଯେ ଏହାଦ୍ୱାରା ସମସ୍ତ ପାପ ନଷ୍ଟ ହୁଏ, ସଂସାରଠାରୁ ସମ୍ବନ୍ଧ ଛିନ୍ନ ହୁଏ ଏବଂ ପରମାମୃତତତ୍ତ୍ୱର ପ୍ରାପ୍ତି ହୁଏ। ଅତଏବ ପରମାମୃତତତ୍ତ୍ୱପ୍ରାପ୍ତିର ସମସ୍ତ ଉପାୟ ଗୀତୋକ୍ତ 'ଯଜ୍ଞ' ଶବ୍ଦର ଅନ୍ତର୍ଗତ।

ଗୀତାର ଯଜ୍ଞ ଶବ୍ଦ ଏତେ ବ୍ୟାପକ ଯେ ଏଥିରେ ଯଜ୍ଞ, ଦାନ, ତପସ୍ୟା, ତୀର୍ଥ, ବ୍ରତ, ହୋମ ଆଦି ସମସ୍ତ ଶାସ୍ତ୍ରବିହିତ ଶୁଭକର୍ମ ଅନ୍ତର୍ଭୁକ୍ତ ହୋଇଯାଏ। ଚତୁର୍ଥ ଅଧ୍ୟାୟର ୩୨ଶ ଶ୍ଲୋକରେ ବେଦବାଣୀରେ ଅନେକ ଯଜ୍ଞର ବିସ୍ତୃତ ବର୍ଣ୍ଣନା ହୋଇଛି ବୋଲି କହି ଭଗବାନ ଦହର ପ୍ରଭୃତି ଉପାସନାକୁ ମଧ୍ୟ 'ଯଜ୍ଞ' ଶବ୍ଦର ଅନ୍ତର୍ଭୁକ୍ତ କରି ଦେଇଛନ୍ତି, ଯାହାର ବର୍ଣ୍ଣନା ଗୀତାରେ ନ ଥିଲେ ମଧ୍ୟ ଉପନିଷଦ୍‌ରେ ରହିଛି। ତା'ପରେ ଭଗବାନ କହିଛନ୍ତି ଯେ 'ଏହି ସବୁ ଯଜ୍ଞକୁ ତୁମେ କର୍ମଜନ୍ୟ ବୋଲି ଜାଣିରଖ ଏବଂ ଏପରି ଜାଣିଲେ ତୁମେ ମୁକ୍ତ ହୋଇଯିବ—**'ଏବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ'** (୪।୩୨)।

ଚତୁର୍ଥ ଅଧ୍ୟାୟର ୯ମ ଶ୍ଲୋକରେ ଭଗବାନ କହିଛନ୍ତି ଯେ 'ମୋର ଜନ୍ମ ଓ କର୍ମ ଦିବ୍ୟ ଅଟେ'—**'ଜନ୍ମ କର୍ମ ଚ ମେ ଦିବ୍ୟମ୍'**। ଭଗବାନ ୧୩ଶ ଓ ୧୪ଶ ଶ୍ଲୋକରେ ନିଜ କର୍ମଗୁଡ଼ିକର ଦିବ୍ୟତା ବିଷୟରେ ବର୍ଣ୍ଣନା କରିଛନ୍ତି। ସେଠାରେ ଭଗବାନ କହିଛନ୍ତି ଯେ ସୃଷ୍ଟିରଚନା ଆଦିର କର୍ତ୍ତା ହୋଇଥିଲେ ମଧ୍ୟ ମୋତେ ତୁମେ ଅକର୍ତ୍ତା ବୋଲି ଜାଣ; କାରଣ କର୍ମଫଳରେ ମୋର କୌଣସି ସ୍ପୃହା ନାହିଁ ଏବଂ ଏଥିପାଇଁ ମୋତେ କର୍ମ ବାନ୍ଧିପାରେ ନାହିଁ। ଏହିପରି ମୋତେ ତତ୍ତ୍ୱତଃ ଜାଣୁଥିବା ଲୋକ ମଧ୍ୟ କର୍ମଗୁଡ଼ିକର ବନ୍ଧନରେ ବାନ୍ଧି ହୁଏ ନାହିଁ। ତାତ୍ପର୍ଯ୍ୟ ହେଲା, ଯିଏ ଭଗବାନଙ୍କ ଭଳି କର୍ତ୍ତୃତ୍ୱାଭିମାନ ଓ ଫଳାସକ୍ତି ନ ରଖି କର୍ମ କରିବ, ସେ ମଧ୍ୟ କର୍ମବନ୍ଧନରେ ବାନ୍ଧି ହେବ ନାହିଁ। ଏହିରୂପେ ଭଗବାନ ନିଜ କର୍ମର ଦିବ୍ୟତା ବିଷୟରେ କହିଛନ୍ତି। ବନ୍ଧନକାରକ କର୍ମଗୁଡ଼ିକ ମୁକ୍ତିକାରକ ହେବା ହିଁ କର୍ମର ଦିବ୍ୟତା। ତା'ପରେ ୧୫ଶ ଶ୍ଲୋକରେ ଭଗବାନ—**'ଏବଂ ଜ୍ଞାତ୍ୱା....'** ପଦଗୁଡ଼ିକରେ କହିଛନ୍ତି ଯେ 'ଏଭଳି ଜାଣି ମୁମୁକ୍ଷୁ ପୁରୁଷମାନେ ମଧ୍ୟ କର୍ମ କରିଛନ୍ତି, ତେଣୁ ତୁମେ ମଧ୍ୟ କର୍ମ କର'—**'କୁରୁ କର୍ମୈବ'**। ୧୬ଶ ଶ୍ଲୋକରେ କର୍ମଗୁଡ଼ିକରୁ ନିର୍ଲିପ୍ତ ରହିବାର ଏହି ତତ୍ତ୍ୱକୁ ବିସ୍ତାରପୂର୍ବକ କହିବା ପାଇଁ ଭଗବାନ ପ୍ରତିଶ୍ରୁତି ଦେଇଛନ୍ତି ଏବଂ **'ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍'** ପଦରେ ତାହାକୁ

ଜାଣିବାର ଫଳ ମୁକ୍ତ ହେବା ବୋଲି କହିଛନ୍ତି । ଏହି କଥା ଭଗବାନ ସେହି ବିଷୟର ଉପସଂହାର କଲାବେଳେ ମଧ୍ୟ **'ଏବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ'** (୪ । ୩୨) ପଦରେ କହିଛନ୍ତି । ଏପରି କର୍ତ୍ତୃତ୍ୱାଭିମାନଶୂନ୍ୟ ଓ ଆସକ୍ତିଶୂନ୍ୟ ହୋଇ କରାଯାଉଥିବା ସମସ୍ତ ଶୁଭକର୍ମ 'ଯଜ୍ଞ' ଶବ୍ଦର ଅନ୍ତର୍ଗତ ।

ଗୀତାରେ କେଉଁଠି ଯଜ୍ଞ, ଦାନ ଓ ତପସ୍ୟା— ଏହି ତିନି ଶୁଭକର୍ମର ବର୍ଣ୍ଣନା ହୋଇଛି (୧୭ । ୨୪-୨୫, ୨୭; ୧୮ । ୩,୫) ତ ଆଉ କେଉଁଠି ଯଜ୍ଞ, ଦାନ, ତପସ୍ୟା ଓ ବେଦାଧ୍ୟୟନ—ଏହି ଚାରିପ୍ରକାର ଶୁଭକର୍ମର ବର୍ଣ୍ଣନା ହୋଇଛି (୮ । ୨୮; ୧୧ । ୫୩) ଏବଂ ଅନ୍ୟ କେଉଁଠି ଯଜ୍ଞ, ଦାନ, ତପସ୍ୟା, ବେଦାଧ୍ୟୟନ ଓ କ୍ରିୟା—ଏହି ପାଞ୍ଚୋଟି ଶୁଭକର୍ମର ବର୍ଣ୍ଣନା ହୋଇଛି (୧୧ । ୪୮) । ପ୍ରକୃତରେ ଏକମାତ୍ର 'ଯଜ୍ଞ' ଶବ୍ଦ ଉଲ୍ଲେଖ କରିବା ଦ୍ୱାରା ସମସ୍ତ ଶୁଭକର୍ମ ତାହାର ଅନ୍ତର୍ଗତ ହୋଇଯାଉଛି ।

ତୃତୀୟ ଅଧ୍ୟାୟର ୧୦ମ ଶ୍ଳୋକରେ ଭଗବାନ କହିଛନ୍ତି ଯେ ସୃଷ୍ଟିର ଆରମ୍ଭରେ ବ୍ରହ୍ମା ଯଜ୍ଞଗୁଡ଼ିକ ସହିତ ପ୍ରଜାମାନଙ୍କୁ ସୃଷ୍ଟି କରିଛନ୍ତି—**'ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା'** । ଏଠାରେ **'ପ୍ରଜାଃ'** ପଦରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ସମସ୍ତେ ଅନ୍ତର୍ଭୁକ୍ତ ହୋଇଯାଉଛନ୍ତି । ଏହା ସହିତ **'ସହଯଜ୍ଞାଃ'** ବିଶେଷଣ ଦିଆଯାଇଥିବାରୁ ସନ୍ଦେହ ଉତ୍ପନ୍ନ ହେଉଛି ଯେ ଯଜ୍ଞରେ ତ ସମସ୍ତଙ୍କର ଅଧିକାର ନାହିଁ, ତେବେ ଭଗବାନ ସମସ୍ତ ପ୍ରଜାଜନଙ୍କ ପାଇଁ ଏହି ବିଶେଷଣ ବ୍ୟବହାର କଲେ କାହିଁକି? ଏହାର ସମାଧାନ ହେଲା ଯେ ଯେଉଁ ଯଜ୍ଞରେ ସମସ୍ତଙ୍କର ଅଧିକାର ନାହିଁ, ସେହି ଯଜ୍ଞ କଥା ଏଠାରେ କୁହାଯାଇ ନାହିଁ । ଏଠାରେ 'ଯଜ୍ଞ' ଶବ୍ଦ କର୍ତ୍ତବ୍ୟକର୍ମଗୁଡ଼ିକର ବାଚକ । ନିଜର ବର୍ଣ୍ଣ, ଆଶ୍ରମ, ଧର୍ମ, ଜାତି, ସ୍ୱଭାବ, ଦେଶ, କାଳ ଇତ୍ୟାଦି ଅନୁସାରେ ପ୍ରାପ୍ତ ସମସ୍ତ କର୍ତ୍ତବ୍ୟକର୍ମ 'ଯଜ୍ଞ'ର ଅନ୍ତର୍ଭୁକ୍ତ । ଅନ୍ୟମାନଙ୍କର ମଙ୍ଗଳ କାମନାରେ ଯେଉଁ ସବୁ କର୍ମ କରାଯାଏ, ତାହା ମଧ୍ୟ 'ଯଜ୍ଞ' । **'ସ୍ୱକର୍ମଣା ତମଭ୍ୟର୍ଚ୍ୟ'** (୧୮ । ୪୬) ପଦରେ ନିଜର କର୍ତ୍ତବ୍ୟକର୍ମଗୁଡ଼ିକ ଦ୍ୱାରା ପରମାତ୍ମାଙ୍କୁ ପୂଜା କରିବାର ଯେଉଁ କଥା କୁହାଯାଇଛି, ତାହା ମଧ୍ୟ 'ଯଜ୍ଞ'ର ଅନ୍ତର୍ଗତ ।

ଶଙ୍ଖୁଆ, ଭାଲିଆ ଇତ୍ୟାଦି ବିଷକୁ ବୈଦ୍ୟମାନେ ଶୁଦ୍ଧ କରି ଔଷଧ ଭାବରେ ପ୍ରୟୋଗ କରିବା ଦ୍ୱାରା ତାହା ଅମୃତ ପରି ନାନାପ୍ରକାର ବଡ଼ ବଡ଼ ରୋଗକୁ ଦୂର କରିପାରେ । କାମନା, ମମତା, ଆସକ୍ତି, ପକ୍ଷପାତ, ବିଷମତା, ସ୍ୱାର୍ଥ, ଅଭିମାନ ଇତ୍ୟାଦି ବିଷ ସଦୃଶ ଅଟେ । କର୍ମଗୁଡ଼ିକରୁ ଏହି ବିଷ ଅଂଶକୁ ଦୂର କରିଦେଲେ ସେହି କର୍ମଗୁଡ଼ିକ ଅମୃତମୟ ହୋଇ ଜନ୍ମମରଣରୂପୀ ମହାବ୍ୟାଧିକୁ ଦୂର କରିବାରେ ସକ୍ଷମ ହୋଇଥାଏ । ଏଭଳି ଅମୃତମୟ କର୍ମକୁ ହିଁ 'ଯଜ୍ଞ' କୁହାଯାଇଛି ।

ପରମାତ୍ମା ହିଁ ସମସ୍ତଙ୍କର ମୂଳ । ପରମାତ୍ମାଙ୍କ ଠାରୁ ବେଦ ପ୍ରକଟିତ ହୋଇଛନ୍ତି । ବେଦ କର୍ତ୍ତବ୍ୟପାଳନର ବିଧି ନିର୍ଦ୍ଦେଶ କରନ୍ତି । ମନୁଷ୍ୟମାନେ ସେହି ବିଧି ଅନୁସାରେ କର୍ତ୍ତବ୍ୟପାଳନ କରନ୍ତି । କର୍ତ୍ତବ୍ୟପାଳନ ଦ୍ୱାରା ଯଜ୍ଞ ହୁଏ ଏବଂ ଯଜ୍ଞ ହେତୁ ବର୍ଷା ହୁଏ । ବର୍ଷା ହେଲେ ଅନ୍ନ ହୁଏ, ଅନ୍ନରୁ ପ୍ରାଣୀ ଜାତ ହୁଅନ୍ତି ଏବଂ ସେହି ପ୍ରାଣୀମାନଙ୍କ ମଧ୍ୟରୁ ମନୁଷ୍ୟମାନେ କର୍ତ୍ତବ୍ୟପାଳନ ଦ୍ୱାରା ଯଜ୍ଞ କରନ୍ତି (୩ । ୧୪—୧୫) । ଏହିପରି ଭାବରେ ସୃଷ୍ଟିଚକ୍ର ଚାଲିଛି । ପରମାତ୍ମା ସର୍ବବ୍ୟାପୀ ହୋଇଥିଲେ ମଧ୍ୟ କର୍ତ୍ତବ୍ୟକର୍ମରୂପକ ଯଜ୍ଞରେ ନିତ୍ୟ ବିଦ୍ୟମାନ ଅଟନ୍ତି—**'ତସ୍ମାତ୍ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍'** (୩।୧୫) । ତାତ୍ପର୍ଯ୍ୟ ହେଲା ଯେ ଯେଉଁଠାରେ ନିଷ୍କାମଭାବରେ ନିଜର କର୍ତ୍ତବ୍ୟ ପାଳନ କରାଯାଏ, ସେଠାରେ ପରମାତ୍ମା ରହନ୍ତି । ଅତଏବ ପରମାତ୍ମପ୍ରାପ୍ତି ପାଇଁ ଇଚ୍ଛୁକ ମନୁଷ୍ୟ ନିଜର କର୍ତ୍ତବ୍ୟକର୍ମ ଦ୍ୱାରା ତାଙ୍କୁ ସହଜରେ ପାଇପାରିବ । ଯେଉଁ ମନୁଷ୍ୟ ଯଜ୍ଞ କରେ ନାହିଁ, ନିଜର କର୍ତ୍ତବ୍ୟ ପାଳନ କରେ ନାହିଁ, ତା'ପାଇଁ ଭଗବାନ କହିଛନ୍ତି, 'ସେ ଚୋର'—**'ସ୍ତେନ ଏବ ସଃ'** (୩ । ୧୨); 'ସେ ପାପଭକ୍ଷଣ କରେ'—**'ଭୁଞ୍ଜତେ ତେ ତ୍ୱଘମ୍'** (୩ । ୧୩); ଏବଂ 'ଇନ୍ଦ୍ରିୟମାନଙ୍କ ଦ୍ୱାରା ରମଣ କରୁଥିବା ସେହି ଅଘାୟୁ (ପାପମୟ ଜୀବନ କାଟୁଥିବା) ମନୁଷ୍ୟ ବ୍ୟର୍ଥ ବଞ୍ଚିରହେ'—**'ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି'** (୩ । ୧୬) ।

ଯଜ୍ଞ ଅର୍ଥାତ୍ କର୍ତ୍ତବ୍ୟପାଳନର ଦାୟିତ୍ୱ ମନୁଷ୍ୟ ଉପରେ ହିଁ ନ୍ୟସ୍ତ । ଅତଏବ ମନୁଷ୍ୟକୁ ନିଷ୍କାମଭାବରେ କିମ୍ବା ଭଗବତ୍‌ପୂଜନ ଭାବରେ ନିଜର କର୍ତ୍ତବ୍ୟ ତତ୍ପରତାପୂର୍ବକ ପାଳନ କରିବା ଉଚିତ । ନିଜ ନିଜର କର୍ତ୍ତବ୍ୟକର୍ମରେ ତତ୍ପର ହୋଇ ଲାଗିଥିବା ମନୁଷ୍ୟ ପରମାତ୍ମତତ୍ତ୍ୱକୁ ପାଇଯାଏ—**'ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ'** (୧୮ । ୪୫) ।

୫୨. ଗୀତାରେ ଲୋକସଂଗ୍ରହ

ସାଧକାତ୍ ପ୍ରଭୁସିଦ୍ଧାଭ୍ୟାଂ ଜାୟତେ ଲୋକସଂଗ୍ରହଃ ।
ଯେନୋନ୍ମାର୍ଗଂ ପରିତ୍ୟଜ୍ୟ ଭବନ୍ତି ଧାର୍ମିକା ଜନାଃ ॥

'ଲୋକ' ଶବ୍ଦ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—ଏହି ତିନି ଲୋକର ବାଚକ । ଏହି ତିନି ଲୋକର ମର୍ଯ୍ୟାଦାକୁ ସ୍ଥାୟୀ ରଖିବା ପାଇଁ କର୍ମ କରିବା ହିଁ 'ଲୋକସଂଗ୍ରହ' । ଲୋକସଂଗ୍ରହ ମନୁଷ୍ୟର ଅଧୀନ । କାରଣ ମାନବ-ଶରୀରରେ କରାଯାଇଥିବା କର୍ମଗୁଡ଼ିକର ଫଳରୂପେ ସ୍ୱର୍ଗ, ମର୍ତ୍ତ୍ୟ ବା ପାତାଳ ଲୋକ ପ୍ରାପ୍ତ ହୁଏ (୧୪ । ୮) ।

ଯାହାକୁ ଲୋକେ ସମ୍ମାନ ଦୃଷ୍ଟିରେ ଦେଖନ୍ତି, ଆଦର୍ଶ ମନେକରନ୍ତି ଏବଂ ଯାହାର ଆଚରଣ ଓ ବଚନ ଦ୍ୱାରା ଲୋକେ ଉନ୍ମାର୍ଗରୁ ନିବୃତ୍ତ ହୋଇ ସନ୍ମାର୍ଗରେ ପରିଚାଳିତ ହୁଅନ୍ତି, ତାହାଦ୍ୱାରା ଲୋକସଂଗ୍ରହ ହୁଏ । ଏହି ଲୋକସଂଗ୍ରହ ସାଧକ, ସିଦ୍ଧ ଓ ଭଗବାନ—ତିନିଙ୍କ ଦ୍ୱାରା ହୋଇଥାଏ ।

(୧) ସାଧକ ଦ୍ୱାରା ଲୋକସଂଗ୍ରହ—ସାଧକମାନଙ୍କର ପ୍ରତିନିଧି ଅର୍ଜୁନଙ୍କୁ ଭଗବାନ କହିଲେ ଯେ ଆଗକାଳରେ ରାଜା ଜନକଙ୍କ ଭଳି ମହାପୁରୁଷମାନେ କର୍ମ ଦ୍ୱାରା ହିଁ ପରମସିଦ୍ଧିକୁ ପ୍ରାପ୍ତ ହୋଇଛନ୍ତି । ଅତଏବ ଲୋକସଂଗ୍ରହକୁ ଦୃଷ୍ଟିରେ ରଖି ତୁମେ ମଧ୍ୟ ସେମାନଙ୍କ ଭଳି ଅନାସକ୍ତଭାବରେ କର୍ମ କରିବାକୁ ଯୋଗ୍ୟ (୩ । ୨୦) ।

(୨) ସିଦ୍ଧଙ୍କ ଦ୍ୱାରା ଲୋକସଂଗ୍ରହ—ସିଦ୍ଧ ମହାପୁରୁଷ ଯେଉଁ ଯେଉଁ ଆଚରଣ କରନ୍ତି, ଅନ୍ୟ ମନୁଷ୍ୟମାନେ ମଧ୍ୟ ସେହି ସେହି ଆଚରଣ କରନ୍ତି ଏବଂ ସିଦ୍ଧ ମହାପୁରୁଷମାନେ ନିଜ ବାଣୀରେ ଯାହା କହିଦିଅନ୍ତି, ଅନ୍ୟ ଲୋକମାନେ ମଧ୍ୟ ତାହାର ଅନୁବର୍ତ୍ତନ କରନ୍ତି (୩ । ୨୧) । କର୍ମରେ ଆସକ୍ତ ମନୁଷ୍ୟମାନେ ଯେଉଁଭଳି ସାବଧାନ ଓ ତତ୍ପର ହୋଇ କର୍ମ କରନ୍ତି, ସିଦ୍ଧ ମହାପୁରୁଷ ମଧ୍ୟ ଲୋକସଂଗ୍ରହ ଇଚ୍ଛାରେ ଅନାସକ୍ତଭାବରେ ସେହିଭଳି କର୍ମ କରିବା ଉଚିତ (୩ । ୨୫) ।

(୩) ଭଗବାନଙ୍କ ଦ୍ୱାରା ଲୋକସଂଗ୍ରହ—ଭଗବାନ ନିଜ ବିଷୟରେ କହିଛନ୍ତି ଯେ ଏହି ତ୍ରିଲୋକରେ ମୋ ପାଇଁ କିଛି କରିବାକୁ ବାକି ନାହିଁ କିଂବା କିଛି ପାଇବାକୁ ବାକି ନାହିଁ, ତଥାପି ମୁଁ କର୍ତ୍ତବ୍ୟକର୍ମ କରୁଛି । ଯଦି ମୁଁ ନିରଳସ ହୋଇ କର୍ତ୍ତବ୍ୟକର୍ମ ନ କରେ, ତେବେ ଲୋକେ ମୋର ହିଁ ଅନୁବର୍ତ୍ତନ କରିବେ । ସେମାନେ ମଧ୍ୟ ନିଜର କର୍ତ୍ତବ୍ୟକର୍ମ ଛାଡ଼ିଦେବେ, ଯଦ୍ଦ୍ୱାରା ସେମାନଙ୍କର ପତନ ହେବ । ଅତଏବ ମୁଁ କର୍ତ୍ତବ୍ୟକର୍ମ ନ କଲେ ସଂକରତାକୁ ଉତ୍ପନ୍ନ କରିବାରେ ଓ ପ୍ରଜାମାନଙ୍କୁ ନଷ୍ଟ କରିବାରେ କାରଣ ହୋଇଯିବି (୩ । ୨୨—୨୪) ।

ତାତ୍ପର୍ଯ୍ୟ ହେଲା ଯେ ପ୍ରକୃତରେ ଲୋକସଂଗ୍ରହ ଭଗବାନ ଓ ସିଦ୍ଧଙ୍କ ଦ୍ୱାରା ହିଁ ହୋଇଥାଏ, କାରଣ ସେମାନଙ୍କର କିଛି ସ୍ୱାର୍ଥ ନ ଥାଏ । ସାଧାରଣରୂପେ ଦେଖିଲେ ସାଧକ ମଧ୍ୟ ମର୍ଯ୍ୟାଦାରେ ଚାଲିଥାଏ ଓ ତାହାଦ୍ୱାରା ମଧ୍ୟ ଲୋକସଂଗ୍ରହ ହୋଇଥାଏ, କିନ୍ତୁ ଭଗବାନ ଓ ସିଦ୍ଧଙ୍କ ପରି ଲୋକସଂଗ୍ରହ ହୁଏ ନାହିଁ; କାରଣ ସାଧକ ମନରେ ନିଜ କଲ୍ୟାଣର ପ୍ରୟୋଜନ ମଧ୍ୟ ରହିଥାଏ ।

ଜ୍ଞାତବ୍ୟ

ଭଗବାନ ଓ ସିଦ୍ଧ ମହାପୁରୁଷଙ୍କର ଭାବ ସର୍ବଥା ନିଷ୍କାମ ହୋଇଥିବା ହେତୁ ସେମାନଙ୍କ ଦ୍ୱାରା ଶୁଦ୍ଧ ଓ ଆଦର୍ଶ ଲୋକସଂଗ୍ରହ ହୋଇଥାଏ । ସାଧକର ଭାବ ସର୍ବଥା ନିଷ୍କାମ ନୁହେଁ, ବରଂ ନିଷ୍କାମ ହେବା ପାଇଁ ତା'ର ଉଦ୍ଦେଶ୍ୟ ଥାଏ; ତେଣୁ ତା'ଦ୍ୱାରା ଗୌଣଭାବରେ ଲୋକସଂଗ୍ରହ ହୋଇଥାଏ । ସାଧାରଣ ମନୁଷ୍ୟଠାରେ ସକାମଭାବ ଥିବାରୁ ତା'ଦ୍ୱାରା ବିଶେଷ କିଛି ଲୋକସଂଗ୍ରହ ହୋଇପାରେ ନାହିଁ । ଶାସ୍ତ୍ରବିହିତ କ୍ରିୟା କରୁଥିବା ଲୋକର କ୍ରିୟା ଦ୍ୱାରା ସାମାନ୍ୟଭାବରେ ଲୋକସଂଗ୍ରହ ହୋଇଥାଏ ।

ଲୋକସଂଗ୍ରହ ଦୁଇଟି ଉପାୟରେ ହୁଏ—

(୧) ଆଚରଣ ଦ୍ୱାରା—ମନୁଷ୍ୟ ଯେଉଁ ବର୍ଣ୍ଣ ଓ ଆଶ୍ରମରେ ସ୍ଥିତ, ସେହି ଅନୁସାରେ ଶାସ୍ତ୍ରରେ ଯାହା ପାଇଁ ଯେଉଁ କର୍ମର ଆଜ୍ଞା ଦିଆଯାଇଛି, ସେହି କର୍ମକୁ ନିଷ୍କାମଭାବରେ କେବଳ ସଂସାରର ହିତସାଧନ ପାଇଁ କରିବା ହେଉଛି ଆଚରଣ ଦ୍ୱାରା ଲୋକସଂଗ୍ରହ ।

(୨) ବଚନ ଦ୍ୱାରା—ନିଜଛଡ଼ା ଅନ୍ୟ ବର୍ଣ୍ଣ ଓ ଆଶ୍ରମମାନଙ୍କରେ ରହୁଥିବା ସବୁ ଲୋକଙ୍କୁ ଉନ୍ମାର୍ଗରୁ ନିବୃତ୍ତ କରାଇ ସନ୍ମାର୍ଗକୁ ଆଣିବା ହେଉଛି ବଚନ ଦ୍ୱାରା ଲୋକସଂଗ୍ରହ ।

ଏପରି ଦୁଇପ୍ରକାର ଲୋକସଂଗ୍ରହ ମଧ୍ୟରୁ ନିଜ

ଆଚରଣ ଦ୍ୱାରା ଲୋକମାନଙ୍କ ଉପରେ ଯେଉଁ ପ୍ରଭାବ ପଡ଼େ, କେବଳ ବଚନ ଦ୍ୱାରା ସେହି ପ୍ରଭାବ ପଡ଼ିପାରେ ନାହିଁ । ଯାହାର ଆଚରଣ ନିଜର ବର୍ଣ୍ଣ ଓ ଆଶ୍ରମର ମର୍ଯ୍ୟାଦା ଅନୁରୂପ, ତାହାର ବଚନର ପ୍ରଭାବ ଅନ୍ୟମାନଙ୍କ ଉପରେ ପଡ଼େ । ଏହି କଥା ବୁଝାଇବା ପାଇଁ ଭଗବାନ ତୃତୀୟ ଅଧ୍ୟାୟର ୨୧ଶ ଶ୍ଳୋକର ପୂର୍ବାର୍ଦ୍ଧରେ **'ଯଦ୍'**, **'ଯଦ୍'**, **'ତଦ୍'**, **'ତଦ୍'** ଓ **'ଏବ'**—ଏହି ପାଞ୍ଚୋଟି ଶବ୍ଦ ଏବଂ ଉତ୍ତରାର୍ଦ୍ଧରେ **'ଯଦ୍'** ଓ **'ତଦ୍'**—ଏହି ଦୁଇଟି ଶବ୍ଦ ବ୍ୟବହାର କରିଛନ୍ତି ।[*] ଏହାର ତାତ୍ପର୍ଯ୍ୟ ହେଲା ଯେ ନିଜ ଆଚରଣର ପ୍ରଭାବ ଅନ୍ୟମାନଙ୍କ ଉପରେ ବେଶୀ ପଡ଼େ ଏବଂ ବଚନର ପ୍ରଭାବ ଅନ୍ୟମାନଙ୍କ ଉପରେ କମ୍ ପଡ଼େ । ଅତଏବ ଆଚରଣ କରିବା ହେଲା ମୁଖ୍ୟ । ହଁ, ଜେହି ଅତ୍ୟଧିକ ଶ୍ରଦ୍ଧାଳୁ ହୋଇଥିଲେ ତାହା ଉପରେ କେବଳ ବଚନର ମଧ୍ୟ ପ୍ରଭାବ ପଡ଼ିପାରେ ।

ମନୁଷ୍ୟ ଲୋକମର୍ଯ୍ୟାଦା ଅନୁସାରେ ହିଁ ଆଚରଣ କରିବା ଉଚିତ । ସେଥିରେ କୌଣସି ପ୍ରକାର ଦେଖାଣିଆ ଭାବ ନ ରହିବା ଉଚିତ । ସେହି ଆଚରଣକୁ କେହି ଦେଖୁ ବା ନ ଦେଖୁ, କେହି ମାନୁ ବା ନ ମାନୁ, ସେ କଥା ଚିନ୍ତା ନ କରି ସେ ଜନସମୁଦାୟ ମଧ୍ୟରେ କିଂବା ଏକାନ୍ତରେ ସୁଚାରୁରୂପେ ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ । ସେହି କର୍ମଗୁଡ଼ିକୁ କରିବାରେ କିଞ୍ଚିନ୍ମାତ୍ର ବ୍ୟକ୍ତିଗତ ସ୍ୱାର୍ଥପରତା ନ ରହିବା ଉଚିତ, ବରଂ ବିଶ୍ୱର ହିତଭାବନା ରହିବା ବାଞ୍ଛନୀୟ । ତାତ୍ପର୍ଯ୍ୟ ଏହି ଯେ ସମସ୍ତ କର୍ମ ସଂସାରର ହିତକୁ ଦୃଷ୍ଟିରେ ରଖି କରାଯିବା ବିଧେୟ ।

ଆତ୍ମକଲ୍ୟାଣର ଭାବ ରଖି କର୍ମ କରିବା ମଧ୍ୟ ସ୍ୱାର୍ଥ । ଅତଏବ ଲୋକସଂଗ୍ରହ କରୁଥିବା ମନୁଷ୍ୟ ଏହି ଭାବ ମଧ୍ୟ ତ୍ୟାଗ କରି କେବଳ ସମଗ୍ର ସଂସାର ପାଇଁ କଲ୍ୟାଣର ଭାବ ରଖିବା ଉଚିତ । ଯଦ୍ୟପି ନିଜର କଲ୍ୟାଣ କରିବାର ଭାବ ରଖିବା ସକାମଭାବ ନୁହେଁ, ତଥାପି ବ୍ୟକ୍ତିଗତ କଲ୍ୟାଣ ଭାବନା ଲୋକସଂଗ୍ରହକୁ ପୂର୍ଣ୍ଣତ୍ୱ ପ୍ରଦାନ କରାଇ ଦିଏ ନାହିଁ । ଯେଉଁମାନେ ନିଜର କଲ୍ୟାଣର ଉଦ୍ଦେଶ୍ୟ ମଧ୍ୟ ନ ରଖି, କେବଳ ଅନ୍ୟମାନଙ୍କର କଲ୍ୟାଣ ପାଇଁ ନିଜର କର୍ତ୍ତବ୍ୟ ପାଳନ କରନ୍ତି, ସେମାନଙ୍କ ଦ୍ୱାରା ସ୍ୱତଃ ଲୋକମାନଙ୍କ ହିତସାଧିତ ହୋଇଥାଏ । ଯେପରି ବରଫ ପାଖକୁ ଗଲେ ଥଣ୍ଡା ଲାଗେ ଓ ନିଆଁ ପାଖକୁ ଗଲେ ଗରମ ଲାଗେ, ସେହିପରି ସେହି ମନୁଷ୍ୟମାନଙ୍କ ପାଖକୁ ଗଲେ, ସେମାନଙ୍କୁ ମନେ ପକାଇଲେ ମଧ୍ୟ ଲୋକମାନଙ୍କର କଲ୍ୟାଣ ସାଧିତ ହୁଏ । ଯଦି ଏଭଳି ମନୁଷ୍ୟ ଗୃହସ୍ଥାଶ୍ରମରେ ରହିଥାନ୍ତି, ତେବେ ତାଙ୍କ ଘରର ଅନ୍ନ-ଜଳ ଗ୍ରହଣ କରୁଥିବା ଲୋକମାନଙ୍କର ମଧ୍ୟ କଲ୍ୟାଣ ହୋଇଥାଏ । ଯଦି ସେ ସନ୍ନ୍ୟାସାଶ୍ରମରେ ଥାଆନ୍ତି, ତେବେ ସେ ଯାହାଠାରୁ ଅନ୍ନ-ଜଳ ଗ୍ରହଣ କରନ୍ତି, ସେହି (ଅନ୍ନ-ଜଳ ଦେଉଥିବା) ଲୋକର ମଧ୍ୟ କଲ୍ୟାଣ ହୋଇଥାଏ । ଏପରି ଲୋକସଂଗ୍ରହୀ ମହାପୁରୁଷଙ୍କର ଦର୍ଶନ, ଭାଷଣ ଓ ଚିନ୍ତନ ଦ୍ୱାରା ମଧ୍ୟ ଲୋକମାନଙ୍କର କଲ୍ୟାଣ ହୋଇଥାଏ । ସେ ଜୀବିତ ଥିବାବେଳେ ତାଙ୍କର ଆଚରଣ, ବଚନ ଓ ଭାବର ଯେପରି ପ୍ରଭାବ ପ୍ରାଣୀମାନଙ୍କ ଉପରେ ପଡ଼େ, ସେହିପରି ପ୍ରଭାବ ତାଙ୍କର ଶରୀର ନ ରହିଲେ ମଧ୍ୟ ପଡ଼ିଥାଏ । ଯେଉଁ ସ୍ଥାନରେ ସେହି ମହାପୁରୁଷ ରହିଥାନ୍ତି, ସେହି ସ୍ଥାନକୁ କୌଣସି ଅପରିଚିତ ଲୋକ ଗ୍ଲଲିଗଲେ ମଧ୍ୟ ତାକୁ ବହୁତ ଶାନ୍ତି ମିଳେ । ସେହି ମହାପୁରୁଷଙ୍କ ଦ୍ୱାରା ଦିଆଯାଇଥିବା ଉପଦେଶ ଆକାଶରେ ସ୍ଥାୟୀଭାବରେ ରହିଥାଏ । ତାହା ଅଧିକାରୀ ବ୍ୟକ୍ତିକୁ ତାଂର ଜିଜ୍ଞାସା, ଉତ୍କଣ୍ଠା ଇତ୍ୟାଦି ଅନୁସାରେ ମିଳିଥାଏ । ଅଧିକାରୀ ବ୍ୟକ୍ତିକୁ ଏ କଥା ଜଣାପଡ଼େ ନାହିଁ ଯେ ସେହି ଭାବ କେଉଁଠୁ ଆସିଲା । ସେଭଳି ଭାବ ଆସିବାରେ ସେ ଭଗବାନଙ୍କର କିଂବା କୌଣସି ସନ୍ଥଜନଙ୍କର କୃପାକୁ କାରଣ ବୋଲି ଭାବେ ।

ମହାପୁରୁଷଙ୍କ ଦ୍ୱାରା ଯେଉଁସବୁ କ୍ରିୟା ହୁଏ, ସେସବୁ ଆଦର୍ଶ ହୋଇଥାଏ । କେବେ କେବେ ତାଙ୍କର କ୍ରିୟାଗୁଡ଼ିକ ଅନ୍ୟମାନଙ୍କ କ୍ରିୟାର ଅନୁକରଣ ଭଳି ଦିଶେ । ଆସ୍ତିକ ଲୋକେ ଯେପରି ଶାସ୍ତ୍ରବିହିତ କର୍ମରେ ଏବଂ ସେହି କର୍ମର ଫଳରେ ଦୃଢ଼ ଶ୍ରଦ୍ଧା ଓ ବିଶ୍ୱାସ ରଖି ସକାମଭାବରେ ତତ୍ପରତାପୂର୍ବକ କର୍ମ କରିଥାଆନ୍ତି, ସେହିପରି ଜ୍ଞାନୀ ମହାପୁରୁଷ ମଧ୍ୟ ତତ୍ପର ହୋଇ କର୍ମ କରନ୍ତି (୩ । ୨୫) ।

କର୍ମଯୋଗୀ ସାଧକଠାରେ କର୍ମ କରିବାର ଯେଉଁ ସ୍ୱଭାବ ଥାଏ, ତାହା ସିଦ୍ଧାବସ୍ଥାରେ ମଧ୍ୟ ରହେ । ତେଣୁ କର୍ମଯୋଗ ଦ୍ୱାରା ସିଦ୍ଧ ମହାପୁରୁଷଙ୍କ ଠାରେ ସ୍ୱାଭାବିକଭାବେ କର୍ମ କରିବାର ପ୍ରବୃତ୍ତି ଦେଖାଯାଏ । କିନ୍ତୁ ଜ୍ଞାନଯୋଗ ଦ୍ୱାରା ସିଦ୍ଧ ହୋଇଥିବା ମହାପୁରୁଷଙ୍କ

[*] ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥ (ଗୀତା ୩ । ୨୧)

ଠାରେ ସେଭଳି ପ୍ରବୃତ୍ତି ଦେଖାଯାଏ ନାହିଁ। କାରଣ ଜ୍ଞାନଯୋଗୀ ଆଗରୁ ହିଁ ନିଜକୁ ଅସଙ୍ଗ ଅନୁଭବ କରନ୍ତି। ତେଣୁ ସିଦ୍ଧାବସ୍ଥାରେ କର୍ମ ଓ ପଦାର୍ଥଗୁଡ଼ିକ ପ୍ରତି ସ୍ୱାଭାବିକଭାବେ ସେ ଉପରତ ରହନ୍ତି ଯାହାକି ଜ୍ଞାନମାର୍ଗର ସାଧକ ପାଇଁ ଆଦର୍ଶ। ସେହି ମହାପୁରୁଷଙ୍କର ପଦାର୍ଥ ଆଦି ପ୍ରତି ଯେଉଁ ତଟସ୍ଥଭାବ ଥାଏ, ତାହା ସଂସାରରେ ସମସ୍ତଙ୍କ ପାଇଁ ହିତକର ହୋଇଥାଏ।

ପ୍ରଶ୍ନ—ସିଦ୍ଧ ମହାପୁରୁଷଙ୍କର ଅହଂଭାବ ନ ଥାଏ, ତେବେ ତାଙ୍କ ଦ୍ୱାରା ଲୋକସଂଗ୍ରହ ଓ କ୍ରିୟା କିପରି ହୁଏ?

ଉତ୍ତର—ସେହି ମହାପୁରୁଷଙ୍କର ଶରୀର ଦ୍ୱାରା କ୍ରିୟା ହେବାରେ ଦୁଇଟି କାରଣ ଦାୟୀ—ପ୍ରଥମତଃ ତାଙ୍କର ପ୍ରାରବ୍ଧ ଓ ଦ୍ୱିତୀୟତଃ ପ୍ରାଣୀମାନଙ୍କର ଭାବ। ଯେଉଁ ପ୍ରାରବ୍ଧର ପ୍ରବାହରେ ତାଙ୍କୁ ଶରୀର ମିଳିଥାଏ, ସେହି ପ୍ରାରବ୍ଧ ହେତୁ ତାଙ୍କ ଦ୍ୱାରା ସମସ୍ତ କ୍ରିୟା ହୁଏ; ଏବଂ ତାଙ୍କ ସମ୍ମୁଖକୁ ଯେଉଁ ପ୍ରାଣୀମାନେ ଆସନ୍ତି, ସେମାନଙ୍କର ଭାବ ଅନୁସାରେ ମଧ୍ୟ ତାଙ୍କ ଦ୍ୱାରା କ୍ରିୟା ହୋଇଥାଏ। ଯଦି ତାଙ୍କ ପାଖକୁ ପ୍ରେମଭାବ ରଖିଥିବା ଶ୍ରଦ୍ଧାଳୁ ବ୍ୟକ୍ତି ଆସେ, ତେବେ ତାହା ସହିତ ସେହି ମହାପୁରୁଷଙ୍କ ବ୍ୟବହାର ପ୍ରେମପୂର୍ଣ୍ଣ ହୋଇଥାଏ। ଯଦି ଉଦାସୀନ କିଂବା ଶତ୍ରୁତା ରଖିଥିବା ବ୍ୟକ୍ତି ତାଙ୍କ ନିକଟକୁ ଆସେ, ତେବେ ସେହି ମହାପୁରୁଷଙ୍କ ବ୍ୟବହାର ଉଦାସୀନ ପରି ହୋଇଥାଏ (ଶତ୍ରୁତା ମହାପୁରୁଷଙ୍କ ଠାରେ ନ ଥାଏ)।

ସଂସାର ପାଇଁ ଜ୍ଞାନଯୋଗ, ଭକ୍ତିଯୋଗ, କର୍ମଯୋଗ ଇତ୍ୟାଦି ଯେଉଁ ଯୋଗସାଧନା ଯେଉଁ ସମୟରେ ଆବଶ୍ୟକ ହୁଏ, ସେତେବେଳେ ସନ୍ତମହାପୁରୁଷମାନଙ୍କ ଦ୍ୱାରା ସେହି ଯୋଗସାଧନାର ପ୍ରଚାର ହୋଇଥାଏ। ଯଥା—ଯେତେବେଳେ ସମାଜ ପାଇଁ ଜ୍ଞାନଯୋଗର ଆବଶ୍ୟକତା ଥିଲା, ସେହି ସମୟରେ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ବହୁଳଭାବରେ ଜ୍ଞାନଯୋଗର ପ୍ରଚାର ହେଲା; ଏବଂ ଯେତେବେଳେ ସମାଜ ପାଇଁ ଭକ୍ତିଯୋଗର ଆବଶ୍ୟକତା ଥିଲା, ସେତେବେଳେ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ବହୁଳଭାବରେ ଭକ୍ତିଯୋଗର ପ୍ରଚାର ହେଲା। ଭଗବାନଙ୍କ ଦ୍ୱାରା ହେଉଥିବା କ୍ରିୟାଗୁଡ଼ିକ ଯେପରି ସମସ୍ତ ପ୍ରାଣୀଙ୍କ ହିତ ନିମିତ୍ତ ଉଦ୍ଦିଷ୍ଟ, ସେହିପରି ମହାପୁରୁଷଙ୍କ ଦ୍ୱାରା ହେଉଥିବା କ୍ରିୟାଗୁଡ଼ିକ ମଧ୍ୟ ସମସ୍ତ ପ୍ରାଣୀଙ୍କ ହିତ ପାଇଁ ସ୍ୱତଃ ଉଦ୍ଦିଷ୍ଟ ହୋଇଥାଏ। ତାଙ୍କର ଆଚରଣ ଓ ବଚନ (ଉପଦେଶ) ସମସ୍ତ ପ୍ରାଣୀଙ୍କ ପାଇଁ ହିତକର ହୋଇଥାଏ; ମାତ୍ର ତାଙ୍କଠାରେ ହିତ କରିବାର ଅଭିମାନ ନ ଥାଏ। ଯେପରି ସୂର୍ଯ୍ୟଙ୍କ ଠାରୁ ସମଗ୍ର ଜଗତକୁ ଆଲୋକ ଓ କର୍ମପ୍ରେରଣା ମିଳିଥାଏ, ସେହିପରି ସେହି ମହାପୁରୁଷଙ୍କର ଆଚରଣ ତଥା ବଚନ ଦ୍ୱାରା ଜଗତକୁ ଆଲୋକ (ଜ୍ଞାନ) ଓ କର୍ତ୍ତବ୍ୟକର୍ମ କରିବାର ପ୍ରେରଣା ମିଳେ; ତାଙ୍କର ଶରୀର ଜୀବିତ ନ ଥିଲେ ମଧ୍ୟ ଏହି ଉପକାର ମିଳିଥାଏ। ଯେତେବେଳେ ଭଗବାନ ଶ୍ରୀରାମ ଓ ଶ୍ରୀକୃଷ୍ଣ ଅବତରିତ ହୋଇଥିଲେ, ସେତେବେଳେ ତାଙ୍କୁ ସାକ୍ଷାତ୍ ଭଗବାନ ବୋଲି ମାନୁଥିବା ଲୋକେ ବହୁତ କମ୍ ଥିଲେ। କିନ୍ତୁ ଆଜି ତାଙ୍କୁ ଭଗବାନ ବୋଲି ମାନିବା ଲୋକଙ୍କ ସଂଖ୍ୟା ବହୁତ ବେଶୀ। କଳିଯୁଗ ହୋଇଥିବା କାରଣରୁ ମନୁଷ୍ୟମାନଙ୍କର ଆଚରଣରେ ଶିଥିଳତା ତ ଆସିଛି, କିନ୍ତୁ ସେମାନଙ୍କୁ ଭଗବାନ ବୋଲି ମାନିବାର ଭାବ ବଢ଼ିଛି। ସେହିପରି ମହାପୁରୁଷମାନଙ୍କ ଶରୀରାବସାନ ପରେ ସେମାନଙ୍କ ସିଦ୍ଧାନ୍ତ ଓ ବଚନର ବହୁଳ ପ୍ରଚାର ହୋଇଥାଏ।

ଯେପର୍ଯ୍ୟନ୍ତ ମନୁଷ୍ୟଠାରେ ଅହଂଭାବ ଥାଏ, ସେପର୍ଯ୍ୟନ୍ତ ତାହାର ସମସ୍ତ କ୍ରିୟା ସଂସାର ପାଇଁ ହିତକର ହୁଏ ନାହିଁ। ଅହଂଭାବ ଦୂର ହୋଇଗଲେ ତା'ର ସମସ୍ତ କ୍ରିୟା ସଂସାର ପାଇଁ ହିତକର ଓ ଆଦର୍ଶ ହୋଇଯାଏ। ହଁ, ସକାମଭାବରେ କର୍ମ କରୁଥିବା ମନୁଷ୍ୟମାନଙ୍କର କର୍ମ ମଧ୍ୟ ଅନ୍ୟମାନଙ୍କ ପାଇଁ ଆଦର୍ଶସ୍ୱରୂପ ହୋଇଥାଏ, କିନ୍ତୁ ସେହି କର୍ମ କଲ୍ୟାଣକାରକ ହୋଇ ନ ଥାଏ। ସକାମଭାବରେ କର୍ମ କରୁଥିବା ମନୁଷ୍ୟମାନଙ୍କ ଠାରେ ଭୋଗ ଉପଭୋଗ କରି ପାରିବା ପାଇଁ ଯେତିକି ଶୁଦ୍ଧତା ଆବଶ୍ୟକ, ସେତିକି ଶୁଦ୍ଧତା ଆସେ। କଲ୍ୟାଣ ହୋଇ ପାରିବା ଭଳି ଶୁଦ୍ଧତା ସେମାନଙ୍କ ଠାରେ ଆସେ ନାହିଁ।

ସନ୍ତମହାପୁରୁଷ ଯେଉଁ ଗାଁରେ ବା ଅଞ୍ଚଳରେ ଜନ୍ମଗ୍ରହଣ କରିଛନ୍ତି କିଂବା ଯେଉଁଠାକୁ ଯାଇଛନ୍ତି, ସେସବୁ ଗାଁ ଆଜି ମଧ୍ୟ ପବିତ୍ର ଅର୍ଥାତ୍ ଆଜି ମଧ୍ୟ ସେଠାକାର ଲୋକମାନଙ୍କ ମନରେ ଆସ୍ତିକତା, ଭଲ ବିଚାରଧାରା, ଭଲ ଆଚରଣ ଆଦି ଦେଖିବାକୁ ମିଳେ। କିନ୍ତୁ ଯେଉଁ ଗାଁରେ କେହି ସନ୍ତ ଜନ୍ମ ଗ୍ରହଣ କରି ନାହାନ୍ତି ବା ଯେଉଁ ଗାଁକୁ କୌଣସି ସନ୍ତ ଯାଇନାହାନ୍ତି, ସେହି ଗାଁର ଲୋକେ ଭୂତପ୍ରେତଙ୍କ ଭଳି ହୋଇଥାଆନ୍ତି।

୫୩. ଗୀତୋକ୍ତ ପ୍ରବୃତ୍ତି ଓ ଆରମ୍ଭ

ବର୍ଣ୍ଣାଶ୍ରମାଭ୍ୟାଂ ନିୟତଂ ହି କର୍ମ କାର୍ଯ୍ୟଂ ପ୍ରବୃତ୍ତିଃ କଥିତା ବୁଧୈସ୍ତୁ।
କର୍ମାଣି ଭୋଗାଯ୍ ନବାନି ଚୈବ କାର୍ଯ୍ୟାଣି ତ୍ୱାରମ୍ଭ ଉଦୀରିତୋ ବୈ॥

ଭଗବାନ ରଜୋଗୁଣବୃଦ୍ଧିର ଲକ୍ଷଣ କହିବା ବେଳେ 'ପ୍ରବୃତ୍ତି' ଓ 'ଆରମ୍ଭ'—ଏହି ଦୁଇ ଶବ୍ଦକୁ ଏକସଙ୍ଗେ ପ୍ରୟୋଗ କରି ଅଛନ୍ତି—**'ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମଣାମଶମଃ ସ୍ପୃହା'** (୧୪।୧୨)। ଯଦ୍ୟପି ସ୍ଥୂଳଦୃଷ୍ଟିରେ ପ୍ରବୃତ୍ତି ଓ କର୍ମାରମ୍ଭ ଉଭୟ ସମାନ ଦେଖାଯାଉଛି, ତଥାପି ଏ ଦୁଇଟି ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ନିଜ ନିଜର ବର୍ଣ୍ଣ, ଆଶ୍ରମ, ଦେଶ, ବେଶ ଆଦିରେ ରହି ପ୍ରାପ୍ତ ପରିସ୍ଥିତି ଅନୁସାରେ ପହଞ୍ଚିଥିବା କର୍ତ୍ତବ୍ୟକୁ ସୁନ୍ଦରରୂପେ ପୂର୍ଣ୍ଣାଙ୍ଗ କରିଦେବା ହେଲା 'ପ୍ରବୃତ୍ତି'; ଏବଂ ଭୋଗ ତଥା ସଂଗ୍ରହକୁ ବଢ଼ାଇବା ପାଇଁ ନୂଆ ନୂଆ କର୍ମ ପ୍ରାରମ୍ଭ କରିବା ହେଲା 'ଆରମ୍ଭ'। ଅତଏବ ପ୍ରବୃତ୍ତିକୁ ତ୍ୟାଗ ନ କରି ନିଷ୍କାମଭାବରେ ନିର୍ଲିପ୍ତହୋଇ କରିବା ଉଚିତ, କାରଣ ନିଷ୍କାମଭାବରେ ପ୍ରବୃତ୍ତି କରିବା ଯୋଗାରୂଢ଼ ହେବାରେ ହେତୁ ଅଟେ (୬।୩)। କିନ୍ତୁ ଆରମ୍ଭକୁ ଅବଶ୍ୟ ତ୍ୟାଗ କରିବା ଉଚିତ, କାରଣ ତାହା ଭୋଗ ଓ ସଂଗ୍ରହର ଆସକ୍ତି ବୃଦ୍ଧି କରାଇ ପତନ କରେ।

ଗୀତା ପରିସ୍ଥିତିକୁ ପରିବର୍ତ୍ତିତ କରିବା ପାଇଁ କହେ ନାହିଁ, ବରଂ ପରିମାର୍ଜିତ କରିବାକୁ କହେ; ଯାହାଫଳରେ ମନୁଷ୍ୟ କୌଣସି ପରିସ୍ଥିତିରେ ଆବଦ୍ଧ ହେବ ନାହିଁ ଏବଂ ସେ ଯେଉଁ ପରିସ୍ଥିତିରେ ଅଛି, ସେହି ପରିସ୍ଥିତିରେ ନିଜର କଲ୍ୟାଣ କରି ପାରିବ। ତାକୁ ନିଜର କଲ୍ୟାଣ ନିମିତ୍ତ ନୂଆ ନୂଆ କର୍ମ ଆରମ୍ଭ କରିବାକୁ ପଡ଼ିବ ନାହିଁ କିଂବା ବର୍ଣ୍ଣ, ଆଶ୍ରମ, ଦେଶ, କାଳ, ପରିସ୍ଥିତି ଆଦିକୁ ପରିବର୍ତ୍ତିତ କରିବାକୁ ପଡ଼ିବ ନାହିଁ। କାରଣ ପରମାତ୍ମା ସମସ୍ତ ବର୍ଣ୍ଣ, ଆଶ୍ରମ, ଦେଶ, କାଳ, ପରିସ୍ଥିତି ଇତ୍ୟାଦିରେ ପରିବ୍ୟାପ୍ତ।

ପ୍ରବୃତ୍ତି (ନିଜର କର୍ତ୍ତବ୍ୟପାଳନ) ତ ସବୁ ବର୍ଣ୍ଣ ଓ ଆଶ୍ରମରେ ରହିଛି ଏବଂ ରହିବା ଉଚିତ ମଧ୍ୟ; କାରଣ ନିଜ ନିଜର କର୍ତ୍ତବ୍ୟ ପାଳନ ନ କଲେ ସୃଷ୍ଟିଚକ୍ରର ମର୍ଯ୍ୟାଦା ସୁରକ୍ଷିତ ରହି ପାରିବ ନାହିଁ; ତା'ଛଡ଼ା ନିଜ କର୍ତ୍ତବ୍ୟକୁ ତ୍ୟାଗ କରିବା ଦ୍ୱାରା ଉଦ୍ଧାର ମଧ୍ୟ ହେବ ନାହିଁ। ସୁତରାଂ ମନୁଷ୍ୟ ଯେକୌଣସି ବର୍ଣ୍ଣ, ଆଶ୍ରମ, ପରିସ୍ଥିତି ଆଦିରେ ଥାଉ ନା କାହିଁକି, ତାକୁ ନିଷ୍କାମଭାବରେ ନିଜ କର୍ତ୍ତବ୍ୟର ପାଳନ ଅବଶ୍ୟ କରିବା ଉଚିତ।

ପ୍ରବୃତ୍ତି (ନିଜର କର୍ତ୍ତବ୍ୟପାଳନ)ତ ଗୁଣାତୀତ ମନୁଷ୍ୟଙ୍କ ଦ୍ୱାରା ମଧ୍ୟ ହୋଇଥାଏ (୧୪।୨୨), କିନ୍ତୁ ତାଙ୍କ ଦ୍ୱାରା ଭୋଗ ଓ ସଂଗ୍ରହ ପାଇଁ କର୍ମର ଆରମ୍ଭ ହୁଏ ନାହିଁ। କୌଣସି କୌଣସିଠାରେ ଗୁଣାତୀତ ମନୁଷ୍ୟଙ୍କ ଦ୍ୱାରା ମଧ୍ୟ ନୂଆ ନୂଆ କର୍ମର ଆରମ୍ଭ ହେଉଥିବା ଦେଖିବାକୁ ମିଳେ, କିନ୍ତୁ ସେହି କର୍ମର ଆରମ୍ଭରେ ସେମାନଙ୍କର ଆଦୌ ରାଗ-ଦ୍ୱେଷ ନ ଥାଏ। ଭୋଗ ଓ ସଂଗ୍ରହ ଉଦ୍ଦେଶ୍ୟରେ ନୂଆ ନୂଆ କର୍ମର ଆରମ୍ଭ କରୁଥିବା ମନୁଷ୍ୟ 'ଆମକୁ ପରମାତ୍ମପ୍ରାପ୍ତି ହିଁ କରିବା ଦରକାର'—ଏଭଳି ନିଶ୍ଚୟ କରି ପାରନ୍ତି ନାହିଁ (୨।୪୪)।

ତାତ୍ପର୍ଯ୍ୟ ଏହି ଯେ ନିଜର ବର୍ଣ୍ଣ ଓ ଆଶ୍ରମ ଅନୁସାରେ ନିଷ୍କାମଭାବରେ କରାଯାଉଥିବା ପ୍ରବୃତ୍ତି ବାଧକ ନୁହେଁ, ବରଂ ମୁକ୍ତିରେ ସହାୟକ। ସେହିପରି ନିଜର ସ୍ୱାର୍ଥ, ଅଭିମାନ, କାମନା, ଆସକ୍ତି ଆଦି ତ୍ୟାଗ କରି କେବଳ ପ୍ରାଣୀମାନଙ୍କର ହିତସାଧନ ନିମିତ୍ତ କରାଯାଉଥିବା ନୂଆ ନୂଆ କର୍ମର ଆରମ୍ଭ ମଧ୍ୟ ବାଧକ ନୁହେଁ। କିନ୍ତୁ ଏହି ଆରମ୍ଭରେ ସାଧକକୁ ବିଶେଷଭାବେ ସାବଧାନ ହେବା ଦରକାର ଯେ କର୍ମ ଆରମ୍ଭ କରିବାବେଳେ ହୃଦୟରେ କେବେହେଲେ ପଦାର୍ଥ ଓ କ୍ରିୟାର ମହତ୍ତ୍ୱ ଅଙ୍କିତ ହୋଇ ନ ଯାଉ। ଯଦି ହୃଦୟରେ ପଦାର୍ଥ ଓ କ୍ରିୟାର ମହତ୍ତ୍ୱ ଅଙ୍କିତ ହୋଇଯିବ, ତେବେ ସେହି କର୍ମରେ ସାଧକର ନିର୍ଲିପ୍ତତା ରହିବ ନାହିଁ ଅର୍ଥାତ୍ ସେହି ସାଧକ ନିଜ ପାଖରେ ଟଙ୍କାପଇସା ନ ରଖିଥିଲେ ମଧ୍ୟ, ପଦାର୍ଥ ସଂଗ୍ରହ ନ କରୁଥିଲେ ମଧ୍ୟ ତା' ହୃଦୟରେ ଧନ, ପଦାର୍ଥ ଓ କ୍ରିୟାର ମହତ୍ତ୍ୱ ନିଶ୍ଚିତ ଭାବରେ ଅଙ୍କିତ ହୋଇଯିବ ଏବଂ କାର୍ଯ୍ୟ କରୁଥିବା ବେଳେ ଅଥବା ନ କରୁଥିବା ବେଳେ ମଧ୍ୟ ତାକୁ ସେହି କାର୍ଯ୍ୟର ଚିନ୍ତା ଲାଗି ରହିବ।

କର୍ମଯୋଗୀ, ଜ୍ଞାନଯୋଗୀ ଓ ଭକ୍ତିଯୋଗୀ—ତିନି ପ୍ରକାର ସାଧକମାନଙ୍କ ପାଇଁ ଭଗବାନ ପ୍ରବୃତ୍ତି (କର୍ମ)ରୁ ନିର୍ଲିପ୍ତ ରହିବା କଥା କହିଛନ୍ତି। କର୍ମଯୋଗୀ ସାଧକର

ଫଳାସକ୍ତି ନ ଥିବାରୁ ସେ କର୍ମ କରୁଥିଲେ ମଧ୍ୟ ଲିପ୍ତ ହୁଏ ନାହିଁ—**'କୁର୍ବନ୍ନପି ନ ଲିପ୍ୟତେ'** (୫।୭)। ଜ୍ଞାନଯୋଗୀ ସାଧକ 'ସମସ୍ତ କର୍ମ ପ୍ରକୃତି ଦ୍ୱାରା ହିଁ ହେଉଛି'—ଏଭଳି ବିଶ୍ୱାସ କରି ସ୍ୱୟଂକୁ ଅକର୍ତ୍ତା ବୋଲି ଅନୁଭବ କରେ (୧୩।୨୯)। ତେଣୁ ସେ କର୍ମ କରୁଥିଲେ ମଧ୍ୟ ଲିପ୍ତ ହୁଏ ନାହିଁ। ଭକ୍ତିଯୋଗୀ ସାଧକ ସମସ୍ତ କର୍ମକୁ ଭଗବାନଙ୍କ ଠାରେ ଅର୍ପଣ କରିଦିଏ, ତେଣୁ ସେ କର୍ମ କରୁଥିଲେ ମଧ୍ୟ ସେଥିରେ ଲିପ୍ତ ହୁଏ ନାହିଁ।

ଭଗବାନ କର୍ମଯୋଗ ପ୍ରସଙ୍ଗରେ କର୍ମଗୁଡ଼ିକର ଆରମ୍ଭରେ କାମନା ଓ ସଂକଳ୍ପକୁ ତ୍ୟାଗ କରିବାକୁ ତ କହିଛନ୍ତି, କିନ୍ତୁ କର୍ମର ଆରମ୍ଭକୁ ତ୍ୟାଗ କରିବା ପାଇଁ କହି ନାହାନ୍ତି; କାରଣ କର୍ମଯୋଗରେ ନିଷ୍କାମଭାବରେ କର୍ମ କରିବା ଆବଶ୍ୟକ। କର୍ମ ନ କରି କର୍ମଯୋଗୀକୁ କଦାପି ସିଦ୍ଧି ମିଳିପାରିବ ନାହିଁ (୬।୩)। କିନ୍ତୁ ଜ୍ଞାନଯୋଗ ଓ ଭକ୍ତିଯୋଗରେ ଭଗବାନ ସମସ୍ତ କର୍ମର ଆରମ୍ଭକୁ ତ୍ୟାଗ କରିବା ପାଇଁ କହିଛନ୍ତି; ଯଥା—ଯିଏ ସମସ୍ତ କର୍ମର ଆରମ୍ଭର ତ୍ୟାଗୀ, ତାଙ୍କୁ ଗୁଣାତୀତ କୁହାଯାଏ (୧୪।୨୫); ଏବଂ ଯିଏ ସମସ୍ତ କର୍ମର ଆରମ୍ଭର ତ୍ୟାଗୀ, ସେହି ଭକ୍ତ ମୋର ପ୍ରିୟ ଅଟେ (୧୨।୧୬)। କାରଣ ଜ୍ଞାନଯୋଗୀ ଓ ଭକ୍ତିଯୋଗୀ ସାଂସାରିକ କର୍ମରୁ ଉପରତ ରହିଥାନ୍ତି।

୫୪. ଗୀତାରେ ତ୍ୟାଗର ସ୍ୱରୂପ

ବାହ୍ୟବ୍ୟକ୍ତିପଦାର୍ଥାନାଂ ନ ତ୍ୟାଗସ୍ତ୍ୟାଗ ଉଚ୍ୟତେ।
କାମାଦୀନାଂ ପରିତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ॥

ତ୍ୟାଗ ବିଷୟରେ ପ୍ରାୟ ଲୋକଙ୍କର ଧାରଣା ଯେ ଯେଉଁମାନେ ଘର, ପରିବାର, ସ୍ତ୍ରୀ, ପୁତ୍ର, ମାତା, ପିତା ଆଦିଙ୍କୁ ଛାଡ଼ି ସାଧୁସନ୍ନ୍ୟାସୀ ହୋଇଯାଆନ୍ତି, ସେମାନେ ହେଉଛନ୍ତି ତ୍ୟାଗୀ। କିନ୍ତୁ ପ୍ରକୃତରେ ଏହା ତ୍ୟାଗ ନୁହେଁ। ଯେପର୍ଯ୍ୟନ୍ତ ଅନ୍ତଃକରଣରେ ସାଂସାରିକ ବସ୍ତୁ, ବ୍ୟକ୍ତି, ପଦାର୍ଥ ଇତ୍ୟାଦି ପ୍ରତି ଅନୁରାଗ ରହିଛି, ପ୍ରିୟଭାବ ରହିଛି, ସେଗୁଡ଼ିକର ମହତ୍ତ୍ୱ ରହିଛି, ସେପର୍ଯ୍ୟନ୍ତ ବାହ୍ୟରୂପେ ଘର, ପରିବାର ଓ ଗୃହସ୍ଥାଶ୍ରମକୁ ଛାଡ଼ିଦେଲେ ମଧ୍ୟ ତାହା ତ୍ୟାଗ ନୁହେଁ। ଯଦି ବାହ୍ୟରୂପେ ଘର ଓ ପରିବାରକୁ ଛାଡ଼ିଦେଲେ ତ୍ୟାଗ ହୋଇଯାଉଥାନ୍ତା, ତେବେ ସବୁ ମରୁଥିବା ଲୋକଙ୍କର କଲ୍ୟାଣ ହୋଇଯାଉଥାଆନ୍ତା; କାରଣ ସେମାନେ ନିଜର ଘର ଓ ପରିବାରକୁ, ଏପରି କି ନିଜର କୁହାଯାଉଥିବା ଶରୀରକୁ ମଧ୍ୟ ଛାଡ଼ି ଦେଉଛନ୍ତି। କିନ୍ତୁ ସେମାନଙ୍କର କଲ୍ୟାଣ ହୁଏ ନାହିଁ। କାରଣ ସେମାନେ ସାଂସାରିକ ଅନୁରାଗ, ଆସକ୍ତି, ମମତା ଆଦିକୁ ତ୍ୟାଗ କରି ନାହାନ୍ତି, ବରଂ ସେସବୁ ଆଉ ମଧ୍ୟ ସେମାନଙ୍କୁ ମରିବାକୁ ପଡ଼ିଲା।

ଯେଉଁ ଜିନିଷ ନିଜର ନୁହେଁ, ତାହାକୁ ତ୍ୟାଗ କରିବାର ପ୍ରଶ୍ନ ଉଠୁନାହିଁ ଏବଂ ଯାହା ନିଜର ସ୍ୱରୂପ, ତାହାକୁ ମଧ୍ୟ ତ୍ୟାଗ କରାଯାଇ ପାରିବ ନାହିଁ। ଯଥା—ଅଗ୍ନି ନିଜର ଦାହିକା ଓ ପ୍ରକାଶିକା ଶକ୍ତିକୁ ତ୍ୟାଗ କରିପାରେ ନାହିଁ; କାରଣ ଦାହିକା ଓ ପ୍ରକାଶିକା ଶକ୍ତି ଅଗ୍ନିର ସ୍ୱରୂପ। ତେବେ କ'ଣ ତ୍ୟାଗ କରିବା? ଯେଉଁ ଜିନିଷ ନିଜର ହୋଇ ନ ଥିଲେ ମଧ୍ୟ ଆମେ ତାହାକୁ ନିଜର ମାନିନେଉଛୁ, ସେହି ମାନିବାରୂପକ ମିଥ୍ୟା ଧାରଣାକୁ ବା ବେଢ଼ମାନିକୁ ତ୍ୟାଗ କରିବାକୁ ହେବ। ଯାହା ସହିତ ଆମର କିଛି ସମ୍ବନ୍ଧ କେବେ ନ ଥିଲା, ଏବେ ନାହିଁ, ପରେ ହେବ ନାହିଁ ଓ କେବେହେଲେ ହେବାର ସମ୍ଭାବନା ନାହିଁ ଏବଂ ତ୍ୟାଗ ନ କରି ମଧ୍ୟ ପ୍ରତିକ୍ଷଣ ଆମଠାରୁ ଯାହାର ସମ୍ବନ୍ଧ ଛିନ୍ନ ହେଉଅଛି, ତାହା ସହିତ ମାନିଥିବା ସମ୍ବନ୍ଧକୁ ତ୍ୟାଗ କରିବା ହିଁ ବାସ୍ତବିକ ତ୍ୟାଗ। ତାତ୍ପର୍ଯ୍ୟ ଏହି ଯେ ବସ୍ତୁତଃ ପଦାର୍ଥ ପ୍ରଭୃତିକୁ ଅଭାବ କରିବାର (ଦୂରେଇ ଦେବାର) ଆବଶ୍ୟକତା ନାହିଁ, ବରଂ ସେହି ବସ୍ତୁଗୁଡ଼ିକ ସହିତ ଆମେ ଯେଉଁ ସମ୍ବନ୍ଧ ମାନିନେଇଛୁ ଏବଂ ସେଗୁଡ଼ିକ ସହିତ ଯେଉଁ ଆସକ୍ତି ଓ ମମତା ରଖିଛୁ, ସେଗୁଡ଼ିକୁ ତ୍ୟାଗ କରିବା ଦରକାର। ଏହି ତ୍ୟାଗ ହିଁ ପ୍ରକୃତ ତ୍ୟାଗ, ଯଦ୍ୱାରା ତତ୍କାଳ ଶାନ୍ତି ମିଳେ—**'ତ୍ୟାଗାଚ୍ଛାନ୍ତିରନନ୍ତରମ୍'** (୧୨।୧୨)।

ତ୍ୟାଗ ବିଷୟରେ ଏକ ମୁଖ୍ୟ କଥା ହେଲା ଯେ ସଂସାରରେ କେବଳ ସଂସାର ପାଇଁ ହିଁ ରହିବା ଆବଶ୍ୟକ, ନିଜ ପାଇଁ ନୁହେଁ। ସାତ୍ତ୍ୱିକ ତ୍ୟାଗ ବିଷୟରେ କହିବା ବେଳେ ଭଗବାନ କହିଛନ୍ତି ଯେ କେବଳ କର୍ତ୍ତବ୍ୟ

କରିବା ଉଚିତ, କିନ୍ତୁ ସେଥିରେ ଆସକ୍ତି, ମମତା, ଫଳେଚ୍ଛା ନ ଥିବା ଦରକାର । ଆସକ୍ତି ଆଦି ନ ରହିଲେ ଶରୀର ଓ ସଂସାରଠାରୁ ସମ୍ବନ୍ଧ ଛିନ୍ନ ହୋଇଯାଏ (୧୮।୯) । 'କର୍ତ୍ତବ୍ୟପାଳନ କରିବାରେ କଷ୍ଟ ହୋଇଥାଏ, ପରିଶ୍ରମ ହୁଏ, ବିଶ୍ରାମ ମିଳେ ନାହିଁ'—ଏପରି ଭାବି ଅର୍ଥାତ୍ ଶାରୀରିକ କଷ୍ଟ ଭୟରେ କର୍ତ୍ତବ୍ୟ ତ୍ୟାଗ କଲେ ତାହା ରାଜସ ତ୍ୟାଗ ହୋଇଯାଏ । ରାଜସ ତ୍ୟାଗ ଦ୍ୱାରା ଶାନ୍ତି ମିଳେ ନାହିଁ (୧୮।୮) । ମୋହ ହେତୁ ନିର୍ବିଶେଷରେ କର୍ତ୍ତବ୍ୟ, କ୍ରିୟା ଓ ପଦାର୍ଥଗୁଡ଼ିକୁ ତ୍ୟାଗ କଲେ ତାହା ହୁଏ ତାମସ ତ୍ୟାଗ (୧୮।୭) । ତାମସ ତ୍ୟାଗ ମନୁଷ୍ୟକୁ ପ୍ରମାଦ ଓ ଆଳସ୍ୟରେ ନିୟୋଜିତ କରେ, ଯଦ୍ଦ୍ୱାରା ତାହାର ଅଧୋଗତି ହୋଇଥାଏ ।

ତ୍ୟାଗୀ ହିଁ ପ୍ରକୃତରେ ସାଧକ । ଯିଏ ସଂସାରକୁ କେବଳ ଦିଏ, ଆଦୌ ନିଏ ନାହିଁ, ସେ ହିଁ ସାଧକ । ସେ ନେଲେ ମଧ୍ୟ ଦିଏ ଏବଂ ଦେଲେ ମଧ୍ୟ ଦିଏ; ଅର୍ଥାତ୍ ସେ ଅନ୍ନ, ଜଳ, ବସ୍ତ୍ରାଦି ଗ୍ରହଣ କଲେ ମଧ୍ୟ ସଂସାରର ହିତ ପାଇଁ ହିଁ ଗ୍ରହଣ କରେ ଏବଂ ଅନ୍ନ, ଜଳ ଆଦି ପ୍ରଦାନ କଲେ ମଧ୍ୟ ସଂସାରର ହିତ ପାଇଁ ହିଁ ପ୍ରଦାନ କରେ । ଯଦି ସେ କିଛି ନ କରି ଚୁପ୍‌ଚାପ୍ ବସିରହେ, ତେବେ ମଧ୍ୟ ସେ ପ୍ରଦାନ କରେ; କାରଣ ତା'ର ବଞ୍ଚିରହିବା ଦ୍ୱାରା ଓ ଦର୍ଶନ ଦ୍ୱାରା ସଂସାରର ସ୍ୱତଃ ହିତ ସାଧିତ ହୁଏ । ଦେହାବସାନ ପରେ ମଧ୍ୟ ତା'ର ଭାବ ଦ୍ୱାରା ଏବଂ ତା'ର ଆଚରଣ ବିଷୟରେ ପଢ଼ିବା, ଶୁଣିବା ଓ ସ୍ମରଣ କରିବା ଦ୍ୱାରା ତଥା ତା'ର ରହିବା ସ୍ଥଳଗୁଡ଼ିକ ଦ୍ୱାରା ଜଗତର ହିତ ସାଧିତ ହୁଏ । ତାତ୍ପର୍ଯ୍ୟ ହେଲା ଯେ ସେ **'ସର୍ବଭୂତହିତେ ରତାଃ'** ହୋଇଥାଏ (୫।୨୫; ୧୨।୪) ଓ ତା'ର ଜୀବନ ତ୍ୟାଗମୟ ହୋଇଥାଏ । ତେଣୁ ସେ କିଛି ଗ୍ରହଣ କରେ ନାହିଁ, କେବଳ ପ୍ରଦାନ କରେ ।

ଗୀତାରେ ସାଂଖ୍ୟଯୋଗକୁ 'ସନ୍ନ୍ୟାସ' ଓ କର୍ମଯୋଗକୁ 'ତ୍ୟାଗ' ନାମରେ ମଧ୍ୟ ଅଭିହିତ କରାଯାଇଛି (୧୮।୧) । ଯାହାର ଧନ ଆମେ ଗଚ୍ଛିତ ରଖିଛୁ, ତାକୁ ଫେରାଇ ଦେବାର ନାମ 'ସନ୍ନ୍ୟାସ' । ଶରୀର ଓ ସଂସାର ହେଲା ପ୍ରକୃତିର ଧନ । ଅତଏବ ସେଗୁଡ଼ିକୁ ପ୍ରକୃତିକୁ ଫେରାଇଦେବା ଅର୍ଥାତ୍ ସେଗୁଡ଼ିକ ସହିତ ନିଜର ଆଦୌ ସମ୍ବନ୍ଧ ନ ରଖିବା ହେଉଛି 'ସନ୍ନ୍ୟାସ' । ଯାହା ନିଜର ନୁହେଁ, ତାହାଠାରୁ ସମ୍ବନ୍ଧ ବିଚ୍ଛିନ୍ନ କରିଦେବାର ନାମ 'ତ୍ୟାଗ' । ମନ, ବୁଦ୍ଧି, ଇନ୍ଦ୍ରିୟ, ଶରୀର ଆଦି ସହିତ ମମତା ବା ଆତ୍ମୀୟତା ନ ରଖିବା ହେଲା 'ତ୍ୟାଗ' । କାରଣ ସେସବୁ ସଂସାରର, ନିଜର ନୁହେଁ । ସେହି ମନ, ବୁଦ୍ଧି ଇତ୍ୟାଦି ପ୍ରତି ମମତା ଓ ଆସକ୍ତି ନ ରଖି କେବଳ ସଂସାର ପାଇଁ ହିଁ କର୍ମ କରିବା ଉଚିତ, ନିଜ ପାଇଁ ନୁହେଁ । ନିଜ ପାଇଁ ଓ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କର୍ମ କଲେ ମନୁଷ୍ୟ ବନ୍ଧନରେ ପଡ଼ିଯାଏ—**'ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ'** (୩।୯); ଏବଂ କେବଳ ଯଜ୍ଞ ନିମିତ୍ତ, ଅନ୍ୟମାନଙ୍କ ନିମିତ୍ତ ଓ ସଂସାର ନିମିତ୍ତ କର୍ମ କଲେ ମନୁଷ୍ୟର ସମସ୍ତ କର୍ମ ବିଲୀନ ହୋଇଯାଏ—**'ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ'** (୪।୨୩) ।

କର୍ମ ଆରମ୍ଭ ନ କଲେ ମଧ୍ୟ ସିଦ୍ଧି ମିଳେ ନାହିଁ ଏବଂ କର୍ମକୁ ସ୍ୱରୂପତଃ ତ୍ୟାଗ କରିଦେଲେ ମଧ୍ୟ ସିଦ୍ଧି ମିଳେ ନାହିଁ (୩।୪) । କର୍ମ ଆରମ୍ଭ ନ କଲେ ସିଦ୍ଧି ନ ମିଳିବାର କାରଣ କର୍ମ ଆରମ୍ଭ ନ କଲେ କର୍ମଯୋଗର ଯଥାର୍ଥତା ରହେ ନାହିଁ । ଏହାଛଡ଼ା ଯିଏ ଯୋଗାରୂଢ଼ ହେବାକୁ ଚାହେଁ, ନିଜ ଭିତରେ ସମତା ଆଣିବାକୁ ଚାହେଁ, ତା'ପକ୍ଷେ ନିଷ୍କାମଭାବରେ କର୍ମ କରିବା ଆବଶ୍ୟକ (୬।୩) । ତାତ୍ପର୍ଯ୍ୟ ଏହି ଯେ କର୍ମ ନ କରି ମନୁଷ୍ୟ ଯୋଗାରୂଢ଼ ହୋଇ ପାରେ ନାହିଁ, କାରଣ କର୍ମ କଲେ ହିଁ କର୍ମର ସିଦ୍ଧି ବା ଅସିଦ୍ଧିରେ, ଫଳର ପ୍ରାପ୍ତି ବା ଅପ୍ରାପ୍ତିରେ ସେ ସମ ରହିଲା କି ନାହିଁ, ତାହା ଜଣାପଡ଼େ ।

କର୍ମକୁ ସ୍ୱରୂପତଃ ତ୍ୟାଗ କରିଦେଲେ ମଧ୍ୟ ସିଦ୍ଧି ମିଳେ ନାହିଁ, କାରଣ ଯେପର୍ଯ୍ୟନ୍ତ କର୍ତ୍ତୃତ୍ୱାଭିମାନ (କରିବାର ଭାବ) ଥାଏ, ସେପର୍ଯ୍ୟନ୍ତ ସାଂଖ୍ୟଯୋଗରେ ସିଦ୍ଧି ମିଳେ ନାହିଁ । କର୍ତ୍ତୃତ୍ୱର ଅଭିମାନ ଛାଡ଼ିଲେ ହିଁ ସିଦ୍ଧି ମିଳେ; କାରଣ 'କରିବା' ପ୍ରକୃତି ମଧ୍ୟରେ ହିଁ ହୋଇଥାଏ, ନିଜ ସ୍ୱରୂପରେ ହେବା ସମ୍ଭବ ନୁହେଁ (୧୩।୩୧) । ତାତ୍ପର୍ଯ୍ୟ ହେଲା ଯେ ସାଂଖ୍ୟଯୋଗୀ କର୍ତ୍ତୃତ୍ୱର ଅଭିମାନକୁ ଛାଡ଼ିବା ଦରକାର; ତେଣିକି କର୍ମକୁ ସ୍ୱରୂପତଃ ତ୍ୟାଗ କରିଦେଲେ ମଧ୍ୟ ତା'ର ସାଧନା ସିଦ୍ଧ ହୋଇଯାଏ । କିନ୍ତୁ କର୍ମଯୋଗରେ କର୍ତ୍ତବ୍ୟକର୍ମ କଲେ ହିଁ ସିଦ୍ଧି ମିଳିଥାଏ ।

ଯେଉଁ କର୍ମଗୁଡ଼ିକ ଦ୍ୱାରା ସଂସାର ସହିତ ସମ୍ବନ୍ଧ ଯୋଡ଼ି ହୁଏ, ସେଭଳି କର୍ମକୁ 'ଅକୁଶଳ କର୍ମ' କହନ୍ତି । କର୍ମଯୋଗୀ ଅକୁଶଳ କର୍ମକୁ ତ୍ୟାଗ ତ କରେ, କିନ୍ତୁ ଦ୍ୱେଷପୂର୍ବକ ତ୍ୟାଗ କରେ ନାହିଁ । ପ୍ରକୃତରେ ଦେଖିବାକୁ ଗଲେ ଦ୍ୱେଷ ଯେତେ ବନ୍ଧନକାରକ, ତ୍ୟାଜ୍ୟ ବସ୍ତୁ ସେତେ ବନ୍ଧନକାରକ ନୁହେଁ । ଅନ୍ୟପକ୍ଷରେ କର୍ମଯୋଗୀ କୁଶଳ କର୍ମ ତ କରେ, କିନ୍ତୁ ଆସକ୍ତିପୂର୍ବକ କରେ ନାହିଁ । ଏଥିରେ ମଧ୍ୟ ଦେଖିବାକୁ ଗଲେ କୁଶଳ କର୍ମ କରିବାରେ

ଯେତେ ଲାଭ ହୁଏ, ଅନୁରାଗପୂର୍ବକ କର୍ମ କଲେ ତାହାଠାରୁ ବେଶୀ କ୍ଷତି ହୋଇଥାଏ। ତେଣୁ ଏହି ତତ୍ତ୍ୱକୁ ଦୃଷ୍ଟିରେ ରଖି କର୍ମ କରିବା ହିଁ ପ୍ରକୃତ ତ୍ୟାଗ (୧୮।୧୦)।

ଯିଏ କର୍ମଫଳର ଆଶ୍ରୟ ନ ନେଇ, କର୍ମଫଳରେ ଆସକ୍ତି ଓ କାମନା ନ ରଖି, କର୍ମଫଳ ସହିତ ନିଜର ସମ୍ବନ୍ଧ ନ ଯୋଡ଼ି କର୍ତ୍ତବ୍ୟକର୍ମ କରେ, ସେ ହିଁ ପ୍ରକୃତରେ ତ୍ୟାଗୀ। କେବଳ ଅଗ୍ନିକୁ ତ୍ୟାଗ କରିଥିବା ବା କର୍ମକୁ ଛାଡ଼ିଥିବା ଲୋକ ତ୍ୟାଗୀ ନୁହେଁ (୬।୧)। ନିଜର ସଂକଳ୍ପକୁ ନ ଛାଡ଼ି, ନିଜର ଇଚ୍ଛାକୁ ନ ଛାଡ଼ି ମନୁଷ୍ୟ କୌଣସି ପ୍ରକାରର ଯୋଗୀ ହୋଇ ନ ପାରେ (୬।୨)। ଯିଏ କର୍ମ ଓ କର୍ମଫଳର ଆସକ୍ତି ତ୍ୟାଗ କରିଦିଏ, ସେ କର୍ମରେ ଭଲଭାବରେ ପ୍ରବୃତ୍ତ ହେଲେ ମଧ୍ୟ ପ୍ରକୃତରେ କିଛି କରି ନ ଥାଏ (୪।୨୦)। ଯିଏ କର୍ମ କରି ମଧ୍ୟ ନିର୍ଲିପ୍ତ (କାମନା, ମମତା ଓ ଆସକ୍ତିରୁ ମୁକ୍ତ) ରହିଥାଏ ଏବଂ ନିର୍ଲିପ୍ତ ରହି ମଧ୍ୟ କର୍ମ କରୁଥାଏ, ସେ ହିଁ ଯୋଗୀ, ସେ ହିଁ ବୁଦ୍ଧିମାନ୍ ଓ ସେ ହିଁ ସମ୍ପୂର୍ଣ୍ଣ କର୍ମକୁ କରିସାରିଛି (କୃତକୃତ୍ୟ) (୪।୧୮)। ତାତ୍ପର୍ଯ୍ୟ ଏହି ଯେ କର୍ମଯୋଗୀ କର୍ମଗୁଡ଼ିକୁ ସ୍ୱରୂପତଃ ତ୍ୟାଗ କରେ ନାହିଁ, ବରଂ କର୍ମ ଓ କର୍ମଫଳର କାମନା, ମମତା ଓ ଆସକ୍ତିକୁ ତ୍ୟାଗ କରିଥାଏ। ଭକ୍ତିଯୋଗୀ ମଧ୍ୟ କର୍ମକୁ ସ୍ୱରୂପତଃ ତ୍ୟାଗ କରେ ନାହିଁ, ବରଂ କର୍ମ ଓ କର୍ମଫଳକୁ ଭଗବାନଙ୍କ ନିକଟରେ ଅର୍ପଣ କରିଥାଏ ଅର୍ଥାତ୍ ସେଥିରୁ କାମନା, ମମତା ଓ ଆସକ୍ତିକୁ ତ୍ୟାଗ କରିଥାଏ (୩।୩୦; ୧୨।୬; ୧୮।୫୭)।

ଭକ୍ତର କିଛିହେଲେ ନେବାର ଇଚ୍ଛା କଦାପି ନ ଥାଏ। ସେ ମୁକ୍ତି ପାଇଁ ମଧ୍ୟ ଇଚ୍ଛା କରେ ନାହିଁ; କାରଣ ତା'ଠାରେ ବନ୍ଧନ ବୋଲି କିଛି ନ ଥାଏ। ଜଡ଼ ଓ ଅସତ୍ ବସ୍ତୁକୁ ସ୍ୱୀକାର କରିବା ହିଁ ବନ୍ଧନ। ଭକ୍ତ ଅସତ୍‌କୁ କେବେହେଲେ ସ୍ୱୀକାର କରେ ନାହିଁ। ସେ ଭଗବାନଙ୍କ ଠାରୁ ମଧ୍ୟ କିଛି ନିଏ ନାହିଁ, ବରଂ ଭଗବାନଙ୍କୁ କେବଳ ଦିଏ। ତା'ମନରେ 'ମୁଁ ପ୍ରଭୁଙ୍କ ଠାରୁ ମଧ୍ୟ କିଛି ଚାହେଁ ନାହିଁ'—ଏଭଳି ଅଭିମାନ ମଧ୍ୟ ନ ଥାଏ। ଯେପରି ଭଗବାନ କାହାରିଠାରୁ କିଛି ନ ନେଇ କେବଳ ଦେଉଥିଲେ ମଧ୍ୟ ତାଙ୍କର କିଛି ଊଣା ହୋଇଯାଏ ନାହିଁ, ସେହିପରି ତ୍ୟାଗୀ ଭକ୍ତର ମଧ୍ୟ କିଛି ଊଣା ହୁଏ ନାହିଁ। ଭକ୍ତ ନିଜ ପାଇଁ ଭଗବାନଙ୍କୁ ମଧ୍ୟ ପାଇବାକୁ ଚାହେଁ ନାହିଁ। ସେ ନିଜକୁ ଭଗବାନଙ୍କ ନିକଟରେ ସମର୍ପିତ କରିଦେବାକୁ ଚାହେଁ, ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ରଖିବାକୁ ଚାହେଁ ନାହିଁ।

ଅଦ୍ୱୈତସିଦ୍ଧାନ୍ତ ଅନୁସାରେ ସାଧକ ବ୍ରହ୍ମରୂପ ହୋଇଯାଏ, କିନ୍ତୁ ଭକ୍ତ ବ୍ରହ୍ମରୂପଠାରୁ ମଧ୍ୟ ବିଲକ୍ଷଣ ହୋଇଯାଏ ଅର୍ଥାତ୍ ଭଗବାନ ମଧ୍ୟ ଭକ୍ତର ଭକ୍ତ ହୋଇଯାଆନ୍ତି; ଯଦିଓ ଭକ୍ତ ଚାହେଁ ନାହିଁ ଯେ ଭଗବାନ ମୋର ଭକ୍ତ ହୁଅନ୍ତୁ। ଏଭଳି ଭକ୍ତମାନଙ୍କ ବିନା ଭଗବାନଙ୍କର ମନ ଥୟ ଧରେ ନାହିଁ। ଭଗବାନ ମଧ୍ୟ ଏଭଳି ଭକ୍ତଙ୍କୁ ଆବଶ୍ୟକ ଭାବନ୍ତି ଓ ପାଇବାକୁ ଇଚ୍ଛା କରନ୍ତି। ଉଦାହରଣସ୍ୱରୂପ—ହନୁମାନ ଭଗବାନଙ୍କ ଠାରୁ କିଛିହେଲେ ନେବାକୁ ଚାହାନ୍ତି ନାହିଁ; ନା ରହିବାକୁ ଜାଗା ଖଣ୍ଡେ, ନା ଖାଦ୍ୟ, ନା ବସ୍ତ୍ର, ନା ସାହାଯ୍ୟ, ନା ସମ୍ମାନ। କିନ୍ତୁ ଭଗବାନଙ୍କର କାମ କରିବା ପାଇଁ ସେ ସର୍ବଦା ଆତୁର ଥାଆନ୍ତି—*'ରାମ କାଜ କରିବେ କୋ ଆତୁର'*। ତେଣୁ ଭଗବାନ ରାମଚନ୍ଦ୍ର, ସୀତା, ଲକ୍ଷ୍ମଣ, ଭରତ, ଅଯୋଧ୍ୟାବାସୀ ସମସ୍ତେ ହନୁମାନଙ୍କ ନିକଟରେ ଋଣୀ ହୋଇଯାଆନ୍ତି। ହନୁମାନ ତ୍ୟାଗ ହେତୁ ଏତେ ଶ୍ରେଷ୍ଠ ହୋଇଛନ୍ତି ଯେ ଯେଉଁଠି ରାମଙ୍କର ମନ୍ଦିର ଥାଏ, ସେଠାରେ ହନୁମାନଙ୍କର ମନ୍ଦିର ମଧ୍ୟ ଥାଏ। ଏପରି କି ଯେଉଁଠି ରାମଙ୍କର ମନ୍ଦିର ନାହିଁ, ସେଠାରେ ମଧ୍ୟ ସ୍ୱତନ୍ତ୍ରଭାବରେ ହନୁମାନଙ୍କର ମନ୍ଦିର ଥାଏ। ଅର୍ଥାତ୍ ହନୁମାନଙ୍କ ମନ୍ଦିର ବିନା ରାମଙ୍କର ମନ୍ଦିର ନାହିଁ, କିନ୍ତୁ ରାମଙ୍କ ମନ୍ଦିର ବିନା ହନୁମାନଙ୍କର ମନ୍ଦିର ଅଛି।

ତ୍ୟାଗୀଭକ୍ତକୁ ଭଗବାନ ନିଜର ପିତା, ମାତା, ଭାଇ, ବନ୍ଧୁ ଓ କୁଟୁମ୍ବ କରିନିଅନ୍ତି ଓ ତା'ର ଅଧୀନ ହୋଇଯାଆନ୍ତି। ଭକ୍ତଠାରୁ ପ୍ରେମ ପାଇବା ପାଇଁ ଭଗବାନ ମଧ୍ୟ ଲାଳାୟିତ ରହନ୍ତି। ବ୍ରଜର ଗୋପୀମାନଙ୍କ ପ୍ରେମ ଏହିଭଳି ଥିଲା। ସେମାନେ ନିଜ ପାଇଁ କିଛି ଚାହୁଁ ନ ଥିଲେ, କେବଳ ଭଗବାନଙ୍କୁ ହିଁ ସୁଖ ଦେବାକୁ ଚାହୁଁଥିଲେ। ସେମାନଙ୍କର ନିଜର କୌଣସି ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ନ ଥିଲା। ସେମାନେ ଭଗବାନଙ୍କ ଠାରେ ହିଁ ନିଜର ବ୍ୟକ୍ତିତ୍ୱକୁ ଆହୁତି ଦେଇ ଦେଇଥିଲେ।

ବ୍ରହ୍ମ ସର୍ବଦା ଏକରସ ରହେ। ସେ କାହାକୁ ରସ ଦିଏ ନାହିଁ କି କାହାରିଠାରୁ ରସ ନିଏ ନାହିଁ। କିନ୍ତୁ ଭକ୍ତ ଭଗବାନଙ୍କୁ ମଧ୍ୟ ରସ ଦିଏ ଓ ଦେଇଚାଲୁଥାଏ; ତା'ର ଦେବା କେବେହେଲେ ଶେଷ ହୁଏ ନାହିଁ। ଯେପରି ସମୁଦ୍ରରେ ମିଶିଯିବା ପରେ ଗଙ୍ଗା ନଦୀର ପ୍ରବାହ ଆମକୁ ଜଣା ନ ପଡ଼ିଲେ ମଧ୍ୟ ସମୁଦ୍ର ମଧ୍ୟରେ ପ୍ରବାହିତ ହେଉଥାଏ, ସେହିପରି ଭକ୍ତର ଦେବାର ପ୍ରବାହ ଅନବରତ ଚାଲିଥାଏ।

୫୫. ଗୀତାରେ ନିର୍ଦ୍ୱନ୍ଦ୍ୱ ହେବାର ମହତ୍ତ୍ୱ

ରାଗଦ୍ୱେଷାଦୟୋ ଦ୍ୱନ୍ଦ୍ୱାଃ ଶତ୍ରବଃ ସନ୍ତି ଦେହିନାମ୍ ।
ତନ୍ମୁକ୍ତାଃ ସାଧକାଃ ଶୀଘ୍ରଂ ଭବେୟୁଃ ସମମାଶ୍ରିତାଃ ॥

ସାଂସାରିକ କର୍ମରେ ସଂସାରର ସମ୍ବନ୍ଧ ରହିଥାଏ ଓ ପାରମାର୍ଥିକ ସାଧନାରେ ସଂସାରଠାରୁ ବିମୁଖ ହୋଇ ଭଗବାନଙ୍କର ସମ୍ମୁଖ ହେବାକୁ ପଡ଼େ । ଏଇଥିପାଇଁ ସଂସାରର କାମ କରିବି, ନା ପାରମାର୍ଥିକ ସାଧନା କରିବି—ଏହି ଦ୍ୱନ୍ଦ୍ୱ ଉପୁଜିଥାଏ । ଏହି ଦ୍ୱନ୍ଦ୍ୱ ନିବାରଣର ଉପାୟ ହେଲା ସଂସାରର କାମ ସଂସାର ପାଇଁ ନ କରି ଭଗବାନଙ୍କ ପାଇଁ କରାଯାଉ । କେବଳ ଭଗବତ୍‌ପ୍ରାପ୍ତ୍ୟର୍ଥ କଲେ ସମସ୍ତ କାମଧନ୍ଦା ଓ ସମସ୍ତ କ୍ରିୟା ସାଧନା ହୋଇଯାଏ । ଗୀତାରେ ନବମ ଅଧ୍ୟାୟର ୨୭ଶ ଶ୍ଳୋକରେ ଭଗବାନ **'ଯତ୍କରୋଷି'** (ତୁମେ ଯାହା କିଛି କରୁଛ), **'ଯଦଶ୍ନାସି'** (ତୁମେ ଯାହା କିଛି ଖାଉଛ ଓ ପିଉଛ), **'ଯଜ୍ଜୁହୋଷି'** (ତୁମେ ଯାହା କିଛି ଯଜ୍ଞାଦି କରୁଛ), **'ଦଦାସି ଯତ୍'** (ତୁମେ ଯାହା କିଛି ଦାନ ଦେଉଛ) ଏବଂ **'ଯତ୍ତପସ୍ୟସି'** (ତୁମେ ଯାହା କିଛି ତପସ୍ୟା କରୁଛ)—ଏହି ପାଞ୍ଚୋଟି କ୍ରିୟା ଉଲ୍ଲେଖ କରିଛନ୍ତି । ଏ ପଦଗୁଡ଼ିକ ମଧ୍ୟରୁ **'କରୋଷି'** ଓ **'ଅଶ୍ନାସି'**—କ୍ରିୟା ଦୁଇଟି ସାଂସାରିକ ଏବଂ **'ଜୁହୋଷି'**,'ଦଦାସି ଓ **'ତପସ୍ୟସି'** କ୍ରିୟା ଶାସ୍ତ୍ରୀୟ ଅଟେ; କିନ୍ତୁ ଏହି ପାଞ୍ଚୋଟିଯାକ କ୍ରିୟାର **'ମଦର୍ପଣମ୍'**—(ଭଗବଦର୍ପଣ) ସହିତ ସମ୍ବନ୍ଧ ରହିଛି । କାରଣ ପାଞ୍ଚୋଟିଯାକ କ୍ରିୟା ସହିତ **'ଯତ୍'** ଶବ୍ଦ ଲାଗିଛି ଏବଂ ଅର୍ପଣ କରିବା ସହିତ **'ତତ୍'** ଶବ୍ଦ ଲାଗିଛି—**'ତତ୍ କୁରୁଷ୍ୱ ମଦର୍ପଣମ୍'** । ଅତଏବ ଏହି ପାଞ୍ଚୋଟି କ୍ରିୟା କେବଳ ଭଗବତ୍‌ପ୍ରାପ୍ତ୍ୟର୍ଥ କରିବା ଉଚିତ । ଏଥିରେ ଟିକିଏ ହେଲେ ନିଜତ୍ୱର ଭାବ ରହିବା ଉଚିତ ନୁହେଁ ।

ଅର୍ପଣ ଦୁଇପ୍ରକାରେ କରାଯାଇଥାଏ—(୧) କ୍ରିୟା କରିସାରି ଭଗବାନଙ୍କୁ ଅର୍ପଣ କରାଯାଏ ଏବଂ (୨) ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି ଆଦି ସବୁ ଭଗବାନଙ୍କର ବୋଲି ମାନିନିଆଯାଏ । ଏହି ଦୁଇଟି ମଧ୍ୟରେ ଦ୍ୱିତୀୟଟି ଶ୍ରେଷ୍ଠ । କାରଣ ଏଥିରେ ସବୁକିଛି ଭଗବାନଙ୍କ ନିକଟରେ ସମର୍ପିତ ହୋଇଥାଏ । ଏଭଳି ଅର୍ପଣ କରୁଥିବା ଭକ୍ତର ଲୌକିକ ଓ ଶାସ୍ତ୍ରୀୟ ସବୁ କ୍ରିୟା ପାରମାର୍ଥିକ ଓ ଭଗବତ୍‌ପ୍ରାପ୍ତ୍ୟର୍ଥ ହୋଇଯାଏ । ଭକ୍ତଠାରେ ଆଉ ଦ୍ୱନ୍ଦ୍ୱ ରହେ ନାହିଁ ।

ଅନୁକୂଳ ପରିସ୍ଥିତିରେ ପ୍ରସନ୍ନ ହେବା ଏବଂ ପ୍ରତିକୂଳ ପରିସ୍ଥିତିରେ ବିଷଣ୍ଣ ହେବା ମଧ୍ୟ ଦ୍ୱନ୍ଦ୍ୱ ଅଟେ । ଏହି ଦ୍ୱନ୍ଦ୍ୱ ହେତୁ ଆଚରଣ ଖରାପ ହୋଇଯାଏ, ଦୁଃଖ ହୁଏ ଓ ବନ୍ଧନ ଦୃଢ଼ ହୁଏ । କିନ୍ତୁ ଯିଏ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ପ୍ରସନ୍ନ ଓ ବିଷଣ୍ଣ ନ ହୋଇ ସମ ରହେ, ତା'ର ଆଚରଣ ଠିକ୍ ରହେ, ତାକୁ ଦୁଃଖ ହୁଏ ନାହିଁ ଏବଂ ତାହାର କର୍ମବନ୍ଧନ କଟିଯାଏ (୨ । ୩୮) । ଉଦାହରଣସ୍ୱରୂପ—ଯେଉଁ ମାଆ ନିଜ ପିଲାମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱଭାବ ଉତ୍ପନ୍ନ କରେ, ପକ୍ଷପାତ ବା ବିଷମତା କରେ, ସେ ମାଆ ହୋଇଥିଲେ ମଧ୍ୟ ପିଲାମାନଙ୍କୁ ପ୍ରସନ୍ନ ରଖିପାରେ ନାହିଁ । ଫଳରେ କୁଟୁମ୍ବ ମଧ୍ୟରେ କଳହ ସୃଷ୍ଟି ହୁଏ, ଅଶାନ୍ତି ଓ ମନୋମାଳିନ୍ୟ ଦେଖାଦିଏ । ଦ୍ୱନ୍ଦ୍ୱଭାବ ଓ ପକ୍ଷପାତିତା ନ ରହିଲେ କଳହ ସୃଷ୍ଟି ହୁଏ ନାହିଁ ଓ କୁଟୁମ୍ବ ମଧ୍ୟରେ ଶାନ୍ତି ବିରାଜମାନ କରେ ।

ଦ୍ୱନ୍ଦ୍ୱଭାବ, ବିଷମତା, ପକ୍ଷପାତିତା—ଏସବୁ ଜନ୍ମ-ମରଣର ଓ ଦୁଃଖର ମୂଳ କାରଣ । ଏସବୁ ସର୍ବଥା ନଷ୍ଟ ହୋଇଗଲେ ପରମାତ୍ମତତ୍ତ୍ୱକୁ ପାଇ ହୁଏ । ତେଣୁ ଭଗବାନ ଦ୍ୱନ୍ଦ୍ୱରେ ସମ ରହିବାକୁ 'ଯୋଗ' କହିଛନ୍ତି (୨ । ୪୮) ।

ଆମେ ଯୁଦ୍ଧ କରିବା କି ନାହିଁ, ଆମର ବିଜୟ ହେବ କି ନାହିଁ (୨ । ୬)—ଏହା ମଧ୍ୟ ଦ୍ୱନ୍ଦ୍ୱ । କିନ୍ତୁ ଏହା ରାଗ-ଦ୍ୱେଷଯୁକ୍ତ ଦ୍ୱନ୍ଦ୍ୱ ନୁହେଁ, ବରଂ ଭବିଷ୍ୟତ ଚିନ୍ତା ହେତୁ ଉତ୍ପନ୍ନ ହେଉଥିବା ଦ୍ୱନ୍ଦ୍ୱ । ଏହି ଦ୍ୱନ୍ଦ୍ୱରେ ମୋହିତ ଅର୍ଜୁନ ଭଗବାନଙ୍କର ଶରଣାପନ୍ନ ହୋଇ ତାଙ୍କୁ ନିଜର କର୍ତ୍ତବ୍ୟ ସମ୍ପର୍କରେ ପଚାରିଛନ୍ତି (୨ । ୭) । ଉତ୍ତରରେ ଭଗବାନ କହିଛନ୍ତି—ଯଦି ତୁମେ ଯୁଦ୍ଧରେ ମରିଯିବ, ତେବେ ସ୍ୱର୍ଗକୁ ଯିବ ଆଉ ଯୁଦ୍ଧରେ ଜିତିଗଲେ ପୃଥିବୀର ରାଜ୍ୟ ଭୋଗ କରିବ (୨ । ୩୭) । ତେଣୁ ଜୟ-ପରାଜୟ, ଲାଭ-ହାନି ଓ ସୁଖ-ଦୁଃଖରେ ସମଭାବ ରଖି ଯୁଦ୍ଧ କର, ତୁମକୁ ପାପ ଲାଗିବ ନାହିଁ (୨ । ୩୮) । କର୍ମ କରିବାରେ ହିଁ ତୁମର ଅଧିକାର ଅଛି, କର୍ମର ଫଳରେ ନୁହେଁ (୨ । ୪୭) । ତୁମେ ସିଦ୍ଧି ଓ ଅସିଦ୍ଧିରେ

ସମ ରହି କର୍ମ କର (୨।୪୮); କାରଣ ସମବୁଦ୍ଧିଯୁକ୍ତ ମନୁଷ୍ୟ ଜୀବିତାବସ୍ଥାରେ ହିଁ ପାପ ଓ ପୁଣ୍ୟରୁ ମୁକ୍ତ ହୋଇଯାଏ (୨।୫୦)।

"ଏମାନେ ଆମର ଶ୍ରୋତା ଓ ଏମାନେ ଆମର ଶ୍ରୋତା ନୁହନ୍ତି, ଏମାନେ ଆମର ଅନୁଗାମୀ ଓ ଏମାନେ ଆମର ଅନୁଗାମୀ ନୁହନ୍ତି, ଏମାନେ ଆମର ଶିଷ୍ୟ, ଏମାନେ ଆମର ଶିଷ୍ୟ ନୁହନ୍ତି। ଯେଉଁମାନେ ଆମର ଶ୍ରୋତା, ଅନୁଗାମୀ ଓ ଶିଷ୍ୟ ସେମାନଙ୍କୁ ଆମେ ସାଧନାର କଥା କହିବୁ ଏବଂ ଯେଉଁମାନେ ଆମର ଶ୍ରୋତା ଆଦି ନୁହନ୍ତି, ସେମାନଙ୍କୁ ଆମେ ସାଧନାର କଥା କହିବୁ ନାହିଁ"—ଏପରି ବକ୍ତା ହୃଦୟରେ ଦ୍ୱନ୍ଦ୍ୱ, ବିଷମତା ଓ ପକ୍ଷପାତ ରହିଲେ ତା'ଠାରେ ରାଗ-ଦ୍ୱେଷ ରହିବ। ରାଗ-ଦ୍ୱେଷ ଥିବାପର୍ଯ୍ୟନ୍ତ କଲ୍ୟାଣ ହେବ ନାହିଁ; କାରଣ ରାଗ ଓ ଦ୍ୱେଷ ଦୁହେଁ କଲ୍ୟାଣମାର୍ଗର ଶତ୍ରୁ (୩।୩୪)।

କର୍ମଯୋଗ ଜ୍ଞାନଯୋଗ ଓ ଭକ୍ତିଯୋଗ—ତିନୋଟିଯାକ ଯୋଗମାର୍ଗରେ ନିର୍ଦ୍ୱନ୍ଦ୍ୱ ହେବା ସାଧକ ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ଭଗବାନ ଗୀତାରେ ସ୍ଥାନେ ସ୍ଥାନେ ନିର୍ଦ୍ୱନ୍ଦ୍ୱ ହେବା ପାଇଁ ବିଶେଷ ଗୁରୁତ୍ୱ ଦେଇଛନ୍ତି; ଯଥା—ନିର୍ଦ୍ୱନ୍ଦ୍ୱ ହେଲେ ସାଧକ କର୍ମ କରି ମଧ୍ୟ ବାନ୍ଧି ହୁଏ ନାହିଁ (୪।୨୨); ଦ୍ୱନ୍ଦ୍ୱ ହେତୁ ମନୁଷ୍ୟ ସଂସାରରେ ବାନ୍ଧି ହୁଏ (୭।୨୭); ନିର୍ଦ୍ୱନ୍ଦ୍ୱ ହେଲେ ମନୁଷ୍ୟ ସୁଖପୂର୍ବକ ସଂସାରରୁ ମୁକ୍ତ ହୋଇଯାଏ (୫।୩); ନିର୍ଦ୍ୱନ୍ଦ୍ୱ ହେଲେ ହିଁ ସାଧକ ଦୃଢ଼ବ୍ରତୀ ହୋଇ ଭଗବାନଙ୍କର ଭଜନ କରିପାରେ (୭।୨୮)। ତାତ୍ପର୍ଯ୍ୟ ଏହି ଯେ ନିର୍ଦ୍ୱନ୍ଦ୍ୱ ହେଲେ ଯାଇ ସାଧକର ସାଧନା ଦୃଢ଼ ହୁଏ। ତେଣୁ ଭଗବାନ ଅର୍ଜୁନଙ୍କୁ ନିର୍ଦ୍ୱନ୍ଦ୍ୱ ହେବାକୁ ଆଦେଶ ଦେଇଛନ୍ତି (୨।୪୫)।

୫୭. ଗୀତାରେ ଅହଂଭାବ ଓ ମମତାର ତ୍ୟାଗ

ଅହଂତାମମତାତ୍ୟାଗଃ କଥିତୋ ହରିଣା ସ୍ୱୟମ୍।
କର୍ମଯୋଗେ ଜ୍ଞାନଯୋଗେ ଭକ୍ତିଯୋଗେ ସମାନତଃ॥

ଗୀତାରେ ଭଗବାନ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ—ପ୍ରତ୍ୟେକ ମାର୍ଗରେ ଅହଂଭାବ ଓ ମମତାକୁ ତ୍ୟାଗ କରିବାକୁ କହିଅଛନ୍ତି; ଯଥା—କର୍ମଯୋଗରେ **'ନିର୍ମମୋ ନିରହଂକାରଃ'** (୨।୭୧) ପଦଗୁଡ଼ିକରେ; ଜ୍ଞାନଯୋଗରେ **'ଅହଂକାରଂ......... ବିମୁଚ୍ୟ ନିର୍ମମଃ'** (୧୮।୫୩) ପଦଗୁଡ଼ିକରେ ଏବଂ ଭକ୍ତିଯୋଗରେ **'ନିର୍ମମୋ ନିରହଂକାରଃ'** (୧୨।୧୩) ପଦଗୁଡ଼ିକରେ ସାଧକକୁ ଅହଂଭାବ ଓ ମମତା ତ୍ୟାଗ କରିବାକୁ କୁହାଯାଇଛି। ମାତ୍ର ପ୍ରତ୍ୟେକ ମାର୍ଗରେ ଅହଂଭାବ ଓ ମମତାକୁ ତ୍ୟାଗ କରିବାର ପ୍ରଣାଳୀ ଭିନ୍ନ ଭିନ୍ନ। ଯଥା—

କର୍ମଯୋଗରେ ପ୍ରଥମେ କାମନା ତ୍ୟାଗ କରାଯାଏ, କାରଣ କର୍ମଯୋଗୀ ଆରମ୍ଭରୁ ହିଁ ନିଷ୍କାମଭାବରେ କର୍ମ କରିବା ଆରମ୍ଭ କରିଦିଏ। କାମନା ସର୍ବଥା ଚ୍ଛିଗଲା ପରେ ସ୍ପୃହା, ମମତା ଓ ଅହଂଭାବ ମଧ୍ୟ ଆପେ ଆପେ ଚ୍ଛିଯାଏ। ଦ୍ୱିତୀୟ ଅଧ୍ୟାୟର ୭୧ତମ ଶ୍ଳୋକରେ ଭଗବାନ କର୍ମଯୋଗୀ ପାଇଁ ପ୍ରଥମେ କାମନାଗୁଡ଼ିକୁ ତ୍ୟାଗ କରିବାକୁ କହିଛନ୍ତି, ତା'ପରେ ସ୍ପୃହା, ମମତା ଓ ଅହଂଭାବ ତ୍ୟାଗ କରିବାକୁ କହିଛନ୍ତି।

ଜ୍ଞାନଯୋଗରେ ପ୍ରଥମେ ଅହଂଭାବ ତ୍ୟାଗ କରାଯାଏ, ଅହଂଭାବକୁ ତ୍ୟାଗ କରିଦେଲେ ମମତା, ସ୍ପୃହା ଓ କାମନା ମଧ୍ୟ ସ୍ୱାଭାବିକରୂପେ ଦୂର ହୋଇଯାଏ। ଅଷ୍ଟାଦଶ ଅଧ୍ୟାୟର ୧୭ଶ ଶ୍ଳୋକରେ ଭଗବାନ କହିଛନ୍ତି ଯେ ଜ୍ଞାନଯୋଗୀର ପ୍ରଥମେ ଅହଂଭାବ ଦୂର ହୁଏ ଏବଂ ପରେ ଲିପ୍ତତା (ଫଳେଚ୍ଛା) ଦୂର ହୁଏ।

ଭକ୍ତିଯୋଗରେ ଭଗବାନଙ୍କ ଶରଣାପନ୍ନ ହେବାପରେ ପ୍ରଥମେ 'ମୁଁ ଭଗବାନଙ୍କର ଓ ଭଗବାନ ମୋର'—ଏହିରୂପେ ଅହଂଭାବ ପରିବର୍ତ୍ତିତ ହୁଏ, ତା'ପରେ ଭଗବାନଙ୍କ କୃପାରୁ ଭକ୍ତିଯୋଗୀ ଅହଂଭାବ, ମମତା, ସ୍ପୃହା ଓ କାମନାରୁ ମୁକ୍ତ ହୋଇଯାଏ। ଅଷ୍ଟାଦଶ ଅଧ୍ୟାୟର ୬୬ତମ ଶ୍ଳୋକରେ ଭଗବାନ କହିଛନ୍ତି ଯେ ତୁମେ ସମସ୍ତ ଧର୍ମର ଆଶ୍ରୟ ଛାଡ଼ି କେବଳ ମୋର ଶରଣାପନ୍ନ ହୋଇଯାଅ; ମୁଁ ତୁମକୁ ସମସ୍ତ ପାପରୁ (ଅହଂଭାବ ଓ ମମତା ଆଦି ଦୋଷଗୁଡ଼ିକରୁ) ମୁକ୍ତ କରିଦେବି।

ତାତ୍ପର୍ଯ୍ୟ ହେଲା, ପ୍ରତ୍ୟେକ ମନୁଷ୍ୟ ଅହଂଭାବ ଓ ମମତାରୁ ମୁକ୍ତ ହୋଇପାରେ, କାରଣ ଅହଂଭାବ ଓ ମମତା ତା'ର ସ୍ୱରୂପ ନୁହନ୍ତି। ଯଦି ଅହଂଭାବ ଓ ମମତା ତା'ର

ସ୍ୱରୂପ ହୋଇଥାଆନ୍ତେ, ତେବେ ଏଗୁଡ଼ିକୁ ତ୍ୟାଗ କରି ହୁଅନ୍ତା ନାହିଁ ଏବଂ ଭଗବାନ ମଧ୍ୟ ଏଗୁଡ଼ିକଠାରୁ ମୁକ୍ତ ହେବା ପାଇଁ କହି ନ ଥାନ୍ତେ।

ସ୍ୱୟଂ (ଜୀବାତ୍ମା) ଯେତେବେଳେ 'ଏହି ଶରୀର ମୁଁ ବୋଲି ଭାବି ଶରୀର ସହିତ ଅଭିନ୍ନ ସମ୍ବନ୍ଧ ମାନିନିଏ, ସେତେବେଳେ 'ଅହଂଭାବ' ଉତ୍ପନ୍ନ ହୁଏ ଏବଂ ଯେତେବେଳେ 'ଏହି ଶରୀର ମୋର' ବୋଲି ଭାବି ଶରୀର ସହିତ ଅଭିନ୍ନ ସମ୍ବନ୍ଧ ମାନିନିଏ, ସେତେବେଳେ 'ମମତା' ଉତ୍ପନ୍ନ ହୁଏ। ସାଧକ ଯେତେବେଳେ ବିବେକପୂର୍ବକ ଦୃଢ଼ତାର ସହ ମାନିନେବ ଯେ ଅହଂଭାବ ଓ ମମତାକୁ କେବଳ ମାନି ନିଆଯାଇଛି, ଏଗୁଡ଼ିକ ତା'ର ସ୍ୱରୂପ ନୁହନ୍ତି, ସେତେବେଳେ ସେ ଏ ଦୁଇଟିରୁ ସହଜରେ ମୁକ୍ତ ହୋଇପାରିବ।

ସାଧକକୁ ଶରୀର ଆଦିରେ ମାନିଥିବା ଅହଂଭାବ ଓ ମମତାକୁ ତ୍ୟାଗ କରିବାକୁ ହେବ; କାରଣ ସେଗୁଡ଼ିକ ତା'ର ସ୍ୱରୂପ ନୁହନ୍ତି। ଭଗବାନ ସ୍ୱରୂପର ବର୍ଣ୍ଣନା କରି କହିଛନ୍ତି—"ପୁରୁଷ ସ୍ୱୟଂ ଅନାଦି ଓ ନିର୍ଗୁଣ ହୋଇଥିବାରୁ ପରମାତ୍ମସ୍ୱରୂପ ହିଁ ଅଟେ ଏବଂ ସେ ଏହି ଶରୀରରେ ରହି ମଧ୍ୟ କିଛି କରେ ନାହିଁ କି ଲିପ୍ତ ହୁଏ ନାହିଁ" (୧୩।୩୧)। କିନ୍ତୁ ସେ ନିଜେ 'ମୁଁ କରୁଛି ଓ ମୁଁ ଇଚ୍ଛା କରୁଛି' ବୋଲି ମାନିନିଏ। ଏହି ଦୁଇପ୍ରକାର ମାନିବାକୁ ନିଷେଧ କରି ଭଗବାନ କହିଛନ୍ତି—"ଯାହାଠାରେ ଅହଂକୃତଭାବ ନାହିଁ ଏବଂ ଯାହାର ବୁଦ୍ଧି ଲିପ୍ତ ନୁହେଁ, ସେ ଯଦି ସମସ୍ତ ପ୍ରାଣୀଙ୍କୁ ମାରିଦିଏ, ତେବେ ମଧ୍ୟ ସେ ମାରେ ନାହିଁ କି ଲିପ୍ତ ହୁଏ ନାହିଁ (୧୮।୧୭)। କାରଣ ପ୍ରକୃତରେ ସ୍ୱରୂପରେ କର୍ତ୍ତୃତ୍ୱାଭିମାନ ଓ ଲିପ୍ତତା ଆଦୌ ନାହିଁ।

'ରାମଚରିତମାନସ'ରେ ଲକ୍ଷ୍ମଣ ମାୟାର ସ୍ୱରୂପ ବିଷୟରେ ପଚାରିବାରୁ ଭଗବାନ ଉତ୍ତର ଦେଇଛନ୍ତି—

ମୈଁ ଅରୁ ମୋର ତୋର ତୈଁ ମାୟା।
ଜେହିଁ ବସ କୀନ୍ହେ ଜୀଵ ନିକାୟା॥
(୩।୧୫।୧)

ତାତ୍ପର୍ଯ୍ୟ ହେଲା ଯେ ଅହଂଭାବ (ମୁଁଭାବ) ଓ ମମତା (ମୋରଭାବ)—ଏହା ମାୟାର ସ୍ୱରୂପ, ନିଜର ସ୍ୱରୂପ ନୁହେଁ। କିନ୍ତୁ ଜୀବ ଏହି ମାୟା ଦ୍ୱାରା ବଶୀଭୂତ ହୋଇଯାଇଛି, ବାନ୍ଧି ହୋଇଯାଇଛି। ଏହି ବନ୍ଧନରୁ ମୁକ୍ତ ହେବାକୁ ପଡ଼ିବ। ସନ୍ତମାନଙ୍କ ବଚନରେ ମଧ୍ୟ ଅଛି—

ମୈଁ ମେରେକୀ ଜେଵରୀ, ଗଲ ବଁଧ୍ୟୋ ସଂସାର।
ଦାସ କବୀରା କ୍ୟୋଁ ବଁଧେ, ଜାକେ ରାମ ଅଧାର॥

ଶରୀର ଆଦିରେ ଅହଂଭାବ ଓ ମମତା କଲେ ଜୀବାତ୍ମା ପରାଧୀନ ହୋଇଯାଏ ଏବଂ ତା'ଠାରେ ପରିଚ୍ଛିନ୍ନତା (ସଂକୀର୍ଣ୍ଣତା) ଓ ମଳିନତା ଆସିଯାଏ। ଅହଂଭାବ ଓ ମମତା ଦୂର ହୋଇଗଲେ ସ୍ୱତଃ ସ୍ୱରୂପର ବୋଧ ହୋଇଯାଏ। ଅହଂଭାବ ଓ ମମତାକୁ ଛାଡ଼ିବା ପୂର୍ବରୁ ହିଁ ସାଧକ ଦୃଢ଼ଭାବେ ବିଚାର କରିନେବା ଉଚିତ ଯେ ଅହଂଭାବ ଓ ମମତା ନିଜର ସ୍ୱରୂପ ନୁହନ୍ତି। ଯାହା ନିଜର ସ୍ୱରୂପ ହୋଇ ନ ଥାଏ, ତାହାକୁ ହିଁ ତ୍ୟାଗ କରାଯାଏ। ନିଜର ସ୍ୱରୂପକୁ କେବେହେଲେ ତ୍ୟାଗ କରିବା ସମ୍ଭବ ନୁହେଁ।

ସାମାଜିକ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳେ ଯେ ମନୁଷ୍ୟ ଯେତେ ଅହଂଭାବ ଓ ମମତା କରେ, ତା'ର ସଂସାରରେ ଆଦର ସେତିକି କମିଯାଏ। ସେ ଯେତେ ପରିମାଣରେ ଅହଂଭାବ ଓ ମମତାକୁ ଛାଡ଼େ, ସେତିକି ପରିମାଣରେ ସେ ସଂସାରରେ ଆଦରଣୀୟ ସ୍ଥାନ ପାଏ। ସାଧକକୁ ମଧ୍ୟ ଏହି ଅନୁଭବ ହୁଏ ଯେ ସେ ସାଧନାରେ ଯେତିକି ଉପରକୁ ଉଠେ, ତା'ର ଅହଂଭାବ ଓ ମମତା ସେତିକି ଦୂର ହୁଏ। ଅହଂଭାବ ଓ ମମତା ସର୍ବଥା ଦୂର ହୋଇଗଲେ ସାଧକ ଜୀବନ୍ମୁକ୍ତ ହୋଇଯାଏ।

ଅହଂଭାବ ଓ ମମତା ହେତୁ ମନୁଷ୍ୟ ବହୁତ ଅପବିତ୍ର ହୋଇଯାଏ ଏବଂ ଏଗୁଡ଼ିକ ଦୂର ହୋଇଗଲେ ଅତ୍ୟନ୍ତ ପବିତ୍ର ହୋଇଯାଏ। ଦେଖାଯାଇଛି ଯେ, କୌଣସି ଅହଂଭାବ ଓ ମମତାରେ ଲିପ୍ତ ସାଧାରଣ ବ୍ୟକ୍ତି ମରିଗଲେ ଲୋକେ ତା'ର ଲୁଗାପଟା ଆଦି ଛୁଇଁବାକୁ ମଧ୍ୟ ଭଲ ପାଆନ୍ତି ନାହିଁ। କିନ୍ତୁ ଯାହାର ଅହଂଭାବ ଓ ମମତା ଦୂର ହୋଇଯାଇଛି, ସେଭଳି ସନ୍ତମହାପୁରୁଷଙ୍କ ଦେହତ୍ୟାଗ ପରେ ଲୋକେ ତାଙ୍କର ବ୍ୟବହାର୍ଯ୍ୟ ବସ୍ତୁଗୁଡ଼ିକୁ ଆଦରସହକାରେ ରଖିବାକୁ ଇଚ୍ଛା କରନ୍ତି। କାରଣ ଅହଂଭାବ ଓ ମମତା ନ ଥିବା ହେତୁ ତାଙ୍କର ଜିନିଷଗୁଡ଼ିକ ଖୁବ୍ ପବିତ୍ର ହୋଇଥାଏ। ସେଗୁଡ଼ିକ କେବଳ ପବିତ୍ର ହୋଇ ନ ଥାଏ, ବରଂ ଅନ୍ୟମାନଙ୍କୁ ମଧ୍ୟ ପବିତ୍ର କରିଥାଏ। ଅନ୍ୟପକ୍ଷରେ ଯେଉଁଠାରେ ଅହଂଭାବ ଓ ମମତାଯୁକ୍ତ ସାଧାରଣ ମନୁଷ୍ୟଙ୍କର ଦାହକ୍ରିୟା କରାଯାଏ, ସେଠାରେ ଯଦି ଭଜନଧ୍ୟାନ କରାଯାଏ, ତେବେ ବିକ୍ଷେପ ସୃଷ୍ଟି ହୋଇଥାଏ, ଭୟ ଲାଗେ, ଭଜନ କରି ହୁଏ ନାହିଁ; ଅଥଚ ଅହଂଭାବଶୂନ୍ୟ ଓ ମମତାଶୂନ୍ୟ ସନ୍ତ-ମହାପୁରୁଷମାନଙ୍କର ଦାହକ୍ରିୟା ଯେଉଁଠାରେ କରାଯାଏ, ସେଠାରେ ବସି ଭଜନଧ୍ୟାନ କଲେ ମନ ସ୍ଥିର ରହେ, ଭଜନଧ୍ୟାନରେ ସାହାଯ୍ୟ

ମିଳେ, ଶାନ୍ତି ମିଳେ ଓ ପବିତ୍ରତା ଆସେ। ଅହଂଭାବ ଓ ମମତା ନ ଥିବା ସାଧୁସନ୍ଥଙ୍କୁ ମନେପକାଇଲେ ଘର ପବିତ୍ର ହୋଇଯାଏ—**'ଯେଷାଂ ସଂସ୍ମରଣାତ୍ ପୁଂସାଂ ସଦ୍ୟଃ ଶୁଦ୍ଧ୍ୟନ୍ତି ବୈ ଗୃହାଃ'** (ଶ୍ରୀମଦ୍ଭାଗବତ ୧ । ୧୯ । ୩୩)। କିନ୍ତୁ ଅହଂଭାବ ଓ ମମତାରେ ଲିପ୍ତ ମନୁଷ୍ୟମାନଙ୍କୁ ମନେପକାଇଲେ ମନରେ ମଳିନତା ଆସେ, ଫଳରେ ଅହଂଭାବ ଓ ମମତା ଛାଡ଼ିବା କଠିନ ଜଣାପଡ଼େ।

ଯେଉଁମାନଙ୍କର ଅହଂଭାବ ଓ ମମତା ନାହିଁ, ସେମାନଙ୍କ ଠାରେ ଭଗବାନ ବିଶେଷଭାବେ ପ୍ରକଟ ହୁଅନ୍ତି। ସେମାନଙ୍କୁ ସ୍ପର୍ଶ କରୁଥିବା ବାୟୁ ଦ୍ୱାରା, ସେମାନଙ୍କର ବଚନ ଦ୍ୱାରା ଓ ସେମାନଙ୍କର ସମ୍ପର୍କରେ ଆସିଲେ ଜୀବମାନଙ୍କ ଠାରେ ପବିତ୍ରତା ଆସେ। କିନ୍ତୁ ସେହି ପବିତ୍ରତାକୁ ସ୍ୱୀକାର ନ କଲେ ଅର୍ଥାତ୍ ସେମାନଙ୍କ ଉପରେ ଦୋଷାରୋପଣ କଲେ ପବିତ୍ରତା ଆସିବାରେ ବାଧା ସୃଷ୍ଟି ହୁଏ।

ନିଜର ଅସ୍ତିତ୍ୱ (ସତ୍ତା) ନିରପେକ୍ଷ ଅଟେ। ସେଥିରେ କଦାପି ପରିବର୍ତ୍ତନ ହୁଏ ନାହିଁ। ପରିବର୍ତ୍ତନ କେବଳ 'ମୁଁ' (ଅହଂଭାବ)ରେ ହିଁ ହୋଇଥାଏ; ଯଥା—ମୁଁ ବିଦ୍ୱାନ୍ ଅଟେ, ମୁଁ ମୂର୍ଖ ଅଟେ, ମୁଁ ବ୍ରାହ୍ମଣ ଅଟେ, ମୁଁ କ୍ଷତ୍ରିୟ ଅଟେ, ମୁଁ ବୈଶ୍ୟ ଅଟେ, ମୁଁ ଶୂଦ୍ର ଅଟେ, ମୁଁ ଦେବତା ଅଟେ, ମୁଁ ରାକ୍ଷସ ଅଟେ ଇତ୍ୟାଦି। ଏଥିରେ 'ମୁଁ'ଭାବରେ ହିଁ ପରିବର୍ତ୍ତନ ହୋଇଛି। 'ଅଟେ' ବା 'ଅଛି' ରୂପକ ସତ୍ତାରେ କୌଣସି ପରିବର୍ତ୍ତନ ହୋଇ ନାହିଁ। 'ମୁଁ'ଭାବ ବଦଳିଛି, କିନ୍ତୁ 'ଅଛି' (ଅସ୍ତିତ୍ୱ ବା ସତ୍ତା) ସବୁଥିରେ ଏକାପରି ରହିଛି। କୌଣସି ବର୍ଣ୍ଣ, ଆଶ୍ରମ, ଯୋଗ୍ୟତା ଇତ୍ୟାଦି ସହିତ ସମ୍ବନ୍ଧ ସ୍ଥାପିତ ହେଲେଯାଇ 'ମୁଁ' ହୁଏ। ସୁତରାଂ 'ମୁଁ' ହେଉଛି ସାପେକ୍ଷ ଏବଂ ସତ୍ତା ସ୍ୱତଃ ରହିଥିବାରୁ ତାହା ନିରପେକ୍ଷ।

ମୁଁ ସୁଖୀ ଅଟେ, ମୁଁ ଦୁଃଖୀ ଅଟେ, ମୁଁ ଧନୀ ଅଟେ, ମୁଁ ନିର୍ଦ୍ଧନ ଅଟେ, ମୁଁ ରୋଗୀ ଅଟେ, ମୁଁ ନୀରୋଗ ଅଟେ—ଏହି ସବୁ ତ ପୁରାତନ କର୍ମଗୁଡ଼ିକର କାରଣ, କିନ୍ତୁ ନିଜର ସତ୍ତା (ଅଟେ)ର କୌଣସି କାରଣ ନାହିଁ। ନିଜର ସତ୍ତା କୌଣସି କର୍ମର ଫଳ ନୁହେଁ କି କୌଣସି ବର୍ଣ୍ଣ, ଆଶ୍ରମ, ଯୋଗ୍ୟତା ଆଦିର ଫଳ ନୁହେଁ। 'ମୁଁ'କୁ ତ୍ୟାଗ କରିବା ପରେ 'ଅଟେ' ବା 'ଅଛି' ରହେ ନାହିଁ, ବରଂ 'ଅଛନ୍ତି' (ବ୍ୟାପକ ସତ୍ତା) ହିଁ ରହେ; କାହିଁକି ନା 'ମୁଁ' ଥିବାରୁ ହିଁ 'ଅଟେ' ବା 'ଅଛି' (ସଂକୀର୍ଣ୍ଣ ସତ୍ତା) ରହିଛି।

ସୁଖଦୁଃଖ ସ୍ୱୟଂରେ ନାହିଁ, ବରଂ 'ମୁଁ'ରେ ରହିଛି। 'ମୁଁ' ସହିତ ମିଶିଲେ ବା ଅହଂଭାବରେ ସ୍ଥିତ ହେଲେ ଅଥବା ପ୍ରକୃତିରେ ସ୍ଥିତ ହେଲେ ହିଁ ଏହି ସ୍ୱୟଂ 'ମୁଁ ସୁଖୀ ଅଟେ', 'ମୁଁ ଦୁଃଖୀ ଅଟେ'—ଏଭଳି ମାନିଥାଏ। କିନ୍ତୁ ଯେତେବେଳେ ସ୍ୱୟଂ 'ମୁଁ'କୁ ତ୍ୟାଗ କରି, 'ସ୍ୱ'ରେ ସ୍ଥିତ ହୋଇଯାଏ, ସେତେବେଳେ ସ୍ୱୟଂ ସୁଖୀଦୁଃଖୀ ହୁଏ ନାହିଁ, ବରଂ ସୁଖଦୁଃଖରେ ସମ ହୋଇଯାଏ—**'ସମଦୁଃଖସୁଖଃ ସ୍ୱସ୍ଥଃ'** (୧୪ । ୨୪)।

ଯାହା ବିନାଶଶୀଳ, ତାହା ପରିବର୍ତ୍ତନଶୀଳ ଏବଂ ଯାହାର ବିନାଶ ହୁଏ ନାହିଁ, ତାହାର ପରିବର୍ତ୍ତନ ହୁଏ ନାହିଁ। ଯଥା—ସୁଷୁପ୍ତି ସମୟରେ 'ମୁଁ'ଭାବ ଅନୁଭୂତ ହୁଏ ନାହିଁ, କିନ୍ତୁ ନିଜ ସତ୍ତା ଥିବାର ଅନୁଭବ ହୁଏ ଯେ 'ମୁଁ ଅତି ସୁଖରେ ଶୋଇଲି'। ଅଭିପ୍ରାୟ ହେଉଛି, ସମସ୍ତ ଅବସ୍ଥା, ପରିସ୍ଥିତି ଆଦିରେ ନିଜର ସତ୍ତା ଅଖଣ୍ଡ ରହୁଥିବାର ଅନୁଭବ ହୁଏ, ଅଥଚ 'ମୁଁ'ଭାବ ଅଖଣ୍ଡରୂପେ ଅନୁଭୂତ ହୁଏ ନାହିଁ।

କେହି ହୁଏତ କହିପାରେ ଯେ ଜ୍ଞାନ (ମୁକ୍ତି) ହୋଇଗଲା ପରେ ଆସୁରୀସମ୍ପତ୍ତି ସମ୍ବନ୍ଧୀୟ ଅହମ୍ (୧୬ । ୧୩—୧୫) ହିଁ ନଷ୍ଟ ହୁଏ; ପୂର୍ଣ୍ଣରୂପେ ଅହମ୍ ନଷ୍ଟ ନ ହୋଇ ସୂକ୍ଷ୍ମରୂପରେ ରହେ। ମାତ୍ର ଏଭଳି କଥା ଠିକ୍ ନୁହେଁ; କାରଣ ଅହମ୍‌ର ଉତ୍ପତ୍ତି ଅବିଦ୍ୟାରୁ ହୁଏ* ଏବଂ ଜ୍ଞାନ ହେଲେ ଅବିଦ୍ୟା ନଷ୍ଟ ହୋଇଯାଏ। ଯଦି ଅବିଦ୍ୟା ନ ରହିବ, ତେବେ ଅବିଦ୍ୟାରୁ ଉତ୍ପନ୍ନ ଅହମ୍ ରହିବ କେମିତି? ଯେଉଁ ଜ୍ଞାନ ଅବିଦ୍ୟାକୁ ଦୂର କରିପାରେ ନାହିଁ, ତାହାକୁ ଜ୍ଞାନ କହିବା କିପରି? ତାହା ତ କେବଳ ଶିଖିଥିବା ଶାସ୍ତ୍ରଜ୍ଞାନ, ବାସ୍ତବିକ ଜ୍ଞାନ (ବୋଧ) ନୁହେଁ। ଦ୍ୱିତୀୟତଃ, ଯଦି ସର୍ବଥା ଅହମ୍ ନଷ୍ଟ ହେଉ ନ ଥାନ୍ତା, ତେବେ ମଞ୍ଜିରୁ ଗଛ ହେଲାପରି ସୂକ୍ଷ୍ମ ଅହମ୍ ମଧ୍ୟ ପ୍ରାକୃତ ପଦାର୍ଥ, ବ୍ୟକ୍ତି ଆଦିର ସଙ୍ଗ ପାଇ ପ୍ରବଳ ହୋଇ ଆସୁରୀସମ୍ପତ୍ତିଯୁକ୍ତ ହୋଇଯାଆନ୍ତା।

ଅହମ୍ ଭୋଗେଚ୍ଛା ଓ ମୋକ୍ଷେଚ୍ଛା ଉପରେ ତିଷ୍ଠି ରହିଥାଏ। ଭୋଗେଚ୍ଛା ନଷ୍ଟ ହୋଇଗଲେ ମୋକ୍ଷେଚ୍ଛା ପୂରଣ ହୋଇଯାଏ ଅର୍ଥାତ୍ ଚିନ୍ମୟତା ମିଳିଯାଏ। ଏହି ଚିନ୍ମୟତାରେ ଅହମ୍ ନ ଥିଲା, ନାହିଁ କିଂବା ରହିବ ନାହିଁ।

* ଅବିଦ୍ୟାସ୍ମିତାରାଗଦ୍ୱେଷାଭିନିବେଶାଃ କ୍ଲେଶାଃ। ଅବିଦ୍ୟା କ୍ଷେତ୍ରମୁତ୍ତରେଷାଂ....... (ପାତଞ୍ଜଳଯୋଗଦର୍ଶନ ୨ । ୩-୪)

୫୭. ଗୀତାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱର ନିଷେଧ

ପ୍ରକୃତୌ ପ୍ରକୃତେଃ କାର୍ଯ୍ୟେ ଭବନ୍ତି ବିବିଧାଃ କ୍ରିୟାଃ ।
ଶରୀରବାଙ୍ମନୋଭିସ୍ତାଃ ପ୍ରକଟନ୍ତ୍ୟଖିଳାଃ ସଦା ॥
ଆତ୍ମନି ନୈବ କର୍ତ୍ତୃତ୍ୱଂ ଭୋକ୍ତୃତ୍ୱଂ ନୈବ କର୍ହିଚିତ୍ ।
ପ୍ରକୃତେରେବ ସମ୍ବନ୍ଧାନ୍ମନ୍ୟତେ ଦ୍ୱେ ତୁ ପୁରୁଷଃ ॥

ପରମାତ୍ମା ଓ ପରମାତ୍ମାଙ୍କ ଶକ୍ତି ପ୍ରକୃତି—ଏ ଦୁହିଁଙ୍କ ମଧ୍ୟରୁ କେବଳ ପ୍ରକୃତିରେ ହିଁ ପରିବର୍ତ୍ତନ ହୋଇଥାଏ, ମାତ୍ର ସେହି ପ୍ରକୃତିର ଯିଏ ଆଧାର, ପ୍ରକାଶକ ଓ ଆଶ୍ରୟ, ତା'ଠାରେ କିଞ୍ଚିନ୍ମାତ୍ର ପରିବର୍ତ୍ତନ ହୁଏ ନାହିଁ। ଯେଉଁ ପ୍ରକୃତିରେ ପରିବର୍ତ୍ତନ ହୋଇଥାଏ, ତା' ବିଷୟରେ ଗୀତା ଅନେକ ପ୍ରକାରରେ ବୁଝାଇଛି । ଯଥା—ସମସ୍ତ କ୍ରିୟା ପ୍ରକୃତି ଦ୍ୱାରା ହିଁ ହୋଇଥାଏ (୧୩ । ୨୯); ଗୁଣଗୁଡ଼ିକ ହିଁ ଗୁଣଗୁଡ଼ିକରେ ପ୍ରବର୍ତ୍ତିତ ହେଉଛନ୍ତି ଅର୍ଥାତ୍ ସମସ୍ତ କ୍ରିୟା ପ୍ରକୃତିର ଗୁଣଗୁଡ଼ିକ ଦ୍ୱାରା ହିଁ ହେଉଛି (୩ । ୨୭–୨୮; ୧୪ । ୨୩); ଇନ୍ଦ୍ରିୟମାନେ ହିଁ ଇନ୍ଦ୍ରିୟମାନଙ୍କ ବିଷୟରେ ପ୍ରବର୍ତ୍ତିତ ହେଉଛନ୍ତି ଅର୍ଥାତ୍ ସମସ୍ତ କ୍ରିୟା ଇନ୍ଦ୍ରିୟମାନଙ୍କ ଦ୍ୱାରା ହିଁ ହେଉଛି (୫ । ୯) । ଇନ୍ଦ୍ରିୟମାନଙ୍କ ଦ୍ୱାରା କ୍ରିୟା ହେବା କଥାକୁ ମଧ୍ୟ ଗୀତାରେ ଅନେକ ପ୍ରକାରରେ କୁହାଯାଇଛି—କେଉଁଠି ଶରୀର, ଇନ୍ଦ୍ରିୟ, ମନ ଓ ବୁଦ୍ଧି ଦ୍ୱାରା କ୍ରିୟାଗୁଡ଼ିକ ସମ୍ପନ୍ନ ହେବା କଥା କୁହାଯାଇଛି (୫ । ୧୧) ତ କେଉଁଠି ଶରୀର, କର୍ତ୍ତା, କରଣ, ଚେଷ୍ଟା ଓ ଦୈବ(ସଂସ୍କାର)କୁ କ୍ରିୟାଗୁଡ଼ିକ ହେବାରେ କାରଣ ବୋଲି କୁହାଯାଇଛି (୧୮ । ୧୪); କେଉଁଠି ଶରୀର, ବାଣୀ ଓ ମନକୁ କ୍ରିୟା ପ୍ରକଟ ହେବାର ଦ୍ୱାର ବୋଲି କୁହାଯାଇଛି (୧୮ । ୧୫) ତ କେଉଁଠି କ୍ରିୟାଗୁଡ଼ିକ ହେବାରେ ସ୍ୱଭାବକୁ କାରଣ ବୋଲି କୁହାଯାଇଛି (୫ । ୧୪) । ପ୍ରକୃତରେ ପ୍ରକୃତି, ଗୁଣ ଓ ଇନ୍ଦ୍ରିୟ ତତ୍ତ୍ୱତଃ ଏକ ଅଟନ୍ତି; କାରଣ ପ୍ରକୃତି ହେଲା ମୂଳ, ପ୍ରକୃତିର କାର୍ଯ୍ୟ ହେଲା ଗୁଣ ଏବଂ ଗୁଣମାନଙ୍କର କାର୍ଯ୍ୟ ହେଲେ ଇନ୍ଦ୍ରିୟଗଣ । ଏଥିରୁ ପ୍ରମାଣିତ ହୁଏ ଯେ କର୍ତ୍ତୃତ୍ୱ ଅର୍ଥାତ୍ କରିବା ପ୍ରକୃତିରେ ହିଁ ରହିଛି, ପରମାତ୍ମାଙ୍କ ଅଂଶ ଜୀବାତ୍ମା(ପୁରୁଷ)ଠାରେ କର୍ତ୍ତୃତ୍ୱ ନାହିଁ । କାର୍ଯ୍ୟ ଓ କରଣ ଦ୍ୱାରା ହେଉଥିବା କ୍ରିୟାଗୁଡ଼ିକୁ ଉତ୍ପନ୍ନ କରିବାରେ ପ୍ରକୃତିକୁ ହିଁ ହେତୁ ବୋଲି କୁହାଯାଇଛି—'**କାର୍ଯ୍ୟକରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ**' (୧୩ । ୨୦) ।

ଭୋକ୍ତୃତ୍ୱରେ ପୁରୁଷକୁ ହେତୁ ବୋଲି କୁହାଯାଇଛି—'**ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ**' (୧୩ । ୨୦) । କିନ୍ତୁ ପ୍ରକୃତରେ ପ୍ରକୃତିସ୍ଥ ପୁରୁଷ ହିଁ ହେତୁ ହୋଇଥାଏ—'**ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ**' (୧୩ । ୨୧) ଅର୍ଥାତ୍ ପ୍ରକୃତିରେ ସ୍ଥିତ ହୋଇଥିବାରୁ ହିଁ ପୁରୁଷ ଭୋକ୍ତୃତ୍ୱରେ ହେତୁ ହୋଇଥାଏ । ଯଦି ପୁରୁଷ (ସ୍ୱୟଂ) ପ୍ରକୃତି ମଧ୍ୟରେ ସ୍ଥିତ ନ ହୋଇ ନିଜ ସ୍ୱରୂପରେ ହିଁ ସ୍ଥିତ ରହିବ, ତେବେ ସେ ଭୋକ୍ତା ହୋଇ ପାରିବ ନାହିଁ । ଅତଏବ ଭଗବାନ କହୁଛନ୍ତି ଯେ "ଏହି ପୁରୁଷ ସ୍ୱୟଂ ଅନାଦି ଓ ନିର୍ଗୁଣ ହୋଇଥିବାରୁ ଅବିନାଶୀ ପରମାତ୍ମସ୍ୱରୂପ ହିଁ ଅଟେ । ଏହା ଶରୀର ମଧ୍ୟରେ ସ୍ଥିତ ହୋଇ ମଧ୍ୟ କରେ ନାହିଁ କି ଲିପ୍ତ ହୁଏ ନାହିଁ" (୧୩ । ୩୧) । ଏଠାରେ 'କରେ ନାହିଁ'ର ଅର୍ଥ ହେଲା, ଏହାଠାରେ କର୍ତ୍ତୃତ୍ୱ ନାହିଁ ଏବଂ 'ଲିପ୍ତ ହୁଏ ନାହିଁ'ର ଅର୍ଥ ହେଲା, ଏହାଠାରେ ଭୋକ୍ତୃତ୍ୱ ନାହିଁ ।

ଯେତେବେଳେ ସ୍ୱୟଂ କର୍ମେନ୍ଦ୍ରିୟମାନଙ୍କ (ଶରୀର ଆଦି) ସହିତ ମିଶିଯାଏ, ସେତେବେଳେ ଏହା (ସ୍ୱୟଂ) କର୍ତ୍ତା ହୋଇଯାଏ ଏବଂ ଯେତେବେଳେ ଜ୍ଞାନେନ୍ଦ୍ରିୟମାନଙ୍କ (ମନ, ବାଣୀ ଆଦି) ସହିତ ମିଶେ, ସେତେବେଳେ ଏହା ଭୋକ୍ତା ହୋଇଯାଏ । କିନ୍ତୁ ଏହାର ଅର୍ଥ ନୁହେଁ ଯେ କର୍ମେନ୍ଦ୍ରିୟମାନଙ୍କ ସହିତ ମିଶିବା ସମୟରେ ଏହା ଭୋକ୍ତା ନୁହେଁ ଓ ଜ୍ଞାନେନ୍ଦ୍ରିୟମାନଙ୍କ ସହିତ ମିଶିବା ସମୟରେ ଏହା କର୍ତ୍ତା ନୁହେଁ । ବରଂ ଏହା କର୍ମେନ୍ଦ୍ରିୟମାନଙ୍କର ପ୍ରାଧାନ୍ୟ ଯୋଗୁଁ ନିଜକୁ କର୍ତ୍ତା ଓ ଜ୍ଞାନେନ୍ଦ୍ରିୟମାନଙ୍କର ପ୍ରାଧାନ୍ୟ ଯୋଗୁଁ ନିଜକୁ ଭୋକ୍ତା ବୋଲି ମାନିନିଏ । ବୋଧ (ତତ୍ତ୍ୱଜ୍ଞାନ) ନ ହେବାଯାଏ ଏହି ମାନି ନେଇଥିବା କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ରହିଥାଏ ।

ଭୋକ୍ତା, ଭୋଗ୍ୟ ବସ୍ତୁ ଓ ଭୋଗରୂପୀ କ୍ରିୟା—ଏହି ତିନୋଟି ମଧ୍ୟରେ କାରଣରୂପା ପ୍ରକୃତିର ଏକତା ରହିଥାଏ । ଭୋକ୍ତାଠାରେ ପ୍ରକୃତିର ଯେଉଁ ଅଂଶ ରହିଛି, ତାହା ଭୋଗ୍ୟ ବସ୍ତୁ ଓ ଭୋଗରୂପୀ କ୍ରିୟା ସହିତ ଏକ

ହୋଇଥାଏ। ପ୍ରକୃତିର ସେହି ଅଂଶ ସହିତ ତାଦାତ୍ମ୍ୟ କରିନେବାରୁ, ତାହା ସହିତ ମିଶିଯିବା ହେତୁ ପୁରୁଷ (ଚେତନ)ଭୋକ୍ତା ହୋଇଯାଏ। ଭୋକ୍ତା ହେବା ପରେ ମଧ୍ୟ ଏହାର ଭୋଗ ପ୍ରତି ଯେଉଁ ଆକର୍ଷଣ ହୁଏ, ସେହି ଆକର୍ଷଣ ପ୍ରକୃତରେ ପ୍ରକୃତିର ଅଂଶ ପକ୍ଷରୁ ହିଁ ହୋଇଥାଏ। କିନ୍ତୁ ଶରୀର ସହିତ ତାଦାତ୍ମ୍ୟ ହେବା କାରଣରୁ ପୁରୁଷ ପ୍ରକୃତିର ଅଂଶର ଆକର୍ଷଣକୁ ନିଜର ଆକର୍ଷଣ ବୋଲି ମାନିନିଏ। ଏଥିରେ ଯଦି ଜୀଏ ସାବଧାନ ରହିବ ଅର୍ଥାତ୍ ଏହି ଆକର୍ଷଣକୁ ନିଜର ମନେ ନ କରି ଜଡ଼ଅଂଶର ଆକର୍ଷଣ ବୋଲି ବିବେକପୂର୍ବକ ଅନୁଭବ କରିବ, ତେବେ ଜୀଏ ପରମାତ୍ମତତ୍ତ୍ୱକୁ ପ୍ରାପ୍ତ କରିନେବ। ଅତଏବ ଭଗବାନ କହୁଛନ୍ତି—ବିଚାରକୁଶଳ ମନୁଷ୍ୟ ଯେତେବେଳେ ଗୁଣମାନଙ୍କ ବ୍ୟତୀତ ଅନ୍ୟକୁ କର୍ତ୍ତା ଭାବେ ନାହିଁ ଏବଂ ନିଜକୁ ଗୁଣମାନଙ୍କରୁ ଅତୀତ ଅନୁଭବ କରେ, ସେତେବେଳେ ସେ ମୋର ସ୍ୱରୂପକୁ ପ୍ରାପ୍ତ ହୁଏ (୧୪।୧୯)। କାହିଁକି ପ୍ରାପ୍ତ ହୁଏ? କାରଣ, ସ୍ୱୟଂ (ସ୍ୱରୂପ) ସ୍ୱାଭାବିକଭାବେ ଗୁଣମାନଙ୍କ ଠାରୁ ନିର୍ଲିପ୍ତ (୧୩।୩୧)। ତାତ୍ପର୍ଯ୍ୟ ହେଲା ଯେ ପୁରୁଷ ଯେଉଁ ଜଡ଼ଅଂଶ ସହିତ ତାଦାତ୍ମ୍ୟ କରି ନିଜକୁ ଭୋକ୍ତା ମାନେ, ସେହି ଜଡ଼ଅଂଶରେ ଭୋଗରୂପୀ କ୍ରିୟା ମଧ୍ୟ ହୁଏ। ଅତଏବ ଭୋକ୍ତା ମଧ୍ୟ ଜଡ଼ଅଂଶ ହିଁ ଅଟେ, ଭୋଗରୂପୀ କ୍ରିୟା ମଧ୍ୟ ଜଡ଼ଅଂଶରେ ହିଁ ହୁଏ, ଭୋଗର ସାମର୍ଥ୍ୟ ମଧ୍ୟ ଜଡ଼ଅଂଶରେ ହିଁ ରହିଛି ଓ ଭୋଗ୍ୟ ପଦାର୍ଥ ମଧ୍ୟ ଜଡ଼ ପ୍ରକୃତିର ହିଁ କାର୍ଯ୍ୟ। ତେଣୁ ଭୋକ୍ତା, ଭୋଗରୂପୀ କ୍ରିୟା, ଭୋଗର ସାମର୍ଥ୍ୟ ଓ ଭୋଗ୍ୟ ପଦାର୍ଥ—ଏ ସମସ୍ତେ ପ୍ରକୃତିର ଅନ୍ତର୍ଗତ (୧୩।୩୦)। ଭୋଗ ସମୟରେ ପୁରୁଷଠାରେ କୌଣସି ବିକାର ମଧ୍ୟ ହୁଏ ନାହିଁ (୧୩।୩୧); କିନ୍ତୁ ତାଦାତ୍ମ୍ୟ କାରଣରୁ ପୁରୁଷ ନିଜଠାରେ ଅହଂଭାବ ଆରୋପିତ କରି 'ମୁଁ ସୁଖୀ' ଓ 'ମୁଁ ଦୁଃଖୀ'—ଏପରି ମାନିନିଏ। ନିଜଠାରେ ଜଡ଼ଅଂଶକୁ ଅସ୍ତିତ୍ୱ ଦେବାରୁ ଭୋକ୍ତାର ଭୋଗଗୁଡ଼ିକ ପ୍ରତି ଆକର୍ଷଣ ହୁଏ, ଅନ୍ୟଥା ସ୍ୱୟଂ(ଚେତନ)ର ଭୋଗଗୁଡ଼ିକ ପ୍ରତି ଆକର୍ଷଣ ହେବା ଅସମ୍ଭବ।

ଭଗବାନ ଗୁଣଗୁଡ଼ିକୁ କର୍ତ୍ତା କହିଛନ୍ତି, ସୁତରାଂ ସେହି କର୍ତ୍ତାଠାରେ ଭୋକ୍ତୃତ୍ୱ ମଧ୍ୟ ଅଛି; କାରଣ ଭୋଗ ମଧ୍ୟ କ୍ରିୟାଜନିତ (୫।୮–୯)। କ୍ରିୟା ବିନା ଭୋଗ ଭୋଗଯାଇପାରେ ନାହିଁ। ଏଥିରୁ ମଧ୍ୟ ପ୍ରମାଣିତ ହେଲା ଯେ ସ୍ୱୟଂଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନାହିଁ।

କର୍ତ୍ତୃତ୍ୱରେ ହିଁ ଭୋକ୍ତୃତ୍ୱ ରହିଥାଏ ଅର୍ଥାତ୍ କର୍ତ୍ତା ହିଁ ଭୋକ୍ତା ହୁଏ। କାରଣ, ସ୍ୱୟଂ କୌଣସି ପ୍ରୟୋଜନ କାରଣରୁ ବା ଫଳର ଇଚ୍ଛା ଥିବାରୁ ହିଁ କର୍ମ କରିବାକୁ ପ୍ରବୃତ୍ତ ହୁଏ ଅର୍ଥାତ୍ ଭୋକ୍ତୃତ୍ୱଭାବ ଯୋଗୁଁ ଜୀଏ କର୍ତ୍ତା ବୋଲାଏ। ଅତଏବ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଭିନ୍ନ ନୁହେଁ, ବରଂ ଅଭିନ୍ନ।* ଅବଶ୍ୟ ସୂକ୍ଷ୍ମଦୃଷ୍ଟିରେ ଦେଖିଲେ କର୍ତ୍ତୃତ୍ୱରେ ସ୍ଥୂଳତା ରହିଥାଏ ଓ ଭୋକ୍ତୃତ୍ୱରେ ସୂକ୍ଷ୍ମତା ରହିଥାଏ। କିନ୍ତୁ ତାତ୍ତ୍ୱିକ ଦୃଷ୍ଟିରୁ ଉଭୟ ସମାନ, କାରଣ ଉଭୟ ପ୍ରକୃତି ସହ ସମ୍ବନ୍ଧିତ। ଅତଏବ କର୍ତ୍ତୃତ୍ୱ ନଷ୍ଟ ହୋଇଗଲେ ଭୋକ୍ତୃତ୍ୱ ମଧ୍ୟ ନଷ୍ଟ ହୋଇଯାଏ ଏବଂ ଭୋକ୍ତୃତ୍ୱ ନଷ୍ଟ ହୋଇଗଲେ କର୍ତ୍ତୃତ୍ୱ ମଧ୍ୟ ନଷ୍ଟ ହୋଇଯାଏ।

ସନ୍ଦେହ—ଗୀତାରେ କୁହାଯାଇଛି ଯେ ସାଧକ 'ମୁଁ କିଛି କରୁ ନାହିଁ' ବୋଲି ଭାବିବା ଉଚିତ (୫।୮); 'ଯାହାର ଅହଂକୃତଭାବ ନାହିଁ' (୧୮।୧୭) ଇତ୍ୟାଦି। ଯଦି ସ୍ୱୟଂଠାରେ କର୍ତ୍ତୃତ୍ୱ ନ ଥାଏ, ତେବେ ପୁଣି 'ମୁଁ କିଛି କରୁ ନାହିଁ'; 'ଯାହାର ଅହଂକୃତ ଭାବ ନାହିଁ'—ଏଭଳି (ସ୍ୱୟଂରେ କର୍ତ୍ତୃତ୍ୱ ନାହିଁ) କହିବାର ଆବଶ୍ୟକତା କଅଣ ଥିଲା? କାରଣ କୌଣସି ଜିନିଷ ପ୍ରାପ୍ତ ହେଉଥିଲେ ହିଁ ତାହାର ନିଷେଧ କରାଯାଇଥାଏ—**'ପ୍ରାପ୍ତୌ ସତ୍ୟାଂ ନିଷେଧଃ'**। ଯେଉଁଠି ଆଦୌ ପ୍ରାପ୍ତି ନାହିଁ, ସେଠାରେ ନିଷେଧ କରିବାର ଯଥାର୍ଥତା ନାହିଁ। ଅତଏବ ଉପର୍ଯ୍ୟୁକ୍ତ ବାକ୍ୟମାନଙ୍କରେ କର୍ତ୍ତୃତ୍ୱର ନିଷେଧ କରିବାରୁ ପ୍ରମାଣିତ ହେଉଛି ଯେ ସ୍ୱୟଂଠାରେ କର୍ତ୍ତୃତ୍ୱ ଥାଏ। ତେବେ ଏହା କେମିତି ସ୍ୱୀକାର କରିବା ଯେ ପ୍ରକୃତିରେ ହିଁ କର୍ତ୍ତୃତ୍ୱ ରହିଛି, ସ୍ୱୟଂ (ଚେତନ)ଠାରେ ନାହିଁ?

ସମାଧାନ—ପ୍ରକୃତରେ ସମସ୍ତ କ୍ରିୟା ପ୍ରକୃତିରେ ହିଁ ହୁଏ, କିନ୍ତୁ 'ମୁଁ କର୍ମ କରୁଛି'—ଏହି କର୍ତ୍ତୃତ୍ୱର ଧାରଣା ସ୍ୱୟଂ କରେ ଅର୍ଥାତ୍ ସ୍ୱୟଂ ନିଜଠାରେ କର୍ତ୍ତୃତ୍ୱ ମାନିନିଏ। ମାନିବା ବା ନ ମାନିବା କେବଳ ଚେତନ (ସ୍ୱୟଂ) ଦ୍ୱାରା ହିଁ ସମ୍ଭବ, ଜଡ଼ ପ୍ରକୃତି (ଶରୀର) ଦ୍ୱାରା ସମ୍ଭବ ନୁହେଁ। ସ୍ୱୟଂ ନିଜଠାରେ କର୍ତ୍ତୃତ୍ୱର ଧାରଣା (କର୍ତ୍ତୃତ୍ୱଭାବ) କରୁଥିବାରୁ ହିଁ ସେ ଭୋକ୍ତୃତ୍ୱର ହେତୁ ହୁଏ। ଯଦି ସ୍ୱୟଂ କର୍ତ୍ତୃତ୍ୱର ଧାରଣା କରୁ ନ

* ନିଜଠାରେ କର୍ତ୍ତୃତ୍ୱ ନ ମାନିଲେ ମଧ୍ୟ କ୍ରିୟା ହୋଇଥାଏ, କିନ୍ତୁ ନିଜକୁ ସୁଖୀଦୁଃଖୀ ନ ମାନିଲେ ଭୋକ୍ତୃତ୍ୱ ସିଦ୍ଧ ହୁଏ ନାହିଁ।

ଥାନ୍ତା, ତେବେ 'ପୁରୁଷ ଭୋକ୍ତୃତ୍ୱରେ ହେତୁ ହୁଏ' (୧୩।୨୦)—ଏହା କହିବାର ଯଥାର୍ଥତା ନ ଥାନ୍ତା। ଯେପର୍ଯ୍ୟନ୍ତ ସ୍ୱୟଂର ପ୍ରକୃତି ସହିତ ସମ୍ବନ୍ଧ ଥାଏ, ସେପର୍ଯ୍ୟନ୍ତ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱର ଧାରଣା ସ୍ୱୟଂଠାରେ ହିଁ ରହିଥାଏ। ଅତଏବ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱର ଧାରଣା ପ୍ରକୃତି ସହିତ ସମ୍ବନ୍ଧ ଯୋଗୁଁ ହିଁ ସ୍ୱୟଂଠାରେ ରହିଥାଏ (୩।୨୭)। ଯଦି ପ୍ରକୃତିଠାରୁ ସର୍ବଥା ସମ୍ବନ୍ଧ ତୁଟିଯାଏ, ତେବେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱର ଧାରଣା ଦୂର ହୋଇଯାଏ, ଏବଂ ସ୍ୱୟଂ ଶରୀର ମଧ୍ୟରେ ଥାଇ ସୁଦ୍ଧା କରେ ନାହିଁ କି ଲିପ୍ତ ହୁଏ ନାହିଁ (୧୩।୩୧)।

ଭଗବାନ ଗୀତାରେ ଜୀବାତ୍ମାକୁ ପରା (ଚେତନ) ପ୍ରକୃତି ଓ ସଂସାରକୁ ଅପରା (ଜଡ଼) ପ୍ରକୃତି କହିଛନ୍ତି। ଏହି ପରା ଓ ଅପରାର ସଂଯୋଗରୁ ହିଁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୁଅନ୍ତି। ସେହି ପ୍ରାଣୀମାନେ ମନୁଷ୍ୟଲୋକର ହୋଇଥାଆନ୍ତୁ କି ସ୍ୱର୍ଗଲୋକର ହୋଇଥାଆନ୍ତୁ, ନରକର ହୋଇ ଥାଆନ୍ତୁ କି ଚଉରାଶୀ ଲକ୍ଷ ଯୋନିର ହୋଇଥାଆନ୍ତୁ ଅଥବା ଭୂତ, ପିଶାଚ ଆଦି ଯୋନିର ହୋଇଥାଆନ୍ତୁ, ସମସ୍ତେ ପରା ଓ ଅପରାର ସମ୍ବନ୍ଧ ଯୋଗୁଁ ହିଁ ଉତ୍ପନ୍ନ ହୋଇଥାନ୍ତି (୭।୬)। ଏହି କଥାକୁ ତ୍ରୟୋଦଶ ଅଧ୍ୟାୟର ୨୬ଶ ଶ୍ଳୋକରେ କୁହାଯାଇଛି ଯେ ସମସ୍ତ ସ୍ଥାବର-ଜଙ୍ଗମ ପ୍ରାଣୀ କ୍ଷେତ୍ରଜ୍ଞ ଓ କ୍ଷେତ୍ରର ସଂଯୋଗରୁ ହିଁ ଉତ୍ପନ୍ନ ହୁଅନ୍ତି। ସଂଯୋଗ କରିବା ଓ ସମ୍ବନ୍ଧକୁ ମାନିବାର ଯୋଗ୍ୟତା, ସାମର୍ଥ୍ୟ ଆଦି ଚେତନଠାରେ ହିଁ ରହିଛି, ଜଡ଼ ପ୍ରକୃତିଠାରେ ନାହିଁ। ସମ୍ବନ୍ଧକୁ ସ୍ୱୀକାର କରିବା ଅଥବା ନ କରିବାରେ, ମାନିବା କିମ୍ବା ନ ମାନିବାରେ ସ୍ୱୟଂ ସର୍ବଥା ସ୍ୱତନ୍ତ୍ର। ଯେତେବେଳେ ସ୍ୱୟଂ ଅବିବେକ କାରଣରୁ ପ୍ରକୃତି ଓ ତାହାର କାର୍ଯ୍ୟ ଶରୀର ସହିତ ନିଜର ସମ୍ବନ୍ଧ ମାନିନିଏ, ସେତେବେଳେ ତାକୁ ନିଜ ଭିତରେ ନ୍ୟୂନତାର ଅନୁଭବ ହୁଏ। ଯେପରି ମନୁଷ୍ୟ ବିବାହ କରି ସ୍ତ୍ରୀ ସହିତ ସମ୍ବନ୍ଧ ଯୋଡ଼ିନେଲେ ତାକୁ ସ୍ତ୍ରୀର ଲୁଗାପଟା, ଗହଣାଗାଣ୍ଠି ଇତ୍ୟାଦିର ଅଭାବ ନିଜର ଅଭାବ ଭଳି ଲାଗେ, ସେହିପରି ଏହି ସ୍ୱୟଂ ଶରୀର ସହିତ ସମ୍ବନ୍ଧ ଯୋଡ଼ିନେବା ପରେ ଏହାକୁ ମଧ୍ୟ ଶରୀରର ନ୍ୟୂନତା ନିଜର ନ୍ୟୂନତା ଭଳି ଲାଗେ। ସେହି ନ୍ୟୂନତାକୁ ପୂର୍ଣ୍ଣ କରିବାକୁ ଯାଇ ଇଏ ଶରୀର ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା କାମନା ଓ ଆସକ୍ତିପୂର୍ବକ ଯାହା କିଛି ଚେଷ୍ଟା କରେ, ସେଥିରେ ତା'ର କର୍ତ୍ତୃତ୍ୱଭାବ ହୋଇଯାଏ, ଅର୍ଥାତ୍ ତା'ଠାରେ 'ମୁଁ କର୍ମ କରୁଛି'—ଏପରି ଭାବ ଆସିଯାଏ। ଏପରି କର୍ତ୍ତୃତ୍ୱଭାବ ଆସିଲେ ମଧ୍ୟ ପ୍ରକୃତି ହିଁ କ୍ରିୟା, ବସ୍ତୁ ଆଦି ରୂପରେ ପରିଣତ ହୁଏ। ତାତ୍ପର୍ଯ୍ୟ ଏହି ଯେ କ୍ରିୟାମାତ୍ରକେ ପ୍ରକୃତି ଦ୍ୱାରା ଓ ପ୍ରକୃତିରେ ହିଁ ହୋଇଥାଏ (୧୩।୩୦)। ସ୍ୱୟଂଠାରେ କେବେ କୌଣସି କ୍ରିୟା ହୁଏ ନାହିଁ; କାରଣ ସେ ସର୍ବଥା ଅସଙ୍ଗ ଓ ନିର୍ଲିପ୍ତ। ତା'ର ଅସଙ୍ଗତା କେବେହେଲେ ନଷ୍ଟ ହୁଏ ନାହିଁ (୧୩।୩୧)।

ପ୍ରକୃତି ସହିତ ସମ୍ବନ୍ଧ ଯୋଡ଼ିବା ଯୋଗୁଁ ନିଜ ଭିତରେ ନ୍ୟୂନତାର ଅନୁଭବ ହେବାପରେ ଏହି ପୁରୁଷ ଯେଉଁ ସବୁ ଚେଷ୍ଟା କରେ, ସେହି ଚେଷ୍ଟା (ଅର୍ଥାତ୍ କାର୍ଯ୍ୟ)ର ପୂର୍ତ୍ତି ବା ଅପୂର୍ତ୍ତି, ସିଦ୍ଧି ବା ଅସିଦ୍ଧି ଓ ଫଳର ପ୍ରାପ୍ତି ବା ଅପ୍ରାପ୍ତି ହୋଇଥାଏ। କାର୍ଯ୍ୟ ପୂର୍ଣ୍ଣ, ସିଦ୍ଧ ଓ ସଫଳ ହେଲେ ଇଏ ସୁଖ ଅନୁଭବ କରେ ଓ ନିଜକୁ ସୁଖୀ ବୋଲି ଭାବେ; ଏବଂ କାର୍ଯ୍ୟ ଅପୂର୍ଣ୍ଣ, ଅସିଦ୍ଧ ଓ ଅସଫଳ ହେଲେ ଇଏ ଦୁଃଖ ଅନୁଭବ କରେ ତଥା ନିଜକୁ ଦୁଃଖୀ ବୋଲି ଭାବେ। ଏହିପରି ଭାବରେ ସୁଖଦୁଃଖ ଅନୁଭବ କଲେ ଓ ନିଜକୁ ସୁଖୀଦୁଃଖୀ ଭାବିଲେ ପୁରୁଷ ସୁଖଦୁଃଖର ଭୋକ୍ତା ହୋଇଯାଏ (୧୩।୨୧)। ଭୋକ୍ତା ହୋଇଗଲେ ଅର୍ଥାତ୍ ନିଜକୁ ଭୋକ୍ତା ମାନିନେଲେ ମଧ୍ୟ ଭୋଗରୂପୀ କ୍ରିୟା ବସ୍ତୁତଃ ପ୍ରକୃତିରେ ହିଁ ହୋଇଥାଏ, ସ୍ୱୟଂଠାରେ ନୁହେଁ।

କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱରେ ଥିବା କ୍ରିୟାଅଂଶ ହେଉଛି ପ୍ରକୃତିର। କରିବା ଓ ଭୋଗିବା ରୂପକ କ୍ରିୟା ପ୍ରକୃତିରେ ହିଁ ସମ୍ପାଦିତ ହୋଇଥାଏ। କିନ୍ତୁ ପ୍ରକୃତି ସହିତ ଓ ଶରୀର ସହିତ ତାଦାତ୍ମ୍ୟ ହେବାରୁ ପୁରୁଷ ନିଜଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଭାବକୁ ଅସ୍ତିତ୍ୱ ପ୍ରଦାନ କରେ ଏବଂ ଏହି କାରଣରୁ ସେ ନିଜଠାରେ ପ୍ରାକୃତ ପଦାର୍ଥଗୁଡ଼ିକ ପ୍ରତି ଆକର୍ଷଣ ଅଛି ବୋଲି ଅନୁଭବ କରେ। ଯେତେବେଳେ ବିବେକ ଦ୍ୱାରା ପ୍ରକୃତିଠାରୁ ନିଜର ପାର୍ଥକ୍ୟ ଅନୁଭବ ହୋଇଯାଏ, ସେତେବେଳେ ପୁରୁଷଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଭାବ ରହେ ନାହିଁ। ତା'ପରେ ସେ ଆଉ ସୁଖୀଦୁଃଖୀ ହୁଏ ନାହିଁ, କାରଣ ଶୁଦ୍ଧ ସ୍ୱରୂପରେ ସୁଖଦୁଃଖ ନାହିଁ। ସ୍ୱରୂପରେ ସୁଖ ଥିଲେ ସେ କଦାପି ଦୁଃଖୀ ହୁଅନ୍ତା ନାହିଁ ଏବଂ ଦୁଃଖ ଥିଲେ ସେ କଦାପି ସୁଖୀ ହୁଅନ୍ତା ନାହିଁ। ସୁଖ ଓ ଦୁଃଖର ଯିବାଆସିବା ଲାଗିଥାଏ, କିନ୍ତୁ ସ୍ୱୟଂ ଯଥାବତ୍ ରହିଥାଏ। ସୁଖ ଓ ଦୁଃଖର ଅବସ୍ଥା ବଦଳେ, କିନ୍ତୁ ସ୍ୱୟଂ ବଦଳେ ନାହିଁ। କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଭାବ ମଧ୍ୟ

ବଦଳେ, କିନ୍ତୁ ସ୍ୱୟଂ ବଦଳେ ନାହିଁ। ସ୍ୱୟଂ ସମାନରୂପେ ଉଭୟଙ୍କୁ ପ୍ରକାଶିତ କରେ।

ଏହା ସତ୍ୟ ଓ ସର୍ବାନୁଭୂତ କଥା ଯେ ଯିଏ ପାଠୁଆ, ତାହାର ହିଁ ପାଠ ବାକି ରହେ ଅର୍ଥାତ୍ ତାକୁ ହିଁ ପଢ଼ାରେ ଅପୂର୍ଣ୍ଣତା ଅନୁଭବ ହୋଇଥାଏ। ଯିଏ ଏକଦମ୍ଭରେ ଅପାଠୁଆ, ତାକୁ ପଢ଼ାରେ ଅପୂର୍ଣ୍ଣତା ଅନୁଭବ ହୁଏ ନାହିଁ। ଯିଏ ଧନ, ମାନ, ପ୍ରତିଷ୍ଠା ଇତ୍ୟାଦି ସହିତ ସମ୍ବନ୍ଧ ଯୋଡ଼ିନିଏ, ସେ ହିଁ ଧନ, ମାନ ଇତ୍ୟାଦିର ସ୍ୱଳ୍ପତା ଅନୁଭବ କରେ। ଯିଏ ଧନ, ମାନ ଆଦିକୁ ଆଦୌ ସ୍ୱୀକାର କରେ ନାହିଁ, ତାକୁ ଧନ, ମାନ ଆଦିର ସ୍ୱଳ୍ପତା ଅନୁଭବ ହୁଏ ନାହିଁ। ସେହିପରି ସ୍ୱୟଂ ଯେତେବେଳେ ଶରୀର, ପରିବାର, ଧନ, ମାନ, ପ୍ରତିଷ୍ଠା ଆଦି ସହିତ ନିଜର ସମ୍ବନ୍ଧ ମାନିନିଏ, ସେତେବେଳେ ତାକୁ ଏଗୁଡ଼ିକରେ ଅପୂର୍ଣ୍ଣତା ଅନୁଭବ ହୁଏ। ସେ ଯେତେ ମାତ୍ରାରେ ଶରୀର ଇତ୍ୟାଦି ସହିତ ନିଜର ସମ୍ବନ୍ଧ ମାନେ, ସେତେ ମାତ୍ରାରେ ନିଜଠାରେ ଏଗୁଡ଼ିକର ଅପୂର୍ଣ୍ଣତା ଅନୁଭବ କରେ। ସେହି ଅପୂର୍ଣ୍ଣତାକୁ ପୂରଣ କରିବା ପାଇଁ ସେ କର୍ମ କରେ—ଏହା ହେଲା କର୍ତ୍ତୃତ୍ୱ। ତା'ପରେ ସେ କର୍ମର ପୂର୍ତ୍ତି ଓ ଅପୂର୍ତ୍ତିରେ ସୁଖୀଦୁଃଖୀ ହୁଏ—ଏହା ହେଲା ଭୋକ୍ତୃତ୍ୱ। ତାତ୍ପର୍ଯ୍ୟ ହେଲା ଯେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ସ୍ୱୟଂ (ଚେତନ)ରେ ନାହିଁ କି ଜଡ଼ ପ୍ରକୃତିରେ ନାହିଁ। ପ୍ରକୃତି (ଶରୀର) ସହିତ ଚେତନ ନିଜର ଯେଉଁ ସମ୍ବନ୍ଧ ମାନିନିଏ, ସେହି ମାନିବାରେ ହିଁ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ରହିଥାଏ (୫। ୧୪)।

ଶରୀର ସହିତ ନିଜର ସମ୍ବନ୍ଧ ମାନିବାର କାରଣ କ'ଣ? ଏହାର ମୂଳ କାରଣ ହେଲା ଅଜ୍ଞାନ। ଅଜ୍ଞାନର ଅର୍ଥ ଜ୍ଞାନର ଅଭାବ ନୁହେଁ, ବରଂ ଅପୂର୍ଣ୍ଣ ଜ୍ଞାନର ନାମ ଅଜ୍ଞାନ। ମୋଟ କଥା ହେଲା, ନିଜର ଅନୁଭବକୁ ମହତ୍ତ୍ୱ ନ ଦେବା ହିଁ ଅଜ୍ଞାନ। ଯଥା—ମନୁଷ୍ୟର ଅନୁଭବ ଯେ ମୁଁ ଶରୀର ନୁହେଁ ଓ ଶରୀର ମୋର ନୁହେଁ, ତଥାପି ସେ ଶରୀରକୁ 'ମୁଁ' ଓ 'ମୋର' ମାନିନିଏ। ଶରୀର ସହିତ ସମ୍ବନ୍ଧ ନ ଥିଲେ ମଧ୍ୟ ସେ ଶରୀର ସହିତ ସମ୍ବନ୍ଧ ମାନିନିଏ। ଏହା ହେଲା ଅଜ୍ଞାନ। ଉତ୍ପନ୍ନ ହେଉଥିବା ଜିନିଷ ନଷ୍ଟ ହେବା ସୁନିଶ୍ଚିତ। ଶରୀର ଉତ୍ପନ୍ନ ହୋଇଛି ମାନେ ନିଶ୍ଚୟ ମରିବ। ଏ କଥାକୁ ସମସ୍ତେ ଜାଣନ୍ତି, ତଥାପି ସେମାନେ 'ମୋ ଶରୀର ଚିରକାଳ ରହିଥାଉ, ମରି ନ ଯାଉ' ଏପରି ଇଚ୍ଛା କରନ୍ତି—ଏହା ହେଲା ଅଜ୍ଞାନ।

ଏହି ଅଜ୍ଞାନ କେବେଠାରୁ ଆସିଲା? ଯେବେଠାରୁ ପୁରୁଷ ନିଜର ବିବେକକୁ ଅନାଦର କଲା ଓ ତାହାକୁ ମହତ୍ତ୍ୱ ଦେଲା ନାହିଁ, ସେହି ସମୟଠାରୁ ଅଜ୍ଞାନ ଆସିଛି। ଯଦିଓ ପ୍ରତ୍ୟେକ କ୍ରିୟା ପ୍ରକୃତିରେ ହିଁ ହେଉଥାଏ, ତଥାପି ଯେଉଁ ସମୟଠାରୁ ପୁରୁଷ ସେଗୁଡ଼ିକୁ ନିଜଠାରେ ମାନିନେଲା, ସେହି ସମୟଠାରୁ ଅଜ୍ଞାନ ଆସିଲା।

କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନିଜଠାରେ ନାହିଁ, ବରଂ ମାନି ନିଆଯାଇଛି। ତେଣୁ ଏଗୁଡ଼ିକୁ ଦୂର କରି ହୁଏ। ଯଦି କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନିଜଠାରେ ଥାଆନ୍ତା, ତେବେ ଏଗୁଡ଼ିକୁ ଦୂର କରି ହୁଅନ୍ତା ନାହିଁ—**'ନାଭାବୋ ବିଦ୍ୟତେ ସତଃ'** (ଗୀତା ୨। ୧୬)। ଯାହା ପ୍ରକୃତରେ ନ ଥାଏ, ତାହା ହିଁ ଦୂର ହୁଏ।

ତ୍ରୟୋଦଶ ଅଧ୍ୟାୟର ୨୧ଶ ଶ୍ଳୋକରେ ପୁରୁଷକୁ 'ପ୍ରକୃତିସ୍ଥ' ଓ ୩୧ଶ ଶ୍ଳୋକରେ ପୁରୁଷକୁ 'ଶରୀରସ୍ଥ' କୁହାଯାଇଛି। ଏହାର ଅଭିପ୍ରାୟ, ଯିଏ କେବଳ ଶରୀର ସହିତ ନିଜର ସମ୍ବନ୍ଧ (ତାଦାତ୍ମ୍ୟ) ସ୍ୱୀକାର କରିନେଲା, ତାହାର ସମଗ୍ର ପ୍ରକୃତି ଓ ପ୍ରକୃତିର କାର୍ଯ୍ୟ ସଂସାର ସହିତ ଆପେ ଆପେ ସମ୍ବନ୍ଧ ହୋଇଗଲା। ଯେପରି କାହାର କୌଣସି ଝିଅ ସହିତ ସମ୍ବନ୍ଧ (ବିବାହ) ହୋଇଗଲେ ସେହି ଝିଅର ସମ୍ପୂର୍ଣ୍ଣ ପରିବାର ସହିତ ତା'ର ସମ୍ବନ୍ଧ ଆପେ ଆପେ ହୋଇଯାଏ, ସେହିପରି ପୁରୁଷ କେବଳ ଶରୀର ସହିତ ସମ୍ବନ୍ଧ ମାନିନେଲେ ତା'ର ସମଗ୍ର ପ୍ରକୃତି ସହିତ ଓ ପ୍ରତ୍ୟେକ ଶରୀର ସହିତ ଆପେ ଆପେ ସମ୍ବନ୍ଧ ହୋଇଯାଏ। ପ୍ରକୃତି ସହିତ ସମ୍ବନ୍ଧ ସ୍ୱୀକାର କରିବାରୁ ହିଁ ସେ ଗୁଣଗୁଡ଼ିକର ଓ ସୁଖଦୁଃଖର ଭୋକ୍ତା ହୁଏ (୧୩। ୨୦) ଅର୍ଥାତ୍ ସୁଖୀଦୁଃଖୀ ହୁଏ।

ଆମର ବାସ୍ତବିକ ସ୍ୱରୂପରେ ସୁଖଦୁଃଖ ନାହିଁ। ଏହା ସୁଖଦୁଃଖରୁ ଭିନ୍ନ ଓ ଆନନ୍ଦସ୍ୱରୂପ। କିନ୍ତୁ ଜୀବ ପ୍ରକୃତି ସହିତ ନିଜର ଏକତ୍ୱ ମାନିନେଲା ପରେ ଅନୁକୂଳ ପରିସ୍ଥିତିରେ 'ମୁଁ ସୁଖୀ' ଓ ପ୍ରତିକୂଳ ପରିସ୍ଥିତିରେ 'ମୁଁ ଦୁଃଖୀ' ବୋଲି ଭାବେ*। 'ସ୍ୱୟଂ' ପ୍ରକୃତି ଠାରୁ

* ପ୍ରକୃତିର ସ୍ୱରୂପ ହେଲା—କ୍ରିୟା ଓ ପଦାର୍ଥ। ପ୍ରକୃତି ହିଁ କ୍ରିୟା ଓ ପଦାର୍ଥରୂପେ ପ୍ରକଟ ହୁଏ। କ୍ରିୟା ଓ ପଦାର୍ଥର ସମ୍ବନ୍ଧ ଯୋଗୁଁ ଯେଉଁ ସୁଖ ମିଳେ, ତାହା 'ଭୋଗ' ଅଟେ, 'ଯୋଗ' ନୁହେଁ। କିନ୍ତୁ ପରମାତ୍ମାଙ୍କ ସମ୍ବନ୍ଧରୁ ଯେଉଁ ସୁଖ ମିଳେ, ତାହା 'ଯୋଗ' ଅଟେ, 'ଭୋଗ' ନୁହେଁ; ସେଥିପାଇଁ ଏହି ସୁଖରେ ଭୋକ୍ତା ନ ଥାଏ।

ସମ୍ବନ୍ଧ ଛିନ୍ନ କରି ନିଜ ସ୍ୱରୂପରେ ସ୍ଥିତ ହୋଇଗଲେ ସୁଖଦୁଃଖରେ ସମ ହୋଇଯାଏ । ତା'ପରେ **'ଅହଂକାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ'** (୩ । ୨୭) ପଦଗୁଡ଼ିକରେ ସୂଚାଇ ଦିଆଯାଇଥିବା ଏକଦେଶୀୟ ଅହମ୍ ଦୂର ହୋଇଯାଏ, ତାହାର ବୁଦ୍ଧି ସାମ୍ୟାବସ୍ଥାରେ ସ୍ଥିତ ହୋଇଯାଏ, ଇନ୍ଦ୍ରିୟମାନେ ନିର୍ବିଷୟ ହୋଇଯାଆନ୍ତି ଅର୍ଥାତ୍ ସେମାନଙ୍କ ଠାରେ ଆଉ ରାଗ-ଦ୍ୱେଷ ରହେ ନାହିଁ ଏବଂ ସ୍ଥୂଳଶରୀର ପ୍ରତି 'ମୁଁ ଓ ମୋର'ଭାବ ମଧ୍ୟ ରହେ ନାହିଁ । ଏପରି ମହାପୁରୁଷ ସଂସାରକୁ ଜିଣିଯାଆନ୍ତି ଅର୍ଥାତ୍ ସାଂସାରିକ ସଂଯୋଗ-ବିୟୋଗରୁ ଊର୍ଦ୍ଧ୍ୱକୁ ଉଠିଯାଆନ୍ତି; କାରଣ ସେମାନେ ନିଜ ସ୍ୱରୂପରେ ସ୍ଥିତ ହୋଇଗଲେ । ପ୍ରକୃତରେ ସେମାନେ ସ୍ୱରୂପରେ ସ୍ଥିତ ହେଲେ ନାହିଁ, ବରଂ ସେମାନେ ସର୍ବଦା ସ୍ୱରୂପରେ ସ୍ଥିତ ଥିଲେ । ଯେତେବେଳେ ସେମାନେ ଶରୀରରେ ନିଜର ସ୍ଥିତି ମାନୁଥିଲେ, ସେତେବେଳେ ମଧ୍ୟ ସେମାନେ ଶରୀରରେ ସ୍ଥିତ ନ ଥିଲେ, ସେତେବେଳେ ମଧ୍ୟ ସେମାନେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱରୁ ମୁକ୍ତ ଥିଲେ–**'ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ'** (୧୩ । ୩୧) । ତାତ୍ପର୍ଯ୍ୟ ହେଲା, ସ୍ୱୟଂଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଆଦୌ ନାହିଁ । ପ୍ରକୃତରେ ଯଦି ସ୍ୱୟଂ କର୍ତ୍ତା ଓ ଭୋକ୍ତା ହୋଇଥାଆନ୍ତା, ତେବେ ଭଗବାନ **'ନ କରୋତି ନ ଲିପ୍ୟତେ'** କହିଥାନ୍ତେ କିପରି? ଯଦି ଏହାର ତିନି ଗୁଣ ସହିତ ଏକତ୍ୱ ଥାଆନ୍ତା, ତେବେ ଭଗବାନ **'ନିସ୍ତ୍ରୈଗୁଣ୍ୟୋ ଭବ'** (୨ । ୪୫) କହି ତିନି ଗୁଣରୁ ମୁକ୍ତ ହେବାକୁ ଆଦେଶ ଦେଇଥାନ୍ତେ କାହିଁକି? ଯାହା ପ୍ରକୃତରେ ନ ଥାଏ, ତାହାକୁ ହିଁ ନିଷେଧ କରାଯାଏ ।

ଜ୍ଞାନଯୋଗୀ ସାଧକ 'ପ୍ରକୃତିଜନ୍ୟ ଗୁଣ ହିଁ ଗୁଣରେ ପ୍ରବର୍ତ୍ତିତ ହେଉଛନ୍ତି' ବୋଲି ଜାଣି ନିଜକୁ ସେହି କ୍ରିୟାଗୁଡ଼ିକର କର୍ତ୍ତା ମନେକରେ ନାହିଁ (୫ । ୮-୯; ୧୩ । ୨୯) । ତେଣୁ ତା'ର କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ଦୂର ହୋଇଯାଏ ।

କର୍ମଯୋଗୀ ସାଧକ କେବଳ ଯଜ୍ଞପରମ୍ପରା ଅର୍ଥାତ୍ କର୍ତ୍ତବ୍ୟକର୍ମର ପରମ୍ପରା ସୁରକ୍ଷିତ ରଖିବା ପାଇଁ ହିଁ କର୍ମ କରିଥାଏ । କେବଳ ଅନ୍ୟମାନଙ୍କ ହିତ ପାଇଁ କର୍ତ୍ତବ୍ୟକର୍ମ କରିବା ଯୋଗୁଁ ତା'ର କର୍ତ୍ତୃତ୍ୱ କର୍ତ୍ତବ୍ୟକର୍ମ ସହିତ ଅନ୍ୟମାନଙ୍କ ସେବାରେ ପ୍ରବାହିତ ହୋଇଯାଏ । ତେଣିକି କେବଳ ସେବା ରହିଯାଏ, ସେବକ ରହେ ନାହିଁ । ତାହାଠାରେ କର୍ତ୍ତୃତ୍ୱ ରହେ ନାହିଁ । ଠିକ୍ ଏହିପରି କର୍ମଯୋଗୀ ଫଳେଚ୍ଛା, କାମନା ଓ ଆସକ୍ତିରୁ ମୁକ୍ତ ହୋଇ ତତ୍ପରତାର ସହ ନିଜର କର୍ତ୍ତବ୍ୟ ପାଳନ କରେ (୨ । ୫୧) । ଫଳେଚ୍ଛା ନ ରହିବାରୁ ତାହାଠାରେ ଭୋକ୍ତୃତ୍ୱ ମଧ୍ୟ ରହେ ନାହିଁ । କହିବାର ଅଭିପ୍ରାୟ ହେଲା, ଅନ୍ୟମାନଙ୍କର ହିତ ପାଇଁ କର୍ମ କଲେ କର୍ତ୍ତୃତ୍ୱ ନଷ୍ଟ ହୋଇଯାଏ ଓ ଫଳେଚ୍ଛା ନ ରହିଲେ ଭୋକ୍ତୃତ୍ୱ ନଷ୍ଟ ହୋଇଯାଏ (୪ । ୨୦) ।

ଭକ୍ତିଯୋଗୀ ସାଧକ ଶରୀର-ଇନ୍ଦ୍ରିୟ-ମନ-ବୁଦ୍ଧିସହିତ ନିଜକୁ ଭଗବାନଙ୍କ ନିକଟରେ ସମର୍ପିତ କରିଦିଏ (୧୮ । ୬୬) । ସେ ଯାହା କିଛି କରେ, ସେସବୁ ଭଗବାନ ହିଁ ତା' ମାଧ୍ୟମରେ କରିଥାନ୍ତି ଓ କରାଇଥାନ୍ତି । ତେଣୁ ତାହାଠାରେ କର୍ତ୍ତୃତ୍ୱ ରହେ ନାହିଁ । ସେ ଭଗବାନଙ୍କୁ ବସ୍ତୁ, ବ୍ୟକ୍ତି ଆଦି ସଂସାରର ପ୍ରତ୍ୟେକ ପଦାର୍ଥର ଭୋକ୍ତାରୂପେ ସ୍ୱୀକାର କରେ (୫ । ୨୯) । ସେଥିପାଇଁ ତା'ଠାରେ ଭୋକ୍ତୃତ୍ୱ ମଧ୍ୟ ରହେ ନାହିଁ ।

୫୮. ଗୀତାରେ ଗୁଣମାନଙ୍କର ବର୍ଣ୍ଣନା

ଗୁଣବର୍ଣ୍ଣନତାତ୍ପର୍ଯ୍ୟଂ ଗ୍ରହଣତ୍ୟାଗୟୋର୍ମତମ୍ ।
ସତ୍ତ୍ୱଂ ଗ୍ରାହ୍ୟଂ ରଜସ୍ତ୍ୟାଜ୍ୟଂ ତ୍ୟଜନୀୟଂ ତମଃ ସଦା ॥

ଦ୍ୱିତୀୟ ଅଧ୍ୟାୟର ୧୧ଶ ରୁ ୩୦ଶ ଶ୍ଳୋକ ପର୍ଯ୍ୟନ୍ତ ଭଗବାନ ସତ୍‌ର ମହିମା ଦର୍ଶାଇବା ପାଇଁ ଏବଂ ଅସତ୍‌କୁ ଅଲଗା ହେବା ଉଦ୍ଦେଶ୍ୟରେ ସତ୍ ଓ ଅସତ୍‌ର ବର୍ଣ୍ଣନା କରିଛନ୍ତି । ସେହିପରି ଦ୍ୱିତୀୟ ଅଧ୍ୟାୟର ୩୯ଶ ରୁ ୫୩ଶ ଶ୍ଳୋକ ପର୍ଯ୍ୟନ୍ତ ଭଗବାନ ନିଷ୍କାମଭାବର ମହିମା ଦର୍ଶାଇବା ପାଇଁ କାମନାକୁ ତ୍ୟାଗ କରାଇବା ଉଦ୍ଦେଶ୍ୟରେ ବ୍ୟବସାୟୀ (ନିଷ୍କାମ) ଓ ଅବ୍ୟବସାୟୀ (ସକାମ) ମନୁଷ୍ୟମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ବେଦମାନଙ୍କରେ ବର୍ଣ୍ଣିତ ଭୋଗ ଓ ଐଶ୍ୱର୍ଯ୍ୟକୁ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରୁଥିବା ମନୁଷ୍ୟ ଅବ୍ୟବସାୟୀ ଅଟେ । ବେଦର ଯେଉଁ ଅଂଶରେ ଭୋଗ ଓ ଐଶ୍ୱର୍ଯ୍ୟର ବର୍ଣ୍ଣନା ଅଛି, ତାହାକୁ **'ତ୍ରୈଗୁଣ୍ୟବିଷୟାଃ'** (୨ । ୪୫)

ଜୁହାଯାଇଛି । ସେହି ଭୋଗ ଓ ଐଶ୍ୱର୍ଯ୍ୟରୁ ନିବୃତ୍ତ କରାଇ ଅର୍ଜୁନଙ୍କୁ ବ୍ୟବସାୟୀ (ନିଷ୍କାମ) କରିବା ପାଇଁ ଭଗବାନ କହିଛନ୍ତି ଯେ, ହେ ଅର୍ଜୁନ! ତୁମେ ତିନି ଗୁଣର କାର୍ଯ୍ୟରୂପକ ସଂସାରରୁ ଅର୍ଥାତ୍ ଭୋଗ ଓ ଐଶ୍ୱର୍ଯ୍ୟରୁ ନିବୃତ୍ତ ହୋଇଯାଅ—**'ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ'** (୨ । ୪୫) ।

ପ୍ରକୃତିର ବଶ ହୋଇଥିବା ପ୍ରାଣୀମାନଙ୍କ ଦ୍ୱାରା ପ୍ରକୃତିଜନିତ ଗୁଣଗୁଡ଼ିକ କର୍ମ କରାନ୍ତି, ଯଦ୍ୱାରା ସେମାନଙ୍କୁ ବାଧ୍ୟ ହୋଇ କର୍ମ କରିବାକୁ ପଡ଼ିଥାଏ ଅର୍ଥାତ୍ ସେମାନେ କର୍ମ ନ କରି ରହି ପାରନ୍ତି ନାହିଁ—**'କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ'** (୩ । ୫) ।

ପ୍ରକୃତିଜ ଗୁଣଗୁଡ଼ିକ ଦ୍ୱାରା ହିଁ କ୍ରିୟା ହେଉଛି—**'ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ'** (୩ । ୨୭), ଅର୍ଥାତ୍ ଏହି କ୍ରିୟାମାନଙ୍କ ସହିତ 'ସ୍ୱୟଂ'ର କୌଣସି ସମ୍ବନ୍ଧ ନାହିଁ । କିନ୍ତୁ ଅହଂକାର ଦ୍ୱାରା ମୋହିତ ଅନ୍ତଃକରଣଯୁକ୍ତ ମନୁଷ୍ୟ ନିଜକୁ କର୍ତ୍ତା ମାନିନିଏ, ତେଣୁ ସେ ବାନ୍ଧି ହୋଇଯାଏ । ଗୁଣ ଓ କର୍ମର ବିଭାଗକୁ* ଜାଣିଥିବା ମନୁଷ୍ୟ ''ଗୁଣମାନେ ହିଁ ଗୁଣମାନଙ୍କରେ ପ୍ରବର୍ତ୍ତିତ ହେଉଛନ୍ତି''—**'ଗୁଣା ଗୁଣେଷୁ ବର୍ତ୍ତନ୍ତେ'** (୩ । ୨୮) ଅର୍ଥାତ୍ ସମସ୍ତ ପରିବର୍ତ୍ତନ ଗୁଣମାନଙ୍କରେ ହିଁ ହୋଇଥାଏ, କ୍ରିୟା ଓ କର୍ତ୍ତୃତ୍ୱ ଗୁଣମାନଙ୍କରେ ହିଁ ରହିଛି, ନିଜଠାରେ ନାହିଁ—ଏପରି ଜାଣି ସେମାନଙ୍କ ପ୍ରତି ଆସକ୍ତ ହୁଏ ନାହିଁ, ସେଥିପାଇଁ ସେ ବନ୍ଧନରୁ ମୁକ୍ତ ହୋଇଯାଏ । କିନ୍ତୁ ଗୁଣରେ ମୋହିତ ପୁରୁଷ ସେଥିରେ ଆସକ୍ତ ହେଲେ ବାନ୍ଧି ହୋଇଯାଏ—**'ପ୍ରକୃତେର୍ଗୁଣସମ୍ମୂଢାଃ ସଜ୍ଜନ୍ତେ ଗୁଣକର୍ମସୁ'** (୩ । ୨୯) ।

ତୃତୀୟ ଅଧ୍ୟାୟର ୩୫ଶ ଶ୍ଳୋକରେ **'ବିଗୁଣଃ'** ଶବ୍ଦ ସତ୍ତ୍ୱ, ରଜ ଓ ତମ—ଏହି ତିନି ଗୁଣବିହୀନତାର ବାଚକ ନୁହେଁ, ବରଂ ସଦ୍‌ଗୁଣ ଓ ସଦାଚାରର ନ୍ୟୂନତାର ବାଚକ ।

ଚତୁର୍ଥ ଅଧ୍ୟାୟର ୧୩ଶ ଶ୍ଳୋକରେ ସୃଷ୍ଟିସର୍ଜନା କାଳର ବର୍ଣ୍ଣନା କଲାବେଳେ ଭଗବାନ କହିଛନ୍ତି ଯେ ପୂର୍ବରୁ ପ୍ରାଣୀମାନଙ୍କର ଗୁଣ, ସ୍ୱଭାବ ଓ କର୍ମ ଯେପରି ଥିଲା, ସେହି ଅନୁସାରେ ହିଁ ମୁଁ ବର୍ଣ୍ଣର ଚାରୋଟି ବିଭାଗ ସୃଷ୍ଟି କଲି—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—**'ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ'** (୪ । ୧୩) । କିନ୍ତୁ ମୁଁ ଏହି ସୃଷ୍ଟିସର୍ଜନାରୂପକ କର୍ମଠାରୁ ସର୍ବଥା ନିର୍ଲିପ୍ତ ରହିଥାଏ । ଏହିପରି ମନୁଷ୍ୟମାନେ ମଧ୍ୟ ସବୁ କର୍ମ କରି ନିର୍ଲିପ୍ତ ରହିବା ଉଚିତ ।

ସପ୍ତମ ଅଧ୍ୟାୟର ୧୨ଶ ଶ୍ଳୋକରେ ଭଗବାନ କହିଛନ୍ତି ଯେ ସାତ୍ତ୍ୱିକ, ରାଜସ ଓ ତାମସ ଆଦି ସମସ୍ତ ଭାବ ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି, କିନ୍ତୁ ସେଗୁଡ଼ିକ ମୋ'ଠାରେ ନ ଥାନ୍ତି କିଂବା ମୁଁ ସେଗୁଡ଼ିକରେ ନ ଥାଏ ଅର୍ଥାତ୍ ସବୁକିଛି ମୁଁ ହିଁ ଅଟେ । କାରଣ ମୋ ବ୍ୟତୀତ ଗୁଣଗୁଡ଼ିକର ଅନ୍ୟ କୌଣସି ସତ୍ତା ନାହିଁ । ଅତଏବ ସାଧକର ଦୃଷ୍ଟି ଗୁଣଗୁଡ଼ିକ ଆଡ଼କୁ ନ ରହି ମୋ ଆଡ଼କୁ ହିଁ ରହିବା ଉଚିତ । ଯେଉଁମାନଙ୍କର ଦୃଷ୍ଟି ଗୁଣଗୁଡ଼ିକ ଆଡ଼କୁ ରହେ, ସେମାନେ ଏହି ସାତ୍ତ୍ୱିକ, ରାଜସ ଓ ତାମସ ଭାବଗୁଡ଼ିକ ଦ୍ୱାରା ମୋହିତ ହୋଇଯାଆନ୍ତି, ଏଗୁଡ଼ିକରେ ମଜ୍ଜି ଯାଆନ୍ତି । ଅତଏବ ସେମାନେ ମୋ ପରି ଗୁଣାତୀତକୁ ଜାଣି ପାରନ୍ତି ନାହିଁ (୭ । ୧୩) । ମୋର ଏହି ଗୁଣମୟୀମାୟାକୁ ତରିବା ବଡ଼ କଠିନ—**'ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା'** । କିନ୍ତୁ ଯେଉଁମାନେ କେବଳ ମୋର ଶରଣାପନ୍ନ ହୁଅନ୍ତି ଓ ମୋତେ ହିଁ ଆଶ୍ରା କରନ୍ତି, ସେମାନେ ଏହି ମାୟାକୁ ତରିଯାଆନ୍ତି—**'ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ'** (୭ । ୧୪) । ତାତ୍ପର୍ଯ୍ୟ ହେଲା, ଯେଉଁ ମନୁଷ୍ୟ ଏହି ଗୁଣଗୁଡ଼ିକରୁ ସମ୍ପୂର୍ଣ୍ଣ ବିମୁଖ ହୋଇ କେବଳ ଭଗବାନଙ୍କ ସମ୍ମୁଖ ହୋଇଥାଏ, ସେ ଗୁଣଗୁଡ଼ିକୁ ତରିଯାଏ ।

ତ୍ରୟୋଦଶ ଅଧ୍ୟାୟର ୧୪ଶ ଶ୍ଳୋକରେ ବ୍ୟବହୃତ **'ସର୍ବେନ୍ଦ୍ରିୟଗୁଣାଭାସମ୍'** ପଦରେ 'ସର୍ବେନ୍ଦ୍ରିୟଗୁଣ' ଶବ୍ଦ ଇନ୍ଦ୍ରିୟମାନଙ୍କର ପାଞ୍ଚ ବିଷୟ (ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ)ର ବାଚକ । ଏହି ଇନ୍ଦ୍ରିୟମାନଙ୍କୁ ଓ ଏମାନଙ୍କର ବିଷୟଗୁଡ଼ିକୁ ଜ୍ଞେୟତତ୍ତ୍ୱ ପରମାତ୍ମା ହିଁ ପ୍ରକାଶିତ କରନ୍ତି । ସେହି ଜ୍ଞେୟତତ୍ତ୍ୱ ସତ୍ତ୍ୱ, ରଜ ଓ ତମ ନାମକ ତ୍ରିଗୁଣରୁ ରହିତ ମଧ୍ୟ ଏବଂ ଏହି ଗୁଣଗୁଡ଼ିକର ଭୋକ୍ତା ମଧ୍ୟ ଅର୍ଥାତ୍ ସେହି ତତ୍ତ୍ୱ ନିର୍ଗୁଣ ମଧ୍ୟ ଓ ସଗୁଣ ମଧ୍ୟ—**'ନିର୍ଗୁଣଂ ଗୁଣଭୋକ୍ତୃ ଚ'** ।

ତ୍ରୟୋଦଶ ଅଧ୍ୟାୟର ୧୯ଶ ଶ୍ଳୋକରେ ପ୍ରକୃତି (କ୍ଷେତ୍ର) ଓ ପୁରୁଷ (କ୍ଷେତ୍ରଜ୍ଞ)ର ବର୍ଣ୍ଣନା କରିବାକୁ ଯାଇ ଭଗବାନ କହିଛନ୍ତି ଯେ ପ୍ରକୃତି ଓ ପୁରୁଷ ଦୁହେଁ ଭିନ୍ନ ଭିନ୍ନ ଅର୍ଥାତ୍ ପ୍ରକୃତିଠାରୁ ପୁରୁଷ (ଚେତନ) ପୃଥକ୍ । ପ୍ରକୃତିରୁ ହିଁ ବିକାର, ଗୁଣ ଏବଂ କାର୍ଯ୍ୟ-କରଣ

---

* ଗୁଣଗୁଡ଼ିକର କାର୍ଯ୍ୟ ହୋଇଥିବା ହେତୁ ଶରୀର-ଇନ୍ଦ୍ରିୟ-ମନ-ବୁଦ୍ଧି ଆଦି ସବୁ 'ଗୁଣବିଭାଗ' ଅଟେ ଓ ଏହି ଶରୀରାଦି ଦ୍ୱାରା ହେଉଥିବା କ୍ରିୟା 'କର୍ମବିଭାଗ' ଅଟେ ।

ଦ୍ୱାରା ହେଉଥିବା କ୍ରିୟାଗୁଡ଼ିକ ଉତ୍ପନ୍ନ ହୁଅନ୍ତି। ତେଣୁ ଏହି ତିନୋଟି ମଧ୍ୟରୁ କାହାରି ସହିତ ପୁରୁଷର ସମ୍ବନ୍ଧ ନାହିଁ। କିନ୍ତୁ ପୁରୁଷ ଯେତେବେଳେ ପ୍ରକୃତିରେ ସ୍ଥିତ ହୁଏ, ପ୍ରକୃତି ସହିତ ତାଦାତ୍ମ୍ୟ କରେ, ସେତେବେଳେ ସେ (ପ୍ରକୃତିସ୍ଥ ପୁରୁଷ) ପ୍ରକୃତିଜ ଗୁଣଗୁଡ଼ିକର ଭୋକ୍ତା ହୋଇଯାଏ। ଏହି 'ଗୁଣଗୁଡ଼ିକର ଭୋକ୍ତା ହେବା ଓ ସଙ୍ଗ କରିବା ହିଁ ତାକୁ ଉଚ୍ଚନୀଚ ଯୋନିମାନଙ୍କୁ ନେଇଯିବାର କାରଣ ହୋଇଥାଏ (୧୩।୧୯—୨୧)। କିନ୍ତୁ ଯେଉଁ ପୁରୁଷ ନିଜକୁ ଓ ଗୁଣସହିତ ପ୍ରକୃତିକୁ ପୃଥକ୍ ପୃଥକ୍ ବୋଲି ଠିକ୍‌ଭାବେ ଜାଣିନିଏ ଅର୍ଥାତ୍ ପ୍ରକୃତି ସହିତ ତା'ର ସମ୍ବନ୍ଧ ନାହିଁ—ଏହି ବାସ୍ତବିକତାର ଅନୁଭବ କରିନିଏ, ସେ ମୁକ୍ତ ହୋଇଯାଏ (୧୩।୨୩)। ତାତ୍ପର୍ଯ୍ୟ ହେଲା, ପୁରୁଷର ପ୍ରକୃତି ସହିତ ସମ୍ବନ୍ଧ ନ ଥାଏ କି ପ୍ରକୃତିଜ ଗୁଣଗୁଡ଼ିକ ସହିତ ସମ୍ବନ୍ଧ ନ ଥାଏ।

ଗୁଣଗୁଡ଼ିକ ପ୍ରକୃତିଜନ୍ୟ ହୋଇଥିବା ସ୍ଥଳେ ପୁରୁଷ ଗୁଣରହିତ ଅଟେ—ଏହା ବୁଝାଇବା ପାଇଁ ଭଗବାନ ତ୍ରୟୋଦଶ ଅଧ୍ୟାୟର ୩୧ଶ ଶ୍ଳୋକରେ ପୁରୁଷକୁ 'ନିର୍ଗୁଣ' କହିଛନ୍ତି।

ତ୍ରୟୋଦଶ ଅଧ୍ୟାୟରେ ଗୁଣଗୁଡ଼ିକର ବର୍ଣ୍ଣନା ସଂକ୍ଷିପ୍ତଭାବେ କରାଯାଇଛି। ଅତଏବ ଚତୁର୍ଦ୍ଦଶ ଅଧ୍ୟାୟରେ ସେଗୁଡ଼ିକର ବିସ୍ତୃତ ବର୍ଣ୍ଣନା କରିବାକୁ ଯାଇ ଭଗବାନ କହୁଛନ୍ତି ଯେ ସତ୍ତ୍ୱ, ରଜ ଓ ତମ ନାମକ ତିନି ଗୁଣ ପ୍ରକୃତିରୁ ହିଁ ଉତ୍ପନ୍ନ ହୁଅନ୍ତି (୧୪।୫)। ଏମାନଙ୍କ ମଧ୍ୟରୁ ସତ୍ତ୍ୱଗୁଣର ସ୍ୱରୂପ ହେଲା ନିର୍ମଳ, ପ୍ରକାଶକ ଓ ଅନାମୟ, ରଜୋଗୁଣର ସ୍ୱରୂପ ହେଲା ରାଗାତ୍ମକ ଏବଂ ତମୋଗୁଣର ସ୍ୱରୂପ ହେଲା ମୋହନାତ୍ମକ। ସତ୍ତ୍ୱଗୁଣ ସୁଖ ଓ ଜ୍ଞାନସଙ୍ଗ ଦ୍ୱାରା, ରଜୋଗୁଣ କର୍ମ ପ୍ରତି ଆସକ୍ତି ଦ୍ୱାରା ଓ ତମୋଗୁଣ ନିଦ୍ରା, ଆଳସ୍ୟ ଓ ପ୍ରମାଦ ଦ୍ୱାରା ବାନ୍ଧିଥାଏ (୧୪।୬—୮)। ସତ୍ତ୍ୱଗୁଣ ସୁଖରେ ଲଗାଇ, ରଜୋଗୁଣ କର୍ମରେ ଲଗାଇ ଓ ତମୋଗୁଣ ଜ୍ଞାନକୁ ଆଚ୍ଛାଦିତ କରି ଓ ପ୍ରମାଦରେ ଲଗାଇ ମନୁଷ୍ୟ ଉପରେ ବିଜୟ ଲାଭ କରେ। ଏହି ତିନି ଗୁଣ ମଧ୍ୟରୁ ଗୋଟିଏ ଗୁଣ ବଢ଼ିଲେ ଅନ୍ୟ ଦୁଇଟି ଦବି ଯାଆନ୍ତି। ରଜୋଗୁଣ ଓ ତମୋଗୁଣକୁ ଦବାଇଦେଇ ସତ୍ତ୍ୱଗୁଣ ବଢ଼େ, ସତ୍ତ୍ୱଗୁଣ ଓ ତମୋଗୁଣକୁ ଦବାଇଦେଇ ରଜୋଗୁଣ ବଢ଼େ ଏବଂ ସତ୍ତ୍ୱଗୁଣ ଓ ରଜୋଗୁଣକୁ ଦବାଇଦେଇ ତମୋଗୁଣ ବଢ଼େ (୧୪।୯-୧୦)।

ସମସ୍ତ ଇନ୍ଦ୍ରିୟରେ ପ୍ରକାଶ ଓ ବୁଦ୍ଧିରେ ବିବେକର ଜାଗୃତି ହେବା ବୃଦ୍ଧିପ୍ରାପ୍ତ ସତ୍ତ୍ୱଗୁଣର ଲକ୍ଷଣ। ଅନ୍ତଃକରଣରେ ଲୋଭ, କର୍ମ କରିବାର ପ୍ରବୃତ୍ତି, ନୂତନ ନୂତନ କର୍ମର ଆରମ୍ଭ, ଅଶାନ୍ତି ଓ ସ୍ପୃହା ଉତ୍ପନ୍ନ ହେବା ବୃଦ୍ଧିପ୍ରାପ୍ତ ରଜୋଗୁଣର ଲକ୍ଷଣ। ଅନ୍ତଃକରଣରେ ଅପ୍ରକାଶ, ଅପ୍ରବୃତ୍ତି, ପ୍ରମାଦ ଓ ମୋହ ଆସିବା ବୃଦ୍ଧିପ୍ରାପ୍ତ ତମୋଗୁଣର ଲକ୍ଷଣ (୧୪।୧୧-୧୩)।

ମୃତ୍ୟୁସମୟରେ ସତ୍ତ୍ୱଗୁଣର ବୃତ୍ତି ତାତ୍କାଳିକ ରୂପେ ବଢ଼ିଲେ ମନୁଷ୍ୟ ସ୍ୱର୍ଗାଦି ଉଚ୍ଚଲୋକକୁ ଯାଏ, ରଜୋଗୁଣର ବୃତ୍ତି ତାତ୍କାଳିକରୂପେ ବଢ଼ିଲେ ସେ ମୃତ୍ୟୁଲୋକରେ ମନୁଷ୍ୟ ହୋଇ ଜନ୍ମନିଏ ଏବଂ ତମୋଗୁଣର ବୃତ୍ତି ତାତ୍କାଳିକରୂପେ ବଢ଼ିଲେ ସେ ପଶୁ, ପକ୍ଷୀ ଆଦି ମୂଢ଼ ଯୋନିମାନଙ୍କରେ ଜନ୍ମନିଏ (୧୪।୧୪-୧୫)।

ଶ୍ରେଷ୍ଠ କର୍ମର ଫଳ ସାତ୍ତ୍ୱିକ ଓ ନିର୍ମଳ, ରାଜସ କର୍ମର ଫଳ ଦୁଃଖ ଏବଂ ତାମସ କର୍ମର ଫଳ ଅଜ୍ଞାନ (ମୂଢ଼ତା) ଅଟେ (୧୪।୧୬)। ସତ୍ତ୍ୱଗୁଣରୁ ଜ୍ଞାନ, ରଜୋଗୁଣରୁ ଲୋଭ ଏବଂ ତମୋଗୁଣରୁ ପ୍ରମାଦ, ମୋହ ଓ ମୂଢ଼ତା ଉତ୍ପନ୍ନ ହୋଇଥାଏ (୧୪।୧୭)। ସତ୍ତ୍ୱଗୁଣରେ ସ୍ଥିତ ମନୁଷ୍ୟ ଊର୍ଦ୍ଧ୍ୱଲୋକକୁ ଯାଆନ୍ତି, ରଜୋଗୁଣରେ ସ୍ଥିତ ମନୁଷ୍ୟ ମଧ୍ୟଲୋକ(ମର୍ତ୍ତ୍ୟଲୋକ)ରେ ରହନ୍ତି ଓ ତମୋଗୁଣରେ ସ୍ଥିତ ମନୁଷ୍ୟ ଅଧୋଗତିକୁ ଯାଆନ୍ତି (୧୪।୧୮)।

ଯେତେବେଳେ ବିଚାରବନ୍ତ ମନୁଷ୍ୟ ଏହି ତିନି ଗୁଣ ବ୍ୟତୀତ ଅନ୍ୟ କାହାରିକୁ କର୍ତ୍ତା ମନେକରେ ନାହିଁ ଅର୍ଥାତ୍ ସମସ୍ତ କ୍ରିୟା ଓ ପରିବର୍ତ୍ତନ ଗୁଣମାନଙ୍କରେ ହିଁ ହେଉଛି ବୋଲି ତା'ର ଦୃଢ଼ ବୋଧ ହୋଇଯାଏ, ସେତେବେଳେ ତାକୁ ନିଜଠାରେ ସ୍ୱତଃସିଦ୍ଧ ଅକର୍ତ୍ତୃତ୍ୱ, ଅସଙ୍ଗତା ଓ ନିର୍ଲିପ୍ତତାର ଅନୁଭବ ହୁଏ ଏବଂ ସେ ଭଗବଦ୍‌ଭାବକୁ ପ୍ରାପ୍ତ ହୁଏ (୧୪।୧୯)। ଦେହର ଉତ୍ପାଦକ ଏହି ତିନି ଗୁଣକୁ ଅତିକ୍ରମ କରି ଜନ୍ମମରଣରୁ ମୁକ୍ତ ହୋଇଥିବା ସେହି ମନୁଷ୍ୟ ଅମରତ୍ୱ ଅନୁଭବ କରେ। ଏହି ଅମରତ୍ୱ ସ୍ୱୟଂଠାରେ ସ୍ୱତଃସିଦ୍ଧ (୧୪।୨୦)।

ଗୁଣାତୀତ ଅର୍ଥାତ୍ ଅମରତ୍ୱ ଲାଭ କରିଥିବା ମନୁଷ୍ୟଠାରେ ସାତ୍ତ୍ୱିକୀ, ରାଜସୀ ଅଥବା ତାମସୀ ବୃତ୍ତିଗୁଡ଼ିକର ଆଗନ୍ତୁକ ପ୍ରଭାବ ଦ୍ୱାରା ରାଗ-ଦ୍ୱେଷ ଉତ୍ପନ୍ନ ହୁଏ ନାହିଁ। କେବଳ ସେତିକି ନୁହେଁ, ସେ ଉଦାସୀନ ଭଳି ରହିଥାଏ। ସେ ଗୁଣମାନଙ୍କ ଦ୍ୱାରା ବିଚଳିତ ହୁଏ ନାହିଁ ତଥା 'ଗୁଣ ହିଁ ଗୁଣମାନଙ୍କରେ ପ୍ରବର୍ତ୍ତିତ ହେଉଛନ୍ତି'

ବୋଲି ଅନୁଭବ କରି ନିଜଠାରେ କେବେ କିଞ୍ଚିନ୍ମାତ୍ର ମଧ୍ୟ ପରିବର୍ତ୍ତନ ଅନୁଭବ କରେ ନାହିଁ (୧୪।୨୨-୨୩)। ଏହି କଥା ଜ୍ଞାନଯୋଗ ଦୃଷ୍ଟିରୁ କୁହାଯାଇଛି। ଭକ୍ତିଯୋଗ ଦୃଷ୍ଟିରୁ ଯେତେବେଳେ ସାଧକର ଧ୍ୟେୟ ଓ ଲକ୍ଷ୍ୟ କେବଳ ଭଗବାନ ହୁଅନ୍ତି, ସେତେବେଳେ ସେ ସ୍ୱତଃ ଗୁଣମାନଙ୍କରୁ ଉପରତ (ଅତୀତ) ହୋଇ ବ୍ରହ୍ମପ୍ରାପ୍ତିର ପାତ୍ର ହୋଇଯାଏ (୧୪।୨୬)।

ଜଳ ଦ୍ୱାରା ବୃକ୍ଷର ଶାଖାଗୁଡ଼ିକ ଯେପରି ବଢ଼ିଥାନ୍ତି, ସେହିପରି ସତ୍ତ୍ୱ, ରଜ ଓ ତମ ଗୁଣ ଦ୍ୱାରା ସଂସାରବୃକ୍ଷର ଶାଖାମାନ ଉପର, ମଧ୍ୟ ଓ ତଳଲୋକ ପର୍ଯ୍ୟନ୍ତ ବିସ୍ତୃତ ହୋଇଛନ୍ତି (୧୫।୨)। ତାତ୍ପର୍ଯ୍ୟ ହେଲା, ଗୁଣଗୁଡ଼ିକର ସଙ୍ଗ କାରଣରୁ ହିଁ ଜୀବ ଅଧୋଲୋକ, ମଧ୍ୟଲୋକ ଓ ଊର୍ଦ୍ଧ୍ୱଲୋକରେ ଜନ୍ମ ନେଇଥାଏ। ଗୁଣମାନଙ୍କ ସଙ୍ଗ ଯୋଗୁଁ ହିଁ ଇଏ ଭୋକ୍ତା ହୋଇଥାଏ। କିନ୍ତୁ ସ୍ୱୟଂର ନିର୍ଲିପ୍ତ ରହୁଥିବା କଥାକୁ ବିବେକୀ ମନୁଷ୍ୟ ହିଁ ଜାଣନ୍ତି, ଅବିବେକୀ ମନୁଷ୍ୟ ଜାଣନ୍ତି ନାହିଁ (୧୫।୧୦)। ମନୁଷ୍ୟମାନଙ୍କ ସ୍ୱଭାବରୁ ଜାତ ଶ୍ରଦ୍ଧା ତିନି ପ୍ରକାରର ହୋଇଥାଏ—ସାତ୍ତ୍ୱିକୀ, ରାଜସୀ ଓ ତାମସୀ (୧୭।୨)। ଯେଉଁମାନଙ୍କର ଶ୍ରଦ୍ଧା ଯେପରି, ସେମାନଙ୍କର ନିଷ୍ଠା ମଧ୍ୟ ସେହିପରି ଏବଂ ନିଷ୍ଠା ଅନୁସାରେ ହିଁ ସେମାନଙ୍କର ପ୍ରବୃତ୍ତି ହୋଇଥାଏ। ସାତ୍ତ୍ୱିକ ମନୁଷ୍ୟ ଦେବତାମାନଙ୍କୁ ପୂଜା କରନ୍ତି, ରାଜସ ମନୁଷ୍ୟ ଯକ୍ଷ-ରାକ୍ଷସମାନଙ୍କୁ ଓ ତାମସ ମନୁଷ୍ୟ ଭୂତପ୍ରେତମାନଙ୍କୁ ପୂଜା କରନ୍ତି (୧୭।୩-୪)। ଯଦି କୌଣସି ମନୁଷ୍ୟ କାହାରିକୁ ପୂଜା କରୁ ନ ଥାଏ, ତେବେ ବି ଭୋଜନର ରୁଚିରୁ ତାକୁ ଚିହ୍ନି ହେବ। ସାତ୍ତ୍ୱିକ ମନୁଷ୍ୟକୁ ରସଯୁକ୍ତ, ସ୍ନିଗ୍ଧ ଆଦି ଖାଦ୍ୟପଦାର୍ଥ ପ୍ରିୟ ଲାଗେ, ରାଜସ ମନୁଷ୍ୟକୁ ଅତ୍ୟଧିକ ପିତା, ଖଟା ଆଦି ଖାଦ୍ୟପଦାର୍ଥ ପ୍ରିୟ ଲାଗେ ଓ ତାମସ ମନୁଷ୍ୟକୁ ଦରସିଝା, ରସହୀନ, ଅପବିତ୍ର ଆଦି ଖାଦ୍ୟପଦାର୍ଥ ପ୍ରିୟ ଲାଗେ (୧୭।୮—୧୦)।

ଫଳେଚ୍ଛାରହିତ ମନୁଷ୍ୟ ବିଧିପୂର୍ବକ ସାତ୍ତ୍ୱିକ ଯଜ୍ଞ କରନ୍ତି, ଫଳେଚ୍ଛା ରଖିଥିବା ମନୁଷ୍ୟ ବିଧିପୂର୍ବକ ରାଜସ ଯଜ୍ଞ କରନ୍ତି, ଏବଂ ଅବିବେକୀ ମନୁଷ୍ୟ ବିଧି, ମନ୍ତ୍ର, ଅନ୍ନ, ଦକ୍ଷିଣା ଓ ଶ୍ରଦ୍ଧା ବିବର୍ଜିତ ତାମସ ଯଜ୍ଞ କରନ୍ତି (୧୭।୧୧—୧୩)। ଫଳେଚ୍ଛାରହିତ ମନୁଷ୍ୟ ସାତ୍ତ୍ୱିକ ତପସ୍ୟା କରନ୍ତି, ଆଦରସତ୍କାର ଚାହୁଁଥିବା ମନୁଷ୍ୟ ଦମ୍ଭପୂର୍ବକ ରାଜସ ତପସ୍ୟା କରନ୍ତି ଓ ମୂଢ଼ ମନୁଷ୍ୟ ନିଜେ କଷ୍ଟ ସହି ମଧ୍ୟ ଅନ୍ୟକୁ ଦୁଃଖୀ ଦେବା ଉଦ୍ଦେଶ୍ୟରେ ତାମସ ତପସ୍ୟା କରନ୍ତି (୧୭।୧୭—୧୯)। ଦେଶ, କାଳ ଓ ପାତ୍ର ଉପସ୍ଥିତ ହେଲେ ପ୍ରତ୍ୟୁପକାର ପାଇଁ ଆଶା ନ ରଖି ଦିଆଯାଇଥିବା ଦାନ ସାତ୍ତ୍ୱିକ ଅଟେ, ପ୍ରତ୍ୟୁପକାର ଓ ଫଳପ୍ରାପ୍ତିର ଉଦ୍ଦେଶ୍ୟ ରଖି ଦିଆଯାଇଥିବା ଦାନ ରାଜସ ଅଟେ ତଥା ଦେଶ, କାଳ ଓ ପାତ୍ରର ବିଚାର ନ କରି ଅବଜ୍ଞାପୂର୍ବକ ଦିଆଯାଇଥିବା ଦାନ ତାମସ ଅଟେ (୧୭।୨୦—୨୨)।

ମୋହପୂର୍ବକ ନିୟତ କର୍ମଗୁଡ଼ିକୁ ଛାଡ଼ିଦେବା ହେଉଛି ତାମସ ତ୍ୟାଗ, ଶାରୀରିକ କ୍ଲେଶ ଭୟରେ ନିୟତ କର୍ମଗୁଡ଼ିକୁ ଛାଡ଼ିଦେବା ହେଉଛି ରାଜସ ତ୍ୟାଗ ଏବଂ ଆସକ୍ତି ଓ ଫଳେଚ୍ଛାକୁ ଛାଡ଼ି ନିୟତ କର୍ମଗୁଡ଼ିକୁ କରିବା ହେଉଛି ସାତ୍ତ୍ୱିକ ତ୍ୟାଗ (୧୮।୭—୯)।

ସମସ୍ତ ବିଭକ୍ତ (ଭିନ୍ନ ଭିନ୍ନ) ପ୍ରାଣୀମାନଙ୍କ ଠାରେ ବିଭାଗରହିତ ଏକମାତ୍ର ଅବିନାଶୀ ଭାବକୁ ଦେଖିବା ହେଲା ସାତ୍ତ୍ୱିକ ଜ୍ଞାନ, ସମସ୍ତ ବିଭକ୍ତ ପ୍ରାଣୀମାନଙ୍କ ଠାରେ ପରମାତ୍ମାଙ୍କୁ ଭିନ୍ନ ଭିନ୍ନ ଦେଖିବା ହେଲା ରାଜସ ଜ୍ଞାନ ଏବଂ ପାଞ୍ଚଭୌତିକ ଶରୀରକୁ ହିଁ ନିଜ ସ୍ୱରୂପ ମାନିନେବା ହେଲା ତାମସ ଜ୍ଞାନ (୧୮।୨୦—୨୨)। ଫଳେଚ୍ଛାବିହୀନ ମନୁଷ୍ୟ ଦ୍ୱାରା କର୍ତ୍ତୃତ୍ୱାଭିମାନ ଓ ରାଗ-ଦ୍ୱେଷ ନ ଥାଇ କରାଯାଇଥିବା କର୍ମ ସାତ୍ତ୍ୱିକ ଅଟେ, ଫଳେଚ୍ଛା ରଖିଥିବା ମନୁଷ୍ୟ ଦ୍ୱାରା ଅହଂକାର ଅଥବା ପରିଶ୍ରମପୂର୍ବକ କରାଯାଇଥିବା କର୍ମ ରାଜସ ଅଟେ ଏବଂ ପରିଣାମ, ହାନି, ହିଂସା ତଥା ନିଜ ସାମର୍ଥ୍ୟକୁ ନ ଦେଖି ମୋହପୂର୍ବକ କରାଯାଇଥିବା କର୍ମ ତାମସ ଅଟେ (୧୮।୨୩—୨୫)। ଅନାସକ୍ତ, ଅହଂକୃତଭାବ-ବିବର୍ଜିତ, ଧୃତି ଓ ଉତ୍ସାହଯୁକ୍ତ ତଥା ସିଦ୍ଧି-ଅସିଦ୍ଧିରେ ନିର୍ବିକାର ରହୁଥିବା କର୍ତ୍ତା ସାତ୍ତ୍ୱିକ ଅଟେ; ଆସକ୍ତ, ଫଳେଚ୍ଛାଯୁକ୍ତ, ଲୋଭୀ, ହିଂସାତ୍ମକ, ଅପବିତ୍ର ଓ ହର୍ଷ-ଶୋକଯୁକ୍ତ କର୍ତ୍ତା ରାଜସ ଅଟେ ଏବଂ ଅସାବଧାନ, ଅଶିକ୍ଷିତ, ଅବିନୟୀ, ଜିଦ୍‌ଖୋର, କୃତଘ୍ନ, ଆଳସ୍ୟ-ପରାୟଣ, ବିଷଣ୍ଣ ଓ ଦୀର୍ଘସୂତ୍ରୀ କର୍ତ୍ତା ତାମସ ଅଟେ (୧୮।୨୬—୨୮)।

ପ୍ରବୃତ୍ତି-ନିବୃତ୍ତି, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଭୟ-ଅଭୟ ଓ ବନ୍ଧନ-ମୋକ୍ଷକୁ ଠିକ୍‌ଭାବେ ଜାଣୁଥିବା ବୁଦ୍ଧି ହେଲା ସାତ୍ତ୍ୱିକୀ; ଧର୍ମ-ଅଧର୍ମ ଓ କର୍ତ୍ତବ୍ୟ-ଅକର୍ତ୍ତବ୍ୟକୁ ଠିକ୍‌ଭାବେ ଜାଣୁ ନ ଥିବା ବୁଦ୍ଧି ହେଲା ରାଜସୀ ଏବଂ ଅଧର୍ମକୁ ଧର୍ମ ଓ ସମସ୍ତ କଥାକୁ ଓଲଟା ବୁଝୁଥିବା ବୁଦ୍ଧି ହେଉଛି ତାମସୀ (୧୮।୩୦—୩୨)। ସମତାପୂର୍ବକ ମନ, ପ୍ରାଣ

ଓ ଇନ୍ଦ୍ରିୟମାନଙ୍କର କ୍ରିୟାଗୁଡ଼ିକୁ ଧାରଣ କରୁଥିବା ଧୃତି ସାତ୍ତ୍ୱିକୀ ଅଟେ; ଫଳେଚ୍ଛା ଓ ଆସକ୍ତିପୂର୍ବକ ଧର୍ମ, କାମ (ଭୋଗ) ଓ ଅର୍ଥକୁ ଧାରଣ କରୁଥିବା ଧୃତି ରାଜସୀ ଅଟେ ଏବଂ ନିଦ୍ରା, ଭୟ, ଶୋକ ଆଦିକୁ ଧାରଣ କରୁଥିବା ଧୃତି ତାମସୀ ଅଟେ (୧୮ । ୩୩—୩୫) ।

ପରମାତ୍ମବିଷୟକ ବୁଦ୍ଧିରୁ ଉତ୍ପନ୍ନ ଯେଉଁ ସୁଖ ସାଂସାରିକ ଆସକ୍ତି କାରଣରୁ ପ୍ରଥମେ ବିଷପରି ଓ ଶେଷରେ ଅମୃତପରି ହୋଇଥାଏ, ସେହି ସୁଖ ସାତ୍ତ୍ୱିକ ଅଟେ । ଆରମ୍ଭରେ ଅମୃତଭଳି ଓ ପରିଣାମରେ ବିଷଭଳି ଲାଗୁଥିବା ବିଷୟଜନିତ ତଥା ଇନ୍ଦ୍ରିୟ-ସଂଯୋଗରୁ ଉତ୍ପନ୍ନ ସୁଖ ରାଜସ ଅଟେ । ଆରମ୍ଭରେ ଓ ପରିଣାମରେ ମୋହିତ କରୁଥିବା, ଅତିନିଦ୍ରା, ଆଳସ୍ୟ ଓ ପ୍ରମାଦରୁ ଉତ୍ପନ୍ନ ସୁଖ ତାମସ ଅଟେ (୧୮ । ୩୭—୩୯) ।

ପ୍ରକୃତିଜ ଗୁଣମାନଙ୍କ ଦ୍ୱାରା ହିଁ ସବୁକିଛି ସର୍ଜନା କରାଯାଇଛି । ତେଣୁ ଏହି ତ୍ରିଲୋକରେ କୌଣସି ବସ୍ତୁ ବା ପ୍ରାଣୀ ଗୁଣରହିତ ନୁହେଁ । ସ୍ୱଭାବରୁ ଉତ୍ପନ୍ନ ଗୁଣଗୁଡ଼ିକ ଦ୍ୱାରା ହିଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଏହି ଚାରି ବର୍ଣ୍ଣର କର୍ମବିଭାଗ କରାଯାଇଛି* (୧୮ । ୪୦-୪୧) ।

ଅଷ୍ଟାଦଶ ଅଧ୍ୟାୟର ୪୭ଶ ଶ୍ଲୋକରେ ବ୍ୟବହୃତ **'ବିଗୁଣଃ'** ଶବ୍ଦ ମଧ୍ୟ ତିନିଗୁଣବିହୀନତାର ବାଚକ ନୁହେଁ, ବରଂ ସଦ୍‌ଗୁଣ ଓ ସଦାଚାରର ନ୍ୟୂନତାର ବାଚକ ।¥

ଏହିରୂପେ ଗୀତାରେ ଭାବ, ଗୁଣର ବୃତ୍ତି, ଶ୍ରଦ୍ଧା, ପୂଜନ, ଭୋଜନ, ଯଜ୍ଞ, ତପ, ଦାନ, ତ୍ୟାଗ, ଜ୍ଞାନ, କର୍ମ, କର୍ତ୍ତା, ବୁଦ୍ଧି, ଧୃତି ଓ ସୁଖ—ଏହି ପନ୍ଦରଟି ରୂପରେ ଗୁଣମାନଙ୍କର ବର୍ଣ୍ଣନା କରାଯାଇଛି ।

ଉପର୍ଯ୍ୟୁକ୍ତ ତିନି ଗୁଣ ମଧ୍ୟରୁ ସତ୍ତ୍ୱଗୁଣର ଉଦ୍ଦେଶ୍ୟ ପ୍ରକୃତି ଓ ପ୍ରକୃତିର କାର୍ଯ୍ୟଠାରୁ ସମ୍ବନ୍ଧ ଛିନ୍ନ କରାଇବା, ରଜୋଗୁଣର ଉଦ୍ଦେଶ୍ୟ ପ୍ରାକୃତ ପଦାର୍ଥମାନଙ୍କ ସହିତ ସମ୍ବନ୍ଧ ଦୃଢ଼ କରାଇବା ଏବଂ ତମୋଗୁଣର ଉଦ୍ଦେଶ୍ୟ ହେଉଛି ମୂଢ଼ତା ବୃଦ୍ଧି କରାଇବା ।

ଗୀତା ଅନୁସାରେ ସତ୍ତ୍ୱଗୁଣର ସ୍ୱରୂପ ହେଉଛି ପ୍ରକାଶକ ଓ ଅନାମୟ (୧୪ । ୬) । ଅନ୍ତଃକରଣର ସ୍ୱଚ୍ଛତା ଓ ନିର୍ମଳତାକୁ 'ପ୍ରକାଶ' କହନ୍ତି ଅର୍ଥାତ୍ ଅନ୍ତଃକରଣରେ ସତ୍-ଅସତ୍ ଓ କର୍ତ୍ତବ୍ୟ-ଅକର୍ତ୍ତବ୍ୟର ବିବେକ ଜାଗ୍ରତ ହେବା ହିଁ 'ପ୍ରକାଶ' । 'ଅନାମୟ'ର ଅର୍ଥ ରୋଗଶୂନ୍ୟ ହେବା ଅର୍ଥାତ୍ ବିକାରରହିତ ହେବା । ଜଡ଼ତାକୁ ତ୍ୟାଗ କଲେ ମନୁଷ୍ୟ ବିକାରରହିତ ହୁଏ । ଗୀତାରେ ସତ୍ତ୍ୱଗୁଣକୁ ଯେପରି 'ଅନାମୟ' କୁହାଯାଇଛି, ସେହିପରି ନିର୍ଗୁଣତତ୍ତ୍ୱକୁ ମଧ୍ୟ 'ଅନାମୟ' କୁହାଯାଇଛି (୨ । ୫୧) । ଦୁହିଙ୍କୁ ଅନାମୟ କହିବାର ଅଭିପ୍ରାୟ ହେଉଛି ପରମାତ୍ମପ୍ରାପ୍ତିରେ ହେତୁ ହେଉଥିବା ଯୋଗୁଁ ସତ୍ତ୍ୱଗୁଣ ନିର୍ଗୁଣ ତତ୍ତ୍ୱର ନିକଟତର ।

ରଜୋଗୁଣର ସ୍ୱରୂପ ରାଗାତ୍ମକ (୧୪ । ୭) । ଉତ୍ପନ୍ନ ଓ ନଷ୍ଟ ହେଉଥିବା ପଦାର୍ଥମାନଙ୍କରେ ଆକର୍ଷଣ ଓ ପ୍ରିୟତ୍ୱ ହେବା ହିଁ 'ରାଗ' । ଏଥିରୁ କାମନା ଜାତ ହୁଏ । ଏହି କାମନା ହିଁ ସମସ୍ତ ପାପର କାରଣ (୩ । ୩୭) । ତମୋଗୁଣର ସ୍ୱରୂପ ହେଲା ମୋହନାତ୍ମକ ଏବଂ ସେଥିରେ ମୂଢ଼ତା ହେଲା ମୁଖ୍ୟ (୧୪ । ୮) । ଗୀତାରେ ରାଜସ କର୍ତ୍ତାକୁ ହିଂସାତ୍ମକ କୁହାଯାଇଛି (୧୮ । ୨୭) ଓ ତାମସ କର୍ମରେ ମଧ୍ୟ ହିଂସା ଥିବା କଥା କୁହାଯାଇଛି (୧୮ । ୨୫) । ଦୁଇଟିରେ ହିଂସା ଅଛି ବୋଲି କହିବାର ଉଦ୍ଦେଶ୍ୟ ହେଲା, ରଜୋଗୁଣ ଓ ତମୋଗୁଣ ଦୁହେଁ ପରସ୍ପରର ନିକଟତର ।§

ଅନ୍ୟ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ଅଛି ଯେ ସତ୍ତ୍ୱଗୁଣରୁ ପୁଣ୍ୟ ହୁଏ—**'ସାତ୍ତ୍ୱିକୈଃ ପୁଣ୍ୟନିଷ୍କୃତିଃ'** ଏବଂ ଏହାର ସୁଖରୂପକ ଫଳକୁ ଜନ୍ମଜନ୍ମାନ୍ତରରେ ଓ ଲୋକପରଲୋକରେ ଭୋଗ କରାଯାଏ । କିନ୍ତୁ ଗୀତାର ସତ୍ତ୍ୱଗୁଣ ସାଂସାରିକ ସୁଖ ପ୍ରଦାନକାରୀ ନୁହେଁ, ବରଂ ଏହା ଅବିନାଶୀ ସୁଖର ପ୍ରାପ୍ତିରେ ଓ ମୁକ୍ତିରେ ସହାୟକ ହୁଏ । କିନ୍ତୁ ଏହି ସତ୍ତ୍ୱଗୁଣ ସହିତ ଯେତେବେଳେ ରଜୋଗୁଣ ମିଶିଯାଏ, ସେତେବେଳେ ଏହି ସତ୍ତ୍ୱଗୁଣ ବନ୍ଧନକାରକ ହୋଇଯାଏ । ତାତ୍ପର୍ଯ୍ୟ ହେଲା, ସତ୍ତ୍ୱଗୁଣକୁ ଉପଭୋଗ କଲେ ଏବଂ ଏଥିରୁ ମିଳୁଥିବା ସୁଖ ଓ ଜ୍ଞାନର ସଙ୍ଗ କଲେ ଏହା

---

* କୌଣସି ବସ୍ତୁରେ ଗୋଟିଏ ଚେକ୍ ମାରିଲେ ତାହା ଦୁଇଖଣ୍ଡ ହୋଇଯାଏ, ଦୁଇଟି ଚେକ୍ ମାରିଲେ ତାହା ତିନିଖଣ୍ଡ ହୋଇଯାଏ, ତିନୋଟି ଚେକ୍ ମାରିଲେ ଚାରିଖଣ୍ଡ ହୋଇଯାଏ । ସେହିପରି ତିନିଗୁଣ ଦ୍ୱାରା ବର୍ଣ୍ଣର ଚାରୋଟି ବିଭାଗ ହୋଇଛି ।

¥ ଗୀତାରେ ଯେଉଁ ଯେଉଁ ଅଧ୍ୟାୟରେ ଯେଉଁ ଯେଉଁ ଶ୍ଲୋକମାନଙ୍କରେ ଗୁଣଗୁଡ଼ିକର ବର୍ଣ୍ଣନା ରହିଛି, ସେଗୁଡ଼ିକ ମଧ୍ୟ ଏହି ଅର୍ଥରେ ଗ୍ରହଣୀୟ ।

§ ତମୋଗୁଣ, ରଜୋଗୁଣ ଓ ସତ୍ତ୍ୱଗୁଣର ପରସ୍ପର ମଧ୍ୟରେ (୧, ୧୦ ଓ ୧୦୦ ଭଳି) ଦଶଗୁଣର ପାର୍ଥକ୍ୟ ଅଛି । ତଥାପି ତମୋଗୁଣ (୧) ଠାରୁ ରଜୋଗୁଣ (୧୦) ନିକଟତର ଏବଂ ସତ୍ତ୍ୱଗୁଣ (୧୦୦) ଉଭୟଠାରୁ ଖୁବ୍ ଦୂରରେ ।

ମନୁଷ୍ୟଙ୍କୁ ବନ୍ଧନରେ ପକାଏ (୧୪।୬)।

ଗୀତାରେ ଯେଉଁ ସବୁ ସ୍ଥାନରେ ସାତ୍ତ୍ୱିକ, ରାଜସ ଓ ତାମସ ଗୁଣର ବର୍ଣ୍ଣନା ହୋଇଛି, ସେଠାରେ ଗୋଟିଏ ଦୃଷ୍ଟିରୁ ତ ସାତ୍ତ୍ୱିକ ଓ ରାଜସ ସମାନ, ଆଉ ଗୋଟିଏ ଦୃଷ୍ଟିରୁ ରାଜସ ଓ ତାମସ ସମାନ ଏବଂ ଅନ୍ୟ ଗୋଟିଏ ଦୃଷ୍ଟିରୁ ସାତ୍ତ୍ୱିକ ଓ ତାମସ ସମାନ। ଯଥା—ଶାସ୍ତ୍ରବିଧି ଅନୁସାରେ କର୍ମ କରିବାରେ ସାତ୍ତ୍ୱିକ ଓ ରାଜସ ସମାନ, କିନ୍ତୁ ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ ଏତିକି ଯେ ସାତ୍ତ୍ୱିକରେ ନିଷ୍କାମଭାବ ଥାଏ ଓ ରାଜସରେ ସକାମଭାବ ଥାଏ। ସଂସାର ସହିତ ସମ୍ବନ୍ଧ ଯୋଡ଼ିବାରେ ରାଜସ ଓ ତାମସ ସମାନ, କିନ୍ତୁ ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ ଏତିକି ଯେ ରାଜସରେ ସାବଧାନତା ଥାଏ ଓ ତାମସରେ ମୂଢ଼ତା ଥାଏ। କ୍ରିୟାରହିତ ହେବାରେ ସାତ୍ତ୍ୱିକ ଓ ତାମସ ସମାନ, କିନ୍ତୁ ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ ଏତିକି ଯେ ସାତ୍ତ୍ୱିକରେ ବିବେକ ଜାଗ୍ରତ ଥାଏ ଓ ତାମସରେ ମୂଢ଼ତା ଥାଏ।

ପ୍ରକୃତରେ ଦେଖିଲେ ଏକମାତ୍ର ପ୍ରକୃତିରୁ ଉତ୍ପନ୍ନ ହୋଇଥିବାରୁ ସାତ୍ତ୍ୱିକ, ରାଜସ ଓ ତାମସ ଗୁଣର ପରସ୍ପର ସହିତ ସମ୍ବନ୍ଧ ରହିଛି (୧୪।୫)। ଏହି ଗୁଣଗୁଡ଼ିକ ସହିତ ନିଜର ସମ୍ବନ୍ଧ ନ ରହିଲେ ପ୍ରକୃତିରୁ ଅତୀତ ପରମାତ୍ମତତ୍ତ୍ୱର ଅଥବା ସ୍ୱରୂପର ଅନୁଭବ ହୋଇଯାଏ। ଏହି ସ୍ୱରୂପ ତିନି ଗୁଣରୁ ଅତୀତ। ଏହା କିଛି କରେ ନାହିଁ କି ଲିପ୍ତ ହୁଏ ନାହିଁ (୧୩।୩୧)।

୫୯. ଗୀତାରେ ପରମାତ୍ମା ଓ ଜୀବାତ୍ମାର ସ୍ୱରୂପ

ଜୀବାତ୍ମା ପରମାତ୍ମା ଚ ତତ୍ତ୍ୱତୋଽଭିନ୍ନ ଏବ ଚ।
ଲକ୍ଷଣେଷୁ ଦ୍ୱୟୋଃ ସାମ୍ୟଂ କୃଷ୍ଣେନ କଥିତଂ ସ୍ୱୟମ୍॥

ଉପାସନା ଦୃଷ୍ଟିରୁ ପରମାତ୍ମାଙ୍କର ତିନୋଟି ସ୍ୱରୂପ ସ୍ୱୀକାର କରାଯାଇଛି—ସଗୁଣନିରାକାର, ନିର୍ଗୁଣନିରାକାର ଓ ସଗୁଣସାକାର। ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଐଶ୍ୱର୍ଯ୍ୟ ଆଦି ଦିବ୍ୟ ଗୁଣମାନଙ୍କରେ ଯୁକ୍ତ ଏବଂ ପ୍ରକୃତି ତଥା ତାହାର କାର୍ଯ୍ୟ ସଂସାରରେ ପରିପୂର୍ଣ୍ଣଭାବେ ବ୍ୟାପକ ପରମାତ୍ମାଙ୍କୁ **'ସଗୁଣନିରାକାର'** କୁହାଯାଏ। ଯଦି ସାଧକ ପରମାତ୍ମାଙ୍କୁ ଦିବ୍ୟଗୁଣବିବର୍ଜିତ ବୋଲି ମାନେ ଅର୍ଥାତ୍ ତାହାର ଦୃଷ୍ଟି କେବଳ ନିର୍ଗୁଣ ପରମାତ୍ମାଙ୍କ ଆଡ଼କୁ ରହିଥାଏ, ତେବେ ପରମାତ୍ମାଙ୍କ ସେହି ସ୍ୱରୂପକୁ **'ନିର୍ଗୁଣନିରାକାର'** କୁହାଯାଏ। ସଗୁଣନିରାକାର ପରମାତ୍ମା ଯଦି ନିଜର ଦିବ୍ୟ ପ୍ରକୃତିକୁ ଅଧିଷ୍ଠିତ କରି ନିଜର ଯୋଗମାୟା ଦ୍ୱାରା ଲୋକମାନଙ୍କ ଆଗରେ ପ୍ରକଟ ହୋଇଯାଆନ୍ତି, ତେବେ ତାଙ୍କୁ **'ସଗୁଣସାକାର'** କୁହାଯାଏ। ଏହି ତିନୋଟି ସ୍ୱରୂପର ବର୍ଣ୍ଣନା ଗୀତାରେ ନିମ୍ନ ପ୍ରକାରେ କରାଯାଇଛି—

(୧) **ସଗୁଣନିରାକାର**—ଅଭ୍ୟାସଯୋଗଯୁକ୍ତ ଓ ଏକାଗ୍ରଚିତ୍ତ ଦ୍ୱାରା ପରମ ଦିବ୍ୟ ପୁରୁଷଙ୍କୁ ଚିନ୍ତନ କରି ଶରୀର ଛାଡ଼ିଥିବା ମନୁଷ୍ୟ ତାହାଙ୍କୁ ପ୍ରାପ୍ତ ହୁଏ (୮।୮)। ଯିଏ ସର୍ବଜ୍ଞ, ପୁରାଣ, ସମସ୍ତଙ୍କର ଶାସକ, ସୂକ୍ଷ୍ମାତିସୂକ୍ଷ୍ମ, ସମସ୍ତଙ୍କର ଧାରଣକାରୀ, ଅଚିନ୍ତ୍ୟରୂପ, ଅଜ୍ଞାନରୁ ଅତ୍ୟନ୍ତ ଦୂରରେ ଏବଂ ସୂର୍ଯ୍ୟଙ୍କ ପରି ପ୍ରକାଶସ୍ୱରୂପ, ତାଙ୍କର ଚିନ୍ତନ କରି ଅଚଳ ମନ ଓ ଯୋଗବଳ ଦ୍ୱାରା ପ୍ରାଣମାନଙ୍କୁ ଭ୍ରୂକୁଟୀ ମଧ୍ୟରେ ସ୍ଥାପିତ କରି ଶରୀର ତ୍ୟାଗ କରୁଥିବା ମନୁଷ୍ୟ ସେହି ଦିବ୍ୟ ପୁରୁଷଙ୍କୁ ପ୍ରାପ୍ତ ହୋଇଥାଏ (୮।୯-୧୦)। ଯାହାଙ୍କ ମଧ୍ୟରେ ସବୁ ପ୍ରାଣୀ ଅଛନ୍ତି ଏବଂ ଯିଏ ସର୍ବତ୍ର ବ୍ୟାପ୍ତ, ସେହି ପରମପୁରୁଷଙ୍କୁ ଅନନ୍ୟଭକ୍ତି ଦ୍ୱାରା ପ୍ରାପ୍ତ କରିବା ଉଚିତ (୮।୨୨)। ଯାହାଙ୍କ ଠାରୁ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଥାଏ ଏବଂ ଯାହାଙ୍କ ଦ୍ୱାରା ସମଗ୍ର ସଂସାର ପରିବ୍ୟାପ୍ତ, ସେହି ପରମାତ୍ମାଙ୍କୁ ନିଜ କର୍ମ ଦ୍ୱାରା ପୂଜା କରି ମନୁଷ୍ୟ ସିଦ୍ଧି ପ୍ରାପ୍ତ କରେ (୧୮।୪୬) ଇତ୍ୟାଦି।

(୨) **ନିର୍ଗୁଣନିରାକାର**—ଯାହାଙ୍କୁ ବେଦବିତ୍‌ମାନେ ଅକ୍ଷର ବୋଲି କହନ୍ତି, ବୀତରାଗ ଯତିମାନେ ଯାହାଠାରେ ପ୍ରବେଶ କରନ୍ତି ଏବଂ ଯାହାଙ୍କୁ ପ୍ରାପ୍ତ କରିବାର ଇଚ୍ଛାରେ ବ୍ରହ୍ମଚାରୀମାନେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି, ସେହି ପଦ (ପରମପଦ) ବିଷୟରେ ମୁଁ କହିବି (୮।୧୧)। ତାହା ଅକ୍ଷର, ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବବ୍ୟାପୀ, ଅଚିନ୍ତ୍ୟ, କୂଟସ୍ଥ, ଅଚଳ, ଧ୍ରୁବ (୧୨।୩); ଇତ୍ୟାଦି ଇତ୍ୟାଦି।

(୩) **ସଗୁଣସାକାର**—ଅନନ୍ୟଚିତ୍ତ ହୋଇ ଯେଉଁ ଭକ୍ତଜନ ନିତ୍ୟ ଓ ନିରନ୍ତର ମୋର ଚିନ୍ତନ କରନ୍ତି, ସେମାନଙ୍କ ପାଇଁ ମୁଁ ସୁଲଭ (୮।୧୪)। ମହାତ୍ମାମାନେ

ମୋତେ ପାଇସାରି ଆଉ ଦୁଃଖାଳୟ ଓ ଅଶାଶ୍ୱତ ପୁନର୍ଜନ୍ମକୁ ପ୍ରାପ୍ତ ହୁଅନ୍ତି ନାହିଁ (୮ । ୧୫) । ଦୈବୀପ୍ରକୃତିର ଆଶ୍ରିତ ମହାତ୍ମାମାନେ ମୋତେ ସମସ୍ତ ପ୍ରାଣୀଙ୍କର ଆଦି ଓ ଅବ୍ୟୟ ବୋଲି ମାନି ଅନନ୍ୟଚିତ୍ତରେ ମୋତେ ଭଜନ୍ତି (୯ । ୧୩) । ଯେଉଁ ଭକ୍ତ ଭକ୍ତି ସହକାରେ ପତ୍ର, ପୁଷ୍ପ, ଫଳ, ଜଳ ପ୍ରଭୃତି ମୋତେ ଅର୍ପଣ କରେ, ପ୍ରେମପୂର୍ବକ ଅର୍ପଣ କରାଯାଇଥିବା ସେହି ଉପହାରକୁ ମୁଁ ଖାଇଦିଏ (୯ । ୨୬) । ଅନନ୍ୟଭକ୍ତି ଦ୍ୱାରା ହିଁ ମୋତେ ଜାଣି ହୁଏ, ଦେଖି ହୁଏ ଓ ପ୍ରାପ୍ତ କରି ହୁଏ (୧୧ । ୫୪); ଇତ୍ୟାଦି ।

ସଗୁଣନିରାକାର, ନିର୍ଗୁଣନିରାକାର ଓ ସଗୁଣସାକାର ମଧ୍ୟରେ ଏକତ୍ୱ—ତ୍ରୟୋଦଶ ଅଧ୍ୟାୟର ୧୪ଶ ଶ୍ଲୋକରେ ଭଗବାନ ଏହି ତିନୋଟି ରୂପର ଏକତ୍ୱ ବିଷୟରେ କହିଛନ୍ତି; ଯଥା—**'ସର୍ବେନ୍ଦ୍ରିୟଗୁଣାଭାସମ୍'** ଅର୍ଥାତ୍ ସେହି ତତ୍ତ୍ୱ ସମସ୍ତ ଇନ୍ଦ୍ରିୟଗଣଙ୍କ ବିଷୟଗୁଡ଼ିକର ପ୍ରକାଶକ ହୋଇଥିବାରୁ ସଗୁଣନିରାକାର ଅଟେ; **'ସର୍ବେନ୍ଦ୍ରିୟବିବର୍ଜିତମ୍', 'ନିର୍ଗୁଣମ୍'** ଅର୍ଥାତ୍ ସମସ୍ତ ଇନ୍ଦ୍ରିୟରୁ ଓ ସତ୍ତ୍ୱ-ରଜ-ତମ ନାମକ ତିନି ଗୁଣରୁ ରହିତ ହୋଇଥିବାରୁ ନିର୍ଗୁଣନିରାକାର ଅଟେ; **'ସର୍ବଭୃତ୍', 'ଗୁଣଭୋକ୍ତୃ'** ଅର୍ଥାତ୍ ସମଗ୍ର ସଂସାରର ଭରଣପୋଷଣକାରୀ ଏବଂ ଗୁଣମାନଙ୍କର ଭୋକ୍ତା ହୋଇଥିବାରୁ ସଗୁଣସାକାର ଅଟେ । ଏହା ବ୍ୟତୀତ ଅନ୍ୟ ସ୍ଥାନରେ ମଧ୍ୟ ତିନୋଟି ସ୍ୱରୂପର ଏକତ୍ୱ ବିଷୟରେ କୁହାଯାଇଛି; ଯଥା—ତାହାକୁ ଅବ୍ୟକ୍ତ, ଅକ୍ଷର ଓ ପରମଗତି ବୋଲି କୁହାଯାଇଛି ଏବଂ ଯାହାକୁ ପ୍ରାପ୍ତ ହେବା ପରେ ଜୀବ ପୁଣି ଫେରି ଆସେ ନାହିଁ, ତାହା ମୋର ପରମଧାମ ଅଟେ (୮ । ୨୧) । ବ୍ରହ୍ମ, ଅବିନାଶୀ ଅମୃତ, ଶାଶ୍ୱତ ଧର୍ମ ଓ ଐକାନ୍ତିକ ସୁଖର ଆଶ୍ରୟ ହେଉଛି ମୁଁ (୧୪ । ୨୭) ।

ଅର୍ଜୁନ ମଧ୍ୟ ବିରାଟରୂପ ଭଗବାନଙ୍କୁ ସ୍ତୁତି କରିବାବେଳେ ଏକାଦଶ ଅଧ୍ୟାୟର ୧୮ଶ ଶ୍ଲୋକରେ ତିନି ରୂପର ଏକତ୍ୱ ବିଷୟରେ କହିଛନ୍ତି; ଯଥା—**'ତ୍ୱମକ୍ଷରଂ ପରମଂ ବେଦିତବ୍ୟମ୍'** ଅର୍ଥାତ୍ ଆପଣ ହିଁ ଜାଣିବାର ଯୋଗ୍ୟ ପରମ ଅକ୍ଷର (ଅକ୍ଷରବ୍ରହ୍ମ) ହୋଇଥିବାରୁ ନିର୍ଗୁଣନିରାକାର ଅଟନ୍ତି; **'ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍'** ଅର୍ଥାତ୍ ଆପଣ ହିଁ ବିଶ୍ୱର ପରମ ଆଶ୍ରୟ ହୋଇଥିବାରୁ ସଗୁଣନିରାକାର ଅଟନ୍ତି; **'ତ୍ୱଂ ଶାଶ୍ୱତଧର୍ମଗୋପ୍ତା'** ଅର୍ଥାତ୍ ଆପଣ ହିଁ ସନାତନଧର୍ମର ରକ୍ଷକ ହୋଇଥିବାରୁ ସଗୁଣସାକାର ଅଟନ୍ତି ।

ଜୀବାତ୍ମାର ସ୍ୱରୂପ—ଗୀତାରେ ଜୀବାତ୍ମାର ସ୍ୱରୂପ ବିଷୟରେ ଭଗବାନ କହିଛନ୍ତି ଯେ ଏହି ଜୀବ ମୋର ହିଁ ସନାତନ ଅଂଶ । କିନ୍ତୁ ମୋର ଅଂଶ ହୋଇ ମଧ୍ୟ ଜୀବଲୋକରେ ଇଏ ଜୀବ ହୋଇଯାଇଛି ଏବଂ ପ୍ରକୃତିରେ ସ୍ଥିତ ଇନ୍ଦ୍ରିୟ, ମନ ଆଦିକୁ ନିଜର ମାନୁଛି (୧୫ । ୭) । ପ୍ରକୃତିରେ ସ୍ଥିତ ହୋଇ ଅର୍ଥାତ୍ ଶରୀରକୁ 'ମୁଁ' ଓ 'ମୋର' ମାନି ଇଏ ସୁଖଦୁଃଖର ଭୋକ୍ତା ହୋଇଯାଉଛି । ପ୍ରକୃତିଜନିତ ଗୁଣଗୁଡ଼ିକର ଓ ବିଷୟଗୁଡ଼ିକର ସଙ୍ଗ ହିଁ ଏହାକୁ ଉଚ୍ଚ-ନୀଚ ଯୋନିମାନଙ୍କୁ ନେଇଯିବାର କାରଣ ହୁଏ (୧୩ । ୨୧) । ଜୀବାତ୍ମା ହେଉଛି ମୋର 'ପରା ପ୍ରକୃତି', କିନ୍ତୁ ଇଏ 'ଅପରା ପ୍ରକୃତି' (ଶରୀର, ସଂସାର) ସହିତ ଅହଂଭାବ ଓ ମମତା କରି ଏହି ଜଗତକୁ ଅସ୍ତିତ୍ୱ ଦେଉଛି (୭ । ୫) । ଅପରା ପ୍ରକୃତି ସହିତ ପରା ପ୍ରକୃତିର ସମ୍ବନ୍ଧ ହେବାରୁ ହିଁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୁଅନ୍ତି (୭ । ୬; ୧୩ । ୨୬) ।

ଜୀବାତ୍ମାର ବର୍ଣ୍ଣନା ଦ୍ୱିତୀୟ ଅଧ୍ୟାୟର ୧୧ଶରୁ ୩୦ଶ ଶ୍ଲୋକ ପର୍ଯ୍ୟନ୍ତ ଦେହୀ, ଶରୀରୀ, ନିତ୍ୟ, ଅବିନାଶୀ, ଅପ୍ରମେୟ ଆଦି ଶବ୍ଦଗୁଡ଼ିକ ମାଧ୍ୟମରେ କରାଯାଇଛି । ତ୍ରୟୋଦଶ ଅଧ୍ୟାୟର ୧ମ ଓ ୨ୟ ଶ୍ଲୋକରେ ଏହାକୁ 'କ୍ଷେତ୍ରଜ୍ଞ' ଏବଂ ୧୯ଶ ଶ୍ଲୋକରେ 'ପୁରୁଷ' କୁହାଯାଇଛି । ଏହାକୁ ହିଁ ପଞ୍ଚଦଶ ଅଧ୍ୟାୟର ୧୬ଶ ଶ୍ଲୋକରେ 'ଅକ୍ଷର' କୁହାଯାଇଛି । ପ୍ରକୃତରେ ଇଏ ପରମାତ୍ମାଙ୍କ ଅଂଶ ହୋଇଥିବା ହେତୁ ପରମାତ୍ମସ୍ୱରୂପ ଅଟେ । ଆସକ୍ତିବଶତଃ ପ୍ରକୃତିର କାର୍ଯ୍ୟ ଶରୀର ଓ ସଂସାର ସହିତ ସମ୍ବନ୍ଧ ଯୋଡ଼ିଦେବାରୁ ହିଁ ଇଏ ଜୀବ ହୋଇଯାଉଛି । ଇଏ ଶରୀରରେ ସ୍ଥିତ ରହି ମଧ୍ୟ କିଛି କରେ ନାହିଁ କିଂବା ଲିପ୍ତ ହୁଏ ନାହିଁ (୧୩ । ୩୧) ।

ସଗୁଣନିରାକାର ସହିତ ଜୀବାତ୍ମାର ଏକତ୍ୱ—ଜୀବାତ୍ମା ଉଦ୍ଦେଶ୍ୟରେ କୁହାଯାଇଛି—ଯାହାଦ୍ୱାରା ଏହି ସମଗ୍ର ସଂସାର ବ୍ୟାପ୍ତ, ତାକୁ ତୁମେ ଅବିନାଶୀ ବୋଲି ଜାଣ (୨ । ୧୭); ଏବଂ ସଗୁଣନିରାକାର ଉଦ୍ଦେଶ୍ୟରେ କୁହାଯାଇଛି—ସମସ୍ତ ପ୍ରାଣୀ ଯାହାର ଅନ୍ତର୍ଗତ ଓ ସମଗ୍ର ସଂସାର ଯାହାଦ୍ୱାରା ବ୍ୟାପ୍ତ, ସେହି ପରମପୁରୁଷ ଅନନ୍ୟଭକ୍ତି ଦ୍ୱାରା ପ୍ରାପ୍ତ ହୁଅନ୍ତି (୮ । ୨୨) । ମୋର ଅବ୍ୟକ୍ତମୂର୍ତ୍ତି ଦ୍ୱାରା ସମଗ୍ର ଜଗତ ବ୍ୟାପ୍ତ (୯ । ୪) । ଯେଉଁ ପରମାତ୍ମାଙ୍କ ଦ୍ୱାରା ଏହି ସମଗ୍ର ଜଗତ ବ୍ୟାପ୍ତ, ତାଙ୍କୁ ନିଜର କର୍ମଗୁଡ଼ିକ ଦ୍ୱାରା ପୂଜା କରିବା ଉଚିତ (୧୮ । ୪୬) ।

ଜୀବାତ୍ମାଙ୍କୁ ମଧ୍ୟ 'ଈଶ୍ୱର' କୁହାଯାଇଛି (୧୫ । ୮) ଓ ସଗୁଣନିରାକାର ପରମାତ୍ମାଙ୍କୁ ମଧ୍ୟ 'ଈଶ୍ୱର' କୁହାଯାଇଛି (୧୮ । ୬୧) ।

ନିର୍ଗୁଣନିରାକାର ସହିତ ଜୀବାତ୍ମାର ଏକତ୍ୱ— ଜୀବାତ୍ମାଙ୍କୁ ମଧ୍ୟ ସମଗ୍ର ଜଗତରେ ବ୍ୟାପ୍ତ ବୋଲି କୁହାଯାଇଛି (୨ । ୧୭) ଏବଂ ନିର୍ଗୁଣନିରାକାର ପରମାତ୍ମାଙ୍କୁ ମଧ୍ୟ ସମସ୍ତ ଚରାଚର ପ୍ରାଣୀଙ୍କ ମଧ୍ୟରେ ବ୍ୟାପ୍ତ ବୋଲି କୁହାଯାଇଛି (୧୩ । ୧୫) ।

ଜୀବାତ୍ମାଙ୍କୁ ନିତ୍ୟ, ସର୍ବବ୍ୟାପୀ, ସ୍ଥାଣୁ, ଅଚଳ, ଅବ୍ୟକ୍ତ, ଅଚିନ୍ତ୍ୟ (୨ । ୨୪-୨୫), ଅପ୍ରମେୟ, (୨ । ୧୮) ଓ କୂଟସ୍ଥ (୧୫ । ୧୬) କୁହାଯାଇଛି; ଏବଂ ନିର୍ଗୁଣନିରାକାର ପରମାତ୍ମାଙ୍କୁ ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବବ୍ୟାପୀ, ଅଚିନ୍ତ୍ୟ, କୂଟସ୍ଥ, ଅଚଳ ଓ ଧ୍ରୁବ କୁହାଯାଇଛି (୧୨ । ୩) ।

ଜୀବାତ୍ମାଙ୍କୁ ମଧ୍ୟ ପରମାତ୍ମା କୁହାଯାଇଛି (୧୩ । ୨୨) ଏବଂ ନିର୍ଗୁଣନିରାକାର ପରମାତ୍ମାଙ୍କୁ ମଧ୍ୟ ପରମାତ୍ମା କୁହାଯାଇଛି (୬ । ୭) ।

ଜୀବାତ୍ମାଙ୍କୁ ମଧ୍ୟ 'ନିର୍ଗୁଣ' କୁହାଯାଇଛି (୧୩ । ୩୧) ଏବଂ ନିର୍ଗୁଣନିରାକାର ପରମାତ୍ମାଙ୍କୁ ମଧ୍ୟ 'ନିର୍ଗୁଣ' କୁହାଯାଇଛି (୧୩ । ୧୪) ।

ସଗୁଣସାକାର ସହିତ ଜୀବାତ୍ମାର ଏକତ୍ୱ— ଜୀବାତ୍ମାଙ୍କୁ ମଧ୍ୟ 'ମହେଶ୍ୱର' କୁହାଯାଇଛି (୧୩ । ୨୨) ଏବଂ ସଗୁଣସାକାର ପରମାତ୍ମାଙ୍କୁ ମଧ୍ୟ 'ମହେଶ୍ୱର' କୁହାଯାଇଛି (୫ । ୨୯; ୯ । ୧୧; ୧୦ । ୩) ।

ତ୍ରୟୋଦଶ ଅଧ୍ୟାୟର ୨ୟ ଶ୍ଳୋକରେ ଭଗବାନ 'ତୁମେ କ୍ଷେତ୍ରମାନଙ୍କରେ ମୋତେ କ୍ଷେତ୍ରଜ୍ଞ ବୋଲି ଜାଣ' କହି ଜୀବାତ୍ମା ସହିତ ତାଙ୍କର (ସଗୁଣସାକାରର) ଏକତ୍ୱ ଦର୍ଶାଇଛନ୍ତି ।

ସମସ୍ତ ସ୍ୱରୂପ ସହିତ ଜୀବାତ୍ମାର ଏକତ୍ୱ ଦର୍ଶାଇବାର ଅଭିପ୍ରାୟ ହେଲା, ଜୀବାତ୍ମାର ପରମାତ୍ମାଙ୍କ ସହିତ ଏକତ୍ୱ ସ୍ୱାଭାବିକ; କିନ୍ତୁ ଶରୀର ସହିତ ଏକତ୍ୱ ମାନି ନେଇଥିବାରୁ ଏହାକୁ ପରମାତ୍ମାଙ୍କ ସହିତ ଏକତ୍ୱ ଅନୁଭବ ହେଉ ନାହିଁ । ଅତଏବ ସାଧକ ଶରୀର ସହିତ ନିଜର ଏକତ୍ୱ ନ ମାନି ପରମାତ୍ମାଙ୍କ ସହିତ ଦୃଢ଼ତାର ସହ ଏକତ୍ୱ ସ୍ୱୀକାର କରି ସାଧନପରାୟଣ ହୋଇଯିବା ଆବଶ୍ୟକ । ତେବେ ଯାଇ ସେହି ଏକତ୍ୱ ଅନୁଭୂତ ହେବ । ପରମାତ୍ମାଙ୍କର ସଗୁଣନିରାକାର, ନିର୍ଗୁଣନିରାକାର ଓ ସଗୁଣସାକାର ରୂପ ସହିତ ଜୀବାତ୍ମାର ତତ୍ତ୍ୱଗତ ଏକତା ଓ ମାନିନିଆଯାଇଥିବା ଭିନ୍ନତା ରହିଛି । ମାନିନିଆଯାଇଥିବା ଭିନ୍ନତା ଦୂରୀଭୂତ ହୋଇଗଲେ ତତ୍ତ୍ୱଗତ ଏକତା ସ୍ୱତଃ ଅନୁଭୂତ ହୁଏ । କେତେକ ଆଚାର୍ଯ୍ୟ ଜୀବାତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ଅଭେଦ ସ୍ୱୀକାର କରନ୍ତି ଏବଂ କେତେକ ଆଚାର୍ଯ୍ୟ ଭେଦ ସ୍ୱୀକାର କରନ୍ତି । ଭେଦ ସ୍ୱୀକାର କରିଥିବା ଆଚାର୍ଯ୍ୟମାନେ ମଧ୍ୟ ତତ୍ତ୍ୱଗତ ଭେଦ ସ୍ୱୀକାର କରି ପାରିବେ ନାହିଁ । ଅବଶ୍ୟ, ଜୀବ ଅନେକ ହୋଇଥିବା ଦୃଷ୍ଟିରୁ ସେମାନେ ଜୀବାତ୍ମା ଓ ପରମାତ୍ମାଙ୍କ ଏକତାକୁ ଜାତିଗତ ଏକତା ବୋଲି କହିଆନ୍ତି, କିନ୍ତୁ ପ୍ରକୃତରେ ଏହା ତତ୍ତ୍ୱଗତ ଏକତା । ଯାହା ଏକ ହୋଇଥିଲେ ମଧ୍ୟ ସବୁଥିରେ ଭିନ୍ନ ଭିନ୍ନ ହୋଇଥାଏ, ତାହା ହେଉଛି ଜାତି । ଚେତନତତ୍ତ୍ୱ ହେଉଛି ଏକ ଏବଂ ସେଥିରେ କୌଣସି ଭେଦ (ଅନେକତା) ନାହିଁ, ତା'ହେଲେ ସେଥିରେ ଜାତି ଆସିବ କୁଆଡ଼ୁ? ଅତଏବ ଜୀବାତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ତତ୍ତ୍ୱଗତ ଏକତା ଅଛି ଅର୍ଥାତ୍ ଉଭୟେ ତତ୍ତ୍ୱରୂପରେ ଏକ ଅଟନ୍ତି ।

ଜୀବାତ୍ମା ଅଳ୍ପଜ୍ଞ ଓ ପରମାତ୍ମା ସର୍ବଜ୍ଞ । ଜୀବାତ୍ମାର ଅଳ୍ପଜ୍ଞତାର କାରଣ ହେଲା ଅବିଦ୍ୟା ଓ ପରମାତ୍ମାଙ୍କର ସର୍ବଜ୍ଞତାର କାରଣ ହେଲା ତାଙ୍କର ଶକ୍ତି ପ୍ରକୃତି । ଯଦି ଜୀବାତ୍ମା ଅବିଦ୍ୟାକୁ ନଷ୍ଟ କରିଦିଏ, ତେବେ ତା'ର ଅଳ୍ପଜ୍ଞତା ରହିବ ନାହିଁ ଏବଂ ଯଦି ପରମାତ୍ମା ନିଜର ଶକ୍ତିକୁ ଉପେକ୍ଷା କରିଦିଅନ୍ତି ଓ ନିଜ ଶକ୍ତି ଆଡ଼କୁ ଦୃଷ୍ଟି ନ ଦିଅନ୍ତି, ତେବେ ପରମାତ୍ମାଙ୍କର ସର୍ବଜ୍ଞତା ରହିବ ନାହିଁ ।

ଗୀତା ହେଉଛି ଶବ୍ଦମୟ ଗ୍ରନ୍ଥ । ସେଥିପାଇଁ ଏହି ଲେଖାରେ ଗୀତାର ଶବ୍ଦଗୁଡ଼ିକ ମାଧ୍ୟମରେ ହିଁ ଜୀବାତ୍ମା ଓ ପରମାତ୍ମାଙ୍କ ତତ୍ତ୍ୱଗତ ଏକତ୍ୱ କଥା କୁହାଯାଇଛି । ପ୍ରକୃତରେ ଜୀବାତ୍ମା ଓ ପରମାତ୍ମାଙ୍କ ତତ୍ତ୍ୱଗତ ଏକତ୍ୱ କୌଣସି ଗ୍ରନ୍ଥ ଉପରେ ନିର୍ଭରଶୀଳ ନୁହେଁ, ବରଂ ସ୍ୱତଃସିଦ୍ଧ । ଯଦି ସାଧକ କୌଣସି ଗ୍ରନ୍ଥକୁ ମହତ୍ତ୍ୱ ଦେଉଥାଏ, ତେବେ ସେ ସେହି ଗ୍ରନ୍ଥରେ ବର୍ଣ୍ଣିତ ତତ୍ତ୍ୱ ସହିତ ଅଭିନ୍ନ ହେବା ପାଇଁ ଓ ସେଥିରେ ନିଜକୁ ଲୀନ କରିବା ପାଇଁ ହିଁ ଗ୍ରନ୍ଥକୁ ମହତ୍ତ୍ୱ ଦେଇଥାଏ । ଯେତେବେଳେ ସାଧକଠାରେ ସାଂସାରିକ ବସ୍ତୁ, ବ୍ୟକ୍ତି ଆଦିର ମହତ୍ତ୍ୱ ରହେ ନାହିଁ, ସେତେବେଳେ ତତ୍ତ୍ୱଦୃଷ୍ଟିରୁ ସ୍ୱୀକୃତ ଭିନ୍ନତା ନଷ୍ଟ ହୋଇଯାଏ ଅର୍ଥାତ୍ ପରମାତ୍ମାଙ୍କ ସହିତ ନିଜର ତତ୍ତ୍ୱଗତ ଏକତ୍ୱ ଅନୁଭୂତ ହୁଏ । ତତ୍ତ୍ୱଗତ ଏକତ୍ୱ ଅନୁଭୂତ ହେବା ପରେ ବ୍ୟକ୍ତିତ୍ୱର ଅଭିମାନ ରହେ ନାହିଁ; କାରଣ ପ୍ରକୃତ ତତ୍ତ୍ୱରେ ବ୍ୟକ୍ତିତ୍ୱର

ଅଭିମାନ ନାହିଁ। ଲୋକମାନଙ୍କ ଦୃଷ୍ଟିରେ ତ ସେ ଯୋଗୀ, ଜ୍ଞାନୀ ବା ପ୍ରେମୀ ବୋଲାନ୍ତି, କିନ୍ତୁ ପ୍ରକୃତରେ ସେ ଯୋଗୀ, ଜ୍ଞାନୀ ବା ପ୍ରେମୀ ହୋଇ ରହନ୍ତି ନାହିଁ, ବରଂ ସେ ଯୋଗସ୍ୱରୂପ, ଜ୍ଞାନସ୍ୱରୂପ ଓ ପ୍ରେମସ୍ୱରୂପ ହୋଇଯାଆନ୍ତି। ତତ୍ତ୍ୱତଃ ଏକ ହୋଇଗଲେ ଅର୍ଥାତ୍ ବ୍ୟକ୍ତିତ୍ୱର ଅଭିମାନ ନଷ୍ଟ ହୋଇଯିବା ପରେ ଯୋଗ ଓ ଯୋଗୀ, ଜ୍ଞାନ ଓ ଜ୍ଞାନୀ, ପ୍ରେମ ଓ ପ୍ରେମୀ—ଏପରି ଭେଦ ରହେ ନାହିଁ। ଯେପର୍ଯ୍ୟନ୍ତ ଏହି ଭେଦ ଅର୍ଥାତ୍ ବ୍ୟକ୍ତିତ୍ୱର ଅଭିମାନ ରହିଛି, ସେପର୍ଯ୍ୟନ୍ତ ତତ୍ତ୍ୱ ସହିତ ଐକ୍ୟ ହୋଇ ନାହିଁ।

୭୦. ଗୀତାରେ ଈଶ୍ୱର ଓ ଜୀବାତ୍ମାର ସ୍ୱତନ୍ତ୍ରତା

କର୍ତ୍ତୁଂ ତଥାନ୍ୟଥାକର୍ତ୍ତୁଂ ସ୍ୱତନ୍ତ୍ରୋ ହୀଶ୍ୱରଃ ସଦା ।
ପ୍ରକୃତେର୍ବିଶତାତ୍ୟାଗେ ଜୀବାତ୍ମା ସ୍ୱବଶଃ ସଦା ॥

'ସ୍ୱ'ର ଅର୍ଥ ସ୍ୱୟଂ, 'ପର'ର ଅର୍ଥ ଅନ୍ୟ ଏବଂ 'ତନ୍ତ୍ର'ର ଅର୍ଥ ଅଧୀନତା। ଅତଏବ ଯିଏ ସ୍ୱୟଂର ଅଧୀନ, ତାକୁ 'ସ୍ୱତନ୍ତ୍ର' (ସ୍ୱାଧୀନ) କହନ୍ତି ଏବଂ ଯିଏ ଅନ୍ୟର ଅଧୀନ, ତାକୁ 'ପରତନ୍ତ୍ର' (ପରାଧୀନ) କହନ୍ତି। ସ୍ୱତନ୍ତ୍ର ଓ ପରତନ୍ତ୍ର ଭାବର ନାମ ହେଲା ସ୍ୱତନ୍ତ୍ରତା ଓ ପରତନ୍ତ୍ରତା।

ଯଦ୍ୟପି ଈଶ୍ୱରଙ୍କ ଠାରେ କର୍ତ୍ତୃତ୍ୱ ନାହିଁ ଏବଂ ଈଶ୍ୱରଙ୍କର ଅଂଶ ଏହି ଜୀବାତ୍ମାଠାରେ ମଧ୍ୟ ତତ୍ତ୍ୱତଃ କର୍ତ୍ତୃତ୍ୱ ନାହିଁ, ତଥାପି ଈଶ୍ୱରଙ୍କ ଠାରେ ପ୍ରକୃତିକୁ ନେଇ କର୍ତ୍ତୃତ୍ୱ ଅଛି ଓ ଜୀବାତ୍ମାଠାରେ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି ଆଦିକୁ ନେଇ କର୍ତ୍ତୃତ୍ୱ ଅଛି। କିନ୍ତୁ ଏ ଦୁହିଁଙ୍କର କର୍ତ୍ତୃତ୍ୱରେ ବହୁତ ପାର୍ଥକ୍ୟ ରହିଛି। ଈଶ୍ୱର ପ୍ରକୃତିର ଅଧିପତି ହୋଇ ପ୍ରକୃତିକୁ ନିଜର ଅଧୀନ କରି ସ୍ୱତନ୍ତ୍ରତାପୂର୍ବକ ସଂସାରର ଉତ୍ପତ୍ତି, ସ୍ଥିତି, ପ୍ରଳୟ ଆଦି କାର୍ଯ୍ୟ କରନ୍ତି (୪।୬; ୯।୮), କିନ୍ତୁ ଜୀବାତ୍ମା ସୁଖାସକ୍ତି କାରଣରୁ ଶରୀର ଆଦିର ଅଧୀନ ହୋଇ ପରତନ୍ତ୍ରଭାବରେ କାର୍ଯ୍ୟ କରିଥାଏ (୧୫।୭-୯)। ଯେପରି ଭଗବାନ ପ୍ରକୃତିକୁ ସ୍ୱୀକାର କରିବାରେ କିଂବା ନ କରିବାରେ ସ୍ୱତନ୍ତ୍ର ଏବଂ ସ୍ୱୀକାର କଲେ ମଧ୍ୟ ଭଗବାନ ପରତନ୍ତ୍ର ହୁଅନ୍ତି ନାହିଁ, ସେହିପରି ଜୀବାତ୍ମା ମଧ୍ୟ ଶରୀରାଦିକୁ 'ମୁଁ ଓ ମୋର' ମାନିବାରେ ବା ନ ମାନିବାରେ ସ୍ୱତନ୍ତ୍ର। କିନ୍ତୁ ସେଗୁଡ଼ିକୁ 'ମୁଁ ଓ ମୋର' ବୋଲି ମାନିନେବା ପରେ ଜୀବାତ୍ମା ନିଜର ସ୍ୱତନ୍ତ୍ରତାକୁ ଭୁଲି ସେଗୁଡ଼ିକର ଅଧୀନ (ପରତନ୍ତ୍ର) ହୋଇଯାଏ ଏବଂ ପରିଣାମରେ ଜନ୍ମମରଣ ଚକ୍ରରେ ପଡ଼ିଯାଏ।

ଜୀବାତ୍ମାର ଏହି ପରତନ୍ତ୍ରତା ସ୍ୱାଭାବିକ ନୁହେଁ, ବରଂ ତା'ନିଜ ଦ୍ୱାରା ସୃଷ୍ଟ ଓ ସ୍ୱୀକୃତ। ଜୀବାତ୍ମା ସ୍ୱୟଂ ଆସକ୍ତି ହେତୁ ପ୍ରକୃତିର କାର୍ଯ୍ୟ ଶରୀରାଦିର ଅଧୀନତା ସ୍ୱୀକାର କଲେ ପରତନ୍ତ୍ର ହୋଇଯାଏ ଏବଂ ଶରୀରାଦିର ଅଧୀନତାକୁ ଅସ୍ୱୀକାର କଲେ ସ୍ୱତନ୍ତ୍ର ହୋଇଯାଏ ଅର୍ଥାତ୍ ନିଜର ସ୍ୱତଃସିଦ୍ଧ ସ୍ୱତନ୍ତ୍ରତାକୁ ଓ ନିଜର ସ୍ୱରୂପକୁ ଅନୁଭବ କରେ। ଏଭଳି ଅନୁଭବ କରିବାରେ ଜୀବାତ୍ମା ସ୍ୱତନ୍ତ୍ର।

ଯେତେବେଳେ ଏହି ଜୀବାତ୍ମା ନିଜର ସ୍ୱତଃସିଦ୍ଧ ସ୍ୱତନ୍ତ୍ରତାକୁ ଅନୁଭବ କରି ମଧ୍ୟ ସନ୍ତୁଷ୍ଟ ହୁଏ ନାହିଁ, ସେତେବେଳେ ଏହାର ଭଗବାନଙ୍କ ଚରଣରେ ପ୍ରେମ ଜାଗ୍ରତ ହୁଏ। ପ୍ରେମ ହେଲାପରେ ଭଗବାନ ଜୀବାତ୍ମାର ଅଧୀନ ହୋଇଯାଆନ୍ତି। କହିବାର ଅଭିପ୍ରାୟ ହେଲା, ଜୀବାତ୍ମା ପ୍ରକୃତିର କାର୍ଯ୍ୟକୁ ଛାଡ଼ି ଭଗବାନଙ୍କୁ ସ୍ୱୀକାର କରିନେଲେ ସର୍ବସ୍ୱତନ୍ତ୍ର ଭଗବାନ ମଧ୍ୟ ଏହାର ଅଧୀନ ହୋଇଯାଆନ୍ତି। କେବଳ ସେତିକି ନୁହେଁ, ଏହାର ଅଧୀନ ହୋଇ ଭଗବାନ ଆନନ୍ଦ ଅନୁଭବ କରନ୍ତି। ଭଗବାନ ଜୀବାତ୍ମାକୁ ଏତେ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛନ୍ତି!

୬୧. ଗୀତାରେ ସତ୍, ଚିତ୍ ଓ ଆନନ୍ଦ

ଦ୍ୱାବେବ ସଚ୍ଚିଦାନନ୍ଦୌ ପ୍ରୋକ୍ତୌ ଜଗଜ୍ଜନାର୍ଦନୌ ।
ଦ୍ୱୟୋରନ୍ତରମେତତ୍ତୁ ସଦାଽସିରଂ ସଦା ସିରଃ ॥

ଗୀତାରେ ସତ୍, ଚିତ୍ ଓ ଆନନ୍ଦର ବର୍ଣ୍ଣନା ରହିଛି । ମାତ୍ର ବେଦାନ୍ତ ଗ୍ରନ୍ଥମାନଙ୍କରେ ଏହି ତିନୋଟିର ଯେପରି କ୍ରମରେ ବର୍ଣ୍ଣନା ଦେଖିବାକୁ ମିଳେ, ଗୀତାରେ ସେପରି କ୍ରମରେ ବର୍ଣ୍ଣନା ହୋଇ ନାହିଁ; କାରଣ ଗୀତା ହେଉଛି ଏକ ସିଦ୍ଧାନ୍ତଗ୍ରନ୍ଥ, ଏହା ପ୍ରକ୍ରିୟାଗ୍ରନ୍ଥ ନୁହେଁ ।

'ସତ୍' ଶବ୍ଦ ସତ୍ତାର ବାଚକ, 'ଚିତ୍' ଶବ୍ଦ ଜ୍ଞାନର ବାଚକ ଏବଂ 'ଆନନ୍ଦ' ଶବ୍ଦ ସର୍ବୋଚ୍ଚ ସୁଖର ବାଚକ ।

'ସତ୍'

ସତ୍ତା ଦୁଇ ପ୍ରକାରର—ସ୍ୱତଃସିଦ୍ଧ ଅବିକାରୀ ସତ୍ତା ଓ ଉତ୍ପନ୍ନଶୀଳ ବିକାରୀ ସତ୍ତା । ପରମାତ୍ମାଙ୍କର ଓ ଜୀବାତ୍ମାର ସତ୍ତା ହେଉଛି ଅବିକାରୀ ଏବଂ ସଂସାର ଓ ଶରୀରର ସତ୍ତା ହେଉଛି ବିକାରୀ । ଅବିକାରୀ ସତ୍ତା କେବେହେଲେ ନଷ୍ଟ ହୁଏ ନାହିଁ—**'ନାଭାବୋ ବିଦ୍ୟତେ ସତଃ'** (୨ । ୧୬) ଏବଂ ବିକାରୀ ସତ୍ତା କେବେହେଲେ ସ୍ଥାୟୀ ରହେ ନାହିଁ—**'ନାସତୋ ବିଦ୍ୟତେ ଭାବଃ'** (୨ । ୧୬) । ଉତ୍ପନ୍ନ ହେବା, ବିଦ୍ୟମାନ ପରି ଦେଖାଯିବା, ବୃଦ୍ଧିପ୍ରାପ୍ତ ହେବା, ପରିବର୍ତ୍ତିତ ହେବା, କ୍ଷୀଣ ହେବା ଓ ନଷ୍ଟ ହେବା—ଏହି ଛଅଟି ବିକାର ଅବିକାରୀ ସତ୍ତାରେ ହୁଏ ନାହିଁ ଅର୍ଥାତ୍ ସେହି ସତ୍ତା ଉକ୍ତ ଛଅ ପ୍ରକାର ଭାବବିକାରବିବର୍ଜିତ ଅଟେ । ବିକାରୀ ସତ୍ତାରେ ହିଁ ଏହି ଛଅ ପ୍ରକାର ଭାବବିକାର ହୁଏ; ଯଥା—ସଂସାର ଓ ଶରୀର ଉତ୍ପନ୍ନ ହୁଏ, ଉତ୍ପନ୍ନ ହେବାପରେ 'ବିଦ୍ୟମାନ' ପରି ଦେଖାଯାଏ, ବୃଦ୍ଧିପ୍ରାପ୍ତ ହୁଏ, ପରିବର୍ତ୍ତିତ ହୁଏ ଅର୍ଥାତ୍ ଗୋଟିଏ ଅବସ୍ଥା ଛାଡ଼ି ଅନ୍ୟ ଅବସ୍ଥା ପ୍ରାପ୍ତ ହୁଏ, କ୍ଷୀଣ ହୁଏ ଓ ନଷ୍ଟ ହୋଇଯାଏ ।

ଗୀତାରେ ଉପର୍ଯ୍ୟୁକ୍ତ ଉଭୟ ସତ୍ତାର ବର୍ଣ୍ଣନା ଏକସଙ୍ଗେ କରାଯାଇଛି; ଯଥା—ଗତିଶୀଳ ପ୍ରାଣୀମାନଙ୍କ ମଧ୍ୟରେ ଯାହା ଗତିରହିତ, ବିଷମ ପ୍ରାଣୀମାନଙ୍କ ଠାରେ ଯାହା ସମରୂପରେ ସ୍ଥିତ ଓ ବିନାଶଶୀଳ ପ୍ରାଣୀମାନଙ୍କ ମଧ୍ୟରେ ଯିଏ ବିନାଶରହିତ (୧୩ । ୨୭); ସମସ୍ତ ବିଭକ୍ତ ପ୍ରାଣୀମାନଙ୍କ ଭିତରେ ଯାହା ବିଭାଗରହିତ (୧୩ । ୧୬); ଯାହା ଭିତରେ ସମସ୍ତ ପ୍ରାଣୀ ଅଛନ୍ତି ଓ ଯାହା ସମସ୍ତ ପ୍ରାଣୀଙ୍କ ଭିତରେ ଓତପ୍ରୋତଭାବେ ରହିଛି (୮ । ୨୨); ଇତ୍ୟାଦି ।

'ଚିତ୍'

ଜ୍ଞାନ ଦୁଇ ପ୍ରକାରର—କରଣନିରପେକ୍ଷ ଓ କରଣସାପେକ୍ଷ । ପରମାତ୍ମଜ୍ଞାନ ଓ ନିଜ ସ୍ୱରୂପର ଜ୍ଞାନ (ବୋଧ) କରଣନିରପେକ୍ଷ; କାରଣ ସେହି ଜ୍ଞାନ ସ୍ୱୟଂ ଦ୍ୱାରା ହିଁ ହୋଇଥାଏ, ଇନ୍ଦ୍ରିୟ, ମନ, ବୁଦ୍ଧି ଆଦି କରଣ ଦ୍ୱାରା ହୁଏ ନାହିଁ । ସଂସାର ଓ ଶରୀର ସମ୍ବନ୍ଧୀୟ ଜ୍ଞାନ କରଣସାପେକ୍ଷ; କାରଣ ଏହି ଜ୍ଞାନ ଇନ୍ଦ୍ରିୟ, ମନ ଆଦି କରଣମାନଙ୍କ ଦ୍ୱାରା ହୋଇଥାଏ । କରଣନିରପେକ୍ଷ ଜ୍ଞାନ ସମସ୍ତଙ୍କର ପ୍ରକାଶକ ଅଟେ । ଏହି ଜ୍ଞାନ ଦ୍ୱାରା ସମସ୍ତଙ୍କୁ ପ୍ରକାଶ ମିଳିଥାଏ । ଏହାଦ୍ୱାରା ମନ, ବୁଦ୍ଧି, ଇନ୍ଦ୍ରିୟ ଆଦି ସମସ୍ତେ ପ୍ରକାଶିତ ହୁଅନ୍ତି । କିନ୍ତୁ କରଣସାପେକ୍ଷ ଜ୍ଞାନ ପ୍ରକାଶ୍ୟ ଅଟେ ।

ଗୀତାରେ ଉପର୍ଯ୍ୟୁକ୍ତ ଉଭୟ ଜ୍ଞାନର ବର୍ଣ୍ଣନା ପ୍ରାୟ ଏକସଙ୍ଗେ ହୋଇଛି; ଯଥା—ସେହି ପରମାତ୍ମା ସମସ୍ତ ଜ୍ୟୋତିର ଜ୍ୟୋତି ଅର୍ଥାତ୍ ସମସ୍ତ ଜ୍ଞାନର ଜ୍ଞାନ ଅଟନ୍ତି (୧୩ । ୧୭) । ସେହି ପରମାତ୍ମା ଇନ୍ଦ୍ରିୟବିବର୍ଜିତ ହୋଇଥିଲେ ମଧ୍ୟ ସମସ୍ତ ଇନ୍ଦ୍ରିୟର ବିଷୟଗୁଡ଼ିକୁ ପ୍ରକାଶିତ କରନ୍ତି (୧୩ । ୧୪) । ସେହି ପରମପଦରୂପୀ ପରମାତ୍ମାଙ୍କୁ ସୂର୍ଯ୍ୟ (ନେତ୍ର), ଚନ୍ଦ୍ର (ମନ) ଓ ଅଗ୍ନି (ବାଣୀ) ପ୍ରକାଶିତ କରନ୍ତି ନାହିଁ (୧୫ । ୬); କିନ୍ତୁ ତାଙ୍କଦ୍ୱାରା ଏହି ସୂର୍ଯ୍ୟ (ନେତ୍ର) ପ୍ରଭୃତି ପ୍ରକାଶିତ ହୁଅନ୍ତି (୧୫ । ୧୨) ଇତ୍ୟାଦି ।

'ଆନନ୍ଦ'

ସୁଖ ମଧ୍ୟ ଦୁଇ ପ୍ରକାରର—ପାରମାର୍ଥିକ ଓ ଲୌକିକ । ପାରମାର୍ଥିକ ସୁଖ ପରମାତ୍ମସ୍ୱରୂପ ଅଟେ । ଏହି ସୁଖ ତିନି ଗୁଣରୁ ଅତୀତ । ଏହା ସାଂସାରିକ ସୁଖଦୁଃଖର ଊର୍ଦ୍ଧ୍ୱରେ । ଏହାକୁ ଗୀତାରେ ଅକ୍ଷୟସୁଖ, ଆତ୍ୟନ୍ତିକସୁଖ ଓ ଅତ୍ୟନ୍ତସୁଖ ବୋଲି କୁହାଯାଇଛି (୫ । ୨୧; ୬ । ୨୧, ୨୮) । କିନ୍ତୁ ଲୌକିକ ସୁଖ ନାଶବାନ୍ ଓ ତ୍ରିଗୁଣଯୁକ୍ତ । ରାଜସ ଓ ତାମସ ସୁଖ ତ ସ୍ୱାଭାବିକରୂପେ ଲୌକିକ, ଏପରିକି ଉତ୍ପନ୍ନ ହେଉଥିବାରୁ ସାତ୍ତ୍ୱିକ ସୁଖ ମଧ୍ୟ ଲୌକିକ । ଗୀତାରେ ଲୌକିକ

ସୁଖର ବର୍ଣ୍ଣନା ପ୍ରାୟ ଦୁଃଖ ସହିତ କରାଯାଇଛି; ଯଥା— **'ଶୀତୋଷ୍ଣସୁଖଦୁଃଖଦାଃ'**, **'ସମଦୁଃଖସୁଖମ୍'** (୨ । ୧୪-୧୫); **'ସୁଖେଷୁ ବିଗତସ୍ପୃହଃ'** (୨ । ୫୬); **ଶୀତୋଷ୍ଣସୁଖଦୁଃଖେଷୁ'** (୬ । ୭); **'ସମଦୁଃଖସୁଖଃ'**, **'ଶୀତୋଷ୍ଣସୁଖଦୁଃଖେଷୁ'**(୧୨ । ୧୩, ୧୮); **'ସମଦୁଃଖସୁଖଃ'** (୧୪ । ୨୪); **'ସୁଖଦୁଃଖସଂଜ୍ଞୈଃ'** (୧୫ । ୫) ଇତ୍ୟାଦି ।

ସୁତରାଂ ପରମାତ୍ମତତ୍ତ୍ୱ ମଧ୍ୟ ସଚ୍ଚିଦାନନ୍ଦ (ସତ୍, ଚିତ୍ ଓ ଆନନ୍ଦ) ଅଟେ ଏବଂ ସଂସାର ମଧ୍ୟ ସଚ୍ଚିଦାନନ୍ଦ ଅଟେ; କିନ୍ତୁ ଏ ଦୁହିଙ୍କ ସଚ୍ଚିଦାନନ୍ଦତ୍ୱ ଭିନ୍ନ ଭିନ୍ନ। ପରମାତ୍ମତତ୍ତ୍ୱର ସଚ୍ଚିଦାନନ୍ଦତ୍ୱ ସମସ୍ତଙ୍କ ଦ୍ୱାରା ଅନୁଭୂତ ହୁଏ ନାହିଁ। ମନୁଷ୍ୟ ଯେତେବେଳେ ସାଧନା କରେ, ସତ୍ସଙ୍ଗ କରେ, ପରମାତ୍ମାଭିମୁଖୀ ହୁଏ, ସେତେବେଳେ ତାକୁ ପରମାତ୍ମାଙ୍କ ସଚ୍ଚିଦାନନ୍ଦତ୍ୱ ଅନୁଭୂତ ହେବାକୁ ଲାଗେ। ପାରମାର୍ଥିକ ମାର୍ଗରେ ସେ ଯେତେ ଅଧିକ ଅଗ୍ରସର ହୁଏ, ତା'ଠାରେ ସେତେ ଅଧିକ ବୈଚିତ୍ର୍ୟ ଆସେ। କିନ୍ତୁ ସଂସାରର ସଚ୍ଚିଦାନନ୍ଦତ୍ୱ ସମସ୍ତଙ୍କର ଅନୁଭବସିଦ୍ଧ। ସାଂସାରିକ ସତ୍ତା (ବିଦ୍ୟମାନତା), ଜ୍ଞାନ (ବୁଦ୍ଧିବାଶକ୍ତି), ସୁଖ ଇତ୍ୟାଦି ଉତ୍ପତ୍ତି-ବିନାଶଶୀଳ। ଏସବୁ ଆଗରୁ ନ ଥିଲେ, ପରେ ରହିବେ ନାହିଁ ଏବଂ ଯେତେବେଳେ ଏସବୁ ବିଷୟରେ ଅନୁଭବ ହେଉଥାଏ, ସେତେବେଳେ ମଧ୍ୟ ପ୍ରତିକ୍ଷଣ ନଷ୍ଟ ହେଉଥାନ୍ତି ଓ ଅଭାବକୁ ଯାଉଥାନ୍ତି। ଅତଏବ ବୁଦ୍ଧିମାନ୍ ମନୁଷ୍ୟ ଉତ୍ପତ୍ତି-ବିନାଶଶୀଳ ସତ୍-ଚିତ୍-ଆନନ୍ଦରେ ବାନ୍ଧି ନ ହେବା ଉଚିତ।

ପରମାତ୍ମାଙ୍କୁ ସତ୍ କହିବାର ଅଭିପ୍ରାୟ ହେଲା, ପରମାତ୍ମା ଅସତ୍‌ଠାରୁ ଊର୍ଦ୍ଧ୍ୱରେ, ତାଙ୍କଠାରେ ଅସତ୍ ଆଦୌ ନାହିଁ। ଉତ୍ପନ୍ନଶୀଳ ବସ୍ତୁକୁ ଯେପରି ଅଙ୍ଗୁଳି ନିର୍ଦ୍ଦେଶ କରି ସୂଚିତ କରାଯାଏ, ପରମାତ୍ମାଙ୍କୁ ସେପରି ଅଙ୍ଗୁଳି ନିର୍ଦ୍ଦେଶ କରି ସୂଚିତ କରାଯାଇ ପାରିବ ନାହିଁ।

ପରମାତ୍ମାଙ୍କୁ 'ଚିତ୍' କୁହାଯାଏ। କିନ୍ତୁ ଏହି 'ଚିତ୍' ସାଂସାରିକ ପ୍ରକାଶ-ଅପ୍ରକାଶ, ଜ୍ଞାନ-ଅଜ୍ଞାନ, ଚେତନ-ଜଡ଼ ପରି ନୁହେଁ। ଏହାର କାରଣ ହେଲା, ସାଂସାରିକ ପ୍ରକାଶ ହେଉଛି ଅପ୍ରକାଶର ସାପେକ୍ଷ ଅର୍ଥାତ୍ ଯେଉଁଠି ନେତ୍ର କାମ କରେ, ସେଠି ଆଲୋକ ବା ପ୍ରକାଶ ଥାଏ ଏବଂ ଯେଉଁଠି ନେତ୍ର କାମ କରେ ନାହିଁ, ତାହା ହେଲା ଅପ୍ରକାଶ (ଅନ୍ଧକାର)। ସାଂସାରିକ ଜ୍ଞାନ ହେଉଛି ଅଜ୍ଞାନର ସାପେକ୍ଷ ଅର୍ଥାତ୍ ଯେଉଁଠି ବୁଦ୍ଧି କାମ କରେ, ତାହା ହେଲା ଜ୍ଞାନ ଏବଂ ଯେଉଁଠି ବୁଦ୍ଧି କାମ କରେ ନାହିଁ, ତାହା ହେଲା ଅଜ୍ଞାନ। ସାଂସାରିକ ଚେତନ ହେଉଛି ଜଡ଼ର ସାପେକ୍ଷ। କିନ୍ତୁ ପରମାତ୍ମା ଏଭଳି ଅପ୍ରକାଶ, ଅଜ୍ଞାନ ଓ ଜଡ଼ର ସାପେକ୍ଷରେ 'ଚିତ୍' ନୁହନ୍ତି। ତାଙ୍କଠାରେ ଅପ୍ରକାଶ, ଅଜ୍ଞାନ ଓ ଜଡ଼ତା ଆଦୌ ନାହିଁ।

ସଂସାରରେ ସୁଖ ଅଛି, ଦୁଃଖ ଅଛି; ଶାନ୍ତି ଅଛି, ଅଶାନ୍ତି ଅଛି। ଏସବୁ ଦ୍ୱନ୍ଦ୍ୱ ଅଟେ। ପାରମାର୍ଥିକ ସୁଖ (ଆନନ୍ଦ)ରେ ଦୁଃଖ ଓ ଅଶାନ୍ତିର ଚିହ୍ନବର୍ଣ୍ଣ ନ ଥାଏ। ସେହି ସୁଖ ସାଂସାରିକ ସୁଖ ଓ ଶାନ୍ତିଠାରୁ ସର୍ବଥା ଅତୀତ। ସୁତରାଂ ପାରମାର୍ଥିକ ସତ୍, ଚିତ୍ ଓ ଆନନ୍ଦ ହେଉଛି ଦ୍ୱନ୍ଦ୍ୱାତୀତ।

୬୨. ଗୀତାରେ ଅଷ୍ଟାଙ୍ଗଯୋଗର ବର୍ଣ୍ଣନା

ସର୍ବଯୋଗମୟୀ ଗୀତା ସର୍ବସାଧନସିଦ୍ଧିଦା।
ତସ୍ମାଦଷ୍ଟାଙ୍ଗଯୋଗସ୍ୟ ବର୍ଣ୍ଣନଂ ନ ଯଥାକ୍ରମମ୍॥

ପାତଞ୍ଜଳଯୋଗଦର୍ଶନରେ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି—ଏହି ଆଠ ଅଙ୍ଗବିଶିଷ୍ଟ 'ଅଷ୍ଟାଙ୍ଗଯୋଗ'ର ବର୍ଣ୍ଣନା ହୋଇଛି—**'ଯମନିୟମାସନପ୍ରାଣାୟାମପ୍ରତ୍ୟାହାରଧାରଣା-ଧ୍ୟାନସମାଧୟୋଽଷ୍ଟାବଙ୍ଗାନି** (୨ । ୨୯)। ଗୀତାରେ ଭଗବାନ ଏହି ଅଷ୍ଟାଙ୍ଗଯୋଗର ବର୍ଣ୍ଣନା କ୍ରମାନୁୟରେ କରି ନାହାନ୍ତି, ମାତ୍ର ଭଗବାନଙ୍କ ବାଣୀ ଏତେ ବିଚିତ୍ର ଯେ ଏଥିରେ ଅନ୍ୟ ଯୋଗସାଧନାଗୁଡ଼ିକ ସହିତ ଅଷ୍ଟାଙ୍ଗଯୋଗର ମଧ୍ୟ ବର୍ଣ୍ଣନା ହୋଇଯାଇଛି। ଯଥା—

(୧) ଯମ—ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଓ ଅପରିଗ୍ରହ—ଏହି ପାଞ୍ଚଟିକୁ 'ଯମ' କୁହାଯାଏ—**'ଅହିଂସାସତ୍ୟାସ୍ତେୟବ୍ରହ୍ମଚର୍ଯ୍ୟାପରିଗ୍ରହା ଯମାଃ'** (ପାତଞ୍ଜଳ, ୨ । ୩୦)। ଗୀତାରେ **'ଅହିଂସା'** (୧୦ । ୫; ୧୩ । ୭; ୧୬ । ୨; ୧୭ । ୧୪) ପଦରେ 'ଅହିଂସା'ର; **'ସତ୍ୟମ୍'** (୧୬ । ୨; ୧୭ । ୧୫) ପଦରେ 'ସତ୍ୟ'ର; **'ସ୍ତେନ ଏବ ସଃ'** (୩ । ୧୨) ପଦଗୁଡ଼ିକରେ ବିଧିରୂପରେ

'ଅସ୍ତେୟ'ର; **'ବ୍ରହ୍ମଚାରିବ୍ରତେ ସ୍ଥିତଃ'** (୬ । ୧୪), **'ବ୍ରହ୍ମଚର୍ଯ୍ୟଂ ଚରନ୍ତି'** (୮ । ୧୧), **'ବ୍ରହ୍ମଚର୍ଯ୍ୟମ୍'** (୧୭ । ୧୪) ପଦଗୁଡ଼ିକରେ 'ବ୍ରହ୍ମଚର୍ଯ୍ୟ'ର ଏବଂ **'ତ୍ୟକ୍ତସର୍ବପରିଗ୍ରହଃ'** (୪ । ୨୧), **'ଅପରିଗ୍ରହଃ'** (୬ । ୧୦), **'ଅହଙ୍କାରଂ...ପରିଗ୍ରହମ୍ । ବିମୁଚ୍ୟ...'** (୧୮ । ୫୩) ପଦଗୁଡ଼ିକରେ 'ଅପରିଗ୍ରହ'ର ବର୍ଣ୍ଣନା କରାଯାଇଛି ।

(୨) **ନିୟମ**—ଶୌଚ, ସନ୍ତୋଷ, ତପସ୍ୟା, ସ୍ୱାଧ୍ୟାୟ ଓ ଈଶ୍ୱରପ୍ରଣିଧାନ—ଏହି ପାଞ୍ଚଟି ହେଲା 'ନିୟମ'—**ଶୌଚସନ୍ତୋଷତପଃସ୍ୱାଧ୍ୟାୟେଶ୍ୱରପ୍ରଣିଧାନାନି ନିୟମାଃ'** (ପାତଞ୍ଜଳ. ୨ । ୩୨) । ଗୀତାରେ **'ଶୌଚମ୍'** (୧୩ । ୭ ; ୧୬ । ୩; ୧୭ । ୧୪; ୧୮ । ୪୨) ପଦରେ 'ଶୌଚ'ର; **'ଯଦୃଚ୍ଛାଲାଭସନ୍ତୁଷ୍ଟଃ'** (୪ । ୨୨), **'ଆତ୍ମନ୍ୟେବ ଚ ସନ୍ତୁଷ୍ଟଃ'** (୩ । ୧୭), **'ତୁଷ୍ୟନ୍ତି'** (୧୦ । ୯), **'ସନ୍ତୁଷ୍ଟଃ'** (୧୨ । ୧୪), **'ସନ୍ତୁଷ୍ଟୋ ଯେନ କେନଚିତ୍'** (୧୨ । ୧୯) ପଦଗୁଡ଼ିକରେ 'ସନ୍ତୋଷ'ର; **'ଯଜ୍ଞତପସ୍ୟସି'** (୯ । ୨୭), **'ତପଃ'** (୧୬ । ୧; ୧୭ । ୧୪–୧୬) ପଦଗୁଡ଼ିକରେ 'ତପସ୍ୟା'ର; **'ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ'** (୪ । ୨୮), **'ସ୍ୱାଧ୍ୟାୟାଭ୍ୟସନମ୍'** (୧୭ । ୧୫), **'ଅଧ୍ୟେଷ୍ୟତେ ଚ ଯ ଇମଂ ଧର୍ମ୍ୟଂ ସଂବାଦମାବୟୋଃ'** (୧୮ । ୭୦) ପଦଗୁଡ଼ିକରେ 'ସ୍ୱାଧ୍ୟାୟ'ର; **'ମାମାଶ୍ରିତ୍ୟ ଯତନ୍ତି'** (୭ । ୨୯), **'ତମେବ ଶରଣଂ ଗଚ୍ଛ'** (୧୮ । ୬୨), **'ମାମେକଂ ଶରଣଂ ବ୍ରଜ'** (୧୮ । ୬୬) ପଦଗୁଡ଼ିକରେ 'ଈଶ୍ୱରପ୍ରଣିଧାନ'ର ବର୍ଣ୍ଣନା ହୋଇଛି ।

(୩) **ଆସନ**—ସ୍ଥିରଭାବରେ ଓ ସୁଖପୂର୍ବକ ବସିବାର ନାମ 'ଆସନ'—**'ସ୍ଥିରସୁଖମାସନମ୍'** (ପାତଞ୍ଜଳ. ୨ । ୪୬) । ଗୀତାରେ **'ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ । ସମ୍ପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍'** (୬ । ୧୩)—ଏହି ଶ୍ଳୋକରେ 'ଆସନ'ର ବର୍ଣ୍ଣନା ହୋଇଛି ।

(୪) **ପ୍ରାଣାୟାମ**—ଶ୍ୱାସପ୍ରଶ୍ୱାସର ଗତିକୁ ରୋକିବାକୁ 'ପ୍ରାଣାୟାମ' କୁହାଯାଏ—**'ତସ୍ମିନ୍ସତି ଶ୍ୱାସପ୍ରଶ୍ୱାସୟୋର୍ଗତିବିଚ୍ଛେଦଃ ପ୍ରାଣାୟାମଃ'** (ପାତଞ୍ଜଳ. ୨ । ୪୯) । ଗୀତାରେ **'ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ'** (୪ । ୨୯), **'ପ୍ରାଣାପାନୌ ସମୌ କୃତ୍ୱା'** (୫ । ୨୭), **'ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍'** (୮ । ୧୦), **'ମୂର୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମ୍'** (୮ । ୧୨) ପଦଗୁଡ଼ିକରେ 'ପ୍ରାଣାୟାମ'ର ବର୍ଣ୍ଣନା ହୋଇଛି ।

(୫) **ପ୍ରତ୍ୟାହାର**—ଇନ୍ଦ୍ରିୟମାନଙ୍କୁ ସେମାନଙ୍କ ବିଷୟରୁ ନିବୃତ୍ତ କରିବା 'ପ୍ରତ୍ୟାହାର' ଅଟେ—**'ସ୍ୱବିଷୟାସମ୍ପ୍ରୟୋଗେ ଚିତ୍ତସ୍ୱରୂପାନୁକାର ଇବେନ୍ଦ୍ରିୟାଣାଂ ପ୍ରତ୍ୟାହାରଃ'** (ପାତଞ୍ଜଳ. ୨ । ୫୪) । ଗୀତାରେ **'ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟଃ'** (୨ । ୫୮, ୬୮), **'ତାନି ସର୍ବାଣି ସଂଯମ୍ୟ'** (୨ । ୬୧), **'ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି'** (୪ । ୨୬) ପଦଗୁଡ଼ିକରେ 'ପ୍ରତ୍ୟାହାର'ର ବର୍ଣ୍ଣନା ହୋଇଛି ।

(୬) **ଧାରଣା**—ପରମାତ୍ମାଙ୍କ ଠାରେ ମନୋନିବେଶ କରିବାର ନାମ 'ଧାରଣା'—**'ଦେଶବନ୍ଧଶ୍ଚିତ୍ତସ୍ୟ ଧାରଣା'** (ପାତଞ୍ଜଳ. ୩ । ୧) । ଗୀତାରେ **'ମନଃ ସଂଯମ୍ୟ'** (୬ । ୧୪), **'ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍ । ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍'** (୬ । ୨୬), **'ମଚ୍ଚିତ୍ତାଃ'** (୧୦ । ୯), **'ମୟ୍ୟେବ ମନ ଆଧତ୍ସ୍ୱ'** (୧୨ । ୮), **'ମଚ୍ଚିତ୍ତଃ ସତତଂ ଭବ'** (୧୮ । ୫୭), **'ମଚ୍ଚିତ୍ତଃ'** (୧୮ । ୫୮) ପଦଗୁଡ଼ିକରେ 'ଧାରଣା'ର ବର୍ଣ୍ଣନା ହୋଇଛି ।

(୭) **ଧ୍ୟାନ**—ଚିତ୍ତକୁ ଯେଉଁଠାରେ ଲଗାଯାଏ, ସେଠାରେ ତାହା ଏକାଗ୍ର ହୋଇଯିବାକୁ 'ଧ୍ୟାନ' କୁହାଯାଏ—**'ତତ୍ର ପ୍ରତ୍ୟୈକତାନତାଧ୍ୟାନମ୍'** (ପାତଞ୍ଜଳ. ୩ । ୨) ଗୀତାରେ **'ତତ୍ରୈକାଗ୍ରଂ ମନଃ କୃତ୍ୱା'** (୬ । ୧୨), **'ଚେତସା ନାନ୍ୟଗାମିନା'** (୮ । ୮), **'ମାଂ ଧ୍ୟାୟନ୍ତଃ'** (୧୨ । ୬), **'ଧ୍ୟାନେନାତ୍ମନି ପଶ୍ୟନ୍ତି'** (୧୩ । ୨୪), **'ଧ୍ୟାନଯୋଗପରୋ ନିତ୍ୟମ୍'** (୧୮ । ୫୨) ଆଦି ପଦଗୁଡ଼ିକରେ 'ଧ୍ୟାନ'ର ବର୍ଣ୍ଣନା ହୋଇଛି ।

(୮) **ସମାଧି**—ଧ୍ୟାନ କରି କରି ଯେତେବେଳେ ଚିତ୍ତ ଧ୍ୟେୟାକାରରେ ପରିଣତ ହୋଇଯାଏ ଏବଂ ଚିତ୍ତର ସ୍ୱରୂପ ଲୁପ୍ତପ୍ରାୟ ହୋଇଯାଏ, ସେତେବେଳେ ସେହି ଧ୍ୟାନକୁ 'ସମାଧି' କୁହାଯାଏ—**'ତଦେବାର୍ଥମାତ୍ରନିର୍ଭାସଂ ସ୍ୱରୂପଶୂନ୍ୟମିବ ସମାଧିଃ'** (ପାତଞ୍ଜଳ. ୩ । ୩) । ଗୀତାରେ **'ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ'** (୪ । ୨୭) ପଦଗୁଡ଼ିକରେ 'ସମାଧି'ର ବର୍ଣ୍ଣନା ହୋଇଛି ।

ଉପର୍ଯ୍ୟୁକ୍ତ 'ଅଷ୍ଟାଙ୍ଗଯୋଗ'ର ବର୍ଣ୍ଣନାରେ ଗୀତା ସାରରୂପେ ଏତିକି କହେ ଯେ ମନୁଷ୍ୟ ସଂସାରରୁ ନିବୃତ୍ତ ହୋଇ ପରମାତ୍ମାଙ୍କ ସହିତ ଯୁକ୍ତ ହେଉ ।

୬୩. ଗୀତାରେ ଦ୍ୱିବିଧା ଭକ୍ତି

ଭକ୍ତିର୍ଦ୍ୱିଧାଽମନ୍ୟତ କୃଷ୍ଣଗୀତା ଭକ୍ତସ୍ୟ ଭାବେନ ଚ ଯୋଗ୍ୟତାୟାଃ ।
କୃଷ୍ଣେ ରତିସ୍ତସ୍ୟ ଜପାଦିକର୍ମ ସଂସାରକର୍ମ ପ୍ରଭୁଭକ୍ତିଭାବଃ ॥

ଗୀତାରେ ଭଗବାନ ଭଗବଦ୍‌ଭକ୍ତିର ଅନେକ ପ୍ରକାର ଦର୍ଶାଇଥିଲେ ମଧ୍ୟ ମୁଖ୍ୟତଃ ତାହା ଦୁଇ ପ୍ରକାରର—

ଭକ୍ତିର ପ୍ରଥମ ପ୍ରକାର ଅନୁସାରେ କ୍ରିୟା ମଧ୍ୟ ଭଗବଦ୍‌ବିଷୟକ ହୋଇଥାଏ ଏବଂ ଭାବ ମଧ୍ୟ ଭଗବଦ୍‌ବିଷୟକ ହୋଇଥାଏ; ଯଥା—ଜପ, ଧ୍ୟାନ, ପୂଜାପାଠ, ସତ୍‌ସଙ୍ଗ, ସ୍ୱାଧ୍ୟାୟ, ଭଗବଦ୍‌ସମ୍ବନ୍ଧୀୟ ଗ୍ରନ୍ଥଗୁଡ଼ିକର ପଠନପାଠନ, ଭଗବଦ୍‌ବିଷୟକ ଶ୍ରବଣ-ମନନ ଆଦି ସମସ୍ତ କ୍ରିୟା ଭଗବଦ୍ ସମ୍ବନ୍ଧୀୟ ଅଟେ ଏବଂ ସେଗୁଡ଼ିକୁ କରିବାରେ ମଧ୍ୟ ଭଗବଦ୍‌ଭାବ ଥାଏ (୧୦ । ୮-୯) ।

ଭକ୍ତିର ଦ୍ୱିତୀୟ ପ୍ରକାର ଅନୁସାରେ କ୍ରିୟା ସାଂସାରିକ, କିନ୍ତୁ ଭାବ ଭଗବଦ୍‌ବିଷୟକ ହୋଇଥାଏ; ଯଥା—ନିଜ ନିଜର ବର୍ଣ୍ଣ ଓ ଆଶ୍ରମ ଅନୁସାରେ କର୍ତ୍ତବ୍ୟପାଳନ ପ୍ରଭୃତି 'ଜୀବିକା ସମ୍ବନ୍ଧୀୟ' କ୍ରିୟା ଅଟେ ଏବଂ ଖାଇବାପିଇବା, ଉଠାବସା କରିବା, ଚାଲିବା, ବୁଲିବା, ଶୋଇବା, ଉଠିବା, କଥା କହିବା, ହସିବା ପ୍ରଭୃତି 'ଶରୀର ସମ୍ବନ୍ଧୀୟ' କ୍ରିୟା ଅଟେ; ମାତ୍ର ସେଗୁଡ଼ିକୁ କରିବାରେ ଭଗବଦ୍‌ପ୍ରସନ୍ନତାର ଓ ଭଗବଦ୍‌ପୂଜନର ଭାବ ରହିଥାଏ (୯ । ୨୭; ୧୮ । ୪୬; ୩ । ୩୦) ।

ଆଲୋଚନାର ଅଭିପ୍ରାୟ ଯେ, ଭକ୍ତିର ଉପରୋକ୍ତ ଦୁଇ ପ୍ରକାର କ୍ରିୟା ମଧ୍ୟରେ ପାର୍ଥକ୍ୟ ରହିଛି । ଗୋଟିଏ କ୍ରିୟା ଭଗବଦ୍ ସମ୍ବନ୍ଧୀୟ ହୋଇଥିବାସ୍ଥଳେ ଅନ୍ୟଟି ସଂସାରସମ୍ବନ୍ଧୀୟ । ତଥାପି ଭଗବଦର୍ଥ ହୋଇଥିବାରୁ ଓ ଭଗବାନଙ୍କ ପ୍ରସନ୍ନତା ନିମିତ୍ତ ଉଦ୍ଦିଷ୍ଟ ହୋଇଥିବାରୁ ଉଭୟ କ୍ରିୟାର ଭାବ ସମାନ । କ୍ରିୟାଗୁଡ଼ିକ ଭଗବଦ୍‌ସମ୍ବନ୍ଧୀୟ ହୋଇଥାଉ କି ସଂସାରସମ୍ବନ୍ଧୀୟ ହୋଇଥାଉ, ସାଂସାରିକ ଆକର୍ଷଣ ନ ଥିବାରୁ ଓ କେବଳ ଭଗବାନଙ୍କ ପ୍ରତି ଆକର୍ଷଣ ରହିଥିବାରୁ ଉଭୟ ପ୍ରକାରର ଭକ୍ତି ଭଗବାନଙ୍କ ନିକଟରେ ଏକ ହୋଇଯାଏ । ଯେପରି ସମସ୍ତଙ୍କର ଭୋକ ଏବଂ ଭୋଜନ କରିବା ପରେ ମିଳୁଥିବା ତୃପ୍ତି ଏକା ହୋଇଥିଲେ ମଧ୍ୟ ସମସ୍ତଙ୍କ ଭୋଜନର ରୁଚି ଭିନ୍ନ ଭିନ୍ନ ହୋଇଥାଏ, ସେହିପରି ଉଭୟ ପ୍ରକାରର ଭକ୍ତଙ୍କର ଉଦ୍ଦେଶ୍ୟ ପ୍ରଥମରୁ ଏକ ଭଗବଦ୍‌ପ୍ରାପ୍ତି ହିଁ ହୋଇଥିବା ହେତୁ ଶେଷରେ ପ୍ରାପ୍ତି ମଧ୍ୟ ଉଭୟଙ୍କ ପାଇଁ ସମାନ ହୋଇଥାଏ, କିନ୍ତୁ ସାଧନାରେ ପାର୍ଥକ୍ୟ ରହିଥାଏ ।

୬୪. ଗୀତାରେ ନବଧା ଭକ୍ତି

କଥିତା ନବଧା ଭକ୍ତିଃ ଶ୍ରବଣାଦିସ୍ୱରୂପିଣୀ ।
ଯୟା କୟାଽପି ସଂଯୁକ୍ତୋ ହରିଂ ପ୍ରାପ୍ନୋତି ମାନବଃ ॥

ଶ୍ରୀମଦ୍‌ଭାଗବତରେ ନଅ ପ୍ରକାର ସାଧନଭକ୍ତି ବିଷୟରେ ଉଲ୍ଲେଖ ଅଛି, ଯାହା କି 'ନବଧାଭକ୍ତି'* ନାମରେ ପ୍ରସିଦ୍ଧ । ଗୀତାରେ ଭଗବାନ ଏହି ନବଧା ଭକ୍ତିର କ୍ରମପୂର୍ବକ ବର୍ଣ୍ଣନା କରି ନ ଥିଲେ ମଧ୍ୟ ଭଗବାନଙ୍କର ବାଣୀ ଏତେ ବିଲକ୍ଷଣ ଯେ ଏଥିରେ ଅନ୍ୟ ସାଧନଗୁଡ଼ିକ ସହିତ ନବଧା ଭକ୍ତିର ବର୍ଣ୍ଣନା ମଧ୍ୟ ହୋଇଯାଇଛି । ଯଥା—

(୧) **ଶ୍ରବଣ**—ତତ୍ତ୍ୱଜ୍ଞ ଜୀବନ୍ମୁକ୍ତ ମହାପୁରୁଷମାନଙ୍କ ଠାରୁ ଶୁଣି ଉପାସନା କରୁଥିବା ଶ୍ରବଣପରାୟଣ ମନୁଷ୍ୟ ମୃତ୍ୟୁକୁ ଅତିକ୍ରମ କରିଯାଆନ୍ତି (୧୩ । ୨୫) ।

(୨) **କୀର୍ତ୍ତନ**—ଭକ୍ତଗଣ ପ୍ରେମପୂର୍ବକ ମୋର ନାମ, ରୂପ, ଲୀଳା ଆଦିର କୀର୍ତ୍ତନ କରନ୍ତି (୯ । ୧୪) । ହେ ହୃଷୀକେଶ! ଆପଣଙ୍କ ନାମ, ରୂପ ଆଦିର କୀର୍ତ୍ତନ କରିବା ଦ୍ୱାରା ସମଗ୍ର ଜଗତ ହର୍ଷିତ ହେଉଛି ଓ ଅନୁରଞ୍ଜିତ ହେଉଛି (୧୧ । ୩୬) ।

(୩) **ସ୍ମରଣ**—ଯେଉଁମାନେ ଅନନ୍ୟଚିତ୍ତ ହୋଇ ନିତ୍ୟ ଓ ନିରନ୍ତର ମୋତେ ସ୍ମରଣ କରନ୍ତି (୮ । ୧୪); ମହାତ୍ମାଗଣ ଅନନ୍ୟଭାବରେ ମୋତେ ସ୍ମରଣ କରି

* ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍ । ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍ ॥ (ଶ୍ରୀମଭା. ୭ । ୫ । ୨୩)

ମୋର ଉପାସନା କରନ୍ତି (୯ ।୧୩); ତୁମେ ନିରନ୍ତର ମୋ'ଠାରେ ଚିତ୍ତକୁ ନିବେଶ କର (୧୮ । ୫୭); ମୋ'ଠାରେ ଅଭିନିବିଷ୍ଟଚିତ୍ତ ହେଲେ ତୁମେ ମୋ କୃପାରୁ ସମସ୍ତ ବିଘ୍ନକୁ ଅତିକ୍ରମ କରିଯିବ (୧୮ । ୫୮) ।

(୪) **ପାଦସେବନ**—ଭକ୍ତଗଣ ପ୍ରେମପୂର୍ବକ ମୋତେ ନମସ୍କାର କରି ମୋର ଉପାସନା କରନ୍ତି (୯ । ୧୪) ।

(୫) **ଅର୍ଚ୍ଚନ**—ଯାହାଙ୍କଠାରୁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୋଇଛନ୍ତି ଏବଂ ଯିଏ ସବୁଠାରେ ବ୍ୟାପ୍ତ ହୋଇଅଛନ୍ତି, ସେହି ପରମାତ୍ମାଙ୍କୁ ନିଜ କର୍ମଗୁଡ଼ିକ ଦ୍ୱାରା ଅର୍ଚ୍ଚନ (ପୂଜନ) କରି ମନୁଷ୍ୟ ସିଦ୍ଧି ଲାଭ କରେ (୧୮ । ୪୬); ତୁମେ ମୋର ପୂଜନକାରୀ ହୁଅ, ତାହାହେଲେ ତୁମେ ମୋତେ ପାଇଯିବ (୯ । ୩୪; ୧୮ । ୬୫) ।

(୬) **ବନ୍ଦନ**—ତୁମେ ମୋତେ ନମସ୍କାର କର, ତା'ହେଲେ ମୋତେ ପାଇଯିବ (୯ । ୩୪; ୧୮ । ୬୫); ହେ ପ୍ରଭୁ ! ଆପଣଙ୍କୁ ହଜାର ଥର ମୋର ନମସ୍କାର! ନମସ୍କାର!! ଏବଂ ପୁଣି ଆପଣଙ୍କୁ ବାରମ୍ବାର ନମସ୍କାର! ନମସ୍କାର!! (୧୧ । ୩୯); ହେ ସର୍ବାତ୍ମା, ଆପଣଙ୍କୁ ଆଗରୁ, ପଛରୁ, ସବୁଆଡୁ ମୋର ନମସ୍କାର (୧୧ । ୪୦); ହେ ପ୍ରଭୁ! ମୁଁ ଆପଣଙ୍କୁ ଭୂମିଷ୍ଠ ଦଣ୍ଡବତ୍ ପ୍ରଣାମ କରି ପ୍ରସନ୍ନ କରିବାକୁ ଚାହେଁ (୧୧ । ୪୪) ।

(୭) **ଦାସ୍ୟ**—ତୁମେ ମୋର ଭକ୍ତ ହୋଇଯାଅ, ତେବେ ତୁମେ ମୋତେ ହିଁ ପ୍ରାପ୍ତ ହେବ (୯ । ୩୪; ୧୮ । ୬୫); ହେ କୃଷ୍ଣ! ମୁଁ ଆପଣଙ୍କର ଶିଷ୍ୟ (ଦାସ) ଅଟେ (୨ । ୭); ହେ ପାର୍ଥ! ତୁମେ ମୋର ଭକ୍ତ ଅଟ (୪ । ୩) ।

(୮) **ସଖ୍ୟ**—ତୁମେ ମୋର ପ୍ରିୟ ସଖା (୪ । ୩); ହେ କୃଷ୍ଣ! ଯେପରି ସଖା ସଖାର ଅପମାନକୁ ସହିନିଏ ଅର୍ଥାତ୍ କ୍ଷମା କରିଦିଏ, ସେହିପରି ଆପଣ ମୋ ଦ୍ୱାରା କରାଯାଇଥିବା ଅପମାନକୁ ସହିବାରେ ସମର୍ଥ (୧୧ । ୪୪) ।

(୯) **ଆତ୍ମନିବେଦନ**—ସେହି ଆଦିପୁରୁଷ ପରମାତ୍ମାଙ୍କର ଶରଣାପନ୍ନ ହେବା ଉଚିତ (୧୫ । ୪); ତୁମେ ସର୍ବଭାବରେ ସେହି ଅନ୍ତର୍ଯାମୀ ପରମାତ୍ମାଙ୍କ ଶରଣକୁ ଚାଲିଯାଅ (୧୮ । ୬୨); ତୁମେ ସମସ୍ତ ଧର୍ମର ଆଶ୍ରୟ ଛାଡ଼ି ଏକମାତ୍ର ମୋର ଶରଣକୁ ଆସିଯାଅ (୧୮ । ୬୬) ।

ଏହିପରି ଉପର୍ଯ୍ୟୁକ୍ତ ସ୍ଥାନମାନଙ୍କରେ ଭଗବାନ ସାଧନଭକ୍ତିର ବର୍ଣ୍ଣନା କରିଅଛନ୍ତି; ଏବଂ **'ସଂସିଦ୍ଧିଂ ପରମାଂ ଗତାଃ'** (୮ । ୧୫), **'ମଦ୍ଭକ୍ତିଂ ଲଭତେ ପରାମ୍'** (୧୮ । ୫୪), **'ଭକ୍ତିଂ ମୟି ପରାଂ କୃତ୍ୱା'** (୧୮ । ୬୮)—ଏହି ପଦଗୁଡ଼ିକରେ ଭଗବାନ ସାଧ୍ୟ(ପରା)ଭକ୍ତିର ବର୍ଣ୍ଣନା କରିଅଛନ୍ତି* ।

୬୫. ଗୀତାରେ ଭକ୍ତିଯୋଗର ପ୍ରାଧାନ୍ୟ

ସର୍ବାଧ୍ୟାୟେଷୁ ଗୀତାୟାଂ ସ୍ୱଭକ୍ତିର୍ଗୌରବାନ୍ୱିତା ।
ତସ୍ମାଦ୍ଧି ଭଗବନ୍ନିଷ୍ଠା ସର୍ବଯୋଗେଷୁ ସତ୍ତମା ॥

ବିଚାର କରି ଦେଖିଲେ ଜଣାଯାଏ ଯେ ଗୀତାରେ ଭଗବାନ ଭକ୍ତିର କଥା ବିଶେଷଭାବରେ କହିଛନ୍ତି । ଯେଉଁଠାରେ ଅର୍ଜୁନଙ୍କର ଭକ୍ତିବିଷୟକ ପ୍ରଶ୍ନ ନାହିଁ ଓ ଯେଉଁଠାରେ କର୍ମଯୋଗ, ଜ୍ଞାନଯୋଗ ଆଦିର ପ୍ରସଙ୍ଗ ଚାଲିଛି, ସେଠାରେ ମଧ୍ୟ ଭଗବାନ ନିଜଆଡୁ ଭକ୍ତିର କଥା କହିଛନ୍ତି । ଯଥା—

ଦ୍ୱିତୀୟ ଅଧ୍ୟାୟରେ କର୍ମଯୋଗର କଥା କହୁ କହୁ ଯେଉଁଠି ସ୍ଥିତପ୍ରଜ୍ଞର ଲକ୍ଷଣଗୁଡ଼ିକର ବର୍ଣ୍ଣନା ଆସିଯାଇଛି, ସେଠାରେ ଭଗବାନ **'ମତ୍ପରଃ'** (୨ । ୬୧) ପଦରେ ଭଗବତ୍ପରାୟଣ ହେବାକୁ କହିଛନ୍ତି । ଭଗବାନ ଭକ୍ତିକୁ ସାଧକର ନିଷ୍ଠା ବୋଲି ନ ମାନି ଭଗବନ୍ନିଷ୍ଠାରୂପେ ସ୍ୱୀକାର କରନ୍ତି । ତେଣୁ ତୃତୀୟ ଅଧ୍ୟାୟର ୩ୟ ଶ୍ଳୋକରେ ଭଗବାନ ସାଧକର ଦୁଇଟି ନିଷ୍ଠା—ସାଂଖ୍ୟଯୋଗ ଓ କର୍ମଯୋଗର ବର୍ଣ୍ଣନା କରିଛନ୍ତି ଓ ଭକ୍ତି କଥାଟିକୁ ନିଜ ମନରେ ରଖିଛନ୍ତି । କର୍ମଯୋଗର ବର୍ଣ୍ଣନା କରିବାବେଳେ ଭଗବାନ ସେହି ଭକ୍ତିର କଥା **'ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟ'**(୩ । ୩୦) ପଦରେ କହିଦେଇଛନ୍ତି । ଚତୁର୍ଥ ଅଧ୍ୟାୟରେ ଯୋଗର ପରମ୍ପରା ବିଷୟରେ କହିଲାବେଳେ 'ମୁଁ ହିଁ ସୃଷ୍ଟି ଆରମ୍ଭରେ ଯୋଗର ଉପଦେଶ ଦେଇଥିଲି'—ଏହାକୁ ଭଗବାନ ପରମ ରହସ୍ୟମୟ କଥା ବୋଲି

* ସାଧନଭକ୍ତି ଦ୍ୱାରା ସାଧ୍ୟଭକ୍ତି ପ୍ରାପ୍ତ ହୁଏ ।
'ଭକ୍ତ୍ୟା ସଂଜାତୟା ଭକ୍ତ୍ୟା' (ଶ୍ରୀମଦ୍ଭା. ୧୧ । ୩ । ୩୧)

କହିଛନ୍ତି । ଅତଏବ ସେଠାରେ **'ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍'** (୪।୩) ପଦରେ ଭକ୍ତି ହିଁ ଝଲକି ଉଠିଛି । ୪ର୍ଥ ଶ୍ଲୋକରେ ଅର୍ଜୁନ ପ୍ରଶ୍ନ କରିବାରୁ ଭଗବାନ ୫ମ ଠାରୁ ୧୪ଶ ଶ୍ଲୋକପର୍ଯ୍ୟନ୍ତ ଅବତାର ପ୍ରସଙ୍ଗରେ ଭକ୍ତିର କଥା ବିଶେଷଭାବରେ କହିଛନ୍ତି । ତା'ପରେ ପଞ୍ଚମ ଅଧ୍ୟାୟରେ ଦୁଇପ୍ରକାର ନିଷ୍ଠା କଥା କହି ପ୍ରଥମେ ୧୦ମ ଶ୍ଲୋକରେ (**ବ୍ରହ୍ମଣ୍ୟାଧାୟ କର୍ମାଣି**) ଏବଂ ପରେ ୨୯ଶ ଶ୍ଲୋକରେ (**ଭୋକ୍ତାରଂ ଯଜ୍ଞତପସାଂ.......**) ନିଜଆଡ଼ୁ ଭଗବନ୍ନିଷ୍ଠାର ବର୍ଣ୍ଣନା କରିଛନ୍ତି ।

ଷଷ୍ଠ ଅଧ୍ୟାୟରେ ଧ୍ୟାନଯୋଗର ବର୍ଣ୍ଣନା କରିବାକୁ ଯାଇ **'ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ'** (୬।୧୪), **'ଯୋ ମାଂ ପଶ୍ୟତି ସର୍ବତ୍ର...'**(୬।୩୦), **'ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ'** (୬।୩୧) ଏବଂ **'ଶ୍ରଦ୍ଧାବାନ୍ ଭଜତେ ଯୋ ମାମ୍'** (୬।୪୭)—ଏହି ଶ୍ଲୋକଗୁଡ଼ିକରେ ଭଗବାନ ଭକ୍ତିର କଥା କହିଛନ୍ତି । ସପ୍ତମ ଅଧ୍ୟାୟରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ମୁଖ୍ୟଭାବରେ ଭଗବନ୍ନିଷ୍ଠାର ହିଁ ବର୍ଣ୍ଣନା କରାଯାଇଛି । ତ୍ରୟୋଦଶ ଅଧ୍ୟାୟରେ ଜ୍ଞାନଯୋଗର ବର୍ଣ୍ଣନା କରିବାକୁ ଯାଇ **'ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ'** (୧୩।୧୦) ଓ **'ମଦ୍ଭକ୍ତଃ'** (୧୩।୧୮) ପଦଗୁଡ଼ିକରେ ଭକ୍ତିର କଥା କୁହାଯାଇଛି । ପୁଣି ଚତୁର୍ଦ୍ଦଶ ଅଧ୍ୟାୟରେ **'ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ'** (୧୪।୨୬) ଓ **'ବ୍ରହ୍ମଣୋ ହି ପ୍ରତିଷ୍ଠାହମ୍'** (୧୪।୨୭)—ଶ୍ଲୋକମାନଙ୍କରେ ଭକ୍ତିର ବର୍ଣ୍ଣନା କରାଯାଇଛି । ପଞ୍ଚଦଶ ଅଧ୍ୟାୟଟି ଭକ୍ତି ପାଇଁ ଉଦ୍ଦିଷ୍ଟ । ଷୋଡ଼ଶ ଅଧ୍ୟାୟରେ ଦୈବୀସଂପତ୍ତିରୂପେ ଭକ୍ତିଯୋଗର ଓ ସାଧକମାନଙ୍କର ଲକ୍ଷଣ ବର୍ଣ୍ଣିତ । ସପ୍ତଦଶ ଅଧ୍ୟାୟରେ ୨୩ଶ ରୁ ୨୭ଶ ଶ୍ଲୋକପର୍ଯ୍ୟନ୍ତ 'ଓଁ, ତତ୍, ସତ୍'— ଏହି ନାମଗୁଡ଼ିକ ରୂପରେ ଭକ୍ତିର ବର୍ଣ୍ଣନା କରାଯାଇଛି । ଅଷ୍ଟାଦଶ ଅଧ୍ୟାୟରେ **'ସ୍ୱକର୍ମଣା ତମଭ୍ୟର୍ଚ୍ୟ'** (୧୮।୪୬), **'ମଦ୍ଭକ୍ତିଂ ଲଭତେ ପରାମ୍'** (୧୮।୫୪) ଓ **'ଭକ୍ତ୍ୟା ମାମଭିଜାନାତି'** (୧୮।୫୫)—ଏହି ପଦଗୁଡ଼ିକରେ ଭକ୍ତିର କଥା ହିଁ ବର୍ଣ୍ଣିତ । ଅଷ୍ଟାଦଶ ଅଧ୍ୟାୟରେ ୫୬ଶ ଶ୍ଲୋକରୁ ୬୬ତମ ଶ୍ଲୋକ ପର୍ଯ୍ୟନ୍ତ ମୁଖ୍ୟତଃ ଭଗବନ୍ନିଷ୍ଠା କଥା ବର୍ଣ୍ଣିତ ।

ଜ୍ଞାନଯୋଗୀ ଓ କର୍ମଯୋଗୀଙ୍କ ମନରେ ଆତ୍ମକଲ୍ୟାଣର ଇଚ୍ଛା ରହିଥାଏ ଓ ସେହି ଉଦ୍ଦେଶ୍ୟରେ ସେମାନେ ସାଧନାରେ ଲାଗିଥାନ୍ତି । ଭକ୍ତିଯୋଗୀ ମଧ୍ୟ ଆରମ୍ଭରୁ ନିଜର କଲ୍ୟାଣ ହିଁ ଇଚ୍ଛା କରିଥାଏ, କିନ୍ତୁ ଭଗବାନଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ବଢ଼ିଯିବାରୁ ତା'ର ଦୃଷ୍ଟି ଆଉ ନିଜର କଲ୍ୟାଣ ପ୍ରତି ନ ରହି ଭଗବାନଙ୍କ ଆଡ଼କୁ ଚାଲିଯାଏ । ତେଣୁ ତାହାର କଲ୍ୟାଣ କରିବାର ଦାୟିତ୍ୱ ଭଗବାନଙ୍କର (୧୦।୮—୧୧; ୧୨।୬–୭; ୧୮।୬୬) ।

ଗୀତାରେ ଭକ୍ତିଯୋଗ ମଧ୍ୟରେ ଜ୍ଞାନଯୋଗ ଓ କର୍ମଯୋଗର ପ୍ରସଙ୍ଗ ମଧ୍ୟ ରହିଛି । ଯଥା—''ଯିଏ ଅବ୍ୟଭିଚାରୀ ଭକ୍ତିଯୋଗ ଦ୍ୱାରା ମୋର ସେବା କରେ, ସେ ଗୁଣାତୀତ ହୋଇ ବ୍ରହ୍ମପ୍ରାପ୍ତିର ପାତ୍ର ହୋଇଯାଏ'' (୧୪।୨୬), ଅର୍ଥାତ୍ ମନୁଷ୍ୟ ଯେମିତି ଜ୍ଞାନଯୋଗ ଦ୍ୱାରା ଗୁଣାତୀତ ହୋଇଥାଏ, ସେମିତି ଭକ୍ତିଯୋଗ ଦ୍ୱାରା ମଧ୍ୟ ଗୁଣାତୀତ ହୋଇଯାଏ । ''ସେହି ଭକ୍ତମାନଙ୍କ ଉପରେ କୃପା କରିବା ପାଇଁ ସେମାନଙ୍କ ସ୍ୱରୂପରେ ସ୍ଥିତ ମୁଁ ସେମାନଙ୍କର ଅଜ୍ଞାନଜନିତ ଅନ୍ଧକାରକୁ ଦେଦୀପ୍ୟମାନ ଜ୍ଞାନସ୍ୱରୂପ ପ୍ରଦୀପ ଦ୍ୱାରା ସର୍ବଥା ନଷ୍ଟ କରିଦିଏ'' (୧୦।୧୧), ଅର୍ଥାତ୍ ଭକ୍ତିଯୋଗ ଦ୍ୱାରା ମଧ୍ୟ ତତ୍ତ୍ୱବୋଧ (ସ୍ୱରୂପର ଜ୍ଞାନ) ହୋଇଯାଏ । ଭଗବାନ ତ୍ରୟୋଦଶ ଅଧ୍ୟାୟରେ ଯେଉଁଠି ଜ୍ଞାନର ସାଧନାଗୁଡ଼ିକର ବର୍ଣ୍ଣନା କରିଛନ୍ତି, ସେଠାରେ ତାଙ୍କ ପ୍ରତି ଅବ୍ୟଭିଚାରିଣୀ ଭକ୍ତିକୁ ମଧ୍ୟ ତତ୍ତ୍ୱଜ୍ଞାନ ହେବାର କାରଣ ବୋଲି କହିଛନ୍ତି (୧୩।୧୦) ।

''ଯିଏ ପରମାତ୍ମାଙ୍କୁ ଅର୍ପଣ କରି ସମସ୍ତ କର୍ମ କରେ, ସେ ଜଳରେ ପଦ୍ମପତ୍ରପରି ପାପରେ ଲିପ୍ତ ହୁଏ ନାହିଁ'' (୫।୧୦); କାରଣ ପଦ୍ମପତ୍ର ଜଳରେ ଥାଇ ମଧ୍ୟ ନିର୍ଲିପ୍ତ ରହେ ଏବଂ ନିର୍ଲିପ୍ତ ଥାଇ ମଧ୍ୟ ଜଳରେ ରହେ । ଏହି କର୍ମଯୋଗର କଥା ଭଗବାନ କର୍ମଯୋଗୀ ପାଇଁ ମଧ୍ୟ କହିଛନ୍ତି ଯେ ସେ କର୍ମ କରି ମଧ୍ୟ ନିର୍ଲିପ୍ତ ରହେ ଓ ନିର୍ଲିପ୍ତ ରହି ହିଁ କର୍ମ କରେ (୪।୧୮) । ସେହିପରି **'ସର୍ବକର୍ମଫଳତ୍ୟାଗମ୍'** (୧୨।୧୧), **'ସଙ୍ଗବର୍ଜିତଃ'** (୧୧।୫୫), ଓ **'ସ୍ୱକର୍ମଣା'** (୧୮।୪୬) ରୂପରେ କର୍ମଯୋଗର କଥା ଭକ୍ତିଯୋଗରେ ସନ୍ନିହିତ ହୋଇଛି ।

ଗୀତାରେ ଜ୍ଞାନଯୋଗ ଦ୍ୱାରା ପରାଭକ୍ତି (ପ୍ରେମ) ପ୍ରାପ୍ତି (୧୮।୫୪) ଓ କର୍ମଯୋଗ ଦ୍ୱାରା ଜ୍ଞାନପ୍ରାପ୍ତି (୪।୩୮) ହୁଏ ବୋଲି କୁହାଯାଇଛି; ମାତ୍ର ଭକ୍ତି ଦ୍ୱାରା ଭଗବାନଙ୍କ ଦର୍ଶନ, ଭଗବତ୍‌ତତ୍ତ୍ୱର ଜ୍ଞାନ ଓ ଭଗବତ୍‌ତତ୍ତ୍ୱରେ ପ୍ରବେଶ—ତିନୋଟିଯାକ ହୋଇଯାଏ (୧୧।୫୪) । ଏହି ବିଶେଷତ୍ୱ କେବଳ ଭକ୍ତିଯୋଗରେ ହିଁ ଅଛି, ଅନ୍ୟ ଯୋଗରେ ନାହିଁ ।

୬୬. ଗୀତାର ଆରମ୍ଭ ଓ ପର୍ଯ୍ୟବସାନ ଶରଣାଗତିରେ

ଆଦାବନ୍ତେ ଚ ଗୀତାୟାଂ ପ୍ରୋକ୍ତା ବୈ ଶରଣାଗତିଃ।
ଆଦୌ ଶାଧି ପ୍ରପନ୍ନଂ ମାମନ୍ତେ ମାଂ ଶରଣଂ ବ୍ରଜ॥

ଭଗବାନ ଶ୍ରୀକୃଷ୍ଣ ଓ ଅର୍ଜୁନ ଏକସଙ୍ଗେ ରହୁଥିଲେ। ଏକସଙ୍ଗେ ରହୁଥିଲେ ସୁଦ୍ଧା ଅର୍ଜୁନ ଯେତେବେଳ ପର୍ଯ୍ୟନ୍ତ ଭଗବାନଙ୍କର ଶରଣାପନ୍ନ ହୋଇ ନିଜର କଲ୍ୟାଣ କଥା ପଚ୍ଚାରି ନାହାନ୍ତି, ସେପର୍ଯ୍ୟନ୍ତ ଭଗବାନ ଉପଦେଶ ଦେଇ ନାହାନ୍ତି। ମନୁଷ୍ୟ ଶରଣାପନ୍ନ ହୁଏ କେତେବେଳେ? ଯେତେବେଳେ ମନୁଷ୍ୟ ହୃଦୟର ସହିତ ନିଜର କଲ୍ୟାଣ ଚାହୁଁଥିଲେ ମଧ୍ୟ ତାକୁ ନିଜ କଲ୍ୟାଣର କୌଣସି ରାସ୍ତା ଦେଖାଯାଏ ନାହିଁ ଏବଂ ତା'ର ବଳ, ବୁଦ୍ଧି, ଯୋଗ୍ୟତା ଇତ୍ୟାଦି କାମ ଦିଏ ନାହିଁ, ସେତେବେଳେ ସେ ଗୁରୁ, ସନ୍ଥ ଅଥବା ଭଗବାନଙ୍କର ଶରଣାପନ୍ନ ହୁଏ। ଅର୍ଜୁନଙ୍କର ମଧ୍ୟ ଠିକ୍ ସେହିଭଳି ଅବସ୍ଥା ହୋଇଥିଲା। କ୍ଷାତ୍ରଧର୍ମ ଦୃଷ୍ଟିରୁ ତ ତାଙ୍କୁ ଯୁଦ୍ଧ କରିବା ଠିକ୍ ମନେ ହେଉଥିଲା, ଅନ୍ୟପକ୍ଷରେ କୁଳନାଶ ଭୟରେ ଯୁଦ୍ଧ ନ କରିବା ଠିକ୍ ମନେ ହେଉଥିଲା। ଏଣୁ ଯୁଦ୍ଧ କରିବା ଠିକ୍ କିଂବା ଯୁଦ୍ଧ ନ କରିବା ଠିକ୍—ଏହାର ନିର୍ଣ୍ଣୟ ସେ କରି ପାରିଲେ ନାହିଁ। ଯଦି ଭଗବାନଙ୍କର ସମ୍ମତି ନେଇ ଯୁଦ୍ଧ କରାଯାଏ, ତେବେ ତାଙ୍କର ବିଜୟ ହେବ କି ପରାଜୟ ହେବ—ଏହା ମଧ୍ୟ ଜଣା ନ ଥିଲା ଏବଂ ଯୁଦ୍ଧରେ କୁଟୁମ୍ବ ଲୋକଙ୍କୁ ମାରି ସେ ବଞ୍ଚି ରହିବାକୁ ଚାହୁଁ ନ ଥିଲେ (୨।୬)। ଏଭଳି ଅବସ୍ଥାରେ ଅର୍ଜୁନ ଭଗବାନଙ୍କର ଶରଣାପନ୍ନ ହୋଇଥିଲେ (୨।୭)।

ଭଗବାନଙ୍କର ଶରଣାପନ୍ନ ହେଲାପରେ ମଧ୍ୟ ଅର୍ଜୁନଙ୍କ ମନରେ ଧାରଣା ରହିଥିଲା—ଯୁଦ୍ଧ କଲେ ଆମକୁ ଅତି ବେଶୀରେ ପୃଥିବୀର ଧନଧାନ୍ୟସମ୍ପନ୍ନ ରାଜ୍ୟ ହିଁ ମିଳିପାରେ। ସବୁଠୁ ବେଶୀ ହେଲେ ଦେବତାମାନଙ୍କର ଆଧିପତ୍ୟ ମିଳିପାରେ, କିନ୍ତୁ ଏହାଦ୍ୱାରା ଇନ୍ଦ୍ରିୟମାନଙ୍କୁ କ୍ଷୀଣ କରୁଥିବା ମୋର ଶୋକ ଦୂର ହୋଇପାରିବ ନାହିଁ (୨।୮)। ଦ୍ୱିତୀୟ କଥା, ମୁଁ ଭଗବାନଙ୍କର ଶରଣାପନ୍ନ ହୋଇଛି, ତେଣୁ ଏବେ ଭଗବାନ ହଠାତ୍ କହିଦେବେ ଯେ 'ତୁମେ ଯୁଦ୍ଧ କର', କିନ୍ତୁ ଯୁଦ୍ଧରେ ମୋତେ କିଛି ଲାଭ ଦେଖାଯାଉ ନାହିଁ। ଏଣୁ ଭଗବାନ କିଛି ନ କହୁଣୁ ଅର୍ଜୁନ ନିଜଆଡୁ ସଫା ସଫା କହି ଦେଇଛନ୍ତି, ମୁଁ ଯୁଦ୍ଧ କରିବି ନାହିଁ—'**ନ ଯୋତ୍ସ୍ୟେ**' (୨।୯)।

ମନୁଷ୍ୟ ଯାହାର ଶରଣାପନ୍ନ ହୋଇଥାଉ ନା କାହିଁକି, ତା'ର କଥା ଯଦି ବୁଝି ନ ପାରେ, ତେବେ ମଧ୍ୟ ତା'ର ଏହି ଦୃଢ଼ ବିଶ୍ୱାସ ରହିବା ଉଚିତ ଯେ, ଏହାଙ୍କର କଥା ମାନିଲେ ମୋର ମଙ୍ଗଳ ହେବ। ଅର୍ଜୁନଙ୍କର ମଧ୍ୟ ଭଗବାନଙ୍କ ପ୍ରତି ଏହି ଦୃଢ଼ ବିଶ୍ୱାସ ଥିଲା ଯେ, ଯଦ୍ୟପି ମୋତେ ନିଜ ଦୃଷ୍ଟିରେ ଯୁଦ୍ଧ କରିବାରେ କୌଣସି ପ୍ରକାର ଲାଭ ଦେଖାଯାଉ ନାହିଁ, ତଥାପି ଭଗବାନ ଯାହା କହୁଛନ୍ତି, ତାହା ହିଁ ଠିକ୍। ଏଣୁ ଗୀତାରେ ଅର୍ଜୁନ ନାନାପ୍ରକାର ସନ୍ଦେହ ତ କରିଛନ୍ତି, ହେଲେ ଭଗବାନଙ୍କ ଠାରୁ ବିମୁଖ ହୋଇ ନାହାନ୍ତି।

ଅର୍ଜୁନଙ୍କ ପ୍ରଶ୍ନର ଉତ୍ତରରେ ତଥା ନିଜ ପକ୍ଷରୁ ମଧ୍ୟ ଭଗବାନ ଅନେକ ମାର୍ମିକ କଥା କହିଲେ ଓ ତାଙ୍କଠାରେ ଶରଣାପନ୍ନ ହେବା କଥା ମଧ୍ୟ କହିଲେ, ତଥାପି ସେସବୁ କଥା ପୂରାପୂରି ଅର୍ଜୁନଙ୍କ ମନକୁ ପାଇଲା ନାହିଁ। ଶେଷରେ ଭଗବାନ କହିଲେ, ତୁମେ ସମସ୍ତଙ୍କ ହୃଦୟରେ ବିରାଜମାନ ସର୍ବବ୍ୟାପୀ ଈଶ୍ୱରଙ୍କ ଶରଣକୁ ଚାଲିଯାଅ, ତାଙ୍କ କୃପାରୁ ତୁମେ ସଂସାରରୁ ସର୍ବଥା ଉପରତ ହୋଇଯିବ ଏବଂ ତୁମକୁ ଅବିନାଶୀ ପଦ ପ୍ରାପ୍ତ ହେବ (୧୮।୬୨)। ମୁଁ ତ ତୁମକୁ ଏହି ଅତ୍ୟନ୍ତ ଗୋପନୀୟ କଥାଟି କହିଦେଲି, ଏଣିକି ତୁମର ଯାହା ଇଚ୍ଛା, ସେଇଆ କର—'**ଯଥେଚ୍ଛସି ତଥା କୁରୁ**' (୧୮।୬୩)।

ଅର୍ଜୁନଙ୍କର ଏହା ବହୁତ ଭଲ ଗୁଣ ଥିଲା ଯେ ସେ ଭଗବାନଙ୍କୁ ଛାଡ଼ିବାକୁ ଚାହୁଁ ନ ଥିଲେ। ସେଥିପାଇଁ ଯେତେବେଳେ ଭଗବାନ କହିଦେଲେ ଯେ 'ତୁମର ଯାହା ଇଚ୍ଛା ସେଇଆ କର', ସେତେବେଳେ ଅର୍ଜୁନ ବ୍ୟସ୍ତ ଓ ବ୍ୟାକୁଳ ହୋଇ ପଡ଼ିଲେ। ତା'ପରେ ଭଗବାନ ସର୍ବଗୁହ୍ୟତମ ଉପଦେଶ ଦେଇ କହିଲେ ଯେ "ତୁମେ ସମସ୍ତ ଧର୍ମର ଆଶ୍ରୟ ଛାଡ଼ି କେବଳ ମୋର ଶରଣକୁ ଆସିଯାଅ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଚିନ୍ତା ବା ଶୋକ କର

ନାହିଁ*।" ଭଗବାନଙ୍କର ଏହି ବାକ୍ୟ ଶୁଣି ଅର୍ଜୁନ ଭଗବାନଙ୍କ ନିକଟରେ ପୂର୍ଣ୍ଣତଃ ଶରଣାପନ୍ନ ହେଲେ। ତାଙ୍କର ନିଜ ବୁଦ୍ଧି ଉପରେ ଭରସା ରହିଲା ନାହିଁ। ଅର୍ଜୁନ କହିଲେ—'ହେ ଅଚ୍ୟୁତ! କେବଳ ଆପଣଙ୍କ କୃପା ହେତୁ ମୋର ମୋହ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା।' 'ଏଣିକି ମୁଁ କେବଳ ଆପଣଙ୍କର ଆଦେଶ ହିଁ ପାଳନ କରିବି'—'କରିଷ୍ୟେ ବଚନଂ ତବ' (୧୮।୭୩)। ଏହା କହି ଅର୍ଜୁନ ଚୁପ୍ ହୋଇଗଲେ ଓ ଭଗବାନ ମଧ୍ୟ ଆଉ କିଛି କହିଲେ ନାହିଁ। ଅର୍ଜୁନ ଭଗବାନଙ୍କ ନିକଟରେ ପୂର୍ଣ୍ଣତଃ ଶରଣାପନ୍ନ ହୋଇଯାଇଥିବାରୁ ଭଗବାନଙ୍କୁ ଅର୍ଜୁନଙ୍କ ପାଇଁ ଆଉ କୌଣସି ବିଷୟ କହିବା ଆବଶ୍ୟକ ନ ଥିଲା।

୬୭. ଗୀତାରେ ଆଶ୍ରୟର ବର୍ଣ୍ଣନା

ଯାବଜ୍ଜୀବୋ ନ ଗୃହ୍ଣୀୟାଦ୍ଦରେଶ୍ଚ ଚରଣାଶ୍ରୟମ୍।
ତାବନ୍ନ ଚ ତରେଦ୍ କଶ୍ଚିନ୍ମୃତ୍ୟୁସଂସାରସାଗରାତ୍॥

ପ୍ରତ୍ୟେକ ଜୀବର ସ୍ୱଭାବ ଯେ ସେ କାହାରି ନା କାହାରି ଆଶ୍ରୟ ନେବାକୁ ଚାହେଁ ଏବଂ ନିଏ ମଧ୍ୟ। ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷ, ଲତା ଆଦି ସମସ୍ତେ କାହାରି ନା କାହାରି ଆଶ୍ରୟ ନିଶ୍ଚୟ ନିଅନ୍ତି। ଜୀବ ମାତ୍ରକେ ସାକ୍ଷାତ୍ ପରମାତ୍ମାଙ୍କର ଅଂଶ; ତେଣୁ ଯେପର୍ଯ୍ୟନ୍ତ ଜୀବ ନିଜର ଅଂଶୀ ପରମାତ୍ମାଙ୍କର ଆଶ୍ରୟ ନ ନେବ, ସେପର୍ଯ୍ୟନ୍ତ ସେ ଅନ୍ୟମାନଙ୍କର ଆଶ୍ରୟ ନେଉଥିବ, ପରାଧୀନ ହେଉଥିବ ଓ ଦୁଃଖ ପାଉଥିବ।

ମନୁଷ୍ୟ ବିବେକପ୍ରଧାନ ପ୍ରାଣୀ। କିନ୍ତୁ ବିବେକକୁ ମହତ୍ତ୍ୱ ଦେଉ ନ ଥିବାରୁ ନିଜେ ସାକ୍ଷାତ୍ ଅବିନାଶୀ ପରମାତ୍ମାଙ୍କ ଚେତନ ଅଂଶ ହୋଇଥିଲେ ମଧ୍ୟ ନାଶବାନ୍ ଜଡ଼ର ଆଶ୍ରୟ ନିଏ ଅର୍ଥାତ୍ ଶରୀର, ବଳ, ବୁଦ୍ଧି, ଯୋଗ୍ୟତା, କୁଟୁମ୍ବ, ପରିବାର, ଧନସମ୍ପତ୍ତି ଆଦିର ଆଶ୍ରୟ ନିଏ। ଏହା ତାହାର ମସ୍ତବଡ଼ ଭୁଲ୍।

ଗୀତାରେ ଅର୍ଜୁନ ଭଗବାନଙ୍କ ଆଶ୍ରୟ ନେଇ ନିଜ କଲ୍ୟାଣର କଥା ପଚାରିଛନ୍ତି (୨।୭)। ଅର୍ଜୁନ ଯେପର୍ଯ୍ୟନ୍ତ ଭଗବାନଙ୍କ ଆଶ୍ରୟ ନେଇ ନ ଥିଲେ, ସେପର୍ଯ୍ୟନ୍ତ ଗୀତାର ଉପଦେଶ ଆରମ୍ଭ ହୋଇ ନ ଥିଲା। ଉପଦେଶ ଶେଷରେ ମଧ୍ୟ ଭଗବାନ ତାଙ୍କର ଆଶ୍ରୟ ନେବା କଥା କହିଛନ୍ତି (୧୮।୬୬)। ଏପରି ଭାବରେ ଗୀତାର ଉପଦେଶର ଆରମ୍ଭ ଓ ଉପସଂହାର ଭଗବଦାଶ୍ରୟରେ ହିଁ ହୋଇଛି।

ଭଗବାନଙ୍କ ଠାରୁ ମିଳିଥିବା ସ୍ୱାଧୀନତାର ଉପଯୋଗ କରି ମନୁଷ୍ୟ ଯାହାର ବି ଆଶ୍ରୟ ନେଇପାରେ। ଏଣୁ କେତେକ ମନୁଷ୍ୟ ନିଜର କାମନାପୂରଣ ପାଇଁ ଦେବତାମାନଙ୍କର ଆଶ୍ରୟ ନିଅନ୍ତି (୭।୨୦), କିନ୍ତୁ ପରିଣାମରେ ସେମାନଙ୍କୁ ନାଶବାନ୍ ଫଳ ହିଁ ମିଳିଥାଏ (୭।୨୩)। କେତେକ ଲୋକ ଭୋଗକାମନାର ବଶବର୍ତ୍ତୀ ହୋଇ ବେଦମାନଙ୍କରେ କଥିତ ସକାମ ଅନୁଷ୍ଠାନର ଆଶ୍ରୟ ନିଅନ୍ତି, କିନ୍ତୁ ପରିଣାମତଃ ସେମାନେ ଗମନାଗମନ ଚକ୍ରରେ ପଡ଼ିଥାନ୍ତି (୯।୨୧)।

କେତେକ ମନୁଷ୍ୟ ଭଗବାନଙ୍କର ଆଶ୍ରୟ ନିଅନ୍ତି ନାହିଁ କି ଭଗବାନଙ୍କୁ ଭଗବାନ ବୋଲି ଜାଣନ୍ତି ନାହିଁ। ଏମାନଙ୍କ ଭିତରୁ କେତେକ ଆସୁରଭାବର ଆଶ୍ରୟ ନିଅନ୍ତି (୭।୧୫); କେତେକ ଆସୁରୀ, ରାକ୍ଷସୀ ଓ ମୋହିନୀ, ପ୍ରକୃତିର ଆଶ୍ରୟ ନିଅନ୍ତି (୯।୧୨); କେତେକ କେବେହେଲେ ପୂରଣ ହେଉ ନ ଥିବା କାମନାଗୁଡ଼ିକର ଆଶ୍ରୟ ନିଅନ୍ତି (୧୬।୧୦); ଆଉ କେତେକ ମୃତ୍ୟୁପର୍ଯ୍ୟନ୍ତ ରହୁଥିବା ଅସୀମ ଚିନ୍ତାଗୁଡ଼ିକର ଆଶ୍ରୟ ନିଅନ୍ତି (୧୬।୧୧); ଏବଂ ଅନ୍ୟ କେତେକ ଅହଂକାର, ଦୁରାଗ୍ରହ, ଗର୍ବ, କାମନା ଓ କ୍ରୋଧର ଆଶ୍ରୟ ନିଅନ୍ତି (୧୬।୧୮)। ଏହି ଆଶ୍ରୟଗୁଡ଼ିକର ଫଳସ୍ୱରୂପ ସେମାନଙ୍କୁ ବାରମ୍ବାର ଚଉରାଶୀ ଲକ୍ଷ ଯୋନି ଓ ନରକକୁ ଯିବାକୁ ପଡ଼େ (୧୬।୧୯-୨୦)।

ଭଗବାନଙ୍କ ଆଡ଼କୁ ଅଗ୍ରସର ହେଉଥିବା ମନୁଷ୍ୟ ଭଗବାନଙ୍କର ଓ ତାଙ୍କର ଦୟା, କ୍ଷମା, ସମତା ଆଦି

* ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ॥ (ଗୀତା ୧୮।୬୬)
—ଏହା ଶରଣାଗତିର ମୁଖ୍ୟ ଶ୍ଳୋକ।

ଗୁଣଗୁଡ଼ିକ(ଦୈବୀସମ୍ପତ୍ତି)ର ଆଶ୍ରୟ ନିଅନ୍ତି ଏବଂ ପରିଣାମତଃ ଭଗବାନଙ୍କୁ ପାଆନ୍ତି । ଏଥିପାଇଁ ଗୀତାରେ **'ମାମୁପାଶ୍ରିତାଃ'** (୪ । ୧୦), **'ମଦାଶ୍ରୟଃ'** (୭ । ୧), **'ମାମେବ ଯେ ପ୍ରପଦ୍ୟନ୍ତେ'** (୭ । ୧୪), **'ମାମାଶ୍ରିତ୍ୟ ଯତନ୍ତି ଯେ'** (୭ । ୨୯), **'ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ'** (୯ । ୩୨), **'ମଦ୍‌ବ୍ୟପାଶ୍ରୟଃ'** (୧୮ । ୫୬), **'ତମେବ ଶରଣଂ ଗଚ୍ଛ'** (୧୮ । ୬୨), **'ମାମେକଂ ଶରଣଂ ବ୍ରଜ'** (୧୮ । ୬୬) ଆଦି ପଦମାନଙ୍କରେ ଭଗବାନଙ୍କର ଆଶ୍ରୟ କଥା କୁହାଯାଇଛି; ଏବଂ **'ଦୈବୀଂ ପ୍ରକୃତିମାଶ୍ରିତାଃ'** (୯ । ୧୩) ଓ **'ବୁଦ୍ଧିଯୋଗମୁପାଶ୍ରିତ୍ୟ'** (୧୮ । ୫୭) ପ୍ରଭୃତି ପଦଗୁଡ଼ିକରେ ଦୈବୀସମ୍ପତ୍ତିର ଆଶ୍ରୟ କଥା କୁହାଯାଇଛି ।*

ତାତ୍ପର୍ଯ୍ୟ ଏହି ଯେ ଗୀତାରେ ଯେତେଗୁଡ଼ିଏ ଉପାୟ କୁହାଯାଇଛି, ତନ୍ମଧ୍ୟରୁ ଶ୍ରେଷ୍ଠ ଓ ସୁଗମ ଉପାୟ ହେଲା ଭଗବାନଙ୍କ ଆଶ୍ରୟ । ଯିଏ ଭଗବାନଙ୍କର ଆଶ୍ରୟ ନେଇ ସାଧନା କରେ, ତା'ର ସାଧନାର ସିଦ୍ଧି ଖୁବ୍ ଶୀଘ୍ର ଓ ସହଜରେ ହୋଇଯାଏ । ଏହି କଥାଟିକୁ ଭଗବାନ ଗୀତାରେ ସ୍ପଷ୍ଟ ଭାଷାରେ କହିଛନ୍ତି ଯେ, ଯେଉଁମାନେ ମୋର ଆଶ୍ରିତ ହୋଇ ସମସ୍ତ କର୍ମ ମୋତେ ଅର୍ପଣ କରନ୍ତି, ସେହି ଭକ୍ତମାନଙ୍କୁ ମୁଁ ମୃତ୍ୟୁରୂପକ ସଂସାରସାଗରରୁ ବହୁତ ଶୀଘ୍ର ଉଦ୍ଧାର କରେ (୧୨ । ୬–୭) । ଯେଉଁମାନେ ମୋର ଆଶ୍ରୟ ନେଇ ଯତ୍ନ କରନ୍ତି, ସେମାନେ ବ୍ରହ୍ମ, ଅଧ୍ୟାତ୍ମ ଓ ସମସ୍ତ କର୍ମକୁ ତଥା ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞଙ୍କ ସହିତ ମୋତେ ଜାଣିଯାଆନ୍ତି ଅର୍ଥାତ୍ ମୋର ସମଗ୍ରରୂପକୁ ଜାଣିଯାଆନ୍ତି (୭ । ୨୯–୩୦) । ଭଗବାନଙ୍କ ଆଶ୍ରୟ ନେଇଥିବା ଭକ୍ତମାନଙ୍କୁ ଭଗବାନ ସମସ୍ତ ଯୋଗୀଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି କହିଛନ୍ତି (୬ । ୪୭) । ଅତଏବ ସାଧକମାନେ ଯେଉଁ ସାଧନା କରନ୍ତୁ ନା କାହିଁକି, ଭଗବାନଙ୍କର ଆଶ୍ରୟ ନେଇ ହିଁ କରିବା ଉଚିତ ।

ସ୍ୱୟଂ (ସ୍ୱରୂପ) ହେଉଛି ପରମାତ୍ମାଙ୍କର ଅଂଶ ଏବଂ ସ୍ଥୂଳ, ସୂକ୍ଷ୍ମ ତଥା କାରଣଶରୀର ହେଉଛି ପ୍ରକୃତିର ଅଂଶ । କ୍ରିୟା ଓ ପଦାର୍ଥର ଆଶ୍ରୟ ସ୍ଥୂଳଶରୀରର ଆଶ୍ରୟ ଅଟେ (ସ୍ଥୂଳଶରୀରର ଆଶ୍ରୟ ଅପେକ୍ଷା ଧନ, ଘର, ପୁତ୍ର-ପୌତ୍ର, କୁଟୁମ୍ବ, ଜମିବାଡ଼ି ଆଦିର ଆଶ୍ରୟ ଅଧିକ ଜଡ଼ତ୍ୱର ଆଶ୍ରୟ ଅଟେ) । ନିଜ ବିଦ୍ୟାର, ନିଜ ଯୋଗ୍ୟତାର, ନିଜ ସଦ୍‌ଗୁଣଗୁଡ଼ିକର, ନିଜ ବୁଦ୍ଧିର ଆଶ୍ରୟ ତଥା ଚିନ୍ତନ, ଧ୍ୟାନ ଓ ମନନର ଆଶ୍ରୟ ସୂକ୍ଷ୍ମଶରୀରର ଆଶ୍ରୟ ଅଟେ । ଯେଉଁଥିରୁ ବ୍ୟୁତ୍‌ଥାନ ହୁଏ, ସେହି ସମାଧିର ଆଶ୍ରୟ ନେବା କାରଣଶରୀରର ଆଶ୍ରୟ ଅଟେ; ଏବଂ ସମାଧି ଅବସ୍ଥାରେ ଯେଉଁ ସବୁ ସିଦ୍ଧି ମିଳେ, ନିଜଠାରେ ଯେଉଁ ମହତ୍ତ୍ୱ ପ୍ରତିଭାତ ହୁଏ, ତାହା ସମାଧିର କାର୍ଯ୍ୟର ଆଶ୍ରୟ ଅଟେ । ଏସବୁ ଆଶ୍ରୟ ନାଶବାନ୍‌ର ହିଁ ଆଶ୍ରୟ ।

ଜପ, ଧ୍ୟାନ, ଚର୍ଚ୍ଚା, କୀର୍ତ୍ତନ ଇତ୍ୟାଦିର ଆଶ୍ରୟ ହେଲା ସାଧନାର ଆଶ୍ରୟ । 'ମୁଁ ଭଗବାନଙ୍କର'— ଏହିରୂପେ ଏକମାତ୍ର ଭଗବାନଙ୍କ ସହିତ ସମ୍ବନ୍ଧ ଯୋଡ଼ିବା ସାଧ୍ୟ(ଭଗବାନଙ୍କ)ର ଆଶ୍ରୟ ଅଟେ । ସାଧନାର ଆଶ୍ରୟ ନେଲେ ସାଧନା କରିବାକୁ ପଡ଼େ, କିନ୍ତୁ ସାଧ୍ୟର ଆଶ୍ରୟ ନେଲେ ସାଧନା ସ୍ୱତଃ ଓ ସ୍ୱାଭାବିକଭାବରେ ହୁଏ, କରିବାକୁ ପଡ଼େ ନାହିଁ । ନାଶବାନ୍‌ର ଆଶ୍ରୟ ସଂପୂର୍ଣ୍ଣ ଦୂର ହୋଇଗଲେ ଭଗବତ୍‌ପ୍ରାପ୍ତିର ଅନୁଭବ ସ୍ୱତଃ ହୁଏ । କାରଣ ଭଗବାନ ନିତ୍ୟପ୍ରାପ୍ତ ଅଟନ୍ତି, କେବଳ ନାଶବାନ୍‌ର ଆଶ୍ରୟ ହିଁ ତାଙ୍କୁ ଅନୁଭବ କରିବାରେ ବିଘ୍ନ ସୃଷ୍ଟି କରିଥାଏ ।

୬୮. ଗୀତାରେ ଭଗବାନଙ୍କର ଆଶ୍ୱାସନ

ସର୍ବେଭ୍ୟଃ ସାଧକେଭ୍ୟଶ୍ଚାଶ୍ୱାସନଂ ଦତ୍ତବାନ୍ ହରିଃ ।
ଜନଃ କଲ୍ୟାଣକୃତ୍‌କଶ୍ଚିଦ୍ ଦୁର୍ଗତିଂ ନୈବ ଗଚ୍ଛତି ॥

ପରମାତ୍ମପ୍ରାପ୍ତିର ମାର୍ଗରେ ଆଦୌ କୌଣସି ବାଧାବିଘ୍ନ ନାହିଁ । ଏହି ମାର୍ଗ ବାଧାବିଘ୍ନରୁ ସମ୍ପୂର୍ଣ୍ଣ ମୁକ୍ତ—**'ଏଷ ନିଷ୍କଣ୍ଟକଃ ପନ୍ଥାଃ'** । ଏହି ରାସ୍ତାରେ ଆଖିବୁଜି ଧାଇଁଲେ ମଧ୍ୟ ମନୁଷ୍ୟ ଝୁଣ୍ଟିପଡ଼େ ନାହିଁ କି ପଡ଼ିଯାଏ ନାହିଁ ।

ଯେଉଁ ସାଧକ ଆତ୍ମକଲ୍ୟାଣକୁ ବା ପରମାତ୍ମପ୍ରାପ୍ତିକୁ ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ଧ୍ୟେୟ କରିନେଲା, ସେ ବହୁତ ବଡ଼ କାମ କରିନେଲା । ସ୍ୱୟଂ ଭଗବାନ ସାଧକମାନଙ୍କୁ

* ଦୈବୀସମ୍ପତ୍ତି(ଭଗବାନଙ୍କ ଗୁଣ)ର ଆଶ୍ରୟ ନେବା ମଧ୍ୟ ଭଗବାନଙ୍କର ଆଶ୍ରୟ ନେବା ସଙ୍ଗେ ସମାନ ।

ଆଶ୍ୱାସନା ଦେଇ କହିଛନ୍ତି ଯେ ନିଜର କଲ୍ୟାଣ ପାଇଁ କର୍ମ କରୁଥିବା ବ୍ୟକ୍ତିର ଦୁର୍ଗତି ହୁଏ ନାହିଁ— **'ନ ହି କଲ୍ୟାଣକୃତ୍ କଶ୍ଚିଦ୍ ଦୁର୍ଗତିଂ ତାତ ଗଚ୍ଛତି'** (୬।୪୦)। ଯିଏ କେବଳ ପରମାତ୍ମାଙ୍କ ପାଇଁ ହିଁ ସବୁ କାମ କରେ, ତା'ର ସମସ୍ତ କର୍ମ ସତ୍ ହୋଇଯାଏ (୧୭।୨୭)। ସତ୍ କେବେହେଲେ ନଷ୍ଟ ହୁଏ ନାହିଁ। ସମତାର ଅଳ୍ପ ଅନୁଷ୍ଠାନ ମଧ୍ୟ ଜନ୍ମମରଣରୂପକ ମହାଭୟରୁ ରକ୍ଷା କରେ—**'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍'** (୨।୪୦)। ବେଦରେ, ଯଜ୍ଞରେ, ତପସ୍ୟାରେ ଓ ଦାନରେ ଯେଉଁସବୁ ପୁଣ୍ୟଫଳ ହୁଏ ବୋଲି କୁହାଯାଇଛି, ସେଗୁଡ଼ିକୁ ଯୋଗୀ ଅତିକ୍ରମ କରିଯାଏ (୮।୨୮)। କେବଳ ଯୋଗୀ ନୁହେଁ, ଯୋଗ(ସମତା)ର ଜିଜ୍ଞାସୁ ମଧ୍ୟ ବେଦରେ କୁହାଯାଇଥିବା ସକାମ ଅନୁଷ୍ଠାନଗୁଡ଼ିକୁ ଅତିକ୍ରମ କରିଯାଏ—**'ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତ୍ତତେ'** (୬।୪୪)।

ଯେଉଁମାନେ ନିଜର ବୋଲି କୁହାଯାଉଥିବା ବସ୍ତୁଗୁଡ଼ିକ ସମେତ ନିଜକୁ ଭଗବାନଙ୍କ ନିକଟରେ ସମର୍ପିତ କରିଦିଅନ୍ତି, ସେଭଳି ଅନନ୍ୟ ଭକ୍ତମାନଙ୍କୁ ଭଗବାନ ଅତି ଶୀଘ୍ର ଉଦ୍ଧାର କରନ୍ତି (୧୨।୭) ସେଭଳି ଭକ୍ତମାନଙ୍କର ଯୋଗକ୍ଷେମ (ଅପ୍ରାପ୍ତକୁ ପ୍ରାପ୍ତ କରାଇବା ଓ ପ୍ରାପ୍ତର ରକ୍ଷା କରିବା) ମଧ୍ୟ ଭଗବାନ ସ୍ୱୟଂ ବହନ କରନ୍ତି—**'ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍'** (୯।୨୨)।

ନିଜର ଅନନ୍ୟ ଭକ୍ତମାନଙ୍କୁ ଭଗବାନ ଅର୍ଜୁନଙ୍କ ମାଧ୍ୟମରେ ଆଶ୍ୱାସନା ଦେଇଛନ୍ତି ଯେ ତୁମେମାନେ ସାଧନା ଓ ସିଦ୍ଧି ବିଷୟରେ ଚିନ୍ତା କର ନାହିଁ। ଯଦି ସାଧକ ନିଜଠାରେ ଦୈବୀସମ୍ପତ୍ତିରୂପକ ଗୁଣଗୁଡ଼ିକର ଅଭାବ ଲକ୍ଷ୍ୟ କରି ସାଧନା କରିବାରେ ହତାଶ ହୁଏ, ତେବେ ତାକୁ ଭଗବାନ ଆଶ୍ୱାସନା ଦିଅନ୍ତି ଯେ ତୁମେ ଦୈବୀସମ୍ପତ୍ତିରୂପକ ଗୁଣଗୁଡ଼ିକୁ ପ୍ରାପ୍ତ ହୋଇସାରିଛ, ତେଣୁ ତୁମେ ଚିନ୍ତା କର ନାହିଁ—**'ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ'** (୧୬।୫)। ଯଦି ସାଧକ ନିଜର ପାପ ହେତୁ ସିଦ୍ଧି ବିଷୟରେ ହତାଶ ହୁଏ, ତେବେ ତାହା ପାଇଁ ଭଗବାନ ଆଶ୍ୱାସନା ଦିଅନ୍ତି ଯେ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଚିନ୍ତା କର ନାହିଁ—**'ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ'** (୧୮।୬୬)।*

ସାଧକର ମନରେ ସାଧନା ଓ ସିଦ୍ଧି ବିଷୟରେ କୌଣସି ଚିନ୍ତା ତ ନ ରହିବା ଉଚିତ, କିନ୍ତୁ ଭଗବାନଙ୍କୁ ପାଇବା ପାଇଁ ବ୍ୟାକୁଳତା ନିଶ୍ଚୟ ରହିବା ଉଚିତ। କାରଣ ଚିନ୍ତା ଭଗବାନଙ୍କ ଠାରୁ ଦୂରକୁ ନେଇଯାଏ ଓ ବ୍ୟାକୁଳତା ଭଗବଦ୍‌ପ୍ରାପ୍ତି କରାଇଦିଏ। ଚିନ୍ତା ହେତୁ ନୈରାଶ୍ୟ ଦେଖାଯାଏ, ମାତ୍ର ବ୍ୟାକୁଳତା ହେଲେ ଭଗବାନଙ୍କୁ ପାଇବାର ଆଶା ଦୃଢ଼ ହୁଏ। ଅତଏବ ସାଧକ କେବେହେଲେ ଚିନ୍ତା ନ କରି ନିଜ ସାଧନାରେ ତତ୍ପରତାପୂର୍ବକ ସଂଲଗ୍ନ ରହିବା ଉଚିତ।

୬୯. ଗୀତାରେ ସଗୁଣୋପାସନାର ନଅଟି ପ୍ରକାର

ସ୍ୱକୀୟୋପାସନା ପ୍ରୋକ୍ତା ନବଧା ଫାଲ୍‌ଗୁନଂ ପ୍ରତି।
ତାସାଂ ଯୟା କୟା ଯୁକ୍ତୋ ହରିଂ ପ୍ରାପ୍ନୋତି ମାନବଃ॥

ଗୀତାରେ ସଗୁଣୋପାସନାକୁ ନଅ ପ୍ରକାରରେ ବର୍ଣ୍ଣନା କରାଯାଇଛି। ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା—

(୧) **ସମସ୍ତଙ୍କ ମୂଳରେ ଭଗବାନ**—ଯେଉଁ ମନୁଷ୍ୟ ମୋତେ ଅଜନ୍ମା, ଅନାଦି (ସମସ୍ତଙ୍କର ଆଦି) ଏବଂ ସମସ୍ତ ଲୋକର ମହାନ୍ ଈଶ୍ୱର ବୋଲି ଭାବେ,

* ଭଗବାନଙ୍କର ଆଶ୍ୱାସନା ନିମ୍ନଲିଖିତ ଶ୍ଳୋକମାନଙ୍କରେ ମଧ୍ୟ ରହିଛି—

ଅଧ୍ୟାୟ	ଶ୍ଳୋକ	ଅଧ୍ୟାୟ	ଶ୍ଳୋକ	ଅଧ୍ୟାୟ	ଶ୍ଳୋକ
୨	୭୨	୮	୫, ୧୪	୧୩	୨୫, ୩୪
୪	୩୬	୯	୩୦, ୩୧	୧୪	୨୬
୫	୨୯	୧୦	୯, ୧୦, ୧୧	୧୫	୧୯
୬	୩୧	୧୧	୫୫	୧୮	୫୮
୭	୧୪	୧୨	୭		

ସେ ସମସ୍ତ ପାପରୁ ମୁକ୍ତ ହୋଇଯାଏ (୧୦।୩); ମୁଁ ସମ୍ପୂର୍ଣ୍ଣ ଜଗତର ପ୍ରଭବ (ନିମିତ୍ତ କାରଣ) ତଥା ପ୍ରଳୟ (ଉପାଦାନ କାରଣ) ଅର୍ଥାତ୍ ସମସ୍ତଙ୍କର ଆଦି କାରଣ ଅଟେ (୭।୬); ଦୈବୀ ପ୍ରକୃତିର ଆଶ୍ରିତ ମହାତ୍ମାଗଣ ମୋତେ ସମସ୍ତ ପ୍ରାଣୀଙ୍କର ଆଦି ଓ ଅବିନାଶୀ ବୋଲି ଜାଣି ଅନନ୍ୟମନରେ ମୋର ଭଜନ କରନ୍ତି (୯।୧୩); ଇତ୍ୟାଦି ଇତ୍ୟାଦି।

(୨) ସମସ୍ତଙ୍କ ଠାରେ ଭଗବାନ—ଯିଏ ସମସ୍ତଙ୍କ ଠାରେ ମୋତେ ଦେଖେ, ତାହା ପାଇଁ ମୁଁ କେବେ ଅଦୃଶ୍ୟ ହୁଏ ନାହିଁ (୬।୩୦); ଯିଏ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ମୋତେ ସ୍ଥିତ ଦେଖେ (୬।୩୧); ମୁଁ ଅବ୍ୟକ୍ତ ଭାବରେ ସମଗ୍ର ଜଗତରେ ବ୍ୟାପ୍ତ (୯।୪); ପ୍ରାଣୀମାନଙ୍କ ଅନ୍ତଃକରଣରେ ଆତ୍ମାରୂପରେ ମୁଁ ହିଁ ସ୍ଥିତ (୧୦।୨୦); ସେହି ପରମାତ୍ମା ସମସ୍ତଙ୍କ ହୃଦୟରେ ସ୍ଥିତ (୧୩।୧୭); ମୁଁ ହିଁ ସମସ୍ତ ପ୍ରାଣୀଙ୍କ ହୃଦୟରେ ଅନ୍ତର୍ଯାମୀଭାବରେ ସ୍ଥିତ (୧୫।୧୫); ଈଶ୍ୱର ସମସ୍ତ ପ୍ରାଣୀଙ୍କର ହୃଦୟରେ ସ୍ଥିତ (୧୮।୬୧) ଇତ୍ୟାଦି ଇତ୍ୟାଦି।

(୩) ସମସ୍ତେ ଭଗବାନଙ୍କ ମଧ୍ୟରେ—ଯିଏ ସମସ୍ତଙ୍କୁ ମୋ ଭିତରେ ଦେଖେ, ସେ ମୋ ପାଇଁ କେବେହେଲେ ଅଦୃଶ୍ୟ ହୁଏ ନାହିଁ (୬।୩୦); ସୂତାରେ ସୂତାନିର୍ମିତ ମାଳିଦାନା ଗୁନ୍ଥା ହେଲାଭଳି ସମଗ୍ର ସଂସାର ମୋ'ଠାରେ ହିଁ ଓତପ୍ରୋତ ହୋଇ ରହିଛି (୭।୭); ସମସ୍ତ ପ୍ରାଣୀ ଯାହାର ଅନ୍ତର୍ଗତ (୮।୨୨); ସବୁ ପ୍ରାଣୀ ମୋ'ଠାରେ ହିଁ ସ୍ଥିତ (୯।୬); ହେ ଅର୍ଜୁନ! ତୁମେ ଏବେ ମୋର ଏହି ଶରୀରର ଗୋଟିଏ ଅଂଶରେ ସଚରାଚର ସମଗ୍ର ଜଗତକୁ ଦେଖ (୧୧।୭); ଅର୍ଜୁନ ଦେବଦେବ ଭଗବାନଙ୍କ ଶରୀରର ଗୋଟିଏ ସ୍ଥାନରେ ଅନେକ ବିଭାଗରେ ବିଭକ୍ତ ସମଗ୍ର ଜଗତକୁ ଦେଖିଲେ (୧୧।୧୩); ହେ ଦେବ! ମୁଁ ଆପଣଙ୍କ ଶରୀରରେ ସମସ୍ତ ଦେବଗଣଙ୍କୁ, ପ୍ରାଣୀମାନଙ୍କୁ, କମଳାସନରେ ବସିଥିବା ବ୍ରହ୍ମାଙ୍କୁ, ଶିବଙ୍କୁ, ଋଷିମାନଙ୍କୁ ଓ ଦିବ୍ୟ ସର୍ପମାନଙ୍କୁ ଦେଖି ପାରୁଛି (୧୧।୧୫) ଇତ୍ୟାଦି ଇତ୍ୟାଦି।

(୪) ସମସ୍ତଙ୍କର ଈଶ୍ୱର ଭଗବାନ—ମୁଁ ଅଜନ୍ମା, ଅବିନାଶୀ ଓ ସମସ୍ତ ପ୍ରାଣୀଙ୍କର ଈଶ୍ୱର (ମାଲିକ) ହୋଇ ମଧ୍ୟ ନିଜର ପ୍ରକୃତିକୁ ଅଧୀନ କରି ଯୋଗମାୟା ଦ୍ୱାରା ପ୍ରକଟ ହୁଏ (୪।୬); ଯିଏ ମୋତେ ସମସ୍ତ ଯଜ୍ଞର ଓ ତପସ୍ୟାର ଭୋକ୍ତା, ସମସ୍ତ ଲୋକର ଈଶ୍ୱରଙ୍କର ମଧ୍ୟ ଈଶ୍ୱର ଏବଂ ସମସ୍ତ ପ୍ରାଣୀଙ୍କର ସୁହୃଦ୍ ବୋଲି ମନେକରେ, ସେ ଶାନ୍ତି ପାଇଥାଏ (୫।୨୯); ପ୍ରକୃତି ମୋ ଅଧ୍ୟକ୍ଷତାରେ ସମସ୍ତ ଚରାଚର ଜଗତକୁ ସୃଷ୍ଟି କରେ (୯।୧୦); ମୂଢ଼ ଲୋକେ ମୋ'ପରି ସମସ୍ତ ପ୍ରାଣୀଙ୍କର ମହାନ୍ ଈଶ୍ୱରଙ୍କୁ ସାଧାରଣ ମନୁଷ୍ୟ ଭାବି ଅବଜ୍ଞା କରିଥାଆନ୍ତି (୯।୧୧); ସମସ୍ତ ଯୋଗର ମହାନ୍ ଈଶ୍ୱର ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ପରମ ଐଶ୍ୱର୍ଯ୍ୟଯୁକ୍ତ ବିରାଟରୂପ ଦେଖାଇଲେ (୧୧।୯); ଇତ୍ୟାଦି ଇତ୍ୟାଦି।

(୫) ସବୁକିଛି ଭଗବାନଙ୍କ ଠାରୁ ଉତ୍ପନ୍ନ—ସାତ୍ତ୍ୱିକ, ରାଜସିକ ଓ ତାମସିକ ଭାବ ମୋ'ଠାରୁ ହିଁ ଉତ୍ପନ୍ନ ହୋଇଥାଏ (୭।୧୨); ବୁଦ୍ଧି, ଜ୍ଞାନ, ଅସମ୍ମୋହ ଆଦି କୋଡ଼ିଏ ପ୍ରକାରର ଭାବ ମୋ'ଠାରୁ ହିଁ ଉତ୍ପନ୍ନ ହୋଇଥାଏ (୧୦।୪-୫); ମୋ'ଠାରୁ ହିଁ ଏହି ସମଗ୍ର ସଂସାର ପ୍ରବୃତ୍ତ ହୋଇଥାଏ (୧୦।୮); ସ୍ମୃତି, ଜ୍ଞାନ ଓ ଅପୋହନ ମୋ'ଠାରୁ ହିଁ ଉତ୍ପନ୍ନ ହୁଏ (୧୫।୧୫); ପରମାତ୍ମାଙ୍କ ଠାରୁ ହିଁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୁଅନ୍ତି (୧୮।୪୬); ଇତ୍ୟାଦି ଇତ୍ୟାଦି।

(୬) ସମସ୍ତଙ୍କର ବିଧାୟକ ଭଗବାନ—ଯେଉଁ ମନୁଷ୍ୟ ଶ୍ରଦ୍ଧାପୂର୍ବକ ଅନ୍ୟ ଦେବତାମାନଙ୍କର ଉପାସନା କରେ, ସେହି ଉପାସନାର ଫଳ ମୁଁ ହିଁ ବିଧାନ କରିଥାଏ (୭।୨୨); ମୁଁ ଭକ୍ତମାନଙ୍କର ଯୋଗକ୍ଷେମ ବହନ କରିଥାଏ (୯।୨୨); ମୋର ଆଶ୍ରୟ ନେଇଥିବା ଭକ୍ତ ମୋର କୃପା ହେତୁ ଅବିନାଶୀ ପଦକୁ ପ୍ରାପ୍ତ ହୁଏ (୧୮।୫୬); ଈଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ଥାଇ ଶରୀରରୂପକ ଯନ୍ତ୍ରରେ ଆରୂଢ଼ ସମସ୍ତ ପ୍ରାଣୀଙ୍କୁ ଭ୍ରମଣ କରାଇଥାନ୍ତି (୧୮।୬୧) ଇତ୍ୟାଦି ଇତ୍ୟାଦି।

(୭) ସମସ୍ତଙ୍କର ଆରାଧ୍ୟ ଭଗବାନ—ତିନି ବେଦରେ କଥିତ ସକାମ ଅନୁଷ୍ଠାନଗୁଡ଼ିକୁ କରୁଥିବା ମନୁଷ୍ୟ ଯଜ୍ଞ ଦ୍ୱାରା ଇନ୍ଦ୍ରରୂପରେ ମୋତେ ହିଁ ପୂଜା କରନ୍ତି (୯।୨୦); ଯେଉଁମାନେ ଅନ୍ୟ ଦେବତାମାନଙ୍କର ଉପାସନା କରନ୍ତି, ସେମାନେ ପ୍ରକୃତରେ ମୋର ହିଁ ଉପାସନା କରନ୍ତି, କିନ୍ତୁ ତାହା ସେମାନେ ଅବିଧିପୂର୍ବକ କରନ୍ତି ଅର୍ଥାତ୍ ସେମାନେ ସେହି ଦେବତାମାନଙ୍କ ରୂପରେ ବିରାଜମାନ ମୋତେ ମାନନ୍ତି ନାହିଁ (୯।୨୩); ନିର୍ଗୁଣନିରାକାରର ଉପାସନା କରୁଥିବା ଲୋକେ ମୋତେ ହିଁ ପାଇଥାନ୍ତି (୧୨।୩-୪); ଇତ୍ୟାଦି ଇତ୍ୟାଦି।

(୮) **ସମସ୍ତଙ୍କର ପ୍ରକାଶକ ଭଗବାନ**—ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଠାରେ ମୋହରି ତେଜ ରହିଛି ଅର୍ଥାତ୍ ଏମାନଙ୍କୁ ମୁଁ ହିଁ ପ୍ରକାଶିତ କରିଥାଏ (୧୫ । ୧୨) ।

(୯) **ସବୁକିଛି ଭଗବାନ**—ସବୁକିଛି ବାସୁଦେବ (୭ । ୧୯); ଏହି ସମଗ୍ର ଜଗତର ଗତି, ଭର୍ତ୍ତା, ପ୍ରଭୁ, ସାକ୍ଷୀ, ନିବାସ, ଶରଣ, ସୁହୃଦ୍, ପ୍ରଭବ, ପ୍ରଳୟ, ସ୍ଥାନ, ନିଧାନ ତଥା ଅବିନାଶୀ ବୀଜ ମୁଁ ହିଁ ଅଟେ (୯ । ୧୮); ସତ୍ ଓ ଅସତ୍ ମଧ୍ୟ ମୁଁ (୯ । ୧୯); ହେ ଜଗନ୍ନିବାସ! ଆପଣ ହିଁ ସତ୍ ଓ ଅସତ୍ ଏବଂ ଆପଣ ହିଁ ସତ୍ ଓ ଅସତ୍‌ର ଊର୍ଦ୍ଧ୍ୱରେ (୧୧ । ୩୭); ଇତ୍ୟାଦି ଇତ୍ୟାଦି* ।

ଉପର୍ଯ୍ୟୁକ୍ତ ସମସ୍ତ ଉପାସନାର ତାତ୍ପର୍ଯ୍ୟ ହେଲା, ସମସ୍ତଙ୍କର ବୀଜ, ଆଧାର, ପ୍ରକାଶକ, ସ୍ୱାମୀ, ଶାସକ ଏକମାତ୍ର ଭଗବାନ ହିଁ ଅଟନ୍ତି; କିନ୍ତୁ ସାଧକମାନଙ୍କର ରୁଚି, ଯୋଗ୍ୟତା ଓ ଶ୍ରଦ୍ଧାବିଶ୍ୱାସର ଭିନ୍ନତା ହେତୁ ସେମାନଙ୍କ ଉପାସନାଗୁଡ଼ିକରେ ପାର୍ଥକ୍ୟ ଦେଖାଯାଏ । ତତ୍ତ୍ୱରେ କୌଣସି ପାର୍ଥକ୍ୟ ନାହିଁ, କାରଣ ପରିଣାମରେ ସମସ୍ତ ଉପାସନା ଏକ ହୋଇଯାଏ ।

ସାଧାରଣତଃ ଭୋକ ସମସ୍ତଙ୍କର ଏକାପ୍ରକାରର ହୋଇଥାଏ ଓ ଭୋଜନ କଲେ ତୃପ୍ତି ମଧ୍ୟ ସମସ୍ତଙ୍କୁ ଏକାପ୍ରକାରର ମିଳିଥାଏ, ମାତ୍ର ଖାଇବାର ରୁଚିରେ ଭିନ୍ନତା ଥିବାରୁ ଖାଦ୍ୟପଦାର୍ଥରେ ମଧ୍ୟ ଭିନ୍ନତା ଥାଏ । ସେହିପରି ମନୁଷ୍ୟମାନଙ୍କର ବେଶଭୂଷା, ଗ୍ରାଲିଚଳନ, ଭାଷା ଆଦି ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ କାନ୍ଦିବା ଓ ହସିବା ସମସ୍ତଙ୍କର ଏକରକମର ହିଁ ହୋଇଥାଏ ଅର୍ଥାତ୍ ଦୁଃଖୀ ଓ ସୁଖୀ ସମସ୍ତଙ୍କର ଏକରକମର । ଠିକ୍ ଏହିପରି ଭଗବଦ୍‌ପ୍ରାପ୍ତିର ଭୋକ (ଅଭିଳାଷ) ଓ ଭଗବାନ ନ ମିଳିବାର ଦୁଃଖ ସବୁ ସାଧକମାନଙ୍କର ଏକା ହୋଇଥାଏ ଏବଂ ସାଧନାର ପୂର୍ଣ୍ଣତାରେ ଭଗବଦ୍‌ପ୍ରାପ୍ତିର ଆନନ୍ଦ ମଧ୍ୟ ସମସ୍ତଙ୍କୁ ଏକରକମର ମିଳିଥାଏ, କିନ୍ତୁ ସାଧକମାନଙ୍କର ରୁଚି, ଯୋଗ୍ୟତା ଓ ବିଶ୍ୱାସ ଭିନ୍ନ ଭିନ୍ନ ହୋଇଥିବାରୁ ଉପାସନାଗୁଡ଼ିକରେ ଭିନ୍ନତା ଥାଏ ।

ଉପାସନାର ଆରମ୍ଭରେ ସାଧକର ଭାବ ଓ ଯୋଗ୍ୟତାର ପ୍ରାଧାନ୍ୟ ରହିଥାଏ ଏବଂ ଶେଷରେ (ସିଦ୍ଧିରେ) ତତ୍ତ୍ୱର ପ୍ରାଧାନ୍ୟ ଆସିଯାଏ । ଭାବ ଓ ଯୋଗ୍ୟତା ବ୍ୟକ୍ତିଗତ, କିନ୍ତୁ ତତ୍ତ୍ୱ ବ୍ୟକ୍ତିଗତ ନୁହେଁ, ତାହା ସର୍ବଗତ ।

୭୦. ଗୀତାର ଗୋପନୀୟ ବିଷୟ

ପୁରୋଽର୍ଜୁନସ୍ୟ କୃଷ୍ଣେନ ସ୍ୱାତ୍ମା ହି ପ୍ରକଟୀକୃତଃ ।
ବିଷୟୋ ଗୋପନୀୟୋଽୟଂ ଗୀତାୟା ମନ୍ୟତେ ବୁଧୈଃ ॥

ଭଗବାନ ନିଜକୁ ତାଙ୍କର ଆତ୍ମୀୟ ଭକ୍ତ ଅର୍ଜୁନଙ୍କ ସମ୍ମୁଖରେ ପ୍ରକଟ କରିବା ହିଁ ଗୀତାର ମୁଖ୍ୟ ଗୋପନୀୟ ବିଷୟ । ଭଗବାନ ଅବତାର ଧାରଣ କରି ନିଜକୁ ଲୁଗ୍ରଇ ରଖନ୍ତି, ସମସ୍ତଙ୍କ ଆଗରେ ନିଜର ଭଗବତ୍ତା ପ୍ରକଟ କରନ୍ତି ନାହିଁ (୭ । ୨୫); କିନ୍ତୁ ନିଜର ଅନ୍ତରଙ୍ଗ ପ୍ରିୟ ଭକ୍ତମାନଙ୍କ ଆଗରେ ସେ ଲୁଚି ରହି ପାରନ୍ତି ନାହିଁ । ବାଧ୍ୟ ହୋଇ ନିଜକୁ ପ୍ରକଟିତ କରିଦିଅନ୍ତି ।

ଭଗବାନ ଗୀତାରେ ତାଙ୍କର ପ୍ରିୟ ଭକ୍ତ ଅର୍ଜୁନଙ୍କୁ ନିଜର ଭଗବତ୍ତା, ମହତ୍ତ୍ୱ ଓ ପ୍ରଭୁତ୍ୱ ସମ୍ବନ୍ଧରେ ଅନେକ କଥା କହିଛନ୍ତି; ଯଥା—

ଏହି ଯୋଗ ବିଷୟରେ ମୁଁ ପ୍ରଥମେ ସୂର୍ଯ୍ୟଙ୍କୁ କହିଥିଲି, ତା'ପରେ ସୂର୍ଯ୍ୟ ମନୁଙ୍କୁ ଓ ମନୁ ଇକ୍ଷ୍ୱାକୁଙ୍କୁ କହିଲେ । ଏହିରୂପେ ରାଜର୍ଷିମାନେ ପରମ୍ପରାକ୍ରମେ ପ୍ରାପ୍ତ ଏହି ଯୋଗର ଆଚରଣ କଲେ । କିନ୍ତୁ ଏହି ଯୋଗକୁ ଜାଣିଥିବା ଲୋକେ ନ ରହିବାରୁ ବହୁକାଳରୁ ଏହି ଯୋଗ ଲୁପ୍ତପ୍ରାୟ ହୋଇଯାଇଥିଲା । ସେହି ପୁରାତନ ଯୋଗ ମୁଁ ତୁମକୁ କହିଲି । ଏହା ଅତି ଗୋପନୀୟ ବିଷୟ । ଗୋପନୀୟତା ଏହି ଯେ, ଯିଏ ପ୍ରଥମେ ସୂର୍ଯ୍ୟଙ୍କୁ ଉପଦେଶ ଦେଇଥିଲା, ସେହି ମୁଁ ଆଜି ତୁମକୁ ଉପଦେଶ ଦେଉଛି (୪ । ୧-୩) ।

ମୋର ଓ ତୁମର ଅନେକ ଜନ୍ମ ହୋଇସାରିଛି; ସେସବୁକୁ ମୁଁ ଜାଣେ, ତୁମେ ଜାଣ ନାହିଁ (୪ । ୫) । ମୁଁ ଅଜନ୍ମା, ଅବ୍ୟୟାତ୍ମା ଓ ସମସ୍ତ ପ୍ରାଣୀଙ୍କର ସ୍ୱାମୀ ହୋଇ ମଧ୍ୟ ପ୍ରକୃତିକୁ ନିଜର ଅଧୀନ କରି ପ୍ରକଟ

* ଏଠାରେ ଉପାସନାର ଯେଉଁ ନଅଟି ପ୍ରକାରକୁ ଭିନ୍ନ ଭିନ୍ନ ଭାବରେ କୁହାଯାଇଛି, ସେଥିମଧ୍ୟରୁ କେତେକ ପ୍ରକାର ଗୀତାର ଅନେକ ସ୍ଥାନରେ ଗୋଟିଏ ଶ୍ଳୋକରେ ମଧ୍ୟ ସନ୍ନିହିତ ହୋଇଛି ।

ହୁଏ (୪ । ୬) । ମୁଁ ହିଁ ଧର୍ମର ସ୍ଥାପନା, ଭକ୍ତମାନଙ୍କର ରକ୍ଷା ଓ ଦୁଷ୍ଟମାନଙ୍କର ବିନାଶ ପାଇଁ ଯୁଗେ ଯୁଗେ ଅବତାର ଧାରଣ କରିଥାଏ (୪ । ୭–୮) । ମହାସର୍ଗର ଆରମ୍ଭରେ ମୁଁ ହିଁ ଚାରିବର୍ଣ୍ଣ ରଚନା କରିଛି । ରଚନା କଲେ ମଧ୍ୟ ମୁଁ ଅକର୍ତ୍ତା ରହେ (୪ । ୧୩) । ମୋତେ ସମସ୍ତ ଯଜ୍ଞ ଓ ତପସ୍ୟାର ଭୋକ୍ତା, ସମସ୍ତ ଲୋକର ମହାନ୍ ଈଶ୍ୱର ଓ ସମସ୍ତ ପ୍ରାଣୀଙ୍କର ସୁହୃଦ୍ ବୋଲି ଜାଣିଗଲେ ମନୁଷ୍ୟ ଶାନ୍ତି ଲାଭ କରେ (୫ । ୨୯) । ଯିଏ ମୋତେ ସମସ୍ତଙ୍କ ଠାରେ ଓ ସମସ୍ତଙ୍କୁ ମୋ'ଠାରେ ଦେଖେ, ତାହାପାଇଁ ମୁଁ ଅଦୃଶ୍ୟ ହୁଏ ନାହିଁ କିଂବା ସେ ମୋ ପାଇଁ ଅଦୃଶ୍ୟ ହୁଏ ନାହିଁ (୬ । ୩୦) ।

ଏହି ସଂସାରର ମୋ'ଛଡ଼ା ଅନ୍ୟ କୌଣସି କାରଣ ନାହିଁ । ଏହି ସମଗ୍ର ସଂସାର ମୋ'ଠାରେ ହିଁ ଓତପ୍ରୋତ । ଜଳର ରସ, ଚନ୍ଦ୍ରସୂର୍ଯ୍ୟଙ୍କର ପ୍ରଭା ଆଦିରେ କାରଣରୂପରେ କେବଳ ମୁଁ ହିଁ ବିଦ୍ୟମାନ । ସାତ୍ତ୍ୱିକ, ରାଜସ, ତାମସ ଭାବମାନ ମୋହରିଠାରୁ ଉତ୍ପନ୍ନ ହୋଇଥାଆନ୍ତି, କିନ୍ତୁ ମୁଁ ସେଗୁଡ଼ିକ ଭିତରେ ଓ ସେଗୁଡ଼ିକ ମୋ ଭିତରେ ନ ଥାନ୍ତି ଅର୍ଥାତ୍ ସବୁକିଛି ହେଉଛି ମୁଁ (୭ । ୭–୧୨) । ମୁଁ ସମଗ୍ର ସଂସାରରେ ବ୍ୟାପ୍ତ ଏବଂ ସମସ୍ତ ପ୍ରାଣୀ ମୋ'ଠାରେ ସ୍ଥିତ, କିନ୍ତୁ ମୁଁ ସେହି ପ୍ରାଣୀମାନଙ୍କ ଠାରେ ନାହିଁ କି ସେହି ପ୍ରାଣୀମାନେ ମୋ'ଠାରେ ନାହାନ୍ତି—ମୋର ଏହି ଈଶ୍ୱରବିଷୟକ ଯୋଗ(ସାମର୍ଥ୍ୟ)କୁ ଦେଖ (୯ । ୪–୫) । ମହାପ୍ରଳୟରେ ସମସ୍ତ ପ୍ରାଣୀ ମୋ ପ୍ରକୃତିକୁ ପ୍ରାପ୍ତ ହୁଅନ୍ତି ଓ ମହାସର୍ଗର ଆରମ୍ଭରେ ମୁଁ ପୁଣି ସେମାନଙ୍କୁ ସୃଷ୍ଟି କରିଥାଏ (୯ । ୭) ।

ଏହି ସମସ୍ତ ଜଗତର ମାତା, ପିତା, ଧାତା, ପିତାମହ ପ୍ରଭୃତି ମୁଁ ହିଁ ଅଟେ (୯ । ୧୭) । ସତ୍-ଅସତ୍, ଜଡ଼-ଚେତନ ଆଦି ଯାହାକିଛି ଅଛି, ସେସବୁ ମୁଁ ହିଁ ଅଟେ (୯ । ୧୯) । ମୁଁ ହିଁ ଅନନ୍ୟଭକ୍ତମାନଙ୍କର ଯୋଗକ୍ଷେମ ବହନ କରେ (୯ । ୨୨) । ମୁଁ ହିଁ ସମସ୍ତ ଯଜ୍ଞର ଭୋକ୍ତା ଏବଂ ସମଗ୍ର ଜଗତର ସ୍ୱାମୀ; କିନ୍ତୁ ଯିଏ ମୋତେ ତତ୍ତ୍ୱତଃ ଜାଣେ ନାହିଁ, ତାହାର ପତନ ହୁଏ (୯ । ୨୪) । ମୁଁ ସମସ୍ତ ପ୍ରାଣୀଙ୍କ ଠାରେ ସମାନ । କୌଣସି ପ୍ରାଣୀ ମୋର ରାଗ-ଦ୍ୱେଷର ପାତ୍ର ନୁହେଁ; କିନ୍ତୁ ଯେଉଁମାନେ ଭକ୍ତିପୂର୍ବକ ମୋର ଭଜନ କରନ୍ତି, ମୁଁ ସେମାନଙ୍କ ଠାରେ ଓ ସେମାନେ ମୋ'ଠାରେ ବିଶେଷଭାବରେ ଆଆନ୍ତି (୯ । ୨୯) ।

ମୋର ପ୍ରାକଟ୍ୟକୁ ଦେବଗଣ କି ମହର୍ଷିଗଣ ଜାଣନ୍ତି ନାହିଁ । କାରଣ ମୁଁ ସବୁପ୍ରକାରେ ଦେବତା ଓ ମହର୍ଷିମାନଙ୍କର ଆଦି ଅଟେ (୧୦ । ୨) । ପ୍ରାଣୀମାନଙ୍କର ବୁଦ୍ଧି, ଜ୍ଞାନ ଆଦି ଭାବଗୁଡ଼ିକ ମୋ'ଠାରୁ ହିଁ ଉତ୍ପନ୍ନ (୧୦ । ୪–୫) । ମୁଁ ହିଁ ସମସ୍ତଙ୍କର ମୂଳକାରଣ ଏବଂ ମୋ'ଠାରୁ ହିଁ ସମସ୍ତେ ସତ୍ତା ଓ ସ୍ଫୂର୍ତ୍ତି ପାଆନ୍ତି (୧୦ । ୮) । ମୁଁ ହିଁ ଭକ୍ତମାନଙ୍କ ଉପରେ କୃପା କରି ସେମାନଙ୍କର ଅଜ୍ଞାନଜନିତ ଅନ୍ଧକାରକୁ ବିନଷ୍ଟ କରିଦିଏ (୧୦ । ୧୧) ।

ମୁଁ ସମସ୍ତ ପ୍ରାଣୀଙ୍କର ବୀଜ ଅଟେ । ମୋ ବିନା କୌଣସି ପ୍ରାଣୀ ନାହିଁ (୧୦ । ୩୯) । ମୁଁ ନିଜର କୌଣସି ଏକ ଅଂଶରେ ସମଗ୍ର ସଂସାରକୁ ବ୍ୟାପ୍ତ କରି ସ୍ଥିତ (୧୦ । ୪୨) । ତୁମେ ତୁମର ଏହି ଚର୍ମଚକ୍ଷୁ ଦ୍ୱାରା ମୋର ବିରାଟରୂପକୁ ଦେଖି ପାରିବ ନାହିଁ, ତେଣୁ ମୁଁ ତୁମକୁ ଦିବ୍ୟଚକ୍ଷୁ ଦେଉଛି, ଯଦ୍ଦ୍ୱାରା ତୁମେ ମୋର ଏହି ଈଶ୍ୱରବିଷୟକ ଯୋଗ(ପ୍ରଭାବ)କୁ ଦେଖ (୧୧ । ୮) । ମୁଁ ସମସ୍ତ ପ୍ରାଣୀଙ୍କର ବିନାଶକାରୀ ବର୍ଦ୍ଧିତ କାଳ ଏବଂ ଏଠାରେ ଏହି ସମସ୍ତ ଯୋଦ୍ଧାମାନଙ୍କୁ ବିନାଶ କରିବାକୁ ଆସିଛି । ତୁମେ ଯୁଦ୍ଧ ନ କଲେ ମଧ୍ୟ ଏଠାରେ କେହି ବଞ୍ଚିବେ ନାହିଁ । ଏ ସମସ୍ତଙ୍କୁ ମୁଁ ଆଗରୁ ମାରିସାରିଛି । ଅତଏବ ତୁମେ ନିମିତ୍ତମାତ୍ର ହୋଇ ଯୁଦ୍ଧ କର, ତୁମର ବିଜୟ ହେବ (୧୧ । ୩୨–୩୪) ।

ମୋର ପରାୟଣ ହୋଇ ଯେଉଁ ଭକ୍ତଜନ ସମସ୍ତ କର୍ମକୁ ମୋତେ ଅର୍ପଣ କରି ଅନନ୍ୟଭାବରେ ମୋର ଭଜନ କରନ୍ତି, ମୁଁ ସ୍ୱୟଂ ସଂସାରସାଗରରୁ ସେମାନଙ୍କର ଉଦ୍ଧାରକର୍ତ୍ତା ହୋଇଯାଏ (୧୨ । ୬–୭) । ଯିଏ ଅବ୍ୟଭିଚାରିଣୀ ଭକ୍ତି ଦ୍ୱାରା ମୋର ଭଜନ କରେ, ସେ ଗୁଣାତୀତ ହୋଇଯାଏ (୧୪ । ୨୬) । ମୁଁ ହିଁ ବ୍ରହ୍ମ, ଅବିନାଶୀ ଅମୃତ, ଶାଶ୍ୱତଧର୍ମ ଓ ଐକାନ୍ତିକ ସୁଖର ଆଶ୍ରୟ (୧୪ । ୨୭) । ଚନ୍ଦ୍ର, ସୂର୍ଯ୍ୟ ଓ ଅଗ୍ନିଠାରେ ମୋହରି ତେଜ ବିଦ୍ୟମାନ । ମୁଁ ହିଁ ନିଜର ଓଜ ଦ୍ୱାରା ପୃଥିବୀକୁ ଧାରଣ କରିଛି । ମୁଁ ହିଁ ବୈଶ୍ୱାନର ହୋଇ ପ୍ରାଣୀମାନେ ଖାଇଥିବା ଅନ୍ନକୁ ହଜମ କରିଥାଏ । ମୁଁ ସମସ୍ତଙ୍କ ହୃଦୟରେ ନିବାସ କରେ । ସମସ୍ତ ବେଦରେ ମୁଁ ହିଁ ଜ୍ଞେୟ ଅଟେ (୧୫ । ୧୨–୧୫) । ମୁଁ କ୍ଷରରୁ ଅତୀତ ଓ ଅକ୍ଷରଠାରୁ ଉତ୍ତମ, ଏଣୁ ବେଦ ଓ ଶାସ୍ତ୍ରରେ ମୁଁ ହିଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ (୧୫ । ୧୮) । ଯେ ମୋତେ ଅନନ୍ୟଭାବରେ ଭଜେ, ସେ ସର୍ବବିତ୍ ଅଟେ (୧୫ । ୧୯) । ମୁଁ ଏହି ଅତ୍ୟନ୍ତ ଗୋପନୀୟ ଶାସ୍ତ୍ର କହିଲି । ଏହାକୁ ଜାଣିଗଲେ ମନୁଷ୍ୟ ଜ୍ଞାନବାନ୍

ଓ କୃତକୃତ୍ୟ ହୋଇଯାଏ (୧୫ । ୨୦) ।

ମନୁଷ୍ୟ ସମସ୍ତ କର୍ମ କରି ମଧ୍ୟ ମୋର କୃପା ବଳରେ ଅବିନାଶୀ ପଦକୁ ପ୍ରାପ୍ତ ହୁଏ (୧୮ । ୫୬) । ତୁମେ ମୋର ପରାୟଣ ହୋଇ ସମସ୍ତ କର୍ମକୁ ମୋତେ ଅର୍ପଣ କରିଦିଅ, ତା'ହେଲେ ମୋର କୃପା ବଳରେ ସମସ୍ତ ବାଧାବିଘ୍ନରୁ ତରିଯିବ (୧୮ । ୫୭-୫୮) । ତୁମେ ସମସ୍ତ ଧର୍ମର ଆଶ୍ରୟ ଛାଡ଼ି କେବଳ ମୋ ଶରଣକୁ ଆସିଯାଅ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଚିନ୍ତା କର ନାହିଁ (୧୮ । ୬୬) ।

—ଏପରି ଭାବରେ ଭଗବାନ ନିଜକୁ ଭକ୍ତମାନଙ୍କ ଆଗରେ ପ୍ରକଟ କରି ଯେତେଗୁଡ଼ିଏ ରହସ୍ୟମୟ କଥା କହିଛନ୍ତି, ସେସବୁ ଗୋପନୀୟ ବିଷୟ ଅଟେ ।

୭୧. ଗୀତାରେ ସାଧକମାନଙ୍କର ଦ୍ବିବିଧ ଦୃଷ୍ଟି

ଗୀତାୟାଂ ଦ୍ବିବିଧା ଦୃଷ୍ଟିର୍ଦୃଶ୍ୟତେ ଜ୍ଞାନିଭକ୍ତୟୋଃ ।
ଜ୍ଞାନୀ ଗୁଣମୟଂ ସର୍ବଂ ଭକ୍ତଃ ପ୍ରଭୁମୟଂ ଜଗତ୍ ॥

(୧)

ପରମାତ୍ମାଙ୍କର ଓ ସଂସାରର ବର୍ଣ୍ଣନା ଗୀତାରେ ବିଭିନ୍ନ ରୀତିରେ ହୋଇଛି । ସେହି ବିଭିନ୍ନତା ମଧ୍ୟ ସାଧକମାନଙ୍କ ଦୃଷ୍ଟିରୁ ହିଁ ରହିଛି । ଯେଉଁ ସାଧକମାନଙ୍କ ଦୃଷ୍ଟିରେ ସବୁକିଛି ଭଗବାନ ହିଁ ଅଟନ୍ତି, ଭଗବାନଙ୍କ ଛଡ଼ା ଆଉ କିଛି ନାହିଁ, ସେମାନେ ହେଲେ 'ଭକ୍ତିଯୋଗୀ' । ଯେଉଁ ସାଧକମାନଙ୍କ ଦୃଷ୍ଟିରେ ସମଗ୍ର ସଂସାର ଗୁଣମୟ ଓ ପ୍ରକୃତିଜନ୍ୟ ଗୁଣ ଛଡ଼ା ଆଉ କିଛି ନାହିଁ, ସେମାନେ ହେଲେ 'ଜ୍ଞାନଯୋଗୀ' । ଏହିରୂପେ ସାଧକମାନଙ୍କର ଦୃଷ୍ଟି ଦୁଇ ପ୍ରକାରର—ଭକ୍ତିଦୃଷ୍ଟି ଓ ଜ୍ଞାନଦୃଷ୍ଟି । ଭକ୍ତିଯୋଗରେ ଶ୍ରଦ୍ଧା ଓ ବିଶ୍ଵାସ ମୁଖ୍ୟ ଏବଂ ଜ୍ଞାନଯୋଗରେ ବିବେକ ଓ ବିଚାର ମୁଖ୍ୟ ।

ଭକ୍ତିଯୋଗରେ ଭକ୍ତ ଭାବେ ଯେ ସବୁକିଛି ଭଗବାନ—**'ବାସୁଦେବଃ ସର୍ବମ୍'** (୭ । ୧୯) । ଭଗବାନ ମଧ୍ୟ କହିଛନ୍ତି ଯେ, ମୋ' ଛଡ଼ା ଚର-ଅଚର କୌଣସି ପ୍ରାଣୀ ନାହିଁ ଅର୍ଥାତ୍ ଚର-ଅଚର ସବୁକିଛି ମୁଁ ହିଁ ଅଟେ (୧୦ । ୩୯) । ସୂତାନିର୍ମିତ ମାଳାପରି ଏହି ସମସ୍ତ ସଂସାର ମୋ'ଠାରେ ଓତପ୍ରୋତ (୭ । ୭) । ସାତ୍ତ୍ଵିକ, ରାଜସ, ତାମସ ଭାବ ମଧ୍ୟ ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି, କିନ୍ତୁ ମୁଁ ସେଗୁଡ଼ିକ ଭିତରେ ନ ଥାଏ କିଂବା ସେଗୁଡ଼ିକ ମୋ ଭିତରେ ନ ଥାନ୍ତି ଅର୍ଥାତ୍ ସବୁକିଛି ହେଉଛି ମୁଁ । (୭ । ୧୨) । ସତ୍ ଓ ଅସତ୍ ଅର୍ଥାତ୍ ଜଡ଼ ଓ ଚେତନ ଯାହା କିଛି ଅଛି, ସେସବୁ ମୁଁ ହିଁ ଅଟେ (୯ । ୧୯) । ବୁଦ୍ଧି, ଜ୍ଞାନ, ଅସମ୍ମୋହ ଆଦି ଭାବ ମୋ'ଠାରୁ ଉତ୍ପନ୍ନ ହୁଅନ୍ତି (୧୦ । ୪-୫) । ମୁଁ ସମସ୍ତଙ୍କର ପ୍ରଭବ ଅର୍ଥାତ୍ ମୂଳକାରଣ ଏବଂ ମୋ'ଠାରୁ ହିଁ ସମଗ୍ର ସଂସାର ପ୍ରବୃତ୍ତ ହେଉଛି (ଚେଷ୍ଟା କରୁଛି) (୧୦ । ୮) । ଦଶମ ଅଧ୍ୟାୟରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି ଯେ ତୁମକୁ ଯେଉଁଠାରେ ଓ ଯାହାଠାରେ ମହତ୍ତ୍ଵ, ବିଲକ୍ଷଣତା, ଅଲୌକିକତା ଆଦି ଦେଖାଯାଉଛି ତାହାକୁ ମୋର ବୋଲି ଭାବ (୧୦ । ୪୧) । ତାତ୍ପର୍ଯ୍ୟ ହେଲା ଯେ ସେଠାରେ ମହତ୍ତ୍ଵ ଆଦି ଭାବରେ ମୁଁ ହିଁ ରହିଛି—ଏହା ଭାବି ତୁମର ଦୃଷ୍ଟି କେବଳ ମୋ ଆଡ଼କୁ ଯିବା ଉଚିତ ।

ଜ୍ଞାନଯୋଗରେ ସାଧକ ଭାବେ ଯେ ପ୍ରକୃତିଜନିତ ଗୁଣଗୁଡ଼ିକ ଦ୍ଵାରା ସମସ୍ତ କ୍ରିୟା ହେଉଛି (୩ । ୨୭) । ଗୁଣମାନେ ହିଁ ଗୁଣମାନଙ୍କରେ ପ୍ରବର୍ତ୍ତିତ ହେଉଛନ୍ତି (୩ । ୨୮; ୧୪ । ୨୩) । ଏହି ଦୃଷ୍ଟିରୁ ଭଗବାନ ଅଷ୍ଟାଦଶ ଅଧ୍ୟାୟରେ ସତ୍ତ୍ଵ, ରଜ, ତମ—ଏହି ତିନି ଗୁଣ ଅନୁସାରେ ଜ୍ଞାନ, କର୍ମ, କର୍ତ୍ତା, ବୁଦ୍ଧି, ଧୃତି ଓ ସୁଖର ତିନୋଟି ଲେଖାଏଁ ପ୍ରଭେଦ ଦର୍ଶାଇଛନ୍ତି ଏବଂ ଶେଷରେ ଏହି ପ୍ରଭେଦର ଉପସଂହାର କରି କହିଛନ୍ତି ଯେ ତ୍ରିଲୋକରେ ତିନି ଗୁଣ ଛଡ଼ା ଆଉ କିଛି ନାହିଁ । ଯାହା କିଛି ଦେଖାଯାଉଛି, ସେସବୁ ତ୍ରିଗୁଣାତ୍ମକ (୧୮ । ୪୦) ।

(୨)

ଗୀତାରେ ଭଗବାନ ଗୋଟିଏ ସ୍ଥାନରେ କହିଛନ୍ତି ଯେ ସାତ୍ତ୍ଵିକ, ରାଜସ ଓ ତାମସ ଭାବ ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି (୭ । ୧୨) ଏବଂ ଅନ୍ୟ ସ୍ଥାନରେ କହିଛନ୍ତି ଯେ ସତ୍ତ୍ଵ, ରଜ ଓ ତମ ନାମକ ତିନି ଗୁଣ ପ୍ରକୃତିରୁ ଉତ୍ପନ୍ନ ହୁଅନ୍ତି (୧୩ । ୧୯; ୧୪ । ୫) । ଏହି ଦୁଇଟି ମଧ୍ୟରୁ ପ୍ରଥମ ବିଷୟଟି ଭକ୍ତିମାର୍ଗର ଓ ଦ୍ଵିତୀୟ ବିଷୟଟି ଜ୍ଞାନମାର୍ଗର । ଭକ୍ତିମାର୍ଗରେ ଭଗବାନଙ୍କ ଛଡ଼ା ଗୁଣ ଓ

ଭାବର ସ୍ୱତନ୍ତ୍ର ଅସ୍ତିତ୍ୱ ନ ଥାଏ ଅର୍ଥାତ୍ ଗୁଣ, ପଦାର୍ଥ, କ୍ରିୟା ଆଦି ସବୁକିଛି ଭଗବତ୍ସ୍ୱରୂପ। ତେଣୁ ଭଗବାନ ଗୁଣଗୁଡ଼ିକୁ ନିଜଠାରୁ ଉତ୍ପନ୍ନ ବୋଲି କହିଛନ୍ତି। ଜ୍ଞାନମାର୍ଗରେ ନିର୍ଗୁଣବ୍ରହ୍ମର ଉପାସନା କରାଯାଏ। ନିର୍ଗୁଣବ୍ରହ୍ମ ଗୁଣାତୀତ, ନିର୍ଲେପ, ନିଷ୍କ୍ରିୟ ଓ ନିରାକାର ଅଟେ। ସେଥିରେ ପ୍ରକୃତି ଓ ପ୍ରକୃତିଜନିତ ଗୁଣଗୁଡ଼ିକର ସ୍ଥାନ ନାହିଁ। ଏହି ହେତୁରୁ ଭଗବାନ ଗୁଣଗୁଡ଼ିକୁ ପ୍ରକୃତିରୁ ଉତ୍ପନ୍ନ ବୋଲି କହିଛନ୍ତି। ମୋଟ ଉପରେ କହିଲେ ଗୁଣଗୁଡ଼ିକୁ ଭଗବାନଙ୍କ ଠାରୁ ଉତ୍ପନ୍ନ ବୋଲି ମାନି ନିଆଯାଉ ଅଥବା ପ୍ରକୃତିଠାରୁ ଉତ୍ପନ୍ନ ବୋଲି ମାନି ନିଆଯାଉ, ସେଗୁଡ଼ିକର ଆମ ସହିତ କୌଣସି ସମ୍ବନ୍ଧ ନାହିଁ।

୭୨. ଗୀତାରେ ସାଧ୍ୟ ଓ ସାଧନର ସୁଲଭତା

ସାଧ୍ୟସାଧନୟୋଃ ପ୍ରୋକ୍ତଂ ସୌଲଭ୍ୟଂ ହରିଣା ସ୍ୱୟମ୍।
ମୋହିତଂ ହି ବିନା ତସ୍ମାଦନୁତ୍ସାହୀ ଭବେତ୍ତୁ କଃ॥

ଗୀତାରେ ସାଧକମାନଙ୍କ ଦୃଷ୍ଟିରୁ ସାଧ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ—

(୧) ସଗୁଣ—ସଗୁଣ-ଉପାସନାରେ ଅନନ୍ୟ-ଭାବର ପ୍ରାଧାନ୍ୟ ଥାଏ। ଅନନ୍ୟଭାବସମ୍ପନ୍ନ ଭକ୍ତମାନଙ୍କ ପାଇଁ ଭଗବାନ ସୁଲଭ। ଏହି ଅନନ୍ୟଭାବ କ'ଣ? ଅନ୍ୟ ନ ରହିବା। ଅନ୍ୟ କ'ଣ? ଭଗବାନଙ୍କ ଛଡ଼ା ଧନ, ସମ୍ପତ୍ତି, ବୈଭବ, ଘଟଣା, ପରିସ୍ଥିତି, ସ୍ତ୍ରୀ, ପୁତ୍ର, ପରିବାର, ମନ, ବୁଦ୍ଧି, ଇନ୍ଦ୍ରିୟ, ଶରୀର ଇତ୍ୟାଦି ଯାହାକିଛି ଅଛି, ସେସବୁ ହେଲା 'ଅନ୍ୟ'। ସବୁଥିରୁ ବିମୁଖ ହୋଇ ଅର୍ଥାତ୍ ଏମାନଙ୍କର ଆଶ୍ରୟ, ମହତ୍ତ୍ୱ, ପ୍ରିୟତ୍ୱ ଆଦିକୁ ତ୍ୟାଗ କରି କେବଳ ଭଗବାନଙ୍କର ସମ୍ମୁଖ ହେବା, ଭଗବାନଙ୍କର ଶରଣକୁ ଯିବା ଓ ତାଙ୍କ ପ୍ରତି ମହତ୍ତ୍ୱ ଓ ପ୍ରିୟଭାବ ହୋଇଯିବା ହିଁ 'ଅନନ୍ୟଭାବ'। 'ମୁଁ ଭଗବାନଙ୍କର ଓ ଭଗବାନ ହିଁ ମୋର, ମୁଁ ସଂସାରର ନୁହେଁ କି ସଂସାର ମୋର ନୁହେଁ'—ଏଭଳି ଭାବରେ ନିଜର ବୋଲାଉଥିବା ବସ୍ତୁ, ଶରୀର ଇତ୍ୟାଦିକୁ ଓ ନିଜକୁ ଭଗବାନଙ୍କୁ ଅର୍ପଣ କରିଦେବା ହେଉଛି 'ଅନନ୍ୟଭାବ'। ଅନନ୍ୟଭାବ ଦ୍ୱାରା ଭଗବାନ ସୁଲଭ ହୋଇଯାଆନ୍ତି (୮।୧୪), ଭକ୍ତମାନଙ୍କର ଯୋଗକ୍ଷେମ ବହନ କରନ୍ତି (୯।୨୨), ଭକ୍ତମାନଙ୍କୁ ଅତି ଶୀଘ୍ର ମୃତ୍ୟୁରୂପୀ ସଂସାରସାଗରରୁ ଉଦ୍ଧାର କରିଦିଅନ୍ତି (୧୨।୭)। ଅନନ୍ୟଭାବରେ ଭକ୍ତ ଭଗବାନଙ୍କୁ ଦେଖିପାରେ, ଜାଣିପାରେ ଓ ପାଇପାରେ (୧୧।୫୪)। ତେଣୁ ଭଗବାନ କହିଛନ୍ତି ଯେ, ତୁମେ ମୋ'ଠାରେ ହିଁ ମନ ଓ ବୁଦ୍ଧିକୁ ଲଗାଅ, ତାହାହେଲେ ତୁମେ ମୋ'ଠାରେ ନିବାସ କରିବ (୧୨।୮); ତୁମେ ମୋ' ନିକଟରେ ମନ ଓ ବୁଦ୍ଧିକୁ ଅର୍ପଣ କରିଦିଅ, ତାହାହେଲେ ତୁମେ ନିଃସନ୍ଦେହରେ ମୋତେ ପାଇଯିବ (୮।୭)।

(୨) ନିର୍ଗୁଣ—ନିର୍ଗୁଣ-ଉପାସନାରେ ବିବେକର ପ୍ରାଧାନ୍ୟ ଥାଏ। ଏଥିରେ ବିବେକପୂର୍ବକ ଜଡ଼ତାକୁ ତ୍ୟାଗ କରାଯାଏ। ନିର୍ଗୁଣ-ଉପାସକଙ୍କୁ ମଧ୍ୟ ସହଜରେ ପରମାତ୍ମତତ୍ତ୍ୱର ପ୍ରାପ୍ତି ହୋଇଥାଏ (୪।୩୯; ୬।୨୮ ଇତ୍ୟାଦି)।

ସାଧନ ମଧ୍ୟ ତ୍ରିବିଧ ବୋଲି ସ୍ୱୀକାର କରାଯାଏ—

(୧) କର୍ମଯୋଗ—କର୍ତ୍ତବ୍ୟଭାବରେ ଯେଉଁ ପରିସ୍ଥିତି ସମ୍ମୁଖକୁ ଆସିଯାଏ, ସେହି କର୍ତ୍ତବ୍ୟକୁ ତତ୍ପରତାର ସହିତ କରିବାରେ ଏବଂ ସେହି କର୍ମର ଫଳେଚ୍ଛାକୁ ତ୍ୟାଗ କରିଦେବାରେ ଅସୁବିଧା କ'ଣ? ଯାହା କରଣୀୟ ଏବଂ ଯାହାକୁ ସହଜରେ କରିହେବ, ତାହାକୁ ହିଁ କର୍ତ୍ତବ୍ୟ କହନ୍ତି। ଏଭଳି ପ୍ରାପ୍ତ କର୍ତ୍ତବ୍ୟକୁ ପାଳନ କରିବା ପାଇଁ ଭଗବାନ ଦ୍ୱିତୀୟ ଅଧ୍ୟାୟର ୪୭ଶ ଶ୍ଳୋକରେ ଆଦେଶ ଦେଇଛନ୍ତି।

(୨) ଜ୍ଞାନଯୋଗ—ଶରୀର ପ୍ରତିକ୍ଷଣ ବଦଳୁଛି, ମୃତ୍ୟୁ ଆଡ଼କୁ ଯାଉଛି; କାରଣ ଏହା ଅସତ୍। କିନ୍ତୁ ଏହି ଅସତ୍କୁ ଯେ ଜାଣେ ଅର୍ଥାତ୍ ଶରୀର ଓ ସଂସାରର ପରିବର୍ତ୍ତନକୁ ବା ଉତ୍ପନ୍ନ ଓ ନଷ୍ଟ ହେବା କଥାକୁ ଯେ ଜାଣେ, ସେ ହେଉଛି ସତ୍—ଏପରି ଜାଣିବାରେ ଅସୁବିଧା କ'ଣ? ପ୍ରାୟ ସବୁ ଆସ୍ତିକ ଲୋକେ ଏହା ଜାଣନ୍ତି ଯେ ଶରୀର ନିଶ୍ଚୟ ମରିବ, କିନ୍ତୁ ଏ ଶରୀର ଭିତରେ ରହିଥିବା ଶରୀରୀ ନିଶ୍ଚୟ ରହିବ। ଏହି କଥାକୁ ଭଗବାନ ଦ୍ୱିତୀୟ ଅଧ୍ୟାୟର ୧୧ଶ ଶ୍ଳୋକରୁ ୩୦ଶ ଶ୍ଳୋକଯାଏ ବିସ୍ତାରପୂର୍ବକ କହିଛନ୍ତି।

(୩) ଭକ୍ତିଯୋଗ—ଯାହାପାଖରେ ଭଗବାନଙ୍କୁ ଅର୍ପଣ କରିବା ପାଇଁ ଭଲ ଭଲ ପଦାର୍ଥ ନାହିଁ, ସେ କେବଳ ପତ୍ର, ପୁଷ୍ପ, ଫଳ, ଜଳ ଇତ୍ୟାଦିକୁ ଯଦି ପ୍ରେମପୂର୍ବକ ଭଗବାନଙ୍କୁ ଅର୍ପଣ କରିଦିଏ, ତେବେ ଭଗବାନ 'ଏଇଟା ପତ୍ର, ଏଇଟା ଫୁଲ, ମୁଁ ଏଗୁଡ଼ିକୁ ଖାଇବି କିପରି?' ଏଭଳି କିଛି ବାଛବିଚାର ନ କରି ସେଗୁଡ଼ିକୁ ଖାଇଦିଅନ୍ତି (୯ । ୨୬) । କିନ୍ତୁ ଯାହାପାଖରେ ଯଦି ଏଇ ପତ୍ର, ପୁଷ୍ପ ଆଦି ମଧ୍ୟ ନ ଥାଏ, ତେବେ ସେ ଯାହା କିଛି କ୍ରିୟା କରେ ଅର୍ଥାତ୍ ଖିଆପିଆ, ଚଲାବୁଲା, ବସାଉଠା, ଯଜ୍ଞ, ତପସ୍ୟା ଇତ୍ୟାଦି ଯାହା କିଛି କରେ, ସେହି ସବୁକୁ ଭଗବାନଙ୍କୁ ଅର୍ପଣ କରିଦେଉ (୯ । ୨୭) । ଏମିତି କଲେ ସେ ସମସ୍ତ ଶୁଭାଶୁଭ କର୍ମରୁ ଓ କର୍ମବନ୍ଧନରୁ ମୁକ୍ତ ହୋଇ ଭଗବାନଙ୍କୁ ପାଇଯିବ (୯ । ୨୮) । ଏହାଠାରୁ ବଳି ସହଜ ପ୍ରଣାଳୀ ଆଉ କ'ଣ ଥାଇପାରେ?

୭୩. ଗୀତାରେ ସର୍ବଶ୍ରେଷ୍ଠ ସାଧନା

ବରଂ କର୍ମତ୍ୟାଗାଜ୍ଜଗତି ସତତଂ କର୍ମକରଣଂ
ସ୍ୱଧର୍ମୋ ହି ଶ୍ରେୟାନ୍ ସଗୁଣପରଧର୍ମାଚ୍ଚ ବିଗୁଣଃ ।
ବରଂ କ୍ଷେତ୍ରଜ୍ଞାନଂ ଦ୍ରବିଣମୟଯଜ୍ଞାଦ୍ଧି ଶତଶ-
ସ୍ତପସ୍ୱିଜ୍ଞାନିଭ୍ୟଃ ସମନିରତଯୋଗୀ ବରତମଃ ॥
ଜ୍ଞାନଧ୍ୟାନାଦିତଃ କର୍ମଫଳତ୍ୟାଗୋ ବିଶିଷ୍ୟତେ । ସର୍ବେଭ୍ୟଃ ସାଧନେଭ୍ୟଶ୍ଚ ପ୍ରଭୁଭକ୍ତିର୍ଗରୀୟସୀ ॥

ଗୀତାରେ ପରମାତ୍ମପ୍ରାପ୍ତି ପାଇଁ ଅନେକ ସାଧନା ନିର୍ଦ୍ଦେଶିତ ହୋଇଛି ଓ ସେଗୁଡ଼ିକୁ ଶ୍ରେଷ୍ଠ ବୋଲି ମଧ୍ୟ କୁହାଯାଇଛି । ଯେଉଁ ସାଧନାରେ ସାଧକର ରୁଚି, ବିଶ୍ୱାସ ଓ ଯୋଗ୍ୟତା ଅଛି, ସେହି ସାଧନା ସେହି ସାଧକ ପାଇଁ ଶ୍ରେଷ୍ଠ; କାରଣ ସେହି ସାଧନା ପ୍ରଣାଳୀରେ ତାକୁ ପରମାତ୍ମା ମିଳିଯାଆନ୍ତି । ଗୀତାରେ ଯେଉଁ ଯେଉଁ ସ୍ଥାନରେ କୌଣସି ସାଧନାବିଶେଷକୁ ଶ୍ରେଷ୍ଠ ବୋଲି କୁହାଯାଇଛି, ସେହି ଶ୍ରେଷ୍ଠତ୍ୱ ସେଠାକାର ପ୍ରସଙ୍ଗ ବା ଅଧିକାରକୁ ନେଇ କୁହାଯାଇଛି । ଅନେକ ସାଧନା ଶ୍ରେଷ୍ଠ ହୋଇଥିଲେ ମଧ୍ୟ ଭଗବାନ ଭକ୍ତିକୁ ହିଁ ସର୍ବଶ୍ରେଷ୍ଠ ସାଧନା କହିଛନ୍ତି ।

ଗୀତା ଅନୁସାରେ, କର୍ମ ନ କରିବା ଅପେକ୍ଷା ନିଜର କର୍ତ୍ତବ୍ୟକର୍ମ ପାଳନ କରିବା ଶ୍ରେଷ୍ଠ (୩ । ୮) । କାରଣ ଯେପର୍ଯ୍ୟନ୍ତ ମନୁଷ୍ୟର ପ୍ରକୃତି ସହିତ (ଶରୀର ସହିତ) ସମ୍ବନ୍ଧ ଅଛି, ସେପର୍ଯ୍ୟନ୍ତ ସେ କର୍ମ ନ କରି ରହିପାରିବ ନାହିଁ । ସେ ଶରୀର, ମନ ଓ ବାଣୀ ଦ୍ୱାରା କିଛି ନା କିଛି କର୍ମ ନିଶ୍ଚିତରୂପେ କରିବ । ଯଦି ସେ କର୍ତ୍ତବ୍ୟକର୍ମ ନ କରିବ, ତେବେ ଅକର୍ତ୍ତବ୍ୟ ଓ ବିପରୀତ କର୍ମରେ ଲିପ୍ତ ହୋଇଯିବ, ଫଳରେ ସେ ବାନ୍ଧି ହୋଇଯିବ । ଅତଏବ କର୍ମ ନ କରିବା ଅପେକ୍ଷା କର୍ତ୍ତବ୍ୟକର୍ମ କରିବା ଶ୍ରେଷ୍ଠ ।

ଶାସ୍ତ୍ରମାନଙ୍କରେ ବର୍ଣ୍ଣାଶ୍ରମ ନିୟମ ଅନୁସାରେ ଯେଉଁ ମନୁଷ୍ୟ ପାଇଁ ଯେଉଁ କର୍ମ କରିବା ପାଇଁ ଆଦେଶ ରହିଛି, ତା'ପାଇଁ ତାହା ସ୍ୱଧର୍ମ; ଏବଂ ଯେଉଁ ମନୁଷ୍ୟ ପାଇଁ ସେହି କର୍ମ କରିବାକୁ ନିଷେଧ କରାଯାଇଛି, ତା'ପାଇଁ ସେହି କର୍ମ ପରଧର୍ମ । ଅଧିକ ଗୁଣସମ୍ପନ୍ନ ପରଧର୍ମ ଅପେକ୍ଷା ସ୍ୱଳ୍ପ ଗୁଣସମ୍ପନ୍ନ ସ୍ୱଧର୍ମ (ନିଜର ଧର୍ମ) ଶ୍ରେଷ୍ଠ । ସ୍ୱଧର୍ମ ପାଳନ କରିବାରେ ମନୁଷ୍ୟକୁ ପାପ ଲାଗେ ନାହିଁ ଓ ସ୍ୱଧର୍ମ ପାଳନ କରି ମୃତ୍ୟୁ ହୋଇଗଲେ ସୁଦ୍ଧା ସ୍ୱଧର୍ମ କଲ୍ୟାଣ କରିଥାଏ (୧୮ । ୪୭; ୩ । ୩୫) ।

ଦ୍ରବ୍ୟମୟ ଯଜ୍ଞଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ (୪ । ୩୩) । କାରଣ ଦ୍ରବ୍ୟଯଜ୍ଞରେ ପଦାର୍ଥ, ବ୍ୟକ୍ତି, ଦେଶ, କାଳ, ପରିସ୍ଥିତି, ଅବସ୍ଥା ଆଦିର ଆବଶ୍ୟକତା ଥାଏ ଏବଂ ଏଗୁଡ଼ିକ ଦ୍ୱାରା ହିଁ ଦ୍ରବ୍ୟଯଜ୍ଞ ପୂର୍ଣ୍ଣ ହୋଇଥାଏ; ଅତଏବ ଦ୍ରବ୍ୟଯଜ୍ଞରେ ପରାଧୀନ ହେବାକୁ ପଡ଼େ । କିନ୍ତୁ ଜ୍ଞାନଯଜ୍ଞରେ ପଦାର୍ଥ, ବ୍ୟକ୍ତି ଆଦିର ଆବଶ୍ୟକତା ନାହିଁ, ଅତଏବ ଜ୍ଞାନଯଜ୍ଞରେ ସ୍ୱାଧୀନତା ରହିଛି । ଏଣୁ ଜ୍ଞାନଯଜ୍ଞ ଶ୍ରେଷ୍ଠ ।

ତପସ୍ୱୀ, ଜ୍ଞାନୀ ଓ କର୍ମୀଙ୍କ ଠାରୁ ସମତାଯୁକ୍ତ ମନୁଷ୍ୟ ଶ୍ରେଷ୍ଠ (୬ । ୪୬) । କାରଣ ତପସ୍ୱୀ, ଜ୍ଞାନୀ ଓ କର୍ମୀଙ୍କ ଠାରେ ସକାମଭାବ ଥାଏ । ତପସ୍ୱୀ ତପସ୍ୟା କରି ଅଣିମାଦି ସିଦ୍ଧି ଚାହେଁ, ଜ୍ଞାନୀ ଶାସ୍ତ୍ରଜ୍ଞାନ ସମ୍ପାଦନ କରି ମାନ, ବଡ଼ିମା, ସୁଖ, ଆରାମ ଆଦି ଇଚ୍ଛା କରେ ଏବଂ କର୍ମୀ କର୍ମ କରି ଧନସଂଗ୍ରହ, ଭୋଗ, ସ୍ୱର୍ଗ ଆଦି ଇଚ୍ଛା କରେ । ମାତ୍ର ସମତାଯୁକ୍ତ ମନୁଷ୍ୟ କିଛି ଚାହେଁ

ନାହିଁ; ତେଣୁ ସେ ତିନିଙ୍କ ମଧ୍ୟରେ ଶ୍ରେଷ୍ଠ ।

ଅଭ୍ୟାସଠାରୁ ଜ୍ଞାନ, ଜ୍ଞାନଠାରୁ ଧ୍ୟାନ ଓ ଧ୍ୟାନଠାରୁ ସର୍ବକର୍ମଫଳତ୍ୟାଗ ଶ୍ରେଷ୍ଠ (୧୨ । ୧୨); କାରଣ ଅଭ୍ୟାସ, ଜ୍ଞାନ ଓ ଧ୍ୟାନରେ ସମତା ନାହିଁ । ସମତା ବିନା ଏ ତିନିହେଁ ଅପୂର୍ଣ୍ଣ ରହିଯାଆନ୍ତି । ସର୍ବକର୍ମଫଳ-ତ୍ୟାଗରେ ସମତା ଥାଏ, ତେଣୁ ଏହା ଶ୍ରେଷ୍ଠ ।

ସାଂଖ୍ୟଯୋଗଠାରୁ କର୍ମଯୋଗ ଶ୍ରେଷ୍ଠ (୩ । ୭; ୫ । ୨) । କାରଣ ସାଂଖ୍ୟଯୋଗରେ ନୂଆ ଚିନ୍ତା କରିବାକୁ ପଡ଼େ ଏବଂ ତୀବ୍ର ବୈରାଗ୍ୟ ଥିଲେ, କୌଣସିଠାରେ ଆସକ୍ତି ନ ହେଲେ ଯାଇ କଲ୍ୟାଣ ହୋଇଥାଏ । ବୈରାଗ୍ୟ ବିନା ଜ୍ଞାନ (ବିବେକ ଓ ବିଚାର) କେବଳ ଶୁଆ ଶିଖିବା ଭଳି ହୋଇଥାଏ । ମାତ୍ର କର୍ମଯୋଗରେ ମନୁଷ୍ୟ ଯେଉଁ କର୍ମ କରିଆସିଛି, ସେଥିରେ କେବଳ ଟିକେ ସଂଶୋଧନ କରିଦେଲେ ହେଲା । ମନୁଷ୍ୟର କର୍ମ କରିବାର ସ୍ୱଭାବ ତ ସ୍ୱତଃ ରହି ଆସିଛି, ସେଥିରୁ କେବଳ କାମନା ଓ ଆସକ୍ତି ତ୍ୟାଗ କରିଦେବା ଆବଶ୍ୟକ । ଯଥା—ପତ୍ନୀ ପତିର, ପୁତ୍ର ପିତାମାତାଙ୍କର, ଶିଷ୍ୟ ଗୁରୁଙ୍କର, ଚାକର ମାଲିକର ଓ ନୀଚବର୍ଣ୍ଣର ଲୋକ ଉଚ୍ଚବର୍ଣ୍ଣ ଲୋକଙ୍କର ସେବା କରି ଆସୁଛନ୍ତି; ସେଥିରୁ କେବଳ ନିଜର ସୁଖ, ଆରାମ, ସ୍ୱାର୍ଥଭାବ, କାମନା, ଆସକ୍ତି ଇତ୍ୟାଦି ତ୍ୟାଗ କରିଦେଲେ ହେଲା । ଏପରି ତ୍ୟାଗ କରିବା ସହଜ । ଅତଏବ କର୍ମଯୋଗ ଶ୍ରେଷ୍ଠ ।

ଉପର୍ଯ୍ୟୁକ୍ତ ସାଧନାଗୁଡ଼ିକ ମଧ୍ୟରେ ଏବଂ ଗୀତାରେ କୁହାଯାଇଥିବା ଧ୍ୟାନଯୋଗ, ଲୟଯୋଗ, ହଠଯୋଗ ଆଦି ସମସ୍ତ ସାଧନା ମଧ୍ୟରେ ଭକ୍ତିଯୋଗ ଶ୍ରେଷ୍ଠ (୬ । ୪୭) । କାରଣ ଅନ୍ୟ ସାଧକମାନେ ନିଜ ସାଧନାର ବଳକୁ ଆଶ୍ରୟ କରିଥାନ୍ତି, ତେଣୁ ସେମାନଙ୍କର ପତନ ହେବାର ସମ୍ଭାବନା ରହିଥାଏ । କିନ୍ତୁ ଭକ୍ତିଯୋଗୀ ସାଧକ କେବଳ ଭଗବାନଙ୍କର ହିଁ ଆଶ୍ରୟ ନେଇଥାଏ । ସେ କେବଳ ଭଗବନ୍ନିଷ୍ଠ ହୋଇଥାଏ । ତେଣୁ ତା'ର ପତନ ହେବାର ସମ୍ଭାବନା ଆଦୌ ନାହିଁ । ସ୍ୱୟଂ ଭଗବାନ ଭକ୍ତକୁ ଉଦ୍ଧାର କରିଥାଆନ୍ତି (୧୨ । ୭) । ସ୍ୱୟଂ ଭଗବାନ ତା'ର ଅଜ୍ଞାନକୁ ନଷ୍ଟ କରନ୍ତି (୧୦ । ୧୧) । ସ୍ୱୟଂ ଭଗବାନ ତା'ର ଯୋଗକ୍ଷେମ ବହନ କରନ୍ତି (୯ । ୨୨) । ତାକୁ ଭଗବାନ ସହଜରେ ମିଳିଯାଆନ୍ତି (୮ । ୧୪) । ସେ ଅନନ୍ୟଭକ୍ତି ଦ୍ୱାରା ଭଗବାନଙ୍କର ପ୍ରତ୍ୟକ୍ଷ ଦର୍ଶନ କରିପାରେ, ଭଗବାନଙ୍କୁ ତତ୍ତ୍ୱତଃ ଜାଣିପାରେ ଏବଂ ଭଗବାନଙ୍କ ଠାରେ ପ୍ରବେଶ କରିପାରେ (୧୧ । ୫୪) । ତାତ୍ପର୍ଯ୍ୟ ଏହି ଯେ ଅନ୍ୟ ସାଧକମାନଙ୍କ ଠାରେ କିଛି ନ୍ୟୂନତା ମଧ୍ୟ ରହିପାରେ ଏବଂ ଶେଷସମୟରେ ଅନ୍ୟଚିନ୍ତନ, ମୂର୍ଚ୍ଛା ଆଦି କୌଣସି କାରଣରୁ ତା'ର ସାଧନାରୁ ବିଚ୍ୟୁତି ଘଟିଲେ ସେ ଯୋଗଭ୍ରଷ୍ଟ ମଧ୍ୟ ହୋଇପାରେ, ତା'ର ପୁନର୍ଜନ୍ମ ମଧ୍ୟ ହୋଇପାରେ; କିନ୍ତୁ ଭକ୍ତଠାରେ କିଛି ନ୍ୟୂନତା ଥିଲେ ତାକୁ ଦୂର କରିବାର ଦାୟିତ୍ୱ ଭଗବାନଙ୍କର ହୋଇଥାଏ । ଭଗବାନ ସେହି ନ୍ୟୂନତାକୁ ଦୂର କରିଦିଅନ୍ତି । ଅନ୍ତକାଳରେ ଭକ୍ତ କୌଣସି କାରଣରୁ ଭଗବାନଙ୍କୁ ମନେପକାଇ ନ ପାରିଲେ ମଧ୍ୟ ସ୍ୱୟଂ ଭଗବାନ ତାକୁ ମନେପକାନ୍ତି । ଅତଏବ ଭକ୍ତ ଯୋଗଭ୍ରଷ୍ଟ ହୁଏ ନାହିଁ । ତା'ର ପୁନର୍ଜନ୍ମ ହୁଏ ନାହିଁ । ସେଥିପାଇଁ ଭଗବାନ ଭକ୍ତିଯୋଗକୁ ସମସ୍ତ ସାଧନା ମଧ୍ୟରେ ଶ୍ରେଷ୍ଠ ଏବଂ ଭକ୍ତିଯୋଗୀକୁ ସମସ୍ତ ସାଧକଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି କହିଛନ୍ତି (୬ । ୪୭; ୧୨ । ୨) ।

୭୪. ଗୀତାରେ ପ୍ରବୃତ୍ତି ଓ ନିବୃତ୍ତିମୂଳକ ସାଧନା

ନ ପ୍ରବୃତ୍ତିର୍ନିବୃତ୍ତିଶ୍ଚ ବାଧିକା ସାଧିକା ମତା ।
ଦ୍ୱୟୋର୍ମଧ୍ୟେ ତୁ ଜୀବାନାଂ ରାଗୋ ବୈ ବାଧକୋ ମତଃ ॥

ଲୌକିକ ଦୃଷ୍ଟିରେ କୌଣସି କ୍ରିୟାରେ ପ୍ରବୃତ୍ତ ହେବାକୁ 'ପ୍ରବୃତ୍ତି' ଏବଂ କ୍ରିୟାରୁ ନିବୃତ୍ତ ହେବାକୁ 'ନିବୃତ୍ତି' କୁହାଯାଏ । ଲୌକିକ ଦୃଷ୍ଟିରେ ଗୃହସ୍ଥାଶ୍ରମ ହେଲା ପ୍ରବୃତ୍ତିମୂଳକ ଓ ସନ୍ନ୍ୟାସାଶ୍ରମ ହେଲା ନିବୃତ୍ତିମୂଳକ । କିନ୍ତୁ ଗୀତା ଦୃଷ୍ଟିରେ ଯଦି ଭିତରେ ବିଷୟଗୁଡ଼ିକ ପ୍ରତି ଅନୁରାଗ, କାମନା ଓ ଆସକ୍ତି ଅଛି, ତେବେ ବାହାରର ନିବୃତ୍ତି ମଧ୍ୟ ପ୍ରବୃତ୍ତି । ଯିଏ ବାହାର କ୍ରିୟାରୁ ନିବୃତ୍ତ ହୋଇଯାଇଥିଲେ ମଧ୍ୟ ମନରେ ଅନୁରାଗପୂର୍ବକ ବିଷୟଚିନ୍ତନ କରୁଛି, ତାହାର ଏହି ନିବୃତ୍ତିକୁ ଗୀତା ମିଥ୍ୟାଚାର କହିଛି (୩ । ୬) ।

ଗୀତାରେ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ— ତିନୋଟିଯାକ ସାଧନାକୁ ପ୍ରବୃତ୍ତିମୂଳକ ଓ ନିବୃତ୍ତିମୂଳକ କୁହାଯାଇଛି । ସୁତରାଂ ଏହି ତିନୋଟି ସାଧନା ପ୍ରବୃତ୍ତିରେ ରହି, ଗୃହସ୍ଥ ହୋଇ ଓ ସବୁ କାମ କରି ମଧ୍ୟ କରାଯାଇପାରେ ଏବଂ ନିବୃତ୍ତିରେ ରହି, ସାଂସାରିକ କାମଗୁଡ଼ିକରୁ ନିବୃତ୍ତ ହୋଇ ମଧ୍ୟ କରାଯାଇପାରେ ।

କର୍ମଯୋଗ

(୧) ପ୍ରବୃତ୍ତିମୂଳକ କର୍ମଯୋଗ—କର୍ମଫଳର ଇଚ୍ଛା, କାମନା ଓ ଆସକ୍ତି ନ ରଖିବା ତଥା ନିଜର କର୍ତ୍ତବ୍ୟକୁ ତତ୍ପରତାପୂର୍ବକ ପାଳନ କରିବା ହେଲା ପ୍ରବୃତ୍ତିମୂଳକ କର୍ମଯୋଗ । ତାତ୍ପର୍ଯ୍ୟ ହେଲା ଯେ ଶାସ୍ତ୍ରବିହିତ କର୍ମ କରି ଓ ସାଂସାରିକ ପ୍ରବୃତ୍ତିରେ ରହି ମଧ୍ୟ ନିର୍ଲିପ୍ତ ରହିବା ପ୍ରବୃତ୍ତିମୂଳକ କର୍ମଯୋଗ ଅଟେ । ଏ ସମ୍ବନ୍ଧରେ ଗୀତାର ଉକ୍ତି—କର୍ମ କରିବାରେ ହିଁ ତୁମର ଅଧିକାର ଅଛି, ଫଳରେ ନୁହେଁ (୨ । ୪୭); ଯୋଗରେ ଅର୍ଥାତ୍ ସମତାରେ ସ୍ଥିତ ହୋଇ ତୁମେ କର୍ମ କର (୨ । ୪୮); କର୍ମ ଆରମ୍ଭ ନ କଲେ ନିଷ୍କର୍ମତା ପ୍ରାପ୍ତ ହୁଏ ନାହିଁ କିଂବା କର୍ମକୁ ଛାଡ଼ିଦେଲେ ମଧ୍ୟ ନିଷ୍କର୍ମତା ପ୍ରାପ୍ତ ହୁଏ ନାହିଁ (୩ । ୪); ତୁମ ପକ୍ଷେ ନିୟତ କର୍ମ ଛାଡ଼ିବା ଉଚିତ ନୁହେଁ, କାରଣ କର୍ମ ନ କରିବା ଅପେକ୍ଷା କର୍ମ କରିବା ଶ୍ରେଷ୍ଠ (୩ । ୮); ବ୍ରହ୍ମା ମଧ୍ୟ ସୃଷ୍ଟିରଚନା ସମୟରେ ପ୍ରଜାଙ୍କୁ କର୍ତ୍ତବ୍ୟପାଳନ କରିବାକୁ କହିଛନ୍ତି (୩ । ୧୦—୧୨); ଭଗବାନ ମଧ୍ୟ ଲୋକସଂଗ୍ରହ ନିମିତ୍ତ କର୍ମ କରନ୍ତି (୩ । ୨୨—୨୪); ଇତ୍ୟାଦି ।

(୨) ନିବୃତ୍ତିମୂଳକ କର୍ମଯୋଗ—ଯେଉଁ କର୍ମଯୋଗରେ କର୍ମଗୁଡ଼ିକରୁ ଉପରତ ହେବାକୁ ପଡ଼େ ଓ ପଦାର୍ଥଗୁଡ଼ିକୁ ତ୍ୟାଗ କରିବାକୁ ପଡ଼େ, ତାହା ହେଲା ନିବୃତ୍ତିମୂଳକ କର୍ମଯୋଗ । ଏହିପରି କର୍ମରୁ ଉପରତ ହେବା ଓ ପଦାର୍ଥଗୁଡ଼ିକୁ ତ୍ୟାଗ କରିଦେବା ମଧ୍ୟ କେବଳ ଲୋକମାନଙ୍କର ହିତ (କଲ୍ୟାଣ) ପାଇଁ ଅଭିପ୍ରେତ ହୋଇଥାଏ ଅର୍ଥାତ୍ ନିବୃତ୍ତିରୂପୀ କର୍ମ ମଧ୍ୟ ସଂସାରର ହିତ ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ । ଏଥିରେ ନିଜର କିଛି ସ୍ୱାର୍ଥ ନ ଥାଏ । ଏ ସମ୍ବନ୍ଧରେ ଗୀତାର ଉକ୍ତି—ଶରୀର ଓ ଅନ୍ତଃକରଣକୁ ବଶରେ ରଖିଥିବା, ସବୁ ପ୍ରକାର ସଂଗ୍ରହକୁ ତ୍ୟାଗ କରିଥିବା ଓ ସାଂସାରିକ ଆଶାଶୂନ୍ୟ କର୍ମଯୋଗୀ ଶରୀର ସମ୍ବନ୍ଧୀୟ କର୍ମ କରି ମଧ୍ୟ ବାନ୍ଧି ହୁଏ ନାହିଁ (୪ । ୨୧) ।

ଜ୍ଞାନଯୋଗ

(୧) ପ୍ରବୃତ୍ତିମୂଳକ ଜ୍ଞାନଯୋଗ—ଗୁଣମାନେ ହିଁ ଗୁଣମାନଙ୍କରେ ପ୍ରବର୍ତ୍ତିତ ହେଉଛନ୍ତି; ଗୁଣମାନଙ୍କ ଛଡ଼ା ଅନ୍ୟ କେହି କର୍ତ୍ତା ନାହିଁ; ସମସ୍ତ କ୍ରିୟା ଗୁଣମାନଙ୍କରେ ଓ ଇନ୍ଦ୍ରିୟମାନଙ୍କରେ ହିଁ ହେଉଛି—ଏପରି ବିଗ୍ରହ କରି କର୍ତ୍ତୃତ୍ୱାଭିମାନଶୂନ୍ୟ ହୋଇ କ୍ରିୟା କରିବା ହେଉଛି ପ୍ରବୃତ୍ତିମୂଳକ ଜ୍ଞାନଯୋଗ । ଏ ସମ୍ବନ୍ଧରେ ଗୀତାର ଉକ୍ତି— ଗୁଣ ଓ କର୍ମର ବିଭାଗକୁ ଜାଣିଥିବା ଜ୍ଞାନଯୋଗୀ 'ସମସ୍ତ କ୍ରିୟା ଗୁଣମାନଙ୍କ ମଧ୍ୟରେ ହିଁ ହେଉଛି'—ଏହା ଭାବି କର୍ମ କରୁଥିଲେ ମଧ୍ୟ ସେଥିରେ ଆସକ୍ତ ହୁଏ ନାହିଁ (୩ । ୨୮); ଯିଏ ପୁରୁଷକୁ ଓ ଗୁଣସହିତ ପ୍ରକୃତିକୁ ଠିକ୍‌ଭାବେ ଜାଣେ, ସେ ସବୁପ୍ରକାର ବ୍ୟବହାର କରି ମଧ୍ୟ ବନ୍ଧନରେ ପଡ଼େ ନାହିଁ (୧୩ । ୨୩); ଯାହାଠାରେ ଅହଂକୃତଭାବ ଓ ଫଳେଚ୍ଛା ନାହିଁ, ସେ ସମସ୍ତ ପ୍ରାଣୀଙ୍କୁ ମାରିଦେଲେ ମଧ୍ୟ ଅର୍ଥାତ୍ ଅତି ଘୋର କର୍ମ କଲେ ମଧ୍ୟ ସେହି କର୍ମ ଦ୍ୱାରା ବାନ୍ଧି ହୁଏ ନାହିଁ (୧୮ । ୧୭); ଇତ୍ୟାଦି ।

(୨) ନିବୃତ୍ତିମୂଳକ ଜ୍ଞାନଯୋଗ—ସାଂସାରିକ ପ୍ରବୃତ୍ତି ତଥା କର୍ମରୁ ନିବୃତ୍ତ ହୋଇ ଏକାନ୍ତରେ କେବଳ ଆତ୍ମସ୍ୱରୂପର ଓ ପରମାତ୍ମାଙ୍କର ଧ୍ୟାନ ବା ଚିନ୍ତନ କରିବା ନିବୃତ୍ତିମୂଳକ ଜ୍ଞାନଯୋଗ ଅଟେ । ଏ ସମ୍ବନ୍ଧରେ ଗୀତାର ଉକ୍ତି—ସାତ୍ତ୍ୱିକ ବୁଦ୍ଧିଯୁକ୍ତ, ବୈରାଗ୍ୟର ଆଶ୍ରିତ, ଏକାନ୍ତରେ ରହିବାର ସ୍ୱଭାବ ହୋଇଥିବା ଓ ନିୟମିତ ଭୋଜନ କରୁଥିବା ଜ୍ଞାନଯୋଗୀ ସାଧକ ଧୈର୍ଯ୍ୟପୂର୍ବକ ଇନ୍ଦ୍ରିୟମାନଙ୍କୁ ନିୟମନ କରି, ଶରୀର, ବାଣୀ ଓ ମନକୁ ବଶରେ ରଖି, ଶବ୍ଦାଦି ବିଷୟଗୁଡ଼ିକୁ ତ୍ୟାଗ କରି ଏବଂ ରାଗ-ଦ୍ୱେଷ ଛାଡ଼ି ନିରନ୍ତର ପରମାତ୍ମାଙ୍କ ଧ୍ୟାନରେ ଲାଗିଥାଏ । ସେ ଅହଂକାର, ଜିଦ୍, ଗର୍ବ, କାମ, କ୍ରୋଧ ଓ ସଂଗ୍ରହକୁ ପରିତ୍ୟାଗ କରି ତଥା ମମତାରହିତ ଓ ଶାନ୍ତ ହୋଇ ବ୍ରହ୍ମପ୍ରାପ୍ତିର ପାତ୍ର ହୋଇଯାଏ (୧୮ । ୫୧—୫୩) ।

ଭକ୍ତିଯୋଗ

(୧) ପ୍ରବୃତ୍ତିମୂଳକ ଭକ୍ତିଯୋଗ—ଯେଉଁ ଭକ୍ତିଯୋଗରେ ସାଂସାରିକ କର୍ମ କରାଯାଉଥିଲେ ମଧ୍ୟ ତାହା ଭଗବାନଙ୍କ ପ୍ରସନ୍ନତା ପାଇଁ, ଭଗବାନଙ୍କର ଆଶ୍ରିତ ହୋଇ, ଭଗବଦ୍‌ପୂଜନ ଦୃଷ୍ଟିରେ କରାଯାଏ,

ତାହା ପ୍ରବୃତ୍ତିମୂଳକ ଭକ୍ତିଯୋଗ ଅଟେ। ଏ ସମ୍ବନ୍ଧରେ ଗୀତାର ଉକ୍ତି—ତୁମେ ଯେଉଁ ସବୁ କର୍ମ କରୁଛ, ସେସବୁକୁ ମୋତେ ଅର୍ପଣ କର (୯।୨୭); ମୋ ପାଇଁ କର୍ମ କରି ତୁମେ ସିଦ୍ଧିଲାଭ କରିବ (୧୨।୧୦); ମନୁଷ୍ୟ ନିଜ କର୍ମ ଦ୍ୱାରା ସେହି ପରମାତ୍ମାଙ୍କୁ ପୂଜା କରି ସିଦ୍ଧିଲାଭ କରେ (୧୮।୪୬); ମୋର ଭକ୍ତ ମୋର ଆଶ୍ରିତ ହୋଇ ସମସ୍ତ କର୍ମ ସର୍ବଦା କରି ମୋ କୃପାରୁ ଅବିନାଶୀ ପଦକୁ ପାଇଥାଏ (୧୮।୫୬); ଇତ୍ୟାଦି।

(୨) **ନିବୃତ୍ତିମୂଳକ ଭକ୍ତିଯୋଗ**—ଯେଉଁ ଭକ୍ତିଯୋଗରେ ସାଂସାରିକ କର୍ମଗୁଡ଼ିକରୁ ଉପରତ ହୋଇ କେବଳ ଭଗବତ୍‌ସମ୍ବନ୍ଧୀୟ ଜପ, ଧ୍ୟାନ, ଚର୍ଚ୍ଚା, କୀର୍ତ୍ତନ ଆଦି କର୍ମ କରାଯାଏ, ତାହା ନିବୃତ୍ତିମୂଳକ ଭକ୍ତିଯୋଗ ଅଟେ। ଏ ସମ୍ବନ୍ଧରେ ଗୀତାର ଉକ୍ତି—ମୋ'ଠାରେ ନିରନ୍ତରଯୁକ୍ତ ସେହି ଦୃଢ଼ବ୍ରତୀ ଭକ୍ତ ଭକ୍ତିପୂର୍ବକ ମୋର ନାମକୀର୍ତ୍ତନ କରନ୍ତି, ମୋତେ ପାଇବାକୁ ଉଦ୍ଧତାପୂର୍ବକ ସାଧନା କରନ୍ତି ଓ ମୋତେ ନମସ୍କାର କରି ମୋର ଉପାସନା କରନ୍ତି (୯।୧୪); ତୁମେ ମୋର ଭକ୍ତ ହୋଇଯାଅ, ମୋ'ଠାରେ ମନୋନିବେଶ କର, ମୋର ପୂଜନକାରୀ ହୁଅ, ମୋତେ ନମସ୍କାର କର (୯।୩୪); ମୋ'ଠାରେ ମନୋନିବେଶ କରିଥିବା ଓ ମୋ'ଠାରେ ପ୍ରାଣକୁ ଅର୍ପଣ କରିଥିବା ଭକ୍ତ ପରସ୍ପର ମଧ୍ୟରେ ମୋର ଗୁଣ, ପ୍ରଭାବ ଇତ୍ୟାଦି ବିଷୟରେ କଥାବାର୍ତ୍ତା ହୋଇ ଓ ପରସ୍ପରକୁ ଜଣାଇ ନିତ୍ୟ-ନିରନ୍ତର ସନ୍ତୁଷ୍ଟ ରହନ୍ତି (୧୦।୯); ଇତ୍ୟାଦି।

ତାତ୍ପର୍ଯ୍ୟ ହେଲା ଯେ ସାଧନା କରିବାର ପ୍ରଣାଳୀ ଦୁଇ ପ୍ରକାରର—ଗୋଟିକରେ ବ୍ୟବହାରିକ (ସାଂସାରିକ) କାର୍ଯ୍ୟକୁ ରକ୍ଷା କରି ପରମାତ୍ମାଭିମୁଖୀ ହୁଅନ୍ତି ଏବଂ ଅନ୍ୟଟିରେ ବ୍ୟବହାରିକ କାର୍ଯ୍ୟକୁ ପରିତ୍ୟାଗ କରି ପରମାତ୍ମାଭିମୁଖୀ ହୁଅନ୍ତି। ବ୍ୟବହାରିକ କାର୍ଯ୍ୟକୁ ଠିକ୍ ରଖି ସାଧନା କରିବା ହେଲା ପ୍ରବୃତ୍ତିମୂଳକ ଏବଂ ବ୍ୟବହାରିକ କାର୍ଯ୍ୟକୁ ପରିତ୍ୟାଗ କରି ସାଧନା କରିବା ହେଲା ନିବୃତ୍ତିମୂଳକ। ଯଥା—ମନୁ, ଜନକ ଆଦି ରାଜାମାନେ ପ୍ରବୃତ୍ତିପରାୟଣ ଥିଲେ ଏବଂ ଶୁକଦେବ, ସନକାଦି ନିବୃତ୍ତିପରାୟଣ ଥିଲେ। ପ୍ରକୃତରେ ଦେଖିବାକୁ ଗଲେ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ—ତିନୋଟିଯାକ ସାଧନାରେ ନିବୃତ୍ତି ହିଁ ଅଛି ଅର୍ଥାତ୍ ପ୍ରବୃତ୍ତିରେ ମଧ୍ୟ ନିବୃତ୍ତି ଅଛି ଓ ନିବୃତ୍ତିରେ ମଧ୍ୟ ନିବୃତ୍ତି ଅଛି। କାରଣ ତିନୋଟିଯାକ ସାଧନାରେ ସଂସାରଠାରୁ ସମ୍ବନ୍ଧ (ଅନୁରାଗ) ତ୍ୟାଗ କରାଯାଇଥାଏ ଓ ପରମାତ୍ମାଙ୍କ ସହିତ ସମ୍ବନ୍ଧ ସ୍ଥାପିତ ହୋଇଥାଏ।

୭୫. ଗୀତାରେ ସିଦ୍ଧମାନଙ୍କର ଲକ୍ଷଣ

ସମତାଦିଷୁ ଚିହ୍ନେଷୁ ସିଦ୍ଧାନାଂ ତୁ ସମାନତା।
ତଦୀୟବ୍ୟବହାରେ ତୁ କ୍ରିୟାଭାବବିଭିନ୍ନତା॥

'କର୍ମଯୋଗ' କାମନା(ଫଳେଚ୍ଛା)ର ତ୍ୟାଗରୁ ଆରମ୍ଭ ହୁଏ (୨।୪୮) ଓ କାମନାର ସର୍ବଥା ତ୍ୟାଗରେ ହିଁ ଶେଷ ହୁଏ (୨।୫୫)। ଅତଏବ କର୍ମଯୋଗରେ କାମନାତ୍ୟାଗ ହିଁ ମୁଖ୍ୟ।

'ଜ୍ଞାନଯୋଗ' ଅସତ୍-ସତ୍, ପ୍ରକୃତି-ପୁରୁଷ, କ୍ଷେତ୍ର-କ୍ଷେତ୍ରଜ୍ଞ ସମ୍ବନ୍ଧୀୟ ବିବେକରୁ ଆରମ୍ଭ ହୁଏ (୧୩।୧୯) ଏବଂ ଅସତ୍‌ଠାରୁ ସର୍ବଥା ସମ୍ବନ୍ଧବିଚ୍ଛେଦରେ ତାହାର ପରିସମାପ୍ତି ହୁଏ (୧୩।୩୪)। ଅତଏବ ଜ୍ଞାନଯୋଗରେ ଅସତ୍-ସତ୍ ସମ୍ବନ୍ଧୀୟ ବିବେକ ହେଲା ମୁଖ୍ୟ।

'ଭକ୍ତିଯୋଗ' ଭଗବତ୍‌ପରାୟଣତାରୁ ଆରମ୍ଭ ହୁଏ (୧୨।୬) ଓ ଭଗବତ୍‌ପରାୟଣତାରେ ହିଁ ସମାପ୍ତ ହୁଏ (୧୨।୧୪)। ଅତଏବ ଭକ୍ତିଯୋଗରେ ଭଗବତ୍-ପରାୟଣତା ହିଁ ମୁଖ୍ୟ।

ଉପର୍ଯ୍ୟୁକ୍ତ ପ୍ରତ୍ୟେକ ଯୋଗ ଯେଉଁଥିରୁ ଆରମ୍ଭ ହୁଏ, ସେହିଥିରେ ହିଁ ତାହାର ପୂର୍ଣ୍ଣତା ହୁଏ। ଅତଏବ ଗୀତାରେ ଯେଉଁଠି କର୍ମଯୋଗ ଦ୍ୱାରା ସିଦ୍ଧି ଲାଭ କରିଥିବା ମହାପୁରୁଷମାନଙ୍କର ବର୍ଣ୍ଣନା ରହିଛି (୨।୫୫—୭୨), ସେଠାରେ କର୍ମଯୋଗୀ ସାଧକମାନଙ୍କର ମଧ୍ୟ ବର୍ଣ୍ଣନା ରହିଛି (୨।୫୯, ୬୪—୬୫ ଆଦି)। ଯେଉଁଠି ଜ୍ଞାନଯୋଗ ଦ୍ୱାରା ସିଦ୍ଧିଲାଭ କରିଥିବା ମହାପୁରୁଷମାନଙ୍କର ବର୍ଣ୍ଣନା ରହିଛି (୧୪।୨୨—୨୫), ତାହା ପୂର୍ବରୁ ଜ୍ଞାନଯୋଗୀ ସାଧକମାନଙ୍କର

ବର୍ଣ୍ଣନା ରହିଛି (୧୪ । ୧୯–୨୦) । ସେହିପରି ଯେଉଁଠି ଭକ୍ତିଯୋଗ ଦ୍ୱାରା ସିଦ୍ଧିପ୍ରାପ୍ତ ମହାପୁରୁଷମାନଙ୍କର ବର୍ଣ୍ଣନା ରହିଛି (୧୨ । ୧୩–୧୯), ତାହା ପୂର୍ବରୁ ଭକ୍ତିଯୋଗୀ ସାଧକମାନଙ୍କର ବର୍ଣ୍ଣନା କରାଯାଇଛି (୧୨ । ୬–୧୦) ।

ସାଧନାବସ୍ଥାରେ କର୍ମଯୋଗୀର କର୍ମ କରିବାରେ ଅଧିକ ପ୍ରବୃତ୍ତି ଥାଏ, ତେଣୁ ସିଦ୍ଧାବସ୍ଥାରେ ମଧ୍ୟ ତା'ର କର୍ମଗୁଡ଼ିକ ପ୍ରତି ସ୍ୱାଭାବିକ ପ୍ରବୃତ୍ତି ରହେ। ଏଥିପାଇଁ କର୍ମଯୋଗରେ ସିଦ୍ଧିପ୍ରାପ୍ତ ମହାପୁରୁଷମାନଙ୍କର ଲକ୍ଷଣଗୁଡ଼ିକ ମଧ୍ୟରେ ଉଦାସୀନତାର ବର୍ଣ୍ଣନା ନାହିଁ (୬ । ୭–୯) । ଜ୍ଞାନଯୋଗୀ ଅସତ୍‌କୁ ତ୍ୟାଗ କରି ନିଜ ସ୍ୱରୂପରେ ସ୍ଥିତ ରହିଥାଏ, ତେଣୁ ସେ ସଂସାରଠାରୁ ସ୍ୱାଭାବିକଭାବେ ଉଦାସୀନ ରହିଥାଏ (୧୪ । ୨୩) । ଭକ୍ତିଯୋଗୀର ଭଗବାନଙ୍କ ପ୍ରତି ପ୍ରେମ ଥିବା ହେତୁ ସେ ସଂସାରରୁ ଉଦାସୀନ ହୋଇଯାଏ (୧୨ । ୧୬) ।

ତିନୋଟିଯାକ ଯୋଗର ସିଦ୍ଧ ମହାପୁରୁଷ ଅହଂଭାବ ଓ ମମତାରୁ ମୁକ୍ତ ହୋଇଯାଆନ୍ତି (କର୍ମଯୋଗୀ ୨ । ୭୧, ଜ୍ଞାନଯୋଗୀ ୧୮ । ୫୩, ଭକ୍ତିଯୋଗୀ ୧୨ । ୧୩) । ତିନି ଯୋଗର ସିଦ୍ଧମାନଙ୍କ ଠାରେ ରାଗ-ଦ୍ୱେଷର ଅଭାବ ହୋଇଯାଏ (କର୍ମଯୋଗୀ ୨ । ୫୭, ଜ୍ଞାନଯୋଗୀ ୧୪ । ୨୨, ଭକ୍ତିଯୋଗୀ ୧୨ । ୧୭) । ତିନିଙ୍କ ପାଖରେ ସମତା ଥାଏ (କର୍ମଯୋଗୀ ୬ । ୭–୯, ଜ୍ଞାନଯୋଗୀ ୧୪ । ୨୪–୨୫, ଭକ୍ତିଯୋଗୀ ୧୨ । ୧୮) ।

ଭକ୍ତିଯୋଗରେ 'ସବୁକିଛି ବାସୁଦେବ ହିଁ ଅଟନ୍ତି' (୭ । ୧୯)—ଏଭଳି ଅନୁଭବ ହେଲେ ପ୍ରତ୍ୟେକ ପ୍ରାଣୀ ପ୍ରତି ମିତ୍ରତା ଓ କରୁଣାଭାବ ବିଶେଷଭାବେ ଉଦ୍ରେକ ହୋଇଥାଏ (୧୨ । ୧୩), ମାତ୍ର କର୍ମଯୋଗ ଓ ଜ୍ଞାନଯୋଗରେ ସେପରି ହୁଏ ନାହିଁ । ଯେକୌଣସି ସାଧକ ଯେକୌଣସି ମାର୍ଗରେ ଚାଲିଲେ ମଧ୍ୟ ଶେଷରେ ପୂର୍ଣ୍ଣତ୍ୱଲାଭ ହେଲାପରେ ସମସ୍ତେ ଏକ ହୋଇଯାଆନ୍ତି । ଏଭଳି ହୋଇଥିଲେ ମଧ୍ୟ କର୍ମଯୋଗୀକୁ ଜ୍ଞାନଯୋଗର କଥା ବିଶେଷଭାବେ ବୁଝା ପଡ଼ିଯାଏ ଓ ଭକ୍ତିଯୋଗର କଥା ସାଧାରଣଭାବେ (ଅଳ୍ପ) ବୁଝାପଡ଼େ । ଜ୍ଞାନଯୋଗୀକୁ ଉଭୟ କର୍ମଯୋଗ ଓ ଭକ୍ତିଯୋଗ ସମ୍ବନ୍ଧରେ ଜ୍ଞାନ ନ ଥାଏ; କିନ୍ତୁ ଭକ୍ତିଯୋଗୀକୁ ଉଭୟ କର୍ମଯୋଗ ଓ ଜ୍ଞାନଯୋଗ ସମ୍ବନ୍ଧରେ ପ୍ରାୟ ଜ୍ଞାନ ହୋଇଯାଏ ।

କର୍ମଯୋଗରେ କାମନାତ୍ୟାଗରେ କିଛି ନ୍ୟୁନତା ଥିଲେ ଓ ଜ୍ଞାନଯୋଗରେ ନିଜଠାରେ କିଛି ବିଶେଷତ୍ୱ ଦେଖାଗଲେ ଅଭିମାନ ରହିପାରେ, କାରଣ କର୍ମଯୋଗୀ ଓ ଜ୍ଞାନଯୋଗୀଙ୍କର ନିଜ ନିଜର ନିଷ୍ଠା ଥାଏ । ଅତଏବ ଅଭିମାନକୁ ଦୂର କରିବା ସେମାନଙ୍କର ନିଜ ଦାୟିତ୍ୱ । କିନ୍ତୁ ଭକ୍ତିଯୋଗୀ ଠାରେ ଅଭିମାନ ଆଦୌ ରହିପାରେ ନାହିଁ, କାରଣ ସେ ପ୍ରଥମରୁ ହିଁ ଭଗବଦ୍‌ପରାୟଣ ହୋଇଥାଏ । ଅବଶ୍ୟ ଭଗବଦ୍‌ପରାୟଣତାରେ ନ୍ୟୁନତା ରହିଲେ ଭକ୍ତିଯୋଗୀଠାରେ ମଧ୍ୟ ଅଭିମାନ ରହିପାରେ, କିନ୍ତୁ ସେହି ଅଭିମାନକୁ ଦୂର କରିବାର ଦାୟିତ୍ୱ ଭଗବାନଙ୍କର, ଭକ୍ତର ନୁହେଁ; କାରଣ ସେ ଭଗବନ୍ନିଷ୍ଠ ହୋଇଥାଏ ।

ତାତ୍ପର୍ଯ୍ୟ ହେଲା ଯେ ତିନି ଯୋଗରେ ପ୍ରତ୍ୟେକର ନିଜ ନିଜର ମୁଖ୍ୟତା ଥିବାରୁ ତିନୋଟି ଯୋଗ ଅଲଗା ଅଲଗା । ଏପରି ହୋଇଥିଲେ ମଧ୍ୟ ତତ୍ତ୍ୱ, ସମତା, ନିର୍ବିକାରତା ଆଦି ପ୍ରାପ୍ତିରେ ତିନି ଯୋଗ ଦ୍ୱାରା ସିଦ୍ଧ ମହାପୁରୁଷ ସମାନ ହୋଇଥାନ୍ତି । କିନ୍ତୁ ସେମାନଙ୍କ ବ୍ୟବହାରରେ ଭିନ୍ନତା ଦେଖାଯାଏ ।

୭୬. ଗୀତାରେ ଭଗବାନ ଓ ମହାପୁରୁଷଙ୍କର ସାଧର୍ମ୍ୟ

ଅନୁଭୂୟତ ଯୈସ୍ତତ୍ତ୍ୱଂ ତେ ମୁକ୍ତା ଏବ ବନ୍ଧନାତ୍ ।
ତସ୍ମାତ୍ ପ୍ରୋକ୍ତଂ ତୁ ସାଧର୍ମ୍ୟଂ ନିଜସ୍ୟ ଚ ମହାତ୍ମନାମ୍ ॥

ଗୀତାରେ ଭଗବାନଙ୍କର ଓ ସିଦ୍ଧ ମହାପୁରୁଷଙ୍କର ଲକ୍ଷଣଗୁଡ଼ିକ ମଧ୍ୟରେ ସାଧର୍ମ୍ୟ ପରିଲକ୍ଷିତ ହୁଏ । ଯଥା—

(୧) ଭଗବାନ କହିଛନ୍ତି ଯେ, ତିନି ଲୋକରେ ମୋ ପାଇଁ କିଛି କର୍ତ୍ତବ୍ୟ ନାହିଁ—'**ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ**' (୩ । ୨୨) । ସେହିପରି ମହାପୁରୁଷମାନଙ୍କ ପାଇଁ ମଧ୍ୟ କୌଣସି କର୍ତ୍ତବ୍ୟ ବାକି ନ ଥାଏ—'**ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ**' (୩ । ୧୭) ।

(୨) ଭଗବାନ କହୁଛନ୍ତି ଯେ ମୋ ପାଇଁ କୌଣସି

ପ୍ରାପ୍ତବ୍ୟ ବସ୍ତୁ ଅପ୍ରାପ୍ତ ନାହିଁ—'**ନାନବାପ୍ତମବାପ୍ତବ୍ୟମ୍**' (୩ । ୨୨) । ସେହିପରି ମହାପୁରୁଷଙ୍କର ମଧ୍ୟ କୌଣସି ପ୍ରାଣୀ ସହିତ କିଛିହେଲେ ସ୍ୱାର୍ଥର ସମ୍ବନ୍ଧ ରହେ ନାହିଁ ଅର୍ଥାତ୍ କୌଣସି ପ୍ରାଣୀଠାରୁ କିଛି ପାଇବାକୁ ବାକି ନ ଥାଏ—'**ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ**' (୩ । ୧୮) ।

(୩) କର୍ତ୍ତବ୍ୟ ଓ ପ୍ରାପ୍ତବ୍ୟ ନ ଥିଲେ ମଧ୍ୟ ଭଗବାନ ଲୋକସଂଗ୍ରହ ପାଇଁ କର୍ମ କରନ୍ତି । ଭଗବାନ କହୁଛନ୍ତି, ଯଦି ମୁଁ ସାବଧାନ ହୋଇ କର୍ମ କରିବି ନାହିଁ, ତେବେ ଏସବୁ ମନୁଷ୍ୟ ନଷ୍ଟଭ୍ରଷ୍ଟ ହୋଇଯିବେ ଏବଂ ମୁଁ ସଂକରତା ଉତ୍ପନ୍ନକାରୀ ଓ ସମସ୍ତ ପ୍ରଜାଙ୍କର ହତ୍ୟାକାରୀ ହୋଇଯିବି (୩ । ୨୩-୨୪) । ସେହିପରି ମହାପୁରୁଷଙ୍କର ନିଜ ପାଇଁ କୌଣସି କର୍ତ୍ତବ୍ୟ ଓ ପ୍ରାପ୍ତବ୍ୟ ନ ଥିଲେ ମଧ୍ୟ ଭଗବାନ ତାଙ୍କୁ ତତ୍ପରତାପୂର୍ବକ ଲୋକସଂଗ୍ରହ ନିମିତ୍ତ କର୍ମ କରିବାକୁ ଆଦେଶ ଦେଇଛନ୍ତି—'**କୁର୍ଯ୍ୟାଦ୍‌ବିଦ୍ୱାଂସ୍ତଥାସକ୍ତ-ଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍**' (୩ । ୨୫) । ଅତଏବ ମହାପୁରୁଷମାନେ ମଧ୍ୟ ଅନାସକ୍ତ ହୋଇ ଲୋକସଂଗ୍ରହ ନିମିତ୍ତ କର୍ମ କରିଥାନ୍ତି ।

(୪) ଭଗବାନ କହିଛନ୍ତି ଯେ ସବୁକିଛି କରୁଥିଲେ ମଧ୍ୟ ମୋତେ ଅକର୍ତ୍ତା ବୋଲି ଜାଣ ଅର୍ଥାତ୍ ମୁଁ କର୍ତ୍ତୃତ୍ୱାଭିମାନରହିତ ଅଟେ—'**ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍**' (୪ । ୧୩) । ସେହିପରି ମହାପୁରୁଷଙ୍କ ପାଇଁ ମଧ୍ୟ କହିଛନ୍ତି, ସେ ସମସ୍ତ କର୍ମକୁ ଭଲଭାବରେ କରୁଥିଲେ ମଧ୍ୟ ପ୍ରକୃତରେ କିଛି କରେ ନାହିଁ ଅର୍ଥାତ୍ ସେ କର୍ତ୍ତୃତ୍ୱାଭିମାନରହିତ ଅଟେ—'**କର୍ମଣ୍ୟଭି-ପ୍ରବୃତ୍ତୋଽପି ନୈବ କିଞ୍ଚିତ୍ କରୋତି ସଃ**' (୪ । ୨୦) ।

(୫) ଭଗବାନ କହୁଛନ୍ତି ଯେ, ସମସ୍ତ କର୍ମ କରୁଥିଲେ ମଧ୍ୟ ମୋତେ କର୍ମ ଲିପ୍ତ କରିପାରେ ନାହିଁ—'**ନ ମାଂ କର୍ମାଣି ଲିମ୍ପନ୍ତି**' (୪ । ୧୪) ଓ କର୍ମର ଫଳ ପ୍ରତି ମୋର ସ୍ପୃହା (ଇଚ୍ଛା) ନାହିଁ—'**ନ ମେ କର୍ମଫଳେ ସ୍ପୃହା**' (୪ । ୧୪) । ସେହିପରି ମହାପୁରୁଷଙ୍କୁ ମଧ୍ୟ କର୍ମ ଲିପ୍ତ କରିପାରେ ନାହିଁ—'**ନ ନିବଧ୍ୟତେ**' (୧୮ । ୧୭) ଓ କର୍ମଫଳରେ ମଧ୍ୟ ତାଙ୍କର ସ୍ପୃହା ନ ଥାଏ—'**ବିଗତସ୍ପୃହଃ**' (୨ । ୫୬); '**ପୁମାଂଶ୍ଚରତି ନିଃସ୍ପୃହଃ**' (୨ । ୭୧) ।

(୬) ଭଗବାନ ସ୍ୱଭାବତଃ ପ୍ରତ୍ୟେକ ପ୍ରାଣୀର ସୁହୃଦ୍ ଅଟନ୍ତି—'**ସୁହୃଦଂ ସର୍ବଭୂତାନାମ୍**' (୫ । ୨୯) । ମହାପୁରୁଷ ମଧ୍ୟ ସ୍ୱଭାବତଃ ସମସ୍ତ ପ୍ରାଣୀଙ୍କର ହିତରେ ପ୍ରୀତି ରଖନ୍ତି—'**ସର୍ବଭୂତହିତେ ରତାଃ**' (୫ । ୨୫; ୧୨ । ୪) ।

(୭) ଭଗବାନ ନିଜକୁ ତିନିଗୁଣରୁ ଅତୀତ ବୋଲି କହିଛନ୍ତି—'**ମାମେଭ୍ୟଃ ପରମବ୍ୟୟମ୍**' (୭ । ୧୩) । ମହାପୁରୁଷଙ୍କୁ ମଧ୍ୟ ତିନି ଗୁଣରୁ ଅତୀତ କୁହାଯାଇଛି—'**ଗୁଣାତୀତଃ ସ ଉଚ୍ୟତେ**' (୧୪ । ୨୫) ।

(୮) ଭଗବାନ କର୍ମରେ ଆସକ୍ତିରହିତ ଓ ଉଦାସୀନ ପରି ଥାଆନ୍ତି ଏବଂ ତାଙ୍କୁ କର୍ମ ବାନ୍ଧି ପାରେ ନାହିଁ—'**ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ**' (୯ । ୯) । ସେହିପରି ମହାପୁରୁଷଙ୍କର ମଧ୍ୟ କର୍ମରେ ଅନୁରାଗ ନ ଥାଏ, ଅତଏବ ତାଙ୍କୁ ମଧ୍ୟ କର୍ମ ବାନ୍ଧି ପାରେ ନାହିଁ—'**ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ**' (୧୪ । ୨୩) ।

(୯) ଭଗବାନଙ୍କ ଦୃଷ୍ଟିରେ 'ସତ୍ ଓ ଅସତ୍ ସବୁକିଛି ମୁଁ ହିଁ ଅଟେ'—'**ସଦସଚ୍ଚାହମ୍**' (୯ । ୧୯); ଏବଂ ମହାପୁରୁଷଙ୍କ ଦୃଷ୍ଟିରେ ସବୁକିଛି ବାସୁଦେବ ହିଁ ଅଟନ୍ତି—'**ବାସୁଦେବଃ ସର୍ବମ୍**' (୭ । ୧୯) ।

(୧୦) ଭଗବାନ କହିଛନ୍ତି, ମୁଁ ହିଁ ବେଦର ଜ୍ଞାତା—'**ବେଦବିଦେବ ଚାହମ୍**' (୧୫ । ୧୫) । ସେହିପରି ମହାପୁରୁଷଙ୍କୁ ମଧ୍ୟ ବେଦର ଜ୍ଞାତା କୁହାଯାଇଛି—'**ସ ବେଦବିତ୍**' (୧୫ । ୧) ।

ଏପରିଭାବରେ ଭଗବାନଙ୍କ ସହିତ ସାଧର୍ମ୍ୟ ରହିଥିଲେ ମଧ୍ୟ ମହାପୁରୁଷ ଭଗବାନଙ୍କ ପରି ଐଶ୍ୱର୍ଯ୍ୟସମ୍ପନ୍ନ ନୁହନ୍ତି । ପୂର୍ଣ୍ଣ ଐଶ୍ୱର୍ଯ୍ୟ କେବଳ ଭଗବାନଙ୍କ ଠାରେ ହିଁ ରହିଛି—'**ଐଶ୍ୱର୍ଯ୍ୟସ୍ୟ ସମଗ୍ରସ୍ୟ**' (ବିଷ୍ଣୁପୁରାଣ ୬ । ୫ । ୭୪) । ଜଗତର ଉତ୍ପତ୍ତି, ପାଳନ ଓ ସଂହାର କାର୍ଯ୍ୟ ମଧ୍ୟ ଭଗବାନଙ୍କ ଦ୍ୱାରା ହିଁ ହୁଏ, ମହାପୁରୁଷଙ୍କ ଦ୍ୱାରା ହୁଏ ନାହିଁ—'**ଜଗଦ୍‌ବ୍ୟାପାର-ବର୍ଜମ୍**' (ବ୍ରହ୍ମସୂତ୍ର. ୪ । ୪ । ୧୭) ।

ଭଗବାନ ଓ ମହାପୁରୁଷଙ୍କ ଲକ୍ଷଣ ମଧ୍ୟରେ ସାଧର୍ମ୍ୟ ଦର୍ଶାଇବାର ଅର୍ଥ ହେଲା ଅନାଦିକାଳରୁ ସ୍ୱର୍ଗ, ନରକ ଓ ଚଉରାଶୀ ଲକ୍ଷ ଯୋନିରେ ଘୂରିବୁଲୁଥିବା ସାଧାରଣ ପ୍ରାଣୀ ମଧ୍ୟ ଯଦି ମନୁଷ୍ୟଜନ୍ମର ସଦୁପଯୋଗ କରେ, ତେବେ ପରମାତ୍ମାଙ୍କର ଲକ୍ଷଣଗୁଡ଼ିକ ଜୀବନ୍ମୁକ୍ତ ହେବାପରେ ତାʼଠାରେ ଆସିଯାଏ । ଯେଉଁ ଉନ୍ନତି ବ୍ରହ୍ମଲୋକ ପର୍ଯ୍ୟନ୍ତ ଗଲେ ମଧ୍ୟ ହୁଏ ନାହିଁ, ତାହା ଜୀବ ମନୁଷ୍ୟଶରୀରରେ ଆଜ ମଧ୍ୟ କରିପାରେ ।

୭୭. ଗୀତାର ତାତ୍ପର୍ଯ୍ୟ

ଶ୍ରୀକୃଷ୍ଣଗୀତଗୀତାୟାସ୍ତାତ୍ପର୍ଯ୍ୟଂ ଦୃଶ୍ୟତେ ବୁଧୈଃ ।
ବିବେକଭାବୟୋର୍ମଧ୍ୟେ ତାବପି ଦ୍ୱିବିଧୌ ସ୍ମୃତୌ ॥

ଗୀତାର ଉଦ୍ଦେଶ୍ୟ ସମସ୍ତ ଜୀବଙ୍କର କଲ୍ୟାଣ କରିବା । ଏହି ଦୃଷ୍ଟିରୁ ଗୀତାରେ ବିବେକପ୍ରଧାନ ଓ ଭାବପ୍ରଧାନ ସାଧନାଗୁଡ଼ିକର ବର୍ଣ୍ଣନା କରାଯାଇଛି ।

ଗୀତାରେ ଦୁଇପ୍ରକାର ବିବେକ କଥା କୁହାଯାଇଛି—

(୧) ସତ୍‌-ଅସତ୍‌ ସମ୍ବନ୍ଧୀୟ ବିବେକ—ଯାହା ସର୍ବଦା ରହିବ, ଯାହା ଅପରିବର୍ତ୍ତନଶୀଳ, ଯାହାର କଦାପି ବିନାଶ ହୁଏ ନାହିଁ, ସେହି ଶରୀରୀ ଓ ପରମାତ୍ମା ହେଲେ 'ସତ୍‌' ଏବଂ ଯାହା ସର୍ବଦା ଆମ ସହିତ ରହେ ନାହିଁ, ସତତ ପରିବର୍ତ୍ତନଶୀଳ, ନାଶବାନ୍‌, ସେହି ଶରୀର ଓ ସଂସାର ହେଲା 'ଅସତ୍‌' (୨ । ୧୧—୩୦; ୧୩ । ୧୯—୨୩, ୨୯—୩୪; ୧୪ । ୫—୨୦ ଇତ୍ୟାଦି) ।

(୨) କର୍ତ୍ତବ୍ୟ-ଅକର୍ତ୍ତବ୍ୟ ସମ୍ବନ୍ଧୀୟ ବିବେକ—କର୍ତ୍ତବ୍ୟ କ'ଣ ଓ ଅକର୍ତ୍ତବ୍ୟ କ'ଣ, ପ୍ରବୃତ୍ତି କ'ଣ ଓ ନିବୃତ୍ତି କ'ଣ, ଧର୍ମ କ'ଣ ଓ ଅଧର୍ମ କ'ଣ, ସ୍ୱଧର୍ମ କ'ଣ ଓ ପରଧର୍ମ କ'ଣ—ଏହା ହେଲା କର୍ତ୍ତବ୍ୟ-ଅକର୍ତ୍ତବ୍ୟ ସମ୍ବନ୍ଧୀୟ ଜ୍ଞାନ (ବିବେକ) (୨ । ୩୧—୫୩; ୩ । ୮—୧୬, ୩୫; ୪ । ୧୫; ୧୮ । ୪୧—୪୮ ଇତ୍ୟାଦି) ।

ଭାବ ମଧ୍ୟ ଦୁଇପ୍ରକାରର ବୋଲି କୁହାଯାଇଛି—

(୧) ନିଷ୍କାମଭାବ (ତ୍ୟାଗଭାବ)—ଏଥିରେ କର୍ମର ଆସକ୍ତି ଓ କାମନାକୁ ତଥା କର୍ମଫଳର ଆସକ୍ତି ଓ କାମନାକୁ ତ୍ୟାଗ କରାଯାଏ । ଗୀତାରେ **'ସଙ୍ଗଂ ତ୍ୟକ୍ତ୍ୱା'** (୨ । ୪୮); **'ପ୍ରଜହାତି ଯଦା କାମାନ୍‌'** (୨ । ୫୫); **'ବିହାୟ କାମାନ୍‌ ଯଃ ସର୍ବାନ୍‌'** (୨ । ୭୧); **'ତ୍ୟକ୍ତ୍ୱା କର୍ମଫଳାସଙ୍ଗମ୍‌'** (୪ । ୨୦); **'ସଙ୍ଗଂ ତ୍ୟକ୍ତ୍ୱା'** (୫ । ୧୧); **'ସଙ୍ଗଂ ତ୍ୟକ୍ତ୍ୱା ଫଳାନି'** (୧୮ । ୬); **'ସଙ୍ଗଂ ତ୍ୟକ୍ତ୍ୱା ଫଳଂ ଚୈବ'** (୧୮ । ୯); **'ଯସ୍ତୁ କର୍ମଫଳତ୍ୟାଗୀ'** (୧୮ । ୧୧) ଆଦି ପଦମାନଙ୍କରେ ନିଷ୍କାମଭାବର ବର୍ଣ୍ଣନା ହୋଇଛି ।

(୨) ଅନନ୍ୟଭାବ (ପ୍ରେମଭାବ)—ସଂସାର ଅନ୍ୟ ଅଟେ । ସେହି ସଂସାରର ଆଶ୍ରୟ ଓ ମହତ୍ତ୍ୱକୁ ତ୍ୟାଗ କରିଦେବା ତଥା ତା'ଠାରୁ ବିମୁଖ ହୋଇଯିବା ହେଲା ଅନନ୍ୟଭାବ । ଗୀତାରେ **'ଅନନ୍ୟଚେତାଃ ସତତମ୍‌'** (୮ । ୧୪); **'ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା'** (୮ । ୨୨); **'ଅନନ୍ୟାଶ୍ଚିନ୍ତୟନ୍ତୋ ମାମ୍‌'** (୯ । ୨୨); **'ଅନନ୍ୟେନୈବ ଯୋଗେନ'** (୧୨ । ୬) ଆଦି ପଦମାନଙ୍କରେ ଅନନ୍ୟଭାବର ବର୍ଣ୍ଣନା ହୋଇଛି ।

ପ୍ରତ୍ୟେକ ସାଧନାରେ ବିବେକ ଓ ଭାବର ପ୍ରାଧାନ୍ୟ ରହିବା ଆବଶ୍ୟକ । କାରଣ ଏହି ଦୁଇଟି ନ ଥିଲେ ମନୁଷ୍ୟ ସଂସାରରେ ବାନ୍ଧି ହୋଇଯିବ ଓ ଜନ୍ମମରଣ ଚକ୍ରରେ ପଡ଼ିଯିବ । ତାତ୍ପର୍ଯ୍ୟ ଏହି ଯେ 'ବିବେକ'କୁ ମହତ୍ତ୍ୱ ନ ଦେଲେ ମନୁଷ୍ୟଠାରେ ଜଡ଼ତା (ମୂଢ଼ତା) ଆସିଯିବ ଏବଂ ସେ ଅକର୍ତ୍ତବ୍ୟରେ ପ୍ରବୃତ୍ତ ହୋଇଯିବ ତଥା 'ଭାବ' (ନିଷ୍କାମଭାବ ଓ ଅନନ୍ୟଭାବ) ନ ରହିଲେ ମନୁଷ୍ୟର ସଂସାର ପ୍ରତି ଆସକ୍ତି ଓ କାମନା ହୋଇଯିବ ଏବଂ ସେ ଭଗବାନଙ୍କ ଠାରୁ ବିମୁଖ ହୋଇଯିବ ।

ବିବେକରେ ନିଷ୍କାମଭାବ ରହିବା ମଧ୍ୟ ଆବଶ୍ୟକ (୫ । ୨୩, ୨୬); କାରଣ ନିଷ୍କାମଭାବ ନ ରହିଲେ ମନୁଷ୍ୟ କାମନାରେ ଛନ୍ଦି ହୋଇଯିବ, ଫଳତଃ ସଂସାରକୁ ତ୍ୟାଗ କରିପାରିବ ନାହିଁ । ସେହିପରି ବିବେକରେ ଅନନ୍ୟଭାବ ଅର୍ଥାତ୍‌ ପ୍ରେମଭାବ ମଧ୍ୟ ରହିବା ଆବଶ୍ୟକ, ସେହି ପ୍ରେମଭାବ ସ୍ୱରୂପ ପ୍ରତି ହେଉ (୫ । ୨୪) ଅଥବା କର୍ତ୍ତବ୍ୟକର୍ମ ପ୍ରତି ହେଉ (୧୮ । ୪୫) ।

ନିଷ୍କାମଭାବରେ ମଧ୍ୟ ବିବେକ ବହୁତ ଆବଶ୍ୟକ (୪ । ୧୯, ୪୧; ୬ । ୮ ଇତ୍ୟାଦି); କାରଣ ବିବେକ ନ ଥିଲେ ମନୁଷ୍ୟ ନିଷ୍କାମ ହେବ କିପରି? ସେହିପରି ଅନନ୍ୟଭାବରେ ମଧ୍ୟ ବିବେକ ଆବଶ୍ୟକ (୫ । ୨୯; ୯ । ୧୩; ୧୦ । ୭ ଆଦି); କାରଣ ବିବେକ ବିନା ଅନ୍ୟକୁ ତ୍ୟାଗ କରାଯିବ କିପରି?

ଏପରି ଭାବରେ ଗୀତା ମନୁଷ୍ୟମାନଙ୍କ କଲ୍ୟାଣ ପାଇଁ ବିବେକପ୍ରଧାନ ଓ ଭାବପ୍ରଧାନ ସାଧନାର ବର୍ଣ୍ଣନା କରିଛି । ଯେଉଁଠି କ୍ରିୟାପ୍ରଧାନ ସାଧନାର ବର୍ଣ୍ଣନା ଅଛି, ସେଠାରେ ମଧ୍ୟ ବିବେକପ୍ରଧାନ ଓ ଭାବପ୍ରଧାନ ସାଧନା ଉପରେ ଯେତେ ଗୁରୁତ୍ୱ ଦିଆଯାଇଛି, ସେତେ ଗୁରୁତ୍ୱ କ୍ରିୟାପ୍ରଧାନ ସାଧନା ଉପରେ ଦିଆଯାଇ ନାହିଁ । ଯେଉଁଠି କ୍ରିୟାପ୍ରଧାନ ସାଧନା ଉପରେ ଗୁରୁତ୍ୱ ଦିଆଯାଇଛି, ସେଠାରେ ମଧ୍ୟ ପ୍ରକୃତରେ ନିଷ୍କାମଭାବର ହିଁ ପ୍ରାଧାନ୍ୟ ଅଛି (୨ । ୪୭; ୩ । ୮, ୧୭, ୧୮; ୪ । ୧୫ ଇତ୍ୟାଦି) ।

୭୮. ଗୀତାରେ ସଂବାଦ

ସଞ୍ଜୟସ୍ୟାମ୍ବିକେୟସ୍ୟ ଶ୍ରୀକୃଷ୍ଣସ୍ୟାର୍ଜୁନସ୍ୟ ଚ ।
ଦ୍ୱିଧୈବ ମୁଖ୍ୟସଂବାଦୋ ଗୀତାୟା ମନ୍ୟତେ ସ୍ୱୟମ୍ ॥

ଗୀତାରେ ଦୁଇଟି ସଂବାଦ ଅଛି—ଧୃତରାଷ୍ଟ୍ର ଓ ସଞ୍ଜୟଙ୍କର ସଂବାଦ ଏବଂ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କର ସଂବାଦ ।

ଗୀତାର ପ୍ରଥମ ଅଧ୍ୟାୟର କେବଳ ପ୍ରଥମ ଶ୍ଳୋକରେ ଧୃତରାଷ୍ଟ୍ର କହିଛନ୍ତି, ତା'ପରେ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ଧୃତରାଷ୍ଟ୍ର ଆଉ କିଛି କହି ନାହାନ୍ତି । ସଞ୍ଜୟ ମଝିରେ ମଝିରେ ଅନେକ ଥର କହିଛନ୍ତି ।

ପ୍ରଥମ ଅଧ୍ୟାୟରେ **'ହୃଷୀକେଶଂ ତଦା ବାକ୍ୟମିଦମାହ'** (୧ । ୨୧), **'ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନିତି'** (୧ । ୨୫) ଇତ୍ୟାଦି ବଚନ ରୂପରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କର ସଂବାଦ ଥିଲେ ମଧ୍ୟ ତାହା ସଞ୍ଜୟଙ୍କ ବଚନର ଅନ୍ତର୍ଗତ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କର ସଂବାଦ ଦ୍ୱିତୀୟ ଅଧ୍ୟାୟର ୨ୟ ଶ୍ଳୋକରୁ ଆରମ୍ଭ ହୋଇଛି ।

ଉପର୍ଯ୍ୟୁକ୍ତ ଦୁଇ ସଂବାଦ ଛଡ଼ା ଦୁର୍ଯ୍ୟୋଧନ ଓ ପ୍ରଜାପତି ବ୍ରହ୍ମାଙ୍କର ବଚନ ମଧ୍ୟ ଗୀତାରେ ଅନ୍ତର୍ନିହିତ । ଯଥା—ପ୍ରଥମ ଅଧ୍ୟାୟର ୩ୟ ଶ୍ଳୋକରୁ ୧୧ଶ ଶ୍ଳୋକପର୍ଯ୍ୟନ୍ତ (ମୋଟ ନଅଟି ଶ୍ଳୋକରେ) ଦୁର୍ଯ୍ୟୋଧନଙ୍କ ବଚନ ଅଛି ଏବଂ ତୃତୀୟ ଅଧ୍ୟାୟର ୧୦ ମ ଶ୍ଳୋକର ଉତ୍ତରାର୍ଦ୍ଧରୁ ୧୨ଶ ଶ୍ଳୋକର ପୂର୍ବାର୍ଦ୍ଧ ପର୍ଯ୍ୟନ୍ତ ବ୍ରହ୍ମାଙ୍କର ବଚନ ଅଛି । ଏଥିମଧ୍ୟରୁ ଦୁର୍ଯ୍ୟୋଧନଙ୍କ ବଚନ ସଞ୍ଜୟଙ୍କ ବଚନର ଅନ୍ତର୍ଗତ ଏବଂ ବ୍ରହ୍ମାଙ୍କ ବଚନ ଭଗବାନଙ୍କ ବଚନର ଅନ୍ତର୍ଗତ । ତେଣୁ ଏଠାରେ 'ଦୁର୍ଯ୍ୟୋଧନ ଉବାଚ' ଓ 'ପ୍ରଜାପତିରୁବାଚ' ଉଲ୍ଲିଖିତ ହୋଇ ନାହିଁ ।

ଦ୍ୱିତୀୟ କଥା, ସମ୍ପୂର୍ଣ୍ଣ ମହାଭାରତ ବୈଶମ୍ପାୟନ ଓ ଜନ୍ମେଜୟଙ୍କର ସଂବାଦ ଅଟେ । ଏହାରି ଭିତରେ ଗୀତାର ଧୃତରାଷ୍ଟ୍ର ଓ ସଞ୍ଜୟଙ୍କର ସଂବାଦ ରହିଛି*, ଯେଉଁଥିରେ ସଞ୍ଜୟ ଶ୍ରୀକୃଷ୍ଣାର୍ଜୁନସଂବାଦ ଶୁଣାଉ ଅଛନ୍ତି । ସେ ଦୁର୍ଯ୍ୟୋଧନ ପ୍ରଭୃତିଙ୍କର ସଂବାଦ ଶୁଣାଉ ନାହାନ୍ତି । ପ୍ରତ୍ୟେକ ଅଧ୍ୟାୟ ଶେଷରେ ଯେଉଁ ପୁଷ୍ପିକା ଦିଆଯାଇଛି, ସେଥିରେ ମଧ୍ୟ **'ଶ୍ରୀକୃଷ୍ଣାର୍ଜୁନସଂବାଦେ'** ପଦ ବ୍ୟବହୃତ ହୋଇଛି । ଅତଏବ ଗୀତାରେ କେବଳ ଦୁଇଟି ସଂବାଦ ଅଛି ।

୭୯. ଗୀତାରେ ଅର୍ଜୁନଙ୍କ ଦ୍ୱାରା ସ୍ତୁତି, ପ୍ରାର୍ଥନା ଓ ପ୍ରଶ୍ନ

ଯତ୍ର ଯତ୍ର ଚ ଗୀତାୟାଂ ପ୍ରୋକ୍ତଂ କୃଷ୍ଣସଖେନ ବୈ ।
ପ୍ରାର୍ଥନା କୁତ୍ରଚିତ୍ତ୍ର କ୍ୱଚିତ୍ପ୍ରଶ୍ନଃ କ୍ୱଚିତ୍ ସ୍ତୁତିଃ ॥

ସ୍ତୁତିରେ ଭଗବାନଙ୍କର ମହିମା, ଗୁଣ, ପ୍ରଭାବ ଇତ୍ୟାଦି କଥନ (ଗାନ) କରାଯାଏ । ପ୍ରାର୍ଥନାରେ ଭଗବାନଙ୍କର ଗୁଣ ଆଦିକୁ ତତ୍ତ୍ୱତଃ ଜାଣିବାକୁ କିଂବା ଭଗବାନଙ୍କ ଠାରୁ କିଛି ପାଇବାକୁ ଇଚ୍ଛା ଥାଏ । ନିଜ

* ମହାଭାରତର ବକ୍ତା ହେଉଛନ୍ତି ବୈଶମ୍ପାୟନ ଋଷି ଓ ଶ୍ରୋତା ରାଜା ଜନ୍ମେଜୟ । ମହାଭାରତରେ ମୋଟ ଅଠରଟି ପର୍ବ ଅଛି । ତନ୍ମଧ୍ୟରୁ ଭୀଷ୍ମପର୍ବର ଆରମ୍ଭରେ ରାଜା ଜନ୍ମେଜୟ ବୈଶମ୍ପାୟନଙ୍କୁ ପ୍ରଶ୍ନ କରିଛନ୍ତି ଯେ କୌରବ ଓ ପାଣ୍ଡବମାନେ ଯୁଦ୍ଧ କଲେ କିପରି? ଏହାର ଉତ୍ତରରେ ବୈଶମ୍ପାୟନ ଉଭୟ ସେନାଙ୍କ ହର୍ଷୋଲ୍ଲାସ ଆଦି କଥା କହିଛନ୍ତି । ତା'ପରେ ବେଦବ୍ୟାସ ଧୃତରାଷ୍ଟ୍ରଙ୍କ ପାଖକୁ ଆସି ଧୃତରାଷ୍ଟ୍ରଙ୍କୁ ଅବଶ୍ୟମ୍ଭାବୀ ଯୁଦ୍ଧ ବିଷୟରେ ଅନେକ କଥା କହିଛନ୍ତି ଏବଂ ଧୃତରାଷ୍ଟ୍ରଙ୍କୁ ଯୁଦ୍ଧ ଇତ୍ୟାଦିର ସବୁକଥା ଶୁଣାଇବା ଉଦ୍ଦେଶ୍ୟରେ ସଞ୍ଜୟଙ୍କୁ ଦିବ୍ୟଦୃଷ୍ଟି ଦେଇଛନ୍ତି । ବେଦବ୍ୟାସ ଚାଲିଯିବା ପରେ ଧୃତରାଷ୍ଟ୍ର ସଞ୍ଜୟଙ୍କୁ କହିଲେ, ''ଯେଉଁ ଭୂମି ପାଇଁ ମୋର ଓ ପାଣ୍ଡୁର ପୁତ୍ରମାନେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଉଛନ୍ତି, ତାହାର ବିସ୍ତୃତ ବର୍ଣ୍ଣନା ମୋତେ ଶୁଣାଅ ।'' ତା'ପରେ ସଞ୍ଜୟ ଭାରତବର୍ଷର ଭୂମିକା, ଦ୍ୱୀପ, ନଦୀ, ପାହାଡ଼ ଇତ୍ୟାଦି ବିଷୟରେ ବର୍ଣ୍ଣନା କଲେ । ତା'ପରେ ଶ୍ରୀମଦ୍ଭଗବଦ୍ଗୀତାପର୍ବର ଆରମ୍ଭରେ (ଯାହା କି ଭୀଷ୍ମପର୍ବର ତ୍ରୟୋଦଶ ଅଧ୍ୟାୟ) ବୈଶମ୍ପାୟନ ଜନ୍ମେଜୟଙ୍କୁ କହିଲେ—''ଦିନକର କଥା, ସଞ୍ଜୟ ଯୁଦ୍ଧଭୂମିରୁ ଫେରି ଧୃତରାଷ୍ଟ୍ରଙ୍କୁ କହିଲେ ଯେ ଭୀଷ୍ମ ପିତାମହଙ୍କୁ ଶରଶଯ୍ୟା ଉପରେ ପକାଇ ଦିଆଯାଇଛି'' । ଏକଥା ଉପରେ ଧୃତରାଷ୍ଟ୍ର ଓ ସଞ୍ଜୟଙ୍କ ମଧ୍ୟରେ ଦୁଇ ସୈନ୍ୟବାହିନୀ ବିଷୟରେ ଅନେକ କଥାବାର୍ତ୍ତା ଚାଲିଲା । ଶେଷରେ ଭୀଷ୍ମପର୍ବର ପଞ୍ଚବିଂଶ ଅଧ୍ୟାୟର ଆରମ୍ଭରେ (ଯାହା କି ଗୀତାର ପ୍ରଥମ ଅଧ୍ୟାୟ) ଧୃତରାଷ୍ଟ୍ର ଯୁଦ୍ଧର କ୍ରମଶଃ ବର୍ଣ୍ଣନା ବିସ୍ତୃତଭାବେ ଶୁଣାଇବା ପାଇଁ ସଞ୍ଜୟଙ୍କୁ ପ୍ରଶ୍ନ କଲେ ।

ହୃଦୟରେ କୌଣସି ଆନ୍ଦୋଳନ ସନ୍ଦେହ ଓ ଜିଜ୍ଞାସା ଉତ୍ପନ୍ନ ହେଲେ ତାହାକୁ ଦୂର କରିବା ପାଇଁ ପ୍ରଶ୍ନ କରାଯାଏ।

ସ୍ତୁତିରେ ଭଗବାନଙ୍କ ପ୍ରତି ଆସ୍ତିକଭାବ ଅଧିକ ଥାଏ। ପ୍ରାର୍ଥନାରେ ଆସ୍ତିକଭାବ ସହିତ ନିଜର ଇଚ୍ଛା ମଧ୍ୟ ଥାଏ। ପ୍ରଶ୍ନରେ କେବଳ ନିଜର ଜିଜ୍ଞାସାକୁ ପୂରଣ କରିବା ମୁଖ୍ୟ ହୋଇଥାଏ।

ସ୍ତୁତିରେ ପୂଜ୍ୟଭାବ ବେଶୀ ଥାଏ। ପ୍ରାର୍ଥନାରେ ପୂଜ୍ୟଭାବ ସହିତ ବିଶ୍ୱାସ ଓ ନିଜର ଇଚ୍ଛା ମଧ୍ୟ ଥାଏ। ପ୍ରଶ୍ନରେ କେବଳ ବିଷୟର ସମାଧାନ କରିବାକୁ ଇଚ୍ଛା ଥାଏ।

ସ୍ତୁତିରେ ଭଗବାନଙ୍କର ଗୁଣଗାନ କରିବା ପ୍ରଧାନ କଥା। ପ୍ରାର୍ଥନାରେ ଗୁଣଗାନର ପ୍ରାଧାନ୍ୟ ଥିଲେ ମଧ୍ୟ ତାହା ସହିତ ନିଜର ମାଗୁଣି ଥାଏ। ପ୍ରଶ୍ନରେ ମଧ୍ୟ ଗୁଣଗାନ ଥାଏ, କିନ୍ତୁ ସେଥିରେ ଜିଜ୍ଞାସା ପୂରଣ କରିବା ଓ ସନ୍ଦେହ ଦୂର କରିବା ମୁଖ୍ୟ। ଏହି ଦୃଷ୍ଟିରୁ ପ୍ରଶ୍ନରେ ଯେତିକି ଅଂଶରେ ଭଗବାନଙ୍କର ବୈଶିଷ୍ଟ୍ୟ ଦେଖାଯାଏ, ସେତିକି ଅଂଶ ହେଉଛି ସ୍ତୁତି ଏବଂ ଯେତିକି ଅଂଶରେ ସମାଧାନର ଇଚ୍ଛା ଅଭିବ୍ୟକ୍ତ ହୁଏ, ସେତିକି ଅଂଶ ପ୍ରାର୍ଥନା।*

ଗୀତାରେ ଯେଉଁ ଯେଉଁ ସ୍ଥାନରେ ଅର୍ଜୁନଙ୍କ ଉକ୍ତି ଅଛି, ତନ୍ମଧ୍ୟରେ କେଉଁଠି ସ୍ତୁତି ଅଛି ତ କେଉଁଠି ପ୍ରାର୍ଥନା ଏବଂ ଅନ୍ୟ କେଉଁଠି ପ୍ରଶ୍ନ। ଏହାର ସଂକ୍ଷିପ୍ତ ବିବରଣୀ ତଳେ ଦିଆଗଲା—

ଦ୍ୱିତୀୟ ଅଧ୍ୟାୟର ୭ମ ଶ୍ଳୋକର ପୂର୍ବାର୍ଦ୍ଧରେ ନିଜର ଦୁର୍ବଳତା ହେତୁ "ମୋ ପକ୍ଷେ କ'ଣ କରିବା ଉଚିତ ଓ କ'ଣ କରିବା ଅନୁଚିତ"—ଏହି ବିଷୟରେ ଅର୍ଜୁନଙ୍କର ପ୍ରଶ୍ନ ରହିଛି ଏବଂ ଉତ୍ତରାର୍ଦ୍ଧରେ "ମୋର ନିଶ୍ଚିତ କଲ୍ୟାଣ ହେଉ"—ଏହି ଭାବନାରେ ଅର୍ଜୁନ ଭଗବାନଙ୍କୁ ଶରଣାଗତିପୂର୍ବକ ପ୍ରାର୍ଥନା କରିଛନ୍ତି। ପୁଣି ୫୪ଶ ଶ୍ଳୋକରେ "ସ୍ଥିତପ୍ରଜ୍ଞର ଲକ୍ଷଣ କ'ଣ, ସେ କିପରି କହେ, କିପରି ବସେ ଓ କିପରି ଚାଲେ?"—ଏଭଳି ଜିଜ୍ଞାସାପୂର୍ବକ ଚାରୋଟି ପ୍ରଶ୍ନ ପଚାରିଛନ୍ତି।

ତୃତୀୟ ଅଧ୍ୟାୟର ୧ମ ଓ ୨ୟ ଶ୍ଳୋକରେ "ଯଦି କର୍ମଠାରୁ ବୁଦ୍ଧି ଶ୍ରେଷ୍ଠ, ତେବେ ମୋତେ ଘୋର କର୍ମରେ ନିୟୋଜିତ କରୁଛନ୍ତି କାହିଁକି? ମୋତେ ସେହି ଗୋଟିଏ କଥା କହନ୍ତୁ, ଯଦ୍ଦ୍ୱାରା ମୁଁ କଲ୍ୟାଣ ପ୍ରାପ୍ତ କରିବି"—ଏଭଳି ପ୍ରାର୍ଥନାପୂର୍ବକ ପ୍ରଶ୍ନ ଅଛି। ୩୬ଶ ଶ୍ଳୋକରେ "ପାପ କରିବାକୁ ନ ଚାହୁଁଥିଲେ ମଧ୍ୟ ମନୁଷ୍ୟ ଦ୍ୱାରା ପାପ କିଏ କରାଏ?"—ଏଭଳି ଜିଜ୍ଞାସାପୂର୍ବକ ପ୍ରଶ୍ନ ଅଛି।

ଚତୁର୍ଥ ଅଧ୍ୟାୟର ୪ର୍ଥ ଶ୍ଳୋକରେ "ଆପଣ ସୂର୍ଯ୍ୟଙ୍କୁ ଉପଦେଶ ଦେଲେ କିପରି?" ଏପରି ଭଗବାନଙ୍କର ଅବତାର ବିଷୟରେ ଅର୍ଜୁନଙ୍କର ଜିଜ୍ଞାସାପୂର୍ବକ ପ୍ରଶ୍ନ ଅଛି।

ପଞ୍ଚମ ଅଧ୍ୟାୟର ୧ମ ଶ୍ଳୋକରେ ସନ୍ନ୍ୟାସ ଓ ଯୋଗ ବିଷୟରେ ଅର୍ଜୁନଙ୍କର ପ୍ରାର୍ଥନାପୂର୍ବକ ପ୍ରଶ୍ନ ରହିଛି।

ଷଷ୍ଠ ଅଧ୍ୟାୟର ୩୩ଶ ଓ ୩୪ଶ ଶ୍ଳୋକରେ ଅର୍ଜୁନଙ୍କର ମନୋନିଗ୍ରହ ବିଷୟକ (ନିଜର ଧାରଣା ବ୍ୟକ୍ତ କରି) ପ୍ରଶ୍ନ ଅଛି। ତା'ପରେ ୩୭ଶ ଓ ୩୮ଶ ଶ୍ଳୋକରେ ଯୋଗଭ୍ରଷ୍ଟର ଗତି ବିଷୟରେ ଅର୍ଜୁନଙ୍କର ସନ୍ଦେହପୂର୍ବକ ପ୍ରଶ୍ନ ଅଛି। ୩୯ଶ ଶ୍ଳୋକରେ ସନ୍ଦେହକୁ ଦୂର କରିବା ପାଇଁ ଅର୍ଜୁନ (ଭଗବାନଙ୍କର ମହତ୍ତ୍ୱକୁ ବୁଝିପାରି) ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି।

ଅଷ୍ଟମ ଅଧ୍ୟାୟର ୧ମ ଓ ୨ୟ ଶ୍ଳୋକରେ ବ୍ରହ୍ମ, ଅଧ୍ୟାତ୍ମ ଆଦି ବିଷୟରେ ଅର୍ଜୁନଙ୍କର ଜିଜ୍ଞାସାପୂର୍ବକ ପ୍ରଶ୍ନ ଅଛି।

ଦଶମ ଅଧ୍ୟାୟର ୧୨ଶ ରୁ ୧୫ଶ ଶ୍ଳୋକ ମଧ୍ୟରେ ଅର୍ଜୁନ ଭଗବାନଙ୍କ ପ୍ରଭାବର ବର୍ଣ୍ଣନା କରି ତାଙ୍କୁ ସ୍ତୁତି କରିଛନ୍ତି। ତା'ପରେ ୧୬ଶ ରୁ ୧୮ଶ ଶ୍ଳୋକ ମଧ୍ୟରେ ଅର୍ଜୁନଙ୍କ ପ୍ରାର୍ଥନାପୂର୍ବକ ପ୍ରଶ୍ନ ଅଛି (୧୬ଶ ଓ ୧୮ଶ ଶ୍ଳୋକରେ ପ୍ରାର୍ଥନା ଓ ୧୭ଶ ଶ୍ଳୋକରେ ପ୍ରଶ୍ନ)।

ଏକାଦଶ ଅଧ୍ୟାୟର ୧ମ ରୁ ୪ର୍ଥ ଶ୍ଳୋକପର୍ଯ୍ୟନ୍ତ ବିଶ୍ୱରୂପ ଦେଖାଇବା ପାଇଁ ଅର୍ଜୁନ ଭଗବାନଙ୍କୁ ନମ୍ରତାପୂର୍ବକ ପ୍ରାର୍ଥନା କରିଛନ୍ତି। ୧୫ଶ ରୁ ୩୦ଶ ଶ୍ଳୋକଯାଏ ଭଗବାନଙ୍କର ଅଲୌକିକ ପ୍ରଭାବ ବିଷୟରେ ସ୍ତୁତି ଓ

* ଯେଉଁଠି ଭକ୍ତର ଭଗବାନଙ୍କ ସହିତ ଘନିଷ୍ଠ ଆତ୍ମୀୟତା (ସଖ୍ୟଭାବ) ଥାଏ, ସେଠାରେ ଭଗବାନଙ୍କର ଗୁଣ ଦେଖାଗଲେ ମଧ୍ୟ ସ୍ତୁତି, ପ୍ରାର୍ଥନା ଓ ପ୍ରଶ୍ନ ସମ୍ଭବ ହୁଏ ନାହିଁ। କାରଣ ଭକ୍ତ ଭାବେ, ଯଦି 'ମୁଁ ଭଗବାନଙ୍କର' ଓ 'ଭଗବାନ ମୋର', ତେବେ ଭଗବାନଙ୍କର ବୈଶିଷ୍ଟ୍ୟ କ'ଣ ଓ ମୋର ନ୍ୟୂନତା କ'ଣ? ଭକ୍ତର ଭଗବାନଙ୍କ ସହିତ ଯେତେ ଘନିଷ୍ଠ ଆତ୍ମୀୟତା, ଐକ୍ୟ ଓ ପ୍ରେମ ଥାଏ, ସେଥିରୁ ଭଗବାନଙ୍କୁ ବିଶେଷ ଆନନ୍ଦ ମିଳିଥାଏ (ଭଗବାନଙ୍କର ଏହି ବିଶେଷ ଆନନ୍ଦ ହିଁ ଭକ୍ତର ଆନନ୍ଦ; ଭକ୍ତର ନିଜର କୌଣସି ବିଶେଷ ଆନନ୍ଦ ନ ଥାଏ)। ଏହି ପ୍ରେମର ନାମ ହିଁ ମାଧୁର୍ଯ୍ୟ। ଏଥିରେ ସ୍ତୁତି, ପ୍ରାର୍ଥନା ଓ ପ୍ରଶ୍ନର ସ୍ଥାନ ନାହିଁ।

୩୧ଶ ଶ୍ଳୋକରେ ପ୍ରାର୍ଥନାପୂର୍ବକ ପ୍ରଶ୍ନ ଅଛି । ୩୬ଶ ରୁ ୪ଠଶ ଶ୍ଳୋକଯାଏ ଅର୍ଜୁନ ନମସ୍କାରପୂର୍ବକ ସ୍ତୁତି କରିଛନ୍ତି ଏବଂ ୪୧ଶ ରୁ ୪୪ଶ ଶ୍ଳୋକଯାଏ ପୂର୍ବକୃତ ତିରସ୍କାରକୁ କ୍ଷମା କରିବା ପାଇଁ ପ୍ରାର୍ଥନା କରିଛନ୍ତି । ୪୫ଶ ଓ ୪୬ଶ ଶ୍ଳୋକରେ ଅର୍ଜୁନ ଭଗବାନଙ୍କୁ ଚତୁର୍ଭୁଜରୂପ ଦେଖାଇବା ପାଇଁ ପ୍ରାର୍ଥନା କରିଛନ୍ତି ।

ଦ୍ୱାଦଶ ଅଧ୍ୟାୟର ୧ମ ଶ୍ଳୋକରେ 'ସଗୁଣ ଓ ନିର୍ଗୁଣ ଉପାସକମାନଙ୍କ ଭିତରେ କିଏ ଶ୍ରେଷ୍ଠ'—ଏହି ବିଷୟରେ ଅର୍ଜୁନଙ୍କର ଜିଜ୍ଞାସାପୂର୍ବକ ପ୍ରଶ୍ନ ଅଛି ।

ଚତୁର୍ଦ୍ଦଶ ଅଧ୍ୟାୟର ୨୧ଶ ଶ୍ଳୋକରେ ଗୁଣାତୀତ ବ୍ୟକ୍ତି ବିଷୟରେ ଅର୍ଜୁନଙ୍କର ପ୍ରଶ୍ନ ଅଛି ।

ସପ୍ତଦଶ ଅଧ୍ୟାୟର ୧ମ ଶ୍ଳୋକରେ ନିଷ୍ଠା ସମ୍ବନ୍ଧରେ ଅର୍ଜୁନଙ୍କର ପ୍ରଶ୍ନ ରହିଛି ।

ଅଷ୍ଟାଦଶ ଅଧ୍ୟାୟର ୧ମ ଶ୍ଳୋକରେ ସନ୍ନ୍ୟାସ ଓ ଯୋଗ ବିଷୟରେ ଅର୍ଜୁନଙ୍କର ଜିଜ୍ଞାସାପୂର୍ବକ ପ୍ରଶ୍ନ ରହିଛି ।*

୮ଠ. ଗୀତାରେ ଅର୍ଜୁନଙ୍କର ଯୁକ୍ତି ଓ ସେଗୁଡ଼ିକର ସମାଧାନ

ଯାବତ୍ୟୋ ଯୁକ୍ତୟଃ ସନ୍ତି ଶୋକମଗ୍ନାର୍ଜୁନସ୍ୟ ଚ ।
ତାସାଂ ପ୍ରତ୍ୟୁତ୍ତରଂ ଦତ୍ତଂ କୃଷ୍ଣେନ କୃପୟା ସ୍ୱୟମ୍ ॥

ପ୍ରଥମ ଓ ଦ୍ୱିତୀୟ ଅଧ୍ୟାୟରେ ଅର୍ଜୁନ ଶୋକ ଓ ମୋହ ଦ୍ୱାରା ଆବିଷ୍ଟ ହୋଇ ଯୁଦ୍ଧ ନ କରିବା ସପକ୍ଷରେ ଯେତେଗୁଡ଼ିଏ ଯୁକ୍ତି ଉପସ୍ଥାପିତ କରିଛନ୍ତି, ସେସବୁ ଅବିବେକପୂର୍ଣ୍ଣ । ଗୀତାରେ ଭଗବାନ ଏଭଳି ବିବେଚନା କରିଛନ୍ତି, ଯଦ୍ଦ୍ୱାରା ଅର୍ଜୁନଙ୍କ ଯୁକ୍ତିଗୁଡ଼ିକର ସ୍ୱାଭାବିକ ସମାଧାନ ହୋଇଯାଇଛି । ଭଗବାନଙ୍କର ବିବେକପୂର୍ଣ୍ଣ ବିବେଚନା ଆଗରେ କେବଳ ଅର୍ଜୁନଙ୍କର ନୁହେଁ, କାହାରି ଅବିବେକପୂର୍ଣ୍ଣ ଯୁକ୍ତି ତିଷ୍ଠି ପାରିବ ନାହିଁ ।

ଅର୍ଜୁନ କହୁଛନ୍ତି—ମୁଁ ଶକୁନ ଓ ଲକ୍ଷଣଗୁଡ଼ିକୁ ବିପରୀତ ଦେଖୁଛି (୧ । ୩୧) । ଭଗବାନ କହୁଛନ୍ତି—କର୍ମଯୋଗୀ ଶକୁନଗୁଡ଼ିକୁ ଖାତିରି କରେ ନାହିଁ, ସେ ଶୁଭ ଓ ଅଶୁଭ ପରିସ୍ଥିତି ପ୍ରତି ମଧ୍ୟ ରାଗ ଓ ଦ୍ୱେଷ କରେ ନାହିଁ (୨ । ୫୭); ମୋର ଭକ୍ତ ଶୁଭାଶୁଭ ଶକୁନ ଓ ପରିସ୍ଥିତିଗୁଡ଼ିକରୁ ଊର୍ଦ୍ଧ୍ୱକୁ ଚାଲିଯାଇଥାଏ (୧୨ । ୧୭); ତୁମେ ମୋ'ଠାରେ ଚିତ୍ତ ନିବେଶ କରି ମୋ କୃପାରୁ ସମସ୍ତ ବିଘ୍ନଗୁଡ଼ିକୁ ତରିଯିବ (୧୮ । ୫୮) ।

ଅର୍ଜୁନ କହୁଛନ୍ତି—ମୁଁ ଯୁଦ୍ଧରେ ସ୍ୱଜନମାନଙ୍କୁ ମାରିବାର ପରିଣାମରେ ନିଜର କଲ୍ୟାଣ ଦେଖୁ ନାହିଁ (୧ । ୩୧) । ଭଗବାନ କହୁଛନ୍ତି—କ୍ଷତ୍ରିୟ ପାଇଁ ଧର୍ମମୟ ଯୁଦ୍ଧଠାରୁ ବଳି ଅନ୍ୟ କୌଣସି କଲ୍ୟାଣର ଉପାୟ ନାହିଁ (୨ । ୩୧); ନିଜର ଧର୍ମପାଳନ କରି ଯଦି ମୃତ୍ୟୁ ହୋଇଯାଏ, ତେବେ ମଧ୍ୟ କଲ୍ୟାଣ ହୋଇଥାଏ (୩ । ୩୫) ।

ଅର୍ଜୁନ କହୁଛନ୍ତି—ମୁଁ ବିଜୟ ଚାହେଁ ନାହିଁ, ରାଜ୍ୟ ଚାହେଁ ନାହିଁ କି ସୁଖ ମଧ୍ୟ ଚାହେଁ ନାହିଁ (୧ । ୩୨) । ଭଗବାନ କହୁଛନ୍ତି—କୌଣସି ପ୍ରକାର କାମନା ନ ରଖି ଜୟ-ପରାଜୟ, ଲାଭ-କ୍ଷତି ଓ ସୁଖ-ଦୁଃଖକୁ ସମାନ ମନେକରି ତୁମେ ଯୁଦ୍ଧ କରିବା ଉଚିତ (୨ । ୩୮) ।

ଅର୍ଜୁନ କହୁଛନ୍ତି—ମୁଁ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଆଦି ଇଚ୍ଛା କରେ, ସେହିମାନେ ହିଁ ମରିବା ପାଇଁ ମୋ ଆଗରେ ଛିଡ଼ା ହୋଇଛନ୍ତି (୧ । ୩୩) । ଭଗବାନ କହୁଛନ୍ତି—ତୁମେ ସମସ୍ତ କର୍ମକୁ ମୋତେ ଅର୍ପଣ କରି ସନ୍ତାପ (ଶୋକ) ଓ ମମତା ରହିତ ହୋଇ ଯୁଦ୍ଧ କର (୩ । ୩ଠ) । ଯିଏ ସମସ୍ତ କାମନା ଓ ସ୍ପୃହାକୁ ଛାଡ଼ିଦିଏ ଏବଂ ଅହଂଭାବଶୂନ୍ୟ ଓ ମମତାଶୂନ୍ୟ ହୋଇଯାଏ, ସେ ଶାନ୍ତି ଲାଭ କରେ (୨ । ୭୧) ।

ଅର୍ଜୁନ କହୁଛନ୍ତି—ଯୁଦ୍ଧରେ ଧୃତରାଷ୍ଟ୍ରଙ୍କର ଏହି ସମ୍ବନ୍ଧୀମାନଙ୍କୁ ମାରି ଆମକୁ କି ପ୍ରସନ୍ନତା ମିଳିବ (୧ । ୩୬)? ଭଗବାନ କହୁଛନ୍ତି—ପ୍ରସନ୍ନତା ଯୁଦ୍ଧ କରିବା ବା ନ କରିବା ଦ୍ୱାରା ମିଳେ ନାହିଁ, ବରଂ ରାଗ-ଦ୍ୱେଷରହିତ ଓ ବଶୀକୃତ ଇନ୍ଦ୍ରିୟମାନଙ୍କ ଦ୍ୱାରା ଆଚରଣ କଲେ ମିଳେ (୨ । ୬୪) ।

* ଅର୍ଜୁନଙ୍କର ପ୍ରଶ୍ନ ଛଡ଼ା ଗୀତାରେ ଧୃତରାଷ୍ଟ୍ରଙ୍କର ଓ ଭଗବାନଙ୍କର ମଧ୍ୟ ପ୍ରଶ୍ନ ରହିଛି । ପ୍ରଥମ ଅଧ୍ୟାୟର ୧ମ ଶ୍ଳୋକରେ ଧୃତରାଷ୍ଟ୍ର ସଞ୍ଜୟଙ୍କୁ ପ୍ରଶ୍ନ କରିଛନ୍ତି, "ହେ ସଞ୍ଜୟ! ଧର୍ମଭୂମି କୁରୁକ୍ଷେତ୍ରରେ ଯୁଦ୍ଧ କରିବାକୁ ଇଚ୍ଛା କରି ଏକତ୍ର ହୋଇଥିବା ମୋର ଓ ପାଣ୍ଡୁର ପୁତ୍ରମାନେ କଣ କଲେ?" ଅଷ୍ଟାଦଶ ଅଧ୍ୟାୟର ୭୨ତମ ଶ୍ଳୋକରେ ଭଗବାନ (ସମ୍ପୂର୍ଣ୍ଣ ଗୀତା ଶୁଣାଇ ସାରିବା ପରେ) ଅର୍ଜୁନଙ୍କୁ ପ୍ରଶ୍ନ କରିଛନ୍ତି, "ହେ ଧନଞ୍ଜୟ! ତୁମେ ଏକାଗ୍ରଚିତ୍ତ ହୋଇ ଗୀତା ଶୁଣିଲ ତ? ତୁମର ଅଜ୍ଞାନଜନିତ ମୋହ ନଷ୍ଟ ହେଲା ତ?"

ଅର୍ଜୁନ କହୁଛନ୍ତି—ଯୁଦ୍ଧରେ ନିଜର କୁଟୁମ୍ବଜନଙ୍କୁ ମାରିଲେ ଆମକୁ ପାପ ଲାଗିବ (୧।୩୬)। ଭଗବାନ କହୁଛନ୍ତି—ଯଦି ତୁମେ ଏହି ସ୍ୱତଃପ୍ରାପ୍ତ ଧର୍ମମୟ ଯୁଦ୍ଧ କରିବ ନାହିଁ, ତେବେ ତୁମକୁ ପାପ ଲାଗିବ (୨।୩୩)।

ଅର୍ଜୁନ କହୁଛନ୍ତି—ଯୁଦ୍ଧରେ ସ୍ୱଜନମାନଙ୍କୁ ମାରି ଆମେ ସୁଖୀ ହେବୁ କିପରି (୧।୩୭)? ଭଗବାନ କହୁଛନ୍ତି—ଯେଉଁ କ୍ଷତ୍ରିୟମାନଙ୍କୁ ଅନାୟାସରେ ଏଭଳି ଧର୍ମମୟ ଯୁଦ୍ଧ ପ୍ରାପ୍ତ ହୁଏ, ସେମାନେ ହିଁ ସୁଖୀ (୨।୩୨)।

ଅର୍ଜୁନ କହୁଛନ୍ତି—ଆମେ କୁଳନାଶକାରୀ ଦୋଷଗୁଡ଼ିକୁ ଜାଣୁ, ତେଣୁ ଆମ ପକ୍ଷେ ଯୁଦ୍ଧରୁ ନିବୃତ୍ତ ରହିବା ଉଚିତ (୧।୩୯)। ଭଗବାନ କହୁଛନ୍ତି—ଏହା ତୁମର ନପୁଂସକତା, କାପୁରୁଷତା ଓ ହୃଦୟର ତୁଚ୍ଛ ଦୁର୍ବଳତା। ଏହାକୁ ତୁମେ ପରିହାର କରି ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ଛିଡ଼ା ହୋଇଯାଅ (୨।୩)।

ଅର୍ଜୁନ କହୁଛନ୍ତି—ଯୁଦ୍ଧ କଲେ ପରିଣାମରେ ଧର୍ମ ନଷ୍ଟ ହୋଇଯିବ (୧।୪୦)। ଭଗବାନ କହୁଛନ୍ତି—ଯୁଦ୍ଧ ନ କଲେ ଧର୍ମ ନଷ୍ଟ ହେବ (୨।୩୩)।

ଅର୍ଜୁନ କହୁଛନ୍ତି—ଯୁଦ୍ଧ କଲେ ପରିଣାମରେ ବର୍ଣ୍ଣସଂକରତା ଆସିଯିବ, ଯଦ୍ଦ୍ୱାରା ପିତୃପୁରୁଷମାନଙ୍କର ପତନ ହେବ ଏବଂ କୁଳଧର୍ମ, ଜାତିଧର୍ମ ନଷ୍ଟ ହୋଇଯିବ (୧।୪୧–୪୩)। ଭଗବାନ କହୁଛନ୍ତି—ଯଦି ମୁଁ ସାବଧାନ ହୋଇ ନିଜର କର୍ତ୍ତବ୍ୟକର୍ମ ପାଳନ ନ କରେ, ତେବେ ମୁଁ ସଂକରତା ଉତ୍ପନ୍ନକାରୀ ହୋଇଯିବି ଅର୍ଥାତ୍ ଯୁଦ୍ଧରୂପକ କର୍ତ୍ତବ୍ୟକର୍ମ ନ କଲେ ହିଁ ବର୍ଣ୍ଣସଙ୍କରତା ଆସିବ (୩।୨୪)।*

ଅର୍ଜୁନ କହୁଛନ୍ତି—ଯୁଦ୍ଧର ପରିଣାମରେ ନରକପ୍ରାପ୍ତି ହେବ (୧।୪୪)। ଭଗବାନ କହୁଛନ୍ତି—କର୍ତ୍ତବ୍ୟକର୍ମରୂପେ ଯୁଦ୍ଧ କଲେ ପରିଣାମରେ ନରକପ୍ରାପ୍ତି ହେବ ନାହିଁ, ବରଂ ସ୍ୱର୍ଗପ୍ରାପ୍ତି ହେବ (୨।୩୨, ୩୭)।

ଅର୍ଜୁନ କହୁଛନ୍ତି—ଆମେ ଲୋଭ ହେତୁ ମହାପାପ କରିବାକୁ ପ୍ରବୃତ୍ତ ହୋଇଛୁ (୧।୪୫)। ଭଗବାନ କହୁଛନ୍ତି—ଏହି କାମରୂପକ ଲୋଭକୁ ତ୍ୟାଗ କରିବା ଉଚିତ, କାରଣ ଏହା ମନୁଷ୍ୟର ଶତ୍ରୁ ଏବଂ ପାପ କରାଇବାରେ ହେତୁ ଅଟେ (୩।୩୭)।

ଅର୍ଜୁନ କହୁଛନ୍ତି—ମୁଁ ଭୀଷ୍ମ ଓ ଦ୍ରୋଣଙ୍କୁ ବାଣ ଦ୍ୱାରା ମାରିବି କିପରି (୨।୪)? ଭଗବାନ କହୁଛନ୍ତି—ଏମାନେ ସମସ୍ତେ କାଳରୂପକ ମୋ ଦ୍ୱାରା ପୂର୍ବରୁ ନିହତ ହୋଇସାରିଛନ୍ତି, ତୁମେ କେବଳ ନିଜର କର୍ତ୍ତବ୍ୟ ପାଳନ କରି ନିମିତ୍ତମାତ୍ର ହୋଇଯାଅ (୧୧।୩୩)।

ଅର୍ଜୁନ କହୁଛନ୍ତି—ମୁଁ ଗୁରୁଜନଙ୍କୁ ନ ମାରି ଅର୍ଥାତ୍ ଯୁଦ୍ଧ ନ କରି ଭିକ୍ଷାନ୍ନ ଗ୍ରହଣ କରିବାକୁ ଶ୍ରେଷ୍ଠ ମନେକରୁଛି (୨।୫)। ଭଗବାନ କହୁଛନ୍ତି—ଅନ୍ୟର ଧର୍ମ ଭୟପ୍ରଦ ଅଟେ; ନିଜର ଧର୍ମ ପାଳନ କରି ଯଦି ମୃତ୍ୟୁ ହୋଇଯାଏ, ତେବେ ମଧ୍ୟ ତାହା କଲ୍ୟାଣସାଧନ କରିଥାଏ (୩।୩୫)।

ଅର୍ଜୁନ କହୁଛନ୍ତି—ଆମେ ଏକଥା ଜାଣି ନାହୁଁ ଯେ ଯୁଦ୍ଧ କରିବା ଠିକ୍ କି ଯୁଦ୍ଧ ନ କରିବା ଠିକ୍ (୨।୬)। ଭଗବାନ କହୁଛନ୍ତି—ତୁମେ ନିୟତ କର୍ମ କର; କାରଣ କର୍ମ ନ କରିବା ଅପେକ୍ଷା କର୍ମ କରିବା ଶ୍ରେଷ୍ଠ (୩।୮); ଯୁଦ୍ଧରେ ତୁମେ ଶତ୍ରୁମାନଙ୍କୁ ଜିଣିବ (୧୧।୩୪)।

୮୧. ଗୀତାରେ ଭଗବାନଙ୍କ ବିବେଚନାର ବିଶେଷତ୍ୱ

ପୃଚ୍ଛତି ତ୍ୱର୍ଜୁନୋ ଯାବତ୍ ପ୍ରଯଚ୍ଛତି ତଦୁତ୍ତରମ୍।
ଅପୃଷ୍ଟୋଽପି ସ୍ୱମନ୍ତବ୍ୟଂ କୃପୟା ଭାଷତେ ସ୍ୱୟମ୍॥

ଗୀତାରେ ପ୍ରାୟ ଭଗବାନଙ୍କର ଏହି ସ୍ୱଭାବ ଦେଖିବାକୁ ମିଳେ ଯେ ଅର୍ଜୁନ ଯାହା ପ୍ରଶ୍ନ କରନ୍ତି, ଭଗବାନ ତାହାର ଉତ୍ତର ତ ଦିଅନ୍ତି, ତା' ଛଡ଼ା ନିଜଆଡ଼ୁ ଆହୁରି ଅନେକ କଥା ମଧ୍ୟ କହନ୍ତି। ଯଥା—

* ଅର୍ଜୁନଙ୍କର ଯୁକ୍ତି ଅନୁସାରେ ଯଦି ବିଚାର କରାଯାଏ, ତେବେ ମଧ୍ୟ କର୍ତ୍ତବ୍ୟ ପାଳନ ନ କରିବା ହିଁ ବର୍ଣ୍ଣସଂକରତାର ମୂଳ କାରଣ। ଅର୍ଜୁନଙ୍କ ଯୁକ୍ତି ଯେ ଯୁଦ୍ଧରେ କୁଳ ନଷ୍ଟ ହେଲେ ସ୍ତ୍ରୀମାନେ ଦୂଷିତ ହୋଇଯିବେ। ପ୍ରକୃତରେ ଏହା ହିଁ ସେମାନଙ୍କର କର୍ତ୍ତବ୍ୟଚ୍ୟୁତ ହେବା। କର୍ତ୍ତବ୍ୟଚ୍ୟୁତ ହେଲେ ହିଁ ବର୍ଣ୍ଣସଂକରତା ଆସିଥାଏ। ଯଦି ସ୍ତ୍ରୀମାନଙ୍କର ଏହି ଭାବନା ରହିବ ଯେ "ଆମର ସ୍ୱାମୀମାନେ ଯୁଦ୍ଧରୂପକ କର୍ତ୍ତବ୍ୟପାଳନ କରି ପ୍ରାଣ ତ୍ୟାଗ କରିଦେଲେ, ତଥାପି ନିଜର କର୍ତ୍ତବ୍ୟ ତ୍ୟାଗ କଲେ ନାହିଁ, ତେବେ ଆମେ ନିଜର କର୍ତ୍ତବ୍ୟକୁ ତ୍ୟାଗ କରିବୁ କାହିଁକି?" ଏପରି ଭାବିଲେ ସେମାନେ କର୍ତ୍ତବ୍ୟଚ୍ୟୁତ ହେବେ ନାହିଁ। କର୍ତ୍ତବ୍ୟଚ୍ୟୁତ ନ ହେଲେ ସେମାନଙ୍କର ସତୀତ୍ୱ ସୁରକ୍ଷିତ ରହିବ, ଯଦ୍ଦ୍ୱାରା ବର୍ଣ୍ଣସଂକରତା ଆଦୌ ଆସିପାରିବ ନାହିଁ।

ଦ୍ୱିତୀୟ ଅଧ୍ୟାୟର ୫୪ଶ ଶ୍ଳୋକରେ ଅର୍ଜୁନ ସ୍ଥିତପ୍ରଜ୍ଞ ବିଷୟରେ ଚାରୋଟି ପ୍ରଶ୍ନ କରିଛନ୍ତି। ଭଗବାନ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ସ୍ଥିତପ୍ରଜ୍ଞର ବର୍ଣ୍ଣନା ସହିତ ସାଧକମାନଙ୍କର କଥା ମଧ୍ୟ ନିଜଆଡୁ କହିଛନ୍ତି।

ତୃତୀୟ ଅଧ୍ୟାୟରେ ଅର୍ଜୁନ ପଚାରିଛନ୍ତି ଯେ ଯଦି କର୍ମ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ, ତେବେ ଆପଣ ମୋତେ ଘୋର କର୍ମରେ ଲଗାଉଛନ୍ତି କାହିଁକି? ଉତ୍ତରରେ ଭଗବାନ କହିଛନ୍ତି ଯେ କର୍ମକୁ ତ୍ୟାଗ କରିଦେଲେ କୌଣସି ପ୍ରକାର ସିଦ୍ଧି ମିଳେ ନାହିଁ। ଏହା କହି ସିଦ୍ଧିଲାଭ ପାଇଁ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା ଦର୍ଶାଇଛନ୍ତି। ତତ୍‌ସହିତ ବ୍ରହ୍ମାଙ୍କ ବଚନ ଦୃଷ୍ଟିରୁ, ସୃଷ୍ଟିଚକ୍ର ଦୃଷ୍ଟିରୁ, ସିଦ୍ଧମାନଙ୍କ ଦୃଷ୍ଟିରୁ, ସାଧକମାନଙ୍କ ଦୃଷ୍ଟିରୁ, ନିଜ ଦୃଷ୍ଟିରୁ ଓ ଜ୍ଞାନୀ ଦୃଷ୍ଟିରୁ ଲୋକସଂଗ୍ରହ ପାଇଁ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା ବିଷୟରେ ନିଜଆଡୁ କହିଛନ୍ତି। ତୃତୀୟ ଅଧ୍ୟାୟର ୩୬ଶ ଶ୍ଳୋକରେ ଅର୍ଜୁନ ପଚାରିଲେ ଯେ ନ ଚାହିଁଲେ ମଧ୍ୟ ବଳପୂର୍ବକ ପାପରେ ପ୍ରବୃତ୍ତ କରାଏ କିଏ? ଉତ୍ତରରେ ଭଗବାନ କାମ(କାମନା)କୁ ପାପର କାରଣ ବୋଲି କହିଲେ ଏବଂ ତତ୍‌ସହିତ ତାହାକୁ ଜିଣିବା ବିଷୟରେ ତଥା ତାହାର ନିବାସ ସ୍ଥାନ ଓ ତାହାକୁ ମାରିବା ବିଷୟରେ ନିଜଆଡୁ କହିଲେ।

ଚତୁର୍ଥ ଅଧ୍ୟାୟର ଆରମ୍ଭରେ 'ମୁଁ ଏହି ଉପଦେଶ ସୂର୍ଯ୍ୟଙ୍କୁ ଦେଇଥିଲି'—ଏକଥା ଭଗବାନ ନିଜଆଡୁ ହିଁ କହିଲେ। ଏହି ବିଷୟରେ ଅର୍ଜୁନ ପ୍ରଶ୍ନ କରିବାରୁ ଉତ୍ତରରେ ଭଗବାନ ନିଜର ଅବତାର ଓ କର୍ମ ସମ୍ବନ୍ଧରେ କହି ସାରି କର୍ମର ତତ୍ତ୍ୱ ଓ ଯଜ୍ଞ ବିଷୟରେ ଅନେକ କଥା ନିଜଆଡୁ କହିଲେ।

ପଞ୍ଚମ ଅଧ୍ୟାୟରେ ଅର୍ଜୁନ ପଚାରିଲେ ଯେ ସାଂଖ୍ୟ ଓ ଯୋଗ ମଧ୍ୟରେ କେଉଁଟି ଶ୍ରେଷ୍ଠ? ଉତ୍ତରରେ ଭଗବାନ କହିଲେ ଯେ କର୍ମଯୋଗ ହିଁ ଶ୍ରେଷ୍ଠ। ତା'ଛଡ଼ା ଅର୍ଜୁନଙ୍କ ପ୍ରଶ୍ନ ନ ଥିଲେ ମଧ୍ୟ ସେ ସାଂଖ୍ୟଯୋଗ ଓ କର୍ମଯୋଗ ବିଷୟରେ ଅନେକ ରହସ୍ୟମୟ କଥା କହିଲେ। ଭଗବାନଙ୍କୁ ଏତିକିରେ ସନ୍ତୁଷ୍ଟି ନ ମିଳିବାରୁ ଷଷ୍ଠ ଅଧ୍ୟାୟରେ ସବୁ ବିଷୟ ନିଜଆଡୁ ହିଁ ଆରମ୍ଭ କରିଛନ୍ତି ଏବଂ କର୍ମଯୋଗ କଥା କହିସାରି ଧ୍ୟାନଯୋଗର ବର୍ଣ୍ଣନା ଅତି ବିସ୍ତାରପୂର୍ବକ କରିଛନ୍ତି। ଏ ବିଷୟରେ ଅର୍ଜୁନ ପଚାରି ନ ଥିଲେ।

ଷଷ୍ଠ ଅଧ୍ୟାୟର ୩୩ଶ ଓ ୩୪ଶ ଶ୍ଳୋକରେ ଅର୍ଜୁନ ମନର ଚଞ୍ଚଳତା ବିଷୟରେ ପଚାରିବାରୁ ଭଗବାନ ଅଧା ଶ୍ଳୋକରେ ତାହାର ଉତ୍ତର ଦେଇ ୩୬ଶ ଶ୍ଳୋକଟି ନିଜଆଡୁ ହିଁ କହିଛନ୍ତି। ପୁଣି ଅର୍ଜୁନ ପଚାରିଲେ ଯେ ଯେଉଁ ବ୍ୟକ୍ତି ଶେଷସମୟରେ ସାଧନାରୁ ବିଚ୍ୟୁତ ହୁଏ, ତା'ର କେଉଁ ଗତି ହୁଏ? ଉତ୍ତରରେ ଭଗବାନ କହିଲେ ଯେ କଲ୍ୟାଣକର କାର୍ଯ୍ୟ କରୁଥିବା ଲୋକର ଇହଧାମରେ କିଂବା ମରିବାପରେ ପତନ ହୁଏ ନାହିଁ। ଏହା କହିସାରି ଭଗବାନ ନିଜଆଡୁ ୪୨ଶ ଶ୍ଳୋକରେ ବୈରାଗ୍ୟବାନ୍ ଯୋଗଭ୍ରଷ୍ଟ ବିଷୟରେ ନିଜଆଡୁ କହିଲେ। ଭକ୍ତି ବିଷୟରେ ଅର୍ଜୁନଙ୍କର ପ୍ରଶ୍ନ ନ ଥିଲେ ମଧ୍ୟ ଭଗବାନ ଷଷ୍ଠ ଅଧ୍ୟାୟର ଶେଷରେ ଭକ୍ତିର କଥା ନିଜଆଡୁ କହିଲେ। ପୁନଶ୍ଚ ସପ୍ତମ ଅଧ୍ୟାୟର ବିଷୟ ନିଜଆଡୁ ଆରମ୍ଭ କରି ଭକ୍ତମାନଙ୍କର ବିଶେଷତ୍ୱ ସମ୍ପର୍କରେ କହିଲେ।

ସପ୍ତମ ଅଧ୍ୟାୟର ଶେଷରେ କୁହାଯାଇଥିବା ବିଷୟକୁ ଆଧାର କରି ଅଷ୍ଟମ ଅଧ୍ୟାୟର ଆରମ୍ଭରେ ଅର୍ଜୁନ ସାତୋଟି ପ୍ରଶ୍ନ କଲେ। ସେଥିମଧ୍ୟରୁ ଛଅଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଦେଇସାରି ଅନ୍ତକାଳୀନ ଗତିବିଷୟକ ସପ୍ତମ ପ୍ରଶ୍ନର ଉତ୍ତର ବିସ୍ତୃତଭାବରେ ଦେଲେ ଏବଂ ଶେଷରେ ଶୁକ୍ଳ ଓ କୃଷ୍ଣ ମାର୍ଗର ବର୍ଣ୍ଣନା ଭଗବାନ ନିଜଆଡୁ କଲେ। ପୁଣି ନବମ ଅଧ୍ୟାୟର ବିଷୟ ମଧ୍ୟ ନିଜଆଡୁ ଆରମ୍ଭ କରି ଭଗବାନ ସେଥିରେ ଭକ୍ତି ଓ ତାହାର ସାତ ଅଧିକାରୀମାନଙ୍କ କଥା ନିଜଆଡୁ ହିଁ କହିଲେ। ଏତିକିରେ ଭଗବାନଙ୍କୁ ସନ୍ତୋଷ ନ ମିଳିବାରୁ ଦଶମ ଅଧ୍ୟାୟର ବିଷୟ ନିଜଆଡୁ ଆରମ୍ଭ କରି ଯୋଗ ଓ ବିଭୂତିମାନଙ୍କୁ ଜାଣିବାର ଫଳସ୍ୱରୂପ ତାଙ୍କ ପ୍ରତି ଦୃଢ଼ ଭକ୍ତି ହୁଏ ବୋଲି କହିଲେ। ପୁଣି ଭକ୍ତମାନଙ୍କ ଉପରେ କୃପା କରିବା ସମ୍ବନ୍ଧରେ ବିଶେଷ କଥା ନିଜଆଡୁ କହିଲେ। ଏହା ଶୁଣି ଅର୍ଜୁନ ବହୁତ ପ୍ରସନ୍ନ ହୋଇ ଭଗବାନଙ୍କୁ ସ୍ତୁତି କଲେ ଏବଂ ଯୋଗ ଓ ବିଭୂତିମାନଙ୍କ ବିଷୟରେ କହିବାକୁ ପ୍ରାର୍ଥନା କଲେ। ଭଗବାନ ବିଭୂତିମାନଙ୍କର ବର୍ଣ୍ଣନା କରିସାରି ଶେଷରେ 'ତୁମର ବହୁତ ଜାଣିବାର କି ପ୍ରୟୋଜନ, ମୋର ଗୋଟିଏ ଅଂଶରେ ଅନନ୍ତ ସଂସାର ବିଦ୍ୟମାନ'—ଏକଥା ନିଜଆଡୁ କହିଲେ। ଏହାପରେ ବିଶ୍ୱରୂପ ଦେଖିବାକୁ ଅର୍ଜୁନଙ୍କର ଇଚ୍ଛା ହେବାରୁ ଭଗବାନ ନିଜଆଡୁ ତାଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କରି ନିଜର ବିଶ୍ୱରୂପ ଦେଖାଇଲେ। ପରେ ଏକାଦଶ ଅଧ୍ୟାୟର ଶେଷରେ ଅନନ୍ୟଭକ୍ତିର ମହିମା କହିଲେ। ଏହି ବିଷୟରେ ଅର୍ଜୁନ କିଛି ପଚାରି ନ ଥିଲେ।

ଦ୍ୱାଦଶ ଅଧ୍ୟାୟର ଆରମ୍ଭରେ ଅର୍ଜୁନ ପଚାରିଲେ

ଯେ, ବ୍ୟକ୍ତ (ସଗୁଣସାକାର) ଓ ଅବ୍ୟକ୍ତ (ନିର୍ଗୁଣନିରାକାର)—ଉଭୟର ଉପାସକଙ୍କ ମଧ୍ୟରେ ଶ୍ରେଷ୍ଠ କିଏ? ଉତ୍ତରରେ ଭଗବାନ ବ୍ୟକ୍ତର ଉପାସନା କରୁଥିବା ଭକ୍ତକୁ ଶ୍ରେଷ୍ଠ ବୋଲି କହିଲେ। ତା'ପରେ ଭକ୍ତିର ପ୍ରକାର ଓ ସିଦ୍ଧଭକ୍ତମାନଙ୍କର ଲକ୍ଷଣ ନିଜଆଡୁ କହିଲେ। ଅବ୍ୟକ୍ତର ଉପାସନାରେ ବିବେକର ପ୍ରାଧାନ୍ୟ ଥାଏ। ତେଣୁ ଭଗବାନ ତ୍ରୟୋଦଶ ଅଧ୍ୟାୟରେ ନିଜଆଡୁ କ୍ଷେତ୍ର-କ୍ଷେତ୍ରଜ୍ଞ, ପ୍ରକୃତି-ପୁରୁଷ ଆଦିର ବିବେଚନା କରି ବିବେକର ବର୍ଣ୍ଣନା କଲେ। ଏହା ସତ୍ତ୍ୱେ ଭଗବାନଙ୍କୁ ସନ୍ତୋଷ ନ ମିଳିବାରୁ ଚତୁର୍ଦ୍ଦଶ ଅଧ୍ୟାୟରେ ପୁଣି ସେହି ବିବେକ କଥା ପ୍ରକାରାନ୍ତରରେ ବିସ୍ତୃତଭାବେ ବର୍ଣ୍ଣନା କଲେ।

ଚତୁର୍ଦ୍ଦଶ ଅଧ୍ୟାୟର ୨୧ଶ ଶ୍ଳୋକରେ ଅର୍ଜୁନ ଗୁଣାତୀତ ପୁରୁଷଙ୍କ ବିଷୟରେ ତିନୋଟି ପ୍ରଶ୍ନ କଲେ। ତାହାର ଉତ୍ତର ଦେଇ ଭଗବାନ ଅବ୍ୟଭିଚାରିଣୀ ଭକ୍ତିକୁ ଗୁଣାତୀତ ହେବାର ଉପାୟ ବୋଲି କହିଲେ ଏବଂ ନିଜଆଡୁ ନିଜର ବିଶେଷ ପ୍ରଭାବ କଥା କହିଲେ। ପୁଣି ପଞ୍ଚଦଶ ଅଧ୍ୟାୟରେ ନିଜଆଡୁ ଅବ୍ୟଭିଚାରିଣୀ ଭକ୍ତିର ବିସ୍ତୃତ ବର୍ଣ୍ଣନା କଲେ, ଯାହା ବିଷୟରେ ଅର୍ଜୁନଙ୍କର କୌଣସି ପ୍ରଶ୍ନ ନ ଥିଲା। ଏଭଳି ଭାବରେ ଭଗବାନ ନିଜଆଡୁ ଭକ୍ତିର ଅଧିକାରୀ ଓ ଅନଧିକାରୀ-ମାନଙ୍କ ବିଷୟରେ ଷୋଡ଼ଶ ଅଧ୍ୟାୟରେ ବିସ୍ତୃତଭାବେ ବର୍ଣ୍ଣନା କଲେ।

ସପ୍ତଦଶ ଅଧ୍ୟାୟର ଆରମ୍ଭରେ ଅର୍ଜୁନ ନିଷ୍ଠା (ସ୍ଥିତି) ବିଷୟରେ ପ୍ରଶ୍ନ କଲେ। ତାହାର ଉତ୍ତରରେ ତିନି ପ୍ରକାର ଶ୍ରଦ୍ଧା କଥା କହି ଭଗବାନ ନିଜଆଡୁ ହିଁ ଆହାର, ଯଜ୍ଞ, ତପସ୍ୟା ଓ ଦାନ ସମ୍ପର୍କରେ କହିଲେ ଏବଂ **'ଓଁ ତତ୍ ସତ୍'** ନାମର ବ୍ୟାଖ୍ୟା ମଧ୍ୟ କଲେ।

ଅଷ୍ଟାଦଶ ଅଧ୍ୟାୟର ଆରମ୍ଭରେ ଅର୍ଜୁନ ସନ୍ନ୍ୟାସ ଓ ତ୍ୟାଗର ତତ୍ତ୍ୱ ପଚାରିଲେ। ଉତ୍ତରରେ ଭଗବାନ ପ୍ରଥମେ ତ୍ୟାଗର ଓ ପରେ ସନ୍ନ୍ୟାସର ବର୍ଣ୍ଣନା ଅତି ବିଚିତ୍ର ଢଙ୍ଗରେ କଲେ। ତା'ପରେ ନିଜଆଡୁ ହିଁ ଶରଣାଗତି ଓ ଗୀତୋପଦେଶରୂପକ ସଂବାଦର ମହିମା ବିଶେଷଭାବେ କହିଲେ।

—ଏପରିଭାବେ ଅର୍ଜୁନ ଯେତିକି ଯେତିକି ଶୁଣିବାକୁ ଲାଗିଲେ, ଭଗବାନ ସେତିକି ସେତିକି ନିଜଆଡୁ କହି ଗ୍ଲିଲେ। [ଏଠାରେ କେବଳ ଦିଗ୍‌ଦର୍ଶନ ମାତ୍ର କରାଇ ଦିଆଗଲା। ଉକ୍ତ ଅଧ୍ୟାୟଗୁଡ଼ିକୁ ମନଦେଇ ପଢ଼ିଲେ ହିଁ ସେହି ବିଷୟରେ ପୂର୍ଣ୍ଣରୂପେ ଜାଣିହେବ।]

୮୨. ଗୀତାରେ ଭଗବାନଙ୍କ ବିଷୟପ୍ରତିପାଦନ ଶୈଳୀ

ବିବେଚନସ୍ୟ ଯା ଶୈଳୀ ଗୀତାୟାଂ ବିଦ୍ୟତେ ପ୍ରଭୋଃ।
ଦୃଶ୍ୟତେ ନ ହି ସ୍ୱନ୍ୟତ୍ର ଶାସ୍ତ୍ରେଷୁ ନିଗମେଷୁ ଚ॥

(କ)

ଗୀତାରେ ଭଗବାନଙ୍କ କଥନ ଶୈଳୀରୁ ଜଣାଯାଏ ଯେ ସେ ବିଭିନ୍ନ ସାଧନା ମାର୍ଗରେ ପରମାତ୍ମାଙ୍କ ଆଡ଼କୁ ଅଗ୍ରସର ହେଉଥିବା ସାଧକମାନଙ୍କ ଲକ୍ଷଣଗୁଡ଼ିକ ଅନୁସାରେ ହିଁ ପରମାତ୍ମପ୍ରାପ୍ତ ସିଦ୍ଧ ମହାପୁରୁଷମାନଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନା କରିଛନ୍ତି; କାରଣ ଯେଉଁ ସାଧନା ଯେଉଁଥିରୁ ଆରମ୍ଭ ହୁଏ, ଶେଷରେ ସେହିଥିରେ ହିଁ ତାହାର ପରିସମାପ୍ତି ଘଟେ। ଯଥା—

(୧) ଦ୍ୱିତୀୟ ଅଧ୍ୟାୟର ୪୭ଶ ଶ୍ଳୋକରେ ଭଗବାନ କର୍ମଯୋଗର ସାଧକମାନଙ୍କ ପାଇଁ ଚ୍ରୋଟି କଥା (ଚ୍ରୋଟି ଚରଣରେ) କହିଛନ୍ତି—

୧—କର୍ମଣ୍ୟେବାଧିକାରସ୍ତେ (ତୁମର କେବଳ କର୍ମ କରିବାରେ ଅଧିକାର ଅଛି)।

୨—ମା ଫଳେଷୁ କଦାଚନ (କର୍ମଫଳରେ ତୁମର ଆଦୌ ଅଧିକାର ନାହିଁ)।

୩—ମା କର୍ମଫଳହେତୁର୍ଭୂଃ (ତୁମେ କର୍ମଫଳର ହେତୁ ହୁଅ ନାହିଁ)।

୪—ମା ତେ ସଙ୍ଗୋଽସ୍ତ୍ୱକର୍ମଣି (ତୁମର କର୍ମ ନ କରିବା ପ୍ରତି ଆସକ୍ତି ନ ହେଉ)।

ଉପର୍ଯ୍ୟୁକ୍ତ ସାଧନାର ସିଦ୍ଧି କଥା ହିଁ (କର୍ମଯୋଗ ଦ୍ୱାରା ସିଦ୍ଧ ହୋଇଥିବା ମହାପୁରୁଷଙ୍କ ଲକ୍ଷଣଗୁଡ଼ିକରେ) ତୃତୀୟ ଅଧ୍ୟାୟର ୧୮ଶ ଶ୍ଳୋକରେ କୁହାଯାଇଛି। ଏଠାରେ ଦ୍ୱିତୀୟ ଓ ତୃତୀୟ ଚରଣରେ ସାଧକ ପାଇଁ ଯେଉଁ କଥା କୁହାଯାଇଛି, ତାହା ତୃତୀୟ ଅଧ୍ୟାୟର ୧୮ଶ ଶ୍ଳୋକର ଉତ୍ତରାର୍ଦ୍ଧରେ ସିଦ୍ଧ ମହାପୁରୁଷଙ୍କ ପାଇଁ କୁହାଯାଇଛି ଯେ ତାଙ୍କର କୌଣସି ପ୍ରାଣୀ ଓ

ପଦାର୍ଥ ସହିତ ତିଳେମାତ୍ର କୌଣସି ସମ୍ବନ୍ଧ ରହେ ନାହିଁ—**'ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ'**। ଏଠାରେ ପ୍ରଥମ ଓ ଚତୁର୍ଥ ଚରଣରେ ସାଧକ ପାଇଁ ଯେଉଁ କଥା କୁହାଯାଇଛି, ତାହା ତୃତୀୟ ଅଧ୍ୟାୟର ୧୮ ଶ ଶ୍ଳୋକର ପୂର୍ବାର୍ଦ୍ଧରେ ସିଦ୍ଧ ମହାପୁରୁଷଙ୍କ ପାଇଁ କୁହାଯାଇଛି ଯେ ତାଙ୍କର କର୍ମ କରିବାରେ ଅଥବା ନ କରିବାରେ କୌଣସି ପ୍ରୟୋଜନ ନ ଥାଏ—**'ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ'**।

(୨) ଚତୁର୍ଦ୍ଦଶ ଅଧ୍ୟାୟର ୧୯ଶ ଓ ୨୦ ଶ ଶ୍ଳୋକରେ ଭଗବାନ ଜ୍ଞାନଯୋଗୀ ସାଧକ ବିଷୟରେ ବର୍ଣ୍ଣନା କରି କହିଛନ୍ତି ଯେ ସେ ତିନି ଗୁଣ ଛଡ଼ା ଅନ୍ୟ କାହାରିକୁ କର୍ତ୍ତା ଦେଖେ ନାହିଁ। 'ସମସ୍ତ କ୍ରିୟା ଗୁଣମାନଙ୍କରେ ହିଁ ହେଉଛି, ମୋର ସେଗୁଡ଼ିକ ସହିତ କୌଣସି ସମ୍ପର୍କ ନାହିଁ' ଏହିଭଳି ନିଜକୁ ଗୁଣମାନଙ୍କ ଠାରୁ ସର୍ବଥା ନିର୍ଲିପ୍ତ ଜାଣି ସେ ମୋର ସ୍ୱରୂପକୁ ପ୍ରାପ୍ତ ହୁଏ। ସେ ଶରୀରର ଉତ୍ପତ୍ତିର କାରଣଭୂତ ତିନି ଗୁଣକୁ ଅତିକ୍ରମ କରି ଜନ୍ମ, ମୃତ୍ୟୁ ଓ ବୃଦ୍ଧାବସ୍ଥାରୂପକ ଦୁଃଖମାନଙ୍କରୁ ମୁକ୍ତ ହୋଇ ଅମରତ୍ୱ ଅନୁଭବ କରେ।

ଚତୁର୍ଦ୍ଦଶ ଅଧ୍ୟାୟର ୨୨ଶ ଓ ୨୩ଶ ଶ୍ଳୋକରେ ଭଗବାନ ତିନି ଗୁଣକୁ ଆଧାର କରି ହିଁ ସିଦ୍ଧ ମହାପୁରୁଷଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନା କରିଛନ୍ତି ଯେ ତିନି ଗୁଣର ପ୍ରକାଶ, ପ୍ରବୃତ୍ତି ଓ ମୋହରୂପୀ ବୃତ୍ତିଗୁଡ଼ିକ ଆସିଗଲେ ସେ ସେଗୁଡ଼ିକ ପ୍ରତି ଦ୍ୱେଷ କରନ୍ତି ନାହିଁ ଏବଂ ସେହି ବୃତ୍ତିଗୁଡ଼ିକ ଚାଲିଗଲେ ସେଗୁଡ଼ିକ ପୁନଃ ଆସୁ ବୋଲି ଇଚ୍ଛା କରନ୍ତି ନାହିଁ। ସେ ଗୁଣ ତଥା ସେଗୁଡ଼ିକର ବୃତ୍ତିଠାରୁ ଉଦାସୀନ ଭଳି ରହନ୍ତି। ସେ ଗୁଣଗୁଡ଼ିକ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ ଏବଂ 'ଗୁଣଗୁଡ଼ିକ ଗୁଣରେ ହିଁ ପ୍ରବର୍ତ୍ତିତ ହେଉଅଛନ୍ତି' ଏହା ଅନୁଭବ କରି ନିଜ ସ୍ୱରୂପରେ ସ୍ଥିତ ରହନ୍ତି।

(୩) ସାଧକ ପାଇଁ ଭଗବାନ କହିଛନ୍ତି, ଯିଏ ମୋତେ ସବୁଠାରେ ଦେଖେ ଓ ସମସ୍ତଙ୍କୁ ମୋ'ଠାରେ ଦେଖେ ସେହି ଭକ୍ତ ପାଇଁ ମୁଁ ଅଦୃଶ୍ୟ ହୁଏ ନାହିଁ ଏବଂ ସେ ମୋ ପାଇଁ ଅଦୃଶ୍ୟ ହୁଏ ନାହିଁ (୬।୩୦)। ସିଦ୍ଧଭକ୍ତ ପାଇଁ ଭଗବାନ କହିଛନ୍ତି ଯେ ତା' ଦୃଷ୍ଟିରେ ସବୁକିଛି ବାସୁଦେବ—**'ବାସୁଦେବଃ ସର୍ବମ୍'** (୭।୧୯), ଏକମାତ୍ର ଭଗବାନଙ୍କ ବ୍ୟତୀତ ଦ୍ୱିତୀୟ ତତ୍ତ୍ୱ ନାହିଁ।*

(୪) ଭଗବାନ ସାଧକଭକ୍ତଙ୍କ ଲକ୍ଷଣରେ କହିଛନ୍ତି ଯେ ସେ **'ସଙ୍ଗବର୍ଜିତଃ'** ଅର୍ଥାତ୍ ଆସକ୍ତିରହିତ ଓ **'ନିର୍ବୈରଃ ସର୍ବଭୂତେଷୁ'** ଅର୍ଥାତ୍ ସମସ୍ତ ପ୍ରାଣୀଙ୍କ ପ୍ରତି ଶତ୍ରୁତାଶୂନ୍ୟ ହୋଇଯାଏ (୧୧।୫୫)। ସିଦ୍ଧଭକ୍ତମାନଙ୍କର ଲକ୍ଷଣରେ ମଧ୍ୟ ଭଗବାନ ଏହି କଥା କହିଛନ୍ତି—**'ସଙ୍ଗବିବର୍ଜିତଃ'** (୧୨।୧୮) ଓ **'ଅଦ୍ୱେଷ୍ଟା ସର୍ବଭୂତାନାମ୍'** (୧୨।୧୩)। ନିଜଠାରେ ଆସକ୍ତି ଓ ଶତ୍ରୁତା ଆସି ନ ଯିବା ପାଇଁ ସାଧକ ତ ସାବଧାନ ରହିଥାଏ, କିନ୍ତୁ ସିଦ୍ଧଭକ୍ତଙ୍କ ଠାରେ ଏହି ଦୋଷ ସ୍ୱାଭାବିକଭାବେ ନ ଥାଏ।

(ଖ)

ଗୀତା କାହାରି ମତର ଖଣ୍ଡନ କରେ ନାହିଁ, ବରଂ ନିଜର ମତକୁ ପୁଷ୍ଟ କରିବା ଦ୍ୱାରା ଅନ୍ୟ ମତଗୁଡ଼ିକର ଖଣ୍ଡନ ସ୍ୱତଃ ହୋଇଯାଏ। ଯଥା—ଅଷ୍ଟାଦଶ ଅଧ୍ୟାୟର ୨ୟ ଓ ୩ୟ ଶ୍ଳୋକରେ ଭଗବାନ 'ସନ୍ନ୍ୟାସ' ଓ 'ତ୍ୟାଗ' ବିଷୟରେ ଦାର୍ଶନିକମାନଙ୍କର ଚାରୋଟି ମତ ଉଲ୍ଲେଖ କରିଛନ୍ତି। ସନ୍ନ୍ୟାସ ବିଷୟରେ ଦୁଇଟି ମତ ହେଲା—କାମ୍ୟକର୍ମଗୁଡ଼ିକୁ ତ୍ୟାଗ କରିଦେବାର ନାମ ସନ୍ନ୍ୟାସ ଏବଂ ସମସ୍ତ କର୍ମକୁ ଦୋଷ ପରି ଛାଡ଼ି ଦେବା ଉଚିତ। ତ୍ୟାଗ ବିଷୟରେ ଦୁଇଟି ମତ ହେଲା—ସମସ୍ତ କର୍ମଫଳକୁ ତ୍ୟାଗ କରିବାର ନାମ ତ୍ୟାଗ ଓ ଯଜ୍ଞ-ଦାନ-ତପସ୍ୟାରୂପକ କର୍ମକୁ ତ୍ୟାଗ କରିବା ଉଚିତ ନୁହେଁ। କିନ୍ତୁ ପରବର୍ତ୍ତୀ ଶ୍ଳୋକଗୁଡ଼ିକରେ ଭଗବାନ ନିଜ ମତକୁ ପୁଷ୍ଟ କରିବା ଦ୍ୱାରା ଦାର୍ଶନିକମାନଙ୍କର ଏହି ଚାରୋଟି ମତର ଖଣ୍ଡନ ସ୍ୱତଃ ହୋଇଯାଏ। ଏହି ଚାରୋଟି ମତର ଖଣ୍ଡନ ସ୍ୱତଃ କିପରି ହୋଇଯାଉଛି ଅର୍ଥାତ୍ ଏହି ମତଗୁଡ଼ିକ ଅପେକ୍ଷା ଭଗବାନଙ୍କ ମତ ଶ୍ରେଷ୍ଠ କିପରି, ଏହାର ବିବେଚନା ନିମ୍ନରେ କରାଯାଉଛି—

(୧) ସନ୍ନ୍ୟାସର ପ୍ରଥମ ମତରେ କେବଳ କାମ୍ୟକର୍ମଗୁଡ଼ିକର ତ୍ୟାଗ କଥା କୁହାଯାଇଛି; କିନ୍ତୁ ଏହି କାମ୍ୟକର୍ମଗୁଡ଼ିକ ଛଡ଼ା ନିତ୍ୟ, ନୈମିତ୍ତିକ ଆଦି ଆବଶ୍ୟକ କର୍ତ୍ତବ୍ୟକର୍ମ ବାକି ରହିଯାଉଛି। ଏହି ମତରେ କର୍ତ୍ତୃତ୍ୱାଭିମାନର ତ୍ୟାଗ କଥା କୁହାଯାଇ ନାହିଁ କି ସ୍ୱରୂପରେ ସ୍ଥିତି କଥା ମଧ୍ୟ କୁହାଯାଇ ନାହିଁ। ଅତଏବ ଏହି ମତ ପୂର୍ଣ୍ଣ ନୁହେଁ।

* ଉକ୍ତ ସ୍ଥିତିସମ୍ପନ୍ନ ସାଧକର ଓ ସିଦ୍ଧଙ୍କର ଲକ୍ଷଣଗୁଡ଼ିକ ମଧ୍ୟରେ ମନୁଷ୍ୟ ପାର୍ଥକ୍ୟ ଜାଣିପାରେ ନାହିଁ। କାରଣ ଉଭୟଙ୍କର ଲକ୍ଷଣ ପ୍ରାୟ ଏକାଭଳି ହୋଇଥାଏ। ଦୁହିଁଙ୍କ ମଧ୍ୟରେ ଏତିକି ମାତ୍ର ପାର୍ଥକ୍ୟ ଯେ ସାଧକର ସମସ୍ତଙ୍କୁ ଭଗବତ୍‌ସ୍ୱରୂପ ଦେଖିବାର ଭାବ ଥାଏ ଓ ସିଦ୍ଧଙ୍କର 'ସବୁକିଛି ଭଗବତ୍‌ସ୍ୱରୂପ' ଏହି ଭାବ ସ୍ୱତଃ ରହିଥାଏ।

ମାତ୍ର ଭଗବାନ ତାଙ୍କ ନିଜ ମତରେ କର୍ତ୍ତୃତ୍ୱାଭିମାନର ତ୍ୟାଗ କଥା ମଧ୍ୟ କହିଛନ୍ତି ଏବଂ ସ୍ୱରୂପରେ ସ୍ଥିତି କଥା ମଧ୍ୟ କହିଛନ୍ତି; ଯଥା—ଅଷ୍ଟାଦଶ ଅଧ୍ୟାୟର ୧୭ଶ ଶ୍ଳୋକରେ 'ଯାହାଠାରେ ଅହଂକୃତଭାବ ନାହିଁ ଏବଂ ଯାହାର ବୁଦ୍ଧି କର୍ମଫଳରେ ଲିପ୍ତ ହୁଏ ନାହିଁ' କହି କର୍ତ୍ତୃତ୍ୱାଭିମାନର ତ୍ୟାଗ କଥା କହିଛନ୍ତି ଏବଂ 'ସେ ସମସ୍ତ ପ୍ରାଣୀଙ୍କୁ ମାରିଦେଲେ ବି ମାରେ ନାହିଁ କି ବନ୍ଧନରେ ପଡ଼େ ନାହିଁ' କହି ସ୍ୱରୂପରେ ସ୍ଥିତି କଥା କହିଛନ୍ତି । ତାତ୍ପର୍ଯ୍ୟ ହେଲା, ଯେପରି ସର୍ବବ୍ୟାପକ ପରମାତ୍ମା କିଛି କରନ୍ତି ନାହିଁ କି ଲିପ୍ତ ହୁଅନ୍ତି ନାହିଁ, ସେହିପରି ଯାହାଠାରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱ ନାହିଁ, ସେହି ମହାପୁରୁଷ ମଧ୍ୟ କରନ୍ତି ନାହିଁ କି ଲିପ୍ତ ହୁଅନ୍ତି ନାହିଁ ।

(୨) ସନ୍ନ୍ୟାସର ଦ୍ୱିତୀୟ ମତରେ ସମସ୍ତ କର୍ମକୁ ଦୋଷ ଭଳି ଛାଡ଼ିବାକୁ କୁହାଯାଇଛି । କିନ୍ତୁ ସମସ୍ତ କର୍ମ କେହି କେବେହେଲେ ତ୍ୟାଗ କରିପାରିବ ନାହିଁ (୩ । ୫; ୧୮ । ୧୧) । ତେଣୁ ଭଗବାନ ନିୟତ କର୍ମଗୁଡ଼ିକୁ ସ୍ୱରୂପତଃ ତ୍ୟାଗ କରିବାକୁ ରାଜସ ଓ ତାମସ ତ୍ୟାଗ ବୋଲି କହିଛନ୍ତି (୧୮ । ୭–୮) ।

(୩) ତ୍ୟାଗର ପ୍ରଥମ ମତରେ କେବଳ କର୍ମଫଳତ୍ୟାଗ କଥା କୁହାଯାଇଛି, କିନ୍ତୁ କର୍ମଫଳତ୍ୟାଗ କଲେ ମଧ୍ୟ କର୍ମରେ ଆସକ୍ତି ରହିପାରେ । ଅତଏବ ଭଗବାନ ତାଙ୍କ ନିଜ ମତରେ କର୍ମାସକ୍ତି ଓ ଫଳାସକ୍ତି—ଉଭୟକୁ ତ୍ୟାଗ କରିବା ପାଇଁ କହିଛନ୍ତି (୧୮ । ୬) ।

(୪) ତ୍ୟାଗର ଦ୍ୱିତୀୟ ମତରେ ଯଜ୍ଞ, ଦାନ ଓ ତପସ୍ୟାରୂପକ କର୍ମଗୁଡ଼ିକୁ ତ୍ୟାଗ ନ କରିବାକୁ କୁହାଯାଇଛି । କିନ୍ତୁ ଭଗବାନ ନିଜ ମତରେ କହିଛନ୍ତି ଯେ ଯଜ୍ଞ, ଦାନ ଓ ତପସ୍ୟାରୂପକ କର୍ମଗୁଡ଼ିକୁ ଛାଡ଼ିବା ଅନୁଚିତ, ବରଂ ଏସବୁ ନ କରୁଥିଲେ ଅବଶ୍ୟ କରିବା ଉଚିତ ଏବଂ ଏହି ତିନୋଟି ଛଡ଼ା ତୀର୍ଥ, ବ୍ରତ ଆଦି କର୍ମକୁ ମଧ୍ୟ ଫଳ ଓ ଆସକ୍ତି ତ୍ୟାଗ କରି କରିବା ଉଚିତ (୧୮ । ୫–୬) ।

(ଗ)

ଭଗବାନ କୌଣସି ବିଷୟକୁ ବୁଝାଇବା ପାଇଁ ପ୍ରଥମେ ସେହି ବିଷୟର ଲାଭ, ମଝିରେ କ୍ଷତି ଓ ଶେଷରେ ପୁଣି ତାହାର ଲାଭ ସମ୍ପର୍କରେ ବର୍ଣ୍ଣନା କରି ବିଷୟର ଉପସଂହାର କରନ୍ତି । ଉଦାହରଣସ୍ୱରୂପ—ଦ୍ୱିତୀୟ ଅଧ୍ୟାୟର ୩୧ଶ ଓ ୩୨ଶ ଶ୍ଳୋକରେ, ପ୍ରଥମେ ଭଗବାନ ଯୁଦ୍ଧରୂପକ କର୍ତ୍ତବ୍ୟକର୍ମ ଦ୍ୱାରା ହେଉଥିବା ଲାଭ କଥା କହିଲେ ଯେ କ୍ଷତ୍ରିୟ ପାଇଁ ସ୍ୱଧର୍ମଠାରୁ ବଳି ଅନ୍ୟ କୌଣସି କଲ୍ୟାଣକର କାମ ନାହିଁ । ଆପେ ଆପେ ଉପସ୍ଥିତ ଯୁଦ୍ଧ ସ୍ୱର୍ଗର ଉନ୍ମୁକ୍ତ ଦ୍ୱାର । ଯେଉଁ କ୍ଷତ୍ରିୟମାନଙ୍କ ଭାଗ୍ୟରେ ଏଭଳି ଅନାୟାସପ୍ରାପ୍ତ ଯୁଦ୍ଧ ଜୁଟେ, ପ୍ରକୃତରେ ସେହିମାନେ ହିଁ ସୁଖୀ । ତା'ପରେ ମଝିରେ ଚାରୋଟି (୨ । ୩୩–୩୬) ଶ୍ଳୋକରେ ଯୁଦ୍ଧ ନ କରିବା ଦ୍ୱାରା ହେଉଥିବା କ୍ଷତିଗୁଡ଼ିକର ବର୍ଣ୍ଣନା କରି କହିଲେ—ତୁମେ ସ୍ୱଧର୍ମ ପାଳନ ନ କଲେ ତୁମକୁ ଧର୍ମତ୍ୟାଗର ପାପ ଲାଗିବ ଏବଂ ତୁମର ଅପକୀର୍ତ୍ତି ମଧ୍ୟ ହେବ । ଜଗତର ଲୋକେ ତୁମର ଅପକୀର୍ତ୍ତି ଗାନ କରିବେ, ଯାହା କି ଚିରସ୍ଥାୟୀ ହୋଇଯିବ । ସମ୍ମାନିତ ମନୁଷ୍ୟ ପାଇଁ ସେହି ଅପକୀର୍ତ୍ତି ମରଣଠାରୁ ମଧ୍ୟ ଅଧିକ ଦୁଃଖଦାୟୀ । ତୁମକୁ ମହାରଥୀମାନେ ଭୟ ହେତୁ ଯୁଦ୍ଧରୁ ନିବୃତ୍ତ ହେଉଛ ବୋଲି ଭାବିବେ । ତୁମେ ଯେଉଁମାନଙ୍କ ଦୃଷ୍ଟିରେ ବହୁମାନ୍ୟ, ସେମାନଙ୍କ ଦୃଷ୍ଟିରେ ନଗଣ୍ୟ ହୋଇଯିବ । ଶତ୍ରୁମାନେ ତୁମକୁ ଅକଥନୀୟ ବଚନ କହିବେ । ତୁମ ପାଇଁ ଏହାଠାରୁ ବଳି ଦୁଃଖର କଥା ଆଉ କ'ଣ ହୋଇପାରେ? ପୁନଶ୍ଚ ଶେଷରେ ଦୁଇଟି (୨ । ୩୭–୩୮) ଶ୍ଳୋକରେ ଲାଭର ବର୍ଣ୍ଣନା କରି କହିଛନ୍ତି ଯେ, ଯଦି ତୁମେ ଯୁଦ୍ଧରେ ମରିଯିବ, ତେବେ ସ୍ୱର୍ଗକୁ ଯିବ ଏବଂ ଯଦି ଜିତିଯିବ, ତେବେ ପୃଥିବୀରାଜ୍ୟ ଭୋଗ କରିବ । ତୁମେ ଜୟ-ପରାଜୟ, ଲାଭ-କ୍ଷତି ଓ ସୁଖ-ଦୁଃଖକୁ ସମାନ ମନେକରି ଯୁଦ୍ଧ କଲେ ତୁମକୁ ପାପ ଲାଗିବ ନାହିଁ । ଏଣୁ ତୁମେ ଯୁଦ୍ଧ କର ।

(ଘ)

ଭଗବାନ ଯେଉଁ ବିଷୟକୁ ପ୍ରଥମେ ବିସ୍ତାରପୂର୍ବକ କହନ୍ତି, ପରେ ସେହି ବିଷୟକୁ ସଂକ୍ଷିପ୍ତଭାବରେ କହିଦିଅନ୍ତି; ଯଥା—

(୧) ତୃତୀୟ ଅଧ୍ୟାୟର ୧୯ଶ ଶ୍ଳୋକରେ ଭଗବାନ କହିଛନ୍ତି ଯେ, ତୁମେ ନିରନ୍ତର ଅନାସକ୍ତ ହୋଇ କର୍ତ୍ତବ୍ୟକର୍ମ କର; କାରଣ ଅନାସକ୍ତ ହୋଇ କର୍ମ କରୁଥିବା ମନୁଷ୍ୟ ପରମାତ୍ମାଙ୍କୁ ପାଇଥାଏ । ପୁଣି ସେହି କଥାକୁ ୨୦ଶ ଶ୍ଳୋକର ପୂର୍ବାର୍ଦ୍ଧରେ ସଂକ୍ଷିପ୍ତଭାବେ କହିଛନ୍ତି ଯେ, ଜନକାଦି ମଧ୍ୟ କର୍ମଯୋଗ ଦ୍ୱାରା ପରମ ସିଦ୍ଧିକୁ ପ୍ରାପ୍ତ ହୋଇଛନ୍ତି ।

(୨) ଅଷ୍ଟମ ଅଧ୍ୟାୟର ୧୪ଶ ଶ୍ଳୋକରେ ଭଗବାନ **'ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ'** ପଦଗୁଡ଼ିକରେ ଯେଉଁ କଥା ବିସ୍ତୃତଭାବେ କହିଛନ୍ତି,

ତାହାକୁ ପୁଣି **'ନିତ୍ୟଯୁକ୍ତସ୍ୟ'** ପଦରେ ସଂକ୍ଷେପରେ କହିଛନ୍ତି ।

(୩) ନବମ ଅଧ୍ୟାୟର ୧୬ଶ ଶ୍ଳୋକରୁ ୧୯ଶ ଶ୍ଳୋକଯାଏ ଭଗବାନ କାର୍ଯ୍ୟ-କାରଣରୂପରେ ନିଜର ବିଭୂତିଗୁଡ଼ିକର ବିସ୍ତାରପୂର୍ବକ ବର୍ଣ୍ଣନା କରିଛନ୍ତି ଏବଂ ତାହାକୁ ଶେଷରେ **'ସଦସଚ୍ଚାହମ୍'** ପଦରେ ସଂକ୍ଷେପରେ କହିଦେଇଛନ୍ତି ।

(୪) ନବମ ଅଧ୍ୟାୟର ୩୪ଶ ଶ୍ଳୋକରେ ଭଗବାନ **'ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ'** ପଦଗୁଡ଼ିକରେ ଯେଉଁ କଥା ବିସ୍ତୃତଭାବେ କହିଲେ, ସେହି କଥାକୁ ପୁଣି **'ମତ୍ପରାୟଣଃ'** ପଦରେ ସଂକ୍ଷେପରେ କହିଲେ ।

(୫) ଦଶମ ଅଧ୍ୟାୟର ୮ମ ଓ ୯ମ ଶ୍ଳୋକରେ ଭଗବାନ କହିଲେ, "ମୁଁ ସଂସାରର ମୂଳ କାରଣ ଅଟେ ଓ ମୋ'ଠାରୁ ହିଁ ସଂସାର ପ୍ରବୃତ୍ତ ହେଉଅଛି—ମୋତେ ଏପରି ମାନି, ମୋ'ଠାରେ ଶ୍ରଦ୍ଧା ଓ ପ୍ରେମ ରଖି ବୁଦ୍ଧିମାନ୍ ଭକ୍ତ ମୋର ହିଁ ଭଜନ କରିଥାନ୍ତି । ମୋ'ଠାରେ ଚିତ୍ତନିବେଶ କରିଥିବା ଓ ପ୍ରାଣକୁ ଅର୍ପଣ କରିଥିବା ଭକ୍ତଜନ ପରସ୍ପର ମଧ୍ୟରେ ମୋର ଗୁଣ, ପ୍ରଭାବ ଆଦିକୁ ଜଣାଇ ଓ ସେସବୁର କଥନ କରି ନିତ୍ୟ-ନିରନ୍ତର ସନ୍ତୁଷ୍ଟ ରହନ୍ତି ଓ ମୋତେ ପ୍ରେମ କରନ୍ତି ।" ଏହି କଥାକୁ ପୁଣି ୧୦ମ ଶ୍ଳୋକର ପୂର୍ବାର୍ଦ୍ଧରେ ସଂକ୍ଷେପରେ କହିଛନ୍ତି—"ନିତ୍ୟ-ନିରନ୍ତର ମୋ'ଠାରେ ସଂଯୁକ୍ତ ଓ ପ୍ରେମପୂର୍ବକ ମୋର ଭଜନରତ ସେହି ଭକ୍ତମାନଙ୍କୁ ମୁଁ ବୁଦ୍ଧିଯୋଗ ପ୍ରଦାନ କରେ ।"

(୬) ଦଶମ ଅଧ୍ୟାୟର ୨୦ ଶ ଶ୍ଳୋକରୁ ୩୮ଶ ଶ୍ଳୋକଯାଏ ଭଗବାନ ବିସ୍ତୃତଭାବେ ନିଜର ବିଭୂତିଗୁଡ଼ିକର ବର୍ଣ୍ଣନା କଲେ ଏବଂ ପୁଣି ୩୯ଶ ଶ୍ଳୋକରେ ତାହାକୁ ସଂକ୍ଷେପରେ କହିଲେ ।

(୭) ଦ୍ୱାଦଶ ଅଧ୍ୟାୟର ୬ଷ୍ଠ ଶ୍ଳୋକରେ ଭଗବାନ କହିଲେ, "ଯେଉଁ ଭକ୍ତଜନ ମୋର ପରାୟଣ ହୋଇ ସମସ୍ତ କର୍ମକୁ ମୋତେ ଅର୍ପଣ କରି ଅନନ୍ୟଭକ୍ତିରେ ମୋର ଧ୍ୟାନ କରି ମୋର ଉପାସନା କରନ୍ତି" । ପୁଣି ଏହି କଥାକୁ ୭ମ ଶ୍ଳୋକରେ **'ମୟ୍ୟାବେଶିତଚେତସାମ୍'** (ମୋ'ଠାରେ ଆସକ୍ତଚିତ୍ତ) ପଦରେ ସଂକ୍ଷେପରେ କହିଛନ୍ତି ।

(ଙ)

ଭଗବାନ ଯେଉଁ ବିଷୟକୁ ପ୍ରଥମେ ସଂକ୍ଷେପରେ କହନ୍ତି, ପରେ ସେହି ବିଷୟକୁ ବିସ୍ତୃତଭାବେ କହିଦିଅନ୍ତି; ଯଥା—

(୧) ତୃତୀୟ ଅଧ୍ୟାୟର ୮ମ ଶ୍ଳୋକରେ ଭଗବାନ ସଂକ୍ଷେପରେ ନିୟତକର୍ମ ସମ୍ପର୍କରେ କହିଛନ୍ତି ଓ ତାହାକୁ ଅଷ୍ଟାଦଶ ଅଧ୍ୟାୟର ୪୨ଶ ରୁ ୪୮ଶ ଶ୍ଳୋକଯାଏ ବିସ୍ତୃତଭାବେ କହିଛନ୍ତି ।

(୨) ଚତୁର୍ଥ ଅଧ୍ୟାୟର ୧୩ଶ ଶ୍ଳୋକରେ ଭଗବାନ ସଂକ୍ଷେପରେ ଚାରିବର୍ଣ୍ଣର କଥା କହିଲେ ଓ ତାହାକୁ ଅଷ୍ଟାଦଶ ଅଧ୍ୟାୟର ୪୧ଶ ରୁ ୪୪ଶ ଶ୍ଳୋକଯାଏ ବିସ୍ତାରପୂର୍ବକ କହିଲେ ।

(୩) ସପ୍ତମ ଅଧ୍ୟାୟର ୧୨ଶ ଶ୍ଳୋକରେ ଭଗବାନ **'ନ ତ୍ୱହଂ ତେଷୁ ତେ ମୟି'** ପଦଗୁଡ଼ିକରେ ଯେଉଁ କଥା ସଂକ୍ଷେପରେ କହିଲେ, ତାହାକୁ ହିଁ ନବମ ଅଧ୍ୟାୟର ୪ର୍ଥ ଓ ୫ମ ଶ୍ଳୋକରେ ବିସ୍ତୃତଭାବେ କହିଲେ ।

(ଚ)

ଭଗବାନ କୌଣସି ବିଷୟକୁ ପ୍ରଥମେ ଯେଉଁ ପରି କହନ୍ତି, ପଛରେ ସେହି ବିଷୟକୁ ପ୍ରକାରାନ୍ତରରେ ମଧ୍ୟ କହିଦିଅନ୍ତି; ଯଥା—

(୧) ଦ୍ୱିତୀୟ ଅଧ୍ୟାୟରୁ ପଞ୍ଚମ ଅଧ୍ୟାୟର ସମାପ୍ତି ପର୍ଯ୍ୟନ୍ତ ଭଗବାନ କର୍ମଯୋଗର ଯେଉଁ ବିଷୟ ବର୍ଣ୍ଣନା କରିଛନ୍ତି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୪ର୍ଥ ରୁ ୧୨ଶ ଶ୍ଳୋକଯାଏ ପ୍ରକାରାନ୍ତରରେ କହିଛନ୍ତି ।

(୨) ପଞ୍ଚମ ଅଧ୍ୟାୟର ୧୩ଶ ରୁ ୨୬ଶ ଶ୍ଳୋକଯାଏ ଓ ତ୍ରୟୋଦଶ ଅଧ୍ୟାୟର ୧୯ଶ ରୁ ୩୪ଶ ଶ୍ଳୋକଯାଏ ଭଗବାନ ସାଂଖ୍ୟଯୋଗର ଯେଉଁ ବିଷୟ ବର୍ଣ୍ଣନା କରିଛନ୍ତି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୧୩ଶ ରୁ ୧୮ଶ ଶ୍ଳୋକଯାଏ ପ୍ରକାରାନ୍ତରରେ କହିଛନ୍ତି ।

(୩) ସପ୍ତମ ଅଧ୍ୟାୟରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ଭଗବାନ ଭକ୍ତିଯୋଗର ଯେଉଁ ବିଷୟ ବର୍ଣ୍ଣନା କରିଛନ୍ତି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୫୬ଶ ରୁ ୬୬ତମ ଶ୍ଳୋକଯାଏ ପ୍ରକାରାନ୍ତରରେ କହିଛନ୍ତି ।

(୪) ଭଗବାନ କହିଛନ୍ତି ଯେ ପ୍ରକୃତି ଓ ତା'ର ଗୁଣମାନଙ୍କ ଦ୍ୱାରା ହିଁ ସମସ୍ତ କର୍ମ କରାଯାଏ (୩ । ୨୭; ୫ । ୯; ୧୩ । ୨୯ ଇତ୍ୟାଦି) । ଏହି କଥାକୁ ଭଗବାନ ଅଷ୍ଟାଦଶ ଅଧ୍ୟାୟର ୧୩ଶ ରୁ ୧୮ଶ ଶ୍ଳୋକଯାଏ ପ୍ରକାରାନ୍ତରରେ କହିଛନ୍ତି ।

(୫) ଚତୁର୍ଥ ଅଧ୍ୟାୟର ୫ମ ରୁ ୧୮ଶ ଶ୍ଳୋକଯାଏ ଭଗବାନ ଗୁଣଗୁଡ଼ିକର ଯେଉଁ ବିଷୟ କହିଛନ୍ତି, ତାହାକୁ ହିଁ ଅଷ୍ଟାଦଶ ଅଧ୍ୟାୟର ୨୦ଶ

ଠାରୁ ୪୦ଶ ଶ୍ଳୋକଯାଏ ପ୍ରକାରାନ୍ତରରେ କହିଛନ୍ତି।

(ଛ)

ଅର୍ଜୁନ ଯେତେବେଳେ କ୍ରିୟାମୂଳକ ପ୍ରଶ୍ନ କରିଛନ୍ତି, ଭଗବାନ ତାହାର ଭାବମୂଳକ ଉତ୍ତର ଦେଇଛନ୍ତି; ଯଥା—

(୧) ଦ୍ୱିତୀୟ ଅଧ୍ୟାୟର ୫୪ଶ ଶ୍ଳୋକରେ ଅର୍ଜୁନ କ୍ରିୟାପ୍ରଧାନ ପ୍ରଶ୍ନ କଲେ ଯେ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥିବା ପୁରୁଷ କିପରି କହେ, କିପରି ବସେ, ଓ କିପରି ଚାଲେ? ଭଗବାନ ଏଗୁଡ଼ିକର ଭାବପ୍ରଧାନ ଉତ୍ତର ଦେଇଛନ୍ତି—

ସେ କିପରି କହେ? ଅର୍ଥାତ୍ ଧୀରେ କହେ, ନା ଜୋର୍‌ରେ କହେ? ଏହାର ଉତ୍ତରରେ ଭଗବାନ କହିଲେ ଯେ ତା'ର କହିବା ଏପରି ନୁହେଁ; ସେ ଦୁଃଖ ପ୍ରାପ୍ତିରେ ଉଦ୍‌ବିଗ୍ନ ହୁଏ ନାହିଁ ଓ ସୁଖପ୍ରାପ୍ତିରେ ସ୍ପୃହା ରଖେ ନାହିଁ ଏବଂ ସେ ଅନୁରାଗ, ଭୟ ଓ କ୍ରୋଧ ରହିତ ହୋଇଥାଏ। ଶୁଭ ଓ ଅଶୁଭ ପରିସ୍ଥିତି ଆସିଲେ ସେ ରାଗ ଓ ଦ୍ୱେଷ କରେ ନାହିଁ (୨।୫୬-୫୭)।

ସେ କିପରି ବସେ? ଅର୍ଥାତ୍ ସିଂହାସନରେ ବସେ, ନା ପଦ୍ମାସନ ଆଦିରେ ବସେ? ଏହାର ଉତ୍ତରରେ ଭଗବାନ କହିଲେ ଯେ ତା'ର ବସିବା ଏପରି ନୁହେଁ; ସେ କଇଁଛ ଭଳି ନିଜର ଇନ୍ଦ୍ରିୟମାନଙ୍କୁ ସେମାନଙ୍କର ବିଷୟଗୁଡ଼ିକଠାରୁ ସଙ୍କୁଚିତ ଓ ନିବୃତ୍ତ କରିନିଏ। ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରି ସେ ମୋର ପରାୟଣ ହୋଇଯାଏ (୨।୫୮, ୬୧)।

ସେ କିପରି ଚାଲେ? ଅର୍ଥାତ୍ ଧୀରେ ଧୀରେ ଚାଲେ କି ଜୋର୍‌ରେ? ଏହାର ଉତ୍ତରରେ ଭଗବାନ କହିଲେ ଯେ ତା'ର ଚାଲିବା ଏପରି ନୁହେଁ; ସେ ରାଗ-ଦ୍ୱେଷରହିତ ହୋଇ ଏବଂ କାମନା, ଅହଂଭାବ, ମମତା ତଥା ସ୍ପୃହାରୁ ରହିତ ହୋଇ ଆଚରଣ କରେ (୨।୬୪—୭୧)।

(୨) ତୃତୀୟ ଅଧ୍ୟାୟର ୩୬ଶ ଶ୍ଳୋକରେ ଅର୍ଜୁନ ପଚାରିଲେ ଯେ, ଭଗବନ୍! ମନୁଷ୍ୟ ନ ଚାହିଁଲେ ମଧ୍ୟ ପାପ କରେ କାହିଁକି? ଭଗବାନ କହିଲେ ଯେ, ଭିତରେ କାମନା ରହିଥିଲେ ହିଁ ପାପକ୍ରିୟା ହୋଇଥାଏ (୩।୩୭)। ଭିତରେ କାମନା ନ ଥିଲେ ପାପକ୍ରିୟା ହୋଇପାରିବ ନାହିଁ ଓ କୌଣସି କ୍ରିୟା ଉପରକୁ ପାପ ଭଳି ଦେଖାଗଲେ ସୁଦ୍ଧା ପାପ ଲାଗିବ ନାହିଁ (୧୮।୧୭)।

(୩) ଚତୁର୍ଦ୍ଦଶ ଅଧ୍ୟାୟର ୨୧ଶ ଶ୍ଳୋକରେ ଅର୍ଜୁନ ପଚାରିଲେ ଯେ, ଗୁଣାତୀତର ଚିହ୍ନ (ଲକ୍ଷଣ) କ'ଣ? ଅର୍ଥାତ୍ ତାହାର ଆକୃତି, ରଙ୍ଗ ଓ ରୂପ କିପରି ହୋଇଥାଏ? ଭଗବାନ କହିଲେ ଯେ, ଗୁଣମାନଙ୍କର ବୃତ୍ତିସମୂହ ପ୍ରବୃତ୍ତ ବା ନିବୃତ୍ତ ହେଲେ ସେ ସେଗୁଡ଼ିକ ପ୍ରତି ଅନୁରାଗ କରେ ନାହିଁ କି ଦ୍ୱେଷ କରେ ନାହିଁ ଅର୍ଥାତ୍ ନିର୍ଲିପ୍ତ ରହେ। ସେ ଉଦାସୀନ ଭଳି ରହେ ଓ ଗୁଣଗୁଡ଼ିକ ଦ୍ୱାରା ବିଚଳିତ ନ ହୋଇ ନିଜ ସ୍ୱରୂପରେ ହିଁ ସ୍ଥିତ ରହେ (୧୪।୨୨-୨୩)।

ଅର୍ଜୁନ ପଚାରିଲେ ଯେ, ଗୁଣାତୀତର ଆଚରଣ କିପରି ହୋଇଥାଏ? ଅର୍ଥାତ୍ ସେ ସମସ୍ତଙ୍କ ସହିତ ମିଳାମିଶା କରେ କି ଅଲଗା ରହେ? ଛୁଆଁ-ଅଛୁଆଁ ବାଛେ କି ସମାନ ବ୍ୟବହାର କରେ? ଭଗବାନ କହିଲେ ଯେ ସେ ଭିତରେ ସମଭାବାପନ୍ନ ହୋଇଥାଏ। ବାହାରେ ଶାସ୍ତ୍ର ଓ ଲୋକମର୍ଯ୍ୟାଦା ଅନୁସାରେ ଅନେକ ପ୍ରକାର ଆଚରଣ କରି ମଧ୍ୟ ତା'ଠାରେ ସମତା ଅଟଳ ରହିଥାଏ (୧୪।୨୪-୨୫)।

ଅର୍ଜୁନ ପଚାରିଲେ ଯେ, ଗୁଣାତୀତ ହେବାର ଉପାୟ କ'ଣ? ଅର୍ଥାତ୍ ଜପ କରିବା ଉଚିତ କି ଧ୍ୟାନ କରିବା ଉଚିତ? କାହାପାଖକୁ ଯିବା ଉଚିତ କି ତୀର୍ଥସ୍ଥଳକୁ ଯିବା ଉଚିତ? ଭଗବାନ କହିଲେ ଯେ, ଯେଉଁ ମନୁଷ୍ୟ ଅବ୍ୟଭିଚାରୀ ଭକ୍ତିଯୋଗ ଦ୍ୱାରା ମୋ ସହିତ ସଂଯୁକ୍ତ ହୋଇଯାଏ, ସେ ଗୁଣଗୁଡ଼ିକୁ ଅତିକ୍ରମ କରିଯାଏ ଅର୍ଥାତ୍ ଗୁଣାତୀତ ହୋଇଯାଏ (୧୪।୨୬)।

ଏହିପରି ଅର୍ଜୁନ କ୍ରିୟାପ୍ରଧାନ ପ୍ରଶ୍ନ କରିଥିବାସ୍ଥଳେ ଭଗବାନ ସେଗୁଡ଼ିକର ଭାବପ୍ରଧାନ ଉତ୍ତର ଦେଇଛନ୍ତି।

ତାତ୍ପର୍ଯ୍ୟ ହେଲା ଯେ ଭଗବାନ ବାହ୍ୟ ଆଚରଣ, ବେଶଭୂଷା, ଚାଲିଚଳନ, ଆଶ୍ରମପରିବର୍ତ୍ତନ ଆଦିକୁ ମହତ୍ତ୍ୱ ଦେଇ ନାହାନ୍ତି, ବରଂ ଭାବକୁ ହିଁ ମହତ୍ତ୍ୱ ଦେଇଛନ୍ତି। କାରଣ ଭାବ ବଦଳିଗଲେ କ୍ରିୟା ଆପେ ଆପେ ମାର୍ଜିତ ହୋଇଯାଏ। ବିଶେଷତ୍ୱ ଭାବରେ ହିଁ ଥାଏ, କ୍ରିୟାରେ ନୁହେଁ; କାରଣ ଦେଖାଇବା ପାଇଁ ମଧ୍ୟ ମନୁଷ୍ୟ କ୍ରିୟା କରିପାରେ।

୮୩. ଗୀତାରେ ଭଗବାନଙ୍କ ବର୍ଣ୍ଣନଶୈଳୀ

ଚିତ୍ରା ବର୍ଣ୍ଣନଶୈଳୀ ତୁ ନଟନାଥସ୍ୟ ବିଦ୍ୟତେ ।
ଭକ୍ତୌ ଜ୍ଞାନଂ ଚ ସନ୍ନ୍ୟାସେ ଭକ୍ତିଶ୍ଚ କଥିତା ସ୍ୱୟମ୍ ॥

ଭଗବାନ ଯେଉଁଠି ଜ୍ଞାନର ବର୍ଣ୍ଣନା କରିଛନ୍ତି, ତାହାର ଫଳରୂପରେ ସେ ଭକ୍ତିର ବର୍ଣ୍ଣନା କରିଛନ୍ତି; ଯଥା—ଅଷ୍ଟାଦଶ ଅଧ୍ୟାୟର ୪୯ଶ ଶ୍ଳୋକରୁ ୫୫ଶ ଶ୍ଳୋକଯାଏ ଜ୍ଞାନର ପ୍ରକରଣ ଅଛି, କିନ୍ତୁ ଜ୍ଞାନର ଫଳରୂପରେ ଭଗବାନ ତାଙ୍କ ପ୍ରତି ପରାଭକ୍ତି ହୁଏ ବୋଲି କହିଛନ୍ତି—**'ମଦ୍ଭକ୍ତିଂ ଲଭତେ ପରାମ୍'** । ଏହିପରି ଭଗବାନ ଯେଉଁଠି ଭକ୍ତିର ବର୍ଣ୍ଣନା କରିଛନ୍ତି, ସେଠାରେ ଫଳରୂପରେ ଜ୍ଞାନର ବର୍ଣ୍ଣନା କରିଛନ୍ତି; ଯଥା—ଦଶମ ଅଧ୍ୟାୟର ୮ମ ଶ୍ଳୋକରୁ ୧୧ଶ ଶ୍ଳୋକଯାଏ ଭକ୍ତିର ପ୍ରକରଣ ଅଛି, କିନ୍ତୁ ଭକ୍ତିର ଫଳରୂପରେ ଭଗବାନ ଜ୍ଞାନପ୍ରାପ୍ତି ହେବା କଥା କହିଛନ୍ତି—**'ଅଜ୍ଞାନଜଂ ତମଃ...... ଜ୍ଞାନଦୀପେନ ଭାସ୍ୱତା'** ।

ଯେଉଁଠି ଜ୍ଞାନପ୍ରାପ୍ତିର ସାଧନଗୁଡ଼ିକର ବର୍ଣ୍ଣନା ଅଛି, ସେଠାରେ ଭଗବାନ ତାଙ୍କ ପ୍ରତି ଅନନ୍ୟ ଅବ୍ୟଭିଚାରିଣୀ ଭକ୍ତିକୁ ଜ୍ଞାନର ସାଧନ ବୋଲି କହିଛନ୍ତି (୧୩ । ୧୦) । ଯେଉଁଠି ଗୁଣାତୀତ ହେବାର ପ୍ରସଙ୍ଗ ଅଛି, ସେଠାରେ ଭଗବାନ ଭକ୍ତିକୁ ଗୁଣାତୀତ ହେବାର ଉପାୟ ବୋଲି କହିଛନ୍ତି (୧୪ । ୨୬) ଏବଂ ଯେଉଁଠି ଭକ୍ତିର ପ୍ରକରଣ ଅଛି, ସେଠାରେ ଭଗବାନ ତତ୍ତ୍ୱତଃ ଜାଣିବା କଥା ଅର୍ଥାତ୍ ଜ୍ଞାନ କଥା କହିଛନ୍ତି (୧୦ । ୧୦) ।

ତାତ୍ପର୍ଯ୍ୟ ହେଲା ଯେ ଜ୍ଞାନରେ ମଧ୍ୟ ଭକ୍ତି ଆବଶ୍ୟକ ଏବଂ ଭକ୍ତିରେ ମଧ୍ୟ ଜ୍ଞାନ ଆବଶ୍ୟକ । ଅତଏବ ଜ୍ଞାନମାର୍ଗୀ ସାଧକ ପକ୍ଷେ ଭକ୍ତିକୁ ଓ ଭକ୍ତିମାର୍ଗୀଙ୍କୁ ତିରସ୍କାର, ନିରାଦର ଆଦି ନ କରିବା ଉଚିତ ଏବଂ ଭକ୍ତିମାର୍ଗୀ ସାଧକ ପକ୍ଷେ ଜ୍ଞାନକୁ ଓ ଜ୍ଞାନମାର୍ଗୀଙ୍କୁ ତିରସ୍କାର, ନିରାଦର ନ କରିବା ଉଚିତ । କାରଣ ଯଦି ଜ୍ଞାନମାର୍ଗୀ ଓ ଭକ୍ତିମାର୍ଗୀ ପରସ୍ପରକୁ ତିରସ୍କାର ଓ ନିନ୍ଦା କରିବେ, ତେବେ ସେମାନଙ୍କର ସାଧନାରେ ସିଦ୍ଧି ମିଳିବ ନାହିଁ, ସେଥିରେ ବାଧା ଉପୁଜିବ ଅର୍ଥାତ୍ ସେମାନଙ୍କ ଦ୍ୱାରା ସାଧକ ଓ ତା' ସାଧନା ପ୍ରତି ଯେଉଁ ତିରସ୍କାର ହେବ, ତାହା ସେମାନଙ୍କ ସାଧନାର ସିଦ୍ଧିରେ ବିଘ୍ନ ସୃଷ୍ଟି କରିବ । ଅତଏବ ପ୍ରତ୍ୟେକ ସାଧକ ପ୍ରତ୍ୟେକ ସାଧକ ପ୍ରତି ସଦ୍ଭାବ ରଖିବା ଉଚିତ । ପରମାତ୍ମାଙ୍କର ଅଂଶ ହୋଇଥିବା ହେତୁ ପ୍ରତ୍ୟେକ ପ୍ରାଣୀ ପ୍ରତି ସଦ୍ଭାବ ରହିବା ତ ଆବଶ୍ୟକ, ଏହାବ୍ୟତୀତ ସେହି ପ୍ରାଣୀମାନଙ୍କ ମଧ୍ୟରୁ ଯେଉଁମାନେ ଜ୍ଞାନଯୋଗ, ଭକ୍ତିଯୋଗ ଆଦି କୌଣସି ସାଧନା ଦ୍ୱାରା ଭଗବାନଙ୍କ ଠାରେ ସଂଯୁକ୍ତ ଅଛନ୍ତି, ସେହି ସାଧକମାନଙ୍କୁ ବିଶେଷ ଆଦର କରିବା ଉଚିତ । ଏହା କଲେ ସାଧକର ସାଧନା ଶୀଘ୍ର ସଫଳ ହେବ । ଗୀତାରେ ଭଗବାନ ମଧ୍ୟ କୌଣସି ମତର ଖଣ୍ଡନ ବା ନିନ୍ଦା ନ କରି କେବଳ ନିଜର ମତ ହିଁ ବ୍ୟକ୍ତ କରିଛନ୍ତି (୧୮ । ୨—୬ ଇତ୍ୟାଦି) ।

୮୪. ଗୀତୋକ୍ତ ଅନ୍ୱୟ ଓ ବ୍ୟତିରେକ ବାକ୍ୟଗୁଡ଼ିକର ତାତ୍ପର୍ଯ୍ୟ

ଅନ୍ୱୟବ୍ୟତିରେକାଭ୍ୟାଂ ବିଷୟସ୍ତୁ ଦୃଢାୟତେ ।
ସ୍ପଷ୍ଟରୂପେଣ ସା ଶୈଳୀ ଗୀତାୟାଂ ଦୃଶ୍ୟତେ ପ୍ରଭୋଃ ॥

ଯେଉଁ ବାକ୍ୟରେ ଅସ୍ତିବାଚକରୂପେ କୁହାଯାଇଥାଏ ଯେ ଅମୁକ କାର୍ଯ୍ୟ କଲେ ସଫଳତା ମିଳେ, ତାହାକୁ 'ଅନ୍ୱୟ' ଶୈଳୀର ବାକ୍ୟ କୁହାଯାଏ ଏବଂ ଯେଉଁ ବାକ୍ୟରେ ନାସ୍ତିବାଚକରୂପେ କୁହାଯାଇଥାଏ ଯେ ଅମୁକ କାର୍ଯ୍ୟ ନ କଲେ ସଫଳତା ମିଳେ ନାହିଁ, ତାହାକୁ 'ବ୍ୟତିରେକ' ଶୈଳୀର ବାକ୍ୟ କୁହାଯାଏ । ଏଭଳି ଅନ୍ୱୟ ଓ ବ୍ୟତିରେକ ବାକ୍ୟ ଦ୍ୱାରା ବିଷୟ ସ୍ପଷ୍ଟ ହୋଇଥାଏ । ଅତଏବ ଗୀତାରେ ବିଷୟକୁ ସ୍ପଷ୍ଟ କରିବା ପାଇଁ ଭଗବାନ ଅନେକ ଅନ୍ୱୟ ଓ ବ୍ୟତିରେକ ବାକ୍ୟ କହିଛନ୍ତି; ଯଥା—

(୧) ଦ୍ୱିତୀୟ ଅଧ୍ୟାୟର ୨୪ଶ ଓ ୨୫ଶ ଶ୍ଳୋକରେ ଭଗବାନ କହିଛନ୍ତି ଯେ ଶରୀରୀ(ଆତ୍ମା)କୁ ନିତ୍ୟ, ସର୍ବଗତ ଆଦି ବୋଲି ଜାଣିଗଲେ ଶୋକ ହେବ ନାହିଁ; ପୁନଶ୍ଚ ୨୬ଶ ଓ ୨୭ଶ ଶ୍ଳୋକରେ

କହିଛନ୍ତି, ଯଦି ତୁମେ ଶରୀରୀକୁ ନିତ୍ୟ ଜନ୍ମଶୀଳ ଓ ନିତ୍ୟ ମରଣଶୀଳ ବୋଲି ମାନିନେବ, ତେବେ ମଧ୍ୟ ଶୋକ ହେବ ନାହିଁ; କାରଣ ଯିଏ ଜନ୍ମଗ୍ରହଣ କରେ, ସେ ନିଶ୍ଚୟ ମରେ ଓ ଯିଏ ମରେ, ସେ ନିଶ୍ଚୟ ଜନ୍ମଗ୍ରହଣ କରେ।

—ଏହାର ତାତ୍ପର୍ଯ୍ୟ ହେଲା, କୌଣସି ଦୃଷ୍ଟିରୁ ବି ମନୁଷ୍ୟ ଶୋକ କରିବା ଉଚିତ ନୁହେଁ।

(୨) ଦ୍ୱିତୀୟ ଅଧ୍ୟାୟର ୩୧ଶ ଶ୍ଳୋକରେ ଭଗବାନ କହିଛନ୍ତି ଯେ ନିଜର ଧର୍ମକୁ ଦେଖି ତୁମେ ଭୟଭୀତ ହେବା ଉଚିତ ନୁହେଁ, କାରଣ କ୍ଷତ୍ରିୟ ପାଇଁ ଧର୍ମମୟ ଯୁଦ୍ଧଠାରୁ ବଳି ଅନ୍ୟ କୌଣସି କଲ୍ୟାଣକର ସାଧନ ନାହିଁ; ପୁନଶ୍ଚ ୩୩ଶ ଶ୍ଳୋକରେ କହିଛନ୍ତି ଯେ ଯଦି ତୁମେ ଏହି ଧର୍ମମୟ ଯୁଦ୍ଧ ନ କରିବ, ତେବେ ତୁମକୁ ପାପ ଲାଗିବ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ମନୁଷ୍ୟ ପକ୍ଷେ କୌଣସି ଦୃଷ୍ଟିରେ, କୌଣସି ଅବସ୍ଥାରେ ବା ପରିସ୍ଥିତିରେ ଅଥବା କୌଣସି ସଂକଟ ସମୟରେ ନିଜର କର୍ତ୍ତବ୍ୟକର୍ମକୁ ତ୍ୟାଗ କରିବା ଉଚିତ ନୁହେଁ, ବରଂ ଆତ୍ମକଲ୍ୟାଣ ନିମିତ୍ତ ନିଷ୍କାମଭାବରେ ନିଜର କର୍ତ୍ତବ୍ୟକର୍ମ ତତ୍ପରତାପୂର୍ବକ ପାଳନ କରିବା ଉଚିତ।

(୩) ଦ୍ୱିତୀୟ ଅଧ୍ୟାୟର ୬୨ତମ ଓ ୬୩ତମ ଶ୍ଳୋକରେ ଭଗବାନ କହିଲେ ଯେ ଆସକ୍ତ ହୋଇ ବିଷୟଚିନ୍ତନ କରିବା ମାତ୍ରେ ପତନ ହୋଇଯାଏ; ଏବଂ ୬୪ତମ ଓ ୬୫ତମ ଶ୍ଳୋକରେ କହିଲେ ଯେ ଅନାସକ୍ତ ହୋଇ ବିଷୟଗୁଡ଼ିକର ସେବନ କଲେ ସ୍ଥିତପ୍ରଜ୍ଞତା ଆସେ ଅର୍ଥାତ୍ ପରମାତ୍ମପ୍ରାପ୍ତି ହୋଇଯାଏ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ସାଧକ ରାଗ-ଦ୍ୱେଷକୁ ଦୂର କରିବା ଉଚିତ, କାରଣ ଏ ଦୁଇଟି ହେଉଛନ୍ତି ସାଧକର ଶତ୍ରୁ (୩।୩୪)।

(୪) ଦ୍ୱିତୀୟ ଅଧ୍ୟାୟର ୬୨ତମ ଓ ୬୩ତମ ଶ୍ଳୋକରେ ଭଗବାନ କହିଲେ ଯେ, ଯିଏ ବିଷୟଗୁଡ଼ିକର ଚିନ୍ତନ କରେ, ତାହାର ପତନ ହୋଇଯାଏ; ଏବଂ ଷଷ୍ଠ ଅଧ୍ୟାୟର ୪୦ଶ ଶ୍ଳୋକରେ କହିଲେ ଯେ, କଲ୍ୟାଣକର କାର୍ଯ୍ୟ କରୁଥିବା ଲୋକର ପତନ ହୁଏ ନାହିଁ।

—ଏହାର ତାତ୍ପର୍ଯ୍ୟ ହେଲା ଯେ, ଯିଏ ସଂସାରର ସମ୍ମୁଖ ହୁଏ, ତା'ର ପତନ ହୁଏ; ଏବଂ ଯିଏ କୌଣସିମତେ ଭଗବାନଙ୍କର ସମ୍ମୁଖ ହୋଇଯାଏ ଓ ପାରମାର୍ଥିକ ମାର୍ଗରେ ଲାଗିଯାଏ, ତା'ର ପତନ ହୁଏ ନାହିଁ।

(୫) ଦ୍ୱିତୀୟ ଅଧ୍ୟାୟର ୬୪ତମ ଓ ୬୫ତମ ଶ୍ଳୋକରେ ଭଗବାନ କହିଛନ୍ତି, ଯାହାର ମନ ଓ ଇନ୍ଦ୍ରିୟଗଣ ବଶୀଭୂତ, ତା'ର ବୁଦ୍ଧି ପ୍ରତିଷ୍ଠିତ; ଏବଂ ୬୬ତମ ଓ ୬୭ତମ ଶ୍ଳୋକରେ କହିଛନ୍ତି, ଯାହାର ମନ ଓ ଇନ୍ଦ୍ରିୟଗଣ ବଶୀଭୂତ ନୁହନ୍ତି, ତାହାର ବୁଦ୍ଧି ପ୍ରତିଷ୍ଠିତ ନୁହେଁ। ଅସଂଯମୀ ହୋଇଥିବା ଯୋଗୁଁ ମନ ତା'ର ବୁଦ୍ଧିକୁ ହରଣ କରିନିଏ।

—ଏହାର ତାତ୍ପର୍ଯ୍ୟ ହେଲା ଯେ କର୍ମଯୋଗୀ ପାଇଁ ମନ ଓ ଇନ୍ଦ୍ରିୟଗୁଡ଼ିକୁ ବଶରେ ରଖିବା ଅତ୍ୟନ୍ତ ଆବଶ୍ୟକ।

(୬) ତୃତୀୟ ଅଧ୍ୟାୟର ୯ମ ଶ୍ଳୋକରେ ଭଗବାନ କହିଛନ୍ତି ଯେ ଯଜ୍ଞ ଅତିରିକ୍ତ ଅନ୍ୟକର୍ମ ଅର୍ଥାତ୍ ନିଜ ପାଇଁ କରାଯାଉଥିବା କର୍ମ ବନ୍ଧନକାରକ—**'ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ';** ଏବଂ ଚତୁର୍ଥ ଅଧ୍ୟାୟର ୨୩ଶ ଶ୍ଳୋକରେ କହିଛନ୍ତି ଯେ ଯଜ୍ଞ ପାଇଁ ଅର୍ଥାତ୍ ଅନ୍ୟମାନଙ୍କର ହିତ ପାଇଁ କର୍ମ କରୁଥିବା ମନୁଷ୍ୟର ସମସ୍ତ କର୍ମ ବିଲୀନ ହୋଇଯାଏ—**'ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ।'**

—ଏହାର ତାତ୍ପର୍ଯ୍ୟ ହେଲା ଯେ ମନୁଷ୍ୟକୁ କେବଳ ଅନ୍ୟର ହିତସାଧନ ପାଇଁ ସମସ୍ତ କର୍ମ କରିବା ଉଚିତ, ନିଜର ସ୍ୱାର୍ଥ ପାଇଁ ନୁହେଁ।

(୭) ତୃତୀୟ ଅଧ୍ୟାୟର ୧୩ଶ ଶ୍ଳୋକର ପୂର୍ବାର୍ଦ୍ଧରେ ଭଗବାନ କହିଛନ୍ତି ଯେ ଯଜ୍ଞାବଶେଷର ଅନୁଭବ କରୁଥିବା ଲୋକେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି; ଏବଂ ଉତ୍ତରାର୍ଦ୍ଧରେ କହିଛନ୍ତି ଯେ ଯେଉଁମାନେ କେବଳ ନିଜ ପାଇଁ ରାନ୍ଧନ୍ତି ଅର୍ଥାତ୍ ସବୁ କାମ କରନ୍ତି, ସେହି ପାପୀମାନେ କେବଳ ପାପ ଅର୍ଜନ କରିଥାନ୍ତି।

—ଏହାର ତାତ୍ପର୍ଯ୍ୟ ହେଲା ଯେ ମନୁଷ୍ୟ ପକ୍ଷେ ନିଷ୍କାମଭାବରେ ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ। କାରଣ ନିଷ୍କାମଭାବରେ କର୍ତ୍ତବ୍ୟକର୍ମ କଲେ ମୁକ୍ତି ମିଳିଥାଏ (୩।୧୯) ଏବଂ ସକାମଭାବରେ କର୍ତ୍ତବ୍ୟକର୍ମ କଲେ ବନ୍ଧନ ହୁଏ (୫।୧୨)।

(୮) ତୃତୀୟ ଅଧ୍ୟାୟର ୨୧ଶ ଶ୍ଳୋକରେ ଭଗବାନ କହିଛନ୍ତି ଯେ ଶ୍ରେଷ୍ଠ ମନୁଷ୍ୟ ଯେପରି ଆଚରଣ କରନ୍ତି, ଅନ୍ୟମାନେ ସେହିପରି ଆଚରଣ କରିଥାନ୍ତି; ଏବଂ ୨୫ଶ ଶ୍ଳୋକରେ କହିଛନ୍ତି ଯେ କର୍ମବିଧାୟକ ଶାସ୍ତ୍ର, କର୍ମ ଓ କର୍ମଫଳ ଉପରେ ଆସ୍ଥା ରଖିଥିବା ଆସକ୍ତ ଅଜ୍ଞାନୀ ମନୁଷ୍ୟ ଯେପରି ତତ୍ପରତାପୂର୍ବକ କର୍ମ କରନ୍ତି, ବିଦ୍ୱାନ୍ (ଜ୍ଞାନୀ) ମନୁଷ୍ୟ ମଧ୍ୟ ଅନାସକ୍ତ

ହୋଇ ସେହିପରି ତତ୍ପରତାପୂର୍ବକ କର୍ମ କରିବା ଉଚିତ। ଏହିରୂପେ ୨୧ଶ ଶ୍ଳୋକରେ ଶ୍ରେଷ୍ଠ (ଜ୍ଞାନୀ) ମନୁଷ୍ୟକୁ ସାଧାରଣ ମନୁଷ୍ୟମାନଙ୍କ ପାଇଁ ଆଦର୍ଶ କୁହାଯାଇଛି ଏବଂ ୨୫ଶ ଶ୍ଳୋକରେ ଅଜ୍ଞାନୀ ମନୁଷ୍ୟମାନଙ୍କୁ ଜ୍ଞାନୀ ମନୁଷ୍ୟଙ୍କ ପାଇଁ ଆଦର୍ଶ କୁହାଯାଇଛି।*

—ଏହାର ତାତ୍ପର୍ଯ୍ୟ ହେଲା ଯେ ଜ୍ଞାନୀ ମହାପୁରୁଷ 'ଆଦର୍ଶ' ହୋଇଥାଆନ୍ତୁ ବା 'ଅନୁଯାୟୀ' ହୋଇଥାଆନ୍ତୁ, ତାଙ୍କ ଦ୍ୱାରା ସ୍ୱତଃ ଲୋକସଂଗ୍ରହ ହୋଇଥାଏ।

(୯) ତୃତୀୟ ଅଧ୍ୟାୟର ୨୨ଶ ଶ୍ଳୋକରେ ଭଗବାନ କହିଛନ୍ତି, "ମୋ ପାଇଁ ତ୍ରିଲୋକରେ କୌଣସି କର୍ତ୍ତବ୍ୟକର୍ମ ନାହିଁ, ତଥାପି ମୁଁ କର୍ତ୍ତବ୍ୟକର୍ମ କରୁଛି"; ଏବଂ ୨୩ଶ ଶ୍ଳୋକରେ କହିଛନ୍ତି, "ଯଦି ମୁଁ ନିରଳସ ହୋଇ କର୍ତ୍ତବ୍ୟକର୍ମ ନ କରେ, ତେବେ ଲୋକେ ମଧ୍ୟ କର୍ତ୍ତବ୍ୟକର୍ମ ଛାଡ଼ି ଅଳସୁଆ ହୋଇଯିବେ"।

—ଏହାର ତାତ୍ପର୍ଯ୍ୟ ହେଲା ଯେ ଜ୍ଞାନୀ ମହାପୁରୁଷଙ୍କ ପାଇଁ କୌଣସି କର୍ତ୍ତବ୍ୟ ନ ଥିଲେ ମଧ୍ୟ ଲୋକସଂଗ୍ରହ ପାଇଁ ଓ ଲୋକମର୍ଯ୍ୟାଦାକୁ ଅଟଳ ରଖିବା ପାଇଁ ସେ କର୍ତ୍ତବ୍ୟକର୍ମ କରିବା ଉଚିତ, କାରଣ ସ୍ୱୟଂ ଭଗବାନ ମଧ୍ୟ ନିରଳସ ହୋଇ ତତ୍ପରତାପୂର୍ବକ ଲୋକସଂଗ୍ରହ ନିମିତ୍ତ କର୍ତ୍ତବ୍ୟକର୍ମ କରନ୍ତି।

(୧୦) ତୃତୀୟ ଅଧ୍ୟାୟର ୨୭ଶ ଶ୍ଳୋକରେ ଭଗବାନ କହିଛନ୍ତି ଯେ ସମସ୍ତ କ୍ରିୟା ପ୍ରକୃତିର ଗୁଣ ଦ୍ୱାରା ହୋଇଥାଏ, କିନ୍ତୁ ମୂଢ଼ ଲୋକେ ନିଜକୁ ସେହି କ୍ରିୟାର କର୍ତ୍ତା ବୋଲି ମାନିନିଅନ୍ତି; ଏବଂ ୨୮ଶ ଶ୍ଳୋକରେ କହିଛନ୍ତି ଯେ ତତ୍ତ୍ୱବେତ୍ତା ମନୁଷ୍ୟ ନିଜକୁ ସେହି କ୍ରିୟାର କର୍ତ୍ତା ଭାବେ ନାହିଁ। ଅତଏବ ମୂଢ଼ ମନୁଷ୍ୟ କ୍ରିୟାରେ ଆସକ୍ତ ହୋଇ ବାନ୍ଧି ହୋଇଯାଉଥିବା ସ୍ଥଳେ ତତ୍ତ୍ୱବେତ୍ତା ମନୁଷ୍ୟ କ୍ରିୟାରେ ଆସକ୍ତ ନ ହୋଇ ମୁକ୍ତ ହୋଇଯାଏ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ଜ୍ଞାନଯୋଗୀ ସାଧକ ନିଜକୁ କୌଣସି କ୍ରିୟାର କର୍ତ୍ତା ନ ମାନୁ। ପ୍ରକୃତରେ କ୍ରିୟା ମାତ୍ରକେ ପ୍ରକୃତିରେ ହିଁ ସମ୍ଭବ। ଆତ୍ମା ଅକର୍ତ୍ତା ଅଟେ। ଆତ୍ମାରେ କର୍ତ୍ତୃତ୍ୱ କେବେ ନ ଥିଲା, ନାହିଁ ଏବଂ ଆସିବା ମଧ୍ୟ ସମ୍ଭବ ନୁହେଁ। କିନ୍ତୁ ଯେଉଁ ମନୁଷ୍ୟ ସଂସାରରେ ମୋହିତ ହୋଇଯାଆନ୍ତି, ସେମାନେ ଆତ୍ମାକୁ କର୍ତ୍ତା ମାନି ନିଅନ୍ତି ଏବଂ ଯେଉଁମାନେ ତତ୍ତ୍ୱକୁ ଯଥାର୍ଥଭାବେ ଜାଣନ୍ତି, ସେମାନେ ଆତ୍ମାକୁ କର୍ତ୍ତା ମାନନ୍ତି ନାହିଁ।

(୧୧) ତୃତୀୟ ଅଧ୍ୟାୟର ୨୮ଶ ଶ୍ଳୋକରେ 'ଗୁଣଗୁଡ଼ିକ ଗୁଣଗୁଡ଼ିକ ମଧ୍ୟରେ ପ୍ରବର୍ତ୍ତିତ ହେଉଛନ୍ତି' କହି ଗୁଣଗୁଡ଼ିକୁ କର୍ତ୍ତା ବୋଲି କୁହାଯାଇଛି ଏବଂ ଚତୁର୍ଦ୍ଦଶ ଅଧ୍ୟାୟର ୧୯ଶ ଶ୍ଳୋକରେ ଗୁଣଗୁଡ଼ିକ ବ୍ୟତୀତ ଅନ୍ୟ କେହି କର୍ତ୍ତା ନାହିଁ ବୋଲି କୁହାଯାଇଛି।

—ଏହାର ତାତ୍ପର୍ଯ୍ୟ ହେଲା ଯେ ଗୁଣ ହିଁ କର୍ତ୍ତା ଅଟେ, ସ୍ୱୟଂ (ଆତ୍ମା) କର୍ତ୍ତା ନୁହେଁ। ସମସ୍ତ କ୍ରିୟା ଗୁଣ ଦ୍ୱାରା ଓ ଗୁଣ ମଧ୍ୟରେ ସଂଘଟିତ ହୁଏ, ସ୍ୱୟଂ ଦ୍ୱାରା କିଂବା ସ୍ୱୟଂ ମଧ୍ୟରେ ନୁହେଁ।

(୧୨) ତୃତୀୟ ଅଧ୍ୟାୟର ୩୧ଶ ଶ୍ଳୋକରେ ଭଗବାନ କହିଛନ୍ତି, ଯେଉଁମାନେ ଦୋଷଦୃଷ୍ଟିରହିତ ହୋଇ ଶ୍ରଦ୍ଧାପୂର୍ବକ ମୋ ମତ ପାଳନ କରନ୍ତି, ସେମାନେ ସମସ୍ତ କର୍ମରୁ ମୁକ୍ତ ହୋଇଯାଆନ୍ତି; ଏବଂ ୩୨ଶ ଶ୍ଳୋକରେ କହିଛନ୍ତି, ଯେଉଁମାନେ ମୋ ପ୍ରତି ଦୋଷଦୃଷ୍ଟି ରଖି ମୋ ମତ ପାଳନ କରନ୍ତି ନାହିଁ, ସେମାନଙ୍କର ପତନ ହୋଇଯାଏ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ପ୍ରତ୍ୟେକ ମନୁଷ୍ୟ ନିଜର ଉଦ୍ଧାର ପାଇଁ ଦୋଷଦୃଷ୍ଟିରହିତ ହୋଇ ଶ୍ରଦ୍ଧାପୂର୍ବକ ଭଗବାନଙ୍କ ଦ୍ୱାରା କଥିତ ମତକୁ ନିଷ୍କାମଭାବରେ ପାଳନ କରିବା ଉଚିତ।

(୧୩) ଚତୁର୍ଥ ଅଧ୍ୟାୟର ୩୯ଶ ଶ୍ଳୋକରେ କୁହାଯାଇଛି ଯେ ଶ୍ରଦ୍ଧାବାନ୍ ମନୁଷ୍ୟକୁ ଜ୍ଞାନ ହୋଇଯାଏ; ଏବଂ ୪୦ଶ ଶ୍ଳୋକରେ କୁହାଯାଇଛି ଯେ ଅଶ୍ରଦ୍ଧାବାନ୍ ମନୁଷ୍ୟର ସଂଶୟ ଥାଏ ଅର୍ଥାତ୍ ତାକୁ ଜ୍ଞାନ ହୁଏ ନାହିଁ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ଯେଉଁ ପରମାତ୍ମା ଇନ୍ଦ୍ରିୟ, ଅନ୍ତଃକରଣ ଆଦିର ବିଷୟ ନୁହନ୍ତି, ତାହାଙ୍କ ଉପରେ ଶ୍ରଦ୍ଧା ରଖିବା ଉଚିତ, କାରଣ ତାଙ୍କୁ ପାଇବାର ମୁଖ୍ୟ ସାଧନ ହେଲା ଶ୍ରଦ୍ଧା।

(୧୪) ପଞ୍ଚମ ଅଧ୍ୟାୟର ୪ର୍ଥ ଶ୍ଳୋକରେ ଭଗବାନ କହିଲେ ଯେ ଯେଉଁମାନେ ସାଂଖ୍ୟ ଓ ଯୋଗର ଫଳ ଅଲଗା ଅଲଗା ବୋଲି ଭାବନ୍ତି, ସେମାନେ ବାଳକ ଅର୍ଥାତ୍ ଅବୋଧ; ଏବଂ ୫ମ ଶ୍ଳୋକରେ କହିଲେ ଯେ ଯେଉଁମାନେ ସାଂଖ୍ୟ ଓ ଯୋଗର ଫଳକୁ ଏକା ବୋଲି ଭାବନ୍ତି, ସେମାନେ ପ୍ରକୃତରେ ଠିକ୍ ଦେଖନ୍ତି ଅର୍ଥାତ୍ ସେମାନେ ହିଁ ପଣ୍ଡିତ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ସାଂଖ୍ୟଯୋଗ ଓ କର୍ମଯୋଗ କେବଳ ଆଚରଣ କରିବା ଦୃଷ୍ଟିରୁ ଅଲଗା

---

* ବିଦ୍ୱାନ୍ ମନୁଷ୍ୟ ପାଇଁ ଅଜ୍ଞାନୀ ମନୁଷ୍ୟମାନଙ୍କର କର୍ମ କରିବାର ପଦ୍ଧତି ହିଁ ଆଦର୍ଶ, ସେମାନଙ୍କର ଭାବ ଆଦର୍ଶ ନୁହେଁ। ତେଣୁ ବିଦ୍ୱାନ୍ ମନୁଷ୍ୟ ପାଇଁ 'ଅସକ୍ତଃ' (ଅନାସକ୍ତ) ପଦ ବ୍ୟବହୃତ ହୋଇଛି।

ଅଲଗା, କିନ୍ତୁ ପରିଣାମରେ ଉଭୟ ଏକା ଅର୍ଥାତ୍ ସାଂଖ୍ୟଯୋଗ ଦ୍ୱାରା ଯେଉଁ ତତ୍ତ୍ୱ ପ୍ରାପ୍ତ ହୁଏ, ସେହି ତତ୍ତ୍ୱ କର୍ମଯୋଗ ଦ୍ୱାରା ମଧ୍ୟ ପ୍ରାପ୍ତ ହୋଇଥାଏ ।

(୧୫) ପଞ୍ଚମ ଅଧ୍ୟାୟର ୧୨ଶ ଶ୍ଳୋକର ପୂର୍ବାର୍ଦ୍ଧରେ ଭଗବାନ କହିଛନ୍ତି ଯେ ଯୋଗୀ କର୍ମଫଳକୁ ତ୍ୟାଗ କରି କର୍ମ କଲେ ସଦାସ୍ଥାୟୀ ଶାନ୍ତିକୁ ପ୍ରାପ୍ତ କରେ; ଏବଂ ଉତ୍ତରାର୍ଦ୍ଧରେ କହିଛନ୍ତି ଯେ ଅଯୋଗୀ (ଭୋଗୀ) ନିଜ ସ୍ୱାର୍ଥ ପାଇଁ କର୍ମ କଲେ ବାନ୍ଧି ହୋଇଯାଏ ଓ ଜନ୍ମମରଣଚକ୍ରରେ ଘୂରିବୁଲେ ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ମନୁଷ୍ୟ ସର୍ବଦା ଯୋଗୀ ଅର୍ଥାତ୍ କର୍ମଫଳତ୍ୟାଗୀ ହେବା ଉଚିତ । ସେ କର୍ମଫଳର ଭୋଗୀ ହେବା ଉଚିତ ନୁହେଁ ।

(୧୬) ପଞ୍ଚମ ଅଧ୍ୟାୟର ୨୯ଶ ଶ୍ଳୋକରେ ଭଗବାନ କହିଛନ୍ତି, ଯେଉଁମାନେ ମୋତେ ସମସ୍ତ କର୍ମର ଭୋକ୍ତା ଓ ସମସ୍ତ ଲୋକର ମାଲିକ ବୋଲି ମାନନ୍ତି, ସେମାନେ ଶାନ୍ତି ପ୍ରାପ୍ତ କରନ୍ତି; ଏବଂ ନବମ ଅଧ୍ୟାୟର ୨୪ଶ ଶ୍ଳୋକରେ କହିଛନ୍ତି, ଯେଉଁମାନେ ମୋତେ ସମସ୍ତ କର୍ମର ଭୋକ୍ତା ଓ ସମସ୍ତ ଲୋକର ମାଲିକ ବୋଲି ମାନନ୍ତି ନାହିଁ, ସେମାନଙ୍କର ପତନ ହୁଏ ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ସମସ୍ତ ଶୁଭକର୍ମର ଭୋକ୍ତା ଓ ସମଗ୍ର ସଂସାରର ମାଲିକ କେବଳ ଭଗବାନ । ଅତଏବ ମନୁଷ୍ୟ ନିଜକୁ କୌଣସି କର୍ମର ଭୋକ୍ତା ଓ କୌଣସି ବସ୍ତୁ, ବ୍ୟକ୍ତି ଆଦିର ମାଲିକ ବୋଲି ନ ମାନି ଭଗବାନଙ୍କୁ ହିଁ ଭୋକ୍ତା ଓ ମାଲିକ ମାନିବା ଉଚିତ ।

(୧୭) ଷଷ୍ଠ ଅଧ୍ୟାୟର ୨ୟ ଶ୍ଳୋକରେ ଭଗବାନ କହିଛନ୍ତି ଯେ ସଂକଳ୍ପ ତ୍ୟାଗ ନ କରି କେହି କୌଣସି ପ୍ରକାରର ଯୋଗୀ ହୋଇପାରେ ନାହିଁ; ଏବଂ ୪ର୍ଥ ଶ୍ଳୋକରେ କହିଛନ୍ତି ଯେ ସମସ୍ତ ସଂକଳ୍ପ ତ୍ୟାଗ କରିଥିବା ମନୁଷ୍ୟ ଯୋଗାରୂଢ଼ (ଯୋଗୀ) ହୋଇଯାଏ ।

—ଏହାର ତାତ୍ପର୍ଯ୍ୟ ହେଲା, ମନୁଷ୍ୟ ନିଜର ସଂକଳ୍ପ ନ ରଖି ଭଗବାନଙ୍କ ସଂକଳ୍ପରେ ନିଜର ସଂକଳ୍ପକୁ ମିଶାଇଦେବା ଉଚିତ ଅର୍ଥାତ୍ ଭଗବାନଙ୍କ ବିଧାନରେ ପରମ ପ୍ରସନ୍ନ ରହିବା ଉଚିତ ।

(୧୮) ଷଷ୍ଠ ଅଧ୍ୟାୟର ୧୬ଶ ଶ୍ଳୋକରେ ଭଗବାନ କହିଛନ୍ତି ଯେ ଯାହାର ଭୋଜନ, ଶୟନ, ଜାଗରଣ ନିୟମିତ ନୁହେଁ, ତାହାର ଯୋଗ ସିଦ୍ଧିଲାଭ କରେ ନାହିଁ; ଏବଂ ୧୭ଶ ଶ୍ଳୋକରେ କହିଛନ୍ତି ଯେ ଯାହାର ଆହାର-ବିହାର ଓ ଶୟନ-ଜାଗରଣ ନିୟମିତ, ତାହାର ଯୋଗ ସିଦ୍ଧ ହୁଏ ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ସାଧକକୁ ନିଜର ଜୀବନ ନିୟମିତ କରିବା ଉଚିତ, କାରଣ ଯିଏ ମନଇଚ୍ଛା ଆଚରଣ କରେ, ତାହାକୁ ସୁଖ ଓ ସିଦ୍ଧି ମିଳେ ନାହିଁ ।

(୧୯) ଷଷ୍ଠ ଅଧ୍ୟାୟର ୩୬ଶ ଶ୍ଳୋକର ପୂର୍ବାର୍ଦ୍ଧରେ ଭଗବାନ କହିଛନ୍ତି ଯେ ଯାହାର ମନ ସଂଯତ ନୁହେଁ, ତାହା ଦ୍ୱାରା ଯୋଗପ୍ରାପ୍ତି ହେବା କଠିନ; ଏବଂ ଉତ୍ତରାର୍ଦ୍ଧରେ କହିଛନ୍ତି ଯେ ଯାହାର ମନ ନିଜ ଅଧୀନରେ ଅଛି, ତାହା ଦ୍ୱାରା ଯୋଗପ୍ରାପ୍ତି ହେବା ସୁଲଭ ।

—ଏହାର ତାତ୍ପର୍ଯ୍ୟ ହେଲା, ମନୁଷ୍ୟ ନିଜର ଇନ୍ଦ୍ରିୟଗଣଙ୍କୁ ଓ ମନକୁ ନିଜ ଅଧୀନରେ ରଖିବା ଉଚିତ, କେବେହେଲେ ସେମାନଙ୍କର ଅଧୀନ ହେବା ଉଚିତ ନୁହେଁ ।

(୨୦) ନବମ ଅଧ୍ୟାୟର ୨୪ଶ ଶ୍ଳୋକରେ ଭଗବାନ କହିଛନ୍ତି, ଯିଏ ମୋତେ ତତ୍ତ୍ୱତଃ ଜାଣେ ନାହିଁ, ତାହାର ପତନ ହୁଏ; ଏବଂ ୩୧ଶ ଶ୍ଳୋକରେ କହିଛନ୍ତି, ମୋ ଭକ୍ତର ପତନ ହୁଏ ନାହିଁ ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ସକାମଭାବରେ ଅତ୍ୟନ୍ତ ଉନ୍ନତ କର୍ମ ଓ ଶୁଭକର୍ମ କରୁଥିବା ଲୋକ ମଧ୍ୟ ଯଦି ଭଗବାନଙ୍କ ଠାରୁ ବିମୁଖ ହୋଇଥାଏ, ତେବେ ତାହାର ପତନ ହୁଏ; ଏବଂ ଅତ୍ୟନ୍ତ ପାପୀ ମନୁଷ୍ୟ ମଧ୍ୟ ଯଦି ଭଗବାନଙ୍କର ସମ୍ମୁଖ (ଶରଣ) ହୋଇଯାଏ, ତେବେ ତାହାର ପତନ ହୁଏ ନାହିଁ ।

(୨୧) ଏକାଦଶ ଅଧ୍ୟାୟର ୫୩ଶ ଶ୍ଳୋକରେ ଭଗବାନ କହିଲେ ଯେ ବେଦାଧ୍ୟୟନ, ଦାନ ଓ ତପସ୍ୟା ଦ୍ୱାରା ମୋତେ ଦେଖି ହୁଏ ନାହିଁ; ଏବଂ ୫୪ଶ ଶ୍ଳୋକରେ କହିଲେ ଯେ ଅନନ୍ୟଭକ୍ତି ଦ୍ୱାରା ମୋତେ ଦେଖି ହୁଏ ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ବେଦାଧ୍ୟୟନ, ଦାନ ଆଦି ଶୁଭକର୍ମଗୁଡ଼ିକରେ କ୍ରିୟାର ପ୍ରାଧାନ୍ୟ ଅଛି ଓ ଅନନ୍ୟଭକ୍ତିରେ ଭାବର ପ୍ରାଧାନ୍ୟ ରହିଛି । କ୍ରିୟା ସୀମିତ, କିନ୍ତୁ ଭାବ ଅସୀମ । କ୍ରିୟାଗୁଡ଼ିକର ଆରମ୍ଭ ଓ ଶେଷ ହୁଏ, କିନ୍ତୁ ଭାବର ଆରମ୍ଭ ଓ ଶେଷ ନାହିଁ । ଭାବ ଅନନ୍ତ ହୋଇଥାଏ । ଜୀବ ନିତ୍ୟ ଓ ଭଗବାନ ମଧ୍ୟ ନିତ୍ୟ, ଅତଏବ ନିତ୍ୟ ପ୍ରତି ଯେଉଁ ଭାବ ହୁଏ, ତାହା ମଧ୍ୟ ନିତ୍ୟ ହିଁ ହୋଇଥାଏ । ତେଣୁ ମନୁଷ୍ୟ କ୍ରିୟା ଦ୍ୱାରା ଭଗବାନଙ୍କୁ ଦେଖି ପାରିବ ନାହିଁ, ବରଂ ଭାବ (ଅନନ୍ୟଭକ୍ତି) ଦ୍ୱାରା ହିଁ ଭଗବାନଙ୍କୁ ଦେଖି ପାରିବ ଓ ପାଇ ପାରିବ । ଯଦି ଯଜ୍ଞ, ଦାନ ଆଦିରେ ମଧ୍ୟ ଭାବର ପ୍ରାଧାନ୍ୟ ଆସିଯାଏ, ତେବେ ସେହି

କ୍ରିୟାଗୁଡ଼ିକ ମଧ୍ୟ ଭକ୍ତିରେ ପରିଣତ ହୋଇଯାଏ । ଭଗବାନ ଭାବଗ୍ରାହୀ, କ୍ରିୟାଗ୍ରାହୀ ନୁହନ୍ତି—**'ଭାବଗ୍ରାହୀ ଜନାର୍ଦନଃ'** । ଅତଏବ ଭାବ ଦ୍ୱାରା ହିଁ ଭଗବାନ ଦର୍ଶନ ଦିଅନ୍ତି, କ୍ରିୟା ଦ୍ୱାରା ନୁହେଁ ।

(୨୨) ଅଷ୍ଟାଦଶ ଅଧ୍ୟାୟର ୫୮ଶ ଶ୍ଳୋକର ପୂର୍ବାର୍ଦ୍ଧରେ ଭଗବାନ କହିଛନ୍ତି ଯେ, ଯଦି (ମୋର ଆଜ୍ଞା ଅନୁସାରେ) ତୁମେ ମୋ'ଠାରେ ନିଜର ଚିତ୍ତ ସଂଯୁକ୍ତ କରିବ, ତେବେ ମୋ କୃପାରୁ ତୁମେ ସମସ୍ତ ବିଘ୍ନକୁ ତରିଯିବ; ଏବଂ ଉତ୍ତରାର୍ଦ୍ଧରେ କହିଛନ୍ତି ଯେ ଯଦି ତୁମେ ଅହଂକାରର ଆଶ୍ରିତ ହୋଇ ମୋର କଥା (ଆଜ୍ଞା) ଶୁଣିବ ନାହିଁ, ତେବେ ତୁମର ପତନ ହେବ ।

—ଏହାର ତାତ୍ପର୍ଯ୍ୟ ହେଲା ଯେ ଭଗବାନଙ୍କର ସମ୍ମୁଖ ହୋଇଗଲେ ଉଦ୍ଧାର ହୋଇଯାଏ ଓ ବିମୁଖ ହେଲେ ପତନ ହୋଇଯାଏ । ଅତଏବ ସାଧକ ସର୍ବଦା ଭଗବାନଙ୍କର ଆଶ୍ରିତ ରହିବା ଉଚିତ, କେବେହେଲେ ଅହଂକାରର ଆଶ୍ରୟ ନେବା ଉଚିତ ନୁହେଁ ।

୮୫. ଗୀତାରେ ବ୍ୟବହୃତ ପରସ୍ପର ବିରୋଧୀ ପଦଗୁଡ଼ିକର ତାତ୍ପର୍ଯ୍ୟ

ବସ୍ତୁତୋ ନ ବିରୋଧୋଽସ୍ତି ସ୍ୱାଳ୍ପବୁଦ୍ଧ୍ୟୈବ ଦୃଶ୍ୟତେ ।
ତସ୍ମାତ୍ ପଦାନାଂ ତାତ୍ପର୍ଯ୍ୟଂ କଥ୍ୟତେ ଚ ବିରୋଧିନାମ୍ ॥

(୧) ଏହି ତତ୍ତ୍ୱକୁ ଶୁଣି ମଧ୍ୟ କେହି ଜାଣେ ନାହିଁ (୨ । ୨୯) ଏବଂ ପ୍ରଯତ୍ନକାରୀମାନଙ୍କ ମଧ୍ୟରେ କେହି ଜଣେ ହୁଏତ ଭଗବାନଙ୍କୁ ତତ୍ତ୍ୱତଃ ଜାଣେ (୭ । ୩)—ଏହା କିପରି?

ଉଭୟ ଉକ୍ତିର ପ୍ରସଙ୍ଗ ଅଲଗା ଅଲଗା । ପ୍ରଥମଟି (୨ । ୨୯) ଜ୍ଞାନଯୋଗର ପ୍ରସଙ୍ଗ, ଅତଏବ କେବଳ ଶୁଣିବା ଦ୍ୱାରା କେହି ନିଜ ସ୍ୱରୂପକୁ ଜାଣିପାରେ ନାହିଁ, ବରଂ ନିଜେ ହିଁ ନିଜକୁ ଜାଣିପାରେ । ଦ୍ୱିତୀୟଟି (୭ । ୩) ଭକ୍ତିଯୋଗର ପ୍ରସଙ୍ଗ, ଅତଏବ ଭଗବାନଙ୍କ କୃପାରୁ ସାଧକ ଭଗବାନଙ୍କର ତତ୍ତ୍ୱକୁ ଜାଣିପାରେ ।

(୨) ମୁଁ ଅଜ (ଅଜନ୍ମା) ହୋଇ ମଧ୍ୟ ଜନ୍ମ ଗ୍ରହଣ କରେ, ପ୍ରାଣୀମାନଙ୍କ ଈଶ୍ୱର (ମାଲିକ) ହୋଇ ମଧ୍ୟ ଦାସ ହୋଇଯାଏ ଏବଂ ଅବ୍ୟୟାତ୍ମା ହୋଇ ମଧ୍ୟ ଅନ୍ତର୍ଦ୍ଧାନ ହୋଇଯାଏ (୪ । ୬) । ତେବେ ଅଜର ଜନ୍ମ କିପରି? ମାଲିକର ଦାସ ହେବା ସମ୍ଭବ କିପରି? ଅବ୍ୟୟାତ୍ମା ହୋଇ ଅନ୍ତର୍ଦ୍ଧାନ ହେବା ସମ୍ଭବ କିପରି?

ଏହା ହିଁ ତ ଭଗବାନଙ୍କର ଲୀଳା । ଜନ୍ମ ନେଲେ ମଧ୍ୟ ଭଗବାନଙ୍କର ଅଜତ୍ୱ ନଷ୍ଟ ହୁଏ ନାହିଁ, ତାହାଙ୍କ ଅଜତ୍ୱ ଅଖଣ୍ଡ ରହେ । ଭଗବାନ ଭକ୍ତମାନଙ୍କର ଦାସ ମଧ୍ୟ ହୋଇଯାଆନ୍ତି, କିନ୍ତୁ ତାଙ୍କର ଈଶ୍ୱରତ୍ୱ ନଷ୍ଟ ହୁଏ ନାହିଁ । ଭଗବାନ ଯେଉଁମାନଙ୍କର ଦାସ ହୁଅନ୍ତି, ସେମାନଙ୍କ ଉପରେ ମଧ୍ୟ ଭଗବାନଙ୍କ ଶାସନ ଯଥାବତ୍ ରହିଥାଏ । ସେହିପରି ଅବ୍ୟୟାତ୍ମା ହୋଇ ମଧ୍ୟ ଭଗବାନ ଅନ୍ତର୍ଦ୍ଧାନ ହେବାର ଲୀଳା କରନ୍ତି, ଭକ୍ତମାନଙ୍କର ପ୍ରେମ ବଢ଼ାଇବା ପାଇଁ ଲୁଚି ଯାଆନ୍ତି । ଏସବୁ ଲୀଳାପୁରୁଷୋତ୍ତମଙ୍କର ଲୀଳା । ଅତଏବ ଏଥିରେ କୌଣସି ବିରୋଧ ବା ଆଶ୍ଚର୍ଯ୍ୟର କଥା ନାହିଁ ।

(୩) ମୁଁ ଚାରିବର୍ଣ୍ଣ ସୃଷ୍ଟି କରେ, କିନ୍ତୁ ତୁମେ ମୋତେ ଅକର୍ତ୍ତା ବୋଲି ଜାଣ (୪ । ୧୩) । ତେବେ ଭଗବାନ କର୍ତ୍ତା ହୋଇ ମଧ୍ୟ ଅକର୍ତ୍ତା କିପରି?

ଭଗବାନ କେବଳ ସଂସାରର ବ୍ୟବସ୍ଥା କରିବା ଓ ଭକ୍ତମାନଙ୍କର ସେବା କରିବା ପାଇଁ ସଂସାରସର୍ଜନା କରିଛନ୍ତି । ଏଥିରେ ଭଗବାନଙ୍କର ନିଜର କୌଣସି ପ୍ରୟୋଜନ ବା ସ୍ୱାର୍ଥଗତ ସମ୍ବନ୍ଧ ନାହିଁ । ସବୁ ପ୍ରାଣୀଙ୍କର କର୍ମବନ୍ଧନ ନଷ୍ଟ ହୋଇଯାଉ, ସମସ୍ତେ ମୁକ୍ତ ହୋଇଯାଆନ୍ତୁ, ଏହି ଉଦ୍ଦେଶ୍ୟରେ ଭଗବାନ ସଂସାରର ବ୍ୟବସ୍ଥା କରନ୍ତି । ଭକ୍ତ ଓ ଭଗବାନଙ୍କର ପରସ୍ପର ମଧ୍ୟରେ ପ୍ରେମର ଆଦାନ-ପ୍ରଦାନ ହେଉଥାଉ, ଉଭୟଙ୍କ ମଧ୍ୟରେ ପ୍ରେମର ଲୀଳା ଚାଲୁ, ଏଥିପାଇଁ ହିଁ ଭଗବାନ ସୃଷ୍ଟିରଚନା କରିଅଛନ୍ତି । ଅତଏବ ସୃଷ୍ଟିରଚନା କଲେ ମଧ୍ୟ ଭଗବାନ ଅକର୍ତ୍ତା ଅଟନ୍ତି ।

(୪) କର୍ମଗୁଡ଼ିକରେ ଭଲଭାବରେ ପ୍ରବୃତ୍ତ ହୋଇ ମଧ୍ୟ ଅର୍ଥାତ୍ କର୍ମଗୁଡ଼ିକୁ ପୂର୍ଣ୍ଣରୂପେ କରି ମଧ୍ୟ ସେ (କର୍ମଯୋଗ ଦ୍ୱାରା ସିଦ୍ଧ ମହାପୁରୁଷ) କିଛି ହେଲେ କରେ ନାହିଁ (୪ । ୨୦)—ଏହା କିପରି?

ଯିଏ ନିଜ ଭିତରେ କୌଣସି ନ୍ୟୂନତାର ଅନୁଭବ କରେ, ଯାହା ଅନ୍ତରରେ ଫଳର ଇଚ୍ଛା ଥାଏ ଓ ଯିଏ ଜଡ଼ତାର ଆଶ୍ରୟ ନେଇ କର୍ମ କରେ, ସେ କର୍ମ କରି ମଧ୍ୟ କର୍ମ କରେ ଓ କର୍ମ ନ କରି ମଧ୍ୟ କର୍ମ କରେ; କାରଣ ତା'ର ଜଡ଼ତା ସହିତ ସମ୍ବନ୍ଧ ଅଛି । କିନ୍ତୁ ଯିଏ

ନିଜଠାରେ କୌଣସି ନ୍ୟୂନତା ଅନୁଭବ କରେ ନାହିଁ, ଯାହାଠାରେ ଫଳର ଇଚ୍ଛା ନାହିଁ ଓ ଯାହା ଅନ୍ତରରେ ଜଡ଼ତାର ଆଶ୍ରୟ ନାହିଁ, ସେ କର୍ମ କରି ମଧ୍ୟ କର୍ମ କରେ ନାହିଁ ଓ କର୍ମ ନ କରି ମଧ୍ୟ କର୍ମ କରେ ନାହିଁ; କାରଣ ତା'ର ଜଡ଼ତା ସହିତ ସମ୍ବନ୍ଧ ନାହିଁ।

(୫) ଜ୍ଞାନ ହୋଇଗଲେ ତତ୍କାଳ ପରମଶାନ୍ତିରୂପକ ପରମାତ୍ମା ମିଳିଯାଆନ୍ତି (୪।୩୯) ଏବଂ ଜ୍ଞାନବାନ୍ ପୁରୁଷ ଭଗବାନଙ୍କର ଶରଣାପନ୍ନ ହୋଇଯାଏ (୭।୧୯)। ଜ୍ଞାନ ହେବାପରେ ଯଦି ପରମାତ୍ମା ମିଳିଯାଆନ୍ତି, ତା'ହେଲେ ଭଗବାନଙ୍କର ଶରଣାପନ୍ନ ହେବାର ଅର୍ଥ କ'ଣ?

ଜିଜ୍ଞାସୁ ଦୁଇ ପ୍ରକାରର—(୧) ଯେଉଁମାନେ ସଂସାରରୁ ଦୁଃଖୀ ହୋଇ ତତ୍ତ୍ୱକୁ ଜାଣିବାକୁ ଚାହାନ୍ତି, ତତ୍ତ୍ୱଜ୍ଞାନ ହେଲେ ସେମାନଙ୍କର ଦୁଃଖ ଦୂର ହୋଇଯାଏ ଓ ସେମାନଙ୍କୁ ପରମଶାନ୍ତି ପ୍ରାପ୍ତ ହୁଏ; ଏବଂ (୨) ଯେଉଁମାନେ ଭଗବତ୍‌ତତ୍ତ୍ୱକୁ ଜାଣିବା ସହିତ ଭଗବାନଙ୍କର ପ୍ରେମ ମଧ୍ୟ ଚାହାନ୍ତି, ସେମାନେ 'ସବୁକିଛି ହିଁ ବାସୁଦେବ' ଏଭଳି ଅନୁଭବ ହେଲା ପରେ ମଧ୍ୟ ଭଗବାନଙ୍କ ଶରଣରେ ରହିଥାଆନ୍ତି, ଭଗବାନଙ୍କର ପ୍ରେମୀ ହୋଇ ରହନ୍ତି। ପ୍ରକୃତରେ ଉଭୟଙ୍କୁ ଏକା ତତ୍ତ୍ୱର ଅନୁଭବ ହୋଇଥାଏ, କେବଳ ସାଧନାରେ ପାର୍ଥକ୍ୟ ଥାଏ।

(୬) ଦେଖିବା, ଶୁଣିବା, ସ୍ପର୍ଶ କରିବା ଆଦି କ୍ରିୟାଗୁଡ଼ିକ କରି ମଧ୍ୟ ସାଂଖ୍ୟଯୋଗୀ ଏପରି ମାନିଥାଏ ଯେ 'ମୁଁ କିଛି କରୁ ନାହିଁ' (୫।୮-୯)—ଏହା କିପରି?

ସାଂଖ୍ୟଯୋଗୀକୁ ଏହି ଅନୁଭବ ହୁଏ ଯେ ପ୍ରକୃତରେ ଇନ୍ଦ୍ରିୟମାନେ ସେମାନଙ୍କର ବିଷୟଗୁଡ଼ିକରେ ପ୍ରବର୍ତ୍ତିତ ହେଉଅଛନ୍ତି ଅର୍ଥାତ୍ ସମସ୍ତ କ୍ରିୟା ଇନ୍ଦ୍ରିୟମାନଙ୍କରେ ହିଁ ହେଉଅଛି। କରିବା କେବଳ ପ୍ରକୃତିରେ ହିଁ ସମ୍ଭବ। କାରଣ ସମସ୍ତ କ୍ରିୟା ଓ ପଦାର୍ଥ କେବଳ ପ୍ରକୃତିର। ସ୍ୱରୂପରେ କ୍ରିୟା ନାହିଁ କି ପଦାର୍ଥ ନାହିଁ। ଅତଏବ 'ମୁଁ ସ୍ୱୟଂ ପ୍ରକୃତିଠାରୁ ଅତୀତ ଚିନ୍ମୟ ତତ୍ତ୍ୱ ଅଟେ, ମୋର ସ୍ୱରୂପ ସହିତ ଏମାନଙ୍କର କୌଣସି ସମ୍ବନ୍ଧ ନ ଥିଲା, ନାହିଁ, ହେବ ନାହିଁ କି ହେବା ସମ୍ଭବ ନୁହେଁ। ତେଣୁ ମୁଁ କିଛି ହେଲେ କରୁ ନାହିଁ'—ଏଭଳି ନିଜ ସ୍ୱରୂପ ଦୃଷ୍ଟିରୁ କହିବା ପ୍ରକୃତରେ ଠିକ୍।

(୭) ଭଗବାନ କାହାର ପାପପୁଣ୍ୟକୁ ଗ୍ରହଣ କରନ୍ତି ନାହିଁ (୫।୧୫); "ତୁମେ ଯାହା କିଛି କରୁଛ, ସେସବୁକୁ ମୋତେ ଅର୍ପଣ କରିଦିଅ" ଅର୍ଥାତ୍ ଭଗବାନ ସବୁକିଛି ଗ୍ରହଣ କରନ୍ତି (୯।୨୭)—ଏହା କିପରି?

ଏହା ଅଲଗା ଅଲଗା ବିଷୟ, ଗୋଟିଏ ବିଷୟ ନୁହେଁ। ପଞ୍ଚମ ଅଧ୍ୟାୟର ୧୫ଶ ଶ୍ଳୋକରେ ସାଧାରଣ ପ୍ରାଣୀମାନଙ୍କ କଥା କୁହାଯାଇଛି ଓ ନବମ ଅଧ୍ୟାୟର ୨୭ଶ ଶ୍ଳୋକରେ ଭକ୍ତମାନଙ୍କ କଥା କୁହାଯାଇଛି। ସାଧାରଣ ପ୍ରାଣୀମାନେ ନିଜେ କର୍ତ୍ତା ଓ ଭୋକ୍ତା ହୋଇଯାଆନ୍ତି ଅର୍ଥାତ୍ ନିଜର କୃତକର୍ମର ଫଳ ନିଜେ ହିଁ ଭୋଗ କରନ୍ତି। ତେଣୁ ଭଗବାନ ସେମାନଙ୍କର ପାପପୁଣ୍ୟ ଗ୍ରହଣ କରନ୍ତି ନାହିଁ। କିନ୍ତୁ ଯେଉଁମାନେ ସର୍ବଥା ଭଗବାନଙ୍କର ଶରଣକୁ ଚାଲିଯାଆନ୍ତି, ସେଭଳି ଭକ୍ତ ଭଗବାନଙ୍କୁ ହିଁ ସବୁକିଛିର ଭୋକ୍ତା ଓ ମାଲିକ ବୋଲି ଭାବନ୍ତି। ଅତଏବ ସେଭଳି ଭକ୍ତ ଭାବପୂର୍ବକ ଭଗବାନଙ୍କୁ ଯାହା କିଛି ଦିଅନ୍ତି ଓ ଅର୍ପଣ କରନ୍ତି, ଭଗବାନ ସେସବୁକୁ ଗ୍ରହଣ କରନ୍ତି। ସେହି ଭକ୍ତମାନଙ୍କ ଭାବ ଯୋଗୁଁ ହିଁ ଭଗବାନଙ୍କୁ ଭୋକ ଲାଗେ ଓ ଶୋଷ ଲାଗେ (୯।୨୬)। ଭଗବାନ ହେଉଛନ୍ତି ଭାବର ଭୋକ୍ତା।

(୮) କର୍ମରେ ଆସକ୍ତି ନ ରହିଲେ ମନୁଷ୍ୟ ଯୋଗାରୂଢ଼ ହୋଇଥାଏ (୬।୪); ନିଜ ନିଜ କର୍ମରେ ଅଭିରତ (ତତ୍ପର) ରହି ମଧ୍ୟ ମନୁଷ୍ୟ ସିଦ୍ଧି ପ୍ରାପ୍ତ କରେ (୧୮।୪୫)—ଏହା କିପରି?

ଯୋଗାରୂଢ଼ ହେବା ଓ ସିଦ୍ଧି ପ୍ରାପ୍ତ କରିବା ଏକା କଥା, କିନ୍ତୁ କର୍ମରେ ଆସକ୍ତି ଓ କର୍ମରେ ଅଭିରତି (ତତ୍ପରତା) ଏ ଦୁଇଟି ଭିନ୍ନ ଭିନ୍ନ। ଫଳେଚ୍ଛାପୂର୍ବକ ଅର୍ଥାତ୍ ନିଜ ପାଇଁ କର୍ମ କଲେ କର୍ମରେ ଆସକ୍ତି ଆସିଯାଏ ଓ ଭଗବାନଙ୍କ ପାଇଁ କର୍ମ କଲେ କର୍ମରେ ଅଭିରତି ଆସିଥାଏ। ଆସକ୍ତିରେ କର୍ମ ତଥା ପଦାର୍ଥଗୁଡ଼ିକ ସହିତ ସମ୍ବନ୍ଧ ଯୋଡ଼ିହୁଏ ଏବଂ ଅଭିରତିରେ କର୍ମ ଓ ପଦାର୍ଥଠାରୁ ସମ୍ବନ୍ଧ ତୁଟିଯିବା ସଙ୍ଗେ ସଙ୍ଗେ ଭଗବାନଙ୍କ ପ୍ରତି ପ୍ରୀତି ଜାତ ହୁଏ ଓ ଭଗବତ୍‌ସମ୍ବନ୍ଧ ଜାଗ୍ରତ ହୋଇଯାଏ। ଅତଏବ କର୍ମରେ ଅଭିରତି ତ ହେବା ଉଚିତ, କିନ୍ତୁ ଆସକ୍ତି ହେବା ଉଚିତ ନୁହେଁ।

(୯) କେହି ଜଣେ ହୁଏତ ମୋତେ ତତ୍ତ୍ୱତଃ ଜାଣେ (୭।୩); ମୋତେ କେହି ଜାଣେ ନାହିଁ (୭।୨୬)—ଏହା କିପରି?

ସପ୍ତମ ଅଧ୍ୟାୟର ୩ୟ ଶ୍ଳୋକରେ ସାଧକମାନଙ୍କ କଥା କୁହାଯାଇଛି। ଯେଉଁମାନେ ସଂସାରଠାରୁ ଉପରତ ହୋଇ ଭଗବାନଙ୍କ ଆଡ଼କୁ ଆଗ୍ରସର ହୁଅନ୍ତି, ସେମାନେ ଭଗବାନଙ୍କ କୃପାରୁ ତାଙ୍କୁ ଜାଣିଯାଆନ୍ତି। ସପ୍ତମ ଅଧ୍ୟାୟର ୨୬ଶ ଶ୍ଳୋକରେ ସାଧାରଣ ପ୍ରାଣୀମାନଙ୍କ କଥା କୁହାଯାଇଛି। ଯେଉଁ ପ୍ରାଣୀମାନେ ଜନ୍ମମୃତ୍ୟୁର ପ୍ରବାହରେ ପଡ଼ିଛନ୍ତି,

ସେମାନଙ୍କୁ ଭଗବାନ ତ ଜାଣନ୍ତି, କିନ୍ତୁ ସେମାନେ ମୂଢ଼ତା ହେତୁ ଭଗବାନଙ୍କୁ ଜାଣନ୍ତି ନାହିଁ। ତାତ୍ପର୍ଯ୍ୟ ହେଲା ଯେ ଉପର୍ଯ୍ୟୁକ୍ତ ଦୁଇଟି ଶ୍ଳୋକରେ ସାଧକ ଓ ଅସାଧକର ପାର୍ଥକ୍ୟ ରହିଛି ଅର୍ଥାତ୍ ୩ୟ ଶ୍ଳୋକରେ ଜାଣିବା ବ୍ୟକ୍ତି ହେଲା ସାଧକ ଓ ୨୬ଶ ଶ୍ଳୋକରେ ଜାଣିବା ବ୍ୟକ୍ତି ହେଲା ଅସାଧକ।

(୧୦) ଯତ୍ନ (ଭଜନ) କରୁଥିବା ଲୋକଙ୍କ ମଧ୍ୟରୁ କେହି ଜଣେ ହୁଏତ ମୋତେ ତତ୍ତ୍ୱତଃ ଜାଣେ (୭।୩); ଭକ୍ତ ମୋତେ ସମସ୍ତ ପ୍ରାଣୀଙ୍କର ଆଦି ବୋଲି ଜାଣି ମୋର ଭଜନ କରନ୍ତି (୯।୧୩)। ତେବେ ନ ଜାଣି ଭଜନ କେମିତି କରାଯିବ ଏବଂ ଭଜନ ନ କରି କେମିତି ଜାଣିହେବ?

ସପ୍ତମ ଅଧ୍ୟାୟର ୩ୟ ଶ୍ଳୋକରେ ଭଗବାନଙ୍କୁ ତତ୍ତ୍ୱତଃ ଜାଣିବା କଥା କୁହାଯାଇଛି। ଭଗବାନଙ୍କୁ ଜାଣିବା ସାଧକର ବଳ ଦ୍ୱାରା ହୁଏ ନାହିଁ, ବରଂ ଭଗବାନଙ୍କ କୃପାରୁ ହିଁ ସେ ତାଙ୍କୁ ତତ୍ତ୍ୱତଃ ଜାଣିପାରେ। ନବମ ଅଧ୍ୟାୟର ୧୩ଶ ଶ୍ଳୋକରେ ଭଗବାନଙ୍କୁ ଶ୍ରଦ୍ଧାଭକ୍ତିପୂର୍ବକ ମାନିବା କଥା କୁହାଯାଇଛି ଅର୍ଥାତ୍ ସେଠାରେ ଶ୍ରଦ୍ଧାଭକ୍ତିପୂର୍ବକ ମାନିବା ହିଁ ଜାଣିବା। ଅତଏବ ଭଗବାନ ସମସ୍ତ ପ୍ରାଣୀଙ୍କର ଆଦି ଅଟନ୍ତି—ଏପରି ମାନି ହିଁ ସେମାନେ ଭଜନ କରନ୍ତି।

(୧୧) ସାତ୍ତ୍ୱିକ, ରାଜସ ଓ ତାମସ ଭାବ (ପଦାର୍ଥ, କ୍ରିୟା ଆଦି) ମୋ'ଠାରେ ନାହାନ୍ତି ଏବଂ ମୁଁ ସେସବୁରେ ନାହିଁ (୭।୧୨); ସମସ୍ତ ପ୍ରାଣୀ ସେହି ପରମାତ୍ମାଙ୍କ ଠାରେ ଅଛନ୍ତି ଓ ପରମାତ୍ମା ସେହି ପ୍ରାଣୀମାନଙ୍କ ଠାରେ ଅଛନ୍ତି (୮।୨୨)—ଏହା କିପରି?

ଯେଉଁ ସାଧକମାନଙ୍କ ଦୃଷ୍ଟିରେ ଭଗବାନଙ୍କ ଛଡ଼ା ସଂସାରର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ, ସେମାନଙ୍କ ଦୃଷ୍ଟିରେ କୁହାଯାଇଛି ଯେ ସାତ୍ତ୍ୱିକ, ରାଜସ ଓ ତାମସ ଭାବ ଭଗବାନଙ୍କ ଠାରେ ଓ ଭଗବାନ ସେଗୁଡ଼ିକରେ ନାହାନ୍ତି, ବରଂ ସବୁକିଛି କେବଳ ଭଗବାନ (୭।୧୨)। ମାତ୍ର ଯେଉଁ ସାଧକମାନଙ୍କ ଦୃଷ୍ଟିରେ ସଂସାରର ପୃଥକ୍ ସତ୍ତା ଅଛି, ସେମାନଙ୍କ ଦୃଷ୍ଟିରେ କୁହାଯାଇଛି ଯେ ସମସ୍ତ ପ୍ରାଣୀ ପରମାତ୍ମାଙ୍କ ଠାରେ ଓ ପରମାତ୍ମା ସେହି ପ୍ରାଣୀମାନଙ୍କ ଠାରେ ଅଛନ୍ତି (୮।୨୨)।

(୧୨) ତିନି ଗୁଣ ଦ୍ୱାରା ସମସ୍ତେ ମୋହିତ (୭।୧୩); ତମୋଗୁଣ ସମସ୍ତଙ୍କୁ ମୋହିତ କରିଥାଏ (୧୪।୮)—ଏହା କିପରି?

ସତ୍ତ୍ୱଗୁଣର ସ୍ୱରୂପ ନିର୍ମଳ, ରଜୋଗୁଣର ସ୍ୱରୂପ ରାଗାତ୍ମକ ଓ ତମୋଗୁଣର ସ୍ୱରୂପ ମୋହନାତ୍ମକ ବୋଲି କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ଯେଉଁଠି ତିନି ଗୁଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଯାଇଛି, ସେଠି ତମୋଗୁଣର ସ୍ୱରୂପ ମୋହନାତ୍ମକ ବୋଲି କୁହାଯାଇଛି। ପ୍ରକୃତରେ ତିନୋଟିଯାକ ଗୁଣ ମୋହିତ କରନ୍ତି। ସତ୍ତ୍ୱଗୁଣ ଜ୍ଞାନ ଓ ସୁଖର ଆସକ୍ତି ଦ୍ୱାରା, ରଜୋଗୁଣ କର୍ମର ଆସକ୍ତି ଦ୍ୱାରା ଓ ତମୋଗୁଣ ସ୍ୱରୂପତଃ ନିଜେ ହିଁ ମନୁଷ୍ୟମାନଙ୍କୁ ମୋହିତ କରିଥାଏ (୧୪।୬—୮)। ଅତଏବ ଯିଏ ଅତି ଉଚ୍ଚ ବ୍ରହ୍ମଲୋକର ମଧ୍ୟ ସୁଖ ଚାହେଁ, ସେ ମଧ୍ୟ ଗୁଣଗୁଡ଼ିକ ଦ୍ୱାରା ମୋହିତ ହୋଇଥାଏ।

(୧୩) ଯେଉଁମାନଙ୍କର ଜ୍ଞାନ ମାୟା ଦ୍ୱାରା ଅପହୃତ ହୋଇଛି ଓ ଯେଉଁମାନେ ଆସୁରଭାବର ଆଶ୍ରୟ ଗ୍ରହଣ କରିଛନ୍ତି, ସେଭଳି ଦୁରାଚାରୀ (ପାପୀ) ଭଗବାନଙ୍କର ଶରଣାପନ୍ନ ହୁଅନ୍ତି ନାହିଁ (୭।୧୫); ଅତ୍ୟନ୍ତ ଦୁରାଚାରୀ ମଧ୍ୟ ଭଗବାନଙ୍କର ଶରଣାପନ୍ନ ହୋଇଯାଏ (୯।୩୦)—ଏହା ସମ୍ଭବ କେମିତି?

ଯିଏ ବେଦ, ଶାସ୍ତ୍ର, ପୁରାଣ, ଭଗବାନ ଓ ତାଙ୍କ ସିଦ୍ଧାନ୍ତର ବିରୁଦ୍ଧ ଆଚରଣ କରେ, ଯିଏ ଦୁର୍ଗୁଣୀ ଓ ଦୁରାଚାରୀ ହୋଇଥାଏ, ସେଭଳି ମନୁଷ୍ୟର ସ୍ୱାଭାବିକଭାବେ ଭଗବାନଙ୍କ ଆଡ଼କୁ ଅଗ୍ରସର ହେବାର ଓ ଭଗବାନଙ୍କର ଶରଣ ନେବାର ସ୍ୱଭାବ ନ ଥାଏ। କିନ୍ତୁ ସେ ମଧ୍ୟ କୌଣସି ବିଶେଷ କାରଣରୁ ଅର୍ଥାତ୍ କୌଣସି ସନ୍ଥଙ୍କ କୃପାରୁ, କୌଣସି ସ୍ଥାନ ବା ତୀର୍ଥର ପ୍ରଭାବରୁ, କୌଣସି ପୂର୍ବ ପୁଣ୍ୟ ଉଦୟ ହେବାରୁ କିଂବା କୌଣସି ବିପତ୍ତିରେ ପଡ଼ିଯିବାରୁ ଭଗବାନଙ୍କ ନିକଟରେ ଶରଣ ଯାଇପାରେ। ତାତ୍ପର୍ଯ୍ୟ ହେଲା ଯେ ସାଧାରଣତଃ ପାପୀ ମନୁଷ୍ୟ ଭଗବାନଙ୍କର ଶରଣାପନ୍ନ ହୁଏ ନାହିଁ (୭।୧୫), କିନ୍ତୁ କୌଣସି ବିଶେଷ କାରଣରୁ ସେ ଭଗବାନଙ୍କ ଶରଣାପନ୍ନ ହୋଇପାରେ (୯।୩୦)।

(୧୬) ପରମାତ୍ମା ହେଲେ ଅଚିନ୍ତ୍ୟ—**'ଅଚିନ୍ତ୍ୟମ୍'**; ତାଙ୍କର ଯିଏ ଚିନ୍ତନ (ସ୍ମରଣ) କରେ—**'ଅନୁସ୍ମରେଦ୍'** (୮।୯)। ତେବେ ଯିଏ ଅଚିନ୍ତ୍ୟ, ତା'ର ଚିନ୍ତନ ସମ୍ଭବ କିପରି? ଯାହାର ଚିନ୍ତନ ସମ୍ଭବ, ସେ ଅଚିନ୍ତ୍ୟ କିପରି?

ଯଦ୍ୟପି ସେହି ପରମାତ୍ମା ଚିନ୍ତନର ବିଷୟ ନୁହନ୍ତି, ତଥାପି ତାଙ୍କର ଅଭାବ (ବିନାଶ) ନାହିଁ। ସେହି ପରମାତ୍ମା ଭାବରୂପରେ ସର୍ବତ୍ର ପରିପୂର୍ଣ୍ଣ। ଅତଏବ 'ସେହି ପରମାତ୍ମତତ୍ତ୍ୱ ଅଚିନ୍ତ୍ୟ' ଏହି ଦୃଢ଼ ଧାରଣା ହିଁ ପରମାତ୍ମାଙ୍କ

ଚିନ୍ତନ। ତାତ୍ପର୍ଯ୍ୟ ହେଲା, ଯଦ୍ୟପି ସେହି ପରମାତ୍ମା ଚିନ୍ତନର ବିଷୟ ନୁହନ୍ତି, ତଥାପି ଚିନ୍ତନ କରିବା ଲୋକ ସେହି ତତ୍ତ୍ୱକୁ ଲକ୍ଷ୍ୟରୂପେ ଗ୍ରହଣ କରିପାରେ।

(୧୫) "ଏହି ସମଗ୍ର ସଂସାର ମୋ ଭିତରେ ଅବ୍ୟକ୍ତରୂପରେ ବ୍ୟାପ୍ତ ଓ ସମସ୍ତ ପ୍ରାଣୀ ମୋ ଭିତରେ ସ୍ଥିତ; କିନ୍ତୁ ମୁଁ ସେମାନଙ୍କ ଭିତରେ ସ୍ଥିତ ନୁହେଁ ଓ ସେହି ପ୍ରାଣୀମାନେ ମୋ ଭିତରେ ସ୍ଥିତ ନୁହନ୍ତି" (୯।୪–୫)—ଏହା କିପରି?

ଯେଉଁଠି ପ୍ରାଣୀମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ ଅଛି ବୋଲି ମାନିନିଆଯାଏ, ସେପରି ସ୍ଥଳେ ସବୁ ପ୍ରାଣୀଙ୍କ ଭିତରେ ଭଗବାନ ଅଛନ୍ତି ଏବଂ ସବୁ ପ୍ରାଣୀ ଭଗବାନଙ୍କ ଭିତରେ ଅଛନ୍ତି। କିନ୍ତୁ ଯେଉଁଠି ପ୍ରାଣୀମାନଙ୍କର ଓ ସଂସାରର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ୱୀକାର କରାଯାଏ ନାହିଁ, ସେପରି ସ୍ଥଳେ ପ୍ରାଣୀମାନଙ୍କ ଭିତରେ ଭଗବାନ ନାହାନ୍ତି କି ଭଗବାନଙ୍କ ଭିତରେ ପ୍ରାଣୀମାନେ ନାହାନ୍ତି, ବରଂ ସବୁକିଛି ଭଗବାନ।

(୧୬) "ମୁଁ ଅବ୍ୟକ୍ତଭାବରେ ସବୁଠାରେ ବ୍ୟାପ୍ତ" (୯।୪); "ଭକ୍ତ ଭକ୍ତିପୂର୍ବକ ପତ୍ର, ପୁଷ୍ପ, ଫଳ ଆଦି ଯାହାକିଛି ଦିଏ, ତାହାକୁ ମୁଁ ଖାଇଦିଏ" (୯।୨୬)। ତେବେ ଯିଏ ଅବ୍ୟକ୍ତ, ସେ ଖାଏ କିପରି? ଏବଂ ଯିଏ ଖାଏ, ସେ ଅବ୍ୟକ୍ତ ହେଲା କିପରି?

'ପୃଥିବୀ' ସ୍ଥୂଳରୂପେ ବ୍ୟକ୍ତ ଓ ଗନ୍ଧରୂପେ ଅବ୍ୟକ୍ତ। 'ଜଳ' ନଦୀ, କୁଆପଥର, ବରଫ ଆଦି ରୂପରେ ବ୍ୟକ୍ତ ଓ ପରମାଣୁରୂପରେ (ଆକାଶରେ ଥାଇ) ଅବ୍ୟକ୍ତ। 'ତେଜ' ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିରୂପରେ ବ୍ୟକ୍ତ ଏବଂ ଦିଆଶିଲି, କାଠ ଆଦିରେ ଅବ୍ୟକ୍ତ। ଯଦି ପୃଥିବୀ, ଜଳ, ତେଜ ଆଦି ଭୌତିକ ପଦାର୍ଥ ବ୍ୟକ୍ତ ଓ ଅବ୍ୟକ୍ତ ଉଭୟ ହୋଇ ପାରନ୍ତି, ତେବେ ଭଗବାନଙ୍କର ବ୍ୟକ୍ତ ଓ ଅବ୍ୟକ୍ତ ହେବାରେ ଆଶ୍ଚର୍ଯ୍ୟ କଅଣ! ତାତ୍ପର୍ଯ୍ୟ ହେଲା, ଭଗବାନ ଅବ୍ୟକ୍ତରୂପରେ ବ୍ୟାପକ ଅଟନ୍ତି ଓ ଭକ୍ତମାନଙ୍କ ଭାବ ଅନୁସାରେ ବ୍ୟକ୍ତ ମଧ୍ୟ ଅଟନ୍ତି। କାରଣ ଭଗବାନଙ୍କର ନିୟମ ହେଲା—**'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍'** (୪।୧୧)।

(୧୭) ଭଗବାନ ସମଗ୍ର ଜଗତରେ ବ୍ୟାପ୍ତ (୯।୪); ଭଗବାନ ସମସ୍ତ ପ୍ରାଣୀଙ୍କ ହୃଦୟରେ ସ୍ଥିତ (୧୫।୧୫)। ତେବେ ଯିଏ ସର୍ବବ୍ୟାପକ, ସେ ନିର୍ଦ୍ଦିଷ୍ଟରୂପେ ହୃଦୟରେ ସ୍ଥିତ କିପରି?

ଭଗବାନ ସ୍ୱାଭାବିକରୂପେ ସବୁଠାରେ ବ୍ୟାପକ ଓ ସବୁଥିରେ ଓତପ୍ରୋତ, କିନ୍ତୁ ଭଗବାନଙ୍କୁ ସବୁ ସ୍ଥାନରେ ଓ ସବୁ ବସ୍ତୁରେ ଅନୁଭବ କରିବାକୁ ହେଲେ ହୃଦୟ ପରି ସ୍ୱଚ୍ଛ ଆଉ କିଛି ନାହିଁ। ସ୍ୱଚ୍ଛ ହୃଦୟରେ ଭଗବାନଙ୍କୁ ଅନୁଭବ କରିହୁଏ ଏବଂ ହୃଦୟରେ ଅନୁଭବ ହେଲେ 'ଭଗବାନ ସବୁଠାରେ ଅଛନ୍ତି' ବୋଲି ଅନୁଭବ ହୋଇଯାଏ। ତାତ୍ପର୍ଯ୍ୟ ଏହି ଯେ ଯେପରି ତାରରେ ସବୁଠାରେ ବିଦ୍ୟୁତ୍ ଥିଲେ ମଧ୍ୟ ବଲ୍ବ ବିନା ଆଲୁଅ ହୁଏ ନାହିଁ, ସେହିପରି ଭଗବାନ ସର୍ବବ୍ୟାପକ ହୋଇଥିଲେହେଁ ହୃଦୟ ବିନା ତାଙ୍କୁ ଅନୁଭବ କରି ହୁଏ ନାହିଁ। ଏହି ଉଦ୍ଦେଶ୍ୟରେ 'ମୁଁ ସମସ୍ତଙ୍କ ହୃଦୟରେ ସ୍ଥିତ' କୁହାଯାଇଛି।

(୧୮) "ସତ୍ ମଧ୍ୟ ମୁଁ ଓ ଅସତ୍ ମଧ୍ୟ ମୁଁ" (୯।୧୯); "ସେହି ପରମାତ୍ମାଙ୍କୁ ସତ୍ କୁହାଯାଇପାରେ ନାହିଁ କି ଅସତ୍ କୁହାଯାଇପାରେ ନାହିଁ" (୧୩।୧୨)—ଏହା କିପରି?

ଭଗବାନ ଯେଉଁଠି କାର୍ଯ୍ୟ ଓ କାରଣ ଭାବରେ ନିଜର ବିଭୂତିଗୁଡ଼ିକର ବର୍ଣ୍ଣନା କରିଛନ୍ତି, ସେଠାରେ କହିଛନ୍ତି ଯେ ସତ୍ ଓ ଅସତ୍ ଯାହାକିଛି ଅଛି, ସେସବୁ ମୁଁ ହିଁ ଅଟେ, ମୋ'ଛଡ଼ା ଆଉ କିଛି ନାହିଁ। କିନ୍ତୁ ଯେଉଁଠି ଜ୍ଞେୟତତ୍ତ୍ୱର ବର୍ଣ୍ଣନା କରିଛନ୍ତି, ସେଠାରେ କହିଛନ୍ତି ଯେ ସେହି ତତ୍ତ୍ୱକୁ ସତ୍ କୁହାଯାଇପାରେ ନାହିଁ କିଂବା ଅସତ୍ ମଧ୍ୟ କୁହାଯାଇପାରେ ନାହିଁ। କାରଣ ସେହି ତତ୍ତ୍ୱର ବର୍ଣ୍ଣନା କୌଣସି ଶବ୍ଦ ଦ୍ୱାରା କରିବା ସମ୍ଭବ ନୁହେଁ। ତାତ୍ପର୍ଯ୍ୟ ଏହି ଯେ ସଗୁଣ ଦୃଷ୍ଟିରୁ ସବୁକିଛି ଭଗବାନ ହିଁ ଅଟନ୍ତି। ନିର୍ଗୁଣ ଦୃଷ୍ଟିରୁ ତାଙ୍କୁ ସତ୍ କୁହାଯାଇ ପାରିବ ନାହିଁ କିଂବା ଅସତ୍ ମଧ୍ୟ କୁହାଯାଇ ପାରିବ ନାହିଁ; ଏବଂ ଭକ୍ତି ଦୃଷ୍ଟିରୁ ସେ ହିଁ ସତ୍ ଓ ଅସତ୍ ଅଟନ୍ତି ତଥା ସେ ହିଁ ସତ୍ ଓ ଅସତ୍‌ରୁ ଅତୀତ ମଧ୍ୟ ଅଟନ୍ତି—**'ସଦସତ୍ତତ୍ପରଂ ଯତ୍'** (୧୧।୩୭)।

(୧୯) "ମୋ ଭକ୍ତର ବିନାଶ (ପତନ) ହୁଏ ନାହିଁ" (୯।୩୧), "ତୁମେ ମୋର ଭକ୍ତ" (୪।୩); ଏବଂ "ଯଦି ତୁମେ ମୋ କଥା ଶୁଣିବ ନାହିଁ, ତେବେ ତୁମର ବିନାଶ (ପତନ) ହେବ" (୧୮।୫୮)—ଏହା କିପରି?

ଭକ୍ତ ଯେ ଭଗବାନଙ୍କ କଥା ଶୁଣିବ ନାହିଁ ଓ ତାଙ୍କ ଆଜ୍ଞାବିରୁଦ୍ଧରେ ଯିବ, ଏହା ସମ୍ଭବ ନୁହେଁ। ତଥାପି ଯଦି ସେ ଭଗବାନଙ୍କ କଥା ନ ଶୁଣେ, ତେବେ ସେ ଭଗବାନଙ୍କର ଭକ୍ତ ହୋଇ ରହିବ ନାହିଁ ଅର୍ଥାତ୍ ସେ ଭକ୍ତର ବିଶେଷତ୍ୱ ହରାଇବ। ସେତେବେଳେ ତା'ର ପତନକୁ କିଏ ବା ଏଡ଼ାଇ ପାରିବ? ତାତ୍ପର୍ଯ୍ୟ ହେଲା, ଯେପର୍ଯ୍ୟନ୍ତ ସେ ଭଗବାନଙ୍କର ଭକ୍ତ, ସେପର୍ଯ୍ୟନ୍ତ

ତା'ର ପତନ ହେବ ନାହିଁ, କିନ୍ତୁ ଯେତେବେଳେ ସେ ଭକ୍ତର ବିଶେଷତ୍ୱ ହରାଇ ଅଭକ୍ତ ହୋଇଯିବ, ସେତେବେଳେ ତା'ର ପତନ ହୋଇଯିବ।

(୨୦) ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧିରେ ବାରମ୍ବାର ଦୁଃଖଦର୍ଶନ କରିବା ଉଚିତ (୧୩।୮); କର୍ତ୍ତବ୍ୟକର୍ମରେ ଦୁଃଖ ଦେଖୁଥିବା ଓ ଶାରୀରିକ କଷ୍ଟ ଭୟରେ କର୍ମ ଛାଡ଼ିଥିବା ରାଜସ ମନୁଷ୍ୟକୁ ତ୍ୟାଗର ଫଳ ମିଳେ ନାହିଁ (୧୮।୮)—ଏହା କିପରି?

ଏଠାରେ ଦୁଇଟି ବିଷୟ ବର୍ଣ୍ଣିତ। ଭୋଗ ଉପଭୋଗରେ ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧିରୂପକ ଦୁଃଖକୁ ଦେଖିବା ବୈରାଗ୍ୟର ହେତୁ ଅଟେ। ଅର୍ଥାତ୍ ଏବେ ଭୋଗ ଉପଭୋଗ କଲେ ପରିଣାମରେ ବାରମ୍ବାର ଜନ୍ମ ନେବାକୁ ଓ ମରିବାକୁ ହେବ, ଶରୀରରେ ରୋଗ ହେବ, ବର୍ତ୍ତମାନରେ ଭୟ ଓ ଚିନ୍ତା ହେବ, ପରଲୋକରେ ଦୁର୍ଦ୍ଦଶା ହେବ—ଭୋଗର ଏଭଳି ଦୁଃଖପୂର୍ଣ୍ଣ ପରିଣାମ କଥା ଭାବିଲେ ଭୋଗ ପ୍ରତି ବୈରାଗ୍ୟ ଆସିଯିବ। ଅତଏବ ଭୋଗରେ ଦୁଃଖ ଦେଖିବା ନିତାନ୍ତ ଆବଶ୍ୟକ। କିନ୍ତୁ କର୍ତ୍ତବ୍ୟକର୍ମରେ ଦୁଃଖ ଦେଖିଲେ ପତନ ହୁଏ। ତେଣୁ କର୍ତ୍ତବ୍ୟକର୍ମରେ କଦାପି ଦୁଃଖ ଦେଖିବା ଉଚିତ ନୁହେଁ, ବରଂ କର୍ତ୍ତବ୍ୟକର୍ମକୁ ଉତ୍ସାହପୂର୍ବକ ତତ୍ପରତାର ସହିତ କରିବା ଉଚିତ। ତାତ୍ପର୍ଯ୍ୟ ହେଲା ଯେ ଭୋଗ ପ୍ରତି ଅନୁରକ୍ତ ହେବା ଉଚିତ ନୁହେଁ ଓ କର୍ତ୍ତବ୍ୟକର୍ମକୁ ତ୍ୟାଗ କରିବା ଉଚିତ ନୁହେଁ।

(୨୧) ପରମାତ୍ମା 'ଜ୍ଞେୟ' ଅର୍ଥାତ୍ ଜାଣିବାଯୋଗ୍ୟ ଅଟନ୍ତି (୧୩।୧୨); ପରମାତ୍ମା 'ଅବିଜ୍ଞେୟ' ଅର୍ଥାତ୍ ଜାଣି ହେବାର ବିଷୟ ନୁହନ୍ତି (୧୩।୧୫)—ଏହା କିପରି?

ଜାଣିବା ଦୁଇପ୍ରକାରର—କରଣନିରପେକ୍ଷ ଓ କରଣସାପେକ୍ଷ। ଯାହାକୁ ମନ, ବୁଦ୍ଧି, ଇନ୍ଦ୍ରିୟ ଆଦି କରଣ ଦ୍ୱାରା ଜାଣି ହୁଏ ନାହିଁ, ତାହା କରଣନିରପେକ୍ଷ ଏବଂ ଯାହାକୁ କରଣମାନଙ୍କ ଦ୍ୱାରା ଜାଣି ହୁଏ, ତାହା କରଣସାପେକ୍ଷ। ପରମାତ୍ମତତ୍ତ୍ୱକୁ ଜାଣିବା କରଣ-ନିରପେକ୍ଷ ଅଟେ ଅର୍ଥାତ୍ ତାହାକୁ ସ୍ୱୟଂ ଦ୍ୱାରା ହିଁ ଜାଣି ହେଉଥିବାରୁ ତାହା 'ଜ୍ଞେୟ' ଅଟେ ଏବଂ ତାହାକୁ କରଣମାନଙ୍କ ଦ୍ୱାରା ଜାଣି ହେଉ ନ ଥିବାରୁ ତାହା 'ଅବିଜ୍ଞେୟ' ଅଟେ।

(୨୨) ସେହି ପରମାତ୍ମା ସମସ୍ତ ଇନ୍ଦ୍ରିୟଙ୍କର ଓ ସେମାନଙ୍କ ବିଷୟଗୁଡ଼ିକର ପ୍ରକାଶକ ତଥା ସେ ସମସ୍ତ ଇନ୍ଦ୍ରିୟରୁ ରହିତ (୧୩।୧୪)—ଏହା କିପରି?

ଗୋଟିଏ ଗୋଟିଏ ଇନ୍ଦ୍ରିୟକୁ ଗୋଟିଏ ଗୋଟିଏ ବିଷୟର ଜ୍ଞାନ ହୁଏ, କିନ୍ତୁ ମନକୁ ପାଞ୍ଚୋଟିଯାକ ଇନ୍ଦ୍ରିୟର, ସେମାନଙ୍କ ବିଷୟଗୁଡ଼ିକର ଓ ସେହି ବିଷୟଗୁଡ଼ିକରେ କ'ଣ କ'ଣ ଅଭାବ ଅଛି, କ'ଣ ଖରାପ ଅଛି, କ'ଣ ଭଲ ଅଛି ଇତ୍ୟାଦି ସମ୍ବନ୍ଧରେ ଜ୍ଞାନ ହୋଇଥାଏ। ସୁତରାଂ ମନ ପାଞ୍ଚୋଟିଯାକ ଇନ୍ଦ୍ରିୟକୁ ଓ ସେମାନଙ୍କର ବିଷୟକୁ ପ୍ରକାଶିତ କରିଥାଏ। ମନକୁ ଏଭଳି ଜ୍ଞାନ ହେଉଥିଲେ ମଧ୍ୟ ମନରେ ସେହି ଇନ୍ଦ୍ରିୟମାନେ ନ ଥାନ୍ତି। ସେହିପରି ସେହି ପରମାତ୍ମା ସମସ୍ତଙ୍କୁ ଓ ସଂସାରକୁ ପ୍ରକାଶିତ କରନ୍ତି, କିନ୍ତୁ ସେ ଇନ୍ଦ୍ରିୟରହିତ ଅଟନ୍ତି ଅର୍ଥାତ୍ ପରମାତ୍ମାଙ୍କ ମଧ୍ୟରେ ଇନ୍ଦ୍ରିୟମାନେ ନାହାନ୍ତି।

(୨୩) ସେହି ପରମାତ୍ମା ଆସକ୍ତିରହିତ ଅଟନ୍ତି ଓ ସେ ସମସ୍ତଙ୍କର ଭରଣପୋଷଣ କରନ୍ତି (୧୩।୧୪)—ଏହା କିପରି?

ପିତାମାତା ନିଜ ସନ୍ତାନ-ସନ୍ତତିଙ୍କର ଯେପରି ପାଳନପୋଷଣ କରନ୍ତି ଓ ସେମାନଙ୍କୁ ରକ୍ଷା କରନ୍ତି, ପରମାତ୍ମା ମଧ୍ୟ ସେହିପରି ସମସ୍ତଙ୍କର ଭରଣପୋଷଣ କରନ୍ତି ଓ ସେମାନଙ୍କୁ ରକ୍ଷା କରନ୍ତି; କିନ୍ତୁ ପିତାମାତା ଆସକ୍ତିପୂର୍ବକ କରୁଥିବାବେଳେ ପରମାତ୍ମା ଆସକ୍ତିରହିତ ହୋଇ କରନ୍ତି। ତାତ୍ପର୍ଯ୍ୟ ହେଲା ଯେ ପରମାତ୍ମାଙ୍କର କାହାରି ପ୍ରତି ଆସକ୍ତି ନାହିଁ, ସେ ସବୁଥିରୁ ନିର୍ଲିପ୍ତ।

(୨୪) ସେହି ପରମାତ୍ମା ଗୁଣରହିତ ଅଟନ୍ତି ଏବଂ ଗୁଣର ଭୋକ୍ତା ମଧ୍ୟ ଅଟନ୍ତି (୧୩।୧୪)—ଏହା କିପରି?

ପରମାତ୍ମା ସତ୍ତ୍ୱ, ରଜ ଓ ତମ—ଏହି ତିନୋଟି ଗୁଣକୁ କାମରେ ଲଗାଇ ସୃଷ୍ଟିରଚନା ଆଦି ସମସ୍ତ କାର୍ଯ୍ୟ କରନ୍ତି। ତେଣୁ ତାଙ୍କୁ ଗୁଣମାନଙ୍କର ଭୋକ୍ତା କୁହାଯାଇଛି। କିନ୍ତୁ ପରମାତ୍ମାଙ୍କର କୌଣସି ଗୁଣ ସହିତ ତିଳେମାତ୍ର ଲିପ୍ତତା ନ ଥାଏ, ତେଣୁ ତାଙ୍କୁ ଗୁଣରହିତ କୁହାଯାଇଛି।

(୨୫) ସେହି ପରମାତ୍ମା ଅତି ଦୂର ଏବଂ ଅତି ନିକଟତର ମଧ୍ୟ (୧୩।୧୫)—ଏହା କିପରି?

ନାଶବାନ୍ ପଦାର୍ଥଗୁଡ଼ିକର ସଂଗ୍ରହ ଓ ସୁଖଭୋଗ ପାଇଁ ଇଚ୍ଛା କରୁଥିବା ତଥା ପରମାତ୍ମାଙ୍କ ଠାରୁ ବିମୁଖ ହୋଇଥିବା ମନୁଷ୍ୟମାନଙ୍କ ନିମନ୍ତେ ପରମାତ୍ମା ବହୁତ ଦୂର; କିନ୍ତୁ ଯିଏ କେବଳ ପରମାତ୍ମାଙ୍କର ସମ୍ମୁଖ ହୋଇଛି, ଯିଏ ସବୁଠାରେ ପରମାତ୍ମାଙ୍କୁ ଦେଖେ, ଯାହାର ଦୃଷ୍ଟିରେ କେବଳ ପରମାତ୍ମାଙ୍କ ଛଡ଼ା ଅନ୍ୟର ଓ ନିଜର ମଧ୍ୟ ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ, ତା'ପାଇଁ ପରମାତ୍ମା ଅତି ନିକଟତର।

(୨୬) ସେହି ପରମାତ୍ମା ସ୍ୱୟଂ ବିଭାଗରହିତ ହୋଇ ମଧ୍ୟ ସମସ୍ତ ପ୍ରାଣୀଙ୍କ ଠାରେ ବିଭକ୍ତପରି ସ୍ଥିତ (୧୩।୧୬)—ଏହା କିପରି?

ଯେପରି ସୁନାରେ ତିଆରି ଗହଣାଗୁଡ଼ିକର ନାମ, ଆକୃତି, ମାପ, ଓଜନ ଓ ମୂଲ୍ୟ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଧାତୁରୂପରେ ସବୁ କେବଳ ସୁନା ହିଁ ଅଟେ, ସେହିପରି ପରମାତ୍ମତତ୍ତ୍ୱ ବସ୍ତୁ, ବ୍ୟକ୍ତି ଆଦିଙ୍କ ମଧ୍ୟରେ ଅନେକ ରୂପରେ ଥାଇ ମଧ୍ୟ ତତ୍ତ୍ୱତଃ ଏକ ଅଟେ। ଯେପରି ମନୋରାଜ୍ୟରେ ସ୍ଥାବର ଓ ଜଙ୍ଗମ, ଜଡ଼ ଓ ଚେତନ ଆଦି ଯାହାକିଛି ଦେଖାଯାଏ, ସେସବୁ କେବଳ ମନ ହିଁ ଅଟେ, ସେହିପରି ଏକମାତ୍ର ପରମାତ୍ମତତ୍ତ୍ୱ ସୃଷ୍ଟିର ଅନେକ ରୂପରେ ଦେଖାଗଲେହେଁ ତାହା ତତ୍ତ୍ୱତଃ ଏକ ଅଟେ।

(୨୭) ପ୍ରକୃତିରେ ସ୍ଥିତ ପୁରୁଷ ହିଁ ଭୋକ୍ତା ହୁଏ (୧୩।୨୧)। ଶରୀରରେ ସ୍ଥିତ ହୋଇ ମଧ୍ୟ ପୁରୁଷ ଭୋକ୍ତା ହୁଏ ନାହିଁ (୧୩।୩୧)—ଏହା କିପରି?

ତ୍ରୟୋଦଶ ଅଧ୍ୟାୟର ୨୧ଶ ଶ୍ଳୋକ ଅନୁସାରେ ଯିଏ ପ୍ରକୃତିରେ ସ୍ଥିତ* ଅର୍ଥାତ୍ ଯିଏ ପ୍ରକୃତି (ଶରୀର) ସହିତ ନିଜର ସମ୍ବନ୍ଧ ଯୋଡ଼ିନେଇଛି, ସେ ହିଁ ପ୍ରକୃତିଜନିତ ଗୁଣମାନଙ୍କର ଭୋକ୍ତା ହୁଏ; ମାତ୍ର ୩୧ଶ ଶ୍ଳୋକ ଅନୁସାରେ ଯିଏ ଶରୀରଠାରୁ ସମ୍ବନ୍ଧ ଛିନ୍ନ କରି ନିଜ ସ୍ୱରୂପରେ ସ୍ଥିତ ହୋଇଯାଇଛି, ସେ ଶରୀରରେ ରହି ମଧ୍ୟ ଭୋକ୍ତା ହୁଏ ନାହିଁ। ତାତ୍ପର୍ଯ୍ୟ ହେଲା ଯେ ୨୧ଶ ଶ୍ଳୋକରେ ପ୍ରକୃତି (ଶରୀର) ସହିତ ସମ୍ବନ୍ଧ ଯୋଡ଼ିଥିବା ପୁରୁଷର ବର୍ଣ୍ଣନା ହୋଇଥିବା ସ୍ଥଳେ ୩୧ଶ ଶ୍ଳୋକରେ ଶରୀରଠାରୁ ସମ୍ବନ୍ଧ ଛିନ୍ନ କରିଥିବା ପୁରୁଷର ବର୍ଣ୍ଣନା ହୋଇଛି।

(୨୮) ପ୍ରକୃତିରେ ସ୍ଥିତ (ପ୍ରକୃତିସ୍ଥଃ) ପୁରୁଷ ହିଁ ପ୍ରକୃତିଜନିତ ଗୁଣଗୁଡ଼ିକର ଭୋକ୍ତା ହୋଇଥାଏ (୧୩।୨୧); ଧୀର ପୁରୁଷ ସୁଖଦୁଃଖରେ ସମ ତଥା ସ୍ୱରୂପରେ ସ୍ଥିତ (ସ୍ୱସ୍ଥଃ) ରହିଥାଏ (୧୪।୨୪)। ତେବେ ଯିଏ ପ୍ରକୃତିରେ ସ୍ଥିତ, ସେ ସ୍ୱରୂପରେ ସ୍ଥିତ କିପରି? ଏବଂ ଯିଏ ସ୍ୱରୂପରେ ସ୍ଥିତ, ସେ ପ୍ରକୃତିରେ ସ୍ଥିତ କିପରି?

ବସ୍ତୁତଃ ଏହି ପୁରୁଷ ପ୍ରକୃତିରେ ଆଦୌ ସ୍ଥିତ ନୁହେଁ, ବରଂ ସ୍ୱାଭାବିକରୂପେ ନିଜ ସ୍ୱରୂପରେ ହିଁ ସ୍ଥିତ। କିନ୍ତୁ ଯେତେବେଳେ ଇଏ ପ୍ରକୃତିରେ ଅର୍ଥାତ୍ ଗୋଟିଏ ଶରୀରରେ ନିଜର ସ୍ଥିତି ମାନିନିଏ ଅର୍ଥାତ୍ ଶରୀର ସହିତ ଅହଂଭାବ ଓ ମମତା କରିନିଏ, ସେତେବେଳେ ଇଏ କର୍ତ୍ତା ଓ ଭୋକ୍ତା ହୋଇଯାଏ, ସୁଖୀ ଓ ଦୁଃଖୀ ହୋଇଯାଏ। ଏହା ଉପରେ ଶୁଭ-ଅଶୁଭ କର୍ମବିଷୟକ ନିୟମ ଲାଗୁ ହୁଏ ଏବଂ ଇଏ ଜନ୍ମମରଣଚକ୍ରରେ ଘୂରିବୁଲେ। କିନ୍ତୁ ଯେତେବେଳେ ପୁରୁଷ ନିଜକୁ ପ୍ରକୃତି ମଧ୍ୟରେ ସ୍ଥିତ ମନେକରେ ନାହିଁ, ସେତେବେଳେ ଇଏ ସ୍ୱରୂପରେ ସ୍ଥିତ ହୋଇଥାଏ; ଏବଂ କର୍ତ୍ତା ଓ ଭୋକ୍ତା ଅଥବା ସୁଖୀ ଓ ଦୁଃଖୀ ହୁଏ ନାହିଁ। ଏହା ଉପରେ ଶୁଭ ଓ ଅଶୁଭ କର୍ମବିଷୟକ ନିୟମ ଲାଗୁ ହୁଏ ନାହିଁ ଏବଂ ଇଏ ଜନ୍ମମରଣରୁ ମୁକ୍ତ ହୋଇଯାଏ।

(୨୯) ସଂସାରବୃକ୍ଷର ମୂଳ ଉପରକୁ ରହିଥାଏ—'**ଊର୍ଦ୍ଧ୍ୱମୂଳମ୍**' (୧୫।୧) ଏବଂ ସଂସାରବୃକ୍ଷର ମୂଳ ତଳକୁ ଥାଏ—'**ଅଧଶ୍ଚ ମୂଳାନି**' (୧୫।୨)। ତେବେ ସଂସାରବୃକ୍ଷ ତ ଗୋଟିଏ, ପୁଣି ଏହା ଊର୍ଦ୍ଧ୍ୱମୂଳ ଓ ଅଧୋମୂଳ କିପରି?

ଊର୍ଦ୍ଧ୍ୱମୂଳ ଶବ୍ଦ ପରମାତ୍ମାଙ୍କର ବାଚକ, ଯେ କି ସଂସାରବୃକ୍ଷର ଆଧାର; ଏବଂ ଅଧୋମୂଳ ତାଦାତ୍ମ୍ୟ, ମମତା ଓ କାମନାଗୁଡ଼ିକର ବାଚକ, ଯେଉଁଗୁଡ଼ିକରୁ ଊର୍ଦ୍ଧ୍ୱ, ମଧ୍ୟ ଓ ଅଧୋଗତିରୂପୀ ଶାଖାଗୁଡ଼ିକ ବାହାରିଥାନ୍ତି। ତାତ୍ପର୍ଯ୍ୟ ହେଲା ଯେ ମନୁଷ୍ୟ ଏହି ତାଦାତ୍ମ୍ୟ, ମମତା ଓ କାମନାରୂପକ ମୂଳଗୁଡ଼ିକୁ ଛେଦନ କରିବା ଉଚିତ ଏବଂ ଊର୍ଦ୍ଧ୍ୱମୂଳ ପରମାତ୍ମାଙ୍କର ଶରଣାପନ୍ନ ହେବା ଉଚିତ।

(୩୦) ସେ ସମସ୍ତ ପ୍ରାଣୀଙ୍କୁ ମାରି ମଧ୍ୟ ମାରେ ନାହିଁ କି ବନ୍ଧନରେ ପଡ଼େ ନାହିଁ (୧୮।୧୭) ଅର୍ଥାତ୍ ସେ କ୍ରିୟା କରି ମଧ୍ୟ କ୍ରିୟା କରେ ନାହିଁ ଓ ଫଳଭାଗୀ ହୁଏ ନାହିଁ—ଏହା କିପରି?

ଅହଂକୃତଭାବ ଅର୍ଥାତ୍ 'ମୁଁ କର୍ମ କରୁଛି'—ଏଭଳି ଭାବ ହେଲେ ହିଁ ମନୁଷ୍ୟ କର୍ମଗୁଡ଼ିକର କର୍ତ୍ତା ହୁଏ ଏବଂ ଫଳର ଇଚ୍ଛା ହେତୁ ତାକୁ ଫଳର ଭାଗୀ ହେବାକୁ ପଡ଼େ। କିନ୍ତୁ ଯାହା ଭିତରେ ଅହଂକୃତଭାବ ନାହିଁ ଓ ଫଳର ଇଚ୍ଛା ମଧ୍ୟ ନାହିଁ, ସେ ସବୁକିଛି କରି ମଧ୍ୟ ପ୍ରକୃତରେ କିଛି କରେ ନାହିଁ ଓ କୌଣସି କର୍ମଫଳର ଭାଗୀ ହୁଏ ନାହିଁ (୧୩।୩୧)।

(୩୧) ସାତ୍ତ୍ୱିକ ସୁଖ ଆରମ୍ଭରେ ବିଷ ପରି ଓ ପରିଣାମରେ ଅମୃତ ପରି (୧୮।୩୭); ରାଜସ ସୁଖ ଆରମ୍ଭରେ ଅମୃତ ପରି ଓ ପରିଣାମରେ ବିଷ ପରି (୧୮।୩୮)—ଏହା କିପରି?

ପ୍ରକୃତରେ ସାତ୍ତ୍ୱିକ ସୁଖ ଆରମ୍ଭରେ ବିଷ ପରି ନୁହେଁ। ଯେତେବେଳେ ମନୁଷ୍ୟ ସାତ୍ତ୍ୱିକ ସୁଖ ଆଡ଼କୁ ଅଗ୍ରସର ହୁଏ, ସେତେବେଳେ ତାକୁ ଭୋଗ, ସୁଖ, ଆରାମ, ମାନ, ବଡ଼ିମା ଆଦି ରାଜସ ସୁଖ ଓ ନିଦ୍ରା, ଆଳସ୍ୟ,

* ଏଠାରେ ବ୍ୟଷ୍ଟିଶରୀରରେ ସ୍ଥିତ ରହିବାକୁ ହିଁ 'ପ୍ରକୃତିରେ ସ୍ଥିତ' କୁହାଯାଇଛି, କାରଣ ପ୍ରକୃତି ଅର୍ଥାତ୍ ସମଷ୍ଟିଶରୀରରେ ସ୍ଥିତ ହୋଇ କେହି ଭୋକ୍ତା ହୋଇ ନ ପାରେ।

ପ୍ରମାଦ, ଖେଳତାମସା ଆଦି ତାମସ ସୁଖକୁ ତ୍ୟାଗ କରିବା ବିଷ ପରି ଲାଗେ। କିନ୍ତୁ ସାତ୍ତ୍ୱିକ ସୁଖରେ ପ୍ରବେଶ କଲେ ପରମାତ୍ମବିଷୟକ ବୁଦ୍ଧିରୁ ଉତ୍ପନ୍ନ ସେହି ସୁଖ ଅମୃତ ପରି ଜଣାପଡ଼େ। ଅତଏବ ସାତ୍ତ୍ୱିକ ସୁଖ ଆରମ୍ଭରେ ବିଷତୁଲ୍ୟ ଓ ପରିଣାମରେ ଅମୃତତୁଲ୍ୟ।

ଭୋଗଗୁଡ଼ିକୁ ଉପଭୋଗ କରିବାରେ ବା ବିଷୟଗୁଡ଼ିକୁ ସେବନ କିରବାରେ ପ୍ରଥମେ ଏକପ୍ରକାର ସୁଖ ଜଣାପଡ଼େ, ଏକପ୍ରକାର ରସ ମିଳେ, ସେଥିପାଇଁ ରାଜସ ସୁଖ ପ୍ରଥମେ ଅମୃତ ଭଳି ଜଣାପଡ଼େ। କିନ୍ତୁ ଭୋଗ ଉପଭୋଗ ଓ ବିଷୟସେବନର ପରିଣାମରେ ଶରୀର ଓ ଇନ୍ଦ୍ରିୟମାନଙ୍କର ଶକ୍ତି ହ୍ରାସ ହୁଏ, ବଳ ଓ ବୁଦ୍ଧି ହ୍ରାସ ହୁଏ, ଶରୀରରେ ରୋଗ ଜାତ ହୁଏ ଓ ଥକା ଲାଗେ। ଅତଏବ ରାଜସ ସୁଖ ପରିଣାମରେ ବିଷତୁଲ୍ୟ।

ତାତ୍ପର୍ଯ୍ୟ ହେଲା ଯେ ବୁଦ୍ଧିମାନ୍ ମନୁଷ୍ୟ ପରିଣାମ ଆଡ଼କୁ ଦେଖେ ଓ ଅଜ୍ଞାନୀ ମନୁଷ୍ୟ ପରିଣାମକୁ ଦେଖେ ନାହିଁ। ଅତଏବ ସାଧକକୁ ପରିଣାମ କଥା ବିଚ୍ଚର କରିବା ଉଚିତ।

(୩୨) ସମସ୍ତ କର୍ମ ପରିତ୍ୟାଗ କରି ସଂଯମପୂର୍ବକ ଏକାନ୍ତରେ ରହି ଧ୍ୟାନ କଲେ ଯେଉଁ ତତ୍ତ୍ୱ (ପଦ) ପ୍ରାପ୍ତ ହୁଏ (୧୮।୫୧–୫୪), ସମସ୍ତ କର୍ମକୁ ମେସିନ୍ ଭଳି ସବୁବେଳେ କରି ସେହି ତତ୍ତ୍ୱକୁ ପାଇ ହୁଏ (୧୮।୫୬)—ଏହା କିପରି?

ପ୍ରଥମ କଥାଟି (୧୮।୫୧–୫୪) ହେଉଛି ସାଂଖ୍ୟଯୋଗ ସମ୍ବନ୍ଧୀୟ ଏବଂ ସେଥିରେ ଅଭ୍ୟାସର ପ୍ରାଧାନ୍ୟ ରହିଛି, ତେଣୁ ଉପରତାପୂର୍ବକ ଅଭ୍ୟାସ କଲେ ସାଂଖ୍ୟଯୋଗୀକୁ ତତ୍ତ୍ୱପ୍ରାପ୍ତି ହୋଇଯାଏ। ଦ୍ୱିତୀୟ କଥାଟି (୧୮।୫୬) ହେଉଛି ଭକ୍ତିଯୋଗ ସମ୍ବନ୍ଧୀୟ ଓ ସେଥିରେ ଭଗବାନଙ୍କ ଆଶ୍ରୟର ପ୍ରାଧାନ୍ୟ ରହିଛି, ତେଣୁ ଭଗବାନଙ୍କ ଆଶ୍ରୟ ନେଲେ ଭକ୍ତକୁ ଭଗବଦ୍‌କୃପାରୁ ଶାଶ୍ୱତ ଅବିନାଶୀ ପଦ ମିଳିଯାଏ।

୮୬. ଗୀତାରେ ଥିବା ସମାନ ଚରଣଗୁଡ଼ିକର ତାତ୍ପର୍ଯ୍ୟ

ସମାନାଃ ଶ୍ଳୋକପାଦା ହି ଗୀତାୟାଂ ସନ୍ତି ଯତ୍ର ଚ।
ତାତ୍ପର୍ଯ୍ୟଂ କଥ୍ୟତେ ତେଷାଂ ପୂର୍ବାପରପ୍ରସଙ୍ଗତଃ॥

(୧) 'ସେନୟୋରୁଭୟୋର୍ମଧ୍ୟେ' (୧।୨୧, ୨୪; ୨।୧୦)—ଏହି ପଦର ପ୍ରଥମଥର ପ୍ରୟୋଗରେ ଅର୍ଜୁନ ଭଗବାନଙ୍କୁ ନିଜ ରଥ ଉଭୟ ସେନା ମଧ୍ୟରେ ରଖିବା ପାଇଁ କହିଲେ (୧।୨୧), ଦ୍ୱିତୀୟଥର ପ୍ରୟୋଗରେ ଭଗବାନ ଦୁଇ ସେନା ମଧ୍ୟରେ ରଥ ଛିଡ଼ା କରିଦେଲେ (୧।୨୪) ଓ ତୃତୀୟଥର ପ୍ରୟୋଗରେ ଦୁଇ ସେନାର ମଝିରେ ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଲେ (୨।୧୦)। ଏଭଳି ତିନି ପ୍ରକାରର ପରିସ୍ଥିତି ହେଲା। ରଥ ଛିଡ଼ା କରିବାକୁ କହିବାବେଳେ ଅର୍ଜୁନଙ୍କର ଭାବ ଭିନ୍ନ ଥିଲା ଅର୍ଥାତ୍ ସେ ନିଜକୁ ରଥୀ ଓ ଭଗବାନଙ୍କୁ ସାରଥି ବୋଲି ଭାବୁଥିଲେ; ଦୁଇ ସେନା ମଧ୍ୟରେ ରଥ ଛିଡ଼ା କରି ଭଗବାନ କୁରୁବଂଶୀମାନଙ୍କୁ ଦେଖିବାକୁ କହିବାରୁ ଅର୍ଜୁନଙ୍କର ଭାବ ବଦଳିଗଲା ଅର୍ଥାତ୍ ତାଙ୍କ ଭିତରେ କୌଟୁମ୍ବିକ ମୋହ ଜାଗ୍ରତ ହୋଇଗଲା; ଏବଂ ଭଗବାନ ଉପଦେଶ ଦେବାରୁ ଅର୍ଜୁନଙ୍କର ଭାବ ଆହୁରି ଅନ୍ୟପ୍ରକାର ହେଲା ଅର୍ଥାତ୍ ସେ ଶିଷ୍ୟଭାବରେ ଉପଦେଶ ଶୁଣିବାକୁ ଲାଗିଲେ।

(୨) 'କୁଳକ୍ଷୟକୃତଂ ଦୋଷମ୍' (୧।୩୮, ୩୯)—ଏହି ପଦଦ୍ୱୟ କୁଳନାଶଜନିତ ଦୋଷକୁ ନ ଦେଖିବା ଅର୍ଥରେ ବ୍ୟବହୃତ ହୋଇଛି। ଯେଉଁ ମନୁଷ୍ୟମାନଙ୍କୁ ଲୋଭ ଗ୍ରାସ କରିଥାଏ ଓ ଲୋଭ ହେତୁ ଯେଉଁମାନଙ୍କର କର୍ତ୍ତବ୍ୟ-ଅକର୍ତ୍ତବ୍ୟର ବିବେକ ଆଚ୍ଛାଦିତ ହୋଇଯାଇଥାଏ, ସେମାନେ ନିଜ ବ୍ୟବହାରରେ ହେଉଥିବା ଦୋଷକୁ ଜାଣି ପାରନ୍ତି ନାହିଁ। କିନ୍ତୁ ଯେଉଁମାନେ ଲୋଭର ବଶୀଭୂତ ନୁହନ୍ତି ଏବଂ ଯାହାଙ୍କ ଠାରେ କର୍ତ୍ତବ୍ୟ-ଅକର୍ତ୍ତବ୍ୟର ଓ ଧର୍ମ-ଅଧର୍ମର ବିବେକ ଅଛି, ସେମାନେ ନିଜ ବ୍ୟବହାରରେ ହେଉଥିବା ଦୋଷଗୁଡ଼ିକୁ ଭଲଭାବରେ ଜାଣନ୍ତି। ଦୁର୍ଯ୍ୟୋଧନାଦିଙ୍କୁ ରାଜ୍ୟଲୋଭ ଗ୍ରାସ କରିଥିବାରୁ ସେମାନେ କୁଳନାଶଜନିତ ଦୋଷଗୁଡ଼ିକୁ ଦେଖୁ ନ ଥିଲେ, କିନ୍ତୁ ପାଣ୍ଡବମାନଙ୍କର ରାଜ୍ୟଲୋଭ ନ ଥିଲା, ତେଣୁ ସେମାନେ କୁଳନାଶଜନିତ ଦୋଷଗୁଡ଼ିକୁ ସ୍ପଷ୍ଟଭାବରେ ଦେଖି ପାରୁଥିଲେ। ସାରାଂଶ ଏହି ଯେ ମନୁଷ୍ୟ ଲୋଭର ବଶୀଭୂତ ହେବା ଉଚିତ ନୁହେଁ।

(୩) 'ଯେନ ସର୍ବମିଦଂ ତତମ୍' (୨।୧୭; ୮।୨୨; ୧୮।୪୬)—ଏହି ପଦ ସାହାଯ୍ୟରେ ଥରେ

ତ ଶରୀରୀ(ଜୀବାତ୍ମା)ର ବ୍ୟାପକତା ବିଷୟରେ କୁହାଗଲା (୨ । ୧୭) ଓ ଦୁଇଥର ପରମାତ୍ମାଙ୍କ ବ୍ୟାପକତା ବିଷୟରେ କୁହାଗଲା (୮ । ୨୨; ୧୮ । ୪୬) । ତାତ୍ପର୍ଯ୍ୟ ହେଲା ଯେ ସାଧକ ନିଜ ସ୍ୱରୂପକୁ ମଧ୍ୟ ସର୍ବତ୍ର ବ୍ୟାପକ ମନେକରିବା ଉଚିତ ଓ ପରମାତ୍ମାଙ୍କୁ ମଧ୍ୟ ସବୁ ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା, ପରିସ୍ଥିତି ଆଦିରେ ବ୍ୟାପକ ମନେକରିବା ଉଚିତ । ଏହାଦ୍ୱାରା ଅତି ଶୀଘ୍ର ସାଧନାରେ ସିଦ୍ଧି ମିଳିଥାଏ ।

(୪) **'ନ ତ୍ୱଂ ଶୋଚିତୁମର୍ହସି'** (୨ । ୨୭, ୩୦)—ଦୁଇସେନା ମଧ୍ୟରେ ନିଜର ସ୍ୱଜନମାନଙ୍କୁ ଦେଖି ଅର୍ଜୁନଙ୍କୁ ଶୋକ ହେଉଥିଲା, ତେଣୁ ଭଗବାନ ତାଙ୍କୁ ବାରମ୍ବାର ସାନ୍ତ୍ୱନା ଦେଇଛନ୍ତି । ଲୌକିକ ଦୃଷ୍ଟିରେ ବିଗ୍ର ଜଲେ ଯାହାର ଜନ୍ମ ହୁଏ, ତା'ର ମୃତ୍ୟୁ ଅବଶ୍ୟ ହେବ ଓ ଯାହାର ମୃତ୍ୟୁ ହେବ, ତା'ର ଜନ୍ମ ଅବଶ୍ୟ ହେବ—ଏହି ନିଶ୍ଚିତ ନିୟମକୁ ନେଇ ଶୋକ ହୋଇ ନ ପାରେ (୨ । ୨୭) । ଯଦି ଚେତନ ତତ୍ତ୍ୱ ଦୃଷ୍ଟିରୁ ଦେଖାଯାଏ, ତେବେ ତା'ର କଦାପି ବିନାଶ ହୁଏ ନାହିଁ; ଅତଏବ ତା'ପାଇଁ ଶୋକ କରିବା ଅନାବଶ୍ୟକ (୨ । ୩୦) । ତାତ୍ପର୍ଯ୍ୟ ହେଲା ଯେ ଶରୀର ଓ ଶରୀରୀ—ଦୁହିଁଙ୍କ ପାଇଁ ଶୋକ କରିବା ଅନୁଚିତ ।

(୫) **'ବ୍ୟବସାୟାତ୍ମିକା ବୁଦ୍ଧିଃ'** (୨ । ୪୧, ୪୪)—ଯାହାର ଅନ୍ତଃକରଣରେ ସଂସାରର ମହତ୍ତ୍ୱ ସ୍ଥାନ ପାଇ ନ ଥାଏ, ତାହାର ବୁଦ୍ଧି ବ୍ୟବସାୟାତ୍ମିକା (ଏକନିଶ୍ଚୟଯୁକ୍ତ) ହୋଇଥାଏ (୨ । ୪୧) ଏବଂ ଯାହା ଅନ୍ତରରେ ସଂସାରର ଓ ଭୋଗଗୁଡ଼ିକର ମହତ୍ତ୍ୱ ଥାଏ, ତାହାର ବ୍ୟବସାୟାତ୍ମିକା ବୁଦ୍ଧି ନ ଥାଏ (୨ । ୪୪) । ତାତ୍ପର୍ଯ୍ୟ ହେଲା ଯେ ନିଷ୍କାମ ମନୁଷ୍ୟର ବୁଦ୍ଧି ଏକ ହୋଇଥାଏ, କିନ୍ତୁ ସକାମ ମନୁଷ୍ୟର ବୁଦ୍ଧି ଏକ ନ ହୋଇ ଅନନ୍ତ ହୋଇଥାଏ ।

(୬) **'ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା'** (୨ । ୫୭, ୬୧)—ଏହି ପଦଗୁଡ଼ିକ ଦ୍ୱିତୀୟ ଅଧ୍ୟାୟର ୫୭ଶ ଶ୍ଳୋକରେ ସିଦ୍ଧ କର୍ମଯୋଗୀ ପାଇଁ ଏବଂ ୬୧ତମ ଶ୍ଳୋକରେ କର୍ମଯୋଗୀ ସାଧକ ପାଇଁ ବ୍ୟବହୃତ ହୋଇଛି । ସାଧକର ମଧ୍ୟ ପ୍ରଜ୍ଞା (ବୁଦ୍ଧି) ସ୍ଥିର ହୋଇଯାଏ । ପ୍ରଜ୍ଞା ସ୍ଥିର ହୋଇଗଲେ ସାଧକକୁ ମଧ୍ୟ ସିଦ୍ଧଙ୍କର ସମକକ୍ଷ ଭାବିବା ଉଚିତ । ଗୀତାରେ ସିଦ୍ଧମାନଙ୍କୁ ମଧ୍ୟ ମହାତ୍ମା କୁହାଯାଇଛି (୭ । ୧୯) ଓ ସାଧକମାନଙ୍କୁ ମଧ୍ୟ ମହାତ୍ମା କୁହାଯାଇଛି (୯ । ୧୩) ।

(୭) **'ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା'** (୨ । ୫୮, ୬୮)—ଦ୍ୱିତୀୟ ଅଧ୍ୟାୟର ୫୮ଶ ଶ୍ଳୋକରେ ଏକାନ୍ତରେ ବସି ବୃତ୍ତିଗୁଡ଼ିକୁ ସଂଯମିତ କରିବାର ବର୍ଣ୍ଣନା ଅଛି, ତେଣୁ ସେଠାରେ **'ସଂହରତେ'** କ୍ରିୟାର ପ୍ରୟୋଗ ହୋଇଛି; ଏବଂ ୬୮ତମ ଶ୍ଳୋକରେ ସାଂସାରିକ କାର୍ଯ୍ୟ କରି ମଧ୍ୟ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରି ରଖିବା କଥା କୁହାଯାଇଛି, ତେଣୁ ସେଠାରେ **'ନିଗୃହୀତାନି'** ପଦ ବ୍ୟବହୃତ ହୋଇଛି । ତାତ୍ପର୍ଯ୍ୟ ହେଲା ଯେ ଏକାନ୍ତରେ ଅଥବା ସାଂସାରିକ କାର୍ଯ୍ୟ କଲାବେଳେ ସାଧକ ନିଜର ଇନ୍ଦ୍ରିୟମାନଙ୍କ ଉପରେ ଆଧିପତ୍ୟ ରଖିବା ଉଚିତ । ଏକାନ୍ତରେ ମାନସିକବୃତ୍ତି ମଧ୍ୟ ନ ରହିବା ଉଚିତ । ସାଂସାରିକ କାର୍ଯ୍ୟ କଲାବେଳେ ଇନ୍ଦ୍ରିୟମାନଙ୍କର ବଶୀଭୂତ ହେବା ଓ ଭୋଗଗୁଡ଼ିକ ପ୍ରତି ଆସକ୍ତ ହେବା ଉଚିତ ନୁହେଁ । ଏହାହେଲେ ସାଧକର ଏକନିଶ୍ଚୟାତ୍ମିକା ବୁଦ୍ଧି ସ୍ଥିର ଓ ଦୃଢ଼ ହେବ ।*

(୮) **'ଯୁକ୍ତ ଆସୀତ ମତ୍ପରଃ'** (୨ । ୬୧; ୬ । ୧୪)—ଏହି ପଦଗୁଡ଼ିକ ଦ୍ୱାରା ଥରେ କର୍ମଯୋଗରେ ଭଗବଦ୍‌ପରାୟଣ ହେବା କଥା କୁହାଯାଇଛି (୨ । ୬୧) ଏବଂ ଆଉ ଥରେ ଧ୍ୟାନଯୋଗରେ ଭଗବଦ୍‌ପରାୟଣ ହେବା କଥା କୁହାଯାଇଛି (୬ । ୧୪) । କର୍ମଯୋଗରେ ମଧ୍ୟ ଭଗବଦ୍‌ପରାୟଣ ହେବା ଆବଶ୍ୟକ; କାରଣ ଭଗବଦ୍‌ପରାୟଣ ହେଲେ କର୍ମଯୋଗରେ ଶୀଘ୍ର ଓ ବିଶେଷଭାବରେ ସିଦ୍ଧିଲାଭ ହୁଏ । ସେହିପରି ଧ୍ୟାନଯୋଗରେ ମଧ୍ୟ ଭଗବଦ୍‌ପରାୟଣ ହେବା ଆବଶ୍ୟକ, କାରଣ ଧ୍ୟାନଯୋଗରେ ଭଗବଦ୍‌ପରାୟଣ ନ ହେଲେ ସକାମଭାବ କାରଣରୁ ନାନାପ୍ରକାର ସିଦ୍ଧି ତ ପ୍ରକଟ ହେବ, କିନ୍ତୁ ମୁକ୍ତି ମିଳିବ ନାହିଁ ।

(୯) **'ନିର୍ମମୋ ନିରହଙ୍କାରଃ'** (୨ । ୭୧; ୧୨ । ୧୩)—ଏହି ପଦଗୁଡ଼ିକ ଥରେ କର୍ମଯୋଗୀ ପାଇଁ (୨ । ୭୧) ଏବଂ ଆଉ ଥରେ ଭକ୍ତିଯୋଗୀ ପାଇଁ (୧୨ । ୧୩) ବ୍ୟବହୃତ ହୋଇଛି । କର୍ମଯୋଗୀ କେବଳ ନିଜର କର୍ତ୍ତବ୍ୟ ଭାବି କାମନା ଓ ଆସକ୍ତିକୁ ତ୍ୟାଗ

* ଚତୁର୍ଥ ଅଧ୍ୟାୟର ୨୬ଶ ଶ୍ଳୋକରେ ଏକାନ୍ତରେ ଇନ୍ଦ୍ରିୟମାନଙ୍କର ସଂଯମକୁ ହିଁ 'ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି' ପଦରେ 'ସଂଯମରୂପକ ଯଜ୍ଞ' କୁହାଯାଇଛି ଏବଂ ସାଂସାରିକ କାର୍ଯ୍ୟରେ ସଂଯମକୁ ହିଁ 'ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି' ପଦରେ 'ବିଷୟହବନରୂପକ ଯଜ୍ଞ' କୁହାଯାଇଛି । ସୁତରାଂ ସାଂସାରିକ କାର୍ଯ୍ୟରେ ବିଷୟମାନ ସେବନ କରି ମଧ୍ୟ ବିଷୟମାନଙ୍କ ପ୍ରତି ଭୋଗବୁଦ୍ଧି (ରାଗ-ଦ୍ୱେଷ) ନ ହେବା ଉଚିତ ।

କରି କର୍ମ କରିଥାଏ, ତେଣୁ ସେ ଅହଂଭାବ ଓ ମମତାରୁ ମୁକ୍ତ ହୋଇଯାଏ। ଭକ୍ତିଯୋଗୀ ସର୍ବଥା ଭଗବାନଙ୍କ ଠାରେ ସମର୍ପିତ ହେବା ହେତୁ ତାଂଠାରେ ଅହଂଭାବ ଓ ମମତା ରହେ ନାହିଁ। କାମନା ଓ ଆସକ୍ତି ନ ରଖିଲେ ଯେଉଁ ସ୍ଥିତି ହୁଏ, ଭଗବାନଙ୍କ ନିକଟରେ ସମର୍ପିତ ହେଲେ ମଧ୍ୟ ସେହି ସ୍ଥିତି ହୁଏ ଅର୍ଥାତ୍ ଦୁହେଁ ଅହଂଭାବ ଓ ମମତାରୁ ମୁକ୍ତ ହୋଇଯାଆନ୍ତି।

(୧୦) **'ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ'** (୩।୨୩; ୪।୧୧)—"ମୁଁ ଯଦି କର୍ମ ନ କରେ, ତେବେ ସମସ୍ତେ ମୋ ମାର୍ଗର ଅନୁସରଣ କରିବେ ଅର୍ଥାତ୍ ସେମାନେ ମଧ୍ୟ କର୍ମ ନ କରି କର୍ତ୍ତବ୍ୟଚ୍ୟୁତ ହୋଇଯିବେ" (୩।୨୩)—ଏହା ଭଗବାନ କର୍ମଯୋଗ ପ୍ରସଙ୍ଗରେ କହିଲେ। "ଯେଉଁମାନେ ଯେମିତି ଭାବରେ ମୋର ଶରଣ ନିଅନ୍ତି, ମୁଁ ସେମାନଙ୍କ ସହିତ ସେହିପରି ପ୍ରେମର ବ୍ୟବହାର କରେ; ଅତଏବ ମୋର ଏହି ବ୍ୟବହାର ଦେଖି ମନୁଷ୍ୟମାନେ ଅନ୍ୟମାନଙ୍କ ସହିତ ସେହିପରି ଯଥାଯୋଗ୍ୟ ପ୍ରେମପୂର୍ବକ ବ୍ୟବହାର କରିବେ"—ଏହା ଭଗବାନ ଭକ୍ତିଯୋଗ ପ୍ରସଙ୍ଗରେ କହିଲେ। ତାତ୍ପର୍ଯ୍ୟ ହେଲା ଯେ ଭଗବାନ କର୍ମଯୋଗ ଓ ଭକ୍ତିଯୋଗ ଉଭୟର ଆଦର୍ଶ ଅଟନ୍ତି।

(୧୧) **'ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍'** (୩।୩୫; ୧୮।୪୭)—ଅର୍ଜୁନ ଯୁଦ୍ଧ କରିବା ଅପେକ୍ଷା ଭିକ୍ଷା ମାଗିବା (ପରଧର୍ମ)କୁ ଶ୍ରେଷ୍ଠ ବୋଲି ଭାବୁଥିଲେ; ଏଣୁ ପ୍ରଥମ ଥର ଏହି ପଦଗୁଡ଼ିକରେ ଭଗବାନ ଅର୍ଜୁନଙ୍କୁ ପରଧର୍ମରୁ ନିବୃତ୍ତ ହୋଇ ଯୁଦ୍ଧ କରିବା ଶ୍ରେଷ୍ଠ ବୋଲି କହିଲେ (୩।୩୫) ଓ ଦ୍ୱିତୀୟ ଥର ଏହି ପଦଗୁଡ଼ିରେ ନିଜ ଧର୍ମରେ ନ୍ୟୂନତା ଥିଲେ ମଧ୍ୟ ନିଜ ଧର୍ମର ଅନୁଷ୍ଠାନ କରିବା ଶ୍ରେଷ୍ଠ ବୋଲି କହିଲେ (୧୮।୪୭)। ପ୍ରଥମ ଥର ବ୍ୟବହାରରେ ପରଧର୍ମରେ ଗୁଣଗୁଡ଼ିକର ଆଧିକ୍ୟ ହେତୁ ପରଧର୍ମ ପ୍ରତି ରୁଚି ହେବା କଥା କୁହାଯାଇଛି ଏବଂ ଦ୍ୱିତୀୟ ଥର ବ୍ୟବହାରରେ ନିଜ ଧର୍ମରେ ଗୁଣଗୁଡ଼ିକର ନ୍ୟୂନତା ହେତୁ ନିଜ ଧର୍ମ ପ୍ରତି ଅରୁଚି ହେବା କଥା କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ନିଜ କର୍ତ୍ତବ୍ୟକର୍ମକୁ ନିକୃଷ୍ଟ ବୋଲି ଭାବି ସେଥିପ୍ରତି ବୀତସ୍ପୃହ ହେବା ଉଚିତ ନୁହେଁ ଏବଂ ଅନ୍ୟର କର୍ତ୍ତବ୍ୟକର୍ମକୁ ଶ୍ରେଷ୍ଠ ବୋଲି ଭାବି ସେଥିପ୍ରତି ଆକୃଷ୍ଟ ହେବା ଉଚିତ ନୁହେଁ, ବରଂ ପ୍ରାପ୍ତ ପରିସ୍ଥିତି ଅନୁସାରେ ନିଜର କର୍ତ୍ତବ୍ୟକର୍ମକୁ ଉତ୍ସାହ ଓ ତତ୍ପରତାର ସହିତ ପାଳନ କରିବା ଉଚିତ।

(୧୨) **'ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍'** (୪।୧୬; ୯।୧)—ଚତୁର୍ଥ ଅଧ୍ୟାୟର ୧୬ଶ ଶ୍ଳୋକରେ ଏହି ପଦଗୁଡ଼ିକ ଦ୍ୱାରା କର୍ମଯୋଗ ବିଷୟରେ କୁହାଯାଇଛି ଯେ କର୍ମର ତତ୍ତ୍ୱକୁ ଜାଣିଗଲେ ତୁମେ ଅଶୁଭ ସଂସାରରୁ ମୁକ୍ତ ହୋଇଯିବ; ଏବଂ ନବମ ଅଧ୍ୟାୟର ୧ମ ଶ୍ଳୋକରେ ଏହି ପଦଗୁଡ଼ିକ ଦ୍ୱାରା ଭକ୍ତିଯୋଗ ବିଷୟରେ କୁହାଯାଇଛି ଯେ ଭଗବାନ ସବୁଠି ଅଛନ୍ତି, ଭଗବାନଙ୍କ ଠାରୁ ହିଁ ଏହି ସଂସାର ଉତ୍ପନ୍ନ ହୋଇଛି, ତାଙ୍କରି ଠାରେ ରହିଛି ଓ ତାଙ୍କରି ଠାରେ ଲୀନ ହେଉଛି ଏବଂ ଭଗବାନ ହିଁ ସବୁକିଛି ରୂପରେ ଅଭିବ୍ୟକ୍ତ ହୋଇଛନ୍ତି, ଭଗବାନଙ୍କ ଛଡ଼ା ଅନ୍ୟ କିଛି ନାହିଁ—ଏହି ବିଜ୍ଞାନସହିତ ଜ୍ଞାନକୁ ଜାଣିଗଲେ ଅର୍ଥାତ୍ ଅନୁଭବ କଲେ ତୁମେ ଅଶୁଭ ସଂସାରରୁ ମୁକ୍ତ ହୋଇଯିବ। ତାତ୍ପର୍ଯ୍ୟ ହେଲା ଯେ ଚତୁର୍ଥ ଅଧ୍ୟାୟର ୧୬ଶ ଶ୍ଳୋକରେ ନିଷ୍କାମତାର ପ୍ରାଧାନ୍ୟ ରହିଛି ଓ ନବମ ଅଧ୍ୟାୟର ୧ମ ଶ୍ଳୋକରେ ସବୁଠାରେ ଭଗବାନଙ୍କୁ ଦେଖିବାର ପ୍ରାଧାନ୍ୟ ଅଛି। କର୍ମର ତତ୍ତ୍ୱକୁ ଜାଣି ନିଷ୍କାମଭାବରେ କର୍ମ କଲେ ଜଡ଼ତା ଦୂର ହୋଇ ଚିନ୍ମୟତା ଆସିଯାଏ (୪।୧୬) ଏବଂ ଚିନ୍ମୟ ଭଗବାନଙ୍କୁ ଜାଣିଗଲେ ଚିନ୍ମୟତା ଆସିଯାଏ ଓ ଜଡ଼ତା ଦୂର ହୋଇଯାଏ।

(୧୩) **'(କର୍ମ) କୁର୍ବନ୍ନାପ୍ନୋତି କିଲ୍ବିଷମ୍'** (୪।୨୧; ୧୮।୪୭)—କେବଳ ଶରୀରନିର୍ବାହ ଦୃଷ୍ଟିରୁ କର୍ମ କଲେ ପାପ ଲାଗେ ନାହିଁ (୪।୨୧) ଏବଂ ନିଜର କର୍ତ୍ତବ୍ୟକର୍ମ (ସ୍ୱଧର୍ମ) ପାଳନ କରିବାରେ ମଧ୍ୟ ପାପ ଲାଗେ ନାହିଁ (୧୮।୪୭)। ତାତ୍ପର୍ଯ୍ୟ ହେଲା ଯେ ସାଧକଠାରେ ଯାହା କିଛି ବିଲକ୍ଷଣତା ଆସେ, ତାହା ଏକନିଶ୍ଚୟାତ୍ମିକା ବୁଦ୍ଧି ହେଲେଯାଇ ଆସେ। ନିଶ୍ଚୟାତ୍ମିକା ବୁଦ୍ଧି ହେବାରେ ଭୋଗ ଓ ସଂଗ୍ରହର ଆସକ୍ତି ହିଁ ବାଧକ। ତେଣୁ ଭଗବାନ ଚତୁର୍ଥ ଅଧ୍ୟାୟର ୨୧ଶ ଶ୍ଳୋକରେ ଶରୀରନିର୍ବାହ କଥା କହିଛନ୍ତି ଅର୍ଥାତ୍ ଭୋଗଗୁଡ଼ିକରେ ଭୋଗବୁଦ୍ଧି ନ କରିବାକୁ ସାବଧାନ କରିଦେଇଛନ୍ତି। ସଂଗ୍ରହଲୋଭରେ ମନୁଷ୍ୟ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ପ୍ରତି ଦୃଷ୍ଟି ଦିଏ ନାହିଁ; ଏଥିପାଇଁ ଅଷ୍ଟାଦଶ ଅଧ୍ୟାୟର ୪୭ଶ ଶ୍ଳୋକରେ ଅକର୍ତ୍ତବ୍ୟ ତ୍ୟାଗ କରି କର୍ତ୍ତବ୍ୟକର୍ମ କରିବା ପାଇଁ ଭଗବାନ ସାବଧାନ କରିଦେଇଛନ୍ତି।

(୧୪) **'(କର୍ମାଣି) ନିବଧ୍ନନ୍ତି ଧନଞ୍ଜୟ'** (୪।୪୧; ୯।୯)—ଚତୁର୍ଥ ଅଧ୍ୟାୟର ୪୧ଶ ଶ୍ଳୋକରେ ଏହି ପଦଗୁଡ଼ିକ କର୍ମଯୋଗୀ ପାଇଁ ବ୍ୟବହୃତ ହୋଇଛି। ତାତ୍ପର୍ଯ୍ୟ ହେଉଛି ଯେ କର୍ମ କରୁଥିଲେ ମଧ୍ୟ କର୍ମଯୋଗୀର କର୍ମ

ସହିତ ଓ କର୍ମଫଳ ସହିତ ଆଦୌ ସମ୍ବନ୍ଧ ନ ଥାଏ, ତେଣୁ ତାକୁ କର୍ମ ବାନ୍ଧି ପାରେ ନାହିଁ। ନବମ ଅଧ୍ୟାୟର ୯ମ ଶ୍ଳୋକରେ ଏହି ପଦଗୁଡ଼ିକ ଭଗବାନଙ୍କ ପାଇଁ ବ୍ୟବହୃତ ହୋଇଛି। ତାତ୍ପର୍ଯ୍ୟ ହେଲା ଯେ ଭଗବାନ ସୃଷ୍ଟିରଚନା କରନ୍ତି, କିନ୍ତୁ ସେହି କର୍ମରେ ସେ ବାନ୍ଧି ହୁଅନ୍ତି ନାହିଁ, କାରଣ ତାଙ୍କ ଠାରେ କର୍ତ୍ତୃତ୍ୱାଭିମାନ ଓ ଫଳାସକ୍ତି ନ ଥାଏ (୪।୧୩-୧୪)।

(୧୫) 'ଯଃ ପଶ୍ୟତି ସ ପଶ୍ୟତି' (୫।୫; ୧୩।୨୭)—ଏହି ପଦଗୁଡ଼ିକ ପ୍ରଥମ ଥର ସାଧନ ବିଷୟରେ ଏବଂ ଦ୍ୱିତୀୟ ଥର ସାଧ୍ୟ (ପରମାତ୍ମାଙ୍କ) ବିଷୟରେ ବ୍ୟବହୃତ ହୋଇଛି। ସାଂଖ୍ୟଯୋଗ ଓ କର୍ମଯୋଗ—ଉଭୟ ସାଧନ ପରମାତ୍ମପ୍ରାପ୍ତି କରାଇବାରେ ସମର୍ଥ। ଏଥିରେ କେହି ଛୋଟ କି ବଡ଼ ନୁହେଁ। ଉଭୟେ ସମାନ। ଏପରି ଯିଏ ଦେଖେ ବା ବିଚାର କରେ, ସେ ଠିକ୍ ଦେଖେ (୫।୫)। ଯିଏ ପରମାତ୍ମାଙ୍କୁ ସବୁଠାରେ ସମାନରୂପରେ ବ୍ୟାପକ ଦେଖେ, ସେ ହିଁ ପ୍ରକୃତରେ ଠିକ୍ ଦେଖେ (୧୩।୨୭)। ତାତ୍ପର୍ଯ୍ୟ ହେଲା, ସାଧନଗୁଡ଼ିକ ମଧ୍ୟରେ ଛୋଟ-ବଡ଼ର ଭେଦଭାବ ରଖିବା ଉଚିତ ନୁହେଁ ଏବଂ ସାଧ୍ୟ (ପରମାତ୍ମା) ସର୍ବତ୍ର ପରିପୂର୍ଣ୍ଣ ବୋଲି ସ୍ୱୀକାର କରିବା ଉଚିତ। ସାଧନ ଓ ସାଧ୍ୟକୁ ଛୋଟ-ବଡ଼ ଭାବିବା ଉଚିତ ନୁହେଁ ଅର୍ଥାତ୍ ସାଧନ ପ୍ରତି ଛୋଟ-ବଡ଼ ଭାବ ନ ହେଉ କି ସାଧ୍ୟ ପ୍ରତି ମଧ୍ୟ ଛୋଟ-ବଡ଼ ଭାବ ନ ହେଉ। ଉଭୟଙ୍କୁ ପୂର୍ଣ୍ଣ ମାନିବା ଉଚିତ।

(୧୬) 'ସର୍ବଭୂତହିତେ ରତାଃ' (୫।୨୫; ୧୨।୪)—ଏହି ପଦଗୁଡ଼ିକ ଦୁଇଥର କେବଳ ସାଂଖ୍ୟଯୋଗରେ ହିଁ ବ୍ୟବହୃତ ହୋଇଛି; କିନ୍ତୁ ପଞ୍ଚମ ଅଧ୍ୟାୟର ୨୫ଶ ଶ୍ଳୋକରେ ଏହି ପଦଗୁଡ଼ିକ ଦ୍ୱାରା ନିର୍ବାଣବ୍ରହ୍ମ ଅର୍ଥାତ୍ ନିର୍ଗୁଣନିରାକାରର ପ୍ରାପ୍ତି କଥା କୁହାଯାଇଛି ଏବଂ ଦ୍ୱାଦଶ ଅଧ୍ୟାୟର ୪ର୍ଥ ଶ୍ଳୋକରେ ଏହି ପଦଗୁଡ଼ିକ ଦ୍ୱାରା **'ମାମ୍'** ଅର୍ଥାତ୍ ସଗୁଣସାକାରର ପ୍ରାପ୍ତି କଥା କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ସାଂଖ୍ୟଯୋଗୀ ନିର୍ଗୁଣର ପ୍ରାପ୍ତି ଚାହୁଁଥାଉ ବା ସଗୁଣର ପ୍ରାପ୍ତି ଚାହୁଁଥାଉ, ସେ କିନ୍ତୁ ସର୍ବଦା ସମସ୍ତ ପ୍ରାଣୀଙ୍କର ହିତସାଧନରେ ବ୍ରତୀ ହେବା ଆବଶ୍ୟକ। କାରଣ ଜଡ଼ ପଦାର୍ଥକୁ ତ୍ୟାଗ କରିବାରେ ଅନ୍ୟମାନଙ୍କ ପ୍ରତି ଥିବା ହିତଭାବନା ବହୁତ ସହାୟକ ହୋଇଥାଏ। ସାଂଖ୍ୟଯୋଗୀ (ଜ୍ଞାନମାର୍ଗୀ) ପ୍ରାୟ ସଂସାରଠାରୁ ଉପରତ ରହିଥାଏ, ତେଣୁ ତାକୁ ଶୀଘ୍ର ସିଦ୍ଧି ମିଳି ନ ଥାଏ, କିନ୍ତୁ ପ୍ରାଣୀମାତ୍ରର ହିତରେ ବ୍ରତୀ ହେଲେ ଶୀଘ୍ର ସିଦ୍ଧି ମିଳେ।

(୧୭) 'ଯୁଞ୍ଜନ୍ନେବଂ ସଦାଽଽତ୍ମାନଂ ଯୋଗୀ' (୬।୧୫,୨୮)—ଏହି ପଦଗୁଡ଼ିକ ଷଷ୍ଠ ଅଧ୍ୟାୟର ୧୫ଶ ଶ୍ଳୋକରେ ସଗୁଣସାକାରର ଧ୍ୟାନ ବିଷୟରେ ଓ ୨୮ଶ ଶ୍ଳୋକରେ ନିର୍ଗୁଣନିରାକାରର ଧ୍ୟାନ ବିଷୟରେ ବ୍ୟବହୃତ ହୋଇଛି। ୧୫ଶ ଶ୍ଳୋକରେ ନିର୍ବାଣପରମା ଶାନ୍ତି ପ୍ରାପ୍ତି କଥା ଓ ୨୮ଶ ଶ୍ଳୋକରେ ଆତ୍ୟନ୍ତିକ ସୁଖ ପ୍ରାପ୍ତି କଥା କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ଧ୍ୟାନ ନିର୍ଗୁଣର କରାଯାଉ ବା ସଗୁଣର କରାଯାଉ, ଉଭୟ ଦ୍ୱାରା ଏକମାତ୍ର ତତ୍ତ୍ୱ ହିଁ ପ୍ରାପ୍ତ ହେବ।

(୧୮) 'ଶୀତୋଷ୍ଣସୁଖଦୁଃଖେଷୁ' (୬।୭; ୧୨।୧୮)—ଏହି ପଦ ଷଷ୍ଠ ଅଧ୍ୟାୟର ୭ମ ଶ୍ଳୋକରେ ସିଦ୍ଧ କର୍ମଯୋଗୀଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନାରେ ଓ ଦ୍ୱାଦଶ ଅଧ୍ୟାୟର ୧୮ଶ ଶ୍ଳୋକରେ ସିଦ୍ଧ ଭକ୍ତମାନଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନାରେ ବ୍ୟବହୃତ ହୋଇଛି। ତାତ୍ପର୍ଯ୍ୟ ଏହି ଯେ ଶୀତ ଓ ଉଷ୍ଣ (ଅନୁକୂଳତା ଓ ପ୍ରତିକୂଳତା) ତଥା ସୁଖ ଓ ଦୁଃଖରେ କର୍ମଯୋଗୀ ମଧ୍ୟ ପ୍ରଶାନ୍ତ (ନିର୍ବିକାର) ରହେ ଏବଂ ଭକ୍ତିଯୋଗୀ ମଧ୍ୟ ସମ (ନିର୍ବିକାର) ରହେ।

(୧୯) 'ତଥା ମାନାପମାନୟୋଃ' (୬।୭; ୧୨।୧୮)—ଏହି ପଦଗୁଡ଼ିକ ଷଷ୍ଠ ଅଧ୍ୟାୟର ୭ମ ଶ୍ଳୋକରେ ସିଦ୍ଧ କର୍ମଯୋଗୀଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନାରେ ଏବଂ ଦ୍ୱାଦଶ ଅଧ୍ୟାୟର ୧୮ଶ ଶ୍ଳୋକରେ ସିଦ୍ଧ ଭକ୍ତମାନଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନାରେ ବ୍ୟବହୃତ ହୋଇଛି। ଏହି ଦୁଇପ୍ରକାର ସିଦ୍ଧମାନଙ୍କ ପାଇଁ ମାନ ଓ ଅପମାନରେ ସମ ରହିବା ସ୍ୱାଭାବିକ କଥା, କିନ୍ତୁ ସାଧକକୁ ଏଥିରେ ବିଶେଷଭାବରେ ସାବଧାନ ରହିବା ଆବଶ୍ୟକ।* ତାତ୍ପର୍ଯ୍ୟ ହେଲା ଯେ ସାଂସାରିକ ଆସକ୍ତି ପତନ କରିବା ତ ସ୍ୱାଭାବିକ, କିନ୍ତୁ ମାନ-ଅପମାନ ଖୁବ୍ ଭଲ ଭଲ ସାଧକମାନଙ୍କୁ ମଧ୍ୟ ବିଚଳିତ କରିଦିଏ। ଅତଏବ ସାଧକକୁ ମାନ-ଅପମାନ ବିଷୟରେ ବିଶେଷ ସାବଧାନ ରହିବା ଉଚିତ ଯେ ସେଗୁଡ଼ିକ ଶରୀର ଇତ୍ୟାଦି ସହିତ ଯେପରି ସମ୍ବନ୍ଧ ନ ଯୋଡ଼ନ୍ତି, କାରଣ ଶରୀରାଦି ସହିତ ସମ୍ବନ୍ଧ ଯୋଡ଼ିଦେଲେ ହିଁ ମାନ-ଅପମାନର ପ୍ରଭାବ ପଡ଼ିଥାଏ।

* ସିଦ୍ଧ ଜ୍ଞାନଯୋଗୀ ପାଇଁ ମଧ୍ୟ 'ମାନାପମାନୟୋସ୍ତୁଲ୍ୟଃ' (୧୪।୨୫) ପଦ ବ୍ୟବହୃତ ହୋଇଛି ଅର୍ଥାତ୍ ସେ ମଧ୍ୟ ମାନ ଓ ଅପମାନରେ ସ୍ୱାଭାବିକଭାବେ ସମ ରହେ।

(୨୦) 'ସମଲୋଷ୍ଟାଶ୍ମକାଞ୍ଚନଃ' (୬।୮; ୧୪।୨୪)—ଏହି ପଦଟି ଷଷ୍ଠ ଅଧ୍ୟାୟର ୮ମ ଶ୍ଳୋକରେ ସିଦ୍ଧ ସାଂଖ୍ୟଯୋଗୀଙ୍କ ପାଇଁ ବ୍ୟବହୃତ ହୋଇଛି। ତାତ୍ପର୍ଯ୍ୟ ହେଲା ଯେ କର୍ମଯୋଗୀ ଓ ସାଂଖ୍ୟଯୋଗୀ ଉଭୟଙ୍କୁ ସମାନ ସ୍ଥିତି ପ୍ରାପ୍ତ ହୋଇଥାଏ (୫।୫)।

(୨୧) 'ସର୍ବଥା ବର୍ତ୍ତମାନୋଽପି' (୬।୩୧; ୧୩।୨୩)—ଏହି ପଦଗୁଡ଼ିକ ଷଷ୍ଠ ଅଧ୍ୟାୟର ୩୧ଶ ଶ୍ଳୋକରେ ଭକ୍ତିଯୋଗୀ ପାଇଁ ଓ ତ୍ରୟୋଦଶ ଅଧ୍ୟାୟର ୨୩ଶ ଶ୍ଳୋକରେ ସାଂଖ୍ୟଯୋଗୀ ପାଇଁ ବ୍ୟବହୃତ ହୋଇଛି। ଭଗବାନଙ୍କ ସହିତ ସମ୍ବନ୍ଧ (ଆତ୍ମୀୟତା) ହୋଇଗଲେ ଭକ୍ତ ସର୍ବଦା ଭଗବାନଙ୍କ ସହିତ ରହେ (୬।୩୧)। ପ୍ରକୃତି ଓ ପୁରୁଷର ପାର୍ଥକ୍ୟ ସମ୍ବନ୍ଧରେ ଯଥାର୍ଥ ଅନୁଭବ ହୋଇଗଲେ ସାଂଖ୍ୟଯୋଗୀର ପୁନର୍ଜନ୍ମ ହୁଏ ନାହିଁ (୧୩।୨୩)। ତାତ୍ପର୍ଯ୍ୟ ଏହି ଯେ ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରାଯାଉ ଅଥବା ପ୍ରକୃତିଠାରୁ ସମ୍ବନ୍ଧ ଛିନ୍ନ କରାଯାଉ, ଉଭୟର ପରିଣାମ ସମାନ ହେବ।

(୨୨) 'ତତୋ ଯାତି ପରାଂ ଗତିମ୍' (୬।୪୫; ୧୩।୨୮; ୧୬।୨୨)—ଯିଏ ସାଧନାରେ ବ୍ରତୀ ଓ ନିଜର ମୁଖ୍ୟ ଧ୍ୟେୟ ଆଡ଼କୁ ଅଗ୍ରସର ହୋଇଛି, ତା'ର ପରମଗତିପ୍ରାପ୍ତିରେ କିଛି ସନ୍ଦେହ କରିବା ଉଚିତ ନୁହେଁ। କୌଣସି କାରଣରୁ ତା'ର ଅନ୍ୟ ଜନ୍ମ ହୋଇଗଲେ ମଧ୍ୟ ତାକୁ ପରମଗତି ନିଶ୍ଚୟ ପ୍ରାପ୍ତ ହେବ (୬।୪୫)। ଯିଏ ବିନାଶଶୀଳ ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା ଆଦିରେ ସମରୂପରେ ରହିଥିବା ପରମାତ୍ମାଙ୍କୁ ହିଁ ଦେଖେ, ସେ ପରମଗତି ଲାଭ କରେ (୧୩।୨୮)। କାମ, କ୍ରୋଧ, ଓ ଲୋଭ ମଧ୍ୟରୁ କାମ (କାମନା) ହିଁ ପତନକାରୀ; କାରଣ କାମନାରୁ କ୍ରୋଧ ଓ ଲୋଭ ଉତ୍ପନ୍ନ ହୁଏ। କାମନା ଛାଡ଼ିଥିବା ବ୍ୟକ୍ତି ପରମଗତିକୁ ପ୍ରାପ୍ତ ହୋଇଥାଏ (୧୬।୨୨)। ଏହିରୂପେ ଭଗବାନ କାମନା ତ୍ୟାଗ କରିବା ଓ ସବୁଠାରେ ପରମାତ୍ମାଙ୍କୁ ଦେଖିବା—ଏହି ଦୁଇଟି ସାଧନା କଥା କହିଛନ୍ତି ଓ ଏହି ସାଧନାରେ ବ୍ରତୀ ହୋଇଥିବା ବ୍ୟକ୍ତିମାନେ ପରମଗତିକୁ ପ୍ରାପ୍ତ ହୁଅନ୍ତି ବୋଲି ମଧ୍ୟ କହିଛନ୍ତି।

(୨୩) '(ଅସ୍ମି) ତେଜସ୍ତେଜସ୍ୱିନାମହମ୍' (୭।୧୦; ୧୦।୩୬)—ଏହି ପଦଗୁଡ଼ିକରେ ସପ୍ତମ ଅଧ୍ୟାୟର ୧୦ମ ଶ୍ଳୋକରେ କାରଣରୂପେ ତେଜର ବର୍ଣ୍ଣନା ହୋଇଛି, ଯାହା କି ଭଗବାନଙ୍କ ଠାରୁ ଉତ୍ପନ୍ନ; ଏବଂ ଦଶମ ଅଧ୍ୟାୟର ୩୬ଶ ଶ୍ଳୋକରେ କାର୍ଯ୍ୟରୂପରେ ତେଜର ବର୍ଣ୍ଣନା ହୋଇଛି, ଯାହା କି ସଂସାରରେ ଦେଖିବାକୁ ମିଳେ। ତାତ୍ପର୍ଯ୍ୟ ହେଲା ଯେ ମୂଳ (ଭଗବାନଙ୍କ) ଆଡ଼କୁ ଦୃଷ୍ଟି ଆକର୍ଷିତ କରାଇବା ପାଇଁ କାରଣରୂପେ ତେଜର ବର୍ଣ୍ଣନା କରାଯାଇଛି ଏବଂ ସଂସାରରେ ଯେଉଁ ତେଜ (ପ୍ରଭାବ) ଦେଖାଯାଏ, ସେଥିପ୍ରତି ଭଗବଦ୍‌ବୁଦ୍ଧି କରାଇବା ପାଇଁ କାର୍ଯ୍ୟରୂପରେ (ବିଭୂତିରୂପରେ) ତେଜର ବର୍ଣ୍ଣନା କରାଯାଇଛି।

(୨୪) 'ପରଂ ଭାବମଜାନନ୍ତୋ ମମ' (୭।୨୪; ୯।୧୧)—ସପ୍ତମ ଅଧ୍ୟାୟର ୨୪ଶ ଶ୍ଳୋକରେ କୁହାଯାଇଛି ଯେ ଯେଉଁମାନେ କାମନାପୂର୍ତ୍ତି ନିମନ୍ତେ ଦେବତାମାନଙ୍କର ଉପାସନା କରନ୍ତି ଓ ଭଗବାନଙ୍କର ପରମ ଅବିନାଶୀ ଭାବକୁ ନ ଜାଣି ତାଙ୍କୁ ସାଧାରଣ ମନୁଷ୍ୟ ବୋଲି ଭାବନ୍ତି, ସେମାନେ ହେଲେ ବୁଦ୍ଧିହୀନ। ନବମ ଅଧ୍ୟାୟର ୧୧ଶ ଶ୍ଳୋକରେ କୁହାଯାଇଛି ଯେ ଆସୁରୀ, ରାକ୍ଷସୀ ଓ ମୋହିନୀ ପ୍ରକୃତିର ମନୁଷ୍ୟ ଭଗବାନଙ୍କର ଅଜତ୍ୱ, ଅବିନାଶିତ୍ୱ ଓ ସମସ୍ତ ପ୍ରାଣୀଙ୍କର ମହାନ୍ ଈଶ୍ୱରଭାବକୁ ନ ଜାଣି, ତାଙ୍କୁ ସାଧାରଣ ମନୁଷ୍ୟ ବୋଲି ଭାବି ଅବଜ୍ଞା କରନ୍ତି। ତାତ୍ପର୍ଯ୍ୟ ଏହି ଯେ ସପ୍ତମ ଅଧ୍ୟାୟର ୨୪ଶ ଶ୍ଳୋକରେ ବର୍ଣ୍ଣିତ ଲୋକେ ଭଗବାନଙ୍କୁ ସାଧାରଣ ମନୁଷ୍ୟ ବୋଲି ଭାବି ଅବଜ୍ଞା କରନ୍ତି ଏବଂ ନବମ ଅଧ୍ୟାୟର ୧୧ଶ ଶ୍ଳୋକରେ ବର୍ଣ୍ଣିତ ଲୋକେ ଭଗବାନଙ୍କୁ ସାଧାରଣ ମନୁଷ୍ୟ ବୋଲି ଭାବି ତିରସ୍କାର କରନ୍ତି। ସେଠାରେ ଅବଜ୍ଞା ମୁଖ୍ୟ ଓ ଏଠାରେ ତିରସ୍କାର ମୁଖ୍ୟ।

ପରମ ଭାବ ଦୁଇ ପ୍ରକାରର—ପ୍ରଥମତଃ ତାହା ଅବିନାଶୀ ଓ ଉତ୍ତମ ଅଟେ ଏବଂ ଦ୍ୱିତୀୟତଃ ତାହା ସମସ୍ତଙ୍କର ଈଶ୍ୱର (ସ୍ୱାମୀ) ଓ ଶାସକ ଅଟେ। ଏହି କଥା କହିବା ପାଇଁ ଭଗବାନ ଉଭୟ ସ୍ଥାନରେ (୭।୨୪ ଓ ୯।୧୧ ରେ) 'ପରଂ ଭାବ' ପଦ ପ୍ରୟୋଗ କରିଛନ୍ତି ଅର୍ଥାତ୍ ଏହି ପଦରେ ପ୍ରଥମ ଥର ନିଜକୁ ଅବିନାଶୀ (ଜନ୍ମମରଣରହିତ) ବୋଲି କହିଛନ୍ତି (୭।୨୪) ଏବଂ ଦ୍ୱିତୀୟ ଥର ନିଜକୁ ସମସ୍ତଙ୍କର ସ୍ୱାମୀ ଓ ଶାସକ ବୋଲି କହିଛନ୍ତି (୯।୧୧)। ଏହି ଦୁଇ ଭାବ ମିଶିଲେ ହିଁ ପରମ ଭାବ ପୂର୍ଣ୍ଣ ହୁଏ। ଏଭଳି ପରମ ଭାବକୁ ନ ଜାଣିବା ଲୋକେ ବୁଦ୍ଧିହୀନ ଓ ମୂଢ଼ ଅଟନ୍ତି।

(୨୫) 'ତସ୍ମାତ୍ ସର୍ବେଷୁ କାଳେଷୁ' (୮।୭, ୨୭) ଅଷ୍ଟମ ଅଧ୍ୟାୟର ୭ମ ଶ୍ଳୋକରେ ସବୁବେଳେ ଭଗବାନଙ୍କୁ ମନେ ରଖିବା କଥା କୁହାଯାଇଛି; କାରଣ ଯୁଦ୍ଧ ଅର୍ଥାତ୍ କର୍ତ୍ତବ୍ୟକର୍ମ ସବୁ ସମୟରେ ହୋଇପାରେ

ନାହିଁ, କିନ୍ତୁ ଭଗବତ୍‌ସ୍ମରଣ ସବୁବେଳେ ହୋଇପାରେ। ୨୭ଶ ଶ୍ଲୋକରେ ଅନୁକୂଳ ଓ ପ୍ରତିକୂଳ ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା, ପରସ୍ଥିତି ଆଦିରେ ସମ ରହିବାକୁ କୁହାଯାଇଛି ଅର୍ଥାତ୍ ଅନୁକୂଳତା ଓ ପ୍ରତିକୂଳତାରେ ରାଗ-ଦ୍ୱେଷ, ହର୍ଷ-ଶୋକ ଆଦି କରିବା ଉଚିତ ନୁହେଁ, ଏଥିରେ ସମ ରହିବା ଉଚିତ। ସମତା ହେଲା ପରମାତ୍ମାଙ୍କ ସ୍ୱରୂପ। ଅତଏବ ସମରୂପ ପରମାତ୍ମାଙ୍କ ଆରାଧନା ମଧ୍ୟ ସମତା ଅଟେ—**'ସମତ୍ୱମାରାଧନମଚ୍ୟୁତସ୍ୟ'** (ବିଷ୍ଣୁପୁରାଣ ୧।୧୭।୯୦)। ତାତ୍ପର୍ଯ୍ୟ ଏହି ଯେ ସବୁବେଳେ ଭଗବାନଙ୍କର ସ୍ମରଣ କର ବା ଯୋଗ ଅର୍ଥାତ୍ ସମତା ଦ୍ୱାରା ସମରୂପ ପରମାତ୍ମାଙ୍କ ଆରାଧନା କର, ଏକା କଥା।

(୨୬) 'ମୟ୍ୟର୍ପିତମନୋବୁଦ୍ଧିଃ' (୮।୭; ୧୨।୧୪)—ଏହି ପଦ ଅଷ୍ଟମ ଅଧ୍ୟାୟର ୧୪ଶ ଶ୍ଲୋକରେ ସାଧକଭକ୍ତ ପାଇଁ ଓ ଦ୍ୱାଦଶ ଅଧ୍ୟାୟର ୧୪ଶ ଶ୍ଲୋକରେ ସିଦ୍ଧଭକ୍ତ ପାଇଁ ବ୍ୟବହୃତ ହୋଇଛି। ସାଧକଭକ୍ତ ନିଜର ମନ ଓ ବୁଦ୍ଧିକୁ ଭଗବାନଙ୍କୁ ଅର୍ପିତ କରିଦିଏ, କିନ୍ତୁ ସିଦ୍ଧଭକ୍ତର ମନ ଓ ବୁଦ୍ଧି ସ୍ୱାଭାବିକଭାବରେ ଭଗବାନଙ୍କ ଠାରେ ଅର୍ପିତ ହୋଇଥାଏ—ଏହି ପାର୍ଥକ୍ୟ ସୂଚାଇ ଦେବାକୁ ଉକ୍ତ ଚରଣଟି ଦୁଇ ଥର ବ୍ୟବହୃତ ହୋଇଛି। ତାତ୍ପର୍ଯ୍ୟ ହେଲା ଯେ ମନ ଓ ବୁଦ୍ଧି ହିଁ ମନୁଷ୍ୟର ଦୁଇଟି ସବୁଠୁ ବଡ଼ ଉପକରଣ। ଏ ଦୁହେଁ ଯେପର୍ଯ୍ୟନ୍ତ ଜଡ଼ତା (ସଂସାର)ରେ ଲାଗି ରହିଥାନ୍ତି, ସେପର୍ଯ୍ୟନ୍ତ ସ୍ୱୟଂ (ସ୍ୱରୂପ) ମନ ଓ ବୁଦ୍ଧି ସହିତ ଜଡ଼ତାରେ ଆବଦ୍ଧ ରହିଥାଏ। କିନ୍ତୁ ଯେତେବେଳେ ଏ ଦୁହେଁ ଭଗବାନଙ୍କ ଅଭିମୁଖୀ ହୋଇଯାଆନ୍ତି ଅର୍ଥାତ୍ ଏ ଦୁହିଙ୍କ ଭିତରୁ ମମତା ଦୂର ହୋଇଯାଏ, ସେତେବେଳେ ସ୍ୱୟଂ ଭଗବାନଙ୍କ ସହିତ ଅଭିନ୍ନ ହୋଇଯାଏ।

(୨୭) 'ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ' (୮।୨୧; ୧୫।୬)—ଅଷ୍ଟମ ଅଧ୍ୟାୟର ୨୧ଶ ଶ୍ଲୋକରେ ପୂର୍ବରୁ ପରମାତ୍ମାଙ୍କ ବିଷୟରେ କରାଯାଇଥିବା ବର୍ଣ୍ଣନାଗୁଡ଼ିକର ସମନ୍ୱୟ କରି ଭଗବାନ କହିଛନ୍ତି ଯେ ଯାହାକୁ ପ୍ରାପ୍ତ ହେବାପରେ ଜୀବ ପୁଣି ଇହଲୋକକୁ ଫେରି ଆସେ ନାହିଁ, ତାହାକୁ ପରମଧାମ କୁହାଯାଏ; ଏବଂ ପଞ୍ଚମ ଅଧ୍ୟାୟର ୬ଷ୍ଠ ଶ୍ଲୋକରେ ନିଜର ମହିମା ବର୍ଣ୍ଣନା କରି କହିଛନ୍ତି ଯେ ଯିଏ ସଂସାରଠାରୁ ସମ୍ବନ୍ଧ ଛିନ୍ନ କରି ପରମାତ୍ମାଙ୍କ ଶରଣକୁ ଚାଲିଯାଏ, ତାକୁ ପରମଧାମର ପ୍ରାପ୍ତି ହୁଏ, ଯେଉଁଠାରୁ କି ପୁଣି ଫେରି ଆସିବାକୁ ପଡ଼େ ନାହିଁ। ତାତ୍ପର୍ଯ୍ୟ ଏହି ଯେ ପରମାତ୍ମତତ୍ତ୍ୱକୁ ପ୍ରାପ୍ତ ହେବା ଅଥବା ପରମାତ୍ମାଙ୍କର ପରମଧାମକୁ ଚାଲିଯିବା ଏକାକଥା ଅର୍ଥାତ୍ ଏଠାରେ ଜୀବିତାବସ୍ଥାରେ ପରମାତ୍ମାଙ୍କୁ ପ୍ରାପ୍ତ ହେବା ଯାହା, ଶରୀର ଛାଡ଼ିବା ପରେ ପରମାତ୍ମାଙ୍କ ପରମଧାମକୁ ଚାଲିଯିବା ମଧ୍ୟ ସେଇଆ। ଉଭୟରେ କିଛି ପାର୍ଥକ୍ୟ ନାହିଁ, କାରଣ ଉଭୟରେ ପ୍ରକୃତି ଓ ତା'ର କାର୍ଯ୍ୟଠାରୁ ସମ୍ବନ୍ଧ ଛିନ୍ନ ହୁଏ।

(୨୮) 'ପଶ୍ୟ ମେ ଯୋଗମୈଶ୍ୱରମ୍' (୯।୫; ୧୧।୮)—**'ପଶ୍ୟ'** କ୍ରିୟାର ଦୁଇଟି ଅର୍ଥ ଅଛି—ଜାଣିବା ଓ ଦେଖିବା। ନବମ ଅଧ୍ୟାୟର ୫ମ ଶ୍ଲୋକରେ ବୁଦ୍ଧି ଦ୍ୱାରା ଜାଣିବା କଥା କୁହାଯାଇଛି ଯେ ସବୁକିଛି ହେଉଛି ଭଗବତ୍‌ସ୍ୱରୂପ; ଏବଂ ଏକାଦଶ ଅଧ୍ୟାୟର ୮ମ ଶ୍ଲୋକରେ ବିରାଟରୂପକୁ ଦେଖିବା କଥା କୁହାଯାଇଛି। ଗୁରୁ, ସନ୍ଥ ଓ ଭଗବାନ ଜଣାଇଦେଲେ ମନୁଷ୍ୟ ବୁଦ୍ଧି ଦ୍ୱାରା ଜାଣିପାରେ, କିନ୍ତୁ ଭଗବାନ ଅନୁଗ୍ରହ କରି ନେତ୍ରରେ ଦିବ୍ୟତା ପ୍ରଦାନ କଲେ ଯାଇ ଭଗବାନଙ୍କ ଦିବ୍ୟ ବିରାଟରୂପକୁ ଦେଖିବା ସମ୍ଭବ। ତାତ୍ପର୍ଯ୍ୟ ହେଲା ଯେ ନବମ ଅଧ୍ୟାୟର ୫ମ ଶ୍ଲୋକରେ 'ଜ୍ଞାନଚକ୍ଷୁ'ର ବର୍ଣ୍ଣନା ହୋଇଛି ଏବଂ ଏକାଦଶ ଅଧ୍ୟାୟର ୮ମ ଶ୍ଲୋକରେ 'ଦିବ୍ୟଚକ୍ଷୁ'ର ବର୍ଣ୍ଣନା ହୋଇଛି।

(୨୯) 'ନିତ୍ୟଯୁକ୍ତା ଉପାସତେ' (୯।୧୪; ୧୨।୨)—ନବମ ଅଧ୍ୟାୟର ୧୪ଶ ଶ୍ଲୋକରେ ଦୈବୀସମ୍ପତ୍ତିର ଆଶ୍ରିତ ବ୍ୟକ୍ତିର ନିତ୍ୟ-ନିରନ୍ତର ଭଗବାନଙ୍କ ଠାରେ ସଂଲଗ୍ନ ରହିବା କଥା କୁହାଯାଇଛି ଏବଂ ଦ୍ୱାଦଶ ଅଧ୍ୟାୟର ୨ୟ ଶ୍ଲୋକରେ ଭଗବାନଙ୍କ ପାଇଁ କର୍ମ କରୁଥିବା ତଥା ଭଗବତ୍‌ପରାୟଣ ରହୁଥିବା ବ୍ୟକ୍ତିର ସଦାସର୍ବଦା ଭଗବାନଙ୍କ ଠାରେ ସଂଲଗ୍ନ ରହିବା କଥା କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ଭଗବଦ୍ ଉପାସନା ଦୁଇପ୍ରକାରର—ଗୋଟିକରେ ସମସ୍ତ କର୍ମ ଭଗବତ୍ ସମ୍ବନ୍ଧୀୟ ହୋଇଥାଏ ଏବଂ ଦ୍ୱିତୀୟଟିରେ ସଂସାର ସମ୍ବନ୍ଧୀୟ ଓ ଭଗବଦ୍ ସମ୍ବନ୍ଧୀୟ ଉଭୟ ପ୍ରକାର କର୍ମ ହୋଇଥାଏ। ଉଭୟ ପ୍ରକାର ଉପାସନାରେ କ୍ରିୟାଗତ ଭେଦ ତ ଅଛି, କିନ୍ତୁ ଭାବଗତ ଭେଦ ନାହିଁ ଅର୍ଥାତ୍ ଭକ୍ତିସାଧନାରେ କ୍ରିୟାଭେଦ ତ ରହିପାରେ, କିନ୍ତୁ ଭାବଭେଦ ରହେ ନାହିଁ। ଭଗବଦ୍‌ଭାବ ଥିବାରୁ ଉଭୟ ପ୍ରକାରର ସାଧକ ନିତ୍ୟ-ନିରନ୍ତର ଭଗବାନଙ୍କ ଠାରେ ସଂଯୁକ୍ତ ରହନ୍ତି। ଅନ୍ୟ ଏକ ଭାବ ହେଲା ଯେ ସାଧକ ଭଗବାନଙ୍କ ସହିତ ନିଜର ବାସ୍ତବିକ ସମ୍ବନ୍ଧକୁ ଦୈବୀସମ୍ପତ୍ତିର ଆଶ୍ରୟ ନେଇ ଜାଣିନେଉ ବା ସାଧନପଞ୍ଚକ (୧୧।୫୫) ଦ୍ୱାରା ଜାଣିନେଉ, ସେ ନିତ୍ୟ-ନିରନ୍ତର ଭଗବାନଙ୍କ ଠାରେ ହିଁ ସଂଯୁକ୍ତ ରହିଥାଏ।

(୩୦) **'ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ'** (୯ । ୨୩; ୧୭ । ୧)—ନବମ ଅଧ୍ୟାୟର ୨୩ଶ ଶ୍ଲୋକରେ ସକାମ ମନୁଷ୍ୟମାନଙ୍କ ଦ୍ୱାରା ସଦ୍-ଅସଦ୍‌ରୂପ ଭଗବାନଙ୍କର ଅବିଧିପୂର୍ବକ ପୂଜନ କଥା କୁହାଯାଇଛି । ସକାମ ମନୁଷ୍ୟ ନିଜର ଇଷ୍ଟଙ୍କୁ ଭଗବାନଙ୍କ ଠାରୁ ଅଲଗା ବୋଲି ଭାବନ୍ତି, ତାଙ୍କୁ ଭଗବଦ୍‌ରୂପ ମାନନ୍ତି ନାହିଁ, ତେଣୁ ସେମାନଙ୍କ ଦ୍ୱାରା କରାଯାଉଥିବା ପୂଜା ଅବିଧିପୂର୍ବକ ପୂଜା ଅଟେ । ସପ୍ତଦଶ ଅଧ୍ୟାୟର ୧ମ ଶ୍ଲୋକରେ ଶାସ୍ତ୍ରବିଧିକୁ ତ୍ୟାଗ କରି ଶ୍ରଦ୍ଧାପୂର୍ବକ ପୂଜା କରୁଥିବା ଲୋକଙ୍କ ନିଷ୍ଠା ବିଷୟରେ ଅର୍ଜୁନ ପ୍ରଶ୍ନ କରିଛନ୍ତି ଯେ ସେମାନଙ୍କର ନିଷ୍ଠା (ଶ୍ରଦ୍ଧା) କେଉଁ ପ୍ରକାରର? ତାହାର ଉତ୍ତରରେ ଭଗବାନ ସମସ୍ତ ପ୍ରାଣୀଙ୍କର ତିନି ପ୍ରକାର ସ୍ୱଭାବଜ ଶ୍ରଦ୍ଧା କଥା କହିଛନ୍ତି । ତାତ୍ପର୍ଯ୍ୟ ହେଲା ଯେ ନବମ ଅଧ୍ୟାୟର ୨୩ଶ ଶ୍ଲୋକରେ ଦେବତାମାନଙ୍କ ପ୍ରତି ଭଗବଦ୍‌ବୁଦ୍ଧି ନ ଥିବା ହେତୁ ସେମାନଙ୍କର ପୂଜା ଶ୍ରଦ୍ଧାପୂର୍ବକ କରାଗଲେ ମଧ୍ୟ ତାହାକୁ ଅବିଧିପୂର୍ବକ ପୂଜା ବୋଲି କୁହାଯାଇଛି, ଯାହା ଫଳରେ ସେମାନେ ଜନ୍ମମୃତ୍ୟୁ ଚକ୍ରରେ ଘୂରନ୍ତି; ଏବଂ ସପ୍ତଦଶ ଅଧ୍ୟାୟର ୧ମ ଶ୍ଲୋକରେ ଶାସ୍ତ୍ରବିଧିଗୁଡ଼ିକ ଅଜ୍ଞତାପୂର୍ବକ ଉପେକ୍ଷିତ ହେଉଥିଲେ ମଧ୍ୟ ତିନି ପ୍ରକାର ଶ୍ରଦ୍ଧା ଥାଏ ବୋଲି କୁହାଯାଇଛି, ଏହି ଶ୍ରଦ୍ଧାଗୁଡ଼ିକ ମଧ୍ୟରୁ ଯେଉଁମାନଙ୍କ ଠାରେ ସାତ୍ତ୍ୱିକୀ ଶ୍ରଦ୍ଧା ଥାଏ, ସେମାନେ ଦୈବୀସମ୍ପତ୍ତି ଲାଭ କରନ୍ତି, ଯାହା କି ମୋକ୍ଷ ପାଇଁ ଉଦ୍ଦିଷ୍ଟ ।

(୩୧) **'ମନ୍ମନା ଭବ ମଦ୍ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ'** (୯ । ୩୪; ୧୮ । ୬୫)—ନବମ ଅଧ୍ୟାୟରେ ପ୍ରଥମେ ରାଜବିଦ୍ୟା, ରାଜଗୁହ୍ୟ ଓ ଭକ୍ତିର ଅଧିକାରୀମାନଙ୍କର ବର୍ଣ୍ଣନା କରିସାରି ୩୪ଶ ଶ୍ଲୋକରେ ଭଗବାନ **'ମନ୍ମନା ଭବ.....'** ଆଦି ଆଦେଶ ଦେଇଛନ୍ତି; ଏବଂ ଅଷ୍ଟାଦଶ ଅଧ୍ୟାୟରେ ପ୍ରଥମେ ଗୁହ୍ୟ, ଗୁହ୍ୟତର ଓ ସର୍ବଗୁହ୍ୟତମ କଥା କହିସାରି ପରେ ୬୫ତମ ଶ୍ଲୋକରେ **'ମନ୍ମନା ଭବ...'** ଆଦି ଆଦେଶ ଦେଇଛନ୍ତି । ତାତ୍ପର୍ଯ୍ୟ ହେଲା ଯେ ନବମ ଅଧ୍ୟାୟରେ ଭଗବାନ ନିଜଆଡୁ ହିଁ ନବମ ଅଧ୍ୟାୟର ବିଷୟ ଆରମ୍ଭ କରିଛନ୍ତି । ଭଗବାନଙ୍କ ଆଡୁ କୃପାସ୍ରୋତ ବହି ଚାଲିଛି, କିନ୍ତୁ ଅର୍ଜୁନଙ୍କ ମନରେ ନିଜ ସାଧନାର ଓ ପୁରୁଷାର୍ଥର କିଛି ଅଭିମାନ ରହିଛି, ତେଣୁ ଭଗବାନ କହିଲେ—**'ମନ୍ମନା ଭବ ମଦ୍ଭକ୍ତଃ.... ...ମତ୍ପରାୟଣଃ'** (୯ । ୩୪) "ତୁମେ ମୋର ଭକ୍ତ ହୋଇଯାଅ, ମୋ'ଠାରେ ମନୋନିବେଶ କର, ମୋତେ ପୂଜା କର ଓ ମୋତେ ନମସ୍କାର କର । ଏଭଳି ମୋ ସହିତ ନିଜକୁ ସଂଯୋଜିତ କରି, ମୋର ପରାୟଣ ହୋଇ ତୁମେ ମୋତେ ପ୍ରାପ୍ତ ହେବ ।" ଅତଏବ ଏଠାରେ ଭଗବତ୍‌ପ୍ରାପ୍ତିରେ ଭଗବତ୍‌ପରାୟଣତା ହେତୁ ଅଟେ; ଏବଂ ସେଠାରେ (୧୮ । ୬୫ରେ) ଭଗବତ୍‌ପ୍ରାପ୍ତିରେ କେବଳ ଭଗବତ୍‌କୃପା ହିଁ ହେତୁ ଅଟେ । କାରଣ ଭଗବାନ ପ୍ରଥମେ (୧୮ । ୫୭ ରେ) **'ମଚ୍ଚିତ୍ତଃ ସତତଂ ଭବ'** କହିଦେଲେ, କିନ୍ତୁ ସେହି କଥାକୁ ଅର୍ଜୁନ ସ୍ୱୀକାର ନ କରିବାରୁ ଭଗବାନ **'ଅଥ ଚେତ୍ତ୍ୱମହଂକାରାନ୍ନ ଶ୍ରୋଷ୍ୟସି ବିନଙ୍‌କ୍ଷ୍ୟସି'** (୧୮ । ୫୮) କହି ଅର୍ଜୁନଙ୍କୁ ଟିକିଏ ଧମକେଇ କହିଛନ୍ତି ଯେ ତୁମେ ଅହଂକାରର ଆଶ୍ରୟ ନେଇଛ, ତେଣୁ ମୋ କଥା ଶୁଣୁ ନାହଁ । ଯେତେବେଳେ ଭଗବାନ ସଫା ସଫା କହିଦେଲେ ଯେ 'ତୁମର ଯାହା ଇଚ୍ଛା ସେଇଆ କର' (୧୮ । ୬୩), ତା'ପରେ ଯାଇ ଅର୍ଜୁନଙ୍କ ମନରେ ଚେତା ପଶିଲା । ଅର୍ଜୁନଙ୍କ ଭିତରେ ପୁରୁଷାର୍ଥର କିଛି ଅଭିମାନ ଥିଲା, ଯାହା କି ଭଗବତ୍‌କୃପା ହେତୁ ନଷ୍ଟ ହେଲା । ତେଣୁ ଭଗବାନ କହିଲେ—**'ମନ୍ମନା ଭବ ମଦ୍ଭକ୍ତଃ...... ପ୍ରିୟୋଽସି ମେ'** (୧୮ । ୬୫) "ତୁମେ ମୋର ଭକ୍ତ ହୋଇଯାଅ, ମୋ'ଠାରେ ମନୋନିବେଶ କର, ମୋତେ ପୂଜା କର ଓ ମୋତେ ନମସ୍କାର କର । ଏମିତି କଲେ ତୁମେ ମୋତେ ପାଇଯିବ—ଏହା ମୋର ସତ୍ୟପ୍ରତିଜ୍ଞା, କାରଣ ତୁମେ ମୋର ଅତି ପ୍ରିୟ" । ତାତ୍ପର୍ଯ୍ୟ ହେଲା, ସେଠାରେ (୯ । ୩୪ରେ) ଅର୍ଜୁନଙ୍କ ଭିତରେ କିଛି ପୁରୁଷାର୍ଥର ଅଭିମାନ ଥିଲା, ତାହା ଏଠାରେ (୧୮ । ୬୫ରେ) ନଷ୍ଟ ହୋଇଗଲା ।

(୩୨) **'ଶୃଣୁ ମେ ପରମଂ ବଚଃ'** (୧୦ । ୧; ୧୮ । ୬୪)—ଏହି ପଦଗୁଡ଼ିକ ଦୁଇଥର କେବଳ ଭକ୍ତି ବିଷୟରେ କୁହାଯାଇଛି । ଦଶମ ଅଧ୍ୟାୟର ୧ମ ଶ୍ଲୋକରେ ଭଗବାନ ପରମବଚନ କହି ତାଙ୍କର ମହତ୍ତ୍ୱ, ପ୍ରଭାବ, ସାମର୍ଥ୍ୟ, ଐଶ୍ୱର୍ଯ୍ୟ ବିଷୟରେ ଶୁଣିବାକୁ ଆଦେଶ ଦେଇଛନ୍ତି ଏବଂ ଅଷ୍ଟାଦଶ ଅଧ୍ୟାୟର ୬୪ତମ ଶ୍ଲୋକରେ ପରମବଚନ କହି ତାଙ୍କର ଶରଣକୁ ଆସିବା ପାଇଁ ଆଦେଶ ଦେଇଛନ୍ତି । ତାତ୍ପର୍ଯ୍ୟ ହେଲା ଯେ ଭଗବାନ ଏଠାରେ (୧୦ । ୧ରେ) ନିଜଆଡୁ ହିଁ ଏକଥା କହିଲେ, କିନ୍ତୁ ତାହା ଅର୍ଜୁନ ଗ୍ରହଣ କରି ପାରିଲେ ନାହିଁ; ଏବଂ ସେଠାରେ (୧୮ । ୬୪ରେ) ଅର୍ଜୁନ ବିଶେଷଭାବରେ ଭଗବାନଙ୍କ ସମ୍ମୁଖ ହୋଇଗଲେ ଅର୍ଥାତ୍ କଥାଟିକୁ ଅର୍ଜୁନ ଗ୍ରହଣ କରିପାରିଲେ ।

(୩୩) 'ଦିବ୍ୟା ହ୍ୟାତ୍ମବିଭୂତୟଃ' (୧୦।୧୬, ୧୯)—ଦଶମ ଅଧ୍ୟାୟର ୧୬ଶ ଶ୍ଳୋକରେ ଅର୍ଜୁନ ଭଗବାନଙ୍କୁ ତାଙ୍କର ଦିବ୍ୟ ବିଭୂତିଗୁଡ଼ିକୁ ପୂର୍ଣ୍ଣରୂପେ କହିବାକୁ ପ୍ରାର୍ଥନା କରିଛନ୍ତି ଏବଂ ୧୯ଶ ଶ୍ଳୋକରେ ଭଗବାନ ଅର୍ଜୁନଙ୍କ ପ୍ରାର୍ଥନାକୁ ସ୍ୱୀକାର କରି କହିଛନ୍ତି ଯେ ତୁମେ ମୋର ଯେଉଁ ଦିବ୍ୟ ବିଭୂତିଗୁଡ଼ିକୁ ଶୁଣିବାକୁ ଚାହୁଁଛ, ସେଗୁଡ଼ିକୁ ମୁଁ ସଂକ୍ଷେପରେ କହିବି। ତାତ୍ପର୍ଯ୍ୟ ହେଲା ଯେ ବିଭୂତି ଓ ଯୋଗକୁ ଜାଣିଗଲେ ଭଗବାନଙ୍କ ସହିତ ଅବିକମ୍ପ ଭକ୍ତି ହେବା କଥା ଶୁଣି ଅର୍ଜୁନ କହିଦେଲେ ଯେ ଆପଣ ଆପଣଙ୍କର ସମସ୍ତ ଦିବ୍ୟ ବିଭୂତିଗୁଡ଼ିକୁ କହିଦିଅନ୍ତୁ (୧୦।୧୬)। ସେତେବେଳେ ସେ ଭଗବାନଙ୍କର ବିଭୂତିଗୁଡ଼ିକୁ ଅନନ୍ତ ବୋଲି କଳ୍ପନା କରି ପାରି ନ ଥିଲେ। କିନ୍ତୁ ଭଗବାନ ତ ନିଜର ବିଭୂତିଗୁଡ଼ିକୁ ଅନନ୍ତ ବୋଲି ଜାଣନ୍ତି, ତେଣୁ ସେ ନିଜର ଦିବ୍ୟ ବିଭୂତିଗୁଡ଼ିକୁ ସଂକ୍ଷେପରେ କହିବେ ବୋଲି କହୁଛନ୍ତି। ବିଭୂତିଗୁଡ଼ିକୁ ଦିବ୍ୟ କହିବାର ତାତ୍ପର୍ଯ୍ୟ ହେଲା ଯେ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ବିଭୂତିଗୁଡ଼ିକୁ ସାଧକ ଦିବ୍ୟ ଅର୍ଥାତ୍ ଭଗବତ୍‌ସ୍ୱରୂପ ମାନିବା ଉଚିତ। କାରଣ ବିଭୂତିଗୁଡ଼ିକୁ ଭଗବତ୍‌ସ୍ୱରୂପ ମାନିବା ହିଁ ଦିବ୍ୟତା ଏବଂ ସଂସାରରୂପରେ ଦେଖିବା ହିଁ ଅଦିବ୍ୟତା ବା ଲୌକିକତା।

(୩୪) 'ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍' (୧୧।୧୮, ୩୮)—ଏକାଦଶ ଅଧ୍ୟାୟର ୧୮ଶ ଶ୍ଳୋକରେ ଏହି ପଦଗୁଡ଼ିକ ସାହାଯ୍ୟରେ ଦେବରୂପରେ ପ୍ରକଟିତ ବିରାଟ ଭଗବାନଙ୍କର ସ୍ତୁତି କରାଯାଇଛି ଏବଂ ୩୮ଶ ଶ୍ଳୋକରେ ଅତ୍ୟୁଗ୍ରରୂପରେ ପ୍ରକଟିତ ବିରାଟ ଭଗବାନଙ୍କର ସ୍ତୁତି କରାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ଯେପରି ସୁନାରୁ ତିଆରି ଗହଣାଗୁଡ଼ିକର ଆକୃତି, ମାପ, ଓଜନ, ବ୍ୟବହାର ଓ ନାମ ଅଲଗା ଅଲଗା ହୋଇଥିଲେ ମଧ୍ୟ ବଣିଆର ଦୃଷ୍ଟି କେବଳ ସୁନା ଉପରେ ରହିଥାଏ, ସେହିପରି ଭଗବାନ ସୌମ୍ୟରୂପ, ଉଗ୍ରରୂପ, ଅତ୍ୟୁଗ୍ରରୂପ, ସଂସାରରୂପ ଆଦି ଯେକୌଣସି ରୂପରେ ଆଆନ୍ତୁ ନା କାହିଁକି, ଭକ୍ତର ଦୃଷ୍ଟି କେବଳ ଭଗବାନଙ୍କ ଉପରେ ହିଁ ରହିବା ଉଚିତ।

(୩୫) 'ପ୍ରସୀଦ ଦେବେଶ ଜଗନ୍ନିବାସ' (୧୧।୨୫, ୪୫)—ଏକାଦଶ ଅଧ୍ୟାୟର ୨୫ଶ ଶ୍ଳୋକରେ ଭଗବାନଙ୍କ ଅତ୍ୟୁଗ୍ର (ଅତ୍ୟନ୍ତ ଭୟଙ୍କର) ବିରାଟରୂପକୁ ଦେଖି ଅର୍ଜୁନ ଭୟଭୀତ ହୋଇଗଲେ ଓ ଭଗବାନଙ୍କୁ ପ୍ରସନ୍ନ ହେବା ପାଇଁ ପ୍ରାର୍ଥନା କଲେ; ଏବଂ ୪୫ଶ ଶ୍ଳୋକରେ ଅର୍ଜୁନ ଭୟଭୀତ ଓ ହର୍ଷିତ ହୋଇ ଭଗବାନଙ୍କୁ ବିଷ୍ଣୁରୂପ ଦେଖାଇବାକୁ ପ୍ରାର୍ଥନା କଲେ।

(୩୬) 'ସର୍ବକର୍ମଫଳତ୍ୟାଗମ୍' (୧୨।୧୧; ୧୮।୨)—ଦ୍ୱାଦଶ ଅଧ୍ୟାୟର ୧୧ଶ ଶ୍ଳୋକରେ ଭଗବାନ ସମସ୍ତ କର୍ମଗୁଡ଼ିକର ଫଳ ତ୍ୟାଗ କରିବାକୁ ଭକ୍ତିଯୋଗର ଏକ ସାଧନ ବୋଲି କହିଛନ୍ତି, ଏବଂ ଅଷ୍ଟାଦଶ ଅଧ୍ୟାୟର ୨ୟ ଶ୍ଳୋକରେ ଅନ୍ୟମାନଙ୍କ ମତ ଅନୁସାରେ ସମସ୍ତ କର୍ମର ଫଳକୁ ତ୍ୟାଗ କରିବା କଥା କହିଛନ୍ତି। ତାତ୍ପର୍ଯ୍ୟ ହେଲା ଯେ ଦ୍ୱାଦଶ ଅଧ୍ୟାୟର ୧୧ଶ ଶ୍ଳୋକରେ ଏହି ପଦ ସମସ୍ତ କର୍ମ ଓ ତାହାର ଫଳ ଉଭୟରୁ ଆସକ୍ତି ତ୍ୟାଗ କରିବା ପାଇଁ ବ୍ୟବହୃତ ହୋଇଛି, କାରଣ ଏହା ହେଉଛି ଭଗବାନଙ୍କର ମତ (୧୮।୬); କିନ୍ତୁ ଅଷ୍ଟାଦଶ ଅଧ୍ୟାୟର ୨ୟ ଶ୍ଳୋକରେ ଏହି ପଦ କେବଳ ସମସ୍ତ କର୍ମର ଫଳେଚ୍ଛା ତ୍ୟାଗ କରିବା ପାଇଁ ବ୍ୟବହୃତ ହୋଇଛି, କାରଣ ଏହା ଅନ୍ୟ ବିଦ୍ୱାନ୍‌ମାନଙ୍କର ମତ।

(୩୭) 'ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ' (୧୨।୧୪,୧୬)—ଏହି ପଦଗୁଡ଼ିକ ଦୁଇଟି ଜାଗାରେ ସିଦ୍ଧଭକ୍ତଙ୍କ ପାଇଁ ବ୍ୟବହୃତ। ଦ୍ୱାଦଶ ଅଧ୍ୟାୟର ୧୪ଶ ଶ୍ଳୋକରେ ଭଗବାନଙ୍କ ଉପରେ ନିର୍ଭରଶୀଳତାକୁ ପ୍ରାଧାନ୍ୟ ଦିଆଯାଇଛି ଏବଂ ୧୬ଶ ଶ୍ଳୋକରେ ସଂସାରରୁ ଉପରତ ହେବାକୁ ପ୍ରାଧାନ୍ୟ ଦିଆଯାଇଛି। ତାତ୍ପର୍ଯ୍ୟ ହେଲା ଯେ ଭକ୍ତଠାରେ ଉଭୟ ରହିବା ଉଚିତ।

(୩୮) 'ସର୍ବାରମ୍ଭପରିତ୍ୟାଗୀ' (୧୨।୧୬; ୧୪।୨୫)—ଏହି ପଦ ଦ୍ୱାଦଶ ଅଧ୍ୟାୟର ୧୬ଶ ଶ୍ଳୋକରେ ସିଦ୍ଧଭକ୍ତମାନଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନାରେ ଏବଂ ଚତୁର୍ଦ୍ଦଶ ଅଧ୍ୟାୟର ୨୫ଶ ଶ୍ଳୋକରେ ଗୁଣାତୀତମାନଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନାରେ ବ୍ୟବହୃତ ହୋଇଛି। ତାତ୍ପର୍ଯ୍ୟ ହେଲା ଯେ ଭଗବଦ୍‌ଭକ୍ତ ଓ ଗୁଣାତୀତ—ଦୁହିଁଙ୍କ ସିଦ୍ଧାବସ୍ଥାରେ ପାର୍ଥକ୍ୟ ନ ଥାଏ; କାରଣ ଭଗବାନଙ୍କ ପ୍ରତି ଅନୁରାଗ ହୋଇଗଲେ ସଂସାରର ତ୍ୟାଗ ଆପେ ଆପେ ହୋଇଯାଏ ଏବଂ ସଂସାରର ତ୍ୟାଗ ହୋଇଗଲେ ସ୍ୱରୂପରେ ସ୍ଥିତି ଆପେ ଆପେ ହୋଇଯାଏ।

(୩୯) 'ନ ଶୋଚତି ନ କାଙ୍‌କ୍ଷତି' (୧୨।୧୭; ୧୮।୫୪)—ଏହି ପଦଗୁଡ଼ିକ ଦ୍ୱାଦଶ ଅଧ୍ୟାୟର ୧୭ଶ ଶ୍ଳୋକରେ ସିଦ୍ଧଭକ୍ତମାନଙ୍କ ପାଇଁ ବ୍ୟବହାର କରାଯାଇ କୁହାଯାଇଛି ଯେ ଯେଉଁ ଭକ୍ତ ଭଗବନ୍ନିଷ୍ଠ ହୋଇଯାଏ, ତାକୁ ହର୍ଷ ଓ ଶୋକ ହୁଏ ନାହିଁ। ଅଷ୍ଟାଦଶ ଅଧ୍ୟାୟର

୫୪ଶ ଶ୍ଳୋକରେ ଏହି ପଦ ବ୍ରହ୍ମଭୂତ ଅବସ୍ଥାପ୍ରାପ୍ତ ସାଂଖ୍ୟଯୋଗୀ ପାଇଁ ବ୍ୟବହାର କରାଯାଇ କୁହାଯାଇଛି ଯେ ଯେଉଁ ସାଂଖ୍ୟଯୋଗୀ ନିଜ ମାର୍ଗରେ ଠିକ୍‌ଭାବରେ ଆରୂଢ଼ ହୋଇଯାଏ ଓ ଯାହାର ବିବେକ ଜାଗ୍ରତ ହୋଇଯାଏ, ତାକୁ ହର୍ଷ ଓ ଶୋକ ହୁଏ ନାହିଁ। ତାତ୍ପର୍ଯ୍ୟ ହେଲା ଯେ ଭକ୍ତ ଓ ସାଂଖ୍ୟଯୋଗୀ—ଉଭୟଙ୍କର ସାଂସାରିକ ପଦାର୍ଥ ପ୍ରତି ମହତ୍ତ୍ୱବୁଦ୍ଧି ନ ଥିବାରୁ ହର୍ଷ ଓ ଶୋକ, ରାଗ ଓ ଦ୍ୱେଷ ହୁଏ ନାହିଁ।

(୪୦) 'ବ୍ରହ୍ମଭୂୟାୟ କଳ୍ପତେ' (୧୪।୨୬; ୧୮।୫୩)—ଏହି ପଦଗୁଡ଼ିକ ଦ୍ୱାରା ଭଗବାନ ଚତୁର୍ଦ୍ଦଶ ଅଧ୍ୟାୟର ୨୬ଶ ଶ୍ଳୋକରେ କହିଛନ୍ତି ଯେ ସର୍ବଥା ମୋ'ଠାରେ ଶରଣାଗତ ହେଲେ ଭକ୍ତକୁ ମୋ କୃପାରୁ ବ୍ରହ୍ମଭୂତଅବସ୍ଥା ସ୍ୱତଃ ପ୍ରାପ୍ତ ହୁଏ, ଏଥିପାଇଁ ତାକୁ କିଛି କରିବାକୁ ପଡ଼େ ନାହିଁ; ଏବଂ ଅଷ୍ଟାଦଶ ଅଧ୍ୟାୟର ୫୩ଶ ଶ୍ଳୋକରେ କହିଛନ୍ତି ଯେ ଅହଂଭାବ ଓ ମମତାରୁ ସର୍ବଥା ମୁକ୍ତ ହୋଇଗଲେ ସାଂଖ୍ୟଯୋଗୀକୁ ବ୍ରହ୍ମଭୂତଅବସ୍ଥା ପ୍ରାପ୍ତ ହୁଏ ଅର୍ଥାତ୍ ବ୍ରହ୍ମଭୂତଅବସ୍ଥା ପ୍ରାପ୍ତ କରିବା ପାଇଁ ତାକୁ ସାଧନା କରିବାକୁ ପଡ଼ିଥାଏ। ତାତ୍ପର୍ଯ୍ୟ ହେଲା ଯେ ବିଶ୍ୱାସ ଓ ବିବେକ-ବିଗ୍ରହ ଦ୍ୱାରା ଏକା ଅବସ୍ଥାର ପ୍ରାପ୍ତି ହୋଇଥାଏ।

(୪୧) 'ସର୍ବଭାବେନ ଭାରତ' (୧୫।୧୯; ୧୮।୬୨)—ଏହି ପଦଗୁଡ଼ିକ ପଞ୍ଚଦଶ ଅଧ୍ୟାୟର ୧୯ଶ ଶ୍ଳୋକରେ ସଗୁଣସାକାର ଭଗବାନଙ୍କ ଶରଣାଗତି ବିଷୟରେ କୁହାଯାଇଛି; ଏବଂ ପୁଣି ଅଷ୍ଟାଦଶ ଅଧ୍ୟାୟର ୬୨ତମ ଶ୍ଳୋକରେ ସଗୁଣନିରାକାର (ଅନ୍ତର୍ଯାମୀ) ଭଗବାନଙ୍କ ଶରଣାଗତି ବିଷୟରେ କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ରୁଚିଭେଦରେ ସାଧ୍ୟରେ ପାର୍ଥକ୍ୟ ତ ହୋଇପାରେ, କିନ୍ତୁ ଶରଣ୍ୟଭାବରେ କୌଣସି ପାର୍ଥକ୍ୟ ନାହିଁ। ସାଧକ ସଗୁଣସାକାରର ଶରଣାଗତ ହୋଇଥାଉ କି ସଗୁଣ-ନିରାକାରର ଶରଣାଗତ ହୋଇଥାଉ, ଉଭୟ ଶରଣାଗତିରେ ସଂସାରର କିଞ୍ଚିନ୍ମାତ୍ର ଆଶ୍ରୟ ରହିବା ଉଚିତ ନୁହେଁ।

(୪୨) 'ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ' (୧୬।୭; ୧୮।୩୦)—ଷୋଡ଼ଶ ଅଧ୍ୟାୟର ୭ମ ଶ୍ଳୋକରେ ଆସୁରୀସମ୍ପତ୍ତିସମ୍ପନ୍ନ ବ୍ୟକ୍ତିଙ୍କର ବର୍ଣ୍ଣନା ଅଛି, ଯେଉଁମାନେ କି ପ୍ରବୃତ୍ତି ଓ ନିବୃତ୍ତିକୁ ଜାଣନ୍ତି ନାହିଁ। ଅଷ୍ଟାଦଶ ଅଧ୍ୟାୟର ୩୦ଶ ଶ୍ଳୋକରେ ସାତ୍ତ୍ୱିକ ବୁଦ୍ଧିସମ୍ପନ୍ନ ବ୍ୟକ୍ତିଙ୍କର ବର୍ଣ୍ଣନା ଅଛି, ଯେଉଁମାନେ କି ପ୍ରବୃତ୍ତି ଓ ନିବୃତ୍ତିକୁ ଠିକ୍‌ଭାବେ ଜାଣନ୍ତି। ତାତ୍ପର୍ଯ୍ୟ ହେଲା ଯେ ପ୍ରଥମେ (୧୬।୭ରେ) ପ୍ରବୃତ୍ତି ଓ ନିବୃତ୍ତିକୁ ନ ଜାଣିବା ସମ୍ପର୍କରେ କୁହାଯାଇଛି ଏବଂ ତା'ପରେ (୧୮।୩୦ ରେ) ପ୍ରବୃତ୍ତି ଓ ନିବୃତ୍ତିକୁ ଜାଣିବା ସମ୍ପର୍କରେ କୁହାଯାଇଛି।

(୪୩) 'ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧମ୍' (୧୬।୧୮; ୧୮।୩୫)—ଷୋଡ଼ଶ ଅଧ୍ୟାୟର ୧୮ଶ ଶ୍ଳୋକରେ ଅହଂକାର ଆଦିର ଆଶ୍ରୟ ସମ୍ବନ୍ଧରେ କୁହାଯାଇଛି; କାରଣ ଆସୁର ସ୍ୱଭାବର ମନୁଷ୍ୟମାନଙ୍କ ପାଇଁ ଅହଂକାର ଇତ୍ୟାଦି ହିଁ ଆଶ୍ରୟ ଓ ଇଷ୍ଟଦେବ ହୋଇଥାନ୍ତି। ଅଷ୍ଟାଦଶ ଅଧ୍ୟାୟର ୫୩ଶ ଶ୍ଳୋକରେ ଅହଂକାର ଆଦିକୁ ତ୍ୟାଗ କରିବାକୁ କୁହାଯାଇଛି; କାରଣ ସାଧକମାନଙ୍କ ପାଇଁ ଅହଂକାର ଆଦିକୁ ତ୍ୟାଗ କରିବା ବିଶେଷ ଜରୁରୀ। ତାତ୍ପର୍ଯ୍ୟ ହେଲା ଯେ ଅହଂକାର ଆଦିର ଆଶ୍ରୟ ନେଲେ ପତନ ହୁଏ ଏବଂ ସେଗୁଡ଼ିକୁ ତ୍ୟାଗ କଲେ ଉତ୍‌ଥାନ ହୋଇଥାଏ। ଅତଏବ ସମସ୍ତେ ଅହଂକାର ଆଦି ତ୍ୟାଗ କରିବା ଉଚିତ।

(୪୪) 'ତତ୍ତାମସମୁଦାହୃତମ୍' (୧୭।୧୯, ୨୨; ୧୮।୨୨, ୩୯)—ସପ୍ତଦଶ ଅଧ୍ୟାୟର ୧୯ଶ ଓ ୨୨ଶ ଶ୍ଳୋକରେ ଏହି ପଦ ଶ୍ରଦ୍ଧାକୁ ଚିହ୍ନିବା ପ୍ରକରଣରେ ଏବଂ ତପସ୍ୟା ଓ ଦାନ ବିଷୟରେ ବ୍ୟବହୃତ ହୋଇ କୁହାଯାଇଛି ଯେ, ଅନ୍ୟମାନଙ୍କୁ କଷ୍ଟ ଦେବା ଉଦ୍ଦେଶ୍ୟରେ କରାଯାଇଥିବା ତପସ୍ୟା ତାମସ ଅଟେ ଓ ତିରସ୍କାରପୂର୍ବକ କୁପାତ୍ରକୁ ଦିଆଯାଇଥିବା ଦାନ ତାମସ ଅଟେ। ଅଷ୍ଟାଦଶ ଅଧ୍ୟାୟର ୨୨ଶ ଓ ୩୯ଶ ଶ୍ଳୋକରେ ଏହି ପଦ ବିବେକ-ବିଗ୍ରହ ସମ୍ବନ୍ଧୀୟ ପ୍ରକରଣରେ ତଥା ଜ୍ଞାନ ଓ ସୁଖ ବିଷୟରେ ବ୍ୟବହୃତ ହୋଇ କୁହାଯାଇଛି ଯେ ନିଜକୁ ଶରୀର ଭାବିବା ଓ ସେଥିରେ ଆସକ୍ତ ହେବା ତାମସ ଜ୍ଞାନ ଅଟେ* ଏବଂ ନିଦ୍ରା, ଆଳସ୍ୟ ଓ ପ୍ରମାଦରୁ ଉତ୍ପନ୍ନ ସୁଖ ତାମସ ଅଟେ। ତାତ୍ପର୍ଯ୍ୟ ହେଲା ଯେ ସାଧକ ପାଇଁ କ୍ଷତିକାରକ ହୋଇଥିବା ହେତୁ ତାମସ ତପସ୍ୟା, ଦାନ, ଜ୍ଞାନ ଓ ସୁଖ ସର୍ବଥା ତ୍ୟାଜ୍ୟ।

(୪୫) 'ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟମ୍' (୧୮।୩, ୫)—ଅଷ୍ଟାଦଶ ଅଧ୍ୟାୟର ୩ୟ ଶ୍ଳୋକରେ ଅନ୍ୟ ଦାର୍ଶନିକମାନଙ୍କ ମତ ଓ ୫ମ ଶ୍ଳୋକରେ

---

* ତାମସ ଜ୍ଞାନକୁ ପ୍ରକୃତରେ 'ଜ୍ଞାନ' କୁହାଯାଇ ନ ପାରେ। ଏଥିପାଇଁ ଭଗବାନ (୧୮।୨୨ରେ) ଜ୍ଞାନ ଶବ୍ଦର ପ୍ରୟୋଗ କରି ନାହାନ୍ତି।

ଭଗବାନଙ୍କର ମତ ବର୍ଣ୍ଣିତ। ୩ୟ ଶ୍ଳୋକରେ ଯଜ୍ଞ, ଦାନ ଓ ତପସ୍ୟାରୂପକ କର୍ମକୁ ତ୍ୟାଗ ନ କରିବା ପାଇଁ କୁହାଯାଇଛି ଏବଂ ୫ମ ଶ୍ଳୋକରେ ଯଜ୍ଞ, ଦାନ ଓ ତପସ୍ୟାରୂପକ କର୍ମକୁ ବିଶେଷଭାବେ କରିବା ପାଇଁ କୁହାଯାଉଛି। ତାତ୍ପର୍ଯ୍ୟ ହେଲା ଯେ ଶାସ୍ତ୍ରବିହିତ ଯଜ୍ଞ, ଦାନ ଓ ତପସ୍ୟାରୂପକ କର୍ମ ସାଧନାବସ୍ଥାରେ ଆତ୍ମକଲ୍ୟାଣ ପାଇଁ ଓ ସିଦ୍ଧାବସ୍ଥାରେ ଲୋକସଂଗ୍ରହ ପାଇଁ ଅବଶ୍ୟ କରଣୀୟ।

୮୭. ଗୀତାରେ ବ୍ୟବହୃତ ସମାନାର୍ଥକ ପଦଗୁଡ଼ିକର ତାତ୍ପର୍ଯ୍ୟ

ସମାନାର୍ଥାନି ଶ୍ରେଷ୍ଠାନି ପଦାନି ଯତ୍ର ଯତ୍ର ବୈ।
ତାତ୍ପର୍ଯ୍ୟଂ ତତ୍ର ତତ୍ରାପି ତେଷାଂ ପ୍ରୋକ୍ତଂ ପ୍ରସଙ୍ଗତଃ ॥

ପଦ(ଶବ୍ଦ)ଗୁଡ଼ିକର ଅର୍ଥ ପ୍ରସଙ୍ଗ ଅନୁସାରେ କରାଯାଏ। ଯେଉଁଠାରେ ଏକା ଅର୍ଥର ଦୁଇଟି ପଦ ବ୍ୟବହୃତ ହୁଏ, ସେଠି ଦୁଇଟିଯାକ ପଦର ଅର୍ଥ ଅଲଗା ଅଲଗା ହୋଇଥାଏ ଏବଂ ଯେଉଁଠି ଗୋଟିଏ ପଦ ବ୍ୟବହୃତ ହୁଏ, ସେଠାରେ ତାହାରି ଭିତରେ ଉଭୟ ଅର୍ଥ ରହିଥାଏ। ଗୀତାରେ କେତେକ ସ୍ଥାନରେ ସମାନାର୍ଥକ ପଦଗୁଡ଼ିକର (ଏକା ଅର୍ଥର ଦୁଇଟି ପଦ) ବ୍ୟବହାର ଦେଖାଯାଏ। ସେଗୁଡ଼ିକର ଭିନ୍ନ ଭିନ୍ନ ଅର୍ଥ ଓ ତାତ୍ପର୍ଯ୍ୟ ନିମ୍ନରେ ପ୍ରଦତ୍ତ ହେଲା—

(୧) **'ନାନାଶସ୍ତ୍ରପ୍ରହରଣାଃ'** ଅର୍ଥାତ୍ 'ଶସ୍ତ୍ର' ଓ 'ପ୍ରହରଣ' (୧।୯)—ଯାହାକୁ ହାତରେ ଧରି ପ୍ରହାର କରାଯାଏ, ତାହା ହେଲା **'ଶସ୍ତ୍ର'**; ଯଥା—ଖଣ୍ଡା, ଭାଲା, ଛୁରି, କଟୁରି, ବାଘନଖୀ ଇତ୍ୟାଦି। ଯାହାକୁ ଦୂରରୁ ଫିଙ୍ଗି ପ୍ରହାର କରାଯାଏ, ତାହା ହେଲା **'ପ୍ରହରଣ'** (ଅସ୍ତ୍ର); ଯଥା—ତୀର, ଚକ୍ର, ଗୁଳି ଇତ୍ୟାଦି। 'ଶସ୍ତ୍ର' ମଧ୍ୟ ବେଳେବେଳେ 'ପ୍ରହରଣ'ର କାର୍ଯ୍ୟ କରେ; ଯଥା—ଖଣ୍ଡା ଓ ଭାଲା ଆଦିକୁ ଫିଙ୍ଗି ମଧ୍ୟ ପ୍ରହାର କରାଯାଇପାରେ। ତାତ୍ପର୍ଯ୍ୟ ହେଲା ଯେ ଉଭୟ ଶସ୍ତ୍ର ଓ ପ୍ରହରଣ ଶବ୍ଦ ପ୍ରୟୋଗ କରି ଦୁର୍ଯ୍ୟୋଧନ ନିଜ ସୈନ୍ୟବାହିନୀର ମହତ୍ତ୍ୱ ପ୍ରତିପାଦିତ କରୁଛନ୍ତି।

(୨) **'ନିତ୍ୟସ୍ୟ'** ଓ **'ଅନାଶିନଃ'** (୨।୧୮)—ଯେ ନିରନ୍ତର ନିର୍ବିକାର ରହେ, ତାକୁ **'ନିତ୍ୟ'** କହନ୍ତି; ଏବଂ ଯାହାର କେବେ ବିନାଶ ହୁଏ ନାହିଁ ଓ ଯାହାକୁ କେବେ ମାରି ହୁଏ ନାହିଁ, ତାକୁ **'ଅନାଶୀ'** କହନ୍ତି। ତାତ୍ପର୍ଯ୍ୟ ଏହି ଯେ ଶରୀରୀଠାରେ କୌଣସି ପ୍ରକାରେ କୌଣସି ବିକାର ଉତ୍ପନ୍ନ କରାଯାଇପାରେ ନାହିଁ ଏବଂ ଏହାକୁ କୌଣସି ପ୍ରକାରେ ନଷ୍ଟ ମଧ୍ୟ କରାଯାଇପାରେ ନାହିଁ।

(୩) **'ନିତ୍ୟଃ'** ଓ **'ଶାଶ୍ୱତଃ'** (୨।୨୦)—ଯାହା ନିରନ୍ତର ରହେ, ଯାହାର କେବେ କିଛି ପରିବର୍ତ୍ତନ ହୁଏ ନାହିଁ, ଯାହା କେବେ ଲୁପ୍ତ ହୁଏ ନାହିଁ, ତାହା ହେଲା **'ନିତ୍ୟ'**, ମାତ୍ର ଯାହା ପ୍ରକଟିତ ଓ ଅନ୍ତର୍ହିତ ହେଉଥିଲେ ମଧ୍ୟ ଯଥାବତ୍ ରହେ, ତାହା ହେଲା **'ଶାଶ୍ୱତ'**। ତାତ୍ପର୍ଯ୍ୟ ଏହି ଯେ ଶରୀରୀଠାରେ ଜନ୍ମନେବା, ବଢ଼ିବା ଆଦି କୌଣସି ବିକାର ନାହିଁ।

(୪) **'ନିତ୍ୟଃ'** ଓ **'ସନାତନଃ'** (୨।୨୪)—ଯାହା ସର୍ବଦା ରହିବ, ଯାହାର ଆଦି (ଉତ୍ପତ୍ତି) ନାହିଁ, ତାକୁ **'ନିତ୍ୟ'** କହନ୍ତି; ଏବଂ ଯାହା ନିତ୍ୟନିରନ୍ତର ରହି ମଧ୍ୟ କେବେ ପ୍ରକଟ ହୁଏ ତ କେବେ ଲୁଚି ଯାଏ, ତାକୁ **'ସନାତନ'** କହନ୍ତି। ତାତ୍ପର୍ଯ୍ୟ ହେଲା ଯେ ଶରୀରୀଠାରେ ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା, ପରସ୍ଥିତି ଆଦିର କୌଣସି ବିକାର ଆସେ ନାହିଁ।

(୫) **'ସ୍ଥାଣୁଃ'** ଓ **'ଅଚଳଃ'** (୨।୨୪)—ଦେହୀ (ଆତ୍ମା) ହେଉଛି **'ସ୍ଥାଣୁ'** ଅର୍ଥାତ୍ ହଲିବା କ୍ରିୟାବିବର୍ଜିତ ଓ **'ଅଚଳ'** ଅର୍ଥାତ୍ ସ୍ଥିର ସ୍ୱଭାବଯୁକ୍ତ (ଆସିବା-ଯିବା କ୍ରିୟାବିବର୍ଜିତ)। ତାତ୍ପର୍ଯ୍ୟ ହେଲା, ନିଜ ସ୍ୱରୂପରେ ହଲିବା ଓ ଚ୍ଚଳିବାରୂପୀ କ୍ରିୟା ହୁଏ ନାହିଁ। କ୍ରିୟାମାତ୍ରକେ ପ୍ରକୃତିରେ ହୁଏ। ପ୍ରକୃତିରୁ ଅତୀତ ତତ୍ତ୍ୱରେ କୌଣସି କ୍ରିୟା ନାହିଁ।

(୬) **'ବିଜାନତଃ'** ଓ **'ବ୍ରାହ୍ମଣସ୍ୟ'** (୨।୪୬)—ଯିଏ ଶ୍ରୋତ୍ରିୟ ଅର୍ଥାତ୍ ଶାସ୍ତ୍ରଜ୍ଞ, ତାହା ପାଇଁ **'ବିଜାନତଃ'** ପଦ ଏବଂ ଯିଏ ତତ୍ତ୍ୱଜ୍ଞ ଅର୍ଥାତ୍ ତତ୍ତ୍ୱର ଅନୁଭବୀ, ତାହା ପାଇଁ **ବ୍ରାହ୍ମଣସ୍ୟ'** ପଦ ବ୍ୟବହୃତ ହୋଇଛି। ତାତ୍ପର୍ଯ୍ୟ ହେଲା ଯେ ବ୍ୟକ୍ତି ଶ୍ରୋତ୍ରିୟ ଓ ବ୍ରହ୍ମନିଷ୍ଠ (ତତ୍ତ୍ୱଜ୍ଞ)—ଉଭୟ ହେବା ଆବଶ୍ୟକ। କିନ୍ତୁ ବାସ୍ତବରେ ଦେଖିଲେ ବ୍ରହ୍ମନିଷ୍ଠ ହେବା ନିତାନ୍ତ ଆବଶ୍ୟକ, ଶ୍ରୋତ୍ରିୟ ହେବା ଅତ୍ୟାବଶ୍ୟକ ନୁହେଁ। କାରଣ ବୋଧ ହୋଇଗଲେ ମୁକ୍ତି ହୋଇଯିବା ସୁନିଶ୍ଚିତ, କିନ୍ତୁ କେବଳ ଶାସ୍ତ୍ରଗୁଡ଼ିକର ଜ୍ଞାନ ହୋଇଗଲେ ମୁକ୍ତି

ହେବ ନାହିଁ। ଦ୍ୱିତୀୟ କଥା, ବ୍ରହ୍ମନିଷ୍ଠ ପୁରୁଷ ଶ୍ରୋତ୍ରିୟ ନ ହୋଇଥିଲେ ମଧ୍ୟ ଉତ୍ତମ ଜିଜ୍ଞାସୁଙ୍କୁ ବୋଧ କରାଇପାରିବ। ହଁ, ଏ କଥା ଭିନ୍ନ ଯେ ଉତ୍ତମ ଜିଜ୍ଞାସୁ ହୋଇ ନ ଥିଲେ ଓ ସେହି ଜିଜ୍ଞାସୁଠାରେ ଶାସ୍ତ୍ରୀୟ ପ୍ରକ୍ରିୟା ପ୍ରତି ଆଗ୍ରହ ଥିଲେ ତାକୁ ବୁଝାଇବା ବ୍ରହ୍ମନିଷ୍ଠ ପୁରୁଷ ପାଇଁ କଠିନ ହୁଏ, କିନ୍ତୁ ବୋଧ କରାଇବା କଠିନ ହୁଏ ନାହିଁ। ମାତ୍ର ଯିଏ ଶ୍ରୋତ୍ରିୟ, ସେ ଶାସ୍ତ୍ରୀୟ ପ୍ରକ୍ରିୟା ଅନୁସାରେ ଜିଜ୍ଞାସୁଙ୍କୁ ଠିକ୍ ଭାବରେ ତ ବୁଝାଇପାରେ, କିନ୍ତୁ ତାକୁ ବୋଧ କରାଇପାରେ ନାହିଁ।

(୭) **'ନିଶ୍ଚଳା'** ଓ **'ଅଚଳା'** (୨।୫୩)— ସଂସାରଠାରୁ ଦୂରେଇ ଯିବାରେ ବୁଦ୍ଧି **'ନିଶ୍ଚଳା'** ଅର୍ଥାତ୍ ଏକନିଶ୍ଚୟଯୁକ୍ତ ହେବା ଦରକାର ଓ ପରମାତ୍ମାଙ୍କ ଠାରେ ସଂଯୁକ୍ତ ହେବାରେ ବୁଦ୍ଧି **'ଅଚଳା'** ଅର୍ଥାତ୍ ସ୍ଥିର ରହିବା ଦରକାର। ତାତ୍ପର୍ଯ୍ୟ ହେଲା ଯେ ସଂସାର ପ୍ରତି ଅନୁରାଗ ନ ରହିଲେ କୌଣସି ସାଂସାରିକ ସଂଯୋଗ ଓ ବିୟୋଗ ଦ୍ୱାରା ବୁଦ୍ଧି ବିଚଳିତ ହୁଏ ନାହିଁ; ଏବଂ ପରମାତ୍ମତତ୍ତ୍ୱରେ ବୁଦ୍ଧି ଅଚଳ ହୋଇଗଲେ ବୁଦ୍ଧିରେ ସଂଶୟ, ସନ୍ଦେହ ଆଦି ଲେଶମାତ୍ର ଆସିପାରେ ନାହିଁ। ବୁଦ୍ଧି ତ ସୁଷୁପ୍ତି ଅବସ୍ଥାରେ ମଧ୍ୟ ଅଚଳ ହୋଇଯାଏ, କିନ୍ତୁ ସେଥିରେ ସନ୍ଦେହମୋଚନ ହୁଏ ନାହିଁ। ଜାଗରଣ ପରେ ମଧ୍ୟ ସନ୍ଦେହ ଯଥାବତ୍ ରହେ।

(୮) **'ବିହାୟ କାମାନ୍'** ଓ **'ନିଃସ୍ପୃହଃ'** (୨।୭୧)—'ମୋତେ ଅମୁକ ବସ୍ତୁଟି ମିଳିଯାଉ' ଏହି କାମନା ନ ରହିବା କଥା **'ବିହାୟ କାମାନ୍'**ପଦଗୁଡ଼ିକରେ ଏବଂ ଜୀବନନିର୍ବାହର ମଧ୍ୟ ଆବଶ୍ୟକତା ନ ରହିବା କଥା **'ନିଃସ୍ପୃହଃ'** ପଦରେ କୁହାଯାଇଛି। ତାତ୍ପର୍ଯ୍ୟ ଏହି ଯେ ବୈରାଗ୍ୟ ଜାତ ହେଲେ କାମନା ତ ରହେ ନାହିଁ, କିନ୍ତୁ 'ଶରୀରନିର୍ବାହ ହୋଇଯାଉ'—ଏଭଳି ସ୍ପୃହା ରହିପାରେ। କିନ୍ତୁ ବୋଧ ହୋଇଗଲେ ସ୍ପୃହା ମଧ୍ୟ ରହେ ନାହିଁ। ସାଧକ ସର୍ବଥା ନିଃସ୍ପୃହ ହୋଇଯାଏ।

(୯) **'ଆତ୍ମତୃପ୍ତଃ'** ଓ **'ଆତ୍ମନ୍ୟେବ ଚ ସନ୍ତୁଷ୍ଟଃ'** (୩।୧୭)—ଯେପର୍ଯ୍ୟନ୍ତ ମନୁଷ୍ୟର ସଂସାର ସହିତ ସମ୍ବନ୍ଧ ରହିଥାଏ, ସେପର୍ଯ୍ୟନ୍ତ ସେ ଭୋଜନ (ଅନ୍ନ-ଜଳ)ରେ **'ତୃପ୍ତି'** ଓ ଧନ ପ୍ରଭୃତି ପ୍ରାପ୍ତିରେ **'ସନ୍ତୁଷ୍ଟି'** ମନେକରେ। କିନ୍ତୁ କର୍ମଯୋଗ ଦ୍ୱାରା ସିଦ୍ଧ ମହାପୁରୁଷଙ୍କର ସଂସାର ସହିତ ସମ୍ବନ୍ଧ ନ ରହିବା ଦ୍ୱାରା ତାଙ୍କର 'ତୃପ୍ତି' ଓ 'ସନ୍ତୁଷ୍ଟି' ଏକମାତ୍ର ତତ୍ତ୍ୱ(ଆତ୍ମା)ରେ ହିଁ ହୋଇଥାଏ। ତାତ୍ପର୍ଯ୍ୟ ଏହି ଯେ ସେହି ମହାପୁରୁଷଙ୍କ ପାଇଁ କୌଣସି ଦେଶ, କାଳ, ବସ୍ତୁ, ବ୍ୟକ୍ତି ଆଦିର ଅପେକ୍ଷା ଓ ଆବଶ୍ୟକତା ରହେ ନାହିଁ, କାରଣ ସେ ଜଡ଼ତାଠାରୁ ଅଲଗା ହୋଇ ଚିନ୍ମୟତତ୍ତ୍ୱରେ ସ୍ଥିତ ହୋଇଯାଇଥାନ୍ତି।

(୧୦) **'ସର୍ବଜ୍ଞାନବିମୂଢାନ୍'** ଓ **'ଅଚେତସଃ'** (୩।୩୨)—ଯେଉଁ ମନୁଷ୍ୟ ଭଗବାନଙ୍କ ମତର ଅନୁସରଣ କରନ୍ତି ନାହିଁ, ସେମାନେ ସବୁ ପ୍ରକାର ସାଂସାରିକ ଜ୍ଞାନ(ବିଦ୍ୟା, କଳା ଆଦି)ରେ ମୋହିତ ହୋଇ ରହନ୍ତି। ଏହି କଥାକୁ **'ସର୍ବଜ୍ଞାନବିମୂଢାନ୍'** ପଦରେ କୁହାଯାଇଛି। ସେଭଳି ମନୁଷ୍ୟଙ୍କ ଠାରେ ସତ୍-ଅସତ୍, ଧର୍ମ-ଅଧର୍ମ, ସାର-ଅସାର ଆଦି ପାରମାର୍ଥିକ ବିଷୟଗୁଡ଼ିକର ମଧ୍ୟ ଜ୍ଞାନ (ବିବେକ) ନ ଥାଏ—ଏହି କଥାକୁ **'ଅଚେତସଃ'** ପଦରେ କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ସେମାନେ ସାଂସାରିକ ଉତ୍ପତ୍ତିବିନାଶଶୀଳ ପଦାର୍ଥଗୁଡ଼ିକ ପ୍ରତି ସମ୍ମୁଖ ଓ ବାସ୍ତବିକ ତତ୍ତ୍ୱ ପ୍ରତି ବିମୁଖ ରହିଥାନ୍ତି।

(୧୧) **'ତ୍ୟକ୍ତ୍ୱା କର୍ମଫଳାସଙ୍ଗମ୍'** ଓ **'ନିରାଶ୍ରୟଃ'** (୪।୨୦)—କର୍ମଫଳକୁ ତ୍ୟାଗ କରିବା ଓ କର୍ମର ଆଶ୍ରୟ ନ ନେବା ଗୋଟିଏ କଥା, କାରଣ ଆଗରୁ (୬।୧ ରେ) ଏହି କଥା କୁହାଯାଇଛି ଯେ କର୍ମଫଳର ଆଶ୍ରୟ ନ ନେଇ କର୍ତ୍ତବ୍ୟକର୍ମ କରିବା ଉଚିତ— **'ଅନାଶ୍ରିତଃ କର୍ମଫଳମ୍'**। ଅତଏବ **'ତ୍ୟକ୍ତ୍ୱା କର୍ମଫଳାସଙ୍ଗମ୍'** ପଦଗୁଡ଼ିକୁ କର୍ମ ଓ କର୍ମଫଳର ଆସକ୍ତି ତ୍ୟାଗ କରିବା ଅର୍ଥରେ ବୁଝିବା ଉଚିତ ଓ **'ନିରାଶ୍ରୟଃ'** ପଦକୁ ପ୍ରାପ୍ତ ଦେଶ, କାଳ ଆଦିର ଆଶ୍ରୟବିବର୍ଜିତ ହେବା ଅର୍ଥରେ ବୁଝିବା ଉଚିତ। ତାତ୍ପର୍ଯ୍ୟ ହେଲା ଯେ ସାଧକକୁ ବ୍ୟଷ୍ଟି-କର୍ମସାମଗ୍ରୀର ଆସକ୍ତି ବର୍ଜନ କରିବା ଆବଶ୍ୟକ ଏବଂ ସମଷ୍ଟି ଦେଶ, କାଳ ଆଦିର ଆଶ୍ରୟ ମଧ୍ୟ ବର୍ଜନ କରିବା ଆବଶ୍ୟକ।

(୧୨) **'ସର୍ବମ୍'** ଓ **'ଅଖିଳମ୍'** (୪।୩୩)— ପ୍ରକୃତି ଦୁଇଟି ରୂପରେ ପ୍ରକଟିତ ହୁଏ—କ୍ରିୟାରୂପେ ଓ ପଦାର୍ଥରୂପେ। ଅତଏବ **'ସର୍ବମ୍'** ପଦର ଅର୍ଥ—ସମସ୍ତ କ୍ରିୟା ଓ **'ଅଖିଳମ୍'** ପଦର ଅର୍ଥ—ସମସ୍ତ ପଦାର୍ଥ। ତାତ୍ପର୍ଯ୍ୟ ହେଲା ଯେ ପରମାତ୍ମତତ୍ତ୍ୱ ପାଇବାକୁ ଜିଜ୍ଞାସା ଜାଗ୍ରତ ହେଲେ କ୍ରିୟା ଓ ପଦାର୍ଥଗୁଡ଼ିକ ଆଡ଼କୁ ମନ ଆକୃଷ୍ଟ ହୁଏ ନାହିଁ ଅର୍ଥାତ୍ ଭୋଗ ଭୋଗିବା ଓ ସଂଗ୍ରହ କରିବାର ଲାଳସା ସମାପ୍ତ ହୋଇଯାଏ।

(୧୩) **'ତତ୍ତ୍ୱଦର୍ଶିନଃ'** ଓ **'ଜ୍ଞାନିନଃ'** (୪।୩୪)— ଯେଉଁମାନେ ପରମାତ୍ମତତ୍ତ୍ୱର ଅନୁଭବୀ, ସେମାନଙ୍କୁ **'ତତ୍ତ୍ୱଦର୍ଶିନଃ'** ପଦ ଦ୍ୱାରା ଏବଂ ଯେଉଁମାନେ ବେଦ ଓ ଶାସ୍ତ୍ରଗୁଡ଼ିକୁ ଭଲଭାବରେ ଜାଣନ୍ତି, ସେମାନଙ୍କୁ **'ଜ୍ଞାନିନଃ'**

ପଦ ଦ୍ୱାରା ଅଭିହିତ କରାଯାଇଛି । ତାତ୍ପର୍ଯ୍ୟ ଏହି ଯେ ଜ୍ଞାନମାର୍ଗୀ ସାଧକର ପରମାତ୍ମତତ୍ତ୍ୱପ୍ରାପ୍ତି ନିମନ୍ତେ ଶ୍ରୋତ୍ରିୟ (ଜ୍ଞାନୀ) ଓ ବ୍ରହ୍ମନିଷ୍ଠ (ତତ୍ତ୍ୱଦର୍ଶୀ) ଗୁରୁଙ୍କ ଶରଣ ନେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପର୍ଯ୍ୟୁକ୍ତ ଦୁଇଟି ବିଶେଷଣ ବ୍ୟବହାର କରାଯାଇଛି । ଦୁହିଙ୍କ ମଧ୍ୟରୁ ବି ସାଧକ ଯାହାଙ୍କ ନିକଟରେ ଶରଣ ଯିବ, ସେ ବ୍ରହ୍ମନିଷ୍ଠ ହୋଇଥିବା ବହୁତ ଆବଶ୍ୟକ ।

(୧୪) **'ଶୀତୋଷ୍ଣସୁଖଦୁଃଖେଷୁ'** (୬ । ୭; ୧୨ । ୧୮)—ଏଠାରେ **'ଶୀତ-ଉଷ୍ଣ'**ପଦକୁ ପ୍ରାରବ୍ଧ ଅନୁସାରେ ମିଳିଥିବା ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତି ଅର୍ଥରେ ଏବଂ **'ସୁଖ-ଦୁଃଖ'** ପଦକୁ ବର୍ତ୍ତମାନ କରାଯାଉଥିବା କ୍ରିୟମାଣ କର୍ମଗୁଡ଼ିକର ତାତ୍କାଳିକ ସିଦ୍ଧି ଓ ଅସିଦ୍ଧି ଅର୍ଥରେ ଗ୍ରହଣ କରାଯାଇଛି । ତାତ୍ପର୍ଯ୍ୟ ହେଲା ଯେ କର୍ମଯୋଗ, ଭକ୍ତିଯୋଗ ଆଦି ଯେକୌଣସି ମାର୍ଗର ସାଧକ ହେଲେ ମଧ୍ୟ ସେ ପୂର୍ବକୃତ କର୍ମର ଫଳରେ ଓ ବର୍ତ୍ତମାନ କରୁଥିବା କର୍ମର ତାତ୍କାଳିକ ଫଳରେ ସର୍ବଦା ପ୍ରସନ୍ନ ଓ ସମ ରହିବା ଉଚିତ ।

(୧୫) **'ସୁହୃଦ୍'** ଓ **'ମିତ୍ର'** (୬ । ୯)—ଯିଏ ମମତ୍ୱଶୂନ୍ୟ ହୋଇ ବିନା କାରଣରେ ସମସ୍ତଙ୍କ ହିତ ଚାହେଁ ଓ କରେ, ସେ **'ସୁହୃଦ୍'** ଅଟେ; ଏବଂ ଯିଏ ଉପକାର ବଦଳରେ ଉପକାର କରେ, ସେ **'ମିତ୍ର'** ଅଟେ । ତାତ୍ପର୍ଯ୍ୟ ଏହି ଯେ ସୁହୃଦ୍ ଓ ମିତ୍ର ମିଳିଗଲେ ସାଧକର ଅନ୍ତଃକରଣରେ ବିଷମତା ଆସିବା ଉଚିତ ନୁହେଁ ଅର୍ଥାତ୍ 'ଇଏ ସୁହୃଦ୍ ଓ ଇଏ ମିତ୍ର' ଏଭଳି ପାର୍ଥକ୍ୟଜ୍ଞାନ ହେଲେ ମଧ୍ୟ ସମତା ରହିବା ଆବଶ୍ୟକ ଓ ବିକାର ଜାତ ନ ହେବା ଉଚିତ । ଜ୍ଞାନ ହେବା ଦୋଷାବହ ନୁହେଁ, ବିକାର ଜାତ ହେବା ଦୋଷାବହ ।

(୧୬) **'ଅରି'** ଓ **'ଦ୍ୱେଷ୍ୟ'** (୬ । ୯)—ଯିଏ ବିନା କାରଣରେ ଅହିତ କରେ, ସେ ହେଲା **'ଅରି'**; ଏବଂ ଯିଏ ନିଜର ସ୍ୱାର୍ଥକୁ ନେଇ ଅହିତ (ଅପକାର) କରେ, ସେ ହେଲା **'ଦ୍ୱେଷ୍ୟ'** । ଅଭିପ୍ରାୟ ଏହି ଯେ, କୌଣସି ବ୍ୟକ୍ତି ଯେକୌଣସି କାରଣରୁ ଆମର ଅନିଷ୍ଟ କରୁ ବା ବିନା କାରଣରେ ଅନିଷ୍ଟ କରୁ, ତାକୁ ଦୋଷୀ ବୋଲି ଭାବିବା ଉଚିତ ନୁହେଁ । କାରଣ ଆମର ଯେଉଁ ଅନିଷ୍ଟ ହେଉଛି, ତାହା ଆମର କର୍ମଫଳ । ସେ ବିଚରା ଏହାକୁ ଭୋଗାଇବାରେ ନିମିତ୍ତମାତ୍ର ହୋଇଥାଏ । ଅତଏବ ତାହା ଉପରେ ଦୟା କରିବା ଉଚିତ ।

(୧୭) **'ସର୍ବାନ୍'** ଓ **'ଅଶେଷତଃ'** (୬ । ୨୪)—ଏଠାରେ ସମସ୍ତ କାମନା ପାଇଁ **'ସର୍ବାନ୍'** ପଦ ଏବଂ କାମନା ଉତ୍ପନ୍ନକାରୀ ସମସ୍ତ ସଂକଳ୍ପ ପାଇଁ **'ଅଶେଷତଃ'** ପଦ ବ୍ୟବହୃତ ହୋଇଛି । ତାତ୍ପର୍ଯ୍ୟ ଏହି ଯେ ଧ୍ୟାନଯୋଗୀଠାରେ କୌଣସି ଘଟଣା, ପରିସ୍ଥିତି ଆଦିକୁ ନେଇ କୌଣସି ସଂକଳ୍ପ ତଥା କାମନା ଉତ୍ପନ୍ନ ହେବା ଉଚିତ ନୁହେଁ ।

(୧୮) **'ଶନୈଃ ଶନୈରୁପରମେଦ୍'** ଓ **'ନ କିଞ୍ଚିଦପି ଚିନ୍ତୟେତ୍'** (୬ । ୨୫)—ସଂସାରର ଚିନ୍ତନ କର ନାହିଁ, ସେଥିରୁ ଉପରତ ହୋଇଯାଅ—ଏହା **'ଶନୈଃ ଶନୈରୁପରମେଦ୍'** ପଦଗୁଡ଼ିକରେ କୁହାଯାଇଛି; ଏବଂ ଆଦୌ କିଛି ଚିନ୍ତନ କର ନାହିଁ, ସଂସାରର ଚିନ୍ତନ ନୁହେଁ କି ପରମାତ୍ମାଙ୍କର ଚିନ୍ତନ ନୁହେଁ—ଏହି କଥାଟି **'ନ କିଞ୍ଚିଦପି ଚିନ୍ତୟେତ୍'** ପଦଗୁଡ଼ିକରେ କୁହାଯାଇଛି । ତାତ୍ପର୍ଯ୍ୟ ହେଲା ଯେ ଧ୍ୟାନଯୋଗର ସାଧକ ଚିନ୍ତନ କରିବା ବା ନ କରିବା ଉଭୟରୁ ତଟସ୍ଥ ଓ ଉପରତ ରହିବା ଉଚିତ । ସେ ସଂସାରଠାରୁ ସର୍ବଥା ଉପରତ ରହିବା ତ ଜରୁରୀ, ତତ୍‌ସହିତ ପରମାତ୍ମତତ୍ତ୍ୱର ଅନୁଭବ କରି ଚିନ୍ତନରହିତ ହେବା ମଧ୍ୟ ଆବଶ୍ୟକ । କାରଣ ପରମାତ୍ମତତ୍ତ୍ୱର ଚିନ୍ତନ କଲେ ପରମାତ୍ମତତ୍ତ୍ୱ ଓ ନିଜ ସ୍ୱରୂପ ମଧ୍ୟରେ ପାର୍ଥକ୍ୟ ରହେ ଏବଂ କୌଣସି ଚିନ୍ତନ ନ କଲେ ସ୍ୱତଃସିଦ୍ଧ ଅଭିନ୍ନତା ପ୍ରାପ୍ତ ହୁଏ । ତଟସ୍ଥ ରହିଲେ ବାସ୍ତବିକ ତତ୍ତ୍ୱବିଷୟକ ଯେଉଁ ଲାଭ ମିଳେ, ତାହା କୌଣସିଠାରେ ଆଗ୍ରହ ଥିଲେ ମିଳେ ନାହିଁ, କାରଣ ଆଗ୍ରହ ରହିଲେ ସାଧକର ବିଷମତା ନଷ୍ଟ ହୁଏ ନାହିଁ । ପ୍ରକୃତରେ ସବୁ ମହିମା ହେଉଛି ସମତାର ।

(୧୯) **'ଅସ୍ଥିରମ୍'** ଓ **'ଚଞ୍ଚଳମ୍'** (୬ । ୨୬)—ମନ ଧ୍ୟେୟ(ସାଧ୍ୟ)ରେ ସ୍ଥିର ରହେ ନାହିଁ ଓ ଲାଗେ ନାହିଁ, ତେଣୁ ଏହାକୁ **'ଅସ୍ଥିରମ୍'** କୁହାଯାଇଛି । ମନ ନାନାପ୍ରକାର ସାଂସାରିକ ପଦାର୍ଥଗୁଡ଼ିକର ଚିନ୍ତନ କରେ, ତେଣୁ ଏହାକୁ **'ଚଞ୍ଚଳମ୍'** କୁହାଯାଇଛି । ତାତ୍ପର୍ଯ୍ୟ ଏହି ଯେ ସମାଧିସ୍ଥ ହେବାରେ କେତେଗୁଡ଼ିଏ ଦୋଷ ବାଧକ ହୁଅନ୍ତି । ତନ୍ମଧ୍ୟରେ ଚାରୋଟି ଦୋଷ ମୁଖ୍ୟ—ବିକ୍ଷେପ (ଚାଞ୍ଚଲ୍ୟ), ଲୟ (ନିଦ୍ରା ଓ ଆଳସ୍ୟ), କଷାୟ (ଅନ୍ତଃକରଣର ଅଶୁଦ୍ଧି) ଓ ରସାସ୍ୱାଦ (ଧ୍ୟାନାବସ୍ଥାରେ ମିଳୁଥିବା ସୁଖରେ ଅଟକିଯିବା) । ଏହି ଚାରୋଟି ଦୋଷ ରହିଲେ ସମାଧିରେ ସିଦ୍ଧିଲାଭ ହୁଏ ନାହିଁ । କିନ୍ତୁ ଗୀତା ଏମାନଙ୍କ ମଧ୍ୟରୁ ଦୁଇଟି ଦୋଷର ବର୍ଣ୍ଣନା କରିଛି, କାରଣ ଚାରୋଟି ଦୋଷ ମଧ୍ୟରୁ ଲୟ (ଅସ୍ଥିରତା) ଓ ବିକ୍ଷେପ (ଚାଞ୍ଚଲ୍ୟ) ହିଁ ମୁଖ୍ୟ । ଅତଏବ ସମାଧିସ୍ଥ

ହେଉଥିବା ସାଧକକୁ ଏହି ଦୁଇଟି ଦୋଷ ପ୍ରତି ସର୍ବଦା ସାବଧାନ ରହିବା ଆବଶ୍ୟକ।

(୨୦) **'ବଳବଦ୍'** ଓ **'ଦୃଢମ୍'** (୬।୩୪)—କାମନା, ମମତା, ଆସକ୍ତି ହେତୁ ମନର ପଦାର୍ଥ ଓ ବ୍ୟକ୍ତିମାନଙ୍କ ପ୍ରତି ପ୍ରଗାଢ଼ ଆକର୍ଷଣ ରହିଥାଏ। ତେଣୁ ମନ ଏମାନଙ୍କୁ କୌଣସିମତେ ଛାଡ଼ିବାକୁ ଚାହେଁ ନାହିଁ, ଜିଦ୍ ଧରି ବସେ। ଏଥିପାଇଁ ମନକୁ **'ଦୃଢମ୍'**(ଜିଦ୍‌ଖୋର) କୁହାଯାଇଛି। ମନର ଜିଦି ବହୁତ ବଳବାନ୍। ଏଥିପାଇଁ ମନକୁ **'ବଳବଦ୍'** କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ମନକୁ ବଶୀଭୂତ କରିବା ଖୁବ୍ କଠିନ କାର୍ଯ୍ୟ। ପ୍ରକୃତରେ କଠିନ ସେତେବେଳେ ହୁଏ, ଯେତେବେଳେ ସାଧକ ମନକୁ ନିଜର ବୋଲି ଭାବେ। ମମତାରୂପକ ମଳ ରହିଥିଲେ ମନ ଶୁଦ୍ଧ ହୁଏ ନାହିଁ। ଯଦି ସାଧକ ବିବେକପୂର୍ବକ ମମତାକୁ ତ୍ୟାଗ କରିଦିଏ, ତେବେ ମନକୁ ବଶୀଭୂତ କରିବା ସହଜ ହୋଇଯିବ।

(୨୧) **'ପରମ୍'** ଓ **'ଅନୁତ୍ତମମ୍'** (୭।୨୪)—ଭଗବାନ ଅଜ, ଅବିନାଶୀ ଓ ସମସ୍ତ ପ୍ରାଣୀଙ୍କର ଈଶ୍ୱର ହୋଇ ମଧ୍ୟ ନିଜ ପ୍ରକୃତିକୁ ଅଧୀନ କରି ଯୋଗମାୟା ଦ୍ୱାରା ପ୍ରକଟ ହୁଅନ୍ତି (୪।୬)—ଏହା ହେଲା ଭଗବାନଙ୍କର **'ପରମ୍'** ଭାବ। ଭଗବାନଙ୍କ ଠାରୁ ଉତ୍ତମ, ଶ୍ରେଷ୍ଠ ଅନ୍ୟ କେହି ନାହିଁ (୧୫।୧୭-୧୮)—ଏହା ହେଲା ଭଗବାନଙ୍କର **'ଅନୁତ୍ତମମ୍'** ଭାବ। ତାତ୍ପର୍ଯ୍ୟ ଏହି ଯେ ଭଗବାନ ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ ଅଟନ୍ତି। ଭଗବାନଙ୍କ ଠାରୁ କେହି ଶ୍ରେଷ୍ଠ ନ ଥିଲା, ନାହିଁ, ହେବ ନାହିଁ କି ହୋଇ ମଧ୍ୟ ପାରିବ ନାହିଁ।

(୨୨) **'ଅତ୍ର'** ଓ **'ଅସ୍ମିନ୍'** (୮।୨)—ଏଠାରେ **'ଅତ୍ର'** ପଦ ପ୍ରକରଣର ବାଚକ ଓ **'ଅସ୍ମିନ୍'** ପଦ ମନୁଷ୍ୟଶରୀରର ବାଚକ। ତାତ୍ପର୍ଯ୍ୟ ହେଲା ଯେ ପରମାତ୍ମା ସମସ୍ତ ସ୍ଥାବର ଓ ଜଙ୍ଗମ ପ୍ରାଣୀମାନଙ୍କ ମଧ୍ୟରେ ରହିଥିଲେ ମଧ୍ୟ ତାଙ୍କୁ ମନୁଷ୍ୟଶରୀରରେ ହିଁ ଅନୁଭବ କରି ହୁଏ, ଅନ୍ୟ ଶରୀରରେ ନୁହେଁ।

(୨୩) **'ସତତମ୍'** ଓ **'ନିତ୍ୟଶଃ'** (୮।୧୪)—ଏଠାରେ **'ସତତମ୍'** ପଦର ଅର୍ଥ—ନିରନ୍ତର ସ୍ମରଣ କରିବା ଅର୍ଥାତ୍ ନିଦ ଭାଙ୍ଗିବା ପରଠାରୁ ରାତିରେ ପୁଣି ନିଦ ଆସିବା ପର୍ଯ୍ୟନ୍ତ ସ୍ମରଣ କରିବା; ଏବଂ **'ନିତ୍ୟଶଃ'** ପଦର ଅର୍ଥ—ସର୍ବଦା ସ୍ମରଣ କରିବା ଅର୍ଥାତ୍ ଯେବେଠୁଁ ଏ ଆଡ଼କୁ ଦୃଷ୍ଟି ଓ ବୃତ୍ତି ଗଲା, ସେବେଠୁଁ ମୃତ୍ୟୁପର୍ଯ୍ୟନ୍ତ ସ୍ମରଣ କରିବା। ତାତ୍ପର୍ଯ୍ୟ ହେଲା ଯେ ସାଧକର ସାଧନା ନିତ୍ୟନିରନ୍ତର ହେବା ଦରକାର। ଏହାଦ୍ୱାରା ଭଗବାନ ସୁଲଭ ହୋଇଯାଆନ୍ତି।

(୨୪) **'କ୍ରତୁଃ'** ଓ **'ଯଜ୍ଞଃ'** (୯।୧୬)—ଯେଉଁଥିରେ ବୈଦିକ ମନ୍ତ୍ର ଓ ବିଧିଗୁଡ଼ିକର ପ୍ରାଧାନ୍ୟ ଥାଏ, ତାହା **'କ୍ରତୁ'**; ଏବଂ ଯେଉଁଥିରେ ପୌରାଣିକ ଓ ସ୍ମାର୍ତ୍ତ ମନ୍ତ୍ର ତଥା ବିଧିଗୁଡ଼ିକର ପ୍ରାଧାନ୍ୟ ଥାଏ, ତାହା ହେଲା **'ଯଜ୍ଞ'**। ତାତ୍ପର୍ଯ୍ୟ ଏହି ଯେ ବୈଦିକ ତଥା ପୌରାଣିକ—ଉଭୟ ପ୍ରକାର ଯଜ୍ଞକୁ ନିଷ୍କାମଭାବରେ ଉତ୍ସାହ ଓ ତତ୍ପରତାପୂର୍ବକ ବିଧିବଦ୍ କରିବା ଉଚିତ।

(୨୫) **'ନିବାସଃ'**, **'ସ୍ଥାନମ୍'** ଓ **'ନିଧାନମ୍'** (୯।୧୮)—ଭଗବାନଙ୍କର ଚିଦଂଶ ହୋଇଥିବାରୁ ସମସ୍ତ ଜୀବ ସ୍ୱରୂପତଃ ନିରନ୍ତର ଭଗବାନଙ୍କ ଠାରେ ହିଁ ରହନ୍ତି; ଅତଏବ ଭଗବାନ ସବୁ ଜୀବଙ୍କର **'ନିବାସ'** ଅଟନ୍ତି। ପ୍ରଳୟ ହେଲେ ପ୍ରକୃତି ସମେତ ସମଗ୍ର ସଂସାର ଭଗବାନଙ୍କ ଠାରେ ହିଁ ରହେ; ଅତଏବ ଭଗବାନ ଏହି ସଂସାରର **'ସ୍ଥାନ'** ଅଟନ୍ତି। ସଂସାରର ସର୍ଗ-ଅବସ୍ଥା ହେଉ କି ପ୍ରଳୟ-ଅବସ୍ଥା ହେଉ, ସବୁ ଅବସ୍ଥାରେ ପ୍ରକୃତି, ସଂସାର, ଜୀବ ଏବଂ ଯାହାକିଛି ଦେଖିବା, ଶୁଣିବା, ବୁଝିବାର ଅନ୍ତର୍ଭୁକ୍ତ, ଏ ସବୁକିଛି ଭଗବାନଙ୍କ ଠାରେ ହିଁ ରହନ୍ତି; ଅତଏବ ଭଗବାନ ସମସ୍ତଙ୍କର **'ନିଧାନ'** ଅଟନ୍ତି। ତାତ୍ପର୍ଯ୍ୟ ହେଲା ଯେ ଭଗବାନଙ୍କ ଛଡ଼ା ଜୀବାତ୍ମାର ଓ ପ୍ରକୃତି(ସଂସାର)ର ଅନ୍ୟ କେହି ଆଧାର, ଅଧିଷ୍ଠାନ ଓ ଆଶ୍ରୟ ନାହିଁ। କେବଳ ଭଗବାନଙ୍କୁ ସମସ୍ତଙ୍କର ଆଧାର ଓ ଆଶ୍ରୟ ମାନିନେଲେ ଭଗବାନଙ୍କ ଆଡ଼କୁ ସ୍ୱତଃ ଆକର୍ଷଣ ହୋଇଥାଏ। ତା'ପରେ ସାଧନା ସ୍ୱତଃ ହେବାକୁ ଲାଗେ।

(୨୬) **'ବୁଦ୍ଧିଃ'**, **'ଜ୍ଞାନମ୍'** ଓ **'ଅସମ୍ମୋହଃ'** (୧୦।୪)—ଯେପରି ବଲ୍‌ବରେ ବିଜୁଳି ପ୍ରକଟ ହୁଏ, ସେହିପରି ଯେଉଁଥିରେ ବିବେକ ପ୍ରକଟ ହୁଏ, ତାହାର ନାମ **'ବୁଦ୍ଧି'**। ସତ୍-ଅସତ୍, ନିତ୍ୟ-ଅନିତ୍ୟ ବିବେକର ନାମ **'ଜ୍ଞାନ'**। ଅଜ୍ଞାନରୁ ଯେଉଁ ମୂଢ଼ତା ହୁଏ, ତାହାର ଅଭାବର ନାମ **'ଅସମ୍ମୋହ'**। ତାତ୍ପର୍ଯ୍ୟ ଏହି ଯେ ଏଗୁଡ଼ିକ ଭଗବାନଙ୍କ ଠାରୁ ହିଁ ପ୍ରକଟ ହୁଏ। ଅତଏବ ସାଧକ ଏଗୁଡ଼ିକୁ ନିଜର ଗୁଣ ବୋଲି ଭାବି ଅଭିମାନ କରିବା ଅନୁଚିତ।

(୨୭) **'ବିଭୂତିମତ୍'**, **'ଶ୍ରୀମତ୍'** ଓ **ଊର୍ଜିତମ୍'** (୧୦।୪୧)—ଐଶ୍ୱର୍ଯ୍ୟଯୁକ୍ତ ବସ୍ତୁ, ବ୍ୟକ୍ତି ଆଦିର ନାମ **'ବିଭୂତିମତ୍'**। ଶୋଭାଯୁକ୍ତ ବସ୍ତୁ, ବ୍ୟକ୍ତି ଆଦିର ନାମ **'ଶ୍ରୀମତ୍'**। ବଳଯୁକ୍ତ ବସ୍ତୁ, ବ୍ୟକ୍ତି ଆଦିର ନାମ **'ଊର୍ଜିତ'**। ତାତ୍ପର୍ଯ୍ୟ ହେଲା ଯେ ଏହି ସବୁ ଗୁଣ

ଭଗବାନଙ୍କର, କାହାରି ବ୍ୟକ୍ତିଗତ ଗୁଣ ନୁହେଁ । ଏସବୁକୁ ବ୍ୟକ୍ତିଗତ ଭାବିଲେ ଅଭିମାନ ଉତ୍ପନ୍ନ ହୁଏ । ଅତଏବ ଏସବୁକୁ ବ୍ୟକ୍ତିଗତ ଭାବିବା ଅନୁଚିତ ।

(୨୮) **'କରାଳାନି'** ଓ **'ଭୟାନକାନି'** (୧୧ । ୨୭)—ଦନ୍ତପଙ୍‌କ୍ତି ଯୋଗୁଁ ଅର୍ଜୁନଙ୍କୁ ବିରାଟରୂପ ଭଗବାନଙ୍କର ମୁଖଗୁଡ଼ିକ ବଡ଼ ବଡ଼ ଓ ବିସ୍ତୃତ ଦେଖାଯାଉଥିଲା—ଏହା **'କରାଳାନି'** ପଦରେ କୁହାଯାଇଛି; ଏବଂ ସେଗୁଡ଼ିକୁ ଦେଖି ଭୟ ଜାତ ହେଉଥିଲା—ଏକଥା **'ଭୟାନକାନି'** ପଦରେ କୁହାଯାଇଛି । ତାତ୍ପର୍ଯ୍ୟ ଏହି ଯେ ଭଗବାନଙ୍କ ବିରାଟରୂପ କରାଳ ଓ ଭୟାନକ ନ ଥିଲା, କିନ୍ତୁ ଅର୍ଜୁନଙ୍କର ମୂଢ଼ଭାବ ହେତୁ ତାହା କରାଳ ଓ ଭୟାନକ ଦେଖାଯାଉଥିଲା । ତେଣୁ ଭଗବାନ **'ମା ତେ ବ୍ୟଥା ମା ଚ ବିମୂଢ଼ଭାବଃ'** (୧୧ । ୪୯) କହିଛନ୍ତି ।

(୨୯) **'ଅଚଳମ୍'** ଓ **'ଧ୍ରୁବମ୍'** (୧୨ । ୩)—ଯାହା ଚଳନକ୍ରିୟାରହିତ, ଆଦୌ ଯା'ଆସ କରେ ନାହିଁ, ତାହାର ନାମ **'ଅଚଳ'**; ଏବଂ ଯାହା ଅଟଳ ଓ ନିଶ୍ଚିତରୂପେ ରହେ, ଯାହାର ଅସ୍ତିତ୍ୱ ଅଖଣ୍ଡ ରହେ, ତାହାର ନାମ **'ଧ୍ରୁବ'** । ତାତ୍ପର୍ଯ୍ୟ ଏହି ଯେ ପରମାତ୍ମତତ୍ତ୍ୱକୁ କେହି ଚଳାୟମାନ କରି ପାରେ ନାହିଁ ଏବଂ ତାହା ନିଜେ ମଧ୍ୟ ସ୍ୱରୂପରୁ କଦାପି ବିଚଳିତ ହୁଏ ନାହିଁ, ନିତ୍ୟ ଅଟଳଭାବେ ଯଥାବତ୍ ରହିଥାଏ ।

(୩୦) **'ଅସକ୍ତିଃ'** ଓ **'ଅନଭିଷ୍ୱଙ୍ଗଃ'** (୧୩ । ୯)—ଚିତ୍ତ ଉପରେ ଅନୁକୂଳ ବସ୍ତୁ, ବ୍ୟକ୍ତି, ପରିସ୍ଥିତି ଆଦିର ପ୍ରଭାବ ପଡ଼ିବା ଓ ସେଗୁଡ଼ିକ ପ୍ରତି ପ୍ରିୟଭାବ ହେବାକୁ **'ସକ୍ତିଃ'** କୁହାଯାଏ ଏବଂ ଏହାର ଅଭାବର ନାମ **'ଅସକ୍ତିଃ'** । ବସ୍ତୁ, ବ୍ୟକ୍ତି ଆଦିର ଉତ୍ପତ୍ତି-ବିନାଶ ଓ ସ୍ଥାୟିତ୍ୱ-ଅସ୍ଥାୟିତ୍ୱ ଯୋଗୁଁ ସ୍ୱୟଂ (କର୍ତ୍ତା) ଉପରେ ତାହାର ପ୍ରଭାବ ପଡ଼ିବା ହେଲା **'ଅଭିଷ୍ୱଙ୍ଗଃ'** ଏବଂ ତାହାର ଅଭାବର ନାମ **'ଅନଭିଷ୍ୱଙ୍ଗଃ'** । ତାତ୍ପର୍ଯ୍ୟ ଏହି ଯେ ସାଧକର କୌଣସି ବ୍ୟକ୍ତି, ପଦାର୍ଥ ଆଦି ପ୍ରତି ଆସକ୍ତି ହେବା ଉଚିତ ନୁହେଁ ଏବଂ କୌଣସି ପଦାର୍ଥ ଓ ବ୍ୟକ୍ତି ପ୍ରତି ନିଜର ଅଭିନ୍ନତା, ଘନିଷ୍ଠତା, ଏକରୂପତା ମଧ୍ୟ ହେବା ଉଚିତ ନୁହେଁ । କାରଣ ଜଡ଼ତା ସହିତ ସ୍ୱୟଂର ଏକତ୍ୱ କେବେ ନ ଥିଲା, ନାହିଁ, ହେବ ନାହିଁ, ହୋଇ ପାରିବ ନାହିଁ କି ହେବା ସମ୍ଭବ ମଧ୍ୟ ନୁହେଁ ।

(୩୧) **'ଅନନ୍ୟଯୋଗେନ'** ଓ **'ଭକ୍ତିରବ୍ୟଭିଚାରିଣୀ'** (୧୩ । ୧୦)—ଏହା ଜ୍ଞାନଯୋଗର ପ୍ରକରଣ; ତେଣୁ 'ଅନନ୍ୟଯୋଗ'କୁ ସାଧନ ହିସାବରେ ଓ 'ଅବ୍ୟଭିଚାରିଣୀ ଭକ୍ତି'କୁ ସାଧ୍ୟ ହିସାବରେ ଗ୍ରହଣ କରିବା ଉଚିତ । ତାତ୍ପର୍ଯ୍ୟ ହେଲା ଯେ ସାଧନାରେ ପରମାତ୍ମାଙ୍କ ଛଡ଼ା ଅନ୍ୟ କାହାରି ସାହାଯ୍ୟର ତିଳେମାତ୍ର ଆବଶ୍ୟକତା ନ ରହୁ ଓ ପରମାତ୍ମାଙ୍କ ଛଡ଼ା ଅନ୍ୟ କିଛି ଲକ୍ଷ୍ୟ, ଧ୍ୟେୟ, ଓ ଉଦ୍ଦେଶ୍ୟ ନ ହେଉ—ଏଭଳି ଅନନ୍ୟତା ଦ୍ୱାରା ସାଧନାରେ ଶୀଘ୍ର ଓ ଅନାୟାସରେ ସିଦ୍ଧି ମିଳିଥାଏ । ଏଭଳି ଅନନ୍ୟତା ନ ହେଲେ ସାଧନାରେ ଶୀଘ୍ର ସିଦ୍ଧି ମିଳେ ନାହିଁ ଓ ତାହା କଠିନ ମଧ୍ୟ ହୁଏ ।

(୩୨) **'ବିବିକ୍ତଦେଶସେବିତ୍ୱମ୍'** ଓ **'ଅରତିର୍ଜନସଂସଦି'** (୧୩ । ୧୦)—ଏକାନ୍ତରେ ରହି ସାଧନା କରିବାର ରୁଚି ହେବା **'ବିବିକ୍ତଦେଶସେବିତ୍ୱମ୍'** ଅଟେ; ଏବଂ ସାଧାରଣ ଜନସମୁଦାୟ ଭଲ ନ ଲାଗିବା **'ଅରତିର୍ଜନସଂସଦି'** ଅଟେ । ତାତ୍ପର୍ଯ୍ୟ ହେଲା ଯେ ସାଧକ ସଂସାରରୁ ସର୍ବଦା ଅନାସକ୍ତ ରହିବା ଉଚିତ ।

(୩୩) **'ଉତ୍ତମମ୍'** ଓ **'ପରମ୍'** (୧୪ । ୧)—ଏଠାରେ **'ଉତ୍ତମମ୍'** ପଦର ଅର୍ଥ—ଏହି ଜ୍ଞାନ ପ୍ରକୃତି ଓ ତାହାର କାର୍ଯ୍ୟ ସଂସାର-ଶରୀରରୁ ସମ୍ବନ୍ଧବିଚ୍ଛେଦକାରୀ ହୋଇଥିବାରୁ ଶ୍ରେଷ୍ଠ ଅଟେ; ଏବଂ **'ପରମ୍'** ପଦର ଅର୍ଥ—ଏହି ଜ୍ଞାନ ପରମାତ୍ମପ୍ରାପ୍ତି କରାଉଥିବାରୁ ସର୍ବୋତ୍କୃଷ୍ଟ ଅଟେ । ତାତ୍ପର୍ଯ୍ୟ ହେଲା, ଯେତେବେଳେ ସାଧକ ସଂସାରରୁ ସର୍ବଥା ଉପରକୁ ଉଠିଯାଏ ଓ ପରମାତ୍ମତତ୍ତ୍ୱକୁ ଜାଣିବାରେ ତା'ର କୌଣସି ନ୍ୟୂନତା ରହେ ନାହିଁ, ସେତେବେଳେ ଯାଇ ତାହାର ପୂର୍ଣ୍ଣତା ହୁଏ ।

(୩୪) **'ପ୍ରକାଶଃ'** ଓ **'ଜ୍ଞାନମ୍'** (୧୪ । ୧୧)—ଇନ୍ଦ୍ରିୟ ଓ ଅନ୍ତଃକରଣ ସ୍ୱଚ୍ଛ ଓ ନିର୍ମଳ ହେବାର ନାମ **'ପ୍ରକାଶ'** । ଏହାଦ୍ୱାରା ପଞ୍ଚଜ୍ଞାନେନ୍ଦ୍ରିୟ ମାଧ୍ୟମରେ ପାଞ୍ଚୋଟି ବିଷୟର ସ୍ପଷ୍ଟ ଜ୍ଞାନ ହୁଏ, ମନ ଦ୍ୱାରା କୌଣସି ବିଷୟର ଠିକ୍‌ଭାବରେ ମନନ କରି ହୁଏ ଏବଂ ବୁଦ୍ଧି ଦ୍ୱାରା ପରିଷ୍କାର ନିର୍ଣ୍ଣୟ କରି ହୁଏ । ଇନ୍ଦ୍ରିୟ ଓ ଅନ୍ତଃକରଣ ସ୍ୱଚ୍ଛ ଓ ନିର୍ମଳ ହେଲେ 'ସେହି ବିଷୟ ଶାସ୍ତ୍ର ଓ ଲୌକିକ ମର୍ଯ୍ୟାଦାର ଅନୁକୂଳ କି ପ୍ରତିକୂଳ, ସେହି ବିଷୟଗୁଡ଼ିକର ପରିଣାମ ଆମ ପାଇଁ ଓ ଦୁନିଆ ପାଇଁ ହିତକର କି ଅହିତକର, ଉଚିତ କି ଅନୁଚିତ' ଆଦି ବିଷୟରେ ଯଥାର୍ଥ ବିବେକ ଜାତ ହୁଏ । ଏହାର ନାମ **'ଜ୍ଞାନ'** । ତାତ୍ପର୍ଯ୍ୟ ହେଲା ଯେ ଜ୍ଞାନଯୋଗୀ ସାଧକଠାରେ ପ୍ରକାଶ ଓ ବିବେକ ରହିବା ଏକାନ୍ତ ଆବଶ୍ୟକ । କିନ୍ତୁ ସାଧକ ସେଗୁଡ଼ିକରୁ ସୁଖ ଗ୍ରହଣ କଲେ ସେହିଠାରେ ଅଟକିଯିବ ।

(୩୫) **'ପ୍ରବୃତ୍ତିଃ'** ଓ **'ଆରମ୍ଭଃ'** (୧୪ । ୧୨)—ନିଜ ନିଜର ବର୍ଣ୍ଣ, ଆଶ୍ରମ, ଦେଶ, ବେଶ ଆଦିରେ ରହି ପ୍ରାପ୍ତ ପରିସ୍ଥିତି ଅନୁସାରେ ସମ୍ମୁଖକୁ ଆସୁଥିବା

କର୍ତ୍ତବ୍ୟକର୍ମକୁ ସୁଚାରୁରୂପେ ପାଳନ କରିବା ହେଲା 'ପ୍ରବୃତ୍ତି'; ଏବଂ ଭୋଗ ତଥା ସଂଗ୍ରହ ଉଦ୍ଦେଶ୍ୟରେ ନୂଆ ନୂଆ କର୍ମ ଆରମ୍ଭ କରିବା ହେଲା 'ଆରମ୍ଭଃ'। ପ୍ରବୃତ୍ତି ଦୋଷାବହ ନୁହେଁ, କାରଣ ପ୍ରବୃତ୍ତି ଗୁଣାତୀତ ମହାପୁରୁଷଙ୍କ ଦ୍ୱାରା ମଧ୍ୟ ହୋଇଥାଏ, କିନ୍ତୁ ଭୋଗ ଓ ସଂଗ୍ରହ ପାଇଁ ନୂଆ ନୂଆ କର୍ମର ଆରମ୍ଭ ତାଙ୍କ ଦ୍ୱାରା ହୁଏ ନାହିଁ। ଅତଏବ ସାଧକ ପ୍ରବୃତ୍ତିରେ ନିର୍ଲିପ୍ତ ରହୁ ଓ ନୂଆ ନୂଆ କର୍ମ ଆରମ୍ଭ ନ କରୁ।

(୩୬) 'ମୋହଃ' ଓ 'ଅଜ୍ଞାନମ୍' (୧୪।୧୭)— ବିପରୀତ ବା ଓଲଟା ମାନିନେବା ହିଁ 'ମୋହ' ଏବଂ ଅପୂର୍ଣ୍ଣ ଜ୍ଞାନକୁ ଜ୍ଞାନ ମାନିନେବା ହିଁ 'ଅଜ୍ଞାନ'। ତାତ୍ପର୍ଯ୍ୟ ଏହି ଯେ ଅକର୍ତ୍ତବ୍ୟ, ଅନିତ୍ୟ, ଅଗ୍ରାହ୍ୟ ଆଦିକୁ ଠିକ୍‌ଭାବେ ନ ବୁଝିବା 'ମୋହ' ଅଟେ। ଇନ୍ଦ୍ରିୟ ଓ ବୁଦ୍ଧିର ଜ୍ଞାନକୁ ଜ୍ଞାନ ମାନିନେବା ଅର୍ଥାତ୍ ଏବେଯାଏ ଯେତିକି ବୁଝି ହୋଇଛି, ସେତିକିକୁ ପୂର୍ଣ୍ଣଜ୍ଞାନ ବୋଲି ଭାବିବା 'ଅଜ୍ଞାନ' ଅଟେ।

(୩୭) 'ସମଦୁଃଖସୁଖଃ' ଓ 'ତୁଲ୍ୟପ୍ରିୟାପ୍ରିୟଃ' (୧୪।୨୪)—ପ୍ରାରବ୍ଧ ଅନୁସାରେ ପ୍ରାପ୍ତ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ସମ ରହିବା 'ସମଦୁଃଖସୁଖଃ' ଅଟେ; ଏବଂ କ୍ରିୟମାଣ କର୍ମର ତାତ୍କାଳିକ ଫଳ ମିଳିବା ଓ ନ ମିଳିବାରେ ସମ ରହିବା 'ତୁଲ୍ୟପ୍ରିୟା-ପ୍ରିୟଃ' ଅଟେ। ତାତ୍ପର୍ଯ୍ୟ ଏହି ଯେ ସାଧକକୁ ପ୍ରତ୍ୟେକ ପରିସ୍ଥିତିରେ ନିର୍ବିକାର ରହିବା ଉଚିତ, କୌଣସି ପରିସ୍ଥିତିରେ ରାଗ-ଦ୍ୱେଷ ନ କରିବା ଉଚିତ।

(୩୮) 'ନିର୍ମାନମୋହାଃ' ଓ 'ଅମୂଢାଃ' (୧୫।୫)—ମୋହ ଦୁଇ ପ୍ରକାରର—(୧) ପରମାତ୍ମାଙ୍କ ଆଡ଼କୁ ଅଗ୍ରସର ନ ହୋଇ ସଂସାରରେ ହିଁ ଜଡ଼ିତ ରହିବା ଏବଂ (୨) ପରମାତ୍ମାଙ୍କୁ ଠିକ୍‌ଭାବରେ ନ ଜାଣିବା। ଏଠାରେ 'ନିର୍ମାନମୋହାଃ' ପଦରେ ସଂସାରର ମୋହ ଛାଡ଼ିଯିବା କଥା ଓ 'ଅମୂଢାଃ' ପଦରେ ପରମାତ୍ମାଙ୍କୁ ଠିକ୍‌ଭାବେ ଜାଣିନେବା କଥା କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ସଂସାରର ମୋହ ଛାଡ଼ିଯିବା ଦ୍ୱାରା ଓ ସଂସାରଠାରୁ ସମ୍ବନ୍ଧ ବିଚ୍ଛିନ୍ନ ହେବା ଫଳରେ ସାଧକର ଦୁଃଖର ଅତ୍ୟନ୍ତାଭାବ ଘଟେ ଏବଂ ପରମାତ୍ମାଙ୍କ ସମ୍ବନ୍ଧରେ ଠିକ୍‌ଭାବେ ବୋଧ ହୋଇଯିବାରୁ ସାଧକକୁ ପରମ ଆନନ୍ଦ ମିଳିଯାଏ।

(୩୯) 'ଅକୃତାତ୍ମାନଃ' ଓ 'ଅଚେତସଃ' (୧୫।୧୧)—ଯେଉଁମାନେ ନିଜର ଅନ୍ତଃକରଣକୁ ଶୁଦ୍ଧ କରି ନାହାନ୍ତି, ସେମାନେ 'ଅକୃତାତ୍ମାନଃ'; ଏବଂ ଯେଉଁମାନେ ସଦ୍-ଅସଦ୍ ସମ୍ବନ୍ଧୀୟ ଜ୍ଞାନ(ବିବେକ)କୁ ମହତ୍ତ୍ୱ ଦେଇ ନାହାନ୍ତି, ସେମାନେ 'ଅଚେତସଃ'। ତାତ୍ପର୍ଯ୍ୟ ହେଲା, ଯେଉଁମାନଙ୍କର ସାଂସାରିକ ଆସକ୍ତି ଅଛି ଓ ଯେଉଁମାନଙ୍କୁ ପରମାତ୍ମତତ୍ତ୍ୱର ବୋଧ ହୋଇ ନାହିଁ, ସେଭଳି ମନୁଷ୍ୟ ଚେଷ୍ଟା କରି ମଧ୍ୟ ପରମାତ୍ମତତ୍ତ୍ୱକୁ ଜାଣି ପାରନ୍ତି ନାହିଁ।

(୪୦) 'ଅକ୍ରୋଧଃ' ଓ 'କ୍ଷମା' (୧୬।୨–୩)— 'ଅକ୍ରୋଧ'ରେ ନିଜଆଡ଼କୁ ଦୃଷ୍ଟି ରହେ ଯେ ମୋ ଭିତରେ କ୍ରୋଧ ଜାତ ନ ହେଉ, ଗ୍ଲାନି ସୃଷ୍ଟି ନ ହେଉ। 'କ୍ଷମା'ରେ ଯିଏ ଅପରାଧ କରିଛି, ତାହା ଉପରେ ଦୃଷ୍ଟି ରହେ ଯେ ତାକୁ କେବେ କୌଣସି ପ୍ରକାର ଦଣ୍ଡ ନ ମିଳୁ। ତାତ୍ପର୍ଯ୍ୟ ହେଲା ଯେ ସ୍ୱକୃତ କ୍ରିୟାଗୁଡ଼ିକରେ କୌଣସି ଭୁଲ୍ ହୋଇଗଲେ ଅନ୍ତଃକରଣରେ ଗ୍ଲାନି ଓ ବିକ୍ଷେପ ସୃଷ୍ଟି ହୁଏ ଏବଂ ବିନା କାରଣରେ କେହି ଆମର ଅପକାର କରୁଥିଲେ ଅଥବା ଆମ ଉପରେ ମିଥ୍ୟା ଲାଞ୍ଛନା ଲଗାଉଥିଲେ 'ତାକୁ ଦଣ୍ଡ ମିଳୁ'—ଏଭଳି ଭାବ ଜାତ ହୁଏ; ମାତ୍ର ଦୈବୀସମ୍ପତ୍ତିଯୁକ୍ତ ସାଧକଠାରେ ଏ ଦୁଇଟି ଭାବ ରହିବା ଉଚିତ ନୁହେଁ। ସ୍ୱକୃତ ଓ ପରକୃତ କ୍ରିୟାଗୁଡ଼ିକରେ ନିଜ ଭିତରେ କୌଣସି ଗ୍ଲାନି ସୃଷ୍ଟି ହେବା ଠିକ୍ ନୁହେଁ।

(୪୧) 'ଦର୍ପଃ' ଓ 'ଅଭିମାନଃ' (୧୬।୪)— ଧନ, ପୁତ୍ର, ପରିବାର ଆଦି ମମତାର ବାହ୍ୟ ଆଧାରକୁ ନେଇ 'ଦର୍ପ' ହୋଇଥାଏ ଏବଂ ବିଦ୍ୟା, ବୁଦ୍ଧି ଆଦି ଅହଂଭାବର ଆଭ୍ୟନ୍ତରୀଣ ଆଧାରକୁ ନେଇ 'ଅଭିମାନ' ହୋଇଥାଏ। ତାତ୍ପର୍ଯ୍ୟ ହେଲା ଯେ ସାଧକଠାରେ ମମତା ଓ ଅହଂଭାବର ଆଧାରଗୁଡ଼ିକୁ ନେଇ ଦର୍ପ ଓ ଅଭିମାନ ଜାତ ହେବା ଉଚିତ ନୁହେଁ। ତାକୁ ଏ ଦୁଇଟି ପ୍ରତି ସାବଧାନ ରହିବା ଆବଶ୍ୟକ।

(୪୨) 'ଦୁଃଖମ୍' ଓ 'ଶୋକଃ' (୧୭।୯)— ରାଜସ ମନୁଷ୍ୟକୁ ପ୍ରିୟ ଲାଗୁଥିବା ଅତ୍ୟନ୍ତ ତୀକ୍ଷ୍ଣ, ଗରମ ଆଦି ଖାଦ୍ୟପଦାର୍ଥ ଖାଇଲେ ପାଟି, ପେଟ ଆଦିରେ ଯେଉଁ ଜ୍ୱାଳା ହୁଏ, ଏଠି ତାହାକୁ 'ଦୁଃଖ' କୁହାଯାଇଛି; ଏବଂ ଚିତ୍ତରେ ଅଶାନ୍ତି, ଚିନ୍ତା ଆଦି ଜାତ ହେବାକୁ 'ଶୋକ' କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ରାଜସିକ ଭୋଜନ ଶାରୀରିକ ଓ ମାନସିକ ପୀଡ଼ାର ହେତୁ ହୋଇଥିବାରୁ ସର୍ବଥା ବର୍ଜନୀୟ।

(୪୩) 'ଅନୁଦ୍‌ବେଗକରମ୍' ଓ 'ପ୍ରିୟମ୍' (୧୭।୧୫)—ଯେଉଁ ବଚନ ବର୍ତ୍ତମାନ ଓ ଭବିଷ୍ୟତରେ କେବେହେଲେ କାହାରିଠାରେ ଉଦ୍‌ବେଗ, ବିକ୍ଷେପ ଓ ଗ୍ଲାନି ଉତ୍ପନ୍ନ କରିପାରେ ନାହିଁ, ତାହାକୁ

'ଅନୁଦ୍‌ବେଗକର' ବଚନ କୁହାଯାଏ। ଯେଉଁ ବଚନରେ କ୍ରୂରତା, ରୁକ୍ଷତା, କଟୁତା, ବ୍ୟଙ୍ଗ, ନିନ୍ଦା, ଚୁଗୁଲି ଓ ଅପମାନକାରକ ଶବ୍ଦ ନ ଥାଏ ଏବଂ ଯାହା ପ୍ରେମଯୁକ୍ତ, ମିଠା ଓ ସରଳ ହୋଇଥାଏ, ତାହାକୁ **'ପ୍ରିୟ'** ବଚନ କୁହାଯାଏ। ତାତ୍ପର୍ଯ୍ୟ ହେଲା ଯେ ମନୁଷ୍ୟ ଏଭଳି ବଚନ କହିବା ଉଚିତ, ଯାହା ବର୍ତ୍ତମାନ ପ୍ରିୟ ଲାଗୁଥିବ ଓ ପରିଣାମରେ ମଧ୍ୟ ହିତକର ହୋଇଥିବ।

(୪୪) 'ସତ୍କାରମାନପୂଜାର୍ଥମ୍' (୧୭।୧୮)— ବାହ୍ୟ କ୍ରିୟା ଦ୍ୱାରା ସମ୍ମାନ କରିବାର ନାମ **'ସତ୍କାର'**; ଆନ୍ତରିକ ଭାବ ଦ୍ୱାରା ସମ୍ମାନ କରିବାର ନାମ **'ମାନ'**; ଏବଂ ମାଳପିନ୍ଧାଇ, ଫୁଲ ଦେଇ, ଆଳତି କରିବାର ନାମ **'ପୂଜା'**। ତାତ୍ପର୍ଯ୍ୟ ହେଲା ଯେ ମନରେ ଅନୁରାଗ ଆସକ୍ତି ଓ କାମନା ଥିଲେ ସତ୍କାର, ମାନ ଓ ପୂଜା ପାଇବାକୁ ଇଚ୍ଛା ହୁଏ। ଅତଏବ ସାଧକ ଏଥିପ୍ରତି ସାବଧାନ ରହିବା ଉଚିତ ଯେ ତା'ର ଚିତ୍ତ ଉପରେ ସଂସାରର ପ୍ରଭାବ ଯେପରି ପଡ଼ି ନ ଯାଏ।

(୪୫) 'ଚଳମ୍' ଓ 'ଅଧ୍ରୁବମ୍' (୧୭।୧୮)— ଯେଉଁ ତପସ୍ୟା ସତ୍କାର, ମାନ ଓ ପୂଜା ପାଇଁ କରାଯାଏ, ତାହାର ଫଳ **'ଚଳ'** ଅର୍ଥାତ୍ ନାଶବାନ୍ ହୋଇଥାଏ, ଏବଂ ଯେଉଁ ତପସ୍ୟା କେବଳ ଦେଖାଣିଆଭାବେ କରାଯାଏ, ତାହାର ଫଳ **'ଅଧ୍ରୁବ'** ଅର୍ଥାତ୍ ଅନିଶ୍ଚିତ (ଫଳ ମିଳିବ କି ନ ମିଳିବ, ଦମ୍ଭ ସିଦ୍ଧ ହେବ କି ନ ହେବ) ହୋଇଥାଏ। ତାତ୍ପର୍ଯ୍ୟ ହେଲା ଯେ କାମନା ରଖିଲେ କର୍ମର ଫଳ ଚଳ ଓ ଅଧ୍ରୁବ ହୋଇଥାଏ। ଅତଏବ ସାଧକ ଫଳର କାମନା ତ୍ୟାଗ କରିଦେବା ଉଚିତ।

(୪୬) 'ଅକୃତବୁଦ୍ଧିତ୍ୱାତ୍' ଓ 'ଦୁର୍ମତିଃ' (୧୮।୧୬)—ଏଠାରେ **'ଅକୃତବୁଦ୍ଧିତ୍ୱାତ୍'** ପଦଟି ହେତୁରୂପରେ ବ୍ୟବହୃତ ହୋଇଛି ଏବଂ **'ଦୁର୍ମତିଃ'** ପଦଟି କର୍ତ୍ତାର ବିଶେଷଣରୂପରେ ବ୍ୟବହୃତ ହୋଇଛି। ଅର୍ଥାତ୍ କର୍ତ୍ତାର ଦୁର୍ମତି ହେବାରେ ଅକୃତବୁଦ୍ଧି ହିଁ ଦାୟୀ। ତାତ୍ପର୍ଯ୍ୟ ହେଲା ଯେ ବୁଦ୍ଧିକୁ ଶୁଦ୍ଧ ନ କରିଥିବାରୁ ଅର୍ଥାତ୍ ବୁଦ୍ଧିରେ ବିବେକ ଜାଗ୍ରତ ନ କରିଥିବାରୁ ହିଁ ସେ ଦୁର୍ମତି ହୋଇଛି। ଯଦି ସେ ବିବେକକୁ ଜାଗ୍ରତ କରିଥାନ୍ତା ଓ ତାକୁ ମହତ୍ତ୍ୱ ଦେଇଥାନ୍ତା, ତେବେ ସେ ଦୁର୍ମତି ହୋଇ ନ ଥାନ୍ତା।

(୪୭) 'ଧର୍ମମ୍', 'ଅଧର୍ମମ୍' ଓ 'କାର୍ଯ୍ୟମ୍', 'ଅକାର୍ଯ୍ୟମ୍' (୧୮।୩୧)—ଶାସ୍ତ୍ରରେ ଯାହା ଆଦେଶ ଦିଆଯାଇଛି ଏବଂ ଯଦ୍ଦ୍ୱାରା ପରଲୋକରେ ସଦ୍‌ଗତି ହୁଏ, ତାହା **'ଧର୍ମ'**। ଶାସ୍ତ୍ରରେ ଯାହା କରିବାକୁ ଆଜ୍ଞା ଦିଆଯାଇ ନାହିଁ, ବରଂ ନିଷେଧ କରାଯାଇଛି ଏବଂ ଯଦ୍ଦ୍ୱାରା ପରଲୋକରେ ଦୁର୍ଗତି ହୁଏ, ତାହା **'ଅଧର୍ମ'**। ବର୍ଣ୍ଣ, ଆଶ୍ରମ, ଦେଶ, କାଳ, ଲୋକମର୍ଯ୍ୟାଦା, ପରିସ୍ଥିତି ଅନୁସାରେ ଶାସ୍ତ୍ର ଯାହାକୁ ଯେଉଁ ଆଜ୍ଞା ଦେଇଛନ୍ତି, ତା'ପାଇଁ ସେହି କର୍ମ **'କାର୍ଯ୍ୟ'** (କର୍ତ୍ତବ୍ୟ) ଅଟେ; ଏବଂ ପରିସ୍ଥିତି ଅନୁସାରେ ପ୍ରାପ୍ତ ହୋଇଥିବା କର୍ତ୍ତବ୍ୟର ପାଳନ ନ କରିବା ଓ ଅକରଣୀୟ କାମକୁ କରିବା **'ଅକାର୍ଯ୍ୟ'** (ଅକର୍ତ୍ତବ୍ୟ) ଅଟେ। ତାତ୍ପର୍ଯ୍ୟ ଏହି ଯେ ରଜୋଗୁଣ ଦ୍ୱାରା ବୁଦ୍ଧି ଆବୃତ ହୋଇଥିଲେ ଧର୍ମ ଓ ଅଧର୍ମ ତଥା କାର୍ଯ୍ୟ ଓ ଅକାର୍ଯ୍ୟ ସମ୍ବନ୍ଧରେ ବିବେକ ସ୍ପଷ୍ଟ ହୁଏ ନାହିଁ। ଅତଏବ ସାଧକ କୌଣସିମତେ ଅବିବେକକୁ ସ୍ଥାନ ଦେବା ଉଚିତ ନୁହେଁ। ଧର୍ମ ଓ ଅଧର୍ମ କ'ଣ, କାର୍ଯ୍ୟ ଓ ଅକାର୍ଯ୍ୟ କ'ଣ?—ଏସବୁ ବିଷୟକୁ ଗଭୀରଭାବେ ବୁଝିବା ଦରକାର। ଗଭୀରଭାବେ ବୁଝିଗଲେ ଅବିବେକ ଦୂର ହୋଇଯାଏ।

(୪୮) 'ଶୋକମ୍' ଓ 'ବିଷାଦମ୍' (୧୮।୩୫)— କାହାରି ମରିଯିବାର ସମ୍ଭାବନାକୁ ନେଇ ଅଥବା କାହାରି ମରିବା ପରେ ମନରେ ଯେଉଁ ଚିନ୍ତା ଓ ବୈକଲ୍ୟ ସୃଷ୍ଟି ହୁଏ, ତାହାର ନାମ **'ଶୋକ'**। କୌଣସି କଥାକୁ ନେଇ ମନରେ ଯେଉଁ ଦୁଃଖ ହୁଏ, ତାହାର ନାମ **'ବିଷାଦ'**। ତାତ୍ପର୍ଯ୍ୟ ଏହି ଯେ ସାଧକ ଶୋକ ଓ ବିଷାଦ—ଉଭୟକୁ ସର୍ବଥା ଛାଡ଼ିଦେବା ଉଚିତ। ତାମସୀ ବୁଦ୍ଧିକୁ ଛାଡ଼ିଦେବା ତ ସହଜ, କିନ୍ତୁ ତାମସୀ ଧୃତିକୁ ଛାଡ଼ିବା ଅତି ଦୁଷ୍କର; କାରଣ ଏହା ସ୍ୱଭାବରେ ରହିଥାଏ। ଏହାକୁ ଧାରଣ କରିବାକୁ ପଡ଼େ ନାହିଁ, ବରଂ ଏହା ଜନ୍ମଜାତ। ଏଥିପାଇଁ ଏଠାରେ (୧୮।୩୫ରେ) **'ନ ବିମୁଞ୍ଚତି'** ପଦ ବ୍ୟବହୃତ ହୋଇଛି। ସାଧକ ବିଶେଷ ସାବଧାନତାର ସହିତ ଏଥିରୁ ମୁକ୍ତି ପାଇବା ଉଚିତ।

(୪୯) 'ପରାଂ ଶାନ୍ତିମ୍' ଓ 'ଶାଶ୍ୱତଂ ସ୍ଥାନଂ' (୧୮।୬୨)—ସଂସାରରୁ ସର୍ବଥା ଉପରତିକୁ **'ପରାଂ ଶାନ୍ତିମ୍'** ପଦଗୁଡ଼ିକରେ ଓ ପରମଧାମକୁ **'ଶାଶ୍ୱତଂ ସ୍ଥାନମ୍'** ପଦଗୁଡ଼ିକରେ କୁହାଯାଇଛି। ତାତ୍ପର୍ଯ୍ୟ ହେଲା ଯେ ପରମାତ୍ମାଙ୍କ ଶରଣାଗତ ହୋଇଗଲେ ଭଗବତ୍‌କୃପାରେ ସଂସାରରୁ ସର୍ବଥା ଉପରତି ଓ ପରମାତ୍ମାଙ୍କ ପ୍ରାପ୍ତି ହୋଇଯାଏ।

୮୮. ଗୀତାରେ ବ୍ୟବହୃତ ପୁନରୁକ୍ତ ସମାନାର୍ଥକ ବାକ୍ୟଗୁଡ଼ିକର ତାତ୍ପର୍ଯ୍ୟ

ପୁନରୁକ୍ତାନି ବାକ୍ୟାନି ସମାନାର୍ଥାନି କୁତ୍ରଚିତ୍ ।
ଅତ୍ର ତେଷାଂ ଚ ତାତ୍ପର୍ଯ୍ୟଂ କଥ୍ୟତେ ଭାବପୂର୍ବକମ୍ ॥

(୧) 'ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା' (୨ । ୪୮); 'ସମଃ ସିଦ୍ଧାବସିଦ୍ଧୌ ଚ' (୪ । ୨୨); ଏବଂ 'ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ' (୧୮ । ୨୬)—ଏହି ତିନୋଟି ବାକ୍ୟ ସମାନାର୍ଥକ, ତଥାପି ଏଗୁଡ଼ିକ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ଅଛି । ପ୍ରଥମ ଦୁଇଟି ବାକ୍ୟ କର୍ମଯୋଗୀ ସାଧକ ପାଇଁ ଏବଂ ଶେଷ ବାକ୍ୟଟି ସାଂଖ୍ୟଯୋଗୀ ସାଧକ ପାଇଁ ଉଦ୍ଦିଷ୍ଟ । 'ମୋତେ କର୍ମର ସିଦ୍ଧି ଓ ଅସିଦ୍ଧିରେ, ପୂର୍ତ୍ତି ଓ ଅପୂର୍ତ୍ତିରେ ସମ ରହିବାକୁ ହେବ'—ଏହି ଭାବ ରଖି କର୍ମଯୋଗୀ ସାଧକ କର୍ତ୍ତବ୍ୟକର୍ମ କରିଥାଏ (୨ । ୪୮) । ଏପରି ଭାବରେ କର୍ମ କଲେ ସେ ସିଦ୍ଧି ଓ ଅସିଦ୍ଧିରେ ସ୍ୱତଃ ସମ ହୋଇଯାଏ (୪ । ୨୨) । ସାଂଖ୍ୟଯୋଗୀ ସାଧକ ସମସ୍ତ ବିକାରଗୁଡ଼ିକୁ ନିଜ ଭିତରେ ସ୍ଥିତ ବୋଲି ନ ମାନି ପ୍ରକୃତିରେ ସ୍ଥିତ ବୋଲି ମାନିଥାଏ । ତେଣୁ ସେ ସିଦ୍ଧି ଓ ଅସିଦ୍ଧିରେ ସ୍ୱତଃ ନିର୍ବିକାର ରହେ । ତାତ୍ପର୍ଯ୍ୟ ହେଲା ଯେ ସିଦ୍ଧି ଓ ଅସିଦ୍ଧିରେ ସମ କୁହ ବା ନିର୍ବିକାର କୁହ, ଏକା କଥା । ସିଦ୍ଧି-ଅସିଦ୍ଧିରେ ସମ ଓ ନିର୍ବିକାର ହେବାପରେ ଉଭୟଙ୍କୁ ତତ୍ତ୍ୱପ୍ରାପ୍ତି ହୋଇଯାଏ (୫ । ୫) ।

(୨) 'ବୀତରାଗଭୟକ୍ରୋଧଃ' (୨ । ୫୬); 'ବୀତରାଗଭୟକ୍ରୋଧାଃ' (୪ । ୧୦); ଓ 'ବିଗତେଚ୍ଛାଭୟକ୍ରୋଧଃ' (୫ । ୨୮)—ଏହି ତିନୋଟି ବାକ୍ୟ ଯଥାକ୍ରମେ କର୍ମଯୋଗ, ଭକ୍ତିଯୋଗ ଓ ଧ୍ୟାନଯୋଗରେ କଥିତ । କର୍ମଯୋଗ, ଭକ୍ତିଯୋଗ, ଧ୍ୟାନଯୋଗ ଆଦି ଯେକୌଣସି ଯୋଗ (ସାଧନା) ହେଉ ନା କାହିଁକି, ତାହାଦ୍ୱାରା ସାଧକର ସାଂସାରିକ ରାଗ (ଆସକ୍ତି), ଇଚ୍ଛା, ଭୟ, କ୍ରୋଧ ଆଦି ବୃତ୍ତିଗୁଡ଼ିକ ରହନ୍ତି ନାହିଁ । କାରଣ ଏହି ରାଗ ଇତ୍ୟାଦି ବୃତ୍ତିଗୁଡ଼ିକ ସଂସାର ସହିତ ସମ୍ବନ୍ଧ ମାନିଲେ ହିଁ ଉତ୍ପନ୍ନ ହୁଅନ୍ତି । ପ୍ରକୃତରେ ଏସବୁ ସାଧକର ସ୍ୱରୂପରେ ନ ଥାନ୍ତି । ସେଥିପାଇଁ ସଂସାରଠାରୁ ସମ୍ବନ୍ଧ ଛିନ୍ନ ହେବାମାତ୍ରେ ଏସବୁ ନଷ୍ଟ ହୋଇଯାଆନ୍ତି ଏବଂ ସ୍ୱତଃସିଦ୍ଧ ନିର୍ବିକାରତାର ଅନୁଭବ ହୁଏ । ଅତଏବ ସାଧକ ଯେକୌଣସି ମାର୍ଗର ଅନୁସରଣକାରୀ ହୋଇଥାଉ ପଛେ, ତା'ଠାରେ ନିର୍ବିକାରତା ଆସିବା ଉଚିତ ।

(୩) 'ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା' (୩ । ୩୦); 'ବ୍ରହ୍ମଣ୍ୟାଧାୟ କର୍ମାଣି' (୫ । ୧୦); 'ଯେ ତୁ ସର୍ବାଣି କର୍ମାଣି ମୟି ସନ୍ନ୍ୟସ୍ୟ' (୧୨ । ୬); 'ଚେତସା ସର୍ବକର୍ମାଣି ମୟି ସନ୍ନ୍ୟସ୍ୟ' (୧୮ । ୫୭) ଓ 'ସର୍ବକର୍ମାଣି ମନସା ସନ୍ନ୍ୟସ୍ୟାସ୍ତେ' (୫ । ୧୩)—ପ୍ରଥମ ଚାରୋଟି ବାକ୍ୟ ଭକ୍ତିଯୋଗରେ ଓ ଶେଷ ବାକ୍ୟଟି ଜ୍ଞାନଯୋଗରେ କଥିତ । ଭକ୍ତିଯୋଗରେ ସମସ୍ତ କର୍ମ ଭଗବାନଙ୍କ ଠାରେ ଅର୍ପଣ କରାଯାଇଥାଏ ଓ ଜ୍ଞାନଯୋଗରେ ସମସ୍ତ କର୍ମ ଶରୀର(ପ୍ରକୃତି)ଠାରେ ଅର୍ପଣ କରାଯାଇଥାଏ । ପ୍ରକୃତରେ କୌଣସି ଯୋଗରେ ବି କର୍ମର ନିଜ (ସାଧକ) ସହିତ ସମ୍ବନ୍ଧ ନ ଥାଏ । କର୍ମଗୁଡ଼ିକର ନିଜ (ସାଧକ) ସହିତ ସମ୍ବନ୍ଧ ହେଲେ ଭୋଗ ହୋଇଥାଏ, ଯୋଗ ହୁଏ ନାହିଁ । ସାଧକ ପାଇଁ ଯୋଗ ଆବଶ୍ୟକ, ଭୋଗ ନୁହେଁ ।

(୪) 'ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ' (୩ । ୨୭); 'ଗୁଣା ଗୁଣେଷୁ ବର୍ତ୍ତନ୍ତେ' (୩ । ୨୮); 'ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତେ' (୫ । ୯); 'ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ' (୧୩ । ୨୯); 'ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରମ୍' (୧୪ । ୧୯); 'ଗୁଣା ବର୍ତ୍ତନ୍ତ ଇତ୍ୟେବ' (୧୪ । ୨୩)—ଏହି ଶ୍ଳୋକଗୁଡ଼ିକର ସାର ମର୍ମ ହେଲା—ପ୍ରକୃତି ଦ୍ୱାରା ସମସ୍ତ କର୍ମ ହୁଏ ବୋଲି କୁହାଯାଉ ବା ଗୁଣଗୁଡ଼ିକ ଦ୍ୱାରା ସମସ୍ତ କର୍ମ ହୁଏ ବୋଲି କୁହାଯାଉ ଅଥବା ଗୁଣଗୁଡ଼ିକର କାର୍ଯ୍ୟ ଇନ୍ଦ୍ରିୟମାନଙ୍କ ଦ୍ୱାରା ସମସ୍ତ କର୍ମ ହୁଏ ବୋଲି କୁହାଯାଉ, ପ୍ରତ୍ୟେକର ଅର୍ଥ ସମାନ । ପ୍ରକୃତି ହିଁ ସବୁକିଛି କରେ, ପୁରୁଷ (ଚେତନ) କିଛି କରେ ନାହିଁ । କ୍ରିୟାମାତ୍ରକେ ପ୍ରକୃତିରେ ହିଁ ହୁଏ । ପୁରୁଷ ସର୍ବଥା ଅକ୍ରିୟ ଅଟେ । ଅତଏବ ସାଧକକୁ ନିଜ ଅକ୍ରିୟ ସ୍ୱରୂପର ବୋଧ ହେବା ଆବଶ୍ୟକ ।

(୫) 'ସ ମେ ଯୁକ୍ତତମୋ ମତଃ' (୬ । ୪୭)

ଓ **'ତେ ମେ ଯୁକ୍ତତମା ମତାଃ** (୧୨।୨)—ଏହି ଦୁଇଟି ଉକ୍ତିରେ କେବଳ ଏକବଚନ ଓ ବହୁବଚନର ପାର୍ଥକ୍ୟ ଅଛି, ଶବ୍ଦଗୁଡ଼ିକରେ ପାର୍ଥକ୍ୟ ନାହିଁ। ପ୍ରଥମଟି (୬।୪୭)ରେ ଅର୍ଜୁନ ନ ପଚାରିଥିଲେ ମଧ୍ୟ ଭଗବାନ କହିଛନ୍ତି ଯେ ଯୋଗୀମାନଙ୍କ ମଧ୍ୟରେ ଭକ୍ତିଯୋଗୀ ଯୁକ୍ତତମ (ଶ୍ରେଷ୍ଠ) ଅଟେ ଏବଂ ଦ୍ୱିତୀୟଟି (୧୨।୨)ରେ ଅର୍ଜୁନ ପଚାରିବାରୁ କହିଛନ୍ତି ଯେ ଜ୍ଞାନଯୋଗୀ ଓ ଭକ୍ତିଯୋଗୀ—ଏ ଦୁହିଙ୍କ ମଧ୍ୟରେ ଭକ୍ତିଯୋଗୀ ଯୁକ୍ତତମ ଅଟେ। ତାତ୍ପର୍ଯ୍ୟ ହେଲା ଯେ ନିଜର ଜିଜ୍ଞାସା ବିନା ଯେଉଁ କଥା ଶୁଣାଯାଏ, ତାହା ଧରି ହୁଏ ନାହିଁ। କିନ୍ତୁ ନିଜର ଜିଜ୍ଞାସା ହେବା ପରେ ଯେଉଁ କଥା ଶୁଣାଯାଏ ସେହି କଥା ଦୃଢ଼ଭାବରେ ଧାରଣ କରି ହୁଏ। ଯେପରି ପ୍ରଥମ ବାକ୍ୟାଂଶରେ ଭଗବାନ ଭକ୍ତିଯୋଗୀକୁ ସମସ୍ତ ଯୋଗୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି କହିଥିଲେ ମଧ୍ୟ ଅର୍ଜୁନ ସେ କଥାକୁ ଧରିପାରି ନ ଥିଲେ। ତେଣୁ ସେ (୧୨।୧ରେ) ଏହି ବିଷୟରେ ପ୍ରଶ୍ନ କଲେ। ଅର୍ଜୁନ ପ୍ରଶ୍ନ କରିବାପରେ ଭଗବାନ ସେହି କଥାକୁ ଆଉଥରେ କହିବା ଦ୍ୱାରା ଅର୍ଜୁନ କଥାଟିକୁ ଠିକ୍‌ଭାବରେ ବୁଝିଗଲେ। ତା'ପରେ ଅର୍ଜୁନ ପୁନର୍ବାର ସେ ବିଷୟରେ ପ୍ରଶ୍ନ କରି ନାହାନ୍ତି।

(୬) **'ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ'** (୮।୨୧) ଓ **'ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ'** (୧୫।୬)—ଯଦ୍ୟପି **'ଯଂ ପ୍ରାପ୍ୟ'** ଓ **'ଯଦ୍‌ଗତ୍ୱା'** ଏହି ଦୁଇଟି ପଦର ଅର୍ଥ ସମାନ, କାରଣ **'ପ୍ରାପ୍ୟ' (ଆପ୍‌ଲୃ ବ୍ୟାପ୍ତୌ)**ର ଅର୍ଥ ମଧ୍ୟ ପ୍ରାପ୍ତହେବା ଏବଂ **'ଗତ୍ୱା' (ଗମ୍‌ଲୃ ଗତୌ)**ର ଅର୍ଥ ମଧ୍ୟ ପ୍ରାପ୍ତ ହେବା, ତଥାପି ପ୍ରଥମ ବାକ୍ୟରେ ସଗୁଣନିରାକାର ପରମାତ୍ମାଙ୍କ ସ୍ୱରୂପର ବର୍ଣ୍ଣନା ଅଛି, ଯାହାର ବିନାଶ ସମସ୍ତ ପ୍ରାଣୀଙ୍କର ବିନାଶ ହେଲେ ମଧ୍ୟ ହୁଏ ନାହିଁ। ସେ ସର୍ବତ୍ର ବ୍ୟାପକ ଓ ଅପରୋକ୍ଷ ଭଳି ଅନୁଭୂତ ହୁଅନ୍ତି। ତେଣୁ ତାଙ୍କୁ ପ୍ରାପ୍ତ ହେବା କଥା କୁହାଯାଇଛି। କିନ୍ତୁ ଦ୍ୱିତୀୟ ବାକ୍ୟରେ ବୈକୁଣ୍ଠଲୋକ, ଗୋଲୋକ, ସାକେତଲୋକ ଆଦି ଧାମର ପ୍ରାଧାନ୍ୟକୁ ନେଇ ବର୍ଣ୍ଣନା ହୋଇଛି, ଯାହାକୁ ସୂର୍ଯ୍ୟାଦି ମଧ୍ୟ ପ୍ରକାଶିତ କରି ପାରନ୍ତି ନାହିଁ। ସେହି ଧାମଟି ଦୂର ଓ ପରୋକ୍ଷ ଭଳି ଅନୁଭୂତ ହୁଏ। ତେଣୁ ସେଠାକୁ ଯିବା କଥା କୁହାଯାଇଛି। ପ୍ରକୃତରେ ପରମାତ୍ମାଙ୍କ ସ୍ୱରୂପ ଓ ପରମାତ୍ମାଙ୍କ ଧାମ—ଉଭୟେ ତତ୍ତ୍ୱତଃ ସମାନ।

(୭) **'ଉଦାସୀନବଦାସୀନମ୍'** (୯।୯) ଓ **'ଉଦାସୀନବଦାସୀନଃ'** (୧୪।୨୩)—ଭଗବାନ ପ୍ରାଣୀମାନଙ୍କ ସ୍ୱଭାବ ଅନୁସାରେ ସୃଷ୍ଟିରଚନା କରନ୍ତି, କିନ୍ତୁ ସେ ସେହି ସୃଷ୍ଟିରଚନାରୂପକ କର୍ମରେ ଲିପ୍ତ ହୁଅନ୍ତି ନାହିଁ, ବରଂ ଉଦାସୀନଭଳି ରହନ୍ତି (୯।୯)। ସେହିପରି ଗୁଣାତୀତ ମହାପୁରୁଷ ମଧ୍ୟ ଉଦାସୀନ ଭଳି ରହନ୍ତି, କାରଣ ସେ ଗୁଣମାନଙ୍କର ବୃତ୍ତି ଆଦି ଦ୍ୱାରା କେବେ କିଞ୍ଚିନ୍ମାତ୍ର ମଧ୍ୟ ବିଚଳିତ ହୁଅନ୍ତି ନାହିଁ (୧୪।୨୩)।

(୮) **'ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ'** (୧୦।୨୦) ଓ **'ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ'** (୧୦।୩୨)—ଦଶମ ଅଧ୍ୟାୟରେ ଭଗବାନ ତାଙ୍କୁ ଚିନ୍ତନ କରିବା ପାଇଁ ତାଙ୍କ ବିଭୂତିଗୁଡ଼ିକର ବର୍ଣ୍ଣନା କରିଛନ୍ତି। ଅତଏବ ପ୍ରଥମ ବାକ୍ୟର ତାତ୍ପର୍ଯ୍ୟ ହେଲା ଯେ ଯଦି ସାଧକର ଦୃଷ୍ଟି ପ୍ରାଣୀମାନଙ୍କ ଆଡ଼କୁ ଚାଲିଯାଏ, ତେବେ ସେ ସେଠାରେ ଚିନ୍ତନ କରୁ ଯେ ସମସ୍ତ ପ୍ରାଣୀଙ୍କର ଆଦି, ମଧ୍ୟ ଓ ଅନ୍ତରେ ଭଗବାନ ହିଁ ବିଦ୍ୟମାନ। ଦ୍ୱିତୀୟ ବାକ୍ୟର ଅର୍ଥ ହେଲା ଯେ ଯଦି ସାଧକର ଦୃଷ୍ଟି ସର୍ଗ (ସୃଷ୍ଟି) ଆଡ଼କୁ ଚାଲିଯାଏ, ତେବେ ମଧ୍ୟ ସେ ଏଭଳି ଚିନ୍ତନ କରୁ ଯେ ଅନନ୍ତ ସୃଷ୍ଟିର ଆଦି, ମଧ୍ୟ ଓ ଅନ୍ତରେ ଭଗବାନ ହିଁ ବିଦ୍ୟମାନ।

(୯) **'ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍'** (୧୩।୧୬) ଓ **'ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍'** (୧୮।୨୦)—ପ୍ରଥମ ବାକ୍ୟରେ ଜ୍ଞେୟତତ୍ତ୍ୱ ଅର୍ଥାତ୍ ବାସ୍ତବିକ ବୋଧର ଓ ଦ୍ୱିତୀୟ ବାକ୍ୟରେ ସାତ୍ତ୍ୱିକ ଜ୍ଞାନର ବର୍ଣ୍ଣନା ଅଛି। ସାଧକ ପାଇଁ ସାତ୍ତ୍ୱିକ ଜ୍ଞାନ ଉପାଦେୟ ଓ ରାଜସ-ତାମସ ଜ୍ଞାନ ତ୍ୟାଜ୍ୟ ଅଟେ। ବାସ୍ତବିକ ବୋଧ ସାତ୍ତ୍ୱିକ ଜ୍ଞାନଠାରୁ ମଧ୍ୟ ଉଚ୍ଚ ଅର୍ଥାତ୍ ତାହା ସାତ୍ତ୍ୱିକ ଜ୍ଞାନ ଦ୍ୱାରା ପ୍ରାପଣୀୟ। ସେହି ବାସ୍ତବିକ ବୋଧ ହିଁ ସାତ୍ତ୍ୱିକ ଜ୍ଞାନ (ବିବେକ) ରୂପରେ ପ୍ରକଟିତ ହୁଏ।

ଯେପରି ସିଦ୍ଧମହାପୁରୁଷ ଓ ଉଚ୍ଚ ସାଧକର ଲକ୍ଷଣ ମଧ୍ୟରେ ପାର୍ଥକ୍ୟ ଜାଣିବା କଠିନ, ସେହିପରି ବାସ୍ତବିକ ବୋଧ ଓ ସାତ୍ତ୍ୱିକ ଜ୍ଞାନ ମଧ୍ୟରେ ପାର୍ଥକ୍ୟ ଜାଣିବା ମଧ୍ୟ କଠିନ। ତଥାପି ବାସ୍ତବିକ ବୋଧ କରଣନିରପେକ୍ଷ ଓ ଗୁଣାତୀତ ହୋଇଥିବା ସ୍ଥଳେ ସାତ୍ତ୍ୱିକ ଜ୍ଞାନ କରଣସାପେକ୍ଷ ହୋଇଥାଏ।

(୧୦) 'ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍' (୧୩ । ୨୭) ଓ 'ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ' (୧୮ । ୨୦)—ପ୍ରଥମ ବାକ୍ୟରେ ଜ୍ଞାନଯୋଗୀର ଦୃଷ୍ଟିକୋଣ ବର୍ଣ୍ଣିତ ଓ ଦ୍ୱିତୀୟ ବାକ୍ୟରେ ସାତ୍ତ୍ୱିକ ଜ୍ଞାନ ବର୍ଣ୍ଣିତ । ସର୍ବତ୍ର ପରମାତ୍ମାଙ୍କୁ ଦେଖିବା ଦ୍ୱାରା ସାଧକ ପରମାତ୍ମାଙ୍କୁ ପାଇଯାଏ ଓ ସାତ୍ତ୍ୱିକ ଜ୍ଞାନରେ ସ୍ଥିତ ରହିବା ଦ୍ୱାରା ସାଧକ ଗୁଣାତୀତ ହୋଇଯାଏ । ତାତ୍ପର୍ଯ୍ୟ ହେଲା ଯେ ପରିଣାମରେ ଉଭୟ ଉପାୟ ଦ୍ୱାରା ପରମାତ୍ମତତ୍ତ୍ୱର ପ୍ରାପ୍ତି ହୋଇଯାଏ ।*

୮୯. ଗୀତାରେ ଥିବା ବିପରୀତ କ୍ରମର ତାତ୍ପର୍ଯ୍ୟ

ପୂର୍ବଂ ଯଥାକ୍ରମଂ ପ୍ରୋକ୍ତଂ ପଶ୍ଚାନ୍ନ ସ୍ୟାଉଥାକ୍ରମମ୍ ।
ବିପରୀତକ୍ରମସ୍ୟାପି ତାତ୍ପର୍ଯ୍ୟଂ କଥ୍ୟତେଽଧୁନା ॥

(୧) ପ୍ରଥମ ଅଧ୍ୟାୟର ୨୬ଶ ଶ୍ଲୋକରେ **'ପିତୃନଥ ପିତାମହାନ୍ । ଆଚାର୍ଯ୍ୟାନ୍................'** କହି ସର୍ବପ୍ରଥମେ ପିତା ଓ ପିତାମହମାନଙ୍କର ଓ ତା'ପରେ ଆଚାର୍ଯ୍ୟମାନଙ୍କର ନାମ ଉଲ୍ଲେଖ କରାଯାଇଛି । ପୁଣି ୩୪ଶ ଶ୍ଲୋକରେ **'ଆଚାର୍ଯ୍ୟାଃ ପିତରଃ ପୁତ୍ରାଃ......'** କହି ସର୍ବପ୍ରଥମେ ଆଚାର୍ଯ୍ୟମାନଙ୍କର ଓ ତା'ପରେ ପିତା ଆଦିଙ୍କର ନାମ ଉଲ୍ଲେଖ କରାଯାଇଛି । ଏପରି ବିପରୀତ କ୍ରମ ରଖାଯାଇଛି କାହିଁକି?

ଗୋଟିଏ ହେଉଛି ମୋହ-ମମତାର ସମ୍ବନ୍ଧ ଓ ଆଉ ଗୋଟିଏ ହେଉଛି ଧର୍ମଗତ ସମ୍ବନ୍ଧ । ଯେଉଁଠି ମୋହ-ମମତାର ସମ୍ବନ୍ଧ ଥାଏ, ସେଠାରେ ପିତା ଆଦି କୁଟୁମ୍ବ ପ୍ରଥମେ ମନେପଡ଼ନ୍ତି; ଏବଂ ଯେଉଁଠି ଧର୍ମଗତ ସମ୍ବନ୍ଧ ଥାଏ, ସେଠାରେ ଆଚାର୍ଯ୍ୟ ଆଦି ପ୍ରଥମେ ମନେପଡ଼ନ୍ତି, ପିତା ପ୍ରଭୃତି କୁଟୁମ୍ବଙ୍କ କଥା ପଛେ ମନେପଡ଼େ । ଯେତେବେଳେ ଅର୍ଜୁନଙ୍କ ଠାରେ କୌଟୁମ୍ବିକ ମୋହ-ମମତାର ପ୍ରାଧାନ୍ୟ ଦେଖାଦେଇଛି, ସେତେବେଳେ ତାଙ୍କର ଦୃଷ୍ଟି ସର୍ବପ୍ରଥମେ ପିତାଙ୍କ ଆଡ଼କୁ ଯାଇଛି, ଏବଂ ଯେତେବେଳେ ତାଙ୍କଠାରେ ଧର୍ମର ପ୍ରାଧାନ୍ୟ ଦେଖାଦେଇଛି, ସେତେବେଳେ ତାଙ୍କର ଦୃଷ୍ଟି ସର୍ବପ୍ରଥମେ ଆଚାର୍ଯ୍ୟଙ୍କ ଆଡ଼କୁ ଯାଇଛି ।

(୨) ଦ୍ୱିତୀୟ ଅଧ୍ୟାୟର ୪ର୍ଥ ଶ୍ଲୋକରେ ଅର୍ଜୁନ ସର୍ବପ୍ରଥମେ ପିତାମହ ଭୀଷ୍ମଙ୍କର ଓ ପରେ ଆଚାର୍ଯ୍ୟ ଦ୍ରୋଣଙ୍କର ନାମ କହିଛନ୍ତି—**'କଥଂ ଭୀଷ୍ମମହଂ ସଂଖ୍ୟେ ଦ୍ରୋଣଂ ଚ'** । କିନ୍ତୁ ଏକାଦଶ ଅଧ୍ୟାୟର ୩୪ଶ ଶ୍ଲୋକରେ ଭଗବାନ ସର୍ବପ୍ରଥମେ ଦ୍ରୋଣଙ୍କର ଓ ପରେ ଭୀଷ୍ମଙ୍କର ନାମ କହିଛନ୍ତି—**ଦ୍ରୋଣଂ ଚ ଭୀଷ୍ମଂ ଚ'** । ଏହି ବିପରୀତ କ୍ରମ ରହିଛି କାହିଁକି?

ଭୀଷ୍ମଙ୍କ ସହିତ ଅର୍ଜୁନଙ୍କର କୌଟୁମ୍ବିକ ସମ୍ବନ୍ଧ ଥିଲା । ଭୀଷ୍ମ ବାଲବ୍ରହ୍ମଚାରୀ ଥିଲେ । ସେ ଶାସ୍ତ୍ର ଓ ଧର୍ମତତ୍ତ୍ୱର ଜ୍ଞାତା ଓ ପ୍ରତ୍ୟେକଙ୍କର ଆଦରଣୀୟ ଥିଲେ । ଭଗବାନ ମହାଭାରତରେ ଭୀଷ୍ମଙ୍କୁ ଶାସ୍ତ୍ରଜ୍ଞାନର ସୂର୍ଯ୍ୟ ବୋଲି କହିଛନ୍ତି । ଏହିରୂପେ ଭୀଷ୍ମ ଅଧିକ ଆଦରଣୀୟ ଓ ପୂଜନୀୟ ହୋଇଥିବାରୁ ଅର୍ଜୁନ ସର୍ବପ୍ରଥମେ ତାଙ୍କର ନାମୋଚ୍ଚାରଣ କରିଛନ୍ତି । ଆଚାର୍ଯ୍ୟ ଦ୍ରୋଣ ଅର୍ଜୁନଙ୍କର ବିଦ୍ୟାଗୁରୁ ଥିଲେ । ଅର୍ଜୁନଙ୍କ ମନରେ ଗୁରୁଜନମାନଙ୍କୁ ମାରିବାଜନିତ ପାପର ଭୟ ଥିଲା । ସେଥିପାଇଁ ଭଗବାନ ପ୍ରଥମେ ଆଚାର୍ଯ୍ୟ ଦ୍ରୋଣଙ୍କର ନାମ କହି ଅର୍ଜୁନଙ୍କୁ ଜଣାଇବାକୁ ଚାହାନ୍ତି ଯେ, ଯିଏ ତୁମକୁ ଅସ୍ତ୍ରଶସ୍ତ୍ର ବିଦ୍ୟା ଶିଖାଇ ଅଛନ୍ତି, ତାଙ୍କୁ କ୍ଷାତ୍ରଧର୍ମ ଦୃଷ୍ଟିରୁ ମାରିଦେଲେ ମଧ୍ୟ ତୁମକୁ ପାପ ଲାଗିବ ନାହିଁ । କାରଣ ମୋ ଦ୍ୱାରା ନିହତ ହୋଇଥିବା ଏହି ଦ୍ରୋଣ ଆଦିଙ୍କୁ ମାରିଲେ ତୁମ ଦ୍ୱାରା ପ୍ରାପ୍ତ କର୍ତ୍ତବ୍ୟର ପାଳନମାତ୍ର ହେବ ।

(୩) କର୍ମଯୋଗ ଓ ଭକ୍ତିଯୋଗରେ **'ନିର୍ମମୋ ନିରହଙ୍କାରଃ'** (୨ । ୭୧; ୧୨ । ୧୩) କହି ପ୍ରଥମେ ମମତ୍ୱର ଓ ପରେ ଅହଂଭାବର ତ୍ୟାଗ କଥା କୁହାଯାଇଛି; ଏବଂ ଜ୍ଞାନଯୋଗରେ **'ଅହଙ୍କାରଂ...... ବିମୁଚ୍ୟ ନିର୍ମମଃ'** (୧୮ । ୫୩) କହି ପ୍ରଥମେ ଅହଂଭାବର ଓ ପରେ ମମତ୍ୱର ତ୍ୟାଗ କଥା କୁହାଯାଇଛି । ଏପରି ବିପରୀତ

* ଗୀତାରେ 'ବଳଂ ଭୀଷ୍ମାଭିରକ୍ଷିତମ୍' ଓ 'ବଳଂ ଭୀମାଭିରକ୍ଷିତମ୍' (୧ । ୧୦); 'ପ୍ରଭବନ୍ତ୍ୟହରାଗମେ' ଓ 'ପ୍ରଲୀୟନ୍ତ୍ୟହରାଗମେ' (୮ । ୧୮–୧୯) ଆଦି ପୁନରୁକ୍ତ ସମାନାର୍ଥକ ବାକ୍ୟ ମଧ୍ୟ ରହିଛି, କିନ୍ତୁ ଏଗୁଡ଼ିକରେ କୌଣସି ବିଶେଷ ଆଲୋଚ୍ୟ ବିଷୟ ନ ଥିବାରୁ ଏଗୁଡ଼ିକ ଉପରେ ଏଠାରେ ଆଲୋଚନା କରାଗଲା ନାହିଁ ।

କ୍ରମ କାହିଁକି ରଖାଯାଇଛି?

କର୍ମଯୋଗରେ ପଦାର୍ଥଗୁଡ଼ିକୁ ଓ କର୍ମଫଳର କାମନାକୁ ତ୍ୟାଗ କରିବା ମୁଖ୍ୟ। କାମନା ତ୍ୟାଗ କରିବାକୁ ହେଲେ ସଂସାରଠାରୁ ନିର୍ମମ (ମମତ୍ୱଶୂନ୍ୟ) ହେବା ଆବଶ୍ୟକ। ମମତ୍ୱ ନ ରହିଲେ ଅହଂଭାବ ମଧ୍ୟ ରହେ ନାହିଁ, କାରଣ ଅହଂଭାବ ସହିତ ମମତ୍ୱ ଥାଏ। ଭକ୍ତିଯୋଗରେ ଭକ୍ତ ପଦାର୍ଥ, ବ୍ୟକ୍ତି ଆଦି ସମସ୍ତଙ୍କୁ ଭଗବାନଙ୍କ ନିକଟରେ ଅର୍ପଣ କରିଦିଏ, ସେମାନଙ୍କୁ ଭଗବାନଙ୍କର ମନେକରେ; ତେଣୁ ତାହାର କୌଣସି ପଦାର୍ଥ, ବ୍ୟକ୍ତି ଆଦି ପ୍ରତି ମମତ୍ୱ ରହେ ନାହିଁ। ମମତ୍ୱ ନ ରହିଲେ ଅହଂଭାବ ମଧ୍ୟ ରହେ ନାହିଁ। ଏହି କାରଣରୁ କର୍ମଯୋଗ ଓ ଭକ୍ତିଯୋଗରେ ପ୍ରଥମେ ମମତ୍ୱ ଓ ପରେ ଅହଂଭାବକୁ ତ୍ୟାଗ କରିବା କଥା କୁହାଯାଇଛି।

ଜ୍ଞାନଯୋଗରେ ସତ୍ ଓ ଅସତ୍, ନିତ୍ୟ ଓ ଅନିତ୍ୟ ସମ୍ବନ୍ଧୀୟ ବିବେକ ମୁଖ୍ୟ। 'ମୁଁ ଅଛି'—ଏଥିରେ 'ମୁଁ-ଭାବ' (ଅହଂଭାବ) ହେଉଛି ପ୍ରକୃତିର କାର୍ଯ୍ୟ (୧୩।୫) ଓ 'ଅଛି' ହେଉଛି ପରମାତ୍ମାଙ୍କର ଅଂଶ (୧୫।୭)। 'ମୁଁ-ଭାବ' ନିଜର ସ୍ୱରୂପରେ ଆରୋପିତ ହୋଇଛି, ପ୍ରକୃତରେ ତାହା ନାହିଁ। ଏହିରୂପେ ବିବେକ ଦ୍ୱାରା ନିଜ ସ୍ୱରୂପରେ ସ୍ଥିତ ହୋଇଥିବାରୁ ଅହଂଭାବ ଦୂର ହୋଇଯାଏ। ଅହଂଭାବ ଦୂର ହେଲେ ମମତ୍ୱ ସ୍ୱତଃ ଦୂର ହୋଇଯାଏ। ଏଥିପାଇଁ ଜ୍ଞାନଯୋଗରେ ପ୍ରଥମେ ଅହଂଭାବକୁ ଓ ତା'ପରେ ମମତ୍ୱକୁ ଛାଡ଼ିବା ପାଇଁ କୁହାଯାଇଛି।

(୪) ତୃତୀୟ ଅଧ୍ୟାୟର ୩୦ଶ ଶ୍ଳୋକରେ ଏବଂ ପଞ୍ଚମ ଅଧ୍ୟାୟର ୧୦ମ ଶ୍ଳୋକରେ ଭଗବାନ ପ୍ରଥମେ କର୍ମକୁ ଅର୍ପଣ କରି ତା'ପରେ କର୍ମ କରିବାକୁ ଆଦେଶ ଦେଇଛନ୍ତି; ଏବଂ ନବମ ଅଧ୍ୟାୟର ୨୭ଶ ଶ୍ଳୋକରେ ପ୍ରଥମେ କର୍ମ କରି ତା'ପରେ କର୍ମକୁ ଅର୍ପଣ କରିବାକୁ ଆଦେଶ ଦେଇଛନ୍ତି। ଏହି ବିପରୀତ କ୍ରମ ରହିଛି କାହିଁକି?

ଭକ୍ତିଯୋଗରେ ଭଗବାନଙ୍କ ସହିତ ସମ୍ବନ୍ଧ ଯୋଡ଼ିବାର ଦୁଇଟି ଉପାୟ ଅଛି—(୧) ଭକ୍ତମାନେ କର୍ମଗୁଡ଼ିକୁ ଭଗବାନଙ୍କ ନିକଟରେ ଅର୍ପଣ କରି କରି ନିଜେ ଭଗବାନଙ୍କ ନିକଟରେ ଅର୍ପିତ ହୋଇଯାଆନ୍ତି, ଭଗବାନଙ୍କ ସହିତ ଆତ୍ମୀୟତା କରିନିଅନ୍ତି। ଭଗବାନଙ୍କ ନିକଟରେ ଅର୍ପିତ ହୋଇଯିବା ପରେ ତାଙ୍କ ଦ୍ୱାରା ସ୍ୱତଃ ଭଗବାନଙ୍କ ପ୍ରସନ୍ନତା ପାଇଁ କର୍ମ ହୁଏ। (୨) ଭକ୍ତମାନେ ପ୍ରଥମେ ନିଜେ ଭଗବାନଙ୍କ ନିକଟରେ ଅର୍ପିତ ହୋଇଯାଆନ୍ତି। ଭଗବାନଙ୍କ ନିକଟରେ ଅର୍ପିତ ହେବା ପରେ ତାଙ୍କ ଦ୍ୱାରା ଯେଉଁ କର୍ମ ହୁଏ, ସେସବୁ ସ୍ୱତଃ ଭଗବାନଙ୍କ ନିକଟରେ ଅର୍ପିତ ହୋଇଯାଏ।

ତାତ୍ପର୍ଯ୍ୟ ହେଲା ଯେ ଯେଉଁମାନଙ୍କର କର୍ମ କରିବାରେ ପ୍ରବୃତ୍ତି ବେଶୀ, ସେମାନେ କର୍ମ କରି କରି ଭଗବାନଙ୍କ ନିକଟରେ ଅର୍ପିତ ହୋଇଯାଆନ୍ତି ଏବଂ ଯେଉଁମାନଙ୍କର ଭଗବତ୍‌ପରାୟଣ ରହିବାର ରୁଚି ବେଶୀ, ସେମାନେ ଆରମ୍ଭରୁ ହିଁ ଭଗବାନଙ୍କ ନିକଟରେ ଅର୍ପିତ ହୋଇଯାଇ ଥାଆନ୍ତି।

(୫) ଦଶମ ଅଧ୍ୟାୟର ୭ମ ଶ୍ଳୋକରେ ଭଗବାନ **'ଏତାଂ ବିଭୂତିଂ ଯୋଗଂ ଚ'** ପଦଗୁଡ଼ିକରେ ବିଭୂତିକୁ ପ୍ରଥମେ ଓ ଯୋଗକୁ ପରେ କହିଛନ୍ତି। ମାତ୍ର ସେହି ଅଧ୍ୟାୟର ୧୮ଶ ଶ୍ଳୋକରେ ଅର୍ଜୁନ **'ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ'** ପଦଗୁଡ଼ିକରେ ଯୋଗକୁ ପ୍ରଥମେ ଏବଂ ବିଭୂତିକୁ ପରେ କହିଛନ୍ତି। ଏପରି ବିପରୀତ କ୍ରମ କାହିଁକି?

ବ୍ୟକ୍ତି ପ୍ରଥମେ ଭଗବାନଙ୍କର ବିଭୂତି ଓ ବିଶେଷତ୍ୱଗୁଡ଼ିକୁ ଦେଖେ, ତା'ପରେ ସେ ଭଗବାନଙ୍କ ପ୍ରତି ଆକୃଷ୍ଟ ହୁଏ। ଭଗବାନଙ୍କ ଯୋଗ(ସାମର୍ଥ୍ୟ)କୁ ସେ କେବଳ ମାନି ନେଇଥାଏ। ଏହି କାରଣରୁ ଭଗବାନ ସର୍ବପ୍ରଥମେ ବିଭୂତି କଥା କହିଛନ୍ତି। ମାତ୍ର ଅର୍ଜୁନ ପ୍ରଥମେ ଭଗବାନଙ୍କ ଯୋଗ (ସାମର୍ଥ୍ୟ, ପ୍ରଭାବ) ବିଷୟରେ ଶୁଣି ହିଁ ପ୍ରଭାବିତ ହୋଇଥିଲେ ଓ ସେ **'ପରଂ ବ୍ରହ୍ମ ପରଂ ଧାମ.....'** (୧୦।୧୨) ଆଦି ପଦରେ ଭଗବାନଙ୍କ ସ୍ତୁତି ମଧ୍ୟ କରିଥିଲେ। ସେଥିପାଇଁ ସେ ସର୍ବପ୍ରଥମେ ଯୋଗର କଥା ପଚାରିଛନ୍ତି।

(୬) ତ୍ରୟୋଦଶ ଅଧ୍ୟାୟର ୧୯ଶ ଶ୍ଳୋକରେ ଭଗବାନ ପ୍ରଥମେ ପ୍ରକୃତିର ଓ ତା'ପରେ ପୁରୁଷର ନାମ ଉଲ୍ଲେଖ କରିଛନ୍ତି—**'ପ୍ରକୃତିଂ ପୁରୁଷଂ ଚୈବ'**; ଏବଂ ୨୩ଶ ଶ୍ଳୋକରେ ପ୍ରଥମେ ପୁରୁଷର ଓ ପରେ ପ୍ରକୃତିର ନାମ ଉଲ୍ଲେଖ କରିଛନ୍ତି—**'ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ'**। ଏହି ବିପରୀତ କ୍ରମ କାହିଁକି?

ତ୍ରୟୋଦଶ ଅଧ୍ୟାୟର ୧୯ଶ ଠାରୁ ୨୧ଶ ଶ୍ଳୋକପର୍ଯ୍ୟନ୍ତ ବନ୍ଧନର ବିଷୟ ଓ ୨୩ଶ ଶ୍ଳୋକରେ ବୋଧର ବିଷୟ ବର୍ଣ୍ଣିତ। ବନ୍ଧନରେ ପ୍ରକୃତିର ପ୍ରାଧାନ୍ୟ ଥିବାରୁ ୧୯ଶ ଶ୍ଳୋକରେ ପ୍ରଥମେ ପ୍ରକୃତିର ଓ ପରେ ପୁରୁଷର କଥା କୁହାଗଲା। ବୋଧରେ ପୁରୁଷର ପ୍ରାଧାନ୍ୟ ଥିବାରୁ ୨୩ଶ ଶ୍ଳୋକରେ ପ୍ରଥମେ ପୁରୁଷର ଓ ପରେ ପ୍ରକୃତିର କଥା କୁହାଗଲା। ତାତ୍ପର୍ଯ୍ୟ ହେଲା ଯେ ପ୍ରକୃତି ଓ ପୁରୁଷର ଭିନ୍ନତା ସମ୍ବନ୍ଧୀୟ ବିବେକ

ହେବାବେଳେ ପ୍ରଥମେ ପ୍ରକୃତି ବା ବନ୍ଧନ ସମ୍ବନ୍ଧରେ ଜ୍ଞାନ ହୁଏ, ଯାହାଫଳରେ ପ୍ରକୃତି (ବନ୍ଧନ) ନିବୃତ୍ତ ହୋଇଯାଏ; ତେଣୁ ପ୍ରକୃତି କଥା ପ୍ରଥମେ କୁହାଗଲା। ଜନ୍ମମରଣରୁ ମୁକ୍ତ ହେବାରେ ବା ବୋଧ ହେବାରେ ପୁରୁଷ ସମ୍ବନ୍ଧୀୟ ଜ୍ଞାନ ହିଁ ମୁଖ୍ୟ, କାରଣ ପୁରୁଷର କେବେହେଲେ ଜନ୍ମମରଣ ହୁଏ ନାହିଁ; ତେଣୁ ପୁରୁଷ କଥା ପ୍ରଥମେ କୁହାଗଲା।

(୭) ତ୍ରୟୋଦଶ ଅଧ୍ୟାୟର ୩୧ଶ ଶ୍ଳୋକରେ **'ନ କରୋତି ନ ଲିପ୍ୟତେ'** ଅର୍ଥାତ୍ କରେ ନାହିଁ କି ଲିପ୍ତ ହୁଏ ନାହିଁ—ଏପରି କହି ଭଗବାନ ପ୍ରଥମେ କର୍ତ୍ତୃତ୍ୱବିହୀନତା ଓ ତା'ପରେ ଭୋକ୍ତୃତ୍ୱବିହୀନତାର ଉଲ୍ଲେଖ କରିଛନ୍ତି। କିନ୍ତୁ ଏହି ଦୁଇଟିକୁ ବୁଝାଇବା ପାଇଁ ୩୨ଶ ଓ ୩୩ଶ ଶ୍ଳୋକରେ ପ୍ରଥମେ ଭୋକ୍ତୃତ୍ୱର ଓ ତା'ପରେ କର୍ତ୍ତୃତ୍ୱର ଉଦାହରଣ ଦେଇଛନ୍ତି। ଏହି ବିପରୀତ କ୍ରମ ରହିଛି କାହିଁକି?

କର୍ତ୍ତୃତ୍ୱ ପରେ ହିଁ ଭୋକ୍ତୃତ୍ୱ ଆସେ ଅର୍ଥାତ୍ କର୍ମ କରିବାପରେ ହିଁ ସେହି କର୍ମର ଫଳଭୋଗ ହୁଏ। ଏହି ଦୃଷ୍ଟିରୁ ଭଗବାନ ୩୧ଶ ଶ୍ଳୋକରେ ପ୍ରଥମେ କର୍ତ୍ତୃତ୍ୱର ଓ ତା'ପରେ ଭୋକ୍ତୃତ୍ୱର ନିଷେଧ କଲେ। କିନ୍ତୁ ସାଧାରଣତଃ ମନୁଷ୍ୟ ଯାହା କିଛି କରେ, ପ୍ରଥମେ ମନରେ କୌଣସି ଫଳେଚ୍ଛା ବା ଉଦ୍ଦେଶ୍ୟ ରଖି ହିଁ କରିଥାଏ। ତା' ମନରେ ପ୍ରଥମେ ଲିପ୍ତତା (ଭୋଗ ଓ ସଂଗ୍ରହର ଇଚ୍ଛା) ଅର୍ଥାତ୍ ଭୋକ୍ତୃତ୍ୱ ଆସେ ଏବଂ ତା'ପରେ କର୍ତ୍ତୃତ୍ୱ ଆସେ ଅର୍ଥାତ୍ ସେ କର୍ମ କରିବାକୁ ଲାଗେ। ସେଥିପାଇଁ ଭଗବାନ ପ୍ରଥମ ଉଦାହରଣରେ ଭୋକ୍ତୃତ୍ୱର ଓ ଦ୍ୱିତୀୟ ଉଦାହରଣରେ କର୍ତ୍ତୃତ୍ୱର ନିଷେଧ କରିଛନ୍ତି। କାରଣ ଭୋକ୍ତୃତ୍ୱ ବା ଫଳେଚ୍ଛା ସର୍ବଥା ବର୍ଜିତ ହୋଇଗଲେ କ୍ରିୟା କଲେ ମଧ୍ୟ କର୍ତ୍ତୃତ୍ୱ ଆସେ ନାହିଁ।

(୮) ଚତୁର୍ଦ୍ଦଶ ଅଧ୍ୟାୟର ୮ମ ଶ୍ଳୋକରେ ଭଗବାନ **'ପ୍ରମାଦାଳସ୍ୟନିଦ୍ରାଭିଃ'** ପଦରେ ପ୍ରମାଦକୁ ସର୍ବପ୍ରଥମେ ଓ ନିଦ୍ରାକୁ ସର୍ବଶେଷରେ କହିଲେ; ଏବଂ ଅଷ୍ଟାଦଶ ଅଧ୍ୟାୟର ୩୯ଶ ଶ୍ଳୋକରେ ଭଗବାନ **'ନିଦ୍ରାଳସ୍ୟପ୍ରମାଦୋତ୍ଥମ୍'** ପଦରେ ନିଦ୍ରାକୁ ସର୍ବପ୍ରଥମେ ଓ ପ୍ରମାଦକୁ ସର୍ବଶେଷରେ କହିଲେ। ଏହି ବିପରୀତ କ୍ରମ ରଖାଯାଇଛି କାହିଁକି?

ଚତୁର୍ଦ୍ଦଶ ଅଧ୍ୟାୟର ୮ମ ଶ୍ଳୋକରେ ବନ୍ଧନର ପ୍ରକରଣ ଆଲୋଚିତ ହୋଇଛି। ତେଣୁ ଭଗବାନ ସର୍ବପ୍ରଥମେ ପ୍ରମାଦ କଥା କହିଲେ। କାରଣ ପ୍ରମାଦ ଦ୍ୱାରା ଯେତେ ବନ୍ଧନ ହୁଏ, ଆଳସ୍ୟ ଦ୍ୱାରା ସେତେ ହୁଏ ନାହିଁ ଏବଂ ଆଳସ୍ୟ ଦ୍ୱାରା ଯେତେ ବନ୍ଧନ ହୁଏ, ନିଦ୍ରା ଦ୍ୱାରା ସେତେ ହୁଏ ନାହିଁ। ସବୁଠୁ ଅଧିକ ବନ୍ଧନ ପ୍ରମାଦରୁ ହୋଇଥାଏ, ତା'ଠାରୁ କମ୍ ଆଳସ୍ୟରୁ ଓ ତା'ଠାରୁ କମ୍ ଅତିନିଦ୍ରାରୁ ହୋଇଥାଏ। ମାତ୍ର ଅଷ୍ଟାଦଶ ଅଧ୍ୟାୟର ୩୯ଶ ଶ୍ଳୋକରେ ସୁଖର ପ୍ରକରଣ ଆଲୋଚିତ ହୋଇଛି; ତେଣୁ ନିଦ୍ରାକୁ ସର୍ବପ୍ରଥମେ ଉଲ୍ଲେଖ କରାଯାଇଛି। କାରଣ ଆବଶ୍ୟକ ନିଦ୍ରା ଦ୍ୱାରା ଶରୀର ହାଲୁକା ଲାଗେ, ବୃତ୍ତିମାନ ସ୍ୱଚ୍ଛ ହୁଅନ୍ତି, ଯାହା କି ଲେଖାପଢ଼ା ଆଦିରେ ସହାୟକ ହୋଇଥାଏ। ଅତଏବ ଆବଶ୍ୟକ ନିଦ୍ରାର ସୁଖ ସେତେ ତ୍ୟାଜ୍ୟ ନୁହେଁ। ଏହାଠାରୁ ବେଶୀ ତ୍ୟାଜ୍ୟ ହେଲା ଆଳସ୍ୟର ସୁଖ ଏବଂ ଆଳସ୍ୟଠାରୁ ବେଶୀ ତ୍ୟାଜ୍ୟ ହେଲା ପ୍ରମାଦର ସୁଖ। ଏହିରୂପେ ଚତୁର୍ଦ୍ଦଶ ଅଧ୍ୟାୟର ୮ମ ଶ୍ଳୋକରେ ପ୍ରମାଦକୁ ଆରମ୍ଭରେ ଓ ଅଷ୍ଟାଦଶ ଅଧ୍ୟାୟର ୩୯ଶ ଶ୍ଳୋକରେ ପ୍ରମାଦକୁ ଶେଷରେ ଉଲ୍ଲେଖ କରିବା ଦ୍ୱାରା ପ୍ରମାଦ ହିଁ ସର୍ବାଧିକ ବନ୍ଧନର କାରଣ ବୋଲି ପ୍ରମାଣିତ ହେଉଛି। ମହାଭାରତରେ ମଧ୍ୟ ପ୍ରମାଦକୁ ମୃତ୍ୟୁ କୁହାଯାଇଛି— **'ପ୍ରମାଦଂ ବୈ ମୃତ୍ୟୁମହଂ ବ୍ରବୀମି'** (ଉଦ୍ୟୋଗ. ୪୨।୪)।

(୯) ତ୍ରୟୋଦଶ ଓ ଚତୁର୍ଦ୍ଦଶ ଅଧ୍ୟାୟ ହେଉଛି ଜ୍ଞାନ ବିଷୟକ। ତ୍ରୟୋଦଶ ଅଧ୍ୟାୟ ପ୍ରକୃତିଠାରୁ ସମ୍ବନ୍ଧ ଛିନ୍ନ କରିବା ପାଇଁ ଓ ଚତୁର୍ଦ୍ଦଶ ଅଧ୍ୟାୟ ପ୍ରକୃତିର କାର୍ଯ୍ୟ ଗୁଣଠାରୁ ସମ୍ବନ୍ଧ ଛିନ୍ନ କରିବା ପାଇଁ ଉଦ୍ଦିଷ୍ଟ। ଏହି ଦୁଇ ଅଧ୍ୟାୟର ଆରମ୍ଭର ବର୍ଣ୍ଣନାକୁ ଦେଖିଲେ ଜଣାଯାଏ ଯେ ତ୍ରୟୋଦଶ ଅଧ୍ୟାୟର ଆରମ୍ଭରେ କ୍ଷେତ୍ର ଓ କ୍ଷେତ୍ରଜ୍ଞର ଏବଂ ଚତୁର୍ଦ୍ଦଶ ଅଧ୍ୟାୟର ଆରମ୍ଭରେ ମହଦ୍‌ବ୍ରହ୍ମ (ମୂଳ ପ୍ରକୃତି) ଓ ପରମାତ୍ମାଙ୍କର ବର୍ଣ୍ଣନା ଅଛି। ପ୍ରକୃତରେ ଏହାର ବିପରୀତ କ୍ରମ ରହିବା କଥା। ତ୍ରୟୋଦଶ ଅଧ୍ୟାୟର ଆରମ୍ଭରେ ମୂଳପ୍ରକୃତି ଓ ପରମାତ୍ମାଙ୍କର ବର୍ଣ୍ଣନା ହେବା କଥା ଏବଂ ତା'ପରେ ଚତୁର୍ଦ୍ଦଶ ଅଧ୍ୟାୟର ଆରମ୍ଭରେ ପ୍ରକୃତିର କ୍ଷୁଦ୍ର ଅଂଶ କ୍ଷେତ୍ରର ଓ ପରମାତ୍ମାଙ୍କ ଅଂଶ କ୍ଷେତ୍ରଜ୍ଞର ବର୍ଣ୍ଣନା ହେବା କଥା। ମାତ୍ର ଏଭଳି କ୍ରମ ନ ରଖିବାର ତାତ୍ପର୍ଯ୍ୟ ହେଲା ଯେ ତତ୍ତ୍ୱ ଦୃଷ୍ଟିରୁ କ୍ଷେତ୍ର ଓ ମହଦ୍‌ବ୍ରହ୍ମ ଅଭିନ୍ନ ତଥା କ୍ଷେତ୍ରଜ୍ଞ ଓ ପରମାତ୍ମା ଅଭିନ୍ନ। ଅତଏବ କ୍ଷେତ୍ର ଓ ମହଦ୍‌ବ୍ରହ୍ମ ମଧ୍ୟରେ ତଥା କ୍ଷେତ୍ରଜ୍ଞ ଓ ପରମାତ୍ମାଙ୍କ ମଧ୍ୟରେ ପାର୍ଥକ୍ୟ ନାହିଁ ବୋଲି ପ୍ରମାଣିତ କରିବାକୁ ଭଗବାନ ଏପରି ବର୍ଣ୍ଣନା କରିଛନ୍ତି।

(୧୦) ଅଷ୍ଟାଦଶ ଅଧ୍ୟାୟର ୧ମ ଶ୍ଳୋକରେ

ଅର୍ଜୁନ ପ୍ରଥମେ ସନ୍ୟାସର ଓ ପରେ ତ୍ୟାଗର ତତ୍ତ୍ୱ ଜାଣିବା ପାଇଁ ପ୍ରଶ୍ନ କରିଛନ୍ତି, କିନ୍ତୁ ଉତ୍ତରରେ ଭଗବାନ ପ୍ରଥମେ ତ୍ୟାଗର ବିଷୟ କହିବା ଆରମ୍ଭ କଲେ। ଏହି ବିପରୀତ କ୍ରମ କାହିଁକି?

ଅଷ୍ଟାଦଶ ଅଧ୍ୟାୟର ପୂର୍ବରୁ ଭଗବାନ 'ସନ୍ୟାସ' ଶବ୍ଦ କର୍ମଯୋଗ (୪।୪୧), ଜ୍ଞାନଯୋଗ (୫।୧୩) ଓ ଭକ୍ତିଯୋଗ (୯।୨୮; ୧୨।୬)ରେ ପ୍ରୟୋଗ କରିଛନ୍ତି ଏବଂ 'ତ୍ୟାଗ' ଶବ୍ଦ କର୍ମଯୋଗରେ ପ୍ରୟୋଗ କରିଛନ୍ତି (୨।୪୮; ୪।୨୦; ୫।୧୧ ଇତ୍ୟାଦି)। ଅର୍ଜୁନ ସନ୍ୟାସ ଓ ତ୍ୟାଗ—ଉଭୟର ତତ୍ତ୍ୱ ଜାଣିବାକୁ ଚାହିଁଥିଲେ, କିନ୍ତୁ ତିନୋଟିଯାକ ଯୋଗରେ 'ସନ୍ୟାସ' ପଦ ଥିବାରୁ ସନ୍ୟାସର ତତ୍ତ୍ୱ ଜାଣିବା ଅର୍ଜୁନଙ୍କ ପକ୍ଷରେ ଜଟିଳ ହୋଇପଡ଼ିଲା। ତାତ୍ପର୍ଯ୍ୟ ହେଲା ଯେ ଅର୍ଜୁନଙ୍କ ମନରେ ସନ୍ୟାସ ବିଷୟରେ ଯେତେ ବେଶୀ ସନ୍ଦେହ ଥିଲା, ସେତିକି ତ୍ୟାଗ ବିଷୟରେ ନ ଥିଲା। ଅର୍ଜୁନ ସନ୍ୟାସର ତତ୍ତ୍ୱକୁ ମୁଖ୍ୟଭାବରେ ଜାଣିବାକୁ ଚାହୁଁଥିଲେ ଏବଂ ତ୍ୟାଗର ତତ୍ତ୍ୱକୁ ଗୌଣଭାବରେ ଜାଣିବାକୁ ଚାହୁଁଥିଲେ। ତେଣୁ ଭଗବାନ 'ସୂଚୀକଟାହନ୍ୟାୟ'*ରେ ପ୍ରଥମେ ତ୍ୟାଗର ବର୍ଣ୍ଣନା କଲେ, କାରଣ ତ୍ୟାଗ ବିଷୟରେ ଭଗବାନଙ୍କୁ ଅଳ୍ପକିଛି କହିବାର ଥିଲା; ଏବଂ ପରେ ସନ୍ୟାସର ବର୍ଣ୍ଣନା କଲେ, କାରଣ ଅର୍ଜୁନଙ୍କର ସନ୍ୟାସବିଷୟକ ସନ୍ଦେହ ଦୂର କରିବା ପାଇଁ ଭଗବାନଙ୍କୁ ବହୁତ କଥା କହିବାର ଥିଲା।

(୧୧) ଗୀତାରେ (୭।୧୨; ୧୪।୫–୧୮, ୨୨ ଇତ୍ୟାଦି) ସବୁଠାରେ ତିନୋଟି ଗୁଣକୁ 'ସାତ୍ତ୍ୱିକ, ରାଜସ ଓ ତାମସ' ଏଭଳି କ୍ରମରେ ରଖାଯାଇଛି, କିନ୍ତୁ ଅଷ୍ଟାଦଶ ଅଧ୍ୟାୟର ୭ମ ଶ୍ଳୋକରୁ ୯ମ ଶ୍ଳୋକଯାଏ 'ତାମସ, ରାଜସ, ସାତ୍ତ୍ୱିକ' ଏଭଳି ବିପରୀତ କ୍ରମ ଅଛି କାହିଁକି?

ଏହାର କାରଣ ହେଲା—(୧) ଯଦି ଭଗବାନ ଅଷ୍ଟାଦଶ ଅଧ୍ୟାୟର ୬ଷ୍ଠ ଶ୍ଳୋକ ପରେ ୭ମ ଶ୍ଳୋକରେ ସାତ୍ତ୍ୱିକ ତ୍ୟାଗର ବର୍ଣ୍ଣନା କରିଥାନ୍ତେ, ତେବେ ଭଗବାନଙ୍କ ନିଶ୍ଚିତ ମତ ଓ ସାତ୍ତ୍ୱିକ ତ୍ୟାଗର ବର୍ଣ୍ଣନାରେ ପୁନରୁକ୍ତିଦୋଷ ଆସିଯାଇଥାନ୍ତା; କାରଣ ଭଗବାନଙ୍କର ନିଶ୍ଚିତ ମତ ଓ ସାତ୍ତ୍ୱିକ ତ୍ୟାଗ ଏକା କଥା। (୨) କୌଣସି ବସ୍ତୁର ଉତ୍ତମତା ଓ ଶ୍ରେଷ୍ଠତା ସେତେବେଳେ ସିଦ୍ଧ ହୁଏ, ଯେତେବେଳେ ସେହି ବସ୍ତୁର ବର୍ଣ୍ଣନା ପୂର୍ବରୁ ଅନୁତ୍ତମ ଓ ନିକୃଷ୍ଟ ବସ୍ତୁର ବର୍ଣ୍ଣନା କରାଯାଏ। ଅତଏବ ସାତ୍ତ୍ୱିକ ତ୍ୟାଗର ଉତ୍ତମତା ସିଦ୍ଧ କରିବା ପାଇଁ ଭଗବାନ ପ୍ରଥମେ ଅନୁତ୍ତମ ତାମସ ଓ ରାଜସ ତ୍ୟାଗର ବର୍ଣ୍ଣନା କରିଛନ୍ତି। (୩) ପରେ ସେହି ଅଧ୍ୟାୟର ୧୦ମ ରୁ ୧୨ଶ ଶ୍ଳୋକଯାଏ ସାତ୍ତ୍ୱିକ ତ୍ୟାଗୀର ବର୍ଣ୍ଣନା ହୋଇଛି। ଯଦି ସାତ୍ତ୍ୱିକ ତ୍ୟାଗର ବର୍ଣ୍ଣନା ସାତ୍ତ୍ୱିକ ତ୍ୟାଗୀର ଠିକ୍ ପୂର୍ବରୁ (୯ମ ଶ୍ଳୋକରେ) ନ କରି ପୂର୍ବକ୍ରମରେ କରିଥାନ୍ତେ, ତେବେ ତାମସ ତ୍ୟାଗ ପାଖରେ ରହି ଯାଇଥିଲେ ସାତ୍ତ୍ୱିକ ତ୍ୟାଗୀ ସମ୍ବନ୍ଧୀୟ ଶ୍ଳୋକଗୁଡ଼ିକର ୯ମ ଶ୍ଳୋକ ସହିତ ସମ୍ବନ୍ଧ ଯୋଡ଼ି ହୋଇ ନ ଥାନ୍ତା। ଏହି ସବୁ କାରଣରୁ ଭଗବାନ ଏଠାରେ ଗୁଣଗୁଡ଼ିକୁ ବିପରୀତ କ୍ରମରେ ରଖିଛନ୍ତି।

୯୦. ଗୀତାରେ ବ୍ୟବହୃତ 'ମତଃ' ପଦର ତାତ୍ପର୍ଯ୍ୟ

'ମତ' ଏତତ୍ପଦୈଃ କୃଷ୍ଣୋ ମହିମାନଂ ସ୍ୱମବ୍ରବୀତ୍।
ତେଷାଂ ପ୍ରୋକ୍ତଂ ଚ ତାତ୍ପର୍ଯ୍ୟଂ ଭାବଗାମ୍ଭୀର୍ଯ୍ୟପୂର୍ବକମ୍॥

ସବୁରି ମୂଳରେ ପରମାତ୍ମା ବିଦ୍ୟମାନ। ପରମାତ୍ମାଙ୍କ ଛଡ଼ା ଅନ୍ୟ କୌଣସି କାରଣ (ମୂଳତତ୍ତ୍ୱ) ନାହିଁ ଏବଂ ହେବା ସମ୍ଭବ ମଧ୍ୟ ନୁହେଁ। ସୃଷ୍ଟିର ରଚନା, ପ୍ରଳୟ ଆଦି କାର୍ଯ୍ୟ କରିବାରେ ପରମାତ୍ମା କାହାରି ସାହାଯ୍ୟ ନିଅନ୍ତି ନାହିଁ, କାରଣ ସେ ସର୍ବଦା ଓ ସର୍ବଥା ସମର୍ଥ ଓ ସ୍ୱତନ୍ତ୍ର ଅଟନ୍ତି। ସେ ସବୁକିଛି କରିବାରେ ଅଥବା ନ କରିବାରେ ତଥା ଓଲଟପାଲଟ କରିବାରେ ସର୍ବଥା ସ୍ୱତନ୍ତ୍ର। ସଂସାରରେ ଯାହା କିଛି ପ୍ରଭାବ ଦେଖିବାକୁ ମିଳେ, ସେସବୁ

* କେହି ଜଣେ କମାର ପାଖକୁ ଯାଇ ଗୋଟିଏ କଡେଇ ତିଆରି କରିବାକୁ ଲୁହା ଦେଲା। କମାର କଡେଇ ତିଆରି କରିବା ବେଳକୁ ଆଉ ଜଣେ ଛୁଞ୍ଚି ତିଆରି କରିବାକୁ ଅଳ୍ପ ଟିକିଏ ଲୁହା ଧରି କମାର ପାଖକୁ ଆସିଲା। କମାର କଡେଇ ତିଆରି କାମକୁ ବନ୍ଦ ରଖି ଛୁଞ୍ଚି ତିଆରି କରିବାର ଛୋଟ କାମଟିକୁ ଆଗ କରିଦେଲା—ଏହାକୁ 'ସୂଚୀକଟାହନ୍ୟାୟ' କୁହାଯାଏ।

ପରମାତ୍ମାଙ୍କର; ବସ୍ତୁ, ବ୍ୟକ୍ତି ଆଦିର ନୁହେଁ। ରାବଣ ହନୁମାନଙ୍କୁ ପଚାରିଲା—'ରେ ବାନର! ତୁ କାହାର ଦୂତ? କାହା ବଳରେ ତୁ ବଗିଚାକୁ ଧ୍ୱଂସ କଲୁ?' ଉତ୍ତରରେ ହନୁମାନ କହିଲେ—'ଯାହାଙ୍କର ଶକ୍ତି ଦ୍ୱାରା ତୁମେ ଚର ଓ ଅଚରକୁ ଜିଣିପାରିଛ, ସମସ୍ତଙ୍କୁ ନିଜ ଅଧୀନରେ ରଖିଛ, ମୁଁ ତାଙ୍କରି ଦୂତ।' ହିରଣ୍ୟକଶିପୁ ପ୍ରହ୍ଲାଦଙ୍କୁ ପଚାରିଲା—'ତୁ ଯାହାର ନାମ ଧରୁଛୁ, ସେ କିଏ?' ଉତ୍ତରରେ ପ୍ରହ୍ଲାଦ କହିଲେ—'ବାପା! ଯାହାଙ୍କ ଶକ୍ତି ଦ୍ୱାରା ଆପଣ ଦେବ, ଦାନବ ପ୍ରଭୃତି ସମସ୍ତଙ୍କ ଉପରେ ବିଜୟ ଲାଭ କରିଛନ୍ତି, ମୁଁ ତାଙ୍କରି ନାମ ଜପ କରୁଛି।' ତାତ୍ପର୍ଯ୍ୟ ଏହି ଯେ ସମସ୍ତଙ୍କ ଠାରେ ସେହି ପରମାତ୍ମାଙ୍କର ଶକ୍ତି ହିଁ ବିଦ୍ୟମାନ। ତାଙ୍କ ଛଡ଼ା ଅନ୍ୟ କେହି ଏଭଳି ସ୍ୱତନ୍ତ୍ର ଶକ୍ତିଶାଳୀ ନାହାନ୍ତି। ଏହି କଥାର ବର୍ଣ୍ଣନା ଭଗବାନ ଗୀତାରେ '**ମତ୍ତଃ**' ପଦରେ କରିଛନ୍ତି। ଯଥା—

'ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି' (୭।୭)

''ମୋ ଛଡ଼ା ଏହି ସଂସାରର ଅନ୍ୟ କୌଣସି କାରଣ ନାହିଁ।''

'ମତ୍ତ ଏବେତି ତାନ୍ ବିଦ୍ଧି' (୭।୧୨)

''ଏହି ସାତ୍ତ୍ୱିକ, ରାଜସ ଓ ତାମସ ଭାବ ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି।''

'ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ' (୧୦।୫)

''ପ୍ରାଣୀମାନଙ୍କର ବୁଦ୍ଧି, ଜ୍ଞାନ, ଅସମ୍ମୋହ ଆଦି ସବୁ ଭାବ ମୋ'ଠାରୁ ହିଁ ସୃଷ୍ଟି ହୁଅନ୍ତି।''

'ମତ୍ତଃ ସର୍ବଂ ପ୍ରବର୍ତ୍ତତେ' (୧୦।୮)

''ଏ ସମଗ୍ର ସଂସାର ମୋ'ଠାରୁ ହିଁ ସବୁ ପ୍ରକାର ଚେଷ୍ଟା କରୁଛି।''

'ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ' (୧୫।୧୫)

''ସ୍ମୃତି, ଜ୍ଞାନ ଆଦି ମୋ'ଠାରୁ ହିଁ ଜାତ ହୁଅନ୍ତି।''

ତାତ୍ପର୍ଯ୍ୟ ଏହି ଯେ ସଂସାର ମଧ୍ୟରେ ଯାହାକିଛି ଭଲ-ମନ୍ଦ, ସୁଖ-ଦୁଃଖ ଆଦି ଅଛି, ସବୁଥିରେ ଭଗବାନଙ୍କର ହିଁ ପ୍ରଭାବ ଓ ଶକ୍ତି ରହିଛି। ସେସବୁ ଭଗବାନଙ୍କ ଠାରୁ ହିଁ ଉତ୍ପନ୍ନ ହୁଅନ୍ତି, ଭଗବାନଙ୍କ ଠାରେ ହିଁ ରହନ୍ତି ଓ ଭଗବାନଙ୍କ ଠାରେ ହିଁ ଲୀନ ହୁଅନ୍ତି। 'କରିବା' ଓ 'ହେବା' ଭିନ୍ନ ଭିନ୍ନ। ମନୁଷ୍ୟ କର୍ମ 'କରେ' ଓ ତାହାର ଫଳ 'ହୁଏ'। 'କରିବା' ମନୁଷ୍ୟ ହାତର କଥା ଓ 'ହେବା' ଭଗବାନଙ୍କ ହାତର କଥା। ଅତଏବ କରିବାରେ ସାବଧାନ ଓ ହେବାରେ ପ୍ରସନ୍ନ ରହିବା ଉଚିତ।

୯୧. ଗୀତାରେ ବ୍ୟବହୃତ 'ଅବଶଃ' ପଦର ତାତ୍ପର୍ଯ୍ୟ

ସମ୍ବନ୍ଧଃ ପ୍ରକୃତେର୍ଯୋବତାବଜ୍ଜୀବୋଽବଶୋ ଭବେତ୍।
ପ୍ରକୃତେର୍ବିଶତାତ୍ୟାଗେ ଜୀବସ୍ତୁ ସ୍ୱବଶସ୍ତଦା॥

ଶରୀର, ଇନ୍ଦ୍ରିୟ ଆଦିରୁ ସୁଖ ପାଇବାର ଯେଉଁ ଅଭ୍ୟାସ ହୋଇଯାଇଛି, ତାହାକୁ ସ୍ୱଭାବ କହନ୍ତି। ଏହି ସ୍ୱଭାବର ପରବଶ, ଅବଶ ବା ଅଧୀନ ହୋଇଥିବା ପ୍ରାଣୀମାନଙ୍କ ଦ୍ୱାରା ପ୍ରକୃତିଜନିତ ଗୁଣଗୁଡ଼ିକ କର୍ମ କରାନ୍ତି—**'କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ'** (୩।୫)। ଏହା ସ୍ୱଭାବର ଅବଶତା ଅଟେ।

ଶ୍ରୀମାନ୍‌ମାନଙ୍କ ଘରେ ଜନ୍ମ ନେଇଥିବା ଯୋଗଭ୍ରଷ୍ଟ ପୁରୁଷ ଭୋଗର ପ୍ରାଚୁର୍ଯ୍ୟ କାରଣରୁ ଭୋଗର ପରବଶ ହୋଇଯାଏ, ଭୋଗ ଆଡ଼କୁ ଆକର୍ଷିତ ହୋଇଯାଏ। ଭୋଗପରବଶ ହେଲେ ମଧ୍ୟ ପୂର୍ବଜନ୍ମକୃତ ଅଭ୍ୟାସ କାରଣରୁ ସେ ପୁନଃ ସାଧନା ଆଡ଼କୁ ଟାଣି ହୋଇଯାଏ—**'ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ'** (୬।୪୪)। ଏହା ଭୋଗର ଅବଶତା ଅଟେ।

ଏକ ହଜାର ଚତୁର୍ଯୁଗୀ ବିତିଗଲା ପରେ ଯେତେବେଳେ ବ୍ରହ୍ମାଙ୍କର ରାତ୍ରି ଆରମ୍ଭ ହୁଏ, ସେତେବେଳେ ପ୍ରଳୟ ହୋଇଥାଏ। ସେହି ପ୍ରଳୟରେ ପ୍ରକୃତିର, ଗୁଣମାନଙ୍କର କିଂବା ସ୍ୱଭାବର ପରବଶ ହୋଇଥିବା ଜୀବମାନେ ବ୍ରହ୍ମାଙ୍କ ସୂକ୍ଷ୍ମଶରୀରରେ ଲୀନ ହୁଅନ୍ତି। ପୁଣି ଯେତେବେଳେ ବ୍ରହ୍ମାଙ୍କର ଦିନ ଆରମ୍ଭ ହୋଇଯାଏ, ସେତେବେଳେ ସର୍ଗ ହୁଏ। ସେହି ସର୍ଗରେ ସମସ୍ତ ପରବଶ ଜୀବ ବ୍ରହ୍ମାଙ୍କ ସୂକ୍ଷ୍ମଶରୀରରୁ ଉତ୍ପନ୍ନ ହୁଅନ୍ତି—**'ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ'** (୮।୧୯)। ଏହା ପ୍ରଳୟ ଓ ସର୍ଗର ଅବଶତା।

ବ୍ରହ୍ମାଙ୍କର ଶହେବର୍ଷ ପୂରିଗଲେ ଯେତେବେଳେ ମହାପ୍ରଳୟ ହୁଏ, ସେତେବେଳେ ସମସ୍ତ ଜୀବ ପ୍ରକୃତିରେ ଲୀନ ହୋଇଯାଆନ୍ତି। ଯେତେବେଳେ ପ୍ରକୃତିରେ ଲୀନ

ହୋଇଥିବା ସେହି ଜୀବମାନଙ୍କର କର୍ମ ପରିପକ୍ୱ ହୁଏ, ସେତେବେଳେ ଭଗବାନ ପ୍ରକୃତିକୁ ନିଜର ଅଧୀନ କରି ମହାସର୍ଗର ଆରମ୍ଭରେ ସେହି ପରବଶ ହୋଇଥିବା ଜୀବମାନଙ୍କୁ ସୃଷ୍ଟି କରନ୍ତି—**'ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍'** (୯।୮)। ଏହା ମହାପ୍ରଳୟ ଓ ମହାସର୍ଗର ଅବଶତା ଅଟେ।

ପୂର୍ବ କର୍ମାନୁସାରେ ଜୀବ ଯେଉଁ ବର୍ଣ୍ଣରେ ଜନ୍ମଲାଭ କରିଛି ଓ ସେଠାରେ ମାତାପିତାଙ୍କର ରଜବୀର୍ଯ୍ୟ ଅନୁସାରେ ତାହାର ଯେପରି ସ୍ୱଭାବ ହୋଇଛି, ସେ ସେହି ସ୍ୱଭାବର ପରବଶ ହୋଇ ରହେ ଓ ସେହି ଅନୁସାରେ ହିଁ କର୍ମ କରିବାକୁ ବାଧ୍ୟ ହୋଇଥାଏ—**'କର୍ତ୍ତୁଂ ନେଚ୍ଛସି ଯନ୍ମୋହାତ୍ କରିଷ୍ୟସ୍ୟବଶୋଽପି ତତ୍'** (୧୮।୬୦)। ଏହା ହେଲା ସ୍ୱଭାବର ଅବଶତା।

ସ୍ୱଭାବ ବୃତ୍ତିଗୁଡ଼ିକ ଦ୍ୱାରା ଗଠିତ ହୁଏ, ବୃତ୍ତି ଗୁଣଠାରୁ ଓ ଗୁଣ ପ୍ରକୃତିଠାରୁ ଉତ୍ପନ୍ନ ହୁଅନ୍ତି। ଅତଏବ ସ୍ୱଭାବର ପରବଶ କୁହ ବା ଗୁଣର ପରବଶ କୁହ ଅଥବା ପ୍ରକୃତିର ପରବଶ କୁହ, ଏକା କଥା। ପ୍ରକୃତରେ ସବୁରି ମୂଳରେ ପ୍ରକୃତିଜନିତ ପଦାର୍ଥଗୁଡ଼ିକର ପରବଶତା ହିଁ ରହିଛି। ଏହି ପରବଶତାଠାରୁ ସମସ୍ତ ପରବଶତା ଜନ୍ମନିଏ। ଅତଏବ ପ୍ରକୃତିଜନିତ ପଦାର୍ଥଗୁଡ଼ିକର ପରବଶତାକୁ ହିଁ କେଉଁଠି କାଳର, କେଉଁଠି ସ୍ୱଭାବର, କେଉଁଠି କର୍ମର ଓ କେଉଁଠି ଗୁଣର ପରବଶତା କୁହାଯାଇଛି।

ତାତ୍ପର୍ଯ୍ୟ ହେଲା ଯେ ଜୀବ ଯେପର୍ଯ୍ୟନ୍ତ ପ୍ରକୃତି ଓ ତାହାର ଗୁଣମାନଙ୍କରୁ ଅତୀତ ହୋଇ ନାହିଁ, ପରମାତ୍ମାଙ୍କୁ ପ୍ରାପ୍ତ କରି ନାହିଁ, ଭଗବାନଙ୍କର ଶରଣ ନେଇ ନାହିଁ, ସେପର୍ଯ୍ୟନ୍ତ ସେ ଗୁଣ, କାଳ, ଭୋଗ ଓ ସ୍ୱଭାବର ଅବଶ (ପରବଶ) ହୋଇ ରହିଥାଏ; ଅର୍ଥାତ୍ ଜୀବ ଯେପର୍ଯ୍ୟନ୍ତ ପ୍ରକୃତି ସହିତ ନିଜର ସମ୍ବନ୍ଧ ମାନିଥାଏ, ପ୍ରକୃତିରେ ସ୍ଥିତ ରହେ, ସେପର୍ଯ୍ୟନ୍ତ ଆସକ୍ତି ଯୋଗୁଁ କେବେ ଗୁଣଗୁଡ଼ିକର, କେବେ କାଳର, କେବେ ଭୋଗର ଓ କେବେ ସ୍ୱଭାବର ପରବଶ ହେଉଥାଏ, କଦାପି ସ୍ୱବଶ (ସ୍ୱତନ୍ତ୍ର) ହୋଇପାରେ ନାହିଁ। ଏହାଛଡ଼ା ସେ ବାରମ୍ବାର ପରିସ୍ଥିତି, ବ୍ୟକ୍ତି, ସ୍ତ୍ରୀ, ପୁତ୍ର, ଧନ, ଘର ଆଦିର ମଧ୍ୟ ପରବଶ ହେଉଥାଏ। କିନ୍ତୁ ସେ ଗୁଣମାନଙ୍କ ଠାରୁ ଅତୀତ ହୋଇ ନିଜ ସ୍ୱରୂପର କିଂବା ପରମାତ୍ମତତ୍ତ୍ୱର ଅନୁଭବ କଲେ, ତାହାର ଏହି ପରବଶତା ରହେ ନାହିଁ ଓ ସେ ସ୍ୱତଃସିଦ୍ଧ ସ୍ୱତନ୍ତ୍ରତାକୁ ପ୍ରାପ୍ତ ହୁଏ।

ଏଠାରେ ସନ୍ଦେହ ହୋଇପାରେ ଯେ ଜ୍ଞାନୀ ସିନା ସ୍ୱବଶ, କିନ୍ତୁ ଭକ୍ତ ତ ସ୍ୱବଶ ନୁହେଁ; ସେ ତ ଭଗବାନଙ୍କ ପରବଶ! ଏହାର ସମାଧାନ ହେଲା ଯେ ଭଗବାନ 'ପର' ନୁହନ୍ତି, ବରଂ 'ସ୍ୱ' ଅଟନ୍ତି। ସେ ସ୍ୱକୀୟ ଓ ଆତ୍ମୀୟ। ଅତଏବ ଯିଏ ସ୍ୱକୀୟ, ତାହାର ପରବଶ ହେବା ପ୍ରକୃତରେ ସ୍ୱବଶ ହେବା। ଭକ୍ତର ଏହି ପରବଶତା ଜ୍ଞାନୀର ସ୍ୱବଶତାଠାରୁ ମଧ୍ୟ ଶ୍ରେଷ୍ଠ। କାରଣ ଜ୍ଞାନୀଠାରେ ତ ବହୁଦୂର ପର୍ଯ୍ୟନ୍ତ ସୂକ୍ଷ୍ମ ଅହଂକାର (ବ୍ୟକ୍ତିତ୍ୱ) ରହିବାର ସମ୍ଭାବନା ରହିଥାଏ, କିନ୍ତୁ ଭକ୍ତଠାରେ ଆରମ୍ଭରୁ ହିଁ ଅହଂକାର ନ ଥାଏ। ଭଗବାନଙ୍କ ଉପରେ ନିର୍ଭର ରହିଥିବା ହେତୁ ଭକ୍ତଠାରେ ରାଗ-ଦ୍ୱେଷ ଆଦି ନ ଥାଏ। ସ୍ୱୟଂ ଭଗବାନ ତାଙ୍କୁ ଜ୍ଞାନ ପ୍ରଦାନ କରନ୍ତି (୧୦।୧୧) ଓ ତାଙ୍କୁ ଉଦ୍ଧାର ମଧ୍ୟ କରିଦିଅନ୍ତି (୧୨।୭)।

୯୨. ଗୀତାରେ ବ୍ୟବହୃତ 'ତତ୍ତ୍ୱତଃ' ପଦର ତାତ୍ପର୍ଯ୍ୟ

ପଞ୍ଚକୃତ୍ୱଃ ପଦଂ ପ୍ରୋକ୍ତଂ ତତ୍ତ୍ୱତଃ କୃଷ୍ଣଗୀତୟା।
ଉଦୀରିତଂ ଚତୁଃ କୃଷ୍ଣେ ସକୃତ୍ ପ୍ରୋକ୍ତଂ ତଥାଽର୍ଜ୍ଜୁନି॥

ଚତୁର୍ଥ ଅଧ୍ୟାୟର ୯ମ ଶ୍ଳୋକରେ 'ତତ୍ତ୍ୱତଃ' ପଦ ଭଗବାନଙ୍କ ଅବତାରକୁ ତତ୍ତ୍ୱଦୃଷ୍ଟିରୁ ଜାଣିବା ଅର୍ଥରେ ଅର୍ଥାତ୍ ଦୃଢ଼ତାପୂର୍ବକ ମାନିବା ଅର୍ଥରେ ବ୍ୟବହୃତ ହୋଇଛି। ଏହି ପଦର ବ୍ୟାଖ୍ୟା ଉକ୍ତ ଅଧ୍ୟାୟର ୬ଷ୍ଠ ଶ୍ଳୋକରେ କରାଯାଇ କୁହାଯାଇଛି ଯେ ଭଗବାନ ଅଜନ୍ମା ରହି ମଧ୍ୟ ଜନ୍ମ ନିଅନ୍ତି ଅର୍ଥାତ୍ ଭଗବାନଙ୍କ ଅଜତ୍ୱ ନିରନ୍ତର ରହିଥାଏ, କେବେହେଲେ ନଷ୍ଟ ହୁଏ ନାହିଁ। ସେ ଅବ୍ୟୟ (ଅବିନାଶୀ) ସ୍ୱରୂପରେ ରହି ମଧ୍ୟ ଅନ୍ତର୍ଦ୍ଧାନ ହୋଇଯାଆନ୍ତି ଅର୍ଥାତ୍ ତାଙ୍କର ଅବ୍ୟୟତ୍ୱ ନିରନ୍ତର ରହିଥାଏ। ସେ ପ୍ରତ୍ୟେକ ପ୍ରାଣୀର ମହାନ ଈଶ୍ୱର (ମାଲିକ) ହୋଇ ମଧ୍ୟ ମାତାପିତାଙ୍କର ଆଦେଶ ପାଳନ କରନ୍ତି, ସେମାନଙ୍କର ଅଧୀନ ହୋଇ ରହନ୍ତି।

ଏହା ସତ୍ତ୍ୱେ ତାଙ୍କର ଈଶ୍ୱରତ୍ୱ (ଆଧିପତ୍ୟ) ନଷ୍ଟ ହୁଏ ନାହିଁ । ସେ ପ୍ରକୃତିକୁ ନିଜର ଅଧୀନ କରି ନିଜର ଯୋଗମାୟା ବଳରେ ପ୍ରକଟ ହୁଅନ୍ତି । ତାଙ୍କର ଜନ୍ମଗ୍ରହଣ ଜୀବମାନଙ୍କ ଜନ୍ମ ପରି କର୍ମର ଅଧୀନ ନୁହେଁ ।

ଷଷ୍ଠ ଅଧ୍ୟାୟର ୨୧ଶ ଶ୍ଳୋକରେ **'ତତ୍ତ୍ୱତଃ'** ପଦ ନିଜ ସ୍ୱରୂପକୁ ଠିକ୍‌ଭାବରେ ଜାଣିବା ଅର୍ଥରେ ବ୍ୟବହୃତ ହୋଇଛି । ଯାହାକୁ ନିଜ ସ୍ୱରୂପର ଯଥାର୍ଥ ବୋଧ ହୋଇଯାଇଛି, ସେ ଆଉ କେବେହେଲେ ନିଜର ସ୍ଥିତିରୁ ବିଚଳିତ ହୁଏ ନାହିଁ ଅର୍ଥାତ୍ ଅତ୍ୟନ୍ତ ଅନୁକୂଳ ବା ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ସେ ନିଜ ସ୍ଥିତିରୁ ବିଚଳିତ ହୁଏ ନାହିଁ (୬ । ୨୨) । କାରଣ ତା'ର ପ୍ରକୃତିର ପରତନ୍ତ୍ରତା ଓ ଗୁଣଗୁଡ଼ିକର ପରତନ୍ତ୍ରତା ନଷ୍ଟ ହୋଇଯାଏ । ସେ କଦାପି ତିଳେମାତ୍ର ପ୍ରକୃତିର ଓ ଗୁଣଗୁଡ଼ିକର ପରବଶ ହୁଏ ନାହିଁ ।

ସପ୍ତମ ଅଧ୍ୟାୟର ୩ୟ ଶ୍ଳୋକରେ **'ତତ୍ତ୍ୱତଃ'** ପଦ ଭଗବତ୍ତତ୍ତ୍ୱକୁ ଯଥାର୍ଥ ଅନୁଭବ କରିବା ଅର୍ଥରେ ବ୍ୟବହୃତ ହୋଇ କୁହାଯାଇଛି ଯେ ସବୁକିଛି ଭଗବାନ ହିଁ ଅଟନ୍ତି । ଭଗବାନଙ୍କ ଛଡ଼ା ଅନ୍ୟ କାହାରି ସ୍ୱତନ୍ତ୍ର ସତ୍ତା ନାହିଁ । ଏପରି ଯିଏ ତତ୍ତ୍ୱତଃ ଭଗବାନଙ୍କୁ ଜାଣେ, ତା'ପାଇଁ ଆଉ କିଛି ଜାଣିବା ବାକି ରହେ ନାହିଁ ।

ଦଶମ ଅଧ୍ୟାୟର ୭ମ ଶ୍ଳୋକରେ **'ତତ୍ତ୍ୱତଃ'** ପଦ ଭଗବାନଙ୍କ ପ୍ରଭାବ, ସାମର୍ଥ୍ୟ ଆଦିକୁ ଓ ସେଥିରୁ ପ୍ରକଟିତ ବିଭୂତିଗୁଡ଼ିକୁ ଜାଣିବା ଅର୍ଥାତ୍ ଅଟଳଭାବେ ମାନିବା ଅର୍ଥରେ ବ୍ୟବହୃତ ହୋଇଛି । ଏଭଳି ଯିଏ ଅଟଳଭାବରେ ମାନିନିଏ, ତା'ର ଭଗବାନଙ୍କ ଠାରେ ଅଟଳ ଭକ୍ତି ହୋଇଯାଏ । ତା' ଧାରଣାରେ ଭଗବାନଙ୍କ ଛଡ଼ା ଅନ୍ୟ କାହାରି ସ୍ୱତନ୍ତ୍ର ସତ୍ତା, ମହତ୍ତ୍ୱ, ବିଲକ୍ଷଣତା ସ୍ୱପ୍ନରେ ମଧ୍ୟ ରହେ ନାହିଁ ।

ଅଷ୍ଟାଦଶ ଅଧ୍ୟାୟର ୫୫ଶ ଶ୍ଳୋକରେ **'ତତ୍ତ୍ୱତଃ'** ପଦ ଦୁଇ ଥର ବ୍ୟବହୃତ ହୋଇଛି । ପ୍ରଥମ ଥର **'ତତ୍ତ୍ୱତଃ'** ପଦ ପରମାତ୍ମାଙ୍କୁ ତତ୍ତ୍ୱଦୃଷ୍ଟିରୁ ଜାଣିବା ଅର୍ଥରେ ବ୍ୟବହୃତ ହୋଇ କୁହାଯାଇଛି ଯେ ସେହି ପରମାତ୍ମା ହିଁ ଅନେକ ରୂପରେ, ଅନେକ ଆକୃତିରେ, ଅନେକ କାର୍ଯ୍ୟ କରିବା ପାଇଁ ବାରମ୍ବାର ପ୍ରକଟ ହୁଅନ୍ତି ଏବଂ ସାଧକମାନଙ୍କର ଭାବନା ଅନୁସାରେ ଅନେକ ଇଷ୍ଟଦେବ ଭାବରେ କଥିତ ହୁଅନ୍ତି; କିନ୍ତୁ ପ୍ରକୃତରେ ସେହି ପରମାତ୍ମା ଅଦ୍ୱିତୀୟ ଅଟନ୍ତି । ଦ୍ୱିତୀୟ ଥର **'ତତ୍ତ୍ୱତଃ'** ପଦ ପରମାତ୍ମପ୍ରାପ୍ତି ପାଇଁ ବ୍ୟବହୃତ ହୋଇ କୁହାଯାଇଛି ଯେ ପରମାତ୍ମାଙ୍କୁ ତତ୍ତ୍ୱଦୃଷ୍ଟିରୁ ଜାଣିଯିବା ପରେ ଭକ୍ତ ତତ୍କାଳ ପରମାତ୍ମାଙ୍କ ଠାରେ ପ୍ରବିଷ୍ଟ ହୋଇଯାଏ ଏବଂ ପରମାତ୍ମାଙ୍କ ସହିତ ନିଜର ବାସ୍ତବିକ ଅଭିନ୍ନତାର ଅନୁଭବ କରିନିଏ ।

ସାରାଂଶ ଏହି ଯେ ଚତୁର୍ଥ ଅଧ୍ୟାୟର ୯ମ ଶ୍ଳୋକରେ, ସପ୍ତମ ଅଧ୍ୟାୟର ୩ୟ ଶ୍ଳୋକରେ, ଦଶମ ଅଧ୍ୟାୟର ୭ମ ଶ୍ଳୋକରେ ଓ ଅଷ୍ଟାଦଶ ଅଧ୍ୟାୟର ୫୫ଶ ଶ୍ଳୋକରେ ପ୍ରଯୁକ୍ତ **'ତତ୍ତ୍ୱତଃ'** ପଦ ଭଗବଦ୍‌ତତ୍ତ୍ୱକୁ ଯଥାର୍ଥରୂପେ ଜାଣିବା ଅର୍ଥରେ ବ୍ୟବହୃତ ହୋଇଛି* ଏବଂ ଷଷ୍ଠ ଅଧ୍ୟାୟର ୨୧ଶ ଶ୍ଳୋକରେ ପ୍ରଯୁକ୍ତ **'ତତ୍ତ୍ୱତଃ'** ପଦ ନିଜ ସ୍ୱରୂପକୁ ଯଥାର୍ଥରୂପେ ଜାଣିବା ଅର୍ଥରେ ବ୍ୟବହୃତ ହୋଇଛି ।

ତତ୍ତ୍ୱତଃ ଜାଣିବାର ଅର୍ଥ ହେଲା—ବସ୍ତୁସ୍ଥିତିକୁ ଠିକ୍‌ଭାବରେ ଜାଣିବା । ଏହି ଜାଣିବା ଦୁଇ ପ୍ରକାରର (୧) ନିଜ ଶୁଦ୍ଧବୁଦ୍ଧ ସ୍ୱରୂପର ସାକ୍ଷାତ୍କାର କରିନେବା ବା ଯଥାର୍ଥରୂପେ ଅନୁଭବ କରିନେବା ଏବଂ (୨) ସମସ୍ତଙ୍କ ମୂଳରେ ପରମେଶ୍ୱର ଅଛନ୍ତି ଓ ସେହି ପରମେଶ୍ୱରଙ୍କ ଠାରୁ ସମସ୍ତ ସୃଷ୍ଟି ଉତ୍ପନ୍ନ ହୁଏ—ଏପରି ଦୃଢ଼ଭାବରେ ସ୍ୱୀକାର କରିବା । ଜ୍ଞାନଯୋଗରେ ନିଜ ସ୍ୱରୂପର ସାକ୍ଷାତ୍କାର କରିବା ହିଁ ତତ୍ତ୍ୱଦୃଷ୍ଟିରୁ ଜାଣିବା ଅଟେ ଏବଂ ଭକ୍ତିଯୋଗରେ 'ସମସ୍ତଙ୍କ ମୂଳରେ ଭଗବାନ ହିଁ ଅଛନ୍ତି'—ଏଭଳି ଦୃଢ଼ଭାବରେ ମାନିନେବା ହିଁ ତତ୍ତ୍ୱଦୃଷ୍ଟିରୁ ଜାଣିବା ଅଟେ, କାରଣ ପ୍ରକୃତରେ ସବୁରି ମୂଳରେ ଭଗବାନ ହିଁ ବିଦ୍ୟମାନ । ଦୃଢ଼ତାର ସହିତ ମାନିବା ତତ୍ତ୍ୱଦୃଷ୍ଟିରୁ ଜାଣିବା ଠାରୁ କୌଣସି ଗୁଣରେ କମ୍ ନୁହେଁ ଅର୍ଥାତ୍ ତତ୍ତ୍ୱଦୃଷ୍ଟିରୁ ଜାଣିବାର ଫଳ ଯାହା, ଦୃଢ଼ତାର ସହିତ ମାନିବାର ଫଳ ମଧ୍ୟ ସେଇଆ । ଭକ୍ତଜନ ପ୍ରଥମେ 'ସମସ୍ତଙ୍କ ମୂଳରେ ଭଗବାନ ହିଁ ଅଛନ୍ତି'—ଏହା ଦୃଢ଼ତାର ସହିତ ମାନିନିଅନ୍ତି । ତା'ପରେ ସେମାନେ 'ସବୁକିଛି ବାସୁଦେବ ହିଁ ଅଟନ୍ତି'—ଏଭଳି ତତ୍ତ୍ୱତଃ ଜାଣିପାଆନ୍ତି ଅର୍ଥାତ୍ ସେମାନଙ୍କୁ ଏଭଳି ଅନୁଭବ ହୋଇଯାଏ । ସପ୍ତମ ଅଧ୍ୟାୟର ୨ୟ ଶ୍ଳୋକରେ ଏହି ମାନିବାକୁ 'ଜ୍ଞାନ' ନାମରେ ଓ ଅନୁଭବ କରିବାକୁ 'ବିଜ୍ଞାନ' ନାମରେ ଅଭିହିତ କରାଯାଇଛି ।

* ନବମ ଅଧ୍ୟାୟର ୨୪ଶ ଶ୍ଳୋକରେ ଓ ଏକାଦଶ ଅଧ୍ୟାୟର ୫୪ଶ ଶ୍ଳୋକରେ ପ୍ରଯୁକ୍ତ 'ତତ୍ତ୍ୱେନ' ପଦ ମଧ୍ୟ ଭଗବଦ୍‌ତତ୍ତ୍ୱକୁ ଯଥାକ୍ରମେ ଠିକ୍‌ରୂପେ ନ ଜାଣିବା ଓ ଜାଣିବା ଅର୍ଥରେ ବ୍ୟବହୃତ ହୋଇଛି ।

'ସବୁକିଛି ବାସୁଦେବ ହିଁ ଅଟନ୍ତି'—ଏଭଳି ଅନୁଭବ ହେଲାପରେ ଭକ୍ତକୁ ନିଜ ସ୍ୱରୂପର ଅନୁଭବ ଆପେ ଆପେ ହୋଇଯାଏ । ଏହି କଥାକୁ ଭଗବାନ ଗୀତାରେ **'ଯଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ଜ୍ଞାତବ୍ୟମବଶିଷ୍ୟତେ'** (୭ । ୨), **'ସ ସର୍ବବିଦ୍'** (୧୫ । ୧୯) ପଦଗୁଡ଼ିକରେ କହିଛନ୍ତି । ରାମଚରିତମାନସରେ ଭଗବାନ ଶ୍ରୀରାମ ମଧ୍ୟ କହିଛନ୍ତି—**'ମମ ଦରସନ ଫଲ ପରମ ଅନୂପା । ଜୀଵ ପାଵ ନିଜ ସହଜ ସରୂପା ॥'** (୩ । ୩୬ । ୫) ।

୯୩. ଗୀତାରେ 'ଯତ୍' ଶବ୍ଦର ଦୁଇଥର ପ୍ରୟୋଗର ତାତ୍ପର୍ଯ୍ୟ

ଦ୍ୱିର୍ଯଚ୍ଛବ୍ଦପ୍ରୟୋଗସ୍ତୁ ଗୀତାୟାଂ ଯତ୍ର କୁତ୍ରଚିତ୍ ।
ଯତ୍ତଦୋର୍ନିତ୍ୟସମ୍ବନ୍ଧାତ୍ତାତ୍ପର୍ଯ୍ୟମିହ କଥ୍ୟତେ ॥

(୧) **'ଯଦ୍ ଯଦାଚରତି ଶ୍ରେଷ୍ଠଃ......'** (୩ । ୨୧)—ସାଧାରଣ ଜନତାଙ୍କ ଉପରେ ଶ୍ରେଷ୍ଠ ପୁରୁଷମାନଙ୍କ ଆଚରଣର ହିଁ ପ୍ରଭାବ ପଡ଼ିଥାଏ । କାରଣ କେଉଁ ବ୍ୟକ୍ତି କେଉଁ ସମୟରେ, କେଉଁ ଭାବରେ, କି ପ୍ରକାର କ୍ରିୟା କରୁଛି—ଏ ଆଡ଼କୁ ଲୋକମାନଙ୍କର ଦୃଷ୍ଟି ପ୍ରାୟ ଯାଏ ନାହିଁ । ତେଣୁ ଭଗବାନ ନିଜର ଉଦାହରଣ ଦେଇ କହିଛନ୍ତି ଯେ 'ତ୍ରିଲୋକରେ ମୋ ପାଇଁ କୌଣସି କର୍ତ୍ତବ୍ୟ ନାହିଁ, ତଥାପି ମୁଁ କର୍ତ୍ତବ୍ୟକର୍ମ କରୁଛି' (୩ । ୨୨) । ଜ୍ଞାନୀକୁ ମଧ୍ୟ ଭଗବାନ ଲୋକସଂଗ୍ରହ ପାଇଁ କର୍ତ୍ତବ୍ୟକର୍ମ କରିବାକୁ ଆଦେଶ ଦେଇଛନ୍ତି (୩ । ୨୫) । ଅତଏବ ଶ୍ରେଷ୍ଠ ପୁରୁଷ କ୍ରିୟାରୂପେ ଯେଉଁ ଯେଉଁ ଆଚରଣ କରନ୍ତି, ସାଧାରଣ ଲୋକଙ୍କ ଉପରେ ସେଗୁଡ଼ିକର ଅଧିକ ପ୍ରଭାବ ପଡ଼େ ଏବଂ ତାଙ୍କ ବଚନର ଅପେକ୍ଷାକୃତ କମ୍ ପ୍ରଭାବ ପଡ଼େ । ପ୍ରଭାବ ମଧ୍ୟ ସେହି ବଚନର ପଡ଼େ, ଯେଉଁ ବଚନ ଅନୁସାରେ ସେ ଆଚରଣ କରନ୍ତି । ଯେଉଁ ବଚନ ତାଙ୍କର ଆଚରଣରେ ପ୍ରତିଫଳିତ ହୁଏ ନାହିଁ, ସେପରି ବଚନର ଏତେ ପ୍ରଭାବ ପଡ଼େ ନାହିଁ, କାରଣ ସେହି ବଚନରେ ଶକ୍ତି ନ ଥାଏ । କିନ୍ତୁ ଗୁରୁ, ସନ୍ତମହାତ୍ମାଙ୍କ ବଚନ ପରି କେବଳ ତାଙ୍କ ବଚନରୁ ମଧ୍ୟ ସାଧକ ଲାଭ ଉଠାଇପାରେ ।

(୨) **'ଯଦା ଯଦା ହି ଧର୍ମସ୍ୟ.....'** (୪ । ୭)—ଭଗବାନ କୌଣସି ଗୋଟିଏ ଯୁଗରେ ଅନେକ ବା ଦୁଇଥର ଅବତାର ନେଉଥିବେ କିଂବା କୌଣସି ଯୁଗରେ ଆଦୌ ଅବତାର ନେଉ ନ ଥିବେ ମଧ୍ୟ । ଏହାର କିଛି ଧରାବନ୍ଧା ନିୟମ ନାହିଁ । ଭଗବାନଙ୍କ ଅବତାର ନେବା ମୂଳରେ ଯୁଗ, ବର୍ଷ, ମାସ, ଦିନ ଆଦିର କୌଣସି ସମ୍ପର୍କ ନାହିଁ । ଯେଉଁ ଯେଉଁ ସମୟରେ ଧର୍ମର ହାନି ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେହି ସେହି ସମୟରେ ଭଗବାନ ଅବତୀର୍ଣ୍ଣ ହୁଅନ୍ତି ଅର୍ଥାତ୍ ଯେଉଁ ଯୁଗରେ ଲୋକମାନଙ୍କର ଯେଭଳି ବ୍ୟବହାର ହେବା କଥା, ସେଭଳି ନ ହୋଇ ତା'ଠାରୁ ଅଧିକ ପତିତ ହେଲେ ଏବଂ ଅଧର୍ମ ବହୁତ ବଢ଼ିଗଲେ, ଭଗବାନ ଅବତାର ଗ୍ରହଣ କରନ୍ତି । ଧର୍ମର ହାନି ଓ ଅଧର୍ମର ବୃଦ୍ଧିକୁ ମନୁଷ୍ୟ ମାପଚୁପ କରି ଜାଣିପାରିବ ନାହିଁ ଯେ 'ଏବେ ଧର୍ମର ବହୁତ ହ୍ରାସ ହୋଇଗଲାଣି, ଅଧର୍ମ ବହୁତ ବଢ଼ିଗଲାଣି; ତେଣୁ ଭଗବାନ ଅବତାର ନେବା ଉଚିତ' । ଏ କଥାକୁ କେବଳ ଭଗବାନ ହିଁ ପୂର୍ଣ୍ଣରୂପେ ଜାଣନ୍ତି । ହଁ, ଏଭଳି ଅନୁମାନ କରାଯାଇପାରେ ଯେ ଯେଉଁ ଯୁଗରେ ଧର୍ମର ଯେଭଳି ଆଚରଣ ହେବା କଥା, ସେଭଳି ନ ହୋଇ ତା'ଠାରୁ ଅଧିକ ଭ୍ରଷ୍ଟ ହେଲେ ଭଗବାନ ଅବତାର ଗ୍ରହଣ କରନ୍ତି । ତ୍ରେତାଯୁଗରେ ରାକ୍ଷସମାନେ ଋଷିମାନଙ୍କୁ ମାରି ଗଦା ଗଦା ହାଡ଼ କାଣ୍ଡି କରି ପକାଉଥିଲେ, କିନ୍ତୁ ଏବେ କଳିଯୁଗରେ ସାଧୁ ଓ ବ୍ରାହ୍ମଣ ଜୀବନ୍ତ ଅବସ୍ଥାରେ ସ୍ୱାଧୀନ ହୋଇ ବୁଲୁଛନ୍ତି ଓ ନିଜ ନିଜର ଧର୍ମ ପ୍ରଚାର କରୁଛନ୍ତି । ବିପତ୍ତି ଆସିଲେ ମଧ୍ୟ ଅନ୍ୟ ଲୋକଙ୍କ ଉପରକୁ ଆସୁଛି । କଳିଯୁଗରେ ତ ତ୍ରେତାଯୁଗ ଅପେକ୍ଷା ବହୁତ ବେଶୀ ପତନ ହେବା କଥା, କିନ୍ତୁ ସେଭଳି ପତନ ଏବେ ଦେଖାଯାଉ ନାହିଁ ।

(୩) **'ଯତୋ ଯତୋ ନିଶ୍ଚରତି.......'** (୬ । ୨୬)—ଏଠାରେ **'ଯତଃ ଯତଃ'** ପଦ ଦୁଇଟି କେବଳ ପଞ୍ଚମୀ ବିଭକ୍ତିର ଅର୍ଥ 'ଯେଉଁ ଯେଉଁଠାରୁ' ସୂଚାଏ ନାହିଁ, ବରଂ ଏହାର ଅର୍ଥ ହେଲା ଯେ ମନ ଯେବେ ଯେବେ, ଯେଉଁ ଯେଉଁଠାରେ, ଯେଉଁ ଯେଉଁ ପ୍ରୟୋଜନ ପାଇଁ ଏବଂ ଯେମିତି ଯେମିତି ଚାଲିଯିବ, ସେବେ ସେବେ ମନକୁ ସେଠାରୁ ଫେରାଇ ଆଣି ପରମାତ୍ମାଙ୍କ ଠାରେ ଯୁକ୍ତ କରିବା ଉଚିତ । ଏହି

କଥାଟି ସାଧକର ବିଶେଷ ସାବଧାନତା ଓ ସଚେତନତା ପାଇଁ କୁହାଯାଇଛି; କାରଣ ସାଧକର ସାବଧାନତା ହିଁ ସିଦ୍ଧିର କାରଣ ।

(୪) **'ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ.......'** (୭ । ୨୧)—ଏଠାରେ **'ଯଃ ଯଃ'** ପଦରେ ଉପାସକର ଓ **'ଯାଂ ଯାଂ'** ପଦରେ ଉପାସ୍ୟର କଥା କୁହାଯାଇଛି ଯେ, ଯେଉଁ ଯେଉଁ ଉପାସକ ଯେଉଁ ଯେଉଁ ଉପାସ୍ୟର ଶ୍ରଦ୍ଧାପୂର୍ବକ ପୂଜନ କରିବାକୁ ଚାହାନ୍ତି, ସେହି ସେହି ଉପାସକଙ୍କର ଶ୍ରଦ୍ଧାକୁ ଭଗବାନ ସେହି ସେହି ଉପାସ୍ୟଙ୍କ ପ୍ରତି ଦୃଢ଼ କରିଦିଅନ୍ତି । ଏଥିରୁ ଭଗବାନଙ୍କ କହିବାର ତାତ୍ପର୍ଯ୍ୟ ଜଣାପଡୁଛି ଯେ ମୁଁ ସମସ୍ତ ଉପାସକଙ୍କୁ କେବଳ ନିଜ ଆଡ଼କୁ ଆକୃଷ୍ଟ କରେ ନାହିଁ, ନିଜ ପକ୍ଷରେ ରଖେ ନାହିଁ, ବରଂ ମୁଁ ଏ କଥା ମଧ୍ୟ ଦେଖେ ଯେ ଉପାସକର ରୁଚି ଓ ଶ୍ରଦ୍ଧା କେଉଁ ଉପାସ୍ୟ ପ୍ରତି ରହିଛି । ଅନ୍ତର୍ଯାମୀ ଓ ସର୍ବସମର୍ଥ ହୋଇଥିଲେ ମଧ୍ୟ ମୁଁ ସେହି ଉପାସକକୁ ସେଠାରୁ ବିଚଳିତ ନ କରି, ତାହାର ଶ୍ରଦ୍ଧାକୁ ସେଠାରୁ ନ ଛଡ଼ାଇ ସେହି ଉପାସ୍ୟ ପ୍ରତି ଦୃଢ଼ୀଭୂତ କରିଦିଏ । ଭଗବାନଙ୍କର ଏହି ଅତ୍ୟନ୍ତ କୃପାଳୁ ସ୍ୱଭାବକୁ ବୁଝି ଉପାସକର ଆକର୍ଷଣ, ଶ୍ରଦ୍ଧା ଓ ପ୍ରେମ କେବଳ ଭଗବାନଙ୍କ ପ୍ରତି ହିଁ ହେବା ଉଚିତ; କାରଣ ଭଗବାନଙ୍କ ଆଡ଼କୁ ଅଗ୍ରସର ହେଲେ ହିଁ ପ୍ରକୃତରେ ଜୀବର କଲ୍ୟାଣ ଓ ମଙ୍ଗଳ ହୁଏ । ସେ ବିଚାର କରିବା ଉଚିତ, ଯେହେତୁ ଭଗବାନ କୃପାପୂର୍ବକ ମୋ ରୁଚିକୁ ରକ୍ଷା କରୁଛନ୍ତି, ତେଣୁ ମୋତେ ମଧ୍ୟ ଭଗବାନଙ୍କ ଠାରେ ରୁଚି ରଖିବାକୁ ହେବ । କାରଣ ଭଗବାନଙ୍କ ପରି ଦୟାଳୁ, ହିତୈଷୀ ଆଉ କିଏ ହେବ ଏବଂ କିଏ ବା ହୋଇପାରିବ? ତାତ୍ପର୍ଯ୍ୟ ଏହି ଯେ ଭଗବାନଙ୍କର ଏପରି ନିଷ୍ପକ୍ଷ ବ୍ୟବହାରରୁ ତାଙ୍କର ନିର୍ଲିପ୍ତତା, କୃପାଳୁତା ଓ ପ୍ରାଣୀମାନଙ୍କ ପ୍ରତି ହିତୈଷିତା ବିଷୟରେ ଜାଣିହୁଏ ।

ଉପର୍ଯ୍ୟୁକ୍ତ ପଦରୁ ଆଉ ଗୋଟିଏ କଥା ଜଣାପଡୁଛି ଯେ ଉପାସନାରେ ଉପାସକର ରୁଚି ଓ ଶ୍ରଦ୍ଧା ହିଁ ମୁଖ୍ୟ । ସେ ଯେକୌଣସି ଦେବତାଙ୍କ ଉପାସନା କରିବାରେ ସ୍ୱାଧୀନ ଅଟେ ।

(୫) **'ଯଂ ଯଂ ବାପି ସ୍ମରନ୍ ଭାବଂ........'** (୮ । ୬)—ଭଗବାନ ଜୀବକୁ ସମସ୍ତ ଜନ୍ମର ସମାପ୍ତି ଘଟାଉଥିବା ଏହି ମନୁଷ୍ୟଶରୀର ଦେଇ ସ୍ୱାଧୀନତା ପ୍ରଦାନ କରିଛନ୍ତି ଯେ ସେ ଜୀବନଯାକ ସାଧନା କରି, ତାଙ୍କର ଶରଣାପନ୍ନ ହୋଇ ଆଗକୁ ହେବାକୁ ଥିବା ସମସ୍ତ ଜନ୍ମକୁ ସମାପ୍ତ କରିଦେଉ ଓ ସମସ୍ତ ବନ୍ଧନରୁ ମୁକ୍ତ ହୋଇଯାଉ । ସେ କହୁଛନ୍ତି, ଯଦି ଜୀବନକାଳରେ ମଧ୍ୟ ଏହି ଚେତା ନ ପଶିଲା, ତଥାପି କିଛି କଥା ନାହିଁ, ଅନ୍ତତଃ ଶେଷସମୟରେ ମୋତେ ସ୍ମରଣ କରିନେଲେ ମୋତେ ପାଇଯିବ । କାରଣ ଜୀବ ଶେଷସମୟରେ ଯେଉଁ ଯେଉଁ ଭାବକୁ ସ୍ମରଣ କରି ଶରୀର ତ୍ୟାଗ କରିଥାଏ, ସେ ସେହି ସ୍ମରଣ ଅନୁସାରେ ସେହି ସେହି ଭାବକୁ ଅର୍ଥାତ୍ ଯୋନି ଆଦିକୁ ପାଇଥାଏ । ଏହା ଭଗବାନଙ୍କର ଦୟାଳୁତା ଯେ ଯେଉଁ ଅନ୍ତକାଳୀନ ଚିନ୍ତନ ଦ୍ୱାରା ଅନ୍ୟ (କୁକୁର ଆଦି) ଯୋନି ମିଳିଥାଏ, ସେହି ଅନ୍ତକାଳୀନ ଚିନ୍ତନ ଦ୍ୱାରା (ଭଗବଦ୍ ଚିନ୍ତନ କଲେ) ଭଗବାନ ମଧ୍ୟ ମିଳିଯାଆନ୍ତି ।

(୬) **'ଯଦ୍ ଯଦ୍ ବିଭୂତିମତ୍ସତ୍ତ୍ୱଂ........'** (୧୦ । ୪୧)—ପ୍ରତ୍ୟେକ ସାଧକର ଭାବ, ରୁଚି, ଶ୍ରଦ୍ଧା, ସ୍ୱଭାବ ଇତ୍ୟାଦି ଭିନ୍ନ ଭିନ୍ନ ହୋଇଥାଏ । ତେଣୁ କାହାରିକୁ କୌଣସି ଏକ ସ୍ଥାନରେ ମହତ୍ତ୍ୱ ଦେଖାଯାଏ ତ ଆଉ କାହାରିକୁ ଅନ୍ୟ କେଉଁଠି ମହତ୍ତ୍ୱ ଦେଖାଯାଏ । ଏଥିପାଇଁ ଭଗବାନ ସାଧକମାନଙ୍କୁ ବିଭୂତିରୂପରେ ଭଗବଦ୍ ଚିନ୍ତନର ସ୍ୱାଧୀନତା ଦେଇଛନ୍ତି ଯେ ସାଧକକୁ ଯାହାଠାରେ, ଯେଉଁଠି ଯାହାକିଛି ମହତ୍ତ୍ୱ ଓ ବିଶେଷତ୍ୱ ଦେଖାଯାଏ, ସେହି ମହତ୍ତ୍ୱ ଓ ବିଶେଷତ୍ୱକୁ ସେ ତାହାର ନ ଭାବି ଭଗବାନଙ୍କର ବୋଲି ଭାବୁ । ତାତ୍ପର୍ଯ୍ୟ ହେଲା ଯେ ସାଧକର ଦୃଷ୍ଟି ବସ୍ତୁ, ବ୍ୟକ୍ତି ଆଦି ଆଡ଼କୁ ନ ଯାଇ କେବଳ ଭଗବାନଙ୍କ ଆଡ଼କୁ ହିଁ ଯିବା ଉଚିତ ।

୯୪. ଗୀତାରେ ବ୍ୟବହୃତ 'କୃତ୍ୱା', 'ଜ୍ଞାତ୍ୱା' ଓ 'ମତ୍ୱା' ପଦର ତାତ୍ପର୍ଯ୍ୟ

ତ୍ରିଷୁ ଯୋଗେଷୁ ଗୀତାୟାଂ ମୁଖ୍ୟତ୍ୱେନ ପଦତ୍ରୟମ୍ ।
ଜ୍ଞାନେ ଜ୍ଞାତ୍ୱା ବ୍ରଜେଦ୍ ଭକ୍ତୌ ମତ୍ୱା କୃତ୍ୱା ଚ କର୍ମଣି ॥*

ଗୀତାରେ '**କୃତ୍ୱା**' (କରିବା), '**ଜ୍ଞାତ୍ୱା**' (ଜାଣିବା) ଓ '**ମତ୍ୱା**' (ମାନିବା)—ଏହି ତିନୋଟି ପଦ ମୁଖ୍ୟଭାବରେ ପ୍ରଯୁକ୍ତ ହୋଇଛି । କର୍ମଯୋଗରେ ନିଷ୍କାମଭାବରେ କର୍ମ କରିବା ହେଲା ମୁଖ୍ୟ । ଅତଏବ ଗୀତାରେ ଯେଉଁ ଯେଉଁ ସ୍ଥାନରେ କର୍ମଯୋଗର ପ୍ରସଙ୍ଗ ଆସିଛି; ସେଠାରେ ମୁଖ୍ୟଭାବରେ କର୍ତ୍ତବ୍ୟକର୍ମ କରିବା କଥା କୁହାଯାଇଛି; ଯଥା—"କର୍ମ କରି ମଧ୍ୟ ବାନ୍ଧି ହୁଏ ନାହିଁ" (୪ । ୨୨) ଇତ୍ୟାଦି । ସେହିପରି '**କୁରୁ**', '**କରୋତି**', '**କୁର୍ବନ୍**' ଆଦି ପଦ ମଧ୍ୟ 'କରିବା' ଅର୍ଥରେ ପ୍ରଯୁକ୍ତ ହୋଇଛି ।

ଯଦ୍ୟପି କର୍ମଯୋଗରେ 'କରିବା' ହେଲା ମୁଖ୍ୟ, ତଥାପି ସେଥିରେ '**ଜ୍ଞାତ୍ୱା**' ଅର୍ଥାତ୍ ଜାଣିବା କଥା ମଧ୍ୟ ରହିଛି । କାରଣ କେବଳ କର୍ମ କଲେ ଶରୀର ଓ ସଂସାରଠାରୁ ସମ୍ବନ୍ଧ ଛିନ୍ନ ହୋଇଯାଏ ନାହିଁ । ସମ୍ବନ୍ଧ ସେତେବେଳେ ଛିନ୍ନ ହୁଏ, ଯେତେବେଳେ କର୍ମ କରିବା ସଙ୍ଗେ ସଙ୍ଗେ ନିଷ୍କାମଭାବ ମଧ୍ୟ ଥିବ ଏବଂ ବ୍ୟକ୍ତି କର୍ମର ତତ୍ତ୍ୱକୁ ମଧ୍ୟ ଜାଣିଥିବ । ଏଣୁ ଗୀତାରେ କର୍ମଗୁଡ଼ିକୁ ତତ୍ତ୍ୱତଃ ଜାଣିବା କଥା କୁହାଯାଇଛି; ଯଥା—"ଏହିରୂପେ କର୍ମଗୁଡ଼ିକର ତତ୍ତ୍ୱକୁ ଜାଣି ମୁମୁକ୍ଷୁମାନେ କର୍ମ କରିଛନ୍ତି" (୪ ।୧୫); "ଯାହା ଜାଣି ତୁମେ ଅଶୁଭ ସଂସାରରୁ ମୁକ୍ତ ହୋଇଯିବ" (୪ । ୧୬); "ଏହିରୂପେ ସମସ୍ତ ଯଜ୍ଞଗୁଡ଼ିକୁ କର୍ମଜନ୍ୟ ବୋଲି ଜାଣି ତୁମେ ଅଶୁଭ ସଂସାରରୁ ମୁକ୍ତ ହୋଇଯିବ" (୪ । ୩୨) ।

ଜ୍ଞାନଯୋଗରେ ନିଜ ସ୍ୱରୂପକୁ ଜାଣିବା ହେଲା ମୁଖ୍ୟ । ଅତଏବ ଗୀତାରେ ଯେଉଁ ଯେଉଁ ସ୍ଥାନରେ ଜ୍ଞାନଯୋଗର ପ୍ରକରଣ ରହିଛି, ସେଠାରେ ମୁଖ୍ୟଭାବରେ ଜାଣିବା କଥା କୁହାଯାଇଛି; ଯଥା—"ଯାହାକୁ ଜାଣିଗଲେ ଆଉ ମୋହ ହୁଏ ନାହିଁ" (୪ । ୩୫) ଇତ୍ୟାଦି । ଜ୍ଞାନଯୋଗର ପ୍ରକରଣରେ ଯେଉଁଠି 'ମତ୍ୱା' ଅର୍ଥାତ୍ ମାନିବା କଥା ରହିଛି, ସେଠାରେ ମଧ୍ୟ ପ୍ରକୃତରେ 'ଜାଣିବା' ଅର୍ଥରେ ହିଁ ରହିଛି; ଯଥା—"ଗୁଣ ଓ କର୍ମର ବିଭାଗକୁ ଜାଣିଥିବା ମନୁଷ୍ୟ ଗୁଣମାନେ ହିଁ ଗୁଣମାନଙ୍କରେ ପ୍ରବର୍ତ୍ତିତ ହେଉଛନ୍ତି ବୋଲି ମାନି ଆସକ୍ତ ହୁଏ ନାହିଁ" (୩ । ୨୮) । ସେହିପରି '**ବେତ୍ତି**', '**ପଶ୍ୟତି**' ଆଦି ପଦ ମଧ୍ୟ 'ଜାଣିବା' ଅର୍ଥରେ ବ୍ୟବହୃତ ହୋଇଛି ।

ଭକ୍ତିଯୋଗରେ ଭଗବାନଙ୍କୁ ମାନିବା ହେଲା ମୁଖ୍ୟ । ଅତଏବ ଗୀତାରେ ଯେଉଁ ଯେଉଁ ସ୍ଥାନରେ ଭକ୍ତିଯୋଗର ପ୍ରକରଣ ରହିଛି, ସେଠାରେ ମୁଖ୍ୟଭାବରେ ମାନିବା କଥା କୁହାଯାଇଛି; ଯଥା—ସମସ୍ତଙ୍କ ମୂଳରେ ଭଗବାନ ଅଛନ୍ତି (୯ । ୧୩), ତେବେ ମୋର ମୂଳରେ ମଧ୍ୟ ଭଗବାନ ଅଛନ୍ତି । ସମସ୍ତଙ୍କ ଠାରେ ଭଗବାନ ଅଛନ୍ତି (୬ । ୩୦; ୧୦ । ୨୦; ୧୫ । ୧୫), ତେବେ ମୋଠାରେ ମଧ୍ୟ ଭଗବାନ ଅଛନ୍ତି । ସମସ୍ତେ ଭଗବାନଙ୍କ ଠାରେ ଅଛନ୍ତି (୭ । ୭; ୮ । ୨୨), ତେବେ ମୁଁ ମଧ୍ୟ ଭଗବାନଙ୍କ ଠାରେ ଅଛି । ସମସ୍ତଙ୍କର ମାଲିକ ଭଗବାନ (୪ । ୬; ୫ । ୨୯; ୯ । ୧୧,୨୪), ତେବେ ମୋର ମାଲିକ ମଧ୍ୟ ଭଗବାନ । ସବୁକିଛି ଭଗବାନଙ୍କ ହେତୁ ହେଉଛି (୭ । ୧୨; ୧୦ । ୫,୮), ତେବେ ମୋ ଦ୍ୱାରା ମଧ୍ୟ ଯାହା କିଛି ହେଉଛି, ସେସବୁ ଭଗବାନଙ୍କର ସତ୍ତା ଓ ସ୍ଫୂର୍ତ୍ତି ଯୋଗୁଁ ହିଁ ହେଉଛି । ସମସ୍ତଙ୍କର ବିଧାୟକ ହେଉଛନ୍ତି ଭଗବାନ (୭ । ୨୨; ୧୮ । ୬୧), ତେବେ ମୋର ବିଧାୟକ ମଧ୍ୟ ଭଗବାନ । ଭଗବାନ ପ୍ରତ୍ୟେକ ପ୍ରାଣୀର ସୁହୃଦ୍ ଅଟନ୍ତି (୫ । ୨୯), ତେଣୁ ମୋର ସୁହୃଦ୍ ମଧ୍ୟ ଭଗବାନ । ଭଗବାନ ଭକ୍ତମାନଙ୍କର ଯୋଗକ୍ଷେମ ବହନ କରନ୍ତି (୯ । ୨୨), ତେବେ ମୋର ଯୋଗକ୍ଷେମ ମଧ୍ୟ ଭଗବାନ ହିଁ ବହନ କରିବେ, ଇତ୍ୟାଦି । ଏହି ସବୁ ପଦରେ 'ମାନିବା' ହିଁ ମୁଖ୍ୟ ।

ଭକ୍ତିଯୋଗର ପ୍ରକରଣରେ ଯେଉଁଠି '**ଜ୍ଞାତ୍ୱା**' ଅର୍ଥାତ୍ ଜାଣିବା କଥା କୁହାଯାଇଛି, ତାହା ମଧ୍ୟ ପ୍ରକୃତରେ 'ମାନିବା' ଅର୍ଥରେ ହିଁ କୁହାଯାଇଛି; ଯଥା—"ଭକ୍ତ ମୋତେ ସମସ୍ତ ଯଜ୍ଞ ଓ ତପସ୍ୟାର ଭୋକ୍ତା, ସମ୍ପୂର୍ଣ୍ଣ ଲୋକଗୁଡ଼ିକର ମହାନ୍ ଈଶ୍ୱର ଏବଂ ସମସ୍ତ ପ୍ରାଣୀଙ୍କର ସୁହୃଦ୍ ବୋଲି

* 'କର୍ମଣି' ଇତି କର୍ମଯୋଗେ ।

ଜାଣି ଶାନ୍ତି ପ୍ରାପ୍ତ କରେ'' (୫ । ୨୯); ''ମହାତ୍ମାମାନେ ମୋତେ ସମସ୍ତ ପ୍ରାଣୀଙ୍କର ଆଦି ଓ ଅବିନାଶୀ ବୋଲି ଜାଣି ମୋର ଭଜନ କରିଥାନ୍ତି'' (୯ । ୧୩) । ସେହିପରି **'ବେତ୍ତି'**, **'ଜାନାତି'**, ଆଦି ପଦ ମଧ୍ୟ 'ମାନିବା' ଅର୍ଥରେ ବ୍ୟବହୃତ ହୋଇଛି (୧୦ । ୭; ୧୫ । ୧୯ ଇତ୍ୟାଦି) ।

ଭକ୍ତମାନଙ୍କର ଏହି 'ମାନିବା' ତତ୍ତ୍ୱଜ୍ଞାନଠାରୁ କୌଣସି ପ୍ରକାରେ କମ୍ ନୁହେଁ; ବରଂ କେତେକାଂଶରେ ତତ୍ତ୍ୱଜ୍ଞାନଠାରୁ ମଧ୍ୟ ଶ୍ରେଷ୍ଠ । କାରଣ ତତ୍ତ୍ୱଜ୍ଞାନ ହେବାପରେ ମଧ୍ୟ ସାଧକଠାରେ ସୂକ୍ଷ୍ମ ଅହଂଭାବ ରହିପାରେ, କିନ୍ତୁ ଦୃଢ଼ ସ୍ୱୀକୃତି (ମାନିବା)ରେ ଅହଂଭାବ ଆଦୌ ରହିପାରିବ ନାହିଁ । ଭକ୍ତମାନଙ୍କର ଏହି ସ୍ୱୀକୃତିକୁ 'ଭଗବନ୍ନିଷ୍ଠା' କୁହାଯାଏ । ଭଗବାନ ଯେମିତି ଗୁଣଗୁଡ଼ିକର ଊର୍ଦ୍ଧ୍ୱରେ (୭ । ୧୩), ସେମିତି ଏହି ଭଗବନ୍ନିଷ୍ଠା ମଧ୍ୟ ଗୁଣାତୀତ ଅଟେ । ଜ୍ଞାନୀକୁ ଯେପରି ସବୁଠାରେ ପରମାତ୍ମତତ୍ତ୍ୱର ଅନୁଭବ ହୋଇଥାଏ, ସେହିପରି ଭକ୍ତର 'ଭଗବାନ ସବୁଠାରେ ଅଛନ୍ତି' ଏହି ସ୍ୱୀକୃତି କେବଳ ସ୍ୱୀକୃତି ହୋଇ ରହେ ନାହିଁ, ବରଂ ତାକୁ ଏଭଳି ପ୍ରତ୍ୟକ୍ଷ ଦୃଷ୍ଟିଗୋଚର ହେବାକୁ ଲାଗେ ।

ଜ୍ଞାନମାର୍ଗରେ 'ଜାଣିବା'ର ପ୍ରାଧାନ୍ୟ ଥିବାରୁ ଜ୍ଞାନଯୋଗୀ ସାଧକ ଜଡ଼ତ୍ୱରୁ ନିଜକୁ ପୃଥକ୍ ଭାବେ, ତେଣୁ ତାହାର ଶରୀର ଚିନ୍ମୟ ହୁଏ ନାହିଁ । କିନ୍ତୁ ଭକ୍ତଠାରେ ଭଗବାନଙ୍କ ପ୍ରତି ବିଶ୍ୱାସ ଓ ଭଗବଦ୍ଭାବ ଏତେ ପରିମାଣରେ ଅବତରିତ ହୁଏ ଯେ ତା'ର ଶରୀରରେ ଜଡ଼ତ୍ୱର ଅଭାବ ହୋଇଯାଇପାରେ ଏବଂ ଶରୀର ଚିନ୍ମୟ ହୋଇଯାଇପାରେ । ଶରୀର ଚିନ୍ମୟ ହେବା କାରଣରୁ ଭକ୍ତ ପ୍ରହ୍ଲାଦଙ୍କ ଶରୀରକୁ ଅଗ୍ନି ଜାଳି ପାରିଲା ନାହିଁ, ଶସ୍ତ୍ର କାଟି ପାରିଲା ନାହିଁ, ବିଷ ମାରିପାରିଲା ନାହିଁ; ମୀରାବାଈଙ୍କ ଶରୀର ଭଗବାନଙ୍କର ଶ୍ରୀବିଗ୍ରହରେ ଲୀନ ହୋଇଗଲା ଓ ତୁକାରାମ ସଶରୀରେ ବୈକୁଣ୍ଠକୁ ଚାଲିଗଲେ ।

୯୫. ଗୀତାରେ 'ତଦ୍' ଓ 'ଅସ୍ମଦ୍' ପଦରେ ଭଗବାନଙ୍କ ବର୍ଣ୍ଣନା

ଅସ୍ମଚ୍ଛବ୍ଦେନ ଗୀତାୟାଂ ଶ୍ରୀକୃଷ୍ଣୋ ବର୍ଣ୍ଣ୍ୟତେ ସ୍ୱୟମ୍ ।
ତଚ୍ଛବ୍ଦେନାପି ତସ୍ୟୈବ ବର୍ଣ୍ଣନଂ ବର୍ତ୍ତତେ ବିଭୋଃ ॥

ଗୀତାର ଏହା ଅଲୌକିକତା ଯେ ଭଗବାନ ଗୋଟିଏ ମାତ୍ର ତତ୍ତ୍ୱକୁ ଅନେକ ପ୍ରକାରରେ ବର୍ଣ୍ଣନା କରିଛନ୍ତି । ଯଥା, ଭଗବାନ 'ତଦ୍' ପଦ ଦ୍ୱାରା ମଧ୍ୟ ନିଜର ବର୍ଣ୍ଣନା କରିଛନ୍ତି ଓ 'ଅସ୍ମଦ୍' ପଦ ଦ୍ୱାରା ମଧ୍ୟ ନିଜର ବର୍ଣ୍ଣନା କରିଛନ୍ତି । କାରଣ ସାଧକମାନଙ୍କର ରୁଚି, ବିଶ୍ୱାସ, ଯୋଗ୍ୟତା ଇତ୍ୟାଦି ଭିନ୍ନ ଭିନ୍ନ ହୋଇଥାଏ; ଅତଏବ କାହାର 'ତଦ୍' ପଦବାଚୀ ପରମାତ୍ମାଙ୍କୁ ପାଇବା ପାଇଁ ରୁଚି ହୋଇଥାଏ ତ କାହାର 'ଅସ୍ମଦ୍' ପଦବାଚୀ ପରମାତ୍ମାଙ୍କୁ ପାଇବା ପାଇଁ ରୁଚି ହୋଇଥାଏ ।

''ଯାହାଠାରୁ ଅନାଦିକାଳରୁ ଏହି ସୃଷ୍ଟି ବିସ୍ତାରିତ ହୋଇଛି, ତାହାର ଶରଣାଗତ ହୋଇଯିବା ଉଚିତ'' **'ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ'** (୧୫ । ୪); ''ଯେଉଁ ପରମାତ୍ମାଙ୍କ ଠାରୁ ସମ୍ପୂର୍ଣ୍ଣ ସଂସାର ସୃଷ୍ଟ ଏବଂ ଯାହାଙ୍କ ଠାରୁ ଏହି ସମ୍ପୂର୍ଣ୍ଣ ସଂସାର ବ୍ୟାପ୍ତ ହୋଇଛି, ସେହି ପରମାତ୍ମାଙ୍କୁ ନିଜର କର୍ମ ଦ୍ୱାରା ପୂଜା କରିବା ଉଚିତ'' **'ଯତଃ ପ୍ରବୃତ୍ତିଃ....... ସ୍ୱକର୍ମଣା ତମଭ୍ୟର୍ଚ୍ୟ'** (୧୮ । ୪୬)— ଏହା କହି 'ତଦ୍' ପଦ ଦ୍ୱାରା ଏବଂ ''ମୁଁ ସଂସାରର ମୂଳ କାରଣ ଅଟେ ଓ ମୋ'ଠାରୁ ହିଁ ସମସ୍ତ ସଂସାର ଚେଷ୍ଟା କରୁଛି'' **'ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ'** (୧୦ । ୮)—ଏହା କହି 'ଅସ୍ମଦ୍' ପଦ ଦ୍ୱାରା ଭଗବାନ ନିଜଠାରୁ ହିଁ ସମ୍ପୂର୍ଣ୍ଣ ସଂସାରର ଉତ୍ପତ୍ତି ହୋଇଛି ବୋଲି କହିଛନ୍ତି ଏବଂ ନିଜକୁ ହିଁ ସଂସାରରେ ବ୍ୟାପ୍ତ ବୋଲି ମଧ୍ୟ କହିଛନ୍ତି ।

''ତୁମେ ଅନନ୍ୟ ଭାବରେ ସେହି ପରମାତ୍ମାଙ୍କ ଶରଣକୁ ଚାଲିଯାଅ'' **'ତମେବ ଶରଣଂ ଗଚ୍ଛ'** (୧୮ । ୬୨)—ଏଭଳି କହି 'ତଦ୍' ପଦ ଦ୍ୱାରା ଓ ''ତୁମେ ଅନନ୍ୟଭାବରେ ମୋର ଶରଣକୁ ଆସିଯାଅ'' **'ମାମେକଂ ଶରଣଂ ବ୍ରଜ'** (୧୮ । ୬୬)—ଏଭଳି କହି 'ଅସ୍ମଦ୍' ପଦ ଦ୍ୱାରା ଭଗବାନ ତାଙ୍କଠାରେ ଶରଣ ଯିବାକୁ ଆଜ୍ଞା ଦେଇଛନ୍ତି । ''ସମସ୍ତ ପ୍ରାଣୀ ଯାହାଙ୍କର ଅନ୍ତର୍ଗତ ଓ ଯାହାଙ୍କ ଦ୍ୱାରା ଏହି ସମ୍ପୂର୍ଣ୍ଣ ସଂସାର ବ୍ୟାପ୍ତ, ସେହି ପରମାତ୍ମା ଅନନ୍ୟଭକ୍ତି ଦ୍ୱାରା ହିଁ ପ୍ରାପ୍ତ ହୁଅନ୍ତି'' **'ପୁରୁଷଃ ସ ପରଃ....ସର୍ବମିଦଂ ତତମ୍'** (୮ । ୨୨)— ଏପରି କହି 'ତଦ୍' ପଦ ଦ୍ୱାରା ଏବଂ ''ଅବ୍ୟକ୍ତମୂର୍ତ୍ତି ମୋ'ଦ୍ୱାରା ହିଁ ଏହି ସମ୍ପୂର୍ଣ୍ଣ ସଂସାର ବ୍ୟାପ୍ତ ଓ ସମସ୍ତ

ପ୍ରାଣୀ ମୋ'ଠାରେ ସ୍ଥିତ'' **'ମୟା ତତମିଦଂ....ମତ୍‌ସ୍ଥାନି ସର୍ବଭୂତାନି'** (୯।୪)—ଏହା କହି 'ଅସ୍ମଦ୍' ପଦରେ ଭଗବାନ ନିଜ ମଧ୍ୟରେ ସମସ୍ତ ପ୍ରାଣୀଙ୍କୁ ସ୍ଥିତ ଏବଂ ନିଜକୁ ହିଁ ସମ୍ପୂର୍ଣ୍ଣ ସଂସାରରେ ବ୍ୟାପ୍ତ ବୋଲି କହିଛନ୍ତି।

''ଯାହା ଜ୍ଞେୟତତ୍ତ୍ୱ ଓ ଯାହାକୁ ଜାଣିଲେ ଅମରତ୍ୱ ପ୍ରାପ୍ତି ହୋଇଥାଏ, ମୁଁ ତାହାରି ବର୍ଣ୍ଣନା କରିବି'' **'ଜ୍ଞେୟଂ ଯତତ୍ ପ୍ରବକ୍ଷ୍ୟାମି ଯଜ୍‌ଜ୍ଞାତ୍ୱାମୃତମଶ୍ନୁତେ'** (୧୩।୧୨)—ଏପରି କହି 'ତତ୍' ପଦ ଦ୍ୱାରା ଏବଂ ''ସମସ୍ତ ବେଦମାନଙ୍କ ଦ୍ୱାରା ଜାଣିବାଯୋଗ୍ୟ କେବଳ ମୁଁ ଅଟେ'' **'ବେଦୈଶ୍ଚ ସର୍ବୈରହମେବ ବେଦ୍ୟଃ'** (୧୫।୧୫)—ଏଭଳି କହି 'ଅସ୍ମଦ୍' ପଦ ଦ୍ୱାରା, ଭଗବାନ ନିଜକୁ ଜ୍ଞେୟତତ୍ତ୍ୱ ବୋଲି ଜାଣିବାକୁ କହିଛନ୍ତି।

''ଈଶ୍ୱର ସମସ୍ତ ପ୍ରାଣୀଙ୍କର ହୃଦୟରେ ଅବସ୍ଥିତ'' **'ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି'** (୧୮।୬୧)—ଏପରି କହି 'ତତ୍' ପଦ ଦ୍ୱାରା ଏବଂ ''ମୁଁ ହିଁ ସମସ୍ତ ପ୍ରାଣୀଙ୍କ ହୃଦୟରେ ଉତ୍ତମରୂପେ ସ୍ଥିତ'' **'ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟଃ'** (୧୫।୧୫)—ଏପରି କହି **'ଅସ୍ମଦ୍'** ପଦ ଦ୍ୱାରା ଭଗବାନ ନିଜକୁ ସମସ୍ତ ପ୍ରାଣୀଙ୍କ ହୃଦୟରେ ସ୍ଥିତ ବୋଲି ଜଣାଇଛନ୍ତି।

''ଯେଉଁ ମନୁଷ୍ୟ ଶେଷସମୟରେ ସର୍ବଜ୍ଞ, ପୁରାଣ, ଅନୁଶାସିତା ଆଦି ବିଶେଷଣଯୁକ୍ତ ସଗୁଣନିରାକାର ପରମାତ୍ମାଙ୍କର ଚିନ୍ତନ କରି ଶରୀର ତ୍ୟାଗ କରେ, ସେ ସେହି ପରମ ଦିବ୍ୟ ପୁରୁଷଙ୍କୁ ପ୍ରାପ୍ତ ହୁଏ'', **'କବିଂ ପୁରାଣଂ.......... ପୁରୁଷମୁପୈତି ଦିବ୍ୟମ୍'** (୮।୯–୧୦)—ଏହିପରି କହି 'ତତ୍' ପଦ ଦ୍ୱାରା ଓ ''ଯେଉଁ ମନୁଷ୍ୟ ଶେଷସମୟରେ ମୋତେ ସ୍ମରଣ କରି ଶରୀର ତ୍ୟାଗ କରେ, ସେ ମୋତେ ପ୍ରାପ୍ତ ହୁଏ'' **'ଅନ୍ତକାଳେ ଚ ମାମେବ.........ମଦ୍ଭାବଂ ଯାତି'** (୮।୫)—ଏପରି କହି 'ଅସ୍ମଦ୍' ପଦ ଦ୍ୱାରା ଭଗବାନ ଶେଷସମୟରେ ତାଙ୍କୁ ସ୍ମରଣ କରୁଥିବା ଲୋକକୁ ମିଳିଯାଆନ୍ତି ବୋଲି କହିଛନ୍ତି। ତାତ୍ପର୍ଯ୍ୟ ଏହି ଯେ ଗୀତାରେ 'ତତ୍' ଓ 'ଅସ୍ମଦ୍' ପଦ ଦ୍ୱାରା ଏକମାତ୍ର ପରମାତ୍ମାଙ୍କ ବର୍ଣ୍ଣନା ହୋଇଛି। ''ଯାହାକୁ ପ୍ରାପ୍ତ ହେବାପରେ ଜୀବ ପୁଣି ସଂସାରକୁ ଫେରି ଆସେ ନାହିଁ, ତାହା ହେଲା ମୋର ପରମଧାମ'' **'ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ'** (୮।୨୧); **'ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ'** (୧୫।୬)—ଏହିପରି କହି 'ତତ୍' ଓ 'ଅସ୍ମଦ୍' ପଦବାଚୀ ପରମାତ୍ମାଙ୍କର ଏକତ୍ୱ ଦର୍ଶାଯାଇଛି।

୯୬. ଗୀତା ଉପରେ ବିହଙ୍ଗମ ଦୃଷ୍ଟି

ଅଷ୍ଟାଦଶାତ୍ ଯେ ବିଷୟାସ୍ତୁ ପୂର୍ବମୁକ୍ତାଶ୍ଚ କୃଷ୍ଣେନ କିରୀଟିନେ ବୈ।
ଅଷ୍ଟାଦଶେ ତେ ଚ ବିଧାନ୍ତରେଣ ବ୍ୟାସେନ ସର୍ବେ ହି ସମାସତଶ୍ଚ॥

ଗୀତାର ଅଷ୍ଟାଦଶ ଅଧ୍ୟାୟଟି ସମଗ୍ର ଗୀତାର ସାର ଅଂଶ। ଏଥିରେ ଭଗବାନଙ୍କ ଦ୍ୱାରା ପୂର୍ବକଥିତ ବିଷୟଗୁଡ଼ିକର ଉପସଂହାର କରାଯାଇଛି। ଏଥିରେ ତିନୋଟି କଥା ବିଶେଷଭାବେ ଦେଖାଯାଏ—

(୧) ପୂର୍ବ ଅଧ୍ୟାୟମାନଙ୍କରେ ଯେଉଁ ବିଷୟକୁ ସଂକ୍ଷେପରେ କୁହାଯାଇଥିଲା, ଏଠାରେ ତାହାର ବିସ୍ତାରପୂର୍ବକ ଉପସଂହାର କରାଯାଇଛି; (୨) ପୂର୍ବ ଅଧ୍ୟାୟମାନଙ୍କରେ ଯେଉଁ ବିଷୟଗୁଡ଼ିକୁ ବିସ୍ତୃତଭାବେ କୁହାଯାଇଛି, ଏଠାରେ ତାହାର ସଂକ୍ଷେପରେ ଉପସଂହାର କରାଯାଇଛି; ଏବଂ (୩) ପୂର୍ବ ଅଧ୍ୟାୟମାନଙ୍କରେ କୁହାଯାଇଥିବା ବିଷୟଗୁଡ଼ିକୁ ହିଁ ଏଠାରେ ପ୍ରକାରାନ୍ତରରେ କୁହାଯାଇଛି।

ଭଗବାନଙ୍କର ଉପଦେଶରେ ମୁଖ୍ୟତଃ ଦୁଇଟି ନିଷ୍ଠାର ବିସ୍ତାରପୂର୍ବକ ବର୍ଣ୍ଣନା କରାଯାଇଛି, ଯାହାକୁ ଭଗବାନ **'ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ'** (୨।୩୯) ପଦଗୁଡ଼ିକରେ ସାଂକେତିକରୂପେ ଓ **'ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା.......... ଜ୍ଞାନଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାମ୍'** (୩।୩) ପଦଗୁଡ଼ିକରେ ସ୍ପଷ୍ଟଭାବରେ ବର୍ଣ୍ଣନା କରିଛନ୍ତି। ସେହି ଦୁଇଟି ନିଷ୍ଠାକୁ ତତ୍ତ୍ୱତଃ ଜାଣିବା ପାଇଁ ଅର୍ଜୁନ ଅଷ୍ଟାଦଶ ଅଧ୍ୟାୟର ଆରମ୍ଭରେ ପ୍ରଶ୍ନ କରିଛନ୍ତି। ଅତଏବ ସେହି ଦୁଇଟି ନିଷ୍ଠାରେ ବର୍ଣ୍ଣିତ ବିଷୟଗୁଡ଼ିକ ଏହି ଅଷ୍ଟାଦଶ ଅଧ୍ୟାୟରେ ସଂକ୍ଷିପ୍ତଭାବରେ ବା ବିସ୍ତାରପୂର୍ବକ ଅଥବା ପ୍ରକାରାନ୍ତରରେ ଉପସଂହାର କରାଯାଇଛି।

ସପ୍ତମରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ଯେଉଁ ଭଗବଦ୍ଭକ୍ତିର ବିଶେଷଭାବରେ ବର୍ଣ୍ଣନା କରାଯାଇଛି, ତାହା ଭଗବାନଙ୍କ ହୃଦୟର କଥା ଏବଂ ଉଭୟ ନିଷ୍ଠାରୁ ବିଲକ୍ଷଣ। ତାହା ସାଂଖ୍ୟନିଷ୍ଠା ଅଥବା ଯୋଗନିଷ୍ଠା

ନୁହେଁ, ବରଂ ତାହା ଭଗବନ୍ନିଷ୍ଠା ଅଟେ, ଯେଉଁଥିରେ କେବଳ ଭଗବଦ୍‌ପରାୟଣତା ହିଁ ପ୍ରଧାନ। ଏହି ଭଗବନ୍ନିଷ୍ଠାର ବର୍ଣ୍ଣନାରେ ଭଗବାନ ତାଙ୍କ ଉପଦେଶର ଉପସଂହାର କରିଛନ୍ତି।

ଦ୍ୱିତୀୟ ଅଧ୍ୟାୟର ୩୯ଶ ଶ୍ଳୋକଠାରୁ ଅଧ୍ୟାୟର ଶେଷ ପର୍ଯ୍ୟନ୍ତ କର୍ମଯୋଗର ବର୍ଣ୍ଣନା ରହିଛି। ତୃତୀୟ ଅଧ୍ୟାୟରେ ମଧ୍ୟ ମୁଖ୍ୟଭାବରେ ସେହି କଥା ହିଁ ବର୍ଣ୍ଣିତ ହୋଇଛି। ଦ୍ୱିତୀୟ ଅଧ୍ୟାୟର ୬୧ଶ ଶ୍ଳୋକରେ **'ମତ୍ପରଃ'** ପଦ ଭଗବଦ୍‌ପରାୟଣତା ପାଇଁ ପ୍ରଯୁକ୍ତ ହୋଇଛି। ତାହାକୁ ତୃତୀୟ ଅଧ୍ୟାୟର ୩୦ଶ ଶ୍ଳୋକରେ ଟିକିଏ ବିସ୍ତାର କରି କୁହାଯାଇଛି। ଏହିରୂପେ କର୍ମଯୋଗରେ ମଧ୍ୟ କିଛି ମାତ୍ରାରେ ଉପାସନାର ମିଶ୍ରଣ ରହିଛି। ଚତୁର୍ଥ ଅଧ୍ୟାୟରେ ଭଗବାନ କର୍ମଯୋଗର ପରମ୍ପରା କଥା କହି ତାଙ୍କ ଜନ୍ମ ଓ କର୍ମର ତତ୍ତ୍ୱ ବିଷୟରେ କହିଛନ୍ତି ଏବଂ ତାଙ୍କ କର୍ମର ଆଦର୍ଶ କଥା କହି କର୍ମଯୋଗର ବର୍ଣ୍ଣନା କରିଛନ୍ତି। ପୁନଶ୍ଚ ପଞ୍ଚମ ଅଧ୍ୟାୟରେ ସେହି କର୍ମଯୋଗ ଓ ସାଂଖ୍ୟଯୋଗର ଅଦଳବଦଳ କରି (ଥରେ କର୍ମଯୋଗର ଓ ଥରେ ସାଂଖ୍ୟଯୋଗର) ଚର୍ଚ୍ଚା କଲେ ଓ ଶେଷରେ ଭକ୍ତିର ବିବେଚନା କରି ଅଧ୍ୟାୟଟିକୁ ଶେଷ କଲେ। ଏହିରୂପେ ଦ୍ୱିତୀୟ ଅଧ୍ୟାୟରୁ ପଞ୍ଚମ ଅଧ୍ୟାୟର ଶେଷ ପର୍ଯ୍ୟନ୍ତ କର୍ମଯୋଗର ବର୍ଣ୍ଣନା ହୋଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୪ର୍ଥ ରୁ ୧୨ଶ ଶ୍ଳୋକଯାଏ ପ୍ରକାରାନ୍ତରରେ କୁହାଯାଇଛି।

ପଞ୍ଚମ ଅଧ୍ୟାୟର ୧୩ଶ ଠାରୁ ୨୬ଶ ଶ୍ଳୋକ ପର୍ଯ୍ୟନ୍ତ ଓ ତ୍ରୟୋଦଶ ଅଧ୍ୟାୟର ୧୯ଶ ରୁ ୩୪ଶ ଶ୍ଳୋକ ପର୍ଯ୍ୟନ୍ତ ବିସ୍ତୃତପ୍ରଧାନ ସାଂଖ୍ୟଯୋଗର ବର୍ଣ୍ଣନା ହୋଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୧୩ଶ ଠାରୁ ୧୮ଶ ଶ୍ଳୋକ ପର୍ଯ୍ୟନ୍ତ ପ୍ରକାରାନ୍ତରରେ ବର୍ଣ୍ଣନା କରାଯାଇଛି।

ତୃତୀୟ ଅଧ୍ୟାୟର ୮ମ ଶ୍ଳୋକରେ ଯେଉଁ ନିୟତକର୍ମ କଥା କୁହାଯାଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୪୨ଶ ରୁ ୪୮ଶ ଶ୍ଳୋକଯାଏ ବିସ୍ତୃତଭାବେ ବର୍ଣ୍ଣନା କରାଯାଇଛି।

ସପ୍ତମ ଅଧ୍ୟାୟଠାରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ଭକ୍ତିଯୋଗର ଯେଉଁ ବିସ୍ତାରପୂର୍ବକ ବର୍ଣ୍ଣନା ହୋଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୫୬ଶ ରୁ ୬୬ତମ ଶ୍ଳୋକଯାଏ ପୂର୍ବ ଅପେକ୍ଷା କିଛି ସଂକ୍ଷେପରେ ଓ କିଛି ପ୍ରକାରାନ୍ତରରେ ବର୍ଣ୍ଣନା କରାଯାଇଛି।

ଚତୁର୍ଥ ଅଧ୍ୟାୟର ୧୩ଶ ଶ୍ଳୋକରେ ଚାରି ବର୍ଣ୍ଣ ସମ୍ବନ୍ଧୀୟ ଯେଉଁ ବିଷୟ ସଂକ୍ଷିପ୍ତଭାବେ କୁହାଯାଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୪୧ଶ ରୁ ୪୪ଶ ଶ୍ଳୋକଯାଏ ବିସ୍ତୃତଭାବେ କୁହାଯାଇଛି। ଏହାକୁ (୧୮।୪୧-୪୪ କୁ)ସପ୍ତଦଶ ଅଧ୍ୟାୟର ୨ୟ ଓ ୩ୟ ଶ୍ଳୋକରେ ବର୍ଣ୍ଣିତ ସ୍ୱଭାବଜାତ ଶ୍ରଦ୍ଧାର ମଧ୍ୟ ଉପସଂହାର ବୋଲି ମାନି ନିଆଯାଇପାରେ।

ଭଗବାନ ଗୀତାରେ ସାଂଖ୍ୟଯୋଗର ବର୍ଣ୍ଣନା କରୁଥିବା ବେଳେ କେଉଁଠି କହିଛନ୍ତି ଯେ ପ୍ରକୃତି ଓ ତା'ର ଗୁଣଗୁଡ଼ିକ ଦ୍ୱାରା ହିଁ ସବୁ କର୍ମ କରାଯାଏ (୩।୨୭; ୧୩।୨୯); କେଉଁଠି କହିଛନ୍ତି ଯେ ଦ୍ରଷ୍ଟା ଗୁଣଗୁଡ଼ିକ ଛଡ଼ା ଅନ୍ୟକୁ କର୍ତ୍ତା ଦେଖେ ନାହିଁ (୧୪।୧୯); ଏବଂ ଆଉ କେଉଁଠି କହିଛନ୍ତି ଯେ ଇନ୍ଦ୍ରିୟମାନେ ଇନ୍ଦ୍ରିୟମାନଙ୍କ ବିଷୟଗୁଡ଼ିକରେ ପ୍ରବର୍ତ୍ତିତ ହେଉଛନ୍ତି (୫।୯) ଇତ୍ୟାଦି। ତାହାକୁ ଅଷ୍ଟାଦଶ ଅଧ୍ୟାୟର ୧୩ଶ ରୁ ୧୮ଶ ଶ୍ଳୋକଯାଏ ସଂକ୍ଷିପ୍ତଭାବେ ଓ ପ୍ରକାରାନ୍ତରରେ ବର୍ଣ୍ଣନା କରାଯାଇଛି।

ଚତୁର୍ଦ୍ଦଶ ଅଧ୍ୟାୟର ୫ମ ରୁ ୧୮ଶ ଶ୍ଳୋକଯାଏ ଯେଉଁ ଗୁଣଗୁଡ଼ିକର ବର୍ଣ୍ଣନା ହୋଇଛି, ତାହାକୁ ହିଁ ଅଷ୍ଟାଦଶ ଅଧ୍ୟାୟର ୨୦ଶ ରୁ ୪୦ଶ ଶ୍ଳୋକଯାଏ ବିସ୍ତାରପୂର୍ବକ ଓ ପ୍ରକାରାନ୍ତରରେ କୁହାଯାଇଛି।

ଷଷ୍ଠ ଓ ଅଷ୍ଟମ ଅଧ୍ୟାୟରେ ଧ୍ୟାନ ବିଷୟରେ ଯେଉଁ ବିସ୍ତାରପୂର୍ବକ ବର୍ଣ୍ଣନା ହୋଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୫୧ଶ ରୁ ୫୩ଶ ଶ୍ଳୋକ ପର୍ଯ୍ୟନ୍ତ ପ୍ରକାରାନ୍ତରରେ ଓ ସଂକ୍ଷିପ୍ତଭାବେ ବର୍ଣ୍ଣନା କରାଯାଇଛି। ଏହାକୁ (୧୮।୫୧-୫୩ କୁ) ତ୍ରୟୋଦଶ ଅଧ୍ୟାୟର ୭ମ ରୁ ୧୧ଶ ଶ୍ଳୋକଯାଏ ବର୍ଣ୍ଣିତ ଜ୍ଞାନଯୋଗର କୋଡ଼ିଏଟି ସାଧନାର ମଧ୍ୟ ଉପସଂହାର ବୋଲି ମାନି ନିଆଯାଇପାରେ।

ସପ୍ତମ ଅଧ୍ୟାୟର ୮ମ ରୁ ୧୨ଶ ଶ୍ଳୋକଯାଏ, ନବମ ଅଧ୍ୟାୟର ୧୬ଶ ରୁ ୧୯ଶ ଶ୍ଳୋକଯାଏ, ଦଶମ ଅଧ୍ୟାୟର ୨୦ଶ ରୁ ୩୮ଶ ଶ୍ଳୋକଯାଏ ଓ ପଞ୍ଚଦଶ ଅଧ୍ୟାୟର ୧୨ଶ ରୁ ୧୫ଶ ଶ୍ଳୋକଯାଏ ଯେଉଁ ବିଭୂତିଗୁଡ଼ିକର ବର୍ଣ୍ଣନା ଭଗବାନ କରିଛନ୍ତି, ଅଷ୍ଟାଦଶ ଅଧ୍ୟାୟର ୭୮ତମ ଶ୍ଳୋକରେ ସଞ୍ଜୟ ସେଗୁଡ଼ିକର ସଂକ୍ଷିପ୍ତଭାବେ ଉପସଂହାର କରିଛନ୍ତି।

ଏକାଦଶ ଅଧ୍ୟାୟରେ ଭଗବାନଙ୍କ ବିଶ୍ୱରୂପର ଯେଉଁ ବର୍ଣ୍ଣନା ହୋଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୭୭ତମ ଶ୍ଳୋକରେ ସଞ୍ଜୟ ସ୍ମୃତିଭାବରେ ବର୍ଣ୍ଣନା କରି ସଂକ୍ଷେପରେ ଉପସଂହାର କରିଛନ୍ତି।

ତୃତୀୟ ଅଧ୍ୟାୟର ୩୧ଶ ଶ୍ଳୋକରେ, ଚତୁର୍ଥ ଅଧ୍ୟାୟର ୩୯ଶ ଶ୍ଳୋକରେ ଓ ସପ୍ତଦଶ ଅଧ୍ୟାୟର ୩ୟ ଶ୍ଳୋକରେ ଯେଉଁ ଶ୍ରଦ୍ଧା ବିଷୟ ବର୍ଣ୍ଣିତ ହୋଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୭୧ତମ ଶ୍ଳୋକରେ ଭଗବାନ ସଂକ୍ଷେପରେ କହିଛନ୍ତି।

ଦ୍ୱିତୀୟ ଅଧ୍ୟାୟର ୩୧ଶ ରୁ ୩୮ଶ ଶ୍ଳୋକଯାଏ ଯେଉଁ କ୍ଷାତ୍ରଧର୍ମର ବର୍ଣ୍ଣନା ଅଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୪୩ଶ ଶ୍ଳୋକରେ ସଂକ୍ଷେପରେ କୁହାଯାଇଛି।

ତୃତୀୟ ଅଧ୍ୟାୟର ୩୩ଶ ଶ୍ଳୋକରେ ଯେଉଁ ସ୍ୱଭାବର ପରବଶତା କଥା କୁହାଯାଇଛି, ଅଷ୍ଟାଦଶ ଅଧ୍ୟାୟର ୫୯ତମ ଓ ୬୦ତମ ଶ୍ଳୋକରେ ତାହାର ଉପସଂହାର କରାଯାଇଛି।

ପ୍ରଥମ ଅଧ୍ୟାୟର ୩୧ଶ ରୁ ୪୬ଶ ଶ୍ଳୋକଯାଏ ଯେଉଁ ମୋହ କଥା କୁହାଯାଇଛି, ଅଷ୍ଟାଦଶ ଅଧ୍ୟାୟର ୭ମ, ୬୦ତମ, ୭୨ତମ ଓ ୭୩ତମ ଶ୍ଳୋକରେ ସଂକ୍ଷେପରେ ତାହାର ଉପସଂହାର କରାଯାଇଛି।

ଦ୍ୱିତୀୟ ଅଧ୍ୟାୟର ୫୫ଶ ରୁ ୭୨ତମ ଶ୍ଳୋକଯାଏ ସ୍ଥିତପ୍ରଜ୍ଞର ଯେଉଁସବୁ ଲକ୍ଷଣ ବର୍ଣ୍ଣିତ ହୋଇଛି, ଅଷ୍ଟାଦଶ ଅଧ୍ୟାୟର ୧୦ ମ ଓ ୧୧ଶ ଶ୍ଳୋକରେ ତାହାର ସଂକ୍ଷେପରେ ଉପସଂହାର କରାଯାଇଛି।

ଅଷ୍ଟମ ଅଧ୍ୟାୟର ଅନ୍ତକାଳୀନ ସ୍ମରଣ ସମ୍ବନ୍ଧରେ ଯେଉଁ କଥା କୁହାଯାଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୫୬ଶ, ୫୮ଶ ଓ ୬୫ତମ ଶ୍ଳୋକରେ ସଂକ୍ଷିପ୍ତଭାବେ କୁହାଯାଇଛି।

ଷୋଡ଼ଶ ଅଧ୍ୟାୟର ୧ମ ରୁ ୩ୟ ଶ୍ଳୋକଯାଏ ଦୈବୀସମ୍ପତ୍ତିର ଯେଉଁ ଲକ୍ଷଣଗୁଡ଼ିକ ବିସ୍ତୃତଭାବେ ବର୍ଣ୍ଣିତ ହୋଇଛି, ସେଗୁଡ଼ିକୁ ଅଷ୍ଟାଦଶ ଅଧ୍ୟାୟର ୪୨ଶ ରୁ ୪୪ଶ ଶ୍ଳୋକଯାଏ ପ୍ରକାରାନ୍ତରରେ ବର୍ଣ୍ଣନା କରାଯାଇଛି।

ଷୋଡ଼ଶ ଅଧ୍ୟାୟ ୭ମ ରୁ ୨୦ ଶ ଶ୍ଳୋକଯାଏ ଯେଉଁ ଆସୁରୀସମ୍ପତ୍ତିର ବିସ୍ତୃତଭାବେ ବର୍ଣ୍ଣନା ହୋଇଛି, ତାହାକୁ ଅଷ୍ଟାଦଶ ଅଧ୍ୟାୟର ୬୭ତମ ଶ୍ଳୋକରେ ଗୀତାଶ୍ରବଣର ଅନଧିକାରୀ ବିଷୟରେ ବର୍ଣ୍ଣନା କରିବାବେଳେ ସଂକ୍ଷେପରେ କୁହାଯାଇଛି।

ଚତୁର୍ଥ ଅଧ୍ୟାୟର ୨୮ଶ ଶ୍ଳୋକରେ ଯେଉଁ ସ୍ୱାଧ୍ୟାୟରୂପକ ଜ୍ଞାନଯଜ୍ଞ କଥା ଅଛି, ଅଷ୍ଟାଦଶ ଅଧ୍ୟାୟର ୭୦ ତମ ଶ୍ଳୋକରେ **'ଜ୍ଞାନଯଜ୍ଞେନ'** ପଦରେ ତାହାର ଉପସଂହାର କରାଯାଇଛି।

ଦ୍ୱିତୀୟ ଅଧ୍ୟାୟର ୧୧ଶ ରୁ ୩୦ ଶ ଶ୍ଳୋକଯାଏ ଶୋକ କରିବାକୁ ଯେଉଁ ନିଷେଧ କରାଯାଇଛି, ଅଷ୍ଟାଦଶ ଅଧ୍ୟାୟର ୬୬ତମ ଶ୍ଳୋକରେ **'ମା ଶୁଚଃ'** ପଦରେ ତାହାର ଉପସଂହାର କରାଯାଇଛି।

ଏହିପରି ଦେଖିଲେ ଅଷ୍ଟାଦଶ ଅଧ୍ୟାୟଟି ହେଉଛି ଗୀତାର ସାର। ଏହି ଅଧ୍ୟାୟଟିକୁ ଯଥାର୍ଥରୂପେ ମନନ କଲେ ଗୀତାର ସାରତତ୍ତ୍ୱ ବୁଝି ହୋଇଯାଏ।

ସମସ୍ତ ଗ୍ରନ୍ଥର ସାର ହେଲା ବେଦ, ବେଦମାନଙ୍କର ସାର ହେଲା ଉପନିଷଦ, ଉପନିଷଦମାନଙ୍କର ସାର ହେଲା ଭଗବଦ୍‌ଗୀତା ଓ ଭଗବଦ୍‌ଗୀତାର ସାର ହେଲା ସର୍ବଗୁହ୍ୟତମ ତତ୍ତ୍ୱ ଅର୍ଥାତ୍ ସଗୁଣ ଭଗବାନଙ୍କ ଶରଣାଗତି, ଯାହାର ବର୍ଣ୍ଣନା ଅଷ୍ଟାଦଶ ଅଧ୍ୟାୟର ୬୬ତମ ଶ୍ଳୋକରେ କରାଯାଇଛି।

୯୭. ଗୀତାପାଠର ବିଧି

ବାଞ୍ଛନ୍ତି ପଠିତୁଂ ଗୀତାଂ କ୍ରମେଣ ବିକ୍ରମେଣ ବା।
ତଦର୍ଥଂ ବିଧୟଃ ପ୍ରୋକ୍ତାଃ କରନ୍ୟାସାଦିନା ସହ॥

ମନୁଷ୍ୟର ସ୍ୱଭାବ ଯେ ସେ ଯଦି କୌଣସି କାମକୁ ଅତ୍ୟନ୍ତ ରୁଚିପୂର୍ବକ କରେ, ତେବେ ସେଥିରେ ସେ ତଲ୍ଲୀନ, ତତ୍ପର ଓ ତଦ୍‌ସ୍ୱରୂପ ହୋଇଯାଏ। ଏଭଳି ସ୍ୱଭାବ ଥିଲେ ମଧ୍ୟ ସେ ପ୍ରକୃତି ଓ ତାହାର କାର୍ଯ୍ୟ (ପଦାର୍ଥ ଓ ଭୋଗଗୁଡ଼ିକ) ସହିତ ଅଭିନ୍ନ ହୋଇପାରେ ନାହିଁ, କାରଣ ସେ ସେଗୁଡ଼ିକ ଠାରୁ ସଦାସର୍ବଦା ଭିନ୍ନ ଅଟେ। କିନ୍ତୁ ପରମାତ୍ମାଙ୍କ ନାମର ଜପ, ପରମାତ୍ମାଙ୍କର ଚିନ୍ତନ, ତାଙ୍କର ସିଦ୍ଧାନ୍ତଗୁଡ଼ିକର ମନନ ଆଦି ସହିତ ମନୁଷ୍ୟ ଯେତିକି ଅଧିକ ଆଗ୍ରହପୂର୍ବକ ସମ୍ବନ୍ଧ ଯୋଡ଼ିବାକୁ ଲାଗେ, ସେ ଏଗୁଡ଼ିକ ସହିତ ସେତିକି ଅଧିକ ଅଭିନ୍ନ ହୁଏ, ଏଗୁଡ଼ିକ ସହିତ ସେ ତଲ୍ଲୀନ, ତତ୍ପର ଓ ତଦ୍‌ସ୍ୱରୂପ ହୋଇଯାଏ; କାରଣ ସେ ପରମାତ୍ମାଙ୍କ ସହିତ ସଦାକାଳରୁ ସ୍ୱତଃ ଅଭିନ୍ନ ଅଟେ। ଅତଏବ ମନୁଷ୍ୟ ଭଗବାନଙ୍କର ଚିନ୍ତନ କରୁଥାଉ ବା ଭଗବଦ୍‌ବିଷୟକ ଗ୍ରନ୍ଥଗୁଡ଼ିକର ପଠନପାଠନ କରୁଥାଉ ଅଥବା ଗୀତା, ରାମାୟଣ, ଭାଗବତ ଆଦି ଗ୍ରନ୍ଥଗୁଡ଼ିକର ପାଠ ଓ ସ୍ୱାଧ୍ୟାୟ କରୁଥାଉ,

ଯାହା କିଛି କରୁଥିଲେ ମଧ୍ୟ ତାହା ଅତ୍ୟନ୍ତ ଆଗ୍ରହର ସହିତ, ତଲ୍ଲୀନ ହୋଇ ଉତ୍ସାହପୂର୍ବକ କରିବା ଉଚିତ। ଗୀତାକୁ କେଉଁ ବିଧିରେ ପାଠ କରିବା ଆବଶ୍ୟକ, ସେ ବିଷୟରେ ଏଠାରେ କୁହାଯାଉଛି।

ଗୀତାପାଠ କରିବା ପାଇଁ କୁଶ, ପଶମ, ବା ଝୋଟଅଖାର ଆସନ ବିଛାଇ ତାହା ଉପରେ ପୂର୍ବ କିଂବା ଉତ୍ତର ଆଡ଼କୁ ମୁହଁ କରି ବସିବ। ଗୀତାପାଠ ଆରମ୍ଭରେ ଏହି ମନ୍ତ୍ର ଉଚ୍ଚାରଣ କରିବ—

ଓଁ ଅସ୍ୟ ଶ୍ରୀମଦ୍ଭଗବଦ୍‌ଗୀତାମାଳାମନ୍ତ୍ରସ୍ୟ ଭଗବାନ୍ ବେଦବ୍ୟାସ ଋଷିଃ। ଅନୁଷ୍ଟୁପ୍ ଛନ୍ଦଃ। ଶ୍ରୀକୃଷ୍ଣଃ ପରମାତ୍ମା ଦେବତା॥ ଅଶୋଚ୍ୟାନନ୍ୱ-ଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ଇତି ବୀଜମ୍॥ ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ଇତି ଶକ୍ତିଃ॥ ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷ-ୟିଷ୍ୟାମି ମା ଶୁଚ ଇତି କୀଳକମ୍॥

ଏହି ମନ୍ତ୍ରର ବ୍ୟାଖ୍ୟା ନିମ୍ନରେ ପ୍ରଦତ୍ତ ହେଲା—

ମାଳାରେ ଅନେକ ମାଳିଦାନା କିଂବା ଫୁଲ ଗୁନ୍ଥାଯାଇ ଥିବାଭଳି ଭଗବାନଙ୍କ ଦ୍ୱାରା ଗାନ କରାଯାଇଥିବା ସମସ୍ତ ଶ୍ଳୋକ ଅର୍ଥାତ୍ ମନ୍ତ୍ର ଶ୍ରୀମଦ୍ଭଗବଦ୍‌ଗୀତାରୂପୀ ମାଳାର ମାଳିଦାନା ସଦୃଶ। ଶ୍ରୀମଦ୍ ଭଗବଦ୍‌ଗୀତାରୂପୀ ମାଳାର ମନ୍ତ୍ରଗୁଡ଼ିକର ଦ୍ରଷ୍ଟା ଅର୍ଥାତ୍ ସର୍ବପ୍ରଥମେ ଏହି ମନ୍ତ୍ରଗୁଡ଼ିକର ସାକ୍ଷାତ୍କାର କରିଥିବା ଋଷି ହେଉଛନ୍ତି ଭଗବାନ ବେଦବ୍ୟାସ— **'ଓଁ ଅସ୍ୟ ଶ୍ରୀମଦ୍ଭଗବଦ୍‌ଗୀତାମାଳାମନ୍ତ୍ରସ୍ୟ ଭଗବାନ୍ ବେଦବ୍ୟାସ ଋଷିଃ।'**

ଶ୍ରୀମଦ୍‌ଭଗବଦ୍‌ଗୀତାର ଅଧିକାଂଶ ଶ୍ଳୋକ ଅନୁଷ୍ଟୁପ୍ ଛନ୍ଦର। ଏହାର ଆରମ୍ଭ (**ଧର୍ମକ୍ଷେତ୍ରେ.....**) ଓ ଶେଷ (**ଯତ୍ର ଯୋଗେଶ୍ୱରଃ ....**) ଏବଂ ଉପଦେଶର ଆରମ୍ଭ (**ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ........**) ଓ ଶେଷ (**ସର୍ବଧର୍ମାନ୍ ପରିତ୍ୟଜ୍ୟ.......**) ଅନୁଷ୍ଟୁପ୍ ଛନ୍ଦରେ ହିଁ ହୋଇଛି। ଅତଏବ ଏହାର ଛନ୍ଦ ହେଲା ଅନୁଷ୍ଟୁପ୍— **'ଅନୁଷ୍ଟୁପ୍ ଛନ୍ଦଃ'**।

ଯିଏ ପ୍ରତ୍ୟେକ ମନୁଷ୍ୟର ପରମ ପ୍ରାପଣୀୟ, ପରମ ଧ୍ୟେୟ, ସେହି ପରମାତ୍ମା ଶ୍ରୀକୃଷ୍ଣ ଏହାର ଦେବତା (ଅଧିପତି)—**'ଶ୍ରୀକୃଷ୍ଣଃ ପରମାତ୍ମା ଦେବତା'**।

ଉପଦେଶ ଅଜ୍ଞାନୀମାନଙ୍କୁ ହିଁ ଦିଆଯାଏ ଏବଂ ଅଜ୍ଞାନୀ ହିଁ ଉପଦେଶର ଅଧିକାରୀ। ଅର୍ଜୁନ ମଧ୍ୟ ଧର୍ମର କଥା କହୁଥିଲେ, ଏଣେ କୌଟୁମ୍ବିକ ମୋହ ହେତୁ ଶୋକ କରୁଥିଲେ। ଯେତେବେଳେ ସେ ଶୋକ ହେତୁ ନିଜର କର୍ତ୍ତବ୍ୟକର୍ମରୂପକ ଧର୍ମ ନିର୍ଣ୍ଣୟ କରି ପାରିଲେ ନାହିଁ, ସେତେବେଳେ ସେ ଭଗବାନଙ୍କର ଶରଣାପନ୍ନ ହେଲେ। ଭଗବାନ ଅର୍ଜୁନଙ୍କର ଶୋକ ଦୂର କରିବା ପାଇଁ ଉପଦେଶ ଦେବା ଆରମ୍ଭ କଲେ, ଯାହା କି ଗୀତାର ବୀଜ ଅଟେ—**'ଅଶୋଚ୍ୟାନନ୍ୱ-ଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ଇତି ବୀଜମ୍।'**

ଭଗବାନଙ୍କର ଶରଣାପନ୍ନ ହୋଇଯିବା ସମସ୍ତ ସାଧନା ଓ ଉପଦେଶର ସାର; କାରଣ ଭଗବାନଙ୍କର ଶରଣାପନ୍ନ ହେବା ଭଳି ଅନ୍ୟ କୌଣସି ସହଜ, ସୁଗମ, ଶ୍ରେଷ୍ଠ ଓ ଶକ୍ତିଶାଳୀ ସାଧନା ନାହିଁ। ସମସ୍ତ ସାଧନାର ଆଶ୍ରୟ ଛାଡ଼ି ଭଗବାନଙ୍କ ଶରଣାପନ୍ନ ହେବା ହିଁ ଜୀବର ସବୁଠାରୁ ବଡ଼ ଶକ୍ତି ଓ ସାମର୍ଥ୍ୟ—**'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ଇତି ଶକ୍ତିଃ।'**

ଭଗବାନ ଏହି କଥାଟିକୁ ପଣ ବା ପ୍ରତିଜ୍ଞା କରି କହିଛନ୍ତି ଯେ, ଯିଏ ମୋର ଶରଣକୁ ଆସିବ, ତାକୁ ମୁଁ ସମସ୍ତ ପାପରୁ ମୁକ୍ତ କରିଦେବି, ମୁଁ ତା'ର ଉଦ୍ଧାର କରିଦେବି। ଭଗବାନଙ୍କର ଏହି ପ୍ରତିଜ୍ଞା କେବେହେଲେ ଏପଟ ସେପଟ ହୋଇ ନ ପାରେ, କାରଣ ଏହା କୀଳକ (ଖୁଣ୍ଟି) ଅଟେ—**'ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ ଇତି କୀଳକମ୍।'**

ଏହିଭଳି **'ଓଁ ଅସ୍ୟ ଶ୍ରୀମଦ୍ଭଗବଦ୍‌ଗୀତାମାଳା-ମନ୍ତ୍ରସ୍ୟ......... ଇତି କୀଳକମ୍'** ଉଚ୍ଚାରଣ କରିବା ପରେ 'ନ୍ୟାସ' (କରନ୍ୟାସ ଓ ହୃଦୟାଦିନ୍ୟାସ) କରିବ।

ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ଦେବତା ହୋଇ ଅର୍ଥାତ୍ ଶୁଦ୍ଧପୂତ ହୋଇ ଦେବତାପୂଜା, ଗ୍ରନ୍ଥପାଠ ଆଦି କରିବା ଉଚିତ—**'ଦେବୋ ଭୂତ୍ୱା ଯଜେଦ୍ଦେବମ୍'**। ସେହି ଦେବତ୍ୱ, ଶୁଦ୍ଧତା, ପବିତ୍ରତା ଓ ଦିବ୍ୟତା ଆସେ ଅଙ୍ଗଗୁଡ଼ିକରେ ମନ୍ତ୍ରଗୁଡ଼ିକୁ ସ୍ଥାପନ କଲେ। ଯେଉଁ ମନ୍ତ୍ର ବା ସ୍ତୋତ୍ର ପାଠ କରିବାକୁ ଅଛି, ତାହାକୁ ନିଜ ଅଙ୍ଗଗୁଡ଼ିକରେ ସ୍ଥାପନ କରିବା ଉଚିତ। ତାହାକୁ ସ୍ଥାପନ କରିବାର ନାମ 'ନ୍ୟାସ' (କରନ୍ୟାସ ଓ ହୃଦୟାଦିନ୍ୟାସ)।

କରନ୍ୟାସ—

ଦୁଇ ହାତର ଦଶ ଅଙ୍ଗୁଳି, ପାପୁଲି ଏବଂ ହାତର ଉପରପଟ ଓ ତଳପଟକୁ କ୍ରମଶଃ ମନ୍ତ୍ରୋଚ୍ଚାରଣ ପୂର୍ବକ ସ୍ପର୍ଶ କରିବାକୁ 'କରନ୍ୟାସ' କହନ୍ତି; ଯଥା—

(୧) **'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ ଇତ୍ୟଙ୍ଗୁଷ୍ଠାଭ୍ୟାଂ ନମଃ'**—ଏହା କହି ଉଭୟ

ହାତର ତର୍ଜନୀ ଦ୍ୱାରା ବୃଦ୍ଧାଙ୍ଗୁଳି ଦ୍ୱୟକୁ ସ୍ପର୍ଶ କରିବ।

(୨) **'ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତ ଇତି ତର୍ଜନୀଭ୍ୟାଂ ନମଃ'**—ଏହା କହି ଉଭୟ ହାତର ବୃଦ୍ଧାଙ୍ଗୁଳି ଦ୍ୱାରା ତର୍ଜନୀ ଦ୍ୱୟକୁ ସ୍ପର୍ଶ କରିବ।

(୩) **'ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ ଇତି ମଧ୍ୟମାଭ୍ୟାଂ ନମଃ'**—ଏହା କହି ଉଭୟ ହାତର ବୃଦ୍ଧାଙ୍ଗୁଳି ଦ୍ୱାରା ମଧ୍ୟମା ଦ୍ୱୟକୁ ସ୍ପର୍ଶ କରିବ।

(୪) **'ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନ ଇତ୍ୟନାମିକାଭ୍ୟାଂ ନମଃ'**—ଏହା କହି ଉଭୟ ହାତର ବୃଦ୍ଧାଙ୍ଗୁଳି ଦ୍ୱାରା ଅନାମିକା ଦ୍ୱୟକୁ ସ୍ପର୍ଶ କରିବ।

(୫) **'ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶ ଇତି କନିଷ୍ଠିକାଭ୍ୟାଂ ନମଃ'**—ଏହା କହି ଉଭୟ ହାତର ବୃଦ୍ଧାଙ୍ଗୁଳି ଦ୍ୱାରା କନିଷ୍ଠା ଦ୍ୱୟକୁ ସ୍ପର୍ଶ କରିବ।

(୬) **'ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ଇତି କରତଳକରପୃଷ୍ଠାଭ୍ୟାଂ ନମଃ'**—ଏହା କହି ଦୁଇ ହାତର ପାପୁଲିକୁ ଓ ପୃଷ୍ଠ ଭାଗକୁ ପରସ୍ପର ସ୍ପର୍ଶ କରିବ।

ହୃଦୟାଦିନ୍ୟାସ—

ଡାହାଣ ହାତର ପାଞ୍ଚଅଙ୍ଗୁଳିକୁ କ୍ରମଶଃ ମନ୍ତ୍ରୋଚ୍ଚାରଣପୂର୍ବକ ହୃଦୟ ଆଦିକୁ ସ୍ପର୍ଶ କରିବାର ନାମ 'ହୃଦୟାଦିନ୍ୟାସ'; ଯଥା—

(୧) **'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ ଇତି ହୃଦୟାୟ ନମଃ'**—ଏହା କହି ଡାହାଣ ହାତର ପାଞ୍ଚଅଙ୍ଗୁଳି ଦ୍ୱାରା ହୃଦୟକୁ ସ୍ପର୍ଶ କରିବ।

(୨) **'ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତ ଇତି ଶିରସେ ସ୍ୱାହା'**—ଏହା କହି ଡାହାଣ ହାତର ପାଞ୍ଚଅଙ୍ଗୁଳି ଦ୍ୱାରା ମସ୍ତକକୁ ସ୍ପର୍ଶ କରିବ।

(୩) **'ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ ଇତି ଶିଖାୟୈ ବଷଟ୍'**—ଏହା କହି ଡାହାଣ ହାତର ପାଞ୍ଚଅଙ୍ଗୁଳି ଦ୍ୱାରା ଶିଖା (ଚୁଟି)କୁ ସ୍ପର୍ଶ କରିବ।

(୪) **'ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନ ଇତି କବଚାୟ ହୁମ୍'**—ଏହା କହି ଡାହାଣ ହାତର ପାଞ୍ଚଅଙ୍ଗୁଳି ଦ୍ୱାରା ବାଆଁ କାନ୍ଧକୁ ଓ ବାଆଁ ହାତର ପାଞ୍ଚଅଙ୍ଗୁଳି ଦ୍ୱାରା ଡାହାଣ କାନ୍ଧକୁ ସ୍ପର୍ଶ କରିବ।

(୫) **'ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶ ଇତି ନେତ୍ରତ୍ରୟାୟ ବୌଷଟ୍'**—ଏହା କହି ଡାହାଣ ହାତର ପାଞ୍ଚଅଙ୍ଗୁଳିର ଅଗ୍ରଭାଗ ଦ୍ୱାରା ଦୁଇ ନେତ୍ରକୁ ଏବଂ ଲଲାଟର ମଧ୍ୟଭାଗକୁ ଅର୍ଥାତ୍ ସେଠାରେ ଗୁପ୍ତଭାବରେ ଅବସ୍ଥିତ ତୃତୀୟ ନେତ୍ର (ଜ୍ଞାନନେତ୍ର)କୁ ସ୍ପର୍ଶ କରିବ।

(୬) **'ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ଇତି ଅସ୍ତ୍ରାୟ ଫଟ୍'**—ଏହା କହି ଡାହାଣ ହାତକୁ ମୁଣ୍ଡ ଉପରେ ବାମରୁ ଡାହାଣକୁ ପଛପଟ ଦେଇ ବୁଲାଇ ଆଣିବ ଏବଂ ତର୍ଜନୀ ଓ ମଧ୍ୟମା ଅଙ୍ଗୁଳି ଦ୍ୱାରା ବାଆଁ ହାତର ପାପୁଲି ଉପରେ ତାଳି ମାରିବ।

କରନ୍ୟାସ ଓ ହୃଦୟାଦିନ୍ୟାସ କଲାପରେ **'ଶ୍ରୀକୃଷ୍ଣପ୍ରୀତ୍ୟର୍ଥେ ପାଠେ ବିନିଯୋଗଃ'** କହିବ ଅର୍ଥାତ୍ ମୁଁ କେବଳ ଭଗବାନଙ୍କର ପ୍ରସନ୍ନତା ପାଇଁ ହିଁ ଗୀତାପାଠ କରିବାକୁ ଯାଉଛି।

ଗୀତାପାଠ କରିବାର ତିନୋଟି ପ୍ରଣାଳୀ ଅଛି—ସୃଷ୍ଟିକ୍ରମ, ସଂହାରକ୍ରମ ଓ ସ୍ଥିତିକ୍ରମ। ଗୀତାର ପ୍ରଥମ ଅଧ୍ୟାୟର ପ୍ରଥମ ଶ୍ଳୋକରୁ ଅଷ୍ଟାଦଶ ଅଧ୍ୟାୟର ଶେଷ ଶ୍ଳୋକପର୍ଯ୍ୟନ୍ତ କ୍ରମାନ୍ୱୟରେ ପାଠ କରିବାକୁ କିଂବା ପ୍ରତ୍ୟେକ ଅଧ୍ୟାୟର ପ୍ରଥମ ଶ୍ଳୋକରୁ ସେହି ଅଧ୍ୟାୟର ଶେଷ ଶ୍ଳୋକଯାଏ କ୍ରମାନ୍ୱୟରେ ପାଠ କରିବାକୁ **'ସୃଷ୍ଟିକ୍ରମ'** କୁହାଯାଏ। ଅଷ୍ଟାଦଶ ଅଧ୍ୟାୟର ଶେଷ ଶ୍ଳୋକଠାରୁ ପ୍ରଥମ ଅଧ୍ୟାୟର ପ୍ରଥମ ଶ୍ଳୋକପର୍ଯ୍ୟନ୍ତ ବିପରୀତକ୍ରମରେ ପାଠ କରିବାକୁ କିଂବା ପ୍ରତ୍ୟେକ ଅଧ୍ୟାୟର ଶେଷ ଶ୍ଳୋକଠାରୁ ସେହି ଅଧ୍ୟାୟର ପ୍ରଥମ ଶ୍ଳୋକଯାଏ ବିପରୀତକ୍ରମରେ ପାଠ କରିବାକୁ **'ସଂହାରକ୍ରମ'** କୁହାଯାଏ। ଷଷ୍ଠ ଅଧ୍ୟାୟର ପ୍ରଥମ ଶ୍ଳୋକଠାରୁ ଅଷ୍ଟାଦଶ ଅଧ୍ୟାୟର ଶେଷ ଶ୍ଳୋକଯାଏ କ୍ରମାନ୍ୱୟରେ ପାଠ କରିବାକୁ ଓ ପଞ୍ଚମ ଅଧ୍ୟାୟର ଶେଷ ଶ୍ଳୋକଠାରୁ ପ୍ରଥମ ଅଧ୍ୟାୟର ପ୍ରଥମ ଶ୍ଳୋକଯାଏ ବିପରୀତକ୍ରମରେ ପାଠ କରିବାକୁ **'ସ୍ଥିତିକ୍ରମ'** କୁହାଯାଏ। ବ୍ରହ୍ମଚାରୀ ସୃଷ୍ଟିକ୍ରମରେ, ସନ୍ନ୍ୟାସୀ ସଂହାରକ୍ରମରେ ଓ ଗୃହସ୍ଥ ସ୍ଥିତିକ୍ରମରେ ପାଠ କରି ପାରନ୍ତି। କିନ୍ତୁ ଏଇଟା କିଛି ନିୟମ ନୁହେଁ। ପ୍ରକୃତରେ ଯେକୌଣସି ପ୍ରକାରେ ଗୀତାପାଠ କରାଗଲେ ମଧ୍ୟ ସେଥିରୁ ଲାଭ ହିଁ ମିଳିଥାଏ।

ଗୀତାକୁ ସମ୍ପୁଟ ଦ୍ୱାରା, ସମ୍ପୁଟବଲ୍ଲୀ ଦ୍ୱାରା କିଂବା ବିନା ସମ୍ପୁଟରେ ମଧ୍ୟ ପାଠ କରାଯାଏ। ଗୀତାର

ଯେଉଁ ଶ୍ଲୋକର ସମ୍ପୁଟ ଦେବାକୁ ଚାହିଁବ, ପ୍ରଥମେ ସେହି ଶ୍ଲୋକଟି ପାଠ କରି ଅଧ୍ୟାୟର ଗୋଟିଏ ଶ୍ଲୋକ ପାଠ କରିବ। ପୁଣି ସମ୍ପୁଟ ଶ୍ଲୋକଟିକୁ ପାଠ କରି ଅଧ୍ୟାୟର ପରବର୍ତ୍ତୀ ଶ୍ଲୋକଟି ପାଠ କରିବ। ଏଭଳି ସମ୍ପୁଟ ଦେଇ ପୂରା ଗୀତାକୁ କ୍ରମାନ୍ୱୟରେ ବା ବିପରୀତକ୍ରମରେ ପାଠ କରିବାକୁ **'ସମ୍ପୁଟପାଠ'** କୁହାଯାଏ। ସମ୍ପୁଟ ଶ୍ଲୋକକୁ ଦୁଇଥର ପାଠ କରି ତା'ପରେ ଅଧ୍ୟାୟର ଗୋଟିଏ ଶ୍ଲୋକ ପାଠ କରିବ। ପୁଣି ସମ୍ପୁଟ ଶ୍ଲୋକଟିକୁ ଦୁଇଥର ପାଠ କରି ଅଧ୍ୟାୟର ଦ୍ୱିତୀୟ ଶ୍ଲୋକକୁ ପାଠ କରିବ। ଏଭଳି ସମ୍ପୁଟ ଦେଇ ସଂପୂର୍ଣ୍ଣ ଗୀତାକୁ କ୍ରମାନ୍ୱୟରେ ବା ବିପରୀତକ୍ରମରେ ପାଠ କରିବାକୁ **'ସମ୍ପୁଟବଲ୍ଲୀପାଠ'** କୁହାଯାଏ। ଗୀତାର ସମସ୍ତ ଶ୍ଲୋକକୁ ସମ୍ପୁଟ କିଂବା ସମ୍ପୁଟବଲ୍ଲୀ ଦ୍ୱାରା ପାଠ କଲେ ଏକ ବିଲକ୍ଷଣ ଶକ୍ତି ମିଳେ, ଗୀତା ସମ୍ବନ୍ଧରେ ବିଶେଷଭାବେ ମନନ ହୁଏ, ଅନ୍ତଃକରଣ ଶୁଦ୍ଧ ହୁଏ, ଶାନ୍ତି ମିଳେ ଓ ପରମାତ୍ମପ୍ରାପ୍ତିର ଯୋଗ୍ୟତା ଆସିଯାଏ।

ସମ୍ପୁଟ ନ ଦେଇ ପାଠ କରିବାକୁ 'ସମ୍ପୁଟବିହୀନ-ପାଠ' କୁହାଯାଏ। ମନୁଷ୍ୟ ପ୍ରତିଦିନ ବିନା ସମ୍ପୁଟରେ ଅଠର ଅଧ୍ୟାୟଯାକ ପାଠ କରି ପାରିବ କିଂବା ନଅ ନଅ ଅଧ୍ୟାୟ କରି ଦୁଇ ଦିନରେ କିଂବା ଛଅ ଛଅ ଅଧ୍ୟାୟ କରି ତିନି ଦିନରେ କିଂବା ତିନି ତିନି ଅଧ୍ୟାୟ କରି ଛଅ ଦିନରେ କିଂବା ଦୁଇ ଦୁଇ ଅଧ୍ୟାୟ କରି ନଅ ଦିନରେ ଗୀତାପାଠ କରି ପାରିବ। ଯଦି ପନ୍ଦର ଦିନରେ ଗୀତାପାଠ ପୂର୍ଣ୍ଣ କରିବାକୁ ଇଚ୍ଛା, ତେବେ ପ୍ରତିପଦରୁ ଏକାଦଶୀ ପର୍ଯ୍ୟନ୍ତ ପ୍ରତ୍ୟହ ଗୋଟିଏ ଗୋଟିଏ ଅଧ୍ୟାୟ ପଢ଼ିବ; ଦ୍ୱାଦଶୀ ଦିନ ଦ୍ୱାଦଶ ଓ ତ୍ରୟୋଦଶ ଅଧ୍ୟାୟ, ତ୍ରୟୋଦଶୀ ଦିନ ଚତୁର୍ଦ୍ଦଶ ଓ ପଞ୍ଚଦଶ ଅଧ୍ୟାୟ, ଚତୁର୍ଦ୍ଦଶୀ ଦିନ ଷୋଡ଼ଶ ଓ ସପ୍ତଦଶ ଅଧ୍ୟାୟ ଏବଂ ଅମାବାସ୍ୟା ବା ପୂର୍ଣ୍ଣିମା ଦିନ ଅଷ୍ଟାଦଶ ଅଧ୍ୟାୟ ପଢ଼ିବ। କୌଣସି ପକ୍ଷରେ ତିଥି କମ୍ ହେଉଥିଲେ ସପ୍ତମ ଓ ଅଷ୍ଟମ ଅଧ୍ୟାୟକୁ ଗୋଟିଏ ଦିନରେ ପଢ଼ିବ। ଯଦି କୌଣସି ପକ୍ଷରେ ତିଥି ବଢୁଥାଏ, ତେବେ ଷୋଡ଼ଶ ଓ ସପ୍ତଦଶ ଏହି ଦୁଇଟି ଅଧ୍ୟାୟକୁ ଅଲଗା ଅଲଗା ଦୁଇ ଦିନରେ ପଢ଼ିବ।

ଯଦି ପୂରା ଗୀତା ମୁଖସ୍ଥ ଅଛି, ତେବେ ଆରମ୍ଭରୁ ଅଠର ଅଧ୍ୟାୟ ପର୍ଯ୍ୟନ୍ତ ଅଧ୍ୟାୟର ପ୍ରଥମ ଶ୍ଲୋକଗୁଡ଼ିକୁ ପାଠ କରିବ। ପୁଣି କ୍ରମଶଃ ପ୍ରତ୍ୟେକ ଅଧ୍ୟାୟର ଦ୍ୱିତୀୟ ଶ୍ଲୋକଗୁଡ଼ିକୁ ପାଠ କରିବ। ଏହିପରି ପୂରା ଗୀତାକୁ କ୍ରମାନ୍ୱୟରେ ପାଠ କରିବ। ଏହାପରେ ଅଷ୍ଟାଦଶ ଅଧ୍ୟାୟର ଶେଷ ଶ୍ଲୋକକୁ, ପୁଣି ସପ୍ତଦଶ ଅଧ୍ୟାୟର ଶେଷ ଶ୍ଲୋକକୁ ଏହିପରି ବିପରୀତକ୍ରମରେ ପ୍ରତ୍ୟେକ ଅଧ୍ୟାୟର ଶେଷ ଶ୍ଲୋକକୁ ପାଠ କରିବ। ପୁନଶ୍ଚ ଅଷ୍ଟାଦଶ ଅଧ୍ୟାୟର ଉପାନ୍ତ୍ୟ (ଶେଷ ଶ୍ଲୋକର ପୂର୍ବ) ଶ୍ଲୋକକୁ ତା'ପରେ ସପ୍ତଦଶ ଅଧ୍ୟାୟର ଉପାନ୍ତ୍ୟ ଶ୍ଲୋକକୁ—ଏହିପରି ପ୍ରତ୍ୟେକ ଅଧ୍ୟାୟର ଉପାନ୍ତ୍ୟ ଶ୍ଲୋକକୁ ପାଠ କରିବ। ଏହିପରି ସଂପୂର୍ଣ୍ଣ ଗୀତାକୁ ବିପରୀତକ୍ରମରେ ପାଠ କରିବ।

ସଂସ୍କୃତଭାଷାର ଶୁଦ୍ଧ ଉଚ୍ଚାରଣ କରିବା ବିଧି

ଶବ୍ଦର ଯେଉଁ ରୂପ ରହିଛି, ତାହାକୁ ମଝିରୁ ଭାଙ୍ଗି ପଢ଼ିବ ନାହିଁ ଏବଂ ଲଘୁ ଓ ଗୁରୁ, ବିସର୍ଗ ଓ ଅନୁସ୍ୱାର ତଥା ଶ, ଷ, ସ କୁ ଲକ୍ଷ୍ୟ ରଖି ପଢ଼ିବ। ତା'ହେଲେ ସଂସ୍କୃତ ଭାଷାର ଉଚ୍ଚାରଣ ଶୁଦ୍ଧ ହୋଇ ପାରିବ।

(୧) ଉଚ୍ଚାରଣ ବେଳେ ଇ, ଉ, ଋ—ଏହି ତିନି ଅକ୍ଷରର ଲଘୁ ଓ ଗୁରୁ ଉଚ୍ଚାରଣ ପ୍ରତି ବିଶେଷ ଧ୍ୟାନ ରଖିବା ଉଚିତ। 'ଅ' ଓ 'ଆ'ର ଉଚ୍ଚାରଣଭେଦ ସ୍ୱାଭାବିକଭାବେ ସ୍ପଷ୍ଟ ଜଣାପଡ଼ିଯାଏ। 'ଋ'ର ବ୍ୟବହାର ଖୁବ୍ କମ୍ ହୁଏ ଏବଂ ତାହା ଆଦୌ ଦୀର୍ଘ ହୁଏ ନାହିଁ। ସେହିପରି ଏ, ଐ, ଓ, ଔ—ଏହି ଅକ୍ଷରଗୁଡ଼ିକ ଆଦୌ ଲଘୁ ହୁଅନ୍ତି ନାହିଁ।

(୨) ଯୁକ୍ତାକ୍ଷରର ପୂର୍ବ ସ୍ୱର ଓ ବିସର୍ଗର ପୂର୍ବ ସ୍ୱର ଗୁରୁ ହୋଇଯାଏ, କାରଣ ଯୁକ୍ତାକ୍ଷର ଉଚ୍ଚାରଣ କଲେ ତାହାର ପୂର୍ବ ସ୍ୱର ଉପରେ ଜୋର୍ ନିଶ୍ଚୟ ପଡ଼ିବ ଏବଂ ବିସର୍ଗ ଯାହା କି ଅଧା 'ହ' ପରି ଉଚ୍ଚରିତ ହୁଏ, ତାହାର ଉଚ୍ଚାରଣରେ ମଧ୍ୟ ସ୍ୱର ଉପରେ ଜୋର୍ ପଡ଼େ। ଫଳରେ ତାହାର ପୂର୍ବବର୍ତ୍ତୀ ସ୍ୱର ଗୁରୁ ହୋଇଯାଏ। ବ୍ୟଞ୍ଜନବର୍ଣ୍ଣର ଉଚ୍ଚାରଣ ସ୍ୱରବର୍ଣ୍ଣ ବିନା ସହଜରେ ହୁଏ ନାହିଁ ଏବଂ ବ୍ୟଞ୍ଜନର ପରେ ଆଉ ଗୋଟିଏ ବ୍ୟଞ୍ଜନ ଆସିଗଲେ ତା' ପୂର୍ବରେ ଥିବା ସ୍ୱର ଅଧୀନରେ ହିଁ ତାହା ଉଚ୍ଚାରିତ ହେବ, ତେଣୁ ପୂର୍ବ ସ୍ୱର ଗୁରୁ ହେବ।

(୩) ଅନୁସ୍ୱାର ଓ ବିସର୍ଗ କୌଣସି ନା କୌଣସି ସ୍ୱରର ଆଶ୍ରିତ। ସ୍ୱରବର୍ଣ୍ଣର ପରେ ଉଚ୍ଚାରିତ ହେଉଥିବାରୁ ହିଁ ସେଗୁଡ଼ିକର ଅନୁସ୍ୱାର ବା ବିସର୍ଗ ସଂଜ୍ଞା ହୋଇଥାଏ। ଅତଏବ ସେଗୁଡ଼ିକର ଉଚ୍ଚାରଣ କଲେ ସ୍ୱାଭାବିକଭାବରେ ପୂର୍ବ ସ୍ୱର ଗୁରୁ ହୋଇଯାଏ। ଏଠି ଅନୁସ୍ୱାର ବିଷୟରେ ଏହା ମନେରଖିବା କଥା ଯେ ଏହାର ଉଚ୍ଚାରଣ ପରବର୍ତ୍ତୀ ବ୍ୟଞ୍ଜନର ଅନୁରୂପ ହୋଇଥାଏ ଅର୍ଥାତ୍ ପରେ ଯେଉଁ ବର୍ଗର ବ୍ୟଞ୍ଜନ ଆସେ, ସେହି ବର୍ଗର ପଞ୍ଚମ ଅକ୍ଷର ଅନୁସାରେ ହିଁ ଅନୁସ୍ୱାର ଉଚ୍ଚାରିତ ହେବ। ଯଥା—ଅନୁସ୍ୱାର କ, ଖ, ଗ, ଘ, ଙ ପରେ ଥିଲେ ତାହାର ଉଚ୍ଚାରଣ

'ଙ୍' ପରି ହେବ; ଚ, ଛ, ଜ, ଝ, ଞ ପରେ ଥିଲେ 'ଞ୍' ପରି ହେବ; ଟ, ଠ, ଡ, ଢ, ଣ ପରେ ଥିଲେ 'ଣ୍' ପରି ହେବ; ତ, ଥ, ଦ, ଧ, ନ ପରେ ଥିଲେ 'ନ୍' ପରି ହେବ; ପ, ଫ, ବ, ଭ, ମ ପରେ ଥିଲେ 'ମ୍' ପରି ହେବ। ଏହି ନିୟମ କେବଳ ଏହି ପଚିଶଟି ଅକ୍ଷର ପାଇଁ ପ୍ରଯୁଜ୍ୟ। ଯ, ର, ଲ, ବ, ଶ, ଷ, ସ, ହ—ଏହି ଆଠଟି ଅକ୍ଷର ଅନୁସ୍ୱାର ପରେ ଥିଲେ ଶୁଦ୍ଧ ଅନୁସ୍ୱାର ହିଁ ଉଚ୍ଚରିତ ହେବ, ଯାହା କି କେବଳ ନାସିକାରୁ ହୋଇଥାଏ।

(୪) ଶ, ଷ, ସ—ଏ ତିନୋଟିର ଉଚ୍ଚାରଣଗତ ପାର୍ଥକ୍ୟ ବୁଝି ଏଗୁଡ଼ିକୁ ନିମ୍ନଲିଖିତ ରୀତିରେ ପଢ଼ିବା ଉଚିତ। ମୂର୍ଦ୍ଧାରୁ ଉଚ୍ଚ ତାଳୁରେ ଜିଭ ଲଗାଇ 'ଶ' ର ଉଚ୍ଚାରଣ କଲେ ତାଲବ୍ୟ 'ଶ'କାର ଠିକ୍‌ରୂପେ ଉଚ୍ଚାରିତ ହେବ। ତାକୁ ଦାନ୍ତ ଆଡ଼କୁ ଟିକିଏ ତଳକୁ ଲଗାଇ 'ଷ' ର ଉଚ୍ଚାରଣ କଲେ ମୂର୍ଦ୍ଧନ୍ୟ 'ଷ'କାର ଠିକ୍‌ରୂପେ ଉଚ୍ଚାରିତ ହେବ ଏବଂ ଦୁଇ ଦନ୍ତପଂକ୍ତିକୁ ମିଶାଇ 'ସ'ର ଉଚ୍ଚାରଣ କଲେ ସ୍ୱାଭାବିକଭାବେ ଜିଭ ଦାନ୍ତକୁ ଲାଗିବ ଏବଂ ସେତେବେଳେ ଦନ୍ତ୍ୟ 'ସ'କାର ଠିକ୍‌ରୂପେ ଉଚ୍ଚାରିତ ହେବ।

୯୮. ଗୀତୋକ୍ତ ଶ୍ଳୋକଗୁଡ଼ିକର ଅନୁଷ୍ଠାନବିଧି

ଶ୍ଳୋକା ମନ୍ତ୍ରମୟାଃ ପ୍ରୋକ୍ତାଃ ସର୍ବେ ଚ ସିଦ୍ଧିଦାୟକାଃ।
ଅଭୀଷ୍ଟକାର୍ଯ୍ୟସିଦ୍ଧ୍ୟର୍ଥଂ ବିଧିସ୍ତେଷାଂ ନିଗଦ୍ୟତେ॥

ଶ୍ରୀମଦ୍‌ଭଗବଦ୍‌ଗୀତାର ଯେଉଁ ଶ୍ଳୋକକୁ ସିଦ୍ଧ କରିବାକୁ ଇଚ୍ଛା, ତାହାର ସମ୍ପୁଟ ଲଗାଇ ସମ୍ପୂର୍ଣ୍ଣ ଗୀତା ପାଠ କରିବା ଉଚିତ। ଉଦାହରଣସ୍ୱରୂପ— **'କାର୍ପଣ୍ୟଦୋଷୋପହତସ୍ୱଭାବଃ...ଶାଧି ମାଂ ତ୍ୱାଂ ପ୍ରପନ୍ନମ୍'** (୨।୭)—ଏହି ଶ୍ଳୋକକୁ ଯଦି ସିଦ୍ଧ କରିବା କଥା, ତେବେ ପ୍ରଥମେ ଏହି ଶ୍ଳୋକଟିକୁ ଥରେ ପାଠ କରି ପୁଣି **'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ.....'** (୧।୧)—ଏହି ଶ୍ଳୋକଟିକୁ ପାଠ କରିବ। ତା'ପରେ **'କାର୍ପଣ୍ୟଦୋଷୋପହତସ୍ୱଭାବଃ....'** ଏହି ଶ୍ଳୋକକୁ ପୁନର୍ବାର ପାଠ କରିସାରି **'ଦୃଷ୍ଟ୍ୱା ତୁ.....'**(୧।୨) ଏହି ଶ୍ଳୋକଟିକୁ ପଢ଼ିବ। ଏହିପରି ପ୍ରତ୍ୟେକ ଶ୍ଳୋକ ପୂର୍ବରୁ ସମ୍ପୁଟ ଲଗାଇ ସଂପୂର୍ଣ୍ଣ ଗୀତା ପାଠ କରିବ। ଏହାଦ୍ୱାରା ଉପର୍ଯ୍ୟୁକ୍ତ ଶ୍ଳୋକ (ମନ୍ତ୍ର) ସିଦ୍ଧ ହୋଇଯିବ।

ସମ୍ପୁଟ ଅପେକ୍ଷା ସମ୍ପୁଟବଲ୍ଲୀ ସହିତ ଗୀତାପାଠ କରିବା ଆହୁରି ଉତ୍ତମ*। ଯଥା—**କାର୍ପଣ୍ୟଦୋଷୋପହତସ୍ୱଭାବଃ......'** ଶ୍ଳୋକଟିକୁ ସିଦ୍ଧ କରିବାକୁ ହେଲେ ପ୍ରଥମେ ଏହି ଶ୍ଳୋକଟିକୁ ଦୁଇଥର ପାଠ କରିବ। ତା'ପରେ **'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ....'** ଶ୍ଳୋକଟିକୁ ପାଠ କରିବ। ତା'ପରେ ସମ୍ପୁଟବଲ୍ଲୀ ଶ୍ଳୋକକୁ ଦୁଇଥର ପାଠ କରି **'ଦୃଷ୍ଟ୍ୱା ତୁ....'** ଶ୍ଳୋକକୁ ପାଠ କରିବ। ଏହିପରି ସଂପୂର୍ଣ୍ଣ ଗୀତାପାଠ କଲେ ଅଭୀଷ୍ଟ ଶ୍ଳୋକକୁ ସିଦ୍ଧ କରିହେବ।Ψ

ଅଭୀଷ୍ଟ କାର୍ଯ୍ୟର ସିଦ୍ଧି ପାଇଁ ଉପର୍ଯ୍ୟୁକ୍ତ ପ୍ରକାରେ ସିଦ୍ଧ କରାଯାଇଥିବା ମନ୍ତ୍ରକୁ ଗଙ୍ଗାନଦୀରେ ପାଣି ଭିତରେ ଛିଡ଼ା ହୋଇ ଜପ କରିବା ଉଚିତ। ଏପରି କରି ନ ପାରିଲେ ଗଙ୍ଗାନଦୀରେ ପାଣି ଭିତରେ ପଥରର ଆସନ ତିଆରି କରି, ତାହା ଉପରେ ପଶମ ଆସନ ପକାଇ ବସି ଜପ କରିବା ଉଚିତ। ଏହା ମଧ୍ୟ କରି ନ ପାରିଲେ ଗଙ୍ଗାକୂଳରେ ବାଲି ଉପରେ ନିଜର ପଶମ ଆସନ ବିଛାଇ ମନ୍ତ୍ରଜପ କରିବା ଉଚିତ। ଗଙ୍ଗାଙ୍କ ସାନିଧ୍ୟ ଉପଲବ୍ଧ ନ ହେଲେ ନିଜ ଘରେ କୌଣସି ଏକାନ୍ତ କୋଠରୀରେ ଗୋବର ଓ ଗୋମୂତ୍ରକୁ ପାଣିରେ ମିଶାଇ ଆସନ ବିଛାଇବା ସ୍ଥାନକୁ ଲିପି ତାହା ଉପରେ ନିଜର ପଶମ ଆସନ ବିଛାଇ ବସି ମନ୍ତ୍ର ଜପ କରିବ।

ଗୀତୋକ୍ତ ସିଦ୍ଧ ମନ୍ତ୍ରଗୁଡ଼ିକୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକରେ ପ୍ରୟୋଗ କରାଯାଇପାରେ—

(୧) ଭଗବାନଙ୍କୁ କୌଣସି କଥା ପଚାରିବାକୁ ହେଲେ ବା କୌଣସି ସମସ୍ୟାର ସମାଧାନ ପାଇବାର ଥିଲେ ଅଥବା 'ମୁଁ ଜ୍ଞାନମାର୍ଗରେ ଯିବି କି ଭକ୍ତିମାର୍ଗରେ'—ଏହି ଦୋଦୋପାଞ୍ଚ ଅବସ୍ଥାକୁ ଦୂର କରିବାକୁ ହେଲେ ରାତିର ଏକାନ୍ତ ସମୟରେ କୋଠରୀ ଭିତରେ ଆସନ ବିଛାଇ

* ସିଦ୍ଧ କରିବାକୁ ଚାହୁଁଥିବା ଶ୍ଳୋକଟିକୁ ଗୀତାର ପ୍ରତ୍ୟେକ ଶ୍ଳୋକ ପୂର୍ବରୁ ଥରେ ପାଠ କରିବାକୁ 'ସମ୍ପୁଟପାଠ' ଓ ଦୁଇ ଥର ପାଠ କରିବାକୁ 'ସମ୍ପୁଟବଲ୍ଲୀ ପାଠ' କୁହାଯାଏ।

Ψ ମନ୍ତ୍ରକୁ କୌଣସି କାରଣରୁ ସିଦ୍ଧ କରି ନ ପାରିଲେ ଓ ଅଭୀଷ୍ଟ କାର୍ଯ୍ୟର ସିଦ୍ଧି ପାଇଁ ତୀବ୍ର ଇଚ୍ଛା ଥିଲେ ସିଦ୍ଧ ନ ହୋଇଥିବା ମନ୍ତ୍ର ଜପ କଲେ ମଧ୍ୟ କାର୍ଯ୍ୟ ସଫଳ ହୋଇପାରେ।

ବସିଯାଆନ୍ତୁ, ଆଲୁଅ ଲିଭାଇ ଦିଅନ୍ତୁ । କେବଳ ଗୋଟିଏ ଅଗରବତି ଜଳାଇ ରଖନ୍ତୁ । ଅନ୍ଧକାର ମଧ୍ୟରେ ଜୁଳୁଜୁଳୁ ହେଉଥିବା ସେହି ଅଗରବତି ଉପରେ ନିଜର ଦୃଷ୍ଟି କେନ୍ଦ୍ରିତ କରନ୍ତୁ ଓ ଭଗବାନଙ୍କର ଧ୍ୟାନ କରନ୍ତୁ । ଭଗବାନ ମୋ ଆଗରେ ଛିଡ଼ା ହୋଇଛନ୍ତି ଓ ମୁଁ ଅର୍ଜୁନ ଭଗବାନଙ୍କୁ ପଚାରୁଛି—ଏହିପରି ଭାବନାରେ **'କାର୍ପଣ୍ୟଦୋଷୋପହତସ୍ୱଭାବଃ ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢଚେତାଃ । ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ॥'** (୨ । ୭)—ଏହି ଶ୍ଳୋକଟି ପାଠ କରନ୍ତୁ ଓ ତା'ସହିତ ଅର୍ଥର ମଧ୍ୟ ଚିନ୍ତନ କରନ୍ତୁ । ପାଠ କରୁ କରୁ ଶ୍ଳୋକର ଯେଉଁ ପାଦରେ କିଂବା ଯେଉଁ ପଦଗୁଡ଼ିକରେ ମନ ଲାଗିଯିବ, ତାହାକୁ ବାରମ୍ବାର ପାଠ କରନ୍ତୁ; ଯଥା—**'ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢଚେତାଃ', 'ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢଚେତାଃ'** କିଂବା **'ନିଶ୍ଚିତଂ ବ୍ରୂହି ତନ୍ମେ' 'ନିଶ୍ଚିତଂ ବ୍ରୂହି ତନ୍ମେ'** ଅଥବା **'ଶାଧି ମାଂ ତ୍ୱାଂ ପ୍ରପନ୍ନମ୍, ଶାଧି ମାଂ ତ୍ୱାଂ ପ୍ରପନ୍ନମ୍'** ଆଦି କୌଣସି ଗୋଟିକର ବାରମ୍ବାର ଆବୃତ୍ତି କରନ୍ତୁ । ଏଭଳି ପାଠ କରିବା ବେଳେ ନିଦ ଆସିଲେ ପାଠ କରୁ କରୁ ଶୋଇ ଯାଆନ୍ତୁ । ଏଭଳି କଲେ ସ୍ୱପ୍ନରେ ଭଗବାନଙ୍କ ଠାରୁ ସଂକେତ ମିଳିଥାଏ । ସେହି ସଂକେତରୁ ବୁଝି ନେବା ଉଚିତ ଯେ ଭଗବାନଙ୍କର ଅମୁକ ଉଦ୍ଦେଶ୍ୟ ରହିଛି । ଯଦି ସଂକେତ ବୁଝି ନ ହେଲା, ତେବେ ପରଦିନ ପୁଣି ରାତିରେ ଉପର୍ଯ୍ୟୁକ୍ତ ବିଧିରେ ପାଠ କରନ୍ତୁ ଏବଂ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ ଯେ, ହେ ପ୍ରଭୁ! ଆପଣ ଲେଖି ମୋତେ ବତାଇ ଦିଅନ୍ତୁ । ଏପରି କଲେ ସ୍ୱପ୍ନରେ ଗୋଟିଏ ଲେଖା ଦେଖାଯିବ । ଲେଖାକୁ ବୁଝି ନ ହେଲେ, ପରଦିନ ପୁଣି ରାତିରେ ଉପର୍ଯ୍ୟୁକ୍ତ ବିଧିରେ ପାଠ କରନ୍ତୁ ଏବଂ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ ଯେ, ହେ ପ୍ରଭୁ! ଆପଣ ନିଜେ ମୋତେ କହି ଦିଅନ୍ତୁ । ଏମିତି କଲେ ସ୍ୱପ୍ନରେ ଶବ୍ଦ ଶୁଭିବ ଏବଂ ଶବ୍ଦ ସହିତ ଆମର ନିଦ ଭାଙ୍ଗିଯିବ ।

ଯଦି ଗୋଟିଏ ରାତିରେ ଏଭଳି ସ୍ୱପ୍ନ ନ ଆସେ, ତେବେ ସ୍ୱପ୍ନ ନ ଆସିବା ପର୍ଯ୍ୟନ୍ତ ଉପର୍ଯ୍ୟୁକ୍ତ ବିଧିରେ ପ୍ରତିଦିନ ରାତିରେ ଶ୍ଳୋକ ପାଠ କରି ଚାଲନ୍ତୁ । ଏଗାର କିଂବା ଏକୋଇଶ ଦିନଯାଏ ପାଠ କରାଯାଇପାରେ । ଏଥିରେ ନିଷ୍ଠା ଯେତେ ଦୃଢ଼ ହେବ, ସେତେ ଶୀଘ୍ର କାର୍ଯ୍ୟସିଦ୍ଧି ହେବ ।

(୨) ମନରେ ଦୁଇଟି କଥାକୁ ନେଇ ଦ୍ୱନ୍ଦ୍ୱ ଥିଲେ ଏବଂ ତାହାର ସମାଧାନ ପାଇବାକୁ ହେଲେ ଉପର୍ଯ୍ୟୁକ୍ତ ବିଧିରେ ହିଁ **'ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ । ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାମ୍ ॥'** (୩ । ୨)—ଏହି ଶ୍ଳୋକଟି ପାଠ କରିବା ଉଚିତ ।

(୩) ଭୂତପ୍ରେତ ବାଧା ଦୂର କରିବାକୁ ହେଲେ **'ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା ଜଗତ୍ ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ । ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି ସର୍ବେ ନମସ୍ୟନ୍ତି ଚ ସିଦ୍ଧସଙ୍ଘାଃ ॥'** (୧୧ । ୩୬)—ଏହି ମନ୍ତ୍ରକୁ ଆଗରୁ କୁହାଯାଇଥିବା ବିଧି ଦ୍ୱାରା ସିଦ୍ଧ କରିନେବା ଉଚିତ । ତା'ପରେ ଯେଉଁ ବ୍ୟକ୍ତିକୁ ଭୂତପ୍ରେତ ଧରିଛି, ତାକୁ ଏହି ମନ୍ତ୍ର ପଢ଼ି ମୟୁରଚନ୍ଦ୍ରିକା ଦ୍ୱାରା ଝାଡ଼ି ଦିଅନ୍ତୁ କିଂବା ନିଜ ହାତରେ ଶୁଦ୍ଧ ପାଣି ଲୋଟାଏ ଧରି, ସେହି ମନ୍ତ୍ରକୁ ପଢ଼ି ଫୁଙ୍କିବା ପରେ ଅଭିମନ୍ତ୍ରିତ ଜଳ ସେହି ବ୍ୟକ୍ତିକୁ ପିଆଇ ଦିଅନ୍ତୁ । ଏହି ଦୁଇଟିର ପ୍ରୟୋଗ ବେଳେ ମନ୍ତ୍ରଟିକୁ ସାତ, ଏକୋଇଶ କିଂବା ଶହେଆଠ ଥର ପାଠ କରି ପାରନ୍ତି । ଏହି ମନ୍ତ୍ରକୁ ଭୂର୍ଜପତ୍ର କିଂବା ସାଦା କାଗଜ ଉପରେ ଡାଳିମ୍ବକାଠିର କଲମ ସାହାଯ୍ୟରେ ଅଷ୍ଟଗନ୍ଧରେ ଲେଖି ତାକୁ ତେଉଁରିଆରେ ପୂରାଇ ନାଲିସୂତାରେ ବାନ୍ଧି ରୋଗୀର ବେକରେ ପିନ୍ଧାଇ ଦିଅନ୍ତୁ ।

(୪) ଶାସ୍ତ୍ରାର୍ଥରେ ବା ବାଦ-ବିବାଦରେ ବିଜୟ ପାଇବା ପାଇଁ **'ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଧରଃ । ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ'** (୧୮ । ୭୮)—ଏହି ମନ୍ତ୍ର ଜପ କରିବା ଉଚିତ ।

(୫) ସବୁଠାରେ ଭଗବଦଭାବ ହେବା ପାଇଁ ସପ୍ତମ ଅଧ୍ୟାୟର ୭ମ ଅଥବା ୧୯ଶ ଶ୍ଳୋକ ପାଠ କରିବା ଉଚିତ ।

(୬) ଭଗବଦ୍ଭକ୍ତି ପ୍ରାପ୍ତ କରିବାକୁ ହେଲେ ନବମ ଅଧ୍ୟାୟର ୩୪ଶ, ଏକାଦଶ ଅଧ୍ୟାୟର ୫୪ଶ କିଂବା ୫୫ଶ, ଦ୍ୱାଦଶ ଅଧ୍ୟାୟର ୮ମ ଓ ଅଷ୍ଟାଦଶ ଅଧ୍ୟାୟର ୬୬ତମ ଶ୍ଳୋକ ମଧ୍ୟରୁ ଯେକୌଣସି ଗୋଟିଏର ପାଠ କରିବା ଉଚିତ ।

ଏହିପରି ଯେଉଁ କାର୍ଯ୍ୟ ପାଇଁ ଯେଉଁ ଶ୍ଳୋକଟି ଠିକ୍ ବୋଲି ଜଣାପଡ଼ିବ, ତାହାକୁ ପାଠ କଲେ କାର୍ଯ୍ୟସିଦ୍ଧି ହେବ । ଯଦି ସେହି ଶ୍ଳୋକଟି ଅର୍ଜୁନଙ୍କର, ତେବେ ନିଜ ମଧ୍ୟରେ ଅର୍ଜୁନଙ୍କ ପରି ଭାବ ଆଣି ଭଗବାନଙ୍କୁ ପ୍ରାର୍ଥନା କରିବ; ଏବଂ ଶ୍ଳୋକଟି ଭଗବାନଙ୍କର ହୋଇଥିଲେ 'ଭଗବାନ ମୋତେ କହୁଛନ୍ତି'—ଏଭଳି ଭାବ ରଖି ପାଠ କରିବ । ଗୀତାର ଶ୍ଳୋକଗୁଡ଼ିକ ପ୍ରତି ଯେତେ ବେଶୀ ଶ୍ରଦ୍ଧା ଓ ବିଶ୍ୱାସ ଥିବ, ସେତେ ଶୀଘ୍ର କାର୍ଯ୍ୟସିଦ୍ଧି ହେବ ।

ଉତ୍ତରାର୍ଦ୍ଧ

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

॥ ଓଁ ଶ୍ରୀପରମାତ୍ମନେ ନମଃ ॥

୯୯. ଗୀତାରେ ଈଶ୍ୱର, ଜୀବାତ୍ମା ଓ ପ୍ରକୃତିର ଅଲିଙ୍ଗତା

ଈଶ୍ୱରଶ୍ଚୈବ ଜୀବାତ୍ମା ତୃତୀୟା ପ୍ରକୃତିସ୍ତଥା ।
ଏତେ ତ୍ରୟୋଽପି ଗୀତାୟାଂ ତ୍ରିଷୁ ଲିଙ୍ଗେଷୁ ଦର୍ଶିତାଃ ॥

ସାଧାରଣ ଦୃଷ୍ଟିରେ ତ ଏହା ଜଣାପଡ଼େ ଯେ ଈଶ୍ୱର ଓ ଜୀବାତ୍ମା ହେଉଛନ୍ତି ପୁରୁଷରୂପ ଏବଂ ପ୍ରକୃତି ହେଉଛି ସ୍ତ୍ରୀରୂପ; କିନ୍ତୁ ପ୍ରକୃତରେ 'ଈଶ୍ୱର', ଈଶ୍ୱରଙ୍କ ଅଂଶ 'ଜୀବାତ୍ମା' ଓ ଈଶ୍ୱରଙ୍କ ଶକ୍ତି 'ପ୍ରକୃତି'—ଏ ତିନିହେଁ ଅଲିଙ୍ଗ ଅଟନ୍ତି ଅର୍ଥାତ୍ ଏମାନେ ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ, ଓ କ୍ଳୀବଲିଙ୍ଗର ଊର୍ଦ୍ଧ୍ୱରେ । ଅତଏବ ଏହି ତିନିଙ୍କୁ ପୁରୁଷ କହି ପାରିବା ନାହିଁ କି ସ୍ତ୍ରୀ କହି ପାରିବା ନାହିଁ କି କ୍ଳୀବ ମଧ୍ୟ କହି ପାରିବା ନାହିଁ ।

ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଳୀବଲିଙ୍ଗ—ଏହି ଲିଙ୍ଗଭେଦ କେବଳ ସ୍ଥାବର ଓ ଜଙ୍ଗମ ପ୍ରାଣୀଙ୍କର ଶରୀରକୁ ନେଇ ହୋଇଛି, ଯଦ୍ୱାରା ସେହି ପ୍ରାଣୀଙ୍କ ମଧ୍ୟରୁ 'ଇଏ ପୁରୁଷ ଜାତି, ଇଏ ସ୍ତ୍ରୀ ଜାତି, ଇଏ କ୍ଳୀବ ଜାତି'—ଏହି ପ୍ରକାରେ ବ୍ୟବହାର କରିହୁଏ । କିନ୍ତୁ ଈଶ୍ୱର, ଜୀବାତ୍ମା, ଓ ପ୍ରକୃତି ତିନିହେଁ ହେଉଛନ୍ତି ଲିଙ୍ଗାତୀତ ବିଲକ୍ଷଣ ତତ୍ତ୍ୱ । ଅତଏବ ଗୀତାରେ ଏ ତିନିଙ୍କ ପାଇଁ ତିନୋଟିଯାକ ଲିଙ୍ଗର ପ୍ରୟୋଗ ହୋଇଛି; ଯଥା—

(୧) ଈଶ୍ୱରଙ୍କ ପାଇଁ—

ପୁଂଲିଙ୍ଗ ଶବ୍ଦର ପ୍ରୟୋଗ— 'ପିତା, ପିତାମହଃ' (୯ । ୧୭); 'ଭର୍ତ୍ତା, ପ୍ରଭୁଃ' (୯ । ୧୮); 'ପୁରୁଷଃ' (୧୧ । ୧୮); 'ଆଦିଦେବଃ, ପୁରୁଷଃ' (୧୧ । ୩୮); 'ଈଶ୍ୱରଃ' (୧୫ । ୧୭); 'ପୁରୁଷୋତ୍ତମଃ' (୧୫ । ୧୮) ଇତ୍ୟାଦି ।

ସ୍ତ୍ରୀଲିଙ୍ଗ ଶବ୍ଦର ପ୍ରୟୋଗ— 'ଅନୁତ୍ତମାଂ ଗତିମ୍' (୭ । ୧୮); 'ମାତା' (୯ । ୧୭); 'ଗତିଃ' (୯ । ୧୮); ବିଭୂତି ରୂପରେ 'କୀର୍ତ୍ତିଃ', 'ଶ୍ରୀଃ', 'ବାକ୍', 'ସ୍ମୃତିଃ', 'ମେଧା' 'ଧୃତିଃ', 'କ୍ଷମା' (୧୦ । ୩୪) ଇତ୍ୟାଦି ।

କ୍ଳୀବଲିଙ୍ଗ ଶବ୍ଦର ପ୍ରୟୋଗ— 'ବ୍ରହ୍ମଣି' (୫ । ୧୦); 'ବୀଜମ୍' (୭ । ୧୦); 'ଶରଣମ୍, ସ୍ଥାନମ୍, ବୀଜମ୍, ଅବ୍ୟୟମ୍' (୯ । ୧୮); 'ବ୍ରହ୍ମ, ଧାମ, ପବିତ୍ରମ୍' (୧୦ । ୧୨); 'ଅକ୍ଷରମ୍' (୧୧ । ୧୮) ଇତ୍ୟାଦି ।

(୨) ଜୀବାତ୍ମା ପାଇଁ—

ପୁଂଲିଙ୍ଗ ଶବ୍ଦର ପ୍ରୟୋଗ— 'ଅଜଃ, ନିତ୍ୟଃ, ଶାଶ୍ୱତଃ, ପୁରାଣଃ' (୨ । ୨୦); 'ସର୍ବଗତଃ, ସ୍ଥାଣୁଃ, ଅଚଳଃ, ସନାତନଃ' (୨ । ୨୪); 'ଜୀବଭୂତଃ' (୧୫ । ୭) ଇତ୍ୟାଦି ।

ସ୍ତ୍ରୀଲିଙ୍ଗ ଶବ୍ଦର ପ୍ରୟୋଗ— 'ପରାଂ ପ୍ରକୃତିମ୍, ଜୀବଭୂତାମ୍' (୭ । ୫) ଇତ୍ୟାଦି ।

କ୍ଳୀବଲିଙ୍ଗ ଶବ୍ଦର ପ୍ରୟୋଗ— 'ଅବିନାଶୀ' (୨ । ୧୭); 'ଅଧ୍ୟାତ୍ମମ୍' (୭ । ୨୯; ୮ । ୧,୩) ଇତ୍ୟାଦି ।

(୩) ପ୍ରକୃତି ପାଇଁ—

ପୁଂଲିଙ୍ଗ ଶବ୍ଦର ପ୍ରୟୋଗ— 'କ୍ଷରୋ ଭାବଃ' (୮ । ୪); 'ପୁରୁଷୌ, କ୍ଷରଃ' (୧୫ । ୧୬) ଇତ୍ୟାଦି ।

ସ୍ତ୍ରୀଲିଙ୍ଗ ଶବ୍ଦର ପ୍ରୟୋଗ— 'ପ୍ରକୃତିଃ' (୭ । ୪; ୯ । ୧୦); 'ଅପରାମ୍' (୭ । ୫); 'ପ୍ରକୃତିମ୍' (୯ । ୭) ଇତ୍ୟାଦି ।

କ୍ଳୀବଲିଙ୍ଗ ଶବ୍ଦର ପ୍ରୟୋଗ— 'ଅଧିଭୂତମ୍' (୮ । ୧, ୪); 'ଅବ୍ୟକ୍ତମ୍' (୧୩ । ୫); 'ମହଦ୍‌ବ୍ରହ୍ମ' (୧୪ । ୩–୪) ଇତ୍ୟାଦି ।

୧୦୦. ଗୀତାର ଅନୁବନ୍ଧଚତୁଷ୍ଟୟ

ବିଷୟଶ୍ଚାଧିକାରୀ ଚ ଗ୍ରନ୍ଥସ୍ୟ ଚ ପ୍ରୟୋଜନମ୍ ।
ସମ୍ବନ୍ଧଶ୍ଚ ଚତୁର୍ଥୋଽସ୍ତୀତ୍ୟନୁବନ୍ଧଚତୁଷ୍ଟୟମ୍ ॥

ପ୍ରତ୍ୟେକ ଗ୍ରନ୍ଥରେ ଚାରୋଟି ବୈଶିଷ୍ଟ୍ୟ ଥାଏ—ଗ୍ରନ୍ଥର ବିଷୟ, ତାହାର ପ୍ରୟୋଜନ, ତାହାର ଅଧିକାରୀ ଏବଂ ପ୍ରତିପାଦ୍ୟ-ପ୍ରତିପାଦକର ସମ୍ବନ୍ଧ । ଏହି ଚାରୋଟିକୁ 'ଅନୁବନ୍ଧଚତୁଷ୍ଟୟ' କୁହାଯାଏ । ଗୀତାର ଅନୁବନ୍ଧଚତୁଷ୍ଟୟ ନିମ୍ନ ପ୍ରକାରର—

(୧) **ବିଷୟ**—ଯାହାଦ୍ୱାରା ଜୀବର କଲ୍ୟାଣ

(ଉଦ୍ଧାର) ହେବ, ସେହି କର୍ମଯୋଗ, ଜ୍ଞାନଯୋଗ, ଧ୍ୟାନଯୋଗ, ଭକ୍ତିଯୋଗ ଆଦି ସବୁ ବିଷୟ (ସାଧନା) ଗୀତାରେ ଉଲ୍ଲିଖିତ।

(୨) **ପ୍ରୟୋଜନ**—ଯାହାକୁ ପ୍ରାପ୍ତ ହେବାପରେ କରିବା, ଜାଣିବା, ଓ ପାଇବା ବାକି ରହେ ନାହିଁ, ତାହାର ପ୍ରାପ୍ତି କରାଇବା ଅର୍ଥାତ୍ ଜୀବର ଉଦ୍ଧାର କରାଇବା ହେଲା ଗୀତାର ପ୍ରୟୋଜନ।

(୩) **ଅଧିକାରୀ**—ଯେଉଁମାନେ ନିଜର କଲ୍ୟାଣ (ଉଦ୍ଧାର) ଚାହାନ୍ତି, ସେମାନେ ସମସ୍ତେ ହେଉଛନ୍ତି ଗୀତା ଅଧ୍ୟୟନର ଅଧିକାରୀ। ମନୁଷ୍ୟ ଯେକୌଣସି ଦେଶର ଅଧିବାସୀ ହୋଇଥାଉ, ଯେକୌଣସି ବେଶ ଧାରଣ କରିଥାଉ, ଯେକୌଣସି ସମ୍ପ୍ରଦାୟର ଅନୁଯାୟୀ ହୋଇଥାଉ, ଯେକୌଣସି ବର୍ଣ୍ଣ ଓ ଆଶ୍ରମର ହୋଇଥାଉ, ଯେକୌଣସି ବୟସର ହୋଇଥାଉ ଓ ଯେକୌଣସି ପରିସ୍ଥିତିରେ ରହିଥାଉ, ସେ ଗୀତା ଅଧ୍ୟୟନର ଅଧିକାରୀ ଅଟେ।

(୪) **ସମ୍ବନ୍ଧ**—ଗୀତାର ବିଷୟ ଓ ଗୀତା ମଧ୍ୟରେ ପ୍ରତିପାଦ୍ୟ-ପ୍ରତିପାଦକର ସମ୍ବନ୍ଧ ଅଛି, ଅର୍ଥାତ୍ ଗୀତାର ବିଷୟ ହେଲା—'ପ୍ରତିପାଦ୍ୟ' ଏବଂ ଗୀତାଗ୍ରନ୍ଥ ସ୍ୱୟଂ ହେଲା—'ପ୍ରତିପାଦକ'। ଯେଉଁ ବିଷୟକୁ ବୁଝାଯାଏ ସେହି ବିଷୟକୁ 'ପ୍ରତିପାଦ୍ୟ' କୁହାଯାଏ ଏବଂ ଯିଏ ବୁଝାଏ ତାହାକୁ 'ପ୍ରତିପାଦକ' କୁହାଯାଏ। ଜୀବର କଲ୍ୟାଣ କିପରି ହେବ—ଏହା ଗୀତାର ପ୍ରତିପାଦ୍ୟ ବିଷୟ; ଏବଂ କଲ୍ୟାଣ ନିମିତ୍ତ ଉପାୟ ନିର୍ଦ୍ଦେଶକ ଗ୍ରନ୍ଥ ହୋଇଥିବା ହେତୁ ଗୀତା ସ୍ୱୟଂ ପ୍ରତିପାଦକ ଅଟେ।

୧୦୧. ଗୀତାର ଷଡ୍‌ଲିଙ୍ଗ

ଉପକ୍ରମୋପସଂହାରାବଭ୍ୟାସୋଽପୂର୍ବତା ଫଳମ୍।
ଅର୍ଥବାଦୋପପତ୍ତୀ ଚ ଲିଙ୍ଗଂ ତାତ୍ପର୍ଯ୍ୟନିର୍ଣ୍ଣୟେ॥

କୌଣସି ଗ୍ରନ୍ଥର ପ୍ରତିପାଦ୍ୟ ବିଷୟ ନିର୍ଣ୍ଣୟ କରିବା ପାଇଁ ଉପକ୍ରମ ଓ ଉପସଂହାର, ଅଭ୍ୟାସ, ଅପୂର୍ବତା, ଫଳ, ଅର୍ଥବାଦ ଏବଂ ଉପପତ୍ତି—ଏହି ଛଅଟି ଲିଙ୍ଗ ଆବଶ୍ୟକ ହୁଏ ଅର୍ଥାତ୍ ଗ୍ରନ୍ଥର ଉପକ୍ରମ ଓ ଉପସଂହାର କେଉଁଥିରେ ହୋଇଛି, ଗ୍ରନ୍ଥରେ ବାରମ୍ବାର କେଉଁ କଥା କୁହାଯାଇଛି, ଗ୍ରନ୍ଥରେ କି ଅଲୌକିକତା ରହିଛି, ଫଳରୂପେ କଣ କୁହାଯାଇଛି, କାହାର ପ୍ରଶଂସା କରାଯାଇଛି ଓ କି କି ଯୁକ୍ତି ଦିଆଯାଇଛି—ଏହି ଛଅଟି କଥା ଥାଏ। ଏହି ଛଅଟି ଲିଙ୍ଗ ଦ୍ୱାରା ଗୀତାର ମଧ୍ୟ ପ୍ରତିପାଦ୍ୟ ବିଷୟ ନିର୍ଣ୍ଣିତ ହୋଇପାରେ।

(୧) **ଉପକ୍ରମ ଓ ଉପସଂହାର**—ଗୀତାର ଉପକ୍ରମ ଓ ଉପସଂହାର ଶରଣାଗତିରେ ହୋଇଛି। ଆରମ୍ଭରେ **'ଶାଧି ମାଂ ତ୍ୱାଂ ପ୍ରପନ୍ନମ୍'** (୨।୭) ମୁଁ ଆପଣଙ୍କ ଶରଣାପନ୍ନ, ମୋତେ ଶିକ୍ଷାଦିଅନ୍ତୁ ବୋଲି କହି ଅର୍ଜୁନ ଭଗବାନଙ୍କର ଶରଣକୁ ଚାଲିଯାଇଛନ୍ତି; ଏବଂ ଉପସଂହାରରେ **'ମାମେକଂ ଶରଣଂ ବ୍ରଜ'** (୧୮।୬୬) କେବଳ ମୋର ଶରଣକୁ ଆସିଯାଅ ବୋଲି କହି ଭଗବାନ ତାଙ୍କ ନିକଟରେ ଶରଣ ଯିବାକୁ ଆଦେଶ ଦେଇଛନ୍ତି।

(୨) **ଅଭ୍ୟାସ**—ଗୀତାରେ ଶରଣାଗତିର କଥା ହିଁ ବାରମ୍ବାର କୁହାଯାଇଛି, ଯଥା—**ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ'** (୨।୬୧) ସେହି ସମସ୍ତ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରି ମୋର ପରାୟଣ ହୋଇ ବସିବା ଉଚିତ; **'ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ'** (୬।୧୪) ମନକୁ ସଂଯତ କରି ମୋ'ଠାରେ ଚିତ୍ତ ଲଗାଇ ମୋର ପରାୟଣ ହୋଇ ବସିବା ଉଚିତ; **'ମୟ୍ୟାସକ୍ତମନା'** (୭।୧) ମୋ'ଠାରେ ଆସକ୍ତମନା; **'ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ'** (୮।୧୪) ଯେଉଁ ଅନନ୍ୟଚିତ୍ତ ମନୁଷ୍ୟ ନିତ୍ୟନିରନ୍ତର ମୋତେ ସ୍ମରଣ କରେ; **'ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ'** (୯।୨୨) ଯେଉଁ ଅନନ୍ୟ ଭକ୍ତଗଣ ମୋର ଚିନ୍ତନ କରି ମୋର ଉପାସନା କରନ୍ତି; **'ମନ୍ମନା ଭବ ମଦ୍ଭକ୍ତଃ'** (୯।୩୪) ତୁମେ ମୋର ଭକ୍ତ ହୁଅ ଏବଂ ମୋ'ଠାରେ ମନ ନିବିଷ୍ଟ କର; **'ମତ୍କର୍ମକୃନ୍ମତ୍ପରମୋ ମଦ୍ଭକ୍ତଃ'** (୧୧।୫୫) ଯିଏ ମୋ ପାଇଁ ହିଁ କର୍ମ କରେ, ସେ ମୋର ପରାୟଣ ଓ ମୋର ଭକ୍ତ ଅଟେ; **'ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ'** (୧୨।୮)

ତୁମେ ମୋ'ଠାରେ ମନ ଲଗାଅ ଓ ମୋ'ଠାରେ ହିଁ ବୁଦ୍ଧିକୁ ଲଗାଅ; **'ମତ୍କର୍ମପରମୋ ଭବ'** (୧୨ । ୧୦) ମୋ ପାଇଁ କର୍ମପରାୟଣ ହୁଅ; **'ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ'** (୧୪ । ୨୬) ଯେଉଁ ମନୁଷ୍ୟ ଅବ୍ୟଭିଚାରୀ ଭକ୍ତିଯୋଗ ଦ୍ୱାରା ମୋର ସେବା କରେ, ଇତ୍ୟାଦି ।

(୩) **ଅପୂର୍ବତା**—ଶରଣାଗତି ବିଷୟରେ ଭଗବାନ ଅର୍ଜୁନଙ୍କ ଆଗରେ ନିଜ ହୃଦୟର ଗୋପନୀୟ ଅଲୌକିକ କଥା କହିଛନ୍ତି । ଶରଣାଗତ ହୋଇଗଲେ ଭକ୍ତକୁ ନିଜର ଉଦ୍ଧାର ପାଇଁ କିଛି କରିବାକୁ ପଡ଼େ ନାହିଁ, ସମସ୍ତ ଦାୟିତ୍ୱ ଭଗବାନଙ୍କ ଉପରକୁ ଆସିଯାଏ । ଭଗବାନ ସ୍ୱୟଂ ଭକ୍ତମାନଙ୍କର ଯୋଗକ୍ଷେମ ବହନ କରନ୍ତି—**'ଯୋଗକ୍ଷେମଂ ବହାମ୍ୟହମ୍'** (୯ । ୨୨) । ଭଗବାନ କହିଛନ୍ତି ଯେ, ମୁଁ ନିଜ ଆଡୁ ହିଁ ଭକ୍ତମାନଙ୍କୁ ସମତା ପ୍ରଦାନ କରେ, ଯଦ୍ୱାରା ସେମାନେ ମୋତେ ପାଇ ଯାଆନ୍ତି—**'ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ'** (୧୦ । ୧୦); ମୁଁ ସ୍ୱୟଂ ଭକ୍ତମାନଙ୍କର ଅଜ୍ଞାନଜନିତ ଅନ୍ଧକାରକୁ ନଷ୍ଟ କରିଦିଏ—**'ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା'** (୧୦ । ୧୧); ଶରଣାଗତ ଭକ୍ତମାନଙ୍କ ପାଇଁ ମୁଁ ସୁଲଭ ଅଟେ—**'ତସ୍ୟାହଂ ସୁଲଭଃ'** (୮ । ୧୪); ମୁଁ ସ୍ୱୟଂ ଭକ୍ତମାନଙ୍କୁ ମୃତ୍ୟୁସଂସାର-ସାଗରରୁ ଉଦ୍ଧାର କରିଥାଏ—**'ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାର-ସାଗରାତ୍'** (୧୨ । ୭); ଇତ୍ୟାଦି ।

(୪) **ଫଳ**—ଭଗବାନଙ୍କୁ ପାଇବା ହିଁ ଶରଣାଗତିର ଫଳ ବୋଲି ଭଗବାନ କହିଛନ୍ତି; ଯଥା—ମୋତେ ଯଜ୍ଞ ଓ ତପସ୍ୟାର ଭୋକ୍ତା ଓ ସମସ୍ତ ଲୋକର ମହାନ୍ ଈଶ୍ୱର ବୋଲି ଜାଣି ଭକ୍ତ ପରମଶାନ୍ତିକୁ ପ୍ରାପ୍ତ କରେ—**'ଶାନ୍ତିମୃଚ୍ଛତି'** (୫ । ୨୯); ମୋ ପାଇଁ କର୍ମ କରୁଥିବା ଭକ୍ତ ମୋତେ ହିଁ ପ୍ରାପ୍ତ ହୁଏ—**'ସ ମାମେତି'** (୧୧ । ୫୫); ମୋ ପାଇଁ କର୍ମ କରି ତୁମେ ସିଦ୍ଧିକୁ ଅର୍ଥାତ୍ ମୋତେ ପ୍ରାପ୍ତ ହେବ—**'ସିଦ୍ଧିମବାପ୍ସ୍ୟସି'** (୧୨ । ୧୦); ସମସ୍ତ ବନ୍ଧନରୁ ମୁକ୍ତ ହୋଇ ତୁମେ ମୋତେ ପ୍ରାପ୍ତ ହେବ **'ବିମୁକ୍ତୋ ମାମୁପୈଷ୍ୟସି'** (୯ । ୨୮); ପାପଯୋନି ପ୍ରଭୃତି ମଧ୍ୟ ମୋର ଆଶ୍ରୟ ନେଇ ପରମଗତିକୁ ଅର୍ଥାତ୍ ମୋତେ ପ୍ରାପ୍ତ ହୋଇଥାଆନ୍ତି—**'ତେଽପି ଯାନ୍ତି ପରାଂ ଗତିମ୍'** (୯ । ୩୨); ମୋର କୃପା ଦ୍ୱାରା ଭକ୍ତ ଶାଶ୍ୱତ ଅବିନାଶୀ ପଦକୁ ପ୍ରାପ୍ତ ହୋଇଥାଏ—**'ମତ୍ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍'** (୧୮ । ୫୬); ତୁମେ କେବଳ ମୋ ଶରଣକୁ ଆସିଯାଅ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି—**'ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି'** (୧୮ । ୬୬) ଇତ୍ୟାଦି ।

(୫) **ଅର୍ଥବାଦ**—ଗୀତାରେ ଭଗବାନ ନିଜର ଶରଣାଗତ ଭକ୍ତମାନଙ୍କର ପ୍ରଶଂସା କରିଅଛନ୍ତି; ଯଥା—ସମସ୍ତ ଯୋଗୀଙ୍କ ମଧ୍ୟରେ ମୋର ଭକ୍ତ ସର୍ବଶ୍ରେଷ୍ଠ—**'ସ ମେ ଯୁକ୍ତତମୋ ମତଃ'** (୬ । ୪୭); ଶ୍ରଦ୍ଧାବାନ୍ ଭକ୍ତ ମୋ ମତରେ ସର୍ବଶ୍ରେଷ୍ଠ ଯୋଗୀ ଅଟେ—**'ତେ ମେ ଯୁକ୍ତତମା ମତାଃ'** (୧୨ । ୨); ମୋ'ଠାରେ ଶ୍ରଦ୍ଧା ରଖିଥିବା ଓ ମୋର ପରାୟଣ ହୋଇଥିବା ଭକ୍ତ ମୋର ଅତ୍ୟନ୍ତ ପ୍ରିୟ **'ତେଽତୀବ ମେ ପ୍ରିୟାଃ'** (୧୨ । ୨୦); ଯିଏ ମୋତେ ପୁରୁଷୋତ୍ତମ ବୋଲି ଜାଣିଯାଏ, ସେ ସର୍ବବିତ୍ ହୋଇଯାଏ—**'ସ ସର୍ବବିତ୍'** (୧୫ । ୧୯); ଇତ୍ୟାଦି ।

(୬) **ଉପପତ୍ତି**—ଶରଣାଗତ ଭକ୍ତ ହେବା ବିଷୟରେ ଭଗବାନ ଗୀତାରେ ଅନେକ ଯୁକ୍ତି ଦେଇଛନ୍ତି; ଯଥା—ମୋ'ଠାରେ ଚିତ୍ତ ନିବିଷ୍ଟ କରି ତୁମେ ମୋ କୃପାବଳରେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିଯିବ ଏବଂ ଯଦି ତୁମେ ଅହଂକାର ହେତୁ ମୋର କଥା ନ ଶୁଣିବ, ତେବେ ତୁମର ପତନ ହୋଇଯିବ—**'ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି'** (୧୮ । ୫୮); ବ୍ରହ୍ମଲୋକଯାଏ ଯାଉଥିବା ଜୀବକୁ ପୁଣି ଫେରିବାକୁ ପଡ଼ିଥାଏ, କିନ୍ତୁ ମୋତେ ପ୍ରାପ୍ତ କରିଥିବା ଭକ୍ତ ଫେରି ଆସେ ନାହିଁ—**'ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ'** (୮ । ୧୬); ଦେବତାମାନଙ୍କର ଭକ୍ତ ଦେବତାମାନଙ୍କୁ ପ୍ରାପ୍ତ ହୁଅନ୍ତି, କିନ୍ତୁ ମୋର ଭକ୍ତ ମୋତେ ହିଁ ପ୍ରାପ୍ତ ହୁଅନ୍ତି—**'ଦେବାନ୍ ଦେବଯଜୋ ଯାନ୍ତି ମଦ୍ଭକ୍ତା ଯାନ୍ତି ମାମପି'** (୭ । ୨୩); ଇତ୍ୟାଦି ।

ଉପର୍ଯ୍ୟୁକ୍ତ ଛଅଟି କଥାର ତାତ୍ପର୍ଯ୍ୟ ହେଲା ଯେ ଭଗବାନଙ୍କ ଶରଣ ହେବାପରେ ଲୌକିକ ଓ ପାରଲୌକିକ ସବୁ ପ୍ରକାରର ଲାଭ ହୋଇଥାଏ ଏବଂ ଶରଣାପନ୍ନ ନ ହେଲେ ଲୌକିକ ଓ ପାରଲୌକିକ ସବୁ ପ୍ରକାରର କ୍ଷତି ହୋଇଥାଏ ।

୧୦୨. ଗୀତାରେ କାବ୍ୟଗତ ବିଶେଷତ୍ୱ

ସୃଷ୍ଟୌ ଯାବନ୍ତି କାବ୍ୟାନି ଗୀତା ସର୍ବୋତ୍ତମା ତତଃ ।
କାବ୍ୟେଭ୍ୟ ଐହିକୋ ଲାଭୋ ଗୀତା ସର୍ବତ୍ର ଲାଭଦା ॥

(କ)

ଗୀତା ଏକ ଦାର୍ଶନିକ ଗ୍ରନ୍ଥ, କାବ୍ୟଗ୍ରନ୍ଥ ନୁହେଁ । ଏହି ଗ୍ରନ୍ଥ କେବଳ ଜୀବର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଏଥିରେ କାବ୍ୟଗତ ବିଶେଷତ୍ୱର କୌଣସି ଆବଶ୍ୟକତା ନାହିଁ, ତଥାପି ଗ୍ରନ୍ଥରେ ସ୍ୱାଭାବିକଭାବେ ଅନେକ କାବ୍ୟଗତ ବିଶେଷତ୍ୱ ଆସିଯାଇଛି । କାବ୍ୟଗତ ବିଶେଷତ୍ୱ ଛଅ ପ୍ରକାରର—

'କାବ୍ୟଂ ଯଶସେଽର୍ଥକୃତେ ବ୍ୟବହାରବିଦେ ଶିବେତରକ୍ଷତୟେ ।
ସଦ୍ୟଃ ପରନିର୍ବୃତୟେ କାନ୍ତାସମ୍ମିତତୟୋପଦେଶୟୁଜେ' ॥

ଅର୍ଥାତ୍—କାବ୍ୟରଚନା ଯଶପ୍ରାପ୍ତି ପାଇଁ, ଧନପ୍ରାପ୍ତି ପାଇଁ, ବ୍ୟାବହାରିକ ଜ୍ଞାନ ପାଇଁ, ଅନିଷ୍ଟନିବୃତ୍ତି ପାଇଁ, ଶୀଘ୍ର ପରମଶାନ୍ତି ପାଇବା ପାଇଁ ଏବଂ ସ୍ନେହପୂର୍ବକ ଉପଦେଶ ଦେବା ପାଇଁ ପ୍ରୟୋଜନ ହୋଇଥାଏ ।

କାବ୍ୟର ରଚନା ଓ ପଠନପାଠନ ତ କେବଳ ସାଂସାରିକ ଯଶପ୍ରାପ୍ତି ପାଇଁ ହୋଇଥାଏ, କିନ୍ତୁ ଗୀତା ଅନୁସାରେ ଚଳିଲେ ସାଂସାରିକ ଯଶ ମଧ୍ୟ ମିଳେ ଏବଂ ପଣ୍ଡିତ ଲୋକମାନେ ମଧ୍ୟ ତାକୁ ପଣ୍ଡିତ ବୋଲି କହନ୍ତି—**'ତମାହୁଃ ପଣ୍ଡିତଂ ବୁଧାଃ'** (୪ । ୧୯) ଏବଂ ଭଗବାନ ମଧ୍ୟ ତାକୁ ଆଦର କରନ୍ତି—'ଜ୍ଞାନୀ (ପ୍ରେମୀ) ତ ମୋର ସ୍ୱରୂପ ଅଟେ' **'ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍'** (୭ । ୧୮); 'ମୋର ଭକ୍ତ ମୋତେ ପ୍ରିୟ'—**'ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ'** (୧୨ । ୧୪,୧୬), **'ସ ଚ ମେ ପ୍ରିୟଃ'** (୧୨ । ୧୫), **'ଭକ୍ତିମାନ୍ ଯଃ ସ ମେ ପ୍ରିୟଃ'** (୧୨ । ୧୭), **'ଭକ୍ତିମାନ୍ମେ ପ୍ରିୟୋ ନରଃ'** (୧୨ । ୧୯); 'ସେ ସବୁକିଛି ଜାଣିଯାଏ'—**'ସ ସର୍ବବିଦ୍'** (୧୫ । ୧୯) । ସେ ଯୋଗୀ ହୋଇଯାଏ, ଗୁଣଗୁଡ଼ିକରୁ ଅତୀତ ହୋଇଯାଏ, ଭଗବଦ୍‌ଭକ୍ତ ହୋଇଯାଏ । ତା'ର ତ ଉଦ୍ଧାର ନିଶ୍ଚୟ ହୋଇଥାଏ, ତା'ର କଥା ମାନିଲେ ଅନ୍ୟମାନଙ୍କର ମଧ୍ୟ ଉଦ୍ଧାର ହୋଇଯାଏ—**'ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ'** (୧୩ । ୨୫) । ଏହିପରି ଭାବରେ ସେ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ଓ ପବିତ୍ର ହୋଇଯାଏ ।

କାବ୍ୟରଚନା ଯେଉଁ ସାଂସାରିକ ଧନପ୍ରାପ୍ତି ପାଇଁ କରାଯାଏ, ସେହି ଧନ କେବଳ ଜୀବନନିର୍ବାହ କରିବା ପାଇଁ ସହାୟକ ହୋଇଥାଏ । ସେହି ଧନ ଦ୍ୱାରା ତୃଷ୍ଣା ଓ କାମନା ନଷ୍ଟ ହୁଏ ନାହିଁ । ଯେତେ ଧନ ମିଳିଲେ ସୁଦ୍ଧା ଅପୂର୍ତ୍ତି (ଋଣା) ରହିଥାଏ, କଦାପି ପୂର୍ତ୍ତି ହୁଏ ନାହିଁ । କିନ୍ତୁ ଗୀତାର ଉପଦେଶକୁ ଜୀବନରେ ଆଚରଣ କଲେ ସନ୍ତୋଷରୂପକ ମହାଧନ ମିଳିଥାଏ—**'ଯଦୃଚ୍ଛାଲାଭସନ୍ତୁଷ୍ଟଃ'** (୪ । ୨୨), **'ସନ୍ତୁଷ୍ଟଃ ସତତଂ ଯୋଗୀ'** (୧୨ । ୧୪), **'ସନ୍ତୁଷ୍ଟୋ ଯେନ କେନଚିତ୍'** (୧୨ । ୧୯) । ତା'ପରେ ଧନର ଆଶା, ତୃଷ୍ଣା, କାମନା ଆଦି ଦୋଷ ସବୁଦିନ ପାଇଁ ଦୂରେଇଯାଏ—**'ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ'** (୨ । ୭୧) । ସବୁଦିନ ପାଇଁ ଅଭାବ ଦୂର ହୋଇଯାଏ ଓ ପୂରଣ ହୋଇଯାଏ ।

କାବ୍ୟ ସାଂସାରିକ ବ୍ୟବହାର ଜାଣିବା ପାଇଁ ଉପଯୋଗୀ ହୋଇଥାଏ । ସାଂସାରିକ ବ୍ୟବହାରରେ ସ୍ୱାର୍ଥ, ପକ୍ଷପାତ, କାମ, କ୍ରୋଧ, ମୋହ, ଈର୍ଷ୍ୟା ଆଦି ଦୋଷ ରହିଥାଏ, ଯାହା କି ପ୍ରକୃତ ଉନ୍ନତିରେ ବାଧକ । କିନ୍ତୁ ଗୀତା ଅନୁସାରେ ଜୀବନରେ ଆଚରଣ କଲେ ସ୍ୱାର୍ଥ, ପକ୍ଷପାତ, କାମ, କ୍ରୋଧ ପ୍ରଭୃତି ଦୋଷ ଦୂର ହୋଇ ମନୁଷ୍ୟର ଜୀବନ ସର୍ବଥା ନିର୍ମଳ ହୋଇଯାଏ । ତା'ପରେ ତାହାଦ୍ୱାରା ଯାହାକିଛି ବ୍ୟବହାରିକ କ୍ରିୟା ହୁଏ, ତାହା ସର୍ବଥା ନିର୍ଦୋଷ ହୋଇଥାଏ । ତା'ଠାରେ ସମତା ଆସିଯିବାରୁ ସେ ସମସ୍ତଙ୍କ ଠାରେ ଏକମାତ୍ର ସମରୂପ ପରମାତ୍ମାଙ୍କୁ ହିଁ ଦେଖେ—**'ପଣ୍ଡିତାଃ ସମଦର୍ଶିନଃ'** (୫ । ୧୮), କିନ୍ତୁ ତା'ର ବ୍ୟବହାର ସମସ୍ତଙ୍କ ସହିତ ଯଥାଯୋଗ୍ୟ ହିଁ ହୋଇଥାଏ । ତା'ର ବ୍ୟବହାର ଦ୍ୱାରା ପ୍ରତ୍ୟେକ ପ୍ରାଣୀର ହିତ ସାଧିତ ହୁଏ—**'ସର୍ବଭୂତହିତେ ରତାଃ'** (୫ । ୨୫; ୧୨ । ୪) । ତାତ୍ପର୍ଯ୍ୟ ଏହି ଯେ ଗୀତା ଅନୁସାରେ ଜୀବନଯାପନ କଲେ ଯେତିକି ନିର୍ମଳତା ଆସିଥାଏ, କାବ୍ୟ ଦ୍ୱାରା ଜୀବନରେ ସେତେ ନିର୍ମଳତା ଆସେ ନାହିଁ ।

କାବ୍ୟରଚନା ଦୁଃଖର ନାଶ ଓ ସୁଖପ୍ରାପ୍ତି ପାଇଁ କରାଯାଏ, କିନ୍ତୁ କାବ୍ୟରଚନା କଲେ ଓ ତାହାର ପଠନପାଠନ କଲେ ସବୁ ଦୁଃଖ ନଷ୍ଟ ହୁଏ ନାହିଁ ଏବଂ ସ୍ଥାୟୀ ସୁଖ ମଧ୍ୟ ମିଳେ ନାହିଁ । ଅବଶ୍ୟ ଇଷ୍ଟଦେବତାଙ୍କ

ସ୍ତୁତି-ପ୍ରାର୍ଥନା ଆଦି ଦ୍ୱାରା ତାତ୍କାଳିକ ଶାନ୍ତି ମିଳିଥାଏ ଏବଂ ରୋଗ ଇତ୍ୟାଦି ମଧ୍ୟ ଦୂର ହୋଇଥାଏ, କିନ୍ତୁ ସର୍ବଥା ଦୁଃଖନିବୃତ୍ତି ଓ ନିରତିଶୟ ସୁଖର ପ୍ରାପ୍ତି ହୁଏ ନାହିଁ। ମାତ୍ର ଗୀତା ଅନୁସାରେ ଚଳିଲେ ରୋଗ, ଅପମାନ ଆଦି ଦୁଃଖ ଆଦୌ ହୁଏ ନାହିଁ। ଶାଶ୍ୱତ ପରମସୁଖ ମିଳିଯାଏ—**'ସୁଖମକ୍ଷୟମଶ୍ନୁତେ'** (୫।୨୧), **'ସୁଖମାତ୍ୟନ୍ତିକମ୍'** (୬।୨୧), **'ଅତ୍ୟନ୍ତଂ ସୁଖମଶ୍ନୁତେ'** (୬।୨୮)। ଗୀତା ପଢ଼ିଲେ ଓ ମନନ କଲେ ପ୍ରତ୍ୟକ୍ଷ ଶାନ୍ତି ମିଳେ ଓ ହୃଦୟର ଅଶାନ୍ତି ଦୂର ହୁଏ। ହୃଦୟର ସନ୍ଦେହଗୁଡ଼ିକର ମୋଚନ ଓ ସମାଧାନ ହୋଇଯାଏ। ଗୀତାର ଅଧ୍ୟୟନ ମାତ୍ରକେ ଭଗବାନ ନିଜକୁ ଜ୍ଞାନଯଜ୍ଞ ଦ୍ୱାରା ପୂଜିତ ହେଉଛନ୍ତି ବୋଲି ଭାବନ୍ତି (୧୮।୭୦)। ଗୀତାକୁ ଶୁଣିବା ମାତ୍ରକେ ମନୁଷ୍ୟ ସମସ୍ତ ପାପରୁ ମୁକ୍ତ ହୋଇ ବୈକୁଣ୍ଠ, ସାକେତ, ଗୋଲୋକ ଇତ୍ୟାଦି ଧାମ ପ୍ରାପ୍ତ ହୁଏ (୧୮।୭୧)।

କାବ୍ୟରେ ସ୍ନେହପୂର୍ବକ, ପ୍ରେମଭାବରେ ଉପଦେଶ ଦିଆଯାଏ। ଗୀତା 'ପ୍ରଭୁସମ୍ମିତ' ବାକ୍ୟ* ହୋଇଥିଲେ ମଧ୍ୟ ଏଥିରେ ଅର୍ଜୁନଙ୍କୁ ଅତି ସ୍ନେହର ସହିତ ଉପଦେଶ ଦିଆଯାଇଛି। ଯଥା—ଅର୍ଜୁନ ଚକିତହୋଇ ଭଗବାନଙ୍କୁ ପଚାରୁଛନ୍ତି ଯେ ଅନ୍ତିମ ସମୟରେ ଯଦି କୌଣସି କାରଣରୁ ମନ ସାଧନାରୁ ବିଚଳିତ ହୋଇଯାଏ, ତେବେ ସାଧକ ଛିନ୍ନଭିନ୍ନ ମେଘ ଭଳି ନଷ୍ଟ ହୋଇଯାଏ ନାହିଁ ତ? (୬।୩୭–୩୮); ସେତେବେଳେ ଭଗବାନ ଖୁବ୍ ସ୍ନେହରେ କହୁଛନ୍ତି—'ହେ ପ୍ରିୟ ଅର୍ଜୁନ! କଲ୍ୟାଣକର କର୍ମ କରୁଥିବା କୌଣସି ମନୁଷ୍ୟର ଦୁର୍ଗତି ହୁଏ ନାହିଁ—**'ନ ହି କଲ୍ୟାଣକୃତ୍ କଶ୍ଚିଦ୍ ଦୁର୍ଗତିଂ ତାତ ଗଚ୍ଛତି'** (୬।୪୦)। ଯିଏ ଯୋଗ(ସମତା)କୁ ପ୍ରାପ୍ତ କରିବାକୁ ଚାହେଁ, ସେ ମଧ୍ୟ ବେଦମାନଙ୍କରେ କୁହଯାଇଥିବା ସକାମ ଅନୁଷ୍ଠାନଗୁଡ଼ିକୁ ଅତିକ୍ରମ କରିଯାଏ, ଯୋଗଭ୍ରଷ୍ଟର କଥା କ'ଣ ବା କହିବା!—**'ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତତେ'** (୬।୪୪)। ଗୀତୋପଦେଶର ଶେଷରେ ଭଗବାନ କହିଛନ୍ତି ଯେ, ତୁମେ ମୋର ଭକ୍ତ ହୋଇଯାଅ, ମୋ'ଠାରେ ମନୋନିବେଶ କର, ମୋର ହିଁ ପୂଜା ଅର୍ଚ୍ଚନା କର ଓ ମୋତେ ହିଁ ନମସ୍କାର କର, ତାହାହେଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ, ଏହା ମୁଁ ସତ୍ୟପ୍ରତିଜ୍ଞା କରି କହୁଛି, କାରଣ ତୁମେ ମୋର ଅତି ପ୍ରିୟ। (୧୮।୬୫)। ତୁମେ ସମସ୍ତ ଧର୍ମର ଆଶ୍ରୟ ଛାଡ଼ି କେବଳ ମୋର ଶରଣକୁ ଆସିଯାଅ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ କିଛି ଚିନ୍ତା କର ନାହିଁ (୧୮।୬୬)।

ତାତ୍ପର୍ଯ୍ୟ ଏହି ଯେ କାବ୍ୟ ଦ୍ୱାରା କେବଳ ସାଂସାରିକ ଲାଭ ମିଳିଥାଏ, ଯାହା କି ଅନିତ୍ୟ ଓ ଅସ୍ଥାୟୀ। କିନ୍ତୁ ଗୀତା ପଢ଼ିବା-ପଢ଼ାଇବା, ଶୁଣିବା-ଶୁଣାଇବା, ବିଚାର ଓ ମନନ କରିବା ତଥା ଅନୁଷ୍ଠାନ କରିବା ପରେ ଆଉ କିଛି କରିବା, ଜାଣିବା ଓ ପାଇବା ବାକି ରହେ ନାହିଁ। ଏହାଦ୍ୱାରା ସେହି ପାରମାର୍ଥିକ ଲାଭ ପ୍ରାପ୍ତ ହୁଏ, ଯାହାଠୁଁ ବଳି ଅନ୍ୟ କୌଣସି ଲାଭ ନାହିଁ (୬।୨୨); କାରଣ ସେହି ପାରମାର୍ଥିକ ଲାଭ ହେଉଛି ନିତ୍ୟ ଏବଂ ସଦାସ୍ଥାୟୀ।

ସଂସାରରେ ଯେତେ କାବ୍ୟ ଅଛି, ସାହିତ୍ୟ ଅଛି, ସେଥିମଧ୍ୟରୁ ଗୀତାରୂପୀ ଗ୍ରନ୍ଥ ହେଉଛି ସର୍ବଶ୍ରେଷ୍ଠ। କାରଣ ଗୀତା ଏତେ ବିଲକ୍ଷଣ ଯେ ସମ୍ପ୍ରଦାୟ, ଭାଷା ଓ ଦେଶ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟ ଏଥିରେ ମୁଗ୍ଧ ହୋଇଯାଏ। ଏହାପ୍ରତି ଆକୃଷ୍ଟ ହୋଇଯାଏ। ତାକୁ ଗୀତା ଦ୍ୱାରା ବହୁତ ପାରମାର୍ଥିକ ଲାଭ ମିଳେ। ଗୀତା ସ୍ୱୟଂ ଭଗବାନଙ୍କର ବାଣୀ। ଆଜିପର୍ଯ୍ୟନ୍ତ ଗୀତା ଉପରେ ଯେତେ ଟୀକା ଲେଖାଯାଇଛି, ସେତିକି ଟୀକା ଅନ୍ୟ କୌଣସି ଗ୍ରନ୍ଥ ଉପରେ ଲେଖାଯାଇ ନାହିଁ। ଅତଏବ ଏହା ସର୍ବାଧିକ ଆଦରଣୀୟ ଅଟେ।

ଯେଉଁ କାବ୍ୟରେ ଭଗବାନ ଓ ତାଙ୍କ ଚରିତ ସମ୍ବନ୍ଧରେ ବର୍ଣ୍ଣନା ଅଛି, ତାହାର ପଠନପାଠନ ଆଦି ଦ୍ୱାରା ମଧ୍ୟ ମନୁଷ୍ୟର କଲ୍ୟାଣ ସାଧିତ ହୁଏ। କିନ୍ତୁ କଲ୍ୟାଣ ହେବାରେ ଭଗବାନଙ୍କର ମହିମା ଓ ଚରିତ ହିଁ କାରଣ, କାବ୍ୟ କାରଣ ନୁହେଁ। ତା'ଛଡ଼ା ଅନ୍ୟ କାବ୍ୟମାନ ସୁନ୍ଦର ହୋଇ ପାରନ୍ତି, ସେଗୁଡ଼ିକୁ ପଢ଼ିଲେ ତାତ୍କାଳିକ ପ୍ରସନ୍ନତା ମଧ୍ୟ ମିଳିପାରେ, କିନ୍ତୁ ତଦ୍ୱାରା କଲ୍ୟାଣ ହୁଏ ନାହିଁ। କାରଣ ସେଗୁଡ଼ିକର ପ୍ରୟୋଜନୀୟତା ସାଂସାରିକ ହୋଇଥାଏ। ଅତଏବ ସେଗୁଡ଼ିକରୁ ମିଳୁଥିବା ଲାଭ ସୀମିତ, ଅସୀମ ନୁହେଁ।

---

* ବାକ୍ୟ ତିନି ପ୍ରକାରର—ପ୍ରଭୁସମ୍ମିତ, ମିତ୍ରସମ୍ମିତ ଓ କାନ୍ତାସମ୍ମିତ। ବେଦର ବାଣୀ 'ପ୍ରଭୁସମ୍ମିତ' ଅଟେ ଅର୍ଥାତ୍ ବେଦ ଯଦି କହିଦିଅନ୍ତି ଯେ 'ଏଭଳି କାମ କର, ଏଭଳି କାମ କରନା'; ତେବେ ସେଥିରେ ନିଜର ବୁଦ୍ଧି ନ ଲଗାଇ ବେଦର ନିର୍ଦ୍ଦେଶ ଅନୁସାରେ କରିବା ଉଚିତ। ଗୀତା ମଧ୍ୟ ବେଦ ସଦୃଶ ହୋଇଥିବାରୁ 'ପ୍ରଭୁସମ୍ମିତ' ଅଟେ। ପୁରାଣ, ଇତିହାସ, ସ୍ମୃତିଗ୍ରନ୍ଥ ଆଦି 'ମିତ୍ରସମ୍ମିତ' ଅଟନ୍ତି; କାରଣ ଏମାନେ ମିତ୍ର ଭଳି ବୁଝାନ୍ତି। ସାହିତ୍ୟ, କାବ୍ୟ ପ୍ରଭୃତି 'କାନ୍ତାସମ୍ମିତ' ଅଟନ୍ତି, କାରଣ ଏମାନେ ସ୍ତ୍ରୀ ଭଳି ସ୍ନେହରେ ବୁଝାନ୍ତି।

(ଖ)

କାବ୍ୟରେ ଶ୍ଳୋକଗୁଡ଼ିକର ଅନ୍ୱୟକୁ ଚାରିଭାଗରେ ବିଭକ୍ତ କରାଯାଏ—ଯୁଗ୍ମ, ବିଶେଷକ, କଳାପ ଓ କୁଳକ—

ଦ୍ୱାଭ୍ୟାଂ ଯୁଗ୍ମମିତି ପ୍ରୋକ୍ତଂ ତ୍ରିଭିଃ ଶ୍ଳୋକୈର୍ବିଶେଷକମ୍ ।
ଚତୁର୍ଭିଃ କଳାପଂ ଜ୍ଞେୟଂ ତଦୂର୍ଦ୍ଧ୍ୱଂ କୁଳକଂ ସ୍ମୃତମ୍ ॥

ଯେଉଁଠାରେ ଦୁଇଟି ଶ୍ଳୋକର ଏକସଙ୍ଗେ ଅନ୍ୱୟ କରାଯାଏ, ତାକୁ **'ଯୁଗ୍ମ'** କହନ୍ତି; ଯେଉଁଠି ତିନୋଟି ଶ୍ଳୋକର ଅନ୍ୱୟ ଏକସଙ୍ଗେ କରାଯାଏ, ତାହାକୁ **'ବିଶେଷକ'** କୁହାଯାଏ; ଯେଉଁଠି ଚାରୋଟି ଶ୍ଳୋକର ଅନ୍ୱୟ ଏକସଙ୍ଗେ କରାଯାଏ, ତାହାକୁ **'କଳାପ'** କୁହାଯାଏ; ଏବଂ ଯେଉଁଠାରେ ଚାରିରୁ ଅଧିକ ଶ୍ଳୋକର ଅନ୍ୱୟ ଏକସଙ୍ଗେ କରାହୁଏ, ତାହା **'କୁଳକ'** ଅଟେ । ଗୀତାରେ ଏହି ଚାରୋଟିର ପ୍ରୟୋଗ ଦେଖିବାକୁ ମିଳେ ।

ପ୍ରଥମ ଅଧ୍ୟାୟର ୩୪ଶ ଓ ୩୫ଶ; ଦ୍ୱିତୀୟ ଅଧ୍ୟାୟର ୬୨ତମ ଓ ୬୩ତମ; ତୃତୀୟ ଅଧ୍ୟାୟର ୧୪ଶ, ୧୫ଶ, ୪୨ଶ ଓ ୪୩ଶ; ପଞ୍ଚମ ଅଧ୍ୟାୟର ୮ମ ଓ ୯ମ; ଅଷ୍ଟମ ଅଧ୍ୟାୟର ୧୨ଶ ଓ ୧୩ଶ; ନବମ ଅଧ୍ୟାୟର ୪ର୍ଥ ଓ ୫ମ; ଦଶମ ଅଧ୍ୟାୟର ୪ର୍ଥ, ୫ମ, ୧୨ଶ ଓ ୧୩ଶ; ଏକାଦଶ ଅଧ୍ୟାୟର ୪୧ଶ ଓ ୪୨ଶ; ଦ୍ୱାଦଶ ଅଧ୍ୟାୟର ୧୮ଶ ଓ ୧୯ଶ; ଚତୁର୍ଦ୍ଦଶ ଅଧ୍ୟାୟର ୨୪ଶ ଓ ୨୫ଶ ଆଦି ଶ୍ଳୋକରେ **'ଯୁଗ୍ମ'** ଅନ୍ୱୟର ପ୍ରୟୋଗ ହୋଇଛି ।

ପ୍ରଥମ ଅଧ୍ୟାୟର ୪ର୍ଥ ରୁ ୬ଷ୍ଠ ଶ୍ଳୋକଯାଏ ଏବଂ ୧୬ଶ ରୁ ୧୮ଶ ଶ୍ଳୋକଯାଏ, ଦ୍ୱିତୀୟ ଅଧ୍ୟାୟର ୪୨ଶ ରୁ ୪୪ଶ ଶ୍ଳୋକଯାଏ, ଷୋଡ଼ଶ ଅଧ୍ୟାୟର ୧ମ ରୁ ୩ୟ ଶ୍ଳୋକଯାଏ ଏବଂ ଅଷ୍ଟାଦଶ ଅଧ୍ୟାୟର ୫୧ଶ ରୁ ୫୩ଶ ଶ୍ଳୋକଯାଏ **'ବିଶେଷକ'** ଅନ୍ୱୟର ପ୍ରୟୋଗ ହୋଇଛି ।

ଷଷ୍ଠ ଅଧ୍ୟାୟର ୨୦ ଶ ରୁ ୨୩ଶ ଶ୍ଳୋକଯାଏ ଓ ଅଷ୍ଟାଦଶ ଅଧ୍ୟାୟର ୪୨ଶ ରୁ ୪୫ଶ ଶ୍ଳୋକଯାଏ **'କଳାପ'** ଅନ୍ୱୟର ପ୍ରୟୋଗ ହୋଇଛି ।

ଚତୁର୍ଥ ଅଧ୍ୟାୟର ୨୪ଶ ରୁ ୩୦ ଶ ଶ୍ଳୋକଯାଏ ଓ ତ୍ରୟୋଦଶ ଅଧ୍ୟାୟର ୭ମ ରୁ ୧୧ଶ ଶ୍ଳୋକଯାଏ **'କୁଳକ'** ଅନ୍ୱୟ ପ୍ରଯୁକ୍ତ ହୋଇଛି ।

୧୦୩. ଗୀତାରେ ଅଳଙ୍କାର

ଅଳଙ୍କାରବିଶିଷ୍ଟସ୍ୟ ଶୋଭା ଗ୍ରନ୍ଥସ୍ୟ ବର୍ଦ୍ଧତେ ।
ଭାବଜ୍ଞାନାମ୍ନିକା ଗୀତାଽଳଂକାରା ଯତ୍ର କୁତ୍ରଚିତ୍ ॥

ଅଳଙ୍କାର ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଅଟେ । ସୌନ୍ଦର୍ଯ୍ୟ ବୃଦ୍ଧି ଦୁଇଟି ଉପାୟରେ ହୁଏ—ଶବ୍ଦ ଦ୍ୱାରା ଓ ଅର୍ଥ ଦ୍ୱାରା । ଯେଉଁ ଶ୍ଳୋକ ବା ବାକ୍ୟରେ ଶବ୍ଦଗତ ବା ବର୍ଣ୍ଣଗତ ସୌନ୍ଦର୍ଯ୍ୟ ଥାଏ, ତାହାକୁ 'ଶବ୍ଦାଳଙ୍କାର' କୁହାଯାଏ । ଯଥା— **'ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୄନଥ ପିତାମହାନ୍'** (୧ । ୨୬)—ଏହି ବାକ୍ୟରେ 'ପ' ବର୍ଣ୍ଣଗତ ସୌନ୍ଦର୍ଯ୍ୟ ରହିଛି । ଯେଉଁ ଶ୍ଳୋକ ବା ବାକ୍ୟରେ ଅର୍ଥଗତ ସୌନ୍ଦର୍ଯ୍ୟ ଥାଏ, ତାହାକୁ 'ଅର୍ଥାଳଙ୍କାର' କୁହାଯାଏ; ଯଥା— **'ବାୟୁର୍ନାବମିବାମ୍ଭସି'** (୨ । ୬୭) ।

ଶବ୍ଦାଳଙ୍କାର ଅନୁପ୍ରାସ, ଯମକ ଆଦି ଏବଂ ଅର୍ଥାଳଙ୍କାର ଉପମା, ରୂପକ ଆଦି ନାମରେ ଅନେକ ପ୍ରକାରର । ଗୀତାରେ ମଧ୍ୟ କେତେକ ଅଳଙ୍କାର ବ୍ୟବହୃତ ହୋଇଛି; ଯଥା—

(୧) ଅନୁପ୍ରାସ—ଯେଉଁଠାରେ 'ଅ ଆ....' ଆଦି ସ୍ୱରଗୁଡ଼ିକର ଭିନ୍ନତା ଥିଲେ ସୁଦ୍ଧା 'କ ଖ....' ଆଦି ବ୍ୟଞ୍ଜନଗୁଡ଼ିକର ସମାନତା ଥାଏ, ସେଠାରେ 'ଅନୁପ୍ରାସ ଅଳଙ୍କାର' ହୁଏ । ପଞ୍ଚମ ଅଧ୍ୟାୟର ୮ମ ଓ ୯ମ ଶ୍ଳୋକରେ **'ପଶ୍ୟଞ୍ଛୃଣ୍ୱନ୍ସ୍ପୃଶଞ୍ଜିଘ୍ରନ୍...'** ଆଦି ପଦଗୁଡ଼ିରେ **'ନ'** ବ୍ୟଞ୍ଜନବର୍ଣ୍ଣର ସମାନତା ରହିଛି । ସେମିତି ପଞ୍ଚମ ଅଧ୍ୟାୟର ୧୭ଶ ଶ୍ଳୋକରେ **'ତଦ୍‌ବୁଦ୍ଧୟସ୍ତଦାତ୍ମାନଃ...'** ଆଦି ପଦଗୁଡ଼ିକରେ 'ତ' ବ୍ୟଞ୍ଜନର ସମାନତା ଅଛି ।

(୨) 'ଯମକ'—ଯେଉଁଠି ଗୋଟିଏ ଶବ୍ଦ ଅନେକ ଥର ବ୍ୟବହୃତ ହୋଇଥିଲେ ମଧ୍ୟ ତାହାର ଅର୍ଥ ଭିନ୍ନ ଭିନ୍ନ, ସେଠାରେ 'ଯମକ ଅଳଙ୍କାର' ହୋଇଥାଏ । ଅଷ୍ଟମ ଅଧ୍ୟାୟର ୨୦ଶ ଶ୍ଳୋକରେ **'ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ସନାତନଃ'** ପଦରେ 'ଅବ୍ୟକ୍ତ' ଶବ୍ଦ ଦୁଇଥର ବ୍ୟବହୃତ ହୋଇଛି । ଏଠି ପ୍ରଥମ 'ଅବ୍ୟକ୍ତ' ଶବ୍ଦ ପରମାତ୍ମାଙ୍କର ଓ ଦ୍ୱିତୀୟ 'ଅବ୍ୟକ୍ତ' ଶବ୍ଦ ବ୍ରହ୍ମାଙ୍କର ବାଚକ ।

(୩) ଉପମା—ଯାହା ପାଇଁ ଉପମା ଦିଆଯାଏ, ତାହା ହେଲା 'ଉପମେୟ' ଏବଂ ଯାହା ସହିତ ଉପମା ଦିଆଯାଏ, ତାହା ହେଲା 'ଉପମାନ' । ଯେଉଁଠି

ଉପମେୟକୁ ଉପମାନର ସଦୃଶ କୁହାଯାଏ, ସେଠାରେ 'ଉପମା ଅଳଙ୍କାର' ହୁଏ। ଷଷ୍ଠ ଅଧ୍ୟାୟର ୧୯ଶ ଶ୍ଳୋକରେ ଉପମେୟରୂପକ ମନକୁ ଉପମାନରୂପକ ଦୀପଶିଖା ସହିତ ଉପମା ଦିଆଯାଇଛି।

(୪) ରୂପକ—ଯେଉଁଠାରେ ଉପମାନର ସମସ୍ତ ଅବୟବକୁ ଉପମେୟଠାରେ ଆରୋପିତ କରି ଉପମେୟକୁ ଉପମାନର ସମାନ ବୋଲି କୁହାଯାଏ, ସେଠାରେ 'ରୂପକ ଅଳଙ୍କାର' ହୁଏ। ପଞ୍ଚଦଶ ଅଧ୍ୟାୟର ୧ମ ଶ୍ଳୋକରେ ଉପମାନରୂପ ଅଶ୍ୱତ୍ଥ ବୃକ୍ଷର ସମସ୍ତ ଅବୟବକୁ ଉପମେୟରୂପ ସଂସାରଠାରେ ଆରୋପିତ କରି ସଂସାରକୁ ଅଶ୍ୱତ୍ଥ ବୃକ୍ଷର ସମାନ ବୋଲି କୁହାଯାଇଛି।

(୫) ଦୃଷ୍ଟାନ୍ତ—ଦୃଷ୍ଟାନ୍ତକୁ ଦାର୍ଷ୍ଟାନ୍ତରେ ପ୍ରତିବିମ୍ବିତ ମାତ୍ର କରିବା ଅର୍ଥାତ୍ ଦୃଷ୍ଟାନ୍ତର ଯାହା ଧର୍ମ, ସେହିଭଳି ଧର୍ମ ଦାର୍ଷ୍ଟାନ୍ତରେ ଆରୋପିତ କରିବା ହେଲା 'ଦୃଷ୍ଟାନ୍ତ ଅଳଙ୍କାର'। ନବମ ଅଧ୍ୟାୟର ୬ଷ୍ଠ ଶ୍ଳୋକରେ ଆକାଶରେ ସ୍ଥିତ ବାୟୁର ଦୃଷ୍ଟାନ୍ତ ଦେଇ ଦାର୍ଷ୍ଟାନ୍ତରେ ସମସ୍ତ ପ୍ରାଣୀଙ୍କୁ ଭଗବାନଙ୍କ ଠାରେ ସ୍ଥିତ ବୋଲି କୁହାଯାଇଛି। ଦ୍ୱିତୀୟ ଅଧ୍ୟାୟର ୧୭ଶ, ତ୍ରୟୋଦଶ ଅଧ୍ୟାୟର ୩୨ଶ ଓ ୩୩ଶ ଆଦି ଶ୍ଳୋକମାନଙ୍କରେ ମଧ୍ୟ ଏହି ଅଳଙ୍କାରର ପ୍ରୟୋଗ ହୋଇଛି।

(୬) ସମ୍ଭାବନା—ଏପରି ନ କଲେ, ଏପରି ହୋଇଯିବ—ଏହିଭଳି ତର୍କକୁ 'ସମ୍ଭାବନା ଅଳଙ୍କାର' କହନ୍ତି। ଅଷ୍ଟାଦଶ ଅଧ୍ୟାୟର ୫୮ଶ ଶ୍ଳୋକରେ ଭଗବାନ ଅର୍ଜୁନଙ୍କୁ କହୁଛନ୍ତି ଯେ, ଯଦି ତୁମେ ଅହଂକାର ଯୋଗୁଁ ମୋର କଥା ଶୁଣିବ ନାହିଁ, ତେବେ ତୁମର ପତନ ହୋଇଯିବ।

(୭) ଅନନ୍ୱୟ—ଯେଉଁଠି ଉପମେୟ ଓ ଉପମାନ ଅଭିନ୍ନ ଅର୍ଥାତ୍ ଯେଉଁଠି ଉପମେୟକୁ ଉପମା ଦେବା ପାଇଁ ଅନ୍ୟ କୌଣସି ଉପମାନ ନାହିଁ, ସେଠାରେ 'ଅନନ୍ୱୟ ଅଳଙ୍କାର' ହୁଏ। ଷଷ୍ଠ ଅଧ୍ୟାୟର ୩୯ଶ ଶ୍ଳୋକରେ ଅର୍ଜୁନ ଭଗବାନଙ୍କୁ କହିଛନ୍ତି ଯେ ଏହି ସଂଶୟକୁ ଛେଦନ କରିବା ପାଇଁ ଆପଣଙ୍କ ସଦୃଶ ଅନ୍ୟ କେହି ନାହିଁ।

(୮) ଉତ୍ପ୍ରେକ୍ଷା—ଯେଉଁ ବସ୍ତୁ ସେପରି ନୁହେଁ, ତଥାପି ସେହିପରି କଳ୍ପନା କରାଯାଏ, ତାହା 'ଉତ୍ପ୍ରେକ୍ଷା ଅଳଙ୍କାର'। ଏକାଦଶ ଅଧ୍ୟାୟର ୧୨ଶ ଶ୍ଳୋକରେ ବିରାଟରୂପର ଜ୍ୟୋତି ସହସ୍ର ସୂର୍ଯ୍ୟଙ୍କର ଜ୍ୟୋତି ସଦୃଶ ନ ହୋଇଥିବା ସତ୍ତ୍ୱେ ସହସ୍ର ସୂର୍ଯ୍ୟଙ୍କର କଳ୍ପନା କରାଯାଇଛି।

(୯) ବିଷାଦ—ଯେମିତି ଇଚ୍ଛା କରାଯାଏ, ସେମିତି ନ ହୋଇ ତାହାର ବିପରୀତ ହୋଇଗଲେ 'ବିଷାଦ ଅଳଙ୍କାର' ହୋଇଥାଏ। ଅର୍ଜୁନ ପ୍ରଥମେ ବଡ଼ ବୀରଦର୍ପରେ ଯୁଦ୍ଧ କରିବାକୁ ଆସିଥିଲେ, କିନ୍ତୁ ମୋହ ହେତୁ ଧନୁଶର ଛାଡ଼ି ବିଷାଦମଗ୍ନ ହୋଇ ରଥର ମଧ୍ୟଭାଗରେ ବସି ପଡ଼ିଲେ (୧।୪୭)।

(୧୦) କାରଣମାଳା—ଯେଉଁଠାରେ ଗୋଟିକ ପାଇଁ ଅନ୍ୟ ଗୋଟିଏ ଓ ତା'ପାଇଁ ଆଉ ଗୋଟିଏ କାରଣ (ହେତୁ) ଥାଏ, ସେଠାରେ 'କାରଣମାଳା' ଅଳଙ୍କାର ହୁଏ। ଦ୍ୱିତୀୟ ଅଧ୍ୟାୟର ୬୨ତମ ଓ ୬୩ତମ ଶ୍ଳୋକରେ ବିଷୟ ଚିନ୍ତନଠାରୁ ପତନ ପର୍ଯ୍ୟନ୍ତ ଉପରୋକ୍ତ କ୍ରମରେ ଗୋଟିକୁ ଅନ୍ୟଟିର କାରଣ ବୋଲି କୁହାଯାଇଛି। ଏଭଳି ବର୍ଣ୍ଣନା ପ୍ରଥମ ଅଧ୍ୟାୟର ୪୦ଶ ରୁ ୪୪ଶ ଶ୍ଳୋକଯାଏ ମଧ୍ୟ ହୋଇଛି।

(୧୧) ବିରୋଧାଭାସ—ଯେଉଁଠି ପଦମାନଙ୍କରେ ପରସ୍ପର ବିରୋଧର ଆଭାସ ହୁଏ, କିନ୍ତୁ ପ୍ରକୃତରେ ବିରୋଧ ନ ଥାଏ, ସେଠାରେ 'ବିରୋଧାଭାସ ଅଳଙ୍କାର' ହୁଏ। ଅଷ୍ଟମ ଅଧ୍ୟାୟର ୨୦ ଶ ଶ୍ଳୋକର **'ନଶ୍ୟତ୍ସୁ ନ ବିନଶ୍ୟତି'** (ବିନାଶଶୀଳଗୁଡ଼ିକ ମଧ୍ୟରେ ବିନାଶପ୍ରାପ୍ତ ହୁଏ ନାହିଁ) ପଦଗୁଡ଼ିକରେ **'ନଶ୍ୟତ୍ସୁ'** ପଦ ପ୍ରାଣୀମାନଙ୍କ ଶରୀର ଆଦିର ବାଚକ, ଯେଉଁଗୁଡ଼ିକର କି ବିନାଶ ହୋଇଯାଏ; ଏବଂ **'ନ ବିନଶ୍ୟତି'** ପଦ ପରମାତ୍ମାଙ୍କର ବାଚକ, ଯାହାଙ୍କର କି ବିନାଶ ହୁଏ ନାହିଁ। ଏହି କଥା ତ୍ରୟୋଦଶ ଅଧ୍ୟାୟର ୨୭ଶ ଶ୍ଳୋକରେ **'ବିନଶ୍ୟତ୍ସ୍ୱ-ବିନଶ୍ୟନ୍ତମ୍'** ପଦରେ କୁହାଯାଇଛି।

(୧୨) ଦୀପକ—ଯେଉଁଠି ଅନେକ କ୍ରିୟାରେ ଗୋଟିଏ କାରକର ପ୍ରୟୋଗ ହୁଏ, ସେଠାରେ 'ଦୀପକ ଅଳଙ୍କାର' ହୁଏ। ଦ୍ୱିତୀୟ ଅଧ୍ୟାୟର ୨୯ଶ ଶ୍ଳୋକରେ **'ପଶ୍ୟତି'** **'ବଦତି'** ଓ **'ଶୃଣୋତି'**—ଏହିସବୁ କ୍ରିୟା ପାଇଁ ଗୋଟିଏ କାରକ 'ଏନମ୍' ପ୍ରଯୁକ୍ତ ହୋଇଛି।

(୧୩) ଉଲ୍ଲେଖ—ଯେଉଁଠି ଗୋଟିଏ ବିଷୟକୁ ଅନେକ ପ୍ରକାରେ ଉଲ୍ଲେଖ (କଥନ) କରାଯାଏ, ସେଠି 'ଉଲ୍ଲେଖ ଅଳଙ୍କାର' ହୁଏ। ଦ୍ୱିତୀୟ ଅଧ୍ୟାୟର ୨୪ଶ ଶ୍ଳୋକରେ ଏକମାତ୍ର 'ଦେହୀ'କୁ ଅଚ୍ଛେଦ୍ୟ, ଅଦାହ୍ୟ, ଅକ୍ଳେଦ୍ୟ, ଅଶୋଷ୍ୟ ଆଦି ପଦମାନଙ୍କ ଦ୍ୱାରା ଉଲ୍ଲେଖ କରାଯାଇଛି।

(୧୪) ସାର—ଯେଉଁଠାରେ ବସ୍ତୁର ଗୋଟିଏ ଅପେକ୍ଷା ଗୋଟିକର ଉତ୍କର୍ଷ (ଶ୍ରେଷ୍ଠତା) କଥା ଦର୍ଶାଯାଏ, ସେଠାରେ 'ସାର ଅଳଙ୍କାର' ହୁଏ। ଦ୍ୱାଦଶ ଅଧ୍ୟାୟର ୧୨ଶ ଶ୍ଳୋକରେ ଅଭ୍ୟାସଠାରୁ ଜ୍ଞାନକୁ, ଜ୍ଞାନଠାରୁ ଧ୍ୟାନକୁ ଓ ଧ୍ୟାନଠାରୁ କର୍ମଫଳତ୍ୟାଗକୁ ଶ୍ରେଷ୍ଠ ବୋଲି କୁହାଯାଇଛି।

୧୦୪. ଗୀତାରେ ଅଭିଧା ଆଦି ଶକ୍ତିଗୁଡ଼ିକର ବର୍ଣ୍ଣନା

ଅଭିଧା ଲକ୍ଷଣା ଗ୍ୱନ୍ୟା ତାତ୍ପର୍ଯ୍ୟା ବ୍ୟଞ୍ଜନା ତଥା ।
ଗୌଣରୂପେଣ ଗୀତାୟାଂ ପ୍ରାପ୍ୟନ୍ତେ ଯତ୍ର କୁତ୍ରଚିତ୍ ॥

ଶବ୍ଦ ଓ ଅର୍ଥ ମଧ୍ୟରେ ପାରସ୍ପରିକ ସମ୍ପର୍କ ଖୁବ୍ ଘନିଷ୍ଠ । କୌଣସି କଥାକୁ ବା ଅର୍ଥକୁ ବୁଝାଇବାକୁ ହେଲେ ଶବ୍ଦଗୁଡ଼ିକ ଦ୍ୱାରା ହିଁ ବୁଝାଇ ଦିଆଯାଏ ଏବଂ ଯିଏ ଶବ୍ଦଗୁଡ଼ିକର ଅର୍ଥ ଜାଣିଥାଏ, ସେ ହିଁ ଶବ୍ଦଗୁଡ଼ିକ ଦ୍ୱାରା ବୁଝିପାରେ । ଶବ୍ଦର ଅର୍ଥକୁ ପ୍ରକାଶ କରିବା ପାଇଁ ଗ୍ୱରୋଟି ଶକ୍ତି ଅଛି—ଅଭିଧା, ଲକ୍ଷଣା, ବ୍ୟଞ୍ଜନା ଓ ତାତ୍ପର୍ଯ୍ୟା । ଏଗୁଡ଼ିକ ମଧ୍ୟରୁ ଅଭିଧାଶକ୍ତି ସବୁଠାରେ ରହିଥାଏ, ତାହା ସହିତ ଲକ୍ଷଣା ଆଦି ଶକ୍ତିମାନେ ମଧ୍ୟ କାମ କରୁଥାଆନ୍ତି । ଗୀତାରେ ଅଭିଧାଶକ୍ତି ତ ସବୁଠାରେ ରହିଛି, କେତେକ ସ୍ଥାନରେ ଲକ୍ଷଣା ଆଦି ଶକ୍ତିଗୁଡ଼ିକ ମଧ୍ୟ ରହିଛନ୍ତି । ଏହାକୁ ବୁଝାଇବା ପାଇଁ ଅଭିଧା, ଲକ୍ଷଣା ଆଦି ଶକ୍ତିଗୁଡ଼ିକ ସମ୍ବନ୍ଧରେ ସାମାନ୍ୟ ଦିଗ୍‌ଦର୍ଶନ ଦିଆଯାଉଛି ।

(୧) **ଅଭିଧା**—ଯାହା ଶବ୍ଦର ଅର୍ଥକୁ ସିଧାସଳଖ ଭାବରେ ବ୍ୟକ୍ତ କରେ, ତାହାକୁ 'ଅଭିଧା ଶକ୍ତି' କୁହାଯାଏ । ଅର୍ଥାତ୍ ବାଚ୍ୟ-ବାଚକର ସମ୍ବନ୍ଧରେ ବାଚକ (ଶବ୍ଦ) ନିଜର ବାଚ୍ୟ (ବସ୍ତୁ, ବ୍ୟକ୍ତି ଆଦି)କୁ ଯେଉଁ ଶକ୍ତିଦ୍ୱାରା ପ୍ରକଟ କରେ, ତାହାକୁ 'ଅଭିଧା' କହନ୍ତି । ଯଥା, ଭଗବାନ କହିଲେ ଯେ 'ହେ ଅର୍ଜୁନ! ଏହି ଶରୀରକୁ କ୍ଷେତ୍ର କୁହାଯାଏ—**'ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ'** (୧୩ । ୧) । ଏଠାରେ 'କ୍ଷେତ୍ର'ର ଅଭିଧା ଶକ୍ତି ଅଛି ।

(୨) **ଲକ୍ଷଣା**—ଯେଉଁ ଶବ୍ଦ ବା ବାକ୍ୟର ଅର୍ଥକୁ ପ୍ରକାଶିତ କରିବା ପାଇଁ ଅଭିଧା ଶକ୍ତି ସକ୍ଷମ ହୁଏ ନାହିଁ, ସେହି ଶବ୍ଦ ବା ବାକ୍ୟର ଅର୍ଥ ଯାହାଦ୍ୱାରା ପ୍ରକାଶିତ ହୁଏ ତାହାକୁ 'ଲକ୍ଷଣା ଶକ୍ତି' କହନ୍ତି । ଅନ୍ୟ ପ୍ରକାରେ କହିଲେ, ବକ୍ତାର ଲକ୍ଷ୍ୟକୁ ଅଭିବ୍ୟକ୍ତ କରିବାର ବୃତ୍ତିକୁ 'ଲକ୍ଷଣା ଶକ୍ତି' କହନ୍ତି । ଯଥା, ଅର୍ଜୁନ କହିଲେ ଯେ 'ଯେଉଁ କୁଟୁମ୍ବଜନଙ୍କ ପାଇଁ ଆମେ ରାଜ୍ୟ, ଭୋଗ ଓ ସୁଖ ଗ୍ୱହିଁଥାଉ, ସେଇମାନେ ହିଁ ଧନ ଓ ପ୍ରାଣର ଆଶା ଛାଡ଼ି ଯୁଦ୍ଧ କରିବାକୁ ଆଗରେ ଛିଡ଼ା ହୋଇଛନ୍ତି—**'ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ'** (୧ । ୩୩) । ଯଦି ଏଠାରେ ଅଭିଧା ଶକ୍ତି ଦ୍ୱାରା ସିଧା ଅର୍ଥ ଗ୍ରହଣ କରାଯାଏ ଯେ 'ପ୍ରାଣକୁ ଛାଡ଼ି ଛିଡ଼ାହୋଇଛନ୍ତି', ତେବେ ତାହା ଅସମ୍ଭବ କଥା ହେବ । କାରଣ ଯେଉଁମାନେ ପ୍ରାଣତ୍ୟାଗ କରିଛନ୍ତି, ସେମାନେ ଛିଡ଼ା ହେଲେ କିପରି? ଏବଂ ଯଦି ଛିଡ଼ା ହୋଇଛନ୍ତି, ତେବେ ସେମାନେ ପ୍ରାଣ ଛାଡ଼ିଲେ ବା କିପରି? ଅତଏବ ଏଠାରେ ଲକ୍ଷଣା ଶକ୍ତି ଦ୍ୱାରା 'ସେମାନେ ପ୍ରାଣର (ବଞ୍ଚିବାର) ଆଶା ଛାଡ଼ି ଛିଡ଼ା ହୋଇଛନ୍ତି' ଏପରି ଅର୍ଥ ଗ୍ରହଣ କରିବାକୁ ହେବ । ଏହିପରି **'ମଦର୍ଥେ ତ୍ୟକ୍ତଜୀବିତାଃ'** (୧ । ୯) ଆଦି ଉଦାହରଣଗୁଡ଼ିକୁ ମଧ୍ୟ ବୁଝିବା ଉଚିତ ।

(୩) **ବ୍ୟଞ୍ଜନା**—ଯେଉଁ ଶବ୍ଦ କିଂବା ବାକ୍ୟର ଅର୍ଥ ଅଭିଧା ଓ ଲକ୍ଷଣା ଶକ୍ତି ଦ୍ୱାରା ପ୍ରକାଶିତ ହୋଇପାରେ ନାହିଁ, ବରଂ ବ୍ୟଙ୍ଗ୍ୟ ବୃତ୍ତି ଦ୍ୱାରା ହିଁ ପ୍ରକାଶିତ ହୁଏ, ତାହାକୁ 'ବ୍ୟଞ୍ଜନା ଶକ୍ତି' କୁହାଯାଏ । ଯଥା, ଭଗବାନ କହିଲେ—ହେ ପାର୍ଥ! ଯେଉଁ ମନୁଷ୍ୟ ସୃଷ୍ଟିଚକ୍ର ଅନୁସାରେ ନିଜର କର୍ତ୍ତବ୍ୟ ପାଳନ କରେ ନାହିଁ, ଇନ୍ଦ୍ରିୟମାନଙ୍କ ଦ୍ୱାରା ଭୋଗରେ ରମଣ କରୁଥିବା ସେ ଅଘାୟୁ ମନୁଷ୍ୟ ବୃଥା ବଞ୍ଚିରହେ—**'ମୋଘଂ ପାର୍ଥ ସ ଜୀବତି'** (୩ । ୧୬) । ଏଠି ବ୍ୟଞ୍ଜନା ଶକ୍ତି ଦ୍ୱାରା ଏହି ଅର୍ଥ ବାହାର କରିବାକୁ ପଡ଼ିବ ଯେ 'ସେ ମରିଗଲେ ହିଁ ଭଲ' ।

(୪) **ତାତ୍ପର୍ଯ୍ୟା**—ଯେଉଁଠାରେ ବକ୍ତାର ଅଭିପ୍ରାୟ ଓ ଭାବକୁ ବ୍ୟକ୍ତ କରିବାରେ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା ଶକ୍ତି ସକ୍ଷମ ହୁଅନ୍ତି ନାହିଁ, ସେଠାରେ ଯେଉଁ ବୃତ୍ତି ଦ୍ୱାରା ବକ୍ତାର ଅଭିପ୍ରାୟ ଓ ଭାବ ବ୍ୟକ୍ତ ହୁଏ, ତାହାକୁ'ତାତ୍ପର୍ଯ୍ୟା ଶକ୍ତି' କହନ୍ତି । ଅର୍ଥାତ୍ ପ୍ରକରଣ କିଂବା ଅବସର ଅନୁସାରେ ବକ୍ତାର ଭାବକୁ ପ୍ରକଟିତ କରିବାର ବୃତ୍ତିର ନାମ 'ତାତ୍ପର୍ଯ୍ୟା ଶକ୍ତି' ଅଟେ । ଯଥା, ଭଗବାନ ଦ୍ୱିତୀୟ ଅଧ୍ୟାୟର ୧୧ଶ ରୁ ୩୦ଶ ଶ୍ଲୋକଯାଏ କରିଥିବା ସତ୍-ଅସତ୍, ନିତ୍ୟ-ଅନିତ୍ୟର ବର୍ଣ୍ଣନାରେ ଦେହୀକୁ ନିତ୍ୟ ଓ ଦେହକୁ ଅନିତ୍ୟ କହିବାର ତାତ୍ପର୍ଯ୍ୟ ହେଲା ଶୋକ ଦୂର କରିବା । ସେହିପରି ''ସେହି ଜ୍ଞେୟତତ୍ତ୍ୱକୁ 'ସତ୍' କୁହାଯାଇ ନ ପାରେ କି 'ଅସତ୍' ମଧ୍ୟ କୁହାଯାଇ ନ ପାରେ''—**'ନ ସତ୍ତନାସଦୁଚ୍ୟତେ'** (୧୩ । ୧୨)—ଏପରି କହିବାର ତାତ୍ପର୍ଯ୍ୟ ହେଲା ଜ୍ଞେୟତତ୍ତ୍ୱକୁ କରଣନିରପେକ୍ଷ ବୋଲି ଦର୍ଶାଇବା ।

୧୦୫. ଗୀତାସମ୍ବନ୍ଧୀୟ ବ୍ୟାକରଣର କେତୋଟି ବିଷୟ

ଶବ୍ଦଶାସ୍ତ୍ରେଣ ଗୀତାୟା ରହସ୍ୟଂ ପ୍ରକଟୀକୃତମ୍ ।
ତସ୍ମାତ୍ କେଚିତ୍ପ୍ରୟୋଗା ହି ବୋଧାର୍ଥଂ ଲିଖିତା ଇହ ॥

ଶ୍ରୀମଦ୍ଭଗବଦ୍ଗୀତା ସଂସ୍କୃତ ଭାଷାରେ ଲେଖାଯାଇଛି । ଅତଏବ ଗୀତାକୁ ଗଭୀରଭାବେ ବୁଝିବାକୁ ହେଲେ ସଂସ୍କୃତ ବ୍ୟାକରଣର ଜ୍ଞାନ ରହିବା ଆବଶ୍ୟକ । ଯେଉଁ ଶ୍ଳୋକ ବା ପଦଗୁଡ଼ିକର ଅର୍ଥ, ଭାବ ଆଦି ବୁଝିବାକୁ କଠିନ ଜଣାପଡ଼େ, ସେଗୁଡ଼ିକୁ ଏଠାରେ ବ୍ୟାକରଣ ଦ୍ୱାରା ବୁଝାଇ ଦିଆଯାଉଛି ।

(୧)

ଉକ୍ତାନୁକ୍ତତୟା ଦ୍ୱେଧା କାରକାଣି ଭବନ୍ତି ଷଟ୍ ।
ଉକ୍ତେ ତୁ ପ୍ରଥମୈବ ସ୍ୟାଦନୁକ୍ତେ ତୁ ଯଥାକ୍ରମମ୍ ॥

ଉକ୍ତ (ଅଭିହିତ, କଥିତ) ଓ ଅନୁକ୍ତ (ଅନଭିହିତ, ଅକଥିତ) ଭେଦରେ କାରକ ଛଅ ପ୍ରକାରର । କିନ୍ତୁ ଉକ୍ତରେ **'ପ୍ରାତିପଦିକାର୍ଥଲିଙ୍ଗପରିମାଣବଚନମାତ୍ରେ ପ୍ରଥମା'** (ପାଣି. ଅ. ୨ । ୩ । ୪୬) ସୂତ୍ର ଅନୁସାରେ ପ୍ରାତିପଦିକାର୍ଥରେ ପ୍ରଥମା ବିଭକ୍ତି ହିଁ ହୋଇଥାଏ, ଏବଂ ଅନୁକ୍ତରେ ଦ୍ୱିତୀୟା, ତୃତୀୟା ଆଦି ବିଭକ୍ତି ହୁଏ । ଯଥା, **'ମୟା ଗ୍ରାମଃ ଗମ୍ୟତେ'** ଏହି ବାକ୍ୟରେ କର୍ମରେ ଲକାର ହେବାରୁ କର୍ମ ଉକ୍ତ ହେଲା, ଅତଏବ ଗ୍ରାମରେ ପ୍ରାତିପଦିକାର୍ଥକୁ ନେଇ ପ୍ରଥମା ବିଭକ୍ତି ହୋଇଛି ଏବଂ କର୍ତ୍ତା ଅନୁକ୍ତ ହୋଇଥିବା ହେତୁ ଅର୍ଥାତ୍ ଲକାର ଦ୍ୱାରା ଉକ୍ତ ନ ହେବାରୁ **'କର୍ତ୍ତୃକରଣୟୋସ୍ତୃତୀୟା'** (ପାଣି. ଅ. ୨ । ୩ । ୧୮) ସୂତ୍ର ଅନୁସାରେ କର୍ତ୍ତାରେ ତୃତୀୟା ବିଭକ୍ତି ହୋଇଛି ।

ଯେଉଁ ଧାତୁମାନଙ୍କରେ ଫଳ ଓ ବ୍ୟାପାରର ଆଶ୍ରୟ ଭିନ୍ନ ଭିନ୍ନ, ସେସବୁ ଧାତୁକୁ 'ସକର୍ମକ' କୁହାଯାଏ । ଯଥା—**'ଦେବଦତ୍ତଃ ଓଦନଂ ପଚତି'** । ଏଠାରେ 'ପଚ୍' ଧାତୁର ଭାତ ରନ୍ଧା ହେବା ବା ସିଦ୍ଧ ହେବାରୂପକ ଫଳ ଭାତରେ ଏବଂ ରନ୍ଧନରୂପକ କ୍ରିୟା ବା ବ୍ୟାପାର ଦେବଦତ୍ତଠାରେ ରହିଛି ।

ଯେଉଁ ଧାତୁମାନଙ୍କରେ ଫଳ ଓ ବ୍ୟାପାରର ଆଶ୍ରୟ ଏକ, ସେସବୁ ଧାତୁକୁ 'ଅକର୍ମକ' କୁହାଯାଏ; ଯଥା—**'ପୁରୁଷଃ ଶେତେ'**, ଏହି ବାକ୍ୟରେ 'ଶୀଙ୍' ଧାତୁର ଫଳ ବିଶ୍ରାମ ତଥା ଶୋଇବା ଇତ୍ୟାଦି ବ୍ୟାପାର କର୍ତ୍ତାଠାରେ ହିଁ ରହିଛି ।

'ଲଃ କର୍ମଣି ଚ ଭାବେ ଚାକର୍ମକେଭ୍ୟଃ' (ପାଣି. ଅ. ୩ । ୪ । ୬୯)—ଏହି ସୂତ୍ର ଦ୍ୱାରା ସକର୍ମକ ଧାତୁମାନଙ୍କରେ ଲଟ୍, ଲିଟ୍ (ବର୍ତ୍ତମାନ, ଭୂତକାଳ) ଆଦି ଲକାର କର୍ମରେ ଏବଂ କର୍ତ୍ତାରେ ପ୍ରଯୁକ୍ତ ହୁଏ; ଯଥା—**ମୟା ଗୀତା ପଠ୍ୟତେ'** ଏଠାରେ 'ପଠ୍' ଧାତୁ ଦ୍ୱାରା ବର୍ତ୍ତମାନ ଅର୍ଥରେ କର୍ମରେ ଲଟ୍ ଲକାର ହୋଇଛି । କର୍ମ ଉକ୍ତ ହେବାରୁ 'ଗୀତା' ପ୍ରଥମା ବିଭକ୍ତିରେ ଅଛି ଏବଂ କର୍ମ ଅନୁସାରେ 'ପଠ୍ୟତେ' କ୍ରିୟା ଏକବଚନ ହୋଇଛି । ଏହି ବାକ୍ୟକୁ 'କର୍ମବାଚ୍ୟ' କହନ୍ତି । ଗୀତାରେ ମଧ୍ୟ **'ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ । ଯଥୋଲ୍ବେନାବୃତୋ ଗର୍ଭଃ......'** (୩ । ୩୮), **'ଯତ୍ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନମ୍'** (୫ । ୫) ଆଦି ପ୍ରୟୋଗ ରହିଛି । କର୍ମବାଚ୍ୟର ନିୟମ ହେଲା ଯେ କର୍ତ୍ତା ତୃତୀୟାରେ ଓ କର୍ମ ପ୍ରଥମାରେ ରହେ ଏବଂ କ୍ରିୟା କର୍ମ ଅନୁସାରେ ହୁଏ ।

ସକର୍ମକ ଧାତୁମାନଙ୍କରେ ଯେଉଁଠାରେ କର୍ତ୍ତାରେ ଲକାର ହୁଏ, ସେଠାରେ କର୍ତ୍ତା ଉକ୍ତ ହେଲେ କର୍ତ୍ତାରେ ପ୍ରଥମା ଓ କର୍ମ ଅନୁକ୍ତ ହେଲେ କର୍ମରେ **'କର୍ମଣି ଦ୍ୱିତୀୟା'** (୨ । ୩ । ୨)—ଏହି ସୂତ୍ର ଅନୁସାରେ ଦ୍ୱିତୀୟା ବିଭକ୍ତି ହୁଏ ଏବଂ କ୍ରିୟା କର୍ତ୍ତା ଅନୁସାରେ ହୁଏ । ଏହି ବାକ୍ୟକୁ 'କର୍ତ୍ତୃବାଚ୍ୟ' କହନ୍ତି; ଯଥା—**'ଅହଂ ଗୀତାଂ ପଠାମି'** । ଗୀତାରେ ମଧ୍ୟ **'ସାଂଖ୍ୟଯୋଗୌ ପୃଥଗ୍ବାଳାଃ ପ୍ରବଦନ୍ତି ନ ପଣ୍ଡିତାଃ'** (୫ । ୪), **'ନ ମାଂ କର୍ମାଣି ଲିମ୍ପନ୍ତି'** (୪ । ୧୪) ଆଦି ପ୍ରୟୋଗ ରହିଛି ।

ଅକର୍ମକ ଧାତୁମାନଙ୍କରେ ଲଟ୍, ଲିଟ୍ ଆଦି ଲକାର ଭାବରେ ଓ କର୍ତ୍ତାରେ ପ୍ରଯୁକ୍ତ ହୁଅନ୍ତି; ଯଥା— **'ମୟା ଭୂୟତେ'** ଏଠାରେ ଭାବରେ ଲକାର ହେବାରୁ କ୍ରିୟାରେ ପ୍ରଥମ ପୁରୁଷର ଏକବଚନ ରହିଲା ଏବଂ କର୍ତ୍ତା ଅନୁକ୍ତ ହୋଇଥିବାରୁ ସେଥିରେ ତୃତୀୟା ବିଭକ୍ତି ହେଲା । ଏହି ବାକ୍ୟକୁ 'ଭାବବାଚ୍ୟ' କହନ୍ତି । କିନ୍ତୁ ଯେଉଁଠାରେ ଅକର୍ମକ ଧାତୁମାନଙ୍କରେ କର୍ତ୍ତାରେ ଲକାର ହୁଏ, ସେଠାରେ କର୍ତ୍ତା ଉକ୍ତ ହେଲେ କର୍ତ୍ତାରେ ପ୍ରଥମା ହୁଏ ଓ କ୍ରିୟା କର୍ତ୍ତା ଅନୁସାରେ ହୁଏ । ଏହି ବାକ୍ୟକୁ 'କର୍ତ୍ତୃବାଚ୍ୟ' କହନ୍ତି; ଯଥା—'ଅହଂ ଭବାମି' ।

'ତୟୋରେବ କୃତ୍ୟକ୍ତଖଲର୍ଥାଃ' (୩ । ୪ । ୭୦) —ଏହି ସୂତ୍ର ଅନୁସାରେ କୃଦନ୍ତର **'କୃତ୍ୟ'**, **'କ୍ତ'** ଓ **'ଖଲ୍'** ପ୍ରତ୍ୟୟ କେବଳ କର୍ମରେ ଓ ଭାବରେ ହିଁ

ପ୍ରଯୁକ୍ତ ହୁଅନ୍ତି । **'କୃତ୍ୟ'** ପ୍ରତ୍ୟୟ 'କରିବା ଉଚିତ', 'କରିବା ଯୋଗ୍ୟ', 'କରାଯାଇପାରିବ' ଆଦି ଅର୍ଥରେ ପ୍ରଯୁକ୍ତ ହୁଏ; ଯଥା—**'ମୟା ହରିଃ ସେବନୀୟଃ'** (ମୋ ପକ୍ଷେ ହରିଙ୍କୁ ସେବା କରିବା ଉଚିତ) । **'କ୍ତ'** ପ୍ରତ୍ୟୟ ଭୂତକାଳ ଅର୍ଥରେ ହୁଏ; ଯଥା—**'ମୟା ହରିଃ ସେବିତଃ'** (ମୁଁ ହରିଙ୍କ ସେବା କଲି) । **'ଖଲ୍'** ପ୍ରତ୍ୟୟ କଠିନ ଓ ସହଜ ଅର୍ଥରେ ହୁଏ; ଯଥା—**'ଭବତା କଟଃ ଦୁଷ୍କରଃ'** (ଆପଣଙ୍କ ଦ୍ୱାରା ମସିଣା ତିଆରି କାର୍ଯ୍ୟ କଠିନ) ।

କୃତ୍ୟ ପ୍ରତ୍ୟୟ—ବିଧି ଅର୍ଥରେ ଅର୍ଥାତ୍ 'କରିବା ଉଚିତ', 'କରିବାଯୋଗ୍ୟ' 'କରାଯାଇପାରିବ' ଆଦି ଅର୍ଥରେ **'ତବ୍ୟତ୍ତବ୍ୟାନୀୟରଃ'** (ପାଣି. ଅ. ୩ । ୧ । ୯୬), **'ଅଚୋ ଯତ୍'** (ପାଣି. ଅ. ୩ । ୧ । ୯୭) ଆଦି ସୂତ୍ର ଦ୍ୱାରା 'ତବ୍ୟ', 'ଅନୀୟର୍', 'ଯତ୍' ଇତ୍ୟାଦି ପ୍ରତ୍ୟୟ ହୁଅନ୍ତି; ଯଥା—କର୍ମରେ—'ତ୍ୱୟା ସେବିତବ୍ୟଃ, ସେବ୍ୟୋ ହରିଃ ସଦା' । ଭାବରେ—'ଏଧିତବ୍ୟଂ, ଏଧନୀୟଂ ତ୍ୱୟା' । ଗୀତାରେ ମଧ୍ୟ ଏସବୁ ପ୍ରତ୍ୟୟର ଉଦାହରଣ ରହିଛି, ଯଥା—**'କଥଂ ନ ଜ୍ଞେୟମସ୍ମାଭିଃ'** (୧ । ୩୯), **'ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ'** (୫ । ୩), **'ସାଧୁରେବ ସ ମନ୍ତବ୍ୟଃ'** (୯ । ୩୦), **'ଯଜ୍ଞଦାନତପଃ କର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍'** (୧୮ । ୫), **'ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନି ଚ । କର୍ତ୍ତବ୍ୟାନି'** (୧୮ । ୬) ଇତ୍ୟାଦି । ଏହି କୃତ୍ୟ ପ୍ରତ୍ୟୟଗୁଡ଼ିକର ଯୋଗରେ **'କୃତ୍ୟାନାଂ କର୍ତ୍ତରି ବା'** (ପାଣି. ଅ. ୨ । ୩ । ୭୧)—ଏହି ସୂତ୍ର ଦ୍ୱାରା କର୍ତ୍ତାଠାରେ ତୃତୀୟା ଅଥବା ଷଷ୍ଠୀ ଉଭୟ ବିଭକ୍ତି ହୁଏ । **'କଥଂ ନ ଜ୍ଞେୟମସ୍ମାଭିଃ'**—ଏଥିରେ 'ଅସ୍ମାଭିଃ' (କର୍ତ୍ତା)ରେ ତୃତୀୟା ବିଭକ୍ତି କରାଯାଇଛି, ଏବଂ **'ନ ମେ ପାର୍ଥାସ୍ତି କର୍ତ୍ତବ୍ୟମ୍......... ନାନବାପ୍ତମବାପ୍ତବ୍ୟମ୍'** (୩ । ୨୨), **'ତ୍ୱମସ୍ୟ ପୂଜ୍ୟଃ'** (୧୧ । ୪୩)—ଏଥିରେ 'ମେ, ଅସ୍ୟ' (କର୍ତ୍ତା)ରେ ଷଷ୍ଠୀ ବିଭକ୍ତି କରାଯାଇଛି ।

କ୍ତ ପ୍ରତ୍ୟୟ—ଭୂତକାଳ ଅର୍ଥରେ **'କ୍ତକ୍ତବତୂ ନିଷ୍ଠା'** (ପାଣି. ଅ. ୧ । ୧ । ୨୬) ଓ **'ନିଷ୍ଠା'** (ପାଣି. ଅ. ୩ । ୨ । ୧୦୨)—ଏହି ଦୁଇ ସୂତ୍ର ଅନୁସାରେ 'କ୍ତ' ଓ 'କ୍ତବତୁ' ପ୍ରତ୍ୟୟ ହୁଏ । 'କ୍ତ' ପ୍ରତ୍ୟୟ ଭାବ ଓ କର୍ମରେ ଏବଂ 'କ୍ତବତୁ' ପ୍ରତ୍ୟୟ କର୍ତ୍ତାରେ ହୁଏ । ଯଦ୍ୟପି 'କ୍ତ' ଓ 'କ୍ତବତୁ'—ଏହି କୃଦନ୍ତ ପ୍ରତ୍ୟୟର ଯୋଗରେ **'କର୍ତ୍ତୃକର୍ମଣୋଃ କୃତି'** (ପାଣି. ଅ. ୨ । ୩ । ୬୫)—ଏହି ଦୁଇଟି ସୂତ୍ରରେ କର୍ତ୍ତାଠାରେ ଷଷ୍ଠୀ ବିଭକ୍ତି ହେବା କଥା, ତଥାପି **'ନ ଲୋକାବ୍ୟୟନିଷ୍ଠାଖଲର୍ଥତୃନାମ୍'** (ପାଣି. ଅ. ୨ । ୩ । ୬୯)—ଏହି ସୂତ୍ରରେ ଷଷ୍ଠୀର ନିଷେଧ ହେଲା । ଏହି ପ୍ରତ୍ୟୟଗୁଡ଼ିକର ଯୋଗରେ ତୃତୀୟା ବିଭକ୍ତି ହୁଏ । ଯଥା, **'ସ୍ନାତଂ ମୟା'**, **'ସ୍ତୁତଃ ବିଷ୍ଣୁଃ ତ୍ୱୟା'** ଏହି **'କ୍ତ'** ପ୍ରତ୍ୟୟର ଯୋଗରେ କର୍ତ୍ତା ଅନୁକ୍ତ ହୋଇଥିବା ହେତୁ କର୍ତ୍ତାରେ **'କର୍ତ୍ତୃକରଣୟୋସ୍ତୃତୀୟା'** (ପାଣି. ଅ. ୨ । ୩ । ୧୮)—ଏହି ସୂତ୍ର ଅନୁସାରେ ତୃତୀୟା ବିଭକ୍ତି ହୋଇଯାଏ, ଏବଂ **'ବିଶ୍ୱଂ କୃତବାନ୍ ବିଷ୍ଣୁଃ'** ଏହି 'କ୍ତବତୁ' ପ୍ରତ୍ୟୟ ଯୋଗରେ କର୍ତ୍ତା ଉକ୍ତ ହେବା ହେତୁ **'ପ୍ରାତିପଦିକାର୍ଥ......'** (ପାଣି. ଅ. ୨ । ୩ । ୪୬)—ଏହି ସୂତ୍ର ଅନୁସାରେ ପ୍ରଥମା ବିଭକ୍ତି ହୁଏ । ଗୀତାରେ ମଧ୍ୟ ଏହି ଦୁଇଟି ପ୍ରତ୍ୟୟର ଉଦାହରଣ ରହିଛି; ଯଥା—**'ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ'** (୨ । ୧୬), **'ଯେନ ସର୍ବମିଦଂ ତତମ୍'** (୨ । ୧୭), **'ତେନେଦମାବୃତମ୍'** (୩ । ୩୮), **'ଆବୃତଂ ଜ୍ଞାନମେତେନ'** (୩ । ୩୯), **'ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ'** (୪ । ୩), **'ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟମ୍'** (୪ । ୧୩), **'ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ'** (୪ । ୧୫), **'ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା'** (୧୦ । ୪୦) ଆଦିରେ 'କ୍ତ' ପ୍ରତ୍ୟୟ ଏବଂ ତାହାର ଯୋଗରେ କର୍ତ୍ତାରେ ତୃତୀୟା ବିଭକ୍ତି କରାଯାଇଛି, ଏବଂ **'ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ'** (୧୧ । ୫୨), **'ଦୃଷ୍ଟବାନସି ମାଂ ଯଥା'** (୧୧ । ୫୩), **'ପ୍ରୋକ୍ତବାନହମବ୍ୟୟମ୍'** (୪ । ୧), **'ଶ୍ରୁତବାନ୍'** (୧୮ । ୭୫) ଆଦିରେ 'କ୍ତବତୁ' ପ୍ରତ୍ୟୟ ଓ ତାହାର ଯୋଗରେ କର୍ତ୍ତାରେ ପ୍ରଥମା ବିଭକ୍ତି କରାଯାଇଛି ।

ଉପର୍ଯ୍ୟୁକ୍ତ 'କ୍ତ' ପ୍ରତ୍ୟୟ ଭାବ ଓ କର୍ମରେ ତ ନିଶ୍ଚୟ ହୁଏ, ତା'ଛଡ଼ା କର୍ତ୍ତା, ବର୍ତ୍ତମାନ ଓ କ୍ଳୀବବିଶିଷ୍ଟ ଭାବରେ ମଧ୍ୟ ହୋଇଥାଏ । ଯଥା—**'ଗତ୍ୟର୍ଥାକର୍ମକଶ୍ଳିଷଶୀଙ୍ସ୍ଥାସବସଜନରୁହଜୀର୍ଯତିଭ୍ୟଶ୍ଚ'** (ପାଣି. ଅ. ୩ । ୪ । ୭୨)—ଏହି ସୂତ୍ରରେ ଗତ୍ୟର୍ଥକ, ଅକର୍ମକ ଆଦି ଧାତୁଗୁଡ଼ିକରେ କର୍ତ୍ତାରେ ମଧ୍ୟ 'କ୍ତ' ପ୍ରତ୍ୟୟ ହୋଇଥାଏ; ଯଥା—**'ସ ଗଙ୍ଗାଂ ଗତଃ'**, **'ସ ମୋକ୍ଷଂ ପ୍ରାପ୍ତଃ'**, **'ସ ନିବୃତ୍ତଃ'** ଇତ୍ୟାଦି । ଏହି କୃଦନ୍ତ 'କ୍ତ' ପ୍ରତ୍ୟୟ କର୍ତ୍ତାରେ ହୋଇଥିବା ହେତୁ କର୍ତ୍ତା ଉକ୍ତ ହୁଏ, ତେଣୁ ସେଥିରେ ପ୍ରଥମା ବିଭକ୍ତି ହୁଏ । ଗୀତାରେ ମଧ୍ୟ ଏଭଳି ପ୍ରୟୋଗ ରହିଛି; ଯଥା—**'ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ'** (୮ । ୧୫), **'ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ'** (୧୧ । ୫୧), **'ସ୍ଥିତୋଽସ୍ମି'** (୧୮ । ୭୩) ଇତ୍ୟାଦି ।

'ମତିବୁଦ୍ଧିପୂଜାର୍ଥେଭ୍ୟଶ୍ଚ' (ପାଣି. ଅ. ୩ । ୨ । ୧୮୮)—ଏହି ସୂତ୍ରରେ ମତି, ବୁଦ୍ଧି, ପୂଜାର୍ଥକ ଧାତୁମାନଙ୍କ ଠାରେ ବର୍ତ୍ତମାନ ଅର୍ଥରେ 'କ୍ତ' ପ୍ରତ୍ୟୟ

ହୁଏ, ଏବଂ ଏହି 'କ୍ତ' ପ୍ରତ୍ୟୟ ଯୋଗରେ **'କ୍ତସ୍ୟ ଚ ବର୍ତ୍ତମାନେ'** (ପାଣି. ଅ. ୨ । ୩ । ୬୭)—ଏହି ସୂତ୍ର ଅନୁସାରେ କର୍ତ୍ତାରେ ଷଷ୍ଠୀ ବିଭକ୍ତି ହୁଏ; ଯଥା— **'ରାଜ୍ଞାଂ ମତଃ ଇଷ୍ଟଃ, ବୁଦ୍ଧଃ, ବିଦିତଃ, ପୂଜିତଃ, ଅର୍ଚ୍ଚିତଃ ।'** ଗୀତାରେ ମଧ୍ୟ **'ସ ମେ ଯୁକ୍ତତମୋ ମତଃ'** (୬ । ୪୭), **'ତେ ମେ ଯୁକ୍ତତମା ମତାଃ'** (୧୨ । ୨), **'ଯତ୍ତଜ୍‌ଜ୍ଞାନଂ ମତଂ ମମ'** (୧୩ । ୨), **'କର୍ତ୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍'** (୧୮ । ୬) ଆଦି ପ୍ରୟୋଗରେ ଉପର୍ଯ୍ୟୁକ୍ତ ସୂତ୍ର ଅନୁସାରେ 'କ୍ତ' ପ୍ରତ୍ୟୟ ଓ 'ମେ, ମମ' କର୍ତ୍ତାରେ ଷଷ୍ଠୀ ବିଭକ୍ତି କରାଯାଇଛି ।

ଭାବରେ 'କ୍ତ' ପ୍ରତ୍ୟୟ—**'ନପୁଂସକେ ଭାବେ କ୍ତଃ'** (ପାଣି. ଅ. ୩ । ୩ । ୧୧୪)—ଏହି ସୂତ୍ର ଅନୁସାରେ ନପୁଂସକତ୍ୱ (କ୍ଲୀବତ୍ୱ) ବିଶିଷ୍ଟ ଭାବରେ ଧାତୁରେ 'କ୍ତ' ପ୍ରତ୍ୟୟ ହୋଇଥାଏ ଏବଂ କର୍ତ୍ତାରେ ଶେଷ ବିବକ୍ଷା ହେତୁ **'ଷଷ୍ଠୀ ଶେଷେ'** (୨ । ୩ । ୫୦)—ଏହି ସୂତ୍ର ଅନୁସାରେ କର୍ତ୍ତାରେ ଷଷ୍ଠୀ ବିଭକ୍ତି ହୁଏ; ଯଥା—**'ତସ୍ୟ ହସିତମ୍'** (ତାହାର ହସିବା) **'ତସ୍ୟ ଶୟିତମ୍'** (ତାହାର ଶୋଇବା) ଇତ୍ୟାଦି । ଗୀତାରେ ମଧ୍ୟ **'ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ'** (୩ । ୧୮) ଇତ୍ୟାଦି ପ୍ରୟୋଗ ରହିଛି ।

ଖଲର୍ଥ ପ୍ରତ୍ୟୟ—ଈଷଦ୍‌ଦୁଃସୁଷୁ କୃଚ୍ଛ୍ରାକୃଚ୍ଛ୍ରାର୍ଥେଷୁ ଖଲ୍' (ପାଣି. ଅ. ୩ । ୩ । ୧୨୬)—ଏହି ସୂତ୍ର ଅନୁସାରେ କଠିନ ଓ ସୁଗମ ଅର୍ଥରେ, ଭାବକର୍ମରେ 'ଖଲ୍' ପ୍ରତ୍ୟୟ ହୁଏ; ଯଥା—**'ତ୍ୱୟା ଇଦଂ କାର୍ଯ୍ୟଂ ଦୁଷ୍କରମ୍, ତେନ ଇଦଂ କାର୍ଯ୍ୟଂ ସୁକରମ୍ ।'** ଗୀତାରେ ମଧ୍ୟ ଏହି ପ୍ରତ୍ୟୟର ଉଦାହରଣ ରହିଛି; ଯଥା—**'ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପଃ'** (୬ । ୩୬) ।

(୨)

କର୍ତ୍ତାର ବିବକ୍ଷା କାରଣରୁ ଯେଉଁ ଧାତୁମାନଙ୍କ ଯୋଗରେ ଦୁଇଟି କର୍ମ ହୋଇଯାଏ, ସେଗୁଡ଼ିକୁ ଦ୍ୱିକର୍ମକ ଧାତୁ କହନ୍ତି* । ଯଥା—**'ସ ତାଂ ଗୋଃ ପୟଃ ଦୋଗ୍ଧି'** ଏହି ପ୍ରୟୋଗରେ କର୍ତ୍ତାର ବିବକ୍ଷା ହେଲା ଗାଈକୁ କର୍ମଭାବରେ ଦର୍ଶାଇବା, ତେଣୁ **'ଗୋଃ'** ପଦରେ ପଞ୍ଚମୀ ବିଭକ୍ତି ହେଉଥିଲେ ସୁଦ୍ଧା ତାହା କର୍ମସଂଜ୍ଞା ହୋଇ ଦ୍ୱିତୀୟା ବିଭକ୍ତି ହୋଇଛି । ଅତଏବ **'ସ ଗାଂ ପୟଃ ଦୋଗ୍ଧି'** ଏହି ପ୍ରୟୋଗରେ **'ପୟଃ'** ହେଲା ପ୍ରଧାନ କର୍ମ ଓ **'ଗାମ୍'** ଅପ୍ରଧାନ କର୍ମ । ଏହିପରି ସବୁ ଦ୍ୱିକର୍ମକ ପ୍ରୟୋଗକୁ ବୁଝିନେବା ଉଚିତ । ଗୀତାରେ ମଧ୍ୟ **'ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ'** (୨ । ୧) ଆଦି ଦ୍ୱିକର୍ମକ ଧାତୁର ପ୍ରୟୋଗ ରହିଛି ।

ପ୍ରେରଣାର୍ଥକ କ୍ରିୟାଗୁଡ଼ିକର ପ୍ରୟୋଗରେ ଦୁଇଟି କର୍ତ୍ତା ଥାଏ—ପ୍ରଯୋଜକ ଓ ପ୍ରଯୋଜ୍ୟ ଅର୍ଥାତ୍ ଣ୍ୟନ୍ତ କର୍ତ୍ତା ଓ ଅଣ୍ୟନ୍ତ କର୍ତ୍ତା । ଣ୍ୟନ୍ତରେ ଲକାର ଦ୍ୱାରା ପ୍ରଯୋଜକ (ପ୍ରେରଣାଦାୟକ) କର୍ତ୍ତା କୁହାଯାଏ । ତାହା ଉକ୍ତ ହେଲେ ସେଥିରେ ପ୍ରଥମା ବିଭକ୍ତି ହୁଏ । କିନ୍ତୁ ଯେ ପ୍ରଯୋଜ୍ୟ (ଯାହାକୁ ପ୍ରେରଣା ଦିଆଯାଉଛି) ଅଣ୍ୟନ୍ତ କର୍ତ୍ତା, ସେ ଲକାର ଦ୍ୱାରା ଅନୁକ୍ତ ରହେ । ତେଣୁ ସେଥିରେ ତୃତୀୟା ବିଭକ୍ତି ହୋଇଯାଏ; ଯଥା—**'ଦେବଦତ୍ତଃ ଓଦନଂ ପଚତି, ତଂ ଯଜ୍ଞଦତ୍ତଃ ପ୍ରେରୟତି'** (ଦେବଦତ୍ତ ଭାତ ରାନ୍ଧୁଛି, ତାକୁ ଭାତ ରାନ୍ଧିବା ପାଇଁ ଯଜ୍ଞଦତ୍ତ ପ୍ରେରିତ କରୁଛି)—**'ଯଜ୍ଞଦତ୍ତଃ ଦେବଦତ୍ତେନ ଓଦନଂ ପାଚୟତି'** (ଯଜ୍ଞଦତ୍ତ ଦେବଦତ୍ତ ଦ୍ୱାରା ଭାତ ରନ୍ଧାଉଛି) ଏଠାରେ ଯଜ୍ଞଦତ୍ତ ପ୍ରଯୋଜକ କର୍ତ୍ତା ଓ ଦେବଦତ୍ତ ହେଲା ପ୍ରଯୋଜ୍ୟ କର୍ତ୍ତା ।

ଣିଜନ୍ତରେ ଯଦି ମୂଳ ଧାତୁ ଗତ୍ୟର୍ଥକ, ଜ୍ଞାନାର୍ଥକ, ଭକ୍ଷଣାର୍ଥକ, ଶବ୍ଦକର୍ମକ ଓ ଅକର୍ମକ ହୋଇଥାଏ, ତେବେ ପ୍ରଯୋଜ୍ୟ କର୍ତ୍ତାରେ ତୃତୀୟା ବିଭକ୍ତି ନ ହୋଇ **'ଗତିବୁଦ୍ଧିପ୍ରତ୍ୟବସାନାର୍ଥଶବ୍ଦକର୍ମାକର୍ମକାଣାମଣି କର୍ତ୍ତା ସ ଣୌ'** (ପାଣି. ଅ. ୧ । ୪ । ୫୨)—ଏହି ସୂତ୍ର ଅନୁସାରେ ଦ୍ୱିତୀୟା ବିଭକ୍ତି ହୋଇଯାଏ; ଯଥା—(୧) ଗତ୍ୟର୍ଥକ— **'ଦେବଦତ୍ତୋ ଗ୍ରାମଂ ଗଚ୍ଛତି, ତଂ ଯଜ୍ଞଦତ୍ତଃ ପ୍ରେରୟତି'—'ଯଜ୍ଞଦତ୍ତୋ ଦେବଦତ୍ତଂ ଗ୍ରାମଂ ଗମୟତି'** (ଯଜ୍ଞଦତ୍ତ ଦେବଦତ୍ତକୁ ଗାଆଁକୁ ପଠାଉଅଛି) । (୨) ଜ୍ଞାନାର୍ଥକ—**'ଛାତ୍ରୋ ବେଦାର୍ଥଂ ବେତ୍ତି, ତଂ ଗୁରୁଃ ପ୍ରେରୟତି'—'ଗୁରୁଃ ଛାତ୍ରଂ ବେଦାର୍ଥଂ ବେଦୟତି'** (ଗୁରୁ ଛାତ୍ରକୁ ବେଦାର୍ଥ ଜଣାଉଅଛନ୍ତି) । (୩) ଭକ୍ଷଣାର୍ଥକ—**'ବାଳକୋ ଭୋଜନମ୍ ଅଶ୍ନାତି, ତଂ ମାତା ପ୍ରେରୟତି'—'ମାତା ବାଳକଂ ଭୋଜନମ୍ ଆଶୟତି'** (ମା' ବାଳକକୁ ଖାଦ୍ୟ ଖୁଆଉଅଛି) । (୪) ଶବ୍ଦକର୍ମକ—**'ଶିଷ୍ୟୋ ବେଦମ୍ ଅଧୀତେ, ତଂ ଗୁରୁଃ ପ୍ରେରୟତି'—'ଗୁରୁଃ ଶିଷ୍ୟଂ ବେଦମ୍ ଅଧ୍ୟାପୟତି'** (ଗୁରୁ ଶିଷ୍ୟକୁ ବେଦ ପଢ଼ାଉଅଛନ୍ତି) । (୫) ଅକର୍ମକ—**'ଶିଶୁଃ ଶେତେ, ତଂ ମାତା ପ୍ରେରୟତି'—'ମାତା ଶିଶୁଂ ଶାୟୟତି'** (ମା' ଶିଶୁକୁ ଶୁଆଉଅଛି) ।

ଯେତେବେଳେ ଦ୍ୱିକର୍ମକ ଧାତୁ ଭାବକର୍ମପ୍ରକ୍ରିୟାକୁ

* 'ଦୁହ୍ୟାଚ୍‌ପଚ୍‌ଦଣ୍ଡରୁଧିପ୍ରଚ୍ଛିଚିବ୍ରୂଶାସୁଜିମଥ୍‌ମୁଷାମ୍ । କର୍ମଯୁକ୍ ସ୍ୟାଦକଥିତଂ ତଥା ସ୍ୟାନ୍ନୀହୃକୃଷ୍‌ବହାମ୍ ॥' ଏହି କାରିକାରେ ଥିବା ସମସ୍ତ ଧାତୁ ଦ୍ୱିକର୍ମକ ।

ଆସିଯାଏ, ସେତେବେଳେ ଦ୍ବିକର୍ମକ '**ଦୁହ୍**' '**ଯାଚ୍**' ଆଦି ଧାତୁମାନଙ୍କର ଅପ୍ରଧାନ କର୍ମରେ ଲକାର ହୋଇଯାଏ, ଯଥା—'**ତେନ ଗୌଃ ପୟଃ ଦୁହ୍ୟତେ**' ଇତ୍ୟାଦି; ଏବଂ '**ନୀ**', '**ହୃ**' ଆଦି ଧାତୁଗୁଡ଼ିକର ପ୍ରଧାନ କର୍ମରେ ଲକାର ହୋଇଯାଏ*, ଯଥା—'**ତେନ ଗ୍ରାମମ୍ ଅଜା ନୀୟତେ**' ଇତ୍ୟାଦି। କିନ୍ତୁ ଯେତେବେଳେ ଣ୍ୟନ୍ତ ଧାତୁ ଭାବକର୍ମପ୍ରକ୍ରିୟାକୁ ଆସେ, ସେତେବେଳେ ଜ୍ଞାନାର୍ଥକ, ଭକ୍ଷଣାର୍ଥକ, ଓ ଶବ୍ଦକର୍ମକ ଧାତୁମାନଙ୍କର ଯେକୌଣସି (ପ୍ରଯୋଜ୍ୟ ବା ଅପ୍ରଯୋଜ୍ୟ) କର୍ମରେ ଲକାର କରାଯାଇପାରେ¶, ଯଥା—'**ଗୁରୁଣା ଛାତ୍ରୋ ବେଦାର୍ଥଂ**'—'**ଛାତ୍ରଂ ବେଦାର୍ଥଃ ବେଦ୍ୟତେ**'; '**ମାତ୍ରା ବାଳକଃ ଭୋଜନଂ**'—'**ବାଳକଂ ଭୋଜନଂ ଆଶ୍ୟତେ**' ଇତ୍ୟାଦି। ଏହି ଧାତୁଗୁଡ଼ିକ ବ୍ୟତୀତ ଯେତେ (ଗତ୍ୟର୍ଥକ, ଅକର୍ମକ ଆଦି) ଣ୍ୟନ୍ତ ଧାତୁ ଅଛନ୍ତି, ସେଗୁଡ଼ିକୁ ପ୍ରଯୋଜ୍ୟ କର୍ମରେ ହିଁ ଲକାର କରିବା ଉଚିତ§; ଯଥା—'**ଯଜ୍ଞଦତ୍ତେନ ଦେବଦତ୍ତୋ ଗ୍ରାମଂ ଗମ୍ୟତେ**' ଇତ୍ୟାଦି। ଗୀତାରେ ମଧ୍ୟ ତୃତୀୟ ଅଧ୍ୟାୟର ପଞ୍ଚମ ଶ୍ଳୋକରେ ଅଣ୍ୟନ୍ତରୁ ଣ୍ୟନ୍ତ ଓ ଣ୍ୟନ୍ତରୁ ଭାବକର୍ମପ୍ରକ୍ରିୟାର ପ୍ରୟୋଗ ହୋଇଛି; ଯଥା—'**ଅଣ୍ୟନ୍ତ**'—'ଅବଶଃ ସର୍ବଃ କର୍ମ କରୋତି' (ସ୍ୱଭାବର ବଶୀଭୂତ ସମସ୍ତ ଜୀବ କର୍ମ କରନ୍ତି)। '**ଣ୍ୟନ୍ତ**'—'ତଂ ପ୍ରକୃତିଜା ଗୁଣାଃ ପ୍ରେରୟନ୍ତି' (ସେମାନଙ୍କୁ ପ୍ରକୃତିଜନ୍ୟ ଗୁଣ କର୍ମ କରିବାକୁ ପ୍ରେରିତ କରନ୍ତି)—'ପ୍ରକୃତିଜା ଗୁଣା ଅବଶଂ ସର୍ବଂ କର୍ମ କାରୟନ୍ତି'—(ପ୍ରକୃତିଜନ୍ୟ ଗୁଣ ଅବଶ ହୋଇଥିବା ପ୍ରାଣୀମାନଙ୍କ ଦ୍ୱାରା କର୍ମ କରାନ୍ତି)। '**ଭାବକର୍ମପ୍ରକ୍ରିୟାନ୍ତ**'—'ପ୍ରକୃତିଜୈଃ ଗୁଣୈଃ ଅବଶଃ ସର୍ବଃ କର୍ମ କାର୍ଯ୍ୟତେ' (ପ୍ରକୃତିଜନ୍ୟ ଗୁଣ ସ୍ୱଭାବର ବଶୀଭୂତ ହୋଇଥିବା ପ୍ରାଣୀମାନଙ୍କ ଦ୍ୱାରା କର୍ମ କରାନ୍ତି)।

ଜ୍ଞାତବ୍ୟ

ଦ୍ବିକର୍ମକ ଧାତୁମାନଙ୍କରେ ଭାବକର୍ମ—ଯେଉଁ ଧାତୁଗୁଡ଼ିକ ଦ୍ବିକର୍ମକ, ସେଗୁଡ଼ିକୁ ଭାବକର୍ମକୁ ନେଇଗଲେ ଦୁହ୍, ଯାଚ୍ ଆଦି ଧାତୁମାନଙ୍କର ଗୌଣ କର୍ମରେ ଲକାର ହେବ; ଯଥା—'ଗୋବିନ୍ଦଃ ଗାଂ ଦୋଗ୍ଧି ପୟଃ' (ଗୋବିନ୍ଦ ଗାଈଠାରୁ ଦୁଧ ଦୁହୁଁଛି), ଏହି ଦ୍ବିକର୍ମକ 'ଦୁହ୍' ଧାତୁକୁ ଭାବକର୍ମକୁ ନେଇଗଲେ '**ଗୌଣେ କର୍ମଣି ଦୁହ୍ୟାଦେଃ**' ଏହି ନିୟମ ଅନୁସାରେ ଗୌଣ କର୍ମ 'ଗାମ୍'ରେ ଲକାର ହେବ। ଲକାର ଦ୍ୱାରା ଉକ୍ତ ହେବାରୁ 'ଗୋ' ଶବ୍ଦରେ ପ୍ରଥମା ହୋଇ 'ଗୋବିନ୍ଦେନ ଗୌଃ ପୟଃ ଦୁହ୍ୟତେ' ହେଲା। ଏହିପରି ଦ୍ବିକର୍ମକ 'ଦୁହ୍', 'ଯାଚ୍' ଆଦି ବାରଟି ଧାତୁର ପ୍ରୟୋଗକୁ ଜାଣିନେବା ଉଚିତ।

'କୃଷ୍ଣଃ ଗାଂ ବ୍ରଜଂ ନୟତି'—ଏହି ଦ୍ବିକର୍ମକ ଧାତୁକୁ ଭାବକର୍ମକୁ ନେଇଗଲେ '**ପ୍ରଧାନେ ନୀହୃକୃଷ୍ୱହାମ୍**' ଏହି ନିୟମ ଅନୁସାରେ ପ୍ରଧାନ କର୍ମରେ ଲକାର ହେବ; ଯଥା—'କୃଷ୍ଣେନ ଗୌଃ ବ୍ରଜଂ ନୀୟତେ।' ଏହିପରି ଦ୍ବିକର୍ମକ 'ନୀ', 'ହୃ' ଆଦି ଚାରୋଟି ଧାତୁର ପ୍ରୟୋଗକୁ ଜାଣିନେବା ଉଚିତ।

ଦ୍ବିକର୍ମକ ଧାତୁଗୁଡ଼ିକରେ ଣ୍ୟନ୍ତ ଓ ଣ୍ୟନ୍ତରେ ଭାବକର୍ମ—ତିଙନ୍ତ—'ଗୋବିନ୍ଦଃ ଗାଂ ଦୋଗ୍ଧି ପୟଃ'। ଣ୍ୟନ୍ତ—'ତଂ କୃଷ୍ଣଃ ପ୍ରେରୟତି ଇତି କୃଷ୍ଣଃ ଗୋବିନ୍ଦେନ ଗାଂ ଦୋହୟତି ପୟଃ'। ଏଥିରେ ପ୍ରଯୁଜ୍ୟକର୍ତ୍ତା ଗୋବିନ୍ଦର କୌଣସି ସୂତ୍ର ଦ୍ୱାରା କର୍ମସଂଜ୍ଞା ନ ହେବାରୁ ଅନୁକ୍ତ ଗୋବିନ୍ଦଠାରେ ତୃତୀୟା ବିଭକ୍ତି ହୋଇଛି। ଭାବକର୍ମ—'କୃଷ୍ଣେନ ଗୋବିନ୍ଦେନ ଗୌଃ ଦୋହ୍ୟତେ ପୟଃ।' ଏଥିରେ '**ଗୌଣେ କର୍ମଣି ଦୁହ୍ୟାଦେଃ**' ନିୟମ ହିଁ ଲାଗୁ ହେବ। ଅତଏବ ଗୌଣ କର୍ମ 'ଗୌଃ' ଉକ୍ତ କର୍ମରେ ଲକାର ହୋଇଗଲା। ଏହିପରି '**ତିଙନ୍ତ**'—'ଦେବଦତ୍ତଃ ଶାଳୀନ୍ ଓଦନଂ ପଚତି', '**ଣ୍ୟନ୍ତ**'—'ତଂ ଯଜ୍ଞଦତ୍ତଃ ପ୍ରେରୟତି, ଯଜ୍ଞଦତ୍ତଃ ଦେବଦତ୍ତେନ ଶାଳୀନ୍ ଓଦନଂ ପାଚୟତି', **ଭାବକର୍ମ**—'ଯଜ୍ଞଦତ୍ତେନ ଦେବଦତ୍ତେନ ଶାଳୟଃ ଓଦନଂ ପାଚ୍ୟନ୍ତେ।'

ତିଙନ୍ତ—'ଗୋବିନ୍ଦଃ ଗାଃ ବ୍ରଜଂ ନୟତି।' ଣ୍ୟନ୍ତ—'ତଂ କୃଷ୍ଣଃ ପ୍ରେରୟତି, କୃଷ୍ଣଃ ଗୋବିନ୍ଦଂ ଗାଃ ବ୍ରଜଂ ନାୟୟତି'। ଏଥିରେ '**ଗତିବୁଦ୍ଧି....**' (ପାଣି. ଅ. ୧।୪।୫୨)—ଏହି ସୂତ୍ର ଅନୁସାରେ ଗତ୍ୟର୍ଥକ 'ନୀ'ର ପ୍ରଯୁଜ୍ୟ କର୍ତ୍ତାର କର୍ମ ସଂଜ୍ଞା ହେବାରୁ ସେଥିରେ ଦ୍ୱିତୀୟା ହୋଇଗଲା। ଣ୍ୟନ୍ତରେ ଭାବକର୍ମ—'କୃଷ୍ଣେନ ଗୋବିନ୍ଦଃ ଗାଃ ବ୍ରଜଂ ନାୟ୍ୟତେ'। ଏଥିରେ '**ପ୍ରଯୁଜ୍ୟ-କର୍ମଣ୍ୟେନ୍ୟେଷାଂ ଣ୍ୟନ୍ତାନାଂ ଲାଦୟୋଃ ମତାଃ**' ଅନୁସାରେ ପ୍ରଯୁଜ୍ୟ କର୍ମ ଗୋବିନ୍ଦରେ ଲକାର ହୋଇଛି। ଏହିପରି 'ଗୁରୁଃ ବାଳକଂ ଧର୍ମଂ ବଦତି, ତଂ ଶ୍ରୀହରିଃ ପ୍ରେରୟତି' ଏଠାରେ '**ଜଲ୍ପତିପ୍ରଭୃତୀନାମୁପସଂଖ୍ୟାନମ୍**' ବାର୍ତ୍ତିକ ଦ୍ୱାରା ପ୍ରଯୋଜ୍ୟ କର୍ତ୍ତାର କର୍ମସଂଜ୍ଞା ହେବାରୁ ପ୍ରଯୁଜ୍ୟ କର୍ତ୍ତା ଗୁରୁର କର୍ମସଂଜ୍ଞା ହୋଇ ସେଥିରେ ଦ୍ୱିତୀୟା ହେଲା, ଅତଏବ 'ଶ୍ରୀହରିଃ ଗୁରୁଂ ବାଳକଂ ଧର୍ମଂ ବାଦୟତି' ହେଲା। ଣ୍ୟନ୍ତରେ ଭାବକର୍ମ—

* ଗୌଣେ କର୍ମଣି ଦୁହ୍ୟାଦେଃ ପ୍ରଧାନେ ନୀହୃକୃଷ୍ୱହାମ୍।
¶ ବୁଦ୍ଧିଭକ୍ଷାର୍ଥୟୋଃ ଶବ୍ଦକର୍ମଣାଂ ଚ ନିଜେଚ୍ଛୟା।
§ ପ୍ରଯୋଜ୍ୟକର୍ମଣ୍ୟନ୍ୟେଷାଂ ଣ୍ୟନ୍ତାନାଂ ଲାଦୟୋ ମତାଃ।

'ପ୍ରଯୁଜ୍ୟକର୍ମଣି' ଏହି ନିୟମ ଅନୁସାରେ ପ୍ରଯୁଜ୍ୟ କର୍ମ ଗୁରୁଠାରେ ଲକାର ହେବ। ଅତଏବ 'ଶ୍ରୀହରିଣା ଗୁରୁଃ ବାଳକଂ ଧର୍ମଂ ବାଚ୍ୟତେ' ଏଭଳି ବାକ୍ୟ ହେଲା।

ଏକକର୍ମକ ଧାତୁଗୁଡ଼ିକରେ ଣ୍ୟନ୍ତ ଓ ଣ୍ୟନ୍ତରେ ଭାବକର୍ମ—ଯେଉଁ ଧାତୁଗୁଡ଼ିକର ପ୍ରଯୋଜ୍ୟ କର୍ତ୍ତାର **'ଗତିବୁଦ୍ଧିପ୍ରତ୍ୟବସାନାର୍ଥଶବ୍ଦକର୍ମାକର୍ମକାଣାମଣି କର୍ତ୍ତା ସ ଣୌ'** (୧।୪।୫୨), **'ଜଲ୍ପତିପ୍ରଭୃତୀନାମୁପସଂଖ୍ୟାନମ୍', 'ଦୃଶେଶ୍ଚ', 'ହୃକ୍ରୋରନ୍ୟତରସ୍ୟାମ୍'** (୧।୪।୫୩) ପ୍ରଭୃତି ସୂତ୍ର ଏବଂ ବାର୍ତ୍ତିକ ଅନୁସାରେ କର୍ମସଂଜ୍ଞା ହୋଇଯାଏ, ସେଗୁଡ଼ିକ ମଧ୍ୟରୁ ବୁଦ୍ଧ୍ୟର୍ଥକ, ଭକ୍ଷଣାର୍ଥକ ଓ ଶବ୍ଦକର୍ମକ ଧାତୁଗୁଡ଼ିକର ପ୍ରଯୁଜ୍ୟ କର୍ମରେ **'ବୁଦ୍ଧିଭକ୍ଷାର୍ଥୟୋଃ ଶବ୍ଦକର୍ମକାଣାଂ ନିଜେଚ୍ଛୟା'** ଏହି ନିୟମ ଅନୁସାରେ ନିଜେଚ୍ଛା ଥାଏ ଏବଂ ଏଗୁଡ଼ିକ ଛଡ଼ା ଅନ୍ୟ ଧାତୁଗୁଡ଼ିକର ଭାବକର୍ମରେ, ସେଗୁଡ଼ିକର ପ୍ରଯୁଜ୍ୟ କର୍ମରେ ଲକାର ହୋଇଥାଏ। ନିଜେଚ୍ଛାର ଉଦାହରଣ—'ମାଣବକଃ ଧର୍ମଂ ବୁଧ୍ୟତେ', 'ତଂ ପ୍ରେରୟତି ଗୁରୁଃ ଇତି ଗୁରୁଃ ମାଣବକଂ ଧର୍ମଂ ବୋଧୟତି', 'ଗୁରୁଣା ମାଣବକଃ ଧର୍ମଂ—ମାଣବକଂ ଧର୍ମଃ ବୋଧ୍ୟତେ'। ପ୍ରଯୁଜ୍ୟ କର୍ମର ଉଦାହରଣ—'ଦେବଦତ୍ତଃ ଗ୍ରାମଂ ଗଚ୍ଛତି', 'ଯଜ୍ଞଦତ୍ତଃ ତଂ ପ୍ରେରୟତି', 'ଯଜ୍ଞଦତ୍ତଃ ଦେବଦତ୍ତଂ ଗ୍ରାମଂ ଗମୟତି', 'ଯଜ୍ଞଦତ୍ତେନ ଦେବଦତ୍ତଃ ଗ୍ରାମଂ ଗମ୍ୟତେ'।

ଯେଉଁ ଧାତୁମାନଙ୍କର ପ୍ରଯୁଜ୍ୟ କର୍ତ୍ତାର କର୍ମସଂଜ୍ଞା ହୁଏ ନାହିଁ, ସେମାନଙ୍କର ତିଙନ୍ତ କର୍ମରେ ଲକାର ହେବ; ଯଥା—'ବାଳକଃ ଭଗବନ୍ତଂ ସ୍ମରତି', 'ତଂ ଗୁରୁଃ ପ୍ରେରୟତି ଇତି ଗୁରୁଃ ବାଳକେନ ଭଗବନ୍ତଂ ସ୍ମାରୟତି', 'ଗୁରୁଣା ବାଳକେନ ଭଗବାନ୍ ସ୍ମାର୍ଯ୍ୟତେ'।*

ଅକର୍ମକ ଏବଂ କାଳାଦିକର୍ମକ ଧାତୁମାନଙ୍କରେ ଭାବକର୍ମ—ଅକର୍ମକ ଧାତୁଗୁଡ଼ିକର ପ୍ରୟୋଗ—'ଦେବଦତ୍ତଃ କୁରୁଷୁ ଶେତେ, ମାସେ ଆସ୍ତେ, ଦଶ ମାସେଷୁ ତିଷ୍ଠତି, ଗୋଦୋହେ ଆସ୍ତେ, କ୍ରୋଶେ ଆସ୍ତେ'—ଏଗୁଡ଼ିକରେ **'ଅକର୍ମକଧାତୁଭିର୍ଯୋଗେ ଦେଶଃ କାଲୋ ଭାବୋ ଗନ୍ତବ୍ୟୋଽଧ୍ୱା ଚ କର୍ମସଂଜ୍ଞକ ଇତି ବାଚ୍ୟମ୍'** ଏହି ବାର୍ତ୍ତିକ ଅନୁସାରେ ଦେଶ ଆଦିର କର୍ମସଂଜ୍ଞା ହେବାରୁ ସେଗୁଡ଼ିକରେ ଦ୍ୱିତୀୟା ହେଲା। ଅତଏବ 'ଦେବଦତ୍ତଃ କୁରୂନ୍ ଶେତେ, ମାସମାସ୍ତେ, ଦଶ ମାସାନ୍ ତିଷ୍ଠତି, ଗୋଦୋହମାସ୍ତେ, କ୍ରୋଶମାସ୍ତେ'—ଏଭଳି ପ୍ରୟୋଗ ହେଲା। ସେହିପରି କାଳାଦିକର୍ମକ ଧାତୁମାନଙ୍କର ପ୍ରୟୋଗରେ—'ଦ୍ୱିଜଃ ମାସେ ବେଦଂ ଅଧୀତେ'—ଏଥିରେ **'କାଳାଧ୍ୱନୋରତ୍ୟନ୍ତସଂଯୋଗେ'** ସୂତ୍ର ଦ୍ୱାରା କାଳବାଚକ ମାସର କର୍ମସଂଜ୍ଞା ହୋଇଥିବାରୁ 'ଦ୍ୱିଜଃ ମାସଂ ବେଦଂ ଅଧୀତେ' ହେଲା। ଉପର୍ଯ୍ୟୁକ୍ତ ଧାତୁମାନଙ୍କୁ ଭାବକର୍ମକୁ ନେଇଗଲେ ସେହି ଧାତୁଗୁଡ଼ିକଠାରେ କର୍ମ କିଂବା ଭାବରେ ଲକାର ହେବ; କାରଣ ଅକର୍ମକ ଓ କାଳାଦିକର୍ମକ ଧାତୁମାନଙ୍କ ଯୋଗରେ ଆମେ ଦେଶ, କାଳ ଇତ୍ୟାଦିକୁ କର୍ମ କରି ଦେଇଛୁ, ତେଣୁ ତାହା ମୁଖ୍ୟ କର୍ମ ନୁହେଁ। ଯଥା, ଅକର୍ମକ—'ଦେବଦତ୍ତେନ କୁରବଃ—କୁରୂନ୍ ଶାୟନ୍ତେ, ମାସୋ—ମାସମାସ୍ୟତେ, ଦଶ ମାସାଃ—ମାସାନ୍ ସ୍ଥୀୟନ୍ତେ, ଗୋଦୋହଃ ଗୋଦୋହମାସ୍ୟତେ, କ୍ରୋଶଃ—କ୍ରୋଶମାସ୍ୟତେ'। **'କାଳାଦିକର୍ମକ**—ମାସୋ-ମାସମ୍, ବେଦୋ-ବେଦମ୍ ବା ଅଧୀୟତେ।

ଅକର୍ମକ ଏବଂ କାଳାଦିକର୍ମକ ଧାତୁମାନଙ୍କରେ ଣ୍ୟନ୍ତ ଓ ଣ୍ୟନ୍ତରେ ଭାବକର୍ମ—'ଯଜ୍ଞଦତ୍ତଃ ଦେବଦତ୍ତଂ ମାସଂ ଆସୟତି, ଯଜ୍ଞଦତ୍ତେନ ଦେବଦତ୍ତଃ ମାସଂ ଆସ୍ୟତେ, ଯଜ୍ଞଦତ୍ତଃ ଦେବଦତ୍ତଂ ମାସଂ ବେଦଂ ଅଧ୍ୟାପୟତି, ଯଜ୍ଞଦତ୍ତେନ ଦେବଦତ୍ତଃ ମାସଂ ବେଦଂ ଅଧ୍ୟାପ୍ୟତେ'। ଏହି ପ୍ରୟୋଗଗୁଡ଼ିକରେ ଣ୍ୟନ୍ତର ପ୍ରଯୁଜ୍ୟ କର୍ମରେ ଲକାର ହୁଏ। ଗୀତାରେ ମଧ୍ୟ ଅକର୍ମକ ଧାତୁଗୁଡ଼ିକରେ ଣ୍ୟନ୍ତ ଓ ଣ୍ୟନ୍ତରେ ଭାବକର୍ମର ପ୍ରୟୋଗ ହୋଇଛି; ଯଥା—**ତିଙନ୍ତ**—'ଯସ୍ମିନ୍ ସ୍ଥିତଃ ନ ବିଚଳତି', 'ଯୋ ନ ବିଚଳତି', **ଣ୍ୟନ୍ତ**—'ଯସ୍ମିନ୍ ସ୍ଥିତଂ ଗୁରୁ ଦୁଃଖଂ ନ ବିଚାଳୟତି', 'ଯଂ ଗୁଣାଃ ନ ବିଚାଳୟନ୍ତି', **ଭାବକର୍ମ**—**'ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ'**(୬।୨୨), **'ଗୁଣୈର୍ଯୋ ନ ବିଚାଲ୍ୟତେ'** (୧୪।୨୩) ଇତ୍ୟାଦି।*

ତିଙନ୍ତରେ ସନନ୍ତ, ସନନ୍ତରେ ଣ୍ୟନ୍ତ ଓ

---

* ଗୀତାରେ ଥିବା 'ଯୟେଦଂ ଧାର୍ଯ୍ୟତେ ଜଗତ୍' (୭।୫), 'ସର୍ବାଣିଭୂତ୍ୟପଧାରୟ' (୭।୬), 'ମତ୍ସ୍ଥାନୀତ୍ୟୁପଧାରୟ' (୯।୬) ରେ 'ଧୃ' ଧାତୁରେ ସ୍ୱାର୍ଥରେ 'ଣିଚ୍' ହୋଇଛି ବୋଲି ମାନିବା ଉଚିତ, ପ୍ରେରଣାରେ ନୁହେଁ; କାରଣ ପ୍ରେରଣାରେ 'ଣିଚ୍' ମାନିଲେ ତାହାର ଅର୍ଥ ଠିକ୍ ହେବ ନାହିଁ; ଯଥା—'ଯୟେଦଂ ଧାର୍ଯ୍ୟତେ ଜଗତ୍'କୁ ପ୍ରେରଣାର୍ଥକ 'ଣିଚ୍' ଅନୁସାରେ ଅର୍ଥ କଲେ ଅର୍ଥ ହେବ—'ଭଗବାନ ପରାପ୍ରକୃତି (ଜୀବ) ଦ୍ୱାରା ଜଗତକୁ ଧାରଣ କରାନ୍ତି। କିନ୍ତୁ ଏଭଳି ଅର୍ଥ ଗ୍ରହଣୀୟ ନୁହେଁ। କାରଣ ଭଗବାନ କାହାରି କର୍ତ୍ତୃତ୍ୱ ଓ କର୍ମଫଳସଂଯୋଗର ରଚନା କରନ୍ତି ନାହିଁ ଏବଂ 'ଏହି କର୍ମ ତୁମକୁ କରିବାକୁ ହେବ'—ଏଭଳି ବିଧାନ ମଧ୍ୟ କରନ୍ତି ନାହିଁ—'ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ। ନ କର୍ମଫଳସଂଯୋଗମ୍.........।' (୫।୧୪)। ଯଦି ଭଗବାନ ଉପର୍ଯ୍ୟୁକ୍ତ ବିଧାନ କରିଦିଅନ୍ତି, ତେବେ କୌଣସି ମନୁଷ୍ୟ କର୍ତ୍ତୃତ୍ୱ ଓ କର୍ମଫଳକୁ ତ୍ୟାଗ କରି ପାରିବ ନାହିଁ। ଯଦି ଭଗବାନ ହିଁ କର୍ମ କରାଇବେ, ତେବେ 'ଶୁଭ କର୍ମ କର ଓ ଅଶୁଭ କର୍ମ କର ନାହିଁ'—ଏହି ବିଧି-ନିଷେଧ ଜୀବ ପାଇଁ ପ୍ରଯୁଜ୍ୟ ହୋଇପାରିବ ନାହିଁ। ତା'ଛଡ଼ା 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ। ମା କର୍ମଫଳହେତୁର୍ଭୂର୍ମା ତେ

ଣ୍ୟନ୍ତରେ ଭାବକର୍ମ—ଉଦାହରଣାର୍ଥ, **ତିଙନ୍ତ**—'ଭକ୍ତଃ ହରିଂ ଦ୍ରଷ୍ଟୁମିଚ୍ଛତି', **ସନନ୍ତ**—'ଭକ୍ତଃ ହରିଂ ଦିଦୃକ୍ଷତି', **ଣ୍ୟନ୍ତ**—'ଗୁରୁଃ ଭକ୍ତେନ ହରିଂ ଦିଦୃକ୍ଷୟତି', **ଭାବକର୍ମ**—'ଗୁରୁଣା ଭକ୍ତେନ ହରିଃ ଦିଦୃକ୍ଷ୍ୟତେ ।'

(୩)

'ସପ୍ତମ୍ୟଧିକରଣେ ଚ' (ପାଣି. ଅ. ୨ । ୩ । ୩୬)—ଏହି ସୂତ୍ର ଅନୁସାରେ ଅଧିକରଣ ଆଧାରରେ ସପ୍ତମୀ ବିଭକ୍ତି ହୁଏ । ଆଧାର ତିନି ପ୍ରକାରର—(୧) ଔପଶ୍ଳେଷିକ, (୨) ବୈଷୟିକ ଓ (୩) ଅଭିବ୍ୟାପକ ।

(୧) ଯେଉଁଠାରେ ଆଧାରର ଆଧେୟ ସହିତ ସଂଯୋଗ ଆଦି ସମ୍ବନ୍ଧ ଥାଏ, ତାହାକୁ 'ଔପଶ୍ଳେଷିକ ଆଧାର' କୁହାଯାଏ (ଏହି ଆଧାର ଏକଦେଶୀୟ ହୋଇଥାଏ); ଯଥା—**'କଟେ ଆସ୍ତେ'** (ମସିଣା ଉପରେ ବସେ)—ଏଠାରେ 'କଟ'ର ବସିବା ଲୋକ ସହିତ ସଂଯୋଗ ସମ୍ବନ୍ଧ ରହିଛି, ଅତଏବ 'କଟ' ହେଲା ଔପଶ୍ଳେଷିକ ଆଧାର । ଏହିଭଳି 'ସ୍ଥାଲ୍ୟାଂ ପଚତି' ଆଦି ଉଦାହରଣକୁ ବୁଝିନେବା ଉଚିତ । ଗୀତାରେ ଏହାର ପ୍ରୟୋଗ ନିମ୍ନ ପ୍ରକାରେ ହୋଇଛି—**'ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ'** (୬ । ୧୧), **'ଉପବିଶ୍ୟାସନେ'** (୬ । ୧୨) ଇତ୍ୟାଦି । ସମୀପତା ହେତୁ ମଧ୍ୟ ଔପଶ୍ଳେଷିକ ଆଧାର ମାନିବାକୁ ହୁଏ; ଯଥା—**'ଗୁରୌ ବସତି'** (ଗୁରୁଙ୍କ ସମୀପରେ ରହେ), **'ବଟେ ଗାବଃ ଶେରତେ'** (ବଟବୃକ୍ଷ ସମୀପରେ ଗାଈମାନେ ଶୋଇଛନ୍ତି), **'ଗଙ୍ଗାୟାଂ ଘୋଷଃ'** (ଗଙ୍ଗା ସମୀପରେ ଗାଆଁ ଅଛି) ଇତ୍ୟାଦି ।

(୨) ବିଷୟର ସମ୍ବନ୍ଧରୁ ଯେତେବେଳେ କାହାରିକୁ ଆଧାର ମାନି ନିଆଯାଏ, ସେତେବେଳେ ତାହା 'ବୈଷୟିକ ଆଧାର' ହୁଏ । ଏହି ଆଧାର ବୌଦ୍ଧିକ ହୋଇଥାଏ । ଯଥା—**'ମୋକ୍ଷେ ଇଚ୍ଛାସ୍ତି'** (ମୋକ୍ଷ ବିଷୟରେ ଇଚ୍ଛା ଅଛି) । ଏଠାରେ ଇଚ୍ଛାର ବିଷୟ ହେଲା ମୋକ୍ଷ । ପ୍ରକାରାନ୍ତରରେ, ସତ୍ତାରୂପକ କ୍ରିୟା (ଅସ୍ତି)ର ଆଧାର 'ଇଚ୍ଛା' କର୍ତ୍ତା ଅଟେ ଓ ସେହି କର୍ତ୍ତାର ବିଷୟତ୍ୱେନ ଆଧାର 'ମୋକ୍ଷ' ଅଟେ । ଏହିପରି **'ବ୍ୟାକରଣେ ରୁଚିଃ'**, **'ଶିବେ ଭକ୍ତି'** ଆଦି ଉଦାହରଣ ମଧ୍ୟ ବୁଝିବା ଉଚିତ । ଗୀତାରେ ମଧ୍ୟ ଏହାର ପ୍ରୟୋଗ ରହିଛି; ଯଥା—**'ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ'** (୧୮ । ୪), **'ତତ୍ର'** (୧୪ । ୬) ଇତ୍ୟାଦି ।

(୩) ଯେଉଁଠାରେ ଆଧାରର ପ୍ରତ୍ୟେକ ଅବୟବରେ ଆଧେୟର ସତ୍ତା ବିଦ୍ୟମାନ ଥାଏ, ସେଠାରେ 'ଅଭିବ୍ୟାପକ ଆଧାର' ମାନିବା ଉଚିତ । ଯଥା, **'ସର୍ବସ୍ମିନ୍ ଆତ୍ମା ଅସ୍ତି'** (ସମସ୍ତଙ୍କ ଠାରେ ଆତ୍ମା ଅଛି)—ଏଠାରେ ସତ୍ତାରୂପକ କ୍ରିୟା (ଅସ୍ତି)ର ଆଧାର 'ଆତ୍ମା' କର୍ତ୍ତା ଅଟେ ଏବଂ ସେହି କର୍ତ୍ତାର ଅଭିବ୍ୟାପକ ଆଧାର 'ସର୍ବ' ଅଟେ । ଏହିପରି **'ତିଳେଷୁ ତୈଳମ୍'**, **'ଦଧ୍ନି ସର୍ପିଃ'**, **'ପୟସି ଘୃତମ୍'** ଆଦି ଉଦାହରଣ ବୁଝିବା ଉଚିତ । ଗୀତାରେ ମଧ୍ୟ **'ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍'** (୧୩ । ୨୭), **'ସମୋଽହଂ ସର୍ବଭୂତେଷୁ'** (୯ । ୨୯) ଆଦି ପ୍ରୟୋଗ ରହିଛି ।

ଉପର୍ଯ୍ୟୁକ୍ତ ତିନି ପ୍ରକାରର ଆଧାର ଛଡ଼ା **'ଯସ୍ୟ ଚ ଭାବେନ ଭାବଲକ୍ଷଣମ୍'** (ପାଣି. ଅ. ୨ । ୩ । ୩୭)—ଏହି ସୂତ୍ର ଅନୁସାରେ ଯାହାର ପ୍ରସିଦ୍ଧ କ୍ରିୟା ଦ୍ୱାରା ଅନ୍ୟର ଅଲଗା କ୍ରିୟା ଲକ୍ଷିତ ହୁଏ, ସେହି କ୍ରିୟାବାନ୍‌ଠାରେ ମଧ୍ୟ ସପ୍ତମୀ ବିଭକ୍ତି ହୋଇଥାଏ, ଅର୍ଥାତ୍ ଏହି ସପ୍ତମୀ 'ହେଲାପରେ ମୁଁ ଗଲି', 'ହେଉଥିଲା, ସେ ଗଲା', 'ହେବାକୁ ଯାଉଛି, ସେ ଯିବ', 'ହୋଇସାରିଥିଲା, ସେ ଗଲା' ଆଦି ବାକ୍ୟରେ ଦେଖିବାକୁ ମିଳେ । ଏହି ସପ୍ତମୀ ବର୍ତ୍ତମାନ, ଭୂତ ଓ ଭବିଷ୍ୟତ ତିନି କାଳରେ ହୁଏ; ଯଥା—ବର୍ତ୍ତମାନ କାଳରେ—**'ବର୍ଷାୟାଂ ସତ୍ୟାଂ ଦେବଦତ୍ତଃ ସମାୟାତଃ'** (ବର୍ଷା ହେଉଥିଲା, ଦେବଦତ୍ତ ଆସିଗଲା); ଭୂତକାଳରେ—**'ଧର୍ମେ ନଷ୍ଟେ କୁଳମ୍ ଅଧର୍ମଃ ଅଭିଭବତି'** (ଧର୍ମ ନଷ୍ଟ ହେଲାପରେ ଅଧର୍ମ କୁଳକୁ ମାଡ଼ିବସେ); ଭବିଷ୍ୟତ କାଳରେ—**'ଧର୍ମେ ବିନଙ୍‌କ୍ଷ୍ୟମାଣେ କୃଷ୍ଣୋଽବତରିଷ୍ୟତି'** (ଧର୍ମର ନାଶ ହେବାକୁ ଯାଉଛି, କୃଷ୍ଣ ଅବତାର ନେବେ) ।

ଏହି ସପ୍ତମୀ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟ ଉଭୟରେ ହୁଏ; ଯଥା—**କର୍ତ୍ତୃବାଚ୍ୟରେ**—'ଦେବଦତ୍ତଃ ଗ୍ରାମଂ ଗତଃ' (ଦେବଦତ୍ତ ଗାଆଁକୁ ଚାଲିଗଲା); ସେଥିରେ ସପ୍ତମୀ କଲେ 'ଦେବଦତ୍ତେ ଗ୍ରାମଂ ଗତେ ଚୌରାଃ ପ୍ରବିଶନ୍' (ଦେବଦତ୍ତ ଗାଆଁକୁ ଚାଲିଗଲା ପରେ ଚୋରମାନେ ପଶିଗଲେ)—ଏଭଳି ବାକ୍ୟ ହେଲା । 'କୋଶଗତଃ ଦ୍ୱିରେଫଃ ଉଦ୍ଧର୍ତ୍ତୁଂ ବିଚିନ୍ତୟନ୍ ଆସୀତ୍' (କୋଷ ଭିତରେ ବସିଥିବା ଭ୍ରମର

ସଙ୍ଗୋଽସ୍ତ୍ୱକର୍ମଣି ॥' (୨ । ୪୭)—ଏହି ଶ୍ଲୋକର ଅର୍ଥ ଖାପ ଖାଉନାହିଁ । ଜୀବକୁ କର୍ମ କରିବା ଓ କର୍ମଫଳ ତ୍ୟାଗ କରିବାର ଯେଉଁ ସ୍ୱାଧୀନତା ଦିଆଯାଇଛି, ତାହା ଉଚିତ ନାହିଁ । ପ୍ରକୃତରେ ଏହି ଜୀବ ହିଁ ସ୍ୱଭାବର ବଶୀଭୂତ ହୋଇ କର୍ମ କରିଥାଏ, ନିଜଠାରେ କର୍ତ୍ତୃତ୍ୱ ସ୍ୱୀକାର କରିନିଏ ଏବଂ କର୍ମଫଳର ଇଚ୍ଛା କରିଥାଏ—'ସ୍ୱଭାବସ୍ତୁ ପ୍ରବର୍ତ୍ତତେ' (୫ । ୧୪) । ସେହିପରି ଯଦି 'ଉପଧାରୟ'ର 'ଣ୍ୟନ୍ତ' ଅର୍ଥ ନିଆଯିବ ଯେ—'ତୁମେ ଧାରଣ କରାଅ, ଜଣାଅ', ତେବେ ଅର୍ଜୁନ ଯୁଦ୍ଧକ୍ଷେତ୍ରରେ କାହାକୁ ଧାରଣ କରାଇବେ ବା ଜଣାଇବେ?

ଏଭଳି ଭାବୁଥିଲା), ସେଥିରେ ସପ୍ତମୀ କଲେ 'କୋଶେଗତେ ଦ୍ୱିରେଫେ ଇତ୍ଥଂ ବିଚିନ୍ତୟତି ନଳିନୀଂ ଗଜ ଉଜ୍ଜହାର' (ପଦ୍ମର ପାଖୁଡ଼ା ଭିତରେ ବସିଥିବା ଭ୍ରମର ଏଭଳି ଭାବୁଥିଲା, ହାତୀ ପଦ୍ମକୁ ଉପାଡ଼ି ପକାଇଲା)—ଏଭଳି ବାକ୍ୟ ହେଲା । **କର୍ମବାଚ୍ୟରେ**— 'ଗୋପୈଃ ଗାବଃ ଦୁହ୍ୟନ୍ତେ' (ଗୋପମାନେ ଗାଈମାନଙ୍କୁ ଦୁହୁଁଛନ୍ତି), ସେଥିରେ ସପ୍ତମୀ କଲେ ଏମିତି ବାକ୍ୟ ହେବ— 'ଗୋପୈଃ ଗୋଷୁ ଦୁହ୍ୟମାନାସୁ ଶ୍ରୀକୃଷ୍ଣଃ ଗତଃ' (ଗୋପମାନଙ୍କ ଦ୍ୱାରା ଗାଈ ଦୁହାଁ ହେଉଥିଲେ, ଶ୍ରୀକୃଷ୍ଣ ଚାଲିଗଲେ) । 'ମୟା କାର୍ଯ୍ୟଂ କୃତମ୍' (ମୁଁ କାର୍ଯ୍ୟ କଲି), ସେଥିରେ ସପ୍ତମୀ କଲେ ବାକ୍ୟ ହେଲା—'ମୟା କାର୍ଯ୍ୟେ କୃତେ ସତି ସର୍ବେ ପ୍ରସନ୍ନା ଅଭବନ୍' (ମୁଁ କାମ କରିବାରୁ ସମସ୍ତେ ପ୍ରସନ୍ନ ହେଲେ) ।

'**ଣ୍ୟନ୍ତ**' କର୍ମବାଚ୍ୟ ଦ୍ୱାରା; ଯଥା—'**କେନଚିତ୍ ରଜକୈଃ ବାସାଂସି ପ୍ରକ୍ଷାଲ୍ୟନ୍ତେ**' (କୌଣସି ବ୍ୟକ୍ତି ରଜକ ଦ୍ୱାରା ଲୁଗା ଧୁଆଉଛି), ସେଥିରେ ସପ୍ତମୀ କଲେ ବାକ୍ୟ ହେଲା—'ରଜକୈଃ ବସ୍ତ୍ରେଷୁ ପ୍ରକ୍ଷାଲ୍ୟମାନେଷୁ ଅହଂ ଗତଃ' (ରଜକମାନଙ୍କ ଦ୍ୱାରା ଲୁଗା ଧୁଆଯାଉଥିବା ବେଳେ ମୁଁ ଚାଲିଗଲି) ।

(୪)

କର୍ମ ଦୁଇପ୍ରକାରର (୧) ତିଙନ୍ତ କର୍ମ; ଯଥା— '**କୃଷ୍ଣଃ ଗାଃ ଚାରୟତି**' ଏବଂ (୨) ବାକ୍ୟକର୍ମ; ଯଥା—'**ମହାତ୍ମାନଃ ମାନ୍ୟାଃ**', '**ମନୀଷିଣଃ ପ୍ରବଦନ୍ତି**' । କର୍ତ୍ତାର ନିଜ କ୍ରିୟା ଦ୍ୱାରା ପ୍ରାପ୍ତ କରିବାର ଅତ୍ୟନ୍ତ ଇପ୍ସିତ ହୋଇଥିବା ହେତୁ ତାହାର କର୍ମସଂଜ୍ଞା ହୋଇ ସେଥିରେ ଦ୍ୱିତୀୟା ବିଭକ୍ତି ହୁଏ । ଅତଏବ ତିଙନ୍ତ କର୍ମରେ କୌଣସି ପ୍ରଶ୍ନ ରହେ ନାହିଁ । କିନ୍ତୁ ବାକ୍ୟକର୍ମର (ସଂପୂର୍ଣ୍ଣ ବାକ୍ୟର ସ୍ୱତନ୍ତ୍ର) ପ୍ରାତିପଦିକ ସଂଜ୍ଞା ନ ଥିବାରୁ ତାହା କର୍ମ ହୋଇଥିଲେ ମଧ୍ୟ ତାହାର କର୍ମସଂଜ୍ଞା ହୁଏ ନାହିଁ, ଏବଂ କର୍ମସଂଜ୍ଞା ନ ହେବାରୁ ସେଥିରେ ଦ୍ୱିତୀୟା ମଧ୍ୟ ହୁଏ ନାହିଁ, ବରଂ ପ୍ରଥମା ହିଁ ରହେ । ଯଥା '**ରାଜ୍ଞଃ ପୁରୁଷଃ**' ର ଯେପର୍ଯ୍ୟନ୍ତ ସମାସ ନ ହୋଇଛି, ସେପର୍ଯ୍ୟନ୍ତ ପ୍ରାତିପଦିକ ସଂଜ୍ଞା ହୁଏ ନାହିଁ । ତାହା ବାକ୍ୟ ହିଁ ରହିଥାଏ । ସେମିତି ଏଠାରେ '**ମହାତ୍ମାନଃ ମାନ୍ୟାଃ**' ଏହି ବାକ୍ୟକର୍ମର କର୍ମସଂଜ୍ଞା ହୁଏ ନାହିଁ, ତାହା ବାକ୍ୟ ହିଁ ହୋଇ ରହିଯାଏ । ବାକ୍ୟକର୍ମରେ '**ଇତି**' ଅବ୍ୟୟର ଅଧ୍ୟାହାର କରିବାକୁ ପଡ଼େ, ଯଥା—'**ମହାତ୍ମାନଃ ମାନ୍ୟାଃ**' (ମହାତ୍ମାମାନେ ମାନ୍ୟ ଅଟନ୍ତି)—ଏପରି ଆମେ କହିଲେ ସେଠି '**ଇତି**'ର ଅଧ୍ୟାହାର କରି ହିଁ କହିବାକୁ ପଡ଼ିଥାଏ— '**ଇତି ମନୀଷିଣଃ ପ୍ରବଦନ୍ତି**' (ଏମିତି ମନୀଷୀମାନେ କହନ୍ତି) । ଗୀତାରେ ମଧ୍ୟ ବାକ୍ୟକର୍ମର ପ୍ରୟୋଗ ଅଛି; ଯଥା—'**ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ**' (୧୦।୧୬), '**ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ**' (୧୦।୧୯) । ଏଠାରେ '**ବକ୍ତୁମ୍**' ଓ '**କଥୟିଷ୍ୟାମି**' କ୍ରିୟାଗୁଡ଼ିକର ଯୋଗରେ '**ଦିବ୍ୟା ହ୍ୟାତ୍ମବିଭୂତୟଃ**' ରେ କର୍ମ ସଂଜ୍ଞା ଏବଂ ଦ୍ୱିତୀୟା ବିଭକ୍ତି ହୋଇ '**ଦିବ୍ୟା ଆତ୍ମବିଭୂତୀଃ**' ଏଭଳି ହେବା ଉଚିତ । କିନ୍ତୁ ବାକ୍ୟକର୍ମର କର୍ମସଂଜ୍ଞା ନ ହେଲେ ପ୍ରଥମା ବିଭକ୍ତି ହିଁ ରହେ । ମାତ୍ର ଏଥିରେ 'ଇତି' ଅଧ୍ୟାହାର କରିବା ନିହାତି ଆବଶ୍ୟକ ହୋଇଥାଏ ।

(୫)

କାରକ ବକ୍ତାର ଇଚ୍ଛାଧୀନ ହୋଇଥାଏ—'**ବିବକ୍ଷାତଃ କାରକାଣି ଭବନ୍ତି**' । କିନ୍ତୁ କେବେ କେବେ ବକ୍ତା କୌଣସି ପ୍ରୟୋଜନ ହେତୁ କରଣ, କର୍ମ ଆଦିକୁ ମଧ୍ୟ କର୍ତ୍ତା ଭାବରେ ପ୍ରୟୋଗ କରିଦିଏ; ଯଥା— 'ଅସିଶ୍ଛିନତ୍ତି' (ଖଣ୍ଡା କାଟୁଛି), 'ଅଗ୍ନି ପଚତି' (ଅଗ୍ନି ପାକ କରୁଛି), 'କାଷ୍ଠଂ ଭିଦ୍ୟତେ' (କାଠ ଭାଙ୍ଗିଯାଉଛି) 'ସ୍ଥାଲୀ ପଚତି' (ହାଣ୍ଡି ପାକ କରୁଛି) । ଏଠାରେ ଖଣ୍ଡା ଓ ଅଗ୍ନି କରଣ, କାଷ୍ଠ ହେଉଛି କର୍ମ ଓ ହାଣ୍ଡି ହେଉଛି ଅଧିକରଣ; କିନ୍ତୁ ବକ୍ତା ଏମାନଙ୍କୁ କର୍ତ୍ତାଭାବରେ ଦେଖିବାକୁ ଚାହେଁ । ଅତଏବ ଏଗୁଡ଼ିକୁ କରଣ, କର୍ମ ଆଦି ରୂପରେ ପ୍ରୟୋଗ ନ କରି କର୍ତ୍ତାରୂପରେ ପ୍ରୟୋଗ କରାଯାଇଛି । ଏ ପ୍ରକାର ବିବକ୍ଷା(ଇଚ୍ଛା)ରେ ପ୍ରାୟ ସୌକର୍ଯ୍ୟାତିଶୟ (ଅତ୍ୟନ୍ତ ସୁଗମତା) ଆଦି ସୂଚିତ କରିବା ହିଁ ବକ୍ତାର ପ୍ରୟୋଜନ ହୋଇଥାଏ; ଯଥା—'**ଅସିଶ୍ଛିନତ୍ତି**'ରେ ଖଣ୍ଡାର ଧାର ତୀକ୍ଷ୍ଣ ହୋଇଥିବା ହେତୁ ସେଥିରେ କାଟିବାରେ ଅତ୍ୟନ୍ତ ସୁଗମତା ଦର୍ଶାଇବା ବକ୍ତାର ଅଭୀଷ୍ଟ ଅଟେ ଓ ଏହା '**ଅଗ୍ନିଃ ପଚତି**'ରେ ମଧ୍ୟ ଅଭୀଷ୍ଟ । '**କାଷ୍ଠଂ ଭିଦ୍ୟତେ**'ରେ କାଠ ଶୁଖିଥିବାରୁ ତାକୁ ଭାଙ୍ଗିବା ଖୁବ୍ ସହଜ ହେଉଛି ବୋଲି ଜଣାଇବା ବକ୍ତାର ଅଭୀଷ୍ଟ । '**ସ୍ଥାଲୀ ପଚତି**'ରେ ହାଣ୍ଡିର ତଳଭାଗ ଅତି ପତଳା ହୋଇଥିବା ହେତୁ ରାନ୍ଧିବା ଖୁବ୍ ସହଜ ବୋଲି କହିବା ବକ୍ତାର ଅଭୀଷ୍ଟ ଅଟେ । ଏଭଳି ପ୍ରୟୋଗ ଯେ କେବଳ ସଂସ୍କୃତରେ ଅଛି, ତା ନୁହେଁ, ଅନ୍ୟ ଭାଷାମାନଙ୍କରେ ମଧ୍ୟ ଏହା ଦେଖିବାକୁ ମିଳେ ।

ସଂସ୍କୃତ ବ୍ୟାକରଣ ଅନୁସାରେ ଯଦି କରଣ ବା ଅଧିକରଣ ଆଦିକୁ କର୍ତ୍ତା ଭାବରେ ପ୍ରୟୋଗ କରାଯାଏ, ତେବେ କିଛି ବିଶେଷ ପରିବର୍ତ୍ତନ ହୁଏ ନାହିଁ । ସାଧାରଣତଃ ସେଗୁଡ଼ିକୁ କର୍ତ୍ତା ମନେକରି ସେଥିରେ ଲକାରର ବିଧାନ କରିଦେଲେ ସହଜରେ ପ୍ରୟୋଗ ହୋଇଯାଏ । କିନ୍ତୁ

ଅତି ସହଜ ହେବା ପାଇଁ ଯଦି କର୍ମକୁ କର୍ତ୍ତା ଭାବରେ ପ୍ରୟୋଗ କରାଯାଏ, ତେବେ ସେଠାରେ କୌଣସି କୌଣସିଠାରେ ବିଶେଷ ପରିବର୍ତ୍ତନ ହୋଇଥାଏ। ଯଦି କର୍ମ କର୍ତ୍ତା ହୋଇଯାଏ, ତେବେ ସକର୍ମକ ଧାତୁ ମଧ୍ୟ ଅକର୍ମକ ହୋଇଯାଏ। ଯଥା—'**କାଷ୍ଠଂ ଭିଦ୍ୟତେ**' (କାଠ ଭାଙ୍ଗିଯାଉଛି)—**ଦେବଦତ୍ତଃ କାଷ୍ଠଂ ଭିନତ୍ତି**। '**ଦେବଦତ୍ତଃ କାଷ୍ଠଂ କିଂ ଭିନତ୍ତି, କାଷ୍ଠଂ ତୁ ସ୍ୱୟମେବ ଭିଦ୍ୟତେ**'। ଅର୍ଥାତ୍ ଜଣେ ବ୍ୟକ୍ତି କହୁଛି ଯେ 'ଦେବଦତ୍ତ କାଠ ଭାଙ୍ଗୁଛି', ଏହା ଶୁଣି ଆଉ ଜଣେ କହୁଛି ଯେ 'ଦେବଦତ୍ତ କଣ ଭାଙ୍ଗୁଛି, କାଠ ତ ଆପେ ଆପେ ଭାଙ୍ଗି ଯାଉଛି!' ଏଠାରେ ସକର୍ମକ ଧାତୁ '**ଭିଦ୍**' ଥିଲା, କିନ୍ତୁ କର୍ମ କର୍ତ୍ତା ହୋଇଯିବା ହେତୁ ତାହା ଅକର୍ମକ ହୋଇଗଲା। ସକର୍ମକ ଅବସ୍ଥାରେ '**ଭିଦ୍**' ଧାତୁର ଅର୍ଥ ଥିଲା 'ଭାଙ୍ଗିବା', କିନ୍ତୁ ଅକର୍ମକ ଅବସ୍ଥାରେ ତାହାର ଅର୍ଥ ହୋଇଗଲା '(ଆପେ ଆପେ) ଭାଙ୍ଗିଯିବା'। ସେହି ଅକର୍ମକ ଧାତୁରେ ଯେଉଁ 'ଲକାର' ହେବ, ତାହା '**ଲଃ କର୍ମଣି**' (ପାଣି. ଅ.୩।୪।୬୯)—ଏହି ସୂତ୍ର ଅନୁସାରେ କର୍ତ୍ତା ଓ ଭାବରେ ହେବ।

କର୍ମ କର୍ତ୍ତା ହେବା ପୂର୍ବରୁ ଯେଉଁ କ୍ରିୟା କର୍ମରେ ସ୍ଥିତ ହୋଇଥାଏ, ଯଦି ସେହି କ୍ରିୟା କର୍ମ ହୋଇଥିବା କର୍ତ୍ତାରେ ସ୍ଥିତ ହୁଏ, ତେବେ ସେହି କର୍ତ୍ତା କର୍ମବତ୍ ହୋଇଯାଏ; ଯଥା—'**କାଳଃ ଫଳଂ ପଚତି**', '**ଦେବଦତ୍ତଃ କାଷ୍ଠଂ ଭିନତ୍ତି**' ଆଦିରେ '**ପଚ୍**'ଧାତୁର ପାଚିବା ରୂପକ କ୍ରିୟା ଓ '**ଭିଦ୍**' ଧାତୁର ଭାଙ୍ଗିବା ରୂପକ କ୍ରିୟା, ଯାହା କି କର୍ମରେ ସ୍ଥିତ, ସେହି କ୍ରିୟା କର୍ମକର୍ତ୍ତୃ-ପ୍ରକ୍ରିୟାରେ '**ଫଳଂ ପଚ୍ୟତେ**', '**କାଷ୍ଠଂ ଭିଦ୍ୟତେ**' ବାକ୍ୟର କର୍ତ୍ତାରେ ମଧ୍ୟ ବିଦ୍ୟମାନ, ସେଥିରେ କୌଣସି ପରିବର୍ତ୍ତନ ଆସି ନାହିଁ। ତେଣୁ ଏଠିକାର କର୍ତ୍ତା କର୍ମବତ୍ ହୋଇଯିବ। କର୍ତ୍ତାକୁ କର୍ମବତ୍ କରିବାର ଅଭିପ୍ରାୟ ହେଲା ଯେ କର୍ମ ଅର୍ଥାତ୍ କର୍ମବାଚ୍ୟରେ ଆତ୍ମନେପଦ, ଯକ୍, ଚିଣ୍ଵଦିଟ୍ ଆଦି ଯେଉଁ କାର୍ଯ୍ୟ ହୁଏ, ତାହା କର୍ମର କର୍ତ୍ତା ହୋଇଗଲେ ମଧ୍ୟ ହେବ।

ଏଠାରେ ବିଶେଷ ଭାବରେ ଲକ୍ଷ୍ୟ କରିବା କଥା ଯେ ଯେଉଁ କ୍ରିୟା କର୍ମରେ ସ୍ଥିତ ହେଲେ ମଧ୍ୟ କର୍ମରେ ସ୍ପଷ୍ଟଭାବରେ କିଛି ବିକାର ଦେଖାଯାଏ, ସେହି କ୍ରିୟାର କର୍ତ୍ତା କର୍ମବଦ୍ଭାବକୁ ପ୍ରାପ୍ତ ହୁଏ। ଯଥା, '**ପଚ୍**' ଧାତୁର କର୍ମ ପାଚିଲା ଫଳରୁ ଓ '**ଭିଦ୍**' ଧାତୁର କର୍ମ ଭାଙ୍ଗିଥିବା କାଠରୁ ସ୍ପଷ୍ଟ ଭାବରେ ଜଣାପଡ଼ିଯାଏ ଯେ ଏଥିରେ ପାଚିବା ଓ ଭେଦନ କ୍ରିୟାର ପ୍ରଭାବ ପଡ଼ିଛି। ଅତଏବ ଏସବୁ ଧାତୁର କର୍ମ କର୍ତ୍ତା ହେଲେ କର୍ମସ୍ଥକ୍ରିୟା ହୋଇଯିବାରୁ କର୍ମବଦ୍ଭାବ ହୋଇଯାଏ; ଯଥା—'ଫଳଂ ପଚ୍ୟତେ', 'କାଷ୍ଠଂ ଭିଦ୍ୟତେ' ଇତ୍ୟାଦି।* କିନ୍ତୁ '**ଗମ୍**', '**ଦୃଶ୍**', '**ଜ୍ଞା**' ଆଦି କର୍ମସ୍ଥକ୍ରିୟା ଓ ଧାତୁଗୁଡ଼ିକର କର୍ମରେ ଏଭଳି କିଛି ବିକାର ସ୍ପଷ୍ଟଭାବେ ଦେଖାଯାଏ ନାହିଁ; କାରଣ କୌଣସି ଗାଁକୁ ଚାଲିଗଲେ ସେହି ଗାଁରେ ବାହ୍ୟରୂପେ କିଛି ପରିବର୍ତ୍ତନ ଦେଖାଯାଏ ନାହିଁ; କୌଣସି ଘରକୁ ଦେଖିଲେ ସେହି ଘରର ବାହାରୁ କିଛି ପରିବର୍ତ୍ତନ ଜଣାପଡ଼େ ନାହିଁ; କୌଣସି ଶ୍ଲୋକର ଅର୍ଥ ଜାଣିଗଲେ ସେହି ଶ୍ଲୋକର ଅର୍ଥରେ ସ୍ପଷ୍ଟଭାବେ କୌଣସି ପରିବର୍ତ୍ତନ ଦେଖାଯାଏ ନାହିଁ। ଅତଏବ ଏହି ଧାତୁଗୁଡ଼ିକର କର୍ମ କର୍ତ୍ତା ହେଲେ ମଧ୍ୟ କର୍ମବଦ୍ଭାବ ହୁଏ ନାହିଁ।

---

* ନିର୍ବର୍ତ୍ତ୍ୟେ ଚ ବିକାର୍ଯ୍ୟେ ଚ କର୍ମବଦ୍ଭାବ ଇଷ୍ୟତେ।
ନ ତୁ ପ୍ରାପ୍ୟେ କର୍ମଣୀତି ସିଦ୍ଧାନ୍ତୋଽତ୍ର ବ୍ୟବସ୍ଥିତଃ॥ (ବୈୟା. ଭୂଷଣସାର ୬)

ଅର୍ଥାତ୍ କର୍ମ ତିନିପ୍ରକାରର—ନିର୍ବର୍ତ୍ତ୍ୟ, ବିକାର୍ଯ୍ୟ ଓ ପ୍ରାପ୍ୟ। ଏଥିମଧ୍ୟରୁ ନିର୍ବର୍ତ୍ତ୍ୟ ଓ ବିକାର୍ଯ୍ୟ କର୍ମରେ କର୍ମବଦ୍ଭାବ ହୋଇଯାଏ, ପ୍ରାପ୍ୟକର୍ମରେ ହୁଏ ନାହିଁ—ଏଭଳି ସିଦ୍ଧାନ୍ତ ବୈୟାକରଣମାନେ ସ୍ଥିର କରିଛନ୍ତି।

ଯାହା ଉତ୍ପନ୍ନ ହୁଏ ଓ ଉତ୍ପନ୍ନ ହେଉଥିବା ଭଳି ଦେଖାଯାଏ, ତାହା 'ନିର୍ବର୍ତ୍ତ୍ୟ କର୍ମ'। ଯଥା—କୁମ୍ଭାର ମାଟିଆ ତିଆରି କଲେ ତାହା ତିଆରି ହେଉଥିବାର ଦେଖାଯାଏ, କେହି ଘର ତିଆରି କଲେ ଘର ତିଆରି ହେଉଥିବାର ସମସ୍ତଙ୍କୁ ଦେଖାଯାଏ। ଅତଏବ ମାଟିଆ ଓ ଘର ହେଲା ନିର୍ବର୍ତ୍ତ୍ୟ କର୍ମ।

ଯାହା ବିକାର ପ୍ରାପ୍ତ ହୁଏ ଅର୍ଥାତ୍ ଯେଉଁଥିରେ ବିକାର ଉତ୍ପନ୍ନ ହୁଏ, ତାହା 'ବିକାର୍ଯ୍ୟ କର୍ମ'। ଯଥା—କାଠକୁ ଚିରି ଚିରି କରିଦେଲେ ଓ ବସ୍ତ୍ରକୁ ଚିରିଦେଲେ କାଠ ଓ ବସ୍ତ୍ର ବିକାର ପ୍ରାପ୍ତ ହୁଅନ୍ତି। ଅତଏବ କାଠ ଓ ବସ୍ତ୍ର 'ବିକାର୍ଯ୍ୟ କର୍ମ' ଅଟେ।

ଯେଉଁଥିରେ ଦର୍ଶନ କିଂବା ଅନୁମାନ ଦ୍ୱାରା କୌଣସି କ୍ରିୟାଗତ ବିଶେଷତ୍ୱ ଦେଖାଯାଏ ନାହିଁ, ତାହା 'ପ୍ରାପ୍ୟ କର୍ମ'। ଧରାଯାଉ କୌଣସି ଗାଆଁକୁ କେହି ଜଣେ ଦେଖି ଫେରି ଆସିଲା, ତେବେ ଗାଆଁକୁ ଦେଖିବା ଦ୍ୱାରା ସେହି ଗାଆଁରେ ବାହ୍ୟଭାବରେ କିଛି ବିକାର ଉତ୍ପନ୍ନ ହେଲା ନାହିଁ। ଅତଏବ ଗାଆଁ ହେଲା 'ପ୍ରାପ୍ୟ କର୍ମ'।

କ୍ରିୟାଗତବିଶେଷାଣାଂ ସିଦ୍ଧିର୍ଯତ୍ର ନ ଗମ୍ୟତେ।
ଦର୍ଶନାଦନୁମାନାଦ୍ ବା ତତ୍ପ୍ରାପ୍ୟମିତି କଥ୍ୟତେ॥

(ବାକ୍ୟପଦୀୟ ୩।୭।୫୧)

ତାତ୍ପର୍ଯ୍ୟ ହେଲା, ଯେଉଁଠି କୌଣସି ପ୍ରକାର ବିକୃତି ଆସେ, ସେଠାରେ କର୍ମବଦ୍ଭାବ ହୁଏ, ଅନ୍ୟତ୍ର ନୁହେଁ।

ଗୀତାରେ ପ୍ରଥମ ଅଧ୍ୟାୟର ୧୩ଶ ଶ୍ଳୋକରେ 'ବାଜା ବଜାଗଲା'—ଏଭଳି ପ୍ରୟୋଗ ହେବା କଥା, କିନ୍ତୁ ବାଜା ବଜାଇବାର ସୁଗମତା ଦର୍ଶାଇବା ପାଇଁ ଓ ସୈନ୍ୟବାହିନୀର ଉତ୍ସାହ ଦେଖାଇବା ପାଇଁ 'ବାଜା ବାଜିଉଠିଲା' **(ଅଭ୍ୟହନ୍ୟନ୍ତ)**—ଏଭଳି ପ୍ରୟୋଗ କରାଯାଇଛି ।

ଦ୍ୱିତୀୟ ଅଧ୍ୟାୟର ୬୭ତମ ଶ୍ଳୋକର ପୂର୍ବାର୍ଦ୍ଧରେ କର୍ମକର୍ତ୍ତୃପ୍ରୟୋଗ କରିବା ପୂର୍ବରୁ ବାକ୍ୟଟି କର୍ତ୍ତୃବାଚ୍ୟ ଥିଲା ଅର୍ଥାତ୍ **'ଚରତାମ୍ ଇନ୍ଦ୍ରିୟାଣାମ୍ ଇନ୍ଦ୍ରିୟମ୍ ଯତ୍ ମନଃ ଅନୁବିଦଧାତି'**—ଏଭଳି ବାକ୍ୟ ଥିଲା । ଏହି ବାକ୍ୟରେ ଇନ୍ଦ୍ରିୟ କର୍ତ୍ତା ଥିଲା ଓ ମନ କର୍ମ ରୂପରେ ଥିଲା । କିନ୍ତୁ ଯେତେବେଳେ ବାକ୍ୟକୁ ସରଳ କରିବା ପାଇଁ 'କର୍ମକର୍ତ୍ତୃ'ର ପ୍ରୟୋଗ କରାଯାଏ ଅର୍ଥାତ୍ କର୍ମକୁ କର୍ତ୍ତା କରିଦିଆଯାଏ, ସେତେବେଳେ ସେଠାରେ ନିର୍ବର୍ତ୍ତ୍ୟ ଓ ବିକାର୍ଯ୍ୟ କର୍ମମାନଙ୍କରେ କର୍ମବଦ୍‌ଭାବ ହୁଏ, ବାକି ଜାଗାରେ (ପ୍ରାପ୍ୟ କର୍ମରେ) ହୁଏ ନାହିଁ । ଏହା ଫଳରେ କର୍ମକୁ ନେଇ ଯେଉଁ କାର୍ଯ୍ୟ ହେଉଥାଏ, ସେସବୁ କାର୍ଯ୍ୟ କର୍ତ୍ତାକୁ ନେଇ ହୁଏ । ଏଠାରେ ମନର ପ୍ରାଧାନ୍ୟ ଦେଖାଇବାକୁ ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ବିନା ମନ ହିଁ ସବୁ କିଛି କରିଥାଏ ବୋଲି ଦର୍ଶାଇବା ପାଇଁ କର୍ମରୂପ ମନକୁ କର୍ତ୍ତା କରି ଦିଆଯାଇଛି । ମନ ପ୍ରଥମପୁରୁଷ ହୋଇଥିବା ହେତୁ ପ୍ରଥମପୁରୁଷ **'ଅନୁବିଧୀୟତେ'** କ୍ରିୟାର ପ୍ରୟୋଗ ହୋଇଛି । ବର୍ତ୍ତମାନ କର୍ତ୍ତୃବାଚ୍ୟରେ କର୍ତ୍ତାରୂପରେ ଥିବା ଇନ୍ଦ୍ରିୟର ଆବଶ୍ୟକତା ନ ରହିବାରୁ ତାହା ରହିଲା ନାହିଁ, ଫଳରେ ସମ୍ପୂର୍ଣ୍ଣ ବାକ୍ୟଟି ହେଲା—**'ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁବିଧୀୟତେ'**, ଯାହା କି ଉପର୍ଯ୍ୟୁକ୍ତ ଶ୍ଳୋକରେ ରହିଛି । ଏହି ପ୍ରୟୋଗ କରିବାର ତାତ୍ପର୍ଯ୍ୟ ହେଲା ଯେ ଇନ୍ଦ୍ରିୟମାନେ ଯେଉଁ ବିଷୟଗୁଡ଼ିକରେ ବିଚରଣ କରନ୍ତି, ସେହି ବିଷୟଗୁଡ଼ିକ ମଧ୍ୟରୁ ମନ ଯେକୌଣସି ବିଷୟଟି ପ୍ରତି ଆକୃଷ୍ଟ ହୋଇଯାଏ, ରସଗ୍ରହଣ କରିବାକୁ ଲାଗେ, ସେହି ଏକମାତ୍ର ମନ ବୁଦ୍ଧିକୁ ହରଣ କରିନିଏ, ଅର୍ଥାତ୍ ମନରେ ବିଷୟଭୋଗର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଯାଏ ।

(୬)

ଧାତୁମାନଙ୍କ ଦ୍ୱାରା ଯେତେପ୍ରକାରର ଲକାର ପ୍ରୟୋଗ ହୁଏ, ସେସବୁ **'ଲଃ କର୍ମଣି ଚ ଭାବେ ଚାକର୍ମକେଭ୍ୟଃ'** ସୂତ୍ର ଅନୁସାରେ ସକର୍ମକ ଧାତୁମାନଙ୍କ ଦ୍ୱାରା କର୍ତ୍ତାରେ ଓ କର୍ମରେ ପ୍ରଯୁକ୍ତ ହୁଅନ୍ତି ଏବଂ ଅକର୍ମକ ଧାତୁମାନଙ୍କ ଦ୍ୱାରା କର୍ତ୍ତାଠାରେ ଓ ଭାବରେ ପ୍ରଯୁକ୍ତ ହୁଅନ୍ତି ।

ସଂସ୍କୃତରେ 'କରୁ କରୁ, ଖାଉ ଖାଉ, ପିଉ ପିଉ, କରିବାବାଲା, ଖାଇବାବାଲା' ପ୍ରଭୃତି ଅର୍ଥରେ ଲଟ୍ ଲକାର ସ୍ଥାନରେ **'ଲଟଃ ଶତୃଶାନଚାବପ୍ରଥମା-ସମାନାଧିକରଣେ'** (ପାଣି. ଅ. ୩ । ୨ । ୧୨୪)—ଏହି ସୂତ୍ରରେ ପରସ୍ମୈପଦୀ ଧାତୁମାନଙ୍କ ଦ୍ୱାରା **'ଶତୃ'** ଓ ଆତ୍ମନେପଦୀ ଧାତୁମାନଙ୍କ ଦ୍ୱାରା **'ଶାନଚ୍'** ପ୍ରତ୍ୟୟ ହୁଏ । ଏହି ଦୁଇଟି ପ୍ରତ୍ୟୟ **'ଲଟ୍'** ବଦଳରେ ହେବାରୁ କର୍ତ୍ତା, କର୍ମ ଓ ଭାବରେ ପ୍ରଯୁକ୍ତ ହୁଅନ୍ତି ଏବଂ ଏହି ଉଭୟ ପ୍ରତ୍ୟୟାନ୍ତ ଶବ୍ଦ କର୍ତ୍ତା, କର୍ମ ଆଦିର ବିଶେଷଣ ହୋଇଯାଆନ୍ତି ତଥା ଏ ଦୁହେଁ କୃଦନ୍ତ ପ୍ରତ୍ୟୟ ହୋଇଥିବା ହେତୁ ଏମାନଙ୍କ ପ୍ରୟୋଗରେ **'କର୍ତ୍ତୃକର୍ମଣୋଃ କୃତି'** (ପାଣି. ଅ. ୨ । ୩ । ୬୫)—ଏହି ସୂତ୍ରାନୁସାରେ କର୍ତ୍ତା ଓ କର୍ମରେ ଷଷ୍ଠୀ ବିଭକ୍ତି ହୁଏ । ଯଥା—ସକର୍ମକ ଧାତୁମାନଙ୍କ ଦ୍ୱାରା କର୍ତ୍ତାରେ ହୋଇଥିବା **'କୃଷ୍ଣଃ ବନଂ ଗଚ୍ଛନ୍'** (କୃଷ୍ଣ ବଣକୁ ଯାଉ ଯାଉ), **'ଗୋବିନ୍ଦଃ କାର୍ଯ୍ୟଂ କୁର୍ବାଣଃ'** (ଗୋବିନ୍ଦ କାର୍ଯ୍ୟ କରୁ କରୁ) **'ଶତୃ'** (ଗଚ୍ଛନ୍) ଓ **'ଶାନଚ୍'** (କୁର୍ବାଣଃ)—ଏହି ଦୁଇଟିର ସଂଯୋଗରେ **'ବନମ୍'** ଓ **'କାର୍ଯ୍ୟମ୍'**ରେ ଷଷ୍ଠୀ ହେବା ଉଚିତ ଥିଲା; କିନ୍ତୁ **'ନ ଲୋକାବ୍ୟୟନିଷ୍ଠାଖଲର୍ଥତୃନାମ୍'** (ପାଣି. ଅ. ୨ । ୩ । ୬୯) ଏହି ସୂତ୍ର ହେତୁ ଷଷ୍ଠୀର ନିଷେଧ ହେଲା ଓ ଅନୁକ୍ତ କର୍ମରେ **'କର୍ମଣି ଦ୍ୱିତୀୟା'** ହେତୁ ଦ୍ୱିତୀୟା ବିଭକ୍ତି ହେଲା । ଏଭଳି ପ୍ରୟୋଗ ଗୀତାରେ ମଧ୍ୟ ରହିଛି ଏବଂ ସେମାନଙ୍କ ଯୋଗରେ କର୍ମରେ ଦ୍ୱିତୀୟା ବିଭକ୍ତି ହୋଇଛି; ଯଥା—**'ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍'** (୪ । ୨୧), **'ଲୋକସଂଗ୍ରହମେବାପି ସମ୍ପଶ୍ୟନ୍'** (୩ । ୨୦), **'ଅସକ୍ତୋ ହ୍ୟାଚରନ୍ କର୍ମ'** (୩ । ୧୯), **'ଗ୍ରସମାନଃ ସମନ୍ତାଲ୍ଲୋକାନ୍ ସମଗ୍ରାନ୍'** (୧୧ । ୩୦), **'ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ'** (୧୮ । ୫୬), **'ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି'** (୧୧ । ୨୭), **'ଶ୍ରଦ୍ଦଧାନା ମତ୍‌ପରମା'** (୧୨ । ୨୦) ଇତ୍ୟାଦି । ଏହି ପ୍ରତ୍ୟୟାନ୍ତ ଶବ୍ଦ କର୍ତ୍ତାର ବିଶେଷଣ ହୋଇଥିବାରୁ ଯେତେବେଳେ କର୍ତ୍ତା ଦ୍ୱିତୀୟା, ତୃତୀୟା ଆଦି ବିଭକ୍ତି ସହିତ ସଂଯୁକ୍ତ ହୋଇଯିବ, ସେତେବେଳେ ଏହି ପ୍ରତ୍ୟୟାନ୍ତ ଶବ୍ଦଗୁଡ଼ିକ ମଧ୍ୟ ସେମାନଙ୍କର ବିଶେଷଣଭାବରେ ସେମାନଙ୍କ ସହିତ ହିଁ ଦ୍ୱିତୀୟାଦି ବିଭକ୍ତିଯୁକ୍ତ ହୋଇଯିବେ; ଯଥା—'ଗ୍ରାମଂ ଗଚ୍ଛନ୍ତଂ କୃଷ୍ଣଂ ପଶ୍ୟ', 'କାର୍ଯ୍ୟଂ କୁର୍ବାଣଂ ଗୋବିନ୍ଦଂ ପଶ୍ୟ', 'କୃଷ୍ଣେନ ଗ୍ରାମଂ ଗଚ୍ଛତା', 'ଗୋବିନ୍ଦେନ କାର୍ଯ୍ୟଂ କୁର୍ବାଣେନ' ଇତ୍ୟାଦି । ଗୀତାରେ ମଧ୍ୟ 'ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍...ଯଃ ପଶ୍ୟତି' (୧୩ । ୨୭), 'କଥଂ ନ ଜ୍ଞେୟମସ୍ମାଭିଃ...... କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍ଭିଃ' (୧ । ୩୯) ଆଦିରେ

ଦ୍ୱିତୀୟା, ତୃତୀୟା ବିଭକ୍ତି ହୋଇଛି। ତାତ୍ପର୍ଯ୍ୟ ହେଲା ଯେ କର୍ତ୍ତାରେ ହୋଇଥିବା **'ଶତୃ'** ଓ **'ଶାନଚ୍'** ପ୍ରତ୍ୟୟାନ୍ତ ଶବ୍ଦ, କର୍ତ୍ତା ଯେଉଁ ପ୍ରକାରର ଓ ଯେଉଁ ବିଭକ୍ତିର ହୋଇଥିବ, ତାହାର ବିଶେଷଣ ହୋଇ ସେହି ବିଭକ୍ତିରେ ରହିବେ। କିନ୍ତୁ ଏହି ପ୍ରତ୍ୟୟ ଯୋଗରେ ହୋଇଥିବା କର୍ମସଂଜ୍ଞକ ଶବ୍ଦଗୁଡ଼ିକର ଦ୍ୱିତୀୟା ବିଭକ୍ତି ପୂର୍ବବତ୍ ରହିବ। ଯଥା— 'ଗୋବିନ୍ଦଃ କାର୍ଯ୍ୟଂ କୁର୍ବନ୍ —କୁର୍ବାଣଃ ବଦତି', 'କାର୍ଯ୍ୟଂ କୁର୍ବନ୍ତଂ—କୁର୍ବାଣଂ ଗୋବିନ୍ଦଂ ପଶ୍ୟ', 'କାର୍ଯ୍ୟଂ କୁର୍ବତା—କୁର୍ବାଣେନ ଗୋବିନ୍ଦେନ ଇଦଂ କଥିତମ୍', 'କାର୍ଯ୍ୟଂ କୁର୍ବତେ—କୁର୍ବାଣାୟ ଗୋବିନ୍ଦାୟ ପୁସ୍ତକଂ ଦେହି', 'କାର୍ଯ୍ୟଂ କୁର୍ବତଃ—କୁର୍ବାଣାତ୍ ଗୋବିନ୍ଦାତ୍ ଗୀତାଂ ଶୃଣୁ', 'କାର୍ଯ୍ୟଂ କୁର୍ବତଃ—କୁର୍ବାଣସ୍ୟ ଗୋବିନ୍ଦସ୍ୟ ଇୟଂ ଗୀତା ବର୍ତ୍ତତେ', 'କାର୍ଯ୍ୟଂ କୁର୍ବତି–କୁର୍ବାଣେ ଗୋବିନ୍ଦେ କଶ୍ଚିତ୍ ଗତଃ'।

କର୍ମ ଯେଉଁ ପ୍ରକାରର ଓ ଯେଉଁ ବିଭକ୍ତିରେ ହେବ, କର୍ମବାଚ୍ୟରେ ହୋଇଥିବା **'ଶାନଚ୍'** ପ୍ରତ୍ୟୟାନ୍ତ ଶବ୍ଦ ସେଗୁଡ଼ିକର ବିଶେଷଣ ହୋଇ ସେହି ବିଭକ୍ତିରେ ରହିବ। କିନ୍ତୁ ସେଗୁଡ଼ିକର କର୍ତ୍ତାରେ ସର୍ବଦା ତୃତୀୟା ହିଁ ରହିବ; ଯଥା—'ଗୋପୈଃ ଗାବଃ ଦୁହ୍ୟମାନାଃ ସନ୍ତି', 'ଗୋପୈଃ ଗାଃ ଦୁହ୍ୟମାନାନ୍ ପଶ୍ୟ', 'ଗୋପୈଃ ଦୁହ୍ୟମାନୈଃ ଗୋଭିଃ ଇୟଂ ଭୂମିଃ ଅତୀବ ଦୁର୍ବଳା', 'ଗୋପୈଃ ଦୁହ୍ୟମାନେଭ୍ୟଃ ଗୋଭ୍ୟଃ ଗୁଡଂ ଯଚ୍ଛ', 'ଗୋପୈଃ ଦୁହ୍ୟମାନେଭ୍ୟଃ ଗୋଭ୍ୟଃ ଦୂରେ ତିଷ୍ଠ', ଗୋପୈଃ ଦୁହ୍ୟମାନାନାଂ ଗବାଂ ଦର୍ଶନଂ କୁରୁ', 'ଗୋପୈଃ ଗୋଷୁ ଦୁହ୍ୟମାନେଷୁ କୃଷ୍ଣଃ ଗତଃ'। ଗୀତାରେ ମଧ୍ୟ ଏଭଳି ପ୍ରୟୋଗ ହୋଇଛି; ଯଥା—**'ନ ହନ୍ୟତେ ହନ୍ୟମାନେ ଶରୀରେ'** (୨।୨୦) ଇତ୍ୟାଦି।

କର୍ମରେ ହୋଇଥିବା **'ଶାନଚ୍'** ପ୍ରତ୍ୟୟ ଯୋଗରେ କର୍ମ ଉକ୍ତ ହେଲେ କର୍ମରେ ପ୍ରଥମା ଓ ଅନୁକ୍ତ କର୍ତ୍ତାରେ ତୃତୀୟା ବିଭକ୍ତି ହୋଇଥାଏ; ଯଥା—'କୃଷ୍ଣେନ ବୃନ୍ଦାବନଂ ଗମ୍ୟମାନମ୍', 'ହରିଣାଜଗତ୍ କ୍ରିୟମାଣମ୍', ଇତ୍ୟାଦି। ଗୀତାରେ ମଧ୍ୟ **'ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ'** (୩।୨୭), **'ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ'** (୧୩।୨୯), **'ପ୍ରୋଚ୍ୟମାନମଶେଷେଣ'** (୧୮।୨୯) ଆଦି ପ୍ରୟୋଗ ଦେଖିବାକୁ ମିଳେ।

ଅକର୍ମକ ଧାତୁରେ କର୍ତ୍ତାଠାରେ ହୋଇଥିବା **'ଶତୃ'** ଓ **'ଶାନଚ୍'** ପ୍ରତ୍ୟୟାନ୍ତ ଶବ୍ଦଗୁଡ଼ିକ ଯୋଗରେ କର୍ତ୍ତା ଉକ୍ତ ହେଲେ ପ୍ରଥମା ବିଭକ୍ତି ହୁଏ; ଯଥା— 'କୃଷ୍ଣଃ ତିଷ୍ଠନ୍ ଖାଦତି', 'ଗୋବିନ୍ଦଃ ଶୟାନଃ ବଦତି' ଇତ୍ୟାଦି। ଗୀତାରେ ମଧ୍ୟ **'ଅଜୋଽପି ସନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍'** (୪।୬), **'ତତ୍ତ୍ୱବିତ୍...... ସ୍ୱପନ୍'** (୫।୮) ଇତ୍ୟାଦି **'ଶତୃ'**ର ଏବଂ **'ବେପମାନଃ କିରୀଟୀ'** (୧୧।୩୫), **'ପ୍ରଯତ୍ନାତ୍ ଯତମାନସ୍ତୁ ଯୋଗୀ'** (୬।୪୫) ଇତ୍ୟାଦି **'ଶାନଚ୍'**ର ପ୍ରୟୋଗ ବୋଲି ଜାଣିବା ଉଚିତ।

ଯଦ୍ୟପି **'ନ ଲୋକାବ୍ୟୟ'** ସୂତ୍ର ଅନୁସାରେ ଷଷ୍ଠୀର ନିଷେଧ କଲେ କର୍ମରେ ଦ୍ୱିତୀୟା ବିଭକ୍ତି ହୁଏ, କିନ୍ତୁ ଏହି ନିଷେଧ କାରକ ଷଷ୍ଠୀର ହିଁ ହୋଇଥାଏ, ଶେଷ ଷଷ୍ଠୀର ନୁହେଁ। ଅତଏବ **'ଶାନଚ୍'** ଓ **'ଶତୃ'** ଯୋଗରେ କର୍ମରେ ଶେଷ ଷଷ୍ଠୀ ହୁଏ, ଯଥା—'ବ୍ରାହ୍ମଣସ୍ୟ କୁର୍ବନ୍ କୁର୍ବାଣଃ' ଇତ୍ୟାଦି। ଗୀତାରେ **'ଶାନଚ୍'** ପ୍ରତ୍ୟୟର ସଂଯୋଗରେ ଶେଷ ଷଷ୍ଠୀକୁ ନେଇ କର୍ମରେ ଷଷ୍ଠୀ ହୋଇଛି; ଯଥା—**'ଅଶ୍ରଦ୍ଦଧାନାଃ ପୁରୁଷା ଧର୍ମସ୍ୟାସ୍ୟ'** (୯।୩) ଇତ୍ୟାଦି।

(୬)

ବ୍ୟାକରଣରେ କରି, ଯାଇ, ଖାଇ, ପିଇ ଆଦି ଅର୍ଥରେ **'ସମାନକର୍ତ୍ତୃକୟୋଃ ପୂର୍ବକାଳେ'** (ପାଣି. ଅ. ୩।୪।୨୧)—ଏହି ସୂତ୍ରରେ ଧାତୁ ଅର୍ଥରେ 'କ୍ତ୍ୱା' ପ୍ରତ୍ୟୟ ହୁଏ ଏବଂ ତାହା ଅବ୍ୟୟ ହୋଇଯାଏ। ତାହାର ସବୁ ବିଭକ୍ତିରେ ସମାନ ରୂପ ରହିଥାଏ ଏବଂ ସକର୍ମକ ଧାତୁରୁ ହୋଇଥିବା 'କ୍ତ୍ୱା' ପ୍ରତ୍ୟୟର ସଂଯୋଗରେ କର୍ମରେ ଦ୍ୱିତୀୟା ହୁଏ; ଯଥା—**'ସ ଜଳଂ ପୀତ୍ୱା ଗଚ୍ଛତି'** (ସେ ଜଳ ପିଇକରି ଯାଉଛି), **'ଭକ୍ତଃ ବିଷ୍ଣୁଂ ନତ୍ୱା ସ୍ତୌତି'** (ଭକ୍ତ ବିଷ୍ଣୁଙ୍କୁ ନମସ୍କାର କରି ସ୍ତୁତି କରୁଛି) ଇତ୍ୟାଦି। ଗୀତାରେ ମଧ୍ୟ ଏହି ପ୍ରତ୍ୟୟର ପ୍ରୟୋଗ ହୋଇଛି; ଯଥା—**'ଦୃଷ୍ଟ୍ୱା ତୁ ପାଣ୍ଡବାନୀକମ୍'** (ପାଣ୍ଡବମାନଙ୍କର ସେନାକୁ ଦେଖି) (୧।୨); **'ଯଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ଜ୍ଞାତବ୍ୟମବଶିଷ୍ୟତେ'** (ଯାହା ଜାଣିସାରି ପୁଣି ଆଉ କିଛି ଜାଣିବା ବାକି ରହେ ନାହିଁ) (୭।୨); **'ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା'** (ଏହିପରି ବୁଦ୍ଧିର ଅତୀତ ବୋଲି ଜାଣି) (୩।୪୩); **'ଫଳଂ ତ୍ୟକ୍ତ୍ୱା ମନୀଷିଣଃ'** (ମନୀଷୀଗଣ ଫଳତ୍ୟାଗ କରି) (୨।୫୧); **'ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା'** (ଆସକ୍ତି ତ୍ୟାଗ କରି ଯୋଗରେ ସ୍ଥିତ ହୋଇ କର୍ମ କର) (୨।୪୮) ଇତ୍ୟାଦି।

ଅକର୍ମକ ଧାତୁରୁ ହୋଇଥିବା 'କ୍ତ୍ୱା' ପ୍ରତ୍ୟୟର ସଂଯୋଗରେ କର୍ତ୍ତା ଯଥାବତ୍ ରହିଥାଏ; ଯଥା—**'କୃଷ୍ଣଃ ଶୟିତ୍ୱା ବନଂ ଗମିଷ୍ୟତି'** (କୃଷ୍ଣ ଶୋଇସାରି ବଣକୁ ଚାଲିଯିବ), **'ଗୋପଃ ସ୍ଥିତ୍ୱା ଅବଦତ୍'** (ଗୋପ ଛିଡ଼ା ହୋଇ କହିଲା) ଇତ୍ୟାଦି। ଗୀତାରେ ମଧ୍ୟ ଏଭଳି ପ୍ରୟୋଗ ହୋଇଛି; ଯଥା—**'ନାୟଂ ଭୂତ୍ୱା ଭବିତା'** (ଏହି ଦେହୀ

ଉତ୍ପନ୍ନ ହୋଇ ସତ୍ତାବାନ୍ ହୁଏ ନାହିଁ) (୨ । ୨୦); '**ୟେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍**' (ଯେଉଁମାନଙ୍କ ଦୃଷ୍ଟିରେ ତୁମେ ବହୁମାନ୍ୟ ହୋଇ ଲଘୁତା ପ୍ରାପ୍ତ ହେବ) (୨ । ୩୫), ଇତ୍ୟାଦି ।

'କ୍ତ୍ୱା' ପ୍ରତ୍ୟୟାନ୍ତ ଧାତୁର ପୂର୍ବରୁ 'ନଞ୍' ସମାସ ନ ଥିଲେ ଓ ତାହା ପୂର୍ବରୁ କୌଣସି ଅବ୍ୟୟ ଯୋଡ଼ି ହୋଇଗଲେ '**ସମାସେଽନଞ୍ପୂର୍ବେ କ୍ତ୍ୱୋ ଲ୍ୟପ୍**' (ପାଣି. ଅ. ୭ । ୧ । ୩୭) ସୂତ୍ର ଅନୁସାରେ 'କ୍ତ୍ୱା' ସ୍ଥାନରେ 'ଲ୍ୟପ୍' ପ୍ରତ୍ୟୟ ହୁଏ; ଯଥା—'**କୃଷ୍ଣଃ ବୃନ୍ଦାବନଂ ପ୍ରାପ୍ୟ ପ୍ରସନ୍ନୋଽଭବତ୍**' (କୃଷ୍ଣ ବୃନ୍ଦାବନରେ ପହଞ୍ଚି ପ୍ରସନ୍ନ ହେଲେ), '**ଭକ୍ତଃ କୃଷ୍ଣଂ ପ୍ରଣମ୍ୟ ଆଗତଃ**' (ଭକ୍ତ କୃଷ୍ଣଙ୍କୁ ପ୍ରଣାମ କରି ଆସିଲା) ଇତ୍ୟାଦି । ଗୀତାରେ ମଧ୍ୟ ଏହାର ପ୍ରୟୋଗ ଏହିପରି ଦେଖିବାକୁ ମିଳେ—'**ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱମ୍**' (ନିଜ ନାସିକାର ଅଗ୍ରଭାଗକୁ ଦେଖି) (୬ । ୧୩); '**ଉପବିଶ୍ୟାସନେ**' (ଆସନରେ ବସି) (୬ । ୧୨); '**ମନଃ ସଂଯମ୍ୟ**' (ମନକୁ ସଂଯତ କରି) (୬ । ୧୪); '**ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ**' (ମନ ଦ୍ୱାରା ଇନ୍ଦ୍ରିୟଗୁଡ଼ିକୁ ସଂଯତ କରି) (୬ । ୨୪) ଇତ୍ୟାଦି ।

ଉପର୍ଯ୍ୟୁକ୍ତ ସୂତ୍ରରେ 'ନଞ୍' ସମାସ ପୂର୍ବେ ଥିବାରୁ 'କ୍ତ୍ୱା' ସ୍ଥାନରେ 'ଲ୍ୟପ୍'ର ନିଷେଧ କରାଯାଇଛି, କିନ୍ତୁ 'ନଞ୍' ସମାସପୂର୍ବକ ଲ୍ୟବନ୍ତର ଅନେକ ଉଦାହରଣ ଦେଖିବାକୁ ମିଳେ; ଏହା କିପରି? ଅବ୍ୟୟଟି ପୂର୍ବରୁ ଥିଲେ 'କ୍ତ୍ୱା' ସ୍ଥାନରେ 'ଲ୍ୟପ୍' କରିନେବା ଉଚିତ । 'ଲ୍ୟପ୍' ହେଲେ ପୁଣି 'ନଞ୍' ସମାସ କରିବା ଉଚିତ; ଯଥା—'**ଅନାରାଧ୍ୟ ରାଧାପଦାମ୍ଭୋଜଯୁଗ୍ମଂ ଅନାଶ୍ରିତ୍ୟ ବୃନ୍ଦାବଟବୀମ୍**' (ଶ୍ରୀରାଧାଙ୍କ ଚରଣଯୁଗଳର ଆରାଧନା ନ କରି ଓ ବୃନ୍ଦାବନର ଆଶ୍ରୟ ନ ନେଇ) ଇତ୍ୟାଦି । ଗୀତାରେ ମଧ୍ୟ ଏହି ପ୍ରୟୋଗ ଦେଖିବାକୁ ମିଳେ—'**ଅନୁବନ୍ଧଂ କ୍ଷୟଂ ହିଂସାମନବେକ୍ଷ୍ୟ ଚ ପୌରୁଷମ୍**' (ଅନୁବନ୍ଧ, କ୍ଷୟ, ହିଂସା ଆଦିକୁ ନ ଦେଖି) (୧୮ । ୨୫), '**ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ**' (ମୋତେ ପ୍ରାପ୍ତ ନ କରି ମୃତ୍ୟୁ-ସଂସାର ମାର୍ଗରେ ବୁଲୁଥାନ୍ତି) (୯ । ୩), '**ମାମପ୍ରାପ୍ୟୈବ କୌନ୍ତେୟ**' (ମୋତେ ପ୍ରାପ୍ତ ନ କରି ହିଁ) (୧୬ । ୨୦) ଇତ୍ୟାଦି ।

ବାରମ୍ବାର ଅର୍ଥର ପ୍ରତୀତି ହେଉଥିଲେ 'କ୍ତ୍ୱା' ଅର୍ଥରେ '**ଆଭୀକ୍ଷ୍ଣ୍ୟେ ଣମୁଲ୍ ଚ**' (ପାଣି. ଅ. ୩ । ୪ । ୨୨)—ଏହି ସୂତ୍ର ଅନୁସାରେ ଧାତୁରେ 'ଣମୁଲ୍' ଓ 'କ୍ତ୍ୱା' ପ୍ରତ୍ୟୟ ହୋଇଥାଏ; ଯଥା—'ସ୍ମାରଂ ସ୍ମାରଂ ଶିବଂ ନମତି, ସ୍ମୃତ୍ୱା ସ୍ମୃତ୍ୱା ଶିବଂ ନମତି' (ସ୍ମରଣ କରି କରି ଶିବଙ୍କୁ ନମସ୍କାର କରୁଅଛି), 'ଶ୍ରାବଂ ଶ୍ରାବଂ ବଦତି, ଶ୍ରୁତ୍ୱା ଶ୍ରୁତ୍ୱା ବଦତି' (ଶୁଣି ଶୁଣି କହୁଛି) ଇତ୍ୟାଦି । ଗୀତାରେ 'ଣମୁଲ୍' ପ୍ରତ୍ୟୟାନ୍ତର ଦ୍ୱିତ୍ୱ ଦେଖାଯାଏ ନାହିଁ, କିନ୍ତୁ 'କ୍ତ୍ୱା' ପ୍ରତ୍ୟୟାନ୍ତର ଦ୍ୱିତ୍ୱ ଦେଖିବାକୁ ମିଳେ; ଯଥା—'**ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ**' (ଏହି ପ୍ରାଣୀ ସମୁଦାୟ ଉତ୍ପନ୍ନ ହୋଇ ହୋଇ ଲୀନ ହୁଏ) (୮ । ୧୯); '**ରାଜନ୍ ସଂସ୍ମୃତ୍ୟ ସଂସ୍ମୃତ୍ୟ ସଂବାଦମିମମଦ୍ଭୁତମ୍**' (ଏହି ଅଦ୍ଭୁତ ସଂବାଦକୁ ସ୍ମରଣ କରି କରି) (୧୮ । ୭୬); '**ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ* ରୂପମତ୍ୟଦ୍ଭୁତଂ ହରେଃ**' (ଭଗବାନଙ୍କର ସେହି ଅଦ୍ଭୁତ ରୂପକୁ ସ୍ମରଣ କରି କରି) (୧୮ । ୭୭) ଇତ୍ୟାଦି ।

(୮)

ଗୌଣ ଓ ମୁଖ୍ୟ କ୍ରିୟାର ବ୍ୟାପାର କ୍ଷେତ୍ରରେ ମୁଖ୍ୟ କ୍ରିୟାର ବ୍ୟାପାର ହିଁ ମୁଖ୍ୟ ରହେ । ଏହି ନିୟମ ଅନୁସାରେ କର୍ତ୍ତୃବାଚ୍ୟରେ '**ଭକ୍ତଃ ହରିଂ ଦ୍ରଷ୍ଟୁଂ ଶକ୍ନୋତି**' ଓ କର୍ମବାଚ୍ୟରେ '**ଭକ୍ତେନ ହରିଃ ଦ୍ରଷ୍ଟୁଂ ଶକ୍ୟତେ**' ପ୍ରୟୋଗ ହେବ । କୃଦନ୍ତ 'ଦ୍ରଷ୍ଟୁମ୍' ଓ ତିଙନ୍ତ 'ଶକ୍ନୋତି ବା ଶକ୍ୟତେ'—ଏ ଦୁଇଟି କ୍ରିୟା ମଧ୍ୟରୁ 'ଦ୍ରଷ୍ଟୁମ୍' ଗୌଣ କ୍ରିୟା ଓ 'ଶକ୍ନୋତି ବା ଶକ୍ୟତେ' ମୁଖ୍ୟ କ୍ରିୟା ଅଟେ । ଅତଏବ 'ହରି' ଶକ୍ ଧାତୁର ହିଁ କର୍ମ ହୋଇପାରିବ, 'ଦ୍ରଷ୍ଟୁମ୍'ର ହୋଇପାରିବ ନାହିଁ । ତେଣୁ '**ଅହଂ ବେଦଂ ପଠିତୁଂ ଶକ୍ନୋମି, ମୟା ବେଦଃ ପଠିତୁଂ ଶକ୍ୟତେ**' ଆଦି ପ୍ରୟୋଗଗୁଡ଼ିକରେ 'ଶକ୍' ଧାତୁର କ୍ରିୟା ହିଁ ମୁଖ୍ୟ ରହିବ ଓ ତାହାର ଯୋଗରେ କର୍ମସଂଜ୍ଞା ହେବ । କିନ୍ତୁ '**ଅହଂ ଶ୍ରୀହରିଂ ଦ୍ରଷ୍ଟୁଂ ଗଚ୍ଛାମି, ମୟା ଶ୍ରୀହରିଂ ଦ୍ରଷ୍ଟୁଂ ଗମ୍ୟତେ**', '**ଅହଂ ବେଦଂ ପଠିତୁଂ ଗ୍ରାମଂ ଗଚ୍ଛାମି, ମୟା ବେଦଂ ପଠିତୁଂ ଗ୍ରାମଃ ଗମ୍ୟତେ**' ଆଦି ପ୍ରୟୋଗଗୁଡ଼ିକରେ 'ଗଚ୍ଛାମି' ହେଲା ମୁଖ୍ୟ କ୍ରିୟା, କିନ୍ତୁ ଏହାର କର୍ମ ହେଲା ଗ୍ରାମ, ବେଦ ନୁହେଁ । ଅତଏବ କର୍ମବାଚ୍ୟରେ ବେଦ ଉକ୍ତ ହେବ ନାହିଁ, ତାହା 'ପଠିତୁମ୍'ର ହିଁ କର୍ମ ହୋଇ ରହିବ । ସେଠାରେ ଗ୍ରାମ ଉକ୍ତ ହେବ ଓ ତାହା କର୍ମ ହୋଇଯିବ ।

ଗୀତାରେ ମଧ୍ୟ 'ଶକ୍' ଧାତୁର କ୍ରିୟା ଯୋଗରେ ହିଁ କର୍ମ କରାଯାଇଛି; ଯଥା—'**ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା । ଶକ୍ୟ ଏବଂବିଧୋ ଦ୍ରଷ୍ଟୁମ୍**' (୧୧ । ୫୩) । ଏହାର କର୍ତ୍ତୃବାଚ୍ୟରେ ବାକ୍ୟଟି ଥିଲା—

* 'ଲ୍ୟପ୍' ହେଲେ ଯଦି 'ଲ୍ୟପ୍'ର ଯକାର ହ୍ରସ୍ୱ ସ୍ୱର ପରେ ଆଏ, ତେବେ ହ୍ରସ୍ୱ ସ୍ୱରରେ ତୁକ୍ ଆଗମ ହୋଇ ତକାରଟି 'ଲ୍ୟପ୍'ର ଯକାର ସହିତ ମିଶିଯାଏ, ଯଥା—'ନିହତ୍ୟ ଧାର୍ତ୍ତରାଷ୍ଟ୍ରାନ୍ନଃ' (୧ । ୩୬) ।

'(ତ୍ୱଂ) ଏବଂବିଧଂ ମାଂ ବେଦୈଃ ତପସା ଦାନେନ ଇଜ୍ୟଯା ଚ ଦ୍ରଷ୍ଟୁଂ ନ ଶକ୍ନୁୟାଃ' (ତୁମେ ଏପ୍ରକାର ରୂପରେ ମୋତେ ବେଦ, ତପସ୍ୟା, ଦାନ ଓ ଯଜ୍ଞ ଦ୍ୱାରା ଦେଖି ପାରିବ ନାହିଁ), କିନ୍ତୁ ତାହାର ଯେତେବେଳେ କର୍ମବାଚ୍ୟ ହେଲା, ସେତେବେଳେ ବାକ୍ୟଟି ହେଲା— '(ତ୍ୱୟା) ଏବଂବିଧଃ ଅହଂ ବେଦୈଃ ତପସା ଦାନେନ ଇଜ୍ୟଯା ଚ ଦ୍ରଷ୍ଟୁଂ ନ ଶକ୍ୟଃ'*। ସେହିପରି—

'ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ।
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ॥
(୧୧।୫୪)
ମନ୍ୟସେ ଯଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ॥
(୧୧।୪)
ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ॥
(୬।୩୬)

—ଇତ୍ୟାଦି ଶ୍ଳୋକମାନଙ୍କରେ 'ଶକ୍' ଧାତୁ ଯୋଗରେ କର୍ମ ମାନିବା ଉଚିତ। ଏହାଛଡ଼ା 'ନ ତୁ ମାଂ ଶକ୍ୟସେ** ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା' (୧୧।୮), 'ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍ ଶରୀରବିମୋକ୍ଷଣାତ୍। କାମକ୍ରୋଧୋଦ୍ଭବଂ ବେଗମ୍' (୫।୨୩), 'ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍' (୧୨।୯) ଆଦି ଶ୍ଳୋକଗୁଡ଼ିକର କର୍ତ୍ତୃବାଚ୍ୟ ପ୍ରୟୋଗଗୁଡ଼ିକରେ ମଧ୍ୟ ଉପର୍ଯ୍ୟୁକ୍ତ କଥା ହିଁ ମାନିବା ଉଚିତ।

'ଶକ୍' ଧାତୁ ପରି 'ଅର୍ହ୍' ଧାତୁ ଯୋଗରେ ମଧ୍ୟ କର୍ମ ହୋଇଯାଏ; ଯଥା—'ତ୍ୱଂ ଗୀତାଂ ବକ୍ତୁମ୍ ଅର୍ହସି' ଏହି କର୍ତ୍ତୃବାଚ୍ୟରୁ ଯଦି କର୍ମବାଚ୍ୟ କରାଯାଏ, ତେବେ ହେବ—'ତ୍ୱୟା ଗୀତା ବକ୍ତୁଂ ଅର୍ହ୍ୟତେ'। ଏଥିରେ ଅର୍ହ୍ ଧାତୁ ଯୋଗରେ ତ କର୍ମ ହୋଇଯିବ, କିନ୍ତୁ ଅନ୍ୟ ଧାତୁଗୁଡ଼ିକ ଯୋଗରେ ହେବ ନାହିଁ। ଯଥା, 'ତ୍ୱଂ ଗୀତାଂ ପଠିତୁଂ ସମର୍ଥୋଽସି'—ଏହି କର୍ତ୍ତୃବାଚ୍ୟରୁ ଯଦି କର୍ମବାଚ୍ୟ ହେବ, ତେବେ 'ତ୍ୱୟା ଗୀତାଂ ପଠିତୁଂ ସମର୍ଥେନ ଭୂୟତେ' ଏଭଳି ବାକ୍ୟରେ 'ଅସ୍' ଧାତୁ ଅକର୍ମକ ହୋଇଥିବାରୁ ତାହାର ଯୋଗରେ କର୍ମ ହେବ ନାହିଁ। ଗୀତାରେ ମଧ୍ୟ ଏହାର ପ୍ରୟୋଗ ରହିଛି; ଯଥା— 'ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ' (୬।୩୯), 'ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍' (୧୧।୪୪) ଇତ୍ୟାଦି।

(୯)

ସଂସ୍କୃତ ବ୍ୟାକରଣ ଅନୁସାରେ କର୍ତ୍ତାଙ୍କୁ ତାହାର କ୍ରିୟା ଦ୍ୱାରା ଯାହା ଅତି ପ୍ରାପଣୀୟ ହୋଇଥାଏ, ତାହାର କର୍ମସଂଜ୍ଞା ହୋଇ ସେଥିରେ ଦ୍ୱିତୀୟା ବିଭକ୍ତି ହୋଇଯାଏ। ଯଥା, 'କୃଷ୍ଣୋ ଗ୍ରାମଂ ଗଚ୍ଛତି'—ଏହି ବାକ୍ୟରେ କୃଷ୍ଣଙ୍କୁ ନିଜର ଗମନରୂପକ କ୍ରିୟା ଦ୍ୱାରା ଗ୍ରାମ ଅତ୍ୟନ୍ତ ପ୍ରାପଣୀୟ ଅଟେ। ଅତଏବ ଏଠି ଗ୍ରାମର କର୍ମସଂଜ୍ଞା ହୋଇ ଅନୁକ୍ତ ହୋଇଥିବା ହେତୁ ଦ୍ୱିତୀୟା ବିଭକ୍ତି ହୋଇଅଛି। କିନ୍ତୁ ସଂସ୍କୃତ ଗ୍ରନ୍ଥମାନଙ୍କରେ ସକର୍ମକ ଧାତୁମାନଙ୍କ ଯୋଗରେ ମଧ୍ୟ କର୍ମରେ ଚତୁର୍ଥୀ ବିଭକ୍ତି ଦେଖିବାକୁ ମିଳେ। ଏହି ଚତୁର୍ଥୀ ବିଭକ୍ତି ହେବା ଭୁଲ୍ ନୁହେଁ, ବରଂ ବ୍ୟାକରଣବଦ୍ଧ ଅଟେ ଏବଂ ସେହି ଚତୁର୍ଥୀରୁ ଏକ ବିଶେଷ ଅର୍ଥର ଆଭାସ ମଧ୍ୟ ମିଳେ।

ଯେଉଁଠାରେ ତିଙନ୍ତ କ୍ରିୟାର ପୂର୍ବରୁ ଉପପଦରୂପେ କୃଦନ୍ତ 'ତୁମୁନ୍' ପ୍ରତ୍ୟୟାନ୍ତ କ୍ରିୟା ଆସେ, ସେଠାରେ ସେହି 'ତୁମୁନ୍' ପ୍ରତ୍ୟୟାନ୍ତ କ୍ରିୟାର କର୍ମରେ 'କ୍ରିୟାର୍ଥୋପପଦସ୍ୟ ଚ କର୍ମଣି ସ୍ଥାନିନଃ' (ପାଣି. ଅ. ୨।୩।୧୪)—ଏହି ସୂତ୍ରରେ ଚତୁର୍ଥୀ ବିଭକ୍ତି ହୋଇଯାଏ ଏବଂ ସେହି ଉପପଦ କ୍ରିୟା ସେଠାରେ ନିଜ ଅର୍ଥକୁ ଛାଡ଼ି ଦୂରେଇଯାଏ। ଯଥା, 'ଫଳେଭ୍ୟୋ ଯାତି'— ଏଠି ପ୍ରଥମେ ବାକ୍ୟ ଥିଲା 'ଫଳାନି ଆହର୍ତ୍ତୁଂ ଯାତି', କିନ୍ତୁ ଉପପଦ 'ଆହର୍ତ୍ତୁମ୍' କ୍ରିୟାର କର୍ମରେ 'ଫଳାନି' ଚତୁର୍ଥୀ ବିଭକ୍ତି ହେଲା ଏବଂ ସେହି କ୍ରିୟା ସେଠାରୁ ଦୂରେଇଗଲା। ସେହିପରି 'ନମସ୍କୁର୍ମଃ ନୃସିଂହାୟ' (ନୃସିଂହମନୁକୂଳୟିତୁଂ ବୟଂ ନମସ୍କୁର୍ମଃ) ଆଦି ପ୍ରୟୋଗ ବୁଝିବାକୁ ହେବ। ଗୀତାରେ ମଧ୍ୟ ଏହିପରି କେତେକ ପ୍ରୟୋଗ ଦେଖିବାକୁ ମିଳେ; ଯଥା—'ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍। ବିବସ୍ୱାନ୍ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍॥' (୪।୧)—ଏଠାରେ 'ବିବସ୍ୱନ୍ତମ୍, ମନୁମ୍ ଚ ଇକ୍ଷ୍ୱାକୁଂ ବୋଧୟିତୁଂ ପ୍ରୋକ୍ତବାନ୍ ଅବ୍ରବୀତ୍' (ମୁଁ ସୂର୍ଯ୍ୟଙ୍କୁ, ସୂର୍ଯ୍ୟ ମନୁଙ୍କୁ ଓ ମନୁ ଇକ୍ଷ୍ୱାକୁଙ୍କୁ ଜ୍ଞାନ କରାଇବା ପାଇଁ ଏହି ଯୋଗ କହିଥିଲେ)—

* ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ' (୧୮।୧୧)—ଏଠାରେ ମଧ୍ୟ ଉପର୍ଯ୍ୟୁକ୍ତ ପ୍ରକାରେ 'ଶକ୍' (ଶକ୍ୟମ୍) ଧାତୁର ଯୋଗରେ କର୍ମସଂଜ୍ଞା ହେବା ଉଚିତ ଥିଲା। କିନ୍ତୁ ଏଠାରେ 'ଅଶେଷତଃ' ଅବ୍ୟୟର ଯୋଗରେ କର୍ମ ଉକ୍ତ ହେବାରୁ ସେଥିରେ ପ୍ରାତିପଦିକ ଅର୍ଥରେ ପ୍ରଥମାବିଭକ୍ତି ହେଲା, ଫଳରେ 'କର୍ମାଣି ଅଶେଷତଃ' ରୂପ ହେଲା। ଯଦି 'ଶକ୍' (ଶକ୍ୟମ୍) ଧାତୁ ଯୋଗରେ କର୍ମସଂଜ୍ଞା ହୋଇଥାଆନ୍ତା, ତେବେ 'କର୍ମାଣି ଶକ୍ୟାନି' ହୋଇଯାଇଥାଆନ୍ତା।

** ଏଠାରେ 'ଶକ୍ୟସେ' ଦିବାଦିଗଣର 'ଶକ୍' ଧାତୁ ଅଟେ, ଭାବକର୍ମର 'ଯଚନ୍ତ' ଧାତୁ ନୁହେଁ।

ଏପରି ବାକ୍ୟ ଥିଲା, କିନ୍ତୁ ଉପପଦ କ୍ରିୟାର କର୍ମରେ ଉପର୍ଯ୍ୟୁକ୍ତ ସୂତ୍ର ଦ୍ୱାରା ଚତୁର୍ଥୀ ବିଭକ୍ତି ହୋଇଗଲା ।

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।
ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ॥
(ଗୀତା ୧୮ । ୬୭)

(ଏହି ଶରଣାଗତିରୂପକ ଗୋପନୀୟ ରହସ୍ୟ ଅତପସ୍ୱୀକୁ, ଅଭକ୍ତକୁ, ଶୁଣିବାକୁ ଗ୍ରହୁଁ ନ ଥିବା ଲୋକକୁ ଓ ମୋ'ଠାରେ ଦୋଷଦୃଷ୍ଟି ରଖିଥିବା ଲୋକକୁ କଦାପି କହିବ ନାହିଁ ।)

ଏହି ଶ୍ଳୋକରେ ଯଦି ଏପରି ସିଧା ଅର୍ଥ ଗ୍ରହଣ କରାଯାଏ, ତବେ ଅତପସ୍ୱୀ ପ୍ରଭୃତି କେବେହେଲେ ଭଗବଦ୍ ବିଷୟକ କଥା ଶୁଣି ପାରିବେ ନାହିଁ ଏବଂ ସେମାନଙ୍କର ଉଦ୍ଧାର ମଧ୍ୟ କେବେହେଲେ ହୋଇ ପାରିବ ନାହିଁ! ତାହେଲେ ଭଗବାନ ସେମାନଙ୍କୁ ମନୁଷ୍ୟଶରୀର ଦେବାର ସାର୍ଥକତା ରହିବ କେଉଁଠି? ଏହି ସନ୍ଦେହର ସମାଧାନ ଏହି ଶ୍ଳୋକରେ ଦିଆଯାଇଥିବା ଚତୁର୍ଥ୍ୟନ୍ତ ପଦମାନଙ୍କ ଦ୍ୱାରା ହୋଇଯାଏ । ଏହି ଶ୍ଳୋକରେ **'ଶ୍ରାବୟିତୁମ୍'** ଉପପଦ କ୍ରିୟାକୁ ଗ୍ରହଣ କରିବା ଉଚିତ । 'ଇଦଂ ଅତପସ୍କଂ, ଅଭକ୍ତଂ, ଅଶୁଶ୍ରୂଷୁଂ ଚ ଅନସୂୟକଂ ଶ୍ରାବୟିତୁଂ ନ ବାଚ୍ୟମ୍' ଅର୍ଥାତ୍ ଏହି ରହସ୍ୟ ଅତପସ୍ୱୀ, ଅଭକ୍ତ ଆଦିଙ୍କୁ ଶୁଣାଇବା ଉଦ୍ଦେଶ୍ୟରେ କଦାପି କହିବା ଉଚିତ ନୁହେଁ । କିନ୍ତୁ କେହି ବକ୍ତା ଭଗବାନଙ୍କର ଶରଣାଗତିର ରହସ୍ୟ କହୁଥିବା ବେଳେ ଯଦି କୌଣସି ଅତପସ୍ୱୀ, ଅଭକ୍ତ ଇତ୍ୟାଦି ଅନଧିକାରୀମାନେ ମଧ୍ୟ ତାକୁ ଶୁଣି ପାରିଲେ, ତେବେ ବକ୍ତାକୁ ଭଗବାନଙ୍କ ନିଷେଧରୂପକ ବଚନଗୁଡ଼ିକର ଅବହେଳନା କରିବାର ଦୋଷ ଲାଗିବ ନାହିଁ; କାରଣ ତା'ର ଉଦ୍ଦେଶ୍ୟ ହେଲା ଅଧିକାରୀମାନଙ୍କୁ ଓ ଭଗବାନଙ୍କ ଠାରେ ଶ୍ରଦ୍ଧାଭକ୍ତି ରଖିଥିବା ସାଧକମାନଙ୍କୁ ଶୁଣାଇବା, ଅତପସ୍ୱୀ ଆଦିଙ୍କୁ ଶୁଣାଇବା ତା'ର ଉଦ୍ଦେଶ୍ୟ ନୁହେଁ । ଏହି କଥାଟିକୁ କହିବା ପାଇଁ ଭଗବାନ ଏଠାରେ ଚତୁର୍ଥୀ ବିଭକ୍ତି ପ୍ରୟୋଗ କରିଛନ୍ତି*।

'ତୁମୁନ୍' ଅର୍ଥରେ **'ଭାବବଚନାଶ୍ଚ'** (ପାଣି. ଅ. ୩ । ୩ । ୧୧) ଅନୁସାରେ ଯେଉଁ **'ଘଞ୍'** ଆଦି ପ୍ରତ୍ୟୟ ଲାଗେ, ସେହି ପ୍ରତ୍ୟୟାନ୍ତ ପଦଗୁଡ଼ିକରେ **'ତୁମର୍ଥାଚ୍ଚ ଭାବବଚନାତ୍'** (ପାଣି. ଅ.୨ । ୩ । ୧୫)—ଏହି ସୂତ୍ର ଅନୁସାରେ ଚତୁର୍ଥୀ ବିଭକ୍ତି ହୁଏ; ଯଥା—**'ଯାଗାୟ ଯାତି'** ଅର୍ଥାତ୍ **'ଯଷ୍ଟୁଂ ଯାତି'** (ଯଜ୍ଞ କରିବାକୁ ଯାଉଛି) ଇତ୍ୟାଦି । ଗୀତାରେ ମଧ୍ୟ **'ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ'** ଅର୍ଥାତ୍ **'ଯୋକ୍ତୁଂ ଯୁଜ୍ୟସ୍ୱ'** (ଯୋଗ ଅର୍ଥାତ୍ ସମତା ପାଇଁ ପ୍ରସ୍ତୁତ ହୋଇଯାଅ) (୨ । ୫୦) ଆଦି ପ୍ରୟୋଗଗୁଡ଼ିକରେ ଉପର୍ଯ୍ୟୁକ୍ତ ଚତୁର୍ଥୀ ହୋଇଛି ବୋଲି ଜାଣିବା ଉଚିତ ।**

(୧୦)

ସଂସ୍କୃତରେ ବିଂଶତି (କୋଡ଼ିଏ)ରୁ ନବନବତି (ଅନେଶତ) ପର୍ଯ୍ୟନ୍ତ ସବୁ ଶବ୍ଦର ପ୍ରୟୋଗ ସ୍ତ୍ରୀଲିଙ୍ଗରେ ଏବଂ ଶତ (ଶହ), ସହସ୍ର (ହଜାର) ଆଦି ଶବ୍ଦଗୁଡ଼ିକର ପ୍ରୟୋଗ କ୍ଲୀବଲିଙ୍ଗରେ କରାଯାଏ । ଏହି ଶବ୍ଦଗୁଡ଼ିକର ପ୍ରୟୋଗ ଦୁଇ ପ୍ରକାରେ କରାଯାଏ—ବିଶେଷଣରୂପରେ ଓ ସଂଖ୍ୟାରୂପରେ । ଯେତେବେଳେ ଏହି ଶବ୍ଦଗୁଡ଼ିକର ବିଶେଷ୍ୟ ସହିତ ସାମାନାଧିକରଣ୍ୟ ହୁଏ, ସେତେବେଳେ ବିଶେଷଣରୂପେ ପ୍ରଯୁକ୍ତ ଏସବୁ ଶବ୍ଦ ସଂଖ୍ୟେୟ ବୋଲି ବିବେଚିତ ହୁଅନ୍ତି । ଯଥା—'ବିଂଶତିର୍ଗାବଃ' (କୋଡ଼ିଏଟି ଗାଈ), 'ତ୍ରିଂଶଚ୍ଛାତ୍ରାଃ' (ତିରିଶ ଜଣ ଛାତ୍ର), 'ପଞ୍ଚାଶତ୍ ଫଳାନି' (ପଚାଶଟି ଫଳ), 'ବିଂଶତୟେ ଗୋଭ୍ୟଃ' (କୋଡ଼ିଏଟି ଗାଈ ପାଇଁ), 'ତ୍ରିଂଶତା ଛାତ୍ରୈଃ' (ତିରିଶ ଜଣ ଛାତ୍ରଙ୍କ ଦ୍ୱାରା) ଇତ୍ୟାଦି । ଏହି ଅବସ୍ଥାରେ ବିଂଶତି ଆଦି ସବୁ ଶବ୍ଦ ସ୍ତ୍ରୀଲିଙ୍ଗ ତଥା ଏକବଚନାନ୍ତ ହୁଅନ୍ତି । ବିଶେଷ୍ୟ ଅନୁସାରେ ଏମାନଙ୍କର କେବଳ ବିଭକ୍ତି ବଦଳେ, ବଚନ ବଦଳେ ନାହିଁ । କିନ୍ତୁ ଯେତେବେଳେ ଏଗୁଡ଼ିକର ବିଶେଷ୍ୟ ସହିତ ସାମାନାଧିକରଣ୍ୟ ହୁଏ ନାହିଁ ଅର୍ଥାତ୍ ଏସବୁ ଶବ୍ଦ ବିଶେଷଣରୂପେ ବ୍ୟବହୃତ

---

* ରାମଚରିତମାନସରେ ରାମକଥାକୁ ସମାପ୍ତ କରିବାବେଳେ ଶିବ ପାର୍ବତୀଙ୍କୁ କହିଛନ୍ତି ଯେ ଏହି କଥା ଶଠ, ଜିଦ୍‌ଖୋର ଆଦିଙ୍କୁ କହିବା ଉଚିତ ନୁହେଁ—

ୟହ ନ କହିଅ ସଠହୀ ହଠସୀଲହି । ଜୋ ମନ ଲାଇ ନ ସୁନ ହରି ଲୀଲହି ॥
କହିଅ ନ ଲୋଭିହି କ୍ରୋଧିହି କାମିହି । ଜୋ ନ ଭଜଇ ସଚରାଚର ସ୍ୱାମିହି ॥
ଦ୍ୱିଜ ଦ୍ରୋହିହି ନ ସୁନାଇଅ କବହୂଁ । ସୁରପତି ସରିସ ହୋଇ ନୃପ ଜବହୂଁ ॥
(ମାନସ, ଉତ୍ତର. ୧୨୮ । ୨-୩)

ଏହି ଚୌପାଈଗୁଡ଼ିକର ଉଦ୍ଦେଶ୍ୟ ମଧ୍ୟ ଏହି ଯେ ଉପର୍ଯ୍ୟୁକ୍ତ ଲୋକମାନଙ୍କୁ କେବଳ ଶୁଣାଇବା ଦୃଷ୍ଟିରୁ ଅଥବା ସ୍ୱାର୍ଥ ହେତୁ କଦାପି ରାମକଥା ଶୁଣାଇବା ଉଚିତ ନୁହେଁ ।

** 'ଯୁଦ୍ଧାୟ କୃତନିଶ୍ଚୟଃ' (୨ । ୩୭), 'ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ' (୨ । ୩୮) ଆଦିରେ ତାଦର୍ଥ୍ୟେ ଚତୁର୍ଥୀ ହୋଇଛି ବୋଲି ଜାଣିବାକୁ ହେବ । କାରଣ 'ଯୁଦ୍ଧ' ଶବ୍ଦ 'ଘଞନ୍ତ' ଆଦି ନୁହେଁ ।

ହୋଇନାହିଁ, ବରଂ କେବଳ ସଂଖ୍ୟା ରୂପରେ ବ୍ୟବହୃତ ହୋଇଛି, ସେତେବେଳେ ଏଗୁଡ଼ିକୁ ସବୁ ବଚନରେ ପ୍ରୟୋଗ କରାଯାଏ ଏବଂ ଏଗୁଡ଼ିକର ଯୋଗରେ ଷଷ୍ଠୀ ବିଭକ୍ତି ହୁଏ। କିନ୍ତୁ ଏଗୁଡ଼ିକର ଲିଙ୍ଗ ତଥାପି ସ୍ତ୍ରୀଲିଙ୍ଗ ହୋଇ ରହେ। ଯଥା—'ବ୍ରାହ୍ମଣାନାଂ ବିଂଶତିଃ' (କୋଡ଼ିଏ ଜଣ ବ୍ରାହ୍ମଣ), 'ଛାତ୍ରାଣାଂ ଦ୍ୱେ ବିଶତୀ' (ଚାଳିଶ ଜଣ ଛାତ୍ର), 'ତିସ୍ରୋ ବିଂଶତୟୋ ଗବାମ୍' (ଷାଠିଏଟି ଗାଈ), **ଦାସୀନାଂ ସୁକୁମାରୀଣାଂ ଦ୍ୱେ ଶତେ ସମଳଂକୃତେ'** (ଶ୍ରୀମଦ୍ଭା. ୧୦।୧।୩୨) (ଗହଣାରେ ସୁସଜ୍ଜିତା ଦୁଇଶହ ସୁକୁମାରୀ ଦାସୀ)।

ଗୀତାରେ ମଧ୍ୟ **'ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ ଯତତି ସିଦ୍ଧୟେ'** (୭।୩) ଉକ୍ତିରେ **'ମନୁଷ୍ୟାଣାମ୍'** ପଦରେ ସହସ୍ର ସଂଖ୍ୟାର ଯୋଗରେ ଷଷ୍ଠୀ ହୋଇଛି ଏବଂ **'ସହସ୍ରାଣି'** ପଦରେ ନିର୍ଦ୍ଧାରଣ ଅର୍ଥରେ ସପ୍ତମୀ ବହୁବଚନ **(ସହସ୍ରେଷୁ)** ହୋଇଛି। ଅତଏବ ଉପର୍ଯ୍ୟୁକ୍ତ ପଦଗୁଡ଼ିକର ଅର୍ଥ ହେଲା—**'ମନୁଷ୍ୟାଣାଂ ସହସ୍ରାଣି ଭଗବତି ରୁଚିଂ କୁର୍ବନ୍ତି ସହସ୍ରେଷୁ କଶ୍ଚିଦ୍ ସିଦ୍ଧୟେ ଯତତି ଚ'** ଅର୍ଥାତ୍ ହଜାର ହଜାର ମନୁଷ୍ୟ ଭଗବାନଙ୍କ ଠାରେ ରୁଚି ରଖନ୍ତି, କିନ୍ତୁ ସେହି ହଜାର ହଜାର ମନୁଷ୍ୟଙ୍କ ମଧ୍ୟରୁ କେହି ଜଣେ ସିଦ୍ଧି ପାଇଁ ଯତ୍ନ କରିଥାଏ।

(୧୧)

ଗୀତାରେ ଅର୍ଜୁନ ନିଜ ପାଇଁ କେଉଁଠି ଏକବଚନର ପ୍ରୟୋଗ କରିଛନ୍ତି ତ ଅନ୍ୟ କେଉଁଠି ବହୁବଚନର ପ୍ରୟୋଗ କରିଛନ୍ତି; ଯଥା—**'ମେ'** (୧।୨୧), **'ଅହମ୍'** (୧।୨୨–୨୩; ୩।୨), **'ମୟା'**(୧୧।୪) ଆଦି ପଦମାନଙ୍କରେ ଏକବଚନ ଅଛି, ଏବଂ **'ନଃ'** (୧।୩୨–୩୩), **'ଅସ୍ମାତ୍'** (୧।୩୬), **'ବୟମ୍'** (୧।୩୭), **'ଅସ୍ମାଭିଃ'** (୧।୩୯), ଆଦି ପଦମାନଙ୍କରେ ବହୁବଚନ ଅଛି; ଏକ ସଂଖ୍ୟାକୁ ବୁଝାଇବା ପାଇଁ ଏକବଚନର ଓ ତିନି କିଂବା ତିନିରୁ ବେଶୀ ସଂଖ୍ୟାକୁ ସୂଚିତ କରିବା ପାଇଁ ବହୁବଚନର ପ୍ରୟୋଗ କରାଯାଏ। କିନ୍ତୁ ପାଣିନିବ୍ୟାକରଣ ଅନୁସାରେ କେବଳ 'ନିଜ' ପାଇଁ କିଂବା 'ଆମ ଦୁଇଜଣ'ଙ୍କ ପାଇଁ ବହୁବଚନର ପ୍ରୟୋଗ କରାଯାଇପାରେ—**'ଅସ୍ମଦୋ ଦ୍ୱୟୋଶ୍ଚ'** (ପାଣି. ଅ. ୧।୨।୫୯)।

(୧୨)

'କାଳେନାତ୍ମନି ବିନ୍ଦତି' (ଗୀତା ୪।୩୮)—ଏଠାରେ **'କାଳେନ'** ଶବ୍ଦରେ **'କାଳାଧ୍ୱନୋରତ୍ୟନ୍ତ-ସଂଯୋଗେ'** (ପାଣି. ଅ. ୨।୩।୫) ଅନୁସାରେ ପ୍ରାପ୍ତ ଦ୍ୱିତୀୟା ବିଭକ୍ତିର ନିଷେଧ କରାଯାଇ **'ଅପବର୍ଗେ ତୃତୀୟା'** (୨।୩।୬) ଅନୁସାରେ ତୃତୀୟା ବିଭକ୍ତି ହୋଇଛି। ତୃତୀୟା ବିଭକ୍ତି ସେଇଠି ହୁଏ, ଯେଉଁଠି ଫଳପ୍ରାପ୍ତିର ନିଶ୍ଚିତତା ଅର୍ଥାତ୍ କାର୍ଯ୍ୟ ନିଶ୍ଚିତ ସିଦ୍ଧ ହେବାର ଦ୍ୟୋତନ ହୋଇଥାଏ। କିନ୍ତୁ ଯେଉଁଠି ଦ୍ୱିତୀୟା ବିଭକ୍ତି ହୁଏ, ସେଠାରେ ଫଳପ୍ରାପ୍ତିର ନିଶ୍ଚିତତା ସୂଚିତ ହୁଏ ନାହିଁ, ଯଥା—**'ମାସମ୍ ଅଧୀତେ ନାୟାତଃ'** ପଦ ଦ୍ୱିତୀୟାରେ ପ୍ରଯୁକ୍ତ ହୋଇଛି, ତେଣୁ ଏହାର ଅର୍ଥ ହେଲା ଯେ ମାସେ ଭିତରେ ପୂରାପୂରି ପଢ଼ିନେଲା, କିନ୍ତୁ ଆସିଲା ନାହିଁ। ସେମିତି ଭଗବାନ ଏଠାରେ ଦ୍ୱିତୀୟା **'କାଳମ୍'** ପଦ ପ୍ରୟୋଗ ନ କରି ତୃତୀୟା **'କାଳେନ'** ପଦ ପ୍ରୟୋଗ କରିଛନ୍ତି, ତେଣୁ ଏଥିରୁ ଏହି ଅର୍ଥ ବାହାରୁଛି ଯେ କର୍ମଯୋଗ ଦ୍ୱାରା ନିଶ୍ଚୟ ଫଳପ୍ରାପ୍ତି (ସିଦ୍ଧି) ହୋଇଥାଏ।

(୧୩)

ଲୁମ୍ପେଦବଶ୍ୟମଃ କୃତ୍ୟେ ତୁଙ୍କାମମନସୋରପି।
ସମୋ ହିତତତୟୋର୍ବା ମାଂସସ୍ୟ ପଚି ଯୁଡ୍‌ଘଞୋଃ॥

୧—କୃତ୍ୟ-ପ୍ରତ୍ୟୟାନ୍ତ ଶବ୍ଦର ପୂର୍ବରୁ 'ଅବଶ୍ୟମ୍' ଅବ୍ୟୟ ଥିଲେ 'ଅବ୍ୟୟମ୍'ର ମକାର ଲୋପ ପାଇଯାଏ; ଯଥା— ଅବଶ୍ୟକାର୍ଯ୍ୟମ୍, ଅବଶ୍ୟକର୍ତ୍ତବ୍ୟମ୍।

୨—'କାମ' ଓ 'ମନସ୍' ଶବ୍ଦର ପୂର୍ବରୁ 'ତୁମନ୍' ପ୍ରତ୍ୟୟ ଥିଲେ 'ତୁମନ୍'ର ମକାର ଲୋପ ହୁଏ; ଯଥା—ଗନ୍ତୁକାମଃ, ଗନ୍ତୁମନାଃ।

୩—'ହିତ' ଓ 'ତତ' ଶବ୍ଦର ପୂର୍ବରୁ 'ସମ୍' ଅବ୍ୟୟ ଥିଲେ 'ସମ୍'ର ମକାର ବିକଳ୍ପରେ ଲୋପ ହୋଇଥାଏ; ଯଥା—ସହିତ-ସଂହିତ, ସତତ-ସନ୍ତତ।

୪—**ଯୁଡନ୍ତ (ଲ୍ୟୁଡନ୍ତ)** ଅଥବା ଘଞନ୍ତ ପରେ 'ପଚ୍' ଧାତୁ ଥିଲେ 'ମାଂସ' ଶବ୍ଦର ଅକାର ବିକଳ୍ପରେ ଲୋପ ହୋଇଯାଏ; ଯଥା—ମାଂସ୍ପଚନମ୍-ମାଂସପଚନମ୍, ମାଂସ୍ପାକଃ-ମାଂସପାକଃ।

ଗୀତାରେ ମଧ୍ୟ ଏହି କାରିକାର କେତୋଟି ପ୍ରୟୋଗ ଦେଖିବାକୁ ମିଳେ; ଯଥା—ପ୍ରଥମ ଅଧ୍ୟାୟର ୨୨ଶ ଶ୍ଳୋକରେ **'ଯୋଦ୍ଧୁକାମାନ୍'** ପଦରେ 'କାମ' ଶବ୍ଦଟି ପରେ ଥିବା ହେତୁ 'ତୁମୁନ୍' ପ୍ରତ୍ୟୟାନ୍ତ 'ଯୋଦ୍ଧୁମ୍' ଅବ୍ୟୟର ମକାରକୁ ଲୋପ କରାଯାଇଛି। ଅଷ୍ଟମ, ନବମ ଓ ଦ୍ୱାଦଶ ଅଧ୍ୟାୟର ୧୪ଶ ଶ୍ଳୋକରେ **'ସତତ'** ପଦାନ୍ତର୍ଗତ 'ତତ' ଶବ୍ଦ 'ସମ' ଅବ୍ୟୟର ପରେ ଥିବାରୁ 'ସମ'ର ମକାର ଲୋପ ହୋଇଛି*।

* 'ବିଜ୍ଞାନସହିତମ୍' (୯।୧)ରେ 'ସମ'ର ମକାର ଲୋପ କଲେ 'ବିଜ୍ଞାନସହିତ' ହୁଏ ଏବଂ 'ସହ' ଅବ୍ୟୟ ସ୍ଥାନରେ 'ସ' ଭାବ କଲେ 'ସବିଜ୍ଞାନ' ହୁଏ। ଅତଏବ ଉଭୟର ଅର୍ଥ ସମାନ।

(୧୪)

ଯେଉଁଠି ପ୍ରଥମ ପୁରୁଷ ('ସ ଗଚ୍ଛତି'–ସେ ଯାଉଛି), ମଧ୍ୟମ ପୁରୁଷ ('ତ୍ୱଂ ଗଚ୍ଛସି'–ତୁ ଯାଉଛୁ) ଏବଂ ଉତ୍ତମ ପୁରୁଷ ('ଅହଂ ଗଚ୍ଛାମି'–ମୁଁ ଯାଉଛି)—ଏହି ତିନି ପୁରୁଷର ଏକସଙ୍ଗେ ପ୍ରୟୋଗ କରାଯାଏ, ସେଠାରେ ଉତ୍ତମ ପୁରୁଷର ହିଁ ପ୍ରାପ୍ତି ହୁଏ। ଯଦ୍ୟପି ଏଠାରେ **'ଯୁଷ୍ମଦ୍ୟୁପପଦେ.......'** (ପାଣି. ଅ. ୧।୪।୧୦୫) ଓ **'ଅସ୍ମଦ୍ୟୁତ୍ତମଃ'** (ପାଣି. ଅ. ୧।୪।୧୦୭) ସୂତ୍ର ଅନୁସାରେ **'ଶେଷେ ପ୍ରଥମଃ'** (ପାଣି. ଅ. ୧।୪।୧୦୮) ସୂତ୍ରଟି ପଛକୁ ଥିବାରୁ ପ୍ରଥମ ପୁରୁଷ ହେବା କଥା, ତଥାପି ଏମିତି ହୋଇ ନାହିଁ; କାରଣ **'ଶେଷେ ପ୍ରଥମଃ'** ସୂତ୍ରର ପ୍ରବୃତ୍ତି ସେହିଠାରେ ହୁଏ, ଯେଉଁଠି ଉତ୍ତମ ଓ ମଧ୍ୟମ ପୁରୁଷର ବିଷୟ ଅସ୍ମଦ୍-ଯୁଷ୍ମଦ୍ ଶବ୍ଦ ନ ଥାଏ ଏବଂ ଏହି ଦୁଇଟିର ପ୍ରାପ୍ତି ହୋଇ ନ ଥାଏ। ଅତଏବ ତିନୋଟି ପୁରୁଷ (ସ ଗଚ୍ଛତି, ତ୍ୱଂ ଗଚ୍ଛସି, ଅହଂ ଚ ଗଚ୍ଛାମି) ମଧ୍ୟରେ ଉତ୍ତମ ପୁରୁଷ (ବୟଂ ଗଚ୍ଛାମଃ—ଆମେ ସମସ୍ତେ ଯାଉଛୁ) ହିଁ ବଳବାନ୍ ହେବ। କାରଣ **'ଅସ୍ମଦ୍ୟୁତ୍ତମଃ'** ସୂତ୍ରଟି ପର* ହୋଇଥିବାରୁ ଉତ୍ତମ ପୁରୁଷ ହିଁ ହେବ।

ଯେଉଁଠାରେ ପ୍ରଥମ ଓ ମଧ୍ୟମ ପୁରୁଷର ପ୍ରୟୋଗ ଏକସଙ୍ଗେ ହୋଇଥାଏ, ସେଠାରେ ମଧ୍ୟମ ପୁରୁଷର ପ୍ରାପ୍ତି ହୁଏ ଅର୍ଥାତ୍ ମଧ୍ୟମ ପୁରୁଷ ହିଁ ବଳବାନ୍ ହୋଇଥାଏ। ସେହିପରି ଯେଉଁଠି ପ୍ରଥମ ଓ ଉତ୍ତମ ପୁରୁଷର ଏକସଙ୍ଗେ ପ୍ରୟୋଗ କରାଯାଏ, ସେଠାରେ ଉତ୍ତମ ପୁରୁଷର ହିଁ ପ୍ରାପ୍ତି ହୁଏ। ଯଥା—'ସ ଗଚ୍ଛତି, ତ୍ୱଂ ଚ ଗଚ୍ଛସି'—ଏମିତି ପ୍ରୟୋଗ ହେଲେ **'ଯୁବାଂ ଗଚ୍ଛଥଃ'** ବଳବାନ୍ ହେବ ଏବଂ 'ସ ଗଚ୍ଛତି, ଅହଂ ଚ ଗଚ୍ଛାମି'—ଏଭଳି ପ୍ରୟୋଗ ହେଲେ **'ଆବାଂ ଗଚ୍ଛାବଃ'** ବଳବାନ୍ ହେବ। ପ୍ରଥମ ପୁରୁଷ ସହିତ ମଧ୍ୟମ ଓ ଉତ୍ତମ ପୁରୁଷ ରହିଲେ ପ୍ରଥମ ପୁରୁଷ ବଳବାନ୍ ହୁଏ ନାହିଁ। ପ୍ରଥମ ପୁରୁଷ ସେହିଠାରେ ବଳବାନ୍ ହୁଏ, ଯେଉଁଠାରେ ମଧ୍ୟମ ଓ ଉତ୍ତମ ପୁରୁଷର ଗନ୍ଧ ମଧ୍ୟ ନ ଥାଏ, କାରଣ ଶେଷରେ ପ୍ରଥମ ହୁଏ—'ଶେଷେ ପ୍ରଥମଃ'।

ଯେଉଁଠାରେ ମଧ୍ୟମ ଓ ଉତ୍ତମ ପୁରୁଷର ଏକସଙ୍ଗେ ପ୍ରୟୋଗ ହୁଏ, ସେଠାରେ **'ଆବାଂ ଗଚ୍ଛାବଃ'** ହିଁ ବଳବାନ୍ ହେବ, କାରଣ **'ଯୁଷ୍ମଦ୍ୟୁପପଦେ.....'** ସୂତ୍ର ଅନୁସାରେ **'ଅସ୍ମଦ୍ୟୁତ୍ତମଃ'** ସୂତ୍ରଟି ପର ହୋଇଥିବା ହେତୁ ଉତ୍ତମ ପୁରୁଷ ହିଁ ବଳବାନ୍ ହେବ।

ଗୀତାରେ ଦ୍ୱିତୀୟ ଅଧ୍ୟାୟର ୧୨ଶ ଶ୍ଳୋକରେ ପ୍ରଥମ ପୁରୁଷ **(ଇମେ ଜନାଧିପାଃ)**, ମଧ୍ୟମ ପୁରୁଷ **(ତ୍ୱମ୍)** ଓ ଉତ୍ତମ ପୁରୁଷ **(ଅହମ୍)**—ଏହି ତିନୋଟିର ପ୍ରୟୋଗ ଏକସଙ୍ଗେ ହୋଇଛି; ଅର୍ଥାତ୍ 'ଏଇ ରାଜାମାନେ, ତୁମେ ଓ ମୁଁ ଆଗରୁ ଯେ ନ ଥିଲେ, ଏ କଥା ନୁହେଁ।' ଅତଏବ ଶ୍ଳୋକର ଉତ୍ତରାର୍ଦ୍ଧରେ ବଳବତ୍ତା କାରଣରୁ ଉତ୍ତମ ପୁରୁଷର ପ୍ରୟୋଗ ହୋଇଛି—**'ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମ୍'** ଅର୍ଥାତ୍ 'ଆମେ ସମସ୍ତେ ପରେ ଯେ ରହିବା ନାହିଁ, ଏକଥା ମଧ୍ୟ ନୁହେଁ'।

ତୃତୀୟ ଅଧ୍ୟାୟର ୧୧ଶ ଶ୍ଳୋକରେ ପ୍ରଥମ ପୁରୁଷ **'ତେ ଦେବା ଭାବୟନ୍ତୁ ବଃ'** (ସେହି ଦେବତାମାନେ ତୁମମାନଙ୍କୁ ଉନ୍ନତ କରନ୍ତୁ) ଓ ମଧ୍ୟମ ପୁରୁଷ **(ଯୂୟମ୍)** **'ଅନେନ ଦେବାନ୍ ଭାବୟତ'** (ତୁମେମାନେ ଏହି ଯଜ୍ଞ ଦ୍ୱାରା ଦେବତାମାନଙ୍କୁ ଉନ୍ନତ କର)—ଏହି ଦୁଇଟିର ଏକସଙ୍ଗେ ପ୍ରୟୋଗ ହୋଇଛି। ଅତଏବ ଶ୍ଳୋକର ଉତ୍ତରାର୍ଦ୍ଧରେ ବଳବତ୍ତା କାରଣରୁ ମଧ୍ୟମ ପୁରୁଷର ପ୍ରୟୋଗ ହୋଇଛି—**'ଶ୍ରେୟଃ ପରମବାପ୍ସ୍ୟଥ'** (ତୁମେମାନେ ପରମ କଲ୍ୟାଣକୁ ପ୍ରାପ୍ତ ହେବ)।

(୧୫)

ସଂସ୍କୃତ ଭାଷାରେ ଏବଂ ସଂସ୍କୃତ ଗ୍ରନ୍ଥମାନଙ୍କରେ 'ସମାସ'ର ବିଶେଷ ମହତ୍ତ୍ୱ ରହିଛି, ତେଣୁ ସମାସର ଜ୍ଞାନ ହେବା ନିତାନ୍ତ ଆବଶ୍ୟକ। ଯେଉଁଠି ଦୁଇ କିଂବା ଦୁଇରୁ ଅଧିକ ପଦ (ଶବ୍ଦ) ମିଶି ଗୋଟିଏ ପଦ ହୋଇଯାଏ, ତାହାକୁ 'ସମାସ' କହନ୍ତି। 'ସମାସ ମୁଖ୍ୟତଃ ପାଞ୍ଚ ପ୍ରକାରର। ସେଗୁଡ଼ିକ ବିଷୟରେ ନିମ୍ନରେ ଆଲୋଚନା କରାଗଲା—

୧. କେବଳ ସମାସ

ଯାହାର କୌଣସି ବିଶେଷ ସଂଜ୍ଞା ନ ଥାଏ, ତାକୁ 'କେବଳ ସମାସ' କହନ୍ତି। ଯଥା—**'ପୂର୍ବଂ ଭୂତଃ'** (ଯାହା ଆଗରୁ ହୋଇସାରିଛି)—ଏଥିରେ **'ପୂର୍ବମ୍'** କ୍ରିୟା ବିଶେଷଣ ହୋଇଥିବା ହେତୁ ଦ୍ୱିତୀୟାନ୍ତ ହୋଇଛି। ଏହି ଲୌକିକ ବିଗ୍ରହରେ **'ସହ ସୁପା'** (ପାଣି. ଅ. ୨।୧।୪) ସୂତ୍ର ଦ୍ୱାରା ସମାସ ହୋଇ **'କୃତ୍ତଦ୍ଧିତସମାସାଶ୍ଚ'** ସୂତ୍ର ଦ୍ୱାରା ପ୍ରାତିପଦିକ ସଂଜ୍ଞା ହୋଇ **'ସୁପୋ ଧାତୁପ୍ରାତିପଦିକୟୋଃ'** ସୂତ୍ର ଦ୍ୱାରା 'ପୂର୍ବମ୍' ର 'ଅମ୍' ଓ 'ଭୂତଃ'ର 'ସୁ'

* ଅପରରୁ ପର, ପରରୁ ନିତ୍ୟ, ନିତ୍ୟରୁ ଅନ୍ତରଙ୍ଗ ଓ ଅନ୍ତରଙ୍ଗରୁ ଅପବାଦ କ୍ରମଶ ଗୋଟିଏ ଅନ୍ୟଟିଠାରୁ ବଳବାନ୍— 'ପରନିତ୍ୟାନ୍ତରଙ୍ଗାପବାଦାନାମୁତ୍ତରୋତ୍ତରଂ ବଳୀୟଃ।'

ବିଭକ୍ତି ଲୋପ ପାଇଯାଏ ଏବଂ **'ଭୂତପୂର୍ବେ ଚରଟ୍'**— ଏହି ନିର୍ଦ୍ଦେଶ ଅନୁସାରେ **'ଭୂତ'** ଶବ୍ଦର ପୂର୍ବପ୍ରୟୋଗ ହୋଇଯାଏ। ଅତଏବ **'ଭୂତପୂର୍ବଃ'** ଏଭଳି 'କେବଳ ସମାସ'ଯୁକ୍ତ ପଦ ଗଠିତ ହୁଏ। ଗୀତାରେ ମଧ୍ୟ **'ଅଦୃଷ୍ଟପୂର୍ବମ୍'** (୧୧।୪୫), **'ଦୃଷ୍ଟପୂର୍ବମ୍'** (୧୧।୪୭), **'ନିତ୍ୟଯୁକ୍ତାଃ'** (୧୨।୨) ଆଦି 'କେବଳ ସମାସ'ର ପଦମାନ ଦେଖିବାକୁ ମିଳେ।

୨. ଅବ୍ୟୟୀଭାବ ସମାସ

ଯେଉଁଥିରେ ପ୍ରାୟ ପୂର୍ବପଦର ଅର୍ଥର ପ୍ରାଧାନ୍ୟ ଥାଏ, ତାକୁ 'ଅବ୍ୟୟୀଭାବ ସମାସ' କହନ୍ତି। ଯଥା, ବିଭକ୍ତି ଅର୍ଥରେ **'ହରୌ ଇତି'** ବିଗ୍ରହରେ **'ଅବ୍ୟୟଂ ବିଭକ୍ତି....'** (ପାଣି. ଅ. ୨।୧।୬)—ଏହି ସୂତ୍ର ଅନୁସାରେ ସମାସ ହୋଇ **'ଅଧି'**ର ପୂର୍ବପ୍ରୟୋଗ କରାଯାଇ **'ଅଧିହରି'** ରୂପ ସିଦ୍ଧ ହେଲା। ଏଥିରେ ଯେଉଁ ଅର୍ଥ କେବଳ **'ହରୌ'** (ହରିଠାରେ) ର ଥିଲା, ସେହି ଅର୍ଥ **'ଅଧିହରି'**ର ମଧ୍ୟ ରହିଲା। ଗୀତାରେ ମଧ୍ୟ ଏହାର ପ୍ରୟୋଗ ଦେଖିବାକୁ ମିଳିଥାଏ; ଯଥା—**'ଆତ୍ମନି'** ବିଗ୍ରହରେ ସମାସ ହୋଇ **'ଅଧ୍ୟାତ୍ମନ୍'** ପଦ ହେଲା। ପୁଣି **'ଅନଶ୍ଚ'** ସୂତ୍ର ଅନୁସାରେ ଅନନ୍ତ ଅବ୍ୟୟୀଭାବ ସମାସରେ **'ଟଚ୍'**, **'ଯଚି ଭମ୍'** ସୂତ୍ର ଦ୍ୱାରା **'ଭସଂଜ୍ଞା'** ଓ **'ନସ୍ତଦ୍ଧିତେ'** ସୂତ୍ର ଅନୁସାରେ ଟିଭାଗର ଲୋପ ହୋଇ **'ଅଧ୍ୟାତ୍ମମ୍'** ରୂପ ହେଲା (୭।୨୯; ୮।୧, ୩)। ସେହିପରି ଭାଗମ୍ ଅନତିକ୍ରମ୍ୟ **'ଯଥାଭାଗମ୍'** (୧।୧୧)କୁ ବୁଝିନେବା ଉଚିତ।

୩. ତତ୍ପୁରୁଷ ସମାସ

ଯେଉଁଠାରେ ପ୍ରାୟ ଉତ୍ତରପଦ ଅର୍ଥର ପ୍ରାଧାନ୍ୟ ରହେ, ତାକୁ 'ତତ୍ପୁରୁଷ ସମାସ' କହନ୍ତି। ସର୍ବପ୍ରଥମେ ଦ୍ୱିତୀୟା ତତ୍ପୁରୁଷ ସମାସର ବିଧାନ କରାଯାଉଛି—

(କ) 'କୃଷ୍ଣଂ ଶ୍ରିତଃ, ସୁଖଂ ପ୍ରାପ୍ତଃ, ଦୁଃଖମାପନ୍ନଃ' ଆଦିରେ **'ଦ୍ୱିତୀୟା ଶ୍ରିତାତୀତପତିତଗତାତ୍ୟସ୍ତପ୍ରାପ୍ତାପନ୍ନୈଃ'** (ପାଣି. ଅ. ୨।୧।୨୪)—ଏହି ସୂତ୍ର ଅନୁସାରେ ସମାସ ହେବାରୁ 'କୃଷ୍ଣାଶ୍ରିତଃ, ସୁଖପ୍ରାପ୍ତଃ, ଦୁଃଖାପନ୍ନଃ' ଆଦି ରୂପ ହୁଏ। ଗୀତାରେ ମଧ୍ୟ ଏହି ଦ୍ୱିତୀୟା ସମାସର କେତୋଟି ଉଦାହରଣ ଦେଖିବାକୁ ମିଳେ; ଯଥା—**'ଶ୍ରୁତିବିପ୍ରତିପନ୍ନା'** (୨।୫୩), **'ଗୁଣାତୀତଃ'** (୧୪।୨୫), **'ସର୍ବଗତଃ'** (୨।୨୪), **'ପରମଗତିପ୍ରାପ୍ତମ୍'** (୪।୨), **'ଅତଗତମ୍'** (୭।୨୮) ଇତ୍ୟାଦି।

(ଖ) 'ହରିଣା ତ୍ରାତଃ, ଲକ୍ଷ୍ମ୍ୟା ସେବିତଃ' ପ୍ରଭୃତି ବିଗ୍ରହରେ **'କର୍ତ୍ତୃକରଣେ କୃତା ବହୁଳମ୍'** (ପାଣି. ଅ. ୨।୧।୩୨)—ଏହି ସୂତ୍ର ଦ୍ୱାରା ସମାସ ହୋଇ 'ହରିତ୍ରାତଃ, ଲକ୍ଷ୍ମୀସେବିତଃ' ଆଦି ଶବ୍ଦ ଗଠିତ ହୁଏ। ଗୀତାରେ ମଧ୍ୟ ଏହି ତୃତୀୟା ତତ୍ପୁରୁଷ ସମାସର ଅନେକ ଉଦାହରଣ ଦେଖିବାକୁ ମିଳେ; ଯଥା— **'ଅହଂକାରବିମୂଢାତ୍ମା'** (୩।୨୭), **'ଜ୍ଞାନାଗ୍ନିଦଗ୍ଧକର୍ମାଣମ୍'** (୪।୧୯), **'ଯଜ୍ଞକ୍ଷପିତକଳ୍ମଷାଃ'** (୪।୩୦), **'ଜ୍ଞାନସଞ୍ଛିନ୍ନସଂଶୟମ୍'** (୪।୪୧), **'ଯୋଗସଂସିଦ୍ଧଃ'** (୪।୩୮) ଇତ୍ୟାଦି।

(ଗ) **'ଦ୍ୱିଜାୟ ଇଦମ୍'**, **'ଭୂତେଭ୍ୟଃ ବଳିଃ'**, **'ଗବେ ହିତମ୍'** ଇତ୍ୟାଦିରେ **'ଚତୁର୍ଥୀ ତଦର୍ଥାର୍ଥବଳିହିତସୁଖରକ୍ଷିତୈଃ'** (ପାଣି. ଅ. ୨।୧।୩୬)—ଏହି ସୂତ୍ର ଅନୁସାରେ ସମାସ ହୋଇ 'ଦ୍ୱିଜାର୍ଥମ୍, ଭୂତବଳିଃ, ଗୋହିତମ୍' ଆଦି ଶବ୍ଦ ହୁଏ। ଗୀତାରେ ମଧ୍ୟ **'ତଦର୍ଥଂ କର୍ମ'** (ତସ୍ମୈ ଇଦଂ କର୍ମ) (୩।୯), **'ମଦର୍ଥମପି କର୍ମ'** (ମହ୍ୟମପି ଇଦଂ କର୍ମ) (୧୨।୧୦), **'ସର୍ବଭୂତହିତେ ରତାଃ'** (ସର୍ବଭୂତେଭ୍ୟଃ ହିତମ୍ ହିତେ ରତାଃ) (୫।୨୫; ୧୨।୪) ଆଦି ପ୍ରୟୋଗଗୁଡ଼ିକରେ ଚତୁର୍ଥୀ ସମାସ ହୋଇଛି ବୋଲି ବୁଝିବାକୁ ହେବ।

(ଘ) 'ଚୌରାଦ୍ ଭୟମ୍' ଆଦି ବିଗ୍ରହରେ **'ପଞ୍ଚମୀ ଭୟେନ'** (ପାଣି. ଅ. ୨।୧।୩୭)—ଏହି ସୂତ୍ର ଅନୁସାରେ ପଞ୍ଚମୀ ତତ୍ପୁରୁଷ ସମାସ ହୋଇ **'ଚୌରଭୟମ୍'** ଆଦି ରୂପ ହୁଏ। ଗୀତାରେ ମଧ୍ୟ ପଞ୍ଚମୀ ସମାସର ଉଦାହରଣ ରହିଛି; ଯଥା—**'ଅମୃତାତ୍ ସମୁଦ୍ଭବଃ'**, **'ତୃଷ୍ଣାୟାଃ ସଙ୍ଗାତ୍ ସମୁଦ୍ଭବଃ'**—ଏହି ବିଗ୍ରହରେ ପଞ୍ଚମୀ ଯୋଗ-ବିଭାଗ ଦ୍ୱାରା ସମାସ ଓ **'ଆଦ୍‌ଗୁଣଃ'** ଦ୍ୱାରା ଗୁଣ ହୋଇ ରୂପ ଧାରଣ କଲା— **'ଅମୃତୋଦ୍ଭବମ୍'** (୧୦।୨୭) 'ଅମୃତରୁ ଉତ୍ପନ୍ନ' ଏବଂ **'ତୃଷ୍ଣାସଙ୍ଗସମୁଦ୍ଭବମ୍'** (୧୪।୭)'ତୃଷ୍ଣା ଓ ସଙ୍ଗରୁ ଉତ୍ପନ୍ନ'।

(ଙ) 'ରାଜ୍ଞଃ ପୁରୁଷଃ, କୃଷ୍ଣସ୍ୟ ମୁରଲୀ' ଆଦି ବିଗ୍ରହରେ **ଷଷ୍ଠୀ** (ପାଣି. ଅ. ୨।୨।୮)—ଏହି ସୂତ୍ରାନୁସାରେ ଷଷ୍ଠୀ ତତ୍ପୁରୁଷ ସମାସ ହୋଇ 'ରାଜପୁରୁଷଃ' କୃଷ୍ଣମୁରଲୀ', ଆଦି ରୂପ ହୁଏ। ଗୀତାରେ ମଧ୍ୟ **'ଶରୀରଯାତ୍ରା'** (ଶରୀରସ୍ୟ ଯାତ୍ରା) (୩।୮), **'ଆତ୍ମମାୟୟା'** (ଆତ୍ମନଃ ମାୟୟା) (୪।୬) ଆଦି ଷଷ୍ଠୀ ତତ୍ପୁରୁଷ ସମାସର ଉଦାହରଣ ବୋଲି ବୁଝିବା ଉଚିତ।

(ଚ) 'ଅକ୍ଷେଷୁ ଶୌଣ୍ଡଃ' (ଅକ୍ଷଶୌଣ୍ଡଃ) ଆଦି ବିଗ୍ରହରେ **'ସପ୍ତମୀ ଶୌଣ୍ଡୈଃ'** (ପାଣି. ଅ. ୨ । ୧ । ୪୦) ସୂତ୍ର ଅନୁସାରେ ସପ୍ତମୀ ତତ୍ପୁରୁଷ ସମାସ ହୋଇଥାଏ । ଗୀତାରେ ମଧ୍ୟ **'ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାମ୍'** (ଭୋଗୈଶ୍ୱର୍ଯ୍ୟେଷୁ ପ୍ରସକ୍ତାନାମ୍) (୨ । ୪୪), **'ଆତ୍ମରତିଃ'** (ଆତ୍ମନି ରତିଃ) (୩ । ୧୭), **'ଯୁଦ୍ଧବିଶାରଦାଃ'** (ଯୁଦ୍ଧେ ବିଶାରଦାଃ) (୧ । ୯) ଆଦିରେ **'ସପ୍ତମୀ ଯୋଗବିଭାଗାତ୍'** ସପ୍ତମୀ ତତ୍ପୁରୁଷ ସମାସ ହେଲା ବୋଲି ଜାଣିବା ଉଚିତ ।

ଏପର୍ଯ୍ୟନ୍ତ ବ୍ୟଧିକରଣ ତତ୍ପୁରୁଷର ଉଦାହରଣ ଦିଆଗଲା, ବର୍ତ୍ତମାନ ସମାନାଧିକରଣ ତତ୍ପୁରୁଷର ଉଦାହରଣ ଦିଆଯାଉଛି—

'କର୍ମଧାରୟ ସମାସ' ହେଉଛି ତତ୍ପୁରୁଷ ସମାସର ଗୋଟିଏ ପ୍ରକାର । ତତ୍ପୁରୁଷ ସମାସରେ ଯେତେବେଳେ ପୂର୍ବପଦ ଓ ଉତ୍ତରପଦ ସମାନ ବିଭକ୍ତ୍ୟନ୍ତ ହୋଇ ଗୋଟିଏ ବାଚ୍ୟକୁ ସୂଚିତ କରନ୍ତି, ସେତେବେଳେ ତାହାକୁ 'କର୍ମଧାରୟ ସମାସ' କହନ୍ତି । ଅର୍ଥାତ୍ ଏହି ସମାସ ବିଶେଷଣ ଓ ବିଶେଷ୍ୟର ସମାନାଧିକରଣରେ ଗଠିତ ହୋଇଥାଏ । ଯଥା—**'ନୀଳୋତ୍ପଳମ୍'** (ନୀଳଂ ଚ ତତ୍ ଉତ୍ପଳମ୍) **ସର୍ବକଳାଃ** (ସର୍ବାଶ୍ଚ ତାଃ କଳାଃ) ଆଦି ବିଗ୍ରହରେ **'ବିଶେଷଣଂ ବିଶେଷ୍ୟେଣ ବହୁଳମ୍'** (ପାଣି. ଅ. ୨ । ୧ । ୫୬)—ଏହି ସୂତ୍ର ଅନୁସାରେ କର୍ମଧାରୟ ସମାସ ହୋଇଛି । ଗୀତାରେ ମଧ୍ୟ **'ସର୍ବକର୍ମାଣି'** (ସର୍ବାଣି ଚ ତାନି କର୍ମାଣି) (୩ । ୨୬; ୫ । ୧୩), **'ପରମାତ୍ମା'** (ପରମଶ୍ଚାସୌ ଆତ୍ମା) (୬ । ୭), **'ପରଧର୍ମାତ୍'** (ପରଶ୍ଚାସୌ ଧର୍ମଃ ତସ୍ମାତ୍) (୩ । ୩୫; ୧୮ । ୪୭) ଆଦି ପ୍ରୟୋଗ କର୍ମଧାରୟ ସମାସର ବୋଲି ଜାଣିବା ଉଚିତ ।

'ଦ୍ୱିଗୁ ସମାସ' ହେଉଛି କର୍ମଧାରୟ ସମାସର ଗୋଟିଏ ପ୍ରକାର । ଯେଉଁଠାରେ ବିଶେଷଣ ଓ ବିଶେଷ୍ୟର ସମାନାଧିକରଣରେ ସଂଖ୍ୟା ପ୍ରଥମେ ଆସିଥାଏ, ତାହାକୁ 'ଦ୍ୱିଗୁ ସମାସ' କୁହାଯାଏ । ଯଥା—'ତ୍ରୟାଣାଂ ଭୁବନାନାଂ ସମାହାରଃ', ଚତୁର୍ଣ୍ଣାଂ ଯୁଗାନାଂ ସମାହାରଃ'—ଏହି ବିଗ୍ରହରେ **'ତଦ୍ଧିତାର୍ଥୋତ୍ତରପଦସମାହାରେ ଚ'** (ପାଣି. ଅ. ୨ । ୧ । ୫୧) ସୂତ୍ର ଅନୁସାରେ ଦ୍ୱିଗ୍ୱର୍ଥ ସମାହାର ସମାସ ହେଲା, **ଦ୍ୱିଗୁରେକବଚନମ୍'** (ପାଣି. ଅ. ୨ । ୪ । ୧) ସୂତ୍ର ଅନୁସାରେ **'ଏକବତ୍'** ହେଲା ଏବଂ **'ସ ନପୁଂସକମ୍'** (ପାଣି. ଅ. ୨ । ୪ । ୧୭) ସୂତ୍ର ଅନୁସାରେ ନପୁଂସକ ଲିଙ୍ଗ ହେଲା; ଅତଏବ 'ତ୍ରିଭୁବନମ୍' ଓ 'ଚତୁର୍ଯୁଗମ୍' ରୂପ ହେଲା । ଗୀତାରେ ମଧ୍ୟ ଏହିପରି ଦ୍ୱିଗ୍ୱର୍ଥ ସମାହାର ସମାସର ଉଦାହରଣ ଦେଖିବାକୁ ମିଳେ । ଯଥା—**'ତ୍ରୟାଣାଂ ଗୁଣାନାଂ ସମାହାରଃ'**, **'ଚତୁର୍ଣ୍ଣାଂ ବର୍ଣ୍ଣାନାଂ ସମାହାରଃ'** ଏହି ବିଗ୍ରହଗୁଡ଼ିକରେ ଉପର୍ଯ୍ୟୁକ୍ତ ପ୍ରକାରେ ସମାସ ଆଦି ହୋଇ 'ତ୍ରିଗୁଣମ୍', 'ଚତୁର୍ବର୍ଣ୍ଣମ୍' ରୂପ ହେଲା ଏବଂ ଏଗୁଡ଼ିକରେ ସ୍ୱାର୍ଥରେ ତଦ୍ଧିତର ଷ୍ୟଞ୍ ପ୍ରତ୍ୟୟ ଲାଗିଲା ପରେ ହେଲା—**'ତ୍ରୈଗୁଣ୍ୟ ବିଷୟାଃ'** (୨ । ୪୫), **'ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟମ୍'** (୪ । ୧୩) ଇତ୍ୟାଦି ।

'ପୂର୍ବଂ ସ୍ନାତଃ ପଶ୍ଚାଦନୁଲିପ୍ତଃ', 'ପୂର୍ବଂ ଭୁକ୍ତଂ ପଶ୍ଚାତ୍ ପୀତମ୍', 'ପୂର୍ବଂ ଯାତଂ ପଶ୍ଚାତ୍ ଆୟାତମ୍' ଆଦି ବିଗ୍ରହଗୁଡ଼ିକରେ **'ପୂର୍ବକାଳୈକସର୍ବଜରତ୍ପୁରାଣ-ନବକେବଳାଃ ସମାନାଧିକରଣେନ'** (ପାଣି. ଅ. ୨ । ୧ । ୪୯)—ଏହି ସୂତ୍ର ଦ୍ୱାରା ପୂର୍ବକାଳ ଅର୍ଥରେ ସମାସ ହୋଇ 'ସ୍ନାତାନୁଲିପ୍ତଃ', 'ଭୁକ୍ତପୀତଃ', 'ଯାତାୟାତମ୍' ଆଦି ପ୍ରୟୋଗ ସିଦ୍ଧ ହୋଇଯାଏ । ଗୀତାରେ ମଧ୍ୟ 'ପୂର୍ବଂ ଗତଂ ପଶ୍ଚାତ୍ ଆଗତମ୍' ଏହି ବିଗ୍ରହରେ ପୂର୍ବୋକ୍ତ ସୂତ୍ର ଅନୁସାରେ ସମାସ ହୋଇ **'ଗତାଗତମ୍'** (୯ । ୨୧) ରୂପ ସିଦ୍ଧ ହୋଇଯାଏ ।

ନିଷେଧ ଆଦି ଅର୍ଥରେ **'ନଞ୍'** ସମାସ ହୁଏ; ଯଥା—'ନ ବ୍ରାହ୍ମଣଃ, ନ ସାଧୁଃ' ଆଦି ବିଗ୍ରହରେ **'ନଞ୍'** (ପାଣି. ଅ. ୨ । ୨ । ୬) ସୂତ୍ର ଅନୁସାରେ **'ନଞ୍'** ଅବ୍ୟୟର ସୁବନ୍ତ ବ୍ରାହ୍ମଣ ଆଦି ଶବ୍ଦଗୁଡ଼ିକ ସହିତ ସମାସ ହୁଏ ଓ **'ନ ଲୋପୋ ନଞଃ'** (ପାଣି. ଅ. ୬ । ୩ । ୭୩) ସୂତ୍ର ଅନୁସାରେ ଉତ୍ତରପଦଟି ଆଗକୁ ଥିବାରୁ **'ନଞ୍'**ର ନକାର ଲୋପ ହୋଇଯାଏ । ଅତଏବ 'ଅବ୍ରାହ୍ମଣଃ, ଅସାଧୁଃ' ରୂପ ହୁଏ । କିନ୍ତୁ **'ନଞ୍'** ସମାସରେ ଯଦି ଉତ୍ତରପଦ ଅଜାଦି ହୋଇଥାଏ, ତେବେ **'ନଞ୍'**ର ନକାର ଲୋପ ହୋଇଗଲେ ଅଜାଦିକୁ **'ନୁଟ୍'** ଆଗମ ହୁଏ; ଯଥା—'ଅନେକଃ (ନ ଏକଃ), 'ଅନୁତ୍ସାହଃ' (ନ ଉତ୍ସାହଃ) ଆଦି । ଗୀତାରେ ମଧ୍ୟ **'ଅବିନାଶି'** (ନ ବିନାଶି) (୨ । ୧୭), **'ଅକୀର୍ତ୍ତିମ୍'** (ନ କୀର୍ତ୍ତିମ୍) (୨ । ୩୪), **'ଅନହଂକାରଃ'** (ନ ଅହଂକାରଃ) (୧୩ । ୮), **'ଅନଭିଷ୍ୱଙ୍ଗଃ'** (ନ ଅଭିଷ୍ୱଙ୍ଗଃ) (୧୩ । ୯), **'ଅନଭିସ୍ନେହଃ'** (ନ ଅଭିସ୍ନେହଃ) (୨ । ୫୭) ଆଦି ପ୍ରୟୋଗଗୁଡ଼ିକୁ ଏହିପରି ବୁଝିବା ଉଚିତ ।

ଯେମିତି 'ନଞ୍' ଅବ୍ୟୟ ସହିତ ସମାସ ହୁଏ, ସେମିତି 'ନ' ଅବ୍ୟୟ ସହିତ ମଧ୍ୟ ସମାସ ହୋଇଥାଏ । ତଥାପି ଉଭୟ ମଧ୍ୟରେ ପାର୍ଥକ୍ୟ ଅଛି । 'ନଞ୍' ସହିତ

'ନଞ୍' ସୂତ୍ର ଅନୁସାରେ ତତ୍ପୁରୁଷ ସମାସ ହେଲେ 'ନ ଲୋପୋ ନଞଃ'—ଏହି ସୂତ୍ର ଦ୍ୱାରା 'ନ'ର ନକାର ଲୋପ ହେବ ଓ 'ନ' ଅବ୍ୟୟ ସହିତ **'ସହ ସୁପା'** ସୂତ୍ର ଅନୁସାରେ 'କେବଳ ସମାସ' ହେଲେ 'ନ'ର ନକାର ଲୋପ ହେବ ନାହିଁ, ସନ୍ଧିକାର୍ଯ୍ୟ ହେବ; ଯଥା—'ନ ଏକଧା', 'ନ ଏକଃ' ଆଦି ବିଗ୍ରହଗୁଡ଼ିକରେ କେବଳ ସମାସ ହୋଇ ସନ୍ଧିକାର୍ଯ୍ୟ ହୋଇଗଲା; ଅତଏବ 'ନୈକଧା', ନୈକଃ' ଆଦି ରୂପ ହେଲା। ଗୀତାରେ ମଧ୍ୟ 'ନ ଚିରେଣ', 'ନ ଚିରାତ୍', 'ନ ଅନ୍ୟଗାମିନା', 'ନ ଅତିମାନିତା' ଆଦି ବିଗ୍ରହଗୁଡ଼ିକରେ **'ସହ ସୁପା'** ସୂତ୍ର ଅନୁସାରେ ସମାସ ଓ ସନ୍ଧିକାର୍ଯ୍ୟ ହୋଇ **'ନଚିରେଣ'** (୫ । ୬), **'ନଚିରାତ୍'** (୧୨ । ୭), **'ନାନ୍ୟଗାମିନା'** (୮ । ୮), **'ନାତିମାନିତା'** (୧୬ । ୩) ଆଦି 'ନ' ସହିତ ହୋଇଥିବା ସମାସ ଦେଖିବାକୁ ମିଳେ।

'ଅହଶ୍ଚ ରାତ୍ରିଶ୍ଚ ଅନୟୋଃ ସମାହାରଃ' ଏହି ବିଗ୍ରହରେ **'ଚାର୍ଥେ ଦ୍ୱନ୍ଦ୍ୱଃ'** (ପାଣି. ଅ. ୨ । ୨ । ୨୯) ସୂତ୍ର ଅନୁସାରେ ସମାହାର ଅର୍ଥରେ ଦ୍ୱନ୍ଦ୍ୱସମାସ ହେବାରୁ **'ଅହଃ ସର୍ବୈକଦେଶସଂଖ୍ୟାତପୁଣ୍ୟାଚ୍ଚ ରାତ୍ରେଃ'** (ପାଣି. ଅ. ୫ । ୪ । ୮୭) ସୂତ୍ର ଅନୁସାରେ ସମାସାନ୍ତ 'ଅଚ୍' ପ୍ରତ୍ୟୟ ହୋଇ ଭସଂଜ୍ଞା ଓ ଇକାରର ଲୋପ ହେଲା ଏବଂ 'ଅହନ୍'ର ନକାରକୁ 'ରୂପରାତ୍ରିରଥାନ୍ତରେଷୁ ରୁତ୍ୱଂ ବାଚ୍ୟମ୍' ଏହି ବାର୍ତ୍ତିକ ଅନୁସାରେ ରୁତ୍ୱ 'ହଶି ଚ'ରେ ଉତ୍ୱ 'ଆଦ୍‌ଗୁଣଃ' ଦ୍ୱାରା ଗୁଣ ହୋଇ **'ରାତ୍ରାହ୍ନାହାଃ ପୁଂସି'** (ପାଣି. ଅ. ୨ । ୪ । ୨୯) ସୂତ୍ର ଅନୁସାରେ ପୁଂଲିଙ୍ଗ ହୋଇ 'ଅହୋରାତ୍ରଃ' ପ୍ରୟୋଗ ସିଦ୍ଧ ହେଲା। ଗୀତାରେ ମଧ୍ୟ **'ତେଽହୋରାତ୍ରବିଦୋ ଜନାଃ'** (୮ । ୧୭) ପଦଗୁଡ଼ିକରେ 'ଅହୋରାତ୍ରଃ'ର ପ୍ରୟୋଗ ହୋଇଛି। ଏହିପରି 'ପରମଶ୍ଚାସୌ ରାଜା' 'କୃଷ୍ଣସ୍ୟ ସଖା' ଆଦି **'ରାଜାହଃସଖିଭ୍ୟଷ୍ଟଚ୍'** (ପାଣି. ଅ. ୫ । ୪ । ୯୧) ସୂତ୍ର ଅନୁସାରେ ସମାସାନ୍ତ 'ଟଚ୍' ହୋଇ 'ପରମରାଜଃ', 'କୃଷ୍ଣସଖଃ' ଆଦି ପ୍ରୟୋଗ ସିଦ୍ଧ ହୁଏ*।

୪. ବହୁବ୍ରୀହି ସମାସ

ଯେଉଁଥିରେ ସମସ୍ୟମାନଠାରୁ ଭିନ୍ନ ବା ଅନ୍ୟ ପଦାର୍ଥ ମୁଖ୍ୟ ହୋଇଥାଏ, ତାକୁ 'ବହୁବ୍ରୀହି ସମାସ' କହନ୍ତି ଏବଂ ସେହି ସମାସର ଲିଙ୍ଗ ଓ ବଚନ ମଧ୍ୟ ଅନ୍ୟ ପଦ ଅନୁସାରେ ହିଁ ହୋଇଥାଏ। ଯଥା—'ପୀତମ୍ ଅମ୍ବରଂ ଯସ୍ୟ ସଃ', 'ବିକସିତାନି କମଲାନି ଯସ୍ୟାଂ ସା', 'ବହୂନି କୁଞ୍ଜାନି ଯସ୍ମିନ୍ ତତ୍' ଆଦି ବିଗ୍ରହମାନଙ୍କରେ—**'ଅନେକମନ୍ୟପଦାର୍ଥେ'** (ପାଣି. ଅ. ୨ । ୨ । ୨୪)—ଏହି ସୂତ୍ର ଦ୍ୱାରା ଅନେକ ପ୍ରଥମାନ୍ତ ପଦଗୁଡ଼ିକର ଅନ୍ୟ ପଦର ଅର୍ଥରେ ସମାସ ହେଲେ 'ପୀତାମ୍ବରୋ ହରିଃ, ବିକସିତକମଲା ଯମୁନା, ବହୁକୁଞ୍ଜଂ ବୃନ୍ଦାବନମ୍' ଆଦି ପ୍ରୟୋଗ ସିଦ୍ଧ ହୋଇଥାଏ। ଗୀତାରେ ମଧ୍ୟ 'ମହାନ୍ତୌ ବାହୂ ଯସ୍ୟ ସଃ', 'ମୁକ୍ତଃ ସଙ୍ଗଃ ଯେନ', 'କୃତଃ ନିଶ୍ଚୟଃ ଯେନ', 'କ୍ଷୀଣାନି କଲ୍ମଷାନି ଯେଷାଂ ତେ' ଆଦି ବିଗ୍ରହଗୁଡ଼ିକରେ ସମାସ ହୋଇ **'ମହାବାହୋ'** (୧୮ । ୧), **'ମୁକ୍ତସଙ୍ଗଃ'** (୧୮ । ୨୬), **'କୃତନିଶ୍ଚୟଃ'** (୨ । ୩୭), **'କ୍ଷୀଣକଲ୍ମଷାଃ'** (୫ । ୨୫) ଆଦି ରୂପ ହୋଇଛି।

(କ) ପ୍ରାଦି ବହୁବ୍ରୀହି—ପ୍ର, ପରା, ଅପ, ସମ୍ ଆଦି ପ୍ରାଦିଗୁଡ଼ିକ ସହିତ ଯେଉଁ ଧାତୁର ରୂପ ଥାଏ, ବହୁବ୍ରୀହି ସମାସ ହୋଇଗଲେ, ବିକଳ୍ପରେ ତାହା ଲୋପ ହୋଇଯାଏ। ଯଥା—'ପ୍ରପତିତାନି ପର୍ଣ୍ଣାନି ଯସ୍ୟ ସଃ' ଏହି ବିଗ୍ରହରେ **'ପ୍ରାଦିଭ୍ୟୋ ଧାତୁଜସ୍ୟ ବାଚ୍ୟୋ ବା ଚୋତ୍ତରପଦଲୋପଃ'**—ଏହି ବାର୍ତ୍ତିକ ଅନୁସାରେ ବିକଳ୍ପରେ ସମାସ ଓ ଉତ୍ତରପଦର ଲୋପ ହୋଇ 'ପ୍ରପର୍ଣ୍ଣଃ—ପ୍ରପତିତପର୍ଣ୍ଣଃ ବୃକ୍ଷଃ' ରୂପ ହୋଇଛି। ଗୀତାରେ ଏହାର କେତୋଟି ଉଦାହରଣ ମିଳୁଛି; ଯଥା—ଦୁଷ୍ଟା

* 'ଦ୍ୱୟୋଃ ଅହ୍ନୋଃ ସମାହାରଃ', 'ନବାନାମ୍ ଅହ୍ନାଂ ସମାହାରଃ' (ଦୁଇ ଦିନର ସମାହାର, ନଅ ଦିନର ସମାହାର)—ଏହି ଅର୍ଥରେ **'ତଦ୍ଧିତାର୍ଥୋତ୍ତରପଦସମାହାରେ ଚ'** (ପାଣି. ଅ. ୨ । ୧ । ୫୧) ସୂତ୍ର ଦ୍ୱାରା ଦ୍ୱିଗୁସମାସ ହେଲା। **'ରାଜାହଃସଖିଭ୍ୟଷ୍ଟଚ୍'** (ପାଣି. ଅ. ୫ । ୪ । ୯୧)—ଏହି ସୂତ୍ର ଦ୍ୱାରା ସମାସାନ୍ତ 'ଟଚ୍', **'ଅହ୍ନୋଽହ୍ନ ଏତେଭ୍ୟଃ'** (ପାଣି. ଅ. ୫ । ୪ । ୮୮) ସୂତ୍ର ଦ୍ୱାରା 'ଅହନ୍' ସ୍ଥାନରେ **'ଅହ୍ନଃ'** ଆଦେଶ ପ୍ରାପ୍ତ ହେବାରୁ 'ନ ସଂଖ୍ୟାଦେଃ ସମାହାରେ' ସମାହାର ସମାସ ହେବା କାରଣରୁ 'ଅହ୍ନ' ଆଦେଶର ନିଷେଧ ହେଲା। **'ଅହ୍ନଷ୍ଟଖୋରେବ'** (୬ । ୪ । ୧୪୫)—ଏହି ସୂତ୍ରର ନିୟମ ଅନୁସାରେ **'ଅହନ୍'**ର **'ଟି'**(ଅନ୍) ଲୋପ ହୋଇ 'ଦ୍ୱ୍ୟହଃ, ନବାହଃ'—ଏଭଳି ରୂପ ହୁଏ ଅର୍ଥାତ୍ ଯେଉଁଠାରେ ଦୁଇ ଦିନର, ତିନି ଦିନର, ସାତ ଦିନର, ଆଠ ଦିନର ସମୂହ ଅର୍ଥ ହେବ, ସେଠାରେ 'ଦ୍ୱ୍ୟହଃ' ଆଦି ରୂପ ହେବ, କିନ୍ତୁ ଯେଉଁଠି 'ଦୁଇ ଦିନରେ ହେଉଥିବା, ତିନି ଦିନର ହେଉଥିବା' ଏପରି ଅର୍ଥରେ ସମାସ କରିବା, ସେଠାରେ 'ଦ୍ୱ୍ୟହ୍ନଃ, ନବାହ୍ନଃ' ଆଦି ରୂପ ହେବ। ଯଥା—'ଦ୍ୱୟୋଃ ଅହ୍ନୋଃ ଭବଃ, ନବସୁ ଅହଃସୁ ଭବଃ' ଏହି ବିଗ୍ରହରେ **'ତଦ୍ଧିତାର୍ଥୋତ୍ତରପଦସମାହାରେ ଚ'** ସୂତ୍ର ଦ୍ୱାରା ସମାସ ହେବାପରେ 'କାଲାଟ୍ଠଞ୍' (୪ । ୩ । ୧୧) ସୂତ୍ର ଅନୁସାରେ କାଳବାଚୀ 'ଅହନ୍' ଶବ୍ଦରେ **'ଠଞ୍'** ହେଲା ଓ **'ଦ୍ୱିଗୋର୍ଲୁଗନପତ୍ୟେ'** (୪ । ୧ । ୮୮) ସୂତ୍ର ଦ୍ୱାରା **'ଠଞ୍'**ର ଲୋପ ହେଲା। 'ରାଜାହଃସଖିଭ୍ୟଷ୍ଟଚ୍'—ଏହି ସୂତ୍ର ଦ୍ୱାରା 'ଟଚ୍' **'ଅହ୍ନୋଽହ୍ନ ଏତେଭ୍ୟଃ'**—ଏହି ସୂତ୍ର ଦ୍ୱାରା 'ଅହନ୍' ସ୍ଥାନରେ 'ଅହ୍ନ', ଆଦେଶ ହୋଇ 'ଦ୍ୱ୍ୟହ୍ନଃ', 'ନବାହ୍ନଃ' ଆଦି ପ୍ରୟୋଗ ସିଦ୍ଧ ହେଲା।

ବୁଦ୍ଧିର୍ଯସ୍ୟ ତସ୍ୟ '**ଦୁର୍ବୁଦ୍ଧେଃ**' (୧।୨୩), '**ଦୁର୍ମତିଃ**' (୧୮।୧୬), ବିଗତଃ ମତ୍ସରଃ ଯସ୍ମାତ୍ '**ବିମତ୍ସରଃ**' (୪।୨୨), 'ବିଗତା ସ୍ପୃହା ଯସ୍ମାତ୍ '**ବିଗତସ୍ପୃହଃ**' (୧୮।୪୯), ନିର୍ଗତଂ ମମ ଯସ୍ମାତ୍ '**ନିର୍ମମଃ**' (୨।୭୧), ବିଗତଃ ଜ୍ୱରଃ ଯସ୍ମାତ୍ '**ବିଗତଜ୍ୱରଃ**' (୩।୩୦), ଇତ୍ୟାଦି।

(ଖ) ନଞ୍ ବହୁବ୍ରୀହି—'ନଞୋଽସ୍ତ୍ୟର୍ଥାନାଂ ବାଚ୍ୟୋ ବା ଚୋତ୍ତରପଦଲୋପଃ'—ଏହି ବାର୍ତ୍ତିକ ଅନୁସାରେ ଉତ୍ତରପଦଟି ଆଗକୁ ଥିଲେ ନଞ୍ ସହିତ ସମାସ ହୋଇଯାଏ ଏବଂ ଅସ୍ତ୍ୟର୍ଥକ (ବିଦ୍ୟମାନାର୍ଥକ) ପଦ ବିକଳ୍ପରେ ଲୋପ ପାଇଯାଏ; ଯଥା—ଅବିଦ୍ୟମାନଃ ପୁତ୍ରଃ ଯସ୍ୟ ସ ଅପୁତ୍ରଃ—'ଅବିଦ୍ୟମାନପୁତ୍ରଃ', ଅବିଦ୍ୟମାନଃ କ୍ରୋଧ ଯସ୍ୟ ସ ଅକ୍ରୋଧ—'ଅବିଦ୍ୟମାନକ୍ରୋଧଃ', ନାସ୍ତି ଦାସୋ ଯସ୍ୟ ସ ଅଦାସ' ଆଦି ପ୍ରୟୋଗକୁ ବୁଝିନେବା ଉଚିତ। ଗୀତାରେ ମଧ୍ୟ—ଅବିଦ୍ୟମାନଃ ପରିଗ୍ରହଃ ଯସ୍ୟ ସଃ '**ଅପରିଗ୍ରହଃ**' (୬।୧୦), ନାସ୍ତି ଉତ୍ତମଂ ଯସ୍ମାତ୍ ତମ୍ '**ଅନୁତ୍ତମମ୍**' (୭।୨୪), ଅବିଦ୍ୟମାନଂ କୁଶଳଂ ଯସ୍ମାତ୍ ତତ୍ '**ଅକୁଶଳମ୍**' (୧୮।୧୦), ନାସ୍ତି ପ୍ରତୀକାରଃ ଯସ୍ମାତ୍ ତଂ '**ଅପ୍ରତୀକାରମ୍**' (୧।୪୬) ଆଦି ପ୍ରୟୋଗଗୁଡ଼ିକରେ 'ନଞ୍' ସହିତ ସମାସ ଏବଂ ଅସ୍ତ୍ୟର୍ଥକ ବିଦ୍ୟମାନର ବା ଅସ୍ତିର ଲୋପ କରାଯାଇଛି।

(ଗ) ବ୍ୟଧିକରଣ ବହୁବ୍ରୀହି—ବହୁବ୍ରୀହି ସମାସରେ ପ୍ରଥମାନ୍ତ ପଦଗୁଡ଼ିକର ହିଁ ବିଧାନ କରାଯାଇଛି ଏବଂ ସେଥିରେ କୌଣସି ପଦ ସପ୍ତମ୍ୟନ୍ତ ହୋଇପାରିବ ନାହିଁ; ତଥାପି ପାଣିନି '**ସପ୍ତମୀବିଶେଷଣେ ବହୁବ୍ରୀହୌ**' (୨।୨।୩୫) ସୂତ୍ର ଅନୁସାରେ ସପ୍ତମୀ ପଦର ପୂର୍ବନିପାତ କରିବାର ବିଧାନ କିପରି କଲେ? ସପ୍ତମୀ ପଦର ପୂର୍ବନିପାତ କରିବା ଏହା ହିଁ ଜ୍ଞାପିତ କରୁଛି ଯେ ବ୍ୟଧିକରଣ ପଦମାନଙ୍କରେ ମଧ୍ୟ '**ଅନେକମନ୍ୟପଦାର୍ଥେ**' (୨।୨।୨୪) ସୂତ୍ର ଦ୍ୱାରା ବହୁବ୍ରୀହି ସମାସ ହୁଏ। ଯଥା—'ପାଣୌ ଚକ୍ରଂ ଯସ୍ୟ ସଃ' ଏହି ବିଗ୍ରହରେ ଉପର୍ଯ୍ୟୁକ୍ତ ସୂତ୍ର ଦ୍ୱାରା ସମାସ ଓ '**ପ୍ରହରଣାର୍ଥେଭ୍ୟଃ ପରେ ନିଷ୍ଠାସପ୍ତମ୍ୟୌ**' ଏହି ବାର୍ତ୍ତିକ ଅନୁସାରେ 'ପାଣି' ଶବ୍ଦର ପରନିପାତ ହୋଇ 'ଚକ୍ରପାଣିଃ' ଆଦି ପ୍ରୟୋଗ ସିଦ୍ଧ ହୁଏ। ଗୀତାରେ ମଧ୍ୟ—ପାଣିଷୁ ଶସ୍ତ୍ରାଣି ଯେଷାଂ ତେ '**ଶସ୍ତ୍ରପାଣୟଃ**' (୧।୪୬), ହସ୍ତେ ଚକ୍ରଂ ଯସ୍ୟ ତମ୍ '**ଚକ୍ରହସ୍ତମ୍**' (୧୧।୪୬) ଆଦି ପ୍ରୟୋଗ ଉପର୍ଯ୍ୟୁକ୍ତ ସୂତ୍ର ଏବଂ ବାର୍ତ୍ତିକ ଅନୁସାରେ ହୋଇଛି।

(ଘ) 'ସହ' ଅବ୍ୟୟ ବହୁବ୍ରୀହି ସମାସ—'ସହ' ଅବ୍ୟୟ ସହିତ ବହୁବ୍ରୀହି ସମାସ ହୋଇଥାଏ ଏବଂ 'ସହ' ଅବ୍ୟୟ ସ୍ଥାନରେ ବିକଳ୍ପରେ 'ସ' ହୋଇଥାଏ। ଯଥା—'ପୁତ୍ରେଣ ସହ ଆଗତଃ', 'ବତ୍ସେନ ସହ ଆଗତା' ଆଦି ବିଗ୍ରହଗୁଡ଼ିକରେ '**ତେନ ସହେତି ତୁଲ୍ୟଯୋଗେ**' (ପାଣି. ଅ. ୨।୨।୨୮) ସୂତ୍ର ଦ୍ୱାରା ସମାସ ଏବଂ '**ବୋପସର୍ଜନସ୍ୟ**' (ପାଣି. ଅ. ୬।୩।୮୨) ସୂତ୍ର ଦ୍ୱାରା 'ସହ' ସ୍ଥାନରେ ବିକଳ୍ପରେ 'ସ' ହୋଇ ସପୁତ୍ରଃ—'ସହପୁତ୍ରଃ ଆଗତଃ', ସବତ୍ସା—'ସହବତ୍ସା ଆଗତା' ଆଦି ପ୍ରୟୋଗ ସିଦ୍ଧ ହୁଏ। ଗୀତାରେ ମଧ୍ୟ 'ଶରେଣ ସହ ଚାପମ୍', 'ଯଜ୍ଞେନ ସହ ପ୍ରଜାଃ', 'ଚରାଚରେଣ ସହ ଜଗତ୍' ଆଦି ପ୍ରୟୋଗ ଉପର୍ଯ୍ୟୁକ୍ତ ସୂତ୍ରମାନଙ୍କ ଦ୍ୱାରା ସମାସ ଓ 'ସ' ବା 'ସହ' ଭାବ ହୋଇ '**ସଶରଂ ଚାପମ୍**' (୧।୪୭), '**ସହଯଜ୍ଞାଃ ପ୍ରଜାଃ**' (୩।୧୦), '**ସଚରାଚରଂ ଜଗତ୍**' (୯।୧୦) ଆଦି ରୂପରେ ପ୍ରୟୋଗ କରାଯାଇଛି।

୫ ଦ୍ୱନ୍ଦ୍ୱ ସମାସ

ଯେଉଁଥିରେ 'ଚ' ଅର୍ଥରେ ଦୁଇ କିଂବା ତତୋଧିକ ସୁବନ୍ତ ପଦ ବିକଳ୍ପରେ ସମାସ ହୁଏ ଏବଂ ଯେଉଁଠି ପ୍ରାୟ ଉଭୟ ପଦ ପ୍ରଧାନ ହୋଇଥାଆନ୍ତି, ତାକୁ 'ଦ୍ୱନ୍ଦ୍ୱ ସମାସ' କୁହାଯାଏ। ଯଥା—'ମାତା ଚ ପିତା ଚ', 'ହର୍ଷଶ୍ଚ ଶୋକଶ୍ଚ' ଆଦି ବିଗ୍ରହମାନଙ୍କରେ '**ଚାର୍ଥେ ଦ୍ୱନ୍ଦ୍ୱଃ**' (ପାଣି. ଅ. ୨।୨।୨୯) ସୂତ୍ର ଅନୁସାରେ ସମାସ ହୋଇ 'ମାତାପିତରୌ', 'ହର୍ଷଶୋକୌ' ହୋଇଯାଏ। ଗୀତାରେ ମଧ୍ୟ 'ରାଗଶ୍ଚ ଦ୍ୱେଷଶ୍ଚ', 'ପ୍ରମାଦଶ୍ଚ ମୋହଶ୍ଚ', 'କାର୍ଯ୍ୟଂ ଚ ଅକାର୍ଯ୍ୟଂ ଚ', 'ଭୟଂ ଚ ଅଭୟଂ ଚ' ଆଦିରେ ଉପର୍ଯ୍ୟୁକ୍ତ ସୂତ୍ର ଦ୍ୱାରା ସମାସ ହେବାରୁ '**ରାଗଦ୍ୱେଷୌ**' (୩।୩୪), '**ପ୍ରମାଦମୋହୌ**' (୧୪।୧୭), '**କାର୍ଯ୍ୟାକାର୍ଯ୍ୟେ ଭୟାଭୟେ**' (୧୮।୩୦) ଆଦି ପ୍ରୟୋଗ ହୋଇଛି, ଯାହା କି ଦ୍ୱନ୍ଦ୍ୱ ସମାସର ଉଦାହରଣ।

(୧୬)

'**ନଞ୍**'ର ଛଅଟି ଅର୍ଥ ଗ୍ରହଣ କରାଯାଏ—

ତତ୍ସାଦୃଶ୍ୟମଭାବଶ୍ଚ ତଦନ୍ୟତ୍ୱଂ ତଦଳ୍ପତା।
ଅପ୍ରାଶସ୍ତ୍ୟଂ ବିରୋଧଶ୍ଚ ନଞର୍ଥାଃ ଷଟ୍ ପ୍ରକୀର୍ତ୍ତିତାଃ॥

(୧) ତତ୍ସାଦୃଶ୍ୟ—'ନଞ୍' ସହିତ ସମାସ ହେଉଥିବା ପଦଟି ପଦାର୍ଥ, ବ୍ୟକ୍ତି ଆଦି ଠାରୁ ତ ଭିନ୍ନ ହୋଇଥିବ, କିନ୍ତୁ ଏମାନଙ୍କ ସହିତ ନିଶ୍ଚିତରୂପେ ସମାନ ହୋଇଥିବା ଆବଶ୍ୟକ। ଯଥା—'**ଅବ୍ରାହ୍ମଣେନ ସହ ଗଚ୍ଛ**'—ଏଠାରେ ବ୍ରାହ୍ମଣଠାରୁ ଭିନ୍ନତା ବ୍ୟକ୍ତ ହୋଇଛି,

କିନ୍ତୁ ବ୍ରାହ୍ମଣ ମନୁଷ୍ୟଜାତି ହୋଇଥିବା ଯୋଗୁଁ ତାହା ସହିତ ସମାନ କ୍ଷତ୍ରିୟ, ବୈଶ୍ୟ ଆଦିଙ୍କ ସଙ୍ଗରେ ଯିବାକୁ ଆଦେଶ ଦିଆଯାଇଛି, ପଶୁ ଆଦିଙ୍କ ସଙ୍ଗରେ ଯିବାକୁ ନୁହେଁ। ଗୀତାରେ ଏହିପରି ପ୍ରୟୋଗ ଅଛି; ଯଥା—**'କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ'** (୧୬।୧୯) 'ମୁଁ ସେହି ଅପବିତ୍ର (ଅଶୁଭାନ୍) ମନୁଷ୍ୟମାନଙ୍କୁ ବାରମ୍ବାର ଆସୁରୀ ଯୋନିମାନଙ୍କରେ ପକାଏ'। ତେବେ ସେମାନେ କ୍ରୂର ସ୍ୱଭାବ ଆଦି କାରଣରୁ ଅପବିତ୍ର ହୋଇଥିବା ଯୋଗୁଁ ପବିତ୍ର ମନୁଷ୍ୟମାନଙ୍କ ଠାରୁ ଭିନ୍ନ ତ ନିଶ୍ଚୟ, କିନ୍ତୁ ଯାହା ହେଲେ ବି ସେମାନେ ମନୁଷ୍ୟ ହିଁ ଅଟନ୍ତି ଅର୍ଥାତ୍ ସେମାନେ ମନୁଷ୍ୟମାନଙ୍କ ସଦୃଶ ହିଁ ଅଟନ୍ତି। **'ଅପାତ୍ରେଭ୍ୟଶ୍ଚ ଦୀୟତେ'** (୧୭।୨୨) 'ଅପାତ୍ରକୁ ଦିଆଯାଏ', ତେବେ ସେହି ଅପାତ୍ର ଜଣକ ଦାନ ପାଇବା ଯୋଗ୍ୟ ପାତ୍ରଠାରୁ ଭିନ୍ନ ତ ନିଶ୍ଚୟ, କିନ୍ତୁ ମନୁଷ୍ୟଜାତିର ହୋଇଥିବା ହେତୁ ସେହି ପାତ୍ର ଜଣକ ମନୁଷ୍ୟସଦୃଶ ହିଁ ଅଟେ। ଅତଏବ ଏଠାରେ 'ଅପାତ୍ର'ରେ 'ନଞ୍' ସମାସ ତଦ୍‌ସାଦୃଶ୍ୟ ଅର୍ଥରେ ହିଁ ହୋଇଛି। ଗୀତାରେ ଥିବା ତଦ୍‌ସାଦୃଶ୍ୟର ଏହିପରି ଅନେକ ଉଦାହରଣକୁ ବୁଝିନେବାକୁ ହେବ।

(୨) **ଅଭାବ**—'ନଞ୍' ସହିତ ସମାସ ହୋଇଥିବା ପଦର ଅର୍ଥ ମୂଳପଦର ଅର୍ଥର ଅଭାବ ସୂଚିତ କରେ। ଯଥା—'ଅପାପମ୍' ପଦରେ ପାପର ଅଭାବ ରହିଛି। ଗୀତାରେ ଏହାର ବହୁତ ପ୍ରୟୋଗ ଦେଖାଯାଏ; ଯଥା—**'ଅଭୟମ୍'** (୧୬।୧)—ଏଠାରେ 'ଅଭୟ' ପଦରେ ଭୟର ଅଭାବ ଅଛି। **'ଅହିଂସା, ଅକ୍ରୋଧଃ, ଅପୈଶୁନମ୍, ଅଲୋଲୁପ୍ତ୍ୱମ୍, ଅଚାପଳମ୍'** (୧୬।୨) ଇତ୍ୟାଦି ପଦଗୁଡ଼ିକରେ ଯଥାକ୍ରମେ 'ହିଂସା', 'କ୍ରୋଧ', 'ପିଶୁନତା (ଚୁଗୁଲି)', 'ଲୋଭ' 'ଚପଳତା' ଇତ୍ୟାଦିର ଅଭାବ ଦର୍ଶାଇ ଦିଆଯାଇଛି। **'ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମ-କ୍ଳେଦ୍ୟୋଽଶୋଷ୍ୟ ଏବ ଚ'** (୨।୨୪) —ଏଠାରେ 'ଅଚ୍ଛେଦ୍ୟ' ପଦରେ ଛେଦନକ୍ରିୟାର, 'ଅଦାହ୍ୟ' ପଦରେ ଦହନକ୍ରିୟାର, 'ଅକ୍ଳେଦ୍ୟ' ପଦରେ ଆର୍ଦ୍ରକ୍ରିୟାର ଓ 'ଅଶୋଷ୍ୟ' ପଦରେ ଶୋଷଣକ୍ରିୟାର ଅଭାବ ଦର୍ଶାଇ ଦିଆଯାଇଛି। **'ଅନଘ'** (୧୫।୨୦), **'ଅନସୂୟବେ'** (୯।୧), **'ଅନାମୟମ୍'** (୨।୫୧) ପ୍ରଭୃତି ପଦରେ ଯଥାକ୍ରମେ ଅଘ (ପାପ), ଅସୂୟା (ଦୋଷଦୃଷ୍ଟି), ଆମୟ (ବିକାର) ପ୍ରଭୃତିର ଅଭାବ ଦର୍ଶାଇ ଦିଆଯାଇଛି।

(୩) **ତଦନ୍ୟତ୍ୱ**—'ନଞ୍' ସହିତ ସମାସ ହୋଇଥିବା ଶବ୍ଦଟି ମୂଳ-ଶବ୍ଦର ଅର୍ଥରୁ ଭିନ୍ନ ଅର୍ଥରେ ଗ୍ରହଣ କରାଯାଏ। ଯଥା—'ଅନଶ୍ୱମାନୟ' 'ଅଶ୍ୱଠାରୁ ଭିନ୍ନ ପ୍ରାଣୀକୁ ଆଣ'—ଏଠାରେ ଅଶ୍ୱଠାରୁ ଭିନ୍ନ ବଳଦ, ଓଟ ଆଦି ପ୍ରାଣୀକୁ ଆଣିବା ପାଇଁ କୁହାଗଲା। ଗୀତାରେ ମଧ୍ୟ ଏହି ତଦନ୍ୟତ୍ୱର ଉଦାହରଣ ରହିଛି। ଯଥା—**'କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ'** (୪।୧୮) 'ଯିଏ କର୍ମରେ ଅକର୍ମ ଓ ଅକର୍ମରେ କର୍ମ ଦେଖେ ଅର୍ଥାତ୍ ଯିଏ କର୍ମ କରି ନିର୍ଲିପ୍ତ ରହେ ଓ ନିର୍ଲିପ୍ତ ରହି କର୍ମ କରେ'—ଏଠାରେ 'ଅକର୍ମ' ଶବ୍ଦ କର୍ମର ଅଭାବ ଅଥବା ବିରୋଧର ବାଚକ ନୁହେଁ, ବରଂ କର୍ମଠାରୁ ଭିନ୍ନ ଆସକ୍ତି, ମମତା, କାମନା, ଲିପ୍ତତା ଆଦି ଅଭାବର ଅର୍ଥାତ୍ ଅନ୍ୟତ୍ୱର ବାଚକ ଅଟେ। **'ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ କୁଶଳେ ନାନୁଷଜ୍ଜତେ'** (୧୮।୧୦) 'ଯିଏ ଅକୁଶଳ କର୍ମରେ ଦ୍ୱେଷ କରେ ନାହିଁ ଏବଂ କୁଶଳ କର୍ମରେ ଆସକ୍ତ ହୁଏ ନାହିଁ (ଯେଉଁ କର୍ମଗୁଡ଼ିକୁ କଲେ ଜନ୍ମମରଣରୂପୀ ବନ୍ଧନ ହୁଏ, ନରକ ଓ ଚଉରାଶୀଲକ୍ଷ ଯୋନିକୁ ଯିବାକୁ ପଡ଼େ, ସେସବୁ ହେଲା ଅକୁଶଳ କର୍ମ ଏବଂ ଯେଉଁ କର୍ମଗୁଡ଼ିକୁ କଲେ କଲ୍ୟାଣ ହୁଏ, ତତ୍ତ୍ୱପ୍ରାପ୍ତି ହୁଏ, ସେସବୁ ହେଲା କୁଶଳ କର୍ମ)—ଏଠାରେ 'ଅକୁଶଳ କର୍ମ'ରେ କୁଶଳ କର୍ମର ନିଷେଧ ଓ ଅଭାବ ନାହିଁ, ବରଂ ଏହା କୁଶଳ କର୍ମଠାରୁ ଅନ୍ୟତ୍ୱର ବାଚକ ଅଟେ। **'ଅଶ୍ୱତ୍ଥଂ ପ୍ରାହୁଃ'** (୧୫।୧) ଯାହା କାଲି ପର୍ଯ୍ୟନ୍ତ ରହେ ନାହିଁ, ତାକୁ କହନ୍ତି 'ଅଶ୍ୱତ୍ଥ' (**'ନ ଶ୍ୱଃ ତିଷ୍ଠତି ଇତି ଅଶ୍ୱତ୍ଥଃ'**); ଅତଏବ ଏହି ନଞ୍ ସମାସ ଅନ୍ୟତ୍ୱର ବାଚକ ଅର୍ଥାତ୍ ସଂସାରରୂପକ ବୃକ୍ଷର ବାଚକ।

(୪) **ତଦଳ୍ପତା**—'ନଞ୍' ସହିତ ସମାସ ହେଉଥିବା ଶବ୍ଦରେ ଶବ୍ଦଟିର ଅର୍ଥର ଅଳ୍ପତା ପ୍ରକାଶିତ ହୁଏ। ଯଥା—**'ଅନୁଦରା କନ୍ୟା'** 'ଉଦରରହିତ କନ୍ୟା'। ପେଟ ତ ସମସ୍ତଙ୍କର ଅଛି, କିନ୍ତୁ ଏଠାରେ ପେଟର ଯେଉଁ ନିଷେଧ କରାଯାଇଛି, ତାହାର ତାତ୍ପର୍ଯ୍ୟ ହେଲା, ପେଟର ଅଳ୍ପତାକୁ ପ୍ରକାଶ କରିବା ଅର୍ଥାତ୍ ଏଠାରେ ପେଟର ନିଷେଧ ଦ୍ୱାରା ଛୋଟ ପେଟର ଅଭିବ୍ୟକ୍ତି କରାଯାଇଛି। ଗୀତାରେ ଏଭଳି ଉଦାହରଣ ନିମ୍ନ ପ୍ରକାରେ ଦେଖିବାକୁ ମିଳେ—**'ଅବୁଦ୍ଧୟଃ'** (୭।୨୪) 'ବୁଦ୍ଧିରହିତ ମନୁଷ୍ୟ'। ପ୍ରତ୍ୟେକ ମନୁଷ୍ୟର କିଛି ନା କିଛି ବୁଦ୍ଧି ଥାଏ, କିନ୍ତୁ ଏଠାରେ ବୁଦ୍ଧିର ଯେଉଁ ନିଷେଧ କରାଯାଇଛି, ତାହା ବୁଦ୍ଧିର ଅଳ୍ପତା ବ୍ୟକ୍ତ କରୁଅଛି। ବୁଦ୍ଧିର ସ୍ୱଳ୍ପତା ହେତୁ ମନୁଷ୍ୟ ଭଗବାନଙ୍କୁ ନିଜ ଭଳି ଶରୀରଧାରୀ ବୋଲି ଭାବେ। **'ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍'** (୧୭।୨୮) 'ଶ୍ରଦ୍ଧାରହିତ ହୋଇ

କରାଯାଇଥିବା ହବନ, ଦିଆଯାଇଥିବା ଦାନ, କରାଯାଇଥିବା ତପସ୍ୟା ଏବଂ ଆଉ ଯାହା କିଛି କରାଯାଇଥାଏ'—ଏଠାରେ ଶ୍ରଦ୍ଧାର ସର୍ବଥା ଅଭାବ ନାହିଁ, ବରଂ ଶ୍ରଦ୍ଧାର ଅଳ୍ପତା କଥା କୁହାଯାଇଛି। ଯଦି ଶ୍ରଦ୍ଧା ନ ଥାନ୍ତା, ତେବେ ସେ ହବନ, ଦାନ, ତପସ୍ୟା ଆଦି କରିଥାନ୍ତା ବା କାହିଁକି? **'ଅଶ୍ରଦ୍ଦଧାନାଃ ପୁରୁଷା ଧର୍ମସ୍ୟାସ୍ୟ'** (୯।୩) 'ଏହି ଧର୍ମର ମହିମା ପ୍ରତି ଶ୍ରଦ୍ଧା ନ ରଖିଥିବା ମନୁଷ୍ୟ'—ଏଠାରେ ଶ୍ରଦ୍ଧାର ଅଭାବ ନାହିଁ, ବରଂ ଶ୍ରଦ୍ଧା ଊଣା ଥିବା ବା ଅଳ୍ପ ଥିବା କଥା କୁହାଯାଇଛି। ସେମାନେ ବିଜ୍ଞାନସହିତ ଜ୍ଞାନରୂପକ ଧର୍ମର ମହିମା ପ୍ରତି ଶ୍ରଦ୍ଧା କରନ୍ତି ନାହିଁ—ଏହା ସେମାନଙ୍କ ଶ୍ରଦ୍ଧାର ସ୍ୱଳ୍ପତା।

(୫) **ଅପ୍ରାଶସ୍ତ୍ୟ**—'ନଞ୍' ସହିତ ସମାସ ହୋଇଥିବା ପଦଟି ଅପ୍ରଶସ୍ତ ଅର୍ଥାତ୍ ଅପ୍ରଶଂସନୀୟ ଅର୍ଥ ବ୍ୟକ୍ତ କରେ। ଯଥା—**'ଅପଶବ୍ଦ ଆନୟ'** ଅର୍ଥାତ୍ ଗାଈ ଓ ଘୋଡ଼ାମାନଙ୍କ ବ୍ୟତୀତ ଅପ୍ରଶଂସନୀୟ ପଶୁମାନଙ୍କୁ ନେଇଆସ। ଗୀତାରେ ମଧ୍ୟ ଏଭଳି ପ୍ରୟୋଗ ଅଛି। ଯଥା—**'ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାତ୍'** (୨।୪୯) ଅର୍ଥାତ୍ ସମତାପୂର୍ବକ କରାଯାଇଥିବା କର୍ମ ଅପେକ୍ଷା ସକାମ କର୍ମ ଅତ୍ୟନ୍ତ ନିକୃଷ୍ଟ (ନିନ୍ଦନୀୟ)। **'ଅଶୁଚିବ୍ରତାଃ'** (୧୬।୧୦) ଅର୍ଥାତ୍ ଶୁଦ୍ଧ ବ୍ରତଧାରୀ ଦୈବୀସମ୍ପତ୍ତିଯୁକ୍ତ ବ୍ୟକ୍ତିଙ୍କ ଅପେକ୍ଷା ଆସୁରୀସମ୍ପତ୍ତିଯୁକ୍ତ ବ୍ୟକ୍ତିମାନଙ୍କର ବ୍ରତ ଅତ୍ୟନ୍ତ ଅପବିତ୍ର (ନିନ୍ଦନୀୟ)। **'ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍'** (୭।୫) ଅର୍ଥାତ୍ ପରା ପ୍ରକୃତି (ଚେତନ) ଅପେକ୍ଷା ଅପରା (ଜଡ଼ ପ୍ରକୃତି) ନିକୃଷ୍ଟ ଅଟେ।

(୬) **ବିରୋଧ**—'ନଞ୍' ସହିତ ସମାସ ହେଉଥିବା ଶବ୍ଦଟି ସେହି ଶବ୍ଦର ବିରୋଧଭାବ ପ୍ରକାଶ କରେ। ଯଥା—'ଅଧର୍ମଃ' ପଦ ଧର୍ମର ବିରୋଧୀ ଅଟେ। ଗୀତାରେ ଏହାର ଉଦାହରଣ ରହିଛି। ଯଥା—**'ଗନ୍ଧର୍ବଯକ୍ଷାସୁରସିଦ୍ଧସଙ୍ଘାଃ'** (୧୧।୨୨)—ଏଠାରେ 'ଅସୁର' ପଦ ଦେବତାମାନଙ୍କର ବିରୋଧୀ ଅର୍ଥାତ୍ ରାକ୍ଷସମାନଙ୍କର ବାଚକ ଅଟେ। **'ଅଜ୍ଞାନବିମୋହିତାଃ'** (୧୬।୧୫)—ଏଠାରେ 'ଅଜ୍ଞାନ' ଶବ୍ଦ ଜ୍ଞାନର ବିରୋଧୀ ଅଟେ। **'ତବାହିତାଃ'** (୨।୩୬), **'ଅହିତାଃ'** (୧୬।୯)—ଏଠାରେ 'ଅହିତ' ଶବ୍ଦ ହିତକାରୀଙ୍କ ବିରୋଧୀର ଅର୍ଥାତ୍ ଶତ୍ରୁର ବାଚକ ଅଟେ।

(୧୭)

'ଦ୍ୱନ୍ଦ୍ୱାନ୍ତେ ଦ୍ୱନ୍ଦ୍ୱାଦୌ ବା ଶ୍ରୂୟମାଣଂ ପଦଂ ପ୍ରତ୍ୟେକମଭିସମ୍ବଧ୍ୟତେ' ଅର୍ଥାତ୍ ଦ୍ୱନ୍ଦ୍ୱସମାସର ଶେଷରେ ବା ଆରମ୍ଭରେ ଥିବା ପଦର ସବୁ ପଦ ସହିତ ସମାନଭାବରେ ସମ୍ବନ୍ଧ ରହିଥାଏ। ଗୀତାରେ **'କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ'** (୧୭।୯)—ଏହି ସମାସଯୁକ୍ତ ପଦରେ ଥିବା 'ଅତି' ଶବ୍ଦଟିର ସମସ୍ତ ଶବ୍ଦ ସହିତ ସମାନ ସମ୍ବନ୍ଧ ରହିଛି। ଏହାକୁ ବୁଝିବା ପାଇଁ ପ୍ରଥମେ ଆମେ କଟ୍ୱାଦି ତିନୋଟି ପଦର ଦ୍ୱନ୍ଦ୍ୱସମାସ କରିବା। **'କଟୁଶ୍ଚ ଅମ୍ଳଶ୍ଚ ଲବଣଶ୍ଚ'—'କଟ୍ୱମ୍ଳଲବଣାଃ'**। ବର୍ତ୍ତମାନ ଉଷ୍ଣାଦି ଚାରୋଟି ପଦର ଦ୍ୱନ୍ଦ୍ୱସମାସ କରିବା—**'ଉଷ୍ଣଶ୍ଚ ତୀକ୍ଷ୍ଣଶ୍ଚ ରୂକ୍ଷଶ୍ଚ ବିଦାହୀ ଚ'—'ଉଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ'**। ବର୍ତ୍ତମାନ 'ଅତି' ସହିତ ଉଷ୍ଣତୀକ୍ଷ୍ଣ ଆଦିର ସମାସ କରିବା—'ଅତ୍ୟନ୍ତମ୍ ଉଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ'—'ଅତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ।' ଏବେ ତୃତୀୟ ଥର ଦ୍ୱନ୍ଦ୍ୱସମାସ କରିବା—'କଟ୍ୱମ୍ଳଲବଣାଶ୍ଚ ଅତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଶ୍ଚ'—'କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ' ହେଲା। ଏହିପରି ପ୍ରଥମ ଦ୍ୱନ୍ଦ୍ୱର ଶେଷରେ ଏବଂ ଦ୍ୱିତୀୟ ଦ୍ୱନ୍ଦ୍ୱର ଆରମ୍ଭରେ ଥିବା ହେତୁ **'ଅତି'** ଶବ୍ଦର ପ୍ରତ୍ୟେକ ଶବ୍ଦ ସହିତ ସମ୍ବନ୍ଧ ସ୍ଥାପିତ ହେଉଛି ଏବଂ ଏହାର ଅର୍ଥ ହେଉଛି—'ଅତି କଟୁ (ପିତା), ଅତି ଖଟା, ଅତି ଲୁଣିଆ, ଅତି ଗରମ, ଅତି ତୀକ୍ଷ୍ଣ, ଅତି ଶୁଖିଲା ଓ ଅତି ଦାହକାରକ।'

ଗୀତାରେ **'ତ୍ୟକ୍ତ୍ୱା କର୍ମଫଳାସଙ୍ଗମ୍'** (୪।୨୦)—ଏହି ଦ୍ୱନ୍ଦ୍ୱସମାସର ଶେଷରେ ଆସିଥିବା **'ଆସଙ୍ଗ'** ଶବ୍ଦର ସମ୍ବନ୍ଧ 'କର୍ମ' ଓ 'ଫଳ' ଉଭୟ ଶବ୍ଦ ସହିତ ରହିଛି। ଅତଏବ ଏହାର ଅର୍ଥ ହେଲା—କର୍ମ ଓ ଫଳର ଆସକ୍ତିକୁ ତ୍ୟାଗ କରି। **'ଶୁଭାଶୁଭପରିତ୍ୟାଗୀ'** (୧୨।୧୭)—ଏହି ଦ୍ୱନ୍ଦ୍ୱସମାସର ଶେଷରେ ଥିବା 'ପରିତ୍ୟାଗୀ' ଶବ୍ଦର ସମ୍ବନ୍ଧ 'ଶୁଭ' ଓ 'ଅଶୁଭ' ଉଭୟ ଶବ୍ଦ ସହିତ ରହିଛି। ଅତଏବ ଏହାର ଅର୍ଥ ହେଲା—ଶୁଭ ଓ ଅଶୁଭର ପରିତ୍ୟାଗୀ। **'ତୁଲ୍ୟନିନ୍ଦାସ୍ତୁତିଃ'** (୧୨।୧୯)—ଏହି ଦ୍ୱନ୍ଦ୍ୱସମାସରେ ଥିବା 'ତୁଲ୍ୟ' ଶବ୍ଦର ସମ୍ବନ୍ଧ 'ନିନ୍ଦା' ଓ 'ସ୍ତୁତି' ଉଭୟ ଶବ୍ଦ ସହିତ ରହିଛି। ଅତଏବ ଏହାର ଅର୍ଥ ହେଲା—ନିନ୍ଦା ଓ ସ୍ତୁତିରେ ତୁଲ୍ୟ (ସମ)।

(୧୮)

'ସହଚରିତାସହଚରିତୟୋଃ ସହଚରିତସ୍ୟୈବ ଗ୍ରହଣମ୍' ଏହି ପରିଭାଷା ଏବଂ 'ଦେହଲୀଦୀପକନ୍ୟାୟ' ଅନୁସାରେ ଯେଉଁ ପଦ (ଶବ୍ଦ) ସମାସର ମଝିରେ ଆସେ, ସେହି ପଦର ପୂର୍ବ ଓ ପର ଉଭୟ ପଦ ସହିତ ସମ୍ବନ୍ଧ ହୋଇଯାଏ। ଗୀତାରେ 'ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ' (୧୪।୨୪)ର ମଧ୍ୟଭାଗରେ ଥିବା **'ଆତ୍ମ'** ପଦର

ସମ୍ବନ୍ଧ 'ନିନ୍ଦା' ଓ 'ସଂସ୍ତୁତି' ଉଭୟ ପଦ ସହିତ ରହିଛି । ଯଥା—'ଆତ୍ମନଃ ସଂସ୍ତୁତିଃ ଆତ୍ମସଂସ୍ତୁତିଃ । ନିନ୍ଦା ଚ ଆତ୍ମସଂସ୍ତୁତିଶ୍ଚ ନିନ୍ଦାତ୍ମସଂସ୍ତୁତୀ । ତୁଲ୍ୟେ ନିନ୍ଦାତ୍ମସଂସ୍ତୁତୀ ଯସ୍ୟ ସଃ ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ।' ଅତଏବ '**ତୁଲ୍ୟନିନ୍ଦାତ୍ମ-ସଂସ୍ତୁତିଃ**' ପଦର ଅର୍ଥ ହେଲା—ଯାହା ପାଇଁ ନିଜର ନିନ୍ଦା ଏବଂ ସଂସ୍ତୁତି ସମାନ ।

(୧୯)

(୧) ମତୁପ୍, ଇନି ଆଦି ପ୍ରତ୍ୟୟ ଛଅଟି ଅର୍ଥରେ ପ୍ରଯୁକ୍ତ ହୁଏ । ଯଥା—

ଭୂମନିନ୍ଦାପ୍ରଶଂସାସୁ ନିତ୍ୟଯୋଗେଽତିଶାୟନେ ।
ସଂସର୍ଗେଽସ୍ତି ବିବକ୍ଷାୟାଂ ଭବନ୍ତି ମତୁବାଦୟଃ ॥

"ଅସ୍ତିବିବକ୍ଷାରେ ଯେଉଁ ମତୁପ୍ ଆଦି ପ୍ରତ୍ୟୟ ହୁଏ, ସେସବୁ ବହୁତ୍ୱ, ନିନ୍ଦା, ପ୍ରଶଂସା, ନିତ୍ୟଯୋଗ, ଅତିଶୟ ଓ ସଂସର୍ଗ ବିଷୟରେ ହିଁ ହୁଏ ।"

ଭୂମା—ବହୁତ୍ୱ ଯଥା, 'ଭୂଃ ଅସ୍ୟ ଅସ୍ତି' ଏହି ଅର୍ଥରେ '**ତଦସ୍ୟାସ୍ତ୍ୟସ୍ମିନ୍ନିତି ମତୁପ୍**' (ପାଣି. ଅ. ୫।୨।୯୪) ସୂତ୍ର ଅନୁସାରେ ମତୁପ୍ ପ୍ରତ୍ୟୟ ହେଲେ 'ଭୂମାନ୍' (ଯାହାର ବହୁତ ଜମି ଅଛି), ଗାବୋଽସ୍ୟ ସନ୍ତି 'ଗୋମାନ୍' (ଯାହାର ବହୁତ ଗାଈ ଅଛନ୍ତି), ଯବାଃ ଅସ୍ୟ ସନ୍ତି 'ଯବମାନ୍' (ଯାହା ପାଖରେ ବହୁତ ଯବ ଅଛି) ଇତ୍ୟାଦି ଶବ୍ଦ ଗଠିତ ହେବ । ଗୀତାରେ ମଧ୍ୟ ବହୁତ୍ୱ ଅର୍ଥରେ ମତୁପ୍‌ର ପ୍ରୟୋଗ ହୋଇଛି । ଯଥା—'**ଅଭିଜନବାନ୍ ଅସ୍ମି**' (୧୬।୧୫) (ଆସୁରୀସମ୍ପତ୍ତିଯୁକ୍ତ ବ୍ୟକ୍ତି ମନୋରଥ କରନ୍ତି ଯେ ମୁଁ ବହୁତ ମନୁଷ୍ୟସମ୍ପନ୍ନ ଅଟେ ଅର୍ଥାତ୍ ମୋ ପାଖରେ ବହୁତ ଲୋକ ଅଛନ୍ତି) । ଏଠାରେ 'ଅଭିଜନାଃ ଅସ୍ୟ ସନ୍ତି' ଏହି ବହୁତ୍ୱ ଅର୍ଥରେ ମତୁପ୍ ପ୍ରତ୍ୟୟ ହୋଇଛି । '**ଯଦ୍ ଯଦ୍ ବିଭୂତିମତ୍ ସତ୍ତ୍ୱଂ ଶ୍ରୀମତ୍**' (୧୦।୪୧) (ଯେଉଁ ଯେଉଁ ସ୍ଥାନରେ ଯାହା କିଛି ଐଶ୍ୱର୍ଯ୍ୟଯୁକ୍ତ ଓ ଶୋଭାଯୁକ୍ତ ବସ୍ତୁ, ବ୍ୟକ୍ତି ଆଦି ଅଛନ୍ତି, ସେ ସମସ୍ତ ମୋର ହିଁ ଐଶ୍ୱର୍ଯ୍ୟ ଅଟେ ଓ ଶୋଭାସୌନ୍ଦର୍ଯ୍ୟ ମଧ୍ୟ ମୋର ହିଁ ଅଟେ)—ଏହି ବହୁତ୍ୱ ଅର୍ଥରେ ଏଠାରେ 'ବିଭୂତିମତ୍' ଓ 'ଶ୍ରୀମତ୍' ମତୁପ୍ ପ୍ରତ୍ୟୟ ହୋଇଛି ।

(୨) **ନିନ୍ଦା**—ଯଥା, 'କକୁଦାବର୍ତ୍ତମ୍ ଅସ୍ୟାମ୍ ଅସ୍ତୀତି କକୁଦାବର୍ତ୍ତିନୀ' ଅର୍ଥାତ୍ ଯେଉଁ କନ୍ୟାର ବେକ ଓ ପିଠିର ମଧ୍ୟ ଭାଗ ମୋଟା ହୋଇଥାଏ, ମାଂସ ବଢ଼ିଥାଏ, ସେପରି କନ୍ୟାକୁ ନିନ୍ଦିତ କୁହାଯାଏ । ଗୀତାରେ ମଧ୍ୟ ନିନ୍ଦିତ ଅର୍ଥରେ 'ଇନି' ଏବଂ 'ମତୁପ୍'ର ପ୍ରୟୋଗ ହୋଇଛି; ଯଥା—'**ଦୁଷ୍କୃତିନଃ**' (୭।୧୫) ଅର୍ଥାତ୍ ଯେଉଁମାନଙ୍କ ଠାରେ ଦୁଷ୍କୃତ ପ୍ରୀତି ରହିଛି । ଯେଉଁମାନେ ମନ୍ଦ କର୍ମ କରନ୍ତି (ଦୁଷ୍କୃତାନି ସନ୍ତି ଏଷୁ ତେ ଦୁଷ୍କୃତିନଃ) । '**ପୁନରାବର୍ତ୍ତିନଃ**' (୮।୧୬) ଅର୍ଥାତ୍ ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକ ହେଉଛି ପୁନରାବର୍ତ୍ତୀ ଓ ନାଶବାନ୍ । ଯେଉଁ ମନୁଷ୍ୟଶରୀର ମାଧ୍ୟମରେ ନିଷ୍କାମଭାବପୂର୍ବକ ଭଲ କର୍ମ କରି ଜୀବ ଭଗବଦ୍ଧାମକୁ ଯାଇପାରେ, ଜନ୍ମମରଣରୁ ମୁକ୍ତ ହୋଇପାରେ, ସେହି ମନୁଷ୍ୟଶରୀର ମାଧ୍ୟମରେ ସକାମଭାବପୂର୍ବକ ଶୁଭକର୍ମ କରି ମନୁଷ୍ୟ ସେହି ବ୍ରହ୍ମଲୋକ, ସ୍ୱର୍ଗଲୋକ ଆଦିକୁ ଯାଏ, ଯେଉଁଠାରୁ ପୁଣି ଫେରିଆସି ତାକୁ ଜନ୍ମ-ମରଣରେ ଘୂରିବାକୁ ପଡ଼େ । ଅତଏବ ସେହି ଲୋକଗୁଡ଼ିକ ନିଶ୍ଚିତ ନିନ୍ଦନୀୟ । '**ଅନ୍ତବତ୍ତୁ ଫଳଂ ତେଷାଂ ତଦ୍ଭବତ୍ୟଳ୍ପମେଧସାମ୍**' (୭।୨୩) ଅର୍ଥାତ୍ ଯେଉଁମାନେ କାମନାର ବଶୀଭୂତ ହୋଇ ଅନ୍ୟ ଦେବତାମାନଙ୍କର ଉପାସନା କରନ୍ତି, ସେହି ତୁଚ୍ଛବୁଦ୍ଧିଯୁକ୍ତ ମନୁଷ୍ୟମାନଙ୍କୁ ନାଶବାନ୍ ଓ ଜନ୍ମମରଣରୂପକ ଫଳ ହିଁ ମିଳିଥାଏ, ଅଥଚ ମୋତେ ଭକ୍ତି କଲେ ମୁଁ ମିଳିଯାଏ । ଏହିପରି '**ବାଦିନଃ**' (୨।୪୨) (ବାଦଃ ଅସ୍ତି ଏଷୁ ତେ ବାଦିନଃ), '**ବୈରିଣମ୍**' (୩।୩୭) (ବୈରମ୍ ଅସ୍ତି ଅସ୍ମିନ୍ ବୈରିଣମ୍)—ଏଥିରେ ମଧ୍ୟ ନିନ୍ଦା ଅର୍ଥରେ 'ଇନି' ପ୍ରତ୍ୟୟ ହୋଇଛି ।

(୩) **ପ୍ରଶଂସା**—ଯଥା, 'ରୂପମ୍ ଅସ୍ତି ଅସ୍ମିନ୍, ଗୁଣାଃ ସନ୍ତି ଅସ୍ମିନ୍' ଏହି ଅର୍ଥରେ '**ରସାଦିଭ୍ୟଶ୍ଚ**' (ପାଣି. ଅ. ୫।୨।୯୫) ସୂତ୍ର ଅନୁସାରେ 'ମତୁପ୍' ଏବଂ '**ମାଦୁପଧାୟାଶ୍ଚ ମତୋର୍ବୋଽଯବାଦିଭ୍ୟଃ**' (ପାଣି. ଅ. ୮।୨।୯) ଏହି ସୂତ୍ରରେ ମତୁପ୍‌ର ମକାର ବକାର ହୋଇ 'ରୂପବାନ୍' (ଯାହାର ରୂପ ଅଛି), 'ଗୁଣବାନ୍' (ଯାହାର ଗୁଣ ଅଛି) ଇତ୍ୟାଦି ରୂପ ହୁଏ । ଗୀତାରେ ମଧ୍ୟ ପ୍ରଶଂସା ଅର୍ଥରେ ମତୁପ୍ ପ୍ରତ୍ୟୟ ହୋଇଛି; ଯଥା—'**ବୁଦ୍ଧିମାନ୍**' (୪।୧୮) ଅର୍ଥାତ୍ ଯିଏ କର୍ମରେ ଅକର୍ମ ଓ ଅକର୍ମରେ କର୍ମ ଦେଖେ, କର୍ମ କରି ନିର୍ଲିପ୍ତ ରହିଥାଏ ଓ ନିର୍ଲିପ୍ତ ଥାଇ କର୍ମ କରେ, ସେ ହେଉଛି ବୁଦ୍ଧିମାନ୍ । ଏଠାରେ 'ବୁଦ୍ଧି ଅସ୍ମିନ୍ ଅସ୍ତି' ଏହି ଅର୍ଥରେ ଉପର୍ଯ୍ୟୁକ୍ତ ସୂତ୍ର ଅନୁସାରେ 'ମତୁପ୍' ପ୍ରତ୍ୟୟ ହୋଇ 'ବୁଦ୍ଧିମାନ୍' ଶବ୍ଦ ହୋଇଛି । ସେହିପରି '**ବଳବତାମ୍**' (୭।୧୧) ଅର୍ଥାତ୍ ସଂସାରରେ ଯେତେ ବଳବାନ୍ ଓ ଶକ୍ତିଶାଳୀ ଲୋକ ଅଛନ୍ତି, ସେମାନଙ୍କର ବଳ ମୁଁ ହିଁ ଅଟେ—ଏଠାରେ 'ବଳମ୍ ଅସ୍ୟ ଅସ୍ତି' ଏହି ଅର୍ଥରେ ଉପର୍ଯ୍ୟୁକ୍ତ ସୂତ୍ର ଅନୁସାରେ 'ମତୁପ୍' ପ୍ରତ୍ୟୟ ଏବଂ ମକାରର ବକାର ହୋଇ 'ବଳବତାମ୍' ଶବ୍ଦ ହୋଇଛି ।

ସେହିପରି **'ସୁକୃତିନଃ'** (୭।୧୬) ଅର୍ଥାତ୍ ଯାହାର ବହୁତ ପୁଣ୍ୟ ଅଛି—ଏଠାରେ 'ସୁକୃତାନି ଏଷାଂ ସନ୍ତି' ଏହି ଅର୍ଥରେ **'ଅତ ଇନିଠନୌ'** (ପାଣି. ଅ. ୫।୨।୧୨) ସୂତ୍ର ଅନୁସାରେ 'ଇନି' ପ୍ରତ୍ୟୟ ହେବାରୁ 'ସୁକୃତିନଃ' ରୂପ ହୋଇଛି।

(୪) **ନିତ୍ୟଯୋଗ**—ଯାହା ସହିତ ନିତ୍ୟଯୋଗ ବା ସର୍ବଦା ସମ୍ବନ୍ଧ ରହେ; ଯଥା—**'କ୍ଷୀରମ୍ ଏଷାଂ ସନ୍ତି ତେ'** ଏହି ଅର୍ଥରେ 'ଅତ ଇନିଠନୌ' ସୂତ୍ର ଦ୍ୱାରା 'ଇନି' ପ୍ରତ୍ୟୟ ହୋଇ **'କ୍ଷୀରିଣୋ ବୃକ୍ଷାଃ'** (ଡୁଡୁରା, ଅରଖ ଆଦି ଗଛରେ କ୍ଷୀରର ନିତ୍ୟଯୋଗ ଥାଏ, ଅତଏବ ସେଗୁଡ଼ିକୁ କ୍ଷୀରଯୁକ୍ତ ବୃକ୍ଷ କୁହାଯାଏ) ରୂପ ହୁଏ। ଗୀତାରେ ମଧ୍ୟ ନିତ୍ୟଯୋଗ ଅର୍ଥରେ ପ୍ରୟୋଗ ଦେଖିବାକୁ ମିଳେ; ଯଥା—'ଭଗାଃ ସନ୍ତି ଅସ୍ମିନ୍', 'ଜ୍ଞାନମ୍ ଅସ୍ମିନ୍ ଅସ୍ତି', 'ଜ୍ଞାନମ୍ ଏଷୁ ବା ଅସ୍ତି'—ଏହି ଅର୍ଥରେ 'ମତୁପ୍' ଓ 'ଇନି' ପ୍ରତ୍ୟୟ ଏବଂ 'ମତୁପ୍'ର ମକାର ବକାର ହୋଇ **'ଭଗବାନ୍'** (୧୦।୧୪, ୧୭) (ଯାହାଙ୍କ ଠାରେ ଛଅ ପ୍ରକାରର ଐଶ୍ୱର୍ଯ୍ୟ ସର୍ବଦା ବିଦ୍ୟମାନ ଥାଏ), **'ଜ୍ଞାନବାନ୍'** (୩।୩୩) ଓ **'ଜ୍ଞାନିନଃ'** (୪।୩୪) (ଯାହାର ତତ୍ତ୍ୱବିଷୟକ ଜ୍ଞାନ ଓ ଅନୁଭବ ସର୍ବଦା ବିଦ୍ୟମାନ) ରୂପ ହୁଏ।

(୫) **ଅତିଶାୟନ**—ଯେଉଁ ବସ୍ତୁ ମାତ୍ରାରୁ ଅଧିକ ଥାଏ; ଯଥା—'ଉଦରମ୍ ଅସ୍ୟା ଅସ୍ତି' ଏହି ଅର୍ଥରେ 'ଇନି' ପ୍ରତ୍ୟୟ ଏବଂ **'ଋନ୍ନେଭ୍ୟୋଙୀପ୍'** (ପାଣି. ଅ. ୪।୧।୫) ସୂତ୍ରରେ **'ଙୀପ୍'** ଓ **'ଅଟ୍‌କୁପ୍ୱାଙ୍.......'** (ପାଣି. ଅ. ୮।୪।୨) ସୂତ୍ରାନୁସାରେ 'ଣତ୍ୱ' ହୋଇ 'ଉଦରିଣୀ କନ୍ୟା' (ସେହି କନ୍ୟା, ଯାହାର ପେଟ ସାଧାରଣ ତୁଳନାରେ ବଡ଼) ରୂପ ହେଲା। ଗୀତାରେ ମଧ୍ୟ ଅତିଶୟ ଅର୍ଥରେ 'ମତୁପ୍' ପ୍ରତ୍ୟୟର ପ୍ରୟୋଗ ହୋଇଛି; ଯଥା—'ଅଂଶବଃ ସନ୍ତି ଅସ୍ୟ' ଏହି ଅର୍ଥରେ ଉପର୍ଯ୍ୟୁକ୍ତ ସୂତ୍ର ଦ୍ୱାରା 'ମତୁପ୍' ପ୍ରତ୍ୟୟ ହୋଇ **'ଅଂଶୁମାନ୍'** (୧୦।୨୧) (କିରଣ ବା ଆଲୋକ ତ ଚନ୍ଦ୍ର ଓ ତାରାଗଣଙ୍କର ମଧ୍ୟ ଅଛି, କିନ୍ତୁ ଅଧିକ କିରଣ ସୂର୍ଯ୍ୟଙ୍କର ହିଁ ରହିଛି) ରୂପ ହେଲା।

(୬) **ସଂସର୍ଗ**—ଯାହାକୁ କୌଣସି ବସ୍ତୁ, ପଦାର୍ଥ ଆଦିର ସମ୍ବନ୍ଧରୁ କୁହାଯାଏ; ଯଥା—**'ଦଣ୍ଡମ୍ ଅସ୍ୟ ଅସ୍ତି'**, **'ଛତ୍ରମ୍ ଅସ୍ୟ ଅସ୍ତି'** ଏହି ଅର୍ଥରେ 'ଇନି' ପ୍ରତ୍ୟୟ ହେଲେ **'ଦଣ୍ଡୀ'** (ଯାହା ପାଖରେ ଦଣ୍ଡ ଅଛି ଅର୍ଥାତ୍ ଦଣ୍ଡ ସହିତ ସମ୍ବନ୍ଧ ହେତୁ ତାକୁ ଦଣ୍ଡୀ କୁହାଯାଏ), **'ଛତ୍ରୀ'** (ଯାହା ପାଖରେ ଛତ୍ର ଅଛି ଅର୍ଥାତ୍ ଛତ୍ର ସହିତ ସମ୍ବନ୍ଧ ହେତୁ ତାକୁ ଛତ୍ରୀ କୁହାଯାଏ) ରୂପ ହୁଏ। ଗୀତାରେ ମଧ୍ୟ ସଂସର୍ଗ (ସମ୍ବନ୍ଧ) ଅର୍ଥରେ 'ମତୁପ୍' ଆଦି ପ୍ରତ୍ୟୟ ଦେଖିବାକୁ ମିଳେ; ଯଥା—'ଦେହଃ ଅସ୍ୟ—ଏଷାଂ ବା ଅସ୍ତି', 'ଶରୀରମ୍ ଅସ୍ୟ ଅସ୍ତି' ଏହି ଅର୍ଥରେ 'ମତୁପ୍' ଓ 'ଇନି' ପ୍ରତ୍ୟୟ ହେଲେ **'ଦେହବଦ୍ଭିଃ'** (୧୨।୫), **'ଦେହୀ'** (୨।୨୨), **'ଶରୀରିଣଃ'** (୨।୧୮) (ଯଦ୍ୟପି ଆତ୍ମାର କୌଣସି ନାମ ନାହିଁ, ତଥାପି ଯେତେବେଳେ ସେ ଦେହ ବା ଶରୀର ସହିତ ସମ୍ବନ୍ଧ ଯୋଡ଼ିନିଏ, ସଂସର୍ଗ କରିନିଏ, ସେତେବେଳେ ତାହାକୁ ଦେହବାନ୍, ଦେହୀ ବା ଶରୀରୀ କୁହାଯାଏ) ରୂପ ହୁଏ।*

(୨୦)

ଗୋଟିଏ ହେଲା ଗୁହ୍ୟ, ଗୋଟିଏ ହେଲା ଗୁହ୍ୟତର ଏବଂ ଅନ୍ୟଟି ହେଲା ଗୁହ୍ୟତମ। ସାଧାରଣଭାବରେ

* ବୁଦ୍ଧିମାନ୍, ମତିମାନ୍ ଆଦି ପୁଂଲିଙ୍ଗ ରୂପଗୁଡ଼ିକରେ ଯେଉଁଥିରେ ମତୁପ୍‌ର 'ମ'କାର ବକାର ନ ହୋଇ ମକାର ହିଁ ରହିଥାଏ, ସେଥିରେ ଏବଂ 'ବତି' ପ୍ରତ୍ୟୟରୁ ଗଠିତ ଶତ୍ରୁବତ୍ ଆଦି ପ୍ରୟୋଗରେ ସ୍ୱରୂପ ଓ ଅର୍ଥ ଦୃଷ୍ଟିରୁ 'ମତୁବନ୍ତ' ଓ 'ବତ୍ୟନ୍ତ' ଶବ୍ଦଗୁଡ଼ିକ ମଧ୍ୟରେ **ସ୍ପଷ୍ଟ** ପାର୍ଥକ୍ୟ ଜଣାପଡ଼ିଯାଏ। କିନ୍ତୁ ଯେଉଁଠି ମତୁପ୍‌ର ମକାର ବକାର ହୋଇଯାଏ, ସେଠାରେ କ୍ଳୀବଲିଙ୍ଗ ଶବ୍ଦର ବିଶେଷଣ 'ମତୁପ୍' ପ୍ରତ୍ୟୟାନ୍ତ ଶବ୍ଦ ଓ 'ବତି' ପ୍ରତ୍ୟୟାନ୍ତ ଶବ୍ଦରେ ଅର୍ଥର ଭିନ୍ନତା ଥିଲେ ମଧ୍ୟ ସ୍ୱରୂପରେ ଆଦୌ ପାର୍ଥକ୍ୟ ଜଣାପଡ଼େ ନାହିଁ। କିନ୍ତୁ ସେହି ପ୍ରତ୍ୟୟାନ୍ତ ଶବ୍ଦଗୁଡ଼ିକରେ ଖୁବ୍ ପାର୍ଥକ୍ୟ ଥାଏ; ଯଥା—(୧) 'ମତୁପ୍' ପ୍ରତ୍ୟୟାନ୍ତ ଶବ୍ଦ କୌଣସି ଏକ ବିଶେଷ୍ୟର ବିଶେଷଣ ହୁଏ ଓ 'ବତି' ପ୍ରତ୍ୟୟାନ୍ତ ଶବ୍ଦ କେବଳ କ୍ରିୟାର ବିଶେଷଣ ହୁଏ। (୨) 'ମତୁପ୍' ପ୍ରତ୍ୟୟାନ୍ତ ଶବ୍ଦ ବିଶେଷ୍ୟ ସହିତ ସବୁ ଲିଙ୍ଗ, ବିଭକ୍ତି ଓ ବଚନରେ ପ୍ରୟୋଗ ହୋଇପାରେ ଏବଂ 'ବତି' ପ୍ରତ୍ୟୟାନ୍ତ ଶବ୍ଦ ଅବ୍ୟୟ ହୋଇଯାଏ। ତାହା ସବୁ ଲିଙ୍ଗ, ବିଭକ୍ତି ଓ ବଚନରେ ଏକରୂପେ ହିଁ ରହିଥାଏ। (୩) 'ମତୁପ୍' ପ୍ରତ୍ୟୟର ଅର୍ଥ 'ମାନ୍' ଅଟେ; ଯଥା—'ବୁଦ୍ଧିମାନ୍' ଇତ୍ୟାଦି। 'ବତି' ପ୍ରତ୍ୟୟର ଅର୍ଥ 'ସଦୃଶ' ଅଟେ; ଯଥା—ଶତ୍ରୁ ସଦୃଶ ଇତ୍ୟାଦି। ଗୀତା ଅନୁସାରେ 'ମତୁପ୍' ପ୍ରତ୍ୟୟାନ୍ତ ଓ 'ବତି' ପ୍ରତ୍ୟୟାନ୍ତର କେତୋଟି ଉଦାହରଣ ଏଠାରେ ଦିଆଗଲା; ଯଥା—କ୍ଳୀବଲିଙ୍ଗରେ 'ମତୁପ୍' ପ୍ରତ୍ୟୟ ଦ୍ୱାରା ଗଠିତ ଶବ୍ଦ—**'ବଳବଦ୍ ଦୃଢମ୍'** (୬।୩୪), **'ଅନ୍ତବତ୍ ତୁ ଫଳମ୍'** (୭।୨୩), **ଦୋଷବତ୍'** (୧୮।୩) ଇତ୍ୟାଦି ଏବଂ 'ବତି' ପ୍ରତ୍ୟୟାନ୍ତ ହୋଇଥିବା ଅବ୍ୟୟ ଶବ୍ଦ—**'ଶତ୍ରୁବତ୍'** (୬।୬), **'ଉଦାସୀନବତ୍'** (୯।୯; ୧୪।୨୩) ଇତ୍ୟାଦି। ଉଭୟର ସ୍ୱରୂପରେ ପାର୍ଥକ୍ୟ ନ ଥିଲେ ମଧ୍ୟ ଅର୍ଥ ପ୍ରଭୃତିରେ ପାର୍ଥକ୍ୟ ରହିଛି।

ସେହିପରି ତାଚ୍ଛୀଲ୍ୟ ଅର୍ଥରେ ହୋଇଥିବା କୃଦନ୍ତ ଣିନି ପ୍ରତ୍ୟୟାନ୍ତ ଶବ୍ଦମାନଙ୍କରେ ଓ 'ତାହାର ବା ସେଥିରେ ଅଛି' ଏହି ଅର୍ଥରେ ହୋଇଥିବା ତଦ୍ଧିତ 'ଇନି' ପ୍ରତ୍ୟୟାନ୍ତ ଶବ୍ଦମାନଙ୍କ ସ୍ୱରୂପରେ ପାର୍ଥକ୍ୟ ଜଣାପଡ଼େ ନାହିଁ। କିନ୍ତୁ ଅର୍ଥରୁ ପାର୍ଥକ୍ୟ ସ୍ପଷ୍ଟ ହୋଇଯାଏ ଏବଂ ବିବେଚନା କଲେ ସ୍ୱରୂପରେ ମଧ୍ୟ ଅନେକ ପାର୍ଥକ୍ୟ ଜଣାପଡ଼େ; କାରଣ 'ଣିନି' ପ୍ରତ୍ୟୟ ତ ପୂର୍ବରୁ ଉପପଦ ଥିଲେ ଧାତୁରେ ହୁଏ ଏବଂ

'ଗୁହ୍ୟ' ହୋଇଥାଏ, ଦୁଇଟି ମଧ୍ୟରୁ ଗୋଟିକୁ ଅତ୍ୟନ୍ତ ଗୋପନୀୟ ଦର୍ଶାଇଲେ 'ଗୁହ୍ୟତର' ହୁଏ ଏବଂ ସମସ୍ତଙ୍କ ଭିତରେ ଗୋଟିକୁ ଅତ୍ୟନ୍ତ ଗୋପନୀୟ ଦର୍ଶାଇଲେ 'ଗୁହ୍ୟତମ' ହୁଏ। ଏହିପରି ଦୁର୍ଲଭ, ଦୁର୍ଲଭତର ଓ ଦୁର୍ଲଭତମ; ଯୋଗବିଦ୍, ଯୋଗବିତ୍ତର ଓ ଯୋଗବିତ୍ତମ ଇତ୍ୟାଦିକୁ ବୁଝିବା ଉଚିତ।

ଦୁଇଟି ମଧ୍ୟରୁ ଗୋଟିକୁ ଖୁବ୍ ଛୋଟ, ନିମ୍ନ ଇତ୍ୟାଦି ଦର୍ଶାଇବାକୁ ହେଲେ **'ଦ୍ୱିବଚନ-ବିଭଜ୍ୟୋପପଦେ ତରବୀୟସୁନୌ'** (ପାଣି. ଅ. ୫।୩।୫୭) ସୂତ୍ର ଅନୁସାରେ 'ତରପ୍' ପ୍ରତ୍ୟୟ ହୁଏ; ଯଥା—'ଅୟଂ ଅନୟୋଃ ଅତିଶୟେନ ଲଘୁଃ ଲଘୁତରଃ' (ଇଏ ଏ ଦୁହିଙ୍କ ମଧ୍ୟରେ ଅତି ଛୋଟ) ଇତ୍ୟାଦି। ଗୀତାରେ ମଧ୍ୟ ଏହି ପ୍ରତ୍ୟୟର ପ୍ରୟୋଗ ହୋଇଛି। ଯଥା—ଯୋଗଭ୍ରଷ୍ଟ ଦୁଇପ୍ରକାରର—ଜଣେ କିଛି ସାଂସାରିକ ବାସନା ଥିଲେ ଶେଷସମୟରେ ନିଜ ସାଧନାରୁ ବିଚଳିତ ହୋଇ, ଶରୀର ତ୍ୟାଗ କଲା ପରେ ସ୍ୱର୍ଗାଦି ଲୋକଗୁଡ଼ିକରେ ଦୀର୍ଘକାଳ ରହିବାପରେ ପୁଣି ଶୁଦ୍ଧ ଶ୍ରୀମାନ୍‌ଙ୍କ ଘରେ ଜନ୍ମ ନିଏ; ଏବଂ ଅନ୍ୟ ଜଣକ, ସାଂସାରିକ ବାସନା ନ ଥିଲେ ବି କୌଣସି କାରଣରୁ ଶେଷସମୟରେ ନିଜ ସ୍ଥିତିରୁ ବିଚଳିତ ହୋଇ, ଶରୀର ଛାଡ଼ିବା ପରେ ସିଧାସଳଖ ଯୋଗୀମାନଙ୍କ କୁଳରେ ଜନ୍ମଗ୍ରହଣ କରେ (ଗୀତା ୬।୪୧-୪୨)। ଅବଶ୍ୟ ଅନ୍ୟ ଘରମାନଙ୍କରେ ଜନ୍ମ ନେବା ଅପେକ୍ଷା ଶୁଦ୍ଧ ଶ୍ରୀମାନ୍‌ଙ୍କ ଘରେ ଜନ୍ମ ନେବା ଦୁର୍ଲଭ, କିନ୍ତୁ ଭଗବାନ ତାହା ଅପେକ୍ଷା ଯୋଗୀମାନଙ୍କ କୁଳରେ ଜନ୍ମ ନେବାକୁ ଦୁର୍ଲଭତର ବୋଲି କହିଛନ୍ତି—**'ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍'** (୬।୪୨)। କର୍ମଯୋଗ ଓ ସଗୁଣନିରାକାର ପରମାତ୍ମାଙ୍କ ଶରଣାଗତି ମଧ୍ୟରୁ ସଗୁଣନିରାକାର ପରମାତ୍ମାଙ୍କ ଶରଣକୁ ଯିବା ଅଧିକ ମହତ୍ତ୍ୱପୂର୍ଣ୍ଣ (ଗୁହ୍ୟତର) ଅଟେ। ଅତଏବ ଏଠାରେ 'ତରପ୍' ପ୍ରତ୍ୟୟ କରାଯାଇଛି—**'ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍‌ଗୁହ୍ୟତରଂ ମୟା'** (୧୮।୬୩)। ଜଣେ ଗୀତାର ପ୍ରଚାର କରେ ଏବଂ ଆଉ ଜଣେ ପ୍ରଚାର କରେ ନାହିଁ—ଏହି ଦୁହିଙ୍କ ମଧ୍ୟରୁ ଗୀତାର ପ୍ରଚାରକ ଭଳି ଭଗବାନଙ୍କର ଅନ୍ୟ କେହି ପ୍ରିୟ ନାହିଁ; ତେଣୁ ଭଗବାନ ତାକୁ ପ୍ରିୟତର କହିଛନ୍ତି—**'ଭବିତା ନ ଚ ମେ ତସ୍ମାଦନ୍ୟଃପ୍ରିୟତରୋ ଭୁବି'** (୧୮।୬୯)।

ଅନେକ ମଧ୍ୟରୁ ଗୋଟିକୁ ଅତ୍ୟନ୍ତ ଶ୍ରେଷ୍ଠ କହିବା ଅର୍ଥରେ **'ଅତିଶାୟନେ ତମବିଷ୍ଠନୌ'** (ପାଣି. ଅ. ୫।୩।୫୫) ସୂତ୍ର ଅନୁସାରେ 'ତମପ୍' ପ୍ରତ୍ୟୟ ହୁଏ। ଯଥା—ଅୟଂ ଏଷାମ୍ ଅତିଶୟେନ ଆଢ୍ୟଃ ଆଢ୍ୟତମଃ' (ଇଏ ଏ ସମସ୍ତଙ୍କ ମଧ୍ୟରେ ଅତ୍ୟନ୍ତ ଧନବାନ୍ ଅଟେ) ଇତ୍ୟାଦି। ଗୀତାରେ ଏହି 'ତମପ୍' ପ୍ରତ୍ୟୟର ଅନେକ ଉଦାହରଣ ଦେଖିବାକୁ ମିଳେ; ଯଥା—ଯଦି ତୁମେ ସମସ୍ତ ପାପୀଙ୍କ ମଧ୍ୟରେ ଅତ୍ୟଧିକ ପାପୀ ହୋଇଥାଅ—**'ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ'** (୪।୩୬)। ସମସ୍ତ ଯୋଗୀଙ୍କ ମଧ୍ୟରେ ଶ୍ରଦ୍ଧା ଓ ଭକ୍ତି ପୂର୍ବକ ମୋର ଭଜନ କରୁଥିବା ବ୍ୟକ୍ତିକୁ ମୁଁ ସର୍ବଶ୍ରେଷ୍ଠ ମନେକରେ—**'ଯୋଗିନାମପି ସର୍ବେଷାଂ'............ସ ମେ ଯୁକ୍ତତମୋ ମତଃ ॥'** (୬।୪୭)। ଅର୍ଜୁନ ଭଗବାନଙ୍କୁ ପ୍ରଶ୍ନ କରିଛନ୍ତି ଯେ ଯେଉଁମାନେ ନିରନ୍ତର ଆପଣଙ୍କ ଠାରେ ସଂଲଗ୍ନ ରହି ସର୍ବଦା ଆପଣଙ୍କର ଉପାସନା କରନ୍ତି, ଏବଂ ଯେଉଁମାନେ ଅବ୍ୟକ୍ତ ଅକ୍ଷରର ଉପାସନା କରନ୍ତି, ସେମାନଙ୍କ ମଧ୍ୟରେ କେଉଁ ଯୋଗୀମାନେ ଯୋଗବିତ୍ତମ—**'ଏବଂ ସତତଯୁକ୍ତା ଯେ........ତେଷାଂ କେ ଯୋଗବିତ୍ତମାଃ ॥'** (୧୨।୧)। ଏହାର ଉତ୍ତରରେ ଭଗବାନ ତାଙ୍କଠାରେ ସଂଯୁକ୍ତ ଭକ୍ତମାନଙ୍କୁ ଯୁକ୍ତତମ ବୋଲି କହିଛନ୍ତି—**'ମୟ୍ୟାବେଶ୍ୟ...........ତେ ମେ ଯୁକ୍ତତମା ମତାଃ ॥'** (୧୨।୨)। ସପ୍ତମ ଅଧ୍ୟାୟରେ କହିବାକୁ ବାକି ରହି ଯାଇଥିବା ବିଷୟକୁ କହିବାକୁ ଯାଇ ନବମ ଅଧ୍ୟାୟର ଆରମ୍ଭରେ ଭଗବାନ କହିଛନ୍ତି ଯେ ତୁମେ ଦୋଷଦୃଷ୍ଟିରହିତ ହୋଇଥିବାରୁ ମୁଁ ଏହି ଅତ୍ୟନ୍ତ ଗୋପନୀୟ ବିଜ୍ଞାନସହିତ ଜ୍ଞାନ ତୁମକୁ କହିବି—**'ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ'** (୯।୧)। ପଞ୍ଚଦଶ ଅଧ୍ୟାୟର ବିଷୟର ଉପସଂହାର କରି ଭଗବାନ କହିଛନ୍ତି ଯେ

'ଇନି' ପ୍ରତ୍ୟୟ ଯେଉଁ ଶବ୍ଦରେ ହୁଏ, ତାହାର ପୂର୍ବକୁ ଉପପଦ ଆଦିର ଆବଶ୍ୟକତା ନ ଥାଏ ଅର୍ଥାତ୍ ଏହି ପ୍ରତ୍ୟୟ ଯେକୌଣସି ଶବ୍ଦ ସହିତ ହୋଇପାରେ। ଗୀତାର ପ୍ରୟୋଗଗୁଡ଼ିକୁ ଦେଖିଲେ ଏହି ପ୍ରତ୍ୟୟଗୁଡ଼ିକର ପାର୍ଥକ୍ୟ ସ୍ପଷ୍ଟ ହୋଇଯାଏ; ଯଥା—**'ବିବିକ୍ତଂ ସେବିତୁଂ'** ଶୀଳମ୍, **ଲଘୁ ଅଶିତୁଂ** ଶୀଳମ୍'—ଏହି ତାଚ୍ଛୀଲ୍ୟ ଅର୍ଥରେ 'ସୁପ୍ୟଜାତୌ ଣିନିସ୍ତାଚ୍ଛୀଲ୍ୟେ' (ପାଣି. ଅ. ୩।୨।୭୮) ସୂତ୍ର ଦ୍ୱାରା 'ଣିନି' ପ୍ରତ୍ୟୟ ହେଲେ **'ବିବିକ୍ତସେବୀ ଲଘ୍ୱାଶୀ'** (୧୮।୫୨) ରୂପ ସିଦ୍ଧ ହୋଇଯାଉଛି। 'ବାଦଃ ଏଷୁ ଅସ୍ତି', 'ଦେହଃ ଅସ୍ୟ ଅସ୍ତି'—ଏହି ଅର୍ଥରେ 'ଅତ ଇନିଠନୌ' ସୂତ୍ର ଅନୁସାରେ 'ଇନି' ପ୍ରତ୍ୟୟ ହେଲେ **'ବାଦିନଃ'** (୨।୪୨), ଓ **'ଦେହୀ'** (୨।୩୦) ପ୍ରୟୋଗ ସିଦ୍ଧ ହେଉଛି।

ସମସ୍ତ ଅଧ୍ୟାୟ ମଧ୍ୟରେ ଅତ୍ୟନ୍ତ ଗୋପନୀୟ ଶାସ୍ତ୍ର ମୁଁ ତୁମକୁ କହିଦେଲି—'**ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।**' (୧୫ । ୨୦) ।

(୨୧)

ସଂହିତୈକପଦେ ନିତ୍ୟା ନିତ୍ୟା ଧାତୁପସର୍ଗୟୋଃ ।
ନିତ୍ୟା ସମାସେ ବାକ୍ୟେ ତୁ ସା ବିବକ୍ଷାମପେକ୍ଷତେ ॥

ଏକପଦରେ, ଧାତୁ ଓ ଉପସର୍ଗରେ ଏବଂ ସମାସରେ ସଂହିତା ନିତ୍ୟ ହୋଇଥାଏ, କିନ୍ତୁ ବାକ୍ୟରେ ତାହାର ବ୍ୟବହାର ବକ୍ତାର ଇଚ୍ଛା ଉପରେ ନିର୍ଭର କରେ; ସେ କରିପାରେ ବା ନ କରିପାରେ ।

(କ) ଏକପଦରେ—ଯଥାଃ ନାୟକଃ, ପାବକଃ—ଏହି ପ୍ରୟୋଗରେ ନୈ+ଅକଃ, ପୌ+ଅକଃ ଏହି ଅବସ୍ଥାରେ ଏକପଦ ହୋଇଥିବା ହେତୁ ଆୟାଦେଶ ନିତ୍ୟ ଅଟେ । ଗୀତାରେ ଏହାର ରୂପ ଏହିପରି ଦେଖିବାକୁ ମିଳେ—'**ନାୟକାଃ**' (୧ । ୭) ଇତ୍ୟାଦି ।

(ଖ) ଧାତୁ ଓ ଉପସର୍ଗରେ—ଯଥାଃ ପ୍ର+ଋଚ୍ଛତି, ଉପ+ଋଚ୍ଛତି—ଏଠାରେ ଧାତୁ ଓ ଉପସର୍ଗରେ ସଂହିତା ନିତ୍ୟ ହୋଇଥିବାରୁ ବୃଦ୍ଧି ନିତ୍ୟ ହେବ; ଅତଏବ 'ପ୍ରାର୍ଚ୍ଛତି', 'ଉପାର୍ଚ୍ଛତି' ରୂପ ନିତ୍ୟ ହେବ । ଗୀତାରେ ଏହାର ରୂପ ହେଲା—'**ଉପୈତି**' (୬ । ୨୭), '**ପ୍ରୋକ୍ତଃ**' (୪ । ୩) ଇତ୍ୟାଦି ।

(ଗ) ସମାସରେ—ଯଥାଃ 'ପୁରୁଷୋତ୍ତମ'ରେ ସମାସ ହୋଇଥିବାରୁ ଗୁଣାଦେଶ ନିତ୍ୟ ଅଟେ । ଗୀତାରେ ଏହାର ରୂପ ଏହିପରି ଦେଖିବାକୁ ମିଳେ—'**ବ୍ରହ୍ମୋଦ୍ଭବମ୍**' (୩ । ୧୫), '**ଅମୃତୋଦ୍ଭବମ୍**' (୧୦ । ୨୭), '**ଗୁଡାକେଶ**' (୧୦ । ୨୦) ଇତ୍ୟାଦି ।

(ଘ) ବାକ୍ୟରେ—ଯଥାଃ 'ନ ଅହଂ ଗଚ୍ଛାମି'—'ନାହଂ ଗଚ୍ଛାମି'ରେ ସନ୍ଧି କରିବା ବକ୍ତାର ବିବକ୍ଷା ଉପରେ ନିର୍ଭର କରୁଥିବାରୁ ଉଭୟ ବାକ୍ୟ ଶୁଦ୍ଧ ଅଟେ । ଗୀତାରେ ଏହାର ରୂପ ହେଲା—'**ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ**' (୧୨ । ୮), '**ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା**' (୧୧ । ୫୩), '**ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ**' (୧୧ । ୫୪), '**ଜହାତୀହ ଉଭେ ସୁକୃତଦୁଷ୍କୃତେ**' (୨ । ୫୦) ଇତ୍ୟାଦି ।

(୨୨)

ଇଦମସ୍ତୁ ସନ୍ନିକୃଷ୍ଟେ ସମୀପତରବର୍ତ୍ତି ଚୈତଦୋ ରୂପମ୍ ।
ଅଦସସ୍ତୁ ବିପ୍ରକୃଷ୍ଟେ ତଦିତି ପରୋକ୍ଷେ ବିଜାନୀୟାତ୍ ॥

ଏହି ଉକ୍ତି ଅନୁସାରେ '**ଇଦମ୍**' ଶବ୍ଦ ସମୀପ ପାଇଁ, '**ଏତଦ୍**' ଶବ୍ଦ ଅତ୍ୟନ୍ତ ସମୀପ ପାଇଁ, '**ଅଦସ୍**' ଶବ୍ଦ ଦୂର ପାଇଁ ଓ '**ତଦ୍**' ଶବ୍ଦ ପରୋକ୍ଷ ପାଇଁ ପ୍ରଯୁକ୍ତ ହୁଏ । ଗୀତାରେ ଉପରୋକ୍ତ ଶବ୍ଦଗୁଡ଼ିକର ପ୍ରୟୋଗ ଏହି ଦୃଷ୍ଟିରେ ହୋଇଛି; ଯଥା—

ତ୍ରୟୋଦଶ ଅଧ୍ୟାୟର ୧ମ ଶ୍ଳୋକରେ ସମୀପରେ ଦେଖାଯାଉଥିବା ଶରୀର ପାଇଁ '**ଇଦମ୍**' ପଦ ବ୍ୟବହୃତ ହୋଇଛି—'**ଇଦଂ ଶରୀରମ୍**' ଏବଂ ଅତି ସମୀପରେ ଦେଖାଯାଉଥିବା ଅହଂଭାବ ପାଇଁ '**ଏତଦ୍**' ପଦ ବ୍ୟବହୃତ ହୋଇଛି—'**ଏତଦ୍ ଯୋ ବେତ୍ତି**'; କାରଣ ଅହଂଭାବ ସ୍ୱୟଂର ଅତ୍ୟନ୍ତ ସମୀପବର୍ତ୍ତୀ ।

ଏକାଦଶ ଅଧ୍ୟାୟର ୫୧ଶ ଶ୍ଳୋକରେ ଅର୍ଜୁନ ତାଙ୍କ ସମ୍ମୁଖରେ ଦୃଶ୍ୟ ହେଉଥିବା ଭଗବାନଙ୍କ ମନୁଷ୍ୟରୂପ ପାଇଁ '**ଇଦମ୍**' ଶବ୍ଦ ପ୍ରୟୋଗ କରିଛନ୍ତି—'**ଦୃଷ୍ଟ୍ୱେଦଂ ମାନୁଷଂ ରୂପମ୍**'; ଏବଂ ଷଷ୍ଠ ଅଧ୍ୟାୟର ୩୯ଶ ଶ୍ଳୋକରେ ନିଜ ହୃଦୟସ୍ଥ ସନ୍ଦେହ ପାଇଁ '**ଏତଦ୍**' ଶବ୍ଦ ପ୍ରୟୋଗ କରିଛନ୍ତି—'**ଏତନ୍ମେ ସଂଶୟଂ କୃଷ୍ଣ**' ।

ବିଶ୍ୱରୂପ ପାଖରେ ଥିବାରୁ ତାହା ପାଇଁ ଅର୍ଜୁନ ଏକାଦଶ ଅଧ୍ୟାୟର ୧୯ଶ, ୨୦ଶ ଆଦି ଅନେକ ଶ୍ଳୋକରେ '**ଇଦମ୍**' ଶବ୍ଦ ପ୍ରୟୋଗ କରିଛନ୍ତି । ଭୀଷ୍ମ, ଦ୍ରୋଣ ପ୍ରଭୃତି ଯୋଦ୍ଧାମାନେ ବିଶ୍ୱରୂପ ଭଗବାନଙ୍କର ଅତି ସମୀପରେ ଥିବାରୁ ଅର୍ଥାତ୍ ବିଶ୍ୱରୂପର ହିଁ ଅଙ୍ଗ ହୋଇଥିବାରୁ ଭଗବାନ ସେମାନଙ୍କ ପାଇଁ '**ଏତଦ୍**' (ଏତେ) ଶବ୍ଦର ପ୍ରୟୋଗ କରିଛନ୍ତି—'**ମୟୈବୈତେ ନିହତାଃ ପୂର୍ବମେବ**' (୧୧ । ୩୩) ।

ଭଗବାନଙ୍କ ପ୍ରଦତ୍ତ ଦିବ୍ୟଦୃଷ୍ଟି ଦ୍ୱାରା ବିରାଟରୂପ ବହୁଦୂର ପର୍ଯ୍ୟନ୍ତ ଦେଖାଯାଉଥିଲା ଏବଂ ସେଥିରେ ଦେବତା ଆଦି ମଧ୍ୟ ବହୁଦୂରବ୍ୟାପୀ ଦେଖାଯାଉଥିଲେ । ଅତଏବ ଅର୍ଜୁନ ସେମାନଙ୍କ ପାଇଁ ଏକାଦଶ ଅଧ୍ୟାୟର ୨୧ଶ, ୨୬ଶ ଓ ୨୮ଶ ଶ୍ଳୋକରେ '**ଅଦସ୍**' (**ଅମୀ**) ଶବ୍ଦ ପ୍ରୟୋଗ କରିଛନ୍ତି ।

ବିରାଟରୂପର ପ୍ରଥମ ସ୍ତରରେ ଦେଖିଥିବା ଚତୁର୍ଭୁଜ ବିଷ୍ଣୁରୂପ (ବିରାଟରୂପର ସ୍ତର ବଦଳିବା ହେତୁ) ନେତ୍ର ସମ୍ମୁଖରେ ନ ରହିବାରୁ ଅର୍ଥାତ୍ ପରୋକ୍ଷ ହୋଇଯିବାରୁ ଅର୍ଜୁନ ତାହା ପାଇଁ ଏକାଦଶ ଅଧ୍ୟାୟର ୪୫ଶ ଓ ୪୬ଶ ଶ୍ଳୋକରେ '**ତଦ୍**' (ତଦ୍ ଓ ତେନ) ଶବ୍ଦ ପ୍ରୟୋଗ କରିଛନ୍ତି ।

(୨୩)

କୌଣସି ଅଜ୍ଞାତ କାର୍ଯ୍ୟକୁ, କୌଣସି ଅପୂର୍ବ ବିଷୟକୁ ଜାଣିବା ବା ବିଧାନ କରିବା ପାଇଁ ଯାହା

ଥରେ ଗୃହୀତ ହୋଇସାରିଛି, ତାକୁ ଯଦି ଅନ୍ୟ କୌଣସି ଅଜ୍ଞାତ କାର୍ଯ୍ୟ ବା ଅପୂର୍ବ ବିଷୟକୁ ଜାଣିବା ବା ବିଧାନ କରିବା ପାଇଁ ପୁଣି ଥରେ ଗ୍ରହଣ କରାଯାଏ, ତେବେ ସେହି ପୁନର୍ଗ୍ରହଣକୁ 'ଅନ୍ୱାଦେଶ' କୁହାଯାଏ—**'କିଞ୍ଚିତ୍‌କାର୍ଯ୍ୟଂ ବିଧାତୁମୁପାତ୍ତସ୍ୟ କାର୍ଯ୍ୟାନ୍ତରଂ ବିଧାତୁଂ ପୁନରୁପାଦାନମନ୍ୱାଦେଶଃ ।'** ଉଦାହରଣସ୍ୱରୂପ—

(୧) **'ଅନେନ ବ୍ୟାକରଣମଧୀତମ୍, ଏନଂ ଛନ୍ଦୋଽଧ୍ୟାପୟ'** ଅର୍ଥାତ୍ 'ଇଏ ବ୍ୟାକରଣ ପଢ଼ି ସାରିଲାଣି, ଏବେ ଏହାକୁ ଛନ୍ଦଶାସ୍ତ୍ର ପଢ଼ାଅ'—ଏଠାରେ 'ବ୍ୟାକରଣ ପଢ଼ିସାରିଲାଣି' ଏହି କାର୍ଯ୍ୟ ପାଇଁ **'ଅନେନ'** ପଦ ଗୃହୀତ ହୋଇଛି । ପୁନଶ୍ଚ ଅଜ୍ଞାତ ବା ଅପୂର୍ବ କାର୍ଯ୍ୟ 'ଏବେ ଛନ୍ଦଶାସ୍ତ୍ର ପଢ଼ାଅ' ପାଇଁ ପୁଣି ତାହାକୁ ଗ୍ରହଣ କରାଗଲା । ଏହିପରି ପୁଣି (ଦ୍ୱିତୀୟ ଥର) ତାହାକୁ ଗ୍ରହଣ କରିବା ହେଲା 'ଅନ୍ୱାଦେଶ' ।

(୨) **'ଅନୟୋଃ କୁଳଂ ପବିତ୍ରମ୍, ଏନୟୋଃ ପ୍ରଭୂତଂ ସ୍ୱମ୍'** ଅର୍ଥାତ୍ 'ଏ ଦୁହିଙ୍କ କୁଳ ପବିତ୍ର ଅଟେ ଏବଂ ଏହାଙ୍କ ପାଖରେ ବହୁତ ଧନ ଅଛି'—ଏଠାରେ 'ଧନ ବହୁତ ଅଛି' କହିବା ପାଇଁ ପୁନଶ୍ଚ ଏହାଙ୍କୁ ଗ୍ରହଣ କରିବା 'ଅନ୍ୱାଦେଶ' ଅଟେ ।

(୩) **'ଅନେନ ବିଦ୍ୟାର୍ଥିନା ରାତ୍ରିରଧୀତା, ଏନେନାହରପ୍ୟଧୀତମ୍'** ଅର୍ଥାତ୍ 'ଏହି ଛାତ୍ର ଜଣକ ରାତିଯାକ ପଢ଼ିଛି ଏବଂ ଇଏ ଦିନଯାକ ମଧ୍ୟ ପଢ଼ିଛି'—ଏଠାରେ 'ଦିନଯାକ ମଧ୍ୟ ପଢ଼ିଛି' କହିବା ପାଇଁ ପୁନର୍ବାର ତାହାକୁ ଗ୍ରହଣ କରିବା ହେଲା 'ଅନ୍ୱାଦେଶ' ।

(୪) **'ଅନୟୋର୍ବିଦ୍ୟାର୍ଥିନୋଃ ଶୋଭନଂ ଶୀଳମ୍, ଏନୟୋଃ କୁଶାଗ୍ରା ମେଧା'** ଅର୍ଥାତ୍ 'ଏ ଛାତ୍ର ଦୁହେଁ ଭଲ ଆଚରଣଯୁକ୍ତ ଏବଂ ଏହାଙ୍କର ବୁଦ୍ଧି ମଧ୍ୟ ତୀକ୍ଷ୍ଣ'—ଏଠାରେ 'ବୁଦ୍ଧି ମଧ୍ୟ ତୀକ୍ଷ୍ଣ' କହିବା ପାଇଁ ପୁନର୍ବାର ତାଙ୍କୁ ଗ୍ରହଣ କରିବା 'ଅନ୍ୱାଦେଶ' ଅଟେ ।

ଅନ୍ୱାଦେଶ ବେଳେ **'ଇଦମ୍'** ଓ **'ଏତଦ୍'** ଶବ୍ଦ ସ୍ଥାନରେ ଦ୍ୱିତୀୟସ୍ (ଅମ୍, ଔଟ୍ ଓ ଶସ୍), ତୃତୀୟା (ଟା) ଓ ଷଷ୍ଠୀ ବା ସପ୍ତମୀ (ଓସ୍) ବିଭକ୍ତିଗୁଡ଼ିକ ଆଗକୁ ଥିଲେ **'ଦ୍ୱିତୀୟାଟୌସ୍ସ୍ୱେନଃ'** (ପାଣି. ଅ. ୨ । ୪ । ୩୪)—ସୂତ୍ର ଅନୁସାରେ **'ଏନ'** ଆଦେଶ ହୁଏ । ଗୀତାରେ ମଧ୍ୟ ଉପର୍ଯ୍ୟୁକ୍ତ ଅର୍ଥରେ **'ଇଦମ୍'** ଓ **'ଏତଦ୍'** ଶବ୍ଦ ସ୍ଥାନରେ ଅନ୍ୱାଦେଶ ଦେଖାଯାଏ; ଯଥା— **'ଅସ୍ୟ-ଏନମ୍'** (୨ । ୧୭, ୧୯), **'ଅୟମ୍-ଏନମ୍'** (୨ । ୨୦-୨୧), **'ଅୟମ୍-ଏନମ୍'** (୨ । ୨୪-୨୬), **'ଏଷା-ଏନାମ୍'** (୨ । ୭୨), **'ଏଷ-ଏନମ୍'** (୩ । ୩୭), **'ଏଷ-ଏନମ୍'** (୩ । ୪୦-୪୧), **'ଅସ୍ୟ-ଏନମ୍'** (୧୫ । ୩)—ଏହି ପଦଗୁଡ଼ିକରେ **'ଇଦମ୍'** ଓ **'ଏତଦ୍'** ଶବ୍ଦଗୁଡ଼ିକ ସ୍ଥାନରେ 'ଏନ' ଅନ୍ୱାଦେଶ ହୋଇଛି ।

ଅନ୍ୱାଦେଶରେ ପୂର୍ବରୁ **'ଇଦମ୍'** ଓ **'ଏତଦ୍'** ଶବ୍ଦଗୁଡ଼ିକର ପ୍ରୟୋଗ ହେବା ନିହାତି ଆବଶ୍ୟକ ନୁହେଁ । ଯଦି ପୂର୍ବରୁ **'ଯଦ୍'**, **'ତଦ୍'** ପ୍ରଭୃତି କୌଣସି ଅନ୍ୟ ଶବ୍ଦ ଦ୍ୱାରା ବା କୌଣସି ଅନ୍ୟ ପ୍ରକାରେ ମଧ୍ୟ ଗ୍ରହଣ ସରିଥାଏ, ତେବେ ଦ୍ୱିତୀୟ ଗ୍ରହଣରେ **'ଇଦମ୍'** ଓ **'ଏତଦ୍'**କୁ 'ଏନ' ଅନ୍ୱାଦେଶ ହୋଇଯାଏ; ଯଥା— ଗୀତାରେ ଦ୍ୱିତୀୟ ଅଧ୍ୟାୟର ୨୩ଶ ଓ ୨୯ଶ, ଚତୁର୍ଥ ଅଧ୍ୟାୟର ୪୨ଶ, ଷଷ୍ଠ ଅଧ୍ୟୟର ୨୭ଶ ଓ ପଞ୍ଚଦଶ ଅଧ୍ୟାୟର ୧୧ଶ ଶ୍ଳୋକରେ **'ଇଦମ୍'** ଓ **'ଏତଦ୍'** ଶବ୍ଦକୁ **'ଏନମ୍'** ଅନ୍ୱାଦେଶ କରାଯାଇଛି ।

ଯେଉଁଠି କୌଣସି ଅପୂର୍ବ ଓ ଅଜ୍ଞାତ ବିଷୟର ବୋଧନ ବା ଜ୍ଞାପନ ହୋଇ ନ ଥାଏ, ସେଠାରେ ଅନ୍ୱାଦେଶ ହୁଏ ନାହିଁ; ଯଥା—**'ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂ ରାଧେ ଗୃହଂ ପ୍ରାପୟ'** (ଗୀତଗୋବିନ୍ଦ) ଅର୍ଥାତ୍ 'ଏହି କୃଷ୍ଣ ରାତିରେ ଡରେ, ତେଣୁ ହେ ରାଧେ! ତୁ ହିଁ ଏହାକୁ ଘରେ ପହଞ୍ଚାଇ ଦେ'—ଏହି ପଦ୍ୟରେ ଜ୍ଞାତ ବା ପୂର୍ବବିଷୟ ଭୀରୁତାର ଅନୁବାଦମାତ୍ର କରାଯାଇଛି, ଏଠାରେ ଅନ୍ୱାଦେଶ ହୋଇ ନାହିଁ । ସେହିପରି ଗୀତାରେ ରହିଥିବା **'ଇମେ-ଏତାନ୍'** (୧ । ୩୩, ୩୫), **'ଏଷା-ଇମାମ୍'** (୨ । ୩୯), **'ଏଷା-ଏତାମ୍'** (୭ । ୧୪), **'ଇଦମ୍-ଏତଦ୍'** (୧୩ । ୧), **'ଇଦମ୍-ଏତଦ୍'** (୧୬ । ୨୧), **'ଇଦମ୍-ଇମମ୍'** (୧୮ । ୬୭-୬୮), **'ଇମମ୍-ଏତଦ୍'** (୧୮ । ୭୪-୭୫)—ଏହି ପଦମାନଙ୍କରେ ପୂର୍ବ ବା ଜ୍ଞାତ ବିଷୟର କେବଳ ଅନୁବାଦ ହିଁ ହୋଇଛି । ନୂଆ ବୋଧନ ବା ଜ୍ଞାପନ ହୋଇ ନାହିଁ । ଅତଏବ ଏହି ପଦମାନଙ୍କରେ ଅନ୍ୱାଦେଶ ହୋଇ ନାହିଁ ।

(୨୪)

ନପୁଂସକ (କ୍ଳୀବ) ଲିଙ୍ଗ ସହିତ ଯଦି ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ଶବ୍ଦ ଆସେ, ତେବେ ସେଠାରେ ନପୁଂସକଲିଙ୍ଗର ଶବ୍ଦ ଅବଶେଷ ରହେ ଏବଂ ସେଥିରେ ବିକଳ୍ପରେ ଏକବଦ୍‌ଭାବ ହୁଏ—**'ନପୁଂସକମନପୁଂସକେନୈକବଚ୍ଚାନ୍ୟତରସ୍ୟାମ୍'** (ପାଣି. ଅ. ୧ । ୨ । ୬୯) । ଯଥା—'ଶୁକ୍ଳଃ ପଟଃ, ଶୁକ୍ଳା ଶାଟିକା, ଶୁକ୍ଳଂ ବସ୍ତ୍ରମ୍'— 'ତାନି ଇମାନି ଶୁକ୍ଳାନି ଅଥବା ତଦିଦଂ ଶୁକ୍ଳମ୍' । ଗୀତାରେ ମଧ୍ୟ ଏହାର ପ୍ରୟୋଗ ହୋଇଛି । ଯଥା—

'ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍' (୧୮।୫)—ଏଥିରେ **'ଯଜ୍ଞଃ'** ଶବ୍ଦର ପ୍ରୟୋଗ ପୁଂଲିଙ୍ଗରେ ଏବଂ **'ଦାନମ୍'** ଓ **'ତପଃ'** ଶବ୍ଦର ପ୍ରୟୋଗ କ୍ଲୀବଲିଙ୍ଗରେ କରାଯାଇଛି; ଅତଏବ ଏକ-ଶେଷରେ କ୍ଲୀବଲିଙ୍ଗ ଓ ବହୁବଚନାନ୍ତ **'ପାବନାନି'** ଶବ୍ଦ ପ୍ରୟୋଗ ହୋଇଛି। ଏହିପରି **'ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ'**, (୨।୩୮)—ଏହି ପଦମାନଙ୍କରେ 'ସୁଖଦୁଃଖ' ଶବ୍ଦ ହେଉଛି କ୍ଲୀବଲିଙ୍ଗ ଏବଂ 'ଲାଭ-ଅଲାଭ' ଓ 'ଜୟ-ଅଜୟ' ଶବ୍ଦ ହେଉଛି ପୁଂଲିଙ୍ଗ। ଅତଏବ ଏକ-ଶେଷରେ 'ସମେ' କ୍ଲୀବଲିଙ୍ଗର ପ୍ରୟୋଗ କରାଯାଇଛି। **'କାୟେନ ମନସା ବୁଦ୍ଧ୍ୟା କେବଳୈରିନ୍ଦ୍ରିୟୈରପି'** (୫।୧୧)—ଏହି ପଦ-ଗୁଡ଼ିକରେ 'କାୟେନ' ଶବ୍ଦ ପୁଂଲିଙ୍ଗ, 'ମନସା' ଓ 'ଇନ୍ଦ୍ରିୟୈଃ' ଶବ୍ଦ କ୍ଲୀବଲିଙ୍ଗ ଏବଂ 'ବୁଦ୍ଧ୍ୟା' ଶବ୍ଦ ସ୍ତ୍ରୀଲିଙ୍ଗ। ଅତଏବ ଏକ-ଶେଷରେ **'କେବଳୈଃ'** କ୍ଲୀବଲିଙ୍ଗର ପ୍ରୟୋଗ କରାଯାଇଛି। **'ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ'** (୧୦।୨୦)—ଏଠାରେ **'ଆଦିଃ** ଓ **'ଅନ୍ତଃ'** ଶବ୍ଦର ପ୍ରୟୋଗ ପୁଂଲିଙ୍ଗରେ କରାଯାଇଛି। ଏହାର ତାତ୍ପର୍ଯ୍ୟ ହେଲା ଯେ ସୃଷ୍ଟିର ଆରମ୍ଭରେ ଏକମାତ୍ର ପରମପୁରୁଷ ଭଗବାନ ଥାଆନ୍ତି—**'ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ'** (ଗୀତା ୧୦।୨) ଏବଂ ଶେଷରେ ମଧ୍ୟ ଏକମାତ୍ର ପରମପୁରୁଷ ଭଗବାନ ରହିଥାଆନ୍ତି—**'ଶିଷ୍ୟତେ ଶେଷସଂଜ୍ଞଃ'** (ଶ୍ରୀମଦ୍ଭା. ୧୦।୩।୨୫)। ତେଣୁ ଭଗବାନ 'ଆଦି' ଓ 'ଅନ୍ତ' ଶବ୍ଦର ପ୍ରୟୋଗ ପୁଂଲିଙ୍ଗରେ କରିଛନ୍ତି। କିନ୍ତୁ ମଧ୍ୟରେ ଅର୍ଥାତ୍ ସୃଷ୍ଟି ସମୟରେ ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଲୀବଲିଙ୍ଗ—ତିନି ଲିଙ୍ଗର ବ୍ୟକ୍ତି, ବସ୍ତୁ, ପଦାର୍ଥ, କ୍ରିୟା, ଭାବ ଆଦି ରହିଥାଆନ୍ତି। ଅତଏବ ଏହି ତିନି ଲିଙ୍ଗରେ କ୍ଲୀବଲିଙ୍ଗ ହିଁ ଅବଶେଷ ରହିଥାଏ (ମଧ୍ୟଃ, ମଧ୍ୟା, ମଧ୍ୟମ୍— ତଦିଦଂ ମଧ୍ୟମ୍) ଅର୍ଥାତ୍ ତିନି ଲିଙ୍ଗଯାକ କ୍ଲୀବଲିଙ୍ଗର ଅନ୍ତର୍ଗତ ହୋଇଯାଆନ୍ତି। ତେଣୁ ଭଗବାନ ଏଠାରେ ଏବଂ ଆଗାମୀ ୩୨ଶ ଶ୍ଲୋକରେ ବି 'ମଧ୍ୟ' ଶବ୍ଦର ପ୍ରୟୋଗ କ୍ଲୀବଲିଙ୍ଗରେ କରିଛନ୍ତି।

(୨୫)

'ସନ୍ନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ' (ଗୀତା ୫।୬)—ଯଦ୍ୟପି ଏଠାରେ **'ସନ୍ନ୍ୟାସଃ'** ପଦ **'ଆପ୍ତୁମ୍'** କ୍ରିୟାର କର୍ମ ହୋଇଥିବାରୁ ସେଥିରେ ଦ୍ୱିତୀୟା ହେବା କଥା, ତଥାପି **'ତୁ'** ପଦକୁ ନିପାତ ସଂଜ୍ଞା ମାନି ସେଥିରେ କର୍ମ ଉକ୍ତ ହେବାରୁ **'ସନ୍ନ୍ୟାସଃ'** ପଦରେ ପ୍ରଥମା ହୋଇଛି।

'ତଂ ପ୍ରାହୁଃ କ୍ଷେତ୍ରଜ୍ଞ, ଇତି' (ଗୀତା ୧୩।୧)—ଯଦ୍ୟପି ଏଠାରେ **'ପ୍ରାହୁଃ'** କ୍ରିୟାର କର୍ମ ହୋଇଥିବାରୁ **'କ୍ଷେତ୍ରଜ୍ଞ'** ଶବ୍ଦରେ ଦ୍ୱିତୀୟା ବିଭକ୍ତି ହେବା ଉଚିତ ଥିଲା, ତଥାପି ଆଗକୁ **'ଇତି'** ପଦ ଆସିଥିବାରୁ ଅର୍ଥାତ୍ **'ଇତି'** ପଦ ଦ୍ୱାରା ଉକ୍ତ ହେବାରୁ **'କ୍ଷେତ୍ରଜ୍ଞ'** ଶବ୍ଦରେ ପ୍ରଥମା ବିଭକ୍ତି ହୋଇଅଛି।

(୨୬)

'ଅନାର୍ଯ୍ୟଜୁଷ୍ଟମ୍' (ଗୀତା ୨।୨)—ଏହି ପଦରେ ଯେଉଁ ନଞ୍ ସମାସ ଅଛି, ତାହା 'ଆର୍ଯ୍ୟୈର୍ଜୁଷ୍ଟମାର୍ଯ୍ୟଜୁଷ୍ଟମ୍'—ଏହି ତୃତୀୟା ସମାସ ପରେ ହିଁ କରିବା ଉଚିତ; ଯଥା—'ନ ଆର୍ଯ୍ୟଜୁଷ୍ଟମ୍ ଅନାର୍ଯ୍ୟଜୁଷ୍ଟମ୍'। ଯଦି 'ନଞ୍' ସମାସ ତୃତୀୟା ସମାସ ପୂର୍ବରୁ କରାଯାଏ ଯେ 'ନ ଆର୍ଯ୍ୟା ଅନାର୍ଯ୍ୟାଃ ଅନାର୍ଯ୍ୟୈର୍ଜୁଷ୍ଟମନାର୍ଯ୍ୟଜୁଷ୍ଟମ୍' ତେବେ ଏଠାରେ ଏପରି କହିବା ଅଯୌକ୍ତିକ ହେବ; କାରଣ ଅନାର୍ଯ୍ୟ ପୁରୁଷମାନଙ୍କ ଦ୍ୱାରା ଯାହା ସେବନ (ଆଚରଣ) କରାଯାଏ, ତାହା ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ନ ପାରେ।

(୨୭)

'ଧାର୍ତରାଷ୍ଟ୍ରାଣାମ୍' (ଗୀତା ୧।୧୯)—'ଅନ୍ୟାୟେନ ଧୃତଂ ରାଷ୍ଟ୍ରଂ ଯୈସ୍ତେ ଧୃତରାଷ୍ଟ୍ରାଃ' (ଅନ୍ୟାୟପୂର୍ବକ ଯେଉଁମାନେ ରାଜ୍ୟକୁ ଧାରଣ କରିଛନ୍ତି)—ଏଭଳି ବହୁବ୍ରୀହି ସମାସ କଲା ପରେ 'ଧୃତରାଷ୍ଟ୍ରା ଏବ' ଏହି ବିଗ୍ରହରେ ସ୍ୱାର୍ଥରେ ତଦ୍ଧିତ 'ଅଣ୍' ପ୍ରତ୍ୟୟ କରାଯିବାରୁ 'ଧାର୍ତରାଷ୍ଟ୍ରାଃ' ରୂପ ହେଲା। ଏଠାରେ ଷଷ୍ଠୀ ବିଭକ୍ତିର ପ୍ରୟୋଗର ଆବଶ୍ୟକତା ଥିବାରୁ ଷଷ୍ଠୀରେ 'ଧାର୍ତରାଷ୍ଟ୍ରାଣାମ୍' ଏଭଳି ପ୍ରୟୋଗ ହେଲା।

(୨୮)

'ମହିମାନଂ ତବେଦମ୍' (ଗୀତା ୧୧।୪୧)—ଏଥିରେ ବ୍ୟବହୃତ **'ଇଦମ୍'** ପଦ 'ମହିମାନମ୍'ର ବିଶେଷଣ ନୁହେଁ, କାରଣ 'ମହିମାନମ୍' ପଦ ପୁଂଲିଙ୍ଗରେ ଓ 'ଇଦମ୍' ପଦ କ୍ଲୀବଲିଙ୍ଗରେ ପ୍ରଯୁକ୍ତ ହୋଇଛି। ଅତଏବ ଏଠାରେ 'ଇଦମ୍'କୁ 'ସ୍ୱରୂପ' ଅର୍ଥରେ ଗ୍ରହଣ କରାଯାଇଛି। ଏହି ଦୃଷ୍ଟିରୁ 'ମହିମାନଂ ତବେଦମ୍' ପଦର ଅର୍ଥ ହେଲା—ଆପଣଙ୍କ ମହିମା ଓ ସ୍ୱରୂପ।

(୨୯)

'ଇଷ୍ଟକାମଧୁକ୍' (ଗୀତା ୩।୧୦)—'ଇଷ୍ଟ' ଶବ୍ଦ 'ଯଜ୍' ଧାତୁରେ କୃଦନ୍ତର 'କ୍ତ' ପ୍ରତ୍ୟୟ କଲେ ନିଷ୍ପନ୍ନ

ହୁଏ, ଯାହା କି ଯଜ୍ଞ (କର୍ତ୍ତବ୍ୟକର୍ମ)ର ବାଚକ ଅଟେ; ଏବଂ 'କାମ' ଶବ୍ଦ 'କମୁ' ଧାତୁରେ 'ଘଞ୍' ପ୍ରତ୍ୟୟ କଲେ ନିଷ୍ପନ୍ନ ହୁଏ, ଯାହା କି ପଦାର୍ଥ(ସାମଗ୍ରୀ)ର ବାଚକ ଅଟେ। ଅତଏବ 'ଇଷ୍ଟକାମଧୁକ୍' ପଦର ଅର୍ଥ ହେଲା—କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକ ସାମଗ୍ରୀ ପ୍ରଦାନକାରୀ।

(୩୦)

'ଯତ୍ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନ' ତଦ୍‌ଯୋଗୈରପି **ଗମ୍ୟତେ'** (ଗୀତା ୫।୫) ଓ **'ଭୁଞ୍ଜତେ ତେ ତ୍ୱଘଂ ପାପାଃ'** (ଗୀତା ୩।୧୩)—ଏଠାରେ 'ଅର୍ଶଆଦିଭ୍ୟୋଽଚ୍' (ପାଣି. ଅ. ୫।୨।୧୨୭) ସୂତ୍ର ଅନୁସାରେ 'ଅଚ୍' ପ୍ରତ୍ୟୟ କରିବାରୁ 'ସାଂଖ୍ୟ' ଶବ୍ଦ ସାଂଖ୍ୟଯୋଗୀର, 'ଯୋଗ' ଶବ୍ଦ କର୍ମଯୋଗୀର ଓ 'ପାପ' ଶବ୍ଦ ପାପୀର ବାଚକ ହୋଇଛି।

(୩୧)

'ଅନେକଜନ୍ମସଂସିଦ୍ଧଃ' (ଗୀତା ୬।୪୫)—'ଅନେକଜନ୍ମ'ର ଅର୍ଥ ହେଲା—'ନ ଏକଜନ୍ମ ଇତି ଅନେକଜନ୍ମ' ଅର୍ଥାତ୍ ଏକରୁ ଅଧିକ ଜନ୍ମ। ଯୋଗଭ୍ରଷ୍ଟର ଅନେକ ଜନ୍ମ ହୋଇସାରିଛି। **'ସଂସିଦ୍ଧଃ'** ପଦରେ ଭୂତକାଳର 'କ୍ତ' ପ୍ରତ୍ୟୟ ହେବାରୁ ଏହାର ଅର୍ଥ ହେଲା—ସେହି ଯୋଗୀ ଅନେକ ଜନ୍ମ ଦ୍ୱାରା ସଂସିଦ୍ଧ (ଶୁଦ୍ଧ) ହୋଇ ସାରିଛି।

(୩୨)

'ଅନୁଶୁଶ୍ରୁମ' (ଗୀତା ୧।୪୪)—ଯାହା ନେତ୍ର ଦ୍ୱାରା ଦେଖାଯାଇ ନାହିଁ, ତାହା ପରୋକ୍ଷ ଏବଂ ପରୋକ୍ଷାର୍ଥରେ ହିଁ 'ଲିଟ୍' ଲକାର ହୁଏ; ତଥାପି ଅର୍ଜୁନ ଏଠାରେ ପରୋକ୍ଷ 'ଲିଟ୍'ର ପ୍ରୟୋଗ କରିଛନ୍ତି, ଯାହା କି କରିବା ଉଚିତ ନ ଥିଲା। କିନ୍ତୁ ଶୋକାବିଷ୍ଟ ହୋଇଥିବା ଯୋଗୁଁ ଅର୍ଜୁନ ଏହି ପଦରେ ପରୋକ୍ଷ 'ଲିଟ୍' କ୍ରିୟାର ପ୍ରୟୋଗ କରିଛନ୍ତି।

(୩୩)

'କୌରବ୍ୟ' ଶବ୍ଦର ବହୁବଚନରେ **'ତଦ୍‌ରାଜସ୍ୟ ବହୁଷୁ ତେନୈବାସ୍ତ୍ରିୟାମ୍'** (ପାଣି. ଅ. ୨।୪।୬୨) ସୂତ୍ର ଅନୁସାରେ 'ଣ୍ୟ' ପ୍ରତ୍ୟୟ ଲୋପ ହେବାରୁ **'କୁରୁବ୍'** (ଗୀତା ୧।୨୫) ଶବ୍ଦ ହୁଏ, ଯାହା କି କୁରୁବଂଶୀମାନଙ୍କର ବାଚକ।

(୩୪)

'ପୃଷୋଦରାଦୀନି ଯଥୋପଦିଷ୍ଟମ୍' (ପାଣି. ଅ. ୬।୩।୧୦୯) ସୂତ୍ର ଅନୁସାରେ 'ଭବିଷ୍ୟତ୍' ଶବ୍ଦର 'ତ୍'-କାର ଲୋପ ହେବାରୁ 'ଭବିଷ୍ୟାଣି' (ଗୀତା ୭।୨୬) ରୂପ ହୋଇଯାଏ।

(୩୫)

'ଚାତୁର୍ବର୍ଣ୍ୟମ୍' (ଗୀତା ୪।୧୩)—'ଚତ୍ୱାରୋବର୍ଣାଶ୍ଚାତୁର୍ବର୍ଣ୍ୟମ୍'—ଏଠାରେ 'ଚତୁର୍ବର୍ଣାଦୀନାଂ ସ୍ୱାର୍ଥେ ଉପସଂଖ୍ୟାନମ୍' ଏହି ବାର୍ତ୍ତିକ ଦ୍ୱାରା ସ୍ୱାର୍ଥରେ 'ଷ୍ୟଞ୍' ପ୍ରତ୍ୟୟ କରାଯାଇଛି।

(୩୬)

'ମା ଶୁଚଃ'(ଗୀତା ୧୬।୫; ୧୮।୬୬)—ଏହି କ୍ରିୟା ଦିବାଦିଗଣର 'ଈଶୁ ଚିର୍ ପୂତୀଭାବେ' ଧାତୁର ଲୁଙ୍ ଲକାରର ରୂପ ଅଟେ।

(୩୭)

'ଇକୋ ହ୍ରସ୍ୱୋଽଙ୍ୟୋ ଗାଲବସ୍ୟ' (ପାଣି. ଅ. ୬।୩।୬୧) ଅର୍ଥାତ୍ ଆଗକୁ ଉତ୍ତରପଦ ଥିଲେ ଙୀପ୍-ରହିତ 'ଇକ୍' ଅଙ୍ଗ ବିକଳ୍ପରେ ହ୍ରସ୍ୱ ହୋଇଯାଏ; ଯଥା—ଗ୍ରାମଣ୍ୟଃ ପୁତ୍ରଃ=ଗ୍ରାମଣିପୁତ୍ରଃ=ଗ୍ରାମଣୀପୁତ୍ରଃ। ଏହି ଉଦାହରଣରେ 'ଗ୍ରାମଣୀ' ଶବ୍ଦ ଙୀପ୍-ରହିତ ଅଟେ; ଅତଏବ ଏଠାରେ ଉପର୍ଯ୍ୟୁକ୍ତ ସୂତ୍ର ଦ୍ୱାରା ହ୍ରସ୍ୱ ହୋଇଗଲା। ଗୀତାରେ ମଧ୍ୟ **'କାଶିରାଜଃ'** ଓ **'କୁନ୍ତିଭୋଜଃ'** (୧।୫-୬)—ଏହି ଦୁଇଟି ଶବ୍ଦରେ ଉପର୍ଯ୍ୟୁକ୍ତ ସୂତ୍ର ହେତୁ ହ୍ରସ୍ୱ ହୋଇଥିବାର ଜଣାପଡ଼େ; କିନ୍ତୁ ଏହି ଦୁଇଟି ଶବ୍ଦରେ ଉପର୍ଯ୍ୟୁକ୍ତ ସୂତ୍ର ଅନୁସାରେ ହ୍ରସ୍ୱ ହୋଇପାରିବ ନାହିଁ; କାରଣ ଏ ଦୁଇଟି ଶବ୍ଦର ମୂଳରୂପରେ ହିଁ ହ୍ରସ୍ୱ ଇକାର ଅଛି। ଅବଶ୍ୟ ଏହି ଦୁଇଟି ଶବ୍ଦ ହ୍ରସ୍ୱ ଓ ଦୀର୍ଘ (କାଶି-କାଶୀ, କୁନ୍ତି-କୁନ୍ତୀ) ଉଭୟ ପ୍ରକାରର ଚଳେ, କିନ୍ତୁ ଗୀତାରେ ଏଗୁଡ଼ିକୁ ହ୍ରସ୍ୱ ବୋଲି ସ୍ୱୀକାର କରାଯାଇଛି। ଯଦି ଏହି ଦୁଇଟି ଶବ୍ଦକୁ ଦୀର୍ଘ ଈକାରାନ୍ତ ବୋଲି ମାନି ହ୍ରସ୍ୱ କରିବାକୁ ଚାହିଁବା, ତେବେ ହ୍ରସ୍ୱ ହେବ ନାହିଁ; କାରଣ ଦୀର୍ଘ 'କାଶୀ' ଓ 'କୁନ୍ତୀ' ଶବ୍ଦ ଙୀବନ୍ତ ହୋଇଥିବାରୁ ଉପର୍ଯ୍ୟୁକ୍ତ ସୂତ୍ର ଦ୍ୱାରା ହ୍ରସ୍ୱ ହେବ ନାହିଁ।*

---

* ଗୀତାସମ୍ବନ୍ଧୀୟ ବ୍ୟାକରଣର ଏହି ଲେଖାରେ ସ୍ଥାନେ ସ୍ଥାନେ **'ଲଘୁସିଦ୍ଧାନ୍ତକୌମୁଦୀ'**ର **'ଭୈମୀ ବ୍ୟାଖ୍ୟା'**ରୁ ସାହାଯ୍ୟ ନିଆଯାଇଛି।

୧୦୬. ଗୀତାର ଛନ୍ଦ

ମୁଖ୍ୟତ୍ୱେନ ତୁ ଗୀତାୟାଂ ଦ୍ୱିଧା ଛନ୍ଦଃ ପ୍ରଯୁଜ୍ୟତେ ।
ଅନୁଷ୍ଟୁପ୍ ତ୍ରିଷ୍ଟୁବିତ୍ୟୁଂ ଚ ଭେଦା ହି ବିବିଧାସ୍ତୟୋଃ ॥

ଛନ୍ଦ ବିଷୟରେ କେତୋଟି ଜ୍ଞାତବ୍ୟ ବିଷୟ—

ବର୍ଣ୍ଣୋଚ୍ଚାରଣକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ—ଲଘୁ (।) ଓ ଗୁରୁ (ऽ) । ଯେତେ ଗ୍ରନ୍ଥ ଅଛି, ସେସବୁ ଗଦ୍ୟାତ୍ମକ ବା ପଦ୍ୟାତ୍ମକ ଅଥବା ଉଭୟାତ୍ମକ (ଗଦ୍ୟପଦ୍ୟମିଶ୍ରିତ) ହୋଇଥାଏ ।

ପଦ୍ୟର ନାମ 'ଛନ୍ଦ' । ପ୍ରତ୍ୟେକ ଛନ୍ଦର ପ୍ରାୟ ଚାରୋଟି ଚରଣ (ପାଦ) ଥାଏ । ଛନ୍ଦ ତିନି ପ୍ରକାରର— ଗଣଛନ୍ଦ (ଯଥା, ଉପେନ୍ଦ୍ରବଜ୍ରା ଆଦି), ଅକ୍ଷରଛନ୍ଦ (ଯଥା, ପଥ୍ୟାବକ୍ତ୍ର ଆଦି) ଓ ମାତ୍ରାଛନ୍ଦ (ଯଥା, ଆର୍ଯ୍ୟା ଆଦି) । ଏଥିମଧ୍ୟରୁ ମାତ୍ରାଛନ୍ଦ ଗୀତାରେ ନାହିଁ । ସେଥିପାଇଁ ଏଠାରେ ସେ ବିଷୟରେ ଆଲୋଚନା କରାଯାଉ ନାହିଁ ।

ଗଣଛନ୍ଦର ଅକ୍ଷର ସଂଖ୍ୟା ଏକରୁ ଛବିଶ ଅକ୍ଷର ପର୍ଯ୍ୟନ୍ତ ହୋଇପାରେ । ସେସବୁର ଛବିଶଟି ପୃଥକ୍ ପୃଥକ୍ ନାମ ରହିଛି ।

ତିନି ଅକ୍ଷରର ସମୂହକୁ 'ଗଣ' କୁହାଯାଏ । ଆଦି, ମଧ୍ୟ ଓ ଅନ୍ତର ଅକ୍ଷରଗୁଡ଼ିକୁ ଗୁରୁ ଓ ଲଘୁ ଦୃଷ୍ଟିରୁ ବିଚାର କଲେ ଗଣଗୁଡ଼ିକ ଆଠ ପ୍ରକାରର ହୁଏ । ସେଗୁଡ଼ିକର ନାମ ଓ ଲକ୍ଷଣ ନିମ୍ନରେ ପ୍ରଦତ୍ତ ହେଲା—

ଆଦିମଧ୍ୟାବସାନେଷୁ ଯ-ର-ତା ଯାନ୍ତି ଲାଘବମ୍ ।
ଭ-ଜ-ସା ଗୌରବଂ ଯାନ୍ତି ମ-ନୌ ତୁ ଗୁରୁଲାଘବମ୍ ॥

(ପିଙ୍ଗଳଛନ୍ଦଃ ସୂତ୍ରମ୍ ୧ । ୯)

[ଅର୍ଥ—ଆଦି, ମଧ୍ୟ ଓ ଅନ୍ତ ଯଥାକ୍ରମେ ଯ-ର-ତ ଗଣଗୁଡ଼ିକର ଲଘୁ ଏବଂ ଭ-ଜ-ସ ଗଣଗୁଡ଼ିକର ଗୁରୁ; ମଗଣର ତିନୋଟିଯାକ ଗୁରୁ ଏବଂ ନଗଣର ତିନୋଟିଯାକ ଲଘୁ ଅଟେ ।]

ସଂଖ୍ୟା	ଗଣର ନାମ	ଚିହ୍ନ	ଲକ୍ଷଣ
୧	ଯଗଣ	। ऽ ऽ	ପ୍ରଥମ ଅକ୍ଷର ଲଘୁ, ଅବଶିଷ୍ଟ ଅକ୍ଷର ଦୁଇଟି ଗୁରୁ ।
୨	ରଗଣ	ऽ । ऽ	ଦ୍ୱିତୀୟ ଅକ୍ଷର ଲଘୁ, ଅବଶିଷ୍ଟ ଅକ୍ଷର ଦୁଇଟି ଗୁରୁ ।
୩	ତଗଣ	ऽ ऽ ।	ତୃତୀୟ ଅକ୍ଷର ଲଘୁ, ଅବଶିଷ୍ଟ ଅକ୍ଷର ଦୁଇଟି ଗୁରୁ ।
୪	ଭଗଣ	ऽ । ।	ପ୍ରଥମ ଅକ୍ଷର ଗୁରୁ, ଅବଶିଷ୍ଟ ଅକ୍ଷର ଦୁଇଟି ଲଘୁ ।
୫	ଜଗଣ	। ऽ ।	ଦ୍ୱିତୀୟ ଅକ୍ଷର ଗୁରୁ, ଅବଶିଷ୍ଟ ଅକ୍ଷର ଦୁଇଟି ଲଘୁ ।
୬	ସଗଣ	। । ऽ	ତୃତୀୟ ଅକ୍ଷର ଗୁରୁ, ଅବଶିଷ୍ଟ ଅକ୍ଷର ଦୁଇଟି ଲଘୁ ।
୭	ମଗଣ	ऽ ऽ ऽ	ତିନୋଟିଯାକ ଅକ୍ଷର ଗୁରୁ ।
୮	ନଗଣ	। । ।	ତିନୋଟିଯାକ ଅକ୍ଷର ଲଘୁ ।

କେଉଁ ଛନ୍ଦ କେତେ ପ୍ରକାର ହୋଇପାରିବ, ତାହା ଜାଣିବାର ପ୍ରଣାଳୀକୁ 'ପ୍ରସ୍ତାର' କହନ୍ତି ଅର୍ଥାତ୍ ଉପର୍ଯ୍ୟୁକ୍ତ ଗଣଗୁଡ଼ିକୁ କ୍ରମଶଃ ଲେଖିବାର ପ୍ରକାର 'ପ୍ରସ୍ତାର' ଅଟେ ।

ଏକ ଅକ୍ଷରବିଶିଷ୍ଟ ଛନ୍ଦର ପ୍ରସ୍ତାର ଦୁଇ ପ୍ରକାରର, ଦୁଇ ଅକ୍ଷରବିଶିଷ୍ଟ ଛନ୍ଦର ପ୍ରସ୍ତାର ଚାରି ପ୍ରକାରର ଓ ତିନି ଅକ୍ଷରବିଶିଷ୍ଟ ଛନ୍ଦର ପ୍ରସ୍ତାର ଆଠ ପ୍ରକାରର ହୋଇଥାଏ । ଏହିପରି ସଂଖ୍ୟା ବଢ଼ି ବଢ଼ି ଚାଲେ ଅର୍ଥାତ୍ ଛନ୍ଦରେ ଗୋଟିଏ ଅକ୍ଷର ବଢ଼ିଲେ ପୂର୍ବ ଛନ୍ଦର ସଂଖ୍ୟାଠାରୁ ପ୍ରସ୍ତାରର ପ୍ରକାର ସଂଖ୍ୟା ଦୁଇଗୁଣ ବଢ଼ିଯାଏ । ଏହିରୂପେ ଗଣଛନ୍ଦର ଗୋଟିଏରୁ ଛବିଶ ପର୍ଯ୍ୟନ୍ତ ଅକ୍ଷରଗୁଡ଼ିକର କୋଟି କୋଟି ପ୍ରକାର ହୋଇପାରେ ।

ପ୍ରସ୍ତାର ଲେଖିବାର ଅନେକ ପ୍ରଣାଳୀ ରହିଛି । ସେଥିମଧ୍ୟରୁ ଦୁଇଟି ପ୍ରଣାଳୀ ମୁଖ୍ୟ—

(୧) ତିନି ଅକ୍ଷରବିଶିଷ୍ଟ ଗଣଛନ୍ଦର ପ୍ରସ୍ତାର ଲେଖିବାକୁ ହେଲେ ପ୍ରଥମ ସ୍ତମ୍ଭରେ (ଉପରୁ ତଳକୁ) କ୍ରମଶଃ ଗୋଟିଏ ଗୁରୁ ଓ ଗୋଟିଏ ଲଘୁ ଲେଖିଚାଲିବ । ଦ୍ୱିତୀୟ ସ୍ତମ୍ଭରେ କ୍ରମଶଃ ଦୁଇଟି ଗୁରୁ ଓ ଦୁଇଟି ଲଘୁ ଲେଖିଚାଲିବ । ତୃତୀୟ ସ୍ତମ୍ଭରେ କ୍ରମଶଃ ଚାରୋଟି ଗୁରୁ ଓ ଚାରୋଟି ଲଘୁ ଲେଖିବ । ଏହିରୂପେ ଲେଖିଚାଲିଲେ ଅଷ୍ଟମ ଧାଡ଼ିରେ ପ୍ରତ୍ୟେକ ସ୍ତମ୍ଭରେ ଲଘୁ ଆସିଯିବ ଓ ତିନି ଅକ୍ଷରଯୁକ୍ତ ଗଣଛନ୍ଦର ପ୍ରସ୍ତାରଭେଦ ଆଠ ହୋଇଯିବ ।

(୨) **'ଗୁରୁ ତଳେ ଲଘୁ ଅଙ୍କ, ଡାହାଣ ନକଲ ବାମକୁ ବାଙ୍କ'** ଅର୍ଥାତ୍ ତିନି ଅକ୍ଷରବିଶିଷ୍ଟ ଗଣଛନ୍ଦର ପ୍ରସ୍ତାର ଲେଖିବାକୁ ହେଲେ ପ୍ରଥମେ ବାମରୁ ଡାହାଣକୁ

ତିନୋଟି ଗୁରୁ ଲେଖିବ। ତଳ ଧାଡ଼ିଗୁଡ଼ିକରେ ଠିକ୍ ଉପର ଧାଡ଼ିର ପ୍ରଥମ ଗୁରୁ ତଳେ ଲଘୁ ଲେଖିବ ଓ ତାହାଣକୁ ଠିକ୍ ଉପର ଧାଡ଼ିରେ ଥିବା ଚିହ୍ନ ବା ଚିହ୍ନଗୁଡ଼ିକର ନକଲ କରିବ ଏବଂ ବାମକୁ ଉପର ଧାଡ଼ିରେ ଥିବା ଚିହ୍ନ ବା ଚିହ୍ନଗୁଡ଼ିକର ବିପରୀତ ଚିହ୍ନ (ଲଘୁ ବା ଗୁରୁ) ଲେଖିବ। ଯେଉଁଠାରେ ଉପର ଧାଡ଼ିର ପ୍ରଥମ ଗୁରୁର ଡାହାଣ ବା ବାମକୁ କୌଣସି ଚିହ୍ନ ନ ଥିବ, ସେଠାରେ କିଛି ଲେଖାଯିବ ନାହିଁ। ଏହିପରି ତଳକୁ ତଳ ଲେଖିବା ଦ୍ୱାରା ଯେତେବେଳେ ତିନୋଟିଯାକ ସ୍ଥାନରେ ଲଘୁ ଆସିଯିବ, ସେତେବେଳେ (ଆଠ ପ୍ରକାର ପୂରା ହୋଇଗଲେ) ପ୍ରସ୍ତାର ପୂରା ହୋଇଯିବ।

ଉପର୍ଯ୍ୟୁକ୍ତ ଦୁଇଟି ପ୍ରଣାଳୀରେ ବାହାର କରାଯାଇଥିବା ପ୍ରସ୍ତାରର ରୂପ ଏହିପରି ହେବ—

ऽ ऽ ऽ
। ऽ ऽ
ऽ । ऽ
। । ऽ
ऽ ऽ ।
। ऽ ।
ऽ । ।
। । ।

ପ୍ରସ୍ତାରର ସଂଖ୍ୟା ଓ ରୂପ ବାହାର କରିବାର ବିଧି—ଯେଉଁ ଛନ୍ଦର ପ୍ରସ୍ତାର ସଂଖ୍ୟା ମନେ ଅଛି, କିନ୍ତୁ ପ୍ରସ୍ତାରର ରୂପ ଜଣା ନାହିଁ, ସେହି ପ୍ରସ୍ତାରର ରୂପ ତିଆରି କରିବାର ବିଧିକୁ **'ନଷ୍ଟ ବିଧି'** କୁହାଯାଏ। ଯେଉଁ ଛନ୍ଦର ପ୍ରସ୍ତାରର ରୂପ ମନେ ଅଛି, କିନ୍ତୁ ପ୍ରସ୍ତାରର ସଂଖ୍ୟା ଜଣା ନାହିଁ, ତାହାର ପ୍ରସ୍ତାର ସଂଖ୍ୟା ବାହାର କରିବାର ବିଧିକୁ **'ଉଦ୍ଦିଷ୍ଟ ବିଧି'** କୁହାଯାଏ।

'ନଷ୍ଟ ବିଧି' (ସଂଖ୍ୟାରୁ ରୂପ ତିଆରି କରିବା)— ଧରାଯାଉ, ତିନି ଅକ୍ଷରବିଶିଷ୍ଟ ଛନ୍ଦର ଷଷ୍ଠ ସଂଖ୍ୟାର ରୂପ ଗଠନ କରିବାକୁ ହେବ। ପ୍ରଥମେ ଦେଖିବାକୁ ହେବ ଯେ ଏହି ଛଅ ସଂଖ୍ୟାଟି ସମ, ନା ବିଷମ। ଉଦାହରଣସ୍ୱରୂପ—ଦୁଇ, ଚାରି, ଛଅ, ଆଠ, ଆଦି ସଂଖ୍ୟା ସମ ଏବଂ ଏକ, ତିନି, ପାଞ୍ଚ, ସାତ, ନଅ ଆଦି ସଂଖ୍ୟା ବିଷମ। ସମ ସଂଖ୍ୟା ତଳେ ଲଘୁ (।) ଲେଖିବା ଉଚିତ ଏବଂ ବିଷମ ସଂଖ୍ୟା ତଳେ ଗୁରୁ (ऽ) ଲେଖିବା ଉଚିତ। ଛଅ ସଂଖ୍ୟାଟି ସମ ହୋଇଥିବାରୁ ଛଅ ତଳେ ଲଘୁ ଲେଖିବ। ଛଅର ଅଧା ତିନି, ଯାହା କି ବିଷମ ସଂଖ୍ୟା। ସେଥିପାଇଁ ତିନି ତଳେ ଗୁରୁ ଲେଖାଯିବ। ଅଧା କଲାବେଳେ ଯେଉଁଠି ସଂଖ୍ୟାଟିର ଭଗ୍ନାଂଶ ପଡ଼େ, ସେଠାରେ ସେହି ସଂଖ୍ୟାରେ ଏକ ମିଶାଇବାକୁ ପଡ଼େ। ଏଠାରେ ତିନିର ଅଧା କଲାବେଳେ ସଂଖ୍ୟାଟି ଭାଙ୍ଗୁଛି, ଦେଢ଼ ହେଉଛି। ଏଣୁ ତିନିରେ ଏକ ମିଶାଇବ, ଫଳରେ ସଂଖ୍ୟାଟି ହେବ ଚାରି। ଚାରିର ଅଧା ହେଲା ଦୁଇ, ଯାହା କି ସମ ସଂଖ୍ୟା। ଅତଏବ ଦୁଇ ତଳେ ଲଘୁ ଲେଖାଯିବ। ଏହିପରି ତିନି ଅକ୍ଷରବିଶିଷ୍ଟ ସଂଖ୍ୟାର ଷଷ୍ଠ ରୂପ (ପ୍ରସ୍ତାର) ବାହାରିବ— ୬ ୩ ୨ । ऽ ।

ଅଭିପ୍ରାୟ ହେଲା ଯେ ପ୍ରସ୍ତାରର ପୂରା ରୂପଟି ନ ବାହାରିବା ପର୍ଯ୍ୟନ୍ତ ସଂଖ୍ୟାଟିକୁ ଅଧା କରି କରି ଯାଉଥିବ ଓ ଭଗ୍ନାଂଶ ପଡ଼ିଲେ ସଂଖ୍ୟାରେ ଏକ ଯୋଗ କରି ତାହାର ଅଧା ବାହାର କରି ଚାଲିବ।

'ଉଦ୍ଦିଷ୍ଟ ବିଧି' (ରୂପରୁ ସଂଖ୍ୟା ବାହାର କରିବା)— ଧରାଯାଉ ତିନି ଅକ୍ଷରଯୁକ୍ତ ଛନ୍ଦର । ऽ ।—ଏହି ରୂପର ସଂଖ୍ୟା ବାହାର କରିବାକୁ ହେବ। ତା'ହେଲେ ପ୍ରଥମେ ଏହି ରୂପ ଉପରେ କ୍ରମଶଃ ଦୁଇଗୁଣ ସଂଖ୍ୟା (ଯଥା— ୧, ୨, ୪, ୮, ୧୬ ଆଦି) ଲେଖିଚାଲିବ— ୧ ୨ ୪ । ऽ । । ବର୍ତ୍ତମାନ ଏହି ରୂପ(ପ୍ରସ୍ତାର)ରେ ଯେତୋଟି ଲଘୁ ଅଛି, ସେସବୁର ଉପର ସଂଖ୍ୟାଗୁଡ଼ିକୁ ମିଶାଇ ସେଥିରେ ଆହୁରି ଏକ ଯୋଗ କର। ଏଠାରେ ଲଘୁ ଉପରେ ୧ ଓ ୪ ସଂଖ୍ୟା ଅଛି ଏବଂ ଏ ଦୁଇଟିକୁ ମିଶାଇଲେ ସଂଖ୍ୟା ହେଉଛି ୫। ଏହି ସଂଖ୍ୟାରେ ଆହୁରି ଏକ ଯୋଡ଼ିଦେବା ଫଳରେ ସଂଖ୍ୟାଟି ହେଉଛି ଛଅ। ଅତଏବ ରୂପ(ପ୍ରସ୍ତାର)ର ସଂଖ୍ୟା ହେଲା ଛଅ।

ଏହିପରି ଗଣଗୁଡ଼ିକ ଅନୁସାରେ ଛନ୍ଦମାନଙ୍କରେ ପ୍ରଭେଦ ହୁଏ। ଏହା ଗଣଛନ୍ଦ ଲେଖିବାର ପ୍ରଣାଳୀ। ଛନ୍ଦର ଆହୁରି ତିନୋଟି ଭେଦ ରହିଛି—ସମ, ଅର୍ଦ୍ଧସମ ଓ ବିଷମ। ଯେଉଁ ଶ୍ଳୋକର ଚାରୋଟି ଚରଣରେ ଛନ୍ଦର ଲକ୍ଷଣ ସମାନ, ତାହାକୁ **'ସମ'** ଛନ୍ଦ କହନ୍ତି। ଯେଉଁଠି ପ୍ରଥମ ଓ ତୃତୀୟ ଚରଣ ଗୋଟିଏ ପ୍ରକାରର ଏବଂ ଦ୍ୱିତୀୟ ଓ ଚତୁର୍ଥ ଚରଣ ଗୋଟିଏ ପ୍ରକାରର, ତାହାକୁ **'ଅର୍ଦ୍ଧସମ'** ଛନ୍ଦ କହନ୍ତି। ଯେଉଁଠି ଚାରୋଟିଯାକ ଚରଣର ଲକ୍ଷଣ ଭିନ୍ନ ଭିନ୍ନ, ତାହାକୁ **'ବିଷମ'** ଛନ୍ଦ କହନ୍ତି।

ଏହି ସବୁ ଛନ୍ଦ ଦୁଇଟି ଶ୍ରେଣୀରେ ବିଭକ୍ତ— ଲୌକିକ ଓ ବୈଦିକ।

ଗୀତାରେ ବ୍ୟବହୃତ ଛନ୍ଦଗୁଡ଼ିକ ଉପରେ ଆଲୋଚନା

ଶ୍ରୀମଦ୍‌ଭଗବଦ୍‌ଗୀତା ହେଉଛି ଏକ ପଦ୍ୟାତ୍ମକ ଗ୍ରନ୍ଥ ଏବଂ ଭଗବଦ୍‌ବାଣୀ ହୋଇଥିବା ଯୋଗୁଁ ଏହା

ବେଦସ୍ୱରୂପ ଅଟେ।* ଏଥିରେ ବୈଦିକ ଛନ୍ଦର ନିୟମ ପ୍ରଯୁଜ୍ୟ ହେଉଥିବା ଦୃଷ୍ଟିରୁ ଯଦ୍ୟପି କିଛି ହେଲେ ଆଲୋଚନା କରିବାର ଆବଶ୍ୟକତା ନାହିଁ, ତଥାପି ଏଠାରେ ଲୌକିକ ଦୃଷ୍ଟିରୁ ଆଲୋଚନା କରାଯାଉଛି।

ଆଗରୁ କୁହାଯାଇଛି ଯେ ଗୀତାରେ ଗଣଛନ୍ଦ ଓ ଅକ୍ଷରଛନ୍ଦ ନାମକ ଦୁଇ ପ୍ରକାର ଛନ୍ଦ ହିଁ ବ୍ୟବହୃତ ହୋଇଛି।

ଏକରୁ ଛବିଶ ଅକ୍ଷରବିଶିଷ୍ଟ ଛନ୍ଦର ଛବିଶଟି ନାମ ରହିଛି। ସେଥିମଧ୍ୟରୁ କେବଳ ଚାରୋଟି ଛନ୍ଦ ଗୀତାରେ ବ୍ୟବହୃତ ହୋଇଛି—

(୧) ଆଠ ଅକ୍ଷରବିଶିଷ୍ଟ **'ଅନୁଷ୍ଟୁପ୍'** ଛନ୍ଦ।
(୨) ନଅ ଅକ୍ଷରବିଶିଷ୍ଟ **'ବୃହତୀ'** ଛନ୍ଦ।
(୩) ଏଗାର ଅକ୍ଷରବିଶିଷ୍ଟ **'ତ୍ରିଷ୍ଟୁପ୍'** ଛନ୍ଦ।
(୪) ବାର ଅକ୍ଷରବିଶିଷ୍ଟ **'ଜଗତୀ'** ଛନ୍ଦ।

—ଏଥିମଧ୍ୟରୁ ନଅ ଅକ୍ଷରବିଶିଷ୍ଟ **'ବୃହତୀ'** ଛନ୍ଦଟି ଗୀତାରେ କେବଳ ଗୋଟିଏ ଚରଣରେ ଦେଖିବାକୁ ମିଳେ, ତାହା ହେଲା ଏକାଦଶ ଅଧ୍ୟାୟର ୧ମ ଶ୍ଳୋକର ପ୍ରଥମ ଚରଣ। ସେହିପରି ବାର ଅକ୍ଷରବିଶିଷ୍ଟ **'ଜଗତୀ'** ଛନ୍ଦଟି ମଧ୍ୟ ଗୀତାରେ କେବଳ ପାଞ୍ଚୋଟି ଚରଣରେ ଦେଖିବାକୁ ମିଳେ; ଯଥା—ଦ୍ୱିତୀୟ ଅଧ୍ୟାୟର ୬ଷ୍ଠ ଶ୍ଳୋକର ପ୍ରଥମ ଓ ଦ୍ୱିତୀୟ ଚରଣ, ୨୯ଶ ଶ୍ଳୋକର ଦ୍ୱିତୀୟ ଚରଣ, ଅଷ୍ଟମ ଅଧ୍ୟାୟର ୧୦ମ ଶ୍ଳୋକର ଚତୁର୍ଥ ଚରଣ ଏବଂ ପଞ୍ଚଦଶ ଅଧ୍ୟାୟର ୩ୟ ଶ୍ଳୋକର ପ୍ରଥମ ଚରଣ।

ବୈଦିକ ଦୃଷ୍ଟିରୁ ଛନ୍ଦଗୁଡ଼ିକର ନିୟମ ହେଲା— **'ଊନାଧିକେନୈକେନ ନିଚୃଦ୍ଭୁରିଜୌ'** (ପିଙ୍ଗଳ. ୩।୫୯) ଅର୍ଥାତ୍ ଗୋଟିଏ ଅକ୍ଷର କମ୍ ହେଲେ ତାହାର **'ନିଚୃତ୍'** ସଂଜ୍ଞା ଓ ଗୋଟିଏ ଅକ୍ଷର ଅଧିକ ହେଲେ **'ଭୁରିକ୍'** ସଂଜ୍ଞା ହୋଇ ଛନ୍ଦର ପୂର୍ବ ସଂଜ୍ଞା ହିଁ ରହିଥାଏ। ଏହି ଅନୁସାରେ ନଅ ଅକ୍ଷରବିଶିଷ୍ଟ ବୃହତୀ ଛନ୍ଦର ଗୋଟିଏ ଚରଣ ଆଠ ଅକ୍ଷରବିଶିଷ୍ଟ **'ଅନୁଷ୍ଟୁପ୍'** ଛନ୍ଦରେ ଓ ବାର ଅକ୍ଷରବିଶିଷ୍ଟ ଜଗତୀ ଛନ୍ଦର ପାଞ୍ଚୋଟି ଚରଣ ଏଗାର ଅକ୍ଷରବିଶିଷ୍ଟ **'ତ୍ରିଷ୍ଟୁପ୍'** ଛନ୍ଦରେ ସମ୍ମିଳିତ ହୋଇଯାଆନ୍ତି। ଅତଏବ ବୈଦିକ ଦୃଷ୍ଟିରେ ଗୀତାରେ କେବଳ ଦୁଇ ପ୍ରକାର ଛନ୍ଦ ହିଁ ରହିଛି—ଅନୁଷ୍ଟୁପ୍ ଓ ତ୍ରିଷ୍ଟୁପ୍।

ସମ୍ପୂର୍ଣ୍ଣ ଗୀତାରେ ସାତ ଶହ ଶ୍ଳୋକ ରହିଛି। ସେଥିମଧ୍ୟରୁ ଛଅ ଶହ ପଇଁତ୍ରିଶଟି ଶ୍ଳୋକ **'ଅନୁଷ୍ଟୁପ୍'**ର ଓ ପଞ୍ଚାବନଟି ଶ୍ଳୋକ **'ତ୍ରିଷ୍ଟୁପ୍'**ର।

ଅନୁଷ୍ଟୁପ୍ ଛନ୍ଦ

ଅନୁଷ୍ଟୁପ୍ ଛନ୍ଦର ପ୍ରଥମ ଚରଣରେ ଆଠଟି ଅକ୍ଷର ଥାଏ, ଏଣୁ ସମ୍ପୂର୍ଣ୍ଣ ଶ୍ଳୋକଟି ବତିଶ ଅକ୍ଷରବିଶିଷ୍ଟ ହୋଇଥାଏ।

ଅନୁଷ୍ଟୁପ୍ ଛନ୍ଦ ଦୁଇ ପ୍ରକାରର—ଅନୁଷ୍ଟୁପ୍ ଗଣଛନ୍ଦ ଓ ଅନୁଷ୍ଟୁପ୍ ଅକ୍ଷରଛନ୍ଦ। ପ୍ରସ୍ତାରଭେଦରେ ଅନୁଷ୍ଟୁପ୍ ଗଣଛନ୍ଦ ଦୁଇ ଶହ ଛପନ ପ୍ରକାରର ଏବଂ ଅନୁଷ୍ଟୁପ୍ ଅକ୍ଷରଛନ୍ଦ ଲକ୍ଷ ଲକ୍ଷ ପ୍ରକାରର ହୋଇପାରେ। ଗୀତାରେ **'ଅନୁଷ୍ଟୁପ୍ ଗଣଛନ୍ଦ'** ନାହିଁ। ଛନ୍ଦର ଯେଉଁ ସମ, ଅର୍ଦ୍ଧସମ ଓ ବିଷମ ପ୍ରକାର କଥା କୁହାଯାଇଛି, ତନ୍ମଧ୍ୟରୁ ଗୀତାର ଅନୁଷ୍ଟୁପ୍ ଛନ୍ଦରେ **'ଅର୍ଦ୍ଧସମ'** ଛନ୍ଦ ପ୍ରଯୁକ୍ତ ହୋଇଛି।

ଛନ୍ଦଃଶାସ୍ତ୍ରରେ ଅର୍ଦ୍ଧସମ ଅନୁଷ୍ଟୁପ୍ ଛନ୍ଦର ପ୍ରଥମ ଓ ଅଷ୍ଟମ ଅକ୍ଷର ବିଷୟରେ ବିବେଚନା କରାଯାଇ ନାହିଁ, ତାହା ଗୁରୁ ବା ଲଘୁ ଯାହା ହେଲେ ବି ଗ୍ରହଣୀୟ। ଚାରୋଟିଯାକ ଚରଣରେ ପ୍ରଥମ ଅକ୍ଷର ପରେ (ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଅକ୍ଷରର ଗଣ) 'ସଗଣ' ଓ 'ନଗଣ' ହେବା ଉଚିତ ନୁହେଁ—**'ନ ପ୍ରଥମାତ୍ସ୍ନୌ'** (ପିଙ୍ଗଳ. ୫।୧୧) ଏବଂ ଦ୍ୱିତୀୟ ଓ ଚତୁର୍ଥ ଚରଣରେ ପ୍ରଥମ ଅକ୍ଷର ପରେ (ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଅକ୍ଷରର ଗଣ) 'ରଗଣ' ମଧ୍ୟ ହେବା ଉଚିତ ନୁହେଁ— **'ଦ୍ୱିତୀୟଚତୁର୍ଥୟୋ ରଶ୍ଚ'** (ପିଙ୍ଗଳ. ୫।୧୨)।

* ଇତିହାସପୁରାଣଂ ପଞ୍ଚମଂ ବେଦାନାଂ ବେଦମ୍' (ଛାନ୍ଦୋଗ୍ୟୋପନିଷଦ୍ ୭।୧।୨)—ଏହି ଉପନିଷଦ୍ ବାକ୍ୟ ଅନୁସାରେ ଯଦ୍ୟପି ମହାଭାରତ ପଞ୍ଚମ ବେଦରୂପେ ଗ୍ରହଣୀୟ, ତଥାପି ମହାଭାରତକୁ ଓ ତାହାର ଅଂଶ ଗୀତାକୁ ପଢ଼ିବା ଓ ଶୁଣିବାରେ ପ୍ରତ୍ୟେକ ମନୁଷ୍ୟ ଅଧିକାରୀ। ମନୁଷ୍ୟ ଯେକୌଣସି ଦେଶ, ବେଶ, ସମ୍ପ୍ରଦାୟ, ଜାତିର ହୋଇଥାଉ ବା କାହିଁକି, ସେ ମହାଭାରତ ଅଧ୍ୟୟନ କରି ସେଥିରେ ଥିବା ଉତ୍ତମୋତ୍ତମ ଉପଦେଶଗୁଡ଼ିକୁ ଯଥାଧିକାର ଆଚରଣରେ ପ୍ରତିଫଳିତ କରି ନିଜର କଲ୍ୟାଣ କରିପାରେ। ମହାଭାରତକୁ ରଚନା କରିବାରେ ମହର୍ଷି ବେଦବ୍ୟାସଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ଯେ ଯେଉଁମାନଙ୍କୁ ଶାସ୍ତ୍ରମାନେ ବେଦ ପଢ଼ିବାକୁ ଅନୁମତି ଦେଇ ନାହାନ୍ତି, ସେହି ସ୍ତ୍ରୀଜାତି, ଶୂଦ୍ର ଓ ପତିତମାନେ ମଧ୍ୟ ବେଦମାନଙ୍କର ମହତ୍ତ୍ୱପୂର୍ଣ୍ଣ ଜ୍ଞାନରୁ ବଞ୍ଚିତ ନ ରହନ୍ତୁ। ସେହି ଜ୍ଞାନ ଭଗବାନଙ୍କ ଦ୍ୱାରା ଗୀତାରେ ସାରାଂଶରୂପେ ବର୍ଣ୍ଣିତ ହୋଇଛି। ଗୀତାରେ ସ୍ୱୟଂ ଭଗବାନ ସ୍ତ୍ରୀ, ବୈଶ୍ୟ, ଶୂଦ୍ର ପ୍ରଭୃତି ସମସ୍ତଙ୍କୁ (ପ୍ରଭୁଙ୍କର ଶରଣାଗତ ହୋଇଗଲେ) ପରମଗତି ପ୍ରାପ୍ତିର ଅଧିକାରୀ ବୋଲି କହିଛନ୍ତି (୯।୩୨) ଏବଂ ଗୀତାଧ୍ୟୟନରେ ମଧ୍ୟ ('ଯଃ' ପଦ ଦ୍ୱାରା) ସମସ୍ତଙ୍କର ଅଧିକାର ଥିବା କଥା ସ୍ୱୀକାର କରିଛନ୍ତି (୧୮।୭୦)।

ଯଦି ଯୁଗ୍ମେତରଯୋଗ ଚରଣରେ ଚତୁର୍ଥ ଅକ୍ଷର ପରେ 'ଯଗଣ' ଥିବ, ତେବେ ସେହି ଶ୍ଲୋକର ଛନ୍ଦର ନାମ **'ଅନୁଷ୍ଟୁବ୍‌ବକ୍ତ୍ର'** ହେବ—**'ଯଶ୍ଚତୁର୍ଥାତ୍'** (ପିଙ୍ଗଳ. ୫ । ୧୪), **'ପାଦ-ସ୍ୟାନୁଷ୍ଟୁବ୍‌ବକ୍ତ୍ରମ୍'** (ପିଙ୍ଗଳ. ୫ । ୧୦)।

ଯଦି ପ୍ରଥମ ଓ ତୃତୀୟ ଚରଣରେ ଚତୁର୍ଥ ଅକ୍ଷର ପରେ 'ଯଗଣ' ତଥା ଦ୍ୱିତୀୟ ଓ ଚତୁର୍ଥ ଚରଣରେ ଚତୁର୍ଥ ଅକ୍ଷର ପରେ 'ଜଗଣ' ଥିବ, ତେବେ ତାହାର **'ପଥ୍ୟାବକ୍ତ୍ର'** ସଂଜ୍ଞା ହେବ—**'ପଥ୍ୟା ଯୁଜୋ ଜ୍'** (ପିଙ୍ଗଳ. ୫ । ୧୫) **'ଯୁଜୋର୍ଜେନ ସରିଭର୍ତ୍ତୁଃ ପଥ୍ୟାବକ୍ତ୍ରଂ ପ୍ରକୀର୍ତ୍ତିତମ୍'** (ବୃତ୍ତରତ୍ନାକର ୨ । ୨୨)। ଏହା 'ଅର୍ଦ୍ଧସମ' ଛନ୍ଦ ଅଟେ।

ଗୀତାରେ ଏହି ଅନୁଷ୍ଟୁପ୍ ଛନ୍ଦବିଶିଷ୍ଟ ଶ୍ଲୋକଗୁଡ଼ିକର ଦ୍ୱିତୀୟ ଓ ଚତୁର୍ଥ ଚରଣରେ ଚତୁର୍ଥ ଅକ୍ଷର ପରେ ସବୁଠାରେ **'ଜଗଣ'** ପ୍ରଯୁକ୍ତ ହୋଇଛି। କିନ୍ତୁ କେତୋଟି ଶ୍ଲୋକର ପ୍ରଥମ ଓ ତୃତୀୟ ଚରଣରେ **'ଯଗଣ'** ସ୍ଥାନରେ ଅନ୍ୟ ଗଣ ମଧ୍ୟ ଆସିଯାଇଛି। ସେଗୁଡ଼ିକ ପାଇଁ ଏହି ନିୟମ ରହିଛି ଯେ ଏଭଳି ଯେଉଁ ଗଣ ପ୍ରଯୁକ୍ତ ହେବ, ତାହାର ନାମର ଆରମ୍ଭ ଅକ୍ଷର ସହିତ **'ବିପୁଳା'** ସଂଜ୍ଞା ଯୋଡ଼ାଯାଇ ସେହି ନାମରେ ନାମିତ ହେବ। ଯଦି କେବଳ ପ୍ରଥମ ଚରଣରେ ବା କେବଳ ତୃତୀୟ ଚରଣରେ କିଂବା ପ୍ରଥମ ଓ ତୃତୀୟ ଉଭୟ ଚରଣରେ **'ଯଗଣ'** ବ୍ୟତୀତ ଅନ୍ୟ କୌଣସି ଗଣ ଥିବ, ତେବେ ସେହି ଶ୍ଲୋକଟିର ଛନ୍ଦ ସେହି ଗଣ ନାମଯୁକ୍ତ ବିପୁଳାନ୍ତ ସଂଜ୍ଞକ ହେବ। ଗୀତାରେ ଏହିପରି ନ-ବିପୁଳା, ଭ-ବିପୁଳା, ର-ବିପୁଳା, ମ-ବିପୁଳା ଓ ସ-ବିପୁଳା ଛନ୍ଦଗୁଡ଼ିକର ପ୍ରୟୋଗ ହୋଇଛି। ଏଥିରେ ଆହୁରି ଗୋଟିଏ ନିୟମ ରହିଛି—କେବଳ ପ୍ରଥମ ବା ତୃତୀୟ କୌଣସି ଗୋଟିଏ ଚରଣରେ 'ଯଗଣ' ବ୍ୟତୀତ ଅନ୍ୟ ଗଣ ଥିଲେ ତାହାକୁ **'ବ୍ୟକ୍ତିପକ୍ଷ-ବିପୁଳା'**, ଉଭୟ ଚରଣରେ ('ଯଗଣ' ବ୍ୟତୀତ) ଗୋଟିଏ ପ୍ରକାରର ଗଣ ଥିଲେ ତାହାକୁ **'ଜାତିପକ୍ଷ-ବିପୁଳା'** ଏବଂ ଉଭୟ ଚରଣରେ ('ଯଗଣ' ବ୍ୟତୀତ) ଭିନ୍ନ ଭିନ୍ନ ଗଣ ଥିଲେ ତାହାକୁ **'ସଂକୀର୍ଣ୍ଣ-ବିପୁଳା'** ଛନ୍ଦ କୁହାଯାଏ। ଏସବୁ **'ପଥ୍ୟାବକ୍ତ୍ର'**ର ହିଁ ଗୌଣ ଭେଦ ଅଟେ।

ଗୀତାରେ ଅନୁଷ୍ଟୁପ୍ ଛନ୍ଦର ଛଅ ଶହ ପଇଁତ୍ରିଶଟି ଶ୍ଲୋକ ମଧ୍ୟରୁ ପାଞ୍ଚ ଶହ ସାତଟି ଶ୍ଲୋକ ଠିକ୍ 'ପଥ୍ୟାବକ୍ତ୍ର'ର ଲକ୍ଷଣଯୁକ୍ତ। ଏଗୁଡ଼ିକର ପ୍ରଥମ ଓ ତୃତୀୟ ଚରଣରେ 'ଯଗଣ' ପ୍ରଯୁକ୍ତ ହୋଇଛି। ସେଥିପାଇଁ ଏଗୁଡ଼ିକୁ **'ଯ-ବିପୁଳା'** ମଧ୍ୟ କୁହାଯାଇ ପାରିବ—**'ଯ-ବିପୁଳା ଯକାରୋଽନ୍ତ୍ୟେଃ'** (ବାଗ୍‌ବଲ୍ଲଭ)। ଅବଶିଷ୍ଟ ଶହେ ଅଠତିରିଶଟି ଶ୍ଲୋକ ମଧ୍ୟରୁ (୧) ଶହେ ସତାଇଶଟି ଶ୍ଲୋକରେ ପ୍ରଥମ ବା ତୃତୀୟ କୌଣସି ଗୋଟିଏ ଚରଣରେ 'ଯଗଣ' ବ୍ୟତୀତ ଅନ୍ୟ ବିଭିନ୍ନ ଗଣ ପ୍ରଯୁକ୍ତ ହୋଇଥିବାରୁ ସେଗୁଡ଼ିକ **'ବ୍ୟକ୍ତିପକ୍ଷ-ବିପୁଳା'** ସଂଜ୍ଞାଯୁକ୍ତ ଶ୍ଲୋକ, (୨) ତିନୋଟି ଶ୍ଲୋକରେ ପ୍ରଥମ ଓ ତୃତୀୟ ଚରଣରେ ('ଯଗଣ' ବ୍ୟତୀତ) ଏକାପ୍ରକାରର ଅନ୍ୟ ଗଣ ପ୍ରଯୁକ୍ତ ହୋଇଥିବାରୁ ସେସବୁ **'ଜାତିପକ୍ଷ-ବିପୁଳା'** ସଂଜ୍ଞାଯୁକ୍ତ ଶ୍ଲୋକ ଏବଂ (୩) ଆଠଟି ଶ୍ଲୋକରେ ପ୍ରଥମ ଓ ତୃତୀୟ ଚରଣରେ ('ଯଗଣ' ବ୍ୟତୀତ) ଭିନ୍ନ ଭିନ୍ନ ଗଣ ପ୍ରଯୁକ୍ତ ହୋଇଛି, ସେସବୁ **'ସଂକୀର୍ଣ୍ଣ-ବିପୁଳା'** ସଂଜ୍ଞାଯୁକ୍ତ ଶ୍ଲୋକ ଅଟେ।

ନିମ୍ନଲିଖିତ ତାଲିକାରେ କେଉଁ ଶ୍ଲୋକରେ କେଉଁ ବିପୁଳା ରହିଛି, ତାହା ଅଧ୍ୟାୟ-କ୍ରମରେ ଦର୍ଶାଇ ଦିଆଯାଉଛି—

'ବ୍ୟକ୍ତିପକ୍ଷ-ବିପୁଳା' ସଂଜ୍ଞାଯୁକ୍ତ ୧୨୭ଟି ଶ୍ଲୋକର ତାଲିକା

[ଯେଉଁଥିରେ ପ୍ରଥମ ବା ତୃତୀୟ କୌଣସି ଗୋଟିଏ ଚରଣରେ 'ନଗଣ', 'ଭଗଣ', 'ରଗଣ', 'ମଗଣ' ଓ 'ସଗଣ' ପ୍ରଯୁକ୍ତ।]

ଅଧ୍ୟାୟ	ଶ୍ଲୋକ	ଛନ୍ଦର ନାମ		ଶ୍ଲୋକର ପ୍ରତୀକ
		ପ୍ରଥମ ଚରଣ	ତୃତୀୟ ଚରଣ	
୧	୫	ର-ବିପୁଳା	—	ଧୃଷ୍ଟକେତୁ.
"	୯	—	ନ-ବିପୁଳା	ଅନ୍ୟେ ଚ.
"	୨୫	ନ-ବିପୁଳା	—	ଭୀଷ୍ମଦ୍ରୋଣ.
"	୩୩	ର-ବିପୁଳା	—	ଯେଷାମର୍ଥେ.

ଅଧ୍ୟାୟ	ଶ୍ଳୋକ	ଛନ୍ଦର ନାମ		ଶ୍ଳୋକର ପ୍ରତୀକ
		ପ୍ରଥମ ଚରଣ	ତୃତୀୟ ଚରଣ	
୧	୪୩	—	ର-ବିପୁଳା	ଦୋଷୈରେତୈଃ.
୨	୨	ନ-ବିପୁଳା	—	କୁତସ୍ତ୍ୱା.
"	୧୨	ର-ବିପୁଳା	—	ନ ତ୍ୱେବାହଂ.
"	୨୬	ର-ବିପୁଳା	—	ଅଥ ଚୈନଂ.
"	୩୧	—	ମ-ବିପୁଳା	ସ୍ୱଧର୍ମମପି.
"	୩୨	ଭ-ବିପୁଳା	—	ଯଦୃଚ୍ଛୟା.
"	୩୬	ଭ-ବିପୁଳା	—	ଅବାଚ୍ୟ.
"	୪୬	ସ-ବିପୁଳା	—	ଯାବାନର୍ଥ.
"	୫୨	ନ-ବିପୁଳା	—	ଯଦା ତେ.
"	୫୬	ଭ-ବିପୁଳା	—	ଦୁଃଖେଷ୍ୱନୁ.
"	୬୧	—	ର-ବିପୁଳା	ତାନି ସର୍ବାଣି.
"	୬୩	—	ର-ବିପୁଳା	କ୍ରୋଧାଦ୍ଭବତି.
"	୬୭	ନ-ବିପୁଳା	—	ଇନ୍ଦ୍ରିୟାଣାଂ.
"	୭୧	ମ-ବିପୁଳା	—	ବିହାୟ କାମାନ୍.
୩	୧	ର-ବିପୁଳା	—	ଜ୍ୟାୟସୀ.
"	୫	ନ-ବିପୁଳା	—	ନ ହି କଶ୍ଚିତ୍.
"	୮	—	ଭ-ବିପୁଳା	ନିୟତଂ କୁରୁ.
"	୧୧	—	ର-ବିପୁଳା	ଦେବାନ୍ଭାବ.
"	୧୯	ଭ-ବିପୁଳା	—	ତସ୍ମାଦସକ୍ତଃ.
"	୨୧	—	ଭ-ବିପୁଳା	ଯଦ୍ ଯଦାଚରତି.
"	୨୬	ଭ-ବିପୁଳା	—	ନ ବୁଦ୍ଧିଭେଦଂ.
"	୩୫	ଭ-ବିପୁଳା	—	ଶ୍ରେୟାନ୍ ସ୍ୱ.
"	୩୭	ର-ବିପୁଳା	—	କାମ ଏଷ କ୍ରୋଧ.
୪	୨	—	ନ-ବିପୁଳା	ଏବଂ ପରମ୍ପରା.
"	୬	ର-ବିପୁଳା	—	ଅଜୋଽପି.
"	୧୦	—	ନ-ବିପୁଳା	ବୀତରାଗଭୟ.
"	୧୩	—	ନ-ବିପୁଳା	ଚାତୁର୍ବର୍ଣ୍ୟଂ.
"	୨୪	ଭ-ବିପୁଳା	—	ବ୍ରହ୍ମାର୍ପଣଂ.
"	୩୦	—	ଭ-ବିପୁଳା	ଅପରେ ନିୟତା.
"	୩୧	ନ-ବିପୁଳା	—	ଯଜ୍ଞଶିଷ୍ଟାମୃତ.
"	୩୮	ନ-ବିପୁଳା	—	ନ ହି ଜ୍ଞାନେନ.
"	୪୦	—	ନ-ବିପୁଳା	ଅଜ୍ଞଶ୍ଚାଶ୍ରଦ୍ଦଧାନ.
୫	୧୩	ନ-ବିପୁଳା	—	ସର୍ବକର୍ମାଣି.
"	୨୨	—	ମ-ବିପୁଳା	ଯେ ହି ସଂସ୍ପର୍ଶଜା.
"	୨୯	ନ-ବିପୁଳା	—	ଭୋକ୍ତାରଂ ଯଜ୍ଞ.

ଅଧ୍ୟାୟ	ଶ୍ଳୋକ	ଛନ୍ଦର ନାମ		ଶ୍ଳୋକର ପ୍ରତୀକ
		ପ୍ରଥମ ଚରଣ	ତୃତୀୟ ଚରଣ	
୬	୧	ଭ-ବିପୁଳା	—	ଅନାଶ୍ରିତଃ.
"	୧୦	ନ-ବିପୁଳା	—	ଯୋଗୀ ଯୁଞ୍ଜୀତ.
"	୧୧	—	ର-ବିପୁଳା	ଶୁଚୌ ଦେଶେ.
"	୧୪	ନ-ବିପୁଳା	—	ପ୍ରଶାନ୍ତାତ୍ମା.
"	୧୫	—	ନ-ବିପୁଳା	ଯୁଞ୍ଜନ୍ନେବଂ.
"	୨୫	ନ-ବିପୁଳା	—	ଶନୈଃ ଶନୈଃ.
"	୨୬	ଭ-ବିପୁଳା	—	ଯତୋ ଯତୋ.
"	୨୭	—	ନ-ବିପୁଳା	ପ୍ରଶାନ୍ତମନସଂ.
"	୩୬	—	ନ-ବିପୁଳା	ଅସଂଯତାତ୍ମନା.
"	୪୨	—	ନ-ବିପୁଳା	ଅଥବା ଯୋଗି.
୭	୬	—	ନ-ବିପୁଳା	ଏତଦ୍ ଯୋନୀନି.
"	୧୧	—	ମ-ବିପୁଳା	ବଳଂ ବଳବତାଂ.
"	୧୪	ନ-ବିପୁଳା	—	ଦୈବୀ ହ୍ୟେଷା.
"	୧୭	ର-ବିପୁଳା	—	ତେଷାଂ ଜ୍ଞାନୀ.
"	୧୯	—	ଭ-ବିପୁଳା	ବହୂନାଂ ଜନ୍ମନା.
"	୨୫	ମ-ବିପୁଳା	—	ନାହଂ ପ୍ରକାଶଃ.
"	୩୦	—	ଭ-ବିପୁଳା	ସାଧିଭୂତାଦି.
୮	୨	—	ଭ-ବିପୁଳା	ଅଧିଯଜ୍ଞଃ.
"	୧୪	ଭ-ବିପୁଳା	—	ଅନନ୍ୟଚେତାଃ.
"	୨୪	—	ମ-ବିପୁଳା	ଅଗ୍ନିର୍ଜ୍ୟୋତି.
"	୨୭	ର-ବିପୁଳା	—	ନୈତେ ସୃତୀ.
୯	୨	ର-ବିପୁଳା	—	ରାଜବିଦ୍ୟା.
"	୩	ଭ-ବିପୁଳା	—	ଅଶ୍ରଦ୍ଦଧାନାଃ.
"	୧୦	ଭ-ବିପୁଳା	—	ମୟାଧ୍ୟକ୍ଷେଣ.
"	୧୩	—	ନ-ବିପୁଳା	ମହାତ୍ମାନସ୍ତୁ.
"	୧୭	ନ-ବିପୁଳା	—	ପିତାହମସ୍ୟ.
"	୨୬	—	ନ-ବିପୁଳା	ପତ୍ରଂ ପୁଷ୍ପଂ ଫଳଂ.
୧୦	୨	ନ-ବିପୁଳା	—	ନ ମେ ବିଦୁଃ.
"	୫	—	ମ-ବିପୁଳା	ଅହିଂସା ସମତା.
"	୬	ର-ବିପୁଳା	—	ମହର୍ଷୟଃ.
"	୭	ମ-ବିପୁଳା	—	ଏତାଂ ବିଭୂତିଂ.
"	୮	ଭ-ବିପୁଳା	—	ଅହଂ ସର୍ବସ୍ୟ.
"	୨୫	ନ-ବିପୁଳା	—	ମହର୍ଷୀଣାଂ.
"	୨୬	—	ଭ-ବିପୁଳା	ଅଶ୍ୱତ୍ଥଃ ସର୍ବ.
"	୩୨	—	ମ-ବିପୁଳା	ସର୍ଗାଣାମାଦି.

ଅଧ୍ୟାୟ	ଶ୍ଲୋକ	ଛନ୍ଦର ନାମ		ଶ୍ଲୋକର ପ୍ରତୀକ
		ପ୍ରଥମ ଚରଣ	ତୃତୀୟ ଚରଣ	
୧୧	୧	ଭ-ବିପୁଳା	—	ମଦନୁଗ୍ରହାୟ.
,,	୧୧	ନ-ବିପୁଳା	—	ଦିବ୍ୟମାଲ୍ୟାମ୍ବର.
,,	୫୩	ନ-ବିପୁଳା	—	ନାହଂ ବେଦୈର୍ନ.
,,	୫୫	ଭ-ବିପୁଳା	—	ମତ୍କର୍ମକୃନ୍ମ.
୧୨	୯	—	ଭ-ବିପୁଳା	ଅଥ ଚିତ୍ତଂ.
,,	୧୯	—	ନ-ବିପୁଳା	ତୁଲ୍ୟନିନ୍ଦା.
୧୩	୧	ମ-ବିପୁଳା	—	ଇଦଂ ଶରୀରଂ.
,,	୧୭	—	ର-ବିପୁଳା	ଜ୍ୟୋତିଷାମପି.
,,	୧୮	—	ମ-ବିପୁଳା	ଇତି କ୍ଷେତ୍ରଂ.
,,	୨୩	ନ-ବିପୁଳା	—	ଯ ଏବଂ ବେତ୍ତି.
,,	୩୧	ର-ବିପୁଳା	—	ଅନାଦିତ୍ୱାନ୍ନି.
୧୪	୫	ନ-ବିପୁଳା	—	ସତ୍ତ୍ୱଂ ରଜସ୍ତମ.
,,	୬	ର-ବିପୁଳା	—	ତତ୍ର ସତ୍ତ୍ୱଂ.
,,	୧୦	ର-ବିପୁଳା	—	ରଜସ୍ତମଶ୍ଚା.
,,	୧୫	—	ଭ-ବିପୁଳା	ରଜସି ପ୍ରଳୟଂ.
,,	୧୭	—	ଭ-ବିପୁଳା	ସତ୍ତ୍ୱାତ୍ସଞ୍ଜାୟତେ.
,,	୧୯	ମ-ବିପୁଳା	—	ନାନ୍ୟଂ ଗୁଣେଭ୍ୟଃ.
୧୫	୯	ର-ବିପୁଳା	—	ଶ୍ରୋତ୍ରଂ ଚକ୍ଷୁଃ.
,,	୧୮	—	ମ-ବିପୁଳା	ଯସ୍ମାତ୍କ୍ଷର.
,,	୧୯	—	ନ-ବିପୁଳା	ଯୋ ମାମେବ.
,,	୨୦	—	ର-ବିପୁଳା	ଇତି ଗୁହ୍ୟତମଂ.
୧୬	୬	ମ-ବିପୁଳା	—	ଦ୍ୱୌ ଭୂତସର୍ଗୌ.
,,	୧୦	—	ମ-ବିପୁଳା	କାମମାଶ୍ରିତ୍ୟ.
,,	୧୧	—	ନ-ବିପୁଳା	ଚିନ୍ତାମପରି.
,,	୧୩	—	ନ-ବିପୁଳା	ଇଦମଦ୍ୟ ମୟା.
,,	୧୯	—	ନ-ବିପୁଳା	ତାନହଂ ଦ୍ୱିଷତଃ.
,,	୨୨	ମ-ବିପୁଳା	—	ଏତୈର୍ବିମୁକ୍ତଃ.
୧୭	୧୦	ନ-ବିପୁଳା	—	ଯାତଯାମଂ.
,,	୧୧	—	ଭ-ବିପୁଳା	ଅଫଳାକାଂକ୍ଷି.
,,	୧୨	ନ-ବିପୁଳା	—	ଅଭିସନ୍ଧାୟ.
,,	୧୬	ମ-ବିପୁଳା	—	ମନଃପ୍ରସାଦଃ.
,,	୧୯	ର-ବିପୁଳା	—	ମୂଢଗ୍ରାହେଣା.
,,	୨୨	ମ-ବିପୁଳା	—	ଅଦେଶକାଳେ.
,,	୨୫	—	ନ-ବିପୁଳା	ତଦିତ୍ୟନଭି.

ଅଧ୍ୟାୟ	ଶ୍ଳୋକ	ଛନ୍ଦର ନାମ		ଶ୍ଳୋକର ପ୍ରତୀକ
		ପ୍ରଥମ ଚରଣ	ତୃତୀୟ ଚରଣ	
୧୭	୨୬	—	ନ-ବିପୁଳା	ସଦ୍ଭାବେ ସାଧୁ.
୧୮	୧୨	ମ-ବିପୁଳା	—	ଅନିଷ୍ଟମିଷ୍ଟଂ.
"	୧୩	—	ମ-ବିପୁଳା	ପଞ୍ଚୈତାନି.
"	୨୩	ନ-ବିପୁଳା	—	ନିୟତଂ ସଙ୍ଗ.
"	୨୬	—	ର-ବିପୁଳା	ମୁକ୍ତସଙ୍ଗଃ.
"	୩୨	ନ-ବିପୁଳା	—	ଅଧର୍ମଂ.
"	୩୩	ଭ-ବିପୁଳା	—	ଧୃତ୍ୟା ଯୟା.
"	୩୬	ଭ-ବିପୁଳା	—	ସୁଖଂ ତ୍ୱିଦାନୀଂ.
"	୩୭	ନ-ବିପୁଳା	—	ଯତ୍ତଦଗ୍ରେ ବିଷ.
"	୩୮	—	ନ-ବିପୁଳା	ବିଷୟେନ୍ଦ୍ରିୟ.
"	୪୧	ନ-ବିପୁଳା	—	ବ୍ରାହ୍ମଣକ୍ଷତ୍ରିୟ.
"	୪୫	ନ-ବିପୁଳା	—	ସ୍ୱେ ସ୍ୱେ କର୍ମଣ୍ୟ.
"	୪୬	ମ-ବିପୁଳା	—	ଯତଃ ପ୍ରବୃତ୍ତିଃ.
"	୪୭	ଭ-ବିପୁଳା	—	ଶ୍ରେୟାନ୍ ସ୍ୱ.
"	୫୨	ମ-ବିପୁଳା	—	ବିବିକ୍ତସେବୀ.
"	୫୬	ନ-ବିପୁଳା	—	ସର୍ବକର୍ମାଣ୍ୟପି.
"	୬୪	—	ନ-ବିପୁଳା	ସର୍ବଗୁହ୍ୟତମଂ.
"	୭୦	ନ-ବିପୁଳା	—	ଅଧ୍ୟେଷ୍ୟତେ.
"	୭୫	ଭ-ବିପୁଳା	—	ବ୍ୟାସପ୍ରସାଦାତ୍.

'ଜାତିପକ୍ଷ-ବିପୁଳା' ସଂଜ୍ଞାବିଶିଷ୍ଟ ୩ଟି ଶ୍ଳୋକର ତାଲିକା

[ଯେଉଁ ଶ୍ଳୋକର ପ୍ରଥମ ଓ ତୃତୀୟ—ଉଭୟ ଚରଣରେ ଏକା ପ୍ରକାରର ଗଣ ପ୍ରଯୁକ୍ତ ହୋଇଛି।]

୨	୩୫	ନ-ବିପୁଳା	ନ-ବିପୁଳା	ଭୟାଦ୍ରଣା.
୮	୩	ନ-ବିପୁଳା	ନ-ବିପୁଳା	ଅକ୍ଷରଂ.
୧୫	୭	ର-ବିପୁଳା	ର-ବିପୁଳା	ମମୈବାଂଶୋ.

'ସଙ୍କୀର୍ଣ୍ଣ-ବିପୁଳା' ସଂଜ୍ଞାବିଶିଷ୍ଟ ୮ଟି ଶ୍ଳୋକର ତାଲିକା

[ଯେଉଁ ଶ୍ଳୋକର ପ୍ରଥମ ଓ ତୃତୀୟ—ଉଭୟ ଚରଣରେ ଭିନ୍ନ ଭିନ୍ନ ଗଣ ପ୍ରଯୁକ୍ତ ହୋଇଛି।]

୨	୪୩	ଭ-ବିପୁଳା	ନ-ବିପୁଳା	କାମାତ୍ମାନଃ.
୩	୭	ନ-ବିପୁଳା	ର-ବିପୁଳା	ଯସ୍ତ୍ୱିନ୍ଦ୍ରି.
୯	୧	ଭ-ବିପୁଳା	ନ-ବିପୁଳା	ଇଦଂ ତୁ ତେ.
୧୧	୧୦	ନ-ବିପୁଳା	ଭ-ବିପୁଳା	ଅନେକବକ୍ତ୍ର.
୧୨	୨୦	ନ-ବିପୁଳା	ଭ-ବିପୁଳା	ଯେ ତୁ ଧର୍ମ୍ୟା.
୧୪	୯	ଭ-ବିପୁଳା	ନ-ବିପୁଳା	ସତ୍ତ୍ୱଂ ସୁଖେ.
୧୭	୩	ମ-ବିପୁଳା	ଭ-ବିପୁଳା	ସତ୍ତ୍ୱାନୁରୂପା.
୧୮	୪୯	ମ-ବିପୁଳା	ଭ-ବିପୁଳା	ଅସକ୍ତବୁଦ୍ଧିଃ.

ତ୍ରିଷ୍ଟୁପ୍ ଛନ୍ଦ

ତ୍ରିଷ୍ଟୁପ୍ ଛନ୍ଦର ପ୍ରତ୍ୟେକ ଚରଣରେ ଏଗାରଟି ଅକ୍ଷର ଥାଏ ଏବଂ ସମ୍ପୂର୍ଣ୍ଣ ଶ୍ଳୋକଟି ଚଉରାଳିଶ ଅକ୍ଷରବିଶିଷ୍ଟ ହୋଇଥାଏ । ପ୍ରସ୍ତାର ଭେଦରେ ଏହା ଦୁଇ ହଜାର ଅଠଚାଳିଶ ପ୍ରକାରର, କିନ୍ତୁ ଏଗୁଡ଼ିକର ସବୁ ନାମ ମିଳେ ନାହିଁ । ଛନ୍ଦଗ୍ରନ୍ଥ 'ବାଗ୍‌ବଲ୍ଲଭ'ରେ ଏହି ଶ୍ଳୋକଗୁଡ଼ିକର କେବଳ ଶହେ ବାରଟି ନାମ ଦିଆଯାଇଛି । ଗୀତାରେ ଇନ୍ଦ୍ରବଜ୍ରା, ଉପେନ୍ଦ୍ରବଜ୍ରା, ଶାଳିନୀ, ଇହାମୃଗୀ, ପ୍ରାକାରବନ୍ଧ, ବାତୋର୍ମୀ, ସଂଶ୍ରୟଶ୍ରୀ, ଗୁଣାଙ୍ଗୀ ଆଦି ଛନ୍ଦ ପ୍ରଯୁକ୍ତ ହୋଇଛି । ବାର ଅକ୍ଷରବିଶିଷ୍ଟ ଜଗତୀ ଛନ୍ଦକୁ ତ୍ରିଷ୍ଟୁପ୍ ଛନ୍ଦ ଭିତରେ ଗ୍ରହଣ କରାଯାଇଛି । ତାହାର ମଧ୍ୟ ଗୋଟିଏ ଚରଣ **'ବଂଶସ୍ଥ'** ଛନ୍ଦର । ଏଗୁଡ଼ିକର ସ୍ୱରୂପ ଓ ଲକ୍ଷଣ ନିମ୍ନ ପ୍ରକାରର—

ପ୍ରସ୍ତାର-ସଂଖ୍ୟା	ଛନ୍ଦର ନାମ	ରୂପ	ଲକ୍ଷଣ	ପ୍ରମାଣ
୩୫୭	ଇନ୍ଦ୍ରବଜ୍ରା	ऽऽ । ऽऽ । ।ऽ । ऽऽ	ସ୍ୟାଦିନ୍ଦ୍ରବଜ୍ରା ଯଦି ତୌ ଜଗୌ ଗଃ	ବୃତ୍ତରତ୍ନାକର
୩୫୮	ଉପେନ୍ଦ୍ରବଜ୍ରା	।ऽ । ऽऽ । ।ऽ । ऽऽ	ଉପେନ୍ଦ୍ରବଜ୍ରା ଜତଜାସ୍ତତୋ ଗୌ	"
୨୮୯	ଶାଳିନୀ	ऽऽऽ ऽऽ । ऽऽ । ऽऽ	ଶାଳିନ୍ୟୁକ୍ତା ମ୍ତୌ ତଗୌ ଗୋଽବ୍ଧିଲୋକୈଃ	"
୩୦୯	ଇହାମୃଗୀ	ऽऽ । ऽ । । ऽऽ । ऽऽ	ଇହାମୃଗୀ କିଲ ତେରୋ ଭତୌ ଗୌ	ବାଗ୍‌ବଲ୍ଲଭ
୨୯୩	ପ୍ରାକାରବନ୍ଧ	ऽऽ । ऽऽ । ऽऽ । ऽऽ	ପ୍ରାକାରବନ୍ଧସ୍ତକାରତ୍ରୟଂ ଗୌ	"
୩୦୫	ବାତୋର୍ମୀ	ऽऽऽ ऽ । । ऽऽ । ऽऽ	ବାତୋର୍ମୀୟଂ କଥିତାମ୍ଭୌ ତଗୌ ଗଃ	ବୃତ୍ତରତ୍ନାକର
୧୩୧୭	ସଂଶ୍ରୟଶ୍ରୀ	ऽऽ । ऽऽ । ऽऽ । ऽ ।	ତା ସ୍ତ୍ୟସଯଃ ସଂଶ୍ରୟଶ୍ରୀର୍ଗଲୌ ଚ	ବାଗ୍‌ବଲ୍ଲଭ
୩୫୩	ଗୁଣାଙ୍ଗୀ	ऽऽऽ ऽऽ । ।ऽ । ऽऽ	ମ୍ତୌ ନ୍ଗୌ ଗଃ ସ୍ୟାଦବ୍ଧିର୍ନିଗଗୁଣଗୁଣାଙ୍ଗୀ	କାବ୍ୟମାଳା
୧୩୮୨	ବଂଶସ୍ଥ	।ऽ । ऽऽ । ।ऽ । ऽ ।ऽ	ଜତୌ ତୁ ବଂଶସ୍ଥମୁଦୀରିତଂ ଜରୌ	ବୃତ୍ତରତ୍ନାକର
୬୧୦	ରାଧା	।ऽऽ ऽऽ । ।ऽऽ ।ऽऽ	ଯତୌ ଯୌ ରାଧା ଶରଲୋକୈର୍ଯତିଃ ସ୍ୟାତ୍	*
୬୨୯	ଗଙ୍ଗା	ऽऽ । ऽ । । ।ऽऽ ।ऽऽ	ଗଙ୍ଗା ତଭୌ ଯଯୁଗଳା ପୂର୍ବବତ୍ ସ୍ୟାତ୍	"
୭୫୭	ରତି	ऽऽ । ऽ । । । ।ऽ ।ऽऽ	ତେତୋରଗୈସ୍ତଭସଯଯୁଗ୍ ରତିଃ ସ୍ୟାତ୍	"
୭୫୮	ଗତି	।ऽ । ऽ । । । ।ऽ ।ऽऽ	ଯୁଗୋରଗୈର୍ଜଭସଯଯୁଗ୍ ଗତିଃ ସ୍ୟାତ୍	"
୨୯୦	ବିଶାଖା	।ऽऽ ऽऽ । ऽऽ । ऽऽ	ବିଶାଖୋକ୍ତା ଯତୌ ତଗୌ ଗୋଽବ୍ଧିଲୋକୈଃ	"
୨୯୪	ଯଶୋଦା	।ऽऽ ऽऽ । ऽऽ । ऽऽ	ଜତୌ ତଗୌ ଗୋଽବ୍ଧିକୈର୍ଯଶୋଦା	"
୩୦୬	ଲଳିତା	।ऽऽ ऽ । । ऽऽ । ऽऽ	ଯଭୌ ତ୍ଗୌ ଗୋ ଲଳିତା ସାଽବ୍ଧିଲୋକୈଃ	"
୩୧୦	ଶାରଦା	।ऽ । ऽ । । ऽऽ । ऽऽ	ଜଭୌ ତଗୌ ଗ-ଯୁତା ଶାରଦା ଚ	"
୩୩୭	ଚିତ୍ରା	ऽऽऽ ऽ ।ऽ ।ऽ । ऽऽ	ଚିତ୍ରା ପ୍ରୋକ୍ତାଃ ମଗୌ ଜଗୌ ଗ-ଯୁକ୍ତା	"
୩୭୩	ଇଷ୍ଟ	ऽऽ । ऽ । । ।ऽ । ऽऽ	ବାଣର୍ତୁଭିସ୍ତଭଜଗା ଗ ଇଷ୍ଟମ୍	"
୩୭୪	ଈଷ	।ऽ । ऽ । । ।ऽ । ऽऽ	ଶରର୍ତୁଭିର୍ଜଭଜଗା ଗ ଈଷମ୍	"

ବୈଦିକ ଓ ଲୌକିକ ଦୃଷ୍ଟିରେ ଏଗାର ଅକ୍ଷରବିଶିଷ୍ଟ ସମସ୍ତ ଛନ୍ଦ ତ୍ରିଷ୍ଟୁପ୍ ଅଟେ ।

କୌଣସି ଶ୍ଳୋକରେ ଗୋଟିଏ, ଦୁଇଟି, ତିନୋଟି କିଂବା ଚାରୋଟି ଚରଣ ଭିନ୍ନ ଭିନ୍ନ ଜାତି ଛନ୍ଦର ହୋଇଥିଲେ ତାହା **'ଉପଜାତି'** ଛନ୍ଦ ରୂପେ ଗ୍ରହଣୀୟ ।

ଉପଜାତି ଛନ୍ଦ

(୧) ଯେଉଁ ଶ୍ଳୋକର କୌଣସି ଚରଣ ଇନ୍ଦ୍ରବଜ୍ରାର ଓ କୌଣସି ଚରଣ ଉପେନ୍ଦ୍ରବଜ୍ରାର ଲକ୍ଷଣଯୁକ୍ତ, ତାହାକୁ ମୁଖ୍ୟ ଉପଜାତି ଛନ୍ଦ କୁହାଯାଏ । ଏହାର ଚଉଦଟି ପ୍ରକାର ରହିଛି—

* ପ୍ରାଚୀନ ଛନ୍ଦଗ୍ରନ୍ଥମାନଙ୍କରେ ଏହି ଛନ୍ଦଗୁଡ଼ିକର ନାମ ଜ୍ଞାତ ହୋଇପାରି ନାହିଁ, ତେଣୁ ଏଗୁଡ଼ିକର ନାମ ଓ ଲକ୍ଷଣ ମହାକବି ଶ୍ରୀବନମାଳିଦାସ ଶର୍ମାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

ଚେଦିନ୍ଦ୍ରବଜ୍ରାଚରଣାନି ଯସ୍ୟା-
ମୁପେନ୍ଦ୍ରବଜ୍ରାଚରଣାନି ଚ ସ୍ୟୁଃ ।
ତଦୋପଜାତିଃ କଥିତା କବୀନ୍ଦ୍ରୈ-
ର୍ଭେଦା ଭବନ୍ତୀହ ଚତୁର୍ଦ୍ଦଶାସ୍ୟାଃ ॥
(ବାଗ୍‌ବଲ୍ଲଭ)

(୨) ଯେଉଁ ଶ୍ଳୋକର ପ୍ରତ୍ୟେକ ଚରଣ ଭିନ୍ନ ଭିନ୍ନ ଛନ୍ଦର ହୋଇଥିବ, ସେଭଳି ଛନ୍ଦର ସଂଜ୍ଞା ମଧ୍ୟ ଉପଜାତି ଅଟେ ।

ଇତ୍ଥଂ କିଲାନ୍ୟାସ୍ୱପି ମିଶ୍ରିତାସୁ
ସ୍ମରନ୍ତି ଜାତିଷ୍ୱିଦମେବ ନାମ ।
(ବୃତ୍ତରତ୍ନାକର ୩ । ୩୧)

(୩) ବିଷମ ଅକ୍ଷରଯୁକ୍ତ ତ୍ରିଷ୍ଟୁପ୍ ଓ ଜଗତୀ ଛନ୍ଦର ମିଶ୍ରଣରେ ଯେଉଁ ଛନ୍ଦ ହୁଏ, ତାହାକୁ ମଧ୍ୟ ଉପଜାତି ସଂଜ୍ଞା ଦିଆଯାଇଛି । ପ୍ରାଚୀନ ଆଚାର୍ଯ୍ୟମାନେ ଏହାକୁ 'ଗାଥା' ନାମରେ ନାମିତ କରିଛନ୍ତି—

'ଆଦ୍ୟନ୍ତବାବୁଜାତୟଃ' (ପିଙ୍ଗଳ. ୬ । ୨୩)

ଏହି ସୂତ୍ର ଉପରେ 'ହଳାୟୁଧ-ବୃତ୍ତି' ଓ ତାହା ଉପରେ ଶ୍ରୀଜୀବାନନ୍ଦ ବିଦ୍ୟାସାଗରଙ୍କ ଟୀକା 'ସୁବୋଧିନୀ'ରେ ଉଲ୍ଲେଖ ଅଛି—

ତତ୍ରୋପଜାତିର୍ବିବିଧା ବିଚକ୍ଷଣୈଃ
ସଂଯୋଜ୍ୟତେ ତୁ ବ୍ୟବହାରକାଳେ ।

ଗୀତାରେ ପଞ୍ଚାବନଟି ତ୍ରିଷ୍ଟୁପ୍ ଛନ୍ଦଯୁକ୍ତ ଶ୍ଳୋକ ରହିଛି । ସେଥିମଧ୍ୟରୁ ତିନୋଟି ଶ୍ଳୋକ ଇନ୍ଦ୍ରବଜ୍ରା ଛନ୍ଦଯୁକ୍ତ, ତିନୋଟି ଉପେନ୍ଦ୍ରବଜ୍ରା ଛନ୍ଦଯୁକ୍ତ, ପନ୍ଦରଟି ଇନ୍ଦ୍ରବଜ୍ରା ଓ ଉପେନ୍ଦ୍ରବଜ୍ରା ମିଶ୍ରିତ ମୁଖ୍ୟ ଉପଜାତି ଛନ୍ଦଯୁକ୍ତ ଏବଂ ଚଉତିରିଶଟି ଭିନ୍ନ ଭିନ୍ନ ଛନ୍ଦ ମିଶ୍ରିତ ଉପଜାତି ଛନ୍ଦଯୁକ୍ତ । ନିମ୍ନଲିଖିତ ତାଲିକାରେ ଏହି ଶ୍ଳୋକଗୁଡ଼ିକୁ ଦର୍ଶାଇ ଦିଆଯାଇଛି—

ଇନ୍ଦ୍ରବଜ୍ରା ଛନ୍ଦଯୁକ୍ତ ତିନୋଟି ଶ୍ଳୋକ

ଅଧ୍ୟାୟ	ଶ୍ଳୋକ	ଶ୍ଳୋକର ପ୍ରତୀକ
୮	୨୮	ବେଦେଷୁ ଯଜ୍ଞେଷୁ.
୧୫	୫	ନିର୍ମାନମୋହା.
୧୫	୧୫	ସର୍ବସ୍ୟ ଚାହଂ.

ଉପେନ୍ଦ୍ରବଜ୍ରା ଛନ୍ଦଯୁକ୍ତ ତିନୋଟି ଶ୍ଳୋକ

ଅଧ୍ୟାୟ	ଶ୍ଳୋକ	ଶ୍ଳୋକର ପ୍ରତୀକ
୧୧	୨୮	ଯଥା ନଦୀନାଂ.
୧୧	୨୯	ଯଥା ପ୍ରଦୀପ୍ତଂ.
୧୧	୪୫	ଅଦୃଷ୍ଟପୂର୍ବଂ.

ଇନ୍ଦ୍ରବଜ୍ରା-ଉପେନ୍ଦ୍ରବଜ୍ରା-ମିଶ୍ରିତ ମୁଖ୍ୟ ଉପଜାତି ଛନ୍ଦଯୁକ୍ତ ପନ୍ଦରଟି ଶ୍ଳୋକ

ଅଧ୍ୟାୟ	ଶ୍ଳୋକ	ଛନ୍ଦର ନାମ				ଶ୍ଳୋକର ପ୍ରତୀକ
		ପ୍ରଥମ ଚରଣ	ଦ୍ୱିତୀୟ ଚରଣ	ତୃତୀୟ ଚରଣ	ଚତୁର୍ଥ ଚରଣ	
୨	୮	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ନ ହି ପ୍ରପଶ୍ୟାମି.
"	୨୨	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ବାସାଂସି ଜୀର୍ଣ୍ଣାନି.
୧୧	୧୫	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ପଶ୍ୟାମି ଦେବାଂ.
"	୧୯	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଅନାଦିମଧ୍ୟାନ୍ତ.
"	୨୪	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ନଭଃସ୍ପୃଶଂ.

ଅଧ୍ୟାୟ	ଶ୍ଳୋକ	ଛନ୍ଦର ନାମ				ଶ୍ଳୋକର ପ୍ରତୀକ
		ପ୍ରଥମ ଚରଣ	ଦ୍ୱିତୀୟ ଚରଣ	ତୃତୀୟ ଚରଣ	ଚତୁର୍ଥ ଚରଣ	
୧୧	୨୫	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଦଂଷ୍ଟ୍ରାକରାଳାନି.
"	୩୪	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଦ୍ରୋଣଂ ଚ ଭୀଷ୍ମଂ.
"	୩୬	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ସ୍ଥାନେ ହୃଷୀକେଶ.
"	୩୮	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ତ୍ୱମାଦିଦେବଃ.
"	୩୯	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ବାୟୁର୍ଯମୋଽଗ୍ନିଃ.
"	୪୦	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ନମଃ ପୁରସ୍ତାଦଥ.
"	୪୨	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଯଚ୍ଚାବହାସାର୍ଥ.
"	୪୩	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ପିତାସି ଲୋକସ୍ୟ.
"	୪୪	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ତସ୍ମାତ୍ ପ୍ରଣମ୍ୟ.
"	୪୭	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ମୟା ପ୍ରସନ୍ନେନ.

ଭିନ୍ନ ଭିନ୍ନ ଛନ୍ଦ ମିଶ୍ରିତ ଉପଜାତି ଛନ୍ଦଯୁକ୍ତ ଚଉତିରିଶଟି ଶ୍ଳୋକ

ଅଧ୍ୟାୟ	ଶ୍ଳୋକ	ଛନ୍ଦର ନାମ				ଶ୍ଳୋକର ପ୍ରତୀକ
		ପ୍ରଥମ ଚରଣ	ଦ୍ୱିତୀୟ ଚରଣ	ତୃତୀୟ ଚରଣ	ଚତୁର୍ଥ ଚରଣ	
୨	୫	ଉପେନ୍ଦ୍ରବଜ୍ରା	ଗୁଣାଙ୍ଗୀ	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଗୁରୂନହତ୍ୱା.
"	୬	ରାଧା	ଗଙ୍ଗା	ଇନ୍ଦ୍ରବଜ୍ରା	ଈହାମୃଗୀ	ନ ଚୈତଦ୍ୱିଦ୍ମଃ.
"	୭	ଇନ୍ଦ୍ରବଜ୍ରା	ଶାଳିନୀ	ଶାଳିନୀ	ଶାଳିନୀ	କାର୍ପଣ୍ୟଦୋଷୋ.
"	୨୦	ଶାରଦା	ବାତୋର୍ମୀ	ବିଶାଖା	ଯଶୋଦା	ନ ଜାୟତେ.
"	୨୯	ଇନ୍ଦ୍ରବଜ୍ରା	ରତି	ସଂଶ୍ରୟଶ୍ରୀ	ଗୁଣାଙ୍ଗୀ	ଆଶ୍ଚର୍ଯ୍ୟବତ୍ ପଶ୍ୟତି.
"	୭୦	ଋଦ୍ଧି	ଉପେନ୍ଦ୍ରବଜ୍ରା	ଗୁଣାଙ୍ଗୀ	ଉପେନ୍ଦ୍ରବଜ୍ରା	ଆପୂର୍ଯ୍ୟମାଣ.
୮	୯	ଋଷି	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	କବିଂ ପୁରାଣ.
"	୧୦	ଉପେନ୍ଦ୍ରବଜ୍ରା	ଗୁଣାଙ୍ଗୀ	ବିଶାଖା	ଗତି	ପ୍ରୟାଣକାଳେ
"	୧୧	ଉପେନ୍ଦ୍ରବଜ୍ରା	ଶାରଦା	ବିଶାଖା	ପ୍ରାକାରବନ୍ଧ	ଯଦକ୍ଷରଂ ବେଦବିଦୋ.
୯	୨୦	ଶାଳିନୀ	ଶାଳିନୀ	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ତ୍ରୈବିଦ୍ୟା ମାଂ.
"	୨୧	ଶାଳିନୀ	ଶାଳିନୀ	ଇନ୍ଦ୍ରବଜ୍ରା	ଯଶୋଦା	ତେ ତଂ ଭୁକ୍ତ୍ୱା.
୧୧	୧୬	ଉପେନ୍ଦ୍ରବଜ୍ରା	ଶାଳିନୀ	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଅନେକବାହୂ.
"	୧୭	ଶାରଦା	ଶାଳିନୀ	ଶାଳିନୀ	ଇନ୍ଦ୍ରବଜ୍ରା	କିରୀଟିନଂ ଗଦିନଂ.
"	୧୮	ଶାରଦା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ତ୍ୱମକ୍ଷରଂ ପରମଂ.
"	୨୦	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ପ୍ରାକାରବନ୍ଧ	ଇନ୍ଦ୍ରବଜ୍ରା	ଦ୍ୟାବାପୃଥିବ୍ୟୋ.
"	୨୧	ଲଳିତା	ଗୁଣାଙ୍ଗୀ	ଚିତ୍ରା	ଲଳିତା	ଅମୀ ହି ତ୍ୱାଂ.
"	୨୨	ବାତୋର୍ମୀ	ଈହାମୃଗୀ	ଇନ୍ଦ୍ରବଜ୍ରା	ଶାଳିନୀ	ରୁଦ୍ରାଦିତ୍ୟା.
"	୨୩	ଇନ୍ଦ୍ରବଜ୍ରା	ଲଳିତା	ଶାରଦା	ଗୁଣାଙ୍ଗୀ	ରୂପଂ ମହତେ.

ଅଧ୍ୟାୟ	ଶ୍ଳୋକ	ଛନ୍ଦର ନାମ				ଶ୍ଳୋକର ପ୍ରତୀକ
		ପ୍ରଥମ ଚରଣ	ଦ୍ୱିତୀୟ ଚରଣ	ତୃତୀୟ ଚରଣ	ଚତୁର୍ଥ ଚରଣ	
୧୧	୨୬	ଲଳିତା	ଇନ୍ଦ୍ରବଜ୍ରା	ଶାଳିନୀ	ଉପେନ୍ଦ୍ରବଜ୍ରା	ଅମୀ ଚ ତ୍ୱାଂ.
"	୨୭	ଈହାମୃଗୀ	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଶାଳିନୀ	ବକ୍ତ୍ରାଣି ତେ.
"	୩୦	ଈହାମୃଗୀ	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଲେଲିହ୍ୟସେ.
"	୩୧	ପ୍ରାକାରବନ୍ଧ	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଆଖ୍ୟାହି ମେ.
"	୩୨	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଲଳିତା	ପ୍ରାକାରବନ୍ଧ	କାଲୋଽସ୍ମି.
"	୩୩	ଇନ୍ଦ୍ରବଜ୍ରା	ଶାଳିନୀ	ଲଳିତା	ଉପେନ୍ଦ୍ରବଜ୍ରା	ତସ୍ମାତ୍ତ୍ୱମୁତ୍ତିଷ୍ଠ.
"	୩୫	ବାତୋର୍ମୀ	ଯଶୋଦା	ବିଶାଖା	ଯଶୋଦା	ଏତଚ୍ଛ୍ରୁତ୍ୱା.
"	୩୭	ଈହାମୃଗୀ	ଯଶୋଦା	ଉପେନ୍ଦ୍ରବଜ୍ରା	ଶାରଦା	କସ୍ମାଚ୍ଚ ତେ.
"	୪୧	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଶାରଦା	ଉପେନ୍ଦ୍ରବଜ୍ରା	ସଖେତି ମତ୍ୱା.
"	୪୬	ଶାରଦା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	କିରୀଟିନଂ ଗଦିନଂ.
"	୪୮	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ବୁଣାଙ୍ଗୀ	ଇନ୍ଦ୍ରବଜ୍ରା	ନ ବେଦଯଜ୍ଞା.
"	୪୯	ଇନ୍ଦ୍ରବଜ୍ରା	ଶାଳିନୀ	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ମା ତେ ବ୍ୟଥା.
"	୫୦	ପ୍ରାକାରବନ୍ଧ	ବିଶାଖା	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଇତ୍ୟର୍ଜୁନଂ.
୧୫	୨	ଲଳିତା	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଅଧଶ୍ଚୋର୍ଦ୍ଧ୍ୱଂ.
"	୩	ବଂଶସ୍ଥ	ଇନ୍ଦ୍ରବଜ୍ରା	ଇନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ନ ରୂପମସ୍ୟେହ.
"	୪	ଉପେନ୍ଦ୍ରବଜ୍ରା	ଈହାମୃଗୀ	ଉପେନ୍ଦ୍ରବଜ୍ରା	ଉପେନ୍ଦ୍ରବଜ୍ରା	ତତଃ ପଦଂ.

ସୂଚନା—

(୧) ଦ୍ୱିତୀୟ ଅଧ୍ୟାୟର ଷଷ୍ଠ ଶ୍ଳୋକର ପ୍ରଥମ ଓ ଦ୍ୱିତୀୟ ଚରଣ ଜଗତୀ ଛନ୍ଦର ଏବଂ ଅବଶିଷ୍ଟ ଚରଣ ତ୍ରିଷ୍ଟୁପ୍ ଛନ୍ଦର।

(୨) ଦ୍ୱିତୀୟ ଅଧ୍ୟାୟର ଅଣତିରିଶ ଶ୍ଳୋକର ଦ୍ୱିତୀୟ ଚରଣ ଜଗତୀ ଛନ୍ଦର, ଅବଶିଷ୍ଟ ଚରଣ ତ୍ରିଷ୍ଟୁପ୍ ଛନ୍ଦର।

(୩) ଅଷ୍ଟମ ଅଧ୍ୟାୟର ଦଶମ ଶ୍ଳୋକର ଚତୁର୍ଥ ଚରଣ ଜଗତୀ ଛନ୍ଦର, ଅବଶିଷ୍ଟ ଚରଣ ତ୍ରିଷ୍ଟୁପ୍ ଛନ୍ଦର।

(୪) ପଞ୍ଚଦଶ ଅଧ୍ୟାୟର ତୃତୀୟ ଶ୍ଳୋକର ପ୍ରଥମ ଚରଣ ଜଗତୀ ଛନ୍ଦର ଏବଂ ଅବଶିଷ୍ଟ ଚରଣ ତ୍ରିଷ୍ଟୁପ୍ ଛନ୍ଦର।

(ଏଠାରେ ଗୀତା ସମ୍ବନ୍ଧୀୟ ଛନ୍ଦଗୁଡ଼ିକର ବିଷୟ ଆବଶ୍ୟକତା ଅନୁସାରେ ସଂକ୍ଷେପରେ ଉଲ୍ଲେଖ କରାଯାଇଛି। ଅଗ୍ନିପୁରାଣ, ନାରଦପୁରାଣ ଓ ଅନ୍ୟାନ୍ୟ ଛନ୍ଦଗ୍ରନ୍ଥଗୁଡ଼ିକରେ ଏହି ଛନ୍ଦଗୁଡ଼ିକର ବିସ୍ତୃତ ବର୍ଣ୍ଣନା ଅଛି।)

୧୦୭. ଗୀତାରେ ଆର୍ଷ-ପ୍ରୟୋଗ

ବେଦମନ୍ତ୍ରା ଯଥା ପ୍ରୋକ୍ତା ଗୀତାଶ୍ଲୋକାସ୍ତଥୈବ ଚ।
ଗୀତାଧିକାରିଣଃ ସର୍ବେ ଦ୍ୱିଜା ବେଦାଧିକାରିଣଃ ॥

ଛାନ୍ଦୋଗ୍ୟୋପନିଷଦ୍‌ରେ ଇତିହାସ ଓ ପୁରାଣକୁ ପଞ୍ଚମ ବେଦ ରୂପେ ଗ୍ରହଣ କରାଯାଇଛି—**'ଇତିହାସପୁରାଣଂ ପଞ୍ଚମଂ ବେଦାନାଂ ବେଦମ୍'** (୭।୧।୨)। **'ଭାରତଂ ପଞ୍ଚମୋ ବେଦଃ'**—ଏହି ଉକ୍ତି ମଧ୍ୟ ପ୍ରସିଦ୍ଧ। ପଞ୍ଚମ ବେଦ ମହାଭାରତର ଅନ୍ତର୍ଗତ ଗୀତା ଏକ ସ୍ୱତଃ-ପ୍ରମାଣିତ ଉପନିଷଦ୍ ଅଟେ। ଏ କଥାଟି ପ୍ରତ୍ୟେକ ଅଧ୍ୟାୟ ଶେଷରେ ପ୍ରଦତ୍ତ ପୁଷ୍ପିକାରେ **'ଶ୍ରୀମଦ୍‌ଭଗବଦ୍‌-ଗୀତାସୂପନିଷତ୍ସୁ'** ପଦରୁ ମଧ୍ୟ ସୁସ୍ପଷ୍ଟ। ଏହି ଦୃଷ୍ଟିରୁ ଗୀତାର ପ୍ରତ୍ୟେକ ଶ୍ଲୋକ ବୈଦିକ ମନ୍ତ୍ରସ୍ୱରୂପ। ବେଦରେ ଯେଉଁ ମନ୍ତ୍ର, ବାକ୍ୟ କିମ୍ବା ଛନ୍ଦ ଯେଉଁ ରୂପରେ ଉପଲବ୍ଧ, ତାହା ସେହି ରୂପରେ ହିଁ ଶୁଦ୍ଧ। ତାହା ଉପରେ ଲୌକିକ ଅନୁଶାସନ ବା ବ୍ୟାକରଣର ନିୟମ ପ୍ରଯୁଜ୍ୟ ହୋଇ ପାରିବ ନାହିଁ। ତଥାପି ଲୌକିକ ଅନୁଶାସନ ଦୃଷ୍ଟିରେ ଯେଉଁ ସବୁ ପ୍ରୟୋଗ ସାଧୁ ନୁହେଁ ବା ଲୋକ ପ୍ରଚଳିତ ନୁହେଁ, ସେଗୁଡ଼ିକ ପାଇଁ ବୈୟାକରଣମାନେ **'ଛନ୍ଦସି ଦୃଷ୍ଟାନୁବିଧିଃ'** (ବେଦରେ ଯେଭଳି ପ୍ରୟୋଗ ଦେଖାଯାଏ, ତାହା ସେହି ରୂପରେ ବିହିତ ଅଟେ)—ଏହି ସିଦ୍ଧାନ୍ତ ଲାଗୁ କରିଛନ୍ତି। ଏତଦ୍‌ବ୍ୟତୀତ ଲୌକିକ ବ୍ୟାକରଣର ସମସ୍ତ ନିୟମ ଓ ବିଧାନ ବେଦରେ ବିକଳ୍ପରେ ପ୍ରଯୁକ୍ତ ହୁଅନ୍ତି, ଯାହା କି **'ସର୍ବେ ବିଧୟଶ୍ଛନ୍ଦସି ବୈକଳ୍ପିକାଃ'**—ଏହି ପରିଭାଷାରୁ ସିଦ୍ଧ ହୋଇଛି। ଏହି ପରିଭାଷାର ମୂଳ ସୂତ୍ର ହେଲା—**'ଷଷ୍ଠୀଯୁକ୍ତଶ୍ଛନ୍ଦସି ବା'** (ପାଣି. ଅଷ୍ଟା. ୧।୪।୯)। ଏହି ସୂତ୍ରରେ **'ବା'** ଶବ୍ଦକୁ ପୃଥକ୍ କରି ତାହାକୁ ସ୍ୱତନ୍ତ୍ର ସୂତ୍ର ମାନି ନିଆଯାଏ। ଏହି କ୍ରିୟାକୁ ଯୋଗବିଭାଗ କହନ୍ତି। **'ବା'**ରେ **'ଛନ୍ଦସି'** ପଦର ଅନୁବୃତ୍ତି ହୋଇଥାଏ। ସେତେବେଳେ ତାହାର ଅର୍ଥ ହୁଏ—'ସବୁ ବିଧିଗୁଡ଼ିକ ବେଦରେ ବିକଳ୍ପରେ ପ୍ରଯୁଜ୍ୟ'। ଏହି ବିକଳ୍ପ ବାହୁଳକ ରୂପ ହିଁ ଅଟେ। **'ବହୁଳଂ ଛନ୍ଦସି'** ଆଦି ସବୁ ବୈଦିକ ପ୍ରକ୍ରିୟା ଏହାର ବିସ୍ତାର ଅଟେ।

ବ୍ୟାକରଣଶାସ୍ତ୍ରରେ ବାହୁଳକ ଚାରି ପ୍ରକାର ବୋଲି ସ୍ୱୀକୃତ ହୋଇଛି—(୧) କେଉଁଠି ପ୍ରବୃତ୍ତି, (୨) କେଉଁଠି ଅପ୍ରବୃତ୍ତି, (୩) କେଉଁଠି ବିକଳ୍ପ ଅର୍ଥାତ୍ ପ୍ରବୃତ୍ତି ଓ ଅପ୍ରବୃତ୍ତି ଉଭୟ ଏବଂ (୪) କେଉଁଠି ସୂତ୍ରରେ ଅପେକ୍ଷିତ ନିମିତ୍ତଠାରୁ ଅନ୍ୟ, ସର୍ବଥା ଭିନ୍ନ, ବିପରୀତ ଓ ତାହାର ଅଭାବରେ ମଧ୍ୟ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା।

ଏହି ପ୍ରସଙ୍ଗରେ **'ବ୍ୟତ୍ୟୟୋ ବହୁଳମ୍'** (ପାଣି. ଅଷ୍ଟା. ୩।୧।୮୫) ଏହି ସୂତ୍ରରେ ଛନ୍ଦରେ ବିକରଣଗୁଡ଼ିକର ବହୁତ ପ୍ରକାରରେ ବ୍ୟତ୍ୟୟ କୁହାଯାଇଛି। ଏଠାରେ ମହାଭାଷ୍ୟକାର ପତଞ୍ଜଳି କହନ୍ତି ଯେ, ବିକରଣଗୁଡ଼ିକ ବ୍ୟତୀତ ସୁପ୍, ତିଙ୍, ଉପଗ୍ରହ (ଆତ୍ମନେପଦ ଓ ପରସ୍ମୈପଦ), ଲିଙ୍ଗ, ପ୍ରଥମାଦି ପୁରୁଷ, ଭୂତାଦି କାଳବାଚୀ ପ୍ରତ୍ୟୟ, ହଲ୍ ଅଚ୍ ଉଦାତ୍ତାଦି ସ୍ୱର, କର୍ତ୍ତା ପ୍ରଭୃତି କାରକ, 'ଯଙ୍' ଅର୍ଥାତ୍ **'ଧାତୋରେକାଚୋ ହଲାଦେଃ କ୍ରିୟାସମଭିହାରେ ଯଙ୍'** (ପାଣି. ଅଷ୍ଟା. ୩।୧।୨୨) ସୂତ୍ରଘଟକ 'ଯଙ୍'ର ଯକାରଠାରୁ ଆରମ୍ଭ କରି **'ଲିଙ୍ୟାଶିଷ୍ୟଙ୍'** (ପାଣି. ଅଷ୍ଟା. ୩।୧।୮୬) ସୂତ୍ରଘଟକ 'ଅଙ୍'ର 'ଙ୍'କାର ପର୍ଯ୍ୟନ୍ତ ପ୍ରତ୍ୟାହାର ବୋଲି ମାନି ତନ୍ମଧ୍ୟବର୍ତ୍ତୀ ସ୍ୟ-ତାସି-ଶପ୍-ଶ୍ୟନ୍ ଆଦି ବିକରଣ, କ୍ଲିଷ୍ଟାନୀୟ ସିଜାଦି ଆଦେଶ, ଆମ୍, ଯଙ୍, ଣିଚ୍, ଣିଙ୍, ଆୟ୍, କ୍ୟଙ୍—ଏସବୁର ବ୍ୟତ୍ୟୟ ମଧ୍ୟ ବ୍ୟାକରଣ ଶାସ୍ତ୍ରକର୍ତ୍ତା ଆଚାର୍ଯ୍ୟ ପାଣିନିଙ୍କର ଅଭୀଷ୍ଟ ଏବଂ ତାହା ବାହୁଳକ ଦ୍ୱାରା ସିଦ୍ଧ ଅଟେ। ସେଥିପାଇଁ ସୂତ୍ରରେ **'ବହୁଳମ୍'** ଶବ୍ଦ ପ୍ରଯୁକ୍ତ ହୋଇଛି।

'ସୁପାଂ ସୁଲୁକ୍‌ପୂର୍ବସବର୍ଣ୍ଣାଚ୍ଛେୟାଡାଡ୍ୟାୟାଜାଲଃ' (ପାଣି. ଅଷ୍ଟା. ୭।୧।୩୯)—ଏହି ସୂତ୍ରରେ ବେଦରେ ସୁପ୍ ସ୍ଥାନରେ ସୁଲୁକ୍, ପୂର୍ବସବର୍ଣ୍ଣ, ଆ, ଆତ୍, ଶେ, ୟା, ଡା, ଡ୍ୟା, ଆଚ୍ ଓ ଆଲ୍ ଆଦେଶ ହୁଏ।

ଉପର୍ଯ୍ୟୁକ୍ତ ସିଦ୍ଧାନ୍ତ ଅନୁସାରେ ଗୀତା ଅନ୍ତର୍ଗତ ଆର୍ଷ (ବୈଦିକ) ପ୍ରୟୋଗଗୁଡ଼ିକର ତାଲିକା ନିମ୍ନରେ ଦିଆଯାଉଛି—

କ୍ରମ-ସଂଖ୍ୟା	ଶ୍ଳୋକାଂଶ	ଅଧ୍ୟାୟ	ଶ୍ଳୋକ	ବିବରଣୀ
୧	ନ କାଂକ୍ଷେ ବିଜୟଂ କୃଷ୍ଣ	୧	୩୨	ପରସ୍ମୈପଦ ସ୍ଥାନରେ ଆତ୍ମନେପଦର ପ୍ରୟୋଗ ଆର୍ଷ ଅଟେ।
୨	ଭୁଞ୍ଜୀତ	୨	୫୪	" " " " " "
୩	ନମେରନ୍ ମହାତ୍ମନ୍	୧୧	୩୭	" " " " " "
୪	ବିଶତେ ତଦନନ୍ତରମ୍	୧୮	୫୫	" " " " " "
୫	ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମ୍	୧୧	୮	ପରସ୍ମୈପଦ ସ୍ଥାନରେ ଆତ୍ମନେପଦ ଓ ବିକରଣ-ବ୍ୟତ୍ୟୟ ଆର୍ଷ ଅଟେ।
୬	ଇଷୁଭିଃ ପ୍ରତି ଯୋତ୍ସ୍ୟାମି	୨	୪	ଆତ୍ମନେପଦ ସ୍ଥାନରେ ପରସ୍ମୈପଦର ପ୍ରୟୋଗ ଆର୍ଷ ଅଟେ।
୭	ଯତତୋ* ହ୍ୟପି	୨	୬୦	" " " " " "
୮	ଯଦି ହ୍ୟହଂ ନ ବର୍ତ୍ତେୟମ୍	୩	୨୩	" " " " " "
୯	ନୋଦ୍‌ବିଜେତ୍	୫	୨୦	" " " " " "
୧୦	ବଶ୍ୟାତ୍ମନା ତୁ ଯତତା	୬	୩୬	" " " " " "
୧୧	କଶ୍ଚିତ୍ ଯତତି	୭	୩	" " " " " "
୧୨	ଯତତାମପି ସିଦ୍ଧାନାମ୍	୭	୩	" " " " " "
୧୩	ମାମାଶ୍ରିତ୍ୟ ଯତନ୍ତି ଯେ	୭	୨୯	" " " " " "
୧୪	ଯୁଧ୍ୟ ଚ	୮	୭	" " " " " "
୧୫	ଯତନ୍ତଶ୍ଚ ଦୃଢବ୍ରତାଃ	୯	୧୪	" " " " " "
୧୬	ପ୍ରତିଜାନୀହି	୯	୩୧	" " " " " "
୧୭	ରମନ୍ତି ଚ	୧୦	୯	" " " " " "
୧୮	ପ୍ରଳୟେ ନ ବ୍ୟଥନ୍ତି ଚ	୧୪	୨	" " " " " "
୧୯	ଅବତିଷ୍ଠତି	୧୪	୨୩	" " " " " "
୨୦	ନିବର୍ତ୍ତନ୍ତି ଭୂୟଃ	୧୫	୪	" " " " " "
୨୧	ଯତନ୍ତଃ; ଯତନ୍ତଃ	୧୫	୧୧	" " " " " "
୨୨	ନୈବ ତ୍ୟାଗଫଳଂ ଲଭେତ୍	୧୮	୮	" " " " " "
୨୩	ଅଶୋଚ୍ୟାନନ୍ୱଶୋଚଃ	୨	୧୧	ଲୁଙ୍ ସ୍ଥାନରେ ଲଙ୍‌ର ପ୍ରୟୋଗ ଆର୍ଷ ଅଟେ।
୨୪	ପ୍ରସବିଷ୍ୟଧ୍ୱମ୍	୩	୧୦	ଲୋଟ୍ ସ୍ଥାନରେ ଏହି ପ୍ରୟୋଗ ଆର୍ଷ ଅଟେ।
୨୫	ଅକୃତ୍ସ୍ନମେଧସାମ୍	୭	୨୩	ଶାସ୍ତ୍ରାପେକ୍ଷିତ ନିମିତ୍ତର ଅଭାବରେ 'ଅସିଦ୍ଧ'ର ପ୍ରୟୋଗ ଆର୍ଷ ଅଟେ।
୨୬	ହେ ସଖେତି	୧୧	୪୧	ଏଠାରେ ସନ୍ଧିର ପ୍ରୟୋଗ ଆର୍ଷ ଅଟେ।
୨୭	ପ୍ରିୟାୟାର୍ହସି	୧୧	୪୪	" " " " "

* ଗୀତାରେ ପ୍ରଯୁକ୍ତ ଧାତୁଗୁଡ଼ିକ ମଧ୍ୟରୁ 'ଯତୀ ପ୍ରଯତ୍ନେ', 'ବୃତୁ ବର୍ତ୍ତନେ' ଆଦି ଧାତୁଗୁଡ଼ିକ 'ଅନୁଦାତ୍ତେତ୍' ହେଲେ ସ୍ୱତଃ ଆତ୍ମନେପଦରେ ବ୍ୟବହୃତ ହୁଅନ୍ତି। ଏହି ଦୃଷ୍ଟିରୁ 'ଯତତି, ଯତତାମ୍, ଯତତଃ, ନିବର୍ତ୍ତନ୍ତି' ଆଦି କ୍ରିୟା ଓ ପଦଗୁଡ଼ିକୁ ଆର୍ଷ ମନେ କରାଯାଏ। ମାତ୍ର 'ଅନୁଦାତ୍ତେତ୍ତ୍ୱଲକ୍ଷଣମାତ୍ମନେପଦମନିତ୍ୟଂ' ଚକ୍ଷିଙ୍, ଙିତ୍ କରଣାତ୍ ଜ୍ଞାପକାତ୍'—ଏହି ଜ୍ଞାପକ(ନିୟମ)ରେ (ଆତ୍ମନେପଦରେ ପ୍ରଚଳିତ) ସମସ୍ତ ଧାତୁ ଅନିତ୍ୟ ହୋଇଥାନ୍ତି। ଏହି ଦୃଷ୍ଟିରୁ 'ଯତତି, ନିବର୍ତ୍ତନ୍ତି' ଆଦି କ୍ରିୟା ଓ ପଦଗୁଡ଼ିକୁ ଆର୍ଷ ମନେ କରିବା ଉଚିତ ନୁହେଁ।

କ୍ରମ-ସଂଖ୍ୟା	ଶ୍ଳୋକାଂଶ	ଅଧ୍ୟାୟ	ଶ୍ଳୋକ	ବିବରଣୀ
୨୮	ତସ୍ୟାରାଧନମ୍	୭	୨୨	ଏଠାରେ ସନ୍ଧିର ପ୍ରୟୋଗ ଆର୍ଷ ଅଟେ।
୨୯	ଶକ୍ୟ ଅହଂ ନୃଲୋକେ	୧୧	୪୮	ଏଠାରେ ସନ୍ଧିର ଅଭାବ ଆର୍ଷ ଅଟେ।
୩୦	ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ	୧୧	୫୪	” ” ” ”
୩୧	ନିବସିଷ୍ୟସି	୧୨	୮	'ଇଟ୍'ର ଆଗମ ଆର୍ଷ ଅଟେ।
୩୨	ଏତନ୍ମେ ସଂଶୟମ୍	୬	୩୯	ଏଠାରେ କ୍ଳୀବଲିଙ୍ଗ ଆର୍ଷ ଅଟେ।
୩୩	ସମ୍ପ୍ରବୃତ୍ତାନି; ନିବୃତ୍ତାନି	୧୪	୨୨	” ” ” ”
୩୪	ସେନାନୀନାମ୍	୧୦	୨୪	'ଯଣ୍' ସ୍ଥାନରେ 'ନୁଟ୍' ଆର୍ଷ ଅଟେ।
୩୫	ଶାଶ୍ୱତେ	୮	୨୬	'ଡାପ୍' ସ୍ଥାନରେ 'ଟାପ୍'ର ପ୍ରୟୋଗ ଆର୍ଷ ଅଟେ।

ଛନ୍ଦଶାସ୍ତ୍ରରେ ଦୁଇ ପ୍ରକାରର ଆର୍ଷ ସ୍ୱୀକୃତ ହୋଇଛି—ନିବୃଦ୍ ଓ ଭୁରିକ୍। ଛନ୍ଦର ନିୟମ ଅପେକ୍ଷା ଯେଉଁ ଛନ୍ଦରେ ଅକ୍ଷର କମ୍ ଥାଏ, ତାହାକୁ 'ନିବୃଦ୍ ଆର୍ଷ' ଓ ଯେଉଁ ଛନ୍ଦରେ ଅକ୍ଷର ବେଶୀ ଥାଏ, ତାହାକୁ 'ଭୁରିକ୍ ଆର୍ଷ' କହନ୍ତି।

ଦ୍ୱିତୀୟ ଅଧ୍ୟାୟର ଷଷ୍ଠ ଶ୍ଳୋକରେ 'ଜଗତୀ' ଛନ୍ଦର ଅକ୍ଷର ଅପେକ୍ଷା ତୃତୀୟ ଓ ଚତୁର୍ଥ ଚରଣରେ ଗୋଟିଏ ଲେଖାଏଁ ଅକ୍ଷର କମ୍ ଥିବାରୁ ଅର୍ଥାତ୍ ଏଗାର ଅକ୍ଷର ହୋଇଥିବାରୁ ତାହା 'ନିବୃଦ୍ ଆର୍ଷ' ଛନ୍ଦ ଅଟେ। ଏହି ଶ୍ଳୋକରେ 'ତ୍ରିଷ୍ଟୁପ୍' ଛନ୍ଦର ଅକ୍ଷର ଅପେକ୍ଷା ପ୍ରଥମ ଓ ଦ୍ୱିତୀୟ ଚରଣରେ ଗୋଟିଏ ଲେଖାଏଁ ଅକ୍ଷର ଅଧିକ ଥିବାରୁ ଅର୍ଥାତ୍ ବାରଟି ଲେଖାଏଁ ଅକ୍ଷର ଥିବାରୁ ଏହା 'ଭୁରିକ୍ ଆର୍ଷ' ଛନ୍ଦ ଅଟେ।

ଦ୍ୱିତୀୟ ଅଧ୍ୟାୟର ୨୯ଶ ଶ୍ଳୋକରେ 'ଜଗତୀ' ଛନ୍ଦର ଅକ୍ଷର ଅପେକ୍ଷା ପ୍ରଥମ, ତୃତୀୟ ଓ ଚତୁର୍ଥ ଚରଣରେ ଗୋଟିଏ ଲେଖାଏଁ ଅକ୍ଷର କମ୍ ଥିବାରୁ ଏହା 'ନିବୃଦ୍ ଆର୍ଷ' ଛନ୍ଦ ଅଟେ। ଏହି ଶ୍ଳୋକରେ 'ତ୍ରିଷ୍ଟୁପ୍' ଛନ୍ଦର ଅକ୍ଷର ଅପେକ୍ଷା ଦ୍ୱିତୀୟ ଚରଣରେ ଗୋଟିଏ ଅକ୍ଷର ଅଧିକ ଥିବାରୁ ଏହା 'ଭୁରିକ୍ ଆର୍ଷ' ଛନ୍ଦ ଅଟେ।

ଅଷ୍ଟମ ଅଧ୍ୟାୟର ୧୦ମ ଶ୍ଳୋକରେ 'ଜଗତୀ' ଛନ୍ଦର ଅକ୍ଷର ଅପେକ୍ଷା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଚରଣରେ ଗୋଟିଏ ଲେଖାଏଁ ଅକ୍ଷର କମ୍ ଥିବାରୁ ଏହା 'ନିବୃଦ୍ ଆର୍ଷ' ଛନ୍ଦ ଅଟେ। ଏହି ଶ୍ଳୋକରେ 'ତ୍ରିଷ୍ଟୁପ୍' ଛନ୍ଦର ଅକ୍ଷର ଅପେକ୍ଷା ଚତୁର୍ଥ ଚରଣରେ ଗୋଟିଏ ଅକ୍ଷର ଅଧିକ ଥିବାରୁ ଏହା 'ଭୁରିକ୍ ଆର୍ଷ' ଛନ୍ଦ ଅଟେ।

ଏକାଦଶ ଅଧ୍ୟାୟର ୧ମ ଶ୍ଳୋକରେ ଅନୁଷ୍ଟୁପ୍ ଛନ୍ଦର ଅକ୍ଷର ଅପେକ୍ଷା ଗୋଟିଏ ଅକ୍ଷର ଅଧିକ ଥିବାରୁ ଅର୍ଥାତ୍ ତେତିଶ ଅକ୍ଷର ହୋଇଥିବାରୁ ଏହା 'ଭୁରିକ୍ ଆର୍ଷ' ଛନ୍ଦ ଅଟେ।

ପଞ୍ଚଦଶ ଅଧ୍ୟାୟର ୩ୟ ଶ୍ଳୋକରେ 'ଜଗତୀ' ଛନ୍ଦର ଅକ୍ଷର ଅପେକ୍ଷା ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଚରଣରେ ଗୋଟିଏ ଲେଖାଏଁ ଅକ୍ଷର କମ୍ ଥିବାରୁ ଏହା 'ନିବୃଦ୍ ଆର୍ଷ' ଛନ୍ଦ ଅଟେ। ଏହି ଶ୍ଳୋକରେ 'ତ୍ରିଷ୍ଟୁପ୍' ଛନ୍ଦର ଅକ୍ଷର ଅପେକ୍ଷା ପ୍ରଥମ ଚରଣରେ ଗୋଟିଏ ଅକ୍ଷର ଅଧିକ ଥିବାରୁ ଏହା 'ଭୁରିକ୍ ଆର୍ଷ' ଛନ୍ଦ ଅଟେ।

୧୦୮. ଗୀତାର ପରିମାଣ ଓ ପୂର୍ଣ୍ଣ ଶରଣାଗତି

ଭଗବନ୍ତଂ ପ୍ରପନ୍ନାସ୍ତୁ ତଦଭିନ୍ନା ହି ସର୍ବଥା।
ଭକ୍ତାଃ କୃଷ୍ଣେ ବିଲୀୟନ୍ତେ କୃଷ୍ଣ ଏକୋ ହି ଶିଷ୍ୟତେ॥

ମହର୍ଷି ବେଦବ୍ୟାସରଚିତ ମହାଭାରତରେ ଋଷିଶ୍ରେଷ୍ଠ ବୈଶମ୍ପାୟନ ଗୀତାର ପରିମାଣ ମୋଟ ସାତଶହ ପଚିଶ୍ୱଳିଶ ଶ୍ଳୋକ ବୋଲି କହିଛନ୍ତି—

ଷଟ୍ଶତାନି ସବିଂଶାନି ଶ୍ଳୋକାନାଂ ପ୍ରାହ କେଶବଃ।

ଅର୍ଜୁନଃ ସପ୍ତପଞ୍ଚାଶତ୍ ସପ୍ତଷଷ୍ଟିଂ ତୁ ସଞ୍ଜୟଃ ।
ଧୃତରାଷ୍ଟ୍ରଃ ଶ୍ଳୋକମେକଂ ଗୀତାୟା ମାନମୁଚ୍ୟତେ ॥

(ଭୀଷ୍ମ. ୪୩ । ୪-୫)

"ଗୀତାରେ ଭଗବାନ ଶ୍ରୀକୃଷ୍ଣ ଛଅଶହ କୋଡ଼ିଏଟି, ଅର୍ଜୁନ ସତାବନଟି, ସଞ୍ଜୟ ସତଷଠିଟି ଓ ଧୃତରାଷ୍ଟ୍ର ଗୋଟିଏ ଶ୍ଳୋକ କହିଛନ୍ତି । ଏହା ହିଁ ଗୀତାର ଶ୍ଳୋକର ପରିମାଣ* ବୋଲି ଧରାଯାଏ ।"

ଗୀତାର ପ୍ରଚଳିତ ପୁସ୍ତକଗୁଡ଼ିକର ମୂଳପାଠକୁ ଦେଖିଲେ ପାଞ୍ଚଶହ ଚଉସ୍ତରି ଶ୍ଳୋକ ଭଗବାନ ଶ୍ରୀକୃଷ୍ଣଙ୍କର, ଚୌରାଶୀ ଶ୍ଳୋକ ଅର୍ଜୁନଙ୍କର, ଏକଚାଳିଶ ଶ୍ଳୋକ ସଂଜୟଙ୍କର ଓ ଗୋଟିଏ ଶ୍ଳୋକ ଧୃତରାଷ୍ଟ୍ରଙ୍କର ବାହାରୁଛି । ଅଠରଟି ଯାକ ଅଧ୍ୟାୟର ସବୁ ଶ୍ଳୋକକୁ ମିଶାଇଲେ ସର୍ବମୋଟ ସାତଶହ ଶ୍ଳୋକ ହେଉଛି । ଏହି ସାତଶହ ଶ୍ଳୋକରୁ ଛଅଶହ ଚଉରାଳିଶଟି ଶ୍ଳୋକ ବତିଶ ଅକ୍ଷରବିଶିଷ୍ଟ, ଗୋଟିଏ ଶ୍ଳୋକ (୧୧ । ୧) ତେତିଶ ଅକ୍ଷରବିଶିଷ୍ଟ, ଏକାବନଟି ଶ୍ଳୋକ ଚଉରାଳିଶ ଅକ୍ଷରବିଶିଷ୍ଟ, ତିନୋଟି ଶ୍ଳୋକ (୨ । ୨୯; ୮ । ୧୦ ଓ ୧୫ । ୩) ପଇଁତ୍ରିଶ ଅକ୍ଷରବିଶିଷ୍ଟ ଓ ଗୋଟିଏ ଶ୍ଳୋକ (୨ । ୬) ଛୟାଳିଶ ଅକ୍ଷରବିଶିଷ୍ଟ । ଏହିପରି ଗୀତାର ଶ୍ଳୋକମାନଙ୍କର ସମ୍ପୂର୍ଣ୍ଣ ଅକ୍ଷରର ସମଷ୍ଟି ୨୩୦୬୬ (ତେଇଶ ହଜାର ଛଅଷଠି) । ପୁଷ୍ପିକାଗୁଡ଼ିକରେ ମୋଟ ଆଠଶହ ତେସ୍ତରି ଅକ୍ଷର ଅଛି । ଉବାଚଗୁଡ଼ିକରେ ମୋଟ ତିନି ଶହ ତେୟାଶୀ ଅକ୍ଷର ଅଛି । **'ଅଥ ଶ୍ରୀମଦ୍ଭଗବଦ୍ଗୀତା', 'ଅଥ ପ୍ରଥମୋଽଧ୍ୟାୟଃ'** ଆଦିରେ ମୋଟ ଏକଶହ ସଇଁତିରିଶ ଅକ୍ଷର ଅଛି । ଏହିରୂପେ ଗୀତାରେ ମୋଟ ୨୪୪୫୯ (ଚବିଶ ହଜାର ଚାରିଶହ ଅଣଷଠି) ଅକ୍ଷର ଅଛି ।

ପ୍ରାଚୀନକାଳରୁ ଏଭଳି ପରମ୍ପରା ରହି ଆସିଛି ଯେ ବତିଶଟି ଅକ୍ଷରକୁ ଗୋଟିଏ ଶ୍ଳୋକ ବୋଲି ଧରିନେଇ କୌଣସି ପୁରାଣ ଆଦି ଗ୍ରନ୍ଥର ଶ୍ଳୋକଗୁଡ଼ିକର ପରିମାଣ ନିର୍ଦ୍ଧାରିତ କରାଯାଏ† । ଯଦି କେବଳ ଗୀତୋକ୍ତ ସମସ୍ତ ଶ୍ଳୋକର ଅକ୍ଷରଗୁଡ଼ିକୁ ଏହି ଅନୁସାରେ ପରିମାଣ ବାହାର କରାଯାଏ, ତେବେ ୭୨୦ $\frac{୨୬}{୩୨}$ ଶ୍ଳୋକ ହେଉଛି । ଯଦି ଏଥିସହିତ 'ଉବାଚ'ର ତିନିଶହ ତେୟାଶୀ ଅକ୍ଷର ମିଶାଇ ଦିଆଯାଏ, ତେବେ ୭୩୨ $\frac{୨୫}{୩୨}$ ଶ୍ଳୋକ ହେଉଛି । ଯଦି କେବଳ ଶ୍ଳୋକାକ୍ଷର ସହିତ 'ପୁଷ୍ପିକା'ର ଆଠଶହ ତେସ୍ତରି ଅକ୍ଷର ମିଶାଇ

* ମହାଭାରତ (ଆଦିପର୍ବ ୧ । ୭୪-୮୩)ରେ ଉଲ୍ଲେଖ ଅଛି ଯେ ବ୍ରହ୍ମାଙ୍କ ନିର୍ଦ୍ଦେଶକ୍ରମେ ମହର୍ଷି ବେଦବ୍ୟାସ ଗଣେଶଙ୍କୁ ମହାଭାରତ ଗ୍ରନ୍ଥର ଲେଖକ ହେବାକୁ ପ୍ରାର୍ଥନା କଲେ । ଏଥିରେ ଗଣେଶ ଗୋଟିଏ ସର୍ତ୍ତ ରଖିଲେ ଯେ 'ଯଦି ଲେଖିବାବେଳେ କ୍ଷଣକ ପାଇଁ ମଧ୍ୟ ମୋର ଲେଖନୀ ଅଟକିବ ନାହିଁ, ତେବେ ମୁଁ ଏହି ଗ୍ରନ୍ଥର ଲେଖକ ହୋଇପାରେ' । ବେଦବ୍ୟାସ ମଧ୍ୟ ଗଣେଶଙ୍କ ସମ୍ମୁଖରେ ଏହି ସର୍ତ୍ତ ରଖିଲେ ଯେ 'ଆପଣ ମଧ୍ୟ ନ ବୁଝିବାଯାଏ କୌଣସି ପ୍ରସଙ୍ଗରେ ଗୋଟିଏ ଅକ୍ଷର ସୁଦ୍ଧା ଲେଖିବେ ନାହିଁ' । ଗଣେଶ ମାନିନେଲେ ଓ ମହାଭାରତ ଲେଖିବାକୁ ବସିଲେ । ଲେଖାଇବାବେଳେ ମଝିରେ ମଝିରେ ବେଦବ୍ୟାସ ଏମିତି (ଗୂଢ଼ଅର୍ଥ ଥିବା) କୂଟ ଶ୍ଳୋକ କହି ଦିଅନ୍ତି ଯେ ବୁଝିବା ପାଇଁ ଗଣେଶଙ୍କୁ କିଛି ସମୟ ଅଟକିବାକୁ ପଡ଼େ । ସେହି ସମୟ ମଧ୍ୟରେ ବେଦବ୍ୟାସ ଆହୁରି ଅନେକ ଶ୍ଳୋକ ମନେ ମନେ ରଚନା କରି ନିଅନ୍ତି । ଗୀତାର ପରିମାଣ-ସମ୍ବନ୍ଧୀୟ ଶ୍ଳୋକଗୁଡ଼ିକ ମଧ୍ୟ ଏପରି କୂଟ ଶ୍ଳୋକ ଭଳି ଜଣାପଡ଼େ । ତେଣୁ କେତେକ ଟୀକାକାର ଗୀତା-ପରିମାଣର ସଂଗତି ବସାଇ ନ ପାରି ଏହି ଶ୍ଳୋକଗୁଡ଼ିକୁ ପ୍ରକ୍ଷିପ୍ତ (କ୍ଷେପକ) ବୋଲି ମାନି ନିଅନ୍ତି । କିନ୍ତୁ ପ୍ରକୃତରେ ଏସବୁ ମହାଭାରତର ଶ୍ଳୋକ ବୋଲି ଜଣାପଡ଼େ, କାରଣ ପ୍ରଥମତଃ ମହାଭାରତର ଅତି ପ୍ରାଚୀନ ପ୍ରତିଲିପିରେ ଏଗୁଡ଼ିକ ମିଳେ ଓ ଦ୍ୱିତୀୟତଃ ଗୀତା ଉପରେ ଗଭୀର ଅନୁଧ୍ୟାନ କଲେ ଏହି ଶ୍ଳୋକଗୁଡ଼ିକ ଅନୁସାରେ ଗୀତା-ପରିମାଣର ସଂଗତି ଠିକ୍ ଭାବେ ମିଳିଯାଏ ।

ମହାଭାରତର ଯେଉଁ ପ୍ରତିଲିପିଗୁଡ଼ିକରେ ମୋତେ ଗୀତା-ପରିମାଣ ସମ୍ବନ୍ଧୀୟ ଉପର୍ଯ୍ୟୁକ୍ତ ଶ୍ଳୋକ ମିଳିଛି ସେଗୁଡ଼ିକର ପରିଚୟ ତଳେ ଦିଆଗଲା—

(୧) ଗୀତାପ୍ରେସ୍, ଗୋରଖପୁରରୁ ପ୍ରକାଶିତ—ପାଣ୍ଡେୟ ଶ୍ରୀରାମନାରାୟଣଦତ୍ତ ଶାସ୍ତ୍ରୀକୃତ ହିନ୍ଦୀ-ଟୀକା ପୃ. ୨୮୧୩ ।
(୨) ସନାତନ ଧର୍ମପ୍ରେସ୍, ମୁରାଦାବାଦରୁ ପ୍ରକାଶିତ—ଶ୍ରୀରାମସ୍ୱରୂପକୃତ ହିନ୍ଦୀ-ଟୀକା ପୃ. ୧୮୪ ।
(୩) ମହାଭାରତ-ପ୍ରକାଶକ-ମଣ୍ଡଳ, ମାଲୀବାଡ଼ା, ଦିଲ୍ଲୀରୁ ପ୍ରକାଶିତ—ଶ୍ରୀ ଗଙ୍ଗାପ୍ରସାଦ ଶାସ୍ତ୍ରୀକୃତ ହିନ୍ଦୀ-ଟୀକା ପୃ.୩୮୬ ।
(୪) ସ୍ୱାଧ୍ୟାୟ-ମଣ୍ଡଳ ଦ୍ୱାରା ପ୍ରକାଶିତ—ଶ୍ରୀପାଦ ଦାମୋଦର ସାତବଲେକର କୃତ ହିନ୍ଦୀ-ଟୀକା ପୃ. ୨୨୧ ।
(୫) ଶ୍ରୀଦ୍ୱାରକାପ୍ରସାଦ ଶର୍ମାଙ୍କ ଦ୍ୱାରା ପ୍ରସ୍ତୁତ ମହାଭାରତର ହିନ୍ଦୀ ଅନୁବାଦ, ପୃ. ୧୪୬ ।
(୬) ମହାଭାରତର ନୀଳକଣ୍ଠୀ ଟୀକା—ମୂଳମହାଭାରତରେ ଗୀତାର ପରିମାଣ ସମ୍ବନ୍ଧୀୟ ଶ୍ଳୋକ ଦିଆଯାଇଛି, କିନ୍ତୁ ତାହାର ଟୀକା କରା ନ ଯାଇ 'ଗୀତା ସୁଗୀତା କର୍ତ୍ତବ୍ୟା ଇତ୍ୟାଦୟଃ ସାର୍ଦ୍ଧାଃ ପଞ୍ଚ ଶ୍ଳୋକାଃ ଗୌଡୈର୍ନ ପଠ୍ୟନ୍ତେ' ଲେଖାଯାଇଛି ।

† ଶ୍ରୀମଦ୍ଭାଗବତମହାପୁରାଣର 'ଅନ୍ୱିତାର୍ଥପ୍ରକାଶିକା' ଟୀକାର ଲେଖକ ପଣ୍ଡିତ ଶ୍ରୀଗଙ୍ଗାସହାୟ ଶର୍ମା ମଧ୍ୟ ଶ୍ରୀମଦ୍ଭାଗବତର ଶ୍ଳୋକଗୁଡ଼ିକର ଗଣନା ପାଇଁ ଏହି ଅକ୍ଷରଗଣନା ପଦ୍ଧତି (ସମସ୍ତ ଅକ୍ଷରକୁ ବତିଶରେ ଭାଗ କରିବା) ଅନୁସରଣ କରିଛନ୍ତି ଏବଂ ପ୍ରତ୍ୟେକ ଅଧ୍ୟାୟ ଶେଷରେ ସେହି ଅଧ୍ୟାୟର ଶ୍ଳୋକଗୁଡ଼ିକର ଗଣନାକୁ ଶ୍ଳୋକବଦ୍ଧ କରି ସୂଚିତ କରିଛନ୍ତି । ଅବଶ୍ୟ ଏ କଥା ଭିନ୍ନ ଯେ ତାଙ୍କ ଗଣନା ଅନୁସାରେ ଶ୍ରୀମଦ୍ଭାଗବତର ଅଠର ହଜାର ଶ୍ଳୋକରୁ କେବଳ ଦେଢ଼ଟି ଶ୍ଳୋକ କମ୍ ହେଉଛି ।

ଏହି ଅକ୍ଷରଗଣନା ଆଧାରରେ କୌଣସି ଗ୍ରନ୍ଥର ଲେଖକଙ୍କୁ ପାରିଶ୍ରମିକ ଦେବାର ପରମ୍ପରା ମଧ୍ୟ ପ୍ରାଚୀନକାଳରୁ ପ୍ରଚଳିତ ।

ଦିଆଯାଏ, ତେବେ **୬୪୮ ୩/୩୨** ଶ୍ଳୋକ ହେଉଛି। ପ୍ରକାରାନ୍ତରରେ ଯଦି କେବଳ ଶ୍ଳୋକଗୁଡ଼ିକର ମୋଟ ୨୩୦୬୬ (ତେଇଶିହଜାର ଛଅଷଠି) ଅକ୍ଷର ସହିତ 'ଉବାଚ' 'ପୁଷ୍ପିକା' ଓ **'ଅଥ ପ୍ରଥମୋଽଧ୍ୟାୟଃ'** ଆଦିର ମୋଟ ୧୩୯୩ (ଏକହଜାର ତିନିଶହ ତେୟାନବେ) ଅକ୍ଷର ମିଶାଇ ଦିଆଯାଏ, ତେବେ **୭୬୪ ୧୧/୩୨** ଶ୍ଳୋକ ହେଉଛି। ଅତଏବ କୌଣସିମତେ ମହାଭାରତରେ କଥିତ ଗୀତାର ପରିମାଣର ସଂଗତି ମେଳ ଖାଉ ନାହିଁ। ତଥାପି ପରିମାଣସୂଚକ ଶ୍ଳୋକ ଉପଲବ୍ଧ ହେଉଥିବା ହେତୁ ପରିମାଣର ସଂଗତି ମିଳାଇବା ଆବଶ୍ୟକ ମନେକରି ଜଣେ ସନ୍ଥଙ୍କ ଠାରୁ ପ୍ରାପ୍ତ ସଂକେତ ଅନୁସାରେ ଚେଷ୍ଟା କରାଯାଉଛି। ବିଦ୍ୱାନ୍‌ମାନଙ୍କୁ ଅନୁରୋଧ ସେମାନେ ଦୟାକରି ଏହା ଉପରେ ଗଭୀରଭାବେ ବିଚାର କରି ସେମାନଙ୍କର ସମ୍ମତି ପ୍ରଦାନ କରିବେ।

ଶ୍ରୀମଦ୍‌ଭଗବଦ୍‌ଗୀତା

ଶ୍ରୀମଦ୍‌ଭଗବଦ୍‌ଗୀତାର ପ୍ରଥମ ଅଧ୍ୟାୟକୁ ଦେଖିଲେ ଜଣାପଡ଼େ ଯେ ଅର୍ଜୁନ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ସ୍ୱୟଂ ରଥୀ ହୋଇ ସାରଥି ଭୂମିକାରେ ଅବତୀର୍ଣ୍ଣ ଭଗବାନଙ୍କୁ ଉଭୟ ସୈନ୍ୟବାହିନୀ ମଧ୍ୟରେ ରଥ ସ୍ଥାପିତ କରିବାକୁ ଆଦେଶ ଦେଇଛନ୍ତି— **'ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ'** (୧।୨୧)। ସାରଥି ହୋଇଥିବା ଭଗବାନ ମଧ୍ୟ ରଥକୁ ଉଭୟ ସୈନ୍ୟବାହିନୀ ମଧ୍ୟରେ ପିତାମହ ଭୀଷ୍ମ ଓ ଆଚାର୍ଯ୍ୟ ଦ୍ରୋଣଙ୍କ ରଥର ଠିକ୍ ସମ୍ମୁଖରେ ଏକ ଚାତୁର୍ଯ୍ୟପୂର୍ଣ୍ଣ ଶୈଳୀରେ ଛିଡ଼ା କରି ଦେଇଛନ୍ତି। ଭଗବାନଙ୍କ ଏହି ଚାତୁରୀ ସତେ ଯେପରି ଯୁଦ୍ଧୋନ୍ମୁଖ ଅର୍ଜୁନଙ୍କୁ କଲ୍ୟାଣ ଆଡ଼କୁ ଉନ୍ମୁଖ କରିବାକୁ ଶକ୍ତିପାତ ଥିଲା (ଯାହା କି ଅଷ୍ଟାଦଶ ଅଧ୍ୟାୟର ୬୩ତମ ଶ୍ଳୋକରେ ସଫଳ ହୋଇଛି)। ଜୀବମାନଙ୍କ କଲ୍ୟାଣ ପାଇଁ ଅର୍ଜୁନଙ୍କୁ ନିମିତ୍ତ କରି ଗୀତାର ମହାନ୍ ଉପଦେଶ ପ୍ରଦାନ କରିବା ଭଗବାନଙ୍କର ଉଦ୍ଦେଶ୍ୟ ଥିଲା ଏବଂ ଅର୍ଜୁନଙ୍କୁ ଜଣେ ଉପଦେଶ ପାଇବାର ଉପଯୁକ୍ତ ପାତ୍ରରୂପେ ଗଢ଼ିବାର ମଧ୍ୟ ଉଦ୍ଦେଶ୍ୟ ଥିଲା। ଯୁଦ୍ଧସ୍ଥଳରେ ପିତାମହ ଭୀଷ୍ମ ଓ ଆଚାର୍ଯ୍ୟ ଦ୍ରୋଣଙ୍କୁ ନିଜ ଆଗରେ ବିପକ୍ଷରେ ଦେଖି ଅର୍ଜୁନଙ୍କର ସୁପ୍ତ ମୋହ ଜାଗି ଉଠିଲା। ଭଗବାନ କେବଳ ରଥ ଠିଆ କଲେ ନାହିଁ, ବରଂ ନିଜେ କହିଦେଲେ ଯେ, ହେ ପାର୍ଥ! ଯୁଦ୍ଧ ପାଇଁ ଏକତ୍ର ହୋଇଥିବା ଏହି କୁରୁବଂଶୀମାନଙ୍କୁ ଦେଖ— **'ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନିତି।'** (୧।୨୫)। ଏଠାରେ ଭଗବାନ 'ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ ଦେଖ' ନ କହି 'କୁରୁବଂଶୀମାନଙ୍କୁ ଦେଖ' ବୋଲି କହିଛନ୍ତି। ଏହା କହିବାରେ ମଧ୍ୟ ଭଗବାନଙ୍କର ଅର୍ଜୁନଙ୍କ ମୋହକୁ ଜାଗ୍ରତ କରାଇବାର ଭାବ ଥିବା ଜଣାପଡୁଛି। ଯଦି ଭଗବାନ **'ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନିତି'** ସ୍ଥାନରେ **'ଉବାଚ ପାର୍ଥ ପଶ୍ୟୈତାନ୍ ଧାର୍ତ୍ତରାଷ୍ଟ୍ରାନ୍ ସମାନିତି'** କହିଦେଇ ଥାଆନ୍ତେ, ହୁଏତ ଅର୍ଜୁନର କୌଟୁମ୍ବିକ ମୋହ ଜାଗ୍ରତ ନ ହୋଇ ଯୁଦ୍ଧ କରିବାର ଉତ୍ସାହ ହିଁ ବିଶେଷଭାବରେ ବଢ଼ିଯାଇ ଥାଆନ୍ତା; କାରଣ ଅର୍ଜୁନ ପ୍ରଥମରୁ ହିଁ କହିଥିଲେ **'ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ଯୁଦ୍ଧେ ପ୍ରିୟଚିକୀର୍ଷବଃ'** (୧।୨୩)। ପାଣ୍ଡବ ଏବଂ ଦୁର୍ଯ୍ୟୋଧନାଦି—ଉଭୟେ କୁରୁବଂଶୀ ଥିଲେ, ଅତଏବ **'କୁରୁ'** ଶବ୍ଦ ଦ୍ୱାରା ଅର୍ଜୁନଙ୍କ ମୋହ ଜାଗ୍ରତ ହେବା ସ୍ୱାଭାବିକ। ପ୍ରଥମେ ଯୁଦ୍ଧଭାବନାରେ ଯେଉଁମାନଙ୍କୁ ଅର୍ଜୁନ **'ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେଃ'** କହୁଥିଲେ, ଏବେ ଯୁଦ୍ଧରେ ସେମାନଙ୍କୁ ସ୍ୱଜନ ବୋଲି କହିବାକୁ ଲାଗିଲେ—**'ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ'** (୧।୨୮)। ଯୁଦ୍ଧରେ ସ୍ୱଜନମାନଙ୍କର ସଂହାର ହେବାର ଆଶଙ୍କା ଅଛି। ଏହି ମୋହ ହେତୁ ଅର୍ଜୁନ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଛନ୍ତି। ତଥାପି ଭଗବାନଙ୍କ ଠାରେ ଶରଣ ଯାଇ ନିଜର ଶ୍ରେୟ (କଲ୍ୟାଣ) କଥା ପଚାରିଛନ୍ତି (୨।୭)। ଉତ୍ତରରେ ଭଗବାନ ଦିବ୍ୟ ଗୀତୋପଦେଶ ପ୍ରଦାନ କରିଛନ୍ତି। ଏଥିରୁ ଜଣାପଡୁଛି ଯେ ଅର୍ଜୁନ ସ୍ୱୟଂ ଗୀତା ଶୁଣିବା ପାଇଁ ଉନ୍ମୁଖ ହୋଇ ନ ଥିଲେ, ବରଂ ଭଗବାନଙ୍କ ଦ୍ୱାରା ଉନ୍ମୁଖ କରାଯାଇ ଥିଲେ। ଅତଏବ ଏହା 'ଭଗବଦ୍‌ଗୀତା' ଅଟେ, 'ଅର୍ଜୁନଗୀତା' ବା 'କୃଷ୍ଣାର୍ଜୁନଗୀତା' ନୁହେଁ। ଏହାକୁ 'ଭଗବଦ୍‌ଗୀତା' କହିବାର ତାତ୍ପର୍ଯ୍ୟ ଏହି ଯେ ଏଥିରେ ଶ୍ରୀକୃଷ୍ଣାର୍ଜୁନ-ସଂବାଦ ଥିଲେ ମଧ୍ୟ ଅର୍ଜୁନ ଭଗବଦ୍‌ପ୍ରେରିତ ହୋଇ ହିଁ କହିଛନ୍ତି ଅର୍ଥାତ୍ ଏହା କେବଳ ଭଗବାନଙ୍କର ବଚନ।

ଉବାଚ ମଧ୍ୟ ଶ୍ଳୋକ

ଏବେ ଗୀତାର ପରିମାଣର ସଂଗତି ଉପରେ ବିଚାର କରାଯାଉ। ମହାଭାରତର ବକ୍ତା ହେଉଛନ୍ତି ମହର୍ଷି ବୈଶମ୍ପାୟନ ଓ ଶ୍ରୋତା ହେଉଛନ୍ତି ମହାରାଜ ଜନ୍ମେଜୟ।

ମହର୍ଷି ବୈଶମ୍ପାୟନ ସଞ୍ଜୟ ଓ ଧୃତରାଷ୍ଟ୍ରଙ୍କ ସଂବାଦକୁ ଦୃଷ୍ଟିରେ ରଖି ଗୀତାର ପରିମାଣ ଉଲ୍ଲେଖ କରିଛନ୍ତି ।

ଗୀତାରେ **'ଶ୍ରୀଭଗବାନୁବାଚ'** ଅଠେଇଶ ଥର **'ଅର୍ଜୁନ ଉବାଚ'** ଏକୋଇଶ ଥର, **'ସଞ୍ଜୟ ଉବାଚ'** ନଅ ଥର ଓ **'ଧୃତରାଷ୍ଟ୍ର ଉବାଚ'** ମାତ୍ର ଥରଟିଏ ବ୍ୟବହୃତ ହୋଇଛି । **'ଶ୍ରୀଭଗବାନୁବାଚ'**କୁ ଓ ଭଗବଦ୍‌ଶରଣାଗତି ସ୍ୱୀକାର ପରେ ଭଗବଦ୍‌ପ୍ରେରିତ **'ଅର୍ଜୁନ ଉବାଚ'**କୁ ଶ୍ଳୋକାତ୍ମକ ମାନିନେଲେ ଗୀତାର ପରିମାଣ (୭୪୫ଟି ଶ୍ଳୋକ) ଯଥାର୍ଥ ସିଦ୍ଧ ହୋଇଯାଉଛି ।

ପିଙ୍ଗଳାଚାର୍ଯ୍ୟଙ୍କ ରଚିତ **'ପିଙ୍ଗଳଛନ୍ଦଃ ସୂତ୍ରମ୍'** ଗ୍ରନ୍ଥ ଅନୁସାରେ ଗୋଟିଏ ଅକ୍ଷର ବା ଗୋଟିଏ ପଦକୁ ମଧ୍ୟ ଛନ୍ଦ ମାନି ନିଆଯାଇପାରେ । ଗାଥା ନାମକ ଏକ ଛନ୍ଦରେ ଅକ୍ଷର ଓ ମାତ୍ରାର କୌଣସି ନିୟମ ନାହିଁ । 'ଦୁର୍ଗାସପ୍ତଶତୀ'ରେ ମଧ୍ୟ **'ଉବାଚ'** କୁ ପୂର୍ଣ୍ଣ ଶ୍ଳୋକ ମାନି ନିଆଯାଇଛି । ଏହି ଦୃଷ୍ଟିରୁ ଗୀତାର ପରିମାଣରେ ମଧ୍ୟ **'ଉବାଚ'**କୁ ପୂର୍ଣ୍ଣ ଶ୍ଳୋକ ସ୍ୱୀକାର କରିବାରେ ଆପତ୍ତି ରହିବା ଉଚିତ ନୁହେଁ । ହଁ, କେତେକ ସ୍ଥାନରେ ସନ୍ଦେହ ଉଠିପାରେ । ନିମ୍ନରେ ସେହି ସନ୍ଦେହଗୁଡ଼ିକର ସମାଧାନ କରାଯାଉଛି ।

ଗୀତାର ପରିମାଣ ଅନୁସାରେ ଭଗବାନଙ୍କ ଦ୍ୱାରା କଥିତ ଶ୍ଳୋକ ସଂଖ୍ୟା ଛଅ ଶହ କୋଡ଼ିଏ, ଅଥଚ ଗୀତାର ପ୍ରଚଳିତ ମୂଳପାଠରେ ପାଞ୍ଚ ଶହ ଚଉସ୍ତରି ଶ୍ଳୋକ ହିଁ ମିଳୁଛି । ବର୍ତ୍ତମାନ ଅବଶିଷ୍ଟ ଛୟାଳିଶଟି ଶ୍ଳୋକ କଥା ବିଚାର କରିବାକୁ ହେବ ।

ସମ୍ପୂର୍ଣ୍ଣ ଗୀତା ଅଧ୍ୟୟନ କଲେ ଜଣାପଡ଼େ ଯେ ଭଗବାନଙ୍କ ହୃଦୟରେ ଅଠାଇଶ ଥର କହିବାକୁ ଭାବ ଉଦ୍ରେକ ହୋଇଛି । ଏହି ଅଠାଇଶଟି ଉବାଚକୁ ଶ୍ଳୋକଗଣନାରେ ଗ୍ରହଣ କରିନେବା ଉଚିତ । ଏଗୁଡ଼ିକ **'ଶ୍ରୀଭଗବାନୁବାଚ'** ହୋଇଥିବା ହେତୁ ମନ୍ତ୍ରରୂପ ଅଟେ । ଏହି ଭାବମୟ ଭଗବଦ୍ ଶ୍ଳୋକଗୁଡ଼ିକର ମନ୍ତ୍ରଦ୍ରଷ୍ଟା ହେଉଛନ୍ତି ସଞ୍ଜୟ । ସେହିପରି ଭଗବଦ୍‌ଶରଣାଗତି ପରେ ତତ୍ତ୍ୱଜିଜ୍ଞାସୁ ଭାବରେ ଭଗବଦ୍‌ପ୍ରେରିତ ଅର୍ଜୁନ ଦ୍ୱିତୀୟ ଅଧ୍ୟାୟର ୫୪ଶ ଶ୍ଳୋକଠାରୁ ଅଷ୍ଟାଦଶ ଅଧ୍ୟାୟର ୧ମ ଶ୍ଳୋକ ମଧ୍ୟରେ ସତର ଥର କହିଛନ୍ତି । ଅତଏବ ଏହି ପଇଁଚାଳିଶଟି (୨୮+୧୭=୪୫) ଉବାଚ ଅପୌରୁଷେୟ ମନ୍ତ୍ରବତ୍ ଅଟେ । ଏହି ପଇଁଚାଳିଶଟି ଉବାଚକୁ ଗୀତାର ପ୍ରଚଳିତ ମୂଳପାଠରେ ମିଳୁଥିବା ଭଗବାନଙ୍କ କଥିତ ପାଞ୍ଚ ଶହ ଚଉସ୍ତରିଟି ଶ୍ଳୋକ ସହିତ ମିଶାଇ ଦେଲେ ଭଗବାନଙ୍କର ଛଅ ଶହ ଉଣେଇଶଟି ଶ୍ଳୋକ ହୋଇଯାଉଛି ।

ଗୀତାର ପ୍ରଚଳିତ ମୂଳପାଠରେ ଥିବା ଅନ୍ତିମ **'ଅର୍ଜୁନ ଉବାଚ'** (୧୮ । ୧) ପରେ ଅଷ୍ଟାଦଶ ଅଧ୍ୟାୟର ୭୩ତମ ଶ୍ଳୋକ ମଧ୍ୟ ଅର୍ଜୁନଙ୍କର; କିନ୍ତୁ ଗୀତା-ପରିମାଣରେ **'ଅର୍ଜୁନ ଉବାଚ'** ଓ ୭୩ତମ ଶ୍ଳୋକକୁ ମିଶାଇ ଗୋଟିଏ ଶ୍ଳୋକ ବୋଲି ମାନିନେଇ ତାହାକୁ ଭଗବାନଙ୍କ ଶ୍ଳୋକ ଭାବରେ ଗ୍ରହଣ କରାଯାଇଛି । ଏହାର କାରଣ ପରେ ଉଲ୍ଲେଖ କରାଯିବ ।

ଭଗବଦ୍‌ପ୍ରେରିତ ଅର୍ଜୁନ

ଭଗବାନଙ୍କର ଅଥବା କୌଣସି ଜୀବନ୍ମୁକ୍ତ ମହାପୁରୁଷ ବା ଅଧିକାରୀ କାରକ ପୁରୁଷଙ୍କର ଭାବ ଯଦି କୌଣସି ଜୀବର କଲ୍ୟାଣ ପାଇଁ ଅଭିପ୍ରେତ ହୁଏ, ତେବେ ତାହାର ସେହିକ୍ଷଣି କଲ୍ୟାଣ ସୁନିଶ୍ଚିତ ବୋଲି ଜାଣିବା ଉଚିତ । ଅବଶ୍ୟ ଜୀବକୁ ସେହିକ୍ଷଣି ଏ କଥାର ଅନୁଭବ ହୁଏ ନାହିଁ । ଯେତେବେଳେ ତା'ଠାରେ ଥିବା ନ୍ୟୁନତାକୁ ଭଗବାନ କିମ୍ବା ମହାପୁରୁଷ ତା'ମନରେ ସନ୍ଦେହ ଭାବରେ ପ୍ରକଟ କରାଇ ଦୂର କରିଦିଅନ୍ତି, ସେତେବେଳେ ତାକୁ ନିଜର କଲ୍ୟାଣ (ଭଗବାନଙ୍କ ସହିତ ସାଧର୍ମ୍ୟ) ବିଷୟରେ ଜଣାପଡ଼େ ।

ଅର୍ଜୁନ ଯେତେବେଳେ ଏକ ଅକ୍ଷୌହିଣୀ ନାରାୟଣୀ ସେନାକୁ ଛାଡ଼ି କେବଳ ନିଃଶସ୍ତ୍ର ଭଗବାନଙ୍କୁ ହିଁ ସ୍ୱୀକାର କଲେ,[୩] ସେତେବେଳେ ଭଗବାନଙ୍କ ହୃଦୟରେ ଅର୍ଜୁନଙ୍କର କଲ୍ୟାଣ କରିବାକୁ ଭାବ ଜାଗ୍ରତ ହୋଇଗଲା । କାରଣ ଯେତେବେଳେ ସାଧକ ବୈଭବକୁ ତ୍ୟାଗ କରି କେବଳ ଭଗବାନଙ୍କୁ ସ୍ୱୀକାର କରିନିଏ, ସେତେବେଳେ ତା'ର କଲ୍ୟାଣର ଦାୟିତ୍ୱ ଭଗବାନଙ୍କ ଉପରେ ନ୍ୟସ୍ତ ହୋଇଯାଏ । ଭଗବାନଙ୍କ ଭାବ ଅର୍ଜୁନଙ୍କର କଲ୍ୟାଣ ପାଇଁ ଜାଗ୍ରତ ହେବାମାତ୍ରେ ଅର୍ଜୁନଙ୍କର କଲ୍ୟାଣ ହେବା ତ ସୁନିଶ୍ଚିତ ହୋଇଗଲା, କିନ୍ତୁ ତାଙ୍କଠାରେ ଥିବା ନ୍ୟୁନତାକୁ ଦୂର କରିବା ପାଇଁ ଭଗବାନ ତାଙ୍କ ହୃଦୟରେ ସନ୍ଦେହ ଉତ୍ପନ୍ନ କରାଇଛନ୍ତି ଏବଂ ଅଗ୍ନି ଇନ୍ଧନକୁ ଭସ୍ମ କଲାପରି ସେଗୁଡ଼ିକର ସମାଧାନ କରିଛନ୍ତି ।

---

[୩] ଏବମୁକ୍ତସ୍ତୁ କୃଷ୍ଣେନ କୁନ୍ତୀପୁତ୍ରୋ ଧନଞ୍ଜୟଃ ।
ଅଯୁଧ୍ୟମାନଂ ସଂଗ୍ରାମେ ବରୟାମାସ କେଶବମ୍ ॥ (ମହାଭାରତ, ଉଦ୍‌ଯୋଗ. ୭ । ୨୧)

ଗୀତାକୁ ଦେଖିଲେ ଜଣାଯାଏ ଯେ ଭଗବଦ୍‌ଶରଣାଗତି ପରେ ଭଗବଦ୍‌ପ୍ରେରିତ ଅର୍ଜୁନ ସତର ଥର କହିଛନ୍ତି । ଶରଣାଗତି ପରେ ଅର୍ଜୁନ ସର୍ବପ୍ରଥମେ ଦ୍ୱିତୀୟ ଅଧ୍ୟାୟର ୫୪ଶ ଶ୍ଳୋକରେ ସ୍ଥିତପ୍ରଜ୍ଞର ଲକ୍ଷଣ ଇତ୍ୟାଦି କଥା ପଚାରିଛନ୍ତି । ଏଠାରେ ଅର୍ଜୁନ ଭଗବଦ୍‌ପ୍ରେରିତ ହୋଇ ହିଁ କହୁଛନ୍ତି । ଯଦି ଅର୍ଜୁନ ଭଗବଦ୍‌ପ୍ରେରିତ ହୋଇ ନ ଥାନ୍ତେ, ତେବେ ତାଙ୍କର ସନ୍ଦେହ କେବଳ ଯୁଦ୍ଧବିଷୟକ ହିଁ ହୋଇଥାନ୍ତା । ସେ ଏଭଳି ସନ୍ଦେହ କରିଥାନ୍ତେ ଯେ 'ଯୁଦ୍ଧ କରିବା ଉଚିତ କି ନୁହେଁ, ଅଥବା ଯୁଦ୍ଧ କିପରି ଭାବେ କରିବା' ଇତ୍ୟାଦି; କାରଣ ସେ ଯୁଦ୍ଧ ଉଦ୍ଦେଶ୍ୟରେ ହିଁ ଯୁଦ୍ଧଭୂମିକୁ ଆସିଥିଲେ । କିନ୍ତୁ ଏଠାରେ ଅର୍ଜୁନ ଉଚ୍ଚାତିଉଚ୍ଚ ଅଧ୍ୟାତ୍ମତତ୍ତ୍ୱ ବିଷୟରେ (ସ୍ଥିତପ୍ରଜ୍ଞ ବିଷୟରେ) ପ୍ରଶ୍ନ କରୁଛନ୍ତି । ଏଥିରୁ ପ୍ରମାଣିତ ହେଉଛି ଯେ ଅର୍ଜୁନଙ୍କ ଅନ୍ତଃକରଣରେ ଏହି ଅଧ୍ୟାତ୍ମବିଷୟକ ସନ୍ଦେହଗୁଡ଼ିକ ଭଗବାନଙ୍କ ପ୍ରେରଣାରେ ହିଁ ଜାଗି ଉଠିଲା ଏବଂ ସେଇଗୁଡ଼ିକୁ ହିଁ ଭଗବଦ୍‌ପ୍ରେରିତ ଅର୍ଜୁନ ପଚାରୁଛନ୍ତି ।

ଭଗବଦ୍‌ଶରଣାଗତି ସ୍ୱୀକାର କରିବାପରେ ଭଗବଦ୍‌ପ୍ରେରିତ ଅର୍ଜୁନଙ୍କ ଦ୍ୱାରା ଲୋକୋପକାର ପାଇଁ ବ୍ୟକ୍ତ କରାଯାଇଥିବା ସନ୍ଦେହଗୁଡ଼ିକର ଆରମ୍ଭରେ **'ଅର୍ଜୁନ ଉବାଚ'** ରୂପକ ଶ୍ଳୋକ ମହର୍ଷି ବେଦବ୍ୟାସଙ୍କ ଦ୍ୱାରା ଲିଖିତ ଏବଂ ଏହି ଶ୍ଳୋକଗୁଡ଼ିକୁ ସେ ଗୀତାର ପରିମାଣରେ ଭଗବାନଙ୍କର ଶ୍ଳୋକ ଭାବରେ ମାନିଥିବାର ଜଣାପଡୁଛି । ମହର୍ଷି ବେଦବ୍ୟାସ ହେଉଛନ୍ତି ଅଧିକାର ପ୍ରାପ୍ତ କାରକପୁରୁଷ । ତାଙ୍କ ଦ୍ୱାରା କଥିତ ଶ୍ଳୋକଗୁଡ଼ିକୁ ଏପଟ ସେପଟ କରିବାର ଅଧିକାର କାହାର ବା ଅଛି? ତାଙ୍କ ଦ୍ୱାରା ବେଦର ଯେଉଁ ଚାରି ବିଭାଗ କରାଯାଇଥିଲା, ତାହା ଆଜି ମଧ୍ୟ ଚାରି ବୋଲି ସ୍ୱୀକୃତ । ଗୀତାରେ ଭଗବାନ ନିରବଚ୍ଛିନ୍ନ ଭାବରେ କହି ଚାଲିଥିଲେ ମଧ୍ୟ ଭଗବାନଙ୍କର ଉପଦେଶକୁ ସ୍ପଷ୍ଟରୂପେ ବୁଝାଇବା ପାଇଁ ବେଦବ୍ୟାସ ତାହାକୁ ଭିନ୍ନ ଭିନ୍ନ ଅଧ୍ୟାୟରେ ବିଭକ୍ତ କରି ଚତୁର୍ଥ, ଷଷ୍ଠ, ସପ୍ତମ, ନବମ, ଦଶମ, ତ୍ରୟୋଦଶ, ଚତୁର୍ଦ୍ଦଶ, ପଞ୍ଚଦଶ ଓ ଷୋଡଶ ଅଧ୍ୟାୟର ଆରମ୍ଭରେ ପୁନଃ **'ଶ୍ରୀଭଗବାନୁବାଚ'** ରୂପକ ଶ୍ଳୋକ ସଂଶ୍ଳିଷ୍ଟ କରି ସେସବୁକୁ ଭଗବାନଙ୍କର ଶ୍ଳୋକରେ ସମ୍ମିଳିତ କରି ନେଇଛନ୍ତି । ସେହିପରି ଭଗବଦ୍‌ପ୍ରେରିତ ଅର୍ଜୁନଙ୍କ ଦ୍ୱାରା କରାଯାଇଥିବା ପ୍ରଶ୍ନମୂଳକ ଶ୍ଳୋକଗୁଡ଼ିକର ଆରମ୍ଭରେ ଥିବା **'ଅର୍ଜୁନ ଉବାଚ'** ରୂପକ ଶ୍ଳୋକଗୁଡ଼ିକୁ ମଧ୍ୟ ଭଗବାନଙ୍କର ଶ୍ଳୋକରେ ସମ୍ମିଳିତ କରିଛନ୍ତି । କିନ୍ତୁ ଶ୍ଳୋକଗୁଡ଼ିକରେ ଥିବା ପ୍ରଶ୍ନ ସବୁ ଅର୍ଜୁନଙ୍କର ନିଜର ହୋଇଥିବା ଯୋଗୁଁ ସେହି ଶ୍ଳୋକଗୁଡ଼ିକୁ ପରିମାଣରେ ଅର୍ଜୁନଙ୍କ ଶ୍ଳୋକ ସହିତ ସମ୍ମିଳିତ କରି ଗଣନା କରାଯାଇଛି ।

ଶିଷ୍ୟ ହେବାମାତ୍ରକେ ବ୍ୟକ୍ତି ଗୁରୁଙ୍କ ସହ ଅଭିନ୍ନ ହୋଇଯାଏ— ***'ସାହ ହୀ କୋ ଗୋତୁ ଗୋତୁ ହୋତ ହୈ ଗୁଲାମକୋ'*** (କବିତାବଳୀ, ଉତ୍ତର. ୧୦୭) । କିନ୍ତୁ ଯେପର୍ଯ୍ୟନ୍ତ ଶିଷ୍ୟର ସନ୍ଦେହ ରହିଛି, ସେପର୍ଯ୍ୟନ୍ତ ଗୁରୁଙ୍କ ଠାରୁ ତା'ର ପୃଥକତ୍ୱ ରହିଥାଏ । ଶିଷ୍ୟର ସନ୍ଦେହଗୁଡ଼ିକ ବ୍ୟକ୍ତିଗତ ହୋଇଥିବା ହେତୁ ତାହାର ଗୁରୁଙ୍କ ସହିତ ସନ୍ଦେହ ଓ ସମାଧାନ ରୂପକ ସଂବାଦ (କଥୋପକଥନ) ଚାଲେ ଅର୍ଥାତ୍ ଗୁରୁଙ୍କ ସହିତ ଅଭିନ୍ନତା ଥିଲେ ସୁଦ୍ଧା ଯେଉଁଠି ଗୁରୁ-ଶିଷ୍ୟଙ୍କ ମଧ୍ୟରେ ସଂବାଦ ଚାଲେ, ସେଠାରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଭେଦ ଥାଏ । ସେହିପରି ଶରଣାପନ୍ନ ହେବାପରେ ଅର୍ଜୁନ ଭଗବାନଙ୍କ ସହ ଅଭିନ୍ନ ହୋଇଗଲେ ସତ, କିନ୍ତୁ ଯେପର୍ଯ୍ୟନ୍ତ ତାଙ୍କର ସନ୍ଦେହ ଥିଲା, ସେପର୍ଯ୍ୟନ୍ତ ତାଙ୍କର ଭଗବାନଙ୍କ ଠାରୁ ପୃଥକତ୍ୱ ରହିଥିଲା । କାରଣ ଯଦି ଦ୍ୱିତୀୟ ଅଧ୍ୟାୟର ୫୪ଶ ଶ୍ଳୋକରୁ ଅଷ୍ଟାଦଶ ଅଧ୍ୟାୟର ୧ମ ଶ୍ଳୋକ ପର୍ଯ୍ୟନ୍ତ ରହିଥିବା **'ଅର୍ଜୁନ ଉବାଚ'**ରେ କଥିତ ଶ୍ଳୋକଗୁଡ଼ିକ ଅର୍ଜୁନଙ୍କର ବ୍ୟକ୍ତିଗତ ସନ୍ଦେହଗୁଡ଼ିକର ଦ୍ୟୋତକ ନ ହେବ, ତେବେ 'ଶ୍ରୀକୃଷ୍ଣାର୍ଜୁନସଂବାଦ' କହିବା ଯୁକ୍ତିଯୁକ୍ତ ହେବ ନାହିଁ । ଅତଏବ **'ଅର୍ଜୁନ ଉବାଚ'** ତ ଭଗବଦ୍‌ପ୍ରେରିତ, କିନ୍ତୁ କେବଳ ସନ୍ଦେହ ହେଉଛି ଅର୍ଜୁନଙ୍କର । ପରେ ଯେତେବେଳେ ସମସ୍ତ ସନ୍ଦେହର ପୂର୍ଣ୍ଣ ସମାଧାନ ହୋଇଯାଇଛି, ସେତେବେଳେ ସେ ଭଗବାନଙ୍କ ସହିତ ସମ୍ପୂର୍ଣ୍ଣ ଅଭିନ୍ନ ଅର୍ଥାତ୍ ଭଗବଦ୍‌ସ୍ୱରୂପ ହୋଇଯାଇଛନ୍ତି (୧୮ । ୭୩) ।

ଲୋକସଂଗ୍ରାହକ ଶ୍ରୀଭଗବାନ

ଅଷ୍ଟାଦଶ ଅଧ୍ୟାୟର ୭୨ତମ ଶ୍ଳୋକରେ ଭଗବାନ ନିଜେ ପ୍ରଶ୍ନ କରିଛନ୍ତି ଏବଂ ୭୩ତମ ଶ୍ଳୋକରେ ଲୋକସଂଗ୍ରହ ପାଇଁ ଅର୍ଜୁନଙ୍କ ମାଧ୍ୟମରେ ନିଜେ ହିଁ ଉତ୍ତର ଦେଇଛନ୍ତି ।

ଭଗବାନ ଓ ସନ୍ଥମହାତ୍ମାଙ୍କର ବାଣୀରେ ଅନେକ ଜାଗାରେ ଦେଖିବାକୁ ମିଳେ ଯେ ସେମାନେ ନିଜେ ସାଧକ ହୋଇ ପ୍ରଶ୍ନ କରନ୍ତି ଓ ଗୁରୁ ହୋଇ ଉତ୍ତର ଦିଅନ୍ତି; ଯଥା—'ଅନୁଗୀତା' (ମହାଭାରତ)ରେ ନିଜେ

ଭଗବାନ ଅର୍ଜୁନଙ୍କ ଆଗରେ ଏହି ରହସ୍ୟ ଉଦ୍‌ଘାଟନ କରିଛନ୍ତି—

ଅହଂ ଗୁରୁର୍ମହାବାହୋ ମନଃ ଶିଷ୍ୟଂ ଚ ବିଦ୍ଧି ମେ।
ତ୍ୱତ୍ପ୍ରୀତ୍ୟା ଗୁହ୍ୟମେତଚ୍ଚ କଥିତଂ ତେ ଧନଞ୍ଜୟ॥

(ମହା. ଆଶ୍ୱମେଧିକ. ୫୧।୪୬)

"ହେ ମହାବାହୁ! ମୁଁ ହିଁ ଗୁରୁ ଏବଂ ମୋର ମନକୁ ଶିଷ୍ୟ ବୋଲି ଜାଣ। ହେ ଧନଞ୍ଜୟ! ତୁମର ସ୍ନେହବଶାତ୍ ମୁଁ ଏହି ରହସ୍ୟର ବର୍ଣ୍ଣନା କରିଛି।"

ଶ୍ରୀଶଙ୍କରାଚାର୍ଯ୍ୟଙ୍କ ବାଣୀରେ ମଧ୍ୟ ଦେଖିବାକୁ ମିଳେ ଯେ ସେ ନିଜେ ଶିଷ୍ୟ ହୋଇ ପ୍ରଶ୍ନ କରନ୍ତି ଏବଂ ନିଜେ ହିଁ ଗୁରୁ ହୋଇ ତାହାର ଉତ୍ତର ଦିଅନ୍ତି।

ଅପାରସଂସାରସମୁଦ୍ରମଧ୍ୟେ ସମ୍ମଜ୍ଜତୋ ମେ ଶରଣଂ କିମସ୍ତି।
ଗୁରୋ କୃପାଲୋ କୃପୟା ବଦୈତଦ୍ୱିଶ୍ୱେଶପାଦାମ୍ବୁଜଦୀର୍ଘନୌକା॥

(ପ୍ରଶ୍ନୋତ୍ତରୀ ୧)

"ହେ ଦୟାମୟ ଗୁରୁଦେବ! ମୁଁ ଅପାର ସଂସାରରୂପକ ସମୁଦ୍ରରେ ବୁଡ଼ିଯାଉଛି ଦୟା କରି କହନ୍ତୁ ଯେ ମୋ ପାଇଁ ଆଶ୍ରୟ କ'ଣ? (ଗୁରୁଙ୍କଠାରୁ ଉତ୍ତର ମିଳୁଛି—) ବିଶ୍ୱପତି ପରମାତ୍ମାଙ୍କର ଚରଣକମଳରୂପକ ଜାହାଜ।"

ଠିକ୍ ଏହିପରି ଅଷ୍ଟାଦଶ ଅଧ୍ୟାୟର ୭୨ତମ ଶ୍ଳୋକରେ ମଧ୍ୟ ଅର୍ଜୁନଙ୍କ ମୋହ ନଷ୍ଟ ହୋଇଛି କି ନାହିଁ ଜାଣିବା ପାଇଁ ଭଗବାନଙ୍କର ପ୍ରଶ୍ନ ଉଦ୍ଦିଷ୍ଟ ନୁହେଁ। କାରଣ ଭଗବାନ ହେଉଛନ୍ତି ସର୍ବଜ୍ଞ। ସେ ନାଟକର ସୂତ୍ରଧର ପରି ସଂସାରରୂପକ ନାଟକକୁ ପୁରାପୁରି ଜାଣନ୍ତି। ସେ ଅର୍ଜୁନଙ୍କର ମୋହ ନଷ୍ଟ ହେବା କଥା ଜାଣନ୍ତି। ସେଥିପାଇଁ ସେ ଅଷ୍ଟାଦଶ ଅଧ୍ୟାୟର ୬୬ତମ ଶ୍ଳୋକରେ ନିଜ ଉପଦେଶର ଉପସଂହାର କରି ଦେଇଛନ୍ତି ଏବଂ ତା'ପରେ ଗୀତାଶ୍ରବଣର ଅନଧିକାରୀ ଓ ଅଧିକାରୀଙ୍କ ବିଷୟ ବର୍ଣ୍ଣନା କରି ଗୀତାର ମାହାତ୍ମ୍ୟ କହି ଦେଇଛନ୍ତି। ଏହାର ଅଭିପ୍ରାୟ ହେଲା, ଭଗବାନ ଆଗରୁ ଜାଣି ପାରିଛନ୍ତି ଯେ ଅର୍ଜୁନଙ୍କର ମୋହ ସର୍ବଥା ନଷ୍ଟ ହୋଇସାରିଛି। ଏହି କାରଣରୁ ଅର୍ଜୁନ ଏପର୍ଯ୍ୟନ୍ତ ନିଜର ମୋହ ନଷ୍ଟ ହେବା କଥା ବ୍ୟକ୍ତ କରି ନ ଥିଲେ ମଧ୍ୟ ଭଗବାନ ତାଙ୍କ ଉପଦେଶର ଉପସଂହାର କରି ଦେଇଛନ୍ତି। ପରୀକ୍ଷାର୍ଥୀ କ'ଣ ସବୁ ଜାଣିଛି, ତାହା ଜାଣିବା ପାଇଁ ହିଁ ପରୀକ୍ଷକମାନେ ତାକୁ ପରୀକ୍ଷା କରିଥାନ୍ତି। କିନ୍ତୁ ଭଗବାନଙ୍କ ପରୀକ୍ଷା ଜୀବ(ଭକ୍ତ)କୁ ତାହାର ବାସ୍ତବିକ ସ୍ଥିତି ଜଣାଇବା ପାଇଁ ଉଦ୍ଦିଷ୍ଟ ଅର୍ଥାତ୍ ସେ ଜଣାଇ ଦେବାକୁ ଚାହାନ୍ତି ଯେ "ତୁ ଦେଖିନେ ପ୍ରକୃତରେ ତୋର ସ୍ଥିତି କେଉଁଠି।" ଭଗବାନ ସର୍ବଜ୍ଞ ହୋଇଥିବାରୁ ସବୁ ଜାଣିଥାନ୍ତି। ଏହାର ପ୍ରମାଣ ଗୀତାରେ ହିଁ ମିଳିଯାଏ। ଯଥା—ଏକାଦଶ ଅଧ୍ୟାୟର ୧ମ ଶ୍ଳୋକରେ **'ମୋହୋଽୟଂ ବିଗତୋ ମମ'** କହି ଅର୍ଜୁନ ନିଜର ମୋହ ଦୂର ହେବା କଥା ବ୍ୟକ୍ତ କରିଛନ୍ତି, କିନ୍ତୁ ଭଗବାନ ସର୍ବଜ୍ଞ ହୋଇଥିବାରୁ ଜାଣିଥିଲେ ଯେ ସେତେବେଳେ ଅର୍ଜୁନଙ୍କର ମୋହ ନଷ୍ଟ ହୋଇ ନ ଥିଲା। ଏଣୁ ଅର୍ଜୁନଙ୍କୁ ଜଣାଇବା ପାଇଁ ସେ ଏକାଦଶ ଅଧ୍ୟାୟର ୪୯ଶ ଶ୍ଳୋକରେ କହିଲେ—**'ମା ତେ ବ୍ୟଥା ମା ଚ ବିମୂଢଭାବଃ'** ଅର୍ଥାତ୍ ମୋହ ସର୍ବଥା ଗ୍ଳିଗଲେ ବ୍ୟାକୁଳତା ଓ ବିମୂଢ଼ଭାବ (ମୋହ) ଉତ୍ପନ୍ନ ହୁଏ ନାହିଁ। ମାତ୍ର ତୁମର ତ ବ୍ୟାକୁଳତା ଓ ବିମୂଢ଼ଭାବ ଉଭୟ ରହିଛି, ସୁତରାଂ ତୁମର ମୋହ ସର୍ବଥା ନଷ୍ଟ ହୋଇ ନାହିଁ।

ପରବର୍ତ୍ତୀ ସମୟରେ (୧୮।୬୬ ପରେ) ଅର୍ଜୁନ ନ କହୁଣୁ ଭଗବାନ ଜାଣିଗଲେ ଯେ ଅର୍ଜୁନଙ୍କର ମୋହ ସର୍ବଥା ନଷ୍ଟ ହୋଇଯାଇଛି ଏବଂ ସେ ତାଙ୍କର ସାଧର୍ମ୍ୟକୁ ପ୍ରାପ୍ତ ହୋଇ ସାରିଛନ୍ତି। କିନ୍ତୁ କେବଳ ଲୋକସଂଗ୍ରହ ଦୃଷ୍ଟିରୁ ଭଗବାନ ୭୨ତମ ଶ୍ଳୋକରେ ପ୍ରଶ୍ନ କରିଛନ୍ତି ଓ ୭୩ତମ ଶ୍ଳୋକରେ ଅର୍ଜୁନଙ୍କ ମାଧ୍ୟମରେ ନିଜେ ହିଁ ତାହାର ଉତ୍ତର ଦେଇଛନ୍ତି, ଯଦ୍ୱାରା ଲୋକମାନେ ଜାଣି ପାରିବେ ଯେ ଗୀତାକୁ ଏକାଗ୍ରତାପୂର୍ବକ ଶ୍ରବଣ କରିବାମାତ୍ରେ ହିଁ ମୋହ ସର୍ବଥା ନଷ୍ଟ ହୋଇଯାଏ ଏବଂ ତତ୍ତ୍ୱପ୍ରାପ୍ତି ହୁଏ। ଅତଏବ ଭଗବଦ୍-ସାଧର୍ମ୍ୟ-ପ୍ରାପ୍ତ (ଭଗବଦ୍‌ସ୍ୱରୂପ) ଅର୍ଜୁନଙ୍କର ଏହି (୧୮।୭୩) ଶ୍ଳୋକଟିକୁ ଭଗବାନଙ୍କର ବୋଲି ମନେ କରିବା ଉଚିତ।

ଭଗବଦ୍‌ସ୍ୱରୂପ ଅର୍ଜୁନ

ଯେପରି ଭଗବଦ୍‌ଶରଣାଗତି ପରେ ଅର୍ଜୁନ 'ଭଗବଦ୍‌ପ୍ରେରିତ' ହେବାରୁ ଶ୍ଳୋକରୂପକ **'ଅର୍ଜୁନ ଉବାଚ'**କୁ ଭଗବାନଙ୍କ ଶ୍ଳୋକ ଭାବରେ ମାନି ନିଆଯାଇଛି, ସେହିପରି ମୋହ ନଷ୍ଟ ହେବା ପରେ ଅର୍ଜୁନ 'ଭଗବଦ୍‌ସ୍ୱରୂପ' ହୋଇଯିବାରୁ ଅଷ୍ଟାଦଶ ଅଧ୍ୟାୟର ୭୩ତମ ଶ୍ଳୋକଟିକୁ ମଧ୍ୟ ଭଗବାନଙ୍କର ବୋଲି ମାନି ନିଆଯାଇଛି।

ଅଷ୍ଟାଦଶ ଅଧ୍ୟାୟର ୭୩ତମ ଶ୍ଳୋକଟିକୁ ଭଗବାନଙ୍କର ଶ୍ଳୋକ ବୋଲି ମାନିଲେ ଏହି ସନ୍ଦେହ ହୋଇପାରେ ଯେ ଭଗବାନ ନିଜେ ହିଁ **'ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ପ୍ରସାଦାତ୍.....'** ଆଦି ପଦଗୁଡ଼ିକୁ ନିଜ ପ୍ରତି କେମିତି କହିବେ, ଏହି କଥନ ତ ସାଧକର (ଅର୍ଜୁନଙ୍କର) ହେବା କଥା? ଏହାର ସମାଧାନ ହେଲା

ଯେ ମୋହ ସର୍ବଥା ନଷ୍ଟ ହେବାରୁ ଅର୍ଜୁନଙ୍କର ଭଗବାନଙ୍କ ସହିତ ଅଭିନ୍ନତା ହୋଇଗଲା। ଅର୍ଜୁନଙ୍କର ନିଜର ବୋଲି କିଛି ରହିଲା ନାହିଁ। ସେ ପୂର୍ଣ୍ଣରୂପେ ଭଗବାନଙ୍କର ହୋଇଗଲେ। ତାଙ୍କ ଦ୍ୱାରା ହେଉଥିବା ସମସ୍ତ କ୍ରିୟା ଭଗବାନଙ୍କର ହିଁ ହେଲା। ଅତଏବ ଜୀବଭାବରୁ ମୁକ୍ତ ଭଗବଦ୍-ସାଧର୍ମ୍ୟ-ପ୍ରାପ୍ତ ଅର୍ଜୁନଙ୍କର ଏହି ଶ୍ଳୋକ ତାତ୍ତ୍ୱିକ ଦୃଷ୍ଟିରୁ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ମାନି ନିଆଯାଇପାରେ। କାରଣ ମୋହ ସର୍ବଥା ନଷ୍ଟ ହୋଇଯିବା ପରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହେ ନାହିଁ—'**ତସ୍ମିଂସ୍ତଜ୍ଜନେ ଭେଦାଭାବାତ୍**' (ନାରଦଭକ୍ତିସୂତ୍ର ୪୧)। ସ୍ୱୟଂ ଭଗବାନ କହିଛନ୍ତି—'**ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍**' (ଗୀତା ୭।୧୮) 'ମୋ ମତରେ ଜ୍ଞାନୀ (ପ୍ରେମୀ) ଭକ୍ତ ମୋର ସ୍ୱରୂପ' ଏବଂ '**ମମ ସାଧର୍ମ୍ୟମାଗତାଃ**' (ଗୀତା ୧୪।୨) 'ଭକ୍ତମାନେ ମୋର ସାଧର୍ମ୍ୟକୁ ପ୍ରାପ୍ତ ହୋଇଥାନ୍ତି।' ଏଣୁ ଭଗବଦ୍-ସାଧର୍ମ୍ୟକୁ ପ୍ରାପ୍ତ କରିଥିବା ଭକ୍ତର ବଚନକୁ ଭଗବାନଙ୍କର ବଚନ ବୋଲି ମାନିବା ଉଚିତ।

ଶିଷ୍ୟଠାରେ ଗୁରୁ ଶକ୍ତିସଂଗ୍ରର କଲେ ଶିଷ୍ୟଠାରେ ଗୁରୁଙ୍କର ଅବତରଣ ହୁଏ ଅର୍ଥାତ୍ ଶିଷ୍ୟ ଗୁରୁଙ୍କର ହିଁ ସ୍ୱରୂପ ହୋଇଯାଏ। 'ଅଦ୍ୱୈତାମୃତବଲ୍ଲରୀ' ନାମକ ବେଦାନ୍ତ ଗ୍ରନ୍ଥରେ ଚାରୋଟି ପ୍ରଣାଳୀରେ ଶକ୍ତିସଂଗ୍ରର ହେବା କଥା କୁହାଯାଇଛି—

(୧) **ସ୍ପର୍ଶ ଦ୍ୱାରା**—କୁକୁଡ଼ା ତା' ଅଣ୍ଡା ଉପରେ ବସିରହେ ଓ ତା'ର ସ୍ପର୍ଶ (ସମ୍ବନ୍ଧ) ଦ୍ୱାରା ଅଣ୍ଡା ପାଚିଲା ହୋଇଯାଏ।

(୨) **ଶବ୍ଦ ଦ୍ୱାରା**—କୁରରୀପକ୍ଷୀ ଶବ୍ଦ କରି କରି ଆକାଶରେ ଉଡ଼ିବୁଲେ ଏବଂ ସେହି ଶବ୍ଦ ଦ୍ୱାରା ତା'ର ଅଣ୍ଡା ପାଚିଲା ହୁଏ।

(୩) **ଦୃଷ୍ଟି ଦ୍ୱାରା**—ମାଛ କିଛି କିଛି ସମୟ ବ୍ୟବଧାନରେ ନିଜର ଅଣ୍ଡାକୁ ଦେଖେ, ଫଳରେ ଅଣ୍ଡା ପାଚିଲା ହୋଇଯାଏ।

(୪) **ସ୍ମରଣ ଦ୍ୱାରା**—କଇଁଛ ବାଲି ଭିତରେ ଅଣ୍ଡା ଦିଏ, କିନ୍ତୁ ନିଜେ ପାଣି ଭିତରେ ଥାଇ ସେହି ଅଣ୍ଡାକୁ ନିରନ୍ତର ସ୍ମରଣ କରୁଥାଏ। ଏହାଦ୍ୱାରା ଅଣ୍ଡା ପାଚିଲା ହୋଇଯାଏ।*

ଭଗବାନଙ୍କ ସ୍ଫୁରଣମାତ୍ରକେ ଜୀବର କଲ୍ୟାଣ ହୋଇପାରେ, କିନ୍ତୁ ଗୀତାକୁ ଦେଖିଲେ ଜଣାପଡ଼େ ଯେ ଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କ ମଧ୍ୟରେ ଉପରୋକ୍ତ ଚାରୋଟି ପ୍ରଣାଳୀରେ ଶକ୍ତିସଂଗ୍ରର ହୋଇଛି। ଭଗବାନ ଓ ଅର୍ଜୁନଙ୍କର ସମ୍ବନ୍ଧ ହିଁ ସ୍ପର୍ଶ ଦ୍ୱାରା ହେଉଥିବା ଶକ୍ତିସଂଗ୍ରର ଅଟେ। ଦ୍ୱିତୀୟ ଅଧ୍ୟାୟର ୭ମ ଶ୍ଳୋକରେ ଅର୍ଜୁନ ଭଗବାନଙ୍କ ସହିତ ଓ ଅଷ୍ଟାଦଶ ଅଧ୍ୟାୟର ୭୩ତମ ଶ୍ଳୋକରେ ଭଗବାନ ଅର୍ଜୁନଙ୍କ ସହିତ ବିଶେଷ ସମ୍ବନ୍ଧ ସ୍ଥାପନ କରିଛନ୍ତି। ଦ୍ୱିତୀୟ କଥା, ଗୀତା ହେଉଛି 'ଶ୍ରୀକୃଷ୍ଣାର୍ଜୁନସଂବାଦ' ଏବଂ ସଂବାଦରେ ସମ୍ବନ୍ଧ ଅବଶ୍ୟ ରହିଥାଏ। ତା'ଛଡ଼ା ଭଗବାନ ନିଜେ ଅର୍ଜୁନଙ୍କର ସନ୍ଦେହଗୁଡ଼ିକର ସମାଧାନ କରିଛନ୍ତି। ଅତଏବ ଏହା ହେଲା ଶବ୍ଦ ଦ୍ୱାରା ହେଉଥିବା ଶକ୍ତିସଂଗ୍ରର। ଦୃଷ୍ଟି ମାଧ୍ୟମରେ କୃପା ପ୍ରକଟିତ ହୁଏ। ଭଗବାନ ଅର୍ଜୁନଙ୍କୁ କୃପା ଦୃଷ୍ଟିରେ ଦେଖନ୍ତି—ଏହା ଦୃଷ୍ଟି ଦ୍ୱାରା ହେଉଥିବା ଶକ୍ତିସଂଗ୍ରର। ଭଗବାନ ଅର୍ଜୁନଙ୍କର କଲ୍ୟାଣ କରିବାକୁ ଚାହାନ୍ତି—ଏହା ମନ (ସ୍ମରଣ) ଦ୍ୱାରା ହେଉଥିବା ଶକ୍ତିସଂଗ୍ରର।

ଭଗବାନଙ୍କର ଅଂଶ ହୋଇଥିବାରୁ ସତେ ଯେପରି ସମସ୍ତ ଜୀବ ଭଗବାନଙ୍କର ଅଣ୍ଡା। ଯଦି ଜୀବ ସର୍ବତୋଭାବେ ଭଗବାନଙ୍କର ଶରଣାପନ୍ନ ହୁଏ, ତେବେ ତା'ର ମୋହରୂପକ ଆବରଣ ନଷ୍ଟ ହୋଇଯାଏ ଏବଂ ତାକୁ ଭଗବଦ୍‌ସାଧର୍ମ୍ୟର ସ୍ମୃତି ପ୍ରାପ୍ତ ହୁଏ। ଅର୍ଜୁନଙ୍କର ମୋହରୂପକ ଆବରଣ ନଷ୍ଟ ହୋଇଯାଇଛି—'**ନଷ୍ଟୋ ମୋହଃ**' ଓ ତାଙ୍କୁ ସ୍ମୃତି ପ୍ରାପ୍ତ ହୋଇଯାଇଛି—'**ସ୍ମୃତିର୍ଲବ୍ଧା**'। ଏଣୁ ଏବେ ଅର୍ଜୁନ ଓ ଭଗବାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହି ନାହିଁ।

ଦ୍ୱିତୀୟ କଥା, ଯଦି ଶ୍ରୋତା ବକ୍ତା ସହିତ ଅଭିନ୍ନ ନ ହୋଇଛି, ତେବେ ସେ ପ୍ରକୃତରେ ତାହାଠାରୁ ଶୁଣି ନାହିଁ। ଯଦି ବିଦ୍ୟାର୍ଥୀ ପଣ୍ଡିତଙ୍କ ଠାରୁ ପଢ଼ି ନିଜେ ପଣ୍ଡିତ ହୋଇ ନାହିଁ, ତେବେ ପ୍ରକୃତରେ ସେ ପଢ଼ି ନାହିଁ।

---

* ଉଦୟପୁରରେ ପିଚ୍ଛୋଲା ନାମକ ଗୋଟିଏ ପ୍ରସିଦ୍ଧ ସରୋବର ଅଛି। ଥରେ ଜଣେ ସନ୍ଥ ସେଠାକୁ ଗଲେ ଏବଂ ସେଠାକାର ନାଉରିମାନଙ୍କ ଠାରୁ କଇଁଛର ସ୍ମରଣ ଦ୍ୱାରା ଅଣ୍ଡା ପାଚିଲା ହେବା କଥାର ସତ୍ୟତା ଜାଣିବାକୁ ଚାହିଁଲେ। ନାଉରିମାନେ ଏହି କଥାକୁ ସତ୍ୟ ବୋଲି କହିଲେ। ସେଠାରେ ବାଲି ଭିତରେ ଗୋଟିଏ କଇଁଛର ଅଣ୍ଡାଗୁଡ଼ିକ ପୋତି ହୋଇ ରହିଥାନ୍ତି। ଏକଥା ନାଉରିମାନଙ୍କୁ ଜଣାଥିଲା। ନାଉରିମାନେ ଜଳାଶୟରେ ଜାଲ ପକାଇଲେ। ଜାଲରେ ସେହି ମା' କଇଁଛଟି ପଡ଼ିଗଲା। ତା'ପରେ ସନ୍ଥଜଣଙ୍କ ଯାଇ ଦେଖିଲା ବେଳକୁ ସେହି କଇଁଛର ଅଣ୍ଡାଗୁଡ଼ିକ ପଚି ଯାଇଛି। ଏଥିରୁ ଜଣାଯାଏ ଯେ ଜାଲରେ ପଡ଼ିଯାଇ ଡରିଯିବାରୁ କଇଁଛର ସ୍ମରଣରେ ବ୍ୟାଘାତ ଘଟିଲା, ଫଳରେ ତାହାର ଅଣ୍ଡାଗୁଡ଼ିକ ପଚିଗଲା।

ସେହିପରି ଗୁରୁଙ୍କ ପାଖକୁ ଯାଇ ମଧ୍ୟ ଶିଷ୍ୟ ଯଦି ସଂସାରର ଗୁରୁ ଅର୍ଥାତ୍ ତତ୍ତ୍ୱଜ୍ଞ ଓ ଜୀବନ୍ମୁକ୍ତ ହୋଇ ପାରିଲା ନାହିଁ, ତେବେ ସେ ପ୍ରକୃତରେ ଗୁରୁଙ୍କ ଉପଦେଶ ଶୁଣି ନାହିଁ ଅଥବା ତାକୁ ପ୍ରକୃତ ଗୁରୁ ମିଳି ନାହାନ୍ତି ।*

ଏଠାରେ ଆଉ ଗୋଟିଏ ସନ୍ଦେହ ରହିଯାଉଛି ଯେ ଭଗବାନ **'ନଷ୍ଟୋ ମୋହଃ.....'** ଆଦି ପଦ ନିଜ ପାଇଁ କେମିତି କହିଲେ? ଏହାର ସମାଧାନରେ କୁହାଯାଇପାରେ ଯେ ଭଗବାନ ଲୋକମାନଙ୍କୁ ଏହା ଜଣାଇବାକୁ ଚାହାନ୍ତି ଯେ ଏକାଗ୍ରତାପୂର୍ବକ ଗୀତାର ଶ୍ରବଣ, ପଠନ, ମନନ ଆଦି କଲେ ସାଧକର ସ୍ୱତଃ ଏଭଳି ଅବସ୍ଥା ଆସିଯାଏ, କିନ୍ତୁ ଏଭଳି ହେବାରେ ସେ ନିଜର ସାଧନା, ଶ୍ରବଣ, ପଠନ, ମନନ ଆଦିକୁ କାରଣ ମନେ ନ କରି ଭଗବଦ୍‌କୃପାକୁ ହିଁ କାରଣ ବୋଲି ଭାବୁ । ଅତଏବ ସାଧନାର ଉଚ୍ଚ ଅବସ୍ଥାରେ ମଧ୍ୟ ସାଧକ ଅଭିମାନବଶତଃ ଯେପରି କୌଣସିଠାରେ ଅଟକି ନ ଯିବ, ସେଥିପାଇଁ ଅର୍ଜୁନଙ୍କ ମାଧ୍ୟମରେ ଭଗବଦ୍‌କୃପାକୁ ହିଁ ମୋହନାଶର କାରଣ ବୋଲି ସ୍ୱୀକାର କରାଯାଇଛି ।

ଯେପର୍ଯ୍ୟନ୍ତ ମନୁଷ୍ୟ ନିଜର ଚେଷ୍ଟା ଦ୍ୱାରା ନିଜର କଲ୍ୟାଣ ହେବ ବୋଲି ଭାବୁଥାଏ ଏବଂ ତାହାକୁ ବୋଧପ୍ରାପ୍ତି ହୋଇ ନ ଥାଏ, ସେପର୍ଯ୍ୟନ୍ତ ତା'ଠାରେ ଅହଂଭାବ ଥାଏ । ଅହଂଭାବର ସର୍ବଥା ବିନାଶ ଘଟିଲେ ତାକୁ ଭଗବାନଙ୍କ ସହିତ ଅଭିନ୍ନତାର ଅନୁଭବ ହୋଇଯାଏ । ସେ ଜାଣିଯାଏ ଯେ ପ୍ରକୃତରେ ମୁଁ କିଛି କରି ନାହିଁ, ସବୁ କାମ ଭଗବଦ୍‌କୃପାରୁ ହିଁ ହୋଇଛି । ଯେତେବେଳେ ଭଗବାନ ଅର୍ଜୁନଙ୍କୁ ପଚାରିଲେ—ତୁମେ ଏକାଗ୍ରତାର ସହିତ ଗୀତା ଶୁଣିଲ ତ? ସେତେବେଳେ ଅର୍ଜୁନ ଉତ୍ତର ଦେଲେ—**'ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ'** । ତାତ୍ପର୍ଯ୍ୟ ହେଲା, ଅର୍ଜୁନ ନିଜର ମୋହ ନଷ୍ଟ ହେବାରେ ଭଗବଦ୍‌କୃପାକୁ ହିଁ କାରଣ ବୋଲି ମାନିଛନ୍ତି, ଶ୍ରବଣକୁ ନୁହେଁ । ଏଥିରୁ ସ୍ପଷ୍ଟ ହେଉଛି ଯେ ତାଙ୍କର ଅହଂଭାବ ସର୍ବଥା ଦୂର ହୋଇଯାଇଛି । ସେଥିପାଇଁ ତାଙ୍କର ଦୃଷ୍ଟି କେବଳ ଭଗବଦ୍‌କୃପା ଆଡ଼କୁ ରହିଥିଲା । ଏହି କାରଣରୁ ଭଗବତ୍-ସାଧର୍ମ୍ୟ-ପ୍ରାପ୍ତ ଅର୍ଜୁନଙ୍କର ବଚନକୁ ଭଗବାନଙ୍କର ବଚନ ଭାବରେ ଗ୍ରହଣ କରାଯାଇଛି ।

ସାଧାରଣ ଭାବରେ ବିଚାର କଲେ ମଧ୍ୟ **'ନଷ୍ଟୋ ମୋହଃ....କରିଷ୍ୟେ ବଚନଂ ତବ'** ପଦଗୁଡ଼ିକ ଭଗବଦ୍-ସାଧର୍ମ୍ୟ-ପ୍ରାପ୍ତ ଭଗବଦ୍‌ସ୍ୱରୂପ ମହାପୁରୁଷଙ୍କର ହିଁ ହୋଇପାରେ । ଏହା ସାଧକର ବଚନ ହୋଇ ନ ପାରେ । ସାଧନାର ଉଚ୍ଚାତିଉଚ୍ଚ ସୋପାନରେ ମଧ୍ୟ ସାଧକଠାରେ ଅଭିମାନ ଓ ସ୍ୱାର୍ଥର କିଛି ନା କିଛି ଅଂଶ ରହିଥାଏ, ସେଥିପାଇଁ ତ ତାକୁ ସାଧକ କୁହାଯାଏ । ଅତଏବ ନିଜ ପାଇଁ ସେ ଉପରୋକ୍ତ ପଦଗୁଡ଼ିକର ପ୍ରୟୋଗ କିପରି ବା କରି ପାରିବ? ଏହା କେବଳ ପୂର୍ଣ୍ଣାବସ୍ଥାରେ ହିଁ କୁହାଯାଇ ପାରିବ?

ଆଉ ଗୋଟିଏ ସନ୍ଦେହ ମଧ୍ୟ ହୋଇପାରେ ଯେ **'ଅର୍ଜୁନ ଉବାଚ'** ଓ ତାହାର ପର (୧୮ । ୭୩) ଶ୍ଳୋକଟିକୁ ମିଶାଇ ଗୋଟିଏ ଶ୍ଳୋକ ଭାବରେ କାହିଁକି ଗଣିବା? 'ଉବାଚ'କୁ ଅଲଗା ଶ୍ଳୋକ ବୋଲି ମାନିବା ନାହିଁ କାହିଁକି? ଏହାର ପ୍ରଥମ ସମାଧାନ ହେଲା, ଏଠିକାର 'ଉବାଚ'ଟି ପ୍ରକୃତରେ ଭଗବାନଙ୍କ ବଚନର ଅନ୍ତର୍ଗତ । ଦ୍ୱିତୀୟ ସମାଧାନ ହେଲା, ଏଠାରେ **'ଉବାଚ'**କୁ ଅଲଗା ମାନିନେଲେ ପୁନରୁକ୍ତି ହେବ; କାରଣ ଅଷ୍ଟାଦଶ ଅଧ୍ୟାୟର ୨ୟ ଶ୍ଳୋକଠାରୁ ୭୨ତମ ଶ୍ଳୋକ ପର୍ଯ୍ୟନ୍ତ ଭଗବାନ ହିଁ କହୁଛନ୍ତି । ଅତଏବ ସମ୍ପୂର୍ଣ୍ଣ ଗୀତାରେ ଏହି ପ୍ରଥମ ପୁନରୁକ୍ତିରୁ ଦୂରେଇ ରହିବା ପାଇଁ ଏପରି କରାଯାଇଛି ।

ଶରଣାଗତି ପୂର୍ବର 'ଅର୍ଜୁନ ଉବାଚ'

ଏଠାରେ ପ୍ରଶ୍ନ ଉଠୁଛି ଯେ ଗୀତା-ପରିମାଣର ଗଣନାରେ ଭଗବଦ୍‌ଶରଣାଗତି (୨ । ୭) ପରେ ଆସିଥିବା ଅଠରଟି **'ଅର୍ଜୁନ ଉବାଚ'**କୁ (ସତରଟି 'ଉବାଚ'କୁ ଓ ଶେଷ 'ଉବାଚ'-ସହିତ ଶ୍ଳୋକଟିକୁ) ଭଗବାନଙ୍କ ବଚନ ଭିତରେ କାହିଁକି ସାମିଲ କରାଗଲା? ଶରଣାଗତି ପୂର୍ବରୁ (୧ । ୨୧ର ଓ ୧ । ୨୮ର ମଝିରେ ଏବଂ ୨ । ୩ ପରେ) ଆସିଥିବା ତିନୋଟି **'ଅର୍ଜୁନ ଉବାଚ'**କୁ କାହିଁକି ଛାଡ଼ି ଦିଆଗଲା?

* ପାରସ କେରା ଗୁଣ କିସା, ପଲଟା ନହୀଁ ଲୋହା । କୈ ତୋ ନିଜ ପାରସ ନହୀଁ, କୈ ବୀଚ ରହା ବିଛୋହା ॥
ପାରସମେଁ ଅରୁ ସଂତମେଁ, ବହୁତ ଅଂତରୌ ଜାନ । ୱହ ଲୋହା କଂଚନ କରୈ, ୱହ କରୈ ଆପୁ ସମାନ ॥

[ଅର୍ଥ—ପରଶମଣିର ସ୍ପର୍ଶରେ ଯଦି ଲୁହା ସୁନା ହୋଇ ପାରିଲା ନାହିଁ, ତେବେ ତାହା ପରଶମଣି ନୁହେଁ ଅଥବା ଉଭୟଙ୍କ ମଧ୍ୟରେ କୌଣସି ବ୍ୟବଧାନ ରହିଛି । ପରଶମଣି ଓ ସନ୍ଥଙ୍କ ମଧ୍ୟରେ ବହୁତ ପ୍ରଭେଦ ରହିଛି । ପରଶମଣି ଲୁହାକୁ ନିଜ ସମାନ ନ କରି ସୁନା କରେ, କିନ୍ତୁ ସନ୍ଥ ଶିଷ୍ୟକୁ ନିଜ ସମାନ (ସନ୍ଥ) କରି ଦିଅନ୍ତି ।]

ଏହାର ଉତ୍ତର ହେଉଛି ଯେ ଭଗବଦ୍‌ଶରଣାଗତି ପୂର୍ବରୁ ଅର୍ଜୁନ ଯେଉଁ ତିନିଥର କହିଛନ୍ତି, ସେହି ତିନୋଟି **'ଅର୍ଜୁନ ଉବାଚ'** ସଞ୍ଜୟଙ୍କ ବଚନର ଅନ୍ତର୍ଗତ । ସେଥିପାଇଁ ସେଗୁଡ଼ିକୁ ଭଗବାନଙ୍କ ବଚନ ମଧ୍ୟରେ ସାମିଲ କରାଯାଇ ନାହିଁ । ସଞ୍ଜୟ ରାଜା ଧୃତରାଷ୍ଟ୍ରଙ୍କୁ କହୁଛନ୍ତି ଯେ ଅର୍ଜୁନ ଏହିଭଳି କଥା ସବୁ କହିଲେ । ପ୍ରଥମ ଅଧ୍ୟାୟର **'ଅର୍ଜୁନ ଉବାଚ'**ର ଆରମ୍ଭରେ ଓ ଶେଷରେ ବ୍ୟବହୃତ **'ଆହ'**, **'ଉକ୍ତ୍ୱା', ଅବ୍ରବୀତ୍'** ଆଦି ପଦଗୁଡ଼ିକୁ ଦେଖିଲେ ଏହା ସ୍ପଷ୍ଟ ହୋଇଯାଏ ଯେ ଅର୍ଜୁନଙ୍କ ବଚନଗୁଡ଼ିକୁ ସଞ୍ଜୟ ହିଁ ନିଜ ଭାଷାରେ କହୁଛନ୍ତି; ଯଥା—**'ପାଣ୍ଡବଃ'** (୧ । ୨୦), **'ଇଦମାହ ମହୀପତେ'** (୧ । ୨୧), **'ଏବମୁକ୍ତୋ ହୃଷୀକେଶଃ'** (୧ । ୨୪), **'କୌନ୍ତେୟଃ'** (୧ । ୨୭), **'ଇଦମବ୍ରବୀତ୍'** (୧ । ୨୮), **'ଏବମୁକ୍ତ୍ୱାର୍ଜୁନଃ'** (୧ । ୪୭) ଇତ୍ୟାଦି ଏବଂ ଦ୍ୱିତୀୟ ଅଧ୍ୟାୟର 'ଅର୍ଜୁନ ଉବାଚ' ପରେ **'ଏବମୁକ୍ତ୍ୱା ହୃଷୀକେଶଂ ଗୁଡାକେଶଃ ପରନ୍ତପ'** ଓ **'ନ ଯୋତ୍ସ୍ୟ ଇତି'** (୨ । ୯) ।

ଦ୍ୱିତୀୟ ଅଧ୍ୟାୟର ଚତୁର୍ଥ ଶ୍ଳୋକରେ **'ଅର୍ଜୁନ ଉବାଚ'**ର ପୂର୍ବରୁ ଏଭଳି ପଦ ମିଳୁ ନାହିଁ, ଯଦ୍ଦ୍ୱାରା ପ୍ରମାଣିତ ହେବ ଯେ ପରେ କଥିତ ଅର୍ଜୁନଙ୍କର ବଚନ ସଞ୍ଜୟ ହିଁ କହୁଛନ୍ତି । କାରଣ ପ୍ରଥମ ଅଧ୍ୟାୟରେ ଅର୍ଜୁନ ଯୁଦ୍ଧ ନ କରିବା ପାଇଁ ଭଗବାନଙ୍କ ଆଗରେ ଯେଉଁ ସବୁ ଯୁକ୍ତି ବାଢ଼ିଥିଲେ, ସେସବୁର ଯୁକ୍ତିସଂଗତ ଉତ୍ତର ନ ଦେଇ ଭଗବାନ ହଠାତ୍ (୨ । ୨-୩ ରେ) ଅର୍ଜୁନଙ୍କୁ କାପୁରୁଷତାରୂପକ ଦୋଷ ପାଇଁ ଗାଳି ଦେଲେ ଏବଂ ଯୁଦ୍ଧ ପାଇଁ ଛିଡ଼ା ହେବାକୁ ଆଦେଶ ଦେଲେ । ଏହି ଆଦେଶ ଅର୍ଜୁନଙ୍କ ଭାବକୁ ଉଦ୍‌ବେଳିତ କରିଦେଲା । ସେ କାପୁରୁଷ ହୋଇ ଯୁଦ୍ଧରୁ ବିମୁଖ ହେଉ ନ ଥିଲେ, ବରଂ ଧର୍ମଭୀରୁ ହୋଇ, ଧର୍ମ ଭୟରେ ଯୁଦ୍ଧରୁ ଉପରତ ହେଉଥିଲେ । ସେ ନିଜ ମରଣକୁ ଡରୁ ନ ଥିଲେ, ବରଂ ସ୍ୱଜନମାନଙ୍କୁ ମାରିବା ଜନିତ ପାପକୁ ଡରୁଥିଲେ । ଅତଏବ ଭଗବାନ **'କୁତସ୍ତ୍ୱା କଶ୍ମଳମିଦମ୍'** ଆଦି ପଦଗୁଡ଼ିକ ଦ୍ୱାରା ଅର୍ଜୁନଙ୍କୁ ଜୋର୍‌ରେ ଧମକ୍ ଦେବାରୁ ଅର୍ଜୁନ ନିଜ ପ୍ରଶ୍ନଗୁଡ଼ିକର ଠିକ୍ ସମାଧାନ ନ ପାଇ ଅକସ୍ମାତ୍ ଉତ୍ତେଜିତ ହୋଇ କହିଉଠିଲେ—**'କଥଂ ଭୀଷ୍ମମହଂ ସଂଖ୍ୟେ ଦ୍ରୋଣଂ ଚ ମଧୁସୂଦନ । ଇଷୁଭିଃ ପ୍ରତି ଯୋତ୍ସ୍ୟାମି ପୂଜାର୍ହାବରିସୂଦନ'** (୨ । ୪) "ହେ ମଧୁସୂଦନ! ମୁଁ ରଣଭୂମିରେ ଭୀଷ୍ମ ଓ ଦ୍ରୋଣଙ୍କ ସହିତ ବାଣ ଦ୍ୱାରା କେମିତି ଯୁଦ୍ଧ କରିବି? କାରଣ ହେ ଅରିସୂଦନ ! ଏ ଦୁହେଁ ତ ମୋର ପୂଜନୀୟ !" ଏଠାରେ 'ମଧୁସୂଦନ' ଓ 'ଅରିସୂଦନ' ସମ୍ବୋଧନରେ ଏହି ଭାବ ବ୍ୟକ୍ତ କରୁଛନ୍ତି ଯେ, ଆପଣ ସିନା ଦୈତ୍ୟ ଓ ଶତ୍ରୁମାନଙ୍କର ନିଧନକାରୀ, କିନ୍ତୁ ମୋ ଆଗରେ ତ ଯୁଦ୍ଧ ପାଇଁ ପିତାମହ ଭୀଷ୍ମ (ଜେଜେବାପା) ଓ ଆଚାର୍ଯ୍ୟ ଦ୍ରୋଣ (ବିଦ୍ୟାଗୁରୁ) ଛିଡ଼ା ହୋଇଛନ୍ତି! ସଂସାରରେ ମନୁଷ୍ୟର ଦୁଇଟି ସମ୍ବନ୍ଧ ମୁଖ୍ୟ—କୌଟୁମ୍ବିକ ସମ୍ବନ୍ଧ ଓ ବିଦ୍ୟାଗତ ସମ୍ବନ୍ଧ । ଅର୍ଜୁନଙ୍କ ଆଗରେ ଉଭୟ ପ୍ରକାର ସମ୍ବନ୍ଧଯୁକ୍ତ ବ୍ୟକ୍ତି ଉପସ୍ଥିତ । ସମ୍ବନ୍ଧରେ ବଡ଼ ହୋଇଥିବା ଯୋଗୁଁ ଦୁହେଁ ସମ୍ମାନାସ୍ପଦ ଓ ପୂଜନୀୟ । ଭଗବାନ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ଆଦେଶ ଦେଇଥିବାରୁ ଅର୍ଜୁନ ଉଦ୍‌ବିଗ୍ନ ହୋଇ ହଠାତ୍ ଏଭଳି କହି ଉଠିଲେ । ଏଣୁ ସଞ୍ଜୟଙ୍କୁ **'ଇଦମାହ'**, **'ଉକ୍ତ୍ୱା'** ଆଦି ପଦ ଦ୍ୱାରା ସଂକେତ କରିବାକୁ ଆଦୌ ସୁଯୋଗ ମିଳିଲା ନାହିଁ ।

ଯଦି ଗଭୀରଭାବରେ ବିଚାର କରାଯାଏ, ତେବେ ଦ୍ୱିତୀୟ ଅଧ୍ୟାୟରେ ଅର୍ଜୁନଙ୍କ କହିବା ପରେ ଯେଉଁଠି ସଞ୍ଜୟ କହୁଛନ୍ତି, ସେଠାରେ (୨ । ୯-୧୦ ରେ) ସେ ନିଜ ବଚନକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି—(୧) **'ଏବମୁକ୍ତ୍ୱା ହୃଷୀକେଶଂ ଗୁଡାକେଶଃ ପରନ୍ତପ'** ପଦଗୁଡ଼ିକ ଦ୍ୱାରା ସଞ୍ଜୟ ଦ୍ୱିତୀୟ ଅଧ୍ୟାୟର ୪ର୍ଥ ରୁ ୮ମ ଶ୍ଳୋକ ପର୍ଯ୍ୟନ୍ତ କହିଥିବା ଅର୍ଜୁନଙ୍କର ବଚନଗୁଡ଼ିକୁ ଲକ୍ଷ୍ୟ କରାଇଛନ୍ତି ଏବଂ (୨) **'ନ ଯୋତ୍ସ୍ୟେ'** ପଦରେ ସଞ୍ଜୟ ଅର୍ଜୁନଙ୍କର ବଚନକୁ ସ୍ପଷ୍ଟଭାବେ ନିଜ ବଚନ ମାଧ୍ୟମରେ କହିଛନ୍ତି ।

ଏବେ ପ୍ରଶ୍ନ ହୋଇପାରେ ଯେ ଯଦି ଅର୍ଜୁନଙ୍କ ଶ୍ଳୋକଗୁଡ଼ିକୁ ଏପରିଭାବେ ସଞ୍ଜୟଙ୍କ ଶ୍ଳୋକରେ ସାମିଲ କରାଯାଏ, ତେବେ ଏକାଦଶ ଅଧ୍ୟାୟରେ ସଞ୍ଜୟଙ୍କ ଦ୍ୱାରା କଥିତ **'ଏବମୁକ୍ତ୍ୱା'** (୧୧ । ୯), **'ଏତଚ୍ଛ୍ରୁତ୍ୱା'** (୧୧ । ୩୫) ଓ **'ଇତ୍ୟର୍ଜୁନମ୍'** (୧୧ । ୫୦)—ଏହି ପଦଗୁଡ଼ିକର ପୂର୍ବରୁ କଥିତ ଭଗବାନଙ୍କ ବଚନକୁ ଏବଂ ଅଷ୍ଟାଦଶ ଅଧ୍ୟାୟରେ ସଞ୍ଜୟଙ୍କ ଦ୍ୱାରା କଥିତ **'ଇତ୍ୟହମ୍'** (୧୮ । ୭୪) ପଦ ପୂର୍ବରୁ କଥିତ ଭଗବଦ୍‌ସ୍ୱରୂପ ଅର୍ଜୁନଙ୍କର ବଚନକୁ ମଧ୍ୟ ସଞ୍ଜୟଙ୍କ ବଚନର ଅନ୍ତର୍ଭୁକ୍ତ କରା ନ ଯିବ କାହିଁକି? ଯଦ୍ୟପି ଏହି ପ୍ରଶ୍ନର ଉତ୍ତର ସାଧାରଣଭାବରେ ଅନ୍ୟତ୍ର ମଧ୍ୟ ଦିଆଯାଇଛି, ତଥାପି ଏଠାରେ ଏତିକି କୁହାଯାଇ ପାରେ ଯେ ଭଗବାନଙ୍କ ଶ୍ଳୋକଗୁଡ଼ିକ ଯେପରି ଭାବରେ ଆସିଥାଉ ନା କାହିଁକି, ସେଗୁଡ଼ିକୁ ଭଗବାନଙ୍କର ଶ୍ଳୋକ ବୋଲି

ମାନିବାକୁ ହିଁ ହେବ । ଏତଦ୍‌ବ୍ୟତୀତ ସଞ୍ଜୟ ବେଦବ୍ୟାସ-ପ୍ରଦତ୍ତ ଦିବ୍ୟଦୃଷ୍ଟିସମ୍ପନ୍ନ ଅଟନ୍ତି ଏବଂ ଅର୍ଜୁନଙ୍କୁ ମଧ୍ୟ ଭଗବାନ ଦିବ୍ୟଦୃଷ୍ଟି ଦେଇଛନ୍ତି (୧୧।୮) । ଅତଏବ ଏକାଦଶ ଅଧ୍ୟାୟରେ ସଞ୍ଜୟଙ୍କ ଦିବ୍ୟଦୃଷ୍ଟି ଭଗବଦ୍-ପ୍ରଦତ୍ତ ଦିବ୍ୟଦୃଷ୍ଟି ସହିତ ଅଭିନ୍ନ ହୋଇଯାଇଛି, ଯଦ୍ଦ୍ୱାରା ସଞ୍ଜୟ ଭଗବାନ ଓ ଅର୍ଜୁନଙ୍କର ବଚନକୁ ହିଁ କହୁଛନ୍ତି । ତାହା ତାଙ୍କର ନିଜର ବଚନ ନୁହେଁ ।

ଆଉ ଗୋଟିଏ କଥା ଯେ, ସଞ୍ଜୟ ରାଜା ଧୃତରାଷ୍ଟ୍ରଙ୍କୁ ଶ୍ରୀକୃଷ୍ଣାର୍ଜୁନସଂବାଦରୂପକ ଗୀତାଶାସ୍ତ୍ର ଶୁଣାଉଛନ୍ତି ଏବଂ ପ୍ରସଙ୍ଗକ୍ରମେ ବର୍ଣ୍ଣନା କରୁ କରୁ ସେ ଉପର୍ଯ୍ୟୁକ୍ତ **'ଏବମୁକ୍ତ୍ୱା'**, **'ଏତଦୁକ୍ତ୍ୱା'** ଆଦି ପଦଗୁଡ଼ିକ ପ୍ରୟୋଗ କରିଛନ୍ତି । ସଞ୍ଜୟ ହେଉଛନ୍ତି ଭଗବଦ୍‌ବାଣୀରୂପୀ ମନ୍ତ୍ରର ଦ୍ରଷ୍ଟାମାତ୍ର । ଏଣୁ ଭଗବାନଙ୍କ ଦ୍ୱାରା କଥିତ ଶ୍ଳୋକଗୁଡ଼ିକୁ ଭଗବାନଙ୍କର ହିଁ ମାନିବା ଉଚିତ ।

ଆଉ ଗୋଟିଏ ପ୍ରଶ୍ନ ହୋଇପାରେ ଯେ ଯେପରି ଶରଣାଗତି ପୂର୍ବରୁ ଆସିଥିବା ଅର୍ଜୁନଙ୍କର ଶ୍ଳୋକଗୁଡ଼ିକୁ ସଞ୍ଜୟଙ୍କ ଦ୍ୱାରା କଥିତ ବୋଲି ମାନି ନିଆଗଲା, ସେହିପରି ଶରଣାଗତି ପୂର୍ବରୁ ଆସିଥିବା ଭଗବାନଙ୍କ ଶ୍ଳୋକଗୁଡ଼ିକୁ (୨।୨-୩) ମଧ୍ୟ ସଞ୍ଜୟଙ୍କ ଦ୍ୱାରା କଥିତ ବୋଲି କାହିଁକି ମାନି ନିଆଗଲା ନାହିଁ? ଭଗବାନଙ୍କର ଉପଦେଶ ତ ଦ୍ୱିତୀୟ ଅଧ୍ୟାୟର ୧୧ଶ ଶ୍ଳୋକରୁ ଆରମ୍ଭ ହେଲା ! ଏହାର ଉତ୍ତର ହେଉଛି, ଦ୍ୱିତୀୟ ଅଧ୍ୟାୟର ଦ୍ୱିତୀୟ ଓ ତୃତୀୟ ଶ୍ଳୋକ ଗୀତାର ମୂଳ ଶ୍ଳୋକ ଅଟେ ଏବଂ ଏଥିରେ ଭଗବାନ **'ଅନାର୍ଯ୍ୟଯୁଷ୍ଟମ୍'** **'ଅସ୍ୱର୍ଗ୍ୟମ୍', ଅକୀର୍ତ୍ତିକରମ୍'** ଆଦି ପଦଗୁଡ଼ିକରେ ସ୍ୱଧର୍ମତ୍ୟାଗର ଯେଉଁ କ୍ଷତି ବିଷୟରେ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି, ସେଗୁଡ଼ିକର ବିସ୍ତୃତ ବ୍ୟାଖ୍ୟାତ୍ମକ ବର୍ଣ୍ଣନା ଦ୍ୱିତୀୟ ଅଧ୍ୟାୟର ୩୧ଶ ରୁ ୩୮ଶ ଶ୍ଳୋକ ପର୍ଯ୍ୟନ୍ତ କରିଛନ୍ତି । ଅତଏବ ଏହି ଦୁଇଟି ଶ୍ଳୋକ (୨।୨-୩)କୁ ସଞ୍ଜୟଙ୍କର ମନେ ନ କରି ଭଗବାନଙ୍କର ମନେ କରିବା ଉଚିତ । ତା'ଛଡ଼ା ଏହି ଶ୍ଳୋକରେ ଭଗବାନ କାପୁରୁଷତା ତ୍ୟାଗ କରି ଯୁଦ୍ଧ ପାଇଁ ଠିଆ ହେବାକୁ ଯେଉଁ ଆଦେଶ ଦେଇଛନ୍ତି, ତାହାକୁ ଭଗବଦ୍‌ସ୍ୱରୂପ ଅର୍ଜୁନ ଉପଦେଶ ଶେଷରେ ଶିରୋଧାର୍ଯ୍ୟ କରିଛନ୍ତି— **'କରିଷ୍ୟେ ବଚନଂ ତବ'** (୧୮।୭୩) । ଅତଏବ ଏହି ଶ୍ଳୋକଗୁଡ଼ିକୁ ସଞ୍ଜୟଙ୍କର ନ ମାନି ଭଗବାନଙ୍କର ମାନିବାକୁ ସ୍ପଷ୍ଟ ସଂକେତ ରହିଛି ।

ଗଭୀରଭାବରେ ଅନୁଧ୍ୟାନ କରି ଦେଖିଲେ ଭଗବଦ୍‌ଗୀତାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ—(୧) **'ଇତିହାସ-ଭାଗ'**, ଯାହା କି ପ୍ରଥମ ଅଧ୍ୟାୟର ଆରମ୍ଭରୁ ଦ୍ୱିତୀୟ ଅଧ୍ୟାୟର ୧୦ମ ଶ୍ଳୋକ ପର୍ଯ୍ୟନ୍ତ ବିସ୍ତୃତ; ଏବଂ (୨) **'ଉପଦେଶ-ଭାଗ'**, ଯାହା କି ଦ୍ୱିତୀୟ ଅଧ୍ୟାୟର ୧୧ଶ ଶ୍ଳୋକରୁ ଅଷ୍ଟାଦଶ ଅଧ୍ୟାୟର ଶେଷ ପର୍ଯ୍ୟନ୍ତ ବିସ୍ତୃତ । ଗୀତାର ମୂଳ ହେଲା ଇତିହାସ-ଭାଗ; ଏହାରି ଉପରେ ଉପଦେଶ-ଭାଗ ଅବଲମ୍ବିତ । ଇତିହାସ-ଭାଗ ସଞ୍ଜୟଙ୍କ କଥନର ଅନ୍ତର୍ଗତ ଏବଂ ଉପଦେଶ-ଭାଗ ଶ୍ରୀକୃଷ୍ଣାର୍ଜୁନସଂବାଦର ଅନ୍ତର୍ଗତ । ଇତିହାସ-ଭାଗରେ ଥିବା ଅର୍ଜୁନଙ୍କର କଥନ ହିଁ ସଞ୍ଜୟଙ୍କ କଥନରେ ଲୀନ ହୋଇ ପାରିବ, ଭଗବଦ୍‌କଥନ ସଞ୍ଜୟଙ୍କ କଥନରେ ଲୀନ ହୋଇ ନ ପାରେ । କାରଣ ଭଗବାନଙ୍କର ମହିମା କଦାପି କମ୍ ହୁଏ ନାହିଁ, ତାହା ଇତିହାସ ହୋଇଥାଉ ବା ଉପଦେଶ ହୋଇଥାଉ ।

ଆଉ ଏକ ପ୍ରଶ୍ନ ହୋଇପାରେ ଯେ ଯଦି ଗୀତାରେ ରହିଥିବା ସବୁ ଭଗବଦ୍‌ବଚନକୁ ଭଗବାନଙ୍କ ଶ୍ଳୋକଗୁଡ଼ିକର ଗଣତିରେ ନେବା, ତେବେ ପ୍ରଥମ ଅଧ୍ୟାୟରେ ୨୫ଶ ଶ୍ଳୋକରେ ଥିବା **'ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନ୍'**—ଏହି ବଚନକୁ ଗୀତା-ପରିମାଣରେ ଭଗବାନଙ୍କ ଶ୍ଳୋକ ମଧ୍ୟରେ କାହିଁକି ଗଣାଯାଇ ନାହିଁ? ଉତ୍ତର ହେଲା ଯେ ପ୍ରଥମ ଅଧ୍ୟାୟର ୨୫ଶ ଶ୍ଳୋକଟି ପୁରାପୁରି ଭଗବାନଙ୍କ ଦ୍ୱାରା କଥିତ ନୁହେଁ, ବରଂ ଏହି ଶ୍ଳୋକର ଉତ୍ତରାର୍ଦ୍ଧରେ ରହିଥିବା କେବଳ ଏଗାରଟି ଅକ୍ଷର ହିଁ ଭଗବାନଙ୍କ ଦ୍ୱାରା କଥିତ । ଏଣୁ ପୂରା ଶ୍ଳୋକ ହୋଇ ନ ଥିବାରୁ ଏହାକୁ ପରିମାଣରେ ସମ୍ମିଳିତ କରାଯାଇ ପାରିବ ନାହିଁ । ଦ୍ୱିତୀୟ କଥା, ମହର୍ଷି ବେଦବ୍ୟାସ ('ଶ୍ରୀଭଗବାନୁବାଚ' ନ ଲେଖି) ଏହାକୁ ଭଗବାନଙ୍କ ସ୍ୱତନ୍ତ୍ର ଶ୍ଳୋକ ବୋଲି ମାନି ନାହାନ୍ତି, ବରଂ ସଞ୍ଜୟଙ୍କ ବଚନ ଭାବରେ ଗ୍ରହଣ କରିଛନ୍ତି । ଅତଏବ ସ୍ୱତନ୍ତ୍ରଭାବେ ଭଗବଦ୍‌କଥିତ ଶ୍ଳୋକ ହୋଇ ନ ଥିବାରୁ ଏହାକୁ ଭଗବାନଙ୍କର ଶ୍ଳୋକଗୁଡ଼ିକରେ ସମ୍ମିଳିତ କରାଯାଇ ନାହିଁ । ତୃତୀୟ କଥା, ଭଗବାନ ଏହି ଶ୍ଳୋକରେ ଅର୍ଜୁନଙ୍କର ନିର୍ଦ୍ଦେଶାନୁସାରେ (୧।୨୧—୨୩) ସାରଥି ଭାବରେ କହୁଛନ୍ତି । ସେଥିପାଇଁ ଏହି ଶ୍ଳୋକ ସ୍ୱତନ୍ତ୍ରଭାବେ ଭଗବଦ୍‌ବାଣୀ ହୋଇ ନ ଥିବାରୁ ଏହାକୁ ଭଗବାନଙ୍କ ଶ୍ଳୋକରେ ସମ୍ମିଳିତ କରାଯାଇ ନ ପାରେ ।

'ଶ୍ରୀଭଗବାନୁବାଚ'ର ପୁନରୁକ୍ତି କାହିଁକି?

ଗୀତା-ପରିମାଣରେ ଏହା ଏକ ଆବଶ୍ୟକ ପ୍ରଶ୍ନ

ହୋଇପାରେ ଯେ ଅଧ୍ୟାୟଗୁଡ଼ିକର ଆରମ୍ଭରେ ରହିଥିବା **'ଶ୍ରୀଭଗବାନୁବାଚ'**କୁ ପରିମାଣର ଗଣନାରେ ପୁନଃ ପୁନଃ ସମ୍ମିଳିତ କରାଗଲା କାହିଁକି? ଭଗବାନ ତ ପ୍ରଥମରୁ କହିଆସୁଛନ୍ତି ! ଉଦାହରଣସ୍ୱରୂପ—ତୃତୀୟ ଅଧ୍ୟାୟର ୩୭ଶ ଶ୍ଳୋକରୁ ଭଗବାନ କହି ଆସୁଛନ୍ତି, ତଥାପି ଚତୁର୍ଥ ଅଧ୍ୟାୟର ଆରମ୍ଭରେ **'ଶ୍ରୀଭଗବାନୁବାଚ'**କୁ ପରିମାଣରେ ପୁଣି ଥରେ ଶ୍ଳୋକରୂପେ ସମ୍ମିଳିତ କରାଗଲା। ଏହାର କାରଣ କ'ଣ?

ଏହାର ଉତ୍ତର ହେଲା— ସାକ୍ଷାତ୍ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦନିଃସୃତ ବାଣୀ ଗୀତାର ସଂକଳନକର୍ତ୍ତା ହେଉଛନ୍ତି ମହର୍ଷି ବେଦବ୍ୟାସ। ସେ ହିଁ ଏହାକୁ ଶ୍ଳୋକବଦ୍ଧ କରି ଅଠର ଅଧ୍ୟାୟରେ ବିଭକ୍ତ କରିଛନ୍ତି। ଭଗବାନ ନିରବଚ୍ଛିନ୍ନଭାବରେ କହୁଥିଲେ ମଧ୍ୟ ସେ ଚତୁର୍ଥ, ଷଷ୍ଠ, ସପ୍ତମ, ନବମ, ଦଶମ, ତ୍ରୟୋଦଶ, ଚତୁର୍ଦ୍ଦଶ, ପଞ୍ଚଦଶ ଓ ଷୋଡଶ ଅଧ୍ୟାୟର ଆରମ୍ଭରେ **'ଶ୍ରୀଭଗବାନୁବାଚ'** ରୂପକ ଶ୍ଳୋକ ଉଲ୍ଲେଖ କରିଛନ୍ତି। ଅଧିକାରପ୍ରାପ୍ତ ଆପ୍ତ ପୁରୁଷ ହୋଇଥିବାରୁ ମହର୍ଷି ବେଦବ୍ୟାସଙ୍କର ବଚନ ସର୍ବଦା ସମସ୍ତଙ୍କ ପାଇଁ ମାନ୍ୟ ଅଟେ। ସେ ଅନୁଗ୍ରହପୂର୍ବକ ବେଦମାନଙ୍କୁ ସ୍ପଷ୍ଟଭାବରେ ବୁଝାଇବା ପାଇଁ ଯେପରି ଭିନ୍ନ ଭିନ୍ନ ଗୁରି ଭାଗରେ (ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ ନାମରେ) ବିଭକ୍ତ କରିଛନ୍ତି, ସେହିପରି ଗୀତାରେ ଭଗବାନଙ୍କ ପ୍ରଦତ୍ତ ଉପଦେଶକୁ ସ୍ପଷ୍ଟଭାବେ ବୁଝାଇବା ପାଇଁ ନିଜର ଅନୁଭବ ଅନୁସାରେ ତାହାକୁ ଅଲଗା ଅଲଗା ଅଠର ଅଧ୍ୟାୟରେ ବିଭକ୍ତ କରିଛନ୍ତି।

ଦ୍ୱିତୀୟ କଥା, ଅଧ୍ୟାୟର ଆରମ୍ଭରେ କିଏ କହୁଛି ତାହା ସୂଚିତ କରିବା ପାଇଁ 'ଉବାଚ' ଦେବା ଆବଶ୍ୟକ ହୋଇପଡ଼େ। ସେଥିପାଇଁ ଭଗବାନ ନିରବଚ୍ଛିନ୍ନଭାବରେ କହୁଥିଲେ ମଧ୍ୟ ଅଧ୍ୟାୟର ଆରମ୍ଭରେ ପୁନର୍ବାର **'ଶ୍ରୀଭଗବାନୁବାଚ'** ଉଲ୍ଲେଖ କରି ପରିମାଣରେ ସେସବୁକୁ ଭଗବାନଙ୍କର ଶ୍ଳୋକ ରୂପେ ସ୍ୱୀକାର କରିଛନ୍ତି।

ତୃତୀୟ କଥା, ଅଧ୍ୟାୟ ଶେଷରେ ପୁଷ୍ପିକାରୂପେ **'ଇତି'** ପଦ ବ୍ୟବହାର କରିବା ଦ୍ୱାରା ପରବର୍ତ୍ତୀ ଅଧ୍ୟାୟ ନୂତନ ଗ୍ରନ୍ଥ ଭଳି ଆରମ୍ଭ ହୋଇଛି। ସେଥିପାଇଁ ଅଧ୍ୟାୟ ଆରମ୍ଭରେ ପୁନଶ୍ଚ **'ଶ୍ରୀଭଗବାନୁବାଚ'** ଉଲ୍ଲେଖ କରିବା ଆବଶ୍ୟକ ହେଉଥିବାରୁ ବେଦବ୍ୟାସ ଏହାକୁ ପୁନରୁକ୍ତି ବୋଲି ଭାବି ନାହାନ୍ତି। ମହର୍ଷି ବେଦବ୍ୟାସଙ୍କ ଦ୍ୱାରା ସ୍ୱୀକୃତ ନିୟମକୁ ଭାଙ୍ଗିବାର ଅଧିକାର କାହାରି ନାହିଁ।

ଭଗବାନଙ୍କ ଛଅ ଶହ କୋଡ଼ିଏଟି ଶ୍ଳୋକ

ଗୀତାର ପ୍ରଚଳିତ ମୂଳପାଠରେ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ପାଞ୍ଚ ଶହ ଚଉସ୍ତରିଟି ଶ୍ଳୋକ, ଅଠେଇଶଟି **'ଶ୍ରୀଭଗବାନୁବାଚ'** ରୂପକ ଶ୍ଳୋକ, ସତରଟି ଭଗବଦ୍-ପ୍ରେରିତ **'ଅର୍ଜୁନ ଉବାଚ'**-ରୂପକ ଶ୍ଳୋକ ଓ ଅଷ୍ଟାଦଶ ଅଧ୍ୟାୟର **'ଅର୍ଜୁନ ଉବାଚ'** ସମେତ ତେସ୍ତରି ସଂଖ୍ୟକ ଶ୍ଳୋକଟି ମିଶାଇଲେ ଭଗବାନଙ୍କର ଶ୍ଳୋକ ସଂଖ୍ୟା ଛଅ ଶହ କୋଡ଼ିଏ (୫୭୪+୨୮+୧୭+୧=୬୨୦) ହୋଇଯାଉଛି। ଅତଏବ ମହାଭାରତୋକ୍ତ ଗୀତା-ପରିମାଣର ନିମ୍ନଲିଖିତ ବଚନ ପ୍ରମାଣିତ ହୋଇଯାଉଛି— **'ଷଟ୍‌ଶତାନି ସବିଂଶାନି ଶ୍ଳୋକାନାଂ ପ୍ରାହ କେଶବଃ'।**

ଅର୍ଜୁନଙ୍କର ସତାବନଟି ଶ୍ଳୋକ

ପ୍ରଚଳିତ ଗୀତାରେ ଅର୍ଜୁନଙ୍କର ଚଉରାଶିଟି ଶ୍ଳୋକ ଓ ଏକୋଇଶଟି ଉବାଚ ରହିଛି, କିନ୍ତୁ ମହାଭାରତୋକ୍ତ ଗୀତା-ପରିମାଣରେ ଅର୍ଜୁନଙ୍କର ଶ୍ଳୋକ ସଂଖ୍ୟା ସତାବନ ବୋଲି କୁହାଯାଇଛି। ଆଗରୁ କୁହାଯାଇଛି ଯେ ଭଗବଦ୍‌ଶରଣାଗତି ପରେ ସତରଟି **'ଅର୍ଜୁନ ଉବାଚ'**ରୂପକ ଶ୍ଳୋକ ଓ ଅଷ୍ଟାଦଶ ଅଧ୍ୟାୟର **'ଅର୍ଜୁନ ଉବାଚ'** ସମେତ ୭୩ତମ ଶ୍ଳୋକଟି ଭଗବାନଙ୍କ ଶ୍ଳୋକରେ ମିଶାଯାଇଛି ଏବଂ ଭଗବଦ୍‌ଶରଣାଗତି (୨।୭) ପୂର୍ବରୁ ଥିବା ତିନୋଟି **'ଅର୍ଜୁନ ଉବାଚ'**କୁ ପରିମାଣରେ ପୃଥଗ୍‌ଭାବେ ଗଣନା କରା ନ ଯାଇ **'ସଞ୍ଜୟ ଉବାଚ'**ର ଅନ୍ତର୍ଗତ ମାନି ନିଆଯାଇଛି।

ଗୀତାର ଏହା ମଧ୍ୟ ଏକ ଶୈଳୀ ଯେ ଜଣକର ବଚନ ଅନ୍ୟର ବଚନ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଏ; ଯଥା—ପ୍ରଥମ ଅଧ୍ୟାୟର ୩ୟ ରୁ ୧୧ଶ ଶ୍ଳୋକ ପର୍ଯ୍ୟନ୍ତ କୁହାଯାଇଥିବା ଦୁର୍ଯ୍ୟୋଧନଙ୍କର ବଚନ ସଞ୍ଜୟଙ୍କ ବଚନର ଅନ୍ତର୍ଗତ ଏବଂ ତୃତୀୟ ଅଧ୍ୟାୟର ୧୦ମ ରୁ ୧୨ଶ ଶ୍ଳୋକର ପୂର୍ବାର୍ଦ୍ଧ ପର୍ଯ୍ୟନ୍ତ କଥିତ ପ୍ରଜାପତି ବ୍ରହ୍ମାଙ୍କର ବଚନ ଭଗବାନଙ୍କ ବଚନର ଅନ୍ତର୍ଗତ। ସେହିପରି ଅର୍ଜୁନଙ୍କର ବଚନ **'ନ ଯୋତ୍ସ୍ୟେ'** (୨।୯) ସଞ୍ଜୟଙ୍କ ବଚନର ଅନ୍ତର୍ଭୁକ୍ତ ହୋଇଛି ଏବଂ ସାଧକର ବଚନ **'ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ'** (୧୫।୪) ଭଗବାନଙ୍କ ବଚନର ଅନ୍ତର୍ଭୁକ୍ତ ହୋଇଛି। ଏହିପରି ଗୀତା-ପରିମାଣରେ ପ୍ରଥମ ଅଧ୍ୟାୟର ୨୧ଶ ଶ୍ଳୋକର ଉତ୍ତରାର୍ଦ୍ଧରୁ ୨୩ଶ ଶ୍ଳୋକ ପର୍ଯ୍ୟନ୍ତ ଏବଂ ୨୮ଶ ଶ୍ଳୋକର ଉତ୍ତରାର୍ଦ୍ଧରୁ ୪୬ଶ ଶ୍ଳୋକ ପର୍ଯ୍ୟନ୍ତ ତଥା

ଦ୍ୱିତୀୟ ଅଧ୍ୟାୟର ୪ର୍ଥ ଶ୍ଲୋକରୁ ୮ମ ଶ୍ଲୋକ ପର୍ଯ୍ୟନ୍ତ କଥିତ ଅର୍ଜୁନଙ୍କର ବଚନକୁ (ମୋଟ **ଛବିଶଟି ଶ୍ଲୋକକୁ**) ସଞ୍ଜୟଙ୍କ ବଚନର ଅନ୍ତର୍ଭୁକ୍ତ କରାଯାଇଛି । ଏ ବିଷୟରେ ଆଗରୁ କୁହାଯାଇଛି ଯେ ଧୃତରାଷ୍ଟ୍ରଙ୍କୁ ଶ୍ରୀକୃଷ୍ଣାର୍ଜୁନସଂବାଦ-ରୂପକ ଗୀତାଶାସ୍ତ୍ର ଶୁଣାଇ ସଞ୍ଜୟ **'ଇଦମାହ ମହୀପତେ'** (୧ । ୨୧) ଆଦି ପଦରେ କହୁଛନ୍ତି ଯେ ''ହେ ରାଜନ୍ ! ଯୁଦ୍ଧସ୍ଥଳରେ ଅର୍ଜୁନ ଏଇଆ ଏଇଆ କହିଲେ ।'' ସେଥିପାଇଁ ଏହି ଛବିଶଟି ଶ୍ଲୋକ ଅର୍ଜୁନଙ୍କ ଶ୍ଲୋକରେ ଗଣନା ନ କରି ସଞ୍ଜୟଙ୍କ ଶ୍ଲୋକ ସହିତ ସମ୍ମିଳିତ କରିବା ଉଚିତ ।

ଏହିପରି ଗୀତାର ପ୍ରଚଳିତ ମୂଳପାଠରେ ମିଳୁଥିବା ଅର୍ଜୁନଙ୍କର ଚଉରାଶୀଟି ଶ୍ଲୋକରୁ ଉପର୍ଯ୍ୟୁକ୍ତ ଛବିଶଟି ଶ୍ଲୋକ ଓ ଅଷ୍ଟାଦଶ ଅଧ୍ୟାୟର ୭୩ତମ ଶ୍ଲୋକ ଫେଡ଼ିଦେଲେ ଅର୍ଜୁନଙ୍କ ଦ୍ୱାରା କଥିତ ଶ୍ଲୋକ ସଂଖ୍ୟା ସତାବନ (୮୪−୨୭=୫୭) ହେଉଛି । ଅତଏବ ମହାଭାରତୋକ୍ତ ଗୀତା-ପରିମାଣର ନିମ୍ନୋକ୍ତ ବଚନ ପ୍ରମାଣିତ ହୋଇଯାଉଛି—**'ଅର୍ଜୁନଃ ସପ୍ତପଞ୍ଚାଶଦ୍'** ।

ସଞ୍ଜୟଙ୍କର ସତଷଠିଟି ଶ୍ଲୋକ

ଗୀତାର ପ୍ରଚଳିତ ମୂଳପାଠରେ ସଞ୍ଜୟଙ୍କର ଏକଚାଳିଶଟି ଶ୍ଲୋକ ଏବଂ ନଅଟି **'ସଞ୍ଜୟ ଉବାଚ'** ମିଳୁଛି; କିନ୍ତୁ ଗୀତା-ପରିମାଣରେ ସଞ୍ଜୟଙ୍କର ସତଷଠିଟି ଶ୍ଲୋକ ଥିବା କଥା କୁହାଯାଇଛି । ଗୀତା-ପରିମାଣରେ **'ସଞ୍ଜୟ ଉବାଚ'**କୁ ଅଲଗା ଶ୍ଲୋକ ବୋଲି ନ ମାନି ସଞ୍ଜୟଙ୍କ ଶ୍ଲୋକରେ ହିଁ ସାମିଲ କରି ଦିଆଯାଇଛି । କାରଣ ଗୀତା କେବଳ ଶ୍ରୀକୃଷ୍ଣାର୍ଜୁନସଂବାଦ ହୋଇଥିବାରୁ **'ଶ୍ରୀଭଗବାନୁବାଚ'** ଓ ଭଗବତ୍‌ପ୍ରେରିତ **'ଅର୍ଜୁନ ଉବାଚ'**କୁ ହିଁ ସ୍ୱତନ୍ତ୍ର ଶ୍ଲୋକ ଭାବରେ ବିବେଚନା କରାଯାଇଛି ।

ଦ୍ୱିତୀୟ କଥା, ଧୃତରାଷ୍ଟ୍ର ଓ ସଞ୍ଜୟଙ୍କର ସଂବାଦ ହସ୍ତିନାପୁରରେ ହୋଇଥିଲା, ଭଗବାନଙ୍କ ଆଗରେ ହୋଇ ନ ଥିଲା । ଯେଉଁମାନଙ୍କର ସଂବାଦ ଭଗବାନଙ୍କ ଆଗରେ ହୋଇ ନାହିଁ, ସେମାନଙ୍କର 'ଉବାଚ'କୁ ଶ୍ଲୋକ ହିସାବରେ ଗ୍ରହଣ କରାଗଲା ନାହିଁ । **'ଅର୍ଜୁନ ଉବାଚ'**କୁ ଶ୍ଲୋକରୂପେ ଗ୍ରହଣ କରିବାର କାରଣ ହେଲା, ସେ ଭଗବାନଙ୍କ ଆଗରେ କହୁଥିଲେ । ତେଣୁ ପୁଷ୍ପିକାରେ ଗୀତାକୁ 'ଧୃତରାଷ୍ଟ୍ର-ସଞ୍ଜୟସଂବାଦ' ବୋଲି କୁହା ନ ଯାଇ 'ଶ୍ରୀକୃଷ୍ଣାର୍ଜୁନସଂବାଦ' କୁହାଯାଇଛି ।

ପୂର୍ବରୁ କୁହାଯାଇଛି ଯେ ପ୍ରଥମ ଓ ଦ୍ୱିତୀୟ ଅଧ୍ୟାୟରେ ଥିବା ଅର୍ଜୁନଙ୍କ ଛବିଶଟି ଶ୍ଲୋକକୁ ସଞ୍ଜୟଙ୍କର ବୋଲି ମାନିବା ଉଚିତ । ଏହି ଛବିଶଟି ଶ୍ଲୋକକୁ ସଞ୍ଜୟଙ୍କ ଏକଚାଳିଶଟି ଶ୍ଲୋକ ସହିତ ମିଶାଇଲେ ସଞ୍ଜୟଙ୍କର ଶ୍ଲୋକ ସଂଖ୍ୟା ସତଷଠି (୨୬+୪୧=୬୭) ହେଉଛି । ଅତଏବ ମହାଭାରତୋକ୍ତ ଗୀତା-ପରିମାଣର ନିମ୍ନୋକ୍ତ ବଚନ ପ୍ରମାଣିତ ହୋଇଯାଉଛି—**'ସପ୍ତଷଷ୍ଟିଂ ତୁ ସଞ୍ଜୟଃ'** ।

ଧୃତରାଷ୍ଟ୍ରଙ୍କର ଗୋଟିଏ ଶ୍ଲୋକ

ଗୀତାର ପ୍ରଚଳିତ ମୂଳପାଠରେ ଧୃତରାଷ୍ଟ୍ରଙ୍କର ମାତ୍ର ଗୋଟିଏ ଶ୍ଲୋକ ହିଁ ଅଛି ଏବଂ ମହାଭାରତୋକ୍ତ ଗୀତା-ପରିମାଣରେ ମଧ୍ୟ ଧୃତରାଷ୍ଟ୍ରଙ୍କର ଶ୍ଲୋକ ଗୋଟିଏ ବୋଲି କୁହାଯାଇଛି—**'ଧୃତରାଷ୍ଟ୍ରଃ ଶ୍ଲୋକମେକମ୍'** । ଅତଏବ ଏହି ଶ୍ଲୋକର ପରିମାଣ ବିଷୟରେ କୌଣସି ମତଭେଦ ନାହିଁ ।

'ସଞ୍ଜୟ ଉବାଚ' ପରି **'ଧୃତରାଷ୍ଟ୍ର ଉବାଚ'**କୁ ମଧ୍ୟ ସ୍ୱତନ୍ତ୍ର ଶ୍ଲୋକ ଭାବରେ ଗଣା ନ ଯାଇ ଧୃତରାଷ୍ଟ୍ରଙ୍କ ଶ୍ଲୋକର ଅନ୍ତର୍ଗତ ମାନିନିଆ ଯାଇଛି । ଉଭୟ **'ଧୃତରାଷ୍ଟ୍ର ଉବାଚ'** ଓ **'ସଞ୍ଜୟ ଉବାଚ'** ମହାଭାରତର ବକ୍ତା ମହର୍ଷି ବୈଶମ୍ପାୟନଙ୍କ ବଚନର ଅନ୍ତର୍ଗତ ।

ଏଠାରେ ସନ୍ଦେହ ହୋଇପାରେ ଯେ ଧୃତରାଷ୍ଟ୍ରଙ୍କ କଥିତ ଶ୍ଲୋକକୁ ଗୀତା-ପରିମାଣରେ କାହିଁକି ସମ୍ମିଳିତ କରାଗଲା? ଏହାର ପ୍ରଥମ ସମାଧାନ ହେଲା, ଧୃତରାଷ୍ଟ୍ରଙ୍କ ମୂଳ ପ୍ରଶ୍ନ (୧ । ୧) ହିଁ ଗୀତାର ପ୍ରାକଟ୍ୟର ହେତୁ । ଧୃତରାଷ୍ଟ୍ର ଯୁଦ୍ଧସ୍ଥଳର ସମସ୍ତ ଘଟଣାକୁ ବିସ୍ତାରପୂର୍ବକ ଶୁଣିବା ଉଦ୍ଦେଶ୍ୟରେ ପ୍ରଶ୍ନ କରିଛନ୍ତି । ତାହାର ଉତ୍ତରରେ ମହର୍ଷି ବେଦବ୍ୟାସଙ୍କ କୃପାପାତ୍ର ସଞ୍ଜୟ ଶ୍ରୀକୃଷ୍ଣାର୍ଜୁନ-ସଂବାଦରୂପକ ଗୀତାଶାସ୍ତ୍ରକୁ (ଯାହା କି ଯୁଦ୍ଧସ୍ଥଳର ସର୍ବପ୍ରଥମ ଘଟଣା) ବେଦବ୍ୟାସଙ୍କ ବିଶେଷ କୃପାପାତ୍ର ରାଜା ଧୃତରାଷ୍ଟ୍ରଙ୍କୁ ଶୁଣାଇଛନ୍ତି ।* ଅତଏବ ଗୀତା ପ୍ରାକଟ୍ୟର ମୂଳ ପ୍ରଶ୍ନ ହୋଇଥିବା ଯୋଗୁଁ ଧୃତରାଷ୍ଟ୍ରଙ୍କର ଏହି ଶ୍ଲୋକ ଗୀତାରେ ସମ୍ମିଳିତ କରାଗଲା ।

ଦ୍ୱିତୀୟ କଥା, ଯେପରି ପ୍ରଥମ ଅଧ୍ୟାୟର ଅର୍ଜୁନଙ୍କ ବିଷାଦ ମଧ୍ୟ ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରି କଲ୍ୟାଣାଭିମୁଖୀ କରାଇବାରେ ହେତୁ ହେବାରୁ 'ଯୋଗ' (ଅର୍ଜୁନବିଷାଦଯୋଗ) ହୋଇଗଲା, ସେହିପରି ଧୃତରାଷ୍ଟ୍ରଙ୍କ

* ମହାଭାରତ ଦେଖିଲେ ଜଣାଯାଏ ଯେ ମହର୍ଷି ବେଦବ୍ୟାସଙ୍କର ଧୃତରାଷ୍ଟ୍ରଙ୍କ ଉପରେ ବହୁତ ଦୟା ଥିଲା । ଦୁଇପକ୍ଷକୁ ଯେତେବେଳେ ମହାଭାରତ ଯୁଦ୍ଧ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା, ସେତେବେଳେ ବେଦବ୍ୟାସ ଧୃତରାଷ୍ଟ୍ରଙ୍କ ପାଖକୁ ଯାଇ କହିଲେ—''ମହାଭାରତ ଯୁଦ୍ଧ ହେବା ଅନିବାର୍ଯ୍ୟ । ଏହା ନିଶ୍ଚିତରୂପେ ହେବ । ଯଦି ତୁମେ ଏହି ଘୋର ସଂଗ୍ରାମକୁ ଦେଖିବାକୁ ଚାହଁ, ତେବେ ମୁଁ ତୁମକୁ

ପ୍ରଶ୍ନ ମଧ୍ୟ ଭଗବଦ୍‌ବାଣୀର ପ୍ରାକଟ୍ୟର ହେତୁ ହେବା କାରଣରୁ ଭଗବଦ୍‌ଗୀତାରେ ସମ୍ମିଳିତ ହେଲା ।

ତାତ୍ପର୍ଯ୍ୟ

ଏହି ଲେଖାକୁ ଗଭୀରଭାବେ ମନନ ଓ ବିଗ୍ଭର କରି ତଥା ଭଗବାନଙ୍କ ପ୍ରତି ଶ୍ରଦ୍ଧା ରଖି ପଢ଼ିଲେ ମହାଭାରତୋକ୍ତ ଗୀତା-ପରିମାଣ ସହିତ ଏହା ଠିକ୍ ମେଳ ଖାଇବ ଏବଂ ଏ ବିଷୟରେ ଉତ୍ପନ୍ନ ସନ୍ଦେହର ସମାଧାନ ମଧ୍ୟ ହୋଇଯିବ । ଏଥିରୁ ପ୍ରମାଣିତ ହେଉଛି ଯେ ମହର୍ଷି ବେଦବ୍ୟାସବିରଚିତ ମହାଭାରତରେ ଗୀତାର ଯେଉଁ ପରିମାଣ କୁହାଯାଇଛି, ତାହା ଯଥାର୍ଥ । ଅତଏବ ପାଠ ଦୃଷ୍ଟିରୁ ଗୀତାର ପ୍ରଚଳିତ ମୂଳପାଠ ହିଁ ଉପଯୁକ୍ତ ଏବଂ ପରିମାଣ ଦୃଷ୍ଟିରୁ ଏହି ଲେଖାରେ କୁହାଯାଇଥିବା ପଦ୍ଧତି ଅନୁସାରେ ମହାଭାରତୋକ୍ତ ଗୀତା-ପରିମାଣ ହିଁ ଉପଯୁକ୍ତ ।*

ଗୀତା-ପରିମାଣର ସଙ୍ଗତି ଠିକ୍ ମେଳ ଖାଉଥିବାରୁ ଏହି ନିଷ୍କର୍ଷ ବାହାରୁଛି ଯେ ଯେତେବେଳେ ମନୁଷ୍ୟ ସଂସାରରୁ ନିବୃତ୍ତ ହୋଇ ନିଜର କଲ୍ୟାଣ ଗ୍ଭହେଁ ଏବଂ କେବଳ ବଚନ ଦ୍ୱାରା ମଧ୍ୟ ଭଗବାନଙ୍କର ଶରଣାପନ୍ନ ହୋଇଯାଏ, ସେତେବେଳେ (ଭଗବଦ୍‌ପରାୟଣ ହେବା ହେତୁ) ତା'ର କଲ୍ୟାଣ ହେବା ସୁନିଶ୍ଚିତ । ପୂର୍ଣ୍ଣଭାବରେ ଶରଣାଗତ ହେବାପରେ କେବଳ ଭଗବାନ ହିଁ ରହିଯାଆନ୍ତି ଅର୍ଥାତ୍ ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହେ ନାହିଁ ।

ଗୀତାର ପରିମାଣ ଅନୁସାରେ ତାଲିକା

ଅଧ୍ୟାୟ	୧	୨	୩	୪	୫	୬	୭	୮	୯	୧୦	୧୧	୧୨	୧୩	୧୪	୧୫	୧୬	୧୭	୧୮	ମୋଟ
ଧୃତରାଷ୍ଟ୍ର	୧																		୧
ସଞ୍ଜୟ	୪୬	୮									୮							୫	୬୭
ଅର୍ଜୁନ		୧ (୨।୫୪)	୩	୧	୧	୫		୨		୭	୩୩	୧		୧			୧	୧	୫୭
ଶ୍ରୀଭଗବାନ		୬୭	୪୪	୪୪	୩୦	୪୭	୩୧	୨୮	୩୫	୩୮	୨୨	୨୧	୩୫	୨୯	୨୨	୨୫	୨୯	୭୪	୬୨୦
ପୂର୍ଣ୍ଣ ସଂଖ୍ୟା	୪୭	୭୬	୪୭	୪୫	୩୧	୫୨	୩୧	୩୦	୩୫	୪୫	୬୩	୨୨	୩୫	୩୦	୨୧	୨୫	୩୦	୮୦	୭୪୫

ଦିବ୍ୟ ଦୃଷ୍ଟି ପ୍ରଦାନ କରିପାରେ'' (ଭୀଷ୍ମ ୨ । ୪—୬) । ଧୃତରାଷ୍ଟ୍ର କହିଲେ—''ବ୍ରହ୍ମର୍ଷିଶ୍ରେଷ୍ଠ! ମୁଁ ଜୀବନଯାକ ଅନ୍ଧ ହୋଇ ରହିଲି । ଏବେ ମୁଁ ସ୍ୱଚକ୍ଷୁରେ ନିଜର କୁଳସଂହାର ଦେଖିବାକୁ ଗ୍ଭହେଁନା । କିନ୍ତୁ ଯୁଦ୍ଧର ଘଟଣାବଳୀକୁ ଭଲଭାବେ ଜାଣିବାକୁ ଗ୍ଭହେଁ' (ଭୀଷ୍ମ. ୨ । ୭) । ବେଦବ୍ୟାସ ଜାଣିଥିଲେ ଯେ ଯୁଦ୍ଧ ହେବା ପୂର୍ବରୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ମହାନ୍ ଉପଦେଶ ପ୍ରଦାନ କରିବେ । ସେଥିପାଇଁ ସେହି ଦିବ୍ୟ ଗୀତୋପଦେଶକୁ ଧୃତରାଷ୍ଟ୍ରଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଶୁଣାଇବା ପାଇଁ ସେ ତାଙ୍କର ମନ୍ତ୍ରୀ ମହାତ୍ମା ସଞ୍ଜୟଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କଲେ ଏବଂ ଧୃତରାଷ୍ଟ୍ରଙ୍କୁ କହିଲେ—''ସଞ୍ଜୟ ତୁମକୁ ଯୁଦ୍ଧର ସମସ୍ତ ବୃତ୍ତାନ୍ତ ଶୁଣାଇବେ । ଏ ଦିବ୍ୟ ଦୃଷ୍ଟିସମ୍ପନ୍ନ ହେବେ ଓ ଯୁଦ୍ଧର ସମସ୍ତ ଘଟଣାବଳୀକୁ ପ୍ରତ୍ୟକ୍ଷଭାବେ ଦେଖି ପାରିବେ, ଶୁଣି ପାରିବେ ଓ ଜାଣିପାରିବେ । ଆଗରେ ବା ପଛରେ, ଦିନରେ ବା ରାତିରେ, ଗୁପ୍ତରେ ବା ପ୍ରକଟରେ, କ୍ରିୟାରୂପେ ପରିଣତ ବା ସୈନିକମାନଙ୍କ ମନୋଗତ କୌଣସି ଘଟଣା ବା ଭାବ ଏହାଙ୍କ ପାଇଁ ଅଛପା ରହିବ ନାହିଁ'' (ଭୀଷ୍ମ. ୨ । ୯—୧୧) ।

* ଗୁଜୁରାଟି ଓ ବଙ୍ଗଳା ଭାଷାରେ ପ୍ରକାଶିତ ଏମିତି କେତେ ଖଣ୍ଡ ଗୀତା ମୋ ଦୃଷ୍ଟିକୁ ଆସିଛି, ଯେଉଁଗୁଡ଼ିକରେ ୭୪୫ଟି ଶ୍ଳୋକ ରହିଛି । କିନ୍ତୁ ସେଗୁଡ଼ିକରେ ପ୍ରଚଳିତ ମୂଳପାଠରୁ ଯେଉଁ ୪୫ଟି ଅଧିକ ଶ୍ଳୋକ ରହିଛି, ସେଗୁଡ଼ିକ ଗୀତାର ଭାବ ଓ ପ୍ରବାହ (ପ୍ରସଙ୍ଗ) ଅନୁସାରେ ଠିକ୍ ମେଳ ଖାଉ ନାହିଁ ଏବଂ ସେଗୁଡ଼ିକର ରଚନା ମଧ୍ୟ ବୈଷ୍ଣବସମ୍ପ୍ରଦାୟର କୌଣସି ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବାର ଜଣାପଡୁଛି । ଅତଏବ ଯୋଡ଼ାଯାଇଥିବା ଅଧିକ ୪୫ଟି ଶ୍ଳୋକ ମୋତେ ଯୁକ୍ତିଯୁକ୍ତ ଲାଗିଲା ନାହିଁ ।

୧୦୯. ଗୀତାର ପ୍ରଧାନ ଓ ସୂକ୍ଷ୍ମ ବିଷୟ

ପ୍ରଥମ ଅଧ୍ୟାୟ

ଏହି ଅଧ୍ୟାୟରେ ଅର୍ଜୁନଙ୍କ ବିଷାଦର ବିଷୟ ବର୍ଣ୍ଣିତ । ଏହି ବିଷାଦ ମଧ୍ୟ ଭଗବାନଙ୍କର ଅଥବା ସନ୍ଥଜନଙ୍କର ସଙ୍ଗ ଲାଭ ହେଲେ ସଂସାରରୁ ବୈରାଗ୍ୟ ଜାତ କରାଇ କଲ୍ୟାଣକର ହୋଇଯାଏ । ଯଦ୍ୟପି ଦୁର୍ଯ୍ୟୋଧନ ପ୍ରଭୃତି ମଧ୍ୟ ବିଷାଦଗ୍ରସ୍ତ ହୋଇଥିଲେ, ତଥାପି ଭଗବାନଙ୍କ ପ୍ରତି ବିମୁଖ ହୋଇଥିବାରୁ ସେମାନଙ୍କର ବିଷାଦ 'ଯୋଗ' ହୋଇ ପାରିଲା ନାହିଁ । କେବଳ ଅର୍ଜୁନଙ୍କର ବିଷାଦ ହିଁ ଭଗବାନଙ୍କ ସମ୍ମୁଖ ହେବା କାରଣରୁ 'ଯୋଗ' ହେଲା ଅର୍ଥାତ୍ ଭଗବାନଙ୍କ ସହିତ ନିତ୍ୟ-ସମ୍ବନ୍ଧର ଅନୁଭବ କରାଇଦେଲା । ସେଥିପାଇଁ ଏହି ଅଧ୍ୟାୟର ନାମ 'ଅର୍ଜୁନବିଷାଦଯୋଗ' ରଖାଯାଇଛି ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୧୧	ପାଣ୍ଡବ ଓ କୌରବସେନାର ମୁଖ୍ୟ ମୁଖ୍ୟ ମହାରଥୀମାନଙ୍କର ନାମ ବର୍ଣ୍ଣନା
୧୨—୧୯	ଉଭୟ ପକ୍ଷ ସେନାର ଶଙ୍ଖବାଦନର ବର୍ଣ୍ଣନା
୨୦—୨୭	ଅର୍ଜୁନଙ୍କ ଦ୍ୱାରା ସେନା ନିରୀକ୍ଷଣ
୨୮—୪୭	ଅର୍ଜୁନଙ୍କ ଦ୍ୱାରା ଭୀରୁତା, ଶୋକ ଓ ପଶ୍ଚାତାପ-ଯୁକ୍ତ ବଚନ କହିବା ତଥା ସଞ୍ଜୟଙ୍କ ଦ୍ୱାରା ଶୋକାବିଷ୍ଟ ଅର୍ଜୁନଙ୍କ ଅବସ୍ଥାର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ଧୃତରାଷ୍ଟ୍ରଙ୍କର ଯୁଦ୍ଧବିଷୟକ ପ୍ରଶ୍ନ
୨	ପାଣ୍ଡବସେନାକୁ ଦେଖି ଦୁର୍ଯ୍ୟୋଧନଙ୍କର ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଗମନ
୩	ଦ୍ରୁପଦପୁତ୍ରଙ୍କ ନାମ କହି ଦୁର୍ଯ୍ୟୋଧନଙ୍କର ଦ୍ରୋଣାଚାର୍ଯ୍ୟଙ୍କୁ ଉସ୍କାଇବା
୪—୬	ଦୁର୍ଯ୍ୟୋଧନଙ୍କ ଦ୍ୱାରା ପାଣ୍ଡବସେନାର ମୁଖ୍ୟ ମୁଖ୍ୟ ସତର ଜଣ ମହାରଥୀଙ୍କ ନାମ କଥନ
୭	ଦୁର୍ଯ୍ୟୋଧନଙ୍କର ନିଜର ସେନାନାୟକମାନଙ୍କ ପ୍ରତି ଧ୍ୟାନ ଆକୃଷ୍ଟ କରିବା ପାଇଁ ଦ୍ରୋଣାଚାର୍ଯ୍ୟଙ୍କ ନିକଟରେ ପ୍ରାର୍ଥନା
୮	ଦୁର୍ଯ୍ୟୋଧନଙ୍କ ଦ୍ୱାରା ନିଜ ସେନାର ମୁଖ୍ୟ ମୁଖ୍ୟ ସାତଜଣ ମହାରଥୀଙ୍କ ନାମ କହିବା
୯	ଦୁର୍ଯ୍ୟୋଧନଙ୍କ ଦ୍ୱାରା ନିଜ ହିତାକାଂକ୍ଷୀ ବୀର ଯୋଦ୍ଧାମାନଙ୍କର ମହତ୍ତ୍ୱ ବର୍ଣ୍ଣନା
୧୦	ଦୁର୍ଯ୍ୟୋଧନଙ୍କ ମନରେ ନିଜ ସେନାର ନ୍ୟୂନତା ଓ ପାଣ୍ଡବସେନାର ମହତ୍ତ୍ୱ ସମ୍ବନ୍ଧରେ ଚିନ୍ତନ
୧୧	ଭୀଷ୍ମଙ୍କର ସୁରକ୍ଷା ପାଇଁ ନିଜ ପକ୍ଷର ବୀର ଯୋଦ୍ଧାମାନଙ୍କୁ ଦୁର୍ଯ୍ୟୋଧନଙ୍କ ପ୍ରେରଣା
୧୨	ଦୁର୍ଯ୍ୟୋଧନଙ୍କ ଖୁସି ପାଇଁ ଭୀଷ୍ମଙ୍କର ଗର୍ଜନା-ପୂର୍ବକ ଶଙ୍ଖବାଦନ
୧୩	କୌରବ ସେନାର ବିଭିନ୍ନ ବାଦ୍ୟବାଦନ
୧୪-୧୫	ଶ୍ରୀକୃଷ୍ଣ, ଅର୍ଜୁନ ଓ ଭୀମସେନଙ୍କ ଦ୍ୱାରା ଶଙ୍ଖବାଦନ
୧୬	ଯୁଧିଷ୍ଠିର, ନକୁଳ ଓ ସହଦେବଙ୍କ ଦ୍ୱାରା ଶଙ୍ଖବାଦନ
୧୭-୧୮	ପାଣ୍ଡବସେନାର ଅନେକ ମହାରଥୀଙ୍କର ଶଙ୍ଖବାଦନ
୧୯	ପାଣ୍ଡବସେନାଙ୍କ ଭୟଙ୍କର ଶଙ୍ଖଧ୍ୱନିରେ କୌରବମାନଙ୍କ ହୃଦୟ ବିଦୀର୍ଣ୍ଣ ହେବା
୨୦-୨୧	କୌରବସେନାକୁ ଦେଖି ଅର୍ଜୁନଙ୍କର ଧନୁର୍ଧାରଣ ଓ ଉଭୟ ସେନାର ମଧ୍ୟଭାଗରେ ରଥ ଠିଆ କରିବା ପାଇଁ ଭଗବାନଙ୍କୁ ଆଜ୍ଞା ପ୍ରଦାନ
୨୨	ଅର୍ଜୁନଙ୍କ ଦ୍ୱାରା ବିପକ୍ଷୀୟମାନଙ୍କୁ ଦେଖିବା ପାଇଁ ଇଚ୍ଛା ପ୍ରକଟୀକରଣ
୨୩	ଦୁର୍ଯ୍ୟୋଧନଙ୍କ ହିତାକାଂକ୍ଷୀମାନଙ୍କୁ ଦେଖିବା ପାଇଁ ଅର୍ଜୁନଙ୍କର ଇଚ୍ଛା ପ୍ରକାଶ କରିବା
୨୪-୨୫	ଭଗବାନଙ୍କ ଦ୍ୱାରା ଭୀଷ୍ମ ଓ ଦ୍ରୋଣଙ୍କ ସମ୍ମୁଖରେ ରଥ ସ୍ଥାପନ ଏବଂ କୁରୁବଂଶୀମାନଙ୍କୁ ଦେଖିବା ପାଇଁ ଅର୍ଜୁନଙ୍କୁ ଆଜ୍ଞା ପ୍ରଦାନ
୨୬—୨୮	ଉଭୟ ସେନାରେ ସ୍ଥିତ ସ୍ୱଜନମାନଙ୍କୁ ଦେଖି ଅର୍ଜୁନଙ୍କର ମୋହଗ୍ରସ୍ତ ହେବା ଏବଂ ବିଷାଦଯୁକ୍ତ ବଚନ କହିବା
୨୯-୩୦	ଅର୍ଜୁନଙ୍କ ଭୀରୁତାର ଆଠଟି ଲକ୍ଷଣ
୩୧	ଶକୁନଗୁଡ଼ିକୁ ବିପରୀତ ଦେଖି ଅର୍ଜୁନଙ୍କର ଯୁଦ୍ଧର ପରିଣାମରେ ନିଜର ହିତ ନ ଦେଖିବା
୩୨	ଅର୍ଜୁନଙ୍କ ଦ୍ୱାରା ବିଜୟ, ରାଜ୍ୟ ଆଦି ପ୍ରାପ୍ତ କରିବାର ଅନିଚ୍ଛା ପ୍ରକାଶ
୩୩	ସ୍ୱଜନମାନଙ୍କ ବିହୁନେ ରାଜ୍ୟ ଆଦିକୁ ନିରର୍ଥକ କହିବା
୩୪-୩୫	ସ୍ୱଜନମାନଙ୍କ ଦ୍ୱାରା ନିହତ ହେଲେ ମଧ୍ୟ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
	ଅଥବା ତ୍ରୈଲୋକ୍ୟ ମିଳିଗଲେ ମଧ୍ୟ ସେମାନଙ୍କୁ ମାରିବା ପାଇଁ ଅର୍ଜୁନଙ୍କର ଅନିଚ୍ଛା ପ୍ରକାଶ
୩୬	ଆତତାୟୀମାନଙ୍କୁ ମାରିବା ଦ୍ୱାରା ପାପ ହୁଏ ବୋଲି କହିବା
୩୭	ଯୁଦ୍ଧ କରିବାର ଅନୌଚିତ୍ୟ ଦର୍ଶାଇବା
୩୮-୩୯	ଦୁର୍ଯ୍ୟୋଧନ ପ୍ରଭୃତିଙ୍କର ଯୁଦ୍ଧରେ ପ୍ରବୃତ୍ତ ହେବାର ଓ ନିଜେ ଯୁଦ୍ଧରୁ ନିବୃତ୍ତ ହେବାର କାରଣ କଥନ
୪୦	କୁଳନାଶରୁ ସନାତନ କୁଳଧର୍ମ ନଷ୍ଟହେବା ଓ ଅଧର୍ମ ବୃଦ୍ଧି ହେବା
୪୧	ଅଧର୍ମ ବୃଦ୍ଧି ହେଲେ ସ୍ତ୍ରୀମାନଙ୍କର ଦୂଷିତା ହେବା ଓ ବର୍ଣ୍ଣସଂକର ଜାତ ହେବା
୪୨	ବର୍ଣ୍ଣସଂକରଙ୍କ ଯୋଗୁଁ କୁଳ ଓ କୁଳଘାତୀମାନଙ୍କର ନରକକୁ ଯିବା ଓ ପିତୃପୁରୁଷମାନଙ୍କର ପତନ ହେବା
୪୩	ବର୍ଣ୍ଣସଂକରକାରକ ଦୋଷରୁ କୁଳଧର୍ମ ଓ ଜାତିଧର୍ମ ନଷ୍ଟ ହେବା ବିଷୟ କଥନ
୪୪	କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟଙ୍କର ନରକବାସ ହେବାର କଥନ
୪୫	ସ୍ୱଜନମାନଙ୍କୁ ମାରିବାକୁ ପ୍ରବୃତ୍ତ ହୋଇଥିବା ହେତୁ ଅର୍ଜୁନଙ୍କର ପଶ୍ଚାତ୍ତାପ
୪୬	ଅର୍ଜୁନଙ୍କର ଯୁଦ୍ଧରୁ ଉପରତ ହୋଇ ସ୍ୱଜନମାନଙ୍କ ଦ୍ୱାରା ନିହତ ହେବାରେ ମଧ୍ୟ ନିଜର କଲ୍ୟାଣ ଦେଖିବା
୪୭	ସଞ୍ଜୟଙ୍କ ଦ୍ୱାରା ଶୋକାବିଷ୍ଟ ଅର୍ଜୁନଙ୍କ ଅବସ୍ଥାର ବର୍ଣ୍ଣନା

ଦ୍ୱିତୀୟ ଅଧ୍ୟାୟ

କର୍ମଯୋଗ, ସାଙ୍ଖ୍ୟଯୋଗ, ଭକ୍ତିଯୋଗ ଆଦି ସମସ୍ତ ସାଧନାରେ ବିବେକ ନିତାନ୍ତ ଆବଶ୍ୟକ । ସାଙ୍ଖ୍ୟଯୋଗରେ ବିବେକ ମୁଖ୍ୟ ଏବଂ ସାଙ୍ଖ୍ୟଯୋଗରୁ ହିଁ ଭଗବାନ ନିଜର ଉପଦେଶ ଆରମ୍ଭ କରିଛନ୍ତି; ସେଥିପାଇଁ ଏହି ଅଧ୍ୟାୟର ନାମ **'ସାଙ୍ଖ୍ୟଯୋଗ'** ରଖାଯାଇଛି ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୧୦	ଅର୍ଜୁନଙ୍କ ଭୀରୁତା ବିଷୟରେ ସଞ୍ଜୟଙ୍କ ଦ୍ୱାରା ଶ୍ରୀକୃଷ୍ଣାର୍ଜୁନସଂବାଦର ବର୍ଣ୍ଣନା
୧୧—୩୦	ସାଙ୍ଖ୍ୟଯୋଗର ବର୍ଣ୍ଣନା
୩୧—୩୮	କ୍ଷାତ୍ରଧର୍ମ ଦୃଷ୍ଟିରୁ ଯୁଦ୍ଧ କରିବାର ଆବଶ୍ୟକତା ପ୍ରତିପାଦନ
୩୯—୫୩	କର୍ମଯୋଗର ବର୍ଣ୍ଣନା
୫୪—୭୨	ସ୍ଥିତପ୍ରଜ୍ଞଙ୍କ ଲକ୍ଷଣାଦିର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ସଞ୍ଜୟଙ୍କ ଦ୍ୱାରା ଅର୍ଜୁନଙ୍କ ବିଷାଦର ପ୍ରତିପାଦନ
୨-୩	ଭଗବାନଙ୍କ ଦ୍ୱାରା ବିଷାଦର ଅନୌଚିତ୍ୟ ଦର୍ଶାଇ ଅର୍ଜୁନଙ୍କୁ ଯୁଦ୍ଧ ପାଇଁ ଆଜ୍ଞା ପ୍ରଦାନ
୪	ଅର୍ଜୁନଙ୍କ ଦ୍ୱାରା ଭୀଷ୍ମ ଓ ଦ୍ରୋଣଙ୍କ ବଧକୁ ଅନୌଚିତ୍ୟ ଦର୍ଶାଇବା
୫	ଅର୍ଜୁନ ଯୁଦ୍ଧ ନ କରିବାରେ ନିଜର ମଙ୍ଗଳ ଦେଖିବା
୬	ଯୁଦ୍ଧ କରିବା ଓ ନ କରିବାରେ ଏବଂ ବିଜୟ ହେବା ଓ ନ ହେବାରେ ଅର୍ଜୁନଙ୍କ ଦ୍ୱାରା ସନ୍ଦେହ ପ୍ରକଟୀକରଣ
୭	କର୍ତ୍ତବ୍ୟ-ନିର୍ଣ୍ଣୟ ପାଇଁ ଅର୍ଜୁନଙ୍କ ଦ୍ୱାରା ଭଗବାନଙ୍କର ଶିଷ୍ୟତ୍ୱ ସ୍ୱୀକାର ଓ ତାଙ୍କର ଶରଣାପନ୍ନ ହେବା
୮	ଅର୍ଜୁନଙ୍କ ଦ୍ୱାରା ସାଂସାରିକ ଭୋଗରେ ଶୋକ-ନିବୃତ୍ତିର ଉପାୟ ନ ଦେଖିବା
୯-୧୦	ଯୁଦ୍ଧ ନ କରିବାର ନିଷ୍ପତ୍ତି ବ୍ୟକ୍ତ କରିସାରି ଅର୍ଜୁନଙ୍କର ମୌନାବଲମ୍ବନ ଏବଂ ମୃଦୁହାସପୂର୍ବକ ଭଗବାନଙ୍କର ଉପଦେଶ ଆରମ୍ଭ
୧୧	ଭଗବାନଙ୍କ ଦ୍ୱାରା ଶୋକର ଅନୌଚିତ୍ୟ ଦର୍ଶାଇବା
୧୨-୧୩	ଶରୀରୀର ନିତ୍ୟତାର ବର୍ଣ୍ଣନା
୧୪-୧୫	ବିଷୟ ଓ ପଦାର୍ଥଗୁଡ଼ିକର ଅନିତ୍ୟତା ଏବଂ ସେଗୁଡ଼ିକ ଦ୍ୱାରା ବ୍ୟଥିତ ନ ହେବାର ମହିମା
୧୬	ସତ୍ ଓ ଅସତ୍‌ର ପରିଭାଷା
୧୭-୧୮	ସତ୍ ଓ ଅସତ୍‌ର ବ୍ୟାଖ୍ୟା ତଥା ଯୁଦ୍ଧ କରିବା ପାଇଁ ଆଦେଶ
୧୯	ଦେହୀର ଅକର୍ତ୍ତୃତ୍ୱ ଓ ଅବିନାଶିତ୍ୱ ବିଷୟରେ କଥନ
୨୦	ଦେହୀର ନିର୍ବିକାରତା ବିଷୟରେ କଥନ
୨୧	ଦେହୀର ଅକର୍ତ୍ତୃତ୍ୱକୁ ଜାଣିବାର ମହିମା
୨୨	ବସ୍ତ୍ରର ଦୃଷ୍ଟାନ୍ତ ମାଧ୍ୟମରେ ଦେହୀର ନିର୍ବିକାରତାର ବର୍ଣ୍ଣନା
୨୩—୨୫	ଦେହୀର ଅବିନାଶିତା, ନିତ୍ୟତା ଓ ନିର୍ବିକାରତାର ବର୍ଣ୍ଣନା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨୬-୨୭	ଅନ୍ୟମାନଙ୍କ ଧାରଣା ଅନୁସାରେ ମଧ୍ୟ ଦେହୀ ପାଇଁ ଶୋକ କରିବାର ଅନୌଚିତ୍ୟ ପ୍ରତିପାଦନ
୨୮	ଶରୀରର ଅନିତ୍ୟତା ସମ୍ବନ୍ଧରେ ବର୍ଣ୍ଣନା
୨୯	ଶରୀରୀର ଅଲୌକିକତାର ବର୍ଣ୍ଣନା
୩୦	ଶରୀରୀର ନିତ୍ୟତାର ବର୍ଣ୍ଣନା
୩୧-୩୨	ସ୍ୱଧର୍ମରୂପକ କର୍ତ୍ତବ୍ୟପାଳନର ଶ୍ରେଷ୍ଠତ୍ୱ ଓ ଲାଭର ବର୍ଣ୍ଣନା
୩୩—୩୬	ସ୍ୱଧର୍ମରୂପକ କର୍ତ୍ତବ୍ୟପାଳନ ନ କରିବାରୁ ହେଉଥିବା କ୍ଷତିର କଥନ
୩୭-୩୮	ଯୁଦ୍ଧରୂପକ କର୍ତ୍ତବ୍ୟ ପାଳନ ଦ୍ୱାରା ହେଉଥିବା ଲାଭର ବର୍ଣ୍ଣନା କରି ଯୁଦ୍ଧ ପାଇଁ ଆଜ୍ଞା ପ୍ରଦାନ
୩୯	କର୍ମଯୋଗ ଦୃଷ୍ଟିରୁ ସମବୁଦ୍ଧି ବିଷୟରେ ଶୁଣିବା ପାଇଁ ଆଦେଶ
୪୦	ସମବୁଦ୍ଧିକୁ ଆଚରଣ କରିବାର ମହିମା
୪୧	ବ୍ୟବସାୟାତ୍ମିକା ବୁଦ୍ଧିର ଏକତା ଓ ଅବ୍ୟବସାୟୀ ମନୁଷ୍ୟଙ୍କ ବୁଦ୍ଧିର ଅନେକତା ନିରୂପଣ
୪୨—୪୪	ଅବ୍ୟବସାୟୀ ମନୁଷ୍ୟର ବ୍ୟବସାୟାତ୍ମିକା ବୁଦ୍ଧି ନ ହେବାର କାରଣ
୪୫	ଅର୍ଜୁନଙ୍କୁ ନିଷ୍କାମ ହେବା ପାଇଁ ଆଦେଶ
୪୬	ନିଷ୍କାମତାର ନିରୂପଣ
୪୭	କର୍ତ୍ତବ୍ୟକର୍ମ କରିବାର ପ୍ରଣାଳୀ
୪୮	କର୍ତ୍ତବ୍ୟକର୍ମ କରିବାର ପ୍ରଣାଳୀକୁ କାର୍ଯ୍ୟାନ୍ୱିତ କରିବାର ଉପାୟ
୪୯	ସକାମ କର୍ମ ଅପେକ୍ଷା ସମବୁଦ୍ଧିର ଶ୍ରେଷ୍ଠତ୍ୱ ଦର୍ଶାଇ ତାହାର ଆଶ୍ରୟ ନେବା ପାଇଁ ଆଦେଶ
୫୦	ସମବୁଦ୍ଧିର ଆଶ୍ରୟ ନେବାର ଫଳ କହି ଯୋଗଯୁକ୍ତ ହେବା ପାଇଁ ଆଦେଶ
୫୧	ସମବୁଦ୍ଧିର ବିଶେଷ ମହିମା ବର୍ଣ୍ଣନ
୫୨-୫୩	ବୁଦ୍ଧି ମୋହକଳିଳକୁ ଅତିକ୍ରମ କଲେ ବୈରାଗ୍ୟ ପ୍ରାପ୍ତ ହେବାର ଓ ବୁଦ୍ଧି ଅଚଳ ତଥା ନିଶ୍ଚଳ ହେଲେ ଯୋଗ ପ୍ରାପ୍ତ ହେବାର କଥନ
୫୪	ସ୍ଥିତପ୍ରଜ୍ଞଙ୍କ ବିଷୟରେ ଅର୍ଜୁନଙ୍କର ଚାରୋଟି ପ୍ରଶ୍ନ
୫୫	କାମନା ତ୍ୟାଗ ଦ୍ୱାରା ସ୍ୱରୂପରେ ସ୍ଥିତି ହେବାର କଥନ
୫୬-୫୭	ସ୍ଥିତପ୍ରଜ୍ଞଙ୍କ ଭାବମୂଳକ ଭାଷଣ ବିଷୟରେ କଥନ
୫୮-୫୯	କଇଁଛର ଦୃଷ୍ଟାନ୍ତ ମାଧ୍ୟମରେ ସ୍ଥିତପ୍ରଜ୍ଞଙ୍କ ସଂଯମର ଓ ତାଙ୍କର ରସବୁଦ୍ଧି ନିବୃତ୍ତ ହେବା ସମ୍ପର୍କରେ ବର୍ଣ୍ଣନା
୬୦	ରସବୁଦ୍ଧି ନିବୃତ୍ତ ନ ହେବାରୁ କ୍ଷତି
୬୧	ରସବୁଦ୍ଧିର ନିବୃତ୍ତି ପାଇଁ ଭଗବତ୍ପରାୟଣ ହେବାର ଆବଶ୍ୟକତା ପ୍ରତିପାଦନ
୬୨-୬୩	ରସବୁଦ୍ଧି ହେତୁ ହେଉଥିବା ପତନର କ୍ରମ
୬୪-୬୫	ରାଗ-ଦ୍ୱେଷବିବର୍ଜିତ ତଥା ବଶୀଭୂତ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟ ସେବନ କରୁଥିଲେ ମଧ୍ୟ ସ୍ଥିତପ୍ରଜ୍ଞତା ଅକ୍ଷୁଣ୍ଣ ରହିବାର କଥନ
୬୬	ଅସଂଯମୀ ମନୁଷ୍ୟର ବୁଦ୍ଧି ଓ ଭାବନା ବ୍ୟବସାୟାତ୍ମିକା ନ ହେବା ଏବଂ ତାକୁ ସୁଖ ଓ ଶାନ୍ତି ନ ମିଳିବା ବିଷୟରେ କଥନ
୬୭	ଅସଂଯମୀ ସାଧକର ମନର ପ୍ରାବଲ୍ୟ ବିଷୟରେ କଥନ
୬୮	ଇନ୍ଦ୍ରିୟସଂଯମ ଦ୍ୱାରା ସ୍ଥିତପ୍ରଜ୍ଞତା ପ୍ରାପ୍ତି ବିଷୟରେ କଥନ
୬୯	ସଂଯମୀ ପୁରୁଷର ମହିମା
୭୦	ସମୁଦ୍ରର ଦୃଷ୍ଟାନ୍ତ ମାଧ୍ୟମରେ ସ୍ଥିତପ୍ରଜ୍ଞଙ୍କ ପୂର୍ଣ୍ଣତ୍ୱର କଥନ
୭୧	କାମନା, ସ୍ପୃହା, ମମତା ଓ ଅହଂଭାବ ତ୍ୟାଗରୁ ଶାନ୍ତିଲାଭ
୭୨	କାମନା ଆଦିରୁ ମୁକ୍ତ ହେବାର ବିଶେଷ ମହିମା

ତୃତୀୟ ଅଧ୍ୟାୟ

ଏହି ଅଧ୍ୟାୟରେ କର୍ମଯୋଗର ଯେତେ ବିଶଦ୍ ବର୍ଣ୍ଣନା ହୋଇଛି, ଗୀତାରେ ଅନ୍ୟ କୌଣସି ଅଧ୍ୟାୟରେ ସେତେ ବର୍ଣ୍ଣନା ହୋଇ ନାହିଁ, ତେଣୁ ଏହି ଅଧ୍ୟାୟର ନାମ 'କର୍ମଯୋଗ' ।

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୧—୮	ସାଙ୍ଖ୍ୟଯୋଗ ଓ କର୍ମଯୋଗ ଦୃଷ୍ଟିରୁ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା ନିରୂପଣ
୯—୧୯	ଯଜ୍ଞ ଓ ସୃଷ୍ଟିଚକ୍ରର ପରମ୍ପରା ସୁରକ୍ଷିତ ରଖିବା ପାଇଁ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା ନିରୂପଣ
୨୦—୨୯	ଲୋକସଂଗ୍ରହ ନିମନ୍ତେ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା ନିରୂପଣ
୩୦—୩୫	ରାଗ ଓ ଦ୍ୱେଷରୁ ମୁକ୍ତ ହୋଇ ସ୍ୱଧର୍ମ ଅନୁସାରେ କର୍ତ୍ତବ୍ୟକର୍ମ କରିବା ପାଇଁ ପ୍ରେରଣା
୩୬—୪୩	ସମସ୍ତ ପାପର କାରଣଭୂତ 'କାମ'କୁ ବିନାଶ କରିବା ପାଇଁ ପ୍ରେରଣା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧-୨	ଭଗବାନଙ୍କ ବଚନର ସ୍ପଷ୍ଟୀକରଣ ପାଇଁ ଅର୍ଜୁନଙ୍କ ପ୍ରାର୍ଥନା
୩	ଭଗବାନଙ୍କ ଦ୍ୱାରା ଅଧିକାରୀ ଭେଦରେ ଦୁଇ ପ୍ରକାର ଲୌକିକ ନିଷ୍ଠାର ବର୍ଣ୍ଣନା
୪	କେବଳ କର୍ମଗୁଡ଼ିକୁ ତ୍ୟାଗ କରିଦେଲେ ସିଦ୍ଧି ମିଳେ ନାହିଁ
୫	କର୍ମଗୁଡ଼ିକୁ ସର୍ବଥା ତ୍ୟାଗ କରିବା ଅସମ୍ଭବ ଦର୍ଶାଇବା
୬	ବାହ୍ୟ କ୍ରିୟାଗୁଡ଼ିକର ତ୍ୟାଗକୁ ମିଥ୍ୟାଚାର ଦର୍ଶାଇବା
୭	ଇନ୍ଦ୍ରିୟମାନଙ୍କ ଦ୍ୱାରା ଅନାସକ୍ତଭାବରେ କର୍ତ୍ତବ୍ୟକର୍ମ କରିବା ବ୍ୟକ୍ତିର ପ୍ରଶଂସା
୮	କର୍ମ ନ କରିବା ଅପେକ୍ଷା କର୍ମ କରିବାର ଶ୍ରେଷ୍ଠତ୍ୱ ପ୍ରତିପାଦନ
୯	ନିଜ ପାଇଁ କରାଯାଉଥିବା କର୍ମକୁ ବନ୍ଧନକାରକ କହି ଅନାସକ୍ତଭାବରେ କର୍ମ କରିବା ପାଇଁ ଆଦେଶ
୧୦-୧୧	ପ୍ରଜାପତି ବ୍ରହ୍ମାଙ୍କ ଆଜ୍ଞାନୁସାରେ ଯଜ୍ଞାର୍ଥକର୍ମର ଆବଶ୍ୟକତା ନିରୂପଣ
୧୨	କେବଳ ନିଜ ସ୍ୱାର୍ଥ ପାଇଁ କର୍ମ କରୁଥିବା ଲୋକର ନିନ୍ଦା
୧୩	ନିଜ ପାଇଁ କର୍ମ ନ କଲେ ମୁକ୍ତି ଓ ନିଜ ପାଇଁ କର୍ମ କଲେ ବନ୍ଧନ
୧୪-୧୫	ସୃଷ୍ଟିଚକ୍ରର ସୁରକ୍ଷା ନିମନ୍ତେ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା
୧୬	ସୃଷ୍ଟିଚକ୍ର ଅନୁସାରେ ଚଳୁ ନ ଥିବା ଲୋକର ନିନ୍ଦା
୧୭	ସିଦ୍ଧ କର୍ମଯୋଗୀଙ୍କ ପାଇଁ କୌଣସି କର୍ତ୍ତବ୍ୟ ନ ଥିବାର କଥନ
୧୮	ସିଦ୍ଧ କର୍ମଯୋଗୀଙ୍କର କାହାଠାରେ କୌଣସି ପ୍ରୟୋଜନ ନ ଥିବାର କଥନ
୧୯	ଅନାସକ୍ତ ଭାବରେ କର୍ମ କରିବାକୁ ଆଦେଶ ଓ ତାହାର ଫଳ
୨୦	ଜନକାଦିଙ୍କ ଉଦାହରଣ ଦ୍ୱାରା ଅନାସକ୍ତ-ଭାବରେ କର୍ମ କରିବା ପାଇଁ ପ୍ରେରଣା
୨୧	ଲୋକସଂଗ୍ରହର ଶିକ୍ଷା
୨୨	ଭଗବାନଙ୍କ ଦ୍ୱାରା ଲୋକସଂଗ୍ରହ
୨୩-୨୪	ଭଗବାନ ନିଜେ କର୍ମ ନ କଲେ ତଜ୍ଜନିତ ସମ୍ଭାବ୍ୟ କ୍ଷତିର ବର୍ଣ୍ଣନ
୨୫-୨୬	ସ୍ୱୟଂ ଜ୍ଞାନୀ ମହାପୁରୁଷଙ୍କୁ କର୍ମ କରିବା ପାଇଁ ଓ ଅନ୍ୟମାନଙ୍କ ଦ୍ୱାରା କର୍ମ କରାଇବା ପାଇଁ ଭଗବାନଙ୍କ ପ୍ରେରଣା
୨୭	ଅଜ୍ଞାନୀ ମନୁଷ୍ୟଙ୍କ କର୍ମର ପ୍ରଣାଳୀ
୨୮	ଜ୍ଞାନୀ ମହାପୁରୁଷଙ୍କ କର୍ମର ପ୍ରଣାଳୀ
୨୯	ଜ୍ଞାନୀ ମହାପୁରୁଷଙ୍କ ପାଇଁ ଅଜ୍ଞାନୀ ମନୁଷ୍ୟଙ୍କୁ କର୍ମରୁ ବିଚଳିତ ନ କରିବାକୁ ନିର୍ଦ୍ଦେଶ
୩୦	ଭଗବନ୍ନିଷ୍ଠା ଅନୁସାରେ କର୍ମ କରିବାର ବିଧି
୩୧	ଭଗବାନଙ୍କ ସିଦ୍ଧାନ୍ତ ପାଳନ କରିବା ଦ୍ୱାରା ଲାଭ
୩୨	ଭଗବାନଙ୍କ ସିଦ୍ଧାନ୍ତ ପାଳନ ନ କରିବାର କ୍ଷତି
୩୩	ପ୍ରକୃତିର ପରବଶତା
୩୪	ପ୍ରକୃତିର ପରବଶତାରୁ ମୁକ୍ତ ହେବାର ଉପାୟ
୩୫	ସ୍ୱଧର୍ମ ଓ ପରଧର୍ମର ବର୍ଣ୍ଣନା
୩୬	ପାପରେ ପ୍ରବୃତ୍ତ ହେବାର କାରଣ ଜାଣିବା ପାଇଁ ଅର୍ଜୁନଙ୍କ ପ୍ରଶ୍ନ
୩୭	ଭଗବାନଙ୍କ ଦ୍ୱାରା ପାପର କାରଣଭୂତ କାମର ବର୍ଣ୍ଣନା
୩୮	କାମ ଦ୍ୱାରା ଜ୍ଞାନ ଆବୃତ ହୋଇଯିବା ସମ୍ବନ୍ଧରେ ବର୍ଣ୍ଣନା
୩୯	କାମର ଦୁଷ୍ପୂରତା
୪୦	କାମର ନିବାସସ୍ଥାନ
୪୧	ଇନ୍ଦ୍ରିୟସଂଯମ କରି କାମକୁ ମାରିବାର ପ୍ରେରଣା
୪୨-୪୩	ନିଜେ ନିଜକୁ ବଶରେ ରଖି କାମକୁ ମାରିବାର ପ୍ରେରଣା

ଚତୁର୍ଥ ଅଧ୍ୟାୟ

ତତ୍ତ୍ୱଜ୍ଞାନ ପ୍ରାପ୍ତି ନିମନ୍ତେ କର୍ମଯୋଗ ଓ ସାଂଖ୍ୟଯୋଗର ବର୍ଣ୍ଣନା ହୋଇଥିବାରୁ ଏହି ଅଧ୍ୟାୟର ନାମ **'ଜ୍ଞାନକର୍ମସନ୍ନ୍ୟାସଯୋଗ'** ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୧୫	କର୍ମଯୋଗର ପରମ୍ପରା ଏବଂ ଭଗବାନଙ୍କ ଜନ୍ମ ତଥା କର୍ମମାନଙ୍କର ଦିବ୍ୟତାର ବର୍ଣ୍ଣନା
୧୬—୩୨	କର୍ମତତ୍ତ୍ୱର ଏବଂ ତଦନୁସାରେ ଯଜ୍ଞଗୁଡ଼ିକର ବର୍ଣ୍ଣନା
୩୩—୪୨	ଜ୍ଞାନଯୋଗ ଓ କର୍ମଯୋଗର ପ୍ରଶଂସା ତଥା ପ୍ରେରଣା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	କର୍ମଯୋଗର ପରମ୍ପରା ବର୍ଣ୍ଣନା
୨	କର୍ମଯୋଗ ଲୁପ୍ତପ୍ରାୟ ହେବାର କଥନ
୩	ଭଗବାନଙ୍କ ଦ୍ୱାରା ନିଜର ରହସ୍ୟ ପ୍ରକଟୀକରଣ
୪	ଭଗବାନଙ୍କ ବିଷୟରେ ଅର୍ଜୁନଙ୍କ ଜିଜ୍ଞାସା
୫	ଭଗବାନଙ୍କ ଦ୍ୱାରା ନିଜ ସର୍ବଜ୍ଞତାର ବର୍ଣ୍ଣନା
୬	ଭଗବାନଙ୍କ ଜନ୍ମର ବୈଚିତ୍ର୍ୟ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୭	ଭଗବାନଙ୍କ ଅବତାରର ସମୟ
୮	ଭଗବାନଙ୍କ ଅବତାରର ପ୍ରୟୋଜନୀୟତା
୯	ଭଗବାନଙ୍କ ଜନ୍ମ ଓ କର୍ମର ଦିବ୍ୟତା ଜାଣିବାର ମାହାତ୍ମ୍ୟ
୧୦	ଭଗବାନଙ୍କ ଜନ୍ମ ଓ କର୍ମକୁ ତତ୍ତ୍ୱତଃ ଜାଣିବାର ଫଳ
୧୧	ଭକ୍ତମାନଙ୍କ ଭାବ ଅନୁସାରେ ଭଗବାନଙ୍କ ବ୍ୟବହାର
୧୨	ଅନ୍ୟ ଦେବତାମାନଙ୍କ ଉପାସନାର କାରଣ
୧୩-୧୪	ଭଗବାନଙ୍କ କର୍ମର ଦିବ୍ୟତା
୧୫	ମୁମୁକ୍ଷୁମାନଙ୍କ ଉଦାହରଣ ଦେଇ କର୍ମ କରିବାକୁ ପ୍ରେରଣା
୧୬	କର୍ମ-ତତ୍ତ୍ୱ ବର୍ଣ୍ଣନାର ଉପକ୍ରମ
୧୭	କର୍ମ-ତତ୍ତ୍ୱକୁ ଜାଣିବା ପାଇଁ ପ୍ରେରଣା
୧୮	କର୍ମର ତତ୍ତ୍ୱ ଏବଂ ତାହାକୁ ଜାଣିଥିବା ମନୁଷ୍ୟର ପ୍ରଶଂସା
୧୯	କର୍ମର ତତ୍ତ୍ୱକୁ ଜାଣିଥିବା ମହାପୁରୁଷଙ୍କର ପ୍ରଶଂସା
୨୦	କର୍ମର ତତ୍ତ୍ୱକୁ ଜାଣିଥିବା ମହାପୁରୁଷଙ୍କର କର୍ମରୁ ଅସଙ୍ଗତା
୨୧	ନିବୃତ୍ତିପରାୟଣ କର୍ମଯୋଗୀଙ୍କର କର୍ମରୁ ନିର୍ଲିପ୍ତତା
୨୨	ପ୍ରବୃତ୍ତିପରାୟଣ କର୍ମଯୋଗୀଙ୍କର କର୍ମରୁ ନିର୍ଲିପ୍ତତା
୨୩	ଯଜ୍ଞାର୍ଥ କର୍ମ କରିବା ଦ୍ୱାରା କର୍ମ ବିଲୀନ ହେବା
୨୪	ବ୍ରହ୍ମଯଜ୍ଞର ବର୍ଣ୍ଣନା
୨୫	ଭଗବଦର୍ପଣରୂପୀ ଦୈବଯଜ୍ଞର ତଥା ବ୍ରହ୍ମ ସହିତ ସ୍ୱୟଂର ଏକତ୍ୱରୂପୀ ଯଜ୍ଞର ବର୍ଣ୍ଣନା
୨୬	ଇନ୍ଦ୍ରିୟସଂଯମରୂପୀ ଯଜ୍ଞର ଓ ବିଷୟହବନରୂପୀ (ଅନାସକ୍ତିପୂର୍ବକ ବିଷୟସେବନରୂପୀ) ଯଜ୍ଞର ବର୍ଣ୍ଣନା
୨୭	ଆତ୍ମସଂଯମ (ସମାଧି) ରୂପକ ଯଜ୍ଞର ବର୍ଣ୍ଣନା
୨୮	ଦ୍ରବ୍ୟଯଜ୍ଞ, ତପୋଯଜ୍ଞ, ଯୋଗଯଜ୍ଞ ଓ ସ୍ୱାଧ୍ୟାୟରୂପକ ଜ୍ଞାନଯଜ୍ଞର ବର୍ଣ୍ଣନା
୨୯-୩୦	ପ୍ରାଣାୟାମରୂପକ ଯଜ୍ଞର ତଥା ସମବୃତ୍ତି-ପ୍ରାଣାୟାମରୂପକ ଯଜ୍ଞର ବର୍ଣ୍ଣନା ଏବଂ ଯଜ୍ଞ କରୁଥିବା ଲୋକମାନଙ୍କର ମହିମା
୩୧	ଯଜ୍ଞ କରିବାରେ ଲାଭ ଓ ନ କରିବାରେ କ୍ଷତି
୩୨	କର୍ମ-ତତ୍ତ୍ୱ ବର୍ଣ୍ଣନାର ଉପସଂହାର
୩୩	ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞର ଶ୍ରେଷ୍ଠତ୍ୱ
୩୪	ଜ୍ଞାନପ୍ରାପ୍ତିର ଶାସ୍ତ୍ରୀୟ ପ୍ରଣାଳୀ
୩୫	ଜ୍ଞାନପ୍ରାପ୍ତି ହେବାପରେ ପୁନଶ୍ଚ ମୋହ ନ ହେବାର କଥନ
୩୬	ଜ୍ଞାନରୂପୀ ନୌକାଦ୍ୱାରା ସମସ୍ତ ପାପକୁ ଅତିକ୍ରମଣ
୩୭	ଜ୍ଞାନରୂପକ ଅଗ୍ନିରେ ସମସ୍ତ କର୍ମ ଭସ୍ମ ହେବା
୩୮	ଜ୍ଞାନର ମହିମା ଓ କର୍ମଯୋଗ ଦ୍ୱାରା ସ୍ୱତଃ ଜ୍ଞାନପ୍ରାପ୍ତି
୩୯	ଜ୍ଞାନପ୍ରାପ୍ତିର ପାତ୍ର
୪୦	ବିବେକହୀନ ସଂଶୟାତ୍ମାର ପତନ
୪୧	ସଂଶୟରହିତ କର୍ମଯୋଗୀଙ୍କର କର୍ମରୁ ନିର୍ଲିପ୍ତତା
୪୨	କର୍ମଯୋଗ ଆଚରଣ କରିବାକୁ ଆଦେଶ

ପଞ୍ଚମ ଅଧ୍ୟାୟ

କର୍ମଯୋଗ ଓ ସାଙ୍ଖ୍ୟଯୋଗ ଉଭୟର ବର୍ଣ୍ଣନା ହୋଇଥିବାରୁ ଏହି ଅଧ୍ୟାୟର ନାମ 'କର୍ମସନ୍ନ୍ୟାସଯୋଗ' ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୬	ସାଙ୍ଖ୍ୟଯୋଗ ଓ କର୍ମଯୋଗ ମଧ୍ୟରେ ଏକତ୍ୱ ପ୍ରତିପାଦନ ଏବଂ କର୍ମଯୋଗର ପ୍ରଶଂସା
୭—୧୨	ସାଙ୍ଖ୍ୟଯୋଗ ଓ କର୍ମଯୋଗ ସାଧନାର ପ୍ରକାର
୧୩—୨୬	ଫଳସହିତ ସାଙ୍ଖ୍ୟଯୋଗର ବିଷୟ
୨୭—୨୯	ଧ୍ୟାନ ଓ ଭକ୍ତିର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ସାଙ୍ଖ୍ୟଯୋଗ ଓ କର୍ମଯୋଗର ଶ୍ରେଷ୍ଠତ୍ୱ ବିଷୟରେ ଅର୍ଜୁନଙ୍କ ପ୍ରଶ୍ନ
୨	ଭଗବାନଙ୍କ ଦ୍ୱାରା ସାଙ୍ଖ୍ୟଯୋଗ ଅପେକ୍ଷା କର୍ମଯୋଗର ଶ୍ରେଷ୍ଠତ୍ୱ ପ୍ରତିପାଦନ
୩	କର୍ମଯୋଗ ଦ୍ୱାରା ସହଜରେ ମୁକ୍ତ ହେବାର କଥନ
୪	ସାଙ୍ଖ୍ୟଯୋଗ ଓ କର୍ମଯୋଗକୁ ଭିନ୍ନ ଭିନ୍ନ ଫଳପ୍ରଦ କହୁଥିବା ଲୋକଙ୍କୁ ଅଜ୍ଞ କହିବା
୫	ସାଙ୍ଖ୍ୟଯୋଗ ଓ କର୍ମଯୋଗର ଫଳରେ ଏକତ୍ୱ ଦେଖୁଥିବା ଲୋକଙ୍କୁ ବୁଦ୍ଧିମାନ୍ କହିବା
୬	ସାଙ୍ଖ୍ୟଯୋଗ ଅପେକ୍ଷା କର୍ମଯୋଗକୁ ଶୀଘ୍ର ସିଦ୍ଧିପ୍ରଦ କହିବା
୭	କର୍ମରୁ କର୍ମଯୋଗୀଙ୍କର ନିର୍ଲିପ୍ତତା
୮-୯	କର୍ମରୁ ସାଙ୍ଖ୍ୟଯୋଗୀଙ୍କର ନିର୍ଲିପ୍ତତା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୦	କର୍ମରୁ ଭକ୍ତିଯୋଗୀଙ୍କର ନିର୍ଲିପ୍ତତା
୧୧	କର୍ମଯୋଗୀଙ୍କର କର୍ମ କରିବାର ପ୍ରଣାଳୀ
୧୨	ନିଷ୍କାମଭାବରୁ ମୁକ୍ତି ଓ ସକାମଭାବରୁ ବନ୍ଧନ
୧୩	ସାଂଖ୍ୟଯୋଗୀଙ୍କର କର୍ମ କରିବା ଓ କରାଇବାର ଭାବ ନ ଥିବା ବିଷୟରେ କଥନ
୧୪	କର୍ତ୍ତୃତ୍ୱ, କର୍ମ ଓ କର୍ମଫଳସଂଯୋଗରେ ଜୀବର ସ୍ୱଭାବକୁ ଦାୟୀ କହିବା
୧୫	ପାପ ଓ ପୁଣ୍ୟରେ ଚେତନତତ୍ତ୍ୱର ନିର୍ଲିପ୍ତତା ଏବଂ ଜୀବମାନେ ଅଜ୍ଞାନ ହେତୁ ମୋହଗ୍ରସ୍ତ ହେବା
୧୬	ସୂର୍ଯ୍ୟଙ୍କ ଦୃଷ୍ଟାନ୍ତ ମାଧ୍ୟମରେ ତତ୍ତ୍ୱଜ୍ଞାନର ମହିମା ବର୍ଣ୍ଣନା
୧୭	ସାଂଖ୍ୟଯୋଗର ସାଧନା ଓ ଫଳ
୧୮	ଜ୍ଞାନୀ ମହାପୁରୁଷଙ୍କ ସମଦର୍ଶିତା
୧୯	ସମତାର ବିଶେଷ ମହିମା ବର୍ଣ୍ଣନ
୨୦	ସାଂଖ୍ୟଯୋଗର ସାଧନା ଓ ସିଦ୍ଧଙ୍କ ଲକ୍ଷଣ-ଗୁଡ଼ିକର ବର୍ଣ୍ଣନା
୨୧	ବ୍ରହ୍ମରେ ସ୍ୱାଭାବିକ ସ୍ଥିତିର ଅନୁଭବ ଓ ଅକ୍ଷୟ ସୁଖର ପ୍ରାପ୍ତି
୨୨	ସଂଯୋଗଜନିତ ସୁଖର ନିନ୍ଦା
୨୩	କାମ ଓ କ୍ରୋଧ ଉପରେ ବିଜୟୀ ମନୁଷ୍ୟଙ୍କର ମହିମା ବର୍ଣ୍ଣନା
୨୪	ନିବୃତ୍ତିପୂର୍ବକ ସାଂଖ୍ୟଯୋଗର ସାଧନା ଓ ସିଦ୍ଧି
୨୫	ପ୍ରବୃତ୍ତିପୂର୍ବକ ସାଂଖ୍ୟଯୋଗର ସାଧନା ଓ ସିଦ୍ଧି
୨୬	ନିର୍ବାଣବ୍ରହ୍ମକୁ ପ୍ରାପ୍ତ ହୋଇଥିବା ବ୍ୟକ୍ତିର ଅନୁଭବ
୨୭-୨୮	ଫଳସହିତ ଧ୍ୟାନଯୋଗର ସଂକ୍ଷିପ୍ତ ବର୍ଣ୍ଣନା
୨୯	ଫଳସହିତ ଭକ୍ତିଯୋଗର ସଂକ୍ଷିପ୍ତ ବର୍ଣ୍ଣନା

ଷଷ୍ଠ ଅଧ୍ୟାୟ

ଆତ୍ମସଂଯମ ଅର୍ଥାତ୍ ମନକୁ ସଂଯତ କଲେ ଧ୍ୟାନଯୋଗୀକୁ ଯୋଗ (ସମତା) ଅନୁଭୂତ ହୁଏ; ତେଣୁ ଏହି ଅଧ୍ୟାୟର ନାମ 'ଆତ୍ମସଂଯମଯୋଗ' ରଖାଯାଇଛି ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୪	କର୍ମଯୋଗର ବିଷୟ ଓ ଯୋଗାରୂଢ଼ ମନୁଷ୍ୟର ଲକ୍ଷଣ
୫—୯	ଆତ୍ମୋଦ୍ଧାର ନିମନ୍ତେ ପ୍ରେରଣା ଓ ସିଦ୍ଧ କର୍ମଯୋଗୀଙ୍କର ଲକ୍ଷଣ
୧୦—୧୫	ଆସନର ବିଧି ଓ ଫଳସହିତ ସଗୁଣସାକାରଙ୍କ ଧ୍ୟାନର ବର୍ଣ୍ଣନା
୧୬—୨୩	ନିୟମଗୁଡ଼ିକର ଏବଂ ଫଳସହିତ ସ୍ୱରୂପ-ଧ୍ୟାନ ବିଷୟରେ ବର୍ଣ୍ଣନା
୨୪—୨୮	ଫଳସହିତ ନିର୍ଗୁଣନିରାକାରଙ୍କ ଧ୍ୟାନର ବର୍ଣ୍ଣନା
୨୯—୩୨	ସଗୁଣ ଓ ନିର୍ଗୁଣ ଧ୍ୟାନଯୋଗୀମାନଙ୍କର ଅନୁଭବ
୩୩—୩୬	ମନୋନିଗ୍ରହର ପ୍ରସଙ୍ଗ
୩୭—୪୭	ଯୋଗଭ୍ରଷ୍ଟର ଗତି ବିଷୟରେ ବର୍ଣ୍ଣନା ଓ ଭକ୍ତିଯୋଗୀଙ୍କର ମହିମା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧-୨	କର୍ମଯୋଗର ପ୍ରଶଂସା
୩-୪	ଯୋଗାରୂଢ଼ ହେବାର ଉପାୟ ଓ ଯୋଗାରୂଢ଼ଙ୍କର ଲକ୍ଷଣ
୫-୬	ନିଜେ ନିଜର ଉଦ୍ଧାର କରିବା ପାଇଁ ପ୍ରେରଣା
୭—୯	ସିଦ୍ଧ କର୍ମଯୋଗୀଙ୍କ ଲକ୍ଷଣ
୧୦	ଧ୍ୟାନଯୋଗ ପାଇଁ ପ୍ରେରଣା
୧୧—୧୩	ଆସନ ବିଛାଇବାର ଓ ବସିବାର ବିଧି
୧୪	ସଗୁଣସାକାରଙ୍କ ଧ୍ୟାନର ପ୍ରଣାଳୀ
୧୫	ସଗୁଣସାକାରଙ୍କ ଧ୍ୟାନର ଫଳ
୧୬-୧୭	ଯୋଗୀଙ୍କ ପାଇଁ ଅନ୍ୱୟ ଓ ବ୍ୟତିରେକ ରୀତିରେ ନିୟମଗୁଡ଼ିକର ବର୍ଣ୍ଣନା
୧୮	ସ୍ୱରୂପର ଧ୍ୟାନ କରୁଥିବା ଧ୍ୟାନଯୋଗୀଙ୍କ ସ୍ଥିତିର ବର୍ଣ୍ଣନା
୧୯	ଦୀପର ଦୃଷ୍ଟାନ୍ତ ଦ୍ୱାରା ଯୋଗୀଙ୍କ ଚିତ୍ତର ଅବସ୍ଥାର ବର୍ଣ୍ଣନା
୨୦	ଚିତ୍ତ ଉପରତ ହେବା ଦ୍ୱାରା ଯୋଗୀଙ୍କୁ ନିଜ ସ୍ୱରୂପର ଅନୁଭବ
୨୧-୨୨	ଆତ୍ୟନ୍ତିକ ସୁଖପ୍ରାପ୍ତି ଓ ସମସ୍ତ ଦୁଃଖର ଅଭାବର ବର୍ଣ୍ଣନା
୨୩	ସାଧ୍ୟରୂପକ ଯୋଗ (ସମତା)ର ବର୍ଣ୍ଣନା ଓ ଧ୍ୟାନଯୋଗ ନିମନ୍ତେ ପ୍ରେରଣା
୨୪-୨୫	ନିର୍ଗୁଣନିରାକାରଙ୍କ ଧ୍ୟାନର ପ୍ରଣାଳୀ
୨୬	ଧ୍ୟାନ ପାଇଁ ଅଭ୍ୟାସର କଥନ
୨୭-୨୮	ପ୍ରଥମେ ସାତ୍ତ୍ୱିକ ସୁଖର ପ୍ରାପ୍ତି ଓ ତା'ପରେ ଅକ୍ଷୟ ସୁଖର ପ୍ରାପ୍ତି ବିଷୟରେ ବର୍ଣ୍ଣନା
୨୯	ସ୍ୱରୂପର ଧ୍ୟାନ କରୁଥିବା ଧ୍ୟାନଯୋଗୀଙ୍କର ଅନୁଭବ
୩୦-୩୧	ସଗୁଣସାକାରଙ୍କ ଧ୍ୟାନ କରୁଥିବା ଧ୍ୟାନ-ଯୋଗୀଙ୍କର ଅନୁଭବ ଓ ଲକ୍ଷଣ

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୩୨	ନିର୍ଗୁଣନିରାକାରଙ୍କ ଧ୍ୟାନ କରୁଥିବା ଧ୍ୟାନ-ଯୋଗୀଙ୍କର ଅନୁଭବ
୩୩-୩୪	ମନର ଚଞ୍ଚଳତା ବିଷୟରେ ଅର୍ଜୁନଙ୍କ ଧାରଣା
୩୫-୩୬	ମନୋନିଗ୍ରହର ଉପାୟ ଓ ସଂଯତାତ୍ମା ମନୁଷ୍ୟର ମହିମା
୩୭-୩୮	ଯୋଗଭ୍ରଷ୍ଟର ଗତି ବିଷୟରେ ଅର୍ଜୁନଙ୍କ ସନ୍ଦେହ
୩୯	ସନ୍ଦେହ ଦୂର କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା
୪୦	ଯୋଗଭ୍ରଷ୍ଟର ପତନ ଓ ଦୁର୍ଗତି ନ ହେବାର ଆଶ୍ୱାସନା
୪୧	ଶିଥିଳ ପ୍ରଯତ୍ନକାରୀ ଯୋଗଭ୍ରଷ୍ଟର ସ୍ୱର୍ଗାଦି ଲୋକରେ ସୁଖଭୋଗ ପରେ ଶ୍ରୀମନ୍ତଙ୍କ ଗୃହରେ ଜନ୍ମ ମିଳିବା ବିଷୟରେ କଥନ
୪୨—୪୩	ଯୋଗୀମାନଙ୍କ କୁଳରେ ବୈରାଗ୍ୟବାନ୍ ଯୋଗଭ୍ରଷ୍ଟର ଜନ୍ମ ଓ ତପର ହୋଇ ପୁନଶ୍ଚ ସାଧନାରତ ହେବା ସମ୍ବନ୍ଧରେ କଥନ
୪୪-୪୫	ଶ୍ରୀମନ୍ତଙ୍କ ଗୃହରେ ଜାତ ଯୋଗଭ୍ରଷ୍ଟର ସାଧନାପ୍ରତି ଆକୃଷ୍ଟ ହେବା ଓ ପରମଗତି ପ୍ରାପ୍ତ ହେବାର ବର୍ଣ୍ଣନା
୪୬	ଯୋଗୀଙ୍କ ମହିମା ଓ ଅର୍ଜୁନଙ୍କୁ ଯୋଗୀ ହେବା ପାଇଁ ଆଦେଶ
୪୭	ଭକ୍ତିଯୋଗୀଙ୍କ ବିଶେଷ ମହିମା ବର୍ଣ୍ଣନା

ସପ୍ତମ ଅଧ୍ୟାୟ

ଏହି ଅଧ୍ୟାୟରେ ଜ୍ଞାନ ଓ ବିଜ୍ଞାନର ବର୍ଣ୍ଣନା କରାଯାଇଛି । ଭଗବାନଙ୍କୁ ଏହି ସମଗ୍ରଜଗତର ମହାକାରଣ ବୋଲି ଦୃଢ଼ଭାବରେ ମାନିବା ହିଁ 'ଜ୍ଞାନ' । ଭଗବାନଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି ଅନୁଭବ ହୋଇଯିବା ହେଉଛି 'ବିଜ୍ଞାନ' । ଜ୍ଞାନ ଓ ବିଜ୍ଞାନ ଦ୍ୱାରା ଭଗବାନଙ୍କ ସହିତ ନିତ୍ୟଯୋଗର ଅନୁଭବ ହୁଏ ଅର୍ଥାତ୍ 'ମୁଁ ଭଗବାନଙ୍କର ଓ ଭଗବାନ ମୋର' ଏହି ପରମପ୍ରେମରୂପୀ ନିତ୍ୟସମ୍ବନ୍ଧ ଜାଗ୍ରତ ହୋଇଯାଏ । ତେଣୁ ଏହି ଅଧ୍ୟାୟର ନାମ 'ଜ୍ଞାନବିଜ୍ଞାନଯୋଗ' ରଖାଯାଇଛି ।

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୧—୭	ଭଗବାନଙ୍କ ଦ୍ୱାରା ସମଗ୍ରରୂପର ବର୍ଣ୍ଣନା କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିବା ଏବଂ ଅପରା ଓ ପରା ପ୍ରକୃତିର ସଂଯୋଗରୁ ପ୍ରାଣୀମାନଙ୍କର ଉତ୍ପତ୍ତି ହେବା କଥା କହି ନିଜକୁ ସମସ୍ତଙ୍କର ମୂଳ କାରଣ କହିବା
୮—୧୨	କାରଣରୂପରେ ଭଗବାନଙ୍କ ବିଭୂତିଗୁଡ଼ିକର ବର୍ଣ୍ଣନା
୧୩—୧୯	ଭଗବାନଙ୍କର ଶରଣ ହୋଇଥିବା ଓ ଶରଣ ହୋଇ ନ ଥିବା ମନୁଷ୍ୟଙ୍କର ବର୍ଣ୍ଣନା
୨୦—୨୩	ଫଳସହିତ ଅନ୍ୟ ଦେବତାମାନଙ୍କ ଉପାସନାର ବର୍ଣ୍ଣନା
୨୪—୩୦	ଭଗବାନଙ୍କ ପ୍ରଭାବକୁ ଜାଣି ନ ଥିବା ଲୋକଙ୍କର ନିନ୍ଦା ଓ ଜାଣିଥିବା ଲୋକଙ୍କର ପ୍ରଶଂସା ତଥା ଭଗବାନଙ୍କ ସମଗ୍ରରୂପର ବର୍ଣ୍ଣନା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ସମଗ୍ରରୂପ ବିଷୟରେ ଶୁଣିବା ପାଇଁ ଭଗବାନଙ୍କ ଆଦେଶ
୨	ବିଜ୍ଞାନସହିତ ଜ୍ଞାନକୁ ଜାଣିବାର ମାହାତ୍ମ୍ୟ
୩	ଭଗବତ୍‌ତତ୍ତ୍ୱକୁ ଜାଣୁଥିବା ବ୍ୟକ୍ତିର ଦୁର୍ଲଭତା
୪-୫	ଅପରା ଓ ପରା ପ୍ରକୃତିର ବର୍ଣ୍ଣନା
୬	ଭଗବାନଙ୍କ ଦ୍ୱାରା ଅପରା ଓ ପରା ପ୍ରକୃତି ଠାରୁ ପ୍ରାଣୀମାନଙ୍କର ଉତ୍ପତ୍ତିର ବର୍ଣ୍ଣନା ଏବଂ ନିଜକୁ ସମସ୍ତଙ୍କର ମହାକାରଣ ଦର୍ଶାଇବା
୭	ଭଗବାନଙ୍କ ବ୍ୟତୀତ ଅନ୍ୟ କାରଣର ନିଷେଧ ଓ କାରଣରୂପରେ ଭଗବାନଙ୍କ ସର୍ବବ୍ୟାପକତାର କଥନ
୮—୧୨	କାରଣରୂପରେ ଭଗବାନଙ୍କ ସତରଟି ବିଭୂତିର ବର୍ଣ୍ଣନା
୧୩	ତିନି ଗୁଣରେ ମୋହିତ ପ୍ରାଣୀମାନେ ଭଗବାନଙ୍କୁ ନ ଜାଣିବାର କଥନ
୧୪	ଗୁଣମୟୀ ଦୁରତ୍ୟୟ ଦୈବୀମାୟାକୁ ଅତିକ୍ରମ କରିବାରେ ଶରଣାଗତିକୁ ଉପାୟ ବୋଲି କହିବା ।
୧୫	ଦୁଷ୍କୃତୀ ଓ ମୂଢ଼ ମନୁଷ୍ୟ ଭଗବାନଙ୍କ ଶରଣାପନ୍ନ ନ ହେବାର କଥନ
୧୬	ଚାରି ପ୍ରକାର ସୁକୃତୀ ମନୁଷ୍ୟଙ୍କର ଭଗବାନଙ୍କ ଶରଣାପନ୍ନ ହେବାର କଥନ
୧୭—୧୯	ଜ୍ଞାନୀ (ପ୍ରେମୀ) ଭକ୍ତଙ୍କ ମହିମା ଓ ଦୁର୍ଲଭତା
୨୦	କାମନାଗୁଡ଼ିକରେ ମୋହିତ ପ୍ରାଣୀମାନଙ୍କ ଦ୍ୱାରା ଅନ୍ୟ ଦେବତାଙ୍କ ଉପାସନାର କଥନ
୨୧	ଭଗବାନଙ୍କ ଦ୍ୱାରା ଦେବତାମାନଙ୍କ ପ୍ରତି ଶ୍ରଦ୍ଧା ଦୃଢ଼ କରିବାର କଥନ
୨୨-୨୩	ଉପାସନା ଅନୁସାରେ ଗତିର ବର୍ଣ୍ଣନା
୨୪-୨୫	ଭଗବାନଙ୍କୁ ଜାଣୁ ନ ଥିବା ଲୋକଙ୍କ ସମ୍ମୁଖରେ ଭଗବାନଙ୍କର ପ୍ରକଟ ନ ହେବା
୨୬	ଭଗବାନଙ୍କ ସର୍ବଜ୍ଞତାର ବର୍ଣ୍ଣନା
୨୭	ପ୍ରାଣୀମାନଙ୍କର ଦ୍ୱନ୍ଦ୍ୱରେ ମୋହିତ ହେବାର କଥନ
୨୮	ଦ୍ୱନ୍ଦ୍ୱଶୂନ୍ୟ ଓ ମୋହଶୂନ୍ୟ ମନୁଷ୍ୟଙ୍କ ବର୍ଣ୍ଣନା
୨୯-୩୦	ଭଗବାନଙ୍କ ସମଗ୍ରରୂପକୁ ଜାଣିବାର ଫଳସହିତ ବର୍ଣ୍ଣନା

ଅଷ୍ଟମ ଅଧ୍ୟାୟ

'ଅକ୍ଷର' ଓ 'ବ୍ରହ୍ମ' ଶବ୍ଦ ପରମାତ୍ମାଙ୍କ ନିର୍ଗୁଣନିରାକାର, ସଗୁଣନିରାକାର ଓ ସଗୁଣସାକାର—ତିନୋଟି ସ୍ୱରୂପର ବାଚକ। ଏ ତିନୋଟି ମଧ୍ୟରୁ କୌଣସି ଗୋଟିଏ ସ୍ୱରୂପର ଚିନ୍ତନ କଲେ ପରମାତ୍ମାଙ୍କ ସହିତ ଯୋଗ (ସମ୍ବନ୍ଧ) ହୋଇଯାଏ। ସେଥିପାଇଁ ଏହି ଅଧ୍ୟାୟର ନାମ '**ଅକ୍ଷରବ୍ରହ୍ମଯୋଗ**' ରଖାଯାଇଛି।

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୧—୭	ଅର୍ଜୁନଙ୍କର ସାତଟି ପ୍ରଶ୍ନ ଏବଂ ଭଗବାନଙ୍କ ଦ୍ୱାରା ସେଗୁଡ଼ିକର ଉତ୍ତର ପ୍ରଦାନ ତଥା ସର୍ବଦା ତାଙ୍କୁ ସ୍ମରଣ କରିବା ପାଇଁ ଆଜ୍ଞା
୮—୧୬	ସଗୁଣନିରାକାର, ନିର୍ଗୁଣନିରାକାର ଓ ସଗୁଣସାକାର ଉପାସନାର ଫଳସହିତ ବର୍ଣ୍ଣନା
୧୭—୨୨	ବ୍ରହ୍ମଲୋକର ସମୟସୀମାର ସୂଚନା ଏବଂ ଭଗବାନଙ୍କ ମହତ୍ତ୍ୱ ତଥା ଭକ୍ତିର ବର୍ଣ୍ଣନା
୨୩—୨୮	ଶୁକ୍ଳ ଓ କୃଷ୍ଣ ଗତିର ବର୍ଣ୍ଣନା ଏବଂ ତାହାକୁ ଜାଣିଥିବା ଯୋଗୀର ମହିମା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧-୨	ଅର୍ଜୁନଙ୍କର ସାତଟି ପ୍ରଶ୍ନ
୩—୫	ଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କ ସାତଟି ପ୍ରଶ୍ନର ଉତ୍ତର ପ୍ରଦାନ
୬	ଅନ୍ତକାଳୀନ ସ୍ମରଣ ବିଷୟରେ ସାଧାରଣ ନ୍ୟାୟ
୭	ସର୍ବଦା ଭଗବଦ୍‌ସ୍ମରଣପୂର୍ବକ କର୍ତ୍ତବ୍ୟ ପାଳନ କରୁଥିବା ଲୋକଙ୍କୁ ଭଗବଦ୍‌ପ୍ରାପ୍ତି
୮—୧୦	ସଗୁଣନିରାକାର ପରମାତ୍ମାଙ୍କ ଉପାସନାର ଫଳସହିତ ବର୍ଣ୍ଣନା
୧୧—୧୩	ନିର୍ଗୁଣନିରାକାର ପରମାତ୍ମାଙ୍କ ଉପାସନାର ଫଳସହିତ ବର୍ଣ୍ଣନା
୧୪—୧୬	ସଗୁଣସାକାର ପରମାତ୍ମାଙ୍କ ଉପାସନାର ଫଳସହିତ ବର୍ଣ୍ଣନା
୧୭—୧୯	ବ୍ରହ୍ମାଙ୍କ ରାତି ଓ ଦିନର ସମୟସୀମାର ବର୍ଣ୍ଣନା
୨୦	ପରମାତ୍ମତତ୍ତ୍ୱର ଶ୍ରେଷ୍ଠତ୍ୱର ବର୍ଣ୍ଣନା
୨୧	ସମସ୍ତ ଉପାସନାର ଫଳରେ ଏକତ୍ୱ
୨୨	ଅନନ୍ୟଭକ୍ତିରୁ ଭଗବଦ୍‌ପ୍ରାପ୍ତି ହେବାର କଥନ
୨୩	ଶୁକ୍ଳମାର୍ଗ ଓ କୃଷ୍ଣମାର୍ଗ ବର୍ଣ୍ଣନାର ଉପକ୍ରମ
୨୪	ଶୁକ୍ଳମାର୍ଗର ବର୍ଣ୍ଣନା
୨୫	କୃଷ୍ଣମାର୍ଗର ବର୍ଣ୍ଣନା
୨୬	ଉଭୟ ମାର୍ଗକୁ ଶାଶ୍ୱତ କହି ପ୍ରକରଣର ଉପସଂହାର
୨୭	ଭଗବାନଙ୍କ ଦ୍ୱାରା ଉଭୟ ମାର୍ଗକୁ ଜାଣିବାର ଫଳ ବର୍ଣ୍ଣନା ଏବଂ ଅର୍ଜୁନଙ୍କୁ ଯୋଗଯୁକ୍ତ ହେବା ପାଇଁ ଆଦେଶ
୨୮	ଯୋଗୀର ମହିମା ବର୍ଣ୍ଣନ

ନବମ ଅଧ୍ୟାୟ

ଏହି ଅଧ୍ୟାୟରେ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ '**ମୟା ତତମିଦଂ ସର୍ବମ୍**' ପ୍ରଭୃତି ଉପଦେଶ ସମସ୍ତ ବିଦ୍ୟା ମଧ୍ୟରେ ରାଜା; ଏବଂ ଭଗବାନ ନିଜକୁ ପ୍ରକଟିତ କରି ଅର୍ଜୁନଙ୍କୁ ତାଙ୍କର ଶରଣାପନ୍ନ ହେବା ପାଇଁ ଓ ତାଙ୍କଠାରେ ମନୋନିବେଶ କରିବା ପାଇଁ ଯାହା ସବୁ କହିଛନ୍ତି, ତାହା ସମସ୍ତ ଗୋପନୀୟଭାବ ମଧ୍ୟରେ ରାଜା। ଏହି ଦୁଇଟିକୁ (ରାଜବିଦ୍ୟା ଓ ରାଜଗୁହ୍ୟକୁ) ତତ୍ତ୍ୱଦୃଷ୍ଟିରୁ ବୁଝିଗଲେ 'ଯୋଗ' (ନିତ୍ୟଯୋଗ) ଅନୁଭୂତ ହୁଏ। ସେଥିପାଇଁ ଏହି ଅଧ୍ୟାୟର ନାମ '**ରାଜବିଦ୍ୟାରାଜଗୁହ୍ୟଯୋଗ**' ରଖାଯାଇଛି।

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୧—୬	ପ୍ରଭାବ ସହିତ ବିଜ୍ଞାନର ବର୍ଣ୍ଣନା
୭—୧୦	ମହାସର୍ଗ ଓ ମହାପ୍ରଳୟର ବର୍ଣ୍ଣନା
୧୧—୧୫	ଭଗବାନଙ୍କୁ ତିରସ୍କାର କରୁଥିବା ଏବଂ ଆସୁରୀ, ରାକ୍ଷସୀ ଓ ମୋହିନୀ ପ୍ରକୃତିର ଆଶ୍ରୟ ନେଇଥିବା ମନୁଷ୍ୟଙ୍କ ବିଷୟରେ କଥନ ତଥା ଦୈବୀପ୍ରକୃତିର ଆଶ୍ରିତ ଭକ୍ତଜନଙ୍କ ଭଜନର ବର୍ଣ୍ଣନା
୧୬—୧୯	କାର୍ଯ୍ୟ ଓ କାରଣରୂପରେ ଭଗବଦ୍‌ସ୍ୱରୂପ ବିଭୂତିଗୁଡ଼ିକର ବର୍ଣ୍ଣନା
୨୦—୨୫	ଫଳସହିତ ସକାମ ଓ ନିଷ୍କାମ ଉପାସନାର ବର୍ଣ୍ଣନା
୨୬—୩୪	ପଦାର୍ଥ ଓ କ୍ରିୟାଗୁଡ଼ିକୁ ଭଗବାନଙ୍କୁ ଅର୍ପଣ କରିବାର ଫଳ ତଥା ଭକ୍ତିର ଅଧିକାରୀମାନଙ୍କର ଓ ଭକ୍ତିର ବର୍ଣ୍ଣନା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ଫଳସହିତ ଜ୍ଞାନ ଓ ବିଜ୍ଞାନ କହିବା ପାଇଁ ପ୍ରତିଶ୍ରୁତି
୨	ଜ୍ଞାନ ଓ ବିଜ୍ଞାନର ମହିମା ବର୍ଣ୍ଣନ
୩	ଜ୍ଞାନ ଓ ବିଜ୍ଞାନ ଉପରେ ଶ୍ରଦ୍ଧା ରଖୁ ନ ଥିବା ମନୁଷ୍ୟଙ୍କର ବାରମ୍ବାର ଜନ୍ମମରଣ ପ୍ରାପ୍ତିର କଥନ
୪-୫	ବ୍ୟାପ୍ୟ-ବ୍ୟାପକରୂପରେ ଭଗବାନଙ୍କ ସ୍ୱରୂପ ଓ ପ୍ରଭାବର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୬	ଭଗବାନଙ୍କ ଦ୍ୱାରା ବାୟୁ ଓ ଆକାଶର ଦୃଷ୍ଟାନ୍ତ ମାଧ୍ୟମରେ ସମସ୍ତ ପ୍ରାଣୀଙ୍କର ସ୍ଥିତି ତାଙ୍କର ଅଧୀନ ବୋଲି ଦର୍ଶାଇବା
୭-୮	ପ୍ରକୃତିର ପରବଶ ପ୍ରାଣୀମାନଙ୍କର ମହାପ୍ରଳୟରେ ଲୀନ ହେବା ଓ ମହାସର୍ଗରେ ଉତ୍ପନ୍ନ ହେବାର ବର୍ଣ୍ଣନା
୯-୧୦	ସୃଷ୍ଟିସର୍ଜନାରୂପକ କର୍ମରେ ଭଗବାନଙ୍କ ନିର୍ଲିପ୍ତତା
୧୧-୧୨	ଭଗବାନଙ୍କ ଠାରୁ ବିମୁଖ ପ୍ରାଣୀମାନଙ୍କର ଆସୁରୀ, ରାକ୍ଷସୀ ଓ ମୋହିନୀ ପ୍ରକୃତିର ଆଶ୍ରୟ ନେବା ସମ୍ବନ୍ଧରେ କଥନ
୧୩-୧୪	ଦୈବୀ ପ୍ରକୃତିର ଆଶ୍ରିତ ଭକ୍ତଜନଙ୍କ ଭଜନପ୍ରଣାଳୀ
୧୫	ବିଭିନ୍ନ ଉପାସନାର ବର୍ଣ୍ଣନା
୧୬—୧୯	କାର୍ଯ୍ୟ-କାରଣରୂପରେ ଯଜ୍ଞର ଏବଂ ସଂସାର ସମ୍ବନ୍ଧୀୟ ସତତିରିଶଟି ବିଭୂତିର ବର୍ଣ୍ଣନା
୨୦-୨୧	ସକାମଭାବରେ ଯଜ୍ଞକାରୀମାନଙ୍କ ପୁନରାଗମନର ବର୍ଣ୍ଣନା
୨୨	ଭଗବାନଙ୍କ ଦ୍ୱାରା ଅନନ୍ୟ ଭକ୍ତମାନଙ୍କର ଯୋଗକ୍ଷେମ ବହନ
୨୩	ଦେବତାମାନଙ୍କୁ ଭଗବାନଙ୍କ ଠାରୁ ପୃଥକ୍ ମନେକରି କରାଯାଉଥିବା ପୂଜନକୁ ଭଗବାନଙ୍କର ଅବିଧିପୂର୍ବକ ପୂଜନ ବୋଲି ଦର୍ଶାଇବା
୨୪-୨୫	ଭଗବାନଙ୍କୁ ସମସ୍ତ ଯଜ୍ଞର ଭୋକ୍ତା ଓ ମାଲିକ ମାନୁଥିବା ଓ ମାନୁ ନ ଥିବା ଲୋକଙ୍କ ଗତିର ବର୍ଣ୍ଣନା
୨୬	ଭଗବାନଙ୍କ ଦ୍ୱାରା ଭକ୍ତଜନଙ୍କ ପ୍ରେମପୂର୍ବକ ପ୍ରଦତ୍ତ ଉପହାର ଗ୍ରହଣ
୨୭	ସମସ୍ତ କ୍ରିୟା ଭଗବାନଙ୍କୁ ଅର୍ପଣ କରିବାକୁ ନିର୍ଦ୍ଦେଶ
୨୮	ପଦାର୍ଥ ଓ କ୍ରିୟାଗୁଡ଼ିକୁ ଭଗବାନଙ୍କ ନିକଟରେ ଅର୍ପଣ କରିବାର କଥନ
୨୯	ଭଗବାନଙ୍କର ସମତା ଏବଂ ଭକ୍ତିର ପ୍ରଭାବ
୩୦—୩୧	ଦୁରାଚାରୀର ଦୃଢ଼ନିଶ୍ଚୟପୂର୍ବକ ଭଗବାନଙ୍କ ସମ୍ମୁଖୀ ହେବାର ଫଳ
୩୨	ଭଗବାନଙ୍କ ଆଶ୍ରୟ ଗ୍ରହଣ କରିଥିବା ପାପଯୋନି, ସ୍ତ୍ରୀ, ବୈଶ୍ୟ ଓ ଶୂଦ୍ରମାନଙ୍କର ପରମଗତି ପ୍ରାପ୍ତିର କଥନ
୩୩	ଭଗବାନଙ୍କ ଦ୍ୱାରା ପବିତ୍ର ବ୍ରାହ୍ମଣ ଓ କ୍ଷତ୍ରିୟ ଭକ୍ତଙ୍କ ବିଶେଷତ୍ୱ ବର୍ଣ୍ଣନ ଏବଂ ଅର୍ଜୁନଙ୍କୁ ଭଗବଦ୍ଭଜନ ପାଇଁ ଆଦେଶ ପ୍ରଦାନ
୩୪	ଭଗବଦ୍ଭଜନର ସ୍ୱରୂପ

ଦଶମ ଅଧ୍ୟାୟ

ଯେଉଁଠି ଯାହା କିଛି ବିଶେଷତ୍ୱ ଦେଖାଯାଏ, ସେସବୁକୁ ଭଗବାନଙ୍କର ବିଭୂତି ମନେକଲେ ଭଗବାନଙ୍କ ସହିତ ଯୋଗ(ସମ୍ବନ୍ଧ)ର ଅନୁଭବ ହୁଏ । ତେଣୁ ଏହି ଅଧ୍ୟାୟର ନାମ 'ବିଭୂତିଯୋଗ' ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୭	ଭଗବାନଙ୍କ ବିଭୂତି ଓ ଯୋଗ ବିଷୟରେ କଥନ ତଥା ସେସବୁକୁ ଜାଣିବାର ମହିମା
୮—୧୧	ଫଳସହିତ ଭଗବଦ୍ଭକ୍ତି ଓ ଭଗବତ୍କୃପାର ପ୍ରଭାବ
୧୨—୧୮	ଅର୍ଜୁନଙ୍କ ଦ୍ୱାରା ଭଗବାନଙ୍କର ସ୍ତୁତି ଏବଂ ଯୋଗ ତଥା ବିଭୂତିଗୁଡ଼ିକୁ କହିବା ପାଇଁ ପ୍ରାର୍ଥନା
୧୯—୪୨	ଭଗବାନଙ୍କ ଦ୍ୱାରା ନିଜ ବିଭୂତିମାନଙ୍କର ଓ ଯୋଗର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ଅର୍ଜୁନଙ୍କର ହିତ ନିମନ୍ତେ ଭଗବାନଙ୍କ ଦ୍ୱାରା ପୁନଶ୍ଚ ମହତ୍ତ୍ୱପୂର୍ଣ୍ଣ ବଚନ କହିବା ପାଇଁ ପ୍ରତିଶ୍ରୁତି
୨	ଭଗବାନଙ୍କ ପ୍ରାକଟ୍ୟକୁ ଜାଣିବାରେ ଦେବତା ଓ ମହର୍ଷିମାନଙ୍କ ଅସମର୍ଥତା
୩	ଭଗବାନଙ୍କୁ ତତ୍ତ୍ୱଦୃଷ୍ଟିରୁ ଜାଣିବାର ଫଳ
୪-୫	ଭାବରୂପରେ କୋଡ଼ିଏଟି ବିଭୂତିର ବର୍ଣ୍ଣନା
୬	ବ୍ୟକ୍ତିରୂପରେ ପଚିଶଟି ବିଭୂତିର ବର୍ଣ୍ଣନା
୭	ବିଭୂତି ଓ ଯୋଗକୁ ତତ୍ତ୍ୱତଃ ଜାଣିବାର ଫଳ ହେଉଛି ଅବିଚଳ ଭକ୍ତି
୮	ଭଗବାନଙ୍କ ପ୍ରଭାବକୁ ଜାଣି ଭଜନ କରିବାର ବର୍ଣ୍ଣନା
୯	ଭକ୍ତମାନଙ୍କ ଭଜନର ପ୍ରଣାଳୀ
୧୦-୧୧	କୃପାପରବଶ ଭଗବାନଙ୍କ ଦ୍ୱାରା ଭକ୍ତମାନଙ୍କୁ ବୁଦ୍ଧିଯୋଗ ପ୍ରଦାନ କରିବାର ତଥା ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାର ବିନାଶ କରିବାର କଥନ
୧୨—୧୫	ଅର୍ଜୁନଙ୍କ ଦ୍ୱାରା ଭଗବାନଙ୍କ ସ୍ତୁତି
୧୬—୧୮	ଯୋଗ ଓ ବିଭୂତିଗୁଡ଼ିକୁ ବିସ୍ତାରପୂର୍ବକ କହିବା ପାଇଁ ଅର୍ଜୁନଙ୍କ ପ୍ରାର୍ଥନା
୧୯	ଅର୍ଜୁନଙ୍କ ପ୍ରାର୍ଥନା ଅନୁସାରେ ବିଭୂତିଗୁଡ଼ିକୁ କହିବା ପାଇଁ ଭଗବାନଙ୍କ ସ୍ୱୀକୃତି ପ୍ରଦାନ ଓ ବିଭୂତି କଥନର ଉପକ୍ରମ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨୦—୩୯	ଭଗବାନଙ୍କ ଦ୍ୱାରା ନିଜର ବୟାଅଶୀଟି ବିଭୂତି କଥନ
୪୦	ଭଗବାନଙ୍କ ଦ୍ୱାରା ନିଜର ଦିବ୍ୟ ବିଭୂତିଗୁଡ଼ିକୁ ଅନନ୍ତ ବୋଲି କହିବା
୪୧	ଭଗବାନଙ୍କ ଦ୍ୱାରା ନିଜ ଯୋଗଶକ୍ତିର ବର୍ଣ୍ଣନା
୪୨	ଭଗବାନଙ୍କ ଦ୍ୱାରା ସମଗ୍ର ଜଗତ ତାଙ୍କ ଶରୀରର ଏକ ଅଂଶରେ ସ୍ଥିତ ବୋଲି କହିବା

ଏକାଦଶ ଅଧ୍ୟାୟ

ଅର୍ଜୁନ ଭଗବାନଙ୍କ ଠାରୁ ଦିବ୍ୟଦୃଷ୍ଟି ପ୍ରାପ୍ତ କରି ଭଗବାନଙ୍କର ଯେଉଁ ବିଶ୍ୱରୂପ ଦର୍ଶନ କରିଥିଲେ, ତାହାର ବର୍ଣ୍ଣନାକୁ ପଢ଼ି ଓ ଶୁଣି ଭଗବାନଙ୍କ ପ୍ରଭାବକୁ ସ୍ୱୀକାର କଲେ ଭଗବାନଙ୍କ ସହିତ ଯୋଗ(ସମ୍ବନ୍ଧ)ର ଅନୁଭବ ହୁଏ । ଏଣୁ ଏହି ଅଧ୍ୟାୟର ନାମ **'ବିଶ୍ୱରୂପଦର୍ଶନଯୋଗ'** ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୮	ବିରାଟରୂପ ଦେଖାଇବା ପାଇଁ ଅର୍ଜୁନଙ୍କର ପ୍ରାର୍ଥନା ଏବଂ ଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ
୯—୧୪	ସଞ୍ଜୟଙ୍କ ଦ୍ୱାରା ଧୃତରାଷ୍ଟ୍ରଙ୍କ ସମ୍ମୁଖରେ ବିରାଟରୂପର ବର୍ଣ୍ଣନା
୧୫—୩୧	ଅର୍ଜୁନଙ୍କ ଦ୍ୱାରା ବିରାଟରୂପଦର୍ଶନ ଏବଂ ଭଗବାନଙ୍କୁ ସ୍ତୁତି
୩୨—୩୫	ଭଗବାନଙ୍କ ଦ୍ୱାରା ନିଜ ଅତ୍ୟୁଗ୍ର ବିରାଟରୂପର ପରିଚୟ ପ୍ରଦାନ ଏବଂ ଯୁଦ୍ଧ ପାଇଁ ଆଦେଶ
୩୬—୪୬	ଅର୍ଜୁନଙ୍କ ଦ୍ୱାରା ବିରାଟରୂପ ଭଗବାନଙ୍କର ସ୍ତୁତି ଓ ପ୍ରାର୍ଥନା
୪୭—୫୦	ଭଗବାନଙ୍କ ଦ୍ୱାରା ବିରାଟରୂପଦର୍ଶନର ଦୁର୍ଲଭତା ପ୍ରତିପାଦନ ଏବଂ ଭୟଭୀତ ଅର୍ଜୁନଙ୍କୁ ଆଶ୍ୱାସନା ପ୍ରଦାନ
୫୧—୫୫	ଭଗବାନଙ୍କ ଦ୍ୱାରା ଚତୁର୍ଭୁଜରୂପର ମହତ୍ତ୍ୱ ପ୍ରତିପାଦନ ଏବଂ ତାହାର ଦର୍ଶନର ଉପାୟ କଥନ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧-୨	ଅର୍ଜୁନଙ୍କ ଦ୍ୱାରା ପରମ ଗୋପନୀୟ ଅଧ୍ୟାତ୍ମ-ତତ୍ତ୍ୱର ମହିମା କଥନ
୩-୪	ଅର୍ଜୁନଙ୍କ ଦ୍ୱାରା ବିରାଟରୂପର ଦର୍ଶନ ପାଇଁ ବିନମ୍ର ପ୍ରାର୍ଥନା
୫—୭	ଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କୁ ବିରାଟରୂପ ଦେଖିବା ପାଇଁ ଆଦେଶ
୮	ଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ
୯	ଅର୍ଜୁନଙ୍କୁ ବିରାଟରୂପ ଦେଖାଯିବା ବିଷୟରେ ସଞ୍ଜୟଙ୍କ କଥନ
୧୦-୧୧	ବିରାଟରୂପର ଦିବ୍ୟତାର ବର୍ଣ୍ଣନା
୧୨	ବିରାଟରୂପର ଅତୁଳନୀୟ ଦୀପ୍ତିର ବର୍ଣ୍ଣନା
୧୩	ଭଗବାନଙ୍କ ଶରୀରର ଏକ ସ୍ଥାନରେ ଅର୍ଜୁନଙ୍କ ବିରାଟରୂପ ଦର୍ଶନ କରୁଥିବାର କଥନ
୧୪	ଅର୍ଜୁନଙ୍କ ଅବସ୍ଥାର ବର୍ଣ୍ଣନା
୧୫	ଅର୍ଜୁନଙ୍କ ଦ୍ୱାରା ବିରାଟରୂପରେ ଦିବ୍ୟ ତ୍ରୈଲୋକ୍ୟ ଦର୍ଶନର ବର୍ଣ୍ଣନା
୧୬	ବିରାଟରୂପ ଭଗବାନଙ୍କ ଅନନ୍ତ ଅବୟବର ବର୍ଣ୍ଣନା
୧୭	ସମସ୍ତ ଦିବ୍ୟ ଆୟୁଧ ବିମଣ୍ଡିତ ବିରାଟରୂପର ତେଜର ବର୍ଣ୍ଣନା
୧୮	ବିରାଟରୂପ ଭଗବାନଙ୍କ ସମଗ୍ରରୂପର ବର୍ଣ୍ଣନା
୧୯-୨୦	ଅନନ୍ତ, ଅସୀମ ଓ ଉଗ୍ର ବିରାଟରୂପର ବର୍ଣ୍ଣନା
୨୧-୨୨	ମହର୍ଷିମାନଙ୍କ ଦ୍ୱାରା ବିରାଟରୂପ ଭଗବାନଙ୍କର ସ୍ତୁତି କରିବା ଓ ଦେବତା, ଯକ୍ଷ, ଅସୁର ଆଦିଙ୍କ ବିସ୍ମିତ ହେବାର କଥନ
୨୩—୨୫	ବିରାଟରୂପର ଅତ୍ୟୁଗ୍ର ସ୍ୱରୂପକୁ ଦେଖି ଅର୍ଜୁନଙ୍କ ବ୍ୟଥିତ ହେବା
୨୬—୨୯	ନଦୀ ଓ ପତଙ୍ଗମାନଙ୍କ ଦୃଷ୍ଟାନ୍ତ ମାଧ୍ୟମରେ ଉଭୟ ସେନା ଭଗବାନଙ୍କ ମୁଖରେ ପ୍ରବିଷ୍ଟ ହେବାର କଥନ
୩୦	ଅତ୍ୟୁଗ୍ର ବିରାଟରୂପ ଭଗବାନ ଜିଭରେ ଚାଟି ସମସ୍ତଙ୍କୁ ଗ୍ରାସ କରୁଥିବାର କଥନ
୩୧	ଅତ୍ୟୁଗ୍ର ବିରାଟରୂପ ଭଗବାନଙ୍କର ପରିଚୟ ଜାଣିବା ପାଇଁ ଅର୍ଜୁନଙ୍କ ପ୍ରଶ୍ନ
୩୨	ବିରାଟରୂପ ଭଗବାନଙ୍କ ଦ୍ୱାରା ନିଜକୁ କାଳ ଭାବରେ ପରିଚୟ ଦେବା
୩୩-୩୪	ଅର୍ଜୁନଙ୍କୁ ନିମିତ୍ତମାତ୍ର ହୋଇ ଯୁଦ୍ଧ କରିବା ପାଇଁ ଭଗବାନଙ୍କ ଆଦେଶ
୩୫	ଭଗବାନଙ୍କୁ ସ୍ତୁତି କରିବା ପାଇଁ ଅର୍ଜୁନଙ୍କ ପ୍ରସ୍ତୁତି
୩୬-୩୭	ବିରାଟରୂପର ମହତ୍ତ୍ୱ କଥନ
୩୮—୪୦	ବିରାଟରୂପ ଭଗବାନଙ୍କର ଅନନ୍ତରୂପ ଓ ଅନନ୍ତ ସାମର୍ଥ୍ୟର କଥନ

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୪୧-୪୨	ଅର୍ଜୁନଙ୍କ ଦ୍ୱାରା ନିଜ ପୂର୍ବକୃତ ତିରସ୍କାର ପାଇଁ ଭଗବାନଙ୍କ ନିକଟରେ କ୍ଷମା ପ୍ରାର୍ଥନା
୪୩	ବିରାଟରୂପ ଭଗବାନଙ୍କ ପ୍ରଭାବର ବର୍ଣ୍ଣନା
୪୪	ପୂର୍ବକୃତ ଅପମାନ ସହ୍ୟ କରିବା ପାଇଁ ଭଗବାନଙ୍କ ନିକଟରେ ଅର୍ଜୁନଙ୍କର ପ୍ରାର୍ଥନା
୪୫-୪୬	ଚତୁର୍ଭୁଜରୂପ ଦେଖାଇବା ପାଇଁ ଭଗବାନଙ୍କ ନିକଟରେ ଅର୍ଜୁନଙ୍କର ପ୍ରାର୍ଥନା
୪୭—୪୯	ବିରାଟରୂପଦର୍ଶନର ମହିମା ଓ ଦୁର୍ଲଭତା ଜଣାଇ ଚତୁର୍ଭୁଜରୂପ ଦେଖିବା ପାଇଁ ଭଗବାନଙ୍କର ଅର୍ଜୁନଙ୍କୁ ଆଦେଶ
୫୦	ଚତୁର୍ଭୁଜରୂପ ଦେଖାଇସାରି ଭଗବାନଙ୍କର ସୌମ୍ୟ ଦ୍ୱିଭୁଜରୂପ ଧାରଣ
୫୧	ଭଗବାନଙ୍କ ଦ୍ୱିଭୁଜରୂପ ଦର୍ଶନ କରି ଅର୍ଜୁନଙ୍କର ଶାନ୍ତଚିତ୍ତ ହେବା
୫୨-୫୩	ଚତୁର୍ଭୁଜରୂପ ଦର୍ଶନର ଦୁର୍ଲଭତା
୫୪	ଅନନ୍ୟଭକ୍ତି ଦ୍ୱାରା ଭଗବଦ୍‌ପ୍ରାପ୍ତିର ସୁଲଭତା
୫୫	ଅନନ୍ୟଭକ୍ତିର ଉପାୟ

ଦ୍ୱାଦଶ ଅଧ୍ୟାୟ

ଏହି ଅଧ୍ୟାୟରେ ଅନେକ ପ୍ରକାର ସାଧନା ସହିତ ଭଗବଦଭକ୍ତିର ବର୍ଣ୍ଣନା କରାଯାଇ ଭକ୍ତମାନଙ୍କ ଲକ୍ଷଣ ବର୍ଣ୍ଣିତ ହୋଇଛି ଏବଂ ଅଧ୍ୟାୟର ଉପକ୍ରମ ଓ ଉପସଂହାର ମଧ୍ୟ ଭଗବଦଭକ୍ତିରେ ହିଁ ହୋଇଛି। କେବଳ ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ଲୋକରେ ଜ୍ଞାନ-ସାଧନାର ବର୍ଣ୍ଣନା ହୋଇଛି, କିନ୍ତୁ ତାହା ମଧ୍ୟ ଭକ୍ତି ଓ ଜ୍ଞାନକୁ ପରସ୍ପର ମଧ୍ୟରେ ତୁଳନା କରି ଭକ୍ତିକୁ ଶ୍ରେଷ୍ଠ ଦର୍ଶାଇବା ପାଇଁ ଉଦ୍ଦିଷ୍ଟ। ସେଥିପାଇଁ ଏହି ଅଧ୍ୟାୟର ନାମ '**ଭକ୍ତିଯୋଗ**' ରଖାଯାଇଛି।

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୧—୧୨	ସଗୁଣ ଓ ନିର୍ଗୁଣ ଉପାସକମାନଙ୍କର ଶ୍ରେଷ୍ଠତ୍ୱ ନିର୍ଣ୍ଣୟ ଏବଂ ଭଗବଦ୍‌ପ୍ରାପ୍ତିର ସ୍ୱରୋଟି ସାଧନାର ବର୍ଣ୍ଣନା
୧୩—୨୦	ସିଦ୍ଧଭକ୍ତଙ୍କ ଅଣଚାଳିଶଟି ଲକ୍ଷଣର ବର୍ଣ୍ଣନା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ସଗୁଣ ଓ ନିର୍ଗୁଣ ଉପାସକଙ୍କ ମଧ୍ୟରେ ଶ୍ରେଷ୍ଠ କିଏ, ତାହା ଜାଣିବା ପାଇଁ ଅର୍ଜୁନଙ୍କ ପ୍ରଶ୍ନ
୨	ସଗୁଣ ଉପାସକମାନଙ୍କର ଶ୍ରେଷ୍ଠତ୍ୱ
୩-୪	ନିର୍ଗୁଣତତ୍ତ୍ୱର ସ୍ୱରୂପ ଓ ନିର୍ଗୁଣ ଉପାସନାର ଫଳ
୫	ନିର୍ଗୁଣ ଉପାସନାର କଠିନତା
୬	ଅନନ୍ୟପ୍ରେମୀ ସଗୁଣ ଉପାସକମାନଙ୍କର ଲକ୍ଷଣ
୭	ଭଗବାନଙ୍କ ଦ୍ୱାରା ଅନନ୍ୟପ୍ରେମୀ ଭକ୍ତମାନଙ୍କର ଶୀଘ୍ର ଉଦ୍ଧାର କରିବା ବିଷୟରେ କଥନ
୮	ସମର୍ପଣଯୋଗରୂପକ ସାଧନା
୯	ଅଭ୍ୟାସଯୋଗରୂପକ ସାଧନା
୧୦	ଭଗବଦର୍ଥକର୍ମରୂପକ ସାଧନା
୧୧	ସର୍ବକର୍ମଫଳତ୍ୟାଗରୂପକ ସାଧନା
୧୨	ସର୍ବକର୍ମଫଳତ୍ୟାଗର ଶ୍ରେଷ୍ଠତ୍ୱ ତଥା ତାହାର ଫଳ
୧୩-୧୪	ସିଦ୍ଧ ଭକ୍ତଙ୍କ ବାରଟି ଲକ୍ଷଣବିଶିଷ୍ଟ ପ୍ରଥମ ପ୍ରକରଣ
୧୫	ସିଦ୍ଧ ଭକ୍ତଙ୍କ ଛଅଟି ଲକ୍ଷଣବିଶିଷ୍ଟ ଦ୍ୱିତୀୟ ପ୍ରକରଣ
୧୬	ସିଦ୍ଧ ଭକ୍ତଙ୍କ ଛଅଟି ଲକ୍ଷଣବିଶିଷ୍ଟ ତୃତୀୟ ପ୍ରକରଣ
୧୭	ସିଦ୍ଧ ଭକ୍ତଙ୍କ ପାଞ୍ଚଟି ଲକ୍ଷଣବିଶିଷ୍ଟ ଚତୁର୍ଥ ପ୍ରକରଣ
୧୮-୧୯	ସିଦ୍ଧ ଭକ୍ତଙ୍କ ଦଶଟି ଲକ୍ଷଣବିଶିଷ୍ଟ ପଞ୍ଚମ ପ୍ରକରଣ
୨୦	ସିଦ୍ଧ ଭକ୍ତଙ୍କ ଲକ୍ଷଣଗୁଡ଼ିକୁ ଆଦର୍ଶ ମନେକରି ସାଧନା କରୁଥିବା ଶ୍ରଦ୍ଧାଳୁ ଓ ଭଗବତ୍‌ପରାୟଣ ଭକ୍ତମାନଙ୍କର ପ୍ରଶଂସା

ତ୍ରୟୋଦଶ ଅଧ୍ୟାୟ

ଏହି ଅଧ୍ୟାୟରେ କ୍ଷେତ୍ର ଓ କ୍ଷେତ୍ରଜ୍ଞର ବିଭାଗ ବିଷୟରେ ବର୍ଣ୍ଣନା କରାଯାଇଛି। କ୍ଷେତ୍ର ଓ କ୍ଷେତ୍ରଜ୍ଞ ପରସ୍ପର ପୃଥକ୍ ବୋଲି ଅନୁଭବ ହୋଇଗଲେ କ୍ଷେତ୍ରଜ୍ଞର ପରମାତ୍ମାଙ୍କ ସହିତ ଯୋଗ ହୋଇଯାଏ, ଯାହା କି ନିତ୍ୟ। ସେଥିପାଇଁ ଏହି ଅଧ୍ୟାୟର ନାମ '**କ୍ଷେତ୍ରକ୍ଷେତ୍ରଜ୍ଞବିଭାଗଯୋଗ**' ରଖାଯାଇଛି।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୧୮	ଭକ୍ତିସହିତ କ୍ଷେତ୍ର, କ୍ଷେତ୍ରଜ୍ଞ (ଜୀବାତ୍ମା), ଜ୍ଞାନ ଓ ଜ୍ଞେୟ (ପରମାତ୍ମାଙ୍କ)ର ବିବେଚନା
୧୯—୩୪	ଜ୍ଞାନସହିତ ପ୍ରକୃତି ଓ ପୁରୁଷର ବିବେଚନା

ସୂକ୍ଷ୍ମ ବିଷୟ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧-୨	କ୍ଷେତ୍ର ଓ କ୍ଷେତ୍ରଜ୍ଞଙ୍କର ସ୍ୱରୂପ ଏବଂ କ୍ଷେତ୍ରଜ୍ଞଙ୍କର ପରମାତ୍ମାଙ୍କ ସହିତ ଏକତ୍ୱ ତଥା ଜ୍ଞାନର ଲକ୍ଷଣ
୩	ବିକାରସହିତ କ୍ଷେତ୍ର ଓ ପ୍ରଭାବସହିତ କ୍ଷେତ୍ରଜ୍ଞଙ୍କର ସ୍ୱରୂପ ବିଷୟରେ ଶୁଣିବା ପାଇଁ ଆଦେଶ
୪	କ୍ଷେତ୍ର ଓ କ୍ଷେତ୍ରଜ୍ଞ ବିଷୟରେ ଋଷି, ବେଦ ଓ ବ୍ରହ୍ମସୂତ୍ରର ପ୍ରମାଣ
୫	କ୍ଷେତ୍ରର ସ୍ୱରୂପ ବର୍ଣ୍ଣନା
୬	କ୍ଷେତ୍ରର ବିକାରଗୁଡ଼ିକର ବର୍ଣ୍ଣନା
୭—୧୧	ଜ୍ଞାନ (ବୋଧ) ପ୍ରାପ୍ତିର କୋଡ଼ିଏଟି ଉପାୟ
୧୨	ପ୍ରତିଶ୍ରୁତିପୂର୍ବକ ଜ୍ଞେୟର ନିର୍ଗୁଣନିରାକାର ସ୍ୱରୂପର ବର୍ଣ୍ଣନା
୧୩	ଜ୍ଞେୟର ସଗୁଣନିରାକାର ସ୍ୱରୂପର ବର୍ଣ୍ଣନା
୧୪	ଜ୍ଞେୟର ସଗୁଣ ଓ ନିର୍ଗୁଣ ସ୍ୱରୂପର ଏକତ୍ୱ
୧୫	ଜ୍ଞେୟର ସର୍ବବ୍ୟାପକତା
୧୬	ଜ୍ଞେୟତତ୍ତ୍ୱର ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ଏକତ୍ୱ
୧୭	ଜ୍ଞେୟର ପରମ ପ୍ରକାଶମୟ ସ୍ୱରୂପର ବର୍ଣ୍ଣନା
୧୮	କ୍ଷେତ୍ର, ଜ୍ଞାନ ଓ ଜ୍ଞେୟକୁ ତତ୍ତ୍ୱତଃ ଜାଣିବାର ଫଳ
୧୯	ପ୍ରକୃତି ଓ ପୁରୁଷର ଅନାଦିତା ତଥା ପ୍ରକୃତିରୁ ବିକାର ଓ ଗୁଣମାନଙ୍କର ଉତ୍ପତ୍ତି
୨୦	କର୍ତ୍ତୃତ୍ୱରେ ପ୍ରକୃତିକୁ ଓ ଭୋକ୍ତୃତ୍ୱରେ ପୁରୁଷକୁ ହେତୁ ଦର୍ଶାଇବା
୨୧	ପ୍ରକୃତି ଓ ଗୁଣମାନଙ୍କ ସହିତ ପୁରୁଷର ସଙ୍ଗ ହେବାର ଫଳ
୨୨	ପୁରୁଷର ସ୍ୱରୂପ ବର୍ଣ୍ଣନା
୨୩	ପ୍ରକୃତି ଓ ପୁରୁଷକୁ ତତ୍ତ୍ୱତଃ ଜାଣିବାର ଫଳ
୨୪-୨୫	ପରମାତ୍ମତତ୍ତ୍ୱର ପ୍ରାପ୍ତି ପାଇଁ ଗୁରୋଟି ସାଧନାର ବର୍ଣ୍ଣନା
୨୬	ଚରାଚର ଜଗତର ଉତ୍ପତ୍ତିର ହେତୁ
୨୭	ପରମାତ୍ମାଙ୍କୁ ସମସ୍ତଙ୍କ ଠାରେ ସମରୂପେ ସ୍ଥିତ ଦେଖୁଥିବା ଲୋକର ମହିମା
୨୮	ପରମାତ୍ମାଙ୍କୁ ସମସ୍ତଙ୍କ ଠାରେ ସମରୂପରେ ଦେଖିବାର ଫଳ
୨୯	ଆତ୍ମାକୁ ଅକର୍ତ୍ତା ଦେଖୁଥିବା ବ୍ୟକ୍ତିର ପ୍ରଶଂସା
୩୦	ବ୍ରହ୍ମପ୍ରାପ୍ତିର ଉପାୟ
୩୧	ପୁରୁଷର କର୍ତ୍ତୃତ୍ୱରହିତ ଓ ଭୋକ୍ତୃତ୍ୱରହିତ ସ୍ୱରୂପର ବର୍ଣ୍ଣନା
୩୨	ଦୃଷ୍ଟାନ୍ତସହିତ ପୁରୁଷ(ଆତ୍ମା)ର ଭୋକ୍ତୃତ୍ୱ-ଶୂନ୍ୟତାର ବର୍ଣ୍ଣନା
୩୩	ଦୃଷ୍ଟାନ୍ତସହିତ ପୁରୁଷର ଅକର୍ତ୍ତୃତ୍ୱର ବର୍ଣ୍ଣନା
୩୪	କ୍ଷେତ୍ର ସଙ୍ଗେ ସ୍ୱୀକୃତ ସମ୍ବନ୍ଧକୁ ଛିନ୍ନ କରିବାର ଫଳ

ଚତୁର୍ଦ୍ଦଶ ଅଧ୍ୟାୟ

ଏହି ଅଧ୍ୟାୟରେ ସତ୍ତ୍ୱ, ରଜ ଓ ତମ ନାମକ ତିନୋଟି ଗୁଣର ବିଭାଗପୂର୍ବକ ବର୍ଣ୍ଣନା କରାଯାଇଛି । ଏହି ତିନିଗୁଣରୁ ଅତୀତ ହୋଇଗଲେ ବା ଏଗୁଡ଼ିକରୁ ସମ୍ବନ୍ଧ ଛିନ୍ନ ହୋଇଗଲେ ପରମାତ୍ମାଙ୍କ ସଙ୍ଗେ ନିତ୍ୟଯୋଗର ଅନୁଭବ ହୋଇଥାଏ । ଏଥିପାଇଁ ଏହି ଅଧ୍ୟାୟର ନାମ 'ଗୁଣତ୍ରୟବିଭାଗଯୋଗ' ରଖାଯାଇଛି ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୪	ଜ୍ଞାନର ମହିମା ଏବଂ ପ୍ରକୃତି ଓ ପୁରୁଷର ସଂଯୋଗରୁ ଜଗତର ଉତ୍ପତ୍ତି ବିଷୟରେ ବର୍ଣ୍ଣନା
୫—୧୮	ସତ୍ତ୍ୱ, ରଜ ଓ ତମ ଗୁଣର ବିବେଚନା
୧୯—୨୭	ଭଗବତ୍ପ୍ରାପ୍ତିର ଉପାୟ ଏବଂ ଗୁଣାତୀତ ପୁରୁଷଙ୍କ ଲକ୍ଷଣ

ସୂକ୍ଷ୍ମ ବିଷୟ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧-୨	ପରମଜ୍ଞାନ କହିବାକୁ ପ୍ରତିଶ୍ରୁତି ଏବଂ ତାହାର ମହିମା
୩-୪	ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ବିଷୟରେ କଥନ
୫	ତିନିଗୁଣ ଦ୍ୱାରା ବନ୍ଧନ
୬—୮	ତିନିଗୁଣର ସ୍ୱରୂପ ଏବଂ ସେଗୁଡ଼ିକର ବନ୍ଧନପ୍ରଣାଳୀ
୯	ତିନିଗୁଣ ମନୁଷ୍ୟ ଉପରେ ବିଜୟୀ ହେବାର ପ୍ରଣାଳୀ
୧୦	ପ୍ରତ୍ୟେକ ଗୁଣ ଅନ୍ୟ ଦୁଇଟି ଗୁଣକୁ ଦମନ କରି ବୃଦ୍ଧି ହେବାର କଥନ
୧୧—୧୩	ତିନିଗୁଣ ବୃଦ୍ଧିର ପୃଥକ୍ ପୃଥକ୍ ଲକ୍ଷଣ
୧୪-୧୫	ଗୁଣଗୁଡ଼ିକ ବୃଦ୍ଧି ପାଇଥିବା ସମୟରେ ମୃତ୍ୟୁ-ମୁଖରେ ପଡ଼ୁଥିବା ଲୋକମାନଙ୍କର ଭିନ୍ନ ଭିନ୍ନ ଗତି ବିଷୟରେ ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୬	ସାତ୍ତ୍ୱିକ, ରାଜସ ଓ ତାମସ କର୍ମର ଫଳ
୧୭	ତିନିଗୁଣର ମୁଖ୍ୟ ବୃତ୍ତିଗୁଡ଼ିକର ବର୍ଣ୍ଣନା
୧୮	ଗୁଣଗୁଡ଼ିକର ପ୍ରାଧାନ୍ୟ ଥିବା ମନୁଷ୍ୟର ପୃଥକ୍ ପୃଥକ୍ ଗତିର ବର୍ଣ୍ଣନା
୧୯-୨୦	ଗୁଣାତୀତ ହେବାର ଉପାୟ ଓ ଫଳ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨୧	ଗୁଣାତୀତ ମନୁଷ୍ୟଙ୍କ ବିଷୟରେ ଅର୍ଜୁନଙ୍କର ତିନୋଟି ପ୍ରଶ୍ନ
୨୨-୨୩	ଗୁଣାତୀତ ମନୁଷ୍ୟଙ୍କ ଲକ୍ଷଣ
୨୪-୨୫	ଗୁଣାତୀତ ମନୁଷ୍ୟଙ୍କ ଆଚରଣ
୨୬	ଗୁଣାତୀତ ହେବାର ଉପାୟ
୨୭	ଭଗବତ୍‌ସ୍ୱରୂପର ମହିମା

ପଞ୍ଚଦଶ ଅଧ୍ୟାୟ

ଏହି ଅଧ୍ୟାୟରେ କଥିତ ବିଷୟକୁ ଯଥାର୍ଥରୂପେ ବୁଝିଗଲେ ପୁରୁଷୋତ୍ତମ (ଭଗବାନ)ଙ୍କ ସହିତ ନିତ୍ୟଯୋଗର ଅନୁଭବ ହୁଏ। ସେଥିପାଇଁ ଏହି ଅଧ୍ୟାୟର ନାମ 'ପୁରୁଷୋତ୍ତମଯୋଗ' ରଖାଯାଇଛି।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୬	ସଂସାର-ବୃକ୍ଷର ତଥା ତାହାକୁ ଛେଦନ କରି ଭଗବାନଙ୍କ ଶରଣାପନ୍ନ ହେବାର ଏବଂ ଭଗବଦ୍ଧାମର ବର୍ଣ୍ଣନା
୭—୧୧	ଜୀବାତ୍ମାର ସ୍ୱରୂପ ଏବଂ ତାହାକୁ ଜାଣୁଥିବା ଓ ନ ଜାଣୁଥିବା ଲୋକଙ୍କର ବର୍ଣ୍ଣନା
୧୨—୧୫	ଭଗବାନଙ୍କ ପ୍ରଭାବର ବର୍ଣ୍ଣନା
୧୬—୨୦	କ୍ଷର, ଅକ୍ଷର ଓ ପୁରୁଷୋତ୍ତମଙ୍କର ବର୍ଣ୍ଣନା ତଥା ଅଧ୍ୟାୟର ଉପସଂହାର

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧-୨	ଅଶ୍ୱତ୍ଥ-ବୃକ୍ଷରୂପରେ ସଂସାରର ବର୍ଣ୍ଣନା
୩-୪	ସଂସାର-ବୃକ୍ଷକୁ ଛେଦନ କରି ଭଗବାନଙ୍କ ଶରଣାପନ୍ନ ହେବାର ପ୍ରଣାଳୀ
୫	ପରମପଦ ଲାଭ କରିଥିବା ମହାପୁରୁଷଙ୍କ ଲକ୍ଷଣ
୬	ଭଗବାନଙ୍କ ପରମଧାମର ବର୍ଣ୍ଣନା
୭	ଜୀବାତ୍ମାର ସ୍ୱରୂପ
୮	ଜୀବାତ୍ମାର ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ଯିବାର ପ୍ରଣାଳୀ
୯	ଜୀବାତ୍ମା ଦ୍ୱାରା ବିଷୟଗୁଡ଼ିକୁ ଉପଭୋଗ କରିବାର ପ୍ରଣାଳୀ
୧୦	ଜୀବାତ୍ମାର ସ୍ୱରୂପକୁ ଜାଣିଥିବା ଓ ନ ଜାଣିଥିବା ମନୁଷ୍ୟଙ୍କର ବର୍ଣ୍ଣନା
୧୧	ଜୀବାତ୍ମାର ସ୍ୱରୂପକୁ ଜାଣିଥିବା ଲୋକର ବିଶେଷତ୍ୱ ଏବଂ ନ ଜାଣିଥିବା ଲୋକର ନ୍ୟୂନତା
୧୨	ଭଗବାନଙ୍କ ତେଜରୂପର ବର୍ଣ୍ଣନା
୧୩	ଭଗବାନଙ୍କ ଓଜରୂପ ଓ ରସରୂପ(ଚନ୍ଦ୍ର)ର ବର୍ଣ୍ଣନା
୧୪	ଭଗବାନଙ୍କ ବୈଶ୍ୱାନରରୂପର ବର୍ଣ୍ଣନା
୧୫	ଭଗବାନ ନିଜକୁ ଅନ୍ତର୍ଯାମୀରୂପରେ ସମସ୍ତଙ୍କ ହୃଦୟରେ ସ୍ଥିତ ବୋଲି କହି ନିଜକୁ ସ୍ମୃତି ଆଦିର କାରଣ, ବେଦ ଦ୍ୱାରା ଜାଣିବାର ଯୋଗ୍ୟ, ବେଦମାନଙ୍କର ଜ୍ଞାତା ଓ ବେଦାନ୍ତର କର୍ତ୍ତା ବୋଲି ଜଣାଇବା
୧୬	କ୍ଷର ଓ ଅକ୍ଷରର ସ୍ୱରୂପ
୧୭	ପୁରୁଷୋତ୍ତମଙ୍କର ସ୍ୱରୂପ
୧୮	ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିଜକୁ ପୁରୁଷୋତ୍ତମ ଘୋଷଣା କରି ନିଜର ଗୋପନୀୟ ରହସ୍ୟ ଉନ୍ମୋଚନ କରିବା
୧୯	ଭଗବାନଙ୍କୁ ପୁରୁଷୋତ୍ତମରୂପେ ଜାଣିବା ବ୍ୟକ୍ତିର ମହିମା
୨୦	ପଞ୍ଚଦଶ ଅଧ୍ୟାୟର ମାହାତ୍ମ୍ୟ

ଷୋଡ଼ଶ ଅଧ୍ୟାୟ

ଏହି ଅଧ୍ୟାୟର ନାମ 'ଦୈବାସୁରସମ୍ପଦ୍‌ବିଭାଗଯୋଗ'; କାରଣ ଏହି ଅଧ୍ୟାୟରେ ଯେଉଁ ଦୁଇଟି ସମ୍ପତ୍ତିର ବର୍ଣ୍ଣନା କରାଯାଇଛି, ତାହା ପରସ୍ପରର ସମ୍ପୂର୍ଣ୍ଣ ବିରୁଦ୍ଧ ଅର୍ଥାତ୍ ଦୈବୀସମ୍ପତ୍ତି ଉଦ୍ଧାର କରୁଥିବା ବେଳେ ଆସୁରୀସମ୍ପତ୍ତି ବନ୍ଧନରେ ପକାଇଥାଏ ତଥା ନୀଚଯୋନି ଓ ନରକକୁ ଟାଣି ନେଇଥାଏ। ଯେଉଁ ସାଧକ ଏ ଦୁଇଟିର ବିଭାଗକୁ ଠିକ୍‌ଭାବେ ଜାଣିଯିବ, ସେ ଆସୁରୀସମ୍ପତ୍ତିକୁ ସମ୍ପୂର୍ଣ୍ଣ ତ୍ୟାଗ କରିଦେବ। ଆସୁରୀସମ୍ପତ୍ତିକୁ ସମ୍ପୂର୍ଣ୍ଣ ଛାଡ଼ିଦେବା ମାତ୍ରେ ଦୈବୀସମ୍ପତ୍ତି ଆପେ ଆପେ ପ୍ରକଟିତ ହୋଇଯିବ। ଦୈବୀସମ୍ପତ୍ତି ପ୍ରକଟିତ ହେବାମାତ୍ରେ କେବଳ ପରମାତ୍ମାଙ୍କ ସହିତ ସମ୍ବନ୍ଧ ହିଁ ରହିଯିବ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୫	ଫଳସହିତ ଦୈବୀ ଓ ଆସୁରୀ ସମ୍ପତ୍ତିର ବର୍ଣ୍ଣନା
୬—୮	ସତ୍‌କର୍ମରୁ ବିମୁଖ ହୋଇଥିବା ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟଙ୍କ ଧାରଣା ବିଷୟରେ କଥନ
୯—୧୬	ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟମାନଙ୍କ ଦୁରାଗ୍ରହ

ଶ୍ଳୋକସଂଖ୍ୟା ପ୍ରଧାନ ବିଷୟ

ଓ ମନୋରଥଗୁଡ଼ିକର ଫଳସହିତ ବର୍ଣ୍ଣନା

୧୭—୨୦ ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟମାନଙ୍କ ମନ୍ଦଭାବ ଓ ଦୁର୍ଗତିର ବର୍ଣ୍ଣନା

୨୧—୨୪ ଆସୁରୀସମ୍ପତ୍ତିର ମୂଳ ଦୋଷ—କାମ, କ୍ରୋଧ ଓ ଲୋଭରୁ ମୁକ୍ତ ହୋଇ ଶାସ୍ତ୍ରବିଧି ଅନୁସାରେ କର୍ମ କରିବା ପାଇଁ ପ୍ରେରଣା

ସୂକ୍ଷ୍ମ ବିଷୟ

୧—୩ ଦୈବୀସମ୍ପତ୍ତିର ଛବିଶଟି ଲକ୍ଷଣର ବର୍ଣ୍ଣନା

୪ ଆସୁରୀସମ୍ପତ୍ତିର ଛଅଟି ଲକ୍ଷଣର ବର୍ଣ୍ଣନା

୫ ଦୈବୀ ଓ ଆସୁରୀସମ୍ପତ୍ତିର ଯଥାକ୍ରମେ ମୁକ୍ତି ଓ ବନ୍ଧନରୂପକ ସାଧାରଣ ଫଳ

୬ ଆସୁରୀସମ୍ପତ୍ତି ବିଷୟରେ ବିସ୍ତାର ସହ ଶୁଣିବା ପାଇଁ ଆଦେଶ

୭ ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟଙ୍କ ବିବେକହୀନ ଆଚରଣର ବର୍ଣ୍ଣନା

୮ ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟଙ୍କ ଧାରଣା

୯—୧୨ ନାସ୍ତିକ ଦୃଷ୍ଟି, ଦୁଷ୍ପୂରଣୀୟ କାମ ଓ ଅପାର ଚିନ୍ତାର ଆଶ୍ରିତ ମନୁଷ୍ୟଙ୍କର ମୋହଜନିତ ଦୁରାଚରଣଗୁଡ଼ିକର ବର୍ଣ୍ଣନା

୧୩—୧୫ ଯଥାକ୍ରମେ ଲୋଭ, କ୍ରୋଧ ଓ ଅଭିମାନକୁ

ଶ୍ଳୋକସଂଖ୍ୟା ସୂକ୍ଷ୍ମ ବିଷୟ

ଆଧାର କରି କରାଯାଉଥିବା ମନୋରଥଗୁଡ଼ିକର ବର୍ଣ୍ଣନା

୧୬ ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟଙ୍କ ଦୁରାଚରଣର ଫଳ ଘୋର ନରକପ୍ରାପ୍ତି ବୋଲି କହିବା

୧୭ ଅଭିମାନ ଓ ଦମ୍ଭପୂର୍ବକ ନାମକୁମାତ୍ର ଯଜ୍ଞ କରୁଥିବା ଲୋକମାନଙ୍କର ବର୍ଣ୍ଣନା

୧୮ ମନ୍ଦ ଭାବର ଆଶ୍ରିତ ତଥା ପରମାତ୍ମାଙ୍କ ପ୍ରତି ଦ୍ୱେଷ କରୁଥିବା ଓ ଦୋଷଦୃଷ୍ଟି ରଖୁଥିବା ଲୋକମାନଙ୍କର ବର୍ଣ୍ଣନା

୧୯-୨୦ ଦ୍ୱେଷ କରୁଥିବା କ୍ରୂରକର୍ମା ନରାଧମମାନଙ୍କୁ ଭଗବାନଙ୍କ ପ୍ରାପ୍ତି ନ ହୋଇ ବାରମ୍ବାର ଆସୁରୀଯୋନି ଏବଂ ତାହାଠାରୁ ମଧ୍ୟ ଅଧମଗତି—ନରକ ପ୍ରାପ୍ତି ହେବାର ବର୍ଣ୍ଣନା

୨୧-୨୨ ଆସୁରୀସମ୍ପତ୍ତିର ମୂଳ ଦୋଷ—କାମ, କ୍ରୋଧ ଓ ଲୋଭର ବର୍ଣ୍ଣନା ତଥା ଏଗୁଡ଼ିକୁ ତ୍ୟାଗ କରିବାର ମହତ୍ତ୍ୱ

୨୩ ମନମୁଖୀ ଢଙ୍ଗରେ କର୍ମ କରୁଥିବା ଲୋକଙ୍କୁ ସିଦ୍ଧି, ସୁଖ ଓ ପରମଗତି ନ ମିଳିବାର କଥନ

୨୪ ଶାସ୍ତ୍ରାନୁସାରେ କର୍ମ କରିବାକୁ ପ୍ରେରଣା

ସପ୍ତଦଶ ଅଧ୍ୟାୟ

ଏହି ଅଧ୍ୟାୟରେ ଶ୍ରଦ୍ଧାକୁ ତିନିଭାଗରେ ବିଭକ୍ତ କରାଯାଇଛି—ସାତ୍ତ୍ୱିକୀ, ରାଜସୀ ଓ ତାମସୀ । ଯେ ଏହି ବିଭାଗକୁ ଠିକ୍‌ଭାବେ ଜାଣିନେବ, ସେ ସାତ୍ତ୍ୱିକୀ ଶ୍ରଦ୍ଧାକୁ ଗ୍ରହଣ କରି ରାଜସୀ ଓ ତାମସୀ ଶ୍ରଦ୍ଧାକୁ ଛାଡ଼ିଦେବ । ରାଜସୀ ଓ ତାମସୀ ଶ୍ରଦ୍ଧାକୁ ଛାଡ଼ିଦେବାମାତ୍ରେ (ସାତ୍ତ୍ୱିକୀ ଶ୍ରଦ୍ଧା ଦ୍ୱାରା) ଭଗବାନଙ୍କ ସହିତ ସ୍ୱତଃସିଦ୍ଧ ନିତ୍ୟସମ୍ବନ୍ଧ ଅନୁଭବ ହୋଇଯିବ । ସେଥିପାଇଁ ଏହି ଅଧ୍ୟାୟର ନାମ **'ଶ୍ରଦ୍ଧାତ୍ରୟବିଭାଗଯୋଗ'** ରଖାଯାଇଛି ।

ଶ୍ଳୋକସଂଖ୍ୟା ପ୍ରଧାନ ବିଷୟ

୧—୬ ତିନି ପ୍ରକାର ଶ୍ରଦ୍ଧାର ଏବଂ ଆସୁରନିଶ୍ଚୟସମ୍ପନ୍ନ ମନୁଷ୍ୟମାନଙ୍କର ବର୍ଣ୍ଣନା

୭—୧୦ ସାତ୍ତ୍ୱିକ, ରାଜସ ଓ ତାମସ ଆହାରୀର ରୁଚି ବିଷୟରେ ବର୍ଣ୍ଣନା

୧୧—୨୨ ଯଜ୍ଞ, ତପ ଓ ଦାନର ତିନୋଟି ଲେଖାଏଁ ପ୍ରଭେଦର ବର୍ଣ୍ଣନା

୨୩—୨୮ 'ଓଁ ତତ୍‌ସତ୍' ପ୍ରୟୋଗର ବ୍ୟାଖ୍ୟା ଏବଂ ଅସତ୍ କର୍ମର ବର୍ଣ୍ଣନା

ସୂକ୍ଷ୍ମ ବିଷୟ

୧ ଶାସ୍ତ୍ରବିଧିକୁ ଜାଣି ନ ଥିବା ଶ୍ରଦ୍ଧାଳୁ ମନୁଷ୍ୟଙ୍କର ନିଷ୍ଠା (ଶ୍ରଦ୍ଧା) ବିଷୟରେ ଅର୍ଜୁନଙ୍କ ପ୍ରଶ୍ନ

୨-୩ ତିନି ପ୍ରକାର ଶ୍ରଦ୍ଧା ବିଷୟରେ କଥନ

୪ ପୂଜ୍ୟ ଅନୁସାରେ ପୂଜକର ଶ୍ରଦ୍ଧାର ପରିଚୟ

୫-୬ ଶାସ୍ତ୍ରବିଧିକୁ ବିରୋଧପୂର୍ବକ ପରିତ୍ୟାଗ କରି ଘୋର ତପ କରୁଥିବା ଲୋକମାନଙ୍କ ଆସୁରନିଶ୍ଚୟର ବର୍ଣ୍ଣନା

ଶ୍ଳୋକସଂଖ୍ୟା ସୂକ୍ଷ୍ମ ବିଷୟ

୭ ଆହାର ଏବଂ ଯଜ୍ଞ, ତପ ତଥା ଦାନର ପ୍ରଭେଦ ଶୁଣିବା ପାଇଁ ଆଦେଶ

୮—୧୦ ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ଆହାରର ରୁଚିରୁ ଆହାରୀର ଶ୍ରଦ୍ଧାର ପରିଚୟ

୧୧—୧୩ ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ଯଜ୍ଞର ବର୍ଣ୍ଣନା

୧୪—୧୬ ଯଥାକ୍ରମେ ଶାରୀରିକ, ବାଚିକ ଓ ମାନସିକ ତପର ବର୍ଣ୍ଣନା

୧୭—୧୯ ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ତପର ବର୍ଣ୍ଣନା

୨୦—୨୨ ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ଦାନର ବର୍ଣ୍ଣନା

୨୩ 'ଓଁ, ତତ୍ ଓ ସତ୍'ର ମହିମା

୨୪ 'ଓଁ'ର ପ୍ରୟୋଗର ବ୍ୟାଖ୍ୟା

୨୫ 'ତତ୍'ର ପ୍ରୟୋଗର ବ୍ୟାଖ୍ୟା

୨୬-୨୭ 'ସତ୍'ର ପ୍ରୟୋଗର ବ୍ୟାଖ୍ୟା

୨୮ ଅଶ୍ରଦ୍ଧାପୂର୍ବକ କରାଯାଉଥିବା କର୍ମଗୁଡ଼ିକୁ 'ଅସତ୍' ଦର୍ଶାଇବା

ଅଷ୍ଟାଦଶ ଅଧ୍ୟାୟ

ଯେଉଁଥିରେ ମୋକ୍ଷର ମଧ୍ୟ ସନ୍ନ୍ୟାସ ବା ତ୍ୟାଗ ହୋଇଯାଏ, ସେହି ଭଗବଦ୍ଭକ୍ତିର ବର୍ଣ୍ଣନା ମୁଖ୍ୟ ହୋଇଥିବାରୁ ଏହି ଅଧ୍ୟାୟର ନାମ 'ମୋକ୍ଷସନ୍ନ୍ୟାସଯୋଗ' ରଖାଯାଇଛି।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୧୨	ସନ୍ନ୍ୟାସ ଓ ତ୍ୟାଗ ବିଷୟରେ ମତାନ୍ତର ଓ କର୍ମଯୋଗର ବର୍ଣ୍ଣନା
୧୩—୪୦	ସାଙ୍ଖ୍ୟଯୋଗର ବର୍ଣ୍ଣନା
୪୧—୪୮	କର୍ମଯୋଗର ଭକ୍ତିସହିତ ବର୍ଣ୍ଣନା
୪୯—୫୫	ସାଙ୍ଖ୍ୟଯୋଗର ବର୍ଣ୍ଣନା
୫୬—୬୬	ଭଗବଦ୍ଭକ୍ତିର ବର୍ଣ୍ଣନା
୬୭—୭୮	ଶ୍ରୀମଦ୍ଭଗବଦ୍ଗୀତାର ମହିମା

ସୂକ୍ଷ୍ମ ବିଷୟ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ସନ୍ନ୍ୟାସ ଓ ତ୍ୟାଗ ବିଷୟରେ ଅର୍ଜୁନଙ୍କ ଜିଜ୍ଞାସା
୨-୩	ଭଗବାନଙ୍କ ଦ୍ୱାରା ଅନ୍ୟ ବିଦ୍ୱାନ୍‌ମାନଙ୍କର ଚାରୋଟି ମତର ବର୍ଣ୍ଣନା
୪—୬	ଭଗବାନଙ୍କ ଦ୍ୱାରା ନିଜ ନିଶ୍ଚିତ ମତର ବର୍ଣ୍ଣନା
୭—୯	ଯଥାକ୍ରମେ ତାମସ, ରାଜସ ଓ ସାତ୍ତ୍ୱିକ ତ୍ୟାଗର ବର୍ଣ୍ଣନା
୧୦—୧୨	ତ୍ୟାଗୀ ମନୁଷ୍ୟର ଲକ୍ଷଣ
୧୩—୧୫	ସାଂଖ୍ୟ-ସିଦ୍ଧାନ୍ତ ଅନୁସାରେ କର୍ମଗୁଡ଼ିକର ସମ୍ପାଦନରେ ପାଞ୍ଚଟି ହେତୁର ବର୍ଣ୍ଣନା
୧୬—୧୮	ଆତ୍ମାକୁ କର୍ତ୍ତା ମନେକରୁଥିବା ଲୋକଙ୍କର ନିନ୍ଦା ଓ କର୍ତ୍ତା ମନେକରୁ ନ ଥିବା ଲୋକଙ୍କର ପ୍ରଶଂସା
୧୯	ଜ୍ଞାନ, କର୍ମ ଓ କର୍ତ୍ତାର ତିନୋଟି ଲେଖାଏଁ ପ୍ରଭେଦ ଶୁଣିବା ପାଇଁ ଭଗବାନଙ୍କ ଆଦେଶ
୨୦—୨୨	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ଜ୍ଞାନର ବର୍ଣ୍ଣନା
୨୩—୨୫	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ କର୍ମର ବର୍ଣ୍ଣନା
୨୬—୨୮	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ କର୍ତ୍ତାର ଲକ୍ଷଣ
୨୯	ବୁଦ୍ଧି ଓ ଧୃତିର ତିନୋଟି ଲେଖାଏଁ ପ୍ରଭେଦ ଶୁଣିବା ପାଇଁ ଭଗବାନଙ୍କ ଆଦେଶ
୩୦—୩୨	ଯଥାକ୍ରମେ ସାତ୍ତ୍ୱିକୀ, ରାଜସୀ ଓ ତାମସୀ ବୁଦ୍ଧିର ଲକ୍ଷଣ
୩୩—୩୫	ଯଥାକ୍ରମେ ସାତ୍ତ୍ୱିକୀ, ରାଜସୀ ଓ ତାମସୀ ଧୃତିର ଲକ୍ଷଣ
୩୬	ସୁଖର ତିନୋଟି ଲେଖାଏଁ ପ୍ରଭେଦ ଶୁଣିବା ପାଇଁ ଭଗବାନଙ୍କ ଆଦେଶ
୩୭—୩୯	ସାତ୍ତ୍ୱିକ, ରାଜସ ଓ ତାମସ ସୁଖର ବର୍ଣ୍ଣନା
୪୦	୨୦ ଶ ରୁ ୩୯ଶ ଶ୍ଳୋକ ପର୍ଯ୍ୟନ୍ତ ବର୍ଣ୍ଣିତ ଗୁଣବିଷୟକ ପ୍ରକରଣର ଉପସଂହାର
୪୧	ଚାରିବର୍ଣ୍ଣର ସ୍ୱଭାବଜ କର୍ମ ପ୍ରକରଣର ଉପକ୍ରମ
୪୨	ବ୍ରାହ୍ମଣଙ୍କ ସ୍ୱଭାବଜ କର୍ମଗୁଡ଼ିକର ବର୍ଣ୍ଣନା
୪୩	କ୍ଷତ୍ରିୟଙ୍କ ସ୍ୱଭାବଜ କର୍ମଗୁଡ଼ିକର ବର୍ଣ୍ଣନା
୪୪	ବୈଶ୍ୟ ଓ ଶୂଦ୍ରଙ୍କ ସ୍ୱଭାବଜ କର୍ମଗୁଡ଼ିକର ବର୍ଣ୍ଣନା
୪୫—୪୮	ନିଜର ସ୍ୱଭାବଜ କର୍ମ ଦ୍ୱାରା ପରମାତ୍ମାଙ୍କୁ ପୂଜା କରି ପରମାତ୍ମପ୍ରାପ୍ତି ହେବାର କଥନ
୪୯	ସାଙ୍ଖ୍ୟଯୋଗର ଅଧିକାରୀଙ୍କ ବର୍ଣ୍ଣନା
୫୦	ସାଙ୍ଖ୍ୟଯୋଗର ଅଧିକାରୀ ଦ୍ୱାରା ପରମସିଦ୍ଧି ଲାଭ କରିବାର ପ୍ରଣାଳୀ
୫୧—୫୩	ସାଙ୍ଖ୍ୟଯୋଗର ସାଧନାଗୁଡ଼ିକର ବର୍ଣ୍ଣନା
୫୪-୫୫	ପରାଭକ୍ତି ପ୍ରାପ୍ତି ଓ ତାହାର ଫଳସ୍ୱରୂପ ପରମାତ୍ମତତ୍ତ୍ୱକୁ ଜାଣିବା ଓ ପାଇବାର ବର୍ଣ୍ଣନା
୫୬	ଭଗବାନଙ୍କ ଆଶ୍ରୟ ନେଇଥିବାରୁ ଭଗବନ୍ନିଷ୍ଠଙ୍କୁ ଭଗବଦ୍‌ପ୍ରାପ୍ତି ହେବାର କଥନ
୫୭	ଅର୍ଜୁନଙ୍କୁ ଭଗବନ୍ନିଷ୍ଠ ହେବା ପାଇଁ ଆଦେଶ
୫୮-୫୯	ଭଗବନ୍ନିଷ୍ଠ ହେବାରେ ଲାଭ ଓ ନ ହେବାରେ କ୍ଷତି
୬୦	ସ୍ୱଭାବର ପରବଶତାର ବର୍ଣ୍ଣନା
୬୧	ସ୍ୱଭାବର ପରବଶତାରେ ଈଶ୍ୱରଙ୍କ ପ୍ରେରଣାର କଥନ
୬୨	ଫଳସହିତ ଅନ୍ତର୍ଯାମୀ ଈଶ୍ୱରଙ୍କ ଠାରେ ଶରଣାଗତିର ବର୍ଣ୍ଣନା
୬୩	ଉପଦେଶର ଉପସଂହାର
୬୪	ସର୍ବଗୁହ୍ୟତମ ବଚନ ଶୁଣିବା ପାଇଁ ଆଦେଶ
୬୫-୬୬	ଫଳସହିତ ଭଗବଦ୍‌ଶରଣାଗତିର ବର୍ଣ୍ଣନା
୬୭	ସର୍ବଗୁହ୍ୟତମ ବଚନ ଶୁଣିବାର ଅଧିକାରୀମାନଙ୍କ ବର୍ଣ୍ଣନା
୬୮-୬୯	ଭଗବଦ୍ଭକ୍ତମାନଙ୍କ ଗହଣରେ ଗୀତା ପ୍ରଚାର କରୁଥିବା ଲୋକର ବିଶେଷ ମହିମା
୭୦	ଗୀତାପଠନର ମହିମା
୭୧	ଗୀତାଶ୍ରବଣର ମହିମା
୭୨-୭୩	ଗୀତାଶ୍ରବଣ ବିଷୟରେ ଭଗବାନଙ୍କ ପ୍ରଶ୍ନ ଓ ଅର୍ଜୁନଙ୍କ ଉତ୍ତର
୭୪	ସଞ୍ଜୟଙ୍କ ଦ୍ୱାରା ଶ୍ରୀକୃଷ୍ଣାର୍ଜୁନସଂବାଦର ମହିମା ବର୍ଣ୍ଣନ
୭୫—୭୭	ବ୍ୟାସଦେବଙ୍କ କୃପାରୁ ପ୍ରାପ୍ତ ଭଗବାନଙ୍କ ଉପଦେଶ ଓ ବିରାଟରୂପକୁ ବାରମ୍ବାର ସ୍ମରଣ କରି ସଞ୍ଜୟଙ୍କର ପୁନଃ ପୁନଃ ହର୍ଷିତ ହେବା
୭୮	ସଞ୍ଜୟଙ୍କ ଦ୍ୱାରା ଭଗବାନ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ପକ୍ଷର ବିଶେଷ ମହିମା ବର୍ଣ୍ଣନ

॥ ଶ୍ରୀହରିଃ ॥

ଗୀତୋକ୍ତ ସଂକ୍ଷିପ୍ତ ସୂକ୍ତିସଂଗ୍ରହ

ଯଦି କୌଣସି ବାକ୍ୟ ବା ବାକ୍ୟାଂଶକୁ ତାହାର ସ୍ଥାନରୁ ଅଲଗା କରି ଦିଆଗଲେ ମଧ୍ୟ ଶୁଣିବାମାତ୍ରକେ କୌଣସି ଅନୁଭବ, ଉପଦେଶ ଆଦିର ଜ୍ଞାନ କରାଏ, ତେବେ ତାହାକୁ 'ସୂକ୍ତି' କହନ୍ତି । ଯଦ୍ୟପି ଗୀତାର ସମସ୍ତ ଶ୍ଲୋକ ସୂକ୍ତିରୂପେ ଗ୍ରହଣୀୟ, ତଥାପି ସେଥିମଧ୍ୟରୁ କେତେକ ସୂକ୍ତିକୁ ଉଦ୍ଧାର କରି ଏଠାରେ ତାଲିକାବଦ୍ଧ କରାଯାଉଛି ।

୧. 'କ୍ଲୈବ୍ୟଂ ମା ସ୍ମ ଗମଃ' (୨ । ୩)

୨. 'ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍' (୨ । ୭)

୩. 'ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ' (୨ । ୧୧)

୪. 'ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ' (୨ । ୧୪)

୫. 'ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ' (୨ । ୧୫)

୬. 'ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ' (୨ । ୧୬)

୭. 'ଅନ୍ତବନ୍ତ ଇମେ ଦେହାଃ' (୨ । ୧୮)

୮. 'ନାୟଂ ହନ୍ତି ନ ହନ୍ୟତେ' (୨ । ୧୯)

୯. 'ନ ହନ୍ୟତେ ହନ୍ୟମାନେ ଶରୀରେ' (୨ । ୨୦)

୧୦. ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା-
ନ୍ୟନ୍ୟାନି ସଂଯାତି ନବାନି ଦେହୀ ॥ (୨ । ୨୨)

୧୧. ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥ (୨ । ୨୩)

୧୨. 'ନିତ୍ୟଃ ସର୍ବଗତଃ ସ୍ଥାଣୁରଚଲୋଽୟଂ ସନାତନଃ' (୨ । ୨୪)

୧୩. 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ' (୨ । ୨୭)

୧୪. ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ॥ (୨ । ୩୮)

୧୫. 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' (୨ । ୪୦)

୧୬. 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ' (୨ । ୪୭)

୧୭. 'ସମତ୍ୱଂ ଯୋଗ ଉଚ୍ୟତେ' (୨ । ୪୮)

୧୮. 'ବୁଦ୍ଧିନାଶାତ୍ ପ୍ରଣଶ୍ୟତି' (୨ । ୬୩)

୧୯. 'ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ' (୨ । ୬୫)

୨୦. 'ଅଶାନ୍ତସ୍ୟ କୁତଃ ସୁଖମ୍' (୨ । ୬୬)

୨୧. 'ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ' (୨ । ୬୯)

୨୨. 'ସ ଶାନ୍ତିମାପ୍ନୋତି ନ କାମକାମୀ' (୨ । ୭୦)

୨୩. 'ନିର୍ମମୋ ନିରହଂକାରଃ ସ ଶାନ୍ତିମଧିଗଚ୍ଛତି' (୨ । ୭୧)

୨୪. 'ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାମ୍' (୩ । ୨)

୨୫. 'ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍' (୩ । ୫)

୨୬. 'ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ' (୩ । ୯)

୨୭. 'ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ' (୩ । ୧୧)

୨୮. 'ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍' (୩ । ୧୩)

୨୯. ଅନ୍ନାଦ୍ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ ।
ଯଜ୍ଞାଦ୍ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମସମୁଦ୍ଭବଃ ॥ (୩ । ୧୪)

୩୦. ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀହ ଯଃ ।
ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ॥ (୩ । ୧୬)

୩୧. 'ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ' (୩ । ୧୮)

୩୨. 'ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର' (୩ । ୧୯)

୩୩. ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥ (୩ । ୨୧)

୩୪. 'ଅହଂକାରବିମୂଢାତ୍ମା କର୍ତ୍ତାହମିତି ମନ୍ୟତେ' (୩ । ୨୭)

୩୫. ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।
ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ ॥ (୩ । ୨୮)

୩୬. 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ' (୩ । ୩୫)

୩୭. 'ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍' (୩ । ୪୩)

୩୮. ଯଦା ଯଦା ହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥ (୪ । ୭)

୩୯. ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥ (୪ । ୮)

୪୦. 'ଜନ୍ମ କର୍ମ ଚ ମେ ଦିବ୍ୟମ୍' (୪ । ୯)

୪୧. 'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍' (୪ । ୧୧)
୪୨. 'ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ' (୪ । ୧୩)
୪୩. 'ଗହନା କର୍ମଣୋ ଗତିଃ' (୪ । ୧୭)
୪୪. 'ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ' (୪ । ୨୩)
୪୫. ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥ (୪ । ୨୪)
୪୬. 'ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍' (୪ । ୩୧)
୪୭. 'ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ' (୪ । ୩୩)
୪୮. ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥ (୪ । ୩୪)
୪୯. 'ଯଜ୍‌ଜ୍ଞାତ୍ୱା ନ ପୁନର୍ମୋହମ୍' (୪ । ୩୫)
୫୦. 'ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନମ୍' (୪ । ୩୯)
୫୧. 'ସଂଶୟାତ୍ମା ବିନଶ୍ୟତି' (୪ । ୪୦)
୫୨. 'କର୍ମଯୋଗୋ ବିଶିଷ୍ୟତେ' (୫ । ୨)
୫୩. 'ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ' (୫ । ୩)
୫୪. 'ଫଳେ ସକ୍ତୋ ନିବଧ୍ୟତେ' (୫ । ୧୨)
୫୫. 'ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ' (୫ । ୧୯)
୫୬. 'ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ' (୫ । ୨୦)
୫୭. ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ॥ (୫ । ୨୨)
୫୮. ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥ (୫ । ୨୯)
୫୯. 'ନ ହ୍ୟସନ୍ନ୍ୟସ୍ତସଙ୍କଳ୍ପୋ ଯୋଗୀ ଭବତି କଶ୍ଚନ' (୬ । ୨)
୬୦. 'ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ' (୬ । ୩)
୬୧. ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ॥ (୬ । ୫)
୬୨. 'ସମବୁଦ୍ଧିର୍ବିଶିଷ୍ୟତେ' (୬ । ୯)
୬୩. ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ।
ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ॥ (୬ । ୧୭)
୬୪. ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।
ଯସ୍ମିନ୍‌ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥ (୬ । ୨୨)
୬୫. 'ତଂ ବିଦ୍ୟାଦ୍ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍' (୬ । ୨୩)
୬୬. ଶନୈଃ ଶନୈରୁପରମେଦ୍‌ବୁଦ୍ଧ୍ୟା ଧୃତିଗୃହୀତୟା ।
ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ॥ (୬ । ୨୫)
୬୭. ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ॥ (୬ । ୩୦)
୬୮. ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ॥ (୬ । ୩୨)
୬୯. 'ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ' (୬ । ୩୫)
୭୦. 'ନ ହି କଲ୍ୟାଣକୃତ୍‌କଶ୍ଚିଦ୍‌ଦୁର୍ଗତିଂ ତାତ ଗଚ୍ଛତି' (୬ । ୪୦)
୭୧. 'ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି' (୭ । ୭)
୭୨. 'ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ' (୭ । ୧୪)
୭୩. 'ବାସୁଦେବଃ ସର୍ବମ୍' (୭ । ୧୯)
୭୪. 'ମଦ୍ଭକ୍ତା ଯାନ୍ତି ମାମପି' (୭ । ୨୩)
୭୫. 'ମାମନୁସ୍ମର ଯୁଧ୍ୟ ଚ' (୮ । ୭)
୭୬. 'ଦୁଃଖାଳୟମଶାଶ୍ୱତମ୍' (୮ । ୧୫)
୭୭. 'ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ' (୮ । ୧୬)
୭୮. 'ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ' (୮ । ୧୯)
୭୯. 'ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ' (୮ । ୨୧)
୮୦. 'କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି' (୯ । ୨୧)
୮୧. 'ଗତାଗତଂ କାମକାମା ଲଭନ୍ତେ' (୯ । ୨୧)
୮୨. 'ଯୋଗକ୍ଷେମଂ ବହାମ୍ୟହମ୍' (୯ । ୨୨)
୮୩. ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରୟଚ୍ଛତି ।
ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ ॥ (୯ । ୨୬)
୮୪. ଯତ୍କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍କୁରୁଷ୍ୱ ମଦର୍ପଣମ୍ ॥ (୯ । ୨୭)
୮୫. 'ସମୋଽହଂ ସର୍ବଭୂତେଷୁ' (୯ । ୨୯)
୮୬. ଅପି ଚେତ୍‌ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।
ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ ॥ (୯ । ୩୦)
୮୭. କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ॥ (୯ । ୩୧)
୮୮. 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍' (୯ । ୩୩)

୮୯. 'ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ' (୯।୩୪; ୧୮।୬୫)

୯୦. 'ଯଜ୍ଞାନାଂ ଜପଯଜ୍ଞୋଽସ୍ମି' (୧୦।୨୫)

୯୧. 'ଅଧ୍ୟାତ୍ମବିଦ୍ୟା ବିଦ୍ୟାନାମ୍' (୧୦।୩୨)

୯୨. ଯଦ୍ୟଦ୍ବିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ॥ (୧୦।୪୧)

୯୩. 'ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍' (୧୧।୩୩)

୯୪. 'ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ' (୧୧।୩୯)

୯୫. 'ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟଃ' (୧୧।୪୩)

୯୬. 'ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ' (୧୨।୪)

୯୭. 'ତ୍ୟାଗାଚ୍ଛାନ୍ତିରନନ୍ତରମ୍' (୧୨।୧୨)

୯୮. 'ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍' (୧୩।୮)

୯୯. ସର୍ବତଃପାଣିପାଦଂ ତତ୍ ସର୍ବତୋଽକ୍ଷିଶିରୋମୁଖମ୍ ।
ସର୍ବତଃଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥ (୧୩।୧୩)

୧୦୦. 'ଜ୍ୟୋତିଷାମପି ତଜ୍ଜ୍ୟୋତିଃ' (୧୩।୧୭)

୧୦୧. 'ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍ଗୁଣାନ୍' (୧୩।୨୧)

୧୦୨. 'ଦେହେଽସ୍ମିନ୍ ପୁରୁଷଃ ପରଃ' (୧୩।୨୨)

୧୦୩. ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।
ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସ ପଶ୍ୟତି ॥ (୧୩।୨୭)

୧୦୪. 'ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍' (୧୩।୨୮)

୧୦୫. ଯଦା ଭୂତପୃଥଗ୍ଭାବମେକସ୍ଥମନୁପଶ୍ୟତି ।
ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା ॥ (୧୩।୩୦)

୧୦୬. 'ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ' (୧୩।୩୧)

୧୦୭. ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।
ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ॥ (୧୪।୧୮)

୧୦୮. 'ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍' (୧୫।୧)

୧୦୯. ନ ତଦ୍ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।
ଯଦ୍ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥ (୧୫।୬)

୧୧୦. 'ମମୈବାଂଶୋ ଜୀବଲୋକେ' (୧୫।୭)

୧୧୧. 'ବିମୂଢା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ' (୧୫।୧୦)

୧୧୨. 'ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟଃ' (୧୫।୧୫)

୧୧୩. 'ଦୈବୀ ସମ୍ପଦ୍ବିମୋକ୍ଷାୟ ନିବନ୍ଧାୟାସୁରୀ ମତା' (୧୬।୫)

୧୧୪. 'କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ' (୧୬।୧୧)

୧୧୫. ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ॥ (୧୬।୨୧)

୧୧୬. 'ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ' (୧୬।୨୪)

୧୧୭. 'ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ' (୧୭।୩)

୧୧୮. ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ ।
ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ॥ (୧୭।୨୦)

୧୧୯. ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।
ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ପ୍ରେତ୍ୟ ନୋ ଇହ ॥ (୧୭।୨୮)

୧୨୦. 'ଯସ୍ତୁ କର୍ମଫଳତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ' (୧୮।୧୧)

୧୨୧. ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ ।
ହତ୍ୱାପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ ॥ (୧୮।୧୭)

୧୨୨. 'ଯତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍' (୧୮।୩୭)

୧୨୩. 'ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ' (୧୮।୪୫)

୧୨୪. 'ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ' (୧୮।୪୬)

୧୨୫. 'ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ' (୧୮।୪୮)

୧୨୬. 'ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ପ୍ରସାଦାତ୍ତରିଷ୍ୟସି' (୧୮।୫୮)

୧୨୭. 'ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି' (୧୮।୫୯)

୧୨୮. ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢାନି ମାୟୟା ॥ (୧୮।୬୧)

୧୨୯. 'ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ' (୧୮।୬୨)

୧୩୦. ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥ (୧୮।୬୬)

୧୩୧. 'ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା' (୧୮।୭୩)

୧୩୨. 'କରିଷ୍ୟେ ବଚନଂ ତବ' (୧୮।୭୩)

୧୩୩. ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ ।
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ॥ (୧୮।୭୮)

ଗୀତାର ଅନେକାର୍ଥ-ଶବ୍ଦକୋଷ

(ଗୀତାର 'ସାଧକ-ସଂଜୀବନୀ' ଟୀକା ଅନୁସାରେ)

ଅନେକାର୍ଥାଶ୍ଚ ଯେ ଶବ୍ଦା ଗୀତାୟାଂ ସନ୍ତି ଯତ୍ର ବୈ ।
ସର୍ବେ କୋଶେ ଗୃହୀତାସ୍ତେ ନୈକାର୍ଥା ନ କଦାଚନ ॥

ଅଧ୍ୟାୟ-ଶ୍ଳୋକ   ପଦ   ଶ୍ଳୋକର ପ୍ରତୀକ

୧. ଅକର୍ମ

(୧) କର୍ମ ନ କରିବାର ବାଚକ

୨ । ୪୭   ଅକର୍ମଣି   କର୍ମଣ୍ୟେବାଧିକାରସ୍ତେ.
୩ । ୫   ଅକର୍ମକୃତ୍   ନ ହି କଶ୍ଚିତ୍.
୩ । ୮   ଅକର୍ମଣଃ;
         ଅକର୍ମଣଃ   ନିୟତଂ କୁରୁ କର୍ମ.

(୨) କାମନା-ବାସନାରହିତର ବାଚକ

୪ । ୧୬   ଅକର୍ମ   କିଂ କର୍ମ.
୪ । ୧୭   ଅକର୍ମଣଃ   କର୍ମଣୋ ହ୍ୟପି.
୪ । ୧୮   ଅକର୍ମ; ଅକର୍ମଣି   କର୍ମଣ୍ୟକର୍ମ.

୨. ଅକ୍ଷର

(୧) ସଗୁଣନିରାକାରର ବାଚକ

୩ । ୧୫   ଅକ୍ଷରସମୁଦ୍ଭବମ୍   କର୍ମ ବ୍ରହ୍ମୋଦ୍ଭବଂ.

(୨) ନିର୍ଗୁଣନିରାକାରର ବାଚକ

୮ । ୩   ଅକ୍ଷରମ୍   ଅକ୍ଷରଂ ବ୍ରହ୍ମ.
୮ । ୧୧   ଅକ୍ଷରମ୍   ଯଦକ୍ଷରଂ.
୧୧ । ୧୮   ଅକ୍ଷରମ୍   ତ୍ୱମକ୍ଷରଂ ପରମଂ.
୧୧ । ୩୭   ଅକ୍ଷରମ୍   କସ୍ମାଚ୍ଚ ତେ ନ.
୧୨ । ୧   ଅକ୍ଷରମ୍   ଏବଂ ସତତଯୁକ୍ତା.
୧୨ । ୩   ଅକ୍ଷରମ୍   ଯେ ତ୍ୱକ୍ଷର.

(୩) ସଗୁଣନିରାକାର, ନିର୍ଗୁଣନିରାକାର ଓ ସଗୁଣସାକାରର ବାଚକ

୮ । ୨୧   ଅକ୍ଷରଃ   ଅବ୍ୟକ୍ତୋଽକ୍ଷର.

(୪) ପ୍ରଣବର ବାଚକ

୮ । ୧୩   ଏକାକ୍ଷରମ୍   ଓମିତ୍ୟେକାକ୍ଷରଂ.
୧୦ । ୨୫   ଏକମକ୍ଷରମ୍   ମହର୍ଷୀଣାଂ ଭୃଗୁରହଂ.

(୫) ବର୍ଣ୍ଣମାଳାର ବାଚକ

୧୦ । ୩୩   ଅକ୍ଷରାଣାମ୍   ଅକ୍ଷରାଣାମକାରୋଽସ୍ମି.

(୬) ଜୀବାତ୍ମାର ବାଚକ

୧୫ । ୧୬   ଅକ୍ଷରଃ; ଅକ୍ଷରଃ   ଦ୍ୱାବିମୌ ପୁରୁଷୌ.
୧୫ । ୧୮   ଅକ୍ଷରାତ୍   ଯସ୍ମାତ୍କ୍ଷରମ.

୩. ଅଚଳ

(୧) ଜୀବାତ୍ମାର ବାଚକ

୨ । ୨୪   ଅଚଳଃ   ଅଚ୍ଛେଦ୍ୟୋଽୟମ.

(୨) ନିର୍ଗୁଣନିରାକାରର ବାଚକ

୧୨ । ୩   ଅଚଳମ୍   ଯେ ତ୍ୱକ୍ଷରମ.

(୩) ସ୍ଥିରତାର ବାଚକ

୨ । ୫୩   ଅଚଳା   ଶ୍ରୁତିବିପ୍ରତିପନ୍ନା.
୨ । ୭୦   ଅଚଳପ୍ରତିଷ୍ଠମ୍   ଆପୂର୍ଯ୍ୟମାଣମଚଳ.
୬ । ୧୩   ଅଚଳମ୍   ସମଂ କାୟଶିରୋଗ୍ରୀବଂ.
୬ । ୨୧   ଅଚଳାମ୍   ଯୋ ଯୋ ଯାଂ ଯାଂ.
୮ । ୧୦   ଅଚଳେନ   ପ୍ରୟାଣକାଳେ.

୪. ଅଚିନ୍ତ୍ୟ

(୧) ଜୀବାତ୍ମାର ବାଚକ

୨ । ୨୫   ଅଚିନ୍ତ୍ୟଃ   ଅବ୍ୟକ୍ତୋଽୟମ.

(୨) ସଗୁଣନିରାକାରର ବାଚକ

୮ । ୯   ଅଚିନ୍ତ୍ୟରୂପମ୍   କବିଂ ପୁରାଣ.

(୩) ନିର୍ଗୁଣନିରାକାରର ବାଚକ

୧୨ । ୩   ଅଚିନ୍ତ୍ୟମ୍   ଯେ ତ୍ୱକ୍ଷରମ.

୫. ଅଧ୍ୟାତ୍ମ

(୧) ପରମାତ୍ମାଙ୍କର ବାଚକ

୧୦ । ୩୨   ଅଧ୍ୟାତ୍ମବିଦ୍ୟା   ସର୍ଗାଣାମାଦି.
୧୧ । ୧   ଅଧ୍ୟାତ୍ମସଂଜ୍ଞିତମ୍   ମଦନୁଗ୍ରହାୟ.
୧୩ । ୧୧   ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱମ୍   ଅଧ୍ୟାତ୍ମଜ୍ଞାନ.
୧୫ । ୫   ଅଧ୍ୟାତ୍ମନିତ୍ୟାଃ   ନିର୍ମାନମୋହା

(୨) ଜୀବାତ୍ମାର ବାଚକ

୭ । ୨୯   ଅଧ୍ୟାତ୍ମମ୍   ଜରାମରଣମୋକ୍ଷାୟ.
୮ । ୧   ଅଧ୍ୟାତ୍ମମ୍   କିଂ ତଦ୍ବ୍ରହ୍ମ.

ଅଧ୍ୟାୟ-ଶ୍ଳୋକ ପଦ ଶ୍ଳୋକର ପ୍ରତୀକ

୮ । ୩ ଅଧ୍ୟାତ୍ମମ୍ ଅକ୍ଷରଂ ବ୍ରହ୍ମ.

(୩) ବିବେକର ବାଚକ

୩ । ୩୦ ଅଧ୍ୟାତ୍ମଚେତସା ମୟି ସର୍ବାଣି.

୬. ଅପର

(୧) ଅନ୍ୟର ବାଚକ

୨ । ୨୨ ଅପରାଣି ବାସାଂସି ଜୀର୍ଣ୍ଣାନି.

୪ । ୨୫ ଅପରେ; ଅପରେ ଦୈବମେବାପରେ.

୪ । ୨୭ ଅପରେ ସର୍ବାଣୀନ୍ଦ୍ରିୟ.

୪ । ୨୮ ଅପରେ ଦ୍ରବ୍ୟଯଜ୍ଞାସ୍ତପୋ.

୪ । ୨୯ ଅପରେ ଅପାନେ ଜୁହ୍ୱତି.

୪ । ୩୦ ଅପରେ ଅପରେ ନିୟତାହାରାଃ.

୬ । ୨୨ ଅପରମ୍ ଯଂ ଲବ୍ଧ୍ୱା.

୧୩ । ୨୪ ଅପରେ ଧ୍ୟାନେନାତ୍ମନି.

୧୬ । ୧୪ ଅପରାନ୍ ଅସୌ ମୟା.

୧୮ । ୩ ଅପରେ ତ୍ୟାଜ୍ୟଂ ଦୋଷ.

(୨) ଜଡ଼ ପ୍ରକୃତିର ବାଚକ

୭ । ୫ ଅପରା ଅପରେୟମିତ.

(୩) ଅର୍ବାଚୀନ (ବର୍ତ୍ତମାନ) କାଳର ବାଚକ

୪ । ୪ ଅପରମ୍ ଅପରଂ ଭବତୋ.

୭. ଅପ୍ରମେୟ

(୧) ଜୀବାତ୍ମାର ସ୍ୱରୂପର ବାଚକ

୨ । ୧୮ ଅପ୍ରମେୟସ୍ୟ ଅନ୍ତବନ୍ତ ଇମେ.

(୨) ବିରାଟରୂପ ଭଗବାନଙ୍କର ବାଚକ

୧୧ । ୧୭ ଅପ୍ରମେୟମ୍ କିରୀଟିନଂ ଗଦିନଂ.

୧୧ । ୪୨ ଅପ୍ରମେୟମ୍ ଯଚ୍ଚାବହାସାର୍ଥ.

୮. ଅମୃତ

(୧) ପରମାତ୍ମତତ୍ତ୍ୱର ବାଚକ

୨ । ୧୫ ଅମୃତତ୍ୱାୟ ଯଂ ହି ନ.

୪ । ୩୧ ଯଜ୍ଞଶିଷ୍ଟାମୃତଭୁଜଃ ଯଜ୍ଞଶିଷ୍ଟାମୃତଭୁଜୋ.

୧୩ । ୧୨ ଅମୃତମ୍ ଜ୍ଞେୟଂ ଯତ୍ତତ୍.

୧୪ । ୨୦ ଅମୃତମ୍ ଗୁଣାନେତାନ.

୧୪ । ୨୭ ଅମୃତସ୍ୟ ବ୍ରହ୍ମଣୋ ହି.

(୨) ସୁଧାର ବାଚକ

୧୦ । ୧୮ ଅମୃତମ୍ ବିସ୍ତରେଣାତ୍ମନୋ.

୧୦ । ୨୭ ଅମୃତୋଦ୍ଭବମ୍ ଉଚ୍ଚୈଃଶ୍ରବ.

ଅଧ୍ୟାୟ-ଶ୍ଳୋକ ପଦ ଶ୍ଳୋକର ପ୍ରତୀକ

୧୮ । ୩୭ ଅମୃତୋପମମ୍ ଯତ୍ତଦଗ୍ରେ ବିଷମିବ.

୧୮ । ୩୮ ଅମୃତୋପମମ୍ ବିଷୟେନ୍ଦ୍ରିୟ.

(୩) ଅମରତ୍ୱର ବାଚକ

୯ । ୧୯ ଅମୃତମ୍* ତପାମ୍ୟହମହଂ.

୯. ଅବଶ

(୧) ସ୍ୱଭାବର ପରବଶତାର ବାଚକ

୩ । ୫ ଅବଶଃ ନ ହି କଶ୍ଚିତ୍.

୧୮ । ୬୦ ଅବଶଃ ସ୍ୱଭାବଜେନ.

(୨) ଭୋଗଗୁଡ଼ିକର ପରବଶତାର ବାଚକ

୬ । ୪୪ ଅବଶଃ ପୂର୍ବାଭ୍ୟାସେନ.

(୩) କର୍ମାନୁସାରେ ସର୍ଗ ଓ ପ୍ରଳୟ ସମୟର ପରବଶତାର ବାଚକ

୮ । ୧୯ ଅବଶଃ ଭୂତଗ୍ରାମଃ ସ.

(୪) କର୍ମାନୁସାରେ ମହାସର୍ଗ ଓ ମହାପ୍ରଳୟ ସମୟର ପରବଶତାର ବାଚକ

୯ । ୮ ଅବଶମ୍ ପ୍ରକୃତିଂ ସ୍ୱାମ.

୧୦. ଅବ୍ୟକ୍ତ

(୧) ଜୀବାତ୍ମାର ବାଚକ

୨ । ୨୫ ଅବ୍ୟକ୍ତଃ ଅବ୍ୟକ୍ତୋଽୟମ.

(୨) ଅପ୍ରକଟ ଓ ଲୀନ ହେବାର ବାଚକ

୨ । ୨୮ ଅବ୍ୟକ୍ତାଦୀନି;
ଅବ୍ୟକ୍ତନିଧନାନି ଅବ୍ୟକ୍ତାଦୀନି.

(୩) ସଗୁଣସାକାରର ବାଚକ

୭ । ୨୪ ଅବ୍ୟକ୍ତମ୍ ଅବ୍ୟକ୍ତଂ ବ୍ୟକ୍ତି.

(୪) ବ୍ରହ୍ମାଙ୍କ ସୂକ୍ଷ୍ମଶରୀରର ବାଚକ

୮ । ୧୮ ଅବ୍ୟକ୍ତାତ୍;
ଅବ୍ୟକ୍ତସଂଜ୍ଞକେ ଅବ୍ୟକ୍ତାଦ୍ବ୍ୟକ୍ତୟଃ.

୮ । ୨୦ ଅବ୍ୟକ୍ତାତ୍ ପରସ୍ତସ୍ମାତ୍ତୁ.

(୫) ପ୍ରକୃତିର ବାଚକ

୧୩ । ୫ ଅବ୍ୟକ୍ତମ୍ ମହାଭୂତାନ୍ୟହଂକାରୋ.

(୬) ସଗୁଣନିରାକାରର ବାଚକ

୮ । ୨୦ ଅବ୍ୟକ୍ତଃ ପରସ୍ତସ୍ମାତ୍ତୁ.

୯ । ୪ ଅବ୍ୟକ୍ତମୂର୍ତ୍ତିନା ମୟା ତତମିଦଂ.

(୭) ନିର୍ଗୁଣନିରାକାରର ବାଚକ

୧୨ । ୧ ଅବ୍ୟକ୍ତମ୍ ଏବଂ ସତତଯୁକ୍ତା.

---

* ସାଧାରଣତଃ 'ଅମୃତ' ଶବ୍ଦ ପରମାତ୍ମାଙ୍କର ବାଚକ, କିନ୍ତୁ ଯେଉଁଠି ମୃତ୍ୟୁ (ମରିବା) ଓ ଅମରତ୍ୱ (ନ ମରିବା) ର ପ୍ରସଙ୍ଗ ଥାଏ, ସେଠାରେ 'ଅମୃତ' ଶବ୍ଦ ଅମରତ୍ୱର ବାଚକ ।

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୨ । ୩	ଅବ୍ୟକ୍ତମ୍	ଯେ ତ୍ୱକ୍ଷର.
୧୨ । ୫	ଅବ୍ୟକ୍ତଚେତସାମ୍; ଅବ୍ୟକ୍ତା	କ୍ଲେଶୋଽଧିକତର.

(୮) ସଗୁଣନିରାକାର, ନିର୍ଗୁଣନିରାକାର ଓ ସଗୁଣସାକାରର ବାଚକ

୮ । ୨୧	ଅବ୍ୟକ୍ତଃ	ଅବ୍ୟକ୍ତୋଽକ୍ଷର.

୧୧. ଅବ୍ୟୟ

(୧) ଜୀବାତ୍ମାର ସ୍ୱରୂପର ବାଚକ

୨ । ୧୭	ଅବ୍ୟୟସ୍ୟ	ଅବିନାଶି ତୁ.
୨ । ୨୧	ଅବ୍ୟୟମ୍	ବେଦାବିନାଶିନଂ.
୧୩ । ୩୧	ଅବ୍ୟୟଃ	ଅନାଦିତ୍ୱାତ୍.
୧୪ । ୫	ଅବ୍ୟୟମ୍	ସତ୍ତ୍ୱଂ ରଜସ୍ତମ.

(୨) ଭଗବତ୍ସ୍ୱରୂପର ବାଚକ

୪ । ୬	ଅବ୍ୟୟାତ୍ମା	ଅଜୋଽପି.
୪ । ୧୩	ଅବ୍ୟୟମ୍	ଚାତୁର୍ବର୍ଣ୍ୟଂ
୭ । ୧୩	ଅବ୍ୟୟମ୍	ତ୍ରିଭିର୍ଗୁଣ.
୭ । ୨୪	ଅବ୍ୟୟମ୍	ଅବ୍ୟକ୍ତଂ ବ୍ୟକ୍ତି.
୭ । ୨୫	ଅବ୍ୟୟମ୍	ନାହଂ ପ୍ରକାଶଃ.
୯ । ୧୩	ଅବ୍ୟୟମ୍	ମହାତ୍ମାନସ୍ତୁ.
୯ । ୧୮	ଅବ୍ୟୟମ୍	ଗତିର୍ଭର୍ତ୍ତା ପ୍ରଭୁଃ.
୧୧ । ୪	ଅବ୍ୟୟମ୍	ମନ୍ୟସେ ଯଦି.
୧୧ । ୧୮	ଅବ୍ୟୟଃ	ତ୍ୱମକ୍ଷରଂ ପରମଂ.
୧୪ । ୨୭	ଅବ୍ୟୟସ୍ୟ	ବ୍ରହ୍ମଣୋ ହି.
୧୫ । ୧୭	ଅବ୍ୟୟଃ	ଉତ୍ତମଃ ପୁରୁଷଃ.

(୩) ପରମାତ୍ମାଙ୍କ ସତ୍ତାର ବାଚକ

୧୮ । ୨୦	ଅବ୍ୟୟମ୍	ସର୍ବଭୂତେଷୁ.

(୪) ଚିରକାଳର ବାଚକ

୨ । ୩୪	ଅବ୍ୟୟାମ୍	ଅକୀର୍ତ୍ତିଂ ଚାପି.

(୫) ଅବିନାଶିତ୍ୱର ବାଚକ

୪ । ୧	ଅବ୍ୟୟମ୍	ଇମଂ ବିବସ୍ୱତେ.
୯ । ୨	ଅବ୍ୟୟମ୍	ରାଜବିଦ୍ୟା ରାଜଗୁହ୍ୟଂ.
୧୧ । ୨	ଅବ୍ୟୟମ୍	ଭବାପ୍ୟୟୌ ହି.
୧୫ । ୧	ଅବ୍ୟୟମ୍	ଊର୍ଦ୍ଧ୍ୱମୂଳମଧଃ.
୧୫ । ୫	ଅବ୍ୟୟମ୍	ନିର୍ମାନମୋହା.
୧୮ । ୫୬	ଅବ୍ୟୟମ୍	ସର୍ବକର୍ମାଣ୍ୟପି.

୧୨. ଅଶୁଭ

(୧) ସଂସାରର ବାଚକ

୪ । ୧୬	ଅଶୁଭାତ୍	କିଂ କର୍ମ କିମକର୍ମେତି.
୯ । ୧	ଅଶୁଭାତ୍	ଇଦଂ ତୁ ତେ.

(୨) ଆସୁରୀସମ୍ପଦଯୁକ୍ତ ମନୁଷ୍ୟଙ୍କର ବାଚକ

୧୬ । ୧୯	ଅଶୁଭାନ୍	ତାନହଂ ଦ୍ୱିଷତଃ.

୧୩. ଅସତ୍

(୧) ନାଶବାନ୍ର ବାଚକ

୨ । ୧୬	ଅସତ୍	ନାସତୋ ବିଦ୍ୟତେ.
୯ । ୧୯	ଅସତ୍	ତପାମ୍ୟହମହଂ.
୧୧ । ୩୭	ଅସତ୍	କସ୍ମାଚ୍ଚ ତେ.
୧୩ । ୧୨	ଅସତ୍	ଜ୍ଞେୟଂ ଯତତ୍ପ୍ରବକ୍ଷ୍ୟାମି.
୧୭ । ୨୮	ଅସତ୍	ଅଶ୍ରଦ୍ଧୟା ହୁତଂ.

(୨) ନୀଚ ଯୋନିର ବାଚକ

୧୩ । ୨୧	ଅସତ୍	ପୁରୁଷଃ ପ୍ରକୃତିସ୍ଥୋ.

୧୪. ଅହଂକାର

(୧) ବ୍ୟଷ୍ଟି (ମନୁଷ୍ୟ ଦ୍ୱାରା ସୃଷ୍ଟ) ଅହଂକାରର ବାଚକ

୩ । ୨୭	ଅହଂକାରବିମୂଢ଼ାତ୍ମା	ପ୍ରକୃତେଃ କ୍ରିୟମାଣାନି.
୧୬ । ୧୮	ଅହଂକାରମ୍	ଅହଂକାରଂ ବଳଂ ଦର୍ପଂ.
୧୭ । ୫	ଦମ୍ଭାହଂକାରସଂଯୁକ୍ତାଃ	ଅଶାସ୍ତ୍ରବିହିତଂ ଘୋରଂ.
୧୮ । ୫୩	ଅହଂକାରମ୍	ଅହଂକାରଂ ବଳଂ ଦର୍ପଂ.
୧୮ । ୫୮	ଅହଂକାରମ୍	ମଚ୍ଚିତ୍ତଃ ସର୍ବଦୁର୍ଗାଣି.
୧୮ । ୫୯	ଅହଂକାରମ୍	ଯଦହଂକାରମାଶ୍ରିତ୍ୟ.

(୨) ସମଷ୍ଟି ଅହଂକାରର ବାଚକ

୭ । ୪	ଅହଂକାରଃ	ଭୂମିରାପୋଽନଲୋ.
୧୩ । ୫	ଅହଂକାରଃ	ମହାଭୂତାନ୍ୟହଂକାରୋ.

୧୫. ଆତ୍ମା

(୧) ସ୍ୱୟଂ ଭଗବାନଙ୍କର (ସଗୁଣସାକାରର) ବାଚକ

୪ । ୬	ଅବ୍ୟୟାତ୍ମା; ଆତ୍ମମାୟୟା	ଅଜୋଽପି.
୪ । ୭	ଆତ୍ମାନମ୍	ଯଦା ଯଦା.
୭ । ୧୮	ଆତ୍ମା	ଉଦାରାଃ ସର୍ବେ.
୧୦ । ୧୫	ସ୍ୱୟମେବାତ୍ମନାତ୍ମାନମ୍	ସ୍ୱୟମେବାତ୍ମନା.
୧୦ । ୧୬	ଆତ୍ମବିଭୂତୟଃ	ବକ୍ତୁମର୍ହସ୍ୟ.
୧୦ । ୧୮	ଆତ୍ମନଃ	ବିସ୍ତରେଣାତ୍ମନୋ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୦ । ୧୯	ଆତ୍ମବିଭୂତୟଃ	ହନ୍ତ ତେ.
୧୧ । ୩	ଆତ୍ମାନମ୍	ଏବମେତଦ୍ୟଥାତ୍ଥ.
୧୧ । ୪	ଆତ୍ମାନମ୍	ମନ୍ୟସେ ଯଦି.
୧୧ । ୪୭	ଆତ୍ମଯୋଗାତ୍	ମୟା ପ୍ରସନ୍ନେନ.

(୨) ନିର୍ଗୁଣନିରାକାର ପରମାତ୍ମାଙ୍କର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୬ । ୨୫	ଆତ୍ମସଂସ୍ଥମ୍	ଶନୈଃ ଶନୈରୁପରମେଦ୍
୬ । ୨୬	ଆତ୍ମନି	ଯତୋ ଯତୋ.
୧୮ । ୩୭	*ଆତ୍ମବୁଦ୍ଧିପ୍ରସାଦଜମ୍	ଯତ୍ତଦଗ୍ରେ ବିଷମିବ.

(୩) ସଗୁଣନିରାକାର ପରମାତ୍ମାଙ୍କର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨ । ୪୫	ଆତ୍ମବାନ୍	ତ୍ରୈଗୁଣ୍ୟବିଷୟା.
୯ । ୫	ଆତ୍ମା	ନ ଚ ମତ୍ସ୍ଥାନି.
୧୩ । ୨୪	ଆତ୍ମାନମ୍	ଧ୍ୟାନେନାତ୍ମନି.

(୪) ସ୍ୱୟଂ (ଜୀବାତ୍ମା)ର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨ । ୫୫	ଆତ୍ମନ୍ୟେବାତ୍ମନା	ପ୍ରଜହାତି ଯଦା.
୩ । ୧୭	ଆତ୍ମରତିଃ; ଆତ୍ମତୃପ୍ତଃ; ଆତ୍ମନି	ଯସ୍ତ୍ୱାତ୍ମରତିରେବ.
୩ । ୪୩	ଆତ୍ମାନମାତ୍ମନା	ଏବଂ ବୁଦ୍ଧେଃ ପରଂ.
୪ । ୩୫	ଆତ୍ମନି	ଯଜ୍ଜ୍ଞାତ୍ୱା ନ.
୪ । ୩୮	ଆତ୍ମନି	ନ ହି ଜ୍ଞାନେନ.
୪ । ୪୧	ଆତ୍ମବନ୍ତମ୍	ଯୋଗସଂନ୍ୟସ୍ତ.
୪ । ୪୨	ଆତ୍ମନଃ	ତସ୍ମାଦଜ୍ଞାନ.
୫ । ୭	¥ସର୍ବଭୂତାତ୍ମଭୂତାତ୍ମା	ଯୋଗଯୁକ୍ତୋ.
୫ । ୨୧	ଅସକ୍ତାତ୍ମା; ବ୍ରହ୍ମଯୋଗଯୁକ୍ତାତ୍ମା	ବାହ୍ୟସ୍ପର୍ଶେଷ୍ୱ.
୫ । ୨୬	ବିଦିତାତ୍ମନାମ୍	କାମକ୍ରୋଧବିଯୁକ୍ତାନାଂ.
୬ । ୫	ଆତ୍ମନାତ୍ମାନମ୍; ଆତ୍ମାନମ୍; ଆତ୍ମୈବ; ଆତ୍ମନଃ; ଆତ୍ମୈବ; ଆତ୍ମନଃ	ଉଦ୍ଧରେଦାତ୍ମନାତ୍ମାନଂ.
୬ । ୬	ଆତ୍ମାତ୍ମନଃ; ଆତ୍ମୈବାତ୍ମନା; ଆତ୍ମୈବ	ବନ୍ଧୁରାତ୍ମା.
୬ । ୭	ଜିତାତ୍ମନଃ	ଜିତାତ୍ମନଃ ପ୍ରଶାନ୍ତ.
୬ । ୮	ଜ୍ଞାନବିଜ୍ଞାନତୃପ୍ତାତ୍ମା	ଜ୍ଞାନବିଜ୍ଞାନ.
୬ । ୧୮	ଆତ୍ମନ୍ୟେବ	ଯଦା ବିନିୟତଂ.
୬ । ୨୦	ଆତ୍ମନାତ୍ମାନଂ; ଆତ୍ମନି	ଯତ୍ରୋପରମତେଚିତ୍ତଂ.
୬ । ୨୮	ଆତ୍ମାନମ୍	ଯୁଞ୍ଜନ୍ନେବଂ ସଦା.
୬ । ୨୯	ଆତ୍ମାନମ୍; ଆତ୍ମନି	ସର୍ବଭୂତସ୍ଥମା.
୭ । ୧୮	ଯୁକ୍ତାତ୍ମା	ଉଦାରାଃ ସର୍ବେ.
୯ । ୨୮	ସଂନ୍ୟାସଯୋଗ-ଯୁକ୍ତାତ୍ମା	ଶୁଭାଶୁଭଫଳୈରେବଂ.
୯ । ୩୪	ଆତ୍ମାନମ୍	ମନ୍ମନା ଭବ.
୧୦ । ୧୧	ଆତ୍ମଭାବସ୍ଥଃ	ତେଷାମେବାନୁକମ୍ପାର୍ଥ.
୧୩ । ୨୪	ଆତ୍ମନି; ଆତ୍ମନା	ଧ୍ୟାନେନାତ୍ମନି.
୧୩ । ୨୮	ଆତ୍ମନାତ୍ମାନମ୍	ସମଂ ପଶ୍ୟନ୍ହି.
୧୩ । ୨୯	ଆତ୍ମାନମ୍	ପ୍ରକୃତ୍ୟୈବ ଚ.
୧୫ । ୧୧	ଆତ୍ମନି	ଯତନ୍ତୋ ଯୋଗିନ.
୧୬ । ୯	ନଷ୍ଟାତ୍ମାନଃ	ଏତାଂ ଦୃଷ୍ଟିମବଷ୍ଟଭ୍ୟ.
୧୬ । ୨୧	ଆତ୍ମନଃ	ତ୍ରିବିଧଂ ନରକସ୍ୟେଦଂ.
୧୬ । ୨୨	ଆତ୍ମନଃ	ଏତୈର୍ବିମୁକ୍ତଃ କୌନ୍ତେୟ.
୧୮ । ୧୬	ଆତ୍ମାନମ୍	ତତ୍ରୈବଂ ସତି.
୧୮ । ୩୯	ଆତ୍ମନଃ	ଯଦଗ୍ରେ ଚାନୁବନ୍ଧେ.

(୫) ନିଜେ ମନୁଷ୍ୟର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨ । ୬୪	ଆତ୍ମବଶ୍ୟୈଃ	ରାଗଦ୍ୱେଷବିଯୁକ୍ତୈସ୍ତୁ.
୩ । ୧୩	ଆତ୍ମକାରଣାତ୍	ଯଜ୍ଞଶିଷ୍ଟାଶିନଃ.
୬ । ୧୧	ଆତ୍ମନଃ	ଶୁଚୌ ଦେଶେ.
୮ । ୧୨	ଆତ୍ମନଃ	ସର୍ବଦ୍ୱାରାଣି.
୧୪ । ୨୪	ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ	ସମଦୁଃଖସୁଖଃ.
୧୬ । ୧୭	ଆତ୍ମସମ୍ଭାବିତାଃ	ଆତ୍ମସମ୍ଭାବିତାଃ.
୧୬ । ୧୮	ଆତ୍ମପରଦେହେଷୁ	ଅହଂକାରଂ ବଳଂ.
୧୭ । ୧୯	ଆତ୍ମନଃ	ମୂଢଗ୍ରାହେଣାତ୍ମନୋ.

(୬) ଶରୀରର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୪ । ୨୧	ଯତଚିତ୍ତାତ୍ମା	ନିରାଶୀର୍ଯତଚିତ୍ତାତ୍ମା.
୫ । ୭	ବିଜିତାତ୍ମା	ଯୋଗଯୁକ୍ତୋ ବିଶୁଦ୍ଧାତ୍ମା.
୬ । ୧୦	ଯତଚିତ୍ତାତ୍ମା	ଯୋଗୀ ଯୁଞ୍ଜୀତ.
୬ । ୩୨	ଆତ୍ମୌପମ୍ୟେନ	ଆତ୍ମୌପମ୍ୟେନ ସର୍ବତ୍ର.
୧୮ । ୪୯	ଜିତାତ୍ମା	ଅସକ୍ତବୁଦ୍ଧିଃ ସର୍ବତ୍ର.

(୭) ଅନ୍ତଃକରଣର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨ । ୬୪	ବିଧେୟାତ୍ମା	ରାଗଦ୍ୱେଷବିଯୁକ୍ତୈସ୍ତୁ.
୩ । ୨୭	ଅହଂକାରବିମୂଢାତ୍ମା	ପ୍ରକୃତେଃ କ୍ରିୟମାଣାନି.

* ସାଂଖ୍ୟଯୋଗର ବିଷୟ ହୋଇଥିବାରୁ ଏଠାରେ 'ଆତ୍ମା' ଶବ୍ଦକୁ ନିର୍ଗୁଣନିରାକାର ପରମାତ୍ମାଙ୍କର ବାଚକ ଭାବରେ ଗ୍ରହଣ କରାଯାଇଛି ।

¥ କର୍ମଯୋଗର ପ୍ରକରଣ ହୋଇଥିବାରୁ ଦୁଇଟିଯାକ 'ଆତ୍ମା' ଶବ୍ଦକୁ ସ୍ୱୟଂ (ଜୀବାତ୍ମା)ର ବାଚକ ଭାବରେ ଗ୍ରହଣ କରାଯାଇଛି ।

ଅଧ୍ୟାୟ-ଶ୍ଲୋକ ପଦ ଶ୍ଲୋକର ପ୍ରତୀକ

୪ । ୨୭ ଆତ୍ମସଂଯମ-ଯୋଗାଗ୍ନୌ ସର୍ବାଣୀନ୍ଦ୍ରିୟକର୍ମାଣି.
୪ । ୪୦ ସଂଶୟାତ୍ମା; ସଂଶୟାତ୍ମନଃ ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ.
୫ । ୭ ବିଶୁଦ୍ଧାତ୍ମା ଯୋଗଯୁକ୍ତୋ ବିଶୁଦ୍ଧାତ୍ମା.
୫ । ୧୧ ଆତ୍ମଶୁଦ୍ଧୟେ କାୟେନ ମନସା.
୫ । ୨୧ ଆତ୍ମନି ବାହ୍ୟସ୍ପର୍ଶେଷ୍ୱ.
୬ । ୧୨ ଆତ୍ମବିଶୁଦ୍ଧୟେ ତତ୍ରୈକାଗ୍ରଂ ମନଃ.
୬ । ୧୪ ପ୍ରଶାନ୍ତାତ୍ମା ପ୍ରଶାନ୍ତାତ୍ମା.
୬ । ୨୯ ଯୋଗଯୁକ୍ତାତ୍ମା ସର୍ବଭୂତସ୍ଥ.
୮ । ୨ ନିୟତାତ୍ମଭିଃ ଅଧିଯଜ୍ଞଃ କଥଂ.
୯ । ୨୬ ପ୍ରୟତାତ୍ମନଃ ପତ୍ରଂ ପୁଷ୍ପଂ ଫଳଂ.
୧୧ । ୨୪ ପ୍ରବ୍ୟଥିତାନ୍ତରାତ୍ମା ନଭଃସ୍ପୃଶମ୍.
୧୫ । ୧୧ ଅକୃତାତ୍ମାନଃ ଯତନ୍ତୋ ଯୋଗିନଃ.

(୮) ମନର ବାଚକ

୬ । ୧୦ ଆତ୍ମାନମ୍ ଯୋଗୀ ଯୁଞ୍ଜୀତ.
୬ । ୧୫ ଆତ୍ମାନମ୍ ଯୁଞ୍ଜନ୍ନେବଂ ସଦାତ୍ମାନଂ.
୬ । ୧୯ ଆତ୍ମନଃ ଯଥା ଦୀପୋ.
୬ । ୩୬ ଅସଂଯତାତ୍ମନା; ବଶ୍ୟାତ୍ମନା ଅସଂଯତାତ୍ମନା.
୬ । ୪୭ ଅନ୍ତରାତ୍ମନା ଯୋଗିନାମପି.
୧୩ । ୭ ଆତ୍ମବିନିଗ୍ରହଃ ଅମାନିତ୍ୱମଦମ୍ଭିତ୍ୱ.
୧୭ । ୧୬ ଆତ୍ମବିନିଗ୍ରହଃ ମନଃପ୍ରସାଦଃ.
୧୮ । ୫୪ ପ୍ରସନ୍ନାତ୍ମା ବ୍ରହ୍ମଭୂତଃ ପ୍ରସନ୍ନାତ୍ମା.

(୯) ଇନ୍ଦ୍ରିୟମାନଙ୍କର ବାଚକ

୧୮ । ୫୧ ଆତ୍ମାନମ୍ ବୁଦ୍ଧ୍ୟା ବିଶୁଦ୍ଧୟା.

(୧୦) ମନ-ବୁଦ୍ଧି-ଇନ୍ଦ୍ରିୟଗଣଙ୍କର ବାଚକ

୧୨ । ୧୧ ଯତାତ୍ମବାନ୍ ଅଥୈତଦପ୍ୟଶକ୍ତୋ.
୧୨ । ୧୪ ଯତାତ୍ମା ସନ୍ତୁଷ୍ଟଃ ସତତଂ

(୧୧) ତଦାକାର ହେବାର ବାଚକ

୨ । ୪୩ କାମାତ୍ମାନଃ କାମାତ୍ମାନଃ ସ୍ୱର୍ଗପରା.
୧୪ । ୭ ରାଗାତ୍ମକମ୍ ରଜୋ ରାଗାତ୍ମକଂ.
୧୮ । ୨୭ ହିଂସାତ୍ମକଃ ରାଗୀ କର୍ମଫଳ.
୧୮ । ୪୪ ପରିଚର୍ଯ୍ୟାତ୍ମକମ୍ କୃଷିଗୌରକ୍ଷ୍ୟ.

୧୬. ଇଷ୍ଟ

(୧) କର୍ତ୍ତବ୍ୟକର୍ମର ବାଚକ

୩ । ୧୦ ଇଷ୍ଟକାମଧୁକ୍ ସହଯଜ୍ଞାଃ ପ୍ରଜାଃ.
୩ । ୧୨ ଇଷ୍ଟାନ୍ ଇଷ୍ଟାନ୍ଭୋଗାନ୍ହି.

(୨) ଅନୁକୂଳତାର ବାଚକ

୧୩ । ୯ ଇଷ୍ଟାନିଷ୍ଟୋପପତ୍ତିଷୁ ଅସକ୍ତିରନଭିଷ୍ୱଙ୍ଗଃ.
୧୮ । ୧୨ ଇଷ୍ଟମ୍ ଅନିଷ୍ଟମିଷ୍ଟଂ ମିଶ୍ରଂ.

(୩) ରୁଚିର ବାଚକ

୧୭ । ୯ ଇଷ୍ଟାଃ କଟ୍ୱମ୍ଳଲବଣା.

(୪) ପ୍ରିୟତ୍ୱର ବାଚକ

୧୮ । ୬୪ ଇଷ୍ଟଃ ସର୍ବଗୁହ୍ୟତମଂ ଭୂୟଃ.

(୫) ପୂଜାର ବାଚକ

୧୮ । ୭୦ ଇଷ୍ଟଃ ଅଧ୍ୟେଷ୍ୟତେ ଚ.

୧୭. ଈଶ୍ୱର

(୧) ଭଗବାନ ଶ୍ରୀକୃଷ୍ଣଙ୍କର ବାଚକ

୪ । ୬ ଈଶ୍ୱରଃ ଅଜୋଽପି.
୫ । ୨୯ ସର୍ବଲୋକମହେଶ୍ୱରମ୍ ଭୋକ୍ତାରଂ ଯଜ୍ଞ.
୯ । ୧୧ ଭୂତମହେଶ୍ୱରମ୍ ଅବଜାନନ୍ତି.
୧୦ । ୩ ଲୋକମହେଶ୍ୱରମ୍ ଯୋ ମାମଜମନାଦିଂ.
୧୧ । ୩ ପରମେଶ୍ୱର ଏବମେତଦ୍ୟଥାତ୍ଥ.
୧୧ । ୪ ଯୋଗେଶ୍ୱର ମନ୍ୟସେ ଯଦି.
୧୧ । ୯ ମହାଯୋଗେଶ୍ୱରଃ ଏବମୁକ୍ତ୍ୱା ତତୋ.
୧୫ । ୧୭ ଈଶ୍ୱରଃ ଉତ୍ତମଃ ପୁରୁଷଃ.
୧୮ । ୭୫ ଯୋଗେଶ୍ୱରାତ୍ ବ୍ୟାସପ୍ରସାଦାତ୍.
୧୮ । ୭୮ ଯୋଗେଶ୍ୱରଃ ଯତ୍ର ଯୋଗେଶ୍ୱରଃ.

(୨) ସଗୁଣନିରାକାର ଅନ୍ତର୍ଯାମୀ ପରମାତ୍ମାଙ୍କର ବାଚକ

୧୩ । ୨୭ ପରମେଶ୍ୱରମ୍ ସମଂ ସର୍ବେଷୁ.
୧୩ । ୨୮ ଈଶ୍ୱରମ୍ ସମଂ ପଶ୍ୟନ୍ହି.
୧୮ । ୬୧ ଈଶ୍ୱରଃ ଈଶ୍ୱରଃ ସର୍ବଭୂତାନାଂ.

(୩) ଜୀବାତ୍ମାର ବାଚକ

୧୩ । ୨୨ ମହେଶ୍ୱରଃ ଉପଦ୍ରଷ୍ଟାନୁମନ୍ତା.
୧୫ । ୮ ଈଶ୍ୱରଃ ଶରୀରଂ ଯଦବାପ୍ନୋତି.

(୪) ଆସୁରୀସମ୍ପଦସମ୍ପନ୍ନ ମନୁଷ୍ୟଙ୍କର ବାଚକ

୧୬ । ୧୪ ଈଶ୍ୱରଃ ଅସୌ ମୟା ହତଃ.

(୫) ଶାସକର ବାଚକ

୧୮ । ୪୩ ଈଶ୍ୱରଭାବଃ ଶୌର୍ଯ୍ୟଂ ତେଜୋ.

୧୮. ଏକ

(୧) ସ୍ଥିରତାର ବାଚକ

୬ । ୧୨ ଏକାଗ୍ରମ୍ ତତ୍ରୈକାଗ୍ରଂ ମନଃ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୮।୭୨	ଏକାଗ୍ରେଣ	କଚ୍ଚିଦେତଚ୍ଛ୍ରୁତମ୍.

(୨) ଅଭାବର ବାଚକ

୬।୧୬	ଏକାନ୍ତମ୍	ନାତ୍ୟଶ୍ନତସ୍ତୁ.

(୩) ଅଭିନ୍ନତାର ବାଚକ

୫।୫	ଏକମ୍	ଯତ୍ସାଙ୍ଖ୍ୟୈଃ ପ୍ରାପ୍ୟତେ.
୬।୩୧	ଏକତ୍ୱମ୍	ସର୍ବଭୂତସ୍ଥିତଂ.
୯।୧୫	ଏକତ୍ୱେନ	ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ.

(୪) ଅନନ୍ୟତାର ବାଚକ

୭।୧୭	ଏକଭକ୍ତିଃ	ତେଷାଂ ଜ୍ଞାନୀ.
୧୮।୬୬	ଏକମ୍	ସର୍ବଧର୍ମାନ୍.

(୫) ଏକୁଟିଆର ବାଚକ

୬।୧୦	ଏକାକୀ	ଯୋଗୀ ଯୁଞ୍ଜୀତ.
୧୧।୨୦	ଏକେନ	ଦ୍ୟାବାପୃଥିବ୍ୟୋ.
୧୧।୪୨	ଏକଃ	ଯଚ୍ଚାବହାସାର୍ଥ.
୧୩।୩୩	ଏକଃ	ଯଥା ପ୍ରକାଶୟତ୍ୟେକଃ.

(୬) ଅନ୍ୟର ବାଚକ

୧୮।୩	ଏକେ	ତ୍ୟାଜ୍ୟଂ ଦୋଷବଦିତି.

(୭) ମନର ବାଚକ

୧୩।୫	ଏକମ୍	ମହାଭୂତାନ୍ୟହଂକାରୋ.

(୮) ପ୍ରକୃତିର ବାଚକ

୧୩।୩୦	ଏକସ୍ଥମ୍	ଯଦା ଭୂତପୃଥଗ୍‌ଭାବଂ.

(୯) ସଂଖ୍ୟାର ବାଚକ

୨।୪୧	ଏକା	ବ୍ୟବସାୟାତ୍ମିକା.
୩।୨	ଏକମ୍	ବ୍ୟାମିଶ୍ରେଣେବ.
୫।୧	ଏକମ୍	ସନ୍ନ୍ୟାସଂ କର୍ମଣାଂ.
୫।୪	ଏକମ୍	ସାଂଖ୍ୟଯୋଗୌ.
୮।୧୩	ଏକାକ୍ଷରମ୍	ଓମିତ୍ୟେକାକ୍ଷରଂ.
୮।୨୬	ଏକୟା	ଶୁକ୍ଳକୃଷ୍ଣେ ଗତୀ.
୧୦।୨୫	ଏକମକ୍ଷରମ୍	ମହର୍ଷୀଣାଂ ଭୃଗୁରହଂ.
୧୦।୪୨	ଏକାଂଶେନ	ଅଥବା ବହୁନୈତେନ.
୧୮।୨୦	ଏକମ୍	ସର୍ବଭୂତେଷୁ ଯେନୈକଂ.
୧୮।୨୨	ଏକସ୍ମିନ୍	ଯତ୍ତୁ କୃତ୍ସ୍ନବଦେକ.

(୧୦) ସ୍ଥାନର ବାଚକ

୧୧।୭	ଏକସ୍ଥମ୍	ଇହୈକସ୍ଥଂ ଜଗତ୍.
୧୧।୧୩	ଏକସ୍ଥମ୍	ତତ୍ରୈକସ୍ଥଂ ଜଗତ୍.

୧୯. କର୍ମ

(୧) କେବଳ କର୍ମର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨।୩୯	କର୍ମବନ୍ଧମ୍	ଏଷା ତେଽଭିହିତା.
୩।୧	କର୍ମଣଃ; କର୍ମଣି	ଜ୍ୟାୟସୀ ଚେତ୍କର୍ମଣସ୍ତେ.
୩।୯	କର୍ମବନ୍ଧନଃ	ଯଜ୍ଞାର୍ଥାତ୍କର୍ମଣୋ.
୩।୨୮	ଗୁଣକର୍ମବିଭାଗୟୋଃ	ତତ୍ତ୍ୱବିତ୍ତୁ ମହାବାହୋ.
୩।୨୯	ଗୁଣକର୍ମସୁ	ପ୍ରକୃତେର୍ଗୁଣସମ୍ମୂଢାଃ.
୩।୩୧	କର୍ମଭିଃ	ଯେ ମେ ମତମିଦଂ.
୪।୧୬	କର୍ମ; କର୍ମ	କିଂ କର୍ମ କିମକର୍ମେତି.
୪।୧୭	କର୍ମଣଃ; କର୍ମଣଃ	କର୍ମଣୋ ହ୍ୟପି.
୪।୧୯	ଜ୍ଞାନାଗ୍ନିଦଗ୍ଧ-କର୍ମାଣମ୍	ଯସ୍ୟ ସର୍ବେ.
୪।୩୩	କର୍ମ	ଶ୍ରେୟାନ୍ଦ୍ରବ୍ୟମୟା.
୪।୩୭	ସର୍ବକର୍ମାଣି	ଯଥୈଧାଂସି.
୪।୪୧	ଯୋଗସନ୍ନ୍ୟସ୍ତ-କର୍ମାଣମ୍; କର୍ମାଣି	ଯୋଗସଂନ୍ୟସ୍ତକର୍ମାଣଂ.
୫।୧୩	ସର୍ବକର୍ମାଣି	ସର୍ବକର୍ମାଣିମନସା.
୫।୧୪	କର୍ମାଣି; କର୍ମଫଳସଂଯୋଗମ୍	ନ କର୍ତ୍ତୃତ୍ୱଂ
୧୫।୨	କର୍ମାନୁବନ୍ଧୀନି	ଅଧଶ୍ଚୋର୍ଦ୍ଧ୍ୱଂ.
୧୮।୩	କର୍ମ	ତ୍ୟାଜ୍ୟଂ ଦୋଷ.
୧୮।୧୦	କର୍ମ	ନ ଦ୍ୱେଷ୍ଟ୍ୟକୁଶଳଂ.
୧୮।୧୧	କର୍ମାଣି	ନ ହି ଦେହଭୃତା.
୧୮।୧୨	କର୍ମଣଃ	ଅନିଷ୍ଟମିଷ୍ଟଂ ମିଶ୍ରଂ.
୧୮।୧୩	ସର୍ବକର୍ମଣାମ୍	ପଞ୍ଚୈତାନି ମହାବାହୋ.
୧୮।୧୫	କର୍ମ	ଶରୀରବାଙ୍ମନୋଭି.
୧୮।୧୮	କର୍ମଚୋଦନା; କର୍ମ; କର୍ମସଂଗ୍ରହଃ	ଜ୍ଞାନଂଜ୍ଞେୟଂ ପରିଜ୍ଞାତା.
୧୮।୧୯	କର୍ମ	ଜ୍ଞାନଂ କର୍ମ ଚ.
୧୮।୨୩	କର୍ମ	ନିୟତଂ ସଙ୍ଗରହିତ.
୧୮।୨୪	କର୍ମ	ଯତ୍ତୁ କାମେପ୍ସୁନା.
୧୮।୨୫	କର୍ମ	ଅନୁବନ୍ଧଂ କ୍ଷୟଂ.

(୨) ସୃଷ୍ଟିରଚନାରୂପକ କର୍ମର ବାଚକ

୭।୨୯	କର୍ମ	ଜରାମରଣମୋକ୍ଷାୟ.
୮।୧	କର୍ମ	କିଂ ତଦ୍‌ବ୍ରହ୍ମ.
୮।୩	କର୍ମସଂଜ୍ଞିତଃ	ଅକ୍ଷରଂ ବ୍ରହ୍ମ ପରମଂ.

(୩) ସକାମ କର୍ମର ବାଚକ

୨।୪୩	ଜନ୍ମକର୍ମଫଳପ୍ରଦାମ୍	କାମାତ୍ମାନଃ ସ୍ୱର୍ଗପରା.
୨।୪୯	କର୍ମ	ଦୂରେଣ ହ୍ୟବରଂ.
୨।୫୧	କର୍ମଜମ୍	କର୍ମଜଂ ବୁଦ୍ଧିଯୁକ୍ତା.
୩।୨୫	କର୍ମଣି	ସକ୍ତାଃ କର୍ମଣ୍ୟ.
୩।୨୬	କର୍ମସଙ୍ଗିନାମ୍	ନ ବୁଦ୍ଧିଭେଦଂ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୮।୨	କର୍ମଣାମ୍	କାମ୍ୟାନାଂ କର୍ମଣାଂ.

(୪) ଶାସ୍ତ୍ରବିହିତ (ଶୁଭ) କର୍ମର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨।୪୭	କର୍ମଣି;	
	କର୍ମଫଳହେତୁଃ	କର୍ମଣ୍ୟେବାଧିକାରସ୍ତେ.
୨।୪୮	କର୍ମାଣି	ଯୋଗସ୍ଥଃ କୁରୁ.
୨।୫୦	କର୍ମସୁ	ବୁଦ୍ଧିଯୁକ୍ତୋ ଜହାତୀହ.
୩।୪	କର୍ମଣାମ୍	ନ କର୍ମଣାମନାରମ୍ଭା.
୩।୭	କର୍ମଯୋଗମ୍	ଯସ୍ତ୍ୱିନ୍ଦ୍ରିୟାଣି.
୩।୮	କର୍ମ; କର୍ମ	ନିୟତଂ କୁରୁ କର୍ମ.
୩।୯	କର୍ମଣା; କର୍ମ	ଯଜ୍ଞାର୍ଥାତ୍କର୍ମଣୋ.
୩।୧୪	କର୍ମସମୁଦ୍ଭବଃ	ଅନ୍ନାଦ୍ଭବନ୍ତି.
୩।୧୫	କର୍ମ	କର୍ମ ବ୍ରହ୍ମୋଦ୍ଭବଂ.
୩।୧୯	କର୍ମ; କର୍ମ	ତସ୍ମାଦସକ୍ତଃ ସତତଂ.
୩।୨୨	କର୍ମଣି	ନ ମେ ପାର୍ଥାସ୍ତି.
୩।୨୩	କର୍ମଣି	ଯଦି ହ୍ୟହଂ ନ.
୩।୨୪	କର୍ମ	ଉତ୍ସୀଦେୟୁରିମେ ଲୋକା.
୩।୨୬	ସର୍ବକର୍ମାଣି	ନ ବୁଦ୍ଧିଭେଦଂ.
୩।୩୦	କର୍ମାଣି	ମୟି ସର୍ବାଣି.
୪।୧୨	କର୍ମଣାମ୍; କର୍ମଜା	କାଙ୍କ୍ଷନ୍ତଃ କର୍ମଣାଂ.
୪।୧୪	କର୍ମଫଳେ	ନ ମାଂ କର୍ମାଣି.
୪।୧୫	କର୍ମ; କର୍ମ	ଏବଂ ଜ୍ଞାତ୍ୱା.
୪।୧୮	କର୍ମଣି; କର୍ମ	କର୍ମଣ୍ୟକର୍ମ ଯଃ.
୪।୨୦	କର୍ମଫଳାସଙ୍ଗମ୍;	
	କର୍ମଣି	ତ୍ୟକ୍ତ୍ୱା କର୍ମ.
୪।୨୩	କର୍ମ	ଗତସଙ୍ଗସ୍ୟ.
୪।୨୪	ବ୍ରହ୍ମକର୍ମସମାଧିନା	ବ୍ରହ୍ମାର୍ପଣଂ ବ୍ରହ୍ମ.
୪।୩୨	କର୍ମଜାନ୍	ଏବଂ ବହୁବିଧା.
୫।୧	କର୍ମଣାମ୍	ସନ୍ନ୍ୟାସଂ କର୍ମଣାଂ.
୫।୨	କର୍ମସନ୍ନ୍ୟାସାତ୍;	
	କର୍ମଯୋଗଃ	ସନ୍ନ୍ୟାସଃ କର୍ମଯୋଗଶ୍ଚ.
୫।୧୦	କର୍ମାଣି	ବ୍ରହ୍ମଣ୍ୟାଧାୟ.
୫।୧୧	କର୍ମ	କାୟେନ ମନସା.
୫।୧୨	କର୍ମଫଳମ୍	ଯୁକ୍ତଃ କର୍ମଫଳଂ.
୬।୧	କର୍ମଫଳମ୍; କର୍ମ	ଅନାଶ୍ରିତଃ କର୍ମଫଳଂ.
୬।୩	କର୍ମ	ଆରୁରୁକ୍ଷୋର୍ମୁନେର୍ଯୋଗଂ.
୬।୪	କର୍ମସୁ	ଯଦା ହି ନେନ୍ଦ୍ରିୟାର୍ଥେଷୁ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୬।୧୭	କର୍ମସୁ	ଯୁକ୍ତାହାରବିହାରସ୍ୟ.
୭।୨୮	ପୁଣ୍ୟକର୍ମଣାମ୍	ଯେଷାଂ ତ୍ୱନ୍ତଗତଂ.
୯।୧୨	ମୋଘକର୍ମାଣଃ	ମୋଘାଶା
		ମୋଘକର୍ମାଣୋ.
୧୧।୫୫	ମତ୍କର୍ମକୃତ୍	ମତ୍କର୍ମକୃନ୍ମତ୍ପରମୋ.
୧୨।୬	କର୍ମାଣି	ଯେ ତୁ ସର୍ବାଣି.
୧୨।୧୦	ମତ୍କର୍ମପରମଃ;	
	କର୍ମାଣି	ଅଭ୍ୟାସେଽପ୍ୟସମର୍ଥୋ.
୧୨।୧୧	ସର୍ବକର୍ମଫଳ-	
	ତ୍ୟାଗମ୍	ଅଥୈତଦପ୍ୟଶକ୍ତୋଽସି.
୧୨।୧୨	କର୍ମଫଳତ୍ୟାଗଃ	ଶ୍ରେୟୋ ହି ଜ୍ଞାନମ.
୧୩।୨୪	କର୍ମଯୋଗେନ	ଧ୍ୟାନେନାତ୍ମନି.
୧୪।୭	କର୍ମସଙ୍ଗେନ	ରଜୋ ରାଗାତ୍ମକଂ.
୧୪।୯	କର୍ମଣି	ସତ୍ତ୍ୱଂ ସୁଖେ.
୧୪।୧୨	କର୍ମଣାମ୍	ଲୋଭଃ
		ପ୍ରବୃତ୍ତିରାରମ୍ଭଃ.
୧୪।୧୫	କର୍ମସଙ୍ଗିଷୁ	ରଜସି ପ୍ରଳୟଂ
୧୬।୨୪	କର୍ମ	ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ.
୧୭।୨୬	କର୍ମଣି	ସଦ୍ଭାବେ ସାଧୁଭାବେ.
୧୭।୨୭	କର୍ମ	ଯଜ୍ଞେ ତପସି ଦାନେ.
୧୮।୨	ସର୍ବକର୍ମଫଳ-	
	ତ୍ୟାଗମ୍	କାମ୍ୟାନାଂ କର୍ମଣାଂ.
୧୮।୩	ଯଜ୍ଞଦାନତପଃକର୍ମ	ତ୍ୟାଜ୍ୟଂଦୋଷବଦିତ୍ୟେକେ.
୧୮।୫	ଯଜ୍ଞଦାନତପଃକର୍ମ	ଯଜ୍ଞଦାନତପଃକର୍ମ ନ.
୧୮।୬	କର୍ମାଣି	ଏତାନ୍ୟପି ତୁ.
୧୮।୮	କର୍ମ	ଦୁଃଖମିତ୍ୟେବ.
୧୮।୯	କର୍ମ	କାର୍ଯ୍ୟମିତ୍ୟେବ.
୧୮।୧୧	କର୍ମଫଳତ୍ୟାଗୀ	ନ ହି ଦେହଭୃତା.
୧୮।୨୭	କର୍ମଫଳପ୍ରେପ୍ସୁଃ	ରାଗୀକର୍ମଫଳପ୍ରେପ୍ସୁ.
୧୮।୪୧	କର୍ମାଣି	ବ୍ରାହ୍ମଣକ୍ଷତ୍ରିୟବିଶାଂ.
୧୮।୪୨	ବ୍ରହ୍ମକର୍ମ	ଶମୋ ଦମସ୍ତପଃ.
୧୮।୪୩	କର୍ମ	ଶୌର୍ଯ୍ୟଂ ତେଜୋ.
୧୮।୪୪	ବୈଶ୍ୟକର୍ମ;	
	ପରିଚର୍ଯ୍ୟାତ୍ମକଂ	
	କର୍ମ	କୃଷିଗୌରକ୍ଷ୍ୟ.
୧୮।୪୫	କର୍ମଣି;	
	ସ୍ୱକର୍ମନିରତଃ	ସ୍ୱେ ସ୍ୱେ କର୍ମଣ୍ୟ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୮।୪୬	ସ୍ୱକର୍ମଣା	ଯତଃ ପ୍ରବୃତ୍ତିର୍ଭୂତାନାଂ.
୧୮।୪୭	କର୍ମ	ଶ୍ରେୟାନ୍ ସ୍ୱଧର୍ମୋ.
୧୮।୪୮	କର୍ମ	ସହଜଂ କର୍ମ କୌନ୍ତେୟ.
୧୮।୫୬	ସର୍ବକର୍ମାଣି	ସର୍ବକର୍ମାଣ୍ୟପି.
୧୮।୫୭	ସର୍ବକର୍ମାଣି	ଚେତସା ସର୍ବକର୍ମାଣି.
୧୮।୬୦	କର୍ମଣା	ସ୍ୱଭାବଜେନ କୌନ୍ତେୟ.
୧୮।୭୧	ପୁଣ୍ୟକର୍ମଣାମ୍	ଶ୍ରଦ୍ଧାବାନନସୂୟଶ୍ଚ.
(୫) କ୍ରିୟାର ବାଚକ		
୩।୬	କର୍ମେନ୍ଦ୍ରିୟୈଃ	ଯସ୍ତ୍ୱିନ୍ଦ୍ରିୟାଣି.
୩।୨୭	କର୍ମାଣି	ପ୍ରକୃତେଃ କ୍ରିୟମାଣାନି.
୪।୯	କର୍ମ	ଜନ୍ମ କର୍ମ ଚ.
୪।୧୪	କର୍ମାଣି; କର୍ମଭିଃ	ନ ମାଂ କର୍ମାଣି.
୯।୯	କର୍ମାଣି	ନ ଚ ମାଂ ତାନି.
୧୩।୨୯	କର୍ମାଣି	ପ୍ରକୃତ୍ୟୈବ ଚ.

୨୦. କାମ

(୧) କାମନାର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨।୫	ଅର୍ଥକାମାନ୍	ଗୁରୂନହତ୍ୱା ହି.
୨।୪୩	କାମାତ୍ମାନଃ	କାମାତ୍ମାନଃ ସ୍ୱର୍ଗପରା.
୨।୫୫	କାମାନ୍	ପ୍ରଜହାତି ଯଦା.
୨।୬୨	କାମଃ; କାମାତ୍	ଧ୍ୟାୟତୋ ବିଷୟାନ୍.
୨।୭୧	କାମାନ୍	ବିହାୟ କାମାନ୍ ଯଃ.
୩।୩୭	କାମଃ	କାମ ଏଷ କ୍ରୋଧ ଏଷ.
୩।୩୯	କାମରୂପେଣ	ଆବୃତଂ ଜ୍ଞାନମେତେନ.
୩।୪୩	କାମରୂପମ୍	ଏବଂ ବୁଦ୍ଧେଃ ପରଂ.
୪।୧୯	କାମସଙ୍କଳ୍ପବର୍ଜିତାଃ	ଯସ୍ୟ ସର୍ବେ ସମାରମ୍ଭାଃ.
୫।୧୨	କାମକାରେଣ	ଯୁକ୍ତଃ କର୍ମଫଳଂ.
୫।୨୩	କାମକ୍ରୋଧୋଦ୍ଭବମ୍	ଶକ୍ନୋତୀହୈବ ଯଃ.
୫।୨୬	କାମକ୍ରୋଧ-ବିଯୁକ୍ତାନାମ୍	କାମକ୍ରୋଧବିଯୁକ୍ତାନାଂ.
୬।୨୪	କାମାନ୍	ସଙ୍କଳ୍ପପ୍ରଭବାନ୍.
୭।୧୧	କାମରାଗବିବର୍ଜିତମ୍	ବଳଂ ବଳବତାଂ.
୭।୨୦	କାମୈଃ	କାମୈସ୍ତୈସ୍ତୈର୍ହୃତଜ୍ଞାନାଃ.
୯।୨୧	(କାମ-)କାମାଃ	ତେ ତଂ ଭୁକ୍ତ୍ୱା.
୧୫।୫	ବିନିବୃତ୍ତକାମାଃ	ନିର୍ମାନମୋହା.
୧୬।୧୦	କାମମ୍	କାମମାଶ୍ରିତ୍ୟ.
୧୬।୧୨	କାମକ୍ରୋଧପରାୟଣାଃ	ଆଶାପାଶଶତୈର୍ବଦ୍ଧାଃ.
୧୬।୧୮	କାମମ୍	ଅହଂକାରଂ ବଳଂ ଦର୍ପଂ.
୧୬।୨୧	କାମଃ	ତ୍ରିବିଧଂ ନରକସ୍ୟେଦଂ.
୧୮।୫୩	କାମମ୍	ଅହଂକାରଂ ବଳଂ.
(୨) କାମଦେବର ବାଚକ		
୭।୧୧	କାମଃ	ବଳଂ ବଳବତାଂ.
୧୬।୮	କାମହୈତୁକମ୍	ଅସତ୍ୟମପ୍ରତିଷ୍ଠଂ.
(୩) ପଦାର୍ଥଗୁଡ଼ିକର ବାଚକ		
୨।୭୦	କାମାଃ; କାମ-(କାମୀ)	ଆପୂର୍ଯ୍ୟମାଣମଚଳ.
୩।୧୦	ଇଷ୍ଟକାମଧୁକ୍	ସହଯଜ୍ଞାଃ ପ୍ରଜା.
୬।୧୮	ସର୍ବକାମେଭ୍ୟଃ	ଯଦା ବିନିୟତଂ.
୭।୨୨	କାମାନ୍	ସ ତୟା ଶ୍ରଦ୍ଧୟା.
୯।୨୧	କାମ(-କାମାଃ)	ତେ ତଂ ଭୁକ୍ତ୍ୱା.
୧୦।୨୮	କାମଧୁକ୍	ଆୟୁଧାନାମହଂ.
୧୬।୧୧	କାମୋପଭୋଗ-ପରମାଃ	ଚିନ୍ତାମପରିମେୟାଂ.
୧୬।୧୨	କାମଭୋଗାର୍ଥମ୍	ଆଶାପାଶଶତୈର୍ବଦ୍ଧାଃ.
୧୬।୧୬	କାମଭୋଗେଷୁ	ଅନେକଚିତ୍ତବିଭ୍ରାନ୍ତା.
୧୭।୫	କାମରାଗବଳାନ୍ୱିତାଃ	ଅଶାସ୍ତ୍ରବିହିତଂ.
୧୮।୨୪	କାମେପ୍ସୁନା	ଯତ୍ତୁ କାମେପ୍ସୁନା.
(୪) ସ୍ୱେଚ୍ଛାବୃତିର ବାଚକ		
୧୬।୨୩	କାମକାରତଃ	ଯଃ ଶାସ୍ତ୍ରବିଧିଂ.
(୫) ସକାମ ପୁରୁଷର ବାଚକ		
୯।୨୧	(କାମ-)କାମାଃ	ତେ ତଂ ଭୁକ୍ତ୍ୱା.

୨୧. କାଳ

(୧) ସମୟର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨।୭୨	ଅନ୍ତକାଳେ	ଏଷା ବ୍ରାହ୍ମୀ ସ୍ଥିତିଃ.
୪।୨	କାଳେନ	ଏବଂ ପରମ୍ପରାପ୍ରାପ୍ତ.
୪।୩୮	କାଳେନ	ନ ହି ଜ୍ଞାନେନ.
୭।୩୦	ପ୍ରୟାଣକାଳେ	ସାଧିଭୂତାଧି.
୮।୨	ପ୍ରୟାଣକାଳେ	ଅଧିଯଜ୍ଞଃ କଥଂ.
୮।୫	ଅନ୍ତକାଳେ	ଅନ୍ତକାଳେ ଚ.
୮।୭	କାଳେଷୁ	ତସ୍ମାଦ୍ ସର୍ବେଷୁ.
୮।୧୦	ପ୍ରୟାଣକାଳେ	ପ୍ରୟାଣକାଳେ ମନସା.
୮।୨୭	କାଳେଷୁ	ନୈତେ ସୃତୀ ପାର୍ଥ.
୧୦।୩୦	କାଳଃ	ପ୍ରହ୍ଲାଦଶ୍ଚାସ୍ମି.
୧୭।୨୦	କାଳେ	ଦାତବ୍ୟମିତି.

ଅଧ୍ୟାୟ-ଶ୍ଳୋକ ପଦ ଶ୍ଳୋକର ପ୍ରତୀକ

୧୭ । ୨୨ ଅଦେଶକାଳେ ଅଦେଶକାଳେ ଯଦାନ.

(୨) ମାର୍ଗର ବାଚକ

୮ । ୨୩ କାଳେ ଯତ୍ର କାଳେ ତ୍ୱନାବୃତ୍ତି.

(୩) ମହାପ୍ରଳୟର ବାଚକ

୧୧ । ୨୫ କାଳାନଳସନ୍ନିଭାନି ଦଂଷ୍ଟ୍ରାକରାଳାନି.

(୪) ଭଗବାନଙ୍କର ବାଚକ

୧୦ । ୩୩ କାଳଃ ଅକ୍ଷରାଣାମକାରୋଽସ୍ମି.

୧୧ । ୩୨ କାଳଃ କାଳୋଽସ୍ମି.

୨୨. କୂଟସ୍ଥ

(୧) ନିର୍ବିକାରତାର ବାଚକ

୬ । ୮ କୂଟସ୍ଥଃ ଜ୍ଞାନବିଜ୍ଞାନତୃପ୍ତାତ୍ମା.

(୨) ନିର୍ଗୁଣନିରାକାର ବ୍ରହ୍ମର ବାଚକ

୧୨ । ୩ କୂଟସ୍ଥମ୍ ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟ.

(୩) ଜୀବାତ୍ମାର ବାଚକ

୧୫ । ୧୬ କୂଟସ୍ଥଃ ଦ୍ୱାବିମୌ ପୁରୁଷୌ.

୨୩. ଗତି

(୧) ପରମାତ୍ମାଙ୍କର ବାଚକ

୬ । ୪୫ ଗତିମ୍ ପ୍ରଯତ୍ନାଦ୍ୟତମାନସ୍ତୁ.

୭ । ୧୮ ଗତିମ୍ ଉଦାରାଃ ସର୍ବ ଏବୈତେ.

୮ । ୧୩ ଗତିମ୍ ଓମିତ୍ୟେକାକ୍ଷରଂ.

୮ । ୨୧ ଗତିମ୍ ଅବ୍ୟକ୍ତୋକ୍ଷର.

୯ । ୧୮ ଗତିଃ ଗତିର୍ଭର୍ତ୍ତା ପ୍ରଭୁ.

୯ । ୩୨ ଗତିମ୍ ମାଂ ହି ପାର୍ଥ.

୧୨ । ୫ ଗତିଃ କ୍ଲେଶୋଽଧିକତର.

୧୩ । ୨୮ ଗତିମ୍ ସମଂ ପଶ୍ୟନ୍ହି.

୧୬ । ୨୨ ଗତିମ୍ ଏତୈର୍ବିମୁକ୍ତଃ କୌନ୍ତେୟ.

୧୬ । ୨୩ ଗତିମ୍ ଯଃ ଶାସ୍ତ୍ରବିଧି.

(୨) ସ୍ଥାନର ବାଚକ

୬ । ୩୭ ଗତିମ୍ ଅଯତିଃ ଶ୍ରଦ୍ଧୟୋପେତୋ.

୧୬ । ୨୦ ଗତିମ୍ ଆସୁରୀଂ ଯୋନିମାପନ୍ନା.

(୩) ଜାଣିବାର ବାଚକ

୪ । ୧୭ ଗତିଃ କର୍ମଣୋ ହ୍ୟପି.

(୪) ପ୍ରାପ୍ତିର ବାଚକ

୨ । ୪୩ ଭୋଗୈଶ୍ୱର୍ଯ୍ୟ-ଗତିମ୍ କାମାତ୍ମାନ.

୨୪. ଗୁଣ

(୧) ସତ୍ତ୍ୱ, ରଜ ଓ ତମ ନାମକ ତିନିଗୁଣର ବାଚକ

୩ । ୨୭ ଗୁଣୈଃ ପ୍ରକୃତେଃ କ୍ରିୟମାଣାନି.

ଅଧ୍ୟାୟ-ଶ୍ଳୋକ ପଦ ଶ୍ଳୋକର ପ୍ରତୀକ

୩ । ୨୯ ଗୁଣସମ୍ମୂଢାଃ ପ୍ରକୃତେର୍ଗୁଣସମ୍ମୂଢାଃ.

୪ । ୧୩ ଗୁଣକର୍ମବିଭାଗଶଃ ଚାତୁର୍ବର୍ଣ୍ୟଂ ମୟା.

୭ । ୧୩ ଗୁଣମୟୈଃ ତ୍ରିଭିର୍ଗୁଣମୟୈର୍ଭାବୈଃ.

୭ । ୧୪ ଗୁଣମୟୀ ଦୈବୀ ହ୍ୟେଷା ଗୁଣମୟୀ.

୧୩ । ୧୯ ଗୁଣାନ୍ ପ୍ରକୃତିଂ ପୁରୁଷଂ ଚୈବ.

୧୩ । ୨୧ ଗୁଣସଙ୍ଗଃ ପୁରୁଷଃ ପ୍ରକୃତିସ୍ଥୋ.

୧୩ । ୨୩ ଗୁଣୈଃ ଯ ଏବଂ ବେତ୍ତି.

୧୪ । ୫ ଗୁଣାଃ ସତ୍ତ୍ୱଂ ରଜସ୍ତମ.

୧୪ । ୧୯ ଗୁଣେଭ୍ୟଃ; ଗୁଣେଭ୍ୟଃ ନାନ୍ୟଂ ଗୁଣେଭ୍ୟଃ.

୧୪ । ୨୦ ଗୁଣାନ୍ ଗୁଣାନେତାନତୀତ୍ୟ.

୧୪ । ୨୧ ଗୁଣାନ୍; ଗୁଣାନ୍ କୈର୍ଲିଙ୍ଗୈସ୍ତ୍ରୀନ୍ଗୁଣା.

୧୪ । ୨୩ ଗୁଣୈଃ ଉଦାସୀନବଦାସୀନୋ.

୧୪ । ୨୫ ଗୁଣାତୀତଃ ମାନାପମାନୟୋସ୍ତୁଲ୍ୟଃ.

୧୪ । ୨୬ ଗୁଣାନ୍ ମାଂ ଚ ଯୋଽବ୍ୟଭିଚାରେଣ.

୧୫ । ୨ ଗୁଣପ୍ରବୃଦ୍ଧାଃ ଅଧଶ୍ଚୋର୍ଦ୍ଧ୍ୱଂ.

୧୫ । ୧୦ ଗୁଣାନ୍ୱିତମ୍ ଉତ୍କ୍ରାମନ୍ତଂ ସ୍ଥିତଂ.

୧୮ । ୧୯ ଗୁଣଭେଦତଃ; ଗୁଣସଂଖ୍ୟାନେ ଜ୍ଞାନଂ କର୍ମ ଚ.

୧୮ । ୨୯ ଗୁଣତଃ ବୁଦ୍ଧେର୍ଭେଦଂ ଧୃତେ.

୧୮ । ୪୦ ଗୁଣୈଃ ନ ତଦସ୍ତି.

୧୮ । ୪୧ ଗୁଣୈଃ ବ୍ରାହ୍ମଣକ୍ଷତ୍ରିୟବିଶାଂ.

(୨) ପଦାର୍ଥ(ବିଷୟ)ଗୁଡ଼ିକର ବାଚକ

୩ । ୨୮ ଗୁଣକର୍ମବିଭାଗୟୋଃ; ଗୁଣେଷୁ ତତ୍ତ୍ୱବିତ୍ତୁ ମହାବାହୋ.

୩ । ୨୯ ଗୁଣକର୍ମସୁ ପ୍ରକୃତେର୍ଗୁଣସମ୍ମୂଢାଃ.

୧୩ । ୧୪ ସର୍ବେନ୍ଦ୍ରିୟଗୁଣାଭାସମ୍; ଗୁଣଭୋକ୍ତୃ ସର୍ବେନ୍ଦ୍ରିୟଗୁଣାଭାସଂ.

୧୪ । ୨୩ ଗୁଣାଃ ତତ୍ତ୍ୱବିତ୍ତୁ ମହାବାହୋ.

(୩) ଇନ୍ଦ୍ରିୟଗଣଙ୍କର ବାଚକ

୩ । ୨୮ ଗୁଣାଃ ତତ୍ତ୍ୱବିତ୍ତୁ ମହାବାହୋ.

(୪) ତମୋଗୁଣର ବାଚକ

୧୪ । ୧୮ ଜଘନ୍ୟଗୁଣବୃତ୍ତିସ୍ଥାଃ ଊର୍ଦ୍ଧ୍ୱଂ ଗଚ୍ଛନ୍ତି.

୨୫. ଜଗତ୍

(୧) ଜଡ଼ ସଂସାରର ବାଚକ

୭ । ୫ ଜଗତ୍ ଅପରେୟମିତସ୍ତ୍ୱନ୍ୟାଂ.

(୨) ଚରାଚର ସଂସାରର ବାଚକ

୭ । ୬ ଜଗତଃ ଏତଦ୍ୟୋନୀନି.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୯।୪	ଜଗତ୍	ମୟା ତତମିଦଂ.
୯।୧୦	ଜଗତ୍	ମୟାଧ୍ୟକ୍ଷେଣ.
୯।୧୭	ଜଗତଃ	ପିତାହମସ୍ୟ ଜଗତୋ.
୧୦।୪୨	ଜଗତ୍	ଅଥବା ବହୁନୈତେନ.
୧୧।୭	ଜଗତ୍	ଇହୈକସ୍ଥଂ ଜଗତ୍.
୧୧।୧୩	ଜଗତ୍	ତତ୍ରୈକସ୍ଥଂ ଜଗତ୍.
୧୧।୩୦	ଜଗତ୍	ଲେଲିହ୍ୟସେ ଗ୍ରସମାନଃ.
୧୬।୮	ଜଗତ୍	ଅସତ୍ୟମପ୍ରତିଷ୍ଠଂ.

(୩) ଚେତନ-ସମୁଦାୟର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୭।୧୩	ଜଗତ୍	ତ୍ରିଭିର୍ଗୁଣମୟୈ.
୮।୨୬	ଜଗତଃ	ଶୁକ୍ଳକୃଷ୍ଣେ ଗତୀ.
୧୧।୩୬	ଜଗତ୍	ସ୍ଥାନେ ହୃଷୀକେଶ.
୧୬।୯	ଜଗତଃ	ଏତାଂ ଦୃଷ୍ଟିମବଷ୍ଟଭ୍ୟ.

୨୬. ଜ୍ଞାନ

(୧) ସତ୍-ଅସତ୍ ସମ୍ବନ୍ଧୀୟ ବିବେକର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୩।୩	ଜ୍ଞାନଯୋଗେନ	ଲୋକେଽସ୍ମିନ୍ଦ୍ୱିବିଧା.
୪।୨୭	ଜ୍ଞାନଦୀପିତେ	ସର୍ବାଣୀନ୍ଦ୍ରିୟକର୍ମାଣି.
୪।୩୩	ଜ୍ଞାନଯଜ୍ଞଃ	ଶ୍ରେୟାନ୍ଦ୍ରବ୍ୟମୟା.
୫।୧୬	ଜ୍ଞାନେନ; ଜ୍ଞାନମ୍	ଜ୍ଞାନେନ ତୁ ତଦଜ୍ଞାନଂ.
୭।୨୦	ହୃତଜ୍ଞାନାଃ	କାମୈସ୍ତୈସ୍ତୈର୍ହୃତଜ୍ଞାନାଃ.
୯।୧୫	ଜ୍ଞାନଯଜ୍ଞେନ	ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ.
୧୦।୪	ଜ୍ଞାନମ୍	ବୁଦ୍ଧିର୍ଜ୍ଞାନମସମ୍ମୋହଃ.
୧୩।୨	ଜ୍ଞାନମ୍; ଜ୍ଞାନମ୍	କ୍ଷେତ୍ରଜ୍ଞଂ ଚାପି
୧୩।୩୪	ଜ୍ଞାନଚକ୍ଷୁଷା	କ୍ଷେତ୍ରକ୍ଷେତ୍ରଜ୍ଞୟୋରେବ.
୧୪।୯	ଜ୍ଞାନମ୍	ସତ୍ତ୍ୱଂ ସୁଖେ.
୧୪।୧୧	ଜ୍ଞାନମ୍	ସର୍ବଦ୍ୱାରେଷୁ ଦେହେଽସ୍ମିନ୍.
୧୪।୧୭	ଜ୍ଞାନମ୍	ସତ୍ତ୍ୱାତ୍ ସଞ୍ଜାୟତେ.
୧୫।୧୦	ଜ୍ଞାନଚକ୍ଷୁଷଃ	ଉତ୍କ୍ରାମନ୍ତଂ ସ୍ଥିତଂ.
୧୫।୧୫	ଜ୍ଞାନମ୍	ସର୍ବସ୍ୟ ଚାହଂ.
୧୮।୫୦	ଜ୍ଞାନସ୍ୟ	ସିଦ୍ଧିଂ ପ୍ରାପ୍ତୋ.

(୨) କର୍ତ୍ତବ୍ୟ-ଅକର୍ତ୍ତବ୍ୟ ସମ୍ବନ୍ଧୀୟ ବିବେକର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୩।୩୯	ଜ୍ଞାନମ୍	ଆବୃତଂ ଜ୍ଞାନମେତେନ.
୩।୪୦	ଜ୍ଞାନମ୍	ଇନ୍ଦ୍ରିୟାଣି ମନୋ.
୩।୪୧	ଜ୍ଞାନବିଜ୍ଞାନନାଶନମ୍	ତସ୍ମାତ୍ତ୍ୱମିନ୍ଦ୍ରିୟା.
୪।୪୧	ଜ୍ଞାନସଂଛିନ୍ନସଂଶୟମ୍	ଯୋଗସଂନ୍ୟସ୍ତକର୍ମାଣଂ.
୪।୪୨	ଜ୍ଞାନାସିନା	ତସ୍ମାଦଜ୍ଞାନସମ୍ଭୂତଂ.
୬।୮	ଜ୍ଞାନବିଜ୍ଞାନତୃପ୍ତାତ୍ମା	ଜ୍ଞାନବିଜ୍ଞାନତୃପ୍ତାତ୍ମା.

(୩) ତତ୍ତ୍ୱଜ୍ଞାନର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୪।୧୯	ଜ୍ଞାନାଗ୍ନିଦଗ୍ଧକର୍ମାଣମ୍	ଯସ୍ୟ ସର୍ବେ.
୪।୨୩	ଜ୍ଞାନାବସ୍ଥିତ-ଚେତସଃ	ଗତସଙ୍ଗସ୍ୟ ମୁକ୍ତସ୍ୟ.
୪।୩୩	ଜ୍ଞାନେ	ଶ୍ରେୟାନ୍ଦ୍ରବ୍ୟମୟାଦ୍ୟଜ୍ଞା.
୪।୩୪	ଜ୍ଞାନମ୍	ତଦ୍ୱିଦ୍ଧି ପ୍ରଣିପାତେନ.
୪।୩୬	ଜ୍ଞାନପ୍ଲବେନୈବ	ଅପି ଚେଦସି.
୪।୩୭	ଜ୍ଞାନାଗ୍ନିଃ	ଯଥୈଧାଂସି ସମିଦ୍ଧୋ.
୪।୩୮	ଜ୍ଞାନେନ	ନ ହି ଜ୍ଞାନେନ.
୪।୩୯	ଜ୍ଞାନମ୍; ଜ୍ଞାନମ୍	ଶ୍ରଦ୍ଧାବାଁଲ୍ଲଭତେ.
୫।୧୭	ଜ୍ଞାନନିର୍ଧୂତକଲ୍ମଷାଃ	ତଦ୍ବୁଦ୍ଧୟସ୍ତଦାତ୍ମା.
୧୦।୧୧	ଜ୍ଞାନଦୀପେନ	ତେଷାମେବାନୁକମ୍ପାର୍ଥ.
୧୩।୧୭	ଜ୍ଞାନମ୍	ଜ୍ୟୋତିଷାମପି.
୧୪।୧	ଜ୍ଞାନମ୍	ପରଂ ଭୂୟଃ ପ୍ରବକ୍ଷ୍ୟାମି.
୧୪।୨	ଜ୍ଞାନମ୍	ଇଦଂ ଜ୍ଞାନମୁପାଶ୍ରିତ୍ୟ.
୧୬।୧	ଜ୍ଞାନଯୋଗ-ବ୍ୟବସ୍ଥିତିଃ	ଅଭୟଂ ସତ୍ତ୍ୱସଂଶୁଦ୍ଧିଃ.

(୪) ସାଧନ-ସମୁଦାୟର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୩।୧୧	ଜ୍ଞାନମ୍	ଅଧ୍ୟାତ୍ମଜ୍ଞାନନିତ୍ୟ.
୧୩।୧୭	ଜ୍ଞାନଗମ୍ୟମ୍	ଜ୍ୟୋତିଷାମପି ତଜ୍ଜ୍ୟୋତିଃ.
୧୩।୧୮	ଜ୍ଞାନମ୍	ଇତି କ୍ଷେତ୍ରଂ ତଥା.

(୫) ଶରଣାଗତିର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୮।୬୩	ଜ୍ଞାନମ୍	ଇତି ତେ ଜ୍ଞାନମାଖ୍ୟାତଂ.

(୬) ଗୀତାଧ୍ୟୟନର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୮।୭୦	ଜ୍ଞାନଯଜ୍ଞେନ	ଅଧ୍ୟେଷ୍ୟତେ ଚ.

(୭) ଶାସ୍ତ୍ରଜ୍ଞାନର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୪।୨୮	ସ୍ୱାଧ୍ୟାୟଜ୍ଞାନଯଜ୍ଞାଃ	ଦ୍ରବ୍ୟଯଜ୍ଞାସ୍ତପୋ.
୧୨।୧୨	ଜ୍ଞାନମ୍; ଜ୍ଞାନାତ୍	ଶ୍ରେୟୋ ହି ଜ୍ଞାନ.
୧୮।୪୨	ଜ୍ଞାନମ୍	ଶମୋ ଦମସ୍ତପଃ.

(୮) ସାଧାରଣ ଜ୍ଞାନର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୩।୩୨	ସର୍ବଜ୍ଞାନବିମୂଢାନ୍	ଯେ ତ୍ୱେତଦଭ୍ୟସୂୟନ୍ତୋ.
୯।୧୨	ମୋଘଜ୍ଞାନାଃ	ମୋଘାଶା ମୋଘକର୍ମାଣୋ.
୧୦।୩୮	ଜ୍ଞାନମ୍	ଦଣ୍ଡୋ ଦମୟତାମସ୍ମି.
୧୪।୧	ଜ୍ଞାନାନାମ୍	ପରଂ ଭୂୟଃ ପ୍ରବକ୍ଷ୍ୟାମି.
୧୪।୬	ଜ୍ଞାନସଙ୍ଗେନ	ତତ୍ର ସତ୍ତ୍ୱଂ ନିର୍ମଳ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୮।୧୮	ଜ୍ଞାନମ୍	ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା.
୧୮।୧୯	ଜ୍ଞାନମ୍	ଜ୍ଞାନଂ କର୍ମ ଚ.
୧୮।୨୦	ଜ୍ଞାନମ୍	ସର୍ବଭୂତେଷୁ ଯେନୈକଂ.
୧୮।୨୧	ଜ୍ଞାନମ୍; ଜ୍ଞାନମ୍	ପୃଥକ୍ତ୍ୱେନ ତୁ.

(୯) ଦୃଢ଼ତାପୂର୍ବକ ସ୍ୱୀକାର କରିବାର ବାଚକ

୪।୧୦	ଜ୍ଞାନତପସା	ବୀତରାଗଭୟକ୍ରୋଧା.
୭।୨	ଜ୍ଞାନମ୍	ଜ୍ଞାନଂ ତେଽହଂ ସବିଜ୍ଞାନ.
୯।୧	ଜ୍ଞାନମ୍	ଇଦଂ ତୁ ତେ.

୨୭. ଜ୍ଞାନୀ

(୧) ତତ୍ତ୍ୱଜ୍ଞ ମହାପୁରୁଷଙ୍କର ବାଚକ

୩।୩୩	ଜ୍ଞାନବାନ୍	ସଦୃଶଂ ଚେଷ୍ଟତେ.

(୨) ବିବେକୀ ସାଧକର ବାଚକ

୩।୩୯	ଜ୍ଞାନିନଃ	ଆବୃତଂ ଜ୍ଞାନମେତେନ.

(୩) ଯଥାର୍ଥ ଶାସ୍ତ୍ରଜ୍ଞଙ୍କର ବାଚକ

୪।୩୪	ଜ୍ଞାନିନଃ	ତଦ୍ୱିଦ୍ଧି ପ୍ରଣିପାତେନ.

(୪) ଶାସ୍ତ୍ରୀୟ ଜ୍ଞାନସମ୍ପନ୍ନ ମନୁଷ୍ୟଙ୍କର ବାଚକ

୬।୪୬	ଜ୍ଞାନିଭ୍ୟଃ	ତପସ୍ୱିଭ୍ୟୋଽଧିକୋ.

(୫) ପ୍ରେମୀ ଭକ୍ତଙ୍କର ବାଚକ

୭।୧୬	ଜ୍ଞାନୀ	ଚତୁର୍ବିଧା ଭଜନ୍ତେ.
୭।୧୭	ଜ୍ଞାନୀ; ଜ୍ଞାନିନଃ	ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ.
୭।୧୮	ଜ୍ଞାନୀ	ଉଦାରାଃ ସର୍ବ ଏବୈତେ.

୨୮. ଜ୍ଞେୟ

(୧) ପରମାତ୍ମାଙ୍କର ବାଚକ

୧୩।୧୨	ଜ୍ଞେୟମ୍	ଜ୍ଞେୟଂ ଯତ୍ତତ୍ପ୍ରବକ୍ଷ୍ୟାମି.
୧୩।୧୭	ଜ୍ଞେୟମ୍	ଜ୍ୟୋତିଷାମପି.
୧୩।୧୮	ଜ୍ଞେୟମ୍	ଇତି କ୍ଷେତ୍ରଂ ତଥା.

(୨) ସମଗ୍ର ଦୃଶ୍ୟ ସଂସାରର ବାଚକ

୧୮।୧୮	ଜ୍ଞେୟମ୍	ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା.

୨୯. ତୁଷ୍ଟ

(୧) ପୂର୍ଣ୍ଣତାର ବାଚକ

୨।୫୫	ତୁଷ୍ଟଃ	ପ୍ରଜହାତି ଯଦା.
୩।୧୭	ସନ୍ତୁଷ୍ଟଃ	ଯସ୍ତ୍ୱାତ୍ମରତିରେବ.
୧୨।୧୪	ସନ୍ତୁଷ୍ଟଃ	ସନ୍ତୁଷ୍ଟଃ ସତତଂ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ

(୨) ସନ୍ତୋଷର ବାଚକ

୪।୨୨	ସନ୍ତୁଷ୍ଟଃ	ଯଦୃଚ୍ଛାଲାଭସନ୍ତୁଷ୍ଟୋ.
୧୨।୧୯	ସନ୍ତୁଷ୍ଟଃ	ତୁଲ୍ୟନିନ୍ଦାସ୍ତୁତି.

୩୦. ଦେବ

(୧) ଇନ୍ଦ୍ରାଦି ଦେବତାମାନଙ୍କର ବାଚକ

୩।୧୧	ଦେବାନ୍; ଦେବାଃ	ଦେବାନ୍ଭାବୟତାନେନ.
୩।୧୨	ଦେବାଃ	ଇଷ୍ଟାନ୍ ଭୋଗାନ୍ହି ବୋ.
୭।୨୩	ଦେବାନ୍; ଦେବଯଜଃ	ଅନ୍ତବତ୍ତୁ ଫଳଂ.
୯।୨୦	ଦେବଭୋଗାନ୍	ତ୍ରୈବିଦ୍ୟା ମାଂ.
୯।୨୫	ଦେବବ୍ରତାଃ; ଦେବାନ୍	ଯାନ୍ତି ଦେବବ୍ରତାଃ.
୧୦।୨	ଦେବାନାମ୍	ନ ମେ ବିଦୁଃ.
୧୦।୧୪	ଦେବାଃ	ସର୍ବମେତଦୃତଂ ମନ୍ୟେ.
୧୦।୧୫	ଦେବ (ଦେବ)	ସ୍ୱୟମେବାତ୍ମ.
୧୦।୨୨	ଦେବାନାମ୍	ବେଦାନାଂ. ସାମବେଦୋଽସ୍ମି.
୧୧।୧୫	ଦେବାନ୍	ପଶ୍ୟାମି ଦେବାଂସ୍ତବ.
୧୧।୫୨	ଦେବାଃ	ସୁଦୁର୍ଦର୍ଶମିଦଂ.
୧୭।୪	*ଦେବାନ୍	ଯଜନ୍ତେ ସାତ୍ତ୍ୱିକା.
୧୭।୧୪	*ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନମ୍	ଦେବଦ୍ୱିଜଗୁରୁପ୍ରାଜ୍ଞ.
୧୮।୪୦	ଦେବେଷୁ	ନ ତଦସ୍ତି.

(୨) ଭଗବାନ ଶ୍ରୀକୃଷ୍ଣଙ୍କର ବାଚକ

୧୧।୧୧	ଦେବମ୍	ଦିବ୍ୟମାଲ୍ୟାମ୍ବରଧରଂ.
୧୧।୧୪	ଦେବମ୍	ତତଃ ସ ବିସ୍ମୟା.
୧୧।୧୫	ଦେବ	ପଶ୍ୟାମି ଦେବାଂସ୍ତବ.
୧୧।୨୫	ଦେବେଶ	ଦଂଷ୍ଟ୍ରାକରାଳାନି.
୧୧।୩୧	ଦେବବର	ଆଖ୍ୟାହି ମେ.
୧୧।୩୭	ଦେବେଶ	କସ୍ମାଚ୍ଚ ତେ.
୧୧।୪୪	ଦେବ	ତସ୍ମାତ୍ପ୍ରଣମ୍ୟ.
୧୧।୪୫	ଦେବେଶ	ଅଦୃଷ୍ଟପୂର୍ବଂ.

(୩) ଭଗବାନ ବିଷ୍ଣୁଙ୍କର ବାଚକ

୧୧।୪୫	ψଦେବରୂପମ୍	ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି.

* ଏଠାରେ 'ଦେବ' ଶବ୍ଦକୁ ଈଶ୍ୱର ଶ୍ରେଣୀର ଦେବତାମାନଙ୍କର (ବିଷ୍ଣୁ, ଶିବ, ଗଣେଶ, ଶକ୍ତି ଓ ସୂର୍ଯ୍ୟଙ୍କର) ବାଚକ ଭାବରେ ମଧ୍ୟ ବୁଝିବା ଉଚିତ।

ψ ଚତୁର୍ଭୁଜରୂପର ବାଚକ ହୋଇଥିବାରୁ ଏଠାରେ 'ଦେବ' ଶବ୍ଦ ଭଗବାନ ବିଷ୍ଣୁଙ୍କ ପାଇଁ ପ୍ରଯୁକ୍ତ ହୋଇଛି।

୩୧. ଧର୍ମ

(୧) ପୁଣ୍ୟକର୍ମର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧ । ୧	ଧର୍ମକ୍ଷେତ୍ରେ	ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ.
୧୮ । ୩୧	ଧର୍ମମ୍	ଯୟା ଧର୍ମମଧର୍ମଂ.
୧୮ । ୩୨	ଧର୍ମମ୍	ଅଧର୍ମଂ ଧର୍ମମିତି.
୧୮ । ୩୪	ଧର୍ମକାମାର୍ଥାନ୍	ଯୟା ତୁ ଧର୍ମକାମାର୍ଥାନ୍.

(୨) କୁଳମର୍ଯ୍ୟାଦାର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧ । ୪୦	କୁଳଧର୍ମାଃ; ଧର୍ମେ	କୁଳକ୍ଷୟେ ପ୍ରଣଶ୍ୟନ୍ତି.
୧ । ୪୩	କୁଳଧର୍ମାଃ	ଦୋଷୈରେତୈଃ କୁଳଘ୍ନାନାଂ.
୧ । ୪୪	ଉତ୍ସନ୍ନକୁଳଧର୍ମାଣାମ୍	ଉତ୍ସନ୍ନକୁଳଧର୍ମାଣାଂ.

(୩) କର୍ତ୍ତବ୍ୟକର୍ମର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧ । ୪୩	ଜାତିଧର୍ମାଃ	ଦୋଷୈରେତୈଃ କୁଳଘ୍ନାନାଂ.
୨ । ୭	ଧର୍ମସମ୍ମୂଢଚେତାଃ	କାର୍ପଣ୍ୟଦୋଷୋପହତ.
୩ । ୩୫	ସ୍ୱଧର୍ମଃ; ପରଧର୍ମାତ୍; ସ୍ୱଧର୍ମେ; ପରଧର୍ମଃ	ଶ୍ରେୟାନ୍ ସ୍ୱଧର୍ମୋ.
୧୮ । ୪୭	ସ୍ୱଧର୍ମଃ; ପରଧର୍ମାତ୍	ଶ୍ରେୟାନ୍‌ସ୍ୱଧର୍ମୋ ବିଗୁଣଃ.
୧୮ । ୬୬	ସର୍ବଧର୍ମାନ୍	ସର୍ବଧର୍ମାନ୍‌ପରିତ୍ୟଜ୍ୟ.

(୪) ସମବୁଦ୍ଧିର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨ । ୪୦	ଧର୍ମସ୍ୟ	ନେହାଭିକ୍ରମନାଶୋଽସ୍ତି.

(୫) ସଦ୍‌ଗୁଣ-ସଦାଚାରର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୪ । ୭	ଧର୍ମସ୍ୟ	ଯଦା ଯଦା ହି.
୪ । ୮	ଧର୍ମସଂସ୍ଥାପନାର୍ଥାୟ	ପରିତ୍ରାଣାୟ ସାଧୂନାଂ.
୭ । ୧୧	ଧର୍ମାବିରୁଦ୍ଧଃ	ବଳଂ ବଳବତାଂ ଚାହଂ.
୧୧ । ୧୮	ଶାଶ୍ୱତଧର୍ମଗୋପ୍ତା	ତ୍ୱମକ୍ଷରଂ ପରମଂ.
୧୪ । ୨୭	ଧର୍ମସ୍ୟ	ବ୍ରହ୍ମଣୋ ହି ପ୍ରତିଷ୍ଠାହମ.

(୬) ଜ୍ଞାନ-ବିଜ୍ଞାନର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୯ । ୩	ଧର୍ମସ୍ୟ	ଅଶ୍ରଦ୍ଦଧାନାଃ ପୁରୁଷା.

(୭) ସକାମ ଅନୁଷ୍ଠାନର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୯ । ୨୧	ତ୍ରୟୀଧର୍ମମ୍	ତେ ତଂ ଭୁକ୍ତ୍ୱା.

୩୨. ପର

(୧) ପରାୟଣତାର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨ । ୪୩	ସ୍ୱର୍ଗପରାଃ	କାମାତ୍ମାନଃ ସ୍ୱର୍ଗପରା.
୨ । ୬୧	ମତ୍ପରଃ	ତାନି ସର୍ବାଣି.
୪ । ୩୯	ତତ୍ପରଃ	ଶ୍ରଦ୍ଧାବାଁଲ୍ଲଭତେ.
୬ । ୧୪	ମତ୍ପରଃ	ପ୍ରଶାନ୍ତାତ୍ମା ବିଗତଭୀଃ.
୧୨ । ୬	ମତ୍ପରାଃ	ଯେ ତୁ ସର୍ବାଣି.
୧୮ । ୫୨	ଧ୍ୟାନଯୋଗପରଃ	ବିବିକ୍ତସେବୀ.
୧୮ । ୫୭	ମତ୍ପରଃ	ଚେତସା ସର୍ବକର୍ମାଣି.

(୨) ପରମାତ୍ମାଙ୍କର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୨ । ୫୯	ପରମ୍	ବିଷୟା ବିନିବର୍ତ୍ତନ୍ତେ.
୩ । ୧୯	ପରମ୍	ତସ୍ମାଦସକ୍ତଃ ସତତଂ.
୫ । ୧୬	ପରମ୍	ଜ୍ଞାନେନ ତୁ.
୧୧ । ୩୭	ପରମ୍	କସ୍ମାଚ୍ଚ ତେ.
୧୩ । ୩୪	ପରମ୍	କ୍ଷେତ୍ରକ୍ଷେତ୍ରଜ୍ଞୟୋରେବ.

(୩) ସୂକ୍ଷ୍ମର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୩ । ୪୨	ପରାଣି; ପରମ୍; ପରା; ପରତଃ	ଇନ୍ଦ୍ରିୟାଣି ପରାଣ୍ୟାହୁଃ.
୩ । ୪୩	ପରମ୍	ଏବଂ ବୁଦ୍ଧେଃ ପରଂ.

(୪) ସର୍ବୋତ୍କୃଷ୍ଟର ବାଚକ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୩ । ୧୧	ପରମ୍	ଦେବାନ୍‌ଭାବୟତାନେନ.
୪ । ୩୯	ପରାମ୍	ଶ୍ରଦ୍ଧାବାଁଲ୍ଲଭତେ.
୬ । ୪୫	ପରାମ୍	ପ୍ରଯତ୍ନାଦ୍ୟତମାନସ୍ତୁ.
୭ । ୧୩	ପରମ୍	ତ୍ରିଭିର୍ଗୁଣମୟୈଃ.
୭ । ୨୪	ପରମ୍	ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ.
୮ । ୧୦	ପରମ୍	ପ୍ରୟାଣକାଳେ ମନସା.
୮ । ୨୦	ପରଃ	ପରସ୍ତସ୍ମାତ୍ତୁ.
୮ । ୨୨	ପରଃ	ପୁରୁଷଃ ସ ପରଃ.
୮ । ୨୮	ପରମ୍	ବେଦେଷୁ ଯଜ୍ଞେଷୁ.
୯ । ୧୧	ପରମ୍	ଅବଜାନନ୍ତି ମାଂ.
୯ । ୩୨	ପରାମ୍	ମାଂ ହି ପାର୍ଥ.
୧୦ । ୧୨	ପରମ୍; ପରମ୍	ପରଂ ବ୍ରହ୍ମ ପରଂ ଧାମ.
୧୧ । ୩୮	ପରମ୍	ତ୍ୱମାଦିଦେବଃ.
୧୧ । ୪୭	ପରମ୍	ମୟା ପ୍ରସନ୍ନେନ.
୧୩ । ୧୨	ପରମ୍	ଜ୍ଞେୟଂ ଯତ୍ତତ୍‌ପ୍ରବକ୍ଷ୍ୟାମି.
୧୩ । ୨୨	ପରଃ	ଉପଦ୍ରଷ୍ଟାନୁମନ୍ତା ଚ.
୧୩ । ୨୮	ପରାମ୍	ସମଂ ପଶ୍ୟନ୍ ହି.
୧୪ । ୧	ପରମ୍; ପରାମ୍	ପରଂ ଭୂୟଃ ପ୍ରବକ୍ଷ୍ୟାମି.
୧୬ । ୨୨	ପରାମ୍	ଏତୈର୍ବିମୁକ୍ତଃ କୌନ୍ତେୟ.
୧୬ । ୨୩	ପରାମ୍	ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ.

ଅଧ୍ୟାୟ-ଶ୍ଳୋକ ପଦ ଶ୍ଳୋକର ପ୍ରତୀକ

୧୮।୫୦ ପରା ସିଦ୍ଧିଂ ପ୍ରାପ୍ତୋ ଯଥା.
୧୮।୫୪ ପରାମ୍ ବ୍ରହ୍ମଭୂତଃ ପ୍ରସନ୍ନାତ୍ମା.
୧୮।୬୨ ପରାମ୍ ତମେବ ଶରଣଂ ଗଚ୍ଛ.
୧୮।୬୮ ପରାମ୍ ଯ ଇମଂ ପରମଂ.
୧୮।୭୫ ପରମ୍ ବ୍ୟାସପ୍ରସାଦାତ୍.

(୫) ଭବିଷ୍ୟତକାଳର ବାଚକ
୨।୧୨ ପରମ୍ ନ ତ୍ୱେବାହଂ ଜାତୁ.

(୬) ଭୂତକାଳର ବାଚକ
୪।୪ ପରମ୍ ଅପରଂ ଭବତୋ ଜନ୍ମ.

(୭) ପରଲୋକର ବାଚକ
୪।୪୦ ପରଃ ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ.

(୮) ଅନ୍ୟର ବାଚକ
୩।୩୫ ପରଧର୍ମାତ୍; ପରଧର୍ମଃ ଶ୍ରେୟାନ୍ ସ୍ୱଧର୍ମୋ.
୧୮।୪୭ ପରଧର୍ମାତ୍ ଶ୍ରେୟାନ୍ ସ୍ୱଧର୍ମୋ.

(୯) ଜୀବାତ୍ମାର ବାଚକ
୭।୫ ପରାମ୍ ଅପରେୟମିତସ୍ତ୍ୱନ୍ୟାଂ.

(୧୦) ନିର୍ଲିପ୍ତତାର ବାଚକ
୮।୯ ପରସ୍ତାତ୍ କବିଂ ପୁରାଣମନୁଶାସିତାର.
୧୩।୧୭ ପରମ୍ ଜ୍ୟୋତିଷାମପି ତଜ୍ଜ୍ୟୋତି.
୧୪।୧୯ ପରମ୍ ନାନ୍ୟଂ ଗୁଣେଭ୍ୟଃ.

୩୩. ପରମାତ୍ମା

(୧) ନିର୍ଗୁଣନିରାକାରର ବାଚକ
୬।୭ ପରମାତ୍ମା ଜିତାତ୍ମନଃ ପ୍ରଶାନ୍ତସ୍ୟ.

(୨) ସଗୁଣସାକାରର ବାଚକ
୧୫।୧୭ ପରମାତ୍ମା ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ.

(୩) ଜୀବାତ୍ମାର ବାଚକ
୧୩।୨୨ ପରମାତ୍ମା ଉପଦ୍ରଷ୍ଟାନୁମନ୍ତା ଚ.
୧୩।୩୧ ପରମାତ୍ମା ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍.

୩୪. ପୁଣ୍ୟ

(୧) ପବିତ୍ର କର୍ମର ବାଚକ
୬।୪୧ ପୁଣ୍ୟକୃତାମ୍ ପ୍ରାପ୍ୟ ପୁଣ୍ୟକୃତାଂ.
୭।୨୮ ପୁଣ୍ୟକର୍ମଣାମ୍ ଯେଷାଂ ତ୍ୱନ୍ତଗତଂ ପାପଂ.
୮।୨୮ ପୁଣ୍ୟଫଳମ୍ ବେଦେଷୁ ଯଜ୍ଞେଷୁ.
୯।୨୦ ପୁଣ୍ୟମ୍ ତ୍ରୈବିଦ୍ୟା ମାଂ.
୯।୨୧ ପୁଣ୍ୟେ ତେ ତଂ ଭୁକ୍ତ୍ୱା.
୧୮।୭୧ ପୁଣ୍ୟକର୍ମଣାମ୍ ଶ୍ରଦ୍ଧାବାନନସୂୟଶ୍ଚ.

(୨) ପବିତ୍ରତାର ବାଚକ
୭।୯ ପୁଣ୍ୟଃ ପୁଣ୍ୟୋ ଗନ୍ଧଃ.
୯।୩୩ ପୁଣ୍ୟାଃ କିଂ ପୁନର୍ବ୍ରାହ୍ମଣାଃ.
୧୮।୭୬ ପୁଣ୍ୟମ୍ ରାଜନ୍ ସଂସ୍ମୃତ୍ୟ.

୩୫. ପୁରା

(୧) ପୂର୍ବୋକ୍ତ ଉପଦେଶର ବାଚକ
୩।୩ ପୁରା ଲୋକେଽସ୍ମିନ୍ ଦ୍ୱିବିଧା.

(୨) ସର୍ଗ(ବ୍ରହ୍ମାଙ୍କ ଦିନର ଆରମ୍ଭକାଳ)ର ବାଚକ
୩।୧୦ ପୁରା ସହଯଜ୍ଞାଃ ପ୍ରଜାଃ.

(୩) ମହାସର୍ଗ(ସୃଷ୍ଟି ଆରମ୍ଭକାଳ)ର ବାଚକ
୧୭।୨୩ ପୁରା ଓଁ ତତ୍ସଦିତି.

୩୬. ପୁରୁଷ

(୧) ସାଧାରଣ ମନୁଷ୍ୟର ବାଚକ
୩।୩୬ ପୁରୁଷଃ ଅଥ କେନ ପ୍ରଯୁକ୍ତୋଽୟଂ.
୯।୩ ପୁରୁଷାଃ ଅଶ୍ରଦ୍ଦଧାନାଃ ପୁରୁଷା.
୧୭।୩ ପୁରୁଷଃ ସତ୍ତ୍ୱାନୁରୂପା ସର୍ବସ୍ୟ.

(୨) କର୍ମଯୋଗୀ ସାଧକର ବାଚକ
୨।୬୦ ପୁରୁଷସ୍ୟ ଯତତୋ ହ୍ୟପି କୌନ୍ତେୟ.
୩।୪ ପୁରୁଷଃ ନ କର୍ମଣାମନାରମ୍ଭା.
୩।୧୯ ପୁରୁଷଃ ତସ୍ମାଦସକ୍ତଃ ସତତଂ.

(୩) ସାଂଖ୍ୟଯୋଗୀ ସାଧକର ବାଚକ
୨।୧୫ ପୁରୁଷମ୍ ଯଂ ହି ନ ବ୍ୟଥୟ.
୨।୨୧ ପୁରୁଷଃ ବେଦାବିନାଶିନଂ.

(୪) ଜୀବାତ୍ମାର ବାଚକ
୧୩।୧୯ ପୁରୁଷମ୍ ପ୍ରକୃତିଂ ପୁରୁଷମ୍.
୧୩।୨୦ ପୁରୁଷଃ କାର୍ଯ୍ୟକରଣକର୍ତ୍ତୃତ୍ୱେ.
୧୩।୨୧ ପୁରୁଷଃ ପୁରୁଷଃ ପ୍ରକୃତିସ୍ଥୋ.
୧୩।୨୨ ପୁରୁଷଃ ଉପଦ୍ରଷ୍ଟାନୁମନ୍ତା.
୧୩।୨୩ ପୁରୁଷମ୍ ଯ ଏବଂ ବେତ୍ତି.

(୫) କ୍ଷର-ଅକ୍ଷର, ନାଶବାନ୍-ଅବିନାଶୀର ବାଚକ
୧୫।୧୬ ପୁରୁଷୌ ଦ୍ୱାବିମୌ ପୁରୁଷୌ.

(୬) ବ୍ରହ୍ମାଙ୍କର ବାଚକ
୮।୪ ପୁରୁଷଃ ଅଧିଭୂତଂ କ୍ଷରୋ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୭) ସଗୁଣନିରାକାରର ବାଚକ		
୮।୮	ପୁରୁଷମ୍	ଅଭ୍ୟାସଯୋଗଯୁକ୍ତେନ.
୮।୧୦	ପୁରୁଷମ୍	ପ୍ରୟାଣକାଳେ ମନସା.
୮।୨୨	ପୁରୁଷଃ	ପୁରୁଷଃ ସ ପରଃ.
୧୫।୪	ପୁରୁଷମ୍	ତତଃ ପଦଂ ତତ୍ପରିମାର୍ଗି.
(୮) ସଗୁଣସାକାରର ବାଚକ		
୧୦।୧୨	ପୁରୁଷମ୍	ପରଂ ବ୍ରହ୍ମ ପରଂ ଧାମ.
୧୧।୧୮	ପୁରୁଷଃ	ତ୍ୱମକ୍ଷରଂ ପରମଂ.
୧୧।୩୮	ପୁରୁଷଃ	ତ୍ୱମାଦିଦେବଃ ପୁରୁଷଃ.
୧୫।୧୭	ପୁରୁଷଃ	ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ.

୩୭. ପ୍ରକୃତି

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ସମଷ୍ଟିପ୍ରକୃତି(ଜଡ଼)ର ବାଚକ*		
୩।୫	ପ୍ରକୃତିଜୈଃ	ନ ହି କଶ୍ଚିତ୍କ୍ଷଣମପି.
୩।୨୭	ପ୍ରକୃତେଃ	ପ୍ରକୃତେଃ କ୍ରିୟମାଣାନି.
୩।୨୯	ପ୍ରକୃତେଃ	ପ୍ରକୃତେର୍ଗୁଣସମ୍ମୂଢା.
୭।୪	ପ୍ରକୃତିଃ	ଭୂମିରାପୋଽନଳୋ.
୯।୭	ପ୍ରକୃତିମ୍	ସର୍ବଭୂତାନି କୌନ୍ତେୟ.
୯।୮	ପ୍ରକୃତିମ୍	ପ୍ରକୃତିଂ ସ୍ୱାମବଷ୍ଟଭ୍ୟ.
୯।୧୦	ପ୍ରକୃତିଃ	ମୟାଧ୍ୟକ୍ଷେଣ ପ୍ରକୃତିଃ.
୧୩।୧୯	ପ୍ରକୃତିମ୍; ପ୍ରକୃତିସମ୍ଭବାଃ	ପ୍ରକୃତିଂ ପୁରୁଷଂ ଚୈବ.
୧୩।୨୦	ପ୍ରକୃତିଃ	କାର୍ଯ୍ୟକରଣକର୍ତ୍ତୃତ୍ୱେ.
୧୩।୨୧	ପ୍ରକୃତିଜାନ୍	ପୁରୁଷଃ ପ୍ରକୃତିସ୍ଥୋ.
୧୩।୨୩	ପ୍ରକୃତିମ୍	ଯ ଏବଂ ବେତ୍ତି.
୧୩।୨୯	ପ୍ରକୃତ୍ୟା	ପ୍ରକୃତ୍ୟୈବ ଚ କର୍ମାଣି.
୧୩।୩୪	ଭୂତପ୍ରକୃତିମୋକ୍ଷମ୍	କ୍ଷେତ୍ରକ୍ଷେତ୍ରଜ୍ଞୟୋରେବ.
୧୪।୫	ପ୍ରକୃତିସମ୍ଭବାଃ	ସତ୍ତ୍ୱଂ ରଜସ୍ତମ.
୧୫।୭	ପ୍ରକୃତିସ୍ଥାନି	ମମୈବାଂଶୋ ଜୀବଲୋକେ.
୧୮।୪୦	ପ୍ରକୃତିଜୈଃ	ନ ତଦସ୍ତି ପୃଥିବ୍ୟାଂ
(୨) ସ୍ୱଭାବର ବାଚକ		
୩।୩୩	ପ୍ରକୃତେଃ; ପ୍ରକୃତିମ୍	ସଦୃଶଂ ଚେଷ୍ଟତେ.
୭।୨୦	ପ୍ରକୃତ୍ୟା	କାମୈସ୍ତୈସ୍ତୈର୍ହୃତଜ୍ଞାନାଃ.
୯।୮	ପ୍ରକୃତେଃ	ପ୍ରକୃତିଂ ସ୍ୱାମବଷ୍ଟଭ୍ୟ.
୯।୧୨	ପ୍ରକୃତିମ୍	ମୋଘାଶା ମୋଘକର୍ମାଣୋ.
୯।୧୩	ପ୍ରକୃତିମ୍	ମହାତ୍ମାନସ୍ତୁ ମାଂ.
୧୮।୫୯	ପ୍ରକୃତିଃ	ଯଦହଂକାରମାଶ୍ରିତ୍ୟ.
(୩) ଭଗବାନଙ୍କର ଦିବ୍ୟ ଚିନ୍ମୟଶକ୍ତିର ବାଚକ		
୪।୬	ପ୍ରକୃତିମ୍	ଅଜୋଽପି ସନ୍ନବ୍ୟୟାତ୍ମା.
(୪) ଜୀବାତ୍ମାର ବାଚକ		
୭।୫	ପ୍ରକୃତିମ୍	ଅପରେୟମିତସ୍ତ୍ୱନ୍ୟାଂ.
(୫) ସ୍ୱାଭାବିକ ସ୍ଥିତିର ବାଚକ		
୧୧।୫୧	ପ୍ରକୃତିମ୍	ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ.
(୬) ଶରୀରର ବାଚକ		
୧୩।୨୧	ପ୍ରକୃତିସ୍ଥଃ✱	ପୁରୁଷଃ ପ୍ରକୃତିସ୍ଥୋ.

୩୮. ପ୍ରସାଦ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ଅନ୍ତଃକରଣର ସ୍ୱଚ୍ଛତାର ବାଚକ		
୨।୬୪	ପ୍ରସାଦମ୍	ରାଗଦ୍ୱେଷବିଯୁକ୍ତୈସ୍ତୁ.
୨।୬୫	ପ୍ରସାଦେ	ପ୍ରସାଦେ ସର୍ବଦୁଃଖାନାଂ
୧୮।୩୭	ଆତ୍ମବୁଦ୍ଧିପ୍ରସାଦଜମ୍	ଯତ୍ତଦଗ୍ରେ ବିଷମିବ.
(୨) ପ୍ରସନ୍ନତାର ବାଚକ		
୧୭।୧୬	ମନଃପ୍ରସାଦଃ	ମନଃପ୍ରସାଦଃ ସୌମ୍ୟତ୍ୱଂ.
(୩) କୃପାର ବାଚକ		
୧୮।୫୬	ମତ୍ପ୍ରସାଦାତ୍	ସର୍ବକର୍ମାଣ୍ୟପି ସଦା.
୧୮।୫୮	ମତ୍ପ୍ରସାଦାତ୍	ମଚ୍ଚିତ୍ତଃ ସର୍ବଦୁର୍ଗାଣି.
୧୮।୬୨	ତତ୍ପ୍ରସାଦାତ୍	ତମେବ ଶରଣଂ.

---

* ତତ୍ତ୍ୱ ଦୃଷ୍ଟିରୁ ସମଷ୍ଟି ଓ ବ୍ୟଷ୍ଟି ଦୁଇ ନୁହେଁ, ବରଂ ଏକମାତ୍ର ସମଷ୍ଟି ହିଁ ବିଦ୍ୟମାନ । ସମଷ୍ଟିର ଯେଉଁ ଅଂଶ ସହିତ ମନୁଷ୍ୟ 'ମୁଁ' ଓ 'ମୋର' ଭାବନା କରି ସମ୍ବନ୍ଧ ସ୍ଥାପନ କରେ, ସେହି ଅଂଶକୁ ବ୍ୟଷ୍ଟି କୁହାଯାଏ ଏବଂ ସେହିଥିରେ ହିଁ ମନୁଷ୍ୟ ବାନ୍ଧି ହୋଇଯାଏ ।

✱ ଏଠାରେ ବ୍ୟଷ୍ଟି ଶରୀରରେ ସ୍ଥିତ ହେବାକୁ ହିଁ 'ପ୍ରକୃତିରେ ସ୍ଥିତ' କୁହାଯାଇଛି; କାରଣ ସମଷ୍ଟି ପ୍ରକୃତିରେ ସ୍ଥିତ ହୋଇ କେହି ଭୋକ୍ତା ହୋଇ ପାରେ ନାହିଁ । ଯେପରି ଜଣେ ସ୍ତ୍ରୀ ସହିତ ସମ୍ବନ୍ଧ (ବିବାହ) ହୋଇଗଲେ, ତା'ର ସମଗ୍ର ପରିବାର ସହିତ ପୁରୁଷର ସମ୍ବନ୍ଧ ସ୍ୱତଃ ଯୋଡ଼ି ହୋଇଯାଏ, ସେହିପରି ବ୍ୟଷ୍ଟି (ଶରୀର) ସହିତ ସମ୍ବନ୍ଧ ହୋଇଯିବା ମାତ୍ରେ ସମଷ୍ଟି (ପ୍ରକୃତି) ସହିତ ମନୁଷ୍ୟର ସମ୍ବନ୍ଧ ସ୍ୱତଃ ଯୋଡ଼ି ହୋଇଯାଏ ।

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୮।୭୩	ତ୍ୱତ୍ପ୍ରସାଦାତ୍	ନଷ୍ଟୋ ମୋହଃ ସ୍ମୃତି.
୧୮।୭୫	ବ୍ୟାସପ୍ରସାଦାତ୍	ବ୍ୟାସପ୍ରସାଦାଚ୍ଛ୍ରୁତବାନେ.

୩୯. ପ୍ରିୟ

(୧) ଅନୁକୂଳତାର ବାଚକ

୫।୨୦	ପ୍ରିୟମ୍	ନ ପ୍ରହୃଷ୍ୟେତ୍ ପ୍ରିୟଂ.

(୨) ପ୍ରେମୀର ବାଚକ

୭।୧୭	ପ୍ରିୟଃ; ପ୍ରିୟଃ	ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ.
୧୨।୧୪	ପ୍ରିୟଃ	ସନ୍ତୁଷ୍ଟଃ ସତତଂ.
୧୨।୧୫	ପ୍ରିୟଃ	ଯସ୍ମାନ୍ନୋଦ୍ୱିଜତେ.
୧୨।୧୬	ପ୍ରିୟଃ	ଅନପେକ୍ଷଃ ଶୁଚିର୍ଦକ୍ଷ.
୧୨।୧୭	ପ୍ରିୟଃ	ଯୋ ନ ହୃଷ୍ୟତି.
୧୨।୧୯	ପ୍ରିୟଃ	ତୁଲ୍ୟନିନ୍ଦାସ୍ତୁତିର୍ମୌନୀ.
୧୨।୨୦	ପ୍ରିୟାଃ	ଯେ ତୁ ଧର୍ମ୍ୟାମୃତମିଦଂ.
୧୮।୬୫	ପ୍ରିୟଃ	ମନ୍ମନା ଭବ.
୧୮।୬୯	ପ୍ରିୟତରଃ	ନ ଚ ତସ୍ମାନ୍ମନୁଷ୍ୟେଷୁ.

(୩) ଅନୁରାଗର ବାଚକ

୯।୨୯	ପ୍ରିୟଃ	ସମୋଽହ ସର୍ବଭୂତେଷୁ.

(୪) ରୁଚିର ବାଚକ

୧୭।୭	ପ୍ରିୟଃ	ଆହାରସ୍ତ୍ୱପି ସର୍ବସ୍ୟ.
୧୭।୮	ସାତ୍ତ୍ୱିକପ୍ରିୟାଃ	ଆୟୁଃସତ୍ତ୍ୱବଳାରୋଗ୍ୟ.
୧୭।୧୦	ତାମସପ୍ରିୟମ୍	ଯାତଯାମଂ ଗତରସଂ.

(୫) ମଧୁରତାର ବାଚକ

୧୭।୧୫	ପ୍ରିୟହିତମ୍	ଅନୁଦ୍ୱେଗକରଂ ବାକ୍ୟଂ

(୬) ପତିର ବାଚକ

୧୧।୪୪	ପ୍ରିୟଃ	ତସ୍ମାତ୍ ପ୍ରଣମ୍ୟ.

(୭) ପତ୍ନୀର ବାଚକ

୧୧।୪୪	ପ୍ରିୟାୟାଃ	ତସ୍ମାତ୍ ପ୍ରଣମ୍ୟ.

(୮) ହିତର ବାଚକ

୧।୨୩	ପ୍ରିୟଚିକୀର୍ଷବଃ	ଯୋତ୍ସ୍ୟମାନାନବେକ୍ଷେ.

(୯) ପ୍ରିୟ କାର୍ଯ୍ୟର ବାଚକ

୧୮।୬୯	ପ୍ରିୟକୃତ୍ତମଃ	ନ ଚ ତସ୍ମାନ୍ମନୁଷ୍ୟେଷୁ.

୪୦. ବଳ

(୧) ସେନାର ବାଚକ

୧।୧୦	ବଳମ୍; ବଳମ୍	ଅପର୍ଯ୍ୟାପ୍ତଂ ତଦସ୍ମାକଂ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ

(୨) ପରବଶତାର ବାଚକ

୩।୩୬	ବଳାତ୍	ଅଥ କେନ ପ୍ରଯୁକ୍ତୋଽୟଂ.

(୩) ଶକ୍ତିର ବାଚକ

୬।୩୪	ବଳବତ୍	ଚଞ୍ଚଳଂ ହି ମନଃ.
୭।୧୧	ବଳମ୍	ବଳଂ ବଳବତାଂ.
୮।୧୦	ଯୋଗବଳେନ	ପ୍ରୟାଣକାଳେ ମନସା.
୧୬।୧୪	ବଳବାନ୍	ଅସୌ ମୟା ହତଃ.
୧୭।୮	ଆୟୁଃ ସତ୍ତ୍ୱ-ବଳାରୋଗ୍ୟ	ଆୟୁଃ ସତ୍ତ୍ୱବଳାରୋଗ୍ୟ.

(୪) ହଠର ବାଚକ

୧୬।୧୮	ବଳମ୍	ଅହଂକାରଂ ବଳଂ ଦର୍ପଂ.
୧୭।୫	କାମରାଗ-ବଳାନ୍ୱିତାଃ	ଅଶାସ୍ତ୍ରବିହିତଂ ଘୋରଂ.
୧୮।୫୩	ବଳମ୍	ଅହଂକାରଂ ବଳଂ ଦର୍ପଂ.

୪୧. ବୀଜ

(୧) ଭଗବାନଙ୍କର ବାଚକ

୭।୧୦	ବୀଜମ୍	ବୀଜଂ ମାଂ ସର୍ବଭୂତାନାଂ.
୯।୧୮	ବୀଜମ୍	ଗତିର୍ଭର୍ତା ପ୍ରଭୁଃ.
୧୦।୩୯	ବୀଜମ୍	ଯଚ୍ଚାପି ସର୍ବଭୂତାନାଂ.

(୨) ଜୀବାତ୍ମାର ବାଚକ

୧୪।୪	ବୀଜପ୍ରଦଃ	ସର୍ବଯୋନିଷୁ କୌନ୍ତେୟ.

୪୨. ବୁଦ୍ଧି

(୧) ଅନ୍ତଃକରଣର ସମତାର ବାଚକ

୨।୩୯	ବୁଦ୍ଧିଃ; ବୁଦ୍ଧ୍ୟା	ଏଷା ତେଽଭିହିତା.
୨।୪୯	ବୁଦ୍ଧୌ	ଦୂରେଣ ହ୍ୟବରଂ କର୍ମ.
୨।୫୦	ବୁଦ୍ଧିଯୁକ୍ତଃ	ବୁଦ୍ଧିଯୁକ୍ତୋ ଜହାତୀହ.
୨।୫୧	ବୁଦ୍ଧିଯୁକ୍ତାଃ	କର୍ମଜଂ ବୁଦ୍ଧିଯୁକ୍ତା.

(୨) ଅଚଳ ନିଶ୍ଚୟର ବାଚକ

୨।୫୨	ବୁଦ୍ଧିଃ	ଯଦା ତେ ମୋହକଲିଳଂ.
୨।୬୫	ବୁଦ୍ଧିଃ	ପ୍ରସାଦେ ସର୍ବଦୁଃଖାନାଂ.
୨।୬୬	ବୁଦ୍ଧିଃ	ନାସ୍ତି ବୁଦ୍ଧିରଯୁକ୍ତସ୍ୟ.
୧୮।୧୭	ବୁଦ୍ଧିଃ	ଯସ୍ୟ ନାହଂକୃତୋ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୩) ସାଧାରଣ ବୁଦ୍ଧିର ବାଚକ		
୨ । ୪୧	ବୁଦ୍ଧିଃ; ବୁଦ୍ଧୟଃ	ବ୍ୟବସାୟାତ୍ମିକାବୁଦ୍ଧିଃ.
୨ । ୪୪	ବୁଦ୍ଧିଃ	ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ.
୨ । ୫୩	ବୁଦ୍ଧିଃ	ଶ୍ରୁତିବିପ୍ରତିପନ୍ନା ତେ.
୩ । ୨	ବୁଦ୍ଧିମ୍	ବ୍ୟାମିଶ୍ରେଣେବ ବାକ୍ୟେନ.
୩ । ୨୬	ବୁଦ୍ଧିଭେଦମ୍	ନ ବୁଦ୍ଧିଭେଦଂ ଜନୟେଦ.
୩ । ୪୦	ବୁଦ୍ଧିଃ	ଇନ୍ଦ୍ରିୟାଣି ମନୋ.
୩ । ୪୨	ବୁଦ୍ଧିଃ; ବୁଦ୍ଧେଃ	ଇନ୍ଦ୍ରିୟାଣି ପରାଣ୍ୟାହୁଃ.
୩ । ୪୩	ବୁଦ୍ଧେଃ	ଏବଂ ବୁଦ୍ଧେଃ ପରଂ.
୫ । ୧୧	ବୁଦ୍ଧ୍ୟା	କାୟେନ ମନସା.
୫ । ୨୮	ଯତେନ୍ଦ୍ରିୟ-ମନୋବୁଦ୍ଧିଃ	ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନି.
୬ । ୨୫	ବୁଦ୍ଧ୍ୟା	ଶନୈଃ ଶନୈରୁପରମେଦ୍.
୮ । ୭	ଅର୍ପିତମନୋବୁଦ୍ଧିଃ	ତସ୍ମାତ୍ସର୍ବେଷୁ କାଳେଷୁ.
୧୦ । ୪	ବୁଦ୍ଧିଃ	ବୁଦ୍ଧିର୍ଜ୍ଞାନମସମ୍ମୋହଃ.
୧୨ । ୮	ବୁଦ୍ଧିମ୍	ମୟ୍ୟେବ ମନ ଆଧତ୍ସ୍ୱ.
୧୨ । ୧୪	ଅର୍ପିତମନୋବୁଦ୍ଧିଃ	ସନ୍ତୁଷ୍ଟଃ ସତତଂ.
୧୮ । ୧୬	ଅକୃତବୁଦ୍ଧିତ୍ୱାଦ୍	ତତ୍ରୈବଂ ସତି କର୍ତ୍ତାର.
୧୮ । ୨୯	ବୁଦ୍ଧେଃ	ବୁଦ୍ଧେର୍ଭେଦଂ ଧୃତେ.
୧୮ । ୩୦	ବୁଦ୍ଧିଃ	ପ୍ରବୃତ୍ତିଂ ଚ ନିବୃତ୍ତିଂ.
୧୮ । ୩୧	ବୁଦ୍ଧିଃ	ଯୟା ଧର୍ମମଧର୍ମଂ.
୧୮ । ୩୨	ବୁଦ୍ଧିଃ	ଅଧର୍ମଂ ଧର୍ମମିତି.
୧୮ । ୪୯	ଅସକ୍ତବୁଦ୍ଧିଃ	ଅସକ୍ତବୁଦ୍ଧିଃ ସର୍ବତ୍ର.
୧୮ । ୫୧	ବୁଦ୍ଧ୍ୟା	ବୁଦ୍ଧ୍ୟା ବିଶୁଦ୍ଧୟା.
(୪) ବିବେକର ବାଚକ		
୨ । ୬୩	ବୁଦ୍ଧିନାଶଃ; ବୁଦ୍ଧିନାଶାଦ୍	କ୍ରୋଧାଦ୍ଭବତି ସମ୍ମୋହଃ.
୩ । ୧	ବୁଦ୍ଧିଃ	ଜ୍ୟାୟସୀ ଚେତ୍କର୍ମଣସ୍ତେ.
୭ । ୧୦	ବୁଦ୍ଧିଃ	ବୀଜଂ ମାଂ ସର୍ବଭୂତାନାଂ.
(୫) ସାତ୍ତ୍ୱିକ ବୁଦ୍ଧିର ବାଚକ		
୬ । ୨୧	ବୁଦ୍ଧିଗ୍ରାହ୍ୟମ୍	ସୁଖମାତ୍ୟନ୍ତିକଂ.
(୬) ସମଷ୍ଟି ବୁଦ୍ଧି(ମହତ୍ତତ୍ତ୍ୱ)ର ବାଚକ		
୭ । ୪	ବୁଦ୍ଧିଃ	ଭୂମିରାପୋଽନଲୋ.
୧୩ । ୫	ବୁଦ୍ଧିଃ	ମହାଭୂତାନ୍ୟହଂକାରୋ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ

୪୩. ବ୍ରହ୍ମ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ନିର୍ଗୁଣନିରାକାରର ବାଚକ		
୨ । ୭୨	ବ୍ରହ୍ମନିର୍ବାଣମ୍	ଏଷା ବ୍ରାହ୍ମୀ ସ୍ଥିତିଃ.
୪ । ୨୫	ବ୍ରହ୍ମାଗ୍ନୌ	ଦୈବମେବାପରେ.
୪ । ୩୧	ବ୍ରହ୍ମ	ଯଜ୍ଞଶିଷ୍ଟାମୃତଭୁଜୋ.
୫ । ୬	ବ୍ରହ୍ମ	ସଂନ୍ୟାସସ୍ତୁ ମହାବାହୋ.
୫ । ୧୯	ବ୍ରହ୍ମ; ବ୍ରହ୍ମଣି	ଇହୈବ ତୈର୍ଜିତଃ.
୫ । ୨୦	ବ୍ରହ୍ମବିଦ୍; ବ୍ରହ୍ମଣି	ନ ପ୍ରହୃଷ୍ୟେତ୍ପ୍ରିୟଂ.
୫ । ୨୧	ବ୍ରହ୍ମଯୋଗଯୁକ୍ତାତ୍ମା	ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା.
୫ । ୨୪	ବ୍ରହ୍ମନିର୍ବାଣମ୍; ବ୍ରହ୍ମଭୂତଃ	ଯୋଽନ୍ତଃସୁଖୋଽନ୍ତରା.
୫ । ୨୫	ବ୍ରହ୍ମନିର୍ବାଣମ୍	ଲଭନ୍ତେ ବ୍ରହ୍ମନିର୍ବାଣ.
୫ । ୨୬	ବ୍ରହ୍ମନିର୍ବାଣମ୍	କାମକ୍ରୋଧବିଯୁକ୍ତାନାଂ.
୬ । ୨୭	ବ୍ରହ୍ମଭୂତମ୍	ପ୍ରଶାନ୍ତମନସଂ ହ୍ୟେନଂ.
୬ । ୨୮	ବ୍ରହ୍ମସଂସ୍ପର୍ଶମ୍	ଯୁଞ୍ଜନ୍ନେବଂ ସଦାତ୍ମାନଂ.
୭ । ୨୯	ବ୍ରହ୍ମ	ଜରାମରଣମୋକ୍ଷାୟ.
୮ । ୧	ବ୍ରହ୍ମ	କିଂ ତଦ୍ବ୍ରହ୍ମ.
୮ । ୩	ବ୍ରହ୍ମ	ଅକ୍ଷରଂ ବ୍ରହ୍ମ ପରମଂ.
୮ । ୨୪	ବ୍ରହ୍ମ; ବ୍ରହ୍ମବିଦଃ	ଅଗ୍ନିର୍ଜ୍ୟୋତିରହଃ.
୧୩ । ୧୨	ବ୍ରହ୍ମ	ଜ୍ଞେୟଂ ଯତ୍ତତ୍ପ୍ରବକ୍ଷ୍ୟାମି.
୧୩ । ୩୦	ବ୍ରହ୍ମ	ଯଦା ଭୂତପୃଥଗ୍ଭାବଂ.
୧୪ । ୨୬	ବ୍ରହ୍ମଭୂୟାୟ	ମାଂ ଚ ଯୋଽବ୍ୟଭିଚାରେଣ.
୧୪ । ୨୭	ବ୍ରହ୍ମଣଃ	ବ୍ରହ୍ମଣୋ ହି ପ୍ରତିଷ୍ଠା.
୧୮ । ୫୦	ବ୍ରହ୍ମ	ସିଦ୍ଧିଂ ପ୍ରାପ୍ତୋ ଯଥା.
୧୮ । ୫୩	ବ୍ରହ୍ମଭୂୟାୟ	ଅହଂକାରଂ ବଲଂ ଦର୍ପଂ.
୧୮ । ୫୪	ବ୍ରହ୍ମଭୂତଃ	ବ୍ରହ୍ମଭୂତଃ ପ୍ରସନ୍ନାତ୍ମା.
(୨) ସଗୁଣନିରାକାରର ବାଚକ		
୩ । ୧୫	ବ୍ରହ୍ମ	କର୍ମ ବ୍ରହ୍ମୋଦ୍ଭବଂ.
୪ । ୨୪	ବ୍ରହ୍ମାର୍ପଣମ୍; ବ୍ରହ୍ମହବିଃ; ବ୍ରହ୍ମାଗ୍ନୌ; ବ୍ରହ୍ମଣା; ବ୍ରହ୍ମୈବ; ବ୍ରହ୍ମକର୍ମସମାଧିନା	ବ୍ରହ୍ମାର୍ପଣଂ ବ୍ରହ୍ମ.
୬ । ୩୮	ବ୍ରହ୍ମଣଃ	କଚ୍ଚିନ୍ନୋଭୟବିଭ୍ରଷ୍ଟ.
୧୭ । ୨୩	ବ୍ରହ୍ମଣଃ	ଓଁ ତତ୍ସଦିତି.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୩) ସଗୁଣସାକାରର ବାଚକ		
୫ । ୧୦	ବ୍ରହ୍ମଣି	ବ୍ରହ୍ମଣ୍ୟାଧାୟ.
୧୦ । ୧୨	ବ୍ରହ୍ମ	ପରଂ ବ୍ରହ୍ମ ପରଂ.
(୪) ବେଦର ବାଚକ		
୩ । ୧୫	ବ୍ରହ୍ମୋଦ୍ଭବମ୍; ବ୍ରହ୍ମ	କର୍ମ ବ୍ରହ୍ମୋଦ୍ଭବଂ.
୪ । ୩୨	ବ୍ରହ୍ମଣଃ	ଏବଂ ବହୁବିଧା.
୬ । ୪୪	ଶବ୍ଦବ୍ରହ୍ମ	ପୂର୍ବାଭ୍ୟାସେନ.
୧୭ । ୨୪	ବ୍ରହ୍ମବାଦିନାମ୍	ତସ୍ମାଦୋମିତ୍ୟୁଦା.
(୫) ପ୍ରଣବର ବାଚକ		
୮ । ୧୩	ବ୍ରହ୍ମ	ଓମିତ୍ୟେକାକ୍ଷରଂ.
(୬) ବ୍ରହ୍ମାଙ୍କର ବାଚକ		
୮ । ୧୬	ଆବ୍ରହ୍ମଭୁବନାଦ୍	ଆବ୍ରହ୍ମଭୁବନାଲ୍ଲୋକାଃ.
୮ । ୧୭	ବ୍ରହ୍ମଣଃ	ସହସ୍ରଯୁଗପର୍ଯ୍ୟନ୍ତ.
୧୧ । ୧୫	ବ୍ରହ୍ମାଣମ୍	ପଶ୍ୟାମି ଦେବାଂସ୍ତବ.
୧୧ । ୩୭	ବ୍ରହ୍ମଣଃ	କସ୍ମାଚ୍ଚ ତେ ନ.
(୭) ମୂଳ ପ୍ରକୃତିର ବାଚକ		
୧୪ । ୩	ବ୍ରହ୍ମ	ମମ ଯୋନିର୍ମହଦ୍ବ୍ରହ୍ମ.
୧୪ । ୪	ବ୍ରହ୍ମ	ସର୍ବଯୋନିଷୁ କୌନ୍ତେୟ.
(୮) ବ୍ରାହ୍ମଣର ବାଚକ		
୧୮ । ୪୨	ବ୍ରହ୍ମକର୍ମ	ଶମୋ ଦମସ୍ତପଃ.

୪୪. ବ୍ରାହ୍ମଣ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ବ୍ରହ୍ମଜ୍ଞାନୀଙ୍କର ବାଚକ		
୨ । ୪୬	ବ୍ରାହ୍ମଣସ୍ୟ	ଯାବାନର୍ଥ ଉଦପାନେ.
(୨) ବିପ୍ର(ବ୍ରାହ୍ମଣ)ଙ୍କର ବାଚକ		
୫ । ୧୮	ବ୍ରାହ୍ମଣେ	ବିଦ୍ୟାବିନୟସମ୍ପନ୍ନେ.
୯ । ୩୩	ବ୍ରାହ୍ମଣାଃ	କିଂ ପୁନର୍ବ୍ରାହ୍ମଣାଃ.
୧୭ । ୨୩	ବ୍ରାହ୍ମଣାଃ	ଓଁ ତତ୍ସଦିତି.
୧୮ । ୪୧	ବ୍ରାହ୍ମଣକ୍ଷତ୍ରିୟବିଶାମ୍	ବ୍ରାହ୍ମଣକ୍ଷତ୍ରିୟବିଶାଂ.

୪୫. ଭାବ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ସତ୍ତାର ବାଚକ		
୨ । ୧୬	ଭାବଃ	ନାସତୋ ବିଦ୍ୟତେ.
୮ । ୩	ଭୂତଭାବୋଦ୍ଭବକରଃ	ଅକ୍ଷରଂ ବ୍ରହ୍ମ ପରମଂ.
୧୦ । ୧୧	ଆତ୍ମଭାବସ୍ଥଃ	ତେଷାମେବାନୁକମ୍ପାର୍ଥ.
୧୭ । ୨୬	ସଦ୍ଭାବେ	ସଦ୍ଭାବେ ସାଧୁଭାବେ.
୧୮ । ୨୦	ଭାବମ୍	ସର୍ବଭୂତେଷୁ ଯେନୈକଂ.
୧୮ । ୨୧	ନାନାଭାବାନ୍	ପୃଥକ୍ତ୍ୱେନ ତୁ.
(୨) ପରମାତ୍ମାଙ୍କ ସ୍ୱରୂପର ବାଚକ		
୪ । ୧୦	ମଦ୍ଭାବମ୍	ବୀତରାଗଭୟକ୍ରୋଧା.
୭ । ୨୪	ଭାବମ୍	ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ.
୮ । ୫	ମଦ୍ଭାବମ୍	ଅନ୍ତକାଳେ ଚ.
୮ । ୨୦	ଭାବଃ	ପରସ୍ତସ୍ମାତ୍ତୁ.
୯ । ୧୧	ଭାବମ୍	ଅବଜାନନ୍ତି ମାଂ.
୧୩ । ୧୮	ମଦ୍ଭାବାୟ	ଇତି କ୍ଷେତ୍ରଂ ତଥା.
୧୪ । ୧୯	ମଦ୍ଭାବମ୍	ନାନ୍ୟଂ ଗୁଣେଭ୍ୟଃ.
(୩) ଗୁଣ, ପଦାର୍ଥ ଓ କ୍ରିୟାର ବାଚକ		
୭ । ୧୨	ଭାବାଃ	ଯେ ଚୈବ ସାତ୍ତ୍ୱିକା.
୭ । ୧୩	ଭାବୈଃ	ତ୍ରିଭିର୍ଗୁଣମୟୈର୍ଭାବୈ.
୮ । ୪	ଭାବଃ	ଅଧିଭୂତଂ କ୍ଷରୋ.
(୪) ସ୍ୱଭାବର ବାଚକ		
୭ । ୧୫	ଭାବମ୍	ନ ମାଂ ଦୁଷ୍କୃତିନୋ.
(୫) ପ୍ରାଣୀ, ପଦାର୍ଥ ପ୍ରଭୃତିର ବାଚକ		
୮ । ୬	ଭାବମ୍; ତଦ୍ଭାବଭାବିତଃ	ଯଂ ଯଂ ବାପି.
୧୦ । ୧୭	ଭାବେଷୁ	କଥଂ ବିଦ୍ୟାମହଂ.
(୬) ମନୋବୃତ୍ତି(ଭାବନା)ର ବାଚକ		
୧୦ । ୫	ଭାବାଃ	ଅହିଂସା ସମତା.
୧୭ । ୧୬	ଭାବସଂଶୁଦ୍ଧିଃ	ମନଃପ୍ରସାଦଃ.
୧୭ । ୨୬	ସାଧୁଭାବେ	ସଦ୍ଭାବେ ସାଧୁଭାବେ.
୧୮ । ୧୭	ଭାବଃ	ଯସ୍ୟ ନାହଂକୃତୋ.
(୭) ଶ୍ରଦ୍ଧା ଓ ପ୍ରେମର ବାଚକ		
୧୦ । ୬	ମଦ୍ଭାବାଃ	ମହର୍ଷୟଃ ସପ୍ତ ପୂର୍ବେ.
୧୦ । ୮	ଭାବସମନ୍ୱିତାଃ	ଅହଂ ସର୍ବସ୍ୟ.
(୮) ପ୍ରାଣୀମାନଙ୍କ ଶରୀର ପ୍ରଭୃତିର ବାଚକ		
୧୩ । ୩୦	ଭୂତପୃଥଗ୍ଭାବମ୍	ଯଦା ଭୂତପୃଥଗ୍ଭାବ.

୪୬. ଭୂତ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ମନୁଷ୍ୟଙ୍କର ବାଚକ		
୨ । ୬୯	ସର୍ବଭୂତାନାମ୍; ଭୂତାନି	ଯା ନିଶା ସର୍ବଭୂତାନାଂ.
୭ । ୧୧	ଭୂତେଷୁ	ବଲଂ ବଲବତାଂ.
୧୦ । ୫	ଭୂତାନାମ୍	ଅହିଂସା ସମତା.
(୨) 'ହେବା'ର ବାଚକ		
୫ । ୭	(ସର୍ବଭୂତାତ୍ମ-) ଭୂତାତ୍ମା	ଯୋଗଯୁକ୍ତୋବିଶୁଦ୍ଧାତ୍ମା.
୫ । ୨୪	ବ୍ରହ୍ମଭୂତଃ	ଯୋଽନ୍ତଃସୁଖୋଽ.
୬ । ୨୭	ବ୍ରହ୍ମଭୂତମ୍	ପ୍ରଶାନ୍ତମନସଂ.
୭ । ୫	ଜୀବଭୂତାମ୍	ଅପରେୟମିତସ୍ତ୍ୱନ୍ୟାଂ.
୧୫ । ୭	ଜୀବଭୂତଃ	ମମୈବାଂଶୋ ଜୀବଲୋକେ.
୧୮ । ୫୪	ବ୍ରହ୍ମଭୂତଃ	ପ୍ରସନ୍ନାତ୍ମା.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୩) ସମଗ୍ର ସୃଷ୍ଟିର ବାଚକ		
୮।୨୨	ଭୂତାନି	ପୁରୁଷଃ ସ ପରଃ.
୯।୪	ସର୍ବଭୂତାନି	ମୟା ତତମିଦଂ.
୯।୫	ଭୂତାନି; ଭୂତଭୃତ୍; ଭୂତସ୍ଥଃ; ଭୂତଭାବନଃ;	ନ ଚ ମତ୍‌ସ୍ଥାନି.
୯।୬	ଭୂତାନି	ଯଥାକାଶସ୍ଥିତୋ.
(୪) ପ୍ରାଣୀମାନଙ୍କ ଶରୀରର ବାଚକ		
୮।୨୦	ଭୂତେଷୁ	ପରସ୍ତସ୍ମାତ୍ତୁ.
୧୫।୧୬	ଭୂତାନି	ଦ୍ୱାବିମୌ ପୁରୁଷୌ.
୧୭।୬	ଭୂତଗ୍ରାମମ୍	କର୍ଷୟନ୍ତଃ ଶରୀରସ୍ଥଂ.
(୫) ଭୂତପ୍ରେତଙ୍କର ବାଚକ		
୯।୨୫	ଭୂତାନି	ଯାନ୍ତି ଦେବବ୍ରତା.
୧୭।୪	ଭୂତଗଣାନ୍	ଯଜନ୍ତେ ସାତ୍ତ୍ୱିକା.
(୬) ପଞ୍ଚମହାଭୂତର ବାଚକ		
୧୩।୫	ମହାଭୂତାନି	ମହାଭୂତାନ୍ୟହଂକାରୋ.
୧୩।୩୪	ଭୂତପ୍ରକୃତିମୋକ୍ଷମ୍	କ୍ଷେତ୍ରକ୍ଷେତ୍ରଜ୍ଞୟୋରେବ.
(୭) ମନୁଷ୍ୟ, ଦେବତା, ଅସୁର, ଯକ୍ଷ, ରାକ୍ଷସ ପ୍ରଭୃତିଙ୍କର ବାଚକ		
୨।୩୪	ଭୂତାନି*	ଅକୀର୍ତ୍ତିଂ ଚାପି.
(୮) ପ୍ରାଣୀମାନଙ୍କର ବାଚକ		
୨।୨୮	ଭୂତାନି	ଅବ୍ୟକ୍ତାଦୀନି ଭୂତାନି.
୨।୩୦	ଭୂତାନି	ଦେହୀ ନିତ୍ୟମବଧ୍ୟୋ.
୩।୧୪	ଭୂତାନି	ଅନ୍ନାଦ୍‌ଭବନ୍ତି.
୩।୧୮	ସର୍ବଭୂତେଷୁ	ନୈବ ତସ୍ୟ କୃତେନାର୍ଥୋ.
୩।୩୩	ଭୂତାନି	ସଦୃଶଂ ଚେଷ୍ଟତେ.
୪।୬	ଭୂତାନାମ୍	ଅଜୋଽପି ସନ୍ନବ୍ୟୟାତ୍ମା.
୪।୩୫	ଭୂତାନି	ଯଜ୍‌ଜ୍ଞାତ୍ୱା ନ.
୫।୭	ସର୍ବଭୂତାତ୍ମ (-ଭୂତାତ୍ମା)	ଯୋଗଯୁକ୍ତୋ ବିଶୁଦ୍ଧାତ୍ମା.
୫।୨୫	ସର୍ବଭୂତହିତେ	ଲଭନ୍ତେ ବ୍ରହ୍ମନିର୍ବାଣଂ.
୫।୨୯	ସର୍ବଭୂତାନାମ୍	ଭୋକ୍ତାରଂ ଯଜ୍ଞତପସାଂ.
୬।୨୯	ସର୍ବଭୂତସ୍ଥମ୍; ସର୍ବଭୂତାନି	ସର୍ବଭୂତସ୍ଥମାତ୍ମାନଂ.
୬।୩୧	ସର୍ବଭୂତସ୍ଥିତମ୍	ସର୍ବଭୂତସ୍ଥିତଂ ଯୋ ମାଂ.
୭।୬	ଭୂତାନି	ଏତଦ୍‌ଯୋନୀନି ଭୂତାନି.
୭।୯	ସର୍ବଭୂତେଷୁ	ପୁଣ୍ୟୋ ଗନ୍ଧଃ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୭।୧୦	ସର୍ବଭୂତାନାମ୍	ବୀଜଂ ମାଂ ସର୍ବଭୂତାନାଂ.
୭।୨୬	ଭୂତାନି	ବେଦାହଂ ସମତୀତାନି.
୭।୨୭	ସର୍ବଭୂତାନି	ଇଚ୍ଛାଦ୍ୱେଷସମୁତ୍ଥେନ.
୮।୩	ଭୂତଭାବୋ-ଦ୍ଭବକରଃ	ଅକ୍ଷରଂ ବ୍ରହ୍ମ ପରମଂ.
୮।୧୯	ଭୂତଗ୍ରାମଃ	ଭୂତଗ୍ରାମଃ ସ ଏବାୟଂ.
୯।୭	ସର୍ବଭୂତାନି	ସର୍ବଭୂତାନି କୌନ୍ତେୟ.
୯।୮	ଭୂତଗ୍ରାମମ୍	ପ୍ରକୃତିଂ ସ୍ୱାମବଷ୍ଟଭ୍ୟ.
୯।୧୧	ଭୂତମହେଶ୍ୱରମ୍	ଅବଜାନନ୍ତି ମାଂ.
୯।୧୩	ଭୂତାଦିମ୍	ମହାତ୍ମାନସ୍ତୁ ମାଂ.
୯।୨୯	ସର୍ବଭୂତେଷୁ	ସମୋଽହଂ ସର୍ବଭୂତେଷୁ.
୧୦।୧୫	ଭୂତଭାବନ; ଭୂତେଶ	ସ୍ୱୟମେବାତ୍ମନାତ୍ମାନଂ.
୧୦।୨୦	ସର୍ବଭୂତାଶୟସ୍ଥିତଃ; ଭୂତାନାମ୍	ଅହମାତ୍ମା ଗୁଡାକେଶ.
୧୦।୨୨	ଭୂତାନାମ୍	ବେଦାନାଂ ସାମବେଦୋଽସ୍ମି.
୧୦।୩୯	ସର୍ବଭୂତାନାମ୍; ଭୂତମ୍	ଯଚ୍ଚାପି ସର୍ବଭୂତାନାଂ.
୧୧।୨	ଭୂତାନାମ୍	ଭବାପ୍ୟୟୌ ହି.
୧୧।୧୫	ଭୂତବିଶେଷ-ସଙ୍ଘାନ୍	ପଶ୍ୟାମି ଦେବାଂସ୍ତବ.
୧୧।୫୫	ସର୍ବଭୂତେଷୁ	ମତ୍କର୍ମକୃନ୍ମତ୍ପରମୋ.
୧୨।୪	ସର୍ବଭୂତହିତେ	ସଂନିୟମ୍ୟେନ୍ଦ୍ରିୟଗ୍ରାମଂ.
୧୨।୧୩	ସର୍ବଭୂତାନାମ୍	ଅଦ୍ୱେଷ୍ଟା ସର୍ବଭୂତାନାଂ.
୧୩।୧୫	ଭୂତାନାମ୍	ବହିରନ୍ତଶ୍ଚ ଭୂତାନାଂ.
୧୩।୧୬	ଭୂତେଷୁ; ଭୂତଭର୍ତ୍ତୃ	ଅବିଭକ୍ତଂ ଚ.
୧୩।୨୭	ଭୂତେଷୁ	ସମଂ ସର୍ବେଷୁ.
୧୩।୩୦	ଭୂତପୃଥଗ୍‌ଭାବମ୍	ଯଦା ଭୂତପୃଥଗ୍‌ଭାବ.
୧୪।୩	ସର୍ବଭୂତାନାମ୍	ମମ ଯୋନିର୍ମହଦ୍‌ବ୍ରହ୍ମ.
୧୫।୧୩	ଭୂତାନି	ଗାମାବିଶ୍ୟ ଚ.
୧୬।୨	ଭୂତେଷୁ	ଅହିଂସା ସତ୍ୟମକ୍ରୋଧ.
୧୬।୬	ଭୂତସର୍ଗୌ	ଦ୍ୱୌ ଭୂତସର୍ଗୌ.
୧୮।୨୦	ସର୍ବଭୂତେଷୁ	ସର୍ବଭୂତେଷୁ ଯେନୈକଂ.
୧୮।୨୧	ଭୂତେଷୁ	ପୃଥକ୍ତ୍ୱେନ ତୁ.

* ମନୁଷ୍ୟ, ଦେବତା ପ୍ରଭୃତି ହିଁ ଅର୍ଜୁନଙ୍କର ଅପକୀର୍ତ୍ତି ବଖାଣ କରି ପାରନ୍ତି, ପଶୁପକ୍ଷୀଙ୍କ ଦ୍ୱାରା ଏହା ସମ୍ଭବ ନୁହେଁ। ଏଣୁ ଏଠାରେ ଭୂତାନି ପଦରେ ମନୁଷ୍ୟ, ଦେବତା ପ୍ରଭୃତିଙ୍କୁ ଗ୍ରହଣ କରିବା ଦରକାର।

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୮।୪୬	ଭୂତାନାମ୍	ଯତଃ ପ୍ରବୃତ୍ତିର୍ଭୂତାନାଂ.
୧୮।୫୪	ଭୂତେଷୁ	ବ୍ରହ୍ମଭୂତଃ ପ୍ରସନ୍ନାତ୍ମା.
୧୮।୬୧	ସର୍ବଭୂତାନାମ୍; ସର୍ବଭୂତାନି	ଈଶ୍ୱରଃ ସର୍ବଭୂତାନାଂ.

୪୭. ମନ

(୧) ଅନ୍ତଃକରଣର ବାଚକ

୧।୩୦	ମନଃ	ଗାଣ୍ଡୀବଂ ସ୍ରଂସତେ.
୫।୧୩	ମନସା	ସର୍ବକର୍ମାଣି ମନସା.
୫।୧୯	ମନଃ	ଇହୈବ ତୈର୍ଜିତଃ.

(୨) ସମଷ୍ଟି ମନର ବାଚକ

୭।୪	ମନଃ	ଭୂମିରାପୋଽନଲୋ.

(୨) ଅନ୍ତଃକରଣର ମନୋବୃତ୍ତିର ବାଚକ

୨।୬୦	ମନଃ	ଯତତୋ ହ୍ୟପି.
୨।୬୭	ମନଃ	ଇନ୍ଦ୍ରିୟାଣାଂ ହି.
୩।୬	ମନସା	କର୍ମେନ୍ଦ୍ରିୟାଣି ସଂଯମ୍ୟ.
୩।୭	ମନସା	ଯସ୍ତ୍ୱିନ୍ଦ୍ରିୟାଣି.
୩।୪୦	ମନଃ	ଇନ୍ଦ୍ରିୟାଣି ମନୋ.
୩।୪୨	ମନଃ; ମନସଃ	ଇନ୍ଦ୍ରିୟାଣି ପରାଣ୍ୟାହୁଃ.
୫।୧୧	ମନସା	କାୟେନ ମନସା.
୫।୨୮	ଯତେନ୍ଦ୍ରିୟମନୋବୁଦ୍ଧିଃ	ଯତେନ୍ଦ୍ରିୟମନୋବୁଦ୍ଧିଃ.
୬।୧୨	ମନଃ	ତତ୍ରୈକାଗ୍ରଂ ମନଃ.
୬।୧୪	ମନଃ	ପ୍ରଶାନ୍ତାତ୍ମା ବିଗତଭୀ.
୬।୨୪	ମନସା	ସଂକଳ୍ପପ୍ରଭବାନ୍.
୬।୨୫	ମନଃ	ଶନୈଃ ଶନୈରୁପରମେଦ୍.
୬।୨୬	ମନଃ	ଯତୋ ଯତୋ ନିଶ୍ଚରତି.
୬।୨୭	ପ୍ରଶାନ୍ତମନସମ୍	ପ୍ରଶାନ୍ତମନସଂ ହ୍ୟେନଂ.
୬।୩୪	ମନଃ	ଚଞ୍ଚଳଂ ହି ମନଃ.
୬।୩୫	ମନଃ	ଅସଂଶୟଂ ମହାବାହୋ.
୮।୭	ଅର୍ପିତମନୋବୁଦ୍ଧିଃ	ତସ୍ମାତ୍ ସର୍ବେଷୁ କାଳେଷୁ.
୮।୧୦	ମନସା	ପ୍ରୟାଣକାଳେ ମନସା.
୮।୧୨	ମନଃ	ସର୍ବଦ୍ୱାରାଣି ସଂଯମ୍ୟ.
୯।୩୪	ମନ୍ମନାଃ	ମନ୍ମନା ଭବ.
୧୦।୨୨	ମନଃ	ବେଦାନାଂ ସାମବେଦୋଽସ୍ମି.
୧୧।୪୫	ମନଃ	ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି.
୧୨।୨	ମନଃ	ମୟ୍ୟାବେଶ୍ୟ ମନୋ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୨।୮	ମନଃ	ମୟ୍ୟେବ ମନ.
୧୨।୧୪	ଅର୍ପିତମନୋବୁଦ୍ଧିଃ	ସନ୍ତୁଷ୍ଟଃ ସତତଂ.
୧୫।୭	ମନଃଷଷ୍ଠାନି	ମମୈବାଂଶୋ ଜୀବଲୋକେ.
୧୫।୯	ମନଃ	ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ.
୧୭।୧୧	ମନଃ	ଅଫଳାକାଙ୍କ୍ଷିଭିର୍ଯଜ୍ଞୋ.
୧୭।୧୬	ମନଃପ୍ରସାଦଃ	ମନଃପ୍ରସାଦଃ ସୌମ୍ୟତ୍ୱଂ.
୧୮।୩୩	ମନଃପ୍ରାଣେନ୍ଦ୍ରିୟକ୍ରିୟାଃ	ଧୃତ୍ୟା ଯୟା ଧାରୟତେ.
୧୮।୬୫	ମନ୍ମନାଃ	ମନ୍ମନା ଭବ.

୪୮. ମହାତ୍ମା

(୧) ପ୍ରେମୀ ଭକ୍ତମାନଙ୍କର ବାଚକ

୭।୧୯	ମହାତ୍ମା	ବହୂନାଂ ଜନ୍ମନାମନ୍ତେ.
୮।୧୫	ମହାତ୍ମାନଃ	ମାମୁପେତ୍ୟ ପୁନର୍ଜନ୍ମ.
୧୮।୭୪	ମହାତ୍ମନଃ	ଇତ୍ୟହଂ ବାସୁଦେବସ୍ୟ.

(୨) ସାଧକ ଭକ୍ତମାନଙ୍କର ବାଚକ

୯।୧୩	ମହାତ୍ମାନଃ	ମହାତ୍ମାନସ୍ତୁ ମାଂ.

(୩) ବିରାଟରୂପ ଭଗବାନଙ୍କର ବାଚକ

୧୧।୧୨	ମହାତ୍ମନଃ	ଦିବି ସୂର୍ଯ୍ୟସହସ୍ରସ୍ୟ.
୧୧।୨୦	ମହାତ୍ମନ୍	ଦ୍ୟାବାପୃଥିବ୍ୟୋରିଦମନ୍ତରଂ.
୧୧।୩୭	ମହାତ୍ମନ୍	କସ୍ମାଚ୍ଚ ତେ ନ.

(୪) ଭଗବାନ ଶ୍ରୀକୃଷ୍ଣଙ୍କର ବାଚକ

୧୧।୫୦	ମହାତ୍ମା	ଇତ୍ୟର୍ଜୁନଂ ବାସୁଦେବ.

୪୯. ମୌନ

(୧) ବାକ୍ସଂଯମର ବାଚକ

୧୦।୩୮	ମୌନମ୍	ଦଣ୍ଡୋ ଦମୟତାମସ୍ମି.

(୨) ମନନଶୀଳତାର ବାଚକ

୧୭।୧୬	ମୌନମ୍	ମନଃପ୍ରସାଦଃ

୫୦. ଯଜ୍ଞ

(୧) କର୍ତ୍ତବ୍ୟକର୍ମର ବାଚକ

୩।୯	ଯଜ୍ଞାର୍ଥାତ୍	ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର.
୩।୧୦	ସହଯଜ୍ଞାଃ	ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା.
୩।୧୨	ଯଜ୍ଞଭାବିତାଃ	ଇଷ୍ଟାନ୍ ଭୋଗାନ୍ ହି.
୩।୧୩	ଯଜ୍ଞଶିଷ୍ଟାଶିନଃ	ଯଜ୍ଞଶିଷ୍ଟାଶିନଃ ସନ୍ତୋ.
୩।୧୪	ଯଜ୍ଞାତ୍; ଯଜ୍ଞଃ	ଅନ୍ନାଦ୍ଭବନ୍ତି.
୩।୧୫	ଯଜ୍ଞେ	କର୍ମ ବ୍ରହ୍ମୋଦ୍ଭବଂ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୪ । ୨୩	ଯଜ୍ଞାୟ	ଗତସଙ୍ଗସ୍ୟ.
୪ । ୨୮	ଯୋଗଯଜ୍ଞାଃ	ଦ୍ରବ୍ୟଯଜ୍ଞାସ୍ତପୋ.
୪ । ୩୧	ଯଜ୍ଞଶିଷ୍ଟାମୃତଭୁଜଃ	ଯଜ୍ଞଶିଷ୍ଟାମୃତଭୁଜୋ.
୧୬ । ୧	ଯଜ୍ଞଃ	ଅଭୟଂ ସତ୍ତ୍ୱସଂଶୁଦ୍ଧି.
(୨) ଅର୍ପଣର ବାଚକ		
୪ । ୨୫(ପୂର୍ବାର୍ଦ୍ଧ)	ଯଜ୍ଞମ୍	ଦୈବମେବାପରେ.
(୩) ଜୀବାତ୍ମାର ବାଚକ		
୪ । ୨୫(ଉତ୍ତରାର୍ଦ୍ଧ)	ଯଜ୍ଞମ୍	ଦୈବମେବାପରେ.
(୪) ବିବେକ ଓ ବିଶ୍ୱରର ବାଚକ		
୪ । ୨୫	ଯଜ୍ଞେନ	ଦୈବମେବାପରେ.
୪ । ୩୩	ଜ୍ଞାନଯଜ୍ଞଃ	ଶ୍ରେୟାନ୍‌ଦ୍ରବ୍ୟମୟା.
(୫) ଦାନ ଆଦିର ବାଚକ		
୪ । ୨୮	ଦ୍ରବ୍ୟଯଜ୍ଞାଃ	ଦ୍ରବ୍ୟଯଜ୍ଞାସ୍ତପୋ.
୪ । ୩୩	ଯଜ୍ଞାତ୍	ଶ୍ରେୟାନ୍‌ଦ୍ରବ୍ୟମୟା.
(୬) ସ୍ୱାଧ୍ୟାୟର ବାଚକ		
୪ । ୨୮	ସ୍ୱାଧ୍ୟାୟଜ୍ଞାନଯଜ୍ଞାଃ	ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା.
୧୮ । ୭୦	ଜ୍ଞାନଯଜ୍ଞେନ	ଅଧ୍ୟେଷ୍ୟତେ ଚ ଯ.
(୭) ସହନଶୀଳତାର ବାଚକ		
୪ । ୨୮	ତପୋଯଜ୍ଞାଃ	ଦ୍ରବ୍ୟଯଜ୍ଞାସ୍ତପୋ.
(୮) ସାଧନାର ବାଚକ		
୪ । ୩୦	ଯଜ୍ଞବିଦଃ; ଯଜ୍ଞକ୍ଷପିତକଳ୍ମଷାଃ	ଅପରେ ନିୟତାହାରାଃ.
୪ । ୩୨	ଯଜ୍ଞାଃ	ଏବଂ ବହୁବିଧା.
୧୦ । ୨୫	ଯଜ୍ଞାନାମ୍	ମହର୍ଷୀଣାଂ ଭୃଗୁରହଂ.
(୯) ହୋମ ଆଦିର ବାଚକ		
୫ । ୨୯	ଯଜ୍ଞତପସାମ୍	ଭୋକ୍ତାରଂ ଯଜ୍ଞତପସାଂ.
୮ । ୨୮	ଯଜ୍ଞେଷୁ	ବେଦେଷୁ ଯଜ୍ଞେଷୁ.
୯ । ୧୬	ଯଜ୍ଞଃ	ଅହଂ କ୍ରତୁରହଂ.
୯ । ୨୦	ଯଜ୍ଞୈଃ	ତ୍ରୈବିଦ୍ୟା ମାଂ.
୧୧ । ୪୮	ବେଦଯଜ୍ଞାଧ୍ୟୟନୈଃ	ନ ବେଦଯଜ୍ଞାଧ୍ୟୟନୈ.
୧୭ । ୭	ଯଜ୍ଞଃ	ଅହାରସ୍ତ୍ୱପି.
୧୭ । ୧୧	ଯଜ୍ଞଃ	ଅଫଳାକାଙ୍କ୍ଷିଭି.
୧୭ । ୧୨	ଯଜ୍ଞମ୍	ଅଭିସନ୍ଧାୟ ତୁ.
୧୭ । ୧୩	ଯଜ୍ଞମ୍	ବିଧିହୀନମସୃଷ୍ଟାନ୍ନଂ.
୧୭ । ୨୩	ଯଜ୍ଞାଃ	ଓଁ ତତ୍ସଦିତି.
୧୭ । ୨୪	ଯଜ୍ଞଦାନତପଃକ୍ରିୟାଃ	ତସ୍ମାଦୋମିତ୍ୟୁଦା.
୧୭ । ୨୫	ଯଜ୍ଞତପଃକ୍ରିୟାଃ	ତଦିତ୍ୟନଭିସନ୍ଧାୟ.
୧୭ । ୨୭	ଯଜ୍ଞେ	ଯଜ୍ଞେ ତପସି.
୧୮ । ୩	ଯଜ୍ଞଦାନତପଃକର୍ମ	ତ୍ୟାଜ୍ୟଂ ଦୋଷବଦିତ୍ୟେକେ.
୧୮ । ୫	ଯଜ୍ଞଦାନତପଃକର୍ମ; ଯଜ୍ଞଃ	ଯଜ୍ଞଦାନତପଃକର୍ମ ନ.
(୧୦) ନାମଜପର ବାଚକ		
୧୦ । ୨୫	ଜପଯଜ୍ଞଃ	ମହର୍ଷୀଣାଂ ଭୃଗୁରହଂ.
(୧୧) ଲୋକ ଦେଖାଣିଆ କାର୍ଯ୍ୟର ବାଚକ		
୧୬ । ୧୭	ନାମଯଜ୍ଞୈଃ	ଆତ୍ମସମ୍ଭାବିତାଃ.

୫୧. ଯୁକ୍ତ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ସହିତ (ସମ୍ମିଳ)ର ବାଚକ		
୧ । ୧୪	ଯୁକ୍ତେ	ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ.
୨ । ୫୦	ବୁଦ୍ଧିଯୁକ୍ତଃ	ବୁଦ୍ଧିଯୁକ୍ତୋ ଜହାତୀହ.
୨ । ୫୧	ବୁଦ୍ଧିଯୁକ୍ତାଃ	କର୍ମଜଂ ବୁଦ୍ଧିଯୁକ୍ତା.
୫ । ୬	ଯୋଗଯୁକ୍ତଃ	ସଂନ୍ୟାସସ୍ତୁ ମହାବାହୋ.
୫ । ୭	ଯୋଗଯୁକ୍ତଃ	ଯୋଗଯୁକ୍ତୋ ବିଶୁଦ୍ଧାତ୍ମା
୭ । ୨୨	ଯୁକ୍ତଃ	ସ ତୟା ଶ୍ରଦ୍ଧୟା.
୮ । ୮	ଅଭ୍ୟାସଯୋଗଯୁକ୍ତେନ	ଅଭ୍ୟାସଯୋଗଯୁକ୍ତେନ.
୮ । ୧୦	ଯୁକ୍ତଃ	ପ୍ରୟାଣକାଳେ ମନସା.
୯ । ୨୮	ସଂନ୍ୟାସଯୋଗଯୁକ୍ତାତ୍ମା*	ଶୁଭାଶୁଭଫଳୈରେବଂ.
୧୫ । ୧୪	ପ୍ରାଣାପାନସମାଯୁକ୍ତଃ	ଅହଂ ବୈଶ୍ୱାନରୋ.
୧୭ । ୧୭	ଯୁକ୍ତୈଃ	ଶ୍ରଦ୍ଧୟା ପରୟା ତପ୍ତଂ.
୧୮ । ୫୧	ଯୁକ୍ତଃ	ବୁଦ୍ଧ୍ୟା ବିଶୁଦ୍ଧୟା.
(୨) ସଂଲଗ୍ନର ବାଚକ		
୨ । ୩୯	ଯୁକ୍ତଃ	ଏଷା ତେଽଭିହିତା.
୬ । ୨୯	ଯୋଗଯୁକ୍ତାତ୍ମା	ସର୍ବଭୂତସମାତ୍ମାନଂ.
୭ । ୧୭	ନିତ୍ୟଯୁକ୍ତଃ	ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ.
୭ । ୧୮	ଯୁକ୍ତାତ୍ମା	ଉଦାରାଃ ସର୍ବେ.
୭ । ୩୦	ଯୁକ୍ତଚେତସଃ	ସାଧିଭୂତାଧିଦୈବଂ.
୮ । ୧୪	ନିତ୍ୟଯୁକ୍ତସ୍ୟ	ଅନନ୍ୟଚେତାଃ ସତତଂ.
୮ । ୨୭	ଯୋଗଯୁକ୍ତଃ	ନୈତେ ସୃତୀ ପାର୍ଥ.
୯ । ୧୪	ନିତ୍ୟଯୁକ୍ତାଃ	ସତତଂ କୀର୍ତୟନ୍ତୋ.
୯ । ୨୨	ନିତ୍ୟାଭିଯୁକ୍ତାନାମ୍	ଅନନ୍ୟାଶ୍ଚିନ୍ତୟନ୍ତୋ.
୧୦ । ୧୦	ସତତଯୁକ୍ତାନାଂ*	ତେଷାଂ ସତତଯୁକ୍ତାନାଂ.
୧୨ । ୧	ସତତଯୁକ୍ତାଃ	ଏବଂ ସତତଯୁକ୍ତା.
୧୨ । ୨	ନିତ୍ୟଯୁକ୍ତାଃ	ମୟ୍ୟାବେଶ୍ୟ ମନୋ.

* ସଂସ୍କୃତ ବିଭକ୍ତି ଅନୁସାରେ ଯଦି ସଂସ୍କୃତ ଶବ୍ଦର ଅର୍ଥ କରାଯାଏ, ତେବେ ଅନ୍ୟାନ୍ୟ ଭାଷାରେ ସ୍ଥାନେ ସ୍ଥାନେ ଠିକ୍‌ଭାବେ ବାକ୍ୟରଚନା ହୋଇପାରିବ ନାହିଁ; କାରଣ ପ୍ରତ୍ୟେକ ଭାଷାର ଏକ ସ୍ୱତନ୍ତ୍ର ଶୈଳୀ ଅଛି । ଏହି କୋଶରେ ଶବ୍ଦଗୁଡ଼ିକର ଅର୍ଥ ସଂସ୍କୃତ ବିଭକ୍ତି ଅନୁସାରେ କରିବାକୁ ଚେଷ୍ଟା କରାଯାଇଛି; ମାତ୍ର ଯେଉଁଠି ସମାସଯୁକ୍ତ ପଦ ବା ବାକ୍ୟର ଅର୍ଥ କରାଯାଇଛି, ସେଠାରେ ଓଡ଼ିଆ ବାକ୍ୟ ଅନୁସାରେ କରାଯାଇଛି ।

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୩) ସମତାରେ ସ୍ଥିତିର ବାଚକ		
୩।୨୬	ଯୁକ୍ତଃ	ନ ବୁଦ୍ଧିଭେଦଂ.
୫।୨୩	ଯୁକ୍ତଃ	ଶକ୍ନୋତୀହୈବ ଯଃ.
୬।୮	ଯୁକ୍ତଃ	ଜ୍ଞାନବିଜ୍ଞାନତୃପ୍ତାତ୍ମା.
(୪) ଯଥୋଚିତର ବାଚକ		
୬।୧୭	ଯୁକ୍ତାହାରବିହାରସ୍ୟ; ଯୁକ୍ତଚେଷ୍ଟସ୍ୟ; ଯୁକ୍ତସ୍ୱପ୍ନାବବୋଧସ୍ୟ	ଯୁକ୍ତାହାରବିହାରସ୍ୟ.
(୫) କର୍ମଯୋଗୀଙ୍କର ବାଚକ		
୨।୬୧	ଯୁକ୍ତଃ	ତାନି ସର୍ବାଣି.
୪।୧୮	ଯୁକ୍ତଃ	କର୍ମଣ୍ୟକର୍ମ ଯଃ.
୫।୧୨	ଯୁକ୍ତଃ	ଯୁକ୍ତଃ କର୍ମଫଳଂ.
(୬) ସାଂଖ୍ୟଯୋଗୀଙ୍କର ବାଚକ		
୫।୮	ଯୁକ୍ତଃ	ନୈବ କିଞ୍ଚିତ୍କରୋମୀତି.
(୭) ଧ୍ୟାନଯୋଗୀଙ୍କର ବାଚକ		
୬।୧୪	ଯୁକ୍ତଃ	ପ୍ରଶାନ୍ତାତ୍ମା ବିଗତଭୀ.
୬।୧୮	ଯୁକ୍ତଃ	ଯଦା ବିନିୟତଂ.
(୮) ଭକ୍ତିଯୋଗୀଙ୍କର ବାଚକ		
୬।୪୭	ଯୁକ୍ତତମଃ	ଯୋଗିନାମପି ସର୍ବେଷାଂ.
୧୨।୨	ଯୁକ୍ତତମାଃ	ମୟ୍ୟାବେଶ୍ୟ ମନୋ.

୫୨. ଯୋଗ

[କ] ('ଯୁଜିର୍ ଯୋଗେ' ଧାତୁରୁ ନିଷ୍ପନ୍ନ 'ଯୋଗ' ଶବ୍ଦ)

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) କର୍ମଯୋଗର ବାଚକ		
୨।୩୯	ଯୋଗେ	ଏଷା ତେଽଭିହିତା.
୪।୧	ଯୋଗମ୍	ଇମଂ ବିବସ୍ୱତେ.
୪।୨	ଯୋଗଃ	ଏବଂ ପରମ୍ପରାପ୍ରାପ୍ତ.
୪।୩୮	ଯୋଗସଂସିଦ୍ଧଃ	ନ ହି ଜ୍ଞାନେନ.
୫।୧	ଯୋଗମ୍	ସଂନ୍ୟାସଂ କର୍ମଣାଂ.
୫।୪	ସାଂଖ୍ୟଯୋଗୌ	ସାଂଖ୍ୟଯୋଗୌ ପୃଥଗ୍ବାଳାଃ.
୫।୫	ଯୋଗମ୍	ଯତ୍ସାଂଖ୍ୟୈଃ ପ୍ରାପ୍ୟତେ.
୬।୨	ଯୋଗମ୍	ଯଂ ସଂନ୍ୟାସମିତି.
(୨) ଅପ୍ରାପ୍ତର ପ୍ରାପ୍ତିର ବାଚକ		
୨।୪୫	ନିର୍ଯୋଗକ୍ଷେମଃ	ତ୍ରୈଗୁଣ୍ୟବିଷୟା ବେଦା.
୯।୨୨	ଯୋଗକ୍ଷେମମ୍	ଅନନ୍ୟାଶ୍ଚିନ୍ତୟନ୍ତୋ.
(୩) ଅନ୍ତଃକରଣର ସମତାର ବାଚକ		
୨।୪୮	ଯୋଗସ୍ଥଃ; ଯୋଗଃ	ଯୋଗସ୍ଥଃ କୁରୁ.
୨।୫୦	ଯୋଗାୟ; ଯୋଗଃ	ବୁଦ୍ଧିଯୁକ୍ତୋ ଜହାତୀହ.
୪।୨୮	ଯୋଗଯଜ୍ଞାଃ	ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା.
୪।୪୧	ଯୋଗସଂନ୍ୟସ୍ତକର୍ମାଣମ୍	ଯୋଗସଂନ୍ୟସ୍ତକର୍ମାଣଂ.
୪।୪୨	ଯୋଗମ୍	ତସ୍ମାଦଜ୍ଞାନସମ୍ଭୂତଂ.
୫।୬	ଯୋଗଯୁକ୍ତଃ	ସଂନ୍ୟାସସ୍ତୁ ମହାବାହୋ.
୫।୭	ଯୋଗଯୁକ୍ତଃ	ଯୋଗଯୁକ୍ତୋ ବିଶୁଦ୍ଧାତ୍ମା.
୬।୩	ଯୋଗମ୍; ଯୋଗାରୂଢସ୍ୟ	ଆରୁରୁକ୍ଷୋର୍ମୁନେର୍ଯୋଗଂ.
୬।୪	ଯୋଗାରୂଢଃ	ଯଦା ହି ନେନ୍ଦ୍ରିୟାର୍ଥେଷୁ.
୬।୪୪	ଯୋଗସ୍ୟ	ଜିଜ୍ଞାସୁରପି.
୮।୮	ଅଭ୍ୟାସଯୋଗଯୁକ୍ତେନ	ଅଭ୍ୟାସଯୋଗଯୁକ୍ତେନ.
୮।୨୭	ଯୋଗଯୁକ୍ତ	ନୈତେ ସୃତୀ ପାର୍ଥ.
୧୨।୯	ଅଭ୍ୟାସଯୋଗେନ	ଅଥ ଚିତ୍ତଂ ସମାଧାତୁଂ.
୧୨।୧୧	ମଦ୍ଯୋଗମ୍	ଅଥୈତଦପ୍ୟଶକ୍ତୋଽସି.
୧୬।୧	ଜ୍ଞାନଯୋଗ-ବ୍ୟବସ୍ଥିତିଃ	ଅଭୟଂ ସତ୍ତ୍ୱସଂଶୁଦ୍ଧିଃ.
୧୮।୩୩	ଯୋଗେନ	ଧୃତ୍ୟା ଯୟା.
(୪) ସାଧ୍ୟରୂପକ ସମତାର ବାଚକ		
୨।୫୩	ଯୋଗମ୍	ଶ୍ରୁତିବିପ୍ରତିପନ୍ନା ତେ.
୬।୨୩	ଯୋଗସଂଜ୍ଞିତମ୍	ତଂ ବିଦ୍ୟାଦ୍ଦୁଃଖସଂଯୋଗ.
(୫) ଭକ୍ତିଯୋଗର ବାଚକ		
୭।୧	ଯୋଗମ୍	ମୟ୍ୟାସକ୍ତମନାଃ ପାର୍ଥ.
୧୦।୭	ଯୋଗେନ	ଏତାଂ ବିଭୂତିଂ.
୧୨।୬	ଯୋଗେନ	ଯେ ତୁ ସର୍ବାଣି.
୧୩।୧୦	ଅନନ୍ୟଯୋଗେନ	ମୟି ଚାନନ୍ୟଯୋଗେନ.
(୬) କର୍ମଯୋଗୀର ବାଚକ		
୫।୫	ଯୋଗୈଃ	ଯତ୍ସାଂଖ୍ୟୈଃ ପ୍ରାପ୍ୟତେ.
(୭) ଗୀତାଗ୍ରନ୍ଥର ବାଚକ		
୧୮।୭୫	ଯୋଗମ୍	ବ୍ୟାସପ୍ରସାଦାଚ୍ଛ୍ରୁତ.
(୮) ସମ୍ବନ୍ଧର ବାଚକ		
୯।୨୮	ସଂନ୍ୟାସଯୋଗଯୁକ୍ତାତ୍ମା	ଶୁଭାଶୁଭଫଳୈରେବଂ.
(୯) ସାଂଖ୍ୟଯୋଗୀ ଓ ଭକ୍ତିଯୋଗୀଙ୍କର ବାଚକ		
୧୨।୧	ଯୋଗବିତ୍ତମାଃ	ଏବଂ ସତତଯୁକ୍ତା.

[ଖ] ('ଯୁଜ୍ ସମାଧୌ' ଧାତୁରୁ ନିଷ୍ପନ୍ନ 'ଯୋଗ' ଶବ୍ଦ)

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ଚିତ୍ତବୃତ୍ତିନିରୋଧର ବାଚକ		
୪।୨୭	ଆତ୍ମସଂଯମ-ଯୋଗାଗ୍ନୌ	ସର୍ବାଣୀନ୍ଦ୍ରିୟକର୍ମାଣି.
୮।୧୨	ଯୋଗଧାରଣାମ୍	ସର୍ବଦ୍ୱାରାଣି ସଂଯମ୍ୟ.
(୨) ଧ୍ୟାନଯୋଗର ବାଚକ		
୬।୧୨	ଯୋଗମ୍	ତତ୍ରୈକାଗ୍ରଂ ମନଃ.
୬।୧୬	ଯୋଗଃ	ନାତ୍ୟଶ୍ନତସ୍ତୁ.
୬।୧୭	ଯୋଗଃ	ଯୁକ୍ତାହାରବିହାରସ୍ୟ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୬ । ୧୯	ଯୋଗମ୍	ଯଥା ଦୀପୋ ନିବାତସ୍ଥୋ.
୬ । ୨୦	ଯୋଗସେବୟା	ଯତ୍ରୋପରମତେ ଚିତ୍ତଂ.
୬ । ୨୩	ଯୋଗଃ	ତଂ ବିଦ୍ୟାଦ୍ଦୁଃଖସଂଯୋଗ.
୬ । ୨୯	ଯୋଗଯୁକ୍ତାତ୍ମା	ସର୍ବଭୂତସ୍ଥମାତ୍ମାନଂ.
୬ । ୩୩	ଯୋଗଃ	ଯୋଽୟଂ ଯୋଗସ୍ତ୍ୱୟା.
୬ । ୩୬	ଯୋଗଃ	ଅସଂଯତାତ୍ମନା.
୬ । ୩୭	ଯୋଗାତ୍	ଅଯତିଃ ଶ୍ରଦ୍ଧୟୋପେତୋ.

(୩) ସାଧନାର ବାଚକ

୬ । ୪୧	ଯୋଗଭ୍ରଷ୍ଟଃ	ପ୍ରାପ୍ୟ ପୁଣ୍ୟକୃତାଂ.

(୪) ପ୍ରାଣାୟାମର ବାଚକ

୮ । ୧୦	ଯୋଗବଲେନ	ପ୍ରୟାଣକାଲେ ମନସା.

[ଗ] ('ଯୁଜ୍ ସଂଯମନେ' ଧାତୁରୁ ନିଷ୍ପନ୍ନ 'ଯୋଗ' ଶବ୍ଦ)

(୧) ଭଗବାନଙ୍କ ସାମର୍ଥ୍ୟର ବାଚକ

୯ । ୫	ଯୋଗମ୍	ନ ଚ ମତ୍ସ୍ଥାନି.
୧୦ । ୭	ଯୋଗମ୍	ଏତାଂ ବିଭୂତିଂ ଯୋଗଂ.
୧୦ । ୧୮	ଯୋଗମ୍	ବିସ୍ତରେଣାତ୍ମନୋ.
୧୧ । ୮	ଯୋଗମ୍	ନ ତୁ ମାଂ ଶକ୍ୟସେ.
୧୧ । ୪୭	ଆତ୍ମଯୋଗାତ୍	ମୟା ପ୍ରସନ୍ନେନ.

୫୩. ଯୋଗୀ

(୧) କର୍ମଯୋଗୀ ସାଧକଙ୍କର ବାଚକ

୩ । ୩	ଯୋଗିନାମ୍	ଲୋକେଽସ୍ମିନ୍ଦ୍ୱିବିଧା.
୫ । ୧୧	ଯୋଗିନଃ	କାୟେନ ମନସା.
୬ । ୧	ଯୋଗୀ	ଅନାଶ୍ରିତଃ କର୍ମଫଳଂ.

(୨) ସିଦ୍ଧ କର୍ମଯୋଗୀଙ୍କର ବାଚକ

୬ । ୮	ଯୋଗୀ	ଜ୍ଞାନବିଜ୍ଞାନତୃପ୍ତାତ୍ମା.

(୩) ସାଂଖ୍ୟଯୋଗୀ ସାଧକଙ୍କର ବାଚକ

୫ । ୨୪	ଯୋଗୀ	ଯୋଽନ୍ତଃସୁଖୋଽନ୍ତରା.
୧୫ । ୧୧	ଯୋଗିନଃ	ଯତନ୍ତୋ ଯୋଗିନଶ୍ଚୈନଂ.

(୪) ସିଦ୍ଧ ସାଂଖ୍ୟଯୋଗୀଙ୍କର ବାଚକ

୬ । ୩୨	ଯୋଗୀ	ଆତ୍ମୌପମ୍ୟେନ ସର୍ବତ୍ର.
୬ । ୪୨	ଯୋଗିନାମ୍	ଅଥବା ଯୋଗିନାମେବ.

(୫) ଭକ୍ତିଯୋଗୀ ସାଧକଙ୍କର ବାଚକ

୮ । ୧୪	ଯୋଗିନଃ	ଅନନ୍ୟଚେତାଃ ସତତଂ.

(୬) ସିଦ୍ଧ ଭକ୍ତିଯୋଗୀଙ୍କର ବାଚକ

୬ । ୩୧	ଯୋଗୀ	ସର୍ବଭୂତସ୍ଥିତଂ ଯୋ.
୧୨ । ୧୪	ଯୋଗୀ	ସନ୍ତୁଷ୍ଟଃ ସତତଂ.

(୭) ଧ୍ୟାନଯୋଗୀ ସାଧକଙ୍କର ବାଚକ

୬ । ୧୦	ଯୋଗୀ	ଯୋଗୀ ଯୁଞ୍ଜୀତ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୬ । ୧୫	ଯୋଗୀ	ଯୁଞ୍ଜନ୍ନେବଂ.
୬ । ୧୯	ଯୋଗିନଃ	ଯଥା ଦୀପୋ.
୬ । ୨୭	ଯୋଗିନମ୍	ପ୍ରଶାନ୍ତମନସଂ.
୬ । ୨୮	ଯୋଗୀ	ଯୁଞ୍ଜନ୍ନେବଂ ସଦାତ୍ମାନଂ.

(୮) ସମସ୍ତ ଯୋଗୀଙ୍କର ବାଚକ

୬ । ୨	ଯୋଗୀ	ଯଂ ସଂନ୍ୟାସମିତି.
୬ । ୪୭	ଯୋଗିନାମ୍	ଯୋଗିନାମପି ସର୍ବେଷାଂ.
୮ । ୨୭	ଯୋଗୀ	ନୈତେ ସୃତୀ ପାର୍ଥ.

(୯) ଯୋଗଭ୍ରଷ୍ଟର ବାଚକ

୬ । ୪୫	ଯୋଗୀ	ପ୍ରଯତ୍ନାଦ୍ୟତମାନସ୍ତୁ.

(୧୦) ନିଷ୍କାମ ସାଧକର ବାଚକ

୬ । ୪୬	ଯୋଗୀ; ଯୋଗୀ;	
	ଯୋଗୀ	ତପସ୍ୱିଭ୍ୟୋଽଧିକୋ.
୮ । ୨୮	ଯୋଗୀ	ବେଦେଷୁ ଯଜ୍ଞେଷୁ.

(୧୧) ସକାମ ମନୁଷ୍ୟର ବାଚକ

୮ । ୨୫	ଯୋଗୀ	ଧୂମୋ ରାତ୍ରିସ୍ତଥା.

(୧୨) ନିଷ୍କାମ ଓ ସକାମ—ଉଭୟ ପ୍ରକାର ମନୁଷ୍ୟଙ୍କର ବାଚକ

୮ । ୨୩	ଯୋଗିନଃ	ଯତ୍ର କାଲେ ତ୍ୱନାବୃତ୍ତି.

(୧୩) ଭଗବାନଙ୍କର ବାଚକ

୧୦ । ୧୭	ଯୋଗିନ୍	କଥଂ ବିଦ୍ୟାମହଂ.

୫୪. ଲୋକ

(୧) ମନୁଷ୍ୟଲୋକର ବାଚକ

୨ । ୫	ଲୋକେ	ଗୁରୂନହତ୍ୱା ହି.
୩ । ୩	ଲୋକେ	ଲୋକେଽସ୍ମିନ୍ଦ୍ୱିବିଧା.
୩ । ୯	ଲୋକଃ	ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର.
୪ । ୧୨	ଲୋକେ	କାଙ୍କ୍ଷନ୍ତଃ କର୍ମଣାଂ.
୪ । ୩୧	ଲୋକଃ	ଯଜ୍ଞଶିଷ୍ଟାମୃତଭୁଜୋ.
୪ । ୪୦	ଲୋକଃ	ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ.
୬ । ୪୨	ଲୋକେ	ଅଥବା ଯୋଗିନାମେବ.

(୨) ମନୁଷ୍ୟମାନଙ୍କର ବାଚକ

୩ । ୨୦	ଲୋକସଂଗ୍ରହମ୍	କର୍ମଣୈବ ହି.
୩ । ୨୧	ଲୋକଃ	ଯଦ୍ୟଦାଚରତି.
୩ । ୨୪	ଲୋକାଃ	ଉତ୍ସୀଦେୟୁରିମେ.
୩ । ୨୫	ଲୋକସଂଗ୍ରହମ୍	ସକ୍ତାଃ କର୍ମଣ୍ୟ.
୫ । ୧୪	ଲୋକସ୍ୟ	ନ କର୍ତୃତ୍ୱଂ.
୭ । ୨୫	ଲୋକଃ	ନାହଂ ପ୍ରକାଶଃ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୩) ମନୁଷ୍ୟଶରୀରର ବାଚକ		
୯।୩୩	ଲୋକମ୍	କିଂ ପୁନର୍ବ୍ରାହ୍ମଣାଃ.
(୪) ସମସ୍ତ ପ୍ରାଣୀଙ୍କର ବାଚକ		
୧୧।୨୩	ଲୋକାଃ	ରୂପଂ ମହତେ.
୧୧।୩୦	ଲୋକାନ୍	ଲେଲିହ୍ୟସେ.
୧୨।୧୫	ଲୋକଃ;	
	ଲୋକାତ୍	ଯସ୍ମାନ୍ନୋଦ୍ୱିଜତେ.
୧୮।୧୭	ଲୋକାନ୍	ଯସ୍ୟ ନାହଂକୃତୋ.
(୫) ଯୁଦ୍ଧକ୍ଷେତ୍ରରେ ଦଣ୍ଡାୟମାନ ସୈନିକଙ୍କର ବାଚକ		
୧୧।୨୯	ଲୋକାଃ	ଯଥା ପ୍ରଦୀପ୍ତଂ.
୧୧।୩୨	ଲୋକାନ୍	କାଲୋଽସ୍ମି.
(୬) ସମଗ୍ର ସଂସାରର ବାଚକ		
୫।୨୯	ସର୍ବଲୋକ-ମହେଶ୍ୱରମ୍	ଭୋକ୍ତାରଂ ଯଜ୍ଞତପସାଂ.
୧୦।୩	ଲୋକମହେଶ୍ୱରମ୍	ଯୋ ମାମଜମନାଦିଂ.
୧୦।୬	ଲୋକ	ମହର୍ଷୟଃ ସପ୍ତ.
୧୦।୧୬	ଲୋକାନ୍	ବକ୍ତୁମର୍ହସ୍ୟଶେଷେଣ.
୧୧।୩୨	ଲୋକକ୍ଷୟକୃତ୍	କାଲୋଽସ୍ମି.
୧୧।୪୩	ଲୋକସ୍ୟ	ପିତାସି ଲୋକସ୍ୟ.
୧୩।୧୩	ଲୋକେ	ସର୍ବତଃ ପାଣିପାଦଂ.
୧୩।୩୩	ଲୋକମ୍	ଯଥା ପ୍ରକାଶୟତ୍ୟେକଃ.
୧୫।୭	ଜୀବଲୋକେ	ମମୈବାଂଶୋ ଜୀବଲୋକେ.
୧୫।୧୬	ଲୋକେ	ଦ୍ୱାବିମୌ ପୁରୁଷୌ.
୧୬।୬	ଲୋକେ	ଦ୍ୱୌ ଭୂତସର୍ଗୌ.
(୭) ତ୍ରୈଲୋକ୍ୟର ବାଚକ*		
୩।୨୨	ଲୋକେଷୁ	ନ ମେ ପାର୍ଥାସ୍ତି.
୧୧।୨୦	ଲୋକତ୍ରୟମ୍	ଦ୍ୟାବାପୃଥିବ୍ୟୋରିଦମନ୍ତରଂ.
୧୧।୪୩	ଲୋକତ୍ରୟେ	ପିତାସି ଲୋକସ୍ୟ.
୧୫।୧୭	ଲୋକତ୍ରୟମ୍	ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ.
(୮) ବୈକୁଣ୍ଠାଦି ଲୋକର ବାଚକ		
୧୮।୭୧	ଲୋକାନ୍	ଶ୍ରଦ୍ଧାବାନନସୂୟଶ୍ଚ.
(୯) ସ୍ୱର୍ଗାଦି ଭୋଗଭୂମିମାନଙ୍କର ବାଚକ		
୬।୪୧	ଲୋକାନ୍	ପ୍ରାପ୍ୟ ପୁଣ୍ୟକୃତାଂ.
୮।୧୬	ଲୋକାଃ	ଆବ୍ରହ୍ମଭୁବନାଲ୍ଲୋକାଃ.
୧୪।୧୪	ଲୋକାନ୍	ଯଦା ସତ୍ତ୍ୱେ.
(୧୦) ଶାସ୍ତ୍ରର ବାଚକ		
୧୫।୧୮	ଲୋକେ	ଯସ୍ମାତ୍କ୍ଷରମତୀତୋ.

୫୫. ଶାନ୍ତି

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ଅନ୍ତଃକରଣର ଶାନ୍ତିର ବାଚକ		
୨।୬୬	ଶାନ୍ତିଃ	ନାସ୍ତି ବୁଦ୍ଧିରଯୁକ୍ତସ୍ୟ.
୧୬।୨	ଶାନ୍ତିଃ	ଅହିଂସା ସତ୍ୟ.
(୨) ପରମାତ୍ମପ୍ରାପ୍ତିର ବାଚକ		
୨।୭୦	ଶାନ୍ତିମ୍	ଆପୂର୍ଯ୍ୟମାଣମଚଳ.
୨।୭୧	ଶାନ୍ତିମ୍	ବିହାୟ କାମାନ୍ ଯଃ.
୪।୩୯	ଶାନ୍ତିମ୍	ଶ୍ରଦ୍ଧାବାଁଲ୍ଲଭତେ.
୫।୧୨	ଶାନ୍ତିମ୍	ଯୁକ୍ତଃ କର୍ମଫଳଂ.
୫।୨୯	ଶାନ୍ତିମ୍	ଭୋକ୍ତାରଂ ଯଜ୍ଞତପସାଂ.
୬।୧୫	ଶାନ୍ତିମ୍	ଯୁଞ୍ଜନ୍ନେବଂ ସଦାତ୍ମାନଂ.
୯।୩୧	ଶାନ୍ତିମ୍	କ୍ଷିପ୍ରଂ ଭବତି.
୧୨।୧୨	ଶାନ୍ତିଃ	ଶ୍ରେୟୋ ହି ଜ୍ଞାନମ.
(୩) ସଂସାରରୁ ସର୍ବଥା ଉପରତିର ବାଚକ		
୧୮।୬୨	ଶାନ୍ତିମ୍	ତମେବ ଶରଣଂ.

୫୬. ଶୌଚ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ଅନ୍ତଃକରଣ ଓ ଶରୀରର ଶୁଦ୍ଧିର ବାଚକ		
୧୩।୭	ଶୌଚମ୍	ଅମାନିତ୍ୱମଦମ୍ଭିତ୍ୱ.
୧୮।୪୨	ଶୌଚମ୍	ଶମୋ ଦମସ୍ତପଃ.
(୨) ଶାରୀରିକ ଶୁଦ୍ଧିର ବାଚକ		
୧୬।୩	ଶୌଚମ୍	ତେଜଃ କ୍ଷମା ଧୃତିଃ.
୧୬।୭	ଶୌଚମ୍	ପ୍ରବୃତ୍ତିଂ ଚ ନିବୃତ୍ତିଂ.
୧୭।୧୪	ଶୌଚମ୍	ଦେବଦ୍ୱିଜଗୁରୁପ୍ରାଜ୍ଞ.

୫୭. ଶ୍ରେୟ

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୧) ଲାଭର ବାଚକ		
୧।୩୧	ଶ୍ରେୟଃ	ନିମିତ୍ତାନି ଚ.
(୨) ଶ୍ରେଷ୍ଠତ୍ୱର ବାଚକ		
୨।୫	ଶ୍ରେୟଃ	ଗୁରୂନହତ୍ୱା ହି.
୩।୩୫	ଶ୍ରେୟାନ୍	ଶ୍ରେୟାନ୍ ସ୍ୱଧର୍ମୋ.
୪।୩୩	ଶ୍ରେୟାନ୍	ଶ୍ରେୟାନ୍ଦ୍ରବ୍ୟମୟା.
୧୨।୧୨	ଶ୍ରେୟଃ	ଶ୍ରେୟୋ ହି ଜ୍ଞାନ.

* ପ୍ରକୃତରେ 'ଲୋକ' ଶବ୍ଦ ସମଗ୍ର ସଂସାରର ବାଚକ, କିନ୍ତୁ ଏହି ଶ୍ଳୋକଗୁଡ଼ିକରେ ତିନିଲୋକର ପ୍ରସଙ୍ଗ ଥିବାରୁ 'ଲୋକ' ଶବ୍ଦକୁ ତ୍ରୈଲୋକ୍ୟର ବାଚକ ଭାବରେ ଗ୍ରହଣ କରାଯାଇଛି ।

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୬।୨୨	ଶ୍ରେୟଃ	ଏତୈର୍ବିମୁକ୍ତଃ କୌନ୍ତେୟ.
୧୮।୪୭	ଶ୍ରେୟାନ୍	ଶ୍ରେୟାନ୍ ସ୍ୱଧର୍ମୋ.

(୩) କଲ୍ୟାଣ(ମୁକ୍ତି)ର ବାଚକ

୨।୭	ଶ୍ରେୟଃ	କାର୍ପଣ୍ୟଦୋଷୋପହତ.
୨।୩୧	ଶ୍ରେୟଃ	ସ୍ୱଧର୍ମମପି.
୩।୨	ଶ୍ରେୟଃ	ବ୍ୟାମିଶ୍ରେଣେବ.
୩।୧୧	ଶ୍ରେୟଃ	ଦେବାନ୍ ଭାବୟତାନେନ.
୩।୩୫	ଶ୍ରେୟଃ	ଶ୍ରେୟାନ୍ ସ୍ୱଧର୍ମୋ.
୫।୧	ଶ୍ରେୟଃ	ସଂନ୍ୟାସଂ କର୍ମଣାଂ.

୫୮. ସତ୍

(୧) ସତ୍ତାର ବାଚକ

୨।୧୬	ସତଃ	ନାସତୋ ବିଦ୍ୟତେ.
୯।୧୯	ସତ୍	ତପାମ୍ୟହମହଂ ବର୍ଷଂ.
୧୧।୩୭	ସତ୍	କସ୍ମାଚ୍ଚ ତେନ.
୧୩।୧୨	ସତ୍	ଜ୍ଞେୟଂ ଯତ୍ତତ୍ପ୍ରବକ୍ଷ୍ୟାମି.
୧୭।୨୩	ସତ୍	ଓଁ ତତ୍ସଦିତି.
୧୭।୨୬	ସଦ୍ଭାବେ; ସତ୍; ସତ୍	ସଦ୍ଭାବେ ସାଧୁଭାବେ.
୧୭।୨୭	ସତ୍; ସତ୍	ଯଜ୍ଞେ ତପସି ଦାନେ.

(୨) କ୍ରିୟାର ବାଚକ

୩।୧୩	ସନ୍ତଃ	ଯଜ୍ଞଶିଷ୍ଟାଶିନଃ.
୪।୬	ସନ୍; ସନ୍	ଅଜୋଽପି ସନ୍ନବ୍ୟୟାତ୍ମା.
୧୮।୧୬	ସତି	ତତ୍ରୈବଂ ସତି.

(୩) ଦେବାଦି ଯୋନିମାନଙ୍କର ବାଚକ

୧୩।୨୧	ସତ୍	ପୁରୁଷଃ ପ୍ରକୃତିସ୍ଥୋ.

୫୯. ସତ୍ତ୍ୱ

(୧) ଚିନ୍ମୟ ତତ୍ତ୍ୱର ବାଚକ

୨।୪୫	ନିତ୍ୟସତ୍ତ୍ୱସ୍ଥଃ	ତ୍ରୈଗୁଣ୍ୟବିଷୟା ବେଦା.
୧୮।୧୦	ସତ୍ତ୍ୱସମାବିଷ୍ଟଃ	ନ ଦ୍ୱେଷ୍ଟ୍ୟକୁଶଳଂ.

(୨) ସତ୍ତ୍ୱଗୁଣର ବାଚକ

୧୦।୩୬	ସତ୍ତ୍ୱବତାମ୍; ସତ୍ତ୍ୱମ୍	ଦ୍ୟୁତଂ ଛଳୟତାମସ୍ମି.
୧୪।୫	ସତ୍ତ୍ୱମ୍	ସତ୍ତ୍ୱଂ ରଜସ୍ତମ.
୧୪।୬	ସତ୍ତ୍ୱମ୍	ତତ୍ର ସତ୍ତ୍ୱଂ.
୧୪।୯	ସତ୍ତ୍ୱମ୍	ସତ୍ତ୍ୱଂ ସୁଖେ.
୧୪।୧୦	ସତ୍ତ୍ୱମ୍; ସତ୍ତ୍ୱମ୍; ସତ୍ତ୍ୱମ୍	ରଜସ୍ତମଶ୍ଚାଭି.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
୧୪।୧୧	ସତ୍ତ୍ୱମ୍	ସର୍ବଦ୍ୱାରେଷୁ.
୧୪।୧୪	ସତ୍ତ୍ୱେ	ଯଦା ସତ୍ତ୍ୱେ.
୧୪।୧୭	ସତ୍ତ୍ୱାତ୍	ସତ୍ତ୍ୱାତ୍ସଞ୍ଜାୟତେ
୧୪।୧୮	ସତ୍ତ୍ୱସ୍ଥାଃ	ଊର୍ଦ୍ଧ୍ୱଂ ଗଚ୍ଛନ୍ତି.
୧୭।୧	ସତ୍ତ୍ୱମ୍	ଯେ ଶାସ୍ତ୍ରବିଧି.
୧୭।୮	ଆୟୁଃସତ୍ତ୍ୱ	ଆୟୁଃସତ୍ତ୍ୱବଳା.

(୩) ବସ୍ତୁ, ବ୍ୟକ୍ତି ଆଦିର ବାଚକ

୧୦।୪୧	ସତ୍ତ୍ୱମ୍	ଯଦ୍ୟଦ୍ବିଭୂତିମତ୍ସତ୍ତ୍ୱଂ.
୧୮।୪୦	ସତ୍ତ୍ୱମ୍	ନ ତଦସ୍ତି.

(୪) ସମସ୍ତ ପ୍ରାଣୀଙ୍କର ବାଚକ

୧୩।୨୬	ସତ୍ତ୍ୱମ୍	ଯାବତ୍ସଞ୍ଜାୟତେ.

(୫) ଅନ୍ତଃକରଣର ବାଚକ

୧୬।୧	ସତ୍ତ୍ୱସଂଶୁଦ୍ଧିଃ	ଅଭୟଂ ସତ୍ତ୍ୱସଂଶୁଦ୍ଧିଃ
୧୭।୩	ସତ୍ତ୍ୱାନୁରୂପା	ସତ୍ତ୍ୱାନୁରୂପା ସର୍ବସ୍ୟ.

୬୦. ସମ

(୧) ପରମାତ୍ମାଙ୍କର ବାଚକ

୫।୧୮	ସମଦର୍ଶିନଃ	ବିଦ୍ୟାବିନୟସମ୍ପନ୍ନେ.
୫।୧୯	ସମମ୍	ଇହୈବ ତୈର୍ଜିତଃ.

(୨) ଆତ୍ମସ୍ୱରୂପର ବାଚକ

୬।୨୯	ସମଦର୍ଶନଃ	ସର୍ବଭୂତସ୍ଥମାତ୍ମାନଂ.

(୩) ଅନ୍ତଃକରଣର ସମତାର ବାଚକ

୨।୪୮	ସମତ୍ୱମ୍	ଯୋଗସ୍ଥଃ କୁରୁ.
୧୦।୫	ସମତା	ଅହିଂସା ସମତା.
୧୮।୫୪	ସମଃ	ବ୍ରହ୍ମଭୂତଃ ପ୍ରସନ୍ନାତ୍ମା.

(୪) ସମାନତାର ବାଚକ

୨।୧୫	ସମଦୁଃଖସୁଖମ୍	ଯଂ ହି ନ ବ୍ୟଥୟ.
୨।୩୮	ସମେ	ସୁଖଦୁଃଖେ ସମେ.
୨।୪୮	ସମଃ	ଯୋଗସ୍ଥଃ କୁରୁ.
୪।୨୨	ସମଃ	ଯଦୃଚ୍ଛାଲାଭ.
୬।୮	ସମଲୋଷ୍ଟାଶ୍ମ-କାଞ୍ଚନଃ	ଜ୍ଞାନବିଜ୍ଞାନତୃପ୍ତାତ୍ମା.
୬।୯	ସମବୁଦ୍ଧିଃ	ସୁହୃନ୍ମିତ୍ରାର୍ଯ୍ୟୁଦାସୀନ.
୬।୩୨	ସମମ୍	ଆତ୍ମୌପମ୍ୟେନ.
୯।୨୯	ସମଃ	ସମୋଽହଂ ସର୍ବଭୂତେଷୁ.
୧୨।୪	ସମବୁଦ୍ଧୟଃ	ସନ୍ନିୟମ୍ୟେନ୍ଦ୍ରିୟ.
୧୨।୧୩	ସମଦୁଃଖସୁଖଃ	ଅଦ୍ୱେଷ୍ଟା ସର୍ବଭୂତାନାଂ.
୧୨।୧୮	ସମଃ; ସମଃ	ସମଃ ଶତ୍ରୌ ଚ.

ଅଧ୍ୟାୟ-ଶ୍ଲୋକ	ପଦ	ଶ୍ଲୋକର ପ୍ରତୀକ
୧୩।୯	ସମଚିତ୍ତତ୍ୱମ୍	ଅସକ୍ତିରନଭିଷ୍ୱଙ୍ଗଃ.
୧୩।୨୭	ସମମ୍	ସମଂ ସର୍ବେଷୁ.
୧୩।୨୮	ସମମ୍	ସମଂ ପଶ୍ୟନ୍ହି.
୧୪।୨୪	ସମଦୁଃଖସୁଖଃ; ସମଲୋଷ୍ଟାଶ୍ମକାଞ୍ଚନଃ	ସମଦୁଃଖସୁଖଃ ସ୍ୱସ୍ଥଃ.

(୫) ସଳଖର ବାଚକ

୬।୧୩	ସମମ୍	ସମଂ କାୟଶିରୋଗ୍ରୀବଂ.

୬୧. ସର୍ଗ

(୧) ସଂସାରର ବାଚକ

୫।୧୯	ସର୍ଗଃ	ଇହୈବ ତୈର୍ଜିତଃ.
୭।୨୭	ସର୍ଗେ	ଇଚ୍ଛାଦ୍ୱେଷସମୁତ୍ଥେନ.

(୨) ସର୍ଗ ଓ ମହାସର୍ଗର ବାଚକ

୧୦।୩୨	ସର୍ଗାଣାମ୍	ସର୍ଗାଣାମାଦିରନ୍ତଶ୍ଚ.

(୩) ମହାସର୍ଗର ବାଚକ

୧୪।୨	ସର୍ଗେ	ଇଦଂ ଜ୍ଞାନମୁପାଶ୍ରିତ୍ୟ.

୬୨. ସର୍ବଗତ

(୧) ଜୀବାତ୍ମାର ସ୍ୱରୂପର ବାଚକ

୨।୨୪	ସର୍ବଗତଃ	ଅଚ୍ଛେଦ୍ୟୋଽୟମ.

(୨) ସଗୁଣନିରାକାର ପରମାତ୍ମାଙ୍କର ବାଚକ

୩।୧୫	ସର୍ବଗତମ୍	କର୍ମ ବ୍ରହ୍ମୋଦ୍ଭବଂ.

(୩) ଆକାଶର ବାଚକ

୧୩।୩୨	ସର୍ବଗତମ୍	ଯଥା ସର୍ବଗତଂ.

୬୩. ସିଦ୍ଧ

(୧) ସାଧକର ବାଚକ

୭।୩	ସିଦ୍ଧାନାମ୍	ଯତତାମପି ସିଦ୍ଧାନାଂ.

(୨) ଜ୍ଞାନୀମହାତ୍ମାଙ୍କର ବାଚକ

୧୦।୨୬	ସିଦ୍ଧାନାମ୍	ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ.
୧୧।୨୧	ମହର୍ଷିସିଦ୍ଧସଙ୍ଘାଃ	ଅମୀ ହି ତ୍ୱାଂ.
୧୧।୨୨	ସୁରସିଦ୍ଧସଙ୍ଘାଃ	ରୁଦ୍ରାଦିତ୍ୟା ବସବୋ.
୧୧।୩୬	ସିଦ୍ଧସଙ୍ଘାଃ	ସ୍ଥାନେ ହୃଷୀକେଶ.

(୩) ଅଭିମାନୀର ବାଚକ

୧୬।୧୪	ସିଦ୍ଧଃ	ଅସୌ ମୟା ହତଃ.

୬୪. ସିଦ୍ଧି

(୧) କାର୍ଯ୍ୟପୂର୍ତ୍ତି ଓ ଫଳପ୍ରାପ୍ତିର ବାଚକ

ଅଧ୍ୟାୟ-ଶ୍ଲୋକ	ପଦ	ଶ୍ଲୋକର ପ୍ରତୀକ
୨।୪୮	ସିଦ୍ଧ୍ୟସିଦ୍ଧ୍ୟୋଃ	ଯୋଗସ୍ଥଃ କୁରୁ.
୪।୧୨	ସିଦ୍ଧିମ୍; ସିଦ୍ଧିଃ	କାଙ୍କ୍ଷନ୍ତଃ କର୍ମଣାଂ.
୪।୨୨	ସିଦ୍ଧୌ	ଯଦୃଚ୍ଛାଲାଭ.
୧୮।୨୬	ସିଦ୍ଧ୍ୟସିଦ୍ଧ୍ୟୋଃ	ମୁକ୍ତସଙ୍ଗୋଽନହଂବାଦୀ.

(୨) ପରମାତ୍ମପ୍ରାପ୍ତିର ବାଚକ

୩।୪	ସିଦ୍ଧିମ୍	ନ କର୍ମଣାମନାରମ୍ଭା.
୩।୨୦	ସଂସିଦ୍ଧିମ୍	କର୍ମଣୈବ ହି.
୧୨।୧୦	ସିଦ୍ଧିମ୍	ଅଭ୍ୟାସେଽପ୍ୟ.
୧୪।୧	ସିଦ୍ଧିମ୍	ପରଂ ଭୂୟଃ ପ୍ରବକ୍ଷ୍ୟାମି.
୧୮।୪୫	ସିଦ୍ଧିମ୍; ସଂସିଦ୍ଧିମ୍	ସ୍ୱେ ସ୍ୱେ କର୍ମଣ୍ୟ.
୧୮।୪୬	ସିଦ୍ଧିମ୍	ଯତଃ ପ୍ରବୃତ୍ତିର୍ଭୂତାନାଂ.
୧୮।୪୯	ନୈଷ୍କର୍ମ୍ୟସିଦ୍ଧିମ୍	ଅସକ୍ତବୁଦ୍ଧିଃ ସର୍ବତ୍ର.

(୩) ଅନ୍ତଃକରଣ ଶୁଦ୍ଧିର ବାଚକ

୧୬।୨୩	ସିଦ୍ଧିମ୍	ଯଃ ଶାସ୍ତ୍ରବିଧି.
୧୮।୫୦	ସିଦ୍ଧିମ୍	ସିଦ୍ଧିଂ ପ୍ରାପ୍ତୋ ଯଥା.

୬୫. ସୁଖ

(୧) ସାଧାରଣ ସୁଖର ବାଚକ

୧।୩୨	ସୁଖାନି	ନ କାଙ୍କ୍ଷେ ବିଜୟଂ.
୧।୩୩	ସୁଖାନି	ଯେଷାମର୍ଥେ କାଙ୍କ୍ଷିତଂ.
୨।୧୪	ଶୀତୋଷ୍ଣସୁଖ-ଦୁଃଖଦାଃ	ମାତ୍ରାସ୍ପର୍ଶାସ୍ତୁ.
୨।୧୫	ସମଦୁଃଖସୁଖମ୍	ଯଂ ହି ନ ବ୍ୟଥୟ.
୨।୩୮	ସୁଖଦୁଃଖେ	ସୁଖଦୁଃଖେ ସମେ.
୬।୩୨	ସୁଖମ୍	ଆତ୍ମୌପମ୍ୟେନ ସର୍ବତ୍ର.
୧୦।୪	ସୁଖମ୍	ବୁଦ୍ଧିର୍ଜ୍ଞାନମସମ୍ମୋହଃ.
୧୩।୬	ସୁଖମ୍	ଇଚ୍ଛା ଦ୍ୱେଷଃ ସୁଖଂ.
୧୩।୨୦	ସୁଖଦୁଃଖାନାମ୍	କାର୍ଯ୍ୟକରଣକର୍ତ୍ତୃତ୍ୱେ.
୧୪।୨୪	ସମଦୁଃଖସୁଖଃ	ସମଦୁଃଖସୁଖଃ ସ୍ୱସ୍ଥଃ.
୧୫।୫	ସୁଖଦୁଃଖସଂଜ୍ଞୈଃ	ନିର୍ମାନମୋହା.
୧୮।୩୬	ସୁଖମ୍	ସୁଖଂ ତ୍ୱିଦାନୀଂ.
୧୮।୩୭	ସୁଖମ୍	ଯତ୍ତଦଗ୍ରେ ବିଷମିବ.
୧୮।୩୮	ସୁଖମ୍	ବିଷୟେନ୍ଦ୍ରିୟସଂଯୋଗା.
୧୮।୩୯	ସୁଖମ୍	ଯଦଗ୍ରେ ଚାନୁବନ୍ଧେ.

(୨) ଅନୁକୂଳ ପରିସ୍ଥିତିର ବାଚକ

୨।୫୬	ସୁଖେଷୁ	ଦୁଃଖେଷ୍ୱନୁଦ୍ୱିଗ୍ନମନାଃ.
୬।୭	ଶୀତୋଷ୍ଣସୁଖ-ଦୁଃଖେଷୁ	ଜିତାତ୍ମନଃ ପ୍ରଶାନ୍ତସ୍ୟ.
୧୨।୧୮	ଶୀତୋଷ୍ଣସୁଖ-ଦୁଃଖେଷୁ	ସମଃ ଶତ୍ରୌ ଚ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୩) ସାତ୍ତ୍ୱିକ ସୁଖର ବାଚକ		
୨।୬୬	ସୁଖମ୍	ନାସ୍ତି ବୁଦ୍ଧିରଯୁକ୍ତସ୍ୟ.
୫।୨୧(ପୂର୍ବାର୍ଦ୍ଧ)	ସୁଖମ୍	ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା.
୫।୨୪	ଅନ୍ତଃସୁଖଃ	ଯୋଽନ୍ତଃସୁଖୋ.
୬।୨୭	ସୁଖମ୍	ପ୍ରଶାନ୍ତମନସଂ.
୧୪।୬	ସୁଖସଙ୍ଗେନ	ତତ୍ର ସତ୍ତ୍ୱଂ.
୧୪।୯	ସୁଖେ	ସତ୍ତ୍ୱଂ ସୁଖେ.
୧୬।୨୩	ସୁଖମ୍	ଯଃ ଶାସ୍ତ୍ରବିଧି.
୧୭।୮	ସୁଖପ୍ରୀତିବିବର୍ଦ୍ଧନାଃ	ଆୟୁଃସତ୍ତ୍ୱବଲାରୋଗ୍ୟ.
(୪) ସୁଗମତାର ବାଚକ		
୫।୩	ସୁଖମ୍	ଜ୍ଞେୟଃ ସ ନିତ୍ୟ.
୬।୨୮	ସୁଖେନ	ଯୁଞ୍ଜନ୍ନେବଂ ସଦାତ୍ମାନଂ.
୯।୨	ସୁସୁଖମ୍	ରାଜବିଦ୍ୟା ରାଜଗୁହ୍ୟଂ.
(୫) ସ୍ୱାଭାବିକତାର ବାଚକ		
୫।୧୩	ସୁଖମ୍	ସର୍ବକର୍ମାଣି ମନସା.
(୬) ପାରମାର୍ଥିକ ସୁଖର ବାଚକ		
୫।୨୧(ଉତ୍ତରାର୍ଦ୍ଧ)	ସୁଖମ୍	ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା.
୬।୨୧	ସୁଖମ୍	ସୁଖମାତ୍ୟନ୍ତିକଂ.
୬।୨୮	ସୁଖମ୍	ଯୁଞ୍ଜନ୍ନେବଂ ସଦାତ୍ମାନଂ.
୧୪।୨୭	ସୁଖସ୍ୟ	ବ୍ରହ୍ମଣୋ ହି.

୬୬. ସନ୍ନ୍ୟାସ

(୧) ସାଂଖ୍ୟଯୋଗର ବାଚକ		
୫।୧	ସନ୍ନ୍ୟାସମ୍	ସନ୍ନ୍ୟାସଂ କର୍ମଣାଂ.
୫।୨	ସନ୍ନ୍ୟାସଃ	ସନ୍ନ୍ୟାସଃ କର୍ମଯୋଗଶ୍ଚ.
୫।୬	ସନ୍ନ୍ୟାସଃ	ସନ୍ନ୍ୟାସସ୍ତୁ ମହାବାହୋ.
୬।୨	ସନ୍ନ୍ୟାସମ୍	ଯଂ ସନ୍ନ୍ୟାସମିତି.
୧୮।୧	ସନ୍ନ୍ୟାସସ୍ୟ	ସନ୍ନ୍ୟାସସ୍ୟ ମହାବାହୋ.
୧୮।୨	ସନ୍ନ୍ୟାସମ୍	କାମ୍ୟାନାଂ କର୍ମଣାଂ.
୧୮।୪୯	ସନ୍ନ୍ୟାସେନ	ଅସକ୍ତବୁଦ୍ଧିଃ ସର୍ବତ୍ର.
(୨) ସମର୍ପଣର ବାଚକ		
୯।୨୮	ସନ୍ନ୍ୟାସଯୋଗଯୁକ୍ତାତ୍ମା	ଶୁଭାଶୁଭଫଲୈରେବଂ.

ଅଧ୍ୟାୟ-ଶ୍ଳୋକ	ପଦ	ଶ୍ଳୋକର ପ୍ରତୀକ
(୩) ତ୍ୟାଗର ବାଚକ		
୧୮।୭	ସନ୍ନ୍ୟାସଃ	ନିୟତସ୍ୟ ତୁ.

୬୭. ସନ୍ନ୍ୟାସୀ

(୧) କର୍ମଯୋଗୀଙ୍କର ବାଚକ		
୫।୩	ନିତ୍ୟସନ୍ନ୍ୟାସୀ	ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ.
୬।୧	ସନ୍ନ୍ୟାସୀ	ଅନାଶ୍ରିତଃ କର୍ମଫଳଂ.
(୨) ତ୍ୟାଗୀର ବାଚକ		
୧୮।୧୨	ସନ୍ନ୍ୟାସିନାମ୍	ଅନିଷ୍ଟମିଷ୍ଟଂ ମିଶ୍ରଂ.

୬୮. ସ୍ଥାନ

(୧) ପରମାତ୍ମତତ୍ତ୍ୱର ବାଚକ		
୫।୫	ସ୍ଥାନମ୍	ଯତ୍ସାଂଖ୍ୟୈଃ ପ୍ରାପ୍ୟତେ.
୮।୨୮	ସ୍ଥାନମ୍	ବେଦେଷୁ ଯଜ୍ଞେଷୁ.
୧୮।୬୨	ସ୍ଥାନମ୍	ତମେବ ଶରଣଂ.
(୨) ସଗୁଣ ଭଗବାନଙ୍କର ବାଚକ		
୯।୧୮	ସ୍ଥାନମ୍	ଗତିର୍ଭର୍ତ୍ତା ପ୍ରଭୁଃ.
(୩) ଯଥାର୍ଥର ବାଚକ		
୧୧।୩୬	ସ୍ଥାନେ	ସ୍ଥାନେ ହୃଷୀକେଶ.

୬୯. ସ୍ୱଭାବ

(୧) ମନୁଷ୍ୟଙ୍କ ପ୍ରକୃତିର ବାଚକ		
୫।୧୪	ସ୍ୱଭାବଃ	ନ କର୍ତ୍ତୃତ୍ୱଂ.
୧୭।୨	ସ୍ୱଭାବଜା	ତ୍ରିବିଧା ଭବତି.
୧୮।୪୧	ସ୍ୱଭାବପ୍ରଭବୈଃ	ବ୍ରାହ୍ମଣକ୍ଷତ୍ରିୟବିଶାଂ.
୧୮।୪୨	ସ୍ୱଭାବଜମ୍	ଶମୋ ଦମସ୍ତପଃ.
୧୮।୪୩	ସ୍ୱଭାବଜମ୍	ଶୌର୍ଯ୍ୟଂ ତେଜୋ.
୧୮।୪୪	ସ୍ୱଭାବଜମ୍; ସ୍ୱଭାବଜମ୍	କୃଷିଗୌରକ୍ଷ୍ୟବାଣିଜ୍ୟଂ.
୧୮।୪୭	ସ୍ୱଭାବନିୟତମ୍	ଶ୍ରେୟାନ୍ ସ୍ୱଧର୍ମୋ.
୧୮।୬୦	ସ୍ୱଭାବଜେନ	ସ୍ୱଭାବଜେନ କୌନ୍ତେୟ.
(୨) ଜୀବାତ୍ମାର ବାଚକ		
୮।୩	ସ୍ୱଭାବଃ	ଅକ୍ଷରଂ ବ୍ରହ୍ମ ପରମଂ.

ଗୀତାଦର୍ପଣମେତଦ୍ଧି ଜନାନାମୁପକାରକମ୍ ।
ସର୍ବାଂ ଦର୍ପଣବଦ୍ ଗୀତାଂ ଦର୍ଶକଂ ଭବିତା ସଦା ॥
ନେତ୍ରବେଦଖଯୁଗ୍ମେ ହି ବତ୍ସରେ* ଲିଖିତଂ ଚ ଯତ୍ ।
ରାମସୁଖେନ ବୋଧାର୍ଥଂ ଗୀତାୟାଃ ପାଠକସ୍ୟ ଚ ॥

* ବିକ୍ରମସଂବତ୍ସରେ ୨୦୪୨.